କବି ସମ୍ରାଟ

# ଉପେନ୍ଦ୍ର ଭଞ୍ଜ

# ଗ୍ରନ୍ଥାବଳୀ

## ୨ୟ ଖଣ୍ଡ

କୋଟିବ୍ରହ୍ମାଣ୍ଡ ସୁନ୍ଦରୀ, ଲାବଣ୍ୟବତୀ,
ପ୍ରେମ ସୁଧାନିଧି, ରସିକ ହାରାବଳୀ

ନୂତନ ମୁଦ୍ରଣ

ପ୍ରକାଶକ - ଧର୍ମଗ୍ରନ୍ଥ ଷ୍ଟୋର

ପ୍ରୋ: ପ୍ରା:—ଶ୍ରୀ ବିଦ୍ୟାଧର ସାହୁ
ଅଲିଶା ବଜାର, କଟକ-୨
ଫୋନ ନମ୍ବର ୨୪୭୯୭

ମୂଲ୍ୟ : ତେଇଶି ଟଙ୍କା ମାତ୍ର

କବି ସମ୍ରାଟ ୰ ଉପେନ୍ଦ୍ର ଭଞ୍ଜଙ୍କ

# କୋଟିବ୍ରହ୍ମାଣ୍ଡ ସୁନ୍ଦରୀ

ଲାଲା ନଗେନ୍ଦ୍ର କୁମାର ରାୟଙ୍କ ସୁବୋଧିନୀ ଟୀକା ସହ ମୁଦ୍ରିତ
ଧର୍ମଗ୍ରନ୍ଥ ଷ୍ଟୋର ଦ୍ୱାରା ପ୍ରଥମବାର ପ୍ରକାଶିତ ଓ
ସର୍ବସ୍ୱତ୍ୱ ସଂରକ୍ଷିତ

ନୂତନ ମୁଦ୍ରଣ-ସନ ୧୯୭୨

ପ୍ରାପ୍ତିସ୍ଥାନ—**ଧର୍ମଗ୍ରନ୍ଥ ଭଣ୍ଡାର**
ପ୍ରୋପ୍ରାଇଟର—ଶ୍ରୀ ବିଦ୍ୟାଧର ସାହୁ
ଅଲିଶା ବଜାର, କଟକ-୨

ମୂଲ୍ୟ—ଟ ୮-୫୦ ଆଠଟଙ୍କା ପଚାଶ ପଇସା ମାତ୍ର
ବନ୍ଧାଇ ଖର୍ଚ୍ଚ ଦୁଇଟଙ୍କା ପଚାଶ ପଇସା

# ସୂଚୀପତ୍ର


ବିଷୟ — ପୃଷ୍ଠା

୧ମ ଛାନ୍ଦ—ମଙ୍ଗଳାଚରଣ ୧
୨ୟ ଛାନ୍ଦ—ଚମ୍ପାନଗରୀ ବିଷୟ ଓ କୋଟିବ୍ରହ୍ମାଣ୍ଡ ସୁନ୍ଦରୀର ଜନ୍ମବୃତ୍ତାନ୍ତ ୧୨
୩ୟ ଛାନ୍ଦ—କୋଟିବ୍ରହ୍ମାଣ୍ଡ ସୁନ୍ଦରୀର ବାଲ୍ୟ, ପୌଗଣ୍ଡ ଏବଂ ଯୌବନାବସ୍ଥା ପ୍ରାପ୍ତ ୨୮
୪ର୍ଥ ଛାନ୍ଦ—ପାଟଳୀପୁତ୍ର ବା ପୁଷ୍ପପୁରୀ ନଗରର ବର୍ଣ୍ଣନା ୩୯
୫ମ ଛାନ୍ଦ—କୋଟିବ୍ରହ୍ମାଣ୍ଡ ସୁନ୍ଦରୀର ଶୋଭା ଓ ଗୁଣ ବର୍ଣ୍ଣନା ୪୭
୬ଷ୍ଠ ଛାନ୍ଦ—ବସନ୍ତକାଳ ବର୍ଣ୍ଣନା, ରାଜପୁତ୍ରର ବନବିହାର ଏବଂ କୋଟିବ୍ରହ୍ମାଣ୍ଡ ସୁନ୍ଦରୀର ସମାସ୍ୟା ୫୨
୭ମ ଛାନ୍ଦ—କୋଟିବ୍ରହ୍ମାଣ୍ଡ ସୁନ୍ଦରୀର ଶୋଭା ବର୍ଣ୍ଣନା ୬୫
୮ମ ଛାନ୍ଦ— ସ୍ତବ ବର୍ଣ୍ଣନା ୭୫
୯ମ ଛାନ୍ଦ— ନାନାବିଧ ବର୍ଣ୍ଣନା ୮୨
୧୦ମ ଛାନ୍ଦ— ବନବିହାର ପ୍ରସଙ୍ଗ ୮୭
୧୧ଶ ଛାନ୍ଦ— ଦର୍ଶନାନୁଚିନ୍ତା ପ୍ରସଙ୍ଗ ୯୮
୧୨ଶ ଛାନ୍ଦ— ବେଶ ବର୍ଣ୍ଣନା ପ୍ରସଙ୍ଗ ୧୦୫
୧୩ଶ ଛାନ୍ଦ— ସାକ୍ଷାତ୍ ଦର୍ଶନ ସମାସ୍ୟା ୧୧୨
୧୪ଶ ଛାନ୍ଦ— ଯୌବନ ଚରିତ ୧୨୫
୧୫ଶ ଛାନ୍ଦ— ରୂପ ଓ ଲକ୍ଷଣ ବର୍ଣ୍ଣନା ୧୩୧
୧୬ଶ ଛାନ୍ଦ— ଅନୁଚିନ୍ତା ୧୪୦
୧୭ଶ ଛାନ୍ଦ—ରାଜସୁତର ଅନୁଚିନ୍ତା ୧୫୧
୧୮ଶ ଛାନ୍ଦ—ଗ୍ରୀଷ୍ମକାଳ ଓ ସୁନ୍ଦରୀର ବିରହ ସମାସ୍ୟା ୧୫୮
୧୯ଶ ଛାନ୍ଦ—ମନ୍ତ୍ରୀ, ପୁରୋହିତ ଓ ବୈଦ୍ୟକର୍ତ୍ତୃକ ରୂପବର୍ଣ୍ଣନ ୧୬୦
୨୦ଶ ଛାନ୍ଦ—ଶୁକ ଓ ଶାରୀର ଉକ୍ତି ପ୍ରତ୍ୟୁକ୍ତି ବର୍ଣ୍ଣନ ୧୮୦
୨୧ଶ ଛାନ୍ଦ—ପୋତା ଓ ଉପାଧ୍ୟାୟୀ ସମ୍ବନ୍ଧେ ଆଲୋଚନା ୧୮୯
୨୨ଶ ଛାନ୍ଦ—ରାଜକୁମାର ପୁରସ୍ଥ ଭିତ୍ତି ନିକଟରେ ଉପାଧ୍ୟାୟୀର ଇଙ୍ଗିତ ଓ ଗୀତପ୍ରକାଶ ୧୯୮
୨୩ଶ ଛାନ୍ଦ—ରାଜକୁମା ପ୍ରେମପତ୍ର ପାଠକଲା ସମୟେ କାଦମ୍ବିନୀର କାଗଜ ଓ ମଞ୍ଜିସ୍ଥାର ସ୍ଥାନ ଘେନ ପ୍ରବେଶ ୨୦୭

| ବିଷୟ | ପୃଷ୍ଠା |
| --- | --- |
| ୨୪ଶ ଛାନ୍ଦ—ଉପାଧ୍ୟାୟୀ ଓ ଅବଧୂତାଙ୍କ ରାଜଜେମା ନିକଟରୁ ଅନ୍ତର୍ହିତ ଓ ରାଜପୁତ୍ରର ପ୍ରେମପତ୍ର ବିଷୟରେ ଆଲୋଚନା | ୨୧୮ |
| ୨୫ଶ ଛାନ୍ଦ—ବର୍ଷାକାଳ ସମାସ୍ୟା | ୨୨୪ |
| ୨୬ଶ ଛାନ୍ଦ—ମାଳମା ନଗରର ରାଜା ରାଜଜେମା ବିଷୟ ମନ୍ତ୍ରୀ-ନିକଟରେ ଆଳାପ କରୁଥିବା ସମୟରେ ନାରଦଙ୍କ ପ୍ରବେଶ | ୨୩୫ |
| ୨୭ଶ ଛାନ୍ଦ—ରାଜଜେମାଙ୍କ ସମ୍ବନ୍ଧ ଘେନି ଭାଟମାନଙ୍କ ଦେଶବିଦେଶ ଗମନ | ୨୪୭ |
| ୨୮ଶ ଛାନ୍ଦ—ଧନୁର୍ଦ୍ଧର ନୃପତିମାନେ କନ୍ୟାଲାଭ ଆଶାରେ ଚମ୍ପାବତୀ ନଗରରେ ପ୍ରବେଶ | ୨୬୫ |
| ୨୯ଶ ଛାନ୍ଦ—ସାଙ୍ଗ ସାଥିମାନେ ରାଜଜେମାଙ୍କ ପତ୍ର ଲେଖିବା ସମ୍ବନ୍ଧେ ପରାମର୍ଶ ପ୍ରଦାନ | ୨୭୭ |
| ୩୦ଶ ଛାନ୍ଦ—ଆଗତ ନୃପତିମାନେ ପ୍ରାତଃକାଳରେ ଉଦ୍ୟାନଗର ଭ୍ରମଣ ଅବଲୋକନ କରି ଦୂତଙ୍କୁ ପଚାରିବା | ୨୮୭ |
| ୩୧ଶ ଛାନ୍ଦ—ନୃପତିମାନେ ବିଶ୍ୱାନନ୍ଦରାଜାଙ୍କ ସିଂହଦ୍ୱାର ଅଗଣାରେ ଆଶ୍ଚର୍ଯ୍ୟ ମୃଗକ୍ରୀଡ଼ା ଦର୍ଶନ | ୨୯୭ |
| ୩୨ଶ ଛାନ୍ଦ—ରାଜଜେମାଙ୍କ କୋଷ୍ଠି ବିଚାର | ୩୧୦ |
| ୩୩ଶ ଛାନ୍ଦ—ଜ୍ୟୋତିଷଙ୍କର ବିବାହକାଳ ନିର୍ଣ୍ଣୟ | ୩୨୦ |
| ୩୪ଶ ଛାନ୍ଦ—ସହଚରୀମାନଙ୍କ ମଧୁଶଯ୍ୟା ଗୃହମଣ୍ଡନ ଓ ନିୟମ ପ୍ରବୃତ୍ତ | ୩୩୬ |
| ୩୫ଶ ଛାନ୍ଦ—କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ଓ ପୁଷ୍ପକେତୁରାଜାଙ୍କ ମିଳନ ହେତୁ ସଖୀମାନଙ୍କର ଆନନ୍ଦ ପ୍ରକାଶ | ୩୫୪ |


—*—


ଅରୁଣୋଦୟ ପ୍ରିଣ୍ଟିଂ ପ୍ରେସରେ ସିଦ୍ଧାନ୍ତ ଶ୍ରୀ ଦୟାନିଧି ଖଡ଼ିରତ୍ନ
ବିଦ୍ୟାଭୂଷଣଙ୍କ ଦ୍ୱାରା ମୁଦ୍ରିତ, ୧୯୭୨

# କୋଟିବ୍ରହ୍ମାଣ୍ଡ ସୁନ୍ଦରୀ

## ପ୍ରଥମ ଛାନ୍ଦ

( ମଙ୍ଗଳାଚରଣ )

ରାଗ—ମଙ୍ଗଳଗୁଜ୍ଜରୀ

ଶୁଣ କୋବିଦେ ଭାରତଖଣ୍ଡେ ପୁଣ୍ୟଧାମ ।
ଯେଣୁ ନାରାୟଣଦେହୀ ତେଣୁ ସେହି ନାମ ହେ । ୧ ।
ଗିର୍ବାଣମତେ ନିର୍ବାଣ ସାରୂପ୍ୟକୁ ଦେଇ ।
ସାକ୍ଷୀ ପକ୍ଷୀ କରଟ ପ୍ରତିମାରୂପେ ଥାଇ ଯେ । ୨ ।
ଯେ ବ୍ରହ୍ମହତ୍ୟା-ପାତକ-ନିପାତକ ନାମ୍ନୀ ।
କପାଳମୋଚନ ତ୍ରିଲୋଚନ ସାକ୍ଷୀ ସନ୍ତି ଯେ । ୩ ।

---

ବୁଦ୍ଧଦେବଙ୍କ ପରେ ସଂସ୍କୃତ ଗ୍ରନ୍ଥରେ ନାରାୟଣଙ୍କୁ ପୁରୁଷୋତ୍ତମ ନାମରେ ବର୍ଣ୍ଣନା କରାଗଲା । ସେହି ଅନୁସାରେ ଶ୍ରୀଜଗନ୍ନାଥଙ୍କୁ ମଧ୍ୟ ପୁରୁଷୋତ୍ତମ କୁହାଯାଇଥାଏ ଏବଂ ଏହି ଶବ୍ଦଟା କ୍ରମେ ଲୋକମୁଖରେ ସଂକ୍ଷିପ୍ତ ହୋଇ 'ପୁରୀ' ଶବ୍ଦରେ ପରିଣତ ହୋଇଅଛି । ପୁରୀ ଓଡ଼ିଶାରେ ହେଲେ ମଧ୍ୟ ଭାରତ ବର୍ଷର ଏକ ପୁଣ୍ୟକ୍ଷେତ୍ର । କବି କହୁଛନ୍ତି ହେ ପଣ୍ଡିତମାନେ ମୁଁ ପୁରୁଷୋତ୍ତମ କ୍ଷେତ୍ରର ବିଷୟ କହୁଅଛି ଶୁଣ କାରଣ ସେଠାରେ ନାରାୟଣ ଦେହ-ବନ୍ତ ହୋଇ ବିଦ୍ୟମାନ । ୧ ।

ଗିର୍ବାଣ—ବେଦ; ନିର୍ବାଣ—ସାଯୁଜ୍ୟମୁକ୍ତି, ଜନ୍ମ ବନ୍ଧନରୁ ମୁକ୍ତ । ୪ ପ୍ରକାର ମୁକ୍ତି ହେଉଛି ସାରୁଷ୍ଟ୍ୟ, ସାରୂପ୍ୟ, ସାଲୋକ୍ୟ, ସାଯୁଜ୍ୟ । କରଟ—କାଉ । ବେଦ ମତରେ ଭଗବାନ ଭକ୍ତଙ୍କୁ ସାଲୋକ୍ୟ ମୁକ୍ତି ଦେଇ ଥାଆନ୍ତି । ଏହାର ସାକ୍ଷୀ ହେଉଛି କାକ ପକ୍ଷୀର ପାଷାଣ ପ୍ରତିମା । ଏହି କାକ ଭୁଷଣ୍ଡି ନାମରେ ପରିଚିତ ସେ ବିମଳା ମନ୍ଦିର ଆଗରେ ରୋହିଣୀ କୁଣ୍ଡରେ ଚତୁର୍ଭୁଜ ହୋଇ ଦେବତ୍ୱ ଲାଭ କରିଛି । ୨ ।

ନିପାତକ—ନାଶକାରୀ, କପାଳ ମୋଚନ—ଲାଗିଥିବା କପାଳରୁ ଖସି ପଡ଼ିବା । ମହାଦେବ ଥରେ ଗୋଟିଏ ବ୍ରାହ୍ମଣଙ୍କୁ ଖପୁରି ଘାତରେ ମାରିଦେବାରୁ ସେହି ବ୍ରହ୍ମହତ୍ୟା ପାପ ଯୋଗୁଁ ବ୍ରାହ୍ମଣର ମୁଣ୍ଡ ତାଙ୍କ ହାତରେ ଲାଗି ରହିଲା । ସେ ନାନାତୀର୍ଥ ବୁଲି ଶେଷକୁ ପୁରୀ ଆସିବାରୁ ତାହା ତାଙ୍କ ହାତରୁ ଖସିଗଲା । ଏହି କ୍ଷେତ୍ର ଯେ ବ୍ରହ୍ମହତ୍ୟା ପାପ ମଧ୍ୟ ଖଣ୍ଡନ କରେ ତାହାର ସାକ୍ଷୀ ହେଉଛନ୍ତି କପାଳମୋଚନ ମହାଦେବ । ୩ ।

ଆସି କାଶୀପୁର ବାସ କଲେ ଏହା ଜାଣି ।
ଅନ୍ୟ କ୍ଷେତ୍ର ସମସ୍ତଙ୍କ ଏ ମସ୍ତକମଣି ହେ । ୪ ।
ଏଣୁ କ୍ଷେତ୍ର ନରେନ୍ଦ୍ର ପଦତ ସମ୍ଭାବିତ ।
ବିନାଶେ ଭୁଜଙ୍ଗ ଦୋଷ ତାକୁ କେତେମାତ୍ର ହେ । ୫ ।
ଅବିଦ୍ୟା ବିଷମ ଆଶୀବିଷଘାତ୍ତ ଜନେ ।
ଜ୍ଞାନାଜ୍ଞାନେ ପରାଧୀନେ ସେ ସ୍ଥାନ ଗମନେ ହେ । ୬ ।
ଶ୍ରୀମହାପ୍ରସାଦ ଗଦ ପଦ ଘଣ୍ଟେଘୋଷ ।
ଭକ୍ଷଣେ ଶ୍ରବଣେ ଯେ କଳ୍ମଷ ବିଷ ନାଶ ହେ । ୭ ।
ଉନ୍ନତ ପ୍ରସାଦରାଜ ପତାକା ଉଡ଼ାଇ ।
ଏ ପ୍ରଦେଶେ ସମବର୍ତ୍ତୀପଣ ନାହିଁ ନାହିଁ ହେ । ୮ ।
ବଟରାଜା ଶାଖା ଯେହି ନିଗମ ସାକ୍ଷାତ ।
ପାପ ତାପ ପଶୁ ନାଶ ସୁକର୍ମ ଉଦିତ ଯେ । ୯ ।

---

ଭାରତବର୍ଷରେ ଅସଂଖ୍ୟ ପୁଣ୍ୟ କ୍ଷେତ୍ର ଅଛି ମାତ୍ର ସେମାନଙ୍କ ମଧ୍ୟରେ ଏହାକୁ ଶ୍ରେଷ୍ଠତମ ଜାଣି କାଶୀପୁର ଏଠାରେ ବାସ କରିଅଛନ୍ତି । ୪ ।

କ୍ଷେତ୍ରନରେନ୍ଦ୍ର—କ୍ଷେତ୍ରରାଜ, ଭୁଜଙ୍ଗ – ସର୍ପ, ପାପ । ଏହି କ୍ଷେତ୍ର ସବୁକ୍ଷେତ୍ର ଉପରେ ରାଜା କହିଲେ ଚଳେ । ଏପରି କ୍ଷେତ୍ର ପାପ ନାଶ କରିବା କିଛି ବଡ଼ କଥା ନୁହେ । ଗୁଣିଆ ସାପର ବିଷ ଛଡ଼ାଇବା ଯେପରି ଅତି ସାମାନ୍ୟ କାମ, ମଣିଷର ପାପ ଛଡ଼ାଇବା ଏହି କ୍ଷେତ୍ର ପକ୍ଷରେ ସେହି ପରି ସାମାନ୍ୟ କାମ । ୫ ।

ଆଶୀବିଷ—ସାପ, ଅବିଦ୍ୟା—ଅଜ୍ଞାନତା । ଅଜ୍ଞାନରୂପକ ଭୀଷଣ କାଳ-ସର୍ପ ଦଂଶନରେ ଜର୍ଜରିତ ଲୋକ ମଧ୍ୟ ଏହି କ୍ଷେତ୍ରକୁ ଆସିଲେ ସେ ଜ୍ଞାନଲାଭ କରି ମୁକ୍ତି ପାଇଥାଏ । ୬ ।

ପଦ—ଗାରୁଡ଼ ମନ୍ତ୍ରର ପଦ । ସାପ ବିଷ ଛଡ଼ାଇବା ପାଇଁ ଗୁଣିଆ ଗଦ ଖୁଆଇଥାଏ ଏବଂ ମନ୍ତ୍ରର ପଦ କହିଥାଏ । ପୁରୀରେ ମହାପ୍ରସାଦ ହେଉଛି ଗଦ ଏବଂ ମନ୍ଦିରର ଘଣ୍ଟଧ୍ୱନି ହେଉଛି ପଦ । ଅତଏବ ମହାପ୍ରସାଦ ସେବା ଏବଂ ଘଣ୍ଟଧ୍ୱନି ଶୁଣିଲେ ଲୋକର ପାପ ବିଷ ନଷ୍ଟ ହୁଏ । ୭ ।

ପ୍ରାସାଦରାଜ—ବଡ଼ ଦେଉଳ, ସମବର୍ତ୍ତୀପଣ—ଯମ ଅଧିକାର ଉଚ୍ଚ ବଡ଼ ଦେଉଳ ଶିଖରରେ ପତାକା ଉଡ଼ି ଜଣାଉଅଛି ଯେ ଏଠାରେ ଯମର ଅଧିକାର ନାହିଁ । ୮ ।

ବଟରାଜା—କଳ୍ପବଟ; ନିଗମ—ବେଦ; ଶାଖା—ଗଛର ଡାଳ, ବେଦର ପ୍ରକରଣ । ଏଠାରେ ବଟରାଜ ବା କଳ୍ପବଟ ସାକ୍ଷାତ ବେଦାଙ୍ଗ ସହିତ ବେଦ ହୋଇଅଛି । ବେଦ ମତରେ ଲୋକ ଯଜ୍ଞରେ ବଳିଦାନ ଦ୍ୱାରା ଧର୍ମଲାଭ କରିଥାଏ । ଏଠାରେ କଳ୍ପବଟ ମୂଳରେ ପାପତାପ ରୂପକ ପଶୁକୁ ନାଶ କଲେ ସୁକର୍ମ ଉଦୟ ହୁଏ । ୯ ।

ସେ ଦୁର୍ଗ-ପରିଖା ତୀର୍ଥରାଜ ଗର୍ଜନରେ ।
କହେ ଅବଗାହେ ପାପବ୍ୟୂହ ଦହ ନରେ ହେ । ୧୦ ।
ଦହି ସବୁ ବାଡ଼ବରେ ଦେବ ଏ ପକାଇ ।
ଏ ଦରକଣରୁ ଦୁରୁ ଦୁରିତ ପଳାଇ ହେ । ୧୧ ।
ସେ କମ୍ବୁ କଟକ ରାଜା ନାମ ଜଗନ୍ନାଥ ।
ଚତୁରବର୍ଣ୍ଣେ ଚଉବର୍ଗ ଦେବାକୁ ସମର୍ଥ ହେ । ୧୨ ।
ଭକ୍ତି ଦେବା ଗୁପ୍ତ ହୋଇଅଛି ଯୁକ୍ତାକ୍ଷରେ ।
ବୈଷ୍ଣବ ବହିଁନେ କେବା ଜାଣିବ ସଂସାରେ ହେ । ୧୩ ।
ପାଦେ ବନ୍ଦେ ସାର୍ବଭୌମ ବୋଲକବା କ ଯଶ ।
ବୃଷାସନଙ୍କର ଶିର ଲଗିବାକୁ ଆଶ ହେ । ୧୪ ।

---

ତୀର୍ଥରାଜ—ସମୁଦ୍ର, ଦୁର୍ଗ ପରିଖା—ଗଡ଼ଖାଇ; ପାପବ୍ୟୂହ—ସବୁ ପାପ; ଅବଗାହେ—ସ୍ନାନକଲେ । ପୁରୀର ଗଡଖାଇ ରୂପେ ସମୁଦ୍ର ରହିଅଛି । ସମୁଦ୍ର ସବୁବେଳେ ଗରଜୁଥାଏ । ସେହି ଗରଜିବା ଛଳରେ ସମୁଦ୍ର ସତେ ଯେପରି କହୁଅଛି, ହେ ନରମାନେ ଏଥିରେ ସ୍ନାନ କରି ନିଜର ସବୁ ପାପ ଦହନ କର । ତୀର୍ଥରେ ସ୍ନାନ କଲେ ପାପ ନଷ୍ଟ ହୋଇଥାଏ । ସମୁଦ୍ର ତ ହେଉଛି ତୀର୍ଥ-ମାନଙ୍କର ରାଜା ଏଣୁ ନିଶ୍ଚୟ ପାପ ପୋଡିଦେବ । ୧୦ ।

ବାଡବ—ସମୁଦ୍ରରେ ଜଳୁଥିବା ନିଆଁ; ଦୁରିତ—ପାପ; ଦର—ଭୟ । ସମୁଦ୍ରରେ ସ୍ନାନ କଲେ ସବୁ ପାପ ପୋଡିଦେବ ଏବଂ ତାକୁ ବାଡ଼ବାଗ୍ନିରେ ପକାଇଦେବ । ୧୧ ।

କମ୍ବୁ—ଶଙ୍ଖ, ପୁରୀର ଅନ୍ୟ ନାମ ଶଙ୍ଖକ୍ଷେତ୍ର । ଚଉବର୍ଗ—ଧର୍ମ, ଅର୍ଥ, କାମ, ମୋକ୍ଷ ଏହି ଶଙ୍ଖକ୍ଷେତ୍ରର ରାଜାଙ୍କ ନାମ ହେଉଛି ଜଗନ୍ନାଥ । ସେ ବ୍ରାହ୍ମଣ, କ୍ଷେତ୍ରୀୟ, ବୈଶ୍ୟ, ଶୂଦ୍ର ଚତୁରବର୍ଣ୍ଣକୁ ଧର୍ମ, ଅର୍ଥ, କାମ, ମୋକ୍ଷ ଦେବାକୁ ସମର୍ଥ । ୧୨ ।

ଯୁକ୍ତାକ୍ଷରେ—ଜଗତ+ନାଥ ହେଲେ ସନ୍ଧି ହୋଇ ତ ସ୍ଥାନରେ 'ନ' ଆଗମ ହେବାରୁ ଜଗନ୍ନାଥ ହୋଇଅଛି । ଜଗତ ଶବ୍ଦର ଅନ୍ୟ ଅର୍ଥ ହେଉଛି ରାଧା ଓ ନାଥ ଶବ୍ଦର ଅର୍ଥ ହେଉଛି କୃଷ୍ଣ । ଅତଏବ ଜଗନ୍ନାଥ ହେଉଛି ରାଧାକୃଷ୍ଣ । ବୈଷ୍ଣବମାନେ ରାଧାକୃଷ୍ଣ ଉପାସନା କରିଥାନ୍ତି । ରାଧା ଭକ୍ତି ପ୍ରଦାୟିନୀ । ଏହି ତଥ୍ୟ ବୈଷ୍ଣବମାନେ ଜାଣନ୍ତି । ସେମାନେ ରାଧାଙ୍କୁ ଭକ୍ତି ଦାୟିନୀ ବୋଲି ଜାଣନ୍ତି । ସେହି ରାଧା ନାମଟି ଜଗତ ଶବ୍ଦର ଶେଷ ଅକ୍ଷରରେ ସନ୍ଧି ହେବା କାରଣରୁ ଲୁପ୍ତ ହୋଇ ରହିଅଛି । ୧୩ ।

ବୃଷାସନ—ମହାଦେବ । ସାର୍ବଭୌମ—ସମ୍ରାଟ । ମହାଦେବ ଯାହାଙ୍କ ପାଦରେ ମୁଣ୍ଡିଆ ମାରିବାକୁ ଆଶାକରି ଅଛନ୍ତି ତାଙ୍କୁ ବନ୍ଦନା କରିବି ବୋଲି ମୋ ପକ୍ଷରେ କହିବା କିଛି ବଡ଼ କଥା ନୁହେ । ୧୪ ।

ଯାହା କଟାକ୍ଷ କୁଠାର ପତନମାତରେ ।
ଅନେକ ଦୁଃଖ-ଅନୋକହକୁ ଛେଦ ପାରେ ହେ । ୧୫ ।
ସେହି ପାଦପଦ୍ମାସନ୍ନ ଥାଇ ମହାନନ୍ଦରେ ।
ଅଷ୍ଟଐଶ୍ୱର୍ଯ୍ୟଦାୟିନୀ ଅଷ୍ଟଶକ୍ତି ସେବ ହେ । ୧୬ ।
ଭରସା କରି ଆସନ୍ତି ଦୂରଦେଶୁଁ ପ୍ରାଣୀ ।
ଆରତ ଭଞ୍ଜନ ଦୀନବନ୍ଧୁ ନାମ ଶୁଣି ହେ । ୧୭ ।
କର ଯୋଡି ସ୍ତୁତିରେ ଜଣାଇ ପକ୍ଷିଧବ ।
ଆର୍ତ୍ତିଜନ ଗୁହାରିକି ସାବଧାନ ହେବ ହେ । ୧୮ ।
କୋଟି-କନ୍ଦର୍ପ-ଲାବଣ୍ୟ-ମୂର୍ତ୍ତି ଦରଶନ ।
ଦେବାକୁ ସୁବେଶେ ବିଜେ ରତ୍ନସିଂହାସନ ହେ । ୧୯ ।
ଶିରେ ହେମ-ରତନ-ମୁକୁଟ ସପ୍ତଶାଖା ।
କରୁଣା-ସିନ୍ଧୁରେ କି ବାଡ଼ବାନଳ ଶିଖା ହେ । ୨୦ ।

---

ଅନୋକହ—ବୃକ୍ଷ । ଜଗନ୍ନାଥଙ୍କର ଦୟା ଦୃଷ୍ଟି ରୂପକ କୁଠାର ପଡ଼ିଲା ମାତ୍ରେ ଅନେକ ଦୁଃଖବୃକ୍ଷ ଛିଣ୍ଡି ଯାଇ ପାରେ । ୧୫ ।

ଅଷ୍ଟ ଐଶ୍ୱର୍ଯ୍ୟ—ପାତଞ୍ଜଳ ଯୋଗଶାସ୍ତ୍ର ମତରେ ଅଷ୍ଟସିଦ୍ଧି ହେଉଛି ଅଣିମା, ଲଘିମା, ପ୍ରାପ୍ତି, ପ୍ରାକାମ୍ୟ ଈଶିତ୍ୱ, ବଶିତ୍ୱ ପ୍ରାକାମ୍ୟ ଓ କାମାବଶାୟିତା, ଜଗନ୍ନାଥଙ୍କ ପାଦରେ ଏହି ଅଷ୍ଟଐଶ୍ୱର୍ଯ୍ୟ ଦାୟିନୀ ବିମଳା ପ୍ରଭୃତି ଅଷ୍ଟ ମହାଦେବୀମାନେ ନିତ୍ୟ ସେବା କରୁଅଛନ୍ତି । ୧୬ ।

ଜଗନ୍ନାଥ ଆର୍ତ୍ତ ନାଶନ ଓ ଦୀନଜନଙ୍କର ବନ୍ଧୁ ବୋଲି ଶୁଣି ଦୂରଦେଶରୁ ଲୋକମାନେ ନିର୍ଭର ଆଶା କରି ଆସିଥାନ୍ତି । ୧୭ ।

ପକ୍ଷିଧବ—ପକ୍ଷୀମାନଙ୍କର ସ୍ୱାମୀ ଗରୁଡ଼ । ହେ ପ୍ରଭୁ ଆପଣ ଆର୍ତ୍ତ ଜନଙ୍କର ଗୁହାରିକୁ ଶୁଣନ୍ତୁ, ଏହା ଗରୁଡ଼ ହାତ ଯୋଡି ଶ୍ରୀ ସ୍ତୁତିରେ ଜଣାନ୍ତି । ଠାକୁରଙ୍କ ଆଗରେ ସ୍ତମ୍ଭ ଉପରେ ଗରୁଡ଼ର ଯୋଡ଼ହସ୍ତ ମୂର୍ତ୍ତି ଶ୍ରୀମନ୍ଦିରରେ ଅଛି । ୧୮ ।

କନ୍ଦର୍ପ—କାମଦେବ, ଶାସ୍ତ୍ରମତରେ ସବୁଠାରୁ ସୁନ୍ଦର ପୁରୁଷ । ଜଗନ୍ନାଥ ଦେବ ଏପରି କୋଟିଏ କନ୍ଦର୍ପଠାରୁ ବଳି ମନୋହର ମୂର୍ତ୍ତିରେ ଦର୍ଶନ ଦେବା ପାଇଁ ସୁନ୍ଦର ବେଶରେ ରତ୍ନସିଂହାସନରେ ବିଜେ କରିଅଛନ୍ତି । ୧୯ ।

ବାଡ଼ବାନଳ ଶିଖା—ସମୁଦ୍ର ମଧ୍ୟରେ ଜଳୁଥିବା ଅଗ୍ନିଶିଖା । ଏହି ଅଗ୍ନିର ୭ ଗୋଟି ଶିଖା । ସିନ୍ଧୁରେ ବାଡ଼ବାଗ୍ନି ଶିଖା ପରି ଦୟାସାଗର ଜଗନ୍ନାଥଙ୍କ ଶିରରେ ସପ୍ତ ଶାଖାର ସ୍ୱର୍ଣ୍ଣ ମୁକୁଟ ଶୋଭା ପାଉଅଛି । କବି ଏଠାରେ ଜଗନ୍ନାଥଙ୍କ ସଙ୍ଗେ ସମୁଦ୍ରକୁ ତୁଳନା କରିଅଛନ୍ତି । ୨୦ ।

କର୍ମାଇଁ ସ୍ୱାଈଁ ନୋଷ୍ଟିକ ଏମନ୍ତ ବସ୍ତୁର ।
ପୁଣି ମଞ୍ଜୁଳ କଣ୍ଡଳ ମକର ଆକାର ହେ । ୨୧ ।
ପ୍ରବାଳତରଣୀ ଦୃଷ୍ଟି ରଙ୍ଗାଧରେ ଅଛୁ ।
ବିଶେଷ ଯହିଁ ଲାବଣ୍ୟ ଲକ୍ଷ୍ମୀ ସମ୍ଭବଚ୍ଛୁ ହେ । ୨୨ ।
ଦଶଅବତାର ଲୀଳା ଯାତ୍ରା ବିରଚନ ।
ଜନଙ୍କୁ ଦେଖାନ୍ତି ଯୁଗାନ୍ତର କଥାମାନ । ୨୩ ।
ସ୍ନାନ ଗୁଣ୍ଡିଚ୍ଚ ଏ ବେନି ସ୍ୱୟଂଲୀଳା ଯାର ।
ପତିତ ପାବନ ଅଟନ୍ତି ପ୍ରସାଦେ ବାହାର ହେ । ୨୪ ।
ଜ୍ୟେଷ୍ଠ ପୌର୍ଣ୍ଣମାସୀ ପୂର୍ବନିଶି ଅବଶେଷେ ।
ସେବକ ହୃଷ୍ଟୁକେ ମିଳି ମହାପ୍ରଭୁ ପାଶେ ହେ । ୨୫ ।
ସେ କାଳକୁ ଅନୁସରି ଯାତ୍ରୀ ନର ନାରୀ ।
ଯେ ଯାହାର ନିତ୍ୟକର୍ମ ତ୍ୱରା ହୋଇ ସାରି ହେ । ୨୬ ।
ହରି ହରି-ଦ୍ୱାରେ ମିଳି ହରି-ଧ୍ୱନି କଲେ ।
ହରିତ ପୂରିତ ଭୂରିତରେ ତହିଁ ହେଲେ ହେ । ୨୭ ।

---

ସମୁଦ୍ରରେ ମଗର ପ୍ରଭୃତି ରହନ୍ତି, ଜଗନ୍ନାଥଙ୍କ ସୁନ୍ଦର ମକରାକାର କୁଣ୍ଡଳ ରହିଅଛି ଏଣୁ ସମୁଦ୍ର ସହିତ ତୁଳନା ଯଥାର୍ଥ ଅଟେ । ୨୧ ।

ପ୍ରବାଳତରଣୀ—ପୋହଳା ନୌକା । ସମୁଦ୍ରରେ ନୌକା ଥାଏ । ଏଠାରେ ଜଗନ୍ନାଥଙ୍କ ନୀଳବର୍ଣ୍ଣର ଅଧର ଠିକ ପୋହଳା ନୌକା ପରି ଦିଶୁଅଛି । ସମୁଦ୍ରମନ୍ଥନରୁ ଲକ୍ଷ୍ମୀ ଜାତ ହୋଇଥିଲେ ଏଠାରେ ଶୋଭା ରୂପିଣୀ ଲକ୍ଷ୍ମୀ ବିରାଜୁଅଛନ୍ତି । ୨୨ ।

ଜଗନ୍ନାଥଙ୍କର ଦଶଅବତାର ଲୀଳା ଦେଖାଇବା ପାଇଁ ଯଥା ସମୟରେ ଯାତ୍ରାମାନ କରାଯାଏ । ଦଶମ ଅବତାର ଭଗବାନ ନ ହୋଇଥିଲେହେଁ ଯେପରି ହେବେ ସେହି କଳ୍କି ଅବତାରର ଚିହ୍ନ ମଧ୍ୟ ରହିଅଛି । ଏହିସବୁ ଯାତ୍ରାମାନ ଲୋକମାନଙ୍କୁ ସତ୍ୟଯୁଗରୁ ଆରମ୍ଭ କରି ଏ ଯୁଗଯାଏ ଘଟିଯାଇଥିବା କଥାମାନ ଦେଖାଉଛନ୍ତି । ୨୩ ।

ସ୍ନାନପୂର୍ଣ୍ଣିମା ଓ ରଥଯାତ୍ରା ଏହି ଦୁଇଟି ଜଗନ୍ନାଥ ଦେବଙ୍କର ନିଜସ୍ୱଲୀଳା ଅଟେ । ପାପୀମାନଙ୍କୁ ଉଦ୍ଧାର କରିବା କାରଣ ସେ ଏହି ଦୁଇ ଜାତରେ ମନ୍ଦିରରୁ ବାହାର ହୁଅନ୍ତି । ୨୪ ।

ଜ୍ୟେଷ୍ଠମାସ ପୂର୍ଣ୍ଣିମା ତିଥିର ପୂର୍ବଦିନ ରାତି ପାହାନ୍ତାରୁ ପଣ୍ଡା ପଢ଼ିଆରୀ ପ୍ରଭୃତି ସେବକମାନେ ଆନନ୍ଦ ମନରେ ମହାପ୍ରଭୁଙ୍କ ନିକଟରେ ପହଞ୍ଚନ୍ତି । ୨୫ ।

ସେହି ସମୟ ଅନୁସାରେ ସ୍ତ୍ରୀ ପୁରୁଷ ଯାତ୍ରୀମାନେ ନିଜ ନିଜର ନିତ୍ୟକର୍ମ ଶୀଘ୍ର ଶେଷ କରି ବଡଦେଉଳର ସିଂହଦ୍ୱାରରେ ପହଞ୍ଚି ହରିଧ୍ୱନି କରନ୍ତି । ସେହି ଧ୍ୱନି ସାଙ୍ଗେ ସାଙ୍ଗେ ପୁରନଗରକୁ ବ୍ୟାପିଯାଏ । ହରି—ଜଗନ୍ନାଥ ପ୍ରଭୁ, ହରିଦ୍ୱାର—ସିଂହଦ୍ୱାର, ହରିତ—ଦିଗ, ପୂରିତ—ପୂର୍ଣ୍ଣ ।୨୬।୨୭।

ପଡ଼ିଲା ଢୁଙ୍କୀ ପାହାଡ଼ା ବିଜୟ ନିମିତ୍ତେ ।
ବାଜିଲା ମେଘା ମୃଦଙ୍ଗ ମର୍ଦ୍ଦଳ ସହିତେ ହେ । ୨୮ ।
କଂସାଳ ତାଳ କର୍ଣ୍ଣାଳ ପଟହ ଝର୍ଝରୀ ।
ମୋ ପରେ ବିଜେ କରିବେ ଭାବି ତୋଷ ଧରା ହେ । ୨୯ ।
ନୋହିବେ ସର୍ବଜ୍ଞ କପାଁ ବ୍ରହ୍ମ ପରିବାର ।
ଜାଣିଲେ ନିଶ୍ଚୟ ପ୍ରଭୁ ଦକ୍ଷିଣ-କୁଞ୍ଜର ହେ । ୩୦ ।
ପୂର୍ବଜରେ ପୂର୍ବଗଜ ଭାବ ଉପୁଜାଇ ।
ପହଣ୍ଡି ବିଜୟ କଲେ ଝୁଲାଇ ଝୁଲାଇ ସେ । ୩୧ ।
ଏମନ୍ତ ନୋହିଲେ କି ପ୍ରାସାଦ-ଦରୀ ତେଜି ।
ମଣ୍ଡପ-ସର ଅବଗାହରେ ଚିତ୍ତ ମଜ୍ଜି ହେ । ୩୨ ।
ସାର ଗନ୍ଧସାର-ପଙ୍କେ ଭୂଷିତ ହୋଇବେ ।
ଜନ-ଚକ୍ଷୁ-ପଙ୍କଜ-ବନକୁ ଉଜାଡ଼ିବେ ହେ । ୩୩ ।

---

ଢୁଙ୍କୀ—ପାଟମୁଚୁଳା, ପାହାଡ଼ା—ବିହଣା, ମେଘା—ଏକପ୍ରକାର ବାଦ୍ୟ, ଜଗନ୍ନାଥଙ୍କର ବିଜୟ ପାଇଁ ପାଟମୁଚୁଳା ବିଛାଗଲା । ମେଘା, ମୃଦଙ୍ଗ, ମର୍ଦ୍ଦଳ ପ୍ରଭୃତି ବାଦ୍ୟମାନ ବାଜିଲା । ୨୮ ।

କଂସାଳ—ଝାଞ୍ଜ, କର୍ଣ୍ଣାଳ—ଭେରୀ, ଝର୍ଝରୀ—ଖଞ୍ଜଣି, ଧରା—ଧରଣୀ, ପୂର୍ବର ବାଦ୍ୟମାନଙ୍କ ଝାଞ୍ଜ, ଖଞ୍ଜଣି, ଭେରୀ ପ୍ରଭୃତି ବାଜିଲା; ମୋ ଉପରେ ଭଗବାନ ବିଜେ କରିବେ ଭାବି ଧରଣୀ ଅତି ସନ୍ତୋଷ ହେଲା । ୨୯ ।

ବ୍ରହ୍ମପରିବାର—ମହାପ୍ରଭୁଙ୍କ ସେବକ, ଦକ୍ଷିଣ କୁଞ୍ଜର—ଦକ୍ଷିଣଦିଗ ହସ୍ତୀର ବାମନ ଓ କଳା, ପୂର୍ବଜ—ପୂର୍ବରେ ଜନ୍ମ, ବଡ଼ଭାଇ; ପୂର୍ବଗଜ—ପୂର୍ବଦିଗ ହସ୍ତୀ ଐରାବତ ଧଳା, ଭଗବାନଙ୍କର ସେବକମାନେ କାହିଁକି ସର୍ବଜ୍ଞ ନ ହେବେ ? ସେମାନେ ଜାଣିଲେ ଯେ ପ୍ରଭୁ ଦକ୍ଷିଣଦିଗ ହସ୍ତୀ ଏବଂ ତାଙ୍କ ବଡ଼ଭାଇ ବଳରାମ ପୂର୍ବଦିଗ ହସ୍ତୀ । ଏଥିପାଇଁ ଦୁହିଁଙ୍କୁ ଝୁଲାଇ ଝୁଲାଇ ପହଣ୍ଡି କରି ଆଣିଲେ । ୩୦ । ୩୧ ।

ପ୍ରାସାଦ-ଦରୀ—ମନ୍ଦିର ଗୁହା ; ମଣ୍ଡପ-ସର—ସ୍ନାନବେଦୀ ରୂପକ ପୁଷ୍କରିଣୀ, ଅବଗାହରେ—ମୁଣ୍ଡ ବୁଡ଼ାଇ ଗାଧୋଇବା । ହସ୍ତୀ ପର୍ବତ ଗୁହାରେ ଥାଏ ଏବଂ ପୋଖରୀକୁ ଆସି ପାଣିରେ ବୁଡ଼ି ଗାଧୋଇଥାଏ । ଜଗନ୍ନାଥ ହାତୀ ହୋଇ ଥିବାରୁ ମନ୍ଦିର ଗୁହାରୁ ବାହାରି ସ୍ନାନ ବେଦୀ ରୂପକ ପୋଖରୀରେ ସ୍ନାନ କରିବାକୁ କାହିଁକି ଅବା ମନ ବଳାନ୍ତେ ? ସ୍ନାନ ବେଦୀରେ ବସାଇ ସେବକମାନେ ଠାକୁରମାନଙ୍କୁ ମାଠିଆ ମାଠିଆ ପାଣି ଢାଳି ସ୍ନାନ କରାଇଥାନ୍ତି । ୩୨ ।

ସାର—ଶ୍ରେଷ୍ଠ, ଗନ୍ଧସାର ପଙ୍କ—ଚୋଳା ଚନ୍ଦନ । ହାତୀମାନେ ଗାଧୋଇ ସାରି ପଙ୍କ କାଦୁଅ ବୋଳି ହୋଇଥାନ୍ତି ଏବଂ ପୋଖରୀର ପଦ୍ମବନକୁ ମଧ୍ୟ ଚକଟି ଉଜାଡ଼ି ଦେଇଥାନ୍ତି । ସେହିପରି ପ୍ରଭୁ ସ୍ନାନପରେ ଶ୍ରେଷ୍ଠ ସୁଗନ୍ଧ

ସବୁଦିନେ ଲୀଳାସ୍ଥାନ ନୀଳମହୀଧର ।
ଭକ୍ତଭାବ-ରଜ୍ଜୁରେ ବନ୍ଧନ ଅଛି ଯାର ହେ । ୩୪ ।
ଜଡ଼ ଯେତେ ଜନ୍ତୁ ଏତେ ଭାବ କି ଜାଣିବେ ।
ବାହୁଡ଼ିବା ବେଳେ କେତେ ବ୍ୟକତ ହୋଇବେ ହେ । ୩୫ ।
ଭବ-ସାଗର-ସୁବର୍ଣ୍ଣ ତରଣୀ ବିଗ୍ରହ ।
ସୁଭଦ୍ରାଙ୍କୁ ବିଜେ କରାଇଲେ ତଥା ଧରି ହେ । ୩୬ ।
ତାପ-ତ୍ରୟ-ଖଣ୍ଡ-ଭଞ୍ଜନକୁ ଦଣ୍ଡବର ।
ସୁଦରଶନଙ୍କ ବିଜେ ସେହି ପରକାର ହେ । ୩୭ ।
ଇନ୍ଦ୍ରପଦ ଦାତା ଯେ ସର୍ବାଧିରାଜେଶ୍ୱର ।
ବିଜେ କରେ ଦ୍ୱିଜେ ଦେଇ ନିଜ କରଭର ହେ । ୩୮ ।

---

ଚନ୍ଦନରେ ଚର୍ଚ୍ଚିତ ହେବେ ଏବଂ ଲୋକମାନଙ୍କର ପାପ ରୂପକ ପତ୍ରବନକୁ ଉଜାଡ଼ି ଦେବେ । ସ୍ନାନପରେ ପ୍ରଭୁଙ୍କ ଦର୍ଶନ ମହାପାତକ ନାଶକ ବୋଲି ସାଧାରଣଙ୍କ ବିଶ୍ୱାସ । ୩୩ ।

ଲୀଳାସ୍ଥାନ—ବିହାର ସ୍ଥାନ; ନୀଳମହୀଧର—ବଡ଼ ଦେଉଳର ନାମ । ଜଗନ୍ନାଥଙ୍କର ସବୁଦିନିଆ ବିହାରସ୍ଥାନ ଅଟେ ବଡ଼ଦେଉଳ ଯାହା ଚଳିତ କଥାରେ ଲୋକ ଓ କବିମାନେ ନୀଳଗିରି ବୋଲି ଅଭିହିତ କରିଅଛନ୍ତି । ସେହି ମନ୍ଦିରବିହାରୀ ଭଗବାନ ଭକ୍ତର ଭକ୍ତିରୂପକ ଦଉଡ଼ିରେ ବାନ୍ଧି ହୁଅନ୍ତି । ୩୪ ।

ଜଡ଼—ଅଜ୍ଞାନୀ । ମୂର୍ଖଲୋକମାନେ ଏତେ ଗୂଢ଼ ତଥ୍ୟ କିପରି ବୁଝି ପାରିବେ । ସେମାନେ ଦେଖନ୍ତି ଯେ ଜଗନ୍ନାଥ ମନ୍ଦିରକୁ ଫେରିଲାବେଳେ ହସ୍ତୀ ବେଶ ଧାରଣ କରନ୍ତି । ସେଥିକରୁ ମହାପ୍ରଭୁଙ୍କର ହସ୍ତୀ ବା କୁଞ୍ଜରଭାବ ପ୍ରକାଶ ପାଏ । ୩୫ ।

ଲୋକେ ଶ୍ରେଷ୍ଠ ଡଙ୍ଗାକୁ ଟେକି ନେଇ ଥାଆନ୍ତି । ସୁଭଦ୍ରା ଦେବୀଙ୍କୁ ସଂସାର ସାଗର ତରଣୀର ସୁବର୍ଣ୍ଣ ଡଙ୍ଗା ବିଗ୍ରହରେ ସେବକମାନେ ସୁଭଦ୍ରାଙ୍କୁ ଟେକିନେଇ ମଣ୍ଡପରେ ବିଜେ କରାନ୍ତି । ୩୬ ।

ଦଣ୍ଡବର—ଶ୍ରେଷ୍ଠ ଠେଙ୍ଗା; ତାପତ୍ରୟ—ସଂସାରରେ ମଣିଷ ତିନିତାପର ଅଧୀନ, ତାହା ହେଉଛି ଆଧ୍ୟାତ୍ମିକ, ଆଧିଦୈବିକ ଓ ଆଧିଭୌତିକ । ଲୋକ-ମାନଙ୍କ ତ୍ରିତାପ କ୍ଷାନ୍ତି ଭାଙ୍ଗିବାକୁ ସୁଦର୍ଶନ ଚକ୍ର ଦଣ୍ଡ ଆକାରରେ ପ୍ରଭୁଙ୍କ ପାଖରେ ଅଛି । ତାହାଙ୍କୁ ସେବକମାନେ ଠେଙ୍ଗା ପରି କାନ୍ଧରେ ପକାଇ ଆଣି ବିଜେ କରାଇଲେ । ୩୭ ।

ମହାପ୍ରଭୁ ଇଚ୍ଛାନୁସାରେ ଇନ୍ଦ୍ରପଦ ଦେଇ ପାରନ୍ତି । ସେ ବ୍ରାହ୍ମଣମାନଙ୍କ ଉପରେ ହାତଭରା ଦେଇ ସମ୍ରାଟଙ୍କ ପରି ବିଜେକଲେ । ୩୮ ।

ତାଳବୃନ୍ତ ଘୂମର ଶ୍ୱେତଛତ୍ର ଟେକା ଚହିଁ ।
କ୍ଷୀର ସାଗର-ଲହରୀ ଭ୍ରମ ଉପୁଜାଇ ହେ । ୩୯ ।
ଗହଳ ହୋଇଣ କଳାଛତ୍ର ଶୋଭାବହି ।
ତୁଙ୍ଗ ଶିଖରୀ ପରେ କି ଜଳଦ ଆକର୍ଷି ହେ । ୪୦ ।
ପତାକା ବ୍ୟାଜଟି ତେଜେ ଶୂନ୍ୟେ ନୀରଧାର ।
ସ୍ୱେଦଛଳେ କରେ ନରତନୁ ଜରଜର ହେ । ୪୧ ।
ଚଞ୍ଚଳାଖେଳା ଚଳିବା ଖଦ୍ଧ ପୀତବାସ ।
ତୃଷିତ ଦ୍ୱିଜ-ଚାତକ ଜଳପାନେ ତୋଷ ହେ । ୪୨ ।
ଏ ପ୍ରମାଣେ ବରହିଣ ପୁଚ୍ଛ ତେଜୁ ଚଳି ।
ନିଶାଣ ମଣ୍ଡୁକ ନାଦେ ବଗନ୍ତ ଉଚ୍ଛୁଳି ଯେ । ୪୩ ।

---

ବ୍ରାହ୍ମଣମାନେ ଘୂମର ହଲଉଥାନ୍ତି ଆଉ ଧଳା ଛତି ଟେକି ଧରିଥାନ୍ତି, ଏହି ଘୂମର ହଲିବା ଓ ଧଳାଛତି ଟେକିବା ଦୃଶ୍ୟ କ୍ଷୀର ସମୁଦ୍ରର ଲହରୀ ବୋଲି ଭ୍ରମ ଜନ୍ମାଉଥାଏ । ୩୯ ।

ତୁଙ୍ଗ—ଉଚ୍ଚ, ଶିଖରୀ—ପର୍ବତ, ଅସଂଖ୍ୟ ଲୋକଗହଳରେ ସେମାନେ ଧରିଥିବା କଳା ଛତାମାନ ଉଚ୍ଚ ପର୍ବତ ଉପରେ ମେଘ ଘୋଟିଗଲା ପରି ଶୋଭା ଦେଖାଉଥାଏ । ୪୦ ।

ବ୍ୟାଜ—ଛଳ, ସ୍ୱେଦ—ଝାଳ, ମେଘ ବର୍ଷିଲେ ପାଣିରେ ଓଦା ହୋଇଯିବା କଥା । ଏଠାରେ ଛତା ହେଲା ମେଘ, ତାହା ସଙ୍ଗେ କି ପତାକା ଛଳରେ ଧଳା ପାଣି ବର୍ଷଣ କରୁଛି । ପାଣିରେ ଲୋକେ ଓଦା ହୋଇଯାଆନ୍ତି, ଏଠାରେ ଦର୍ଶକମାନଙ୍କ ଝାଳ ବହି ଶରୀରକୁ ଓଦା କରି ଦେଉଅଛି । ୪୧ ।

ପୀତବାସ—ହଳଦିଆ ଲୁଗା, ଚଞ୍ଚଳାଖେଳା—ବିଜୁଳି ଚମକିବା, ଚାତକ—ପକ୍ଷୀ ବିଶେଷ, ଏହା କେବଳ ବର୍ଷାପାଣିହିଁ ପିଇଥାଏ । ଜଗନ୍ନାଥ ମହାପ୍ରଭୁଙ୍କ ବିଜେ କାଳରେ ଲୋକେ ହଳଦିଆ ଲୁଗା ପିନ୍ଧିଥାନ୍ତି । ତାହା ପବନରେ ହଲି ହଲି ମେଘ କୋଳରେ ବିଜୁଳି ଖେଳିଲା ପରି ଦେଖା ଯାଉ-ଥାଏ । ବ୍ରାହ୍ମଣମାନେ ଚାତକ ପରି ଏଠାରେ ପାଦୁକ ପାନ କରି ସନ୍ତୁଷ୍ଟ ହୁଅନ୍ତି । ୪୨ ।

ନିଶାଣ—ନାଗରାବାଦ୍ୟ, ମଣ୍ଡୁକ—ବେଙ୍ଗ, ବରହିଣ—ମୟୂରମାନେ ଏହି ପ୍ରକାରେ ବର୍ଷାକାଳର ପ୍ରମାଣ ହେବାରୁ ତହିଁର ଅନୁଷଙ୍ଗୀ ମୟୂରମାନେ ଅଧିକ ପୁଚ୍ଛ ତ୍ୟାଗ କରନ୍ତି । ମହାପ୍ରଭୁ ବିଜେ କଲାବେଳେ ଲୋକମାନେ ମୟୂରପୁଚ୍ଛ ବିଞ୍ଚା ପକାନ୍ତି । ବର୍ଷାକାଳରେ ବେଙ୍ଗ ବୋବାଏ ଏଠାରେ ନାଗରା ବାଦ୍ୟରେ ବଗ ଉଚ୍ଛୁଳି ପଡ଼େ । ୪୩ ।

ପ୍ରଭୁ ତଳନ ଶବଦ ଜନିତ ସ୍ତନିତ ।
ପୁଷ୍ପାଞ୍ଜଳି ବଳାବଳୀ ଉଡ଼ି ଖସେ ସତ ହେ । ୪୪ ।
ଏମନ୍ତେ ସ୍ନାନମଣ୍ଡପେ ସିଂହାସନ ପର ।
ବିଜେ ମହାପ୍ରଭୁ ଘେନି ଭଗ୍ନୀ ସହୋଦର ହେ । ୪୫ ।
ନାଗ ନର କିନ୍ନର ଦେବଙ୍କ ଛନ୍ତି ଗୃହିଁ ।
ଅନେକ କନକଘଟେ ପୂର୍ଣ୍ଣ କରି ତହିଁ ହେ । ୪୬ ।
ଢାଳିଲେ ଭୂସୁରେ ନୀର ଶ୍ରୀମୁଖମଣ୍ଡଳେ ।
ଧାରମାନ ପତନ ହୋଇଲା ମହୋଜ୍ଜ୍ୱଳେ ହେ । ୪୭ ।
କି ମେରୁ-ସ୍ଫଟିକ-ମରକତ ହେମ-ଶୃଙ୍ଗୁ ଖସି ।
ଜାହ୍ନବୀ ଯମୁନା ହରିତାଳ-ଧାର ଆସି ସେ । ୪୮ ।
ଲେପନ ଚନ୍ଦନ ଖସି ଦିଶିଲା ଏମନ୍ତ ।
ସେ ତିନିଶୃଙ୍ଗୁ କି ଜାତ ତରଳ-ରଜତ ସେ । ୪୯ ।

---

ସ୍ତନିତ—ଘଡ଼ଘଡ଼ି, ବଳାବଳୀ—ବଗଧମୂହ, ମହାପ୍ରଭୁଙ୍କ ଆଗମନ ଶବ୍ଦ ମେଘ ଘଡ଼ଘଡ଼ି ପରି, ପ୍ରଭୁଙ୍କ ଉପରକୁ ଯେଉଁ ଆଞ୍ଜୁଳା ଆଞ୍ଜୁଳା ଫୁଲ ଫିଙ୍ଗାଯାଏ ତାହା ଉପରକୁ ଯାଇ ପୁଣି ତଳକୁ ଖସିପଡ଼େ । ଏହା ମେଘ ତଳେ ବଗପନ୍ତି ଉଡ଼ିବା ପରି ଦେଖାଯାଏ । ୪୪ ।

ସ୍ନାନ ମଣ୍ଡପର ସିଂହାସନ ଉପରେ ଜଗନ୍ନାଥ ମହାପ୍ରଭୁ ଭାଇ ଭଉଣୀଙ୍କୁ ସଙ୍ଗେ ଘେନି ବିଜେ ହୋଇଅଛନ୍ତି । ୪୫ ।

ସେଠାରେ ନାଗ, ନର, ଦେବ କିନ୍ନର ସମସ୍ତେ ଅନେକ ସୁବର୍ଣ୍ଣ କଳଶରେ ଜଳପୂର୍ଣ୍ଣ କରି ଗୃହିଁ ରହିଛନ୍ତି । ୪୬ ।

ଭୂସୁର—ବ୍ରାହ୍ମଣ, ବ୍ରାହ୍ମଣମାନେ ମହାପ୍ରଭୁଙ୍କ ଶ୍ରୀମୁଖମଣ୍ଡଳରେ ଜଳ ଢାଳନ୍ତେ ଅତି ଉଜ୍ଜ୍ୱଳ ଧାରମାନ ତଳକୁ ବହିଗଲା । ୪୭ ।

ମାରକତ—ମରକତମଣି । ବଳଭଦ୍ରଙ୍କ ରଙ୍ଗ ଧଳା, ଜଗନ୍ନାଥଦେବ କଳା ଓ ସୁଭଦ୍ରା ଦେବୀ ହଳଦିଆ । ଏହି ତିନି ମୂର୍ତ୍ତିଙ୍କୁ ସ୍ନାନ କରାଇବାରୁ ତାଙ୍କ ଦେହରୁ ବହି ପଡ଼ିବା ଜଳଧାର ମେରୁ ପର୍ବତର ହୀରା, ମରକତ ଓ ସୁବର୍ଣ୍ଣ ଶୃଙ୍ଗ ମାନଙ୍କରୁ ଗଙ୍ଗା ଯମୁନା ଏବଂ ହରିତାଳ ଧାର ବହି ପଡ଼ିଲା ପରି ବୋଧହେଲା । କବି ଏଠାରେ ବଳଭଦ୍ରଙ୍କୁ ମେରୁର ହୀରାଶୃଙ୍ଗ, ଏଣୁ ତହିଁରୁ ଗଙ୍ଗାଧାର ଜଗନ୍ନାଥ ଦେବଙ୍କ ଦେହ କଳା ହେତୁ ତାହାଙ୍କୁ ମେରୁର ମରକତ ଶୃଙ୍ଗର ଜଳଧାର ଯମୁନା ସଙ୍ଗେ । ୪୮ ।

ଲେପନ—ବୋଳିବା; ତରଳରଜତ—ଅଉଟାରୂପା, ତିନି ମୂର୍ତ୍ତିଙ୍କ ଦେହରେ ଚନ୍ଦନ ବୋଳିବାରୁ ତାହା ଖସି ଆସୁଥାଏ । ଏହା ଦେଖି ମନେ ହେଉଥାଏ ମେରୁ ଶୃଙ୍ଗରୁ ଅଉଟା ରୂପା ଖସି ପଡ଼ୁଛି । ୪୯ ।

ଦେଖିଲି ଆଖିରେ ଦର୍ଶନ୍ତତା ନ ରହିଲା ।
ମନହିଁ ଦୁଃସହ ଦୁଃଖମାନ ଉଚ୍ଛେଦିଲା ହେ । ୫୦ ।
ହରି ଚନ୍ଦନ ସଙ୍ଗରୁ ସେହି ବୋଲି ଘେନ ।
ବସୁଥିଲେ ହେବେ ଏ ତ ବାଞ୍ଛା ବରଦାନ୍ତୀ ହେ । ୫୧ ।
ସବୁରୂପେ ଏ ଉପମା ଉତ୍ତମ ସମ୍ଭବେ ।
ବିରାଜିତ ଭୁଜ-ଶାଖା ଅଧର ପଲ୍ଲବେ ହେ । ୫୨ ।
ଭକ୍ତି ମୁକ୍ତି ଫଳ ଅଛି ନ ଦେଖନ୍ତି କେହି ।
ସ୍ୱଭାବରେ ବ୍ରହ୍ମ-ଦାରୁ ବ୍ୟସ୍ତପଦେ ରହି ହେ । ୫୩ ।
ସୁରଭିର ସ୍ଥାନ ସେନାପଟା ବଳକଳ ।
ଯାହା ପଦେ ସଦା ଡଳଡଳ ଗଙ୍ଗାଜଳ ହେ । ୫୪ ।
ଭାଗ୍ୟରୁ ଏ ଉପମାକାରକ ମୁଁ ଯେ ହେଲି ।
ପୁଲକିତ-ଶରୀରେ ହରିରେ ସ୍ତୁତି କଲି ହେ । ୫୫ ।

---

ଦର୍ଶନକାରୀମାନଙ୍କ ଆଖି ଆଉ ଦେଖିବା ପଦାର୍ଥ କିଛି ଅଭାବ ରହିଲା ନାହିଁ । ମନରୁ ସବୁ ପ୍ରକାର ଅସହ୍ୟ ଦୁଃଖ ଦୂର ହୋଇଗଲା । ୫୦ ।

ହରି—ଜଗନ୍ନାଥ ମହାପ୍ରଭୁ; ହରି ସଙ୍ଗେ ଚନ୍ଦନ ଲାଗିବାରୁ ହରି-ଚନ୍ଦନ—କଳ୍ପତରୁ ଅତଏବ ଜଗନ୍ନାଥ କଳ୍ପତରୁ ହେଲେ ଏଣୁ କଳ୍ପତରୁ ପରି ମନୋବାଞ୍ଛା ବର ପ୍ରଦାନ କରିବେ । ୫୧ ।

କଳ୍ପତରୁଙ୍କର ଶାଖାଥାଏ; ଏଠାରେ ମହାପ୍ରଭୁଙ୍କର ଭୁଜ ହେଲା ଶାଖା ଅଧର—ପଲ୍ଲବ ଅର୍ଥାତ୍ ପତ୍ରହେଲା ତାଙ୍କର ଅଧର । ଅତଏବ କଳ୍ପତରୁ ସହିତ ସବୁପ୍ରକାରେ ଉତ୍ତମ ଉପମାଯୁକ୍ତ । ୫୨ ।

ବ୍ୟସ୍ତପଦ—ବିପରୀତ ପଦ । କଳ୍ପତରୁ ହେଉଛି ବ୍ରହ୍ମଦାରୁ । ତାକୁ ଓଲଟାଇ ପଢ଼ିଲେ ହେବ ଦାରୁବ୍ରହ୍ମ । କଳ୍ପତରୁର ଫଳ ଆଖିକି ଦେଖାଯାଏ ନାହିଁ । ଏଠାରେ ମଧ୍ୟ ଭକ୍ତି ଓ ମୁକ୍ତି ରୂପକ ଦୁଇଟି ଫଳ ଅଦୃଶ୍ୟ ଭାବରେ ରହିଅଛି । ୫୩ ।

ସୁରଭି—କାମଧେନୁ, ସୁଗନ୍ଧି; ସେନାପଟା—ଏକ ପ୍ରକାର କାଠ କଳ୍ପବୃକ୍ଷ କାମଧେନୁମାନଙ୍କର ଆଶ୍ରୟ ସ୍ଥଳ । ତାହା ବଳକଳାବୃତ, ତହିଁର ପାଦଦେଶରେ ସ୍ୱର୍ଗଙ୍ଗା ସର୍ବଦା ପ୍ରବାହିତା, ସେହିପରି ପ୍ରଭୁ ମଧ୍ୟ ସୁରଭିର ଆଶ୍ରୟ ସ୍ଥଳ, କାଠ ଦ୍ୱାରା ଆବୃତ । ପ୍ରଭୁଙ୍କ ନଖ କୋଣରେ ଗଙ୍ଗା ସର୍ବବେଳେ ଡଳଡଳ ହେଉଅଛନ୍ତି ସୁତରାଂ ପ୍ରଭୁଙ୍କୁ କଳ୍ପବୃକ୍ଷ ସହିତ ତୁଳନା ଯଥାର୍ଥ । ୫୪ ।

ମୋ ସୌଭାଗ୍ୟରୁ ମୁଁ ପ୍ରଭୁଙ୍କ ପ୍ରତି ଏହି ଉପମା କାରକ ହେଲି ଏବଂ ରୋମାଞ୍ଚ ଶରୀରରେ ଭଗବାନଙ୍କୁ ସ୍ତୁତି କରୁଅଛି । ୫୫ ।

ମହିମା ଅନନ୍ତ ତୁମ୍ଭେ ମହିମା ଅନନ୍ତ ।
ମନୋହାରୀ ସହୋଦର ହୋଇ ଯାର ଖ୍ୟାତ ହେ । ୫୬ ।
ଅରି-ଦର-କର ତୁମ୍ଭେ ଅରି-ଦର-କର ।
ଯୁଗେ ଯୁଗେ ଧରି ନାନାବିଧ ଅବତାର ହେ । ୫୭ ।
ବିଭୀଷଣ-ଅଘ ବିଭୀଷଣ ଅଘ-ହର ।
ସ୍ଥାନ କରି ଦେଲ ଲଙ୍କା ନିଜ କଳେବର ହେ । ୫୮ ।
ଭବ-ବିରଞ୍ଚି-ପୂଜିତ ହେ ଭବ ବିରଞ୍ଚି ।
ଶୁଚି କବଳକ ସଦାନନ୍ଦ ସଦା ଶୁଚି ହେ । ୫୯ ।
ରଚିବି "କୋଟି ବ୍ରହ୍ମାଣ୍ଡ-ସୁନ୍ଦରୀ" ଚରିତ ।
ସୁଜାତି ସୁମନାପରି ହୋଇବ ଏ ଗୀତ ହେ । ୬୦ ।
ସୁରଭିରେ ମୋହିତ-ମାନସ ହେବେ ଭବ୍ୟ ।
ଗୁଣିବନ୍ତେ ହୃଦେ ମାଳା କରି ଧରିବେ ହେ । ୬୧ ।

---

ମହିମା—ମହି ଆଉ ମା ଅର୍ଥାତ୍ ଲକ୍ଷ୍ମୀ, ଅନନ୍ତ—ଶେଷଦେବ, ହେ ତୁମ୍ଭେ ଅନନ୍ତଙ୍କର ମହିମାର ଅନ୍ତ ନାହିଁ, ମହି ଅର୍ଥାତ୍ ପୃଥିବୀ ଏବଂ ମା ଅର୍ଥାତ୍ ଲକ୍ଷ୍ମୀ, ଦୁହେଁ ଆପଣଙ୍କର ମନୋହାରିଣୀ ଅଟନ୍ତି ପୁଣି ଅନନ୍ତ ଅର୍ଥାତ୍ ଶେଷ-ଦେବ ଆପଣଙ୍କର ଭାଇ ବୋଲି ଖ୍ୟାତ । ପୁରାଣମାନଙ୍କରେ ବଳରାମଙ୍କୁ ଶେଷ-ଦେବଙ୍କର ଅବତାର ବୋଲି କହିଥାନ୍ତି । ୫୬ ।

ଅରି—ଚକ୍ର, ଶତ୍ରୁ; ଦର—ଶଙ୍ଖ, ଭୟ; ହେ ପ୍ରଭୁ ଆପଣ କରରେ ଶଙ୍ଖ ଚକ୍ର ଧାରଣ କରିଅଛନ୍ତି ପୁଣି ଅରି ଦରକର ଅର୍ଥାତ୍ ଶତ୍ରୁମାନଙ୍କର ଭୟ-କାରକ ଅଟନ୍ତି । ଆପଣ ଯୁଗେ ଯୁଗେ ବିବିଧ ପ୍ରକାର ଅବତାର ନେଇଥାନ୍ତି ।୫୭।

ବିଭୀଷଣ—ଭୟଙ୍କର, ରାବଣର ଭାଇ; ଅଘ—ପାପ, ଅଘ ଅସୁର ଆପଣ ରାବଣର ଭାଇ ବିଭୀଷଣର ପାପ ଖଣ୍ଡନ କରି ଲଙ୍କାରେ ରାଜା କଲେ । ପୁଣି ଭୀଷଣ ଅଘାସୁରକୁ ମାରି ତାକୁ ସାଯୁଜ୍ୟ ମୁକ୍ତି ଦେଇ ନିଜ ଦେହରେ ମିଶାଇ ନେଲେ । ୫୮ ।

ଭବ ବିରଞ୍ଚି—ଶିବବ୍ରହ୍ମା, ଭବ ବିରଞ୍ଚି—ସଂସାରର ସୃଷ୍ଟିକର୍ତ୍ତା; କବଳକ—ଗ୍ରାସକାରୀ, ଶୁଚି—ଅଗ୍ନି, ପବନ; ପ୍ରଭୁ ! ଆପଣ ଶିବ ବ୍ରହ୍ମାଙ୍କ ଦ୍ୱାରା ପୂଜା ପାଆନ୍ତି ଏବଂ ସଂସାରକର୍ତ୍ତା ଅଟନ୍ତି । ଆପଣ ସଦା ଶୁଚି ଏବଂ ଅଗ୍ନିକୁ ଗ୍ରାସ କରି ଅଛନ୍ତି । ଆପଣ ସଦା ଆନନ୍ଦମୟ । ୫୯ ।

ସୁଜାତି—ଉତ୍ତମ ଜାଇ; ସୁମନା—ଫୁଲ । ହେ ପ୍ରଭୁ ! ମୁଁ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ଚରିତ ରଚନା କରିବି । ଏହି ଗୀତ ଉତ୍ତମ ଜାଇଫୁଲ ପରି ହେବ । ୬୦ ।

ସୁରଭି—ସୁଗନ୍ଧ; ଭବ୍ୟ—ଉତ୍ତମ ଲୋକମାନେ ଏହି ଗୀତର ସୁଗନ୍ଧରେ ଉତ୍ତମ ଲୋକମାନଙ୍କର ମନ ମୁଗ୍ଧ ହେବ ଏବଂ ଗୁଣୀ ଲୋକମାନେ ଏହାକୁ ମାଳ କରି ହୃଦୟରେ ଧାରଣ କରିବେ । ୬୧ ।

ରସିକ-ଭ୍ରମରେ ହେବେ ରସ ସେନ ବଶ ।
ନିର୍ଗୁଣେ ହେଳିଲେ ନ ଘେନିଲେ ଅଛୁ କସ ହେ । ୬୨ ।
କବି ଉପେନ୍ଦ୍ର ତବ କୃପାରେ ହୋଇଛୁ ।
ଏତେ ମନୋରଥ ସାର୍ଥେ କ ସଂଶୟ ଅଛି ହେ । ୬୩ ।

—o—

# ଦ୍ୱିତୀୟ ଛାନ୍ଦ

( ଚମ୍ପାନଗରୀ ବର୍ଣ୍ଣନା ଓ କୋଟିବ୍ରହ୍ମାଣ୍ଡ ସୁନ୍ଦରୀର ଜନ୍ମବୃତ୍ତାନ୍ତ )

ରାଗ—ମାଳବ । ତୋଡ଼ି ବାଣୀ ।

ପୁରାଣ ଅଭିଧାନ ଜାଣିଥିଲେ । ଜାଣି କଅ ହେବ ବହ୍ରୁଦ ହେଲେ ।
ସାବଧାନ ହୋଇ ସୁବୁଧିଗଣ । ନଗରବର୍ଣ୍ଣନା ମନକୁ ଆଣ । ୧ ।
ଚମ୍ପା ସେ ରସା-ଯୋଷା ଶିରେ କହ୍ନି । ଶିବ ତହିଁରେ ଗୁରୁତର-ସ୍ନେହୀ ।
ଜନ ମନୋହର ସୁବାସ ଅଛି । ଭ୍ରମର ଅବଲମ୍ବ ନାହିଁ କିଛି । ୨ ।

---

ରସିକ ଜନମାନେ ଭ୍ରମର ପରି ଏହି ଫୁଲର ରସ ଗ୍ରହଣ କରି ବଶ ହେବେ । ମୂର୍ଖମାନେ ଆଦର କରନ୍ତୁ ବା ନ କରନ୍ତୁ କିଛି ଯାଏ ଆସେ ନାହିଁ । ୬୨ ।

ଉପେନ୍ଦ୍ର ଆପଣଙ୍କ ଦୟାରୁ କବି ହୋଇଅଛି ଏଣୁ ଆପଣଙ୍କ ଦୟାରୁ ତାହାର ମନୋବାଞ୍ଛା ସିଦ୍ଧ ଯେ ହେବ ଏଥିରେ ସଂଶୟ ନାହିଁ । ୬୩ ।

—o—

## ଦ୍ୱିତୀୟଛାନ୍ଦ

ବହ୍ରୁଦ—ଯାହାର ହୃଦୟ ନାହିଁ, ପୁରାଣ ବା ଅଭିଧାନ ଜାଣିବା ହୃଦୟହୀନ ବ୍ୟକ୍ତି ପକ୍ଷରେ ବୃଥା । ହେ ସୁବୁଦ୍ଧିଗଣ, ମୁଁ ନଗର ବର୍ଣ୍ଣନା କରୁଛି ସାବଧାନ ହୋଇ ଚିତ୍ତରେ ଗ୍ରହଣ କର । ୧ ।

ରସା—ପୃଥିବୀ; ଯୋଷା—ସ୍ତ୍ରୀ; ଶିବ—ମଙ୍ଗଳ, ମହାଦେବ; ସୁବାସ—ସୁଗନ୍ଧ, ଉତ୍ତମ ଗୃହ; ଭ୍ରମର—ଭଅଁର, ଭ୍ରାନ୍ତିର । ଅବଲମ୍ବ—ଆଶ୍ରୟ ଫୁଲପକ୍ଷେ—ଏହି ନଗରର ନାମ ଚମ୍ପା—ଚମ୍ପା ଫୁଲକୁ ସ୍ତ୍ରୀମାନେ ମୁଣ୍ଡରେ ଖୋସନ୍ତି । ମହାଦେବ ଚମ୍ପାଫୁଲକୁ ବିଶେଷ ସ୍ନେହ କରନ୍ତି । ସେହି ଫୁଲର ଲୋକମାନଙ୍କ ମନହରଣ କଲା ଭଳି ସୁଗନ୍ଧ ଥାଏ ଏବଂ ଭ୍ରମର ସେଥିରେ ବସେ ନାହିଁ । ଏହି ନଗରୀ ପକ୍ଷେ—ଚମ୍ପା ନାମକ ନଗରୀକୁ ପୃଥିବୀ ରୂପକ ସ୍ତ୍ରୀ ମସ୍ତକରେ ଧରି ରଖିଅଛି । ସେଠାରେ ସବୁବେଳେ ମଙ୍ଗଳ ବିଦ୍ୟମାନ । ଆଦୌ ଅମଙ୍ଗଳ ନାହିଁ । ଲୋକମାନଙ୍କର ମନ ମୁଗ୍ଧକର ଭଲ ଘରମାନ ରହିଛି, କାହାର କୌଣସି ବିଷୟରେ ଭ୍ରାନ୍ତିର କାରଣ ନାହିଁ । ୨ ।

ଦେଖିବାରୁ ଯାହା ରୁଚିରରୁଚି । ଶଙ୍କା ଲଭି ଲଙ୍କା ଅଳକା କାଞ୍ଚୀ ।
ତରୁ ତରଣୀରେ ଶରଣ ଭଜି । କମ୍ପ ସ୍ତମ୍ଭ ଲଜ୍ଜା ତେବେ ନ ତେଜି । ୩ ।
ବଡ଼ଭୀ ବଡ଼-ଭୀ ଜନମ କରେ । ହରିହୟ ହରି-ହୟ ଚିତ୍ତରେ ।
ବଳଜିତ୍ପୁରକୁ ଜିଣିବ ବୋଲି । ବଇଜୟନ୍ତୀରେ ଛନ୍ଦ ନ ଭୁଲି । ୪ ।
ବିତାନ ଏସନ ପ୍ରସନ୍ନ ଧରେ । ଯେସନ ଗଗନ ନିଶାକାଳରେ ।
ଚନ୍ଦ୍ରମଣ୍ଡଳ କରେ ପ୍ରକାଶିତ । ପୁଣି ତାର ତାର-ରାଜି ରାଜିତ । ୫ ।
ଯେଉଁ ପୁର ହଟ୍ଟ ଅମରାବତୀ । ଉପରେ କରିଛି ଆକ୍ଷେପ ଅତି ।
କେତେ ରମ୍ଭା-ଉରୁ ବସି ଅଛନ୍ତି । ଅଇରାବତ ନାଗରଙ୍ଗ ଦିଶନ୍ତି । ୬ ।

---

ରୁଚିରରୁଚି—ଉଜ୍ଜ୍ୱଳ ସୌନ୍ଦର୍ଯ୍ୟ; ଲଙ୍କା—ଲଙ୍କାଦେଶ, ଡାଳ; କାଞ୍ଚୀ—କଟିକିଙ୍କିଣୀ । ଏହି ନଗରୀର ଉଜ୍ଜ୍ୱଳ ସୌନ୍ଦର୍ଯ୍ୟ ଦେଖି ଲଙ୍କା, କୁବେରର ପୁରୀ, କାଞ୍ଚୀ ନଗରୀମାନ ବୃକ୍ଷ ଓ ସ୍ତ୍ରୀଠାରେ ଆଶ୍ରୟ ନେଇ ସୁଦ୍ଧା ଭୟରେ ଥରିବା, ସ୍ତମ୍ଭୀଭୂତ ହେବା ନଛାଡ଼ି ଲଜ୍ଜା ପକାଉଅଛନ୍ତି । ଲଙ୍କା ନଗରୀ ଡାଳ ରୂପରେ ବୃକ୍ଷକୁ ଆଶ୍ରୟ କରି ଭୟରେ କମ୍ପୁଅଛି; ଅଳକା ନାରୀର ମସ୍ତକ ଅଳଙ୍କାର ହୋଇ ସୁଦ୍ଧା ସ୍ଥିର ଭାବ ଧାରଣ କରିଅଛି; କାଞ୍ଚୀ ନଗରୀ ମଧ୍ୟ ନାରୀର କଟି-କିଙ୍କିଣୀ ରୂପ ଧାରଣ କରି ସୁଦ୍ଧା ଲଜ୍ଜା ପକାଉଅଛି । ୩ ।

ବଡ଼ଭୀ—ଉଚ୍ଚକୋଠା, ବଡ଼ଭୟ; ବଡ଼-ଭୀ—ବିଶେଷ ଭୟ, ହରିହୟ—ଇନ୍ଦ୍ର, ସୂର୍ଯ୍ୟଙ୍କର ଘୋଡ଼ା, ବଳଜିତ୍ପୁର—ଇନ୍ଦ୍ର ଭୁବନ; ବଇଜୟନ୍ତୀ—ପତାକା । ଏହି ନଗରୀର ଅଟ୍ଟାଳିକାମାନ କାଳେ ଇନ୍ଦ୍ରପୁରକୁ ବଳିପଡ଼ିବ ଏଣୁ ଇନ୍ଦ୍ରଙ୍କ ମନରେ ବଡ଼ ଭୟ ଜାତ କରାଉଅଛି । ଏହାର ପତାକାମାନ କାଳେ ସୂର୍ଯ୍ୟଙ୍କ ଘୋଡ଼ାମାନଙ୍କୁ ଛନ୍ଦିଦେବ ଭାବି ଘୋଡ଼ାମାନେ ମଧ୍ୟ ବଡ଼ ଭୟ କରୁଅଛନ୍ତି । ଅର୍ଥାତ୍ ଏହି ନଗରୀର କୋଠାଘରମାନ ଯେପରି ଅସଂଖ୍ୟ ଏବଂ ଉଚ୍ଚ ଏବଂ ଘରେ ଘରେ ପତାକାମାନ ବହୁ ଉଚ୍ଚରେ ଉଡ଼ୁଅଛି । ୪ ।

ବିତାନ—ଚାନ୍ଦୁଆ, ଆକାଶ; ତାର—ଉଜ୍ଜ୍ୱଳ; ତାର-ରାଜି – ତାରାପନ୍ତି, ମୁକ୍ତାସମୂହ; ପ୍ରସନ—ନିର୍ମଳ । ରାତିରେ ମେଘମୁକ୍ତ ଆକାଶ ଯେପରି ଚନ୍ଦ୍ରମଣ୍ଡଳକୁ ପ୍ରକଟ କରେ ଏବଂ ଉଜ୍ଜ୍ୱଳ ନକ୍ଷତ୍ରସମୂହ ଦ୍ୱାରା ଶୋଭାପାଏ ସେହିପରି ଏହି ନଗରୀର କୋଠା ଉପରେ ଚାନ୍ଦୁଆମାନ ଉଜ୍ଜ୍ୱଳ ମୁକ୍ତାପନ୍ତିରେ ଖଚିତ ହୋଇ ଶୋଭାମୟ ହୋଇଅଛି ଏବଂ ଆକାଶର ଚନ୍ଦ୍ରମଣ୍ଡଳ ପରି ଚାନ୍ଦୁଆରେ ଖଚିତ ସୁବର୍ଣ୍ଣ ଚନ୍ଦ୍ର ଦେଖାଯାଉଛି । ୫ ।

ହଟ୍ଟ—ହାଟ, ଅମରାବତୀ, ଇନ୍ଦ୍ରକଟକ; ଆକ୍ଷେପ—ନିନ୍ଦା; ରମ୍ଭା ଉରୁବସି—ରମ୍ଭା ଏବଂ ଉର୍ବଶୀ ନାମକ ସ୍ୱର୍ଗର ବେଶ୍ୟା; ରମ୍ଭା—କଦଳୀଗଛ; ଉରୁ—ଜଙ୍ଘ; ବସି—ବାସକରି; ଅଇରାବତ—ଐରାବତ ଇନ୍ଦ୍ରଙ୍କ ହସ୍ତୀ ଏବଂ ନାରଙ୍ଗ ଫଳ । ଏହି ନଗରୀର ହାଟ ଅମରାବତୀ ନଗରୀକୁ ଐଶ୍ୱର୍ଯ୍ୟରେ

କେତେ ଚିତ୍ର-ରଥ ଗନ୍ଧର୍ବ-ଚୟ । ଅଳପ ଧନେ ହେଉଛନ୍ତି କ୍ଷୟ ।
ମାଳି ପସରାଟି ସୁଧର୍ମାସଭା । ସୁମନା-ବଳୀରେ ହୋଇଛି ଶୋଭା । ୭ ।
ତହୁଁ ଭୋଗବତୀ କେତେମାତର । କଥା ନେ କରି ଦେଇଛି ଇତର ।
ଅନନ୍ତ-ମଣିରେ ଯେ ଜ୍ୟୋତି ନାହିଁ । ଅନନ୍ତମଣି କଣା ବିକା ଯହିଁ । ୮ ।
ଯେଉଁ ପୁରରେ ପଢ଼େ ଶୁକ-ଋ ଯାକ । ଶୁକ-ଋ ରଚିତ ଚରିତ ଶ୍ଳୋକ ।
ସୁକବିମନେ ତା ଅର୍ଥ କରିବା । ବିରସ କରି କାହିଁକି ଯୋଝିବା । ୯ ।
ବୈଦ୍ୟ ଶାର୍ଦ୍ଦୂଳେ ଅଶ୍ୱିନୀ କୁମାରେ । ମୂଢ଼ କରି ଚିତ୍ତେ ବିବେକ କରେ ।
ଥିଲେ ତାଙ୍କର ଚରକ ସୁଶ୍ରୁତ । ବୁଝିଥାନ୍ତେ ଆସି ଆମ୍ଭ ପୁରତ । ୧୦ ।

---

ନନ୍ଦ୍ ଅଛି, ଅମରାବତୀରେ ଜଣେ ରମ୍ଭା ଓ ଜଣେ ଉର୍ବଶୀ ଅଛି କିନ୍ତୁ ଏହି ନଗରୀର ହାଟରେ ଅନେକ ରମ୍ଭାଊରୁ ଅର୍ଥାତ୍ କଦଳୀଗଛ ପରି ଜାନୁବିଶିଷ୍ଟ ସ୍ତ୍ରୀ ବାସ କରିଅଛନ୍ତି । ଅମରାବତୀରେ ଗୋଟିଏ ଐରାବତ ଅଛି ମାତ୍ର ଏହି ନଗରୀରେ ବହୁତ ଐରାବତ ବା ନାରଙ୍ଗ ଫଳ ଏଣେ ତେଣେ ପଡ଼ି ରହିଛି । ୬ ।

କେତେ—ଅନେକ; ଚିତ୍ରରଥ—ଗନ୍ଧର୍ବର ନାମ ଏବଂ ବିଚିତ୍ରରଥ; ଗନ୍ଧର୍ବ—ଘୋଡ଼ା; ମାଳିପସରା—ମାଳୀର ଦୋକାନ; ସୁଧର୍ମାସଭା—ଇନ୍ଦ୍ରସଭା; ସୁମନାବଳି—ଦେବତାସମୂହ ଏବଂ ଫୁଲମାନ । ଅମରାବତୀରେ ଚିତ୍ରରଥ ନାମକ ଗୋଟିଏ ଗନ୍ଧର୍ବ ଅଛି ମାତ୍ର ଏହି ନଗରୀ ହାଟରେ ବିଚିତ୍ରରଥ ଓ ଘୋଡ଼ାମାନ ବିକା ହେଉଅଛି । ଏଠାର ମାଲୁଣୀର ଫୁଲ ଦୋକାନର ସାଜସଜ୍ଜା ଇନ୍ଦ୍ରଙ୍କ ସୁଧର୍ମା ସଭାପରି ସଜ୍ଜିତ ଅର୍ଥାତ୍ ଇନ୍ଦ୍ର ସଭାରେ ଅନେକ ସୁମନା ବା ଦେବତା ଯେପରି ରହନ୍ତି ମାଲୁଣୀ ପସରାରେ ସେହିପରି ଅନେକ ସୁମନ ବା ଫୁଲ ଶୋଭା ପାଉଅଛି । ୭ ।

ଭୋଗବତୀ—ପାତାଳପୁରୀ ଗଙ୍ଗା, ଅନନ୍ତ—ଶେଷଦେବ, ଅସଂଖ୍ୟ; ଇତର—ତୁଚ୍ଛ । ଏହି ନଗରୀ ତୁଳନାରେ ପାତାଳପୁରୀ ଅବା କେତେମାତ୍ର ! ଗୋଟିଏ କଥାରେ ପାତାଳ ପୁରୀକୁ ତୁଚ୍ଛ କରି ଦେଇଅଛି । ଶେଷଦେବଙ୍କ ମସ୍ତିକସ୍ଥିତ ମଣିରେ ଯେପରି ଜ୍ୟୋତି ନାହିଁ । ଏଠାରେ ସେହିପରି ଅସଂଖ୍ୟ ମଣି ବିକା କଣା ହେଉଅଛି । ୮ ।

ଶୁକ-ଋ—ଶୁକପକ୍ଷୀ, ଶୁକଦେବ; ସୁକବି—ଉତ୍ତମ କବି । ଏହି ନଗରୀରେ ଶୁଆଚଢ଼େଇ ଶୁକଦେବ ରଚିତ ଶ୍ଳୋକମାନ ପାଠକରୁଅଛନ୍ତି । ଶୁକ ଋ ଶବ୍ଦକୁ ଯଦି ଉତ୍ତମ କବି ଅର୍ଥରେ ଗ୍ରହଣ କରିବା ତେବେ ମଧ୍ୟ କୌଣସି ବିରସ ଭାବ ମନରେ ଜନ୍ମିବ ନାହିଁ । ୯ ।

ଶାର୍ଦ୍ଦୂଳ—ବାଘ, ଶ୍ରେଷ୍ଠ; ମୂଢ—ନିକୃଷ୍ଟ; ଅଶ୍ୱିନୀ କୁମାର—ସ୍ୱର୍ଗ ବୈଦ୍ୟ; ପୁରତ—ପାଖରୁ । ସ୍ୱର୍ଗବୈଦ୍ୟ ଅଶ୍ୱିନୀ କୁମାରଙ୍କୁ ଏହି ନଗରୀର ଶ୍ରେଷ୍ଠ ବୈଦ୍ୟମାନେ ନିକୃଷ୍ଟ ଜ୍ଞାନ କରନ୍ତି । ବିଚାରନ୍ତି ସ୍ୱର୍ଗରେ ଚରକ ସୁଶ୍ରୁତ ଗ୍ରନ୍ଥ ଯଦି ଥାଆନ୍ତା ତାହାହେଲେ ସେ ଆସି ଆମ୍ଭଠାରୁ ଅର୍ଥ ବୁଝି ଥାଆନ୍ତେ ।୧୦।

ଗଣିକା-ଗଣଙ୍କ ଏମନ୍ତ ହୃଦ । ଗୁରୁ-ଗୁରୁ ହେବା ପଡ଼ିଲେ ବାଦ ।
ଧର୍ମ-ଜନ ମତେ ଧନଦ ଊଣା । ନ ଯିବାରୁ ତାଙ୍କ ପୁଷ୍ପକ ଗଣା । ୧୧ ।
ସୁ-ନାସୀରଙ୍କର ଏଣୁ ଗୁମାନ । କେ କଲା ଆମ୍ଭ ପଦ ଇନ୍ଦ୍ରେ ଦାନ ।
ବହୁତ ବଳ ଭସ୍ମ ଉଧୁଳାଉଁ । ବଜ୍ର-ସାର ବାର ଭୂଷଣେ ବହୁଁ । ୧୨ ।
କଟକ ନିର୍ମାଣ ଛଟକ ଦେଖି । ବିଶ୍ୱକର୍ମା ମୟ ବୁଜିଣ ଆଖି ।
ଭଲ ଶିଳ୍ପୀ ବୋଲି ହୋଇବା କଥା । ଭଲ୍ଲି ହୋଇ କରେ ହୃଦକୁ ବ୍ୟଥା ।୧ ।
ବଢେ ଯେ ବିଷ୍ଣୁ ଜାନୁ ଅନୁମାନ । ସର୍ବଦା ଲକ୍ଷ୍ମୀ କରିବାରୁ ସ୍ଥାନ ।
ନିଶାନ୍ତ-ରତନ ଜ୍ୟୋତି ପ୍ରକାଶେ । ନିଶାନ୍ତ ପ୍ରାପ୍ତ ସବୁବେଳେ ଦିଶେ । ୧୪ ।

---

ଗଣିକା-ଗଣ—ବେଶ୍ୟାସମୂହ; ଗୁରୁ-ଗୁରୁ—ବୃହସ୍ପତିଙ୍କ ଗୁରୁ; ପୁଷ୍ପକ—ବିମାନ, ଚନ୍ଦ୍ରକଙ୍କଣ; ଧନଦ-କୁବେର । ଏହି ନଗରୀର ବେଶ୍ୟାମାନେ ମନରେ ବିଚାରନ୍ତି ଯେ ସୁକ୍ତି ତର୍କ ପଡିଲେ ଆମ୍ଭେମାନେ ବୃହସ୍ପତିଙ୍କର ସୁଦ୍ଧା ଗୁରୁ ହୋଇ ପାରିବୁ । ଏଠାର ଧନବନ୍ତଙ୍କ ତୁଳନାରେ କୁବେର ଊଣା ପଡ଼ିବେ । କୁବେରଙ୍କର ତ ଗୋଟିଏ ପୁଷ୍ପକ ବିମାନ ଅଛି କିନ୍ତୁ ଏମାନଙ୍କର ଅସଂଖ୍ୟ ପୁଷ୍ପକ ଅର୍ଥାତ୍ ରତ୍ନକଙ୍କଣ ରହିଅଛି । ୧୧ ।

ସୁନାସୀର—ଇନ୍ଦ୍ର, ଉତ୍ତମ ଯୋଦ୍ଧା; ଗୁମାନ—ଗର୍ବ; ବଳ—ଶତ୍ରୁ-ସୈନ୍ୟ, ବଳ ନାମକ ରାକ୍ଷସ; ବଜ୍ରସାର—ବଜ୍ରାସ୍ତ୍ର, ହୀରା; ବାର—ସମୂହ । ଏଠା ବୀରପୁରୁଷଙ୍କ ଗର୍ବ ଯେ ସେମାନେ ଇନ୍ଦ୍ରଙ୍କ ଠାରୁ ଅଧିକ ବଳବାନ । ଇନ୍ଦ୍ର ସିନା ଗୋଟିଏ ବଜ୍ର ଧାରଣ କରନ୍ତି ଏବଂ 'ବଳ' ନାମକ ଗୋଟିଏ ରାକ୍ଷସକୁ ମାରିଥିଲେ, କିନ୍ତୁ ଏଠା ବୀରମାନେ ଅସଂଖ୍ୟ ବଜ୍ର ଅର୍ଥାତ ହୀରାରେ ଭୂଷିତ ଏବଂ ଅସଂଖ୍ୟ 'ବଳ' ଅର୍ଥାତ୍ ଶତ୍ରୁ ସୈନ୍ୟ ସଂହାର କରିଅଛନ୍ତି । ୧୨ ।

ବିଶ୍ୱକର୍ମା—ଦେବଶିଳ୍ପୀ; ମୟ—ଦାନବ ଶିଳ୍ପୀ; ଭଲ୍ଲ—ଭୁଷିବାଅସ୍ତ୍ର; କଟକ—ନଗର; ଛଟକ—ସୌନ୍ଦର୍ଯ୍ୟ । ଏହି ନଗରର ନିର୍ମାଣ ସୌନ୍ଦର୍ଯ୍ୟ ଦେଖି ଦେବଶିଳ୍ପୀ ବିଶ୍ୱକର୍ମା ଏବଂ ଦାନବ ଶିଳ୍ପୀ ମୟ ଆଖିବୁଜି ଭାବୁଛନ୍ତି ଯେ ସେମାନଙ୍କର ଶ୍ରେଷ୍ଠ ଶିଳ୍ପୀ ବୋଲାଇବା ଅଭିମାନ ଓଲଟା ଭଲ୍ଲାସ୍ତ୍ର ପରି ତାଙ୍କ ହୃଦୟରେ ବ୍ୟଥା ଦେଉଅଛି ଅର୍ଥାତ୍ ଏହି ନଗରର ନିର୍ମାତା ତାଙ୍କଠାରୁ ଶ୍ରେଷ୍ଠ । ୧୩ ।

ଅନୁମାନ କରାଯାଏ ଏହି ନଗରୀରେ ବିଷ୍ଣୁଙ୍କ ଜାନୁରେ ଲକ୍ଷ୍ମୀ ଠାକୁରାଣୀ ବସିଛନ୍ତି କାରଣ ଏଠାରେ ସମସ୍ତେ ଧନୀ, ଏଣୁ କମଳା ଘରେ ଘରେ ଅଛନ୍ତି । ପ୍ରତିଘରେ ଏତେ ରତ୍ନ ରହିଅଛି ଯେ ତହିଁର ଜ୍ୟୋତିରେ ଘର ଭିତରେ ଉଜ୍ଜ୍ୱଳ ହୋଇ ରାତି ପାହିବା ପ୍ରାୟ ସବୁବେଳେ ଜଣା ପଡ଼ୁଛି । ୧୪ ।

ଉତ୍ଥାନ-ହଟେ କେରଳୀ କି ସଜେ । କଳଶ କୁଚ ତୋରଣସ୍ତମ୍ଭ ଭୁଜେ ।
ଶୁଭେ ନାଗରପଦ-ନୂପୁର ବାଦ୍ୟ । ସମସ୍ତେ ଯହିଁ ଭଲ ଭଲ ପଦ । ୧୫ ।
ମୁଖ ଝଳପଣ ଦର୍ପଣ-ଭିତ୍ତି । ଅକ୍ଷି ଲକ୍ଷିବା ଗବାକ୍ଷ ଅନ୍ତନ୍ତି ।
ଚାମର ଛଡ଼ାଇ ଚିକୁର ଶଙ୍କା । ବସନ ପ୍ରସନ୍ନକୁ ଯବନିକା । ୧୬ ।
ରୂପାଜୀବା ଚତ୍ୱରୂପା ହୋଇଣ । ଯହିଁରେ ଧନ୍ୟା କନ୍ୟା-ସ୍ତମ୍ଭ-ଗଣ ।
କସ୍ତଲ ଭ୍ରମ କେତେ ରାଗ ଜାତ । ବୀଣାସ୍ବରେ କରେ ଆଳାପ ଗୀତ । ୧୭ ।
ଦୂରଦେଶୀ ଜନ ଦେଖିଲେ ଅନାଇ । ମଦନ ରସରେ ମନ ମନାଇ ।
ଧନ-ଧାରଣା କେତେ ଜନ୍ମିବାକୁ । ତାଙ୍କ ପ୍ରତିବିମ୍ବ ଊଣାଇ ତାଙ୍କୁ । ୧୮ ।

---

ଉତ୍ଥାନ-ହଟ—ଚିତ୍ ହୋଇ ନାଚିବା; ତୋରଣସ୍ତମ୍ଭ—ବାହାର ଦ୍ୱାରର ଖମ୍ବ । ଏହି ନଗରର ବାହାର ଦ୍ୱାରସ୍ଥ ସ୍ତମ୍ଭ ଓ କଳଶ ଦେଖି ମନେ ହୁଏ, କେଳୁଣୀ ଚିତ୍ ହୋଇ ନାଚରେ ଗୋଡ଼ତଳେ ହାତଦେଇ ବଙ୍କା ଖାଉଛି । ଦ୍ୱାରରେ ସ୍ୱର୍ଣ୍ଣ କଳଶ ଯେପରି କେଳୁଣୀର ଦୁଇସ୍ତନ, ହସ୍ତ ଦୁଇ ଦୁଇଟି ସ୍ତମ୍ଭ ଏବଂ ନୂପୁର ଶବ୍ଦ ବାଦ୍ୟତୁଲ୍ୟ । ନାଚ ଦେଖି ଲୋକେ ଖୁସି ହେଲେ ଭଲ ଭଲ ଶବ୍ଦ କରନ୍ତି । ଏହା ନଗରରେ ଉଠୁଥିବା ଭଲ ଭଲ ଶବ୍ଦ ପରି । ୧୫ ।

ମୁଖଝଳ—ମୁଖର ଉଜ୍ଜ୍ୱଳତା; ଦର୍ପଣ-ଭିତ୍ତି—କାଚ କାନ୍ଥ; ଗବାକ୍ଷ—ଜଳାକବାଟି; ଚିକୁର—କେଶସମୂହ; ଯବନିକା—ପରଦା । ନାଚରତା କେଳୁଣୀର ମୁଖକାନ୍ତି କାଚ ନିର୍ମିତ କାନ୍ଥରେ, ଆଖିର ଶୋଭା ଜଳା କବାଟିରେ, କେଶ ସମୂହ ଚାମରରେ ଏବଂ ବସ୍ତ୍ରର କମନୀୟତା ପରଦାଠାରେ ଦେଖା ଯାଉଅଛି । ୧୬ ।

ରୂପାଜୀବା—ବେଶ୍ୟା; କନ୍ୟା ସ୍ତମ୍ଭ—କନ୍ୟା ଆକାରରେ ନିର୍ମିତ ଖୁଣ୍ଟ; ରାଗ—ସ୍ନେହ । ଏହି ନଗରର ଗୃହସ୍ତମ୍ଭସମୂହ ନାରୀ ଆକାରରେ ନିର୍ମିତ ହୋଇ-ଥିବାରୁ ଦୂରରୁ ବେଶ୍ୟା ଭ୍ରମ ଜନ୍ମାଉଅଛି । ଗୃହ ଭିତରୁ ବୀଣାବାଦ୍ୟ ସହିତ ଗାନ ହେଉଥିବାରୁ ଉକ୍ତ ସ୍ତ୍ରୀ ଆକାରର ସ୍ତମ୍ଭମାନେ ଗାଇଲା ପରି ବୋଧ ହେଉଅଛି । ଏଣୁ ଗୃହ ପ୍ରତି ସ୍ନେହ ଜନ୍ମିବା ସ୍ୱାଭାବିକ । ବେଶ୍ୟାମାନେ ନାନା ପ୍ରକାର ସ୍ୱରରେ ଆଳାପ କରି ଲୋକଙ୍କର ସ୍ନେହ ଜନ୍ମାଇଥାନ୍ତି । ସେହି ଉପମା ଏଠାରେ ଦିଆଗଲା । ୧୭ ।

ଦୂରଦେଶ ଜନ—ବିଦେଶୀ; ମଦନରସ—କାମାତୁର; ଧନଧାରଣା—ଧନ ବ୍ୟୟ । କୌଣସି ବିଦେଶୀ ଏମାନଙ୍କୁ ଚାହିଁଦେଲେ କାମାନ୍ଧ ହୋଇ ଧନ ବ୍ୟୟ କରିବାକୁ କୁଣ୍ଠିତ ହେବ ନାହିଁ । ଅନ୍ୟର କଥା କଅଣ ସେ ନିଜର ପ୍ରତିବିମ୍ବ ଦେଖି ଭୟ ପାଇବ । ୧୮ ।

କାଚ ଚତ୍ୱରେ ଦେଖି ଚତ୍ୱର ନ ପଶି । ଗଢ଼ା-କୀର ପଢ଼ାଇବାକୁ ବସି ।
ବେଶୀ-ପରିହାସୀ ଆଗେ ଯେ ପଡ଼ି । ହ୍ରୀ ସାଗରରେ ରହଇ ବୁଡ଼ି । ୧୯ ।
ଏଣୁ ସେ ପୁର ରହସ୍ୟ ନିବାସ । ତହିଁ ନରେଶ୍ୱର ଉପମା କିସ ।
ନୃପନ୍ତମାନେ ମହାଦେବ କନ୍ତି । ରାଜା ଚୂଡ଼ାମଣି ହେବାରୁ ସେହି । ୨୦ ।
ପୁଣି ତ୍ରିପୁର-ବିଜୟୀ ସ୍ୱଭାବେ । କୁମାର ଗଣ ପଦତଳେ ସେବେ ।
ମହିମା ଡାକ ଅନୁକ୍ଷଣେ ଶୁଭେ । ବିଶ୍ୱାନନ୍ଦକ ହୋଇ ନାମ ଶୋଭେ । ୨୧ ।

---

ଚତ୍ୱର—ଅଗଣା; ଗଢ଼ା—ନିର୍ମିତ; କୀର—ଶୁଆ; ହ୍ରୀ-ହ୍ରୀ—ଲଜ୍ଜା । ନିଜ ପ୍ରତିବିମ୍ବରେ ଭ୍ରମ ପାଇ ସେ କାଚ ନିର୍ମିତ ଅଗଣାରେ ଶୀଘ୍ର ପଶନ୍ତି ନାହିଁ । ସେମାନେ ହାତଗଢ଼ା ଶୁଆକୁ ଜୀବନ୍ତ ମନେ କରି ତାଙ୍କୁ ପଢ଼ାଇବାକୁ ଆରମ୍ଭ କରନ୍ତି ଯିଏ ବେଶୀ ଥଟ୍ଟାହେବା ଲୋକ ଆଗରେ ପଡ଼ିଯାଏ ସେ ଲଜ୍ଜାରେ ବୁଡ଼ିଯାଏ । ୧୯ ।

ନରେଶ୍ୱର—ନରମାନଙ୍କର ପ୍ରଭୁ (ରାଜା); ଚୂଡ଼ାମଣି—ଶିରୋଭୂଷଣ (ରାଜାଧିରାଜ) । ଏହି କାରଣରୁ ଏହି ନଗରୀ ସମସ୍ତ ପ୍ରକାର ରହସ୍ୟର ବାସସ୍ଥାନ ହୋଇଅଛି ଅର୍ଥାତ୍ ସେହି ନଗରୀରେ ସବୁ ପ୍ରକାର ରହସ୍ୟ ପୂରି ରହିଅଛି । ଏଭଳି ନଗରୀର ରାଜାଙ୍କର କି ଉପମା ଦେଇ ହେବ । ମହାଦେବଙ୍କ ମସ୍ତକରେ ଚନ୍ଦ୍ର ଥିବାରୁ ତାଙ୍କୁ ଚନ୍ଦ୍ରମଣି କୁହାଯାଏ । ଏ ରାଜା ଅନ୍ୟ ରାଜାମାନଙ୍କର ଅଧିରାଜ ଅର୍ଥାତ୍ ଚୂଡ଼ାମଣି ହୋଇଥିବାରୁ ଅନ୍ୟ ଅଧୀନ ରାଜାମାନେ ଏବଂ ଲୋକମାନେ ତାଙ୍କୁ ରାଜଚୂଡ଼ାମଣି କହନ୍ତି । ୨୦ ।

ତ୍ରିପୁର—ତ୍ରିପୁର ନାମକ ଅସୁର; ତିନି ପୁର; କୁମାର—କାର୍ତ୍ତିକେଶ୍ୱର, ପୁତ୍ର; ଗଣ—ଭୂତପ୍ରେତ ଆଦି; କୁମାରଗଣ—ପୁତ୍ରମାନେ, ବିଶ୍ୱାନନ୍ଦକ—ସଂସାର ଆନନ୍ଦକାରୀ; ବିଶ୍ୱାନନ୍ଦକ ରାଜାଙ୍କର ନାମ । ମହାଦେବ ତ୍ରିପୁର ଅସୁର ଜିଣିଥିଲେ, ଏହି ରାଜା ମଧ୍ୟ ତ୍ରିପୁର ଅର୍ଥାତ୍ ତିନିପୁର ଜିଣିଅଛନ୍ତି । ମହାଦେବଙ୍କୁ କାର୍ତ୍ତିକେଶ୍ୱର ଏବଂ ଭୂତ ପ୍ରେତ ସେବା କରନ୍ତି । ଏହି ରାଜାଙ୍କୁ କୁମାରଗଣ ଅର୍ଥାତ୍ ରାଜପୁତ୍ରମାନେ ସେବା କରୁଅଛନ୍ତି । ମହାଦେବଙ୍କ ଅନ୍ୟ ନାମ ବିଶ୍ୱାନନ୍ଦକ ଅର୍ଥାତ୍ ବିଶ୍ୱର ଆନନ୍ଦଦାତା, ଏ ରାଜାଙ୍କର ନାମ ମଧ୍ୟ ବିଶ୍ୱାନନ୍ଦକ । ମନ୍ଦିରରେ ସେବକମାନେ ମହାଦେବଙ୍କୁ ମହିମା ମହିମ ଡାକ ଦେଉଥାନ୍ତି, ଏ ରାଜାଙ୍କର ସେବକମାନେ ରାଜାଙ୍କୁ ମହିମା ମହିମା ଡାକ ଦେଉଥାନ୍ତି । ଏଣୁ ରାଜାଙ୍କୁ ମହାଦେବଙ୍କ ସଙ୍ଗେ ଉପମା ଦିଆଯାଇଅଛି । ୨୧ ।

ପାଟମହାଦେବୀ ବିଚିତ୍ରକଳା । ପାର୍ବତୀ କରେ କି କ୍ଷିତିରେ ଲୀଳା ।
ଗଉରୀ ହୋଇ ପ୍ରଶଂସା ପାତର । ଦେବୀବୃନ୍ଦରେ ତ ସବଙ୍କେ ପର । ୨୨ ।
ରାଜା ରାଣୀଙ୍କ ନନ୍ଦନୀ ପ୍ରାପତ । ଇଚ୍ଛାକୁ ଏକା ନ ଛାଡ଼ଇ ଚିତ୍ତ ।
ସଚିବ ନାମ ସେ ବୁଦ୍ଧିସାଗର । ସେ ଦିନେ ଜଣାଇଲା ଯୋଡ଼ି କର । ୨୩ ।
ଭୂଦେବମାନେ ଯଜ୍ଞ କରିବାରେ । ବହୁତ ସୁବର୍ଣ୍ଣ ଗଣି ଦେବାରେ ।
ଘନମୟ ପରି ସଦା ଆକାଶ । ଅତିଥି ପୂଜନେ ଧର୍ମ ପ୍ରକାଶ । ୨୪ ।
ଯାଚକ କାମନା ସମ୍ପୂର୍ଣ୍ଣ କରି । ବଇରୀ-ବୃନ୍ଦର ଅର୍ଥକୁ ହରି ।
ଉଦିତ ତ୍ରିବର୍ଗ ଆମ୍ଭପୁରରେ । ସମର୍ଥ ତ୍ରିତାପ ନାଶିବାରେ । ୨୫ ।
ରାମନାମକୁ ଜପ କରୁଥାଇ । ମୋକ୍ଷରେ ଆଉ ସେ ସଂଶୟ ନାହିଁ ।
ସାକ୍ଷାତେ କରନ୍ତାଇ ଦରଶନ । ଯିବା କି ବାରେ ବଦରିକା-ବନ । ୨୬ ।

---

ଗୌରୀ—ଗୌର ବର୍ଣ୍ଣ, ପାର୍ବତୀ; ବିଚିତ୍ରକଳା—ରାଜାଙ୍କ ଶ୍ରେଷ୍ଠ ରାଣୀଙ୍କ ନାମ । ମହାଦେବଙ୍କ ସ୍ତ୍ରୀଙ୍କ ନାମ ପାର୍ବତୀ ଓ ଗୌରୀ । ପାର୍ବତୀ ସବୁ ଦେବୀ ମଧ୍ୟରେ ଶ୍ରେଷ୍ଠା । ଏହି ରାଜାଙ୍କର ପାଟରାଣୀଙ୍କ ନାମ ବିଚିତ୍ରକଳା, ସେ ପୁଣି ଗୌରାଙ୍ଗୀ ଓ ସବୁ ରାଣୀଙ୍କ ଭିତରେ ଶ୍ରେଷ୍ଠା । ଏଣୁ ରାଣୀଙ୍କୁ ଦେଖିଲେ ମନେହୁଏ ପାର୍ବତୀ ଦେବୀ କଅଣ ପୃଥିବୀ ଉପରେ କ୍ରୀଡ଼ା କରୁଅଛନ୍ତି କି ? । ୨୨ ।

କନ୍ୟାଟିଏ ପାଇବା ଇଚ୍ଛା ରାଜା ରାଣୀଙ୍କର ସବୁବେଳେ ଭାବନା । ରାଜାଙ୍କର ବୁଦ୍ଧିସାଗର ନାମକ ମନ୍ତ୍ରୀ ଦିନେ ହାତ ଯୋଡ଼ି ରାଜାଙ୍କୁ ଜଣାଇଲେ । ୨୩ ।

ଭୂଦେବ—ବ୍ରାହ୍ମଣ; ଘନମୟ—ମେଘାଚ୍ଛନ୍ନ । ବ୍ରାହ୍ମଣମାନେ ଘୃତାହୁତି ଦେଇ ଯଜ୍ଞ କରିବାରୁ ଯଜ୍ଞ ଧୂମରେ ଆକାଶ ମେଘାଚ୍ଛନ୍ନ ପରି ଦିଶୁଅଛି । ଯଜ୍ଞରେ ଅତିଥି ଅଭ୍ୟାଗତଙ୍କୁ ବହୁତ ସୁନା ଦାନ ଦିଆ ଯିବାରୁ ବେଶୀ ପୁଣ୍ୟ ପ୍ରକାଶ ପାଉଛି । ୨୪ ।

ଯାଚକ—ପ୍ରାର୍ଥୀ, ହରି—ଲୁଟି କରି; ତ୍ରିତାପ—ଆଧ୍ୟାତ୍ମିକ, ଆଧିଦୈବିକ ଏବଂ ଆଧିଭୌତିକ ଏହା ହେଉଛି ତ୍ରିତାପ; ତ୍ରିବର୍ଗ—ଚତୁର୍ବର୍ଗରୁ ମୋକ୍ଷକୁ ବାଦ ଦେଇ ବାକୀ ଧର୍ମ, ଅର୍ଥ ଓ କାମ ଏହି ତିନିଙ୍କୁ ତ୍ରିବର୍ଗ କୁହାଯାଏ । ଏହି ନଗରୀରେ ଆପଣ ଶତ୍ରୁମାନଙ୍କ ଧନରତ୍ନ ଲୁଟି ଆଣି ରଖି-ଅଛନ୍ତି ଏବଂ ଗରିବ ଦୁଃଖୀ ଓ ପ୍ରାର୍ଥୀଙ୍କ କାମନା ପୂର୍ଣ୍ଣ କରୁଅଛନ୍ତି । ଏଣୁ ଆମ୍ଭର ନଗରୀ ତ୍ରିବର୍ଗ ଦେବାକୁ ଏବଂ ତ୍ରିତାପ ନାଶ କରିବାକୁ ସକ୍ଷମ ଅଟେ । ୨୫ ।

ଆମ୍ଭେମାନେ ସଦା ରାମ ନାମ ଜପ କରୁ ଥିବାରୁ ମୋକ୍ଷ ପାଇବାରେ ସନ୍ଦେହ ନାହିଁ । ଏବେ ମାତ୍ର ବଦରିକା ତୀର୍ଥକୁ ଯାଇ ମହାପ୍ରଭୁଙ୍କ ସ୍ୱରୂପ ଦର୍ଶନରେ ମନ ବଳୁଅଛି, ଆପଣ ଯିବେ କି ? । ୨୬ ।

ସୁରେ ଆସିଥାନ୍ତି ସେହି ନଗରେ । ଭେଟ ହୋଇବା ତାହାଙ୍କ ସଙ୍ଗରେ ।
ପଥେ ଅଜୟ ଥିଲେ କେହି କେହି । ମହିମା ଆରମ୍ଭ କରିବା ତହିଁ । ୨୭ ।
ବଚନ ଯୋଗାଇ ଅବଧାନଙ୍କୁ । ରାଜା ବଚନ କଲେ ସାଜ ସୈନ୍ୟଙ୍କୁ ।
ପଦାତି-ପନ୍ତି ଯେ ମହାଭୈରବ । କରିବାରେ ବହଗତ ତାଣ୍ଡବ । ୨୮ ।
ଲକ୍ଷି ହୋଇ ନଦୀ ଅରଣ୍ୟ ସଙ୍ଗେ । ମଞ୍ଜୁଳ ସଫରି ଖଡ୍ଗ-ରଙ୍ଗେ ।
ରାଗ-ସଂଯୁକ୍ତରୁ ଉତ୍ତମ ଗୀତ । ହୁଁ ହୁଁ କରିବାରେ ମତ୍ତକପୋତ । ୨୯ ।
ପେଚକ କରଟ କଣ୍ଟକ କରି । ମହାଗିରି ପ୍ରାୟ ଉତ୍ତୁଙ୍ଗ କରୀ ।
ଦାନ-ବାରିରୁ ଘନାଘନ ପଦ । ଉଚିତ ସିନା ହେବାରି କୋବିଦ । ୩୦ ।

---

ସ୍ୱର୍ଗରୁ ଦେବ ଦେବୀମାନେ ବଦରିକା ତୀର୍ଥକୁ ଆସନ୍ତି । ସେମାନଙ୍କ ସହିତ ଦେଖା ହେବ । ସିବା ବାଟରେ ଯଦି ଆମର ଅଜଣା କେହି ରାଜା ଥିବ ତାକୁ ମଧ୍ୟ ମାରି ନିଜର ମହିମା ଦେଖାଇବା । ୨୭ ।

ତାଣ୍ଡବ—ଏକପାଦରେ ବୁଲି ନୃତ୍ୟ । ମହାଦେବ ଏହା କରିଥାନ୍ତି । ଯୋଗାଇ—ପସନ୍ଦ ହେବା । ମନ୍ତ୍ରୀଙ୍କର ଏହି ବଚନ ରାଜାଙ୍କ ମନକୁ ପାଇଲା । ସେ ସୈନ୍ୟବଳ ସାଜ ଯାତ୍ରା ଅରମ୍ଭ କଲେ । ପଦାତିକ ସୈନ୍ୟମାନେ ବୁଲି ବୁଲି ଡେଇଁ ଡେଇଁ ଚାଲିବାରୁ ଭୟଙ୍କର ଦେଖାଗଲେ । ୨୮ ।

ସଫରି—ଦଣ୍ଡକରୀ ମାଛ ଆଉ ଫରି ସହିତ ଯେ ସେ ସଫରି ଅର୍ଥାତ୍ ଢାଲ; ଖଡ୍ଗ—ଗଣ୍ଡାର ସିଙ୍ଗ, ଖଣ୍ଡା । କବି ଏଠାରେ ସୈନ୍ୟମାନଙ୍କୁ ନଦୀ ଏବଂ ଅରଣ୍ୟ ସଙ୍ଗେ ଉପମା ଦେଇଅଛନ୍ତି । ନଦୀରେ ଦଣ୍ଡକରୀ ମାଛ ସୁନ୍ଦର ଦିଶେ, ସେହିପରି ସୈନ୍ୟମାନେ ଢାଲ ସହିତ ସୁନ୍ଦର ଦେଖାଯାଉଅଛନ୍ତି । ଅରଣ୍ୟରେ ଗଣ୍ଡାମାନେ ରହିବାରୁ ସୁନ୍ଦର ଦିଶେ, ସୈନ୍ୟମାନେ ଖଣ୍ଡା ଧରି ସୁନ୍ଦର ଦେଖାଯାଉଅଛନ୍ତି । ସେମାନେ ସ୍ୱର ମିଳାଇ ଭଲ ଭାବରେ ଗୀତ ଗାଇ ଚାଲୁଛନ୍ତି, ବଣରେ ମଧ୍ୟ ଉନ୍ମତ କପୋତର ହୁଙ୍କୃତ ଧ୍ୱନି ଶୁଣାଯାଏ । ୨୯ ।

ପେଚକ—ପେଚ୍ଛ, ଲଙ୍ଗୁଳର ବାଳ; କରଟ—କାଉ କଣ୍ଟକ—ସୈନ୍ୟଦଳ, ପର୍ବତର ସାନୁ, ନଗର; କରଟ—ଗଣ୍ଡଦେଶ, କଣ୍ଟକ—ଦନ୍ତ ବଳୟ, ଦାନବାରି—ମଦଜଳ; ଘନାଘନ—ମତ୍ତହସ୍ତୀ, ବର୍ଷୁକ ମେଘ; ଉତ୍ତୁଙ୍ଗ—ଉଚ୍ଚ; କରୀ—ହସ୍ତୀ । ସୈନ୍ୟବାହିନୀର ଉଚ୍ଚ ହସ୍ତୀମାନେ ବଡ଼ ପର୍ବତ ସଙ୍ଗେ ସମାନ । ମହା ଗିରିରେ ପେଚ୍ଛ, କାଉ ଆଉ ସାନୁ ବା ମଧ୍ୟଦେଶ ଥାଏ, ହସ୍ତୀମାନେ ମଧ୍ୟ ପେଚକ ଅର୍ଥାତ୍ ଲଙ୍ଗୁଳର ପୁଚ୍ଛକେଶ କରଟ ବା ଗଣ୍ଡଦେଶ କଣ୍ଟକ ଅର୍ଥାତ୍ ଦନ୍ତବଳୟ ପ୍ରଭୃତିରେ ପରିଶୋଭିତ । ଆହେ ପଣ୍ଡିତଗଣ ହସ୍ତୀମାନଙ୍କ ଗଣ୍ଡଦେଶରୁ ମଦଜଳ ବହୁଥିବାରୁ ତାକୁ ବର୍ଷୁକ ମେଘ ବୋଲି କହିବା ଉଚିତ ହୋଇଅଛି । ୩୦ ।

ହୟ ହରିନାମ ବିକ୍ରମବଶେ । ଖୁରି ମାରିବାରୁ ଜ୍ୟୋତିଷ କି ସେ ।
ଘଣ୍ଟ ଛନ୍ଦିତ ବିଶ୍ୱପ୍ରଶିତ୍ଥିକ । ବାଜଣୀ ନୂପୁର ବାନ୍ଧ ନର୍ତ୍ତକୀ । ୩୧ ।
କଣ୍ଠ-ମଣି ଯେଣ୍ଣ ଯେମନ୍ତ ରବି । ବାଜ ବନ୍ଧିବାରୁ ଶିକାରୀ ଛବି ।
ରଥରସ୍ତ ମହାପୁରୁଷବନ୍ତ । ଉଚ୍ଚ ଜାତକରେ ଅରି-ସେବନ୍ତ । ୩୨ ।
ଦିବ୍ୟ ନାୟିକା ପୁଣି ଆଲିଙ୍ଗିତ । ସୁତ-କ୍ରୀଡ଼ାରେ ହୋଇଛନ୍ତି ବନ୍ଦିତ ।
ଗବ କରି ଊର୍ଦ୍ଧ୍ୱେ ବାନା ଉଡ଼ାଇ । ଏମନ୍ତେ ଚତୁରଙ୍ଗ ଚଳି ଯାଇ । ୩୩ ।

---

ହୟ—ଘୋଡ଼ା; ବିକ୍ରମ—ପରାକ୍ରମ; ଖୁରି—ସମୟମାପକ ଯନ୍ତ୍ର ବା ଜଳଘଡ଼ି; ଖୁରିମାରିବା—ସମୟ ଜଣାଇବା; ହରି—ପବନ, ଘୋଡ଼ାମାନଙ୍କୁ ହରିବା ପବନ କହନ୍ତି । ସେମାନେ ବେଗରେ ଖୁରା ମାରୁଅଛନ୍ତି । ତହିଁ ଶବ୍ଦରେ ମନେ ହେଉଛି ଜ୍ୟୋତିଷମାନେ ଖୁରି ଯନ୍ତ୍ରରେ ସମୟ ଜଣାଇବା ପାଇଁ ଘଣ୍ଟା ବଜାଉଅଛନ୍ତି କି ? ଘୋଡ଼ାର ଟାପୁ ୨ୟା ତିଥିର ଚନ୍ଦ୍ରପରି । ସେମାନଙ୍କ ଗୋଡରେ ନୂପୁର ବନ୍ଧା ହୋଇଅଛି । ଏହା ନର୍ତ୍ତକୀ ପାଦର ନୂପୁର ଧ୍ୱନି ପରି ଶୁଭୁଅଛି । ୩୧ ।

ବାଜ—ଫେଣ, ଲଞ୍ଜାଣ; ଅରି—ଚକ୍ର ଓ ଶତ୍ରୁ; ଉଚ୍ଚଜାତକ—ଉଚ୍ଚ-କୋଷ୍ଠି; ଅରି—ସେବିତ, ଶତ୍ରୁ-ସେବିତ, ରବି—ସୂର୍ଯ୍ୟ । ସୂର୍ଯ୍ୟଙ୍କ ଗଳ-ଦେଶରେ ଯେପରି ମଣି ଅଛି, ଏହି ଅଶ୍ୱମାନଙ୍କ ଗଳାରେ ସେହିପରି ମଣି ରହି-ଅଛି । ଘୋଡ଼ାମାନଙ୍କ ମୁହଁରୁ ଫେଣ କି ବାଜ ବାହାରୁଅଛି ଏଣୁ ସେମାନେ ଲଞ୍ଜାଣ ପରି ଶିକାରୀ ଅଟନ୍ତି । ଲୋକମାନଙ୍କ ଜନ୍ମକୋଷ୍ଠୀରେ ଚନ୍ଦ୍ର ଉଚ୍ଚରେ ଥିଲେ ତାଙ୍କୁ ଉନ୍ନତ କୋଷ୍ଠୀ ଯୁକ୍ତ ମହାପୁରୁଷ କୁହାଯାଏ । ଏହି ସୈନ୍ୟ ଦଳର ରଥ ଚକ ସବୁ ଉଚ୍ଚ । ଉଚ୍ଚ ସେନାପତି ଅରି ଅର୍ଥାତ୍ ଶତ୍ରୁକୁ ଆପଣା ଅଧୀନ କରିଥାଏ । ଏହି ଉଚ୍ଚ ଚକବିଶିଷ୍ଟ ରଥ ସବୁ ଶତ୍ରୁକୁ ଦମନ କରୁଅଛନ୍ତି । ୩୨ ।

ନାୟିକା—ସ୍ତ୍ରୀ ଓ ସ୍ତ୍ରୀଆକାର ବିଶିଷ୍ଟ ଖୁଣ୍ଟ; ସୁତ—ପୁତ୍ର, ସାରଥି; ଚତୁରଙ୍ଗ—ଗଜ, ବାଜୀ, ରଥ ଓ ପଦାତି; ଦିବ୍ୟ—ସୁନ୍ଦର । ମହାପୁରୁଷମାନେ ସୁନ୍ଦରୀ ସ୍ତ୍ରୀଙ୍କ ସଙ୍ଗରେ ସୁତକ୍ରୀଡ଼ା ବା ପୁତ୍ର ଉତ୍ପନ୍ନ କ୍ରୀଡ଼ାରେ ଯୁକ୍ତ ହୋଇଥାନ୍ତି, ସେହିପରି ଏହି ରଥମାନ ସୁନ୍ଦର ନାୟିକା ଆକାରର ଖୁଣ୍ଟଯୁକ୍ତ ହୋଇଅଛି ଏବଂ ରଥ ଚାଳନାରେ ସୁତ ବା ସାରଥୀ ବିବିଧ କୌଶଳ ଦେଖାଉଅଛନ୍ତି । ଚତୁରଙ୍ଗ ସୈନ୍ୟ ଅର୍ଥାତ୍ ଗଜାରୋହୀ, ଅଶ୍ୱାରୋହୀ, ରଥାରୋହୀ ଓ ପଦାତି ଗର୍ବରେ ଉପରେ ପତାକା ଉଡ଼ାଇ ଚାଲି ଯାଉଅଛନ୍ତି । ୩୩ ।

କ୍ଷୋଦବଶରେ ଭାନୁ-ତେଜ ହରେ । ତମ-ଗ୍ରସ୍ତ ଏ ଭ୍ରମ ଜ୍ୟୋତିଷରେ ।
ତମ-ଗ୍ରସ୍ତରେ ଗୃହନାଶ୍ୱ ମାତ୍ର । ଦୀପ ଦୀପକ କରିବା ବିଚିତ୍ର । ୩୪ ।
ନଶାଣେ ଦ୍ୱିପମାନେ ଚମକିଲେ । ଦ୍ୱାରେ ଥିବ ଦ୍ୱିପମାନେ ଶଙ୍କିଲେ
ଶ୍ରୀନଗରୁ ଆଦ୍ୟବର୍ଣ୍ଣ ଲୁଟିଲେ । ଘୋଷବାସୀ ପ୍ରାୟ ଆସି ଭେଟିଲେ । ୩୫ ।
ଆଗ ହୋଇଲେ ସେ ମାର୍ଗ ଦେଖାଇ । ପାପହ୍ରା ଗଙ୍ଗାକୂଳେ ହେଲେ ଯାଇ ।
ସହଜେ ସୀତା ପାତାଳଗାମିନୀ । ହଇମବତୀ ଶଙ୍କର-ମୋହିନୀ । ୩୬ ।
ରୁଚିର-ଧାରା ସେ ବୃଷା-ନନ୍ଦଦାୟୀ । ଅମୃତ-ନିଧି ବିଷ୍ଣୁ-ପଦସ୍ଥାୟୀ ।
ସିନ୍ଧୁର-ବର-ତୋଷ ଦାନ-କାରୀ । ଖଷ୍ଟ-ସ୍ୱରୂପେ ପଣ୍ଡିତ ନମସ୍କାରି । ୩୭ ।

---

କ୍ଷୋଦ—ଧୂଳି, ଭାନୁ—ସୂର୍ଯ୍ୟ; ତମ—ଅନ୍ଧାର, ରାହୁ; ସୈନ୍ୟବଳର ଗମନ ବେଳେ ଧୂଳି ଉଡ଼ି ସୂର୍ଯ୍ୟଙ୍କ ତେଜ ଲୋପ କରୁଅଛି । ଜ୍ୟୋତିଷ ମତରେ ପର୍ବଗ ବେଳେ ରାହୁ ସୂର୍ଯ୍ୟଙ୍କୁ ଗ୍ରାସକରେ ବୋଲି କୁହାଯାଏ ମାତ୍ର ଏହା ଭ୍ରମାତ୍ମକ । ରାହୁ ଗ୍ରାସ କଲାବେଳେ ଗୃହ ନାଗମାନେ ଅନ୍ଧାର ଯୋଗୁଁ ଦୀପ ଜାଳନ୍ତି ନାହିଁ । ମାତ୍ର ସୈନ୍ୟମାନଙ୍କ ପାଦଧୂଳିରେ ଏପରି ଗାଢ଼ ଅନ୍ଧାର ମାଡ଼ିଲା ଯେ ଗୃହନାଶ୍ୱ ଦୀପ ଜଳାଇଲେ । ଏହା ବିଚିତ୍ର । ୩୪ ।

ନଶାଣେ – ନାଗରା ଶବ୍ଦରେ; ଦ୍ୱିପ—ଦୁଇ ଇନ୍ଦ୍ରିୟରେ ଯିଏ ପାନକରେ, ଅର୍ଥାତ୍ ହାତୀ; ଶ୍ରୀନଗର—କାଶ୍ମୀର; ଘୋଷବାସୀ—ଗଉଡ଼ । ନାଗରା ବାଜିବାରୁ ହସ୍ତୀମାନେ ଚମକିଲେ । ତାଙ୍କ ସଙ୍ଗକୁ ଦ୍ୱାର ଗଜମାନେ ଅର୍ଥାତ ଦଶଦିଗ ଶଙ୍କା କଲେ । ଏହି ସୈନ୍ୟବଳ କାଶ୍ମୀର ଦେଶର ରାଜଧାନୀ ଶ୍ରୀନଗର ଠାରୁ ଆଦ୍ୟବର୍ଣ୍ଣ ଅର୍ଥାତ୍ ଶ୍ରୀ ଲୁଟି କରିବାରୁ ସେଠାର ଅଧିବାସୀମାନେ ଗଉଡ଼-ମାନଙ୍କ ପରି ଆସି ଦୀନ ଭାବରେ ସାକ୍ଷାତ କଲେ । ୩୫ ।

ପାପହା—ପାପ ହାରିଣୀ; ସୀତା ପାତାଳଗାମିନୀ—ସୀତା ପାତାଳରେ ପ୍ରବେଶ କରିଥିଲେ; ହଇମବତୀ ହୈମବତୀ – ହିମାଳୟର କନ୍ୟା । ଶ୍ରୀନଗରର ଲୋକମାନେ ଆଗେ ଆଗେ ବାଟ ଦେଖାଇ ଚାଲିଲେ । ଯାଇ ଯାଇ ସେମାନେ ପାପହାରିଣୀ ଅର୍ଥାତ୍ ଗଙ୍ଗା କୂଳରେ ପହଞ୍ଚିଲେ । ସେ ଗଙ୍ଗା ସୀତାଙ୍କ ପରି ପାତାଳକୁ ଯାଇଅଛନ୍ତି ଏବଂ ଶିବଙ୍କୁ ମୋହିତ କରୁଅଛନ୍ତି । ହିମାଳୟର କନ୍ୟା ମଧ୍ୟ ଶିବଙ୍କୁ ବିବାହ କରିଅଛନ୍ତି । ୩୬ ।

ରୁଚିର-ଧାରା—ସୁନ୍ଦର ଧାରା, ଶୁଚିଧାରା—ଇନ୍ଦ୍ର ପତ୍ନୀ, ଶଚୀ ଦେବୀଙ୍କର ନାମ; ବୃଷାନନ୍ଦ ଦାୟୀ—ବୃଷା ଅର୍ଥାତ୍ ଇନ୍ଦ୍ରଙ୍କ ଆନନ୍ଦ ଦାୟୀ, ଶ୍ରେଷ୍ଠ ଆନନ୍ଦ ଦାୟୀ; ଅମୃତ ନିଧି—ସୁଧା, ନିଧି—ଚନ୍ଦ୍ର, ଜଳ; ବିଷ୍ଣୁପଦ—ଆକାଶ ଓ ବିଷ୍ଣୁଙ୍କ ପାଦ; ସିନ୍ଧୁର-ବର—ସମୁଦ୍ରର ଶ୍ରେଷ୍ଠ; ସିନ୍ଧୁରବର—ଐରାବତ; ଦାନ—ଦେବା ଓ ଖଣ୍ଡନ କରିବା । ଏହି ଗଙ୍ଗା ସୁନ୍ଦର ଧାରଯୁକ୍ତା ପୁଣି ଶୁଚିଧାରା ଅର୍ଥାତ୍ ଶଚୀ ଦେବୀଙ୍କ ପରି ଇନ୍ଦ୍ରଙ୍କର ଆନନ୍ଦଦାୟିନୀ, ପୁଣି ସାଧାରଣରେ

ସୁରଶ ଶୁଭୁଁ ଦରଶନ ସାର । ଏକ ଅସୁରେ ଦିବ୍ୟ ହଂସ ଧରି ।
ଖଟସ୍ୱର-ମାର୍ଗେ କରି ବଦନ । ଅଜସ୍ର ହୋଇ କରୁଛି ଗମନ । ୩୮ ।
ବୋଲୁଛି ରଖି ଧାତା ବାହନକେ । ପଡ଼ିଲୁ ମୋ ମୁଖେ ଆଖେଟକାଳେ ।
ସଞ୍ଜ ଥୋଇବାକୁ ମୁଁ ନୁହେ ଶଙ୍ଖ । ହେଲୁ ପାଦଗନ୍ତି ଚତୁରମୁଖ । ୩୯ ।
ନରେଶ ଏ ବାଣୀ ସହୁଁ ଶୁଣିଲେ । ତୁରଙ୍ଗମକୁ ଧୂଆଁଇ ଧାଣିଲେ ।
ସୁରଙ୍ଗତର ହୋଇ ତରବାରି । ଦିଶିଲା କିଂଶୁକ-କଳିକା ପରି । ୪୦ ।
ମୁଣ୍ଡ ପଡ଼ି ଖଣ୍ଡଶୈଳ ପରାଏ । ରକ୍ତେ ରେ ବ୍ୟକ୍ତ ଗୈରିକ ଧାର ଏ ।
ରାଜା ପୁଚ୍ଛା କଲେ କହିଲା ହଂସ । ହେ ଲୋମପାଦ-ବଂଶ ଅବତଂଶ । ୪୧ ।

---

ଶ୍ରେଷ୍ଠ ଆନନ୍ଦପ୍ରଦା । ଯେପରି ସୁଧାନିଧି ଅର୍ଥାତ୍ ଚନ୍ଦ୍ର ଅମୃତର ଭଣ୍ଡାର ଏବଂ ବିଷ୍ଣୁପଦ ଅର୍ଥାତ୍ ଆକାଶରେ ଥାଏ, ଏ ସେପରି ଆକାଶ ଗଙ୍ଗା ହୋଇ ବିଷ୍ଣୁଙ୍କ ପଦରେ ରହିଛି । ଚନ୍ଦ୍ର ସମୁଦ୍ରକୁ ଶ୍ରେଷ୍ଠ ସୁଖ ଦେଇଥାଏ ଏବଂ ସିନ୍ଧୁରବର ଅର୍ଥାତ୍ ଐରାବତର ଦର୍ପ ଖଣ୍ଡନ କରିଥାଏ । ଗଙ୍ଗା ପୁଣି ଗ୍ରୀଷ୍ମଙ୍କ ଜନନୀ ହୋଇ ସପ୍ତବସୁ ମାନଙ୍କୁ ଶାପରୁ ଉଦ୍ଧାର କରିଥିଲେ । ୩୭ ।

ଅସୁର—ଅସୁର; ଖଟସ୍ୱର ମାର୍ଗ—ଆକାଶ ପଥ; ଅଜସ୍ର—ସର୍ବଦା । ଗଙ୍ଗାକୁ ଦର୍ଶନ କରି ତହିଁରେ ସ୍ନାନ କରିବାକୁ ବିଚାର କଲାବେଳେ ଦେଖିଲେ ଗୋଟିଏ ଅସୁର ଅତି ସୁନ୍ଦର ହଂସଟିଏ ଧରି ଆକାଶ ଆଡ଼କୁ ମୁହଁ କରି ଦୌଡ଼ିବାରେ ଲାଗିଛି । ୩୮ ।

ଆଖେଟ—ଶିକାର; ଶଙ୍ଖ—ଶଙ୍ଖାସୁର; ଚତୁରମୁଖ—ବ୍ରହ୍ମା । ଦଉଡ଼ିଲା-ବେଳେ ସେହି ରାକ୍ଷସ ହଂସକୁ କହୁଛି ମୋ ଶିକାରବେଳେ ତୁ ମୋ ହାତରେ ପଡ଼ିଲୁ । ଶଙ୍ଖାସୁର ଯିନା ବେଦ ଚୋରି କରି ସମୁଦ୍ରରେ ଲୁଚାଇ ଥିଲା ବୋଲି ତାହା ପୁଣି ବ୍ରହ୍ମାଙ୍କୁ ମିଳିଥିଲା ମାତ୍ର ମୁଁ ତୋତେ ସଞ୍ଚୟ କରି ରଖିବି ନାହିଁ । ଆଜିଠାରୁ ଚତୁର୍ମୁଖ ବ୍ରହ୍ମା ହଂସ ବାହାନରେ ପାଦରେ ଚାଲିବେ । ୩୯ ।

ଧୂଆଁଇ—ଝିପଟାଇ; କିଂଶୁକ କଳିକା—ପଳାଶ କଢ଼; ତୁରଙ୍ଗମ—ଘୋଡ଼ା । ରାକ୍ଷସ ଥିବା କଥା ଶୁଣିପାରି ରାଜା ଘୋଡ଼ା ଦଉଡ଼ାଇ ତାକୁ ହାଣି ପକାଇଲେ । ତାଙ୍କ ତରବାରି ରକ୍ତରେ ଅତ୍ୟନ୍ତ ଲାଲ ହୋଇ ପଳାଶ କଢ଼ ପରି ଦିଶିଲା । ୪୦ ।

ଗୈରିକ ଧାର—ଗିରିରୁ ଉଦ୍‌ଗତ ଧାର ପୁଣି ଗେରୁରଙ୍ଗର ଧାରା; ଖଣ୍ଡଶୈଳ—ପ୍ରକାଣ୍ଡ ପଥରଖଣ୍ଡ; ଅବତଂଶ—ମୁକୁଟମଣି, ହାଣ ଖାଇ ସେହି ରାକ୍ଷସର ମୁଣ୍ଡ ଏକ ପ୍ରକାଣ୍ଡ ପଥର ପରି ପଡ଼ିଲା । ତହିଁରୁ ପର୍ବତରୁ ପାଣିଧାର ବହିଲା ପରି ରକ୍ତଧାର ବୋହିଲା । ରାଜା ସେହି ହଂସକୁ ପଚାରନ୍ତେ ସେ ଜବାବ ଦେଲା ହେ ଲୋମପାଦ ରାଜବଂଶର ମଉଡ଼ମଣି । ୪୧ ।

ଆତ୍ମଭୂ ନାରାୟଣଙ୍କ ପୂଜନେ । ଆସିଅଛନ୍ତି ବଦରିକାବନେ ।
ମୁଁ ଯେ ବିହରୁ ଜମ୍ବୁନଦ-ସରେ । କଲା ଏ କରଗତ ଏ ହଂସାରେ । ୪୨ ।
ବଜ୍ରପୁରରେ ପୂର୍ବେ ଆମ୍ଭେ ଭେଦ । କଲୁରୁ ଏହା ବଂଶ ଶିରଚ୍ଛେଦ ।
ସେ ମରାଳରାଜ ଯେନ ଚପଳେ । ଭୂପତି ମିଳିଲେ ତ୍ରିକୂଟାଚଳେ । ୪୩ ।
ସ୍ୱୟମ୍ଭୂପାଦେ ପ୍ରଣାମ ବିହିଲା । ଏ କଥାମାନ କାଦମ୍ବ କହିଲା ।
ହରଷେ ଆଜ୍ଞାଦେଲେ ହଂସ-ରଥ । ମାଗ ହେ ରାଜା ଯେ ତୋ ମନୋରଥ ॥
ପ୍ରଜେଶ୍ୱର କରଯୋଡ଼ି ରହିଲେ । ପ୍ରଜାପତି ମତି ଜାଣି କହିଲେ ।
ମନ୍ଦକର୍ଣ୍ଣି କଥା ଶୁଣି ପ୍ରସଙ୍ଗେ । ତପ ତେଜିଲେ ଅପସରୀ ସଙ୍ଗେ । ୪୫ ।
ପ୍ରଧାନ ସେହିତ ସ୍ୱର୍ଗ-ଭୋଗର । ଅଧିକ ସୁଖ ସେ କରି ବିଚାର ।
ଯାଜୁ ହେବ ଶୋଭାବତୀ ନନ୍ଦନା । ପୂର୍ଣ୍ଣ କରିବା ତୋ ଦୁଇ କାମନା । ୪୬ ।

---

ଆତ୍ମଭୂ—ସ୍ୱୟଂଜାତ—ଅର୍ଥାତ୍ ବ୍ରହ୍ମା, ଜମ୍ବୁନଦ—ଜମ୍ବୁନାମକ ହ୍ରଦ । ବ୍ରହ୍ମା ନାରାୟଣଙ୍କୁ ପୂଜା କରିବାକୁ ବଦ୍ରିକା ଆସିଅଛନ୍ତି । ମୁଁ ଜମ୍ବୁନଦ ସରୋବରରେ ମନଖୁସିରେ ବୁଲୁଥିଲାବେଳେ ଏହି ରାକ୍ଷସ ମୋତେ ମାରିବ ବୋଲି ଧରିନେଲା । ୪୨ ।

ବଜ୍ରପୁରରେ—ବଜ୍ରନାମକ ଅସୁରର ପୁରରେ; ମରାଳରାଜ—ଶ୍ରେଷ୍ଠହଂସ ପୂର୍ବକାଳରେ ବଜ୍ରନାମକ ଅସୁର ରାଜ୍ୟରେ ଭେଦ ଅର୍ଥାତ ବିବାଦ ଲଗାଇ ଦେବାରୁ ସେହି ରାକ୍ଷସବଂଶ ହାଣ ଖାଇଥିଲେ । ସେହି ଅହଙ୍କାରରେ ଏହି ରାକ୍ଷସ ମୋତେ ଧରିଥିଲା । ରାଜା ସେହି ଶ୍ରେଷ୍ଠ ହଂସକୁ ଧରି ଶୀଘ୍ର ତ୍ରିକୂଟାଚଳ ନାମକ ସ୍ଥାନରେ ପହଞ୍ଚିଲେ । ୪୩ ।

ସ୍ୱୟମ୍ଭୂ—ବ୍ରହ୍ମା, କାଦମ୍ବ—ରାଜହଂସ, ହଂସରଥ—ବ୍ରହ୍ମା । ବ୍ରହ୍ମାଙ୍କୁ ଭେଟି ହଂସ ଗୋଡ଼ତଳେ ପଡ଼ି ସବୁ କଥା କହିଲା । ତାହା ଶୁଣି ବ୍ରହ୍ମା ଆନନ୍ଦରେ ଆଜ୍ଞାଦେଲେ ହେ ରାଜା ତୁ ମନଇଚ୍ଛା ବର ମାଗ । ୪୪ ।

ପ୍ରଜେଶ୍ୱର—ପ୍ରଜାଙ୍କ ଈଶ୍ୱର ଅର୍ଥାତ୍ ରାଜା; ପ୍ରଜାପତି—ବ୍ରହ୍ମା । ରାଜା କିଛି ନ ମାଗି ହାତ ଯୋଡ଼ି ଚୁପ୍ ରହିବାରୁ ବ୍ରହ୍ମା ତାଙ୍କର ମନ କଥା ଜାଣି କହିଲେ, ମନ୍ଦକର୍ଣ୍ଣି ନାମକ ଋଷି ତପସ୍ୟା ଛାଡ଼ି ଅପ୍ସରାମାନଙ୍କ ସଙ୍ଗରେ ବିହାର କଲେ । ୪୫ ।

ଋଷି ଅପ୍ସରାଙ୍କ ସହିତ ବିହାର କରିବା ସ୍ୱର୍ଗଭୋଗ ଠାରୁ ଅଧିକ ମନେ କରିଥିଲେ । କୌଣସି କଥାରୁ ଏହି ବିଷୟ ଜାଣି ତୁମ୍ଭେ ସେହିପରି ଭୋଗ କରିବାକୁ ଏବଂ ସୁନ୍ଦରୀ କନ୍ୟା ପାଇବାକୁ ଇଚ୍ଛା କରିଅଛ । ଆମ୍ଭେ ତୋର ଏହି ଦୁଇଗୋଟି କାମନା ପୂର୍ଣ୍ଣ କରିବୁଁ । ୪୬ ।

ଗନ୍ଧମାଦନରେ ଆମ୍ଭେ ବସନ୍ତେ । ଗୁପ୍ତ ହୋଇଥାଇ ଖ୍ୟାତ ବସନ୍ତେ ।
ରତିମର୍ଦ୍ଦା ସେ ଅପସରୀବାର । ଶଙ୍ଖ କି ତାକୁ ଅପସରିବାର । ୪୭ ।
ତାକୁ କଳ୍ପବାନ ଭୋଗ କରିବ । ସୂତା ଉପୁଜାଇ ପୁରକୁ ନେବ ।
ନ ଥିଲା କାହିଁ ନୋହିବ ଏ ବାଣୀ । କୁମାରୀଠାରେ ସମ୍ଭବ ପୁଣି । ୪୮ ।
ବୋଲିବ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ । ପ୍ରେମ ଅଙ୍କୁରରୁ ପ୍ରେମ ମଞ୍ଜରୀ ।
ଏ ଆଜ୍ଞା ଦେଇ ରାଜା ଅନୁଗତ । ନାରାୟଣଙ୍କୁ କରି ପ୍ରଣମିତ । ୪୯ ।
ଦେଖିଲେ ସ୍ଥାନ ମହାଗଡ ପ୍ରାନ୍ତ । କୁଣ୍ଡଳ ଗମନେ କରନ୍ତ ଭୟ ।
ସ୍ୱଭାବେ ସ୍ୱର୍ଗ ପୁରକୁ ନିଶ୍ରେଣୀ । ଅପୂର୍ବ ଫଳୀରେ ରୁଚିର ପୁଣି । ୫୦ ।

---

ବସନ୍ତେ—ବସନ୍ତକାଳରେ, ବାସକରନ୍ତେ; ଅପସରିବାର—ଅପ୍ସରା-ସମୂହ ଏବଂ ଅପସରିବାରେ, ହଟିଯିବାରେ; ଶଙ୍ଖ—ଆଶ୍ଚର୍ଯ୍ୟ । ଗନ୍ଧମାଦନ ପର୍ବତରେ ରତିମର୍ଦ୍ଦା ନାମକ ଏକ ଅତି ସୁନ୍ଦରୀ ଓ ଶ୍ରେଷ୍ଠ ଅପ୍ସରା ଅଛି । ସେ ଅନ୍ୟ ସମୟରେ ଗୁପ୍ତ ରହିଥାଏ; ଆମ୍ଭେ ବସନ୍ତ କାଳରେ ସେହି ପର୍ବତରେ ବାସକରୁ । ସେତିକବେଳେ ସେ ପ୍ରକାଶ ପାଏ । ତାହାର ସୁନ୍ଦର ପଣରେ ଅନ୍ୟସବୁ ଅପ୍ସରା ହଟି ଯିବା ଆଶ୍ଚର୍ଯ୍ୟର ବିଷୟ ନୁହେଁ । ୪୭ ।

ତୁମ୍ଭେ ସେଠାରେ କଳ୍ପକାଳ ରହି ତାହାକୁ ଭୋଗ କର । ତାହାଠାରୁ ଝିଅଟିଏ ଜନ୍ମକରାଇ ନିଜ ଘରକୁ ନେବ । ସେ କନ୍ୟାପରି ସୁନ୍ଦରୀ କେହି ନଥିଲ ନାହିଁ କମ୍ବା ଭବିଷ୍ୟତକୁ ଜନ୍ମିବ ନାହିଁ । ୪୮ ।

ତାହାର ନାମ ଦେବ କୋଟିବ୍ରହ୍ମାଣ୍ଡସୁନ୍ଦରୀ କାରଣ କୋଟିଏ ବ୍ରହ୍ମାଣ୍ଡରେ ସେ ଗୋଟିଏ ମାତ୍ର ସୁନ୍ଦରୀ । ସମସ୍ତେ ତାକୁ ଦେଖି ଭାବିବେ ପ୍ରେମ ବୃକ୍ଷରୁ ପ୍ରେମ ଫୁଲ ଫୁଟିଅଛି । ବ୍ରହ୍ମାଙ୍କଠାରୁ ଏପରି ବର ପାଇ ରାଜା ଅନୁଗତ ଭାବରେ ନାରାୟଣଙ୍କୁ ପ୍ରଣାମ କଲେ । ୪୯ ।

ମହାଗଡ—ଶକ୍ତିଶାଳୀ ଗଡ; କୁଣ୍ଡଳ—ସର୍ପ, ବଣିଆ; ନିଶ୍ରେଣୀ—ନିଶୁଣି; ଫଳୀ—ସିଢ଼ିର ମଝି ବା ଗୋଡ଼ରଖିବା କାଠ ଖଣ୍ଡ । ରାଜା ସେହି ବଦରିକାର ଶୋଭା ଦେଖିବାକୁ ଲାଗିଲେ, ସେ ସ୍ଥାନଟି ସତେ ଯେପରି ସାପବିଷ ହରଣକାରୀ ଗଡ ପରି ହୋଇଥିବାରୁ ସାପମାନେ ଭୟରେ ସେଠାକୁ ଯାଆନ୍ତି ନାହିଁ । ଖାଲି କୁଣ୍ଡଳ ବା ସାପ ନୁହେଁ, କୁଣ୍ଡଳ ବା ବଣିଆମାନେ ମଧ୍ୟ ସେଠାକୁ ଯାଆନ୍ତି କାରଣ କୌଣସି ବଣିଆ ନାରାୟଣଙ୍କର ସ୍ୱର୍ଣ୍ଣ ମଣି ନିର୍ମିତ ବିଗ୍ରହରୁ ଆଙ୍ଗୁଠି ଭାଙ୍ଗି ଆଣିଥିଲା ବୋଲି ଅଭିଶାପ ପାଇଥିଲା । ସେ ସ୍ଥାନ ଅର୍ଥାତ୍ ବଦ୍ରିକା ସ୍ୱର୍ଗକୁ ଯିବାର ସାକ୍ଷାତ ନିଶୁଣୀ ପରି । ନିଶୁଣୀରେ ଫଳ ବା ଅପୂର୍ବ ମଝି କାଠଖଣ୍ଡ ଲାଗିଥାଏ । ଆଉ ଏ ବନ ଅପୂର୍ବ ଫଳ ବା ଅଦ୍ଭୁତ ବୃକ୍ଷରେ ମନୋହର ହୋଇଅଛି । ୫୦ ।

ସନ୍ତଧି ଯେଣିକାରୁ ଦିବ୍ୟବାସ । ମାନସେ ବିହରେ ପରମହଂସ ।
ତପେ ସେ ଖ୍ୟାତ ଶୁଚି ଜାତ କରେ । ପ୍ରଖର ହୁଅଇ ଜ୍ୟେଷ୍ଠ ପ୍ରକାରେ ।୫୧।
ରାଜା ଭାବି ତହିଁ ନିତ୍ୟ ଗମନ । କେଦାରେଶ୍ୱରଙ୍କ ନିକଟ ସ୍ଥାନ ।
ସ୍ୱର୍ଣ୍ଣ ସର ତୀର ଚନ୍ଦନ-ବନ । 'ଚ' କାଟି ଯହିଁ 'ନ' ଯୋଗଇ ମନ । ୫୨ ।
ସମାନ ବନେ ଏ କନ୍ୟାକୁ ଯେଣ । ବିହର କହିଗଲେ ପଦ୍ମଯୋନି ।
ସେ ବନ ଯେବେନେ ସେହି ଦମ୍ପତି । ବିରଚନ କଲେ ଅଭେଦ ପ୍ରୀତି । ୫୩ ।
ମାଳା କରି କଲେ କେବଳ କର । ହେଳା କରିଦେଲେ ବିଷୟୁବାର ।
ପାନ କରି ମାତ୍ର କଲେ ଅଧର । ଧ୍ୟାନ କରି କଲେ ଭାବବିହର । ୫୪ ।

---

ଦିବ୍ୟବାସ—ସୁନ୍ଦର ବାସସ୍ଥାନ, ସ୍ୱର୍ଗପୁର; ତପେ—ତପସ୍ୱୀଙ୍କ ତପସ୍ୟା; ତାପ ତେଜ; ଜ୍ୟେଷ୍ଠ—ଜ୍ୟେଷ୍ଠମାସ ଓ ବଡ଼; ପରମହଂସ—ରାଜହଂସ ଓ ଦଣ୍ଡୀ ସନ୍ନ୍ୟାସୀ; ଶୁଚି—ଅଗ୍ନି ଓ ପବିତ୍ରତା । ବଦରି ବନରେ ମୁନିମାନେ ତପସ୍ୟା କରୁଥିବାରୁ ତାହା ଦିବ୍ୟବାସ ବା ସ୍ୱର୍ଗପୁରୀ ପରି ହୋଇଅଛି । ମାନସ ସରୋବରରେ ରାଜହଂସମାନେ ବିହାର କଲା ପରି ଏହି ବନରେ ପରମହଂସ ଦଣ୍ଡୀ ସନ୍ନ୍ୟାସୀମାନେ ବୁଲୁଅଛନ୍ତି । ଏହି ବନ ତପସ୍ୟା ଏବଂ ପବିତ୍ରତାରେ ଜ୍ୟେଷ୍ଠ ବା ବଡ଼—ଅନ୍ୟଥା ଏହି ବନ ଜ୍ୟେଷ୍ଠ ମାସ ପରି ସୂର୍ଯ୍ୟ ତେଜରେ ଖ୍ୟାତ ଏବଂ ଅଗ୍ନିର ଉତ୍ତାପ ଜନ୍ମାଉଅଛି । ୫୧ ।

ସ୍ୱର୍ଣ୍ଣସର—ସୁବର୍ଣ୍ଣ ସରୋବର; ପଦ୍ମଯୋନି—ବ୍ରହ୍ମା । ରାଜା ବଦ୍ରିକା ବନକୁ ଦେଖି ନାନା କଥା ଭାବି ପ୍ରତିଦିନ ଯାଉଥିଲେ । ଦିନେ ବ୍ରହ୍ମା କେଦାରେ-ଶ୍ୱରଙ୍କ ସନ୍ନିକଟ ସୁନା ପୋଖରୀ କୂଳରେ ଥିବା ଚନ୍ଦନ ବନରେ ଏହି କନ୍ୟା ସହିତ ବିହାର କର ବୋଲି କହି ରାଜାଙ୍କୁ ରତିମର୍ଦ୍ଦାକୁ ଦେଇ ଚାଲିଗଲେ । ଚନ୍ଦନ ବନ ଶବ୍ଦର ଆଦ୍ୟ ଅକ୍ଷର ଚ କାଟି ନ ଯୋଗ କଲେ ନନ୍ଦନ ବନ ହେବ । ଅତଏବ ଏହି ବନ ସ୍ୱର୍ଗର ନନ୍ଦନ ବନ ସଙ୍ଗେ ସମାନ । ୫୨ ।

ନନ୍ଦନ ବନ ସହିତ ସମାନ ଏହି ବନରେ ରତିମର୍ଦ୍ଦାକୁ ନେଇ ବିହାର କର ବୋଲି ରାଜାଙ୍କୁ କହି ବ୍ରହ୍ମା ଚାଲିଗଲେ । ରାଜା ରାଣୀ ସେହି ବନରେ ବାସ କରି ଅଭେଦ ପ୍ରୀତି ଜନ୍ମାଇଲେ । ୫୩ ।

ସେ ଦୁହେଁ ପରସ୍ପର ହାତକୁ ମାଳା କଲେ ଅର୍ଥାତ୍ ଆଲିଙ୍ଗନରେ ରହିଲେ, ବିଷୟ ବସ୍ତୁକୁ ତୁଚ୍ଛ କରି ପକାଇଲେ, ପରସ୍ପରର ଅଧରକୁ ପାନପାତ୍ର କଲେ ଏବଂ ରତି କ୍ରୀଡ଼ାର ଭାବମାନଙ୍କୁ ସବୁବେଳେ ଧ୍ୟାନ କଲେ । ୫୪ ।

ଦାନ କରି କଲେ ସରୁ ଚୁମ୍ବନ । ଭିନ୍ନ କରି ଦେଲେ ଝିନବସନ ।
ଘାତ କରି ଯହିଁ ଦଶନ ନଖ । ଜାତ କଲେ ତହିଁ ପରମ ସୁଖ । ୫୫ ।
ପାଠ କଲେ ବେନାବେଣ ବଚନ । ହଟ କଲେ ଜିଣିକାକୁ ମଦନ ।
ଏକାନ୍ତ ସେ କାନ୍ତ କାନ୍ତା ତରୁଣ । ଏମନ୍ତ ମତ କ ଅଧିକ ପୁଣ । ୫୬ ।
ବମାତ ଜନତ ଅନଙ୍ଗ କରେ । ମନ୍ଦ ମନ୍ଦ ଗନ୍ଧବହ ବହରେ ।
ପୁଷ୍ପ ୍ ପୁଷ୍ପରସ ପତନ ଅତି । ରଣରଣ ବୋଲେ ଭ୍ରମରପନ୍ତି । ୫୭ ।
କୁହୁ କୁହୁ କରୁଛନ୍ତି କୋକିଳ । ହୁଁ ହୁଁ ହୁଁ ହୁଁ କରେ କପୋତକୁଳ ।
ଶୁଭୁଅଛି ପୁଣି କିନ୍ନରୀ ଗୀତ । ଲୋଭୁଅଛି ତହିଁ ବିଶେଷ ଚିତ୍ତ । ୫୮ ।
ତରୁ ଆଳବାଳ ଜମ୍ବୁ ଜମ୍ବାଳ । ଗୁରୁ ଭୂମିତାରୁ ଶୀତଳ ଜଳ ।
ମହୀରେ ରେଣୁ କେବଳ କର୍ପୂର । ତହିଁରେ ପଙ୍କ କସ୍ତୁରୀନିକର । ୫୯ ।

---

ସେ ଦୁହେଁ ପରସ୍ପରକୁ ମଧୁର ଚୁମ୍ବନ ଦେଲେ, ପରସ୍ପର ପିନ୍ଧିଥିବା ସୂକ୍ଷ୍ମ ବସ୍ତ୍ର ତ୍ୟାଗ କଲେ, ଯେଉଁ ସ୍ଥାନମାନଙ୍କରେ ଦନ୍ତାଘାତ ଓ ନଖାଘାତ କଲେ ସେଠାରେ ପରମ ସୁଖ ଜନ୍ମାଇଲେ । ୫୫ ।

ବେନାବେଣ—ପରସ୍ପର ମନକୁ ପାଉଥିବା, ଗୁଟ୍ଟିବାକ୍ୟ; ହଟ—ଜିଦ୍ । ଦୁହେଁ ପରସ୍ପରକୁ ଗୁଟ୍ଟିକଥା କହିଲେ, ମଦନ ଅର୍ଥାତ୍ କାମଦେବକୁ ଜୟ କରି ତାକୁ ଜିଦ୍ କଲେ । ଯେପରି ତରୁଣ ସ୍ୱାମୀ ସ୍ତ୍ରୀ ଦୁହେଁ ନିର୍ଜନରେ ଏକାଠି ହେବେ ଏହା କିଛି ବିଶେଷ କଥା ନୁହେଁ । ୫୬ ।

ବନତ—ବଗିଚ୍ଛ, ଜନତ—ଜାତ କରିବା, ଗନ୍ଧବହ—ମଳୟ ପବନ, ଅନଙ୍ଗ—କାମ । ସେହି ବନ ଅର୍ଥାତ୍ ଚନ୍ଦନ ବନ କାମକୁ ଜନ୍ମାଇଲା, ପବନ ମନ୍ଦମନ୍ଦ ବୋହିବାରୁ ଫୁଲ ଓ ଫୁଲର ମଧୁ ଝଡ଼ିପଡ଼ିଲା ଏବଂ ଭ୍ରମରମାନେ ଏ ଫୁଲ ସେ ଫୁଲ ଉଡ଼ି ଗୁଣୁଗୁଣୁ ଶବ୍ଦ କଲେ । ୫୭ ।

ସେଠାରେ କୋଇଲିମାନେ କୁହୁ ଧ୍ୱନି ଉଠାଇଅଛନ୍ତି, କପୋତପକ୍ଷୀମାନେ ହୁଁ ହୁଁ ଶବ୍ଦ କରୁଅଛନ୍ତି, ପୁଣି କିନ୍ନରୀମାନଙ୍କ ଗୀତ ଶୁଭୁଅଛି । ଏଥିପାଇଁ ମନ ବିଶେଷ ଭାବରେ ଲୋଭୀ ହୋଇଅଛି । ୫୮ ।

ଆଳବାଳ—ଗଛର ମନ୍ଦା; ଜମ୍ବାଳ—ପଙ୍କ, ଜମ୍ବୁ—ସୁବର୍ଣ୍ଣ । ସେଠାରେ ବୃକ୍ଷମାନଙ୍କ ମନ୍ଦା ସୁବର୍ଣ୍ଣ ପଙ୍କରେ କରାଯାଇଛି, ତହିଁରେ ଜଳ ଶୀତଳ ହୋଇ ସୁନ୍ଦର ଦିଶୁଅଛି । ସେଠା ମାଟିର ଧୂଳି କେବଳ କର୍ପୂରଗୁଣ୍ଡ, ତହିଁରେ ମୃଗନାଭି କସ୍ତୁରୀ ପଙ୍କ ହୋଇଅଛି । ୫୯ ।

ବଞ୍ଚିତ ଏମନ୍ତେ ପକ୍ଷିଣୀ କୋଡ । ଗୁପ୍ତ ସୁକୁମାରୀ କୁମାରୀ ଜାତେ ।
ଶୋଚନା କରନ୍ତେ ନୃପତିମଣି । ରଚନା କଲା ମନ୍ତ୍ରୀ ବୋଧବାଣୀ । ୬୦ ।
ନନ୍ଦନୀ ଶୋଇ ରତନ ପଲଙ୍କେ । ବବାଧା ଦେଖିଲା ଆଖି ପଲକେ ।
ରୋଦନସ୍ୱନ କ୍ଷଣେ କ୍ଷଣେ ଉଠ । ପିକେ ହେଉଛି ମୂକଭୂତ ପାଠ । ୬୧ ।
ରତିକେ ସମାନ ନୋହିବ ରତି । ଯତି କେ ଦେଖିଲେ ରହିବ ଧୃତି ।
ଯୁବାକାଳେ ଏ ବା ହେବ କେମନ୍ତ । ହେବା ର ଜନମ ଯହିଁ ଏମନ୍ତ । ୬୨ ।
ସମାନେ କାହୁଁ ଭଆଇବା ବର । ଏମାନେ ସଚିବ ଚିତ୍ତ ଅଧୀର ।
ଆକାଶରୁ ଶୁଭେ ଏମନ୍ତ ଗୀର । ପ୍ରକାଶ ହେଲାଣି ବର ଏହାର । ୬୩ ।
ଏଣୁ ସ୍ଥିର-ଚିତ୍ତ ପୃଥ୍ୱୀକ ଘେନି । ସକଳେ ପରବେଶ ରାଜଧାନୀ ।
ପାଳିତ ହୋଇଲା ରାଣୀବଂଶରେ । ଜେମା ଲାଳିତ ବାଲ୍ୟ ଅବସ୍ଥାରେ । ୬୪ ।

---

ପକ୍ଷିଣୀ—ପକ୍ଷ, ସୁକୁମାରୀ—ରତ୍ନମର୍ଦ୍ଦା ନାମକ ଅପ୍‌ସରା । ସୁକୁମାରୀ ରତ୍ନମର୍ଦ୍ଦା ଏହିପରି ଅନେକ ପକ୍ଷ ରହିଲା ପରେ ଗୋଟିଏ ଝିଅ ଜନ୍ମାଇ ଗୁପ୍ତ ହୋଇଗଲା । ରାଜା ତାହାପାଇଁ ଦୁଃଖ କରନ୍ତେ ମନ୍ତ୍ରୀ ତାଙ୍କୁ ପ୍ରବୋଧ ଦେବା କଥା କହିଲେ । ୬୦ ।

ସେହି କନ୍ୟା ସୁନା ଖଟରେ ଶୋଇଥିଲାବେଳେ ଦେଖିଲା ଲୋକର ଆଖି ପଲକ ପଡ଼ିବାକୁ ବବାଧା ହେଲା ଅର୍ଥାତ୍ ଦେଖିଲା ଲୋକର ଆଖି ଲାଖି ରହିଲା । ସେ କନ୍ୟା କ୍ଷଣେ କ୍ଷଣେ କାନ୍ଦିବାରୁ ତହିଁସ୍ୱର କୋକିଳସ୍ୱର ଠାରୁ ବଳିପଡ଼ୁଛି ଏଣୁ କୋକିଳ ମୂକାଭୂତ ଅର୍ଥାତ ମୌନ ହୋଇଯାଉଛି । ମୂକଭୂତ —ମୂକଭାବ । ୬୧ ।

ରତିଦେବୀ ସୁନ୍ଦରପଣରେ ତା ସହିତ ରତିଏ ମାତ୍ର ସମାନ ହେବ ନାହିଁ । କୌଣସି ଯତି ଅର୍ଥାତ୍ ଚିତ୍ତ ସଂଯମକାରୀ ତାକୁ ଦେଖି ଧୈର୍ଯ୍ୟ ଧାରଣ କରି ପାରିବ ନାହିଁ । ଜନମ କାଳୁ ଯିଏ ଏପରି ସେ ଯୌବନାବସ୍ଥାରେ କଅଣ ବା ନ ହେବ । ୬୨ ।

ଏହା ସମାନ ବର କାହୁଁ ମିଳିବ ଏହି କଥା ଭାବି ମନ୍ତ୍ରୀଙ୍କ ମନ ଅଧୀର ହେଲା । ଏହି ସମୟରେ ଆକାଶବାଣୀ ଶୁଣାଗଲା ଯେ ଏ କନ୍ୟାର ବର ଜନ୍ମ-ଲାଭ କରିସାରିଛି । ୬୩ ।

ଏହା ଶୁଣି ରାଜା ମନ ସ୍ଥିର କଲେ ଏବଂ ସୈନ୍ୟ ସହ ରାଜଧାନୀକୁ ଫେରି ଆସିଲେ । ସେହି କନ୍ୟା ମନୋହର ବାଲ୍ୟକାଳରେ ରାଜାଙ୍କ ରାଣୀ-ମାନଙ୍କ ଦ୍ୱାରା ଲାଳିତ ପାଳିତ ହେଲା । ୬୪ ।

ବଦ୍ରିକାନାଥ ଉପଇନ୍ଦ୍ର ଶରେନ୍ତ । ସ୍ନିଗ୍ଧ ସୁବର୍ଣ୍ଣ-ମଣି-ପଦ ଜାତେ ।
ଧ୍ୟାନେ ସ୍ମରଣ କରିବେ ହୃଦୟ । ସ୍ୱର୍ଣ୍ଣ ମଣିରେ ନିର୍ମାଣ କାୟ । ୬୫ ।

—:O:—

# ତୃତୀୟ ଛାନ୍ଦ

( କୋଟିବ୍ରହ୍ମାଣ୍ଡ ସୁନ୍ଦରୀର ବାଲ୍ୟ ପୌଗଣ୍ଡ ଏବଂ ଯୌବନାବସ୍ଥା ବର୍ଣ୍ଣନ )

( ରାଗ—କେଦାର—ଚକ୍ରକେଳୀ ବାଣୀ )

ନାନା ଶବ୍ଦରେ ଯେ ବିଚକ୍ଷଣ । ଯେତ୍ନ ଜାଣେ ଅଳଙ୍କାର ଲକ୍ଷଣ ।
ସେହି କରୁ ଏ ଛାନ୍ଦ ବିବେଚନା । ବାଲ୍ୟ ପୌଗଣ୍ଡ ଯୌବନରଚନା । ୧ ।
ନବବିଧାତା ମଦନ ହୋଇଲା । ନବଯୌବନସୃଷ୍ଟି ଉଆଇଲା ।
ବାଲ୍ୟ ପୌଗଣ୍ଡ ଯୌବନ-ଶକ୍ତିକି । ଆନ ଆନ ସ୍ଥାନେ ଦେଲା ସ୍ଥିତିକି । ୨ ।
ରଜନୀକର ମାଗିଲା ଖେଳନ୍ତ । ରଜନୀକର ସ୍ନେହେ ତା ଛାଡ଼ିଲା ।
ଧାତ୍ରୀମଣ୍ଡନା ହେବାରୁ ଭୁଲାଇ । ଧାତ୍ରୀମଣ୍ଡନା ନାମ ଯେ ବୋଲାଇ । ୩ ।

---

ଉପଇନ୍ଦ୍ର ସ୍ନିଗ୍ଧ ସୁବର୍ଣ୍ଣ ସଦୃଶ ପଦରେ ବଦ୍ରିକାନାଥଙ୍କୁ ଶରଣ କରୁଛନ୍ତି । ସେ ସ୍ୱର୍ଣ୍ଣ ମଣିରେ ନିର୍ମିତ, ଏଣୁ ତାଙ୍କୁ ଧ୍ୟାନ କଲେ ସେ ଲୁହାକୁ ସୁନା କଲା ପରି ହୃଦୟକୁ ବିଶୁଦ୍ଧ କରିବେ । ୬୫ ।

—:O:—

ଯେଉଁ ଲୋକ ନାନା ପ୍ରକାର ଶବ୍ଦର ଅର୍ଥ ଜାଣେ, ଯିଏ ଅଳଙ୍କାର ଶାସ୍ତ୍ରର ଲକ୍ଷଣମାନ ଜାଣେ ସେହି ଲୋକ ଏହି ଛାନ୍ଦରେ ବାଲ୍ୟ, ପୌଗଣ୍ଡ ଓ ଯୌବନ ବର୍ଣ୍ଣନାକୁ ବିଚାର କରୁ । ୧ ।

କାମ ନବବିଧାତା ଅର୍ଥାତ୍ ସୃଷ୍ଟିକର୍ତ୍ତା ହୋଇ କନ୍ୟାର ନବ ଯୌବନ ସୃଷ୍ଟି କଲା । ବାଲ୍ୟ, ପୌଗଣ୍ଡ ଓ ଯୌବନର ଶକ୍ତି ବା ଲକ୍ଷଣକୁ ଭିନ୍ନ ଭିନ୍ନ ସ୍ଥାନରେ ଥାପନା କଲା । ୨ ।

ରଜନୀକର - ଧୂଳିସମୂହ, ଚନ୍ଦ୍ରମା, କର୍ପୂର; ଧାତ୍ରୀ—ଧାଈ, ପୃଥିବୀ । ବାଲ୍ୟାବସ୍ଥାରେ ସେ ଚନ୍ଦ୍ରଙ୍କୁ ହାତ ବଢ଼ାଇ ମାଗିଲା, ପୌଗଣ୍ଡରେ ମାଟିରେ ଧୂଳି ଖେଳିଲା ଏବଂ ଧାଈମାନେ ତାକୁ କାଖରେ ରଖିଲେ ଓ ନାନା କଥା କହି ଭୁଲାଇଲେ । ଯୌବନରେ କାଖ ନ ହୋଇ ପୂର୍ବ କଥାମାନ ଛାଡ଼ି ମାଟିରେ ବୁଲିଲା ଏଣୁ ପୃଥିବୀର ମଣ୍ଡନା ହେଲା । ସେ କର୍ପୂରରେ ସ୍ନେହ ବଳାଇଲା । ୩ ।

ନେତ୍ର-ଗଣ୍ଡରେ ଥିଲା ଅଧିରତା । ନେତ୍ର-ଗଣ୍ଡରେ ଆଣି କଲା ରତା ।
କନ୍ୟାବର କରିବାର କଣ୍ଢାଇ । କନ୍ୟାବର ଚିତ୍ତ ଦେଲା ଛଡ଼ାଇ । ୪ ।
ଚିତ୍ର-ବନ୍ଧ ଦରଶନେ ଥୋଇଲା । ଚିତ୍ର-ବନ୍ଧନ ଚିତ୍ତକୁ ହୋଇଲା ।
ବନ୍ଦୀ ଲକ୍ଷେ ଶୋଭା-କାନ୍ତି କୁହାଇ । ବନ୍ଦୀ ଲକ୍ଷେ ଅବରୋଧେ ରୁହାଇ । ୫ ।
ସୁଷମାକୁ ଉରରୁ କଲା ଧିକ । ସୁଷମାକୁ ବଢ଼ାଇଲା ଅଧିକ ।
ପୁନ୍ନାଗପୂଗ ସରିସେ ରଞ୍ଜନ । ପୁନ୍ନାଗ-ପୂଗ ଧୈର୍ଯ୍ୟ ବିଭଞ୍ଜନ । ୬ ।
ହେଲା ସେ ସୁମନାଳୟ ଉଦୟ । ରସ-ବାସ ଜଣା କଲା ହୃଦୟ ।
ବଳୀ ସଦନ ହୋଇଲା ଉଦର । ତ୍ରିଭୁବନ ସରଞ୍ଜନ ଆଦର । ୭ ।

---

ନେତ୍ର—ବସ୍ତ୍ର; ଗଣ୍ଡ—ଗ୍ରନ୍ଥି; ନେତ୍ର-ଗଣ୍ଡ—ଗ୍ରନ୍ଥାଣୀ, କନ୍ୟାବର—ବରକନ୍ୟା; କନ୍ୟାବର—କନ୍ୟାଶ୍ରେଷ୍ଠ । ବାଲ୍ୟକାଳରେ ବସ୍ତ୍ରପିନ୍ଧାରେ ଚଞ୍ଚଳତା ଥିଲା ଅର୍ଥାତ୍ ପିନ୍ଧିବାକୁ ଆଗ୍ରହ ନ ଥିଲା ଏବଂ ସେହି ଚଞ୍ଚଳତା ଗ୍ରନ୍ଥିରେ ଲାଗି ରହିଥିଲା । ଯୌବନ କାଳରେ ସେହି ଅଧୀରତା ନେତ୍ରଗଣ୍ଡ ବା ଗ୍ରନ୍ଥାଣୀରେ ରହିଲା । ବାଲ୍ୟ ପୌଗଣ୍ଡରେ କଣ୍ଢାଇ ବରକନ୍ୟା ବାହା କରିବା ଖେଳ ଖେଳୁଥିଲା କିନ୍ତୁ ଯୌବନରେ ସେ କନ୍ୟାବର ଅର୍ଥାତ୍ ଶ୍ରେଷ୍ଠା କନ୍ୟା କଣ୍ଢାଇଖେଳ ଛାଡ଼ିଲା । ୪ ।

ଚିତ୍ରବନ୍ଧ—କାମକଳାର ଭିନ୍ନ ଭିନ୍ନ ବନ୍ଧର ଚିତ୍ର; ଚିତ୍ର ବନ୍ଧନ—ବିଚିତ୍ର ବନ୍ଧନ; ବନ୍ଦୀଲକ୍ଷେ—ଲକ୍ଷ ଲକ୍ଷ ଭାଟ, ବନ୍ଦୀଲକ୍ଷେ—କଇଦୀ ପରି । ସେ କନ୍ୟା ଯୌବନ ଆଗମନରେ ଚଉଷଠୀ କାମକଳାର ଚିତ୍ରବନ୍ଧ ଛବିମାନ ପ୍ରତି ମନ ବଳାଇଲା ଏବଂ ଲୋକମାନଙ୍କ ମନକୁ ବିଚିତ୍ର ଭାବରେ ମୋହିଲା । ଲକ୍ଷ ଲକ୍ଷ ଭାଟ ତାହାର ସୌନ୍ଦର୍ଯ୍ୟ ଓ କାନ୍ତି ଗାଇବୁଲିଲେ ଏବଂ ତାକୁ କଇଦୀ ପରି ଘର ଭିତରେ ଆବଦ୍ଧ କରି ରଖିଲେ । ୫ ।

ସୁଷମା—ସମତା, ଉତ୍ତମ ଶୋଭା; ପୁନ୍ନାଗ—ପୁରୁଷଶ୍ରେଷ୍ଠ; ପୂଗ—ସମୂହ; ଉର—ଛାତି । ଛାତି ବାଲ୍ୟାବସ୍ଥାରେ ସମତାରେ ଥିଲା, ଯୌବନରେ ସ୍ତନ ବଢ଼ିବାରୁ ସେହି ସମତା ଦୂର ହେଲା । ଏହାଦ୍ୱାରା ବାଳାର ସୌନ୍ଦର୍ଯ୍ୟ ଅଧିକ ବଢ଼ିଲା । ସ୍ତନ ନଡ଼ିଆ ଓ ଗୁଆ ପରି ହେଲା ଅର୍ଥାତ୍ ସ୍ତନ ଫୁଲି ନଡ଼ିଆ ପରି ଓ ସ୍ତନଭୂନ୍ଥି ତହିଁରେ ଲାଗିଥିବା ଗୁଆ ପରି ଶୋଭାମୟ ହୋଇ ଶ୍ରେଷ୍ଠ ପୁରୁଷସମୂହଙ୍କ ଧୈର୍ଯ୍ୟ ଭାଙ୍ଗିଦେଲା । ୬ ।

ସୁମନାଳୟ—ମେରୁ, ମେରୁରେ ଦେବତାମାନେ ରହନ୍ତି—ପୁଣି ସ୍ୱର୍ଗ; ରସ-ବାସ—ରସର ଆବାସ, ଶୃଙ୍ଗାର ରସର ସ୍ଥାନ; ବଳି ସଦନ—ପାତାଳ, ତ୍ରିବଳିର ସ୍ଥାନ । କନ୍ୟାର ସ୍ତନ ବଡ଼ ହେବାରୁ ମେରୁ ପର୍ବତ ପରି ହେଲା ।

ଅଙ୍କୁରିଅଛି ନୂତନ ରୋମାଳୀ । ସ୍ଫୁଟ ପ୍ରଥମ-ରସ ବର୍ଣ୍ଣାବଳୀ ।
ଅନ୍ତ ଶୋଭ ନାଭି ରନ୍ଧ୍ର ପ୍ରକାର । ଧାଡ଼ିପ୍ରାନ୍ତେ ଲେଖିଅଛି ଠକାର । ୮ ।
ଆଉ ବର୍ଣ୍ଣ ଚୂର୍ଣ୍ଣକେଶ ରହିଲ । ଥିଲା ଅସ୍ତବ୍ୟସ୍ତ ସମେ ଲେଖିଲ ।
ହ୍ରସ୍ୱ ଦୀର୍ଘ ପ୍ଳୁତ କରି ଚୁରୁରେ । କଲା ପ୍ରସ୍ତାର ଦେଖାଇ ଭ୍ରୂରେ । ୯ ।
କଲା ନିତମ୍ବ ପୃଥୁ ଚକ୍ରବର୍ତ୍ତୀ । ବେଗେ ଅବିବେକ ଗଲା ନିବର୍ତ୍ତି ।
କରି ନୂପୁର ଝୁରକୁ ବାଜଣୀ । ଟିକା ଡମ୍ବରୁରେ ଘଣ୍ଟି ସାଜଣୀ । ୧୦ ।

---

ମନ୍ଦରେ ସୁମନା ଅର୍ଥାତ୍ ଦେବତାମାନେ ରହୁଥିବାରୁ ତାହା ପୁଣି ସ୍ୱର୍ଗପରି ହେଲା । ତାହାର ହୃଦସ୍ଥ ରସବାସ ଅର୍ଥାତ୍ କାମ ରସର ସ୍ଥାନ ହେବାରୁ ସେ ପୁଣି ରସା ବା ପୃଥିବୀ ପରି; ଉଦରରେ ତ୍ରିବଳି ଦେଖାଯିବାରୁ ତାକୁ ବଳିସଦନ ବା ପାତାଳ ପରି ହେଲା । ଏଥି ଯୋଗୁ ସେ କନ୍ୟା ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ତିନି ଭୁବନରେ ଆଦର ପାଇଲା । ଏଠାରେ ରସ-ବାସ ଶବ୍ଦକୁ ରସାବାସ କରିହେବ । ସନ୍ଧି କଲେ ରସର ଆବାସ, ରସାର ଆବାସ ଦୁଇ ହେବ । ୭ ।

ପ୍ରଥମ ରସ—ଆଦିରସ; ଠକାର—ଠ ଅକ୍ଷର ପରି । ଯୌବନରେ ସେହି କନ୍ୟାର ଉଦରରେ ଯେଉଁ ନୂଆ ରୋମରାଜି ଜାତ ହେଲେ ତାହା ଆଦିରସ ଲେଖିବା କଳା ଅକ୍ଷର ପରି ମନେ ହେଲା ଏବଂ ରୋମରାଜିର ଶେଷରେ ଅକ୍ଷର ଧାଡ଼ି ଶେଷରେ ଥିବା ଠ ଅକ୍ଷର ପରି ନାଭିଟି ରନ୍ଧ୍ର ଅତି ଶୋଭା ପାଇଲା । ୮ ।

କଟାଯାଇଥିବା କ୍ଷୁଦ୍ର କେଶସମୂହ ଅନ୍ୟ ଅକ୍ଷର ହେଲେ । ସେହି କେଶସବୁ ବଢ଼ିଯାଇ ବିକ୍ଷିପ୍ତ ହୋଇଥିବାରୁ ତାକୁ କାଟି ସମାନ କରାଗଲା ତେଣୁ ସମାନ ଧାଡ଼ିରେ ଲେଖିଲା ଅକ୍ଷର ପରି ଦେଖାଗଲେ । ଭ୍ରୂଲତାର ପ୍ରସାର ବା ପ୍ରତିଷ୍ଠା ବଢ଼ାଇଥିବା ଶ୍ରେଷ୍ଠ ବଡ଼ ଓ ମଧ୍ୟମ ପ୍ରକାର ସୁନ୍ଦର କେଶମାନ ଅନ୍ୟ ହ୍ରସ୍ୱ, ଦୀର୍ଘପ୍ଳୁତ ଅର୍ଥାତ୍ ବଡ଼ ସାନ ଓ ମଧ୍ୟମ ଅକ୍ଷର ପରି ହେଲେ । ୯ ।

ନିତମ୍ବ – ପିଚ୍ଛ, ପୃଥୁ—ପୃଥିବୀ; ଚକ୍ରବର୍ତ୍ତୀ—ଚକ୍ରାକାରରେ ବଢ଼ି; ପୃଥୁଚକ୍ରବର୍ତ୍ତୀ—ଗୋଲ ହୋଇ ବଡ଼ ଓ ପୃଥୁ ରାଜା । ନିତମ୍ବ ବା ଅଣ୍ଟାର ପଛ-ପଟ ଗୋଲ ହୋଇ ବଢ଼ିଲାରୁ ଶୀଘ୍ର ଅବିବେକପଣ ବନ୍ଦ ହୋଇଗଲା । ପୃଥୁ ଚକ୍ରବର୍ତ୍ତୀଙ୍କ ରାଜତ୍ୱରେ ଲୋକମାନଙ୍କ ମନରେ ଅବିଚାର ଭାବ ନ ଥିଲା । ପୃଥୁ ରାଜା ଜୟବାଦ୍ୟ ବଜାଇ ଯୁଦ୍ଧଯାତ୍ରା କରୁଥିଲେ । ଏହି କାଳା ମଧ୍ୟ ପୃଥୁ ରାଜାଙ୍କ ପରି ନିଜର ପିନ୍ଧା ନୂପୁର ନାଦ ରୂପକ ତୂରୀ ବଜାଇଲେ । କାଳାର କଟିଦେଶ ଡମ୍ବରୁ ସଦୃଶ ଥିବାରୁ ସେଥିରେ ଘଣ୍ଟି ବାନ୍ଧିଲେ । ୧୦ ।

ତ୍ରପା ବିଲୋମ ପାଇ ମନୋହରରେ । ମନ ଆନନ୍ଦମାନେ ଆସି ବିହରେ ।
ଜ୍ୟୋତିମୋତି ନାସାରେ ଯେ ବିହିତ । ଯେଣୁ ଲଗ୍ନ ଭଜେ କାବ୍ୟ ଉଦିତ ।୧୧।
ଅଙ୍ଗଦେଶରେ ଶୋଭା-ଅନୁଚରେ । ବୃଦ୍ଧି ଅକଥିତ ହୋଇ ଘେରେ ।
କାନ୍ତି କରଣ ପ୍ରକଟ ଛଟକେ । ଅଧିକାର କଲା ହେମ କଟକେ ।୧୨।
ଯାପ୍ତି ପ୍ରଧାନ ପ୍ରକାଶ ବହନେ । ବଶ୍ୟେଁ ମଣିତ ସେ ସର୍ବମୋହନେ ।
ମାଧୁର୍ଯ୍ୟ ତା ଦୂତ ଶ୍ରେଣି ଉଚିତେ । ଚିଠି ଲେଖନ ବିନା ଅନ୍ୟ ପୂଜେ ।୧୩।
ପ୍ରଗଲ୍ଭତା ବିଦୂଷକ ସଙ୍ଗତି । ଜାତ ପରିହାସ ସୁବଚନ ଉକ୍ତି ।
ରାଗ ବ୍ୟକ୍ତ ଅଭିଶପ୍ତ ଅଧରେ । ସାର କରି ମଞ୍ଜିଷ୍ଠାକୁ ଭିତରେ ।୧୪।

---

ତ୍ରପା – ଲଜ୍ଜା, ବିଲୋମ—ବିପରୀତରେ; ଜ୍ୟୋତି ମୋତି—ଉଜ୍ଜ୍ୱଳ ମୋତି; ଲଗ୍ନଭଜେ—ଲଗ୍ନ ସ୍ଥାନରେ ଭଜେ । ଏହା ଜ୍ୟୋତିଷ ମତରେ କାବ୍ୟ ବା ଶୁକ୍ର ଗ୍ରହ ହୋଇଁ ମୀନ ରାଶିରେ ଯେ ଥିବ । ତ୍ରପା ଅର୍ଥାତ୍ ଲଜ୍ଜା ବିପରୀତରେ ଅର୍ଥାତ୍ ତ୍ରପାକୁ ଓଲଟାଇଲେ ହେବ ପାତ୍ର । ଏଣୁ ଲଜ୍ଜାପାତ୍ର ହୋଇ କନ୍ୟାର ମନରେ ଆସି ଆନନ୍ଦରେ ବିହାର କଲା । ନାକରେ ଯେ ଗୋଟିଏ ଉଜ୍ଜ୍ୱଳ ମୋତି ପିନ୍ଧିଥିଲା ତାହା ଶୁକ୍ର ଗ୍ରହ ଉଚ୍ଚରେ ରହିଲେ ଶୁଭ ଫଳ ପ୍ରଦାନ କଲାପରି ବାଳାର ଶୁଭ ବିଧାନ କଲା । ୧୧ ।

ଅଙ୍ଗଦେଶ—ଦେହ; ଶୋଭା ଅନୁଚର—ଶୋଭାରୂପକ ରାଜାର ଅନୁଚର-ବର୍ଗ; ଅକଥିତ—ଲୁହା ନ ଗଲେହେଁ; କାନ୍ତି—ଲାବଣ୍ୟ; ହେମକଟକ—ସୁବର୍ଣ୍ଣପୁର; କରଣ—ଲେଖକ; ଛଟକ—ସୌନ୍ଦର୍ଯ୍ୟ । ବାଳାର ସୁବର୍ଣ୍ଣସଦୃଶ ଶରୀରରେ ସର୍ବଦା ଶୋଭାରୂପ ରାଜାର ଅନୁଚରମାନେ ବଡ଼େ ବଡ଼େ ବଢ଼ି ବଢ଼ି ସଞ୍ଚାରକଲେ । ଏହାଦ୍ୱାରା ବାଳାର ଲାବଣ୍ୟ ରୂପକ ଲେଖଆକ ଶୀଘ୍ର ଦେଖାଦେଲା ଅର୍ଥାତ୍ ସୌନ୍ଦର୍ଯ୍ୟ ଶୀଘ୍ର ଶୀଘ୍ର ପ୍ରକାଶ ପାଇଲା । ୧୨ ।

ଯାପ୍ତିପ୍ରଧାନ—ମୁଖ୍ୟ ଦେହପ୍ରଭା; ସର୍ବମୋହନେ—ସମସ୍ତଙ୍କୁ ବଶ କରିବାରେ । ପ୍ରଧାନ ଦେହପ୍ରଭା ଶୀଘ୍ର ପ୍ରକାଶ ପାଇ ସମସ୍ତଙ୍କୁ ନିଶ୍ଚୟ ବଶ କରିବ ବୋଲି ଭାବିଲା; ତହିଁର ଦୂତକାର୍ଯ୍ୟ କଲା ମଧୁରତା, ତାକୁ ଚିଠି ଲେଖିବା ବିନା ମଧ୍ୟ ଲୋକମାନେ ମାନ୍ୟ କଲେ । ୧୩ ।

ପ୍ରଗଲ୍ଭତା – ବାଚାଳତା; ବିଦୂଷକ—ବ୍ୟଙ୍ଗ କରିବା ଲୋକ; ବଚନୋକ୍ତି — ପରିହାସ ଭାଷା; ରାଗ—ସ୍ନେହ ଓ ରକ୍ତିମା; ମଞ୍ଜିଷ୍ଠା—ମେହେନ୍ଦି । ବାଳାର ବାଚାଳତା ବଢ଼ିବାରୁ ସେ ବିଦୂଷକ ପରି ପରିହାସ ଭାଷା କୁହାଇଲା । ଏହା ଫଳରେ ତାହାର ଓଠ ଲାଲ ଦିଶିଲା ଏବଂ ମେହେନ୍ଦିରେ ପଗୁଇଲା ପରି ହେଲା । ବଚନୋକ୍ତି ଦ୍ୱାରା ବାଳାର ସ୍ନେହ ମଧ୍ୟ ବଢ଼ିବାକୁ ଲାଗିଲା । ୧୪ ।

କଲା କି ସୃଷ୍ଟି କିଛି ନ ହୁଡ଼ିଲା । ହରି-ଲୀଳା ଏରୂପେ ନିବାହିଲା ।
ସୁଗ୍ରୀବରେ ଯେ ଚନ୍ଦନ ମିଶ୍ରିତ । ରାମ ଲକ୍ଷ୍ମଣ ମୁଖେ ପ୍ରଶଂସିତ । ୧୫ ।
ପ୍ରକାଶିତ ଚନ୍ଦ୍ରହାସ-ଝଲକ । ମନ୍ଦୋଦରୀ-ବର-ଶକ୍ତି-ତିଳକ ।
ମେଘନାଦ ଶିଖା ଲକ୍ଷ୍ୟ ଝଲକ । ଦକ୍ଷ ଧରି ହେ ସୁମନା-ବଳୀକ । ୧୬ ।
ସଦା ଅଙ୍ଗଦ ବାହୁରେ ବିହରେ । କୁଚ-କୁମ୍ଭ ଉନ୍ନତ ଚିତ୍ତ ହରେ ।
ଏଣୁ କରି ପୁଷ୍ପ ଲଙ୍କା ବିମାନ । ଏତ କଳ୍କକ କଥା ଉଦ୍ଦୀପନ । ୧ ।

---

ହରିଲୀଳା—ବିଷ୍ଣୁଙ୍କର ଲୀଳା; ସୁଗ୍ରୀବ—ବାନରରାଜ ଓ ଉତ୍ତମ ଗ୍ରୀବା; ଚନ୍ଦନ—ଚନ୍ଦନ ନାମକ ମାଙ୍କଡ଼; ହୁଡ଼ିଲା—ଭୁଲ କଲା; ନିବାହିଲା—ପ୍ରକାଶିଲା । ବ୍ରହ୍ମା କି ସୃଷ୍ଟି କଲେ ଯେ କିଛି ବାଦ୍ ଦେଲେ ନାହିଁ । ଏହି କନ୍ୟାଠାରେ ଭଗବାନଙ୍କ ଲୀଳା ସର୍ବାଂଶରେ ପ୍ରକାଶ ପାଇଲା । ଭଗବାନ ରାମ ଅବତାରରେ ସୁଗ୍ରୀବ ଓ ଚନ୍ଦନ ନାମକ ଦୁଇ ମାଙ୍କଡ଼ ସହିତ ମିଳିତ ହୋଇଥିଲେ । ସେ ଦୁହେଁ ରାମ ଲକ୍ଷ୍ମଣଙ୍କ ପ୍ରଶଂସା କରୁଥିଲେ । ଏହି କନ୍ୟାର ଗ୍ରୀବା ସୁନ୍ଦର ଏବଂ ଚନ୍ଦନ ଲେପିତ, ଏହାର ମୁଖ ରାମ ଲକ୍ଷଣ ଅର୍ଥାତ୍ ଚନ୍ଦ୍ର ସହିତ ତୁଳିତ ହେବାରୁ ଚନ୍ଦ୍ର ଆପଣାକୁ ଧନ୍ୟ ମନେକଲା ।୧୫ ।

ଚନ୍ଦ୍ରହାସ—ଖଡ୍ଗ; ଶକ୍ତି-ତିଳକ—ଶ୍ରେଷ୍ଠ ଶକ୍ତି ଅସ୍ତ୍ର; ମେଘନାଦ—ମେଘ ପରି ଗର୍ଜନ, ରାବଣ ପୁତ୍ର ଇନ୍ଦ୍ରଜିତ, ମୟୂର; ଶିଖା—ମୁକୁଟ, କେଶଗୁଚ୍ଛ; ମନ୍ଦୋଦରୀ ବର—ରାବଣ, କ୍ଷୀଣ କଟୀରେ ଶ୍ରେଷ୍ଠ; ଝଲ—ପ୍ରଭା; ସୁମନାବଳୀ—ଦେବତା ସମୂହ ଓ ଫୁଲସବୁ । ରାମାବତାରରେ ରାବଣ ଖଡ୍ଗର ଝଲକ ଏବଂ ଶକ୍ତି ଅସ୍ତ୍ରରେ ପ୍ରକାଶିତ ହୋଇଥିଲା । ସେତେବେଳେ ଇନ୍ଦ୍ରଜିତର ମୁକୁଟ-ପ୍ରଭାକୁ କିଛି ସମାନ ନ ଥିଲା ଏବଂ ଇନ୍ଦ୍ରଜିତ ଦେବତାମାନଙ୍କୁ ଧରିବାକୁ ଦକ୍ଷ ହୋଇଥିଲା । ସେହିପରି ଏହି ବାଳାର ଚନ୍ଦ୍ରତୁଲ୍ୟ ହାସ୍ୟ ଝଲକ ପ୍ରକାଶ ପାଇଲା । ଏହି କ୍ଷୀଣକଟୀଶ୍ରେଷ୍ଠା ଶକ୍ତି ଅସ୍ତ୍ରପରି ତିଳକ କାଟିଲା । ଏହାର କେଶଗୁଚ୍ଛର ପ୍ରଭା ସହିତ ତୁଳନା ମେଘନାଦ ଅର୍ଥାତ୍ ମୟୂର ଲକ୍ଷ୍ୟ କରେ । କେଶରେ ପୁଷ୍ପସମୂହକୁ ଧରିବାକୁ ଏ ଦକ୍ଷା ହେଲା । ୧୬ ।

ଅଙ୍ଗଦ—ଅଳଙ୍କାର, ବାଳୀମର୍କଟ ପୁତ୍ର ଅଙ୍ଗଦ; ବାହୁ—ହାତର ବାହା; ପୁଷ୍ପଲଙ୍କା—ପୁଷ୍ପସମୂହ; କଳ୍କକ—କଲ୍ପାନ୍ତର; କୁଚକୁମ୍ଭ—କୁମ୍ଭକର୍ଣ୍ଣ । ରାମଲୀଳାରେ ଅଙ୍ଗଦ ନାମକ ମର୍କଟ ରାଜପୁତ୍ର ସର୍ବଦା ନିଜ ବାହୁ ବଳରେ କ୍ରୀଡ଼ା କରୁଥିଲା । କୁମ୍ଭକର୍ଣ୍ଣର ଉଚ୍ଚତା ଦେଖଣାହାରୀଙ୍କ ଚିତ୍ତକୁ ହରଣ କରୁଥିଲା । ଏଠାରେ ଅଙ୍ଗଦ ନାମକ ଅଳଙ୍କାର ବାଳାର ବାହୁରେ ରହିଲା, ସ୍ତନଯୁଗଳ ଉଚ୍ଚ ହୋଇ ଲୋକଙ୍କ ଚିତ୍ତକୁ ହରଣ କଲା । ରାବଣର ଲଙ୍କାରେ ପୁଷ୍ପକ ବିମାନ

ନେତ୍ରେ ସୁଭାରତ ହେବା କହୁଛି । କୃଷ୍ଣ ଅର୍ଜୁନ ରଙ୍ଗ କରାଇଛି ।
ଗୁଣ ଅଞ୍ଜନ ଲଗାଇ କମାଣ । ବାଣପ୍ରୟୋଗ କଟାକ୍ଷ ପ୍ରମାଣ । ୧୮ ।
କର୍ଣ୍ଣେ ବଜ୍ର-ମଲ୍ଲୀକଢ଼ୀ ବହିଲା । ସୁତାଟଙ୍କ ଆଢଣୀରେ ଶୋହିଲା ।
ଦ୍ରୋଣସୁତ ଉତ୍ତରଙ୍କ ବିଖ୍ୟାତ । କଲା କି ଉପଲକ୍ଷଣ ସାକ୍ଷାତ । ୧୯ ।
ଭଲା ଯୌବନ ସୃଷ୍ଟି ସଜାଡ଼ିଲା । ଆଗ ଉପମା-ସୃଷ୍ଟି ଉଜାଡ଼ିଲା ।
ଯୋଗୀ-ଦୃଷ୍ଟିରେ ପ୍ରଳୟ ବହିବ । ଯୁବା-ଦୃଷ୍ଟି ଆଉ କେଉଁ ରହିବ ।୨୦।
ଅଛି ଏତେ ହେବାପାଏ ଦର୍ଶନ । କିନ୍ତୁମାତ୍ର ସେହି ଶୋଭା-ପ୍ରସନ୍ନ ।
ଯୋଗୀଗଣେ ମୁଁ ଜଣେ ଗଣେ ଭାଳି । ଶମ୍ଭୁ ଶିଳା ହେଲେ ହେବ ସମ୍ଭାଳି ।୨୧

---

କମ୍ପିଥିଲା, ଏହି ବାଳା ନିଜ କେଶରେ ପୁଷ୍ପଲଙ୍କା ଅର୍ଥାତ୍ ଫୁଲମାନଙ୍କୁ କମ୍ପାଇଲା । ଏହିପରି ଭାବରେ କଳ୍କିକ ଅର୍ଥାତ୍ ଅନ୍ୟ ଯୁଗର କଥା ପ୍ରକାଶିତ ହେଲା । ୧୭ ।

ଏହି କନ୍ୟା ନିଜ ଆଖିରେ ଉତ୍ତମ ଭାରତ ଯୁଦ୍ଧ କଥା ସୂଚାଉଅଛି । ଉକ୍ତ ଯୁଦ୍ଧରେ ଶ୍ରୀକୃଷ୍ଣ ଓ ଅର୍ଜୁନ ଯୁଦ୍ଧ କରିଥିଲେ । ଏହି କନ୍ୟା ଆଖିରେ କୃଷ୍ଣ ଅର୍ଥାତ୍ କଳା ଅର୍ଜୁନ ଅର୍ଥାତ୍ ଧଳା ଓ ରଙ୍ଗ ଅର୍ଥାତ୍ ରକ୍ତବର୍ଣ୍ଣକୁ ପ୍ରକାଶ କରିଅଛି । ନେତ୍ରର ଅଞ୍ଜନ ଧନୁର ଗୁଣ, ଭ୍ରୂ ଧନୁ ହେଲା ଏବଂ କଟାକ୍ଷ ଗୁଳନା ବାଣର ପ୍ରୟୋଗ ହେଲା । ୧୮ ।

ମଲ୍ଲୀକଢ଼ି—କର୍ଣ୍ଣ ଭୂଷଣ; ସୂତାଟଙ୍କ—ଅଳଙ୍କାର ବିଶେଷ; ଆଢ଼ଣୀ—ଢାଲ; ଦ୍ରୋଣସୁତ—ଅଶ୍ୱତ୍ଥାମା, କୋଇଲି; ଉତ୍ତର—ବିରାଟ ପୁତ୍ର, ଉତ୍ତର ଦେବା । ଭାରତ ଯୁଦ୍ଧରେ କର୍ଣ୍ଣ ବଜ୍ର ଧାରଣ କରିଥିଲେ ଏବଂ ତାଙ୍କ ପାଖରେ ଆଢ଼ଣୀ ଅର୍ଥାତ୍ ଆଲଟ ଶୋଭା ପାଉଥିଲା । ତାଙ୍କ ସାଙ୍ଗକୁ ଦ୍ରୋଣପୁତ୍ର ଅଶ୍ୱତ୍ଥାମା ଓ ବିରାଟପୁତ୍ର ଉତ୍ତର ଦୁହେଁ ଖ୍ୟାତି ଅର୍ଜନ କରିଥିଲେ । ଏହି କନ୍ୟା କର୍ଣ୍ଣରେ ମଲ୍ଲୀକଢ଼ି ଓ ଆଲଟ ପରି ସୁନ୍ଦର ଟାଟଙ୍କ ପିନ୍ଧିଅଛି । ଏହାର ଉତ୍ତର ବାକ୍ୟ କୋଇଲି ପରି ମଧୁର । ଏଣୁ ଏହାର ରୂପକୁ ଭାରତ ଯୁଦ୍ଧ ସହିତ ଉପଲକ୍ଷ କରାଗଲା । ୧୯ ।

ବିଧାତା ଆଗରୁ ସୃଷ୍ଟି ସର୍ଜନା କଲା ଯାହାଯୋଗୁଁ ସବୁ ଉପମା ଶେଷ ହୋଇଗଲା । ଯିଏ ଯୋଗୀମାନଙ୍କର ଧୃତିକୁ ଧ୍ୱଂସ କରି ପାରିବ, ତାହା ପକ୍ଷରେ ଯୁବାମାନେ କିପରି ରହି ପାରିବେ । ୨୦ ।

ଏପରି ହେବାର ଦେଖା ଯାଉଅଛି ଯେ ଶିବ ସେହି କନ୍ୟାର ସୌନ୍ଦର୍ଯ୍ୟରେ ମୋହିତ ହୋଇ ଭାବିଲେ, "ମୁଁ ଯୋଗୀମାନଙ୍କ ଭିତରେ ଜଣେ" ଏହା ଭାବି ପଥର ପାଲଟି ନିଜକୁ ସମ୍ଭାଳିନେଲେ । ୨୧ ।

ମୋହିବ କି ଦ୍ରୁବଣ ଶୀଳାଙ୍କର । କେଉଁ ସୁବସ୍ତୁର କଲେ ଶଙ୍କର ।
ଦିବ୍ୟ ସୃଷ୍ଟି କଲା ଭାବି ମଦନ । ମନୋରମ ସ୍ଥାପନ କଲା ସଦନ । ୨୨ ।
ଅନବରତେ ମଣ୍ଡନ ସୁ-ଚିର । ଊରୁ ଅର୍ଗଳ-ଦ୍ୱାର ହିଁ ରୁଚିର ।
ରତି ଗୁପ୍ତ ରହି ତହିଁ ସତ୍ୱର । ମହୋଜ୍ଜ୍ୱଳ ସୁ-ଜଘନ ଚତ୍ୱର । ୨୩ ।
ଝିଲମିଲ ମାଳୀ କି ଶୋଭାକର । ଏକାଦଶ ଘରେ ଗ୍ରହନିକର ।
ହେମବଦ୍ରୁମ ମର୍କତ ମୋତିରେ । ଉଦେ ଯେ ଯାହାର ନିଜ ଜ୍ୟୋତିରେ । ୨୪ ।
ମୀନ-କେତନ ନିଜ ନିକେତନେ । ରଙ୍ଗ କେତନ ବାନ୍ଧିଲା ଯତନେ ।
ରଙ୍ଗପଦ୍ମ ସେ ହୋଇଥିବ ପରା । ପୁଷ୍ପ ବୋଲି ଛଅଛି ପରମ୍ପରା । ୨୫ ।
ପୁଣି ପୁଷ୍ପଶର ନାମ ଯାହାର । ଆନ କେତନ କି ହେବ ତାହାର ।
ବାସ ଅନୁସରି ଭୃଙ୍ଗମାନେ । ଏଣୁ ହେଲା ତ ପୁଷ୍ପ ଅନୁମାନେ । ୨୬ ।

---

ଦ୍ରୁବଣ—ତରଳକା । କାମ ଭାବିଲା ଶିଳା କଅଣ ତରଳିବ ନାହିଁ ? ନିଜକୁ ପଥର କରି ଶିବ କି ଭଲ ବସ୍ତୁର କଲେ । କାମ ଏପରି ଚିନ୍ତା କରି ଉତ୍ତମ ସୃଷ୍ଟି ଆରମ୍ଭ କଲା ଏବଂ ବାଳାର ସୁନ୍ଦର ଅବୟବରେ ଆଶ୍ରୟ ନେଲା ।୨୨।

ସୁ-ଚିର—ଉତ୍ତମ ବସ୍ତ୍ର ; ଚତ୍ୱର—ଅଗଣା, ଊରୁଅର୍ଗଳ—ଊରୁ ରୂପ କିଳଣୀ; ସୁ-ଜଘନ—ସୁନ୍ଦର ଜଙ୍ଘ । ସେଥି ଲାଗି ସବୁବେଳେ ଉତ୍ତମ ବସ୍ତ୍ର ଦ୍ୱାରା ମଣ୍ଡିତ ହୋଇ ରହିଲା । ତାହାର ସୁନ୍ଦର ଜଘନ ଉଜ୍ଜ୍ୱଳ ଅଗଣା ରୂପେ ଶୋଭା ପାଇଲା । ଅନ୍ୟ ପକ୍ଷରେ ମଦନ ଉତ୍ତମ ବସ୍ତ୍ରାଚ୍ଛାଦନରେ ବାଳାର ଦେହ ରୂପକ ଗୃହକୁ ମଣ୍ଡିତ କରି ତହିଁର ଦ୍ୱାରଦେଶରେ ସୁନ୍ଦର ଊରୁକୁ କିଳଣୀ କରି ନିଜ ପତ୍ନୀ ରତିଦେବୀ ସହିତ ସେଠାରେ ଗୋପନରେ ବାସ କଲା । ୨୩ ।

ହେମ ବଦ୍ରୁମ—ସୁନାର ପୋହଳା; ମର୍କତ ମୋତି—ମରକତ ମଣି ଓ ମୁକ୍ତା । ଝିଲ୍‌ମିଲ୍‌ଆ ମାଳାରେ ସୁବର୍ଣ୍ଣ ପୋହଳା, ମର୍କତମଣି ଓ ମୁକ୍ତା ଲଗିଥିବାରୁ ତହିଁର ଜ୍ୟୋତି ବଢ଼ିଗଲା । ଯେପରି କି ଜାତକର ଲଗ୍ନର ଏକାଦଶ ଗୃହରେ ଗ୍ରହମାନେ ଥିଲେ ଅଧିକ ଜ୍ୟୋତିସମ୍ପନ୍ନ ହୋଇଥାନ୍ତି, ଏ ବାଳା ସେହିପରି ଶୋଭା ପାଇଲା । ୨୪ ।

ମୀନକେତନ—କାମ; ରଙ୍ଗକେତନ—ନାଲି ପତାକା; ରଙ୍ଗ ପଦ୍ମ—ନାଲି ପଦ୍ମ; ପୁଷ୍ପ—ଫୁଲ ଓ ଋତୁ; ନିକେତନ—ଗୃହ । କାମ ନିଜ ଘରେ ନାଲିଆ ପତାକା ଯତ୍ନରେ ବାନ୍ଧିଲା । ବୋଧହୁଏ ସେ ନାଲି ପଦ୍ମ ହୋଇଥିବ ଯେହେତୁ ପ୍ରଚଳିତ ପ୍ରଥାରେ ସେ ଫୁଲ ଓ ଋତୁ ନାମରେ ଖ୍ୟାତ । ୨୫ ।

କନ୍ଦର୍ପର ଅନ୍ୟ ନାମ ପୁଷ୍ପଶର କାରଣ ସେ ପୁଷ୍ପଶର ମାରି ଲୋକଙ୍କୁ କାମାତୁର କରି ପକାଏ । ଏପରି କନ୍ଦର୍ପର ଅନ୍ୟ ପତାକାରେ କଅଣ ହେବ । ସୁଗନ୍ଧରେ ଭ୍ରମରମାନେ ଏବଂ ବିଟପୁରୁଷମାନେ ତାକୁ ଅନୁସରଣ କଲେ । ଏଣୁ ଫୁଲ ଅନୁମାନ ଯଥାର୍ଥ । ୨୬ ।

ବାଳା ପଦ୍ମିନୀ ହେବାର ସକାଶେ । ନାହିଁ ସଂଶୟ ତ ପୁଷ୍ପ ବକାଶେ ।
ଥିଲେ ସଜନୀ-ମାଳୀ ସନ୍ନିଧିରେ । ନେଲେ ବାସ ସୁମନସ ବଧିରେ । ୨୭ ।
ଥିଲେ ତହିଁ ଦୈବଜ୍ଞ ଉପାଧ୍ୟାୟୀ । ଶୁଭାଶୁଭ ବୁଝିଲେ ସବୁ ଧ୍ୟାୟି ।
କାତ୍ୟାୟିନୀ ଥିଲା ତାଙ୍କ ସଙ୍ଗରେ । ପୁଷ୍ପ ଫୁଟି କଲୁ ନୃତ୍ୟରଙ୍ଗରେ । ୨୮ ।
ଶ୍ରୁତିବର୍ତ୍ମରେ କାର୍ଯ୍ୟ ରଞ୍ଜାଇଲେ । ଏହା ମଙ୍ଗଳ-ମହୁରୀ ବାଜିଲେ ।
ନାମ ଯା 'କୋଟିବ୍ରହ୍ମାଣ୍ଡ ସୁନ୍ଦରୀ' । ଦୃଷ୍ଟରଜା ପଦ ଏବେ ଆଦରି । ୨୯ ।
ଯେଣୁ ଏ ପଦ ଉଭୟବର୍ଣରେ । ହତ୍ଥଜତା ସବୁ ରୂପ ନ ସରେ ।
ବସୁଲେ ଲୋକେ ଏହା ଲୋକରେ । ଆମ୍ଭ ଜୀବ ଜୀହୁଲା କାମ-କରେ । ୩୦ ।
ନବଚଣ୍ଡୀ ଅର୍ଚ୍ଚନ ଆରମ୍ଭରେ । ପଣ୍ଡି ଭାବନା କରିଛୁ ଆମ୍ଭରେ ।
କନ୍ୟା ସମୟ ହେଲା କି ସଂଶୟ । ପୂଜା ହେବାରୁଁ ଦୂର ଅତିଶୟ । ୩୧ ।

---

ପଦ୍ମିନୀ—ସ୍ତ୍ରୀଜାତି ସ୍ତ୍ରୀ ମଧ୍ୟରୁ ପଦ୍ମିନୀ ଜାତ; ସଜନୀ ମାଳୀ— ସଖୀ ସମୂହ; ସନ୍ନିଧି—ନିକଟ; ବାସ—ବସ୍ତ୍ର; ସୁମନସ—ଫୁଲ । ଏହି ବାଳା ପଦ୍ମିନୀ ଜାତୀୟା ହୋଇ-ଥିବାରୁ ପୁଷ୍ପ ବକାଶରେ ଅର୍ଥାତ୍ ଋତୁ ଜାତ ହେବାରେ ସନ୍ଦେହ ରହିଲା ନାହିଁ । ସେତେ-ବେଳେ ତାହା ନିକଟରେ ଯେଉଁ ସଖୀମାନେ ଥିଲେ ସେମାନେ ମାଲୁଣୀ ଫୁଲପସରା ନେଇ ପରି ବାଳାର ବସ୍ତ୍ରକୁ ନେଇଗଲେ । ୨୭ ।

ଦୈବଜ୍ଞ—ଜ୍ୟୋତିଷ ଶାସ୍ତ୍ର ଜ୍ଞ; ଉପାଧ୍ୟାୟୀ—ଶିକ୍ଷୟିତ୍ରୀ, କାତ୍ୟାୟନୀ—ସନ୍ନ୍ୟାସିନୀ । ବାଳା ପାଖରେ ଜ୍ୟୋତିଷ କନ୍ୟା ଓ ଶିକ୍ଷୟିତ୍ରୀ ଥିଲେ । ସେମାନେ ସାଙ୍ଗେ ସାଙ୍ଗେ ବସ୍ତ୍ର କରି ଭଲ ମନ୍ଦ ଜାଣିନେଲେ । ତାଙ୍କ ସହିତ ଜଣେ ସନ୍ନ୍ୟାସିନୀ ଥିଲା । ସେ ଫୁଲ ଫୁଟିଲା ଅର୍ଥାତ୍ ବାଳାର ଋତୁ ଆରମ୍ଭ ହେଲା କହି ନାନା ପ୍ରକାର ନୃତ୍ୟ କଲା । ୨୮ ।

ଶ୍ରୁତି ବର୍ତ୍ମରେ—ବେଦ ବିଧିରେ, ଦୃଷ୍ଟରଜା—ପୁଷ୍ପବତୀ, ରଜସ୍ୱଳା । ବେଦ ବିଧିରେ ସବୁ କାମ ସମାଧାନ କଲେ । ଯାହାର ନାମ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ସେ ଏବେ ରଜସ୍ୱଳା ହେଲା ଏହି କଥା ପାଇଁ ଶୁଭସୂଚକ ମହୁରୀ ବଜାଇଲେ । ୨୯ ।

ଏ ପଦ—ଅର୍ଥାତ୍ ରଜସ୍ୱଳା ପଦ । ସେମାନେ ବାଳାର ଦୃଷ୍ଟରଜା ପଦରେ ବଶ ହୋଇ ଅତ୍ୟନ୍ତ ଭାବେ ବ୍ୟାକୁଳ ହେଲେ । ଲୋକମାନେ ମନେକଲେ ଏହି ପୁଷ୍ପବତୀ ବାଳାର ଲୋକରେ ଅର୍ଥାତ୍ ଚାହାଣୀରେ ଆମ ଜୀବନ କାମ ହାତକୁ ଗଲା । ଦୃଷ୍ଟରଜାର କେବଳ କାମରେ ଇଚ୍ଛା ଥାଏ । ୩୦ ।

ନବ ଚଣ୍ଡୀ—ନବଦୁର୍ଗା, କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ । କନ୍ୟା ସମୟ—କନ୍ୟା ମାସ । ଏହି ନବଚଣ୍ଡୀର ପୂଜା ଆରମ୍ଭ କରନ୍ତେ ପ୍ରବୀଣ ପୁରୁଷମାନେ ଭାବିଲେ ଏହି ଚଣ୍ଡୀ ଆମ୍ଭ-ମାନଙ୍କୁ ପଣ୍ଡ ପଣ୍ଡ ବଳି ପରି କରିବ କି ? ଦୁର୍ଗାପୂଜା ତ କନ୍ୟା ବା ଆଶ୍ୱିନ ମାସରେ ହୁଏ । ଏହାର କନ୍ୟାକାଳ ଶେଷ ହୋଇ ଯାଇଛି, ପୁଷ୍ପବତୀ ହେବାରୁ ଯୌବନରେ ପୂଜା

ଚନ୍ଦ୍ରା ବଦନ ଉପମା ଲେଖାଇ । ତାଙ୍କ ଇଚ୍ଛାରେ ହେଲେ ନାକଗାର ।
ବନ୍ଧୁ ଅଚଳ ପ୍ରଭୃତି ଲକ୍ଷକେ । ଚନ୍ଦ୍ର କ୍ଷୀଣ ହୋଇଗଲା ପକ୍ଷକେ । ୩୨ ।
ଘନ ଜୀବନୁ ଅଗ୍ନି ଉଗୁଳାଇ । ଧୂମ-ସବର୍ଣ୍ଣ ହେଲା କଳ ଯାଇ ।
ଭକ୍ଷ କଲା ସୁପର୍ଣ୍ଣ କାକୋଦର । ମନ୍ଦ ନାମରେ ବନ୍ଧିଲା ମନ୍ଦର । ୩୩ ।
ପଦ୍ମ ମୃଣାଳ କଣ୍ଟକକୁ ଧରି । ହୁଏ ପଙ୍କଜ ପଦେ ସେ ଦୃଢରି ।
କମ୍ବୁ ହୋଇଲା ଭସ୍ମବିଲେପନ । । ବୃକ୍ଷରାଜ-ଦଳ ବହେ କମ୍ପନ । ୩୪ ।
ଫଳେ ଅଧୋମୁଖ ହେଲା କଦଳୀ । ଜବା କାଳିମା-ରଙ୍ଗେ ଶୋଷି ଦଳି ।
ଯେଣୁ ଇନ୍ଧନ ହୋଇଲା ଚନ୍ଦନ । କଲା ମୁକୁତା ଶାମୁକେ ସଦନ । ୩୫ ।

---

ତୁଳାମାସ ବା ତୁଳନା ଘଟିଅଛି । ତୁଳା ମାସ ଦୁର୍ଗାପୂଜା ସମୟକୁ ଟପି ଯାଇଥିବାରୁ ଯୁବକମାନଙ୍କର ବଳି ପଡ଼ିବା ଶଙ୍କା ଦୂର ହେଲା । ୩୧ ।

ଲେଖାର—ଉପମିତ ହେବାର, ଲକ୍ଷକେ—ସମାନ ହେବା ପାଇଁ, ପକ୍ଷକେ—୧୫ ଦିନ । ଉପମାମାନ ଏହି ବାଳାର ସମାନ ହୋଇ ପାରିବେ ନାହିଁ ବୋଲି ଶୁଣିଲେ । ଏଣୁ ଜଣେ ଜଣେ ନାକଗାର ହୋଇଗଲେ । ବନ୍ଧୁଲି କାନ୍ତି ସହିତ ସମାନ ହୋଇ ନପାରି କ୍ଷଣସ୍ଥାୟୀ ହେଲା, ଚନ୍ଦ୍ର ମୁଖ ସହିତ ତୁଳନା ନ ପାଇ ୧୫ ଦିନରେ କ୍ଷୀଣ ହୋଇଗଲା । ୩୨ ।

ଘନ—ମେଘ, ଜୀବନୁ—ଜଳରୁ, ସୁପର୍ଣ୍ଣ – ଗରୁଡ଼, କାକୋଦର—ସର୍ପ । ମେଘ ନିଜ ଜଳରୁ ଅଗ୍ନି ଜାତ କରି ସେଥିରେ ପୋଡ଼ିଯାଇ ଧୂଆଁ ପରି ସବର୍ଣ୍ଣ ହୋଇଗଲା ଅର୍ଥାତ୍ ମେଘ କେଶ ସହିତ କୃଷ୍ଣତାରେ ସମାନ ନ ହୋଇ ବର୍ଷାନ୍ତ ଅବସ୍ଥାରେ ବାକୁଳ ନଥାଁରେ ଧୂସର ଦିଶିଲା । ସୁପର୍ଣ୍ଣ ଅର୍ଥାତ୍ ଗରୁଡ଼ ନାସାର ସମାନ ହୋଇ ନ ପାରି ସର୍ପ ଭକ୍ଷଣ କଲା । ମନ୍ଦର ଗିରି ଉଚ୍ଚତାରେ ସ୍ତନ ସହିତ ସମାନ ହୋଇ ନ ପାରି ମନ୍ଦ ନାମ ଧାରଣ କଲା । ୩୩ ।

ମୃଣାଳ—ପଦ୍ମନାଡ଼, କମ୍ବୁ—କଇଞ୍ଚ କାକୁଡ଼ି, ବୃକ୍ଷରାଜ ଦଳ—ଅଶ୍ୱତ୍ଥ ପତ୍ର । ପଦ୍ମନାଡ଼ ବାହୁ ସହିତ ସମାନ ହୋଇ ନ ପାରି କଣ୍ଟାଯୁକ୍ତ ହେଲା, କେବଳ ପାଦ ସମାନ ହେବାରୁ ରକ୍ଷା ପାଇଲା । କଇଞ୍ଚିକାକୁଡ଼ି ଓଷ୍ଠର ରକ୍ତିମା ସହିତ ସମାନ ହୋଇ ନ ପାରି ପାଉଁଶିଆ ପଡ଼ିଗଲା ଆଉ ଅଶ୍ୱତ୍ଥ ପତ୍ର ଭୟରେ ଥରିଲା । ୩୪ ।

ଅଧୋମୁଖ—ତଳକୁ ମୁହଁ, ଇନ୍ଧନ—କାଠ । କଦଳୀ ବୃକ୍ଷ ଊରୁର ସମାନ ହୋଇ ନ ପାରିବାରୁ ତାହାର ଫଳ ତଳ ଆଡ଼କୁ ଝୁଲିଲା, ଜବା ଫୁଲ ଅଧରର ସମକକ୍ଷ ନ ହୋଇ ନିଜ ଶୋକରେ ମଉଳାଇ କଳା ପଡ଼ିଗଲା, ଚନ୍ଦନ ବାଳାର ଦେହ ଶୀତଳତା ସଙ୍ଗେ ସମାନ ନ ହୋଇପାରି ଦୁଃଖରେ କାଠ ହୋଇଗଲା, ମୁକ୍ତା ଦନ୍ତ ସହିତ ସମାନ ହୋଇ ନ ପାରି ଶାମୁକାରେ ସଦନ ଅର୍ଥାତ୍ ଘର ବାନ୍ଧିଲା । ୩୫ ।

ବୀଣା ସ୍ୱନ କଲା ପରବଶରେ । ସିଂହ ଲୁଚିଲା କେଉଁ ପ୍ରଦେଶରେ ।
ବିଷ ଖଇଲୁଁ ମୃଣାଳ-ଆତ୍ମାଶ । ଦେଖି ହୋଇଲା ମାନସ ବହ୍ନାଶ । ୩୬ ।
ଏହିରୂପେ ସୁଲକ୍ଷଣା ମାତର । ହେଲେ ଛାଡ଼ି ନ ପାରିଲେ କାତର ।
ଉର୍ଦ୍ଧ୍ୱ ଅଧୋମୁଖେ କରି ବିସ୍ମର । ଗନ୍ଧବହ ଭୃଙ୍ଗେ କଲା ଚର । ୩୭ ।
ବାଳା ଶ୍ରୀମୁଖର ଆସିବ ଜଣାଇ । ସ୍ୱଇଚ୍ଛାରେ ସମ ନୋହୁ ମଣାଇ ।
ସତ୍ୟ ଦୋଷ ଏ କବିମାନଙ୍କର । ତାଙ୍କୁ କହିବାରେ ଦୋଷ ନ କର । ୩୮ ।
ଆଳୀ ଚଳନ୍ତୁଁ ଧ୍ୱଜ ଧରିଲେ ବ୍ୟଜନ । ତହିଁ ଥାଇ ଜଣାଇ ପ୍ରଭଞ୍ଜନ ।
ଯେଉଁସ୍ଥାନେ ବିଜୟ ନାରୀଶ୍ରେଷ୍ଠା । ଖେଳେ ଜଣାଇ ଭୃଙ୍ଗ ଅନୁସରି । ୩୯ ।
କାଣ୍ଡ ଗୃହେ ରଖିଲେ ଅନୁଗୃହ୍ୟ । ବାଳା କାମକାଣ୍ଡ ଏହା ବିଶ୍ୱାସ ।
ନୋହେ ଲୋହ ଫୁଲ ଏଥୁ ବାହାରେ । ରୂପ ମୋହନାସ୍ତ୍ର ନିଶ୍ଚେ ଏହାର । ୪୦ ।

---

ବାଳାର ସ୍ୱର ସହିତ ସମାନ ହୋଇ ନ ପାରି ବୀଣା ଦୁଃଖରେ ଅନ୍ୟର ଅଧୀନ ହୋଇଗଲା । ସ୍ତ୍ରୀ ଲୋକର କଟୀ ସରୁ ବୋଲି ସିଂହ କଟୀ ସହିତ ତୁଳନା ହୋଇଥାଏ । ଏହି ବାଳାର କଟୀ ସହିତ ସମାନ ସରୁ ହୋଇ ନ ପାରି ସିଂହ ଲଜ୍ଜାରେ କୁଆଡ଼େ ଯାଇ ଲୁଚି ରହିଲା । ପଦ୍ମନାଡ଼ର ଅନ୍ୟ ନାମ ବିଷ, ରାଜହଂସ ଗତିରେ ସମାନ ନୋହିବାରୁ ଦୁଃଖରେ ବିଷ (ପଦ୍ମନାଡ଼)କୁ ଖାଇଲା । ୩୬ ।

ସୁଲକ୍ଷଣା—ଉତ୍ତମ ଉପମା, ଗନ୍ଧବହ—ପବନ, ଚର—ଦୂତ । ବାଳାର ଉପର ଅଙ୍ଗ ଏବଂ ନିମ୍ନାଙ୍ଗମାନ ସହିତ ଉତ୍ତମ ଉପମାମାନ ସମାନ ହୋଇ ନ ପାରିବାରୁ ବ୍ୟାକୁଳ ହେଲେ । ଏହା ଦେଖି ପବନ ଭ୍ରମରକୁ ଦୂତ କରି ପଠାଇଲା । ୩୭ ।

ବାଳାର ମନର ଗନ୍ଧ ପବନଠାରୁ ବେଶୀ । ତେଣୁ ପବନ ତାକୁ ସନ୍ତୋଷ କରିବା ପାଇଁ ଭ୍ରମରକୁ ଦୂତ କରି କହି ପଠାଇଲା ମୋହର କିଛି ଦୋଷ ନାହିଁ । କବିମାନେ ଏହିପରି ବର୍ଣ୍ଣନା କରି ଆସିଅଛନ୍ତି । ତେଣୁ ତାଙ୍କୁ ଦୋଷ ଦେବା ଉଚିତ ହେବ ନାହିଁ । ୩୮ ।

ଆଳୀ—ସଖୀ, ଚଳନ୍ତୁଁ—ଚଳାନ୍ତେ, ବ୍ୟଜନ—ପଙ୍ଖା, ପ୍ରଭଞ୍ଜନ—ବାୟୁ, ଖେଳ—ଶବ୍ଦ । ସଖୀମାନେ ପଙ୍ଖା ହଲାନ୍ତେ ତହିଁରୁ ଯେଉଁ ଧ୍ୱନି ଜାତ ହେଲେ ତାହା ଧ୍ୱନି ନୁହେଁ, ପବନ ଯେପରି ସେହି ଧ୍ୱନି ଛଳରେ ନିଜର ବଶ୍ୟତା ଜଣାଉଅଛି । ଯେଉଁଠାରେ ନାରୀଶ୍ରେଷ୍ଠା ଅର୍ଥାତ୍ ନାରୀମାନଙ୍କ ମଧ୍ୟରେ ଶ୍ରେଷ୍ଠା ରହିଅଛି ସେଠାକୁ ଭ୍ରମରମାନେ ଆସି ଗୁଞ୍ଜି ଗୁଞ୍ଜି ଖେଳ ଅର୍ଥାତ୍ ଶବ୍ଦ କରୁଅଛନ୍ତି । ୩୯ ।

କାଣ୍ଡ ଗୃହ—କାଣ୍ଡ ନିର୍ମିତ ଗୃହ, କାମକାଣ୍ଡ—କାମଦେବଙ୍କର ଧନୁ, ଲୋହ—ଲୁହା । ରଜଃସ୍ୱଳା ହେଲେ ରାଜକନ୍ୟାଙ୍କୁ ଅଲଗା କରି କାଣ୍ଡପରେ ରଖାଯାଏ । ଏହି ବାଳାକୁ ସଖୀମାନେ କାମଦେବଙ୍କର ବିଶ୍ୱମୋହନ ଧନୁ ମନେକରି କାଣ୍ଡ ନିର୍ମିତ ଘରେ ନେଇ ରଖିଲେ । ମାତ୍ର ଏହି କାଣ୍ଡ ଲୁହାରେ ନୁହେ କାରଣ ଏଥିରୁ ପୁଷ୍ପ ପ୍ରକାଶ ପାଉଛି ଅର୍ଥାତ୍ ବାଳାର ରୂପ ସୌନ୍ଦର୍ଯ୍ୟ ମୋହନାସ୍ତ୍ର ନିଶ୍ଚୟ । ୪୦ ।

କାମ ରୂପାସ୍ତ୍ର ନୋହିଲେ କାହିଁକି । ଆଗୁଁ ଗୋଚର ଥିଲା ଏ କିହ୍ନକି ।
ଏବେ ଗୋଚର ହୋଇଲା କବିଙ୍କ । ବର୍ଣ୍ଣିବାରୁ ତା ମଞ୍ଜୁଳ ଛବିକି । ୪୧ ।
ସାତଦୀପରେ ଯାହା ବଢାଇଲେ । ସାତଦ୍ୱୀପରେ କି ଅଛୁ ବୋଇଲେ ।
ସାତଦ୍ୱୀଗୁଣ-ଭୁବନ-ସୁନ୍ଦରୀ । ବୃନ୍ଦେ ହୋଇଲା ସିନା ସୁନ୍ଦରୀ । ୪୨ ।
ସ୍ନାତଦନାନ୍ତରେ ନରି ବସୁଧା । କଲେ ଚଲାଇ ଅଶୋକ ବସୁଧା ।
ଯୁଗୁ ପ୍ରପଦ କଳିକା ଧଇଲା । ପଦ-ପତନେ ଦୋହଦ ହୋଇଲା । ୪୩ ।
ତହୁଁ ସ୍ଥଳକମଳ ଉନ୍ମୁଟିଲେ । ଚୁମ୍ବ ଦେବାକୁ ରୋଲମ୍ବ ଘୋଟିଲେ ।
ଜଗତରେ ରବି ଅର୍ଘ୍ୟ ବନ୍ଦନ । ଓଷ୍ଠ ଜଲା ପ୍ରାତୋଦୟ ନନ୍ଦନ । ୪୪ ।
ଏଥି ଉତ୍ତାରେ ମନ୍ଦିରେ ପ୍ରବେଶ । ସଖୀଗଣେ ବେଢ଼ି କଲେ ସୁବେଶ ।
ବେଶ ବେଶକୁ ଯେବଣ ସୁନ୍ଦର । କିସ ବର୍ଣ୍ଣିବା ତା ବେଶ ଗୁରୁସ୍ତ । ୪୫ ।

---

ଏପରି ନ ହେଲେ କାମଦେବଙ୍କର ଅନ୍ୟ ନାମ ରୂପାସ୍ତ୍ର କାହିଁକି ହୁଅନ୍ତା । ବାଳାର ରୂପ ଏପରି ହେବ ଏହା ବିଧାତା ଆଗରୁ ଜାଣିଥିଲେ ବୋଲି କାମଦେବଙ୍କୁ ରୂପାସ୍ତ୍ର ନାମ ଦେଇଥିଲେ । କବି ବର୍ତ୍ତମାନ ବାଳାର ସୁନ୍ଦର ରୂପକୁ ବର୍ଣ୍ଣନା କରିବାରୁ ଜାଣି ପାରିଲେ ଯେ କାମଦେବର ନାମ ରୂପାସ୍ତ୍ର । ୪୧ ।

ସାତ ଦୀପ—ସାତୋଟି ପ୍ରଦୀପ, ସାତ ଦ୍ୱିଗୁଣ—ଚଉଦ, ଭୁବନ—ସଂସାର । ବାଳାକୁ ସାତଟି ଦୀପରେ ବନ୍ଦାଇବା ଛଳରେ ପ୍ରକାଶ କଲେ ଯେ ଚଉଦ ଭୁବନରେ ଯେତେ ସୁନ୍ଦରୀ ଅଛନ୍ତି ଏହି ବାଳା ସମସ୍ତଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ । ୪୨ ।

ବସୁଧା—ପୃଥିବୀ, ଅଶୋକ—ଶୋକଶୂନ୍ୟା, ଅଶୋକ ବୃକ୍ଷ, ପ୍ରପଦ—ପାଦ ପା, ଦୋହଦ—ଆଘାତ, ଇଚ୍ଛା । ସ୍ନାନଦନ ପରେ ସଖୀମାନେ ବାଳାକୁ ଶୁଦ୍ଧସ୍ନାନ କରାଇବାରୁ ସେ ପବିତ୍ରା ହେଲା । ତାକୁ ମାଟିରେ ଚଲାଇବାରୁ ପୃଥିବୀ ଶୋକଶୂନ୍ୟା ହେଲା । ସ୍ତ୍ରୀମାନଙ୍କର ପଦାଘାତରେ ଅଶୋକ ଗଛରେ ଫୁଲ ଫୁଟିବା ପ୍ରବାଦ ଅଛି । ବାଳାର ପଦ ସ୍ପର୍ଶରେ ପୃଥିବୀ ରୂପକ ଅଶୋକ ବୃକ୍ଷ ପାଦ ଅଙ୍ଗୁଳି ରୂପକ କଢ଼ି ଧଇଲା । ୪୩ ।

ସ୍ଥଳ କମଳ—ଥଳ ପଦ୍ମ, ଉନ୍ମୁଟିଲେ—ଫୁଟିଲେ, ରୋଲମ୍ବ—ଭ୍ରମର, ପ୍ରାତୋ-ଦୟ—ସକାଳ ସୂର୍ଯ୍ୟ ଉଦୟ । ଏହାପରେ ଥଳ କମଳମାନ ଫୁଟିଲେ ଅର୍ଥାତ୍ ପାଦରେ ମାଟିରେ ଲାଗି ଥଳ କମଳ ପରି ଦିଶିଲା । ସେହି ଗନ୍ଧରେ ଭ୍ରମରମାନେ ଚୁମ୍ବନ କରିବାକୁ ଘୂରିଆଡ଼ୁ ଧାଇଁଲେ । ସେହି ସୁନ୍ଦରୀ ପ୍ରଭାତ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦେଇ ବନ୍ଦନା କଲା । ସେତେ-ବେଳେ ତାହାର ଓଠ ରକ୍ତିମାରେ ଉଇଁ ଆସୁଥିବା ସୂର୍ଯ୍ୟଠାରୁ ବଳି ପଡ଼ିଲା । ୪୪ ।

ଏହାପରେ ଘରେ ପଶିଲାକ୍ଷଣି ସଖୀମାନେ ସୁନ୍ଦରୀକୁ ଘେରିଯାଇ ସୁନ୍ଦର ବେଶ କରିବାକୁ ଲାଗିଲେ । ସୁନ୍ଦରୀକୁ ଅଳଙ୍କାର ଭୂଷଣ କରିଣ ମଣ୍ଡିବ ଅଳଙ୍କାର ତାହାଠାରେ ଲାଗି ନିଜେ ମଣ୍ଡିତ ହେଲେ । ସେହି ବେଶ କୌଶଳ ଭାଷାରେ କହି ହେବ ନାହିଁ । ୪୫ ।

ଯେ ଲକ୍ଷଣ ଶେଷାଞ୍ଚଳ-ବନ୍ଧାଣ । ଜନ ଅଭୀଷ୍ଟ ଦାତା ଦୁଃଖହାଣ ।
ମନୋରଥ ପୂର୍ଣ୍ଣ ହେବା କାରଣ । ଉପଇନ୍ଦ୍ର ଭଞ୍ଜ ପଦେ ଶରଣ । ୪୬ ।

—o—

## ଚତୁର୍ଥ ଛାନ୍ଦ

[ ପାଟଳିପୁତ୍ର ବା ପୁଷ୍ପପୁର ନଗର ବର୍ଣ୍ଣନା ଏବଂ ତହିଁର ରାଜପୁତ୍ର ପୁଷ୍ପକେତୁର ରୂପ ଗୁଣ ବର୍ଣ୍ଣନା ]

ରାଗ—ମଙ୍ଗଳଗୁଜ୍ଜରୀ । ମୁନିବର ବାଣୀ

ଶୁଣ ବିଦଗଧ ଜନ । ମଗଧ ଦେଶ ରଞ୍ଜନ ।
ମାଗଧ-ମାଗଧେ ଭଣି । ଦେଶ ଅଗ୍ରଣୀ ଏ । ୧ ।
ପୁଚ୍ଛିଲେ ନିଷେଧ କହି । ସ୍ୱଦେଶୀ ସେ ସମ କହି ।
ଏ ବାଣୀ ମରୁ ମହ୍ଲାରେ । କହେ ବେଗରେ ଯେ । ୨ ।

---

ଶେଷାଞ୍ଚଳ—ଶେଷଦେବଙ୍କ ମସ୍ତକ; ଅଭୀଷ୍ଟଦାତା—ମନୋବାଞ୍ଛା ପୂର୍ଣ୍ଣ କାରକ । ଯେଉଁ ଲକ୍ଷ୍ମଣ ଶେଷଦେବଙ୍କ ମସ୍ତକ ବନ୍ଧାଣ ଏବଂ ଲୋକମାନଙ୍କ ମନୋବାଞ୍ଛା ପୂର୍ଣ୍ଣ କରି ଦୁଃଖ ହରଣ କରନ୍ତି, ଉପଇନ୍ଦ୍ର ଭଞ୍ଜ ନିଜର ମନୋବାଞ୍ଛା ପୂର୍ଣ୍ଣ ହେବା ଆଶାରେ ତାଙ୍କ ପାଦରେ ଶରଣ ପଶୁଅଛି । ୪୬ ।

—o—

ବିଦଗଧ—ପଣ୍ଡିତ; ରଞ୍ଜନ—ମନମୋହନକାରୀ; ମାଗଧ-ମାଗଧେ – ମଗଧ ଦେଶର ଭାଟ । ପଣ୍ଡିତମାନେ ମଗଧଦେଶର ମନମୋହନକାରୀ କଥା ଶୁଣ । ମଗଧ ଦେଶର ଭାଟମାନେ ତାଙ୍କ ଦେଶ ସବୁ ଦେଶଠାରୁ ଶ୍ରେଷ୍ଠ ବୋଲି କହିଥାନ୍ତି । ୧ ।

ନିଷେଧ—ନିଷେଧ ଦେଶବାସୀ, ନାହିଁ; ମରୁ—ମରୁଭୂମି, ମରୁଦେଶ; ମହ୍ଲାର—ମହ୍ଲାର ନାମକ ଦେଶ ଓ ଚଳିତ କଥାରେ ମଲପକା; ସ୍ୱଦେଶୀ—ନିଜ ଦେଶୀ । କୌଣସି ମଗଧବାସୀ କୌଣସି ନିଷେଧ ଦେଶବାସୀଙ୍କୁ ଯଦି ପଚାରନ୍ତି ତୁମ୍ଭ ଦେଶ ଆମ ଦେଶପରି କି ? ତେବେ ସେ ନିଷେଧ ଅର୍ଥାତ୍ ନାହିଁ କରନ୍ତି । ସେହିପରି ମରୁଦେଶବାସୀଙ୍କୁ ପଚାରିଲେ ସେ କହନ୍ତି ଆମ୍ଭଦେଶ ମଗଧ ତୁଳନାରେ ମରୁଭୂମି । ଆଉ ମହ୍ଲାର ଦେଶବାସୀ କହନ୍ତି ଆମ ଦେଶ ମଲପକା । ୨ ।

ଯହିଁ ବିଷ୍ଣୁପଦୀ ସ୍ଥିତ । ସଦେହେ ଗତି ଖାଣ୍ଟିନ୍ତି ।
ବ୍ରହ୍ମଯୋନ ପ୍ରେତଶିଳା । ହୋଇଛି ମେଳା ଯେ । ୩ ।
ଫଲଗୁ ସଲିଳ ବିଚାର । ଶଦାଉଛନ୍ତି ତାର ଗାର ।
ମସ୍ତ୍ୟସହ ସ୍ୱଚ୍ଛଜଳ । ଜାତ ଚକ୍ଳାକ ଯେ । ୪ ।
ରଜ ପିଣ୍ଡଦାନେ ମୋକ୍ଷ । ରହସ୍ୟ ଯହିଁ ପ୍ରତ୍ୟକ୍ଷ ।
ଶୁଦ୍ଧାଶୁଦ୍ଧ କାଳ ନାହିଁ । ସାକ୍ଷୀ ବୈଦେହୀ ଯେ । ୫ ।
ତହିଁ ପିଣ୍ଡଦାନମାନ । ଅଗୋଚର କରି ଘେନ ।
ପାତକୀ କରେ ପବନ । ସେ ଗୟାକ୍ଷେତ୍ର ଯେ । ୬ ।
ରାଜଧାନୀ ପୁଷ୍ପପୁର । ସହିତେ କୁନ୍ତଳ ପର ।
ଚୋଳକ କାଞ୍ଚୀ ତାର ତଳ । ଏଥେଁ ମଞ୍ଜୁଳ ଯେ । ୭ ।

---

ବିଷ୍ଣୁପଦୀ—ଗଙ୍ଗା; ସଦେହେ—ମୃତ୍ୟୁରେ; ଗତି—ମୁକ୍ତି; ବ୍ରହ୍ମଯୋନ—ସରସ୍ୱତୀ ନଦୀତଟରେ ଏକ ତୀର୍ଥ; ପ୍ରେତଶିଳା—ପିଣ୍ଡଦେଶର ଗୟା । ଯେଉଁ ଦେଶରେ ଗଙ୍ଗାନଦୀ ପ୍ରବାହିତ, ସେଠାର ଲୋକମାନେ ମୃତ୍ୟୁ ପରେ ମୁକ୍ତିର କାମନା କରିଥାନ୍ତି । ମଗଧରେ ପୁଣି ସରସ୍ୱତୀର ବ୍ରହ୍ମଯୋନ ଓ ଗୟାତୀର୍ଥ ରହିଅଛି । ୩ ।

ଫଲ୍‌ଗୁ ନଦୀର ଜଳ ଅତି ଆଶ୍ଚର୍ଯ୍ୟ । ନଦୀ ଶୁଖିଲା କିନ୍ତୁ ବାଲି ଖୋଳିଲେ ସେଥିରୁ ମାତ୍ର ସ୍ୱଚ୍ଛ ପାଣି ବାହାରେ । ୪ ।

ଏହି ଫଲ୍‌ଗୁ ନଦୀରେ ବାଲିର ପିଣ୍ଡଦେବା ରହସ୍ୟ ଆଖିରେ ଦେଖାଯାଇଅଛି । ସେଠାରେ ଶୁଦ୍ଧ ଓ ଅଶୁଦ୍ଧ କାଳର ବିଚାର ମଧ୍ୟ ହୁଏ ନାହିଁ । ପ୍ରବାଦ ଅଛି—ସୀତା ବନବାସ ବେଳେ ରଜସ୍ୱଳା ଥିଲେ ମଧ୍ୟ ରହସ୍ୟରେ ବାଲିର ପିଣ୍ଡ କରି ପିତୃପୁରୁଷଙ୍କୁ ଦେଇଥିଲେ । ସେ ପିଣ୍ଡକୁ ଦଶରଥ ହାତ ପତାଇ ଗ୍ରହଣ କରିଥିଲେ । ୫ ।

ଗୟାରେ ପିଣ୍ଡଦାନର ଫଳ କହିଲେ ସରିବ ନାହିଁ । ଏହି କ୍ଷେତ୍ର ପାପୀମାନଙ୍କୁ ପାପଶୂନ୍ୟ କରିଥାଏ । ୬ ।

ପୁଷ୍ପପୁର—ମଗଧ ରାଜଧାନୀର ନାମ ଏବଂ ଫୁଲର ବାସସ୍ଥାନ; କୁନ୍ତଳ—କେଶ; ଚୋଳ—ଚୋଳ ନାମକ ନଗର, କାଞ୍ଚଲ; କାଞ୍ଚୀ—କାଞ୍ଚୀ ନାମକ ନଗରୀ ଏବଂ କଟୀ କଙ୍କିଣୀ ଗହଣା । ମଗଧଦେଶର ରାଜଧାନୀ ହେଉଛି ପୁଷ୍ପପୁର । ପୁଷ୍ପପୁର ଅର୍ଥାତ୍ ଫୁଲର ବାସସ୍ଥାନ ହେଉଛି କୁନ୍ତଳ ବା ମସ୍ତକର କେଶ ଉପରେ । ଚୋଳ ନଗର ଓ କାଞ୍ଚୀ ନଗର ପୁଷ୍ପପୁର ଠାରୁ ଊଣା । ପୁଣି କାଞ୍ଚଲ ଓ କଙ୍କିଣୀ ପୁଷ୍ପପୁରର ନିମ୍ନବର୍ତ୍ତୀ ଅଟନ୍ତି । ସେହି ନଗରୀର ଶୋଭା ଅତି ସୁନ୍ଦର । ୭ ।

ବିଦଗ୍ଧ ରକ୍ଷସପୁରୀ । ଅପମାନ-ମାନୁ କରି ।
ନଗରମାନଙ୍କ ମୋକ୍ଷ । ତହିଁକି ଲକ୍ଷ ଯେ । ୮ ।
ଛଦ୍ମ ନୁହଇ ଏ ପୁଣ । ସଦ୍ମ ରତନେ ନିର୍ମାଣ ।
ପଦ୍ମ ବିକାଶରୁ ଜାଣି । ଦିବା ରଜନୀ ଯେ । ୯ ।
ନାନାରତ୍ନ ପୁଞ୍ଜ ଧରି । ନଭ ଶବଳିତ ସରି ।
ଦେଖାଇବେ କେଉଁ ଜ୍ୟୋତି । ତାରକା ପନ୍ତି ଯେ । ୧୦ ।
ପ୍ରଭାହୀନ ପ୍ରଭାକର । ହିଙ୍ଗୁଳୀ କୁତୁକେ ସାରି ।
ଉଡ଼ାଇ କାକତଚଙ୍ଗ । ଏମନ୍ତ ତର୍କି ଯେ । ୧୧ ।
ଜଗତି ବିଳାସୀ ରାମା । ସନ୍ନିଧେ ଯାଉଁ ଚନ୍ଦ୍ରମା ।
ଭାବନ୍ତି ସେ ଆଦରଶ । ହୀନ ପାରଦ ଯେ । ୧୨ ।
ତୋରଣ ବିବିଧ ରତ୍ନେ । ପ୍ରାସାଦେ ଜଡ଼ିତ ଯତ୍ନେ ।
ବଲ୍ମୀକରେ ଇନ୍ଦ୍ରଧନୁ । ଜାତ ସ୍ୱରୂପ ଯେ । ୧୩ ।

---

ରକ୍ଷସପୁରୀ—ଲଙ୍କା, ବିଦଗ୍ଧ—ପୋଡ଼ିଯିବା, ମୋକ୍ଷ—ମୁକ୍ତି, ମୁଖ୍ୟତା, ଶ୍ରେଷ୍ଠତ୍ୱ । ସ୍ୱର୍ଣ୍ଣପୁର ସହିତ ସମାନ ନ ହେବାରୁ ଅଭିମାନରେ ଲଙ୍କାପୁରୀ ଭସ୍ମ ହୋଇଅଛି । ଅନ୍ୟ ନଗରମାନଙ୍କର ମୁଖ୍ୟପଣ ବା ଶ୍ରେଷ୍ଠତା ତାହା ସହିତ ସମକକ୍ଷ ନୁହେଁ । ୮ ।

ଛଦ୍ମ - କପଟ, ସଦ୍ମ—ଗୃହ । ଏହା କପଟ କଥା ନୁହେଁ ଯେହେତୁ ସେଠାର ଗୃହମାନ ରତ୍ନ ନିର୍ମିତ ହୋଇ ଅତି ଉଜ୍ଜ୍ୱଳ ଦେଖା ଯାଉଅଛି । ସେହି ଆଲୋକରେ ଦିନରାତି ଜଣା ଯାଉନାହିଁ । ଦିନ ଜାଣିବାକୁ ହେଲେ ପୋଖରୀରେ ପଦ୍ମଫୁଲ ଫୁଟିଲେ ଜଣାପଡ଼େ ମାତ୍ର । ୯ ।

ଶବଳିତ—ଚିତ୍ରିତ କାନ୍ତି; ନଭ—ଆକାଶ, ସରି—ସଦୃଶ । ଚିତ୍ରିତ କାନ୍ତିମାନ ନାନା ରଙ୍ଗର ରତ୍ନରେ ଖଚିତ ହୋଇଥିବାରୁ ଆକାଶ ପରି ଦେଖାଯାଉଛନ୍ତି । ସେହି ରତ୍ନମାନଙ୍କ ଆଗରେ ଆକାଶର ତାରାମାନେ ତେଜରେ ଊଣା ପଡ଼ିବେ । ୧୦ ।

ହିଙ୍ଗୁଳା—ହିଙ୍ଗୁଳ ରଙ୍ଗ, ହଳଦିଆ; ପ୍ରଭାହୀନ—ତେଜହୀନ; କୁତୁକେ—କୌତୁକରେ, କାକତ ଚଙ୍ଗ - କାଗଜର ଗୁଡ଼ି । ଏହି ନଗର ଉପର ଦେଇ ଗଲାବେଳେ ସୂର୍ଯ୍ୟ ସେଠା ରତ୍ନ ତେଜରେ ପ୍ରଭାହୀନ ହୋଇ ପଡ଼ନ୍ତି । ତାଙ୍କୁ ଦେଖିଲେ ମନେହେବ ଲୋକମାନେ କୌତୁକରେ ହଳଦିଆ ରଙ୍ଗର କାଗଜ ଗୁଡ଼ି ଉଡ଼ାଇଅଛନ୍ତି । ୧୧ ।

ଜଗତି - ଉଚ୍ଚ କୋଠା, ଆଦରଶ—ଦର୍ପଣ, ପାରଦ—ପାରା । ସେହି ନଗରର ଉଚ୍ଚ କୋଠା ଉପରେ ବିହାର କରୁଥିବା ସୁନ୍ଦରୀମାନେ ନିକଟରେ ଚନ୍ଦ୍ର ଯାଉଥିବା ଦେଖି ତାକୁ ପାରାଛଡ଼ା ଯାଇଥିବା ଦର୍ପଣ ବୋଲି ଭାବ ଥାଆନ୍ତି । ୧୨ ।

ତୋରଣ—ଦ୍ୱାର । ସେହି ସବୁ କୋଠାଗୁଡ଼ିକରେ ନାନାରତ୍ନ ଖଚିତ ଦ୍ୱାରମାନ ଖଞ୍ଜାଯାଇ ଥିବାରୁ ତାହା ଉଇହୁଙ୍କାରୁ ଇନ୍ଦ୍ରଧନୁ ବାହାରିଲା ପରି ଦିଶୁଅଛି । ୧୩ ।

ଯହିଁରେ ମଣ୍ଡପମାନ । ଯଥା ପୁଷ୍ପକବିମାନ ।
ଯେଣୁ ପୁଣ୍ୟଜନବର । କି ଶୋଭାକର ସେ । ୧୪ ।
ଗୃହେ ମଣିମୟ ସ୍ତମ୍ଭ । ବଜ୍ରକଣ୍ଟଗ୍ର ପ୍ରବାଳ ।
ମହାରଜତ ରଜତ । ବାଡ଼ ନିର୍ମିତ ସେ । ୧୫ ।
ମାଣିକ୍ୟ ମର୍କତ ସିନ୍ଧା । ପିଣ୍ଡୁଳୀ ଚୟ ରଚନା ।
ଲତା ମହୀରୁହଡାଳୀ । ତହିଁରେ ଝଳ ଯେ । ୧୬ ।
କଳଶ ଶୀର୍ଷ ବୈଦୂର୍ଯ୍ୟ । ପ୍ରକାଶମାନ ଦେଏ ତେଜ ।
କି ଶ୍ୱେତ ପୀତ ପତାକା । ଏମନ୍ତ ଶଙ୍କା ସେ । ୧୭ ।
ନୀଳମଣି ସ୍ଫଟିକର । ଯହିଁ ପାବଚ୍ଛ ଚତ୍ୱର ।
ମୁକୁତା ଗୁଞ୍ଜା ସ୍ତମର । ବିତାନ ତାର ଯେ । ୧୮ ।
କଣି ବଦର ସଙ୍ଗତେ । ଶିଶୁ କ୍ଷେପଣ କରନ୍ତେ ।
ମାତଙ୍ଗୀ ଯୋଗ୍ୟ ହୁଅନ୍ତି । ମାତଙ୍ଗ-ମୋତି ଯେ । ୧୯ ।
ଯହିଁ ଅବଗାହ ସର । ବସ୍ତୁ ପଦ୍ମ ମନୋହର ।
ତହିଁ ସ୍ନାନ କଥି ସାରୁଁ । ସେ ପୁରସ୍ତ୍ରୀରୁ ଯେ । ୨୦ ।

---

ପୁଣ୍ୟଜନ—ରାକ୍ଷସ, ନିଷ୍ପାପ, ବର—ଶ୍ରେଷ୍ଠ, ସ୍ୱାମୀ । ଯେଉଁ ନଗରର ମଣ୍ଡପମାନ ପୁଷ୍ପକ ବିମାନ ପରି । ପୁଷ୍ପକ ବିମାନ ପୁଣ୍ୟ ଜନବର ଅର୍ଥାତ୍ ରାକ୍ଷସଶ୍ରେଷ୍ଠ କୁବେରଙ୍କୁ ଏବଂ ଶ୍ରେଷ୍ଠ ପୁଣ୍ୟାତ୍ମାମାନଙ୍କୁ ବହନ କରି ଶୋଭା ପାଉଅଛି । ୧୪ ।

ସେଠା ଘରମାନଙ୍କର ସ୍ତମ୍ଭସବୁ ମଣିରେ, ବଜ୍ରକଣ୍ଟଗ୍ର ପୋହଳାରେ ଏବଂ କାନ୍ଥସବୁ ମହାରଜତ ଅର୍ଥାତ୍ ସୁନା ଏବଂ ରୁପାରେ ନିର୍ମିତ । ୧୫ ।

ସିନ୍ଧା—ଜଡ଼ଉ, ମହୀରୁହ—ବୃକ୍ଷ, ଝଳ—ଦୀପ୍ତିମନ୍ତ । ସେହି କାନ୍ଥରେ ମାଣିକ୍ୟ ଏବଂ ମର୍କତ ମଣିର ଜଡ଼ଉ କାମରେ ପିଣ୍ଡୁଳା, ଲତା ବୃକ୍ଷଡାଳର ଚିତ୍ରମାନ ଖଚିତ ହୋଇଅଛି । ୧୬ ।

କୋଠା ଉପରେ ଥିବା ଶୀର୍ଷ ବୈଦୂର୍ଯ୍ୟ ମଣିରେ ନିର୍ମିତ କଳସମାନର ତେଜ ପ୍ରକଟ ହୋଇ ଧଳା ଓ ହଳଦିଆ ପତାକାର ଶଙ୍କା ଜାତ କରାଉଅଛି । ୧୭ ।

ସେହି ସବୁ ଗୃହର ଅଗଣା ଓ ପାହାଚ ନେଳ କାଚରେ ନିର୍ମିତ ଏବଂ ତହିଁର ବିତାନ ଅର୍ଥାତ୍ ଚାନ୍ଦୁଆମାନ ମୁକ୍ତା ଗୁଞ୍ଜା ସ୍ତମରରେ ତୋରା ଅର୍ଥାତ୍ ଝୁମ୍ପୁଳ ଝୁଲୁଅଛି । ୧୮ ।

ବଦର—କୋଳି; ମାତଙ୍ଗ ମୋତି—ଗଜମୁକ୍ତା, ମାତଙ୍ଗୀ—ଶବରଣୀ । ସେଠା ବଣରେ ଏତେ ଗଜମୁକ୍ତା ପଡ଼ିଥାଏ, ଯେ କୋଳି ସଙ୍ଗରେ ଶବରଣୀମାନେ ତାହା ଗୋଟାଇ ଆଣି ଦିଅନ୍ତି । ପିଲାମାନେ ତାହା କଣି କୋଳି ବାଛିନେଇ ଗଜମୁକ୍ତାକୁ ଫିଙ୍ଗି ଦିଅନ୍ତି । ସେ ମୁକ୍ତା କେବଳ ସେଠା ଶବରଣୀମାନେହିଁ ପିନ୍ଧିବା ଯୋଗ୍ୟ ହୁଏ । ୧୯ ।

ସେଠାର ଗାଧୁଆ ପୋଖରୀ ହୋଇଛି ଗଙ୍ଗା । ସେହି ନଗରର ପୁରସ୍ତ୍ରୀମାନେ ସ୍ନାନ ସାରିଥାନ୍ତି । ୨୦ ।

ପୁଚ୍ଛିଲେ କୁନ୍ଦକାରକ । ନ ଦେଖାନ୍ତି ସମ୍ମୁଖକ ।
ଆର୍ଦ୍ଧବାସେ ସ୍ତନ ଗୁହ୍ନି । ଆତଙ୍କ ବଞ୍ଚି ଯେ । ୨୧ ।
ଆଣିଲେ ପୁଳିନ୍ଦବାର । ମୟୂରପୁଚ୍ଛ ଚାମର ।
ବିବନ୍ଧ କେଶ ଅନାଇ । ବେଗେ ଲୁଗୁଇଲେ ଯେ । ୨୨ ।
ହିତା ନ ହିବ ଏ ବ୍ୟଥା । କହନ୍ତି ପରସ୍ପର କଥା ।
କାଠ ବ୍ୟାଘ୍ର ନଖକୁଳ । ହିଜିବା ଚୁଲ ହେ । ୨୩ ।
ସେ ପାଟଳିପୁତ୍ରପୁର । ନୃପତି ଧାତ୍ରିସାଗର ।
ବଂଶବରଷ ଲଭିତ । ତାହାର ସୁତ ଯେ । ୨୪ ।
ଏମନ୍ତ ସୁନ୍ଦର ଈଶ । କାମଦେବ ତାହା ବେଶ ।
ଧରି ସୁନ୍ଦର ହୋଇଲା ଏ । ପୌଣ୍ଡ୍ରିକ ପ୍ରାୟେ ଯେ । ୨୫ ।
ପୁଂସ ଲକ୍ଷଣେ ମକର । କେତୁରେ ବହୁଛି ମାର ।
ପୁଷ୍ପକେତୁ ନାମ ସିଦ୍ଧ । ସେ ପୁଷ୍ପାୟୁଧ ଯେ । ୨୬ ।

---

ସ୍ନାନ ସାରି ଫେରିଲାବେଳେ କୁନ୍ଦରେ ଜନ୍ମିକୋଣମାନଙ୍କୁ କୁଳୁଆ ଅଛ କି ବୋଲି ପଚାରିଲେ, ସ୍ତ୍ରୀମାନଙ୍କ ଭିଜା ଲୁଗା ଭିତରୁ ଦିଶୁଥିବା ସ୍ତନମାନ ଗୁହ୍ନି ନିଜ କୁଳୁଆଙ୍କୁ ତହୁଁ ନିକୃଷ୍ଟ ବସ୍ତ୍ର କରି ଭୟରେ ଦେଖାନ୍ତି ନାହିଁ । ୨୧ ।

ପୁଳିନ୍ଦବାର—ଶବର ସମୂହ, ବିବନ୍ଧ କେଶ—ମୁକୁଳିତ କେଶ । ଶବରମାନେ ହିଜିବା ପାଇଁ ମୟୂରପୁଚ୍ଛ ଓ ଚଅଁର ଆଣିଥିଲେ । କିନ୍ତୁ ଏଠା ପୁର ନାରୀମାନଙ୍କର ମୁକୁଳା କେଶକୁ ଦେଖି ତାହା ଶୀଘ୍ର ଲୁଗୁଇ ପକାଇଲେ । ୨୨ ।

ସେମାନେ ପରସ୍ପର କଥାଭାଷା ହେଲେ ଆମର ଏହି ଦ୍ରବ୍ୟ ବିକ୍ରୀ ହୋଇ ପାରିବ ନାହିଁ । ଚୁଲ, ବଣରୁ କାଠ ଓ ବାଘନଖ ଆଣି ହିଜିବା । ୨୩ ।

ସେହି ପାଟଳିପୁତ୍ର ନଗରର ରାଜା ହେଉଛନ୍ତି ଧାତ୍ରିସାଗର । ତାଙ୍କର କୋଡ଼ିଏ ବର୍ଷ ବୟସରେ ଗୋଟିଏ ପୁତ୍ର ଜନ୍ମିଥିଲା । ୨୪ ।

ସେହି ପୁତ୍ରଟି ସୁନ୍ଦର ଯୁବକମାନଙ୍କ ମଧ୍ୟରେ ଈଶ ବା ଶ୍ରେଷ୍ଠ । ମନେହେବ କାମଦେବ ତାହାର ରୂପ ଧରି ପୌଣ୍ଡ୍ରିକ ରାଜା ପରି ସୁନ୍ଦର ପଣ ଦେଖାଉଅଛି । ପୁରାଣରେ ଅଛି ପୌଣ୍ଡ୍ରିକ ରାଜା ଶ୍ରୀକୃଷ୍ଣ ପରି ନିଜ ବେଶଭୂଷା ଧରିଥିଲା । ଲୋକେ ତାଙ୍କୁ ପୌଣ୍ଡ୍ରକ-ବାସୁଦେବ ନାମରେ ଡାକି ବ୍ୟଙ୍ଗ କରୁଥିଲେ । ୨୫ ।

ମକର—ମାଛ; କେତୁ—ପତାକା, ପୁଷ୍ପାୟୁଧ—ପୁଷ୍ପ ନିର୍ମିତ ଅସ୍ତ୍ର । ମଣିଷ ହାତରେ ସାମୁଦ୍ରିକ ମତରେ ମତ୍ସ୍ୟରେଖା ଏକ ଶ୍ରେଷ୍ଠ ଲକ୍ଷଣ । ଏହି ଲକ୍ଷଣ ରାଜପୁତ୍ର ହାତରେ ଥିବା ଜାଣି ନିଜ କେତୁ ଅର୍ଥାତ୍ ପତାକାରେ ମକର ଚିହ୍ନ ବହନ କରିଅଛି । ରାଜପୁତ୍ରର ନାମ ପୁଷ୍ପକେତୁ ଜାଣି କନ୍ଦର୍ପ ପୁଷ୍ପାୟୁଧ ହୋଇଅଛି । ୨୬ ।

ଏମନ୍ତ ସେ ବୀରପଣେ । ଶ୍ରମ ବୋଲି ଯେବେ ଶୁଣେ ।
ସେହି ବୃନ୍ଦକୁ ଗଞ୍ଜଇ । ଗଦା ଭଙ୍ଗଇ ଯେ । ୨୭ ।
ଭୈରବ ନ ସାଧାଇଲେ । ଏମନ୍ତ ଚଢ଼େଇ ଧାପିଲେ ।
ପଦକ ଉଣ୍ଡବ କେହ୍ନ । ପାଞ୍ଚିଲେ ଏହ୍ନ ଯେ । ୨୮ ।
ଶୁଣି ଧନୁର୍ଦ୍ଧର ପଣ । ଲକ୍ଷେ ଭାବିଲେ ଲକ୍ଷ୍ମଣ ।
ହୋଇଥିବ ଇନ୍ଦ୍ରଜିତ । ଅବଶ୍ୟ ଜାତ ଯେ । ୨୯ ।
କର୍ତ୍ତାପଣେ ବ୍ୟାକରଣେ । ପାଣିନୀସୁ ମନେ ଗୁଣେ ।
କହିବା ଏହା ସଙ୍ଗତି । ହେବ ବ୍ୟୁତ୍ପତ୍ତି ଯେ । ୩୦ ।
ମୀମାଂସା ବେଦ ବେଦାନ୍ତେ । ଟୀକାପୁସ୍ତକ ଏ ସତେ ।
ଜୈମିନି ବ୍ରହ୍ମନ ବ୍ୟାସ । ପ୍ରଶଂସି ତୋଷ ଯେ । ୩୧ ।
କଲ୍ୟାଣେ କରି ଅଞ୍ଜଳି । କରେ ଶୁଣି ପତଞ୍ଜଳି ।
ବଇଶେଷିକ ସାଂଖ୍ୟରେ । ସାକ୍ଷୀ ପ୍ରକାରେ ଯେ । ୩୨ ।

---

ଭଙ୍ଗଇ—ଭୁଲାଏ ଓ ଭାଙ୍ଗି ପକାଏ, ଗଞ୍ଜଇ—ନିନ୍ଦା କରଇ । ରାଜପୁତ୍ରର ବୀରପଣ ଏପରି ଯେ ଶ୍ରମଠାରୁ ବଳିଷ୍ଠ ଲୋକଙ୍କ କଥା ଶୁଣେ ତାଙ୍କୁ ନିନ୍ଦାକରି ଶ୍ରମର ଆୟୁଧ ଗଦାକୁ ଭୁଲାଏ ଏବଂ ଭାଙ୍ଗି ପକାଏ । ୨୭ ।

ପଦକ—ଏକପାଦରେ । ଲୋକମାନେ ଭାବିଲେ ଭୈରବ ସାଧନା କରି ନ ଥିଲେ ଏକଗୋଡ଼ିଆ ଛିଡ଼ାହୋଇ କିଏ ଆଉ ଅସ୍ତ୍ର ଚଳାଇପାରିବ । ୨୮ ।

ଧନୁର୍ଦ୍ଧର—ଧନୁଚଳାଇବା ଶକ୍ତି, ଲକ୍ଷେ—ତୁଳନାରେ । ବୀରମାନେ ରାଜପୁତ୍ରଙ୍କ ଧନୁ ଚଳାଇବା କ୍ଷମତା ଶୁଣି ଭାବିଲେ ଲକ୍ଷଣରୁ ଜଣା ପଡ଼ୁଛି ଯେ ଇଏ ଲକ୍ଷ୍ମଣଙ୍କ ପରି ବୀର । ଇଏ ଲକ୍ଷ୍ମଣ ହେଲେ ସେ ଯେଉଁ ଇନ୍ଦ୍ରଜିତକୁ ସଂହାର କରିଥିଲେ ସେ ନିଶ୍ଚୟ ଜନ୍ମଗ୍ରହଣ କରିଥିବ । ୨୯ ।

ପାଣିନୀସୁ—ସଂସ୍କୃତ ବ୍ୟାକରଣ ଶାସ୍ତ୍ର ପ୍ରଣେତା ପାଣିନି, ବ୍ୟୁତ୍ପତ୍ତି—ଜ୍ଞାନଲାଭ । ଲୋକେ ଏହାଙ୍କ କଥାବାର୍ତ୍ତା ଶୁଣି ବ୍ୟାକରଣ ରଚୟିତା ପାଣିନି ବୋଲି ଚିନ୍ତା କରି ତାଙ୍କ ସଙ୍ଗରେ ସଙ୍ଗ ହେଲେ ବିଶେଷ ଜ୍ଞାନ ବଢ଼ିବ ବୋଲି ଭାବିଲେ । ୩୦ ।

ମୀମାଂସା—ଗ୍ରନ୍ଥପ୍ରଣେତା ଜୈମିନି, ବ୍ରହ୍ମନ—ବ୍ରହ୍ମା, ବ୍ୟାସ—ବେଦାନ୍ତ ପ୍ରଣେତା । ଜୈମିନି, ବ୍ରହ୍ମା ଓ ବ୍ୟାସଦେବ ପ୍ରଭୃତି ନିଜ ନିଜ ରଚିତ ଗ୍ରନ୍ଥର ଟୀକା ପୁସ୍ତକ ବୋଲି ଏହାଙ୍କୁ ପ୍ରଶଂସା କରି ସନ୍ତୁଷ୍ଟ ହେଲେ ଅର୍ଥାତ୍ ରାଜପୁତ୍ର ବେଦ ବେଦାନ୍ତ ଓ ମୀମାଂସାକୁ ଅତି ସହଜରେ ବୁଝାଇ ପାରୁଥିଲେ । ୩୧ ।

ପତଞ୍ଜଳି—ଯୋଗଶାସ୍ତ୍ର ପ୍ରଣେତା, ବଇଶେଷିକ—କଣାଦ ପ୍ରଣୀତ ବୈଶେଷିକ ଗ୍ରନ୍ଥ, ସାଂଖ୍ୟ—କପିଳ ପ୍ରଣୀତ ସାଂଖ୍ୟଶାସ୍ତ୍ର । ପତଞ୍ଜଳି ରାଜପୁତ୍ରଙ୍କୁ ନିଜ ଶାସ୍ତ୍ରରେ ଅଭିଜ୍ଞ ଦେଖି କଲ୍ୟାଣ କରିବାକୁ ହାତଆଞ୍ଜୁଳା କଲେ । ରାଜପୁତ୍ର ବୈଶେଷିକ ଓ ସାଂଖ୍ୟ ଦର୍ଶନର ପ୍ରାମାଣିକତାରେ ସାକ୍ଷୀ ହେଲେ । ୩୨ ।

ବେଦରୂପେ ନ୍ୟାୟବନ୍ତ । ଏହିରୂପେ ଜାଣେ ମନ୍ତ୍ର ।
ଅଳଙ୍କାର ଅଳଙ୍କାର । ଦୁଇ ପ୍ରକାର ସେ । ୩୩ ।
କୁରଙ୍ଗ ଆରୋହଣ ଗୁର୍ବୀ । ହେଳି କାଶ୍ୟପିକି କହି ।
କେମନ୍ତ ଆଶ୍ଚର୍ଯ୍ୟ ସାଦି । ମହୀ ସମ୍ରାଡ ଯେ । ୩୪ ।
ଚଢ଼ି ନ ଜାଣନ୍ତି ଗଜ । ଏହାପରି ସୁରରାଜ ।
ହୟ ହସ୍ତୀ ନାହିଁ ମିଳି । ଆସନ ଭଳି ଯେ । ୩୫ ।
ସୁମେରୁ ଦାନକୁ ଭୟ । କରି ହେଲା ଦେବାଳୟ ।
ଘେନିଲା ଏହି ବିବେକ । ମହାଧାର୍ମିକ ଏ । ୩୬ ।
ଯାହାର କୀରତି-ସୁଧା । ଧବଳ ସାରି ବସୁଧା ।
ହଂସ ହୋଇଲା ମାନସେ । କ୍ରୀଡ଼ା ମାନସେ ଯେ । ୩୭ ।
ସେ ପୁଣି କ୍ଷୀର ହୋଇଲା । ବ୍ରହ୍ମାଣ୍ଡ-ଭାଣ୍ଡ ପୂରିଲା ।
ଶ୍ରୁତି-ମୁଖରେ ପିଇଣ । ପୁଷ୍ଟ ମାର୍ଗଣ ଯେ । ୩୮ ।

---

ନ୍ୟାୟବନ୍ତ—ନ୍ୟାୟଶାସ୍ତ୍ର ନିପୁଣ, ମନ୍ତ୍ର—ଗୁପ୍ତବିଦ୍ୟା ଓ କୁହୁକ, ଅଳଙ୍କାର—ଭୂଷଣ ଏବଂ ଅଳଙ୍କାର ଶାସ୍ତ୍ର । ରାଜକୁମାର ଦୁଇ ମତରେ ନିଜର ପ୍ରତିଷ୍ଠା ପ୍ରକାଶ କଲେ । ସେ କେବଳ ନ୍ୟାୟବାନ ନ ଥିଲେ ପରନ୍ତୁ ଗୌତମଙ୍କ ନ୍ୟାୟ ଶାସ୍ତ୍ରରେ ପଣ୍ଡିତ ଥିଲେ, ସେହିପରି ମନ୍ତ୍ରବିଦ୍ୟା ଏବଂ କୁହୁକ ବିଦ୍ୟାକୁ ମଧ୍ୟ ଆୟତ୍ତ କରିଥିଲେ ଏବଂ ଅଳଙ୍କାର ଭୂଷିତ ହେବା ସାଙ୍ଗକୁ ଅଳଙ୍କାର ଶାସ୍ତ୍ର ମଧ୍ୟ ଜାଣିଥିଲେ । ୩୩ ।

ହେଳି - ସୂର୍ଯ୍ୟ; କଶ୍ୟପି—ଅରୁଣ, ସୂର୍ଯ୍ୟଙ୍କ ସାରଥି ଅରୁଣ; ମହୀସମ୍ରାଡ—ମହୀର ଶାସନକର୍ତ୍ତା ରାଜା; ସାଦି—ଅଶ୍ୱାରୋହୀ । କୁମାରଙ୍କର ଅଶ୍ୱାରୋହଣ କୌଶଳ ଦେଖି ସୂର୍ଯ୍ୟ ନିଜ ସାରଥିକୁ କହିଲେ, ଦେଖ ରାଜା କିପରି ଆଶ୍ଚର୍ଯ୍ୟ ଅଶ୍ୱାରୋହୀ ଅଟନ୍ତି । ୩୪

ସୁରରାଜ—ଇନ୍ଦ୍ର, ହୟ—ଘୋଡ଼ା । ଇନ୍ଦ୍ର ଏହାଙ୍କ ପରି ହାତୀ ଚଢ଼ି ଜାଣନ୍ତି ନାହିଁ । ଏହାଙ୍କ ବସିବା ଯୋଗ୍ୟ ଘୋଡ଼ା ହାତୀ ମିଳନ୍ତି ନାହିଁ । ୩୫ ।

ରାଜପୁତ୍ର ଏତେ ଦାନ କରନ୍ତି ଯେ କାଳେ ତାଙ୍କୁ ଦାନରେ ଦେଇଦେବେ ଏହା ଭାବି ସୁମେରୁ ଦେବତାମାନଙ୍କର ଆବାସ ହୋଇଗଲା । ଏଥିରୁ ଏହି କଥା ମନେ ହେଉଛି ଯେ ଇଏ ମହା ପୁଣ୍ୟଶୀଳ ବ୍ୟକ୍ତି । ୩୬ ।

ରାଜପୁତ୍ରଙ୍କର କୀର୍ତ୍ତିସୁଧା ସମଗ୍ର ପୃଥିବୀକୁ ଧଳା କରିଦେଇ କ୍ରୀଡ଼ା କରିବା ମାନସରେ ମାନ ସରୋବରରେ ହଂସରୂପ ଧାରଣ କରିଅଛି ଅର୍ଥାତ୍ ଲୋକମାନଙ୍କ ମନୋରୂପକ ସରୋବରରେ ହଂସ ସ୍ୱରୂପ ହେଲେ । ୩୭ ।

ମାର୍ଗଣ—ପ୍ରାର୍ଥୀ, ଶ୍ରୁତିମୁଖରେ—କାନରେ । କୁମାରଙ୍କର କୀର୍ତ୍ତି ଦୁଗ୍ଧ ପରି ହୋଇ ବ୍ରହ୍ମାଣ୍ଡ ରୂପକ ଭାଣ୍ଡରେ ପୂରିଗଲା, ଅର୍ଥାତ୍ ବିଶ୍ୱସାରା ପୂରିଗଲା । ପ୍ରାର୍ଥୀମାନେ ତାହାକୁ କାନରେ ପାନ କରି ପୁଷ୍ଟ ହେଲେ ଅର୍ଥାତ୍ ସେହି କୀର୍ତ୍ତି କାହାଣୀ ଶୁଣି ଫୁଲ୍ଲ-ଉଠିଲେ । ୩୮ ।

ବୀଣା ଶ୍ରବଣେ ନାରଦ । ସନ୍ତୋଷେ ହେଲେ ବରଦ ।
ହେଉ ତବ ମନୋହାରୀ । ଦିବ୍ୟ ସୁନ୍ଦରୀ ଯେ । ୩୯ ।
ଯା'ପରି ସ୍ମର ଲପନ । ଦେଖି ନ ଥିବ ସ୍ୱପନ ।
ଏରୂପେ କଳ୍ପନା ହୋଇ । ସମ୍ଭବ ଯେହ୍ନ ଯେ । ୪୦ ।
ଅଳପକ କଳପନା । ନୋହିବ ଯେହ୍ନ ସୁଲପନା ।
କଳ୍ପ କଳ୍ପ କଳ୍ପ ହୋଇ । ଯାହା ଧିଆଇ ଯେ । ୪୧ ।
ଋଷି କହି ତିରୋହିତ । ଖସି ଶୂନ୍ୟରୁ ଉଦିତ ।
ମିଳେ ଅଦ୍ଭୁତ ପୁରୁଷ । ମସ୍କରୀ ବେଶ ଯେ । ୪୨ ।
କୁମାର ପ୍ରଣମ୍ୟ ଶେଷେ । ଦିବ୍ୟାସନ ପାଇ ବସେ ।
ସେ ସାଙ୍ଗ ସମ ବୟସ । କେହ୍ନ ବୟସ୍ୟ ଯେ । ୪୩ ।
ବିଦ୍ୟାନିଧି ଯଶୋବନ୍ତ । ପୁରୋହିତ ମନ୍ତ୍ରୀ-ସୁତ ।
ପୁଚ୍ଛିଲେ କାହୁଁ ଆଗତ । ସ୍ୱେ ତପୋବନ୍ତ ଯେ । ୪୪ ।
କହିଲେ ସେ ପରିବ୍ରାଟ । ମଠ ଗଙ୍ଗାସର ତଟ ।
ଏ ବୀର ଗୁଣ ପ୍ରକଟ । ହୋଇଲୁଁ ଭେଟ ଯେ । ୪୫ ।

---

ବରଦ—ବରଦାତା । ନାରଦ ରାଜପୁତ୍ରର ବୀଣାବାଦନ ଶୁଣି ସନ୍ତୁଷ୍ଟ ହୋଇ "ତୋତେ ଦିବ୍ୟ ସୁନ୍ଦରୀ ସ୍ତ୍ରୀ ଲାଭ ହେଉ" ଏହି ବର ଦେଲେ । ୩୯ ।

ସ୍ମରଲପନ—ସ୍ମରମୁଖଚନ୍ଦ୍ରମା । ଯେଉଁ ନାରୀପରି ସୁନ୍ଦରୀ ବ୍ରହ୍ମା ସ୍ୱପ୍ନରେ ଦେଖି ନ ଥିବେ ସେପରି ନାରୀ ବ୍ରହ୍ମାଙ୍କ କଳ୍ପନାବଳରେ ସମ୍ଭବ ହୋଇଅଛି । ୪୦ ।

ଅଳପକ—ଅଳ୍ପ; କଳପନା—କଳ୍ପନା; । ସୁଲପନା—ସୁନ୍ଦରବଦନା । ସେହି ସୁନ୍ଦର ମୁଖବିଶିଷ୍ଟ ସ୍ତ୍ରୀ ଅଳ୍ପ କଳ୍ପନାରେ ହୋଇନାହିଁ । ବ୍ରହ୍ମା ତାକୁ କଳ୍ପ କଳ୍ପ ଧରି ବହୁ କାଳ ଧ୍ୟାନ କରି ନିର୍ମାଣ କରିଅଛି । ୪୧ ।

ନାରଦ ବରଦେଇ ଅନ୍ତର୍ଦ୍ଧାନ ହେଲାରୁ ଶୂନ୍ୟ ଏକ ଅଦ୍ଭୁତ ପୁରୁଷ ମସ୍କରୀ ଅର୍ଥାତ୍ ସନ୍ୟାସୀ ବେଶରେ ପହଞ୍ଚିଲେ । ୪୨ ।

ରାଜପୁତ୍ର ତାଙ୍କୁ ପ୍ରଣାମକରି ଦିବ୍ୟ ଆସନରେ ବସାଇଲେ । ରାଜପୁତ୍ରଙ୍କ ଦୁଇ ସମବୟସୀ ସଖା ସେଠାରେ ଥିଲେ । ୪୩ ।

ସେ ଦୁହେଁ ହେଉଛନ୍ତି ପୁରୋହିତ ପୁତ୍ର ବିଦ୍ୟାନିଧି ଓ ମନ୍ତ୍ରୀପୁତ୍ର ଯଶୋବନ୍ତ । ଏମାନେ ଦୁହେଁ ଉକ୍ତ ଅଦ୍ଭୁତ ସନ୍ୟାସୀଙ୍କୁ କାହୁଁ ଆସିଲେ ବୋଲି ପଚାରିଲେ । ୪୪ ।

ପରିବ୍ରାଟ—ପରିବ୍ରାଜକ । ସେହି ଭ୍ରମଣକାରୀ ସନ୍ୟାସୀ କହିଲେ ଆମ୍ଭର ମଠ ଗଙ୍ଗା ସରୋବର ତଟରେ । ଏହି ବୀରଙ୍କର ଗୁଣ ଚାରିଆଡେ ପ୍ରକଟ ହେବାରୁ ଏହାଙ୍କୁ ଦେଖିବା-ପାଇଁ ଆସିଲୁ । ୪୫ ।

ଜାଣୁ ବହୁ ଚମତ୍କାର । ଏଣୁ ସେ ପାଇ ଆଦର ।
ଦର୍ଶିଲେ ତାହାଙ୍କ ସଙ୍ଗେ । ଆଶ୍ଚର୍ଯ୍ୟ ରଙ୍ଗେ ସେ । ୪୬ ।
କଠିନ ଦୋଷ ହରିଲ । ଶିଳାକୁ ଅବଳା କଲ ।
ସେ ପଦ-ପ୍ରସାଦେ ପଦ । ସ୍ମରଣେ ମୋଦ ମୁଁ । ୪୭ ।
ଉପଇନ୍ଦ୍ର ଭଞ୍ଜ କବି । ନଭଣେ ଚିତ୍ତରେ ଭାବି ।
ହୋଇବ ଅର୍ଥେ ସରସ । ନୋହିବ ଦୋଷ ଯେ । ୪୮ ।

—*—

## ପଞ୍ଚମ ଛାନ୍ଦ

( କୋଟି ବ୍ରହ୍ମାଣ୍ଡ ସୁନ୍ଦରୀର ଶୋଭା,
ଗୁଣ ପ୍ରକାଶ ଏବଂ ସଖୀ ପ୍ରାପ୍ତି ବିଷୟ ବର୍ଣ୍ଣନ )

ରାଗ—ଗୁଜ୍ଜରୀ

ଯେଉଁ ପଦ୍ମବଦନାକ ଧରି । ଧରଣୀ ହୋଇଲା ଉଦ୍ଧର ।
ତନୁ ତାର ମାପ ପ୍ରମାଣ । ଅଦଭୁତରେ ସେ ନିର୍ମାଣ । ୧ ।
ସେ କଳାନିଧି କଳା ବୃଦ୍ଧି ! କରନ୍ତେ ବାଲ୍ୟରୁ ଅବଧି ।
ଯୌବନେ ପୂର୍ଣ୍ଣତା ପାଇଲା । ଲକ୍ଷଣେ ମଣ୍ଡିତ ବହିଲା । ୨ ।

---

ଆମ୍ଭଙ୍କୁ ବହୁତ ଚମତ୍କାର କଥା ଜଣାଅଛି । ଏହା ଶୁଣି କୁମାର ତାଙ୍କୁ ଆଦର କରି ଗହଣରେ ଆଶ୍ଚର୍ଯ୍ୟ କୌତୁକ ଦେଖାଇ ଚଳିଲେ । ୪୬ ।

ମୋଦ—ଆନନ୍ଦ । ଯେଉଁ ଚରଣ କଠିଣତା ଦୂରକରି ପଥରକୁ ସ୍ତ୍ରୀ କରିଥିଲା ସେହି ଶ୍ରୀଚରଣ ଦୟାରୁ ମୋହର ଏହି ପଦମାନ ମନରେ ଜାତହେଲା ତେଣୁ ମୁଁ ଆନନ୍ଦ ଲାଭ କଲି । ୪୭ ।

କବି ଉପଇନ୍ଦ୍ର ଭଞ୍ଜ ସବୁବେଳେ ମନରେ ଭାବୁଥାଏ ଯେ ତାହାର କବିତାମାନ ଅର୍ଥରେ ସରସ ଏବଂ ନିର୍ଦ୍ଦୋଷ ହେବ । ୪୮ ।

—o—

ଯେଉଁ ସୁନ୍ଦରୀ ଯୁବତୀକୁ ବକ୍ଷରେ ଧାରଣ କରି ଧରଣୀ ଉଦ୍ଧାର ପାଇଲା ତାହାର ଶରୀର ଯେଉଁଠାରେ ଯେତିକି ହେବାକଥା ସେତିକି ମାପ ହିସାବରେ ଗଢ଼ାଯାଇ ଅଛି । ତାହାର ନିର୍ମାଣ ଆଶ୍ଚର୍ଯ୍ୟଜନକ । ୧ ।

କଳାନିଧି—ଚନ୍ଦ୍ର; ଲକ୍ଷଣ—ଚନ୍ଦ୍ର ଓ କଳଙ୍କ । ସେହି ସୁନ୍ଦରୀ ପିଲାଦିନୁ ଆଜଯାଏ ଚନ୍ଦ୍ରପରି କଳାଏ କଳାଏ ବଢ଼ି ପୂର୍ଣ୍ଣ ଯୌବନରେ ପହଞ୍ଚିଲା । ପୂର୍ଣ୍ଣହେବାରୁ ଚନ୍ଦ୍ର କଳଙ୍କ ଧାରଣ କରିଥାଏ ସେହିପରି ଏହି ସୁନ୍ଦରୀ ପୂର୍ଣ୍ଣଯୌବନାବସ୍ଥାରେ ନାନାବିଧ ଉତ୍ତମ ଚିହ୍ନମାନ ନିଜ ଅଙ୍ଗରେ ପ୍ରକାଶ କଲା । ୨ ।

ସେ ବଶୀକରଣ ତ୍ରିବିଧି । ପ୍ରକାଶ ହୋଏ ଅଉଷଧି ।
ମୋହନ ମନ୍ତ୍ର-ମୃଦୁ-ବାଣୀ । ହୋଇଲା ରମଣୀଙ୍କ ମଣି । ୩ ।
ନବବୟସ ସଙ୍ଗେ ମେଳ । ହୋଇ ହେବାରୁ କୋଳାକୋଳ ।
ଶୋଭା ପ୍ରଭାଏ ଭିଡ଼ାଭିଡ଼ି । ହରଷ ରସ ଜଡ଼ାଜଡ଼ି । ୪ ।
ଭାବ ଲାଜ ଏ କଷାକଷି । ହାବ ନୟନ ମିଶାମିଶି ।
ଲୀଳା ବିଳାସ ବଶିଗଲେ । ପ୍ରସନ୍ନ-ସାଗର ଉଛୁଳେ । ୫ ।
ଯୋଗେଶ ଯୋଗାଏ ଦେଲେ ଚାହିଁ । ପଲକ ଭାସିପିବ କାହିଁ ।
ଭୁଲାଇବେ ସେ ଗୁଣି ଜ୍ଞାନ । ବଢ଼ାଇ ଯାହାର ଏସନ । ୬ ।
ଜଗତୀ ବିଳାସରେ ଥାଇ । ଜଗତୀ ବିଳାସକୁ ଦେଇ ।
ଏସନ କାନ୍ତିସମ୍ପଦକୁ । ଯେ ଶୁଣେ ଭଜେ ସେ ମୋହକୁ । ୭ ।
କମ୍ବୁ ଡମ୍ବରୁ ବିଷ୍ଣୁ ଶିବେ । ଜାଣନ୍ତି କ କରିବୁଁ ଏବେ ।
ଯୌବନ କୁନ୍ଦେ କୁନ୍ଦ ହେଲା । କାମ ହେମ-ମନ୍ତ୍ର ପିଲୁଳା । ୮ ।

---

ତ୍ରିବିଧି—ତିନି ପ୍ରକାର ଉପାୟ । ବଶୀକରଣ ପାଇଁ ୩ଟି ଉପାୟ ହେଉଛି ଔଷଧ, ମନ୍ତ୍ର ଏବଂ ମଣି । ଏହି ସୁନ୍ଦରୀର ଏହି ତ୍ରିବିଧ ଦେଖାଗଲା ଅର୍ଥାତ ତାହାର ହାସ୍ୟହେଲା ଔଷଧ, ମଧୁର ବାକ୍ୟ ହେଲା ମୋହନ ମନ୍ତ୍ର ଆଉ ସେ ନିଜେ ହେଲା ରମଣୀମାନଙ୍କ ମଧ୍ୟରେ ମଣି । ୩ ।

ନବବୟସ—ଯୌବନ । ଏହି କୁମାରୀର ନୂତନ ଯୌବନ । ଆଉ ପୂର୍ଣ୍ଣତା ଦୁହେଁ ମିଶି କୋଳାକୋଳି କଲାରୁ ତ ତାର ସୌନ୍ଦର୍ଯ୍ୟ ଏବଂ ଦୀପ୍ତି ଦୁହେଁ ଭିଡ଼ାଭିଡ଼ି ହେଲେ ଏବଂ ଆନନ୍ଦ ଓ ଶୃଙ୍ଗାର ରସ ଦୁହେଁ ଏକାଠି ଲାଖି ରହିଲେ । ୪ ।

ଭାବ—ମନୋଗତ ଇଚ୍ଛା; ହାବ—ଭ୍ରୂଭଙ୍ଗୀ; ଲୀଳା—ଶୃଙ୍ଗାରଭାବ; ବିଳାସ—ଅଙ୍ଗଭଙ୍ଗୀ । ସୁନ୍ଦରୀର ମନୋଗତଭାବ ଓ ଲଜ୍ଜା କଷାକଷି ହେଲେ, ଭ୍ରୂଭଙ୍ଗୀ ଓ ନେତ୍ର ଦୁହେଁ ମିଶିଗଲେ । ଶୃଙ୍ଗାର ଇଚ୍ଛା ଓ ଅଙ୍ଗଭଙ୍ଗୀ ଏକ ରକମର ଦିଶିଲେ । ଏପରି ହେଲେ ମନର ଆନନ୍ଦସାଗର ଉଛୁଳି ପଡ଼େ । ୫ ।

ଏହି ସୁନ୍ଦରୀର ବଡ଼ାଇ ଯେ ଯେବେ କୌଣସି ରକମରେ ଯୋଗୀମାନେ ତାକୁ ଚାହିଁଦେଲେ ସେମାନଙ୍କର ଆଖି ପିଛୁଡ଼ା ପଡ଼ିବ ନାହିଁ । ଗୁଣବନ୍ତ ହେଲେ ମଧ୍ୟ ସେମାନେ ଜ୍ଞାନ ହରାଇବେ । ୬ ।

ଜଗତୀ—ଅଟ୍ଟାଳିକା; ବିଳାସ—ବିହାର, ଜଗତୀ-ବିଳାସକୁ—ଜଗତକୁ ଆନନ୍ଦପ୍ରଦ । ସେହି ସୁନ୍ଦରୀ ଅଟ୍ଟାଳିକାରେ ବିହାର କଲାବେଳେ ଜଗତକୁ ଆନନ୍ଦପ୍ରଦାନ କରେ । ତାହାର ଏପରି କାନ୍ତିସମ୍ପଦକୁ ଯିଏ ଶୁଣେ, ସେ ମୁଗ୍ଧ ହୋଇଯାଏ । ୭ ।

କମ୍ବୁ—ଶଙ୍ଖ, ଡମ୍ବରୁ—ଡମ୍ବରୁବାଦ୍ୟ । ଶଙ୍ଖ ବିଷ୍ଣୁଙ୍କ ଓ ଡମ୍ବରୁ ଶିବଙ୍କ ଜଣାଇଲା ଏହି ସୁନ୍ଦରୀର କଣ୍ଠ ଓ କଟୀ ଯଥାକ୍ରମେ ଆମ ଦୁହିଁଙ୍କଠାରୁ ଶ୍ରେଷ୍ଠ । ଆମେ ଏବେ

ସେ ଯେଣୁ ନିଜ ଧୈର୍ଯ୍ୟ ବାଧ । ଏକ ଶମ୍ଭୁ ନ ସିନ୍ଧୁ ମଧ ।
ଏକ କୃତ୍ତିକ ଯୋଡ଼ ହେଲେ । ତାକୁ ଲୁଚାଇ ସେ ଲୁଚିଲେ । ୯ ।
ମୁଖ ଛବି ଧ୍ୟାନରେ ଲୀନ । ସଙ୍କୋଚେ ନଳିନ ମଳିନ ।
ଦିନାନ୍ତେ ଜନ୍ମିଲା ସେ ଭ୍ରାନ୍ତି । ନିତି ନିତି ଭଜେ ସେ ଶାନ୍ତି । ୧୦ ।
ଚତୁର-ମୁଖ-ଯେ ଚତୁର । ଜାଣିଲା ଆସନରୁ ତାର ।
ଏବେ ତରୁଣକୁ ଭଜେ । କୋଟିବ୍ରହ୍ମାଣ୍ଡସୁନ୍ଦରୀ ଯେ । ୧୧ ।
ନିଜ ବାହନ-ଦୁହିତାକୁ । ଦେଲା ସେ ମାନବୀ ମୂର୍ତ୍ତିକୁ ।
ନାମ ତା ଦେଲା କାଦମ୍ବିନୀ । କହେ ପାରସେ ଯାଅ ଘେନି । ୧୨ ।
ସେ କନ୍ୟା ସଖୀ ଏ ହୋଇବ । ମାଙ୍ଗଲ୍ୟା ଭେଟ କରାଇବ ।
ସେ ବେନି କରନ୍ତେ ଗମନ । ମାର୍ଗରେ ଦେଖନ୍ତି ଏମାନ । ୧୩ ।
ହେଟ-ମୁଖ ଅଶ୍ୱିନୀ ସୁତ । ଶଶୀ ମାରୁଛି ହୃଦେ ହାତ ।
ମଘବା ମୁକୁରକୁ ଚାହିଁ । ଦରଷ ବରଷ ହୁଅଇ । ୧୪ ।

---

ଜଅଣ କରନ୍ତୁ । ଏହି ସୁନ୍ଦରୀ ଯୌବନ କୁନ୍ଦରେ କୁନ୍ଦାଯାଇ କାମଦେବଙ୍କ ସୁବର୍ଣ୍ଣ ଯନ୍ତ୍ରରେ ନିର୍ମିତ ପିତୁଳା ପରି ଦିଶୁଅଛି । ୮ ।

ସେ ଦୁହେଁ ଅର୍ଥାତ ବିଷ୍ଣୁ ଓ ଶିବ ନିଜ ଧୈର୍ଯ୍ୟରେ ବାଧାପଡ଼ିବ ବିଚାରକରି ବିଷ୍ଣୁ ସମୁଦ୍ରରେ ଏବଂ ଶିବ କୃତ୍ତି ଅର୍ଥାତ୍ ବାଘଚର୍ମ ଭିତରେ ପଶି ଶଙ୍ଖ ଓ ଡମ୍ବରୁକୁ ଲୁଚାଇ ରଖିଲେ । ୯ ।

ନଳିନ ଅର୍ଥାତ୍ ପଦ୍ମ କୁମାରୀର ମୁଖଛବି ଧ୍ୟାନରେ ତନ୍ମୟ ହୋଇ ଦିନଶେଷକୁ ମଳିନ ଓ ସଙ୍କୁଚିତ ହୋଇଗଲା । ସେହି ଦିନଠାରୁ ପ୍ରତିଦିନ ଦିନ ଶେଷରେ ମଳିନ ଓ ସଙ୍କୁଚିତ ହେଉଅଛି । ୧୦ ।

ଚତୁର୍ମୁଖ ବ୍ରହ୍ମା ନିଜର ସୁଲକ୍ଷଣ ବାହନ ହଂସଠାରୁ ଶୁଣିଲେ ଯେ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ଏବେ ତରୁଣକୁ ଖୋଜୁଅଛି । ୧୧ ।

ନିଜ ବାହନଦୁହିତା—ହଂସ କନ୍ୟା । ବ୍ରହ୍ମା ନିଜ ବାହନ କନ୍ୟାକୁ ମାନବୀ ରୂପ ଦେଲେ ଏବଂ କାଦମ୍ବିନୀ ନାମ ଦେଇ ହଂସକୁ କହିଲେ ଏହାକୁ ନେଇଯାଅ । ୧୨ ।

ଇଏ ସେହି କନ୍ୟାର ସଖୀ ହେବ । ମାଙ୍ଗଲ୍ୟା ନାମକ ସନ୍ନ୍ୟାସିନୀ ଭେଟ କରାଇ ଦେବ । ତହୁଁ ଦୁହେଁ ଗଲାବେଳେ ବାଟରେ ଏହି ପ୍ରକାର ଦେଖିବାକୁ ପାଇଲେ । ୧୩ ।

ଅଶ୍ୱିନୀସୁତ—ଅଶ୍ୱିନୀ କୁମାର; ମଘବା—ଇନ୍ଦ୍ର । କନ୍ୟାକୁ ଅଶ୍ୱିନୀ କୁମାର ଲୋଭ କରୁଥିଲେ ମାତ୍ର ନିଜର ଘୋଡ଼ା ମୁହଁ କଥା ଭାବି ତଳକୁ ମୁହଁ ପୋତିଲେ, ଇନ୍ଦ୍ର ଲୋଭ କରି ନିଜରୂପକୁ ଦର୍ପଣରେ ଦେଖି ସହସ୍ର ନେତ୍ରରେ ସୁନ୍ଦରୀକୁ ଦେଖି ପାରିବ ବୋଲି ଆନନ୍ଦିତ ହେଲା ମାତ୍ର ସହସ୍ର ଚକ୍ଷୁଯୋଗୁଁ କୁତ୍ସିତ ରୂପ କଥା ବିଚାରି ବିମର୍ଷ ହୋଇଗଲା । ୧୪ ।

ଲବେ ଥାଏ ନୋହେ ମରୁତ । ଭାବ ମୁଁ ଦିତି ଗର୍ଭଜାତ ।
ନଦେଖ କୁବେର ତନୁକୁ । ନୈରୃତ ଘୃଣେଁ ଆସନକୁ । ୧୫ ।
ଧନ ନେଉଛନ୍ତି ଦୀନ ହୋଇ । ଯମ ପଦରେ ଲଜ୍ଜା ଦେଇ ।
ବରୁଣ ପାଶେ ଦେଇ ଦୃଷ୍ଟି । ଏ ବୁଦ୍ଧି ହେବ ବୋଲି କଷ୍ଟି । ୧୬ ।
ସନ୍ଧି କଷ୍ଟ ଦକ୍ଷିଣାୟନେ । କଥା ସେ ବେନି ବିରୋଚନେ ।
ବହିବାରୁ ଏ ତେଜମାନ । ହେଲାଇ ସିନା ବିରୋଚନ । ୧୭ ।
କୁମାରେ ଏଣ୍ଡ ଶଙ୍କା ଘୋର । ରାବଣୁ ଊଣା ଶୋଭା ମୋର ।
ଆନ କି ଉପମା ସେ ଯୋଷା । ଜାନକୀ ରୂପକୁ ସଦୃଶା । ୧୮ ।
ଗଙ୍ଗା କେ ନଦୀ ଭଯୁଙ୍କର । କଣ୍ଠରେ ଆଦର ନ କଲ ।
ସେହି ଲପନ କର୍ମେ ହେଲା ମାଳୀ ଯେବେ ଗଣେଶ ଭାଳ । ୧୯ ।
ଆନ୍ୟ ଦେବତାମାନେ ଖ୍ୟାତ । ଆମ୍ଭେ ତ ଏ ମାନଙ୍କ ଭୃତ୍ୟ ।
ଏମନ୍ତ ହେଲେ ଲୋଭଚଯ୍ୟ । ନ ତେଜେ ହୃଦୟୁ ନିଳୟ । ୨୦ ।

---

ଲବେ—କ୍ଷଣକାଳ; ମରୁତ—ବାୟୁ । ପବନ ଅସୁର ମାତା ଦିତି ଗର୍ଭରୁ ଜନ୍ମ ହୋଇଥିବାରୁ କ୍ଷଣେ ମାତ୍ର ଅସ୍ଥିର ନ ହୋଇ ବ୍ୟାକୁଳ ହେଉଅଛି । କୁବେର ସୁନ୍ଦରୀ ପ୍ରତି ଆଶା ରଖି ନିଜର ଚର୍ମରୋଗାକ୍ରାନ୍ତ ଶରୀରକୁ ଘୃଣା କରନ୍ତି ହେଲା । ନୈରୃତ ନିଜର ଶବ ଆସନ ଯୋଗୁଁ ଘୃଣା କରନ୍ତି ହେଲା । ୧୫ ।

ଯମ ଗୋବଧ୍ୟ ହୋଇ ଥିବାରୁ ସବୁବେଳେ ଲୋକଙ୍କୁ ଅନାଇ ଦୁଃଖରେ ଧନ କଟାଉଅଛି । ବରୁଣ ନିଜ ପାଶ ଅସ୍ତ୍ର ଉପରେ ନଜର ରଖି ତାହା ଫାଶକୁ ଶାପ ମନେ କରିବ ଭାବି ମନୋକଷ୍ଟ ହେଉଅଛି । ୧୬ ।

ବିରୋଚନ—ସୂର୍ଯ୍ୟ ଓ ବାଡ଼ବା, ଅଗ୍ନିଚକ୍ର । ଦକ୍ଷିଣାୟନ କାଳ ହେଲେ ସୂର୍ଯ୍ୟ ଓ ବାଡବାଗ୍ନିର ତେଜ ପ୍ରଚଣ୍ଡ ହୋଇଥାଏ । ଏପରି କଥା ପ୍ରଚଳିତ ଥିବାରୁ ସେମାନଙ୍କର ମନ ଅସ୍ଥିର ଧରିଲା । ୧୭ ।

କୁମାରଙ୍କୁ ଏହି ଘୋର ଶଙ୍କା ହେଲା ଯେ ତାହାର ସୌନ୍ଦର୍ଯ୍ୟ ରାବଣ ଠାରୁ ଊଣା । ସେ ବାଳା ସହିତ ଅନ୍ୟ କି ଉପମା ଦେବ ସେ ସୁନ୍ଦରୀ ସୀତା ଦେବୀଙ୍କ ପରି ରୂପବତୀ । ୧୮ ।

ଶୈଗବନ୍ତ ନଦୀ ଗଙ୍ଗାକୁ ବାନ୍ଧିବାହେବ ଆଶାକରି ଗଙ୍ଗା ସ୍ରୋତରେ ପଡ଼ି ଭାସିଗଲେ ମଧ ଗଙ୍ଗା ତାଙ୍କୁ ଆଦର କଲେ ନାହିଁ । ଏଣୁ ଗଣେଶ ମାଳୀ ଯେବେ ଭାବିଲେ କର୍ମ ବିପାକରୁ ମୋର ତ ସେହି ଗଜବଦନ, ମୋତେ ସୁନ୍ଦରୀ ଗ୍ରହିବ ନାହିଁ । ୧୯ ।

ଅନ୍ୟ ଅନ୍ୟ ଦେବତାମାନେ ଭାବିଲେ ଆମ୍ଭେମାନେ ତ ଏମାନଙ୍କର ସେବକ, ଆମ୍ଭେମାନେ କଅଣ ପାଇ ପାରିବା ? ତଥାପି ହୃଦୟରୁ ଲୋଭ ଛାଡ଼ିଲ ନାହିଁ । ୨୦ ।

ବିରହ ନାମରେ ବରହ୍ମି । ମନୁ ଜନମି ତାହା ଦହି ।
ସନ୍ତାପ ଅଙ୍ଗେ ଜାତ ହୋଇ । ମଦନ ଜ୍ୱର ସେ ବୋଲାଇ । ୨୧ ।
ବଢ଼ାଇ ତୃଷ୍ଣା ଅତିଶୟ । ଦାହ-ଜନିତ ଅପ୍ରମେୟ ।
କଣ୍ଠ କପାଳେ ହୋଇ ଘାଳ । କମ୍ପ କ୍ଷଣ କ୍ଷଣକେ ମେଳ । ୨୨ ।
ନ ଲାଗେ ବେଳେ ବେଳେ ନାଡ଼ି । ପ୍ରଳାପ ଜାତ ଘଡ଼ି ଘଡ଼ି ।
ଫୁଟଇ ତନୁ ଖରଶ୍ୱାସ । ପାଣ୍ଡୁର କରଇ ଅଶ୍ଲେଷ । ୨୩ ।
ତା ଦେଖି କହି ହେଲା ହଂସ । ନବୈଦ୍ୟ-ବ୍ୟାଧିକ ଯା ରସ ।
ସେତ ଦୁର୍ଲ୍ଲଭ ଏହାଙ୍କର । ଖଣ୍ଡିଲେ ଆମ୍ଭର ଆହାର । ୨୪ ।
କଏ ପୁଚ୍ଛିଲା ସୁତା ତାର । କହେ ଶ୍ୱେତ ଗରୁତବର ।
ପ୍ରେମମଞ୍ଜରୀ ବାଳା ନାମ । ଅଙ୍କୁରାଏ ଚିତ୍ତରେ ପ୍ରେମ । ୨୫ ।
ସଂକଳ୍ପଭବ ନାମ କାମ । ସ୍ୱାର୍ଥେ ଏ କାଳେ ହେଲା କ୍ଷମ ।
ଏମନ୍ତ କଥା ହେଉଁ ହେଉଁ । ନଭେ ସତ୍ୱରେ ଯାଉଁ ଯାଉଁ । ୨୬ ।

---

ବରହ୍ମି ଅର୍ଥାତ ଅଗ୍ନି, ବିରହ ନାମରେ ମନରୁ ଜାତ ହୋଇ ମନକୁ ପୋଡ଼ିଦଏ । ବିରହର ସନ୍ତାପ ଶରୀରରେ ଜନ୍ମିଲା ପରି ଲୋକେ ତାହାକୁ କାମଜ୍ୱର ବୋଲିକହନ୍ତି ।୨୧।

ଏହି ଜ୍ୱରରେ ବହୁତ ବେଶୀ ଶୋଷ ଲାଗେ, ଅପ୍ରମେୟ ଅର୍ଥାତ ଅପରିମିତ ଦାହ ଜନ୍ମେ, କଣ୍ଠ ଓ କପାଳରେ ଝାଳ ବହି କ୍ଷଣେ କ୍ଷଣେ କମ୍ପ ଜାତ ହୁଏ । ୨୨ ।

ବେଳେ ବେଳେ ନାଡ଼ିର ଗତି ବନ୍ଦ ହୋଇଯାଏ, ଘଡ଼ିକେ ଘଡ଼ି ପ୍ରଳାପ ବକିବା ଆରମ୍ଭ ହୁଏ, ତା'ପରେ ଦେହ ଫୁଟିଲା ପାଣି ପରି ଗରମ ହୁଏ ଏବଂ ଝାଳ ନିଶ୍ୱାସ ବହେ । ସଂଯୋଗ ନ ପାଇ ଦେହ ଶ୍ୱେତା ପଡ଼ିଯାଏ । ଦେବତାମାନଙ୍କର ଚକ୍ରାରେ ଏହି ଦଶା ଘଟିଲା । ୨୩ ।

ନବୈଦ୍ୟବ୍ୟାଧି—ବୈଦ୍ୟଙ୍କ ଅସାଧ୍ୟ ବ୍ୟାଧି । ଏ ଦେବତାଙ୍କର ଏପରି ଅବସ୍ଥା ଦେଖି ହଂସ କହିଲା, ଏହି ବୈଦ୍ୟମାନଙ୍କ ଅସାଧ୍ୟ ରୋଗକୁ ଯେଉଁ ରସ ଉପଶମ କରିପାରେ ସେହି ରସ ବା ରାଜକନ୍ୟାର ଶୃଙ୍ଗାର ରସ ଏମାନଙ୍କ ପକ୍ଷରେ ଅଲଭ୍ୟ ଅଟେ । ଏମାନେ ଖାଲି ଆମର ଆହାର ପଦ୍ମନାଡ଼ର ବଂଶ ବୃଦ୍ଧିଲେ । ବିରହୀମାନେ ପଦ୍ମପତ୍ର ଓ ପଦ୍ମନାଡ଼ ବ୍ୟବହାର କରିଥାନ୍ତି । ୨୪ ।

ଗରୁତବର—ଶ୍ରେଷ୍ଠ ପକ୍ଷୀ । କୌଣସି ଧଳା ପକ୍ଷୀ ବା ଶ୍ରେଷ୍ଠ ଧଳା ହଂସର ହିଁ ଏ ବାଳାର ନାମ ପଚାରିଲାରୁ ହଂସ କହିଲା ତା ନାମ ପ୍ରେମ ମଞ୍ଜରୀ; ସେ ମନରେ ପ୍ରେମ ଅଙ୍କୁରିତ କରାଇଥାଏ । ୨୫ ।

ସଂକଳ୍ପଭବ—ଇଚ୍ଛାରୁ ଜାତ ବୋଲି କାମଦେବ, ମନୋଜ । ସେହି ବାଳା ଯୌବନରେ କାମର ମନୋଜ ନାମକୁ ସାର୍ଥକ କରିବାକୁ ସମର୍ଥ ହେଲା । ଏହିପରି କଥାବାର୍ତ୍ତା ହୋଇ ହୋଇ ସେ ଦୁହେଁ ଆକାଶରେ ଶୀଘ୍ର ଯାଉଥିଲେ । ୨୬ ।

ପ୍ରିୟ ଅପ୍ରିୟ ହେବା ବେନ । ଏ ରୂପେ କଥା ବାମାତେନ ।
ହେଲ ସନ୍ଧ୍ୟାଗାମୀ ମୁଁ ଶଚୀ । ଜେମା ରୁଚ ଲୋକନେ ଲୁଚି । ୨୭ ।
ସୁସଙ୍ଗେ ହାର ମୁଁ ସାରଦା । ଲକ୍ଷକରି ଦେଇଛୁ ବିଦ୍ୟା ।
ଶୁଣିଲ ବୋଇଲ ମରାଳ । ଜାଣିଲ ଯହିଁକି ଆକୁଳ । ୨୮ ।
ତହିଁକି ବାଳା ଦୂରଗାର । କାହିଁକି ହେବ କଦାଚିତ ।
ସେ ଗାନ୍ଧର୍ବୀ ଗନ୍ଧର୍ବସତ୍ତ୍ୱ । ଷୋଡ଼ଶୀ ଏକ ପ୍ରଶୋଭିତା । ୨୯ ।
ବିଧାତା ଅନୁକୂଳ ଥିବ । ସେ ଅନୁକୂଳ ପୁଂସ ହେବ ।
ଶୋଭା ଗୁଣ କୁଳ ବୟସେ । ସମେ ମିଳିବ ଭାଗ୍ୟବଶେ । ୩୦ ।
ବିଭାମଣ୍ଡପ ତୂଳପାଶେ । ବସିବେ ସୀତା ରାମ ମତେ ।
ନୋହିଲେ ଥିବ ବହୁ କାଳ । ଯଥା ରେବତୀ ଲଭେ ବଳ । ୩୧ ।
ଶୁଣି କହିଲେ ଦେବୀ ବେନ । ଆମ୍ଭର ଅଂଶଜବା ଯେଣ ।
ଯାଇ ଦିଅ ତା ସଙ୍ଗୀ କରି । ସେ ହେବେ ଦୁଃଖ-ଶଙ୍କାହାରୀ । ୩୨ ।

---

ସେ ଦୁଇଟି ସ୍ତ୍ରୀର ଏହିପରି ପ୍ରିୟ ଓ ଅପ୍ରିୟ ଦୁଇପ୍ରକାର କଥାବାର୍ତ୍ତା ଶୁଣିଥିଲ । ଶଚୀଦେବୀ କହିଲେ ରାଜକନ୍ୟାର ଇଚ୍ଛା କଅଣ ଦେଖିବାପାଇଁ ମୁଁ ସନ୍ଧ୍ୟାକାଳରେ ଲୁଚି କରି ଯାଇଥିଲି । ସାରଦା ଅର୍ଥାତ୍ ସରସ୍ୱତୀ କହିଲେ ମୁଁ ସୁସଙ୍ଗ ଅର୍ଥାତ୍ ସୁନ୍ଦର ସଙ୍ଗରେ ହାର ସୁନ୍ଦରୀଙ୍କୁ ବିଦ୍ୟାଲକ୍ଷ ଦେଇଅଛୁ । ଏହା ଶୁଣି ହଂସ କହିଲା ତୁମ୍ଭମାନଙ୍କ କଥା ମୁଁ ଶୁଣିଗଲି । ତୁମ୍ଭେ ଯାହାପାଇଁ ବ୍ୟାକୁଳ ମୁଁ ତାହା ଜାଣେ । ୨୭-୨୮ ।

ଗାନ୍ଧର୍ବୀ—ନବଯୁବତୀ, ଗନ୍ଧର୍ବସତ୍ତ୍ୱ—ଅପ୍ସରା ଗର୍ଭ ସମ୍ଭୂତା. ପ୍ରଶୋଭିତା—ଶୋଭନା । ବାଳା ଏସବୁ କଥାରେ ଭ୍ରୂକ୍ଷେପ କଲା ନାହିଁ । ଯିଏ ନବଯୁବତୀ ଏବଂ ଅପ୍ସରା-ଠାରୁ ଜନ୍ମିଛି ପୁଣି ବୟସରେ ୧୬ ବର୍ଷିଆ ଯୁବତୀ ତା ପ୍ରତି ଶୋଭା ପାଇବ ନାହିଁ । ୨୯ ।

ଅନୁକୂଳ—ସପକ୍ଷ, ଅନୁକୂଳପୁଂସ—ଏକ ଛଡ଼ା ଅନ୍ୟ ସ୍ତ୍ରୀପ୍ରତି ଆସକ୍ତ ନୋହିବା । ବିଧାତା ଯେବେ ସପକ୍ଷ ଥିବ ତେବେ ଅନ୍ୟାନ୍ୟ ଆସକ୍ତା ଏବଂ ସୌନ୍ଦର୍ଯ୍ୟ, ଗୁଣ, ବଂଶ ଓ ବୟସରେ ସମାନ ପୁରୁଷ ଭାଗ୍ୟବଶରୁ ଏହାକୁ ଲଭିବ । ୩୦ ।

ତୂଳପାଶ—ନିକଟକୁ, ବିଭା ମଣ୍ଡପ—ବିବାହ ବେଦୀ । ବିବାହ ବେଦୀ ରୂପକ ନିକଟକୁ ସୀତା ରାମଙ୍କ ପରି ସ୍ତ୍ରୀ ପୁରୁଷ ଦୁହେଁ ବସିବେ, ନୋହିଲେ ବହୁକାଳ ଅପେକ୍ଷା କରି ରେବତୀ ଯେପରି ବଳରାମଙ୍କୁ ସ୍ୱାମୀ କରି ପାଇଥିଲେ ସେହିପରି ସମାନ ପୁରୁଷ ପାଇଁ ବହୁକାଳ ରହିବ । ୩୧ ।

ଦେବୀ ବେନ—ଦୁଇଦେବୀ ଶଚୀ ଓ ସାରଦା । ଏ କଥା ଶୁଣି ଶଚୀ ଓ ସାରଦା ଦୁଇଦେବୀ କହିଲେ, ସେ ସୁନ୍ଦରୀ ଆମ୍ଭ ଅଂଶରେ ଜନ୍ମିଅଛି ଏଣୁ ତୁମ୍ଭେ ଯାଇ ଆମ୍ଭ ଦୁହିଁଙ୍କୁ ତାହାର ସଖୀ କରାଇଦିଅ । ତାହାହେଲେ ଆମ୍ଭ ମନରୁ ଶଙ୍କା ଦୂର ହେବ । ୩୨ ।

କାଦମ୍ବ ଯେ ସମ୍ମତି କଲା । ପ୍ରମଦାଯୁଗ ଉପୁଜିଲା ।
ଶଚୀକଳା ବାଣୀକା ସେହୁ । କାଦମ୍ବିନୀରେ ସଙ୍ଗ ହୋଇ । ୩୩ ।
ପ୍ରଥମା ଦ୍ୱିତୀୟା ଅପର । ପ୍ରୟୋଗେ ହୋଇବେ ରୁଚିର ।
ଚମ୍ପାବତୀଶ କ୍ରୀଡ଼େ ଜଳେ । ମହିଷୀ ସଙ୍ଗେ ଅଛି ମିଳେ । ୩୪ ।
ସେ ସାରସର ସାରସରେ । ପୂର୍ଣ୍ଣ ସୁଖଦ ଧାରସରେ ।
ଲୋକନେ ନୃପ ପଚାରିଲା । ଲୋକେଶ-ବାହନ କହିଲା । ୩୫ ।
ହେ ଦେବଦେବ କନ୍ୟା ଚନ୍ଦ । ସଙ୍ଗେ ମୁଁ ଆସିଅଛି ଯେଣ ।
ତୁମ୍ଭ ନନ୍ଦନୀ କି ଇତର । ହୋଇବା ତ୍ରିପୁରାଳଙ୍କାର । ୩୬ ।
ସେ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ । ଏ ହେଲେ ତାହା ସହଚରୀ ।
କେତେ ବା ବଳିବ ଶୋଭନ । ମନୁଜାରୁ କି ପ୍ରୟୋଜନ । ୩୭ ।
ଭୂପତି ତୃପତିକି ପାଇ । ସୁତାରେ ସଖୀ ସମର୍ପଇ ।
କୌଶିକୀ ତଟର ବିପିନ । ଦେଲେ ବାଳାକୁ କ୍ରୀଡ଼ାସ୍ଥାନ । ୩୮ ।
କ୍ଷୀରେ ନୀର ମିଶିଲା ପରି । ସୁନ୍ଦରୀ ମାନେ ସହଚରୀ ।
ନିଜ ମନକୁ ମିଶାଇଲେ । ରହସ୍ୟ ଭାବେ ରସାଇଲେ । ୩୯ ।

---

କାଦମ୍ବ—ହଂସ, ପ୍ରମଦାଯୁଗ—ଦୁଇ ସ୍ତ୍ରୀ । ହଂସ ଏହି ପ୍ରସ୍ତାବରେ ରାଜି ହୋଇ ଦୁଇ ଦେବୀଙ୍କୁ ଶଚୀକଳା ଓ ବାଣୀକା ନାମରେ ଦୁଇ ସ୍ତ୍ରୀ କରାଇ କାଦମ୍ବିନୀ ସହିତ ନେଇ ଗଲା । ୩୩ ।

ଏ ଦୁଇଜଣ ଶ୍ରେଷ୍ଠସୁନ୍ଦରୀ ହେବେ ବୋଲି ହଂସ ମନେ ମନେ ଚନ୍ତାକରି ଚମ୍ପାବତୀର ରାଜା ରାଣୀଙ୍କ ସହିତ ଜଳକ୍ରୀଡ଼ା କରୁଥିବା ବେଳରେ ଯାଇ ପହଞ୍ଚିଲା । ୩୪ ।

ସାରସର—ଶ୍ରେଷ୍ଠ ସରୋବର, ସାରସରେ—ପଦ୍ମରେ ହଂସମାନଙ୍କର ; ଲୋକେଶ ବାହନ—ବ୍ରହ୍ମାଙ୍କ ବାହନ ହଂସ । ସେହି ଶ୍ରେଷ୍ଠ ସରୋବର ପଦ୍ମରେ ପୂର୍ଣ୍ଣ ହୋଇଥିବାରୁ ହଂସମାନଙ୍କର ଅତିଶୟ ସୁଖଦାତା ଅଟେ । ରାଜା ପୂର୍ବରୁ ଜଣା ବ୍ରହ୍ମାଙ୍କ ବାହନ ସେହି ହଂସକୁ ଦେଖି ପଚାରିବାରୁ ସେ କହିଲା— । ୩୫ ।

ହେ ମହାରାଜ, ମୁଁ ସଙ୍ଗରେ ଦୁଇଗୋଟି କନ୍ୟା ଆଣିଛି । ତୁମ୍ଭ କନ୍ୟାଠାରୁ ନ୍ୟୂନ ହେଲେ ମଧ୍ୟ ସେମାନେ ତ୍ରିଭୁବନରେ ସୁନ୍ଦରୀମାନଙ୍କର ଅଳଙ୍କାର ସ୍ୱରୂପ । ୩୬ ।

ଆପଣଙ୍କ କନ୍ୟା କୋଟିବ୍ରହ୍ମାଣ୍ଡ ସୁନ୍ଦରୀର ସହଚରୀ ହେଲେ ଅତି ଶୋଭା ପାଇବ । ମନୁଜା ଅର୍ଥାତ୍ ମାନବୀ ସହଚରୀରୁ କିଛି ପ୍ରୟୋଜନ ନାହିଁ । ୩୭ ।

ରାଜା ଏତିକି ଶୁଣି ଅତି ସନ୍ତୁଷ୍ଟ ହୋଇ ନିଜ କନ୍ୟାକୁ ସଖୀମାନଙ୍କୁ ଦେଲେ । କୌଶିକୀ ନଦୀ ତୀରସ୍ଥ ଅରଣ୍ୟ, କନ୍ୟାର କ୍ରୀଡ଼ାସ୍ଥାନ ପାଇଁ ଛାଡ଼ିଦେଲେ । ୩୮ ।

ଦୁଗ୍ଧରେ ପାଣି ମିଶିଲା ପରି ସହଚରୀମାନେ ସୁନ୍ଦରୀ ରାଜକନ୍ୟା ମନ ସହିତ ଆପଣା ଆପଣା ମନକୁ ମିଶାଇ ବିବିଧ ରହସ୍ୟ କଥା କହି ତା ମନ ମୋହିଲେ । ୩୯ ।

ହଂସବଂଶରେ ଯେ ଠାକୁର । ପରମହଂସ ଅବତାର ।
ଯେ ମୁନି ମାନସେ ବିହର । ଉପଇନ୍ଦ୍ର ଭଞ୍ଜ ସୁମର । ୪୦ ।

—*—

## ଷଷ୍ଠ ଛାନ୍ଦ

( ବସନ୍ତକାଳ ବର୍ଣ୍ଣନା, ରାଜପୁତ୍ରର ବନବିହାର ଏବଂ
କୋଟିବ୍ରହ୍ମାଣ୍ଡସୁନ୍ଦରୀର ପ୍ରସଙ୍ଗ ଶ୍ରବଣ )

ରାଗ—ବସନ୍ତ

ଅତି ରସମୟ ସମୟ ବସନ୍ତ ବିଚିତ୍ର ପ୍ରମେୟ ତାହାର ।
ମିତ୍ର ଅନଙ୍ଗକୁ ପ୍ରବଳ କରାଇ ଆଚରି ଚର୍ଚ୍ଚରୀ-ବିହାର
ଆଗତେ, ଆରୋହିଲା ନାଗେଶ୍ୱରକୁ ।
ଋତୁ-ରାଜ ପଦୁଁ ସେ ରଜ ଖେଳିଲା ବୃନ୍ଦେଁ ପ୍ରଫୁଲ୍ଲକେଶରକୁ । ୧ ।
ରୁଚି-ପତ୍ର ସୂଚି ଆବରଣ ମଧ୍ୟେ ସାଧ୍ୱୀ ଗୁଣ ଯେନ ପଶିଲା ।
ନବ ଯୂଥିବଲ୍ଲୀ ସେବତୀ ସଙ୍ଗତେ ଆସି କ୍ରୀଡ଼ାକୁ ପ୍ରକାଶିଲା ।
ମନୋଜ, ଶିଭ୍ରପୁର ମଧ୍ୟ ଭିତରେ ।
ଉଦିତ କରାଇ ରତି ଅନୁରାଗ ଅବିର ସେ ଖେଳେ ସତ୍ତରେ । ୨ ।

---

ହଂସବଂଶ—ସୂର୍ଯ୍ୟବଂଶ, ପରମହଂସ—ଶ୍ରେଷ୍ଠ ସନ୍ନ୍ୟାସୀ । ଯିଏ ସୂର୍ଯ୍ୟବଂଶର ଠାକୁର ଅଟନ୍ତି, ଯିଏ ପରମହଂସ ଅର୍ଥାତ୍ ସନ୍ନ୍ୟାସୀ ବେଶ ଧାରଣ କରିଥିଲେ, ଯିଏ ମାନସ ସରୋବରରେ ହଂସ ଖେଳିଲା ପରି ମୁନିମାନଙ୍କ ମନରେ କ୍ରୀଡ଼ା କରନ୍ତି ସେହି ରାମଚନ୍ଦ୍ରଙ୍କୁ ଉପଇନ୍ଦ୍ର ଭଞ୍ଜ ସ୍ମରଣ କରୁଅଛି । ୪୦ ।

—o—

ରସମୟ—ରସଯୁକ୍ତ, ବିଚିତ୍ର—ଆଶ୍ଚର୍ଯ୍ୟଜନକ, ପ୍ରମେୟ—କଥାମାନ, ଅନଙ୍ଗ—କନ୍ଦର୍ପ; ଚର୍ଚ୍ଚରୀ ବିହାର—ଉତ୍ସବରେ ମାତିବା, ନାଗେଶ୍ୱର—ପୁଷ୍ପ ଏବଂ ହସ୍ତୀଶ୍ରେଷ୍ଠ, ଋତୁରାଜ—ଋତୁମାନଙ୍କ ରାଜା, କେଶର—ଫୁଲରେଣୁ । ବସନ୍ତ ସମୟର ସବୁ ବିଷୟ ଅଦ୍ଭୁତ । ସେ ନିଜ ମିତ୍ର କନ୍ଦର୍ପ ବଳବାନ କରାଇ ନାନା ଉତ୍ସବ ଆରମ୍ଭ କଲା । ବସନ୍ତ ଋତୁମାନଙ୍କ ରାଜା ହୋଇଥିବାରୁ ରାଜାଙ୍କ ପରି ଶ୍ରେଷ୍ଠ ହାତୀରେ ଚଢ଼ିଲା । ସେ ନାଗେଶ୍ୱର ଫୁଲରେଣୁରେ ଫଗୁ ଖେଳ କଲା । ୧ ।

ରୁଚିପତ୍ର—କେତକୀ, ସାଧ୍ୱୀ—ସତୀ ସ୍ତ୍ରୀ, ରତି—ଆସକ୍ତି, ଅନୁରାଗ—ସ୍ନେହ । ସେ ସାଧ୍ୱୀ ସ୍ତ୍ରୀ ଗୁଣଯୁକ୍ତ ହୋଇ କେତକୀ ଫୁଲର କଣ୍ଟା ମଧ୍ୟରେ ଲୁଚିଲା । ଯେମିତି ସାଧ୍ୱୀମାନେ ଘର ଭିତରେ ଲୁଚି ରହନ୍ତି । ସେ ନୂଆ ଫୁଟିଥିବା ସେବତୀ ଫୁଲ ସହିତ ରସକ୍ରୀଡ଼ା କଲା । ମନୋଜ ଅର୍ଥାତ୍ କାମକୁ ଶିଭ୍ରରୂପକ ଅଗଣାରେ ଉଦିତ କରାଇ ଆସକ୍ତି ଓ ସ୍ନେହ-ରୂପକ ଅବିରରେ ଶୀଘ୍ର ଖେଳିଲା । ୨ ।

ମଧୁ ବନ୍ଧୁ ସଙ୍ଗେ ମଳୟ-ଶଇଳ-ଜଳୟୁ ଅନିଳ ବହିଲା ।
ଧଳିକେ ମଳ୍ଲି ପଦ୍ମିନୀ ପ୍ରଭୃତି ଜାତି ଦକ୍ଷିଣ ସ୍ୱଭାବେ ମୋହିଲା ।
ତା ଜାଣି, ବନ-ଭବନେ ଯେ ଆବେଶ
ତରୁ ଲତାଶ୍ରେଣୀ ତରୁଣ ତରୁଣୀ ସମସ୍ତେ ସୁମନ-ସୁବେଶ । ୩ ।
ଶୋଭା କରବୀର ରସାଳ ପୁନ୍ନାଗ ପୂଗ ମନ୍ଦ ଯେ ଅଭିଳାଷେ
ସୁନାସୀ ମାଧବୀ ମଲ୍ଲିକା ସେବତୀ ଚମ୍ପାଦ୍ୟମ ସହ ଉଲ୍ଲାସେ ।
ଏ ଭାବେ, ବକୁଳ ସଙ୍ଗାତ ହୋଇଲ ।
ସହଚରୀ ଦାସୀ ଆସି ତହିଁ ମିଶି ଉନ୍ନତ ପ୍ରଭା ଦେଖାଇଲେ । ୪ ।
କଳୀ ନଳୀ-କୋଷ ମୁଠା ସ୍ଫୁଟ କର ପଲ୍ଲବ କର ପ୍ରସାରିଲେ ।
ମକରନ୍ଦ ଗନ୍ଧ-ପିଚକା ପରାଗ ଫଗୁ ଅବିରତେ ଖେଳିଲେ ।
ହେଲେ ଯେ, ଆରନ୍ଧ୍ର ଶରୀରେ ଝଳକ ।
କଲେ ଖଞ୍ଜନ-ରଞ୍ଜନ-ଲକ୍ଷଣେ କ୍ଷଣକୁ କ୍ଷଣ ଚମକ । ୫ ।

---

ବସନ୍ତ ସମୟର ବନ୍ଧୁ ହୋଇ ମଳୟ ପର୍ବତବାସୀ ପବନ ବହିଲା । ବନରେ ଗୁଣ୍ଡି ରହିଥିବା ପଦ୍ମିନୀ ପ୍ରଭୃତି ଗୁଣଜାତ ଫୁଲ ସଲଲେ ଅର୍ଥାତ୍ କ୍ରୀଡ଼ାମଗ୍ନ ହୋଇଥିବା ପଦ୍ମିନୀ, ଚିତ୍ରିଣୀ ପ୍ରଭୃତି ୪ ଜାତି ସ୍ତ୍ରୀ ପରି ହେଲେ । ସେମାନଙ୍କୁ ଦକ୍ଷିଣ ନାୟକ ଅର୍ଥାତ୍ ବହୁ ସ୍ତ୍ରୀ ଅନୁରକ୍ତ ପରି ମୁଗ୍ଧ କଲା । ଏହା ଜାଣିପାରି ଅରଣ୍ୟ ରୂପକ ଗୃହରେ ତରୁଲତାମାନେ ଯୁବା ଯୁବତୀ ପରି ସୁମନ ଅର୍ଥାତ୍ ଫୁଲ ଧାରଣ କଲେ । ୩ ।

କରବୀର—କନିଅର, ରସାଳ—ଆମ୍ବ, ପୁନ୍ନାଗ—ନାଗେଶ୍ୱର, ଧଳାକଇଁ, ପୂଗ—ଗୁଆ, ସୁନାସୀ—ସୁନାସୀଗଛ, ଉତ୍ତମ ନାରୀ, ଦାସୀ—ଦାସକେରଣ୍ଡା । ବହୁବଲ୍ଲଭ ପୁରୁଷ ପରି କ୍ରୀଡ଼ା କରିବା ଇଚ୍ଛାରେ କନିଅର, ଆମ୍ବ, ପୁନ୍ନାଗ, ଗୁଆ ପ୍ରଭୃତି ନୂତନ ବେଶ ଭୂଷାରେ ଶୋଭିତ ହେଲେ । ସୁନାସୀ, ମାଧବୀ, ମଲ୍ଲୀ, ସେବତୀ ଚମ୍ପା ପ୍ରଭୃତି ଉତ୍ତମ ନାରୀ ପରି ସେମାନଙ୍କ ସହିତ କ୍ରୀଡ଼ା କଲେ । ଏହି ପରି ଭାବ ଦେଖି ବଉଳ ଆସି ସଙ୍ଗାତ ବା ସଖା ହେଲା । ସାଙ୍ଗରେ ରହିଥିବା ଦାସୀ ପରି ଧଳଦିଆ ଦାସକେରଣ୍ଡା ଏମାନଙ୍କ ସଙ୍ଗରେ ମିଶି ଉନ୍ନତ ଶୋଭାକୁ ପ୍ରକାଶ କଲେ । ୪ ।

କଳୀ—କଢ଼, ନଳୀକୋଷ—ପିଚକାରୀ, ପଲ୍ଲବକର—ପତ୍ରରୂପକ ହାତ, ମକରନ୍ଦ—ପୁଷ୍ପମଧୁ; ଗନ୍ଧପିଚକା—ସୁଗନ୍ଧ ଜଳ ପୂର୍ଣ୍ଣ ପିଚକାରୀ, ପରାଗ—ପୁଷ୍ପରେଣୁ, ଅବିରତେ—ବିରତ ନ ହୋଇ, ଫଗୁ—ଅବିର ଖେଳ, ଆରନ୍ଧ୍ର—ଭଳା, ଝଳକ—ଜୋତ୍ସ୍ନା-ବନ୍ତ, ଖଞ୍ଜନ—କଜ୍ଜଳପାତ, ରଞ୍ଜନ—ମୁଗ୍ଧ, ସ୍ଫୁଟ—ପ୍ରକାଶ । ପୁଷ୍ପଯୁକ୍ତ ବୃକ୍ଷମାନେ କଢ଼ ଧାରଣ କରିବାରୁ ତାହା ନଳକୋଷ କି ପିଚକାରୀ ନଳ ପରି ହେଲା । ଫୁଲ ପେନ୍ଥା ରୂପକ ହାତମୁଠା ଦ୍ୱାରା ପତ୍ରରୂପକ ହାତରେ ସେହି ପିଚକାରୀ ଚଳାଇଲେ । ପୁଷ୍ପ ମଧୁର ସୁଗନ୍ଧ ଜଳ ଦେଇ ପିଚକାରୀ ମାରିଲେ ଏବଂ ଫୁଲରେଣୁକୁ ଅବିର କରି ଫଗୁ ଖେଳିଲେ ।

ବର୍ଣ୍ଣ ଅବ୍ୟକ୍ତରୁ ହାରିତ କନକ କଙ୍କଣ ନିଃସ୍ୱନ ଉଠିଲେ ।
ମତ୍ତ ଭୃଙ୍ଗଶ୍ରେଣୀ ବାଜଣୀ କିଙ୍କିଣୀ ରଣରଣ ଶବ୍ଦ ଘୋଷିଲେ ।
ଏଣିକି, ମାଧ ରହିଲା ଅବେଚନା ।
ପିକ କୁହୁକୁହୁ ଲୋକ ହୁଁ ହୁଁ ହୁଁ ହୁଁ କଲେ ଉଚ୍ଚ ବଚ ରଚନା । ୬ ।
ବିକାଶ ହୋଇଲେ କିଂଶୁକ ସାଧୁ ସେ ପୂର୍ବ ବିଭୂତିକ ତେଜିଲେ ।
କୁରକ କରାତ କାଷ୍ଠ-କଠୋରାଙ୍ଗ ଉତ୍ଫୁଲ୍ଲ ପୁଲକ ଭଜିଲେ ।
ତା ଦେଖି, ଦୀନ ହୃଷ୍ଟପୁଷ୍ଟ ଲଭିଲେ ।
ଉଡ଼ି ପଡ଼ିଲା ବଗଜମାନରଜ ବନେ କେତେ ଅଙ୍ଗ ଶୋଭିଲେ । ୭ ।

---

ସେମାନେ ଓଦା ହୋଇ ଅତି ଶୋଭିତ ଦେଖାଗଲେ । ପିଚକାରି ଖେଳିଲା ବେଳେ ଓଦା ହୋଇ ଯାଇଥାନ୍ତି । ସେମାନେ କଜ୍ଜଳପାତ ସଦୃଶ ଆଖିକୁ ଚଞ୍ଚଳ କରି ପକାନ୍ତି । ସେହିପରି କଜ୍ଜଳପାତ ବୃକ୍ଷରୁ ଉଡ଼ି ଗଲାବେଳେ ଅତି ମୁଗ୍ଧକର ଶୋଭା ପ୍ରକାଶ ପାଇଲା । ୫ ।

ବର୍ଣ୍ଣ—ରଙ୍ଗ, ଅବ୍ୟକ୍ତ—ଅପ୍ରକଟିତ; ହାରିତ—ହାରିଯାଇ, କନକକଙ୍କଣ—ସୁନା ଚୂଡ଼ି, ନିସ୍ୱନ—ଶବ୍ଦରେ, କିଙ୍କିଣୀ—ଅଳଙ୍କାର, କନକ—ଚମ୍ପା । ପିଚକାରି ପାଣିରେ ନାଲି ହୋଇ ସୁନାଚୂଡ଼ି ନିଜର ହଳଦିଆ ରଙ୍ଗକୁ ହରାଇ ରହିଲା ପରି ଚମ୍ପା ଗଛମାନ ଦେଖାଗଲେ । ମତ୍ତ ଭ୍ରମରପନ୍ତି ଅଳଙ୍କାର ବାଜେଣୀ ପରି ରଣ ରଣ ଶବ୍ଦ କଲେ । ଅଧିକ ବେଳ ଉତ୍ତର କରିବା କଥା ହେଉଛି ସେ ଲୋକମାନଙ୍କର କାମ ଉନ୍ମତ୍ତ ଅବସ୍ଥାରେ ଯେଉଁ ହୁଁ କାର ଶବ୍ଦ ହୋଇଥାଏ ତାହା ପିକ ଅର୍ଥାତ୍ କୋଇଲିର ଉଚ୍ଚ କୁହୁ ଶବ୍ଦରେ ପ୍ରକାଶ ପାଇଲା । ୬ ।

କିଂଶୁକ—ପଳାଶ ଫୁଲ, ସାଧୁ ସନ୍ନ୍ୟାସୀ; ବିଭୂତି—ପାଉଁଶ, କୁରକ—କୁରାଅନା; କାଷ୍ଠ କଠୋରାଙ୍ଗ—କାଠପରି କଠୋର ଅଙ୍ଗ, କିରାତ—ଶବର, ବଗଜମାନ—ପାପ୍ତି ମନ୍ତ୍ର, ରଜ—ଧୂଳି । ସାଧୁମାନେ ପାଉଁଶ ବୋଲି ହେଲାପରି ପଳାଶ ଫୁଲର ଉପର ପାଉଁଶିଆ ରହିଥାଏ, ଫୁଟିଲେ ଲାଲ ହୁଏ । କବି କହୁଛନ୍ତି ସେମାନେ ବସନ୍ତ ଆଗମନରେ ପାଉଁଶ ଛାଡ଼ିଲ ନାଲିରଙ୍ଗ ଦେଖାଗଲେ । କୁରାଅନା କାଠପରି ଟାଣୁଆ । ଏଣୁ ସେ ଶବର ପରି । ତଥାପି ତାହାର କଠୋର ଅଙ୍ଗରେ ମଧ୍ୟ ରୋମାଞ୍ଚ ଜାତ ହେଲାପରି ଫୁଲ ଫୁଟିଲା । ଦୀନ ଦୁଃଖୀମାନେ ଫଗୁଖେଳି ପାରନ୍ତି ନାହିଁ, ଅନ୍ୟ ଖେଳାଳି ଲୋକର ଅବିର ଉଡ଼ି ତାଙ୍କ ଦେହରେ ପଡ଼ିଥାଏ ବୋଲି ସେମାନେ ଆନନ୍ଦ ଅନୁଭବ କରିଥାନ୍ତି । ସେହିପରି କେତେକ ଫୁଲହୀନ ଗଛରେ ଅନ୍ୟ ବୃକ୍ଷର ଫୁଲ ରେଣୁ ଉଡ଼ିଆସି ପଡ଼ି ସେମାନଙ୍କୁ ମଧ୍ୟ ଶୋଭାଯୁକ୍ତ କରିଥାଏ । ୭ ।

ନବମାଳିକା ନବବାଳିକା ଏକା ବର୍ଣ୍ଣେ ଭେଦ ଅଛି ମାତର ।
ବାମା ହୁଅଇ ବିପରୀତେ ବୋଲନ୍ତେ ବାସ ଆଶ୍ରୟ କରନ୍ତର ।
ମୁକୁଳ, କଣ୍ଠ ସ୍ୱର ଯେଣୁ ଗୁମ୍ଫିତ ।
ଖେଳ ଉଦ୍ୟମରେ ଧବ ସମୀପରେ ଶୁକ ବାକ୍ୟେ ଗୃଢ଼ ବଳ୍ପିତ ।୮।
ସେ ରଙ୍ଗବଣ ଯେ ହୋଇଲେ ଅଶୋକ ସ୍ତବକ-ଉରଜ ଦଶାଇ ।
ନଭ-ସ୍ଥିତ ଚିତ୍ତ ସେ ଲୀଳାରହସ୍ୟ ଚରିତେ ଲୁବଧ ରସାଇ ।
ସାରଥି,ରଥୀ ମାନସ ବଳାଇଲେ ।
ପ୍ରାତଃ ଦିବସାନ୍ତ ଅରୁଣ କରାଇ ଦୁହେଁ ଅରୁଣ ବୋଲାଇଲେ । ୯ ।
ସ୍ନେହ ଚୂର୍ଣ୍ଣରେ ଚନ୍ଦ୍ର ଚନ୍ଦ୍ର-ଚୂର୍ଣ୍ଣରେ ଖେଳିଲେ ତାରକୀ ସଙ୍ଗତେ ।
ତ୍ରିଯାମା ରାମା ଶ୍ୟାମା ଅତିଶୟରେ କସ୍ତୁରିକା ଦଳ ଫିଙ୍ଗନ୍ତେ ।
ସେ ଧୂଳି, ସେହି ଲେଉଟାଇ ମାଇଲେ ।
ନିଃଶଙ୍କେ ଚନ୍ଦ୍ରିକା ଅଙ୍କକରି ଅଙ୍କେ ଲୀଳା ବଳାସେ କ ଥୋଇଲେ ।୧୦।

---

ନବ ମାଲିକା—ନିଆଳୀ; ନବ ମାଲିକା ଓ ନବ ବାଳିକା ଶବ୍ଦ ଦୁଇଟି ମଧ୍ୟରେ କେବଳ ଗୋଟିଏ ଲେଖା ଅକ୍ଷର 'ମା' ଓ 'ବା'ର ପ୍ରଭେଦ । ଏହାକୁ ଓଲଟାଇ ପଢ଼ିଲେ ହେବ 'ବାମା' ବାମାର ଅର୍ଥ ହେଲା ନବ ଯୁବତୀ । ନବଯୁବତୀମାନେ ସର୍ବଦା ବାସ ଅର୍ଥାତ୍ ବସ୍ତ୍ରରେ ଢାଙ୍କିହୁଙ୍କି ହୋଇ ରହନ୍ତି । ନିଆଳୀ ଫୁଲ ନୂଆ ଫୁଟି ବାସ ଅର୍ଥାତ ସୁଗନ୍ଧକୁ ଆଶ୍ରୟ କଲା । ମୁକୁଳବତୀ ଅର୍ଥାତ କଣ୍ଠ ଏବଂ ଅଦ୍ଭୁସ୍ଫୁଟ କଳ୍ୟାଣକର କଣ୍ଠବର୍ତ୍ତୀ ଧବ ଅର୍ଥାତ ସ୍ୱାମୀଙ୍କୁ ଅଥବା ପତ୍ର କରି ଖେଳିବା ଇଚ୍ଛାରେ ଗଛରେ ବସି ବୋବାଉ ଥିବା ଶୁଆର ରବ ସ୍ୱରୂପ ଗୂଢ଼ବାଣୀ କହିଲା । ୮ ।

ରଙ୍ଗବଣ—କ୍ରୀଡ଼ାବଣ, ଅଶୋକ ସ୍ତବକ—ଅଶୋକ ଫୁଲ ପେନ୍ଥା, ଦଶାଇ—ଦେଖାଇ, ନଭସ୍ଥିତ—ଆକାଶରେ ଥିବା, ରଥୀ—ରଥରେ ଥିବା ସୂର୍ଯ୍ୟ; ସାରଥୀ, ଦିବସାନ୍ତ—ଦିନଶେଷ, ଅରୁଣ—ରକ୍ତବର୍ଣ୍ଣ; ଅରୁଣ ନାମ—ସୂର୍ଯ୍ୟଙ୍କ ସାରଥି ନାମ । ଅଶୋକ ଫୁଲ ପେନ୍ଥା ରୂପକ ସ୍ତନ ଦେଖାଇ ସେହି ଖେଳରେ ମାତିଗଲେ । ସେହି କ୍ରୀଡ଼ା କୌତୁକ ଦେଖି ଆକାଶରେ ଥିବା ସୂର୍ଯ୍ୟାଦି ଦେବତାମାନେ ଖେଳରେ ମନ ବଳାଇଲେ । ସୂର୍ଯ୍ୟ ଓ ତାଙ୍କ ସାରଥିର ମନ ଖେଳରେ ଏତେ ମଜ୍ଜିଗଲା ଯେ ସକାଳ ସନ୍ଧ୍ୟାକୁ ଲାଲରଙ୍ଗ କରି ଦେଲେ ଓ ନିଜେ ମଧ୍ୟ ଲାଲ ହେଲେ । ସାରଥି ପୁଣି ଅରୁଣ ନାମ ଧାରଣ କଲା ।୯।

ଚନ୍ଦ୍ରଚୂର୍ଣ୍ଣ—କର୍ପୂର ଗୁଣ୍ଡ, ତାରକୀ—ତାରାସମୂହ, ତ୍ରିଯାମା—ରାତି, ରାମା—ସ୍ତ୍ରୀ, ଶ୍ୟାମା—ଶ୍ୟାମଳବର୍ଣ୍ଣା, ଅଙ୍କେ—ଦେହରେ; ଚନ୍ଦ୍ରିକା—ଚନ୍ଦ୍ରକିରଣ । ସ୍ନେହପୂର୍ଣ୍ଣ ମନରେ ଚନ୍ଦ୍ର ତାରାମାନଙ୍କ ସହିତ କର୍ପୂର ଧୂଳିରେ ଖେଳିଲେ । ରାତିରୂପକ କଳା ରଙ୍ଗର ସ୍ତ୍ରୀ କସ୍ତୁରୀର କଳା ଗୁଣ୍ଡକରି ଫିଙ୍ଗିବାରୁ ଚନ୍ଦ୍ର ସେହି ଧୂଳିକୁ ଲେଉଟାଇ ଫିଙ୍ଗିଲେ । ରାତି ଓ ଚନ୍ଦ୍ର ଦୁହେଁ ଶଙ୍କାଶୂନ୍ୟ ମନରେ ନିଜ ନିଜ ଦେହରେ ତାହାକୁ ଖେଳ

ମିଳିତ ଯେ ଗନ୍ଧମାଦନ କାନନକନ୍ଦରେ ଚତୁର-ଆନନ
ଗୁଣ-ବିଶାରଦା ସାରଦା ସାବିତ୍ରୀ ସଙ୍ଗେ ରଙ୍ଗେ ତୋଷ ଜନନ ।
ଶ୍ରୀଖଣ୍ଡ, ଅଚଳେ ଆଖଣ୍ଡଳ ଚଳେ ।
ଘେନି ଇନ୍ଦ୍ରାଣୀ ଗନ୍ଧର୍ବ ଅପ୍ସରା ସେ ଉତ୍ସବେ ମଜ୍ଜି ଚଞ୍ଚଳେ । ୧୧ ।

କଳ୍ପଶ ଜନ୍ନର ଘେନି ଧନେଶ୍ୱର ଚୈତ୍ରରଥରେ ବିଳସେ ।
କ୍ଷେତ୍ରମାନଙ୍କେ ଉମାଧବ ମାଧବ ପ୍ରତିମାରୂପରେ ଲୋଳ ସେ ।
ବିମାନ, ଆରୋହି ସେ ରଙ୍ଗେ ଭ୍ରମିତ ।
ଯେ ବିଳାସ କଇଳାସ ବଇକୁଣ୍ଠେ ହୋଇଥିବ ତାହୁ ଉମିତ । ୧୨ ।

ମୋହି ପାରଇ ଜଗତ ଯେଉଁ ଗୀତ ଆଳିଙ୍ଗିତ ସ୍ୱର ସପତ ।
ସ୍ଥଳିତ ଲୋକିତ ଦର୍ଭିରେ ପନ୍ନଗ ଅନଙ୍ଗ ତହିଁର ଗୁପତ ।
ବିହଗ, ପଶୁ ସ୍ୱରେ ସ୍ୱରେ ଧଇଲେ ।
ପ୍ରଶସ୍ତ କରି ବସନ୍ତ ରାଗ ଧରି ସର୍ବଲୋକେ ତାହା ଗାଇଲେ । ୧୩ ।

---

କୌସ୍ତୁଭରେ ଧାରଣ କଲେ । ଚନ୍ଦ୍ର କସ୍ତୁରୀକୁ କଳଙ୍କ ରୂପରେ ଓ ଗୁଣି ଜ୍ୟୋସ୍ନା ଧବଳିତ ହେତୁ ଚନ୍ଦ୍ରିକା ରୂପରେ ଧାରଣ କରି ଶୋଭା ପାଇଲେ । ୧୦ ।

ଗନ୍ଧମାଦନ ନାମକ ଅରଣ୍ୟ ଭିତରେ ବ୍ରହ୍ମା ଗୁଣବିଚକ୍ଷଣା ସରସ୍ୱତୀ ଏବଂ ସାବିତ୍ରୀଙ୍କ ସହିତ ନାନା କ୍ରୀଡ଼ା କରି ଆନନ୍ଦ କରୁଥିଲେ । ଶ୍ରୀଖଣ୍ଡ ଅଚଳ ଅର୍ଥାତ୍ ମଳୟ ପର୍ବତକୁ ଆଖଣ୍ଡଳ ଅର୍ଥାତ୍ ଇନ୍ଦ୍ର, ଇନ୍ଦ୍ରାଣୀ ଶୀଘ୍ର ସହିତ ଗଲେ । ଗନ୍ଧର୍ବ ଓ ଅପ୍ସରାମାନେ ମଗ୍ନ ହୋଇ ଉକ୍ତ ଉତ୍ସବରେ ଯୋଗ ଦେବାକୁ ଶୀଘ୍ର ମଳୟାଚଳକୁ ଗଲେ । ୧୧ ।

ଧନେଶ୍ୱର—କୁବେର ଚୈତ୍ରରଥ—କୁବେରଙ୍କର ଉଦ୍ୟାନ, ଉମାଧବ—ଶିବ ମାଧବ—ବିଷ୍ଣୁ ଲୋଳ—ଆନ୍ଦୋଳିତ, ଭ୍ରମିତ—ଭ୍ରମଣ କରିବା । ଧନପତି କୁବେର ନିଜଗଣ କଳ୍ପଶ ଜନ୍ନର ମାନଙ୍କ ସହିତ ନିଜ ଉଦ୍ୟାନରେ ବିହାର କଲେ । ଶିବ ଓ ବିଷ୍ଣୁ ସେହି ଖେଳରେ ଲେଖି ହୋଇ ବିମାନ ଚଢ଼ି ପ୍ରତିମାରୂପରେ କ୍ଷେତ୍ର ମାନଙ୍କରେ ଭ୍ରମଣ କଲେ । ଏହି ଲୀଳା କୈଳାସ କୈଳାସ ଓ ବୈକୁଣ୍ଠରେ ମନୋହର ହୋଇଥିବ । ୧୨ ।

ଆଳିଙ୍ଗିତ—ଆଶ୍ରୟକରି, ପନ୍ନଗ—ସର୍ପ, ବିହଗ—ପକ୍ଷୀ, ଅନଙ୍ଗ—କାମ । ଯେଉଁ ଗୀତକୁ ବୀଣାର ସପ୍ତସ୍ୱର ଆଶ୍ରୟ କରି ସଂସାରକୁ ମୋହିତ କରିପାରେ, ଯେଉଁ ଗୀତ ଶୁଣିଲେ ସାପ ଅକାତ୍ୟୋଭ ବୃଦ୍ଧିବନ୍ତ, ସେଥିରେ କାମ ଅଙ୍ଗହୀନ ହେବାରୁ ଗୁପ୍ତ ରହିଅଛି । ସେହି ସ୍ୱରକୁ ପଶୁପକ୍ଷୀ ନିଜନିଜ ସ୍ୱରରେ ଗାନ କଲେ । ସେହି ବସନ୍ତ ରାଗକୁ ଶ୍ରେଷ୍ଠ କରି ସମସ୍ତ ଲୋକ ଗାଇଲେ । ୧୩ ।

ସେ କର୍ଣ୍ଣକୁହରେ ପ୍ରବେଶ ହେବାରେ ଅବିରତେ ରତି ହୃଦୟରେ ।
କଲେ ଉଦ୍ଦୀପନ ଆଲମ୍ବନ ଅବଲମ୍ବନ ସେ ଅତି ଆଦରେ ।
ସମ୍ଭୋଗ, ବିପ୍ରଲମ୍ଭ ବେନି ଶୃଙ୍ଗାର ।
ଯୋଗୀ ବିଯୋଗୀ ବିରଚନ କରନ୍ତି ଭାବି ବେଗେ କେଲି ଆଦର ।୧୪।
ଯହିଁର ଦ୍ରୁଅର ଲଭନ ଚନ୍ଦନ ବନ୍ଦନ ତାପ ବିନାଶରେ ।
ଲେଖ ଲେଖନ୍ତି ସ୍ୱର୍ଗଲୋକ ମଧ୍ୟରେ ଅତ୍ୟନ୍ତ ସୁଖ ମାନସରେ ।
କୁମର, ବର ଏ ଋତୁ ଉପଗତେ ।
ଅଭିରାମ ଆରାମକୁ ଗମେ ବେନି ମିତ୍ର ଚିତ୍ରପୁଂସ ସଙ୍ଗତେ । ୧୫ ।
ତର୍କବିଦ ବାଗୀଶ୍ୱର ନାମ ବେନି କବି ଭେଟାଇ ପ୍ରହ୍ଲାଦାସ୍ୟ ।
ପୁରୋଧା ସୁତ ପୁଷ୍ପକାଳ ପ୍ରଶଂସି ହୋଇବାରୁ ବନବିହାରୀ ।
ତରୁଏ, ଏଥିକି ସୁମନେ ହସନ୍ତି ।
କୁହୁନକାଳରେ ତାହି ବୋଲି ପିକେ ଅଭିଳଚେ ଯେଣୁ ଭାଷନ୍ତି । ୧୬ ।

---

ଉଦ୍ଦୀପନ—ଉତ୍ତେଜନା; ଆଲମ୍ବନ—କାମ ରସାଶ୍ରିତ, ଅବଲମ୍ବନ—ଆଶ୍ରୟ, ବିଯୋଗୀ—ଯୋଗଛାଡ଼ିବା, ବିପ୍ରଲବ୍ଧ—ବିଚ୍ଛେଦ । ସେହି ଗୀତ କର୍ଣ୍ଣବିଳରେ ପଶିବାରୁ ହୃଦୟରେ ଅନୁକ୍ଷଣ, କାମ ଉତ୍ତେଜନା, କାମ ଆସକ୍ତି ଓ କାମ ଆଶ୍ରୟ ନେବାର ପ୍ରବୃତ୍ତି ଜାତ ହେଲା । କୋକିଳର କୁହୁଧ୍ୱନି, ଭ୍ରମରଗୁଞ୍ଜନ, ଚନ୍ଦ୍ରକିରଣ ଏବଂ ମଳୟ ଯୋଗୁଁ ମନ କାମଲିପ୍ସା ହେଲେ । ସେମାନେ ନାୟିକାଙ୍କ ସହିତ ଆନନ୍ଦରେ ବିହାର କଲେ । ସମ୍ଭୋଗ ଅର୍ଥାତ୍ ମିଳନାତ୍ମକ ଶୃଙ୍ଗାର ଏବଂ ବିଚ୍ଛେଦ ଶୃଙ୍ଗାର ଏପରି ଦୁଇ ଶୃଙ୍ଗାର ରସକୁ ଆଦର କରି ଯୋଗୀମାନେ ବିଯୋଗୀ ଅର୍ଥାତ୍ ଯୋଗ ଛାଡ଼ିଲେ । ୧୪ ।

ଲେଖ—ପତ୍ର; ଆରାମ—ଉପବନ; ଚିତ୍ରପୁଂସ—ଅଦ୍ଭୁତପୁରୁଷ, ଉପଗତେ—ପହଞ୍ଚିବାରୁ, ଅଭିରାମ—ସୁନ୍ଦର, ବନ୍ଦନ—ଆଦରଣୀୟ । ଯେଉଁ ସମୟରେ ତାପ ନାଶ କରିବା ପାଇଁ ଚନ୍ଦନକାଠ ଆଦୃତ ହୋଇଥାଏ ସ୍ୱର୍ଗଲୋକ ବାସ କରୁଥିବା ଦେବତାମାନେ ଅତି ଖୁସି ମନରେ ପ୍ରେମପତ୍ର ଲେଖନ୍ତି ସେହି ବସନ୍ତ ସମୟ ପଡ଼ିବାରୁ ରାଜପୁତ୍ର ନିଜର ଦୁଇ ଶ୍ରେଷ୍ଠ ମିତ୍ର ଓ ଅଦ୍ଭୁତ ପୁରୁଷଙ୍କୁ ସଙ୍ଗରେ ନେଇ ମନୋହର ଉପବନକୁ ଗମନ କଲେ ।୧୫।

ପ୍ରହ୍ଲାଦାସ୍ୟ—ପ୍ରହସ୍ତ ତର୍କବିଦ—ତର୍କଶାସ୍ତ୍ରବେତ୍ତା, ବାଗୀଶ୍ୱର—କବି, ପୁରୋଧା—ପୁରୋହିତ, ପୁଷ୍ପକାଳ—ବସନ୍ତ, ତରୁ—ବୃକ୍ଷମାନେ ତର୍କବିଦ ଓ ବାଗୀଶ୍ୱର ନାମକ ଦୁଇ କବିଙ୍କୁ ଆଣି ପ୍ରହସ୍ତ ଭେଟ କରାଇଲା । ପୁରୋହିତପୁତ୍ର ବନରେ ବିହାର କରୁଥିବାରୁ ବସନ୍ତ ଋତୁର ପ୍ରଶଂସା କଲା । ବସନ୍ତ କାଳରେ ବୃକ୍ଷମାନେ ଫୁଲରେ ଶୋଭିତ ହୋଇ ହସି ଉଠନ୍ତି । କୋଇଲିମାନେ ଶୀତଦିନେ କୁହୁନ ଅର୍ଥାତ୍ କୁହୁନ ବୋଲି ହିତ ସ୍ୱରରେ ରବ କରନ୍ତି । ୧୬ ।

ନିକଟ ପ୍ରକଟ ସରସୀ ଦେଖାଇ ସଚିବ-ନନ୍ଦନ ଭାଷୁଛି ।
ନୂତନା ପଦ୍ମ-ମୁଖ ଅଳ୍ପ ବିକାଶି ଏହି କଥା କହି ଆସୁଛି ।
ଯେ ଜଡ଼, ସେ କି ମଧୁପଙ୍କ ଲକ୍ଷିତ ।
ସାରମଣି ଭଣି ଗ୍ରୀଷମ ବରଷା ଶରଦେ କି ନିନ୍ଦା ବାଞ୍ଛିତ । ୧୭ ।
ଅଗ୍ରତରେ ଥିଲା ଅଦ୍ଭୁତ ପୁରୁଷ ପାଲଟିଲା ହୋଇ ଭାଷିଲା ।
ବିଧି ଋତବକ ଋତୁ ପଛେ ପକାଇ ଅବଧାନକୁ ନ ଆସିଲା ।
ନରେଶ, ସୁତ ସସ୍ମିତେ ଅନାଇଲା ।
ସେହି ସମୟେ ସାବଧାନ କରାଇ କବିଏ ମନ ମନାଇଲା । ୧୮ ।
ସୁରଭିପଣରେ ସୁରଭି ଗୁଣରେ ସୁରଭି-ପୁରେଶ ନନ୍ଦନା ।
ଯେମନ୍ତ ମତ୍ତକାମିନୀଙ୍କ ସୀମନ୍ତ-ମଣିଭୂଷା ହୋଇ ବନ୍ଦନା ।
ତେମନ୍ତ, ସୁରଭି ଋତୁରେ ପ୍ରଧାନ ।
ନଦୀରେ ଗଙ୍ଗା ପୁରୁଷେ ମନସିଜ ଗଜେ ଇନ୍ଦ୍ରଗଜ ସୁଧ୍ୟାନ । ୧୯ ।

---

ସଚିବନନ୍ଦନ—ମନ୍ତ୍ରୀପୁଅ, ସରସୀ—ପୁଷ୍କରିଣୀ, ଜଡ଼—ଜାଡ଼କର, ଶୀତକାଳ; ମଧୁ—ବସନ୍ତକାଳ, ମହୁ, ନୂତନା—ନବଯୁବତୀ ।

ନିକଟରେ ପୁଷ୍କରିଣୀକୁ ଦେଖାଇ ମନ୍ତ୍ରୀପୁଅ କହିଲା, ଏହି ପୁଷ୍କରିଣୀ ନବଯୁବତୀ ପରି ନିଜ ପଦ୍ମମୁଖ ଅଳ୍ପ ଦେଖି । ଏହି କଥା କହୁଅଛି ଯେ ଜାଡ଼କର କଅଣ ମହୁପଙ୍କ ସମାନ ହେବ ? ଅନ୍ୟାର୍ଥରେ ଶୀତକାଳ କଅଣ ବସନ୍ତକାଳ ସହିତ ସମାନ ହେବ ? ଏହା ଶୁଣି ସାରମଣି ଅର୍ଥାତ୍ ରାଜପୁତ୍ର ଉତ୍ତର ଦେଲା ତେବେ କଅଣ ବସନ୍ତକାଳ ଗ୍ରୀଷ୍ମ ବର୍ଷା ଓ ଶରତକାଳକୁ ନିନ୍ଦା କରୁଅଛି । ୧୭ ।

ପାଲଟିଲା—ଲେଉଟିପଡ଼ିଲା; ଅବଧାନକୁ—ମନକୁ; ମନାଇଲା—ମନ ଖୁସିକଲା । ଅଦ୍ଭୁତ ପୁରୁଷ ଆଗେ ଆଗେ ଯାଉଥିଲେ । ସେ ଲେଉଟିପଡ଼ି କହିଲେ ବିଧାତା ବିଗୁର କରି ଅନ୍ୟଋତୁମାନଙ୍କୁ ପଛରେ ପକାଇ ଦେଇଅଛି ଏ କଥା କଅଣ ଆପଣଙ୍କ ମନକୁ ଆସୁନାହିଁ । ଏହା ଶୁଣି ରାଜପୁତ୍ର ମନ୍ଦମନ୍ଦ ହସି ଅନାଇଲା । ଠିକ୍ ସେତିକିବେଳେ ଜଣେ କବି ସାବଧାନ କରି ତାଙ୍କ ମନ ମନାଇ ଦେଲା । ୧୮ ।

ସୁରଭି—ସୁନ୍ଦର, ଉତ୍ତମ ବସନ୍ତ, ସୁରଭି-ପୁରେଶ—ପୁଷ୍ପପୁର ରାଜା, ମତ୍ତକାମିନୀ—ସୁନ୍ଦରୀ ସ୍ତ୍ରୀ, ସୀମନ୍ତ-ମଣିଭୂଷା—ମଣି ନିର୍ମିତ ମୁଣ୍ଡ ଗହଣା । ସୁରଭିପୁରେଶ ନନ୍ଦନା ଅର୍ଥାତ୍ ପୁଷ୍ପପୁର ରାଜକନ୍ୟା ସୁନ୍ଦରପଣରେ ଏବଂ ଉତ୍ତମ ଗୁଣରେ ସ୍ତ୍ରୀ ମାନଙ୍କର ମସ୍ତକର ମଣି ହୋଇଥିବାରୁ ସବୁ ସୁନ୍ଦରୀଙ୍କ ଠାରୁ ସମ୍ମାନ ପାଇଥାଏ । ସେହିପରି ଋତୁମାନଙ୍କ ମଧ୍ୟରେ ବସନ୍ତ, ନଦୀମାନଙ୍କ ମଧ୍ୟରେ ଗଙ୍ଗା, ପୁରୁଷମାନଙ୍କ ମଧ୍ୟରେ କାମ ଏବଂ ହସ୍ତୀ ମାନଙ୍କ ମଧ୍ୟରେ ଐରାବତ ଶ୍ରେଷ୍ଠ ଅଟେ । ୧୯ ।

ଶୋଭା ଆରମ୍ଭରେ ରମ୍ଭାରେ ପ୍ରୟୋଗ ବୋଧକର ଥିଲା ବୋଲିଣ ।
ସେ ଅପସରା ବିଟପୀ-ଭାବ ଭଜି ତନୁକୁ ରମ୍ୟ ନ ପାଇଲା ।
ଯା ଶୋଭା, ସଣ ଜଗତରେ ପ୍ରସର ।
ହାରି ହାରି ହୋଇ ତରଳକୁ ଯେନ ସୁର-ସରିତ ଅନୁସରି । ୨୦ ।
ଜଗଜ୍ଜୟ-ଅର୍ଥୀ ତା ବଶ ମନ୍ମଥ ମୂର୍ତ୍ତିମନ୍ତ ହେବା କାରଣ ।
ଗତିକି ଇଚ୍ଛିଟି ଚରଣତଳରେ ଶରଣ ପଶିଲା ବାରଣ ।
କବିଏ, କରୁଁ ପ୍ରତ୍ୟୁତ୍ତର ଏସନ ।
ରବି ଏ ବୋଲେ ହୁଡ଼ିଲତ ଧଡ଼ିକ ଧରି ଯେ ବସନ୍ତ ବସନ । ୨୧ ।
ହେ ଭଲ କହିଲ କବି କାହିଁ ଲକ୍ଷ୍ୟ ସୁକାନ୍ତିକି ଆଜ ଭୁଲାଇ ।
ସେ କେନ୍ଦ୍ର ବଚନ ରଚିତ ଉଚିତ ଚିତ୍ତକୁ ନେଲା ଯେ ଭୁଲାଇ ।

---

ଆରମ୍ଭ—ଆଡ଼ମ୍ବର, ରମ୍ଭାରେ—ରମ୍ଭାଠାରେ, — ପ୍ରୟୋଗ—ବ୍ୟବହାର, ବୋଧକର—ସ୍ପଷ୍ଟ, ବିଟପୀଭାବ—ବୃକ୍ଷରୂପ, ରମ୍ଭା—କଦଳୀବୃକ୍ଷ, ତନୁକୁ—ଗୋଟିଏ ଅଙ୍ଗକୁ, ରମ୍ୟ—ଶୋଭମାନ୍, ସୁନ୍ଦର, ସୁରସରିତ—ସ୍ୱର୍ଗଗଙ୍ଗା, ତରଳ—ଚଞ୍ଚଳ । ସେଠାରେ ବୋଧକର ଅର୍ଥାତ୍ ସ୍ପଷ୍ଟ ଥିଲା, ସେ କହିଲା ରାଜକନ୍ୟା କଅଣ ସୌନ୍ଦର୍ଯ୍ୟରେ ରମ୍ଭାନାମକ ଅପସରା ସ୍ଥଳରେ ପ୍ରଯୁକ୍ତ ହୋଇ ପାରିବେ ? କବି କହନ୍ତି ସେ ରମ୍ଭା ଅପ୍ସରା ସୌନ୍ଦର୍ଯ୍ୟରେ ରାଜକନ୍ୟାର ସମାନ ନ ହୋଇ ବିଟପୀ ବେଶୀ ହେଲା । ତହୁଁ ବୃକ୍ଷତ୍ୱ ଧାରଣ କରି କଦଳୀଗଛ ବୋଲାଇ ରାଜକନ୍ୟାର ତନୁଏ ଅର୍ଥାତ୍ ଗୋଟିଏ ଅଙ୍ଗକୁ ସମାନ ହୋଇଲା । ରମ୍ଭା ରାଜକନ୍ୟାର ଜଙ୍ଘ ସଙ୍ଗେ ସୌନ୍ଦର୍ଯ୍ୟରେ ସୁଦ୍ଧା ସମାନ ହେଲା ନାହିଁ । ରାଜକନ୍ୟାର ସୌନ୍ଦର୍ଯ୍ୟର ଖ୍ୟାତ ସାରସଂସାର ରେ ଖେଳିଯାଇଛି । ତହିଁର ଶୁଭ୍ରତାରେ ହାରିଯାଇ ସୁରସରିତ ଅର୍ଥାତ୍ ସ୍ୱର୍ଗଗଙ୍ଗା ତରଳର ଭାବେ ବନ୍ଧ ହାରପରି ଏହାର ସଙ୍ଗିନୀ ହୋଇଛି । ୨୦ ।

ଜଗଜ୍ଜୟ ଅର୍ଥୀ—ଜଗତ ଜିଣିବା ଇଚ୍ଛାରେ, ମୂର୍ତ୍ତିମନ୍ତ—ମୂର୍ତ୍ତିଧାରଣ କରି, ଗତିକି—ଗମନକୁ, ବାରଣ—ହସ୍ତୀ, ଧଡ଼ିକ— ବସ୍ତ୍ରର ଧଡ଼ି, ମନ୍ମଥ—କାମ, ହୁଡ଼ିଲେ—ଭୁଲିକଲି । ସଂସାର ଜିଣିବା ଇଚ୍ଛାରେ କାମ ମୂର୍ତ୍ତିଧାରଣ କରି ରାଜକନ୍ୟାର ଅଧୀନ ହେଲା । କନ୍ୟାର ଗତି ସହିତ ସମାନ ହେବା ଇଚ୍ଛାରେ ହସ୍ତୀ ଚରଣ ତଳେ ଶରଣ ପଶିଲା । କନ୍ୟାର ପଦତଳେ ହସ୍ତୀ ଚିହ୍ନ ରହିଅଛି । ରାହସରେ ଥିବା ଜଣେ କବି ଏଭଳି କହନ୍ତେ ଆଉ ଜଣେ କହିଲା ତୁମେ ହୁଡ଼ିଲ ଅର୍ଥାତ ଭୁଲିଲ । ବାଳାର ପିନ୍ଧାବସ୍ତ୍ରର ଧଡ଼ିରୂପେ ବସନ୍ତ ତା'ପରେ ଶରଣ ପଶିଅଛି । ୨୧ ।

ହେ କବି ଭଲକଥା କହିଲ । ତେବେ ଏହି ସୁକାନ୍ତ ଅର୍ଥାତ୍ ସୁନ୍ଦରୀ ସମାନ ବଡ଼ କାହିଁ । ଏହିପ୍ରଶ୍ନ ଓ ଏହାର ଉତ୍ତରରେ ଉଚ୍ଚାରିତ ଉଚିତ କଥାମାନ ରାଜପୁତ୍ରଙ୍କ ମନକୁ

ଆତୁରେ, ବିଷୟ ବିଷୟ ଧ୍ୱଂସନ ।
ମାଧବୀ-ମଣ୍ଡପେ ରାଜନ୍ଦନ ବସେ କଲ ମନ୍ତ୍ରୀସୁତ ପ୍ରଶ୍ନ । ୨୨ ।
ହେ ଭଡେ କହ ତୁମ୍ଭେ କେଉଁ ଦେଶର କବର ସୁରୁଷ ଆଦର ।
ଯାହା କହିଲ କି ସତ ସେହିରୂପେ ଜାତ ହୋଇଛି ସୁନ୍ଦରୀ ।
ଶ୍ରବଣ, କବା ଦ୍ରଷ୍ଟବ୍ୟ ସେ ଭାଷିଲେ ।
ମିଥ୍ୟା ପ୍ରକାର ଚମତ୍କାର ଯେତେକ ତା ଯୋଗେ ସତ୍ୟକୁ ଆସିଲେ । ୨୩ ।
ନୋହିଲ ବିଶ୍ୱକର୍ମା ମୟ ପିତୁଳ ବିରଚନେ ଚିତ୍ର ଲେଖନେ ।
ସୁସମେ ସମେ ବାଲ୍ୟକାଳେ ଭାବିଲେ କେଜ୍ଞ ନିର୍ମାଣ ଏ ବିଧନେ ।
ହେଲା ଏ, ଯୋଗେ କରୁ କରୁ କଳ୍ପନା ।
ଏ ଅଙ୍ଗ ସେ ଅଙ୍ଗ ଏସନ ତେସନ ପ୍ରସନ୍ନ କଲ୍ପିବା କଳ୍ପନା । ୨୪ ।
ଯୌବନ ଏବେ ସେବନ କରି ତାକୁ ପ୍ରଭ୍ରମାନଙ୍କୁ ସେ କଡ଼ାଇ ।
କବି ଭାରତୀ ଅଗୋଚର ମାର୍ଗରେ କବି ଭାରତୀକ କଡ଼ାଇ ।

---

ଲୁଲିତ ନେବାକୁ ସେ ଉକ୍ତ କଥାରେ ଆତୁର ହୋଇ ସଂସାର ବାସନା ଧ୍ୱଂସ କଲେ । ତତ୍ପରେ ସେ ମାଧବୀଫୁଲ ଶୋଭିତ ମଣ୍ଡପରେ ବସିଲେ । ତହୁଁ ମନ୍ତ୍ରୀପୁତ୍ର ପ୍ରଶ୍ନ କଲେ ।୨୨।

ହେ ଭଡ—ଦୁହେଁ, ଶ୍ରବଣ—ଶୁଣିଛ, ଦ୍ରଷ୍ଟବ୍ୟ—ଦେଖିଅଛ, ପ୍ରକାର—ପର । ଆହେ କବି ଦୁଇଜଣ, ତୁମ୍ଭେ କେଉଁ ଦେଶର କବି ? ଯାହା କହିଲ ତାହା କବି ସୁରୁଷ କମ୍ଭା ସେହିଭଳି ସୁନ୍ଦରୀ ସତକୁ ସତ ଜନ୍ମ ହୋଇଅଛି ? ତାକୁ ଦେଖିଛ ବା ତା କଥା ଶୁଣିଛ ? ସେ ଦୁହେଁ କହିଲେ—ଯେଉଁସବୁ ଚମତ୍କାର କଥା ମିଛପରି ଜଣାଯାଏ ସେସବୁ ସେହି ସୁନ୍ଦରୀ ଯୋଗୁଁ ସତ୍ୟ ବୋଲି ପ୍ରମାଣିତ ହୋଇଅଛି । ୨୩ ।

ବିଶ୍ୱକର୍ମା—ଦେବଶିଳ୍ପୀ, ମୟ—ଦାନବ ଶିଳ୍ପୀ, ଚିତ୍ର ଲେଖନ—ଚିତ୍ର ଆଙ୍କିବା, ବିରଚନ—ଗଢ଼ିବା, ବିଧନେ—ବ୍ରହ୍ମାଙ୍କ ଦ୍ୱାରା । ବାଲ୍ୟକାଳରେ ଏହି କନ୍ୟାର ପିତୁଳା ଗଢ଼ିବାପାଇଁ ଦେବଶିଳ୍ପୀ ଓ ଦାନବଶିଳ୍ପୀ ଚେଷ୍ଟା କରିଥିଲେ; କିନ୍ତୁ କରି ପାରିଲେ ନାହିଁ । ତହୁଁ ଦୁହେଁ କନ୍ୟାର ଛବି ଆଙ୍କିବାକୁ ଚେଷ୍ଟାକରି ପାରିଲେ ନାହିଁ । ସେମାନେ ଭାବିଲେ ବ୍ରହ୍ମା କିପରି ଏହାକୁ ଗଢ଼ିଲେ । ସମ୍ଭବତଃ ଏ ଅଙ୍ଗ ସେ ଅଙ୍ଗ ଯେମିତି ସେମିତି ଗଢ଼ୁ ଗଢ଼ୁ ଏପରି ଆନନ୍ଦମୟ ମୂର୍ତ୍ତି ଗଢ଼ା ହୋଇଗଲା । ନଚେତ୍ ଏହି ଚିତ୍ର ଗଢ଼ିବା ସହଜ ନ ଥିଲା । ୨୪ ।

କବି—ଶୁକ, ଭାରତୀ—ସରସ୍ୱତୀ, ବାକ୍ୟ; ମୁଦିର—ମେଘ, ସେବନ—ସେବାକରି, ଆଶ୍ରୟ କରି; କଡ଼ାଇ—ବାଟ ଦେଖାଇ, ସ୍ଥାନ—ସ୍ଥାନସ୍ଥ । ଯୌବନକାଳ ଏବେ ତାକୁ ଆଶ୍ରୟ କରିବାରୁ ଅର୍ଥାତ୍ ସେ ଯୌବନପ୍ରାପ୍ତ ହେବାରୁ ତାହାର କାନ୍ତି ବଢ଼ି ଯାଇଅଛି । ଶୁକ ଓ ସରସ୍ୱତୀ ଦୁହିଁଙ୍କର ଅଜଣା ବାଟରେ ବାଳାର ଯୌବନ କବିମାନଙ୍କୁ ବାଟ ଦେଖାଇ ନେଉଛି । କନ୍ୟାର ଜନ୍ମସ୍ଥାନରେ ଆମ୍ଭେ ବାସୀନ୍ଦା ହୋଇଥିବାରୁ ବର୍ଣ୍ଣନା କରିବାକୁ ଆମ୍ଭର

ଚାତକ, ସ୍ୱାମୀ ତୋର ଆମ୍ଭ ଭରସା ।
ସ୍ତନକ ସ୍ଥାନେ ଯଥା ଥିଲା ମୁଦିର ପ୍ରତିଦିନ କରେ ବରଷା । ୨୫ ।
ଯେଉଁ କାଶୀକ୍ଷେତ୍ର ପରମ ପବିତ୍ର ତ୍ରିନେତ୍ର ମନ୍ତ୍ରଦ କାରଣେ ।
ମୋକ୍ଷ ଦାନରେ ସେ ଦକ୍ଷିଣ ଦକ୍ଷିଣକର୍ଣ୍ଣ ଊର୍ଦ୍ଧ୍ୱ ହୁଏ ମରଣେ ।
ସେ ଧନୁ, କ୍ଷେତ୍ର ଶର ତହିଁ ତାରକ ।
ଗୁଣ କୋଟି ସ୍ଥାନ ଧନ୍ୱୀ ଧୂର୍ଜଟି ସେ ପାପ-ପରକୁ ବିଦାରକ । ୨୬ ।
ମଦ ମନ୍ଥନ ମୃତଜନ ରଞ୍ଜନ ବୃଷାଙ୍କନ ରୂପ ବହିଲା ।
ଦୁଷ୍କୃତ ଆଚରଣେ ହେଲା ସୁକୃତ ପୁରାଣକୃତରେ କହିଲା ।
ଭୈରବୀ, ବିନା ଦଣ୍ଡ ନାହିଁ ଯହିଁରେ ।
ଯମର ଅମର ବାଞ୍ଛିତ ଅଟଇ ସେହି ସ୍ୱର୍ଗ ପ୍ରିୟା ମହୀରେ । ୨୭ ।
ସେ ମୁକ୍ତିଦପୁରେ ମଣିକର୍ଣ୍ଣିକାରେ ତ୍ରିବର୍ଗ ଫଳରେ ସୋପାନ ।
ମୂର୍ଖମୁଖରେ ସଂସ୍କୃତ ଜାତ ଖରେ କରାଇ ଯହିଁ ପୟପାନ ।

---

ଭରସା ହୋଇଅଛ । ସ୍ତନକପକ୍ଷୀ ଥିବା ସ୍ଥାନରେ ମୁଦିର ଅର୍ଥାତ୍ ମେଘ ପ୍ରତିଦିନ ବର୍ଷା କରେ । କାରଣ ସ୍ତନକ ମାଟିର ପାଣି ପିଏ ନାହିଁ । ସେହିପରି ଆମ୍ଭେମାନେ ସୁନ୍ଦରୀଙ୍କ ରହିବା ସ୍ଥାନରେ ଥିବାରୁ ସୁନ୍ଦରୀର ସୌନ୍ଦର୍ଯ୍ୟ କିଛି ଅଂଶରେ ଗ୍ରହଣ କରିପାରିଛୁ । ୨୫ ।

ତ୍ରିନେତ୍ର—ଶିବ, ଦକ୍ଷିଣ—ନିପୁଣ, ଧନ୍ୱୀ—ଧନୁଧାରୀ ପାପପର—ପାପ ରୂପକ ଶତ୍ରୁ ପରମ—ଶ୍ରେଷ୍ଠ, ଅତିଶୟ । କାଶୀକ୍ଷେତ୍ରର ମନ୍ତ୍ରଦ ଅର୍ଥାତ୍ ମନ୍ତ୍ରଦାତା ହେଉଛନ୍ତି ଶିବ, ତେଣୁ ତାହା ଅତି ଅତିଶୟ ପବିତ୍ର ଏବଂ ତାହା ଲୋକମାନଙ୍କୁ ମୁକ୍ତି ଦେବା ବିଷୟରେ ସୁଦକ୍ଷ, ମରଣ କାଳରେ ସେଠାରେ ଦକ୍ଷିଣ ଅର୍ଥାତ୍ ଡାହାଣ କାନ ଉପରକୁ ହୁଏ । ଏବଂ ଏଧ କାଶୀକ୍ଷେତ୍ର ଧନୁ ସ୍ୱରୂପ, କୋଟି ଲିଙ୍ଗର ଅବସ୍ଥାନ ବୋଲି ହେଲା କୋଟି ବା ଧନୁର ଗୁଣ, ତହିଁରେ ଧନ୍ୱୀ ଅର୍ଥାତ୍ ଧନୁଧାରୀ ହେଉଛନ୍ତି ମହାଦେବ । ସେ ଧନୁ ଧାରଣ କରି ପାପରୂପକ ଶତ୍ରୁମାନଙ୍କୁ ବିଦୀର୍ଣ୍ଣ କରି ଲୋକଙ୍କୁ ଉଦ୍ଧାର କରୁଅଛନ୍ତି । ୨୬ ।

ବୃଷାଙ୍କନ—ଶିବ, ଦୁଷ୍କୃତ—ପାପ, ସୁକୃତ—ପୁଣ୍ୟ, ଭୈରବୀ—ଦୁର୍ଗା, ଅମର ବାଞ୍ଛିତ—ଦେବତାମାନଙ୍କ ରହିବା କାମନା । ଯେଉଁ କ୍ଷେତ୍ରରେ ମଦ୍ୟକୁଣ୍ଡରେ ବୁଡ଼ି ରହିବା ଲୋକ ମଧ୍ୟ ସୁନ୍ଦର ଶିବ ରୂପ ଧାରଣ କଲା । ଏପରି ପାପ କରି ମଧ୍ୟ ପୁଣ୍ୟର ଫଳ ପାଇଲା, ଏହି ପୁରାଣରେ ଲେଖାଅଛି । ସେହି କ୍ଷେତ୍ରରେ ଦୁର୍ଗାଙ୍କ ଦଣ୍ଡ ଛଡ଼ା ଯମଦଣ୍ଡର କିଛି ପ୍ରଭାବ ନାହିଁ । ଦେବତାମାନେ ସେ କ୍ଷେତ୍ରରେ ରହିବା କାମନା କରିଥାନ୍ତି । ୨୭ ।

ମଣିକର୍ଣ୍ଣିକା—ଏହି ନାମର ତୀର୍ଥ, ତ୍ରିବର୍ଗ—ଧର୍ମ, ଅର୍ଥ, କାମ, ସୋପାନ—ପାହାଚ, ବରଦା—ବରଦାୟୀ, ଅନ୍ନପୂର୍ଣ୍ଣା—କାଶୀର ଅଧିଷ୍ଠାତ୍ରୀ ଅନ୍ନଦାତା ଦେବୀ । ସେହି କାଶୀକ୍ଷେତ୍ର ମୁକ୍ତିପ୍ରଦ । ସେଠାର ମଣିକର୍ଣ୍ଣିକା ତୀର୍ଥ ଧର୍ମ ଅର୍ଥ କାମ ବିଷୟରେ ପାହାଚ । ସେହି ତୀର୍ଥଜଳ ପାନ କଲେ ମୂର୍ଖ ମୁଖରୁ ସଂସ୍କୃତ ଭାଷା ଶୀଘ୍ର ଉଚ୍ଚାରିତ ହୁଏ । ସେଠାରେ

ବରଦା, ସାରଦା ଅନ୍ନପୂର୍ଣ୍ଣା ଦେବୀ ।
ଅନନ୍ତ ବାଞ୍ଛିତ ବିଦ୍ୟା ଭୂରେ ବିଦ୍ୟା କ୍ଷୁଧାତୁରକୁ ଅନ୍ନ ଦେଇ । ୨୮ ।
ଜପ ନାହିଁ ବକ୍ର-ତୁଣ୍ଡ ଭଜନରେ ଆମ ମନ୍ତ୍ରରେ କେବେଁ ଆଉ ।
ତପ ନାହିଁ ଆନ କାମନାରେ ସେହି ବାଳା ବର୍ଣ୍ଣନାକୁ ଧିଆଉଁ ।
ପଠ ହେ, ମଠରୁ ଆଉ କି କାରଣ ।
ସୀର ବୋଲେ ହୃଦକୁମୁଦକୁ ମୋଦୁ ବଧୂ କାନ୍ତି ବିଧୁ କିରଣ । ୨୯ ।
ସେହୁ ତାରକ ପ୍ରବର୍ତ୍ତକ ଜଗତେ ତାରକ ସ୍ୱଭାବେ ସେହୁତ ।
ମହାଗୁରୁ ଗୁରୁ ସେ କାଶୀଶ୍ୱରଙ୍କୁ ବନ୍ଦନା କରିବା ସନ୍ତତ ।
ହୋଇଲୁ, କବି ଉପେନ୍ଦ୍ର ଭଞ୍ଜର ।
କାମ-ଦାୟକ ବିନାୟକ-ଜନକ ଏ ଭାବରେ ପୁଣି ଜର୍ଜର । ୩୦ ।

—o—

---

ବର ଦେବାପାଇଁ ପ୍ରସ୍ତୁତ ହୋଇ ସରସ୍ୱତୀ ଓ ଅନ୍ନପୂର୍ଣ୍ଣା ଦେବୀ ହୁଅନ୍ତୁ । ସେମାନେ ବିଦ୍ୟାର୍ଥୀଙ୍କୁ ବିଦ୍ୟା ଓ କ୍ଷୁଧାତୁରକୁ ଅନ୍ନଦାନ କରିବାକୁ ସର୍ବଦା ଇଚ୍ଛା କରନ୍ତୁ । ୨୮ ।

ବକ୍ରତୁଣ୍ଡ—ଗଣେଶ, ସୀର—ସ୍ୱଜପୁତ୍ର, ପଠ—ପାଠକର । ସେ ସ୍ଥାନରେ ଆମ୍ଭମାନଙ୍କ ମନ୍ତ୍ରରେ ଗଣେଶ ମନ୍ତ୍ର ଜାଣିବା ଛଡ଼ା ଆଉ ମନ୍ତ୍ର ନାହିଁ । ସେହି କନ୍ୟାର ରୂପ ବର୍ଣ୍ଣନାକୁ ଧ୍ୟାନ କରିବା ଛଡ଼ା ଆମ୍ଭର ଅନ୍ୟ କାମନା ମଧ୍ୟ ନାହିଁ । ଏହା ଶୁଣି ସ୍ୱଜପୁତ୍ର କହିଲେ, ତେବେ ଆଉ ଡେରି କରୁଛ କାହିଁକି ? ଶୀଘ୍ର ପାଠକର । ସୁନ୍ଦରୀର କାନ୍ତି ଚନ୍ଦ୍ର କିରଣ ପରି ଆମର ହୃଦୟରୂପୀ କଇଁକୁ ଆନନ୍ଦ ଦେଉ । ୨୯ ।

ତାରକ—ତରିବାର ମନ୍ତ୍ର, ପ୍ରବର୍ତ୍ତକ—ପ୍ରଚଳନ କାରକ, ତାରକ—ଉଦ୍ଧାର କର୍ତ୍ତା, ମହା ଗୁରୁ—ସବୁଠାରୁ ବଡ଼ ଗୁରୁ, କାମ ଦାୟକ—କାମନାପ୍ରଦ, ବିନାୟକ ଜନକ—ଗଣେଶଙ୍କର ପିତା । ଯିଏ ଜଗତରେ ତାରକମନ୍ତ୍ର ପ୍ରଚଳନ କରିଅଛନ୍ତି । ପୁଣି ନିଜ ପ୍ରକୃତ ବଳରୁ ଉଦ୍ଧାରକର୍ତ୍ତା ସେହି ଗୁରୁଙ୍କ ଗୁରୁ କାଶୀଶ୍ୱରଙ୍କ ବନ୍ଦନା କରିବା କବି ଉପେନ୍ଦ୍ର ଭଞ୍ଜଙ୍କ ପକ୍ଷେ ଉଚିତ । ପୁଣି ଭାବରେ ଗଦଗଦ ହୋଇ କହିଲେ—ହେ ପ୍ରଭୁ ! ଆପଣ ଗଣେଶଙ୍କ ପିତା ଓ କାମନା ପୂର୍ଣ୍ଣକାରୀ; ଅତଏବ ମୋର କାମନା ପୂର୍ଣ୍ଣ କରନ୍ତୁ ।୩୦।

—o—

## ସପ୍ତମ ଛାନ୍ଦ

[ ରାଜପୁତ୍ର ଆଗରେ କୋଟିବ୍ରହ୍ମାଣ୍ଡସୁନ୍ଦରୀର ଶୋଭା ବର୍ଣ୍ଣନା ]

ରାଗ—ରସକୋଇଲି

କୁମର ପ୍ରଶ୍ନେ କହିଲେ ଦୁହେଁ । ସରସ୍ୱତୀ ତାର ମିତରେ ରହେ ।
ରଜନୀଚରୀ ଚରିତ ଚିନ୍ତିଲା । ପ୍ରୟାଗରେ ନେତ୍ରପାତ ହୋଇଥିଲା ସେ ।
ଏଣୁ ତା ପ୍ରତିମା ଧରି ଯେ ।
ଭାଷିବା ଭଣିବା ହେବ ଆଶ୍ଚର୍ଯ୍ୟରୁ ବର୍ଣ୍ଣନା ବିଧି ଆଚରି ଯେ ।୧।
ବିଧି ନିର୍ମାଣ ଯତ୍ନେ ଅହଲ୍ୟାକୁ । କରି ରହିଲା ଗର୍ବିତ ବାଳାକୁ ।
କଳ୍ପି ଦେଲା କାହେଁ ଶିଳାପଦବୀ । ରାମ ଚରଣ-ଧୂଳି ଭଳି ଭାବ ସେ ।
ଏହି ସିଦ୍ଧ ଅନୁମାନ ଯେ ।
ଯାହାକୁ ଏବେ ବୋଲୁଥାଇ ବିଧାତା କି କରି କଲା ବିଧାନ ଯେ ।୨।
ଜାଣିବା ତାହାର ବର୍ଣ୍ଣନା ବିଧି । ଇତର କଥା ଭେଦିବାର ବୁଦ୍ଧି ।
ଉପମା ଉଚିତ ହେବା ସମସ୍ତ । ପଡ଼ିଲା ଏଥିରେ କେଉଁ ସଂଶୟ ସେ ।
କାହିଁକି ଲକ୍ଷ୍ୟ ଲକ୍ଷଣା ଯେ ।
ଏତ ବଡ଼ କଥା ନୁହଇ ତାହାକୁ ବୋଇଲେ ହୋଇଲା ଲଜ୍ଜା ଯେ ।୩।

---

ପ୍ରଶ୍ନେ—ପ୍ରଶ୍ନ କରିବାରୁ, ମିତରେ—ମିତହୋଇ, ରଜନୀଚରୀ—ରାକ୍ଷସୀ । ରାଜପୁତ୍ର ପ୍ରଶ୍ନ କରିବାରୁ ଦୁଇ ଜଣ କହିଲେ, ସରସ୍ୱତୀ ଉକ୍ତ କନ୍ୟାର ମିତ ହୋଇଥିବାରୁ ବର୍ଣ୍ଣନା ଆରମ୍ଭବେଳେ ସରସ୍ୱତୀଙ୍କୁ ଚିନ୍ତା ନ କରି ରାକ୍ଷସୀର ଚରିତ୍ର ଚିନ୍ତା କରିବା । ପୁରାଣରେ ଲେଖାଅଛି—ସୁକାନ୍ତି ନାମକ ରାକ୍ଷସୀ ପ୍ରୟାଗରେ ଝାସଦେଇ ସୀତାଙ୍କ ରୂପ ଧାରଣ କରିଥିଲା । ଏଣୁ କବି ଦୁହିଁଙ୍କ ମନ ସରସ୍ୱତୀ ମୂର୍ତ୍ତି ଧରିବାରୁ ରାଜକନ୍ୟାକୁ ଦେଖିବା ଓ କହିବା ଦୁଇ ପ୍ରକାର ଆଶ୍ଚର୍ଯ୍ୟ ଫଳ ପାଇଁ ବର୍ଣ୍ଣନା ଆରମ୍ଭ କଲା ।୧।

ଅହଲ୍ୟା—ଗୌତମଙ୍କ ସ୍ତ୍ରୀ, କଳ୍ପି—କଳ୍ପନା କରି କରି, ଶିଳାପଦବୀ—ପଥରର ନାମ । ବିଧାତା ଅତି ଯତ୍ନରେ ଅହଲ୍ୟା ଗଢ଼ିସାରି ଏହି ରାଜକନ୍ୟାକୁ ଗଢ଼ିବ ବୋଲି ରହିଲା । କିନ୍ତୁ କନ୍ୟାର ରୂପ କଳ୍ପନା କରି ଦେଖିଲା ଅହଲ୍ୟା ଏହି କନ୍ୟାର ଗୋଡ଼ଧୂଳା ପଥର ପରି ହେବ ତେଣୁ ଅହଲ୍ୟାକୁ ପଥର କରିଦେଲା । ଏହାହିଁ ଅନୁମାନ ସିଦ୍ଧ । ଏବେ ଯାହାକୁ ବିଧାତା କହୁଥାଇଁ ସେ କିପରି ଏହା ସର୍ଜନା କଲା ? ଅହଲ୍ୟା ପରମ ସୁନ୍ଦରୀ ଥିଲେ ମାତ୍ର ଏହି କନ୍ୟାର ସୌନ୍ଦର୍ଯ୍ୟ ତୁଳନାରେ ସେ ତାହାର ଗୋଡ଼ଧୂଳା ପଥର ଛଡ଼ା ଅଧିକ ନୁହନ୍ତି । ଏପରି ସୁନ୍ଦରୀ ଗଢ଼ିବା ବିଧାତା ପକ୍ଷରେ ମଧ୍ୟ ଆଶ୍ଚର୍ଯ୍ୟ କଥା ।୨।

ରାଜକନ୍ୟାର ରୂପ ବର୍ଣ୍ଣନା କରିବା ସାଧାରଣ କଥାରେ ବୁଦ୍ଧିକୁ କଷ୍ଟ ଦେବା ମାତ୍ର କାରଣ ବର୍ଣ୍ଣନା କରିବା ସହଜ ନୁହେଁ । କନ୍ୟା ସହିତ ସମାନ ହେବାପାଇଁ ତୁଳନା କେଉଁଠି ଥିବା ଅଛି । ଏଣୁ ଉପମାମାନଙ୍କୁ ତାହା ସହିତ ଉପମା ଦେବା ଅର୍ଥ ହେଉଛି,

ବଚନ ଲକ୍ଷ୍ୟକୁ ହୋଇଲେ ଯେଣୁ । ତସ୍ତ୍ର ମୁଖେ ମେଳ ମୋହନ ବେଣୁ ।
କ୍ଲେଶ ସହି କଣ୍ଠ ଛବି ଧ୍ୟାଇଲା । ପୁରୁଷୋତ୍ତମ କମ୍ବୁପୁର କଲା ସେ ।
ନିଶ୍ୱାସ ତୁଳନା ସ୍ନେହେ ଯେ
ଧୀର ଗନ୍ଧ ଶୀତ ମରୁତ ବସନ୍ତ ଦେବତା ଅସୁର ହୋଇଁ ଯେ । ୪ ।

ଦଶନ ଲକ୍ଷ୍ୟକୁ ପାଇ ନ ପାଇ । ମୁକ୍ତ ହୋଇ ସିନା ମୁକ୍ତା ବୋଲାଇ ।
ମଧୁର ନୋହେ ମଧୁ ଓଷ୍ଠ ପରି । ସରଘା ଉଚ୍ଛିଷ୍ଟେ ଯେ ଶବ୍ଦ ଧରି ସେ ।
ଦେବତା ପ୍ରତିଷ୍ଠା ଲବ୍ଧ ଯେ ।
ଅରୁଣ ଅଧରେ ଅରୁଣ ଅଧର ଜବା ସବତଳେ ରହି ଯେ । ୫ ।

---

ଉପମାମାନଙ୍କର ସବଣ ହେବା ଫଳ ପାଇଲା । ତାହା ସହିତ ସବୁ ଉପମା ଊଣା ପଡ଼ିଲେ ଏହା କହିବା ବଡ଼ କଥା ନୁହେଁ । ୩ ।

କନ୍ୟାର କଣ୍ଠସ୍ୱର ସହିତ ବଂଶୀସ୍ୱନକୁ ଉପମା ଦେବାରୁ ବେଣୁ ଯାଇ କୃଷ୍ଣଙ୍କ ମୁଖରେ ଲାଗିଲା । କମ୍ବୁ ଅର୍ଥାତ୍ ଶଙ୍ଖ ପଦ୍ମା ମଝାରେ ବହୁତ କଷ୍ଟ ଭୋଗି କନ୍ୟାର କଣ୍ଠ ଛବିକୁ ଧ୍ୟାନ କଲା । ଅର୍ଥାତ୍ କଣ୍ଠ ସଙ୍ଗେ ସମାନ ହେବାକୁ ଧ୍ୟାନ କଲା । ଏଣୁ ଭଗବାନ ଶଙ୍ଖଠାରେ ସ୍ନେହପ୍ରକଟ କରି ଆପଣାର ଆବାସ ସ୍ଥାନକୁ କମ୍ବୁପୁର କଲେ । ପୁଣ୍ୟଧାମର ଅନ୍ୟ ନାମ ହେଉଛି କମ୍ବୁପୁର ବା ଶଙ୍ଖକ୍ଷେତ୍ର । ପବନ ନିଶ୍ୱାସ ପବନ ସହିତ ସମାନ ହେବାରୁ ସ୍ନେହରେ ବସନ୍ତ ଋତୁରେ ଶୀତଳ, ସୁଗନ୍ଧ ଧାରଣ କରି ଧୀରେ ଧୀରେ ବହୁଥାଏ । ସେ ଦୈତ୍ୟମାତା ଦିତି ଗର୍ଭରୁ ଜନ୍ମି ଅସୁର ହେଲେ ମଧ୍ୟ ଦେବତା ପାଲଟି ଗଲା । ୪ ।

ଶାମୁକାରେ ପ୍ରଥମେ ଥାଏ, ତହିଁରୁ ବାହାରିଲେ ମୁକ୍ତା ନାମ ଧାରଣ କରେ । ସରଘା—ମହୁମାଛି, ଅରୁଣ—ବାଳସୂର୍ଯ୍ୟ, ରକ୍ତବର୍ଣ୍ଣ, ଅଧର—ନ୍ୟୂନ, ଜବା—ମନ୍ଦାର । ଶାମୁକାରେ ଥିଲା ମୁକ୍ତା, ସେ ବାଳାର ଦନ୍ତ ସଙ୍ଗେ ତୁଳନା ହେବାକୁ ପାଇଲା ନ ପାଇଲା ପରି ହେଲେ ମଧ୍ୟ ମୁକ୍ତ ହେବାରୁ ମୁକ୍ତା ନାମ ଧାରଣ କଲା । ବାଳାର ଓଷ୍ଠ ପରି ମହୁ ମଧୁର ନ ହେଲେହେଁ ମହୁ ନାମ ଧରିଥିବାରୁ ମହୁମାଛି ମାନଙ୍କର ମୁଖନିସୃତ ଫୁଲରସ ହୋଇ ଦେବପୂଜାରେ ଲାଗୁଅଛି । ପ୍ରଭାତର ରକ୍ତବର୍ଣ୍ଣ ସୂର୍ଯ୍ୟ ରଶ୍ମିମାନେ ଅଧର ଆଗରେ ଅଧର ଅର୍ଥାତ୍ ନ୍ୟୂନ ହେଲା । ରକ୍ତବର୍ଣ୍ଣ ମନ୍ଦାରଫୁଲ ହାରିଯାଇ ଦେବଙ୍କ ପାଦତଳେ ରହିଲା ଅର୍ଥାତ୍ ମନ୍ଦାର ଅନ୍ୟ କେଉଁ ଅଙ୍ଗ ସହିତ ସମାନ ନୋହି ତଳପାଦ ତଳିମା ସହିତ ତୁଳିତ ହେଲା । ୫ ।

ହ୍ରାସ ସରେଶ ଚୂର୍ଣ୍ଣ ହେଲେ କର୍ପୂର । କରଇ ସମସ୍ତ ହୃଦରେ ପୁର ।
ଯେ ଦୁଇ ଚନ୍ଦ୍ର ସ୍ୱର୍ଗ ବେଦ ନାମ । ଶୁକବାଚ୍ଛୁ ବଳେ ହେବ ଉପମା କ ।
ପାହାର ଆଶ୍ରିତ ଭୂଷା ଯେ
ଗୁରୁ କବ ଛବ ଲୁଟି କରିବାରେ ପାଇଛୁ ଲୋକେ ପ୍ରଶଂସା ଯେ । ୬ ।
ଏକେକ ପଦ ଏକଳସ୍ଥ ଥିଲ । ପରସ୍ପରେ ନ୍ଦଳ ଉପୁଜ ଗଲ ।
ନୟନେ ଅଛୁ ଇନ୍ଦ୍ରଜାଲ ମାୟା । ସ୍ତମ୍ଭନ ମୋହନ ବଶ ଆଶ୍ରୟା ଯେ ।
ଅଞ୍ଜନ ଗୁଣ ସାକ୍ଷାତ ଯେ ।
ନିର୍ଗୁଣ ତ୍ରିବେଣୀ ସଗୁଣ ସାରଣୀ ପରି ଦିଶେ ନାନାମତ ଯେ । ୭ ।
ଯେ କେତେ ସଙ୍ଗ କୃଷ୍ଣ ଶ୍ୱେତ ବେନ । ରଙ୍ଗସଦ୍ମ ଅନ୍ତେ ପ୍ରକଟ ଯେନ ।
କୁବଳୟ ଦର୍ପ ଚକାଇ ନାଶି । କାଣ୍ଡ ଗୁଳକାଣ୍ଡ ପରାଟସ୍ଥ ଦିଶି ଯେ ।

---

ବେନଚନ୍ଦ୍ର—ଦୁଇଅଙ୍ଗ, ସ୍ୱର୍ଗ—ନାକ, ବେଦ—ଶ୍ରୁତ, କାନ; ଶୁକବାଚ୍ଛୁ—ବେଦବ୍ୟାସ, ନାକର ଆଶ୍ରିତଭୂଷା—ମୋତି, ଗୁରୁ—ବୃହସ୍ପତି, କବ—ଶୁକ୍ର । ଯାହାର ହ୍ରାସ୍ୟ ଘଣ କର୍ପୂରକୁ ଗୁଣ୍ଡାକରିଦେବାରୁ ସେ ଉପରେ ଲୋକମାନଙ୍କ ହୃଦୟରେ ବାସ କରୁଅଛୁ । ସ୍ୱର୍ଗ ବେଦ ଅର୍ଥାତ୍ ନାକ କାନ ନାମକ ଯେଉଁ ଦୁଇଟି ଅଙ୍ଗ ଅଛୁ ତାହାର ଉପମା କକେ ବେଦବ୍ୟାସ ଦେଇ ପାରିବେ ନାହିଁ । ସେହି ନାକର ଯେଉଁ ମୋତି ଗହଣାଟି ଅଛୁ ତାହା ବୃହସ୍ପତି ଓ ଶୁକ୍ରଙ୍କର ଉଜ୍ଜ୍ୱଳତାକୁ ବଳପକ୍ଷ ସଂସାରରେ ପ୍ରଶଂସା ପାଇଅଛୁ । ୬ ।

ଏକେକପଦ—ଏକେକ ସ୍ଥାନ ବା ପ୍ରତ୍ୟଙ୍ଗ, ଏକଳସ୍ଥ—ଗୋଟିକରେ ଲଗ୍ନ, ତ୍ରିଗୁଣ—ସତ୍ତ୍ୱ, ରଜ, ତମ; ତ୍ରିବେଣୀ—ଗଙ୍ଗା, ଯମୁନା, ସରସ୍ୱତୀ; ସଗୁଣ—ଗୁଣଯୁକ୍ତ । ଏତେବେଳଯାଏ ଯେଉଁ ଅଙ୍ଗମାନଙ୍କର ବର୍ଣ୍ଣନା କରିଗଲା ତାହିଁପାଇଁ ଗୋଟିଏ ଗୋଟିଏ ଉପମାରେ ମନ ଲଗିଥିଲା । ଏହାପରେ ଉପମାମାନଙ୍କ ଭିତରେ ପରସ୍ପର ବିବାଦ ଲଗିଲା । କାରଣ ଗୋଟିଏ ସ୍ଥାନପାଇଁ ଅନେକ ଉପମା ଦେଖାଗଲା । କନ୍ୟାର ନେତ୍ରରେ ଭେଲକିବାଜିର ମାୟା ରହିଥିବାରୁ ତାହା ସ୍ତମ୍ଭନ ମୋହନ ଓ ବଶୀକରଣର ଆଧାର ହୋଇଅଛୁ । ଆଖିରେ କଜ୍ଜଳ ପିନ୍ଧିଥିବାରୁ ତାହା ତ୍ରିଗୁଣ ଅର୍ଥାତ୍ ସତ୍ତ୍ୱ, ରଜ, ତମଗୁଣ ପ୍ରକାଶ କରୁଅଛୁ । ପୁଣି ତ୍ରିବେଣୀ ଅର୍ଥାତ୍ ଗଙ୍ଗା, ଯମୁନା ଓ ସରସ୍ୱତୀର ଶୋଭା ବହନ କରି ସଗୁଣ ଅର୍ଥାତ୍ ଡୋରି ସହିତ କଳା ଧଳା ଲାଲ ରଙ୍ଗର ସାରଣୀ ନାମକ ଖେଳଣାପରି ଦେଖାଯାଉଅଛୁ । ସାରଣୀ ଏହିପରି ତିନି ରଙ୍ଗରେ ରଞ୍ଜିତ ହୋଇଥାଏ । ୭ ।

କୃଷ୍ଣ—କଳା, ଶ୍ୱେତ—ଧଳା, ରଙ୍ଗସଦ୍ମ—କଂସର ଧନୁ ରହିବା ସ୍ଥାନ, ଅନ୍ତେ—ଭିତରେ, କୁବଳୟ—କଂସର ମତ୍ତହସ୍ତୀ (ଏହାକୁ ଶ୍ରୀକୃଷ୍ଣ ମାରିଥିଲେ), ପଦ୍ମ; କାଣ୍ଡ—ଧନୁ, ଗୁଳକାଣ୍ଡ—ବାଣ୍ଟୁଳି, ମୃଗ—ହରିଣ, ଖଞ୍ଜନ—କଜଳପାତି, ଦେଖିଲାର - ଦେଖିବା ଲୋକର, ଅକ୍ଷିଚକୋର—ଅକ୍ଷିରୂପ ଚକୋର ପକ୍ଷୀ, ଏହି ପକ୍ଷୀ ଚନ୍ଦ୍ରକୁ ଦେଖି ଅତି ଆନନ୍ଦିତ ହୋଇଥାଏ, ପୀୟୂଷ ଅମୃତ । ବାଳାର ଆଖିରେ କଳା ଓ ଧଳା ରଙ୍ଗ ଦୁଇଟି

ମୃଗ ଖଞ୍ଜନଙ୍କୁ ହାସି ଯେ ।
ଦେଖିଲାର ଆଖି ଚକୋର ପକ୍ଷୀକି ଯେମନ୍ତ ପୀୟୂଷରାଶି ଯେ । ୮ ।
ଅର୍ଜୁନ ପଦବୀ ତହିଁ ପ୍ରସିଦ୍ଧ । କାଣ୍ଡ ଶୂଳକାଣ୍ଡ ତାଙ୍କ ଅୟୁଧ ।
କି କପାଳ ଧନୁ ଏ ଦୁଇ ଗୁଣ । କଜ୍ଜ୍ୱଳ ଭ୍ରୂଲତା ହୋଇ ପ୍ରମାଣ ଯେ ।
ମନଭେଦୀ ମନୋଜବ ଯେ ।
ଯୁବା ଖ୍ରୀଷ୍ଟ-ଯତି ଧୃତି ଟାଳି ଦେଇ ଏଥି କି ବିକଳ୍ପ ଭାବ ଯେ । ୯ ।
ରବି-କର-କଞ୍ଜ ଛବି ବଦନ । ଦୁଇଗୁଣ କରି ନାହିଁ ସଦନ ।
କମଳ-ଦର୍ପଣ-ଚନ୍ଦ୍ର ବଦନା । ବୋଇଲେ ତେବେ ହେଉ ସମ୍ଭାବନା ଯେ ।

---

କୃଷ୍ଣ ବଳରାମର ଶୋଭା ପ୍ରକାଶ କରୁଅଛି । କୃଷ୍ଣ ବଳରାମ କଂସର ଧନୁଯାତ୍ରା ଉତ୍ସବରେ ପ୍ରକାଶିତ ହୋଇ କଂସର କୁବଳୟ ନାମକ ଦନ୍ତୀହସ୍ତୀକୁ ମାରିଲେ । ସେହିପରି ବାଳାର ଚକ୍ଷୁର ଶେଷ ଅଂଶରେ ରକ୍ତବର୍ଣ୍ଣ ଦେଖାଯାଉଅଛି । ଏହି ରକ୍ତ କୁବଳୟ ଅର୍ଥାତ ପଦ୍ମର ରକ୍ତିମାକୁ ଜିଣିଅଛି । ପୁଣି ସେହି ଆଖି ଧନୁ ଏବଂ ବାଣ୍ଟୁଲି ପରି ଦେଖା ଯାଉଛି । ଧନୁ ଓ ବାଣ୍ଟୁଲି ହରିଣ ଏବଂ ଖଞ୍ଜନପାତି ପକ୍ଷୀର ଭୟ ଜାତ କରାଇଥାଏ । ଚନ୍ଦ୍ରକୁ ଦେଖି ଚକୋର ପକ୍ଷୀ ଯେପରି ମୁଗ୍ଧ ହୁଏ ଏବଂ ଲୋକେ କହନ୍ତି ଚକୋର ସୁଧାନିଧି ନାମଧାରୀ ଚନ୍ଦ୍ରରୁ ଅମୃତ ପାନ କରୁଅଛି । ସେହି ପରି ବାଳାକୁ ଦେଖିଲା ଲୋକର ଆଖି ତାହାର ରୂପ ରୂପକ ଅମୃତ ପିଇବାକୁ ଲାଗି ଯାଉଅଛି । ୮ ।

ଅର୍ଜୁନ—ପାଣ୍ଡବବୀର, ଶ୍ୱେତ, କାଣ୍ଡ ଶୂଳକାଣ୍ଡ—ବାଣ୍ଟୁଲି, ମନଭେଦୀ—ଅର୍ଜୁନ ପାଖରେ ଥିବା ମନରେ ଯାହା କଳନା କରିବ ସେହି ଦେବାସ୍ତ୍ର, ମନକୁ ଭେଦ କରିବା, ଖ୍ରୀଷ୍ଟ—କୁରୁ ପିତାମହ, ଆମରଣ ବ୍ରହ୍ମଚର୍ଯ୍ୟ ବ୍ରତଧାରୀ, ଯୁବା ଖ୍ରୀଷ୍ଟ—ଯୁବକ ରୂପକ ଖ୍ରୀଷ୍ଟ; କଜ୍ଜ୍ୱଳ ଭ୍ରୂଲତା କପାଳ ରୂପକ ଧନୁର ୨ଟି ଗୁଣ । ବାଣ୍ଟୁଲିଖଡ଼ାରେ ଗୁଳି ଛାଡ଼ିବା ପାଇଁ ଦୁଇଟା ଗୁଣ ଲଗାଯାଏ, ମନୋଜବ—ମନତୁଲ୍ୟ ଦ୍ରୁତ ଗତି, ବିକଳ୍ପ—ଭିନ୍ନ, ସଂଶୟ । ତହିଁରେ ଧଳାରଙ୍ଗ ରହିଛି ଏଣୁ ତାକୁ ଅର୍ଜୁନ ବୋଲି କୁହାଯାଇ ପାରେ, ଅର୍ଜୁନ ବୀର ପଣରେ ପ୍ରସିଦ୍ଧ ଥିଲେ । ଅର୍ଜୁନଙ୍କର କାଣ୍ଡ ଓ ବାଣ୍ଟୁଲି ତଥା ମନଭେଦ ଶର ଥିଲା । ସେହି ଶରରେ ସେ ବିରାଟ ଗୋଧନ ହରଣବେଳେ ଖ୍ରୀଷ୍ମଙ୍କୁ ମୋହ କରି ଦେଇଥିଲେ । ଏଠାରେ ବାଳାର କପାଳ ରୂପକ ଧନୁରେ କଜ୍ଜ୍ୱଳ ଓ ଭ୍ରୂଲତା ଦୁହେଁ ଦୁଇଟି ଗୁଣ ହେଲେ । ଚକ୍ଷୁ ରୂପକ ମନୋଜବ ଅର୍ଥାତ ମନଠାରୁ ଦ୍ରୁତଗାମୀ ମନ୍ତ୍ରଭେଦୀ ଶରମାନ ଯୁବକ ରୂପଙ୍କର ତପସ୍ୱୀ ଖ୍ରୀଷ୍ଟଙ୍କର ମନକୁ ଚଞ୍ଚଳ କରିପାରିବେ ଏଥିରେ ସନ୍ଦେହ ନାହିଁ । ୯ ।

ବଦନ—ମୁଖ, ରବି କର-କଞ୍ଜ—ସୂର୍ଯ୍ୟଙ୍କ ହାତରେ ଥିବା ପଦ୍ମ ଦୁଇ-ଗୁଣ—ଦୁଇଟି ଗୁଣ, ସଦନ—ବାସ, ଛବି—ମିତ୍ର, ସୁକୃତ—ପୁଣ୍ୟ । ବାଳାର ମୁଖ ସହିତ ସୂର୍ଯ୍ୟହସ୍ତରେ ଥିବା ପଦ୍ମ ବୋଲି କହି ହୁଅନ୍ତା ମାତ୍ର ସୂର୍ଯ୍ୟଙ୍କ ପଦ୍ମରେ ଶୀତଳ ଓ ଆହ୍ଲାଦ ଦୁଇଟି ଗୁଣ ନାହିଁ । ତେବେ ତାହାକୁ କମଳ ଦର୍ପଣ ବା କମଳର ସୁବାସ,

ଏ ଉପଲକ୍ଷଣା ଛନ୍ଦ ଯେ ।
କେବଳ ସୁକୃତ ଥିଲାରୁ ଚରଣ ଆଗରେ ପଡ଼ିଛି ପଦ୍ମ ଯେ । ୧୦ ।

ଯେ ଦରପଣ ତା କି ବଡ଼ପଣ । ପୁରତେ ହୁଏ ନିତ ସମର୍ପଣ ।
ପ୍ରତିବିମ୍ବକୁ କରାଇ ଲୋକନ । ଶ୍ରୀମୁଖକୁ ଶ୍ରୀମୁଖ ତୋ ସମାନ ସେ ।
ଏ ଗର୍ବେ ଉନସ୍ତ ହୋଇ ଯେ ।
ଏତେକ ନ ହେଜ ଆନ ନ ଶବଦ ବିଧାନ ହୋଇଛି ଯହିଁ ଯେ । ୧୧ ।

ସମ୍ପୂର୍ଣ୍ଣ ବିଧୁ ସମାନ ଧିଆଇ । ସୁଧା କଳା ଯାଇ ନଭେ ଭ୍ରମଇ ।
ଏଣୁଟି ସୁଧାକର କଳାନିଧି । ପର୍ଯ୍ୟାୟେ କଲେ ଅମରସିଂହକେ ପିଠି ସେ ।
କ୍ଷୀଣ ଭଜି ବୃଦ୍ଧ ଚନ୍ଦ୍ର ଯେ ।
ଚିବୁକେ ଲଲାଟେ ସମ ନୋହି ପଦନଖେ ସେବି ରହେ ଜ୍ୟୋତି ଯେ । ୧୨ ।

---

ଦର୍ପଣର ସ୍ୱଚ୍ଛ ଏବଂ ଆହ୍ଲାଦ କାରଣରୁ ଉପମା ଚନ୍ଦ୍ରବଦନା ବୋଲି କହୁଛି । ଏହା ମଧ୍ୟ ମିଛ କାରଣ ପଦ୍ମ ମୁହଁ ସହିତ ସମାନ ନୁହେ । କେବଳ କାର୍ଯ୍ୟରେ ଲାଗିଥିବା ପୁଣ୍ୟ ଫଳରୁ ପଦ୍ମ ବାଳାର ପଦ ତଳେ ପଡ଼ିଛି ଅର୍ଥାତ ବାଳାର ପାଦକୁ ପଦ୍ମପାଦ କୁହାଯାଏ । ୧୦ ।

ଦରପଣ—ଅଇନା, ଦର—ଭୟ, ପଣ—ଭାବ, ପୁରତେ—ଆଗରେ, ଆନ-ନ—ମୁଖ, ଅନ୍ୟ, ନାହିଁ । ଦର୍ପଣର ବଡ଼ପଣ କିଛି ନୁହେଁ । ବାଳାକୁ ପ୍ରତିଦିନ ଦର୍ପଣ ଦେଖା ଯାଇ ଥାଏ । ସେ ଛବିରେ ନିଜର ପ୍ରତିଛବି ଦେଖିଥାଏ । ପ୍ରତିଛବି ଉନସ୍ତରେ କହେ, ତୋ ମୁଖ ସହିତ କେବଳ ମୁହିଁ ସମାନ । ଏତକ ତ ଗର୍ବର କରିବା କଥା ଯେ ମୁଖର ନାମ ଆନନ ଅର୍ଥାତ ଆନ ନୁହେଁ । ଏହି ଅର୍ଥରେ ଆନନ ଶବ୍ଦ ବ୍ୟବହାର କରା-ଯାଇଅଛି । ୧୧ ।

ସମ୍ପୂର୍ଣ୍ଣ—ପୂର୍ଣ୍ଣ, ବିଧୁ—ଚନ୍ଦ୍ର, ଧିଆଇ—ଧ୍ୟାନ କରି, କଳା—କଳଙ୍କ, ପର୍ଯ୍ୟାୟେ—କୋଷଗ୍ରନ୍ଥର ଅଧ୍ୟାୟରେ, ଅମରସିଂହକେ—ଅମରସିଂହଙ୍କ ଅଭିଧାନରେ ଚନ୍ଦ୍ରର ନାମ କଳାକର ଓ ସୁଧା ନିଧି ହୋଇଅଛି । ସୁଧା—ଧଳା । ପୂର୍ଣ୍ଣିମାଚନ୍ଦ୍ର ବାଳାର ମୁଖ ସହିତ ସମାନ ହେବାକୁ ଚେଷ୍ଟାକରି ହୋଇ ପାରିଲା ନାହିଁ ଏଣୁ ଧଳା ଦେହରେ କଳା ଦାଗ କଳଙ୍କ ଧାରଣ କରି ଆକାଶରେ ବୁଲୁଅଛି । ଏଥିପାଇଁ ଅମରସିଂହ ନିଜ କୋଷ ଗ୍ରନ୍ଥରେ ଚନ୍ଦ୍ରର ନାମ ସୁଧାକର ଓ କଳାନିଧି ନାମ ଦେଇଅଛନ୍ତି । କଳା କଳା କରି ତନୁକୁ କ୍ଷୀଣ କରି ଚନ୍ଦ୍ର ପ୍ରଥମେ ଅର୍ଦ୍ଧଚନ୍ଦ୍ରରୂପରେ କପାଳ ସହିତ ସମାନ ହେବାକୁ ଚେଷ୍ଟା କଲେ । ସେତକ ହୋଇ ନ ପାରିବାରୁ ଆହୁରି କ୍ଷୀଣ ହୋଇ ଓଷ୍ଠ ସହିତ ସମାନ ହେବାକୁ ହୋଇ ଗଲା । ତାହା ମଧ୍ୟ ହେଲା ନାହିଁ ଶେଷକୁ ଅତିକ୍ଷୀଣତା ନେଇ ବାଳାର ପଦନଖର ସମାନ ହେଲା । ଏଣୁ ଚନ୍ଦ୍ର ର ବାଳାର ପଦ ନଖକୁହିଁ ଯୋଗ୍ୟ ଉପମା ହେଲା । ୧୨ ।

ବର୍ଣ୍ଣିବୁ ଥାଇଟି ରୁରୁ ଚିକୁର । ବିବନ୍ଧୁ ଯା ସମ ଶ୍ୟାମ-ଭ୍ରମର ।
ବନ୍ଧନ ଉଦ୍ୟମେ ଧରିବା ବେଳେ । ମୟୂରପୁଚ୍ଛ ଲକ୍ଷ୍ୟ କାହିଁ ଲୁ ଲ ଯେ
ଏ ଲକ୍ଷ୍ୟ ନ କଲେ ପଛ ଯେ ।
ତେବେ ମୃଗ ଖଗ ବିବେକରୁ ଆମ୍ଭ ବିବେକ ହୋଇବ ତୁଚ୍ଛ ଯେ । ୧୩ ।
ପୀୟୂଷ ପିଇ ଜଡ଼ା ଶୋଭା ନେଲି । ପୀଡ଼ା ନ ମାନ୍ନ ହଣା ହୋଇଅଛି ।
ପରମ ବିବେକ ସିଂହିକାପୁତ୍ର । କି ହେଲା ଉତ୍ତିଲା ଏତିକି ମାତ୍ର ଯେ ।
ଉପମା ମାତଙ୍ଗ ସେହି ଯେ ।
ଏଣୁ ପୁଷ୍ପବନ୍ତେ ଯୁକ୍ତ ହୋଇବାରେ ସମସ୍ତେ ସ୍ନାନକୁ ଧାଆନ୍ତି ଯେ । ୧୪ ।
ନୀଳ ଚିକ୍କଣ କୁଟିଳ କୋମଳ । ପ୍ରଳମ୍ବ ଘନଳ ସୁଗନ୍ଧସ୍ଥଳ ।
ଏମନ୍ତ କେଶେ କି ତୁଲ୍ୟ ସମ୍ପାଦ । ଏତେ ଗୁଣେ ଅଛି କାଳନ୍ଦୀ ନଦୀ ସେହି

---

ରୁରୁ—ସୁନ୍ଦର, ଚିକୁର—କେଶ, ବିବନ୍ଧୁ—ଫିଟିବା କାଳରେ, ଶ୍ୟାମ—କଳା, ଭ୍ରମର—ଭ୍ରମରମୃଗ, । ବାଳାର ସୁନ୍ଦର କେଶକୁ ବର୍ଣ୍ଣନା କରୁଅଛି । ତାହା ମୁକୁଳା ହେଲେ କଳାଭ୍ରମର ପରି ଏବଂ ବାନ୍ଧିବା ପାଇଁ ହାତରେ ଧରିଲାବେଳେ ମୟୂରପୁଚ୍ଛ ତାହା ସଙ୍ଗେ ସମାନ ହେବାକୁ ଚଳେ ମାତ୍ର ଏହି ଲକ୍ଷ୍ୟ କେଶର ସମାନ ହେଲାନାହିଁ ମୃଗ ଓ ପକ୍ଷୀ ପୁଚ୍ଛକୁ ପଛରେ ଧଇଲେ । ଅତଏବ ମୁଁ ଯେବେ ଭ୍ରମର ସହିତ ଉପମା ଦେବି ତେବେ ମୋର ବୁଦ୍ଧି ପଶୁପକ୍ଷୀଙ୍କଠାରୁ ଊଣା ହୋଇଯିବ । ୧୩ ।

ସିଂହିକାପୁତ୍ର—ସିଂହିକା ନାମକ ରାକ୍ଷସୀର ପୁତ୍ର ରାହୁ, ପରମବିବେକ—ଭଲ ବୁଦ୍ଧିବନ୍ତ, ମାତଙ୍ଗ—ଚଣ୍ଡାଳ, ପୁଷ୍ପବନ୍ତେ—ସୂର୍ଯ୍ୟ ଚନ୍ଦ୍ର ସଙ୍ଗେ ମିଶିବାରେ ଅର୍ଥାତ୍ ଗ୍ରହଣବେଳେ । ସିଂହିକା ରାକ୍ଷସୀର ପୁତ୍ର ସମୁଦ୍ରମନ୍ଥନବେଳେ ଦେବତାଙ୍କ ସହିତ ମିଶି ଅମୃତ ପିଇଯିବାରୁ ଭଗବାନ ତାକୁ ଚକ୍ରରେ ହାଣିଦେଇଥିଲେ । ମାତ୍ର ଅମୃତ ପିଇଥିବା ଯୋଗୁଁ ତାହା ମୁଣ୍ଡ ଗଣ୍ଡି ମଲାନାହିଁ । ସେଥିପାଇଁ ଚନ୍ଦ୍ର ସୂର୍ଯ୍ୟଙ୍କୁ ସେ ଲାଗିଯାଏ । ତାକୁ ଲୋକେ ଚଣ୍ଡାଳ ବୋଲି ମନେକରି ସ୍ନାନ କରଥାନ୍ତି । ସେହି ରାହୁ କିନ୍ତୁ ଖୁବ ବୁଦ୍ଧିଶୀଳ ହୋଇଥିବାରୁ ସେ ବାଳାର ଅନ୍ୟ ଅଙ୍ଗକୁ ଛାଡ଼ି କେଶର ଶୋଭା ସହିତ ସମାନ ହେବାକୁ ଚେଷ୍ଟାକରି ଅମୃତ ପିଇ ହାଣ ଖାଇଲା । ଏତିକି କଥା ସାର ହେଲା ଯେ ସେ ଉପମାମାନଙ୍କ ମଧ୍ୟରେ ଚଣ୍ଡାଳ । ଏଣୁ ସେ ଚନ୍ଦ୍ର ସୂର୍ଯ୍ୟଠାରେ ଲାଗିଲେ ଅର୍ଥାତ୍ ଗ୍ରହଣ କାଳରେ ସମସ୍ତେ ସ୍ନାନ କରଥାନ୍ତି । ୧୪ ।

କୁଟିଳ—କୁଞ୍ଚିକୁଞ୍ଚିଆ, ପ୍ରଳମ୍ବ—ବିଶେଷ ଦୀର୍ଘ, ସମ୍ପାଦ—ସମ୍ପନ୍ନକର, ରମ୍ୟ—ସୁନ୍ଦର, ଉରୁସ୍ଥଳ—ସୁନ୍ଦର ଜଙ୍ଘ, ପୁଳିନ—ବାଲି । ବାଳାର କେଶ ନୀଳ ଚିକ୍କଣ କୁଞ୍ଚିତ, ଅତି ଦୀର୍ଘ, ଘନ ଏବଂ ସୁଗନ୍ଧଯୁକ୍ତ । ସେହି କେଶକୁ ଅବା କେଉଁ ତୁଳନା ଦେଇହେବ । ଯେବେ କାଳନ୍ଦୀ ନଦୀର ଏହିସବୁ ଗୁଣ ରହିଛି ତଥାପି ନଦୀ ଉଭୟଙ୍କର ସ୍ଥାନ ଆଉ କେଶ ଉର୍ଦ୍ଧର ସ୍ଥାନ । ଏହି କାରଣରୁ କାଳନ୍ଦୀ ନଦୀ କେଶ ସହିତ ତୁଳନା ପାଇ ପାରିଲାନାହିଁ

ରମ୍ୟ ଲମ୍ବୁଙ୍କର ସ୍ଥାନ ଯେ ।
ଯେଣୁ ଉରୁ ସ୍ଥୁରୁ ଖାଇବ ଖାବଟି ଦେଖାଇ ଦେଇ ସ୍ଖଳନ ଯେ । ୧୫ ।
ଏ କାହିଁ ସମ ଗର୍ଜି କହେ ଘନ । ଆବିଳ କରି ଚୂଡ଼ାର ପୁଳନ ।
ମୁଁ ଯହିଁ ଗନ୍ଧ-ଶୋଭା ଇଚ୍ଛା କରି । ବନ୍ଧ୍ୟ ବକାଳୀ ଇନ୍ଦ୍ରଧନୁ ଧରି ଯେ ।
ହୋଇ ନ ପାରିଲି ମୂକ ଯେ ।
ଯେ ପ୍ରତିଦ୍ୱନ୍ଦ୍ୱରେ ଏତେ ପ୍ରଶଂସିତ ଯହିଁକି କି ଅଛି ତୁଳ ଯେ । ୧୬ ।
ଥଇ ନ ପାଇ-ଦୃଷ୍ଟି ତହୁଁ ଖସି । ଉରଜ ଉପରେ ପଡ଼ିଲା ଆସି ।
ରୋମାବଳୀ ଦଣ୍ଡ ଅବଲମ୍ବନେ । ତନ୍ତ୍ର କହ୍ନାଲେ ତେତେ ଅନୁମାନେ ସେ ।
ଏ ଅତି ଅଦ୍ଭୁତ ସ୍ଥଳୀ ଯେ ।
ବେନି ନାରିକେଳ ଯୁଗ ଜନମିଛି ତମାଳ ଲତାରେ ଫଳ ଯେ । ୧୭ ।
ରହିବାକୁ ନଷ୍ଟେ ମନ ଲୋଚନ । ସଲଜ୍ଜେ ପ୍ରସାଦ ବେନି ରଚନ ।
ମେଳା ଭେଳା କରିବାକୁ ତହାର । ଅବଗାହ ଅର୍ଥେ ଉଦର ସର ସେ ।

---

ଅର୍ଥାତ୍ ସମ ନ ହେଲନାହିଁ । କାଳେ ବାଳାର ସୁନ୍ଦର କଟି ସହିତ ସମାନ ହୋଇପାରିବ ବୋଲି ବସୁର ମଝିରେ ମଝିରେ ବାଲିକୁଦ ଦେଖାଇ ରହିଛି । ୧୫ ।

ଆବିଳ—ଗୋଳିଆ, ଗନ୍ଧଶୋଭା—ଚୂଡ଼ାର ସୌନ୍ଦର୍ଯ୍ୟ, ବନ୍ଧ୍ୟ—ବନ୍ଧୁଲି । ମେଘ ଗର୍ଜନ କରି କହୁଛି, କାଳନ୍ଦୀ କପରି ବାଳାର ଚୂଡ଼ା ଶୋଭାସଙ୍ଗେ ସମାନ ହେବ । ମେଘ ବର୍ଷାଦ୍ୱାରା କାଳନ୍ଦୀର କଳା ଜଳକୁ ଗୋଳିଆ କରି ନଦୀବନ୍ତିରେ ବାଲିକୁଦ ବୁଡ଼ାଇ ଦେଇଥାଏ । ମେଘ ଚୂଡ଼ାସଙ୍ଗେ ସମାନହେବା ଇଚ୍ଛାରେ ବାଳାର କେଶରେ ଗିନ୍ଥିଥିବା ବିବିଧ ଗନ୍ଧଣା ଓ ଫୁଲପରି ଲାଲ ଦେହରେ ବନ୍ଧୁଲି, ବଗ ଧଳା; ଆଉ ସପ୍ତବର୍ଣ୍ଣର ଇନ୍ଦ୍ରଧନୁ ଧାରଣ କରି ମୁଦ୍ଧା ସମାନ ହୋଇ ପାରିଲା ନାହିଁ । ପ୍ରତିପକ୍ଷମାନଙ୍କ ମୁହଁ ବାଳାର ଯେଉଁ କେଶର ଏତେ ପ୍ରଶଂସା କରୁଅଛନ୍ତି ତାହା ସହିତ କାହାର ତୁଳନା ହୋଇପାରେ । ୧୬ ।

ଉରଜ—ସ୍ତନ, ତେତେ—ସେପରି, ଲତାରେ—ଗୋଟିଏ ଲତାରେ, ରୋମାବଳୀ ଦଣ୍ଡ—ରୋମାବଳୀ ରୂପକ ବାଡ଼ି । ଏଠାରେ ଛାତିର ରୋମସବୁ ତମାଳ ଲତାପରି କଳା, ତାହା ଛାତିର ହାଡ଼ ଅବଲମ୍ବନ କରି ମାଡ଼ିଅଛି ଏବଂ ସ୍ତନ ଦୁଇଟି ଦୁଇ ନଡ଼ିଆ ଓ ସ୍ତନର ଭୂଣ୍ଡି ଗୁଆପରି । କବିର ନେତ୍ର କେଶର ଉପମା ଚିହ୍ନଣା କରି ପାରିଲା ନାହିଁ ତେଣୁ ମୁଣ୍ଡବାଳରୁ ତଳକୁ ଖସି ଛାତି ଉପରେ ପଡ଼ିଲା । ସେଠାରେ ରୋମସବୁ କଳାହୋଇ ତମାଳ ଲତାପରି କବିର କଳ୍ପନା ଜନ୍ମିଲା ମାତ୍ର ସ୍ଥାନଟି ବଡ଼ ବିଚିତ୍ର । ତମାଳ ଲତାରେ ଦୁଇସ୍ତନ ଦୁଇଟି ନଡ଼ିଆ ପରି ଗୋଲ ହୋଇ ଫଳିଛି ଏବଂ ଉପରଆଡ଼କୁ ସରୁହୋଇ ଅଗକୁ ସ୍ତନଭୂଣ୍ଡି ଦୁଇଟି ଗୁଆପରି ଦିଶୁଅଛି । ୧୭ ।

ଲୋଚନ—ଆଖି, ସଲଜ୍ଜେ—ଲଜ୍ଜିତକରି, ପ୍ରସାଦ—ମନ୍ଦିର, ଅବଗାହ—ସ୍ନାନ, ମେଳାଭେଳା—ଖେଳଭେଳା । ହେମପ୍ରଭୁ ହେତୁ ନଷ୍ଟେ—ବୁଡ଼ିରହି, ଉଦରସର—ଉଦର ରୂପକ ପୁଷ୍କରିଣୀ, ଉଦର—ଶୋଷ, ଆନଅନ—ଭିନ୍ନଭିନ୍ନ, ପ୍ରଗ୍ରହିଲେ—ପ୍ରସ୍ତୁତକଲେ,

ଟେଣୁ ନ ପାରିଲେ ଚେଜ ଯେ ।
ଆନ ଆନ ବସ୍ତୁରକୁ ପ୍ରବୃତ୍ତିଲେ ସେହି ରୁଚିରରେ ମଜ୍ଜି ଯେ । ୧୮ ।
ହେମ-ଭୂ ସମ୍ଭୂତ ଶମ୍ଭୁ ଯୁଗଳେ । ନୀଳମଣିରେ ନିର୍ମିତ ମୃଣାଳେ ।
ପାଞ୍ଚ ପାଞ୍ଚ ଯୁକ୍ତ ସପ୍ତଲାକଳୀ । ପଙ୍କଜ-ଝୁମ୍ପା ଚମ୍ପାମାଳ ଭୁଜ ଯେ ।
ନିଷ୍ଟୟ କର ଏମନ୍ତ ଯେ ।
ଯେନ ପ୍ରଜାପତି ଅର୍ଚ୍ଚନ ଅଶୋକେ ପ୍ରପଦେ ଯେସ ଆଲିଙ୍ଗିତ ଯେ । ୧୯ ।
ଯୌବନ-ସିନ୍ଧୁ-ମନ୍ଥନ ଭରତେ । ମେରୁ ମନ୍ଦର ଯୁକ୍ତ କଲା ସୁତେ ।
ଅଛି କେତକୀ ସୁଗନ୍ଧ ଫଟକ । ଜାତ ଅଦଭୁତ । ପାରିଜାତକ ନସ ।

---

ବିହାର—କ୍ରୀଡ଼ା । ମନ ଓ ଆଖି ଦୁହେଁ ସେଠାରେ ରହିବାପାଇଁ ନିଷ୍ଟୟ କରି ସ୍ଥଳରେ କ୍ରୀଡ଼ା ଏବଂ ଜଳରେ ସ୍ନାନ କରିବା ମାନସରେ ବକ୍ଷସ୍ଥଳକୁ ଲାଗି ଦୁଇଟି ସ୍ତନରୂପକ ମନ୍ଦର ଏବଂ ଉଦର ରୂପକ ପୁଷ୍କରିଣୀ କଲେ । ସେଥିରେ ପୁଣି ବକ୍ଷର ରୋମରୂପକ ଭେଳାଟିଏ ରଚନା କଲେ । ଏଣୁ ମନ ଓ ଆଖି ସେ ସ୍ଥାନକୁ ଛାଡ଼ି ନପାରି ତହିଁର ଶୋଭାରେ ବୁଡ଼ି ରହିବ ଧାରଣା ପ୍ରକାଶ କଲେ । ୧୮ ।

ହେମ-ଭୂ-ସମ୍ଭୂତ—ସୁବର୍ଣ୍ଣଭୂମିଜାତ, ଶମ୍ଭୁ—ଶିବ, ଯୁଗଳ—ଦୁଇ; ନୀଳମଣି ନିର୍ମିତ—ନୀଳମଣିରେ ନିର୍ମିତ, ମୃଣାଳେ—ଶମ୍ଭୁର ନାଳ, ସପ୍ତଲାକାଳୀ—ନବମାଳିକା କଢ଼, ପଙ୍କଜ-ଝୁମ୍ପା—ପଦ୍ମଫୁଲ ଝୁମ୍ପା, ଭୁଜ—ହସ୍ତଲତା, ପ୍ରଜାପତି—ବ୍ରହ୍ମା, ଅର୍ଚ୍ଚନ—ପୂଜା, ଅଶୋକ—ଅଶୋକଫୁଲ, ପ୍ରପଦେ—ପାଦପ୍ରାନ୍ତରେ, ଆଲିଙ୍ଗିତ—ଜଡ଼ିତ । ସୁବର୍ଣ୍ଣଭୂମିଜାତ ଦୁଇଟି ଶିବଲିଙ୍ଗ ପରି ବାଳାର ଦୁଇସ୍ତନ ହୋଇଅଛି । ତହିଁରେ ବାଳାର ବକ୍ଷର ରୋମ ସମୂହ ନୀଳମଣି ନିର୍ମିତ ନାଳପରି ଦିଶୁଅଛି । ସପ୍ତଲାକଳୀ ବା ନବମାଳିକା କଢ଼ପରି ବାଳାର ହାତର ପାପୁଲିରେ ପାଞ୍ଚପାଞ୍ଚଟା ଅଙ୍ଗୁଳି ପରି ଏବଂ ପଦ୍ମଝୁମ୍ପା ସ୍ୱରୂପ ଚମ୍ପାମାଳ ବାହୁରେ ଶୋଭା ପାଉଅଛି । ଏଥିରୁ ଏହାହିଁ କଥାଯିବାରେ ବୁଝାଯିବ ଯେ ବିଧାତା ଚମ୍ପାମାଳରେ ଏହି ସ୍ତନ ଶମ୍ଭୁଙ୍କୁ ପୂଜାକରୁଛି ଏବଂ ଅଶୋକ କଢ଼ ଚରଣ ପ୍ରାନ୍ତରେ ସିଞ୍ଚାଇଅଛି । ୧୯ ।

ମେରୁ ଓ ମନ୍ଦର—ମେରୁ ଏବଂ ମନ୍ଦର ପର୍ବତ; ପାରିଜାତକ—ଦେବବୃକ୍ଷ ବିଶେଷ, ଅଚିର—କ୍ଷଣିକ; ନାଗେଶ୍ୱର—ଶ୍ରେଷ୍ଠହସ୍ତୀ, ଶମ୍ପା—ବିଜୁଳି । ଦେବାସୁର ସମୁଦ୍ରର ମନ୍ଥନ କାଳରେ ମନ୍ଦର ପର୍ବତକୁ ମେରୁ କରିଥିଲେ । ସେହି ମନ୍ଥନରୁ ପାରିଜାତ ଓ ଐରାବତ ଉତ୍ପନ୍ନ ଜାତ ହୋଇଥିଲେ । ଐରାବତ ଗଙ୍ଗା ପ୍ରତି ଲୋଭ କରି ଗଙ୍ଗାପ୍ରବାହରେ ଭାସି ଯାଇଥିଲା । ବାଳାର ବକ୍ଷସ୍ଥ ରୋମାବାଳୀକୁ ସୂତ୍ର କରି ମେରୁ ମନ୍ଦର ସମାନ ଦୁଇସ୍ତନକୁ ଲଢ଼ ବଚଏ ଭାବରେ ଯୌବନ ରୂପକ ସିନ୍ଧୁ ମନ୍ଥନ କରାଗଲା । ତହିଁରୁ ସୁବାସ ଓ ଶୋଭା ଯୁକ୍ତ କେତକୀ ସମାନ ଅଦ୍ଭୁତ ପାରିଜାତ ଫୁଲ ଉତ୍ପନ୍ନ ହେଲା । ସିନ୍ଧୁମନ୍ଥନ ଜାତ ପାରିଜାତର କେବଳ ସୁଗନ୍ଧ ଥିଲା ମାତ୍ର ବାଳାର ଦେହରୂପକ ପାରିଜାତରେ ସୁଗନ୍ଧ ଓ

ବରଛନ୍ତି ଶମ୍ପା ଅଚିର ଯେ ।
ଗଜ ହଂସ ଜିଣି ଗଙ୍ଗାରେ ବୁଡ଼ାଇ ଦେଇଥିଲା ନାଗେଶ୍ୱର ଯେ । ୨୦ ।
ମନସିଜ କେନ୍ଦୁ କୁଟି ଭିଆଇ । ପଦ୍ମାବଳୀରେ ପଡ଼ନ୍ତେ ଛୁଆଇଁ ।
ରଞ୍ଜିତ ଖ୍ୟାତ ନଳୀ ଅଛି ଯୋଖି । ମନୋହରର ନାଭି ପଲ୍ୱଳ ଦେଖି ଯେ ।
ମଧ୍ୟରେ କେଶରୀ ବୋଲି ଯେ ।
ଭୟେ ଘେନି ଅଛି କାହିଁ ପଳାଇଛି ମୁହିଁ କଟିଦ୍ୱେଷୀ ଜାଣି ଯେ । ୨୧ ।
ଲୋକେ ଅବଳା ଯେ ବାଳାକୁ କହି । ଅଦୃଷ୍ଟ ଅଶ୍ରୁତ ବଳ ଦେଖାଇ ।
ବନ୍ଦୀ କରି ତିନିବଳୀ ଏଥିକି । ମର୍କତ ଧନୁକେ ବେନି ପୃଥ୍ୱୀକି ଯେ ।
ନଟେଶ୍ୱ ଧରିଅଛି ଟେକି ଯେ ।
ଜଘନ ଭଦ୍ରାସନ ଯେଣୁ ହେଲାନି ବଳବନ୍ତେ ଅଭିଷେକୀ ଯେ । ୨୨ ।
ଚରମସ୍ଥଳ ଯହିଁରେ ଅଗମ୍ୟ । ନ ସମ୍ଭବେ ପ୍ରଭୁମାନଙ୍କ ରମ୍ୟ ।
ନିତମ୍ବ ଚକ୍ରବାଡ଼ ଅଛି ଯହିଁ । ଦୃଷ୍ଟିପଥ ଅନ୍ଧକାର କରାଇ ଯେ ।

---

ଦୀପ୍ତି ଦୂର ଥିବାରୁ ଏହା ଅଭୂତ ହେଲା । ଏହି ଦୀପ୍ତି ସ୍ଥାୟୀ ହେବାରୁ ବିଜୁଳିକୁ ବଳିଯାଇଛି; ଏଣୁ ବିଜୁଳି କ୍ଷଣସ୍ଥାୟୀ । ବାଳାର ଗତି ହଂସ ସମାନ ଥିବାରୁ ସେ ଗତିରେ ଶ୍ରେଷ୍ଠ ହସ୍ତୀ ନାଗେଶ୍ୱରଙ୍କୁ ମଧ୍ୟ ବଳିପଡ଼ିଛି । ଐରାବତ ଗଙ୍ଗାରେ ବୁଡ଼ିଗଲା ପରି ଏହି ଗତିରୂପକ ହସ୍ତୀର ଗମନ ଲଜ୍ଜାରେ ହଟି ଯାଇଅଛି । ୨୦ ।

ମନସିଜ—କନ୍ଦର୍ପ, କୁଟି—କୁଟୀର, ଛୁଆଇଁ—ଛାଉଣୀକରି, ନାଭି ପଲ୍ୱଳ—ନାଭିରୂପକ ପୁଷ୍କରିଣୀ । ଜଳଦ ତଟରେ ଲୁଚିବସି ଶିକାରୀ ବନ୍ଧୁକରେ ବାରୁଦ ରଞ୍ଜକ ଦେଇଥାନ୍ତି । ଏଠାରେ କନ୍ଦର୍ପ ବାଳାର ସ୍ତନରୂପକ ଦୁଇଟି କୁଡ଼ିଆ ନିର୍ମାଣ କରି ତାହା ଉପରେ ସ୍ତନ-ଚାପରୂପକ ପଟରେ ଛାଉଣିକରି ତ୍ରିଲି ପକାଇ ବନ୍ଧୁକନଳୀରେ ରଞ୍ଜକ ଦେଇ ସରୋବର ମଝିରେ ଥିବା କେଶରୀକୁ ମାରିବାକୁ ଲୁଚିଅଛି । ବାଳାର କଟିଦେଶକୁ ସିଂହକଟି କୁହାଯାଇ ଥାଆନ୍ତି; ମାତ୍ର ସେଥିପାଇଁ ଭିନ୍ନ ଦେ ଥିବାରୁ କଟିର ପ୍ରତିଦ୍ୱନ୍ଦ୍ୱୀ ବୋଲି ସିଂହ ଡରି ପଳାଇ ଯାଇଅଛି । ୨୧ ।

ଲୋକେ—ଜଗତରେ, ଅବଳା—ବଳହୀନା ଆଉ ସ୍ତ୍ରୀ, ଅଦୃଷ୍ଟ—ଯାହା ଦେଖା-ଯାଇନାହିଁ, ଅଶ୍ରୁତ—ଯାହା ଶୁଣାଯାଇନାହିଁ, ଭଦ୍ରାସନ—ସିଂହାସନ । ଜଗତରେ ସ୍ତ୍ରୀକୁ ଅବଳା ଅର୍ଥାତ୍ ବଳହୀନା କହୁଥାନ୍ତି; ମାତ୍ର ଏହି ବାଳା ଯାହା ଦେଖାଯାଇନାହିଁ ବା ଶୁଣାଯାଇନାହିଁ । ସେପରି ବଳ ଦେଖାଉଅଛି । ବିଷ୍ଣୁ ଗୋଟିଏ ବଳୀକୁ ବନ୍ଦୀ କରିଥିଲେ । ଏହି ବାଳା ତିନି ବଳୀଙ୍କୁ ଅର୍ଥାତ୍ ତ୍ରିବଳୀକୁ ନିଜ ହୃଦୟରେ ବନ୍ଦୀ କରିଅଛି । ଅର୍ଜୁନ ନିଜ ଧନୁହୁଳରେ ପୃଥିବୀକୁ ଟେକି ଧରିଥିଲେ । ଏହି ବାଳା ମର୍କତ ଧନୁସଦୃଶ ରୋମସମୂହରେ ପୃଥିବୀ ସମାନ ଦୁଇଟି ସ୍ତନକୁ ଟେକି ଧରିଅଛି । ନିଜର ଅଣ୍ଟା ପଛଭାଗରୂପକ ସିଂହାସନରେ ବସି ବଳବନ୍ତମାନଙ୍କ ଭିତରେ ଶ୍ରେଷ୍ଠ ବୋଲି ଅଭିଷିକ୍ତ ହୋଇଅଛି । ୨୨ ।

ଥିବ କୂପକ ଚନ୍ଦ୍ରର ସେ ।
ସୁସଞ୍ଚ ସ୍ଥୀତ ସ୍ୱର୍ଣ୍ଣ ଗଣ୍ଡ-ଶଇଳ ଆଚ୍ଛସୁଅଛୁ ଚଉର ଯେ । ୨୩ ।
ଅଳକା ବର୍ଣ୍ଣନା ନୋହିଲା ମିନା । ସେ ଯେ ଶୋଭାପକ୍ଷ ଶ୍ଳୋକ କଳ୍ପନା ।
ଅଙ୍ଗୁଳି ଭୂଜକେ ସ୍ରଷ୍ଟା ଲେଖି । ସମ ଥୋଇଅଛି ତା ଅଷ୍ଟଆଖି ସେ ।
କି ଲେଖା କହ ଈଶ୍ୱର ସେ ।
ହରିହର ଏକମୂର୍ତ୍ତି ହୋଇଲେକୁ ରମା ଉମା ସେହ୍ମନେ ସେ । ୨୪ ।
କୋମଳେ ଲବଣୀ ନୋହିବ ସମାନ । ତରଳ ହେଲଟି ହୟଙ୍ଗବୀନ ।
ପ୍ରେମ ପୀୟୂଷ ପିଚ୍ଛୁଳା ନିର୍ମାଣ । କାମ ଜୀବଦାନୁ ହେଲା ପ୍ରମାଣ ସେ ।
କଳାରେ କି ରଚି କଲା ଯେ ।
ହରିକ ଶୁଭ୍ରକୁ କି କି ପରକାରେ ସ୍ଥାନେ ସ୍ଥାନେ ଦେଖାଇଲା ଯେ । ୨୫ ।

---

ଚରମ ସ୍ଥଳ—ପୃଷ୍ଠଭାଗ, ଜନ୍ତମୂ—ପିଣ୍ଡ, ଅଗମ୍ୟ—ଯିବାକୁ ଯାଇହୁଏ ନାହିଁ, ପ୍ରଭୃମାନଙ୍କ—ଶୋଭାମାନଙ୍କ, ରମ୍ୟ—ମନୋହର, ତଟବାଡ଼—ପର୍ବତ ବାଡ଼, କୂପକ—କଟିପର ଗର୍ତ୍ତ, ସ୍ଥୀତ—ପିଣ୍ଡ, ଗଣ୍ଡ ଶଇଳ—ବୃହତ୍ ପଥର ଖଣ୍ଡ । ବାଳାର ପଶ୍ଚାତ ବର୍ଣ୍ଣନା କରିବାକୁ ଗଲାବେଳେ ଦୃଷ୍ଟି ସେଠାକୁ ଯାଇ ପାରିନାହିଁ କାରଣ ତାହା ଦେଖା-ଯାଇ ନାହିଁ । ତେଣୁ ସେଠାର ଶୋଭାମାନଙ୍କର ମନୋହର ଦୃଶ୍ୟ ଜଣା ହେଉନାହିଁ । ତହିଁ ପୁଣି ପିଣ୍ଡରୂପକ ପର୍ବତ ରହିଅଛି ବୋଲି ଅନ୍ଧାରିଆ ହୋଇ ଆଖିକୁ ଦେଖା ଯାଉନାହିଁ । ମନେହୁଏ ସେହି ପର୍ବତ ଆଉ ପାର୍ଶ୍ୱରେ ପର୍ବତ ଗହ୍ୱର ଥିବ ଏବଂ ବଡ଼ ପଥରଖଣ୍ଡ ପରି ସ୍ଥୂଳ ସୁନ୍ଦର ପିଣ୍ଡ ଥିବ । ୨୩ ।

ଅଳକା—ଚୂର୍ଣ୍ଣ କୁନ୍ତଳ, ଅଷ୍ଟଆଖି—ବ୍ରହ୍ମା, ହରିହର—ବିଷ୍ଣୁ ଶିବ, ଅଙ୍ଗୁଳି ଭୁଜଙ୍ଗ—ଅଙ୍ଗୁଳିରୂପକ ଭୂଜ, ସମ—ସମାନ କରି । ବାଳାର ଅଳକା ଅର୍ଥାତ ଚୂର୍ଣ୍ଣ କୁନ୍ତଳ ବର୍ଣ୍ଣନା କରି ହେଉନାହିଁ । କାରଣ ସୁନ୍ଦରୀର ଶୋଭା ଯଶକୁ ବ୍ରହ୍ମା ନିଜ ହାତର ଅଙ୍ଗୁଳି-ରୂପକ ତୂଳୀରେ ସମାନ ଧାଡ଼ି କରି ଶ୍ଳୋକ ଲେଖିଅଛନ୍ତି । ସେ ଲେଖା କଅଣ ଈଶ୍ୱର କରି କହିଲା । ଏହା ସ୍ତ୍ରୀଙ୍କି ଆଉ କେତେ କେତେ କହିଲା, ବିଷ୍ଣୁ ଓ ଶିବ ଦୁହେଁ ମିଶି ଏକ ମୂର୍ତ୍ତି ହେବାରୁ ରମା ଓ ଉମା ଏକ ମୂର୍ତ୍ତି ଧାରଣ କରିଛନ୍ତି । ଏହି ସ୍ତ୍ରୀଗଣ ତନୁରୁ ସେ ସୁନ୍ଦରୀ ସୃଷ୍ଟି ହୋଇଅଛି । ୨୪ ।

ଲବଣୀ—ଲହୁଣୀ, ହୟଙ୍ଗବୀ—ତଟକା ଘିଅ, ପୀୟୂଷ—ଅମୃତ । ଏହି ସୁନ୍ଦରୀର ମୂର୍ତ୍ତି ଗଢ଼ାଗଲାବେଳେ ତାକୁ ଯେଉଁ କୋମଳତା ବ୍ରହ୍ମା ଦେଲେ ତାହା ସହିତ ଲହୁଣୀ ସମାନ ନ ହୋଇ ତରଳିଯାଇ ଘିଅ ପାଲଟି ଗଲା ଅର୍ଥାତ ଲହୁଣୀ ନିଆଁରେ ପୋଡ଼ି ହୋଇଗଲା । ଏହାପରେ ଗୋଟିଏ ପ୍ରେମ ଓ ଅମୃତ ମିଶାଇ ପିଚ୍ଛୁଳା ବ୍ରହ୍ମା ଗଢ଼ିଲେ ଏବଂ ମହାଦେବଙ୍କ କୋପାନଳରେ ଭସ୍ମ ହୋଇଥିବା କାମଦେବର ଜୀବନ ଦେଲେ । ଏଣୁ ଏହି କୁଇଟି ମିଶି ରାଜକନ୍ୟାର ମୂର୍ତ୍ତି ଗଢ଼ା ହୋଇଅଛି ବୋଲି ପ୍ରମାଣ । ଏଥିପାଇଁ କାମ ବାଳାକୁ କଳାରେ ରଚନା କଲା ଅର୍ଥାତ୍ ସ୍ଥାନେ ସ୍ଥାନେ ବିଭିନ୍ନ ବର୍ଣ୍ଣ ଯଥା କାମଦେବର ସବୁଜ

ସାରଭାଗ କଲା ନୃପ-ଜେମାକୁ । ଅସାର ଭାଗ କଲା ଉପମାକୁ ।
ଏ କଥା ନଶ୍ଚେଁ ଆସିଲ ମନକୁ । କହି ଭଜିଲେ କବି ମଉନକୁ ସେ ।
ଶ୍ରୀରାମ ଦୂଷଣ-ହର ଯେ ।
ପୁରାଣେ ଅଛି ସୁମର ଗୀତ ରଚି ଉପଇନ୍ଦ୍ର ଦୋଷହର ଯେ । ୨୭ ।

———

## ଅଷ୍ଟମ ଛାନ୍ଦ

ରାଗ—ଦେଶାକ୍ଷ

ଛବିକି ବର୍ଣ୍ଣିଲା କବିଙ୍କି ଚାହିଁ । ଅତନୁକ କନକ ସ୍ନାନ କରାଇ ।
ବସନେ ବସନେ ଦେଇ ପ୍ରୟନେ । ସ୍ମରଶବ୍ଦିତ ହରଷମନେ ସେ ।
କହଇ ସତ ନୁହଇ ଏବା । ବିଧି ବିଧାନେ ନୋହିଲା ଶର୍ଧୀବା । ୧ ।
ଉର୍ବଶୀରେ ବଶୀଭୂତ ଯେ ବସି । ସୁର ସଭାରେ ସୁରସରେ ରସି ।
ସେ ପୁଣି କାନ୍ତ ଏକାନ୍ତ ରହିଁ । କାନ୍ତ ହେବା ଇଚ୍ଛା ନ କଲା କେହି ।
ସମ୍ଭୂତ ଏକ ଅଦ୍ଭୁତ ହୋଇ ଭୂତ ଭବିଷ୍ୟ ବର୍ତ୍ତମାନେ ନାହିଁ । ୨ ।

---

ଅମୃତର ଶୁକ୍ଳବର୍ଣ୍ଣ ଶର୍ଜ୍ଜିଲା । ତାହାର ଆଖି କଳା ଓ ଧଳା ଏବଂ ହାସ୍ୟ କେବଳ ଧଳା । ୨୫ ।

ପ୍ରେମ ଓ ଅମୃତର ସାରଭାଗ ଦ୍ୱାରା ବିଧାତା ରାଜକନ୍ୟାକୁ ନିର୍ମାଣ କରି ଅସାର-ଭାଗରେ ଉପମା ଗଢ଼ିଛନ୍ତି ବୋଲି ମନେହୁଏ । ଏତକ କହି କବି ମୌନ ହେଲେ । ପୁରାଣରେ ଅଛି, ରାମଚନ୍ଦ୍ର ଦୂଷଣ ନାମକ ରାକ୍ଷସକୁ ମାରିଥିଲେ । ସେ ପୁଣି ଦୋଷସବୁ ହରଣ କରିଥାନ୍ତି । ଉପଇନ୍ଦ୍ର ତାହାଙ୍କୁ ସ୍ମରଣ କରି ଗୀତ ରଚନା କଲ । ୨୭ ।

—o—

କନକ ସ୍ନାନ—ସୁନାରେ ସ୍ନାନ, ବସନେ ବସନେ—ଯୋଡ଼ ଯୋଡ଼ର, ସ୍ମରଶବ୍ଦିତ—ତୁଳିଲାପରି ଶବ୍ଦ, ଶର୍ଧୀବା—ବିଶ୍ୱାସ ସମ୍ଭାବନା ଅର୍ଥାତ ଅସମ୍ଭବ, ଛବି—ରୂପ, ଅଙ୍ଗପ୍ରତ୍ୟଙ୍ଗ । ସୁନ୍ଦରୀର ଅଙ୍ଗପ୍ରତ୍ୟଙ୍ଗ ବର୍ଣ୍ଣନା କରୁଥିବା କବିମାନଙ୍କୁ ବହୁତ ସୁନା ବୃଷ୍ଟି କରି ଖୁସି ମନରେ ଯୋଡ଼ ଯୋଡ଼ର ଦେଲେ । କବିଙ୍କର ବର୍ଣ୍ଣନାର ଜୀବନ୍ତ ଭାବରୁ ସେ ମନେକଲେ ସତେ ଯେପରି ତାକୁ ଛୁଇଁ ପକାଇଲେ । ଏଣୁ ମନରେ ଆନନ୍ଦ ଜାତ ହେଲା । ଭାବିଲେ ଏହା ହୁଏ ତ ସତ ନୁହେଁ, ପୁଣି ଭାବିଲେ ନ ହେବ କାହିଁକି ? ବିଧାତାର ସେଭି ବଚନ ଭୃଷ୍ଟାମଣା ସେଥିରେ ଅସମ୍ଭବ କିଛି ନାହିଁ । ୧ ।

ଉର୍ବଶୀ—ଅପ୍ସରା, ବଶୀଭୂତ—ଆସକ୍ତ, ସୁରସରେ—ଉତ୍ତମ ରସରେ, କାନ୍ତ—ସ୍ୱାମୀ, କମନୀୟତା, ସମ୍ଭୂତ—ଜାତ । ଦେବସଭାରେ ବସି ଯିଏ ଉତ୍ତମ ରସକୁ ମନ ବଳାଇ ଉର୍ବଶୀଠାରେ ଆସକ୍ତ ସେ ପୁଣି ସେ ନିର୍ଜନରେ ଏହାର ସୌନ୍ଦର୍ଯ୍ୟ ଦେଖି ସ୍ୱାମୀ ହେବା ଇଚ୍ଛା ନ କଲା କି ? ଏହା ତ ବଡ଼ ଅଦ୍ଭୁତ କଥା । ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଏପରି ତିନି କାଳରେ ଏପରି ହୋଇନାହିଁ । ୨ ।

କହସ୍ତ ଭୁସ୍ତ ଏ ଚରୁଷ ମିଥ୍ୟା । ଶୁଣି ନୃପମଣି-ନନ୍ଦନ କଥା ।
ମନ୍ତ୍ରୀ କହିଲ କର ସମ୍ମତ । ନ କର ସନ୍ଦେହ ଦେ ଦେହବନ୍ତ ।
ମାଳିନୀ-ପୁରେ ନଳିନୀ-ସାର ରୂପ ଅନୁରୂପେ ନାମ ତାହାର । ୩ ।
କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ଏ ପଦୁଁ । ଅକ୍ଷର ଯୁଗବର୍ଣ୍ଣ ଘେନ ଆଦ୍ୟୁଁ ।
କ ଯୋଗରୁ ଯୋଗ ଏକା ସ୍ତ୍ର ନକେ । ଗୋଟିଏ ଗୋଟିଏ କଳ୍ପ କଲ୍ପେକେ ।
ପ୍ରମାଣ କଲେ ନିର୍ମାଣ କେମା । ବନ୍ଦନ କଲେ ନନ୍ଦନ ଉପମା । ୪ ।
ସୁଷମା ସମାପତ ହେଲା ଦିନ । ଭୂତ ଭୂତି ଭଜଥିବ ମଦନ ।
ପୁଣି ବେଦରତ ଜରତ ଯେଣୁ । ବିକାର କାରଣ ନୋହିଲା ତେଣୁ ।
ବିନ୍ଧାଣିପଣ ବିଦିତ କଲେ । ଲୋକ ଲୋକେ ହୃଦେ ଉଦିତ ହେଲେ । ୫ ।
ସୁମନା କାମିନୀ-ଗନ୍ଧ-ସୁମନା । ନାଗ-ନାଗରୀ ଶିରୋମଣି ସିନା ।
ମହୀ-ମଣ୍ଡଳୀ ଚିତ୍ର ତିଳକ । ମଧ୍ୟମା ମଧ୍ୟମ କରେ ତ୍ରୈଲୋକ୍ୟ ସେ ।

---

ଚରୁଷ—ସୁନ୍ଦରୀ, ଦସ୍ତୁ—ଅଦ୍ଭୁତ ପୁରୁଷ, ଦେହବନ୍ତ—ଦେହଧାରୀ, ମାଳିନୀ ପୁରେ—ଚମ୍ପା ନଗରରେ, ନଳିନୀ ସାର—ପଦ୍ମିନୀ ଶ୍ରେଷ୍ଠା । ଏପରି ସୁନ୍ଦରୀ ରହିବା ମିଛ, ଏହା କବିଙ୍କ ବର୍ଣ୍ଣନା କୌଶଳ । ରାଜପୁତ୍ର ଏପରି ବାକ୍ୟ ଶୁଣି ଅଦ୍ଭୁତ ପୁରୁଷ କହିଲା, ହେ ରାଜପୁତ୍ର ସନ୍ଦେହ କରନା । ଏପରି ସୁନ୍ଦରୀ ଥିବା ସତ । ଚମ୍ପା ନଗରରେ ରୂପ ସମାନରେ ନାମ ଧରି ସେପରି ଶ୍ରେଷ୍ଠ ପଦ୍ମିନୀ ଜାତୀୟା ସୁନ୍ଦରୀ ଦେହ ଧାରଣ କରିଅଛି । ୩ ।

କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ଏହି ଆଠ ଅକ୍ଷରରୁ ପ୍ରଥମ ଯୁଗଳଟି ବର୍ଣ୍ଣ ନେଲେ ଯାହା ହେବ ସେହି 'କୋଟି ବ୍ରହ୍ମା' ଅର୍ଥାତ୍ କୋଟିଏ ବ୍ରହ୍ମା ଗୋଟିଏ ଗୋଟିଏ କଳ୍ପ କଳ୍ପନା କରି ସେହି ରାଜକନ୍ୟାକୁ ଗଢ଼ିଥିବା ପ୍ରମାଣ କଥା । ଏଣୁ ଉପମାମାନେ ନିକୃଷ୍ଟ ହୋଇ କେମାର ରୂପକୁ ବନ୍ଦନା କଲେ । ୪ ।

ସୁଷମା—ଅତୀବ ଶୋଭା, ସମାପତ—ଶେଷ, ଭୂତ ଭୂତି—ଦେହଶୂନ୍ୟ, ବେଦରତ—ବ୍ରହ୍ମା, ଜରତ—ବୃଦ୍ଧ, ଲୋକେ—ସଂସାରେ, ଲୋକେ—ଲୋକମାନଙ୍କଠାରେ; ବିନ୍ଧାଣି—ନିର୍ମାତା, ମଦନ—କାମଦେବ । ରାଜକନ୍ୟାର ଗଠନ ଶୋଭା ଯେଉଁଦିନ ଶେଷ ହେଲା ସେଦିନ କାମଦେବ ଦେହଶୂନ୍ୟ ହୋଇଥିଲେ ଏବଂ ବ୍ରହ୍ମା ଏହାକୁ ଗଢ଼ୁ ଗଢ଼ୁ ଅତି ବୃଦ୍ଧ ହୋଇ ଯାଇଥିଲେ । ତେଣୁ ସେମାନେ ଏହାପ୍ରତି ଆସକ୍ତ ହେଲେ ନାହିଁ ନଗ୍ନୁବା ରୂପରେ ଅସ୍ୱସ୍ଥ ବଣ ହୋଇ ଥାଆନ୍ତେ । ଏହାଛଡ଼ା ବ୍ରହ୍ମା ବେଦରେ ଆସକ୍ତ ହୋଇଗଲେ । ସେ ଦୁହିଙ୍କର ମନରେ କୌଣସି ବିକାର ଜନ୍ମି ନ ଥିଲା । ବ୍ରହ୍ମା ଜଗତରେ ନିଜର ନିର୍ମାଣିପଣ ପ୍ରକାଶିତ କଲେ ଆଉ କାମଦେବ ଜଗତରେ ଲୋକମାନଙ୍କ ହୃଦୟରେ ପ୍ରକାଶ ପାଇଲେ । ୫ ।

ସୁମନା—ଉତ୍ତମ ସ୍ତ୍ରୀ ଫୁଲ, ଗନ୍ଧ—କେଶ, ନାଗନାଗରୀ—ପାତାଳ ସ୍ତ୍ରୀ, ଶିରୋମଣି—ମସ୍ତକର ମଣି, ମହୀ ମଣ୍ଡଳୀ—ପୃଥିବୀର ନାରୀ, ମଧ୍ୟମ—ଅସ୍ତ୍ର, ତିଳକ—ଶିରଭୂଷା, ସୁନ୍ଦରୀପଦେ—ସୁନ୍ଦରୀସମୂହରେ, ଛୀଡା— ଅର୍ଥ । ଏହି ରାଜକନ୍ୟା ଉତ୍ତମସ୍ତ୍ରୀ-

ପାଇଛୁ ଟୀକା ସୁନ୍ଦରୀ ପାଦେ । ଟୀକା ହେଲଣି ସଙ୍ଗୀତ ପୁସ୍ତକେ । ୬ ।

ଗତ ଆଗତ ହେଉଥିଲେ ଋଷି । ଯୁଗେ ଯୁଗେତ ଏ ଯୁଗେ ନ ଆସି ।
ରମଣୀମଣି କ ଯୋଗେ ରୁହିଁଲେ । ଯୋଗ ବିଯୋଗ ହୋଇବ ଧାଇଲେ ।
ଏ ଅଦ୍ଭୁତ ସଂଶୟ ଜାତ । ଏମନ୍ତ ମତ୍ତ କାମିନୀ କେମନ୍ତ । ୭ ।
ପଦର-ବସୁଧୀ ଅଙ୍ଗ ଛୁଇଁଲେ । ସୁନ୍ଦରମାନେ ସୁନ୍ଦର ହୋଇଲେ ।
ବୋଲେ ସୁବୁଦ୍ଧି ଏ ବୁଦ୍ଧି ସମ୍ବାଦ । ହରିରେ ହରି-ଜିତମଧ୍ୟା ବାଦ ।
କୁବୁଜା କୁଜ ଭଜ କଲକୁ । ଏ । ଶୋଭା କରେ ଅଶୋଭାମାନଙ୍କୁ । ୮ ।
ଈକ୍ଷଣେ ଯେଉଁ କ୍ଷଣେ କରେ ମେଳ । କଜ୍ଜ୍ୱଳ କଲାଟି ମହା ଉଜ୍ଜ୍ୱଳ ।
ସିଂହାଣୀ ଚାହାଁଣିରେ ବଙ୍କୁ ଛୁଇଁ । ମନ ମୋହନ ବନ୍ଧନ କରାଇ ।
ମଧ୍ୟରେ କରୁଁ କୃଶକୁ ଚାରୁ । ମଧ୍ୟମ କଲା ସେ ହେମ ଡମ୍ବରୁ । ୯ ।
କୁଚେ କଠିନକୁ ଯୋଜନା ଯୋଜ । ସେ ଶମ୍ଭୁ ଆଣି ଥାଣି ଭାଙ୍ଗିଲଣି ।

---

ମାନଙ୍କର କେଶସ୍ଥିତ ପୁଷ୍ପ ପରି, ନାରୀ ରମଣୀମାନଙ୍କର ମସ୍ତକ ମଣି ଏବଂ ପୃଥିବୀର ନାରୀମାନଙ୍କର ତିଳକ ରୂପରେ ଯାହା ଗୌରବରେ ଉଜ୍ଜ୍ୱଳ କରୁ କରୁଅଛୁ । ସେହି ସୁନ୍ଦରୀର ଶିରଭୂଷଣ ହୋଇଅଛୁ । ଏହାପାଇଁ ସଙ୍ଗୀତ ପୁସ୍ତକରେ ଅର୍ଥ କରାଯାଇଅଛୁ । ୬ ।

ଋଷିମାନେ ଯୁଗେ ଯୁଗେ ଯା ଆସ କରୁଥିଲେ । ଧ୍ୟାନ ଯୋଗରେ ଏହି ସୁନ୍ଦରୀ-ଶ୍ରେଷ୍ଠାଙ୍କୁ ଦେଖି ଜାଗର ଯୋଗ ତଉ ହୃଦିଗିବ ଭାବ ଉପ୍ତକରି ଆଉ ଆସୁ ନାହାଁନ୍ତି । ଏପରି ଅଦ୍ଭୁତ ଶୋଭାବତୀ ସ୍ତ୍ରୀ କିପରି ଜାତ ହେଲ ଏହା ଅତି ସନ୍ଦେହର ବିଷୟ । ୭ ।

ହରିରେ—ବିଷ୍ଣୁକଂଠରେ, ସୁବୁଦ୍ଧି ଏ—ସୁ ବୁଦ୍ଧି ଯୁକ୍ତ ଲୋକମାନେ, ହରି-ଜି—କେଶରୀ, କୁଜ—ସଳଖି, ଅଶୋଭାମାନଙ୍କୁ—ଅସୁନ୍ଦରଙ୍କୁ । ଏହି ପଦର ବର୍ଷୀୟ୍ୟା କନ୍ୟା ଅଙ୍ଗ ଛୁଇଁବା ଦ୍ୱାରା ସୁନ୍ଦର ପୁରୁଷମାନେ ଅଧିକ ସୁନ୍ଦର ହେଲେ । ବୁଦ୍ଧିମାନ ଲୋକମାନେ ଜାଗର ବୁଦ୍ଧିମାନ ପଣ ଦେଖାଇ କହିଲେ, ଏହି କେଶରୀସଦୃଶ କ୍ଷୀଣକଟିଯୁକ୍ତା ବାଳା ବିଷ୍ଣୁକଂଠରେ ପଡ଼ିହୃଦୟୀ ହେଲ । ଶ୍ରୀକୃଷ୍ଣ ମଥୁରାରେ କୁବୁଜାଙ୍କୁ ସ୍ପର୍ଶ କରି ତାହାର କୁଜ ସଳଖ କରିବାରୁ ସେ ମହା ସୁନ୍ଦରୀ ପାଲଟିଲା; ସେହିପରି ଏହି ବାଳାଙ୍କୁ ସ୍ପର୍ଶ କରି ପୁରୁଷମାନେ ଅଧିକ ସୁନ୍ଦର ହୋଇଗଲେ । ୮ ।

ଈକ୍ଷଣ—ଆଖି, ସିଂହାଣୀ—ଚତୁରୀ ବଙ୍କ—ବଙ୍କିମତା, ମଧ୍ୟରେ—ମଧ୍ୟଭାଗ କଟିରେ, ମଧ୍ୟମ—ନିକୃଷ୍ଟ, ମଳି । ଚତୁରୀ ବାଳା ଆଖିରେ ଅତି ଉଜ୍ଜ୍ୱଳ କଜ୍ଜଳ ଲଗାଇ ବାଙ୍କ ଚାହାଁଣୀ ଦ୍ୱାରା ଭଗବାନଙ୍କ ମନ ମୋହି ପକାଏ । ତାହାର କ୍ଷୀଣକଟି ଅତି କୃଶ; ସେଥିରେ ସେପରି ସୁନା ଡମ୍ବରୁ ଡମ୍ବରୁ ପରି ଦିଶେ । ୯ ।

କୁଚେ—ସ୍ତନରେ, ଆଣି—ଗର୍ବ, ଅଶୋଭା; ସୁଧାକୋଷ—ଅମୃତ ଭଣ୍ଡାର, ଶ୍ରୀଫଳ—ନଡ଼ିଆ, ବେଲ; ବିଫଳ—ବୃଥା, ନ୍ୟୂନ; ରୁଚକ—ଟଙ୍କ, ନେତ୍ର-ରୁଚକ—ଚକ୍ଷୁ

ବସୁଧାରେ ସୁଧାକୋଷ ବୋଲାଇ । ଶ୍ରୀଫଳ ଫଳ ବିଫଳ କରାଇ ।
ରୁଚକ ନେତ୍ର-ରୁଚକ ଦୋହ୍ନ । ଓଳଗି ଝୁଲଗି ଘନ ନଅଇ । ୧୦ ।
ସ୍ତନଟେ ଗୁରୁଭାବ ଅଙ୍ଗୀକାରି । ନୀଳାମ୍ବର ଲୀଳା ପୁଣି ବିସ୍ତାରି ।
କଞ୍ଚ ମଙ୍ଗଳ ଯେ ଦେଖ ଉଗ୍ରତେଜ । ସତମସ ତ ଚନ୍ଦ୍ରରେ ବିରାଜେ ।
ଆସି ଯେ କୁମ୍ଭରାଶିରେ ଏବେ । ଷଡ଼ଗ୍ରହ ମହାବିଗ୍ରହ ଭାବେ । ୧୧ ।
ସ୍ତନଟରେ ମନ୍ଦ ସଙ୍ଗତି କଲା । ଧରଣୀ ମଣ୍ଡିବା କାରଣ ହେଲା ।
ଚିତ୍ର-ସ୍ୱରୂପା ଯେ ଚିତ୍ର ନୋହିବ । ଭବ ହୋଇଥିଲେ ଭବ ମୋହିବ ।
ଭାଷିଲା ମନ୍ତ୍ରୀସୁତ କି ଭାବେ । ବାଳାରେ ବଚନ ରଚନ ହେବେ । ୧୨ ।

---

ଶ୍ରୀଫଳ—ବେଲ, ଓଳଗି—ନମସ୍କାର, ଝୁଲିବା । ବାଳାର ସ୍ତନ କଠିନତା ଧରିବାରୁ ଶୋଭାରେ ଶ୍ରୀଫଳଙ୍କର ଗର୍ବ ଭାଙ୍ଗି ଦେଉଛି । ସେହି ସ୍ତନ ପୃଥିବୀରେ ଅମୃତର ଭଣ୍ଡାର ବୋଲାଉଅଛି, ତାହା ନେତ୍ରଆର ଗର୍ବ ମଧ୍ୟ ଖଣ୍ଡନ କରିଅଛି । ଚକ୍ଷୁ ଆଖିକୁ ରୁଚକର ଦୋହ୍ନବାରୁ ନମସ୍କାର କଲାପରି ଝୁଲିକୁ ଝୁଲି ଘନ ଲାଗୁଅଛି । ୧୦ ।

ଗୁରୁଭାବ—ଭାର ଓ ବଡ଼, ବୃହସ୍ପତି; ନୀଳାମ୍ବର—ନୀଳ କାଞ୍ଚଲା, ଶନି; ମଙ୍ଗଳ—ଶୁଭ, ମଙ୍ଗଳ ଗ୍ରହ; ସତମସ—ତମସ ବା କାଳିମା ସହ, ରାହୁ ସହ, ଚନ୍ଦ୍ର—ଚନ୍ଦ୍ରମା, ଚନ୍ଦ୍ରହାର, କୁମ୍ଭରାଶି—କୁମ୍ଭ ନାମକ ରାଶି, ଷଡ଼ ଗ୍ରହ—ଛଅଗୋଟି ଗ୍ରହ, ମହା ବିଗ୍ରହ—ବଡ଼ ଆକାର ଓ ଭୟଙ୍କର ଯୁଦ୍ଧ, ଭାବେ – ବିଚାରୁଛନ୍ତି । ସ୍ତନ ସ୍ୱଭାବରେ ଗୁରୁ ବା ବୃହତ୍ ହୋଇଅଛି । ଏଣୁ ବୃହସ୍ପତି ସଦୃଶ ପୁଣି ତାହା ଉପରେ ନୀଳ କାଞ୍ଚଲା ଲାଗି ରହିଛି । ନୀଳାମ୍ବର ପୁଣି ଶନିଗ୍ରହର ନାମ । ଏଣୁ ସେ ସ୍ତନ ନୀଳାମ୍ବର ଆବରଣରେ ଶନି କଣ୍ଠଭୂଷଣରେ ମଙ୍ଗଳ ଜନ୍ମାଉଅଛି । ଏଣୁ କବି ଅର୍ଥାତ ଶୁକ୍ର ଓ ମଙ୍ଗଳ ସେହି ସ୍ତନରେ ଯୁକ୍ତ । ଏହାଙ୍କ ସଙ୍ଗକୁ ସ୍ତନର ଅଗ୍ରଭାଗ ତମସ ସହ ଅର୍ଥାତ ରାହୁ ସଦୃଶ । ସୁନାର ଚନ୍ଦ୍ରହାର ଥିବାରୁ ଚନ୍ଦ୍ରର ଶୋଭାଯୁକ୍ତ । ଅତଏବ ଶୁକ୍ର, ମଙ୍ଗଳ, ରାହୁ, ଚନ୍ଦ୍ର, ଶନି, ବୃହସ୍ପତି ଷଡ଼ଗ୍ରହ ସ୍ତନରୂପକ କୁମ୍ଭ ଅର୍ଥାତ୍ କୁମ୍ଭରାଶିରେ ଏକତ୍ର ହୋଇଛନ୍ତି । କୁମ୍ଭରାଶିରେ ଷଡ଼ଗ୍ରହ ଏକତ୍ରିତ ହେବାକୁ ଜ୍ୟୋତିଷ ମତରେ ଷଡ଼ଗ୍ରହ କୂଟ କୁହାଯାଏ । ଏପରି ଗ୍ରହକୂଟ ଘଟିଲେ ଭୟଙ୍କର ଯୁଦ୍ଧ ଘଟିଥାଏ । ଏଠାରେ ବାଳାସ୍ତନ ମହା ବିଗ୍ରହ ଅର୍ଥାତ ବୃହତ୍ ଆକାର ଧାରଣ କରିଅଛି । ୧୧ ।

ସୁଗଢ଼—ସୁନ୍ଦର ଗଢ଼ଣ, ମନ୍ଦ—ଧୀର, ଚିତ୍ରସ୍ୱରୂପା—ଆଶ୍ଚର୍ଯ୍ୟରୂପା; ଚିତ୍ର ନୋହିବ ଚିତ୍ର ହୋଇପାରିବ ନାହିଁ, ଭବ—ଜାତ, ମହାଦେବ; ବଚନରଚନ – କଥା କହିବା । ସୁନ୍ଦରୀର ସୁନ୍ଦର ଗଢ଼ଣରେ ଧୀରତା ମିଶିଅଛି । ତେଣୁ ପୃଥିବୀକୁ ଶୋଭାବନ୍ତ କରିବା ପାଇଁ ଶକ୍ତ ହୋଇଛି । ସେହି ଆଶ୍ଚର୍ଯ୍ୟ ରୂପବତୀକୁ କେହି ଚିତ୍ରରେ ଆଙ୍କି ପାରିବେ ନାହିଁ । ସେ ଜନ୍ମିଛି ଭବ ଅର୍ଥାତ ମହାଦେବଙ୍କୁ ମୋହିବା ପାଇଁ । ଏହା ଶୁଣି ମନ୍ତ୍ରୀପୁତ୍ର କହିଲା, ତେବେ ବାଳାକୁ କି ଭାବରେ କଥା କହିବାକୁ ହେବ । ୧୨ ।

ସୁସ୍ୱର କର ବାଗୀଶ୍ୱର ଭଣି । ପ୍ରୟୋଜନ ଏହି ପ୍ରୟୋଗ ଶ୍ରେଣୀ ।
କେଳି-ପ୍ରବୀଣା ବୀଣା ଜିତା ବାଣୀ । ଖଞ୍ଜନ-ଗଞ୍ଜନ-ରଞ୍ଜନେକ୍ଷଣୀ ।
ସୁରସ-ନିଧି ନିଧି-ପ୍ରତିମା । ଗୁଣ ନାଗରୀ-ନାଗରୀ-ଉତ୍ତମା । ୧୩ ।
ସଂସାର-ସାର ଲାବଣ୍ୟ-ସଦନା । କୁନ୍ଦ ହାସ କୁନ୍ଦ ଜିତ-ରଦନା ।
ସଦକାଶ-କାଶ କୁସୁମହାସୀ । ରାଜିତ-ରାଜୀବ ଜିତ ସୁନାସୀ ।
ନବୀନାଠାରେ ଏ ବଚନ ଉକ୍ତି । ଶୋଭିତ ଲୋଭିତ ନୋହିବ ସୁକ୍ତି । ୧୪ ।
ମହାକୋବିଦ ତର୍କବାଦ କହି । ଚନ୍ଦ୍ର ମୁଖଚନ୍ଦ୍ର ହୋଇ ଏ ଦୁଇ ।
ଇନ୍ଦୁରେ ବହରେ ଯେଉଁ ହରିଣ । କାଳକ କଳଙ୍କ ବୋଲଇ ପୁଣ ।
ମୁଖେନ୍ଦୁ ନେତ୍ର-କୁରଙ୍ଗ ରଙ୍ଗ । ଜନ ରଞ୍ଜନକୁ ପ୍ରକାଶେ ବେଗ । ୧୫ ।

---

ବାଗୀଶ୍ୱର—ବାଗୀଶ୍ୱର ନାମକ ରାଗ, ପ୍ରୟୋଜନ—ଦରକାର, କେଳି ପ୍ରବୀଣା—ସୁରତରେ ଅଭିଜ୍ଞା, ବୀଣ ଜିତା—ବୀଣାଠାରୁ ଭଲ, ଖଞ୍ଜନ ଗଞ୍ଜନ—କଜ୍ଜଳପାତଠାରୁ ଭଲ, ରଞ୍ଜନେକ୍ଷଣୀ—ରଞ୍ଜନକାରୀ ଚକ୍ଷୁଯୁକ୍ତା, ସୁରସ ନିଧି—ଉତ୍ତମ ରସମାନଙ୍କ ଭଣ୍ଡାର, ନିଧି ପ୍ରତିମା—ରତ୍ନ ସ୍ୱରୂପିଣୀ, ଗୁଣ ନାଗରୀ—ଗୁଣସମ୍ପନ୍ନଯୁକ୍ତା ସ୍ତ୍ରୀ, ନାଗରୀ ଉତ୍ତମା—ସ୍ତ୍ରୀମାନଙ୍କ ମଧ୍ୟରେ ଶ୍ରେଷ୍ଠା । ବାଗୀଶ୍ୱର ମଧୁର ସ୍ୱର କରି କହିଲେ, ସୁନ୍ଦରୀ ପ୍ରତି ଏହିପରି ବାକ୍ୟ ପ୍ରୟୋଗ କରିବା ଦରକାର । ସେ ସୁନ୍ଦରୀ ସୁରତ ଅଭିଜ୍ଞା, ବୀଣାଠାରୁ ଭଲ ମଧୁର-ଭାଷିଣୀ ତାହାର ଆଖି କଜ୍ଜଳପାତଠାରୁ ଭଲ ସୁନ୍ଦର, ସେ ଉତ୍ତମ ରସମାନଙ୍କ ଭଣ୍ଡାର ଏବଂ ରତ୍ନ ସ୍ୱରୂପା । ସେ ଗୁଣର ଖଣିସମ୍ପନ୍ନ ସ୍ତ୍ରୀମାନଙ୍କ ମଧ୍ୟରେ ଶ୍ରେଷ୍ଠା । ୧୩ ।

ସଂସାର ସାର—ଜଗତରେ ଶ୍ରେଷ୍ଠ, ଲାବଣ୍ୟ ସଦନା—ସୌନ୍ଦର୍ଯ୍ୟ ବାସସ୍ଥଳୀ, କୁନ୍ଦ ହାସ—କୁନ୍ଦ ହୋଇଥିବା ହାସ, କୁନ୍ଦଜିତ ରଦନା—କୁନ୍ଦ କଢ଼କୁ ବଳି ଦାନ୍ତ, ସଦକାଶ—ବିକାଶ ସହ ଅର୍ଥାତ ପ୍ରସ୍ଫୁଟିତ, କାଶ କୁସୁମ ହାସୀ—କାଶ ଫୁଲପରି ହାସ୍ୟ, ରାଜିତ—ଶୋଭିତ, ରାଜୀବଜିତ—ପଦ୍ମକୁ ଜିଣି । ସେ ସଂସାରର ଶ୍ରେଷ୍ଠ ସୌନ୍ଦର୍ଯ୍ୟର ବାସସ୍ଥଳୀ, କୁନ୍ଦ ହୋଇଥିବା ହାସ ଓ କୁନ୍ଦ ଫୁଲ କଢ଼କୁ ବଳି ଦାନ୍ତ ଶୋଭାଯୁକ୍ତ; ତାହାର ହାସ ପ୍ରସ୍ଫୁଟିତ କାଶ ଫୁଲ ଓ ଶୋଭିତ ପଦ୍ମ ଫୁଲଠାରୁ ଅଧିକ ସୁନ୍ଦର । ନବୀନା ପ୍ରତି ଏପରି ବାକ୍ୟ ପ୍ରୟୋଗ ନ କରି ଅନ୍ୟ କିଛି କହିଲେ ଶୋଭା ପାଇବ ନାହିଁ କିମ୍ବା ଲୋଭଯୁକ୍ତ ହେବେ ନାହିଁ । ୧୪ ।

ମହା କୋବିଦ—ବଡ଼ ପଣ୍ଡିତ, କାଳକ—ଚିରକାଳ, ମୁଖେନ୍ଦୁ—ଚନ୍ଦ୍ରମୁଖ, ନେତ୍ର କୁରଙ୍ଗ—ଚକ୍ଷୁରୂପକ ହରିଣ, ରଙ୍ଗ—ଖେଳ । ପୂର୍ବୋକ୍ତ କଥା ଶୁଣି ବଡ଼ ପଣ୍ଡିତ ତର୍କବାଦ କହିଲେ, ଚନ୍ଦ୍ର ଓ ଚନ୍ଦ୍ରମୁଖ ଦୁହେଁ ଦୁଇଚନ୍ଦ୍ର । ମାତ୍ର ଚନ୍ଦ୍ରରେ ଯେଉଁ ହରିଣ (କଳାଦାଗ) ଅଛି ତାହା ଚିରକାଳ ଚନ୍ଦ୍ରର କଳଙ୍କ ହୋଇ ରହିଛି । କିନ୍ତୁ ବାଳାର ମୁଖ-ଚନ୍ଦ୍ରରେ ଚକ୍ଷୁରୂପ ହରିଣ ଖେଳିବାଦ୍ୱାରା ଲୋକମାନଙ୍କୁ ଶୀଘ୍ର ମୁଗ୍ଧ କରୁଅଛି । ୧୫ ।

ଶମ୍ପା ରୁଚି-ଶମ୍ପା ଏହିପ୍ରକାର । ଯେ ଅଚର ଏ ତ ଚର ରୁଚିର ।
ରମ୍ଭା ଊରୁ-ରମ୍ଭା ଏ ଏହି ମତ । ଅଭିନ୍ନ ଚଳିତ ଏହିମତ ତ ।
ଏମନ୍ତେ ଭିନ୍ନ ସମସ୍ତେ ଭାବ । ବିଧୁ ମୁଖୀ ବିଧୁ-ହାସୀ ବୋଲିବ । ୧୬ ।

ରୂପକ ଯମକ ବ୍ୟାପକ ବନ୍ଧେ । କବି କବିତ୍ୱରେ ରକ୍ଷା ପାଇଲେ ।
ଯେବେ କବି କଳ୍ପ କଳ୍ପନା ଥିବ । ଉପମାକୁ ଉପଯୋଗ ହୋଇବ ।
ମାଗଧ ବନ୍ଦିଗଣ କୋଇଲା । ନୃପଜ ଶୁଣି ମନ ମଜ୍ଜାଇଲା । ୧୭ ।

ବଲ୍ଲଭୀ କର ଲଭିବା ଦୁର୍ଲ୍ଲଭ । ପ୍ରସନ୍ନ ଦର୍ଶନ ବଡ ସୁଲଭ ।
ଅମର-ଦୃଷ୍ଟିକି କୁମର ଚାଇ । ଚିତ୍ର ପ୍ରାନ୍ତେ ଚିତ୍ର-ପୁଂସେ ଅନାଇ ।
ପ୍ରଶ୍ନର କଲା ସୁରୁ ବିଧାନ । ଶ୍ରୁତ-ବାଣୀ ସୁରେନ୍ଦ୍ରଜିତ-ନନ୍ଦନ । ୧୮ ।

---

ଶମ୍ପା—ବିଜୁଳୀ, ରୁଚିଶମ୍ପା—ସୌନ୍ଦର୍ଯ୍ୟରୂପକ ବିଜୁଳୀ, ଅଚର—କ୍ଷଣସ୍ଥାୟୀ, ଚର—ସ୍ଥାୟୀ, ରମ୍ଭା—ରମ୍ଭାନାମ୍ନୀ ଅପ୍ସରା, ଊରୁ ରମ୍ଭା—ଊରୁରୂପକ କଦଳୀ ଗଛ, ବିଧୁ ମୁଖୀ—ଚନ୍ଦ୍ରମୁଖୀ, ବିଧୁହାସୀ—ଚନ୍ଦ୍ରହାସୀ । ବିଜୁଳୀ ଓ ବାଳାର ସୌନ୍ଦର୍ଯ୍ୟ ରୂପକ ବିଜୁଳୀକୁ ଏକ କରି ହେଉନାହିଁ । କାରଣ ବିଜୁଳୀ କ୍ଷଣସ୍ଥାୟୀ, ମାତ୍ର ବାଳାର ସୌନ୍ଦର୍ଯ୍ୟ ସ୍ଥାୟୀ । ଏହିପରି ରମ୍ଭା ଓ ଊରୁରୂପ ରମ୍ଭା ଦୁହେଁ ଅଭିନ୍ନ ଅର୍ଥାତ୍ ଏକ ହେଲେ ମଧ୍ୟ ରମ୍ଭାର ସମସ୍ତ ଅଙ୍ଗର ଶୋଭା ବାଳାର ଗୋଟିଏ ଅଙ୍ଗ କେବଳ ଜଙ୍ଘର ଶୋଭା ସହିତ ତୁଳିତ ହୋଇପାରେ । ତଥାପି ତାହାକୁ ଚନ୍ଦ୍ରମୁଖୀ ଓ ଚନ୍ଦ୍ରହାସୀ କହିବା ଯଥାର୍ଥ । ୧୬ ।

ରୂପକ, ଯମକ—ଅଳଙ୍କାର ଶାସ୍ତ୍ରର ଲକ୍ଷଣବିଶେଷ, ବ୍ୟାପକ—ବହୁଳ, ବ୍ୟାପୀ-ଥିବା, କଳ୍ପ—କଳ୍ପ ବୃକ୍ଷ, ଉପଯୋଗ—ବ୍ୟବହାର, ବନ୍ଦିଗଣ—ଚାରଣ, ନୃପଜ—ରାଜପୁତ୍ର, ମାଗଧ—ଭାଟ । ରୂପକ, ଯମକ ପ୍ରଭୃତି ଅଳଙ୍କାର ବହୁଳ ବ୍ୟବହାର କରି କବିତା ରଚନା କରିବାରୁ କବିମାନେ ରକ୍ଷା ପାଇଗଲେ । କବିର ଯେବେ କଳ୍ପବୃକ୍ଷପରି କଳ୍ପନା ଶକ୍ତି ଥାଆନ୍ତା ତେବେ ସେ ଯଥାଯୋଗ୍ୟ ଉପମା ବ୍ୟବହାର କରି ପାରନ୍ତେ । ଚତୁର ଭାଟ ଏକଥା କହିବାରୁ ରାଜପୁତ୍ର ତାହା ଶୁଣି ସେଥିରେ ମନ ନିବେଶ କଲା । ୧୭ ।

ବଲ୍ଲଭୀ—ସ୍ତ୍ରୀ, ଦୁର୍ଲ୍ଲଭ—ସହଜ ଲଭ୍ୟ ନୁହେଁ, ପ୍ରସନ୍ନ—ସନ୍ତୁଷ୍ଟ, ଅମର-ଦୃଷ୍ଟି—ଦେବ ଦୃଷ୍ଟି ଅର୍ଥାତ ଅପଲକ ଦୃଷ୍ଟି, ଚିତ୍ର—ଛବି, ଚିତ୍ରପୁଂସ—ଅଙ୍କିତ ପୁରୁଷ, ସୁରୁ ବିଧାନ—ସୁନ୍ଦର ଉପାୟ । ଭାଟ କହିବାକୁ ଲାଗିଲା ସେହି ବାଳାକୁ ସ୍ତ୍ରୀରୂପେ ପାଇବା ସହଜ ନୁହେଁ; ମାତ୍ର ତାହାର ସନ୍ତୁଷ୍ଟ ମୁଖଶ୍ରୀ ଦେଖିବା ସହଜ । ଏହା ଶୁଣି ରାଜପୁତ୍ର ଅପଲକ ନେତ୍ରରେ ଛବି ଅଙ୍କିତ ପୁରୁଷପରି ଅଙ୍କିତ ପୁରୁଷକୁ ଚାହିଁଲା । ଏତିକିବେଳେ ସୁରେନ୍ଦ୍ରଜିତ ପୁତ୍ର ସୁନ୍ଦର ଉପାୟ ସ୍ଥିର କରି ହିତକଥା ଶୁଣାଇଲେ । ୧୮ ।

ନ ଥିଲାର ଥିଲା କଲ ଗୋସାଇଁ । ପତି ଜାତପତି ହୋଇଛି କାହିଁ ।
ଶ୍ରୀପତି କୁମର ଥିଲେ ସମର । ବର ହୁଅନ୍ତେ ବର-ବରନାର ।
କହିଲା ଦେଇ ଶ୍ଳେଷ ଆଶ୍ଳେଷ । ବୁଝି ନ ବୁଝି ଶିର ଶିରସ୍ପର୍ଶ । ୧୯ ।
ଚତୁର କହିଲା ଆତୁର ବଶ । କି କର କରିବା ଲୋକନ ଭାଷ ।
ଉତ୍ତର କଲା ସେ ଧେନ ଇତର । କର କର ଦାନ ପୁଣ୍ୟ ନିକର ।
ଏ ଶିବ ଅର୍ଥେ ଶିବଙ୍କୁ ତୋଷ । ପଦ୍ମ ପଦ୍ମ କର ପଦ୍ମ ମନାସ । ୨୦ ।
ହେ ଶୂର ବହୁ ଭୂ-ସୁର ଅଣାଅ । ଚଣ୍ଡୀ ଦର୍ଶନକୁ ଚଣ୍ଡୀ ଶୁଣାଅ ।
କର ଭଜନ ମଜ୍ଜନ-ଚିତ୍ତରେ । ଅଭିରାମ ରାମ ଅବିରତରେ ।
ସୁଗ୍ରୀବ ବିଭୀଷଣେ ସେ ଭଲେ । ସୁନ୍ଦରୀ ତାରା ମନ୍ଦୋଦରୀ ଦେଲେ । ୨୧ ।
ଉପେନ୍ଦ୍ର ଭଞ୍ଜ ଶଙ୍କା-ଭଞ୍ଜନ । ରାମଭଦ୍ର ପଦ ବିପଦ-ଘନ ।
ଏଣୁ ପରମ ମନୋରମ ପଦ । ଚିତ୍ତରେ ପ୍ରସନ୍ନେ ଲୁଚାଇ ଆସ୍ପଦ ।
ଏ ଗୀତ ବର ବର୍ଣ୍ଣନା ବିଧି । ଉଚିତେ ସୁଚିତେ ବୁଝ ସୁବୁଦ୍ଧି । ୨୨ ।

---

ଶ୍ରୀପତି କୁମର—କାମଦେବ, ରାଜପୁତ୍ର; ବର-ବରନାର—ଶ୍ରେଷ୍ଠ ସୁନ୍ଦରୀର, ଗୋସାଇଁ—ପ୍ରଭୁ । ହେ ପ୍ରଭୁ ଯାହା କେବେ ନ ଥିଲା ଆପଣ ସେହି କଥା କରି ରାଜକନ୍ୟାକୁ ସୃଷ୍ଟି କଲେ । ଏହାର ସ୍ୱାମୀ କେଉଁଠାରେ ଜନ୍ମ ହୋଇଛି କି ? ଯଦି ଶ୍ରୀକୃଷ୍ଣ ପୁତ୍ର କାମଦେବ ଥାଆନ୍ତା ସେ ଅବା ଯୁଦ୍ଧ କରି ଏହି ଶ୍ରେଷ୍ଠ ସୁନ୍ଦରୀର ବର ହୁଅନ୍ତା । କୃଷ୍ଣପୁତ୍ର ରତିକୁ ପାଇବାକୁ ଯୁଦ୍ଧ କରିଥିଲେ । କାମ ତ ହର କୋପାନଳରେ ଭସ୍ମ ହୋଇ ଦେହହୀନ; ଆମ ରାଜପୁତ୍ର କଅଣ ଏହାର ବର ହେବ କି ? ଏହିପରି ଭାବରେ ଅଦ୍ଭୁତ ପୁରୁଷ ମୁଣ୍ଡ ହଲାଇ ଆଉ ନ ହଲା ଛଦ୍ମାର୍ଥ କଥା କହିଲା । ୧୯ ।

ଚତୁର—ରସିକ ରାଜପୁତ୍ର, ଆତୁର—ବ୍ୟାକୁଳ, ଲୋକନ—ଦେଖିବା, ଭାଷ—କଥା କହିବା, ପୁଣ୍ୟ ନିକର—ପୁଣ୍ୟସମୂହ, ଶିବ—ମଙ୍ଗଳ ଓ ମହାଦେବ । ରସିକ ରାଜପୁତ୍ର ବ୍ୟାକୁଳ ହୋଇ ପଚାରିଲା, ତାକୁ କିପରି ଦେଖିବା ଓ କଥା କହିବା । ସେହି ଅଦ୍ଭୁତ ପୁରୁଷ ଉତ୍ତର ଦେଲା ଏହା ସାନ କଥା ନୁହେଁ । ସେଥିପାଇଁ ଦାନ ଦେଇ ପୁଣ୍ୟ ସଞ୍ଚୟ କର । କଳ୍ୟାଣ ଲାଭ ପାଇଁ ପଦ୍ମ ସଂଖ୍ୟାରେ ପଦ୍ମଫୁଲ ମହାଦେବଙ୍କୁ ମାନସ କରି ସନ୍ତୁଷ୍ଟ କରାଅ । ୨୦ ।

ଶୂର—ବୀର, ଭୂ-ସୁର—ବ୍ରାହ୍ମଣ, ଚଣ୍ଡୀ—ସ୍ତ୍ରୀ, ଚଣ୍ଡୀ ଶୁଣାଅ—ଚଣ୍ଡୀପାଠ କରାଅ, ମଜ୍ଜନ ଚିତ୍ତ—ଏକମନ, ଅଭିରାମ—ସୁନ୍ଦର, ଅବିରତରେ—ସବୁବେଳେ । ଆହେ ବୀର ଅନେକ ବ୍ରାହ୍ମଣ ବରଣ କରି ଚଣ୍ଡୀପାଠ କରାଅ, ତେବେ ଏହି ସ୍ତ୍ରୀକୁ ପାଇବ । ନିରନ୍ତର ସୁନ୍ଦର ରାମନାମକୁ ଏକମନରେ ଭଜନ କର । ରାମ ସୁଗ୍ରୀବକୁ ତାରା ଓ ବିଭୀଷଣକୁ ମନ୍ଦୋଦରୀ ଦେଇଥିଲେ । ୨୧ ।

ରାମଭଦ୍ର ପଦ ଉପେନ୍ଦ୍ର ଭଞ୍ଜର ଶଙ୍କା ହରଣ କରିଅଛି ଏବଂ ସମସ୍ତଙ୍କର ବିପଦ ରୂପ ମେଘକୁ ନାଶ କରିଥାଏ । ଏଣୁ ସେହି ପଦ ଅତିଶୟ ମନୋହର ଅଟେ । ସେ ସନ୍ତୁଷ୍ଟ

## ନବମ ଛାନ୍ଦ

ରାଗ ମଙ୍ଗଳା ।

ଶୁଣ ଜନେ ଗୁଣ ମନେ ଏଥି ରହସ୍ୟ । ବେଶ କେତେ ରଙ୍ଗେ ବିଦୂଷକ ପ୍ରବେଶ ।୧।
ଲୋହିତ-ଅମ୍ବର ପିନ୍ଧି କି ଆଡମ୍ବର । ତାମ୍ବୂଳ-ବୋଳରେ ଜରଜର ଅଧର ।୨।
ପ୍ରଳମ୍ବ ପ୍ରବାଳମାଳ ଅବଲମ୍ବରେ । ହୃଦୟ ଶୋଭା ଉଦୟ ଅତିଶୟରେ ।୩।
ତରୁଣ ଅରୁଣ-ପଦ୍ମ କୋଟିଏ ଚନ୍ଥିଁ । ସେହି ସୂକ୍ଷ୍ମ ସୂତ୍ରରେ ଗଳାରେ ଗଳାଇ ।୪।
ସଙ୍ଗତରେ ଆଗତ ତା ପୋଟା ଗୋଟାଏ । ଷାର ସନ୍ନିକଟ ହୋଇ ପ୍ରକଟ ହୁଏ ।୫।
ଇଙ୍ଗିତେ ଭାଷିଲା ଅଳ୍ପ ହସିଲା ହୋଇ । ପ୍ରସ୍ତର କଲ ବସ୍ତର ଶୁଣିଲି ମୁହିଁ ।୬।
ମୋ ବିନାରେ ସେ ନବୀନା ଦରଶନକୁ । କେ ଦେବ ହେ ବୋଲି ଦେବ ଆଣ ମନକୁ ।୭।
ଠାରେ ସେଠାରେ ପ୍ରକାଶି ଦେଖ ବୋଇଲା । ମଣ୍ଡପ ମଣ୍ଡଣୀ ନେତ୍ର ଆଗ ଛୁଇଁଲା ।୮।

---

ହେଲେ ସବୁ ମଙ୍ଗଳ ପ୍ରକାଶ ପାଏ । ଏଣୁ ପଣ୍ଡିତମାନେ ଏହି ଗୀତର ଶ୍ରେଷ୍ଠ ବର୍ଣ୍ଣନା ସ୍ଥିତିକୁ ଯଥାର୍ଥରୂପେ ଭଲ ମନରେ ବୁଝ । ୨୨ ।

—o—

ହେ ଲୋକସମୂହ, ଏଥିର ରହସ୍ୟ ଶୁଣି ବୋଧରେ ହେଜ । କେତେ ପ୍ରକାର ବେଶଭୂଷା ହୋଇ ବିଦୂଷକ ପ୍ରବେଶ କଲା । ୧ ।

ଲୋହିତ—ନାଲିଆ, ଅମ୍ବର—ବସ୍ତ୍ର, ଆଡମ୍ବର—ଜାକଜମକ, ତାମ୍ବୂଳ—ପାନ, ଅଧର—ଓଠ । ବିଦୂଷକ ନାଲି ଲୁଗା ପିନ୍ଧି ବଡ ଜାକଜମକରେ ପହଞ୍ଚିଲା । ପାନ ଖାଇବାର ତାହାର ଓଠ ଜଡ଼ସଡ ହୋଇଥିଲା । ୨ ।

ପ୍ରଲମ୍ବ—ଲମ୍ବମାନ, ପ୍ରବାଳ—ପୋହଳା, ଅବଲମ୍ବ—ଧାରଣ । ଲମ୍ବିତ ପୋହଳାମାଳ ଧାରଣ କରିଥିବାରୁ ହୃଦୟର ଶୋଭା ଅତ୍ୟନ୍ତ ସୁନ୍ଦର ହୋଇଅଛି । ୩ ।

ତରୁଣ—ତାଜା, ଅରୁଣ ପଦ୍ମ—ରକ୍ତ ପଦ୍ମ । କୋଟିଏ ତାଜା ରକ୍ତିମ ପଦ୍ମକୁ ଗନ୍ଥିର ନାଡ଼ ସୂତ୍ରରେ ଗଳାରେ ଝୁଲାଇଅଛି । ୪ ।

ପୋଟା—ପୁରୁଷ ଲକ୍ଷଣା ନାରୀ, ପ୍ରକଟ—ପ୍ରକାଶିତ । ତାଙ୍କ ସଙ୍ଗରେ ଜଣେ ଅଣ୍ଡିରିଚଣ୍ଡୀ ସ୍ତ୍ରୀ ଆସିଥିଲା । ସେ ଯାର ନିକଟସ୍ଥ ହେଲା । ୫ ।

ସେ ମୃଦୁ ମୃଦୁ ହସି ଇଙ୍ଗିତରେ କହିଲା, ତୁମେ ଯେଉଁସବୁ ବିସ୍ତର କରୁଥିଲ ମୁଁ ସବୁ ଶୁଣିଅଛି । ୬ ।

ହେ ଦେବ, ମୋହର ଛଡ଼ା ଆଉ କଏ ସେହି ନବୀନା ଅର୍ଥାତ୍ ନୂତନା ସୁନ୍ଦରୀକୁ ଆଉ କଏ ଦେଖାଇ ପାରିବ ନାହିଁ; ଏ କଥା ମନରେ ବୁଝ । ୭ ।

ସେ ଠାରେ ଅର୍ଥାତ୍ ଠାରରେ ମଣ୍ଡପ ମଣ୍ଡଣି ଅର୍ଥାତ୍ ପତାକାକୁ ନିଜ ଆଖିରେ ଛୁଇଁ ପ୍ରକାଶ କଲା ତୁମେ ସୁନ୍ଦରୀର ଆଖିଶୋଭା ଦେଖ । ୮ ।

କାହିଁଛୁ କାହିଁଛୁ ବୋଲି ବରାଟ ଦେଶ । ଖୋଜ ହେଜ ତଡ଼ାଗେ ହୋଇଛୁ ପ୍ରକାଶ ॥
ପୋଷା ନଟ ଖଞ୍ଜରୀଟ କୁରଙ୍ଗ ଆଣି । ସୁରଙ୍ଗ କରାଇ ଛାଡ଼ି ଦେଲି ସେ ପୁଣି ।୧୦।
ଇନ୍ଦିରା-ମନ୍ଦିର ଇନ୍ଦୀବର ଅଣାଇ । ଇନ୍ଦ୍ରସୁତରେ ଅଙ୍ଗୁଳି ଦେଖାଇ ଜଣାଇ ।୧୧।
ଅଙ୍ଗେ ଅଙ୍ଗେ ଦେଖାଇବି ମୁଁ ଏହିମତେ । କେ ତହିଁ ହସିଲେ ପରଶଂସିଲେ କେତେ॥
ସ୍ତ୍ରୀପୁଂସ ଲକ୍ଷଣା ଭାଷେ ଲକ୍ଷଣାଗଣ । ମାର୍ଗଣ ହେଲେ ତା ତନୁତନୁକେ ଜାଣ ।୧୩।
ପୁଣ ପ୍ରତିଗୁଣ କିଛି କିଛି ପାଇଲେ । ଅନ୍ୟ ଉପମାରେ ଅନୁଗତ ହୋଇଲେ ।୧୪।
ଦସ୍ମା-ହୃଦୟୁ ସେ ବାମା ସେନ ମନକୁ । ଗ୍ରହ ତେଜ ଅନୁଗ୍ରହ କଲି ତାହାଙ୍କୁ ।୧୫।
ଏ ଅନୁମାନ ମାନ ସେ କରି ସୁବୁଦ୍ଧି । ବିରୋଧୀକି ଏ ବିଧିରେ କରନ୍ତି ସିଦ୍ଧି ।୧୬।
ବନ୍ଧୁଳ-ବନ୍ଧୁ-ଅଧର ପ୍ରଯୋଗ ଖ୍ୟାତି । ସୁନ୍ଦର ଦର-ସୋଦର-ହାସୀ କହନ୍ତି ।୧୭।

---

ବରାଟଦେଶ—ମତ୍ସ୍ୟଦେଶ, ତଡ଼ାଗେ—ପୁଷ୍କରିଣୀରେ । ହନ୍ତ ପୁରୁଷ ଲକ୍ଷଣା ତାଙ୍କ ଠାରରେ କହିଲ, ମତ୍ସ୍ୟଦେଶ କେଉଁଠି ଖୋଜି ଦେଖ । ଏହାପରେ ପୋଖରୀକୁ ଦେଖାଇ କହିଲ ଏହିଠାରେ ମତ୍ସ୍ୟ ରହେ । ଏତକ କହିବାର ତାତ୍ପର୍ଯ୍ୟ ହେଉଛି ସୁନ୍ଦରୀର ଚକ୍ଷୁ ମୀନ ପରି । ୯ ।

ନଟ—ନୃତ୍ୟରତ, ଖଞ୍ଜରୀଟ – ଖଞ୍ଜନ ପକ୍ଷୀ, କୁରଙ୍ଗ—ହରିଣ । ସେ ପୁଣି ପୋଷା ଓ ନାଟ କରୁଥିବା ଖଞ୍ଜନ ପକ୍ଷୀ ଏବଂ କୁରଙ୍ଗକୁ ଆଣି ତାକୁ ସୁରଙ୍ଗ ଅର୍ଥାତ୍ ରଙ୍ଗିକା କରି ଛାଡ଼ିଦେବା ଦ୍ୱାରା ଏହାହିଁ ଇଙ୍ଗିତ କଲା ଯେ ସୁନ୍ଦରୀର ଆଖି ଏହିପରି । ୧୦ ।

ଇନ୍ଦିରା—ଲକ୍ଷ୍ମୀ, ମନ୍ଦିର—ଲକ୍ଷ୍ମୀଙ୍କର ବାସସ୍ଥାନ ପଦ୍ମ, ଇନ୍ଦୀବର—ନୀଳ ପଦ୍ମ, ଇନ୍ଦ୍ରସୁ ଶରୀର ପ୍ରତ୍ୟଙ୍ଗ ମାତ୍ର ଏଠାରେ କେବଳ ମୁଖ ଓ ଆଖି ବୁଝାଇବ । ସେ ପଦ୍ମ ଓ ନୀଳପଦ୍ମ ଦୁହିଁଙ୍କୁ ଆଣି ସଙ୍କେତ ଦେଲା ଯେ ସୁନ୍ଦରୀର ମୁଖ ପଦ୍ମ ପରି ଓ ଚକ୍ଷୁ ନୀଳପଦ୍ମ ପରି ଶୋଭାଯୁକ୍ତ । ୧୧ ।

ସେ ପୁଣି କହିଲା ମୁଁ ଏହିପରି ସୁନ୍ଦରୀର ପ୍ରତି ଅଙ୍ଗପ୍ରତ୍ୟଙ୍ଗ ଦେଖାଇବି । ଏ କଥା ଶୁଣି କେତେ ଲୋକ ହସିଲେ । ଆଉ କେତେ ଲୋକ ପ୍ରଶଂସା କଲେ । ୧୨ ।

ସେ ପୁଂ ଲକ୍ଷଣାକାନ୍ତ ସ୍ତ୍ରୀ ପୁଣି କହିଲା, ଲକ୍ଷଣଗଣ ଅର୍ଥାତ୍ ଉପମାମାନ ସୁନ୍ଦରୀର ତନୁ ତନୁକେ ଅର୍ଥାତ୍ ପ୍ରତି ଅଙ୍ଗରେ ମାର୍ଗଣ ଅର୍ଥାତ୍ ଶୋଭାପ୍ରାର୍ଥୀ ହୋଇଅଛନ୍ତି । ୧୩ ।

ଉପମାମାନ ସୁନ୍ଦରୀର ଶୋଭାପ୍ରାର୍ଥୀ ହୋଇ ଅଳ୍ପ କିଛି ପାଇଲେ । ତେଣୁ ସୁନ୍ଦରୀର ଯୋଗ୍ୟ ହେଲେ ନାହିଁ । ସେମାନେ ଅନ୍ୟ ସ୍ତ୍ରୀମାନଙ୍କର ଉପମା ହେଲେ । ୧୪ ।

ସେହି ସୁନ୍ଦରୀ ଯେ ଦସ୍ମାନ୍ତି ଏ କଥା ମନେକରି । କାରଣ ସେ ଉପମାମାନଙ୍କ ସହିତ ଗ୍ରହ ଅର୍ଥାତ୍ ବିବାଦ ନ କରି ଅନୁଗ୍ରହ କଲା । ୧୫ ।

ସୁବୁଦ୍ଧି ଅର୍ଥାତ୍ ଉତ୍ତମ ବୁଦ୍ଧିଯୁକ୍ତ ବ୍ୟକ୍ତିମାନେ ମନରେ ଏହି ଅନୁମାନ କରି ବିରୋଧୀ ଉପମାମାନଙ୍କୁ ଏହିପରି ରୀତିରେ ଆଦୃତ କରିଥାଆନ୍ତି । ୧୬ ।

ବାଳାର ଅଧର ବନ୍ଧୁଳ ଫୁଲ ପରି ନାଲି ରଙ୍ଗ ବୋଲି ପ୍ରସିଦ୍ଧ । ତାହାର ହାସ୍ୟ ଶଙ୍ଖ ଭଳି ପରି ଅର୍ଥାତ୍ ଶୁଭ୍ର ଏବଂ ସୁନ୍ଦର । ୧୭ ।

ଶୋଭା-ଯଶ ପ୍ରଚୁରନ୍ତି ସଚରାଚର । ଧ୍ୟାନେ ଦର୍ଶନେ ଏସନେ ହୋଇଲେ ହାର ।୧୮
ଅନୁଚିନ୍ତି ରଚିଲେ କି ଚିତ୍ତକୁ ଆଣି । ଗୁଣ୍ଠବଣ୍ଠକୁ ସୁଜାଣ ବୋଲିଣ ଜାଣ ।୧୯।
ଶ୍ରବଣରେ ଚିତ୍ତ ଟଳି ଦ୍ରବଣ ହୋଇ । ମାର ମାରଣ ଉଦ୍ୟମ ଆରମ୍ଭି ତହିଁ ।୨୦।
ଶିଳୀମୁଖ ଗୁଣେ ଶିଳୀମୁଖ ଥୋଇଲା । ଉଚ୍ଛନ୍ନ ଆଚ୍ଛନ୍ନ ସେ କୁମର ହୋଇଲା ।୨୧
ବିଚାରିଲା ପଚାରିଲା ଜାଣୁ କି ତୁହି । ଉଚ୍ଚାରିଲା ସେ ବାଣୀକି ଶୁଣିଛି ମୁହିଁ ।୨୨।
ବାମନ ଦର୍ଶନେ ମୁଁ ଯେ ଗମନ କଲି । ଉତ୍କପୁରିମଠାରେ କାତ୍ୟାୟିନୀ ଦେଖିଲି ।୨୩।
ସେହି ସେହିଠାକୁ କରୁଥିଲା ଗମନ । କହି କହି ଗଲା ଦିବ୍ୟ ରାମା ଶୋଭନ ।୨୪।
ସେ ଧନକୁ ଯଉବନ ସେବନ ତାକୁ । କରୁଥିଲା ନ ଥିଲା ଉପମା ଦେବାକୁ ।୨୫।
କି କହିଲା ସେ ଉଲ୍ଲାସେ ମନ୍ତ୍ରୀ-ଜ ଭଣି । ସୁଲକ୍ଷଣା ନଥ ଲକ୍ଷଣ: ଶୁଣିମା ପୁଣି ।୨୬

---

ଉପମାମାନେ ସୁନ୍ଦରୀର ସୌନ୍ଦର୍ଯ୍ୟର ଖ୍ୟାତି ସବୁ ପ୍ରଚାର କରିଥାଆନ୍ତି । ସେମାନେ ଧ୍ୟାନବଳରେ ଏହି ସବୁ ଶୋଭାକୁ ଦେଖି ହାରି ଯାଇଅଛନ୍ତି । ୧୮ ।

ଚତୁରକର ଏହି ସୃଷ୍ଟିକ୍ରିୟା ଅନୁଚିନ୍ତିତ ହେଲା କି ମନରେ ବିଚାର କର । ସେ ଜଣେ ବିଜ୍ଞ ବ୍ୟକ୍ତି ବୋଲି ଜାଣ । ୧୯ ।

ଦ୍ରବଣ—ତରଳିତ, ମାର—କାମ, ମାରଣ—ମାରିବା ପାଇଁ । ଏହି ବର୍ଣ୍ଣନା ଶୁଣିଲାକ୍ଷଣି ରାଜପୁତ୍ରର ମନ ତରଳିଗଲା । କାମ ତାକୁ ମାରିବା ପାଇଁ ଉଦ୍ୟମ ଆରମ୍ଭ କଲା ଅର୍ଥାତ ରାଜପୁତ୍ର କାମବିହ୍ୱଳ ହୋଇ ଉଠିଲା । ୨୦ ।

ଶିଳୀମୁଖ—ଭ୍ରମର, ବାଣ; ଗୁଣେ—ଧନୁର୍ଜ୍ୟା । କାମ ତାହାର ଧନୁରେ ଭ୍ରମରଶ୍ରେଣୀ ରୂପକ ଜ୍ୟା ଚଢ଼ାଇଲା, ବାଣ ଖଞ୍ଜିଲା । ତାଦ୍ୱାରା ରାଜପୁତ୍ର ଅଭିଭୂତ ହୋଇ ଉଦ୍‌ବିଗ୍ନ ହେଲା । ୨୧ ।

ବିଚାର କରି ରାଜପୁତ୍ର ପଚାରିଲା ତୁ କିଅଁ ତା କଥା ଜାଣୁ ? ସେ ଜବାବ ଦେଲା ମୁଁ ତା କଥା ଶୁଣିଛି । ୨୨ ।

ମୁଁ ବାମନ ଦର୍ଶନ କରିବାକୁ ଯାଇଥିଲି । ଉତ୍କପୁରିମଠାରେ କାତ୍ୟାୟନୀ ଅର୍ଥାତ ପ୍ରୌଢ଼ା ବିଧବା ସ୍ତ୍ରୀକୁ ଦେଖିଲି । ୨୩ ।

କାତ୍ୟାୟନୀ ମଧ୍ୟ ବାମନ ଦର୍ଶନକୁ ଯାଉଥିଲା । ସେ ମୋତେ ବାଟରେ ସୁନ୍ଦରୀର ସ୍ୱର୍ଗୀୟ ଶୋଭାସମୃଦ୍ଧି କହି କହି ଗଲା । ୨୪ ।

ସେତେବେଳକୁ ରାଜକନ୍ୟାର ଯୌବନ ଆରମ୍ଭ ହୋଇଥାଏ । ଏଣୁ ତାକୁ ଉପମା ଦେବାକୁ କିଛି ପାଇ ନ ଥିଲା । ୨୫ ।

ମନ୍ତ୍ରୀ-ଜ—ମନ୍ତ୍ରୀପୁତ୍ର, ଭଣି—କହିଲା । ମନ୍ତ୍ରୀପୁତ୍ର ବଡ଼ ଆନନ୍ଦରେ ପଚାରିଲା, କାତ୍ୟାୟନୀ କଅଣ କହିଲେ ? ତହୁଁ ପୁଂସରୂପା ସ୍ତ୍ରୀ ଉତ୍ତର ଦେଲା ସେ ଯେଉଁ ଉପମାମାନ ଦେଲା ଶୁଣିବା ହେଉ । ୨୬ ।

ପୋଷ୍ଟା ରସାଭ୍ୟାସେ ରସାଇଲା ମାନସ । ରତି ଯେନ ଭଣତେ ତା ଚିତ୍ତେ ପ୍ରବେଶ ।୨୭
ମନୋଭବ ବ୍ରତୀ ଖ୍ୟାତ ଭବଜୟରୁ । ଯୌବନ ଶିଳ୍ପୀ ସଂଚୟୁ ଶସ୍ତ୍ର ଚୟକୁ ।୨୮।
ରସମଯ୍ୟ-ସମଯ୍ୟକୁ ଅଙ୍କୁର ରଚେ । ବାମା କୁଚ ବାମାନୁଜ ବାଟ୍ଳି ନଚେଷ୍ଟେ ।୨୯।
ସୁମନ୍ତିଲ ସୁମନ୍ତରେ ପର୍ବତାକାର । ହୋଇବ ଦଇବ କୃତ୍ୟ ଅଛି ଏଥିର ।୩୦।
ରଞ୍ଜନ ଧୈର୍ଯ୍ୟ-ଭଞ୍ଜନ ଗଦା ବେଣୀମାଳୀ । ଅର୍ଦ୍ଧଚନ୍ଦ୍ରଶର ଭଳି ଅଳକ ଝଳି ।୩୧।
ପରଶ୍ୱ ପରମରମ୍ୟ ଭ୍ରୂରୁ ଧରିଛି । ମନ ବନ୍ଧନକୁ କେଶ ପାଶ କରିଛି ।୩୨।
ହୋଇଛି ନିତମ୍ବ-ବିମ୍ବ ଚକ୍ର ପ୍ରକାଶ । ପବିକ ପକ୍ଷ କରେ ସୁମଧ୍ୟଦେଶ ।୩୩।
ଲକ୍ଷଣ-ଶର କଟାକ୍ଷ ତୀକ୍ଷଣ କିମ୍ବା । କପାଳସାର ସାରଙ୍ଗ ନିକଟ ଚହିଁ ।୩୪।
ପ୍ରଜ୍ଜ୍ୱଳ କଜ୍ଜ୍ୱଳ ଗୁଣ କରି ସଂଯୋଗ । ସବ୍ୟସାଚୀ ପାଠ ଶିକ୍ଷା କରେ ଅନଙ୍ଗ ।୩୫।

---

ଉକ୍ତ ପୋଷ୍ଟା ଅର୍ଥାତ ପୁଂ ସ୍ୱଭାବର ସ୍ତ୍ରୀ ରସର ସୂଚନା ଦେଇ ସମସ୍ତଙ୍କ ମନକୁ ଅନୁରାଗ ପୂର୍ଣ୍ଣ କରି କହିଲା କାମଦେବ ରତି ସହିତ ହଠାତମନେ ବାଳାର ଚିତ୍ତ ଦଖଲ କରିଅଛି । ୨୭ ।

କାମ ଶିବ (ଭବ)ଙ୍କୁ ଜିଣିବା ଇଚ୍ଛାରେ ଯୌବନ ରୂପକ ଶିଳ୍ପୀଦ୍ୱାରା ଶସ୍ତ୍ରମାନ ସଞ୍ଚୟ କରିଅଛି । ୨୮ ।

ରସମଯ୍ୟ—ବସନ୍ତ, ପୁଷ୍ପବତୀ; ଅଙ୍କୁର—ଗଢା, ଆରମ୍ଭ; ବାମା—ସୁନ୍ଦରୀ, କୁଚ —ସ୍ତନ, ବାମାନୁଜ—ବାମଙ୍କ ଅନୁଜ ଭରତ । କାମ ପୁଷ୍ପବତୀ ସମୟ ଆରମ୍ଭ ବେଳକୁ ପ୍ରଥମେ ଶସ୍ତ୍ରମାନଙ୍କର ଅଙ୍କୁର ଗଢ଼ିଲା । ପ୍ରଥମ ବଢ଼ି ଉଠିଥିବା ବର୍ତ୍ତୁଳ ସ୍ତନ ଭରତଙ୍କ ବାଟୁଳି ନଷ୍ଟସ୍ତ କଲା । ୨୯ ।

କାମ ଭଲ ମନରେ ଭାବିଲା ଏହି ସ୍ତନ ପର୍ବତାକାର ହୋଇଯିବ । କାରଣ ଏହା ବିଧାତା ସୃଷ୍ଟ । ୩୦ ।

ସୁନ୍ଦର ବେଣୀମାଳୀ ଧୈର୍ଯ୍ୟ ଭାଙ୍ଗିବା ଗଦାପରି ହୋଇଅଛି ଏବଂ ଚୂର୍ଣ୍ଣ କୁନ୍ତଳର ଝଟକ ଅର୍ଦ୍ଧଚନ୍ଦ୍ର ଆକାରର ଶର ପରି ଶୋଭୁଛି । ୩୧ ।

ବାଳାର ଭ୍ରୂଲତା ଅତି ସୁନ୍ଦର ପରଶ୍ୱ ପରି ଦିଶୁଅଛି । କାମ ମନକୁ ବାନ୍ଧିବା ପାଇଁ ମୁଣ୍ଡବାଳକୁ ଫାଶ କରିଅଛି । ୩୨ ।

ନିତମ୍ବ-ବିମ୍ବ—ପିଚ୍ଛମଣ୍ଡଳ, ଚକ୍ର—ଚକ୍ର ଅସ୍ତ୍ର, ପବି—ବଜ୍ର । ସୁମଧ୍ୟଦେଶ—ଉତ୍ତମ ମଧ୍ୟଭାଗ । ବାଳାର ବର୍ତ୍ତୁଳାକାର ପିଚ୍ଛ ଚକ୍ର ଅସ୍ତ୍ରର ଆକାର ଧାରଣ କରିଅଛି ଏବଂ ତାହାର ଉତ୍ତମ ମଧ୍ୟଭାଗ ବଜ୍ରଠାରୁ ସୁଦ୍ଧା ମନୋହର ହୋଇଅଛି । ୩୩ ।

ଲକ୍ଷଣ ଶର—କଟାକ୍ଷ ରୂପ ଶର, ସାରଙ୍ଗ—ଧନୁ । ବାଳାର କଟାକ୍ଷ ଶରପରି ତୀକ୍ଷ୍ଣ ଏବଂ ତାହାର ସୁନ୍ଦର କପାଳ ଧନୁ ହୋଇଅଛି । ୩୪ ।

ପ୍ରଜ୍ଜ୍ୱଳ—ପୂର୍ଣ୍ଣ ଉଜ୍ଜ୍ୱଳ, ସବ୍ୟସାଚୀ—ଅର୍ଜୁନ, ସେ ଦୁଇହାତରୁ ଶର ଚଳାଉଥିଲେ, ପାଠ—ଉପଦେଶ, ଅନଙ୍ଗ—କାମ । କାମ ଅତି ଉଜ୍ଜ୍ୱଳ କଜ୍ଜଳ ରୂପକ ଗୁଣକୁ ଧନୁରେ ଲଗାଇ ବାମ ଓ ଡାହାଣ ଦୁଇ ହାତରେ ଶର ସନ୍ଧାନିବା ବିଦ୍ୟା ଶିକ୍ଷା କରୁଅଛି । ୩୫ ।

ବାଜିଲଣି ଲୋକାତୁର ଚୂର ନୂପୁର । ରଣରଣ କହୁଛନ୍ତି ସେ ନିରନ୍ତର ।୩୬।
ଯେତେକ କହିଲା ମୁଁ ତେତେକ କହିଲି । ମଉନ ହୋଇଲା ପୋଟା ଏତେକ ବୋଲି ॥
ଅନଙ୍ଗ କି କଳପତରୁ ସେ ତରୁଣୀ । ସୁମନା ଲକ୍ଷ୍ୟ କାମନା ସିଦ୍ଧ-କାରିଣୀ ।୩୮।
ଧାଡ଼ିପୁଅ ବୋଲୁଁ ଧୀର ଚରତେ ଭାଷା । ସ୍ୱଭାବ ଭାବନା ଆମ୍ଭ ଲୋକନ ଆଶା ।୩୯।
ବିଫଳ ନ କର ଏହା କରିବ ଠିକ । ଅର୍ଥୀନ ଆମ୍ଭେ ତୁମ୍ଭେ ସେ ପଥ ପଥିକ ।୪୦।
ଦେଖାଅ ସରଣୀ ଆନ ଶରଣ ନାହିଁ । ବିସ୍ମିତ ନାଶିବା ବୋଲି ସସ୍ମିତ ହୋଇ ॥
ଆମ୍ଭ ଆୟତ୍ତ ଏତେକ ଦର୍ଶନ ଦେବା । ତୁମ୍ଭ ଉଦ୍ୟମ ଉଦୟ ପ୍ରସନ୍ନ ହେବା ।୪୨
ସୁମନ୍ତ୍ର-ଶିଷ୍ୟ କହିଲେ ମନ୍ତ୍ରବଳରେ । ଗବନରେ ନେବୁଁ ବାମା କେଳିବନରେ ।୪୩
ସଚିବର ସୁତ ବୋଲେ ଏମନ୍ତ ହେଲେ । ଶଚୀ-ବରପଦ ତୁଚ୍ଛ କରିବ ଭଲେ ।୪୪

---

ଲୋକ ଆତୁର – ଲୋକାତୁର, ଚୂର—କ୍ଷୁଦ୍ର ଘଣ୍ଟି, ରଣରଣ—ଝଙ୍କାର, ଯୁଦ୍ଧ ଡାକରା । ଲୋକମାନଙ୍କୁ ଆତୁର କରାଇବା ପାଇଁ ବାଳାର ନୂପୁର ରୂପକ କ୍ଷୁଦ୍ର ଘଣ୍ଟି ବାଜିଲଣି । ସେହି ବାଦ୍ୟ ସର୍ବଦା ଯୁଦ୍ଧ ଡାକରେ ଝଙ୍କାର ବଢ଼ାଉଅଛି ।୩୬।

ସେହି ସଧବା ସନ୍ନ୍ୟାସିନୀ ମୋତେ ଯେତକ କହିଥିଲା ମୁଁ ସେତକ କହିଲି । ଏହା କହି ଉକ୍ତ ପୁଂ ସ୍ୱଭାବ ସ୍ତ୍ରୀ ନୀରବ ହେଲା ।୩୭।

ସେହି ଦାସୀ ଅନଙ୍ଗ କିଆ ଲୋକ ନୁହେ । ସେ କଳ୍ପତରୁ ସଦୃଶ । ସେ ଦେବତାମାନଙ୍କ ପରି ଲକ୍ଷ ଲକ୍ଷ କାମନା ସିଦ୍ଧ କରିଥାଏ ।୩୮।

ଚରତେ—ରଚନା କରେ, ଲୋକନ—ଦେଖିବା । ପୁଂ ସ୍ୱଭାବଯୁକ୍ତ ସ୍ତ୍ରୀ ଏହି କଥା କହି ଦେବାରୁ ଧାଡ଼ିପୁଅ କହିଲେ ବାଳାକୁ ଦେଖିବା ପାଇଁ ମୋର ଆଶା ହେବାରୁ ମନରେ ଭାବନା ହେଉଅଛି ।୩୯।

ତୁମ୍ଭେ ଏହାକୁ ବିଫଳ ନକରି ଠିକ୍ କରିଦିଅ ଯେହେତୁ ଆମ୍ଭେ ପ୍ରାର୍ଥୀ ଅଟୁ ଏବଂ ତୁମ୍ଭେ ସେ ପଥର ପଥିକ ଅଟ ।୪୦।

ସରଣୀ—ବାଟ । ଆମ୍ଭର ଅନ୍ୟ ଆଶ୍ରୟ ନାହିଁ, ତୁମ୍ଭେ ଆମ୍ଭକୁ ବାଟ ଦେଖାଅ, ଏହା ଶୁଣି ଉକ୍ତ ପୁରୁଷ ଅଳ୍ପ ହସି କହିଲା, ତୁମ୍ଭର ବିସ୍ମୟ ଦୂର କରିବା ।୪୧।

ବାଳା ସହିତ ଭେଟ କରାଇଦେବା ଆମ୍ଭର ଅଧିକାର ମଧ୍ୟରେ କିନ୍ତୁ ବାଳାକୁ ସନ୍ତୁଷ୍ଟ କରାଇବା କାମ ତୁମ୍ଭ ଉଦ୍ୟମର ଅଧୀନ ।୪୨।

ସୁମନ୍ତ୍ରଶିଷ୍ୟ ସେହି ଅଦ୍ଭୁତ ପୁରୁଷ ତହିଁ କହିଲା ମୁଁ ମନ୍ତ୍ରବଳରେ ତୁମ୍ଭକୁ ସେହି ସୁନ୍ଦରୀର କ୍ରୀଡ଼ା ଉପବନକୁ ନେଇଯିବି ।୪୩।

ସଚିବର ସୁତ—ମନ୍ତ୍ରୀପୁଅ, ଶଚୀ-ବର—ଇନ୍ଦ୍ର । ମନ୍ତ୍ରୀପୁଅ କହିଲା ଏପରି ହେଲେ ଆମ ରାଜପୁଅ ଇନ୍ଦ୍ର ପଦକୁ ମଧ୍ୟ ଅକ୍ଳେଶରେ ତୁଚ୍ଛ କରିଦେବେ ।୪୪।

ଯେଉଁ ଅଭିରାମ ରାମ ବାମନମୂର୍ତ୍ତି । ଉପଇନ୍ଦ୍ର ଭଞ୍ଜର ସକଳ ସମ୍ପତ୍ତି ।୪୫।
ପଦ ଧ୍ୟାନେ ମୋର ଗୀତ ସ୍ଫୁରିତ । ଚିତ୍ରନୋହେ ପୂର୍ଣ୍ଣ କରିବାର ଏ ଗୀତ ॥

—*—

## ଦଶମ ଛାନ୍ଦ

( ସୁନ୍ଦରୀର ବନବିହାର )

ରାଗ—କଉଶିକ

ଏହି ବିବରେ ମଧୁର ମଧୁ-ମାସେ ମଧୁର ମଧୁ-କଣ୍ଠ-ଧ୍ୱନି ।
ସୁଧାଂଶୁ ପ୍ରଭା ସୁଧା-ପରେ ବସୁଧା-ମଣ୍ଡନା ସୁଖେ ଥିଲା ବସି ।
ଗୁହିଁ ସ୍ତନକୁ । କି ଯେଉଁ ମର୍ଦ୍ଦଳ ବଜାଇ ।
ଖେଳିବା ଗୋ ପଣା ତପସ୍ୟା-ଭଙ୍ଗିମା ସଙ୍ଗିମାନ ଗୁହିଁ ବୋଲଇ । ୧ ।
ଶଚୀ-କଳା କଳା-ଲାଳସୀ ସୁନ୍ଦରୀ-କଳାପେ ପ୍ରକାଶିଲା ଛଳ ।
ଜଗତେ ଯୁଗତେ ପ୍ରାବୃଟ ଆଗରେ ପ୍ରକଟ ହୁଅଇ ସେ ଖେଳ ।
ଏକାକାର ହେ । ବାଦର ମିଥୁନ ହେବାରେ ।
କଣ୍ଠ ଦ୍ୱିଜର କାଠି ନଚରେ ଆନନ୍ଦ ଦାନତ ପାଣି ଢାଳିବାରେ । ୨ ।

---

ଯେଉଁ ବାମନମୂର୍ତ୍ତି ସୁନ୍ଦର ରାମ ରୂପଧାରୀ ଅଟନ୍ତି ସେ ଉପଇନ୍ଦ୍ରଭଞ୍ଜର ପରା ସର୍ବସ୍ୱ । ତାଙ୍କ ପଦ ଧ୍ୟାନ କରି ମୋର ଗୀତର ପଦ ପ୍ରକାଶ ହେଉଅଛି ଏଣୁ ଏହାକୁ ସମ୍ପୂର୍ଣ୍ଣ କରିବା କିଛି ଆଶ୍ଚର୍ଯ୍ୟ ନୁହେଁ । ୪୫ ।

—o—

ମଧୁର—ମନୋହର, ମଧୁମାସ—ଚୈତ୍ରମାସ, ମଧୁର—ସୁମିଷ୍ଟ, ମଧୁକଣ୍ଠ—କୋକିଳ, ସୁଧାଂଶୁପ୍ରଭା—ଚନ୍ଦ୍ରକାନ୍ତ, ସୁଧାପରେ—ଚୂନଲେପାପରେ, ବସୁଧାମଣ୍ଡନା—ଧରଣୀର ଅଳଙ୍କାର ସ୍ୱରୂପା, ତପସ୍ୟା ଭଙ୍ଗିମା—ତପଭଙ୍ଗକାରିଣୀ ।

ଏହିପରି ବନକର ଚୈତ୍ରମାସରେ କୋଇଲି ମଧୁର ସ୍ୱରରେ ରାବୁଥିଲା । ସେହି ଚନ୍ଦ୍ରକାନ୍ତ ପୃଥିବୀ ଶୋଭାବର୍ଦ୍ଧନ କାରିଣୀ ସୁନ୍ଦରୀ ଚୂନ ଲେପା ଘରେ ବସି ନିଜ ସ୍ତନକୁ ଗୁହିଁ ତପସ୍ୟା ଭଙ୍ଗକାରିଣୀ ମର୍ଦ୍ଦଳ ବଜାଇବାକୁ ବିଚାର କରି ଆପଣା ସଖୀକୁ କହିଲା, ଅସ ଗୋ ପଣା ଖେଳିବା । ମର୍ଦ୍ଦଳ ସହିତ ସ୍ତନର ଓ ପଣାଗୋଟି ସହିତ ସ୍ତନଭୃଣ୍ଡିର ସାନ ଥିବାରୁ ତହିଁର ତଳନ ଇଚ୍ଛାରେ ଏହା କହିଲା । ୧ ।

ଶଚୀକଳା—ସଖୀର ନାମ, କଳାଲାଳସୀ—କାମକଳା ଆଗ୍ରହୀ, ସୁନ୍ଦରୀ କଲାପେ—ସୁନ୍ଦରୀସମୂହରେ, ଯୁଗତେ—ଉଚିତରୂପେ, ପ୍ରାବୃଟ—ବର୍ଷାକାଳ, ମିଥୁନ—ଯୁଗ୍ମ, ଆଷାଢ଼-ମାସ; କଣ୍ଠଦ୍ୱିଜ—ହାଣ୍ଡାଦାନ୍ତ, ଦ୍ୱିଜ—ପକ୍ଷୀ, ଦାନ—ଦେବା ଓ କାଟିବା, ପାଣି—ଜଳ ଓ ହସ୍ତ । କାମକଳାରେ ଆଗ୍ରହୀ ଶଚୀକଳା ନାମକ ଜଣେ ସଖୀ ସୁନ୍ଦରୀମାନଙ୍କ ଆଗରେ ଛଳ କରି କହିଲା, ସଂସାରର ଉଚିତ ମତେ ବର୍ଷାକାଳ ଆସିଲେ ସେ ଖେଳ ପ୍ରକଟ

ଦେଖୁଁ ଦେଖୁଁ କରେ ସୁମନା ଉତ୍ଫୁଲ୍ଲ ପୁନଃପୁନଃ ବିଦ୍ୟୁ ପ୍ରସ୍ଫୁର ।
କେତେବେଳେ ସେହି ଅଚଳ ଭଜଇ ଚଳ ପ୍ରଚଳ ଘନ-ସାର ॥
ମାର ପ୍ରତାପ । ଘୋଷ ଅଧିକରେ ପ୍ରକାଶ ।
ସେ କାଳ ହୋଇଲେ ଯେ ଖେଳ ଖେଳିବା ନ୍ୟାସ୍ତବଲେ ହୁଅ ପ୍ରବେଶ ।୩।
ବସନ୍ତେ ହୁଏ ବିଖ୍ୟାତ ଏକ ପ୍ରାଣେ ସମସ୍ତେ ରାଜା ହୋଇ ଜାତ ।
ପାଞ୍ଜ ମନୋଦ୍ଭବ ଅଧିକ ହୁଅଇ ଶଚୀ-ବରେ ସେ ପ୍ରଶଂସିତ ॥
ଏତେ ସୁଖଦ । ଗନ୍ଧର୍ବ ଲୀଳାମାନ ରତ ।
ତରଣୀତ୍ରସ୍ତ ନାଗେଶ୍ୱର ଶୋଭାକୁ ବଢ଼ାଇ ପଦଗରେ ରୁଚ । ୪ ।

---

ହୁଏ ଅର୍ଥାତ୍ ପଶାଖେଳ ଓ ବର୍ଷାକାଳ ସମାନ । ବର୍ଷାକାଳ ମିଥୁନ ଅର୍ଥାତ୍ ଆଷାଢ ମାସରେ ପଡ଼େ, ପଶାଖେଳ ଦୁଇଜଣ ଖେଳାଳୀ ହେଲେ ଖେଳାଯାଏ । ବର୍ଷାକାଳ କାଠିନରେ ଅର୍ଥାତ୍ ଅତ କାଶ ଶବ୍ଦରେ ପାଣି ଢାଳିବାରୁ ଦ୍ୱିଜ ଅର୍ଥାତ୍ ପକ୍ଷୀମାନଙ୍କର ଆନନ୍ଦକୁ ଦାନ ଅର୍ଥାତ୍ ଖଣ୍ଡନ କରେ । ପଶାଖେଳରେ ନରେ ଅର୍ଥାତ୍ ମଣିଷମାନେ କଷ୍ଟ ଦ୍ୱିଜ ଅର୍ଥାତ୍ ହାତୀଦାନ୍ତର ପଶାକାଠି ହାତରେ ଗଡ଼ାଇ ଦାନ ପକାଇ ଆନନ୍ଦିତ ହୁଅନ୍ତି । ୨ ।

ସୁମନା—ଫୁଲ, ଭଲ ଲୋକ; ଉତ୍ଫୁଲ୍ଲ—ହର୍ଷ, ବିଦ୍ୟୁ—ବିଜୁଳି, ପଶାର ଦାନ ବିଶେଷ; ଅଚଳ—ସ୍ଥିର, ଚଳପ୍ରଚଳ—ଗୋଳିବା, ଘନସାର—ବଡ଼ ବଡ଼ ମେଘ, ପଶାର ସାର ଘନ ଘନ ଗୋଳେ; ମାର—କାମ । ବର୍ଷାକାଳରେ ଗୁଚ୍ଛିଁ ଗୁଚ୍ଛିଁ ଫୁଲ ଫୁଟେ । ଘନ ଘନ ବିଜୁଳି ଚମକେ । କେତେବେଳେ ବଡ଼ ବଡ଼ ମେଘ ଖଣ୍ଡମାନ ଆକାଶରେ ବୁଲେ ପୁଣି କେବେ କେବେ ସ୍ଥିର ହୋଇ ରହେ । କାମର ଶକ୍ତି ଏବଂ ମେଘ ଗର୍ଜନ ଅଧିକ ପଡ଼େ । ବସନ୍ତ ଆସିଲେ ପଶାଖେଳ ଦେଖି ଉତ୍ତମ ଲୋକମାନେ ଆନନ୍ଦିତ ହୁଅନ୍ତି । ବିଦ୍ୟୁ ପ୍ରଭୃତି ପଶାର ଦାନ ଖେଳରେ ପଡ଼େ । ସାର ସବୁ ଘନ ଘନ ଚଳାନ୍ତି; କେବେକେବେ ଗୋଟି ସ୍ଥିର ରହେ । ଖେଳାଳିମାନେ ମାର ମାର ଶବ୍ଦ ଅଧିକ ଉଚ୍ଚାରଣ କରନ୍ତି । ଏଣୁ ସେହି ଖେଳ ଖେଳିବା ବେଳ ଆସିନାହିଁ । ବର୍ତ୍ତମାନ ସତରଞ୍ଜ ରାଜାରାଣୀ ଖେଳ (ନ୍ୟାସ୍ତବଲ ଖେଳ) ଖେଳିବାକୁ ତତ୍ପର ହୁଅ । ୩ ।

ସମସ୍ତ ରାଜା—ସମସ୍ତ ପାଇଁ ରାଜା, ସତରଞ୍ଜର ରାଜାଗୋଟି; ପାଞ୍ଜ—ମନ୍ତ୍ରଣା, ଲୀଳା; ମନୋଦ୍ଭବ—ମାନସିକ ବିସ୍ତର, କାମ; ଶଚୀ-ବରେ—ଇନ୍ଦ୍ରରେ ଓ ମନ୍ତ୍ରୀ ନାମକ ସତରଞ୍ଜ ଗୋଟିରେ, ଗନ୍ଧର୍ବ—କୋକିଳ ଓ ଘୋଡ଼ା ନାମକ ସାର, ତରଣୀ—ସୂର୍ଯ୍ୟ ଏବଂ ଖେଳର ନୌକା, ନାଗେଶ୍ୱର ବୃକ୍ଷ ଏବଂ ହସ୍ତୀ ନାମକ ସାର, ପଦଗରେ—ଗୋଡରେ ଚାଲିବା ଏବଂ ପଦାତିକ ସାର, ରୁଚ—ଆନନ୍ଦ । ବସନ୍ତକାଳ ଓ ସତରଞ୍ଜ ଖେଳର ଦୁଇ ଗୀତ ଏକା ପରି । ବସନ୍ତକାଳରେ ସମସ୍ତ ରାଜପଣ କରେ, କାମ ଲୀଳା ଅଧିକ ପ୍ରକାଶ ପାଏ । ବସନ୍ତକାଳକୁ ଶଚୀଙ୍କ ବର ଅର୍ଥାତ୍ ଇନ୍ଦ୍ର ପ୍ରଶଂସା କରନ୍ତି; ତାହା ଏତେ ସୁଖପ୍ରଦ ଯେ କୋକିଳମାନେ କୁହୁ ଧ୍ୱନି ଉଠାନ୍ତି । ସେତେବେଳର ସୂର୍ଯ୍ୟର ପ୍ରଭା ଓ ନାଗେଶ୍ୱର

ବାଳା କହିଲ ହେଲ ପର ବିରସ ସାର-ପିନା ରସ ଯେ ସତ୍ୟ ।
ବାଣୀ ବାଣୀନା ଶୁଣିଲୁ ମୁଁ ହେଜୁଛି ଯୋଷା ଈର୍ଷ୍ୟା ଅଛି ତହିଁ ।
ଶୁଣି ରମଣୀ । ବେଗେ ଅଧୋମୁଖୀ ହୋଇଲ ।
ଏକାକେ ମିଳି କାଦମ୍ବିନୀ ନଗନ-ନିତମ୍ବିନୀ ଆଗେ ବୋଇଲ । ୫ ।
କଉଶିକୀ ତଟ ନିକଟ ଅଟବି ମଧ୍ୟେ ବ୍ରଜଲୀଳା ହେଉଛି ।
ଗୁଣ-ନିଧାନ ସାବଧାନ ହୁଅ ରେ ଦେଖି ଯିବାକୁ ମୁଁ କହୁଛି ।
କହ କେମନ୍ତ । ମତ୍ତକାମିନୀ ପଚାରିଲ ।
ଚତୁର ସଖୀ ବତୁର ସୁଭ୍ରୂ ରେ ତ୍ୱରିତେ ବାଣୀ ଉଚାରିଲ । ୬ ।
ଶୁଣ ରେ ରୂପ ରାଧିକା ଚନ୍ଦ୍ରାବଳୀ ବିଭ୍ରମ ଅନୁପମରେ ।
କୁଞ୍ଜରେ ଲଳିତା ବିଶାଖା ଜୀଡ଼ିତ ଇନ୍ଦୁରେଖା ଚମ୍ପା ରମ୍ୟରେ ।
ଅଛି ସୁଦେବୀ । ପୁଣି ଭୃଙ୍ଗବିଦ୍ୟା ନିପୁଣେ ।
ସ୍ୱବନ୍ତି ରଙ୍ଗ ଦେବୀ ଚମ୍ପକଲତା ମଧୁସୂଦନର ଭ୍ରମଣେ । ୭ ।

---

ବୃଷର ଶୋଭା ବଢ଼ିଯାଏ । ଲୋକମାନେ ଘୋଡ଼ରେ ଚଢ଼ିବାକୁ ଆଗ୍ରହ ହୁଅନ୍ତି । ସେହିପରି ସତରଞ୍ଜ ଖେଳରେ ଘୋଟିଏ ଘୋଟି ରାଜା ହୁଏ । ଖେଳରେ ଅଧିକ ବିସ୍ତର କରି ଘୋଟି ଚଳାଇବାକୁ ପଡ଼େ । ଖେଳରେ ମନ୍ତ୍ରୀ ନାମକ ଘୋଟିର ଗତିବିଧି ସର୍ବାଧିକ । ତହିଁ ଗନ୍ଧର୍ବ ଅର୍ଥାତ ଘୋଡ଼ା ନାମକ ଘୋଟି ବକ୍ରଗତିରେ ଲୀଳା କରଇ । ଏହି ଖେଳ ତରଣୀ ଅର୍ଥାତ ନୌକା ନାମକ ଓ ହସ୍ତୀ ନାମକ ସାରର ଶୋଭା ଏବଂ ପଦାତି ଘୋଟିର ଚାଲି ପ୍ରତି ଖେଳାଳୀଙ୍କର ଅନୁରାଗ ବଢ଼ାଇଥାଏ । ଏଥିପାଇଁ ସତରଞ୍ଜ ଖେଳ ଅତି ସୁଖପ୍ରଦ । ୪ ।

ସାର ପ୍ରବଳ ରସରେ ବିରସ ହେଲାପରି ବାଳା ବିରସ ଭାବ ଦେଖାଇ କହିଲ । ତାହା ଶୁଣି ବାଣୀକା କହିଲ ମୁଁ ମନେ କରୁଛି ଯେ ଯୁବତୀର ଈର୍ଷା ଜାତ ହୋଇଅଛି । ସତରଞ୍ଜର ସାର ଗୁଣ ସହିତ ସମାନ ହେବାରୁ ଏପରି ଭାବ ଘଟୁଛି । ରମଣୀ ଏ କଥା ଶୁଣି ଶୀଘ୍ର ତଳକୁ ମୁହଁ ପୋତିଲ । ଏହି ସମୟରେ କାଦମ୍ବିନୀ ନାମକ ସଖୀ ଆସି ନବଯୁବତୀଙ୍କୁ କହିଲ । ୫ ।

ଅଟବି—ବଣ, ମତ୍ତକାମିନୀ—ଯୌବନରେ ଉନ୍ମତ୍ତ, ତ୍ୱରିତେ—ଶୀଘ୍ର । କୌଶିକ ନଦୀ ତୀର ବଣରେ ବ୍ରଜଲୀଳା ହେଉଛି । ରେ ଗୁଣବତୀ, ତୁ ସାବଧାନ ହୁଅ । ତାହା ଦେଖିଯିବାକୁ ମୁଁ କହୁଅଛି । ଏହା ଶୁଣି ନବଯୁବତୀ ପଚାରିଲ ବ୍ରଜଲୀଳା କିପରି କହ ? ତହୁଁ ଚତୁର ସଖୀ ଖୁବ ଚାଲାକି କରି ଶୀଘ୍ର ଉତ୍ତର ଦେଲ । ୬ ।

ରୂପରାଧିକା—ଅତି ସୁନ୍ଦରୀ, ଚନ୍ଦ୍ରାବଳୀ—ଚନ୍ଦନ ବୃକ୍ଷ, ଗୋପନାରୀ; ଅନୁପମ—ତୁଳନା ରହିତ, ଲଳିତା, ବିଶାଖା, ଇନ୍ଦୁରେଖା, ଚମ୍ପା ପ୍ରଭୃତି ଗୋପୀମାନଙ୍କର ନାମ; ପୁଣି ଇନ୍ଦୁରେଖା—ଶ୍ୟାମଲତା, ଚମ୍ପା—ଚମ୍ପା ଗଛ, ସୁଦେବୀ—ଜିଗିଡ଼ ବୃକ୍ଷ, ଭୃଙ୍ଗ—ସୁନାଗ, ବିଦ୍ୟା—ଅପରାଜିତା, ନିପୁଣ—ଦକ୍ଷ, ଅନ୍ୟାର୍ଥରେ; ରଙ୍ଗଦେବୀ—ରଙ୍ଗଣିଭଳୀ, ଚମ୍ପକ—ଫୁଲ, ମଧୁସୂଦନ—ଶ୍ରୀକୃଷ୍ଣ ଓ ଭ୍ରମର । ରେ ଅତି ସୁନ୍ଦରୀ,

ମଞ୍ଜରୀ ବାର ସେବତ ନିରନ୍ତର ଅଶେଷ ଗୋପରେ ସେ ଶୋଭେ ।
ମଦନ ତହିଁ ମୂର୍ତ୍ତିମନ୍ତ ହୋଇଛି ଦଇବେ ବେଣୁଧ୍ୱନି ଶୁଭେ ।
ଆମ୍ଭ ପ୍ରବେଶେ । ସୁମନ ସୁଦାମ ହୋଇବ ।
କଙ୍କିଣୀ ପ୍ରବଳବଳ ହୋଇ କରି ନାନା ବିଳାସ ପ୍ରକଟିବ । ୮ ।
ଶ୍ରୋତରେ ସେ ସୁଖ-ସରିତ ସ୍ରୋତରେ ସତ୍ୱରେ ଚିତ୍ତ ମଜ୍ଜାଇଲ
ଧରି ସଖୀ କର ଧରଣୀ-ଶୋଭା ସେ ଉଭା ତତ୍ପର ଶୋଭା କଲ ।
କେକୀ ମୟୂର । ପୁଚ୍ଛ ଗୁମର ଟେକ ଡାକିଲେ ।
କେ ତହିଁ ଚଣ୍ଡ ମଣାଇ ଭଣାଇ ଅଣାଳ ବୀଣା ଟେକ ବାଇଲେ । ୯ ।

---

ବ୍ରଜଲୀଳାର ଅତୁଳନୀୟ ଶୋଭା ବିଷୟ ଶୁଣ । ସେଠାରେ କୁଞ୍ଜରେ ଲଳିତା, ବିଶାଖା, ଇନ୍ଦୁରେଖା, ଚନ୍ଦ୍ରା ପ୍ରଭୃତି ମନୋହର ଭାବରେ କ୍ରୀଡ଼ା କରୁଅଛନ୍ତି । ସେଠାରେ ଜଣେ ସୁଦେବୀ ଅଛନ୍ତି । ନିପୁଣ ତୁଙ୍ଗବିଦ୍ୟା ଅଛି । ରଙ୍ଗଦେବୀ ଓ ଚମ୍ପକଲତା ଶ୍ରୀକୃଷ୍ଣଙ୍କ ଭ୍ରମଣ ବିଷୟରେ ଭାବନା କରୁଅଛନ୍ତି । ସେହି ବନର ଶୋଭା ଅତି ସୁନ୍ଦର । ସେଠାରେ ଚନ୍ଦନ, ସୋମଲତା, ଚିତା ଫିରକ କଣ୍ଟା, ପୁନ୍ନାଗ ପ୍ରଭୃତି ବୃକ୍ଷ ପବନରେ ଦୋହଲୁଅଛି ଏବଂ ଅପରାଜିତା ଅନ୍ୟ ଗଛରେ ଲଟାଇ ରହିଛି । ଗଙ୍ଗଶିଉଳି ଓ ଚମ୍ପା ମଧୁସୂଦନ ଅର୍ଥାତ ଭ୍ରମର କଥା ଭାବୁଛନ୍ତି ଯେହେତୁ ଭ୍ରମର ଗଙ୍ଗଶିଉଳିରେ ବସେ ମାତ୍ର ଚମ୍ପାଫୁଲରେ ବସେ ନାହିଁ । ୭ ।

ମଞ୍ଜରୀବାର—କୁଞ୍ଜ ସମୂହ, ଲତାସମୂହ; ଅଶେଷ—ଅସଂଖ୍ୟ, ଗୋପ—ଗୋପାଳ ଓ କୁଆମଣ୍ଡା, ନିରନ୍ତର—ସବୁବେଳେ, ମଦନ—କାମ ଓ ଧାତୁରୀଫୁଲ, ବେଣୁ—ବଂଶୀ ଏବଂ ପୋକ କଣା କରିବା ବାଉଁଶରେ ପବନର ଧ୍ୱନି; ସୁମନ—ଫୁଲ ଓ ଭଲ ମନ, ସୁଦାମ—ଜଣେ ଗୋପାଳପୁଅ ପୁଣି ସୁନ୍ଦର ହାର, ପ୍ରବଳ—ପରାକ୍ରାନ୍ତ, ବଳ—ବଳରାମ, ବିଳାସ—କ୍ରୀଡ଼ା । ଶ୍ରୀକୃଷ୍ଣଙ୍କ ବ୍ରଜଲୀଳା କୁଞ୍ଜବନରେ ହୁଏ । ସେଠାରେ ବିବିଧ ପ୍ରକାରର ଫୁଲ ଥାଏ ଏବଂ ଅସଂଖ୍ୟ ଗୋପବାଳକ ରହିଥାନ୍ତି । ସେଠାରେ କାମ ମୂର୍ତ୍ତିମନ୍ତ ହୋଇଥାଏ ଏବଂ ଦଇବେ ଅର୍ଥାତ ଦୈବଯୋଗକୁ ବଂଶୀଧ୍ୱନି ଶୁଣାଯାଏ । ସେଠାରେ ସୁଦାମ ଓ ସୁମନ ନାମକ କୃଷ୍ଣସଖା ଆନନ୍ଦ ମନରେ ଖେଳୁଛନ୍ତି । ପରାକ୍ରମୀ ବଳରାମ ମଧ୍ୟ କ୍ରୀଡ଼ା କରୁଅଛନ୍ତି । ଅନ୍ୟାର୍ଥରେ ଉକ୍ତ ବନ ଲତାମାନଙ୍କରେ ଶୋଭା ପାଉଅଛି । ସେଠାରେ ବହୁତ ଗୋପୀ ଅର୍ଥାତ କଇଁଚକାଙ୍କୁଡ଼ି ଲତା ମାଡ଼ିଛି । ମଦନ ଅର୍ଥାତ ଧାତୁରୀ ଫୁଲ ମୂର୍ତ୍ତିମାନ ରହିଅଛି । ଦୈବକ୍ରମେ ବାଉଁଶଗଛର ଛିଦ୍ର ଦେଇ ପବନ ପଶି ବଂଶୀଧ୍ୱନି ବେଳେବେଳେ ଶୁଣାଯାଉଛି । ଆମେ ସେଠାକୁ ଗଲେ ସୁନ୍ଦର ଫୁଲହାରମାନ ଏକତ୍ର ହେବ ଏବଂ ଆମର କଙ୍କିଣୀ ସଂଯୋଗରୁ ନାନା କ୍ରୀଡ଼ା ପ୍ରବଳଭାବେ ପ୍ରକଟିତ ହେବ । ୮ ।

ଶ୍ରୋତରେ—କର୍ଣ୍ଣରେ ଶୁଣନ୍ତୁ, ସତ୍ୱରେ—ଶୀଘ୍ର, ସୁଖସରିତ—ସୁଖ ନଦୀ, ଧରଣୀ-ଶୋଭା—ଧରଣୀ ଶୋଭାକାରୀ, ଉଭା—ଠିଆ, ତତ୍ପର—ଅସଣେ । କୁଞ୍ଜ କଥା ଶୁଣିଲରୁ ଧରଣୀ ଶୋଭାକାରୀ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ଶୀଘ୍ର ସୁଖନଦୀ ସ୍ରୋତରେ ମନକୁ

ପୁଷ୍ପରାଗ ପତନରେ ସୁଯତନ ଯେଉଁ ସରଣି ହୋଇଥିଲେ ।
ତରୁର ଅନୁରୂଗା ସୁକୁମାରୀକି ସେ ସରେ ବନେ କରାଇଲେ
ବନେ ଜବନେ । ମିଳୁଁ ବୋଲଇ ଭବ୍ୟବାଳା ।
ବିଟପ ବିଟପୀ ଏଥିରେ ବହୁତ କହୁଁ ତ ଥିଲୁ ଆନ ଲୀଳା । ୧୦ ।
ବାଣୀଜା କଲା ପ୍ରମାଣ ମାଣବକ-ମୃଗ ଜନ୍ତୁ-ନେତ୍ରା ଉତ୍ତର ।
ଏଥିରେ ବାଳା କାଳାନ୍ତରେ ଅଛି ଯେ ଏହି ବିଟପୀର ବ୍ୟବହାର ।
ଥିବା ବେଳରେ । ସୁମନା-ବଳୀ ମନୋହରେ ।
ପ୍ରକର ବିରଞ୍ଚି ଲାଳସ ଗଣିକା ଭାବେ ସୁବାସ ହରିବାରେ । ୧୧ ।
ଶଚୀକଳା କଲା ସେ କଥା ସମ୍ମତ ଏମନ୍ତ କହିଲା ସେଥିରେ ।
ଇନ୍ଦ୍ର ତପସ୍ୱିନୀ ସେଜ ବହୁନେତ୍ର ଶୋଭା ହୋଇଥିଲା ଏଥିରେ ।
ଯାହା ପ୍ରେଷିତ । ସେ ଭାବେ ଦେଖାଇଲା ଛଳେ ।
କେ କେଉଁ ମହୀରୁହ ଲତା ଆନାଇ ତିଷ୍ଠାଉଥିବ ରମା ବୋଲେ । ୧୨ ।

---

ଭୂତାର ସଖୀର ହାତଧରି ଠିଆ ହୋଇ ଅଗଣାର ଶୋଭା ବଢ଼ାଇଲା । କୌଣସି କୌଣସି ସଖୀ ମୟୂରପୁଚ୍ଛର ଚାମର ହଲାଇଲେ । କେ ଅବା ବାଟ ଦେଖାଇ ପଦ୍ମିନୀ କରି ବାଳାକୁ ଆଣିଲେ, ଅନ୍ୟ କେହି ବଂଶୀ ବଜାଇଲେ । ୯ ।

ପୁଷ୍ପରାଗ—ଫୁଲରେଣୁ ସରଣି—ବାଟ, ସୁଯତନ—ସୁନ୍ଦର, ଅନୁରୂଗା—ଅନୁଗାମିନୀ, ବନେ—ବନରେ, ଜବନେ—ଦ୍ରୁତ, ଭବ୍ୟ ବାଳା—ରାଜକନ୍ୟା, ବିଟପ—ବୃକ୍ଷ, ବିଟପୀ—ଲତା । ଯେଉଁ ବାଟମାନ ଫୁଲରେଣୁ ପଡ଼ି ସୁନ୍ଦର ହୋଇଥିଲା ସଖୀମାନେ ତରୁର କରି ସୁନ୍ଦରୀ ରାଜକନ୍ୟାଙ୍କୁ ସେହି ଆଡ଼କୁ ନେଇଗଲେ । ବନରେ ସୁନ୍ଦରୀ ଶୀଘ୍ର ପଦ୍ମିନୀଙ୍କୁ କହିଲା, ଏଠି ତ ଖାଲି ବୃକ୍ଷଲତା ପୂରି ରହିଛି ତୁମ୍ଭେମାନେ ଅନ୍ୟ ଲୀଳାକଥା କହୁଥିଲ । ୧୦ ।

ମାଣବକ—ଶିଶୁ, ମୃଗଜନ୍ତୁ ନେତ୍ରା—ହରିଣ ଚକ୍ଷୁକୁ ଜିଣି, କାଳାନ୍ତରେ—ବହୁକାଳରୁ, ପ୍ରକର ବିରଞ୍ଚି—ବୁଢ଼ା ବ୍ରହ୍ମା, ସୁମନାବଳୀ—ଦେବତାସମୂହ, ସୁବାସ—ସୁଗନ୍ଧ, ବସ୍ତ୍ର; ଗଣିକା—ବେଶ୍ୟା, ପ୍ରକର—ସ୍ତବକ, ଗଣିକା—ଯୁଇ । ଶିଶୁ ହରିଣର ଆଖିକୁ ଜିଣି ସୁନ୍ଦରୀର ଭଙ୍ଗୀରେ ଶ୍ରୀରେ ବାଣୀଜା ନାମକ ସଖୀ ପ୍ରମାଣ ଦେଖାଇ କହିଲା, ହେ ସୁନ୍ଦରି ! ଏଠାରେ ଏହି ବିଟପ ବିଟପୀ ବ୍ୟବହାର ବହୁକାଳରୁ ରହିଅଛି । ଦେବତାସମୂହ ଏଠାରେ ସୁନ୍ଦର ରୂପ ଧାରଣ କରିଥିବାବେଳେ ବୁଢ଼ା ବ୍ରହ୍ମା ବେଶ୍ୟାପ୍ରତି ଆସକ୍ତ ହୋଇ ତାହାର ଭଲ ବସ୍ତ୍ରକୁ ହରଣ କରିବାକୁ ଲାଳସା କରିଥିଲେ । ଅନ୍ୟାର୍ଥରେ—ଏହି ବନରେ ଫୁଲମାନ ମନୋହର ସ୍ତବକ ରଚନା କରିଥିଲାବେଳେ ପବନ ଯୁଇ ଫୁଲରେ ବଶ ହୋଇ ତାହାର ଉତ୍ତମ ଗନ୍ଧ ହରଣ କରିବାକୁ ଲାଳସୀ ହୋଇଅଛି । ୧୧ ।

ଶଚୀକଳା—ଏହି ନାମର ସଖୀ, ଇନ୍ଦ୍ର—ଦେବରାଜ, କୁଟଜ; ତପସ୍ୱିନୀ—ଅହଲ୍ୟା, ଜଟାମାଂସୀ; ପ୍ରେଷିତ—ପ୍ରେରିତ, ମହୀରୁହ—ବୃକ୍ଷ । ଶଚୀକଳା ନାମକ ସଖୀ ସେହି କଥାରେ ସମ୍ମତ ହୋଇ କହିଲା ଯେ ଇନ୍ଦ୍ର ଅହଲ୍ୟାଙ୍କୁ ସେଜ ବହୁ ନେତ୍ରରେ ଶୋଭିତ

ପୁନ୍ନାଗ ନାଗର ଦେଖରେ ବୋଲି କେ ଦେଖାଇଁ ଅଙ୍ଗୁଳିରେ କର ।
ଏହି ତରୁ ତରୁଣ-ଶ୍ରେଷ୍ଠ ନୋହେ କି ତରୁଣୀ ରତନ ପଚାର ।
ମଲ୍ଲୀ ବୋଲନ୍ତେ । ତାହିଁକି ବୋଲି ସେ ହସଇ ।
ମାଧାବୀକି ଗୁହିଁ ମାଧବୀ ବୋଲନ୍ତେ ଏହି ମଧୁପୁର ଭାଷଇ । ୧୩ ।
ଆଣିମି ଭଣି ସୁସ୍ୱରେ ନାଗେଶ୍ୱରେ ତାର ହସି ଧୋ ସାଉଁ କେହି ।
କଥାକୁ ତାଳ ଏକଥା ପୁଚ୍ଛା କଲ କଥା-ପ୍ରସଙ୍ଗ ହେଲୁ କେହି ।
ସେହି ବୋଇଲ । ଆଣିମି ସୁପର୍ଣ୍ଣେ ଭରସା ।
ଭାଷାକୁ ଭାଷା ମିଶିବାରୁ ହେଲା ଯେ ଏତିକ ହସିଲି ସୁଧୃଶା । ୧୪ ।
ଚମ୍ପା କହ ନା ଜଗତ-ବନ୍ଦନାକୁ ସମ୍ପାଦବ ସିନା ଏସନ ।
ଆମ୍ର ନଗର ନଟରୂପ ହେଲା କି ବୋଲି ଯେ କହିବ ବନ୍ଧନ ।
ବୋଲେ କେ ତହିଁ । ହୋଇ ଏ ମୌରଧ ପ୍ରକାଶିଛି ।
କେ କହେ ନୋହେ ଏ ପରମ ପଣ୍ଡିତା ମନକୁ ନାନାର୍ଥ ଆଣୁଛି । ୧୫ ।

---

ହୋଇଥିଲେ । ବର୍ତ୍ତମାନ ଏହି ବନରେ ତପସ୍ୱିନୀ ଅର୍ଥାତ୍ ଜଟାମାଂସୀ ଇନ୍ଦ୍ର ଅର୍ଥାତ୍ କୁଟଜ ସହିତ ସହିତ ଗଛରେ ପୂର୍ବ ରହିବାରୁ ରମଣୀୟ ଦିଶୁଅଛି । ଏହା ଶୁଣି ବ୍ରହ୍ମା ପ୍ରେରିତ କାଦମ୍ବିନୀ ଏବଂ ଇନ୍ଦ୍ର ପ୍ରେରିତ ଶଚୀକଳା ଛଳ କରି ନାନା ପ୍ରକାର ଭାବ ପ୍ରକଟ କଲେ । ଏହା ଶୁଣି ସୁନ୍ଦରୀ ରାଜକନ୍ୟା ତାଙ୍କୁ କହିଲା, କିଏ କେଉଁ ଗଛ ଓ ଲତା ତାହା ମୋତେ ଦେଖାଇ ଦେଉଥିବ । ୧୨ ।

କେଉଁ ସଖୀ ଅଙ୍ଗୁଳି ବତାଇ କହିଲା, ହେ ସୁନ୍ଦରଶ୍ରେଷ୍ଠା ! ଦେଖ ଏହା ହେଉଛି ପୁନ୍ନାଗ । ତରୁଣୀଶ୍ରେଷ୍ଠା କହିଲା ଇଏତ ଗୋଟାଏ ତରୁ ଅର୍ଥାତ ବୃକ୍ଷ, ଇଏତ ତରୁଣ-ଶ୍ରେଷ୍ଠ ପୁନ୍ନାଗ ଅର୍ଥାତ ଯୁବ ଶ୍ରେଷ୍ଠ ନୁହେ; ଅନ୍ୟ ସଖୀ ମଲ୍ଲୀ ନାମ କହନ୍ତେ ସୁନ୍ଦରୀ କହିଲା, ତାହିଁକି ମଲ୍ଲୁ । ଏତିକ କହି ହସିଦେଲା । ଅନ୍ୟ ଜଣେ ମାଧବୀ ବୃକ୍ଷକୁ ଗୁହିଁ ଏ ମାଧବୀ ବୋଲି କହନ୍ତେ ରାଜକନ୍ୟା କହିଲା, ଏ କଅଣ ମଧୁପୁର ? ମଧୁପୁରରେ ସିନା ମାଧବୀ ଅର୍ଥାତ ଲକ୍ଷ୍ମୀ ରହନ୍ତି । ୧୩ ।

ଅନ୍ୟଜଣେ ସଖୀ ମଧୁର ସ୍ୱରରେ କହିଲା, ମୁଁ ନାଗେଶ୍ୱର ଆଣିବି । ଏହା କହି ନାଗେଶ୍ୱରଗଛର ନିକଟକୁ ଯାଆନ୍ତେ ଅନ୍ୟ ସଖୀ ମୁଣ୍ଡ ହଲାଇ ପଚାରିଲା, ଏ କିପରି କଥା କହୁଅଛୁ । ତୁ କଅଣ ସାପୁଆକେଳା ଯେ ନାଗେଶ୍ୱର ଅର୍ଥାତ ଶ୍ରେଷ୍ଠ ନାଗ ଆଣିବୁ ? ଏହା ଶୁଣି ସଖି ଉତ୍ତର ଦେଲା, ନିଶ୍ଚୟ ଆଣିବ । ସୁପର୍ଣ୍ଣ କି ସୁନ୍ଦର ପତ୍ର; ପୁଣି ଅନ୍ୟ ପକ୍ଷରେ ଗରୁଡ଼ । ମୋର ତାହା ଉପରେ ଭରସା ଅଛି । କଥା ସହିତ କଥା ମିଶିଯିବାରୁ ସୁନ୍ଦର ନେତ୍ରଯୁକ୍ତା କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ କହିଲା, ହସି ହେଲା । ୧୪ ।

ଜଗତ ବନ୍ଦନା—ସଂସାରପୂଜ୍ୟା, ସମ୍ପାଦବ—ଭାଜନ, ନଗ—ବୃକ୍ଷ, ବନ୍ଧନ—ଶୀଘ୍ର, ମୌରଧ—ନବଯୌବନ, ସୁରୂପି । ଅନ୍ୟ କୌଣସି ସଖି କହିଲା, ଆମର ଏହି ବିଶ୍ୱପୂଜ୍ୟା ରାଜକନ୍ୟାକୁ ଚମ୍ପା ବୋଲି କହିବ ନାହିଁ କାରଣ ଆମ୍ର ନଗର ବୃକ୍ଷରୂପ

ଏମନ୍ତ ରହସ୍ୟ ବଶ ହସ୍ତ ହପ ହଂସପନ୍ତ ପ୍ରାପ୍ତେ ଗମନ ।
ସମସ୍ତେ ସୁବେଶ ପ୍ରବେଶ ହୋଇଲେ ମାଙ୍ଗଲ୍ୟାଙ୍କ ଥିଲା ବିପିନ ।
କାଦମ୍ବିନୀ ଯେ । ପଟରେ କଡ଼ାଇ ନେଉଛି ।
ବିଧିରେ ବିଧିଙ୍କର ଆଜ୍ଞା ଅବଜ୍ଞା ନୋହିବ ଏ ହେତୁ ହୋଇଛି । ୧୬ ।
ସେ ବନ ଧନ୍ୟ ସମାନ ନାହିଁ ଅନ୍ୟ ସେବିତ ପୁଣ୍ୟବନ୍ତ ଜନ ।
ଶୁକ ପିକ ପୃଥ କହନ୍ତି ଚୈତ୍ରରଥ ନନ୍ଦନର ଜନନୀ ।
ସତ ଏ କଥା । ପ୍ରସବ ସୁଲକ୍ଷଣ ଅଛି ।
ଫୁଲ ପତନ ସ୍ତନ-ନାରିକେଳର ପୟ ପରିପୂର୍ଣ୍ଣ ହୋଇଛି । ୧୭ ।
ଉପକୁଲ୍ୟା ଆଦି ଉପକରଣେ ଅଛି ଏ ଗର୍ଭଗତ କରି ।
ତମାଳ-ଦଳ କୁନ୍ତଳ ବାନ୍ଧି ନାହିଁ ଆତଙ୍କ ସ୍ନେହୀ ସ୍ନାନ ସାରି ।
ନବ୍ୟ ବାସରେ । ଅଛି ସେ ଆଚ୍ଛାଦନ ହୋଇ ।
ଉଚ୍ଚେ ପୁଷ୍ପରଜ ବ୍ୟାଜ ନିଜ ଦେହେଁ କୁଙ୍କୁମ ଥିଲା ଉଛୁଳାଇ । ୧୮ ।

---

ଧାରଣ କଲା ନ ବୋଲି ଭାବି ଶୀଘ୍ର କହି ପକାଇବ । ଆଉ ଜଣେ ସଖି କହିଲା ଆମ ସୁନ୍ଦରୀ ମୌଗ୍ଧ ଅର୍ଥାତ ନବଯୌବନ ପାଇ ଚତୁରତା ପ୍ରକାଶ କରୁଛି । ଅନ୍ୟ କହିଲା, ତାହା ନୁହେଁ, ଇଏ ପରମ ପଣ୍ଡିତା ବୋଲି ନାନା ଅର୍ଥ ମନରେ ବିଗୁରୁଅଛି । ୧୫ ।

ଏହିଭଳି ନାନା ରହସ୍ୟ ବଶବର୍ତ୍ତୀ ହୋଇ ସମସ୍ତେ ହଂସପନ୍ତ ଅର୍ଥାତ ହଂସଦଳ ପରି ଗମନ କଲେ । ସମସ୍ତେ ଭଲ ରକମ ବେଶଭୂଷାରେ ସଜ୍ଜିତ ଥିଲେ । ସେମାନେ ମାଙ୍ଗଲ୍ୟା ଥିବା ବନରେ ପହଞ୍ଚିଲେ । କାଦମ୍ବିନୀ ପଟରେ ବାଟ କଢ଼ାଇ ନେଲା । ବ୍ରହ୍ମା ଏହିପରି ଆଜ୍ଞା କରିଥିଲେ । ତାହା ଅବଜ୍ଞା ନ ହେବ ବୋଲି ମାଙ୍ଗଲ୍ୟାଙ୍କ ପାଖକୁ କାଦମ୍ବିନୀ ସେମାନଙ୍କୁ ନେଇଗଲା । ୧୬ ।

ସେ ବନ ଧନ୍ୟ । ତାହା ସମାନ ଅନ୍ୟ ବନ ନାହିଁ । କେବଳ ପୁଣ୍ୟବନ୍ତ ହୋଇ ଜନ ଅର୍ଥାତ ଜନ୍ମ ହୋଇଥିବା ବ୍ୟକ୍ତି ସେହି ବନରେ ଥାଆନ୍ତି । ଶୁଆ ଆଉ କୋଇଲି କହୁଛନ୍ତି ଏହି ବନ ଚୈତ୍ରରଥ ଅର୍ଥାତ କୁବେରଙ୍କ ବନ । ଏ ବନ ନନ୍ଦନବନର ଜନନୀ ଅଟେ ଏହା ସତ୍ୟ; ଯେହେତୁ ଏଠାରେ ପ୍ରସବର ସବୁ ଭଲ ଲକ୍ଷଣ ଦେଖାଯାଉଅଛି । ଫୁଲ ପଡ଼ୁଅଛି ; ନାରିକେଳ ରୂପକ ସ୍ତନରେ ପୟ ଅର୍ଥାତ ଦୁଗ୍ଧ ପୂରି ରହିଛି । ପ୍ରସବ ପରେ ଫୁଲ ପଡ଼ିବା ଘଟିଥାଏ ଏବଂ ପ୍ରସୂତ ସ୍ତନରେ ଦୁଗ୍ଧ ଦେଖାଦିଏ । ୧୭ ।

ଉପକୁଲ୍ୟା—ପିପ୍‌ପଳି, ଗର୍ଭଗତ—ଖାଇବା, ତମାଳଦଳ—ତମାଳପତ୍ର, ଆତଙ୍କ—ଖଡ୍ଗ, ଭୟପ୍ରଦ ବନ୍ୟପ୍ରାଣୀ; ବ୍ୟାଜ— ଛଳ, ଉଚ୍ଛୁଳାଇ—ମଲମଲ ଛଡ଼ାଇବା, କୁନ୍ତଳ—କେଶ । ପ୍ରସୂତ ସ୍ତ୍ରୀ ପିପ୍‌ପଳି ଆଦି ଖାଇଲାପରି ଏ ବନରେ ପିପ୍‌ପଳି ପ୍ରଭୃତି ବୃକ୍ଷମାନଙ୍କୁ ଧାରଣ କରିଅଛି । ପ୍ରସୂତ କେଶ ବାନ୍ଧି ନ ଥାଏ । ଏ ବନ ମଧ୍ୟ ତମାଳପତ୍ର ରୂପ କେଶକୁ ମୁକୁଳା କରିଛି । ପ୍ରସୂତମାନେ ଗାଧୋଇସାରି ଖଡ୍ଗ ପୂଜିବାକୁ ଭଲ ପାଉଥାନ୍ତି । ଏ ବନ ମଧ୍ୟ ଆତଙ୍କ ଅର୍ଥାତ୍ ଭୟପ୍ରଦ ହିଂସ୍ର ଜନ୍ତୁରେ ସ୍ନେହୀ ହୋଇଅଛି । ପ୍ରସୂତ ଭଲ

ଏକଥା ବୃଥା ହୋଇଥିଲେ କୋଉଠୁ ଲଭିଥାନ୍ତା କିମ୍ପା ସେ ସ୍ଥଳେ ।
ଲଭନ୍ତୁ ଦ୍ୱିରଦ ରଦ-ଚୂର୍ଣ୍ଣ କତବେ ନାଭି କୁରଙ୍ଗ-ନାଭି ସ୍ଥଳେ ।
ଯକ୍ଷ ଅମରେ । ପୁରେ ଘେନିଗଲେ ଏ ବସ୍ତୁ ।
ଋତୁପତି ପ୍ରିୟବନ୍ଧୁ ସ୍ୱବନ୍ଧୁ ଏ ପାଳିବ ନ ପାରିବା ଶିଶୁ । ୧୯ ।
ଚହିଁ ଚହିଁ ଶୋଭା ଶ୍ୟାମଳ ଅବଳା ମେଳା ତପସ୍ୱିନୀ ତରକ ।
ଅବନୀ-ବନିତା ଗର୍ଭ ଶୋଭା ପୀନ ମାଳ ଅମ୍ଳାନ ମାଲ୍ୟରେ କି ।
ଅଛି ମଧ୍ୟରେ । କେତକୀ ଦଳ ସ୍ତବକେ ।
ସେହି ସୁବାସରେ ପାଶକୁ ଭ୍ରମରଶ୍ରେଣୀ ହୋଇଛନ୍ତି ଆଗତ । ୨୦ ।
ସେକ୍ଷଣି ମିଳି ସୁଲକ୍ଷଣୀ ମିତଣୀ ସଙ୍ଗେ ମାଙ୍ଗଲ୍ୟାଙ୍କୁ ପ୍ରଣମି ।
କଲ୍ୟାଣ କଲେ ସେ ଉଲ୍ଲାସେ ହୁଅ ତୁ ସୁଭାଗୀ ତାହାର ଶୋଭାଙ୍ଗି ।
ଯେତ୍ତୁ ଜନ୍ମିବ । ଜାଣି ଦେହରେ ମଦନ ।
ତ୍ରି-ନେତ୍ର-ନେତ୍ର-ଜାତ ଜାତବେଦରେ ଦହନ ହୋଇଲା ବଦନ । ୨୧ ।

---

ବାସ ଅର୍ଥାତ୍ ଲୁଗାରେ ଅଙ୍ଗ ଘୋଡ଼ାଇ ଥାଏ, ଏ ବନ ମଧ୍ୟ ଭଲ ବାସରେ ଅର୍ଥାତ୍ ସୁଗନ୍ଧରେ ପୂର୍ଣ୍ଣ ରହିଛି । ପୁଆତିମାନେ ହଳଦୀ ଲଗାଇ ତାକୁ ମଳି ମଳି ଦେହରୁ ଛଡ଼ାଇଲା ପରି ଏହି ବନ ସ୍ପୃହରତ ଛଳରେ ନିଜ ଦେହରୁ ହଳଦ ଛଡ଼ାଉଅଛି । ୧୮ ।

ଦ୍ୱିରଦ—ହସ୍ତି; ରଦ—ଦାନ୍ତ, କୁରଙ୍ଗନାଭି—କସ୍ତୁରୀ, ଯକ୍ଷ—କୁବେର, ଅମର—ଇନ୍ଦ୍ର, କତବେ—ଛଳରେ । ଏ କଥା ଅଲୀକ ହୋଇଥିଲେ କାହିଁକି ସେ ବନରେ ହାତୀଦାନ୍ତ ଗୁଣ୍ଡା ପାଉଁଶ ଛଳରେ ଏବଂ କୁରଙ୍ଗନାଭି ଅର୍ଥାତ୍ କସ୍ତୁରୀ ଛଳରେ ଦେଖାଯାନ୍ତା । ସଦ୍ୟଜାତ ଶିଶୁର ନାଭି କାଟି ପାଉଁଶରେ ପକାଇବା ବିଧି ଅଛି । ଏହି ବନ ଋତୁପତି ବସନ୍ତର ପ୍ରିୟ ସ୍ୱବନ୍ଧୁ । କାଳେ ଇଏ ପାଳି ପାରିବ ନାହିଁ ଏହି କଥା ଭାବି କୁବେର ଓ ଇନ୍ଦ୍ର ଏହାର ସନ୍ତାନଙ୍କୁ ଅର୍ଥାତ୍ ଚୈତ୍ରରଥ ଓ ନନ୍ଦନ ବନ ରୂପ ଶିଶୁ ଦୁହିଁଙ୍କୁ ନିଜ ପୁରକୁ ଘେନିଗଲେ । ୧୯ ।

ତରକ—ତର୍କ, ଅବନୀ—ପୃଥିବୀ, ବନିତା—ସ୍ତ୍ରୀ, ଗର୍ଭ—ଜୁଡ଼ା, କେତକୀଦଳ—କେତକୀପତ୍ର, ସ୍ତବ—ଫୁଲତୋଡ଼ା । ସେହି ବନରେ କଳା ଶୋଭା ଅବଳାମାନଙ୍କୁ ଦେଖି ତପସ୍ୱିନୀ ଅର୍ଥାତ୍ ମାଙ୍ଗଲ୍ୟା ତର୍କ କଲେ, ପୃଥିବୀ ସ୍ତ୍ରୀର ଜୁଡ଼ାରେ ମ୍ଲାନ ହୋଇ ନ ଥିବା ହଳଦିଆ ଓ ନେଳିଆ ରଙ୍ଗର ଫୁଲମାଳ ଶୋଭା ପାଉଛି କି ? ପୁଣି କେତକୀ ପ ଖୁଡ଼ା ସେହି ଫୁଲତୋଡ଼ାରେ ଅଛି । ସେହି ସୁବାସପାଇଁ ଭ୍ରମରଶ୍ରେଣୀ ପାଖକୁ ଆସୁଛନ୍ତି । ଏଠାରେ କୋଟିବ୍ରହ୍ମାଣ୍ଡସୁନ୍ଦରୀ ହେଉଛି କେତକୀ ଫୁଲର ତୋଡ଼ା ଏବଂ ତା ଚହୁଣରେ ଥିବା ସଖୀମାନେ ଭ୍ରମରଶ୍ରେଣୀ । ୨୦ ।

ସେତିକିବେଳେ ସୁଲକ୍ଷଣୀ ନାମ ସଖୀ ସହିତ ଆସି ମାଙ୍ଗଲ୍ୟାଙ୍କୁ ପ୍ରଣାମ କଲା । ସେ ତାକୁ ଆନନ୍ଦରେ କଲ୍ୟାଣ କରି କହିଲେ, ତୁ ତାହାର ଶୋଭାବର୍ଦ୍ଧନକାରୀ ହୋଇ ସୌଭାଗ୍ୟବତୀ ହୁଅ । ଯାହାର ଜନ୍ମିବା କଥା ଜାଣି କନ୍ଦର୍ପ ଗର୍ବ ଭାଙ୍ଗିଯିବା ଭୟରେ

ପୃଚ୍ଛାକଲ୍ଲ କେହ୍ନ ବାଞ୍ଛାଦ୍ରୁମ ହୋଇ ତୁମ୍ଭ ବାଞ୍ଛା ପୂର୍ଣ୍ଣ କରବ ।
କହବ ସେ କାହିଁ ଜନ୍ମିଛି କି ନାହିଁ କି ଦେବ ଦାନବ ମାନବ ।
ହେଲେ ବଞ୍ଚନ । ଜେମା ଜାଣିବ ମିଥ୍ୟାରବ ।
ସେ ଋଷି ଆମ୍ଭ ମନେ ଏତ ଆଶ୍ୱାସି ଏ ପୁରେ ଅବଶ୍ୟ ତ ଥିବ । ୨୨ ।
ଥିବ କପାଁ ଅଛି ଅଛିଡେ ଏ ପୁରେ ଜାଣୁଥାଇ ଏଣୁ ଚନ୍ଦ୍ରମା ।
ଅପମାନ ମାନୁ କରେ ତନୁ ତନୁ ସକଳ ଜନଙ୍କର ସୀମା ।
ସେହ୍ନି ହୋଇବ । ବୋଇଲେ ଅବଧୂତ୍ତା ଥିଲେ ।
ଯା ଦେଖି ସୁନ୍ଦରକୁ ଲେ ଅଶ୍ୱମୁଖା ଭାନୁ-ତନୁଜେ ବୋଲାଇଲେ । ୨୩ ।
ପୁଷ୍କରତୀର୍ଥେ ଭାସ୍କର ଉପରାଗେ ସର୍ବେ ସ୍ନାନ ଦାନ ଅର୍ଥେ ।
ଥିଲ୍ଲ ସେ ଯାଇ ସର୍ବରତ୍ନ ମଣ୍ଡାଇ ନେଲ୍ଲ ଅନୁପମ ପଦାର୍ଥେ ।
ତାହା ଶୋଭୁଛି । ପୁଷ୍ପକେତୁ ନାମ ତାହାକୁ ।
ପାଟଳୀପୁତ୍ର ନୃପତିପୁତ୍ର ହେବ ଦମ୍ପତି ଲଭିଲେ ଏହାକୁ । ୨୪ ।

---

ତ୍ରିନେତ୍ର ଅର୍ଥାତ ମହାଦେବଙ୍କ ଆଖିରୁ ବାହାରିବା ଜାତ ବେଦ ଅର୍ଥାତ୍ ଅଗ୍ନିରେ ଭସ୍ମ ହୋଇଥିଲା । ୨୧ ।

କଣେ କେହ୍ନ ପଚାରିଲା ତୁମ୍ଭେ କଳ୍ପବୃକ୍ଷ ହୋଇ ଆମ୍ଭମାନଙ୍କର କାମନା ପୂର୍ଣ୍ଣ କର । ସେ କେଉଁଠାରେ ଜନ୍ମିଲେଣି କି ନାହିଁ ଏବଂ ଜନ୍ମିଥିଲେ ସେ ଦେବତା କି ମନୁଷ୍ୟ ଏ କଥା କୁହ । ବଞ୍ଚନ ଅର୍ଥାତ୍ ଠକିବାରୁ ଖାଲି ହେଲେ ଆମର ରାଜକନ୍ୟା ଏ କଥା ମିଥ୍ୟା ବୋଲି ଜାଣିବ । ସେ ଜବାବ ଦେଲେ ସେହି ପୁରୁଷ ଏହି ମର୍ତ୍ତ୍ୟପୁରରେ ଜନ୍ମିଥିବ ବୋଲି ମୋ ମନରେ ବିଶ୍ୱାସ ଜନ୍ମିଅଛି । ୨୨ ।

ଥିବ କାହିଁକି, ସେହି ପୁରୁଷ ଏହି ପୃଥିବୀରେ ଜନ୍ମିଅଛି । ଏଣୁ ଆମ୍ଭେମାନେ ଜାଣୁ ଯେ ତାହାଙ୍କ ସଙ୍ଗରେ ସମାନ ହୋଇ ନ ପାରି ଅପମାନରେ ନିଜର ଶରୀରକୁ କ୍ଷୀଣ କରୁଅଛି ଏବଂ ସମସ୍ତ ଜନଙ୍କର ଚୂଡ଼ାନ୍ତ ଭାବ ଧାରଣ କରିଅଛି । ମାଙ୍ଗଲ୍ୟାଙ୍କ ନିକଟରେ ମଙ୍ଗଲ୍ୟା ଥିଲେ । ସେ କହିଲେ, ସେହି ସୁନ୍ଦର ପୁରୁଷ ରାଜକନ୍ୟାର ସ୍ୱାମୀ ହେବ । ତାଙ୍କର ସୁନ୍ଦରପଣ ଦେଖି ସୂର୍ଯ୍ୟଙ୍କ ପୁତ୍ର ଅଶ୍ୱିନୀକୁମାର ଦୁହେଁ ସୁନ୍ଦରଙ୍କ ମଧ୍ୟରେ ଘୋଡ଼ାମୁହାଁ ବୋଲାଇଲେ । ୨୩ ।

ସେହି ସୁନ୍ଦର ରାଜପୁତ୍ର ସୂର୍ଯ୍ୟପରାଗ ବେଳେ ସ୍ନାନ ଓ ଦାନ କରିବା ପାଇଁ ପୁଷ୍କର ତୀର୍ଥକୁ ଆଗ୍ରହରେ ଯାଇଥିଲେ । ସେଠାରେ ସମସ୍ତଙ୍କର ଚିତ୍ତ ହରଣ କରିନେଲେ । ଏଣୁ ସେ ଏକ ଉପମା ନ ଦେବା ଭଳି ପଦାର୍ଥ ଅଟନ୍ତି । ଆନନ୍ଦର କଥା ପୁଷ୍ପକେତୁ ଅର୍ଥାତ ପୁଷ୍ପପତାକା ନାମଟି ଅତି ଶୋଭନୀୟ ହୋଇଅଛି । ସେ ପାଟଳିପୁତ୍ର ରାଜାଙ୍କର ପୁତ୍ର ଅଟନ୍ତି ଏବଂ ଆମ୍ଭ ରାଜକନ୍ୟାକୁ ପାଇଲେ ଦୁହେଁ ଉପଯୁକ୍ତ ସ୍ତ୍ରୀ ପୁରୁଷ ହେବେ । ୨୪ ।

ବୋଲି ଦେଖାଉଁ ସେ କରକୁ କନକ-ଖଞ୍ଜ ଖଚିତ-ଦର୍ପଣର ।
ପୁଲକ ଅଙ୍କୁର ମୁକୁଟରେ ଯା ଧ୍ୱଜ କରେ କପୋଳ ତତପର ।
ନୀପ-କୋରକ । ଧରିଲା କି ରସଲତିକା ।
ଜୃମ୍ଭାରେ ଅଧର ଏଣୁ ଶୋଭା ଧରେ ଫୁଟନ୍ତ ଜବା କଳିକା । ୨୫ ।

ଏଥିରୁ ଭୃଙ୍ଗପ୍ରା ଭ୍ରମଦା ପ୍ରୀତିପ୍ରା ହୋଇଲେ ଏଣୁ ସରୁଳଟି ।
କଲ୍ୟାଣୀ ବଦନ୍ତି ଶୁଣ ଗୋ ସୁଦନ୍ତୀ କଲ୍ୟାଣ ସତ ହୋଇଲାଟି ।
ପ୍ରତିଉତ୍ତର । କଲେ କି ହେବ ସତ ହୋଇ ।
ସୁନ୍ଦରଙ୍କୁ ଟେଳି କି କି ପ୍ରକାରେ ବାହାର ଦେବା ଆମ୍ଭେ ଦେଖାଇ ॥

ଦେଖାଇବ ଏକା ଲେଖାଇବ ନାହିଁ ତାଠାରୁ ବିନୟପତର ।
ଲେଖାଇବ ଯେବେ ବିନୟପତ୍ରିକା ରଖାଇବ ଏକା ପାଶରେ ।
ଶିକ୍ଷା ଦେଲା ସେ । କୃତାର୍ଥ କରିବ ନାହିଁକି ।
ଅନ୍ୟ ସଙ୍ଗିନୀ ଇଙ୍ଗିତ ଉକ୍ତି ଯେଣୁ ଭାଷିଲେ ହୋଇବ କାହିଁକି । ୨୭ ।

---

କନକ ଖଞ୍ଜ—ତାଳମ୍ବ ମଞ୍ଜି, ଖଚିତ ଦର୍ପଣ—ତାଳମ୍ବ ମଞ୍ଜିକୁ ଖଞ୍ଜି ଯାହାର ତାଳୁ, ଦର୍ପଣ—ଅଇନା, ଧ୍ୱଜ—ବୃକ୍ଷ, ନୀପ-କୋରକ—କଦମ୍ବ କଢ଼, ରସ ଲତିକା—ରସର ଲତା ସଦୃଶ, ଜୃମ୍ଭା—ହାଇ, ଜବା କଳିକା—ମନ୍ଦାର ଫୁଲ । ଏହାଙ୍କର ରାଜକନ୍ୟା ପ୍ରତି ହାଇ ଦେଖାଇଲେ ସେହି ତାଳମ୍ବ ମଞ୍ଜିକୁ ଜିଣିଥିବା ଦନ୍ତଯୁକ୍ତ ସୁନ୍ଦରୀର ପୁଲକରେ ପ୍ରେମ ଅଙ୍କୁର ଉଠିଲା । ତାହା ସୁନ୍ଦରୀର କପୋଳ ଦର୍ପଣକୁ ବୃକ୍ଷ କରି ଶୋଭିବନ୍ତ ହେଲା । ରସ ଲତିକା କଦମ୍ବ କଢ଼ ଧରିଲା ପରି ଦିଶିଲା । ହାଇ ମାରିବାରୁ ଅଧର ମନ୍ଦାର ଫୁଲ ଫୁଟିଲା ପରି ଶୋଭା ଧାରଣ କଲା । ୨୫ ।

ଏହି ଲକ୍ଷଣମାନ ଦେଖି ତୃଷ୍ଣାଯୁକ୍ତ ତରୁଣୀ ବାଣୀଟା କହିଲେ, ଆମର କ୍ଷୀଣ କଟି ସୁନ୍ଦରୀ କେମନ୍ତ ସୁନ୍ଦରଠାରେ ପ୍ରୀତିଯୁକ୍ତ ହେଲେଣି । କଲ୍ୟାଣଦାତ୍ରୀ ମଙ୍ଗଳ୍ୟା କହିଲେ, ଆଗୋ ସୁନ୍ଦରୀ ଦନ୍ତ ଶୋଭିତା ଶୁଣ । ଆମ୍ଭ ଆଶୀର୍ବାଦ ସତ ହେଲାଟି ? ସଖୀମାନେ ଉତ୍ତର ଦେଲେ, ସତ ହେଲେ କଅଣ ହେବ । ମାଙ୍ଗଲ୍ୟା କହିଲେ, ଆମ୍ଭେ କୌଣସି ପ୍ରକାରରେ ଥରେ ଦେଖାଇ ଦେବା । ୨୬ ।

ବିନୟ ପତର—ନମ୍ର ଭାବରେ ଚିଠି, ପାଶର—ପାଖରେ, କୃତାର୍ଥ—ସଫଳ । କେବଳ ଦେଖାଇ ଦେବ, ମାତ୍ର ତାହାଠାରୁ କୌଣସି ନମ୍ରଭାବର ଚିଠି ଲେଖାଇବ ନାହିଁ । ଯଦି ଲେଖାଏ ତେବେ ତାହା ନିଜ ପାଖରେ ରଖିବ । ଏହା ଶୁଣି ଆଉ ଜଣେ କହିଲା, ଯିଏ ଉପଦେଶ ଦେଲା ସେ କଅଣ ସଫଳ କରାଇବ ନାହିଁ ? ଅନ୍ୟ ସଖୀ ଏହାପରି ଇଙ୍ଗିତ କରି କହିଲେ, ନ ହେବ କାହିଁକି ? । ୨୭ ।

ବିଦ୍ୟା-ବିଶାରଦା ସାରଦା ଏକାଳେ ମାଙ୍ଗଲ୍ୟା ଚନ୍ଦ୍ରପୁଂସ ମନେ ।
ପ୍ରବେଶ ଆବେଶ କରାଇଲେ ମାୟାରଚନେ ବେନି ଦରଶନେ ।
ସେକ୍ଷଣି ଦୁହିଙ୍କି । ଶୁଭିଲା ଦଇବ ବଚନ ।
ବାଳକ ପ୍ରଥମପଢ଼ା ବୃଦ୍ଧିବର୍ଦ୍ଧି ମନୋରଥ ପଢନ୍ତ ବିଧାନ । ୨୮ ।
ଆଶ୍ଚର୍ଯ୍ୟ ପୁରୁଷ ଏ କାର୍ଯ୍ୟେ ଲଗ୍ନ ଯୋଗରେ ଜାଣିଲେ କଲ୍ୟାଣୀ ।
କଲ୍ୟାଣୀ ଉଦ୍ୟମ ଉଦୟ କଲଣ ଏହା ଅଦ୍ଭୁତ ପୁଂସ ଜାଣି ।
ମୂର୍ତ୍ତିମନ୍ତ ଯେ । ସେ କାର୍ଯ୍ୟ ବିଧାତା ସମ୍ମୁଖେ ।
ଏଣୁ ସେ ବେନି ହୃଦୟ ଆଦରଣେ ଆଦରେ ପ୍ରତିବିମ୍ବ ସୁଖେ । ୨୯ ।
କାଳ-କାନ୍ତ-ହର କାଳୀ-କାନ୍ତ ହର କାଲି କରିବେ ଏ ଉତ୍ସବ ।
ଦେଖା ଦେଖି ହୋଇ ଲେଖା ଲେଖି ହୋଇ ନୟନେ ନୟନେ ରଖିବ ।
ବୋଲି ନୃପଜା । ନୃପଜ ପୁରେ ପଠିଆଇ ।
ଦୀନବନ୍ଧୁ ନାମ ଧିଆଉଁ ଧିଆଉଁ ଦିନବନ୍ଧୁ ଦେଖା ନ ଯାଇ । ୩୦ ।

---

ବିଦ୍ୟା ବିଶାରଦା—ମହା ପଣ୍ଡିତା, ଆବେଶ—ଆସକ୍ତି, ବାଳକ ପ୍ରଥମ ପାଠ—ସିଦ୍ଧିରସ୍ତୁ । ଦଇବ ବଚନ—ଦୈବବାଣୀ । ମହାପଣ୍ଡିତା ସାରଦା ଏତିକବେଳେ ମଙ୍ଗଲ୍ୟା ଏବଂ ଚନ୍ଦ୍ରପୁରୁଷ ମନରେ ଅଧିଷ୍ଠିତ ହୋଇ ମାୟା ରଚନା ଦ୍ୱାରା ପରସ୍ପର ଦର୍ଶନରେ ଆସକ୍ତ କରାଇଲେ । ସେ ଦୁହିଁଙ୍କୁ ଦୈବବାଣୀ ଶୁଣାଗଲା, ସିଦ୍ଧିରସ୍ତୁ ଅର୍ଥାତ୍ ତୁମ ମନୋବାଞ୍ଛା ପୂର୍ଣ୍ଣ ହେଉ । ୨୮ ।

ଆଶ୍ଚର୍ଯ୍ୟ ପୁରୁଷ—ଚନ୍ଦ୍ର ପୁରୁଷ, ଲଗ୍ନ—ଆସକ୍ତ; ଉଦ୍ୟମ—ଚେଷ୍ଟା, ଉଦୟ—ଆରମ୍ଭ; ଆଦରଣେ—ଦର୍ପଣରେ; ଯୋଗେ—ଯୋଗବଳରେ । କଲ୍ୟାଣୀ ଯୋଗବଳରେ ଜାଣି ପାରିଲେ ଯେ ଚନ୍ଦ୍ରପୁରୁଷ ଏହିକାର୍ଯ୍ୟରେ ଆସକ୍ତ ହେଲେଣି । ଚନ୍ଦ୍ରପୁରୁଷ ମଧ୍ୟ ଜାଣିଲେ ଯେ କଲ୍ୟାଣୀ ନିଜ ଚେଷ୍ଟା ଆରମ୍ଭ କଲେଣି । ସେହି ଚେଷ୍ଟା ବିଧାତାଙ୍କ ଆଗରେ ମୂର୍ତ୍ତିମନ୍ତ ହୋଇ ଉଠିଲା ଏଣୁ ଏହା ମାଙ୍ଗଲ୍ୟା ଓ ଚନ୍ଦ୍ର ପୁରୁଷଙ୍କ ହୃଦୟ ଦର୍ପଣରେ ସୁନ୍ଦର ଓ ସୁନ୍ଦରୀଙ୍କର ପ୍ରତିବିମ୍ବ ସୁଖରେ ପ୍ରକାଶ ପାଇଲା । ୨୯ ।

କାଳକାନ୍ତହର—କାଳର ଶୋଭା ହରଣକାରୀ ଅର୍ଥାତ ଶ୍ରୀକୃଷ୍ଣ; କାଳୀ-କାନ୍ତ-ହର—ପାର୍ବତୀ ପତି ଶିବ; ନୃପଜା—ରାଜକନ୍ୟା; ନୃପଜ—ରାଜପୁତ୍ର; ଦୀନବନ୍ଧୁ—ପରମେଶ୍ୱର, ଦିନବନ୍ଧୁ—ସୂର୍ଯ୍ୟ । ଶ୍ରୀକୃଷ୍ଣ ଓ ଶିବ କାଲି ଏହି ଉତ୍ସବ କରିବେ, ତୁମ୍ଭେ ପରସ୍ପରକୁ ଦେଖି ପରସ୍ପରର ରୂପକୁ ଆଖିରେ ଆଖିରେ ରଖିବ । ଏହା କହି ମାଙ୍ଗଲ୍ୟା ସ୍ୱଚପୁତ୍ର ଓ ରାଜକନ୍ୟାଙ୍କୁ ନିଜ ନିଜ ଘରକୁ ପଠାଇ ଦେଲେ । ଏହି ଘଟଣା ଘଟିବାରୁ ସୁନ୍ଦର ଓ ସୁନ୍ଦରୀ ପରମେଶ୍ୱରଙ୍କ ଧ୍ୟାନ କରୁ କରୁ ସୂର୍ଯ୍ୟ କେତେବେଳେ ଅସ୍ତଗଲେ ଜାଣି ପାରିଲେ ନାହିଁ । ୩୦ ।

ବହିଲା ତାପର ପ୍ରଶଂସା ଶଶାଙ୍କ ଦହିଲା କଲା ଅପଘନ ।
ଲୋକନେ ମନୀଷା ନିଶା ବ୍ରହ୍ମନିଶା କଷାୟିତ ନୋହେ ଲୋଚନ ।
ସେତୁ ହେତୁରେ । ବିଚିତ୍ରକର୍ମା ରଘୁନାଥ ।
ତାଙ୍କ ଧ୍ୟାନରେ ଉପେନ୍ଦ୍ର ବିଚିତ୍ର ଚରିତ ରଚନେ ସମର୍ଥ । ୩୧ ।

—୦—

## ଏକାଦଶ ଛାନ୍ଦ

( ଦର୍ଶନାନୁରକ୍ତା )

ରାଗ—ଶଙ୍କରାଭରଣ

ଶୁଣ ରସିକ ସୁଜାଣ ଆଣ ମାନସକୁ । ଚତୁର ଅବଧି ଦର୍ଶନ ଚାତୁରୀରସକୁ ।
ଅତି ଚତୁରୀ ଚତୁର । ବସି ଝଣୀ ନେଉଛନ୍ତି ଲୋକନେ ଆତୁର । ୧ ।
କି ରୂପରେ ହେବ ପୁଣି ସେ ରୂପ ଦର୍ଶନ । ଅନୁମାନ ଅଗୋଚର ତନୁଙ୍କ ପ୍ରସନ୍ନ ।
ନାହିଁ ବର୍ଣ୍ଣିବ ବଚନ । କେତେ ପୁଣ୍ୟ କରିଥିବ କେବଣ ଲୋଚନ । ୨ ।

---

ଅପଘନ—ଶରୀର; ଶଶାଙ୍କ—ଚନ୍ଦ୍ରମା; ପ୍ରଶଂସା—ଖ୍ୟାତି; ଲୋକନେ—ଦର୍ଶନରେ; ମନୀଷା—ଇଚ୍ଛା; ବ୍ରହ୍ମନିଶା—କଳ୍ପ; କଷାୟିତ—ରକ୍ତିମ; ବିଚିତ୍ରକର୍ମା—ଅଦ୍ଭୁତ କାର୍ଯ୍ୟକାରକ, ନିଶା—ରାତି । ରାତି ହେବାରୁ ଚନ୍ଦ୍ର ସୂର୍ଯ୍ୟ ପରି ଖ୍ୟାତ ହୋଇ ଦୁହିଁଙ୍କ ଶରୀରକୁ ପୋଡ଼ିଦେଲା ପରି କଲା । କଥା ଚନ୍ଦ୍ରର ଶୀତଳ କିରଣ ମଧ୍ୟ ସୂର୍ଯ୍ୟ କିରଣ ପରି ପ୍ରଖର ବୋଧ ହେଲେ । ଦେଖିବା ବିଷୟରେ ଇଚ୍ଛା ପ୍ରବଳ ହେତୁ ସେହି ରାତି ବ୍ରହ୍ମନିଶା ଅର୍ଥାତ କଳ୍ପାନ୍ତ ରାତି ପରି ଜଣାଗଲା । ଯେଉଁ ରାମଚନ୍ଦ୍ର ସମୁଦ୍ରରେ ସେତୁ ବାନ୍ଧି ବିଚିତ୍ର କର୍ମ କରିଥିଲେ, ତାହାଙ୍କୁ ଧ୍ୟାନ କରି ଉପେନ୍ଦ୍ର ଏହି ବିଚିତ୍ର ଚରିତକୁ ରଚନା କରିବାକୁ ସମର୍ଥ ହେବ । ୩୧ ।

—୦—

ରସିକ—ରସଗ୍ରାହୀ; ସୁଜାଣ—ଉତ୍ତମଜ୍ଞାନୀ; ଚତୁରଅବଧି—କୌଶଳ ସୀମା; ଚାତୁରୀ—କୌଶଳ; ଚତୁର ଚତୁରୀ—ବୁଦ୍ଧିମାନ ଓ ବୁଦ୍ଧିମତୀ, ଝଣି—ରାତ୍ର; ଆତୁର—ବ୍ୟାକୁଳ । ଆହେ ରସଗ୍ରାହୀ ଜ୍ଞାନୀବ୍ୟକ୍ତିମାନେ ଶୁଣ, କୌଶଳ ସୀମାରେ ଯେଉଁ ଦର୍ଶନ ତାହାର କୌଶଳକୁ ମନରେ ବିଚାର କର । ଅତି ବୁଦ୍ଧିମାନ ଓ ବୁଦ୍ଧିମତୀ ସେହି ସ୍ତ୍ରୀ ପୁରୁଷ ଦୁହେଁ ପରସ୍ପର ଦର୍ଶନରେ ବ୍ୟାକୁଳ ହୋଇ ବସି ବସି ରାତ୍ର କଟାଉଅଛନ୍ତି । ୧ ।

ତନୁଙ୍କ—ଅଙ୍ଗମାନଙ୍କ; ପ୍ରସନ୍ନ—ପ୍ରଫୁଲ୍ଲିତ ଶୋଭା । ସେହି ରୂପ ପୁଣି କିପରି ଭାବରେ ଦେଖାଯିବ, ଅଙ୍ଗ ପ୍ରତ୍ୟଙ୍ଗର ପ୍ରଫୁଲ୍ଲିତ ଶୋଭା ଅନୁମାନର ଅଗୋଚର ଅଟେ । ଯେଉଁ ଶୋଭାକୁ ବର୍ଣ୍ଣିବାକୁ ବାକ୍ୟ ନାହିଁ, କେଉଁ ଆଖି ସେହିପରି ପୁଣ୍ୟ କରିଥିବ ଯେ ତାହାକୁ ଦେଖିବ । ୨ ।

ଯୁବାଜନ ଗତିଦାତା ବୈକୁଣ୍ଠ ପ୍ରକାର ! ବାଟ ଦେଖାଇବା କଥା ବଡ଼ ଚମତ୍କାର ।
ସ୍ଥାନ ପରମାନନ୍ଦର । ଦୂର କରି ପାରଇ ମାନସ-ଭବ ଡର । ୩ ।
କୋଟି ଅମ୍ବୁଜକୁ ନିନ୍ଦୁଥିବ ସେ ଲପନ ! ଚଳନେ କରିବ ପିନା ଦମ୍ଭକୁ ଭଞ୍ଜନ ।
ଡୋଳା ଜ୍ଞାନ ବୁଡ଼ାଇବ । ଶିଳୀମୁଖ ଚଳିବା ଶୋଭାକୁ ଛଡ଼ାଇବ । ୪ ।
କି ହସିବ ସୁହାସ ଅଳପ ପ୍ରକାଶରେ । ବାନ୍ଧିନେବ ନୟନକୁ ମୋହନ-ପାଶରେ ।
ଭାଲ ତିଳକ ରମ୍ୟକୁ । ଶ୍ରୁତିରେ ଖୋଜିଲେ ନ ପାଇବ ତା ସମକୁ । ୫ ।
ରତି-ବର-ଶୋଭାକୁ ଛୁଇଁବ ନାହିଁ ଶତ୍ରୁ । ଗୃହୁଁଥିଲେ ଭଙ୍ଗିମାନ କଞ୍ଚିତ କଞ୍ଚିତ ।
ଏ ଭାଗ୍ୟଂକୁ ଅର୍ଜିବ କି । ସଦମତ ଜାଣିଲାକ୍ଷଣି ମୁଁ ହେବ ବକ । ୬ ।
ବକ ହୋଇଲେଣି କଲାବେଳରୁ ଶ୍ରବଣ । ଯାହା ଶୋଭା ଶୁଣି
ଶିଳା ହୋଇବ ଦ୍ରବଣ ।
ଭାବେ ମୁହିଁ ମାନୁଷ ତ । ତରଳିକି ଘୃତ ମତ ବହି ଯିବ ସତ । ୭ ।

---

ଗତି—ଗମନ, ମୁକ୍ତିଦାତା; ମାନସଭବ—କନ୍ଦର୍ପ, ମନରେ ଜନ୍ମିଥିବା । ସେହି ରୂପ ଯୁବକମାନଙ୍କ ବୈକୁଣ୍ଠ ପରି ଗତିମୁକ୍ତିଦାତା; କିନ୍ତୁ ସେଠାକୁ ବାଟ ଦେଖାଇବା ଅତି ଆଶ୍ଚର୍ଯ୍ୟର କଥା । ତାହା ପରମ ଆନନ୍ଦର ସ୍ଥାନ । ତାହା ମାନସଭବ ଅର୍ଥାତ୍ କନ୍ଦର୍ପର ଭୟ ଦୂର କରିପାରେ । ବୈକୁଣ୍ଠ ମଧ୍ୟ ପରମାନନ୍ଦର ସ୍ଥାନ ଏବଂ ଲୋକଙ୍କର ମନର ପାପଜନିତ ଭୟ ଦୂର କରିଥାଏ । ୩ ।

ଅମ୍ବୁଜ—ପଦ୍ମ, ଲପନ—ମୁଖ, ଚଳନେ—ସ୍ଖଳନରେ, ଦମ୍ଭ—ଧୈର୍ଯ୍ୟ, ଶିଳୀମୁଖ—ଭ୍ରମର । ସେହି ମୁଖ କୋଟି କୋଟି ପଦ୍ମକୁ ନିନ୍ଦା କରୁଥିବ, ତାହାର ସ୍ଖଳ ଧୈର୍ଯ୍ୟ ଭାଙ୍ଗିଦେବ; ଡୋଳା ଜ୍ଞାନ ବୁଡ଼ାଇ ଦେବ ଏବଂ ଭ୍ରମର ଚଳନ ଶୋଭାକୁ ଜିଣିଯିବ । ୪ ।

ଭାଲ—ଲଲାଟ, ଶ୍ରୁତିରେ—ବେଦରେ, ସୁହାସ—ସୁନ୍ଦର ହାସ୍ୟ । ଅଳ୍ପ ପ୍ରକାଶରେ ସୁନ୍ଦର ହାସ୍ୟ ଅତି ସୁନ୍ଦର ଦେଖାଯିବ; ତାହା ଚକ୍ଷୁକୁ ମୋହନ ପାଶରେ ବାନ୍ଧି ନେଇଯିବ । ଲଲାଟରେ ସୁନ୍ଦର ତିଳକର ଶୋଭା ସହିତ ସମାନ ହେବା ବର୍ଣ୍ଣନା ବେଦରେ ଖୋଜିଲେ ମଧ୍ୟ ମିଳିବ ନାହିଁ । ୫ ।

ରତି-ବର—ରତିର ଶ୍ରେଷ୍ଠ ସୌନ୍ଦର୍ଯ୍ୟ ଓ କାମର । ପୁରୁଷ ବସ୍ତ୍ରରୁ ସେହି ସୁନ୍ଦରୀର ଭଙ୍ଗିମାନଙ୍କୁ ଅଳ୍ପ ଅଳ୍ପ ଗୃହୁଁଥିଲେ ମନ ରତିର ଶ୍ରେଷ୍ଠ ସୌନ୍ଦର୍ଯ୍ୟ ପ୍ରତି ମଧ୍ୟ ଆସକ୍ତ ହେବ ନାହିଁ । ସ୍ତ୍ରୀ ବସ୍ତ୍ରର କରୁଛି ସେହି ସୁନ୍ଦରୀର ଭଙ୍ଗିକୁ ଗୃହିଲେ ରତିର ବର ଅର୍ଥାତ୍ କାମର ଶୋଭାକୁ ସୁଦ୍ଧା ମନରେ ଆଣିବ ନାହିଁ । ସତେ କଅଣ ମୁଁ ଏପରି ଭାଗ୍ୟ ଅର୍ଜନ କରିବ । ତାଙ୍କର ସମ୍ମତି ଜାଣିଲାକ୍ଷଣି ମୁଁ ବକ ହେବ । ୬ ।

ଶୁଣିଲାକ୍ଷଣିରୁ ମୁଁ ବକ ହେଲିଣି । ଯେଉଁ ଶୋଭାକୁ ଦେଖି ପଥର ତରଳିଯିବ, ମନେ କରୁଛି ମନୁଷ୍ୟ ହୋଇଥିବାରୁ ମୁଁ ସେହି ଶୋଭାରେ ଘିଅପରି ତରଳି ବହିଯିବ । ୭ ।

କଟାକ୍ଷ ଅମୃତ ଶୀତଳକୁ ପାଇବାରେ । ସ୍ତନିତକୁ ମୁହିଁ ଭଜୁଥିବ ବାରେ ବାରେ ।
ତହିଁ ଲାଭ ଅଛି ଏତେ । ଭଲକରି ଦେଖିବି ପଲକ ଅନାସ୍ପୃଷ୍ଟେ । ୮ ।
ମୋର କର୍ଣ୍ଣ ମନ ନେତ୍ର ସୁକୃତି-କେଶରୀ । ଅପୂର୍ବ ପଦାର୍ଥେ ଏତେରୂପେ ଅନୁସରି ।
ଶୁଣି ତୋଷ କେ ସ୍ତବକେ । କେ କଲା ସଦନ କେ ସଦନ ହେବ ଲୋଭେ । ୯ ।
ମନ କଳ୍ପିତ ସମ୍ପତ୍ତି ସାକ୍ଷାତ ହୋଇବ । ମୁହିଁ ଭଳି ଭାଗ୍ୟବନ୍ତ ଭଲାରେ ଦଇବ ।
ଏତେ କାଳ ସମ୍ଭବ କି । ଏଥିକୁ ତାଙ୍କୁ ଭଜଇଣ ଯେ ମାଇଲେ ବକୀ । ୧୦ ।
ଯେତେବେଳଯାଏ ପଞ୍ଚଶର ନ ନାଶିବ । ଦୁଇଥର ବୋଲୁଥିବ ଉଚ୍ଚେ ଶିବ ଶିବ ।
ବହୁତକୁ ଅବକାଶ । ରହୁନାହିଁ ବଟଦେ ସେ କଥା ପରକାଶ । ୧୧ ।
ଦରଶନ କଲାବେଳେ ସେ ଶୋଭାଶ୍ରେଣୀକି । ଯେଣିକି ମୁଁ ଚାହିଁ
ଦେଉଥିବଟି ସେଣିକି ।
ଦିଶି ଯାଉଥିବ ମୋତେ । ନିଶି ନିଦ୍ରା ବେଳ ତ ଦେଖିବି ସ୍ୱପ୍ନମତେ । ୧୨ ।
ଗୁଣିବା ଶୁଣିବା ହୋଇ ହେବ ସେ ଚରିତ । ଭଣିବାକୁ ସେହିକଥା ହୋଇବ ଉଚିତ
ହା ହା ତନ୍ମୟ ରସ । ବେଳେବେଳେ ଜାତ କରୁଥିବ ସେ ହରଷ । ୧୩ ।

---

କଟାକ୍ଷ—ବାଙ୍କ ଚାହାଁଣୀ, ସ୍ତନିତ—କଣ୍ଟକିତା, ପଲକ ଅନାସ୍ପୃଷ୍ଟ—ଆଖି ପିଛୁଡ଼ା ନ ପଡ଼ିବା । ତାଙ୍କର ବାଙ୍କ ଚାହାଣି ରୂପକ ଶୀତଳ ଅମୃତ ପାଇବାଦ୍ୱାରା ମୁଁ ବାରମ୍ବାର କଣ୍ଟକିତ ହୋଇ ପଡ଼ିବି । ସେହି କଣ୍ଟକିତରେ ଏତେ ଲାଭ ଅଛି ଯେ ଆଖି ପଲକ ନ ପଡ଼ିବା ଯୋଗୁଁ ମୁଁ ସେ ରୂପମାଧୁରୀ ଭଲକରି ଦେଖୁଥିବି । ୮ ।

ସୁକୃତୀ—ପୁଣ୍ୟାତ୍ମା, କେଶରୀ – ଶ୍ରେଷ୍ଠ । ମୋର କାନ, ମନ ଓ ଆଖି ପୁଣ୍ୟବନ୍ତଙ୍କ ମଧ୍ୟରେ ଶ୍ରେଷ୍ଠ ଅଟନ୍ତି । ସେମାନେ ସେହି ଅପୂର୍ବ ପଦାର୍ଥକୁ ଅନୁସରଣ କରୁଅଛନ୍ତି । କର୍ଣ୍ଣ ସ୍ତବକ କଥା ଶୁଣି ସନ୍ତୁଷ୍ଟ, ମନ ତାହା ପାଖରେ ଘର ବାନ୍ଧିଲା ଏବଂ ଆଖି ତାହାର ଗୃହ ହେବାପାଇଁ ଲୋଭିଲା । ୯ ।

ମୋ ମନରେ ଯେଉଁ ସମ୍ପତ୍ତି କାମନା କରୁଅଛି, ମୁଁ କଅଣ ବଡ଼ ଭାଗ୍ୟବନ୍ତ ଯେ ତାହା ଦୈବ ଜୁଟାଇବ । ଜୁଟାଇଲେ ତାହାକୁ କାଳ ସମ୍ଭବ କି ? ଏଥି ନିମିତ୍ତ ଯିଏ ବକାସୁରର ସ୍ତ୍ରୀକୁ (ପୂତନାକୁ) ମାରିଥିଲେ ତାଙ୍କୁ ଅର୍ଥାତ୍ ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କରୁଅଛି । ୧୦ ।

ଯେପର୍ଯ୍ୟନ୍ତ ଶିବ ଶିବ ବୋଲି ଦୁଇଥର ଉଚ୍ଚାରଣ କରିଥିବ ସେତେବେଳଯାଏ ପଞ୍ଚଶର ଅର୍ଥାତ୍ କାମ ମାରି ପାରିବ ନାହିଁ । ଶିବ ଶିବ ବୋଲି ବହୁତ ଥର ଉଚ୍ଚାରଣ କରିବା ପାଇଁ ଅବସର ନାହିଁ । ୧୧ ।

ସେହି ଶୋଭାସମୂହକୁ ଦେଖିବା ପାଇଁ ମୁଁ ଯେଣିକି ଚାହୁଁଥିବି ସେହିଆଡ଼େ ମୋତେ ତାହା ଦିଶି ଯାଉଥିବ । ରାତିରେ ନିଦରେ ଶୋଇଲେ ମଧ୍ୟ ତାହା ଦେଖିବି । ୧୨ ।

ତାହାଙ୍କର ଚରିତ ମନରେ ଗୁଣିବା ଓ ଶୁଣିବାକୁ ପଡ଼ିବ । ପୁଣି ସେହି କଥା ଶୀଘ୍ର ଶୀଘ୍ର କହିବାକୁ ହେବ । ତନ୍ମୟରସ ଅର୍ଥାତ୍ ତାହାର ରୂପ ଗୁଣ ଚିନ୍ତା କରୁ କରୁ ତଦାତ୍ମକ ଭାବ ବେଳେ ବେଳେ ଆନନ୍ଦ ଜାତ କରାଉଥିବ । ୧୩ ।

ନୋହୁ ଦରଶନ ଏଡ଼େ ମନକୁ ହରୁଛୁ । ମନ୍ତ୍ର ମୂର୍ତ୍ତିକରି ତାକୁ ବିଧାତା କରିଛୁ ।
ଅଛୁ ଚକ୍ଷୁରେ ଧିଆନ । ସିଦ୍ଧ କରି ନ ପାରଇ କର୍ମବନ୍ତ ଆନ । ୧୪ ।
ସ୍ୱରୂପ ପୀୟୂଷ ହୋଇ ହୁଏ ଅନୁମାନ । ସମସ୍ତ ମତରେ ନାହିଁ ମଧୁର ସମାନ ।
ଲଭ୍ୟ ପଦାର୍ଥ ନୁହଇ । ଯିବା ଜୀବ ରଖିବା କାରଣିକ ବହଇ । ୧୫ ।
ମନ-କୃପଣକୁ ଯେଉଁ ଚରିତ ରତନ । ଗଣ୍ଠିକରି ଥୋଇଅଛୁ କରି କି ଯତନ ।
ମାର ତସ୍କର ଭୟରେ । ଦକ ଦକ ହେଉଅଛି ମାନ ହୃଦୟରେ । ୧୬ ।
ଫନ୍ଦା କରିବାର ନଷ୍ଟେ ହେଲାଣି ତାହାର । ବିସ୍ତରଇ ଦୁଃଖ-ଦଶା କରିବ ସଂହାର ।
ସବୁ ଭାଲ-ବର୍ଣ୍ଣାବଳୀ । ଆଜଯାଏ କେହି ତାହା ପାରିନାହିଁ ଦଳି । ୧୭ ।
ଭେଟିଁ ବୃଦ୍ଧି ହେବ ଯେ ପ୍ରମୋଦ ଅକୂପାର । ବ୍ୟକ୍ତ ହୋଇବେ
ଉପମା ରତନ ଅପାର ।
ଅଣିମାକୁ କାହିଁ ତର । ପ୍ରଳୟ-ସୂଚକ-ଯାକ କରିବେ କାତର । ୧୮ ।

---

ନ ଦେଖି ତ ମନ ଏପରି ହରଣ କରିଅଛୁ । ବିଧାତା ତାକୁ ମନ୍ତ୍ର ମୂର୍ତ୍ତି କରି ଗଢ଼ିଅଛୁ । ମୋର ଚକ୍ଷୁରେ ଲୟ ଲାଗିଅଛୁ । ମନ୍ତ୍ରଜପର ଅନ୍ୟାନ୍ୟ ଚର୍ଯ୍ୟା ଥିବା ସତ୍ତ୍ୱେ ମୋ କର୍ମଦୋଷରୁ ମୁଁ ସିଦ୍ଧି ପାଇ ପାରୁନାହିଁ । ୧୪ ।

ତାହାର ରୂପ ପୀୟୂଷ ଅର୍ଥାତ୍ ଅମୃତ ବୋଲି ଅନୁମାନ ହୁଏ; ମାତ୍ର ସବୁ ଗୁଣରେ ଅମୃତ ତାହାର ସମାନ ନୁହେଁ । ସ୍ୱାଦୁରେ ଅମୃତ ସମାନ: ମାତ୍ର ସୌନ୍ଦର୍ଯ୍ୟରେ ନୁହେଁ । ଅମୃତ ମରୁଥିବା ଜୀବନ ରକ୍ଷା କରିବାକୁ ସମର୍ଥ । ଅମୃତ ଦୁର୍ଲଭ; ମାତ୍ର ଇଏ ଲଭ୍ୟ । କାରଣ କ—ସାମର୍ଥ୍ୟ । ୧୫ ।

କୃପଣ ମନକୁ ଯେଉଁ ଚରିତ ରତ୍ନ ପରି, ମନ ତାକୁ ଗଣ୍ଠି ଧନ କରି ଅତି ଯତ୍ନରେ ସାଇତି ରଖିଛୁ; ତଥାପି ଚୋର କାମ ଭୟରେ ହୃଦୟ ଦକଦକ ହେଉଅଛୁ । ୧୬ ।

ଫନ୍ଦା—ବେପାର, ଭାଲ-ବର୍ଣ୍ଣାବଳୀ—କପାଳ ଲେଖା, ଦଳି—ଖଣ୍ଡନ । ସେହି ରତ୍ନର ବେପାର କରିବା କଷ୍ଟସାଧ୍ୟ । ଏହାଦ୍ୱାରା ଦୁଃଖ ଦଶା ନାଶ କରିବ । କିନ୍ତୁ ସବୁ କଥା କପାଳ ଲେଖା ଅନୁସାରେ ଘଟେ । ଆଜଯାଏ କେହି ତାକୁ ଖଣ୍ଡନ କରିନାହିଁ । ମୋ କପାଳରେ ଥିଲେ ହେବ । ୧୭ ।

ଭେଟିଁ—ସାକ୍ଷାତ ହେଲେ, ପ୍ରମୋଦ—ଆନନ୍ଦ, ଅକୂପାର—ସାଗର, ଅପାର—ଅସୀମ, ପ୍ରଳୟସୂଚକ—ପ୍ରଳୟ ସୂଚନା ଦେଉଥିବା, ତର—ବେଳ । ତାହାଙ୍କୁ ଦେଖା-ଦେଲେ ଆନନ୍ଦ ସାଗର ବଢ଼ିବ । ସେଥିରେ ଅସୀମ ଉପମା ରତ୍ନ ପ୍ରକାଶ ପାଇବ; ମାତ୍ର ସେ ରତ୍ନମାନଙ୍କୁ ଆଣିବାକୁ ବେଳ ନାହିଁ । କାରଣ ପ୍ରଳୟ ସୂଚାଉଥିବା ଘଟନାମାନ ଅର୍ଥାତ୍ ମୋହ ଇତ୍ୟାଦି ଆସି କାତର କରି ପକାଇବେ । ୧୮ ।

ଏ ହୋଇଲେ ନବ-ସୃଷ୍ଟି ହେବ ଯେ ରଚିତ । ସଲିଳ ବିହାର ରଙ୍ଗି ହୋଇ ଯେ ଉଚିତ
ସେହି ରସ ତରଙ୍ଗରେ । ମୋହିବି ଲୋକଙ୍କ ଆଉ ଆନ କାରଣରେ । ୧୯ ।
ନିବିଧି ବଶୀକରଣ ବୋଲନ୍ତି ସଂସାର । କି ମନ୍ତ୍ର କି ମଣି କେଉଁ ଔଷଧି ସାର ।
ପଣ୍ଡିତନ୍ତି କେ ଉପାୟୀ । ଯେଣୁ ଆନ୍ତି ତାହା ଚକ୍ଷୁଗ୍ରାହ୍ୟ ବେଳ ପାଇ । ୨୦ ।
ଊଣା ଅଧିକେ ସଂଯୋଗ ପୂର୍ବରୁ ହୋଇଛି । ଶଶ ରହି ଚନ୍ଦ୍ରେ ରାହୁ ପୀୟୂଷ ପିଇଛି ।
ଗଲା ଏକଲୟ ପଦ । ଭକ୍ତି ବରେଣ୍ୟ ଏହିଠାରୁ ଆସପଦ । ୨୧ ।
କୁମାରୀ ବର୍ଗରେ ମୁଁ ତ କମଳା ଅଟଇ । ପୁଂସ ବଧୂ କାନ୍ତୁଲୀଳା
ମୋତେ ସେ ଘଟଇ ।
ଗୁଣ-ଗର୍ବିତା ଲକ୍ଷଣ । ଉତ୍କଣ୍ଠା ବଶରୁ କରି ଦେଲି ବିଚକ୍ଷଣ । ୨୨ ।
ପୁନଃ ପୁନଃ ଭାବନା କରଇ ସୁରସିକ । ହୋଇବେ କଡ଼ାଇସ୍ଥାନ ଏବେ କଉଶିକ ।
ତପ ବିନା ଅନାୟାସେ । ବ୍ରହ୍ମପଦ ସୁଖ ମୋର ଜାତ ହୋଇ ଆସେ । ୨୩ ।

---

ଏ—ପ୍ରଳୟ, ସଲିଳ ବିହାର—ଜଳ ପ୍ଲାବନ । ପ୍ରଳୟ ହେଲେ ସବୁ ଜଳ ପ୍ଲାବିତ ହୋଇଯାଏ, ତାହାପରେ ପୁଣି ନୂଆ ସୃଷ୍ଟି ରଚନା ହୋଇଥାଏ । ପ୍ରଳୟକାଳରେ ମୋହ ମାୟା ଜଡ଼ତା ସବୁ ଲୋପ ପାଏ । ପରେ ପୁଣି ନୂଆ ହୋଇ ପ୍ରେମର ସୃଷ୍ଟି ହୁଏ । ମୁଁ ସେହି ପ୍ରେମରସରେ ଜଳକ୍ରୀଡ଼ା କରିବି । ସେହି ରସରେ ଜର୍ଜର ହୋଇ ଅନ୍ୟ କେଉଁ ବିଷୟର ଅଭିଳାଷୀ ହେବ ନାହିଁ । ୧୯ ।

ନିବିଧି—ଧନ ରକମର, ବଶୀକରଣ—ଅନ୍ୟକୁ ନିଜ ଅଧିଆର କରିବା । ସଂସାର ଲୋକେ କହନ୍ତି ବଶୀକରଣ କରିବାର ତିନି ପ୍ରକାର ଉପାୟ ଅଛି । ତାହା ହେଉଛି ମନ୍ତ୍ର, ମଣି ଏବଂ ଔଷଧି । ଏହି ତିନୋଟିରୁ କେଉଁଟି ଶ୍ରେଷ୍ଠ ସେତକ ଜାଣିବା ଲୋକଠାରୁ ବୁଝିନେଇ ଗୁଳଚକ୍ଷୁ ମିଳନବେଳେ ପ୍ରୟୋଗ କରିଥାନ୍ତି । ୨୦ ।

ଆସପଦ—ଆସ୍ପଦ ସ୍ଥାନ । ନ୍ୟୂନ ଲୋକର ଉଚ୍ଚ ଲୋକ ସହିତ ମିଳନ କିପରି ହେବ ବୋଲି ପ୍ରଶ୍ନ ଉଠିପାରେ; ମାତ୍ର ଏହାର ଜବାବରେ କହିହେବ; ଏପରି ପୂର୍ବେ ଅନେକ ହୋଇଅଛି । ଚନ୍ଦ୍ରଠାରେ ଶଶ ରହିଅଛି; ଅଥଚ ରାହୁ ଅମୃତ ପାନ କରିଅଛି । ଏହିଠାରୁ ସୁନ୍ଦର ସୁନ୍ଦରୀଙ୍କର ଏକଲୟ ଅର୍ଥାତ୍ ଏକପ୍ରକାର ଚିନ୍ତା ଶେଷ ହେଲା । ଏହିଠାରୁ ପୃଥକ ପୃଥକ ଭକ୍ତି ପରିଚୟ ସ୍ଥାନ ଗ୍ରହଣ କଲା । ୨୧ ।

କୁମାରୀ ବର୍ଗରୁ ମୁଁ କମଳା ଅର୍ଥାତ୍ ପଦ୍ମିନୀ ଜାତୀୟା ସ୍ତ୍ରୀ; ଶ୍ରେଷ୍ଠ କମଳା ଅର୍ଥାତ୍ ଲକ୍ଷ୍ମୀ ଅଟେ । ସେ ହେଉଛନ୍ତି ପୁଂସବଧୂ ବା ପୁରୁଷଶ୍ରେଷ୍ଠ ଅର୍ଥାତ୍ ଭଗବାନ; ତେଣୁ ଲକ୍ଷ୍ମୀଙ୍କ ପରି ତାଙ୍କ ଜାନୁରେ ବସି ଲୀଳା କରିବା ମୋତେ ଘଟିବ । ଆହେ ବିଚକ୍ଷଣମାନେ ବୁଝନ୍ତୁ, ଗୁଣ ଗର୍ବିତା ଲକ୍ଷଣ ପ୍ରମାଣ ପାଇଲ କି ନାହିଁ । ଉତ୍କଣ୍ଠା ବଶରୁ ଏହା ହେଲା । ୨୨ ।

ଉତ୍ତମ ରସିକ ପୁରୁଷ ପୁନଃପୁନଃ ଭାବୁଛି, କଉଶିକ ଅର୍ଥାତ୍ ବିଶ୍ୱାମିତ୍ର ଋଷିଙ୍କର ଅହଙ୍କାର ଭାଙ୍ଗିଯିବ । ସେ ବ୍ରହ୍ମପଦ ପାଇବାକୁ କଠୋର ତପସ୍ୟା କରିଥିଲେ; ଅଥଚ ବିନା ତପସ୍ୟାରେ ମୋର ବ୍ରହ୍ମପଦ ସୁଖ ସହଜରେ ଜାତ ହୋଇ ଆସୁଅଛି । ୨୩ ।

ଗନ୍ଧର୍ବ-ସମ୍ଭବା ଭାବଇ ଫୁଲ ଚମ୍ପା ପରି । ଭ୍ରମର ମୋହିତ ତହିଁ ନୋହେ ପରମ୍ପରା ।
କଦା ହେଲେ ସେପରିରେ । ଏ ଜୀବ ସିନାର ହେବ ନ ରହି ଶରୀରେ ।୨୪।
ନାଗର ଭାବେ ପଦ୍ମିନୀ ସୁରଭି ଅଳସ । ମୂର୍ଚ୍ଛିତ କରି ନ ରଖେ ସୁଧାକରେ ଲସ ।
କି କରିବଟି ହେମନ୍ତ । ଦଗ୍ଧ ହେଉ ଅରତେ ସଗର-ସୁତ ମତେ । ୨୫ ।
ବାକୀ ରୂପ-ଗର୍ବେ ଭାଳ ବୋଲନ୍ତି ଜଗତେ । ନାହିଁ ତ ମୋ ପ୍ରାଣେ ଶୋଭା
ବର୍ତ୍ତମାନ ଗତେ ।
ଆଉ ଆଗତେ ନୋହିବ । ଏମନ୍ତ ସ୍ୱରୂପ ଯୁବା ଚିତ୍ତ ନ ମୋହିବ । ୨୬ ।
ପୁରୁଷ ଭାବେ ପୂତନା-ମର୍ଦ୍ଦନ-ନନ୍ଦନ । ହୋଇ ନାରୀ ଈର୍ଷ୍ୟା କି ଗ୍ରହିବ ମଦନ
ଛନ୍ଦ କରିବ ତା ଭାଳ । ସ୍ତନ ବ୍ୟାଜେ ଅଛି ପୁଣି ଶମ୍ଭୁଙ୍କୁ ସମ୍ଭାଳି । ୨୭ ।
ରମା ଚିନ୍ତ ଆଉ ଉର କଠିନ ପାଷାଣେ । ରସିକ ନୋହିବେ ପରା ସେ ହେମଇ-ଶାଣେ
ଘୃଣୀ କଷ ତା ବହନ୍ତି ! ହେମ ଅଙ୍ଗୀ ବୋଲି ମୋତେ ସମସ୍ତେ କହନ୍ତି ।୨୮।

---

ଗନ୍ଧର୍ବକନ୍ୟା—ଗନ୍ଧର୍ବ କନ୍ୟା କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ । କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ଭାବୁଛି, ଚମ୍ପାଫୁଲରେ ଭ୍ରମର ମୁଗ୍ଧ ନ ହେବାର ପରମ୍ପରା ରହିଅଛି । ସେପରି ହେଲେ ଏ ଜୀବନ ଶରୀରରେ ନ ରହି ବାହାରିଯିବ । ୨୪ ।

ନାଗର ଭାବୁଛି ସେହି ସୁନ୍ଦରୀ ତ ପଦ୍ମିନୀ; ଏଣୁ ସୁଗନ୍ଧର ବାସସ୍ଥାନ । ସେ ଯେପରି ହୃଦୟକୁ ମୂର୍ଚ୍ଛିତ କରି ଚନ୍ଦ୍ର ପ୍ରତି ଧ୍ୟାନ ରଖେ ନାହିଁ ସେହିପରି ସୁନ୍ଦରୀ ଯେବେ ମୋ ମୁଖଚନ୍ଦ୍ରକୁ ନ ଚାହିଁ ଆଖି ବୁଜିଦିଏ ତେବେ କଅଣ କରିବ ? କେବଳ ସଗରସୁତଙ୍କ ପରି ସବୁବେଳେ ପୋଡ଼ି ହେଉଥିବ । ୨୫ ।

ସୁନ୍ଦରୀ ରୂପଗର୍ବରେ କହୁଛି, ମୋ ପରି ସୁନ୍ଦରୀ ଅତୀତରେ ନ ଥିଲେ ବର୍ତ୍ତମାନରେ ନାହିଁ; ପୁଣି ଭବିଷ୍ୟତରେ ଜନ୍ମିବେ ନାହିଁ । ମୋର ଏହି ରୂପ ଯୁବା ପୁରୁଷର ଚିତ୍ତକୁ କାହିଁକି ନ ମୋହିବ ? ୨୬ ।

ପୂତନା-ମର୍ଦ୍ଦନ-ନନ୍ଦନ—ପୂତନାକୁ ମାରିଥିଲେ କୃଷ୍ଣ, ତାଙ୍କ ପୁଅ ମଦନ । ପୁରୁଷ ଭାବୁଛି ପୂତନାକୁ ମର୍ଦ୍ଦନ କରିଥିଲେ ଯିଏ ତାଙ୍କ ପୁଅ ମଦନ କଅଣ ନାରୀପ୍ରତି ଈର୍ଷାଭାବ ଗ୍ରହିବ ? ମଦନକୁ ଶିବ ଭସ୍ମ କରିଥିଲେ । ସୁନ୍ଦରୀର ସ୍ତନ ରୂପରେ ଶମ୍ଭୁଙ୍କୁ ଧାରଣ କରିଅଛି; ଏଣୁ ମଦନ ନିଜ ଶତ୍ରୁକୁ ଉଚ୍ଛନ କରିବ । ଏଥିଯୋଗୁଁ ସୁନ୍ଦରୀ ମୋ ପ୍ରତି ଅନୁରାଗୀ ହେବ । ୨୭ ।

ଉର—ହୃଦୟ, ରମା—ରମଣୀ । ରମଣୀ ଭାବୁଛି ଯାରର ହୃଦୟ ତ ପଥର ପରି କଠିଣ, ସେ ସୁନା କଷିବା କଷଟି ପଥର । ସେ ମୋ ପ୍ରତି ଆସକ୍ତ ନ ହେବେ କି ? ମୋତେ ସମସ୍ତେ ହେମ ଅଙ୍ଗୀ ଅର୍ଥାତ୍ ସ୍ୱର୍ଣ୍ଣଶରୀର କହନ୍ତି; ଏଣୁ ସେ ତାଙ୍କ ହୃଦୟ କଷଟିରେ ମୋତେ ନିଶ୍ଚେ କଷିବେ । ୨୮ ।

ସିଦ୍ଧାଣି ବସ୍ତୁରେ ମୋତେ ନ କରିବ ଦୟା । ଗିରି ପରିରେ କଠୋର ସୁନ୍ଦରୀ-ହୃଦୟା ।
ଏଥୁଁ ଭରସା ହୁଅଇ । ଭଲ କବି ନାରିକେଳ ଉପମା ଦିଅଇ । ୨୯ ।

ଭାବୁଁ ଦୁହେଁ ହୋଇଲା ନିର୍ମଳ-ଭାବ ଆଶା । ଦେଖି ସୁଖୀ ବୃଦ୍ଧି ଆଜ ଭେଟ ହେବା ଆଶା ।
ତେଣୁ ଗଲେ ନିତ୍ୟ ଆଚାରେ । କାବ୍ୟ ସର୍ଗ ଭଙ୍ଗେ ଯଥା ଆନ ବୃତ୍ତ ବସେ ।୩୦।

ଏତ ପ୍ରାକୃତ କାବ୍ୟ ଛାନ୍ଦ ପ୍ରାନ୍ତ ସତ । ଦୃଷ୍ଟ ଦୃଷ୍ଟାନ୍ତର ଏଥି ଅଛି ବିଶେଷତ ।
ଯେସନ ନୈଷଧ ପରସ୍ତେ । ଉପଇନ୍ଦ୍ର କହେ ବୁଧ ପ୍ରମୋଦ କରଏ । ୩୧ ।

—*—

---

ସିଦ୍ଧାଣୀ—ଚତୁର, ହୃଦୟ—ହୃଦୟରୁ ଜାତ ସ୍ତନ । ଚତୁର ପୁରୁଷ ଚିନ୍ତା କରୁଛି ସେ ସୁନ୍ଦରୀର କଠିଣ ସ୍ତନ ଜାତ ହୋଇଅଛି । ତାହା ପର୍ବତ ପରି କଠୋର ଏଣୁ ସେ ମୋତେ ଦୟା କରିବ ନାହିଁ । ପରି ଭଲ କବିମାନେ ନାରୀର ସ୍ତନକୁ ନଡ଼ିଆ ସହିତ ଉପମା ଦେଇ ଥାନ୍ତି । ନଡ଼ିଆ ବାହାରଟା କଠିଣ ହେଲେ ମଧ୍ୟ ଭିତର ଅଂଶ କୋମଳ । ଅତଏବ ମୋର ଭରସା ହେଉଅଛି । ୨୯ ।

ଦୁହେଁ—ଯୁବକ ଯୁବତୀ ଦୁଇଜଣ, ଆଶା—ଦିଗ । ଯୁବକ ଯୁବତୀ ଦୁଇଜଣ ଏହିପରି ଭାବୁ ଭାବୁ ଆଶା ଅର୍ଥାତ୍ ଦିଗ ନିର୍ମଳ ହୋଇଗଲା ଅର୍ଥାତ ରାତି ପାହିଗଲା । ଏହା ଦେଖି ଦୁହିଁଙ୍କର ସାକ୍ଷାତ ହେବାର ଆଶା ବଢ଼ିଗଲା । ଦୁହେଁ ନିତ୍ୟକର୍ମ କରିବାକୁ ଗଲେ । ଯେପରି କାବ୍ୟର ଗୋଟିଏ ଛାନ୍ଦ ଶେଷ ହେଲେ ଅନ୍ୟ ବୃତ୍ତ ଆରମ୍ଭ କରାଯାଏ, ସେହିପରି ରାତିରେ ଦୁହେଁ ଗୋଟିଏ ଭାବନାରେ ଥିଲେ ପ୍ରଭାତ ବେଳକୁ ଅନ୍ୟଭାବ ଜାତ ହେଲା ।୩୦।

ଏହି କାବ୍ୟ ପ୍ରାକୃତ ଅର୍ଥାତ୍ ଚଳିତ ଓଡ଼ିଆ ଭାଷାର କାବ୍ୟ । ଏହା ଶେଷ ହେଲା । ଏଥିରେ ପ୍ରାଚୀନ କବିମାନଙ୍କ ବର୍ଣ୍ଣନାର ଉଦାହରଣ ବିଶେଷ ଭାବରେ ଦିଆଯାଇ ଅଛି । ସଂସ୍କୃତର ନୈଷଧ କାବ୍ୟ ଅର୍ଥାତ୍ ନଳ ଦମୟନ୍ତୀ ଉପାଖ୍ୟାନ ନିଜର ଉପମା ଆଦି ନିମିତ୍ତ ପଣ୍ଡିତମାନଙ୍କର ଆନନ୍ଦ ବୃଦ୍ଧି କଲା ପରି ଏହା ମଧ୍ୟ ପଣ୍ଡିତମାନଙ୍କୁ ଆନନ୍ଦ ଦେବ-ବୋଲି ଉପଇନ୍ଦ୍ର ଭଞ୍ଜ କହୁଅଛନ୍ତି । ୩୧ ।

—o—

## ଦ୍ୱାଦଶ ଛାନ୍ଦ

( ସୁନ୍ଦରୀର ବେଶ ରଚନା )

ରାଗ ବଙ୍ଗଡ଼ା । ଆଷାଢ଼ଶୁକ୍ଳ ବାଣୀ

ଖଳ ବାଳିଶେ ଏ କଥା ପ୍ରସଙ୍ଗ । ତାଙ୍କ ଚିତ୍ତ କାହିଁ ସୁରୀତେ ସଙ୍ଗ ।
ଯେ କବି ଅର୍ଥୀ ପଣ୍ଡିତ ସୁହୃଦ । ରସିକ ସେହି ସେବନ ମୋ ଏ ଗ୍ରନ୍ଥ
ବ୍ୟସ୍ତ ଅଳଙ୍କାର । ମଣ୍ଡନ-ବିଧି ନିର୍ଦ୍ଦୋଷ ବିସ୍ତର । ୧ ।
ଉତପ୍ରେକ୍ଷା ଉପମା ରୂପକ ତିନି । ବକ୍ରୋକ୍ତି ଶ୍ଳେଷ ଅଭିପ୍ରାୟ ଘେନି ।
ଦତ୍ତଚ୍ୟୁତାକ୍ଷରର ଉଦୟ କାହିଁ । ବୁଝ ସଂଖ୍ୟାବାନ ଆବୃତ୍ତି ନାହିଁ ।
ନିତ୍ୟ ସାରିବାକୁ । ସଖୀଗଣେ ବେଢ଼ି ନୃପ ଜେମାକୁ । ୨ ।
ସୁଉରଜା ବଳୀ ଭାଳି ଏ ବାଳା । ବିଶୁଦ୍ଧ ହେମ ପୂରଟ-ପିତୁଳା ।
ଦିବ୍ୟ ପୀଠ ଭୂଜ ପାଟେ ବସାଇ । ହରିଦ୍ରା ଲେପ ଦେଇ ଉଚ୍ଛୁଟାଇ ।
ପତନ ସେ ରେଣୁ । ଜର-କରତେ ଘରଷଣ ଯେଣୁ । ୩ ।

---

ଖଳ—ଦୁର୍ଜନ; ବାଳିଶ—ମୂର୍ଖ, ଅର୍ଥୀ—ଅର୍ଥ ଜାଣିବା ବ୍ୟକ୍ତି, ସୁହୃଦ—ସହୃଦୟ, ବ୍ୟସ୍ତ ଅଳଙ୍କାର—ମିଶ୍ରଅଳଙ୍କାର, ମଣ୍ଡନବିଧ—ବେଶବିଧାନ, ନିର୍ଦ୍ଦୋଷରୂପେ—ବିଶୁଦ୍ଧଭାବେ । ଦୁର୍ଜନ ଓ ମୂର୍ଖମାନଙ୍କ ପାଖରେ ଏହି ବିଷୟ କହିବା ବୃଥା । ସେମାନଙ୍କ ମନ ଭଲ ରୀତିରେ ଆସକ୍ତ ହୋଇ ନଥାଏ । ଯେଉଁମାନେ କବି, ଅର୍ଥଜ୍ଞ ପଣ୍ଡିତ ଏବଂ ସହୃଦୟ ରସଜ୍ଞ ସେହିମାନେ ଏହି ଛାନ୍ଦକୁ ଗ୍ରହଣ କରିବେ । ଏହି ଛାନ୍ଦରେ ସବୁପ୍ରକାର ଅଳଙ୍କାର ମିଶି ରହିଅଛି ଏବଂ ଏଥିରେ ସୁନ୍ଦରୀର ବେଶ ବିଧାନ ବିଶୁଦ୍ଧ ଭାବରେ କରି ଯାଇଅଛି । ୧ ।

ଉତ୍ପ୍ରେକ୍ଷା, ଉପମା, ରୂପକ ଏହି ତିନି ଅଳଙ୍କାର ବକ୍ରୋକ୍ତି ଓ ଶ୍ଳେଷ ଭାବରେ ଏହି ବର୍ଣ୍ଣନାରେ ରହିଅଛି । କାହିଁ କାହିଁ ପୁଣି ଅକ୍ଷର କାଟିଥାଇଛି ଅବା ଯୋଡ଼ା ଯାଇଅଛି । ହେ ସଂଖ୍ୟାବାନ ପଣ୍ଡିତମାନେ ବିଚାର କରି ଦେଖ । ଅନ୍ୟମାନେ କେହି ଏହାକୁ ବୁଝି ପାରିବେ ନାହିଁ । ଏହାପରେ ନିତ୍ୟକର୍ମ ଶେଷ କରିବାପାଇଁ ସଖୀମାନେ ରାଜକନ୍ୟାଙ୍କୁ ଘେରିଗଲେ । ୨ ।

ସୁଉରଜା—ସୁନ୍ଦରବସ୍ତ୍ରନସ୍ତ୍ରକା ପୂରଟ—ପୂର୍ଣ୍ଣାଙ୍ଗ, ପୀଠ—ପୀଢ଼ା, ଆସନ । ସୁନ୍ଦର ସ୍ତନଯୁକ୍ତ ସଖୀମାନେ ଭାବିଲେ ଏମ ରାଜଜେମା ବିଶୁଦ୍ଧ ସୁନାର ପୂର୍ଣ୍ଣାଙ୍ଗ ପିତୁଳାଟିଏ । ସେମାନେ ତାଙ୍କୁ ସୁନ୍ଦର ଆସନରେ ବସାଇ ହଳଦୀ ଲଗାଇଦେଲେ ଏବଂ ହାତରେ ମଳି ହଳଦୀ ଗୁଣ୍ଡା ଛଡ଼ାଇଲେ । ସେ ସବୁ ହଳଦୀଗୁଣ୍ଡ ସୁନା ଗୁଣ୍ଡ ପରି ଝଡ଼ି ପଡ଼ିଲା । ୩ ।

ନୂତନେ ଦନ୍ତୁର ବରଚାନନେ । ହେବାରୁ ଜାଣି ମଜ୍ଜାଇଲେ ଜଳେ ।
ତୈଳ-ଯୋଗ-ତେଜ ଛଳ ଉଦ୍ଧାଣ । ପାଇ କାନ୍ତି ମହୋଜ୍ଜ୍ୱଳ ଦ୍ୱିଗୁଣ ।
ତହୁଁ ନେଇ ପୁର । ବସାଇ ବେଶ କରିବା ବସ୍ତୁରେ । ୪ ।
ଶିଳ୍ପକାରିକାଏ କହିଲେ ତହିଁ । ମହାମହାପାତ୍ର-କୁମାରୀ ତୁହି ।
ନନ୍ଦା ଅଳଙ୍କାରେ ହେବାର ଶୂନ୍ୟ । ଅଳଙ୍କାରେ ତ ହୋଇଲୁନ ଧନ୍ୟ ।
ଅଳଙ୍କାରର ତୋତେ । ଅଳଙ୍କାର କରି ଲେଖୁଁ ସମସ୍ତେ । ୫ ।
ତଥାପି ଭୂଷଣ ନୋହେ ଦୂଷଣ । ତୁହି ଚନ୍ଦ୍ରମା ସେ ରଜନୀ ଜାଣ ।
ପରସ୍ପରେ କରେ ଶୋଭା ଅଧିକା । ସୁକୁମାରୀ ବୋଲି ନ କର ଶଙ୍କା ।
ଏଥୁଁ ହେବ ଭାର । ପୟୋଧର ତୋ ଧରାଧର ପରା । ୬ ।
ତାଳ ଏମନ୍ତ କହୁଁ ଭଙ୍ଗୀ-ଆଳୀ । ବେଶ ସମ୍ଭାରମାନ ଯୋଗେ ମିଳି ।
କେ କରେ ମାଜି ମୁକୁର ଦେଖାଇ । ମୁଖ ବିମ୍ବ ଧରି ବିମ୍ବ ବୋଲଇ ।
ବୋଇଲା ଯେ ଜଣେ । ଦରପଣ ସିନା ବହେ ଈକ୍ଷଣେ । ୭ ।

---

ଦନ୍ତୁର—ପୋଢ଼ିବା, ମଜ୍ଜାଇଲେ—ବୁଡ଼ାଇଲେ, ତେଲ—ଗାମୁଛ, ମହୋଜ୍ଜ୍ୱଳ—ଅତି ଉଜ୍ଜ୍ୱଳ । ନୂଆ ହୋଇ ବାରହ ଅର୍ଗିରେ ପୋଡ଼ି ହେବାର ଜାଣି ସଖୀମାନେ ବାଳାକୁ ନେଇ ପାଣିରେ ବୁଡ଼ାଇଲେ । ତେଲ ଲଗାଇ ଗାମୁଛ ଛଳରେ ଘଷା ପାଇବାରୁ ସୁନ୍ଦରୀର ଅଙ୍ଗ ଦ୍ୟୁତି ଦୁଇଗୁଣରେ ଉଜ୍ଜ୍ୱଳ ହୋଇ ଉଠିଲା । ଏହାପରେ ତାଙ୍କୁ ବେଶ କରିବା ପାଇଁ ଘରକୁ ନେଇ ବସାଇଲେ । ୪ ।

ଶିଳ୍ପକାରିକା—ବେଶକାରୀ, ଅଲଙ୍କାରେ—କୁବେର ଭୁବନରେ । ବେଶ କଲା-ବେଳେ ଜଣେ କେହି ବେଶକାରୀ କହିଲା, ତୁ ତ ମହାପାତ୍ରଙ୍କର କନ୍ୟା, ତୁ ଅଳଙ୍କାର ଶାସ୍ତ୍ରରେ ଧନ୍ୟ ହେଲୁଣି ଏଣୁ ଗହଣାଶୂନ୍ୟ ହେବା ତୋ ପକ୍ଷରେ ଅନୁଚିତ ହେବ । ଆମ୍ଭେମାନେ ତୋତେ କୁବେର ଭୁବନରେ ଥିବା ସମସ୍ତ ସୁନ୍ଦରୀଙ୍କ ମଧ୍ୟରେ ଅଳଙ୍କାର ଅର୍ଥାତ୍ ଶ୍ରେଷ୍ଠ ଶୋଭାବନ୍ତ ବୋଲି ସ୍ୱୀକାର କରୁଁ । ୫ ।

ତଥାପି ଅଳଙ୍କାର ପିନ୍ଧିବା ଦୋଷର କଥା ନୁହେ । ତୁ ହେଉଛୁ ଚନ୍ଦ୍ର, ଅଳଙ୍କାର-ମାନ ହେଉଛି ରାତି ସଦୃଶ । ଚନ୍ଦ୍ର ଓ ରାତି ପରସ୍ପର ଶୋଭା ବଢ଼ାଇ ଥାଆନ୍ତି । ତୁ ସୁକୁମାରୀ ବୋଲି ଅଳଙ୍କାର ପିନ୍ଧିଲେ ତହିଁର ଭାର ଅସହ୍ୟ ହେବ ଏପରି ଭୟ କର ନାହିଁ, ଯେହେତୁ ତୋର ସ୍ତନ ତ ଧରାଧର ଅର୍ଥାତ୍ ପର୍ବତ ପରି । ଅଳଙ୍କାର ତାହା ଅପେକ୍ଷା ଭାରି ହେବ ନାହିଁ । ୬ ।

ଭଙ୍ଗୀଆଳୀ—ଭଲଭାବେ ଜାଣିଥିବା ସଖୀ ନିପୁଣା, ଦରପଣ—ଉପୁଭାବ, ମୁକୁର—ଅଇନା, ଈକ୍ଷଣେ—ଆଖିରେ । ଦେଖିଲା ମାତ୍ରେ ସଖୀ ଏପରି କହିବାରୁ ଜଣେ ନିପୁଣା ସଖୀ ବେଶର ଉପକରଣ ମାନ ଯୋଗ ପହୁଞ୍ଚିଲା । କୌଣସି ସଖୀ ଅଇନାକୁ ହାତରେ ପୋଛି ଦେଖାଇଲା । କହିଲା ଏହି ସୁନ୍ଦରୀର ମୁଖ ପ୍ରତିବିମ୍ବକୁ ଧାରଣ କରି ଦର୍ପଣ ବିମ୍ବ

ଏ କଥା କହିବାର ତାତପର୍ଯ୍ୟ । ଅଧିକ ବକ୍ତ୍ର ବାସେ ଶିରୋରୁହାର୍ଯ୍ୟ ।
ଫେଇ ସୁଗନ୍ଧ ଧୂମେ ଧୂପ ଦେଇ । ଗଜଦନ୍ତ-କଙ୍କତିକା ଚଳାଇ ।
ସେ ଏମନ୍ତ ଦିଶି । ଜଳଦ ପରେ ଧାମେ ଅର୍ଦ୍ଧଶଶୀ । ୮ ।
କଲ ଭଲ ବେଣୀ ହେଲ ଏ ଦୃଷ୍ଟି । କୁରୁଣ୍ଟକ ଗଣ୍ଠି କହ୍ଲାର ଫୁଟି ।
ରାଜହଂସ ପନ୍ତି ମୋତି-ସୀମନ୍ତ । ହାର-ପିହାଣିଆ ଅଗ୍ରରେ ତହିଁ ।
ବଣା ଏକ ହଂସୀ । କାଳିନ୍ଦୀ ସ୍ରୋତେ ଯାଉଅଛି ଭାସି । ୯ ।
ସୁନାସୀମାନେ ଝିଲମିଲମାଳୀ । ବେନି ପାଟେଶ କଲେ ଉତ୍ତଂସ ଝଳି ।
କଲେ ଅଳକା ଦାଣ୍ଡେ ହାଟ ପରି । ପ୍ରସରାଇ ସ୍ୱର୍ଣ୍ଣ ରତ୍ନ ପସରା ।
ଚନ୍ଦ୍ର-ଝୁମ୍ପା ତହିଁ । କାହା ମାନସ ହରି ନେଉନାହିଁ । ୧୦ ।

---

ନାମ ଧାରଣ କରିଅଛୁ । ଆଉଜଣେ କହିଲା ଦର୍ପଣ ଦେଖିଲା ମାତ୍ରେ ଦରପଣ ବା ଖଣ୍ଡ ହୋଇ ଦର୍ପଣ ନାମ ଧାରଣ କରିଅଛୁ । ୭ ।

ବକ୍ତ୍ର—ମୁଖ, ବାସେ—ସୁଗନ୍ଧରେ, ଶିରୋରୁହାର୍ଯ୍ୟ—ଶିରରେ ଥିବା କେଶ, ଫେଇ—ଫିଟାଇ, କଙ୍କତିକା—ପାନିଆ, ଧାମେ—ପ୍ରଜ୍ୱଳନ୍ତ, ଅର୍ଦ୍ଧଶଶୀ—ଅଷ୍ଟମୀର ଚନ୍ଦ୍ର; ଜଳଦ—ମେଘ । ଏ କଥା କହିବାର ତାତ୍ପର୍ଯ୍ୟ ହେଉଛି ଯେ ଦର୍ପଣର କାନ୍ତି ମୁଖ କାନ୍ତି ସଙ୍ଗେ ସମାନ ହେଲେ ହେଁ ମୁଖରେ ସୁଗନ୍ଧ ଅଛି ଦର୍ପଣରେ ନାହିଁ, ଏଣୁ ଅଧିକ ହେଲା । ଏହାପରେ ମୁଣ୍ଡର କେଶ ଫିଟାଇ ସୁଗନ୍ଧି ଧୂଆଁରେ ଧୂପ ଦେଇ ତହିଁରେ ହାତୀଦାନ୍ତ ପାନିଆ ଚଳାଇଲେ । ସେହି ପାନିଆଗୁଡ଼ିକ ଅଷ୍ଟମୀ ଚନ୍ଦ୍ର ମେଘ ଉପରେ ପ୍ରଜ୍ୱଳନ୍ତ ହେଲା ପରି ଶୋଭା ପାଇଲା । କେଶର କୃଷ୍ଣବର୍ଣ୍ଣ ସହିତ ମେଘର ଓ ପାନିଆର ବଙ୍କିମତା ଅର୍ଦ୍ଧଚନ୍ଦ୍ର ସହିତ ତୁଳନା କରାଯାଇଅଛି । ୮ ।

କୁରୁଣ୍ଟକ—ଡାଏଁକେରଣ୍ଡା, କହ୍ଲାର—କଇଁ, ସୀମନ୍ତ—କେଶ, ପିହାଣିଆ—ସରୁ । କେଶକାରୀ ଚମତ୍କାର ବେଣୀ ବାନ୍ଧିଦେଲା । ତାକୁ ଦେଖି ମନେ ହେଲା କାଳିନ୍ଦୀ ଧାର ପରି ବେଣୀରେ ଦାଏଁକେରଣ୍ଡା ଫୁଲର ଗ୍ରନ୍ଥା ଗଣ୍ଠି ରୂପକ କଇଁ ଫୁଟିଛି । ମୁଣ୍ଡରେ ମୋତିମାନ ସ୍ରୋତରେ ବିଚରଣ କରୁଥିବା ହଂସଶ୍ରେଣୀ ପରି ଦିଶୁଛି । କେଶ ଅଗରେ ହୀରା ତୋଳିଏ ସରୁ ଭାସି ଯାଉଛି ସତେ ଯେପରି ବଣା ହୋଇ ଗୋଟିଏ ହଂସ କାଳିନ୍ଦୀରେ ଭାସି ଯାଉଛି । ୯ ।

ସୁନାସୀ—ସୁନ୍ଦର ସ୍ତ୍ରୀ; ଝିଲମିଲ—ଝକଝକ କରୁଥିବା; ମାଳୀ—ବାଳାର ଗହଣା; ଉତ୍ତଂସ—କର୍ଣ୍ଣଭୂଷଣ, ଝଳି—ଉଜ୍ଜ୍ୱଳ; ଅଳକା—କେଶଗୁଚ୍ଛ; ପ୍ରସରାଇ—ପ୍ରସାରି । ସୁନ୍ଦରୀ ସଖୀମାନେ ଜେମାର ଗଳାରେ ଝକଝକ କରୁଥିବା ମାଳି ପିନ୍ଧାଇ ଦୁଇକାନରେ କର୍ଣ୍ଣ ଭୂଷଣ ଖଞ୍ଜିଲେ । ତହିଁର ଶୋଭା ଦେଖି ମନେହେଲା ସୁନା ଓ ରତ୍ନର ପସରା କରି ଆଲଙ୍କାରମାନଙ୍କ ପାଇଁ କେଶରେ ହାଟ ବସାଇଲେ କି ? ସେଥିରେ ପୁଣି ଚନ୍ଦ୍ରଝୁମ୍ପା ଲାଗି ସମସ୍ତଙ୍କ ମନ ମୋହୁଥିଲା । ୧୦ ।

ଖ୍ରୀଡୁ ନୟନ ହାବ ଅଳଙ୍କାର । ବଶୀକରଣ ମଣି ତୋଳା ତାର ।
ଅସ୍ତ୍ର ଭାବେ ଦେଲେ କଜ୍ଜ୍ୱଳ ଆଣି । କେତେ ଅପୂର୍ବ କଲେ ବଡ଼େ ଜାଣି ।
ସେ ମହା ଉଜ୍ଜ୍ୱଳ । ହେଲା ମୋହକ ଭୁବନ-ମଣ୍ଡଳ । ୧୧ ।
ଯେଣିକଲେ ଦ୍ୱିଜ-ଶୋଭିନୀ ଏ ବାମା । ସ୍ୱର୍ଗ-ଋତୁ ପର୍ବ-ପୂଜା ପ୍ରତିମା ।
କଲେ ମଲ୍ଲୀକଢ଼ୀ ଫୁଲେ ଅର୍ଚ୍ଚନା । କର୍ଣ୍ଣ-ତାଟଙ୍କ ଆକୃତି ରଚନା ।
ସୁବାସ ଚନ୍ଦନ । ଗନ୍ଧ ମିଶ୍ରିତ ତିଳକେ ବନ୍ଦନ । ୧୨ ।
କର ସେ ଅତି ଜ୍ୟୋତି ମୋତି ଗୁରୁ । ନାସା ଛୁଇଁମାରୁ ହୋଇଲେ ଗୁରୁ ।
ପାଣି ଅଞ୍ଜଳି କରି ମୁଦ୍ରାମାନ । ଦେଖାଇ ଅଙ୍ଗୁଳି ଧଇଲେ ପୁନ ।
ଶ୍ୱେତ କରି ଚର୍ବି । ତାମ୍ବୁଳ ଖଟିକା ହରଷେ ଦେଇ । ୧୩ ।
ଉରଜ ମହେଶ ଉନ୍ନତି ପାଇ । ନୀଳ-ଚେଳ ଗଜ କୃତ୍ତି ଘୋଡ଼ାଇ ।
ହାର ଦେଇଁ ଗଙ୍ଗାଧର ହୋଇଲା । କେ ବୋଲୁଁ କେ ବୋଲେ କେବେଁ ନୋହିଲା
ଏ ପୁଂନାଗ-ମାଳା । ସମ୍ଭାବିତ ସର୍ବ୍ବ ତର୍ବ୍ବ ରହିଲା । ୧୪ ।

---

ଖ୍ରୀଡୁ—ଲଜ୍ଜାବତୀ; ନୟନର ହାବ—ଭ୍ରୂଭଙ୍ଗୀ ଆଦି । ଏହି ଲଜ୍ଜାବତୀ ରାଜକନ୍ୟାର ନେତ୍ର କଟାକ୍ଷ ରୂପକ ଅଳଙ୍କାର ସ୍ୱରୂପ, ତୋଳା ହେଲା ବଶୀକରଣର ମଣି ସ୍ୱରୂପ, ପୁଣି କାମର ଅସ୍ତ୍ର ସ୍ୱରୂପ ସଖୀମାନେ ସୁନ୍ଦରୀର ନୟନରେ କଜ୍ଜଳ ପିନ୍ଧାଇଦେଲେ । ସେମାନେ ଜାଣି ଜାଣି ଭୁବନ ମୋହିବା ପାଇଁ ଏ କଜ୍ଜଳ ରୂପକ ବିଷ ବ୍ୟବହାର କଲେ । ତନ୍ତ୍ରରେ ଉଚ୍ଚାଟନ, ମୋହନ, ବଶୀକରଣ ଓ ମାରଣ ବିଧିର ବର୍ଣ୍ଣନା ଅଛି । ୧୧ ।

ଦ୍ୱିଜ ଶୋଭିନୀ—ବ୍ରାହ୍ମଣଙ୍କର ଶୋଭିନୀ; ଏ ବାମା—ଏହି ରାଜକନ୍ୟା; ସ୍ୱର୍ଗ-ଋତୁ—କାମ; ପର୍ବ—ପୂଜାକାଳ । ସେହି ବ୍ରାହ୍ମଣକନ୍ୟାମାନେ ବସ୍ତ୍ରକଲେ, ଆମ ରାଜକନ୍ୟା କାମର ଆଶ୍ୱିନ ମାସର ପୂଜା ପ୍ରତିମା । ପ୍ରତିମାକୁ ଯେପରି ମଲ୍ଲୀ କଢ଼ିରେ ପୂଜା ଏବଂ କର୍ଣ୍ଣଫୁଲ ଦେଇ ଆଳଙ୍କ କରାଯାଏ ଏହାଙ୍କୁ ମଧ୍ୟ ସେହିପରି କାନରେ ତାଟଙ୍କ ଦେଲେ ଏବଂ ସୁଗନ୍ଧ ମିଶ୍ରିତ ତିଳକ ଚନ୍ଦନ ଦେଇ ପୂଜା କଲେ । ୧୨ ।

ପୂଜା କାଳରେ ପୂଜକ ନାକ ଛୁଇଁଥାଏ । ଏହାଠାରେ ସେହିପରି ଅତି ଉଜ୍ଜ୍ୱଳ ମୋତିକୁ ଗରୁ କଲେ । ସେ ନାସାରେ ଲଗିବାରୁ ଅତି ମନୋହର ଦିଶିଲା । ପୂଜାରେ ସେବକ ହାତରେ ନାନା ମୁଦ୍ରା ଦେଖାଇଥାଏ । ଏଠାରେ ସଖୀମାନେ ପାଣି ଅଞ୍ଜଳି କରି ମୁଦ୍ରା ଅର୍ଥାତ୍ ମୁଦିମାନ ଦେଖାଇଲେ । ପୁଣି ମୁଦି ପିନ୍ଧାଇବାକୁ ଅଙ୍ଗୁଳି ଧରନ୍ତେ ତାହା ପୂଜା କାଳର ଅଙ୍ଗୁଳିନ୍ୟାସ ହେଲା । ତତ୍ପରେ ଶ୍ୱେତ କରି ଆନନ୍ଦରେ ପାନ ଖିଲି ଅର୍ପଣ କଲେ । ୧୩ ।

ଉରଜ—ସ୍ତନ; ମହେଶ—ଶିବ; ଉନ୍ନତି ପାଇଁ—ଉଚ୍ଚ କରିବାପାଇଁ, ନୀଳ ଚେଳ—ନେଳି କାଞ୍ଚୁଲି, ଗଜକୃତ୍ତି—ହସ୍ତୀଚର୍ମ; ପୁଂନାଗ - ସର୍ପମାଳା । ସ୍ତନରୂପକ ଶିବଙ୍କର ଉଚ୍ଚ ହେବା ପାଇଁ ନୀଳ କାଞ୍ଚୁଲି ରୂପକ ହସ୍ତୀଚର୍ମ ଘୋଡ଼ାଇ ମୁକ୍ତା ହାର ପିନ୍ଧାନ୍ତେ

କଣ୍ଠ କମ୍ବୁ ଯେହ୍ନ ବହୁତ ମାଳୀ । ପୁଣି ସନ୍ନିଧେ କରାଇଲେ ଝଳ ।
କେ ଭାଷେ ଏ ଶମ୍ଭୁ ତଳେ ବଧାଗା । ଉଲଟାଇଛି ଜଘନ ପାଣୀତା ।
ବାନ୍ଧିବା କି ପୁଚ୍ଛେ । ଏହା ଡମ୍ବରୁ ମଧ୍ୟେ ଘଣ୍ଟି ସ୍ୱଚ୍ଛେ । ୧୫ ।
ଜ୍ୟୋତିର୍ବିଦା ଭାଷି ଏ ଶୋଭା-ରାଶି । ନକ୍ଷତ୍ର-ମାଳା ଯୋଗେ ଶୋଭା ବସି ।
ପୁଣି ଚନ୍ଦ୍ର ଭୋଗ କରେ ଏ ନିତ୍ୟ । ଶଉରି ସଙ୍ଗରେ ଅଭେଦ କୃତ ।
ଦେବ ତାଡ଼ ଭୁଜେ । ଉଦିତ ହେବ କବି ଦୃଷ୍ଟି ଉର୍ଜେ । ୧୬ ।

---

କୌଣସି ସଖୀ କହିଲା, ଏଥର ଶିବ ଗଙ୍ଗାଧର ହେଲେ । ଏ କଥା ଶୁଣି ଆଉ ସଖୀଏ କହିଲା, ନା ତା ନୁହେ । ଏହା ସ୍ୱର୍ଣ୍ଣାଭ ମାଳା ଅର୍ଥାତ୍ ସର୍ପମାଳା । ଏହା ଯେଉଁ ସ୍ଥାନରେ ରହିବା କଥା ସେହି ସ୍ଥାନରୁ ଯାଇ ଶିବ ଉପରେ ରହିଲା । ୧୪ ।

କମ୍ବୁ—ଶଙ୍ଖ; ବହୁତମାଳୀ—ବହୁତହାର; ଝଳ—ଚକଚକ; ଜଘନ—ଜଙ୍ଘ; ପାଣୀ—ପୂଜାର ପାତ୍ର । ବାଳାର ସ୍ତନ ଉପରେ ବହୁତ ହାର ଦେବାରୁ ତାହାର ଶଙ୍ଖତୁଲ୍ୟ କଣ୍ଠ ଅଧିକ ଉଜ୍ଜଳ ଦିଶିଲା । ଶିବଙ୍କର କଣ୍ଠ ମଧ୍ୟ ଶଙ୍ଖ ମାଳାରେ ଝଲସିଥାଏ । ଏ ଦୃଶ୍ୟ ଦେଖି କୌଣସି ସଖୀ କହିଲା ଏହି ସ୍ତନଶମ୍ଭୁ ତଳେ ବଧାଗା ନିଜର ପଞ୍ଚୁପାଣୀକୁ ଜଙ୍ଘ ସ୍ୱରୂପରେ ଓଲଟାଇ ରଖି ଦେଇଛି । ଅନ୍ୟ ଜଣେ କହିଲା ଶିବଙ୍କର ଡମ୍ବରୁ ତୁଲ୍ୟ ବାଳାର କଟିଦେଶ ଅଛି । ସେଠାରେ ସୁନ୍ଦର ଦିଶିବା ପାଇଁ ଘଣ୍ଟି ବାନ୍ଧିଦେବା କି ? । ୧୫ ।

ଜ୍ୟୋତିର୍ବିଦା—ଜ୍ୟୋତିଷ କନ୍ୟା; ଶୋଭାରାଶି—ସୁନ୍ଦରୀ ଆଉ ଗ୍ରହଚକ୍ରର ୧୨ଟି ରାଶି; ଶଉରି—ଶନି, ଏଠାରେ ତାଳବ୍ୟ ସ୍ଥାନରେ ଦନ୍ତ୍ୟସ ପାର୍ଥକ୍ୟ ଦେଖାଇ କରାଯିବ । ଆକାଶରେ ମେଷ ବୃଷ ଆଦି ୧୨ ଟି ରାଶିରେ ୨୭ଟି ନକ୍ଷତ୍ର ଭୋଗ ହୋଇଥାଏ ଏବଂ ଗୋଟିଏ ରାଶିରେ ୯ପାଦ ନକ୍ଷତ୍ର ଭୋଗ ହୁଏ । ପ୍ରତି ୯ ପାଦ ନକ୍ଷତ୍ରରେ ଯେଉଁ ଆକୃତି ଦେଖାଯାଏ ତାହାହିଁ ସେହି ସେହି ରାଶିର ଆକୃତି । ପୁଣି ସବୁ ରାଶିରେ ସବୁ ଗ୍ରହ ସଞ୍ଚାରିତ ହୋଇଥାଏ । ଚନ୍ଦ୍ର ଶୀଘ୍ର ଚଳେ ବୋଲି ମାସକ ମଧ୍ୟରେ ୧୨ ରାଶି ଓ ତହିଁରେ ଅବସ୍ଥିତ ସବୁ ଗ୍ରହକୁ ଭୋଗ କରି ଆସେ ।

ଜ୍ୟୋତିଷ କନ୍ୟା କହିଲା, ଏହି ସୁନ୍ଦରୀ ମୁକ୍ତାମାଳ ଯୋଗରେ ଆକାଶର ୧୨ଟି ରାଶି ନକ୍ଷତ୍ରମାଳାରେ ଶୋଭା ପାଇଲା ପରି ସୁନ୍ଦର ଦିଶୁଅଛି । ଆକାଶର ୧୨ଟି ରାଶିରେ ଶନି ମଙ୍ଗଳ ରାହୁ ପ୍ରଭୃତି ଗ୍ରହମାନେ ଅଛନ୍ତି । ସୁନ୍ଦରୀ ମଧ୍ୟ ସହସ୍ର ଅର୍ଥାତ୍ ହାର ସହିତ ରହି ଶନି ଗ୍ରହ ଭୋଗ କରଇ । ଏଠାରେ କବି ଶନି ଗ୍ରହର ତାଳବ୍ୟଶ ସ୍ଥାନରେ ଦନ୍ତ୍ୟସ ଦେଇ ସହସ୍ର କରିଅଛନ୍ତି ଏବଂ ତହିଁରେ ସୁବର୍ଣ୍ଣ ହାର ସହିତ ଚନ୍ଦ୍ରକୁ ତୁଳନା କରିଅଛନ୍ତି । ସୁନ୍ଦରୀ ଭୁଜେ ତାଡ଼ ନାମକ ଅଳଙ୍କାର ଧାରଣ କରିଅଛି । ଏହି ଭୁଜେ ଶବ୍ଦରେ 'ଜ' ଅକ୍ଷର କାଟି ତାହାରେ 'ନ' ଅକ୍ଷର ଯୋଡ଼ିଲେ ଭୁନେ ଶବ୍ଦ ହେବ 'ଭୂ'ରେ ଅର୍ଥାତ୍ ପୃଥିବୀରେ ଏବଂ ତାଡ଼ ଦେ ହେବ ତାଡ଼ନ ଅର୍ଥାତ୍ କଷ୍ଟଦାୟକ ହେବ । ଆକାଶରେ ୯ଟି ଗ୍ରହ ଥିବାପରି ଏଠାରେ ଶଉରି ହେଲା ଶନି, ଦେବ ତାଡ଼ ହେଲା ରାହୁ, ଭୁଜେ ହେଲା ମଙ୍ଗଳ, କବି ଅର୍ଥ ହେଲା ଶୁକ୍ର ଉର୍ଜେ ଅର୍ଥାତ୍ ରଙ୍ଗରେ ଉଦିତ ହେବ । ୧୬ ।

କି ତୁଷ୍ଟିବାକୁ ପଚାରିଲୁ କେଣ୍ଟ । ବୋଲେ ମଧୁକରେ ଈମିତ ଯେଣ୍ଟ ।
ଘନାଳିଙ୍ଗନେ ଶମ୍ପା ସ୍ଥିର ପରି । ଫଣୀ ହୋଇବ ଯେ ନୟନ କାରା ।
ଝଟ କରି ଦେଲେ । ଯେଣ୍ଟ ଶୋଭାକୁ ପ୍ରତ୍ୟକ୍ଷେ ଦେଖିଲେ । ୧୭ ।
ସୁମନାମାନେ ମାନସେ ବିଚାରି । ଲାବଣ୍ୟ-ସିନ୍ଧୁ ଜଣେ ଏ ନାଗରୀ ।
କରି ମକର କୁଣ୍ଡଳେ ରଞ୍ଜିତ । ଉର୍ମ କଟକେ କରେ ସଂଯୁକ୍ତ ।
ପୁଣି ସେ ସତ୍ୱର । ପଦୁରେ ଲୀଳା ଦେଇ ହଂସକର । ୧୮ ।
ବୋଇଲେ ଧ୍ୱନି ନେଇ ହେବା ବେଳେ । ଦେବ ଯୁବା-ଧୈର୍ଯ୍ୟ ବୁଡ଼ାଇ ହେଳେ ।
ଗମ୍ଭୀର-ଗୁଣ ନିପୁଣା ଏ ପୁଣି । ମୀନ ନୟନ ତରଙ୍ଗ ସୁହାଣୀ ।
ରମଣୀୟ ଶିଶୁ । ସବୁ ପ୍ରକାରେ ଅଛି ଜାତ କରି । ୧୯ ।
ଚତୁରୀ ସଖୀ ଏ ମଞ୍ଜୁ ମଞ୍ଜିର । ଝଞ୍ଜି ପାଦେ ବୋଲେ ଅନ୍ଦୁ ଏହାର ।
ହେମ-କରଣୀ ଏ ତରୁଣୀ ସତ । ଯୌବନ-ମଦେ ହେଲା ଏ ମତ୍ତ ।
ଲଜ୍ଜା-ଅଙ୍କୁଶରେ । ଶାନ୍ତ ଭଜିବ ସିନା ଅବଶରେ । ୨୦ ।

---

ଶମ୍ପା—ବିଜୁଳି, କାରା—ବନ୍ଦୀଗୃହ । କୌଣସି ସଖୀ ପଚାରିଲା କି ତୁଷ୍ଟି କଥା କହୁଅଛ ? ଏହା ଶୁଣି ସେ କହିଲା ମେଘ ଆଲିଙ୍ଗନରେ ବିଜୁଳି ସ୍ଥିର ରହିଲା ପରି ଫଣୀ ନୟନର ବନ୍ଦୀଶାଳାରେ ଅଟକିଯିବ । ଏତିକ କହି ଶୀଘ୍ର ବାହୁରେ ଜାଲ ପିନ୍ଧାଇ ମେଘ ପରି ଜାଲ ଓ ବିଜୁଳି ପରି ବାହୁ ଶୋଭାକୁ ପ୍ରତ୍ୟକ୍ଷ କଲେ । ୧୭ ।

ସୁମନା—ପଣ୍ଡିତା, କଟକେ—କଙ୍କଣରେ, ପଦୁରେ—ପାଦରେ ଓ ଜଳରେ, ହଂସକର—ସ୍ୱର୍ଣ୍ଣହଂସ, ନୂପୁର; ମକର ମଗର, ଭଉଁରୀ । ପଣ୍ଡିତା ସଖୀମାନେ ମନରେ ବିଚାରିଲେ ଆମର ଏହି ନାଗରୀ ଜଣସ୍ୱ ଲାବଣ୍ୟର ସାଗର ଅଟେ । ସାଗରରେ ମଗର ମାଛ ରହିଲା ପରି ସେମାନେ ସୁନ୍ଦରୀର ଗଣ୍ଡଦେଶରେ ମକରର ଚିତ୍ର ଆଙ୍କିଲେ । ସମୁଦ୍ରରେ ଜଳ ଭଉଁରୀ ଓ ଲୂଣ ଅଛି । ତେଣୁ ସଖୀମାନେ ସୁନ୍ଦରୀର ହସ୍ତକୁ ସୁନା କଙ୍କଣରେ ଯୁକ୍ତ କଲେ । ପୁଣି ସମୁଦ୍ରର ପଦ୍ମରେ ସ୍ୱର୍ଣ୍ଣହଂସର ଖେଳା ପରି ସୁନ୍ଦରୀର ପଦ୍ମରେ ଶୀଘ୍ର ହଂସକ ଅର୍ଥାତ ନୂପୁର ପିନ୍ଧାଇଲେ । ୧୮ ।

ଧ୍ୱନି—ନାଦ, ଧ୍ୱନି । ସମୁଦ୍ରରେ ନଦୀ ମିଶିଲାବେଳେ ଗୁରୁଆଡ଼ ପ୍ଲାବନ କଲାଭଳି ସୁନ୍ଦରୀର ପାଦରେ ନୂପୁର ଧ୍ୱନି ଯୁବକମାନଙ୍କର ଧୈର୍ଯ୍ୟ ବୁଡ଼ାଇ ଦେବ । ସମୁଦ୍ର ଗମ୍ଭୀର ଗୁଣସମ୍ପନ୍ନ; ସୁନ୍ଦରୀ ହେଉଛି ଗାମ୍ଭୀର ଗୁଣ ନିପୁଣ । ଏହାର ନୟନ ମୀନ ପରି ଚଞ୍ଚଳ ସୁହାଣୀ ତରଙ୍ଗ ପରି, ଶିଶୁ ଲକ୍ଷ୍ମୀଙ୍କ ପରି ଶୋଭନୀୟ । ଏଣୁ ସୁନ୍ଦରୀ ସମୁଦ୍ର ସହିତ ସବୁମତେ ତୁଳନା ଯୋଗ । ୧୯ ।

ଅନ୍ଦୁ—ଗୋଡ଼ର ବେଡ଼ି, ହେମ କରଣୀ—ସୁନାର ହାତୀ, ଅବଶ—ସ୍ୱବଶ । କୌଣସି ଚତୁର ସଖୀ ବାଳାର ସୁନ୍ଦର ପାଦରେ ମଞ୍ଜିର ଝଞ୍ଜି ଦେଇ କହିଲା, ଏହା ହେଉଛି ଗୋଡ଼ର ଶିକୁଳି ପରି । ଯେହେତୁ ବାଳା ହେଉଛି ସୁନାର ହାତୀ, ହାତୀ ଯଉ

ଦେଇ ତେ କରେହ ଏ ମୃଦଙ୍ଗ ନାଦେ । ନୀଳକଣ୍ଠ ବଶ ହେବେ ପ୍ରମୋଦେ ।
ଯୋଗ ବନା ଶ୍ଳେଷେ କରବେ ମତ । ଉଦ୍ଦୀପନକାରୀ ଜାଣର ସତ ।
ଆଲମ୍ବନ ଭାବ । ବୁଝିଲୁ କେମନ୍ତେ ଦମ୍ଭ ରହିବ । ୨୧ ।
ପଶ୍ଚିମା ବେଶ ଯଥୋଚିତ ବାସ । ପିନ୍ଧାଇ ସଜନୀ ହୋଇଲେ ତୋଷ ।
ବୋଇଲେ ଦେଖିଲା ଜନ ନୟନ । ହେବତ ନଗରନ-ନକେତନ ।
ଛଳିଲା କେ ଭାବେ । ଲସିକା ରସିକା ହୋଇଲା ତେବେ । ୨୨ ।
ନୋହିଲା କମ୍ପା ସେ ଉକ୍ତିଲ୍ ଭାବେ । ନୂପୁର ବାନ୍ଧଛୁ ଚରଣ-ଯୁଗେ ।
ଲୋଡ଼ ଅଛୁ ତହିଁ ରହସ୍ୟ ସ୍ଥଳ । ଚେଲ-ଖୋଳେ ରଖି କୁଚ-ମର୍ଦ୍ଦଳ ।
ଜାଣି ଭାଗ୍ୟବନ୍ତ । ପଙ୍ଖୀର ପ୍ରକାଶେ କରବ ଦତ୍ତ । ୨୩ ।

---

ହେଲପରି ବୟସ୍ସ ଯୌବନ ମଦରେ ମତ୍ତ ହୋଇଅଛୁ । ହାତୀକୁ ଶାନ୍ତ କରିବାକୁ ଅଙ୍କୁଶ ଲୋଡ଼ା । ବାଳାକୁ ଶାନ୍ତ କରିବା ପାଇଁ ଲଜ୍ଜା ରୂପକ ଅଙ୍କୁଶ ଆବଶ୍ୟକ । ୨୦ ।

ମୃଦଙ୍ଗ—ମେଘ, ପ୍ରମୋଦେ—ଆନନ୍ଦରେ ନୀଳକଣ୍ଠ—ମୟୂର, ମହାଦେବ; ଉଦ୍ଦୀପନ ଭାବ—ଚନ୍ଦ୍ର, ଚନ୍ଦନ ପ୍ରଭୃତି ରସ ଉଦ୍ଦୀପ୍ତ କରୁଥିବାରୁ ଉଦ୍ଦୀପନ ଭାବର ଉପାଦାନ କୁହାଯାଏ । ସେହିପରି ନାୟକ ନାୟିକା ପ୍ରଭୃତିଙ୍କୁ ଆଶ୍ରୟ କରି ଯେଉଁ ରସ ଜାତ ହୋଇଥାଏ ତାହା ଅଲମ୍ବନ ଭାବ ବୋଲି କଥିତ । କୌଣସି ସଖୀ ସୁନ୍ଦରୀର ପାଦରେ ମୃଦଙ୍ଗ ପିନ୍ଧାଇ କରି କହିଲା, ମୃଦଙ୍ଗ (ମେଘର) ନାଦରେ ମୟୂର ଆନନ୍ଦରେ ନାଚିଲା ପରି ସୁନ୍ଦରୀର ମୃଦଙ୍ଗ ନାଦରେ ମହାଦେବ ଆନନ୍ଦରେ ବଶ ହେବେ । ଯୋଗ ଛନ୍ଦ ଶ୍ଲେଷରେ ମାତିବେ କାରଣ ଏହାହିଁ ହେଉଛି ରସ ଉଦ୍ଦୀପନକାରୀ ସମସ୍ତର ସତ । ୨୧ ।

ସଜନୀମାନେ ପଶ୍ଚିମ ଦେଶୀୟ ଢଙ୍ଗରେ ଲୁଗା ପିନ୍ଧାଇ ସନ୍ତୁଷ୍ଟ ହୋଇ କହିଲେ, ଏହାକୁ ଦେଖିଲେ ଲୋକର ଚକ୍ଷୁ ନାଟଗୃହ ହେବ ଅର୍ଥାତ୍ ନାଚ କରିବ । ଏହା ଶୁଣି ଅନ୍ୟଜଣେ ସଖୀ ଛଳରେ କହିଲା, ତେବେ ଆମ ରସିକା ଲସିକା ଅର୍ଥାତ୍ ନର୍ତ୍ତକୀ ହେଲା । ୨୨ ।

ରହସ୍ୟ ସ୍ଥଳ—ନର୍ତ୍ତନ ଜାଗା, କାନ୍ତ ସଂଯୋଗ, ଯୋଗୀଙ୍କ ଏକାନ୍ତ ସ୍ଥାନ; କୁଚ ମର୍ଦ୍ଦଳ—ସ୍ତନ ରୂପକ ମର୍ଦ୍ଦଳ, ଚେଲ—ଖୋଳ, ବସ୍ତ୍ର, କାଞ୍ଚୁଲି । ସେହି ସଖୀ ଭାବାବେଶରେ କହିଲା, କାହିଁକି ନ ହେବ ? ଇଏ ପୁଣି ନର୍ତ୍ତକୀ ପରି ଦୁଇପାଦରେ ନୂପୁର ବାନ୍ଧିଅଛୁ । ନର୍ତ୍ତକୀ ନୃତ୍ୟଯୋଗ୍ୟ ସ୍ଥାନ ଖୋଜିଲା ପରି ଇଏ ଏକାନ୍ତ ସ୍ଥାନ ଖୋଜୁଅଛୁ । ନାଚରେ ଖୋଳ ମଧ୍ୟରୁ ମର୍ଦ୍ଦଳ କାଢ଼ି ବଜାଇଥାନ୍ତି । ଏହାର ସ୍ତନରୂପକ ମର୍ଦ୍ଦଳ କାଞ୍ଚୁଲି ଭିତରେ ରଖିଅଛୁ । ଭାଗ୍ୟବନ୍ତ ଲୋକ ପାଇଲେ ଏହା ଖୋଳରୁ ବାହାରେ । ତାହା ପଦକୁ ଦେଇଥାନ୍ତି । ୨୩ ।

ଏ ବଧି ରସନିଧି ବେଶ ସାରି । ନଜ ବ୍ୟାପାରେ ଗଲେ ଶିଳ୍ପକାରୀ ।
ଏକାଳେ ଦ୍ୱିଜେ ଭଷି ଗ୍ରାମ ଘୋଷ । ବନ ଦ୍ୱାରେ ହୋଇଲେ ଲାଳସ
ଉପଇନ୍ଦ୍ର ଘୋଷେ । ଶ୍ରୀରାମ-ଇନ ଘନ ନାଶେ । ୨୪ ।

— * —

## ତ୍ରୟୋଦଶ ଛାନ୍ଦ

( ସାକ୍ଷାତ୍ ଦର୍ଶନ )

ରାଗ—କାମୋଦ

ରସିକେ ରସିକର ଏଥି ପଦନକର ସୁଧା ଶୀକର ପାନ ତୋଷେ ।
ପ୍ରାତେ ନବବୟସୀ ବୟସୀ ପାଶେବସିବଶୀଭୂତ ଦର୍ଶନ ଆସେ ସେ ।
ଅନୁପମା । ଯେସନେ ଦୀନଜନ ମତ । ଧନ ଲଭିବା ଲୋଭ ଅତ ।
ଜୃମ୍ଭାଙ୍କୁ ଘନ ଘନ ଆସଇ ପୁନଃପୁନଃ ଭାଷଇ ଆନ ଆନ ଛନ୍ତ ସେ । ୧ ।

---

ରସନଧି—ସୁନ୍ଦରୀର. ଦ୍ୱିଜ—ପକ୍ଷୀ, ବ୍ରାହ୍ମଣ; ରମଘୋଷ—ରାମ ନାମ, ଇନ—ସୂର୍ଯ୍ୟ, ଘନ—ଅନ୍ଧାର, ପାପ । ଏହିପରି ବିଧିରେ ସୁନ୍ଦରୀର ବେଶ ସାରି ଶିଳ୍ପକାରୀମାନେ ନଜ ନଜ କାମରେ ଗଲେ । ଏତକବେଳେ ପକ୍ଷୀମାନେ କୂଜନ କଲେ ଏବଂ ବ୍ରାହ୍ମଣମାନେ ରାମ ନାମ ଘୋଷି ବନ ଦ୍ୱାରରେ ବାହାରିଲେ । ଉପଇନ୍ଦ୍ର ଭଞ୍ଜ କହୁଛନ୍ତି ରାମଚନ୍ଦ୍ର ସୂର୍ଯ୍ୟରୂପରେ ଅନ୍ଧକାରରୂପୀ ପାପ ନାଶ କରିବେ । ୨୪ ।

—o—

ନକର—ସମୁଦ୍ର, ଶୀକର—ବିନ୍ଦୁ, ପାନ—ପିଅ, ବୟସୀ—ସଖୀ, ଅନୁପମ—ଅତୁଳନୀୟା, ଦୀନଜନ—ଦରିଦ୍ର, ଜୃମ୍ଭା—ହାଇ । ଆହେ ରସପ୍ରିୟ ଜନମାନେ ଏହି ଛାନ୍ଦରେ ରହିଥିବା ପଦସମୂହ ଅମୃତ କଣିକା ସମାନ ଅଟେ । ଏହାକୁ ଆନନ୍ଦରେ ପିଅ । ଦରିଦ୍ର ବ୍ୟକ୍ତି ଯେପରି ଧନପ୍ରାପ୍ତି ଆଶାରେ ଅତିଶୟ ଲୋଭୀ ହୋଇଥାଏ, ସେହିପରି ଏହି ନବଯୁବତୀ ସଖୀ ପାଖରେ ବସି ପୁରୁଷର ଭେଟ ପାଇବା ଆଶାରେ ମନ୍ତ୍ରିଗଲା । ତା ମୁହଁରେ ଘନ ଘନ ହାଇ ଉଠିଲା ଓ ସେ ପୁନଃପୁନଃ ଭିନ୍ନ ଭିନ୍ନ ଧରଣରେ କଥା କହିଲା । ୧ ।

ଅରୁଣ-ଧରା ଧରା ଭୂଷା-ପଞ୍ଜରା-ଧରା ଶାରୀ ପରିକରେ ଲୋକନ ।
ହୋଇଲେ ବିମନା-ମନ-ନନ୍ଦଦାୟିନୀ ଅନା ନଭେ ଶୋଭେତ ଶମଶାନରେ
କାଦମ୍ବିନୀ । କାଷ୍ଠାବଳୀରେ ଚିତା ଜଳେ । କେ ଦଗ୍ଧ ହେବ ଭାବେ ଆଳୀ ।
ଅନୁରକ୍ତା ପଦ୍ମିନୀ ଅନୁରାଗକୁ ଯେହ୍ନ ଅନୁସରଣେ ଭାନୁ ମିଳ ସେ ।୨।
କହେ ସଖୀ ରୁକ୍ଷ-ଶୀଳା ଭାଗ୍ୟବଶରୁ ସ୍ୱରୂପେ ଏପରି ଉତ୍ସବ ।
ହୋଇବ ଭଲ ଭବ୍ୟ ଅଳ୍ପରେ ସହି ସହିଥାଅ କଷ୍ଟ କେତେକ ଭାବରେ ।
ଅନୁପମା ମଧୁର ମଧୁକଣ୍ଠ-ରବ । ଏଣିକି ବଜ୍ରପାତ ହେବ ।
ସୂର୍ଯ୍ୟ ଅନଳ ବୁଝିବ କଥା କଳାନିଧି ସ୍ୱଧିରେ ଯେ ବିଧି ବାଧିବରେ ।୩।
ରାଗ ଜନିତ ନିତମ୍ବିନୀ ଉଚିତ ଚିତ୍ତ ଶ୍ରବତ ମାଙ୍ଗଲ୍ୟା ବଚନ ।
ମିଳେ ଏକ ଜଟିଳା ଅର୍ଦ୍ଧଚନ୍ଦ୍ର-ନଟନା-ଶୋଭିନୀ କରି ବିଲୋକନ ସେ ।

---

ଅରୁଣାଧରା—ରକ୍ତବର୍ଣ୍ଣ ଓଠ, ଧରା ଭୂଷା—ପୃଥିବୀ ମଣ୍ଡନା, ପଞ୍ଜରା ଧରା—ପିଞ୍ଜରାରେ ଥିବା, ବିମନା—ବ୍ୟାକୁଳ, ମନ-ନନ୍ଦଦାୟିନୀ—ମନକୁ ଆନନ୍ଦ ଦେଉଥିବା, ଶମଶାନ—ମଶାଣି, କାଷ୍ଠାବଳୀ—କାଠସମୂହରେ, ଚିତା—ମଶାଣିରେ ଶବ ପୋଡ଼ିବା ନିଆଁ, ଅନୁରାଗ—ପ୍ରେମ, ଅନୁସରଣେ—ଏହା ପଛେ ପଛେ, ଲୋକନ—ଚାହିଁବା । ଓଠ ରକ୍ତବର୍ଣ୍ଣା ପୃଥିବୀ ଶୋଭିନୀ ପିଞ୍ଜରାରେ ଆବଦ୍ଧ ଶାରୀପରି ଏଣେତେଣେ ଅନାଏ । ସେହି ମନଆନନ୍ଦକାରିଣୀ ସୂର୍ଯ୍ୟଙ୍କୁ ଦେଖି ବ୍ୟାକୁଳ ହୋଇ କହଇ, ସଖୀ କାଦମ୍ବିନୀ ଦେଖିଲୁ, ଆକାଶରେ ଶ୍ମଶାନ ଦେଖାଯାଉଛି । ଶ୍ମଶାନରେ ଚିତାଗ୍ନିରେ କାଠ ଜଳିଲା ପରି ଆକାଶରେ ସୂରଅଡ଼େ ନିଆଁ ଜଳୁଛି । ଏଥିରେ କିଏ ପୋଡ଼ାଯିବ ? ଏତକ ଶୁଣି ସଖୀ ଉତ୍ତର ଦେଲା ଏହା ଚିତାଗ୍ନି ନୁହେଁ, ଏହା ହେଉଛି ଅନୁରକ୍ତ ପଦ୍ମିନୀର ସ୍ନେହକୁ ମନରେ ଯେହ୍ନ ତାହାକୁ ସୂର୍ଯ୍ୟ ଅନୁସରଣ କରୁଅଛନ୍ତି । ଅର୍ଥାତ୍ ଏହା ଉଷାକାଳର ରକ୍ତିମା । ଏହାପରେ ସୂର୍ଯ୍ୟୋଦୟ ହେବେ ।୨।

ସ୍ୱରୂପେ—ସତକୁ ସତ, ମଧୁକଣ୍ଠ—କୋଇଲି, ରବ—ଧ୍ୱନି, କଳାନିଧି—ଚନ୍ଦ୍ର । ସଖୀ କହିଲା, ଆରେ ରୁକ୍ଷଶୀଳା ! ଚିନ୍ତା କରୁଛ କାହିଁକି ? ତୋ ଭାଗ୍ୟବଶରୁ ସତକୁ ସତ ପଦ୍ମିନୀକୁ ସୂର୍ଯ୍ୟ ଅନୁସରଣ କଲାପରି ଉତ୍ସବ ଘଟିବ ଏହା ବିଧାତା ଲେଖି ରଖିଛି । ସହି ! କିଛିକାଳ କଷ୍ଟ ସହି ରହିଥାଅ । ରେ ଅନୁପମ ସୁନ୍ଦରୀ ଏଣିକି କୋଇଲିର ମଧୁର ଧ୍ୱନି ତୋତେ ବଜ୍ରଧ୍ୱନି ପରି କଷ୍ଟ ଦେବ । ସୂର୍ଯ୍ୟଙ୍କୁ ତୁ ଅନଳ ବୋଲି ଯାହା ବିଚାରୁଛୁ ତାହା କିଛି ଆଶ୍ଚର୍ଯ୍ୟ କଥା ନୁହେଁ । ସ୍ୱଭାବତଃ ଚନ୍ଦ୍ର ଅଗ୍ନି ପରି ହୋଇ ବାଧା ଦେବ ।୩।

ରାଗ—ସ୍ନେହ, ଜଟିଳା—ସନ୍ନ୍ୟାସିନୀ, ଧରଣୀ-ଶିରୀ—ମର୍ତ୍ତ୍ୟପୁର ଲକ୍ଷ୍ମୀ, ଶିଲ୍ପ-କାରୀ—ବେଶକାରୀ, ବିଲୋକନ—ଦର୍ଶନ, ସୁବେଶ—ଉତ୍ତମ ବେଶଭୂଷା । ପୂର୍ବୋକ୍ତ କାଦମ୍ବିନୀ ନାମ୍ନୀ ସଖୀ ବର୍ଣ୍ଣିଲା, ମାଙ୍ଗଲ୍ୟାର କଥାମତେ ଆମ ନିତମ୍ବିନୀ ମନରେ ଉଚିତ-ମତେ ପୁରୁଷ ପ୍ରତି ଆସକ୍ତି ଜାତ ହେଲାଣି । ଏହିକାଳରେ ଏକ ସନ୍ନ୍ୟାସିନୀ ପହଞ୍ଚିଲା । ସେ

ବସୁରହିଛି । କବାଟସି ଧରଣୀ-ଶ୍ରୀରୀ । ଧନ୍ୟ ଏହାର ଶିଳ୍ପକାରୀ ।
ସୁବେଶକୁ ସୁବେଶ ଯେହ୍ନେ ତାକୁ ସୁବେଶ କଲେ କି ଅନୁମାନ କର ସେ । ୪ ।
କି ଗୁଡ଼ଣେ ସେ କି ଗୁଡ଼ଣେ ଗୁନ୍ଥିଲେ ଗ୍ରନ୍ଥି ଗୁଡ଼ଣେ ରଖିଲେ ବରୁ କୁରୁଣ୍ଟକେ ।
ବେଣୀ ନଳୀ ଝଟକେ ଗୁଣା କରି ହାଟକେ ମୁଠା ବାନ୍ଧିଲେ କି ଛଟକେ ସେ ।
ପିହାଣିଆ । ସ୍ୱର୍ଣ୍ଣ କି ରଜତ-ନକସ । କାହାକୁ ଜିଣି ନେବ ଯଶ ।
ମନୁଜ ଦନୁଜରେ ଅବଶ ତନୁଜରେ କେ ନୋହୁଅଛି ଏହା ବଶ ସେ । ୫ ।
ଏ ଛବି ବେଢ଼ ଅହିକେ କରି ଲକ୍ଷ୍ୟ ଦେଇ ହେଠ କରି କି ବାଳା ହେଉଛି ।
ଭୁଜଙ୍ଗ ହେଲକୁ କାଳ ବ୍ୟାଳେ କି କାଳକାଳ ତଳେ ଲୁଚିଲା ଯେ ଲଜେ ସେ ।
ଗୁଳ ଯୋଗ । କି କଲା କି ଯଶ ସୁମର । ଯେହ୍ନେ ନସଉ ତାକୁ ମାର ।
ମନୋରମ ଚରମଦେଶେ ଲେଉଟିଛି ଝାମପିବେ ଧାର୍ମିକେ ଦେଖି କରି ସେ । ୬ ।

---

ଅର୍ଦ୍ଧଚନ୍ଦ୍ର ପରି କପାଳ ଶୋଭାଯୁକ୍ତ। ସୁନ୍ଦରୀ ନେମାକୁ ସୁନ୍ଦି ଦେଉଛୁ, ଏହି ସୁନ୍ଦରୀ ପୃଥିବୀର ଲକ୍ଷ୍ମୀ ପରି । ଏହାକୁ ବେଶ କରିଥିବା ଲୋକେ ଧନ୍ୟ । ଏହି ସୁନ୍ଦରୀ ସବୁ ବେଶଭୂଷା ଉପରେ ଶ୍ରେଷ୍ଠ ଅଳଙ୍କାର । ଏହାକୁ ପୁଣି କଅଣ ପାଇଁ ବେଶକାରୀମାନେ ବେଶ କଲେ ? ୪ ।

ଗୁଡ଼ଣେ—କାରଣରେ, ଉଦ୍ଦେଶ୍ୟରେ; ଗୁନ୍ଥିଲେ—ଗୋଟି ଗୋଟିକରେ ବାନ୍ଧିବା, ଗ୍ରନ୍ଥି ଗୁଡ଼ଣେ—ଗଣ୍ଠି ରୂପରେ, ବରୁ—ସୁନ୍ଦର, କୁରୁଣ୍ଟକେ—ଦାସକେରେଣ୍ଡା ଫୁଲରେ, ନଳୀ—ବନ୍ଧୁକ, ହାଟକେ—ସୁନାରେ, ଗୁଣାକରି—ବନ୍ଧୁକର ଗୁଣା କରି, ଛଟକ—ସୁବର୍ଣ୍ଣ, ପିହାଣିଆ—ଚାନ୍ଦୁଣୀ, ରଜତ ନକସ—ରୂପା ନକସା, ମନୁଷ—ମଣିଷ, ଦନୁଜ—ଦୈତ୍ୟ, ଅବଶ ତନୁଜ—ଦେବତା । ସେହି ବେଶକାରୀମାନେ କି କାରଣରୁ କେଉଁ ଜୋର ସୁନ୍ଦର ଦାସକେରେଣ୍ଡା ଫୁଲକୁ ଗୁନ୍ଥି ଗଣ୍ଠି ଦେଲେ । ଏହା କଲାରୁ ସେହି ସୁନ୍ଦରୀର ବେଣୀ ବନ୍ଧୁକ ନଳୀ ପରି ଝଟକିଲା । ତହିଁରେ ସୁବର୍ଣ୍ଣର ଗୁଣା ବନ୍ଧୁକ ଗୁଣା ପରି କରି ମୁଠା ବାନ୍ଧିଲେ । ତା ଉପରେ ସ୍ୱର୍ଣ୍ଣ ଝଞ୍ଜିବାରୁ ରୂପା ପରି ଦିଶିଲା । ସୁନ୍ଦରୀ ଏହି ନଳୀରେ ଲକ୍ଷ୍ୟକରି କାହାକୁ ଜୟ କରିବ କଣା ଯାଉନାହିଁ । ନର, ଅସୁର ଓ ଦେବତା ମଧ୍ୟରେ କିଏ ଅଛି ଯେ ଏହାର ବଶ ନ ହେବ । ୫ ।

ଛବି—ଦୃଶ୍ୟ, ରୂପ; ଅହି—ସର୍ପ, ଲକ୍ଷ୍ୟ—ଉପମା ଦେଇ, କାଳ ବ୍ୟାଳ—କାଳ ସର୍ପ, କାଳକାଳ—ସବୁଦିନ ପାଇଁ, ତଳ—ଗର୍ତ୍ତ, ଲଜେ—ଅଶକ୍ତ, ଲଜ୍ଜା; ଚରମ ଦେଶ—ପୀଠ ପଟେ, ଝାମ—ମୂର୍ଚ୍ଛା । ସୁନ୍ଦରୀର ବେଣୀ ଯେଉଁ ଦୃଶ୍ୟ ଧାରଣ କରିଛି ତାହାକୁ କୌଣସି କବି ସର୍ପ ସହିତ ତୁଳନା କଲାରୁ ସୁନ୍ଦରୀ ମୁହଁ ତଳକୁ ପୋତି କରିଥାନ୍ତା ବେଗ୍ର କଲା । ସର୍ପ ବେଣୀ ଶୋଭାଠାରୁ ନିକୃଷ୍ଟ ହୁଅନ୍ତେ କାଳସର୍ପ ଚିରକାଳ ପାଇଁ ଲଜ୍ଜାରେ ଗାତ ଭିତରେ ଲୁଚିଲା । ସିଏ ଅଶକ୍ତ ତାକୁ ମାରି କି ଯଶ ମିଳିବ ଏହା ବିଚାରି ସୁନ୍ଦରୀ ବେଣୀ ରୂପ ବନ୍ଧୁକରେ ଗୁଳି ଯୋଗ କଲାନାହିଁ । ସୁନ୍ଦରୀ ଉଚ୍ଚର ବେଣୀ ସୁନ୍ଦର ପିଠି ପଟରେ ଲେଉଟି ରହିଛି । ତାହାକୁ ଦେଖିଲେ ଧାର୍ମିକ ଲୋକମାନେ ମୂର୍ଚ୍ଛା ଯିବେ । ୬ ।

ପୁଣି ମୁଖ ଚାହିଁଲି ଗୁଣି ସୁଖ ପାଇଲି ପାଞ୍ଚିଲି ଚନ୍ଦ୍ର ରଥ ଏହୁ ।
ତାଟଙ୍କ ଚକ୍ରବେନି ବର୍ତ୍ତୁଳ ଚକ୍ର ଦେନି କପୋଳ-ବିମ୍ବେ ବିମ୍ବ ଚକ୍ରି ସେ ।
ଗୃପସରି । ଗ୍ରୀବ ଟେକଣ ପରି ରାଜ । ଝଲକା ସୁମଣ୍ଡଣି ଦେଖ ।
ଉଡୁଂସ ଝିଲମିଲମାଳୀ ଏମନ୍ତ ଝଳ ଯେମନ୍ତ କୋଣାଦ୍ୱାର ସାଜ ସେ ୭ ।

ମୋତି-ସୀମନ୍ତ ବୈଜୟନ୍ତୀ ବିରାଜନ୍ତି ସିନ୍ଦୂର ଚନ୍ଦନ କସ୍ତୁରୀ ।
ଏ ବନକେ ଚର୍ଚ୍ଚିତ ଛବକେ କି ଅଦ୍ଭୁତ ସ୍ୱଭାବେ ଦିଶେ ଛବି ପରି ସେ ।
ମଲ୍ଲୀକଢ଼ୀ । ଶିଖର କଳସ ସୁଢଳେ । ନାସା-ମୋତି ରୋହିଣୀ କୋଳେ ।
ନୀଳ-ଚେଳ ତମାଳବନ ଉଦୟସ୍ଥଳ କୁଚ-ପୂର୍ବାଦ୍ରି ଚୂଳେ ମିଳେ ସେ । ୮ ।

---

ଗୁଣି—ବିଚାରି, ଚନ୍ଦ୍ରରଥ—ଚନ୍ଦ୍ରର ରଥ; ସେଥିରେ ଚାରି ଚକ ଥାଏ । ଏଠାରେ ସୁନ୍ଦରୀର ଦୁଇକର୍ଣ୍ଣ ତାଟଙ୍କ ଦୁଇଟି ଚକ, ଆଉ କପୋଳ ବିମ୍ବ—ଗଣ୍ଡ ମଣ୍ଡଳରେ, ବିମ୍ବ—ପ୍ରତିବିମ୍ବ, ଏ ଦୁହେଁ ଦୁଇ ଚକ । ଗୃପସର—ଗୋଟିଏ ବାଦ୍ୟ; ଗ୍ରୀବା ଗୃପସର ଆଗ୍ରର ଟେକଣ ପରି ଲାଗୁଛି । ଝଲକା—କାନର ଗହଣା, ସୁମଣ୍ଡଣି—ସୁମଣି, ଉଡୁଂସ—ମାଳୀର କୁହୁଣ୍ଡା । ପୁଣି ଜଣେ ସଖୀ ସୁନ୍ଦରୀର ମୁହଁକୁ ଅନାଇଁ ମନରେ ମୁଖର ଶୋଭା ବିଚାର କରି ଖୁସି ହୋଇ ଭାବିଲା ଏହା ଚନ୍ଦ୍ରଙ୍କ ରଥ; ଏଥିରେ ସୁନ୍ଦରୀର ଦୁଇ କାନର କାପ ନାମକ ଗହଣା ଦୁଇଟି ଚକ, ଏହାପରେ କପୋଳ ଗଣ୍ଡଦେଶରେ ତାହାର ପ୍ରତିବିମ୍ବ ଦୁଇଟି ରଥର ଆଉ ଦୁଇଟି ଚକ । ଗ୍ରୀବା ଖଚିତ ଗୃପସର ରଥର ଟେକଣ ପରି ଶୋଭା ପାଉଛି । ସେଥିରେ ପୁଣି କାନର ଗହଣା ରଥର ଅଳଙ୍କାର ଏବଂ ଝଲମଲ କରୁଥିବା ମାଳୀର କୁହୁଣ୍ଡାର ଶୋଭା ଦ୍ୱାରମୁହଁ ପରି ଦେଖା ଯାଉଛି । ୭ ।

ସୀମନ୍ତୀ—ମସ୍ତକରେ, ବୈଜୟନ୍ତୀ—ପତାକା, ବନକରେ—ବର୍ତ୍ତମାନରେ, ଅଦ୍ଭୁତ ସ୍ୱଭାବେ—ଆଶ୍ଚର୍ଯ୍ୟ ପ୍ରକାରେ, ଛବକେ—ଛବରେ, ସୁଢଳେ—ସୁନ୍ଦର ରୂପ, ମଲ୍ଲୀକଢ଼ୀ—ଗହଣା ବିଶେଷ, ରଥର ଅଗରେ ଥିବା କଳସ, ନୀଳଚେଳ—ନେଳି ରଙ୍ଗର କାଞ୍ଚୁଲା; ପୂର୍ବାଦ୍ରି—ଉଦୟ ପର୍ବତ, ଚୂଳେ—ଶିଖରରେ । ସୁନ୍ଦରୀର ମସ୍ତକରେ ମୋତି ଖଚିତ ପତାକା ଉଡ଼ୁଛି, ସିନ୍ଦୂର ଚନ୍ଦନ କସ୍ତୁରି ପ୍ରଭୃତି ଢଙ୍ଗରେ ତାହା ଚର୍ଚ୍ଚିତ ହୋଇଅଛି । ଆଶ୍ଚର୍ଯ୍ୟ ପ୍ରକାରେ ଛବି ଅଦ୍ଭୁତ ହୋଇ ରଥର ଛବି ପରି ଦିଶୁଅଛି । ମଲ୍ଲୀକଢ଼ି ରଥର କଳସ ପରି ସୁନ୍ଦର ହୋଇଅଛି । ସୁନ୍ଦରୀର ନାକର ମୋତି ଦେଖି ମନେ ହେଉଛି ହତେ ଯେପରି ରୋହିଣୀ ନକ୍ଷତ୍ରକୁ କୋଳରେ ଧରି ଚନ୍ଦ୍ର ରଥରେ ବସିଛି । ତମାଳ ବନ ହେଲା ସୁନ୍ଦରୀର ନେଳି କାଞ୍ଚୁଲା, ତାହାର ଗହଳ ସ୍ଥାନ ହେଲା ବାଳାର କୁଚ, ତାହା ଉଦୟ ପର୍ବତ ପରି ଏବଂ ସେଥିରେ ଆସି ଚନ୍ଦ୍ର ରଥ ଅଟକିଲା କି ? ଅର୍ଥାତ୍ ସୁନ୍ଦରୀର ମୁଖ ଶୋଭା ଆସି ସ୍ତନ ଦେଶରେ ଲାଗି ରହିଲା । ୮ ।

ନୋହିଲା ବାରି ବାରିରୁହାକ୍ଷୀ ଦାନବାରି-ମୋହିନୀ ଆନ ଅଙ୍ଗଭୂଷା ।
ସେ କଟିଲା ପ୍ରବେଶ ସଜ ହୋଇ ଆବେଶ ପ୍ରକାଶ କଲା ଏହି ଭାଷା ସେ ।
ଅନୁପମା । କଲ୍ୟାଣୀ ହୋଇ ତୋଷମତି । ଯାହା କରି ତା ରଚିଛନ୍ତି ।
ମାଧବରେ ସଲିଳେ ମାଧବର ସଲୀଳେ ଚନ୍ଦନୋତ୍ସବ ଯେଉଁ ମଣ୍ଡରେ । ୯ ।
ଭାବରେ ସରିତରେ ନାବରେ ସରିତରେ ଆନ ସେ ଉତ୍ସବକୁ ନାହିଁ ।
ବ୍ରଜଜନ-ମୋହନ ରୂପେ ମିଳି ବହନ ବିହାର କରିବେ ଯେ ତହିଁ ସେ ।
ଅନୁପମା । ସଖା ସହିତ ହୋଇଥିବେ । ନୟନ ଦୁଃଖକୁ ମନ୍ଥିବେ ।
ତୋ ଯିବାର ଇଚ୍ଛନ୍ତି ମୋତେ ପେଷିଅଛନ୍ତି ମୋ ସଙ୍ଗେ ବିଜେ କର ଏବେ । ୧୦ ।

---

ବାରି—ଅଲଗା କରି, ବାରିରୁହାକ୍ଷୀ—ପଦ୍ମନେତ୍ରୀ, ଦାନବାରି—ଦାନବଙ୍କ ଶତ୍ରୁ ଅର୍ଥାତ୍ ଦେବତା, ଆନ—ଅନ୍ୟ, ଆବେଶ—ବସିବା, "ସଜ ହୋଇ ଆବେଶ"—"ସଜ ହୋଇ ବସିଛୁ", ତୋଷମତି—ମନରେ ସନ୍ତୁଷ୍ଟ ଭାବ, ଅନୁପମା—ତୁଳନା ନ ଥିବା, କଲ୍ୟାଣୀ—ମଙ୍ଗଳ୍ୟା, ଯାହା କରି—ସୁନ୍ଦରଙ୍କ ସଙ୍ଗରେ ଦେଖା କରିବା ଉଦ୍ଦେଶ୍ୟରେ ଯିବାର ଉଦ୍ୟମ, ମାଧବରେ—ମଧୁମାସ ଅର୍ଥାତ୍ ବୈଶାଖ ମାସରେ, ସଲିଳେ—ଜଳରେ, ମାଧବର—ମଦନମୋହନଙ୍କର, ସଲୀଳେ—ଲୀଳା ସହିତ । ସେହି ପଦ୍ମନେତ୍ରୀ ଦେବତା ମୋହିନୀଙ୍କର ଅନ୍ୟଭୂଷଣମାନ ପୃଥକ କରି ହେଲା ନାହିଁ, ସେ କଟିଲା ପାଖରେ ପହଞ୍ଚି 'ସଜହୋଇ ବସିଛୁ' ଏହି ଭାଷା ପ୍ରକାଶ କଲା କହିଲା ଆରେ ଅତୁଳନୀୟା; ମଙ୍ଗଳ୍ୟ ତୋ ଉପରେ ସନ୍ତୁଷ୍ଟ ହୋଇ ତାଙ୍କ ସହିତ ଦେଖା କରିବାକୁ ଯିବାକୁ ବେଶଭୂଷା ହୋଇ ବସିଛୁ । ଯେଉଁ ପରି ବୈଶାଖ ମାସରେ ମଦନମୋହନ ଲୀଳା ସହିତ ଜଳକ୍ରୀଡ଼ା ଅର୍ଥାତ୍ ଚନ୍ଦନ ଯାତ୍ରା କରନ୍ତି ସେହିପରି ଲୀଳା ପାଇଁ ଅପେକ୍ଷା କରିଛନ୍ତି । ୯ ।

ଭାବରେ—ଆରେ ଭାବନା କର (ପ୍ରେମରେ); ସରିତରେ—ନଦୀରେ; ନାବରେ—ନୌକାରେ; ନା-ବରେ—ବରେ ନାହିଁ; ସରିତ—ସମାନ; ଆନ ଉତ୍ସବ—ଅନ୍ୟ ଉତ୍ସବ; ସଖା—ବନ୍ଧୁ, ଭାଇ, ଇଚ୍ଛନ୍ତି—ବାଞ୍ଛନ୍ତି । ପେଷିଅଛନ୍ତି—ପଠାଇଛନ୍ତି; ବିଜେକର—ଗମନକର । ଆରେ ସୁନ୍ଦରୀ ! ମନରେ ଭାବ । ନଦୀରେ ନୌକା ବିହାରରେ ସେ ଉତ୍ସବ ଅର୍ଥାତ୍ ଚନ୍ଦନ ଉତ୍ସବ ହୁଏ । ଅନ୍ୟ କୌଣସି ଉତ୍ସବ ସେହି ଉତ୍ସବ ସଙ୍ଗେ ସମାନ ହେବ ନାହିଁ । ସେହିପରି 'ଭାବରେ' ଅର୍ଥାତ୍ ପ୍ରେମରେ ସେହି ନା—ବରେ ଅର୍ଥାତ୍ ଅନ୍ୟ ବର ସମାନ ନୁହେଁ; ଏପରି ମିଳନ ଉତ୍ସବ ପରି ଅନ୍ୟ କୌଣସି ଉତ୍ସବ ସମାନ ନୁହେଁ । ଆରେ ଅତୁଳନୀୟା ସୁନ୍ଦରୀ, ଚନ୍ଦନ ଯାତ୍ରାରେ ନାଗରଜଣ ସମସ୍ତଙ୍କ ମୋହ କଲା ଭଳି ରୂପ ଧାରଣ କରି ଶୀଘ୍ର ମିଳିତ ହୋଇ ନୌକା ବିହାର କରନ୍ତି, ତାଙ୍କ ସହିତ ସଖା ଅର୍ଥାତ୍ ଭାଇ ମଧ୍ୟ ଥାଆନ୍ତି । ସେ ଲୋକମାନଙ୍କ ଚକ୍ଷୁର ଦୁଃଖ ହରଣ କରନ୍ତି । ଏଠାରେ ସ୍ୱଳ୍ପସୁଖ ମିଳନ ଉତ୍ସବ କରିବା ପାଇଁ ସଖା ଅର୍ଥାତ୍ ସଙ୍ଗୀମାନଙ୍କ ସହିତ ବ୍ରଜଜନ ମୋହନ ରୂପରେ ଶୀଘ୍ର ମିଳି ବିହାର କରିବେ । ସେ ସମସ୍ତଙ୍କର ଦୁଃଖ ବିଶେଷ କରି ତୋ ପିପାସୁ ଚକ୍ଷୁର ଦୁଃଖ

ଏମନ୍ତ କହୁଁ କହୁଁ ସମସ୍ତେ ଶୁଣୁଁ ଶୁଣୁଁ କେମନ୍ତ କପଟ ସୁରଙ୍ଗେ ।
ମଠ ବନ ଜଗତୀ ମଧ୍ୟ ପୀଠ ଜଗତୀ-ଶୋଭିନୀ ତିନ ସଖୀ ସଙ୍ଗେ ସେ ।
ପ୍ରବେଶିତ । ଅଧିକା ନିଦ୍ରା ବଶ ପରି । ମଣ୍ଡିଅଛନ୍ତି ସେହି ପୁରୀ ।
ଉପାଧ୍ୟାୟୀ ତହିଁରେ ଉପାୟ ପ୍ରଭାବରେ ବାହାରେ ଦେଖିଲେ ସେ ନାରୀ । ୧୧ ।
ଜଂଭୂକ ଅଦଭୁତ ପୁଂସ କଲା ସମ୍ଭୃତ ମାୟା ଭୂତ ଭବିଷ୍ୟ-ଜ୍ଞାତା ।
ନୃପ ସୁତ ସହିତ ମନ୍ତ୍ରୀ-ଜ ପୁରୋହିତ-ସୁତ ବିମାନେ କରି ସ୍ଥିତା ସେ ।
ଚପଳରେ । ସେ ବନେ କଲା ପରବେଶ । ଜନ ଯଥା ମାଦକ ବଶ ।
ସ୍ୱପୁରେ ଥିଲା ପୋଷା ଟୋକାଏ ଭେଟାଇଲା ବୋଇଲା ସେ ଏମନ୍ତ ଭାଷ । ୧୨ ।
ହୈମବତୀ ରେବତୀ ବଧୂଙ୍କ ପ୍ରିୟବତୀ ଶଚୀ ସଦୃଶ ଏକ ମୂର୍ତ୍ତି ।
ଏ କାନନେ ଯୁବତୀ ଅଛି ବୟସ ବତିଶାର୍ଦ୍ଧରୁ ଊଣାପରା ମତି ସେ ।

---

ଦୂର କରିବେ । ଏଣୁ ମଙ୍ଗଳ୍ୟାଙ୍କ ଇଚ୍ଛା ତୁ ସେଠାକୁ ଯିବୁ ଏଣୁ ତୋତେ ନେବାକୁ ମୋତେ ପଠାଇ ଅଛନ୍ତି । ତୁ ମୋ ସାଙ୍ଗରେ ଚାଲ । ୧୦ ।

ମଠବନ—ବାଡ଼ିବଗିଚା; ଜଗତୀ—କୋଠା, ମଧ୍ୟପୀଠ—ଆସନ; ଜଗତୀ-ଶୋଭିନୀ—ଜଗତ ସୁନ୍ଦରୀ ପ୍ରବେଶିତ—ପ୍ରବେଶ କଲା; ଅଧିକା ନିଦ୍ରା—ବେଶୀନିଦ୍ରା ଅର୍ଥାତ୍ ସ୍ୱପ୍ନ, ଉପାଧ୍ୟାୟୀ—ଉପାଧ୍ୟାୟଙ୍କ କନ୍ୟା; ଉପାୟ ପ୍ରଭାବ—କୌଶଳ ବଳରେ । ଏହିଭଳି କଥା ହେଉଁ ହେଉଁ ସମସ୍ତେ ଶୁଣାଇଅଛନ୍ତି ହଠାତ୍ ଏହି ଲୀଳା ପ୍ରକାଶ ପାଇଲା । ମାଙ୍ଗଲ୍ୟାଙ୍କର ବଗିଚା କୋଠା ଉପରେ ମଧ୍ୟ ଆସନରେ ଜଗତ୍ ସୁନ୍ଦରୀ ରାଜକନ୍ୟା ତିନି ସଖୀଙ୍କ ସହିତରେ ପ୍ରବେଶ କଲେ । ସେମାନେ ଦେଖିଲେ ଉପାଧ୍ୟାୟଙ୍କ କନ୍ୟା ନିଜର କୌଶଳ ବଳରେ ସ୍ୱପ୍ନରେ ଦେଖିଲା ଭଳି ବାହାର ଭାବରେ ସେହି ପୁର ସଜାଇ ତହିଁରେ ବିହାର କରୁଅଛନ୍ତି । ୧୧ ।

ଜଂଭୂକ—ବିଟପ; ଅଦଭୁତ ପୁଂସ—ଅଦ୍ଭୁତ ପୁରୁଷ, ନୃପସୁତ—ରାଜପୁତ୍ର, ମନ୍ତ୍ରୀଜ—ମନ୍ତ୍ରୀଙ୍କ ପୁତ୍ର; ପୋଷା ଟୋକାଏ—ସୁଅଟାଏ; ସମ୍ଭୃତ—ସୃଷ୍ଟି; ଚପଳରେ—ଅତି ଶୀଘ୍ର; ମାଦକ—ନିଶାଦ୍ରବ୍ୟ, ବଶ—ଅଧୀନ, ଭୂତ-ଭବିଷ୍ୟ—ଅତୀତ ଓ ଭବିଷ୍ୟତ୍ । ଅତୀତ ଭବିଷ୍ୟତ୍ ଜାଣିଥିବା ଅଦ୍ଭୁତ ପୁରୁଷ କମାକାର ମାୟା ସୃଷ୍ଟି କଲା । ସେ ଅତିଶୀଘ୍ର ରାଜପୁତ୍ର, ମନ୍ତ୍ରୀପୁତ୍ର ଓ ପୁରୋହିତ ପୁତ୍ରଙ୍କୁ ବିମାନରେ ବସାଇ ସେହି ବଣରେ ପହଞ୍ଚାଇଲା । ନିଶାଦ୍ରବ୍ୟ ଖାଇ ଭୋଳ ହେଲା ପରି ସେମାନଙ୍କର ଭ୍ରମଜାତ ହେଲା । ନିଜ ଘରେ ରହୁଥିବା ଟୋକାଟାଏ ମଧ୍ୟ ସେଠାରେ ହାଜର କରାଇଲା । ସେହି ଟୋକା ଏପରି ଭାଷାରେ କହିଲା । ୧୨ ।

ହୈମବତୀ—ପାର୍ବତୀ, ରେବତୀ—ରୋହିଣୀ ନକ୍ଷତ୍ର, ବଳରାମଙ୍କ ସ୍ତ୍ରୀ; ବଧୂଙ୍କ ପ୍ରିୟବତୀ—ଚନ୍ଦ୍ରର ଅତି ପ୍ରିୟ; ଶଚୀ—ଇନ୍ଦ୍ରପତ୍ନୀ; ସଦୃଶ—ତୁଲ୍ୟ, ବତିଶାର୍ଦ୍ଧ—ଷୋହଳ; ଶିବ—ମହାଦେବ ମଙ୍ଗଳ; ପ୍ରମୋଦ-ଜାତ-ସ୍ଥାନ—ଆନନ୍ଦ ଜନ୍ମାଇବା ସ୍ଥଳ; ରାମନସ୍ଥନ-

ନୃପ-ସୁତ ! ଶିବପ୍ରମୋଦ ଜାତ-ଧାମା । ସେ ରାମ-ନୟନ-ଶୋଭନା ।
ହରି ଆନନ୍ଦ-ଦାତ୍ରୀ ମଧ୍ୟେ ଗୁଣ ଅଧାମା ହରେକ କର ଏହା ବେନ ହେ । ୧୩ ।
ଏଣୁ ସମସ୍ତ ମୟ-ମାୟା ଉପାୟ ପ୍ରାୟ ମିଳତ ହୋଇଲେ ଭମାନ ।
ଅଟବୀ ଅସ୍ତୁନଧି-ପ୍ରତିମା ରଟ-ନଧି ସନ୍ନିଧି ସେ ଖ୍ୟାତିଲେ ମନ ଯେ ।
ଚଣ୍ଡପୁଂସେ । ଇନ୍ଦ୍ରଜାଲିକ ବୃତ୍ତି କଲେ । ଅର୍ଜନେ ଆଣି ଯାହା ଭଲେ ।
ଚମତ୍କାର ପ୍ରକାର ଦେଖାଇ କି ଆକାର କାରଣ କାରକ ଏ ଲୋଚନେ ଯେ ।୧୪।
ଏ ନୋହୁଛି ନୋହିବ ଏ ଉତ୍ସବ କଲ୍ପିବ ପଦ୍ମାବ ରାଜୀବ ଲୋଚନ ।
ଏହି ମୂନ ମନ୍ତର କରିଅଛି ଅନ୍ତର ଗତରେ ମାତର ଭାବନ ଯେ ।

---

ଶୋଭନା—ବଳରାମଙ୍କର ନେତ୍ର ସୁଖପ୍ରଦ, ମୃଗନୟନୀ ହରି—ଚନ୍ଦ୍ର, ସିଂହ ଇନ୍ଦ୍ର; ମଧ୍ୟେ—ଧରଣୀରେ । ପାର୍ବତୀ, ଚନ୍ଦ୍ରଙ୍କ ପ୍ରିୟବତୀ ରୋହିଣୀ ଏବଂ ଇନ୍ଦ୍ର ପତ୍ନୀ ଶଚୀ ଏହି ୩ ଜଣ ସୌନ୍ଦର୍ଯ୍ୟ ତୁଳ ହୋଇ ଏକ ମୂର୍ତ୍ତି ହେଲେପରି ଏହି ବଣରେ କୋଟିଏ ତରୁଣୀ ଅଛି ଯାହାର ବୟସ ୧୬ ବର୍ଷରୁ ଉଣା ବୋଲି ଅନୁମାନ କରାଯାଉଛି । ହେ ରାଜପୁତ୍ର ! ପାର୍ବତୀ ଅଟନ୍ତି ମହାଦେବଙ୍କର ଆନନ୍ଦଦାତ୍ରୀ; ଏହି ସୁନ୍ଦରୀ ଶିବ ଅର୍ଥାତ ମଙ୍ଗଳର ଆନନ୍ଦ ଭଣ୍ଡାର । ରେବତୀ ହେଉଛନ୍ତି ବଳରାମଙ୍କ ନେତ୍ର ସୁଖଦାତ୍ରୀ ଏହି ସୁନ୍ଦରୀ ହେଉଛି ରାମ-ନୟନ-ଶୋଭନା ଅର୍ଥାତ୍ ମୃଗନୟନା, ରୋହିଣୀ ଏବଂ ଶଚୀ ଚନ୍ଦ୍ର ଓ ଇନ୍ଦ୍ରଙ୍କର ଆନନ୍ଦଦାୟିନୀ । ତୁମ୍ଭେ ହେଉଛ ହରି ଅର୍ଥାତ୍ ସିଂହ ବା ପୁରୁଷ ସିଂହ । ଏହି ସୁନ୍ଦରୀ ତୁମ୍ଭର ମଧ୍ୟ ଆନନ୍ଦ ଦାୟିନୀ ହେବ । ଅତଏବ ବିବେକ ବୁଦ୍ଧିରେ ମନେହେଉଛି ଯେ ମଧ୍ୟେ ଅର୍ଥାତ ପୃଥିବୀରେ ଏହି ଗୁଣବତୀ ସୁନ୍ଦରୀକୁ ପାଇଲେ ତୁମ୍ଭେ ଶିବ ବା ମଙ୍ଗଳଯୁକ୍ତ ହେବ । ସୁମା ଯେ ଗୁ ହରି ଅର୍ଥାତ ଚନ୍ଦ୍ର ସଙ୍ଗେ ରୋହିଣୀ ପରି ସାଥୀମନ୍ତ ହେବ ଏବଂ ହରି ଅର୍ଥାତ ଇନ୍ଦ୍ର ପରି ସ୍ୱର୍ଗୀୟ ଭୋଗ କରିବ । ୧୩ ।

ମୟ—ଅତି ଐନ୍ଦ୍ରଜାଲିକ ଅସୁର, ଅଟବୀ—କାନନ, ଚଣ୍ଡପୁଂସେ—ଚଣ୍ଡପୁରୁଷଠାରେ, କାରଣ କାରକ—ହେତୁକାରକ; ସନ୍ନିଧି—ନିକଟ, ଲୋଚନେ—ଆଖିରେ । ଏହି ସମସ୍ତରେ ପୁରାଣ ପ୍ରସିଦ୍ଧ ମୟ ଦାନବର ଇନ୍ଦ୍ରଜାଲ ମାୟା ପରି କାହିଁ ଏକ ଭମାନ ଆସି ମିଳିଲା, ରାଜପୁତ୍ର ରସନିଧି ସୁନ୍ଦରୀର ନିକଟ ହୋଇ ଭାବିଲେ ଏହି ଅରଣ୍ୟର ଅସ୍ତୁନଧା ପ୍ରତିମା ଚଣ୍ଡପୁରୁଷ ପାଖରେ ବାଜିକର ବୃତ୍ତି କଲେ ଅର୍ଥାତ୍ ବାଜିକର ଶରୀର ଆଖୁ ପାର୍ଶ୍ୱ ଅଦ୍ଭୁତ ଘଟଣାମାନ ପ୍ରଦର୍ଶନ କଲା ପରି ଇଚ୍ଛା ଯାହା ଛଳରେ ଆମ୍ଭଙ୍କୁ ଏଠାକୁ ଆଣି ଚମତ୍କାର ରକମର ରୂପ ଦର୍ଶାଇବାର କାରଣ ସ୍ୱରୂପ ହେଲେ । ୧୪ ।

ରାଜୀବ-ଲୋଚନ—ପଦ୍ମନେତ୍ର ଅର୍ଥାତ୍ ଭଗବାନ, ସଜୀବ—ଦେହ ଧାରଣରେ ଉତ୍କଣ୍ଠା—ଅତି ବ୍ୟଗ୍ର, ରମ୍ୟରେ—ସୌନ୍ଦର୍ଯ୍ୟରେ । ପଦ୍ମନେତ୍ର ଭଗବାନଙ୍କର କୌଣସି ଅବତାରରେ ଏପରି ଉତ୍ସବ ହୋଇନାହିଁ ଏବଂ ନଶ୍ୱରର ଦେହଧରି ଅବତାର ହେଲେ ମଧ୍ୟ ହେବ ନାହିଁ । ଏଣୁ ମନରେ କେବଳ ଏତିକି ଭାବନା ଜାତ ହେଉଛି ଯେ ମୂନ ମନ୍ତ

ଅନୁପମା । ହୃଦରେ ଆଦର ଉଛନ୍ତି । କଏ ସେ ଭୂପତି ନନ୍ଦନ ।
ରାମା-ରତନ ରମ୍ୟ ପତନରେ ପତନ ସେ କାଳେ କୁମାର ନୟନ ସେ । ୧୫ ।
ଭାଳେ ଧନଦା-ଚଳେ ଚଳେ କଛୁ ଚଞ୍ଚଳେ ସ୍ଥାନ କି ଶମ୍ପା ସମ୍ପାଦିଛୁ ।
ଝଟକି ଅପୂର୍ବାର ଝଟତି ମିଶିଯାଇ ଆଖି ବୁଜି ହୋଇ ଯାଉଛି ସେ ।
ଅନୁପମା । ଚିରପ୍ରଭା ପୁଣି ସତ୍ତ୍ୱକେ । ଅସିଦ୍ଧ ପୂର୍ବରୁ ସେ ଭକେ ।
ଗଣ-ଈଶ୍ୱର ସ୍ୱରଭଙ୍ଗ ହୋଇ ପାଟେସାର ଉପମା ହେବ ଏ ଆଶ୍ଚର୍ଯ୍ୟ ସେ ।୧୬।
ସେ ନଗେ ଜାତ ଜାତରୂପ୍ୟ ସର ଉଚିତ ମୋ ଚିତ୍ତ-ହଂସ ବଶ ହୋଇ ।
ସ୍ପୃଷ୍ଟ-ସାରସ ରସ ପୂର୍ଣ୍ଣ ସୁବାସ-ବାସ ମତ୍ତ ରୋଲମ୍ବ ଚୁମ୍ବି ଦେଇ ସେ ।
ରତିସୁଗ । ବୁଡ଼ି ଉଠେ ନଶିବାଳ ଯେହ୍ନ । ପୁଣି ତରଙ୍ଗ ରଙ୍ଗସ୍ଥାନୀ ।
ମୁଖ ଚିବୁକ-ଶିଖା-ସ୍ତନ ନୀଳ-ଶୈଳତା ଅଙ୍ଗଭଙ୍ଗ ଏ ଅନୁମାନ ସେ । ୧୭ ।

---

କଣଅଛି । ଏହିକାଳରେ ଅନୁପମା ରାଜକନ୍ୟା ପୁରୁଷଙ୍କୁ ଦେଖି ଆଦରରେ ଚଞ୍ଚଳ ହୋଇ ଉଠିଲା । ମନରେ ଭାବିଲା ଇଏ କିଏ ସେହି ରାଜପୁତ୍ର । ଏପରି ସମୟରେ କନ୍ୟା-ଶ୍ରେଷ୍ଠାର ସୌନ୍ଦର୍ଯ୍ୟ ଉପରେ ରାଜପୁତ୍ରଙ୍କର ଦୃଷ୍ଟି ଅତି ସନ୍ତର୍ପଣରେ ପଡ଼ିଲା । ୧୫ ।

ଧନଦ ଅଚଳେ—କୁବେର ପର୍ବତ ଅର୍ଥାତ୍ କୈଳାସ ପର୍ବତରେ ; ଶମ୍ପା—ବିଜୁଳି, ସମ୍ପାଦିଛୁ—ସାଇତି ରଖିଛୁ ; କଛୁ କଛୁ—ଅଳ୍ପ ଅଳ୍ପ, ଚଞ୍ଚଳେ—ଶୀଘ୍ରରେ, ଚଳୁଛୁ—ଗତିକରୁଛୁ ; ଝଟକି—ଝଲକ ; ଚିରପ୍ରଭା—ସ୍ଥାୟୀଦୀପ୍ତି ଗଣ-ଈଶ୍ୱର—ଗଣେଶ ; ସ୍ୱରଭଙ୍ଗ—ସ୍ୱର ବାହାରିବ ନାହିଁ ।

ରାଜପୁତ୍ର ଭାବନା କଲେ କୈଳାସ ପର୍ବତରେ ବିଜୁଳି ସ୍ଥାନମାତ୍ର ରହିଛି ଏବଂ ଅଳ୍ପ ଅଳ୍ପ ଗତି କରୁଛି କି ? ସେଥିରୁ ଯେଉଁ ଦୀପ୍ତି ଜାତ ହେଉଛି ତାହା ଆଖିରେ ପଡ଼ିବାରୁ ଆଖି ବୁଜି ହୋଇ ଯାଉଛି । ବିଜୁଳିର କ୍ଷଣସ୍ଥାୟୀ ମାତ୍ର ଏହି ଅନୁପମା ସୁନ୍ଦରୀର ଦୀପ୍ତି ଚିର-ସ୍ଥାୟୀ । ଏଣୁକରି ସତ୍ତ୍ୱକରେ ସୁନ୍ଦରୀ ଉପମାମାନଙ୍କୁ ବଳିପଡ଼ିଛି । ଗଣେଶଙ୍କର ଏହି ଆଶ୍ଚର୍ଯ୍ୟ ରୂପ ଦର୍ଶନରେ ମୁହଁରୁ କଥା ବାହାରିବ ନାହିଁ ଏବଂ ସୁନ୍ଦରୀ ସଙ୍ଗେ ତୁଳନା କରିବା ପାଇଁ ଉପମାମାନ ଭୁଲିଯିବେ । ୧୬ ।

ନଗେ—ପର୍ବତରେ, ଜାତରୂପ୍ୟ—ସୁନା, ସର—ପୋଖରୀ, ସାରସ—ପଦ୍ମ, ରସ—ଜଳ, ରୋଲମ୍ବ—ଭ୍ରମର । ସେହି ପର୍ବତ ଅର୍ଥାତ୍ କୈଳାସ ପର୍ବତରେ ସୁନା ପୋଖରୀଟିଏ ଜାତ ହୋଇଅଛି । ସେଥିରେ ମୋ ଚିତ୍ତହଂସ ବଶ ହେବା ଯଥାର୍ଥ । ପୋଖରୀ ଜଳ ଓ ପଦ୍ମରେ ପୂର୍ଣ୍ଣ । ଏହି ସୁନ୍ଦରୀ ରସ ଅର୍ଥାତ୍ ଶୃଙ୍ଗାର ରସରେ ପୂର୍ଣ୍ଣ । ଏହାର ମୁଖ ସୁନ୍ଦର ପଦ୍ମପରି ଏବଂ ତାହା ସୁଗନ୍ଧର ଆଶ୍ରୟସ୍ଥାନ । ମତ୍ତଭ୍ରମର ପୋଖରୀ ପଦ୍ମରେ ଉଡ଼ିଲା ପରି ସୁନ୍ଦରୀର ସୁଗନ୍ଧଯୁକ୍ତ ଚିବୁକରେ ଭ୍ରମରର ଚିହ୍ନ ଶୋଭା ପାଉଛି । ପୋଖରୀରେ ଭଡ଼ବାନ ପ୍ରବଳ ବୁଡ଼ି ପୁଣି ଶୀତଳ ଧରି ଉଠିଲା ପରି ଏହି ସୁନ୍ଦରୀର ସ୍ତନ୍ୟ ଦୁଇଟି ନୀଳ କାଞ୍ଚୁଲି ତଳେ ଝଟକି ହୋଇ ରହିଅଛି । ପୁଷ୍କରିଣୀ ତରଙ୍ଗର କ୍ରୀଡ଼ା ସ୍ଥାନ ହେଲାପରି ଏହି

ଯାମିନୀଶ କାନ୍ତି ଅବନୀରେ ଏ ନୋହେ ପାର୍ବତୀବଦନୀ ଗୁଣ ଧରେ ।
ମୁଁ ହେଉ ପଛ ନାଶ ନାରିକେଳ ଗୁଚ୍ଛ ତ୍ୱରିତେ କୁଚ ଜନ୍ମି ଉରେ ସେ ।
ହେଲେ ଶୁଭ । କ୍ଷୋଭ ନାହିଁ ଏ ସେବା ଦେବ । ସ୍ତ-ପତ୍ରଲେଖା ଲେଖାଇବ ।
ପ୍ରଶଂସି ପୁନଃପୁନଃ ଅନୁଗ୍ରହାଲିଙ୍ଗନ ଦେଇଁ ଗାତ୍ର ପବିତ୍ର ହେବ ସେ । ୧୮ ।
ମାନ କଲି ଏ ଦେବସଭା ମାନେ ତ ଦେବ ଗନ୍ଧ କଗଣ୍ଡ ବ୍ୟାଜ ମେରୁ ।
ଖେଳାଇ ମନୋରମା ଦୋଳା ନୋହି ଉପମା ନସ୍ତ୍ରଇ ଚିତ୍ର ରେଖା ଭୁରୁ ସେ ।
ଗୁପ୍ତ ବାସ । ପିଧାନ ରମ୍ଭାକର ଭୋରୁ । ପାରିଜାତକ ଗନ୍ଧଭରୁ ।
ସୂକ୍ଷ୍ମ ଅନେକ ନେତ୍ର ଦଣ୍ଡଅଛି ଦରିନେତ୍ର ମୁଁ ମିଳିକ କ ଭାଗ୍ୟବଶରୁ ସେ । ୧୯ ।

---

ସୁନ୍ଦରୀର ଅଙ୍ଗଭଙ୍ଗୀମାନ ଜଳର ତରଙ୍ଗ ସଙ୍ଗେ ସମାନ ଦିଶୁଛି । ଏହିସବୁ ଉପମା ମୁଖ, ଚକ୍ଷୁର ଚଞ୍ଚଳତା, ସ୍ତନ ଓ କେଶର ନୀଳତା ଏବଂ ଅଙ୍ଗଭଙ୍ଗୀରେ ଅନୁମିତ ହେଉଅଛି । ୧୭ ।

ଅବନୀରେ—ପୃଥିବୀରେ, ଯାମିନୀଶ—ଚନ୍ଦ୍ରମା, ପାର୍ବତୀବଦନୀ—ସୁନ୍ଦରବଦନ, ଉରେ—ବକ୍ଷସ୍ଥଳରେ; କ୍ଷୋଭ—ଦୁଃଖ; ସୁପତ୍ର—ଉତ୍ତମ ସ୍ତନ ଚନ୍ଦନ; ଗାତ୍ର—ଦେହ । ରାଜପୁତ୍ର ପୁଣି କଳ୍ପନା କରୁଛି ପୃଥିବୀରେ ଏହି ବନ ସୁନ୍ଦରବଦନ ଗୁଣ ଧରିଅଛି । ଏଥିପାଇଁ ଚନ୍ଦ୍ରମା ଏଠାକୁ ଆସି ନାଶ ହୋଇ ଅଛନ୍ତି କି ? ପାର୍ବତୀଙ୍କ ଅଭିଶାପ ଅଛି, ସୁନ୍ଦରବଦନକୁ ଯେଉଁ ପୁରୁଷ ଯିବ ସେ ନାଶ ହୋଇଯିବ । ତେବେ ମୁଁ କଅଣ ନାଶ ହୋଇଯିବି ? ମୋର ବକ୍ଷରେ ନଡ଼ିଆ ପରି ଶୀଘ୍ର ସ୍ତନ ଜାତ ହେବ । ଏହା ହେଲେ ମଧ୍ୟ ମୋର ଦୁଃଖ ନାହିଁ କାରଣ ଏହି ସୁନ୍ଦରୀ ମୋତେ ସେବା ଅଧିକାର ଦେବ । ଏହା ମୋ ପକ୍ଷରେ ଶୁଭକାରକ ହେବ । ହାତରେ ସୁନ୍ଦରୀ ନିଜ ସ୍ତନରେ ଚନ୍ଦନାଙ୍କନ କରାଇବ । ସେହି ଚିତ୍ର ଦେଖି ବାରମ୍ବାର ପ୍ରଶଂସା କରି ମୋତେ ଆଲିଙ୍ଗନ କଲେ ମୋ ଦେହ ପବିତ୍ର ହେବ । ୧୮ ।

ଗନ୍ଧ—ମୁଣ୍ଡ; କଗଣ୍ଡ—କୋଠା, ବ୍ୟାଜରେ—ଛଳରେ; ମେରୁ—ସ୍ୱର୍ଗ; ଦେବସଭା—ଦେବତାମାନଙ୍କର ସଭା; ମନୋରମା—ମନମୁଗ୍ଧକାରୀ, ମନୋରମା ନାମ୍ନୀ ଅପ୍ସରା; ରମ୍ଭା—କଦଳୀ ବୃକ୍ଷ, ରମ୍ଭା ନାମକ ଅପ୍ସରା; କର ଭୋରୁ=କରଭ+ଉରୁ—ହାତୀଶୁଣ୍ଢ ଆଉ ଶୁଣ୍ଢ. ପିଧାନେ—ଆବରଣରେ; ଅନେକ ନେତ୍ର—ଇନ୍ଦ୍ର, ଇନ୍ଦ୍ରଙ୍କର ସହସ୍ର ନେତ୍ର, ଅନେକ ଲୋକଙ୍କର ଦୃଷ୍ଟିରେ । ରାଜପୁତ୍ର ମନେ ବିଚାରିଲା ଏହି ସୁନ୍ଦରୀ ମୋତେ ମୋହିତ କରିବ କାରଣ ସ୍ୱର୍ଗର ଦେବସଭାରେ ବଡ଼ ବଡ଼ କୋଠା ଅଛି । ସେଥିପାଇଁ ଏହି ସୁନ୍ଦରୀ ସ୍ୱର୍ଗ ସଦୃଶ । ସ୍ୱର୍ଗରେ ମନୋରମା ନାମ୍ନୀ ଯେଉଁ ଅପ୍ସରା ଅଛି ତାହାର ତୁଳନା ନାହିଁ, ଏହି ମନୋହାରୀ ସୁନ୍ଦରୀର ଖେଳାଉଥିବା ଦୋଳାର ଉପମା ନାହିଁ । ସ୍ୱର୍ଗରେ ଚିତ୍ରଲେଖା ନାମକ ଅପ୍ସରା ନୃତ୍ୟ କରିଥାଏ । ଏହି ସୁନ୍ଦରୀ ଚିତ୍ରଲେଖା ଅର୍ଥାତ୍ ଚିତ୍ରରେ ଲେଖା ସଦୃଶ ଭ୍ରୂକୁ ନଚାଉଛି । ସ୍ୱର୍ଗରେ ରମ୍ଭା ନାମ୍ନୀ ଅପ୍ସରା ଅଛି, ଉପ୍ସ ରମ୍ଭା କରଭଉରୁ ଅର୍ଥାତ୍ କଦଳୀ ବୃକ୍ଷ ପରି ଅଥବା ହାତୀ ଶୁଣ୍ଢ ପରି ଉରୁକୁ ବସ୍ତ୍ର ଆଚ୍ଛାଦନ କରି ରଖିଛି । ସ୍ୱର୍ଗରେ ପାରିଜାତ ପୁଷ୍ପ ଗନ୍ଧ ଚହଟୁଥାଏ, ଏହି ସୁନ୍ଦରୀର ଦେହରୁ ସୁଗନ୍ଧ ମହକୁଅଛି । ସ୍ୱର୍ଗର

ନେତ୍ର ବୁଜୁଁ ଦଶିଲ ସୁରୁଣ କା ଆସିଲ ନିଧିପ୍ରତିମାରୂପେ ପାଶେ ।
କୁନ୍ତଳ ଇନ୍ଦ୍ରନୀଳ ଅବଲ୍ଲି କ ମଞ୍ଜୁଳ ମୁଖ ମହାପଦ୍ମ ପ୍ରକାଶେ ଯେ ।
ଗଣ୍ଡସ୍ଥଳ । ମକର ଶୋଭା ଧର ଅତି । ଈକ୍ଷଣ ପଦ୍ମ ଯେ ଢଳନ୍ତି ।
କଣ୍ଠ ଶଙ୍ଖ ସୁଦନ୍ତ ମୁକୁନ୍ଦ ମତ ସତ ପାଦପର କଚ୍ଛପାକୃତି ଯେ । ୨୦ ।
ପାଣି ଧରି ଆଣିମା କୋଳେ ଲଗିଲେ ଅଣିମା ସିଦ୍ଧ ମୋହର ହ୍ରସ୍ୱଭାବ ।
ଲଘିମା ଭଜ ତାପ ମିଳ ସୁଖ କଳାପ ପ୍ରକାଶ ବିକାଶ ସଜିବ ଯେ ।
ପ୍ରାପ୍ତି ହୋଇ । ମହିମା କଷ୍ଟେ ଲଭିବ । ଈଶିତାଭିଷ ଜନ୍ମିଥିବ ।
ନିରତ ବଶିତାରେ କାମ ବଶାୟିତାରେ ଐଶ୍ୱର୍ଯ ପଟେ ଶ୍ରୀ ଦେବ ଶିବ ଯେ । ୨୧ ।

---

ଶୋଭା ଦେଖିବାକୁ ଇନ୍ଦ୍ରଙ୍କର ଅନେକ ନେତ୍ର ହୋଇଅଛି । ଏହି ସୁନ୍ଦରୀର ତଡିତ ରୂପ ଅନେକ ଲୋକଙ୍କର ଚକ୍ଷୁକୁ ଆନନ୍ଦ ଦେଉଅଛି । କି ଭାଗ୍ୟରୁ ମୁଁ ଏଠାକୁ ଆସିଲି ? । ୧୯ ।

ସୁରୁଣୀ—ସୁଶୀଳା, ନିଧି—ସୁନା, କୁନ୍ତଳ—କେଶ, ଇନ୍ଦ୍ରନୀଳ—ନୀଳମଣି, ମଞ୍ଜୁଳ—ସୁନ୍ଦର, ଅବଲ୍ଲି—ଅନୁକ୍ରମ, ଈକ୍ଷଣ—ନେତ୍ର, ଧର—ଧାରଣ, ଢଳନ୍ତି—ଦୋହଲନ୍ତି, ସୁଦନ୍ତ—ସୁନ୍ଦରଦନ୍ତ, ପାଦପର—ପାଦଉପର । ଆଖି ବୁଜିଲେ ଏପରି ଦେଖାଗଲା ଯେପରି ସୁନ୍ଦରୀ ମନୋହର ମୂର୍ତ୍ତି ଧରି ପାଖକୁ ଆସିଗଲା । ମୁଣ୍ଡର କେଶ ଛତ୍ର ହୋଇ ନଥିବା ନୀଳମଣି ପରି ସୁନ୍ଦର, ମୁଖ ସତେ କି ମହା ପଦ୍ମପରି ପ୍ରସ୍ଫୁଟିତ, ଗଣ୍ଡଦେଶର ମକର ଆକାରର ଚିହ୍ନ, ଆଖି ସତେ ଯେପରି ପଦ୍ମପରି, ପାଦ ଉପରଭାଗ କଚ୍ଛପ ପରି ଓ ଆଖିର ଚଞ୍ଚଳତା ତଥା କଣ୍ଠ ଶଙ୍ଖ ପରି, ଏହିପରି ଭାବରେ ସୁନ୍ଦରୀର କେଶ, ଗଣ୍ଡ, ନେତ୍ର, ସ୍ୱାହାଣୀ, ମୁଖ, କଣ୍ଠ ଦନ୍ତ, ପାଦ ଅଷ୍ଟନିଧି ଭାବରେ ତୁଳନା କରାଗଲା । ଏହି ଅଷ୍ଟନିଧି ହେଉଛି ଇନ୍ଦ୍ରନୀଳ, ନିଧି, ମୁଖ, ମହା ପଦ୍ମନିଧି, ଗଣ୍ଡର ମକର ଚିହ୍ନ ମକର ନିଧି, ଢଳ ଢଳ ନେତ୍ର ଖର୍ବନିଧି, ନେତ୍ର ପଦ୍ମନିଧି, କଣ୍ଠ ଶଙ୍ଖନିଧି, ସୁନ୍ଦର ଦନ୍ତପନ୍ତି ମୁକୁନ୍ଦ ନିଧି ଏବଂ ପାଦ ଉପରଭାଗ କଚ୍ଛପ ସଦୃଶ ବୋଲି କଚ୍ଛପନିଧି । ୨୦ ।

ପାଣି—ହାତ, ଅଣିମା—ଲଘୁତା, ହ୍ରସ୍ୱଭାବ—ସାନ, ତାପ—ସନ୍ତାପ, କଳାପ—ସମୂହ, ବିକାଶ—ଉଲ୍ଲାସ, ମହିମା—ଗୌରବ, ଈଶିତା—ସ୍ୱଲ୍ପଭାଷ, ନିରତ—ସର୍ବଦା, ବଶିତା—ବଶ ହୋଇ, ବଶାୟିତା—କାମ କ୍ରୀଡ଼ା ବଶ । ଯୋଗଶାସ୍ତ୍ରରେ ଅଣିମା, ଲଘିମା ପ୍ରଭୃତି ଅଷ୍ଟ ଐଶ୍ୱର୍ଯ୍ୟର ବର୍ଣ୍ଣନା ଅଛି । ଏହି ସୁନ୍ଦରୀର ହାତ ଧରି କୋଳକୁ ଆଣିବାବେଳେ ମୋର ସେହିପରି ଅଷ୍ଟ ଐଶ୍ୱର୍ଯ୍ୟ ଲାଭ ହେବ । ଅର୍ଥାତ୍ ହାତଧରି ଆଣିବା ଦ୍ୱାରା ଅଣିମା କି ଲଘୁତା ଘଟିବ । ତାହା ଦୀର୍ଘ ନ ହୋଇ ସାନ ହେବ । ତାହାପରେ ତାପ ଅର୍ଥାତ୍ ସନ୍ତାପ ଭଣା ଅର୍ଥାତ୍ ଲଘିମାକୁ ଭଜିବ । ଏହା ଲଘିମା ଐଶ୍ୱର୍ଯ୍ୟ । ମୋର ସୁଖରାଶି ଉଲ୍ଲସିତ ହୋଇ ପ୍ରକାଶ ପାଇବ । ଏହା ପ୍ରକାଶ ଐଶ୍ୱର୍ଯ୍ୟ । ଏହି ପ୍ରକାଶ ଐଶ୍ୱର୍ଯ୍ୟ ପାଇବା ଦ୍ୱାରା ମୋ ଗୌରବ ସ୍ଥିର ହେବ । ଏହା ମହିମା ଓ ପ୍ରାପ୍ତି ଐଶ୍ୱର୍ଯ୍ୟ ।

ତତ୍କ୍ଷଣେ ସେହି ଆବର ଦରିଦ୍ର ଦଶା ହର ହରିଲେ ଏହି ଭେଟାଇଲେ ।
ପୁଣି ଗୁହିଁଲ ସେହିମତେ ରହିଲା ମହାନନ୍ଦନା ମହିଳା ନିସ୍ତନେ ସେ ।
ସ୍ୱୋନ ସ୍ୱପ୍ନ । ଦେଖିଲି ମେଢ଼େ ଅଛି ଯେହି । ପିନ୍ଧିଲା ସେ ଅବଳାବୋଲି ।
କି ଅଭିରାମ ରାମ ଭର୍ମବୀତା ଏ ଭ୍ରମ ଏଠାରେ ଗଲେ କମ୍ପା ଥୋଇ ସେ । ୨୨ ।
ପ୍ରଭୁମାରୁତେ ଧୀବରନିସ୍ତାରକାରୀ ଦାସହିତେ ଦାଶରଥି ଉତ୍ସବେ ।
ପ୍ରତିବର୍ଷେ ଧରେ ରହିବୁଁ ବୋଲି କେଉଁଣ କାହାକୁ ବର ଦେଇଥିବେ ସେ ।
ପୁରାବର । ପାଞ୍ଚ ଧର୍ମମୂର୍ତ୍ତି କାହିଁକି । ଏ କଥା ବୁଝଇ ଯେ କିଛି
ନେତ୍ରଜାଲବିଦ୍ୟା ବିଦ୍ୟାକ ବୃନ୍ଦଙ୍କ କଉତୁକ କପଟ ଲମ୍ପଟ କରୁଛି ସେ । ୨୩ ।

---

ସେହି ସୁନ୍ଦରୀର ସେହି ସମୟରେ ଈଶିତ୍ୱାଦି ଅର୍ଥାତ୍ ଅଳ୍ପ ଅଳ୍ପ କଥା କହୁଥିବ । ଏହା ହେଲା ଈଶିତା ଐଶ୍ୱର୍ଯ୍ୟ ମୁଁ ସବୁବେଳେ ତାଙ୍କୁ ବଶ କରିବା ଉଦ୍ଦେଶ୍ୟରେ କାମ ବଶ କରି କାମ ବଶୀଭୂତା ଐଶ୍ୱର୍ଯ୍ୟ ଲାଭ କରିବ । ଏହି ପରି ମୁଁ ଅଣିମା ଲଘିମା, ପ୍ରକାଶ ପ୍ରାପ୍ତି, ମହିମା, ଈଶିତା, ବଶିତା, କାମବଶିତା ପ୍ରଭୃତି ଅଷ୍ଟ ସିଦ୍ଧି ପ୍ରାପ୍ତ ହୋଇ ଶିବଙ୍କ ପରି ଅଷ୍ଟ ଐଶ୍ୱର୍ଯ୍ୟର ଅଧିକାରୀ ହେବି । ୨୧ ।

ହରିଲେ—ଦୂରକଲେ, ମହିଳା—ସ୍ତ୍ରୀ ଅର୍ଥାତ୍ ସୁନ୍ଦରୀ, ମେଢ଼ି—କୋଠା ଉପର ଆସନରେ, ଅବଳା ବୋଲି—ସ୍ତ୍ରୀ ଲୋକ, ଅଭିରାମ—ସୁନ୍ଦର, ଭର୍ମ—ଭ୍ରମରେ, ରାମ—ରାମଚନ୍ଦ୍ର । ପ୍ରବକ ମନରେ ଏହିକଥା ବିଚାରିକଲା ଭଗବାନ ମୋ ଦରିଦ୍ର ଦଶା ଦୂର କଲେ । ସେ ମୋତେ ଏପରି ନବବଧୂ ଓ ଅଷ୍ଟ ଐଶ୍ୱର୍ଯ୍ୟ ଭେଟାଇଲେ । ଏହାପରେ ସେହି ପୃଥିବୀ ଶେଷରୂଢିକାରୀ ସ୍ତ୍ରୀ ଅର୍ଥାତ୍ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ଅନ୍ତର ହୋଇ ପ୍ରବକଙ୍କୁ ଗୁହିଁ ରହିଲା । ଏହା ଦେଖି ପ୍ରବକ ଭାବିଲା ମୁଁ ସ୍ୱପ୍ନ ଦେଖିଲି ଯେ କୋଠାଉପର ଆସନରେ ଯିଏ ଅଛି ସେ ତରୁଣୀ ଲୋକ ଗୋଟିଏ ସୁନ୍ଦର ପିନ୍ଧିଲା । ରାମଚନ୍ଦ୍ର ଭ୍ରମରେ ନିଜ ଯଜ୍ଞ ପାଇଁ ନିର୍ମିତ ସୁବର୍ଣ୍ଣ ସୀତାଙ୍କୁ କଅଣ ପାଇଁ ଏଠାରେ ଛାଡ଼ିଗଲେ । ୨୨ ।

ଧୀବର ନିସ୍ତାରକାରୀ—ଧୀବରକୁ ଉଦ୍ଧାର କରିଥିବା, ଦାଶରଥି—ରାମ, ଦାସହିତେ—ଭକ୍ତମାନଙ୍କ ମଙ୍ଗଳ ପାଇଁ, ନେତ୍ରଜାଲବିଦ୍ୟା—ଇନ୍ଦ୍ରଜାଲ ବିଦ୍ୟା; ବିଦ୍ୟାକ—ଜାଣିଥିବା ବ୍ୟକ୍ତି; ବୃନ୍ଦ—ସମୂହ; ଲମ୍ପଟ—ବେଶ୍ୟା । ସତେ ଅବା ଧୀବରକୁ ରାମ ଅବତାରରେ ଗଙ୍ଗା ପାର କେବେଳେ ଉଦ୍ଧାର କରିଥିବା ଦଶରଥ ପୁତ୍ର ରାମଚନ୍ଦ୍ର ଭକ୍ତମାନଙ୍କ ମଙ୍ଗଳ ନିମିତ୍ତ, ପ୍ରତିବର୍ଷ ଉତ୍ସବ କାଳରେ ଧରାରେ ମଣ୍ଡିତ ହେବାପାଇଁ କୌଣସି ଭକ୍ତକୁ ବର ଦେଇଥିବେ । ପୁଣି ପ୍ରଭାତେ ସ୍ୱପ୍ନ ଭୁଲିଲା ଦେବେ ଧର୍ମମୂର୍ତ୍ତି କେଉଁଠି ଅଛି ? ମୁଁ ଏ କଥା ବୁଝେ । ଯାଦୁ ଇନ୍ଦ୍ରଜାଲ ବିଦ୍ୟା ଜାଣିଥିବା ଲୋକେ ଏସବୁ ମାୟାରେ ରଚନା କରିଥାନ୍ତି । ଏହା ଦର୍ଶକଙ୍କୁ ସେଥିପ୍ରତି ଲୋଭ କରୁଛି । ୨୩ ।

ଯୁବ ଦୁହେଁ ଦୁହିଙ୍କି ମନ ନେତ୍ର କାହିଁକି ନ ଯାଇ ଉଗ୍ରତାଇ ସ୍ନେହ ।
ଅଲୋକନ୍ତ ଲୋକନ୍ତ ବଥୁଁ ଭଜ ଚକିତ ସ୍ତମ୍ଭିତ ହୋଇଲେ ଦେହ ସେ ।
ଯୁବା ଯୁବା । ହାସେ ଝଲକ କରୁ ରହି । ହାସେ ପଲକ କରୁ ନାହିଁ ।
ନାସେ ଶ୍ୱାସ ରହିଲା ନାଶେ ମୋର ତାହିଲା ମୂର୍ଚ୍ଛା ମୂର୍ଚ୍ଛିତ ଲୋ କାହିଁ ସେ ।୨୪।
ପଠ କରି ମଣିଲେ ଝଟ କରି ଗୁଣିଲେ ଲେଖା ଏ ଚଳ ଦେଖାଗଲା ।
ଅଜୀବରେ ସଜୀବ କରୁଅଛି ରାଜୀବ-ଶରକୁ ଚପେ ଚଟ ହେଲା ସେ ।
ଯୁବାଯୁବା । ଅଶ୍ଚର୍ଯ୍ୟ ହୋଇନ୍ତି ପଞ୍ଚ । ବର୍ଣ୍ଣ ସମବର୍ଣ୍ଣିକ ରୁଚି ।
ହୋଇଲା କି କାଳ କି ଭାଳ ହରିତାଳ ଶଙ୍ଖ ହିଙ୍ଗୁଳ ଥିଲା ସଞ୍ଚି ସେ ।୨୫।
ଶୁଣିଥିଲା ସଦୃଶ ପରି ଦେଖୁଛି ଦୃଶ ଉଦୃଶ ନାହିଁ ପସାରେତ ।
ମୂର୍ତ୍ତିମୂର୍ତ୍ତି ଲୋଚନ ଦରଶ ଦରଶେ ମୋଚନ କରଇ ସନ୍ତାପ ଚମ୍ପକ ସେ ।

---

କାହିଁକି ନ ଯାଇ—କେଉଁଆଡ଼େ ନ ଯାଇ, ଅଲୋକନ୍ତ—ଉଜ୍ଜ୍ୱଳ, ଶୋଭା; ଲୋକନ୍ତ—ଦେଖିବାରୁ, ଯୁବାଯୁବା—ଯୁବକ ଓ ଯୁବତୀ; ନାସେ—ନାକରେ; ନାଶେ—ନଷ୍ଟପାଇଁ, ତାହିଲା—ଖୋଜିଲା । ରାଜପୁତ୍ର ଓ ରାଜକନ୍ୟା ଦୁହେଁ ଦୁହିଁଙ୍କୁ ଚାହିଁଲେ । ତାଙ୍କର ମନ ଓ ଆଖି ଆଉ କେଉଁଆଡ଼କୁ ଗଲା ନାହିଁ । ପରସ୍ପର ପ୍ରତି କେବଳ ପ୍ରୀତି ଜାତ ହେଲା । ସେମାନେ ପରସ୍ପରର ଶୋଭା ଦେଖିବାରୁ ଚକିତ ହେଲେ । ସେମାନଙ୍କର ଦେହ ନିଶ୍ଚଳ ହୋଇଗଲା । ସେ ଦୁହିଁଙ୍କର ହାସ୍ୟରେ ମାତ୍ର କିଛି ଦୀପ୍ତି ରହିଗଲା । ସେମାନଙ୍କର ଆଖିର ପଲକ ପଡ଼ିଲା ନାହିଁ, କେବଳ ନାକରେ ନିଶ୍ୱାସ ରହିଲା । କନ୍ଦର୍ପ ତାଙ୍କୁ ନାଶ କରିବାର ଉଦ୍ୟୋଗ ଦ୍ୱାରା ମୂର୍ଚ୍ଛା କରାଇ ପୁଣି କ୍ଷଣକରେ ଚେତନା ଫେରାଇ ଦେଲା ।୨୪।

ଝଟ—ଶୀଘ୍ର, ମଣିଲେ—ମନରେ ପାଇଲେ, ଗୁଣିଲେ—ବିଚାର କଲେ; ରାଜୀବ-ଶରକୁ—ପଦ୍ମଶରକୁ, ଚପେ—ଧଇର୍ଯ୍ୟ, ଅଜୀବ—ପ୍ରାଣହୀନ; ବର୍ଣ୍ଣିକ—ଦେହବର୍ଣ୍ଣ, ରୁଚି—କାନ୍ତି, ଭାଳ—କଳା, ହରିତାଳ—ହଳଦିଆ, ଶଙ୍ଖ ଓ ହିଙ୍ଗୁଳ । ଦୁହେଁ ଚେଷ୍ଟାପାଇ ଶୀଘ୍ର ମନରେ ବିଚାର କଲେ ଆମେ ଦୁହେଁ ଚିତ୍ରକୁଟ ହେଲୁ, ଅର୍ଥାତ୍ ଏହା କପଟ ଲେଖା ଗଲା ସେ ଦେଖାଗଲା । ଏହି ଚିତ୍ରରେ କନ୍ଦର୍ପ ପଦ୍ମଶରର ସମ୍ମୋହନ ଗୁଣକୁ ବସାଇବାରୁ ଅଜୀବ ଅର୍ଥାତ୍ ଜଡ଼ ପିତୁଳାରେ ଜୀବନର ଭ୍ରମ ଜାତ କରାଉଅଛି । ଏହା ଏକ ବିଚିତ୍ର କଥା । ଯୁବକ ଯୁବତୀ ଦୁହେଁ ଏହିପରି ଭାବରେ ଆଶ୍ଚର୍ଯ୍ୟ ହେବାରୁ ଦୁହିଁଙ୍କର ଦେହରଙ୍ଗ ଓ କାନ୍ତି ସାଧାରଣଙ୍କ ପରି ହୋଇଅଛି, ଅର୍ଥାତ୍ ସେହି ସମୟର ବିବର୍ଣ୍ଣତା ଦୁହିଁଙ୍କର ଗୋରା ରଙ୍ଗକୁ କଅଁଳ କଳା କରି ଦେଇଥିବାର ଅନୁମିତ ହେଲା । ବୋଧହୁଏ ଚିତ୍ରକାର ଚିତ୍ର କରି ସାରି କଳା, ହଳଦିଆ ହିଙ୍ଗୁଳ ସଞ୍ଚି ରଖିଥିଲା । ସେଥିରୁ କାଳିଛିଟା ଚିତ୍ର ଉପରେ ପଡ଼ି ଯାଇଛି ।୨୫।

ସଦୃଶ—ସମାନରୂପ, ଦରଶ ଦରଶେ—ପ୍ରତ୍ୟେକକୁ ବା ପ୍ରତି ଦର୍ଶନରେ, ସାକ୍ଷାତ ପରସ୍ପରେ—ପ୍ରତ୍ୟକ୍ଷ ଦେଖାଯିବା, ଉଦୃଶ—ଏପରି ପୂର୍ବରୁ ଶୁଣିଥିବା ମୂର୍ତ୍ତି ପରି ଦୁହେଁ

ସୁବାସ୍ୱମା । ଭାବନ୍ତି ଆଉ ଇନ୍ଦ୍ରଜାଳ । କ୍ଷଣେକ ହୁଏ ଚିତ୍ରମେଳ ।
ସ୍ୱପନ ନ କହୁରେ ସାକ୍ଷାତ ପରସ୍ପରେ ଈଶ୍ୱର ହେବେ ଅନୁକୂଳ ସେ । ୨୬ ।
ଯେ ସର୍ବଭୂତପତି ତାଙ୍କୁ ଭଜ କପର୍ଦ୍ଦି ନିପାତ ହୋଇବ କହିଁଇ ।
ମେଘ-ଉପଳ ଶୀତକାନ୍ତିରେ ବିରାଜିତ ଜ୍ଞାନ ପ୍ରସରି ଗଲା ଧାଇଁ ସେ ।
ସୁବାସ୍ୱମା । କୁମାର ଭାବେ ଏ କୁମାରୀ । ପ୍ରେମା ଜାତେଣ ନୃପତି କରି ।
ଗଲା ସନ୍ଦେହ ଦେହବନ୍ତ ଏ ଜନ୍ମି ସ୍ନେହ ବଦେହ ବିକାର ସଞ୍ଚରି ସେ । ୨୭ ।
ମନାସି ଜଟପୁର ଈଶବାସେ ଅଶେଷ ଭୋଗକୁ ଅତ୍ୟନ୍ତ ପ୍ରମୋଦେ ।
ଯାହା ରଚିତ ରସ କବିବାଣୀରେ ଶେଷ ନୋହେ ସେ ଦେବ ରାମ ହୃଦେ ସେ ।
ସୁମନା ଏ । ପାଞ୍ଚ ଏ ଗ୍ରନ୍ଥର ଉତ୍ତର । ନୂତନ ଆନନ୍ଦ ପ୍ରକାର ।
କହେ ଉପେନ୍ଦ୍ରଭଞ୍ଜ ଉତ୍ତମକବି ପୁଞ୍ଜ ଦୁର୍ଲ୍ଲଭମାର୍ଗେ ମୋ ସଞ୍ଚାର ସେ । ୨୮ ।

—○—

---

ଦୁହିଁଙ୍କି ଦେଖାଗଲେ । ଏପରି ମୂର୍ତ୍ତି ତ ଜଗତରେ ନାହିଁ । ଏହି ମୂର୍ତ୍ତି ପ୍ରତିକ୍ଷଣରେ ପ୍ରତି ଦର୍ଶନରେ ଦୃଷ୍ଟିଆଡ଼େ ଚକ୍ଷୁର ସନ୍ତାପକୁ ଦୂର କରୁଅଛି । ଯୁବକ ଓ ଯୁବତୀ ପ୍ରଥମେ ଭାବିଲେ ଏହା ଇନ୍ଦ୍ରଜାଲର ମାୟା, ପୁଣି ମନେକଲେ ଏହା ଚିତ୍ର ପ୍ରତିମା, ଏହାପରେ ସାକ୍ଷାତ ଦେଖିବା ହେତୁ ସ୍ୱପ୍ନ ନୁହେଁ ବୋଲି ବିଚାରିଲେ । ପୁଣି ମନେ କଲେ ଈଶ୍ୱର ଆମ୍ଭର ଅନୁକୂଳ ହୋଇଥିବେ । ୨୬ ।

ଭୂତପତି—ଶିବ ଓ ପାଳନ କର୍ତ୍ତା ବିଷ୍ଣୁ, ନିପାତ—ଧ୍ୱଂସ, ମେଘଉପଳ—କୁଆପଥର, ଶିତ—ଧଳା । ଯିଏ ସମସ୍ତ ଭୂତପତି ଅର୍ଥାତ ମହାଦେବ, ଯିଏ ସମସ୍ତ ପ୍ରାଣୀଙ୍କ ଅଧୀଶ୍ୱର ଅର୍ଥାତ୍ ବିଷ୍ଣୁ, ତାଙ୍କୁ ଭଜନକଲେ ବିପତ୍ତି କାହିଁକି ଧ୍ୱଂସ ନ ହେବ । ଏହାପରେ ଧଳାକୁଆପଥର କାନ୍ତି ପ୍ରଭୃତି ପ୍ରବଳ ଯୁବତୀ ଦେହରୁ କୁଆପଥର ତରଳିଲା ପରି ଗଳି ଗୋଇଲା । ସେମାନଙ୍କର ମୋହ ନଷ୍ଟ ହୋଇ ଜ୍ଞାନ ଜନ୍ମିଲା । ତହୁଁ ଦୁହେଁ ନିଜକୁ କୁମର କୁମାରୀ ବୋଲି ଭାବିଲେ । ଅର୍ଥାତ୍ ରାଜକନ୍ୟା ଓ ରାଜପୁତ୍ର ବୋଲି ଜାଣିଲେ । ଏତିକି ଦୁହେଁ ବୁଝିବାରୁ ସନ୍ଦେହ ଦୂର ହେଲା । ପରସ୍ପର ପ୍ରତି ଅନୁରାଗ ଜନ୍ମିବାରୁ ବିଦେହ ଅର୍ଥାତ କାମର ବିକାର ସଞ୍ଚରିଲା । ୨୭ ।

ଈଶବାସ—ଜଟପୁର ମହାଦେବ; ଅଶେଷ ଭୋଗ ବହୁ ନୈବେଦ୍ୟ, ମନାସି—ମାନସିକ କଲେ, କବିବାଣୀ—ଶୁକଦେବଙ୍କ ଲେଖା. ସୁମନା – ପଣ୍ଡିତମାନେ ଜଟପୁର ମହାଦେବଙ୍କୁ ବହୁବିଧ ଭୋଗ ମାନସିକ କଲେ । ଯାହାଙ୍କର ରଚିତ ରସ ସମ୍ବନ୍ଧୀୟ ବର୍ଣ୍ଣନା କବିମାନଙ୍କର ବା ଶୁକଦେବଙ୍କର ରଚନାରେ ଶେଷ ହେବନାହିଁ ସେହି ଦେବ ରାମଚନ୍ଦ୍ରଙ୍କୁ ସ୍ମରଣ କରି ଉପେନ୍ଦ୍ର ଭଞ୍ଜ ମନ କବିମାନଙ୍କର ଦୁର୍ଲ୍ଲଭ ମାର୍ଗରେ ଗତି କରୁଅଛି । ଆହେ ପଣ୍ଡିତବୃନ୍ଦ ଏହି ପଞ୍ଚ ଭାବରେ ଏହି ଛାନ୍ଦକୁ ବିସ୍ତାର କର । ୨୮ ।

—○—

## ଚତୁର୍ଦ୍ଦଶ ଛାନ୍ଦ

### ରାଗ—ସଙ୍କାରିକ

ଦେଖି ପିନସ୍ତନୀ ଶୋଭା । ମଞ୍ଜୁ ବନ୍ଧୂକଜିତପ୍ରଭା ।
ନାରୀ ବସ୍ତ୍ରରେ ମୋହିନୀ ଏ କେବେ ସୁଧାକୁମ୍ଭ ଯେବେ ଲୋଭା । ୧ ।
ଆଶ୍ଚର୍ଯ୍ୟ ଦଇବୀମାୟା । ଅଶେଷ ଲାବଣ୍ୟ କାୟା ।
ବଳଶ୍ରୀ କରି ମୁଁ କପରି ଲଭନ୍ତି ଶିବେ କରି ନାହିଁ ଦୟା । ୨ ।
ଦୁର୍ଲ୍ଲଭ ଏହାକୁ କହି । ହରଷ ସ୍ୱରୂପ ଏହି ।
ଦେଖିଲେ ଲେଖିଲେ ଲୋଚନେ ବଚନେ ଉପମା ଦେବାକୁ ନାହିଁ । ୩ ।
ଗଣ୍ଠି ଶିରା ବର୍ଜ୍ଜିତ । ତନୁରେ ମାପ ଆୟତ ।
ଉଦ୍ଧରପାଳକୁ କୃତାର୍ଥ କରିବା କଣ୍ଠର କରି ଲଳିତ । ୪ ।
ପାନକଳ ପୂରି ଭୂଣ୍ଡେ । ଫୁଟି ଦିଶୁଅଛି ଗଣ୍ଡେ ।
ଜବା କୁସୁମ ପ୍ରତିବିମ୍ବି ଅଛି କି ନିର୍ମଳ ମୁକୁରଖଣ୍ଡେ । ୫ ।

---

ପିନସ୍ତନୀ—ସ୍ଥୂଳସ୍ତନୀ, ମଞ୍ଜୁ—ସୁନ୍ଦର; ବନ୍ଧୂକଜିତ—ବନ୍ଧୁଲିକୁ ଜିଣି; ମୋହିନୀ—ସମୁଦ୍ର ମନ୍ଥନ ବେଳେ ଦେବତା ଓ ଅସୁରଙ୍କ ବିବାଦ ଭାଙ୍ଗିବା ପାଇଁ ବିଷ୍ଣୁ ଅତି ସୁନ୍ଦର ରୂପ ଧାରଣ କରି ଏକଟି କଳସରୁ ଅମୃତ ଦେଇ ବିତରଣ କରିଥିଲେ । ସୁନ୍ଦର ବନ୍ଧୁଲିକୁ ଜିଣି ଦେହ ଶୋଭା ଧାରଣ କରିଥିବା ପୃଥୁଳ ସ୍ତନଯୁକ୍ତା ତରୁଣୀକୁ ଦେଖି ଯୁବକ ବସନ୍ତଶୀଳ ଭାବେ କି ଏଣେ ମୋହିନୀ ଦୁଇଟି ଅମୃତକୁମ୍ଭ ଧରି ଠିଆ ହୋଇଅଛି । ୧ ।

ଦୈବୀମାୟା ଆଶ୍ଚର୍ଯ୍ୟ । ଏହି ଅସୀମ କାନ୍ତିଯୁକ୍ତା ଦେହକୁ ମୁଁ କପରି ବଳଶ୍ରୀ ବା ସ୍ତ୍ରୀ ରୂପେ ଲଭି ପାଇବି । ଅମୃତ ବଣ୍ଟନବେଳେ ବିଷ୍ଣୁଙ୍କର ମୋହିନୀ ମୂର୍ତ୍ତି ସ୍ୱୟଂ ଶିବଙ୍କୁ ଶ୍ରଦ୍ଧା ଦୟା କରିନାହିଁ । ଅତେବ ମୋତେ କାହିଁକି ଦୟା କରିବ । ୨ ।

ସଂସାରରେ ଏହା ଏକମାତ୍ର ଦୁର୍ଲ୍ଲଭ; ଅତେବ ପୁଣି ହର୍ଷ ସ୍ୱରୂପ । ମୁଁ ଏହାକୁ ଲୋଚନରେ ଅର୍ଥାତ୍ ଆଖିରେ ଦେଖି ଲେଖି ରଖିଲେ ସିନା ମାତ୍ର କଥାରେ ଉପମା ଦେଇ ଦେବ ନାହିଁ । ୩ ।

ତରୁଣୀର ତନୁରେ ଅର୍ଥାତ୍ ଦେହରେ ଗଣ୍ଠି ବା ଶିରା ଜଣୁ ନାହିଁ । ଏହାର ଦେହ ମାପରେ ଆୟତ ଅର୍ଥାତ୍ ଯେତେ ହେବା ଉଚିତ ସେତିକି ପାତଳ । ଆମ୍ଭ ସହିତ ଦେହର ବର୍ତ୍ତିକୁ କଣ୍ଠର ଲାଳନା କରି ଆମ୍ଭକୁ କୃତାର୍ଥ କରିବ । ୪ ।

ଜବାକୁସୁମ—ମନ୍ଦାର ଫୁଲ, ମୁକୁର—ଦର୍ପଣ । ତରୁଣୀର ଗାଲରେ ପାନଖିଲି ରହିବାରୁ ତାହା ଗଣ୍ଡ ଦେଶରେ ଦେଖାଯାଉଅଛି । ସେହି ଶୋଭା ମନ୍ଦାରଫୁଲ ସ୍ୱଚ୍ଛ ଦର୍ପଣରେ ପ୍ରତିଫଳିତ ହେଲା ପରି ହୋଇଅଛି । ୫ ।

ହରିତାଳ ଜାନି ତତା । ଭୃଙ୍ଗ ଘଟେ କି ଶୋଭିତା ।
ସୁବର୍ଣ୍ଣଭୂମିରେ ଅଙ୍କୁର ଅଛି କି ମରକତ ମିଶ୍ରା ଲତା ୬ ।
ଏହା ଶ୍ରୀଅଙ୍ଗକୁ ଛୁଇଁ । ରତନ ଯତନ ହୋଇ ।
ମହା ଅଦଭୁତ ପ୍ରଶଂସା ସଂସାରେ ଭୂଷଣ ଅଛନ୍ତି ପାଇ । ୭ ।
ଚନ୍ଦ୍ରଝୁମ୍ପି ଚନ୍ଦ୍ର ଝଳ । କେଶରାହୁ ଅର୍ଦ୍ଧ ଗଳ ।
ବେଣୀଅଗ୍ର ସ୍ୱର୍ଣ୍ଣ ପିଢ଼ାଣିଆ ଶୋଭା ସୁଧା ପଡ଼ୁଅଛି ଗଳ । ୮ ।
ଉତ୍ତମାଙ୍ଗ ମାଙ୍ଗସ୍ଥାନ । ଏଥିକି କି ବେନିଭାଗ ।
ଶୋଭା ଅଧିକୁ ତମାଳ ଖଣ୍ଡମାଳ ନୁହନ୍ତି ଉପମାଯୋଗ୍ୟ । ୯ ।
ତାର ଯେ ତାର ସୀମନ୍ତ । ତାରପନ୍ତ ପରପଙ୍କ୍ତି ।
ଯେତିକ ମାନ ନିର୍ମଳ ନଭ କେତେ ପ୍ରଭା ପ୍ରକାଶିଛି ଅତ । ୧୦ ।
କେତକୀ ଭୃଙ୍ଗସ୍ପ ଦଳ । ରଞ୍ଜିତ ପ୍ରବେଣୀମୂଳ ।
ତତ୍ତ୍ୱ ସିଂହାସ୍ତ ତିପୁର ସୁନ୍ଦର ନାହିଁ ବୋଲି ବାନା ଭୂଲ । ୧୧ ।

---

ହରିତାଳ ନୀଳର ତତା ଭୃଙ୍ଗ ଓ ପଦରେ କେତେ ଶୋଭା ପାଉଛି । ତାକୁ ଦେଖି ମନେ ହେଉଛି ମରକତ ମିଶ୍ରିତ ଲତା ସୁନା ଭୂଇଁରେ ଜନ୍ମିଛି କି ? । ୬ ।

ରତ୍ନମାନେ ସୁନ୍ଦରୀର ଶ୍ରୀଅଙ୍ଗକୁ ସ୍ପର୍ଶ କରିବାରୁ ସୁନ୍ଦର ହୋଇ ଅତି ଅଦ୍ଭୁତ ପ୍ରଶଂସା ଲାଭ କରି ସଂସାରରେ ଅଳଙ୍କାର ହୋଇ ଅଛନ୍ତି । ୭ ।

ଚନ୍ଦ୍ରଝୁମ୍ପା ଅଳଙ୍କାର ଚନ୍ଦ୍ରପରି ଉଜ୍ଜ୍ୱଳ ଦିଶୁଅଛି, ଚନ୍ଦ୍ରକୁ ରାହୁ ଗ୍ରାସ କଲାପରି ଏହାକୁ କେଶରାହୁ ଅର୍ଦ୍ଧଗ୍ରାସ କରିଅଛି, ବେଣୀ ଅଗରେ ଝୁଲୁଥିବା ସ୍ୱର୍ଣ୍ଣର ପିଢ଼ାଣିଆ ଯୋଗୁ ମନେ ହେଉଛି ଅମୃତ ଝରି ପଡ଼ୁଛି କି ? ରାହୁର ମୁଣ୍ଡକାଟିବେଳେ ତା ଗଳାରୁ ଅମୃତ ଝରି ପଡ଼ିଥିଲା । ୮ ।

ଉତ୍ତମାଙ୍ଗ—ମସ୍ତକ; ମାଙ୍ଗ ସ୍ଥାନ—ସିନ୍ଥି; ଖଣ୍ଡମାଳ—ମେଘ । ଏଥିପାଇଁ ମୁଣ୍ଡର କେଶ କୁଣ୍ଡାଇ ଦୁଇଭାଗ କରାଯାଇଅଛି କି ? ଏଥିରେ ଅଧିକ ଶୋଭାକୁ ତମାଳ ପତ୍ର ଉପମାଯୋଗ୍ୟ ନୁହେଁ । ୯ ।

ତାର ସୀମନ୍ତ—ମୁକୁତା ସୀମନ୍ତ; ତାର ପବର—ନକ୍ଷତ୍ର ସମୂହର, ପରପଙ୍କ୍ତି—ଶତ୍ରୁ । ତରୁଣୀର ମୁକ୍ତା ସୀମନ୍ତ ନକ୍ଷତ୍ର ସମୂହର ଶୋଭାକୁ ଜିଣିଯାଇଛି । ଆକାଶ ଯେତିକି ନିର୍ମଳ ହୁଏ ନକ୍ଷତ୍ରମାନେ ସେତିକି ଉଜ୍ଜ୍ୱଳ ହୋଇଥାନ୍ତି । ସେହିପରି ତରୁଣୀର କେଶର ନିର୍ମଳତା ଯୋଗୁଁ ମସ୍ତକ ମୁକ୍ତାମାନ ଅତି ଜ୍ୟୋତିର୍ମୟ ହୋଇଉଠିଛି । ୧୦ ।

ଭୃଙ୍ଗସ୍ପୃଦଳ—କେନାପାଖୁଡ଼ା, ସିଂହାସ୍ତ—କେଶଭାସ୍ତ; ପ୍ରବେଣୀ—ଉତ୍ତମ ବେଣୀ । ତତ୍ତ୍ୱର କେଶଜାଲ ଏହି ସୁନ୍ଦରୀ ପରି ତିନିପୁରରେ କେହି ନାହିଁ ବୋଲି କେତକୀର କେନାପାଖୁଡ଼ାକୁ ଉତ୍ତମ ବେଣୀର ମୂଳରେ ଖଞ୍ଜିଅଛି । ୧୧ ।

ସେ ଝଟା କି ଶୋଭା ପାଇ । ଶିର ଗୁଳକେ ଚଳଇ ।
ମୋତି ଜାଲି ଛଳେ ସୁଧା ସିଞ୍ଚୁଛି କି ବଦନ ହେଜ ଭଲି । ୧୨ ।
ଶ୍ରୁତି ବର୍ଣ୍ଣନେ ଅଶେଷ । ମନୋରମ କେଳି ସ୍ଥାନ ।
ମନ ବନ୍ଧ ହୋଇ ତହିଁରେ ରହଇ ଯେଣୁ ସେ ବନ୍ଧ୍ୟାବାସ । ୧୩ ।
ଫୁଲଝଲକା ଝଲକ । ସୁର ବନ୍ଧ ଅପଲକ ।
ମଲ୍ଲୀକଳି ଚୁମ୍ବି ଆସେ ପାସେ କିବା ଅବତଂସ ଚଞ୍ଚରୀକ । ୧୪ ।
ଖଚିତ ତିଳକ ଭାଲେ । ସ୍ତମ୍ଭ ଜନମେ ଦେଖିଲେ ।
ଏଣୁ ଝିଲମିଲମାଳୀ ରତ୍ନତୋରଣ ଧାରଣା ସ୍ତମ୍ଭ ଏ ସ୍ଥଳେ । ୧୫ ।
ଚଟୁଳ ଭ୍ରୂରୁ ନର୍ତ୍ତନ୍ତୁ । ଏ ଲକ୍ଷ୍ୟ ନ ଛୁଟେ ମନୁ ।
କି ପାଞ୍ଚି ଆଞ୍ଚ କନ୍ଦୁକଗୁଣେ ରତି ଅତନୁ ଅଚପିଧନୁ । ୧୬ ।

---

ଝଟା—କେଶକଲାପ । ସୁନ୍ଦରୀ ମୁଣ୍ଡ ହଲାଇଲା ବେଳେ ସେହି କେଶକଲାପ କି ଶୋଭା ପାଉଛି ? ମନେ ହେଉଛି ବଦନ ବଜୁଳି ଜନେ ମୋତିର ଜାଲି ଛଳରେ ଅମୃତ-ସିଞ୍ଚୁଛି କି ? । ୧୨ ।

ଶ୍ରୁତି—କାନ, ବନ୍ଧ୍ୟାବାସ—ବନ୍ଧ୍ୟଗୃହ; ବନ୍ଧ୍ୟା ବାସ—ବନ୍ଧ୍ୟା ନାମକ କାନ ଅଳଙ୍କାରର ସ୍ଥାନ । କାନର ବର୍ଣ୍ଣନା କଲାବେଳେ ଅତି ସୁନ୍ଦର ଦୁଇପାଖକୁ ଉପମା ଦିଅନ୍ତି ମାତ୍ର ଏ କର୍ଣ୍ଣ ବନ୍ଧ୍ୟା ନାମକ ଭୂଷଣର ସ୍ଥାନ ହେତୁ ମନ ତହିଁରେ ବନ୍ଧ ହୋଇ ରହିଗଲା । ୧୩ ।

ଫୁଲ ଝଲକା—କାନର ଫୁଲ, ଝଲକା—ଶୋଭା, ଅପଲକ—ପଲକଶୂନ୍ୟ, ଅବତଂସ—କାନଫୁଲ, ଚଞ୍ଚରୀକ—ଭ୍ରମର । ସୁନ୍ଦରୀର ଫୁଲ ଝଲକାର ଶୋଭା ଦେଖି ଦେବତାମାନଙ୍କ ଆଖିରେ ପିଛୁଳା ପଡ଼ିଲା ନାହିଁ । ମଲ୍ଲୀକଳି କମ୍ପା କର୍ଣ୍ଣ ଭୂଷଣକୁ ଚୁମ୍ବିବା ପାଇଁ ଭ୍ରମର କଅଣ ପାଖକୁ ଆସୁଛି ଏହାହିଁ ମନେହେଲା । ୧୪ ।

ତୋରଣ—ତୋରଣ । କପାଳରେ ଅଙ୍କିତ ଚମତ୍କାର ତିଳକକୁ ଦେଖିଲେ ଜଡ଼-ଜଡ଼ା ଓ ସ୍ତମ୍ଭ ମନରେ ଜାତ ହୁଏ । ଏଣୁ ଝିଲମିଲ ମାଳୀ ରତ୍ନ ନିର୍ମିତ ତୋରଣ ଧାରଣ ପାଇଁ ଭାଲପଟରେ ଏହି ତିଳକରୂପୀ ଖୁଣ୍ଟ ହୋଇଛି କି ? ୧୫ ।

ଚଟୁଳ—ଚଞ୍ଚଳ, ଭ୍ରୂରୁ—ଭ୍ରୂଲତା, ଅତନୁ - କାମ, ଅଚପି—ଅପରାଜିତା, ଆଞ୍ଚି—ଆକର୍ଷଣ କରି । ଭ୍ରୂଲତାର ଚଞ୍ଚଳ ନର୍ତ୍ତନ ହେତୁ ମନରୁ ଏହି ଲକ୍ଷ୍ୟ ଛୁଟୁନାହିଁ । ସତେ କଅଣ କାମ ମନରେ କଅଣ ପାଞ୍ଚି ଏହି ଭ୍ରୂଲତା ରୂପକ ଅପରାଜିତା ଫୁଲର ଧନୁକୁ କଜ୍ଜଳ ରୂପକ ଗୁଣ ଦେଇ ଆକର୍ଷଣ କରୁଛି । ୧୬ ।

ଏ ତୋର ଚଞ୍ଚଳ ଦୃଷ୍ଟି । ଜଳେ ମୀନୋତ୍ପଳ ବୃଷ୍ଟି ।
ଅନ୍ତରଙ୍ଗରୁ ଉରୁକୁ ଅନାଇଲୁ ସ୍ତବକ କି ଗଲାଣି ଫୁଟି । ୧୭ ।
ସ୍ତବେ ଏ କୃପାଦୃଷ୍ଟିବାଣୀ । ମୋ ମନ କୃପଣ ଜାଣି ।
ଅଞ୍ଜନସୂତ୍ରରୁ ଖିଆଇ ଦେଉଛୁ ପୁନଃପୁନଃ ନୀଳମଣି । ୧୮ ।
ନେତ୍ରମସ୍ତ କଲୁ ତନୁ । ମୋତେ ତୋଳ ଶତମନ୍ୟୁ ।
ସମ୍ପତ୍ତି ସମର୍ପି କ୍ଷଣକ ଭିତରେ କେଡ଼େ ଦୟାଳୁ ସୁତନୁ । ୧୯ ।
ବଦନ ଲାବଣ୍ୟଜଳେ । ସଦନ ସର୍ବଦା ଭାଳେ ।
ହରିତ୍ ବର୍ଣ୍ଣ କନକଜଡ଼ିତ ତରଣୀକି ଏଣିକି ତେଣିକି ଚଳେ । ୨୦ ।
ନାସାରେ ଭୂଷଣ ନିମାଣ । ଧରି ଡୋଳା ଓଷ୍ଠ କୋଣ ।
କ୍ଷଣଦା ଆର୍ଦ୍ରା ଚନ୍ଦ୍ରେ ରହିଲେ କି ଛୁଟାଇ ରୋହିଣୀ ପ୍ରୀତି । ୨୧ ।
ପଦ୍ମରାଗ ଖଣ୍ଡେ ଖୋଲ । ଦିଶୁଛି ସ୍ୱଗ ଆବଳୀ ।
ଧଳ ଝଟଝଟ ଦିଶୁଛି ପ୍ରକଟ ଅଧରରେ ହାସ ବୋଲି । ୨୨ ।

---

ଅନ୍ତରଙ୍ଗ - ନେତ୍ରାଂଶ ନାଲିଆ । ଏଣୁ ସେ କାମ ଧନୁରେ ଚଞ୍ଚଳ ଦୃଷ୍ଟିପାତ ଜଳରେ ନୀଳକଇଁ ରୂପକ ଶର ବୃଷ୍ଟି କରୁଅଛୁ କି ? ନେତ୍ରର ଅନ୍ତରଙ୍ଗ ହୋଇଥିବାରୁ ସ୍ତନଯୁଗ ଜଙ୍ଘର ବକ୍ଷକୁ ଅନାଇ ଲାଗୁଛୁ ମୋ ଚକ୍ଷୁ ଏହି କ୍ଷଣରେ ଫୁଟି ଗଲାଣି କି ? ୧୭ ।

ପୁଣି ସ୍ତନଯୁଗ ବସ୍ତ୍ର ଢାଙ୍କୁଛୁ ମୋ ମନକୁ କୃପଣ ଜାଣିପାରି ଏହି ଅନୁକମ୍ପା ଦୃଷ୍ଟିଦ୍ୱାରା ଅଞ୍ଜନ ରୂପକ ସୂତାରୁ ନୀଳମଣି ସଦୃଶ ଡୋଳାକୁ ବାରମ୍ବାର ଖିଆଇ ଦେଉଛୁ ? ୧୮ ।

ଶତମନ୍ୟୁ—ଇନ୍ଦ୍ର, ସୁତନୁ—ସୁନ୍ଦରୀ । ସୁନ୍ଦରୀ ସ୍ତନଯୁଗ ଦେହକୁ ବାରମ୍ବାର ଅନାଇବାରୁ ସ୍ତନଯୁଗ ସ୍ତବକ ଲଗେ ମୋ ଦେହକୁ ନେତ୍ରମସ୍ତ କଲ । ମୋତେ ଇନ୍ଦ୍ର ପରି ସହସ୍ରାକ୍ଷ କରି ଇନ୍ଦ୍ର ସମ୍ପତ୍ତି କ୍ଷଣକ ମଧ୍ୟରେ ଦାନ କଲ । ଏଣୁ ଏହି ସୁନ୍ଦରୀ କେଡ଼େ ଦୟାବତୀ । ୧୯ ।

ସୁନ୍ଦରୀର ମୁଖ ଲାବଣ୍ୟରୂପ ଜଳରେ ସର୍ବଦା ବାସ କରିଅଛୁ । ଏଣୁ ମନେ ହେଉଛୁ ଯେ ଧନ ପ୍ରକାର ବର୍ଣ୍ଣରେ ଜଡ଼ିତ ହୋଇଥିବା ନୌକା ଏଣିକି ତେଣିକି ଗତି କରୁଅଛୁ କି ? ୨୦ ।

କ୍ଷଣଦା—ରାତ୍ରି, ଆର୍ଦ୍ରା—ନକ୍ଷତ୍ର ବିଶେଷ, ଏହା ରକ୍ତବର୍ଣ୍ଣ; ରୋହିଣୀ—ନକ୍ଷତ୍ରର ନାମ । ସୁନ୍ଦରୀର ନାକରେ ଥିବା ମୋତି ଖଞ୍ଜା ଅଲଙ୍କାର ଆଖିର ଡୋଳା ଓ ଓଷ୍ଠର କୋଣ ଧରି ଦୋହଲୁଛି । ତେଣୁ ରାତ୍ରି କଳା ହେତୁ ଡୋଳା ସମାନ ଆଉ ଓଠ ନାଲି ଥିବାରୁ ଆର୍ଦ୍ରା ନକ୍ଷତ୍ର ସମାନ; ତଥାପି ଏ ଦୁହେଁ ରୋହିଣୀ ନକ୍ଷତ୍ରପାଶରେ ଥିବା ଚନ୍ଦ୍ରର ପ୍ରୀତି ଭଙ୍ଗ କରି ରହିଲେ କି ? ୨୧ ।

ଖୋଲ—ଖୋଦିତ, ସ୍ୱଗ ଆବଳୀ—ସ୍ୱଗ ସମୂହ, ପଦ୍ମରାଗ—ମଣି ବିଶେଷ । ଖୋଦିତ ପଦ୍ମରାଗ ଖଣ୍ଡରେ ଅନେକ ସ୍ୱଗ ଖଞ୍ଜା ହେଲାପରି ରକ୍ତବର୍ଣ୍ଣ ଅଧରରେ ଶୁକ୍ଳ ହାସ୍ୟର ଛଟା ଝଟଝଟ ହୋଇ ପ୍ରକଟ ହେଉଅଛି । ୨୨ ।

କସ୍ତୁରୀମକ୍ଷିକା ଅଟ୍ଟ । ଏମନ୍ତ ଲକ୍ଷି ହେଉଛି ।
ଓଷ୍ଠରେ ମଧୁର ମଧୁ ସଞ୍ଚି ସାରି ଚିବୁକେ କିବା ରହିଛି । ୨୩ ।
ମକରୀ ଗଣ୍ଡଦେଶରେ । ନିର୍ମଳ ଆଧାରଣରେ ।
ସଂସାରସାର ଶୋଭା ଚନ୍ଦ୍ରପଟଳ ପ୍ରତିବିମ୍ବକୁ କି ଧରେ । ୨୪ ।
ମାଳାରେ ପ୍ରଣିତ ଗଳା । କଳକଣ୍ଠ କି ଚଢ଼ିଲା ।
ଚଟକ ଫାଶରେ ମୋହନବଶରେ ମନ୍ଦିର ପରି ମଣିଲା । ୨୫ ।
ଭୁଜ କରଇ ମାଧୁରୀ । ଚିତ୍ତକୁ ହରି ଲବଣୀ
ତହୁଁ କୁବଳୟ ଏଥି ସୁବଳୟ ସମୁଦ୍ରାଲିଙ୍ଗନ ସରି । ୨୬ ।
ଓଷ୍ଠାରୁଣେ ବାଦକୃତ । କୁଚ ମନ୍ଦର ପର୍ବତ ।
ହାର ମଧ୍ୟମଣି ଅଗସ୍ତି ଜସ୍ମୁଁ ଆଉ ନ ବଢ଼ିଲେ ସତ । ୨୭ ।
କଳାକାଞ୍ଚଳି ରଚସି । ଅଛି ସ୍ତନ ଶୋଭା ବସି ।
ବିଷଜ୍ୱାଳା ଶାନ୍ତି ସ୍ନାନ କି କରନ୍ତି ଶମ୍ଭୁ କାଳିନ୍ଦୀରେ ପଶି । ୨୮ ।

---

କସ୍ତୁରୀରେ ଲେଖା ହୋଇଥିବା ମାଛି ଦେଖି ମନେ ହେଉଛି ଯେ ମହୁମାଛି ଅଧରର ମଧୁର ମଧୁ ସଂଗ୍ରହ କରିସାରି ଶେଷକୁ ଆସି ଚିବୁକରେ ବସି ରହିଛି । ୨୩ ।

ଗଣ୍ଡଦେଶରେ ଅଙ୍କିତ ମକରୀ ଚିହ୍ନ ଏପରି ଦିଶୁଛି ଯେ ମନେହୁଏ ସଂସାରର ଶ୍ରେଷ୍ଠ ଶୋଭାର ଚନ୍ଦ୍ର ସମୂହ ସ୍ୱଚ୍ଛ ଦର୍ପଣରେ ପ୍ରତିବିମ୍ବିତ ରୂପ ଧାରଣ କରିଛି କି ? ୨୪ ।

ମାଳାରେ ଗଳା ଭରି ଉଠିଛି । କପୋତ ଚଟକ ଫାଶରେ ପଡ଼ି ମୋହନ ବଶରେ ଫାଶକୁ ନିଜର ଘର ମଣି ସ୍ଥାୟୀ ହୋଇଛି କି ? ୨୫ ।

ଭୁଜ କି ମାଧୁରୀ କରିଛି କେଜାଣି ତାହା ଲବଣୀ ପରି ଶୋଭାଯୁକ୍ତ ହୋଇ ଚିତ୍ତକୁ ହରଣ କରୁଅଛି । ପୁଷ୍କରିଣୀର ଲବଣରେ କୁବଳୟ ଅର୍ଥାତ୍ ପଦ୍ମ ଦୋହଲୁଥାଏ, ସୁନ୍ଦରୀର ଭୁଜରେ ସୁବଳୟ ସ୍ୱର୍ଣ୍ଣ କଙ୍କଣ ରହିଅଛି । ଲବଣୀ ସମୁଦ୍ରକୁ ଅବଲମ୍ବି ରହେ; ଏଠାରେ ସୁନ୍ଦରୀର ଭୁଜ ସମୁଦ୍ରା ଅର୍ଥାତ୍ ମୁଦ୍ରା ସହ ଅଙ୍ଗୁଳିକ ଅବଲମ୍ବନ କରି ରହିଅଛି । ୨୬ ।

ସୁନ୍ଦରୀର ସ୍ତନ ମନ୍ଦର ପର୍ବତ ସଦୃଶ । ତାହା ଓଷ୍ଠରୂପ ଅରୁଣ ସଙ୍ଗରେ ବିବାଦ କରି ବଢ଼ୁଥିଲା । ଅଗସ୍ତି ମୁନିଙ୍କ ଯୋଗୁଁ ମନ୍ଦର ପର୍ବତ ବଢ଼ିବା ବନ୍ଦ କଲାପରି ସୁନ୍ଦରୀର ହାର ମଧ୍ୟରେ ଥିବା ମଣିରୂପ ଅଗସ୍ତି ମୁନିଙ୍କ ଯୋଗୁଁ ଆଉ ବଢ଼ୁନାହିଁ । ମନ୍ଦର ଗିରି ସୂର୍ଯ୍ୟଙ୍କ ସହିତ ବାଦ କରି ବଢ଼ିବା ଓ ଅଗସ୍ତିଙ୍କ ଆଶୀର୍ବାଦ ବଢ଼ିବା ବନ୍ଦ କରିବା ପୁରାଣ ପ୍ରସିଦ୍ଧ ଅଟେ । ୨୭ ।

ସ୍ତନର ଶୋଭା ସମୂହକୁ କଳା କାଞ୍ଚଳି ଏପରି ଢାଙ୍କି ଦେଇଛି ଯେ ତାକୁ ଦେଖି ମନେହୁଏ ଶିବ ବିଷଜ୍ୱାଳା ଉପଶମ ପାଇଁ କାଳିନ୍ଦୀରେ ପଶି ସ୍ନାନ କରୁଅଛନ୍ତି କି ? ୨୮ ।

ଶୁକ ପଦକ ଖଚିତ । ଶିକୁଳରେ ଏଣୁ ଯୁକ୍ତ ।
ଉରଜ ପଞ୍ଜରୀ ପରେ ରହିଛୁ କି ସଦା ସେ ସ୍ଥାନ ବାଞ୍ଛିତ । ୨୯ ।
ମନୋହରମ ରୋମଶ୍ରେଣୀ । ପୟୋଧର ପେଡ଼ି ଜାଣି
ଧୈର୍ଯ୍ୟପବନ ପାନ ପାଇଁ କିବା ବାହାରିଛି କାଳୀଫଣୀ । ୩୦ ।
ଭଲ ସାଜେଣୀ ବାଜେଣୀ । କିଙ୍କିଣୀ କଟିରେ ପୁଣି ।
କଣି କଣି ନେବ ମାନସୁଁ ମାନକୁ କଣି କଣି ହେଲୁଷଣି । ୩୧ ।
ପିନ୍ଧିଲୁ ବସନ ଜରି । ଶ୍ରୀଅଙ୍ଗେ ଯାଉଛି ଜରି ।
କାମକଳ୍ପତରୁ ପିଧାନ ପରି କି ଜଡ଼ିତ ହେମମଞ୍ଜୁଷା । ୩୨ ।
ହଂସକ ନୂପୁର ପାଦେ । ଚୁଳଙ୍କ ଝୁଣ୍ଟିଆ ପ୍ରପଦେ ।
ଚେତନା ଚମକ ପକାଇ ଦେବ ଏ ଝମକ ଝମକ ନାଦେ । ୩୩ ।
ଚରଣେ ଚିତା ଅଳତା । ହୋଇଛି କି ମଞ୍ଜୁଳତା ।
ଏ ରାଗ ଅନାଇଁ ସରାଗ ବଢ଼ାଇ ମୁଁ ହେବି ଏରୂପେ ରକ୍ତା । ୩୪ ।

---

ପଦକ—ହାର ମଧ୍ୟରେ ଥିବା ପଦକ; ଶୁକପକ୍ଷୀ ପରି ଖଚିତ, ମରକତ ମଣି ନିର୍ମିତ । ସୁନ୍ଦରୀର ହାର ମଧ୍ୟ ପଦକ ମରକତ ମଣି ଖଚିତ ହେବାରୁ ଶୁକପକ୍ଷୀ ତୁଲ୍ୟ । ଶୁକପକ୍ଷୀ ଶିକୁଳିରେ ବନ୍ଧା ହେଲାଭଳି ପଦକଟି ସୁନା ଜଞ୍ଜିରରେ ବନ୍ଧା । ଶୁକ ସବୁବେଳେ ସେଠାରେ ରହିବାକୁ ଇଚ୍ଛା କରିବାରୁ ସ୍ତନ ରୂପକ ପଞ୍ଜରୀରେ ରହିଅଛୁ କି ? ୨୯ ।

ସୁନ୍ଦରୀର ବକ୍ଷର ରୋମାବଳି କାଳୀ ନାଗୁଣୀ ପରି । ସାପ ପେଡ଼ିରେ ରହେ, ଏଠାରେ ସୁନ୍ଦରୀର ସ୍ତନ ପେଡ଼ି ସଦୃଶ । ସାପ ପବନ ଖାଇବାକୁ ପେଡ଼ିରୁ ବାହାରିଲା ପରି ଏହି ରୋମାବଳି ଲୋକମାନଙ୍କର ଧୈର୍ଯ୍ୟରୂପୀ ପବନ ପାନ କରିବା ପାଇଁ ପେଡ଼ିରୁ ବାହାରିଅଛି କି ? ୩୦ ।

ସୁନ୍ଦରୀର କଟିଦେଶରେ ବାନ୍ଧିଥିବା କିଙ୍କିଣୀ ଭଲ ଭାବରେ ଶୋଭା ପାଉଛି । ତହିଁର କଣିକଣି ଶବ୍ଦରୁ ମନେ ହେଉଛି ଯେ ତାହା ମନରୁ ମାନକୁ କଣି ନେବ । ୩୧ ।

ଜରିଯୁକ୍ତ ପିନ୍ଧାବସ୍ତ୍ର ସୁନ୍ଦରୀର ଦେହରେ ଏପରି ଜଡ଼ି ଯାଉଛି ଯେ ଯଥା ଯେପରି ବାଞ୍ଛା କଳ୍ପତରୁରେ ଆଚ୍ଛାଦନ ପରି ହେମ ମଞ୍ଜୁଷା ଜଡ଼ିତ ହୋଇଛି । ୩୨ ।

ପାଦରେ ହଂସକ ନୂପୁର, ପ୍ରପଦରେ ଅର୍ଥାତ୍ ଅଙ୍ଗୁଳିରେ ଝୁଣ୍ଟିଆ ଏମାନେ ଝମକ ଝମକ ନାଦରେ ଚେତନାରେ ଚମକ ପକାଇଦେବେ । ୩୩ ।

ଚରଣରେ ଅଳତା ଚିତା କେଡ଼େ ମନୋହର ହୋଇଅଛି । ଏହି ରକ୍ତିମାକୁ ଦେଖିଲେ ଏହିପରି ଅଳତା ରୂପରେ ରକ୍ତ ହେବାର ସ୍ପୃହା ବଢ଼ିଥାଏ । ୩୪ ।

ଅମୂଲ୍ୟ ରମାରତନ । ହର୍ଷ ରସ ଯତନ ।
କେଉଁ କାଳେ କେତେ ପୁଣ୍ୟ କରିଥିଲି ସେ ଭାଗ୍ୟେ ନେତ୍ର ପତନ ।୩୫।
ମୋହନ ବୋଲାଇ ଯେହ୍ନ । ସେହ୍ନ ସ୍ୱରୂପତ ଏହ୍ନ ।
ସମସ୍ତରୂପେ ମସ୍ତକମଣି ବୋଲି ସୁନ୍ଦରୀସଂସାରେ କହ୍ନ । ୩୬ ।
ରସିକ ଏମନ୍ତ ଭାଳେ । ଦଇବେ ସୁଭାଗ୍ୟକାଳେ ।
ରମା ନୟନ ଅୟନରେ ପଥିକ ପୁରୁଷଶୋଭା ଏକାଳେ । ୩୭ ।
ତରଣିକୁଳର ସାର । ଆଶ୍ରୟରୁ ନିରନ୍ତର ।
କହେ ଉପେନ୍ଦ୍ର ଭଞ୍ଜ ମୁଁ ଲଭୁଛି ଶବଦସମୁଦ୍ର ପାର । ୩୮ ।

—:( * ):—

## ପଞ୍ଚଦଶ ଛାନ୍ଦ

ରାଗ—ନଳିନୀଗୌଡ଼ା

ଦେଖି ରମା କୁମାର ସୁଷମାକୁ ଭାଳିଲା
ଅତନୁ ସୁତନୁବନ୍ତ ବେନି କାମ ଥିଲା ଯେ । ୧ ।
ତାହାର ଶସ୍ତ୍ର କୁସୁମ ଏହା ଶସ୍ତ୍ରରୂପ ।
ରତିମତି କଲେ ହେବ ମୋ ପୁଣ୍ୟ ଅମାପ ଯେ । ୨ ।

---

ଏହି ସୁନ୍ଦରୀରତ୍ନ ଅମୂଲ୍ୟ ହର୍ଷ ଓ ରସର ଯତ୍ନପୂର୍ବକ ଏକତ୍ର ସମାବେଶର ସ୍ଥାନ ସ୍ୱରୂପ । କେଉଁ କାଳରେ କେତେ ପୁଣ୍ୟ କରିଥିଲି ବୋଲି ଏହା ଉପରେ ମୋ ଆଖି ପଡ଼ିଲା । ୩୫ ।

ଯାହାକୁ ମୋହନୀ କହନ୍ତି ଏହି ରମଣୀ ହେଉଅଛି ସେହି । ଇଏ ସବୁ ପ୍ରକାରେ ସୁନ୍ଦରୀ ଜଗତର ମସ୍ତକ ମଣି । ୩୬ ।

ରସିକ ପୁରୁଷ ଏହିପରି ଭାବୁଥିଲା । ଦୈବଯୋଗରୁ ଏହି ସମୟରେ ସୁଭାଗ୍ୟ ବଶରୁ ପୁରୁଷର ଶୋଭା ରମାର ନେତ୍ର ପଥରେ ପଥିକ ହେଲା । ଅୟନ—ପଥ । ୩୭ ।

ତରଣୀକୁଳ—ସୂର୍ଯ୍ୟବଂଶ, ଆଶ୍ରୟରୁ—ଅନୁଗ୍ରହରୁ । ସୂର୍ଯ୍ୟବଂଶର ଶ୍ରେଷ୍ଠ ରାମଚନ୍ଦ୍ରଙ୍କ ଆଶ୍ରୟ ପାଇ ମୁଁ ଶବ୍ଦ ସମୁଦ୍ରର ପାର ଲଭୁଛି ଏହା ଉପେନ୍ଦ୍ର ଭଞ୍ଜ କହେ । ୩୮ ।

—○—

ସୁଷମା—ଅତିଶୟ ଶୋଭା, ଅତନୁ—କାମ, ସୁତନୁ—ସୁନ୍ଦର ଦେହ । ରାଜକନ୍ୟା ରାଜପୁତ୍ରର ପରମ ଶୋଭା ଦେଖି ଭାବିଲା, ଏହି ସଂସାରରେ କଅଣ ଦୁଇଜଣ କାମ ଥିଲେ କି ? ଜଣେ ଦେହହୀନ; ଆଉଜଣେ ସୁନ୍ଦର ଦେହଧାରୀ । ୧ ।

ଅଦେହୀ କାମର ଅସ୍ତ୍ର ଥିଲା ଫୁଲଧନୁ; ସଦେହ କାମର ଅସ୍ତ୍ର ହେଉଛି ସୌନ୍ଦର୍ଯ୍ୟ । ଇଏ ମୋ’ପ୍ରତି ରତି ଅର୍ଥାତ୍ ବୁଦ୍ଧି ଆଚରଣ କଲେ ମୋର ଅସୀମ ପୁଣ୍ୟ ହେବ । ୨ ।

ମୀନ ମକର ଲକ୍ଷଣନଙ୍କର ଦେଖିଲା ।
ଆନନ୍ଦ-ସମୁଦ୍ର କଲା ପୁଣି ସେ ଯୋଷିତ ଯେ । ୩ ।
ସରିତ ସଙ୍ଗରେ ସେ ଶରୀରେ ମନ ମିଶି ।
ଅଙ୍ଗସଙ୍ଗ ସମ୍ଭୂତେ ହୁଅନ୍ତା ହେଲା ଯୋଷି ଯେ । ୪ ।
କଳାନିଧି ସନ୍ନିଧି ପ୍ରକାଶ କି କପଟେ ।
କୁମୁଦିନୀ ପାଟଳ ଜଳେ ପ୍ରତିବିମ୍ବ ପ୍ରାପ୍ତେ ଯେ । ୫ ।
ଏ ବଦନ ଗଗନ କିବା ମୋର ଭାଗ୍ୟ ରାଶି ।
ଯୋଗକୁ ହୋଇଛି କିବା ସନ୍ନିକଟ ଆସି ଯେ । ୬ ।
ଏମନ୍ତ ବିଚାରୁ ଗୁରୁଜଘନା ଚିତ୍ତର ।
ହୋଏ ନିକଟ ନିକଟ ପ୍ରକଟ କୁମର ଯେ । ୭ ।
ପାଦରେ ପାଦଛେ ମନ୍ଥମନ୍ଥରା ଓହ୍ଲାଇ ।
କରପଇଠି ବିମ୍ବୋଷ୍ଠୀ ସଖୀକରେ ଦେଇ ଯେ । ୮ ।
କରି ଯାଉଅଛି ସେ ନାଗର ଏହି ସ୍ତବ ।
ହେ ବାଳେ । ନର୍ମଦା ସୁରତରଙ୍ଗିଣୀ ଭାବ ଯେ । ୯ ।

---

ରାଜକନ୍ୟା ପୁରୁଷଠାରେ ମୀନ ମକର ପ୍ରଭୃତି ମହାପୁରୁଷ ଚିହ୍ନମାନ ଦେଖି ମନେ ମନେ ପୁରୁଷକୁ ଆନନ୍ଦ ସାଗର ସଙ୍ଗେ ସମାନ କଲା । କାରଣ ସାଗରରେ ମୀନ ମକର ପ୍ରଭୃତି ଥାଆନ୍ତି । ୩ ।

ସମୁଦ୍ରରେ ନଦୀ ମିଶିଗଲା ପରି ସେହି ସୁନ୍ଦର ପୁରୁଷର ଶରୀରରେ ତାହାର ମନ ମିଶିଲା । ମନ ମିଶିଗଲା ପରେ ଅଙ୍ଗ ସଙ୍ଗ ହୁଅନ୍ତା ବୋଲି ସେ ଯୋଷି ହେଲା । ୪ ।

କଳାନିଧି—ଚନ୍ଦ୍ର । ପୋଖରୀ ପାଣିରେ କଇଁ ପାଖରେ ଚନ୍ଦ୍ରର ପ୍ରତିବିମ୍ବ ଦିଶିଲା ପରି ଏହି ଚନ୍ଦ୍ର ସଦୃଶ ପୁରୁଷ କି କାରଣରୁ ମୋ ପାଖରେ ଦେଖା ଦେଉଛନ୍ତି । ୫ ।

ଅଥବା ଏହି ବଦନରୂପୀ ଆକାଶରେ ମୋହର ଭାଗ୍ୟକୁ ଦ୍ୱାଦଶ ଉଦୟ ହୋଇଛି ଏବଂ ତତ୍ପରେ ଯୋଗ ଦେବାକୁ ଚନ୍ଦ୍ର ମୋହର ନିକଟବର୍ତ୍ତୀ ହୋଇଅଛି । ୬ ।

ସୁନ୍ଦର ଜଘନ ଧର୍ଷିଷ୍ଠ ସୁନ୍ଦରୀ ମନରେ ଏଇଭଳି ବିଚାର କରୁଁ କରୁଁ କୁମାର ଅତି ନିକଟରେ ଦେଖା ଦେଲେ । ୭ ।

ମନ୍ଥ ମନ୍ଥରା—ଧରଣୀଶୋଭି, କର ପଇଠି—ହାତର ଭାର, ବିମ୍ବୋଷ୍ଠୀ—ବିମ୍ବାଧରା । ବିମ୍ବାଧରା ରାଜକନ୍ୟା ନିଜର ହାତର ଭାର ସଖୀ ହାତରେ ରଖି ପାହାଚ ପରେ ପାହାଚ ଓହ୍ଲାଇ ଆସିଲା । ୮ ।

ସେହି ନାଗର ଅର୍ଥାତ ରାଜପୁତ୍ର ଏହି ସ୍ତବ ପାଠ କରି କରି ନିକଟକୁ ଯାଉଥିଲା । "ହେ ବାଳା, ତୁ ମନରେ ବିଚାର କର, ତୁ ନର୍ମଦା ଅର୍ଥାତ ସୁଖଦାୟିନୀ । ଅତଏବ ନର୍ମଦା ନଦୀ ସଦୃଶ; ପୁଣି ସୁରତ ତରଙ୍ଗିଣୀ ଅର୍ଥାତ୍ କେଳି ପ୍ରବାହା ତଥା ସୁର-ତରଙ୍ଗିଣୀ ଅର୍ଥାତ୍ ସ୍ୱର୍ଗଗଙ୍ଗା । ୯ ।

କାଳନ୍ଦୀ କୁଟିଳ କୃଷ୍ଣବେଣୀ ପୁଣି ଲକ୍ଷ୍ୟ ।
ଚନ୍ଦ୍ରଭାଗାଳକଶୋଭା ଶତ୍ରୁ ଉତ୍ପଳାକ୍ଷୀ ଯେ । ୧୦ ।
ହୋଇଥିବ ଯୁକ୍ତ ରସ ସରସ୍ୱତୀ ସଦା ।
କରିବ ସଙ୍ଗତ ହୋଇ ରେ ବାଲେ ବାହୁଦା ଯେ । ୧୧ ।
ତୀର୍ଥମୟୀ କଳ୍ପନା ମୋ ଆନ ନ କର ।
ବୋଲି ଆଜ ଗ୍ରନ୍ଥି କହିବାକୁ ଯୋଡ଼ିଁ କର ଯେ । ୧୨ ।
କନକ-ଚମ୍ପାମାଳାକୁ କାଢ଼ି ଶମ୍ପାଗୋରୀ ।
ଅଳକରେ ଦେଲା ଭଳି କଟାକ୍ଷ-ଗୁରୁସୀ ଯେ । ୧୩ ।
ଏକାଳେ ଉଦୟ ଲଭେ ସେହି ସ୍ଥାନ-ନଭେ ।
ମାଙ୍ଗଲ୍ୟ ତାରକା ହୋଇ ଯୁକ୍ତ ଯୋଗ ଶୁଭେ ଯେ । ୧୪ ।
ଅବଧୂତୀ ଉପାଧ୍ୟାୟୀ ପୋଟା କରିଦୂରେ ।
ଝଟକ ଆସନ୍ତି ସେ ଶ୍ରବଣା ପରକାରେ ଯେ । ୧୫ ।

---

ପୁଣି ଛୋହୁଠାରେ କାଳନ୍ଦୀ ପରି ସୁନ୍ଦର କୃଷ୍ଣବର୍ଣ୍ଣ ବେଣୀ ଦେଖା ଯାଉଅଛି । ଏଣୁ ତୁ କାଳନ୍ଦୀ ଏବଂ କୃଷ୍ଣବେଣୀ ନଦୀ ସଦୃଶ । ତୋ ଭାଲରେ ଅର୍ଦ୍ଧଚନ୍ଦ୍ର ଚିହ୍ନ ରହିଛି । ଏଣୁ ତୁ ଚନ୍ଦ୍ରଭାଗା ନଦୀ । ଏହା ଉପରକୁ ତୁ ଶତ୍ରୁ ଅର୍ଥାତ୍ ବିରହ ଉତ୍ପଳାକ୍ଷୀ ବା ପଦ୍ମାକ୍ଷୀ । ସୁତରାଂ ତୁ ଚନ୍ଦ୍ରୋତ୍ପଳା । ୧୦ ।

ସରସ୍ୱତୀ—ବାଣୀ, ନଦୀ; ରସଯୁକ୍ତ—ଜଳପୂର୍ଣ୍ଣ; ବାହୁଦା—ବାହୁଦାନ ଅର୍ଥାତ୍ ଆଲିଙ୍ଗନ; ରେ ବାଲେ—ଆରେ ଯୁବତୀଏ । ରେବାନଦୀ ତୋ ବାଣୀ ସର୍ବଦା ସରସ ଏଣୁ ତୁ ଜଳପୂର୍ଣ୍ଣ ସରସ୍ୱତୀ ନଦୀରେ ବାଳେ ରେବା ନଦୀ ମଧ ଉକ୍ତିରେ ବାହୁଦା ଅର୍ଥାତ୍ ବାହୁ-ଦାନ କରି ସଙ୍ଗତ କର । ଏଠାରେ କବି ନର୍ମଦା, ଗଙ୍ଗା ଯମୁନା ସରସ୍ୱତୀ, ଚନ୍ଦ୍ରୋତ୍ପଳା, ରେବା ଓ ବାହୁଦାକୁ ପ୍ରକାଶ କଲେ । ୧୧ ।

ମୋର ଏହି ତୀର୍ଥମୟୀ କଳ୍ପନାକୁ ବୃଥା କର ନାହିଁ । ଏହା କହି କୁମାର ଗ୍ରନ୍ଥି କହିବାକୁ କର ଯୋଡ଼ିଲେ । ୧୨ ।

ଶମ୍ପା—ବିଦ୍ୟୁତ୍ । ବିଦ୍ୟୁତ୍ ପରି ଗୋରୀ ସୁନ୍ଦରୀ ସୁବର୍ଣ୍ଣର ଚମ୍ପା ମାଳକୁ ଗଳାରୁ କାଢ଼ି କଟାକ୍ଷ ଗୁରୁସୀ ପ୍ରକାଶ ଛଳରେ ସଖୀ ହାତରେ ଦେଲା । ୧୩ ।

ଏତିକିବେଳେ ସେହି ସ୍ଥାନର ଆକାଶରେ ମଙ୍ଗଳ ନକ୍ଷତ୍ର ପରି ଶୁଭ ଯୋଗରେ ମାଙ୍ଗଲ୍ୟା ସେଠାରେ ଦେଖା ଦେଲେ । ୧୪ ।

ଶ୍ରବଣା ନକ୍ଷତ୍ରପୁଞ୍ଜର ୩ କୋଟି ନକ୍ଷତ୍ର ପରି ଅବଧୂତୀ, ଉପାଧ୍ୟାୟୀ ଓ ପୋଟା ତିନିଜଣ ଅଳିନ୍ଦରୁ ଝଟକି ଆସିଲେ । ୧୫ ।

ଅଗସ୍ତି ଉଦୟୁ ପଥ ହନ୍ତି ତମଧ୍ୱଂସ ।
ଆଶା ଆଚ୍ଛାଦିଲା ଲଜ୍ଜା-ଦିଶା ପରକାଶ ଯେ । ୧୬ ।
ଘନ-ରସ-ସମୁ କାଳ ପୁରୁଷ କୋକିଳ ।
ମଧୁରତର ଭାଷାକୁ ବିରୋଧୀ ଚପଳ ଯେ । ୧୭ ।
ଉପସ୍ତି-ନାଶନ ଆଗେ ଦ୍ୱି-ପତି ପ୍ରକାର ।
ଥିଲା କୁମାରୀ ଭଜିଲା ସ୍ୱର୍ଭାନୁ ସଞ୍ଚାର ଯେ । ୧୮ ।
ଅନୁଗ୍ରହ ଦେଖିଲା ପରରେ କର କରି ।
ବାଳା ମାଳା ପ୍ରଦାନ ଭବକୁ ଅନୁସରି ଯେ । ୧୯ ।
ଚିନ୍ତା ଜନମାଇ ରହୁଁ ଅଛି କୃଶୋଦରୀ ।
ବାରୁଣୀ-ଗତ ଭାନୁଙ୍କ ଚକ୍ରବାକୀ ପରି ଯେ । ୨୦ ।
ନ ଲଙ୍ଘିଲ ସେ ଧାପାନ ଲୋକାଲୋକ ମତ ।
ପଦ ଅରୁଣ-ଅମ୍ବୁଜ ଦେବାରୁ ଲକ୍ଷିତ ଯେ । ୨୧ ।

---

ତମପୁଞ୍ଜ ଅଗସ୍ତି ନକ୍ଷତ୍ର ଉଦୟ ପରି ଦେଖାଗଲେ । ଅଗସ୍ତି ଉଦୟ ହେଲେ ଆଶା ଅର୍ଥାତ ଦିଗମାନେ ଆଚ୍ଛନ୍ନ ଥାନ୍ତି ମାତ୍ର ଦୀପ୍ତି ପ୍ରକାଶ ପାଏ । ରାଜ ପୁରୁଷର ଦର୍ଶନ ହେତୁ ମାଳତ୍ୟା ପ୍ରଭୃତିଙ୍କର ମିଳନ ଆଶା ଆଚ୍ଛନ୍ନ ହେଲା ଏବଂ ଲଜ୍ଜାରୂପକ ଦୀପ୍ତି ପ୍ରକାଶ ପାଇଲା । ୧୬ ।

ଘନ ରସମୟ—ବର୍ଷା କାଳ ପୁଣି ଘନର-ସମୟ—ହେମନ୍ତର କାଳ । ବର୍ଷାରେ ଚପଳ କୋକିଳ ପରି ପୁରୁଷର ମଧୁର ଭାଷାର ବିରୋଧୀ ହେଲା । ବର୍ଷାରେ କୋକିଳ ଧ୍ୱନି ବନ୍ଦ ହୁଏ । ସେହିପରି ରସର ଉଦ୍ରେକ ଯୋଗୁଁ କୁମାରୀର ବାକ୍ୟ ବନ୍ଦ ହେଲା । ୧୭ ।

ଉପସ୍ତି ନାଶନ—ଭଗବାନ; ଦ୍ୱି-ପତି—ପକ୍ଷୀଙ୍କ ପତି ଗରୁଡ଼; ସ୍ୱର୍ଭାନୁ—ରାହୁ; ସଞ୍ଚାର—ଗତି । ବିଷ୍ଣୁଙ୍କ ଆଗରେ ଗରୁଡ଼ ଥିଲା ପରି ରାଜକନ୍ୟା ସମ୍ମୁଖରେ ରାଜପୁତ୍ର ଥିଲେ, ସର୍ପମାନଙ୍କ ଆଗମନରେ ସେ ରାହୁ ଅଦୃଶ୍ୟ ହେଲା ପରି ସେଠାରୁ ଅନ୍ତର ହୋଇଗଲେ । ୧୮ ।

ଅନୁଗ୍ରହ ଗ୍ରହଣ କଲା ପରି ହାତ ଆଞ୍ଜୁଳା କରି ରାଜକନ୍ୟା ମାଳା ଦେବାର ଭାବକୁ ପ୍ରକାଶ କରି ରହିଲା । ୧୯ ।

କୃଶୋଦରୀ—କ୍ଷୀଣ ଉଦରୀ, ବାରୁଣୀ-ଗତ—ପଶ୍ଚିମ ଆକାଶରେ ପଡ଼ିଥିବା ସୂର୍ଯ୍ୟ; ଚକ୍ରବାକୀ—ଚକୁଆ ଚକୋଇ ପକ୍ଷୀଙ୍କର ରାତିରେ ବିଚ୍ଛେଦ ଘଟିଥାଏ । କ୍ଷୀଣ ଉଦରୀ ଅର୍ଥାତ୍ ରାଜକନ୍ୟାର ଚିନ୍ତା ଜାତ ହେଲା ଯେପରି ସୂର୍ଯ୍ୟାସ୍ତ ପରେ ଚକୁଆ ଚକୋଇ ପକ୍ଷୀର ବିଚ୍ଛେଦ ଚିନ୍ତା ଘଟିଥାଏ । ୨୦ ।

ଲୋକାଲୋକ—ପର୍ବତ ବିଶେଷ, ଏହାକୁ ସୂର୍ଯ୍ୟ ଟପି ନଥାନ୍ତି ବୋଲି ପ୍ରବାଦ ଅଛି, ଅରୁଣ—ରକ୍ତବର୍ଣ୍ଣ, ଅମ୍ବୁଜ—ପଦ୍ମ । ରାଜକନ୍ୟାର ପଦ ରକ୍ତପଦ୍ମ ସଦୃଶ ଶୋଭିତ

କେତେଣେ ଗଲ ସଖୀ ଭୁବ ବାଳା ସହିତେ ।
ସୁବର୍ଣ୍ଣ-ଚମ୍ପକମାଳା କରେ ଅଛି ଧରି ସେ ।। ୧୨ ।।
ଅଛ ଦୁର୍ଲ୍ଲଭ ଆଶ୍ଚର୍ଯ୍ୟ ବଚନକୁ କହି ।
ସୁରୁପ ପାଳୁଣ ଭଙ୍ଗି ଗଲ କଣ୍ଠ ହୋଇ ଯେ । ୧୩ ।
କେମନ୍ତ ହେବ ଏ ମତ୍ତକୁଞ୍ଜର ଯୁବାକୁ ।
ଆଶା କରିଅଛି ଆଶାବନ୍ଧେ ବାନ୍ଧିବାକୁ ଯେ ।। ୧୪ ।।
ଶୁଣି ମିଷ୍ଟ ମୃଦୁଳର ଉତ୍ତରକୁ କଲ ।
ଯେତେବେଳୁ ସ୍ବହାଣି-ଅଙ୍କୁଶ ଲଗାଇଲ ଯେ । ୧୫ ।
ନ ବାନ୍ଧିଲେ ବାନ୍ଧିଲେ ରହିଲଣି ଯୁକତେ ।
ମୋହନ-ଫାନ୍ଦରେ ପଡ଼ିବାରେ ଅନାୟତ୍ତେ ଯେ ।। ୧୬ ।।
ସ୍ଥିର ଭୂଷ ଅତି ଚତୁରମ୍ଭ ଚୁମ୍ବାଇଛି ।
କେମନ୍ତେ ହୋଇବ ଏ ସମ୍ଭବେ ନ ଆସୁଛି ଯେ । ୧୭ ।

---

ହେବାରୁ ସୁର୍ଯ୍ୟ ଲୋକାଲୋକ ପର୍ବତକୁ ନ ଛପିଲ ପରି ରାଜକନ୍ୟାଙ୍କ ଅରୁଣ ପଦ ସେହି ପାଦ୍ମାବକୁ ଅନୁଚର ନ କରି ଅଟକ ରହିଲ । ୧୧ ।

ତ୍ବରି - ଶୀଘ୍ର । ରାଜକନ୍ୟାର ସଖୀ ଅତିଶୀଘ୍ର କେଉଁଆଡ଼େ ଅଦୃଶ୍ୟ ହୋଇଗଲ । ରାଜକନ୍ୟା ହାତରେ ସୁନାର ଚମ୍ପା ମାଳା ଧରି ରହିଥାଏ । ୧୨ ।

ପାଳୁଣ—ନିକଟ, ସୁରୁପ ନିକଟବର୍ତ୍ତୀ ହେଉଁ ସଖୀ ତୁଣ୍ଡରୁ ଏହି ଦୁର୍ଲଭ ଆଶ୍ଚର୍ଯ୍ୟ କଥା ବାହାରିଗଲ । ୧୩ ।

ମତ୍ତକୁଞ୍ଜର—ମତ୍ତହସ୍ତୀ, ଆଶାବନ୍ଧ—ରୁଦ୍ରିଆଣୀ ସୂତା । ଏହି ଯୁବକ ମତ୍ତହସ୍ତୀ ପରି, ଏହାଙ୍କୁ ରୁଦ୍ରିଆଣୀ ସୂତାରେ ବାନ୍ଧିବାକୁ ଆଶା କରୁଅଛୁ । ଏହା କିପରି ସମ୍ଭବ ହେବ ? । ୧୪ ।

ମିଷ୍ଟ—ସୁନ୍ଦର ଶବ୍ଦ, ମୃଦୁ—କୋମଳ ସ୍ବରଯୁକ୍ତ ବାକ୍ୟ ଏହା ଶୁଣି ଅତି କୋମଳ ସ୍ବରରେ ଉତ୍ତର ଦେଲ ଯୁବା ହସ୍ତୀ ଉପରେ କନ୍ୟାର ସ୍ବହାଣି ଅଙ୍କୁଶ ଲାଗିଲଣି । ହସ୍ତୀକୁ ଆୟତ୍ତ ରଖିବା ପାଇଁ ହାତୀଆଳ ଅଙ୍କୁଶ ଲଗାଇଥାଏ । ୧୫ ।

ଏଣୁ ବାନ୍ଧିଲେ ଅବା ନ ବାନ୍ଧିଲେ କିଛି ଯାଏ ଆସେ ନାହିଁ । ଯୁବା ମୋହନ ଫାନ୍ଦ ( ଅର୍ଥାତ୍ ଫାନ୍ଦରେ ) ପଡ଼ି ଅଟକି ରହିଛି । ୧୬ ।

ସ୍ଥିର—ନିମ୍ନ, ଭୂଷ—ଶୀଘ୍ର । ନିମ୍ନ ଓ ଅତି ଶୀଘ୍ରଭାବରେ ଚତୁରମ୍ଭକୁ ଚୁମ୍ବିବା ପାଇଁ ଇଚ୍ଛା କରୁଅଛି । ଏହା କିପରି ସେ ସମ୍ଭବ ହେବ କଳନାକୁ ଆସୁନାହିଁ । ୧୭ ।

ଈଶ୍ୱର-ଶିରମଣ୍ଡନ ଉନ୍ମତ୍ତ ସୁମନ ।
ଯୋଗେ ଆଉ ଚୁମ୍ବିଥିଲା ଶଶୀ ମନେ ଘେନ ଯେ । ୨୮ ।
ଟେକୋଲି ମାଳା ତେଣୁ କିଞ୍ଚିଦୂରେ ଥାଇଁ ସଖୀ ।
ଧୀର ଗଳାକୁ ମଣ୍ଡିଲା ଦେଲା ପ୍ରାୟେ ରଖି ଯେ । ୨୯ ।
ସୁଗ୍ରୀବ ହୋଇଲା ଆଜ କି ତପ-ବଳରୁ ।
ଅଦ୍ଭୁତେ ଆକାରବନ୍ତ ରାମ କରୁଣାରୁ ଯେ । ୩୦ ।
ଏ ପଦକ କହି ସେ ପଦକ ଦେଲା ବେଗେ ।
ମିତ୍ର ନେଇ ଦେଇ ଆଳୀ କରେ ଅନୁରାଗେ ଯେ । ୩୧ ।
ବୋଇଲା ଜଣାଇବଟି ଜେମାକୁ ରେ ଖରୁ ।
ଆଜ୍ଞେ ଏ ସ୍ଥାନ ଘୁଞ୍ଚିଲା ପୁରୁଷ ହୃଦରୁ ଯେ । ୩୨ ।
ହସିଲା ହସିଲା ହୋଇ ସଜଣୀ ଆସିଲା ।
ସେ ମଣ୍ଡନେ ରାମା ହୃଦ ଶୋଭା ପ୍ରକାଶିଲା ଯେ । ୩୩ ।
ଯତନ ନାୟକ-ରତ୍ନ ବ୍ୟାଜେ କି ଆଣିଲା ।
ରମଣୀମଣି ଏମନ୍ତ ମନରେ ମଣିଲା ଯେ । ୩୪ ।

---

ଉନ୍ମତ୍ତ ସୁମନ—ଧୂତୁରା ଫୁଲ । ମହାଦେବଙ୍କ ଶିରରେ ଧୂତୁରା ଫୁଲ ଚଢ଼ାଯାଏ । ସେହି ଫୁଲରେ ଥିବା ସିମ୍ଫୁଡ଼ି ମହାଦେବଙ୍କ ଶିରରେ ଥିବା ଚନ୍ଦ୍ରଙ୍କୁ ଚୁମ୍ବିଥିଲା ଏଣୁ ଏ କଥା ଅସମ୍ଭବ ନୁହେଁ ବୋଲି ମନରେ ଘେନ । ୨୮ ।

ଏଣିକି କହୁ ରାଜକନ୍ୟାର ସଖୀ ଅଳ୍ପ ଦୂରରେ ଥାଇ ସୁନ୍ଦରର ଗଳାରେ ମାଳା ପିନ୍ଧାଇଲା ଢଙ୍ଗରେ ମାଳାଟି ଥୋଇଦେଲା । ୨୯ ।

ସୁଗ୍ରୀବ—ସୁନ୍ଦର ଗ୍ରୀବାଯୁକ୍ତ, ସୁଗ୍ରୀବ ନାମକ ବାନର ରାଜା, ଯାହାଙ୍କୁ ରାମଚନ୍ଦ୍ର ମାଳାପିନ୍ଧାଇଥିଲେ । ରାଜସୁତ ଭାବିଲା ମୁଁ କି ଅଦ୍ଭୁତ ତପସ୍ୟା ପ୍ରଭାବରୁ ଏହି ଅଦ୍ଭୁତ ଆକାରବନ୍ତା କନ୍ୟାର ଦୟା ଲାଭ କରି ସୁନ୍ଦର ଗଳାଯୁକ୍ତ ହେଲି ଯେ ସୁନ୍ଦରୀ ହାତରେ ମାଳା ପିନ୍ଧିଲି । ୩୦ ।

ଏହି ପରେ କଥା କହି ରାଜସୁତ ନିଜର ପଦକ ଗଳାରୁ କାଢ଼ି ମିତ୍ର ହାତରେ ଦେଲା । ମିତ୍ର ତାହା ନେଇ ସ୍ନେହରେ ରାଜକନ୍ୟାର ସଖୀ ହାତରେ ଦେଲା । ୩୧ ।

ମିତ୍ର ସଖୀକୁ କହିଲା—ରେ ସଖୀ, ରାଜଜେମାଙ୍କୁ ଜଣାଇବୁ ଯେ ଏହି ପଦକ ଆଜିଠାରୁ ପୁରୁଷ ହୃଦରୁ ନିଜ ସ୍ଥାନ ଛାଡ଼ିଲା । ୩୨ ।

ସଖୀ ଏହା ଶୁଣି ହସି ହସି ଆସି ସେ ପଦକ ନେଇ ରାଜକନ୍ୟାଙ୍କ ହୃଦୟରେ ଲମ୍ବାଇବାରୁ ତାହାର ଶୋଭା ବଢ଼ିଗଲା । ୩୩ ।

ରମଣୀମଣି ଅର୍ଥାତ୍ ନାରୀଶ୍ରେଷ୍ଠା ମନରେ ଭାବିଲା ପଦକ ଦେବାରେ ଯତ୍ନ ସହିତ ନାୟକରତ୍ନ ବା ମଧ୍ୟମଣି ଛଳରେ ପୁରୁଷ ଶ୍ରେଷ୍ଠଙ୍କୁ ସଖୀ ଆଣି ଦେଲା କି ? ରମଣୀମଣି—ଶ୍ରେଷ୍ଠନାରୀ, ନାୟକରତ୍ନ—ଶ୍ରେଷ୍ଠପୁରୁଷ, ମଧ୍ୟମଣି । ୩୪ ।

ପରସ୍ପର ବରଣ ଉତ୍ସବ ମହାରସ ।
ଭାବନା ଏ ଗଲା ହେଲା କଲେ ତ ଆଶ୍ଲେଷ ଯେ । ୩୫ ।
ଲଭିବା ଏ ଭରସା ସହଜେ ହଣି ଗଲା ।
ଯୋଗୀ ଯୋଗିନୀ ହେଲେ କରଣି ଭଲ ଭଲ ଯେ । ୩୬ ।
କଲେ ତାହା ବାଳକ ସାରୁଣିଖେଳ ପରି ।
ସୂତ୍ର-ଯୋଗେ ନେଲେ ଝମେ କରକୁ ଓଟାରି ଯେ । ୩୭ ।
ଦେଖି ଦେଖି ଦରଶନ କଲା ଅନ୍ତରତ ।
ସଞ୍ଚରି ଯେମନ୍ତ ଚନ୍ଦ୍ରକଳା ହୁଏ ଗତ ଯେ । ୩୮ ।
ବେନି ମନ ବେନି ତନୁ ସୁଖସ୍ଥାନ ସ୍ମରି ।
ପାଲଟି କି ରହିଲେ ରତନ କରି ପୁଣି ଯେ । ୩୯ ।
ଚକ୍ର-ଦମ୍ପତି ବିୟୋଗ କାଳ ପ୍ରକଟିଲା ।
ଦମ୍ପତିଚକ୍ର ସଂଯୋଗ ହେବାକୁ ଘଟିଲା ଯେ । ୪୦ ।
ଦରବଶେ କୁଳାୟକୁ ଗଲେ ମନ୍ଦପନ୍ଥ ।
ଦର-ଘୋଷେ ସଙ୍କେତ-ଆଶାୟୀ ମନ୍ଦଗତି ଯେ । ୪୧ ।

---

ଦୁହେଁ ଦୁହିଁଙ୍କି ବରଣ କରିବାଦ୍ୱାରା ଉତ୍ସବର ମହାରସ ସମ୍ପୂର୍ଣ୍ଣ ହେଲା । ଏହାପରେ ବରଣ ଭାବନା ଦୂର ହେଲା । ଆଶ୍ଲେଷ ବା ମିଳନ ଘଟିଲା । ଦୁହେଁ ଦୁହିଁଙ୍କୁ ଆଲିଙ୍ଗନ କଲେ । ୩୫ ।

ଦୁହେଁ ଦୁହିଁଙ୍କି ପାଇପାରିବେ ଏହି ଭରସା ସହଜ ହୋଇଉଠିଲା । ଏହି କାର୍ଯ୍ୟ କମିଶ ଯୋଗୀ ଯୋଗିନୀ ଅର୍ଥାତ୍ ତପପୁରୁଷ ଓ ମଙ୍ଗଲ୍ୟା ଦୁହିଁଙ୍କର କାର୍ଯ୍ୟ ପଦ୍ଧତି ପ୍ରଶଂସନୀୟ । ୩୬ ।

ଯେମାନେ ପିଲାଙ୍କର ସାରୁଣୀ ଖେଳପରି ସୂତାକୁ ଟାଣିନେଲେ ଅର୍ଥାତ୍ କଳର କୌଶଳ ଦ୍ୱାରା ମାଛ୍ୟାଙ୍କୁ ହଟାଇ ଦେଲେ । ୩୭ ।

ଯେପରି ଚନ୍ଦ୍ରକଳା ଅର୍ଥାତ୍ ଶୁକ୍ଳପକ୍ଷ ଆସି ପୁଣି ଚାଲିଯାଏ, ସେହିପରି ଦେଖୁଁ ଦେଖୁଁ ରାଜକନ୍ୟା ରାଜପୁତ୍ର ଦୁହିଁଙ୍କର ସାକ୍ଷାତ ଅପ୍ରକାଶିତ ହେଲା । ୩୮ ।

ଦୁହିଁଙ୍କର ମନ ଓ ଶରୀର ସୁଖପ୍ରଦସ୍ଥାନକୁ ମନେ ପକାଇ ଫେରିଯାଇ ଏକ ଜାଗାରେ ସ୍ଥିର ହୋଇ ରହିଲେ କି ? । ୩୯ ।

ଚକ୍ର-ଦମ୍ପତି ବିୟୋଗ କାଳ—ରାତି । ଚକୁଆ ଚକୋଇ ପକ୍ଷୀର ବିଚ୍ଛେଦ କାଳ ଅର୍ଥାତ୍ ରାତି କାଳ ହେଲା । ପୁରୁଷ ଓ ସ୍ତ୍ରୀଙ୍କର ମିଳନ ସମୟ ପାଇଁ ରାତି ପ୍ରବେଶ ହେଲା । ୪୦ ।

ଦର—ଭୟ, କୁଳାୟ—ବସା, ମନ୍ଦପନ୍ଥ—ଜୀବମାନେ, ଦରଘୋଷ—ଶଙ୍ଖନାଦ, ମନ୍ଦଗତି—ଧୀରଗମନ । ରାତି ହେବାରୁ ଭୟରେ ଜୀବମାନେ ନିଜର ବସାକୁ ଗମନ

ନୃପଜା ପ୍ରବେଶ ସ୍ୱରେ ସଙ୍ଗିନୀ ସଙ୍ଗରେ ।
ନୃପଜ ମିତ୍ର ସହିତେ ସ୍ଥିତ ସ୍ୱଭବନରେ ଯେ । ୪୨ ।
ଆଲମ୍ବନ ଭାବ ଅବଲମ୍ବନ ସହଜେ ।
ଏପ୍ରକାରେ ଉଭୀଗଣ ଭାବେ ଧୈର୍ଯ୍ୟ ଭଜେ ଯେ । ୪୩ ।
ଦ୍ୱିଶାସ୍ପାତଥି ରଜନୀ-ମୁଖକୁ ଦେଖନ୍ତି ।
ବଙ୍କି ଏକଦନ୍ତ ଶୋଭା କି ଗଣେଶ ମୂର୍ତ୍ତି ଯେ । ୪୪ ।
ଯେଣୁ ସେ କଳାପ୍ରବୀଣା ତେଣୁ ରାଗମୟ ।
ସର୍ବହୃଦେ ରତିମନ୍ତ୍ର କରେ ସେ ଉଦୟ ଯେ । ୪୫ ।
ସୁନୀଳ ପୁଷ୍ପରେ କର୍ଣ୍ଣ-ବୃଶ୍ଚିକ-ରୁଧିରେ ।
ତାରକୀ ବର୍ଣ୍ଣାବଳୀକ ଲେଖିଛୁ କ୍ରମରେ ଯେ । ୪୬ ।
ରଜନୀରେ ଦୃଶ ଦିବସରେ ନ ଦିଶଇ ।
ଏ ଉପଲକ୍ଷଣା ସେ ସଂଶୟ କିଛି ନାହିଁ ଯେ । ୪୭ ।

---

କଲେ । ଗୃହେ ଗୃହେ ଶଙ୍ଖଧ୍ୱନି ଶୁଣି ପୂର୍ବରୁ ସଙ୍କେତ କରିଥିବା ସ୍ଥାନକୁ ସ୍ତ୍ରୀ ପୁରୁଷମାନେ ଧୀରେ ଧୀରେ ଗମନ କଲେ । ୪୧ ।

ନୃପଜା—ରାଜକନ୍ୟା । ରାଜକନ୍ୟା ନିଜ ସଖୀଗଣ ସହିତ ନିଜ ଭବନକୁ ଫେରିଲେ, ରାଜପୁତ୍ର ମଧ୍ୟ ନିଜ ସଖାମାନଙ୍କ ଗହଣରେ ନିଜ ଘରକୁ ଯାଇ ରହିଲେ । ୪୨ ।

ସେ ଦୁହେଁ ସହଜରେ ପରସ୍ପରକୁ ଆଶ୍ରୟ କରିବା ଭାବନା ଗ୍ରହଣ କରିଥିଲେ । ଏହି ରକମ ସାକ୍ଷାତ ହୋଇଯିବାରୁ ଯେଉଁ ଉତ୍କଟ ଭାବ ଜନ୍ମିଥିଲା ତାହାକୁ ସମ୍ବୃତ କରି ଧୈର୍ଯ୍ୟ ଧାରଣ କଲେ । ୪୩ ।

ରଜନୀମୁଖ—ସନ୍ଧ୍ୟା । ଦୁହେଁ ଦ୍ୱିଶାସ୍ପା ଉଥିବ ସନ୍ଧ୍ୟାକୁ ଦେଖିଲେ । ତାହା ବଙ୍କିମ ଚନ୍ଦ୍ର ଶୋଭିତ ବୋଲି ଏକଦନ୍ତ ଧାରୀ ପରି ଶୋଭା ପାଉଥିଲା । ତାହା ଦେଖି ମନେକଲେ, ଏହି କାଳ କଅଣ ଏକଦନ୍ତଧାରୀ ଗଣେଶ ମୂର୍ତ୍ତି କି ? । ୪୪ ।

କଳା ପ୍ରବୀଣ—କଳାରଙ୍ଗରେ ନିପୁଣ, ନୃତ୍ୟଗୀତାଦି କଳା ନିପୁଣ; ରାଗମୟ—ରକ୍ତବର୍ଣ୍ଣମୟ, ସ୍ନେହମୟ; ରତି—ସ୍ନେହ । ଗଣେଶ ହେଉଛନ୍ତି ନୃତ୍ୟଗୀତ ପ୍ରଭୃତିରେ ପ୍ରବୀଣ ଏବଂ ରକ୍ତବର୍ଣ୍ଣ ବିଶିଷ୍ଟ ସେ ସମସ୍ତଙ୍କ ହୃଦୟରେ ସ୍ନେହରୂପ ମନ୍ତ୍ରକୁ ଜାତ କରାନ୍ତି । ସନ୍ଧ୍ୟାକାଳ ମଧ୍ୟ କଳାପ୍ରବୀଣା ଅର୍ଥାତ୍ ଗାଢ଼ କୃଷ୍ଣବର୍ଣ୍ଣା ଆଉ ରକ୍ତବର୍ଣ୍ଣ ବିଶିଷ୍ଟ, ଏଥିପାଇଁ ସମସ୍ତଙ୍କ ହୃଦୟରେ ରତିମନ୍ତ୍ର ଜାତ କରୁଅଛି । ୪୫ ।

ସୁନୀଳପୁଷ୍ପ—ଆକାଶ; କର୍ଣ୍ଣ-ବୃଶ୍ଚିକ—କାନବିଛା, ରୁଧିର—ରକ୍ତ, ତାରକୀ—ତାରାସମୂହ । ଆକାଶରେ କାନ ବିଛାର ରକ୍ତରେ ତାରାସମୂହର ବର୍ଣ୍ଣକୁ କ୍ରମରେ ଲେଖିଅଛି କି ? କାନବିଛାରକ୍ତର ଲେଖା ରାତିରେ ଜକ ଜକ ହୁଏ, ଦିନରେ ଦିଶେ ନାହିଁ । ଏହି ଉପମା ଯଥାର୍ଥ । ୪୬ । ୪୭ ।

କୁମାର କୁମାରୀ ଦୁହିଁ ମିତ ମିତଣୀଙ୍କ ।
ହାସିଲ୍ୟ ହୋଇ ଭାଷିଲେ ଗୋଟିଏ ବାଣୀକ ଯେ । ୪୮ ।
ମାର ତାର ତାତର ପିରିତିକ ବସ୍ତୁରିଲା ।
ଆମ୍ଭ ବଦାରଣେ ଶଙ୍ଖ ବରାହ ହୋଇଲା ଯେ । ୪୯ ।
ଏତେ ବୋଲି ହିରଣ୍ୟ ସୋଦର ଅଳଙ୍କାର ।
ଏ ଥିଲେ ମରିବ ବୋଲି ତେଜିଲେ ସତ୍ୱର ଯେ । ୫୦ ।
ସଖା ସଖୀ କହିଲେ ନ ହେନ ଭୟ ମନ ।
ବିଧୁ ଦଣ୍ଡବଶେ ନାଶ ଭଜିବ ରଦନ ଯେ । ୫୧ ।
ଦୁହେଁ ତେମନ୍ତ ହୋଇଲେ ଟାଙ୍କୋରିଲା ଲୋମ ।
ତମ ଶ୍ୟାମଳ ଘୋଟିଲା ଏ ଦର ଜନମ ଯେ । ୫୨ ।
ଚତୁର ଚତୁରୀ ତର୍କ ଭାବିଲେ କି ହେବ ।
କାମ-ପ୍ରେତ-ଝଡ଼ା ମନ୍ତ୍ର-ଲେଖା କେବା ଦେବ ଯେ । ୫୩ ।

---

ରାଜପୁତ୍ର ଓ ରାଜକନ୍ୟା ନିଜ ନିଜର ସଖା ଓ ସଖୀମାନଙ୍କୁ ଦୁହିଁ ସ୍ମିତ ହୋଇ ଗୋଟିଏ ମାତ୍ର କଥା କହିଲେ । ୪୮ ।

ମାର—କାମଦେବ; ତାର ତାତ—ନିଜର ପିତା, ବିଷ୍ଣୁ ହରି । କାମଦେବ ନିଜ ପିତାର ଅଦ୍ଭୁତ ଗୁଣକୁ କଅଣ ମନେ କରି ଆମ୍ଭ ଦୁହିଁଙ୍କୁ ବଦାରିବାକୁ ବରାହ ରୂପ ଧରିବା ଚଳ ଅର୍ଥାତ୍ ଆଶ୍ଚର୍ଯ୍ୟ ଲାଗୁଛି । ବିଷ୍ଣୁ ବରାହ ରୂପ ଧାରଣ କରିଥିଲେ । ସନ୍ଧ୍ୟାକାଳ ଦ୍ୱିଜରାଜ ଚନ୍ଦ୍ରରୂପ ଯନ୍ତ୍ର ଧାରଣ କରି ବରାହ ପରି ଦେଖାଗଲା । ୪୯ ।

ହିରଣ୍ୟ ସୋଦର—ହିରଣ୍ୟର ସାନଭାଇ ହିରଣାକ୍ଷ, ହିରଣ୍ୟ—ସୁନା । ବିଷ୍ଣୁ ବରାହ ରୂପ ଧାରଣ କରି ହିରଣାକ୍ଷ ଅସୁରକୁ ବଧ କରିଥିଲେ । ଏହି ସନ୍ଧ୍ୟାକାଳର କାମରୂପୀ ବରାହ ଆମ୍ଭେ ଦୁହେଁ ପିନ୍ଧିଥିବା ହିରଣ୍ୟ ଅଳଙ୍କାର ବା ସୁନା ଗହଣାକୁ ଦେଖି ଆମ୍ଭ ଦୁହିଁଙ୍କୁ ହିରଣ୍ୟର ଭାଇ ମନେକରି ମାରିବ ପରା ? ଏମନ୍ତ ବିଚାରି ଗହଣାମାନ ଶୀଘ୍ର ଅଙ୍ଗରୁ କାଢ଼ିପକାଇଲେ । ୫୦ ।

ସଖା ସଖୀ ଦୁହିଁଙ୍କୁ କହିଲେ ମନରେ କିଛି ଭୟ କର ନାହିଁ । ବିଧି ଦଣ୍ଡଯୋଗୁଁ ଏହି ଦନ୍ତ ଏହିକ୍ଷଣି ନଷ୍ଟ ହୋଇଯିବ । ଯଥା ଚନ୍ଦ୍ର ଅସ୍ତ ଶୀଘ୍ର ବିଲୀନ ହୋଇଥାଏ । ୫୧ ।

ଦୁହେଁ ଦୁହେଁ ସେହିପରି ହେଲେ । ଅନ୍ଧକାର ଘୋଟିବାରୁ ମନେହେଲା ଶ୍ୟାମଳ ଅର୍ଥାତ୍ କାମ ଘୋଟି ଆସିଲା କି ? ଏଭଳି ଭୟ ଜାତ ହେବାରୁ ଦେହର ଲୋମ ଟାଙ୍କୁରି ଉଠିଲା । ୫୨ ।

ନାଗର ନାଗରୀ ଦୁହେଁ ମନେ ମନେ ତର୍କ କଲେ ବର୍ତ୍ତମାନ କଅଣ କରିବା ? କନ୍ଦର୍ପ ରୂପକ ପ୍ରେତକୁ ଝାଡ଼ିବା ପାଇଁ ମନ୍ତ୍ରଲେଖା କିଏ ଆଣି ଆମ୍ଭଙ୍କୁ ଦେବ ? ପାରସ୍ପରିକ ପ୍ରୀତି ହେଉଛି ଏଠାରେ କାମ ପ୍ରେତଝଡ଼ା ମନ୍ତ୍ର ପରି । ୫୩ ।

ଧ୍ୟାଇ ରାମପଦ କହେ ଉପଇନ୍ଦ୍ର ଭଞ୍ଜ ।
ଜାଣ ସୁଜନେ ଏମନ୍ତ ମୋହନ ଗୀତପୁଞ୍ଜ ହେ । ୫୪ ।

---

## ଷୋଡ଼ଶ ଛାନ୍ଦ

( ଅନୁଚିନ୍ତା )

ରାଗ—ଚିନ୍ତା କୌଶିକ

**ହେଲା** ରଜନୀ ନାଶ ଗଲା ଦିଶି ଦିଶ କି ପ୍ରାଚୀ ନାରସ୍ୱବର ।
ନୀଳଶାଢ଼ୀ ଛାଡ଼ି ଅରୁଣ ସଙ୍ଗରେ ପିନ୍ଧିଲା ଲୋହିତାମ୍ବର ।
କି ଝଳ । କଞ୍ଜୁ ଉଡ଼ିଯିବା ଇଚ୍ଛୁ ଅଳି ।
ଯେହ୍ନେ ପଦ୍ମିନୀ ସୁରସଶାଳୀ । କାନ୍ତ ଉରକୁ କି ଡୋଳା ଢାଳି । ୧ ।
ଭୁଜଙ୍ଗ ଅଙ୍ଗ-ନଗାଦ୍ରି-ପୁରବର-ନାଦ-ବର-ପ୍ରଦ ହୋଇ ।
ଭୁଜଙ୍ଗ କନକା କନ୍ଧସଂଯୋଗକୁ ଚକ୍ଷୁଯୁଗେ ଗଲେ ଥୋଇ ।
ସେ ଧନ୍ୟ । ତାଙ୍କଠାରୁ ଯେଣୁ ନଲେ ଭିନ୍ନ ।
ନେନ ପ୍ରୀତି କେତେବ ନୋହେ ଭିନ୍ନ । ଏହିମନ୍ତ ପ୍ରଭାତ ସମ୍ପାଦନ । ୨ ।

---

ଶ୍ରୀରାମଚନ୍ଦ୍ରଙ୍କର ପଦଚିନ୍ତା କରି ଉପଇନ୍ଦ୍ର ଭଞ୍ଜ କହେ, ହେ ସୁଜନମାନେ ମୋହନ ଗୀତସବୁ ଏହିପରି ବୋଲି ଜାଣ । ୫୪ ।

—o—

ରଜନୀ—ରାତ୍ରି, ଦିଶ—ଦିଗ, ପ୍ରାଚୀ—ପୂର୍ବଦିଗ, ଅରୁଣ ସଙ୍ଗରେ - ରକ୍ତବର୍ଣ୍ଣ ସ୍ନେହରେ, ଲୋହିତାମ୍ବର—ରଙ୍ଗପାଟ, ଝଳ—ଶୋଭା, ଅଳି—ଭ୍ରମର, କଞ୍ଜୁ—ପଦ୍ମରୁ, ସୁରସଶାଳୀ—ରସିକା, କାନ୍ତ—ସୂର୍ଯ୍ୟ । ରାତ୍ର ପାହିଗଲାରୁ ଦିଗମାନେ ଦେଖାଗଲେ । ପୂର୍ବଦିଗ ନାରୀଶ୍ରେଷ୍ଠା ନୀଳ ଶାଢ଼ୀ ସଦୃଶ ରାତ୍ରିକୁ ଛାଡ଼ି ରକ୍ତବର୍ଣ୍ଣରେ ସ୍ନେହ ହୋଇ ରଙ୍ଗ ପାଟ ପିନ୍ଧି ଆହା କେଡ଼େ ଶୋଭା ପାଉଛି । ଭ୍ରମର ପଦ୍ମକୋଷରୁ ଉଠି ଯିବାକୁ ଇଚ୍ଛା କରନ୍ତେ ମନେ ହେଉଛି ରସିକା ପଦ୍ମିନୀ ସୂର୍ଯ୍ୟଙ୍କ ପ୍ରତି ଭ୍ରମର ରୂପକ ଡୋଳା ଢାଳି ଦେଉଛି କି ? । ୧ ।

ଭୁଜଙ୍ଗ ଅଙ୍ଗ—ଶିବ, ନଗ ଦ୍ରୁପୁର—କୈଳାସ ଭବନ, ବର ନାଦ—ଶଙ୍ଖଧ୍ୱନି, ବରପ୍ରଦ—ଭୟପ୍ରଦ, ଭୁଜଙ୍ଗ—ଲମ୍ପଟ ପୁରୁଷ, କନକା—କଟପୀ, କନ୍ଧ ସଂଯୋଗକୁ—ପୁରୁଷ ସ୍ତ୍ରୀ ମିଳନ ଅବସ୍ଥାକୁ, ଚକ୍ଷୁଯୁଗେ—ଚକୁଆ ଚକୋଇ । ଶିବଙ୍କର କୈଳାସ ପର୍ବତରେ ବର ଅର୍ଥାତ୍ ଶଙ୍ଖ ଧ୍ୱନି ଉଠି ଭୟପ୍ରଦ ହେଲା । ଭୁଜଙ୍ଗ ଅର୍ଥାତ୍ ଲମ୍ପଟପୁରୁଷ ଏବଂ କନକା ଅର୍ଥାତ୍ କଟପୀ ସ୍ତ୍ରୀମାନେ ମିଳନ ଅବସ୍ଥାକୁ ଭିନ୍ନବେଳେ ଚକୁଆ ଚକୋଇଠାରେ ରଖି ରାତ୍ରରେ ଜଳେ ରହିଲେ । ତେଣୁ ସେ ଧନ୍ୟ ହେଲେ । ଏ ଦୁହେଁ ତାଙ୍କଠାରୁ ଭିନ୍ନ ବିଚ୍ଛେଦ ନାହିଁ ନେଲେ । ଏମାନଙ୍କ ପ୍ରୀତି ଅତୁଟ ରହିଲା । ଏମିତି ପ୍ରଭାତ ରାତ୍ରେ ଘଟିଲା । ୨ ।

କୁକ୍କୁଟ କୂଟ-ରଟରେ ପଳାୟିତ ତସ୍କର ଅଭିସାରିକା ।
ଲଭିଲା ଧନ ଚନ୍ଦ୍ର କର୍ଣ୍ଣ ଲୁଚାଇଁ ଜଣାଦରେ କରି ଦକା ।
ସେ ଭଲେ । ତାରା ବାସକସଜ୍ଜା ଯୁବତୀଙ୍କେ ।
ପ୍ରଭାବତୀ ମ୍ଳାନ ଏକାବେଳେ । ଭଲ ସେନାପେନ ହୋଇଥିଲେ । ୩ ।
ଗୃହ-କପୋତ ହୁଁ କୁତେ ପଞ୍ଜରେକୁଁ ନସ୍ତାନସଙ୍ଗମା ଯାଇ ।
ଦେଖାଇ କରି ଆଦର ଆଦରଶେ ସ୍ନେହ ଲଜ୍ଜା ଭସୁକାଇଁ ।
ସେ କାଳୀ । ଦେଖି ଗଣ୍ଡପରି ଶୋଭବଳୀ ।
ଚୁମ୍ବ ଦେବ କି ପୋଛିବ ଭାଳ । ଛନ୍ନଚିତ୍ତ ମିଳିବାକୁ ଆଳୀ । ୪ ।
ହାରି ଶୀତଳରୁ ବିପ୍ରଲବ୍ଧା ଯାଇ ଯାଚକ କୃପଣଦ୍ୱାରୁ ।
ନବଘ ପାଇଁ ନିଃଶ୍ୱାସକୁ ପକାଇ ବାହୁଡ଼ିଲ ସଙ୍କେତରୁ ।

---

କୂଟ-ରଟ—ରାବ, ତସ୍କର—ଚୋର, ଅଭିସାରିକା—କାନ୍ତ ମିଳନର ସଙ୍କେତ ସ୍ଥାନକୁ ଯିବା ସ୍ତ୍ରୀ, ଜଣାଦରେ—ଚହଳଆଗେ, ଦକା—ଭସ୍ମ, ତାରା—ନକ୍ଷତ୍ର, ବାସକ ସଜ୍ଜା—ଯେଉଁ ସ୍ତ୍ରୀମାନେ ବେଶ ପିନ୍ଧି ବାସଗୃହ ସଜାଇ କାନ୍ତ ଆସିବାକୁ ଅପେକ୍ଷା କରନ୍ତି, ପ୍ରଭାବତୀ—ଉଜ୍ଜ୍ୱଳ, ମ୍ଳାନି—ମଳିନ, ସେନାପେନ—ମନ ମେଳ । କୁକୁଡ଼ା ପାହାନ୍ତାରେ ବୋବାଇବାରୁ ଅଭିସାରିକା ନାରୀମାନେ ଚୋର ପରି ଲୁଚି ପଳାଇଗଲେ । ଚୋର ଯେପରି ଚୋରିକରି ପାଇଥିବା ଧନକୁ ଚହଳଆ ଡରରେ ଲୁଚାଇଥାଏ, ଏହି ଅଭିସାରିକା ସ୍ତ୍ରୀମାନେ ସେହିପରି ପୁରୁଷର ନଖ ଦନ୍ତ ସମ୍ଭୂତ ଚିହ୍ନ କର୍ଣ୍ଣିକୁ ଲୁଚାଇଲେ । ତାରା ଓ ବାସକସଜ୍ଜା ସ୍ତ୍ରୀମାନେ ଏକା ସମୟରେ ଉଜ୍ଜ୍ୱଳ ଓ ମ୍ଳାନ ହୋଇ ଥାନ୍ତି । ସନ୍ଧ୍ୟାରେ ତାରା ଓ ବାସକସଜ୍ଜା ରମଣୀମାନେ ସାଜ ହୋଇ କାନ୍ତକୁ ଅପେକ୍ଷା କରନ୍ତି । ପ୍ରଭାତରେ ସେମାନେ ପଳାନ୍ତି । ତାରାମାନେ ମଧ୍ୟ ପ୍ରଭାତରେ ନିଷ୍ପ୍ରଭ ହୋଇଯାଆନ୍ତି । ଦୁହିଙ୍କ ଦଶା ଏକ ଧରାଯାଏ । ୩ ।

ଗୃହକପୋତ—ପୋଷାପାର, ଆଦରଶ—ଦର୍ପଣ । ପାହାନ୍ତାରେ ପାରାମାନେ ଖଞ୍ଜା ଭିତରୁ ହୁଁ ହୁଁ ରାବ କରନ୍ତି । ଏହା ପ୍ରଭାତ ହେବାର ଚିହ୍ନ ଏଣୁ ନୂତନ କାନ୍ତ ସଙ୍ଗ ଲଭିଥିବା ନାରୀମାନେ ପତି କୋଳରୁ ଉଠିଯାଇ ନିଜ ଗାଲ ଆଦି ସ୍ଥାନରେ ଥିବା ଚିହ୍ନମାନ ସ୍ନେହ ଓ ଲଜ୍ଜାରେ ଦର୍ପଣରେ ଦେଖନ୍ତି । ସେମାନେ ସେହି ଚିହ୍ନମାନ ଅର୍ଥାତ ପାନ ଦାଗ ଓ ଦନ୍ତ ଦାଗ ଦର୍ପଣରେ ପ୍ରତିବିମ୍ବିତ ହେବା ଦେଖି ତାକୁ ଚୁମ୍ବାଖାଇବେ କି ପୋଛି ପକାଇବେ ଏମନ୍ତ ଭାଳନ୍ତି ଅଥଚ କାଳେ ସଖୀମାନେ ପହଞ୍ଚି ଦେଖିନେବେ ଏଥିପାଇଁ ଛନ୍ନ ଛନ୍ନ ହୁଅନ୍ତି । ୪ ।

ଶୀତଳ—ମଳିନ, ବିପ୍ରଲବ୍ଧା—ସଙ୍କେତ ସ୍ଥାନରେ ନାୟକକୁ ନ ପାଇ ହତାଶ ହେବା ନାୟିକା, କୃପଣ ଦ୍ୱାରୁ—କୃପଣ ଲୋକର ଦୁଆରୁ, ଯାଚକ—ମାଗିଲା ବ୍ୟକ୍ତି, ସଙ୍ଗେ—ସଖୀକୁ, ପରୁଷ—କର୍କଶ, ଅଷ୍ଟମଙ୍ଗଳା—ବିବାହର ଅଷ୍ଟମଙ୍ଗଳ, ଏ ଦିନ ବରକନ୍ୟା ପରସ୍ପରର ମୁହଁ ଦେଖନ୍ତି ନାହିଁ । ରାତିରେ ମଣିମାନେ ଜକ ଜକ ଦେଖାଯାନ୍ତି ମାତ୍ର ରାତି

ସେ ତହିଁ । ସଙ୍ଗେ ପରୁଷ ବଚନ କହି ।
ଉଷ୍ଣମଙ୍ଗଳା ବହି ମୋ ସେହି । ମୋତେ କି କଲା ଆଶା ଦେଖାଇ । ୫ ।

ମନ୍ଦ-ଶବଦେ ସ୍ତବଧେ ମନ୍ଦେ ମନ୍ଦେ ସ୍ନାନକୁ ବଧୂ ବାହାର ।
ପିଣ୍ଡାରେ ଥିଲା ପଥିକ ଭାବେ ମତ୍ତି ହେବାରୁ ହୃଦ ତାହାର ।
ମୁଁ ମଳା । କେଉଁ ବୁଦ୍ଧିରେ ବିଦେଶ କଲି ।
ପ୍ରିୟା ଏ ଛବିକି ନ ଦେଖିଲି । ତାକୁ ମନମଥ ଶରେ ଦେଲି । ୬ ।

ଏସନ ସମୟେ ପ୍ରସନ୍ନବଦନା ମହୀମହେନ୍ଦ୍ର ନନ୍ଦନୀ ।
ଯାଇ ଅଭିରାମେ ଆରାମେ କହଇ ବସାଇ ସଜନୀ ତତି ।
ରେ ଆଳି । କେଉଁ ଯୋଗ ହୋଇଥିଲା କାଲି ।
ମୁଁ ଯେ କି ଶୋଭା ଦର୍ଶନ କଲି । ଏହି ଦେହରେ କୃତାର୍ଥ ହେଲି ।୭।

---

ଯାହାଗଲେ ସଖୀମାନଙ୍କର ସେହି ପାପି ମଳିନ ପଡ଼ିଯାଏ । ଏଣୁ ସଖୀର ଠେକ କମି- ଯିବାରୁ ସଙ୍କେତ ସ୍ଥାନରେ ନାୟକଙ୍କୁ ନ ପାଇ ହତାଶରେ ନାୟିକା ଫେରିଆସେ । କୃପଣ- ଲୋକ ପାଖରୁ ଭିକ୍ଷା ନ ପାଇ ଭିକାରୀ ଯେପରି ଦୀର୍ଘଶ୍ୱାସ ମାରି ଫେରେ । ନାୟିକା ନିଜ ସଖୀକୁ ନାୟକ ଉଦ୍ଦେଶ୍ୟରେ କର୍କଶ ବାକ୍ୟ କହେ । ଆଉ ସେପରି ଲୋକର ମୁହଁ ଦେଖିବ ନାହିଁ ବୋଲି କହୁଥାଏ କାରଣ ନାୟକ ତାକୁ ଆଶା ଦେଇ ହଟହଟା କରି- ଅଛି । ୫ ।

ମନ୍ଦ-ଶବଦେ—କାଉ ବୋବାଳିରେ, ମନ୍ଦେ ମନ୍ଦେ—ଧୀରେ ଧୀରେ, ସ୍ତବଧେ —ଚକିତରେ, ବଧୂ—ନୂତନା ସ୍ତ୍ରୀ, ଛବି—ଦୃଶ୍ୟ, ମନମଥ—କନ୍ଦର୍ପ । କାଉ ବୋବାଇବା ଶୁଣି ନୂଆ ବୋହୂମାନେ ଚକିତ ହୋଇ ସ୍ନାନ କରିବାକୁ ଧୀରେ ଧୀରେ ବାହାରିଲେ । ଦାଣ୍ଡ ପିଣ୍ଡାରେ ଯେଉଁ ପଥିକ ରାତିରେ ଆଶ୍ରୟ ନେଇଥିଲା ଏହି ଦୃଶ୍ୟରେ ତାହାର ମନ ମତ୍ତି ହୋଇ ଯିବାରୁ ସେ ଭାବିଲା ମୁଁ କେଉଁ ବୁଦ୍ଧିରେ ଘର ଛାଡ଼ି ବିଦେଶକୁ ଆସିଲି, ମୋ ପ୍ରିୟାର ଏପରି ଦୃଶ୍ୟ ଦେଖି ପାରିଲି ନାହିଁ । ମୁଁ ତାକୁ କନ୍ଦର୍ପର ଶିକାର ହେବାକୁ ଛାଡ଼ି ଆସିଲି । ୬ ।

ଏସନ ସମୟ—ପ୍ରଭାତକାଳ, ପ୍ରସନ୍ନମୁଖୀ—ହର୍ଷମୁଖୀ, ମହୀମହେନ୍ଦ୍ର—ରାଜାଧିରାଜ, ଆଳି—ସଖୀ । ଏଣେ ଏହି ପ୍ରଭାତ ସମୟରେ ରାଜାଧିରାଜ କନ୍ୟା କୋଟି ବ୍ରହ୍ମାଣ୍ଡସୁନ୍ଦରୀ ଅନ୍ତରଙ୍ଗ ସଖୀଙ୍କୁ ପାଖରେ ବସାଇ ଆନନ୍ଦରେ ଧୀରେ ଧୀରେ କହୁଛି, ଆଲୋ ସଖୀମାନେ ! କାଲି ମୋର କେଉଁ ସୁଯୋଗ ଘଟିଥିଲା ଯେ ମୁଁ ଅପୂର୍ବ ଶୋଭା ଦର୍ଶନ କରି କୃତାର୍ଥ ହୋଇଅଛି । ୭ ।

କନକପର୍ବତ ଉପରେ ମର୍କତ-ଶୃଙ୍ଗ ପ୍ରାପ୍ତେ ଦିବ୍ୟ ଜୁଡ଼ା ।
ସୁମନାବଳୀ ବେଷ୍ଟିତ ରମ୍ଭା-ଉରୁ-ଶୋଭମା ଧୈର୍ଯ୍ୟକ ଗୁଡ଼ା ।
ରେ ସଖି ! ମଧ୍ୟେ ନୀଳଚେଳ ଘନ ରଖି
ଧାରା ପରା ଆଗକୁଞ୍ଚା ଶୋଭି । ଚକ୍ଷୁ-ଚାତକ ହୋଇଲା ତୃଷ୍ଣା । ୮ ।
ରଞ୍ଜିତ ସମ ସୁଅଳକ ବେଢ଼ରେ ଶ୍ରୀମୁଖ ଶୋଭା ବଢ଼ିରେ ।
ମଧ୍ୟେ କଳଙ୍କ ପୋଛି ବିଧି ପରିଧି କରିଛି କଳାନିଧିରେ ।
ରେ ସଖି ! ମତ୍ତ ଚକୋର ମୋହର ଆଖି ।
ହାସ ସୁଧାପାନେ ହେଲା ସୁଖୀ । ଏଡ଼େ କଉତୁକ ନ ଥିଲି ଦେଖି । ୯ ।
ଶ୍ରବଣଯୁଗଳେ ହୀରକକୁଣ୍ଡଳ ଶିରସ୍ଥଳନରେ ଚଳ ।
କରଭୁଜେ ବାଦ ରଚନା କରି କି ଗୁରୁ ଶୁକ୍ର ଖେଳେ ଦୋଳ ।

---

କନକ ପର୍ବତ—ମେରୁ ପର୍ବତ, ମର୍କତ ଶୃଙ୍ଗ—ମର୍କତମଣି ଶିଖ, ସୁମନାବଳୀ—ଦେବତା ସମୂହ, ଫୁଲ ସମୂହ, ରମ୍ଭା—ରମ୍ଭା ଅପ୍ସରା, କଦଳୀ; ଉରୁ—ଉର୍ବଶୀ ଅପ୍ସରା, ମଧ୍ୟେ—ମଧ୍ୟ ଭାଗରେ, ନୀଳଚେଳ—ନୀଳଲୁଗା, ଧାରା—ଜଳଧାରା । ମେରୁ ପର୍ବତ ଉପରେ ମର୍କତମଣିର ଶୃଙ୍ଗ ପରି ସେହି ସୁନ୍ଦର ଦେହରେ ଦିବ୍ୟ ଜୁଡ଼ା ଶୋଭା ପାଉଥିଲା । ମେରୁ ଶୃଙ୍ଗରେ ରମ୍ଭା ଉର୍ବଶୀ ପ୍ରଭୃତି ଅପ୍ସରାଙ୍କ ଧୈର୍ଯ୍ୟକୁ ଭାଙ୍ଗିଦେବା ପାଇଁ ସୁମନାବଳୀ ଅର୍ଥାତ୍ ଦେବତାମାନେ ରହିଅଛନ୍ତି । ଏହି ଦିବ୍ୟ ଜୁଡ଼ା ସୁମନାବଳୀ କି ପୁଷ୍ପସମୂହରେ ଖଚିତ ହୋଇ ରମ୍ଭା ଅର୍ଥାତ୍ କଦଳୀ ଗଛ ପରି ଉରୁଥିବା ସୁନ୍ଦରୀମାନଙ୍କର ଧୈର୍ଯ୍ୟକୁ ଭୁଡ଼ାଉଅଛି । ଆଲୋ ସଖି, ମେରୁ ପର୍ବତ ମଧ୍ୟଦେଶରେ କଳା ମେଘ ରହିଲା ପରି ତାଙ୍କ ମଧ୍ୟରେ ଅର୍ଥାତ୍ ଅଣ୍ଟାରେ ନୀଳ ରଙ୍ଗର ବସ୍ତ୍ର ରହିଅଛି । ମେଘରୁ ବର୍ଷ ଧାରା ପରି ସେହି ନୀଳ ବସ୍ତ୍ରର ସମ୍ମୁଖସ୍ଥ କୁଞ୍ଚାଧାରା ପରି ଦେଖାଯାଉଛି । ଚାତକ ପକ୍ଷୀ ମେଘର ଜଳ ପ୍ରତି ଆଶା କରିଥାଏ । ମୋର ଆଖି ରୂପକ ଚାତକ ସେହି ବସ୍ତ୍ରପ୍ରତି ତୃଷ୍ଣା ହେଲା । ୮ ।

ରଞ୍ଜିତ—ଶୋଭିତ; ସମ—ସମାନ; ସୁଅଳକ—ସୁନ୍ଦର କେଶ, ବେଢ଼ରେ—ଘେରରେ; କଳାନିଧି—ଚନ୍ଦ୍ର; ପରିଧି—ଚାରିପାଖ ଘେର । ତାଙ୍କର ମସ୍ତକରେ ସମାନ କଟାଯାଇଥିବା ସାନ ସାନ କେଶ ଥିବାରୁ ମୁଖ ବଡ଼ ଶୋଭନୀୟ ହୋଇଅଛି । ବୋଧହୁଏ ବିଧାତା ଚନ୍ଦ୍ରଙ୍କ ମଧ୍ୟସ୍ଥ କଳଙ୍କ ପୋଛିନେଇ ତଦ୍ୱାରା ଚନ୍ଦ୍ରର ସୀମାବେଢ଼ ବା ପରିଧି କରିଅଛି । ଆଲୋ ସଖି ! ମୋର ଚକ୍ଷୁ ମତ୍ତ ଚକୋର ପକ୍ଷୀ ସଦୃଶ ସେହି ଶ୍ରୀମୁଖଚନ୍ଦ୍ରର ହାସ୍ୟରୂପକ ସୁଧା ପାନ କରି ଆନନ୍ଦ ପାଇଲା । ଏପରି କଉତୁକ ଦୃଶ୍ୟ ମୁଁ କେବେ ଦେଖି ନଥିଲି । ୯ ।

ଶ୍ରବଣଯୁଗଳ—ଦୁଇକାନ; ହୀରକ-କୁଣ୍ଡଳ—ହୀରାଖଚିତ କୁଣ୍ଡଳ; ଶିରସ୍ଥଳନ—ମୁଣ୍ଡ ହଲାଇବା; ଚଳ—ହଲି; ଗୁରୁ ଶୁକ୍ର—ବୃହସ୍ପତି ଓ ଶୁକ୍ରଗ୍ରହ; ସଖି—ସଖୀତନ; ମଙ୍ଗଳପାତ—ମଙ୍ଗଳଗ୍ରହର ବାଧା, ମଙ୍ଗଳା ସଖୀ ଥିବାରୁ ବାଧା । ତାଙ୍କ ଦୁଇକାନରେ

ରେ ମିତ ! କହେ ମୋ ରାଶି ଉଚେ ଉଦିତ ।
କମ୍ପ ଭଲ ଦଶା ଉପସ୍ଥିତ । ଅଛୁ ମଙ୍ଗଳ ଘାତରେ ଖ୍ୟାତ ।୧୦।

ଜିତ ଘ୍ରାଣ ବ୍ୟାଳେ ତାଙ୍କୁ ଚେକ କି ସ୍ୱରୂପ ରମ୍ୟକଦ୍ୱୀପ ।
ରାମ ନାଗପାଶ ଯାଏ ନାଶ ଲଗ୍ନେ ବାହାରିଛି ଖଗାଧିପ ।
ଢେ ସନ୍ଧ ! ଲୋକେ ମୁଁ ସୃଷ୍ଟି ରମା ବୋଲଇ ।
ମୋତେ ଘୋଟିଛି ବିରହ ଅହି । ବାଞ୍ଛା କଲେ ନ କରିବ ଖାଇ ।୧୧।

କପାଳ ଭ୍ରୂରୁ ନେତ୍ର ଯେଉଁ ଯେ ତନୁବନ୍ତ କାମ ନୁହେଁ ଛନ୍ଦ ।
ଶ୍ୟାମ ଧନୁରେ ସଙ୍ଗ ଭୃଙ୍ଗ ଗୁଣ ବାଣ ମାକନ୍ଦ କି ପଦ୍ମ ।
ରେ ସଖି ! ଆନଠାକୁ ନ ବାନ୍ଧିଲୁ ଯୋଖି ।
ହୃଦ ଲକ୍ଷ କଲୁ କି ଦେଖି । ସଖୀ ବୋଲେ ଶମ୍ଭୁ ଅଛୁ ରଖି ।୧୨।

---

ସ୍ୱର୍ଗ ଖଚିତ କୁଣ୍ଡଳ ଦୁଇଟି ମୁଣ୍ଡ ହଲାଇବାରୁ ଦୋହଲି ଏପରି ସୁନ୍ଦର ଦିଶିଲା ଯେ ମନେହେଲା ଗୁରୁ ଓ ଶୁକ୍ର ଦୁଇ ପଣ୍ଡିତ କୌତୁକରେ କବାଡିରେ ଦୋଳି ଖେଳୁଛନ୍ତି । ଆଲୋ ମିତ ! ଗୁରୁ ଶୁକ୍ର ଦୁହେଁ କଅଣ ମୋ ଉଚ୍ଚ ରାଶିରେ ରହି ମୋର ଭଲ ଦଶା ପକାଇଲେ କି ? ତେବେ ମଙ୍ଗଳ ଦୃଷ୍ଟିପ ଥିବାରୁ କିଛି ବାଧା ଘଟିଲା । ଏଠାରେ ମଙ୍ଗଳା ସଖୀ ଥିବାରୁ ମିଳନର ବାଧା ଘଟିଲା ।୧୦।

ଘ୍ରାଣ—ନାସା; ନାଗପାଶ - ଲଙ୍କାରେ ଇନ୍ଦ୍ରଜିତ ରାମ ଲକ୍ଷ୍ମଣଙ୍କୁ ନାଗପାଶରେ ବାନ୍ଧିଥିଲା; ଖଗାଧିପ—ପକ୍ଷୀରାଜ; ନାଶ—ଭସ୍ମ; ଲଗ୍ନ—ସମୟ; ଅହି—ସର୍ପ; ରମ୍ୟକଦ୍ୱୀପ—ଗରୁଡ଼ର ବାସସ୍ଥାନ । ରାଜପୁତ୍ରଙ୍କର ରୂପ ରମ୍ୟକଦ୍ୱୀପ ଅଥବା ଅତୁଳ ସୁନ୍ଦର କାନ୍ତିଯୁକ୍ତ । ମନେହୁଏ ରମ୍ୟକ ଦ୍ୱୀପରୁ ଗରୁଡ଼ ବଡ ନାକ ଛଳରେ ଅଣ୍ଡ କାଢ଼ି ବାହାରିଲା କି ? ଇନ୍ଦ୍ରଜିତ ଲଙ୍କାରେ ରାମଲକ୍ଷ୍ମଣଙ୍କୁ ନାଗପାଶରେ ବାନ୍ଧିଥିଲାବେଳେ ଗରୁଡ଼ ଆସିବାରୁ ସାପମାନେ ପଳାଇ ଯାଇଥିଲେ । ରାଜକନ୍ୟାର ନାମ ରମା ଅଟେ ତାକୁ ବିରହ ରୂପକ ସାପ ଘୋଟିଛି । ଏଣୁ ଗରୁଡ଼ରୂପୀ ରାଜପୁତ୍ରଙ୍କୁ କାମନା କଲେ ସେହି ବିରହ ସାପ ଛାଡ଼ିଯିବ ନାହିଁ କି ବୋଲି ରାଜକନ୍ୟା ବିଚାରିଲା ।୧୧।

ତନୁବନ୍ତ—ଦେହଧାରୀ; ଛଦ୍ମନୋହେ—ମିଛ ନୋହେ; ଶମ୍ଭାକ—ସୁନାସ୍ତ୍ରଫୁଲ । ସେହି ସୁନ୍ଦର ରାଜପୁତ୍ର ଦେହଧାରୀ କନ୍ଦର୍ପ ପରି । ତାଙ୍କର କପାଳ ଭ୍ରୂରୁ ଓ ଆଖି ସୌନ୍ଦର୍ଯ୍ୟ ବୁଝି କରୁଛୁ ଏହା ମିଛ ନୁହେ । ରାଜପୁତ୍ର ନିଜର କପାଳ ରୂପକ ସୁନାସ୍ତ୍ର ଫୁଲ ଧନୁରେ ଭ୍ରୂଲତା ରୂପ ଭୃଙ୍ଗକୁ ଗୁଣ କରି ଆଖି ରୂପକ ନାଲ ପଦ୍ମକୁ ପଦ୍ମବାଣ ରୂପେ ଯୋଖି ରଖିଛୁ କି ? ଆରେ ସଖି ! ଧନୁରେ ଶର ଯୋଖି ଅନ୍ୟକୁ ନ ବିନ୍ଧ ମୋ ହୃଦସ୍ଥଳକୁ କାହିଁକି ଲକ୍ଷ କରି ବିନ୍ଧିଲ ? ସଖୀ କହିଲା ତୁ ହୃଦସ୍ଥରେ କୁଚ ରୂପକ ଶମ୍ଭୁକୁ ରଖିଅଛୁ । ଶମ୍ଭୁ ହେଉଛନ୍ତି କନ୍ଦର୍ପର ଶତ୍ରୁ ଏଣୁ ସେ ତୋତେ ଶର ଯୋଖିଲା ।୧୨।

ବନ୍ଧୁ ପଞ୍ଚଲୀ ପ୍ରାୟେ ରଙ୍ଗ ଅଧର କି ଭଟ ମନ୍ଦାରଫୁଲ ।
ଗର୍ଭେ ଖଞ୍ଜିଛି କେଉଁ ଧାତା ଭଦନ ବ୍ୟାଜେ କୁନ୍ଦକଢ଼ିମାଳ ।
ରେ ମିତ୍ର ! ସଦା ସ୍ଫୁଟ ଅସ୍ଫୁଟ ଅଦ୍ଭୁତ ।
ନ ପାଇଲେ ତହୁଁ ମଧୁ ସତ । ଉଡ଼ିଯିବ ପ୍ରାଣ-ମଧୁବ୍ରତ । ୧୩ ।
ବକ୍ଷର ଉର କି ଦ୍ୱିପୁଟ କପାଟ ବାମା-ଚିତ୍ତ-ବନ୍ଦୀ-ଦୁର୍ଗ ।
ବସୂପୀ ଭଷି ମନସି ଆସିଥିଲୁ ତୋ ସ୍ତନ ସମ୍ପୁଟ ଯୋଗ ।
ରେ ବାଳା ! ଅଛି ପ୍ରବାଳ ବଉଳମାଳା ।
ଦେଇଗଲା ପଦକ ପିତୁଳା । ଶୁଣି ହସିଲା ଆନ କହିଲା । ୧୪ ।
ଏ କଥା ମିଥ୍ୟା ନୁହଇ ମନୋହର ସୁବର୍ଣ୍ଣଶିକୁଳୀ ଯୋଗେ ।
ଶରଦ୍ଦାଭାର ଯୌବନ-କଥା କର ଦେଖାଇଛି ଦୁଇଭାଗେ ।
ରେ ଆଳି ! କେଉଁ ବୋଲେ ସେ କଥାକୁ ଛଳି ।
ମୁଖପଦ୍ମ ତୋ ଧରିବ ତୋଳି । ନମ୍ରମୁଖେ କହେ ଗୁଣଶାଳୀ । ୧୫ ।

---

ସ୍ଫୁଟ—ଫୁଟିତ, ଅସ୍ଫୁଟ—ଅଫୁଟା, ସତ—ନିଶ୍ଚୟ; ମଧୁବ୍ରତ—ଭ୍ରମର । ରଙ୍ଗ ବନ୍ଧୁ ପଞ୍ଚଲୀ ପରି ଅଧର କି ଉଚିତ ଦେଖାଯାଉଛି । କେଉଁ ବିଧାତା ମନ୍ଦାର ଫୁଲ ଭିତରେ ଦନ୍ତ ଛଳରେ କୁନ୍ଦ କଢ଼ମାନ ମାଳ କରି ଖଞ୍ଜି ଅଛି । ରେ ମିତ୍ର ! ଅଧର ରୂପ ମନ୍ଦାରଫୁଲ ସବୁବେଳେ ପ୍ରସ୍ଫୁଟିତ ଆଉ ଦନ୍ତ ରୂପ କୁନ୍ଦ କଢ଼ ସର୍ବଦା ଅଫୁଟିତ । ଏହା ଅଦ୍ଭୁତ କଥା । ସେଥିରୁ ମଧୁ ନ ପାଇଲେ ଅର୍ଥାତ୍ ସେହି ଅଧର ଚୁମ୍ବନ କରିବାକୁ ନ ପାଇଲେ ମୋ ପ୍ରାଣ ରୂପ ଭ୍ରମର ପିଣ୍ଡରୁ ନିଶ୍ଚୟ ଉଡ଼ିଯିବ । ୧୩ ।

ଉର—ବକ୍ଷସ୍ଥଳ; ଦ୍ୱିପୁଟ—ଯାଉଁଳି; ସମ୍ପୁଟ—ଫରୁଆ, ପ୍ରବାଳ—ପୋହଳା, ବଉଳମାଳା—ଫୁଲ କଣ୍ଠ କାଠର କାମି । ତାଙ୍କର ପ୍ରଶସ୍ତ ବକ୍ଷଦେଶ ସତେ ଯେପରି ଯାଉଁଳି କବାଟ ପରି । ତାହା ନାରୀମାନଙ୍କର ମନକୁ ବନ୍ଦ କରିଥିବା ଦୁର୍ଗର କବାଟ ପରି । ସଖୀ ଉତ୍ତର ଦେଲା ସେ ତୋ ସ୍ତନ ରୂପକ ଫରୁଆକୁ ନେବା ମାନସରେ ଆସିଥିଲେ । କବାଟରେ ବଉଳମାଳା ଖଞ୍ଜା ଥିଲା ପରି ବକ୍ଷ ସ୍ଥଳରେ ପୋହଳାର ମାଳ ଶୋଭା ପାଉଅଛି । ସେ ତୋତେ ପିତୁଳା ସଦୃଶ ପଦକ ଦେଇଗଲେ । ଏହା ଶୁଣି ସୁନ୍ଦରୀ ହସି-ପକାଇ ଅନ୍ୟକଥା କହିଲା । କବାଟରେ ଫରୁଆ ପଦ୍ମ ଗୋବ, ବଉଳ ମାଳା ଓ ପିତୁଳା ଖୋଳା ହୋଇଥାଏ । ୧୪ ।

ଶରଭ—ଦୁଇଶୃଙ୍ଗବାଲା ହାତୀ । ଏ କଥା ମିଛ ନୁହେଁ ଯେ ଯୌବନ ରୂପକ ହାତୀ ଦୁଇଆଡ଼କୁ ଶୁଣ୍ଢ ବଢାଇଛି କାରଣ ସୁନାର ଶିକୁଳିରେ ଦୁଇସ୍ତନ ବନ୍ଧା ଅର୍ଥାତ୍ ସୁନାର ହାର ବକ୍ଷରେ ପଡ଼ିଛି । କୌଣସି ସଖୀ ଏ କଥାକୁ ଛନ୍ଦକରି କହିଲା ରାଜପୁତ୍ର ଯଦି ହାତୀ ତେବେ ହାତୀ ପଦ୍ମକୁ ଟେକି ଧରିଲା ପରି ତୋ ମୁଖ ପଦ୍ମକୁ ଟେକି ଧରିବ । ଏହା ଶୁଣି ରାଜକନ୍ୟା ନିଜର ମୁଖକୁ ଆନତ କଲା । ୧୫ ।

ବକ୍ଷ ତଳକୁ ଉଦରଶେଷଯାଏ ପ୍ରଣବବାଦ୍ୟ ସରୁକେ ।
ବଢ଼ିବା କାଳେ ଧାତା ଦୃଢ଼େ ଧରନ୍ତେ ସେ ଭଡ଼େ ମଧ୍ୟ କି ରେକେ
ରେ ସଖି ! ସ୍ଫିଚ ପୃଥୁଳ ସେ ଯୋଗ ହୋଇ ।
ନାଭିସ୍ଥଳେ କୁଶମୁଦ୍ରା ଥୋଇ । ହସ୍ତେ ଧରିବାର ସାକ୍ଷୀ ହୁଇ । ୧୬ ।
ଜଙ୍ଘ ଜାନୁ ଉରୁ କି ସୁରୁ ଅର୍ଗଳ ସ୍ତମ୍ଭ ଆରମ୍ଭକୁ ଯାଇ ।
କୁରଙ୍ଗନୟନା ମନ-ସାରଙ୍ଗଙ୍କୁ ବାନ୍ଧି ପକାଇଛି ନେଇ ।
ରେ ନାରି ! ଆଜ ଯାଆନ୍ତୁ କି ଦେବା ସରି ।
ଯାହା ପ୍ରଚଳିତ ଗୃହୀଁ କରି । ହସ୍ତ ଟେକି ଉଳଗଇ କସ୍ତ । ୧୭ ।
କଣ୍ଠୁ ଶଙ୍ଖ-ଜିତ ମନ୍ଦର ତାଡ଼ନ ବରାହବର ଅଖିତ ।
ସେ ନର-କେଶରୀ ବଳୀ ଧ୍ୱଂସୀ ତେଜେ ସହସ୍ରକର ଜିତ ।

---

ପ୍ରଣବବାଦ—ଢୋଲବାଦ୍ୟ ସ୍ଫିଚ—ନିତମ୍ବ; ପୃଥୁଳ—ମୋଟା, ରେକେ—ସରୁ, ମଧ୍ୟ—କଟିଦେଶ । ବକ୍ଷସ୍ଥଳରୁ ଉଦର ଶେଷ ସୀମାଯାଏ ଗୋଟିଏ ସାନ ଢୋଲ ପରି ହୋଇଛି । ଗଢ଼ିଲାବେଳେ ବିଧାତା ଦୃଢ ଭାବରେ ଧରନ୍ତେ ମଧ୍ୟ ଅର୍ଥାତ୍ କଟି ରେକେ ବା ସରୁ ହୋଇଅଛି କି ? ଏଥି ନିମିତ୍ତ ସ୍ଫିଚ୍ ପୃଥୁଳ ହୋଇଅଛି । ବିଧାତା ନାଭି ସ୍ଥଳରେ ନିଜର କୁଶମୁଦ୍ରା ଦେଇଅଛି । ଏଣୁ ଏହା ଦୁଇକଥା ହାତରେ ଧରିଥିବାର ସାକ୍ଷୀ ହେଲା । ୧୬ ।

ଜଙ୍ଘ—ଆଣ୍ଠୁର ତଳଦେଶ, ଜାନୁ—ଆଣ୍ଠୁ; ଉରୁ—ଆଣ୍ଠୁ ଉପର; ଆରମ୍ଭ—ଆଡ଼ମ୍ବର, ସୁରୁ—ସୁନ୍ଦର, ସାରଙ୍ଗ—ମୃଗ, ସରି—ସମାନ, କସ୍ତ—ହାତ, ପ୍ରଚଳିତ—ଗତ, ଉଲଗଇ—ପ୍ରଣାମ କରଇ । ଅର୍ଗଳ ସ୍ତମ୍ଭର ଆଡ଼ମ୍ବର ଦେଖାଇ ଜଙ୍ଘ, ଜାନୁ ଓ ଉରୁ କି ସୁନ୍ଦର ଦେଖାଯାଉଛି । ସେହି ସ୍ତମ୍ଭରେ ମୃଗନେତ୍ରୀ ସ୍ତ୍ରୀମାନଙ୍କର ମନରୂପ ମୃଗକୁ ନେଇ ବାନ୍ଧି ଦେଇଛି । ସେମାନଙ୍କର ଗତିରେ ସମାନ ହୋଇ ନ ପାରି ହସ୍ତୀ ଶୁଣ୍ଢ ଉପରକୁ ଟେକି ପ୍ରଣାମ କରୁଛି । ସ୍ତ୍ରୀଲୋକମାନଙ୍କର ଗତି ଦେଖି ତାଙ୍କୁ ଗଜଗମନା କୁହାଯାଏ । ୧୭ ।

ଶଙ୍ଖଜିତ—ଶଙ୍ଖଜିଣା, ମନ୍ଦରତାଡ଼ନ—ମନ୍ଦର ପର୍ବତ ଦ୍ୱାରା ତାଡନା ପାଉଥିବା, ମନ୍ଦର—ମନ୍ଦରାଚଳ, ଅଖିତ—ନିର୍ଭୀକ, ବରାହବର—ବରାହ ଶ୍ରେଷ୍ଠ, ନରକେଶରୀ—ନୃସିଂହ, ଶ୍ରେଷ୍ଠ ମନୀଷ; ବଳୀଧ୍ୱଂସୀ—ବଳୀ ରାଜାଙ୍କୁ ଧ୍ୱଂସକାରୀ, ବଳବାନମାନଙ୍କର ଦର୍ପହାରୀ; ତେଜେ—ଶାରୀରିକବଳରେ, ସହସ୍ରକର—ସହସ୍ର ଭୁଜଧାରୀ ସହସ୍ରାର୍ଜ୍ଜୁନ, ସୂର୍ଯ୍ୟ; ରାମ—ଦଶରଥ ପୁତ୍ର, ରମଣୀୟ; ରାମବଳ—ବଳରାମ, ପ୍ରସିଦ୍ଧ ବଳବାନ, ବୁଧ—ପଣ୍ଡିତ, ବୁଦ୍ଧ ଅବତାର; ଚନ୍ଦ୍ରହାସ—ଖଡ଼୍ଗ, ଶୋଭି—ଶୋଭିତ ହୋଇ । କବି ଏହି ଗୋଟିଏ ପଦରେ ଭଗବାନଙ୍କ ଦଶଅବତାରର ବର୍ଣ୍ଣନା କଲେ । ପ୍ରଥମେ କଣ୍ଠକୁ ଶଙ୍ଖଜିତ କହିବା ଦ୍ୱାରା ମୀନ ଅବତାରରେ ଶଙ୍ଖାସୁରକୁ ମାରିବା କଥା । ୨ୟ କଚ୍ଛପ ଅବତାରରେ ମନ୍ଦର ପର୍ବତକୁ ପୃଷ୍ଠରେ ଧାରଣ କରିଥିଲେ ଏଠାରେ ମନ୍ଦରାଚଳଙ୍କୁ ତାଡ଼ନ କରିବା

ରେ ସହି ! ମୂର୍ତ୍ତି ରାମ ବଳ ଖ୍ୟାତ ମହି ।
ବୁଧ ଗୁଣେ ଚନ୍ଦ୍ରହାସେ ଶୋହି । ବିଷ୍ଣୁ ଦଶରୂପ ଏକେ ବହି । ୧୮ ।
ହଳମା ବୋଇଲା ତୁ ସକଳ ବିଧି ମୋହନରେ ଏକମୂର୍ତ୍ତି ।
ଶ୍ରୀଅଙ୍ଗ ସୁବାସେ ଗନ୍ଧବତୀ ଭାଷେ ଚଞ୍ଚଳା ହୋଇଛି କାନ୍ତି ।
ରେ ରାମା ! ସୀତା ମାଧୁର୍ଯ୍ୟ ଗିରେ ସୁଷମା ।
ତୁରେ ବତିଶ-ଲକ୍ଷଣ ସୀମା । କାମପ୍ରଶୁ ତୋ ଭୂରୁ ଉପମା । ୧୯ ।
ହୋଇଛୁ ଏ ହେତୁ ସେ ତୁ କାନ୍ତ କାନ୍ତା ହୋଇ ନେବ ରବା ଜିଣି ।
ଶୁଣି ପୁଲକିତ କି ତନୁ ଲତାରେ କଳିକା-ଅଙ୍କୁର ଜିଣି ।
ସେ ବାମା । ସହଜେ ତ ଅନୁରାଗ ଧାମା ।
ହେଲା ଗଦ୍‌ଗଦବାଣୀ ଜନମା । ପୁଣି ହୋଇଲା ଚିତ୍ତ ବିଭ୍ରମା । ୨୦ ।

---

କଥା । ତୃତୀୟରେ ବରାହ ଅବତାରରେ ନର୍ତ୍ତକ ବରାହବର । ଏଠାରେ ବର + ଆହବର—ଯୁଦ୍ଧର ଶ୍ରେଷ୍ଠ ବୀର, ବିଷ୍ଣୁ ନରକେଶରୀ ଅର୍ଥାତ୍ ନୃସିଂହ ରୂପଧାରଣ କରିଥିଲେ, ଏଠାରେ ଇଏ ନରକେଶରୀ ବା ନରଶ୍ରେଷ୍ଠ, ବାମନ ଅବତାରରେ ବିଷ୍ଣୁ ବଳୀର ଗର୍ବ ଚୂର୍ଣ୍ଣ କରିଥିଲେ ଏଠାରେ ବଳୀ ଅର୍ଥାତ ବଳିଷ୍ଠ ଲୋକମାନଙ୍କର ଗର୍ବ ହରଣକାରୀ, ପର୍ଶୁରାମ ଅବତାରରେ ସହସ୍ରାର୍ଜ୍ଜୁନର ସହସ୍ର ଭୁଜ ଛେଦନ କରିଥିଲେ ଏଠାରେ ତେଜରେ ସହସ୍ର କର ଅର୍ଥାତ୍ ସୂର୍ଯ୍ୟଙ୍କୁ ବଳି ପଡ଼ିଛନ୍ତି; ସେ ବଳରାମ ଅବତାରରେ ପୃଥିବୀରେ ବଳରେ ଖ୍ୟାତ ଲଭିଥିଲେ, ଏହି ରାଜପୁତ୍ର ନିଜର ଶକ୍ତି ପୃଥିବୀରେ ପ୍ରକାଶ କରିଅଛନ୍ତି; ବିଷ୍ଣୁ ବୁଦ୍ଧ ଅବତାର ହୋଇଥିଲେ, ରାଜପୁତ୍ର ଗୁଣରେ ବୁଧ ଅର୍ଥାତ୍ ପଣ୍ଡିତ ସେ କଲ୍‌କୀ ଅବତାରରେ ଖଡ୍‌ଗ ଧାରଣ କରିଥିଲେ, ଇଏ ମଧ୍ୟ ଖଡ୍‌ଗ ଧାରଣ କରିଅଛନ୍ତି । ଏହି ପରି ରାଜପୁତ୍ରଙ୍କ ବର୍ଣ୍ଣନାରେ ବିଷ୍ଣୁଙ୍କର ଦଶଅବତାର ଲକ୍ଷଣ ଦେଖାଗଲା । ୧୮ ।

ବିଧି—ଶ୍ରୀକୃଷ୍ଣ, ଭାଷେ—ଲୋକେ କହନ୍ତି, ଗନ୍ଧବତୀ—ସୁଗନ୍ଧଯୁକ୍ତ, ପୃଥିବୀ; କାନ୍ତି—ଅଙ୍ଗର ବର୍ଣ୍ଣ, ଚଞ୍ଚଳା—ଲକ୍ଷ୍ମୀ, ଗିର—ବାଣୀ, ସିତା—ଶର୍କରା, ବତିଶ ଲକ୍ଷଣ ସୀମା—ବତିଶପ ଲକ୍ଷଣଯୁକ୍ତା, କାମପ୍ରଶୁ—କନ୍ଦର୍ପର ପରଶୁ, କାମଦେବର ଜନନୀ ରୁକ୍ମିଣୀ । ଜଣେ ସଖୀ କହିଲା ତୁ ସବୁ କୃଷ୍ଣଙ୍କୁ ମୋହିବା ଏକ ମୂର୍ତ୍ତି ଅଛୁ । ଲୋକେ କହନ୍ତି ତୋ ଅଙ୍ଗର ସୁଗନ୍ଧରେ ଗନ୍ଧବତୀ ପୃଥିବୀ, ତୋ ଶରୀର କାନ୍ତି ବିଦ୍ୟୁତ୍ ପରି ଏଣୁ ଚଞ୍ଚଳା ଅର୍ଥାତ୍ ଲକ୍ଷ୍ମୀ । ଆରେ ରାମା ତୋ ବାଣୀ ମଧୁରତା ଯୁକ୍ତ ବୋଲି ତୁ ସୀତା ବୋଲି ଉପମା ଦେଇ-ହେବ । ରେ ସଖି, ତୁ ବତିଶ ଲକ୍ଷଣଯୁକ୍ତା । ତୋ ପରି ସ୍ତ୍ରୀ ଆଉ ନାହିଁ ଏଣୁ ତୁ ଲକ୍ଷଣର ସୀମା ରୂପି ଥିବାରୁ ତୋ ଭ୍ରୂଲତା କନ୍ଦର୍ପର ପରଶୁ ପୁଣି କାମପ୍ରଶୁ ରୁକ୍ମିଣୀ ଅଛୁ । ୧୯ ।

କଳିକା—କଢ଼ି, ଅଙ୍କୁର—ଜାତ, ବାମା—ସ୍ତ୍ରୀ, ଧାମା—ଆଧାର, ବିଭ୍ରମା—ଉନ୍ମାଦନା । ଏହି କାରଣରୁ ସେ ଓ ତୁ ଦୁହେଁ କାନ୍ତ କାନ୍ତା ହୋଇ ରଜ ରତି କରାଇବ । ଏକଥା ଶୁଣି ସୁନ୍ଦରୀର ଦେହ ପୁଲକିତ ହେଲା । ଦେହରେ ଲୋମ ଟାଙ୍କୁର ଲତାରେ

ଦୃଷ୍ଟିକୃତ କୁସୁମିତ କୁଞ୍ଜମାନେ କପୋତ ଧ୍ୱନନ୍ତୁ କରି ।
କୃଶୋଦରୀ ଦଗ୍ଧଭୂତ ହୋଇ ଭାଷେ ଏ ତ କାମ-ପ୍ରତିହାରୀ ।
ରେ ମିତ୍ର ! ଦୂର୍ବା-କାନ୍ତି ଅଙ୍ଗ ଅଙ୍ଗୀକୃତ ।
ମହାରଜତ ଲଗୁଡ଼ ଧୃତ । ଉଚ୍ଚଡାକରେ ହୋଉଛି ରତ । ୨୧ ।

ଯେଣୁ ଅନଙ୍ଗ ସେ ତେଣୁ ଦିଶୁନାହିଁ ଚୂତ ନଆଳୀ ତା ବାଣ ।
ଚାପୁଁ ହେଲେ ଚ୍ୟୁତ ଆବଳୀ ହେଜ ମୁଁ ଆଜ ନ ରହିବ ପ୍ରାଣ ।
ରେ ଆଳି ! ତନୁ କୋମଳେ ଶିରୀଷ ତୁଳ ।
ଯିବ କ୍ଷତ ମାତ୍ରକେ ଗଳ । କହ କେମନ୍ତେ ହୋଇବ ସମ୍ଭାଳ । ୨୨ ।

ଏ ସମୟେ ଅଙ୍ଗେ ସୁମନ ପତନେ ଚମକି ଭାଷିଲ ମଲି ।
ସ୍ଫୁଟିତ କିଂଶୁକପଙ୍କ୍ତି ସଧୂମନ୍ତ ମିଳିତ ମିଳିନ୍ଦ ମାଳୀ ।

---

ନୂତନ କଡ଼ି ଜାତ ହେଲାପରି ଦିଶିଲା । ସେହି ସ୍ତ୍ରୀ ସ୍ୱଭାବତଃ ସ୍ନେହର ଆଧାର । ଅତଏବ ପୁଲକ ଜାତ ହେବାରୁ ତାହାର କଣ୍ଠସ୍ୱର ଗଦ୍‌ଗଦ ହୋଇ ଶବ୍ଦରେ ଉନ୍ମାଦନା ଜାତ କରାଇଲା । ୨୦ ।

କୁସୁମିତ—ପୁଷ୍ପିତ, କୁଞ୍ଜମାନେ—ସୁନାଝାଇ ବୃକ୍ଷରେ, ଧୁତ— ଧ୍ୱନି, ଦୃଷ୍ଟିକୃତ—ଦୃଷ୍ଟି ପକାଇ, ଦଗ୍ଧଭୂତ—ଭସ୍ମପ୍ରାୟ, ପ୍ରତିହାରୀ—ପ୍ରହରୀ, ଦୂର୍ବା—ଦୁବ, ମହାରଜତ—ସୁବର୍ଣ୍ଣ, ଲଗୁଡ଼— ବାଡ଼ି, ଧୃତ—ଧାରଣ କରି, ଉଚ୍ଚ ଡାକରେ—ବଡ଼ ପାଟିରେ । ଏହି କାଳରେ ଫୁଲ ଫୁଟିଥିବା ସୁନାଝାଇ ବୃକ୍ଷରୁ କପୋତ ଧ୍ୱନି ଶୁଣାଯିବାରୁ କୃଶୋଦରୀ ସୁନ୍ଦରୀ ବୃକ୍ଷକୁ ଦୃଷ୍ଟି ଦେଇ ଭୀତା ହୋଇ କହୁଛନ୍ତି ଆଲୋ ମିତ୍ର ! ଇଏ ତ କନ୍ଦର୍ପର ପ୍ରହରୀ ପରି ସବୁଜ ବର୍ଣ୍ଣ ଧାରଣ କରିଅଛି, ସୁନା ନିର୍ମିତ ବାଡ଼ି ଧରିଛି, ବଡ଼ ପାଟିରେ ଡାକ ଦେଉଛି । ସୁନାର ବାଡ଼ି ପରି ଦେଖାଯାଉଛି, ସୁନାଝାଇ ଫୁଲପେଣ୍ଡା । ୨୧ ।

ଅନଙ୍ଗ—ଦେହହୀନ, ଆବଳୀ—ସମୂହ, ଚାପୁଁ—ଧନୁରୁ, ଚ୍ୟୁତ—ଖସିଲେ, ଚୂତ—ଆମ୍ବ ବଉଳ, ନେହୁ—କୌଣସି । କପଟ କନ୍ଦର୍ପ ଦେହହୀନ ବୋଲି ଦେଖାଯାଉ ନାହିଁ ମାତ୍ର ତାହାର ବାଣ ଆମ୍ବ ବଉଳ ଓ ନଆଳୀ ଦେଖାଯାଉଛି, ସେହି ବାଣ-ସମୂହ ଧନୁରୁ ଖସିଲେ ମୁଁ ମନେ କରୁଛି ମୋର ଆଜି ଜୀବନ ରହିବ ନାହିଁ । ଆଲୋ ସଖି ! ମୋର ଶରୀର ଶିରୀଷ ଫୁଲ ପରି କୋମଳ ଏଣୁ ତାହା କ୍ଷଣକରେ ମୋ ଦେହରେ ଫୁଟିଯିବ ମୁଁ କିପରି ସମ୍ଭାଳି ହୋଇ ରହିବି । ୨୨ ।

ମିଳିନ୍ଦ—ଭ୍ରମର, ପଙ୍କ୍ତି—ସମୂହ, ମିଳିତ—ଯୁକ୍ତ, କିଂଶୁକ—ପଳାଶ, ସଧୂମ—ଧୂଆଁ ସହ । ଏଠାରେ କବି ଭ୍ରମରକୁ ଧୂଆଁ ଓ ପଳାଶ ଫୁଲକୁ ନିଆଁ ସଙ୍ଗେ ତୁଳନା କରିଅଛନ୍ତି । ଏହି ସମୟରେ ସୁନ୍ଦରୀଙ୍କ ଦେହରେ ଫୁଲ ପଡ଼ିବାରୁ ସେ ଚମକିପଡ଼ି କହିଲେ ମୁଁ ମଲି । ଏହାପରେ ପୁଣି ଭ୍ରମରସମୂହ ଯୁକ୍ତ ଫୁଲ ଫୁଟିଥିବା ପଳାଶ ଗଛ ସବୁ

ସେ ଖଳ । ଏ ତ ସଧୂମ ଅନଳ ଜଳ ।
ଦେଲା ମୋ କେଳିବନ କେ ଜାଳି । ଆଉ କାହିଁ ମୁଁ କରିବି କେଳି ।୨୩।
ଆକୁଳେ ବୃକ୍ଷ ଦୁକୂଳ ଝାଡ଼ିଦେଲା ବାତେ ସେ ରେଣୁ ପତନେ ।
ସ୍ଫୁଲିଙ୍ଗେ ସ୍ଫୋଟକ ହେଲା ପରି ଯେନ ଦୃଷ୍ଟି ଅନାଇଲା ସ୍ତନେ ।
ସେ ବାଳା । ଯେଣ ତମାଳକୁ ମେଘମାଳା ।
ପିକରଡ଼ି ଘଡ଼ଘଡ଼ି କଲା । ଚାପ ନାଶେ ସେ ଅଗକୁ ଗଲା ।୨୪।
ବଙ୍କସେନ ତରୁ ତରୁଣୀ ଅନାଇ ତାହା ନିଜ ନାମ କହି ।
ବୋଲେ ଯେବେ ତୁମ୍ଭେ ସାକ୍ଷାତେ ମିଳିଲ ଦମ୍ଭୋଳି ଭୟ ମୋ କାହିଁ ।
ସେ ଯୋଷା । ଭଳି କହିବାରେ ମୃଦୁଭାଷା ।
ମିଶ୍ର ଶ୍ଳେଷ ହୋଇଅଛି ମିଶା । ସଙ୍ଗେ ଗୋଡ଼ାଇଛନ୍ତି ବୟସ୍ୟା ।୨୫।
ଦେଖାଇ ଫୁଲ ମନ୍ଦାର ଭଣେ ମାର ନିଶି ଆଖେଟାକୁ ସଜି ।
ମଧୁ-ଶିରେ ଦେଇ କୁଳିତ ହସନ୍ତି ମୁଁ ହରିଣୀ ମୋତେ ନଖ ଜ ।

---

ଦେଖି ଭାବିଲା, ଏସେ ଧୂଆଁ ସହିତ ଅଗ୍ନି ଜଳୁଛି । ଏହା ମୋର ବିହାର ବନକୁ ଜଳାଇ ଦେଉଅଛି । ମୁଁ ଆଉ କେଉଁଠାରେ ଖେଳିବି ? ।୨୩।

ବୃକ୍ଷ—ବକ୍ଷ, ଦୁକୂଳ—ବସ୍ତ୍ର, ରେଣୁ—ପରାଗ, ବାତେ—ପବନରେ, ସ୍ଫୁଲିଙ୍ଗେ—ଅଗ୍ନିକଣାରେ, ସ୍ଫୋଟକ—ଫୋଟକା । ପବନରେ ଫୁଲର ପରାଗ ଉପରେ ପଡ଼ନ୍ତେ ସୁନ୍ଦରୀ ଆକୁଳ ହୋଇ ବକ୍ଷର ବସ୍ତ୍ର ଝାଡ଼ି ପକାଇଲା । ଅଗ୍ନିକଣା ଲାଗି ଫୋଟକା ହେଲା କି ବିଚାରି ନିଜର ସ୍ତନକୁ ଚାହିଁଲା । ସେହି ସୁନ୍ଦରୀ ତମାଳ ବୃକ୍ଷଶ୍ରେଣୀକୁ ମେଘମାଳା ମନେକରି କୋକିଳର ସ୍ୱନକୁ ଘଡ଼ଘଡ଼ି ଶବ୍ଦ ମନେ କଲା ଏବଂ ତାପ ନାଶ ନିମିତ୍ତ ତମାଳ ବୃକ୍ଷ ଥିବା ଆଡ଼କୁ ଗତି କଲା ।୨୪।

ବଙ୍କସେନ—ଅଗସ୍ତି; ତରୁ—ବୃକ୍ଷ; ଦମ୍ଭୋଳି—ବଜ୍ର, ବୟସ୍ୟା—ସଖୀମାନେ । ପ୍ରବାଦ ଅଛି ଯେ ଅଗସ୍ତି ଋଷିଙ୍କର ନାମ ଉଚ୍ଚାରଣ କଲେ ଘଡ଼ଘଡ଼ିର ଭୟ ଦୂରହୁଏ ।
ତରୁଣୀ ଅର୍ଥାତ ସୁନ୍ଦରୀ ଅଗସ୍ତି ବୃକ୍ଷକୁ ଦେଖି ଅଗସ୍ତି ଅଗସ୍ତି ବୋଲି ରଟିଲା ଏବଂ କହିଲା ଯେବେ ତୁମ୍ଭେ ଆସିଲଣି ତେବେ ମୋର ଆଉ ଘଡ଼ଘଡ଼ିକୁ ଭୟ ନାହିଁ । ସେ ଯୋଷା ଭ୍ରମରେ ପଡ଼ି କୋମଳବାଣୀ କହିଲା । ସେହି ବାଣୀ ସହିତ ସଖୀମାନଙ୍କର ଭଙ୍ଗି ବଚନ ମିଶିଥିଲା । ବୟସ୍ୟା ଅର୍ଥାତ୍ ସଖୀମାନେ ସଙ୍ଗରେ ଗୋଡ଼ାଇଥାନ୍ତି ।୨୫।

ଭଣେ—କହେ; ଆଖେଟା—ପାରଧି; ମଧୁଶିରେ—ବସନ୍ତ ମୁଣ୍ଡରେ; ହସନ୍ତି—ନିଆଁ ଜାଳିବା ଉହ୍ମାଇ; ଉଗେ—ଉଗରେ; ବୀର ଶାର୍ଦ୍ଦୂଳ—ବୀରଶ୍ରେଷ୍ଠ । ସୁନ୍ଦରୀ ମନ୍ଦାର ଫୁଲକୁ ଦେଖାଇ କହିଲା, କନ୍ଦର୍ପ ରାତିରେ ଶିକାର କରିବା ବ୍ୟବସ୍ଥା କରି ଜଳନ୍ତା ଉହ୍ମାଇ ନେଇ ମୋତେ ଖୋଜୁଅଛି କାରଣ ମୁଁ ସୁବର୍ଣ୍ଣ ପ୍ରତିମା ମୃଗୁଣୀ ପରି ।

ସେ ରସ । ଯେଣୁ ନୃପସୁତ ବଶେ ବଶି ।
ଘୋର ଶାର୍ଦ୍ଦୂଳ ହେଲେଣି ଆସି । ପଳା ଧନୁ ଅଗ୍ନି ଥୋଇ ଭଷି । ୨୬ ।
ଭ୍ରୂଭଙ୍ଗିମ ଯୋଗଭଙ୍ଗିମାରେ ପ୍ରିୟସଙ୍ଗିମା ଭଣେ ଭାରତୀ ।
ରାଜାତନୁଜା ଦୃଷ୍ଟରଜା ତୁ ଲଜ୍ଜାବତୀ ହୋଇ ଏ କି ରୀତି ।
ରେ ମିତ । ମନ୍ତ୍ର ପୀରତି କେନ୍ନ ଗୁପତ ।
ତେବେ ବାଞ୍ଛିତ କାର୍ଯ୍ୟ ପ୍ରାପତ । ଜଣାଗଲେ ସବୁ ସରବ ମହତ ।୨୭।
ମିତ୍ର ଭୟ ଜନ୍ମାଇ ଦେବାରୁ ସେ ରୀତି ଆଚ୍ଛନ୍ନ କରେ ସୁଦର୍ଶା ।
ଅନାଚ୍ଛନ୍ନେ ଶ୍ୟାମ ବାସ ଘୋଡ଼ାଇଲେ ତୁଙ୍ଗ ପୟୋଧର ପରି ।
ସେ ଯୋଷା । ବୁଝି କରିଲ ବିରହ ଦଶା ।
ନଦର କୁମାରେ ଜଉରେ ଆଶା । ଦୂର କରିଦେଲା କ୍ଷୁଧା ତୃଷା । ୨୮ ।
କୁମର ମାର ମାରଣେ ତାପୀ ହୋଇ କୁମାରୀ ଦର୍ଶନ ଘୋଷି ।
ପ୍ରତିକ୍ଷଣେ ଯେଣେ ଚାହିଁଲେ ଈକ୍ଷଣେ ଯେଣୁ ତା ପ୍ରସନ୍ନ ବଶି ।
ନସ ସତ । ମଣି ଗୂଢ଼ ଭଣି ଭ୍ରମତତ୍ତ୍ୱ ।
ଆଦ୍ୟ ଛନ୍ଦେ ତା ହେବ ରଚିତ । ଚଉତିଶାରେ ଯମକ ଯୁତ । ୨୯ ।

---

ସୁନ୍ଦରୀର ମନ ମଜିଥିଲା ରାଜପୁତ୍ର ପ୍ରତି । ତାଙ୍କୁ ଦୂରରୁ ଦେଖି କହିଲା, ଘୋରବ୍ୟାଘ୍ର ରାଜପୁତ୍ର ଆସିଗଲେଣି ଏଣୁ ଆରେ କନ୍ଦର୍ପ ତୁ ଧନୁଶର ଥୋଇ ପଳାଇଯା । ୨୬ ।

ଭ୍ରୂଭଙ୍ଗିମ—କଟାକ୍ଷ ବୃତ୍ତିଶୀଳା ସ୍ତ୍ରୀ; ଯୋଗ ଭଙ୍ଗିମା—ଯିଏ ଯୋଗ ଭଙ୍ଗ କରାଏ, ଭାରତୀ—ବାଣୀ; ଦୃଷ୍ଟରଜା—ପ୍ରାପ୍ତ ବୟସ୍କା । କଟାକ୍ଷ ବୃତ୍ତିସମ୍ପନ୍ନା ଯୋଗ ଭଙ୍ଗ କାରିଣୀ ସୁଦର୍ଶା ରାଜକନ୍ୟା ପ୍ରତି ପ୍ରିୟ ସଖି କହିଲା ତୁ ରାଜକନ୍ୟା ପୁଣି ପ୍ରାପ୍ତ ବୟସ୍କା ଏଣୁ ଲଜ୍ଜାଶୀଳା ହେବାତ କଥା । ତୋର ଏପରି ଲଜ୍ଜାହୀନ ରୀତି ଅସୁନ୍ଦର । ଆଲୋ ମିତ ! ମନ୍ତ୍ର ଓ ପ୍ରୀତି ଗୁପ୍ତ ରଖିବା ଦ୍ୱାରା ମନୋବାଞ୍ଛା ସିଦ୍ଧ ହୋଇଥାଏ । ତୋର ଏହି କଥା ପ୍ରକାଶ ପାଇଲେ ମହତ ସରିଯିବ । ୨୭ ।

ମିତଣି ଏପରି ଭୟ ଜନ୍ମାଇ ଦେବାରୁ ସୁଦର୍ଶା ସେହି ରୀତକୁ ଆଚ୍ଛନ୍ନ ଅର୍ଥାତ ଲୁଚାଇ ଦେଲା କିନ୍ତୁ ବସ୍ତ୍ର ଢାଙ୍କିଲେ ଯେପରି ଉନ୍ନତ ସ୍ତନ ଉଚ୍ଚ ଦେଖାଯାଏ ସୁଦର୍ଶାର ପ୍ରୀତି ସଦ୍ଧକରେ ପ୍ରକଟିତ ହୋଇଗଲା । ତାହା ସୁନ୍ଦରୀର ବିରହ ଦଶାକୁ ବୁଝି ନେଇଗଲା । କୁମର ଅର୍ଥାତ ରାଜପୁତ୍ର ପ୍ରତି ଅନବରତ ଆଶା ରଖି ଭୋକ ଶୋଷ ଦୂର କଲା । ୨୮ ।

କନ୍ଦର୍ପର ପ୍ରହାରରେ କୁମାର ରାଜକନ୍ୟାକୁ ଦେଖିବାକୁ ଘୋଷି ହେଲା । ସେ ଯେଣିକି ଅନାଇଲା ତେଣିକି ସୁଦର୍ଶାର ପ୍ରସନ୍ନ ବଦନ ଦଶିଲା । ସେ ଏହାକୁ ସତ ଜ୍ଞାନ କରି ଭ୍ରମ ବଚନରେ ଗୂଢ଼ କଥା କହିଲା । ଆଦ୍ୟ ଛନ୍ଦରେ ୩୪ ପଦ ଓ ଯମକରେ ସେ ସବୁ ଗୂଢ଼କଥା ପ୍ରକାଶ ପାଇବ । ୨୯ ।

କହେ ଉପଇନ୍ଦ୍ର ମୋ ପ୍ରଭୁ ଶ୍ରୀରାମ ବୈକୁଣ୍ଠନାଥ ସାକ୍ଷାତ ।
ଜାତ କଲେ କ୍ଷୀରାର୍ଣ୍ଣବୁଁ ସୁଧା ମୋର ଗୀରାର୍ଣ୍ଣବୁଁ ରଚରୀତ ।
ସେ ସତ । ସେ ବିବୁଧ ଏ ବୁଧ ରଞ୍ଜିତ ।
ଦୈତ୍ୟ ଖଳରେ ଅଧରକ୍ଷିତ । ଯେ ଗ୍ରାସିବ ହେବ ରାହୁ ମତ । ୩୦ ।

---

## ସପ୍ତଦଶ ଛାନ୍ଦ

### ରାଗ—କାଳୀ

କମଳଗଣେ କମଳ ଗଣେ ମରୀଚିକାକୁ ଯଥା ।
କାମିନୀ-ରତ କାମୀ ନିରତ ବଣେ ବିଟନ୍ତେ ତଥା । ୧ ।
କ୍ଷିତରେ ଆସ କ୍ଷିତରେ ଆଶ ତୋତେ ଏ ଭ୍ରଷ୍ଟ ଭାଷେ ।
କ୍ଷଣ ରୁଚିର କ୍ଷଣ-ରୁଚିର ପ୍ରାୟେ ଲୀନ କି ବସେ । ୨ ।

---

ଉପେନ୍ଦ୍ର ଭଞ୍ଜ କହନ୍ତି, ମୋ ପ୍ରଭୁ ଶ୍ରୀରାମ ସାକ୍ଷାତ ବୈକୁଣ୍ଠ ଅଧୀଶ୍ୱର । ସେ କ୍ଷୀର ସମୁଦ୍ରରୁ ଅମୃତ ପରି ମୋ କଥା ସମୁଦ୍ରରୁ ଏହି ଗୀତ ଜାତ କଲେ ଏହା ସତ୍ୟ । ସାଗର ମନ୍ଥନ ଅମୃତ ବିବୁଧ ଅର୍ଥାତ୍ ଦେବତାମାନଙ୍କୁ ଆନନ୍ଦ ଦେଇଅଛି ମୋର କାବ୍ୟାମୃତ ବିବୁଧ ଅର୍ଥାତ୍ ପଣ୍ଡିତ ମାନଙ୍କ ଚିତ୍ତ ହରଣ କରିବ । ଅମୃତ ଅସୁରମାନଙ୍କ ଦ୍ୱାରା ଅବମାନିତ ହୋଇନାହିଁ । ମୋ ଗୀତକୁ ଯେଉଁ ବ୍ୟକ୍ତି ଗ୍ରାସ କରିବ ସେ ସୁଧା ପାନରେ ରାହୁର ଶିର ଛେଦ ହେଲା ପରି ତାହା ଦୋଷ ହଥା ଗୁଣ୍ଠି ବର୍ଜିତ ହେବ । ୩୦ ।

—o—

କମଳଗଣ—ମୃଗମାନେ, ଗଣେ—ମନେ କରନ୍ତି, କମଳ—ଜଳ, କାମିନୀରତ—କାମିନୀସ୍ନେହୀ; କାମୀନିରତ—ସବୁବେଳେ । ମୃଗମାନେ ଯେପରି ମରୀଚିକାକୁ ଜଳ ମନେ କରିଥାନ୍ତି ସେହିପରି କାମୀ ଅନୁରାଗୀ ରାଜପୁତ୍ରକୁ ସବୁବେଳେ ସବୁ ଦିଗରେ ସୁନ୍ଦରୀର ରୂପ ଦେଖାଗଲା । ୧ ।

କ୍ଷିତରେ—ପୃଥିବୀରେ, ମାଟିରେ; କି ବସେ—କି ବସସ୍ତୁ, କ୍ଷଣରୁଚିତ—କ୍ଷୀଣ ସୁନ୍ଦର ଅର୍ଥାତ ବିଜୁଳିପରି ସୁନ୍ଦର: ଲୀନ—ଲେପ । ସୁନ୍ଦରୀ ପ୍ରତି ରାଜପୁତ୍ର ଏହି ଗୃଷ୍ଟ ଭାଷା କହିଲେ । ରେ ସୁନ୍ଦରୀ ପୃଥିବୀରେ ତୋତେହିଁ ମୋର ଆଶା ଏଣ୍ଡ ତୁ ମାଟିରେ ଗ୍ଳଲ ଶ୍ଳଲ ମୋ ନିକଟକୁ ଆ । କି କାରଣରୁ ତୋର ବିଜୁଳି ପରି ସୁନ୍ଦର ରୂପଛଟା ଦେଖାଇ ପୁଣି କ୍ଷଣକରେ ଗୁପ୍ତ କରି ପଳାଉଛୁ । ୨ ।

ଖର-କରଜା ଖରକର ଜା-ଘାତ-କୁଞ୍ଚିତ-କେଶି ।
ଖଣ୍ଡ ପରଶୁ ଖଣ୍ଡ ପରଶୁ-ପର-ତପକୁ ହସି । ୩ ।
ହରିତବାସୀ ହରିତ ବାସୀ ହୋଇ ନ ଆସୁ ପାଖ ।
ହର ସୁମତି ହର ସୁମତି କଳଙ୍କୀ ଶଶୀ ଦେଖ । ୪ ।
ଗଉରୀ-ବର-ଗଉର ବରଦନ୍ତମ୍ଭା ବିମ୍ବାଧରା ।
ଗଉରୀ-ବର ଗଉରୀ ବର କୃପାରୁ ମୁଁ ତୋହର । ୫ ।
ସାରସଦୃଶା ସାର ସଦୃଶା କାହିଁ ପାଇବା ଗୁଣେ ।
ସୁମନାବର ସୁମନାବରପୁରେ ନ ଥିବ ଜଣେ । ୬ ।
ଘନକେଶିନୀ ଘନ କେଶୀନିସୂଦନ ସେବୁଥିଲି ।
ଘନ ରସରେ ଘନରସରେ ଚାତକ ପ୍ରାୟ ହେଲି । ୭ ।

---

ଖର—ତୀକ୍ଷ୍ଣ; କରଜା—ନଖଯୁକ୍ତା; ଖରକରଜା—ସୂର୍ଯ୍ୟକନ୍ୟା, ଯମୁନା; ଘାତ—ଲହରୀ; କୁଞ୍ଚିତ—କୁଞ୍ଚକୁଞ୍ଚିଆ; ପରଶୁ—କୁରାଢ଼ି, ଖଣ୍ଡପରଶୁ—ଶିବଙ୍କର ଖଣ୍ଡ—ଖଣ୍ଡନ କର, ପରତପର—କନ୍ଦର୍ପର । ରେ ତୀକ୍ଷ୍ଣ ନଖଯୁକ୍ତା, ହେ ଯମୁନା ଲହରୀସଦୃଶ କୁଞ୍ଚିତ କେଶଯୁକ୍ତା । ତୁ ହସି ହସି କୁରାଢ଼ିରେ । ତଦ୍ଦ୍ୱାରା ଶିବଙ୍କର ଶତ୍ରୁ କନ୍ଦର୍ପ ମୋତେ ଯେଉଁ ତାପ ଦେଉଅଛି ତାହା ଖଣ୍ଡନ ହେବ । ୩ ।

ହରିତବାସୀ—ସବୁଜ ବସ୍ତ୍ର ପରିହିତା, ହରିତ—ହରି, ହରିତବାସୀ ହୋଇ—ହରିମାନଙ୍କରେ ଦେଖାଦେଇ, ହରସୁମତି—ସୁବୁଦ୍ଧିକୁ ହରଣ କର, ହର—କାରଣ । ଆରେ ସବୁଜ ବସ୍ତ୍ର ପରିହିତା, ତୁ ହରିମାନଙ୍କରେ ମୋତେ ଦେଖାଯାଉଛୁ ଅଥଚ ପାଖକୁ ଆସୁନାହୁଁ, ରେ ସୁମତି ! ଦେଖ, କଳଙ୍କଯୁକ୍ତ ଚନ୍ଦ୍ରମା ହର ଅର୍ଥାତ୍ କାରଣ ଦ୍ୱାରା ମୋର ସୁମତି ଅର୍ଥାତ୍ ସୁବୁଦ୍ଧିକୁ ହରଣ କରୁଅଛୁ । ୪ ।

ଗଉରୀ-ବର—ଶ୍ରେଷ୍ଠ ଗୌରାଙ୍ଗୀ, ଗଉର—ଗୋରା, ବରଦନ୍ତମ୍ଭା—ସୁନ୍ଦର ଦନ୍ତମୁ-ଯୁକ୍ତା, ବିମ୍ବ ସଦୃଶ ଅଧର ଶୋଭା । ମୁଁ ଗଉରୀବର ଅର୍ଥାତ୍ ମହାଦେବଙ୍କ ଏବଂ ଗଉରୀବର ଅର୍ଥାତ୍ ପାର୍ବତୀଙ୍କ ଦୟାରୁ ମୁଁ ତୋହର ବର ଯୋଗ୍ୟ । ୫ ।

ସାରସଦୃଶା—ପଦ୍ମନେତ୍ରୀ, ସାର—ଶ୍ରେଷ୍ଠ, ସଦୃଶା—ସମାନ, ସୁମନାବର—ରମଣୀଶ୍ରେଷ୍ଠା, ସୁମନାବର—ଦେବଶ୍ରେଷ୍ଠ ଅର୍ଥାତ୍ ଇନ୍ଦ୍ର, ପୁରେ—ଭବନରେ । ଆରେ ପଦ୍ମନେତ୍ରୀ ! ଗୁଣରେ ତୋ ସମାନ ଶ୍ରେଷ୍ଠ ସୁନ୍ଦରୀ ଆଉ ଜଣେ କାହିଁ ନ ଥିବ । ଆରେ ରମଣୀଶ୍ରେଷ୍ଠା ସୁମନାବର ପୁରେ ଅର୍ଥାତ୍ ଇନ୍ଦ୍ର ଭୁବନରେ ତୋ ସମାନ ଜଣେ ନ ଥିବ । ୬ ।

ଘନକେଶିନୀ—କଳାମେଘ, ଗାଢ଼ କୃଷ୍ଣକେଶା ; ଘନ—ଗାଢ଼, କେଶୀ-ନିସୂଦନ—କେଶୀ ଅସୁରର ହନ୍ତା, ଯିଏ ତାଙ୍କୁ ଅର୍ଥାତ୍ କୃଷ୍ଣଙ୍କୁ ; ଘନ ରସରେ—ମେଘ ଜଳରେ, ଘନ—ନିବିଡ଼ । ଆରେ କୃଷ୍ଣକେଶୀ ! ମୁଁ ଦୃଢ଼ ଭାବରେ କେଶୀହନ୍ତା କୃଷ୍ଣଙ୍କୁ ସେବା କରିଥିଲି । ଏଣୁ ଚାତକ ମେଘ ଜଳ ପ୍ରତି ଆଶାୟୀ ହେଲାପରି ମୁଁ ତୋ ନିବିଡ଼ ପ୍ରେମରସରେ ମନ ବଳାଇଅଛୁ । ୭ ।

ଷଟ୍ପଲ ତନୁ ଷଡ଼ପଲ୍ଲ ତନୁ ପୁନଃପୁନଃ ମୁଁ ବୋଲି ।
ଷଡ଼ଜନତ ଷଡ଼ଜ ଜନତ ବାହନ କଲେ ମଲି । ୮ ।
ନାଗସ୍ତ୍ରୀ-ପୂର ନାଗ-ରିପୁର ଗରବହାରୀ କଟି ।
ନତନୁ ମତେ ନ-ତନୁ ମତେ କରିବା ଅର୍ଥେ ଯୋଟି । ୯ ।
ଶୁଭ୍ର କରଣ ଶୁଭ୍ର କରଣ ପତନ ସୁଧାପୁର ।
ଶୟନ କରି ଶୟନ କରିବାରେ ମୁଁ ଦେବି ଉର । ୧୦ ।
ଚନ୍ଦ୍ରମା ଭାନୁ ଚନ୍ଦ୍ରମା ଭାନୁ ସମାନ ତାପୁଅଛି ।
ତରତରଣୀକା ତରତେ ଶିଳା ହେବାର ନୋହେ କଛି । ୧୧ ।
ବାସନ୍ତୀଆଳୀ ବାସନ୍ତୀ ଆଳି ପରି ଗୁନ୍ଥିବି ତୋଳ ।
ବାରେକ ବରିବାରେ କବରୀ ହେବ ପବିତ୍ର ବାଳ । ୧୨ ।

---

ଷଡ଼ଜନତ—୬ ଜଣଙ୍କଠାରୁ ଜାତ, କାର୍ତ୍ତିକେୟ; କାରଣ ତାଙ୍କର ୬ ମାତା । ଷଡ଼-ଜନତ—ଷଡ଼ଜ ସ୍ୱର । ତୋତେ ନ ପାଇ ମୋ ଦେହ ସଢ଼ି ଯାଉଛି ବୋଲି ମୁଁ ବାରମ୍ବାର କହୁଅଛି । ଏଥିକବେଳେ କାର୍ତ୍ତିକେୟଙ୍କ ବାହନ ମୟୂର ଯଦି ଷଡ଼ଜ ଧ୍ୱନି କରିବ ତେବେ ମୁଁ ମଲି ବୋଲି ଜାଣିରଖ । ୮ ।

ନାଗସ୍ତ୍ରୀ ପୂର—ନାଗସ୍ତ୍ରୀଙ୍କର ଅଗ୍ରଗଣ୍ୟା, ନାଗ-ରିପୁ—ସିଂହ, ଗରବହାରୀ—ଗର୍ବ ହରଣକାରୀ ଏଣୁ ଶ୍ରେଷ୍ଠ, କଟି—ଅଣ୍ଟା, ନତନୁ—ତନୁ ନାହିଁ ଯାହାର ଅର୍ଥାତ ଅନଙ୍ଗ, ତନୁସ୍ଥାନ; ମତେ—ମତେ ହୋଇ, ଅର୍ଥେ—ଉଦ୍ଦେଶ୍ୟରେ । ହେ ନାଗସ୍ତ୍ରୀ ଅଗ୍ରଗଣ୍ୟା ! ତୋହର କଟି ନାଗରିପୁ ଅର୍ଥାତ ସିଂହର ଗର୍ବ ହରଣ କରୁଛି । ନତନୁ ଅର୍ଥାତ ତନୁସ୍ଥାନ କାମ ମୋତେ ନତନୁ ଅର୍ଥାତ ତନୁସ୍ଥାନ କରିବା ଉଦ୍ଦେଶ୍ୟରେ ଯୋଟିଅଛି । ୯ ।

ଶୁଭ୍ରକରଣ—ଶୁଭ୍ର କରଣ ଯାର ସେ ଅର୍ଥାତ ଚନ୍ଦ୍ରମା, ଶୁଭ୍ର କରଣ—ଧଳା କରଣ, ପତନ—ପଡ଼ିଥିବା, ସୁଧା ପୁର—ଚୂନଲିପା ଘର, ଉର—ବକ୍ଷ । ଚନ୍ଦ୍ରର ଧଳା କରଣ ପଡ଼ିଥିବା ଚୂନଲିପା ଗୃହରେ ମୁଁ ଶୋଇ ରହି ତୋହର ଶୋଇବା ପାଇଁ ମୋ ଉର ଅର୍ଥାତ ବକ୍ଷକୁ ପ୍ରସାରି ରଖିବି । ୧୦ ।

ଚନ୍ଦ୍ରମା ଭାନୁ—ଚନ୍ଦ୍ର କରଣ, ଚନ୍ଦ୍ରମା—କର୍ପୂର, ଭାନୁ ସମାନ—ସୂର୍ଯ୍ୟ ସମାନ, ତାପୁଅଛି—ଉତ୍ତପ୍ତ ବୋଧ ହେଉଛି, ତରତରଣୀକା—ବର୍ତ୍ତୁଳ ତରଣୀ, ତରତେ—ଆଚରଣରେ, ଶୀଳା—ପାଷାଣ । ହେ ବାଳା, ତୋ ବିଚ୍ଛେଦରେ ଚନ୍ଦ୍ରକରଣ ଏବଂ କର୍ପୂର ମୋତେ ସୂର୍ଯ୍ୟପରି ଉତ୍ତପ୍ତ ବୋଧ ହେଉଅଛି । ଆରେ ସୁତରଣୀ ! ମୋର ଏହି ଅବସ୍ଥାରେ ତୁ ପାଷାଣ ପରି ନିଷ୍ଠୁର ଆଚରଣ ଦେଖାଇବା ଭଲ କଥା ନୁହେ । ୧୧ ।

ବାସନ୍ତ ଆଳୀ—ଭଲ ପାଉଥିବା ସଖୀ, ବାସନ୍ତୀ ଆଳୀ—ବସନ୍ତକାଳର ଫୁଲ, ତୋଳି—ଛିଣ୍ଡାଇ, କବରୀ—କେଶ, ବାରେକ—ଥରେଟିଏ, ବରିବାରେ—ସଜାଇ-ଦେବାରେ । ତୋତେ ଭଲ ପାଉଥିବା ସଖୀ ପରି ମୁଁ ବସନ୍ତକାଳରେ ଫୁଟିଥିବା ଫୁଲ

ଛନ୍ଦ ନ କର ଛନ୍ଦନ କର କର ଗଳାରେ ମୋର ।
ଛଡ଼ା-ସୁମନ ଛଡ଼ା ସୁମନସ୍ତାପ କରିବି ହାର । ୧୩ ।
ଲକ୍ଷ୍ୟ ରସାଳ ଲକ୍ଷ୍ୟ ରସାଳ ହୃଦରେ କମ୍ପା ଧରୁ ।
ଲଳିତ ଅଙ୍ଗି ଲଳିତ ଅଙ୍ଗୀକାର କଲୁ ଉଚ୍ଚରୁ । ୧୪ ।
ଜୀବନ ବିନା ଜୀବ ନବାଳା ମୀନ କି ଧରି ପାରେ ।
ଜଗତୀ ମଣ୍ଡ ଜଗତୀ-ମଣ୍ଡନା ତୁ ମୋ ସଙ୍ଗେ ବାରେ । ୧୫ ।
ରସାଳସିରେ ରସାଳଶିରେ କରେ କୋକିଳ ଘୋଷ ।
ରତ୍ନ-ରତନ ରତ୍ନ ରତନସୁକେଶି ହୋଇ ତୋଷ । ୧୬ ।
ଝଲକାଉତ ଝଲକା ଉତ୍ତଂସରୁ କରୁ କି ମଜା ।
ଝଳସୁବର୍ଣ୍ଣା ଝଳ ସୁବର୍ଣ୍ଣାବଳୀ ଘଣ୍ଟିକ ବଜା । ୧୭ ।

---

ଛଣ୍ଡାଇ ମାଳା ଗୁନ୍ଥିବି । ହେ ବାଳା, ଅବଶ୍ୟେ ତୋ କେଶ ସଜାଇବା ଦ୍ୱାରା ମୁଁ ପବିତ୍ର ହେବି । ୧୨ ।

ଛନ୍ଦ—କପଟ, ଛନ୍ଦନ କର—ଗୁଡ଼ାଇଦିଅ, କର—ହାତ, ସୁମନସ୍ତାପ—ମନୋବେଦନା, ଛଡ଼ା ସୁମନ—ବାସି ଫୁଲ, କରିବି ହାର—ହାର କରି ପିନ୍ଧିବି । ହେ ସୁନ୍ଦରୀ ! ମୋ ପ୍ରତି କପଟ କର ନାହିଁ । ମୋ ଗଳାରେ ତୋ ହାତକୁ ଘେରାଇ ଦେଇ ମୋର ମନ ବେଦନା ଛଡ଼ାଅ । ମୁଁ ତୋ ପିନ୍ଧା ଛଡ଼ା ଫୁଲକୁ ହାର କରି ପିନ୍ଧିବି । ୧୩ ।

ରସାଳ—ରସଯୁକ୍ତ, ଆମ୍ବ; ଲକ୍ଷ୍ୟ—ତୁଲ୍ୟ, ସ୍ତନଦ୍ୱୟ; ଲଳିତ—କୋମଳ, ସୁନ୍ଦର । ହେ କୋମଳ ଅଙ୍ଗଯୁକ୍ତା ! ତୁ ଲଳିତ ଅର୍ଥାତ ସୁନ୍ଦର ଭାବରେ ଅଙ୍ଗୀକାର କଲାପରେ ତୋହର ସରସ ହୃଦୟରେ ଆମ୍ବପରି ସ୍ତନଦ୍ୱୟ କାହିଁକି ଧାରଣ କରିଅଛୁ । ୧୪ ।

ଜୀବନ—ଜଳ, ଜୀବ—ପ୍ରାଣ, ଜଗତୀ ମଣ୍ଡନା—ଧରା ଶୋଭିନୀ, ଜଗତୀ—କୋଠା । ଆରେ ନବବାଳା ! ଜଳ ବିନା ମାଛ କିଅଣ ବଞ୍ଚିପାରେ ? ଆରେ ଧରାଶୋଭିନୀ ! ତୁ ଅବଶ୍ୟେ ମୋ ସଜ୍ଜିତ କୋଠା ଉପରକୁ ଚାଲ । ୧୫ ।

ରସାଳସି—ରସରେ ଅନୁରକ୍ତା, ରସାଳ ଶିରେ—ଆମ୍ବଗଛ ଉପରେ, ଘୋଷ—ଶବ୍ଦ, ରତନ ସୁକେଶୀ—ବିବିଧ ରତ୍ନରେ ବିଭୂଷିତା, ରତି—ସ୍ନେହ, ରତି ରତନ—ସୁରତି ରୂପକ ରତ୍ନ । ଆରେ ରସାନୁରକ୍ତା ! ଆମ୍ବଗଛ ଅଗରେ କୋଇଲି ଶବ୍ଦ କରୁଅଛି । ଏହି ସମୟରେ ଆରେ ବିବିଧ ରତ୍ନ ବିଭୂଷିତା, ମୋତେ ସ୍ନେହ କରି ରତି ରୂପକ ରତ୍ନ ଦେଇ ତୋଷ କର । ୧୬ ।

ଝଲକ—ଝଲଯୁକ୍ତ, ଉତ୍ତଂସ—ମଥାମଣି, ଝଲକାଉ—ହଲାଉ, ଝଳ ସୁବର୍ଣ୍ଣା—ଝଟକ କାନ୍ତି, ଝଳ ସୁବର୍ଣ୍ଣାବଳୀ—ଜକ ଜକ କରୁଥିବା ସୁନାରେ ନିର୍ମିତ, ଘଣ୍ଟିକ ବଜା—ଘଣ୍ଟିକୁ ବଜାଇବା । ତୁ କେଡ଼େ ସବାଗରେ ଝଲଯୁକ୍ତ ମୁଣ୍ଡର ଅଳଙ୍କାରକୁ ହଲାଉଥାଉ ।

ଯୁକ୍ତବିଳାସ ଯୁକ୍ତ ବିଳାସବତି ହୋଇବା ଯାଗେ ।
ଯୁବାକୁ ରଙ୍ଗେ ଯୁବାକୁରଙ୍ଗେ କର ନ ବନ୍ଧା କାମେ । ୧୮ ।
ନୀଳ ଲୋହିତ ନୀଳ-ଲୋହିତ ଶୁଭ୍ର ନୟନେ ମୋହୁ ।
ନିଗମ ବନ ନିଗମ-ବନବାସୀ କର୍ମିବେ ସ୍ପୃହୁଁ । ୧୯ ।
ମତ୍ତେଭଗତି ମତେ ଭକତି ସେବନ ନିର୍ଭୟ କର ।
ମାନସ ମାନ ମାନ ସମାନ ନୋହିଲେ ମୁଁ ତୋହର । ୨୦ ।
ଶ୍ରେଷ୍ଠ-ଆନନ ଶ୍ରେଷ୍ଠ ଆନ ନ ବାଞ୍ଛା ପରାଣସହି ।
ଟିକାଏ ରସ ଟୀକାଏ ରସଶାସ୍ତ୍ରରେ ପରା ଭୁଞ୍ଜି । ୨୧ ।

---

ବର୍ତ୍ତମାନ ସେହିପରି ସୁନା ଜମିଁ ପଣ୍ଡିକ ଝୁଂ ଝୁଂ କରି ବନ୍ଧା । ଏପରି ବାଳଣା ସ୍ତ୍ରୀ ପୁରୁଷ ଉପରେ ରହି ପୁରୁଷକୁ ଗୃହିଁ ମୁଣ୍ଡ ହଲାଇଲେହିଁ ବାଜପାରେ । ୧୭ ।

ଯୁକ୍ତ ବିଳାସ—ଯୁଦ୍ଧକ୍ରୀଡ଼ା, ବିଳାସବତୀ—ବିଳାସିନୀ, ଯାଗେ—ପ୍ରହରେ, ଯୁକ୍ତ—ଯୁକ୍ତ ହେବା, ଯୁବାକୁ—ଯୁବକଙ୍କୁ, କାମେ—କାମ ବ୍ୟାଧ ଦ୍ୱାରା, ରଙ୍ଗେ—କୌତୁକରେ, ଯୁବା କୁରଙ୍ଗ—ଯୁବା ହରିଣ । ରେ ବିଳାସପ୍ରିୟା ! ପ୍ରହରଟିଏ ଯୁଦ୍ଧ ଭାବରେ କ୍ରୀଡ଼ା କରିବା । ତୁ ମୋତେ କୌତୁକରେ ଯୁବା ହରିଣ କରି କାମ ରୂପକ ବ୍ୟାଧର ଶିକାର ହେବାକୁ ଦଅନାହିଁ । ୧୮ ।

ନୀଳ ଲୋହିତ ଶୁଭ୍ର—କଳା, ନାଲି ଓ ଧଳା ବର୍ଣ୍ଣଯୁକ୍ତ, ନୀଳ ଲୋହିତ—ଶିବ, ନିଗମ—ବେଦ, ବନ—ବାସ, ନିଗମ ବନବାସୀ—ଗହନ ଅରଣ୍ୟବାସୀ । ରେ ସୁନ୍ଦରୀ, ତୁ କଳା, ନାଲି ଓ ଧଳା ବର୍ଣ୍ଣଯୁକ୍ତ ନେତ୍ରରେ ଅନାଇ ଶିବଙ୍କୁ ମୋହିତ କରିଅଛୁ । ବେଦ ଯେଉଁମାନଙ୍କର ହୃଦୟର ଗଭୀର ପ୍ରଦେଶରେ ବାସ କରିଅଛି ସେହି ନିଗମ ଅର୍ଥାତ ଗଭୀର କାନନବାସୀ ଋଷିମାନେ ତୋତେ ଅନାଇଲାଷଣି ଅରିବେ । ୧୯ ।

ମତ୍ତେଭଗତି—ମତ୍ତ ଇଭ ଗତି ଅର୍ଥାତ ମତ୍ତଗଜଗାମିନୀ, ଭଗତି—ଭକ୍ତି, ମାନସ—ମନରେ, ମାନ—ସ୍ୱୀକାର କର । ଆରେ ମତ୍ତଗଜଗାମିନୀ ! ମୋହର ଭକ୍ତି ସେବା ବା ଗ୍ରହଣ କରି ମୋତେ ଭୟଶୂନ୍ୟ କର । ମନରେ ଏ କଥାକୁ ଗ୍ରହଣ କର । ମୁଁ ମାନରେ ତୋହ ସମାନ ନ ହେଲେ ମଧ୍ୟ ତୋହର ଅଟେ । ୨୦ ।

ଶ୍ରେଷ୍ଠ ଆନନ—ଶ୍ରେଷ୍ଠ ମୁଖ, ଶ୍ରେଷ୍ଠ—ଉଠାଅ, ଆନ—ଅନ୍ୟ, ବାଞ୍ଛା—ଇଚ୍ଛା, ନ—ନାହିଁ, ଟୀକା—ଅର୍ଥବୋଧ । ଆରେ ପ୍ରାଣ ସଜନୀ ! ତୋହର ଶ୍ରେଷ୍ଠ ମୁଖକୁ ଉଠାଅ । ମୋର ଅନ୍ୟକିଛି ଇଚ୍ଛା ନାହିଁ । ତୁ ପରା ରସ ଶାସ୍ତ୍ରର ଗୋଟିଏ ଅର୍ଥଗ୍ରନ୍ଥ । ତେଣୁ ମୋ ସହିତ ଟିକାଏ ଅର୍ଥାତ ଅଳ୍ପ ସମୟ ନିମିତ୍ତ ରସରେ ଅର୍ଥାତ ରତି ରସରେ ମଜ୍ଜିତ ହୁଅ । ୨୧ ।

ଭାବବତୀଶ ଭାବ ବଡଶଲକ୍ଷଣା କଣ୍ଠା ପରି ।
ଭଲ୍ଲ ମନ୍ଦକୁ ଭଲ ମନ୍ଦକୁ ଗୁହାଣି ହୃଦେ ଧରି । ୨୨ ।
ଠିକେ କାରତ ଠିକେ କି ରତ ଜାତ ବର୍ତ୍ତୁଳ କୁଚେ ।
ଠକାର ପଣ ଠକାର ପଣହର ନ ପାରୁ ନଚେ । ୨୩ ।
ବରବର୍ଣ୍ଣନା ବର ବର୍ଣ୍ଣନା କରୁଁ ଏ ଊଣା ତୋତେ ।
ବାଣକୁ ମାର ବାଣ କୁମାରୀ-ପତିଜନକ ମୋତେ । ୨୪ ।
ଡାଳିମ୍ବ ବୀଜ ଡାଳିମ୍ବ-ବୀ-ଜ ଦନ୍ତକୁ ସମ ନୋହି ।
ତୋଳାପ୍ରତିମା ତୋଳା ପ୍ରତିମା ଘଉଡ଼ ହେଲୁ ତୁହି । ୨୫ ।
ଫଳ କଳପ ଫଳ କଳପତରୁ ତୁ ଯା ମନାସି ।
ଫୁଟେ ହୃଦସ୍ଥ ଫୁଟେ ହୃଦସ୍ଥ କରରେ ମଦାଳସି । ୨୬ ।

---

ଭାବବତୀ ଈଶ—କ୍ରୀଡ଼ା କରୁଥିବା ରମଣୀଙ୍କର ଈଶ ବା ଶ୍ରେଷ୍ଠା, ବଡଶଲକ୍ଷଣା—ବଡଶ ଲକ୍ଷଣେ ଯୁକ୍ତା, କଣ୍ଠା—ବାଧାଜ୍ଞା, ଭଲ୍ଲ—ଭଲ ସ୍ତ୍ରୀ, ମନ୍ଦ—ଖରାପ, ମୃଦୁ । ଆରେ ଭାବବତୀ ଶ୍ରେଷ୍ଠା, ବଡଶ ଲକ୍ଷଣଯୁକ୍ତା ! ତୁ ଏ କଥାକୁ ମନରେ ଭାବ । ତୁ କଣ୍ଠା ଅର୍ଥାତ ବାଧାଜ୍ଞା ପରି; ଭଲ ସ୍ତ୍ରୀ ଗୁଣକୁ ଗୃହିଣୀରେ ଓ ମୃଦୁ ଗୁଣକୁ ହୃଦରେ ଧାରଣ କରି ଭଲ ମନ୍ଦ ଉଭୟ କରିପାରୁ । ୨୨ ।

ଠିକେ କାରତ—ମୋଟାମୋଟି କାନ୍ତି, ଠିକେ କି ରତ—ରତି ପରି ରହିପାରେ କି ? ଠକାର ପଣ—ଗୋଲାକାର, ବର୍ତ୍ତୁଳ କୁଚ—ପୃଥୁଳ ସ୍ତନ, ଠକାର—ଠକେଇ ପଣ, ପଣହର—ନ ଛାଡ଼ । ସ୍ଥୂଳରେ ପ୍ରକାଶ ପାଉଥିବା ତୋହର ଶୋଭା କାନ୍ତି ଆଗରେ ରତି ରହିପାରେ କି ? ତୋ ବକ୍ଷରେ ଠ ଆକାର ପରି ପୃଥୁଳ ସ୍ତନ ଜାତ ହୋଇଛନ୍ତି । ଏଣୁ ତୁ ଠକାର ପଣ ଅର୍ଥାତ୍ ଠକେଇବା ସ୍ୱଭାବ ପଣହର ଅର୍ଥାତ୍ ଛାଡ଼ି ନ ପାରି ମୋତେ ଠକୁଅଛୁ । ୨୩ ।

ବର ବର୍ଣ୍ଣନା—ଶ୍ରେଷ୍ଠ ବର୍ଣ୍ଣଯୁକ୍ତା, ବର—ଶ୍ରେଷ୍ଠ, ଊଣା—କମ୍, ବାଣ କୁମାରୀ—ଉଷା, ଉଷାର ପତି—ଅନିରୁଦ୍ଧ, ତାହାଙ୍କ ଜନକ—କାମ । ହେ ସୁନ୍ଦରୀଶ୍ରେଷ୍ଠା ! ମୋର ଶ୍ରେଷ୍ଠ ବର୍ଣ୍ଣନା ମଧ୍ୟ ତୋହଠାରୁ ଊଣା ହେଉଛି । ଏଣୁ ମୋତେ ବାଣକୁମାରୀ ପତି ଅର୍ଥାତ୍ ଅନିରୁଦ୍ଧଙ୍କର ଜନକ—କାମ, ବାଣ ମାରୁଅଛି । ୨୪ ।

ଡାଳିମ୍ବ ବୀଜ—ଡାଳିମ୍ବ ମଞ୍ଜି, ଡାଳିମ୍ବ-ବୀ-ଜ—ଶାମୁକାରୁ ବିଶେଷରୂପେ ଜ ଅର୍ଥାତ୍ ଜାତ ମୁକ୍ତା । ଆରେ ଡାଳିମ୍ବ ଦନ୍ତୀ, ତୋ ଦାନ୍ତ ଶୋଭାକୁ ମୁକ୍ତା ସମ ନୁହେ । ତୁ ମୋ ତୋଳା ପ୍ରତିମାକୁ ଘଉଡ଼ି ନେଇ ନିଜେ ମୋ ନେଇ ପିତୁଳା ହୋଇଅଛୁ । ୨୫ ।

ତୁ କଳପତରୁ—ତୁ ବାଞ୍ଛାବୃକ୍ଷ, କଳପ ଫଳ—ବାଞ୍ଛାରୂପ ଫଳ, ତୁ ଫଳ—ପୂର୍ଣ୍ଣ କର । ତୁ କଳପତରୁ, ମୁଁ ଯାହା କାମନା କରୁଅଛି ସେହି କାମନାର ଫଳ ତୁ । ଅତଏବ ମୋ ବାଞ୍ଛା ପୂର୍ଣ୍ଣ କର । ଆହେ ମଦାଳସି, ତୋ ହୃଦସ୍ଥକୁ ଫୁଟାଅ—ମୋଠାରେ ଅନୁରକ୍ତା ହୁଅ । ୨୬ ।

ତାରେକ ବସ୍ତୁର ତାରେକ ବସ୍ତୁରଦଶନ ନେକୁଁ କରେ ।
ଛଳଛଳ ମୁଁ ଛଳଛଳ ମୁଁ ନୟନେ ଅଶ୍ରୁ ଧରେ । ୨୭ ।
ପଦେ ଶରଣ ପଦେ ଶରଣ ବତ୍ସଳା ବାଣୀ ଭଣ ।
ପୁଷ୍ପ ମାର୍ଗଣ ପୁଷ୍ପ-ମାର୍ଗଣ ଦଣ୍ଡୁ ରଖିଲ ପ୍ରାଣ । ୨୮ ।
ଅନ୍ତରଗତେ ଅନ୍ତର ଗତେ କି ଭାବ ପାଶେ ଆସି ।
ଅନାକୁଳରେ ଅନା କୂଳରେ ଭେଳା ଯାଉଛୁ ଭାସି । ୨୯ ।
ନିଘୃଣକରୁ ନିଘୃଣ କରୁଣାର ବୃକ୍ଷେ କି ଫଳେ ।
ନୂତନା ହିତ ନୁତ ନାହିଁତ ସମାନ ତୋହର ତୁଳେ । ୩୦ ।
ତାରକ ମଣି ତାରକ-ମଣି-ହାସୀକ ମୋ ଭରସା ।
ତାର ତରଳୁଁ ତାର ତରଳୁଁ ଅଧିକ ହେବୁ ଯୋଷା । ୩୧ ।

---

ତୋତେ ଦେଖିଲାବେଳରୁ ମୁଁ ତାରେ ଅର୍ଥାତ୍ କଣ୍ଟିତଭାବେ ବସ୍ତୁରୁଛୁ ଯେ ମୋର ଆଉ ଗତି ନାହିଁ । ତୁ ତାରେ ଅର୍ଥାତ୍ ଥରେ ମୋ ପ୍ରତି ସୁଦୃଷ୍ଟି କର । ତୋ ଚିନ୍ତାରେ ମୁଁ ଛଳଛଳ ଅର୍ଥାତ୍ ଟଳମଳ ହେଉଅଛୁ ଏବଂ ଛଳଛଳ ଅଶ୍ରୁ ମୋ ଆଖିରେ ଭରି ରହିଛି । ୨୭ ।

ଶରଣ ବତ୍ସଳା—ଶରଣ ଦେବା ସ୍ତ୍ରୀ, ପଦେ ଶରଣ— ପାଦରେ ଶରଣ ପଶୁଛୁ, ପୁଷ୍ପ ମାର୍ଗଣ—କାମ ବାଣ, ଫୁଲଶର; ଦଣ୍ଡୁଁ—ଦଣ୍ଡରୁ, ଭଣ—କହ । ଆରେ ଶରଣ ବତ୍ସଳା ! ମୁଁ ତୋ ପାଦରେ ଶରଣ ପଶିଲି । କାମର ଫୁଲଶର ଦଣ୍ଡରୁ ତୋ ପ୍ରାଣ ରଖିଲି ବୋଲି ପଦେ କଥା କହ । ୨୮ ।

ଅନ୍ତର ଗତେ—ମନ ମଧ୍ୟରେ, ଅନ୍ତରଗତେ—ଦୂର ହୋଇଯାଉ, ଅନାକୁଳ—ଆକୁଳ ନୋହି, କୂଳରେ ରହି ଅନା । ତୁ ପାଖକୁ ଆସି ମନରେ କଅଣ ବସ୍ତୁ କଣ ପୁଣି ଦୂର ହୋଇ ଯାଉଅଛୁ । ଆକୁଳ ନ ହୋଇ କୂଳରେ ରହି ଅନାଇ ଦେଖ ମୋ ଭେଳା ଭାସି ଯାଉଛୁ । ୨୯ ।

ତୁ ମୋତେ ନିଘୃଣ କରୁଅଛୁ । କରୁଣା ବୃକ୍ଷରେ ନିଘୃଣ ବୃକ୍ଷର ଫଳ କଅଣ ଫଳେ ? ତୁ କରୁଣା ବୃକ୍ଷ; ଏଣୁ ମୋତେ ନିଘୃଣ କରୁ କାହିଁକି ? ହେ ନୂତନା ! ତୁ ମୋର ହିତ ଅର୍ଥାତ୍ ମଙ୍ଗଳ । ତୋ ସହିତ ସମାନ ହୋଇ ନୁତ ଅର୍ଥାତ୍ ପ୍ରଶଂସା ପାଇବାକୁ କେହି ନାହିଁ ତ । ୩୦ ।

ତାରକ-ମଣି—ରକ୍ଷାକାରୀ ମଣି, ତାରକମଣି ହାସିକ—ଚନ୍ଦ୍ରହାସୀକ, ତାର—ଉଜ୍ଜ୍ୱଳ, ଉଦ୍ଧାର । ଆରେ ଚନ୍ଦ୍ରହାସୀ, ରକ୍ଷାକାରୀ ମଣିପରି ତୁ ମୋତେ ରକ୍ଷା କର । ତୁ ମୋର ଭରସା । ମୋତେ କାମ ପୀଡ଼ିତା ହେବା ଦୁଃଖରୁ ଉଦ୍ଧାର କର । ତାହାହେଲେ ତୁ ମୋର ତାର ତରଳୁ ଅର୍ଥାତ୍ ଉଜ୍ଜ୍ୱଳ ମଣିଠାରୁ ମଧ୍ୟ ଅଧିକ ହୋଇ କଣ୍ଠ ଭୂଷଣ ହୋଇ ପାରିବୁ । ୩୧ ।

ଧନାନଚସ୍ଥ ଧନ ନଷ୍ଟସ୍ଥ ଯେବେ ମୁଁ ନ ପାଇବ ।
ଧଳ ରସାରେ ଧମାର ସାରେ କେମନ୍ତେ ବୋଲାଇବ । ୩୨ ।
ଥରେ ସତ୍ୱତ ଥରେ ସତ୍ୱତ ତାପ-ଜ୍ୱରକୁ ନାଶ ।
ଥିରସାର ଯେ ଥିବ ସାର ଯେମନ୍ତେ କରିବା ଯଶ । ୩୩ ।
ଉଦ୍ଧ ସାରନ୍ତ ଘନ ସାରଙ୍ଗୀ ହେବାରୁ ଯୁଗ ପ୍ରାପ୍ୟେ ।
ଦାଶରଥିର ଦାସରଥିର ଭକ୍ତ ଉପେନ୍ଦ୍ର ଧାପ୍ୟେ । ୩୪ ।

—○—

## ଅଷ୍ଟାଦଶ ଛାନ୍ଦ

( ଗ୍ରୀଷ୍ମକାଳ ଓ ସୁନ୍ଦରୀର ବିରହ ଦଶା ବର୍ଣ୍ଣନା )

ରାଗ—ରାମକେରୀ

ଶୁଣ ହେ ସାଧବ ମାଧବ ଶେଷେ ଝିଲିକା କନ୍ଥ ।
ଏ ଗ୍ରୀଷମନ୍ତୁ ବିଷମ ସମ ନୁହନ୍ତ କେନ୍ଥ । ୧ ।
ସତ ଏ ପରଶ ମାନସୁ ଜାତ ଗାବସୁ ସ୍ୱେଦ ।
ଭାନୁ ବୃହଦ୍‌ଭାନୁ ଯା ଯୋଗୁଁ କଲେ ତେଜସ୍ୱୀ ବାଦ । ୨ ।

---

ଆରେ ଧନ ! ତୁ ହେଉଛୁ ମୋର ସବୁ ଧନ । ଯେବେ ମୁଁ ତୋତେ ଅର୍ଜିତ ନ ପାଇବି ତେବେ ରେ ଧନ ଏହି ରସା ଅର୍ଥାତ୍ ପୃଥିବୀରେ ଧନୀମାନଙ୍କର ସାରରେ ଅର୍ଥାତ୍ ଶ୍ରେଷ୍ଠ ବୋଲି କିପରି କହିହେବ ? ୩୨ ।

ରେ ସନ୍ଧ, ମୋ ଦେହ ଥରୁଅଛି । ତୁ ଥରକିଏ ମୋ ସହିତ ଯୁକ୍ତ ହୋଇ କାମର ତାପରୂପକ ଜ୍ୱରକୁ ବିନାଶ କର । ଆରେ ଥିରସାର ଅର୍ଥାତ୍ ଧୀରଶ୍ରେଷ୍ଠ ସାର ଯଶ ଯେପରି ରକ୍ଷା ହେବ ସେହି ଉପାୟ କର । ୩୩ ।

ବନଟାଏ ବଡ଼ଙ୍ଗୀ ହେବାରୁ ଦୁଃଖୀ ହୋଇ ମୁଁ ତାହା ଯୁଗ ପରି ମନେ କରୁଅଛି । ଦାଶରଥି ରାମଚନ୍ଦ୍ରଙ୍କଠାରେ ଏହି ଦାସର ସ୍ଥିର ଭକ୍ତି ହେଉ ଏହା କବି ଉପେନ୍ଦ୍ର ଧ୍ୟାନ କରୁଅଛି । ୩୪ ।

—○—

ମାଧବ—ବସନ୍ତ, ଝିଲିକା—ଝିଙ୍କାରି । ହେ ସାଧୁଜନମାନେ ଶୁଣ । ବସନ୍ତ ଋତୁ ଶେଷରେ ଝିଙ୍କାରି ସ୍ୱନ ଉଠି ସତେ ଯେପରି କହୁଥାଏ, ଏହି ଋତୁ ଭୟଙ୍କର ଅଟେ । ଏହାର ସମାନ କେହି ନୁହେ । ୧ ।

ପରଶ—ସ୍ପର୍ଶ, ଗାତ୍ରରୁ—ଦେହରୁ, ସ୍ୱେଦ—ଝାଳ, ଭାନୁ—ସୂର୍ଯ୍ୟ, ବୃହଦ୍‌ଭାନୁ—ଅଗ୍ନି । ଏହି କାଳ ସ୍ପର୍ଶ କଲାମାତ୍ରକେ ଦେହରୁ ଝାଳ ବାହାରେ । ଏହି ଋତୁରେ ସୂର୍ଯ୍ୟ ଓ ଅଗ୍ନି ପରସ୍ପର ବିବାଦ କରି ସତେ ଯେପରି ନିଜ ତେଜ ବଢ଼ାଇଥାନ୍ତି । ୨ ।

ପ୍ରଭାକୁ ପ୍ରକାଶେ ଆକାଶେ ପ୍ରଭାକରେ ଦିବସେ ।
ଜଳେ କୃଶାନୁ ସାନୁମାନ ମାନଙ୍କରେ ଅନିଶେ । ୩ ।
ଧରଣୀ ସରଣିଧୂଳିକି କଲା ତପତ ତହିଁ ।
ପଥିକ ପଦ ବିପଦକୁ ପଦପଦକେ ଦେଇ । ୪ ।
ତପ୍ତ କାଳ କଲା ତତ୍କାଳ ଗଲା ମାର୍ଗକୁ ଯେହ୍ନି ।
ସକଳ ମୃଗରେ ବକଳ ଅନୁବରତେ ଜନ୍ମି । ୫ ।
ଶୀତଳ ସଲିଳେ ଅନିଳେ ସଦା ରହି ଯେ ଥିଲା ।
ଦୂର ଦୁରନ୍ତ ଅର୍କି ରୁଚି ତହୁଁ ପ୍ରତାପେ କଲା । ୬ ।
ସେ ଚନ୍ଦନେ ଚନ୍ଦ୍ରସଦନେ ଚନ୍ଦ୍ର ଚନ୍ଦ୍ରେ ବଞ୍ଚିତ ।
ଜନରଞ୍ଜନକୁ ରଜନାନ୍ଦନେ କେତେ ରଚିତ । ୭ ।
ନଳିନବନ୍ଧୁ ଯେ ମଳିନ କରି ଲୋଡ଼ନ୍ତେ କରେ ।
ଜ୍ୱଳନ ବଂଶ-ନଳୀ ଗ୍ରନ୍ଥି-ଗୁଳ ଫୁଟାଇ ଖରେ । ୮ ।

---

ପ୍ରଭାକର—ସୂର୍ଯ୍ୟ, କୃଶାନୁ—ଅଗ୍ନି, ଅନିଶେ—ସର୍ବଦା, ସାନୁମାନ—ପର୍ବତ । ଆକାଶରେ ଦିନବେଳେ ସୂର୍ଯ୍ୟ ଜ୍ୟୋତି ପ୍ରକାଶିତ ହୁଏ । ପର୍ବତମାନଙ୍କରେ ସବୁବେଳେ ନିଆଁ ଜଳୁଥାଏ । ୩ ।

ସରଣୀ—ମାର୍ଗ, ପଦ ପଦକେ—ପ୍ରତି ପଦରେ, ତହିଁ—ସେହି ବାଟରେ । ପୃଥିବୀର ମାର୍ଗର ଧୂଳି ତାତିଉଠେ । ସେହି ବାଟରେ ପଥିକ ଚାଲିଲେ ପ୍ରତି ପଦରେ ବିପଦ ବୋଧ କରୁଥାଏ । ୪ ।

ସେହି କାଳ ବାଟକୁ ଯିଏ ବାହାରିଲା, ତାହାର ମାର୍ଗକୁ ଉତ୍ତପ୍ତ କଲା, ସକଳ ମୃଗରେ ଅର୍ଥାତ ପ୍ରାଣୀମାନଙ୍କର ଅନବରତ ବ୍ୟାକୁଳତା ଉତ୍ପନ୍ନ କଲା । ୫ ।

ଅନିଳେ—ପବନରେ, ଦୁରନ୍ତ—ପ୍ରବଳ, ଅର୍କ—ସୂର୍ଯ୍ୟ, ରୁଚି—ତେଜ । ପାଣି ଓ ପବନରେ ଯେଉଁ ଶୀତଳତା ଥିଲା, ତାକୁ ପ୍ରବଳ ସୂର୍ଯ୍ୟତେଜ ଦୂର କଲା । ୬ ।

ଚନ୍ଦ୍ର ସଦନେ—ଚୂନଲିପା ଘରେ, ଚନ୍ଦ୍ର—ଚନ୍ଦ୍ରମାଠାରେ, ଚନ୍ଦ୍ରେ—କର୍ପୂରରେ, ବଞ୍ଚିତ—ବର୍ଜିତ, ଜନ ରଞ୍ଜନ—ଲୋକଙ୍କ ସନ୍ତୋଷ । ସେହି ଶୀତଳତା ଯାଇ ଚନ୍ଦନରେ, ଚୂନଲିପା ଘରେ, ଚନ୍ଦ୍ରଙ୍କଠାରେ ଏବଂ କର୍ପୂରରେ ବର୍ଜିତ ହୋଇ ରହି କେତେ ପ୍ରକାର ଜନଙ୍କର ସନ୍ତୋଷ ସାଧନ କଲା । ୭ ।

ନଳିନବନ୍ଧୁ—ସୂର୍ଯ୍ୟ, କରେ—କିରଣ ଦ୍ୱାରା, ଜ୍ୱଳନ—ଅଗ୍ନି, ବଂଶ ନଳୀ—ବାଉଁଶ ନଳୀ, ଗ୍ରନ୍ଥି—ଗଣ୍ଠି, ଖରେ—ଶୀଘ୍ର । ସୂର୍ଯ୍ୟଙ୍କ କିରଣ ଅଗ୍ନିକୁ ନିସ୍ତୃତ କରିବାକୁ ବାହାରନ୍ତେ ବାଉଁଶ ନଳୀରେ ଅଗ୍ନି ଲାଗି ଗଣ୍ଠିମାନ ଶୀଘ୍ର ଫୁଟାଇଲା । ବଣରେ ନିଆଁ ଲାଗି ବାଉଁଶ ଗଣ୍ଠିମାନ ବନ୍ଧୁକ ପରି ଫୁଟିଲା । ୮ ।

ମନ୍ଦ ଉଟନ୍ତି ମିହିରେନ୍ଦ୍ର ମନ୍ଦଦ୍ୱନ୍ଦ୍ୱ କରୁଛ ।
ଆହେ ବିଭାବସୁ କି ବସୁଁ ବସୁଧାକୁ କହୁଛ । ୯ ।
କି ନିର୍ଦ୍ଧସ୍ତ କାଳ ଉଦୟ ଏଥି ଆଶ୍ଚର୍ଯ୍ୟ ବସୁଁ ।
ଉସତ୍ୱାନେ କଲେ ଉଷନା କ୍ଷ୍ୟାତ ବନ୍ଧୁତ ପଶୁ । ୧୦ ।
ଶଙ୍କାରେ ପଙ୍କରେ ଅଙ୍କକୁ ଲୋଟାଇଲେ ମହିଷ ।
ଘୂର୍ମିତ ଆତଙ୍କେ ପତଙ୍ଗେ ପିଇ ଖର୍ଜୁରରସ । ୧୧ ।
ଏଣୁ ଜୀବକୁଳ ଆକୁଳ ହେଲେ ସଜ୍ୱର ବଶ ।
ତେଣୁ ଦାହ ତୃଷ୍ଣା ଜନିତ ନିତ୍ୟ ଭ୍ରମ ମାନସ । ୧୨ ।
ଏ ବାରି ସୁମରି ଚମସ୍ତ ମରୀଚିକାକୁ ଧାଇଁ ।
ତା ପୁଚ୍ଛର ପାଖ ହଂସ-ଜା-ବାରି ହଂସ ଗୋଡ଼ାଇ । ୧୩ ।
ଶୁକଚଞ୍ଚୁ ଚୁମ୍ବୁ କିଂଶୁକକଳୀ ଭ୍ରମି ଭ୍ରମରେ ।
ସେ ସନ୍ଧିକ ଜଳଟୋପାଏ ଭାଳି ମୁଖ ବସ୍ତାରେ । ୧୪ ।

---

ମନ୍ଦ—କାଳ, ବୃଥା କଳି; ବିଭାବସୁ—ତେଜସ୍ୱନ୍ତରୁ ସୂର୍ଯ୍ୟ ଓ ଅଗ୍ନି, ମିହିରେନ୍ଦ୍ର—ଦୁଇମିତ୍ର, ବସୁଧା—ପୃଥିବୀ । କାକମାନେ ବୋବାଳି ଛଳରେ କହନ୍ତି ଆହେ ସୂର୍ଯ୍ୟ ଓ ଅଗ୍ନି ! ତୁମ୍ଭେ ଦୁହେଁ ମିତ୍ର ହେଲେ ମଧ୍ୟ କି କାରଣରୁ ବୃଥା କଳି କରି ପୃଥିବୀକୁ ଜଳୁଅଛ ? ୯ ।

ଏହି ସବୁ ଆଶ୍ଚର୍ଯ୍ୟ ଘଟଣା ଯୋଗୁଁ ଜଣାଯାଏ ଯେ ପୃଥିବୀରେ ଅତି ନିଷ୍ଠୁର କାଳ ଜାତ ହୋଇଅଛି । ବନ୍ଧୁତ ପଶୁ ପାଣି ନ ପାଇବାକୁ ଜିଭ କାଢ଼ିଲେ । ୧୦ ।

ଶଙ୍କାରେ—ଭୟରେ, ଅଙ୍କ—ଶରୀର, ଘୂର୍ମିତ—ଘୂମାଇଲେ, ମହିଷମାନେ ଭୟରେ ପଙ୍କରେ ଲଟପଟ ହେଲେ ଏବଂ ପତଙ୍ଗମାନେ ପାଣି ନ ପାଇ ଖଜୁରି ରସ ପିଇ ଆତଙ୍କରେ ଅର୍ଥାତ୍ ଯାତନାରେ ଘୂମାଇଲେ । ୧୧ ।

ଜୀବକୁଳ—ପ୍ରାଣୀସମୂହ; ସଂଜ୍ୱର—ସନ୍ତାପ, ପ୍ରାଣୀମାନେ ସନ୍ତାପ ବଶରେ ଆକୁଳ ହେଲେ । ସେହି ସଂଜ୍ୱର ଜ୍ୱର ରୋଗ ପରି ହେବାରୁ ଜନିତ ଦେହ ଦାହ ଓ ତୃଷା ଜାତ ହେଲା । ତଦ୍ୱାରା ମନ ଭ୍ରମ ଘଟିଲା । ୧୨ ।

ଚମସ୍ତ—ଚମସ୍ତ ଜାତୀୟ ମୃଗ; ଏ ବାରି—ଏହା ଜଳ, ସୁମରି—ସ୍ମରି କରି, ହଂସ—ସୂର୍ଯ୍ୟ; ହଂସ-ଜା—ସୂର୍ଯ୍ୟସୁତା ଅର୍ଥାତ୍ ଯମୁନା; ବାରି—ଲହରୀ । ଚମସ୍ତ ମୃଗ ମରୀଚିକାକୁ ଦେଖି ଏହା ପାଣି ବୋଲି ମନେ କରି ଧାଇଁଲା । ହଂସ ସ୍ତନସ୍ଥର ପୁଚ୍ଛକୁ ଯମୁନାର ଲହରୀ ମନେକରି ତାହା ପଛରେ ଧାଇଁଲା । ୧୩ ।

କିଂଶୁକ କଳି—ପଳାଶ କଢ଼ି; ଭ୍ରମରେ—ଭ୍ରାନ୍ତିରେ; ଭ୍ରମରେ—ଭ୍ରମରମାନେ । ପଳାଶ କଢ଼ି ଭ୍ରମରେ ଭ୍ରମରମାନେ ଶୁଆର ଥଣ୍ଟକୁ ଚୁମ୍ବନ କରିବାକୁ ଗଲେ । ଶୁଆ କଳା ଭ୍ରମରକୁ ଦେଖି ଭାବିଲା ବୋଧହୁଏ ଜାମୁଥି ପାଣି ଟୋପାଟାଏ, ଏଣୁ ପିଇବାକୁ ମୁହଁ ମେଲାଇଲା । ୧୪ ।

କେକୀପୁଚ୍ଛ ତଳେ ତାପିଚ୍ଛ ଛାଇ ବଲ୍ମରେ ଅହି ।
ଶୋଇଁ ଆସି ବିଷ ବୁଦ୍ଧି ତା ଆଶୀବିଷରେ ଭଜି । ୧୫ ।
ଦରୀରେ ଶୋଇଲା କେଶରୀ ସୁରସରିତ ପରି ।
ବାର ବାର ପୁଚ୍ଛ ଝୁଲିବା କି ଲହରୀ ବିହରି । ୧୬ ।
କରୀ ଆଶ କରି ଆସନ୍ତେ ଶୃଙ୍ଗୁ ସେ ଘନ ଭ୍ରମି ।
ଦାନଜଳ ଦାନ ଜଳ କି ଦନ୍ତ ବଳାକୀ ଧରି । ୧୭ ।
ନଭରଙ୍ଗକାଙ୍କ୍ଷ ସାରଙ୍ଗ ଅଧୋଗତି ଇଚ୍ଛାଇ ।
ତପ ଖ୍ୟାତଠାରେ ହଂସାହୀନ ହଂସା ବିଦିତ ହୋଇ । ୧୮ ।
ଏମନ୍ତ କାଳରେ ନୀରଜାନନା ନରବରଜା ।
ପଲଙ୍କେ ପଲକେ ନ ରହି କଲା ସେ ମହୀଶଯ୍ୟା । ୧୯ ।

---

କେକୀପୁଚ୍ଛ—ମୟୂର ପୁଚ୍ଛ; ତାପିଚ୍ଛ—ତମାଳ; ଅହି—ସର୍ପ; ଆଶୀବିଷ—ସର୍ପ; ବିଷ—ମୃଣାଳ ଖଣ୍ଡ । ମୟୂର ପୁଚ୍ଛକୁ ତମାଳ ଛାଇ ମନେ କରି ସାପ ଆସି ଶୁଅନ୍ତେ ମୟୂରକୁ ସେହି ସର୍ପଠାରେ ମୃଣାଳଖଣ୍ଡର ଧାରଣା ଜନ୍ମିଲା । ୧୫ ।

ଦରୀରେ—ପର୍ବତ ଖୋଲରେ, କେଶରୀ—ସିଂହ, ସୁରସରିତ—ସ୍ୱର୍ଗଗଙ୍ଗା, ବିହରି—ଖେଳାକରିବା । ପର୍ବତ ଖୋଲରେ ଶୋଇଥିବା ସିଂହର ଧଳା ବର୍ଣ୍ଣ ହେତୁ ସ୍ୱର୍ଗ ଗଙ୍ଗା ପରି ଦିଶୁଛି । ସିଂହ ବାରମ୍ବାର ଲାଙ୍ଗୁଡ଼ ହଲାଇବାରୁ ମନେ ହେଉଛି ସେହି ସ୍ୱର୍ଗ ଗଙ୍ଗାରେ ଲହରୀ ଖେଳୁଛି । ୧୬ ।

ପର୍ବତ ଶୃଙ୍ଗରୁ ସିଂହପୁଚ୍ଛ ଝୁଲିବାକୁ ଲହରୀ ମନେକରି ହସ୍ତୀ ଓହ୍ଲାଇ ଆସୁଥିବା ବେଳେ ସିଂହ ଭାବୁଛି ମେଘ ଖଣ୍ଡେ ପର୍ବତ ଶୃଙ୍ଗରୁ ଆସୁଛି କି ? ହସ୍ତୀର ଦାନଜଳ ଅର୍ଥାତ୍ ମଦଜଳ ଦାନଜଳ ଅର୍ଥାତ୍ ଜଳଦାନ କଲା କି ? ହାତୀ ଦାନ୍ତ, ଧଳା ବଗ ଦଳର କାନ୍ତି ଧାରଣ କରିଅଛି । ୧୭ ।

ନଭରଙ୍ଗକାଙ୍କ୍ଷ—ଆକାଶରେ ବିହାର କରୁଥିବା, ସାରଙ୍ଗ—ଚାତକ, ଅଧୋଗତ—ତଳକୁ ଗତ, ତପଖ୍ୟାତ—ତପସ୍ୟାରେ ବିଖ୍ୟାତ ଅର୍ଥାତ୍ ମୁନିଆଶ୍ରମ, ହଂସାହୀନ—ହଂସା ନ ଥିବା; ତପଖ୍ୟାତ—ତତ୍ତାପ କି ଗ୍ରୀଷ୍ମକାଳ ପ୍ରକଟ ହେବା । ହାତୀର ମଦଜଳ ଝରିବା ଦେଖି ଆକାଶରେ ଉଡ଼ୁଥିବା ଚାତକ ମେଘ ପାଣି ମନେ କରି ତଳକୁ ଖସି ଆସିବାକୁ ଇଚ୍ଛା କଲା । ମୁନିମାନଙ୍କ ଆଶ୍ରମ ଯେପରି ହଂସାଶୂନ୍ୟ ସେହିପରି ଉତ୍ତାପ ଅର୍ଥାତ୍ ଗ୍ରୀଷ୍ମକାଳ ପ୍ରକାଶ ପାଇବାରୁ ହଂସାଶୂନ୍ୟ ହେଲା । ୧୮ ।

ନୀରଜ ଆନନା—ପଦ୍ମମୁଖୀ; ନରବରଜା—ରାଜକନ୍ୟା; ମହୀଶଯ୍ୟା—ଭୂମିରେ ଶଯ୍ୟା । ଏପରି ସମୟରେ ଅର୍ଥାତ୍ ଗ୍ରୀଷ୍ମକାଳରେ ପଦ୍ମମୁଖୀ ରାଜକନ୍ୟା ଖଟ ଉପରେ କ୍ଷଣେ ମାତ୍ର ନ ରହି ଭୂମିରେ ଶୋଇଲା । ୧୯ ।

ଦେଖି ନୀରଜାକ୍ଷୀ ସ୍ତବକ କାଦମ୍ବିନୀ ବାଣୀକା ।
ଶଚୀକଳା ସହ ବିକଳା କରି ଲୋତକ ତେଜ୍ୟା । ୨୦ ।
ଭାଳିଲ ପ୍ରଥମା ଉଚିତ ନେବା ପଙ୍କଜଶେଯେ ।
ଅବନୀଶିରୀ ଶିରୀଷାଙ୍ଗୀ ପଦ୍ମବାସୀ ସହିତେ । ୨୧ ।
ସ୍ଖଳିତ ତନୁକୁ ଲୋକିତ କରି ଦ୍ୱିତୀୟା ବୋଲେ ।
ହେମପିତୁଳା ତୁଳା ହେଲା ଜାନୁବର୍ତ୍ତୁଳା ତୁଲେ । ୨୨ ।
ଦେଖି ଦେଖି ଭଉଜ ବିବର୍ଣ୍ଣ ବର୍ଣ୍ଣିଲ ଯେ ଅପରା ।
ଏ ଶୋଭାସଦନ ମଦନ ସୁଧା ଲେପଇ ପରା । ୨୩ ।
ପୁଲକଜାଳକ ରୁହିଁ ଯେ ଆଦ୍ୟା କହିଲା ବେଗେ ।
ଛୁରିତକଠାରୁ ତରୁଣୀ ପୁଷ୍ପାଙ୍କୁର ସର୍ବାଙ୍ଗେ । ୨୪ ।

---

ନୀରଜାକ୍ଷୀ—ପଦ୍ମନେତ୍ରୀ, ସ୍ତବକ—ଧରଣ । କାଦମ୍ବିନୀ ଓ ବାଣୀକା ନାମ ଦୁଇ ସଖୀ ଶଚୀକଳା ସଖୀ ସହିତ ପଦ୍ମନେତ୍ରୀର ଏହି ସ୍ଥିତି ଦେଖି ବିକଳ ହୋଇ ଆଖିରୁ ଲୋତକ ଝରାଇଲେ ଅର୍ଥାତ୍ ଲୁହ ପକାଇଲେ । ୨୦ ।

ଶିରୀଷାଙ୍ଗୀ—ଅତିକୋମଳ ଅଙ୍ଗ ଯାହାର; ପଦ୍ମବାସୀ—ପଦ୍ମପରି ଗନ୍ଧଯୁକ୍ତା ଅର୍ଥାତ୍ ପଦ୍ମଗନ୍ଧା; ପଦ୍ମବନ ବାସିନୀ ଲକ୍ଷ୍ମୀ; ପଙ୍କଜ ଶେଯେ—ପଦ୍ମପତ୍ର ଶେଯକୁ ନେବା, କାମପୀଡ଼ାରେ ପଦ୍ମପତ୍ରରେ ଶୁଆଇବା ପ୍ରାଚୀନ ରୀତି; ପ୍ରଥମା—ପ୍ରଥମ ସଖୀ କାଦମ୍ବିନୀ । ପ୍ରଥମ ସଖୀ କାଦମ୍ବିନୀ ମନରେ ବିଚାରକଲା ଏବଂ ଶ୍ଳେଷ କଥାରେ କହିଲା ଆମର ନାୟିକା ହେଉଛି ଅବନୀଶିରୀ ଅର୍ଥାତ୍ ପୃଥିବୀର ଶୋଭା, ଏଣୁ ଶିରୀଷାଙ୍ଗୀ ଅର୍ଥାତ୍ କୋମଳତନୁ ଯୁକ୍ତା ସ୍ୱଭାବତଃ ପଦ୍ମଗନ୍ଧା, ସୁତରାଂ ପଦ୍ମବନବାସିନୀ ଶିରୀ ଅର୍ଥାତ୍ ଲକ୍ଷ୍ମୀ ଅଟେ । ଏହାକୁ ପଦ୍ମପତ୍ର ଶଯ୍ୟାକୁ ନେଇଯିବା ଉଚିତ । ୨୧ ।

ସ୍ଖଳିତ—ନିଶ୍ଚଳ; ଲୋକିତକରି—ଦେଖି; ଜାନୁବର୍ତ୍ତୁଳା—ବର୍ତ୍ତୁଳ ଜାନୁ ସୁନ୍ଦରୀ, ତୁଲେ—ତୁଳନାରେ, ହେମପିତୁଳା—ସୁନା ପ୍ରତିମା, ତୁଳା—ସମ । ଦ୍ୱିତୀୟ ସଖୀ ବାଣୀକା ନିଶ୍ଚଳ ପଡ଼ିଥିବା ରାଜକନ୍ୟାକୁ ଦେଖି କହିଲା ଏହି ବର୍ତ୍ତୁଳ ଜାନୁ ସୁନ୍ଦରୀର ତୁଳନା ହେଉଛି ସୁନା ପ୍ରତିମା ସହିତ । ଏହା ହେଲା ଉକ୍ତାରର ଭାବ । ୨୨ ।

ଅପରା—ତୃତୀୟ ସଖୀ ଶଚୀକଳା, ବର୍ଣ୍ଣିଲ—ବର୍ଣ୍ଣନା କରଇ, ବିବର୍ଣ୍ଣ—ମ୍ଳାନ, ଶୋଭାସଦନ—ଶୋଭାଗୃହ, ମଦନ—କାମ, ସୁଧା—ଚୂନ । ବୃହୁଁ ବୃହୁଁ ରାଜକନ୍ୟାର କାନ୍ତି ମଳିନ ପଡ଼ିଯିବାରୁ ତୃତୀୟା ସଖୀ ଶଚୀକଳା କହିଲା ଏହି ସୁନ୍ଦରୀ ଶୋଭାର ଗୃହ ହୋଇଥିବାରୁ ମଦନ ସେହି ଘରେ ଚୂନ ଲେପିଦେଲା କି ? ଏହା ବିବର୍ଣ୍ଣିତା । ୨୩ ।

ଆଦ୍ୟା—ଆଦ୍ୟା ସଖୀ କାଦମ୍ବିନୀ, ପୁଲକ ଜାଳକ—ରୋମ ଟାଙ୍କୁରି, ଛୁରିତକ—ଛୁରିଅନା, ସର୍ବାଙ୍ଗେ—ସାରା ଦେହରେ, ପୁଷ୍ପାଙ୍କୁର—ଫୁଲ କଢ଼ । ରାଜକନ୍ୟାର ପୁଲ-

ମଧ୍ୟା କହେ ସତ ଚଞ୍ଚଳ ନଭସ୍ୱତରେ ଥରି ।
ଶୋଭାକର କର ଅଧର ନବପଲ୍ଲବ ପରି । ୨୫ ।
ଅନ୍ୟା ବୋଲେ ଜାତ ବିରହ ଜାତବେଦ ସଙ୍ଗେବେ ।
ଜନେ ପ୍ରଜ୍ୱଳେ ଆର୍ଦ୍ର ଖରୁଁ ଜଳକ ପୂର୍ଣ୍ଣ ତା ଏବେ । ୨୬ ।
ନୋହୁ ନିବାରି ନେତ୍ରବାରି ଉକ୍ତ ପ୍ରଥମା କହେ ।
ନୀଳାବ୍ଜେ ମିଳିତ ମିଳିନ୍ଦ ମକରନ୍ଦ ଉଦ୍‌ଗାରେ । ୨୭ ।
ବଚନ କରନ୍ତେ ରଚନ ଅର୍ଦ୍ଧେ ଦ୍ୱିଣାସ୍ୟା କହେ ।
କଳକଣ୍ଠ କଣ୍ଠ ଭଜନ୍ତି ଶୋକ-ଘନ ପ୍ରକାଶେ । ୨୮ ।

---

ଜରେ ଅଙ୍କୁରିତ ରୋମାବଳୀ ଦେଖି ଆଦ୍ୟ ସଖୀ କାଦମ୍ବିନୀ କହିଲା ଆମର ସଖୀ ଚୁରିଅନା ଗଛ; ଏଣୁ ସାରା ଦେହରେ ଫୁଲ କଢ଼ ଧାରଣ କରିଅଛି । ଏହା ପୁଲକ । ୨୪ ।

ମଧ୍ୟାସଖୀ—ବାଣୀକା, ନଭସ୍ୱତ—ପବନ ଶୋଭାକର—ଶୋଭାଯୁକ୍ତ, କର ଅଧର—ହାତ ଓ ଅଧର, ନବପଲ୍ଲବ—ନୂଆ ପତ୍ର, ଚଞ୍ଚଳ—ଚଞ୍ଚଳ । ମଧ୍ୟାସଖୀ ବାଣୀକା କହିଲା ଏ କଥା ସତ । ଗଛ ଚଞ୍ଚଳ ପବନରେ ଥରିଥାଏ । ଇଏସୁ ମଧ ଥରୁଅଛି । ଏହାର ହାତ ଓ ଓଠ ନୂଆ ପତ୍ର ପରି ରକ୍ତାଭ ଶୋଭାଯୁକ୍ତ ହୋଇଅଛି । ଏହା ହେଲା କମ୍ପ । ୨୫ ।

ଅନ୍ୟା—ଅନ୍ୟ ସଖୀ ସଚୀକଳା, ଜାତବେଦ—ଅଗ୍ନି, ପ୍ରଜ୍ୱଳେ—ପ୍ରଖରଭାବେ ଜଳେ । ସଚୀକଳା କହିଲା ସଖୀର ଶରୀରରେ ବିରହରୂପୀ ଅଗ୍ନି ଜାତ ହୋଇଅଛି । ସେହି ଅଗ୍ନି ପ୍ରଖର ଭାବରେ ଜଳିବାରୁ ସୁନ୍ଦରୀର କାଠ ସଦୃଶ ଦେହ ଓଦାହେତୁ ବର୍ତ୍ତମାନ ଜଳପୂର୍ଣ୍ଣ ଜଣା ପଡ଼ୁଛି—ଓଦା କାଠରେ ନିଆଁ ଲଗିଲେ ତହୁଁ ପାଣି ବାହାରି ସଁ ସଁ ହୋଇଥାଏ । ସେହିପରି ବିରହ ହେତୁ ସୁନ୍ଦରୀ ଦେହରୁ ଝାଳ ବହୁଅଛି । ଏହା ହେଲା ସ୍ୱେଦର ଲକ୍ଷଣ । ୨୬ ।

ନେତ୍ରବାରି—ଲୋତକ, ନିବାରି—ବନ୍ଦ କରି, ପ୍ରଥମା—ପ୍ରଥମ ସଖୀ କାଦମ୍ବିନୀ, ଉକ୍ତ—କହିଲା, ନୀଳାବ୍ଜ—ନୀଳପଦ୍ମ, ମିଳିନ୍ଦ—ଭ୍ରମର, ମକରନ୍ଦ—ମଧୁ । ସୁନ୍ଦରୀର ଆଖିରୁ ଲୁହ ବହିବା ବନ୍ଦ ନ ହେବାରୁ ପୁଣି ପ୍ରଥମା ସଖୀ କାଦମ୍ବିନୀ କହିଲା ନୀଳପଦ୍ମ ଉପରେ ଭ୍ରମର ବସି ମଧୁ ଉଦ୍‌ଗାର କରୁଅଛି କି ? ଏଠାରେ ନେତ୍ର ନୀଳପଦ୍ମ, ତୋରା ଭ୍ରମର ଏବଂ ଲୋତକ ମଧୁ ସହିତ ତୁଳିତ—ଏହା ହେଲା ଅଶ୍ରୁ । ୨୭ ।

ରାଜକନ୍ୟା କଥା କହିବାକୁ ଯାଇ ଗୋଟିଏ ଶବ୍ଦର ଅର୍ଦ୍ଧେ ଉଚ୍ଚାରଣ କରନ୍ତେ ବାଣୀକା ନାମକ ସଖୀ କହିଲା ଏହାର ଶୋକ ମେଘ ପରି ପ୍ରକାଶ ହେବାରୁ ଏହାର କଣ୍ଠ କୋକିଳ ପରି ପଡ଼ି ଯାଇଛି । ବର୍ଷାଦିନେ କୋଇଲିର କଣ୍ଠର ମଧୁରତା ନ ଥାଏ । ଏହା ସ୍ୱରଭଙ୍ଗ । ୨୮ ।

ଜ୍ଞାନବର୍ଜ୍ଜିତ ଦଇବବଶେ ତାହା ଭୃଙ୍ଗାସ୍ୟା ଗୁଣି ।
ଫୁଙ୍କିଲା ଶ୍ରୁତିକି ଡାକିଲା ନାମ୍ନି ଚେତନା ବହି । ୨୯ ।
ଜଗତୀକି ଗଜଗତିକି ଟେକି ସଖୀ ନେବାରେ ।
ଦିଶିଲା ଭଦ୍ରାକ୍ଷୀ ସୁଭଦ୍ରା ରଥ ଦେଉଳ ପ୍ରକାରେ । ୩୦ ।
ଦୁଃଖରେ ପ୍ରକଟ ନିକଟେ ହେବ ସୁଖରେ ପୁଣି ।
ଏଅଷ୍ଟସାତ୍ତ୍ୱିକ ଇଷ୍ଟ ଯେ ଆଜି ହୋଇଲା ଭଣି । ୩୧ ।
ଏକାନ୍ତ କାନ୍ତ ଆଲିଙ୍ଗନସୁଖେ ମଗନ ହୋଇ ।
ଥିବ ପ୍ରାଣବନ୍ଧୁକୁରଙ୍ଗୀ ପରି ତରଙ୍ଗ ନୋହି । ୩୨ ।
ଶ୍ରୀଡ଼ା ପୀଡ଼ା କଲେ ଅଙ୍ଗନା ଅଙ୍ଗ ରଙ୍ଗ ଛୁଇଁବ ।
ସୁପକ୍ୱ ସିନ୍ଦୂରା ରସାଳଫଳ ଲକ୍ଷ୍ୟ ହୋଇବ । ୩୩ ।

---

ଜ୍ଞାନ ବର୍ଜ୍ଜିତ—ଅଚେତ, ଦଇବ ବଶେ—ଦୈବ ଯୋଗୁଁ, ଭୃଙ୍ଗାସ୍ୟା—ଶଚୀକଳା ନାମକ ସଖୀ, ଶ୍ରୁତିକି—କାନକୁ । ଦୈବବଶରୁ ଅଚେତ ହୋଇ ପଡ଼ିବା ଦେଖି ଭୃଙ୍ଗାସ୍ୟା ସଖୀ ଶଚୀକଳା ସୁନ୍ଦରୀର କାନକୁ ଫୁଙ୍କିଲା ଏବଂ ନାମ ଧରି ଡାକିଲା । ଏହାଦ୍ୱାରା ସୁନ୍ଦରୀ ଅଳ୍ପ ଚେତା ପାଇଲା । ଏହା ହେଲା ପ୍ରଳାପ ଦଶା । ୨୯ ।

ଜଗତୀକି—କୋଠା ଉପରକୁ, ଗଜ ଗତିକି—ଗଜ ଗାମିନୀକୁ, ଭଦ୍ରାକ୍ଷୀ—ସୁନେତ୍ରୀ । ସଖୀମାନେ ଗଜଗାମିନୀକୁ କୋଠା ଉପରକୁ ଟେକି ନେଉଥିବେଳେ ସୁନେତ୍ରୀ ସୁଭଦ୍ରାଙ୍କ ରଥକୁ ଦେଉଳପରି ଦେଖାଗଲା । ସୁଭଦ୍ରାଙ୍କୁ ଚଢ଼ି କରି ରଥ ଉପରକୁ ନେଇ-ଆଆନ୍ତି । ୩୦ ।

ଅଷ୍ଟ ସାତ୍ତ୍ୱିକ ଭାବ—ସ୍ତମ୍ଭ, ବୈବର୍ଣ୍ଣ୍ୟ, ରୋମାଞ୍ଚ, କମ୍ପ, ସ୍ୱେଦ, ଅଶ୍ରୁ, ସ୍ୱରଭଙ୍ଗ ଏବଂ ପ୍ରଳୟ—ବିରହ ଅବସ୍ଥାରେ ଅତି କଷ୍ଟ ଦେଇଥାଏ । ଏହାପରେ ନିକଟରେ କାନ୍ତ ସହିତ ମିଳନ ଘଟିଲେ ସୁଖ ପ୍ରକାଶ ପାଇବ । ଏଣୁ ଆଜଠାରୁ ଆମ ସଖୀର କାମନା ସଫଳ ହେଲା ବୋଲି ସଖୀମାନେ କହିଲେ । ୩୧ ।

ତରଙ୍ଗ—ଚଞ୍ଚଳ, କୁରଙ୍ଗୀ—ହରିଣୀ । ଏକାନ୍ତରେ କାନ୍ତର ଆଲିଙ୍ଗନ ଫାନ୍ଦରେ ଆବଦ୍ଧ ହେଲେ ଫାଶରେ ପଡ଼ିବା ହରିଣୀ ପରି ଚଞ୍ଚଳ ନ ହୋଇ ସେହି ଆଲିଙ୍ଗନ ଭାବରେ ମଗ୍ନ ରହିଥିବ । ସ୍ତମ୍ଭ ଅବସ୍ଥା । ୩୨ ।

ଅଙ୍ଗନା—ସ୍ତ୍ରୀ, ରଙ୍ଗ—ନାଲିବର୍ଣ୍ଣ, ସୁପକ୍ୱ—ପାଚିଲା, ସିନ୍ଦୁରା ରସାଳ—ସିନ୍ଦୁରା ଆମ୍ବ । ଭିଡ଼ା ଓଟରର ପୀଡ଼ା ଯୋଗୁଁ ସ୍ତ୍ରୀର ଦେହ ଲଜ୍ଜାରେ ନାଲି ହୋଇ ଉଠିବ ଏବଂ ସେହି ଦେହର ନାଲିମା ଭଲ ପାଚିଲା ସିନ୍ଦୁରା ଆମ୍ବ ପରି ହୋଇଯିବ । ଏହା ବୈବର୍ଣ୍ଣ୍ୟ । ୩୩ ।

ବିନ୍ଦୁ ବିନ୍ଦୁ ଝାଳ ଝରିବ ଇନ୍ଦୁମୁଖରୁ ଶ୍ରମେ ।
ନଳିନେ ଭରି ମୋତିପନ୍ତି ରତି ବାଞ୍ଛିଲା ସମେ । ୩୪ ।
ପ୍ରଖର ନଖର ଶୂଳନେ କଣ୍ଟକ ରୋମାଞ୍ଚ କାୟେ ।
ଯୁବତୀ ହେବ ନୀପଫୁଲେ ପୂଜା ପାର୍ବତୀ ପ୍ରାୟେ । ୩୫ ।
ଉଭ ସିତ୍କାର ଶିକାର ଗାଢ ଚମକୁଥିବ ।
ପ୍ରେମତରଙ୍ଗେ ପଦ୍ମଲତା ରଙ୍ଗେ ଟଳିଲା ଭଳି । ୩୬ ।
ବର ରଜନୀକର କର ହେବ ଚନ୍ଦନରଜ ।
ପତନେ ଜୀବଞ୍ଜୀବ ନେତ୍ର ଦ୍ରବିବ ସହଜ । ୩୭ ।
କେଳିପ୍ରବୀଣା ବୀଣା କାହିଁ ଗୁଣା ହତ ମତରେ ।
ନା ରହିବ ନାହିଁ କହିବ ଯେବେ ଗାଢ଼ରତରେ । ୩୮ ।

---

ଇନ୍ଦୁ ମୁଖରୁ—ଚନ୍ଦ୍ର ମୁହଁରୁ, ଶ୍ରମେ—ଶ୍ରମ ଜନିତ, ରତି—କନ୍ଦର୍ପର ସ୍ତ୍ରୀ, ନଳିନେ—ପଦ୍ମରେ, ମୋତିପନ୍ତି—ମୋତିସମୂହ । ଚନ୍ଦ୍ର ମୁଖରୁ ଶ୍ରମଜନିତ ଝାଳ ବିନ୍ଦୁ ବିନ୍ଦୁ ହୋଇ ଝରିବ । ଏହା ଦେଖିଲେ ମନେହେବ, କାମଦେବର ସ୍ତ୍ରୀ ରତି ପଦ୍ମରେ ମୋତିଗୁଡ଼ିଏ ପୂର୍ତ୍ତି କରି ବାଞ୍ଛିଲା କି ? ଏଠାରେ ଝାଳ ମୋତିପନ୍ତି ସ୍ୱେଦ । ୩୪ ।

ପ୍ରଖର—ତୀକ୍ଷ୍ଣ, କାୟେ—ଶରୀରରେ, ନୀପ ଫୁଲ—କଦମ୍ବ ଫୁଲ । ତୀକ୍ଷ୍ଣ ନଖ ଶୂଳନାରେ ଯୁବତୀର ଶରୀରରେ ରୋମାଞ୍ଚ ଜାତ ହୋଇ କଦମ୍ବ ଫୁଲରେ ପୂଜିତ ହୋଇଥିବା ପାର୍ବତୀଙ୍କ ପରି ଦେଖାଯିବ । ଏହା ହେଲା ରୋମାଞ୍ଚ । ୩୫ ।

ସିତ୍କାର—ସିତ୍କାର ଅର୍ଥାତ୍ କମ୍ପ । ସୁନ୍ଦରୀର ଦେହ କମ୍ପ ବିକାରରେ ପଡ଼ି ଲହରୀରେ ପଦ୍ମଲତା ହଲିଲା ପରି ପ୍ରେମ ତରଙ୍ଗରେ ନାନା ଭଙ୍ଗରେ ଚମକୁଥିବ । ଏହା ହେଉଛି କମ୍ପ । ୩୬ ।

ବର—ସ୍ୱାମୀ, ରଜନୀକର—ଚନ୍ଦ୍ର, ଚନ୍ଦନ ରଜ—କର୍ପୂର ଧୂଳି, କର—କିରଣ, ଜୀବଞ୍ଜୀବ—ଚକୋର । ସୁନ୍ଦରୀର ବର ଚନ୍ଦ୍ରପରି ଏବଂ କର୍ପୂର ଧୂଳି କିରଣ ପରି । ସେହି କିରଣ ପଡ଼ିବାରେ ଆଖି ଚକୋର ପକ୍ଷୀ ପରି ସହଜରେ ତରଳିଯିବ । ଏହା ଅଶ୍ରୁ । ୩୭ ।

କେଳି ପ୍ରବୀଣା—କାମ କୌତୁକ ନିପୁଣା, ଗୁଣା—ବୀଣା ତାର, ହତ ମତରେ—ତାର ଛିଣ୍ଡିଗଲା ପରି, ଗାଢ଼ ରତ—ଅଧିକ ସୁରତରେ, ନାହିଁ କହିବ—କେବେ କେବଳ ନା ଅକ୍ଷରଟି ରହିବ । ବୀଣା ବଜାଉ ବଜାଉ ତାର ଛିଣ୍ଡିଗଲା ଭଳି ଏହି ରତିନିପୁଣା ରମଣୀର ପ୍ରେମରେ ବୁଡ଼ି ରହି ନାହିଁ ନାହିଁ କହିବାକୁ ଗଲେ କେବଳ ନା ନା ଅକ୍ଷର ଉଚ୍ଚାରଣ କରିବ । ଏହା ସ୍ୱରଭଙ୍ଗ । ୩୮ ।

ଲଳନା ଚନ୍ଦ୍ରମାଗୃଳନାବଶେ ଜ୍ଞାନ ହାରିବ ।
ହେବତ ଏ ବାଣୀ ତେଜମାଙ୍କୁ ଶୁଭସୂଚକ ଭାବ । ୩୯ ।
ଏକାଳେ ଯେ ବନଭୂ ବନମାର୍ଗେ କୌଶିକାସ୍ନାନେ ।
ମନ୍ତ୍ରୀମନୋହାରୀ ଭିଷକନାରୀ ଧୀର ଗମନେ । ୪୦ ।
ଗୁରୁ ସମ୍ପୁଟକ ଛଟକେ ବେଳ ଅବଟ ଦିଶେ ।
ଧାଡ଼ି ଏକଦଳ ପଲାଶ ପାକଶାକ ସଦୃଶେ । ୪୧ ।
ପର୍ଣ୍ଣପୁଟକେ ପୂର୍ଣ୍ଣ ହୋଇଅଛି ଅର୍ଣ୍ଣ ସହିତେ ।
ଅପୂର୍ବେ ଦେଖିଲେ ନୟନେ ନବପଲ୍ଲବ ଶୋଭେ । ୪୨ ।
ଭଳିଲା ସଚିବା ପୁଚ୍ଛିଲା ବୈଦ୍ୟବାମାକୁ ଏକା ।
କେଉଁ ଭାଗ୍ୟ ଲଭିଅଛି ସେହି କହିଲା ତର୍କି । ୪୩ ।
ଆନ ନ ଘେନ ଏ ଆନନ ମାଡ଼ ଦୁଃଖଶୟନା ।
ଭଲ କୁଞ୍ଜରେ ଏ ସୁମଞ୍ଜୁ ହଞ୍ଚା ରହିଛି ଗିନା । ୪୪ ।

---

ଲଳନା—କାମିନୀ, ଚନ୍ଦ୍ର ଗୃଳନା—ତଥି ଲେଉଟରେ ଶରୀରର ବିଶେଷ ବିଶେଷ ଅଙ୍ଗଗୃଳନା ହେଲେ କାମ ଉନ୍ମାଦନା ବଢ଼ିଥାଏ । ଏହି ରାଜକନ୍ୟା ପୁରୁଷ ଚନ୍ଦ୍ରଗୃଳନା କଲେ ଜ୍ଞାନ ହରାଇବ । ସଖୀମାନଙ୍କର ଏହି କଥା ଜେମାଙ୍କୁ ଶୁଭସୂଚକ ଭାବରେ ହେତକ ହେଲା । ୩୯ ।

ବନଭୂ - ବନଭୂମି, ବନମାର୍ଗେ—ବଣବାଟେ, କୌଶିକାସ୍ନାନେ—କୌଶିକା ନଦୀରେ ସ୍ନାନ ନିମିତ୍ତ, ମନ୍ତ୍ରୀ ମନୋହାରୀ—ମନ୍ତ୍ରୀଙ୍କ ସ୍ତ୍ରୀ, ଭିଷକ ନାରୀ—ବୈଦ୍ୟ ସ୍ତ୍ରୀ । ଏହି ସମୟରେ ସେହି ବଣଭୂମିର ବାଟ ଦେଇ ମନ୍ତ୍ରୀ ଓ ବୈଦ୍ୟଙ୍କର ସ୍ତ୍ରୀମାନେ କୌଶିକା ନଦୀରେ ଗାଧୋଇବା ପାଇଁ ଧୀରେ ଧୀରେ ଯାଉଥିଲେ । ୪୦ ।

ଗୁରୁ—ସୁନ୍ଦର, ସମ୍ପୁଟକ—ଫରୁଆ, ବେଳ—ଦୁଇ, ଅବଟ—ଗର୍ତ୍ତ, ଧାଡ଼ି ଏକ—ଏକ ଧାଡ଼ି, ଦଳ—ପତ୍ରପତ୍ର, ପାକଶାକ—ପାକ ହୋଇଥିବା ଶାଗ । ସୁନ୍ଦର ଫରୁଆ ଛଟାରେ ଦୁଇଗୋଟି ଗର୍ତ୍ତ ଦିଶୁଅଛି । ସତେ ଯେପରି ଧାଡ଼ିଟାଏ ପାକ ହୋଇଥିବା ଶାଗ ପତ୍ର ଦଳା ଚକଟା ପତ୍ର ପଡ଼ି ରହିଛି । ୪୧ ।

ପର୍ଣ୍ଣ ପୁଟକେ—ଦୁଇଟି ପତ୍ରରେ, ଅର୍ଣ୍ଣ—ଜଳ, ଅପୂର୍ବେ—ବାଟରେ, ନବ ପଲ୍ଲବ—ନୂଆ ପତ୍ର । ସେମାନେ ଦେଖିଲେ ଦୁଇଟି ପତ୍ର ଜଳପୂର୍ଣ୍ଣ ହୋଇଅଛି । ବାଟରେ ସେମାନେ ନୂଆ ପତ୍ରର ବିଛଣାଟିଏ ମଧ୍ୟ ଆଖିରେ ଦେଖିଲେ । ୪୨ ।

ସଚିବା—ମନ୍ତ୍ରୀ ସ୍ତ୍ରୀ, ବୈଦ୍ୟ ବାମା—ବଇଦ ସ୍ତ୍ରୀ । ମନ୍ତ୍ରୀ ସ୍ତ୍ରୀ ବୈଦ୍ୟ ସ୍ତ୍ରୀକୁ ଏହା କଅଣ ବୋଲି ପଚାରିବାକୁ ଇଚ୍ଛା କରି ପଚାରିଲା । ବୈଦ୍ୟ ସ୍ତ୍ରୀ ବିଚାର କରି କହିଲା ଏଠାରେ କୌଣସି ବିରହୀ ରହିଅଛି । ୪୩ ।

ଆନ—ଅନ୍ୟ, ଆନନ—ମୁହଁ, ଦୁଃଖ ଶୟନା—ଦୁଃଖରେ ଶୋଇଥିଲା, ସୁମଞ୍ଜୁ—ସୁନ୍ଦର, ସଞ୍ଚା—ଚନ୍ଦ୍ର । ମୋ କଥାକୁ ଅନ୍ୟ କିଛି ମନେ କରନାହିଁ । ସେ ବିରହିଣୀ ଏଠାରେ

ନବସପତବୟସୀର ଅତି ତପତ ଗାତ୍ର ।
ଯେତେକ ଛୁଇଁଛି ତେତେକ ଶୁଖି ଯାଉଛି ମାତ୍ର । ୪୫ ।
ଅବଳା ସେ ଶୋକପ୍ରବଳା ହୋଇ ଲୋଚନ ଜାତ ।
ଛଦନଯୁଗଳେ ସଦନ କରି ଅଛଇଁ ସତ । ୪୬ ।
ମୃଣାଳ ଶୈବାଳ ପତନ ତାହା କବଳ ଆଶେ ।
ଚକ୍ରାଙ୍ଗ ଚକ୍ରବାକଚକ୍ର ମିଳେ ଏ ଶଯ୍ୟା ପାଶେ । ୪୭ ।
ଦେଖ ଫୁଟି ଫାଟି ପଡୁଛି ମୋତିହାରହିଁ ଭୁଟି ।
ତଣ୍ଡୁଳବତ ପାଗବତ ସେନ ଠୂକନ୍ତି ଖୋଟି । ୪୮ ।
ରମଣୀ ଛୁନ୍ନମାନା ମଣି ଛୁଡ଼ ନାହିଁକ ତାତ ।
ଭକ୍ଷଣେ କ୍ଷଣେକ୍ଷଣେ ଧରେ ତାହା ଚକୋରପନ୍ତ । ୪୯ ।
ସରୋଜନୀ ସ୍ନେହମଣ୍ଡିନୀ ନେଇ ରଜନୀ ଦବା ।
ବରବ୍ରଣୀ ଜଗନ୍ମୋହିନୀ ଆମ୍ଭ ନୃପଜା ପ୍ରବା । ୫୦ ।

---

ଦୁଃଖରେ ମୁହଁମାଡ଼ି ଶୋଇଥିଲା ବୋଲି ତାହାର ହୃଦ ଭୂତଳ ସୁନ୍ଦର ଛାଞ୍ଚ ବା ଗଣ୍ଡିଦ୍ୱୟ ଏଠି ରହିଅଛି । ୪୪ ।

ନବ ସପତ—୧୬ ବର୍ଷୀୟା, ଗାତ୍ର—ଦେହ । ସେହି ୧୬ ବର୍ଷୀୟା ତରୁଣୀର ଦେହ ଅତି ତପ୍ତ ଥିଲା । ଏଣୁ ସେ ପତ୍ରର ଯେଉଁ ଅଂଶ ତାହା ଦେହ ସ୍ପର୍ଶରେ ଆସିଛି ସେତକ ମାତ୍ର ଶୁଖି ଯାଇଅଛି । ୪୫ ।

ସେହି ଅବଳା ପ୍ରବଳ ଶୋକରେ ଅଶ୍ରୁ ବୁହାଇଅଛି । ଏଣୁ ଛଦନଯୁଗଳେ ଅର୍ଥାତ୍ ପତ୍ର ଦୁଇଟିରେ ସେହି ଲୋତକ ସଦନ ଅର୍ଥାତ୍ ଘର କରି ରହିଅଛି । ୪୬ ।

ମୃଣାଳ—ପଦ୍ମନାଡ଼, ଶୈବାଳ—ଶିଉଳ, ପତନ—ପଡ଼ିଥିବାରୁ, କବଳ—ଗ୍ରାସ, ଚକ୍ରାଙ୍ଗ—ହଂସ, ଚକ୍ରବାକ—ଚକୁଆ ଚକୋଇ, ଚକ୍ର—ସମୂହ । ପଦ୍ମନାଡ଼ ଓ ଶିଉଳ ଶେଯରେ ପଡ଼ିଥିବାରୁ ତାକୁ ଖାଇବା ପାଇଁ ହଂସ ଏବଂ ଚକୁଆ ଚକୋଇ ସବୁ ଶଯ୍ୟା ପାଖରେ ପହଞ୍ଚିଲେ । ୪୭ ।

ଭୁଟି—ଛୁଣ୍ଡି ତଣ୍ଡୁଳବତ—ଗୁହଳ ପରି, ଖୋଟି—ଥଣ୍ଟ, ଠୂକନ୍ତି—ଖୁମ୍ପନ୍ତି । ଉତ୍ତାପରେ ଫୁଟି ଫାଟିଲା ପରି ବରବର୍ଣ୍ଣୀର ଅଙ୍ଗ ତାପରେ ମୋତିହାର ଛୁଣ୍ଡି ପଡ଼ୁଛି । ତାକୁ ଗୁହଳକଣା ମନେକରି ପାଗ୍ରମାନେ ଅଣ୍ଟରେ ଖୁମ୍ପୁଅଛନ୍ତି । ୪୮ ।

ରମଣୀର ଛୁଣ୍ଡି ଯାଇଥିବା ହାରରେ ଲାଗିଥିବା ମୋତିମାନଙ୍କରୁ ତ ତ ଛୁଡ଼ନାହିଁ । ତେଣୁ ତାକୁ ଚକୋରମାନେ ଅଗ୍ନି କଣ ବୋଲି ଭାବି ଖାଇବା ପାଇଁ ଥରକୁ ଥର ଅଣ୍ଟରେ ଧରୁଛନ୍ତି । ୪୯ ।

ସରୋଜନୀ—ପଦ୍ମିନୀ ସ୍ନେହମଣ୍ଡିନୀ—ଅନୁରାଗିଣୀ, ଜଗନ୍ମୋହିନୀ ଜଗତକୁ ମୁଗ୍ଧକାରୀ, ନୃପଜା—ରାଜକନ୍ୟା । ଯେଉଁ ପଦ୍ମିନୀ ପୁରୁଷ ପ୍ରତି ଅନୁରାଗିଣୀ ହେଉ

ଧାତ୍ରି ଉପାଧ୍ୟାୟୀ ସଚିବା ପେଷେ କେମାର ପାଶେ ।
ସେ ଯାଇଁ ଶେଯାଉଥିଲେ ଯେ ସଖୀ ଶଯ୍ୟା ପଲଙ୍କେ । ୫୧ ।
ଜାତଭେ ସତ୍ୱରେ ରୁଚିରଚୀରେ ସେ ଆଚ୍ଛାଦନ ।
ତନୂଦରୀ ତନୁପାଣ୍ଡୁର ଗୁପ୍ତେ ଲିପି ଚନ୍ଦନ । ୫୨ ।
ଚପୁଳ ପୁଲକ ଶଙ୍କାରେ ଗଣ୍ଡେ ମକରୀ କରି ।
ସ୍ଥୂଳ ବ୍ୟଜନ ପ୍ରଭଞ୍ଜନବଶେ ସ୍ୱେଦ ନିବାରି । ୫୩ ।
ସେ ଦେଖି କହେ ଜାଣିଲି ଆଣିଲି ମାନସ ।
ଏ ମଗଧେଶ୍ୱର କୁମାର ଦେଖି ମାରେ ଅବଶ । ୫୪ ।
ସୁରତର ପଣ୍ଡି ଏ ଗତି ତାର କି ଗତି ଥିବ ।
ଦୁର୍ଲ୍ଲଭ ବାଳା ଜତିପ୍ରାପ୍ତି ଯଥା ମୁକତି ଭାବ । ୫୫ ।

---

ଧାରଣୀ ହୋଇ ରାତି ଦିନ ବିତାଇଥାଏ, ସେ କଅଣ ଆମ ରାଜାଙ୍କର ଜଗତମୋହିନୀ କେମା କି ? ୫୦ ।

ଧାତ୍ରୀ—ନୃପର ଜଣ, ସଚିବା—ମନ୍ତ୍ରୀଙ୍କ ସ୍ତ୍ରୀ, ଉପାଧ୍ୟାୟୀ—ଅଧ୍ୟାପିକା । ନୃପର ଜଣ ମନ୍ତ୍ରୀଙ୍କ ସ୍ତ୍ରୀ ଅଧ୍ୟାପକଙ୍କର ସ୍ତ୍ରୀଙ୍କୁ କେମା ପାଖକୁ ପଠାଇଲେ । ଉପାଧ୍ୟାୟୀ ଗଲାବେଳକୁ ସଖୀମାନେ ପଲଙ୍କ ପରେ ଶଯ୍ୟା ସଜାଉଥିଲେ । ୫୧ ।

ଜାତଭେ—ଭୟରେ, ସତ୍ୱରେ—ଶୀଘ୍ର, ରୁଚିର—ମନୋହର, ଚୀରେ—ବସ୍ତ୍ରରେ, ସେ—ଶଯ୍ୟାକୁ, ତନୂଦରୀ—କ୍ଷୀଣକଟି, ତନୁ—ଦେହ, ପାଣ୍ଡୁର—ମଳିନ ବର୍ଣ୍ଣ, ଗୁପ୍ତେ—ଗୋପନ କରିବାକୁ । ଉପାଧ୍ୟାୟୀଙ୍କୁ ଦେଖି ଭୟରେ ସଖୀମାନେ ଶୀଘ୍ର ମନୋହର ବସ୍ତ୍ରରେ ସେହି ଶଯ୍ୟାକୁ ଘୋଡାଇ ପକାଇଲେ । ସେହି କ୍ଷୀଣକଟି ସୁନ୍ଦରୀର ବର୍ଣ୍ଣ ପାଣ୍ଡୁରତା ଗୁପ୍ତ କରିବା କାରଣ ଚନ୍ଦନ ବୋଳିଦେଲେ । ୫୨ ।

ଚପୁଳ—ବେଶୀ, ପୁଲକ—ରୋମାଞ୍ଚ, ମକରୀ—ଗଣ୍ଡରେ ମକରୀ ଚିତ୍ର, ବ୍ୟଜନ—ବିଞ୍ଚଣା, ପ୍ରଭଞ୍ଜନ—ପ୍ରବଳ ପବନ । କେମାର ଅଧିକ ରୋମାଞ୍ଚ ଘୋଡାଇବା ପାଇଁ ତା ଗଣ୍ଡରେ ମକରୀ ଚିତ୍ର କଲେ ଏବଂ ଜୋର କରି ପଙ୍ଖା ହଲାଇ ପବନ କରି ଝାଳ ବନ୍ଦ କରାଇଲେ । ୫୩ ।

ଉପାଧ୍ୟାୟୀ ଏହା ଦେଖି କହିଲା, ମୁଁ ଜାଣି ପାରିଲି । ଏହି ସୁନ୍ଦରୀ ମଗଧ ଅଧିପତିଙ୍କ ପୁତ୍ରକୁ ଦେଖି କାମ ତାପରେ ଅନାସ୍ୱସ୍ଥ ହୋଇଅଛି । ଏହା ମୁଁ ବିଚାର କରୁଅଛି । ୫୪ ।

ସୁରତର—ସୁନ୍ଦର ରାଜକୁମାର, ଗତି—ଦଶା, ଜତି—ସାନ୍ନିଧ୍ୟ । ଏହି ସୁନ୍ଦର ରାଜକନ୍ୟାର ଦଶା ଯେତେବେଳେ ଏପରି; ସେତେବେଳେ ସେହି ସୁନ୍ଦର ରାଜପୁତ୍ରର କିପରି ଅବସ୍ଥା ହୋଇଥିବ, ମନରେ ବିଚାର କର । ଲୋକେ ଯେପରି ମୁକ୍ତି ପାଇବାକୁ ବାଞ୍ଛା କରନ୍ତି ସେହିପରି ଏହି ଦୁର୍ଲଭ ରାଜକନ୍ୟାର ସାନ୍ନିଧ୍ୟ ପ୍ରାପ୍ତିକୁ ରାଜପୁତ୍ର ବାଞ୍ଛା କରୁଥିବ । ୫୫ ।

ବସ୍ତ୍ରସ ଅନୁରୂସ ଜନ କହେ ବନସ୍ଥମତେ ।
ମତ୍ତେଭ ଗମନା କାମନା ପୂର୍ଣ୍ଣ ହେବ କେମନ୍ତେ । ୫୬ ।
ସେ ଉତ୍ତର କଲ କାତର ଶାର ଅଭରସାରୁ ।
ନ ଭଜବ ବା ବନ୍ଧୁଜୀବ-ବନ୍ଧୁ ଅଧର ଖାରୁ । ୫୭ ।
କି ଅବା ତା ଚିତ୍ତ ଆବେଶେ ଦେଖା ସଂବେଶେ ହୋଇ ।
ଚର ପ୍ରଚର ଏ ଚତ୍ପରବଣ୍ଡୁ କର ସେ ନାହିଁ । ୫୮ ।
ଆମ୍ଭେ କଟବା ଉଦ୍‌ଯୋଗ ଯୋଗଭଙ୍ଗିମା କାଟେଁ ।
ଯାଇ ଉପୁଜାଇ ସ୍ନେହକୁ ବକ୍ରବଚନ ବ୍ୟାଜେ । ୫୯ ।
ଉଠ୍ କହେ ସଖୀନିକର କର ଧରିଣ ବେଗେ ।
ଆଜନ୍ମସୁଖୀ କଥା ଆଜଠାରୁ ତୁମ୍ଭଙ୍କୁ ଲାଗେ । ୬୦ ।
କାହିଁକି ନୋହିବ କହି ସେ ଗଲେ ମନ୍ତ୍ରୀ ମନ୍ଦିରେ ।
ତା ବଲ୍ଲଭା ଲଭି ଏ ବାର୍ତ୍ତା କହେ କାନ୍ତ ଆଗରେ । ୬୧ ।

---

ମତ୍ତେଭ = ମତ୍ତ‌ଇଭ ଗମନା—ଗଜଗମନା । କେମାର ସଖୀ ଜଣ ଜଣ ବସ୍ତ୍ର ଭଣ ବନସ୍ଥରେ କହିଲେ ଏହି ଗଜଗମନାର କାମନା କିପରି ପୂରଣ ହେବ ? ୫୬ ।

ବନ୍ଧୁଜୀବ—ବଧୁଲି ଫୁଲ, ବନ୍ଧୁ ଅଧର—ବନ୍ଧୁଓଷ୍ଠୀ, ଖାରୁ—ନାରଣ୍ଡ, ଅଭରସାରୁ—ଭରସା କିଷ୍ଣନରୁ । ସେ ଉତ୍ତର କଲ ବନ୍ଧୁଧର ନାରଣ୍ଡ ତା ପ୍ରତି ଆସକ୍ତ ହେବାର ଭରସା ନ ପାଇ ସେ ଅତି କାତର ହୋଇଅଛୁ । ୫୭ ।

ସଂବେଶେ—ସ୍ୱପ୍ନରେ, ଆବେଶ—ପହଞ୍ଚି, ଚର—ଦୂତ, ପ୍ରଚର—ପ୍ରେରଣ । ବୋଧହୁଏ ସ୍ୱପ୍ନରେ ଯାହାଠାରେ ତାହାର ମନ ଆକୃଷ୍ଟ ହୋଇଅଛୁ ଓ ଦେଖା ପାଇଛୁ । ଏଣୁ ସୁନ୍ଦରୀର ପରିଚୟ ଜାଣିବାକୁ ଦୂତ ପଠାଇ ନାହିଁ । ଅର୍ଥାତ୍ କେଉଁ ସୁନ୍ଦର ତାକୁ ସ୍ୱପ୍ନରେ ଦେଖାଦେଇଛୁ ଏହା ସ୍ଥିର କରି ନ ପାରି ଦୂତ ପଠାଇ ନାହିଁ । ୫୮ ।

ଯୋଗ ଭଙ୍ଗିମା—ସିଏ ଯୋଗୀଙ୍କର ଯୋଗ ଭାଙ୍ଗିପାରେ, ବ୍ୟାଜ—କପଟ, ବକ୍ରବଚନ—ଆଶ୍ଳେଷ କଥାରେ । ଆମ୍ଭେମାନେ ଏହି ଯୋଗଭଙ୍ଗିମା ସୁନ୍ଦରୀର କାମ ପାଇଁ ଚେଷ୍ଟା କରିବା । ସେଠାକୁ ଯାଇ ଶ୍ଳେଷ କଥା ଛଳରେ ସ୍ନେହଭାବ ଜନ୍ମାଇବା । ୫୯ ।

ଉଠ୍—ଉଠନ୍ତୁ, ସଖୀନିକର—ସଖୀସମୂହ । ଏତକ କହି ଉପାଧ୍ୟାୟୀ ଯିବାକୁ ବାହାରନ୍ତେ ସଖୀମାନେ ଶୀଘ୍ର ତାଙ୍କ ହାତ ଧରି କହିଲେ, ଜନ୍ମରୁ ସୁଖୀ ଆମ୍ଭ ସଖୀର କଥା ଆଜଠାରୁ ତୁମ୍ଭଙ୍କୁ ଲାଗିଲା । ୬୦ ।

କାହିଁକି ନ ହେବ ? ଏତକ କହି ଉପାଧ୍ୟାୟୀ ମନ୍ତ୍ରୀଙ୍କ ଘରକୁ ଗଲେ । ମନ୍ତ୍ରୀଙ୍କ ବଲ୍ଲଭା ଅର୍ଥାତ୍ ସ୍ତ୍ରୀ ଏହି ଖବର ପାଇ ନିଜ ସ୍ୱାମୀ ଆଗରେ କହିଲେ । ୬୧ ।

ଭାବେ ସ୍ୱପନରେ ଲପନ ଦେଖିଥିବ କାହାର ।
ବିମ୍ବାଧରୀ ତନ୍ୱୀ ଅଙ୍ଗ କରି ବିରହଭର । ୭୨ ।
କିରୂପ ନିରୂପଣ କରି ବଶ ହୋଇଛି ଯେହୁ ।
ଜାଣିମା ଆଣି ନା ବ୍ରହ୍ମାଣ୍ଡ ଏକ ପଟେ ଲେଖାଇ । ୭୩ ।
ବିଶ୍ୱକର୍ମା ଚିତ୍ରକାର ଥିଲା ଡକାଇ କହି ।
ସ୍ୱରୂପ ବିଧାନେ ବିଧାତା ଗଲା ସେ ପଟ ଲିହି । ୭୪ ।
ଲକ୍ଷଣଯୁକ୍ତ ପଦ ଚିନ୍ତି ଉପଇନ୍ଦ୍ରର କୃତ ।
ଲକ୍ଷ୍ମଣସହିତ ସାହିତ୍ୟ ଏହି ଚିତ୍ତ ମୋହିତ । ୭୫ ।

---

## ଊନବିଂଶ ଛାନ୍ଦ

### ରାଗ—ମାଳବ

ଶୁଣ ହେ କଳ୍ପକଜନେ ଏ ଚରିତ ରସି ।
ମନ୍ତ୍ରୀ ପୁରୋହିତ ବୈଦ୍ୟ ଜନେ ଛାମୁ ବସି । ୧ ।
ଚିତ୍ରକାର ଆଣି ଦେଖାଇଲା ପଟ ଫେଇ ।
ଆଶ୍ଚର୍ଯ୍ୟ ସେ ତିନି ଲୋକ ପଟକୁ ଅନାଇ । ୨ ।

---

ଲପନ—ମୁଖ, ବିରହଭର—ଅତି ବିରହିଣୀ । ମନ୍ତ୍ରୀ ଭାବିଲେ ବିମ୍ବାଧରୀ ରାଜ-କନ୍ୟା ସ୍ୱପ୍ନରେ କାହାର ମୁହଁ ଦେଖିଅଛି ଏବଂ ସେହି ସ୍ୱପ୍ନମୂର୍ତ୍ତିକୁ ଠିକ୍ କରି ଅତ୍ୟନ୍ତ ବିରହିଣୀ ହୋଇଅଛି । ୭୨ ।

କେଉଁ ରୂପ ସ୍ଥିର କରି ରାଜକନ୍ୟା ବଶ ହୋଇଛି ଏହା ଜାଣିବାପାଇଁ ବ୍ରହ୍ମାଣ୍ଡ-ଯାକର ରୂପବନ୍ତ ଚିତ୍ର ଖଣ୍ଡିଏ ପଟରେ ଲେଖାଇ ଆଣିବା । ୭୩ ।

ସ୍ୱରୂପ—ଅନୁରୂପ, ବିଧାନେ—ଚିତ୍ର କରିବା ବିଷୟରେ । ଅନୁରୂପ ଆକୃତି ଚିତ୍ର କରିବା ପାଇଁ ବିଧାତା ପରି ଯେଉଁ ବିଚକ୍ଷଣ ଚିତ୍ରକାର ଥିଲା ତାକୁ ଡକାଇ ମନ୍ତ୍ରୀ ଚିତ୍ର କରିବାକୁ କହନ୍ତେ ସେ ଗଲା । ୭୪ ।

ଲକ୍ଷ୍ମଣ ସହିତ ରାମଚନ୍ଦ୍ରଙ୍କର ଅଷ୍ଟାଦଶ ଲକ୍ଷଣଯୁକ୍ତ ପଦକୁ ଚିନ୍ତି ଏହି ମନମୋହନ-କାରୀ ସାହିତ୍ୟ ଉପେନ୍ଦ୍ରଭଞ୍ଜ ରଚନା କଲେ । ୭୫ ।

—○—

କଳ୍ପକ—କଳନା କରି ଜାଣିବା, ରସି—ଆଗ୍ରହୀ । ହେ କଳନା ବିଳାସୀ ଲୋକ ଏହି ଚରିତରେ ଆଗ୍ରହୀ ହୋଇ ଶୁଣ । ମନ୍ତ୍ରୀ ପୁରୋହିତ ଓ ବୈଦ୍ୟ ଜନେ ବସିଥାନ୍ତି । ୧ ।

ଚିତ୍ରକାର ଆଣି ଫିଟାଇ ପଟ ଦେଖାଇଲା । ସେ ତିନିଜଣଯାକ ଚିତ୍ରପଟକୁ ଦେଖି ଆଶ୍ଚର୍ଯ୍ୟ ହେଲେ । ୨ ।

ଲେଖା ଲେଖାବଳୀ ଶୁଦ୍ଧ ସୁଧର୍ମା ସଭାରେ ।
ଖୋଜି ନ ଦେଖିଲେ ତହିଁ ପ୍ରଧାନ ସୁନ୍ଦରେ ।୩।
ବଳିସଦ୍ମ ପଡ଼ି ବହୁଡ଼ିଲା ବେଗେ ନେତ୍ର ।
ସର୍ପ ଅସୁର ସ୍ୱଭାବେ ଅନାଦର ପାତ୍ର ।୪।
ଧରାରେ ହୋଇଲା ପୁଷ୍ପପୁର ନେତ୍ରକାରା ।
ସ୍ୱର୍ଗେ ନଥିବା ସୁନ୍ଦର ପଡ଼ିବାରୁ ଧରା ।୫।
ପୁନଃପୁନଃ ଚାହୁଁ ମନ୍ତ୍ରୀ ପୁରୋହିତ ତର୍କି ।
ବୋଲେ କାମନା ଯହିଁ କଏ ଯୋଗ୍ୟ ତହିଁକି ।୬।
ରହିବାକୁ ଅମୃତ ଚନ୍ଦ୍ରମା ସିନା ସ୍ଥାନ ।
ବୈଦ୍ୟୋକ୍ତି ଯେ ଯହିଁ ରସେ ସେହି ସେ ପ୍ରଧାନ ।୭।
ଉମା ସ୍ୱସା ବିଷ୍ଣୁପଦ ଶିବ ଶିରସ୍ଥାୟୀ ।
ଦେଖ ଗଙ୍ଗା ଲବଣ ସାଗରେ ସଙ୍ଗ ପାଇ ।୮।
ପରମପାବନୀ ତୀର୍ଥମାନ ଯେତେ ଥିଲେ ।
ଗୃହକ ଚନ୍ଦ୍ର ରସିତ ଯେନ ଘନଜଳେ ।୯।

---

ଲେଖାବଳୀ—ଦେବତାମାନେ, ଶୁଦ୍ଧ—ପବିତ୍ର, ସୁଧର୍ମାସଭା—ଦେବସଭା । ଚିତ୍ରପଟରେ ଅଙ୍କିତ ପ୍ରଧାନ ସୁନ୍ଦର ପୁରୁଷଙ୍କୁ ଦେବତାମାନଙ୍କ ପବିତ୍ର ସଭାରେ ମଧ୍ୟ ପାଇଲେ ନାହିଁ ।୩।

ବଳୀସଦ୍ମ—ପାତାଳପୁର, ଅସର୍ପ—ରାକ୍ଷସ । ପାତାଳପୁରରେ ଆଖି ବୁଲାଇ ଆଖି ଫେରି ଆସିଲା । କାରଣ ପାତାଳରେ ଥାଆନ୍ତି ସାପ ଆଉ ଅସର୍ପ ଅର୍ଥାତ୍ ରାକ୍ଷସ । ଏଣୁ ସେଠାରେ ସୁନ୍ଦର ତାଙ୍କୁ ମିଳନ୍ତା ।୪।

ଧରଣୀରେ ପୁଷ୍ପପୁର ନାମକ ନଗର ନେତ୍ରକୁ ଅଟକାଇଲା । କାରଣ ସ୍ୱର୍ଗରେ ନ ଥିବା ସୁନ୍ଦର ସେଠାରେ ଦେଖାଯିବାରୁ ଆଖି ସେହିଠାରେ ଲାଗି ରହିଲା ।୫।

ମନ୍ତ୍ରୀ ସେହି ଚିତ୍ରକୁ ବାରମ୍ବାର ଅନାଇବାରୁ ପୁରୋହିତ ତର୍କି ଅର୍ଥାତ ବିଚାର କରି କହିଲେ ଯାହାକୁ କାମନା କରୁଅଛୁଁ, ଏହି ଚିତ୍ର ସେହି ଯୋଗ୍ୟ ପୁରୁଷର ଅଟେ ।୬।

ଅମୃତ ରହିବାର ସ୍ଥାନ ଏକମାତ୍ର ଚନ୍ଦ୍ରମା । ଏହା ଶୁଣି ବୈଦ୍ୟ କହିଲେ ଯିଏ ଯାହାପ୍ରତି ଅନୁରକ୍ତ ସେହି ତାହାର ପ୍ରଧାନ ଅଟେ ।୭।

ଉମାସ୍ୱସା—ଉମାଙ୍କ ଭଗ୍ନୀ ଅର୍ଥାତ୍ ଗଙ୍ଗା, ଶିବଶିର ସ୍ଥାୟୀ—ମହାଦେବଙ୍କ ମସ୍ତକରେ ସବୁବେଳେ ରହି । ଦେଖ, ଗଙ୍ଗା ବିଷ୍ଣୁପଦ ଓ ଶିବଙ୍କ ମସ୍ତକରେ ବାସ କଲେହେଁ ଶେଷକୁ ଲବଣ ସମୁଦ୍ରର ସଙ୍ଗ ପାଇଲା ।୮।

ପରମ ପାବନୀ—ଅତି ପବିତ୍ରକାରୀ, ଯେନ—ବସୁର କର, ଘନଜଳେ—ମେଘ ପାଣିରେ । ବସୁର କର, ପୃଥିବୀରେ ଅତି ପବିତ୍ର ତୀର୍ଥଜଳ ଥିଲେ ମଧ୍ୟ ଗୃହକର ମନ

ବିପ୍ର ବୋଲେ ଜଳ ଜଡ଼ ସବର୍ଣ୍ଣିତୁ ଅଛୁ ।
ବିବେକଶୂନ୍ୟରେ ପଶୁ ପକ୍ଷୀ ସମେ ଲକ୍ଷି । ୧୦ ।
ଯେ ଉତ୍ତମ-ଉତ୍ତମାଙ୍ଗ-ଭୂଷଣ ରତନ ।
ଦୁର୍ଲ୍ଲଭ ବଲ୍ଲଭେ ସିନା ଅର୍ପିବି ମନ । ୧୧ ।
ନାରଦ ପର୍ବତ ତାତ ବର କରିଥିଲେ ।
ଇଳାକନ୍ୟା ବିଷ୍ଣୁ ଦରଶନେ ମାଳା ଦେଲେ । ୧୨ ।
ବୈଦ୍ୟ ଶ୍ଳେଷେ ସାଧ୍ୱୀ ଯାହା ଯେଣୁ ବିରହିଣୀ ।
ବାଣିଜ୍ୟ କରିବ ସେହି ସ୍ୱପ୍ନଧନ ଘେନି । ୧୩ ।
ଗନ୍ଧବନ୍ତୀସାର ରସବନ୍ତୀ ଯେ ପଦ୍ମିନୀ ।
କୋମଳା ଏ ପ୍ରଶଂସାରୁ ଆନ କି କାମିନୀ । ୧୪ ।
ସେ ଚଣ୍ଡାଂଶୁ ସ୍ନେହବଶ ଥାଇ ଚନ୍ଦ୍ରପ୍ରୀତି ।
ତାର ପ୍ରକାଶେ ପଦ୍ମିନୀ ନୟନ ମୁଦନ୍ତି । ୧୫ ।

---

ସେଥିପ୍ରତି ଅକୃଷ୍ଟ ନୋହି ମେଘ ପାଣି ପ୍ରତି ଆସକ୍ତ । ୯ ।

ବିପ୍ର ଅର୍ଥାତ୍ ପୁରୋହିତ କହିଲେ ଡ ଆଉ ଲ ଅକ୍ଷରର ଭେଦ ନାହିଁ ଅର୍ଥାତ୍ ଦୁହେଁ କବିତାରେ ପରସ୍ପର ସ୍ଥାନରେ ବ୍ୟବହାର ହେଲେ ଦୋଷଯୁକ୍ତ ନୁହନ୍ତି । ଏଣୁ ଦୁହେଁ ବର୍ଣ୍ଣିରେ ସମାନ । ସୁତରାଂ ଜଳ ଜଡ଼ ବୋଲି ଜ୍ଞାନହୀନ; ପୁଣି ବିବେକହୀନ ଥିବାରୁ ପଶୁପକ୍ଷୀ ସମାନ । ଏଥିପାଇଁ ଗଙ୍ଗାଜଳ ଓ ଚାତକ ପକ୍ଷୀ ବିଚାର କରି ନ ପାରି ଭଲ ଛାଡ଼ି ମନ୍ଦରେ ଅନୁରକ୍ତ ହେଲେ । ୧୦ ।

ଯିଏ ଉତ୍ତମ ସ୍ତ୍ରୀମାନଙ୍କର ମସ୍ତକଶୋଭି ମଣିପରି ଅର୍ଥାତ୍ ଆମର ରାଜକନ୍ୟା ସେ ଦୁର୍ଲଭ ବଲ୍ଲଭ ଅର୍ଥାତ୍ ପତିଠାରେ ମନ ଅର୍ପଣ ସିନା କରିବ । ୧୧ ।

ପର୍ବତଋଷି ନିଜ କନ୍ୟା ଇଳା ପାଇଁ ନାରଦଋଷିଙ୍କୁ ପତି ପଦରେ ବରଣ କରିଥିଲେ; ମାତ୍ର ଇଳା ବିଷ୍ଣୁଙ୍କୁ ଦେଖି ତାଙ୍କୁ ବନମାଳା ଦେଲେ । ୧୨ ।

ବୈଦ୍ୟ କହିଲେ ସାଧ୍ୱୀ ଅର୍ଥାତ୍ ଆମର ପତିବ୍ରତା ରାଜକନ୍ୟା ଯାହାଙ୍କୁ ନ ପାଇ ବିରହିଣୀ ହୋଇଅଛୁ, ସେହି ସ୍ୱପ୍ନରେ ଦେଖିଥିବା ପୁରୁଷରତ୍ନଙ୍କୁ ପାଇଲେ ସିନା ବାଣିଜ୍ୟ କରିବ ଅର୍ଥାତ୍ ଗ୍ରହଣ କରିବ । ୧୩ ।

ପଦ୍ମିନୀର ଅନେକ ବିଶେଷଣ ଅଛି । ଯଥା ଶ୍ରେଷ୍ଠ ଗନ୍ଧବତୀ, ରସବତୀ, କୋମଳା ପ୍ରଭୃତି । ଆମ ହେମା ପଦ୍ମିନୀ ଜାତୀୟା; ଏଣୁ ଏହି ସବୁ ବିଶେଷଣ ତାଙ୍କଠାରେ ପ୍ରଯୁଜ୍ୟ । ପଦ୍ମିନୀ ସୂର୍ଯ୍ୟ ଛଡ଼ା ଅନ୍ୟପ୍ରତି ଆସକ୍ତା ହୋଇ ନ ପାରେ । ୧୪ ।

ଚଣ୍ଡାଂଶୁ—ସୂର୍ଯ୍ୟ । ପଦ୍ମିନୀ ସୂର୍ଯ୍ୟର ପ୍ରୀତିରେ ଆସକ୍ତା ହୋଇ ଚନ୍ଦ୍ର ସଙ୍ଗେ ପ୍ରୀତି କରିବା ଦୂରେ ଥାଉ; ଚନ୍ଦ୍ରକୁ ଦେଖି ଆଖି ବୁଜିଦିଏ । ୧୫ ।

ବୃନ୍ଦାବତୀ ଜଳନ୍ଧରେ ହେବାରୁ ଲୋଲୁପ ।
ଭଗବାନ ଦିବ୍ୟରୂପେ ଦେଖି ଦେଲେ ଶାପ । ୧୬ ।
ମନ୍ତ୍ରୀ ବୋଲେ ଏ ବଣି ପସରା ପରି ପଟ ।
ସୁବର୍ଣ୍ଣ ଦୁର୍ବର୍ଣ୍ଣ ଅଛି ଜାଣିମା ଲମ୍ପଟ । ୧୭ ।
ଆହେ ରଙ୍ଗାଜୀବ ତବଜୀବ ବନ୍ଧୁ ଯିବ ।
ବନ୍ଧୁ ଜୀବ-ଅଧରୀକି ଏ ପଟ ଭେଟିବ । ୧୮ ।
ସେ କାଳେ ନେତ୍ର କପାଟେ ଦୃଷ୍ଟିକି ନବେଶି ।
ଜାଣିମ ଲୀଳାଭିଳାଷୀ ଯହିଁ ସାଭିଳାଷୀ । ୧୯ ।
କରିବା ବର ଆଣିବା ଉଦ୍ୟମ ଶୁଣି ତା ।
ସେ ଯାଇଁ ପ୍ରେରଣ କଲା ଶୁଦ୍ଧାନ୍ତେ ବନିତା । ୨୦ ।
ଦେଖେ ବାଳା ବାସାଞ୍ଚଳ ଦଶା ଗ୍ରନ୍ଥ କରି ।
ଛିଣ୍ଡାଉଛି ପରମପଣ୍ଡିତା ଗୁଣ ଧରି । ୨୧ ।

---

ବୃନ୍ଦାବତୀ ଜଳନ୍ଧରଠାରେ ଆସକ୍ତ ହୋଇ ଭଗବାନଙ୍କର ଦିବ୍ୟ ରୂପ ଦେଖିଲେ ସୁଦ୍ଧା ତାଙ୍କୁ ଶାପ ଦେଇଥିଲା । ୧୬ ।

ପଟ—ଚିତ୍ରପଟ, ବଣି—ବୈଶ୍ୟ ବଣିଆ, ପସରା—ବିଭିନ୍ନ ସାମଗ୍ରୀପୂର୍ଣ୍ଣ ସ୍ଥାନ, ସୁବର୍ଣ୍ଣ—ସୁନ୍ଦର ରୂପ, ସୁନା; ଦୁର୍ବର୍ଣ୍ଣ—ମନ୍ଦବର୍ଣ୍ଣ, କୁରୂପ ଓ ରୂପା । ମନ୍ତ୍ରୀ କହିଲେ ଏହି ଚିତ୍ରପଟ ଖଣ୍ଡିକ ବୈଶ୍ୟ ବଣିଆର ପସରା ସଦୃଶ । ପସରାରେ ସୁନାରୂପା ରହିଲା ପରି ଏଥିରେ ସୁରୂପା ଓ କୁରୂପା ଚିତ୍ର ଅଛି । ଆମ କେମା କେଉଁଥିରେ ଆସକ୍ତା ତାହା ଜାଣିବା । ୧୭ ।

ରଙ୍ଗା ଜୀବ—ଚିତ୍ରକର, ଜୀବ ବନ୍ଧୁ—ଜୀବନ ସଙ୍ଗିନୀ ଅର୍ଥାତ୍ ସ୍ତ୍ରୀ, ବନ୍ଧୁ ଜୀବ—ବନ୍ଧୁଲି ଫୁଲ । ହେ ଚିତ୍ରକର, ତୁମ୍ଭର ସ୍ତ୍ରୀ ଯାଇ ଆମ ବିମ୍ବାଧରୀ ରାଜକେମାକୁ ଏହି ଚିତ୍ରପଟ ଭେଟି ଦେବ । ୧୮ ।

ସେକାଳେ—ଚିତ୍ରପଟ ଦେଖିବା କାଳରେ, ଲୀଳାଭିଳାଷୀ—କ୍ରୀଡ଼ାପ୍ରିୟ ଅର୍ଥାତ୍ ରାଜକେମା, ନେତ୍ରକପାଟେ—ଡୋଳାକୁ ଉପରକୁ ଉଠାଇ, ଯହିଁ—ଯେଉଁ ଚିତ୍ରରେ, ଦୃଷ୍ଟିକି ନବେଶି—ମନ ଦେଇ ଚାହିଁବ, ସାଭିଳାଷୀ—ଅଭିଳାଷଯୁକ୍ତ ଅନୁରାଗିଣୀ । ସେହି ଚିତ୍ରପଟ ଦେଖିବା ସମୟରେ କୌତୁକପ୍ରିୟ ରାଜକନ୍ୟା ଡୋଳାକୁ ଉପରକୁ ଟେକି ଯେଉଁ ଚିତ୍ରକୁ ମନ ଦେଇ ଦେଖିବ କେମା ସେହି ରୂପରେ ଅନୁରକ୍ତା ବୋଲି ତୁମ୍ଭ ସ୍ତ୍ରୀ ଜାଣି ପାରିବ ।୧୯।

ତାହା ଶୁଣି ଆମ୍ଭେ ଉଦ୍ୟମ କରି ସେହି ବରକୁ ଆଣାଇବା । ଚିତ୍ରକର ଏହା ଶୁଣି ନିଜ ସ୍ତ୍ରୀକୁ ରାଜଅନ୍ତଃପୁରକୁ ପଠାଇଲା । ୨୦ ।

ସେ ଯାଇ ଦେଖିଲା ଯେ ବାଳା ଅର୍ଥାତ୍ ରାଜକେମା ବଡ଼ ପଣ୍ଡିତଆଣୀ ଗୁଣ ଧରି ନିଜର ବାସାଞ୍ଚଳ ଅର୍ଥାତ୍ ଲୁଗାପଣତର ଦଶା ଅର୍ଥାତ୍ ଦଶୀ ଗ୍ରନ୍ଥଣ କରି ଛିଣ୍ଡାଉଅଛି । ପ୍ରବାଦ ଅଛି ଗ୍ରନ୍ଥ ଦଶା ଖଣ୍ଡନ କରିବାକୁ ସ୍ତ୍ରୀମାନେ ନିଜ ପଣତକାନିର ଦଶୀ ଛିଣ୍ଡାଇ-ଥାନ୍ତି । ୨୧ ।

ପୂର୍ବ ଲୋଚନ ଅପୂର୍ବ ପୁରୁଷ ବଞ୍ଚନେ ।
ଆଶ୍ରୟ ନାହିଁ ବଞ୍ଚିବ ସଂଶୟ ଜୀବନେ । ୨୨ ।
ହୃଦୟଦୋଳିତ ପଦ୍ମ ପୁଷ୍ପମାଳ ମ୍ଳାନ ।
ଉପାଳସୀ ଶିଶୁଶଶୀ ପ୍ରତିଭା ଭଞ୍ଜନ । ୨୩ ।
ଉପାଳ ତାଳମ୍ବ ଗାଳ ଅଧରେ ଉଗାଇ ।
ପାଣିସ୍ଥିତ କମଳ ଚୁମ୍ବିବା ଇଚ୍ଛା ହୋଇ । ୨୪ ।
ଅଗାଧ ଶୋକସାଗରେ ବୁଡ଼ିଯାଇ ମନ ।
ମୁଦିତ ମୁଦଲେ ଦେଖେ ଦେଖିଲା ନୟନ । ୨୫ ।
କଥା ପ୍ରସଙ୍ଗ ସ୍ୱଭାବେ ବଚନ ରଚିତ ।
ଚନ୍ଦନ-ଇନ୍ଧନ ନବାମ୍ବର ପାଟଣ ସ୍ଥିତ । ୨୬ ।
ଚିତ୍ରୋପଜୀବିନୀ ପଟ ଭେଟେ ଏ ସମୟେ ।
ଦେଖେ ନରେଶଣ ବର୍ଣ୍ଣକଗଣ ଶୋଭା ପାଏ । ୨୭ ।

---

ପୂର୍ବ ଲୋଚନ—ଆଗେ ଦେଖିଥିବା, ବଞ୍ଚନେ—ବ୍ୟତୀତ, ବଞ୍ଚିବ—ବଞ୍ଚିବା । ପୂର୍ବେ ଦେଖିଥିବା ଅପୂର୍ବ ପୁରୁଷ ବିନା ଅନ୍ୟ ଅବଲମ୍ବନ ନାହିଁ; ଏଣୁ ବଞ୍ଚିବା ସନ୍ଦେହ । ଏହା ଅଂଶୀଭୂତ ବିଚାର । ଜୀବ ଏହିପରି ଦଶଦଶା ବୁଝାଇବେ । ୨୨ ।

ଦୋଳିତ—ଝୁଲୁଥିବା, ଶିଶୁଶଶୀ—୨ୟା ଚନ୍ଦ୍ର, ପ୍ରତିଭା—ଦୀପ୍ତି, ଭଞ୍ଜନ—ବୋଲାଇବା । ଯେମାର ହୃଦୟରେ ଲମ୍ବିଥିବା ପଦ୍ମ ଓ ଫୁଲମାଳ ଝାଉଁଳି ପଡ଼ିଛି । ଏହା ତାପର ଚିହ୍ନ । ଉପପ୍ରିୟା ରାଜକନ୍ୟା ୨ୟା ତିଥିର ଚନ୍ଦ୍ର ପରି ପ୍ରଭାହୀନ ଅବସ୍ଥା ପାଇଅଛି । ଏହା ମ୍ଳାନ ଓ କୃଶ ଦଶା । ୨୩ ।

ଆମ୍ବ ଓ ତାଳମ୍ବ ଦାନା ଖାଇବାକୁ ଭୟ ହେଉଛି । ଏହା ଅରୁଚି ଲକ୍ଷଣ । ପାଣି ଅର୍ଥାତ୍ ହାତରେ ଧରିଥିବା ପଦ୍ମକୁ ଚୁମ୍ବନ କରିବା ପାଇଁ ଇଚ୍ଛା କରୁଅଛି । ଏହା ଅଧୃତ ବିକାରର ଚିହ୍ନ । ୨୪ ।

ଅତଳ ଶୋକ ସାଗରରେ ମନ ବୁଡ଼ିଯାଏ । ଏହା ହେଉଛି ଅନାବଲମ୍ବନ ଚିହ୍ନ । ଆଖି ବୁଜିଲେ ପୂର୍ବରେ ଦେଖିଥିବା ପୁରୁଷର ପ୍ରକାଶ ଦେଖିଥାଏ । ଏହା ତନ୍ମୟର ଲକ୍ଷଣ । ୨୫ ।

କଥା ପ୍ରସଙ୍ଗ ଅର୍ଥାତ୍ ଏଣ୍ଣେତେଣ୍ଣେ ନାନା କଥା କହୁଥାଏ । ଏହା ଉନ୍ମାଦର ଚିହ୍ନ । ଚନ୍ଦନ ଇନ୍ଧନ ଅର୍ଥାତ ଚନ୍ଦନ କାଠ ଏବଂ ନବାମ୍ବର ଅର୍ଥାତ୍ ନୂଆଲୁଗା ପାଖରେ ରହିବା ଦେଖି ନାନା କଥା କହେ । ୨୬ ।

ଚିତ୍ରୋପଜୀବିନୀ—ଚିତ୍ରକର ସ୍ତ୍ରୀ, ନରେଶଣ ବର୍ଣ୍ଣକଗଣ—ଚିହ୍ନିତ ଛବିମାନ । ଏହି ସମୟରେ ଚିତ୍ରକରର ସ୍ତ୍ରୀ ସେହି ପଟ ନେଇ ରାଜକେମାକୁ ଭେଟିଲା । ସେମା ଦେଖିଲା ଅନେକ ଛବି ସେହି ପଟରେ ଚିହ୍ନିତ ହୋଇଅଛି । ୨୭ ।

ସଖୀ ସଙ୍ଗେ ସୁମୁଖୀ ସେ ସବୁ ଦେଖି ଦେଖି ।
ଶେଷ ଦର୍ଶନ ପୁରୁଷେ ରଖିଲା ସେ ଆଖି । ୨୮ ।
ସେ ଖଞ୍ଜନ ରଞ୍ଜନ ସେ ଚିତ୍ରମା ପିଞ୍ଜୁଳା ।
ସାରଗାର ଗୁଣା ଅଠାକାଠିରେ ଲଗିଲା । ୨୯ ।
ପୁଲକିଲା କପୋଳ କି ସେ ନୀପକଳିକ ।
ଚୁମ୍ବିବୋଲି ଦେଖାଇଲା କିଶୋର-ଅଳକ । ୩୦ ।
ଅଳସ ବ୍ୟାଜେ ଛନ୍ଦିଲା ଊର୍ଦ୍ଧ୍ୱେ ବେନିକର ।
ଏ ପାଶେ ବାନ୍ଧି ରଖିବ ଅଭୀଷ୍ଟ କି ତାର । ୩୧ ।
ଘଞ୍ଚ କୁଚ ଉଚ୍ଚ ଦିଶିବାରୁ ଏହା ତର୍କି ।
କାରାଗୃହ ସ୍ଥଳେ ଅମ୍ବୁଜାକ୍ଷୀ ତମ୍ବୁ ଟେକି । ୩୨ ।
ସେ ଅନୁରାଗିଣୀ ସେ ବାମାକୁ ଅନୁଗ୍ରହ ।
କଲା ଅଣାଇ ବସନ ଭୂଷଣ ସନ୍ଦୋହ । ୩୩ ।
ବନ୍ଦି-ଆବାସ କରିଣ ପଟକୁ ଥୋଇଲା ।
କେବଳ ହସ୍ତରେ ଧରି ବାହାର ନ ହେଲା । ୩୪ ।

---

ସୁନ୍ଦରମୁଖୀ ରାଜକନ୍ୟା ସେହି ଚିତ୍ରସବୁ ଗୋଟିକ ପରେ ଗୋଟିଏ ଦେଖି ଦେଖି ଶେଷକୁ ପୂର୍ବେ ଦେଖିଥିବା ପୁରୁଷଠାରେ ଆଣି ଦୃଷ୍ଟିକୁ ଅସ୍ତ କଲା । ୨୮ ।

ଖଞ୍ଜନ—କଜ୍ଜଳପାତି ପକ୍ଷୀ । କଜ୍ଜଳପାତି ସଦୃଶ ଚକ୍ଷୁବିଶିଷ୍ଟା ସୁନ୍ଦରୀ ରାଜକନ୍ୟାର ଆଖି ଚିତ୍ରପଟରେ ଅଙ୍କିତ ରାଜପୁତ୍ରର ଚିତ୍ର ସ୍ୱରୂପ ଲଗାଯାଇଥିବା ଗାରରେ ଅଠାକାଣ୍ଡିଆ ପରି ଅଟକି ଗଲା । ୨୯ ।

ସେପରି ସମୟରେ ରାଜକନ୍ୟାର ଗଣ୍ଡଦେଶ ପୁଲକିତ ହୋଇ କଦମ୍ବ କଢ଼ ପରି ଦିଶିଲା । ଫୁଲକଢ଼ି ସେପରି ଭ୍ରମରକୁ ଆକର୍ଷଣ କରିଥାଏ ସେହିପରି ରାଜକନ୍ୟାର ଗଣ୍ଡଦେଶ ଚୁମ୍ବିବା ପାଇଁ ରାଜପୁତ୍ରର ଚିତ୍ରରୂପୀ ଯୁବା ଭୃଙ୍ଗକୁ ଦେଖାଇଲା । ୩୦ ।

ଅଳସ ଭାଙ୍ଗିବା ଛଳରେ ଦୁଇବାହୁ ଉପରକୁ ଟେକି ଛନ୍ଦିବାରୁ ମନେ ହେଲା ଏପରି ବାହୁବନ୍ଧନରେ ଯୁବକକୁ ବାନ୍ଧି ରଖିବା ଅଭିପ୍ରାୟ କି ? ୩୧ ।

ଘଞ୍ଚକୁଚ—ପୃଥୁଳ କୁଚ । ଦୁଇ ପୃଥୁଳ ସ୍ତନ ଉଚ୍ଚ ଦିଶିବାରୁ ଏପରି କଳ୍ପନା କରାଯାଉଅଛି, ପଦ୍ମନେତ୍ରୀ ତାହାକୁ କାରାଗୃହ କରି ତହିଁରେ ତମ୍ବୁ ଟେକିଛି କି ? । ୩୨ ।

ସନ୍ଦୋହ—ସମୂହ । ଅନୁରକ୍ତା ରାଜକନ୍ୟା ବସ୍ତ୍ର, ଅଳଙ୍କାର ପ୍ରଭୃତି ଅଣାଇ ଚିତ୍ରକର ସ୍ତ୍ରୀକୁ ଦାନ କରି ନିଜର ଅନୁଗ୍ରହ ପ୍ରକାଶ କଲା । ୩୩ ।

ରାଜପୁରୁଷର ଚିତ୍ରପଟକୁ ନିଜ ହୃଦୟଦେଶରେ ବନ୍ଦୀଗୃହ କରି ରଖିଲା । ହାତରେ ଧରି ବାହାରିଲା ନାହିଁ । ୩୪ ।

ବାହୁଟନ୍ତ ସେ କାଳୀ କରି ମନୋରଥ ପୂର୍ଣ୍ଣ ।
ତା ପଛ ଶୁଣି ସମସ୍ତ ସରବେ କଥନ । ୩୫ ।
ଜାଣିଲ ପୁଷ୍ପ ପୁରେଶ କୁମାରେ ଲୋଭନ୍ତ ।
କହିବା ଶୁଣ କୋବିଦେ ଏବେ ତା ଚରିତ । ୩୬ ।
ତାପୀ ଚରନ୍ତେ ଅଧିକେ ଉଷ୍ଣାଗମ ଦହେ ।
ନୃପନନ୍ଦନ ଆରାମ-ସଦ୍ମେ ବସି କହେ । ୩୭ ।
ଏ ନିଦାଘ ଋତୁ ବ୍ୟାପ୍ତ ପ୍ରବେଶ ନଗେରେ ।
ଦେଖ ରଙ୍ଗିଣୀ ପାଟଳୀ ସରକତ କରେ । ୩୮ ।
ଖର-କରଜ ପ୍ରଗଲ୍ଭ ଅତ୍ୟନ୍ତ ଦେଖାଇ ।
ଧ୍ୱନି କରି ବଦାଶ ଜୀବନ ହରିନେଲ । ୩୯ ।

---

ଚନ୍ଦ୍ରବର ସ୍ତ୍ରୀ ନିଜର ମନର ଇଚ୍ଛା ପୂର୍ଣ୍ଣ କରି ଫେରି ନିଜ ପତି ଆଗରେ ସବୁକଥା କହିଲା । ତା ପରେ ସେକଥା ମନ୍ତ୍ରୀଙ୍କୁ ଜଣାଇଲା । ୩୫ ।

ମନ୍ତ୍ରୀ ଜାଣିଲେ ଯେ ରାଜକନ୍ୟା ପୁଷ୍ପପୁର ଅଧିପତିଙ୍କ କୁମାର ପ୍ରତି ଲୋଭ କରି-ଅଛନ୍ତି । ଆହେ କୋବିଦମାନେ ଅର୍ଥାତ୍ ପଣ୍ଡିତମାନେ ବର୍ତ୍ତମାନ ସେହି କୁମାରଙ୍କର ବିଷୟ କହୁଚି ଶୁଣ । ୩୬ ।

ଉଷ୍ଣ ଗମ—ଗ୍ରୀଷ୍ମକାଳ ପ୍ରବେଶ, ଆରାମ—ବଗିଚା, ସଦ୍ମେ—ଗୃହରେ । ପୁଷ୍ପପୁର ରାଜପୁତ୍ର ଏକେ ବିରହରେ ସନ୍ତାପିତ ହୋଇଅଛି । ତହିଁରେ ପୁଣି ଗ୍ରୀଷ୍ମକାଳ ଅଧିକ ତାପ ଦେଉଅଛି । ଏପରି ଅବସ୍ଥାରେ ରାଜପୁତ୍ର ବଗିଚା ମଧ୍ୟସ୍ଥ ଘରେ ବସି କହୁଅଛି — । ୩୭ ।

ନିଦାଘ—ଗ୍ରୀଷ୍ମଋତୁ ନଗରେ—ନଗରରେ, ପୁଣି ନଗ ଅର୍ଥାତ୍ ପର୍ବତରେ; ପାଟଳୀ—ପାଟଳୀ ନାମକ ବୃକ୍ଷ, ପୁଣି ପା-ଟଳୀ ଅର୍ଥାତ୍ ପାଦ ଟଳିବା, ସରକତ—ରକ୍ତ ଅଛି—ସରକତ ପୁଣି ସରକତ ଅର୍ଥାତ ରକ୍ତବର୍ଣ୍ଣ । ଏହି ଗ୍ରୀଷ୍ମଋତୁ ବ୍ୟାପ ପଶି । ଉତ୍ତପ୍ତ ନଗରରେ ପଶିଗଲେ ପାଦ ଟଳି ପଡ଼ିଯିବା ଲୋକଙ୍କୁ ଦୋର୍ଣ୍ଣ କରି ରଙ୍ଗିଣୀ ଫୁଲ ପରି ରକ୍ତାକ୍ତ କରିଥାଏ; ପୁଣି ଗ୍ରୀଷ୍ମକାଳ ନଗ ଅର୍ଥାତ୍ ପାହାଡ଼ରେ ପ୍ରବେଶ କଲେ ରଙ୍ଗଣୀ ଓ ପାଟଳୀ ଫୁଲକୁ ଫୁଟାଇ ସେହି ବୃକ୍ଷକୁ ରକ୍ତବର୍ଣ୍ଣ କରିଥାଏ । ଗ୍ରୀଷ୍ମଦିନେ ଏହି ଫୁଲମାନ ଫୁଟେ । ୩୮ ।

ହରି—ସିଂହ, ସୂର୍ଯ୍ୟ; ଖରକରଜ—ତୀକ୍ଷ୍ଣ ନଖ, ପ୍ରଗଲ୍ଭ—ପ୍ରଖର, ଧ୍ୱନି—ଗର୍ଜନ, ନଦୀ; ଜୀବନ—ପ୍ରାଣ, ଜଳ । ସିଂହ ତୀକ୍ଷ୍ଣ ନଖର ପ୍ରଖର ଅଗ୍ରଭାଗରେ ପ୍ରକାଶ କରି ଗର୍ଜନ କରେ ଏବଂ ଜୀବଜନ୍ତୁଙ୍କୁ ବିଦୀର୍ଣ୍ଣ କରି ପ୍ରାଣ ନିଏ । ଏହି ଗ୍ରୀଷ୍ମକାଳ ମଧ୍ୟ ଖରକର ଅର୍ଥାତ୍ ପ୍ରଚଣ୍ଡ ସୂର୍ଯ୍ୟ କିରଣ ପ୍ରଭାବରେ ନଦୀମାନଙ୍କୁ ଧାର ଧାର କରି ବଦାଶ ତହିଁର ଜଳକୁ ଶୁଖାଇ ଦେଇଥାଏ । ଖରକରଜ=ଖରକର=ସୂର୍ଯ୍ୟ, ସୂର୍ଯ୍ୟଠାରୁ ଜାତ=କିରଣ । ୩୯ ।

କେତେ ରକ୍ଷା ଯେ ଅଭସ୍ତ୍ର ବାଡ଼ କରିଥିବେ ।
ବଦ୍ୟାନଧ୍ୱ ଯଶୋବନ୍ତ ଉତ୍ତର ଏ ଘଟେ । ୪୦ ।
ନବଚଣ୍ଡୀ ପ୍ରସନ୍ନେ ଏ ଖ୍ୟାତ ଯିବ ନାଶ ।
ମନ୍ତ୍ରଣ ଦେଇ ଅନ୍ତର ହୋଇ ଚନ୍ଦ୍ରପୁଂସ । ୪୧ ।
ସ୍ତ୍ରୀପୁଂସଲକ୍ଷଣା ବୋଲେ ଉଦ୍ୟମ କରିବା ।
ଉଦନ୍ତ ହେଉଥିବା କ ସେ କଟକେ ଯିବା । ୪୨ ।
ସ୍ୱର୍ଗ ଯେ ଦୁର୍ଲ୍ଲଭ ଯଜ୍ଞ କରି ଲଭେ ଜନ ।
ମନ୍ତ୍ରୀଜ ଉକ୍ତି ସେ ବାଳା କରୁଣାର ସ୍ଥାନ । ୪୩ ।
ଭଲ ଅଭିଳାଷ ପରିଚୟ ବିନା ବାଳା ।
କାମଟରେ ବୃହ୍ମାଣି ରଚକେ ବାନ୍ଧିଦେଲା । ୪୪ ।

---

ଅଭସ୍ତ୍ର—ଭୟସ୍ଥାନ, ବେଣାଚେର । ଯଶୋବନ୍ତ ବଦ୍ୟାନଧ୍ୱ ଏହା ଶୁଣି ଭାବିଲେ ବାଘ, ସିଂହ ତାହାଙ୍କୁ ଭଲରି କମ ବାଡ଼ ଦେଇଥିଲେ କେତେକାଂଶରେ ଭୟ ଦୂର ହୋଇ-ଥାଏ । ସେହିପରି ଯେଉଁମାନେ ବେଣାଚେରକୁ ପରଦା ବାଡ଼ କରିଥିବେ, ସେମାନେ ମଧ୍ୟ କେତେକାଂଶରେ ଶୀଘ୍ର ତାହାରୁ ରକ୍ଷା ପାଇବେ । ୪୦ ।

ନବଚଣ୍ଡୀ—ବାଘ୍ରବାହନା ବନଦୁର୍ଗା । ଏହି ବନଦୁର୍ଗାଙ୍କୁ ପ୍ରସନ୍ନ କଲେ ବାଘଭୟ ଦୂର ହୋଇଥାଏ । ଏହିପରି ନବଚଣ୍ଡୀ ଅର୍ଥାତ୍ ନବତରୁଣୀଙ୍କ ଅନୁଗ୍ରହ ପାଇଲେ ପୁରୁଷର ଭୟ ଦୂର ହୋଇପାରେ । ଚନ୍ଦ୍ରପୁରୁଷ ଏତିକ ମନ୍ତ୍ରଣା ଦେଇ ଅନ୍ତର ଅର୍ଥାତ୍ ଗୁପ୍ତ ଗଲା । ୪୧ ।

ସ୍ତ୍ରୀପୁଂସଲକ୍ଷଣା—ନପୁଂସକ, ଉଦ୍ୟମ—ଚେଷ୍ଟା, ଉଦନ୍ତ—ଖବର । ନପୁଂସକ କହିଲା ଏମିତ ଖବର କରୁଥିବା କମ୍ବା ସେହି କଟକ ଅର୍ଥାତ୍ ନଗରକୁ ଯିବାର ଚେଷ୍ଟା କରିବା । ୪୨ ।

ଦୁର୍ଲଭ—ସହଜ ପ୍ରାପ୍ୟ ନୁହେଁ, ମନ୍ତ୍ରୀଜ—ମନ୍ତ୍ରୀପୁତ୍ର । ସ୍ୱର୍ଗପ୍ରାପ୍ତି ସହଜ ନ ହେଲେ ମଧ୍ୟ ଯଜ୍ଞ କରି ଲୋକ ସ୍ୱର୍ଗ ପାଇଥାନ୍ତି । ମନ୍ତ୍ରୀପୁତ୍ର କହିଲେ ବାଳା ଅର୍ଥାତ୍ ରାଜକନ୍ୟା କରୁଣାର ସ୍ଥାନ ଅର୍ଥାତ୍ ଅତି ଦୟାଶୀଳା । ୪୩ ।

ରାଜକେମାର ମନୋବାଞ୍ଛା ଭଲ । ବିନା ପରିଚୟରେ କେବଳ ବୃହ୍ମାଣୀ ରୂପକ କାମଶରରେ ରାଜପୁତ୍ରକୁ ବନ୍ଧ କରି ପକାଇଲା । ପରବର୍ତ୍ତୀ ୧ ପଦ କାମର ଦଶଦଶା ଅର୍ଥାତ୍ ଅଭିଳାଷ, ଚିନ୍ତା, ସ୍ମୃତି, ଗୁଣକୀର୍ତ୍ତନ, ଉଦ୍‌ବେଗ, ପ୍ରଳାପ, ଉନ୍ମାଦ, ବ୍ୟାଧି ଓ ମୃତ୍ୟୁ ପ୍ରକାଶ ପାଇବ । ୪୪ ।

ସେ କମଳା ଏହାଙ୍କ ଏ ଚନ୍ଦ୍ରା ସେହିଭଳି ।
ମୁଁ ପୁରୁଷୋତ୍ତମ କେହ୍ନେ ମଣ୍ଡିବ ମୋ ଜାନୁ । ୪୫ ।
ଶ୍ରୀମୁଖ ବକ୍ର ବକ୍ରିମ୍ନ ତାରକ ପ୍ରସନ୍ନ ।
ସ୍ମୃତି ଦେବ ପବନ ହୁଅଇ ପ୍ରଭଞ୍ଜନ । ୪୬ ।
ମସ୍ତମଣ୍ଡନା ମହିଳାମଣି ତୋ ତନ୍ମାନ ।
ନ ଥିଲା ହୋଇବ ନାହିଁ ଏ ଗୁଣ କଥନ । ୪୭ ।
ବଷସ୍ପୃ ହେଲାଣି ପ୍ରାନ୍ତ ହରି ସେଥିଁ ଭରେ ।
ମୃଦୁଧ୍ୱନି ଶୁଭେ ଶ୍ରୁତି ହେଜଇ ଉଦ୍‌ବେଗ । ୪୮ ।
ପ୍ରତିଆଶାରେ ସେ ରାମାରୂପେ ଦିଶିଗଲେ ।
ଆସ ଆସ ବସ କୋଳେ ପ୍ରଳାପରେ ବୋଲେ । ୪୯ ।
କଳକଣ୍ଠ ଦୂତକରେ ଉଡ଼ିଗଲେ ସେହି ।
ଉନ୍ମାଦେ ବସି ଭ୍ରମଇ ଗଲା ବାର୍ତ୍ତା କହି । ୫୦ ।

---

ପୁରୁଷୋତ୍ତମ—ବିଷ୍ଣୁ, ଉତ୍ତମ ପୁରୁଷ । ସେହିପରି ଏହାଙ୍କର ଚନ୍ଦ୍ରା ହେଉଛି—ସେ କମଳା ଅର୍ଥାତ୍ ପଦ୍ମ ନ ଜାଣିସ୍ତି ସ୍ତ୍ରୀ କମ୍ପା ଲକ୍ଷ୍ମୀ, ମୁଁ ହେଉଛି ଉତ୍ତମ ପୁରୁଷ, ଲକ୍ଷ୍ମୀ ବିଷ୍ଣୁଙ୍କର କୋଳରେ ବସିଥାନ୍ତି ଏଣୁ ଏହି କନ୍ୟା କିପରି ମୋ କୋଳରେ ଶୋଭା ବଢ଼ାଇବ । ୪୫ ।

ବକ୍ର—କପଟ, ବକ୍ରିମ୍ନ; ପ୍ରସନ୍ନ—ସନ୍ତୁଷ୍ଟ ହେବାର ଗୀତ, ତାରକ—ତାରକମନ୍ତ୍ର, ସ୍ମୃତି—ସ୍ମରଣ କରିବା । ରାଜକନ୍ୟାର ଶ୍ରୀମୁଖରେ ଯେଉଁ କପଟ ପ୍ରସନ୍ନତା ରହିଅଛି ତାହା ମୋର ତାରକ ମନ୍ତ୍ର ଅଟେ । ପ୍ରଭଞ୍ଜନ ତାହାର କଥା ସ୍ମରଣ କରି ମୁଁ ପବନ ହେଉ-ଅଛି । ୪୬ ।

ଆରେ ଧରଣୀଶ୍ରୋଣୀ ନାସାରତ୍ନ ତୋପରି ସ୍ତ୍ରୀ ନଥିଲା ନାହିଁ କମ୍ପା ହେବ ନାହିଁ । ଏହିପରି ଗୁଣ କୀର୍ତ୍ତନ କଲା । ୪୭ ।

ବଷସ୍ପୃର ଶବ୍ଦଟିର ଶେଷ ଅକ୍ଷର ଲୋପ ପାଇବାରୁ ରହିଲା ବଷ । ଏଣୁ ବରୁ ବଷସ୍ପୃ ବଷ ହେଲାଣି । ସେଉଁ ତଳରୁ ମୃଦୁ ଶବ୍ଦ ଶୁଣାଯାଏ ତାକୁ ସେହି ରାଜକନ୍ୟାର କଥା ମନେକରି ଉଦ୍‌ବେଗରେ ସେହି ଆଡ଼କୁ କାନଡେରେ । ୪୮ ।

ପ୍ରତିଆଶାରେ ଅର୍ଥାତ୍ ପ୍ରତିଦିଗରେ ସେହି ସୁନ୍ଦରୀ ରୂପ ଦିଶିଗଲେ ତାକୁ ଆସ ଆସ ମୋ କୋଳରେ ବସ ବୋଲି ପ୍ରଳାପରେ କହୁଥାନ୍ତି । ୪୯ ।

କଳକଣ୍ଠ—କୋକିଳ; ଦୂତକରେ—ଦୂତ କରାନ୍ତି । ସେ କୋଇଲିକୁ ଦୂତ କରି ପଠାନ୍ତି, କୋଇଲି ଉଡ଼ିଗଲେ ସେ ମୋତେ ଖବର ଦେଇଗଲା ବୋଲି ଉନ୍ମାଦ ଭାବରେ ବୁଲି ବୁଲି କହନ୍ତି । ୫୦ ।

ବୋଲେ ତନୁ ହରଣକୁ ଗୃହେଁ ଯେବେ ପୃଚ୍ଛି ।
କ୍ଷନ୍ତିସ୍ନୁଜନ୍ୟ ଏ ବ୍ୟାଧି ପୁଷ୍କର କାହିଁଛି । ୬୧ ।
କଳ ଆନ ପ୍ରତିମା ପରସ୍ପେ କ୍ଷଣେ କ୍ଷଣେ ।
ଶ୍ୱାସ ବଢ଼ି ଜଡ଼ଭାବ ନାହିଁ ଗନ୍ଧ ଭଣେ । ୬୨ ।
ଏ ଦଶା ନବଙ୍କଶୋଭ ପାଇଲାଣି ଜାଣ ।
ଆଜ୍ଞ କିଛି ନୋହୁ କର ତୋ'ର ଭୃତ୍ୟପଣ । ୬୩ ।
ଶୁଣି ଭଗ ହୋଇଲ ବୋଇଲ ଲେଖ ଲେଖ ।
ଜାଣିଛି ଚତୁରମୁଖ ଚତୁରେ ସୁମୁଖ । ୬୪ ।
ବସ୍ତୁର ବସ୍ତୁର ଲେଖି ଛଦନ୍ତପତ୍ରରେ ।
ସମର୍ପିଲେ କି ସମର୍ପି ହେଲେ ତାହାଠାରେ । ୬୫ ।
ମଙ୍ଗଳକାରୀ ହୋଇଲେ ଶିବା ଦ୍ୱିଜ ତହିଁ ।
ବାମ ଦକ୍ଷିଣଭାଗକୁ ସୁଲଗ୍ନ କରାଇ । ୬୬ ।
ତେବେଣେ ଉପାଧ୍ୟାସ୍ତ୍ରୀ ଯେ ଗମନ କରୁଥିଲେ ।
ଏଣେ ଘୋଟା ଯାଇ ଯୋଗବଳରେ ଜାଣିଲେ । ୬୭ ।

---

ତନୁ—ଦେହ, ହରଣ—ପାଣ୍ଡୁରତା, କ୍ଷନ୍ତିସ୍ନୁଜନ୍ୟ ବ୍ୟାଧି—ଅସାଧ୍ୟ ରୋଗ, ପୁଷ୍କର—ଔଷଧ । ଯେବେ କେହି ତାଙ୍କର ଦେହର ପାଣ୍ଡୁରବର୍ଣ୍ଣ ଦେଖି ପଚାରନ୍ତି, ତେବେ ସେ କହନ୍ତି ଏହି ଅସାଧ୍ୟ ରୋଗ ପାଇଁ ଔଷଧ କେଉଁଠୁ ମିଳିବ । ୬୧ ।

କଳ—ମଧୁର, ଆନ—ବିପରୀତ । ମଧୁରର ବିପରୀତ ଅର୍ଥାତ୍ ଭଗ୍ନ ପ୍ରତିମା ପରି କ୍ଷଣ କ୍ଷଣକୁ ଜଡ଼ ବା ଅଚଳ ହେଉଛି, କେବେ ବଡ଼ ଶ୍ୱାସ ଛାଡ଼ୁଛି, କେବେ ଜଡ଼ ବା ମୂକ ହୋଇରହୁଛି, କେବେ କହୁଛି ତୋହ ଛଡ଼ା ଅନ୍ୟ ଗତି ନାହିଁ । ୬୨ ।

ନବଗ୍ରହକ ଅର୍ଥାତ୍ ଏହିପରି ଦଶା ହୋଇଗଲାଣି ଏହା ଜାଣି ରଖ । ତୋର ସେବକ ପଣରେ ରଖ ଯେପରି ତାଙ୍କର ଆଉ କିଛି ନ ଘଟେ । ୬୩ ।

ଲେଖ—ଲେଖିବା, ଲେଖ—ଚିଠାଉ, ସୁମୁଖ—ଅନୁକୂଳ । ଏହା ଶୁଣି ନପୁଂସକ ଚଞ୍ଚଳ କହିଲା, ଚିଠି ଲେଖିରଖ । ମୁଁ ଜାଣିଛି ବ୍ରହ୍ମା ଚତୁରେ ଅର୍ଥାତ୍ ସୁନ୍ଦରୀଠାରେ ଅନୁକୂଳ ଅଛନ୍ତି । ୬୪ ।

ବସ୍ତୁବସ୍ତୁର କରି ଚିଠିରେ ସବୁ ବିଷୟ ଲେଖି ନପୁଂସକ ହାତରେ ଦେଲେ କିମ୍ବା ନିଜକୁ ସମର୍ପି ହେଲେ । ୬୫ ।

ସେହି ଅନୁକୂଳ ସମୟକୁ ଶିବା ଅର୍ଥାତ୍ ବିଲୁଆ ଏବଂ ବ୍ରାହ୍ମଣ ବାମ ଓ ଡାହାଣ ପଟରେ ରହି ଭଲ ଲଗ୍ନରେ ମଙ୍ଗଳକାରକ ହେଲେ । ୬୬ ।

ଉପାଧ୍ୟାୟର ସ୍ତ୍ରୀ ଯାଉଥିଲେ, ଏଣେ ନପୁଂସକ ଏସବୁ କଥା ଯୋଗବଳରେ ଜାଣିଲେ । ୬୭ ।

ଅଦ୍ଭୁତପୁଂସ ମାଙ୍ଗଲ୍ୟା ଶୁକ ଶାରୀ ହୋଇ ।
ଚମ୍ପାପୁର ମଧ୍ୟରେ ସରସୀତଟେ ଯାଇ । ୫୮ ।
ଲବଙ୍ଗଲତାରେ ବସି ଭାଷେ ଏକ ପଦ ।
କୁମାରୀ କୁମାର ସ୍ନେହ ମଦନବିଷାଦ । ୫୯ ।
କଳହଂସକେଦାରେ ଭୂପାଳେ ଆଳାପିବ ।
ପ୍ରଥମରେ 'ଯେ' ଯୁକ୍ତ ଅଧିକ ଏତେମାତ୍ର । ୬୦ ।
ଶ୍ରୀରାମ ସାର୍ଥ କରିବେ ଏ ମନୋରଥକୁ ।
ଶ୍ରୀରାମ ମୂର୍ତ୍ତି ମୋହିଲେ ଯେ ହରିଯୂଥକୁ । ୬୧ ।
କହେ କବି ବୀରବର ଉପେନ୍ଦ୍ର ଭଞ୍ଜ ।
ସୁହୃଦେ ଯେ ମିଶ୍ରିତ ଛାନ୍ଦକୁ ଏବେ ହେଜ । ୬୨ ।

---

## ଦ୍ୱାଦଶ ଛାନ୍ଦ

[ ରାଗ—କଳହଂସ କେଦାର ଓ ଭୂପାଳ ]

ବୁଧସାରବେ ହେଜ ରାଗ ରୁଚିର । ନୀରକ୍ଷୀରମିଶ୍ରିତ ଦ୍ୱିରୁକ୍ତି ବାଣୀ ଯେ ।
ଶୁକ କହିବାରତା ଶୁଣୁଛି ସ୍ୱର । ସାରୀ ଅଗ୍ରତେ ମୃଦୁତରହିଁ କରି ଯେ । ୧ ।

---

ଅଦ୍ଭୁତ ପୁରୁଷ ଓ ମାଙ୍ଗଲ୍ୟା ଦୁହେଁ ଶୁଆ ଶାରୀ ରୂପ ଧାରଣ କରି ଚମ୍ପାପୁର ମଧ୍ୟରେ ପୋଖରୀ କୂଳରେ ଥିବା ଲବଙ୍ଗଲତାରେ ବସି ଏକ ପଦ ଅର୍ଥାତ୍ ଏକସ୍ୱରରେ କହିଲେ, କୁମାର ଓ କୁମାରୀ ଦୁହିଙ୍କର ସ୍ନେହ ମଦନର ବିଷାଦ ଅର୍ଥାତ୍ କାମର କଷ୍ଟ ଘଟାଇଅଛି । ୫୮ । ୫୯ ।

କଳହଂସ କେଦାର ଓ ଭୂପାଳ ଦୁଇ ଭିନ୍ନ ରାଗ । ଦୁହେଁ ଅକ୍ଷର ଗଣନାରେ ସମାନ ତେବେ କଳହଂସ କେଦାର ରାଗର ୨ୟ ଓ ୪ର୍ଥ ପାଦ ଶେଷରେ 'ଯେ' ଯୁକ୍ତ ହୁଏ ଏତିକି ମାତ୍ର ଅଧିକ । ୬୦ ।

ହରିଯୂଥ ଅର୍ଥାତ୍ ବାନର ଦଳକୁ ଯେଉଁ ଶ୍ରୀରାମ ମୂର୍ତ୍ତି ମୋହିତ କରିଥିଲା ସେହି ଶ୍ରୀରାମ ମୋର ମନୋବାଞ୍ଛା ସଫଳ କରିବେ । ୬୧ ।

କବି ବୀରମାନଙ୍କ ମଧ୍ୟରେ ଶ୍ରେଷ୍ଠ ଉପେନ୍ଦ୍ରଭଞ୍ଜ କହନ୍ତି, ହେ ସହୃଦୟ ବ୍ୟକ୍ତିମାନେ ଏହି ମିଶ୍ରିତ ଛାନ୍ଦକୁ ମନରେ ଘେନ । ୬୨ ।

—o—

ଏହି ଛାନ୍ଦରେ ରାଜକୁମାର ପୁଷ୍ପକେତୁ ତରଫରୁ ଶୁଆ କଳହଂସ କେଦାର ରାଗରେ ଏବଂ ରାଜକନ୍ୟା ପକ୍ଷରୁ ସାରୀ ଭୂପାଳ ରାଗରେ କହୁଅଛି—ଏଥିରେ ଦୁହିଙ୍କର ଉକ୍ତି ମିଶି ରହିଛି । ହେ ପଣ୍ଡିତହଂସମାନେ ଦୁଇ ରାଗରେ ମନୋହର ନୀର କ୍ଷୀର ପରି ମିଶ୍ରିତ ଦ୍ୱିରୁକ୍ତିକୁ ପୃଥକ କର ।

ନାଗରମଣି ସାର ଶୂର-ଶ୍ରୀ-ଧାମ । ନାହିଁ ଶ୍ରୁତିରେ ତାହା କୀରତି ସମ ଯେ ।
ସୁନା ସାଦୃଶ କାନ୍ତି କି ମନୋରମ । କାମିନୀଚୟ ଧୈର୍ଯ୍ୟ ହରିବାକୁ କ୍ଷମ ଯେ । ୨ ।
ଲୋକେ କେଶରୀ ବୋଲି ସ୍ତୁତିକି ଭଣି । କରୀ ଅରି ଜୟିକୁ ମଧ୍ୟରେ ପୁଣି ଯେ ।
ଅଧୀର ଚିତ୍ତଦୁଃଖ ସେ ପାଇଲା ଯେ । ବଶ ନେମାରେ ଯାଚ୍ଞା ବଞ୍ଚନା ଖୋଜେ ଯେ ॥

---

ବେଦଗର—ଦୁଇ ଗର; ରୁଚିର—ମନୋହର; ଦ୍ୱିରୁକ୍ତି—ଦୁହିଙ୍କର ଉକ୍ତି; ମୃଦୁତର—କୋମଳତର । ଶୁକ ରାଜପୁତ୍ରର ଚତୁରତାପୂର୍ଣ୍ଣ କଥା ସ୍ମରଣ କରି ଶାରୀ ଆଗରେ ଅତି କୋମଳରେ ସମ୍ବାଦ କହୁଅଛି । ସାରୀ ଶୁକର କଥା ମନେକରି ତାକୁ କୋମଳ ପ୍ରତ୍ୟୁତ୍ତର ଦେଉଛି । ୧ ।

ନାଗରମଣି—ପୁରୁଷଶ୍ରେଷ୍ଠ; ଶୂରଶ୍ରୀ—ବୀରମାନଙ୍କ ଉତ୍ସବ; ଧାମ—ସ୍ଥାନ; ଶ୍ରୁତିରେ—ବେଦରେ, କାନରେ; କାନ୍ତି—ଶୋଭା; ମନୋରମ—ସୁନ୍ଦର; କାମିନୀଚୟ—ସ୍ତ୍ରୀ ସମୂହର; ଏହି ଅର୍ଥ ପୁରୁଷ ପକ୍ଷରେ, ରାଜକନ୍ୟା ପକ୍ଷରେ; ନାଗ-ରମଣୀ—ନାଗକନ୍ୟା; ସାର—ଶ୍ରେଷ୍ଠ; ସୁଷମା—ସୌନ୍ଦର୍ଯ୍ୟ; ଧାମ—ସ୍ଥାନ; ଶ୍ରୁତିରେ—ଶୁଣିବାରେ; ତାହା କି ତତ୍ସମ—ତାକୁ କି ତତ୍ସମ ? ସୁନାସାଦୃଶ—ସୁନ୍ଦର ନାକ ଓ କାନ; କାମୀନିଚୟ—କାମୀ ପୁରୁଷମାନଙ୍କର । ସେହି ରାଜପୁତ୍ର ନାଗରମଣି ଅର୍ଥାତ୍ ପୁରୁଷଶ୍ରେଷ୍ଠ, ଶୂର-ଶ୍ରୀ ଅର୍ଥାତ୍ ବୀରମାନଙ୍କର ଉତ୍ସବ; ତାଙ୍କ କୀର୍ତ୍ତି ସମାନ ଅନ୍ୟ କାହାରି କୀର୍ତ୍ତି ବେଦରେ ବର୍ଣ୍ଣିତ ହୋଇ ନାହିଁ କିମ୍ବା ଶ୍ରୁତିକି କାନରେ ଶୁଣାଯାଇ ନାହିଁ । ତାଙ୍କର ସୁନା ପରି ଦେହ ଶୋଭା କେଡ଼େ ସୁନ୍ଦର । ସେ କାମିନୀଚୟ ଅର୍ଥାତ୍ କାମିନୀମାନଙ୍କର ଧୈର୍ଯ୍ୟ ଭାଙ୍ଗିବାକୁ ସକ୍ଷମ ଅଟନ୍ତି । ରାଜକନ୍ୟା ପକ୍ଷରେ ସେ କୁମାରୀ ନାଗରମଣୀ ବା ନାଗକନ୍ୟାମାନଙ୍କ ଅପେକ୍ଷା ଶ୍ରେଷ୍ଠା, ସୌନ୍ଦର୍ଯ୍ୟର ବାସସ୍ଥାନ, ତାହା ପରି ଆଉ କେହି ଥିବାର କାନରେ ଶୁଣାଯାଇ ନାହିଁ । ରତି ତାକୁ ସମାନ ହେବ କି ? ତାହାର ସୁନାସା ଦୃଶ ଅର୍ଥାତ୍ ସୁନ୍ଦର ନାସିକା ଆଉ ଦୃଶ ବା ଚକ୍ଷୁ କି ମନୋହର । ସେ କାମିନୀଚୟ ଅର୍ଥାତ୍ କାମୀପୁରୁଷ ମାନଙ୍କର ଧୈର୍ଯ୍ୟ ନଷ୍ଟ କରିବାକୁ ସକ୍ଷମ ଅଟେ । ୨ ।

ରାଜପୁତ୍ର ପକ୍ଷେ—କେଶରୀ—ସିଂହ, ମଧ୍ୟରେ—ମଝିରେ, କରୀ—ହସ୍ତୀ, ଅରି—ଶତ୍ରୁ, ଅଧୀର—ଧୀରତା ବିହୀନ, ଯାଚ୍ଞା—ରକ୍ଷା, ବଞ୍ଚନା—ବଞ୍ଚିବା । ଯାହାକୁ ଲୋକେ ସିଂହ ବୋଲି ପ୍ରଶଂସା କରନ୍ତି, ଯିଏ ପୁଣି ମଣ୍ଡଳୀବନରେ ହସ୍ତୀ ସଦୃଶ ଶତ୍ରୁମାନଙ୍କୁ ଜୟ କରନ୍ତି ସେ ରାଜକନ୍ୟା ପାଖରେ ବଶ ହୋଇ ଅଧୀର ଭାବରେ ଚିତ୍ତରେ ଦୁଃଖ ପାଇଲେ । ରକ୍ଷାକର ବୋଲି ବଞ୍ଚିବା ଉପାୟ ଖୋଜିଲେ ।

ରାଜକେମା ପକ୍ଷରେ—ଯାହାକୁ ଲୋକେ ଅର୍ଥାତ୍ ତ୍ରିଭୁବନରେ କେ-ଶରୀ ଅର୍ଥାତ୍ କିଏ ସରି ବୋଲି ପ୍ରଶଂସା କରନ୍ତି; ପୁଣି ଯେ ମଧ୍ୟରେ ଅର୍ଥାତ୍ କଟିରେ କରୀଅରି ଅର୍ଥାତ୍ ସିଂହକୁ ଜୟ କରିଛି, ସେ ମାରେ ଅର୍ଥାତ୍ କାମରେ ବଶ ହୋଇ ରକ୍ଷାକର ବୋଲି ବଞ୍ଚିବା ଉପାୟ ଖୋଜୁଛି । ୩ ।

ସୁମନସର ପାତେ କି ଦଗ୍ଧଭୂତେ । ଚିନ୍ତି ସୁନ୍ଦର ଚିତା ଚମକି କେତେ ଯେ ।
ଘର ତେଜି ବନରେ ଆଦରହୀନ । ରତନଜରବେଶେ ନ ବଳେ ମନ ଯେ । ୪ ।
ତା ପଲ୍ଲବ ଶୟନେ ନ ଆସେ ନିଦ୍ରା । ଲେଖା ନେତ୍ର-ସମ୍ପତ୍ତି ଶରଧା ସଦା ଯେ ।
ବିରହେ ଖପି ସେ ଯେ ସରସୀତର । ଆନ ନ ଦେଖଇ ପ୍ରତିଆଶାରେ ତାର ଯେ । ୫ ।

---

ରାଜପୁତ୍ର ପକ୍ଷେ—ସୁମନସରେ=ସୁ-ମନସରେ—ଭଲ ମନରେ, ପାତେ—ପକାଇଲେ, ଦଗ୍ଧଭୂତେ—ଉତ୍ସାହରେ, ସୁନ୍ଦର ଚିତା—ଭଲ ଚିତା କାଟିଥିବା, ଘର—କେନ୍ଦ୍ରକ, ବନରେ—ବଗିଚାରେ, ରତ୍ନ ନଗରବେଶେ—ନଗରରେ ଭ୍ରମଣ କରିବା ବେଶରେ ମାତିବା । ରାଜପୁତ୍ରଙ୍କର ଉତ୍ତମ ମନରେ ରାଜକନ୍ୟା କଥା ପଡ଼ିଲେ ସେ ଉତ୍ସାହିତ ହୋଇ ସୁନ୍ଦରୀର କପାଳର ସୁନ୍ଦର ଚିତା ମନେପକାଇ ଚମକି ଉଠନ୍ତି । ସହରରେ ବେଶ ପୋଷାକ ପିନ୍ଧି ବଗିଚାରେ ବୁଲିବା ଇଚ୍ଛାପ୍ରତି ଅନାଦର କରନ୍ତି, ଆଖିରୁ ଲୋତକ ବହେ ।

ରାଜକନ୍ୟା ପକ୍ଷରେ—ସୁମନସର ପାତେ ଅର୍ଥାତ୍ ପୁଷ୍ପଶର ପଡ଼ିବାରୁ ଦଗ୍ଧଭୂତେ ଖିନ୍ନ ହୋଇ, ସୁନ୍ଦର ଚିତା ଅର୍ଥାତ୍ ସୁନ୍ଦରୀମାନଙ୍କର ମୁକୁଟମଣି ରାଜପୁତ୍ର ଚିନ୍ତା କରି କେତେ ଚମକି ଉଠେ । ଏଣୁ ଘର-ତେଜି ଅର୍ଥାତ୍ ସବୁବେଳେ ଜୀବନରେ ଅନାଦର କରୁଛି । ରତନଜବର ଅର୍ଥାତ୍ ଶ୍ରେଷ୍ଠ ରତ୍ନ ଭୂଷିତ ହେବାକୁ ମଧ୍ୟ ମନ ବଳିଲ ନାହିଁ । ୪ ।

ପୁରୁଷ ପକ୍ଷରେ—ପଲ୍ଲବ—କଅଁଳ ପତ୍ର, ଲେଖା—ଚିତ୍ର, ସରସୀରେ—ପୋଖରୀରେ, ତାର—ତାହାର ଅର୍ଥାତ୍ ସୁନ୍ଦରୀର, ଆନ—ଅନ୍ୟ । କଅଁଳ ପତ୍ର ଶେଯରେ ଶୋଇଲେ ମଧ୍ୟ ନିଦ ଆସେ ନାହିଁ, ସୁନ୍ଦରୀର ଚିତ୍ରକୁ ଶ୍ରଦ୍ଧାରେ ଆଖିର ସମ୍ପତ୍ତି କରି ରହିଛି । ସବୁବେଳେ ପୋଖରୀରେ ଭାସିଲା ପରି ବିରହରେ ଖପୁଅଛି । ସୁନ୍ଦରୀର ପ୍ରତିଆଶା ଛଡ଼ା ତାହାର ଅନ୍ୟ ଉପାୟ ନାହିଁ ।

ସ୍ତ୍ରୀ ପକ୍ଷରେ—ତ ପ-ଲବ—ବିରହ ତାପରୁ ଶୟନରେ ଲବମାତ୍ର ନିଦ ଆସୁନାହିଁ, ଲେଖ—ଦେବତାମାନଙ୍କର, ନେତ୍ର ସମ୍ପତ୍ତି—ଆଖି ଅପଲକ ହେବାପରି, ପ୍ରତି ଆଶରେ—ପ୍ରତି ଦିଗରେ, ତାର—ପୁରୁଷର, ଆନ-ନ—ମୁଖ, ସରସୀତର—ଅତ୍ୟନ୍ତ ରସିଯାଇ, ସେ ଯେ=ଶେଯେ—ବିଛଣାରେ, ବିରହେ—ହେ ବୀର, ଖପି—ଖପଇ । ବିରହ ତାପରୁ ସୁନ୍ଦରୀର ଲବମାତ୍ର ନିଦ ଆସେ ନାହିଁ । ତାହାର ନେତ୍ର ଦେବତାମାନଙ୍କ ପରି ପଲକହୀନ ହେବାକୁ ଶ୍ରଦ୍ଧା କରୁଛି । ପ୍ରତି ଆଶାରେ ଅର୍ଥାତ୍ ପ୍ରତି ଦିଗରେ ପୁରୁଷର ଆନନ ଅର୍ଥାତ୍ ମୁଖ ଦେଖଇ । ସ-ରସି ଅର୍ଥାତ୍ ଅତ୍ୟନ୍ତ ରସିଯାଇ, ସେ-ଯେ=ଶେଯେ ପଡ଼ି ବିରହେ ଅର୍ଥାତ୍ ହେ ବୀର ଏହା ଖପେ । ୫ ।

ଆଗମନ ଯାଉଛି ସ୍ତୁହାଁନ୍ତେ ଝଣେ । ଲଭିଲ ଭରସାରେ ସନ୍ତୋଷେ ବସେ ଯେ ।
ପାଶେ ପକ୍ଷ ଜନ ମୁଁ ପାଇବ ସତେ । ନଷ୍ଟେ ଅଧରାମୃତ କାରଣ ମତେ ଯେ ।୬।
କାମନା ସଫଳରେ କରିବ ସ୍ତୁର । କି ସମ୍ବନ୍ଧ ଥାଇ ପ୍ରତିସ୍ତବର ଯେ ।
ଦେବକୀକୁମାରଙ୍କୁ କରଇ ସ୍ତୁତି । ଆହେ କରୁଣା କର ମୁଁ ଅତି ଆର୍ତ୍ତି ଯେ । ୭ ।

---

ପୁରୁଷ ପକ୍ଷେ—ଆଗମନ=ଆଗମ-ନ - ଆଗମ ଯାଉନାହିଁ, ସ୍ତୁହାନ୍ତେ ଝଣେ—ସ୍ତୁହାଁନ୍ତେ ଝରଇ, ପକ୍ଷ ଜନମୁ—ଡେଣା ଜନ୍ମ ହେଲେ, ଅଧରାମୃତ—ଅଧରରୁ ଅମୃତ ପିଇ ଅମର ହେବ । ଆଗମ ଅର୍ଥାତ୍ ପାଇବା ଆଶା ନ ଯାଉଛି, ସ୍ତୁହିଲେ ଝରୁଅଛୁ; ଏଣୁ ଲଭ କରିବା ଭରସାରେ ସନ୍ତୋଷରେ ବସିଅଛୁ । ପାଶେ ଅର୍ଥାତ୍ ମନରେ ବିଗ୍ରର କରୁଛୁ ପକ୍ଷ ଅର୍ଥାତ୍ ଡେଣା ଜନ-ମୁଁ ଅର୍ଥାତ୍ ଜାତ ହେଲେ ମୁଁ ଉଡ଼ି ଯାଇ ତାଙ୍କୁ ପାଇବ । ନିଶ୍ଚୟ ସୁନ୍ଦରୀର ଅଧରରୁ ଅମୃତ ପାନ କଲେ ମୁ ଅମର ହେବ କାରଣ ଅମୃତ ପାନ କଲେ କେହି ମରନ୍ତି ନାହିଁ ।

ସ୍ତ୍ରୀ ପକ୍ଷରେ—ଆଗମନ—ପ୍ରଥମ ଧନ, ଝଣେ—ଝଣମାନଙ୍କରେ, ଲଭି—ପାଇବା ଦର୍ଶନ, ଲଭ ରସାରେ—ପୃଥିବୀରେ ପ୍ରାପ୍ତି, ପକ୍ଷଜନ—ନିଜ ପକ୍ଷର ଲୋକ, ସତେ—ପ୍ରକୃତରେ, ମୁଁ ପାଇବ—ମୁଁ ଲଭ କରିବ, ଅଧରା—ଧରା ନ ଦେଲେ, ନଷ୍ଟେ—ନିଶ୍ଚୟ, ମୃତ—ମରଣର କାରଣ ହେବ । ମୋ ମନ ଆଗ ତା ପାଖକୁ ଯାଉଛି, ଝଣମାନଙ୍କୁ ସ୍ତୁହାନ୍ତେ ତାଙ୍କୁ ପାଇବା ଲଭ ହେଉଛି । ପାଶର ରସାରେ ଅର୍ଥାତ୍ ପୃଥିବୀରେ ସନ୍ତୋଷରେ ମୋହ ବଶରେ ଥିବ । ମୋ ପକ୍ଷର ଜନ ଅର୍ଥାତ୍ ସଖୀକୁ ପାଇବ । ଅଧରା ହେଲେ ନିଶ୍ଚୟ ତାହା ମୋର ମୃତ୍ୟୁର କାରଣ ହେବ । ୬ ।

ପୁରୁଷ ପକ୍ଷରେ—କରିବ ସ୍ତୁର—ଦୂତ ପଠାଇବି, ପ୍ରତି ସ୍ତବ - ପ୍ରତି କଥା, ଦେବକୀ କୁମାରଙ୍କୁ—ଶ୍ରୀକୃଷ୍ଣଙ୍କୁ, କରଇ ସ୍ତୁତି—ସ୍ତବପାଠ କରିଥାଏ, ମୁଁ ଅତି ଆର୍ତ୍ତି—ମୁଁ ଅତ୍ୟନ୍ତ ଆର୍ତ୍ତଜନ, କରୁଣାକର—ଦୟାକର । ମୋର ମନକାମନା ପୂର୍ଣ୍ଣ ପାଇଁ ଦୂତ ପଠାଇବ । 'ସେ କଅଣ ରସର ଭଣ୍ଡାର' ଏହି କଥା ପ୍ରତି କଥାରେ ଥାଏ । ସେ ଶ୍ରୀକୃଷ୍ଣଙ୍କୁ ସ୍ତବ କରି କହେ ଆହେ ପ୍ରଭୁ ମୁଁ ଅତି ଆତୁର ବ୍ୟକ୍ତି ମୋତେ ଦୟା କର ।

ସ୍ତ୍ରୀ ପକ୍ଷରେ=କାମ ନାଶ ଫଳରେ —କାମପୀଡ଼ା ନାଶ ପାଇଁ, କରି-ସ୍ତୁର —ବିସ୍ତର କରୁଅଛୁ, ପ୍ରତିସ୍ତବ—ପ୍ରତ୍ୟୁତ୍ତର, କିସ ସମ୍ବନ୍ଧ—ଶ୍ରୀଆଦ୍ୟ ନିକଟ, କରୁଣାକର —ଦୟାମୟ ହରି, ଦେବକୀ କୁମାରଙ୍କୁ –କୁମାରଙ୍କୁ ମୋତେ ଆଣି ଦେବ କି ? । କାମ ନାଶ ଫଳରେ ଅର୍ଥାତ୍ କାମ ବ୍ୟଥା ନାଶ ପାଇଁ କରି ସ୍ତୁର ଅର୍ଥାତ୍ ବିସ୍ତର କରି କହେ ସେ ପ୍ରତିସ୍ତବ ଅର୍ଥାତ୍ ପ୍ରତ୍ୟୁତ୍ତର ଦେବାକୁ କିସ ସମ୍ବନ୍ଧ ଅର୍ଥାତ୍ କେଉଁ ସମ୍ବନ୍ଧରେ ରହିଅଛୁ । ଆହେ କରୁଣାକର ଭଗବାନ ! ମୁଁ ଅତ୍ୟନ୍ତ ଆର୍ତ୍ତଜନ, କୁମାରଙ୍କୁ ଆଣି ମୋତେ ଦେବ କି ? ୭ ।

ଚନ୍ଦ୍ରକାନ୍ତ ମୂର୍ଦ୍ଧି କି ଦ୍ରବିଲି ମୂର୍ଦ୍ଧି । ହା ସେ ଚନ୍ଦ୍ରପ୍ରଭିଙ୍କ ଧି ଆନ ଏଣୁ ଯେ ।
ଭ୍ରମରଙ୍କୁଳନୟନା ପୁଣି ଯେ ସ୍ପଷ୍ଟେ । ମତ୍ତେଭ ଗମନି ସ୍ନେହେ ରାଖିବ ପୃଚ୍ଛେ ଯେ ।୮।
କର ଯେ ଠୂକ କ୍ଷିତି ଖନ ସେ ସାରି । ତନୁସ୍ମାନ ଶୋଭନ ଜ୍ଞାନତା ହାରି ଯେ ।
ହା ରବର ତା ପାଶ ସୁହୃଦେ ଛନ୍ନ । ରଜନୀକର କରେ ଶଙ୍କୁନ ଘେନ ଯେ ।୯।
କରେ ଗଉରୀପତି ସେବାରେ ପ୍ରେମ । ମାଳିକରେ ଆଦର ଜପଇ ନାମ ଯେ ।
ଶିବଦେବ ଅଭୟ ଦେବାରେ ଧ୍ୟାନି । ଈଶ ପରାଧୀନରେ ଏମନ୍ତ ହୋଇ ଯେ ।୧୦।

ପୁରୁଷ ପକ୍ଷେ—ଚନ୍ଦ୍ରକାନ୍ତମୂର୍ଦ୍ଧି—ଚନ୍ଦ୍ରପରି କମନୀୟ ମୁଖୀ, ଦ୍ରବିଲି—ତରଳିଗଲି, ହା—ହାୟ, ଚନ୍ଦ୍ରପ୍ରଭା—ସୁବର୍ଣ୍ଣବର୍ଣ୍ଣା. ଭ୍ରମରଙ୍କୁନୟନା—ଚକିତ ମୃଗନେତ୍ରୀ, ମତ୍ତେଭ-ଗତି—ମତ୍ତଗଜଗାମିନୀ, ସ୍ପଷ୍ଟେ—ସ୍ପଷ୍ଟ ଭାବରେ, ପୃଚ୍ଛେ—ପଚାରଇ । ସେ ଅର୍ଥାତ ରାଜକେମାର ମୁର୍ଦ୍ଧ ଚନ୍ଦ୍ରକାନ୍ତ ମଣି ପରି ସୁନ୍ଦର । ଏପରି ସୁନ୍ଦରୀଙ୍କୁ ଅନାଇ ଦେଇ ମୁଁ ତରଳିଗଲି । ହାୟ ସେ ସୁବର୍ଣ୍ଣବର୍ଣ୍ଣା ଏଣୁ ଧ୍ୟାନ କରୁଅଛୁ । ପୁଣି ସ୍ପଷ୍ଟ ଭାବରେ ମିତ୍ରଙ୍କୁ ପଚାରୁଛୁ ସେହି ମୃଗନେତ୍ରୀ ମତ୍ତଗଜଗାମିନୀ ସ୍ନେହରେ ମୋତେ ଉଦ୍ଧାର କରିବ କି ?

ସ୍ତ୍ରୀ ପକ୍ଷରେ—ମୂର୍ଦ୍ଧି କି ଚନ୍ଦ୍ରକାନ୍ତ ମଣି ? କାରଣ ମୁଁ ତାଙ୍କର ଚନ୍ଦ୍ରପ୍ରଭା ଅର୍ଥାତ ଚନ୍ଦ୍ରନଖଣ୍ଡତୁଲ୍ୟ ହାସ୍ୟରେ ଦ୍ରବିଗଲି । ମୋହର ଧି ଆନ ଅର୍ଥାତ ମୋର ବୁଦ୍ଧି ଆନ ହୋଇଗଲା । ଏହା କିମ୍ବା ସେହି ଭଙ୍ଗନୟନା ଅର୍ଥାତ ମୃଗନେତ୍ରୀ ଭ୍ରମ କରି ପାଖରେ ଥିବା ସ୍ତ୍ରୀଙ୍କୁ ପଚାରଇ ସ୍ନେହରେ ମୋତେ ତାରିବ କି ? ୮ ।

ପୁରୁଷ ପକ୍ଷେ—କ୍ଷିତି—ପୃଥିବୀ, ସ୍ମାନଶୋଭନ—ଅଶୋଭା, ଜ୍ଞାନ ତା—ତାହାର ଜ୍ଞାନ ଅର୍ଥାତ ଚେତନା, ସୁହୃଦେ—ସଖୀମାନେ. ହା ରବ—ହାୟ ହାୟ ରବ, ରଜନୀ-କର—କର୍ପୂର । ସେହି ରାଜପୁତ୍ର ଦପାଳରେ କର ମାରି ପୃଥିବୀରେ ଦନ ବଜାଉଅଛୁ । ତାହାର ଦେହ ଅସୁନ୍ଦର ହୋଇଯାଉଛୁ । ତାହାର ଚେତା ଲୋପ ପାଇବାରୁ ପାଖରେ ଥିବା ସଖୀମାନେ ହାୟ ହାୟ ଧ୍ୱନି କରି ଶଙ୍କିତ ହେଉଛନ୍ତି । ଦେହକୁ ତାପୁ ଶୀତଳ କରିବା ପାଇଁ ସେ କର୍ପୂରଗୁଣ୍ଡରେ ଘୋଷି ରହୁଛୁ । ଏତକ କଥା ଶୁଣାଅ ।

ସ୍ତ୍ରୀ ପକ୍ଷରେ—କର ଯେ—ନଖରେ, ଠୂକ କ୍ଷିତି—ଭୂମିକୁ ପିଟି, ତନୁସ୍ମାନ—ଦେହ ନ ଥିବା କନ୍ଦର୍ପ ପରି, ଶୋଭନ—ସୁନ୍ଦର, ଜ୍ଞାନ ତାହାରି—ତା'ର ଜ୍ଞାନ, ହାରବର—ଶ୍ରେଷ୍ଠମାଳା, ପାଶ—ଫାଶ ପରି, ସୁହୃଦ—ଉତ୍ତମ ହୃଦରେ, ଛନ୍ନ—ଶଙ୍କିତ, ରଜ-ନୀକର—ଧୂଳିସମୂହ । ସେହି ସୁନ୍ଦରୀ ରାଜକେମା ନଖରେ ଭୂଇଁ ଖୋଳି ଖନ କରୁଛୁ; ତାହାର ଜ୍ଞାନ ଅଦେହ କନ୍ଦର୍ପ ପରି ସୁନ୍ଦର ପୁଷ୍ପକେତୁ ନାମକ ରାଜପୁତ୍ର ପାଖରେ ଅଛି, ତାହାର ଉତ୍ତମ ହୃଦଦେଶରେ ଥିବା ଶ୍ରେଷ୍ଠମାଳାକୁ ସେ ଫାଶ ମଣି ଶଙ୍କିତ ହେଉଛୁ ଏବଂ ଧୂଳିରେ ଶୋଉଅଛୁ । ୯ ।

ଗୌରୀପତି—ଶିବ, ମାଳିକରେ—ହାତରେ ମାଳି ଧରି, ଶିବଦେବ—ମଙ୍ଗଳ-ଦାତା ମହାଦେବ; ଧ୍ୟାନି—ଧ୍ୟାନ କରିଣ, ଈଶପର—ଶିବର ଶତ୍ରୁ ଅର୍ଥାତ କାମଦେବ, ଅଧୀନବଶ; ଗଉରୀପତି—ଗୌରାଙ୍ଗୀ, ପତି—ସ୍ୱାମୀ, ଅଭୟ ଦେବାରେ—ହେଁ ଅଭୟ-ଦାତା ଅଟେ, ଈଶ - ସ୍ୱାମୀ ।,

ସଦା ହଂସସୁଗତ ମାନସରତ । ସ୍ତୋକ ସ୍ନେହ କି ତୁଟି ଘନରେ ସ୍ଥିତ ସେ ।
ଅଛି କି ତାର ରକ୍ଷା ଜୀବନ ବିନା । ସୁରମଣି ଚନ୍ଦନସୁବାସୀ ସିନା ସେ ।୧୧।
ସୁରତରଙ୍ଗିଣୀରେ ମଜ୍ଜିବା ମତ । ଇଚ୍ଛେ ଏହା ତାହାର ଜନ୍ମାନ୍ତ ପ୍ରୀତି ସେ ।
ମୁଁ କଡକ ଲଭିବ ସୁକୃତ ଥିଲେ । ସ୍ୱବାମାରତରସେ ଜର୍ଜର ଭଲେ ସେ ।୧୨।

---

ପୁରୁଷ ପକ୍ଷେ— ହାତରେ ମାଳଧରି ରାଜପୁତ୍ର ଶିବଙ୍କ ସେବା କରିବାକୁ ଆଗ୍ରହ କରି ଆଦରରେ ଶିବ ନାମ ଜପ କରଇ । ମଙ୍ଗଳଦାତା ମହାଦେବଙ୍କୁ ଅଭୟ ଦେବା ପାଇଁ ଧ୍ୟାନ କରିଥାଏ । ଈଶପର ଅର୍ଥାତ୍ କନ୍ଦର୍ପର ବଶରେ ପଡ଼ି ଏପରି ହୁଏ ।

ସ୍ତ୍ରୀ ପକ୍ଷେ—ସେହି ଗଉରୀ ଅର୍ଥାତ୍ ଗୋରୀ ନିଜ ପତିର ସେବାରେ ପ୍ରେମ ପ୍ରକାଶ କରେ । ହାତରେ ମାଳୀ ଧରି ଆଦରରେ ନାମ ଜପେ । ହେ ଅଭୟଦେ ଅର୍ଥାତ୍ ଅଭୟ ଦାୟିନୀ ଅମ୍ବିକେ ବାରେ ଅର୍ଥାତ୍ ଥରେ ଶିବ ଅର୍ଥାତ୍ ମଙ୍ଗଳ ହେବ ବୋଲି ଧ୍ୟାନ କରଇ । ରାଜକନ୍ୟା ଈଶ ଅର୍ଥାତ୍ ସ୍ୱାମୀର ଅଧୀନରେ ପଡ଼ି ଏପରି ହୋଇ-ଥାଏ । ୧୦ ।

ସୁଗତ—ଉତ୍ତମଗମନ, ମାନସ ରତ—ମାନସରୋବରରେ ରତ, ମାନସରେ—ମନରେ, ରତ—କ୍ରୀଡ଼ା, ସ୍ତୋକ—ଚାତକ, ଘନରେ ମେଘପ୍ରତି, ଜୀବନ—ଜଳ, ସୁରମଣୀ—ଉତ୍ତମା ସ୍ତ୍ରୀ, ହଂସ ସୁଗତ—ହଂସଗମନା, ଘନରେ—ଗାଢ଼ ଭାବରେ, ସ୍ତୋକ—ଅଳ୍ପ, ଜୀବ—ଜୀବନ, ସୁରମଣି—ସୁରମଣି, ସାରଶ୍ରେଷ୍ଠ ।

ପୁରୁଷ ପକ୍ଷେ—ହଂସ ମାନ ସରୋବରରେ କ୍ରୀଡ଼ା କଲା ପରି ରାଜପୁତ୍ର ସର୍ବଦା ଉତ୍ତମଗମନା ସୁନ୍ଦରୀର ମନରେ କ୍ରୀଡ଼ା କରଇ । ଚାତକପକ୍ଷୀ କେବେ ମେଘଠାରୁ ନିଜ ସ୍ନେହ କେବେ ତୁଟାଇଥାଏ କି ? ଚାତକର ପାଣି ବିନା ରକ୍ଷା ଅଛି କି ? ସେହିପରି ରାଜପୁତ୍ରର ଚନ୍ଦନ ସୁବାସଯୁକ୍ତା ଉତ୍ତମ ସ୍ତ୍ରୀ ହେଉଛି ଏକମାତ୍ର ଗତି ।

ରାଜକନ୍ୟା ପକ୍ଷେ—ହଂସଗମନାର ମାନସ ଅର୍ଥାତ୍ ମନ ସୁନ୍ଦର ରାଜପୁତ୍ରଠାରେ ସଦା ରତ ରହିଅଛି । ତା ପ୍ରତି ଗାଢ଼ ସ୍ନେହ ଜାତ ହୋଇଅଛି, ସେହି ସ୍ନେହ କଅଣ ସ୍ତୋକ ଅର୍ଥାତ୍ ଅଳ୍ପକରେ ତୁଟିଯିବ ? ରାଜକୁମାର ଆଉ ଜୀବନ ରକ୍ଷାର କି ଉପାୟ ଅଛି ? ଚନ୍ଦନ ଗନ୍ଧଯୁକ୍ତା ରାଜକନ୍ୟାର ସେହି ସାରଶ୍ରେଷ୍ଠ ହେଉଛନ୍ତି ଏକମାତ୍ର ଆଶ୍ରୟ-ସ୍ଥଳ । ୧୧ ।

ସୁରତ ରଙ୍ଗିଣୀ—ରତି ନିପୁଣା, ଜନ୍ମାନ୍ତ ପ୍ରୀତ—ଯାବଜ୍ଜୀବନ ପାଇଁ ପ୍ରୀତି, ସୁକୃତ—ପୁଣ୍ୟ, କଡକ—ସାନ୍ନିଧ୍ୟ, ସ୍ୱବାମା-ରତ-ରସେ—ନାରୀଠାରେ ଆସକ୍ତ ହେବା ରସରେ, ଭଲେ—ଉତ୍ତମରୂପେ, ସୁର-ତରଙ୍ଗିଣୀ—ଗଙ୍ଗାରେ, ମଜ୍ଜିବା—ଝାସ ଦେବା, ଜନ୍ମାନ୍ତ—ଅନ୍ୟ ଜନ୍ମ, ମୁଁ କଡକ—ମୁକ୍ତିକ ।

ରାଜପୁତ୍ର ପକ୍ଷେ—ରତିନିପୁଣା ରାଜକନ୍ୟାଠାରେ ମଜ୍ଜିବାକୁ କେବଳ ମନ ହେଉଛି ଏବଂ ଜନ୍ମ ଜନ୍ମ ପାଇଁ ରାଜକନ୍ୟାର ପ୍ରୀତିକୁ କାମନା କରୁଅଛି । ପୁଣ୍ୟ ଥିଲେ ମୁଁ ସାନ୍ନିଧ୍ୟ

ଇଷିତ ପିବା ନାହିଁ ଦେହଳୀ ବନ୍ଧ । ସୁରଗଳ ବସିବାର ପ୍ରସନ୍ନ ଭାବ ଯେ ।
ଖଟି ମିତେ ଘଡାନ୍ତି ନିଶ୍ବାସ ଖର । ଅବା ଜୀବ ପବନେ ଉଡ଼ିବ ଏ ଡର ଯେ ।୧୩।
ଆହା ଉଡୁନଳୁଚେ ବିଷଦକର । ଏକାକୀ ଖିଣ୍ଡିଭର କପୋଳେ କର ଯେ ।
ତାହା ପରାପତି ମୋ ହୋଇବ କେହ୍ନେ । ମୋହିତ ସେ ସଂସାରେ କି ସ୍ନେହ ବହ୍ନେ ।୧୪

---

ଲାଭ କରିବ ଏହା ଚାହୁଁଛୁ । ସେ ନାଗରୀରେ ଆସକ୍ତ ହେବା ଉପରେ ଭଲ କରି ଜର୍ଜରିତ ହୋଇଅଛୁ ।

ରାଜକନ୍ୟା ପକ୍ଷେ—ସେ ସୁର ତରଙ୍ଗିଣୀ ଅର୍ଥାତ୍ ଗଙ୍ଗାରେ ବୁଡ଼ିବା ପାଇଁ ମନ କରୁଅଛୁ । କାରଣ ଏ ଜନ୍ମରେ ନ ହେଲେ ମଧ୍ୟ ଅନ୍ୟ ଜନ୍ମରେ ତାଙ୍କୁ ପାଇବି ଏହାହିଁ ଇଚ୍ଛା । ପୁଣ୍ୟ ଥିଲେ ଅବା ମୁକ୍ତି ପାଇବ ଏପରି ସବୁବେଳେ ଭାବି ଉସେ ଅର୍ଥାତ୍ ହୃଦୟରେ ଭଲରୂପେ ଜର୍ଜର ହୋଇଛୁ । ୧୨ ।

ଦେହଳି—ଦ୍ୱାରବନ୍ଧ, ଇଷିତ—କମ୍ପିତ, ସୁରଗଳ—ଦୁହେଁ ଏକାଠି, ପ୍ରସନ୍ନେ—ପ୍ରଫୁଲ୍ଲ ଭାବରେ, ଖଟି—ଖଣ୍ଡି, ନିଶ୍ୱାସ ଖର—ଖର ନିଶ୍ୱାସ ।

ପୁରୁଷ ପକ୍ଷେ—ଦ୍ୱାରବନ୍ଧକୁ ଟପି ଯିବା ଶକ୍ତି କମ୍ପିତରେ ନାହିଁ । ସେ କେବଳ ଦୁହେଁ କେମିତି ପ୍ରଫୁଲ୍ଲ ଭାବରେ ଏକାଠି ବସିବୁ ଏହାହିଁ ଭାବୁଅଛୁ । ଏପରି ଦେଖି ମିତ୍ର-ମାନେ କେବେ ଶୁଭ ଯୋଗ ଘଟିବ ବୋଲି ଖଡ଼ି ପକାଇଲେ । ରାଜପୁତ୍ରଙ୍କର ଖାଣ ନିଶ୍ୱାସ ଦେଖି ସେମାନେ ଭୟ କଲେ କାଳେ ତାଙ୍କ ପ୍ରାଣ ପବନରେ ଅର୍ଥାତ୍ ନିଶ୍ୱାସ ପବନରେ ଉଡ଼ିଯିବ ।

ରାଜକନ୍ୟା ପକ୍ଷେ—ଇଷି ଇଷି—ଇଷି କଥା, ସୁରଗଳ—ହରପାର୍ବତୀ, ସୁରଗଳ ବସିବାର—ସ୍ୱର୍ଗ ଲାଭ ବିଚାର. ଖଟି—ସେବା କରି । ଦୁଃଖରେ କହିବା ଇଷି ଇଷି କଥା ଦ୍ୱାରବନ୍ଧ ଟପି ପାରୁନାହିଁ ଅର୍ଥାତ୍ ଅତି କ୍ଷୀଣ କଣ୍ଠସ୍ୱର । ପାର୍ବତୀ କେବେ ସନ୍ତୁଷ୍ଟ ହୋଇ ଏକତ୍ର ମିଳାଇବେ ଏହା ଭାବନା କରୁଅଛୁ ଏବଂ ଏକ କ୍ଷଣକୁ ସ୍ୱର୍ଗ ସମାନ ମନେ କରୁଅଛୁ । ଏପରି ଅବସ୍ଥା ମିତେ ଅର୍ଥାତ୍ ସଖୀମାନେ ଖଟି ଅର୍ଥାତ୍ ସେବା କରି କରି ବସ୍ତୁସ୍ୱରେ ଖର ନିଶ୍ୱାସ ଘଡାନ୍ତି । ସଖୀ ଏପରି କୃଶାଙ୍ଗୀ ହେଲଣି ଯେ ପବନରେ ଉଡ଼ିଯିବ ବୋଲି ମିତ୍ର-ମାନଙ୍କୁ ଡର । ୧୩ ।

ଉଡୁନଳୁଚେ—ଉଡୁକାନ୍ତ ସଦୃଶୀ, ବିଷଦକର—ଚନ୍ଦ୍ର, ଖିଣ୍ଡିଭର—ଖଣ୍ଡିସ୍ପର୍ଶି, ପରାପତି—ପ୍ରାପ୍ତି, ମୋହିତ—ମୋହଗ୍ରସ୍ତ, ଉତ୍କର୍ଷ—ନାହୁକୁ ଭରି ଦେଇ, ବିଷଦକର—ବିଷଭସ୍ମ କାରକ, ପରି—ସଦୃଶ, ପତି—ସ୍ୱାମୀ, ମୋହିତ—ମୁଗ୍ଧ ।

ରାଜପୁତ୍ର ପକ୍ଷେ—ରାଜପୁତ୍ର ଭୟହେତୁ ଏକାକୀ କପୋଳରେ ହାତ ଦେଇ କହୁଛୁ—ଆହା, ହେ ଉଡୁକାନ୍ତ ଚନ୍ଦ୍ରମା ! ମୁଁ ତାକୁ କିପରି ପ୍ରାପ୍ତ ହେବି ସେଥିରେ ମୋତେ ସାହାଯ୍ୟ କର । ସେହି ସୁନ୍ଦରୀ ସଂସାରରେ ମୋହର ଏକମାତ୍ର ହୃଦକାଙ୍କ୍ଷୀ ପରି ମୋ ପ୍ରତି ସ୍ନେହ ରଖିଅଛୁ ।

ରସିକବର ନୋହି ସୁମନ ବାରେ । ବରବର୍ଣ୍ଣିନା କଣ୍ଠଗଞ୍ଜିକ ସ୍ମରେ ଯେ ।
କହେ ରସାଳସିରେ କୋକିଳ ବାଣୀ । ଶତକୋଟି ଲକ୍ଷ୍ୟ ସେ ବର୍ତ୍ତିକୁ ଆଣି ଯେ ।୧୫
କର୍ଣ୍ଣେ ପଦ୍ମିନୀ କରଗ୍ରହଣ ନଶୋକେ । ଦ୍ୱିଜକର ମୃଣାଳ ସୁମନା ଟେକେ ଯେ ।
ସୁପର୍ଣ୍ଣରେ ଆଦର ଏଣୁଟି ଭାବେ । ପୟ ରସରଞ୍ଜନ କରନ୍ତି ଏବେ ଯେ । ୧୬ ।

---

ରାଜକନ୍ୟା ପକ୍ଷେ—ରାଜକନ୍ୟା ବଷ ଭୟରେ, ଆହା ! କେ ତ ନ ରୁଚେ ଅର୍ଥାତ୍ ଆହାର ରୁଚୁନାହିଁ । ଏକାକୀ ଦୁଃଖରେ ଭରିଛନ୍ତି ଅର୍ଥାତ କାହାକୁ ଭରା ଦେଇ କପାଳରେ ହାତ ରଖି ବସିଛି । ତାହା ପର ପଦ କଏ ହେବ ? ସେ ସଂସାରରେ ମୋଠାରେ ସ୍ନେହ ବନ୍ଧ ମୋହିତ ହୋଇଛନ୍ତି କି ? ୧୪ ।

ରସିକବର ଅରେ ସୁଦ୍ଧା ସୁମନ ଅର୍ଥାତ୍ ସୁଖୀ ନ ହୋଇ ସେହି ବରବର୍ଣ୍ଣିନା ଅର୍ଥାତ୍ ଉତ୍କୃଷ୍ଟ କାନ୍ତିଯୁକ୍ତା ଗଜଗାମିନୀଙ୍କୁ ସ୍ମରଣ କରେ ଏବଂ କହେ ରେ ରସାଳସି, ରେ କୋକିଳକଣ୍ଠି । ଏହିପରି ଶତକୋଟି ଲକ୍ଷ୍ୟ ଅର୍ଥାତ ଲକ୍ଷଣପୂର୍ଣ୍ଣ ଶବ୍ଦମାନ ଚିତ୍ତରେ ସ୍ମରଣ କରେ ।

ରାଜକନ୍ୟା ପକ୍ଷରେ—ସେ ରସିକ ସୁମନବରେ ଅର୍ଥାତ ଫୁଲମାନରେ କବର ଅର୍ଥାତ୍ କେଶ ବେଣୀ ନୋହି ଅର୍ଥାତ ନ କରି ବର ବର୍ଣ୍ଣିନା ଅର୍ଥାତ୍ ପତିର ବର୍ଣ୍ଣନା କରି ଗଢ ଅର୍ଥାତ୍ ହୃଦୟର ପଥ ଖୋଜୁଅଛି । ରସାଳ ସିରେ ଅର୍ଥାତ୍ ଆମ୍ବଗଛ ଉପରେ କୋକିଳ କୁହୁ ଡାକୁଛି । ସେ କୋକିଳ ସ୍ୱରକୁ ଶତକୋଟି ଅର୍ଥାତ୍ ବଜ୍ର ସମାନ ମନରେ ବିଚାର କରୁଅଛି । ୧୫ ।

ପଦ୍ମିନୀ—ପଦ୍ମ; ପଦ୍ମିନୀ କନ୍ୟା, କରଗ୍ରହଣ—ପାଣିଗ୍ରହଣ=ହାତରେ ଧରିବା, ଦ୍ୱିଜକର—ସର୍ପ, ଚନ୍ଦ୍ରକାନ୍ତ; ସୁମନା—ଫୁଲ, ସୁନ୍ଦର କନ୍ୟା; ଟେକେ—ଉଠାଏ, ସୁପର୍ଣ୍ଣ—ସୁନ୍ଦର ପତ୍ର, ଗରୁଡ଼; ପୟ—ଜଳ, ସ୍ତନ; ରସରଞ୍ଜନ—ସିକ୍ତ, ଭାବେ—ବିଚାର କରେ, ସ୍ନେହରେ; ଦ୍ୱିଜ—ଚନ୍ଦ୍ର, ଦ୍ୱିଜକର—ସର୍ପ, ଆଦର—ସ୍ନେହ ।

ରାଜପୁତ୍ର ପକ୍ଷ—ଏହି ପଦ୍ମିନୀ କନ୍ୟାର ପାଣିଗ୍ରହଣ କରିବ ଏହି ସୁଖ ଚିନ୍ତାରେ ତରଳି ଯାଇ ମୃଣାଳ ଅର୍ଥାତ୍ ପଦ୍ମନାଡ଼ଯୁକ୍ତ ଫୁଲକୁ ରାଜକନ୍ୟାର ହାତ ବୋଲି ବିଚାର କରି ଅର୍ଥାତ୍ ହାତରେ ଉଠାଇ ଧରେ । ଏଣୁ କରି ଉତ୍ତମ ପତ୍ରରେ ଆଦର ରଖି କଳ୍ପନା କରେ । ପଦ୍ମପତ୍ରକୁ ଜଳରେ ସିକ୍ତ କରେ ।

ରାଜକନ୍ୟା ପକ୍ଷେ—ସୁମନା ଅର୍ଥାତ୍ ସଖୀମାନେ କର ଗ୍ରହଣ ଅର୍ଥାତ ହାତରେ ଧରିଥିବା ପଦ୍ମନାଡ଼କୁ ଟେକି ଧରନ୍ତେ ପଦ୍ମିନୀ ରାଜକନ୍ୟା ଶୋକ ବିହ୍ୱଳିତା ହୋଇ ତାହାକୁ ଦ୍ୱିଜକର ଅର୍ଥାତ ସର୍ପ ବୋଲି ମନେ କରେ । ଏଥିପାଇଁ ସେ ଆଦରର ସୁପର୍ଣ୍ଣ ଅର୍ଥାତ ଗରୁଡ଼କୁ ଡାକେ । ପୟ ରସରଞ୍ଜନ ଅର୍ଥାତ ଜଳସିକ୍ତ ପଦ୍ମନାଡକୁ ସର୍ବାଙ୍ଗ ବିଷଯୁକ୍ତ ସର୍ପ ବିଚାର କରିଥାଏ । ୧୬ ।

ସୁବା ଯା ନୂପୁରକୁ ମଣ୍ଡିବା ପ୍ରୀତ । ରାମା ନାକରେ ଥାଉ ଖେଳ ଏ ମତ ଯେ ।
ଧରି ତାର କେଶକୁ ଯତନ କଲେ । ହେବ ହରଷ ସାରସେକ୍ଷଣି ଭଲେ ଯେ ।୧୭।
ଅନୁରାଗୀରତନ ମନ ଏ ଭାବ । ଘନ ସ୍ତନିତ ଯୋଗେ ଜୀବନ ଯିବ ଯେ ।
ଚିତ୍ତ ଭବ ମୋହନ ମାୟାରେ ଲୀନ । କରମ ସେ ଉଦୟ କରିବ ପୁନଃ ଯେ ।୧୮।

---

ସୁବା—ରାଜପୁତ୍ର, ଯା—ଯାହାର, ନୂପୁର—ପାଦ ଗହଣା, ମଣ୍ଡିବା—ପିନ୍ଧାଇବା, ପ୍ରୀତି—ସ୍ନେହ, ରାମା—କନ୍ୟା, ନା କରେ—ନାହିଁ କରେ, ସାରସେକ୍ଷଣି—ସାରସାକ୍ଷୀ, ଭଲେ—ଭଲ ଭାବରେ. ସାର ଖେଳ—ଶ୍ରେଷ୍ଠ ଖେଳ ଜାନୁପୁରକୁ—କୋଳ, ମଣ୍ଡିବାକୁ—ବସିବାକୁ, ନାକରେ—ସ୍ୱର୍ଗରେ, ତାରକେଶ—ଚନ୍ଦ୍ରମା, ସାର—ଶ୍ରେଷ୍ଠ, ହରଷ—ହର୍ଷ, ଭଲେ—ଭଲ ଭାବରେ ।

ରାଜପୁତ୍ର ପକ୍ଷେ—ସୁବା ଅର୍ଥାତ ରାଜପୁତ୍ର ଯାହାର ପାଦରେ ନୂପୁରକୁ ପିନ୍ଧାଇବାକୁ ଅନୁରାଗୀ ହୋଇଛି ସେହି ରାମା ଯେବେ ନା ଅର୍ଥାତ ନାହିଁ କରେ ତେବେ ତାହାର କେଶ ପ୍ରତି ଯତ୍ନ କଲେ ସେହି ସାରସେକ୍ଷଣୀ ଅର୍ଥାତ ପଦ୍ମନେତ୍ରୀ ଭଲ ଭାବରେ ସେହିକ୍ଷଣି ହରଷ ହେବ । ଏହି କଥା ବିଚାର କରୁଅଛି ।

ରାଜକନ୍ୟା ପକ୍ଷେ—ସେହି କନ୍ୟା ସୁବାର ଜାନୁପୁର ମଣ୍ଡିବାକୁ ଅର୍ଥାତ କୋଳରେ ବସିବାକୁ ପ୍ରୀତି ଅର୍ଥାତ ଅନୁରାଗ କରୁଅଛି । ନାକରେ ଅର୍ଥାତ ସ୍ୱର୍ଗରେ ଏହି ଖେଳ ଶ୍ରେଷ୍ଠ ବୋଲି ବିଚାରୁଛି । ତାରକେଶ ଅର୍ଥାତ ଚନ୍ଦ୍ରକୁ ଧରିବାକୁ ଯତ୍ନ କଲେ ସେହିକ୍ଷଣି ସାର ଅର୍ଥାତ୍ ଶ୍ରେଷ୍ଠ ହର୍ଷ ଭଲେ ହେବ କି ? ୧୭ ।

ଅନୁରାଗୀରତନ—ସ୍ନେହୀଶ୍ରେଷ୍ଠ. ଘନସ୍ତନୀ—ପୀନସ୍ତନୀ, ଯୋଗେ—ସଂଯୋଗେ, ଘନସ୍ତନିତ—ମେଘ ଗର୍ଜନ, ଭବ—ଶିବ, ଭବମୋହନୀ—ବିଶ୍ୱମୋହିନୀ, ମୋହନମାୟା—ବିଷ୍ଣୁମାୟା, ଚିତ୍ତଭବ—କନ୍ଦର୍ପ, କରମ ସେ—କ୍ରମଶେ—କ୍ରମେ ।

ରାଜପୁତ୍ର ପକ୍ଷେ—ଅନୁରାଗୀରତନ ଅର୍ଥାତ ସ୍ନେହୀଶ୍ରେଷ୍ଠ ରାଜପୁତ୍ରର ମନରେ ଭାବୁଛି ଏହି ପୀନସ୍ତନୀ ସଂଯୋଗରେ ମୋ ଜୀବ ଅର୍ଥାତ୍ ପ୍ରାଣ ନ ଯିବ ଅର୍ଥାତ୍ ଯିବ ନାହିଁ । ଭବ ଅର୍ଥାତ ଶିବଙ୍କ ଚିତ୍ତ ମୋହନ ମାୟାରେ ଲୀନ ହେଲାପରି ମୋ ଚିତ୍ତ ସେହି ବିଶ୍ୱମୋହନ ରୂପରେ ଲୀନ ପାଇଅଛି । ସେ ପୁଣି ମୋ କର୍ମ ଉଦୟ କରିବ ।

ରାଜକନ୍ୟା ପକ୍ଷେ—ସେ ଅନୁରକ୍ତା ରାଜକୁମାର ପୁରୁଷ ପ୍ରତି ତନ୍ମୟ ହେବା ଯୋଗୁଁ ଏହି ଭାବ ଜାତ ହେଉଅଛି । ବର୍ଷାକାଳ ଆସିଲେ ମେଘ ଗର୍ଜନ ଯୋଗେ ଜୀବନ ଯିବ । ଚିତ୍ତଭବ ଅର୍ଥାତ୍ କନ୍ଦର୍ପର ମୋହନ ମାୟାରେ ମନ ଲୀନ ହୋଇଅଛି । କ୍ରମଶେ ଅର୍ଥାତ୍ କ୍ରମେ କ୍ରମେ ଏହା ପୁଣି ମୋର ସୌଭାଗ୍ୟ ଜାତ କରାଇବ । ୧୮ ।

ଘୋର ବେଦନା ସନ୍ଧ ଗୋଚର ନୋହୁ । ରସ ସଂଯୋଗ ହୋଇ ମିଳୁଛ ନାହିଁ ଯେ ।
ବଳ ଚିତ୍ତ ଯେମନ୍ତ ଉତ୍ସୁକ ମେଳେ । ହେବ ସୁମନାବର ଉତ୍ସବ ଭଳେ ଯେ ।୧୯।
ସିଦ୍ଧି କରି ଯେ କାବ୍ୟ ଅର୍ଥ ସେ ଯୋଡ଼ । ଅଚ୍ଛିଦ୍ର ହାସେ ଆଦ୍ୟରସରେ ଜଡ଼ ଯେ ।
କହେ ଉପେନ୍ଦ୍ର ବର୍ଣ୍ଣଭଙ୍ଗିରୁ ବାର । ଛାନ୍ଦ ଗଙ୍ଗା ଯମୁନା ସଙ୍ଗମ ପରି ଯେ । ୨୦ ।

## ଏକବିଂଶ ଛାନ୍ଦ

[ ରାଗ—ମଙ୍ଗଳ ]

ଗଲେ ଶୁକ ଶାରୀ ଭାଷି ଯେତେ ପ୍ରେମକଳା ।
ସେ ପୂର୍ଣ୍ଣଶଶୀ ହୃଦସ୍ଥ-ନଭେ ପ୍ରକାଶିଲ ଯେ । ୧ ।

---

ସନ୍ଧ—ସନ୍ଧ୍ୟ ଜଣ, ସଂଯୋଗ—ମିଳନ, ସୁମନା ବର—ଇନ୍ଦ୍ର, ସୁମନା—ସ୍ତ୍ରୀ, ବଳ ଚିତ୍ତ—ବଳବତ୍ତା ମନ, ଚିତ୍ତ ବଳ ପକ୍ଷ ; ବର—ପତି ।

ରାଜପୁତ୍ର ପକ୍ଷେ—ସେ ଯେଉଁ ଘୋର ଅର୍ଥାତ ପ୍ରବଳ ମନୋକଷ୍ଟ ସହ୍ୟ କରୁଅଛୁ ସେ କଥା ଅନ୍ୟ କେହୁ ଜାଣନ୍ତି ନାହିଁ । ସଂଯୋଗ ଘଟିତ ରସ ମଧ୍ୟ ମିଳୁନାହିଁ । ସୁମନାବର ଅର୍ଥାତ ଦେବତାଙ୍କ ରାଜାନ ଉତ୍ସବ ହେବ ବୋଲି ବଳ ରାଜାର ମନ ଯେପରି ଉତ୍ସୁକରେ ମେଳ ହୋଇଛୁ ସେହିପରି ଏହି ସୁମନାବର ଅର୍ଥାତ ନାୟିକାର ମିଳନ ଉତ୍ସବ କଥା ଭାବି ମୋ ଚିତ୍ତ ଆନନ୍ଦିତ ହେଉଅଛି ।

ରାଜକନ୍ୟା ପକ୍ଷ—ରାଜକନ୍ୟାର ସେହି ଗର୍ଭ ବ୍ୟଥା ସନ୍ଧ ଅର୍ଥାତ ସଖୀମାନଙ୍କ ଗୋଚର ନୋହୁ ଅର୍ଥାତ ଜଣାପଡ଼ୁନାହିଁ । ରସ ସଂଯୋଗ ଅର୍ଥାତ ଶୃଙ୍ଗାର ରସ ସଂଯୋଗ ଭଲରେ ମିଳୁନାହିଁ । ବଳ ଚିତ୍ତ ଅର୍ଥାତ ବଳବନ୍ତ ପ୍ରକୁଷ୍ଠଠାରେ ଚିତ୍ତ ଯେମନ୍ତ ବଳ ପକ୍ଷ ଆନନ୍ଦରେ ମେଳ ହେଉଛି ସେହି ସୁମନା ଅର୍ଥାତ ରାଜକନ୍ୟାର ବର ଅର୍ଥାତ ପତିଙ୍କ ଉତ୍ସବ କେବେ ହେବ ଚିନ୍ତା କରୁଛି । ୧୯ ।

ସିଦ୍ଧି—ଆଦ୍ୟବର୍ଣ୍ଣ ଶିକ୍ଷା, ଯୋଡ଼—ନନ୍ଦ ବସିଲେ, ଅଚ୍ଛିଦ୍ର—ପୂର୍ଣ୍ଣ, ଆଦ୍ୟ ରସ—ଶୃଙ୍ଗାର ରସ, ସିଦ୍ଧି କରି—ବିଦ୍ୟା ସମାପ୍ତ କରି, ହାସେ—ହାସ୍ୟରସରେ । ଯିଏ ଅକ୍ଷର ଶିକ୍ଷା କରୁଥାଏ ସେ କାବ୍ୟର ଅର୍ଥ କରିବାକୁ ଗଲେ, ଆଦ୍ୟରୁ ଅର୍ଥାତ୍ ପ୍ରଥମରୁ ସେ ଅଚ୍ଛିଦ୍ର ଅର୍ଥାତ୍ ପୂର୍ଣ୍ଣ ହାସ୍ୟରସ ଅର୍ଥାତ୍ ପରିହାସର ଜଡ଼ିତ ହୋଇଥାଏ । ଆଉ ଯେ ପଢ଼ା ଶେଷ କରି ଅର୍ଥ କହିବାକୁ ବସେ ସେ ପୂର୍ଣ୍ଣରୂପେ ହାସ୍ୟ ଓ ଶୃଙ୍ଗାର ରସ ପ୍ରଭୃତିରେ ଜଡ଼ିତ ଅର୍ଥାତ୍ ଭଲଭାବରେ ଭାବ ଗ୍ରହଣ କରିପାରେ । ଉପେନ୍ଦ୍ରଭଞ୍ଜ କହୁଛନ୍ତି ହେ ବିଜ୍ଞଜନମାନେ ଏ ଛାନ୍ଦକୁ ଗଙ୍ଗାଯମୁନା ସଙ୍ଗମ ପରି ବର୍ଣ୍ଣ ଭଙ୍ଗିରୁ ବାହାର କରି ଅର୍ଥ କରନ୍ତୁ । ୨୦ ।

—୦—

ଶୁକ ଶାରୀ ଦୁହେଁ ଯେତେପ୍ରକାର ପ୍ରେମର ବର୍ଣ୍ଣନା କରିଗଲେ ତାହା ପୂର୍ଣ୍ଣଚନ୍ଦ୍ର ସଦୃଶ ଦୁହିଙ୍କର ହୃଦୟ ଆକାଶରେ ପ୍ରକାଶ ପାଇଲା । ୧ ।

ସଂଶୟପୂରା ସନ୍ଧ୍ୟା-ତମ ନାଶ ହେଲା ବେଗ ।
କାର୍ଯ୍ୟାର୍ଥୀ ପଥିକେ ଆଗ ଦିଶିଗଲା ଦଗ ଯେ । ୨ ।
ହରଷ-କୁମୁଦ ବିକସିତ ହାସ ବ୍ୟାଜେ ।
ଶ୍ରୁତି ଚକୋର ଅମୃତ ପାନେ ତୋଷ ଭଜେ ଯେ । ୩ ।
ମନେ ମନେ ଧ୍ୟାୟି ଧ୍ୟାୟି ସେହି ସେହି ଉକ୍ତି ।
ଯେନଲେ କି କଥା ଏ ପକ୍ଷୀଙ୍କ ଏତେ ଶକ୍ତି ଯେ । ୪ ।
ପୁଣି ଗୁଣିଲେ ଏ ବିଧି ପଢ଼ାଇବା ଖଗ ।
ହୋଇଥିଲେ ପୂର୍ବେ ହଂସଦୂତ ଅନ୍ତ ଅଙ୍ଗ ଯେ । ୫ ।
ନଳ ଦମୟନ୍ତୀ କାମଦେବ ପ୍ରଭାବତୀ ।
ରାଜା ରକ୍ଷପୁରେ ମିଳି କରି ଦେଲେ ପ୍ରୀତି ଯେ । ୬ ।
ଅଦୃଷ୍ଟକୁ ମୂଳ କର୍ମ ଦୁର୍ଲ୍ଲଭ ଲଭଇ ।
ଉଦ୍ୟମେ କର୍ମବିପାକେ କାର୍ଯ୍ୟକୁ ନ ପାଇ ଯେ । ୭ ।
ବନେ ପାତାଳେ ସୁଗ୍ରୀବ ସ୍ୱୟଂପ୍ରଭା ଥିଲେ ।
ତାଙ୍କ କି ଉଦ୍ୟମେ ରାମଭଦ୍ର ବର ଦେଲେ ଯେ । ୮ ।

---

ପୂର୍ଣ୍ଣଚନ୍ଦ୍ର ଉଦୟରେ ସନ୍ଧ୍ୟାକାଳର ଅନ୍ଧକାର ଦୂର ହେଲାପରି ସବୁ ସଂଶୟ ଶୀଘ୍ର ନାଶ କଲା । କାର୍ଯ୍ୟ ଉଦ୍ଦେଶ୍ୟରେ ଆସିଥିବା ପଥିକ ଅର୍ଥାତ୍ ପୋଷ୍ଟା ଓ ଉପାଧ୍ୟାୟଙ୍କୁ ଦଗ ଅର୍ଥାତ୍ ବାଟ ଦେଖାଇଦେଲା । ୨ ।

ଶୁଆଶାରୀ କଥା ଶୁଣି ହାସ୍ୟ ଛଳରେ ହର୍ଷ ରୂପକ କଇଁ ଫୁଟି ଉଠିଲା । କର୍ଣ୍ଣ ରୂପ ଚକୋରପକ୍ଷୀ ସେହି ସୁଧା ପାନ କରି ସନ୍ତୁଷ୍ଟ ହେଲା । ୩ ।

ମନରେ ଶୁଆଶାରୀଙ୍କର ସେହିସବୁ କଥାକୁ ସ୍ମରଣ କରି ଭାବିଲେ, କି ବିଚିତ୍ର ଏହି ପକ୍ଷୀ ଦୁଇଟିଙ୍କ ପୁଣି ଏତେ ଶକ୍ତି । ୪ ।

ପୁଣି ଗୁଣିଲେ ଅର୍ଥାତ୍ ବିଚାର କଲେ ପକ୍ଷୀଙ୍କୁ ପଢ଼ାଇବାର ଏହି ରୀତି ଅତି ପୂର୍ବରୁ ଅଛି ବୋଲି ହଂସ ମଧ୍ୟ ଦୂତ ହୋଇଥିଲା । ୫ ।

ଏହିପରି ପକ୍ଷୀ ନଳ ଦମୟନ୍ତୀ, କନ୍ଦର୍ପ ଓ ପ୍ରଭାବତୀ ବା ରତିର ରାଜଭବନ ଓ ଅସୁର ଭବନରେ ପରସ୍ପର ପ୍ରୀତି ଘଟାଇଥିଲେ । ଦମୟନ୍ତୀ ରାଜଭବନରେ ଏବଂ ରତି ଶମ୍ବରପୁର ନାମକ ଅସୁର ଘରେ ଥିଲେ । ହଂସ ଦୁହିଁଙ୍କୁ ନଳ ଓ କନ୍ଦର୍ପ ପ୍ରତି ପ୍ରୀତି ଜନ୍ମାଇଥିଲା । ୬ ।

ଅଦୃଷ୍ଟକୁ ଅର୍ଥାତ୍ ସବୁ ବିଷୟରେ ଭାଗ୍ୟ ହେଉଛି ମୂଳ । ଭାଗ୍ୟବଶରୁ କେହି ଉଦ୍ୟମ କରି ଦୁର୍ଲଭ ବସ୍ତୁ ଲାଭ କରିଥାଏ; ପୁଣି ଅଭାଗ୍ୟରୁ କେହି ଉଦ୍ୟମ କରି ସୁଦ୍ଧା ବିଫଳ ହୋଇଥାଏ । ୭ ।

ବନରେ ସୁଗ୍ରୀବ ଏବଂ ପାତାଳରେ ସ୍ୱୟଂ ପ୍ରଭା ଥିଲେ । ସେ କି ଉଦ୍ୟମ କରିଥିଲେ ଯେ ରାମଚନ୍ଦ୍ର ତାଙ୍କୁ ବର ଦେଇଥିଲେ । ୮ ।

ସିନ୍ଧୁ ମନ୍ଥନରେ ଶ୍ରମ କରିଣ ଅସୁରେ ।
କ୍ଷମ ନୋହିଲେ ସେ ଆଉ ଅମୃତ ପାନରେ ଯେ । ୯ ।
ସ୍ନେହ କରାଇଣ ଏବେ କୁମାରୀ କୁମାରେ ।
ବିଧି ନାମ ସିଦ୍ଧ କଲା ଧାତା ଏହିଠାରେ ଯେ । ୧୦ ।
ଭୋଗ ଈଶ୍ୱରେ ଶ୍ମଶାନ ରାକ୍ଷସରେ ଲଙ୍କା ।
ଏ କଥା ସୁମରି ମନେ ଥିଲା ବଡ଼ ଶଙ୍କା ଯେ । ୧୧ ।
ଏତେ ଭାଳ ପୃଚ୍ଛା ପୃଚ୍ଛି କେ କାହିଁ ଗମିତ ।
ଷୋଣ୍ଢା ବୋଲେ ଯେ ମଗଧେଶ୍ୱର ପ୍ରିୟସୁତ । ୧୨ ।
କି କଥା ପ୍ରସଙ୍ଗବଶେ କହିଏ କହିଲେ ।
ସେହିଦିନୁ ସେ କଥା ପ୍ରସଙ୍ଗ ଭାବିହେଲେ ଯେ । ୧୩ ।
ଚତୁର୍ମାସ୍ୟା କରିଥିଲେ ଅଦ୍ଭୁତ ପୁରୁଷେ ।
ପ୍ରେମମଞ୍ଜରୀ ମିଳିଲେ ଭଲ ହେବ ଭାଷେ ଯେ । ୧୪ ।
ନୃପଜ ସତ କି ସ୍ୱପ୍ନ ଦେଖିଅଛୁ କାହିଁ ।
ପୁରେ ପୁରେ ଖୋଜି ଚମ୍ପାବତୀକି ମୁଁ ଯାଇ ଯେ । ୧୫ ।
ଉପାଧ୍ୟାୟୀ କହି କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ।
କଲ୍ୟାଣୀ ଦର୍ଶନ ବିଗ୍ରହକବନେ କରି ଯେ । ୧୬ ।

---

ସମୁଦ୍ରମନ୍ଥନରେ ଅସୁରମାନେ ପରିଶ୍ରମ କଲେ ମଧ୍ୟ ଅମୃତ ପାନ କରିବାକୁ ଅକ୍ଷମ ହୋଇଥିଲେ । ୯ ।

ରାଜକୁମାର ଓ ରାଜକୁମାରୀ ଦୁହିଁଙ୍କ ମଧ୍ୟରେ ପରସ୍ପର ପ୍ରୀତି ଜନ୍ମାଇ ବିଧାତା ନିଜର ନାମ ସାର୍ଥକ କରିଅଛୁ । ୧୦ ।

ଈଶ୍ୱରଙ୍କର ଶ୍ମଶାନ ଭୋଗ ଥିଲା; ଅଥଚ ରାକ୍ଷସ (ରାବଣକୁ) ଲଙ୍କା ଭୋଗ ଥିଲା । ଏହି କଥା ସ୍ମରଣ କରି ମନରେ ବଡ଼ ସନ୍ଦେହ ଥିଲା । ୧୧ ।

ଏତିକି ଭାବନା କରି କିଏ କୁଆଡ଼େ ଯାଇଥିଲେ ବୋଲି ବୁଝାବୁଝି ହେଲେ । ନପୁଂସକ ପୁରୁଷ କହିଲା ଯେ ମଗଧେଶ୍ୱରଙ୍କ ପ୍ରିୟପୁତ୍ରକୁ କେବେମାନେ କେଉଁ ପ୍ରସଙ୍ଗରେ କି କଥା କହିଲେ ଯେ ସେ ସେ ଦିନରୁ ସେହି କଥା ଚିନ୍ତା କରୁଅଛନ୍ତି । ୧୨-୧୩ ।

ଅଦ୍ଭୁତ ପୁରୁଷ ଚତୁର୍ମାସ୍ୟା ବ୍ରତ କରିଥିଲେ । ସେହିଠାରେ ପ୍ରେମମଞ୍ଜରୀ ଅର୍ଥାତ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ପହଞ୍ଚିଲେ ଭଲ ହେବ । ୧୪ ।

ନୃପଜ ଅର୍ଥାତ୍ ରାଜପୁତ୍ର ଏହା ସତ୍ୟ ଅବା କେଉଁଠାରେ ସ୍ୱପ୍ନ ଦେଖିଅଛୁ ? ମୁଁ ପ୍ରତି ନଗରରେ ଖୋଜି ଖୋଜି ଚମ୍ପାବତୀ ନଗରୀକୁ ଯାଇଥିଲି । ୧୫ ।

ଉପାଧ୍ୟାୟୀ କହିଲେ, କୋଟିବ୍ରହ୍ମାଣ୍ଡସୁନ୍ଦରୀ କଲ୍ୟାଣୀ ଅର୍ଥାତ୍ ମାଙ୍ଗଲ୍ୟାଙ୍କ ଦର୍ଶନ ନିମିତ୍ତ ବିଭଣ୍ଡିକ ବନକୁ ଯାଇଥିଲେ । ୧୬ ।

ପୁଂନାଗ ପୁଷ୍ପବାସୀ ଯେ ଦେଖୁଁ ତାଙ୍କୁ ତୋଷେ ।
ହରଅମାମସ୍ୟା ଅହି ଦଂଶିଲା କି ଦୋଷେ ଯେ । ୧୭ ।
ନସ ବଶେ ଘାରି ହେଉଛି ଯଦ ନ ମାନଇ ।
ନଟେନ୍ଦ୍ର ଯୋଗ୍ୟ ଜନ ମୁଁ ଲୋଡ଼େ ତାହାପାଇଁ ଯେ । ୧୮ ।
ହର ବୋଲି ନାସ୍ତି-ନର-ଲକ୍ଷଣା ଉଠିଲା ।
ମାଗଧ ମାଳମ ଭେଟି ତା ପୁରେ ରହିଲା ଯେ । ୧୯ ।
ଏ ମମାଷାରେ ବାହୁଡ଼ି ପଟ୍ଟେ ଉପାଧ୍ୟାୟୀ ।
ଦ୍ୱିଦନ୍ତଗତ ଉଦନ୍ତ ପାଇବାର ପାଇଁ ଯେ । ୨୦ ।
ସୁଧାମୟ ଶୁଦ୍ଧାନ୍ତକୁ ସେହି ମାର୍ଗେ ଗଲା ।
ଦ୍ୱିପକ୍ଷୀ ବତ୍ସର ଦୂତ ପ୍ରବେଶ କହିଲା ଯେ । ୨୧ ।
କାହିଁ ରହିଲା ପୁଚ୍ଛିଲେ ପ୍ରିୟସଖୀ ତିନ ।
ଖୋଜ ପୁରେ ବିଚକ୍ଷଣା ଚେଟୀ ଜଣେ ଘେନ ଯେ । ୨୨ ।
ରାଜ-ସୁତ ଦୂତ ରହି ମାଳମ ସଦନ ।
ସୁମନ ଗୁନ୍ଥିବାକୁ ସୁମନ କଲା ମନ । ୨୩ ।

---

ସେଠାରେ ଜଣେ ପୁଂନାଗ ଅର୍ଥାତ୍ ପୁରୁଷଶ୍ରେଷ୍ଠ ଥିଲେ । ପୁଷ୍ପବାସୀ ସୁନ୍ଦରୀ ତାଙ୍କୁ ଆନନ୍ଦରେ ଦେଖନ୍ତେ ହର ଅର୍ଥାତ୍ ଶିବଙ୍କର ଅମାଜାସ୍ୟା ଅର୍ଥାତ୍ ଶମ୍ଭୁ ଅହି ଅର୍ଥାତ୍ କାମସର୍ପ ତାଙ୍କୁ କଥଣ ଦଂଶନ କଲା । ୧୭ ।

ସୁନ୍ଦରୀ ସେହି ବିଷୟରେ ଘାରି ହେଉଛି, ତାକୁ ସର୍ପବିଷ ଛଡ଼ାଇବା ଯଦ କାଟୁ କରୁ ନାହିଁ । ମୁଁ ତାହାପାଇଁ ବିଷବୈଦ୍ୟ ଓ ଉତ୍ତମ ପୁରୁଷ ଖୋଜୁଅଛି । ୧୮ ।

ଏହା ଶୁଣି ନାସ୍ତିନର ଲକ୍ଷଣା ଅର୍ଥାତ୍ ନପୁଂସକ ପୁରୁଷ ହର ବୋଲି ଉଚ୍ଚାରଣ କରି ଉଠିଗଲା ଏବଂ ମଗଧ ଦେଶର ମାଳୀକୁ ଦେଖି ତା ଘରେ ରହିଲା । ୧୯ ।

ଉପାଧ୍ୟାୟ ସ୍ତ୍ରୀ ଦ୍ୱିଦନ୍ତଗତ ଅର୍ଥାତ୍ ଗଜଗମିନୀର ସମ୍ବାଦ ପାଇବା ମନୀଷାରେ ଅର୍ଥାତ୍ ବୁଦ୍ଧିରେ ତାହା ପଛରେ ଫେରିଗଲା । ୨୦ ।

ଶୁଦ୍ଧାନ୍ତ—ଶୁଦ୍ଧଗୃହ, ସୁଧାମୟ—ଚନ୍ଦ୍ରଧବଳା । ସେହି ବାଟରେ ଚନ୍ଦ୍ରଧବଳା ଶୁଦ୍ଧ ଅନ୍ତପୁରକୁ ଗଲା । ଦୁଇ ପକ୍ଷୀର ବତ୍ସର ଓ ଦୂତର ପ୍ରବେଶ କଥା କହିଲା । ୨୧ ।

ତିନ ସଖୀ ସେ ଦୂତ କେଉଁଠି ରହିଲା ବୋଲି ପଚାରିଲେ, ଜଣେ ଦୂତୀକୁ ସାଙ୍ଗରେ ନେଇ ବିଚକ୍ଷଣା ଅର୍ଥାତ୍ ଉପାଧ୍ୟାୟୀ ପୁରରେ ଖୋଜିଲା । ୨୨ ।

ରାଜପୁତ୍ରଙ୍କର ଦୂତ ମାଳୀ ଘରେ ରହି ଫୁଲ ଗୁନ୍ଥିବାକୁ ବସି ସ୍ତ୍ରୀ ଓ ପୁରୁଷ ଙ୍କର ମନକୁ ଗୁନ୍ଥିବାକୁ ଇଚ୍ଛା କଲା । ୨୩ ।

ପୁଷ୍ପବାଟୀ ଗ୍ରାସିଲା ଦ୍ୱିଜସୁଗଣି ଆସି ।
ମାଳାକାରୀ ସ୍ମର ନାମେ ପୁନଃପୁନଃ ଭାଷି ଯେ । ୨୪ ।
ବୋଇଲା ମୁଁ ଆସଇ ଦେଖାଇଁ ଘୋଷପଥ ।
ଖଣ୍ଟଣି ପୁଷ୍ପଟି ଯତନେ ମୋପଛରେ ଗୁନ୍ଥ ଯେ । ୨୫ ।
ପଚାରିଲା କେଉଁ କୁସୁମରେ ସ୍ନେହ ଅଛି ।
ପାଟଳି ପାଟଳି ବୋଲି କଲା ଶୀଘ୍ର ଗତି ଯେ । ୨୬ ।
ଏ ଭାବ ଚିତ୍ତକୁ ଭାଗ୍ୟବନ୍ତ ନୃପସୁତ ।
ଯା ସ୍ଥାନ ଅର୍ଦ୍ଧ-ପ୍ରୟୋଗେ ମୋହିନୀ ମୋହିତ ଯେ । ୨୭ ।
ସେ କାଳେ ଚେଟୀଏ ଆସି ରୁହିଁଦେଇଁ ଦ୍ୱାରେ ।
ବସନ୍ତ ଗୀତ ଗାଇଲେ ଫୁଲଗୁନ୍ଥାଠାରେ ଯେ । ୨୮ ।
କ ଯୋଗେ ସୁନ୍ଦରବର ସୁନ୍ଦରୀରତନେ ।
ଦେଖିଲାରୁ ଲେଖିଲା ଲଖିଲା ନେତ୍ର ମନେ ଯେ । ୨୯ ।
ବିଚ୍ଛେଦ ଶଙ୍କାରୁ କରି ଦେବଦୃଷ୍ଟି ବନ୍ଧ ।
ପ୍ରେମସୃଷ୍ଟି ସର୍ଜିବା ଉତ୍ସାହେ ନିଦ୍ରା ନାହିଁ ଯେ । ୩୦ ।

---

ଦ୍ୱିଜସ୍ଥ ଗଣି— ବୃଷଭ । ଷଣ୍ଢ ଆସି ଫୁଲ ବଗିଚା ଖାଇବାରୁ ମାଳୁଣି ସ୍ମର ଅର୍ଥାତ୍ ମାର ମାର ବାରମ୍ବାର କହିଲା । ମାଳୁଣି କହିଲା ମୁଁ ଏହାଙ୍କୁ ଘୋଷପଥ ଅର୍ଥାତ୍ ଗାଈଙ୍କ ଯିବା ବାଟ ଦେଖାଇ ଆସୁଅଛି । ତୁମେ ମୋ ପଛ ଯତ୍ନ କରି ଏହି ଖଣ୍ଟଣୀ ଫୁଲହାର ଗୁନ୍ଥୁଥାଅ । ୨୪-୨୫ ।

ସ୍ମର ପଚାରିଲା କେଉଁ ଫୁଲରେ ବିଶେଷ ଶ୍ରଦ୍ଧା । ମାଳିନୀ ପାଟଳି ପାଟଳି କହି ଶୀଘ୍ର ଚାଲିଗଲା । ୨୬ ।

ଏହା ଶୁଣି ନପୁଂସକ ମନରେ ଭାବିଲା ରାଜପୁତ୍ର ବଡ଼ ଭାଗ୍ୟବନ୍ତ ଯେହେତୁ ରାଜପୁତ୍ରୀର ବାସସ୍ଥାନ ପାଟଳିପୁର ନଗର ନାମର ଅଧ ଉଚ୍ଚାରଣରେ ମୋହିନୀ ମୋହିତ ହୋଇଅଛି । ୨୭ ।

ସେ କାଳରେ ଚେଟୀଏ ଅର୍ଥାତ୍ ସଖୀମାନେ ଦୁଆରରେ ରୁହିଁ ଦିଅନ୍ତେ ସେ ଫୁଲ-ଗୁନ୍ଥା ସ୍ଥାନରେ ବସନ୍ତ ରାଗରେ ଗୀତ ଗାଇଲେ । ୨୮ ।

ସୁନ୍ଦରଶ୍ରେଷ୍ଠ କ ଯୋଗରେ ସୁନ୍ଦରୀଶ୍ରେଷ୍ଠାଙ୍କୁ ଦେଖିବାରୁ ଆଖିରେ ଅଙ୍କି ରଖିଲା ଓ ମନରେ ଲେଖିରଖିଲା । ୨୯ ।

ଦେବଦୃଷ୍ଟି —ଅପଲକ । ବିରହ ଶଙ୍କାରୁ ଅପଲକ ନୟନରେ ରହିଅଛି । ପ୍ରେମ ସୃଷ୍ଟି ସର୍ଜନା ଉତ୍ସାହରେ ନିଦ୍ରା ନାହିଁ । ୩୦ ।

ରସାଳ ବନଚାମରି ପୁଣି ତା ଭାବନା ।
ଆସ୍ୱାଦନେ ହୋଇଅଛୁ କ୍ଷୁଧା ତୃଷା ବିନା ଯେ । ୩୧ ।
ଫଳ ଅଛୁ ଫଳ ନାହିଁ ଏ ସଂଶୟୁ ଲଭ ।
ମଦନ ଦହନ ଶରେ ପୀଡ଼ନ ଆରମ୍ଭି ଯେ । ୩୨ ।
ଭାବେ ଲୋଳ କଲ ଲୋକ ଶୃଙ୍ଗାରିକ ତାଳ ।
କମ୍ପ କୃପା ନ ଥିଲେ କି ଆଲି ଏନ୍ତା ଖଳ ଯେ । ୩୩ ।
ଆଜନ୍ମସୁଖୀ ନୋହିଛୁ ସ୍ୱପ୍ନେ ଦୁଃଖଗ୍ରସ୍ତ ।
ଏବେ ମାର ମାରଣେ କ ବଳୁଥିବ ହସ୍ତ ଯେ । ୩୪ ।
ସେ ପରଦୁଃଖ ଖେଦିବା ବଡ଼ ଭାଗ୍ୟ ସତ ।
କି କରିବେ ଜଗନ୍ନାଥେ ଦେଇଛୁ ଗୁପତ ଯେ । ୩୫ ।
ବୋଲନ୍ତି ଆରତତ୍ରାଣ ଦୀନବନ୍ଧୁ ସେହି ।
କରି ଏହି ଭରସାକୁ ଆସିଅଛୁ ମୁହିଁ ଯେ । ୩୬ ।
ପୁଣି ସର୍ବପ୍ରକାଶ ଗୁଞ୍ଜିକାରେ ଥୋଇ ।
ବାଳା ପ୍ରାପତେ ଚିଠାଏ ମାଳାରେ ଘୋଡ଼ାଇ ଯେ । ୩୭ ।

---

ବନଚାମରି ଅର୍ଥାତ ରାଜଜେମା ପୁଣି ରସାଳ ଅର୍ଥାତ୍ ଆମ୍ବ ଓ ଆଖୁ ପରି ରସଯୁକ୍ତ ଶ୍ରୀକୃଷ୍ଣର ଭାବନା ଆସ୍ୱାଦନ କରି ଭୋକ ଶୋଷ ହରାଇଅଛୁ । ୩୧ ।

ଆମ୍ବର ଫଳ ଅଛି, ଆଖୁର ନାହିଁ; ଏଣୁ ନାଗର ବାଞ୍ଛା ଫଳପ୍ରଦ ହେବ କି ନାହିଁ ଏପରି ସନ୍ଦେହ ମନରେ ଜନ୍ମି କ୍ଷଣି କାମ ଦହନ ଶର ଦ୍ୱାରା ପୀଡ଼ା ଦେବା ଆରମ୍ଭ କରିଅଛୁ । ୩୨ ।

ରାଜକନ୍ୟା କଳ୍ପନାରେ ଲୋଲ ଅର୍ଥାତ୍ ଚଞ୍ଚଳ ଶୃଙ୍ଗାରି ତାଳ ଭାବରେ ଆଲିଙ୍ଗନ କଲ ଦେଖି ବିସ୍ମରୁଛୁ, ମନରେ ଦୟା ନ ଥିଲେ ମୋତେ କମ୍ପା ଆଲିଙ୍ଗନ ଦିଅନ୍ତା ? ୩୩ ।

ଜନ୍ମରୁ ସୁଖୀ ରାଜକନ୍ୟା ସ୍ୱପ୍ନରେ ସୁଦ୍ଧା ଦୁଃଖୀ ହୋଇନାହିଁ । ଏଣୁ ଏବକୁ କନ୍ଦର୍ପର ମାରିବା ପାଇଁ ହାତ ବଳୁ ନ ଥିବ । ୩୪ ।

ସେ ରାଜଜେମା ପରର ଦୁଃଖରେ ଦୁଃଖିତ ହେବା ଅତି ଭାଗ୍ୟର କଥା, ଏହା ସତ; ତଥାପି ଜଗନ୍ନାଥ ପାଳ୍ପ କରିବେ । ସମ୍ବାଦ ପଠାଇଛୁ ତ । ୩୫ ।

ଜଗନ୍ନାଥ ଆରତଙ୍କୁ ତ୍ରାଣ କରନ୍ତି ସେ ପୁଣି ଦୀନ ଲୋକର ବନ୍ଧୁ ବୋଲି ବିଦିତ । ଏହି ଭରସା କରି ମୁଁ ଆସିଅଛୁ । ୩୬ ।

ପୁଣି ସ୍ନେହ ପ୍ରକାଶ କରୁଥିବା ଗୁଞ୍ଜିକାରେ ଚିଠାଏ ଥୋଇ ତା ଉପରେ ଫୁଲମାଳା ଘୋଡ଼ାଇ ବାଳାଙ୍କୁ ପାଇବା ପାଇଁ ପଠାଇଛୁ । ୩୭ ।

ଶ୍ରବଣେ ସେ ଗୀତ ଶିକ୍ଷା କଲେ ଉପାଧ୍ୟାୟୀ ।
ଏହି କାଳେ ମାଳାକାଷ୍ଟ ପରବେଶ ହୋଇ ସେ । ୩୮ ।
ସୁମନସମ୍ଭାର ବାଳବାମା କରେ ଦେଇ ।
ଗଲେ ସେ ଭୈରବୀ ସ୍ମରି ଉଚ୍ଚେ ଗୀତ ଗାଇ ସେ । ୩୯ ।
ବାଣୀ ତାହା ବାଣୀରେ ହୋଇଲେ ଆଲିଙ୍ଗିତ ।
ହୃଦରେ ସଦନ କରି ଦେଲେ ସେ ସ୍ଫୁରିତ ସେ । ୪୦ ।
କେ ରସିକାବର କ୍ଷୀରଘଟ ହୋଇଥିଲା ।
ବଧୂ-ବ୍ରଜ କାନ୍ତ ପ୍ରୀତି-ନୀର ମିଶାଇଲା ସେ । ୪୧ ।
କ୍ରମେ ଶୀର୍ଣ୍ଣ କଲା ସ୍ଥାପି ବିରହାନଳରେ ।
ଉଦ୍ୟମି ମନ୍ମଥଦଣ୍ଡ ଧରି ମନ୍ଥିବାରେ ସେ । ୪୨ ।
ପୁନଃ ଲଭିଲେ ସେ ନୀର ସ୍ଥିରକୁ ଲଭିବ ।
ଏ ବିନା ବିନାଶ ନାନାରସ ଜାତ ଦ୍ରବ୍ୟ ସେ । ୪୩ ।

---

ସେହି ଗୀତ ଶୁଣିଲାମାତ୍ରେ ଉପାଧ୍ୟାୟ ସ୍ତ୍ରୀ ଶିଖିନେଲେ । ଏତିକବେଳେ ମାଳାକାଷ୍ଟ ପହଞ୍ଚିଲେ । ୩୮ ।

ସୁମନସମ୍ଭାର ଅର୍ଥାତ୍ ଫୁଲସବୁକୁ ବାଳବାମା ଅର୍ଥାତ୍ ବାଳିକା ହାତରେ ଦେଇ ସେ ଭୈରବୀ ସ୍ମରି ଅର୍ଥାତ୍ ଦୁର୍ଗାଙ୍କୁ ସ୍ମରଣ କରି ଉଚ୍ଚ ସ୍ୱରରେ ଗୀତ ଗାଇଗଲେ । ୩୯ ।

ବାଣୀ ଅର୍ଥାତ୍ ସରସ୍ୱତୀ ତାହାର ବାଣୀରେ ଅର୍ଥାତ୍ ବଚନରେ ଆଲିଙ୍ଗିତ ଅର୍ଥାତ୍ ଲାଗିରହିଲେ । ତାହା ହୃଦୟରେ ସଦନ ଅର୍ଥାତ୍ ବାସ କରି ପଦମାନ ପ୍ରକାଶ କଲେ । ୪୦ ।

ରସିକାଶ୍ରେଷ୍ଠ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ଦୁଗ୍ଧଭାଣ୍ଡ ହୋଇଥିଲା । ବଧୂବ୍ରଜ ଅର୍ଥାତ୍ ବିଧାତା ଗହଣ ହୋଇ ସେହି ଦୁଗ୍ଧଭାଣ୍ଡରେ କାନ୍ତ ପ୍ରୀତି ରୂପକ ପାଣି ମିଶାଇଲା । ୪୧ ।

ବିରହ ତାପରେ ଥୋଇ ମନ୍ମଥ ଦଣ୍ଡ ଧରି ମନ୍ଥିବା ଉଦ୍ୟମ କରନ୍ତେ କ୍ରମେ ଶୀର୍ଣ୍ଣ ହେଲା ଅର୍ଥାତ୍ ଦୁଧକୁ ପାଣି ମିଶାଇ ନିଆଁରେ ବସାଇ ଅଉଟିଲେ ପାଣି ମରିଯାଏ । କ୍ଷୀର ଶୀର୍ଣ୍ଣ ହୋଇଗଲା କାରଣ ପାଣି ଶୁଖିଗଲା । ୪୨ ।

ନିଆଁରେ ଆଉଟିଲେ ଦୁଧ ଉତୁରି ପଡ଼େ । ସେଥିରେ ପୁଣି ପାଣି ମିଶାଇଲେ ସ୍ଥିର ହୁଏ । ସେହିପରି ରସିକା ଅସ୍ଥିର ହେଉଅଛି । ପୁଣି କାନ୍ତରୂପ ନୀରର ସଙ୍ଗ ପାଇଲେ ସ୍ଥିର ହେବ । ଏପରି ଜଳ ସଂଯୋଗ ବିନା ନାନା ରସର ଦ୍ରବ୍ୟ ଜାତ କରୁଥିବା ଦୁଧ ଉତୁରି ଚୁଲିରେ ପଡ଼ି ନଷ୍ଟ ହେବାଭଳି ଏହି ରସିକା କାନ୍ତ ପ୍ରୀତି ରୂପକ ନୀର ବିନା ନଷ୍ଟ ହୋଇଯିବ । ୪୩ ।

ଘଟ ଫାଟି ଫୁଟି ଗିଲା କାଳ ହେବ ପକ୍ଷୀ ।
ନଷ୍ଟେ ଦୁଗ୍ଧଉଦ୍ଧାରଣ ସେହୁସ୍ଵରୂପବନ୍ତ ଯେ । ୪୪ ।
ପୁଂସଦୂତ ନେତ୍ରଶ୍ରୁତ ମଜ୍ଜେ ଏମନ୍ତରେ ।
ଯେବେ ନ୍ୟମା ଘାରି ହେବ ଏ ଗ୍ଳାନଶରେ ଯେ । ୪୫ ।
ଅବରୋଧେ ଅବରୋଧେ ପ୍ରବେଶ ସେ ବେନି ।
ଗନ୍ଧର୍ଵଗୀତ ଗାଉଛନ୍ତି ଯେଉଁ ଯେ । ୪୬ ।
ଶଚୀକଳା ଅଗ୍ରରେ ପ୍ରକାଶ ଉପାଧ୍ୟାୟୀ ।
ଗୋପ୍ୟପୁରେ ବାଳଦାମା ପୁଷ୍ପମାଳା ଥୋଇ ଯେ । ୪୭ ।
ଶ୍ରବଣ ଲୋଚନ ଘେନି ବାଣୀକା ତର୍କିଲା ।
ଗୁଣବତୀ ବଲେଇକର ଏ ପୁରେ ଡାକିଲା ଯେ । ୪୮ ।
ଶୋଭାବତୀ ହୃଦକ୍ଷେତ୍ର-ଜାତ ଇକ୍ଷୁଲତା ।
ହୃଦନ୍ଧା କୃଷିକ ତାହା ପେଡ଼ିବାରେ ରତା ଯେ । ୪୯ ।
ତାପ ଦହନ ଯୋଗରେ କି ମଧୁରଦ୍ରବ୍ୟ ।
ସମ୍ଭବନ୍ତି ବ୍ୟାଧିବନ୍ତ ରୋଚକ ସ୍ଵଭାବ ଯେ । ୫୦ ।

---

ଦୁଧ ଅଧିକା ଆହୁଟା ହେଲେ ପାତ୍ର ଫାଟିଯିବା ସମସ୍ତ ହେଲେ ଗରୁଡ଼ ତାକୁ ଚୁଲିରୁ ଓହ୍ଲାଇ ପକାଏ । ସେହିପରି ରାଜକନ୍ୟାର ଦେହ ତାପରେ ଫାଟି ଫୁଟିଯିବା ସମସ୍ତ ହେଲେ ବିଧାତାରୂପୀ ଗରୁଡ଼ ନଷ୍ଟେ ଏହି ଦୁଗ୍ଧକୁ କଷ୍ଟରୁ ଉଦ୍ଧାର କରିବ । ୪୪ ।

ଏପରି ଭାବରେ ନପୁଂସକ ଦୂତର ଆଖି କାନ ମଜ୍ଜିଲା ଅର୍ଥାତ ସେ ଦେଖି ଶୁଣି ମନରେ ଭାଳିଲା ଏହି ଭାବରୂପ ବିଷରେ ଗ୍ରାମ୍ୟ ଜନସ୍ୱ ଘାରି ହେବ । ୪୫ ।

ସେ ଦୁଇ ସଖୀ ବିନା ବାଧାରେ ଅନ୍ତଃପୁରରେ ପ୍ରବେଶ କଲେ । ସେମାନେ ସ୍ନେହବଶତଃ ଗନ୍ଧର୍ଵ ଅର୍ଥାତ୍ ମଙ୍ଗଳ ଗୀତ ଗାଉଥାନ୍ତି । ୪୬ ।

ଉପାଧ୍ୟାୟର ସ୍ତ୍ରୀ, ଶଚୀକଳା ଆଗରେ ଦେଖାଦେଲେ । ବାଳଦାମ ଫୁଲମାଳା ଥୋଇ ଘରେ ଲୁଚିଗଲା । ୪୭ ।

ବାଣୀକା ଶୁଣିବା ଓ ଦେଖିବା ଢଙ୍ଗରୁ ତର୍କଣା କଲା । ଆରେ ଗୁଣବତୀ, ଏ ପୁରକୁ ବଳେ କର ଏପରି କିଏ ଡାକିଲା ? ୪୮ ।

ହେ ଶୋଭାବତୀ ! ହୃଦକ୍ଷେତ୍ରରେ ଯେଉଁ ଆଖୁ ଜାତ ହୋଇଥିଲା ତାକୁ ହୃଦନ୍ଧା ଅର୍ଥାତ୍ ମନୋବାଞ୍ଛା ରୂପକ କୃଷକ ଅର୍ଥାତ୍ କୃଷିକାରୀ ପେଡ଼ିବାରେ ଲାଗି ଗଲଣି । ୪୯ ।

ତାପ ଦହନ ଅର୍ଥାତ କାମତାପ ରୂପ ଅଗ୍ନି ଯୋଗୁଁ ତହିଁରୁ କି ଅଧିକ ମଧୁର ଦ୍ରବ୍ୟ ସମ୍ଭବ ହୋଇଅଛି । ରୋଗୀ ପକ୍ଷରେ ତାହା ରୁଚିକର ଅଟେ । ୫୦ ।

ଭୋଗୀ ରୋଗୀ ଦୁଇଭାବ ଅଛି ତୋହଠାରେ ।
ବିଳମ୍ବ ନ କର ବତ୍ସଳକର ଭକ୍ଷଣରେ ଯେ । ୫୧ ।
ଆନ କୃଷିକ ପୀଡ଼ନ ଇକ୍ଷୁଜାତରସ ।
ରସନାକୁ ସ୍ୱାଦୁତରେ କରଇ ଅତି ତୋଷ ଯେ । ୫୨ ।
ମୁଖ କର୍ଣ୍ଣ ନୟନ ଜାଣିବେ ଏହା ସ୍ୱାଦୁ ।
ଯାହେ ପିଠା ନୋହେ ତାର ତେଜ ପରସାଦୁଁ ଯେ । ୫୩ ।
ମଙ୍ଗଳ ଜାତେ ଶ୍ରୀରାମ ସୁମରି ନାଗରୀ ।
ଶୋକସିନ୍ଧୁ ତରି ଯିବ ନଗରନାଗରୀ ଯେ । ୫୪ ।
ଶ୍ରୀରାମ ସୁମରି କ୍ଷଣେ ହେଲେ ସିନ୍ଧୁତରି ।
ମରୁତସୁତ ପ୍ରବେଶ ହେମମୟପୁରୀ ଯେ । ୫୫ ।
କହେ ଉପେନ୍ଦ୍ର ଭଞ୍ଜ ଶ୍ରୀରାମ ସୁମରି ।
ବୈକୁଣ୍ଠପୁର ଲଭିବ ଭବସିନ୍ଧୁ ତରି । ୫୬ ।

—o—

---

ତୋହଠାରେ ଭୋଗୀ ଆଉ ରୋଗୀ ଦୁଇ ଭାବ ରହିଅଛି । ଅତଏବ ଡେରି ନ କରି ଖାଇବାକୁ ବତ୍ସଳକର । ୫୧ ।

ଅନ୍ୟ ସ୍ତ୍ରୀ ପେଡ଼ିଥିବା ଆଖୁରସର ସ୍ୱାଦୁ ଗୁଣରେ ଜିଭକୁ ସନ୍ତୋଷ କର । ୫୨ ।

ମୁହଁ, କାନ, ଆଖି ଏହାର ସ୍ୱାଦୁ ଜାଣିବେ । ଆଖୁରସ ରନ୍ଧନରେ ତାହାର ତେଜ ଯୋଗୁଁ ପିଠା ହୋଇନାହିଁ । ୫୩ ।

ମଙ୍ଗଳ କାଳ ହେବାରୁ ନାଗରୀ ଶ୍ରୀରାମଙ୍କୁ ସ୍ମରଣ କରି ଶୋକ-ସିନ୍ଧୁ ପାରି ହୋଇ ନାଗରଙ୍କ ଘରକୁ ଯିବ ବୋଲି ମନେକଲା । ୫୪ ।

ହନୁମାନ୍ ଶ୍ରୀରାମଙ୍କୁ ସ୍ମରଣ କରି ସମୁଦ୍ର ପାରି ହୋଇ ସ୍ୱର୍ଣ୍ଣଲଙ୍କାରେ ପହଞ୍ଚି-ଥିଲେ । ୫୫ ।

ଉପେନ୍ଦ୍ରଭଞ୍ଜ କହନ୍ତି ଶ୍ରୀରାମଙ୍କୁ ସ୍ମରଣ କରି ସେ ସଂସାର-ସମୁଦ୍ର ପାରି ହୋଇ ବୈକୁଣ୍ଠପୁର ପାଇବେ । ୫୬ ।

—o—

## ଦ୍ୱାବିଂଶ ଛାନ୍ଦ

[ ରାଗ—କଳସା ]

ମୁକ୍ତା ମଣି ଥିବା ପୁର ଭିତ୍ତି ପଟେ ସ୍ୱଚ୍ଛେ ରଙ୍ଗିତ ଗୀତ ଗାନ ।
ଆଳୀ ଆଗେ ଉପାଧ୍ୟାୟୀ ରଚନ ।
ଶା ଣ୍ଟ୍ରିକଟୀ ପୂର୍ଣ୍ଣଚନ୍ଦ୍ରମା ବଦନା ଏ ସେ କଥାରେ ଦେଇ କର୍ଣ୍ଣ ସେ, ସୁନ୍ଦରି !
ନେଗ ବେଗ ନେତ୍ରଯୁଗ ଚଳାଇ । ବାଳବାମା ହରଷକୁ ଅନାଇ ।
ଉତ୍ଫୁଲ୍ଲ ସୁମନ ଗୁଚ୍ଛାରେ ଯତନେ ଉତ୍ଫୁଲ୍ଲ ସୁମନ ଥୋଇ ସେ । ୧ ।
ଏମନ୍ତେ ବାଳିକା କୁସୁମମାଳିକା ଟେକୁ ପଟମୁଦେ ପାଇଲି ।
ଋଦ୍ଧି ଦରିଦ୍ର ହସ୍ତକୁ ଆଇଲି ।
ଫେଡ଼ିଲି ସେ ପଦା କରିବା ବସୁରେ ସୁବର୍ଣ୍ଣେ ପୂର୍ଣ୍ଣ ଲୁଣ୍ଠିଲି ସେ । ସୁନ୍ଦରି !
କରୁ ହୃଦେ କଷିବା ଆରମ୍ଭିଣ । ପଢ଼େ ପ୍ରଥମେ ଶ୍ରୀରାମ ଶରଣ ।
ଶୋଭାବତୀଗଣେ ଚକ୍ରବର୍ତ୍ତୀପଣେ ଖ୍ୟାତ ସେ ତାକୁ ଜଣାଣ ରେ । ୨ ।
ନୃପକୁମାରୀ ସୁକୁମାରୀ ତୋ ସଙ୍ଗେ ଶୋଭା-ବିବାଦ ନ ଆଦରି ।
ସିନ୍ଧୁନନ୍ଦନା ମଦନାରିନାରୀ ।
ପ୍ରଧାନ କରି ସେ କମଳା ଗଉରୀ ନାମମିତ୍ରତା ବରିଣ ରେ । ସୁନ୍ଦରି !

---

ସ୍ୱର୍ଣ୍ଣକଳଶ୍ରେଷ୍ଠ ରହିଥିବା ଘରର କାନ୍ଥ ପଟରେ ଉପାଧ୍ୟାୟୀ ସ୍ୱୀ ପରିଷ୍କାର ଭାବେ ସଖୀଙ୍କ ଆଗରେ ରଙ୍ଗିନ ଗୀତମାନ ରଚନା କଲେ । କ୍ଷୀଣ୍ଣକଟି ଅର୍ଥାତ୍ କୃଶମଧ୍ୟା ପୂର୍ଣ୍ଣଚନ୍ଦ୍ରମୁଖୀ ସୁନ୍ଦରୀ ସେ କଥାରେ କାନ ଦେଇ ଦୁଇ ଆଖିକୁ ବେଗ ବେଗ ଚଳାଇଲି । ବାଳବାମାର ହର୍ଷକୁ ଦେଖି ପ୍ରସ୍ଫୁଟିତ ଫୁଲ ଗୁଚ୍ଛାରେ ପ୍ରଫୁଲ୍ଲ ମନକୁ ଯତ୍ନରେ ରଖିଲି । ୧ ।

ଏହିପରି ଭାବରେ ବାଳିକା ଫୁଲହାରକୁ ଉଠାନ୍ତେ ବନ୍ଧଥିବା ଚିଠିଖଣ୍ଡେ ପାଇଲି । ଦରିଦ୍ର ହାତରେ ଋଦ୍ଧି ମିଳିଲା ପରି ସେ ଚିଠି ସୁନ୍ଦରୀର ଆନନ୍ଦ ବଢ଼ାଇଲା । ସେ ଉପାୟ କରିବା ବସ୍ତ୍ର ତାକୁ ଫିଟାଇ ଦେଖିଲି ଯେ ତାହା ଉତ୍ତମ ଅକ୍ଷରରେ ଓ ସୁନାରେ ପୂର୍ଣ୍ଣ । ସୁନା କଷଟି ପଥରରେ କଷା ହୁଏ । ସୁନ୍ଦରୀ ଉକ୍ତ ଚିଠିକୁ ନିଜ ହୃଦୟ ରୂପକ କଷଟି ପଥରରେ କଷିବା ଆରମ୍ଭ କରନ୍ତେ ପ୍ରଥମେ ପଢ଼ିବାକୁ ପାଇଲି ଶ୍ରୀରାମଶରଣ । ସେ ସୁନ୍ଦରୀମାନଙ୍କ ଭିତରେ ସାମ୍ରାଜ୍ଞୀପଣରେ ଖ୍ୟାତ ତାକୁ ଏହି ଜଣାଣ । ୨ ।

ହେ ସୁକୁମାରୀ ରାଜକନ୍ୟା ! ସିନ୍ଧୁନନ୍ଦନା ଅର୍ଥାତ୍ ଲକ୍ଷ୍ମୀ ମଦନାରି ମଦନ ଅରି ନାରୀ କି ପାର୍ବତୀ ତୁମ୍ଭେ ତୋ ସଙ୍ଗରେ ସୌନ୍ଦର୍ଯ୍ୟ ପାଇଁ ବିବାଦକୁ ମନ ନ ବଳାଇ ତୁ କମଳା ଅର୍ଥାତ୍ ଗୌରାଙ୍ଗୀ ହେତୁ ତୁମ୍ଭେ ନାମର ମିତ୍ରତାକୁ ବରଣ କରି ନିଜ ନିଜ ନାମକୁ କମଳା ଓ ଗୌରୀ ବୋଲି ପ୍ରଧାନ ଅର୍ଥାତ୍ ଖ୍ୟାତ କଲେ । ଜଗତରେ ଯେଉଁ

ଯେଉଁ ପ୍ରମଦା ଦ୍ରବ୍ୟରୂପ ବହନ୍ତି । ଉତ୍ତମ ଏ ବୋଲି ଦୃଷ୍ଟାନ୍ତରେ କହନ୍ତି ।
ଉତ୍ତମ ସେ ଯହିଁ ତୁଳନା ନୋହିଲେ ଲଳନା ତୋ ପରି ତୁହି ରେ । ୩ ।

ବିଧି ନ ପାରି ବିଧି କେବେ ତୋ ପରି ତାର କଳ୍ପନା ସିଦ୍ଧି ପଣେ ।
ପ୍ରତିବିମ୍ବ ଦେଲେ କରି ଦର୍ପଣେ ।
ଯେମନ୍ତ ନିପୁଣ ଗୁଣେ ତୁହି ଗୁଣ କାହୁଁ ଉଆଇବ ଜଣେ ରେ । ସୁନ୍ଦରି !
ନୋହି ସଙ୍ଗୀତ ସାହିତ୍ୟ ସମାନ । ପଳାଇଛି ସାରଦା ଅନୁମାନ ।
କେଳି ପ୍ରବୀଣା କଣ୍ଠୋଷ୍ଠ କଣ୍ଠ ବୀଣା ପାସୋରି ଗଲା କି ଛନ୍ଦ ରେ । ୪ ।

ଖୋଜି କି ତୋ ସମ ସୁଷମେ ଗୋଟିଏ କୋଟିଏ ବ୍ରହ୍ମାଣ୍ଡେ ନ ପାଇ ।
ବଶ କରି ନ ପାରିବା ଧିଆଇଁ ।
ବିରହଜ୍ୱାଳାରେ ହରି ତନୁ କଳା ହର ଗଲେ ଯୋଗୀ ହୋଇ ରେ । ସୁନ୍ଦରି !
ଏଣୁ ଦୁର୍ଲ୍ଲଭେ ଦୁର୍ଲ୍ଲଭ ତୁ ଅଟୁ । ଦୃକେ ମୋହନେ ମୋହନ ମୂରତି ।
ଭଗୀରଥେ ଗଙ୍ଗା କୃପା କଲା ପ୍ରାପ୍ତେ ହେଲୁ ମୋ ନେତ୍ର ସମ୍ପତ୍ତି ରେ । ୫ ।

---

ପ୍ରମଦା ଅର୍ଥାତ୍ ସ୍ତ୍ରୀ ଦ୍ରବ୍ୟରୂପ ଅର୍ଥାତ୍ ସୁନ୍ଦର ଦେହ ବହୁଥାଏ, ତାଙ୍କୁ ଉତ୍ତମ ବସ୍ତୁଟାଏ ବୋଲି ଉଦାହରଣ ଦେଇ କହନ୍ତି; ସେହି ଉତ୍ତମଦେବୀ ଯହୁଁ ରତିଏ ପରିମାଣରେ ସମାନ ନ ହେଲା ଏଣୁ ତୋ ପରି ସୁନ୍ଦରୀ ତୁହି ଏକା । ୩ ।

ବିଧି—ବିଧାତା, ଗଢ଼; ସମ—ସମାନ, ଶାରଦା—ସରସ୍ୱତୀ । ବିଧାତା ନିଜ କଳ୍ପନା ସଫଳ କରିବା ପାଇଁ ତୋ ସମାନ ଜଣେ ଗଢ଼ିବାକୁ ଚେଷ୍ଟା କରି ବିଫଳ ହୋଇ କେବଳ ଦର୍ପଣରେ ପ୍ରତିବିମ୍ବକୁ ଆପଣା କଲା । ରେ ସୁନ୍ଦରି ତୋ ପରି ଗୁଣରେ ନିପୁଣ ଆଉ ଜଣେ ବିଧାତା କୁଆଡ଼ୁ ସୃଷ୍ଟି କରିବ । ତୋର ସଙ୍ଗୀତ ସାହିତ୍ୟରେ ସମାନ ହୋଇ ନ ପାରି ସାରଦା ଅର୍ଥାତ୍ ସରସ୍ୱତୀ ପଳାଇ ଯାଇଛି ବୋଲି ଅନୁମିତ ହୁଏ । ନଚେତ୍ ତୋ କଣ୍ଠସ୍ୱର ବୀଣାଠାରୁ ମଧୁର ହୁଅନ୍ତା କିପରି ? ବୋଧହୁଏ ସରସ୍ୱତୀ ତୋ ପାଖରେ ନିଜ ବୀଣାଖଣ୍ଡିକ ଥୁଇ ପଳାଇଅଛି । ୪ ।

କୋଟି ବ୍ରହ୍ମାଣ୍ଡରେ ଖୋଜି ତୋ ସୌନ୍ଦର୍ଯ୍ୟ ସହିତ ସମାନ ଗୋଟିଏ ସୁନ୍ଦରୀ ନ ପାଇ ଏବଂ ତୋତେ ବଶ କରି ନ ପାରିବା ଜାତ ବିରହ ଜ୍ୱାଳାରେ ହରିଙ୍କ ଦେହ କଳା ହୋଇଗଲା, ହର ଯୋଗୀ ହୋଇଗଲେ । ଏଣୁ ସବୁ ଦୁର୍ଲ୍ଲଭ ପଦାର୍ଥ ମଧ୍ୟରେ ତୁ ଅତ୍ୟନ୍ତ ଦୁର୍ଲ୍ଲଭ । ଦୃକେ ଅର୍ଥାତ୍ ଦୃଷ୍ଟିସୁଖରେ ମୋହନେ ଅର୍ଥାତ୍ ମୋହିବାରେ ତୁ ସାକ୍ଷାତ୍ ମୋହନ ମୂର୍ତ୍ତି । ଭଗୀରଥଙ୍କୁ ଗଙ୍ଗା ଦୟା କଲାପରି ମୋତେ ଦୟାକରି ତୁ ମୋ ନେତ୍ରର ସମ୍ପତ୍ତି ହୋଇଅଛୁ । ୫ ।

ସୁରତରଙ୍ଗିଣୀ ସେହ୍ନ ତୁହି ସତ ଘନରସରେ ପୂର୍ଣ୍ଣ ସ୍ୱଚ୍ଛ ।
ଭଜନସ୍ତୁଁ ସେ ଗୋଡ଼ାଇ ଗଲାପଛେ ।
ନାହିଁ କରିବୁ କି ମୁଁ ରାଜାକୁମାର ତୋ ପଛେ ଥିବାକୁ ଇଚ୍ଛେ ରେ । ସୁନ୍ଦରି !
ଏ ଉଦ୍ଧାର ସେ ତାଙ୍କ ତାର ବଂଶ । ଏକା ଗାତ୍ର ନ କରିବୁ ପବିତ୍ର ।
ଚିନ୍ତା ବାରୁଣୀ ଯୋଗ ପୁଣି ହୋଇବ ମଧୁର ସ୍ନେହରେ ମଜ୍ଜ ରେ । ୬ ।

ବଳି ଇନ୍ଦ୍ରଶ୍ରୀ ଭୋଗ ବାଞ୍ଛାପରି ଏ କଥା ମୁଁ କରେ ଭଜନ ।
ହୋଇବି କି ନାହିଁ ପ୍ରୀତିଭାଜନ ।
ରାବଣ ପ୍ରାୟେ ଭାଲପଟ୍ଟ ଲେଖନ ବର୍ଣ୍ଣ ପଠନେ ମୋ ମନ ରେ । ସୁନ୍ଦରି !
କ୍ଷଣେ କ୍ଷଣେ କ୍ଷଣପ୍ରଭା ସଦୃଶା । ପୁନଃପୁନଃ ଦର୍ଶି ମ୍ଳାନ ଭରସା ।
ବସ୍ତୁରେ ଶେଷରେ ଅଶେଷ ହେବାରେ କରୁଛି କିକ ତପସ୍ୟା ରେ । ୭ ।

---

ଗଙ୍ଗା ହେଉଛି ସୁରତରଙ୍ଗିଣୀ ଅର୍ଥାତ ଦେବ ନଦୀ, ତୁ ମଧ୍ୟ ସୁରତ ରଙ୍ଗିଣୀ ଅର୍ଥାତ ରତିପ୍ରବୀଣା । ଗଙ୍ଗା ସ୍ୱଚ୍ଛ ନିର୍ମଳ ପାଣିରେ ପୂର୍ଣ୍ଣ; ତୁ ମଧ୍ୟ ସ୍ୱଚ୍ଛ ନିବିଡ଼ ଶୃଙ୍ଗାରରସ ପୂର୍ଣ୍ଣ ଏକଥା ସତ୍ୟ । ଭଗୀରଥଙ୍କ ତନସ୍ତୁ ସ୍ତବ ବଶରୁ ଗଙ୍ଗା ତାଙ୍କ ପଛରେ ଗୋଡ଼ାଇ-ଥିଲେ । ରେ ସୁନ୍ଦରୀ ! ମୁଁ ତ ଜଣେ ରାଜକୁମାର, ମୁଁ ତୋ ଆଗରେ ନ ରହି ପଛରେ ରହିବାକୁ ଇଚ୍ଛା କରେ; ତୁ କଅଣ ନାହିଁ କରିଦେବୁ ? ଗଙ୍ଗା ଭଗୀରଥଙ୍କ ବଂଶକୁ ଉଦ୍ଧାର କରିଥିଲେ; ତୁ କଅଣ ଏକମାତ୍ର ମୋ ଶରୀରକୁ ପବିତ୍ର କରିବୁ ନାହିଁ ? ମଧ୍ୟରେ ଅର୍ଥାତ ଚୈତ୍ରମାସରେ ଗଙ୍ଗାରେ ବାରୁଣୀ ଯୋଗ ପଡ଼ିଲେ ଲକ୍ଷ ଲକ୍ଷ ଲୋକ ସେଥିରେ ବୁଡ଼ ଦେଇଥାନ୍ତି, ସେହିପରି ମୁଁ ତୋର ମଧୁର ସ୍ନେହରେ ବୁଡ଼ ଦେବି ଏହାହିଁ ମୋର ଚିନ୍ତା । ୬ ।

ଇନ୍ଦ୍ରସମ୍ପତ୍ତିଠାରୁ ବଳି ଭୋଗ କରିବା କାମନାରେ ମୁଁ ତୋ ପ୍ରୀତିର ପାତ୍ର ହେବି କି ନାହିଁ ବୋଲି ମନେ ମନେ ଭଜନା କରୁଅଛି । ରାବଣ ତପସ୍ୟାବେଳେ ନିଜ ମୁଣ୍ଡ କାଟି ସେଥିର କପାଳରେ ଲେଖାଥିବା ଅକ୍ଷରମାନ ପଢ଼ି ସେହି ମୁଣ୍ଡମାନଙ୍କୁ ଅଗ୍ନିରେ ଜଳାଇ ସୁକଠୋର ତପସ୍ୟା କରିଥିଲା । ସେହିପରି ମୋ ଭାଲପଟ୍ଟରେ ତୋ ପ୍ରୀତିପାତ୍ର ହେବି ବୋଲି ଲେଖା ନ ଥିଲେ ମୁଁ କଠୋର ତପସ୍ୟା କରିବାକୁ ଇଚ୍ଛା କରୁଛି । ତେବେ ବିଜୁଳି ପରି କ୍ଷଣେକ୍ଷଣରେ ବାରମ୍ବାର ତୋତେ ଦେଖାଦେଇ ପୁଣି ଅଦୃଶ୍ୟ ହୋଇ ଯାଉଛୁ, ଏଥିକି ମୋର ଆଶା ବଢ଼ାଉଛୁ । ମୁଁ ବସ୍ତୁର କରୁଛି ମୁଁ ଶେଷଦେବ ଅର୍ଥାତ ସହସ୍ରମୁଖ ଅନନ୍ତଙ୍କ ଦ୍ୱାରା ଅସାଧ୍ୟ ହେବାଭଳି ତପସ୍ୟା କରୁଛି କି ? ୭ ।

ବାଣ ଦେବବରଣଠାରୁ କର ଋଣ କର ଈକ୍ଷଣ ବିଶ୍ୱକର୍ମା ।
ନିର୍ମାଣିଲା ଜାତରୂପପ୍ରତିମା ।
ସୁରନଗରୀଠାରୁ ବରନାରୀର ନାଶେ ସୁମଧ୍ୟମା ରେ । ସୁନ୍ଦରୀ !
ଜୀବ ପାଇବାରୁ ଦିବ୍ୟ ବନିତା । ରୂପ ହୋଇଲୁ ଅବନୀଜନିତା ।
ପ୍ରଶଂସାଯୋଗ୍ୟ ସଂସାରେ ଭାଗ୍ୟ ମୋର ତୁ ଯେ ଅନୁଗ୍ରହକର୍ତ୍ତ୍ରୀ ରେ । ୮ ।
ଶିକ୍ଷିତାଙ୍ଗୀ ଭଙ୍ଗିବଶେ ଜାଣିଛୁ ଅଙ୍ଗୀକାର ମୋରେ ହେବାର ।
ଲଜ୍ଜା ଆଶ୍ରିତା ଭାବ ପ୍ରକାର ।
ଚନ୍ଦ୍ର ଘନ ଆଚ୍ଛାଦିତେ ମୋଦ ଜାତେ କୁମୁଦେ କି ଅଗୋଚର ରେ, ସୁନ୍ଦରୀ !
ହାବ ଜାତେ ଝଟଝଟ ଘୂର୍ଣ୍ଣିବା । ପୁଣି ସ୍ତନ ପରେ ଦୃଷ୍ଟି ଥୋଇବା ।
ଖେଳ ଖଞ୍ଜରୀଟ ପଙ୍କଜକଢ଼ିରେ ବସିବା ଇଚ୍ଛଇ ଅବା ରେ । ୯ ।
ଅଧରେ ହାସ ପ୍ରକାଶ ଅନୁରାଗ-ନଦୀରୁ ହରଷ ଲହରୀ ।
ବଳେ ସେକାଳେ ବାହାରି ବହରି ।
ମୋର ହୃଦେକ ପ୍ଲାବନ କର ଯାଇଁ କୂଳରେ ଲାଗି ନ ପାରି ରେ । ସୁନ୍ଦରୀ !
ଏଣୁ ବଶୀଭୂତଣା ନାଶେ ଭିନ୍ନ । ତୋର ମାନସ ହୋଇଥିଲା ପରା ।
ପଦ୍ମରାଗପାଷ ଗୋଟିକେ ଭରି ଯା ବାଞ୍ଛି ଦେଲୁ କୋଟିହୀରା ରେ । ୧୦ ।

---

ବାଣ—ବାଣାସୁର, ଦେବବରଣ—ଇନ୍ଦ୍ର, ଈକ୍ଷଣ—ଚକ୍ଷୁ, ସୁର ନାରୀ—ସ୍ୱର୍ଗର ସୁନ୍ଦରୀ, ବର—ଶ୍ରେଷ୍ଠ, ନାରୀ—ଦିବ୍ୟ ଅଙ୍ଗନା, ନାଗ ରିପୁ—ସିଂହ, ସୁମଧ୍ୟମା—ଉତ୍ତମ କଟି, ରୂପପ୍ରତିମା—ସୁନା ମୂର୍ତ୍ତି, ଦିବ୍ୟ ବନିତା—ସ୍ୱର୍ଗୀୟ ନାରୀ, ଅବନୀଜନିତା—ପୃଥିବୀରେ ଅବତୀର୍ଣ୍ଣ ହେଲୁ । ବିଶ୍ୱକର୍ମା ଅର୍ଥାତ ଦେବଶିଳ୍ପୀ ସହସ୍ରବାହୁ ବାଣାସୁରଠାରୁ ଭୁଜ, ସହସ୍ରନେତ୍ର ଇନ୍ଦ୍ରଙ୍କଠାରୁ ଚକ୍ଷୁ, ସ୍ୱର୍ଗର ନାରୀ ଓ ସିଂହଠାରୁ କଟି ଋଣ କରି ଯେଉଁ ସୁବର୍ଣ୍ଣ ପ୍ରତିମା ଗଢ଼ିଲେ ସେ ପ୍ରତିମା ଜୀବ ପାଇବାରୁ ସୁନ୍ଦର ନାରୀ ରୂପରେ ପୃଥିବୀରେ ଅବତୀର୍ଣ୍ଣା ହେଲା । ସେହି ତୁ ଅଟୁ । ଜଗତରେ ମୋହର ଭାଗ୍ୟ ଧନ୍ୟ; ଯେଣୁ ତୁ ମୋହର ଅନୁଗ୍ରହ-କାରିଣୀ ଅଟୁ । ୮ ।

ଶିକ୍ଷିତାଙ୍ଗୀ ଭଙ୍ଗି ଦେଖି ମୋ ପ୍ରତି ସମ୍ମତ ହେବାର ଜାଣିଛୁ । ସେ ଲଜ୍ଜା ମିଶ୍ରିତ ସ୍ନେହ ମଧ୍ୟ ପ୍ରକାଶ କରୁଛୁ । ଚନ୍ଦ୍ର ମେଘଦ୍ୱାରା ଢାଙ୍କି ହୋଇଗଲେ ମଧ୍ୟ କଇଁଫୁଲକୁ ମୋଦ ଅର୍ଥାତ ଆନନ୍ଦ ଦେବା କଥା କ'ଣ ଛପି ରହେ ? ହାବ ଅର୍ଥାତ ରତି ଇଚ୍ଛା ପ୍ରକାଶ କରିବା ଭଙ୍ଗି ଜାତ ହେବାରୁ ଏଣେତେଣେ ଚଞ୍ଚଳଆଖି ବୁଲାଇବା, ପୁଣି ନିଜ ସ୍ତନ ଉପରେ ଦୃଷ୍ଟି ରଖିବା ଦ୍ୱାରା ଚଞ୍ଚଳପାଦ ପକ୍ଷୀ ଲୀଳା କରି ପଦ୍ମକଢ଼ି ଉପରେ ବସିବା ଇଚ୍ଛା ମନରେ କରୁଛୁ । ୯ ।

ସେହି ସାକ୍ଷାତ କାଳରେ ବାଳାର ଅଧରରେ ମନ୍ଦହାସ ପ୍ରକଟିତ ହେବାରୁ ତାହା ସ୍ନେହ-ନଦୀରୁ ଆନନ୍ଦ ଲହରୀ ଆପଣାଛାଏଁ ବାହାରି ଖେଳିଲା ପରି ଦିଶିଲା । ସେ ଲହରୀରେ

ରସିକା ନାସିକା ଫୁଲ୍ଲଇ ଯେ ସ୍ଫୁଟକାଳେ ତିଳଫୁଲ ସଦୃଶ୍ୟେ ।
ସତେ ତାର ପ୍ରକୃତ ନାମଯାଏ ।
ଟେକିଦେଲୁ ମୋତେ ମୁକୁତା ସଙ୍ଗତେ ଦେଲକୁ ସିନା ସଦୟେ ରେ, ସୁନ୍ଦରି !
ଯେଉଁକାଳେ ସେ ଶୋଭା ମୋତ କେମନ୍ତ । ଯଥା ଭାର୍ଗବ ଊର୍ଦ୍ଧ୍ୱକୁ ଚଳିତ ।
ନବସଙ୍ଗମେ ନିଶାମଣି କୋଳରୁ ରୋହିଣୀ ଉଠିଲା ମତ ଯେ । ୧୧ ।
କମ୍ପୁଥିଲା ପଦ୍ମ ଝଲକାଝଲକ ତାରୁଣ୍ୟାବଳୀ ଝଳି ଧଳି ।
ମୁଁ ଯେଣିକି ମୋ କୃପା କୃତେ ଛଳି ।
ପକାଇଲି ନେତ୍ର ତୋ ପାଦପଦ୍ମକୁ ଧରି ନ ଛାଡିବ ବୋଲି ରେ । ସୁନ୍ଦରି !
ଗୁଣୁଥିଲୁ ପ୍ରପଦକୁ କି ମଣି । ତହିଁ ଫଣସୁ ଉଦୟ ସେକ୍ଷଣି ।
ଏହା ଉପମା କି କରିବ ଏ ଶରେ ମାରିବ ଏ କଥା ଗୁଣି ରେ । ୧୨ ।
ମୁଁ ଭ୍ରମ ଯେମନ୍ତ କାମ ବି ତେମନ୍ତ ମତ୍ତକାଶିନୀରେ ଶରଣ ।
ନେଲା ଉଗ୍ରରୁ ପ୍ରହାରୁଛି ବାଣ ।
ବାଳା ବଳାନାଦେ ପଳାଅ ବୋଇଲେ ଛାଡିବ ସିନା ତା ଟାଣ ରେ, ସୁନ୍ଦରି !

---

ମୋର ବିବେକ ପ୍ଲବନ ଅର୍ଥାତ୍ ପହଁରି ଯାଇ କୂଳରେ ଲାଗି ପାରିଲା ନାହିଁ ଅର୍ଥାତ୍ ମୋ ବିବେକ ବୁଡ଼ିଗଲା । ଏଣୁ ମୋ ଦରିଦ୍ର ଦଶା ନାଶ କରିବାକୁ ତୋ ମନ ଚଞ୍ଚଳ ହୋଇ ଉଠିଥିଲା । ସେଥିପାଇଁ ତୋ ପଦ୍ମରାଗ ସଦୃଶ ପାଦ ଗୋଟିଏରେ କୋଟି କୋଟି ସ୍ୱର୍ଣ୍ଣ ବର୍ଷିଦେଲା ପରି ଦେଖାଗଲା । ୧୦ ।

ଆରେ ରସବତୀ ସୁନ୍ଦରୀ ! ତୁ ସଦୟ ହେଲାରୁ ସିନା ଫୁଟିଲାବେଳର ତିଳଫୁଲ ପରି ନାକ ଫୁଲାଇ ତହିଁର ପ୍ରକୃତ ନାମ ସ୍ୱର୍ଗ (ନାସାର ଅନ୍ୟ ନାମ ସ୍ୱର୍ଗ) ପୂରଯାଏ ମୋତେ ନାସା ମୁକ୍ତା ସଙ୍ଗରେ ଟେକିଦେଲୁ । ସେତେବେଳେ ସେହି ମୋତିର ଶୋଭା କିପରି ଦିଶିଲା—ଯଥା ଭାର୍ଗବ ଅର୍ଥାତ୍ ଶୁକ୍ର ଊର୍ଦ୍ଧ୍ୱକୁ ଗଲାଗଲା ଅଥବା ନୂତନ ସଙ୍ଗମ କାଳରୁ ଚନ୍ଦ୍ର କୋଳରୁ ରୋହିଣୀ ଉଠିଗଲା ପରି । ୧୧ ।

ଝଲକା—କାନଗହଣା, ଝଲକ—କାନ୍ତି, ଝଳି—ଦୀପ୍ତି । କାନଗହଣାର କାନ୍ତି ତାରାସମୂହର ଦୀପ୍ତିକୁ ଦଳନ କରି କମ୍ପୁଥିଲା କି ? ମୁଁ ଭାବିଲି ମୋତେ ଦୟା କରିବାକୁ ଏହି ଛଳନା କରୁଅଛୁ । ତେଣୁ ଧରି ଛାଡ଼ିବ ନାହିଁ ବୋଲି ମୁଁ ତୋ ପାଦପଦ୍ମ ଉପରେ ଦୃଷ୍ଟି ପକାଇଲି । ତୁ କଅଣ ମଣି ଅର୍ଥାତ୍ ରତ୍ନ ପ୍ରପଦ ଅର୍ଥାତ୍ ଅଙ୍ଗୁଳି ଗଣନ କରୁଥିଲୁ କେଜାଣି ତହିଁରେ ତତ୍କ୍ଷଣାତ୍ ଫଣସୁ ଜାତ ହେଲା । ମୁଁ ଏହି କଥା ମନରେ ଚିନ୍ତା କଲି ଯେ ତୁ ଏହି ବସ୍ତୁରରେ ଅଙ୍ଗୁଳି ସ୍ଥାପନା କରୁଥିଲୁ କି ? ସୁତରାଂ ଏହି ଅଙ୍ଗୁଳିର ଉପମା କଅଣ ଅବା ଦେବ ? କାମଶରରେ ଏହାକୁ ମାରିବ । ୧୨ ।

ମୋର ଯେପରି ଭ୍ରମ ଜନ୍ମିଛି କାମ ମଧ୍ୟ ଏହି ସୁନ୍ଦରୀଠାରେ ଭ୍ରମ କରି ଶରଣ ପଶିବାରୁ ବାଣ ମାରୁଛି । ଆରେ ବାଳା ! ତୁ ତୋ ପାଦର ବଳା ନାଦରେ ପଳାଇଯା

ତୋତେ ରଖିଲି ଲେଖି ଦେବୁ ମାନ । ଯେବେ ମୁହିଁ ତୋ ଅନୁଗ୍ରହଦାନ ।
ଭେଟଯାଏ ସବୁ ଅରିଷ୍ଟଙ୍କୁ ଖଣ୍ଡିତ କରି ପଞ୍ଚାକ୍ଷରୀମନ୍ତ୍ର ରେ । ୧୩ ।

ମାଗ ହେମାଙ୍ଗୀ ଅଧରୁ ସୁଧାଦେଇ ତା ବନ୍ଧୁ କର ଦେବ ତୋତେ ।
ବୋଧୁ ଜୀବକୁ ନ କରଇ ପ୍ରତେ ।
ସିବ ସିବ ଜୀବନେଶ-ଭବନକୁ ଜୀବକା କରଛୁ ଏତେ ରେ । ସୁନ୍ଦରି !
ଅନୁତ୍ତମ ତମ ସୁଧା ପିଇଛୁ । ରାମେ ସୁଗ୍ରୀବଙ୍କୁ ମିତ୍ର ହୋଇଛୁ ।
କି ଅଦୃଷ୍ଟରେ ଏ ଅବେକ ଉପୁଜ କଷ୍ଟ କଷ୍ଟରେ ରହୁଛୁ ରେ । ୧୪ ।

ଗଲେ କୋମଳାଙ୍ଗୀ ଲାଗି ଜୀବ ସିନା ତେବେ ନୋହିବ କି ମୁକତି ।
ହେଲେ ପଞ୍ଚ ନେତ୍ର ବାଣୀ ଶ୍ରୁତି ।
ଶୋଭା ଦେଖି କଥା ଶୁଣି ବ୍ୟର୍ଥ ହେବ ସ୍ପର୍ଶଗୁଣ ହେଲେ ଖ୍ୟାତରେ । ସୁନ୍ଦରି
ତୋର ଲୀଳା-ଧରଣୀରେ ମିଶିବ । ଯେବେ ତେବେ ତାର ଭାଗ୍ୟ ବଳିବ ।
ଶଶୀଆଶାପ୍ରୀ ଶଶିର ବିପରୀତ ହୋଇତ ଭୋଗ ପାଇବ ରେ । ୧୫ ।

---

ବୋଲି କହିଲେ ସିନା କାମର ଟାଣ ଭାଙ୍ଗିଯିବ । ରେ ସୁନ୍ଦରି, ଯେବେ ମୁଁ ତୋହର ଅନୁଗ୍ରହପାତ୍ର ତେବେ "ତୋତେ ରଖିଲି" ଏହି ପଞ୍ଚାକ୍ଷରି ମନ୍ତ୍ର ଲେଖି ଦେବୁ । ତୋ ସଙ୍ଗେ ଭେଟ ହେବାପାଇଁ ମୁଁ ସେହି ମନ୍ତ୍ରକୁ ଜପ କରି ସମସ୍ତ ବିଘ୍ନ ଖଣ୍ଡନ କରିବି । ୧୩ ।

ସ୍ୱର୍ଣ୍ଣବର୍ଣ୍ଣା ସୁନ୍ଦରୀର ଅଧର-ସୁଧା ମାଗି ତୋତେ ଦେଇ ତୋତେ ତାହାର ବନ୍ଧୁ କରିଦେବ ଏହି କଥା କହି ମୋ ଜୀବନକୁ ଆଶ୍ୱାସନା ଦେଲେ ମଧ୍ୟ ସେ ମୋତେ ପ୍ରତେ ଅର୍ଥାତ୍ ବିଶ୍ୱାସ କରୁନାହିଁ । କେବଳ ଜୀବନେଶ ଅର୍ଥାତ୍ ଯମପୁରକୁ ସିବ ସିବ ଏତିକି ଜୀବକା କରିଅଛୁ । ଅନୁତ୍ତମ ଅର୍ଥାତ୍ ଅଧମ ଗ୍ରହ ସୁଧା ପିଇଛୁ, ମାଙ୍କଡ଼ ହୋଇ ମଧ୍ୟ ସୁଗ୍ରୀବ ରାମଙ୍କର ମିତ୍ର ହୋଇଛୁ । କି ଭାଗ୍ୟଦୋଷରୁ ଏପରି ଅବେକ ଅର୍ଥାତ୍ ଅବିଶ୍ୱାସ ଧାରଣା ଜନ୍ମିବାରୁ କଷ୍ଟରେ ରହୁଛୁ । ୧୪ ।

କୋମଳାଙ୍ଗୀ ପାଇଁ ଜୀବନ ଯିବ; ତାହାହେଲେ ମୋକ୍ଷ ମିଳିବ ନାହିଁ କି ? ସୁନ୍ଦରୀର ଶୋଭା ଦର୍ଶନ କରି ଚକ୍ଷୁ ଓ କଥା ଶୁଣି ଭାଷା ଓ କାନ ଏମାନେ ପଞ୍ଚତ୍ୱ ହେଲେ କେବଳ ଶରୀରର ଉପାଦାନ ପୃଥିବୀ ବୋଲି ପ୍ରସିଦ୍ଧ ଥିବାରୁ ତାହା ସୁନ୍ଦରୀର ଅଙ୍ଗ ସଙ୍ଗ ନ ପାଇ ବ୍ୟର୍ଥ ହେଲା । ମଲାପରେ ଯଦି ଶରୀର ପୃଥିବୀ ସତ୍ତ୍ୱ ତୋ କ୍ରୀଡ଼ାବାଟରେ ମିଶିଯିବ ତେବେ ତେହି ଭାଗ୍ୟ ବୋଲି ଧରିଯିବ । ଶଶ ଚନ୍ଦ୍ରକୁ କଳଙ୍କିତ କରି ଆଶାରେ ଧାଇଁ ଧାଇଁ ବିପରୀତ ଭୋଗ ପାଇଲା ପରି କଳଙ୍କରୂପେ ଚନ୍ଦ୍ରରେ ରହିଗଲା । ମୋ ଦେହ ସେହିପରି ତୋ କ୍ରୀଡ଼ାପଥ ମାଟିରେ ମିଶିଲେ ଭାଗ୍ୟବନ୍ତ ହୋଇ ପାରିବ । ୧୫ ।

ଜନମାନ୍ତର କଥା ବୋଲି ମାତର କାତର ହୋଇ ନିରନ୍ତର ।
ତାହା ଗୁପ୍ତ କରେ ଆନ ଉତ୍ତର ।
ଚତୁର୍ବର୍ଗସ୍ଥଳୀ ସ୍ୱୀଧର୍ମିରେ ଝୁନ ଅର୍ଥକୁଶଳା ତୋ ଗିର ରେ । ସୁନ୍ଦରି !
କାମ କଟାକ୍ଷରେ ହୋଇ ଉତ୍ପତ୍ତି । ମୋକ୍ଷ ନାଭରେ ଦକ୍ଷ ହୋଇଛନ୍ତି ।
ଏସନ ପ୍ରେମ-କଳ୍ପଲତା ପ୍ରସନ୍ନ ନୋହିବ କିପାଁ ଝଟିତି ରେ । ୧୭ ।
କରେ ବେଦନା ନିବେଦନା ମରୁତକୁ ତା ସୁତ ଯେଣୁ ରାମଦୂତ ।
ହୋଇ ଆଣି ଦେଲା ସୀତା ଉଦନ୍ତ ।
ଶୀତଳ ହେଲେ ବିଷମ ବିଷଧରଗୁଣକୁ କଲା ସେ ଜାତ ରେ । ସୁନ୍ଦରି !
ପରେ କି ଅଭିମାନ ମନ ପଶୁଁ । ସୁଖ ଭୁଞ୍ଜୁଛୁ ମୋତେ ନ ଶିଖାଇ ।
ନିଚେଷ୍ଟ କରି ପ୍ରଚେଷ୍ଟ ପରି ଯାଇ ସୁଲୋଚନା ପାଖେ ରହି ରେ । ୧୮ ।
ଅନେକରୂପେ ଆଶା-ତରୁ ଜନମ ହେଲା ଆରାମ ହୃଦସ୍ଥରେ ।
କେମ୍ବା ସଫଳ ହେବ ଏ ବତ୍ସରରେ ।
ଦଇବ ବଳ ବିରହାନଳ ମେଳ ନ ପୁଣ ବିନାଶ କରେ ରେ । ସୁନ୍ଦରି !

---

ଏପରି କଳ୍ପନା ମୃତ୍ୟୁ ଘଟିବାର ପରବର୍ତ୍ତୀ ମାତ୍ର ବୋଲି ଭାବି ରାଜପୁତ୍ର ନିରନ୍ତର ଅର୍ଥାତ୍ ସବୁବେଳେ କାତର ହୋଇ ସେହି ଆଶା ତ୍ୟାଗ କରି ଅନ୍ୟ ବିଚାର କରୁଅଛୁ । ହେ ରାଜକନ୍ୟା ! ତୁ ଧର୍ମ, ଅର୍ଥ, କାମ, ମୋକ୍ଷ ଏପରି ଚତୁର୍ବର୍ଗର ସ୍ଥାନ । ପ୍ରଥମେ ନାରୀ ଧର୍ମରେ ଉଜ୍ଜ୍ୱଳିତ ବୋଲି ଧର୍ମର ସ୍ଥାନ, ତୋ ଗିର ଅର୍ଥାତ କଥା ଅର୍ଥ ଗୌରବରେ ପୂର୍ଣ୍ଣ ବୋଲି ତୁ ଅର୍ଥର ସ୍ଥାନ, କଟାକ୍ଷରେ ତୋର କଟାକ୍ଷ ଦ୍ୱାରା କାମର ଉତ୍ପତ୍ତି ହୁଏ ବୋଲି ତୁ କାମର ସ୍ଥାନ, ତୋ ଜଙ୍ଘ ଉପର ନାଭି ଅର୍ଥାତ୍ ବସ୍ତ୍ରର ଗଣ୍ଠି ମୁକ୍ତ କରିବାକୁ ତୁ ଦକ୍ଷ ହୋଇ ମୁକ୍ତିର ସ୍ଥାନ । ଏପରି ପ୍ରେମକଳ୍ପଲତା ଶୀଘ୍ର କାହିଁକି ବା ପ୍ରସନ୍ନ ନ ହେବ ? ୧୭ ।

ବେଦନା—ଦୁଃଖ, ମରୁତେ—ପବନକୁ , ତା ସୁତ—ମରୁତର ପୁତ୍ର ହନୁମାନ, ଉଦନ୍ତ—ଖବର । ମୁଁ ବାୟୁକୁ ମୋର ଦୁଃଖ ଜଣାଉଛି ଯେହେତୁ ପବନ ପୁତ୍ର ହନୁମାନ ଶ୍ରୀରାମଙ୍କ ଦୂତ ହୋଇ ସୀତାଙ୍କ ଖବର ଆଣି ଦେଇଥିଲା । ପବନ ଶୀତଳ ଗୁଣଯୁକ୍ତ ହେଲେ ମଧ୍ୟ ଭୁଜଙ୍ଗଙ୍କ ବିଷ ସଙ୍ଗ ଗୁଣକୁ ଜାତ କଲା ଅର୍ଥାତ୍ ସାପମାନେ ପବନ ଆହାର କରୁଥିବାରୁ ପବନ ସେହି ବିଷ ଗୁଣ ଜାତ କଲା ଅର୍ଥାତ୍ ପ୍ରାଣନାଶକ ହେଲା । ପର ଉପରେ କି ଅଭିମାନ କରିବି, ସହିଁ ମୋର ମନ ମୋତେ ନ ଜଣାଇ ନିଶ୍ଚେଷ୍ଟ କରି ପକାଇ ପ୍ରଚେଷ୍ଟ ଅର୍ଥାତ୍ ସକଳ ଲୋକ ପରି ସୁଲୋଚନା ପାଖରେ ରହି ସୁଖ ଭୁଞ୍ଜୁଅଛୁ । ୧୮ ।

ଆରାମ—ଉପବନ, ମିଥୁନ—ଆଷାଢ଼ମାସ, ମିଳନ; ପୟୋଧର—ମେଘ, ସ୍ତନ । ହୃଦସ୍ଥ ଉପବନରେ ଆଶାବୃକ୍ଷ ଅନେକରୂପେ ଜନ୍ମ ହେଲା । ସେହି ଆଶାବୃକ୍ଷ କିପରି ମଙ୍ଗଳ ଅର୍ଥାତ୍ ଫଳଯୁକ୍ତ ହେବ ମୁଁ ଏହାହିଁ ବିଚାର କରୁଛି । ଦଇବବଳରୁ ବିରହ ଅଗ୍ନି ଜାତ

ଯେବେ ନିକଟରେ ହେବ ମିଥୁନ । ପୟୋଧରେ ଜାତ ଘୋର ପତନ ।
ଊର୍ଦ୍ଧ୍ବରୁ ହୋଇବ ସେହି ପଲ୍ଲବିତ ଏହି ଲଭି ଯିବ ଯେନ ରେ । ୧୮ ।

ଅଭିମାନ କାହିଁ ଯା ସମାନ ହୋଇ ନାହିଁ ତା ସ୍ତନକୁ ବଚନ ।
ତାକୁ କି ବୋଲି କରିବି ବନ୍ଦନ ।
ସ୍ତବକ ସ୍ତନାର ଯାବକ ଲେଖିବା ସେବକ ହେବା ମୋ ନାମ ରେ । ସୁନ୍ଦରି !
ଏତେବେଳେ ମୁଁ ସର୍ବ ସୁଖ ପାଇବି । ଆନ ଜନ୍ମେ ଅବା ଯୋଗ୍ୟ ହୋଇବି ।
ଆହୁରି ଉରକୁ ପଲଙ୍କ, ଊରୁକୁ ଭଦ୍ରାସନ କରି ଦେବି ରେ । ୧୯ ।

ପ୍ରମଦାରତନ କଟାକ୍ଷ ପତନ ସ୍ୱାମୀ ଆଜ୍ଞା ଅବଧାରିବ ।
ଗତି ଶ୍ରବଣରେ ଅନୁସରିବ ।
ପାଶ ନ କଲେ ସ୍ମରପାଶବନ୍ଧନୁ ଜାଣିଥାଅ ନ ତରିବି ରେ । ସୁନ୍ଦରି !
ହଳାହଳ ଜ୍ୱାଳା କଣ୍ଠେ ଈଶାନ । ଚନ୍ଦ୍ରକଳା କଲେ ଶିରେ ମଣ୍ଡନ ।
ମୋ ତାପ ନାଶକୁ ରମଣୀମଣି ତୁ ସେପରି କରିବ ଯତନ ରେ । ୨୦ ।

---

ହୋଇ ତାକୁ ବିନାଶ କରି ନ ପକାଇଲେ ରକ୍ଷା । ଯେବେ ନିକଟରେ ଆଷାଢ଼ମାସ ହେବ ତେବେ ମେଘରୁ ପାଣି ବରଷି ଅଗ୍ନି ଲିଭାଇ ଦେଲେ ବୃକ୍ଷ ପୁଣି ପଲ୍ଲବିବ । ସେହିପରି ସୁନ୍ଦରୀ ସହି ତପସ୍ୟାର ସମ୍ଭୋଗ କାଳରେ ତାହାର ସ୍ତନରୁ ସ୍ୱେଦ ଉପରୁ ପଡି ମୋର ବିରହାନଳ ଲିଭାଇଦେଲେ ଆଶାବୃକ୍ଷ ପୁଣି ପଲ୍ଲବ ଉଠିବ । ୧୮ ।

ସୁନ୍ଦରୀର ସ୍ତନଯୁଗଳକୁ ପ୍ରତିଦ୍ବନ୍ଦ୍ୱୀ ବାକ୍ୟ ଶୁଣି ଯାହାର ସମାନ ହୋଇନାହିଁ ତା ପ୍ରତି ଅଭିମାନ କାହିଁ ? ମୁଁ ତାକୁ କଅଣ କହି ବନ୍ଦନା କରିବି ? ସେ ସ୍ତବକସ୍ତନା ଅର୍ଥାତ୍ ଫୁଲପେନ୍ଥା ପରି ସ୍ତନଯୁକ୍ତାର ଯାବକ ଅର୍ଥାତ ଅଲତା ପାଦରେ ଦେବାର ଦାସ ହେବାକୁ ମୋର ମନ ହେଉଛି । ଏହି ଅଲତା ପିନ୍ଧାଇ ପାରିଲେ ମୁଁ ସବୁ ସୁଖ ପାଇବି । ଏହାପରେ ଅବା ଅନ୍ୟ ଜନ୍ମ ଅର୍ଥାତ୍ ସ୍ତନ ଆଦରେ ଚନ୍ଦନ ଦେବାପାଇଁ ଯୋଗ୍ୟ ହେବି । ଏହାଛଡ଼ା ମୋ ବକ୍ଷକୁ ସୁନ୍ଦରୀର ପଲଙ୍କ ଜଙ୍ଘକୁ ଭଦ୍ରାସନ ଅର୍ଥାତ ସିଂହାସନ କରିଦେବି । ୧୯ ।

ପ୍ରମଦାରତ୍ନ—ନାରୀରତ୍ନ; ଅବଧାରିବ—ସ୍ଥିର କରିବ, ସ୍ମରପାଶ—କାମବନ୍ଧନ, ଈଶାନ – ଶିବ, ହଳାହଳ—ବିଷ, ଚନ୍ଦ୍ରକଳା—ଚନ୍ଦ୍ରର କଳାଟିଏ । ନାରୀରତ୍ନର କଟାକ୍ଷ ପାତକୁ ସ୍ୱାମୀ ଆଦେଶ ପାଳନ କରୁଥିବ ଆଉ ଶ୍ରବଣ ଅନୁସରଣରେ ଥିବ । ହେ ସୁନ୍ଦରୀ ତୁ ମୋତେ ପାଖକୁ ନ ନେଲେ ମୁଁ କାମପାଶ ବନ୍ଧନରୁ ମୁକ୍ତିଲାଭ ପାରିବି ନାହିଁ ଏତିକି ଜାଣିରଖ । ଶିବ ବିଷଜ୍ୱାଳା କଣ୍ଠରୁ ଚନ୍ଦ୍ରର ଗୋଟିଏ କଳା ମସ୍ତକରେ ମଣ୍ଡନ କରିଛନ୍ତି । ହେ ରମଣୀମଣି ମୋ ତାପ ନିବାରଣ ପାଇଁ ମୁଁ ସେହିପରି କରିବ, ଏତିକି ମନରେ ଚିନ୍ତା କର । ୨୦ ।

ଦାତାଗଣ ଗଣନାରେ ସାର ତୁହି ମୁହିଁ ତନ-ଦାନ ମାର୍ଗଣ ।
ଦେଖ ବଳି ତୋ ଉଦରେ ଶରଣ ।
ଏଣିକ ଏଣିକ୍ଷଣୀର ମହତ୍ତ୍ୱ ମାଗିବା ପାଏ ମୋ ଜାଣ ରେ । ସୁନ୍ଦରି !
ଭୃତ୍ୟ ଜଣାଇବା କଥା ଉଚିତ । ଯେଣୁ ପ୍ରଭୁ ତାର ସବୁ ଆୟତ୍ତ ।
ଯେଣୁ ସୁଭଗତି ମୋର ଶୁଭଗତି ଜଗତି ତୁହି ସତ ରେ । ୨୧ ।
ବକାଶକାଶବାସି ହସ ରହସ ଅବକାଶ ବେଳେ ଚଟାଉ ।
ଧାତା କୃପାରୁ କରେ ତୋ ପକାଉ ।
କସ ବସ୍ତରେ ପଡ଼ିବା ଉପସ୍ତରେ ମାନସ ପ୍ରବୃତ୍ତ ଦେଉ ରେ । ସୁନ୍ଦରି !
ଦସ୍ୟାନଧି ଗୁରୁସ୍ତନା ରମ୍ଭୋରୁ । ସବୁ ଜଣା ଯିବ ଏଥି ଉତ୍ତରୁ ।
ଅତନୁ ନହିଁ ପତଙ୍ଗ ପ୍ରାୟେ ହୋଇ ଅଗ୍ନିକି ଲୋଡ଼ଇଁ ପ୍ରୀତିରୁ ରେ । ୨୨ ।
ପଡ଼ି ପଡ଼ିକା ନରଶୁର ପୁତ୍ରିକା ନେତ୍ରେ ଆନନ୍ଦ-ଅଶ୍ରୁଧାର ।
ହୃଦେ ପରମ—ସ୍ନେହ ଥିଲା ପୂରି ।
ସଲ୍ଲଳ ହୋଇ ସଲିଳେ ଉଛୁଳିଲା କାଳେ ଗଙ୍ଗାଜଳ ପରି ସେ । ସୁନ୍ଦରୀ ।
ଗଦଗଦ ହୋଇ ପଦ ନ ସ୍ଫୁରେ । ଘନରସ ଉଦୟ ସମୟରେ ।
କଳକଣ୍ଠ କଣ୍ଠରୋଧ କି କାନ୍ତ ବସନ୍ତ ହେବା ସୁମରେ ସେ । ୨୩ ।

---

ହେ ସୁନ୍ଦରୀ ତୁ ଦାତାଗଣରେ ଶ୍ରେଷ୍ଠା, ମୁଁ ତନଦାନ ଅର୍ଥାତ୍ ଅଲ୍ପଦାନ ଓ ଦେହ ମାଗିବାର ଲୋକ । ଦେଖ ଦାତା ବଳୀରାଜା ନିବଳୀ ରୂପରେ ତୋ ଉଦରରେ ଶରଣ ପଶିଛି ଏଣିକ୍ଷଣୀ ଅର୍ଥାତ୍ ମୃଗନେତ୍ରୀର ମହତ୍ତ୍ୱ ମାଗିବାଯାଏ ମୋର ମାଗଣ, ଏଣିକ କାଣ ଅର୍ଥାତ ଅଧିକ ମାଗିଲେ ସୁନ୍ଦରୀର ମହତ୍ତ୍ୱ ସରବ । ହେ ସୁନ୍ଦରୀ ଭୃତ୍ୟକଥା କହିଦେବା ଉଚିତ । ଯିଏ ମାଲିକ ସବୁ ତାହାର ଅଧୀନ । ଆହେ ଗଜଗାମିନୀ ତୁ ମୋ ଉତ୍ତମ ଭକ୍ତକୁ ଗ୍ରହଣ କର କାରଣ ତୁ ଶୁଭଫଳଦାତ୍ରୀ ଏ କଥା ସତ୍ୟ । ୨୧ ।

ଆହେ ପ୍ରସ୍ଫୁଟିତ କାଶଫୁଲ ତୁଲ୍ୟ ହାସ୍ୟଯୁକ୍ତା ବିଧାତାଙ୍କ କରୁଣାରୁ ତୋର ଅବକାଶ ଅର୍ଥାତ ହସ ଖେଳ ସମୟରେ ଏହି ଚଟାଉ ତୋ ହାତରେ ପଡ଼ୁ । କଅଣ ବୋଲି କହି ପଡ଼ିବା ଉପସ୍ତର ଅର୍ଥାତ ଉଦ୍ୟମ ମନେ ମନେ ପ୍ରବୃତ୍ତ ଲଭୁ । ହେ ସୁନ୍ଦରୀ ଦୟାନିଧି, ଗୁରୁସ୍ତନା ରମ୍ଭାସଦୃଶ ଉରୁଯୁକ୍ତା ପତ୍ର ପାଠ ପରେ ସବୁ ଜଣାଯିବ, ମୁଁ ପ୍ରୀତି କରଣରୁ ପତଙ୍ଗ ପରି ଅଗ୍ନିକୁ ଡେଇଁଅଛୁ, ସେଥିପାଇଁ ମୋର ଭୟ ନାହିଁ । ୨୨ ।

ରାଜକନ୍ୟା ପଢ଼ିପଢ଼ିଲାରୁ ଆଖିରେ ଆନନ୍ଦାଶ୍ରୁ ବହିଲା । ହୃଦୟରେ ପରମସ୍ନେହ ପୂରି ରହିଥିଲା । ତାହା ସେକାଳରେ ଜଳ ହୋଇ ସଲ୍ଲଳ ଅର୍ଥାତ ଧୀରେ ଧୀରେ ଗଙ୍ଗାଜଳ ପରି ଉଛୁଳିଲା । ଘନରସ ଅର୍ଥାତ ମେଘ ଆଉ ଶୃଙ୍ଗାର ରସ ଉଦୟ କାଳରେ ଗଦ୍ ଗଦ୍ ହେବାରୁ କଥା ବାହାରିଲା ନାହିଁ, କୋକିଳ କଣ୍ଠ ରୋଧ ହେବାରୁ କାନ୍ତ କଅଣ ବସନ୍ତ ହେବାକୁ ଯାଉଛି କି ? । ୨୩ ।

ଉଦୟ ବିଧୁ ସାଧୁ ଯଥା କରଇଣେ ହୋଏ ନିଶାମୁଖ ସୁବେଶ ।
ତଥା ପୀରତି ଉନ୍ମୁଖ ଆବେଶେ ।
ଗତ ହୋଇଥିଲା ହାସହିଁ ଆଗତ ଜଗତ ମୋହିନୀ ଆସ୍ୟେ ସେ । ସୁନ୍ଦରୀ ।
ରାମ ମଧୁରମୂର୍ତ୍ତି ଧ୍ୟାମ୍ନି ଚିତ୍ତ । ଉପେନ୍ଦ୍ର ଭଞ୍ଜ ଅତି ତୃପତ ।
ରସିକ କୋବିଦ ଶ୍ରୁତି ମୁଖ ସ୍ୱାଦ ମଧୁର ଛାନ୍ଦ ଏ କୃତ ହେ । ସୁଜନେ ।୨୪।

—o—

## ଅଷ୍ଟାବିଂଶ ଛାନ୍ଦ

[ ରାଗ—କଲ୍ୟାଣ ଆହାରୀ ]

କାଦମ୍ବିନୀ କାଦମ୍ବିନୀ-ଜିତ-କେଶୀ ପୁରତେ ଏକାଳେ ପ୍ରବେଶ ।
ଦେଖିଲା ଶତପତ୍ର-ପତ୍ର-ନୟନା ପ୍ରେମପତ୍ର ଯୋଜନ ଆବେଶ ।
ସେ ଗତ । ଆଗତ ତୂଳକ କାଜତ ।
ମଞ୍ଜିଷ୍ଠାରସ ସମ୍ଭୃତ ସ୍ଥାଳୀ ଆଣି କାଳୀ ଆଗରେ କଲା ସ୍ଥିତ । ୧ ।

---

ଉଦୟ ପରେ ଚନ୍ଦ୍ର କିରଣ ଦ୍ୱାରା ସୁନ୍ଦର ସନ୍ଧ୍ୟା ଯେପରି ସୁବେଶ ହୁଏ ତଥା ପ୍ରୀତିର ଆରମ୍ଭ ହେଲା । ଜଗତ ମୋହିନୀର ଆସ୍ୟ ଅର୍ଥାତ ମୁଖରେ ହାସ୍ୟ ଲୁଚିଯାଇଥିଲା । ପ୍ରୀତି-ଆରମ୍ଭରୁ ପୁଣି ହାସ୍ୟ ଦେଖାଦେଲା । ଉପେନ୍ଦ୍ର ଭଞ୍ଜ ରାମଙ୍କର ମଧୁର ମୂରତ ଧ୍ୟାୟୀ ଅତିଶୟ ତୃପ୍ତ ହୋଇ ରସିକ ପଣ୍ଡିତମାନଙ୍କ କର୍ଣ୍ଣରୂପ ମୁଖରେ ଏହି ମଧୁର ଛାନ୍ଦର ସ୍ୱାଦ ଦେଲେ । ୨୪ ।

—o—

କାଦମ୍ବିନୀ ଜିତ କେଶୀ—ମେଘକୁ ଜିଣି କେଶ ଯାହାର, ଶତପତ୍ର—ପଦ୍ମ, ପୁରତେ—ଆଗରେ, ଆବେଶ—ମନୋନିବେଶ, ତୂଳକ—କଲମ, କାଜତ—ଲେଖିବାର ଉପାଦାନ । କାଦମ୍ବିନୀ ନାମକ ହେମାର ସଖୀ ଏହି ସମୟରେ ମେଘ ଜିଣି କୃଷ୍ଣକେଶୀ ରାଜହେମା ଆଗରେ ଆସି ପହଞ୍ଚି ଦେଖେ ଯେ ପଦ୍ମନେତ୍ରୀ ରାଜକନ୍ୟା ପ୍ରେମପତ୍ର ଦେବା ସେଥିରେ ମନ ନିବେଶ କରିଅଛି । ତହୁଁ ସେ ଅତୀତ ଭବିଷ୍ୟତ କଥା ଭାବି ମେହେନ୍ଦି ପତ୍ର ରସ ଓ କାଗଜ କଲମ ଆଣି ତା ଆଗରେ ଥୋଇଲା । ୧ ।

କହନ୍ତେ ଦକ୍ଷିଣ ପବନ ବହିଲା ଭ୍ରମରଜ କରି କ୍ଷେପଣ ।
ଏ ଉତ୍ତରୁ ଘନରସଯୁକ୍ତ ହୋଇ ନ ବହିବ କି ସମୀରଣ ।
ଶ୍ରବଣେ । ହୃଦୟ ପଦ୍ମ ବିକଶିଲା ।
ପଦ୍ମିନୀ ଯାମିନୀରୂପ ତ୍ରପା ତୁଟି କୃପା-ପ୍ରଭାତ ପ୍ରକାଶିଲା । ୨ ।

ଲେଖିଲା ଯାହା ପଦେ ପଦେ ସେ ଇନ୍ଦ୍ରପଦେ ସ୍ଥାପିବ କୁମାରଙ୍କୁ ।
ସଜନୀ ବେନି ବର୍ଣ୍ଣ ନେନ ବୋଇଲେ ମଧ୍ୟମଣି ହେବ ହାରକୁ ।
ଶୁଣି ତା । ଶଚୀକଳା ପାଶ ହୋଇଲା ।
ପାଇ ନାହିଁ କି ଗୋ ତରଳଭାବକୁ ତାଙ୍କ ସିନା ହେବ ବେଇଲା । ୩ ।

ଉପାସ୍ୟ ଉପାଧିକା ଉପାଧ୍ୟାୟୀ ଯେ ମୃଦୁ ମୂଢାଙ୍କ ହସ୍ତେ ଧରେ ।
ଗୁଣିବିଦ୍ୟା-ବିଦ୍ୟା ଅବଧୂତା ମିଳି ଧଇଲେ ତାର କର କରେ ।
ସେଠାରୁ । କଥା ପରସ୍ପରେ ଗମନେ ।
ପୁଷ୍ପପୁର ରାଜକୁମାର ବିହାର ଉପବନେ ସ୍ଥିତ ଜବନେ । ୪ ।

ଭ୍ରମରଜ—କର୍ପୂରଚୂର୍ଣ୍ଣ, କ୍ଷେପଣ—ବର୍ଷି, ଘନରସ ଯୁକ୍ତ—ପାଣିଯୁକ୍ତ, ନବରସ ଯୁକ୍ତ ବଚନ, ଯାମିନୀ—ରାତ୍ରି, ତ୍ରପା—ଲଜ୍ଜା । ସେ କହିଲେ ଦକ୍ଷିଣ ଦିଗରୁ ପବନ କର୍ପୂର ଧୂଳି ବର୍ଷି ଶୀତଳ ହୋଇ ବହିଲା । ଏହାପରେ ଜଳକଣା ଯୁକ୍ତ ପବନ ନ ବହିବ କି ? ଅନ୍ୟ ଅର୍ଥରେ—ସେ କହିଲେ ତୋର କାନ୍ତ ତୋ ପ୍ରତି ଅନୁକୂଳ ହୋଇ କର୍ପୂରଧୂଳି ବର୍ଷି ବା ଛଳରେ ପ୍ରେମପତ୍ର ପଠାଇଅଛି । ଏହାପରେ ନବରସ ଯୁକ୍ତ ଉତ୍ତର ନ ଦେବ କି ? ଏହା ଶୁଣି ପଦ୍ମିନୀ ରାଜକନ୍ୟାର ରାତ୍ରି ରୂପକ ଲଜ୍ଜା ତୁଟିଗଲା ଏବଂ କୃପାରୂପ ପ୍ରଭାତ ପ୍ରକାଶ ପାଇଲା ଅର୍ଥାତ୍ ତାହାର ହୃଦୟ ପ୍ରଫୁଲ୍ଲିତ ହୋଇଉଠିଲା । ୨ ।

ସଜନୀମାନେ ଯାହା ପତ୍ରରେ ଲେଖିଥିଲା ତାହାର ପ୍ରତି ପଦ ରାଜପୁତ୍ରଙ୍କୁ ଇନ୍ଦ୍ରପଦରେ ବସାଇବ । ଦୁଇଜଣ ସଖୀ ପତ୍ରଲିଖିତ ଅକ୍ଷରମାନ ପାଠକରି କହିଲେ, ଏହି ପତ୍ର କୁମାରର ହାରରେ ମଧ୍ୟ ମଣି ସଦୃଶ ହେବ । ଏହା ଶୁଣି ଶଚୀକଳା ପାଖକୁ ଆସି କହିଲା, ତୁମ ଭଳି ମନ କଅଣ ଚଞ୍ଚଳ ହୋଇନାହିଁ କି ? ଇଚ୍ଛେ ମଧ୍ୟ ତାହାହିଁ ହେବ । ୩ ।

ଉପାସ୍ୟ-ଉପାଧିକା—ବହୁ ଉପାସ୍ୟ ଜାଣିଥିବା । ଉପାଧ୍ୟାୟର ସ୍ତ୍ରୀ ପକ୍ଷବର୍ତ୍ତି କାନ୍ଦ କରି ହାତରେ ଧଇଲେ । ଗୁଣି ବିଦ୍ୟା ନିପୁଣା ଅବଧୂତା ଆସି ପଦ୍ମିନୀ ଉପାଧ୍ୟାୟସ୍ତ୍ରୀଙ୍କ ହାତ ଧରିଲେ । ପରସ୍ପର କଥାବାର୍ତ୍ତା ହୋଇ ସେଠାରୁ ଗଲେ ଏବଂ ଜବନେ ଅର୍ଥାତ୍ କ୍ଷଣକରେ ପୁଷ୍ପପୁର ରାଜକୁମାର ବୁଲୁଥିବା ବଗିଚାରେ ପହଞ୍ଚିଲେ । ୪ ।

ଦେଖିଲେ ଆରାମ ଅତି ଅଭିରାମ ଯେ ଦେଖିବ ଏହ୍ନ ପ୍ରଶାନ୍ତ ।
ମନରୁ ଉତ୍ପତ୍ତି ରତିକାମ ମୂର୍ତ୍ତିମନ୍ତେ କି ବଶ ହେଉଛନ୍ତି ।
କୋକିଳ । ଗାୟକ ଉଚ୍ଚେ ଗାଏ ଗୀତ ।
ଝିଙ୍କାସ୍ୱ ଝଙ୍କାର ଖଞ୍ଜିଶ୍ୱଟ ଭ୍ରାନ୍ତବତ ସୁବାଦ୍ୟରେ ରଞ୍ଜିତ । ୫ ।
ଶୁକ ଭରଦ୍ୱାଜ ବେଦକୁଳ ଦ୍ୱିଜ ଶ୍ରୁତି-ମଞ୍ଜୁ-ବାକ୍ୟ ଉଚ୍ଚାରି ।
ମଲ୍ଲୀକଢ଼ୀ ଶଙ୍ଖ ଅସଂଖ୍ୟ ଅନେକ କନକ ମାଧୁରୀ ମାଧୁରୀ ।
ମଧୁପ । ଭ୍ରମରେ ଧ୍ୱନି କରେ ଜାତ ।
ମରୁତ ଅଧିବାସ ଯେଣୁ ସୁବାସ ରଙ୍ଗଣୀଠାରୁ ଉଭାଗତ । ୬ ।
ସୁକୁଞ୍ଜକୁଟିର ରମ୍ଭା ମଣ୍ଡପର ତଳେ ବେଦୀକା ତ ନିର୍ମାଣ ।
ସ୍ଫୁଟ କୁରୁବକ ପାବକ ପାପକ ପଲ୍ଲବ ପାଟକୁଆଁରଣ ।
କେତକୀ । ମାଳୀ ଦେଇଥିବା ମୁକୁଟ ।
ସମ୍ମୁଖ ନାରିକେଳ ପତ୍ରପୂରିତ ଶାଳକ ସୁରଭି ପ୍ରକଟ । ୭ ।

---

ଆରାମ—ଉପବନ, ଅଭିରାମ—ସୁନ୍ଦର, ପ୍ରଶାନ୍ତ—ବିଶ୍ୱାସ, ଖଞ୍ଜିଶ୍ୱଟ—ଏହି ଶବ୍ଦରୁ ଶେଷ ଅକ୍ଷର 'ଟ' ବାଦଦେଲେ ରହିଲା ଖଞ୍ଜିଶ୍ୱ ଅର୍ଥାତ୍ ଖଞ୍ଜଣୀ । ସେହି ବଗିଚାକୁ ଯିଏ ଦେଖିବ, ତାହାର ଏହି ପ୍ରତ୍ୟୟ ହେବ ଯେ ଏହା ଅତି ସୁନ୍ଦର ବଗିଚା । ଏଠାରେ ମନରୁ ଜାତ କାମ ଆଉ ରତି ଦୁହେଁ ମୂର୍ତ୍ତି ଧରି ବିବାହ ହେଉଛନ୍ତି କି ? କୋଇଲି ଗାୟକ ପରି ଉଚ୍ଚ ସ୍ୱରରେ ଗୀତ ଗାଉଅଛି । ଖଞ୍ଜିଶ୍ୱଟ ଅର୍ଥାତ୍ କଜଳପାତିର ଶେଷ ଅକ୍ଷର ଟ ଲୋପ କଲେ ଯାହା ହେବ ଅର୍ଥାତ୍ ଖଞ୍ଜିଶ୍ୱ ତାହା ଝିଙ୍କାସ୍ୱ ବଜାଉଅଛି ଅର୍ଥାତ୍ ଝିଙ୍କାସ୍ୱର ଧ୍ୱନି ଖଞ୍ଜଣୀ ପରି ଶୁଣାଯାଉଛି । ୫ ।

ଶୁକ—ଶୁଆ, ଭରଦ୍ୱାଜ—ଭଡଭଡଲିଆ, ଶ୍ରୁତି—ବେଦ, ମଞ୍ଜୁବାକ୍ୟ—ମନ୍ତ୍ର, ଶ୍ରୁତିମଞ୍ଜୁ—କର୍ଣ୍ଣ ପ୍ରୀତିଦାୟକ, କନକ—ଧୁତୁରା, ମାଧୁରୀ—ମହୁରୀ, ସୌନ୍ଦର୍ଯ୍ୟ; ଅଧିବାସ—ବରକନ୍ୟା କର୍ତ୍ତା, ରଙ୍ଗଣୀ—ଫୁଲ ଏବଂ ରଙ୍ଗଣି ଛଲ୍ଲୀ, ସୁବାସ—ସୁଗନ୍ଧ ଓ ସୁନ୍ଦର ବସ୍ତ୍ର । ଶୁଆ ଓ ଭଡଭଡଲିଆ ପକ୍ଷୀ ଦୁହେଁ ବର କନ୍ୟା ଦୁଇ କୁଳର ବ୍ରାହ୍ମଣ ହେଲେ । ବ୍ରାହ୍ମଣମାନେ ବେଦମନ୍ତ୍ର ଉଚ୍ଚାରଣ କଲାପରି ଏ ଦୁହେଁ କର୍ଣ୍ଣ ପ୍ରୀତିକର ବାକ୍ୟ ଉଚ୍ଚାରଣ କରୁଅଛନ୍ତି । ଅସଂଖ୍ୟ ମଲ୍ଲୀ କଢ଼ ଶଙ୍ଖର ଏବଂ ଧୁତୁରା ଫୁଲ ମହୁରୀର ଶୋଭା ଧାରଣ କରିଅଛି । ଫୁଲରେ ମଧୁପର ବସିବା ବେଳର ଗୁଞ୍ଜନ ଧ୍ୱନି ଜାତ କରୁଅଛି । ବରକନ୍ୟା କର୍ତ୍ତାମାନେ ଯେପରି ଭଲ ଲୁଗା ନେଇ ଯା-ଆସ କରନ୍ତି ଏଠାରେ ପବନ ଅଧିବାସ ଅର୍ଥାତ ବରକନ୍ୟା କର୍ତ୍ତା ହୋଇ ରଙ୍ଗଣୀ ଫୁଲଠାରୁ ବର୍ଣ୍ଣରୂପକ ବସ୍ତ୍ର ଏବଂ ସୁବାସ ଅର୍ଥାତ୍ ଉତ୍ତମ ଗନ୍ଧ ଗ୍ରହଣ କରି ସଞ୍ଚରୁଅଛି । ୬ ।

ସୁନ୍ଦର କୁଞ୍ଜ କୁଟୀରର ରମ୍ଭାତଳେ ମଣ୍ଡପ, ତାହା ବିବାହ ବେଦୀ ସ୍ୱରୂପ । ସ୍ଫୁଟ ଅର୍ଥାତ୍ ଫୁଟିଥିବା କୁରୁବକ ଅର୍ଥାତ୍ ଝିଣ୍ଟି ଫୁଲ ପ୍ରଜ୍ୱଳିତ ହୋମାଗ୍ନି, ନୂଆପତ୍ର ପାଟକୁଆଁ,

ହାରଦ୍ରୁ ସିନ୍ଦୂରି ପକ୍ୱଫଳ ଧରି ସହକାର ଶୋଭା ଭଂଶରେ ।
ଗବୟଶୃଙ୍ଗ ସଂପୁଟଚୟ ମଧ୍ୟ ସ୍ୱର୍ଣ୍ଣ ମାଣିକ୍ୟ ଜ୍ୟୋତି ବଢ଼େ ।
ଅକ୍ଷତେ । ବେଣୁ ବଂଶରେ ଜାତ ଘୋଷ ।
ବ୍ରାହ୍ମଣୀରେ ପୁଣି ବର୍ଦ୍ଧିତ ହୋଇଛି ସାର ଅନୁରାଗ ପ୍ରକାଶ । ୮ ।
ହିଙ୍ଗୁଳୀ କପର୍ଦ୍ଦ ବୀଜ କଉ କର ରଙ୍ଗାଙ୍ଗୀ କୁଟ୍ଟେ ଦେଖାଇ ।
ଶୁଦ୍ଧାନ୍ତ ପ୍ରକାରେ ପ୍ରକାର ପଙ୍କ୍ତିରେ ଆବାପଠାରେ ସମ୍ଭବଇ ।
ପଡ଼ନ୍ତେ । ପରାଗ କର୍ପୂର ପଡ଼ନ୍ତେ ।
ଶେଫାଳିକା ଆଳୀ ସଜାଡ଼ି ସଂଯୋଗ ଦେବାକୁ ଶଯ୍ୟାକୁ ସୁମନେ । ୯ ।

---

କେତକୀ ପ୍ରଭୃତି ମଲ୍ଲୀ ଯୋଗାଇଥିବା ମୁକୁଟ ପରି । ଉଦ୍ୟାନ ସ୍ଥାନରେ ଗୁଆ, ନଡ଼ିଆ ଯେପରି ଥାଏ ଏଠାରେ କମ୍ବୁକ ଅର୍ଥାତ ଗୁଆ ଓ ନଡ଼ିଆ ଗଛମାନ ଭରି ରହିଅଛି । ଉଦ୍ୟାନ ସ୍ଥାନରେ ଶାଳକ ଓ ସୁରଭି ଧେନୁ ଥିଲାପରି ଏଠାରେ ଶାଳ ଗଛ ଓ ଚମ୍ପା ଗଛମାନ ପ୍ରକଟ ଅର୍ଥାତ ବିଦ୍ୟମାନ । ପାବକ—ଅଗ୍ନି, ଦୀପକ—ପ୍ରଜ୍ୱଳିତ । ୭ ।

ହାରଦ୍ରୁ—ହଳଦିଆ, ସିନ୍ଦୁରି—ସିନ୍ଦୁର ବର୍ଣ୍ଣ, ଗବୟ—ଗୟଳ, ସଂପୁଟ—ଫରୁଆ, ସହକାର—ଆମ୍ବ, ବେଣୁ ବଂଶରେ—ଦୁଇ ବାଉଁଶ, ଦୁଇ କୁଳରେ; ଘୋଷ—ହର୍ଷଧ୍ୱନି, ଅକ୍ଷତେ—ଅବିଚ୍ଛିନ୍ନ ଭାବେ, କଟା ହୋଇ ନ ଥିବା; ମଞ୍ଜିଷ୍ଠା—ବ୍ରାହ୍ମଣୀ । ଗୟଳ ଶିଙ୍ଗ ନିର୍ମିତ ଫରୁଆ ଭିତରୁ ସୁନା ଓ ମାଣିକ ଜ୍ୟୋତି ବାହାରିଲା ପରି ହଳଦିଆ ଓ ସିନ୍ଦୂରି ଆମ୍ବର ପାଚିଲା ଫଳ ଗଛମାନ ଶୋଭା ପାଉଅଛି । ବେଣୁ କୁଳ ଅର୍ଥାତ ବଂଶରୁ ଅତ୍ରୁଟ ଭାବରେ ହର୍ଷଧ୍ୱନି ଉଠିଲା ପରି କଟା ହୋଇ ନ ଥିବା ଦୁଇ ବାଉଁଶର ଘର୍ଷଣରେ ଶବ୍ଦ ଜାତ ହେଉଅଛି । ଉଦ୍ୟାନରେ ବ୍ରାହ୍ମଣୀ କନ୍ୟା ବନ୍ଦନା କଲାପରି ମେହେନ୍ଦି ଗଛ ଶୋଭା ବଢ଼ାଉ-ଅଛି । ଏହାଦ୍ୱାରା ଶ୍ରେଷ୍ଠ ଅନୁରାଗ ପ୍ରକାଶ ପାଉଅଛି । ୮ ।

ରଙ୍ଗାଙ୍ଗୀ—ଚନ୍ଦକାଣିଆଣୀ; କପର୍ଦ୍ଦ—କଉଡ଼ି; ହିଙ୍ଗୁଳୀ—ହଳଦିଆ; କୁଟ୍ଟିମ—କୁଆଁକ୍ଷେଳ; ଶୁଦ୍ଧାନ୍ତ—ଅନ୍ତଃପୁର; ପ୍ରାକାର—ପ୍ରାଚୀର; ଆବାପ—ଗଛମୂଳ ମଣ୍ଡା; ଶେଫାଳିକା—ଗଙ୍ଗଶିଉଳି; ଆଳୀ—ସଖୀ; ପରାଗ—ଫୁଲରେଣୁ । ଚନ୍ଦକାଣିଆଣୀ କୁଆଁକ୍ଷେଳରେ ହଳଦିଆ କଉଡ଼ି ଯୋଗାଇଲା ପରି ପାଚି ଫାଟିଯାଇଥିବା କରଡ଼ର ଅର୍ଥାତ ଡାଳିମ୍ବର ବୀଜ ଦେଖା ଯାଉଅଛି । ଗଛମୂଳର ମଣ୍ଡା ଅନ୍ତଃପୁର ପାଚେରି ପରି ମନେ-ହେଉଛି । ଉଦ୍ୟାନ ମଣ୍ଡପରେ ସଖୀମାନେ ରହିଲା ପରି ଗଙ୍ଗଶିଉଳି ଗଛ ସଖୀ ପଣରେ ବରକନ୍ୟା ଦୁହିଙ୍କର ସଂଯୋଗ ଅର୍ଥାତ୍ ମଧୁଶଯ୍ୟାକୁ କର୍ପୂରଗୁଣ୍ଡ ଛଳରେ ଫୁଲରେଣୁ ଆଉ ଫୁଲ ଦ୍ୱାରା ଶେଯ ସଜାଡ଼ୁଅଛନ୍ତି । ୯ ।

ମଧ୍ୟେ ସରସୀ ନୂତନେ ଉପାରସି ରସିକ ରସିକା ଯେମନ୍ତେ ।
ପାଟୋପୃକଟଳ ଚଳଦୃଗଞ୍ଚଳ ମୀନ ଚଞ୍ଚଳେ ଲାଗେ ନେଷ ।
ଅଚ୍ଛନ୍ନ । ସେ କାମ-ଶବ୍ଦଳୀ ବଣରେ ।
ଠୂଳ ଶୈବାଳ ତଳ ଅଳିଆବଳୀ ବେଣୀ ଲଳିତ କମ୍ପଶିରେ । ୧୦ ।
ତରଙ୍ଗ ତର କର ତେଙ୍କ ବଢ଼ାଇ ପାରଜକୋରକ-ଉରଜେ ।
ହଂସଗତରେ ଧ୍ୱଞ୍ଜୁ ନାଦ ହଂସକ ଶବଦ ଢଙ୍କ ସବଳେ ।
ପ୍ରଚଳ । ଫେନ ବସନ ଅଗ୍ର ଟେଣ୍ଡୁ ।
ବରଷ୍ଟଦକାଶ କୋକନଦ-ମୁଖରେ ଘୃଷ୍ଟ ଆରମ୍ଭି ଅଣୁ ଅଣୁ । ୧୧ ।
ଏପରି ବନସରସୀରେ କୁସୁମଶର ଶରେ ହୋଇ ଉଚ୍ଛନ୍ନ ।
ଚତୁର ଚମ୍ପା ମଧ୍ୟ ଚନ୍ଦ୍ର-ବେଦିରେ ଚତୁର କରିଛି ଶୟନ ।
ଯେ ପୁରେ । ଜୀବନ ସେ ତଳରେ ରହି ।
କଳାକର କଳାକର ଶୁଭ୍ର ଅର୍ଦ୍ଧ ଉଦୟ ପରା ହୋଇ । ୧୨ ।

---

ସରସୀ—ପୁଷ୍କରଣୀ; ଚଳଦ୍‌ଗଞ୍ଚଳ—ଚଞ୍ଚଳ କଟାକ୍ଷ; ଅଚ୍ଛନ୍ନ—ଅଭିଭୂତ; ଶବ୍ଦଳୀ—ଶବ୍ଦସମୂହ, ହଂସରାଜ; ଠୂଳ—ଏକତ୍ର; ଅଳିଆବଳୀ—ଭ୍ରମରଶ୍ରେଣୀ । ନୂଆ କରି ରସିକ ରସିକା ଯେମିତି ପରସ୍ପର ଅନୁରକ୍ତ ହୋଇଥାନ୍ତି; ଉପବନ ମଧ୍ୟରେ ଥିବା ପୋଖରୀ ସେହିପରି ମନେହେଉଛି । ରସିକ ରସିକାଙ୍କର ଚଞ୍ଚଳ କଟାକ୍ଷ ପରି ପୋଖରୀସ୍ଥ ନଳକଇଁ ଫୁଟି ଅଛି । ସେ ଦୁହିଙ୍କର ଚଞ୍ଚଳ ନେତ୍ର ପରି ପୋଖରୀରେ ମୀନ ଚଞ୍ଚଳ ଶୋଭା ପାଉଅଛି । ରସିକ ରସିକା କାମ ଶରରେ ଅଭିଭୂତ ହେଲା ପରି ପୋଖରୀ କାମ ନାମକ ପକ୍ଷୀ ଓ ହଂସରାଜ ପକ୍ଷୀରେ ପୂର୍ଣ୍ଣ । ଏକାଠି ହୋଇଥିବା ଶିଉଳି, ପାଣିକୁ ଲାଗି ଉଡ଼ୁଥିବା ଭ୍ରମରପନ୍ତି ରସିକ ରସିକାଙ୍କର କମ୍ପିତ ଶିରର ବେଣୀ ପରି ଶୋଭା ପାଉଛି । ୧୦ ।

ପାରଜକୋରକ—ପଦ୍ମକଢ଼; ଉରଜ—ସ୍ତନ; କୋକନଦ—ରକ୍ତପଦ୍ମ । ପଦ୍ମକଢ଼ ରୂପକ ସ୍ତନରେ ପୁରୁଷ ତରଙ୍ଗ ଧରି ଚଞ୍ଚଳ ହାତ ବଢ଼ାନ୍ତେ ସେହି ରସିକା ରାଜକନ୍ୟା ହଂସଗତିରେ ଘୁଞ୍ଚିବାରୁ ନୂପୁର ଶବ୍ଦ ହଂସକ ଅର୍ଥାତ୍ ହଂସ ନାଦ ପରି ଶବ୍ଦ ସହକାରେ ପ୍ରକଟିତ ହେଲା । ଏଣୁ ଅଳ୍ପ ପ୍ରକାଶିତ ରକ୍ତପଦ୍ମ ଭଳି ମୁଖରେ ଘୃଷ୍ଟବାକ୍ୟ ଆରମ୍ଭ କରନ୍ତେ ପ୍ରଚଳିତ ଫେଣରୂପ ବସନକୁ ଆଡ଼ କଲା । ୧୧ ।

ଏପରି ବଣରେ ଥିବା ପୁଷ୍କରଣୀ କୂଳରେ କାମଶରରେ ପୀଡ଼ିତ ହୋଇ ଚତୁର ରାଜପୁତ୍ର ସୁବର୍ଣ୍ଣକୋଟି ଚମ୍ପାବୃକ୍ଷ ମଧ୍ୟରେ ଥିବା ଚନ୍ଦ୍ରବେଦୀରେ ଶୋଇରହିଛି । ଯେଉଁ ପୁରରେ ଜୀବନ ଅର୍ଥାତ୍ ରାଜଜେମା ଅଛି ସେହି ପୁଷ୍ପପୁର ନଗରରେ ଚମ୍ପାଗଛ ତଳେ ମୁଁ ରହିବି ଭାବି ଶୁଭ୍ର ଅଭ୍ର ଅର୍ଥାତ୍ ଧଳା ମେଘରେ କଳାଏ ମାତ୍ର ଚନ୍ଦ୍ର ଅଧା ଉଦୟ ପରି କ୍ଷୀଣତା ଭଜି ଶୋଇଅଛି । ୧୨ ।

ନବପଲ୍ଲବେ ବାନ୍ଧ ସ୍ଥାନ ଉଲ୍ଲାସେ ପୁରୁଷେ ବସି ଯେ ଥାନ୍ତି ।
କେତେ ଦୂରେ ଅଛି ବଦନ ହୋଇଛି କି ହୋଇଲା ତାଙ୍କ ମନରେ ।
ତା ଦେଖି । କେ କାହୁଁ ଆସିଲା ପ୍ରକାରେ ।
ସାଧୁଜନା ଦେନି ହରଷ ବିରସ ଲପନେ କଥା ପରସ୍ପରେ । ୧୩ ।
ଜଟିଳା ଭଣିଲେ ନରେଶନନ୍ଦନୀ ପାଠପଠିକା ଏହି ବେଶ ।
ପଣ୍ଡିତା ବୋଲେ କହିବାକୁ ଅକ୍ଷରେ କାଟି ରଖ ଗୋ ଏକାଦଶ ।
ସେ ଛଳ । ଏ ନଗରେ ତୁମ୍ଭ ନିବାସ ।
ପୁନରୁକ୍ତି ଦୂରୁଁ ଆଗତ କତର୍ଥେ ଯତର୍ଥେ କହ କି ହେବ କସ । ୧୪ ।
ତଥାପି କହିବା ତୁମ୍ଭ କେ କହ ଟେ କହେ ମୁଁ ସ୍ୱର୍ବୈଦ୍ୟଭଗିନୀ ।
ବୃଷ-ଇନ୍ଦ୍ରକ ଅନ୍ତଃପୁର ଅବଳା ବିଭ୍ରମରୋଗ-ବିନାଶିନୀ ।
ଶୁଣି ତା । ଭଣିଲା ଆମ୍ଭ ବାଳାମଣି ।
ଅଦ୍ଭୁତ କି ଦେଖି ଭୂତପତିକୃତ ଭୂତ ଲାଗିଲା ପ୍ରତି ଆଣି । ୧୫ ।

---

ନବ ପଲ୍ଲବ—ନୂଆ ପତ୍ର; ଲପନରେ—ମୁଖରେ; ସାଧୁଜନା—ସାଧୁମାତା । ପାଖରେ ବସି ବିରସ ହୋଇ ଜଣେ ଲୋକ ନୂଆ ପତ୍ର ଦ୍ୱାରା ବାନ୍ଧୁଅଛି । ଆଉ ଜଣେ ଲୋକ ମନ ଦୁଃଖରେ କଅଣ ହେଲା ଜାଣିବା ଇଚ୍ଛାରେ ଅଳ୍ପ ଦୂରରେ ରହିଅଛି । ଏହା ଦେଖି କିଏ କାହୁଁ ଆସିଲା ବୋଲି ଦୁଇଜଣ ସାଧୁମାତା ହର୍ଷ ଓ ବିଷାଦପୂର୍ଣ୍ଣ ମୁଖରେ ଆପଣା ମଧ୍ୟରେ କଥାବାର୍ତ୍ତା ହେଲେ । ୧୩ ।

ଜଟିଳା—ଅବଧୂତା; ନରେଶନନ୍ଦନୀ—କୁବେରକନ୍ୟା; ପାଠପଠିକା—ଶିକ୍ଷୟିତ୍ରୀ, ପଣ୍ଡିତା ଅର୍ଥାତ୍ ଉପାଧ୍ୟାୟ ସ୍ତ୍ରୀ । ଜଟିଳା ଅର୍ଥାତ୍ ଅବଧୂତା କହିଲେ, ତୁମେ ତ କୁବେର କନ୍ୟାର ଶିକ୍ଷୟିତ୍ରୀ ପରି ଦେଖାଯାଉଛ । ଏହା ଶୁଣି ଉପାଧ୍ୟାୟ ସ୍ତ୍ରୀ କହିଲେ, କହିବାରୁ ଶବ୍ଦରୁ କେଂ ଅକ୍ଷରଟା କାଟିଦେଇ ବାକି ୧୧ ଅକ୍ଷର ରଖିଲେ ଯାହା ହେବ ଆମ୍ଭେ ତାହା ଅର୍ଥାତ୍ "କୁନରେଶ ନନ୍ଦନୀ ପାଠପଠିକା" ୧୨ ଅକ୍ଷରରୁ ପ୍ରଥମ ଅକ୍ଷରଟା ଗଲେ ରହିଲା 'ନରେଶ ନନ୍ଦନୀ ପାଠପଠିକା' ଏହା ଶୁଣି ପ୍ରଥମା ଛଳ କରି କହିଲା, ଏହି ନଗରରେ ତୁମ୍ଭର ନିବାସ ? ପୁଣି କହିଲା ଅଥବା ଦୂରରୁ ଆସିଛ କତର୍ଥେ ତାହାର ଯତର୍ଥେ ଅର୍ଥାତ୍ ଯଦ୍ଧିପାଇଁ ତାହା କହ କଅଣ ହେବ । ୧୪ ।

ତଥାପି ଅବଧୂତା କହିଲା, ତୁମେ କିଏସେ କଥା କୁହ । ଅନ୍ୟ ଜଣକ ଉତ୍ତର ଦେଲା ମୁଁ ସ୍ୱର୍ବୈଦ୍ୟ ଅଶ୍ୱିନୀକୁମାରଙ୍କ ଭଗିନୀ । ବୃଷ-ଇନ୍ଦ୍ରକ ଅର୍ଥାତ୍ ଇନ୍ଦ୍ରଙ୍କ ଅନ୍ତଃପୁର ଅବଳାମାନଙ୍କର ବିଭ୍ରମ ରୋଗ ଅର୍ଥାତ୍ ଉନ୍ମାଦ ରୋଗ ନେଇ ବିନାଶ ଅର୍ଥାତ୍ ଚିକିତ୍ସା କରିଥାଏ । ଏହା ଶୁଣି ପଣ୍ଡିତା କହିଲେ, ଆମ୍ଭର ବାଳାମଣି ଅକସ୍ମାତ୍ କଅଣ ଦେଖି ଭୂତପତି କୃତ ଅର୍ଥାତ୍ ଶିବଙ୍କ ସୃଷ୍ଟ ଭୂତଗ୍ରସ୍ତ ହେବାର ମନେହୁଏ ଅଥବା ଭୂତପତି ଯାହାକୁ ଭୂତକୃତ କରିଅଛନ୍ତି ଅର୍ଥାତ୍ କାମ ଲାଗିଲା ପରି ଜଣା ପଡ଼େ । ୧୫ ।

ବାରବାର ସର ଦରେ ତା ଶୟନ ବର୍ଜି ନାହିଁ ଚନ୍ଦ୍ର ବଦନେ ।
ଭଜ ବହ୍ନିତ ଘନବାର ସୁକେଶୀ ତନୁକୁ ନ ବଞ୍ଚ ସଘନେ ।
ତପତ । ସତା ଭହୁଅଛୁ ଶଙ୍ଖରେ ।
ବ୍ୟାଧି ଜନଣ କ ଗୋଚର ନୁହଇ କରେ ଚନ୍ତାକୁ ଯେ ବଧିରେ । ୧୭ ।
କହେ ଏ ପଦ ହରିବ ସପ୍ରୟୋଗେ ଏ ତାପ ଶାନ୍ତକ ତାପସୀ ।
ବୃଷ୍ଟି ନଗରେ ତୃଣ ପ୍ରାଏ ଖସିଲ କଲୁନ ଖସିଲ ବଦୁଷୀ ।
ପୁଣି ସେ । କାହିଁରୁ କଲ କୋଳ ପୁଚ୍ଛି ।
ମ୍ଳାନ କାସାରୁ ସଞ୍ଚିତ ସପୁଟରୁ ବୋଲଜନ୍ତ ବୋଲେ ଭଲେ ଅଛୁ । ୧୭ ।
କ ଅଛୁ ଗିରେ ଛକଲ ଧୀରେ ଯେହୁ ସୁନ୍ଦର ନବ ସରସୀତ ।
ତା ହୃଦପଦ୍ମ ସଞ୍ଚା ପାଣି ପରଶ ଅଙ୍ଗସ୍ଥ ଶୀତରଜ ହିତ ।

---

ଏହି ପଦଟି କବି କେତେକ ଶବ୍ଦରେ ବର୍ଣ୍ଣଚ୍ୟୁତ ଗୀତରେ ରଚନା କରିଅଛନ୍ତି । ସେହି ଶବ୍ଦ ହେଉଛି ଶୟନ, ସର, ବଦନେ, ଘନବାର, ବହ୍ନିତ, ସଘନେ, ନ ବଞ୍ଚ, ଜନଣ ପ୍ରଭୃତି ।

ପ୍ରଥମେ ଶୟନ ଶବ୍ଦରେ ଶ ଅକ୍ଷର ବଦଳରେ ନ ଅକ୍ଷର, ସର ଶବ୍ଦରେ ସ ଅକ୍ଷର ସ୍ଥାନରେ ମ ପ୍ରୟୋଗ, ବଦନେ ଶବ୍ଦରେ ବ ଜାଗାରେ ସ ପ୍ରୟୋଗ, ଘନବାର ଶବ୍ଦରେ ବା ଅକ୍ଷର ସ୍ଥାନ ସ ଅକ୍ଷର ପ୍ରୟୋଗ, ବହ୍ନିତ ଶବ୍ଦରେ ବ ସ୍ଥାନ ଅ ବ୍ୟବହାର, ସଘନେ ଶବ୍ଦରେ ଘ ସ୍ଥାନରେ ପ ବ୍ୟବହାର, ନବଞ୍ଚି ଶବ୍ଦରେ ବ ସ୍ଥାନରେ ମୁଁ ପ୍ରୟୋଗ, ଜନଣ ଶବ୍ଦରେ ଣ ଅକ୍ଷର ସ୍ଥାନରେ ମି ପ୍ରୟୋଗ ।

ଏହିପରି ବର୍ଣ୍ଣରେ ଅର୍ଥ କଲେ ପଦଟିର ସରଳାର୍ଥ ହେବ, ଦରେ ଅର୍ଥାତ୍ ଭୟରେ ତାହାର ନୟନ ନୀର ବହୁଅଛି । ଏବେ ଚନ୍ଦ୍ର ସଦନେ ଅର୍ଥାତ୍ ଚନ୍ଦ୍ରଶାଳା ପୁରରେ ନାହିଁ । ସୁକେଶୀ ଦେହକୁ କର୍ପୂରଚୂର୍ଣ୍ଣ ଦେବା ଅହିତ ମଣେ । ସପନ କଥା ମୁଖରୁ ନାହିଁ । ସବୁବେଳେ ଦେହରେ ତାପ ରହିଅଛି । ଏହା କ ବ୍ୟାଧି ଜାନମିଅଛୁ ଜଣା ପଡ଼ୁନାହିଁ; ଏଣୁ ସମସ୍ତେ ବଧିରେ ଚିନ୍ତା କରୁଅଛନ୍ତି । ୧୭ ।

ତାପସୀ ଏ ପଦକ କହିଲ—ସ ପ୍ରୟୋଗ ଅର୍ଥାତ୍ ପ୍ରୟୋଗ ହେଲେ ଏହା ତାପ ହରଣ ଓ ଶାନ୍ତ ହେବ । ବିଦୂଷୀ କହିଲ ଯେତେ ପ୍ରୟୋଗ କଲୁଁ ସବୁଯାକ ବର୍ଷା ନଈରେ କୁଟା ଖସିଲା ପରି ଖସିଗଲା । ତାପସୀ ପଚାରିଲା କେଉଁଥିରୁ କଅଣ କଲ ? ବିଦୂଷୀ ଜବାବ ଦେଲା ଗାଧୋଇବା ପୋଖରୀରୁ ପଦ୍ମଦଳ, ସଞ୍ଚିତ ଫରୁଆର କର୍ପୂର ରଜ ଆଣି ଉପଚାର କଲୁ । ଏହା ଶୁଣି ତାପସୀ କହିଲା ଅନ୍ୟ କିଛି କରିବା କଥା ଅଛି । ୧୭ ।

କଅଣ ଅଛି ? କହୁଁ ତାପସୀ ଧୀର ସ୍ୱରରେ ଶ୍ଳେଷ ବାକ୍ୟରେ କହିଲା, ଯେହୁ ସୁନ୍ଦର ନବ ସରସୀ ତାହାର ମଧ୍ୟ ପଦ୍ମପତ୍ରରେ ଥିବା ପାଣି ଆଣି ଛୁଇଁ ଦେବ ଅଙ୍ଗଦେଶରେ ଥିବା ଶୀତରଜ ଅର୍ଥାତ୍ କର୍ପୂର ଲଗାଇଲେ ହିତକର ହେବ ।

ଶ୍ରବଣେ । ନୃପଜ ମନ୍ତ୍ରୀଜ ଏ କଥା ।
ବଦ୍ୟାନନ୍ଦଙ୍କ ସନ୍ନିଧିକି ଯିବାକୁ ସମ୍ମତେ ହେଲେ ଝୁଲି ମଥା । ୧୮ ।
ସେ ଯାଇ ବୋଇଲା କି ସ୍ୱର୍ଗ୍ୟ ହୋଇଲା ସର୍ବଜ୍ଞା ବର୍ଣ୍ଣିତ ଆଗତ ।
ନ ଥିଲା ନାହିଁ ନୋହିବ ଚିତ୍ରରୂପେ ଦେଖିଲା ଆମ୍ଭ ନୃପସୁତ ।
ତହୁଁରେ । ଜନେ ଜରର ଲବଣ୍ଣ ନିର୍ମିତ ।
ଦ୍ୱିତୀୟା ଚତୁର୍ଥୀ ଅଷ୍ଟମୀ ପୂର୍ଣ୍ଣମୀ ଚନ୍ଦ୍ର ଏକାବେଳେ ଉଦିତ । ୧୯ ।
ସେ ଚନ୍ଦ୍ର ମଧ୍ୟେ ଅମଳ ଭବ ବନ୍ଧୁ କମଳ କରିଛୁ ଭବନ ।
ମଦାଞ୍ଜନ ଯୁତ ଏ ଦୁଇମତ ସମ୍ଭୂତ କରାଉଛୁ ମନ ।
ଅଣୁଏ । ବନ୍ଧିଛି କୁନ୍ତଳ ମାଳେ ।
ବେନି ଶିଖଣ୍ଡୀ ତହିଁ ଉପରେ ମାଧୁରୀ ନଳ ରଖିଲି ପ୍ରାପ୍ତେ ଜଳେ । ୨୦ ।
ସେ ପୁଣି ସୁବର୍ଣ୍ଣ ଚମ୍ପାବାଳା ଦୋଳା ଗଳାରେ ଲମ୍ବାଇ ଥୋଇଛି ।
ସତ୍ୟରେ ଦ୍ୱାପର ଜନେ କଳି କରି ଆଉ ଯୁଗ ଯେଣୁ ନୋହୁଛି ।
କାମନା । ପୂର୍ବେ ଯେ ମଣ୍ଡପ ମଧ୍ୟରେ ।
ଦୃଷ୍ଟ ଅପୂର୍ବ ତନୁ ଖେଦ ଅବସ୍ଥା ହେତ ପ୍ରାପ୍ତ ଅଛୁ ଏଥିରେ । ୨୧ ।

---

ଅନ୍ୟ ଅର୍ଥ—ସୁନ୍ଦରୀ ଯେଉଁ ସୁନ୍ଦର ପ୍ରତି ନୂତନ ବସିଅଛୁ ତାହାର ହୃଦପଦ୍ମ ସଙ୍ଗ, ତା ପାଣି ସ୍ପର୍ଶ ଏବଂ ଦେହର କର୍ପୂରଗନ୍ଧ ଲଗାଇଲେ ସୁଫଳ ହେବ । ଏ କଥା ଶୁଣି ରାଜପୁତ୍ର ଓ ମନ୍ତ୍ରୀପୁତ୍ର ବିଦ୍ୟାନନ୍ଦଙ୍କୁ ନିକଟକୁ ଯିବାକୁ ମୁଣ୍ଡ ହଲାଇ ସମ୍ମତ ଜଣାଇଲେ । ୧୮ ।

ସେ ଯାଇ କହିଲା କି ସ୍ୱର୍ଗ୍ୟରୁ ସର୍ବଜ୍ଞ ଅର୍ଥାତ୍ ଉପାଧ୍ୟାୟ ସ୍ତ୍ରୀ ବର୍ଣ୍ଣିତ ଅର୍ଥାତ୍ ବିଶେଷରୂପେ ଜାଣି ପହଞ୍ଚିଛନ୍ତି । ଏପରି ରୂପ ନାହିଁ, ନ ଥିଲା ଅବା ନ ହେବ । ସେ ଆମ୍ଭ ରାଜପୁତ୍ରଙ୍କୁ ଆଶ୍ଚର୍ଯ୍ୟ ଭାବରେ ଦେଖିଅଛୁ । ରାଜପୁତ୍ରଙ୍କ ଶରୀର ଚନ୍ଦ୍ରରେ ଗଠିତ ଯେହେତୁ ଏହାଙ୍କ ଦେହରେ ଚିବୁକ ୨ୟା ଚନ୍ଦ୍ର ପରି, ଗଣ୍ଡଦେଶ ୪ର୍ଥୀ ଚନ୍ଦ୍ର ପରି, ଭାଲ ୮ମୀ ଚନ୍ଦ୍ର ପରି, ମୁଖମଣ୍ଡଳ ପୂର୍ଣ୍ଣଚନ୍ଦ୍ର ପରି ଅଟେ । ୧୯ ।

ସେହି ଚନ୍ଦ୍ର ମଧ୍ୟରେ ଅମ୍ଳାନ ନ ହୋଇ ପଦ୍ମ ବାସ କରିଅଛୁ । ଏହି ଦୁଇ ମତ୍ତ ଅତି ଅଦ୍ଭୁତ । ଏହୁ ସ୍ତ୍ରୀ ତାଙ୍କ ମନ ସମ୍ଭୂତ କରୁଅଛୁ । ସୁନ୍ଦରର ଅଣୁ ପ୍ରମାଣେ ରୋମାଳୀରୂପ କୁନ୍ତଳ ମାଳଟିଏ ବନ୍ଧିଅଛୁ । ତହିଁ ଉପରେ ମାଧୁରୀନଳ ଅର୍ଥାତ୍ ସ୍ତନରୂପକ ଦୁଇଟି ଶିଖଣ୍ଡୀ ଶୋଭା ପାଉଅଛୁ । ୨୦ ।

ସେ ସୁନ୍ଦରୀ ପୁଣି ସୁବର୍ଣ୍ଣ ଚମ୍ପାମାଳା ଦେଲା । ତାକୁ ରାଜପୁତ୍ର ଗଳାରେ ଲମ୍ବାଇ ରଖିଛୁ । ସତ୍ୟରେ ଅର୍ଥାତ୍ ସତ୍ୟକଥାରେ ଦ୍ୱାପରେ ଅର୍ଥାତ ସନ୍ଦେହଜନେ କଳି କରି ଯେଣୁ ଆଉ ଯୁଗ ଅର୍ଥାତ୍ ମିଳନ ହେଉନାହିଁ । ତେଣୁ ପୂର୍ବେ ମଣ୍ଡପ ମଧ୍ୟରେ ଯେ ସୁନ୍ଦରୀକୁ ଦେଖି-ଥିଲ ତାକୁ ପାଇବା ଆଶା ପ୍ରବଳ ହେଉଛୁ । ଅ-ପୂର୍ବ ତନୁ ଅର୍ଥାତ୍ ଅତନୁ ସନ୍ତାପ ପାଉଛୁ । ଏହୁ ଅବସ୍ଥା ଶେଷକୁ ହିତକର ହେବ । ୨୧ ।

ମନ୍ଦ ଭଲ୍ଲ ଦୁଇ ହାସ ନେତ୍ରେ ଥୋଇ ସେ ବଧୂ ଚାଳିଛି ସବାରୁଁ ।
ଏଥୁଁ କି ହୋଇବ ଏ ପ୍ରଶ୍ନ କରିବ ପୁଂସଙ୍କୁ ତାଣ୍ଡବ ଉଦ୍‌ବେଗୁଁ ।
ଉର୍ଦ୍ଧ୍ୱକୁ । ସୃଷ୍ଟି ସର୍ବଙ୍କା କହେ ଜବ ।
ପୃଚ୍ଛା କଲ ଯା ହୋଇଛି ଅବଶ୍ୟ ଋକ୍ଷ ଏ ଜୀବ ଏକନାମ ହେବ । ୨୨ ।
କେଉଁତ ବିଶ୍ୱକର୍ମା ନିର୍ମାଣେ ମୋହନପ୍ରତିମା ସେ ବଶ ହେବାର ।
ଗୁପତମନ୍ତ୍ରର ଆମ୍ଭଠାରେ ଅଛି ଦେବା ଜପ କରୁ କୁମାର ।
ଫଳତ । ଏମନ୍ତ ପ୍ରକାରେ ହୋଇବ ।
ବନ୍ଧିବା ନୋର ଚେତନ ଧନୁ ଶର ଏ ତା କଳ୍ପିଶ୍ରୀକି ଲଭିବ । ୨୩ ।
ଦ୍ୱିଜ ଶୁଣି ଅବଧାନ କରି ବୋଲି ଆରେ ବାମା କର ଧଇଲା ।
କରୁଣା ଧରି ଅରୁଣାଧରୀଠାକୁ ଆଗ ଯିବା ଭଲ ବୋଇଲା ।
ଉତ୍ତର । ପ୍ରାପତ ଯାରୁକୁ ମନ୍ତ୍ରରେ ।
ଆମ୍ଭେ ଲକ୍ଷଣାକ ଜନ ସିନା କେନଲକ୍ଷଣା ଦେଲ ସୁମନାରେ । ୨୪ ।

---

ମନ୍ଦ—ଅଳ୍ପ, ଭଲ୍ଲ—ଭାଲିଆ ଅସ୍ତ୍ର, ଜବ—ଶୀଘ୍ର, ରୁକ୍ଷଜୀବ—ଭଲ୍ଲୁକ, ଏକ ନାମ—ଭଲ୍ଲ ଅର୍ଥାତ୍ ଭଲ । ମନ୍ଦ ଆଉ ଭଲ୍ଲ ଅସ୍ତ୍ର ଏହି ଦୁଇଟିକୁ ହାସ୍ୟ ଓ ନେତ୍ରରେ ରଖି ସେ ବଧୂ ସେମାନଙ୍କୁ ଚାଳି ଦେଉଛି । ଏଥିରୁ କଅଣ ଘଟିବ ଏହି ପ୍ରଶ୍ନ କରି ପୁରୁଷଙ୍କୁ ଉତ୍କଣ୍ଠାରୁ ରକ୍ଷା କରିବ । ଏକଥା ସର୍ବଙ୍କା ଉପରକୁ ଅନାଇ ତତ୍କ୍ଷଣାତ୍ କହିଲା ତୁମେ ଯେଉଁ କଥା ପଚାରିଲ ତାହା ଉତ୍ତମ ନକ୍ଷତ୍ରରେ ପଚାରିଛ ଅର୍ଥାତ୍ ତାରାଶୁଦ୍ଧି ବେଳରେ ପଚାରିଛ । ଏହି ଜୀବ ଅର୍ଥାତ୍ ରୁକ୍ଷଜୀବ ଯେ ଭଲ୍ଲୁର ମଧ୍ୟ ଗୋଟିଏ ନାମ । ସେହି ନାମ ଅନୁସାରେ ଭଲ ହେବ । ୨୨ ।

ବିଶ୍ୱକର୍ମା ଅର୍ଥାତ୍ ଦେବଶିଳ୍ପୀ କେଉଁ ରୂପ ନିର୍ମାଣ କରି ଏହି ମୋହନ ପ୍ରତିମା ଗଢ଼ିଅଛି । ସେହି ମୋହନ ପ୍ରତିମାକୁ ବଶ କରିବା ଗୁପ୍ତମନ୍ତ୍ର ଆମ୍ଭଠାରେ ଅଛି । ସେ ମନ୍ତ୍ର ଆମ୍ଭେ ଦେବୁ ତାକୁ କୁମାର ଜପ କରୁ । ଏପରି ଜପ କଲେ ଏମିତିକା ଫଳ ମିଳିବ ଯେ କାମ ଧାରଣ କରିଥିବା ଧନୁଶର ଛାଡ଼ିଦେବ । ଏହି କୁମାର ତାର କଳ୍ପଶ୍ରୀ ଅର୍ଥାତ୍ ରତିକୁ ଲାଭ କରିବ । ୨୩ ।

ଦ୍ୱିଜ ଅର୍ଥାତ୍ ପୁରୋହିତ ବ୍ରାହ୍ମଣର ପୁତ୍ର ଅବଧାନ ଅର୍ଥାତ୍ ଶୁଣିବା ହେଉ ବୋଲି କହନ୍ତେ ଅନ୍ୟ ସ୍ତ୍ରୀ ଅର୍ଥାତ୍ ଉପାଧ୍ୟାୟ ସ୍ତ୍ରୀ ହାତ ଧଇଲା । ଦୟାକରି ଅରୁଣ ଅଧରୀ ସୁନ୍ଦରୀ ପାଖକୁ ଆଗ ଯିବା ଭଲ । ଏହା କହିବାରୁ ସର୍ବଙ୍କ ଅବଧୂତ ଉତ୍ତର ଦେଲା କୁମାରୀକୁ ଗୋଟିଏ ମନ୍ତ୍ର ମିଳିଅଛି । ଆମେ ଏକ ଲକ୍ଷଣର ଲୋକ ଅର୍ଥାତ୍ ନାରୀ ଅଟୁ ; କିନ୍ତୁ ପୁରୁଷ ସ୍ତ୍ରୀ ହେଉ ଲକ୍ଷଣଯୁକ୍ତ ନପୁଂସକ ସୁମନାରେ ଅର୍ଥାତ୍ ଫୁଲ ଭିତରେ ମନ୍ତ୍ରରୂପ ବହାଇ ଦେଇ ସାରିଲାଣି । ୨୪ ।

କଲ୍ପ ସେ ପ୍ରମାଣ ମାଣବକ-ମୃଗନେତ୍ରାର ହେଲା ମାଣବକ ।
ତୂର୍ଣ୍ଣି ଘଟେ ସେ ପୂର୍ଣ୍ଣି ମାଳା ପାଇବ ଜଟସ୍ତ ଜର ଏହା ବିବେକ ।
କେତେବେଳି । ଧବଳପକ୍ଷ ପକ୍ଷ ଛାଇ ।
ସକଳରୂପେ ଉଦେହେଲେ ଇନ୍ଦୁ କି ସକଳ କଳା ପୂର୍ଣ୍ଣ ନୋହି । ୨୪ ।

ବିଷୟ ଦୂର ହର ସେହୁଁ କୁମାର ଯୋଗଳୟକୁ ଧରିଥିଲା ।
ଗଉରୀ କଥା-ରସ କର୍ଣ୍ଣ-ବଦନେ ଅଶନରୁ ଉଠି ବସିଲା ।
ବ୍ରହ୍ମାସ୍ତ୍ର । ଜାମିତ ଜାମ୍ବବନ୍ତ ପରି ।
ଚନ୍ଦ୍ରାର୍ଥ ମନ୍ତ୍ରୀଜ ଏ କଥା ଔଷଧି ଗନ୍ଧପବନ ବଳେ କରି । ୨୫ ।

ଏକାଳେ ମିତ୍ରମେନେ ମିଳେ ସେ ବେଳ ଆଦରକୁ ପାଇ ବସିଲେ ।
ମୋଦପ୍ରଦ ମୁଦ ଦେବାରେ ସିଦ୍ଧିରେ ଭାଷିଲେ ଏମନ୍ତ ଘୋଷିଲେ ।
ନକେଟ । ଈଶ୍ୱରସମ୍ପତ୍ତି ପାଇବ ।
ସୁବନ୍ତ ଅର୍ଦ୍ଧାଙ୍ଗ ଦରବାସ କାମକଳ୍ପ ହୋଇ କାଳ ଯାଉବ । ୨୬ ।

---

ମାଣବକ—ଶିଶୁ, ଅର୍ଦ୍ଧମାଳ; ତୂର୍ଣ୍ଣି—ଶୀଘ୍ର, ଧବଳପକ୍ଷ—ଶୁକ୍ଳପକ୍ଷ, ସକଳ-ରୂପେ—ପୂର୍ଣ୍ଣରୂପେ । ସେ ପ୍ରମାଣ କଲ୍ପ ଯେ ଶିଶୁ ମୃଗନୟନାର ସେ ହେଲା ଶର୍ଦ୍ଧମାଳ ପରି । ତହୁଁ ସେ ଶୀଘ୍ର ଜନ୍ମ ହଠିଲେ ଯେବେ ଅଧାମାଳ ପାଇଲାଣି ତେବେ ପୂର୍ଣ୍ଣମାଳ ପାଇବା କଥା ନିଶ୍ଚୟ ଜାଣ । ଶୁକ୍ଳପକ୍ଷର ସହାୟ ପାଇ ପୂର୍ଣ୍ଣରୂପେ ଇନ୍ଦୁ ଉଦୟ ହେଲେ ଇନ୍ଦୁଙ୍କ ୧୬ କଳା ପୂର୍ଣ୍ଣ ନୁହେଁ କି ? ୨୪ ।

ବିଷୟ ଦୂର କରି ହରି ସେବାରେ କୁମାର ଯୋଗଳୟ ଅବଲମ୍ବନ କରିଥିଲା । ଗୌରୀବର୍ଣ୍ଣ ରାଜକନ୍ୟାର କଥା ପ୍ରସଙ୍ଗ କାନରୂପ ମୁହଁରେ ଅଶନରୁ ଅର୍ଥାତ୍ ଭୋଜନ କରିବାରୁ ବ୍ରହ୍ମାସ୍ତ୍ର ଜାଗ ପାଇଥିବା ଲକ୍ଷ୍ମଣ ପରି ଉଠି ବସିଲା । ମନ୍ତ୍ରୀପୁତ୍ର ଜାମ୍ବବନ୍ତ ପରି ଚନ୍ଦ୍ରାନ୍ୱିତ ହୋଇଥିଲା, ଲକ୍ଷ୍ମଣ ଗନ୍ଧ ପବନବଳରେ ଉଠିଲା ପରି କୁମାର ରାଜକନ୍ୟା କଥାବଳରେ ଉଠି ବସିଲେ । ୨୫ ।

ଏହି ସମୟରେ ମିତ୍ରମାନଙ୍କ ସହିତ ଅବଧୂତ ଓ ଉପାଧ୍ୟାୟଙ୍କ ସ୍ତ୍ରୀ ଆସି ମିଶିଲେ ଏବଂ ଆଦର ପାଇ ବସିଲେ । ଆନନ୍ଦଦାୟକ ମୁଦ ଅର୍ଥାତ୍ ଚଟ ଦେବାଦ୍ୱାରା ସଫଳ ହେବ ବୋଲି କହିଲେ ଏବଂ ପ୍ରକାଶ କଲେ ଯେ ଶୀଘ୍ର ଈଶ୍ୱରସମ୍ପତ୍ତି ପାଇବ । ଈଶ୍ୱରଙ୍କ ଅର୍ଦ୍ଧ ଅଙ୍ଗ ନାରୀ ଏବଂ ଦରବାସ ଅର୍ଥାତ୍ ହଳଦ୍ଦି ଏବଂ କାମକଳ୍ପୀ ଅନ୍ତେ ତୁମ୍ଭେ ସେହିପରି ହୋଇ ଯାଇବ । ୨୬ ।

ହୋଇ କୃତ କୃତ୍ୟ କର କୋରକକତ କରି ନୃପସୁତ ଯେବନ୍ତେ ।
ପବମାନ ପରି ବଦ୍ୟାକୁ ଆଚରି ଗମନ କଲେ ସେ ତ୍ୱରିତେ ।

ପ୍ରବେଶ । ମାଳିନୀନଗରୀ ନାଗରୀ—

ଇହ୍ନରେ କହିଲେ ସହୃଦ୍‌ପୂର୍ବ କରି ଉଦନ୍ତ ଦେବାର ଯୁକୁତି । ୨୮ ।
କୁମାରବର ନାମ ସାର୍ଥ ତାଠାରେ ଏ ପଦକୁ ଅଛୁ ଆଚରି ।
ବର୍ଣ୍ଣେକ ପଲଙ୍କ ଦ୍ୱିବର୍ଣ୍ଣ ଆତଙ୍କ ଜନମାଇ ହବା ଶର୍ବରୀ ।

ପ୍ରାନ୍ତର । ଦୁଇବର୍ଣ୍ଣ କେହ୍ନ ସତ୍ତ୍ୱର ।

କୋଟିବ୍ରହ୍ମାଣ୍ଡସୁନ୍ଦରୀର ହୋଇବ କରନ୍ତାର ଏହି ବିସ୍ତର । ୨୯ ।
କୁରଙ୍ଗରେ କରି ସୁଧାଂଶୁ ଏ ବେନି ନାମ ଯୁକ୍ତ ନାମ ସୁମରି ।
କହେ ଉପଇନ୍ଦ୍ର ଭଞ୍ଜ କବି ବୀରବର ପଦର ଯେ ମାଧୁରୀ ।

ଏ ଛାନ୍ଦେ । ଧ୍ୱନି କାକୁ-ଉକ୍ତି ରୂପକ ।

ଶ୍ଳେଷ ଲୁପ୍ତବର୍ଣ୍ଣ ଚ୍ୟୁତଦତ୍ତାକ୍ଷର ଅନ୍ତର୍ଲିପିକା ଆଦି ତର୍କ । ୩୦ ।

—୦—

କୋରକକତ—ଅଞ୍ଜଳି, ପବମାନ—ପବନ, ନାଗରୀବର—ନାଗରଶ୍ରେଷ୍ଠା । ରାଜସୁତ କୃତକୃତ୍ୟ ହୋଇ ହାତ ଆଞ୍ଜୁଳି କରି ପଦକୁ ନେବାରୁ ସେ ଯୁକ୍ତେ ମନ୍ତ୍ରବିଦ୍ୟା ବଳରେ ପବନ ପରି ଗତି କରି ଶୀଘ୍ର ମାଲିନୀ ପୁରରେ ପହଞ୍ଚି ନାଗରଶ୍ରେଷ୍ଠାଙ୍କୁ ସମ୍ବାଦ ଦେବାର କୌଶଳ ସହୃଦ୍‌ପୂର୍ବକ ପ୍ରକାଶ କଲେ । ୨୮ ।

କୁମାରବର ଅର୍ଥାତ ରାଜପୁତ୍ରଙ୍କଠାରେ କୁମାରବର ଶବ୍ଦ ଯଥାର୍ଥ ହୋଇଅଛି । ଏହାର ପ୍ରଥମ ଅକ୍ଷର 'କୁ' ହେଉଛି ପୃଥିବୀ । ତାହାକୁ ସେ ପଲଙ୍କ କରିଅଛି ଅର୍ଥାତ ତଳେ ଶୋଇଅଛି । ପରବର୍ତ୍ତୀ ଦୁଇ ଅକ୍ଷର ହେଉଛି 'ମାର' । ଏହା ଦିନରାତି ଭୟ ଜନ୍ମାଉଅଛି । ଶେଷ ଦୁଇ ଅକ୍ଷର ହେଉଛି 'ବର' । ସେ ଖାଲି କୋଟିବ୍ରହ୍ମାଣ୍ଡ ସୁନ୍ଦରୀର ବର ଅର୍ଥାତ ସ୍ୱାମୀ ହେବ ଏକଥା ସର୍ବଦା ବିସ୍ତର କରୁଅଛି । ଏହିପରି ନାମର ସାର୍ଥକତା ଘଟୁଅଛି । ୨୯।

କୁରଙ୍ଗ—ମୃଗ, ସୁଧାଂଶୁ—ଚନ୍ଦ୍ର । କୁରଙ୍ଗ ଅର୍ଥାତ ମୃଗରେ ଚନ୍ଦ୍ର ନାମ ଯୋଡ଼ିଲେ ଯେଉଁ ନାମ ହେବ ଅର୍ଥାତ ରାମଚନ୍ଦ୍ରଙ୍କ ନାମ ସୁମରଣା କରି କବି ବୀରବର ଉପେନ୍ଦ୍ରଭଞ୍ଜ ଏହି ପଦର ମାଧୁର୍ଯ୍ୟ ପ୍ରକାଶ କରୁଅଛି । ଏହି ଛାନ୍ଦରେ ଶବ୍ଦର ଧ୍ୱନି, କାକୁକ୍ତି ରୂପକ ଶ୍ଳେଷ, ଦତ୍ତଚ୍ୟୁତାକ୍ଷର, ଅନ୍ତର୍ଲିପି ପ୍ରଭୃତି ଅଳଙ୍କାରର ବିସ୍ତର କରାଯାଇଅଛି । ୩୦ ।

—୦—

## ଚତୁର୍ତ୍ରିଂଶ ଛାନ୍ଦ

[ ରାଗ ଶନ୍ଧ୍ୟା ଭରବ ]

ତେଜନ ଉପାଧ୍ୟାୟୀ ନାରୀ ତୁରିତ । ତହୁଁ ହେବାରୁ ଅନ୍ତରହିତ ।
ମନ୍ତ୍ରର କଳଟେକ ଜ ନେପ୍ରମପଦର ଦେଲେ ବଗ୍ଧରେ ଅନ୍ତରଗତ ସେ ସୁନ୍ଦର ।
ହେଲା ସେ ପଦ ସୁଖସାଗର । ମଜ୍ଜିବାକୁ ହେଲ ତତପର ।
ଖୋଜିବାକୁ ଶ୍ରେଷ୍ଠ ବାଣୀ ରତ୍ନମଣି ମନ ଉଦ୍ୟମ କଲା ପ୍ରବର ସେ । ୨ ।
ସାର ରସିକ ଚନ୍ଦ୍ର ତା କର । ମୁଦ-କୁମୁଦ କଲା ବିସ୍ତାର ।
ସଂଶୟ-ତମକୁ ଦୂର କରି ଦେଇ ପ୍ରସନ୍ନତା ହାସେ ମନୋହର ସେ । ୩ ।
ବର୍ଣ୍ଣସବୁଁ ହାରିଦ୍ର ବାକତ । ବର୍ଣ୍ଣ ପଙ୍କ୍ତି ସ୍ମରଙ୍କେ ଲିଖିତ ।
ଅନୁରାଗସାର ପଦ୍ମରାଗବାର ସ୍ତୁତି ସୁବର୍ଣ୍ଣଭୂମିରେ ଜାତ ସେ । ୪ ।
ପଂକ୍ତି ଅବକଣ୍ଠଧାରକୁ ବନ୍ଧି । ପଦ ବିଶ୍ରାମନ୍ତେ ଫୁଲ ଶୋଭି ।
ହୁଙ୍କରି ଶର କି ସମ୍ମୋହନଶର ଫଳ ପଙ୍କତେ ନିର୍ମାଣ ସେହି ସେ । ୫ ।

---

ଉପାଧ୍ୟାୟୀନାରୀ—ଉପାଧ୍ୟାୟର ସ୍ତ୍ରୀ, ଅବଧୂତ୍ରୀ; ଅନ୍ତରହିତ—ଅନ୍ତର୍ହିତ, କଳଟେ—ଛଳରେ, ଅନ୍ତରଗତ—ହୃଦମଧ୍ୟରେ; ସେ ଦୁଇ ଉପାସ୍ୟ ଲୁଣବା ନାରୀ ଅର୍ଥାତ୍ ଉପାଧ୍ୟାୟର ସ୍ତ୍ରୀ ଓ ଅବଧୂତ୍ରୀ ସେଠାରୁ ଶୀଘ୍ର ଚାଲିଗଲାରୁ ସୁନ୍ଦର ରାଜପୁତ୍ର ମନ୍ତ୍ର ଛଳରେ ପ୍ରେମପଦ ଦେଲେ ବୋଲି ହୃଦମଧ୍ୟରେ ବିଚାର କରୁଛନ୍ତି । ୧ ।

ସେହି ପଦ ସୁଖର ସମୁଦ୍ର ହେଲା, ସେଥିରେ ଆଖି ବୁଡ଼ାଇବାକୁ ତତ୍ପର ହେଲା । ମନ୍ ଶ୍ରେଷ୍ଠ ବାଣୀ ରୂପକ ଶ୍ରେଷ୍ଠ ରତ୍ନ ଖୋଜିବା ପାଇଁ ଉଦ୍ୟମ ଆରମ୍ଭ କଲା । ୨ ।

ଶ୍ରେଷ୍ଠ ରସିକ ଏଠାରେ ଚନ୍ଦ୍ର ହେଲେ । ଚନ୍ଦ୍ରର କିରଣ ପରି ତାଙ୍କର ହସ୍ତ ହେଲା । ଚନ୍ଦ୍ର କିରଣରେ କଇଁ ଫୁଟିଲା ପରି ସୁନ୍ଦରର କରପଦ୍ମ ରୂପକ କଇଁକୁ ଫୁଟାଇଲା । ଏହା ସଂଶୟ ରୂପକ ଅନ୍ଧକାର ଦୂର କରି ଦେଇ ହାସ୍ୟରେ ମନୋହର ପ୍ରସନ୍ନ ଭାବ ଜାତ କଲା । ୩ ।

ହଳଦୀର ରଙ୍ଗ ହଳଦିଆ ଥିବାରୁ ମନ ହେଲା ହଳଦିଆ କାଗଜରେ କନ୍ଦର୍ପ ରଙ୍ଗରେ ସ୍ନେହ ପ୍ରକାଶର ପ୍ରଧାନ ଅକ୍ଷରମାନ ଲେଖିଲା ତାହା ସୁନାରଙ୍ଗର ସୁବର୍ଣ୍ଣଭୂମି ଉପରେ ପଦ୍ମରାଗ ମଣି ସମୂହ ପରି ସୁନ୍ଦର ଦିଶୁଅଛି । ୪ ।

ପଂକ୍ତି—ଧାଡ଼ି. ଅବଦ—ସକଣ୍ଠ ବିଶ୍ରାମ—ଶେଷରେ, ଫୁଲ—ଫୁଲର ଚିହ୍ନ; ସମ୍ମୋହନଶର—ମୋହନ କରିବା ଶର । ପଦର ଧାଡ଼ି ଗୁଡ଼ିକ ସକଣ୍ଠ ହୋଇଅଛି ଏବଂ ସେଇଠାରେ ପଦ ଶେଷ ହୋଇଛି ସେଠାରେ ପୂର୍ଣ୍ଣଚ୍ଛେଦ ଭାବରେ ଗୋଟିଏ ଫୁଲ ଲେଖାଯାଇଛି । ମନେ ହେବ ସେହି ସମ୍ମୋହନ ଶର ହୁଙ୍କାରିଲା ରଞ୍ଜିତ ଏବଂ ଶରର ଫଳ ପଦ୍ମରେ ମିଶ୍ରିତ ହୋଇଅଛି । ୫ ।

ଶୁଣି ଏ ସ୍ତବନାମାନ କଲ । ଅଙ୍ଗ ପୁଲକ ସଙ୍ଗ ହୋଇଲ ।
ଦର୍ଭହାସିନ୍ନ ସନ୍ଦର୍ଭ-ଭାଷା ରସଗର୍ଭ ପଠନକୁ ଆରମ୍ଭିଲ ସେ । ୬ ।
ହେ ପ୍ରଭୁ ସୁବୃନ୍ଦପୁରନ୍ଦର । ଟୀକା ପ୍ରାପ୍ତରୁ ସୁରେଶ୍ୱର ।
ନେଲାତ ମୋ ପଦ ନ ପୁଣ ସମ୍ପଦ ହରେ ଏ ଦଟେକ ପୁଲକ ବୁଝ ସେ । ୭ ।
ଚନ୍ଦ୍ର ନାଗର ଗଣେ ଆପଣ । ପ୍ରତିବିମ୍ବ-ଧାରଣ ଦର୍ପଣ ।
ଯୋଗ୍ୟ ନୋହି ପୂର୍ଣ୍ଣଚନ୍ଦ୍ରମା କଳଙ୍କୀ ଜଣ ଅମାର୍ଜନ ବଶୁଁ ଜାଣ ହେ । ୮ ।
ହେଲେ ତନୁ ଶୋଭା ଅତିଶୟ । ତନୁ ଶୋଭା କନ୍ଦର୍ପେ ଉଦୟ ।
ଗଞ୍ଜିଲ ଶ୍ୟାମ କାନ୍ତିରୁ ଅନୁମାନ ତୁମ୍ଭେ ଦେହ ସେ ଛାଇ ନିଶ୍ଚୟ ହେ । ୯ ।
ହୋଇ ନୃପଜନ୍ମସାର ଯାଇ । ଜାତ କାରଣ ପ୍ରେମସୁଧାର ।
ଉପମା-ଜଳଧି ମନ୍ଥନ ମନ୍ଦର ବା ପୂଜ୍ୟଜନ ଦେବଙ୍କର ହେ । ୧୦ ।
ମହାମହ ପଣ୍ଡିତ ଏମନ୍ତ । ଗଣିମାଟି ଗଣେଶ କେମନ୍ତେ ।
ଖଣ୍ଡିତ ହୋଇ ମଣ୍ଡିତ ଗଜମୁଣ୍ଡ ମୁହିଁ ଏହି ବଶ ତାଙ୍କ ମତେ ହେ । ୧୧ ।

---

ରାଜପୁତ୍ର ପଦ୍ମକୁ ଅନାଇ ଏହି ସବୁ ସ୍ତବନା କଲ । ତାହାର ଅଙ୍ଗ ପୁଲକ ହେଲ ଓ ରୋମ ଟାଙ୍କୁରି ଉଠିଲ । ସେ ଦର୍ଭି ଅର୍ଥାତ୍ କାଶ ଫୁଲପରି ଧବଳ ହାସ ଛଟା ଯୁକ୍ତ । ଯେଉଁ ରସପୂର୍ଣ୍ଣ ଭାଷାରେ ପଦ୍ମ ଲେଖିଥିଲ ତାହାର ବିଷୟ ପଢ଼ିବାକୁ ଆରମ୍ଭ କଲ । ୬ ।

ହେ ପ୍ରଭୁ ! ଆପଣ ସ୍ତବକବୃନ୍ଦ ମଧ୍ୟରେ ଇନ୍ଦ୍ରର ପଦ ପାଇଥିବାରୁ ଇନ୍ଦ୍ର ମୋ ପଦ ନେଲ ଏହାପରେ ପୁଣି ମୋ ସମ୍ପତ୍ତି ହରଣ ନ କରେ ଏହି ଭୟରେ ଆଖି ପିଛୁଡ଼ା ପକାଉ ନାହିଁ । ୭ ।

ନାଗରଗଣ ଭିତରେ ଆପଣ ଚନ୍ଦ୍ର ଏଣୁ ଦର୍ପଣ ପ୍ରତିବିମ୍ବ ଧାରଣ କରିବାରେ ଅଯୋଗ୍ୟ ହୋଇ ପରିଷ୍କାର ନ ହେବା ଦୋଷରୁ ପୂର୍ଣ୍ଣଚନ୍ଦ୍ର କଳଙ୍କଯୁକ୍ତ ହେଲ । ୮ ।

ପ୍ରଭୁ ! ଆପଣଙ୍କର ଦେହର ଶୋଭା ଅତିଶୟ ଅଟଇ । କନ୍ଦର୍ପଠାରେ ସେହି ତନୁ ଶୋଭା ଅଳ୍ପ । ତୁମ୍ଭ ଦେହ ଗୋରା, କନ୍ଦର୍ପ ଶ୍ୟାମଳ; ଏଣୁ ଅନୁମିତ ହୁଏ ତୁମ୍ଭେ କାୟା ଏବଂ ସେ ଛାୟା ଅଟେ । ଏହା ନିଶ୍ଚୟ କଥା । ୯ ।

ଆପଣ ରାଜପୁତ୍ର ସୃଷ୍ଟିରେ ଶ୍ରେଷ୍ଠ ଉପମାରୂପକ ଉଦଧି ଅର୍ଥାତ୍ ସାଗର ମନ୍ଥନର ମନ୍ଦର ପର୍ବତ ପରି ଏଣୁ ପ୍ରେମରୂପକ ଅମୃତ ଜାତର କାରଣ । ଏଣୁ ପୂଜ୍ୟଜନ ଅର୍ଥାତ୍ ବ୍ରାହ୍ମଣ ଏବଂ ଦେବତାଙ୍କର ପୂଜନୀୟ ଅଟ । ୧୦ ।

ଗଣେଶଙ୍କୁ ମହାପଣ୍ଡିତ ବୋଲି ଆପଣଙ୍କ ସଙ୍ଗରେ ସମାନ କରିହେଉ ନାହିଁ, କାରଣ ସେ ସମକକ୍ଷ ନ ହୋଇ ପାରି ମୁଣ୍ଡକାଟ ପରେ ହାତୀମୁଣ୍ଡରେ ମଣ୍ଡିତ ହୋଇଛନ୍ତି । ମୁଁ ଏହି କଥା ବିଚାର କରୁଅଛୁ । ୧୧ ।

ବୀରଶ୍ରେଷ୍ଠ ମହାବଳବାନ । ଅଧ ତଳରେ ଅଧୋଭୁବନ ।
ସ୍ଥାନ କରି ଦେଲେ ବଳୀକି ବାମନ ସଦା ଲୁଚି ସେ ନେଉଛି ଧନ ହେ ।୧୨।
ଭାନୁ ଲକ୍ଷିବା କି ନ ଲକ୍ଷିବା । ତେଜ ସମେ କାହାକୁ ଗଣିବା ।
ଉଦେ ଅସ୍ତ ଅଛି, ଦର୍ଶନେ ମୋହୁଛି ଯେଣୁ ପଦ୍ମିନୀ ଅନୁସରିବା ହେ । ୧୩ ।
ଦାତା ଗୁଣ ମାଳତୀ ବିକାଶ । ସଉରଭ ଜଗତେ ପ୍ରକାଶ ।
ମାର୍ଗଣ ଭ୍ରମରଗଣ ଅନୁଗତେ ଦାନ ମଧୁରେ ଲଭନ୍ତି ତୋଷ ହେ । ୧୪ ।
କୀର୍ତ୍ତି-ସ୍ୱାତୀଜଳ-ପବନରେ । ମୁକ୍ତା ଜନ୍ମଇ ଶ୍ରୁତି ଶୁକ୍ତିରେ ।
ବାଣୀ ଯେ ତୁମ୍ଭ ବଣିଜ୍ୟ ବ୍ୟତିରେକେ ଆନେ ନ ରତେ କଦାଚିତରେ ।୧୫।
ଯେଣୁ ମୋହନ ପାଶରେ ଯାଇ । କେତେ ମନ ଥିବ ବନ୍ଦୀ ହୋଇ ।
କି ଭାଗ୍ୟବନ୍ତ ମନାଇ ତବ ଚିତ୍ତ ଯେଣୁ ଉଦନ୍ତ ଦେଲି ଲେଖାଇ ହେ । ୧୬ ।

---

ବୀର ଶ୍ରେଷ୍ଠ ମହାବଳବାନ ବଳୀ ତୁମ୍ଭଠାରୁ ଅଧ ଅର୍ଥାତ୍ ନିକୃଷ୍ଟ ହେବା ହେତୁରୁ ବାମନ ବଳୀକୁ ଅଧୋଭୁବନ ଅର୍ଥାତ୍ ପାତାଳରେ ସ୍ଥାନ ଦେଲେ । ସେଠାରେ ସେ ସବୁବେଳେ ଲୁଚି ରହି ଧନ ଜାଣୁଛି । ୧୨ ।

ତେଜରେ ସମାନ ହେବା ପାଇଁ ସୂର୍ଯ୍ୟଙ୍କୁ ତୁଳନା କରିବା କିମ୍ବା ନ କରିବା ଅଥବା ଆଉ କାହାକୁ ତୁଳନା କରିବା ? ସୂର୍ଯ୍ୟଙ୍କର ଉଦୟ ଅସ୍ତ ଅଛି କିନ୍ତୁ ତୁମ୍ଭର ତାହା ନାହିଁ । ସୂର୍ଯ୍ୟ ନିଜ ଦର୍ଶନ ଦ୍ୱାରା ପଦ୍ମିନୀଙ୍କୁ ମୁଗ୍ଧ କରୁଛି ବୋଲି ଆମ୍ଭ ପଦ୍ମିନୀ ସଖୀ ତୁମ୍ଭଙ୍କୁ ଅନୁସରଣ କରିଅଛି । ୧୩ ।

ମାଳତୀ ଫୁଲ ଫୁଟିଲେ ତାହାର ସୁଗନ୍ଧ ଜଗତରେ ପ୍ରକାଶ ପାଇଲା ପରି ତୁମ୍ଭର ଦାତା ଗୁଣ ସବୁ ଜଗତରେ ପ୍ରକାଶିତ । ଭ୍ରମରମାନେ ମାଳତୀ ଫୁଲର ମଧୁ ଦ୍ୱାରା ସନ୍ତୋଷ ପାଇଲା ପରି ମାର୍ଗଣ ଅର୍ଥାତ୍ ମାଗିଲାବାଲାମାନେ ଅନୁଗତ ରହି ଦାନ ପାଇ ସନ୍ତୋଷ ହେଉଅଛନ୍ତି । ୧୪ ।

ବେଦରେ ଉକ୍ତ ଅଛି ଯେ ସ୍ୱାତୀ ନକ୍ଷତ୍ର ଉଦୟ କାଳର ପବନ ବାଜିଲେ ଶାମୁକାରେ ମୁକ୍ତା ଜନ୍ମିଥାଏ । ସେହିପରି ତୁମ୍ଭର କୀର୍ତ୍ତିରୂପ ସ୍ୱାତୀଜଳର ପବନ ପାଇ ଆମ୍ଭ ସଖୀ ମୁକ୍ତା ଅର୍ଥାତ୍ ମୋକ୍ଷପ୍ରାପ୍ତା ହେବା ନିମିତ୍ତ ତୁମ୍ଭ କୀର୍ତ୍ତି ବାଣିଜ୍ୟ ଛଡ଼ା ଅନ୍ୟ ବସ୍ତୁରେ କଦାପି ଅନୁରକ୍ତା ହୁଏ ନାହିଁ । ୧୫ ।

ହେ ମୋହନ, ବିଶ୍ୱରେ କେତେ ମନ ତୁମ୍ଭଠାରେ ବନ୍ଧ ହୋଇ ନ ଥିବ କିନ୍ତୁ ଆମ୍ଭ ସଖୀ ବଡ଼ ଭାଗ୍ୟବତୀ ବୋଲି ତୁମ୍ଭର ଚିତ୍ତକୁ ଅନୁରକ୍ତ କରି ତୁମ୍ଭ ହାତରେ ପ୍ରଥମ କରି ଚିଠି ଲେଖାଇ ଦେଲା । ଏହା ତରୁଣୀ ଭାଗ୍ୟବତୀର କଥା ନୁହେଁ । ୧୬ ।

ହେଉ ପୀରତି କି ବଳାତ୍କାର । ଯେ ଲଭିଲା ସେ ପ୍ରେମପଥର ।
ତାହା ହାନିଲାଭ କାହାର ହୋଇବ ବିବେକରେ କରିବ ବିସ୍ତର ହେ । ୧୭ ।
ଭେଟେ ପ୍ରେଷିତ ଯେ ନେତ୍ର-ଦୂତୀ । ସଙ୍ଗେ ଲଭିଲା ସୁଖସମ୍ପତ୍ତି ।
ଉଜାଗର ରତି ଜାଣି ତାପ ଭୂତି ଅଙ୍ଗୀକାର ପ୍ରଧାନ ଯୁବତୀ ହେ । ୧୮ ।
ତାରକର ପକ୍ଷପାତ ପାଇଁ । କୂଳେ ଭେଳା ପୁଣି ବୁଡ଼ିଯାଇ ।
ଏଥୁଁ ଚମତ୍କାର ଅଛି କି ବିସ୍ତର ଏବେ କରୁଣେ ହୋଇବ ସାକ୍ଷୀ ହେ । ୧୯ ।
କୃପା-କଳ୍ପଦ୍ରୁମ ଯେ ବୋଲାଇ । ଆଗୋଚର ଫଳକୁ ନ ଦେଇ ।
ଆଶା କଲା ଜନ କର୍ମ ଆଦରିଲେ ଏଥୁଁ ଆସିବ କେଉଁ ବଡ଼ାଇ ହେ । ୨୦ ।
କରୁଣାର ରତ୍ନାକର ହୋଇ । ଯେଣୁ-କଳା-ରଙ୍ଗ-ରତ୍ନଦାୟୀ ।
କେବଳ ମର୍କଟିଲ୍ଲ ଜନ ଜରଜର କେବେ ତୃଷ୍ଣା ତୃଷା ନ ତୁଟଇ ହେ । ୨୧ ।

---

ପ୍ରୀତିରେ ହେଉ ଅବା ବଳାତ୍କାରରେ ହେଉ ଯିଏ ସେହି ପ୍ରେମ ପଥ ପାଇଲା ତହିଁର ହାନି ବା ଲାଭ କାହାର ହେବ ହୃଦୟରେ ଏହା ବିଚାର କରିବ । ୧୭ ।

ସାକ୍ଷାତବେଳେ ଯେଉଁ ଆଖି ରୂପକ ଦୂତୀକୁ ପଠାଇଥିଲି ସେ ତୁମ୍ଭ ସଙ୍ଗରେ ରହି ସୁଖ ସମ୍ପତ୍ତି ଲାଭ କଲା । ସେହି ଆଖି ସର୍ବଦା ଉଜାଗର ଥିବାରୁ ତୁମ୍ଭ ସହିତ ରହି ଭୋଗ କରୁଥିବାର ଆମ୍ଭେ ଜାଣିଲୁ । କିନ୍ତୁ ସେ ନେତ୍ରରୂପକ ଦୂତୀ ପ୍ରଧାନ ଦୂତୀ ନୁହେଁ । ତୁମ୍ଭର ତାପ ଅର୍ଥାତ୍ କାମ ପୀଡ଼ା ଭୂତି ଅର୍ଥାତ୍ ଅତି ପ୍ରବଳ ହେବାରୁ ତୁମ୍ଭେ ତାହା ପ୍ରୀତିକୁ ଗ୍ରହଣ କରିଥିଲ । ୧୮ ।

ତାରକ ଅର୍ଥାତ୍ ଉଦ୍ଧାର କର୍ତ୍ତା ପକ୍ଷପାତ କଲେ ଭେଳା କୂଳରେ ଲାଗିଲେ ମଧ୍ୟ ପୁଣି ବୁଡ଼ିଯାଏ । ଏହାଠାରୁ ବଳି ଆଉ ଅଧିକ ଆଶ୍ଚର୍ଯ୍ୟ ଆଉ କଅଣ ଥାଇପାରେ । ଏବେ ଆମ ସୁନ୍ଦରୀ କିପରି ରକ୍ଷା ପାଇବ । ୧୯ ।

ଯିଏ କରୁଣାର କଳ୍ପତରୁ ବୋଲାଇ ପ୍ରାର୍ଥୀର ବାଞ୍ଛା ଫଳ ନ ଦେବା କଥା ଅଜଣା । ଆଶା କରିଥିବା ଲୋକ ଯଦି ବିଫଳ ହୋଇ କର୍ମ ଆଦରି ରହିବ ତେବେ କଳ୍ପବୃକ୍ଷର ବଡ଼ିମା ଆଉ କଅଣ ହେବ । ୨୦ ।

ଦୟାର ସମୁଦ୍ର, କଳା ରଙ୍ଗର ରତ୍ନ ଦିଏ ନାହିଁକି ? ତେବେ ତୁମ୍ଭେ କାହିଁକି କଳା ଅର୍ଥାତ୍ କାମକଳା ରୂପକ ରତ୍ନ ଦେଉ ନାହିଁ ? ତୁମ୍ଭଠାରେ ମର୍କଟିଲ୍ଲ ଲୋକ କେବଳ ତପ ଜର୍ଜର ହେଉଅଛି କେବେହେଲେ ତାହାର ଆଶାରୂପକ ତୃଷା ତୁଟୁ ନାହିଁ । ୨୧ ।

ଜଣ ଚରକ ସୁଶ୍ରୁତ ଗ୍ରନ୍ଥ । ନାନା ରସ ସଂଗ୍ରହର ଠାବ ।
ଅଭିଷଙ୍କ ବ୍ୟାଧି ପ୍ରଦାନ ଜନାଙ୍କର ଅନୁଗତର କି ବିନାଶିବ ହେ ॥ ୨୨ ॥
ଯେ ବଜ୍ରାଙ୍ଗ ନିପୁରଭଞ୍ଜନୀ । ପୁଷ୍ପକାଣ୍ଡରେ ଅତନୁ ତହିଁ ।
କି ଭେଦ କରିବ, ଅବଳା କୋମଳା ଗାତ୍ରେ ଅଙ୍ଗଳେ ତନୁ ଗଳପାଇ ହେ ॥ ୨୩ ॥
ପ୍ରାଣ ରକ୍ଷା ହୋଇଛି କେବଳ । ମର୍ମସ୍ଥାନ ଯେ ହୃଦୟସ୍ଥଳ ।
ଆହେ ମୋହନ ତାହା ତୁମ୍ଭ ନିବାସ କରୁଅଛି କେଉଁ ଭାଗ୍ୟବଳ ହେ ॥ ୨୪ ॥
ତେବେ କନ୍ଦର୍ପର ପିନ୍ଧା ଅସ୍ତ୍ର । ଜରଜରେ କାଟି ଦେବା ଯନ୍ତ୍ର ।
ପ୍ରଭୁ କଲଠାରେ ପରେ ଦଣ୍ଡ ପାଇବାରୁ କାହାକୁ ଅଙ୍ଗୀକାରି ହେ ॥ ୨୫ ॥
ପ୍ରୀତି ହୋଇ ଯେ ବହ୍ନି ଯେ ଜଳ । ଜଳୁଁ ଜନମ ପିନ୍ଧା ଅନଳ ।
ଜଣାଏ ପରଶ ବିନା ଦରଶନେ କେବେ କି ନ ପାରେ ଶୀତଳ ହେ ॥ ୨୬ ॥

---

ତୁମ୍ଭେ କେବଳ ଚରକ ସୁଶ୍ରୁତ ନାମକ ବୈଦ୍ୟ ଶାସ୍ତ୍ରର ଅର୍ଥ ଜାଣି ନାନା ରସାତ୍ମକ ଔଷଧ ସଂଗ୍ରହର ସ୍ଥାନ ହୋଇଅଛ ।

ଅନ୍ୟାର୍ଥ—ତୁମ୍ଭେ କବିମାନଙ୍କର ନାନା ପ୍ରକାର ଅର୍ଥ ଶୁଣି ନାନା ରସ ଅର୍ଥାତ୍ ଶୃଙ୍ଗାର ରସ ବିଷୟ ସଂଗ୍ରହ କରୁଅଛ, କିନ୍ତୁ ଯେଉଁ ରୋଗ ଅଭିଷଙ୍ଗ ଅର୍ଥାତ୍ ବୈଦ୍ୟ ଶାସ୍ତ୍ରରେ ନାହିଁ ଅନୁଗତ ଲୋକର ସେହି ବ୍ୟାଧିକୁ ବିନା ରସ ଅର୍ଥାତ୍ ଶୃଙ୍ଗାରରସ ରୂପକ ଔଷଧ ଦାନରେ ନାଶ କରି ପାରିବ କି ? ୨୨ ।

ବଜ୍ରାଙ୍ଗ—ବଜ୍ର ପରି କଠିନ ଅଙ୍ଗ; ତ୍ରିପୁର ଭଞ୍ଜନୀ—ତ୍ରିପୁର ଭଞ୍ଜକ; ଅତନୁ—କାମ; ପୁଷ୍ପକାଣ୍ଡରେ—ଫୁଲ ବାଣରେ; ଗାତ୍ର—ଶରୀର; ଗଳପାଇ—ଭେଦ କରୁଛି । ତୁମ୍ଭ ଅଙ୍ଗ ବଜ୍ର ପରି କଠିଣ, ତୁମେ ତ୍ରିପୁର ଜୟକାରୀ ଶିବ, ତୁମ୍ଭ ଦେହରେ କନ୍ଦର୍ପର ଫୁଲ ବାଣ ଭେଦ କରି ପାରିବ କି ? କିନ୍ତୁ ଆମ୍ଭ ସଖୀ ଅବଳା ଓ କୋମଳାଙ୍ଗୀ ହୋଇ ତାହାର ଦେହରେ ଶର ସାଙ୍ଗେ ସାଙ୍ଗେ ଭେଦ କରି ଯାଉଛି ॥ ୨୩ ।

ହେ ମୋହନ ! କେଉଁ ଭାଗ୍ୟବଳରୁ କେବଳ ତାହାର ମର୍ମସ୍ଥାନ ହୃଦୟରୁ ତୁମ୍ଭର ନିବାସ ଛାଡ଼ି ନ ଯାଇ ଥିବାରୁ ତାହାର ପ୍ରାଣ ରକ୍ଷା ହୋଇଅଛି । ୨୪ ।

ପ୍ରଭୁଙ୍କଠାରୁ ପରେ ଦଣ୍ଡ ପାଇଲେ ସେ ଅଙ୍ଗୀକାରି ଆଉ କାହାକୁ ହେବ । କେବଳ ଜରଜରେ କାଟି ହେଲା ପରି ଅତି କନ୍ଦର୍ପ ଶର ପିନ୍ଧା ପଡ଼ିବ । ୨୫ ।

ନିଶ୍ଚୟ ପ୍ରୀତିଜଳ ଅଟେ । ଜଳରୁ ଅଗ୍ନି ଜନ୍ମିଥାଏ । ଏହା ସମୁଦ୍ରର ବାଡ଼ବାନଳ ଏବଂ ମେଘର ବିଜୁଳିରୁ ଦେଖାଯାଏ । ଏହା ଜଣା କଥ ଯେ ସ୍ପର୍ଶ ନ ହେଲେ କେବଳ ଦର୍ଶନରେ ଜଳ ଅଗ୍ନିକୁ ଶୀତଳ କରି ନ ପାରେ । ୨୬ ।

ଏଣୁ ବିରହ ଅନଳ ସରି । ଯୁବା ଯୁବତୀ ଗିରି ବଲ୍ଲରୀ ।
ତାହିଁରେ ସଞ୍ଚରି ତାହା ଭସ୍ମ କରି ନଷ୍ଟେ ମତକୁ ସମସ୍ତେ ମାରି ହେ । ୨୭ ।
ଯାହା ସୁଚରିତ ସୁମାନ୍ତସୂତ । ସୁରି ପର୍ଯ୍ୟନ୍ତେ ନିତି ଖ୍ୟାପିତ ।
ସିଦ୍ଧି କଳ୍ପ ଜନ ସିଦ୍ଧିକି କରିବ ତାଙ୍କୁ ବିନମ୍ର କରି ଭଜିତ ହେ । ୨୮ ।
ଏକେ କ୍ଷମାନିଧି ଦ୍ୱିତେ ଗୁଣୀ । ପୁଣି ରସିକ ମୁକୁଟମଣି ।
ଲେଶ କଥାକୁ ବିଶେଷରେ ଘେନିଲେ ବ୍ୟର୍ଥ ନୋହିବ ବାଳିଶ ବାଣୀ ହେ ।୨୯।
ଦ୍ୱିଜ ପଢ଼ି ଉଦନ୍ତ-ଉତ୍ତର । ସ୍ରବି ନେତ୍ର ସେ ନାଗରବର ।
ମିତ୍ରଯୁଗଳଙ୍କୁ କହେ ଏ କବଚ ହେଲ ମଧୁର ଭାବମନ୍ଦିର ହେ । ସୁପାତ୍ର ।୩୦।
ଶୁଣିଲି ସଖୀବଚନ ପ୍ରକାର । ପ୍ରତେ ହୋଏ ଏ ରସିକାଗିର ।
ପଦକେ ପଦକେ କେଉଁ ସ୍ଥାନ ହେବ ହୃଦ ଗୋଟାଏ ସିନା ମୋହର । ୩୧ ।
ଏହିକାଳେ ଚକ୍ରୀକୃତ ରୂପ । କରି ପଞ୍ଚେଷୁ ପ୍ରହାରେ ଚାପ ।
ଦେଖୁଁ ଦେଖୁଁ ଜାତ ସାତ୍ତ୍ୱିକ ବିକାର ଦୁଃଖ ସୁଖ ନୋହିଲ ସଂକ୍ଷେପ,ହୋଇଲେ

---

ଏଣୁ ବିରହ ଅନଳ ସମାନ । ଯୁବା ପର୍ବତ ଏବଂ ଯୁବତୀ ବଲ୍ଲରୀ ଅର୍ଥାତ୍ ଲତା । ପର୍ବତ ଜାତ ଅଗ୍ନି ତାହିଁରେ ସଞ୍ଚରି ତାହାକୁ ମାରେ ଅର୍ଥାତ୍ ପର୍ବତ ଜାତ ଅଗ୍ନି ଲତାକୁ ଭସ୍ମ କରେ । ଅତଏବ ସମସ୍ତେ ମତକୁ ମାରନ୍ତି ଏହା ପ୍ରମାଣ କଥା । ୨୭ ।

ସୁଚରିତ—ଭଲ ଆଚରଣ; ସୁମାନ୍ତ-ସୁତ-ସୁରି—ଧ୍ରୁବମଣ୍ଡଳ; ଖ୍ୟାପିତ—ଖ୍ୟାତ । ଯାହାର ଭଲ ଆଚରଣ ଧ୍ରୁବମଣ୍ଡଳଯାଏ ପରିବ୍ୟାପ୍ତ ବୋଲି ପ୍ରଖ୍ୟାତ, ସେହିଭଳି ଖ୍ୟାତ ଲାଭ କରିଥିବା ଲୋକ ଅବଶ୍ୟ କାମନା ସିଦ୍ଧ କରିବ, ଏଣୁ ତାଙ୍କୁ ବିନମ୍ର କରି ଲେଖିଲି ।୨୮

ପ୍ରଥମେ ଆପଣ କ୍ଷମାସାଗର, ଦ୍ୱିତୀୟରେ ଗୁଣୀ ପୁଣି ରସିକମାନଙ୍କ ମଧ୍ୟରେ ଶ୍ରେଷ୍ଠ । ଆପଣ ଏହି ଲେଶ ଅର୍ଥାତ୍ ସାମାନ୍ୟ କଥାକୁ ବିଶେଷ କରି ଗ୍ରହଣ କଲେ ବାଳିଶ ଅର୍ଥାତ୍ ମୂର୍ଖର କଥା ବିଫଳ ହେବ ନାହିଁ । ୨୯ ।

ସେହି ନାଗର ଶ୍ରେଷ୍ଠ ପ୍ରତ୍ୟୁତ୍ତର ପାଠ କରି ବିଚଳିତ ହୋଇ ଯିବାରୁ ତାଙ୍କ ଆଖିରୁ ଲୋତକ ବହିଲା । ତାହାପରେ ସେ ଦୁଇ ମିତ୍ରଙ୍କୁ କହିଲେ, ମଧୁର ଭାବର ଆଧାରପ୍ରତ୍ତ ଏହି ଉତ୍ତର ମୋହର କବଚ ଅର୍ଥାତ୍ ସଞ୍ଜୁ ହେଲା । ଏଣୁ ଆଉ କାମଶର ମୋ ଶରୀରକୁ ଭେଦ ପାରିବ ନାହିଁ । ୩୦ ।

ସଖୀର କଥା ପରି ଶୁଣାଯାଉଛି । ଏହା ରସିକାର କଥା ପରି ମନେ ହେଉଛି । ଏଥିର ପ୍ରତି ପଦରେ ଗୋଟିଏ ଲେଖା ପଦକ ରହିଛି । ମୋର ହୃଦୟ ତ ଗୋଟିଏ ସେଥିରେ ଏତେ ପଦକର ସ୍ଥାନ କାହିଁ ? ୩୧ ।

ଚକ୍ରୀକୃତ—ଚକ୍ରାକାର କରି ଅର୍ଥାତ୍ ଓଟାରି; ପଞ୍ଚେଷୁ—କାମ; ଚାପ—ଧନୁ । ଏହି ସମୟରେ କାମ ନିଜ ଧନୁରେ ଗୁଣ ଦେଇ ଓଟାରି ପ୍ରହାରିଲା । ଦେଖୁ ଦେଖୁ ସାତ୍ତ୍ୱିକ ବିକାର ଜନିତ ଦୁଃଖ ସୁଖ ଜାତ ହେଲା । ହେ ପଣ୍ଡିତମାନେ ତାହା ଅଳ୍ପ ନୁହେଁ । ୩୨ ।

ଯାରେ କୋପ ମକର କେତନ । ତାର ରକ୍ଷା ହେବ କାହିଁ ସ୍ଥାନ ।
ହରିତ-ଅମ୍ବର ଦେଖ ନୀଳକଣ୍ଠ ନୃପ ନନ୍ଦନ କରଇ ଧ୍ୟାନ ହେ । କୋବଦେ ॥

— — —

## ପଞ୍ଚବିଂଶ ଛାନ୍ଦ

[ ରାଗ—ଚିନ୍ତାଦେଶାକ୍ଷ, କାଫିକାମୋଦୀ, ମାଳବଗଉଡ଼ ]

**ଆସାର ସଘନ କାଳ ହୋଇ ଉଦୟ । ଅସିତ ସରବକଳରୁ ଦରଶମୟ । ୧ ।**
**ସ୍ତନିତ କିଁ ସ୍ଫୁଟ କଳକଣ୍ଠ ସରୁତ । ଅଚିରପ୍ରଭା କିଁ ତାର ଦଶେଶ ଦଶେତ । ୨ ।**

---

ମକରକେତନ ଅର୍ଥାତ୍ କନ୍ଦର୍ପ ଯାହାଙ୍କୁ କୋପ କରିବ ସେ କେଉଁଠାରେ ରକ୍ଷା ପାଇବ ? ସେହି ହରିତଅମ୍ବର ଅର୍ଥାତ୍ ପୀତବାସଧାରୀ ଶ୍ରୀକୃଷ୍ଣଙ୍କୁ ନୀଳକଣ୍ଠ ରାଜାଙ୍କ ପୁତ୍ର କବି ଉପେନ୍ଦ୍ର ଭଞ୍ଜ ଧ୍ୟାନ କରନ୍ତି । [illegible] ।

—o—

ଏହି ଛାନ୍ଦଟି କବି ଉପେନ୍ଦ୍ର ଭଞ୍ଜଙ୍କର ଏକ ଅନନ୍ୟ ସାଧାରଣ କୃତି । ସେ ଏଥିରେ ଏପରି ଶବ୍ଦ ଯୋଜନା କରିଅଛନ୍ତି ଯେ ଏକାଧାରେ ଏଥିରେ ବର୍ଷା, ଶୀତ ଏବଂ ଗ୍ରୀଷ୍ମ ଋତୁର ଚମତ୍କାର ବର୍ଣ୍ଣନା କରାଯାଇଅଛି । ଛାନ୍ଦଟି ରାଗ ଚିନ୍ତା ଦେଶାକ୍ଷରେ ପ୍ରଥମ ଲେଖା । ସେଥିରୁ ଆଦ୍ୟ ଶବ୍ଦରୁ ଗୋଟିଏ ଲେଖା ଅକ୍ଷର ବାଦ ଦେଇ ପଢ଼ିଲେ ୨ୟ ରାଗ କାଫି କାମୋଦୀ ହେବ । ଏହା ଶୀତକାଳର ବର୍ଣ୍ଣନା । ଏହା ପରେ ଆଉ ଗୋଟିଏ ଅକ୍ଷର ବାଦ ଦେଲେ ରାଗ ମାଳବ ଗଉଡ଼ ବାହାରିବ । ତାହା ଗ୍ରୀଷ୍ମ କାଳର ବର୍ଣ୍ଣନା । ଅନ୍ୟ ସବୁ ସମାନ ରହି କେବଳ ପଦର ଆଦ୍ୟ ଶବ୍ଦର ଗୋଟିଏ ଲେଖା ଅକ୍ଷର ବାଦ ଦେଲେ ବର୍ଣ୍ଣନା ଭିନ୍ନ ହୋଇଯିବ । ପ୍ରଥମେ ଚିନ୍ତା ଦେଶାକ୍ଷ ରାଗରେ ବର୍ଷାକାଳର ବର୍ଣ୍ଣନା କରାଯାଇଅଛି ।

ଆସାର—ଧାରାପାତ; ସଘନ—ନିବିଡ଼; ଅସିତ—କୃଷ୍ଣ; ଦରଶମୟ—ଦର୍ଶ-ଅମାବାସ୍ୟା ପରି ଅନ୍ଧକାରଯୁକ୍ତ; ସ୍ତନିତ—ମେଘ ଗର୍ଜନ; ସ୍ଫୁଟ—ପ୍ରକାଶିତ; କଳକଣ୍ଠ—ମୟୂର; ସରୁତ—ଶବ୍ଦଯୁକ୍ତ; ଦଶେ—ଦଶମାନଙ୍କରେ; ଅଚିରପ୍ରଭା—ବିଜୁଳି; ତାର—ଉଜ୍ଜ୍ୱଳ । ଏଣୁ ପ୍ରଥମ ଦୁଇ ପଦର ଅର୍ଥ ହେଲା ଧାରାପାତ ଘଟାଉଥିବା ମେଘଯୁକ୍ତ କାଳ ଉଦୟ ହେବାରୁ ଅମାବାସ୍ୟା ପରି ଅନ୍ଧକାର ପ୍ରବଳେ ଘୋଟିଗଲା, ମେଘ ଗର୍ଜନ ଶୁଣାଗଲା, ମୟୂରମାନେ ମେଘ ଦେଖି ଶବ୍ଦ କଲେ ଦଶମାନଙ୍କରେ ବିଜୁଳି ଛଟା ଉଜ୍ଜ୍ୱଳ ଦେଖାଗଲା ।

ବର୍ତ୍ତମାନ ଏହି ପଦର ଆଦ୍ୟ ଶବ୍ଦରୁ ଗୋଟିଏ ଲେଖା ଅକ୍ଷର ବାଦ ଦେଲେ ଶୀତ କାଳର ବର୍ଣ୍ଣନା ବାହାରିବ ।

ସାରସଘନ=ସାରସଘ୍ନ—ପଦ୍ମନାଶକାରୀ କାଳର ଉଦୟ ହୁଅନ୍ତେ ଶୀତ ପ୍ରବଳରୁ କୁହୁଡ଼ି ଘୋଟି ସବୁଆଡ଼ ଦର ଅର୍ଥାତ୍ ଶଙ୍ଖ ପରି ଦେଖାଗଲା । ଜିତ ଅର୍ଥାତ୍

କେକୀର ସଙ୍ଗୀତରେ କାମୁକ ଉଲ୍ଲାସ । ଧରମଣି ଆଚ୍ଛାଦନେ ଘନ ବଳାସ । ୩ ।
ନୀପବନ ସୁଖ ଦାନକର ଉତ୍ସବ । ସ୍ତୋକରଟ ମସୃଣ ଯେ ଝିଲ୍ଲିକା ବସେ । ୪ ।

---

ତରଳ ତାପରୁ ଫୁଲ ଫୁଟିଲ । ନୀଳକଣ୍ଠ ବୋବାଇଲେ । ତାର ଅର୍ଥାତ୍ ତାରାମାନେ ଚଳ କନ୍ୟାତ ଧାରଣ କଲେ । ପୁଣି ଗୋଟିଏ ଅକ୍ଷର ବାଦ୍ ଦେଲେ ଗ୍ରୀଷ୍ମଋତୁର ବର୍ଣ୍ଣନା ବାହାରିବ ।

ତପଘନ=ତପସ୍—ତପ ହରଣକାରୀ ଅର୍ଥାତ୍ ଗ୍ରୀଷ୍ମକାଳ ଘଟିବାରୁ ତପ ଅର୍ଥାତ୍ ଗ୍ରୀଷ୍ମର ତେଜରୁ ଉପୁର ସମସ୍ତ ଘଟିଲା । ସେହି ସମୟରେ ସରୁଡ ଅର୍ଥାତ୍ ଗ୍ରାବଯୁକ୍ତ କୋକିଳମାନେ ପ୍ରକାଶିତ ହେଲେ । ର ଅର୍ଥାତ୍ ଅଗ୍ନିର ପ୍ରଭା ଦଗଧ ପର୍ବତମାନଙ୍କରେ ଉଜ୍ଜ୍ୱଳ ଭାବରେ ଦେଖାଗଲା । ୧-୨ ।

ବର୍ଷାକାଳ ପକ୍ଷ :—କେକୀ—ମୟୂର, କାମୁକ—କାମୀପୁରୁଷ, ଧରମଣି—ପର୍ବତଶ୍ରେଷ୍ଠମାନଙ୍କୁ, ଆଚ୍ଛାଦନେ—ଘୋଡ଼ାଇ, ନୀପବନ—କଦମ୍ବ ବନ, ଉତ୍ସବ—ଶୀଘ୍ର, ସ୍ତୋକ—ଚାତକ, ରଟ—ଧ୍ୱନି, ମସୃଣ—ମନୋହର, ଝିଲ୍ଲିକା—ଝିଙ୍କାରିଆ ।

ଶୀତକାଳ ପକ୍ଷେ ଆଦ୍ୟ ଅକ୍ଷର ବାଦ ଦେଲେ ହେବ :—କୀର—ଶୁକର, ଘନ ବଳାସ—ନିବିଡ଼ ବିଳାସ, ପବନ—ଶୀତଳ ବାୟୁ, ଦାନ କରେ—ଖଣ୍ଡନ କରେ, କରଟ—କାଉ, ଝିଲ୍ଲିକା—ଝିଲ୍ଲିକ, ମସୃଣ—ଚକ୍କଣ ।

ପୁଣି ଗୋଟିଏ ଅକ୍ଷର ବାଦ ଦେଲେ ଗ୍ରୀଷ୍ମର ବର୍ଣ୍ଣନା :—ରସଙ୍ଗୀତରେ—ରସ ଗୀତରେ, ଘନ—ଅଧିକରୂପେ, ମଣି ଆଚ୍ଛାଦନ ରେ—ଶୀତଳ ରତ୍ନ ଭୂଷଣରେ ।

ମୟୂର ସଙ୍ଗୀତରେ କାମୀପୁରୁଷମାନେ ଆନନ୍ଦିତ ହେଲେ । ମେଘ ଧରମଣି ଅର୍ଥାତ୍ ପର୍ବତସବୁକୁ ଘୋଡ଼ାଇ କ୍ରୀଡ଼ା କଲେ । କଦମ୍ବବନରେ ଫୁଲ ଫୁଟି ଶୀଘ୍ର ସୁଖଦାନକାରକ ହେଲେ । ସ୍ତୋକ ଅର୍ଥାତ୍ ଚାତକର ଧ୍ୱନି ମଧୁର ହୋଇ ଉଠିଲା । ଝିଙ୍କାରିଆ ପୋକ ଗଛରେ ବସିଲେ । ଏହା ବର୍ଷା ବର୍ଣ୍ଣନା ।

କୀର ଅର୍ଥାତ୍ ଶୁଆର ସଙ୍ଗୀତ ଶୁଣି କାମୀ ପୁରୁଷମାନେ ଉଲ୍ଲାସ ଧରି ରମଣୀମାନଙ୍କୁ ଘେନି ଶୀତଯୋଗୁଁ ବସ୍ତ୍ର ଘୋଡ଼ାଇ ନିବିଡ଼ ଭାବରେ ବିଳାସ କଲେ । ପବନ ଅର୍ଥାତ୍ ଶୀତଳ ବାୟୁ କମିଲେ ସୁଖ ଖଣ୍ଡନ କଲା । କାଉମାନେ ତକତକିଆ ରଙ୍ଗ ଯୋଗୁଁ ଚକ୍କଣ ଦେଖାଗଲେ ।

ଏହାପରେ ଆଉ ଗୋଟିଏ ଅକ୍ଷର ବାଦ ଦେବାରୁ ଗ୍ରୀଷ୍ମକାଳ ବର୍ଣ୍ଣନା—ରସ ଗୀତରେ କାମୁକମାନେ ହର୍ଷିତ ହେଲେ । ଘନ ଅର୍ଥାତ୍ ଅଧିକ ଭାବରେ ମଣି ଆଚ୍ଛାଦନରେ ଅର୍ଥାତ୍ ଶୀତଳ ମଣିହାର ପିନ୍ଧି ସେମାନେ ବିଳାସ କଲେ । ବନ ବିହାର କ୍ଷଣକେ ସୁଖଦାନକାରକ ହେଲା । ଝିଲ୍ଲିକା ବଣେ ଅର୍ଥାତ୍ ଝିଙ୍କାରିର ଧ୍ୱନି ବୃକ୍ଷଅଙ୍କେ ସମାନ ମଧୁର ଭାବରେ ଶୁଣାଗଲା । ୩-୪ ।

ସେ ଅନ୍ଧ ମକର ହରି ଚନ୍ଦ୍ର ମୋହିଲା । ନଦୀ ବଣ ସଲିଳେ ଅଧିକ ହୋଇଲା । ୫ ।
ମାତ୍ର ଉଚିତ କାମରେ ବିଯୋଗୀ ଶଙ୍କି । ଯେଣୁ ହା ରବ ରଚେ ସେ ଆସି ସକଳ ।
ଶାରଦରୁ ବୃନ୍ଦ ଫୁଲସରେ ମଣ୍ଡନ । ଦମ୍ପତି ଉପକାରକ ବିଦେଶୀଜନ । ୬ ।
ଅଣନପାତ ପରି ସେ ଏକା ଗୋପରେ । ସୁମନ୍ଦପାତ୍ରତ ପାନ୍ଥ ଧାରୁ ବସ୍ତରେ । ୭ ।

---

ବର୍ଷାକାଳ :—ବର୍ଷାକାଳ ଅନ୍ଧ ଅର୍ଥାତ୍ ସାପ, ମକର ଅର୍ଥାତ୍ କୁମ୍ଭୀର ଏବଂ ହର ଅର୍ଥାତ୍ ବେଙ୍ଗମାନଙ୍କର ମନକୁ ମୁଗଧ କଲା । ନଦୀମାନଙ୍କରେ ଅଧିକ ଜଳ ପୂର୍ଣ୍ଣ ହେଲା । ପକ୍ଷୀମାନେ ବସା ବାନ୍ଧିବାକୁ ଲାଗିଲେ ଏବଂ ବିୟୋଗୀ ଅର୍ଥାତ୍ ବିରହୀମାନେ କାମରସକୁ ଉଣାଗଲେ । ସେମାନେ ପବନରେ ହଡ଼ି ଆସୁଥିବା ଜଳକଣାକୁ 'ର' ଅର୍ଥାତ୍ ଅଗ୍ନିକଣା କି ବୋଲି ମନେ କଲେ । ଏହି କାରଣରୁ ବିରହୀମାନେ ହାହାରବ କଲେ ଅର୍ଥାତ୍ ବିକଳ ହେଲେ ।

ଏହାପରେ ପଦରୁ ଗୋଟିଏ ଅକ୍ଷର ଆଦ୍ୟରୁ କାଟିଦିବାରୁ ଶୀତକାଳ ବର୍ଣ୍ଣନା ଯଥା :—ଅନ୍ଧମକର —ସୂର୍ଯ୍ୟ, ହର—କିରଣ, ନଦୀର—କାକର ବରଷେ—ବର୍ଷାରେ । ଶୀତକାଳରେ ସୂର୍ଯ୍ୟଙ୍କ କିରଣ ମନକୁ ମୋହ କଲା । ଦିନବେଳେ ପାଣି ଅଧିକ ସୁଖକର ହେଲା । ବିରହୀମାନେ ମନରେ କାମକୁ ଉଣା କାକର ବର୍ଷାକୁ ଘୃଣା ବର୍ଷା ଜ୍ଞାନ କଲେ ।

ପୁଣି ଅକ୍ଷରଟିଏ ବାଦ ଦେବାରୁ ହେଲା :—ହମକର—ଚନ୍ଦ୍ର, ହର—କିରଣ, କାମରେ ଉଚିତ—କାମ ଦ୍ୱାରା ଜାତ, ହାରବ—ସର୍ପ । ଚନ୍ଦ୍ରକିରଣ ଚନ୍ଦ୍ରକୁ ମୋହିଲା । ମନ ପାଣି ପ୍ରତି ଆସକ୍ତ କଲା । ବିରହୀମାନେ କାମଜନିତ ବ୍ୟାଧିରେ ଶଙ୍କିଲେ । ସେମାନେ ହାରକୁ ସର୍ପ ବୋଲି ଭାବିଲେ । ୫-୬ ।

ବର୍ଷାକାଳ :—ଶାରଦରୁ—ଅର୍ଜୁନ ଗଛ, ବୃନ୍ଦ—ସୁନ୍ଦର, ଫୁଲସରେ—ଫୁଲରେ ଆମୂଳଚୂଳ, ଦମ୍ପତି—ସ୍ୱାମୀ ସ୍ତ୍ରୀ, ଉପକାରକ—ପ୍ରେମରସ ସ୍ରଷ୍ଟା, ବିଦେଶୀ—ପ୍ରବାସରେ ଥିବା, ଅଣନପାତ—ବଜ୍ରପାତ, ଗୋପରେ—ପଟଳରେ, ପାନ୍ଥ—ରକ୍ଷାକର ।

ଶୀତକାଳରେ ପ୍ରଥମ ଅକ୍ଷର କାଟିବାରୁ :—ରଦରୁବୃନ୍ଦ—ସମ୍ଭୋଗ ଇଚ୍ଛାରୁ, ଫୁଲସରେ ମଣ୍ଡନ—କାମୁକ, ଣନପାତ—ସନ୍ନିପାତ—ସନ୍ନିପାତ ରୋଗ, ଏକା—ଏକୁଟିଆ, ଗୋପରେ—ପଥରେ, ପା—ରକ୍ଷା କରିବାକୁ ହେଉ ଅଛି । କନ୍ଦର୍ପ ଶରରେ ପୀଡ଼ିତ ପତିମାନଙ୍କ ପାଇଁ ସମ୍ଭୋଗ କରିବା ଇଚ୍ଛା ଯୋଗୁଁ ଶୀତକାଳ ଉପକାରକ ହେଲା । ତାହା ବିଦେଶରେ ବସୁଥିବା ପୁରୁଷମାନଙ୍କୁ ସନ୍ନିପାତ ରୋଗ ପରି ଉଚ୍ଛନ୍ନ କରାଇଲା । ପଥିକମାନେ ଏକାକୀ ବାଟରେ ଚାଲିଲାବେଳେ ମନେକଲେ ଏହି କଷ୍ଟରୁ ସ୍ତ୍ରୀ ମଲ୍ଲପରି ରକ୍ଷା କରିବାକୁ ହିତସାଧନ ଅଛି ।

ପୁଣି ଗୋଟିଏ ଅକ୍ଷର ବାଦ ଦେବାରୁ ଗ୍ରୀଷ୍ମକାଳ ବର୍ଣ୍ଣନା—ତରୁମାନେ ଫୁଲରେ ସୁନ୍ଦର ଦିଶିଲେ । ବୃକ୍ଷଶ୍ରେଣୀମାନେ ପୁଣି ଫୁଲରେ ମଣ୍ଡିତ ହେଲେ । ବିଦେଶରେ ଥିବା ଲୋକେ ନପାତ ଅର୍ଥାତ୍ ମୃତ୍ୟୁ ହେବ କି ଭାବି ଛନ୍ନ ହୋଇ ଗ୍ରୀଷ୍ମକାଳକୁ ଉତ୍ସବକାରକ

କାଶ ସୁରଭି ସୁମନା ପ୍ରକାଶ ହୋଇ । ମଧୁପ ରମ ରୋଚକ ନିବାସ ତହିଁ । ୯ ।
ପଶାରଙ୍ଗ ସ୍ଥାନେ ସ୍ଥାନେ ଦେଲା ମଞ୍ଜୁଳ । ଦୁର୍ଦ୍ଦିନବରେ ଅବ ରତରେ ଚଞ୍ଚଳ ।
ଘନଦୁର୍ଗତକୁ ଝଟିତରେ ପ୍ରକାଶେ । ଧନସାର ଭଦ୍ର ଶ୍ରୀଯୁକ୍ତକ ପରଶେ । ୧୧ ।

---

ଅର୍ଥାତ ନିଦାକାଂକ୍ଷ ହେଲେ । ପଥିକ ସ୍ତ୍ରୀମାନେ ବସ୍ତ୍ରଗଳେ ଏ କାଳରେ ଏକା ଥିବା ଅର୍ଥାତ୍ ବିରହିଣୀ ହୋଇ ତୋଷରେ ଅର୍ଥାତ୍ କୂଳରେ ରହିବା ପାଇଁ ତପା ଅର୍ଥାତ୍ ଲଜ୍ଜା ଏକମାତ୍ର ବୃତ୍ତ ଅଟେ । ୭-୮ ।

କାଶ—କାଉଁଶ, ସୁରଭି—କଦମ୍ବ, ସୁମନା—ମାଳତୀ, ମଧୁ—ମଦ୍ଯ, ପରମ—ଶ୍ରେଷ୍ଠ, ରୋଚକ—ରୁଚିକର । କାଶ, କଦମ୍ବ, ମାଳତୀ ପ୍ରଭୃତି ଫୁଲ ବର୍ଷାକାଳରେ ଫୁଟିଲେ । ସେହି ସବୁ ଫୁଲରେ ଅତ୍ୟନ୍ତ ରୁଚିକର ମଦ୍ଯ ରହିଲା । ଏହା ବର୍ଷାକାଳ ପକ୍ଷେ ।

ଗୋଟିଏ ଆଦ୍ୟ ଅକ୍ଷର କାଟିବାରୁ ଶୀତକାଳର ବର୍ଣ୍ଣନା :—ସୁରଭି—ସୁଗନ୍ଧଯୁକ୍ତ, ସୁମନା—ପାଣ୍ଡୁଫୁଲ୍. ପ୍ରକାଶ—ଫୁଟିବା । ଫୁଲ ଫୁଟିବା ଗଛମାନ ଥିବାରୁ ସେଠାରେ ବାସ କରିବା ପରମ ଅର୍ଥାତ୍ ଅତ୍ୟନ୍ତ ସୁଖକର ହେଲା ।

ଆଉ ଗୋଟିଏ ଅକ୍ଷର କାଟିବାରୁ ଗ୍ରୀଷ୍ମକାଳ :—ସୁରଭି ସୁମନା—ସୁଗନ୍ଧ ଫୁଲ । ସୁଗନ୍ଧ ଫୁଲମାନ ଫୁଟିଲେ । ସେଠାରେ ପୁଷ୍ପବନ୍ତୀ ବୃକ୍ଷମାନେ ଥିବାରୁ ବାସ କରିବା ପରମ ସୁଖକର ବୋଧ ହେଲା । ୯ ।

ବର୍ଷା ବର୍ଣ୍ଣନା :— ପଶାରଙ୍ଗ—ପଶାଖେଳ, ମଞ୍ଜୁଳ—ସୁନ୍ଦର, ଦୁର୍ଦ୍ଦିନରେ—ମେଘୁଆ ଦିନରେ, ଅବ—ମେଷ. ରତରେ—ଶୃଙ୍ଗାର । ସ୍ଥାନେ ସ୍ଥାନେ ପଶାଖେଳ ସୁନ୍ଦର ହେଲା । ମେଘୁଆ ଦିନରେ ମେଷ ଗୋଠରେ ରହି ଶୃଙ୍ଗାରରେ ଚଞ୍ଚଳ ହେଲା ।

ଗୋଟିଏ ଅକ୍ଷର କାଟିବାରୁ :—ସାରଙ୍ଗ—ହଂସ, ଦାନବରେ—ଅତି ଦରିଦ୍ରମାନେ, ଅବରତରେ—ସର୍ବଦା, ଚଞ୍ଚଳ—ଅସ୍ଥିର । ହଂସମାନଙ୍କ କ୍ରୀଡ଼ା ଜାଗା ଜାଗା ସୁନ୍ଦର ଦେଖାଗଲା । ଗରିବ ଲୋକମାନେ ଶୀତରେ ଅବରତରେ ଥରିଲେ ।

ଆଉ ଗୋଟିଏ ଅକ୍ଷର କାଟିବାରୁ ଗ୍ରୀଷ୍ମକାଳ :—ରଙ୍ଗ ଅର୍ଥାତ୍ ନୃତ୍ୟ ଆଦି ସ୍ଥାନେ ସ୍ଥାନେ ସୁନ୍ଦର ଦେଖାଗଲା । ନବରେ ଲୋକେ ଅଭିର ଖେଳିବା ପାଇଁ ରତରେ ଅର୍ଥାତ୍ ଚଞ୍ଚଳ ହୋଇ ଉଠିଲେ । ୧୦ ।

ବର୍ଷାକାଳ :—ଘନଦୁର୍ଗତକୁ—କୁଆପଥର, ଝଟିତରେ—ଶୀଘ୍ରରେ, ଧନସାର—ପ୍ରଧାନ ଧନୀ, ଶ୍ରୀଯୁକ୍ତକ—ସମୃଦ୍ଧିଯୁକ୍ତ, ଭଦ୍ର—ମଙ୍ଗଳ । କୁଆପଥର ଶୀଘ୍ର ଜାତ ହୁଏ । ବଡ଼ ବଡ଼ ଧନମାନେ ନିଜର ସମ୍ପତ୍ତି ହେତୁ ସୁଖରେ ରହିଲେ ।

ଗୋଟିଏ ଅକ୍ଷର ମୂଳରୁ ବାଦ ଦେଲେ ଶୀତକାଳ ବର୍ଣ୍ଣନା—ନ ଦୁର୍ଗତ କୁଝଟିତରେ ଅର୍ଥାତ୍ ଶୀତକାଳରେ କୁହୁଡ଼ି ମାଡ଼ିଯିବାରୁ ଦେଖିବା ପଦାର୍ଥ ଦେଖାଗଲା ନାହିଁ । ନାସାର ଅର୍ଥାତ୍ ଶୀତବସ୍ତ୍ର ପରଶାରେ ଭଦ୍ରଲୋକମାନେ ଶ୍ରୀଯୁକ୍ତ ଅର୍ଥାତ୍ ଶୋଭବନ୍ତ ଦେଖାଗଲେ ।

ସୁସଙ୍କେତଜ୍ଞା କଟେ ଜାତ୍‌ପୁଲ୍କ ପୁଲକ । ବଦ୍ୟୁଂସହକାର ଯେ ଭ୍ରମରେ ମେଳକ ।
ଅଭସ୍ତୁ କାଳକଣ୍ଠକ ଦଳେ ବରଘ୍ନ । ବାମାନଆଳୀ ଯେ କାନ୍ତେ ସୁମନ ବନ୍ତୁ ।୧୩

---

ଆଉ ଗୋଟିଏ ଅକ୍ଷର ଥିବାରୁ ଗ୍ରୀଷ୍ମକାଳ ବର୍ଣ୍ଣନା ଃ—ଦୁର୍ଗତ ଅର୍ଥ ତୁ ପର୍ବତକୁ ଶୀଘ୍ର ପ୍ରୟାଣ କଲ । ଶ୍ରୀଯୁକ୍ତକ ଅର୍ଥାତ୍ ଧନବନ୍ତମାନେ ଶ୍ରେଷ୍ଠ ଭଦ୍ରଶୀ ଅର୍ଥାତ ଶ୍ୱେତ ଚନ୍ଦନ ଘଷଣେ ଅର୍ଥାତ୍ ବୋଳିହେଲେ । ୧୧ ।

ସୁ ସଙ୍କେତଜ୍ଞା—ସଂଯୋଗୀମାନେ, ପୁଲକ—ରୋମାଞ୍ଚ, ବଦ୍ୟୁଂସହକାର, ବିଜୁଳି ସହିତ, ଭ୍ରମରେ—କାମୀ, ଅଳି; ମେଳକ—ମିଳିତ, ସଙ୍କେତଜ୍ଞା—ସଙ୍କେତ କରିଥିବା, ଦ୍ୟୁ—ଅଗ୍ନି, ସହକାର—ସାହାଯ୍ୟ, ଆମ୍ବ ।

ବର୍ଷା ଋତୁରେ—ସଂଯୋଗୀମାନେ ହର୍ଷ ହୋଇ ରୋମାଞ୍ଚିତ ହେଲେ । କାମୁକମାନେ ବିଜୁଳିଯୁକ୍ତ ମେଘକୁ ଦେଖି ମେଳକ ଅର୍ଥାତ୍ ସ୍ତ୍ରୀ ସହିତ ମିଳିତ ହେଲେ ।

ଶୀତରେ—ସଙ୍କେତଜ୍ଞା ଅର୍ଥାତ୍ ସଙ୍କେତ କରିଥିବା ପୁରୁଷମାନେ ମନ ଖୁସିରେ ରୋମାଞ୍ଚିତ ହୋଇ ଉଠିଲେ । ( ବସ୍ତ୍ର ଯୋଗ୍ଯ ହୋଇଥିବାରୁ ଜଣା ପଡ଼ିବାର ଶଙ୍କା ନ ଥିଲ ) ସେମାନେ ଦ୍ୟୁ ଅର୍ଥାତ୍ ଅଗ୍ନିର ସାହାଯ୍ୟ ନେଉଥିଲେ ଏବଂ ପ୍ରିୟା ସହିତ ମିଳିତ ହେଲେ ।

ଗ୍ରୀଷ୍ମ—କେତକୀ ପୁଲକିତ ହୋଇ ଫୁଟିଲା । ସହକାର ବଉଳ ଧରିବାରୁ ଭ୍ରମରମାନେ ସେଠାରେ ଏକଠି ହେଲେ । ୧୨ ।

କାଳକଣ୍ଠକ—ଡାହୁକ, ଅଭସ୍ତୁ—ଗର୍ଭସ୍ୱରେ, ଦଳେ—ଦଳନ କଲେ, ବିରହି—ବିରହୀମାନଙ୍କୁ, ବାମା—ସ୍ତ୍ରୀ, ନଆଳ—ସଖୀଶୂନ୍ୟ, କାନ୍ତେ—କାନ୍ତ ଦ୍ୱାରା, ସୁମନ ବନ୍ତୁ—ଫୁଲ ଭୂଷିତ ହୋଇ, ବିରଘ୍ନ—ବୀରମାନଙ୍କ ମଧ୍ୟ, କଣ୍ଠକ—ଅଣ୍ଡ, ମାନଆଳୀ—ମାନିନୀ ସ୍ତ୍ରୀମାନେ, ସୁମନ—ଭଲ ମନ, କାନ୍ତେ—କାନ୍ତଠାରେ ।

ଗ୍ରୀଷ୍ମ ଃ—କଣ୍ଟକ—କଣ୍ଟ କରିଥିବା, ନଆଳୀ—ନଆଳୀ ଗଛ, କାନ୍ତେ—ସୁନ୍ଦର ରୂପ, ସୁମନ—ଫୁଲ ।

ବର୍ଷାକାଳରେ ଡାହୁକମାନେ ଗର୍ଭସ୍ୱରେ ଡାକଦେଲେ । ତଦ୍ୱାରା ବିରହୀମାନଙ୍କ ହୃଆ ଦଳିତ ହୋଇଗଲା । ଯେଉଁ ସ୍ତ୍ରୀମାନଙ୍କର ପାଖରେ ସଖୀ କେହୁ ନ ଥିଲେ ସେମାନେ ନିଜ କାନ୍ତ ଦ୍ୱାରା ପୁଷ୍ପଭୂଷିତା ହେଲେ ।

ଶୀତକାଳରେ ଗୋଟିଏ ଅକ୍ଷର କଟିବାରୁ—ବୀରମାନଙ୍କ ମଧ୍ୟ ଶୀତକାଳ କଣ୍ଟକ ଅର୍ଥାତ ଶୀତ ପ୍ରାପ୍ତ ଭୟରେ ଦଳନ କଲା । ମାନ ଆଳୀ ଅର୍ଥାତ୍ ମାନିନୀ ସ୍ତ୍ରୀମାନେ ଅଲଗା ରହିପାରିଲେ ନାହିଁ । ନିଜର କାନ୍ତମାନଙ୍କଠାରେ ଭଲ ମନ ଧାରଣ କଲେ ।

ଗ୍ରୀଷ୍ମକାଳରେ ଆଉ ଗୋଟିଏ ଅକ୍ଷର କଟିବାରୁ—ଟେସ୍ତୁ ଅର୍ଥାତ୍ ଏହି ଗ୍ରୀଷ୍ମକାଳରେ କଣ୍ଟକ କରିଥିବା ବିରହୀମାନଙ୍କୁ ଦଳନ କଲା । ନଆଳୀ ଗଛ କାନ୍ତେ ଅର୍ଥାତ୍ ମନୋହର ଭାବରେ ପୁଷ୍ପ ଧାରଣ କଲା । ୧୩ ।

ଭେକୀ ତବ ସ୍ଫୁଟ ଘନେ ହରେ ସୁଚିତ୍ତ । କଙ୍କ କେଳି ପ୍ରକଟ ହେଲା ବହୁତ ।
ବରହରେ ଏ ସମୟେ ଚନ୍ତା କାତର । ସୁକୁମାର ତନୁତାପି ହବାନଶିର । ୧୫ ।
ଆନ ଜ୍ଞାନ ସ୍ଥାନଚଣା ବେଶ୍ମରେ ହୋଇ । ଘନରସେ କାନ୍ତାଲିଙ୍ଗନକୁ ଧାଇଁଆଇ ।୧୬।

---

ଭେକୀ—ବେଙ୍ଗ, ତବ—ସ୍ତବ, ଘନେ—ଗାଢ଼ ସ୍ୱରରେ, ସ୍ଫୁଟ—ପ୍ରକାଶିତ, ସୁଚିତ୍ତହରେ—ମନ ବଚଳିତ କଲା, କଙ୍କ—ବଗ, କେଳି—କ୍ରୀଡ଼ା ।

ଶୀତକାଳରେ ଏକ ଅକ୍ଷର କାଟିବାରୁ—ସ୍ତବକ—ଧୁତୁରା ଫୁଲ, ଘନେ—ବହୁତ, ସ୍ଫୁଟ—ଫୁଟିଲା, ହରେ—ମହାଦେବଙ୍କୁ, ସୁଚିତ୍ତ—ଭଲ ମନରେ, କଙ୍କ—ବଗ ଜାତୀୟ ପକ୍ଷୀ ।

ଗ୍ରୀଷ୍ମ ଋତୁରେ ଗୋଟିଏ ଅକ୍ଷର କାଟିଲେ—ତବ—ସ୍ତବ, ହରେ—ମହାଦେବଙ୍କୁ, ଘନେ—ବହୁତ, କ-କେଳି— ଜଳକେଳି ।

ବର୍ଷାକାଳ ହେବାରୁ ବେଙ୍ଗମାନଙ୍କର ଗାଢ଼ ସ୍ୱରରେ ଡାକିବାର ଭଲ ଲୋକମାନଙ୍କର ମନକୁ ବିଚଳିତ କଲା । ବଗମାନଙ୍କର କ୍ରୀଡ଼ା ବହୁତ ପ୍ରକାଶ ପାଇଲା ।

ଶୀତକାଳରେ—ସ୍ତବକ ଅର୍ଥାତ୍ ଧୁତୁରା ଫୁଲ ବହୁତ ଫୁଟିଲା । ଲୋକେ ସେହି ଫୁଲକୁ ନେଇ ଉତ୍ତମ ଚିତ୍ତରେ ମହାଦେବଙ୍କୁ ଅର୍ପଣ କଲେ । କଙ୍କ ପକ୍ଷୀର କେଳି ବହୁତ ଦେଖାଗଲା ।

ଗ୍ରୀଷ୍ମକାଳରେ—ଲୋକେ ଗାଢ଼ ମନରେ ମହାଦେବଙ୍କ ସ୍ତବ ଗାନ କଲେ । କ-କେଳି ଅର୍ଥାତ୍ ଜଳକେଳି ବହୁତ ପ୍ରକଟ ହେଲା । ୧୪ ।

ବରହେ—ବିରହରେ, ସୁକୁମାରତନୁ—କୋମଳ ଅଙ୍ଗ । ଏ ସମୟରେ ଅର୍ଥାତ୍ ବର୍ଷାକାଳରେ ରାଜପୁତ୍ର ଓ ରାଜକନ୍ୟା ଦୁହେଁ ବିରହରେ ଚିନ୍ତା କାତର ହେଲେ । ସେମାନଙ୍କର କୋମଳ ଅଙ୍ଗ ମଦନଶରରେ ତାପିତ ହେଲା ।

ଗୋଟିଏ ଆଦ୍ୟଅକ୍ଷର କାଟିବାରୁ ଶୀତ ବର୍ଣ୍ଣନ ଃ—ରହରେ—ଏକାନ୍ତରେ । ଏହି ଶୀତକାଳରେ ରାଜପୁତ୍ର ଏକାକୀ ରହି ଚିନ୍ତା ଜର୍ଜରିତ ହେବାରୁ ରାଜକନ୍ୟା ତାହାଙ୍କ ଚିନ୍ତାରେ ଦୁଃଖିତା ହେଲା । ଏଣୁ ଦୁହିଁଙ୍କର ଦେହ ମଦନଶରରେ ତାପିତ ହେଲା ।

ଆଉ ଗୋଟିଏ ଅକ୍ଷର କାଟିଲେ ଗ୍ରୀଷ୍ମକାଳ—ହରେ—ଶିବଙ୍କୁ, ମାର—କନ୍ଦର୍ପ, ତନୁ—କ୍ଷୀଣ । ଗ୍ରୀଷ୍ମକାଳରେ ଦୁହେଁ ଶିବଙ୍କ ଚିନ୍ତା କରି ବ୍ୟାକୁଳ ହେଲେ । ମାର ଅର୍ଥାତ୍ କନ୍ଦର୍ପ ପଞ୍ଚବାଣ ତାପ ଦେଇ ତାଙ୍କୁ କ୍ଷୀଣ କଲା । ୧୫ ।

ଆନ ଜ୍ଞାନ—ଅନ୍ୟ ଧାରଣା ଅର୍ଥାତ୍ ବିଭ୍ରମ, ଘନରସେ—ଜଳାଧିକ୍ୟ, ବେଶ୍ମରେ—ବ୍ୟବହାରରେ, ନସ୍ଥାନ—ସ୍ଥାନସ୍ଥାନତା, କାନ୍ତ—ସୁନ୍ଦର, ରସେ—ରସିଲେ, ସ୍ଥାନସ୍ଥାନ—ନଷ୍ଟଚେଷ୍ଟା, ନରସେ— ରସିଲେ ନାହିଁ ।

ବର୍ଷାକାଳ ବର୍ଣ୍ଣନା—ଘନରସେ ଅର୍ଥାତ୍ ଜଳ ପୂର୍ଣ୍ଣ ହୋଇ କାନ୍ତ ଅର୍ଥାତ୍ ସମୁଦ୍ରକୁ ଆଲିଙ୍ଗନ କରିବା ପାଇଁ ଇଚ୍ଛା କଲେ । ଏହି ବ୍ୟବହାର ଆମ୍ଭମାନଙ୍କର ଉତ୍କଣ୍ଠିତ ଅବସ୍ଥା ମନେକରି କାମୁକ ସ୍ତ୍ରୀ ପୁରୁଷଙ୍କର ଜ୍ଞାନରେ ଭ୍ରମ ଘଟିଲା ।

ସନ୍ତାପିକ ମଞ୍ଜୁ କଳରବେ ନାଦର । ଆତପରେ ସ୍ୱରଭଙ୍ଗ ପୁଲକ କମ୍ପ । ୧୭ ।
ହେତୁସ୍ଥାନ ପିକ କର ହେ କାନ୍ତକାନ୍ତ । ପ୍ରୟାସ ବଧିରେ ହୋଇବାରୁ ସନ୍ତତ । ୧୮ ।

---

ଶୀତକାଳ—ନ ଜ୍ଞାନ ଅର୍ଥାତ ଜ୍ଞାନଶୂନ୍ୟତା ଯୋଗୁଁ କର୍ତ୍ତବ୍ୟକର୍ମ ବା ସ୍ୱାସ୍ଥ୍ୟ କରିବାରେ ଜ୍ଞାନ ଅବସ୍ଥା ଜାତ ହେଲା । ସ୍ତ୍ରୀ ପୁରୁଷ ପରସ୍ପରର ଆଲିଙ୍ଗନ ତଥା ଶଯ୍ୟାରୁ ଉଠି ଆଉ କେଉଁଥିରେ ଅନୁରକ୍ତ ହେଲେ ନାହିଁ ।

ଗ୍ରୀଷ୍ମକାଳ ବର୍ଣ୍ଣନାରେ ଦୁଇଟି ଅକ୍ଷର କାଟିବାରୁ—ସ୍ତ୍ରୀ ପୁରୁଷ ସାଧାରଣ କର୍ମରେ ଜ୍ଞାନଶୂନ୍ୟ ଅର୍ଥାତ୍ ଅଜଣା ଦଶାରେ ପଡ଼ି କେବଳ ମଧୁର ଆଲିଙ୍ଗନରେ ମନ ଲଗାଇଲେ । ୧୭ ।

ସନ୍ତାପିକ—ସନ୍ତାପଯୁକ୍ତ, ମଞ୍ଜୁ—ସୁନ୍ଦର, କଳରବେ—କଳ ଅର୍ଥାତ ମୟୂରର ରବ, ସ୍ୱରଭଙ୍ଗ—କଣ୍ଠ ପଡ଼ିଯିବା, ପୁଲକ—ରୋମାଞ୍ଚ, ତାପିକ—ତାପଯୁକ୍ତ, କଳରବେ—କପୋତ ଧ୍ୱନି, ପତରେ—ଅଧିକ ହେବାରୁ, ପୁଲକ—କମ୍ପ, ଦରେ—ଭୟରେ ।

ବର୍ଷାକାଳ—ମନରେ ସନ୍ତାପଯୁକ୍ତ ଲୋକେ ମୟୂରର ମଧୁର ଧ୍ୱନିକି ନିନ୍ଦା କରନ୍ତି । ଆତପ ପଡ଼ିବାରୁ ଅର୍ଥାତ ବଜ୍ରପାତ ଘଟିବାରୁ ସେମାନଙ୍କର ସ୍ୱରଭଙ୍ଗ ଓ ରୋମାଞ୍ଚ ଦେଖା ଦେଇଥାଏ ।

ଶୀତକାଳ—ତାପଯୁକ୍ତ ଅର୍ଥାତ କାମପୀଡ଼ାପ୍ରାପ୍ତ ହୋଇ ଲୋକେ ମଧୁର କପୋତ ଧ୍ୱନିକି ମଧ୍ୟ ନିନ୍ଦା କରନ୍ତି । ଶୀତର ପ୍ରାବଲ୍ୟ ଯୋଗୁଁ କମ୍ପ ଜାତ ହୋଇ ସ୍ୱରଭଙ୍ଗ ଘଟାଏ ।

ପୂର୍ବ ଦୁଇଟି ଅକ୍ଷର କାଟିବାରୁ, ଗ୍ରୀଷ୍ମକାଳ—ପିକ ଅର୍ଥାତ କୋଇଲିର ମଧୁର ଧ୍ୱନିକୁ ବିରହୀମାନେ ନିନ୍ଦା କରନ୍ତି । ଭୟରେ ସେମାନଙ୍କର ସ୍ୱରଭଙ୍ଗ ହୁଏ ଏବଂ ଦେହରେ କମ୍ପ ଜାତ ହୋଇଥାଏ । ୧୭ ।

ବର୍ଷାକାଳ :—ହେତୁସ୍ଥାନ—କାରଣସ୍ଥାନ, ପିକ—ସଫଳ, କାନ୍ତ—ସୁନ୍ଦର, କାଳ—ଯମ, ପ୍ରୟାସ—କଷ୍ଟକୁ ପୀଡ଼ା ଦେବା, ବଧିରେ—ଶଠରେ, ସନ୍ତତ—ଏକାନ୍ତ । ବର୍ଷାକାଳ ଜଳ ମନରେ ବ୍ୟଥାଦେବା ଗୁଣଯୁକ୍ତ ଅଟେ । ଏଣୁ ତାକୁ ସମ୍ବୋଧନ କରି ବିରହୀମାନେ କହନ୍ତି ହେ କାନ୍ତ ଅର୍ଥାତ ସୁନ୍ଦର ବର୍ଷାଋତୁ ତୁମ୍ଭେ କେଉଁ କାଳ ? ତାହା ନ ହେଲେ ବିନା କାରଣରେ ଆମ୍ଭର ଏପରି ଦଶା କାହିଁକି ଘଟାଉଅଛ ?

ଗୋଟିଏ ଅକ୍ଷର କାଟିଲେ, ଶୀତକାଳ— ପ୍ରାସ ଅର୍ଥାତ ମନୋବ୍ୟଥା ଯୋଗୁଁ ବଧିରେ ଅର୍ଥାତ ଧୀରତା ବିହୀନ ଅବସ୍ଥାଯୁକ୍ତ ହେବାରୁ କହୁଲେ, ଆରେ ଅସୁନ୍ଦର ଶୀତକାଳ ତୁ ନିଜର ତୁହିନ ନାମକୁ ସାର୍ଥକ କରୁଅଛୁ କି ?

ପୁଣି ଅକ୍ଷରଟିଏ କାଟିବାରୁ ଗ୍ରୀଷ୍ମକାଳ— ସବଧିରେ ଅର୍ଥାତ ବିଶେଷ ଧୀର ଭାବରେ ପବନ ବହୁବାରୁ କହୁଲେ, ହେ କାଳକାନ୍ତ ଅର୍ଥାତ ସୁନ୍ଦର ସମସ୍ତ ତୁ ଘନସିକ୍ତ ଅର୍ଥାତ ବିରହୀମାନଙ୍କୁ କାହିଁକି ପୀଡ଼ା ଦେଉଅଛୁ ? ୧୮ ।

ଦର୍ଦ୍ଦୁର ରତ ମଧୁଜନ୍ମା କୁବୁଦ୍ଧି ମନ୍ତ୍ରୀ । ସେହୁ ମକର କେତନେ ମେଳ ଉନ୍ନତ ।୧୯।
ଭାବ ଛଳବଚନ ଏ ପ୍ରକାରେ କହୁ । ପଥର ସମତରେ ସେ କଷଣ ସହୁ । ୨୦ ।
ଗଜଗତି ସୁଶୋଭାର ନାମ ଜପଇ । ମନୀଷା କରେ ଅରୁଚ ପ୍ରକାଶ ଯହିଁ । ୨୧ ।

---

ଦର୍ଦ୍ଦୁର—ବେଙ୍ଗ; ମଧୁଜନ୍ମ—ମାଛ ଜନ୍ମା, ମକର କେତନେ—ଜଳରେ; କୁବୁଦ୍ଧି—ଖଳ,

ଗୋଟିଏ ଅକ୍ଷର କାଟିଲେ;- ଦୂରନ୍ତ—ଦୁରନ୍ତ, ହିମକର—ଚନ୍ଦ୍ର, କେତନ—ଗୃହ;

ପୁଣି ଅକ୍ଷର କାଟିଲେ—ମଧୁଜନ୍ମା—କୋକିଳ, ମକର କେତନ—କନ୍ଦର୍ପ ସହିତରେ,

ବର୍ଷାକାଳରେ—ବେଙ୍ଗ ଓ ମାଛଜନ୍ମା । ସେ ପୁଣି ଜଳରେ ଘର କରି ରହିବାରୁ ଉନ୍ନତ ପ୍ରାପ୍ତ ହୋଇ ମନ୍ଦବୁଦ୍ଧି ମନ୍ତ୍ରୀ ପରି ହୋଇଅଛୁ । ଶୀତକାଳରେ – ଖରାପ ଫଳ ଫଳାଇବା ପାଇଁ ଶୀତକାଳ କୁବୁଦ୍ଧି ମନ୍ତ୍ରୀପରି ଦୂରନ୍ତ ଅର୍ଥାତ ଦୁରନ୍ତ ହୋଇ ଚନ୍ଦ୍ରଲୋକରେ ଘର କରି ନିଜର ଉନ୍ନତରେ ମେଳ ହୋଇଛୁ ଅର୍ଥାତ୍ କୁହୁଡ଼ିରେ ଚନ୍ଦ୍ରମଣ୍ଡଳ ଢାଙ୍କି ଯାଇଛୁ ।

ଗ୍ରୀଷ୍ମକାଳରେ—ରେ ମଧୁଜନ୍ମା ଅର୍ଥାତ୍ କୋକିଳ ଓ ମକରକେତନ ଅର୍ଥାତ୍ କନ୍ଦର୍ପ ସହିତ ମିଶିବାରୁ ଉନ୍ନତ ପାଇଅଛୁ । ୧୯ ।,

ଭାବ—ମନରେ ଭାବ; ଛଳବଚନ—ଷଡ଼ଯନ୍ତ୍ରପୂର୍ଣ୍ଣ କଥା, ପଥର ସମତରେ—ପଥର ସମାନ ।

ବର୍ଷାକାଳ—ଏହିଭଳି ଷଡ଼ଯନ୍ତ୍ର କଥା କହି ପଥର ସମାନ କଷଣ ସେ ସହିଲେ ଏହା ମନରେ ଭାବୁଛ କର ।

ଶୀତକାଳରେ ଗୋଟିଏ ଅକ୍ଷର କାଟିବାରୁ—ବଚଳ ବଚନ—ବାତ୍ସଲ୍ୟ କଥା, ଥର ସମତ—କମ୍ପିବା ପରି ।

ସେ ଏପରି ସ୍ନେହମିଶା କଥା କହି କମ୍ପିବା ପରି ହୋଇ କଷ୍ଟ ପାଇଲେ । ଆଉ ଅକ୍ଷରଟିଏ କାଟିଲେ, ଗ୍ରୀଷ୍ମକାଳ :—ଛଳବଚନ ରସ ମତରେ—ରସରେ ମତ୍ତ ହୋଇ ।

ସେ ଏହିଭଳି ଛଳ କଥା କହି ରସରେ ମତ୍ତ ହୋଇ କଷ୍ଟ ସହିଲେ । ୨୦ ।

ଗଜଗତି—ଗଜଗାମିନୀ, ସୁଶୋଭା—ସୁନ୍ଦରୀ; ମନୀଷା—ଇଚ୍ଛା । ରାଜପୁତ୍ର ଗଜଗାମିନୀ ସୁନ୍ଦରୀର ନାମ ଜପୁଅଛୁ ଆଉ ଅନ୍ୟ ଇଚ୍ଛା କରୁଥିବା ଦ୍ରବ୍ୟରେ ଅରୁଚି ପ୍ରକାଶ କରେ ।

ଅକ୍ଷର କାଟିବାରୁ ଶୀତକାଳ :—ଜଗତୀ ସୁଶୋଭା—ଜଗତ୍ ସୁନ୍ଦରୀ ରାଜକନ୍ୟା, ମଣା କରେ—ଚନ୍ଦ୍ରାରେ ।

ଦୁହିଁ ଅର୍ଥାତ ଭାଉ ଶୀତକାଳରେ ରାଜପୁତ୍ର ଜଗତ୍ ସୁନ୍ଦରୀ ରାଜକନ୍ୟାର ନାମ ଜପ କରୁଛୁ ତେଣେ ରାଜକନ୍ୟାର ମଣାକରେ ଅର୍ଥାତ ନେତ୍ରରେ ପ୍ରକାଶ ପାଏ ।

ତପନକର ଶୋକପୂର୍ଣ୍ଣ ଗୁଣହିଁ ଆଶାରେ । ସେହ ଶେଷରଞ୍ଜନ ହର ଶାନ୍ତ ସ୍ୱରେ ॥
ମଉଳନକରେ ଯେ ଶଯ୍ୟା ରଚନା । ଅଶ୍ରୁଭାରେ ସ୍ତୁତିଗୀତରେ କରେ ଅର୍ଚ୍ଚନା ।୨୩।

---

ଆଉ ଗୋଟିଏ ଅକ୍ଷର କାଟିଲେ ଗ୍ରୀଷ୍ମକାଳ — ଯହିଁ ଅର୍ଥାତ ଯେଉଁ କାଳରେ ଶୀକର ଯନ୍ତ୍ର ଅଚୁଇତ ହୁଏ ସେ କାଳରେ ସୁନ୍ଦରୀ ନାମ ଜପ ଏକମାତ୍ର ଦୁଃଖର ଉପାୟ ବୋଲି ସ୍ତୁତି କରୁଥିଲେ । ୨୧ ।

ତପନକର — ବର୍ଷାକାଳରେ ଶୀତ ଆଶାରେ — ଜଳଧରଙ୍କୁ, ଉରଗମାନଙ୍କୁ; ଶେଷ — ବାସୁକି. ରଞ୍ଜନ ଭୂଷଣ, ହର — ଶିବ, ସୂର୍ଯ୍ୟ ।

ବର୍ଷାକାଳ — ବର୍ଷାରେ ଶୀତ ଶୋକରେ ପୂର୍ଣ୍ଣ ହୋଇ ଜଳଧରଙ୍କୁ ଗୁଣନ୍ତି । ବାସୁକି ଅର୍ଥାତ ସର୍ପ ଭୂଷଣ ହର ଅର୍ଥାତ ଶିବଙ୍କୁ ତାହି ତାହି ବୋଲି ଡାକନ୍ତି ।

ଶୀତକାଳ ବର୍ଣ୍ଣନାରେ ଗୋଟିଏ ଅକ୍ଷର କାଟିଲେ : — ତପନ — ଜନ୍ମ । ଶୋକପୂର୍ଣ୍ଣ — ପୂର୍ଣ୍ଣଶୋକ, ଆଶାରେ — ଉରଗମାନଙ୍କୁ, ଶେଷେ — ଶେଷରେ, ସରଞ୍ଜନ — ରଞ୍ଜିତ; ହର — ସୂର୍ଯ୍ୟ ।

ପୂର୍ଣ୍ଣଶୋକ ଜାତ ହେବାରୁ ସବୁ ଉରଗ ଅନାନ୍ତି ଏବଂ ସାଙ୍ଗଙ୍କ କଣ୍ଠ ଶେଷରେ ଓ ଚକ୍ଷୁ ସୂର୍ଯ୍ୟରେ ରଞ୍ଜିତ ସେହି ନୀଳକଣ୍ଠ ଶିବଙ୍କୁ ତାହି କରିବା ପାଇଁ ସ୍ମରଣ କରନ୍ତି ।

ଆଉ ଗୋଟିଏ ଅକ୍ଷର କାଟିଲେ ଗ୍ରୀଷ୍ମକାଳ : — ତପ — ପ୍ରଭଞ୍ଜନ, ଆଶାରେ — ଅଶାନ୍ତ; ଶେଷ ରଞ୍ଜନ — ଅଶେଷ ଦୟାର ଆଧାର; ହର — ଶିବଙ୍କୁ ।

ପ୍ରଚଣ୍ଡ ପୂର୍ଣ୍ଣଶୋକ ଅଭିଭୂତ ହୋଇ ଆଶାକରି ଅନାଇ ଥାନ୍ତି ଏବଂ ଅଶେଷ ଦୟାର ଆଧାର ଶିବଙ୍କୁ ଉଦ୍ଧାର କରିବା ପାଇଁ ସ୍ମରଣ କରନ୍ତି । ୨୨ ।

ମଉଳ ନକରେ — ପଦ୍ମସମୂହ, ସ୍ତୁତିଗୀତରେ — ସ୍ତୁତି ଦ୍ୱାରରେ । ସେ ପଦ୍ମ ସମୂହରେ ଶଯ୍ୟା ରଚନା କରନ୍ତି । ସ୍ତୁତି କଲାବେଳେ କ୍ଷୀଣ ଶବ୍ଦ କହିବା ଦ୍ୱାରା ଶିବଙ୍କ ଅର୍ଚ୍ଚନା କରନ୍ତି ।

ଗୋଟିଏ ଅକ୍ଷର କାଟିଲେ ଶୀତକାଳ : — ରଜନକରେ — ଧୂଳିରେ । ସେ ରଜନକରେ ଅର୍ଥାତ୍ ଧୂଳିରେ ଶୁଅନ୍ତି ଏବଂ ସ୍ତୁତି କରି ଶିବଙ୍କୁ ପୂଜା କରନ୍ତି ।

ଆଉ ଗୋଟିଏ ଅକ୍ଷର କାଟିଲେ ଗ୍ରୀଷ୍ମକାଳ — ବାରେ — ବାରମାନଙ୍କରେ, ଭରେ — ଜଳ, ଜଳ — ଜାତ ।

ସେ ସ୍ୱେଦ ରଚନା କରି ଶୋକହେତୁ ଜଳେ ଅର୍ଥାତ ଅଶ୍ରୁ ତ୍ୟାଗ କରନ୍ତି ଏବଂ ବାରମାନଙ୍କରେ ସ୍ତବପାଠ କରି ଦେବତାମାନଙ୍କୁ ପୂଜା କରନ୍ତି । ୨୩

ବ୍ୟଜନ ରସିତ ଉପକରଣ ଜାଳେ। ଉତପଳ୍ଲ ଗର ବୃଦ୍ଧି ଅବ୍ଜ ମୃଣାଳେ ।୨୪।
ରସନିଧି ପ୍ରତିମା ସେ ତାହାର ହେଲେ । ବଳ ହେବ ସ୍ୱବଲସ୍ୱ ବାଣୀ ଶୁଣିଲେ ।
ବସ୍ତ୍ର ବରଣ କରିବା ମାନସେ ଚିନ୍ତ । ଉପସ୍ୱର ବାର୍ତ୍ତା ଏ କଥାରେ ଆରତ ।୨୬।
ସୁବାସ ସୁମନ ପାଶ ହେବାରେ ଧ୍ୟାୟି । ଉପାହୃତ ରସନିଧି ସର୍ବଦା ଦେହି ।୨୭।

---

ରସିତ—ଆସକ୍ତ, ଉପକରଣ—ଉପକାର କରିବା ସାମଗ୍ରୀ, ବ୍ୟଜନ—ପଙ୍ଖା, ଅବ୍ଜ—ପଦ୍ମ, ଗର—ବିଷ, ମୃଣାଳ—ପଦ୍ମନାଡ଼ । ବର୍ଷାକାଳରେ ସେ ଉତ୍ତକାରୀ ପଦାର୍ଥ ପଙ୍ଖାକୁ ଆଦର କଲ ପଦ୍ମ ଆଉ ପଦ୍ମ ନାଡ଼ ତାଙ୍କୁ ବିଷ ପରି ବୋଧହେଲା ।

ଗୋଟିଏ ଅକ୍ଷର କାଟିଲେ ଶୀତକାଳ—ଲୋକମାନେ ଯେଉଁ କାଳରେ ନାନା ଉପକରଣ ଦ୍ରବ୍ୟ ପ୍ରତି ଅନୁରାଗୀ ହେଲେ, ସେହି କାଳରେ ପଦ୍ମ ଏବଂ ମୃଣାଳ ଅର୍ଥାତ୍ ବେଣାଚେରରେ ଉପନ ଅର୍ଥାତ୍ ସର୍ପ ଏବଂ ଗର ଅର୍ଥାତ୍ ବିଷ ବୃଦ୍ଧି ହେଲା ।

ଆଉ ଗୋଟିଏ ଅକ୍ଷର କାଟିଲେ ଗ୍ରୀଷ୍ମକାଳ :—ନରସିତ ଅର୍ଥାତ ରସିଲେ ନାହିଁ, ପନ୍ନଗର—ସର୍ପଭ । ଗ୍ରୀଷ୍ମକାଳରେ ସେ ଆଉ ନାନା ଅଙ୍ଗବସ୍ତ୍ର ପ୍ରତି ରସିଲେ ନାହିଁ । ପଦ୍ମ ଓ ପଦ୍ମନାଡରେ ପନ୍ନଗର ଅର୍ଥାତ୍ ସର୍ପର ଧାରଣା ଜନ୍ମିଲା । ୨୪ ।

ରସନିଧି—ରସର ସିନ୍ଧୁ । ସେ ରସସିନ୍ଧୁ ପ୍ରତିମାଟିଏ । ମୁଁ ତାହାର ହେଲେ ଏବଂ ସ୍ୱବରେ ବୃତ୍ତଥିବା ମୋ କଥା ସେ ଶୁଣିଲେ ସ୍ୱବଳ ମୁଁ ତାଙ୍କ ପାଖରେ ବଳହେବ ।

ଗୋଟିଏ ଅକ୍ଷର କାଟିଲେ ଶୀତକାଳ :—ସନିଧି ନିଧିଯୁକ୍ତ ସେ ହେଉଛି ଏକ ଐଶ୍ୱର୍ଯ୍ୟମୟୀ ପ୍ରତିମା । ମୁଁ ତାହାର ହେଲେ ଏବଂ ମୋର ଏକାସ୍ୱରବର କଥା ଶୁଣିଲେ ସେ ସ୍ୱତବ ମୁଁ କି ହେବ ?

ଆଉ ଗୋଟିଏ ଅକ୍ଷର କାଟିଲେ ଗ୍ରୀଷ୍ମକାଳ :—ସେ ହେଉଛି ନିଧି ଅର୍ଥାତ୍ ରତ୍ନ-ପ୍ରତିମା । ମୁଁ ତାହାର ହେଲେ ଏବଂ କଥା ଶୁଣିଲେ ଭବ ବିମୋହିତ ହେବ । ୨୫ ।

ବର୍ଷାକାଳ :—ମନରେ କେବଳ ବସ୍ତ୍ର ବରଣ କରିବା ପାଇଁ ଚିନ୍ତା କଲେ । ପର-ସ୍ପର କିପରି କଥାବାର୍ତ୍ତା ହେବେ, ଏଥିପାଇଁ ଆତୁର ହୋଇଉଠିଲେ ।

ଗୋଟିଏ ଅକ୍ଷର କାଟିଲେ ;—ଦୁହେଁ ପରସ୍ପରକୁ ପାଇଲେ ସ୍ତ୍ରବରଣ ଅର୍ଥାତ୍ ଘୋଡ଼ ହେବା ବନ୍ଦ କରିବେ ଅର୍ଥାତ୍ ଆଲିଙ୍ଗନ କରି ରହିବେ ଏହି କଥା ମନରେ ଚିନ୍ତା କଲେ ଏବଂ ପରସ୍ପରର କଥାବାର୍ତ୍ତା କରିବା ପାଇଁ ବ୍ୟାକୁଳ ହେଲେ ।

ଆଉ ଗୋଟିଏ ଅକ୍ଷର କାଟିଲେ :—ବରଣ କରିବା ବିଷୟ ଏକମାତ୍ର ଚିନ୍ତା କରନ୍ତି ଏବଂ ସ୍ୱର ଅର୍ଥାତ୍ ଦୂର କଥଣ ଖବର ଏହା ଜାଣିବାକୁ ଉତ୍କଣ୍ଠିତ ହୋଇଥାନ୍ତି । ୨୬ ।

ସୁଗନ୍ଧଯୁକ୍ତ ମାଳତୀ ଫୁଲ ପାଖରେ ଫୁଟିବାକୁ ସର୍ବଦା ମନରେ ଧ୍ୟାନ କଲେ, ମୁଁ କିପରି ସେହି ରସସିନ୍ଧୁ ସଙ୍ଗେ ଉପାହୃତ ଅର୍ଥାତ୍ ମିଳିତ ହେବ ।

ଗୋଟିଏ ଅକ୍ଷର କାଟିବାରୁ ଶୀତକାଳ :—ଫୁଲମାଳ ପିନ୍ଧା ବସ୍ତ୍ରରେ ବନ୍ଧା ହେବାରୁ ମନରେ ଚିନ୍ତା କଲେ ସେହି ରସନିଧି ମୋର ପାହୃତ ଅର୍ଥାତ୍ ଉପହାରବର୍ତ୍ତୀ କି !

ନବରସଜ୍ଞାତା ନାହିଁ ସଙ୍ଗ ତାହାର । ସନ୍ତତ ରସରେ ଯୁକ୍ତ ଅନୁକ୍ଷଣେ । ୨୮ ।
ସୁକବି ରଚନେ କଷ୍ଟ ତ୍ରିକାଳ ଛାନ୍ଦେ । ବସୁଦେବତୋଷଦାତା ଉପେନ୍ଦ୍ର ବନ୍ଦେ ।
ଉଖ୍ୟାତ ରସରେ ଭକ୍ତି ଲୁପ୍ତବର୍ଣ୍ଣର । ସୁମନରେ ମୋଦେ ତିନଛନ୍ଦ ବସ୍ତର । ୩୦ ।

—o—

---

ଆଉ ଗୋଟିଏ ଅକ୍ଷର କାଟିବାରୁ ଗ୍ରୀଷ୍ମକାଳ :—ସେ ଉତ୍ତମ ମନରେ ଉକ୍ତ ହେବାକୁ ଚାହାନ୍ତିଲେ ସର୍ବଦା ସେହି ରସନିଧି ମୋର ହୃଦ ଅର୍ଥାତ୍ ମଙ୍ଗଳକାରକ । ୨୭ ।

ବର୍ଷାକାଳ ଃ—ନବରସଜ୍ଞ—ନୂଆ ରସଜ୍ଞାନଯୁକ୍ତା । ସେ ସୁନ୍ଦରୀ ନୂଆ ରସଜ୍ଞାନ-ଯୁକ୍ତା; ଅଥଚ ମୁଁ ତା ସଙ୍ଗ ପାଇଲି ନାହିଁ । ମୁଁ ସର୍ବଦା କିପରି ତା ସହିତ ରସରେ ମିଶିବି ?

ଗୋଟିଏ ଅକ୍ଷର କାଟିଲେ ଶୀତକାଳ ଃ—ବରସଜ୍ଞାତା—ବର୍ଷାରୁ ଭବିଷ୍ୟତ ଜାଣିବା ଜ୍ଞାନ । ମୁଁ କେବଳ ହୃଦ ସାଧନ ରସରେ ତାହା ସହିତ ମିଶିବି ଏକଥା କହିବାକୁ ବର୍ଷା କଥା ଜାଣିବା ଲୋକ କେହି ନାହିଁ ।

ଆଉ ଗୋଟିଏ ଅକ୍ଷର କାଟିଲେ ଗ୍ରୀଷ୍ମକାଳ ଃ—ରସଜ୍ଞାତା ଅର୍ଥାତ ରସ ଜାଣିଥିବା ସେହି ସୁନ୍ଦରୀର ସଙ୍ଗ ମୁଁ ପାଇନାହିଁ । ଏଣୁ ଅନୁକ୍ଷଣ ତରସରେ ଅର୍ଥାତ୍ ଛନଛନ ହୋଇ ରହିବା କଥା । ୨୮ ।

ବସୁଦେବଙ୍କର ଆନନ୍ଦଦାତା ଶ୍ରୀକୃଷ୍ଣଙ୍କୁ ବନ୍ଦନା କରି ସୁକବି ଉପେନ୍ଦ୍ରଭଞ୍ଜ ତ୍ରିକାଳ ଅର୍ଥାତ୍ ବର୍ଷା, ଶୀତ ଓ ଗ୍ରୀଷ୍ମ ଏହି ତିନି କାଳ ରଚନା କରିଛନ୍ତି ।

ଗୋଟିଏ ଅକ୍ଷର କାଟିଲେ ଃ—ସୁଦେବ ତୋଷଦାତା ଅର୍ଥାତ୍ ଉତ୍ତମରୂପେ ଦେବତା-ମାନଙ୍କର ଆନନ୍ଦଦାତା ରାମଚନ୍ଦ୍ରଙ୍କୁ ବନ୍ଦନା କରି କବି ଉପେନ୍ଦ୍ରଭଞ୍ଜ ତ୍ରିକାଳ ଛାନ୍ଦରେ ଏହା ରଚନା କରିଛନ୍ତି । ୨୯ ।

ହେ ନରେ ! ଆନନ୍ଦରେ ଉତ୍ତମ ମନରେ ଅକ୍ଷର ଲୋପ ହେଉଥିବା ଏହି ପ୍ରସିଦ୍ଧ ତିନି ଛାନ୍ଦକୁ ରସରେ ଭକ୍ତି ବିସ୍ତାର କର ।

ଗୋଟିଏ ଅକ୍ଷର କାଟିଲେ ଃ—ହେ ନରେ ମନରେ ଆନନ୍ଦ ବହି ଏହି ବର୍ଣ୍ଣ ଲୋପ ହେଉଥିବା ତିନି ଛାନ୍ଦକୁ ବିସ୍ତାର କର ।

ପୁଣି ଅକ୍ଷରଟିଏ କାଟିଲେ ଃ—ହେ ନରେ ଶୀଘ୍ର ଆନନ୍ଦ ମନରେ ବର୍ଣ୍ଣ ଲୋପ ଘଟିତ ଏହି ତିନି ଛାନ୍ଦକୁ ବିସ୍ତାର କର । ୩୦ ।

—o—

## ଷଡବିଂଶ ଛାନ୍ଦ

[ ରାଗ—କୁମ୍ଭକାମୋଦ ]

ଶୁଣ ସୁଜନେ ପୁଣ ଏ ଚରିତ ପରମ ରହସ୍ୟ ।
ଉଚ୍ଛେ ବସି କହେ ସଚିବେ ମାଳମାନଗର-ନରେଶ । ୧ ।
ବରବରନକୁ ବର ନ କରିବା ସୁଷୁପ୍ତ ମଗନେ ।
ବରଦ ନାରଦ ବୀଣାସ୍ୱନ ଶୁଭେ ଏକାଳେ ଗଗନେ । ୨ ।
ଗୁରୁଗଣ ବରଗଣ ଗଣକରେ ସୁଲଗ୍ନ ବିଖ୍ୟାତ ।
ଉଚ୍ଛିଲ କହିଲି ଯାଇ ମହିଳାକୁ ସଜନୀ ଏ ବାର୍ତ୍ତା । ୩ ।
ଗୃହମା ଉପରେ ନୃପତିନନ୍ଦନୀ ସନ୍ଧ୍ୟାରେ ବସିଲା ।
ଚନ୍ଦ୍ରମାମଣ୍ଡଳ ଆଖଣ୍ଡଳଦିଗେ ଏମନ୍ତ ଦିଶିଲା । ୪ ।
ପୂର୍ବକଶ ପ୍ରିୟ କନ୍ଦସ୍ତ-ଦସ୍ତରୁ ବାହାରି ବଦନରେ ।
ନଳିନବନ ମଳିନ କରି ପଙ୍କ-ଅଙ୍କିତ ଶରୀରେ । ୫ ।
ମହୋଜ୍ଜ୍ୱଳ କରେ ପୁଷ୍କରେ ବର୍ଷିତ ଅମୃତପୃଷନ୍ତ ।
ସେହି ଭାବଳୀ ଉଳଉଳ ଯେ ପ୍ରତିଦେଶରେ ଦିଶନ୍ତି । ୬ ।

---

ହେ ଗୁଣିଜନମାନେ ପୁଣି ଏହି ଅତିଶୟ ରହସ୍ୟପୂର୍ଣ୍ଣ ଏହି ଚରିତ ଶୁଣ । ମାଳମା ନଗରର ରାଜା ଉଚ୍ଛେ ଅର୍ଥାତ୍ ଏକାନ୍ତରେ ବସି ମନ୍ତ୍ରୀଙ୍କୁ କହୁଛନ୍ତି । ୧ ।

ସୁଷୁପ୍ତରେ ଅଭିଭୂତ ହୋଇ ରାଜା ଏହି ଶ୍ରେଷ୍ଠ ସୁନ୍ଦରୀକୁ ବରଣ କରିବା କଥା ଭାବୁଥିଲାବେଳେ ବରଦାତା ନାରଦଙ୍କ ବୀଣାସ୍ୱନ ଆକାଶରୁ ଶୁଣାଗଲା । ୨ ।

ଗଣକରେ ଅର୍ଥାତ୍ ଗଣକ ଦ୍ୱାରା ନିରୂପିତ ସୁଲଗ୍ନ ଅର୍ଥାତ୍ ଶୁଭ ସମୟରେ ପ୍ରସିଦ୍ଧ ବରମାନଙ୍କୁ ପଠାଇଲେ । ଏ କଥା ସଖୀ ଯାଇ ବାଳାକୁ ଜଣାଇଲା । ସେ କଥା ପରେ ହେବ । ୩ ।

ସନ୍ଧ୍ୟାବେଳେ ରାଜକନ୍ୟା ଯାଇ କୋଠା ଉପରେ ବସିଲା । ଆଖଣ୍ଡଳ ଦିଗେ ଅର୍ଥାତ୍ ପୂର୍ବଦିଗରେ ଚନ୍ଦ୍ରମାମଣ୍ଡଳ ଏଭଳି ଦେଖାଗଲା । ୪ ।

ପୂର୍ବ କଶ—ପୂର୍ବଦିଗ ହସ୍ତୀ, ଐରାବତ; କନ୍ଦସ୍ତଦସ୍ତ—ପର୍ବତଗୁହାରୁ, ନଳିନ ବନ—ପଦ୍ମବନ । ଐରାବତ ହସ୍ତୀ ପୂର୍ବଦିଗର ପର୍ବତଗୁହାରୁ ପଦ୍ମବନକୁ ମ୍ଳାନ କରି କଳଙ୍କ ରୂପ ପଙ୍କରେ ଦେହ ବୋଳି ବାହାର କରୁଅଛି କି ? ୫ ।

କରେ—ଶୁଣ୍ଢରେ, ପୁଷ୍କରେ—ପଦ୍ମଫୁଲରେ, ବର୍ଷିତ—ସିକ୍ତ, ଅମୃତ ପୃଷନ୍ତ—ଜଳବିନ୍ଦୁ, ମହୋଜ୍ଜ୍ୱଳ କରେ—ଶୁଭ୍ର କିରଣରେ, ଭାବଳୀ—(ଭ+ଆବଳୀ)—ତାରାସମୂହ । ହସ୍ତୀ ନିଜ ଶୁଣ୍ଢରେ ପଦ୍ମଫୁଲରେ ଜଳବିନ୍ଦୁ ଛାଟିଲା ପରି ଇନ୍ଦୁ (ଚନ୍ଦ୍ର) ଅତି ଶୁଭ୍ର କିରଣରେ ପୁଷ୍କରେ ଅର୍ଥାତ୍ ଆକାଶରେ ଅମୃତବିନ୍ଦୁକୁ ବର୍ଷିଅଛି । ସେହି ସବୁ ବିନ୍ଦୁ ଆକାଶରେ ତାରା-ସମୂହ ପରି ଉଳଉଳ ହୋଇ ସବୁ ଦିଗରେ ଦେଖାଯାଉଛି । ୬ ।

ନିଷ୍ପୃହ ସେ ରାମରାଜା କଉଶିକ ଆନନ୍ଦ ଦେବାରେ ।
ସୁବେଳେ ରହିତ ଲକ୍ଷ୍ମଣେ ସହିତ ସେ ଋକ୍ଷ ସଙ୍ଗରେ । ୭ ।
ଅଧିକକର ପ୍ରତାପ ନାଶକର ହରିତ ପ୍ରକାଶ ।
ଏକ ବିଭୀଷଣ ଡରହର ରୁଚି ଜଗତ ଉଲ୍ଲାସ । ୮ ।
ସାଧୁ ବିଧୁନାମ ଦକ୍ଷିଣନାୟକ ଲକ୍ଷଣ ସମ୍ପୂର୍ଣ୍ଣ ।
ମେଷ ବୃଷ ଯୋଗେ ମିଥୁନ ସମ୍ଭୋଗେ କର୍କଟ ବିଧନେ । ୯ ।
ସିଂହ ମଧ୍ୟ କନ୍ୟା ସୁବାସ ହରଣ ସନ୍ତାପକାରିଣୀ ।
ତୁଲା-କଳାପିନୀ ବର୍ଗେ ଅଳି ରଙ୍ଗେ ସଙ୍ଗମ କାରଣ । ୧୦ ।

---

ରାମରାଜା—ରାମଚନ୍ଦ୍ର, କୌଶିକ—ବିଶ୍ୱାମିତ୍ର, ପେଚକ; ସୁବେଳେ—ସୁବେଳ ପର୍ବତ, ସୁସମୟରେ; ଋକ୍ଷ—ଭାଲୁ, ନକ୍ଷତ୍ର; ଲକ୍ଷ୍ମଣେ—ଲକ୍ଷ୍ମଣଙ୍କ ସଙ୍ଗ, କଳଙ୍କ ଚିହ୍ନ । ସେହି ଚନ୍ଦ୍ର ନିଷ୍ପୃହ ରାମଚନ୍ଦ୍ରଙ୍କ ବିଶ୍ୱାମିତ୍ରଙ୍କ ସହିତ ଆନନ୍ଦ ଦେଉଥିଲେ । ସେତେବେଳେ ଲକ୍ଷ୍ମଣ ଓ ଭାଲୁମାନଙ୍କ ସହିତ ଥିଲେ । ଏହି ଚନ୍ଦ୍ର ପେଚକଙ୍କୁ ଆନନ୍ଦ ଦେଉଛନ୍ତି । ଉତ୍ତମ ବେଳରେ ପ୍ରକାଶ ପାଉଛନ୍ତି ଏବଂ ନକ୍ଷତ୍ରମାନଙ୍କ ସହିତ କଳଙ୍କଯୁକ୍ତ ହୋଇଅଛନ୍ତି । ୭ ।

ଅଧିକକର—ଦଶହସ୍ତଯୁକ୍ତ ରାବଣ, ଅଧିକ କିରଣଯୁକ୍ତ ସୂର୍ଯ୍ୟ; ହରି—ମର୍କଟ, ଡରହର—ଭୟ ନାଶକାରୀ, ହରିତ—ଦିଗମାନଙ୍କୁ, ଏ କବି—ଚକୋର, ବିଭୀଷଣ—ଭୟଙ୍କର, ରୁଚି—ଶୋଭା, ଦୀପ୍ତି । ରାମଚନ୍ଦ୍ର ମାଙ୍କଡ଼ମାନଙ୍କୁ ପ୍ରକାଶ ଅର୍ଥାତ୍ ପ୍ରଭାବଶାଳୀ କରି ଅଧିକ କରଯୁକ୍ତ ରାବଣର ପ୍ରତାପ ନାଶ କରିଥିଲେ ଏବଂ ବିଭୀଷଣର ଭୟତ୍ରାତା ହୋଇ ନିଜ ଶୋଭାଦ୍ୱାରା ଜଗତକୁ ଉତ୍‌ଫୁଲ୍ଲ କରିଥିଲେ । ଏହି ଚନ୍ଦ୍ର ଅଧିକ କର ଅର୍ଥାତ୍ କିରଣଯୁକ୍ତ ସୂର୍ଯ୍ୟର ପ୍ରତାପ ଲୋପ କରି ଦିଗମାନଙ୍କୁ ପ୍ରକାଶ କରୁଅଛନ୍ତି ଏବଂ କବି ଅର୍ଥାତ୍ ଚକୋର ପକ୍ଷୀର ଭୟଙ୍କର ଭୟ ହରଣକାରୀ ଅଟେ । ଏହାର ଦୀପ୍ତି ସମଗ୍ର ଜଗତକୁ ଆନନ୍ଦିତ କରଇ । ୮ ।

ବିଧୁ—ଚନ୍ଦ୍ର, ବିଷ୍ଣୁ; ସାଧୁ—ଯଥାର୍ଥ, ଦକ୍ଷିଣ ନାୟକ—ବହୁ ନାୟିକାଯୁକ୍ତ, ମିଥୁନ—ମିଳନ, ସମ୍ପୂର୍ଣ୍ଣ—ପୂର୍ଣ୍ଣାବସ୍ଥାରେ, ଲକ୍ଷଣ—କଳଙ୍କ । ଚନ୍ଦ୍ରର ଗୋଟିଏ ନାମ ହେଉଛି ବିଧୁ । ତାହା ଏକ ସାଧୁ ଅର୍ଥାତ୍ ସାର୍ଥକ ନାମ । ଚନ୍ଦ୍ର ପୁଣି ପୂର୍ଣ୍ଣାଙ୍ଗ ବେଳେ ଲକ୍ଷଣ ଅର୍ଥାତ୍ କଳଙ୍କଯୁକ୍ତ ଏବଂ ଦକ୍ଷିଣ ନାୟକ ଅର୍ଥାତ୍ ମେଷ ବୃଷ ପ୍ରଭୃତି ୧୨ଟି ରାଶି ଓ ୨୭ଟି ନକ୍ଷତ୍ରର ପତି ଅଟେ । ଚନ୍ଦ୍ର ମେଷ ବୃଷ ପରେ ମିଥୁନ କର୍କଟ ମାସକୁ ଭୋଗ କରେ । ଅପର ପକ୍ଷରେ ବିଧୁ ଅର୍ଥାତ୍ ଶ୍ରୀକୃଷ୍ଣ ପୂର୍ଣ୍ଣଭାବେ ଦ୍ୱାତ୍ରିଂଶ ମହାପୁରୁଷ ଲକ୍ଷଣଯୁକ୍ତ ହୋଇ ଦକ୍ଷିଣ ନାୟକ ଅର୍ଥାତ୍ ବହୁ ଗୋପୀଙ୍କର ବଲ୍ଲଭ ହୋଇଥିଲେ । ଯୋଗେ ଅର୍ଥାତ୍ ସୁଯୋଗ ଅନୁସାରେ ମେଷ, ବୃଷ, କର୍କଟ ପ୍ରଭୃତିଙ୍କ ସହିତ ସମ୍ଭୋଗ କ୍ରମେ ମିଳିତ ହୋଇଥିଲେ । ୯ ।

ସିଂହମଧ୍ୟା—କ୍ଷୀଣକଟି, କନ୍ୟା—ଗୋପକନ୍ୟା, ସୁବାସ—ବସ୍ତ୍ର ହରଣ—ହରଣ କରି, ସନ୍ତାପ—କାମପୀଡ଼ା, ତୁଲ—ସମାନ, କଳାପିନୀବର୍ଗେ—ବୟସ୍ୟମାନଙ୍କ, ଅଳି—

ଧନୁ ଗୁଣବନ୍ତେ ମକରକେତନେ ଉଚ୍ଛନ୍ନକରତା ।
କୁମ୍ଭଯୁକ୍ତ ଗତି ମୀନ ସ୍ମରୁନେତ୍ରୀ ତାରକାରଞ୍ଜିତା । ୧୧ ।
ରମ୍ୟମୂର୍ତ୍ତି ପକ୍ଷୀ ଅକ୍ଷି ବିମୋହନ ପାଷାଣ ଦ୍ରବାଇ ।
ପାଦ ପରଶେ ହରଷେ ବିକଶିତ ଲତିକା କରାଇ । ୧୨ ।
ଆହୁରି ସେ ଅସୁନ୍ଦରୀଙ୍କ ସୁନ୍ଦରୀ କରି ସେ ରମିତ ।
କରେ ରଜନୀକ ରଞ୍ଜନା କରି ଏ ପ୍ରକାଶେ ଚେତନନ୍ତ । ୧୩ ।
ଗୃହିଁ ଏ ସମସ୍ତ ହୋଇ ଭ୍ରମମସ୍ତ ହୋଇଲେ ତରୁଣୀ ।
ବାଣୀ ବାଣୀକାରେ ରଚନା କଲା ସେ ଅଶେଷ ଗୁଣୀ । ୧୪ ।

---

କହାଲ । ଶ୍ରୀକୃଷ୍ଣ ଚନ୍ଦ୍ର ଷୀଣକଟି ଗୋପାଙ୍ଗନାମାନଙ୍କର ବସ୍ତ୍ର ହରଣ କରି କନ୍ଦର୍ପ ତ୍ରା ନିବାରଣ କରିଥିଲେ ଏବଂ ସଙ୍ଗମ କାଳରେ ସମାନ ବୟସୀ ନାରୀଙ୍କ ସହିତ ନାନା କୌତୁକ କରିଥିଲେ । ଏହି ଚନ୍ଦ୍ର ସିଂହ କନ୍ୟା ମାସ ୨ଟିରେ—( ଏ ଦୁଇଟି ଶରତ କାଳ )—ଶୁକ୍ଳ-ବର୍ଣ୍ଣର ଉତ୍ତମ ବାସସ୍ଥଳୀ ଯୋଗୁଁ ଉଜ୍ଜ୍ୱଳ ହୋଇଥାଏ । ତାହା ସବୁଦିନେ ସନ୍ତାପ ବାରଣ କରେ ଏବଂ ତୁଳ ଆଉ ଅଳି ଅର୍ଥାତ୍ ବିଛା ମାସରେ ବିଳାସିନୀବର୍ଗ ଅର୍ଥାତ୍ ତାରାମାନଙ୍କ ସହିତ ରଙ୍ଗରେ ମିଳିତ ହୋଇଥାଏ । ୧୦ ।

ଗୁଣବନ୍ତେ—ଗୁଣଯୁକ୍ତ କରନ୍ତେ, ମକର କେତନ—କନ୍ଦର୍ପ, ଉଚ୍ଛନକରତା—ଉଚ୍ଛନକାରୀ, କୁମ୍ଭଯୁକ୍ତ ଗତି—ଗଜଗାମିନୀ, ମୀନସ୍ମରୁନେତ୍ରୀ—ମୀନପରି ସୁନ୍ଦର ଆଖି, ତାରକାରଞ୍ଜିତା—ତାରକା ପରି ହାର ପରିହିତା । କୃଷ୍ଣଚନ୍ଦ୍ର ରାମଚନ୍ଦ୍ରାବରେ ଧନୁରେ ଗୁଣ ଦେଇ ଗଜଗାମିନୀ ମୀନନେତ୍ରୀ, ହାରପରିହିତା ସୀତାଙ୍କୁ କନ୍ଦର୍ପ ପୀଡ଼ାରେ ଉଚ୍ଛନ୍ନ କରି-ଥିଲେ । ଚନ୍ଦ୍ର ନିଜର ଲାବଣ୍ୟ ରୂପରେ ଧନୁ, ମକର, କୁମ୍ଭ, ମୀନ ଯୁକ୍ତ ଏବଂ ତାରକା ରଞ୍ଜିତ ହୋଇ ଉଦୟ ଅସ୍ତ ଗତିକରି କନ୍ଦର୍ପ ଦ୍ୱାରା ବିରହୀମାନଙ୍କୁ ଚଞ୍ଚଳିତ କରାଏ । ୧୧ ।

ରାମଚନ୍ଦ୍ର ମନୋହର ମୂର୍ତ୍ତି ଧାରଣ କରି ଜଟାୟୁ ପକ୍ଷୀର ନେତ୍ରକୁ ମୁଗ୍ଧ କରି-ଥିଲେ । ପାଦ ପରଶ ଦ୍ୱାରା ପାଷାଣକୁ ତରଳାଇ ଅହଲ୍ୟା ଉଦ୍ଧାର କରିଥିଲେ । ଲତାକୁ ହର୍ଷରେ ବିକଶିତ କରାଇଥିଲେ । ଏହି ଚନ୍ଦ୍ର ଚକୋର ଆଖିକୁ ମୁଗ୍ଧ କରୁଅଛି, ଚନ୍ଦ୍ରକାନ୍ତ ମଣିକୁ ତରଳାଉଅଛି ଏବଂ ପାଦ ଅର୍ଥାତ୍ କିରଣ ସ୍ପର୍ଶରେ ଲତାମାନଙ୍କୁ ହର୍ଷରେ ବିକଶିତ କରାଉଅଛି । ୧୨ ।

ସେ କୃଷ୍ଣଚନ୍ଦ୍ର ଅସୁନ୍ଦରୀ କୁବୁଜାକୁ ସୁନ୍ଦରୀ କରି ରମିତ ଅର୍ଥାତ୍ ଆନନ୍ଦ ପାଇ-ଥିଲେ । ସେହିପରି ଏହି ଚନ୍ଦ୍ର ନିଜ କିରଣ ଦ୍ୱାରା ରାତ୍ରିକୁ ଆନନ୍ଦଦାୟିନୀ କରି ପ୍ରକାଶିତ କରିଥାଏ । ୧୩ ।

ରାଜକୁମାରୀ ହେଲେ ସଖୀ ରାଜକନ୍ୟା ଏହି ଜ୍ୟୋତ୍ସ୍ନା ରାତିକୁ ଦେଖି ଭ୍ରମସ୍ଫୂର୍ତ୍ତି ହୋଇ ପଡ଼ିଲେ ଅର୍ଥାତ୍ ପାଗଳୀ ହୋଇଗଲେ । ଏକଥା ଶୁଣି ବାଣୀକା ବହୁ ରକମର ଛଳନାମୟ ବାଣୀ ପ୍ରକାଶ କଲା । ୧୪ ।

ପଣ୍ଡ କରିବା ମନ୍ତ କରି ମୋ ନେତ୍ରସମ୍ପତ୍ତି ପୁଂସଙ୍କୁ ।
ଜଗତୀ ଯୁବତୀ ରୂପ ଧରି ରଚି ସୁକେଶାନ୍ତ ବେଣୀକୁ । ୧୫ ।
ଦେଖ ମୁଖ ଶୋଭା କରିଛି କସ୍ତୁରୀତିଳକ ମକରୀ ।
ମଣ୍ଡିଛି ନାସେ ମୁକୁତା ମୋତିଜାଲି ଚିକୁରେ ମାଧୁରୀ । ୧୬ ।
ଖଞ୍ଜିଛି ଉଚ୍ଚକୁଚରେ ସୁସଞ୍ଚରେ ସୁନୀଳବସ୍ତ୍ରାଞ୍ଚଳି କି ।
ରଞ୍ଜିଛି ଚିଥ ରଜତ-ଜରି ଫୁଲ ତହିଁରେ ଝଳ କି । ୧୭ ।
ମଧୁରଘୋଷୀ ପଞ୍ଚମସ୍ୱର ଧରି ବଚନ ପ୍ରସ୍ତର ।
କରେ ଅଭିସାର ବିପ୍ରଲବ୍ଧା କେହ୍ନେ ହୋଇବ ବିସ୍ତର । ୧୮ ।
ସଖୀ କହିଲା ଏମନ୍ତ ନୋହି ବରବର୍ଣ୍ଣିନୀ ଭ୍ରୂ ସେନ ।
ପୂର୍ଣ୍ଣେନ୍ଦୁ ଲାଞ୍ଛନ ନଭ ତାରକାରେ ଗମନ ମଣ୍ଡନ । ୧୯ ।
ଚିର ମଞ୍ଜରୀ କିରଣ ଝଟି ପିକଧ୍ୱନିରେ ଶୋଭିତ ।
ଯାହା ନାଥ ପାର୍ଥସାରଥି ସେ ଆନେ ହୋଇ କି ଲୋଭିତ । ୨୦ ।

---

ଜଗତୀ ଅର୍ଥାତ୍ ସଂସାର ମୋ ନେତ୍ର ସମ୍ପତ୍ତି ରୂପ ପୁରୁଷଙ୍କୁ ପଣ୍ଡ କରିବା ମାନସରେ ଯୁବତୀ ରୂପ ଧରି ଅତ୍ୟୁଜ୍ଜ୍ୱଳ ବେଣୀ ଧାରଣ କରିଅଛି । ୧୫ ।

ଦେଖ, ଚନ୍ଦ୍ରମୁଖରେ କଳଙ୍କ ରୂପକ କସ୍ତୁରୀ ତିଳକ ଏବଂ ଗଣ୍ଡରେ ଚିତ୍ର କରି ଶୋଭା ବଢ଼ାଇଛି । ନାକରେ ମୁକ୍ତା ଏବଂ କେଶରେ ମୋତି ଜାଲି ସୁନ୍ଦର ଭାବରେ ସଜାଇଅଛି । ପୂର୍ଣ୍ଣଚନ୍ଦ୍ର ବଦନେ ଆକାଶରେ ଶୁକ୍ରତାରା ଏବଂ ଅନ୍ୟ ନକ୍ଷତ୍ରମାଳା ଥାଏ । ୧୬ ।

ନିଜର ଉନ୍ନତ ସ୍ତନରେ ସୁନ୍ଦର ଭାବରେ ନୀଳ କାଞ୍ଚଲି ଖଞ୍ଜିଅଛି । ତାହା ଉପରେ ରୁପା ଜରି ଫୁଲମାନ ଲଗିଥିବାରୁ ତାହା ଅତି ଚମତ୍କାର ଶୋଭା ବଢ଼ାଉଅଛି । ଠିକ୍ ଏହିପରି ଚନ୍ଦ୍ର ଉଦୟ କାଳରେ ପୂର୍ବଦିଗର ପର୍ବତରୂପ ତୁଙ୍ଗ ପୟୋଧର ଲତା ରୂପକ ଗାଢ଼ ନୀଳ କାଞ୍ଚଲିରେ ଧଳା ଜରିର ଫୁଲ ଦେଇ ଖଞ୍ଜିଅଛି । ତାହା ଅତି ଚମତ୍କାର ଭାବରେ ଦୀପ୍ତିମନ୍ତ ହୋଇଅଛି । ୧୭ ।

ରାତି ପିକ ସ୍ୱରରେ କଥା କହିବା ଶୁଣି ମଧୁର ଘୋଷୀ ଭାବୁଛି ଏହି ରାତି ମୋ ପତି ପାଖକୁ ଅଭିସାର କରୁଛି । କିପରି ନାୟକଙ୍କୁ ସଙ୍କେତ ସ୍ଥାନରେ ନ ପାଇ ହତାଶ (ବିପ୍ରଲବ୍ଧା) ହେବ ସେ କଥା କେହି ଲେଖ ବିସ୍ତାର କରୁ । ୧୮ ।

ସଖୀ କହିଲା ଆରେ ଶ୍ରେଷ୍ଠ ସୁନ୍ଦରୀ ଏମନ୍ତ ଅର୍ଥାତ୍ ତୋ କହିବା କଥା ନୁହେଁ ବୋଲି ଜାଣ । ପ୍ରକୃତରେ ଆକାଶ କଳଙ୍କଯୁକ୍ତ ପୂର୍ଣ୍ଣଚନ୍ଦ୍ର, ନଭ ଅର୍ଥାତ୍ ଶୁକ୍ରତାରା ଓ ଅନ୍ୟ ନକ୍ଷତ୍ର ଦ୍ୱାରା ମଣ୍ଡିତ ହୋଇ ଏପରି ଦିଶୁଅଛି । ୧୯ ।

ପତ୍ର ଲତାରେ, ରାତି ଚନ୍ଦ୍ରକିରଣ ଓ କୋଇଲି ସ୍ୱନରେ ଶୋଭା ପାଉଅଛି । ଯେଉଁ ଧରଣୀର ସ୍ୱାମୀ ହେଉଛନ୍ତି ପାର୍ଥସାରଥୀ ଶ୍ରୀକୃଷ୍ଣ ସେ କଣ ଅନ୍ୟଦ୍ୱାରା ଆକୃଷ୍ଟ ହେବ କି ? ୨୦ ।

ପତି ପ୍ରାପତି ନୋହୁତ ସପତ୍ନୀରେ ତୋ ଏଡ଼େ ଈରଷା ।
ମହୀମଣ୍ଡନାରେ ମହୀ କହିଛୁ ଯେ ବଲ୍ଲଭପ୍ରତ୍ୟାଶା । ୨୧ ।
ବୃଥା କଥାକୁ କି ବ୍ୟଥା ଶଚୀକଳା ବୋଇଲା ତ୍ୱରିତ ।
ତାରଭୋଗୀ ଇନ୍ଦୁ କଇରବବନ୍ଧୁ ଯଥା ଏ ହେମନ୍ତ । ୨୨ ।
ଏକାଳେ ହଂସଜା-ସାଥ-କେଶୀ ପାଶେ ହଂସଜା ହୋଇଲା ।
ରୁରୁ ଲୋଚନାରେ ଶୋଚନା ରଚନା ନ କର ବୋଇଲା । ୨୩ ।
ଶୁଣିଲି ନୃପତି ମନ୍ତ୍ରୀ ଭାଷୁଥିଲେ ତୋ ବାର୍ତ୍ତା ବିଷୟ ।
ଧାତା-କୁମର ମହତୀନାଦେ ହରି କଲେ ସେ ସଂଶୟ । ୨୪ ।
ଶୁଭିଲା ସ୍ୱନ ଏମନ ତୋ ନଗରେ ଭ୍ରମିବ କୁରଙ୍ଗ ।
ଜାଣ ସେହି ବର ଯେ ତାର ସ୍ମରର ହରିବ ସୁରଙ୍ଗ । ୨୫ ।
ପାରିଜାତ ମାଳା ମଣ୍ଡିବ ତା ଗଳା ଏକାଳେ ଶୂନ୍ୟରୁ ।
ରାଜା ନିମନ୍ତ୍ରଣେ ଦୂତ ପ୍ରତିଦେଶେ ଗଲେଣି ରମ୍ଭୋରୁ । ୨୬ ।

---

ପତି ନ ମିଳୁଣୁ ଆରେ ଧର୍ମଶୋଷୀ ! ତୋହର ସପତ୍ନୀ ପ୍ରତି ଏତେ ଈର୍ଷା କାହିଁକି ? ପୃଥ୍ୱୀ ପରି ସେହି ରାଜପୁତ୍ରଙ୍କୁ ସ୍ୱାମୀ କରିବାର ଆଶା କରିଅଛୁ । ୨୧ ।

ସଖୀ ଶଚୀକଳା ଶୀଘ୍ର କହିଲା ବୃଥା କଥାକୁ ମନଦୁଃଖ କାହିଁକି ? ତାରକୁ ଭୋଗ କରୁଥିବା କଇରବବନ୍ଧୁ ଅର୍ଥାତ୍ କୁମୁଦବନ୍ଧୁ ବୋଲି ଚନ୍ଦ୍ର ଯେପରି ପରିଚିତ ସେହିପରି ସେ ପୃଥ୍ୱୀପତି ହେଲେ ମଧ୍ୟ ତୋହର ପତି ହେବେ । ୨୨ ।

ହଂସଜା—ଯମୁନା, କାଦମ୍ବିନୀ ନାମକ ସଖୀ; ସାଠକେଶା—କୁଞ୍ଚିତକେଶୀ । ଏହି ସମୟରେ ଯମୁନା ଲହରୀ ପରି କୁଞ୍ଚିତକେଶୀ ରାଜକନ୍ୟା ପାଖରେ କାଦମ୍ବିନୀ ନାମକ ସଖୀ କହିଲା ରେ ସୁନ୍ଦରନେତ୍ରୀ ! ତୁ ଚିନ୍ତା କରନାହିଁ । ୨୩ ।

ମୁଁ ଶୁଣିଲି ରାଜା ଓ ମନ୍ତ୍ରୀ ତୋ ବିଷୟକଥା ଚିନ୍ତା କରୁଥିଲେ । ସେହି ସମୟରେ ଧାତାକୁମର ଅର୍ଥାତ୍ ନାରଦ ମହତୀ ଅର୍ଥାତ୍ ବୀଣା ନାଦରେ ସେହି ସନ୍ଦେହକୁ ଦୂର କଲେ । ୨୪ ।

ଏପରି ଶବଦ ଶୁଣାଗଲା । ତୋ ନଗରରେ ହରିଣୀ ଗୋଟିଏ ଭ୍ରମିବ । ଯିଏ ତାହାର ପୁଚ୍ଛ ଲୀଳାରେ ହରିନେବ ସେହି ତୋର ବର ହେବ । ୨୫ ।

ଏକାଳରେ ଶୂନ୍ୟରୁ ପାରିଜାତମାଳା ଆସି ତୋ ଗଳାର ଶୋଭା ବୃଦ୍ଧି କରିବ । ଆରେ ରମ୍ଭା ପରି ଊରୁବିଶିଷ୍ଟା, ରାଜାମାନଙ୍କୁ ନିମନ୍ତ୍ରଣ କରିବାକୁ ଦୂତମାନେ ସବୁ ଦେଶକୁ ଗଲେଣି । ୨୬ ।

ପ୍ରକଟ କଟକ ଜନମୁଖେ ଚଣ୍ଡଘୁମଣ୍ଡ ମିଳିତା ।
ପ୍ରଥମଯୁଗ କଣ୍ଠକଲା ସେ ଶବ୍ଦ ସଜନୀ ବାରତା । ୨୭ ।
ରମା କପୋଳ ପୁଲକ ଝଲକିଲା ଅଳପ ସୁହାସ ।
ନାସ-ମଣ୍ଡଳ ଚଳିଲା ଭଳି ଜାତ ହୋଇଲା ନିଶ୍ୱାସ । ୨୮ ।
ଜାଣିଲା ବାଣୀକା ଗୁଣିଲା ମଳିଲା ହରଷ ବରଷେ ।
ସେହି କୁମର ଘୁମର ଛଡ଼ାଇବ ଭଣିଲା ରଭସେ । ୨୯ ।
କଲେ ଚତୁର ପ୍ରବର ପୁଂସ-ଚର ନେମନ୍ତେ ଜାଣିବ ।
ସଙ୍କେତୁଁ ଯୁକ୍ତିକରୁ ଯୁବରାଜକୁ ଏ ପୁରେ ଆଣିବ । ୩୦ ।
ରମଣୀ ଉରଗ ମଣି ଯେ ଉରୁ ବାହାର ହାରକୁ ।
କରିଥିଲା ଛନ୍ଦ କି ମୃଗାକ୍ଷୀନେ ନ ପାଇ ଦେବାକୁ । ୩୧ ।
ସୁଜାଣ ବୟସୀ ଭଣିଲେ ହେ ନବବୟସୀରତନ ।
ଲଭିଲୁଁ ତୁ ତାହା ବାଞ୍ଛିତ ହେବାର ଉଦ୍ୟମି ଏମାନ । ୩୨ ।

---

ପ୍ରକଟ—ପ୍ରକାଶିତ, କଟକ ଜନ—ନଗରବାସୀ, ଚଣ୍ଡ ଘୁମଣ୍ଡ—ବଚନ ଘୁମଣ୍ଡ ମୁଖ, ମିଳି—ପଡ଼ିଥି, ପ୍ରଥମ ଯୁଗ—ସନ୍ଧ୍ୟା । ନଗର ଲୋକଙ୍କ ମୁହଁରେ ବଚନ ଘୁମଣ୍ଡ ମୁଖ ପଡ଼ିଥିଲେ ଏହି ବାର୍ତ୍ତା ପ୍ରକାଶିତ ହେଲା । ସେହି ଶବ୍ଦ ସଜନୀ କାଦମ୍ବିନୀକୁ ସନ୍ଧ୍ୟା ଧାରଣା ହେଲା । ୨୭ ।

ଏହା ଶୁଣି ରାଜକନ୍ୟାର ଗଣ୍ଡଦେଶ ରୋମାଞ୍ଚିତ ହେଲା ଓ ମୁହଁରେ ମୃଦୁ ହାସ୍ୟ ଝଟକିଲା । ନାକପୁଡ଼ା ଚଳିଲା ଭଳି ଦୀର୍ଘନିଶ୍ୱାସ ଜାତ ହେଲା । ୨୮ ।

ସଖୀ ବାଣୀକା ଏହି ଲକ୍ଷଣରୁ ଗଣନା କରି ଜାଣିଲା ଯେ ବିବାହ ହେବ । ପୁଣି ଭାବିଲା ରାଜପୁତ୍ର ଘୁମର ଛାଡ଼ିବ ନ ପାରିବ ଏହା ଶଙ୍କା କରି ବିଷାଦରେ ବୁଡ଼ିଗଲା । ରଭସେ ଅର୍ଥାତ ଶୀଘ୍ର କହିଲା ସେହି କୁମାର ଘୁମରେ ହରଣ କରିବ । ୨୯ ।

ରାଜପୁତ୍ରଙ୍କର ପୁରୁଷ ଚରମାନେ ବସି ବିଚାର କଲେ ଯୁବରାଜ ଯୁକ୍ତିକରୁ କପଟ ସଙ୍କେତରୁ ଏହା ଜାଣିବେ ଏବଂ କପଟ ରାଜପୁତ୍ରଙ୍କୁ ଆମ୍ଭେମାନେ ଏହି ନଗରକୁ ଆଣିବା । ୩୦ ।

ରମଣୀ ଅର୍ଥାତ୍ ରାଜକନ୍ୟା ଯେଉଁ ମଣିହାରକୁ ଉରହରେ ସର୍ପ ମନେକରି ବାହାର କରିଥିଲା ତାହା ସଖୀଙ୍କୁ ଉପହାର ଦେବାକୁ ଚଞ୍ଚଳ ହୋଇ ଚନ୍ଦ୍ରାଲୋକରେ ଖୋଜି ପାଇଲା ନାହିଁ । ୩୧ ।

ସୁଜାଣ ବୟସୀ ଅର୍ଥାତ୍ ବିଜ୍ଞ ସଖୀମାନେ କହିଲେ ହେ ନୂତନ ବୟସୀରତ୍ନ ! ଆମ୍ଭେମାନେ ଉପହାର ପାଇଲୁ । ତୁ ସେହି ରାଜପୁତ୍ରର ମନୋହାରୀ ହେବାର ଉଦ୍ୟମ ଆମ୍ଭେମାନେ କରିଥିବାରୁ ତୁ ହାର ପୁରସ୍କାର ଦେଉଅଛୁ । ୩୨ ।

ହାଣିଲେ କାମିନୀ ଜାରରେ ଯାମିନୀ ଆରତ ପ୍ରସ୍ଥରେ ।
ଆଦିତ୍ୟ ଉଦିତ ଜଗତ ମୋଦିତ ସମସ୍ତ ପ୍ରକାରେ । ୩୩ ।
ତାପ ଯେନ ଅପସରି ଚକ୍ରଙ୍କର ଯା କର ସ୍ପରଶେ ।
ପ୍ରାଚୀଭୂଷଣ ଅନେକ ନେତ୍ର ସୁଖଦାୟକ ହରି ସେ । ୩୪ ।
ମନୋହର ମୃଗଧର ଅସ୍ତବ୍ୟସ୍ତ କ୍ଷଣେକ କରି ସେ ।
ଦନ୍ତିକି ବିଦାରି ବିହରି ସରକ୍ତ ଗାତ୍ରରେ ହରି ସେ । ୩୫ ।
ନନ୍ଦ ଜୀବ ତୋଷ-ଦାୟୀ କାଳ-ଦଣ୍ଡେ ପ୍ରତିଷ୍ଠା ଧରି ସେ ।
ସ୍ୱଭାବେ ଦକ୍ଷିଣ ବିରାଜିତ କରି ନିଷ୍ଠୁର ହରି ସେ । ୩୬ ।
ରଥସ୍ଥିତ ପକ୍ଷୀବର ପୁଣି ଚମଖଣ୍ଡନକାଶ୍ରୀ ସେ ।
ଘ୍ରାନବନ୍ଧ୍ ନାମ କଳଜଧାରଣ ପ୍ରମାଣ ହରି ସେ । ୩୭ ।

---

ସଖୀମାନେ ରାଜକନ୍ୟାର ଆତୁରତା ବିଚାର କରି ଉଲାଗର ରହି ଗୀତ ସୁହାଇଲେ । ସୂର୍ଯ୍ୟ ଉଦୟ ହେବାରୁ ଜଗତ ସବୁ ପ୍ରକାରରେ ଆନନ୍ଦିତ ହେଲା । ୩୩ ।

ଅପସରମାନଙ୍କର ଜାମ ତାପ ଯାହାଙ୍କର କର ସ୍ପର୍ଶରେ ନଷ୍ଟ ହୋଇଥାଏ ସେହି ପୂର୍ବଦିଗର ଅଳଙ୍କାର ସ୍ୱରୂପ ସୂର୍ଯ୍ୟ ଆଉ ଅନେକ ନେତ୍ରବିଶିଷ୍ଟ ଇନ୍ଦ୍ର ସମସ୍ତଙ୍କର ସୁଖଦାୟକ । ଅନ୍ୟ ପକ୍ଷରେ ଯେଉଁ ସୂର୍ଯ୍ୟଙ୍କର କିରଣ ସ୍ପର୍ଶରେ ଚକ୍ରବାକ ପକ୍ଷୀର ପ୍ରଗାଢ଼ ବିଚ୍ଛେଦ ତାପ ଦୂର ହୋଇଯାଏ, ସେହି ପ୍ରାଚୀ ଅଳଙ୍କାର ସୂର୍ଯ୍ୟ ଅନେକ ପ୍ରାଣୀଙ୍କର ଚକ୍ଷୁର ସୁଖଦାୟକ ହୋଇଅଛି । ୩୪ ।

ହରି—ସିଂହ, ସୂର୍ଯ୍ୟ, ମୃଗଧର—ମୃଗକୁ ଧରିବା, ଚନ୍ଦ୍ର, ଦନ୍ତି—ହସ୍ତୀ, ସରକ୍ତ—ରକ୍ତ ସହିତ, ଲୋହିତ । ସିଂହ ସୁନ୍ଦର ହରିଣକୁ ଧରି ଅସ୍ତବ୍ୟସ୍ତ କରିଥାଏ ଏବଂ କ୍ଷଣକ ଭିତରେ ହସ୍ତୀକୁ ବିଦୀର୍ଣ୍ଣ କରି ରକ୍ତାକ୍ତ ଦେହରେ ବିହାର କରିଥାଏ; ସେହିପରି ସୂର୍ଯ୍ୟ ମଧ୍ୟ ସୁନ୍ଦର ଚନ୍ଦ୍ରମାକୁ କ୍ଷଣକରେ ଅସ୍ତବ୍ୟସ୍ତ କରି ପୂର୍ବଦିଗରୂପ ହସ୍ତୀକୁ ଭେଦ ପୂର୍ବକ ଲୋହିତ ବର୍ଣ୍ଣ ଧାରଣ ଦ୍ୱାରା କ୍ରୀଡ଼ା କରେ । ୩୫ ।

ନନ୍ଦ—ଜୀବ, ଯମ, ତୋଷଦାୟୀ—ତୋଷନାଶକ, ତୋଷ ଦାୟକ; କାଳଦଣ୍ଡ—ମୃତ୍ୟୁଦଣ୍ଡ, ଦଣ୍ଡ ପଲ ଲିତା ସମୟ ଜ୍ଞାପକ; ପ୍ରତିଷ୍ଠା - ଦୀପ୍ତି, ଶକ୍ତି; ଦକ୍ଷିଣ ବିରାଜିତ—ଦକ୍ଷିଣ ଦିଗର ପତି, ଦକ୍ଷିଣରେ ପ୍ରକାଶିତ; ହରି—ସୂର୍ଯ୍ୟ, ଯମ । ଯମ ଦେଉଛି ପ୍ରାଣୀମାନଙ୍କର ଆନନ୍ଦ ବିନାଶ କରନ୍ତି । ଯମ ହାତରେ ମୃତ୍ୟୁ ଅସ୍ତ୍ର ରହିଛି ବୋଲି ସେ ଅତି ଶକ୍ତିଶାଳୀ ଏବଂ ଯମ ଦକ୍ଷିଣ ଦିଗର ଅଧିପତି । ସୂର୍ଯ୍ୟ ହେଉଛି ନନ୍ଦ ଅର୍ଥାତ୍ ଜୀବମାନଙ୍କର ଆନନ୍ଦଦାତା; ଦଣ୍ଡଲିତା ଅନୁସାରେ ସମୟ ଜ୍ଞାପକ ଶକ୍ତି ଧାରକ ପୁଣି ସ୍ୱଭାବରେ ଦକ୍ଷିଣାୟନ ଗତ ଯୋଗୁଁ ଦକ୍ଷିଣରେ ବିରାଜିତ । ୩୬ ।

ସେ ହରି ଅର୍ଥାତ୍ ବିଷ୍ଣୁ ଅଟନ୍ତି ଏହା ପ୍ରମାଣ କଥା । ତାଙ୍କ ରଥରେ ପକ୍ଷୀରାଜ ଗରୁଡ଼ ରହିଥାଏ । ବିଷ୍ଣୁ ତମ ଅର୍ଥାତ୍ ରାହୁକୁ ଅମୃତ ଭକ୍ଷଣ କାଳରେ ଦୁଇଖଣ୍ଡ କରିଥିଲେ, ତାଙ୍କର ନାମ ଦୀନବନ୍ଧୁ ଏବଂ ସେ କଳଜ ଅର୍ଥାତ୍ ପଦ୍ମ ଧାରଣ କରିଥାନ୍ତି । ଏହି ହରି

ଚତୁର ସମରେ ହର ପଞ୍ଚନାମ ଜାଣିମ ଖଳଲେ ।
ଏ କାଳେ ସ୍ନାନେ ବେନି ସଖୀ ମାଳମା-କାସାରେ ଚଳିଲେ । ୩୮ ।
ପୁରୁଷ ଗୂଢ଼ପୁରୁଷ ବସିଅଛି ସେ କୂଳେ ଆକୁଳେ ।
ଯାହା ଦୃଷ୍ଟାନ୍ତର କଥାଙ୍କ ଉତ୍ତର ପାଇଲା ତପଟେ । ୩୯ ।
ଶୁଣିଲା ପଞ୍ଜିକା ଦେବାର ବିବାହ ନବାହ ଚରିତ ।
ଯେଜନ ସବନ୍ଧ-ସନ୍ଦେଶ ସ୍ୱଦେଶେ ଚଳିଲା ତୁରିତ । ୪୦ ।
ଅଳକାପୁରେ ନୃପନନ୍ଦନ ଭେଟିଲା ବିଳାସ-ବିପିନେ ।
ଜଳେନ୍ଦୁ ପଦ୍ମ-ତଳେ ଶୋଇ ବାଳା ନାମ ଉଲ୍ଲାସବଚନେ । ୪୧ ।
ତୁଷାର-ରଜ ଦେବାର ତୁଷ ନକ ପ୍ରକାରେ ତାପନ ।
ଖଟେ ଆସ ବସ ଖଟ ରସନାଧି ଦର୍ଶନ ବିଧାନ । ୪୨ ।

---

ଅର୍ଥାତ୍ ସୂର୍ଯ୍ୟଙ୍କ ରଥରେ ଅରୁଣ ପକ୍ଷୀ ରହିଛି, ଇସ୍ ପୁଣି ତମ ଅର୍ଥାତ୍ ଅନ୍ଧକାର ଧ୍ୱଂସ କାରକ, ଏହାଙ୍କ ନାମ ହର ଅର୍ଥାତ୍ ହରପର ବନ୍ଧୁ ସୂର୍ଯ୍ୟ ମଧ୍ୟ ପଦ୍ମଧାମ ଅଟନ୍ତି । ୩୭ ।

ହେ ବିଜ୍ଞ ଜନମାନେ ଏହି ସମୟର ସୂର୍ଯ୍ୟଙ୍କର ପାଞ୍ଚ କୋଟି ନାମ ଯଥା ଇନ୍ଦ୍ର, ସିଂହ, ଯମ, ବିଷ୍ଣୁ ଓ ସୂର୍ଯ୍ୟ ବୋଲି ଶବ୍ଦ ଦ୍ୱାରା ଜାଣି ପାରିବ। ଏହି ସମୟରେ ଦୁଇ ସଖୀ ମାଳିନୀ କାସାରେ ଅର୍ଥାତ୍ ମାଳିନୀ ପୋଖରୀକୁ ଗାଧୋଇବାକୁ ଗଲେ । ୩୮ ।

ସେହି ପୋଖରୀ କୂଳରେ ଆତୁର ଭାବରେ ଜଣେ ଦୂତ ବସିଥିଲା । ସେ ଯାହାସବୁ କଥା କହିଲା ତାହାର ଉତ୍ତର ତତ୍‌କ୍ଷଣାତ୍ ପାଇଲା । ୩୯ ।

ସେହି ଦୂତ ଶୁଣିଲା ଯେ ବିବାହର ସନ୍ଧିଯୁକ୍ତ ସମ୍ବାଦ ସମନ୍ୱିତ ଚିଠି ନେଇ ଦୂତମାନେ ଭିନ୍ନ ଭିନ୍ନ ରାଜ୍ୟକୁ ପ୍ରେରିତ ହୋଇ ଅଛନ୍ତି । ଏହା ଶୁଣି ସେ ଶୀଘ୍ର ନିଜ ଦେଶକୁ ଫେରିଲା ।୪୦ ।

ଦୂତ ଯାଇଁ ଅଳକାପୁର ଭିତରେ ରାଜପୁତ୍ରଙ୍କୁ କ୍ରୀଡ଼ା ଉପବନରେ ଦେଖା କଲା । ରାଜପୁତ୍ର ସେତେବେଳେ ପଦ୍ମପତ୍ର ଶଯ୍ୟା ଶୋଇ ନିର୍ଜନର ମନରେ କନ୍ୟାର ନାମ ଗାଇ ହେଉଥିଲେ । ୪୧ ।

ତୁଷାର-ରଜ—କର୍ପୂରଗୁଣ୍ଡ; ତାପନ—ସନ୍ତାପଦାୟକ । ରାଜପୁତ୍ରଙ୍କର ବୟସ୍ୟମାନେ ତାଙ୍କର ତାପ ବନ୍ଦ କରିବା ପାଇଁ ଶଯ୍ୟାରେ ଯେଉଁ କର୍ପୂରଗୁଣ୍ଡ ବିଛାଇଥିଲେ ତାହା ତୁଷର ନିଆଁ ପରି ସନ୍ତାପଦାୟକ ହୋଇଅଛି । ରାଜକୁମାର କହୁଛନ୍ତି—ରସନାଧି, ଆସ, ପାଖରେ ବସ, କଥା କୁହ ଏବଂ ଦେଖାଦିଅ । ୪୨ ।

କହେ ଫଳାଶନ ମଦନଶଳାକା କଥାର ଶୁଶ୍ରୂଷା ।
ଯେଣୁ ଧନମିତ୍ର ଅଣିଲେ ବଚନ ବଶ ସେ ଚତୁରା । ୪୩ ।
ଧାତ୍ରି ଉପାଧ୍ୟାୟୀ ସଙ୍ଗ କଥାରଙ୍ଗ କହୁ ସେ ତଦନ୍ତ ।
ଶୁଣିଲେ ଚତୁର ମନ୍ତ୍ରୀ ବ୍ୟାକରି ସେ ଦେଲେ ଉଦନ୍ତ । ୪୪ ।
ମାଳୀପୁରେ ସ୍ଥିତ ଫୁଲମାଳା ଗୁନ୍ଥି ସେନେହୀ କୁସୁମ ।
ନାମ ଶୁଣି ଗୁଣି ବହାଇଲେ କଲୁଁ କି କର୍ମ କି କର୍ମ । ୪୫ ।
ଗନ୍ଧଗର୍ଭେ ପତ୍ର ଦେବା ନେବା ଶିଶୁବାଳକା ସୁଜାଣି ।
ପରସ୍ପର ଗୀତ ଇଙ୍ଗିତ ଶୁଣିଲେ ବିରହୀ ପ୍ରମାଣ । ୪୬ ।
ପୁଣି ଭଣି ଦେଇ ଚତୁର ଉତ୍ତର ନ ପାଇ କାତରେ ।
କି କଥା ବୋଲି ତଡ଼ାଗଘାଟରେ ବସି ପାଞ୍ଚୁଁ ମୁଁ ଚିତ୍ତରେ । ୪୭ ।
ଆନନ୍ଦସୁଖୀ ବେନି ସଖୀ ଦେଖିଲା ପ୍ରଭାତୁ ସେଠାରେ ।
ଏସନ ଚିନ୍ତନ କଲୁ କେ କାହାକୁ କହିଲ ପ୍ରକାରେ । ୪୮ ।

---

ଫଳାଶନ—ଶୁଆ; ମଦନଶଳାକା—ସାରୀ । ଦୂତ ଚମ୍ପାପୁରରେ ଶୁଆ ସାରୀଙ୍କ କଥାବାର୍ତ୍ତା ଭଙ୍ଗୀର ବିଷୟ କହିଲା । ତାହା ଶୁଣି ଧନମିତ୍ର ମନରେ ଧାରଣା କଲେ ଯେ ସେ ଚତୁରା ରାଜକନ୍ୟା ବଚନ ଭାବରେ ବଶ ହୋଇଅଛୁ । ୪୩ ।

ଚମ୍ପାପୁରରେ ଉପାଧ୍ୟାୟ ସ୍ତ୍ରୀ ସହିତ ଯେଉଁସବୁ କଥା ହୋଇଥିଲା ତାହା ମନେ-ପକାଇ ଦୂତ ସମ୍ବାଦ ଦେଲରୁ ସେ ମନେକଲେ ଉପାଧ୍ୟାୟ ସ୍ତ୍ରୀ କଅଣ ଜାଣେ ଏଠାକୁ ଆସି ମନ୍ତ୍ର ଛଳରେ ଚଟାଇ ଦେଲେ କି ? ୪୪ ।

ମାଳୁଣୀ ଘରେ ରହିଥିବା ରାଜପୁତ୍ରର ଦୂତ ଫୁଲହାର ଗୁନ୍ଥିବା ପାଟଳୀ ଫୁଲରେ ରାଜକନ୍ୟାର ଆଦର ଏବଂ ଖବର ପଠାଇଥିବା ସମ୍ବାଦ ପାଇ ଭାବିଲେ ଆମ୍ଭେ କି କର୍ମ କଲୁ । ପାଟଳିପୁତ୍ର ରାଜପୁତ୍ରଙ୍କ ପ୍ରତି ରାଜକନ୍ୟାର ଅନୁରାଗ ଜନ୍ମିଥିବା ଯୋଗୁ ପାଟଳୀ-ଫୁଲ ପ୍ରତି ଆଦର କଥା ଆମ୍ଭେମାନେ ଜାଣି ନ ପାରିଲୁ । ୪୫ ।

ଫୁଲ ଗନ୍ଧ ଭିତରେ ଚିଠି ଦେବା ଏବଂ ଗୁଳୁଖ ବାଳିକାଟିଏ ତାହା ନେଇଯିବା ବିଷୟ ତଥା ପରସ୍ପର ପ୍ରତି ଇଙ୍ଗିତ କରି ଗୀତ ଗାଇବା ବିଷୟ ଦୂତଠାରୁ ଶୁଣି ବିଚାରିଲେ ରାଜକନ୍ୟା ବିରହିଣୀ ହେବାର ଏହା ପ୍ରମାଣ । ୪୬ ।

ପୁଣି କହିଲେ, ଚିଠି ଦେଇ ଉତ୍ତର ନ ପାଇ ପୋଖରୀ କୂଳରେ ବସି କଥା କଅଣ ବୋଲି ଦୁଃଖରେ ଚିନ୍ତା କରୁଥିଲି । ୪୭ ।

ସକାଳବେଳା ଆନନ୍ଦ ସୁଖୀର ଦୁଇ ସଖୀଙ୍କୁ ସେହି ପୋଖରୀ କୂଳରେ ଦେଖି କେହି ଅନ୍ୟ କାହାକୁ କହିଲ ପରି ପ୍ରଶ୍ନ କଲି । ୪୮ ।

କେତେ ସୃଷ୍ଟି ମନୁ କେତେ ସୃଷ୍ଟି ମନୁ ଅଶେଷ ପ୍ରମାଣ ।
କୋଟି ବ୍ରହ୍ମାଣ୍ଡେ ଏକ ବୋଲି କଲେ ଯେ ଗୋଟିଏ ନିର୍ମାଣ । ୪୯ ।
ଏମନ୍ତ ମଞ୍ଜୁକାନ୍ତିମା ଏ ନେକନ୍ତ ଅନେକ ସୁଚାହ ।
ଲଭି ଝଟେଣ ଝଟେଣ ସେ ଝଣ ଆଶାସ୍ୱୀ ପୁରୁଷେ ବଚନ । ୫୦ ।
ବୋଲନ୍ତାରେ ତାନ ନୋହେ ରାଜପୁତ୍ର ବିନାଶେ ଉତ୍ପାତ ।
ଯେତୁ ଜୀବଦାତା ଜନିଲ ପୁରୁଷେ ଏ କଥା ନୋହେତ । ୫୧ ।
କହିଲ ଯାହା ପ୍ରଥମା ଶୁଣ ତାହା ମୋ ବାଣୀ ଶ୍ରବଣେ ।
ଅଷ୍ଟାପଦଗୋତ୍ରି ଅଷ୍ଟଭେଦେ ପୂର୍ତ୍ତି ଅଷ୍ଟମ ଲକ୍ଷଣେ । ୫୨ ।
ମୁଗ୍ଧା ନେତ୍ରେ ସଙ୍ଗ ବିପ୍ରଲବ୍ଧା ହୋଇ ସଙ୍କେତୁଁ ଆସିଲା ।
ମନ ଅଭିସାର ଭୁଲେ ଅଭିସାରି କରନ୍ତେ ଉପିଲା । ୫୩ ।
ନବନବ ଭାବ ଭାବନାକୁ ଯୋଗ୍ୟ ବରହୋତ୍କଣ୍ଠିତା
ନିବନ୍ତେ ଗଲା ପଥ ଏଥି ଚିନ୍ତାରୁ କଳହାନ୍ତରିତା । ୫୪ ।

---

ବିଧାତା କେତେ ମନୁ ପର୍ଯ୍ୟନ୍ତ ଅନ୍ୟ ସଂସାର ବିଧାନ ମନରେ ନ ଆଣି ଅଶେଷ ରୂପରେ ପ୍ରମାଣ ଆଦି ଦ୍ୱାରା କୋଟିଏ ବ୍ରହ୍ମାଣ୍ଡରେ ଏକମାତ୍ର ସୁନ୍ଦରୀ ସ୍ୱଭାବରେ ନିର୍ମାଣ କଲେ । ୪୯ ।

ଏଭଳି ଅପୂର୍ବ ସୁନ୍ଦରୀ ଅନେକ ଉତ୍ତମ ଶବ୍ଦ ଲଭି କରି ତାଙ୍କୁ ପାଇବାକୁ ଆଶା କରିଥିବା ପୁରୁଷଙ୍କୁ ପ୍ରତି ଦିନରେ ଦେଖାଯାଉଛି ଏହା କିଭଳି ବିଚାର । ୫୦ ।

ଆମେ ହୁଏ ତ କହନ୍ତୁ ଏହା ବିଚାର ନୁହେଁ; କାରଣ ରାଜପୁତ୍ରର ବିନାଶ ପାଇଁ ଏହି ଉତ୍ପାତ ଘଟୁଛି, କିନ୍ତୁ ଏହା ନୁହେ; କାରଣ ଯିଏ ଶୁଦ୍ଧିଲକ୍ଷଣି ଚାଲି ଯାଇଥିବା କନ୍ଦର୍ପ ଜୀବନ ପାଇଛି ସେ ଜୀଅନ୍ତା ପୁରୁଷଙ୍କୁ ନାଶ କରିବ କି ? ୫୧ ।

ସେହି ଦୁଇ ସଖୀଙ୍କ ମଧ୍ୟରୁ ପ୍ରଥମ ଜଣେ ମୋ କଥା ଶୁଣି ଯାହା କହିଲା ତାହା ଶୁଣ । ଅଷ୍ଟାପଦ ଅର୍ଥାତ୍ ସୁବର୍ଣ୍ଣ ବର୍ଣ୍ଣା ଗୋତ୍ରୀ ମୁଗ୍ଧା, ବିପ୍ରଲବ୍ଧା, ଅଭିସାରିକା, ବରହୋତ୍କଣ୍ଠିତା, କଳହାନ୍ତରିତା, ଖଣ୍ଡିତା, ସ୍ୱାଧୀନ ଭର୍ତ୍ତୃକା ଏବଂ ବାସକ ସଜ୍ଜା ପ୍ରଭୃତି ଅଷ୍ଟ ଲକ୍ଷଣରେ ପୂର୍ଣ୍ଣା ହୋଇ ଅଷ୍ଟ ଭେଦରେ ପ୍ରକାଶ ପାଇଛି । ୫୨ ।

ସେହି ସୁନ୍ଦରୀ ଆଖିରେ ଦେଖି ପୁରୁଷ ସଙ୍ଗ ପାଇ ମୁଗ୍ଧା ହୋଇଗଲା । ସଂକେତ କରିଥିବା ସ୍ଥାନରୁ ବିପ୍ରଲବ୍ଧା ନାୟିକା ପରି ଚଞ୍ଚଳ ହୋଇ ଫେରିଲା । ତାହାର ମନ ନାୟକ ଉଦ୍ଦେଶ୍ୟରେ ସଂକେତ ସ୍ଥାନକୁ ଯିବା ନାୟିକା ଭଳି ଅଭିସାର କରିବାକୁ ଆଗ୍ରହୀ ହେଲା ।୫୩

ନୂଆ ନୂଆ ଭାବନା ଯୋଗୁଁ ବରହୋତ୍କଣ୍ଠିତା ନାୟିକା ପରି ସେହି ସୁନ୍ଦରୀ ବିରହରେ ଉତ୍କଣ୍ଠିତା ହେଲା । ଏହାପରେ ନାୟକ ବିରାଗ ହୋଇ ଫେରିଗଲେ କି ଏହି ଚିନ୍ତାରୁ କଳହାନ୍ତରିତା ନାୟିକା ପରି ଅନୁତପ୍ତା ହୋଇଅଛି । ୫୪ ।

ଅଛୁ ମନୋହାରୀ ଏ ସତୀଙ୍କୁ କରି ଖଣ୍ଡିତା ପ୍ରକୃଷ୍ଟ ।
ବାଞ୍ଛାରେ ହୋଇଛୁ ସ୍ୱାଧୀନଭର୍ତ୍ତୃକା ପ୍ରକାର ଧୀରନ୍ତ । ୫୫ ।
ବାସକସଜ୍ଜା ଉନ୍ନିଦ୍ର ପ୍ରାପ୍ତି-ଆଶା-ମାର୍ଗକୁ ନିରେଖି ।
ସ୍ୱପନ ସଙ୍ଗ ବିଚ୍ଛେଦୁଁ ସେ ପ୍ରୋଷିତଭର୍ତ୍ତୃକା କି ଦୁଃଖୀ । ୫୬ ।
ଦ୍ୱିଷ୍ଟାସ୍ୟା କହ୍ନି ଜଗଜ୍ଜୟୁ ଜଙ୍ଗମମୂର୍ତ୍ତି କି ରୂପାସ୍ତ୍ର ।
ଭବ ଦର୍ପନାଶେ ମୋହନାସ୍ତ୍ର କରି କଲା ସେ ସମନ୍ତ୍ର । ୫୭ ।
ପରୀକ୍ଷା ପାଇ ପ୍ରୟୋଗ କଲା ଯହିଁ ସଂସାରେ ସେ ଧନ୍ୟ ।
ଏଣୁଁ ଅନେକ ହୋଇ ତାଙ୍କୁ ଘେରେ ଯେ କରେ ଉଜ୍ଜ୍ୱଳ । ୫୮ ।
ବିଦଗ୍ଧ ଧୀର ବିରହ-ଅନଳେ ତା ଆନ ଦମ୍ପତି ।
ସ୍ୱାର୍ଥ କରିବାକୁ ଅନର୍ଥ ହୋଇଛୁ ତରିବ କି ସତେ । ୫୯ ।
ମୋ ପ୍ରଶ୍ନେ ବୋଇଲେ ଏକଥା ହୋଇଲା ଏବେ ଏ ବିଧାନେ ।
ତରିଲେ ନାହିଁ ସନ୍ତତେ ଦଗ୍ଧ ହେଲେ ସଗରନନ୍ଦନେ । ୬୦ ।

---

ତାଙ୍କର ଅନ୍ୟ ମନହରଣକାରୀ ନାୟିକା ଅଛୁ ଏହା ମନରେ ଧାରି ଖଣ୍ଡିତା ଅର୍ଥାତ୍ ସ୍ୱାମୀର ଅନ୍ୟ ସ୍ତ୍ରୀ ପ୍ରତି ଈର୍ଷାଯୁକ୍ତ ସ୍ୱଭାବ କରିଅଛୁ । ସ୍ୱାମୀଙ୍କୁ ନିଜ ବଶ କରିଥିବା ସ୍ୱାଧୀନ ଭର୍ତ୍ତୃକା ପରି ଇଚ୍ଛା ମାତ୍ର ପୋଷଣ କରି ପ୍ରୀତ ପରିପୂର୍ଣ୍ଣା ହୋଇଅଛୁ । ୫୫ ।

ବାସକସଜ୍ଜା ଅର୍ଥାତ୍ ବେଶଭୂଷା ଶଯ୍ୟା କରି ସ୍ୱାମୀ ଆଗମନକୁ ଅପେକ୍ଷା କରିଥିବା ନାୟିକା ପରି ପ୍ରାପ୍ତି ଆଶାପଥ ଗୁହିଁ ଉନ୍ନିଦ୍ର ଓ ନିଦ୍ରାହୀନ ହୋଇଛୁ । ସ୍ୱପ୍ନସଙ୍ଗ ବିଚ୍ଛେଦରୁ ବିଦେଶସ୍ଥ ପତି ଥିବା ନାୟିକା ପରି ଅର୍ଥାତ୍ ପ୍ରୋଷିତ ଭର୍ତ୍ତୃକା ପରି ସୁନ୍ଦରୀ ଦୁଃଖ ବୋଧ କରୁଛୁ କି ? । ୫୬ ।

ଦ୍ୱିଷ୍ଟାସ୍ୟା ପକ୍ଷୀ ଜଣକ କହିଲା ରୂପାସ୍ତ୍ର ଅର୍ଥାତ୍ କାମ ସେହି ଜଗତଜୟ କାରିଣୀ ଜଙ୍ଗମ ଅର୍ଥାତ୍ ଚଳନ୍ତି ପ୍ରତିମାକୁ ଭବ ଅର୍ଥାତ୍ ଶିବଙ୍କର ଦର୍ପ ନାଶ କରିବା ପାଇଁ ମନ୍ତ୍ରପୂତ ମୋହନ ଅସ୍ତ୍ର କଲା । ୫୭ ।

ପରୀକ୍ଷା କରିବାକୁ ତାକୁ ଯିଏ ସଂସାରରେ ବ୍ୟବହାର କଲା ସେ ଧନ୍ୟ । ସେ ହିତରୁ ଅନେକ ହୋଇ ତାଙ୍କୁ ଗୁଣଆଡ଼େ ସେହି ପ୍ରତିମା ଦର୍ଶିପାରି ଚଞ୍ଚଳ କରିଅଛୁ । ୫୮ ।

ଅନ୍ୟ ମତରେ ତାଙ୍କର ଅଭିପ୍ରାୟ ସଫଳ ନ ହେବାରୁ ଏହି ଅନର୍ଥ ଜାତ ହୋଇ-ଅଛୁ । ସେହି ଧୀର ବିଚ୍ଛେଦରୂପକ ଅଗ୍ନିରେ ବିଦଗ୍ଧ ହେଉଅଛୁ । ଏଥିରୁ ସତେ ସେ କଅଣ ଉଦ୍ଧାର ପାଇବ ? । ୫୯ ।

ମୋ ପ୍ରଶ୍ନ ଶୁଣି ସେମାନେ କହିଲେ ଏ କଥାଟା ସଗର ସୁତଙ୍କର କପିଳ କୋପା-ନଳରେ ଭସ୍ମହେବା କଥା ପରି । ସେମାନେ କଅଣ ସବୁକାଳପାଇଁ ଦଗ୍ଧ ହେଲେ । ୬୦ ।

ହରିପଦ-ଗୁପ୍ତ-ଜଳ ପରଶରୁ ଯେ ସୁଣି ଭ୍ରମର ।
ହରିବ ଚେତ୍ତନ ପାରିଜାତମାଳାକୁ ଲଭିବ ସେ ବର । ୬୧ ।
କଲେ ନିୟମ ଅମରଋଷି ଭାଷାବଚନେ ଜନକ ।
ପାରିଲେ ତାର ତାର କଢ଼ ଭ୍ରମର ଯୁଗ୍ମରେ ଏତେକ । ୬୨ ।
ଭରସା ନ କଲେ କହ ଶୋଭାନିଧି ଦର୍ଶନ ଦେଇଛି ।
ଦେଖ ରମାକମା ସୁଲୋଚନା ରୁକ୍ମିଣୀ ଅପେକ୍ଷେ ହୋଇଛି । ୬୩ ।
ଉଦ୍ୟମ କରି ମାଧବ ପରି ନୋହିଁ ମାଧବ ସମାନେ ।
ତନୁବକ୍ରେ ଧନୁ ଧରି ନ ପାରିବେ ଅତନୁ କମ୍ପନେ । ୬୪ ।
ଅନାସ୍ୱାଦେ ବୀର-କୀର୍ତ୍ତି ପଦବୀ ସୁନ୍ଦରୀ ଲଭିବେ ।
ଶାନ୍ତନୁସୁତ ପରି ଦେହ ଧରି ଶସ୍ତ୍ର ବଳରେ ତଳିବେ । ୬୫ ।
ଅବଧାନ କରନ୍ତୁ କହିଲେ କହିଲେ ସେ ଏତେ ବଚନ ।
ଶିଖୀ ଶିଖଣ୍ଡୀ ହୋଇଛି ଯା ଶୋଭାକେ ପ୍ରମାଣ ଏମାନ । ୬୬ ।

---

ଶ୍ରୀକୃଷ୍ଣଙ୍କ ପଦରେ ଗୁପ୍ତଥିବା ଗଙ୍ଗା ଜଳ ସ୍ପର୍ଶରେ ସେମାନେ ଉଦ୍ଧାର ପାଇଲା ପରି ଯିଏ ଭ୍ରମ ଅର୍ଥାତ୍ ମୃଗର ଭ୍ରମର ଛିଣ୍ଡାଇ ପାରିଜାତ ମାଳା ଲାଭ କରିବ ସେ ସୁନ୍ଦରୀର ବର ହେବ । ୬୧ ।

ଅମର ଋଷି ଅର୍ଥାତ୍ ଦେବର୍ଷି ନାରଦଙ୍କ ଭାଷା ଓ କଥା ଶୁଣି ପିତା ନିୟମ କରି ଥିଲେ ଯେ ଭ୍ରମରଙ୍କୁ ଭୁଷ୍ଟ ସେ ଯଦି ପାରନ୍ତି ତେବେ ନିଜକୁ ଓ ସୁନ୍ଦରୀକୁ ଉଦ୍ଧାର କରନ୍ତୁ । ୬୨ ।

ସୁନ୍ଦରୀ ମୋତେ ବିଶ୍ୱାସ ନ କଲେ ମଧ୍ୟ ତାଙ୍କୁ କହିବ ସେ ମୋତେ ଦର୍ଶନ ଦେଇଅଛି । ସୁଲୋଚନା ଏବଂ ରୁକ୍ମିଣୀ ଯେପରି ମାଧବ ଓ ଶ୍ରୀକୃଷ୍ଣଙ୍କୁ ବାଞ୍ଛିଥିଲେ ସେହି ଭଗବତୀ ସେହି ପରି ତୁମ୍ଭଙ୍କୁ ଅପେକ୍ଷା କରି ରହିଅଛି । ୬୩ ।

ମାଧବ ଭଳି ପରି ଉଦ୍ୟମ କରି ନ ପାରି ସୁଲୋଚନାକୁ ପାଇଲେ ନାହିଁ । ଶ୍ରୀକୃଷ୍ଣ ଉଦ୍ୟମ କରି ରୁକ୍ମିଣୀଙ୍କୁ ପାଇଥିଲେ । ଏପରି ଉଦ୍ୟମ କଲେ ଅତନୁ ଅର୍ଥାତ୍ କନ୍ଦର୍ପ ତନୁବକ୍ରେ ଅର୍ଥାତ୍ ଦେହଧାରୀମାନଙ୍କୁ ଧନୁଶରରେ ଜିଣି ପାରିବେ ନାହିଁ । ୬୪ ।

ସୁନ୍ଦରୀ ସହଜରେ ଅର୍ଜୁନ ବୀରଙ୍କର ପଦ ଲାଭ କରିବେ । ଶତ୍ରୁମାନେ କନ୍ଦମୂଳ ପରି ଭୟରେ ପ୍ରେମାଶ୍ରିତ ହୋଇ ଭୀଷ୍ମଙ୍କ ପରି ରଣକ୍ଷେତ୍ରରେ ଶୋଇଲା ପରି ତଳି ପଡ଼ିବେ । ୬୫ ।

ସେ ଯେତେ କଥା କହିଥିଲେ ତାହା ଆପଣଙ୍କ ଆଗରେ ବିଶେଷ ମନଯୋଗ କରିବା ପାଇଁ କହିଲି । ଶିଖଣ୍ଡୀକୁ ଦେଖି ଭୀଷ୍ମ ଧନୁ ତ୍ୟାଗ କରିଥିଲେ । ସୁନ୍ଦରୀର କେଶ ଶୋଭାରେ ଶିଖି ଅର୍ଥାତ୍ ମୟୂର ପୁଚ୍ଛ ଲୋପିଅଛି । ତାକୁ ଦେଖି କୌଣସି ବୀର ରହି ପାରିବେ ନାହିଁ ଏହା ପ୍ରମାଣ ଅଟେ । ୬୬ ।

ଆଶ୍ଳେଷ ଧ୍ୱନି ଶ୍ଳେଷ ଛଳ ବିରୋଧ ରୂପକ ଉତ୍ପ୍ରେକ୍ଷା ।
ସୁରସଜ୍ଜନର ଦୂତ ଗିର ଶୁଣି ଅଧିକ ସୁସ୍ନେହ । ୬୭ ।
ଜନକକୁମାରୀ ଆଜ୍ଞା ଅଧୀକରି ଯେ ମାରି ମାରୁତ ।
ତାଙ୍କ କୃପାରୁ ସେ ପାରି ହେବ ବୋଲି ଧଇଲା ନାଗର । ୬୮ ।
ପଙ୍କ୍ତି ବଳଦାନ ସ୍ୟନ୍ଦନ ସାରଥି ହୋଇ ଯେ ସମ୍ଭବା ।
ମନ୍ତ୍ରୀ କି ମଙ୍ଗଳଯୁକ୍ତ ନାମ ବହି ରକ୍ଷଣେ ପୃଥିବୀ । ୬୯ ।
ପାଦେ ଉପଯୋଗେ ଇନ୍ଦ୍ର ଯେ ସର୍ବଦା ଧୀବର ଆନନ୍ଦ ।
ସବୁ ଦୁଇବର୍ଣ୍ଣ ନାମେ ଆଣି ବୁଧେ ମଣ୍ଡିବ ମୋ ପଦ । ୭୦ ।

—o—

## ସପ୍ତବିଂଶ ଛାନ୍ଦ

[ ରାଗ—ଘାଣ୍ଟାଡ଼ିଆ କେଦାର ]

ଶୁଣି ସୁବୁଦ୍ଧି କଟକ ପ୍ରସ୍ତର ଦେଶ ଦେଶକେ ସନ୍ଦେଶ ଚର
ଶର୍ମାନନ୍ଦକ ଚମ୍ପାନଗର ନୃପତି ଅଚ୍ୟ ଯେ ।
ବନ୍ଦାରୁ ବୃନ୍ଦାରକ-ବୃନ୍ଦଙ୍କ ବନ୍ଦନ ନନ୍ଦସୁତ ନନ୍ଦକ—
ଧରେ ବନ୍ଦର କରେ ମାଣିକ ବୀର ପ୍ରସ୍ତୁତେ ଯେ ।

---

ଧ୍ୱନି, ଶ୍ଳେଷ, ଛଳ, ବିରୋଧ ରୂପକ ଉତ୍ପ୍ରେକ୍ଷା ମିଶ୍ରିତ ରସ ପୂର୍ଣ୍ଣ ଦୂତର କଥା ଶୁଣି କୁମାର ଅଧିକତର ସ୍ନେହ ପ୍ରକାଶ କଲେ । ୬୭ ।

ଜନକ କୁମାରୀ ସୀତାଙ୍କ ଆଜ୍ଞା ଅବଧାରି ଅର୍ଥାତ୍ ଗ୍ରହଣ କରି ଯେ ମାରୁତକୁ ମାରିଥିଲେ ତାଙ୍କରି କୃପାରୁ ରାଜପୁତ୍ର ପାରିହେବ ବୋଲି ଶରଣ ଧରିଲା । ୬୮ ।

ପଙ୍କ୍ତି ବଳଦାନ ଅର୍ଥାତ ଦଶ, ସ୍ୟନ୍ଦନ ଅର୍ଥାତ ରଥ, ଦୁହେଁ ମିଳି ହେଲେ ଦଶରଥ ତାଙ୍କର ସାରଥି ଅର୍ଥାତ ସୁତ ହୋଇ ଯିଏ ପୃଥିବୀ ରକ୍ଷା କରିବା ପାଇଁ ମନ୍ତ୍ରୀ ଅର୍ଥାତ୍ ରାମ ଏବଂ ମଙ୍ଗଳଯୁକ୍ତ ରାମଭଦ୍ର ନାମ ଧାରଣ କରିଥିଲେ ଉପ ଉପସର୍ଗ ଯୋଗେ ଇନ୍ଦ୍ର ଅର୍ଥାତ୍ ଉପେନ୍ଦ୍ର ତାଙ୍କ ପଦରେ ସର୍ବଦା ଧୀବର ଅର୍ଥାତ ଦାସ ଅଟେ । ଆହେ ପଣ୍ଡିତମାନେ ସବୁ ଦୁଇବର୍ଣ୍ଣକୁ ନାମରେ ଆଣି ଅର୍ଥାତ ରାମ ପଦରେ ମନକୁ ନମସ୍କାର କରିବ । ୬୯-୭୦ ।

—o—

ସନ୍ଦେଶ—ଖବର, ଶର୍ମାନନ୍ଦକ—ସମସ୍ତଙ୍କର ଆନନ୍ଦଦାତା, ବନ୍ଦାରୁ—ପୂଜ୍ୟ, ବୃନ୍ଦାରକ—ଦେବତା, ବୃନ୍ଦ—ସମୂହ, ବନ୍ଦନ—ପ୍ରଣମ୍ୟ, ନନ୍ଦସୁତ—ଶ୍ରୀକୃଷ୍ଣ, ନନ୍ଦକ ଧରେ—ନନ୍ଦକ ନାମ ଖଡ୍ଗ ଧାରଣ କରି । ହେ ପଣ୍ଡିତମାନେ ଶୁଣନ୍ତୁ । ଦୂତମାନେ ଭିନ୍ନ ଭିନ୍ନ ଦେଶରେ ବୁଲି ଏହି ବାର୍ତ୍ତା ପ୍ରଚାର କଲେ—ପୂଜ୍ୟ ଦେବତାମାନଙ୍କର ପୂଜାର୍ହ ଏବଂ

ସମସ୍ତଲୋକରେ ଯାହା ମିତ୍ର ବଳସ୍ୱ ସେ । ଯାର ଅଚଳକୀର୍ତ୍ତି ଅଚଳକୀର୍ତ୍ତି ସେ ।
ମନ୍ତ୍ରିଣୀ ସଙ୍ଗେ ବନବିହାର ମନ୍ତ୍ରିଣି ସଙ୍ଗ ବନବିହାର
ଚନ୍ଦ୍ରାତପରେ ଚନ୍ଦ୍ରାତପର ଚଳେ ଶଙ୍କର ସେ । ୧ ।
ବରବର୍ଣ୍ଣିନୀ ନନ୍ଦନର ଶୋଭା ବରବର୍ଣ୍ଣିନୀ ଜଗତରେ ସେହି
ସ୍ୱର୍ଗରେ ନାହିଁ ଭୁବରେ କାହିଁ ଅଛି କହନା ସେ ।
ସୁଗୁଣେ ସମେ ନ ପାଇ ବରେ ସେ ଇଚ୍ଛି ବାଳା ସେ ସ୍ୱୟମ୍ବରେ
ଲକ୍ଷଣେ ଏବେ ସେ ଆରମ୍ଭରେ ଲୋକବନ୍ଦନା ସେ ।
ନାରୀରତନ ସ୍ୱର୍ଗୀୟ ତାଳ ସେ । ଯେନ ଚନ୍ଦ୍ର ଗଣ୍ଡ ଘାଗୁରି ଯୁତ ସେ ।
ଶୋଭାମଣ୍ଡଳେ ଶିବଭ୍ରମ ସତ ଭୂତନାଥରେ ପୁଣି ରଞ୍ଜିତ
ଜଗତ୍ପ୍ରାର୍ଥେ ନାନା ସୁମନାଚିତ ବିଧାତାକୃତ ସେ । ୨ ।

---

ନନ୍ଦନ ନାମକ ଖଡ୍ଗ ଧାରଣକାରୀ ଶ୍ରୀକୃଷ୍ଣଙ୍କ ଚମ୍ପାନଗରର ବସ୍ତ୍ରାନନ୍ଦ ନାମଧାରୀ ଅଂଶପତି ଅଥବା ବନ୍ଧୁଙ୍କୁ ଆନନ୍ଦ ଦେଉଥିବା ରାଜା ଏକମାତ୍ର ପୂଜା କରନ୍ତି, ତାଙ୍କର ଶୀରପଣର ପ୍ରଭୃତିରେ ମିତ୍ର ସମାନ ଅଚଳ କୀର୍ତ୍ତି ଅର୍ଥାତ୍ ସମସ୍ତ ଲାଭ କରିଛନ୍ତି । ପୁଣି ଶତ୍ରୁମାନେ ଅଚଳ ଅର୍ଥାତ୍ ପର୍ବତରେ ନିବାସ ଯୋଗ ଲଭିଅଛନ୍ତି । ସେହି ରାଜା ଲକ୍ଷ ପାଟରାଣୀଙ୍କ ସହିତ ବନରେ ଗନ୍ଧର୍ବ ବାଦ୍ୟ ବିହାର କରୁଅଛନ୍ତି । ପୁଣି ତାଙ୍କର ଅଗ୍ନିମାଣି ମରକତଶୋଭ ମୁକ୍ତା ଆକାଶ ତଳେ ବଣଟେ ଚଣ୍ଡ ଝୁଲୁଅଛନ୍ତି । ୧ ।

ସେହି ରାଜାଙ୍କର ଏକ କନ୍ୟା ଅଛି । ସେହି ସୁନ୍ଦରୀ ଅତି ଉତ୍ତମା ଏକ ଚନ୍ଦ୍ରପଲ ଶୋଭା ପାଉଛି । ଜନମାନଙ୍କ ବର୍ଣ୍ଣନାରେ ସେ ଶ୍ରେଷ୍ଠା ସୁନ୍ଦରୀ । ତା ପରି ସୁନ୍ଦରୀ ସ୍ୱର୍ଗ ଅର୍ଥାତ ସ୍ୱର୍ଗରେ ନାହିଁ । ଏଣୁ ଭୁବ ଅର୍ଥାତ ପୃଥିବୀରେ କେଉଁଠି ଅବା ସମ୍ଭବ ? ସୁଗୁଣେ ଅର୍ଥାତ ଶୋଭାରେ ସମେ ଅର୍ଥାତ ଅନୁରୂପ ବର ନ ପାଇବାରୁ ସେହି ଜଗତ ଆନନ୍ଦକାରିଣୀ ସ୍ୱୟମ୍ବର ଉତ୍ସବରେ ଗୋଟିଏ ବର ପାଇଅଛି । ସେହି ବର ଲକ୍ଷଣେ ଅନୁସରି ଏବେ ଏକ ସମାରୋହ କରାଯାଇଛି । ସେହି ନାରୀଶିରୋମଣି ସ୍ୱର୍ଗୀୟ ତାଳପରି ହୋଇଅଛି; ଏଣୁ ଆଶ୍ଚର୍ଯ୍ୟଜନକ ଚନ୍ଦ୍ର ଗଣ୍ଡ ଓ ସ୍ତନରେ ଆଙ୍କିଅଛି ଏବଂ ଅଣ୍ଟାରେ କିଙ୍କିଣୀ ପିନ୍ଧିଛି । ସେ ସୌନ୍ଦର୍ଯ୍ୟ ରାଜ୍ୟରେ ଏକ ସଂଗ୍ରାମ ଆରମ୍ଭ କରିଛି । ସେ ପୁଣି ଭୂତନାଥ ଅର୍ଥାତ ଭବ ସ୍ତନଯୁକ୍ତା ଏବଂ ବିବିଧ ପୁଷ୍ପ ପରିହିତା । ସୁନ୍ଦରୀ ଏହିପରି ଭବରେ ବିଧାତାଙ୍କ ଦ୍ୱାରା ସୃଷ୍ଟ । ତାଳ ତପ ବଚନ ଓ ଘୁଙ୍ଗୁରଯୁକ୍ତ ହୋଇଥାଏ ଏବଂ ତାଳର ବଲ୍ଲଭ ଅର୍ଥାତ ଦେହ ମଣ୍ଡଳେ ଅର୍ଥାତ ମଣ୍ଡଳାକାରରେ ଶୋଭାପାଏ । ସେଥିରେ ପୁଣି ଶିବମୂର୍ତ୍ତି ଚିହ୍ନିତ ଏବଂ ଇଷ୍ଟ ଜନେଶ୍ୟରେ ବିବିଧ ଫୁଲରେ ପୂଜା କରାଯାଇଥାଏ । ୨ ।

ହେଉ ନୃପତି ହେଉ କୁମାର ଯେତୁ ମଣ୍ଡିବ ଚର୍ମ୍ମ ଗ୍ରୀମର
ଯୋଡ଼ିଲକ୍ଷଣି ଜରେ କାମର ଗର୍ବ ସରିବ ଯେ ।
ଝଡ଼ି ପଡ଼ିବ ପାଣି କୃପାଣ ବୋଲିବ ଧନୁ ବନ୍ଧିବ ବାଣ
ସନ୍ଧିଲ ମାତ୍ରେ ଛିଡ଼ିବ ଗୁଣ କସ କରିବ ଯେ ।
କରି ଦୂତଙ୍କ ଉକ୍ତି ମୁକ୍ତିପସରୀ ଯେ । କେତେ ଲୁଟିବା ଭାବି ରାଜନେ ଭୁରି ଯେ ।
ପତଙ୍ଗ ପ୍ରଭାବରେ ବାହାରି ଧନଞ୍ଜୟପୁରେ ସେନେହେ ଭାରି
ନ ଦେଇ କେହି ପ୍ରତିଉତ୍ତର ମୁନଙ୍କ ପରି ଯେ । ୩ ।
ପାଟଳପୁର ସଭାରେ ପାଦ ଥାକନ୍ତେ ନେଇ ଭାଣି ଷଟଷ
କବଚୁ କୁଟ ବନ୍ଧୀପଠିତ ଦେଇ ଉତ୍ତର ଯେ ।
ଗୋଟିଏ ଚମ୍ପା ପୁଷ୍ପଲତାରେ ଆଉ ଯେତେକ ଦେଶମାତରେ
କେତେ କହିବା ପ୍ରଭୁ ତଥିରେ ଦୀପ୍ତିସାଗର ଯେ ।
କେବା କ୍ଷମ ହେବାକୁ ମିତ୍ର ବଇରୀ ଯେ । ଯହିଁ ପୂର୍ବନରେଶ ଏମନ୍ତ କରି ଯେ ।
ଦରକରରେ ଯେ ଦରକର ସ୍ଥାନ ଛଡ଼ାଇ ସିନ୍ଧୁ ମଧ୍ୟର
କରାଇ ସ୍ୱର୍ଣ୍ଣଭେଦନ ସାର ସମ୍ପୁଟ ପରି ଯେ । ୪ ।

---

ରାଜା ହେଉ ବା ରାଜପୁତ୍ର ହେଉ, ଯିଏ ମୃଗର ଚର୍ମର ଛେଦନ କରି ଚର୍ମ୍ମରେ ଅର୍ଥାତ୍ ଢାଲ ରୂପକ ସୁନ୍ଦରୀଠାରେ ମଣ୍ଡନ କରିବ, ସେହି ଢାଲକୁ ଛାତିରେ ଝୁଲାଇଲା ପରି ସୁନ୍ଦରୀକୁ ନିଜ ଛାତିରେ ଯୋଡ଼ିଲକ୍ଷଣି କନ୍ଦର୍ପର ଗର୍ବ ଖର୍ବ ହେବ । କାମର ହାତରୁ ଖଡ଼ଗ ଖସି ପଡ଼ିବ । ତୁମ୍ଭେ ଅବା କହିବ ସୁନ୍ଦରୀ ବାଣ ବନ୍ଧନ । କିନ୍ତୁ ବାଣ ସନ୍ଧାନ କଲାମାତ୍ରେ ଗୁଣ ଛିଡ଼ିଯିବ । ଯେହେତୁ କାମ ଧନୁରେ ଗୁଣ ହୋଇଥିବା ଭ୍ରମରମାନେ ଏହି ପଦ୍ମିନୀ କନ୍ୟାର ଦେହ ଗନ୍ଧରେ ଉଡ଼ିଯିବେ । ଦୂତମାନଙ୍କର ଏହି ଉକ୍ତିକୁ ମୁକ୍ତି ପସରା କରି କୌଣସି କୌଣସି ରାଜା ତାହା ଲୁଟିନେବାକୁ ବ୍ୟଗ୍ର ହେଲେ । ପତଙ୍ଗମାନେ ଅଗ୍ନିର ପ୍ରଭାବରେ ବାହାରି ଧନଞ୍ଜୟ ଅର୍ଥାତ୍ ଅଗ୍ନିରେ ସ୍ନେହପୂର୍ଣ୍ଣ ହେଲାପରି ପରସ୍ପରକୁ କଥା ନ କହି ମୌନ ରହି ଶୀଘ୍ର ବାହାରିଲେ । ୩ ।

ପାଟଳ ପୁର ରାଜସଭାରେ ପହଞ୍ଚି ଦୂତ ଏହିପରି କହନ୍ତେ ରାଜାଙ୍କର ପାଦ ନେଇ ଢାଲ ଅର୍ଥାତ୍ ଆସିଠାରନ୍ତେ ସେଠାରୁ ଭଟ ଭଟ ଉଠିଲା କରି ଚର୍ମ୍ମର ଉତ୍ତର ଦେଲି । ଫୁଲ ମଧ୍ୟରେ ଚମ୍ପା ହେଉଛି ଗୋଟିଏ । ଆଉ ଯେତେ ସବୁ ଦେଶ ଅଛି ତାହା କେତେ କହିବା । ଆମ୍ଭ ପୁଷ୍ପପୁର ରାଜ୍ୟରେ ରାଜା ହେଉଛନ୍ତି ଦୀପ୍ତିସାଗର । ତାଙ୍କର ମିତ୍ର ଅବା ଶତ୍ରୁ ହେବାକୁ କିଏ ଅବା ସକ୍ଷମ ହେବ । ଯେଉଁ ପୁଷ୍ପପୁର ଅର୍ଥାତ୍ ମଗଧର ପୂର୍ବତନ ରାଜା ( ଜରାସନ୍ଧ ) ଦରକରେ ଅର୍ଥାତ୍ ହସ୍ତରେ ଶଙ୍ଖ ଧରିଥିବା ଶ୍ରୀକୃଷ୍ଣଙ୍କ ଭୟକାରକ ହେବାରୁ ସେ ନିଜ ସ୍ଥାନ ମଥୁରା ଛାଡ଼ି ଫଗୁଆ ମଧ୍ୟରେ ଲୁଚିଲା ପରି ସିନ୍ଧୁ ଭିତରେ ତାଙ୍କର ଶ୍ରେଷ୍ଠ ଦ୍ୱାରକା ପୁର ସ୍ଥାପନ କରିଥିଲେ । ୪ ।

ଶ୍ରୀବ ସୁନ୍ଦରପୁର କୁମାର କରିଛୁ ଗ୍ରାମମୂରତି ମାର
ପୁଣି ନିପୁଣ ଗୁଣିଗଣର ନଗାନପୁବା ଯେ ।
ବସ୍ତୁ-ପଦକୁ ଯେଣୁ ବନ୍ଧିତ ସୁନ୍ଦର-ପୁରନ୍ଦର ବାଞ୍ଛିତ
ଏ ଯେନ ଆଉ ଲକ୍ଷ୍ୟ ଲକ୍ଷିତ କରିବ କେବା ଯେ ।
ଏତ ସମ୍ରାଟ ଆଜ୍ଞା ଦେବକ କ ନାହିଁ ଯେ । ଶୁଣି ଶୁଣି ଧୃତରାଷ୍ଟ୍ର ପ୍ରସ୍ତାବେ କହ୍ନ ଯେ ।
ଡାକିଲେ ଉଣେ କ ଜୂଆପଣେ ନିକଟେ ନାହିଁ ଧୈର୍ଯ୍ୟ ଗୁଣେ ।
କଥିତ ଯୁଧିଷ୍ଠିର ପୁରାଣେ ବ୍ୟାସଙ୍କ ଲକ୍ଷ ଯେ । ୫ ।

ସତବ ଭଣି ଯେ ଦ୍ୱୀପେଶ୍ୱର କରଣେ ତାଙ୍କୁ ଯେ ଦ୍ୱୀପେଶ୍ୱର
କେଶରୀ ଛଦ୍ମ ଧାରଣ ଶର କରକଙ୍କଣେ ଯେ ।
ସେ ରୂପ ହୋଇଥିବେ ଯେ ତହିଁ ଦର୍ଶନେ ହ୍ରସ୍ୱଦଶାରେ ଥୋଇ
ମୁକ୍ତାମୁକୁଟ ଲେଟାଇ ମସ୍ତ ଅବନମକନେ ଯେ ।
ମୃଗପୃଚ୍ଛ ଛେଦନ କେତେମାତର ଯେ । ଆଜ୍ଞା ଦେଉ ବଳସୁ କରୁ କୁମାର ଯେ ।
ଅଜନନ୍ଦନ ଥାଇଁ ଶ୍ରୀରାମ ଶ୍ୟାମ କୋଦଣ୍ଡ ଖଣ୍ଡନେ କ୍ଷମ
ରାଜା ସମ୍ମତେ ମନ୍ତ୍ରୀ ଉତ୍ତମ ଗମେ ସଉର ଯେ । ୬ ।

---

ସୌନ୍ଦର୍ଯ୍ୟର ଆଧାର ରାଜପୁତ୍ର, ଶ୍ରୀବ କନ୍ଦର୍ପକୁ ସ୍ଥାନ ମୂରତି ଅର୍ଥାତ୍ ସୌନ୍ଦର୍ଯ୍ୟ ସ୍ଥାନ କରିଅଛୁ । ପୁଣି ସେ ସବୁ ଗୁଣରେ ପୂର୍ଣ୍ଣ ଏବଂ ନଗାନ ପ୍ରବାଙ୍କ ମଧ୍ୟରେ ବସ୍ତୁ ଅର୍ଥାତ୍ ଇନ୍ଦ୍ର ପଦକୁ ପାଉଛନ୍ତି ତେଣୁ ସୁନ୍ଦରୀମାନଙ୍କ ମଧ୍ୟରେ ପୁରନ୍ଦରୀ ଅର୍ଥାତ୍ ଇନ୍ଦ୍ରାଣୀକୁ କାମନା କରନ୍ତି । ଏଥି ଯୋଗୁଁ ଆଉ କିଏ କେଉଁ ଲକ୍ଷ୍ୟରେ ତୁଳନା କରିବେ । ଇସେ ତ ସମ୍ରାଟ ଅଟନ୍ତି । ଯିବାକୁ ଆଜ୍ଞା ମିଳିବ କି ନାହିଁ । ଏହା ଶୁଣି ଧୃତରାଷ୍ଟ୍ର ମନରେ ବିଦୁର କରି ପ୍ରସଙ୍ଗ ନାମ କହିଲେ ଯୁଦ୍ଧ କମ୍ବା ବାଜି ରଖି ଜୁଆ ଖେଳକୁ ଡାକିଲେ ନିଜ ଗୁଣରେ ଯୁଧିଷ୍ଠିର ଶାନ୍ତ ହୁଏ ନାହିଁ । ବ୍ୟାସ ରଚିତ ପୁରାଣରେ ଏହାର ଉଦାହରଣ ରୂପରେ ଯୁଧିଷ୍ଠିର କଥିତ ହୋଇ ଅଛନ୍ତି । ୫ ।

ସତୀବ କହିଲେ, ଯିଏ ଦ୍ୱୀପମାନଙ୍କର ଅଧିପତି ତାଙ୍କୁ ଦ୍ୱିପେଶ୍ୱର ଅର୍ଥାତ ହସ୍ତୀମାନଙ୍କରେ ଶ୍ରେଷ୍ଠ କରିବା ପାଇଁ ଯେଉଁ କୁମାର କରଣ ଅର୍ଥାତ୍ ନଖ ରୂପକ ଶର ଏବଂ ସିଂହ ଚର୍ମ ଧାରଣ କରି ଅଛନ୍ତି ତାଙ୍କୁ ଦେଖିଲେ ଯଣି ସେଠାରେ ଏକତ୍ର ହୋଇଥିବା ରାଜାମାନେ ନିଜର ଲଜ୍ଜାକୁ ଗୋପନ କରିବେ ଅର୍ଥାତ ରାଜାମାନେ ନିଜର ମୁକ୍ତାଖଚିତ ମୁକୁଟକୁ ତଳକୁ କରିବେ । କୁମାରଙ୍କ ଚରମ ତଳରେ ସେମାନେ ଅଧୋମୁଖ ହେବେ ଏଣୁ କୁମାରଙ୍କ ପକ୍ଷରେ ମୃଗପୃଚ୍ଛ ଛେଦନ କରିବା ବଡ଼ କଥା ହେବ ନାହିଁ । ଅତଏବ ଆଜ୍ଞା ଦିଅନ୍ତୁ, କୁମାର ଯିବେ । ଅଜ ନନ୍ଦନ ଅର୍ଥାତ ଦଶରଥ ଥାଉ ଥାଉଁ ଶ୍ରୀରାମ ଶ୍ୟାମ କୋଦଣ୍ଡ ଅର୍ଥାତ ହରଧନୁ ଭାଙ୍ଗିବାକୁ ସମର୍ଥ ହୋଇଥିଲେ, ସୁତରାଂ ଆପଣଙ୍କ ଯିବାର ଆବଶ୍ୟକ

ଏମନ୍ତ କାଳେ ଯୋଷାର ତୁଲେ ଦ୍ୱିମିଶ୍ର ଥାଇ ନୃପଙ୍କ ସ୍ଥଳେ
ରାଜନ ସନମତ ନ କଲେ କରିବା କିସ ହେ ।
ହରନନ୍ଦନ ମଦନ ଶର ଛେଦେ କରିବ ରାହୁ ପ୍ରକାର
ମୋହିନୀ ପରଶିବା ସୁଧାରେ ପାନେ ମୋ ଆଶ ହେ ।
ଚନ୍ଦ୍ରବିନ୍ଦୁଦଶନେ ପୁଣ ରହିଛି ସେ । ଯଶୋବନ୍ତ ବୋଲେ ଏ କୁହଇ କହୁ ସେ ।
ଅନଙ୍ଗବର ଗାତ କାମର କଲେ ଅନେକଖଣ୍ଡ ଶରୀର
ଦେବତା ଭୋଗ ଯୋଗ ସମୀର ପରାଯେ ଅଛି ହେ । ୭ ।
ନଳସ୍ତ ଧରେ ମଳୟଧର ଶୋଭା ଚନ୍ଦନଗନ୍ଧ ପ୍ରସାର
ଭୁଜଙ୍ଗ ଜନକ-ପ୍ରାଣ ଆହାର କର ତହିଁରେ ସେ ।
ବିରହ-ଜ୍ୱରଗରେ ଗ୍ରାସିତ ମଧୁରକାଳ ହୋଏ ଆଗତ
କାଶିଁ ଉଭୁର ହେବ ବନ୍ଧୁର ବିଳାତକାର ହେ ।
ମେଦିକ ନମା ପ୍ରଫୁଲ୍ଲ ସହଜେ ହେବ ହେ । ଏ ଯେ ଦକ୍ଷିଣବୋଲି ବୋଲାବେ ସବ ହେ
ନଗାନପୁଷ୍ପବଟୀ ପଦ୍ମିନୀ ବାସ ହରଣେ ପ୍ରମୋଦ ଯୋଗ
କ୍ରୀଡାବଶରେ ତଡ଼ାଗସ୍ନାନୀ ହୋଇ ଚଳିବ ହେ । ୮ ।

---

ନାହିଁ । ରାଜା ଏଥିରେ ରାଜି ହେବାରୁ ଉତ୍ତମ ଗୁଣଯୁକ୍ତ ମନ୍ତ୍ରୀ କୁମାରଙ୍କୁ ସମ୍ବାଦ ଦେବାକୁ ଶୀଘ୍ର ଗଲେ । ୬ ।

ଏପରି ସମୟରେ ସ୍ତ୍ରୀ ଓ ନପୁଂସକ ପୁରୁଷ ସହିତ ରାଜପୁତ୍ର ରହିଥିଲେ, ଯେବେ ରାଜା ସମ୍ମତ ନ ହୁଅନ୍ତି ତେବେ କଅଣ କରିବା ? ହରି ଚକ୍ରଦ୍ୱାରା ରାହୁର ଶିର କାଟିଲା ପରି ହରନନ୍ଦନ ମଦନ କାମ ଶରରେ ମୋତେ ଛେଦ କରିବ । ବିଷ୍ଣୁ ମୋହିନୀ ରୂପରେ ପରଶିଥିବା ଅମୃତ ପିଇବାର ରାହୁ ଆଶା କରିଥିଲା ପରି ଏହି ମୋହିନୀ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀର ପରଶିବା ଅଧର ସୁଧା ପିଇବାକୁ ମୋର ଆଶା ରହିଛି । ଚନ୍ଦ୍ର ରାହୁଗ୍ରସ୍ତ ବିନ୍ଦୁଦଶନ ଅର୍ଥାତ୍ ଶନିଗ୍ରହ ରଖିଥିଲା ପରି ମୋତେ ସନ୍ତାପ ଦେବାକୁ ଶନି ଚିନ୍ତା କରୁଛି । ଯଶୋବନ୍ତ କହିଲା ଏ କଥା କହ ନାହିଁ । କାମର ଅନଙ୍ଗବର ଅର୍ଥାତ୍ ଦେବଶ୍ରେଷ୍ଠ ଇନ୍ଦ୍ରର ଗାତ ଘଟିଛି । ଇନ୍ଦ୍ର ମା ପେଟରେ ପଶି ପବନକୁ ଅନେକ ଖଣ୍ଡ କରିଥିଲେ ମଧ୍ୟ ସେ ନ ମରି ଦେବତାର ଭୋଗ ପାଇଲା । ସେହିପରି କାମ ଶରରେ ତୁମ୍ଭେ ବାଇ ହେଲେ ମଧ୍ୟ ସୁନ୍ଦରୀକୁ ଭୋଗ କରିବ । ୭ ।

ନଳସ୍ତ—ପୁର, ମଳୟଧର—ମଳୟ ପର୍ବତ, ଜନକପ୍ରାଣ—ପବନ, ଭୁଜଗ—ସର୍ପ, ମଧୁରକାଳ—ବସନ୍ତ, ବନ୍ଧୁର—ପ୍ରବାହିତ, ବାସ—ଗନ୍ଧ, ବସ୍ତ୍ର; ପ୍ରମୋଦ—ଆନନ୍ଦ, ତଡ଼ାଗ ସ୍ନାନ—ପୋଖରୀରେ ଗାଧୋଇ, ପ୍ରଫୁଲ୍ଲ—ଆନନ୍ଦିତ, ଦକ୍ଷିଣ—ଅନୁକୂଳ । ତୁମ୍ଭର ଘର ମଳୟ ପର୍ବତର ଶୋଭା ଧାରଣ କରିଅଛି । ସେହି ପର୍ବତର ଗୁଣ ହେଉଛି ଚନ୍ଦନ ଗନ୍ଧକୁ ପ୍ରସାର କରିବା । ସେହି ପବନ ସର୍ପମାନେ ଆହାର କରନ୍ତି; କିନ୍ତୁ ବସନ୍ତକାଳ

ଏ କାଳେ ଶୁଣି ଆସିବା ମନ୍ତ୍ରୀ କହିଲା ବିଦ୍ୟାନିଧି ଝଟିତ
ସନ୍ଦେହ ସିନ୍ଧୁ ଗ୍ରାସି ଅଗସ୍ତି ଅଇଲା ମିତ ହେ ।
ତାପ-ବାତାପି ସୂଦନ ହେବ ତନ୍ଦ୍ରା-ବିନ୍ଧ୍ୟର ବୃଦ୍ଧି ନାଶିବ
ଭଜ ଦକ୍ଷିଣ ଉଦୟ ଲାଭ ହୋଇ ସଜତ ହେ ।
ଯେବେ ଏ ହୋଇଲା ଏ ହେବ ଅବଶ୍ୟ ହେ । ସୁରତରଙ୍ଗିଣୀର ଗୁପ୍ତପ୍ରକାଶ ହେ
ରସତରଙ୍ଗେ ଆଗ ଭସାଇ କନ୍ଦର୍ପ-କରିରାଜକୁ ଦେଇ
ସଲିଳେ ନେଇ ମନ ମଜ୍ଜାଇ କରିବ ତୋଷ ହେ । ୯ ।

---

ଆସିଲେ ନିଶ୍ଚୟ ସର୍ପ ଗର୍ଭରୁ ବାହାରି ପ୍ରବଳଭାବେ ପ୍ରବାହିତ ହୁଏ । ତଦ୍ଦ୍ୱାରା ଯେତେ ଚମ୍ପାଫୁଲ ଫୁଟେ ତେବେ ସମସ୍ତେ ତାକୁ ଦକ୍ଷିଣ ପବନ ବୋଲି କହନ୍ତି । ସେହି ପବନ ନୂଆ ଫୁଟି-ଥିବା ପଦ୍ମର ସୁଗନ୍ଧ ହରଣ କରି ଆନନ୍ଦରେ କ୍ରୀଡ଼ା କରି ପୋଖରୀରେ ଗାଧୋଇ ଶୀତଳ ହୋଇ ବହୁଥାଏ ।

ଏହି ପୁନ ଚନ୍ଦନ ଗନ୍ଧକୁ ବିସ୍ତାର କରୁଅଛୁ । ଭୂତେନ୍ଦ୍ର ଏଠାରେ ଭ୍ରମର ଜନକ ଅର୍ଥାତ୍ ପିତା ଓ ଲୋକମାନଙ୍କ ପ୍ରାଣରୂପେ ବିହାର କରୁଅଛ, ବରଂ ରୂପକ ସର୍ପଦ୍ୱାରା ଗ୍ରାସିତ ହୋଇଅଛ । ମଧୁର ଅର୍ଥାତ୍ ମନୋଜ୍ଞ କାଳ ଆସି ପହଞ୍ଚିଅଛୁ । ଦକ୍ଷେ ଭୃଙ୍ଗେ ଏଥିରୁ ବାହାରି ପ୍ରବଳଭାବେ ଗମନ କରିବ । ଯେତେ ଭୃଙ୍ଗ ପ୍ରବେଶରେ ଚମ୍ପାଫୁଲ ଫୁଟିବାରେ ଆନନ୍ଦିତ ହେବ ତେବେ ସମସ୍ତେ ଭୃଙ୍ଗଙ୍କୁ ଦକ୍ଷିଣ ଅର୍ଥାତ ଅନୁକୂଳ ବୋଲି କହିବେ । ନୂଆ ହୋଇ ବିକଶିତ ହୋଇଥିବା ପଦ୍ମ କାଳୀୟା ଗଜକନ୍ୟାର କ୍ରୀଡ଼ା ଛଳରେ ବସ୍ତ୍ର ହରଣ କରି ଆନନ୍ଦରେ ପୋଖରୀରେ ଗାଧୋଇ ଆସିବ । ୮ ।

ଏହି ସମୟରେ ମନ୍ତ୍ରୀ ଆସୁଥିବା ଦେଖି ବିଦ୍ୟାନିଧି ଶୀଘ୍ର କହିଲା, ହେ ମିତ୍ର ! ଆମର ସନ୍ଦେହ ସମୁଦ୍ରକୁ ଶୋଷଣ କରିବାପାଇଁ ଏହି ଅଗସ୍ତି ଋଷି ଆସିଲେ । ଅଗସ୍ତି ବାତାପି ନାମକ ଅସୁରକୁ ନାଶ କରିଥିଲେ; ସେ ଆପଣଙ୍କ ତାପ ରୂପକ ବାତାପିକୁ ନାଶ କରିବେ । ଅଗସ୍ତି ବିନ୍ଧ୍ୟ ପର୍ବତର ବୃଦ୍ଧିକାଳେ ତାହାକୁ ବନ୍ଦ କରିଥିଲେ; ସେ ଆପଣଙ୍କ ତନ୍ଦ୍ରା ପରି ବଢ଼ୁଥିବା ତନ୍ଦ୍ରାକୁ ନାଶ କରିବେ । ଅଗସ୍ତି ଦକ୍ଷିଣ ଦିଗରେ ଉଦୟ ହୋଇଥାନ୍ତି; ଏହେ ଆପଣଙ୍କର ଦକ୍ଷିଣ ଅର୍ଥାତ୍ ଅନୁକୂଳ ଆଗମନ ପାଇଁ ଉଦୟ ହୋଇ ଅଛନ୍ତି । ଏହା ଯଦି ହେଲା ଅର୍ଥାତ ଅଗସ୍ତି ପରି ମନ୍ତ୍ରୀ ଉଦିତ ହେଲେ ତେବେ ଏ କଥା ମଧ୍ୟ ନିଶ୍ଚୟ ଘଟିବ । ଗୁପ୍ତ ସୁରତରଙ୍ଗିଣୀ ଅର୍ଥାତ ଗଙ୍ଗା ବିଷ୍ଣୁପଦରେ ଗୁପ୍ତ ଥିଲେ । ସେହି ଗଙ୍ଗାଜଳ ବୃଦ୍ଧି ପ୍ରଥମେ ଐରାବତ ନାମକ ଗଜରାଜକୁ ଭସାଇନେଇ ଚକ୍ଷୁ ଓ ମନକୁ ତୋଷ କରିଥିଲେ । ଏହେ ସେହିପରି ଗୃହରେ ଥିବା ରତ୍ନପୂର୍ଣ୍ଣା ସୁନ୍ଦରୀର ପ୍ରକାଶ ଘଟାଇ ପ୍ରଥମେ କନ୍ଦର୍ପରୂପୀ ଗଜେନ୍ଦ୍ରକୁ ଶୃଙ୍ଗାରରସ ତରଙ୍ଗରେ ଭସାଇ ଦେଇ କ୍ରୀଡ଼ା ସହିତ ଆଖି ଓ ମନକୁ ମୋହିତ କରି ଆନନ୍ଦ ଦେବ । ୯ ।

ସମସ୍ତ ମନ୍ତ୍ରୀ ସମଦେ କନ୍ତୁ ପଚନେ ଯେଉଁ ସୁନ୍ଦରେ ନାହିଁ
କେବଳ ପବନ ସଂଯୁକ୍ତେ ସେହି ପାଇଲା ପ୍ରାପ୍ତ ଯେ ।
ରସ ପ୍ରକଟ ହୋଇଲା କେତେ ପ୍ରଥମ ସିନ୍ଧୁ ବୃଦ୍ଧି ଜନମନ୍ତେ
ଦ୍ୱିତୀୟେ ବୀର ହେବା ଜଗତେ ଶକ୍ତି ଉଦୟ ଯେ ।
ଥିଲା ତୃତୀୟ ଲେପ ଦେଲା ଉଚିତ ଯେ । ଜନେ ଚତୁର୍ଥ ସଞ୍ଚାର ସମସ୍ତ ଯେ ।
ବଦନେ ହୋଏ ପଞ୍ଚମ ଜାତ ଷଷ୍ଠ ଶତ୍ରୁର କଣ୍ଠକ ସ୍ଥିତ
ଭୁଲିଲା ସପ୍ତ ଅଷ୍ଟମ ମାତ୍ର ନବରଞ୍ଜିତ ଯେ । ୧୦ ।
ଜ୍ୟୋତିଷରସ୍ତେ ସେ ସଙ୍ଗେ ଥିଲା ହୋଇଲା ଅନୁକୂଳ ବୋଲିଲା
ସୁନ୍ଦର ଅଙ୍ଗମାନ ଧାତ୍ରିଲା ଶୁଭ ପ୍ରଧାନ ସେ ।
ହାସ ନୟନ ସ୍ମରିଲକ୍ଷଣି ଗୋପୀ ଧୀବର ଡାକିଲେ ଶୁଣି
ଦଧି ମତ୍ସ୍ୟ ଗୋ ଶ୍ରବଣେ ପୁଣି କଣ୍ଠ ଗମନ ଯେ ।
ପାରାବତ ସମସ୍ତ ହଂସ ସ୍ଥଳକା ଯେ । ଦକ୍ଷିଣାଙ୍ଗ ସ୍ଫୁରିଲା ସେ ଯୁବା ଯେ ।
ସୁମରୁଁ ଉରୁ କଦଳୀତରୁ କ୍ଷଣେ ଯାମକ ଭଲଟେ ଗୁରୁ
ଦଶା ପାଲଟି ହେଲା ଉଦ୍ଧୁରୁଁ ମହାଉତ୍ସବା ଯେ । ୧୧ ।

---

ସମଦେ—ମଦର ସହିତ ଅର୍ଥାତ୍ ଗର୍ଭରେ, ପଚନ—ପ୍ରାଣପବନ, ପବନ ସଂଯୁକ୍ତ—ପ୍ରାଣଯୁକ୍ତ, ପ୍ରଥମ ରସ—ଶୃଙ୍ଗାର, ଦ୍ୱିତୀୟ ରସ—ବୀରରସ, ତୃତୀୟ ରସ—କରୁଣରସ, ଚତୁର୍ଥ ରସ—ଅଦ୍ଭୁତରସ, ପଞ୍ଚମ ରସ—ହାସ୍ୟରସ, ଷଷ୍ଠ ରସ—ଭୟାନକ ରସ, ସପ୍ତମ ରସ—ବୀଭତ୍ସ, ଅଷ୍ଟମ ରସ—ରୌଦ୍ର, ନବମ ରସ—ଶାନ୍ତରସ । ରାଜାଙ୍କ ନିକଟରେ ହୋଇଥିବା ସବୁ କଥା ମନ୍ତ୍ରୀ ଗଣର ସହିତ କହିଲା, ଯେଉଁ ସୁନ୍ଦର ରାଜପୁତ୍ର-ଠାରେ ପ୍ରାଣବାୟୁ ନ ଥିଲା । ଏହା ଶୁଣି ଦୁଇ ଜଣଙ୍କ ଦେହରେ ପ୍ରାଣ ସଞ୍ଚାରିଲା । ସେମାନେ ସଚେତ ହେଲେ । ତାଙ୍କଠାରେ ପ୍ରଥମ ଶୃଙ୍ଗାରରସ ରୂପ ସିନ୍ଧୁ ବଢ଼ିବାର ଦେଖାଗଲା । ଏହାପରେ ଜଗତରେ ଶ୍ରେଷ୍ଠତ୍ୱ ପାଇବା ନିମିତ୍ତ ଦ୍ୱିତୀୟ ବୀରରସ ଚିତ୍ତରେ ଜାତ ହେଲା । ମନରେ ଯେଉଁ କରୁଣା ଥିଲା ସେହି ତୃତୀୟ କରୁଣରସ ଶୀଘ୍ର ଲୋପ ପାଇଲା । ଚତୁର୍ଥରେ ବଣରେ ବିହାର ପାଇଁ ଅଦ୍ଭୁତ ରସ ଚିତ୍ତରେ ସଞ୍ଚିତ ହେଲା । ପଞ୍ଚମ ରସ ହାସ୍ୟରସ ତାହା ମୁହଁରେ ହାସ୍ୟଚ୍ଛଳରେ ଜାତ ହେଲା । ଷଷ୍ଠ ଭୟାନକରସ ଶତ୍ରୁମାନଙ୍କ ମନରେ ଭୟ ଜାତ କରିବ । ସପ୍ତମ ଓ ଅଷ୍ଟମ ଦୁଇରସ ଭୁଲିଯାଇ ନବମ ଶାନ୍ତରସରେ ଚିତ୍ତ ଶୋଭିତ ହେଲା । ୧୦ ।

ଜଣେ ଶ୍ରେଷ୍ଠ ଜ୍ୟୋତିଷୀ ସଙ୍ଗରେ ଥିଲା; ସେ ଅନୁକୂଳ ବେଳା ହେଲାଣି ବୋଲି କହିଲା । ସେହି ରାଜପୁତ୍ର ସୁନ୍ଦରଙ୍କ ପ୍ରଧାନ ଶୁଭଲକ୍ଷଣଯୁକ୍ତ ଅଙ୍ଗପ୍ରତ୍ୟଙ୍ଗମାନ ମନରେ ବିସ୍ତୃତ ହେଲା । ସୁନ୍ଦରର ହାସ୍ୟ ଓ ନେତ୍ରକଳା ମନରେ ବିସ୍ତର କଲାରୁ ଗଉଡୁଣୀ ଏବଂ କେଉଟୁଣୀ ( ଗୋପୀ, ଧୀବରୀ ) ବୋଲି ଲୋକମାନଙ୍କୁ ଶୁଣାଇ ଡାକିଲେ । ଅର୍ଥାତ୍ ଦହି ନେବ ଓ

ଲକ୍ଷିତ ଜଙ୍ଘ ଶୋଭାଏ ଦେଖା ସ୍ତନ ଚୂଚୁକ ଅଧର ଯୋଖା
କୁମ୍ଭେ କି ପୂଗ ପଲ୍ଲବଶାଖା ସ୍ଥାପି ତତ୍କାଳ ଯେ ।
ଉଚ୍ଛନ୍ନ ଦ୍ୱିଜ ବରଣ ଯେଣୁ ହେଲ ମଙ୍ଗଳାରୋପଣ ତେଣୁ
କୋମଳ ନବନୀତ ପ୍ରମାଣୁ ଦନ୍ତ ତଣ୍ଡୁଳ ଯେ ।
ଦୂର୍ବାଙ୍କୁର ସୁବର୍ଣ୍ଣାଳଙ୍କାର ଦୃଶ୍ୟ ଯେ । ହୋଏ ସୁକର୍ମ ଅତିଶୟ ପ୍ରକାଶ ଯେ ।
ମୁଖେ ଦର୍ପଣ ଦୃଷ୍ଟି ରଚନା ଯେଉଁଲା କାନ୍ତିକ ଗୋରୋଚନା
ବାଣୀ ମଙ୍ଗଳାଷ୍ଟକ ଶ୍ରବଣ କରେ ମାନସ ଯେ । ୧୨ ।

ଆଣିଲ ପୁଷ୍ପକଳାପ ବେଶେ ଗନ୍ଧସାରକୁ ଶ୍ରୀଅଙ୍ଗବାସେ
ପ୍ରଦୀପ କାମ ତମସ ନାଶେ ସିଦ୍ଧାର୍ଥ ଜାତ ଯେ ।
ମନ୍ତ୍ରୀ ବଚନେ ପୁରୋଧାସୁତ ଲୋକାଗ୍ରଭରେ ମଙ୍ଗଳ କୃତ

---

ମଙ୍ଗଳ ନେବ ବୋଲି ଡାକ ଦେଲେ ଅର୍ଥାତ୍ ସୁନ୍ଦରୀର ହାସ୍ୟ ଉଦ୍ଧ ପରି ଥିଲା ଓ ନୟନ ମୀନ ପରି । ପୁଣି ସୁନ୍ଦରୀଙ୍କ ଗତି ଦେଖି ହଂସଗମନା ଓ କଣ୍ଠ ପାରାର କଣ୍ଠ ସଙ୍ଗେ ତୁଳନା ଏହା ଶୁଣି ପୁରୁଷ ପୁଲକିତ ହେଲେ । ସୁନ୍ଦରୀର ଜଙ୍ଘଦ୍ୱୟଟି ଯାଆଁଳା ଓଲଟ କଦଳୀଗଛ ସଦୃଶ । ଏହା ଦେଖି ମୋହିତ ଦଶା ବଡଲୋକଙ୍କ ଖୁବ ଅତି ଉଲ୍ଲସିତ ହେଲେ । ୧୧ ।

ଚୂଚୁକ—ସ୍ତନର ଭିଣ୍ଡି, ପୂଗ—ଗୁଆ, ପଲ୍ଲବ ଶାଖା—ତାଳପତ୍ର, ଉଚ୍ଛନ୍ନ—ଉଦ୍‌ବେଗ, ଦ୍ୱିଜ—ବ୍ରାହ୍ମଣ, ନବନୀତ—ଲହୁଣୀ, ଦୂର୍ବାଙ୍କୁର—କଅଁଳିଆ ଦୂବ, ସୁକର୍ମ—ଭଲ କର୍ମ । ରାଜକୁମାରୀ ଲଜ୍ଜିତ ହୋଇ ଠିଆ ହେବାର ଶୋଭା ଦେଖି ମନେହୁଏ ଓଠ ଓ ସ୍ତନର ଭିଣ୍ଡି କଳସ ଉପରେ ଗୁଆ ରଖିଛି କି ? କଳସରେ ତାଳପତ୍ର ଦିଆଯାଇଥାଏ । କଳସ ଥାପନା ପରେ ପୂଜାପାଇଁ ବ୍ରାହ୍ମଣ ବରଣ କରାଯାଏ । ଏଠାରେ ସୁନ୍ଦରୀର ଉଦ୍‌ବେଗ ହିଁ ବ୍ରାହ୍ମଣ ପରି । ଏଭଳି ହେଲରୁ ପୂଜାର ମଙ୍ଗଳ ଆରୋପଣ କରାଗଲା । ଏଥିରେ ଲହୁଣୀ ପରି କୋମଳ ଦନ୍ତ ହେଲା ଅକ୍ଷତ । ଅକ୍ଷତ ସାଙ୍ଗରେ ଦୂବଘାସ ଦିଆଯାଏ । ଏଠାରେ କୁମାରୀର ସୁନା ଅଲଙ୍କାର ବକ୍ଷରେ କଅଁଳ ଦୂବପରି ଦେଖାଗଲା । ଏଣୁ ଉତ୍ତମ କର୍ମର ପ୍ରକାଶ ପାଇଲା । ରାଜକନ୍ୟାର ମୁଖ ହେଲା ଦର୍ପଣ ପରି । ଦର୍ପଣରେ ଦେଖିବାରୁ ଶରୀରର ଶୋଭା ଗୋରଚନା ଚନ୍ଦନ ପରି ଦିଶିଲା । କଳସ ପୂଜାରେ ମଙ୍ଗଳାଷ୍ଟକ ମନ୍ତ୍ର ପଢ଼ାଯାଏ । ଏଠାରେ ସୁନ୍ଦରୀର କଥା ହେଲା ସେହି ମଙ୍ଗଳାଷ୍ଟକ । ଏହିପରି ତନ୍ତ୍ର ମନରେ ଜାତ ହେଲା । ୧୨ ।

ପୁଷ୍ପ କଳାପ—ପୁଷ୍ପସମୂହ, ଗନ୍ଧସାର—କର୍ପୂର, କାମ ତମସ—କନ୍ଦର୍ପବାଧା ଜନିତ ଅନ୍ଧକାର, ସିଦ୍ଧାର୍ଥ ଜାତ—ମନୋବାଞ୍ଛା ସିଦ୍ଧି । ବେଶ କରିବା ପାଇଁ ଫୁଲସବୁ ଦେହର ସୁଗନ୍ଧ ପାଇଁ କର୍ପୂର ଆଣିଲ । ଏହାପରେ କନ୍ଦର୍ପର ବାଧାଜନିତ ଅନ୍ଧକାର ଦୂର ପାଇଁ ପ୍ରଦୀପ ଜଳାଗଲା । ଏଭଳି ହେବାରୁ ମନୋବାଞ୍ଛା ସିଦ୍ଧି ପ୍ରକାଶ ପାଇଲା । ମନ୍ତ୍ରୀଙ୍କ କଥାରେ ପୁରୋହିତ ପୁଅ ଲୋକାଗ୍ରଭରେ ମଙ୍ଗଳାରୋପଣ ଅନୁଷ୍ଠାନ କଲେ । ଏହାଦ୍ୱାରା

ଯେ ବରଣିତ ସେ ଗାନ୍ଧର୍ବ ହୃଷ୍ଟ ଲଭିତ ଯେ ।
ସେହି ସମୟେ ଶୁଣି ଯେ ପାଟଯୋଷୀ ଯେ । ଦୁର୍ଗାମାଧବ ଲକ୍ଷ୍ମୀନୃସିଂହ ଭାଷି ଯେ
ଜୟୀ ହୋଇ ରାଜସମାଜେ କନ୍ୟାରତନ ଲଭ ଲଭ ଯେ
ଶୀଘ୍ରେ କର ବାହୁଡ଼ା ବୋଲି ଦ୍ୱିଜ ମନାସି ଯେ । ୧୩ ।

ଧଇଲେ ମୋଦ-ବିତାନ ପରେ ଅମାଖଶୂନ୍ୟ କଶପୃଷ୍ଠରେ
ଆସନ କଲ୍ପି ସାଦ ପ୍ରକାରେ ଅଙ୍କୁଶ ଧୃତ ଯେ ।
କୁମ୍ଭରେ ଘାତକୁ ଉଲ୍ଲକ୍ଷିତ କୋହେ ଉରଜେ କାଏ ଗର୍ବିତ
ଭାବ ଜନିତ କି ନଖକ୍ଷତ ଦେଖି ଏମନ୍ତ ଯେ ।
ଶୁଣି ଡଗରଡାକ ନାଗରା ସ୍ୱନ ଯେ । କାହୁଁ ନ ମଣି ସାଜ ବାହାର ସୈନ୍ୟ ଯେ ।
ଜାଣି ମନକୁ ପ୍ରିୟାପାଶକୁ ପେଷି ଲେଖିଲେ ଆଖିରେ ତାଙ୍କୁ
କଲେ ଶବେଧରେ ଦେହକୁ ଲକ୍ଷବିଧାନ ଯେ । ୧୪ ।

ବେଗ କରନ୍ତେ ଗତି ମନ୍ଥର ସିଂହାବଲୋକନର ପ୍ରକାର
ପୁରୁଷେ କରୁଁ ଯେ ଅଙ୍ଗୀକାର ବନ୍ଦୀ ସ୍ତୁବନ୍ତି ଯେ ।
ଏ କି ଅଦ୍ଭୁତ ମଣ୍ଡୁ ଅଦ୍ଭୁତ ଥିଲା ଅଦ୍ଭୁତ ହେଲା ସମ୍ଭୃତ

---

କୁମାରଙ୍କ ମନ ଆନନ୍ଦିତ ହେଲା । ଏହି ସମୟରେ ପାଟଯୋଷୀ ଦୁର୍ଗାମାଧବ, ଲକ୍ଷ୍ମୀ ଓ ନୃସିଂହଙ୍କ ନାମ ଉଚ୍ଚାରଣ କରି କହିଲେ, ରାଜାମାନଙ୍କ ମଧ୍ୟରେ ଜୟୀ ହୋଇ ରାଜକନ୍ୟା ଲଭ କରି ଶୀଘ୍ର ଘରକୁ ଫେରିଆସ । ବ୍ରାହ୍ମଣମାନେ ମଧ୍ୟ ଏହି କଥା ମନାସିଲେ । ୧୩ ।

ମୋଦ ବିତାନ—ମୋଦଯୁକ୍ତ ଚାନ୍ଦୁଆ, ଅମାଖ—ହାଉଦା, କଶପୃଷ୍ଠ—ହାତୀପିଠି, ସାଦ—ମାହୁନ୍ତ, ପ୍ରକାରେ—ପରି, କୁମ୍ଭରେ—ଗଣ୍ଡରେ, ଉରଜ—ସ୍ତନ, ଲକ୍ଷିତ—ତୁଳିତ, ଜନିତ—ଜାତ । ହାଉଦା ନ ପକାଇ ମୋଦଯୁକ୍ତ ଚାନ୍ଦୁଆ ଟାଙ୍ଗି ହାତୀପିଠିରେ, ମାହୁନ୍ତ ପିଠିରେ ଅଙ୍କୁଶ ଧରି ବସିଲେ । ଏହି ହାତୀର ଗଣ୍ଡ ରାଜକନ୍ୟାର ଉଚ୍ଚ ସ୍ତନ ସଦୃଶ ସମାନ ବୋଲି ଭାବି ଅଙ୍କୁଶ ଘାତ କଲେ । ଏହା ଦେଖି ରାଜକନ୍ୟାର ସ୍ତନରେ ନଖକ୍ଷତ କରିବ କି ବୋଲି କୁମାରଙ୍କ ମନରେ ଭାବନା ହେଲା କି ? ଏହି ସମୟରେ ଡଗରଙ୍କ ଡାକ ହାକ ଏବଂ ନାଗରା ବାଜାର ଶବ୍ଦ ଶୁଣିପାରି ଅନ୍ୟ କିଛି ନ ବୁଝି ସୈନ୍ୟମାନେ ସଜ୍ଜିତ ହୋଇଗଲେ । ଏହା ଜାଣିପାରି କୁମାର ନିଜ ମନକୁ ପ୍ରିୟା ପାଖକୁ ପଠାଇ ଆଖିଠାରେ ପତ୍ର ଲେଖିଲେ ଏବଂ କାମର ଶରଦ୍ୱାରା ପ୍ରିୟା ଦେହକୁ ଲକ୍ଷ୍ୟ ବାନ୍ଧିଲେ । ୧୪ ।

ମନ୍ଥର—ମନ୍ଦ, ସିଂହାବଲୋକନ—ସିଂହପରି ପଛକୁ ଫେରି ଚାହିଁବା, ମଣ୍ଡୁ—ମଣ୍ଡନ କରନ୍ତେ, ସମ୍ଭୃତ—ଜାତ, ଜଳଜ—ପଦ୍ମରୁ, ସଲିଲପନ୍ଥ—ଜଳନ୍ଧ ସମୂହ, ବାଣିଜ୍ୟ—ବଣିକ, ଏନାଇଥିଲେ—ସୃଷ୍ଟି କରିଥିଲେ, ଆଖେଟ—ଶିକାର, ଭ୍ରମ—ଭୁଲ । ସୈନ୍ୟମାନେ ନଗର ଅଭିମୁଖେ ବେଗ ମନ୍ଦ କରନ୍ତେ ପୁରୁଷମାନେ ସିଂହପରି

ଚନ୍ଦ୍ରେ ଉଦିତ ଜଳଦଙ୍କୁ ଜାତ ସଲଜପଣ୍ଡ ଯେ ।
ନାରୀ ମାତ୍ର ବାଣିଜ୍ୟ ସଙ୍ଗତେ ଗଲେ ଯେ । ସୀତା ରାମ ଏ କାର୍ଯ୍ୟ ମନାଇଥିଲେ ।
ଆଖେଟଲୀଳା ଭ୍ରମ ଭୁଲିଲ ହୃଦଗହନେ କାମ ଯୋଡିଲ
ବହନେ ଧୈର୍ଯ୍ୟମୃଗ କାଟିଲ ରାମା କମ୍ପିଲେ ଯେ । ୧୫ ।

ଜାତ ସନ୍ତାପ ଶାନ୍ତ ହେବ ରେ ଭୁଟ ପ୍ରବାସ କଏ ବଳୁରେ
ଢାଳି ଲୋଚନ ସ୍ତନ ଉପରେ ମୁକ୍ତ ନବେଣୀ ଯେ ।
ପ୍ରାଣପୁରୁଷ ଦୂର ହୋଇବ କେଣ୍ଡୁ ଶରୀର ପୁଣି ରହିବ
କେଉଁ ବଣିଜ କରିବ ଦଇବ ହୋଇଲେ ଯୋଷି ଯେ ।
ପୁଂସଗଣ ଭାବନା ଏମନ୍ତ ହେଲେ ଯେ । ରାଜସେବକ ଧାତା କମ୍ପାଇଁ କଲେ ଯେ ।
ଟିପ୍ପା ସ୍ମର ପେଲିଣି ହୋଇ ଆସିବା ତର ଯହିଁରେ ନାହିଁ
କ ପାଞ୍ଚ ଥିବ ପରାଣସଙ୍ଗ ଭୋକ ପିଉଳା ଯେ । ୧୬ ।

---

ପନ୍ଥକୁ ଗୁହିଁବା ଭଙ୍ଗୀକୁ ପ୍ରକଟ କଲେ । ସ୍ତ୍ରୀବର୍ଗମାନେ ତାଙ୍କୁ ଅନାଇ ରହିଲେ । ସେମାନେ ଏହାକୁ ଆଳସ୍ୟ ବୋଲି ମନେ କରିଥିଲେ ଅଥଚ ଯେଉଁ ଅଦ୍ଭୁତ ଅବସ୍ଥା ଆଗରୁ ଥିଲା ସେଥିରୁ ପୁଣି ଅଦ୍ଭୁତ ଜାତ ହେଲା । ଚନ୍ଦ୍ର ଅର୍ଥାତ୍ ସ୍ତ୍ରୀବର୍ଗମାନଙ୍କ ମୁଖଚନ୍ଦ୍ରରେ ପଦ୍ମନେତ୍ରରୁ ଜଳବିନ୍ଦୁ ମଧ୍ୟ ଦେଖାଗଲା । ଏ ଦୃଶ୍ୟ ଅତ୍ୟନ୍ତ ଅଦ୍ଭୁତ ଅଟେ । କେବଳ ବଣିକ ସ୍ତ୍ରୀମାନେ ସ୍ୱାମୀଙ୍କ ସହିତ ଗଲେ । ଏପରି ସ୍ୱାମୀ ସହିତ ଯିବା ବିଷୟରେ ସୀତା ରାମଙ୍କୁ ସ୍ନେହ କରାଇଥିଲେ । ଅନ୍ୟ ସ୍ତ୍ରୀମାନେ ପୁରୁଷ ସହିତ ଯାଇ ନ ପାରି ମନ ହୃଦୟରେ ଶିକାର ଖେଳରେ ପଡିଗଲେ ଅର୍ଥାତ୍ ସେମାନଙ୍କର ହୃଦୟର ଗହନ ପ୍ରଦେଶରେ ବ୍ୟାଧରୂପୀ କନ୍ଦର୍ପ ଶର ସେମାନଙ୍କର ଧୈର୍ଯ୍ୟରୂପ ମୃଗକୁ ଭେଦ କଲା । ସେଥିଯୋଗୁଁ ସେମାନେ ଥରିବାକୁ ଲାଗିଲେ । ୧୫ ।

ସନ୍ତାପ—ଭିତର ମନୋବ୍ୟଥା, ତୁଟ୍—ଶେଷ ହେଉ, ପ୍ରବାସ—ବିଦେଶ ରହଣି, କଏ—କେହି । ଭିତ ମନରେ ଜନ୍ମିଥିବା ବ୍ୟଥା ଶାନ୍ତ ହେବାପାଇଁ ପ୍ରବାସ ଶେଷ ହେଉ । ଏପରି ମନରେ ଭାବି କୌଣସି ନାରୀ ନିଜ ସ୍ତନରୂପ ଶମ୍ଭୁ ଉପରେ ଲୋତକରୂପ ଜଳ ଢାଳି ମୁକ୍ତ ତଳକୁ କଲେ । ପ୍ରାଣପୁରୁଷ ଅର୍ଥାତ୍ ସ୍ୱାମୀ ଦୂରରେ ଥିଲେ ଦେହ ପୁଣି ରହିବ କିପରି । ଦଇବ କେଉଁ ବାଟକୁ କାର୍ଯ୍ୟ କରେ ଏ କଥା ଭାବିବାକୁ ଲାଗିଲେ । ପୁରୁଷମାନେ ଭାବିଲେ ଆମକୁ ବିଧାତା କାହିଁକି ରାଜସେବକ କଲା । ରାଜସେବକ ହେବାରୁ ସିନା ପ୍ରିୟା ପାଖରୁ ଆସିବାକୁ ବେଳ ମିଳିଲା ନାହିଁ । ଆମର ନେତ୍ର ପିଉଳା ପ୍ରାଣ ସଙ୍ଗ କଅଣ ବଞ୍ଚିରହିଥିବ ? ୧୬ ।

ଜଣା ହୋଇବ ବରଷାକାଳ ଘୋଟିବ ଚିନ୍ତା ଘନ ପଟଳ
ହିମାଂଶୁ-ଜ୍ୟୋତ୍ସ୍ନା ତଡ଼ିତଜାଳ ଉଦିତ ହେବ ଯେ ।
ଘଡ଼ିବ ପିକରଡ଼ କୁଳିଶ ଝଡ଼ିବ ଦମ୍ଭଗିରି-ଶିଖର
ବଢ଼ିବ ଶୋକନଦୀ ବେଗେ ଉଚ୍ଛନ୍ନ କଲେ ଯେ ।
ଭ୍ରମ-ଭ୍ରମିରେ ଭ୍ରମି ସର୍ବ ବୁଡ଼ିବା ଯେ । ମାର-ମକରମୁଖେ ନଷ୍ଟେ ପଡ଼ିବା ଯେ ।
ତରୁଣୀ-ମଣି ଜାନୁ ତରଣୀ ଅବଲମ୍ବକୁ ନ ପାଇ ପୁଣି
କି ଦଣ୍ଡ କଲେ କୋଦଣ୍ଡପାଣି କେନ୍ଦ୍ର ତରିବା ଯେ । ୧୭ ।
ନ ଚଳ ଚଳ ଶୃଙ୍ଗାର ବୀର ରସ ବିରୋଧୀ ବଳ ତକାର
ଦେଲା ଅଦ୍ଭୁତ ଦେଖା ସେଠାରେ ଜନ୍ମ ହେବାରେ ଯେ ।
ପଦାତି ପନ୍ତି ରଥୀ ରାଉତ ମାହୁନ୍ତ ପଦସାନ ଭରତ
ସାମଗ୍ରୀ ତଳ ବାନ୍ଧବ ଭୃତ୍ୟ ଭାରବାହାରେ ଯେ ।
ଯୋଗୀ ଯୋଗ ନୋହିଲା ଜନସଙ୍କୁଳେ ଯେ । ମହାହରଷ ବଶ ତପଟେ ଚଳେ ।
ନୃପତିସୁତେ ବିନସ୍ତ କୃତ ସେ ଚତୁରଙ୍ଗ ରଙ୍ଗେ ଗମିତ
ବହୁତ ରୂପେ ହୁଏ ଲକ୍ଷିତ ସୁନ୍ଦରୀ ଭୂଲେ ଯେ । ୧୮ ।

---

ଘନପଟଳ—ମେଘ ସମୂହ, ହିମାଂଶୁ—ଚନ୍ଦ୍ର, ତଡ଼ିତ ଜାଳ—ବିଜୁଳି ସମୂହ, କୁଳିଶ—ବଜ୍ର, ଭ୍ରମରେ—ଭଳୀ, ଭ୍ରମି—ଭଉଁରୀ, ମକର—କୁମ୍ଭୀର, ଜାନୁତରଣୀ—ଜଙ୍ଘରୂପ ନୌକା, ଅବଲମ୍ବ—ଆଶ୍ରୟ, କେନ୍ଦ୍ର—କପଟ, କୋଦଣ୍ଡପାଣି—ଧନୁର୍ଦ୍ଧାରୀ ରାଜା । ବ୍ରତ ବର୍ଷାକାଳ ପରି ଜଣାଯିବ, ସେଥିରେ ଚିନ୍ତା ରୂପକ ମେଘମାଳ ଘୋଟିଯିବ, ଚନ୍ଦ୍ରକିରଣରୂପ ବିଜୁଳି ଚମକିବ ଏବଂ କୋଇଲିର ସ୍ୱନ ଘଡ଼ଘଡ଼ି ପରି ଲାଗିବ । ସେହି ବଜ୍ରାଘାତରେ ଆମ୍ଭର ଦମ୍ଭଗିରି ରୂପ ଶିଖର ଝଡ଼ିବ, ଶୋକରୂପ ନଦୀ ବହୁତ ବେଗ ବଢ଼ିବ । ଆମ୍ଭେମାନେ ସେହି ନଦୀର ଜଳ ପାଣିର ଭଉଁରୀରେ ବୁଲି ବୁଲି ବୁଡ଼ିଯିବା ଏବଂ କନ୍ଦର୍ପରୂପ କୁମ୍ଭୀର ମୁହଁରେ ନଷ୍ଟସ୍ଥ ପଡ଼ିବା । ଏତେବେଳେ ନାରୀରତ୍ନର ଜାନୁ ନୌକାର ଆଶ୍ରୟ ନ ପାଇଲେ କପଟ ହେବାର ପାଇବା ? ଧନୁଧାରୀ ରାଜା ଆମକୁ କି ଦଣ୍ଡ ଦେଲେ । ୧୭ ।

ସେମାନେ ଯିବାକୁ ମନ କଲାଇ ମଧ୍ୟ ଯାଇ ପାରିଲେ ନାହିଁ । ସୈନ୍ୟ ଦଳରେ ଯିବା ବୀର ରସର ବିରୋଧକାରୀ ଶୃଙ୍ଗାର ରସ । ଏହି ଅଦ୍ଭୁତଭାବ ଜନ୍ମିବା ସେଠାରେ ଦେଖାଗଲା । ପଦାତିକ, ରଥାରୋହୀ ରାଉତ, ମାହୁନ୍ତ ପ୍ରଭୃତି ଶୀଘ୍ର ଚାଲି ଚାଲି ଗଲେ । ସେମାନଙ୍କର ସବୁ ସରଞ୍ଜାମ ବନ୍ଧୁ, ଚାକର ଓ ଭାରୁଆମାନଙ୍କ ଦ୍ୱାରା ଗଲା । ଯୋଗ ଧ୍ୟାନରେ ବସିଥିବା ବ୍ୟକ୍ତିମାନେ ଲୋକ ଗହଳି ଯୋଗୁଁ ଧ୍ୟାନ କରି ପାରିଲେ ନାହିଁ । ସମସ୍ତେ ଅତି ଆନନ୍ଦରେ ଚାଲିଲେ । ରାଜପୁତ୍ର ବନୀତ ଭାବରେ ସେହି ଚତୁରଙ୍ଗ ସୈନ୍ୟ ସହିତ ଚାଲିଲାବେଳେ ତାହା ବହୁ ପ୍ରକାର ସୁନ୍ଦରୀର ସହିତ ତୁଳନା କରାଯାଉଥାଏ । ୧୮ ।

ଖଡ୍‌ଗ ଫଳକ ଭଳକ ଭାଲ ବାଣ କମାଣ ଭ୍ରୂ ନେତ୍ର ମେଳ
ତୂଣୀର ନାସା ଅତି ମଞ୍ଜୁଳ କୁନ୍ତ କଟାକ୍ଷ ଯେ ।
ଚତୁର ବଧ ବାଦ୍ୟ କାହେଣି ବଳୟ କଳା ମୁଦ ଳଙ୍କିଣୀ
ଚଗ୍ଭଲ ଚେଳ ଅଞ୍ଚଳ ଜାଣି ଚଞ୍ଚଳ ଦକ୍ଷ ଯେ ।
ଜାତ ଶତାଙ୍ଗ କୁଚ ବଲ୍ଲକାଙ୍ଗ ଯେ । କର୍ଣ୍ଣ ଭୂଷା ବଦ୍ରୁମ ମାଳିକା ହାର ଯେ ।
ଚନ୍ଦ୍ର ତାଟଙ୍କ ପାଶ ଯେ ଶ୍ରୁତି ତୁରଙ୍ଗଭଙ୍ଗ ତରଙ୍ଗସ୍ତି
ମତ୍ତମାତଙ୍ଗ ଗମନ ଗତି ସଙ୍ଗମେ ଭ୍ରୂ ଯେ । ୧୯ ।
ଅନ୍ୟ ଦେଶିଙ୍କ ଶ୍ରଦ୍ଧା ବଢ଼ାଇ ପଥେ ଆଗତ ଦେଖିବା ପାଇଁ
ମୁଖଢ଼ିଣ୍ଡିମ ପ୍ରକାଶ ହୋଇ ଗ୍ରାମଦାଣ୍ଡରେ ଯେ ।
ଶ୍ରବଣେ ମନେ କୁମାର ପାଞ୍ଚ ଗୁଣ ଟଙ୍କାର ଧନୁକୁ ଆଞ୍ଚି
ମଦନ ପଦ୍ମ ଚମକ ରଚି ନିଜ ଶରୀରେ ସେ ।
ଏହୁ ଷୋଡ଼ଶାକ୍ଷର ଯେତେ ଷୋଡ଼ଶୀ ଯେ । ଗୁହ୍ମିଁ ପାଞ୍ଚକୁ ଜାଣ ଆଢ଼ ପ୍ରକାଶି ।
ନେତ୍ର ଚଞ୍ଚଳ ମାନସ ନେଲା ତାହା ସ୍ଥିରକୁ ଏ ଯେ କହ୍ଲା
ଭଲ ଭାଗ୍ୟରେ ନଶି ପାହ୍ଲା ହୋଇଲେ ଯୋଷି ଯେ । ୨୦ ।

---

ଭାଲ—କପାଳ; ଫଳକ—ଢ଼ାଲ; ତୂଣୀ—ଶରମୁଣି; ପଣତ—ଶାଢ଼ୀର କାନି, ବଳୟ—କଙ୍କଣ; ଚଗ୍ଭଳଚେଳ—ପତାକା କନା; ଶତାଙ୍ଗ—ରଥ; ବଦ୍ରୁମ—ପୋହଳା; ତାଟଙ୍କ—କର୍ଣ୍ଣଭୂଷଣ; ତୁରଙ୍ଗ—ଘୋଡ଼ା; ମାତଙ୍ଗ—ଗଜ; ଭ୍ରୂ—ହଲୁଳ । ରାଜକନ୍ୟାର କପାଳର ଢଳଳ ଖଣ୍ଡା ପରି, କପାଳ ଢାଲ ପରି, ଆଖି ଦୁଇଟିର ଭ୍ରୂଲତା ବାଣ ଓ ଧନୁ ପରି, ନାକ ଶରମୁଣି ପରି, ଅତି ସୁନ୍ଦର । ତାହାର କଟାକ୍ଷ କୁନ୍ତ ଅସ୍ତ୍ରପରି । କଙ୍କଣ, କଳା, ମୁଦ, ଅଣ୍ଟାର ଘୁଙ୍ଗୁର ବିବାଧ ବାଦ୍ୟପରି ଆଉ ପତାକାର କନା ଶାଢ଼ୀର ପଣତ ପରି । ରଥ ତଳିକି ରମଣୀର କୁଚପରି । କର୍ଣ୍ଣ ଭୂଷଣ ବଦ୍ରୁମ ମାଳ, ପୋହଳା ମାଳପରି, ରଥରେ ଲାଗିଥିବା ବହୁଳଙ୍ଗ ଭାନ ଅଲଙ୍କାର ପରି, ରଥର ଚକ କାନପରି, ରଥ ଦାଉଡ଼ି ନାସା ଦେହର ଚଞ୍ଚଳ ଭଙ୍ଗି ପରି, ଘୋଡ଼ାଙ୍କର କ୍ରୀଡ଼ା ତରଙ୍ଗ ପରି, ଗଜମାନଙ୍କର ଗତି ସୁନ୍ଦରୀର ଗତି ସହିତ ସମାନ । ୧୯ ।

ଦେଖିବାକୁ ଆସି ବାଟରେ ରୁଣ୍ଡ ହୋଇଥିବା ଗ୍ରାମ ତରୁଣୀମାନଙ୍କ ପ୍ରତି ଶ୍ରଦ୍ଧା ବଢ଼ାଇବା ପାଇଁ ମୁଖଢ଼ିଣ୍ଡିମ ଅର୍ଥାତ ମୁଖ ବାଦ୍ୟ ହୁଳହୁଳି ଧ୍ୱନି ଉଠିଲା । ଏହା ଶୁଣି କୁମର ମନରେ ବସ୍ଥିର କଲା " ମଦନ ଧନୁକୁ ଆଞ୍ଚି ଗୁଣ ଟଙ୍କାରେ କି " ଏହି ୧୬ ଅକ୍ଷର ମନରେ ପାଞ୍ଚି ନିଜ ଦେହରେ ଚମକ ରଚିଲେ । ସେଠାରେ ଯେତେ ୧୬ ବର୍ଷୀୟା ନାରୀ ଥିଲେ ସେମାନେ ଉପରେ " ମଦନ ପଦ୍ମ " ଏହି ପାଞ୍ଚ ଅକ୍ଷରକୁ ମନେ କରି ବଙ୍କାଇ ଗୃହିଁଲେ । ଆଖିର ଚଞ୍ଚଳତା ମନକୁ ଟାଣିରୁ ମନ ଚଞ୍ଚଳ ହେଲା, ତେଣୁ ନେତ୍ର ସ୍ଥିର ହୋଇ ରହିଲା । ସମସ୍ତେ କହିଲେ ଆଜ ଭଲ ଭାଗ୍ୟରେ ଭିଡ ପାହିଥିଲା । ୨୦ ।

କଥା ହୋଇଲେ ତରୁଣୀଗଣ ଆମ୍ଭ ବଲ୍ଲଭ ଏ ହେଲେ ଜାଣ
ହୃଷ୍ଟଅନ୍ତା ଦିନ କ୍ଷଣଦା କ୍ଷଣ ହୋଏସ୍ତ ସନ୍ଧି ରେ ।
ବଲ୍ଲଭୀ ହୋଇ ବଲ୍ଲବୀ ପରି ଶୁଚି ପ୍ରକାଶ ହେବେ ବହରି
ଅଶେଷ ତୋଷେ ମଣ୍ଡଳୀ କରି ମୋହନ ମୋହ୍ନି ଯେ ।
ସାର୍ଥ ହୃଷ୍ଟଅନ୍ତା ମନୋରଥ ଜନମ ଯେ । ଶୁଣି କହି ହୋଇଲେ ସ୍ଥବିରା ସ୍ତୋମ ।
ଯେ ରଜରାଜ ପ୍ରିୟତନୁଜ ଗୁଣ ସୁନ୍ଦରେ କେବଳ ହେଜ
ତଥି ପତିବ୍ରତକୁ ତେଜ କରି ତା ପ୍ରେମ ଯେ । ୨୧ ।
ଶୁଣି କଲେ ସେ ପ୍ରତିଉତ୍ତର ଯେବେ କୁବୁଜା କେତେ ମାତର
ଭୋଗ କଲା ସେ ଜଗଦୀଶ୍ୱର ଏ ଜଣା ଥିଲା କି ।
ଏବେ ନୋହିଲ ପଛେ ହୋଇବ କାମକାମନା ମୁନିଙ୍କ ଭାବ
ଏ ସବ ରାମମୂର୍ତ୍ତି ଅନୁଭବ ଫଳସ୍ତ ଗଲା ଯେ ।
ଯେଉଁ ସ୍ଥବିରା ଯେଉଁ ବୃନ୍ଦାର ତନ୍ତ୍ରି ଯେ ଥିଲେ ପରିହାସୀ ସେ ତାହାଙ୍କୁ କହି
ନୋହିବ ଭ୍ରମର ଯୋଗରେ ଯୋଗ ଆମ୍ଭ ମଧ୍ୟସ୍ଥ ହୃଷ୍ଟ ଗୋ ବେଗ
ରାଧିକାଦୃଷ୍ଟି କୃଷ୍ଣରେ ଭୋଗ ତମସେ ହୋଇ ଯେ । ୨୨ ।

---

ବଲ୍ଲଭ—ସ୍ୱାମୀ; ବଲ୍ଲବୀ—ଗୋପୀ; କ୍ଷଣଦା—ରାତି, ଶୁଚି—ଶୃଙ୍ଗାର; ଅଶେଷ—ଅତିଶୟ; ମଣ୍ଡଳୀ—ଗୋଲକୁଣ୍ଡ ନାଚିବା, ମୋହନ—କୃଷ୍ଣ; ସ୍ଥବିରା—ବୁଢ଼ୀ; ସ୍ତୋମ—ସମୂହ ରଜରାଜ—ମହାରାଜ । ସେହି ତରୁଣୀମାନେ ଏହିଭଳି କଥାବାର୍ତ୍ତା ହେଲେ । ଏହି ପ୍ରଭୁ ଆମ୍ଭର ସ୍ୱାମୀ ହେଲେ ଦିନ ଓ ରାତି କ୍ଷଣକ ପରି ହୃଷ୍ଟ । ଗୋପୀ-ମାନେ ଯେବେ ବଣରେ ବିହାର କରି ଶ୍ରୀକୃଷ୍ଣଙ୍କ ରସଲୀଳାରେ ମୋହିଥିଲା ପରି ଆମ୍ଭେମାନେ ଏହାଙ୍କର ପ୍ରିୟତମା ହୋଇ ବଣରେ ବିହାର କରି ଅତିଶୟ ଆନନ୍ଦରେ ଏହି ସୁନ୍ଦର ପୁରୁଷଙ୍କୁ ମୁଗ୍ଧ କରନ୍ତେ ତଦ୍ଦ୍ୱାରା ଆମ୍ଭମାନଙ୍କର ମନୋବାଞ୍ଛା ଓ ଜନ୍ମ ସାର୍ଥକ ହୁଅନ୍ତା । ଏହା ଶୁଣି ବୁଢ଼ୀମାନେ କହୁଥିଲେ, ଏହି ମହାରାଜଙ୍କ ପ୍ରିୟପୁତ୍ର ଗୁଣରେ ଓ ସୁନ୍ଦର ପଣରେ ଜଗତରେ ଏକକ ଅଟନ୍ତି ତାହାଙ୍କ ସହିତ ପ୍ରେମ ବାଞ୍ଛାରେ ନିଜର ପତିବ୍ରତା ପଣ ଛାଡ଼ିବା ବୃଥା ହେବ । ୨୧ ।

ଏ କଥା ଶୁଣି ସେମାନେ ପ୍ରତ୍ୟୁତ୍ତର ଦେଲେ । କୁବୁଜା କଥା ମନରେ ବିଚାର କର । ସେ ଅବା କେତେ ମାତ୍ର ଥିଲା ସେ ପୁଣି ଜଗତ୍ ପତି ଶ୍ରୀକୃଷ୍ଣଙ୍କ ଭୋଗ କଲା । ଏହା କଅଣ କେହି ଜାଣିଥିଲେ । ବର୍ତ୍ତମାନ ନ ହେଲେ ପଛେ ମୁନିମାନଙ୍କ କାମ ଇଚ୍ଛା ଚରିତାର୍ଥ ହେଲା ପରି ହେବ ଅର୍ଥାତ୍ ବନବାସବେଳେ ରାମଚନ୍ଦ୍ରଙ୍କୁ ଦେଖି ମୁନିମାନେ କାମ ଭୋଗ କାମନା କରିଥିବାରୁ ଗୋପରେ ଗୋପୀ ଜନ୍ମପାଇ ସଫଳ ହୋଇଥିଲେ । ଏହି ପ୍ରଭୁ ସୁନ୍ଦର ରୂପ ପାଇଅଛି ଏଥି କିଛି ସନ୍ଦେହ ନାହିଁ । ଏ କଥା ଶୁଣି ଯେଉଁ ବୁଢ଼ୀର ଯେଉଁ ସ୍ଥବିରା ପରିହାସୀ ଥିଲା ସେ ତାକୁ କହିଲା, ଭ୍ରମର ମଧ୍ୟସ୍ଥ ଦ୍ୱାରା ଆମ୍ଭର ସ୍ଥବିର

ସେ କୋଟିଲ ଆଗ ଭ୍ରମର କେତେ ଏ କୋଟିଲ ମାତା ମାତା କି କହୁ
ଆମ୍ଭମାନଙ୍କୁ ଛାଡ଼ିବ କାହିଁ ଭବ୍ୟସୁନ୍ଦର ଯେ ।
ଏତେକେ ତାର ନୋହିଲ ପ୍ରୀତି ନଦ୍ୟା ପ୍ରକଟେଶେ ହୋଇବ ଦୃଷ୍ଟି
ସ୍ୱପନଯୋଗେ ହେବତ ରତିରସ ପ୍ରସାର ଯେ ।
ତହିଁ ହେବ ଉତ୍ତରକୁରୁର ଭୋଗ ଯେ । ଯଥା ତବ ବିଯୋଗାନ୍ତେ ସମ୍ଭୋଗ ।
ତପେ ମନାଇ ବ୍ରହ୍ମର୍ଷିଙ୍କି ଆଣିଲେ ସେ ବିଚ୍ଛେଦଘାତକୀ
ନୋହିବ କିକ ଆଣ ମଣ୍ଡଳ ଗଲ୍ଲ ଉଦ୍‌ବେଗ ଯେ । ୨୩ ।
ନୃପନନ୍ଦନା କୁମରବରେ କେବଳ ଦଶେ ଅଷ୍ଟ ଦିଗରେ
ଏଣୁ କଳ୍ପନା ବୁଦ୍ଧି ବିସ୍ତରେ କର ନିଷ୍ଠସ୍ୱ ଯେ ।
ଐରାବତ ଟଙ୍କ ଜାଣି ପୁଣ୍ଡରୀକକୁ ନପୁଂକେ ଅଣି
ଯେନ ବାମନ ଗମନଠାଣି ଅନୁପମେସୁ ଯେ ।
ପୁଣି କୁମୁଦ ହାସେ ପ୍ରକାଶମାନ ଯେ । କରେ ଅଞ୍ଜନ କେଶେ ତରମେ ସ୍ଥାନ ।
ଭୂଷିତ ସ୍ୱପ୍ନଦନ୍ତ ଶୋଭିତ ସୌନ୍ଦର୍ଯ୍ୟ ସାର୍ବଭୌମ ଉଚିତ
ସୁପ୍ରତୀକରେ ସାର ଜଗତ ଚିତ୍ତରଞ୍ଜନ ଯେ । ୨୪ ।

---

ସନ୍ଧିତ ମିଳନ ହେବ ଏଣୁ ଶୀଘ୍ର ସେପରି କର । ସେପରି ଅନ୍ଧାରରେ ରାଧାଙ୍କର ଦୂତୀକୁ କୃଷ୍ଣ ଭୋଗ କରିଥିଲେ ସେହିପରି ଭ୍ରମର ଦୂତୀ ହୋଇ ଆମ୍ଭେ ମଧ୍ୟ ସୁନ୍ଦରୀ ସଙ୍ଗ ଲାଭ କରିବୁ । ୨୨ ।

ବୃନ୍ଦା କହିଲା ଆଗେ ଭ୍ରମର ଯୋଗ ହେଉ । ଏହା ଶୁଣି ପ୍ରବେଶ କହିଲା ଆରେ ଆଲି ତୁ କଅଣ କହୁଛୁ । ଏହି ସୁନ୍ଦର ଯୁବକ ଆମ୍ଭମାନଙ୍କୁ କିପରି ଛାଡ଼ିବେ ? ପ୍ରକୃତରେ ତାଙ୍କ ସହିତ ପ୍ରୀତି ନ ଘଟିଲେ ମଧ୍ୟ ତାଙ୍କର ପ୍ରୀତି ନ ହେବ କି । ନଦୀରେ ଥିଲେ ସ୍ୱପ୍ନରେ ଦୃଷ୍ଟି ହେବ, ସେତେବେଳେ ଶୃଙ୍ଗାର ରସ ବଢ଼ିବ ନାହିଁ କି ? ଯଦି ଏପରି ହୁଏ ତେବେ ଉତ୍ତର କୁରୁ ଅର୍ଥାତ୍ ସ୍ୱର୍ଗର ଭୋଗ ହେବ ଅର୍ଥାତ୍ ସ୍ୱର୍ଗରେ ଯେପରି ବନରେ ସୁଖଭୋଗ ଓ ବିଯୋଗେ ସମ୍ଭୋଗ ଘଟେ ସେହିପରି ଘଟିବ । ତପ କରି ବ୍ରହ୍ମର୍ଷିଙ୍କୁ ରାଜି କରାଇ ଆଣିଲେ ସେ ଏହି ବିଚ୍ଛେଦକୁ ନାଶ କରିବ ନାହିଁ କି ? ଅର୍ଥାତ୍ ଦୀର୍ଘ ଗୂଢ଼ ଘଟିଲେ ସମ୍ଭୋଗ କାଳ ସ୍ଥାୟୀ ହେବ । ଏହା ଶୁଣି ଉଦ୍‌ବେଗ ଛାଡ଼ । ୨୩ ।

ଐରାବତ—ପୂର୍ବଦିଗ ହସ୍ତୀ, ନାରଙ୍ଗ; ଟଙ୍କ—ଓଠ; ପୁଣ୍ଡରୀକ—ଅଗ୍ନି କୋଣ ହସ୍ତୀ, ପଦ୍ମ; ବାମନ—ଦକ୍ଷିଣଦିଗ ହସ୍ତୀ; କୁମୁଦ—ନୈଋତକୋଣ ହସ୍ତୀ, କଇଁଫୁଲ; ଅଞ୍ଜନ—ପଶ୍ଚିମଦିଗ ହସ୍ତୀ, କଜ୍ଜଳ; ତରମ—ପିଠି; ସ୍ୱପ୍ନଦନ୍ତ—ବାୟୁକୋଣ ହସ୍ତୀ, କୁନ୍ଦଫୁଲ; ସାର୍ବଭୌମ—ଉତ୍ତରଦିଗ ହସ୍ତୀ, ଚକ୍ରବର୍ତ୍ତୀ, ସୁପ୍ରତୀକ—ଈଶାନଦିଗ ହସ୍ତୀ, ସୁନ୍ଦର ତନୁ । ରାଜପୁତ୍ରକୁ କେବଳ ରାଜକନ୍ୟା ଆଠ ଦିଗରେ ଦେଖାଗଲା । ଏପରି କଳ୍ପନାକୁ ନିଶ୍ଚୟ ପଢ଼ିବରେ ସେ ମନେ ମନେ ବିଚାର କଲ ଐରାବତ ଅର୍ଥାତ୍

ଚିନ୍ତାମଗ୍ନେ ରହିବାଠାରେ ବୀଣାବାଦନ ଶ୍ରବଣେ ହେବେ
ବାଳା ପ୍ରବୀଣାପଦ ସ୍ୱକରେ ଆଶ୍ଳେଷ କରେ ଯେ ।
ଗୁଣାନୁବନ୍ଧଘାତ ବେଶରେ ଶୋଭିତ ତୁମ୍ବ କୁଚ ସ୍ଫିତରେ
ବେଣୀ ରୋମାଳୀ ପ୍ରବାଳସାରେ ଯୁକ୍ତ ରାଗରେ ଯେ ।
ଜାତ ଇଙ୍ଗିତଗୀତ ସପ୍ତସ୍ୱରେ ଯେ । ସିଂହ ଜିଣିଣ କଟି ଜଘନ ଧରେ ଯେ ।
ଭ୍ରମେ ବିରଞ୍ଚି ଧାତା ବଲ୍ଲକୀଯୁଗ୍ମ ମୋ ଉରୁସ୍ଥିତ ହେବ କି
ପୋଷ୍ଟା ଭାବ ଏ ସ୍ତବନା ତର୍କି କହେ ସୂର୍ଯ୍ୟୀରେ ଯେ । ୨୫ ।

---

ପୂର୍ବଦିଗ ହସ୍ତୀ ଏବଂ ନାରଙ୍ଗ ସୁନ୍ଦରୀର ଓଠ ପୁଣ୍ଡରୀକ ଅର୍ଥାତ୍ ଅଗ୍ନିକୋଣ ହସ୍ତୀ ଆଉ ପଦ୍ମ ହେଲା ସୁନ୍ଦରୀର ନେତ୍ର, ବାମନ ଅର୍ଥାତ୍ ଦକ୍ଷିଣଦିଗ ହସ୍ତୀ ହେଲା ସୁନ୍ଦରୀର ଅତୁଳ ଗମନ ଠାଣି । ପୁଣି ତାହାର ହାସ୍ୟରେ କୁମୁଦ ଅର୍ଥାତ ନୈଋତକୋଣ ହସ୍ତୀ ଓ କଇଁ ଫୁଲ ପ୍ରକାଶ ପାଉଛି ଅଞ୍ଜନ ଅର୍ଥାତ୍ ପଶ୍ଚିମଦିଗ ହସ୍ତୀ ଏବଂ କଜ୍ଜଳ ପିଠି ଉପରେ ପଡ଼ିଥିବା କେଶ ସଙ୍ଗେ ତୁଳିତ, ଏବଂ ପୁଷ୍ପଦନ୍ତ ଅର୍ଥାତ ବାୟୁକୋଣ ହସ୍ତୀ ଏବଂ କୁନ୍ଦଫୁଲ ସଦୃଶ ଦନ୍ତପନ୍ତିରେ ସୁନ୍ଦରୀ ବିଭୂଷିତା ହୋଇ ଶୋଭା ପାଉଅଛି । ଏଥି ଯୋଗୁଁ ସୌନ୍ଦର୍ଯ୍ୟରେ ସଂସାର ମଧ୍ୟରେ ସାର୍ବଭୌମ ଅର୍ଥାତ ଉତ୍ତରଦିଗ ହସ୍ତୀ ଓ ସମ୍ରାଜ୍ଞୀ ସଦୃଶ ହେବା ଉଚିତ । ସୁପ୍ରତୀକ ଅର୍ଥାତ ଐଶାନ୍ୟଦିଗ ହସ୍ତୀ ଏବଂ ସୁନ୍ଦର ତନୁ ଯୋଗୁଁ ଶ୍ରେଷ୍ଠ ହୋଇ ଜଗତର ମନ ମୁଗ୍ଧ କରୁଅଛି । ଏଠାରେ ରାଜକନ୍ୟା କୁମାରଙ୍କୁ ଅଷ୍ଟଦିଗରେ ଦଶିବା ସୂଚିତ ହେଲା । ୨୪ ।

ପ୍ରବୀଣା—ବିଜ୍ଞ ଓ ଶ୍ରେଷ୍ଠ ବୀଣା, ଆଶ୍ଳେଷ—ଆଲିଙ୍ଗନ, ଗୁଣାନୁବନ୍ଧ ଘାତ—ଗୁଣ ଯୋଗୁଁ ଶରକାରିଣୀ, ବନ୍ଧଧରୁଁ ଭୂଷିତା; ସ୍ଫିତ—ପିଙ୍ଗ, ପ୍ରବାଳସାର—ଶ୍ରେଷ୍ଠ ବୀଣାଦଣ୍ଡ ବା ଛଡ଼, ରାଗ—ଗୀତର ସ୍ୱର, ସ୍ନେହ । ଏକାଗ୍ର ମନରେ ରାଜକନ୍ୟାର ଚିନ୍ତା କରି ରହିଥିବା ସ୍ଥାନରେ ବୀଣାବାଦ୍ୟ ଧ୍ୱନି ଶୁଣି କୁମାର ଚିନ୍ତିଲେ ଏହି ବାଳା ପ୍ରକୃତରେ ବିଜ୍ଞା ଏବଂ ଶ୍ରେଷ୍ଠ ବୀଣାପଦକୁ ଆଲିଙ୍ଗନ କରିଅଛି । ବୀଣାର ଶର ଗୁଣଦ୍ୱାରା କ୍ଷେଳପରି ଏହି ସୁନ୍ଦରୀ ବିବିଧ ଗୁଣର ଆଧାର, ତତ୍ତୁପରି ଉଚ୍ଚ ସ୍ତନ ଓ ପିଙ୍ଗୁଯୁକ୍ତ; ଯାହା କି ବୀଣର ତୁମ୍ବି ପରି । ବୀଣାର ପ୍ରବାଳସାର ଅର୍ଥାତ୍ ଛଡ଼ ଥାଏ ଏବଂ ତହିଁରୁ ଗୀତର ସ୍ୱର ଜାତ ହୁଏ । ସେହିପରି ସୁନ୍ଦରୀର ବେଣୀ ଓ ରୋମାଳରେ ସ୍ନେହ ପୂର୍ଣ ରହିଅଛି । ବୀଣାର ସାତଗୋଟି ସ୍ୱର ଥିଲାପରି ସୁନ୍ଦରୀର ଇଙ୍ଗିତମାନ ସେହି ସପ୍ତସ୍ୱର ସଦୃଶ । ସୁନ୍ଦରୀର କଟି ସିଂହଠାରୁ କ୍ଷୀଣ ଏବଂ ଜଘନ ଭରିଲା ପରି । ବିରଞ୍ଚି ବିଧାତାର ଭ୍ରମ ଯୋଗୁଁ ଦୁଇ ବୀଣା ସଦୃଶ ସୁନ୍ଦରୀର ଜଘନ ମୋ କୋଳରେ ରହିବ କି ? ତାହାର ଏପରି ଚିନ୍ତା ଅନୁମାନ କରି ନପୁଂସକ ସ୍ୱରୂପ କହିଲା । ୨୫ ।

ନ ‑ନାଟସ୍ତ ଶୋଭା ନଗରୀ ଦ୍ୱିଜଶ୍ରେଣୀରେ ମହାମାଧୁରୀ
ରାଜା ବଦନେ ପ୍ରସନ୍ନ ଧରି ଉରଜେ ଦକ୍ଷା ଯେ ।
ସୁରୁଚି ଶୂଦ୍ରହାସରେ ଭରି ମାଳ ବନ୍ଧୁରେ ସୁଶୋଭିତ ପୁରି
ପାଟଳ ତାମନଙ୍କୁ ଆଦରି କରିଛି କକ୍ଷା ଯେ ।
ଅର୍ଦ୍ଧପ୍ରୟୋଗ ଅର୍ଥ ମନ୍ତ୍ରିଜ ଭଣି ସେ । ଅଛି ସଭେଦ ବୋଲିଲୁ ତୁ କି ପୁଣି ।
ଅର୍ଦ୍ଧ ପରତେ ହୋଇଛି ଯତ ନୋହିଛି ବେନି ଅଙ୍ଗ ମିଶ୍ରିତ
ଏ ବେଧିଁ କରି ଅଛି ଉଦିତ ଏମନ୍ତ ବାଣୀ ଯେ । ୨୬ ।

ତେଣେ ରମଣୀମଣିଙ୍କ ଝଟେ ଝଟେ ସୁନ୍ଦରରଞ୍ଜନ ଝଟେ
ଯେଣୁ ନିଯ ବଜ୍ରଧର ଅନୁକ୍ଷଣେ ଶିଖାରେ ଶୋଭି ସେ ।
ମନ୍ଦ ହାସରେ ରାଜ ସାକ୍ଷାତ ସେ ପୁଣ୍ୟଜନ ସିନ୍ଧୁରେ ସ୍ଥିତ

---

ଉରଜ—ଧାତା ଉରରୁ ଜାତ ଅର୍ଥାତ ବୈଶ୍ୟ, ସ୍ତନ; ଦକ୍ଷା—ନିପୁଣା, ଶୂଦ୍ର—ସେବକ ଜାତି, ସୁନ୍ଦର ହାସ—ସୁନ୍ଦର ମନ୍ଦହାସ୍ୟ, ସୁରୁଚି—ସୁନ୍ଦର, ମାଳବନ୍ଧୁ—ଗୋପାଳ ଓ ମାଳୀସବୁ, ପାଟଳ—ପାଟଗ୍ର, ପାଟଳପୁଅ; କକ୍ଷା—ଜିଦ, ମନ୍ତ୍ରିଜ—ମନ୍ତ୍ରୀପୁଅ, ସଭେଦ—ସକାରର ଭେଦ ଅର୍ଥାତ୍ ତାଲବ୍ୟଶ ସ୍ଥାନରେ ଦନ୍ତ୍ୟ ସ ପ୍ରୟୋଗ, ଅର୍ଦ୍ଧ ପରତେ—ଅଧେ ପରବସ୍ତୁ. ଦ୍ୱିଜ - ବ୍ରାହ୍ମଣ, ଦନ୍ତ । ସେହି ନୂତନ ରମଣୀ ନଗରୀର ଶୋଭା ଧାରଣ କରିଛି । ନଗରୀ ବ୍ରାହ୍ମଣମାନଙ୍କ ରହିବା ଯୋଗୁଁ ଅତ୍ୟନ୍ତ ସୁନ୍ଦର ହୋଇଥାଏ । ସେଠାରେ ରାଜାଙ୍କ ବଦନରେ ଆନନ୍ଦ ଭାବ ରହିଥାଏ । ନଗରୀ ପୁଣି ବୈଶ୍ୟମାନଙ୍କର ଶ୍ରେଷ୍ଠ ଏବଂ ସେବକମାନଙ୍କର ହାସ୍ୟରେ ସୁନ୍ଦର ଅଟେ । ସେଠାରେ ମାଳୀ ଓ ଗଉଡ଼ମାନେ ପୁରି ରହିଥାନ୍ତି ଏବଂ ପାଟଗ୍ରମାନେ ଯା-ଆସ କରୁଥାନ୍ତି ।

ସେହି ସୁନ୍ଦରୀମାନଙ୍କର ଦାନ୍ତପଂକ୍ତି ଅତ୍ୟନ୍ତ ଶୋଭନୀୟ ହୋଇଅଛି । ସେମାନଙ୍କ ରାଜା ମୁଖରେ ପ୍ରସନ୍ନ ଭାବ ଧରିଛନ୍ତି । ସେ ପୁଣି ଉନ୍ନତ ସ୍ତନଯୁକ୍ତା ଏବଂ ସୁନ୍ଦର ଦନ୍ତହାସ ଶୋଭିତା; ପୁଣି ମାଳା ସମୂହ ଧାରଣ କରିଛି । ସେ ଆପଣଙ୍କ ନଗରୀ ପାଟଳପୁଅକୁ ଆସିବାକୁ ଜିଦ ଧରିଛି । ପାଟଳପୁଅ ନ କହି କେବଳ ପାଟଳ ବୋଲି ଅଧେ ଶବ୍ଦ କହିବା ଶୁଣି ମନ୍ତ୍ରୀପୁଅ କହିଲେ ତୁ କଅଣ କହିଲୁ । ସକାର ଭେଦ ଏଥିରେ ଅଛି । ନପୁଂସକ ପୁରୁଷ କହିଲା ଅଧେ ପରବସ୍ତୁ ହୋଇଛି, ଦୁଇ ଅଙ୍ଗ ମିଶିନାହିଁ ଏହା ସତ । ଏଥିପାଇଁ ଏପରି ଅର୍ଦ୍ଧବାକ୍ୟ ଓ ସକାର ଭେଦ କଥା କୁହାଯାଇଛି । ୬ ।

ବଜ୍ରଧର—ସ୍ୱର୍ଗବସା, ପୂର୍ବଦିଗ; ଶିଖା—ମୁକୁଟ, ଅଗ୍ନିକୋଣ; ଅନୁକ୍ଷଣେ—ସର୍ବଦା, ପୁଣ୍ୟଜନ—ପୁଣ୍ୟାତ୍ମା, ସିନ୍ଧୁରେ—ହସ୍ତୀରେ, ସଦାଗତ—ସତତ ଗତିଶୀଳ, ବାୟୁକୋଣ; ଗହରୀ ମୋକ୍ଷ—ସୁନ୍ଦରଙ୍କୁ ମୁଗ୍ଧକାରୀ, ମନ୍ଦ—ଯମ ଅର୍ଥାତ ଦକ୍ଷିଣ ଦିଗ, ଅଳକାଯୁକ୍ତ—ଉତ୍ତର ଦିଗ, କୁନ୍ତଳ । ତେଣେ ନାରୀଶ୍ରେଷ୍ଠାଙ୍କୁ ସୁନ୍ଦରରୂପେ ପ୍ରତି ଦିଗରେ ଦେଖାଯାଉଛି । ସେହି ସୁନ୍ଦର ରାଜପୁଅ ସର୍ବଦା ସ୍ୱର୍ଣ୍ଣଖଚିତ ମୁକୁଟ ପିନ୍ଧିଛନ୍ତି, ମୁଖରେ ମନ୍ଦହାସ୍ୟ ପ୍ରକାଶ

ସଦାଗତି ସେ ଅଳକାଯୁକ୍ତ ଗଉରୀ ମୋହି ସେ ।
ମୀନନେତ୍ରୀ ଲକ୍ଷ୍ୟ ଯେମନ୍ତ ବୀରର ଯେ । ଶୃଙ୍ଗାରଲକ୍ଷ୍ୟ ରାମାରେ ସେହିପ୍ରକାରେ ।
ନାରୀ-ପୁରୁଷେ ସାର ଏ ବେନି କି ଯେବେ ଯୋଗ୍ୟ ଯୋଗ୍ୟ ଅବନୀ ।
ଜାତ ହୋଇଲେ ମିତ ମିତଣୀ ପ୍ରଶଂସା କରେ ଯେ । ୨୭ ।

ଏହି ସମୟେ ନୃପନନ୍ଦନ ନୃପନନ୍ଦନା ପ୍ରୀତି ବଚନ ।
ସଖା ସଖୀଙ୍କ ଆଗେ କଥନ ରସ ରହସ୍ୟ ଯେ ।
ଚୀରନ୍ତି ସୂର୍ଯ୍ୟ ଚନ୍ଦ୍ର ହୋଇଛନ୍ତି ସେ ମୁଁ ସୁଶୀଳ ସୁଶୀଳା ଇଚ୍ଛି
ଦିନ ରଜନୀ ଉଦୟ ଅଛି ଘରଣୀ ବଞ୍ଚେ ଯେ ।
ଦେଖି ବିରହାନଳ ଜାତ କରଇ ଯେ । ଲେଖି କ୍ଷଣ କ୍ଷଣକେ ଦ୍ରବାଇ ଦେଉଛି ଯେ ।
ଦ୍ୱିମଣି କେଉଁ ରୂପେ ମିଶିଲେ । ପ୍ରାଣୁ ଅଧିକ ପରକୁ କଲେ ।
ଏ ଚମତ୍କାର କାହୁଁ ଶିଖିଲେ ବିଧାତା ବିହି ଯେ । ୨୮ ।

---

କରୁଛନ୍ତି, ସାକ୍ଷାତ ପୁଣ୍ୟାତ୍ମା, ହସ୍ତୀ ଉପରେ ଆରୋହଣ, ସର୍ବଦା ଝୁଲୁଥିବା କେଶରେ ଯୁକ୍ତ । ସେ ଗୌରୀ ଅର୍ଥାତ୍ ସୁନ୍ଦରୀମାନଙ୍କର ମନୋହାରୀ ଅଟନ୍ତି । ପୁଣି ଏହି ବର୍ଣ୍ଣନାର ଦଶଦିଗର ସୂଚନା ମଧ୍ୟ ବାହାରେ । ଯଥା :— ବଜ୍ରଧର—ଇନ୍ଦ୍ର ଓ ପୂର୍ବଦିଗ, ଶିଖୀ—ଅଗ୍ନିକୋଣ, ଦଣ୍ଡ=ଦଣ୍ଡ—ଯମ ଅର୍ଥାତ୍ ଦକ୍ଷିଣଦିଗ, ସଦାଗତି—ପବନ ଅର୍ଥାତ୍ ବାୟୁକୋଣ, ଅଳକା—କୁବେରଦିଗ, ଗୌରୀଙ୍କ ମୋହି – ଶିବ ଅର୍ଥାତ ଈଶାନ୍ୟକୋଣ । ଏହି ବୀରପୁରୁଷ ପ୍ରତି ମୀନନେତ୍ରୀ ରାଜକନ୍ୟା ଯେପରି ଦୃଷ୍ଟି ନିବେଶ କରିଅଛି, ସେହି ପୁରୁଷ ମଧ୍ୟ ସେହିପରି ରାଜକନ୍ୟା ପ୍ରତି ଲକ୍ଷ୍ୟ ରଖିଅଛି । ଦୁହେଁ ନାରୀ ଓ ପୁରୁଷ ମଧ୍ୟରେ ଯଥାକ୍ରମେ ଶ୍ରେଷ୍ଠ । ଏହିସବୁ କାରଣରୁ ଦୁହେଁ ଦୁହିଁଙ୍କ ପ୍ରତି ଯଥାଯୋଗ୍ୟ ହୋଇ ଜନ୍ମ ହୋଇଅଛନ୍ତି । ଦୁହିଁଙ୍କର ସଖା ଓ ସଖୀ ଏହିପରି ଭାବରେ ପ୍ରଶଂସା କରନ୍ତି । ୨୭ ।

ଏହି ସମୟରେ ରାଜପୁତ୍ର ଓ ରାଜକନ୍ୟା ଦୁହେଁ ପରସ୍ପର ପ୍ରୀତିକୁ ପ୍ରଶଂସା କରି ରସ କୌତୁକରେ ସଖା ସଖୀଙ୍କୁ କହିଲେ, ଆମ୍ଭ ଦୁହିଁଙ୍କ ପ୍ରୀତି ସୂର୍ଯ୍ୟ ଚନ୍ଦ୍ର ପରି ହୋଇଅଛି । ସେ ସୁଶୀଳ ଅର୍ଥାତ୍ ସୂର୍ଯ୍ୟକାନ୍ତ ମଣି ସୁଶୀଳା ଅର୍ଥାତ ଚନ୍ଦ୍ରକାନ୍ତ ମଣିକୁ କାମନା କରନ୍ତି । ସେ ଦିନରେ ଓ ରାତିରେ ମଧ୍ୟ ପ୍ରକାଶ ପାଆନ୍ତି । ଅର୍ଥାତ ତାଙ୍କ ସ୍ପର୍ଶଯୋଗୁଁ ଅଗ୍ନି ଜାତ ହୋଇ ଚନ୍ଦ୍ରକାନ୍ତ ମଣି ତରଳିଥାଏ । ଏଣୁ ଆମ୍ଭେ ଦୁହେଁ ପରସ୍ପରକୁ କାମନା କରୁଁ । ଦିନ ରାତି ଆଶା ନିରାଶାର ଉଦୟ ହୋଇଅଛି । ସେହି ଚିନ୍ତା ମନରେ ପଶି କେବେ ବିରହାନଳ ଜାତ କରୁଅଛି, କେବେ ପୁଣି ତରଳାଇ ଦେଉଛି । ଏପରି ଦୁଇ ମଣି ଅର୍ଥାତ ସୂର୍ଯ୍ୟକାନ୍ତ ଓ ଚନ୍ଦ୍ରକାନ୍ତ ମଣିର ଭାବ କପରି ଏକାଠି ହେଲା ଏବଂ ପରକୁ ପ୍ରାଣଠାରୁ ଅଧିକ କଲା । ଏପରି ଚମତ୍କାର ସୂତ୍ର ବିଧାତା କାହାଠାରୁ ଶିଖି ପ୍ରଚଳନ କଲା । ୨୮ ।

କହନ୍ତେ ସଖା ସଖୀ ତାଙ୍କର ଯନ୍ତୁଁ ବହୁଳ ଏ ଚମତ୍କାର
ଯନ୍ତୁଁ ହେବ ଯେବେ ଘେରି ତଡ଼ିବା ଭାବ ଯେ ।
ଦୁହେଁ ଦୁହିଙ୍କ ପତି ହୋଇବ ଲକ୍ଷ୍ୟକୁ ଆଉ ପ୍ରୀତି ନ ଥିବ
ନିଶି ଉଦୟ ଲବ ସରବ ପ୍ରାପ୍ତ ଧ୍ୱଣିବ ଯେ ।
ଭୃଙ୍ଗ ପୁଷ୍ପ ସ୍ନେହରେ ଅଛି କି ଶଙ୍କା ଯେ । ଶୁଣି ମୂଢ଼ ରସିକ ଭାଷେ ରସିକା ଯେ
କଣ୍ଟକ ତନ୍ତ୍ର ସଂଯୋଗ ନାହିଁ କେତକୀ ମଧୁବ୍ରତରେ ତହିଁ
କୁରଙ୍ଗଭଙ୍ଗ ଯେମନ୍ତ ହୋଇ ଜନ୍ମାଇ ଦକା ଯେ । ୨୯ ।
ବୋଇଲା ଆଳୀ କମ୍ପାଇ ଗାତ୍ର ବୋହିଲା ହୁଏ କରମବନ୍ତ୍ର
ଜହ୍ନୁଅଛନ୍ତି ସମୁଦ୍ର ଚଳୁ କେବଳ ନରେ ଯେ ।
ନରେ ସମସ୍ତ ଇନ୍ଦ୍ର ହୋଇଛି ନରେ ଧରଣୀ ଟେକି ଧରିଛି
ଏ ଦୃଷ୍ଟାନ୍ତରେ ସୁଯୋଗ ଅଛି । ଭ୍ରମରକରେ ଯେ ।
ସୀତା ରାମ କଲେଟି ପୂର୍ବକାଳରେ ଯେ । ଜଳେ ଗିରି ବନ୍ଧନ ଜାଣି ବାନରେ ।
ବିଷୟ ହୋଇଛି ତ ଅନ୍ତର ଚିନ୍ତା ନଥ କେବଳ ପଦ୍ମପଦର
ଉପେନ୍ଦ୍ର ବୀରବର ଭ୍ରମର ସଦା ତଥିରେ ଯେ । ୩୦ ।

—o—

---

ଏହା ଶୁଣି ସଖାସଖୀ କହିଲେ—ବିଧାତା ଯେଣୁ ଏପରି ଚମତ୍କାର ବିଧାନ କରିଅଛି, ତେଣୁ ସେ ଦୁଇ ଶରୀର ପରସ୍ପରକୁ ଆଲିଙ୍ଗନ କରିବା ବ୍ୟବସ୍ଥା କରିବ । ଦୁହେଁ ଦୁହିଙ୍କର ପତି ଅର୍ଥାତ୍ ରକ୍ଷାକର୍ତ୍ତା ହେବେ । ଦୁହିଙ୍କର ପ୍ରୀତି ସହିତ ଉପମା ଦେବାକୁ ଆଉ କିଛି ହେବ ନାହିଁ । ପ୍ରାଣୀଙ୍କ ରାତିରେ ତିନ ଗତି ଲବପ୍ରମାଣ ସମସ୍ତ ବୋଧ ହେବ । ଭ୍ରମର ଓ ଫୁଲର ପ୍ରେମ ସମ୍ବନ୍ଧରେ କିଛି ସନ୍ଦେହ ଥାଏ କି ? ଏ କଥା ଶୁଣି ରସିକ ମୂଢ଼ ଅର୍ଥାତ୍ ବୋକା ହେଲା । ରସିକା କହିଲା ଆଲୋ ସଖୀ ! କଣ୍ଟା ଥିବାରୁ କେତକୀ ଫୁଲ ସହିତ ଭ୍ରମରର ଯୋଗ ହୁଏ ନାହିଁ । କୁରଙ୍ଗର ଲାଞ୍ଜ ଅର୍ଥାତ୍ ମୃଗ ପୁଚ୍ଛ ଛେଦନ ପରି ସେହିପରି ବାଧାପଡ଼ ବୋଲି ମନରେ ଦକା ବା ଭୟ ଜନ୍ମାଇଅଛି । ୨୯ ।

ଆଳୀ ଅର୍ଥାତ୍ ସଖୀ କହିଲା ତୁ କାହିଁକି ଚିନ୍ତା କରୁଛୁ ? ନ ହେବା କଥା ମଧ୍ୟ ଭାଗ୍ୟବଶରେ ଘଟେ । ଜଣେ ଲୋକ ତ ପୁଣି ସମୁଦ୍ରକୁ ଚଳୁ କରିଥିଲା । ଏକ ସମୟରେ ଜଣେ ମଣିଷ ସ୍ୱର୍ଗରେ ଇନ୍ଦ୍ର ହୋଇଥିଲା । ଜଣେ ମଣିଷ ଧନୁହୁଳରେ ପୃଥିବୀକୁ ଟେକି ଧରିଥିଲା । ଏହି ସମସ୍ତର ସଙ୍ଗରେ ଭ୍ରମରକେତକୀଙ୍କୁ ଉତ୍ତମ ସୁନ୍ଦରୀ ପ୍ରାପ୍ତି ଯୋଗ ଅଛି । ପୂର୍ବକାଳରେ ସୀତାରାମ ପାଣିରେ ପଥର ଭସାଇଲେ । ଏ କାର୍ଯ୍ୟ ମାଙ୍କଡ଼ମାନେ କଲେ । ସବୁ ବାଧା ଅନ୍ତର ଅର୍ଥାତ୍ ଦୂର ହୋଇଅଛି । ସେହି ସୀତା ରାମଙ୍କର ପଦ୍ମପାଦରେ ବୀରବର ଉପେନ୍ଦ୍ରଭଞ୍ଜ ଭ୍ରମର ଅଟଇ । ୩୦ ।

—o—

## ଅଷ୍ଟବିଂଶ ଛାନ୍ଦ

[ ରାଗ—ବସନ୍ତବରାଡ଼ି ]

ପ୍ରାଜ୍ଞ ସୁଜନ ରଞ୍ଜନ ପଦମାନ ମାନସେ କରିବ ବିଚାର ।
ଅଳ୍ପ ବୁଦ୍ଧ୍ୟବୃତ୍ତି ଉଦ୍ଧତି ନରେ ଯେନ୍ତ ବାନରମୂର୍ତ୍ତି ପରକାର ।
ଛାଡ଼ନ୍ତି । ନାହିଁ ଆପଣେ ବଡ଼ ଏ ଗର୍ବ ।
ଏ ଗୀତ ସବିତା ପଦ ପ୍ରଭବରେ ତାମସ ତମସ ନାଶିବ । ୧ ।
ଚରାଳମାନ ନାରାଚ ଧନୁର୍ଦ୍ଧର ରାଜବଂଶୀ-ରାଜନିକର ।
କନ୍ୟାରତ୍ନ ଲଭ ଆବେଶେ ସୁବେଶେ ପ୍ରବେଶ ଚମ୍ପାବତୀପୁର ।
ତୂର୍ଣ୍ଣିଲେ । ଅମରେ ଲଭିଲେ ସ୍ତବଧେ ।
ବ୍ରହ୍ମାଣ୍ଡଖଣ୍ଡ ତୂର୍ଣ୍ଣିରେ ପୂର୍ଣ୍ଣ ହେଲା ଯେଉଁ ବୀରତୂର ଶବଦେ । ୨ ।
ପତଙ୍ଗହୟ ପତଙ୍ଗ ଯେ ଆତଙ୍କ ଦେଖି ତରଳ ଦଣ୍ଡପନ୍ତି ।
ଛନ୍ଦହେବା ବନ୍ଧହେବା ପାଶ ନଳ ଭ୍ରମେ ଉଦ୍‌ବେଗ ବେଗଗତି ।
ପାଦାନ୍ତି । ବଳପ୍ରବଳରେ ଗମନ୍ତେ ।
ରେଣୁଏ ଅଣୁଏ ଛିଦ୍ର ନ ରଖିଲେ ଆକାଶ ପ୍ରକାଶ କମନ୍ତେ । ୩ ।

---

ହେ ପଣ୍ଡିତମାନେ ସାଧୁ ଲୋକଙ୍କର ଚିତ୍ତ ମୁଗ୍ଧ କର ଏହି ପଦମାନ ମନରେ ବିଚାର କର । ଯେଉଁ ଅଳ୍ପ ଜ୍ଞାନଯୁକ୍ତ ଲୋକମାନେ ମାଙ୍କଡ଼ ପରିପରି ନିଜର ବଡ଼ାଇ କରିବାକୁ ଛାଡ଼ନ୍ତି ନାହିଁ, ଏହି ଗୀତ ରୂପକ ସୂର୍ଯ୍ୟକିରଣ ତୁଲ୍ୟ ପଦମାନ ସେମାନଙ୍କର ତମଗୁଣଜନିତ ଅନ୍ଧକାରକୁ ନାଶ କରିବ । ୧ ।

ନାରାଚ—ଶର, ଧନୁର୍ଦ୍ଧର—ଧନୁଧାରୀ, ରାଜନିକର—ରାଜସମୂହ, ଆବେଶେ—ଆଶାରେ, ତୂର୍ଣ୍ଣି—ଶୀଘ୍ର, ଅମରେ—ଦେବତାମାନେ । ଧନୁଶରଧାରୀ ରାଜବଂଶର ରାଜାମାନେ କନ୍ୟାରତ୍ନ ଲାଭ ଆଶାରେ ସୁନ୍ଦର ବେଶଭୂଷା ପିନ୍ଧି ଚମ୍ପାବତୀ ନଗରରେ ପହଞ୍ଚିଲେ । ତାଙ୍କ ଗହଣରେ ଥିବା ବୀରତୂରର ନାଦରେ ସାରା ବ୍ରହ୍ମାଣ୍ଡ ଶୀଘ୍ର ପୂରିଗଲା । ଏହା ଦେଖି ଦେବତାମାନେ ସ୍ତବ୍ଧ ହୋଇଗଲେ । ୨ ।

ପତଙ୍ଗହୟ—ସୂର୍ଯ୍ୟ ରଥର ଘୋଡ଼ା, ପତଙ୍ଗ—ପକ୍ଷୀ; ତରଳ—ପତାକା, ଦଣ୍ଡପନ୍ତି—ପତାକା ବନ୍ଧା ବାଡ଼; ପାଶନଳ—ଅଠାକାଣ୍ଡିଆ, ବେଗଗତ—ଶୀଘ୍ରଗତ, ରେଣୁଏ—ଧୂଳିକଣା । ପତାକା ଏବଂ ତାହାର ବାଡ଼ିସବୁକୁ ଦେଖି ସୂର୍ଯ୍ୟଙ୍କର ଘୋଡ଼ା ଓ ପକ୍ଷୀମାନେ କାଳେ ଅଠାକାଣ୍ଡିଆରେ ଛନ୍ଦି ହେବେ ଓ ବନ୍ଧନରେ ପଡ଼ିବେ ଏହା ଭାବି ଶୀଘ୍ର ଚାଲିଗଲେ । ସୈନ୍ୟମାନଙ୍କର ପ୍ରବଳଗମନ ଯୋଗୁଁ ଧୂଳି ଉଡ଼ି ଆକାଶକୁ ଏପରି ଘୋଟିଗଲା ଯେ ଅଣୁ ପ୍ରମାଣରେ ଫାଙ୍କ ରହିଲା ନାହିଁ ଯହିଁରେ କି ଆକାଶ ଦେଖା-ଯାଆନ୍ତା । ୩ ।

କୁଞ୍ଜର କୁଞ୍ଜର ପୁଞ୍ଜର ଗମନେ ସୁମନେ ସୁମନେଶ ଖଣ୍ଡନେ ।
ପକ୍ଷହୀନା ମୂର୍ଚ୍ଛି ଜାହା ପକ୍ଷ ପାଇ ଅଚଳ ଅଚଳାରେ ଚଳେ ।
ସଭଙ୍ଗ । ଅଭଙ୍ଗ ରୂପକକୁ ଧାଇଁ ।
ଦନ୍ତ କଟକ ତୁଙ୍ଗ ପୃଥୁଳକାୟ ଗିକଳା-ଧାତୁଧାରେ ଶୋହ୍ନ । ୪ ।
ସିନ୍ଧୁ ଜାତକୁଳେ ପ୍ରବଳ ତରଙ୍ଗେ ବାଡ଼ବ ରଙ୍ଗେ ଭ୍ରମବ୍ଧି ।
ସିନ୍ଧୁ ଜାତକୁଳେ ପ୍ରବଳ ତରଙ୍ଗେ ବାଡବ ରଙ୍ଗେ ଭ୍ରମ ବଧି ।
ଚିତ୍ତରେ । ସର୍ବଯମକ ଭାବ ଭଜି ।
ମେଳ ତ୍ରିବେଣୀ ରଙ୍ଗ ଦଶେ କି ବଶେ ଅକାଳେ ପ୍ରଳୟ ହେଉଛି । ୫ ।
ଉଥେ ଘନ ଘନପଥେ ଯେ ଗମନ ଅମ୍ବରମଣ୍ଡନେ ରୁଚିର ।
ବିଧୁ-ଦର୍ପଣ ଝଟ ଝଟ ଝଟକେ ନେଇ ଅଟକ ନିରନ୍ତର ।
ପ୍ରକଟ । ଚଣ୍ଡ କଟକଟ ଉଟରେ ।
କେଙ୍କା ଟେକ ପୁଚ୍ଛ ଗଣକ ଗଣିଲେ କି ହେଉଛି ଭୂଜସ୍ତମ୍ଭରେ । ୬ ।

---

କୁଞ୍ଜର—ଶ୍ରେଷ୍ଠ, ହସ୍ତୀ; ପୁଞ୍ଜ—ସମୂହ, ସୁମନେଶ—ଇନ୍ଦ୍ର, ପକ୍ଷହୀନା—ଡେଣା କର୍ତ୍ତନ ନାଶ, ପକ୍ଷ—ସହାୟ, ଅଚଳ—ପର୍ବତ, ଅଚଳା—ପୃଥିବୀ । ଉକ୍ତ ଶ୍ରେଷ୍ଠ ହସ୍ତୀ ସମୂହ ଚାଲିବାରୁ ଇନ୍ଦ୍ର ବସି ଚିନ୍ତାକଲେ ମୁଁ ତ ପର୍ବତମାନଙ୍କ ଡେଣା କାଟିଥିଲି । ସେମାନେ ବର୍ତ୍ତମାନ କାହାର ସହାୟତାରେ ପୁଣି ପୃଥିବୀରେ ଚାଲୁଅଛନ୍ତି । କବି ଏଠାରେ ସଭଙ୍ଗ ଓ ଅଭଙ୍ଗ ଦୁଇ ପ୍ରକାର ରୂପକକୁ ବହୁଳ ଶବ୍ଦ ଯୋଜନା କରିଅଛନ୍ତି । ହାତୀର ଦନ୍ତବଳୟ ଓ ମଧ୍ୟଭାଗରେ ଶୋଭିତ, ତାହାର ପୁଣି ଶିକୁଳି ଥାଏ । ସେ ପୁଣି ଉଚ୍ଚ ଓ ଦୀର୍ଘାକାର । ପର୍ବତ ସେହିପରି ଶୃଙ୍ଗ ଓ ଗୈରିକ ଧାତୁରେ ଶୋଭିତ ଆଉ ଅତି ଦୀର୍ଘ ଓ ଉଚ୍ଚ । ଏଠାରେ ଦନ୍ତ ଶବ୍ଦର ଅର୍ଥ ହେଉଛି ଶୃଙ୍ଗ ଏବଂ କଟକ ଅର୍ଥ ହେଉଛି ପର୍ବତର ନିତମ୍ବ ଦେଶ । ୪ ।

ସିନ୍ଧୁଜାତ—ଲହରୀ, ସିନ୍ଧୁଦେଶର ଘୋଡ଼ା, ତରଙ୍ଗେ—ଲହରୀ, ଚଞ୍ଚଳତା, ଭ୍ରମବ୍ଧି—ଭଉଁରି ଗୋଲ ବୁଲିବା; ବାଡ଼ବ—ବାଡ଼ବାଗ୍ନି, ଘୋଡ଼ା, ରଙ୍ଗେ—ରଙ୍ଗରେ ଚର୍ଚ୍ଚିତ, କ୍ରୀଡ଼ାରେ; ବଶେ—ବଶରେ, ସଂସାର । ସେହି ସ୍ଥାନ ସମୁଦ୍ର ପରି ଦିଶୁଛି । ସମୁଦ୍ରରେ ବଡ଼ ବଡ଼ ଲହରୀ ଥାଏ ଏବଂ ବାଡ଼ବାଗ୍ନିରେ ଭଉଁରି ଖେଳୁଥାଏ । ପୁଣି ଏଠାରେ ସିନ୍ଧୁଦେଶ ଜାତ ଘୋଡ଼ା ଓ ଅନ୍ୟ ଜାତିର ଘୋଡ଼ାମାନ ଅତି କ୍ଷିପ୍ରଗତି କରୁଅଛନ୍ତି ଏବଂ କ୍ରୀଡ଼ାରେ ଚକାକାରରେ ବୁଲୁଅଛନ୍ତି । କବି ଏହିପରି ସର୍ବଯମକ ଭାବକୁ ମନରେ ଚିନ୍ତାକରି ଭାବୁଛନ୍ତି, ଏପରି ତିନିରଙ୍ଗର ତ୍ରିବେଣୀ ଅର୍ଥାତ୍ ଗଙ୍ଗା ଯମୁନା ଓ ସରସ୍ୱତୀ ମେଳ ହୋଇ ଅକାଳ ପ୍ରଳୟ କାଣ୍ଡ ସର୍ଜନା କରୁଛନ୍ତି । ୫ ।

ଉଥେ—ଉଅସରୁ, ଘନ—ମେଘ, ନିବିଡ଼; ଘନପଥରେ—ଆକାଶରେ, ଅମ୍ବର—ଆକାଶ, ବସ୍ତ୍ର; ରୁଚିର—ମନୋହର, ବିଧୁଦର୍ପଣ—ଚନ୍ଦ୍ରାକାର ଦର୍ପଣ, ଭୂଜ—ଭୂମିର

ମନ୍ତ୍ରୀବର ବେଗ କହେ ନୃପବର୍ଗ ଅଭିଧାନ ବିଶ୍ୱାନନ୍ଦଙ୍କୁ ।
କାନ୍ତ୍ୟାଦି କାଣ୍ଡ ପ୍ରକାଶ ତିନିଲୋକ ଜାତ କୃତ-ଶ୍ଲୋକବୃନ୍ଦଙ୍କୁ ।
ଉତ୍ତମ । ବର୍ଣ୍ଣ ଉତ୍କଳ ସର୍ବେ ତହିଁ ।
ଉଚିତନ ହେବ ହୃଦ୍‌ଗତେ ପୁସ୍ତକ ଲେଖାହୁବେ ଦେଖା ରଖାଇ । ୭ ।
ରାଜା ସମ୍ମତ ଏରୂପେ ଶେଷପତ୍ର ଚିତ୍ର ଉଦୟ ହେବା ଅସ୍ତୁ ।
ଗୁଣ ସଂଯୋଗରେ ପୂଜନ କରିବା ଗଣେଶ୍ୱରଜାତ ଆସୁଛି ।
ସଚିବ । ଜାଣଇ ସେ ସେପରେ ରାଜନ ।
ତେତେ ଆଦର କରି ରଖି ଉଦ୍ୟାନେ ରମ୍ଭ ବାଢ଼ ଦେଲା କହନ । ୮ ।

---

ସୁଣ୍ଡ ଅର୍ଥାତ୍ ମଙ୍ଗଳ, ସ୍ଥମ୍ଭ—ସ୍ଥିର । ରଥମାନେ ମେଘ ପରି । ମେଘ ଆକାଶରେ ଚଳଇ; ରଥମାନେ ଘନ ଅର୍ଥାତ୍ ଉଚ୍ଚତଳ୍ପରେ ପଥରେ ଯାଉଅଛନ୍ତି । ମେଘ ଆକାଶକୁ ଆଚ୍ଛନ୍ନ କରେ, ଏହି ରଥସବୁ ବସ୍ତ୍ରରେ ଆବୃତ ହୋଇ ମନୋହର ମେଘରେ ବିଜୁଳି ଚମକ ପରି ରଥରେ ଖଞ୍ଜାଥିବା ଭଦ୍ରାକାର ଦର୍ପଣ ଚକଚକ ହେଉଅଛି । ମେଘ ଗର୍ଜନ ପରି ରଥଚକରୁ ଘଡଘଡ ଶବ୍ଦ ହେଉଛି । ତାହା ଶୁଣି ମୟୂର ମେଘ ଉଠିବା ଜ୍ଞାନରେ ପୁଚ୍ଛ ଟେକୁଛି । ଏହି ଦୃଶ୍ୟ ଦେଖି ଜ୍ୟୋତିଷମାନେ ଗଣନା କରି କହୁଲେ ବର୍ତ୍ତମାନ ତ ମଙ୍ଗଳ ଗ୍ରହ ସ୍ଥିର ଅଛି, ଅତଏବ ମେଘର ଆଗମନ କିପରି ହେବ ? ମଙ୍ଗଳ ସ୍ଥିର ହେଲେ ଜ୍ୟୋତିଷମତରେ ବର୍ଷା ହୁଏ ନାହିଁ । ୬ ।

ରାଜକୁମାର ପ୍ରଭୃତିଙ୍କୁ ଦେଖି ମନ୍ତ୍ରୀଶ୍ରେଷ୍ଠ ଶୀଘ୍ର ବିଶ୍ୱାନନ୍ଦ ରାଜାଙ୍କୁ କହିଲେ ଏହି ରାଜାମାନେ ଅଭିଧାନ ଶାସ୍ତ୍ର ଅଟନ୍ତି । ଅଭିଧାନ ଶାସ୍ତ୍ରରେ କାନ୍ତ୍ୟାଦି କାଣ୍ଡବର୍ଗ ଥାଏ ଏବଂ ତିନିଲୋକର ସ୍ୱର୍ଗ, ମର୍ତ୍ତ୍ୟ, ପାତାଳରେ ଜାତ ଅର୍ଥାତ୍ ଶ୍ରେଷ୍ଠ ଶ୍ଲୋକମାନଙ୍କୁ ପ୍ରକାଶ କରେ । ସେହି ଶ୍ଲୋକରେ ଉତ୍ତମ ବର୍ଣ୍ଣ ଏବଂ ସର୍ବନାମ ଶବ୍ଦ ବ୍ୟବହୃତ ହୋଇଥାଏ । ଏହି ରାଜପୁତ୍ରମାନେ ଭୃତ୍ୟବର୍ଗ ଏବଂ କାନ୍ତ୍ୟାଦି ଅର୍ଥାତ୍ ଭଲ ବେଶଭୂଷାରେ ଏବଂ ଶାସ୍ତ୍ରୀୟ ବିଭିନ୍ନ ଅଧ୍ୟାୟରେ ପରିଶୋଭିତ । ସେମାନେ କୃତଶ୍ଲୋକବୃନ୍ଦ ଅର୍ଥାତ୍ ପୁଣ୍ୟାତ୍ମାମାନଙ୍କୁ ତିନି-ଲୋକରେ ଜଣାଅଛନ୍ତି । ପୁଣି ସମସ୍ତ ଉତ୍ତମ ବର୍ଣ୍ଣ ଅର୍ଥାତ୍ ଉତ୍ତମ ବଂଶରେ ଜାତ ଓ ଦୀପ୍ତିମନ୍ତ । ଏମାନଙ୍କୁ ପୁସ୍ତକ ଲେଖାର ପଂକ୍ତିପରି ହୃଦ୍‌ଗତରେ ରଖାଇବା । ୭ ।

ଶେଷପତ୍ର—ପୋଥିର ଶେଷପୃଷ୍ଠା, ଗଣେଶ୍ୱର ଜାତ—ଗଣେଶଚତୁର୍ଥୀ ଜାତ, ଗୁଣ—ଡୋରି, ଚିତ୍ର—ଛବି, ଆଶ୍ଚର୍ଯ୍ୟ; ଶେଷପତ୍ର=ଶେ+ଷପତ୍ର ଅର୍ଥାତ୍ ଯାନ ସହିତ, ଗୁଣ ସଂଯୋଗ – ଦସ୍ତା, ଜାତିରୁ ଆଦ ଗୁଣ ଅନୁସାରେ । ରାଜା ମନ୍ତ୍ରୀଙ୍କ କଥାରେ ରାଜି ହୋଇ କହିଲେ, ପୋଥିର ଶେଷ ପୃଷ୍ଠାରେ ଚିତ୍ର ଲେଖାଯାଏ । ପୋଥିରେ ଡୋରି ବନ୍ଧା ହୋଇଥାଏ ଏବଂ ଗଣେଶଚତୁର୍ଥୀରେ ତାହାକୁ ପୂଜା କରାଯାଏ । ଏଠାକୁ ଗଣେଶର ଜାତ ଅର୍ଥାତ୍ ରାଜା ଗଣେଶ୍ୱରଙ୍କ ପୁତ୍ର ପୁଷ୍ପକେତୁ ଆସୁଛନ୍ତି । ସେ ଯାନ ସହିତ ଆଶ୍ଚର୍ଯ୍ୟ ଭବନରେ ପ୍ରବେଶ କରିବା କଥା । ଆମ୍ଭମାନଙ୍କର ତାଙ୍କୁ ଓ ଅନ୍ୟମାନଙ୍କୁ ଗୁଣକ୍ରମରେ ପୂଜା କରିବା

ସେ ବନ ନନ୍ଦନ ସମାନ ବନ୍ଦନ ସଦା ସୁମନାବର ଥାଇ ।
ସାରେଣ କଉଶିକୀ ସେ ମନ୍ଦାକିନୀ କି ସୁରସନ୍ତାପକୁ ହରଇ ।
ଦେଖନ୍ତି । ରାଜନେ ଦୁହିଙ୍କ ଶୋଭନ ।
କରନ୍ତି ସନ୍ଲାନେ ପରଭୃତ ସ୍ଵନ ସଲଳେ ପରଭୃତ ସ୍ନାନ । ୯ ।
ଖେଳୁଛନ୍ତି କଳକଣ୍ଠ ଚଳୁଛନ୍ତି କଳକଣ୍ଠ ଅବିରତର ।
କାହିଁ କୁମୁଦ ଗନ୍ଧସାର ସ୍ଵାଦ କାହିଁ କୁମୁଦ ଗନ୍ଧସାର ।
ଭ୍ରମରେ । ରାଜିତ ଭ୍ରମରେ ରାଜିତ ।
କେ ମଧୁର ବାସ କେ ମଧୁର ବାସ କେବଳ ମଧୁର ବାସ ସନ୍ତ । ୧୦ ।
ମାଳଣୀପୁର ମାଳିନୀ ଫୁଲ ତୋଳନ୍ତି ସେ ବନେ ମାଳିକା ରଚନେ ।
ଲକ୍ଷ ନୃପନ୍ତ ଲକ୍ଷ୍ୟ ଲୋଭେ ପ୍ରବେଶ ଶୁଣାଇକେତେ ଦେଖି ନେଲଚନେ ।
ବାହୁଡ଼ି । ମଗଧଦେଶ ମନ୍ତ୍ରୀସୁତ ।
ଯେଉଁ ଫୁଲ ମାଗି ପନ୍ଥିରେ ସବରୀ ନୃପଜାଠାରେ ଦେବ ଖ୍ୟାତ । ୧୧ ।

---

ହୋଇଛ ଅଛେ । ରାଜାଙ୍କର ମନ୍ତ୍ରୀ ଜାଣନ୍ତି କିଏ କି ପ୍ରକାର ରାଜା । ତେଣୁ ସେ ସେମାନଙ୍କୁ ଯଥାଯୋଗ୍ୟ ଆଦର ସହିତ ଉଦ୍ୟାନରେ ରଖି ରତ୍ନଖଚିତ ବସ୍ତ୍ର ଦେଲେ । ୮ ।

ସେହି ଉଦ୍ୟାନ ସ୍ଵର୍ଗର ନନ୍ଦନବନ ସଦୃଶ । ନନ୍ଦନବନରେ ସୁମନାବର ଅର୍ଥାତ୍ ଦେବଶ୍ରେଷ୍ଠ ଇନ୍ଦ୍ର ଥାଆନ୍ତି; ଏହି ବଣରେ ଶ୍ରେଷ୍ଠ ପୁଷ୍ପମାନ ଅଛି । ନନ୍ଦନକାନନ ନିକଟରେ କୌଶିକୀ ନଦୀ ଅର୍ଥାତ୍ ସ୍ଵର୍ଗଗଙ୍ଗା ପ୍ରବାହିତ ହୋଇ ଦେବତାମାନଙ୍କର ସନ୍ତାପ ହରଣ କରେ; ଏଠାରେ ନଦୀ ସୁରସ ଅର୍ଥାତ୍ ସୁରଶାପକୁ ନାଶ କରୁଅଛି । ରାଜାମାନେ ନଦୀ ଓ ବଣ ଦୁହିଁଙ୍କ ଶୋଭା ଦେଖୁଛନ୍ତି । ବନରେ ପରଭୃତ ଅର୍ଥାତ୍ କୋକିଳମାନେ ସନ୍ଲାନେ ଅର୍ଥାତ୍ ମଧୁର ସ୍ଵର ରାବୁଥାନ୍ତି; ଏଠାରେ ପରଭୃତ ଅର୍ଥାତ୍ ରାଜସେବକମାନେ ଗାଧୋଇ ଥାନ୍ତି । ୯ ।

ଅବିରତ—ସର୍ବଦା, କଳକଣ୍ଠ—ମୟୂର, ହଂସ; ଚଳୁଛନ୍ତି—ଖେଳୁଛନ୍ତି, ପହଁରୁଛନ୍ତି; କୁମୁଦ—ଧାତକୀ ଗଛ, ଗନ୍ଧସାର—ଚନ୍ଦନ, ଭ୍ରମର—ଭ୍ରମର, ଭଉଁରି; କେ—ନଦୀ, ବନ; ମଧୁ—ବସନ୍ତ, ଜଳ ଓ ସୌନ୍ଦର୍ଯ୍ୟ । ବନରେ ମୟୂରମାନେ ସର୍ବଦା କ୍ରୀଡ଼ା କରୁଛନ୍ତି, ନଦୀରେ ହଂସମାନେ ପହଁରୁଛନ୍ତି । ବନର କେଉଁ କେଉଁ ସ୍ଥାନରେ ଧାତକୀ ଗଛ ଓ ଚନ୍ଦନ ଗଛ ଘ୍ରାଣଦାନ କରୁଛନ୍ତି । ସେହିପରି ନଦୀର କୌଣସି କୌଣସି କୁମୁଦର ଗନ୍ଧ ସାର ହୋଇଅଛି । ବନରେ ଭ୍ରମରମାନେ ରହିଅଛନ୍ତି । ନଦୀର ପାଣିର ଭଉଁରି ଜାତ ହୋଇଅଛି । ବନରେ ବସନ୍ତକାଳ ରହିଥାଏ । ସେହିପରି ନଦୀରେ ମଧୁ ଚେ ଅର୍ଥାତ୍ ଜଳ ହେଉଅଛି । ଏହିପରି ବନ ଆଉ ନଦୀ ଦୁହେଁ ହୋଇଛନ୍ତି ସୌନ୍ଦର୍ଯ୍ୟର ବାସସ୍ଥାନ । ୧୦ ।

ମାଳିନୀପୁର ଅର୍ଥାତ୍ ଚମ୍ପାପୁର ରାଜ୍ୟର ମାଳିନୀ ହାର ଗୁନ୍ଥିବା ପାଇଁ ସେହି ବନରେ ଫୁଲ ତୋଳିବାବେଳେ ଲକ୍ଷ ସଂଖ୍ୟାରେ ରାଜା ଲକ୍ଷ ବିନ୍ଧିବା ଲୋଭରେ ସେହି

ଶୁଦ୍ଧାନ୍ତେ କେମା ସଖୀ କଥା ଏକାନ୍ତେ ନବକାମ ଉକ୍ତି ଲକ୍ଷେ ।
ଆସିଲେ କି ନାହିଁ କପଟ ଜାଣିମା ଶୁଣି ରମଣୀମଣି କହେ ।
ପ୍ରସ୍ଥାନ । ନ କରିଥିଲେ ସେ ପ୍ରସ୍ଥାନ ।
କରିବ ଟିକି ଶମନ-ଭବନକୁ ଜୀବନ ବୁଝ ଏ ବିଧାନ । ୧୨ ।
କାଣୀକା କହି ସାରଙ୍ଗ ଚଞ୍ଚଳାକ୍ଷୀ ଗୁରୁ ଆଶଙ୍କା ଏଥି ନାହିଁ ।
ଅବଧି ବରଷେ ତା ମାର ତୃଷାରେ ଜାଣି ସାରଙ୍ଗ ଥାଏ ଯହିଁ ।
ଚିନ୍ତାନ୍ତରେ । ଜଳଦ ବୋଲନ୍ତେ କେ ଯତନ ।
ସେ ରସଦମୂର୍ତ୍ତି ଭୁ ତାହା ତୃଷାରେ ଆସିବେକ ରସ ପ୍ରଦାନେ । ୧୩ ।
କହେ କାଦମ୍ବିନୀ ସମସ୍ତ ହେଲଣି ହରଷ ନଦୀ ଉଚ୍ଛୁଳିବ ।
ନୀବି ବନ୍ଧ ଅସ୍ତବ୍ୟସ୍ତ ଲଭି ଲଜ୍ଜା ହଂସ ଦୂରକୁ ପଳାଇବ ।
କି ଗୁଣି । ମାଳିନୀ ଏକାଳେ ଅଇଲା ।
ଶଚୀକଳା ଫୁଲମାଳା ଗୁନ୍ଥି ଆଜ ଅଳ୍ପ କାହିଁକି ପଚାରିଲା । ୧୪ ।

---

ବନରେ ପଢ଼ୁଥିଲେ । ମାଳିନୀ କେତେ ରାଜାଙ୍କ ନାମ ଶୁଣିଲା, କେତେ ରାଜାଙ୍କୁ ଦେଖିଲା । ସେ କେଉଁଠାରେ ମଗଧଦେଶର ମନ୍ତ୍ରୀପୁଅ ତାକୁ କେଉଁ ଫୁଲରେ ସେହି ତୋଡ଼ା ମାଗିଲା, ମାଳିନୀ ଯାଇ ନୃପଜା ଅର୍ଥାତ୍ ରାଜକନ୍ୟାଙ୍କୁ ସେ ସମ୍ବାଦ ଦେଲାବେଳେ ପ୍ରକାଶ ପାଇବ । ୧୧ ।

ନୂଆ ଦେହଧାରୀ କନ୍ଦର୍ପ ପରି ପୁଷ୍ପକେତୁ ରଜ ସଦୃଶ କୋଟିବ୍ରହ୍ମାଣ୍ଡ ସୁନ୍ଦରୀଙ୍କୁ କାମନା କରି ଆସିଲେଣି କି ନାହିଁ କେମିତି ଜାଣିବା ଏହି କଥା ଶୁଦ୍ଧାନ୍ତରେ ଅର୍ଥାତ୍ ଅନ୍ତଃପୁରରେ କେମାରି ସଖୀ ଏକାନ୍ତରେ କହିବାରୁ ନାୟିକା ତାହା ଶୁଣି କହିଲେ, ସେ ଆସି ନ ଥିଲେ ମୋ ଜୀବନ ଯମପୁରକୁ ଯିବଟି ଏହା ମନରେ ଘେନ । ୧୨ ।

କାଣୀକା ସଖୀ କହିଲା ଆରେ ସାରଙ୍ଗ ଅର୍ଥାତ ଖଞ୍ଜନ ତୁଲ୍ୟ ଚଞ୍ଚଳ ଆଖିଥିବା, ଏ ବିଷୟରେ ଗୁରୁତର କୌଣସି ଆଶଙ୍କା ଯୁକ୍ତ ନାହିଁ । ଚାତକ ଯେଉଁଠାରେ ଥିଲେ ମଧ୍ୟ ତାକୁ ଶୋଷିଲା ଜାଣି ମେଘ ବୃଷ୍ଟି କରିଥାଏ ନହୁବା ମେଘକୁ କେହି ଜଳଦ ଅର୍ଥାତ୍ ଜଳ-ଦାନକାରୀ କହନ୍ତେ ନାହିଁ । ସେହିପରି ସେହି ସୁନ୍ଦର ରାଜପୁତ ରସଦ ଅର୍ଥାତ୍ ରସଦାନର ମୂର୍ତ୍ତି । ତୁ ଶୋଷିଲା ହେତୁ ତାହାପାଇଁ, ସେ ନିଶ୍ଚୟ ତୋତେ ରସ ଦେବାପାଇଁ ଆସି ଥିବେଣି । ୧୩ ।

କାଦମ୍ବିନୀ ନାମକ ସଖୀ କହିଲା ସମସ୍ତ ହୋଇଗଲଣି । ଏଥର ଆନନ୍ଦ ରୂପକ ନଦୀ ଉଚ୍ଛୁଳିବ, ଅଣ୍ଟାରେ ବନ୍ଧାଥିବା ବସ୍ତ୍ରର ଗଣ୍ଠି ବିପର୍ଯ୍ୟସ୍ତ ଦଶାକୁ ପାଇବ, ଲଜ୍ଜା ରୂପକ ହଂସ ଦୂରକୁ ପଳାଇବ । କଅଣ ମନରେ ବିଚାର କରି ମାଳୁଣୀ ଏତେବେଳେ ଆସି ପହଞ୍ଚିଲା । ଶଚୀକଳା ନାମକ ସଖୀ ଫୁଲହାରକୁ ଅନାଇ ଆଜି କଅଣ ପାଇଁ ଅଳ୍ପ ବୋଲି ପଚାରିଲା । ୧୪ ।

ପଶ୍ଚିମେଲ୍କୁ ଜିତାଇଲେ ଭ୍ରମନ୍ତି ଆନନ୍ଦେ ସେ କେଳିକାନନେ ।
ନରନାୟକ ଯେତେକ ପୃଥ୍ୱୀପାଳ ପ୍ରହରଗଲେ ତହିଁ ସଦନେ ।
ଦେଖି ମୁଁ । ଜାଣିଲି ଭିନ୍ନ ତଥ୍ୟ କରି ।
ସମ୍ପଦେ ମଦେ ପ୍ରମୋଦେ । ଗାରବଟେ ଅଧିକ କହୁଛି ବିସ୍ତରି । ୧୫ ।
ନିଷ୍ଟେ ତ୍ରିପୁର ଜିଣିଛି କାଶୀଶ୍ୱର ନୁହଇ କାଶୀଶ୍ୱର ସେହି ।
ବିଦେହ ରାଜା ଆସିଅଛି ବିଦେହରାଜା ଏଥି ଏ ସେନକାହିଁ ।
କୋଦଣ୍ଡ । କାଣ୍ଡ ପର୍ବରେ ତା ନିର୍ମାଣ ।
ଯେ ପୁର ନୃପଙ୍କ ବାଟେ ଚନ୍ଦ୍ରପ୍ରଭା ସ୍ୱଭାବେ ସେ ଜ୍ୟୋତିରିଙ୍ଗଣ । ୧୬ ।
ଗୁରୁ କବି ହବି ମିଶ୍ରକେଶ ବେଶପାରେଶ ଥିଲେ ମୋତେ ବସିଲ ।
ଦୃଷ୍ଟିଏ ତହୁଁ ଗୋଟିଏକ ଖସିଲା ମୋର ନିକଟକୁ ଆସିଲା ।
ମୋ ନେତ୍ର । ମୀନ ସୁଖ ଭୋଗ ଆଣିଲା ।
ମାଗିଲି ସୁଗନ୍ଧ ଫୁଲ ଯେତେ ଦେଲି ତହିଁରୁ କିଛି ନ ନେଲା । ୧୭ ।

---

ସିଏ ପଶ୍ଚିମେଲ ଅର୍ଥାତ୍ ଶଚୀକଳାକୁ ହରଷ ମୁଖ କରି କାଳୁଣୀ କହିଲ ସେହି କ୍ରୀଡ଼ା ଉଦ୍ୟାନରେ ପୃଥ୍ୱୀପାଳଙ୍କ ଯେତେ ରାଜା ସେମାନେ ନିଜନିଜ ଭବନରେ ଭରସାଇ ଅଛନ୍ତି । ସେମାନଙ୍କୁ ଦେଖି ତାଙ୍କ ମଧ୍ୟରୁ ଯେଉଁ ତିନିଜଣ ସମ୍ପତ୍ତି ଅହଂକାରରେ, ଆମୋଦ ଗୁଣରେ ଏବଂ ଗାରବପଣରେ ଅଧିକ ବୋଲି ମନେକଲି, ସେମାନଙ୍କ ବିଷୟ ବିସ୍ତର କରି କହୁଅଛି । ୧୫ ।

କାଶୀର ରାଜା ନିଷ୍ଟୟ ତ୍ରିପୁରକୁ ଜିଣିଅଛି; ମାତ୍ର ସେ ତ୍ରିପୁରଜେତା କାଶୀଶ୍ୱର ଶିବ ନୁହନ୍ତି । ବିଦେହ ଦେଶର ରାଜା ଆସିଛନ୍ତି । ସେ ସୁନ୍ଦରପଣରେ ବିଦେହ ଅର୍ଥାତ୍ କନ୍ଦର୍ପ ପରି; କିନ୍ତୁ କନ୍ଦର୍ପ ନୁହନ୍ତି । ମାତ୍ର କନ୍ଦର୍ପର ଧନୁବାଣ ଯେଉଁ ଫୁଲରେ ନିର୍ମିତ ସେହି ପୁଷ୍ପପୁରର ରାଜପୁତ୍ର ପୁଷ୍ପକେତୁ ଚନ୍ଦ୍ରପ୍ରଭା ଅର୍ଥାତ୍ ଚନ୍ଦ୍ରର କାନ୍ତି ଧରି ଆସିଛନ୍ତି । ତାଙ୍କ ପ୍ରଭାବରେ ଅନ୍ୟ ଦୁଇ ରାଜା ଜ୍ୟୋତିରିଙ୍ଗଣ ଅର୍ଥାତ୍ ଜୁଳୁଜୁଳିଆ ପୋକପରି ପ୍ରଭାହୀନ । ୧୬।

ମୋତେ ଦେଖାଗଲା ଯେ ତାଙ୍କର ପାଖରେ ଦୁଇଜଣ ବନ୍ଧୁ ଅଛନ୍ତି । ସେ ଦୁହେଁ ଗୁରୁ ଅର୍ଥାତ୍ ବୃହସ୍ପତି ଏବଂ କବି ଅର୍ଥାତ୍ ଶୁକ୍ରଙ୍କ ପରି ଦେଖା ଯାଉଥିଲେ । ତାଙ୍କ ଦୃଷ୍ଟିଏ ଅର୍ଥାତ୍ ଏପରି ବସିଲା ଯେ ଗୋଟିଏ ଖସି ମୋ ପାଖକୁ ଆସିଲା । ତାହା ମୋର ଆଖି ରୂପକ ମୀନର ସୁଖ ଘଟାଇଲା । ଜ୍ୟୋତିଷମତରେ ମୀନ ରାଶି ବୃହସ୍ପତି ଗ୍ରହର ନିଜ ଘର ଏବଂ ଶୁକ୍ର ଗ୍ରହ ତହିଁରେ ଉଚ୍ଚ ହୋଇଥାଏ । ସେ ମୋତେ ଫୁଲ ମାଗିବାରୁ ମୁଁ ଯେତେ ସୁଗନ୍ଧ ଫୁଲ ଦେଲି ସେଥିରୁ କିଛି ନେଲା ନାହିଁ । ୧୭ ।

ମୁଁ ବୋଲନ୍ତେ ଯାହା ଇଚ୍ଛା ତାହା କଥ ଉତ୍ସବରେ ଉଲ୍ଲାସକୁ ବହି ।
ଗୁନ୍ଥିଲ ଗଣି ନେଇ ଚମ୍ପା କଣ୍ଠଣ ସୂତାରେ ଗାରବଣ କହି ।
ମୋହୁଛୁ । ଭୁବନ ବର୍ଣ୍ଣମଙ୍ଗଳରେ ।
ସେଠାରେ ବସି କ ରସିକ କୁମାର ଶିରମଣ୍ଡନ କଲ୍ଲ ଧୀରେ । ୧୮ ।
ମିଥ୍ୟା କହେ ସୁଚ କ କର ଜାଣିଲ୍ଲ ସେନମ ବା ହୃଦୟାଗରେ ।
ଫୁଲ ମାଗିବା ପରୁଷେ ଚଗୁରନ୍ତୁ ତୁମ୍ଭ ଗୃହ କେଉଁ ନଗରେ ।
କହୁଛୁ । ହସିଲ୍ଲ ହୋଇ ମେ ମୃଦୁକେ ।
ଗୃହବର୍ଣ୍ଣେ ଗୃହଅଙ୍କ ହେବ ତକେ ପାଟଳପଟର ଆଣିଲେ । ୧୯ ।
ମୋ ସଦ୍ମେ ଥିଲ ପୋଟୀ ଯଣ ଗୋଟାଏ ତର୍ହିଁ ଦଣେ ସେ କହୁଥିବ ।
ଜାତି ନଳନା ଖଣ୍ଟିଣି ମାଳନା ଏ ତେଣୁ ବରଗଲେ ଏ ଶ୍ରାବ ।
ବାଳା ସେ । ସୁବ୍ରସାଳ ପରା ଦେଖ୍ତି ।
କର୍ଣ୍ଣ ପ୍ରବେଶ ଶ୍ରବଣରେ କନକ-କର୍ଣ୍ଣଫୁଲ ଲକ୍ଷ୍ୟ କହ୍ତି । ୨୦ ।
ଦେଇ ଶାଢ଼ୀ ଚୂଡ଼ି ଗୁଣା ମୁଦ ବଳା ସୁବର୍ଣ୍ଣେ ରଜତେ ତପକେ ।
ମାଜଣା କରାଇ ଉମାଙ୍କୁ ଶିବଙ୍କୁ ଯା ଜଣା ସଖୀଏ କହିଲେ ।

---

ଯାହା ଇଚ୍ଛା ତାହା କଥ ବୋଲି ମୁଁ କହିବାରୁ ସେ ଉତ୍କଣ୍ଠିତ ହୋଇ ଉଲ୍ଲସିତ ଚିତ୍ତରେ ୬୨ଗୋଟି ଚମ୍ପାଫୁଲ ଗଣି ଗଣି ସୂତାରେ ଗୁନ୍ଥି କହିଲ ଏଥିରେ ରାଜପୁତ୍ର ବଶ ଅର୍ଥାତ୍ ଚମ୍ପାପୁର ରାଜକନ୍ୟା ପାଖରେ ରାଜପୁତ୍ର ବଶ ହୋଇଛୁ ବୋଲି ଜଣାଇ ଦେଲ । ଆହୁ ଦେଖିଲି ରୂପଢ଼ଙ୍ଗରେ ଜଗତକୁ ମୋହିବ ଏପରି ଏକ ରାଜପୁତ୍ର ବସିଛୁ । ସେ ବଡ଼ ରସିକ ଯୁବକ । ସେ ମାଳାକୁ ନେଇ ଧୀରେ ଧୀରେ ଆପଣା ମୁଣ୍ଡରେ ରଖିଲ । ୧୮ ।

ତୁମେ ଅବା ମନରେ ଭାବୁଥ ମୁଁ ମିଛ କହୁଛୁ । ମୁଁ କପରି ତାଙ୍କର ନଗର ନାମ ଜାଣିଲି । ମାତ୍ର ଯେଉଁ ଯୁବକ ଫୁଲ ମାଗିଲ ମୁଁ ତାଙ୍କର ଘର କେଉଁ ନଗରରେ ବୋଲି ପଚାରିଥିଲି । ସେ ମନ୍ଦ ମନ୍ଦ ହସି କୋମଳ ସ୍ୱରରେ କହିଲେ ପାଟଳି ପଟ ଶବ୍ଦର ୪ର୍ଥ ଅକ୍ଷର ପ ତଳେ ଗୃହଅଙ୍କ ଅର୍ଥାତ୍ ହ୍ରସ୍ୱଉକାର ଦେଲେ ମୋ ନଗରର ନାମ ବାହାରିବ ଅର୍ଥାତ୍ ପାଟଳି ପୁତ୍ର । ୧୯ ।

ମୋ ସଦ୍ମ ଅର୍ଥାତ୍ ଗୃହରେ ରହୁଥିବା ନପୁଂସକ ପୁରୁଷପରି ଜଣେ ସେଠାରେ ଦେଖାଦେଲ । ପଦ୍ମିନୀ ଜାତୀୟା ରାଜକନ୍ୟାର ସେବାକାରୀ ଏହୁ ମାଳନୀ ବୋଲି ସେହି ପୁରୁଷ କହୁଥିବ । ତେଣୁ ଏପରି ଭାବରେ କଥା କହୁଥିବ । ସେହି ରାଜକନ୍ୟାର ଦେହର ରଙ୍ଗ ପାଚିଲ ଆମ୍ବପରି । ସେ କର୍ଣ୍ଣପ୍ରମସ୍ଥରେ ପହଞ୍ଚିବାର ଶୁଣି ଯାର ସୁନା ପଣସର ତୁଲନା ଯୋଗ୍ୟ ହେଲ । ୨୦ ।

ସଖୀମାନେ ମାଲୁଣୀକୁ ଶାଢ଼ୀ ସୁନାରୁପାର ଚୂଡ଼ି, ଗୁଣା, ମୁଦ ଓ ବଳା ପ୍ରଭୃତି ଅତି ଶୀଘ୍ର ଦେଇ କହିଲେ, ତୁ ଯାଇ ଶିବପାର୍ବତୀଙ୍କୁ ପୂଜା କରାଇ ଜଣାଇବୁ ସେହି ଧନ

ସେ ଧନ । ପ୍ରାପତ ହେଉ ଏ ଯୋଷାରେ ।
ପ୍ରେମ-ବାଣିଜ୍ୟେ ଲଭ ଲଭୁ ନାଧନ କରୁ ବିରହ ଦୁର୍ଦ୍ଦଶା ରେ । ୨୧ ।

ଯାଅବୁ ଧନ ସେ କାହିଁ ଲଭ ନେଇ ପାଇବ ସେନ ତୁ ଗୁଣିକ ।
ପ୍ରସ୍ତୁ ମାଣିକ୍ୟରୁ ଜାତ କରାଇବ ଅନୁରାଗ ବାଣୀ ମାଣିକ ।
ସୁହାସ । ମୋତି କରିବ ଆଦ ଯାତ ।
ହର ଭଣ୍ଡାରେ ଅର୍ଜନ ଦନ୍ତ ହାର ଆଅଇ ହୋଇବ ଭୂପତ । ୨୨ ।

ଏମନ୍ତ ଶୁଣି ସେ ମାଳକତରୁଣୀ ମେଲାଣି ହୋଇ ଯିବାବେଳେ ।
ତଟିନୀ ତଟରେ ମୁବାବରେ ଭେଟି ନେଉଛି ଋଷି ଚେଟୀ ମିଳେ ।
କହିଲ । ଅପରାଧ କ୍ଷମା କରିଇ ।
ମୋ ନତ ଖଞ୍ଜା ତାମ୍ବୁଳ ପଦ୍ମଦଳ ଶଯ୍ୟାକୁ ଗଲ ଦହିଁପାଇଁ । ୨୩ ।

ଏଇ ବିମ୍ବାଧର ନାଗପାଳ ପାନ ଧରି ନଗରୁ ସନାଳ ସାରସ ।
କଲବେଳେ ଉପୂାନ୍ତ ଗୋଟିଏ କୂଳରେ ବକୁଳ ତଳରେ ପ୍ରବେଶ ।
ଜଗତ-ବନ୍ଦନ ରାଜନନ୍ଦନେ ।
ଦେଖି ନ ଥିବ କାହା ଆଖି ଏମନ୍ତ ସୁନ୍ଦର ତଜତଭୁବନେ । ୨୪ ।

---

ଅର୍ଥାତ ରାଜପୁତ୍ର ଏହି ରାଜକନ୍ୟାକୁ ମିଳୁ । ସେ ପ୍ରେମର ବାଣିଜ୍ୟ କରି ଲଭ ପାଇ ଏବଂ ବିରହ ରୂପକ ମନ୍ଦ ଦଶାକୁ ନାଶ କରୁ । ୨୧ ।

ତୁ ଏବା ଖବରୁ ସେ ଧନ କାହିଁ ଅଛି ଯାହାକୁ ନେଇ ସେ ଲଭ ଉଠାଇବ । ତୁ ତ ଗୁଣବତୀ ଏଣୁ ବିଚାର କରି ଦେଖ । ରାଜକନ୍ୟା ରାଜପୁତ୍ରକୁ ପାଇଲେ ନିଜର ମାଣିକ ପରି ରଙ୍ଗ ଅଧର ପାନ କରାଇ ସ୍ନେହବାଣୀ ରୂପକ ମାଣିକ୍ୟ ଜାତ କରାଇବ, ମୋତି ପରି ଶୁଭ୍ର ହାସ୍ୟ ଛଟା ପ୍ରକାଶ କରି ହୃଦ ଭଣ୍ଡାରେ ଅର୍ଥାତ୍ ଗଣ୍ଡଦେଶରେ ଲଭ ରୂପେ ଦନ୍ତହାର ଅର୍ଥାତ୍ ଦନ୍ତକ୍ଷତ ଦାଗ ରଖାଇ ତୃପ୍ତ ହେବ । ୨୨ ।

ସେହି ମାଳିର ସ୍ତ୍ରୀ ଏ କଥା ଶୁଣି ବିଦାୟ ହୋଇ ଯାଉଥିବାବେଳେ ନଦୀ କୂଳରେ ଯୁବକଙ୍କର ପୁଷ୍ପଚଇତ୍ର ଦେଖା କରି ନେଉଛି ଆସୁଥିବା ଚତୁରୀ ଦୂତୀ ଆସି ପହଞ୍ଚିଲ ଏବଂ କହିଲ ମୋ ଦୋଷ କ୍ଷମା କରିଇ ମୋର ନିତ୍ୟ କର୍ତ୍ତବ୍ୟ ପାନ ଓ ପଦ୍ମପତ୍ର ଯୋଗାଇବା କାମ ପାଇଁ ସେଠାକୁ ଯାଇଥିଲି । ୨୩ ।

ଆରେ ବିମ୍ବାଧରୀ ! ମୋର ବରାଦ ପାନ ଓ ଡେମ୍ପ ଥିବା ପଦ୍ମ ନଦୀରୁ ଉପାଡ଼ିବା ବେଳେ ଗୋଟିଏ କୂଳରେ ଜଗତ ପୂଜ୍ୟ ରାଜପୁତ୍ର ପ୍ରବେଶ ହେଲେ । ସେପରି ସୁନ୍ଦର ପୁରୁଷକୁ କେହି ତହୁଁ ଭୁବନରେ ଦେଖି ନ ଥିବ । ୨୪ ।

କନ୍ୟାଙ୍କ ଚନ୍ଦ୍ରକୁ ତୁଳା କେ କରିବ ଏସନ ପ୍ରସନ୍ନ ବଦନ ।
ସେହି ବପୁ ଯହିଁ ହରିରିପୁ ଗର୍ବ ନ ରଖି ବୋଲାଇ ମଦନ ।
ପୁରୁଷ ଋଷଭ ଯେ ଜଗତେ ଅଛନ୍ତି ।
ନନ୍ଦନୀ ଭୂପତି ଗୋପାଳ-ଶ୍ରେଷ୍ଠଙ୍କର ଲକ୍ଷଣା ଇଚ୍ଛା ତୋ ସଙ୍ଗତି । ୨୫ ।
ନରବରଜ ଢାଳିଲେ ଯେ ନୀରଜନେତ୍ର ଦ୍ୱିଜମିତ୍ର ଉପରେ ।
ସେ ମୋତେ ପୁଚ୍ଛିଲେ ହେ ବାଳେ ଏ ହିତ ନୋହେଟି କଦା ପ୍ରେତଜ୍ୱରେ ।
ସହଜେ । ଏ ବକ୍ଷପ୍ରସବ ବୋଲାଇ ।
କରଗ୍ରହଣଯୋଗ୍ୟ ଜନ ନ ମିଳି ପ୍ରବୃଦ୍ଧ ଭାବ ଅଛି ପାଇ । ୨୬ ।
ତିଳପର୍ଣ୍ଣୀ ଫଳ ରସାଳଦ୍ରୁଦସ୍ୟୁ ପରି କର୍କଶ ମଧ୍ୟେ ଥାଇ ।
ଜାତ ଜୀମୂତେ ଏ ହିତ ହେବ କଥ ଏମନ୍ତ ବ୍ୟାଧି ଥିଲେ ହୋଇ ।
ସଙ୍କେତ । ଦେଖି କୋଇଲି ଉଣ୍ଡ ଦେଲେ ।
ପୂର୍ବରେ ତବ କଣ୍ଠେ ଥିଲା ସୁରଭି ସୁରଭିମାଳା ଖାର ଗଳେ । ୨୭ ।

---

ତାଙ୍କର ପ୍ରଫୁଲ୍ଲ ବଦନ ସହିତ ଚନ୍ଦ୍ର ଏକ କଳାରେ ମଧ୍ୟ ସମାନ ହେବ ନାହିଁ । ତାଙ୍କର ଶରୀରକୁ ଦେଖି ହରିରିପୁ ଅର୍ଥାତ୍ କାମଦେବ ସୌନ୍ଦର୍ଯ୍ୟର ଗର୍ବ ନ କରି କନ୍ଦର୍ପ ନାମ ନାମ ମଦନ ଅର୍ଥାତ ମଦ । ନ ଅର୍ଥାତ୍ ଗର୍ବ ଚୂର୍ଣ୍ଣ ହୋଇଅଛି । ସେ ଜଗତରେ ପୁରୁଷ ଋଷଭ ଅର୍ଥାତ୍ ପୁରୁଷ ଶ୍ରେଷ୍ଠ ଅଟନ୍ତି, ଭୂ ଗୋପାଳ ଶ୍ରେଷ୍ଠ ଅର୍ଥାତ୍ ଶ୍ରେଷ୍ଠ ରାଜାଙ୍କର ସୁଲକ୍ଷଣା କନ୍ୟା । ଏଣୁ ସେ ତୋ ସଙ୍ଗ ଇଚ୍ଛା କରନ୍ତି । ୨୫ ।

ନରବର-ଜ—ଶ୍ରେଷ୍ଠ ରାଜାଙ୍କ ପୁତ୍ର, ନୀରଜ ନେତ୍ର—ପଦ୍ମନେତ୍ର, ଢାଳିଲେ—ଅନାଇଲେ, ଦ୍ୱିଜ—ବ୍ରାହ୍ମଣ, ବକ୍ଷପ୍ରସୂନ—ପଦ୍ମଫୁଲ, ବକଫୁଲ, କରଗ୍ରହଣ ଯୋଗ୍ୟ—ପାଣି ଗ୍ରହଣ ପାଇଁ ଯୋଗ୍ୟ, ବୈଦ୍ୟ; ପ୍ରବୃଦ୍ଧ—ବୃଦ୍ଧିଭାବ, ପ୍ରେତଜ୍ୱର—କାମଜ୍ୱର । ମହାରାଜାଙ୍କ ପୁତ୍ର ନିଜ ବ୍ରାହ୍ମଣମିତ୍ରଙ୍କୁ ପଦ୍ମନେତ୍ର ପକାନ୍ତେ ଅର୍ଥାତ୍ ଆଖି ଠାରନ୍ତେ ସେ ମୋତେ କହିଲେ ହେ ବାଳା ପଦ୍ମପତ୍ର କଦାପି ପ୍ରେତଜ୍ୱର ଅର୍ଥାତ୍ କାମଜ୍ୱରରେ ହିତ କାରକ ନୁହେ । ଏହା ହେଉଛି ସ୍ୱଭାବତଃ ବକ୍ଷପ୍ରସୂନ ଅର୍ଥାତ ପଦ୍ମ ଏବଂ ସେହି ନାମ-କରଣରୁ ମନେ ହୁଏ ଏହା ବକର ଫୁଲ । କର ଗ୍ରହଣ ଯୋଗ୍ୟ ଅର୍ଥାତ୍ ନାଡ଼ୀ ଦେଖିବା ଭଲ ବୈଦ୍ୟ ନ ମିଳିବାରୁ ରୋଗ ବୃଦ୍ଧି ହୋଇଅଛି । ଭିନ୍ନ ଅର୍ଥ ହେଉଛି ପାଣିଗ୍ରହଣ ଯୋଗ୍ୟ ବର ନ ମିଳିବାରୁ ପ୍ରେତଜ୍ୱର ଅର୍ଥାତ କାମଜ୍ୱର ବେଶୀ ହୋଇଅଛି । ଏଣୁ ପଦ୍ମପତ୍ରରେ କିଛି ଲାଭ ହେବ ନାହିଁ । ୨୬ ।

ତିଳପର୍ଣ୍ଣୀ—ଚନ୍ଦନ, ରସାଳଦ୍ରୁଦସ୍ୟୁ—ଆମ୍ବ ଭିତରେ ଥିବା ବସ୍ତୁ ଅର୍ଥାତ୍ ଟାକୁଆ; କର୍କଶ—କଠିନ; ଜୀମୂତେ—ପାହାଡ଼ରେ; ସୁରଭି—ସୁନ୍ଦର; ସୁରଭିମାଳା—ସୁନାଚମ୍ପାହାର । ଆମ୍ବ ଭିତରେ କଠିନ ଟାକୁଆ ଥିଲା ପରି ଟାଣ ଚନ୍ଦନ ଫଳ ଭିତରେ ରହିଛି । ଏହି ଫଳ ପର୍ବତରେ ଉପୁଜିଥାଏ । ଏହି ରାଜକନ୍ୟାଙ୍କର ପ୍ରକୃତରେ କାମଜ୍ୱର

ଧଇଲ ହରିତବର୍ଣ୍ଣରୁ କହିଲ ଗଢ଼ା ଗେଣ୍ଡୁ ଏ ଗୋଶୀର୍ଷରେ ।
ଖଣ୍ଡ ଏ ସ୍ପର୍ଶସୁ ଦେଖ ଚତୁର ଏ ଫଳ ହେବ କେଉଁ କଣରେ ।
ଭେନ ଯେ । ଆଳୀ ଅଙ୍ଗୁଳି ଘାତ କଲା ।
ହୃଦୟୁ ଜଡ଼ୟୁ ଉଠିନକୁ ଜାଣି ଭଙ୍ଗି ଶୋଭାଙ୍ଗୀ ହସ୍ତେ ଦେଲା । ୨୮ ।
ସୁନା ପତ୍ର ଖୋଳା ବ୍ୟକତ ମର୍କତ ମିନା ଫୁଙ୍କା ଲିପି ଝଳତ ।
ଅଦ୍ଭୁତ କେତକୀ ପତ୍ରେ ଆଳି ଆଳି ହୋଇ କି ମିଳନ୍ଦ ମିଳତ ।
ପରାଗ । ଯୋଗ ହୋଇଥିଲା ପରରେ ।
ଯେ ଗନ୍ଧସାର ଶେଷ କାହିଁ ରହିଛି ପଡ଼ିଲା ଉତ୍ପୁଲ୍ଲି ଶରୀରେ । ୨୯ ।
ରାମା ଯେମନ୍ତ ଅଭିରାମା ତେମନ୍ତ ନାମ ସୃଷ୍ଟି ବନ୍ଧ ବନ୍ଧିଲା ।
ଉର୍ବଶୀ ଅପୂର୍ବ ସୁନ୍ଦରୀ ସ୍ୱର୍ଗରେ ତୋତେହି ଯେନ ଏବେ ହୋଇଲା ।
ସୁକେଶାଙ୍ଗୀ । ଆରମ୍ଭା ଆକାର ସ୍ଥାନରେ ।
ରମ୍ଭା ହୋଇଲା ତିଳୋତ୍ତମା ହେଲା ତିଳେ ସୁଷମା ସମାନରେ । ୩୦ ।

---

ହୋଇଥାଏ ତେବେ ତାହାକୁ ନଅ, ଏହା ସ୍ମୃତ କରିବ । ମୁଁ ସଙ୍କେତ ଦେଖି କହିଲି ତେବେ ଦିଅ ଏବଂ ସେ ଦେଲେ । ପୂର୍ବରୁ ତୁମ ଗଳାରେ ସୁନା କମ୍ପାହାର ଥିଲା । ଏବେ ରାଜପୁତ୍ରଙ୍କ ଗଳାରେ ମଧ୍ୟ ଅଛି । ୨୭ ।

ଗୋଶୀର୍ଷ—ଗୋରଚନା; ହରିତ—ଅଳ୍ପ ହଳଦିଆ; କଣରେ—କାରଣରେ; ଶୋଭାଙ୍ଗୀ—ସୁନ୍ଦରୀ । ଗେଣ୍ଡୁଫୁଲକୁ ହାତରେ ଧରି ମୁଁ ତାହାର ଅଳ୍ପ ହଳଦିଆ ରଙ୍ଗ ଦେଖି କହିଲି ଏହି ଗେଣ୍ଡୁ ଗୋରଚନାରେ ଗଢ଼ା ହୋଇଛି । ଆଗୋ ଚତୁରୀ ! ଏବେ ଦେଖ, ଏହା କେଉଁ ପ୍ରକାର ଫଳ ଦେବ ମୋର ମଧ୍ୟ ସନ୍ଦେହ ତୁଟିବ । ସଖୀ ମୋ କଥା ମାନି ଅଙ୍ଗୁଳି ଆଘାତରୁ କଠିନତା ଅନୁଭବ କରି ସେଥିରେ ଚଢ଼ି ଥିବା ବୁଝି ତାହା ଫିଟାଇ ସୁନ୍ଦରୀ ହାତରେ ଦେଲେ । ୨୮ ।

ଆଳି ଆଳି—ଧାଡ଼ି ଧାଡ଼ି; ଝଳତ—ଝଲା ହେଲା ପରି; ମିଳନ୍ଦ—ଭ୍ରମର; ବ୍ୟକତ—ପ୍ରକାଶିତ; ଗନ୍ଧସାର—ଚନ୍ଦନ । ସୁନା ପତ୍ରରେ ଖୋଳା ହୋଇ ମରକତ ମଣିର ମିନା କାମ ଝଲା ହେଲା ପରି ତହିଁର ଅକ୍ଷର ସବୁ ପ୍ରକାଶିତ । ତାହା ଏକ ଆଶ୍ଚର୍ଯ୍ୟ କଥା । ସତେ କି କେତକୀ ପତ୍ରରେ ଧାଡ଼ି ଧାଡ଼ି ହୋଇ ଭ୍ରମର ଏକତ୍ର ହୋଇଛନ୍ତି । ତାଙ୍କ ଦେହରେ ଫୁଲର ପରାଗ ଲାଗିଥିଲା ପରି ସେହି ଚନ୍ଦନ କେଉଁଠାରୁ ଲାଗିଛି ? ଏଭଳି ଚିଠିକୁ ସେ ପୁଲକିତ ଶରୀରରେ ପଢ଼ିଲା । ୨୯ ।

ଅଭିରାମା—ସୁନ୍ଦରୀ; ଅ-ପୂର୍ବ—ଅର୍ଥାତ ସୁନ୍ଦରୀ ଶବ୍ଦ ପୂର୍ବରେ ଅ ଅକ୍ଷର ଲାଗିଲେ ଯାହା ହୁଏ, ତାହା ଅସୁନ୍ଦରୀ; ଆରମ୍ଭା—ଚିଠିର ପତ୍ରରେ ଲେଖା ଥିଲା, ଆରେ ରାମା ତୁ ଯେମନ୍ତ ସୁନ୍ଦରୀ ବିଧାତା ତଦନୁସାରେ ସୃଷ୍ଟି ତୋର ନାମ ରଖିଛି "କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ" । ତୋହ ପାଇଁ ସ୍ୱର୍ଗର ଅପୂର୍ବ ସୁନ୍ଦରୀ ଉର୍ବଶୀ ଅପ୍ସରା ଏବେ ସୁନ୍ଦରୀ ଶବ୍ଦ ପୂର୍ବରେ

ଗୁଣ ତୁଳନାରେ ତୁଳନା ନୋହିଛି ରତିଙ୍କ ରତି ବୋଲାଉଛି ।
ଭସ୍ମକାଳୁଁ ତାହାଠାରେ ଥିବା ନାହା ପଞ୍ଚଶିଖେ ବନ୍ଧାଉଛି ।
ତୋ ନେତ୍ରେ । ତହୁଁ ସେ ସାକ୍ଷାତ ଉଦୟ ।
ନୀଳାଭବ ଥିଲା ଲ୍ଲାଲାସ୍ତବ ହେଲା ଜାତ କରଙ୍କେ କୁବଳୟ । ୩୧ ।
ବର୍ଣ୍ଣନାବଧି ସିଦ୍ଧି କଲା କବିରରୁ ହୃଦେ ହୋଇ ନବମାଳିକା ।
ଶ୍ରବଣେ ତପୀ ବନରେ ଚ୍ୟୁତ ହୋଇ କ୍ୟାପି ସେ ଯାଇଥିବ ଏକା ।
ନଷ୍ଟପ୍ରୟ । ସ୍ୱଗୀବ ଉପମା ସୃଷ୍ଟିରେ ।
ଉଜଲା ଜନ ମୁଁ ଅଂଶୋକ ଜନମୁଁ ସମ୍ପୂର୍ଣ୍ଣ କାମନା ଦୃଷ୍ଟିରେ । ୩୨ ।
ନିବଳୀ ନିପଥଗା ପାଶେ ଉଦରେ ପ୍ରେମାଖ୍ୟୀ କଳ୍ପବୃକ୍ଷ ଜାତ ।
ଅଧର ମନ୍ଦାର ସ୍ୱାଅଙ୍ଗ ସୁଗନ୍ଧ ପାରିଜାତକ ଆମୋଦିତ ।

---

ଅପ୍ସରା ଅର୍ଥାତ୍ ଅସୁନ୍ଦରୀ ହେଲା । ସୁକେଶାକ୍ଷ ଅର୍ଥାତ୍ ସୌନ୍ଦର୍ଯ୍ୟ ଗର୍ବିତା ଅପ୍ସରା ତୋହ ଯୋଗୁଁ ଆରମ୍ଭା ଶବ୍ଦର ଆକାରହୀନ ହୋଇ କେବଳ ରମ୍ଭା ନାମ ଧରିଲା । ଆଉ ଏକ ଅପ୍ସରା ସୌନ୍ଦର୍ଯ୍ୟରେ ତୋହ ଅଦ୍ଭୁତ ତିଳ ମାତ୍ର ସମାନ ହୋଇ ତିଳୋତ୍ତମା ନାମ ଧାରଣ କଲା । ୩୦ ।

କନ୍ଦର୍ପର ସ୍ତ୍ରୀ ଗୁଣ ତୁଳନାରେ ସମାନ ହୋଇ ନ ପାରି ରତିଏ ମାତ୍ର ତୁଳନୀୟା ହେବାରୁ ରତି ନାମ ଧାରଣ କରିଅଛି । କନ୍ଦର୍ପ ଭସ୍ମ ହେବା କାଳରୁ ରତିଠାରେ ଥିବା ନିଜ ନାହା ଅର୍ଥାତ୍ ସ୍ୱାମୀର ପଞ୍ଚବିଶିଖ ଅର୍ଥାତ୍ ପଞ୍ଚବାଣରେ ରତି ତୋତେ ପୂଜା କରିଛି । ସେହି ପଞ୍ଚ ବାଣ ହେଉଛି ଫୁଲବାଣ ଯଥା ନୀଳ କଇଁ, ନବମଲ୍ଲୀ, ଆମ୍ବ, ପଦ୍ମ ଓ ଅଶୋକ । ଏପରି ପୂଜା ପାଇବାରୁ ଏହି ପଞ୍ଚବାଣ ତୋ ନେତ୍ରରେ ସତତ ସତ ପ୍ରକଟିତ । ତୋ ଆଖିରେ ଆଗରୁ ନୀଳାଭବ ଅର୍ଥାତ୍ ନୀଳିମା ଥିଲା କିନ୍ତୁ ରତି ଶରମାନଙ୍କ ଦ୍ୱାରା ପୂଜା କରିବାରୁ ଲଜ୍ଜାରେ କୁବଳୟ ଅର୍ଥାତ୍ ନୀଳପଦ୍ମ ଫେଲା କଲା ପରି ଶୃଙ୍ଖଳ୍ୟ-ଭଙ୍ଗୀ ଜାତ ହେଲା । ୩୧ ।

ସୁନ୍ଦରୀର ନେତ୍ର ବର୍ଣ୍ଣନା କରିବା ଦ୍ୱାରା କବିମାନେ ଯେଉଁ ବିଧି ଅବଲମ୍ବନ କରି ସାର୍ଥକ ହେଲେ ସେହି ବର୍ଣ୍ଣନା ନୂତନ ଫୁଲହାର ପରି କବିମାନଙ୍କର ଗଳାରେ ଶୋଭା ପାଇଲା । ସେହି ଆଖିର ବର୍ଣ୍ଣନା ବଣରେ ତପସ୍ୟା କରୁଥିବା ବ୍ୟକ୍ତିଙ୍କ ଶୁଣିବା ନିମିତ୍ତ ଆମ୍ବ ବଉଳ ପରି ନଷ୍ଟ ହୋଇ ବ୍ୟାପି ଯାଇଥିବ । ସେ ଚକ୍ଷୁ ଉପମା ରାଜ୍ୟରେ ନଷ୍ଟ ହୋଇ ପଡ଼ୁ ପରି । ମୁଁ ତୋର ଉପାସକ । ତୋ ଚକ୍ଷୁ ଶୋକହୀନ ହେଉ ଏହାହିଁ ମୋର କାମନା ପୂର୍ଣ୍ଣ କରିବ । ୩୨ ।

ଗଙ୍ଗା ପାଖରେ କଳ୍ପତରୁ ରହିଲା ପରି ତୋର ଉଦରରେ ପ୍ରେମ ରୂପକ କଳ୍ପବୃକ୍ଷ ଜାତ ହୋଇଅଛି । ତୋର ଓଷ୍ଠ ମନ୍ଦାର ଫୁଲ ପରି ରକ୍ତିମ, ତୋ ଅଙ୍ଗର ସୁଗନ୍ଧ ପାରିଜାତ ଫୁଲ ପରି ଆହ୍ଲାଦପ୍ରଦ, ତୋର ରତ୍ନାଙ୍ଗି ସୁଖରୂପ ସନ୍ତାନ ଜାତ କରୁଛି, ତୋ ଶରୀରର

କଣ୍ଠାଗ୍ରେ । ସୁଖ ସନ୍ତାନ ଜାତ କରୁ ।
ଶୀତଳତା ହରିଚନ୍ଦନ କାମଦା ନୋହିବୁ ପାଞ୍ଚ ସୁରତରୁ । ୩୩ ।
ମୃଗପଚ୍ଛ ପୁଚ୍ଛ କଦା ନୋହେ ଲକ୍ଷ୍ୟ ତା କେଶ ଗର୍ଭକୁ ନମନ୍ତେ ।
ଛେଦନ କରି ନିବେଦନ କରିବ ଏ ଦୋଷ କ୍ଷମା କଲେ ମୋତେ ।
ତୋ ଇଚ୍ଛା । ଚୂଡ଼ା ବନ୍ଧନ କରିବାରେ ।
ଥିଲେ ଚନ୍ଦ୍ର ଉରେ ବସିଲା ପ୍ରକାରେ ଯୋଗ ହେଉଛନ୍ତି ଏହାରେ । ୩୪ ।
ହେଲା ଅତିଶୟ ସଂଶୟ ଅନ୍ତର ଅନ୍ତରଗତରୁ ବାହାର ।
ଶ୍ରବଣେ କରି ସୀତା ରାମ ଭାବନା ସଜନୀ ଜନ ଜରଜର ।
ସେ ପୁଣି । ଯୋଜନଗନ୍ଧା ସୁରୁଚିରେ ।
ଜନକ ତୋଷ ଦାନରେ ତତପର ସେବନ୍ତି ହସ୍ତି ବୀରବରେ । ୩୫ ।

—୦—

---

ଶୀତଳତା ପୀତ ଚନ୍ଦନ ପରି ଏହିପରି ସୁରତରୁ ଅର୍ଥାତ୍ କଳ୍ପବୃକ୍ଷ, ମନ୍ଦାର, ପାରିଜାତ, ସନ୍ତାନ ଓ ହରିଚନ୍ଦନ ଭାବରେ ୫ଟି ସୁରତରୁ ହୋଇଅଛୁ । ଏଣୁ କାମନା ଦାନକାରୀ ହେଉ ନାହିଁ କି ? ୩୩ ।

ତୋର କେଶର ଜୁଡ଼ା କଦାପି ମୃଗର ପଚ୍ଛ ପୁଚ୍ଛ ସହିତ ସମାନ ନୁହେଁ । ମୋତେ କ୍ଷମାକଲେ ମୃଗ ପୁଚ୍ଛ କାଟି ତୋତେ ଭେଟି ଦେବ । ଯଦି ଇଚ୍ଛା କରିବୁ ତଦ୍ୱାରା ତୋର ଜୁଡ଼ା ବାନ୍ଧିବୁ । ଚନ୍ଦ୍ର ବକ୍ଷରେ ମୃଗ ବସିଲା ଯୋଗ ମଧ୍ୟ ଏହା ପାଖରେ ଘଟୁଛି । ୩୪ ।

ଏ କଥା ଶୁଣି ସୁନ୍ଦରୀର ମନରୁ ଅତିଶୟ ସଂଶୟ ଦୂର ହେଲା । ତାର ସଖୀମାନେ ହୃଦ ମଧ୍ୟରେ ସୀତା ରାମଙ୍କ ଚିନ୍ତା କରି ଆନନ୍ଦରେ ଉତ୍ପ୍ଳୁତ ହେଲେ । ସୀତା ପୁଣି ଯୋଜନଗନ୍ଧା । ସେ ନିଜର ସୁନ୍ଦର ସ୍ୱଭାବ ଦ୍ୱାରା ଜନକ ମହର୍ଷିଙ୍କୁ ଆନନ୍ଦ ଦାନ କରିବାରେ ତତ୍ପର । ସେହି ସୀତା ରାମଙ୍କୁ ବୀରବର ଉପେନ୍ଦ୍ରଭଞ୍ଜ ନିରନ୍ତର ସେବା କରୁଅଛନ୍ତି । ୩୫ ।

—୦—

## ଊନବିଂଶ ଛାନ୍ଦ

[ ରାଗ—ଚକ୍ରକେଳି ]

**ହେ** ରସିକଜନ ମଜ୍ଜନ କର ମନ ସଖୀ ଶିଖାଇଲେ ଧୀର ।
ଲେଖ ଗୋ ଚଟାଉ ଅନ୍ଧାର ଲୁଟାଉ ଘୋଟାଉ କାମ-ଅନ୍ଧାର ସେ ।
ଚରମ ଶିଖରୀ ଶିଖ । ଭୂଷଣ ପୂଷଣ ଦେଖ ସେ । ୧ ।
ହେ ତର୍କି ତନୁଶ୍ରୀ ଭାରତଭୂମି ପର କାଗଜ କରି ଆସକ୍ତ ।
ବୀରଜୟେ ଜଗତ୍ପୁତ୍ରେ କରିବ କର୍ଣ୍ଣ-ଦ୍ରୋଣ-ରକ୍ତ ବ୍ୟକ୍ତ ସେ ।
କୃଷ୍ଣ ପ୍ରବଳେ ପ୍ରକାଶ । ଉତ୍ତର ଦେବ ସନ୍ତୋଷ ସେ । ୨ ।
ହେ ବାଳାମଣି ଦେଲା ବାଳାଙ୍ଗନା ନେଲା ବିଦ୍ୟାନିଧି ଭେଟି ସୁଖୀ ।
ଏ କସ ପଚ୍ଛରୁଁ ଉତ୍ତରେ ଏ ସନ୍ଧ୍ୟା-ବନ୍ଦନା ବୋଲି ସେ ଦେଖି ।
ପ୍ରାତଃସ୍ମରଣି ଏହି । ହେବ ବୋଲି ଗଲା ଦେଇ ସେ । ୩ ।

---

ଚରମଶିଖରୀ—ଅସ୍ତାଚଳ ; ପୂଷଣ—ସୂର୍ଯ୍ୟ । ହେ ରସିକ ଜନ ! ମନକୁ ଏଥିରେ ମଜ୍ଜନ କର । ସଖୀମାନେ ରାଜକନ୍ୟାକୁ ଧୀରସ୍ୱରରେ ଶିକ୍ଷା ଦେଲେ ଆଗୋ ସୁନ୍ଦରୀ ! ଚିଠି ଲେଖ, ତାହା ସନ୍ଦେହ ରୂପୀ ଅନ୍ଧକାର ଲୋପ କରୁ ଏବଂ କାମ ରୂପକ ଅନ୍ଧାରକୁ ଘେରାଉ । ଦେଖ, ସୂର୍ଯ୍ୟ ଅସ୍ତାଚଳ ଶୃଙ୍ଗକୁ ଶୋଭିତ କଲେଣି ଅର୍ଥାତ୍ ସୂର୍ଯ୍ୟ ଅସ୍ତ ହେଲେଣି । ୧ ।

ସେହି ତନୁଶ୍ରୀ ଶରୀର କର କାଗଜକୁ ମହାଭାରତର ଯୁଦ୍ଧ କ୍ଷେତ୍ର ପରି କରିବା ପାଇଁ ଅନୁରକ୍ତା ହେଲା । କୁରୁକ୍ଷେତ୍ରରେ ବୀରମାନଙ୍କର ମୁକୁଟମଣି ଅର୍ଜ୍ଜୁନ ଜଗତ୍ପୁତ୍ରେ ଅର୍ଥାତ୍ ବାହୁବଳରେ କର୍ଣ୍ଣ ଦ୍ରୋଣ ପ୍ରଭୃତିଙ୍କର ରକ୍ତପାତ କରିଥିଲେ । ଅର୍ଜ୍ଜୁନ ଶ୍ରୀକୃଷ୍ଣଙ୍କ ପ୍ରଭାବ ଯୋଗୁଁ ପ୍ରକାଶିତ ହୋଇଥିଲେ । ସେ ଯୁଦ୍ଧରେ ବିରାଟ ପୁତ୍ର ଉତ୍ତର ଏବଂ ଦେବତା ମାନେ ସନ୍ତୋଷ ଲାଭ କରିଥିଲେ । ଶ୍ରୀମତୀର କାଗଜରେ ଲିଖିତ ପଦ ବୀର ଶ୍ରେଷ୍ଠ ପୁଷ୍ପକେତୁର ହାତରେ ପଡ଼ିଲେ କର୍ଣ୍ଣ ଦ୍ରୋଣ ଅର୍ଥାତ୍ କାନ ବାଟର ରକ୍ତ ଲିଖିତ ଅକ୍ଷରମାନଙ୍କୁ ପ୍ରକଟ କରିବ ତାହା କୃଷ୍ଣ ପ୍ରବଳେ ଅର୍ଥାତ୍ ଗାଢ଼ ଅନ୍ଧକାରରେ ଫୁଟି ଉଠିବ ଏବଂ ସେ ତୋତେ ସନ୍ତୋଷ ଜନକ ଉତ୍ତର ଦେବେ । ୨ ।

ବାଳାମଣି ଦେଲା, ବାଳିକା ତାହା ନେଲା । ଏହା ବିଦ୍ୟାନିଧି ଭେଟି ସୁଖୀ ହୋଇ ଏହା କଅଣ ପ୍ରଶ୍ନ କରିବାରୁ ସେ କହିଲା ଏହା ଈଶ୍ୱରଙ୍କର ଅର୍ଥାତ୍ ଶିବଙ୍କର ସନ୍ଧ୍ୟା ବନ୍ଦନା । ସେ ତାହା ଦେଖିଲା । ଏହାପରେ ଏହି ପଦ ପ୍ରାତଃ ସ୍ମରଣୀୟ ହେବ ବୋଲି କହି- ନେଇ ଗଲା । ୩ ।

ସେ ଦେଲା ସେ କୁମାରେ ସେ ଆତୁର ମାରେ ଶର ପ୍ରହାରିବା କଣେ ।
ବୋଇଲା ପୁଣି କର ଏଥି ଲେଖିବା ଶୁଣି ସଶୋକନ୍ତ ଭଷେ ସେ ।
ଅନନ୍ତ ଶୋଦ୍ଧ ଏ ପତ୍ର । ହେବ ତାରନ୍ତରେ ଚିତ୍ର ସେ । ୪ ।
ସେ ଆଉଣି ଜଣି ଯୋଡ଼ିଲା ହୃଦେ ଆଣି ଭେଦ ନୋହିବା ଉଦ୍‌ବେଗେ ।
ଏ କାଳେ ରଜନୀମୁଖ ପରକଟି ଘୋଟିଗଲା ବୃନ୍ଦଦଗେ ସେ ।
ତମ ତା ସଙ୍ଗେ ବାହାର । ଲୋକ କଲା ଇଚ୍ଛା କରି ସେ । ୫ ।
ସେ ଉତ୍ତରେ ହିମାଦ୍ରି କାଳୀ ଜନ୍ମସ୍ଥାନ ଭ୍ରମଣି ବେଳ ତା ହୋଇ ।
ଦକ୍ଷିଣରେ କାଳପୁର ସ୍ୱର୍ଗଙ୍କୁ ସନ୍ଧ୍ୟା ସୁମରି ଆସଇ ସେ ।
ଏଣୁ କାଳ ପୂରି କ ସେ । ଦୁଇ ଦିଗରେ କାଳେସେ । ୬ ।
ସେ ଅରୁଣ ସଙ୍ଗ ବାରୁଣୀ ରଙ୍ଗ ସୌଧ-ପ୍ରାସାଦ ପୂର୍ବ ଧବଳ ।
ବୃରଦିଗ ନାଗ ନ ଦିଶୁ ହେମମାଳୀ ପଦ୍ମ ମୁକୁତାମାଳୀ ।
ହୃଦୟେ ଉରଜେ ଖୋଜ । ପ୍ରେମବଳେ ଭ୍ରମେ ମଜ୍ଜି । ୭ ।

---

ସେ କାଗଜକୁ ନେଇ କୁମାରଙ୍କୁ ଦେଲା । କୁମାର କାମର ଶର ପ୍ରହାର ଫଳରେ ଜମବଣରେ ଆତୁର ହୋଇଥିଲେ । କହିଲେ ଏ ପୁଣି କ କାଗଜ ଏଥିରେ କଅଣ ଲେଖିଛ । ଏହା ଶୁଣି ସଶୋକନ୍ତ କହିଲା ଏହି ପତ୍ରର ଯୋଗ୍ୟ ଅନନ୍ତ ଅର୍ଥାତ୍ ଆକାଶ ପରି । ଆକାଶ ଯେପରି ତାରନ୍ତରେ ଅର୍ଥାତ୍ ନକ୍ଷତ୍ରମାନଙ୍କ ଦ୍ୱାରା ଚିତ୍ରିତ ହେଲା ପରି ଏହି ପତ୍ର ସେପରି ଉଜ୍ଜ୍ୱଳ ଦେଖାଯିବ । ୪ ।

ଆଉଣି—ହୃଦର; ଯୋଡ଼ିଲା—ଲଗାଇଲା; ରଜନୀମୁଖ—ସନ୍ଧ୍ୟା; ଲୋକ—ସଂସାର । କୁମର ତାହା କୁଟିଳ୍ୟରେ ଭଙ୍ଗ ନ ହେବା ପାଇଁ ସେହି ପତ୍ରକୁ ହୃଦର ପର ଆଣି ବକ୍ଷରେ ଲଗାଇଲା । ଏହି ସମୟରେ ସନ୍ଧ୍ୟା ପ୍ରକାଶିତ ହୋଇ ଚାରିଆଡ଼େ ବ୍ୟାପିଗଲା । ତା ସହିତ ତମ ଅର୍ଥାତ୍ ଅନ୍ଧକାର ସଂସାରକୁ କଳା କରିବାକୁ ଇଚ୍ଛା କଲା । ୫ ।

ଉତ୍ତର ଦିଗରେ ହିମାଳୟ ପର୍ବତ କାଳୀଙ୍କର ଜନ୍ମସ୍ଥାନ । ତାଙ୍କର ବୁଲିବା ସମୟ ହେବାରୁ ସେ ବୁଲି ବାହାରିଲେ । ଦକ୍ଷିଣରେ କାଳ ଅର୍ଥାତ୍ ଯମ ପୁର । ଯମ ସ୍ୱର୍ଗ ଗଙ୍ଗାକୁ ସନ୍ଧ୍ୟା ସ୍ମରଣ କରିବାକୁ ଆସିଲେ । ଏଣୁ ଉତ୍ତର ଦକ୍ଷିଣ ଦୁଇ ଦିଗରେ କାଳ ଅର୍ଥାତ୍ କଳାବର୍ଣ୍ଣ ପୂର୍ଣ୍ଣ ହୋଇଗଲା । ୬ ।

ଅରୁଣ ସଙ୍ଗଯୋଗୁଁ ବାରୁଣୀ ଅର୍ଥାତ୍ ପଶ୍ଚିମ ଦିଗ ରକ୍ତବର୍ଣ୍ଣ ଦିଶିଲା ଅର୍ଥାତ୍ ସୂର୍ଯ୍ୟାସ୍ତ ପରେ ପଶ୍ଚିମ ଦିଗ ରକ୍ତିମ ଦେଖାଗଲା । ଚନ୍ଦ୍ରର ସୌଧ ଯୋଗୁଁ ଧଳା ଦିଶିଲା । ଉତ୍ତର ଦକ୍ଷିଣ ନାରୀମାନଙ୍କର ହେମମାଳୀ ଓ ପୂର୍ବ ପଶ୍ଚିମ ଦିଗସ୍ଥ ନାରୀଙ୍କର ମୁକ୍ତା ଓ ଯୋଗ୍ୟତା ଦେଖା ନ ଯିବାରୁ ସେମାନେ ତାକୁ ହୃଦୟରେ ଓ ସ୍ତନରେ ଖୋଜି ଅନୁରାଗ ପ୍ରବଳତା ଯୋଗୁ ଭ୍ରମରେ ପଡ଼ିଗଲେ । ୭ ।

ହେ ଜଗତୀ ନଟେଣ୍ଟି ଜଗତୀ ସୁରଦିଗ ସୁରଭଦ୍ରରେ କି ଠିକ ।
କଳା ଧଳା ବର୍ଣ୍ଣ ଭୂଷାପ୍ତ ଲେପନ କିଙ୍କେ ଶାଳିତ ଏକ ।
ଊର୍ଦ୍ଧ୍ୱ ଉଦେ ଏକତାରା । ମଦନ-ପ୍ରଦୀପ ପର । ୮ ।
ହେ ଏମନ୍ତ ସାୟଂକାଳେ ଯେ ପ୍ରେମପଥ ସୁବର୍ଣ୍ଣ ଗୁପତସ୍ଥାନ ।
ହେବାରୁ ବ୍ୟାପିଲା ଝକ ପ୍ରଭାବରେ ଲୁଟିବା ଆରିଲା ମନ ।
ସ୍ମରକର ଦୃଷ୍ଟିରେ ପୁଣି । ପଡ଼ିଲା କୁମରମଣି । ୯ ।
ହେ ବେଦ ଧରାତଳରେ ଭେଟ ବୋଲି ଅଛି ସଂସାରେ କୁମାର ବାଣୀ ।
ସ୍ମରଶର-ଦର ଭୋଗ ହେଲା ଆଦ୍ୟେଁ ଉନ୍ମତ୍ତଭାବ ଭଜେ ପୁଣି ।
ଏ ଯେଣୁ କାମବାସନା । ଘେନ କ୍ଷୀଣଭାବ ଦିନା । ୧୦ ।
ହେ ହେବ ଅଗ୍ରେକ ବସନ୍ତେ ସୁଖଦାମ୍ପା ଗିରିସମ ସ୍ତନଶୋଭୀ ।
ତନ୍ଦ୍ରେ ଅଭେଦ ତବା ଜାଣି ହେବ ସକଳରସମୟ ଲଭି ।
ଏହି କାମନା ଥାଇ । ଧାତା ଦେଉଛି ଘଟାଇ । ୧୧ ।

---

ଜଗତୀ—ସଂସାର, ଅଟ୍ଟାଳିକା; ଭଦ୍ର—ପାର୍ଶ୍ୱ; ଶାଳିତ—ଶୋଭିତ । ଏହି ସଂସାର ଗୋଟିଏ ଅଟ୍ଟାଳିକା ପରି । ତାହାର ସୁରପାର୍ଶ୍ୱ ସୁରଦିଗ ସଙ୍ଗେ ସମାନ । ଉତ୍ତର ଦକ୍ଷିଣ ଓ ପୂର୍ବ ଏପରି ତିନି ପାର୍ଶ୍ୱରେ କଳା ଧଳା ବର୍ଣ୍ଣରେ ଶୋଭିତ ହୋଇ-ଅଛି । ଗୋଟିଏ ପାର୍ଶ୍ୱ ପୂର୍ବ ଦିଗ ଲାଲ ରଙ୍ଗରେ ରଞ୍ଜିତ । ଊର୍ଦ୍ଧ୍ୱ ଭାଗରେ କାମର ପ୍ରଦୀପ ପରି ଗୋଟିଏ ତାରା ଉଦୟ ହୋଇଅଛି । ୮ ।

ଏପରି ସମୟରେ ସନ୍ଧ୍ୟାକାଳ ହେଲାରୁ ସୂର୍ଯ୍ୟଙ୍କୁ ଗୋପନ ରଖିଲେ, ଶେଷରେ ତାହା ଜଣା ହୋଇ ଆଲୋକ ଦେଲା ପରି କାନ ବସ୍ତ୍ର ବକ୍ଷରେ ଲଗିତ ସେହି ପ୍ରେମ ପଥ କାଳ ଉଳ ଦେଖାଗଲା । ତଦ୍ଦ୍ୱାରା କୁମର ମନ ହରଣ କରିବାକୁ ଉଦ୍ୟତ ହେଲା । କୁମର ନଷ୍ଟଳ ଦୃଷ୍ଟିରେ ସେହି ପଥ ପଡ଼ିଲା । ୯ ।

ଦୁହିଙ୍କର ଅନୁରାଗ ପୂର୍ଣ୍ଣତାରେ ଦେଖା ହୋଇଅଛି ବୋଲି ତ ସଂସାରରେ ଶ୍ରେଷ୍ଠ ଏହି କଥା ପ୍ରଚରିତ ହେଲା । କନ୍ଦର୍ପ ଶରର ଭୟ ଦଶା ପ୍ରଥମରୁ ଭୋଗ ହୋଇ ପରେ ଉନ୍ମତ୍ତ ଭାବ ଅର୍ଥାତ୍ ଉନ୍ମାଦ ନାମ ବିକାର ଦେଖା ଦେଇଥିଲା । ଏଥି ନିମିତ୍ତ କାମଇଚ୍ଛା କ୍ଷୀଣ ହୋଇଗଲା । ୧୦ ।

ଆରେ ଉନ୍ନତସ୍ତନଶୋଭା, ସମ୍ମୁଖରେ ବସନ୍ତ କାଳ ସୁଖପ୍ରଦ ହେବ । ଏହା ପରେ ଗାଢ଼ ଶୃଙ୍ଗାରରସ ଲାଭ କରି ତବାଜଗି ଦୁହିଙ୍କର ଅଙ୍ଗାଙ୍ଗୀ ଅଭେଦ ମିଳନ ଘଟିବ । ମନରେ ଏତିକି ମାତ୍ର କାମନା ରହିଛି ଏବଂ ବିଧାତା ଏହା ଘଟାଉଅଛି ।

ପୂର୍ବୋକ୍ତ ୧୦।୧୧ ର ଆଉ ଗୋଟିଏ ଅର୍ଥ ମଧ୍ୟ ଏଠାରେ ପ୍ରାସଙ୍ଗିକ ନ ହେଲେ ମଧ୍ୟ ସାହିତ୍ୟ ପ୍ରଭାବରୁ କରାଯାଇ ପାରେ ।

ହେ କାଞ୍ଚନଗୋରୀ ହୃଦୟ ସମ୍ପୁଟକ ଉତ୍ତମ କାଚରେ ନିର୍ମିତ ।
ଦ୍ରୀଭି ଯେ ମାଣିକ୍ୟ ରୂପକେ ରଖିଲେ ଅନୁରାଗ ତମ୍ୱ ଖ୍ୟାତ ।
ବାହି-ପ୍ରକାଶେ ଭଲାସ । ସଦା କରେ କୀର୍ତ୍ତି-ଚାସ । ୧୨ ।

ହେ ଧ୍ରୁବେ କରଇ ଚନ୍ଦ୍ରକୁ ଚକିତ ଶ୍ରବଣେ ପଡ଼ିଲେ ମାତ୍ର ।
ଯିବା ଜୀବକୁ ଲେଉଟାଇ ରଖଇ ହୋଇ ସଞ୍ଜୀବନ ମନ୍ତ୍ର ।
ଏଣିକି ଦେବବଦନ । ନୋହେ ପଲକ ପତନ । ୧୩ ।

---

ଅର୍ଥାତ୍ ପଦ ଦୁଇଟିର ଅକ୍ଷର ହେର ଫେର କରି ନୂଆ ଶବ୍ଦ ବାହାର କରି ଯାଇପାରେ, ଯଥା—

"ହେଲ ସନ୍ତରେ ଭେଟ ଅଛୁ ବୋଲି ସଂସାର ତୁଷାର ବାଣୀ; ଓ୍ୱର-ଶରଦର ଶେଷ ହେଲ ଆଦ୍ୟ ଜଡ଼ସ୍ୱର ଭବେ ପୁଣି; ଏ ଯେଣ କାଳ-କାଷ୍ଠ-ନାଶାନ କ୍ଷୀଣ ଭବ ଯିନା ।" ଏହି ପଦରେ ଅର୍ଥ ହେବ "ହେ ଷ୍ମର ଅର୍ଥାତ୍ ମଦନରଞ୍ଜ, ଏହି ସଂସାରରେ ସତ ହେଉଛି ଯେ ପ୍ରଥମେ ଶରଦ କାଳର ଶେଷ ହେଲା ପରେ ତୁ ଷାର ଅର୍ଥାତ୍ ତୁଷାର ବା ହେମନ୍ତ କାଳ ଘଟେ । ତାହାପରେ ଜଡ଼ ଭବ ଅର୍ଥାତ୍ ଶୀତକାଳ ଅଶେଷ ସ୍ୱତନ୍ତ୍ର କାଳ ଅନୁସାରେ ଶୀତ କାଳରେ ଦିନ କ୍ଷୀଣ ଅର୍ଥାତ୍ ସାନ ହୁଏ । ଶୀତ ପରେ ଅନ୍ତରେ ଅର୍ଥାତ୍ ଆଗକୁ ସୁଖପ୍ରଦ ବସନ୍ତ କାଳ ଶେଷକୁ ନିଦାଘ ଅର୍ଥାତ୍ ଗ୍ରୀଷ୍ମକାଳ ହୁଏ । ସେତେବେଳେ ସ୍ତ୍ରୀମାନେ ନାନାବିଧ ଉପାୟରେ ଘନର ଶୋଷ ବର୍ଜନ କରନ୍ତି । ଗ୍ରୀଷ୍ମ ପରେ ଘନ ଅର୍ଥାତ୍ ମେଘଜାଲ ଦ୍ୱାରା ଉତ୍ସୁ ଲଭ କରି ଯୋଡି ଯିବାରୁ ଦିନ ସ୍ୱଚ୍ଛ ବାରି ହୁଏ ନାହିଁ । ୧୧ ।

କାଞ୍ଚନ ଗୋରୀ—ସ୍ୱର୍ଣ୍ଣକାନ୍ତି, ସଂପୁଟକ—ଫରୁଆ; ଅନୁରାଗ ତମ୍ୱ—ସ୍ନେହର ପ୍ରତିବିମ୍ବ । ଆମ୍ଭ ସ୍ୱର୍ଣ୍ଣକାନ୍ତି ସଖୀର ହୃଦୟ ରୂପକ ଫରୁଆ ଉତ୍ତମ କାଚରେ ନିର୍ମିତ । ଏଥିରେ ରୂପକ ମାଣିକ୍ୟକୁ ଯେତେ ଗୋପନରେ ରଖିଲେ ମଧ୍ୟ ତାହା ସେହି କାଚରେ ପ୍ରତିବିମ୍ବିତ ହୋଇ ପ୍ରକାଶିତ ହେଉଅଛି । ତୁମ୍ଭର କୀର୍ତ୍ତିରୂପ ଏକ ହଂସ ବାକ୍ୟ ସ୍ରୋତରେ କ୍ରୀଡ଼ା କରୁଅଛି ଅର୍ଥାତ୍ ସବୁବେଳେ ତୁମ୍ଭ ଗୁଣର ପ୍ରଶଂସା କରୁଅଛି । ୧୨ ।

ଯେଉଁ ସୁନ୍ଦରୀର କଥା କାନରେ ପଡ଼ିଲାକ୍ଷଣି ଚନ୍ଦ୍ରକୁ ଚକିତ କରାଇ ଦିଏ ଏବଂ ସଞ୍ଜୀବନୀ ମନ୍ତ୍ରର କାର୍ଯ୍ୟ କରି ମଲା ପ୍ରାଣକୁ ଲେଉଟାଇ ଆଣେ ସେ ସୁନ୍ଦରୀ ଦେବତା ତୁଲ୍ୟ ମାତ୍ର, ତଫାତ ଏତିକି ଯେ ଦେବତାମାନଙ୍କର ପଲକ ପଡ଼େ ନାହିଁ କିନ୍ତୁ ସୁନ୍ଦରୀ ପଲକ ପଡ଼େ । ୧୩ ।

ହେ ରସିକ-ଇନ୍ଦୀବର ଶୋଭା-ମନ୍ଦିର କର ପଦ୍ମନେତ୍ର ଦେଇ ।
ଏତେ ଅନୁସରି ଯେ ପୁଣି ଶ୍ରୀହସ୍ତେ ଦେଲ ଅନୁଗ୍ରହ ପାଇ ।
ମସ୍ତକେ ମଣ୍ଡିବ ନାହିଁ । ଏ ଗର୍ବ ବିକଳ୍ପ କାହିଁ । ୧୪ ।
ହେ ପଢ଼ିଲି ମାତ୍ରରେ ଭୁଞ୍ଜିଲି ମିତ୍ରରେ ବୋଇଲି ଘନଜଘନା ।
ଯେତେକ ଲେଖଇ ଚତୁରୀ ସୁନ୍ଦରୀ ବଡ ଯେନାଯେନ ଯେନା ।
ତାପରି ସ୍ନେହୀରେ ଭାବ । ନାହିଁ ନ ଥିଲା ନୋହିବ । ୧୫ ।
ହେ ଅତି ସନ୍ଦର୍ଭ ରସଗର୍ଭ ଭାଷାକେ ତା କିଣା କଲଣି ମୋତେ ।
ସ୍ନେହେ ସ୍ନାନ କରି ବଚନମାନଙ୍କୁ ପୁନଃପୁନଃ କି ନିମନ୍ତେ ।
ନବଲକନା ଲେଖଇ । ସେ ପ୍ରଭୁ ମୁଁ ତା ବିକଣ୍ଟୀ । ୧୬ ।
ହେ ସତ୍ୟବସ୍ତୁ କହିଲ ନ ଯେନ କି କିଣା ସେବକଙ୍କୁ ପୋଷି ।
ଶ୍ରୁତି-ମୁଖେ ପାନ କରିବାକୁ ବେଳେ ବେଳେ ଦିଏ ସୁଧାରାଶି ।
ପ୍ରମାଣ ଏକଥା ମିତ । ବୋଲି ବୀର କୃତକୃତ । ୧୭ ।

---

ହେ ରସିକ ଚନ୍ଦ୍ର ଭ୍ରମର ପଦ୍ମନେତ୍ର ନିମିତ୍ତ ଆମ୍ଭ ସଖୀଙ୍କ ଶୋଭାର ମନ୍ଦିର କର । ଯେ ଭ୍ରମରଙ୍କୁ ଏତେ ବେଶୀ ଅନୁସରଣ କରି ରହିଛି ସେ ତୁମ୍ଭ ବରଣୀୟ ହାତରୁ ଅନୁଗ୍ରହ ଅର୍ଥାତ୍ ମୃଗପୁଚ୍ଛ ପାଇଲେ ତାହା ନିଜ ମୁଣ୍ଡରେ ଖଞ୍ଜିବ ନାହିଁ ବୋଲି ଦମ୍ଭ ଦେଖାଇ ପାରିବ କି ? ଏହି କଥା ମନରେ ବିକଳ୍ପ ଅର୍ଥାତ୍ ବିଶେଷ ଭାବରେ କଳ୍ପନା କରିନଥ । ୧୪ ।

( ପତ୍ର ) ପଢ଼ିଲା ମାତ୍ରେ ରାଜପୁତ୍ର ନିଜ ମିତ୍ରଙ୍କୁ ଜଣାଇ କହିଲେ, ସେହି ବୁଦ୍ଧିମତୀ ସୁନ୍ଦରୀ ଚନ୍ଦ୍ରକଳା ସୁଦତୀ ଯେଉଁ କୌଶଳପୂର୍ଣ୍ଣ ଶବ୍ଦରେ ପତ୍ର ଲେଖିଅଛି ତାହା ଅତି ଯଥାଯଥ ହୋଇଅଛି । ମନରେ ଭାବ, ସ୍ନେହୀମାନଙ୍କ ମଧ୍ୟରେ କେହି ନାହିଁ, ନ ଥିଲା ଅବା ନ ହେବ । ୧୫ ।

ତାହା ଅତ୍ୟଧିକ ସରସ ରଚନାର ଗୋଟିଏ ମାତ୍ର କଥା ଦ୍ୱାରା ସେ ମୋତେ କିଣି ନେଲାଣି । ସେ ନୂତନ ସ୍ତ୍ରୀ ପୁଣି ସ୍ନେହସିକ୍ତ କଥାମାନ ବାରମ୍ବାର ଚାହିଁକି ଲେଖୁଛି । ସେ ତ ପ୍ରଭୁ, ମୁଁ ତାହା ପାଖରେ ବିକାତ ଅଛି । ୧୬ ।

ମନ୍ତ୍ରୀ ପୁତ୍ର କହିଲେ ଏ କଥା ଜଗତ ଜାଣ ନାହିଁ କି ? ପ୍ରଭୁ କିଣା ସେବକଙ୍କୁ ପୋଷଣ କରି ତାଙ୍କୁ ବେଳେ ବେଳେ ମଧୁର କଥା କହୁଥାଏ । କୁମର କହିଲେ ମିତ୍ର ତୁମର ଏ କଥା ପ୍ରମାଣ । ଏହା କହି ବୀର କୃତାର୍ଥ ଭାବ ପ୍ରକାଶ କଲେ । ୧୭ ।

ହେ ଏ ସମୟେ ସନ୍ଧ୍ୟା ଅନ୍ତର ଭୁବନେ ତିମିର ଉଚ୍ଛଳି ପୂରି ।
ମିଶିଗଲା ଶଶୀପ୍ରଭା ବେନିମଲ୍ଲ ହୋଇଲେ କି ଧସ୍ତଧସ୍ତି ।
ପ୍ରବଳକେ ଧ୍ୱନିକାରୀ । କପୋତ ହୁଁ କୂଜିତ କରି । ୧୮ ।
ହେ ପଲ୍ଲବ ଛାଇ କିରଣଯୋଗେ ଦୁଇ ବନଭୂମି ଚାରୁ ଦିଶି ।
ସେ କି ଶିଷ୍ୟଗଣ କରନ୍ତି ସନ୍ଧାଣ ବଳବାନ କଷାକଷି ।
ପ୍ରକମ୍ପ ପବନେ ତହିଁ । କେ କାହାକୁ ପେଲି ଦେଇ । ୧୯ ।
ହେ ଶାଖୀ ସାକ୍ଷୀ ପରି ପୁଷ୍ପ-ହାସ ଧରି କଉତୁକ ଅବଧାନ ।
ଶୃଙ୍ଗାରରେ ବୀରରସ ବ୍ୟଭିଚାର ଲକ୍ଷଣ ସମସ୍ତ ଘେନ ।
ରତି ଯେ ରଣ ବୋଲାଇ । ତା ପ୍ରକାଶ କାଳ ଏହି । ୨୦ ।
ହେ ଶ୍ରୁତିରସେ ନୃପସୁତ ବୀର ରସେ ଏଣୁ ଏ ବର୍ଣ୍ଣନା ସିଦ୍ଧି ।
କୋଟିବ୍ରହ୍ମାଣ୍ଡସୁନ୍ଦରୀ ଶୋଭାଶ୍ରୀରେ ବୁଡ଼ାଇ ଦେଇଛି ବୁଦ୍ଧି ।
ସ୍ତମ୍ଭବଶ ହୋଇ ବସି । ତନ୍ମୟ-ମାନସେ ଭାଷି । ୨୧ ।

---

ଏହି ସମୟରେ ସନ୍ଧ୍ୟାକାଳ ଶେଷ ହୋଇ ପୃଥିବୀରେ ତିମିର ଅର୍ଥାତ୍ ଅନ୍ଧକାର ପୂରିଗଲା । ସେହି ଅନ୍ଧାର ସହିତ ମିଶିଲା ଶଶୀପ୍ରଭା ଅର୍ଥାତ୍ ଚନ୍ଦ୍ରର ଆଲୋକ । ଦୁଇ ମଶି ଦୁଇ ମଲ୍ଲ ଧସ୍ତାଧସ୍ତି ହେଲା ପରି ଦିଶିଲା । ଅର୍ଥାତ୍ ଘୋର ଅନ୍ଧାର କାଳିଆ ଓ ଚନ୍ଦ୍ରାଲୋକ ଧଳା ଏପରି ଭାବରେ କଳା ଗୋରା ଦୁଇ ମଲ୍ଲ ଧସ୍ତାଧସ୍ତି ହେଲେ କି ? ଏ ଦୁହିଁଙ୍କ ପ୍ରବଳ ଜଣାଇଲା ପରି ପକ୍ଷୀର ଧ୍ୱନିକରି ପାରା ପରି ହୁଁ କୃତ ଧ୍ୱନି କଲେ । ୧୮ ।

ପଲ୍ଲବ ଛାଇ ଅର୍ଥାତ୍ ପତ୍ରର ଛାୟା ଆଉ ଚନ୍ଦ୍ରମାର କିରଣ ଦୁଇଟି ଦ୍ୱାରା ବନଭୂମି ଚିତ୍ର ହେଲା ପରି ଦେଖାଗଲା । ସେ କଅଣ ଦୁଇ ମଲ୍ଲଙ୍କ ଶିଷ୍ୟ ? ସେମାନେ ଦୁଇମଲ୍ଲ ଭିତରେ କିଏ ବଳବାନ ଏହା ବୁଝିବା ପାଇଁ ମଲ୍ଲ ସନ୍ଧାଣ ବା ଖେଳ ଦେଖାଉ ଅଛନ୍ତି କି ? ପତ୍ର ସବୁ ପବନରେ ହଲିବାରୁ ମନେହେଲା ସେମାନେ ଠେଲା ପେଲା ହେଉଛନ୍ତି କି ? ୧୯ ।

ଶାଖୀ—ବୃକ୍ଷ, ଅବଧାନ—ମନଯୋଗ, ପୁଷ୍ପହାସ—ଫୁଲମଣ୍ଡିତ ବୃକ୍ଷମାନେ ସାକ୍ଷୀଲୋକ ପରି ପୁଷ୍ପ ଶୋଭିତ ହୋଇ କୌତୁକ ଦର୍ଶନରେ ମନୋଯୋଗୀ ହୋଇ ଅଛନ୍ତି । ଶୃଙ୍ଗାରରେ ବୀର ରସ ବର୍ଣ୍ଣନା ବ୍ୟଭିଚାର ଲକ୍ଷଣ ବୋଲିଯାଏ କିନ୍ତୁ ସମସ୍ତ ଅନୁସାରେ ଅର୍ଥାତ୍ ରାତି କାଳ ଯେଉଁ ଏହା ବୁଝାଗଲା, ଯେହେତୁ ରତି ହେଉଛି ଯୁଦ୍ଧ ଏବଂ ରତିର ପ୍ରକାଶ କାଳ ରାତି ଅଟେ । ୨୦ ।

କୋଟି ବ୍ରହ୍ମାଣ୍ଡ ସୁନ୍ଦରୀର ଶୋଭା ସମୁଦ୍ରରେ ବୀର ରାଜପୁତ୍ର ନିଜର ବୁଦ୍ଧିକୁ ବୁଡ଼ାଇ ଦେଇ ଥିବାରୁ ଶ୍ରୁତିରସେ ଅର୍ଥାତ୍ ଶୃଙ୍ଗାର ରସରେ ମାତିଛି ଏଥିପାଇଁ ଶୃଙ୍ଗାର ରସରେ ବୀର ରସ ବର୍ଣ୍ଣନା ପ୍ରମାଣିତ ହେଲା । ରାଜପୁତ୍ର ସ୍ତମ୍ଭୀଭୂତ ହୋଇ ତନ୍ମୟ ମନରେ କହିଲା । ୨୧ ।

ହେ ଭାବ ରତ୍ନନିଧି ଧନକୁ ବୋଲିବା ମନକୁ ସନ୍ଦେହେ ମୋହେ ।
ଭାବ-ରତ୍ନ-ନିଧି ନୟନ ଉପରେ ଲୀଳା କରେ ସଦା ରହି ।
ମୂଳ ହେଲି ଲଭିବାର । ହୋଇଲା ସ୍ଥାନ ଗୋଚର । ୨୨ ।
ହେ ଦଣ୍ଡକବନବହ୍ନିଦାଶ୍ରି ଦେଇଛନ୍ତି ଏ ବର ଜାଣିଲି ମୋରେ ।
ଦଣ୍ଡକବନବହ୍ନିଦାଶ୍ରି ହୋଇଥିବ ବନ୍ଧୁ ସଖୀ ସଙ୍ଗତରେ ।
ସିକ୍ତ ମୋ ଲୋଚନ ପଡ଼ି । ଥିବ ଦେହେ ଶାଢ଼ୀ ଜଡ଼ି । ୨୩ ।
ହେ ବଶ ମନ୍ଦାକ୍ଷ କରିଥିବ ଉରଜ ଜଘନ ବ୍ୟକତ ଭୀତ ।
ବଶ ମନ୍ଦାକ୍ଷ-କୋଣେ ଦୃଷ୍ଟି ଦେବାରେ କରୁଥିବ ମୋର ଚିତ୍ତ ।
ସେ କାଳ ଭୋଗକୁ ଚିନ୍ତେ । ସ୍ୱର୍ଗଭୋଗ ହୋଇ କେତେ । ୨୪ ।
ହେ କରୁ କରୁ ଭାବ ଭାବନା କରୁଣା ବରୁଣାଳୟ ପ୍ରିୟାର ।
କ୍ରମଶ କ୍ରମଶ ତ୍ରିଯାମାକୁ ଶେଷ କରେ ହୋଇ ଉଜାଗର ।
ଉଷା ପ୍ରମାଣ ପ୍ରକାଶେ । ସହସ୍ରକର ସକାଶେ । ୨୫ ।

---

ଭାବର କର ଧନକୁ ଅର୍ଥାତ୍ ସୁନ୍ଦରୀ ରୂପ ଧନକୁ ଅଷ୍ଟରତ୍ନ ଅବା ନବନିଧି ବୋଲି କହିବା କାରଣ ରତ୍ନ ଓ ନିଧିମାନଙ୍କର ମନ ସେ ସନ୍ଦେହରେ ମୋହିତ କରୁଅଛି । ସେ ସୁନ୍ଦରୀ ଭାବ ଆଦି ରତ୍ନର ସ୍ଥାନ । ତାହା ମୋ ଆଖିରେ ରହି ସଦା ଖେଳା କରୁଅଛି । ବର୍ତ୍ତମାନ ତାହାର ସ୍ଥାନ ଗୋଚର ଅର୍ଥାତ୍ ଜଣା ପଡ଼ିଲା ଏଣୁ ତାକୁ ପାଇବାର ମୂଳ ଅର୍ଥାତ୍ ନିଶ୍ଚୟ ହେଲି । ୨୨ ।

ଦଣ୍ଡକବନବହ୍ନିଦାଶ୍ରି—ଶ୍ରୀରାମଚନ୍ଦ୍ର, ମୋରେ—ମୋତେ; ଦଣ୍ଡକବନବହ୍ନିଦାଶ୍ରି—ଦଣ୍ଡେମାଏ ଜଳବହ୍ନିଦାଶ୍ରି । ଶ୍ରୀରାମଚନ୍ଦ୍ର ମୋତେ ଏହି ବର ଅର୍ଥାତ୍ ତାକୁ ପାଇବାର ଦେଇଅଛନ୍ତି ବୋଲି ମୁଁ ଜାଣିଲି । ବନ୍ଧୁ ସଖୀ ସଙ୍ଗତରେ ଦଣ୍ଡେମାଏ ଜଳବହ୍ନିଦାଶ୍ରି ହୋଇଥିବ । ତା ଦେହରେ ଶାଢ଼ୀ ଓଦା ହୋଇ ଲଗି ଯାଇଥିବ । ସେତିକବେଳେ ମୋ ଆଖି ତା ଉପରେ ପଡ଼ିଥିବ । ୨୩ ।

ଉରଜ—ସ୍ତନ; ଜଘନ—ଜଙ୍ଘ; ବ୍ୟକତ—ପ୍ରକାଶିତ; ଭୀତ—ଭୟ; ମନ୍ଦାକ୍ଷ—ଲଜ୍ଜା; ବଶ—ଅଧୀନ; ମନ୍ଦାକ୍ଷ କୋଣେ—ସଲଜ ଆଖିକୋଣ । ସୁନ୍ଦରୀର ସ୍ତନ, ଜଙ୍ଘ, ଦିଶିଯିବା ଭୟରେ ସେ ଲଜ୍ଜାର ଅଧୀନ ହୋଇଥିବ । ସେ ଆଖିକୋଣରେ ଅଳପ ଅଳପ ଦୃଷ୍ଟି ମୋର ଚିତ୍ତକୁ ବଶ କରୁଥିବ । ମୁଁ ବର୍ତ୍ତମାନ ସେହି ଭୋଗକୁ ଚିନ୍ତା କରୁଅଛି । ସେହି ଭୋଗ ସହିତ ତୁଳନାରେ ସ୍ୱର୍ଗ ଭୋଗ ଅବା କେତେ ହେବ । ୨୪ ।

କରୁଣା—ଦୟା, ବରୁଣାଳୟ—ସମୁଦ୍ର, ତ୍ରିଯାମା—ରାତି, ସହସ୍ରକର—ସହସ୍ର ହସ୍ତ ଯୁକ୍ତ ବାଣାସୁର, ସୂର୍ଯ୍ୟ; ଉଷା—ବାଣାସୁର କନ୍ୟା, ପ୍ରଭାତ କାଳ । ମୁଁ ଦୟା-ସାଗର ପ୍ରିୟାର ଚିନ୍ତା କରୁ କରୁ ଉଜାଗର ରହି ରାତି ଶେଷ କରିଥାଏ । ଯେପରି ସହସ୍ରବାହୁ ବାଣାସୁର ପାଇଁ ଉଷା ଦେଖାଦିଏ, ସେହିପରି ସୂର୍ଯ୍ୟଙ୍କ ଯୋଗୁଁ ପ୍ରାତଃକାଳ ପ୍ରକାଶ ପାଏ ଏହା ପ୍ରମାଣିତ । ୨୫ ।

ହେ କୁମୁଦ ବିକାଶ ଲୁଚି ଲୁଚି ଯାଇ ପଦ୍ମ ଫୁଟି ଫୁଟି ଆସେ ।
ହରଷ ବିରସ ପାଲଟା ପାଲଟି ମଧୁଲିଟ ବିଟ କଲେ ।
ବେନି ରସେ ଦେଇ ଛନ୍ଦ । ହେଉଛନ୍ତି ଗତାଗତ । ୨୬ ।
ହେ କୁକୁଟ ରଟେ କି ଅନ୍ଧାର ଦୂତ ତୁ ଲାଜକୁ ନବୀନା ଚିତ୍ତୁଁ ।
ଘଉଡ଼ିଥିଲୁ ସେ ବାହୁଡ଼ି ଆଲୋକ ସାହାରେ ତୋ ନାଶ ହେଲୁ ।
ତୁ ଗୋପ୍ୟ ମଧ୍ୟରେ ଲୁଚି । ପାରିବୁ କି ତାକୁ ପାଞ୍ଚି । ୨୭ ।
ହେ ଶିବାଳୟେ ଶଙ୍ଖ ବାଜିଲେ ବାଜିଲେ ଦାବିଁଟି ତର୍ଜିଲେ ଜାରେ ।
ପରସଦନେ ଅତନୁଫୁଲ କାଣ୍ଡ ଡରେ ଲୁଚିଥିଲୁ ଯାରେ ।
ଲୋହକାଣ୍ଡେ ତନୁବନ୍ତ । ଦେଖି କରିବେକି ହତ । ୨୮ ।
ହେ ଏକାଳେ ପୁଣି କୁମରି କରି ପ୍ରାତଃସ୍ମରଣ ବାଳାକୁ ସ୍ତବ ।
ଯାଇ ଓଷ୍ଠେ ବାଳ-ଅରୁଣ ଲକ୍ଷ୍ୟକୁ ନେତ୍ରେ ସ୍ଫୁଟ-କଞ୍ଜ ଛବି ।
ଅମ୍ବର-ମଞ୍ଜୁଳ କାଞ୍ଚ । ଆଲୋକେ ମୂର୍ଦ୍ଧ ବିସ୍ତାରି । ୨୯ ।

---

କୁମୁଦ—କଇଁ, ବିକାଶ—ଫୁଟିବା, ମଧୁଲିଟ—ଭ୍ରମର; ବିଟ—ଲମ୍ପଟ; ବେନିରସେ—ହର୍ଷ ବିଷାଦ । ପ୍ରଭାତରେ କଇଁଫୁଲ ଫୁଟିବା ବନ୍ଦ ହୋଇ ପଦ୍ମ ଫୁଟିଆସେ । ଭ୍ରମର ଓ ଲମ୍ପଟ ଦୁହେଁ ହର୍ଷ ବିଷାଦକୁ ପରସ୍ପର ବଦଳା ବଦଳି କଲେ କି ? ଦୁହେଁ ହର୍ଷ ବିଷାଦ ଦୁଇ ରସରେ ମନ ମଜାଇ ଯା ଆସ କରୁଛନ୍ତି । ପ୍ରଭାତରେ ପଦ୍ମ ଫୁଟିବାରୁ ଭ୍ରମରମାନେ ଆନନ୍ଦିତ ହେଲେ ଏବଂ ଆଲୋକ ଯୋଗୁଁ ବିଟପୁରୁଷମାନେ ପଳାଇଲେ । ୨୬ ।

ହେ ଅନ୍ଧାରର ଦୂତ ! ତୁ ନୂତନା ସ୍ତ୍ରୀମାନଙ୍କ ମନରୁ ଲଜ୍ଜାକୁ ଦୂର କରି ଦେଇଥିଲୁ । ଏବେ ତୁ ନାଶ ଗିବାରୁ ଅର୍ଥାତ୍ ପ୍ରଭାତ ହେବରୁ ସେ ଆଲୋକ ସାହାଯ୍ୟରେ ବାହୁଡ଼ି ଅର୍ଥାତ୍ ଫେରି ଆସୁଅଛି । ତୁ ଗୋପ୍ୟ ଗୃହରେ ଲୁଚି ତାକୁ ଲୁଚାଇ ପାରିବୁ କି ? ଏହି କଥା ପାଇଁ ସକାଳେ କୁକୁଟ ରବ କରି କହୁଅଛୁ କି ? ୨୭ ।

ଜାରେ—ବିଟପୁରୁଷମାନଙ୍କୁ, ତର୍ଜିଲେ—ଧମକାଇଲେ, ଅତନୁ—କନ୍ଦର୍ପ, ପର ସଦନେ—ପର ଘରେ । ଶିବାଳୟରେ ଶଙ୍ଖ ବାଜିଲେ ତାହା ଶଙ୍ଖଧ୍ୱନି ନୁହେଁ; ବରଂ ଜାରପୁରୁଷମାନଙ୍କୁ ଧମକ । ଶିବାଳୟରେ ପ୍ରଭାତରେ ଶଙ୍ଖ ବାଜିଥାଏ । ସେତେବେଳେ ଜାରପୁରୁଷମାନେ ଡରିକରି ପଳାଇ ଯାଆନ୍ତି । ଶଙ୍ଖ ଯେପରି ଧମକ ଦେଇ କହୁଅଛି ତୁ କନ୍ଦର୍ପର ଫୁଲଧନୁ ଶର ଡରରେ ପର ଘରେ ଲୁଚିଥିଲୁ । ଏବେ ପଳା; ନୋହିଲେ ଦେହବନ୍ତ ଲୋକେ ତୋତେ ଦେଖି ଲୁହାକାଣ୍ଡରେ ମାରି ପକାଇବେ । ୨୮ ।

ଏହି କାଳରେ ରାଜପୁତ୍ର ପୁଣି ବାଳାକୁ ପ୍ରାତଃସ୍ମରଣ କରି ସ୍ତବନ୍ତି ବାଳାର ଓଠର କାନ୍ତି ହେଉଛି ବାଳ ଅରୁଣ ସମାନ । ଆଖି ପ୍ରସ୍ଫୁଟିତ ପଦ୍ମର ଶୋଭା ଧରିଅଛି । ସେହି ରାଜକନ୍ୟା ପୁଣି ପ୍ରଭାତ ଆକାଶ ଶୋଭା ଉଜ୍ଜ୍ୱଳ କରିବା ସୁନ୍ଦର ବସ୍ତ୍ର ପିନ୍ଧିଅଛି ଏବଂ ଆଲୋକରେ ମୁଣ୍ଡକୁ ବଢ଼ାଇଅଛି । ୨୯ ।

ହେ ଉପଇନ୍ଦ୍ର ପ୍ରାତଃସ୍ମରଣ ଯେ ଦୀନବନ୍ଧୁ ଉଦିତ ସଂସାରେ ।
ସ୍ୱନାମ ଚରମେ ଚନ୍ଦ୍ର ରଖିବାରୁ ଭବତମ ନାଶିବାରେ ।
ମୁଖାବ୍ଜେ ସ୍ମିତ ଶ୍ରୀ ସ୍ଥିତ । ଦେଖି ବିଭୀଷଣେ ଦତ୍ତ । ୩୦ ।
ହେ କରପଦ ରକ୍ତାମ୍ବୁଜ ଯଶ ଅଦ୍ଭୁତ ସମ୍ଭୂତ ବସନ୍ତ ।
ଖ୍ୟାତ ହର ଧନୁଭଙ୍ଗରେ ଅହଲ୍ୟା ତାରଣେ ନୀଳାବ୍ଜମୂର୍ତ୍ତି ।
ରଞ୍ଜନ ମୁନି ରଞ୍ଜାଇ । ଏହି ପଞ୍ଚରତ୍ନ ଧ୍ୟାୟି । ୩୧ ।

—o—

---

ଭବ ତମ—ସଂସାରର ଅନ୍ଧକାର, ସଂସାରର ପାପ; ଦୀନବନ୍ଧୁ—ସୂର୍ଯ୍ୟ, ବନ୍ଧୁ; ଉଦିତ—ପ୍ରକାଶିତ, ମୁଖାବ୍ଜ—ମୁଖପଦ୍ମ, ସ୍ମିତଶ୍ରୀ—ବିକଶିତ ଶୋଭା, ମନ୍ଦହାସର ଶୋଭା; ନାମଚରମେ ଚନ୍ଦ୍ର—ରାମଚନ୍ଦ୍ର, କୃଷ୍ଣଚନ୍ଦ୍ର; ବିଭୀଷଣ=ବି+ଭୀଷଣ ; ବି—ପ୍ରେତ, ଭୀଷଣ—ଭୟ, ବିଭୀଷଣ—ଲଙ୍କାର ରାଜା । ସଂସାରର ଅନ୍ଧକାର ଦୂର କରିବାକୁ ସୂର୍ଯ୍ୟ ଉଦିତ ହେଲେ । ତଦ୍ୱାରା ମୁଖପଦ୍ମରେ ଶୋଭା ପ୍ରକଟିତ ହେଲା । ତାହା ଦେଖିଲା-ମାତ୍ରେ ପ୍ରେତମାନେ ଭୟପାଇ ଲୁଚିଲେ । ସେହି ଦୀନବନ୍ଧୁ ଭଗବାନ ସେ ନିଜ ନାମର ଶେଷରେ ଚନ୍ଦ୍ର ଶବ୍ଦ ରଖି ରାମଚନ୍ଦ୍ର ରୂପରେ ସଂସାରର ପାପ ଦୂର କରିବା ପାଇଁ ଆବିର୍ଭୂତ ହୋଇଥିଲେ । ତାଙ୍କ ମୁଖ ପଦ୍ମସ୍ଥିତ ମନ୍ଦହାସ ଶୋଭା ରୂପକ ସମ୍ପତ୍ତି ବିଭୀଷଣଙ୍କୁ ଦାନ କରିଥିଲେ । ୩୦ ।

କରପଦ—ହାତ ଓ ପାଦ, ରକ୍ତାମ୍ବୁଜ—ରକ୍ତପଦ୍ମ, ସମ୍ଭୂତ—ଜାତ, ବସନ୍ତ—ସ୍ଥିତ, ଖ୍ୟାତ—ପ୍ରକାଶ, ରଞ୍ଜନ—ଅନୁରାଗ ଜନକ, ନୀଳାବ୍ଜ—ନୀଳପଦ୍ମ, ମୁନିରଞ୍ଜାଇ—ରାମ ବନବାସ କାଳରେ ମୁନିମାନେ ତାଙ୍କୁ ଦେଖି ମୁଗ୍ଧ ହୋଇଥିଲେ; ପଞ୍ଚରତ୍ନ—ହାସ୍ୟ, ହସ୍ତ ପଦ, ମୂର୍ତ୍ତି, ସ୍ମିତଶ୍ରୀ । ରାମଚନ୍ଦ୍ର ଅବତାରରେ ହର ଧନୁ ଭଙ୍ଗରେ ଓ ଅହଲ୍ୟା ଉଦ୍ଧାରରେ କର ପାଦର ରକ୍ତାମ୍ବୁଜ ଯଶ ଅଦ୍ଭୁତ ଭାବରେ ଜାତ ହୋଇ ବିଖ୍ୟାତି ଲଭିଥିଲା । ପୁଣି ସେ ନୀଳପଦ୍ମ ମୂର୍ତ୍ତି ଦେଖି ମୁନିମାନଙ୍କ ମନ ମୁଗ୍ଧ ହୋଇ ଯାଇଥିଲା । ରାମଚନ୍ଦ୍ରଙ୍କର ଏହି ପଞ୍ଚରତ୍ନ ବିଭୂତିକୁ କବି ଉପଇନ୍ଦ୍ର ପ୍ରତ୍ୟହ ପ୍ରାତଃସ୍ମରଣ କରୁଅଛୁ । ୩୧ ।

—o—

## ବିଂଶ ଛାନ୍ଦ

[ ରାଗ—ସିନ୍ଧୁ ଦେଶାକ୍ଷ ]

ରସିକେ ରସିକ କୋବିଦ ଜନେ ଏହ ଏ ଛାନ୍ଦ କୁଶଳ ଶୁଣି ।
ପ୍ରଭାତରେ ପ୍ରଭାତରେ ଅଦ୍ଭୁତ ମୃଗ ଆଗତ ଶବଦ ଶୁଣି ।
ସେ ନୃପ । ଯାନମାନଙ୍କୁ ଆରୋହି ।
ଯନ୍ତି ଯନ୍ତି ଚଞ୍ଚଳ ପଚାରନ୍ତି ଚମରୁ ଭ୍ରମର ନାହିଁ । ୧ ।
ସେ ନଗର ନାଗରୀ ଶ୍ରେଣୀ ଶ୍ରେଣୀ ଦେଖିବା ଲୋଭେ ବାହାର ।
ଶ୍ୟାମଳା ଭିନ୍ନ ଗୌରୀ ସେ ବଧୂନେ ସାବର୍ଣ୍ଣୀ ସେହି ପ୍ରକାର ।
ସେ ରାମା । କାହିଁରେ ନ ମିଶେ କେହି ।
ସତେ ଯାହାଠାରେ ନେତ୍ର ତାହାଠାରେ ଜଡ଼େ ଆନ ଲୋଡ଼େ ନାହିଁ ।୨।
ସୁରମଣି-ମଣି ବର୍ଣ୍ଣନା ରମଣୀ ବର୍ଣ୍ଣନା କେ କରୁ ଶେଷ ।
ଆନ କି କହିବା ରୂପବନ୍ତ ଯହିଁ ହୋଇଛି ପ୍ରଥମରସ ।
ସେ ବାମା । ଗାଢ଼ୁଛନ୍ତି ନେତ୍ର ଡୋଳା ।
ପବନେ ଚଳେ କି ଜବନେ ଜବନେ ଇନ୍ଦୀବର ଭୃଙ୍ଗମେଳା । ୩ ।

---

ରସଗ୍ରାହୀ ପଣ୍ଡିତମାନେ ଏହି ଛାନ୍ଦର କୌଶଳ ଶୁଣି ଅନୁରକ୍ତ ହେବେ । ସେହି ପ୍ରଭାତରେ ଅର୍ଥାତ୍ ଉଜ୍ଜ୍ୱଳ ସକାଳ ସମୟରେ ଆଶ୍ଚର୍ଯ୍ୟ ମୃଗର ଆସିବା ଶବ୍ଦ ଶୁଣି ରାଜାମାନେ ଯାନ ଚଢ଼ି ଧାଇଁ ଧାଇଁ ହୋଇ ବାହାରି ପଡ଼ିଲେ ଏବଂ ଚମରମାନଙ୍କୁ ପଚାରିଲେ ସେ ମୃଗ କେଉଁଠାରେ ବୁଲୁଅଛି ? ୧ ।

ସେହି ନଗରର ରମଣୀମାନେ ଦେଖିବା ଲୋଭରେ ଦଳଦଳ ହୋଇ ବାହାରିଲେ । ସେମାନଙ୍କ ଭିତରେ କଳା, ଗୋରା ଓ ଶ୍ୟାମବର୍ଣ୍ଣାମାନେ ଭିନ୍ନ ଭିନ୍ନ ଦଳରେ ଥିଲେ । କେହି କାହା ସହିତ ମିଶିଲେ ନାହିଁ । ତାଙ୍କ ଭିତରେ ଯାହା ଉପରେ ଆଖି ପଡ଼େ, ସେଇଠି ଲାଗି ରହେ; ଅନ୍ୟକୁ ଖୋଜେ ନାହିଁ । ୨ ।

ସୁରମଣି—ଇନ୍ଦ୍ର, ପ୍ରଥମରସ—ଶୃଙ୍ଗାରରସ, ଇନ୍ଦୀବର—ନୀଳକଇଁ, ଭୃଙ୍ଗମେଳା—ଭ୍ରମରଦଳ, ଜବନେ—ଦ୍ରୁତ ଗତିରେ । ସେହି କଳା ସ୍ତ୍ରୀମାନଙ୍କ ବର୍ଣ୍ଣ ଇନ୍ଦ୍ରନୀଳମଣି ପରି । ତାହାର ବର୍ଣ୍ଣନା କିଏ ଶେଷ କରିପାରେ । ଅନ୍ୟମାନଙ୍କ କଥା କ'ଣ କହିବା । ସେମାନେ ଶୃଙ୍ଗାରରସର ସାକ୍ଷାତ ମୂର୍ତ୍ତିମନ୍ତ ରୂପ । ସେହି ସ୍ତ୍ରୀମାନେ ଆଖିର ଡୋଳା ଗାଢ଼ୁଅଛନ୍ତି । ତା' ଦେଖି ମନେହୁଏ ଭ୍ରମରଯୁକ୍ତ ନୀଳକଇଁ ପବନରେ ଅତି ବେଗରେ ଦୋହଲୁଅଛି କି ? ୩ ।

ନ ସା ଫୁଲଅଛି ପ୍ରବାଳ ମାଣିକ୍ୟ ବସଣି ହୋଇଛି ଠେକ ।
ସେ କୀର ଅଧର-ବିମ୍ବକୁ ଖାଇଁ କି ଉରୁଫୁଲ୍ଲି ଗୁଳେ ଚୋଟିକି ।
ସେ ଶ୍ୟାମା । ଗଣ୍ଡ କାନ୍ତେଁ ମଣ୍ଡକରି ।
ଶୋଭା ମାଧୁରୀ ବର୍ଦ୍ଧି ବୃଦ୍ଧି ଧୈର୍ଯ୍ୟ-ବଧୂକୁ କବଳ କରି । ୪ ।
ଆସ ଆସ ଡକାଡକରେ ସେ ଡାକ ପକାଉଅଛନ୍ତି ପିକେ ।
ପଶି ଶ୍ରୁତିବରେ ଅନ୍ଧାର କରଇ ଜ୍ଞାନକୁ ହୃଦପୁପାକେ ।
ସେ ଶ୍ୟାମା । କଳା ମୁଦ୍ର ନାଦ ଭଲ ।
ସେଶ୍ବ ଶବଦ ସ୍ତବଧ ଧ୍ୟାନ ଛଳେ ଯୋଗିବୃନ୍ଦରେ କି ଦେଲ । ୫ ।
ମଞ୍ଜୁ ଦ୍ୟୁତିକାନ୍ତ କନକବ୍ରତତି ଗଣ୍ଡ-ହଂସ ବନ୍ଧି ଚଳେ ।
ରୋହିଣୀ ସଙ୍ଗ ହରିଦ୍ରାଙ୍କିତ ଅଙ୍ଗ ଉଦେ କି ଇନ୍ଦୁ ନିର୍ମଳେ ।
ସେ ଗୋରୀ । ମୁଖଶୋଭା ସେ ଲକ୍ଷଣା ।
ନାସା ଫୁଲବାରେ ଚଳେ ସ୍ୱର୍ଣ୍ଣବସା କୁନ୍ଦନ ନବାତ ଗୁଣ । ୬ ।

---

ରମଣୀମାନଙ୍କ ନାକ ଫୁଲିବା ଯୋଗୁଁ ନାକରେ ପିନ୍ଧିଥିବା ପୋହଳା ଓ ମାଣିକ ଖଚିତ ବସଣି ଠେକ ହୋଇଅଛି । ମନେହେଉ ସେହି ଶୁକ ନାସାରୂପକ ପକ୍ଷୀ ବସଣିକୁ ଠେକୁନାହିଁ ଯେ ବିମ୍ବଫଳ ସଦୃଶ ଅଧରକୁ ଖାଇବା ପାଇଁ ଅଣ୍ଡକୁ ପ୍ରଫୁଲ୍ଲ ହୋଇ ଗୁଳନ କରୁଅଛି । ସେହି କାଳୀବର୍ଣ୍ଣା ନାରୀଙ୍କର ଗଣ୍ଡ ମଣ୍ଡନସ୍ଥୀ ପରି, କୃଷ୍ଣାର ସୌନ୍ଦର୍ଯ୍ୟ ବୃଦ୍ଧି ପରି । ତାଙ୍କୁ ଦେଖିଲାକ୍ଷଣି ଧୈର୍ଯ୍ୟରୂପକ ବଧୂ ଅର୍ଥାତ ଚନ୍ଦ୍ରକୁ କବଳ ଅର୍ଥାତ୍ ଗ୍ରାସ କରୁଅଛି । ୪ ।

ପରସ୍ପରକୁ ଆସ ଆସ ଡାକିବା ଶବ୍ଦ ଦ୍ୱାରା ସେମାନେ କୋଇଲିକୁ ଡାକ ପକାଉଛନ୍ତି ଅର୍ଥାତ୍ ସେମାନଙ୍କର ସ୍ୱର କୋଇଲି ପରି ମଧୁର । ସେହି ଶବ୍ଦ କାନବାଟରେ ପଶି ହୃଦୟକୁ ଭେଦି ଯାଉଛି ଏବଂ ଜ୍ଞାନ ହରାଇ ଦେଉଛି । ସେ କାଳିଆ ସ୍ତ୍ରୀମାନଙ୍କର ପାଦର ମୁଦ ଓ ବଳାର ଶବ୍ଦକୁ ଧନ୍ୟ କହିବା । ତାହା ଶୁଣି ଧ୍ୟାନ ଛଳରେ ଯୋଗୀମାନେ ସ୍ତବ୍ଧ ହୋଇ ମୌନ ଅବସ୍ଥା ଧାରଣ କଲେ । ୫ ।

ମଞ୍ଜୁ—ମନୋହର, ଦ୍ୟୁତିକାନ୍ତ—ଗୌରକାନ୍ତି, ବ୍ରତତି—ଲତା, ହରିଦ୍ରାଙ୍କିତ—ହଳଦିଯୁକ୍ତ, ଇନ୍ଦୁ—ଚନ୍ଦ୍ର, ଲକ୍ଷଣା—ଉପମା, କୁନ୍ଦନ—ଖାଣ୍ଟି, ନବାତ—ମିଶ୍ରୀ । ଗୌର ବର୍ଣ୍ଣା ସୁନ୍ଦରୀ ସ୍ତ୍ରୀମାନେ ସୁନାର ଲତା ପରି ଦିଶୁଛନ୍ତି । ସେମାନଙ୍କ ତାଙ୍କର ଗଣ୍ଡ ରୂପକ ହଂସ ବନ୍ଧନ କରି ଚାଲିଲା ପରି ଦିଶୁଅଛି । ନିଜ ପତ୍ନୀ ରୋହିଣୀ ସହିତ ମିଳିତ ହୋଇଥିବାରୁ ହଳଦିବୋଳା ରଙ୍ଗରେ ଚନ୍ଦ୍ର ନିର୍ମଳଭାବେ ଉଦୟ ହେଲେ କି ? ସେହି ଗୋରୀ ସ୍ତ୍ରୀର ମୁଖଶୋଭା ଉପମା ଏହାହିଁ ଅଟେ । ତାଙ୍କର ନାସା ଫୁଲିବାରୁ ସ୍ୱର୍ଣ୍ଣବର୍ଣ୍ଣା ମିଶ୍ରୀ ସୁନାର ଗୁଣ ହେଲିବା ପରି ଦେଖାଯାଉଛି । ୬ ।

ଆଡୁର ସିନ୍ଧାଣୀ ନୟନତରଙ୍ଗ ଗୁଡ଼ାଣି ହୋଉଛି ସଙ୍ଗ ।
ଏଣିକି ତଣିକି ଏକାକୀ କରୁଛି ସ୍ୱଇଚ୍ଛାବଶରେ ଭଙ୍ଗ ।
ସେ ଗୋସ୍ତ ! ଭକତକୁଳ ମନ ମୋହ ।
ପ୍ରେମ-ରତ୍ନ ଭରି କାମ-ଭଣ୍ଡାରେ କି ହେବ ସମ୍ପୁଟକ ଥୋଇ । ୭ ।
ଦରବିକାଶ ଫୁଲ ତୁଲ ସୁହାସ କଥାକୁହା ଭଙ୍ଗି ସେହି ।
ସ୍ୱର ଶୁଣିଥିଲେ ତରୁଣୀକୁଳ ଯେ କୁଳରେ ରହନ୍ତେ ନାହିଁ ।
ସେ ଗୋସ୍ତ ! ଜୁଡ଼ାଛନ୍ଦ ଜ୍ଞାନବୁଡ଼ା ।
ସେହି ବନ୍ଧନେ ବନ୍ଧନ ହୋଇ ମନ ଆନ ନ କରଇ ଲୋଡ଼ା । ୮ ।
ପାହୁଡ଼ ଭୁଲନା ବୋଲି କି ପଦଣ୍ଡ ମଣାଉଛି ବାର ବାର ।
ଝିଙ୍କାରି ଝଙ୍କାରେ ବାଧା ହୋଇଅଛି ଝୁମକମୁଦ ଯାହାର ।
ସେ ଗୋସ୍ତ ! ସବୁକେ ମୋହନ ରୂପ ।
ଯାବତ ଜଗତେ ଯାହା ସ୍ୱରୂପକ ବର୍ଣ୍ଣନା କରନ୍ତି କବି । ୯ ।

---

ସିନ୍ଧାଣୀ—ଚତୁରୀ, ନୟନ ତରଙ୍ଗ—ଡୋଳା ଖେଳାଇବା, ଗୁଡ଼ାଣି—କଟାକ୍ଷ । ଆଡୁର ମଧ୍ୟ ସେହି ଗୋସ୍ତ ନିଜର ଆଖି ଏଣେତେଣେ ଖେଳାଇ ଚାହୁଁଅଛି । ମନେହେବ ଏଣୀ ଅର୍ଥାତ୍ ହରିଣୀ କି ନିଜ ଇଚ୍ଛାରେ ଏଣେତେଣେ ଅନାଇ ହେଉଅଛି । ଗୋସ୍ତର ଭକ୍ତ ଗଣ ମନକୁ ମୁଗ୍ଧ କରୁଅଛି । ସତେ ଅବା କାମ ପ୍ରେମ-ରତ୍ନ ପୂର୍ଣ୍ଣ ସୁନାର ଫରୁଆକୁ ନିଜ ଭଣ୍ଡାରରେ ରଖିଅଛି । ୭ ।

ଦର ବିକାଶ—ଅର୍ଦ୍ଧପ୍ରସ୍ଫୁଟିତ, ତୁଲ—ସମାନ, ସୁହାସ—ସୁନ୍ଦର ହସ, ତରୁଣୀକୁଳ—ଯୁବତୀମାନେ, କୁଳରେ—ନିଜ ଗୋତ୍ରରେ । ସେହି ସୁନ୍ଦର ହାସ୍ୟ ଏବଂ ବଚନଭଙ୍ଗୀ ଅଧା ଫୁଟିବା ଫୁଲ ସଙ୍ଗେ ସମାନ । ସେହି ସ୍ୱର ଶୁଣିଲେ ଯୁବତୀମାନେ ନିଜର ଜାତି ଗୋତ୍ର ଭୁଲିଯିବେ । ସୁନ୍ଦରୀର ଜୁଡ଼ାବନ୍ଧା ରୂପ ଲୋକମାନଙ୍କର ଚେତନା ବୁଡ଼ାଇଦେବ । ସେହି ଜୁଡ଼ା ବନ୍ଧନରେ ମନ ବାନ୍ଧି ହୋଇ ଆଉ କିଛି ଲୋଡ଼ିବ ନାହିଁ । ୮ ।

ପାହୁଡ଼—ପାଦର ଗହଣା, ଭୁଲନା—ଭୁଲ କରନା, ପଦଣ୍ଡ—ଧୀର ଗମନ, ଝୁମକ ମୁଦ—ଝୁମୁକା ଲଗା ମୁଦି, ଯାବତ—ସମସ୍ତ । ଗୋସ୍ତ ଧୀର ଗତି କଲାବେଳେ ପାଦର ଅଳଙ୍କାର କଅଣ ବାରମ୍ବାର କହୁଛି ପଥ ଭୁଲ କରନାହିଁ । ତାହାର ଝୁମୁକା ଲଗା ମୁଦି ଝଣଝଣ ଧ୍ୱନିରେ ଝିଙ୍କାରି ପୋକର ଶବ୍ଦଠାରୁ ବଳି ମଧୁର । ଗୋସ୍ତ ସ୍ୱଭାବତଃ ମାଧୁର୍ଯ୍ୟର ରୂପ ଅଟେ । କବିମାନେ ସମସ୍ତ ଜଗତରେ ତାହାର ସ୍ୱରୂପକୁ ବର୍ଣ୍ଣନା କରନ୍ତି । ୯ ।

ଜମ୍ବୁ-ଜମ୍ବାଳ-ପିଣ୍ଡିକା ଉପରେ ଢାଳି ଉଧି ନଳମଣି କାଚ ।
ପ୍ରତିଭା ଏ ଝଷି ପ୍ରଭାକୁ ପ୍ରକାଶି ବିବେକ ବଣାକୁ ଯାଞ୍ଚ ।
ସେ ବାମା । ଉରଜ ଯୁଗଳ ତୁଙ୍ଗ ।
ବିରହଜ୍ୱର ଅରୁଚ ନାଶେ ଯାଚ ଆସଇ କି ମାତୁଳଙ୍ଗ । ୧୦ ।

ପଲକ ପତନ ଧଇର୍ଯ୍ୟ ଭଞ୍ଜନ କଟାକ୍ଷ ଏପନ ଝଟେ ।
ନେତ୍ର ଅଞ୍ଜନସୂତ୍ର-ବନ୍ଧା ଖଞ୍ଜନ ପୁଣି ଉଡ଼େ ପୁଣି ବସେ ।
ସେ ବାମା । ନାସାରେ ଝଷଲେ ନଥ ।
ତୂଣୀର ଉପରେ ସ୍ମରର କଷଣୀ ଥୋଇଛି କି ମନମଥ । ୧୧ ।

ସରଣୀ-ସରନ୍ତେ ତରଣୀ ଭାସିଲା ପରସ୍ପେ ଗତି ପ୍ରମାଣ ।
ବେଣୀ-ପଟ୍ଟିଶ କି ଦେଖାନ୍ତି ମାରକୁ ଏ ଯୌବନ ଜଗତ ଜଣ ।
ସେ ବାମା । ତୋଡ଼ର ଘୁଣ୍ଟିଆ କନ୍ଥ ।
ଝମ ଝମ ନାଦ ଦମ ଦମ ହୁଦ ଶ୍ରବଣେ କରାଇ ଦେଇ । ୧୨ ।

---

ଜମ୍ବୁ—ଜାମୁ, ଜମ୍ବାଳ—କାଦୁଅ, ପ୍ରତିଭା—କାନ୍ତି, ପ୍ରଭା—ଦୀପ୍ତି । ବିଧାତା ନାରଙ୍ଗିଣୀ ଓ ମାଟି ରଙ୍ଗ ଉପରେ ନୀଳ କାଚ ଲେପି ଶ୍ୟାମଳବର୍ଣ୍ଣା ସ୍ତ୍ରୀମାନଙ୍କ ଗଢ଼ିବାପରି ସେମାନଙ୍କ ଦୀପ୍ତି ଦେଖା ଯାଉଅଛି । ତାହା ଦେଖିଲେ ଲୋକର ବୁଦ୍ଧି ଭ୍ରମ ଘଟାଉଅଛି । ତାଙ୍କର ଉଚ୍ଚ ସ୍ତନ ଦେଖି ମନେ ହେଉଛି ବିରହ ଜ୍ୱରର ଅରୁଚି ନାଶ କରିବା ପାଇଁ ଏହା ଯାଚିଆସୁଥିବା ଟଭାଫଳ କି ? ୧୦ ।

ପୁଣି ଧୈର୍ଯ୍ୟ କାଟିବ ଆଖିପିଛୁଡ଼ା ଓ କଟାକ୍ଷ ଦେଖି ମନେହୁଏ ଆଖିର ଅଞ୍ଜନ ରୂପକ ସୂତ୍ରରେ କଜ୍ଜଳପାତି ପକ୍ଷୀ ବନ୍ଧା ହୋଇ ଉଡ଼ୁଛି ଓ ବସୁଛି । ପୁଣି ସେହି ସ୍ତ୍ରୀ ଯେଉଁ ନଥ ନାକରେ ପିନ୍ଧିଛି ତାହା ଦେଖି ମନେହୁଏ କାମ ନିଜର ଶରମୁଣି ଉପରେ ଗୁଣ ଟାଣିବା ପାଇଁ ନିଜ ଅଙ୍ଗୁଳିର ମୁଦିକୁ ଥୋଇଛି କି ? ନାସା ଶରମୁଣି ଓ ନଥ ମୁଦି ପରି । ୧୧ ।

ସରଣୀ—ବାଟ, ତରଣୀ—ନୌକା, ସରନ୍ତେ—ନଦୀରେ ନୌକା ଭାସିଲା ପରି ସେହି ସ୍ତ୍ରୀର ଚାଲିବା ଗତି; ପଟ୍ଟିଶ—ଖଣ୍ଡା, ତୋଡର—ପାଦଗହଣା, ଘୁଣ୍ଟିଆ—ସେବକ । ନଦୀରେ ନୌକା ଭାସି ଭାସି ଚାଲିଲାପରି ସେହି ସ୍ତ୍ରୀର ରାସ୍ତାରେ ଯିବା ଗତି ସମାନ । ତାହାର ଗୋଡ଼ରେ ତୋଡ଼ର ଅର୍ଥାତ୍ ଘୁଙ୍ଗୁର ନାମକ ଗହଣା ସେବକ ପରି କନ୍ଦର୍ପକୁ ବେଣୀରୂପ ଖଣ୍ଡା ଦେଖାଉଥିବା ପରି ବୋଧ ହୁଏ । ତହିଁ ଝମଝମ ଶବ୍ଦ ହୃଦୟରେ ଛନଥା ତାଳ କରାଉଥାଏ । ଏଥିପାଇଁ କନ୍ଦର୍ପକୁ ବିଶ୍ୱଜୟୀ ବୋଲି ଭୁଝାଯାଏ । ୧୨ ।

ଶୁଣି ହେଲେ ଗୁଣି ହେଲେ ନୃପଗଣେ ପୁଣି ସୁହୃଦରେ ଭଣି ।
ଧନ୍ୟ ପ୍ରଶଂସାରେ ହସାରେ ତ୍ରିବିଧ ସୁକାନ୍ତ ତରୁଣୀ ଶ୍ରେଣୀ ।
ହେ ସାଧୁ । ଏକେ ଏକେ ମନୋହର ।
ସମସ୍ନେହରେ ଲୋକନ କରିବାରେ ତ୍ରିଲୋଚନ ହେଲେ ହର । ୧୩ ।

ମହେଶ ମୋହେ ବହି କାଳୀ ଗଉରୀ ଦ୍ୱିବିଧରୂପକୁ ଉମା ।
ପରସ୍ପର ପ୍ରତିବିମ୍ବରେ ଦେଖାଇ ପୁଣି ସାବର୍ଣ୍ଣା ସୁଷମା ।
ହେ ସାଧୁ । ନଗଣ୍ୟ କଲେ ଏ ନାୟିକା ।
ଚମ୍ପାବତୀ ପୁରୀ ଗ୍ରାମଟୀକା ପରି ଅମରାବତୀ ଅଳକା । ୧୪ ।

ଶୋଭାରେ ଅପସରାଇ ଅପସରା ଏଥି ପ୍ରମଦା ଏ ସତ ।
ମଧ୍ୟୁ ଅପସରି ସେହି ଅପସରା ସବ ହୋଇ ସ୍ୱର୍ଗସ୍ଥିତ ।
ହେ ସାଧୁ । କିନ୍ନରମାନେ କି ନାରୀ ।
ବୋଲାଇ ମାନେ ତୁରଙ୍ଗାସ୍ୟ ଭଜିଲେ କୁବେରକୁ ଆଶ୍ରେ କରି ।୧୫।

---

ସୁନ୍ଦରୀଙ୍କ କଥା ଶୁଣି ରାଜାମାନେ ସନ୍ତୋଷରେ ମନେ ମନେ ଗୁଣିଲେ ଏବଂ ନିଜ ସୁହୃଦ ଅର୍ଥାତ୍ ମିତ୍ରମାନଙ୍କୁ କହିଲେ ହସାଇକେ ଏହି ତିନି ରକମର ସୁନ୍ଦରୀ ସ୍ତ୍ରୀ ପ୍ରଶଂସନୀୟ । ହେ ସାଧୁ ! ଏମାନେ ଏକଠୁ ଏକ ମନୋହାରିଣୀ ଅଟନ୍ତି । ଏହାଙ୍କୁ ସମାନ ସ୍ନେହ ଦୃଷ୍ଟିରେ ଦେଖିବା ପାଇଁ ମହାଦେବ ତ୍ରିନୟନ ଧାରଣ କଲେ । ୧୩ ।

ଉମା ମହାଦେବଙ୍କୁ ମୁଗ୍ଧ କରିବା ପାଇଁ କାଳୀ ଓ ଗଉରୀ ରୂପ ଧାରଣ କଲେ । ପୁଣି ପରସ୍ପରର ପ୍ରତିବିମ୍ବରେ ଯେଉଁ ମୂର୍ତ୍ତି ଦେଖାଗଲା, ତାହା ହେଲା ତୃତୀୟ ଭାବ; ଯାହାର ବର୍ଣ୍ଣ ସାବଳା ଅର୍ଥାତ୍ ସାବଳା ସ୍ତ୍ରୀର ଶୋଭା ପ୍ରକାଶ ପାଇଲା । (ଏହି ୩ ରଙ୍ଗର ତରୁଣୀ କଥା ପୂର୍ବ ପଦରେ ଲେଖିଅଛନ୍ତି) । ହେ ସାଧୁଜନେ ! ଏହି ନାୟିକାମାନେ ଚମ୍ପାବତୀକୁ ନଗଣ୍ୟ କଲେ । ଏହା ତୁଳନାରେ ଅମରାବତୀ ଅର୍ଥାତ୍ ଇନ୍ଦ୍ରପୁରୀ ଓ ଅଳକା ଅର୍ଥାତ୍ କୁବେରପୁରୀ ଗ୍ରାମଟୀକା ଅର୍ଥାତ୍ ଛୋଟିଏ ଖଣ୍ଡିଏ ଗ୍ରାମ ପରି ଦେଖାଗଲା । ୧୪ ।

ପ୍ରମଦା—ସ୍ତ୍ରୀ, ଅପସରାଇ—ହଟାଇ । ସେହି ନଗରୀର ନାରୀମାନେ ଶୋଭାରେ ଅପ୍ସରାମାନଙ୍କୁ ହରାଇଦେଲେ ଏହା ସତ । ଏଣୁ ସେମାନେ ମଧ୍ୟରୁ ହଟିଯାଇ ସ୍ୱର୍ଗରେ ରହିଲେ । ହେ ସାଧୁମାନେ ! କିନ୍ନରୀମାନଙ୍କ କଥା କଅଣ କହିବା । ସେମାନେ ଭାବିଲେ ଆମ୍ଭେମାନେ କି ଜାତୀୟା ନାରୀ । ଏହି ଦୁଃଖରେ କୁବେର ଅର୍ଥାତ୍ କୁତ୍ସିତ ଦେହଧାରୀଙ୍କୁ ଆଶ୍ରୟ କରି ତୁରଙ୍ଗାସ୍ୟ ଅର୍ଥାତ୍ ଘୋଡ଼ାମୁହାଁ କିନ୍ନରମାନଙ୍କୁ ଭଜିଲେ । ୧୫ ।

ପାଟ ସାମନ୍ତ ବଲ୍ଲଭାଏ ବଡ଼ଭି ଏ କାଳେ ଶୋଭନ୍ତ କରୁଁ ।
ବେଗରେ ବ୍ୟବହାର ସାରି ଗମ ପଦ କଟେ ପ୍ରଚରୁଁ ପ୍ରଚରୁଁ ।
ହେ ସାଧୁ ! ନାରଦ ବୀଣା ବଜାଇ ।
ଊର୍ଦ୍ଧ୍ୱ ଗମନ ଦେଖ ମନେ ଗୁଣ୍ଠିଲେ ସାତବର୍ଣ୍ଣେ ମଗ୍ନ ହୋଇ । ୧୬ ।
ନାରୀ ବାର ଜାଣି ଭୂପେ ଭଣି ଦୋଷା ଈରଷା ଗୁଞ୍ଜ ନ ପାରି ।
ସ୍ୱର୍ଗୁଁ ଯଉଡ଼ିବେ ସୁରସୁନ୍ଦରୀଙ୍କି ଉଚ୍ଚେ ଗମନ ଆଦରି ।
ହେ ବିଭୁ ! ବୋଲି ଘୃଷ୍ଟକଣ୍ଠ ଭାଷେ ।
ଏ ସତ୍ୟ ରମ୍ଭାକୁ ଜାନୁ-ଅର୍ଗଳରେ ବାନ୍ଧିଲେଣି ଛନ୍ଦ ବାସେ । ୧୭ ।
ପ୍ରତିଉତ୍ତର ପରମ ମନୋରମ ରମଣୀଙ୍କ ସ୍ଥାନ ଏହୁ ।
କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ଯେ ଏମନ୍ତ ଶୋଭା ଥିବ ପୁଣି କହୁ ।
ହେ ସାଧୁ ! ଲକ୍ଷ୍ୟ ନ ପାରିବେ କରି ।
ବ୍ୟାସ ବାଲ୍ମୀକ କାବ୍ୟ ଧାତା ଗଣେଶ ଶେଷ ସାରଦା ଈଶ୍ୱର । ୧୮ ।

---

ବଲ୍ଲଭା—ସ୍ତ୍ରୀ, ବଡ଼ଭି—କୋଠାଉପର, ବ୍ୟବହାର—ନିତ୍ୟକର୍ମ, ଗମ—ଚାଲ । ଏହି ସମୟରେ ରାଜାଙ୍କର ପାଟ ଓ ସାମନ୍ତମାନଙ୍କର ସ୍ତ୍ରୀମାନେ ନିଜର ନିତ୍ୟକର୍ମ ସାରି ଚାଲି ଚାଲି କରି କୋଠା ଉପରେ ଚଢ଼ିଲେ । ହେ ସାଧୁମାନେ ! ସେହି ନାରୀମାନଙ୍କର ମଧୁର କଣ୍ଠରୁ ସପ୍ତସ୍ୱର ଶୁଣି ରାଜାମାନେ ଭାବିଲେ, ନାରଦ ବୀଣାବାଇ ଗଗନରୁ ଆସୁଛନ୍ତି କି ? ଏହା ଭାବି ସେମାନେ ଉପରକୁ ଅନାଇଲେ । ୧୬ ।

ବାର—ଜାଣିପାରି, ଭୂପେ—ରାଜାମାନେ, ଭଣି—କହିଲେ, ଈରଷା—ଈର୍ଷା, ସୁରସୁନ୍ଦରୀ—ସ୍ୱର୍ଗର ସୁନ୍ଦରୀ, ଘୃଷ୍ଟକଣ୍ଠ—ବିଦୂଷକ, ବାସେ—ବସ୍ତ୍ରରେ, ରମ୍ଭା—ଅପ୍‌ସରା ଓ କଦଳୀବୃକ୍ଷ । ସ୍ତ୍ରୀମାନଙ୍କର ଜାନୁ କଦଳୀବୃକ୍ଷ ସହିତ ତୁଳିତ ହୋଇଥାଏ । ସେ ରାଜାମାନେ ଏହା ସ୍ତ୍ରୀମାନଙ୍କର ସ୍ୱର ବୋଲି ଜାଣିପାରି କହିଲେ, ଏହି ସ୍ତ୍ରୀମାନେ ଈର୍ଷାଯୁକ୍ତ ମନରେ ସ୍ୱର୍ଗର ସୁନ୍ଦରୀମାନଙ୍କୁ ତଡ଼ିଦେବା ପାଇଁ ଉପରକୁ ଯିବାର ଉଦ୍ୟମ କରୁଛନ୍ତି କି ? ଏ କଥା ଶୁଣି ରାଜାଙ୍କର ବିଦୂଷକ କହିଲା, ହେ ପ୍ରଭୁ ! ଏ କଥା ସତ୍ୟ । ଏମାନେ ଜାନୁ ଅର୍ଗଳୀରେ ରମ୍ଭା ଅପ୍‌ସରାକୁ ଛନ୍ଦ ବସ୍ତ୍ରରେ ବାନ୍ଧି ରଖିଲେଣି । ୧୭ ।

କାବ୍ୟ—ଶୁକ୍ର, ଧାତା—ବିଧାତା, ଶେଷ—ଅନନ୍ତ ନାଗ, ସାରଦା—ସରସ୍ୱତୀ, ଲକ୍ଷ୍ୟ—ତୁଳନା । ରାଜାମାନେ ବିଦୂଷକ କଥାରେ ଉତ୍ତର ଦେଲେ, ଏହି ନଗରୀ ଅତି ସୁନ୍ଦରୀ ନାରୀମାନଙ୍କର ବାସସ୍ଥାନ । ସେଥିରେ ପୁଣି କୋଟିବ୍ରହ୍ମାଣ୍ଡ ସୁନ୍ଦରୀ କେଉଁଭଳି ଶୋଭା ଧାରଣ କରି ନ ଥିବ ? ହେ ସାଧୁଗଣ ! ବ୍ୟାସ, ବାଲ୍ମୀକ, ଶୁକ୍ର, ଅନନ୍ତ ନାଗ, ସରସ୍ୱତୀ, ବିଧାତା ଓ ଗଣେଶ ପ୍ରଭୃତି ବୁଦ୍ଧି ଖଟାଇ ସେହି ଶୋଭାର ତୁଳନା କରିପାରିବେ ନାହିଁ । ୧୮ ।

ଚମ୍ପା-ନଗରର ଯେବେ ସ୍ୱୟମ୍ବର କରିଥାନ୍ତେ ଦେଖନ୍ତାଇ ।
ଚିତ୍ର ପିତୁଳା କରି ନେତ୍ର ପିତୁଳା ପରେ ତାହା ଲେଖନ୍ତାଇ ।
ହେ ସାଧୁ ! ମନେ ସଦା ରଖନ୍ତାଇ ।
ଯେ ଲଭନ୍ତା ତାକୁ କୋଟି ପୁରନ୍ଦରପଦ ନେଇଲ ଯୋଖନ୍ତାଇ । ୧୯ ।
ଏ କାଳେ ମିଳ ହେମା ପାଶେ କଲ୍ୟାଣୀ ପ୍ରକାଶି ମଧୁର ସ୍ୱର ।
ଜଗତ୍ତମୋହନୀ ବିଳମ୍ବ ନ କର ଜଗତ୍ତ ଉଞ୍ଚରେ ରସ ।
ରେ ବାଳା ! ସୀତା ଧନୁ-ସ୍ୱୟମ୍ବରେ ।
କେତେ ରାଜା ଥିଲେ ଶ୍ରୀରାମ ଭାଙ୍ଗିଲେ ପୂର୍ଣି କହେ ଦୃଷ୍ଟାନ୍ତରେ । ୨୦ ।
ଦନ୍ତ ତୁଳ ପାଇ ସୂଚୀଭେଦ ହୋଇ କେତେ ମୋତି ହେଲେ ହାର ।
କେତେ ଶୁକ୍ତିଯୋଗେ ଭସ୍ମ ପାନ ସଙ୍ଗେ ସଙ୍ଗ ହୋଇଲା ତାଙ୍କର ।
ରେ ବାଳା ! ଯେତେକ ଏତେକ ନୋହୁ ।
ବ୍ୟର୍ଥ ହୋଇଲେ କାୟକ୍ଲେଶ ବିନା ମନୋରଥ ସାର୍ଥ କାହିଁ । ୨୧ ।

---

ଚମ୍ପାପୁରର ରାଜା ଯଦି ସ୍ୱୟମ୍ବର ସଭା ଡକାଇଥାନ୍ତେ ତେବେ ରାଜକନ୍ୟା ଆମ୍ଭେମାନେ ଦେଖନ୍ତେ ଏବଂ ତାକୁ ଚିତ୍ରପିତୁଳା କରି ଆଖି ପିତୁଳା ଉପରେ ଲେଖିପାରନ୍ତେ । ହେ ସାଧୁଗଣ ତାକୁ ଯିଏ ଲାଭ କରନ୍ତା, ସେ କୋଟିଏ ଇନ୍ଦ୍ରପଦ ପାଇଲା ବୋଲି ମନରେ ବିଚାର କରି ପାରନ୍ତେ । ୧୯ ।

ଏହି ସମୟରେ ରାଜକନ୍ୟା ନିକଟରେ କଲ୍ୟାଣୀ ନାମକ ସଖୀ ପହଞ୍ଚି ମଧୁର ସ୍ୱରରେ ପ୍ରକାଶ କଲା, ଆଲୋ ଜଗତ ମୋହିନୀ, ବିଳମ୍ବ ନ କରି କୋଠା ଉପରକୁ ଯାଅ । ଆଲୋ ବାଳା, ସୀତାଙ୍କ ଧନୁଭଙ୍ଗ ସ୍ୱୟମ୍ବରରେ କେତେ କେତେ ରାଜା ଥିଲେ; ତଥାପି ଶ୍ରୀରାମ ଧନୁ ଭାଙ୍ଗିଲେ । ସେହିପରି ଦୃଷ୍ଟାନ୍ତ ଅନୁସାରେ ତୁ ବାଞ୍ଛା କରିଥିବା ସୁପୁରୁଷ ମୁଣ୍ଡପୂଜ୍ୟ ବରଣ କରି ତୋତେ ନେବେ । ୨୦ ।

ତୋତେ ମୁକ୍ତାଦନ୍ତୀ କହନ୍ତେ, ମାତ୍ର ମୁକ୍ତା ତୋ ଦାନ୍ତ ସଙ୍ଗେ ସମାନ ହୋଇ ନ ପାରି ତୁଣ୍ଡରେ ବିଦ୍ଧ ହେଲା, ତେବେ ବି ସମାନ ନ ହୋଇ ହାରରେ ଗୁନ୍ଥା ହେଲା । କେତେ ପୁଣି ଶୁକ୍ତି ଅର୍ଥାତ୍ ଶାମୁକାରେ ରହି ପୋଡ଼ାଗଲା । ତହିଁରେ ଚୂନ ହେବାରୁ ତଦ୍ୱାରା ପାନରେ ବ୍ୟବହୃତ ହେବାରୁ ତୁ ଖାଇଲୁ । ଏଣୁ ତୋ ସଙ୍ଗ ଲାଭକଲା । ଆଉ ଯେତେ ମୁକ୍ତା ଫୋଡ଼ା ବା ପୋଡ଼ା ନ ହେଲା ସେମାନେ ବୃଥା ହେଲେ ଅର୍ଥାତ୍ ତୋ ସଙ୍ଗ ପାଇଲେ ନାହିଁ । ଏଣୁକରି କଥାରେ ଅଛି ଦେହରେ କ୍ଲେଶ ନ ପାଇଲେ ମନୋବାଞ୍ଛା ସଫଳ ହୁଏ ନାହିଁ । ୨୧ ।

କାମଶରେ ବନ୍ଧା ବିରହ-ଅନଳେ ଦଗ୍ଧ ହେଉଅଛୁ ନିତ୍ୟ ।
ତୋ ହେତୁ ପୁଷ୍ପକେତୁ ନାମ କୁମାର ବିଚାର ନ କରୁ ମତ ।
ରେ ବାଳା । ତୋତେ ସେ ଲଭିବ ସତ ।
ଶୁଣି ସେ ସଖୀ ସେବକା ସଙ୍ଗେ ରଙ୍ଗେ ଚଢ଼ିଲେ ମଣ୍ଡେ ତ୍ୱରିତ । ୨୨ ।
ପଞ୍ଜରସାରି ପରି ଦେଇ ନୟନ ବାତାୟନେ ଚାହିଁବାରେ ।
ଯନ୍ତ୍ରା ଗଳାଇ କରିଏ କଙ୍କପତ୍ର ଗୋଧ ବନ୍ଧିଲା ପ୍ରକାରେ ।
ସେ ହେତୁ । ଚଣ୍ଡୀ ନାମକୁ ଗୃହୀତ ।
ମହୀଶ ଲକ୍ଷେ ଷ-ଭେଦ କରିବାରେ ଶରପ୍ରହାର ବହିତ । ୨୩ ।
କନକ ଗବାକ୍ଷେ ଦିଶେ କଟ୍ଟି କଟ୍ଟି ମୁଖ ହାସ ମନୋହର ।
ପୂର୍ବାଦ୍ରି ଲତାନ୍ତରେ ଉଦେ ଇନ୍ଦୁ କି ଗଳପଣ୍ଡେ ଝଳ କରି ।
ହେ ବାସେ । ଝାରଣ ମିଳେ ଅଳିଆଳୀ ।
ଝଙ୍କାରେ ଡିଣ୍ଡି ଝମକ ମନସିଜ ଫିଙ୍ଗିଲା ପରି ସାବେଳ । ୨୪ ।

---

ପୁଷ୍ପକେତୁ ନାମକ କୁମର ତୋ ପାଇଁ ନିତ କନ୍ଦର୍ପ ଶରରେ ବଦ୍ଧ ହେଉଅଛୁ ଓ ବିରହ ରୂପକ ଅନଳରେ ପୋଡ଼ା ହେଉଛୁ, ଏ କଥା କାହିଁକି ମନରେ ବିଚାର କରୁନାହୁଁ ? ଅରେ ବାଳା, ସେ ତୋତେ ପାଇବ ଏହା ସତ୍ୟ । ଏ କଥା ଶୁଣି ରାଜକନ୍ୟା ନିଜ ସଖୀ ଓ ପରିଚାରିଣୀ ସଙ୍ଗରେ ଶୀଘ୍ର କୋଠା ଉପରକୁ ଗଲେ । ୨୨ ।

ବାତାୟନ—ଜଳାକବାଟି, କଙ୍କ ପତ୍ର—ଶର, ଗୋଧ—ସମୂହ, ମହୀଶ—ରାଜା-ମାନେ ; ଏଠାରେ ତାଳବ୍ୟ ଶ ସ୍ଥାନରେ ମୂର୍ଦ୍ଧନ୍ୟ ଷ ଦେଲେ ହେବ ମହୀଷ । ମହିଷାସୁରକୁ ଚଣ୍ଡୀ ଅର୍ଥାତ୍ ଦୁର୍ଗା ନିହତ କରିଥିଲେ । ପିଞ୍ଜରାରେ ଥିବା ଶାରୀ ଜଳାକବାଟିରେ ଆଖି ଲଗାଇ ଚାହିଁବାରୁ ଯନ୍ତ୍ରରେ ପୁରାଇ ଅଭୁତ ଶରମାନ ବନ୍ଧିଲା ପରି ଦେଖାଗଲା । ଅଳ୍ପରେ ଅଭିମାନ କରୁଥିବା ହେତୁ ତାଙ୍କୁ ଚଣ୍ଡୀ ବୋଲି କୁହାଯାଏ । ଚଣ୍ଡୀ ହେଉଛି ଦୁର୍ଗାଙ୍କର ଅନ୍ୟ ନାମ ଏବଂ ଦୁର୍ଗା ମହିଷାସୁରକୁ ଶର ପ୍ରହାର କରିଥିଲେ । ଏଠାରେ ମହୀଶ ଅର୍ଥାତ୍ ରାଜା ମାନେ ତାଳବ୍ୟ ଶ ସ୍ଥାନରେ ମୂର୍ଦ୍ଧନ୍ୟ ଷ ହେଲେ ମହୀଷ ହେଲେ । ଏଣୁ ଦୁର୍ଗାଙ୍କ କଟାକ୍ଷ ଶର ପ୍ରହାର ସହିଲେ । ୨୩ ।

କନକ ଅର୍ଥାତ୍ କୋଠାଘରର ଜଳାକବାଟିବାଟେ ମନୋହର ହାସ୍ୟଛଟା ସମ୍ବଳିତ ମୁଖ ଅଳ୍ପ ଅଳ୍ପ ଦେଖାଯାଉଛି । ମନେହେବ ପୂର୍ବାଦ୍ରି ଅର୍ଥାତ୍ ଉଦୟାଚଳର ଲତା ଫାଙ୍କରୁ ଚନ୍ଦ୍ର ଉଦୟ ହୋଇ ନିଜ କିରଣର ଦୀପ୍ତି ଝଳାଉ ଦେଉଛି କି ? କବି ଏହି ପଦରେ ରାଜକନ୍ୟାର ମୁଖକୁ ଚନ୍ଦ୍ର ସହିତ, ଜଳାକବାଟିକୁ ଲତା ସହିତ, ହାସ୍ୟକୁ ଜ୍ୟୋତ୍ସ୍ନା ସହିତ ଓ କୋଠାଘରକୁ ଉଦୟଗିରି ସହିତ ଉପମା ଦେଇଅଛନ୍ତି । ସେହି ମୁଖର ସୌରଭରେ ଭ୍ରମରମାନେ ନିକଟରେ ପହଞ୍ଚି ଝଙ୍କାରିଲେ ଅର୍ଥାତ୍ ଗୁଣ୍ଗୁଣ୍ ଧ୍ୱନି କଲେ । ଏହା କନ୍ଦର୍ପ ନିଜର ସାବେଲ ଅସ୍ତ୍ରକୁ ଟାଣି ଫିଙ୍ଗିଲା ପରି ବୋଧ ହେଲା । ୨୪ ।

ସୃଷ୍ଟିରାଜାଙ୍କ ଦୃଷ୍ଟି ଗତ ସେଠାକୁ ଚାହିଁ ଚାହିଁ ହେଲ ଯହିଁ ।
କାଗଜତଳାକ କଜ୍ଜଳିକା ଟେକ ଝରେଶିଳ ଚାଗ ତହିଁ ।
ସେ ନେତ୍ର । ପିଚ୍ଛିଳା ଚାହାଇ ଦେଲା ।
ଏଥି ସୁନ୍ଦରୀଶିରୋମଣି ରମଣୀ ଅଛନ୍ତି ଏ ଅଟକଳ ହେଲା । ୨୫ ।
ଲାବଣ୍ୟ-ସାଗରୁ ପ୍ରତିଭା-ଲହରୀ ଜାଲ-ମାର୍ଗେ ଜ ଉହର ।
ତଦ୍ଭୂଷା ନୟନ-ତରଙ୍ଗ ଗ୍ରନ୍ଥୀ ବାତାୟନେ ଯେହ୍ନପରି ।
ସେ ଧାମେ । ଏ ଚକ୍ଷୁ ମୀନ ତର୍ଣ୍ଣିକ ।
କ ଭାଗ୍ୟ ଆମ୍ଭପରେ ବାଳା ଈକ୍ଷଣ ପତନ ହୋଇଲା ଟିକ ।
ସିନ୍ଧୁରେ ରତ୍ନାକର ପଦ ଲୋଭରେ ମଜ୍ଜି ରତ୍ନ ନ ପାଇଲେ ।
ସ୍ନାନ ପଞ୍ଚାବ୍ଦଫଳ ନୋହେ ବଫଳ ଏ କଥା ହେଲାତ ଭଲେ ।
ସେ ଆଜ । ସାର୍ଥ ହେବ ଜାତ କନ୍ଥ ।
ଶ୍ରବଣ କରିବ ଆମ୍ଭ ନାମ ବାଳା କେହ୍ନ ତେଜିଥିଲେ କନ୍ଥ । ୨୬ ।
ଯେ ବଶ ହେବାକୁ ସଂସାରେ କେ ଅଛି ଯେ ଅଛି ସେ ନାହିଁ ଏଥି ।
ଜଗତମୋହନ ମୂରତି ମାଧବ ଭସ୍ମୀଭୂତ ମନମଥ ।
ସେ ବାଳା । ହୋଇ ଯେ ରହସ୍ୟ ବଶ ।
ଏକେ ଏକେ ଏକେ ବୋଲି ପୁଚ୍ଛୁଥିବ କ ଶୁଣୁଥିବ ସେ ଭାଷ । ୨୮ ।

---

ସେହି କୋଠାକୁ ସମସ୍ତ ରାଜାଙ୍କ ଦୃଷ୍ଟି ଆକୃଷ୍ଟ ହେଲାରୁ ରାଜକନ୍ୟା କୌତୁକରେ କାଗଜ ଦଳକୁ ଉଠାଇ ଭଲକରି ଚାହିଁଲା । ତାହାର ଆଖି ପିଚ୍ଛିଳା ପଡ଼ିବା ଦେଖି ରାଜାମାନେ ଧାରଣା କଲେ ଯେ ସୁନ୍ଦରୀ ଶିରୋଭୂଷା ରାଜକନ୍ୟା ସେଠାରେ ଅଛି । ୨୫ ।

ଲାବଣ୍ୟ ସମୁଦ୍ରରୁ ଦୀପ୍ତି ରୂପକ ଲହରୀ ଜାଲ ଫାଙ୍କଦେଇ ବାହାର କଲାପରି ସୁନ୍ଦରୀର ନେତ୍ର ଲହରୀର ଭଙ୍ଗିମା ଜାଲାକବାଟି ଛିଦ୍ର ମଧ୍ୟଦେଇ ଖେଳିଲା । ଲହରୀରେ ମୀନମାନେ ଭାସନ୍ତି । ସେହିପରି ଆମର ନେତ୍ର ରୂପକ ମୀନ ଅର୍ଥାତ୍ ମୀନ ସେହି ସ୍ଥାନକୁ ଧାମେ ଅର୍ଥାତ୍ ଧାଏଁ । ଆମର ବଡ଼ ଭାଗ୍ୟ ଯେ ଆମ୍ଭମାନଙ୍କ ଉପରେ ସୁନ୍ଦରୀର ଦୃଷ୍ଟି ପଡ଼ିଥିବ । ୨୬ ।

ସମୁଦ୍ରର ଅନ୍ୟ ନାମ ରତ୍ନାକର । ସେଥିରେ ରତ୍ନ ପାଇବା ଲୋଭରେ ବୁଡ଼ି ରତ୍ନ ନ ପାଇଲେ ମଧ୍ୟ ସିନ୍ଧୁ ସ୍ନାନର ଫଳ ବୃଥା ନୁହେଁ । ଏହା ତ ଭଲ ଭାବରେ ଘଟେ । ଆମ୍ଭର ଜନ୍ମ ଆଜ ସାର୍ଥକ ହେବ । ରାଜକନ୍ୟାକୁ କୌଣସି ନାରୀ ଆମ୍ଭ ନାମ ଆଜ ଶୁଣାଉଥିବ । ୨୭ ।

ସେହି ସୁନ୍ଦରୀକି ବଶ ହେବାକୁ ସଂସାରରେ କିଏ ଅଛି ? ଯିଏ ଅଛି ସେ ଏ ସ୍ଥାନରେ ନାହିଁ । ଜଗତକୁ ମୋହନ କରିବା ମୂର୍ତ୍ତି ହେଉଛନ୍ତି ଶ୍ରୀକୃଷ୍ଣ । ସେ ତ ବର୍ତ୍ତମାନ ମାଧବ

ମୋହନସ୍ୱର ପୂର୍ଣ୍ଣ କୃଷ୍ଣ-ବେଣୁରେ କୃଷ୍ଣକେଶୀ ବଚନରେ ।
ପଶୁ ପଷାଣରେ କଣ ତରଳକୁ କରୁଥିବ ରଚନରେ ।
ସେ ସ୍ୱରେ । ବୋଲନ୍ତାଇ ବଡ଼ ନୋହି ।
ଆଖେଟ ଘଣ୍ଟିନାଦେ ଚନ୍ଦ୍ର ଦର୍ଶନେ କଣ ତରଳତ ସେହି । ୨୯ ।

ବ୍ୟକ୍ତ ପଦର ବାଳା ବଚନରେ ଅବ୍ୟକ୍ତ ପଦ ପିକେ ।
ବସନ୍ତେ ଭାଷନ୍ତେ ଉଦ୍ଦୀପନକ ସ୍ତ ତାଙ୍କୁ ପ୍ରଶଂସନ୍ତି ଲୋକେ ।
ସେ ରାମା । ସ୍ୱରକୁ ଈଶ୍ୱର କେହି ।
ଶୁଣି ସ୍ତମ୍ଭୀଭୂତେ ଶମ୍ଭୁ ବୋଲାଇଲେ ପାଷାଣ ଶରୀର ବହି । ୩୦ ।

ରାମପଦବଶୁଁ ପୁରାଣରେ ଅଛି ସୁମୂର୍ତ୍ତି ହୋଇଲା ଶିଳା ।
ରାମପଦବଶୁଁ ଏବେ ସୁମୂର୍ତ୍ତିକୁ ଶିଳା କରି ଜଣେ କଲା ।
ସେ ବାଳା । ହରିବ୍ରାପ୍ୟେ ସର୍ବହୃଦେ ।
ବ୍ୟାପି ଥିବା ଯେଣି ଏକ ଭବନା ଏ ମନମାନଙ୍କରେ ଜଦେ । ୩୧ ।

---

ଅର୍ଥାତ୍ ମା'ଙ୍କର ଧବ ଅର୍ଥାତ୍ ପତି— ଲକ୍ଷ୍ମୀପତି; ମନ୍ମଥ ହେଲେ ହୃଥିଲା, ମାତ୍ର ସେ ତ ଭସ୍ମୀଭୂତ; ଏଣୁ ଅଦେହ । ରାଜକନ୍ୟା କୌତୁକବଶରେ ଗୋଟି ଗୋଟି କରି ସଖୀଙ୍କୁ ଦେଖାଇ ଏ କଏ, ଏ କଏ ବୋଲି ପଚାରୁଥିବ । ସେ କଥା ଶୁଣା ଯାଉଥିବ । ୨୮ ।

ମୁଗ୍ଧକର ସ୍ୱର ଶ୍ରୀକୃଷ୍ଣଙ୍କ ବଂଶୀରେ ପୂରିଅଛି । ସେହି ସ୍ୱର ଏହି ଖାତି କୃଷ୍ଣ କେଶ ସମ୍ବଳିତ କୋଟିବ୍ରହ୍ମାଣ୍ଡ ସୁନ୍ଦରୀର ବଚନରେ ରହିଅଛି । ବାଳାର କଥା ପଶୁକୁ ବଣ ଓ ପଥରକୁ ତରଳାଇ ଦେଉଥିବ ବୋଲି କହନ୍ତେ । ମାତ୍ର ଏହା କିଛି ବଡ଼ କଥା ନୁହେଁ; ଯେହେତୁ ମୃଗମାନେ ଆଖେଟ ଅର୍ଥାତ୍ ମୃଗୟା ବେଳର ଘଣ୍ଟି ନାଦରେ ବଶ ହୁଏ ଏବଂ ପଥର ଅର୍ଥାତ୍ ଚନ୍ଦ୍ରକାନ୍ତ ମଣି ଚନ୍ଦ୍ର ଦର୍ଶନରେ ତରଳ ହୋଇଥାଏ । ୨୯ ।

ବାଳାର କଥାର ପଦମାନ ବ୍ୟକ୍ତ ଅର୍ଥାତ୍ ସ୍ପଷ୍ଟ; ଅଥଚ କୋଇଲି ପଦ ଅସ୍ପଷ୍ଟ । କୋଇଲି ବସନ୍ତକାଳରେ ରାବ କରିବାରୁ କାଳଯୋଗୁଁ ତାହା ଉଦ୍ଦୀପନ ଜାତ କରାଇଥାଏ । ଏଥିପାଇଁ ଲୋକମାନେ କୋଇଲିସ୍ୱନକୁ ପ୍ରଶଂସା କରନ୍ତି । ମାତ୍ର ରାଜକନ୍ୟାର କଣ୍ଠସ୍ୱର ଶୁଣି କେହି ଈଶ୍ୱର ସ୍ତମ୍ଭୀଭୂତ ହୋଇ ପାଷାଣ ଶରୀର ଧାରଣ କରି ଶମ୍ଭୁ ହୋଇଅଛନ୍ତି । ୩୦ ।

ପୁରାଣରେ ଲେଖାଅଛି ରାମଚନ୍ଦ୍ରଙ୍କ ପାଦସ୍ପର୍ଶରେ ପାଷାଣରୂପୀ ଅହଲ୍ୟା ନିଜର ସୁନ୍ଦର ରୂପ ପାଇଥିଲା । ଏବେ କିନ୍ତୁ ଜଣେ ରାମାର ପଦ ଅର୍ଥାତ୍ ବାକ୍ୟ ପ୍ରଭାବରେ ସୁନ୍ଦର ଶିବ ରୂପକୁ ପଥର କଲା । ସେହି ସୁନ୍ଦରୀ ଶ୍ରୀହରିଙ୍କ ପରି ସବୁରି ହୃଦୟରେ ବ୍ୟାପିଯିବାରୁ ସମସ୍ତଙ୍କ ମନରେ ଏହି ଏକ ଭାବନା ଜାତ ହେଲା । ୩୧ ।

ପୂର୍ବେ ବହିଥିଲେ ସ୍ୱଚ୍ଛ ମତ୍ସ୍ୟରୂପ ପୁଣି ରଘୁବଂଶେ ଜାତ ।
ଯହୁଁ ବଡ ନାହିଁ ବ୍ରହ୍ମାଣ୍ଡେ ଏ ହେନ ରାଘବ ନାମ ବହତ ।
ସେ ପ୍ରଭୁ । ଚରଣେ ଶରଣ ପଶି ।
କବି ଉପେନ୍ଦ୍ର ଭଞ୍ଜ ବାରବର ଯେ ଗୀତ ବଧାନେ ରସି । ୩୨ ।

—o—

## ଏକତ୍ରିଂଶ ଛାନ୍ଦ

[ ରାଗ—ଚିନ୍ତାବରାଡ଼ି ]

ବିଶ୍ୱାନନ୍ଦ ରାଜକେଶରୀ କେଶଦ୍ୱାରର ଅଜିରରେ ମିଳି ଯେ ।
ଦେଖିଲେ ଲେଖିଲେ ମନେ ନୃପ ଏ ବରଷ କଦଳୀ-କେଳି ଯେ
ହୋଇଛି । ଅଙ୍ଗ-ତରଙ୍ଗରେ ଝଳି ଯେ ।
ସ୍ୱର୍ଣ୍ଣଜରକସ ନେଳପାଟବସ୍ତ୍ର କଦଳୀ ଯେମନ୍ତ ତଳି ଯେ । ୧ ।
ଢଳେ ଢଳେ ଢଳେ ଦେଳେ କି ତାରାବଳୀଜଡ଼ିତ ତଡ଼ିତ ସ୍ୱଚ୍ଛ ଯେ ।
ନୀଳ ନିର୍ମଳ ଜଳଧର ଖଣ୍ଡେ କି ଗୋଡ଼ାଇଛି ପଚ୍ଛେ ପଚ୍ଛେ ଯେ ।
ମାନସ । ଏସନ ଉପମା ଇଚ୍ଛେ ଯେ ।
ଲୋଭକରୁଛି ଶୋଭିତ ହୋଇଛି ଲୋମଚଳ କାନ୍ତି ପୃଚ୍ଛେ ଯେ । ୨ ।

---

ଯିଏ ପୂର୍ବକାଳରେ ପରିଷ୍କାର ମାଛରୂପ ଧାରଣ କରିଥିଲେ, ପୁଣି ରଘୁବଂଶରେ ଉତ୍ପନ୍ନ ହୋଇଥିଲେ, ଯାହାଙ୍କଠାରୁ ବ୍ରହ୍ମାଣ୍ଡରେ କେହି ବଡ଼ ନାହିଁ ବୋଲି ରାଘବ ନାମରେ ଖ୍ୟାତ ଅର୍ଥାତ୍ ସବୁଠାରୁ ବଡ଼ ମାଛ, ସେହି ପ୍ରଭୁଙ୍କ ଚରଣରେ ଶରଣ ପଶି ବାରବର କବି ଉପେନ୍ଦ୍ର ଭଞ୍ଜ ଏହି ଗୀତ ରଚନାରେ ଆସକ୍ତ ହେଲେ । ୩୨ ।

—o—

ରାଜକେଶରୀ—ରାଜସିଂହ, କେଶରୀ ଦ୍ୱାର—ସିଂହଦ୍ୱାର, ଅଜିର—ଅଗଣା, କେଳି—ଖେଳ, ଝଳି—ଉଜ୍ଜ୍ୱଳ, କଦଳୀ—ପତାକା, ସୃମର; ସ୍ୱର୍ଣ୍ଣଜରକସ—ସ୍ୱର୍ଣ୍ଣଜରି-ଯୁକ୍ତ । ରାଜାମାନେ ରାଜାମାନଙ୍କ ମଧ୍ୟରେ ଶ୍ରେଷ୍ଠ ବିଶ୍ୱାନନ୍ଦଙ୍କର ସିଂହଦ୍ୱାରରେ ଅଗଣାରେ ପହଞ୍ଚି ସେଠାରେ ବରଷ ସୃମରର କ୍ରୀଡ଼ା ଆଖିରେ ଦେଖିଲେ ଏବଂ ବର୍ଣ୍ଣନା କଲେ । ଏହାର ଲହରୀ ପରି ଥିରୁଥିବା ଦେହର ଉଜ୍ଜ୍ୱଳତା ସୁନାଜରିଯୁକ୍ତ ନେଳି ପାଟଲୁଗାର ପତାକା ପରି ହୋଇଅଛି । ୧ ।

ଲୋମଚଳ—କେଶ ଫେଣ୍ଟୁଳା, ପୃଚ୍ଛ—ଲାଙ୍ଗୁଳ, ତାରାବଳୀ—ନକ୍ଷତ୍ରସମୂହ, ଜଡ଼ିତ—ଯୁକ୍ତ, ତଡ଼ିତ—ବିଜୁଳି । ରାଜାମାନେ ଦେଖିଲେ ଲୋମଗୁଚ୍ଛଯୁକ୍ତ ଲାଙ୍ଗୁଳରେ ଶୋଭା ପାଉଥିବା ମୃଗର କାନ୍ତି ମନକୁ ମୁଗ୍ଧ କରି ସୁନ୍ଦର ଦେଖାଯାଉଅଛି । ତାହାର ଉପମାରେ କହିହେବ ଯେ ତାରାସମୂହଯୁକ୍ତ ବିଜୁଳି ପଛରେ ଖଣ୍ଡେ ନିର୍ମଳ ମେଘ ଗୋଡ଼ାଉଛି କି ? ୨ ।

ନିକଟ ଦୂର ପ୍ରକଟ ଦରଶନ ସେ ମୃଗ କ୍ଷଣକେ ଦେଲା ଯେ ।
ଦ୍ୱିବିଧ ନଳରନଳୀ ଆଦରକୁ ସମସ୍ତ ଈକ୍ଷଣ ନେଲା ଯେ ।
ଆହୁରି । ଅନିମେଷ ଉପୁଜିଲା ଯେ ।
ଚମ୍ପାନଗରବର ସେ ଯାର ସ୍ୱମର ଛେଦ ଏକାଳେ ବୋଇଲା ଯେ । ୩ ।
ବାଳୀ ଗତି ଜାଣି ଚମସ୍ତ ଭ୍ରମଣି ଦେଖି ଅଧଦର୍ପ ହରି ଯେ ।
ବାଳୀ ଗତି ପରି ଭୁରଙ୍ଗ ଧପଟ ଲମ୍ପଟ ବଶେ ଆଦରି ଯେ ।
ରାଜନେ । ଜଣେ ଜଣେ ହୋଇ କରି ଯେ ।
ବାଜୀ ନ ପାଇ ପାଇବ ବାଜୀ କାହୁଁ, ବାଜୀ ପଛୁ ପଙ୍ଗୁପରି ଯେ । ୪ ।
ହୃଦପୁଟ ତ୍ରାପେ ହ୍ରୀ-ସଞ୍ଚିତ ବୃଦ୍ଧି ହେଲା ସ୍ୱେଦଜଳେ ଯେ ।
ଦୀନ ହେବାରେ ମ୍ଳାନ ହେଲ ତତ୍ପର ମୁଖବିଧୁ ମହୋଜ୍ଜ୍ୱଳ ଯେ ।
ତାଙ୍କର । ଅଯଶ-ରାହୁ କବଳ ଯେ ।
ହାସ-ପୀୟୂଷକୁ ପାନ କରିଦେଲା ସନ୍ଧିକାଳ ହୋଇ ମେଳ ଯେ । ୫ ।

---

ସେହି ମୃଗ କ୍ଷଣକରେ ନିକଟରେ, ପୁଣି କ୍ଷଣକରେ ଦୂରରେ ଦେଖାଗଲା । ଏଣୁ ସମସ୍ତଙ୍କ ଚକ୍ଷୁ ଦୂର ନିକଟ ଦୁଇପ୍ରକାର ଦେଖାଉଥିବା ନଳରନଳୀ ଅର୍ଥାତ୍ ଦୂରବୀକ୍ଷଣ ଯନ୍ତ୍ରର ଆଦରକୁ ଅର୍ଥାତ୍ ମର୍ଯ୍ୟାଦାକୁ ଗ୍ରହଣ କଲା । ଆହୁରି ମଧ୍ୟ ସମସ୍ତଙ୍କର ଅନିମେଷ ଅର୍ଥାତ୍ ପଲକ ପଡ଼ିଲା ନାହିଁ । ଏହି ସମୟରେ ଚମ୍ପାର ରାଜା ସିଏ ପାରୁଛ ମୃଗର ପୁଚ୍ଛ କାଟିନିଅ ବୋଲି କହିଲେ । ୩ ।

ବାଳୀ—କଳା ନାଗ, ଦର୍ପ—ଗର୍ବ, ହରି—ତ୍ୟାଗ କରି, ଲମ୍ପଟବଶେ—କାମୁକତା ଅଧୀନ, ଧପଟ—ଦଉଡ଼ା, ବାଜୀ—ଶର, ଘୋଡ଼ା । ଚମସ୍ତ ମୃଗର ଗତି ବେଗ କଳା ନାଗର ବେଗ ପରି ଦେଖି ରାଜାମାନଙ୍କର ଅଧେ ଗର୍ବ ତୁଟିଗଲା । ପୁଣି କୌଣସି କୌଣସି ରାଜା କାମୁକତା ବଶବର୍ତ୍ତୀ ହୋଇ ସର୍ପ ଗତି ବେଗରେ ଘୋଡ଼ା ଚଢ଼ି ଧାଇଁଲେ । କିନ୍ତୁ ଯାହାର ବେଗକୁ ଶର ଲଙ୍ଘି ପାରିଲା ନାହିଁ ତାକୁ ଘୋଡା କାହୁଁ ପାରିବ । ସେହି ରାଜା-ମାନେ ମୃଗଠାରୁ ବହୁ ପଛରେ ପଡ଼ି ପଙ୍ଗୁ ଅର୍ଥାତ୍ ଅଚଳ ପରି ହେଲେ । ୪ ।

ହ୍ରୀ—ଲଜ୍ଜା, ସ୍ୱେଦଜଳ—ଝାଳ, ଦୀନ—ଦୁଃଖିତ, ମୁଖବିଧୁ—ମୁଖଚନ୍ଦ୍ର, ମ୍ଳାନ—କ୍ଷୀଣ ଭୂତ, ସନ୍ଧିକାଳ—ମିଳନ କାଳ ଅର୍ଥାତ୍ ପୂର୍ଣ୍ଣିମା ଓ ପ୍ରତିପଦର ମିଳନ ସମୟ, ପୀୟୂଷ—ଅମୃତ, କବଳ—ଗ୍ରାସ । ସେହି ରାଜାମାନଙ୍କର ଲଜ୍ଜା ଏତେ ବେଶି ହୋଇ ଉଠିଲା ଯେ ତାହା ତାଙ୍କର ସମଗ୍ର ହୃଦୟରେ ଭରିଗଲା । ସେମାନଙ୍କ ଦେହରେ ଘମାଘୋଟ ଝାଳ ବହିଲା । ସେମାନେ ଅତ୍ୟନ୍ତ ଦୁଃଖିତ ହେବାରୁ ତାଙ୍କର ଅତ୍ୟୁଜ୍ଜ୍ୱଳ ମୁଖଚନ୍ଦ୍ର ଶୀଘ୍ର କ୍ଷୀଣ ଭୂତ ହୋଇଗଲା । ସତେ ଯେମିତି ସନ୍ଧିକାଳ ଅର୍ଥାତ୍ ପୂର୍ଣ୍ଣିମା ଓ ପ୍ରତିପଦ ତିଥିର ମିଳନ କାଳରେ ଅଯଶ ରୂପକ ରାହୁ ରାଜାମାନଙ୍କର ମୁଖଚନ୍ଦ୍ରକୁ ଗ୍ରାସ କରିବା ଦ୍ୱାରା ହାସ୍ୟରୂପକ ସୁଧାକୁ ପିଇଦେଲେ । ଚନ୍ଦ୍ର ଉଜ୍ଜ୍ୱଳ ଦୀପ୍ତିରେ ହସୁଥିଲାବେଳେ ଗ୍ରହଣ

ଉଠନ୍ତି ଖଟେ ଜନ ବାହୁତେଜ ସୁବର୍ଣ୍ଣ ବଳବାନେ ଊଣା ହେଳ ଯେ ।
ଏ ଜୀବ ବିଧାତା-ବଣିକ କଷଟି କଷକୁ ଟେଣୁ ଭଜନ ଯେ ।
ନୋହନ୍ତିଲେ । ଦୋଇଲେ ଭଲ ସର୍ଜନ ହେ ।
ହେମ-ସାରଙ୍ଗର ଲୀଳା ଅଷ୍ଟାକ୍ଷର ଗୁଣଭାଗେ ସୁରଞ୍ଜନ ହେ । ୬ ।
ଆଦ୍ୟ ପ୍ରାନ୍ତ ତେଜ ନୃପଜ ମୁଖକୁ ଚାହିଁ ମନ୍ତ୍ରୀଜ ଉଚ୍ଚାରି ଯେ
ଦ୍ୱିତୀୟ ସପ୍ତମ ଉଦୟ ହୃଦୟ କୁରଙ୍ଗ କମ ପ୍ରଚୁର ଯେ ।
ତନ ନ୍ତ । ଷଣ୍ଢିପ୍ରେ ହେବା ଚତୁର ଯେ ।
କୁମାର ପଦକୁ ଜାଣି ମଧ୍ୟପଦ ତୁରଙ୍ଗ ଚଢ଼ି ଆଚରି ଯେ । ୭ ।
ଆଖିରେ ଲକ୍ଷି ନୋହି ବାତବାହନ ବାହ ଝଷିଣ ସନ୍ଧାନ ଯେ ।
କୁମର ସୁମର ଖଣ୍ଡି ମଣ୍ଡିକରେ ଯମୁନା ଜାତ ନଳିନୁ ଯେ ।
ଅଭୁତୁଁ । ଅଦ୍ଭୁତ ଲକ୍ଷ୍ୟ ଭେଦାନ ଯେ ।
ଶୂନ୍ୟ ପଡ଼ିଲା ଜଡ଼ିଲା ପାରିଜାତମାଳା ଗଳାରେ ବନ୍ଦନ ଯେ । ୮ ।

---

ଲାଗିଲେ ଜର୍ଜ୍ଜର ହୋଇଥାଏ । ଲୋକେ ରାହୁ ଅମୃତ ପିଇଥିବା କହୁଥାନ୍ତି । ଏଠାରେ ଦାହଣ୍ଡିବାକୁ ଅସମର୍ଥ ହୋଇ ରାଜାମାନେ ଲଜ୍ଜାରେ ନତମୁଖ ହୋଇ ବସିବାରୁ ଅସଂଖ୍ୟାତ ଲୁପକ ରାହୁ ଗ୍ରାସରେ ପଡ଼ିବା ଉପମା ସାର୍ଥକହେଲା । ୫ ।

ବାହୁତେଜ—କ୍ଷତ୍ରିୟମାନେ, ବଳବାନେ—ବଡ଼ୁଆ ପଣରେ, ଏ ଜୀବ—ଏହିମୃଗ, କଷଟି—ସୁନା ପରୀକ୍ଷା କରିବା ପଥର, କଷକୁ—ପରୀକ୍ଷାକୁ, ହେମ ସାରଙ୍ଗ—ସୁନାମୃଗ । ଲୋକମାନେ ବଡ଼ପାଟିରେ କହୁଲେ, କ୍ଷତ୍ରିୟମାନେ ମନୁଷ୍ୟମଧ୍ୟରେ ସୁନା ହେଲେ ମଧ୍ୟ ଏହି କ୍ଷେତ୍ରରେ ବଳ ପ୍ରଦର୍ଶନରେ ଊଣା ପଡ଼ିଗଲେ । ବିଧାତା ରୂପୀ ବଣିଆର କଷଟି ପଥରରେ କଷି ହେବାକୁ ଏମାନେ ଯୋଗ୍ୟ ହେଲେ ନାହିଁ । ବିଧାତା ଏହି "ସୁନା ସାରଙ୍ଗର ଲୀଳା"ଆଜ୍ଞା ସୃଷ୍ଟି କରିଅଛନ୍ତି । ଏହି ଆଠଗୋଟି ଅକ୍ଷର ଗୁଣ ଭାଗେ ସୁନ୍ଦର ଭାବେ ଲାଗି କରିଗଲା । ୬ ।

ରାଜପୁତ୍ର ପୂର୍ବପଦେରୁ ମନ୍ତ୍ରୀଙ୍କୁ ଅନାଇ ମର୍ମ୍ମ ପୁଚ୍ଛ କହୁଲେ, "ହେମ ସାରଙ୍ଗର ଲୀଳା" ଏହି ଆଠଗୋଟି ଅକ୍ଷରର ପ୍ରଥମ ଓ ଶେଷ ଅକ୍ଷର ଗ୍ରହଣକର । ଏପରି ହେଲେ ୨ୟ ଅକ୍ଷର 'ମ' ଓ ୭ମ ଅକ୍ଷର 'ଲୀ' ମିଶି ମଲ ହେଲା । ଏହି ବଚନ ମୃଗର ମନରେ ଉଠନ୍ତା ତା' ହେଉ କର୍ମିଲା । କୁମର ପୂର୍ବପଦେରୁ ରାଜାମାନଙ୍କ ମଧ୍ୟରେ ଉକ୍ତ ବାକ୍ୟର ୩ୟ ଓ ୬ଷ୍ଠ ଅକ୍ଷର ମିଶିଲେ ଯାହା ହେବ ସେହି ପଦ ଅର୍ଥାତ୍ 'ସାର' ହେବାକୁ ଚତୁର ଭାବି ଘୋଡ଼ା ଚଲାଇବାରୁ ସେହି ତୁରଙ୍ଗ ଅର୍ଥାତ୍ ଘୋଡ଼ା କୁମାରର ପଦ ସଙ୍କେତରୁ ତାଙ୍କର ଅଭିପ୍ରାୟ ଜାଣି ପା'ରି ଉକ୍ତ ବାକ୍ୟର ମଧ୍ୟ ପଦ ରଙ୍ଗ ଅର୍ଥାତ୍ ଲୀଳା ଦେଖାଇଲା । ୭ ।

ବାତବାହନ—ମୃଗ, ବାହ—ଘୋଡ଼ା, ଲକ୍ଷି—ଲକ୍ଷ୍ୟକରି, ଝଷିଣ—ଶର, ନଳିନୁ—ପଦ୍ମରୁ, ଅଭୁତୁଁ—ଅଦଭୁତରୁ, ଅଦ୍ଭୁତ—ଆଶ୍ଚର୍ଯ୍ୟ । ମୃଗ ଓ ଘୋଡ଼ାର

ବନ୍ଦୀ ବନ୍ଦନା କଲେ କର୍ଣ୍ଣି କରକ ଟେକି ଏ କି ରାମରାଜେ ଯେ ।
କ୍ଷତ୍ରିୟ ଗର୍ବ ମର୍ଦ୍ଦନ ରାମାକାମେ ଗ୍ରୀମର ଛେଦି ନାରାଜେ ଯେ ।
ଅତ୍ୟନ୍ତ । ସ୍ତୁତ ରୁଚିରେତ ସାଜେ ଯେ ।
ଦେଖ ବଜ୍ରଭୂଷା ଏ ବାଣୀରେ ହୋଇଲେ ଭୂଭୃତେ ହାସୀ ସଭାଜେ ଯେ ।୯

ମାଳବେଶ ମାଳବେଶ ତପ କରି ଯିବା ଅର୍ଥେ ମନ କଲା ଯେ ।
ଗୌର ଗତି ଗୌଳପତି ଆରମ୍ଭିଲା ରକ ସବର୍ଣ୍ଣରୁ ଥିଲା ଯେ ।
ହସ୍ତୀର । ପ୍ରକାର ହସ୍ତିନାପତି ଯେ ।
ଦସ୍ତୀଭୂତେ ଯୁବାସିଂହ ଷଣ୍ଢମେ ଦସ୍ତରେ ଲୁଣ୍ଠିବା ମତି ଯେ । ୧୦ ।

---

ଗାଢ଼ ଅତି ଭ୍ରାନ୍ତି ଥିବାରୁ ଅନ୍ଧିରେ ଦେଖା ଗଲାନାହିଁ । କୁମାର ଶରସନ୍ଧାନ କରି ମୃଗର ପୁଚ୍ଛ କାଟି ଧରିଲା । ତାହା କୁମାର ପଦ୍ମତୁଲ୍ୟ ହାତରୁ ଯମୁନାର ଜଳ ଲହରୀପରି ଦିଶିଲା । ଏହି ତ୍ରୈଲୋକ୍ୟର ଶ୍ରେଷ୍ଠ ଆଶ୍ଚର୍ଯ୍ୟରୁ ଅଧିକ ଆଶ୍ଚର୍ଯ୍ୟ ବୋଧହେଲା । ଏହି ସମୟରେ ଶୂନ୍ୟରୁ ପାରିଜାତ ମାଳା ପଡ଼ି ଶୀଘ୍ର ବୀର ରାଜପୁତ୍ରର ଗଳାରେ ଲମ୍ବିତ ହେଲା । ୮ ।

ଜରକ—ଗୋଟିଏ ହାତ, ରାମାକାମେ—ନାଶ କାମନାରେ । ରାଜାଙ୍କ ଗୁଣ ଗାଉଥିବା ବନ୍ଦୀମାନେ ଗୋଟିଏ ହାତ ଉପରକୁ ଟେକି ପ୍ରଶଂସା କରି କହୁଥିଲେ ଇଏ କଅଣ ରାଜାରାମ ? ରାମଚନ୍ଦ୍ର ସ୍ତ୍ରୀ କାମନାରେ ସମସ୍ତ ରାଜାମାନଙ୍କର ଗର୍ବ ଦଳନ କରିଥିଲେ ଏବଂ ଶର ଦ୍ୱାରା ମାରୀଚ ରାକ୍ଷସର ଗ୍ରୀବାର ଛେଦନ କରିଥିଲେ । ଇଏ ମଧ୍ୟ ଶରଦ୍ୱାରା ମୃଗର ଚାମର କାଟି ସବୁ କ୍ଷତ୍ରିୟ ରାଜାଙ୍କର ଗର୍ବ ଖର୍ବ କଲେ । ପୁଣି ଦେଖ ଇନ୍ଦ୍ର ଅତି ସ୍ତୁତରୁଚିର ଅର୍ଥାତ୍ ଅଗ୍ନି ଦୀପ୍ତିମନ୍ତ ବଜ୍ର ଧାରଣ କରି ଭୂଭୃତମାନଙ୍କୁ ଅର୍ଥାତ୍ ପର୍ବତ-ମାନଙ୍କୁ ଭୟ ଜନ୍ମାଇଲା ପରି ଇଏ ଅତ୍ୟନ୍ତ ସ୍ତୁତ ରୁଚିରରେ ବଜ୍ର ଭୂଷା ଅର୍ଥାତ୍ ଅତି ଶ୍ରୀ ଉଜ୍ଜ୍ୱଳ ହୀରା ହାରର ଭୂଷଣ ପିନ୍ଧି ଅଛନ୍ତି । ବନ୍ଦୀ ମୁଖରୁ ଏହାଙ୍କର ପ୍ରଶଂସା ଶୁଣିବା ଶୁଣି ଭୂଭୃତେ ଅର୍ଥାତ୍ ରାଜାମାନେ ସଭାଜରେ ଭୀତ ହୋଇ ଉଠିଲେ । ୯ ।

ମାଳବେଶ ଅର୍ଥାତ୍ ମାଳବଦେଶର ରାଜା ମାଳାରେ ବେଶ ହୋଇ ତପସ୍ୟା କରି ଯିବାକୁ ମନରେ ଭାବିଲା । ଗୌଳ ଦେଶର ଅଧିପତି ର ଓ ଳ ଅକ୍ଷର ସମାନ ଥିବାରୁ "ଳ" ସ୍ଥାନରେ "ର" ଅକ୍ଷର ଲଗାଇ ଗୌଳ ସ୍ଥାନରେ ଗୌର ଶବ୍ଦ ଜାତ କରି ଗୌର ପରି ଗତି ଆରମ୍ଭ କଲା । ହସ୍ତିନାପତି ପ୍ରବଳ ହସ୍ତୀ ପୁଷ୍ପକେତୁର ସିଂହ ବିକ୍ରମ ଦେଖି ଦସ୍ତୀ ଅର୍ଥାତ୍ ଭୟଯୁକ୍ତ ହୋଇ ହାତୀ ଦନ୍ତ ଅର୍ଥାତ୍ ପର୍ବତ ଗୁହାରେ ଲୁଚିବା ପାଇଁ ମନ କଲା । ୧୦ ।

ନ ଦେଇ ଉତ୍ତର ଉତ୍ତରକୋଶଳ ନରେଶ ସତ୍ୱର ଗତ ଯେ ।
ମଲ୍ଲର ଧବ ମଲ୍ଲର ପିଣ୍ଡ ଭାବ କରେଖି ଅଦ୍ଭୁତ କୃତ ଯେ ।
ସିନ୍ଧୁପ । ସିନ୍ଧୁରେ ଭ୍ରମିଲା ମତ ଯେ ।
ମହେଶ୍ୱର ରାଜା ମାହେଶ୍ୱରୀ ବ୍ୟର୍ଥ ଭାବିଲା ଚିତ୍ତ ଯେ । ୧୧ ।

ମନ୍ଥୁ ସେ ଦଣ୍ଡ ମଥୁରା-ଭୂପ ଦର୍ପ କ୍ଷୀର ଘୃତ ଗଲା ବନ୍ଧ ଯେ ।
ବ୍ୟପଥୁ ଆନେ ନ ଗଲା କାଶୀଶ୍ୱର ବେପଥୁ ପୂରିତ ଦେହ ଯେ ।
କୁଣ୍ଡୀଶ । ଚଣ୍ଡୀଶ କି କଲେ କହ ଯେ ।
କୁନ୍ତଳା-ନାଥର କୁନ୍ତଳ ଫିଟିଲା ବନ୍ଧା ଅବକାଶ ନାହିଁ ଯେ । ୧୨ ।

କାଞ୍ଚିପତି ପାଞ୍ଚି ମହିଷୀ ଭାବିକି ହସି କନ୍ୟାରତ୍ନ କାହିଁ ଯେ ।
ସେ ବାଣୀ ବାଣରୁ ପରିତ୍ରାଣକରି ଆଡ଼ତଣି ଖୋଜିଲେ ନାହିଁ ଯେ ।
ମିଥିଳ । ରାଜାକୁ ମନ୍ଥିଲା ଚିନ୍ତା ଯେ ।
ଏ ଚିନ୍ତା ମୁଁ ଯାଗ ଧର୍ମ କରି ଆଗ ଆସିଥିଲି କାହିଁ ପାଇଁ ଯେ । ୧୩ ।

---

କିଛି ଉତ୍ତର ନ ଦେଇ ଉତ୍ତର କୋଶଳର ରାଜା ଶୀଘ୍ର ଚାଲିଗଲେ । ମଲ୍ଲରଧବ ଅର୍ଥାତ୍ ମଲ୍ଲର ଦେଶର ରାଜାର ପିଣ୍ଡ ଅର୍ଥାତ୍ ଶରୀର ମଲ୍ଲର ଅର୍ଥାତ୍ ମଲ୍ଲ ଲୋକର ଦଶା ଦେଖି ଲୋକମାନେ ଆଶ୍ଚର୍ଯ୍ୟ କାର୍ଯ୍ୟ ବୋଲି ମନେ କଲେ । ସିନ୍ଧୁପ ଅର୍ଥାତ୍ ସିନ୍ଧୁଦେଶର ରାଜା ସମୁଦ୍ରରେ ଭାସିଲା ଅବସ୍ଥାକୁ ପାଇଲେ ଆଉ ମାହେଶ୍ୱର ଦେଶର ରାଜା ମାହେଶ୍ୱରୀ ଅର୍ଥାତ୍ ତାଙ୍କର ଦୁର୍ଗା ପୂଜା ବୃଥା ହେଲା ବୋଲି ମନରେ ବିଚାର କଲେ । ୧୧ ।

ଲକ୍ଷ୍ମୀ ରୂପକ ମନ୍ଥନ ଦଣ୍ଡରେ ମନ୍ଥି ହୋଇ ମଥୁରା ରାଜାଙ୍କର କ୍ଷୀର ରୂପକ ଗର୍ବ ଘିଅ ପରି ବନ୍ଧିଗଲା । କାଶୀ ରାଜାଙ୍କ ଦେହରେ କମ୍ପ ଜାତ ହେଲାରୁ ବ୍ୟପଥୁ ଅର୍ଥାତ୍ ଭିନ୍ନ ବାଟରେ ଗଲା ନାହିଁ । କୁଣ୍ଡୀଶ ଅର୍ଥାତ୍ କୁଣ୍ଡୀ ଦେଶର ରାଜା ଚଣ୍ଡୀଶ ଅର୍ଥାତ୍ ଶିବ ଜାଣନ୍ତୁ କଅଣ କଲେ ବୋଲି କହିଲେ । କୁନ୍ତଳ ଦେଶ ରାଜାଙ୍କର କୁନ୍ତଳ ଅର୍ଥାତ୍ କେଶ ଫିଟିଗଲା । ପୁଣିଥରେ ବାନ୍ଧିବାକୁ ବେଳ ପାଇଲେ ନାହିଁ । ୧୨ ।

କାଞ୍ଚି ଦେଶର ରାଜା ମନରେ ପାଞ୍ଚିଲେ ମୋ ପାଟରାଣୀ ଅଟା କରି କହିବ କନ୍ୟାରତ୍ନ କାହିଁ ? ତାଙ୍କର ବଚନ ରୂପ ବାଣରୁ ରକ୍ଷା ପାଇବା ପାଇଁ ଆଡ଼ତାଳ ପର୍ଦ୍ଦା ଖୋଜି ସେ ପାଇଲେ ନାହିଁ । ଏହାପରେ ମିଥିଳାର ରାଜାଙ୍କୁ ଏହି ଚିନ୍ତା ମନ୍ଥି ପକାଇଲା—ମୁଁ ଧର୍ମଯଜ୍ଞ ଆଦି କରି ପ୍ରଥମେ କାହିଁକି ଆସିଥିଲି । ୧୩ ।

ଶଙ୍ଖାସନ-ଈଶ ଶଙ୍କା ରାମନାମ ମାତ୍ରେ ଚିତ୍ତରେ ପଶି ଯେ ।
ଶ୍ରୀନଗରେଶ୍ୱର ନଗରେ ନଗରେ ଶବର ଗତିକି ଭଜି ଯେ ।
ଊର୍ଜକୁ । ଉଜ୍ଜୟିନୀପତି ମୁଞ୍ଚି ଯେ ।
ହୋଇଣ ଖିରୁକ ଗଣିକାଖିରୁଙ୍କ ମଧ୍ୟେଁ ମରୁପତି ଲୁଚି ଯେ । ୧୪ ।
ଋଷିକନଗରେଶ ରୁଷିଲା ମହିଳା ପ୍ରାୟ ମହୀମୁଖେ ଯାଏ ଯେ ।
ବଜ୍ରପୁରନାଥ ପାଶେ ବଜ୍ରପାତ ହେଲା ପରି ମୋହ ପାଏ ଯେ ।
ନିଷ୍ପନ୍ଦ । ଷଟ୍ପଦ ଷଟ୍ପୁରରାୟେ ଯେ ।
କେତକୀ ଲକ୍ଷ୍ୟ ସଙ୍ଗ ଲୋଡ଼ି ବାତୁଳି ଉଡ଼ି ପଳାଇଲା ପ୍ରାୟେ ଯେ । ୧୫ ।
ନେପାଳପାଳ କପାଳେ ହସ୍ତମାରି ଗଲେ ପୁର ପରିଯନ୍ତେ ଯେ ।
କେରଳକଈଶ କେରଳ ବେଶ ଧରି ଯାଇ ନ ପାରେ ତ୍ୱରିତେ ଯେ ।
ଉତ୍କଳ । ରାଜାଙ୍କଁ ଉତ୍କଟ ହେଲେ ଯେ ।
ଅଧିକ ନୃପେ ଏରୂପେ ଦର୍ପଧିକ ସାମାନ୍ୟ କହିବା କେତେ ଯେ । ୧୬ ।
ଲଗୁଡ଼ ପ୍ରହାରେ ଗୋଗୋଷ୍ଠ ସମାନେ ଅଭିମାନେ ପଳାଇଲେ ଯେ ।
ଝଟିତି କୁଜ୍‌ଝଟି ପ୍ରକଟିଲା ପରି ରେଣୁ ଅନ୍ଧକାରେ ହେଲେ ଯେ ।
ଏଣୁ କେ । କାହା ମୁଖ ନ ଚାହିଁଲେ ଯେ ।
ବ୍ରୀଡ଼ା-ପୀଡ଼ା କ୍ରୀଡ଼ା ଅଧିକେ ହୋଇଲା ପ୍ରଳୟେ ଅନ୍ତ ପାଇଲେ ଯେ । ୧୭

---

ଶ୍ରୀରାମଙ୍କ ନାମରେ ମାତ୍ରେ ଅସୁରଙ୍କ ଭୟ ଜାତ ହେଲା ପରି ଶଙ୍ଖାସନ-ଈଶ ଅର୍ଥାତ୍ ଶଙ୍ଖାସନ ଦେଶର ରାଜାଙ୍କ ମନରେ ଶଙ୍କା ଜାତ ହେଲା । ଶ୍ରୀନଗରର ଅଧିପତି ନଗରେ ନଗରେ ଅର୍ଥାତ୍ ପର୍ବତରୁ ପର୍ବତକୁ ବଣୁଆ ଶବର ପରି ଗତି କଲେ । ଉଜ୍ଜୟିନୀର ରାଜା ଖିରୁକ ଅର୍ଥାତ୍ ଖଡ୍ଗହସ୍ତ ହୋଇ ନିଜର ଊର୍ଜ ଅର୍ଥାତ୍ ତେଜକୁ ତ୍ୟାଗ କଲେ । ଆଉ ମରୁଦେଶର ରାଜା ବେଶ୍ୟାମାନଙ୍କ ଭିତରେ ଲୁଚିଲେ । ୧୪ ।

ରୁଷିଦେଶର ରାଜା ରୁଷିଥିବା ନାରୀପରି ତଳକୁ ମୁହଁ ପୋତି ପଳାଇଲେ । ବଜ୍ରପୁର ରାଜା ନିକଟରେ ବଜ୍ର ପଡ଼ିଲା ପରି ଅଜ୍ଞାନ ହୋଇଗଲେ । ଷଟ୍ପଦ ଭ୍ରମର କେତକୀ ସଙ୍ଗ ଲୋଡ଼ି ନିରାଶ ହୋଇ ଉଡ଼ି ପଳାଇଲା ପରି ଷଟ୍ପୁର ରାଜା କେତକୀ ଗୋରୀ ସୁନ୍ଦରୀର ସଙ୍ଗ କାମନା କରି ବିଫଳ ହୋଇ ଫେରିଗଲେ । ୧୫ ।

ନେପାଳର ରାଜା କପାଳରେ ହାତମାରି ନିଜ ପୁରଯାଏ ଗଲେ । କେରଳର ରାଜା କେରଳ ଅର୍ଥାତ୍ କେଳା ବେଶ ଧାରଣ କରିବାରୁ ଶୀଘ୍ର ଯାଇ ପାରିଲେ ନାହିଁ । ଉତ୍କଳ ରାଜାଙ୍କର ଉତ୍କଟ ଅର୍ଥାତ୍ ସର୍ବନାଶ ହେଲା । ବଡ ବଡ ରାଜାମାନଙ୍କର ଦର୍ପ ନଷ୍ଟ ହେଲା । ସାମାନ୍ୟ ରାଜାଙ୍କର କଥା ଆଉ କେତେ କହିବା । ୧୬ ।

ଲଗୁଡ଼—ପାଞ୍ଚଣବାଡ଼ି, ଗୋଗୋଷ୍ଠ—ଗୋରୁପଲ, ସମାନେ—ତୁଲ୍ୟ, ଝଟିତି—ଶୀଘ୍ର, କୁଜ୍‌ଝଟି—କୁହୁଡ଼ି, ରେଣୁ—ଧୂଳି, ବ୍ରୀଡ଼ା—ଲଜ୍ଜା. କ୍ରୀଡ଼ା—ଲୀଳା, ପ୍ରଳୟେ—

ସୁମନ-ଧନୁ ଶରେ ଶୋଭା ପ୍ରକାଶ ପ୍ରଭା ଶିଖୀପରେ ସ୍ଥିତି ଯେ ।
କୁମାରଙ୍କୁ ମାର କରଣ ସମସ୍ତେ ଏମନ୍ତ ଚିତ୍ତରେ ଗୁଣି ଯେ ।
ମାଳନୀ । ନୃପତି ଆଦରେ ଆଣି ଯେ ।
ନେଲା ସାର କରୁଁ ସୁମର ସଚିବ ପ୍ରସାରଣ ବେନ ପାଣି ଯେ । ୧୮ ।

ବାଜନ୍ତି ଅସଂଖ୍ୟ ଶଙ୍ଖ ମଧୁସ୍ୱ ଯେ ମାଧୁସ୍ୱ ମଙ୍ଗଳସ୍ୱରେ ଯେ ।
ଅନ୍ତଃପୁରକୁ ପୁରୋଧା ସଇରନ୍ଧ୍ରୀ ହସ୍ତେ ଦେଇଁ ନେଲା ବେଗେ ଯେ ।
ସେ ପଟ୍ଟ- । ମହିଷୀ ଭୋଗିନୀ ବର୍ଗେ ଯେ ।
ଦେଖାଇ ବୋଇଲା ହେଲା ବର ବର ବରବରନାକୁ ଯୋଗେ ଯେ ।୧୯।

---

ଶେଷରେ, ଅନ୍ତ—ସୀମା, ପର । ପାଞ୍ଚଶବାଣ୍ଡ ମାଡ଼ରେ ଘୋରୁପଲ ପରି ରାଜାମାନେ ଅଭିମାନ ବଳ ପଳାଇ ଗଲେ । ଶୀଘ୍ର ଧୂଳି ଉଡ଼ି କୁହୁଡ଼ି ପରି ଅନ୍ଧକାର ସୃଷ୍ଟି କଲା । ଏଥିପାଇଁ କେହି କାହା ମୁହଁ ଦେଖି ପାରିଲେ ନାହିଁ । ଲଜ୍ଜାର ବାଧା ଅଧିକ ପ୍ରକାଶ ହେଲା ନାହିଁ; ଯେହେତୁ ଏହି ସର୍ବଗ୍ରାସୀ କୁହୁଡ଼ି ଯୋଗୁଁ ସେମାନେ ରକ୍ଷା ପାଇଗଲେ । ୧୭ ।

ସୁମନ—ଦେବପୁଷ୍ପ ପାରିଜାତ, ଶିଖୀ—ଘୋଡ଼ା, ସୁମନ ଧନୁ—ଫୁଲ ଧନୁ, ଶିଖୀପରେ—ମୟୂର ଉପରେ, ମାଳନୀ ନୃପତି—ଚମ୍ପାପୁର ରାଜା, ବେନ ପାଣି—ଦୁଇ ହାତ, ପ୍ରସାରଣ—ବଢ଼ାଇ । ପାରିଜାତ ଫୁଲ ଓ ଧନୁଶର ଧରି ଶୋଭା ଏବଂ ଘୋଡ଼ାପରେ ବସି ତେଜକୁ ପ୍ରକାଶ କରୁଥିବା କୁମାର ପୁଷ୍ପକେତୁଙ୍କୁ ସମସ୍ତେ ଫୁଲ ଧନୁଧାରୀ କନ୍ଦର୍ପ ଏବଂ ମୟୂର ଆରୋହୀ କାର୍ତ୍ତିକେଶ୍ୱର ମନେ କଲେ । ତାଙ୍କୁ ମାଳନୀ ଦେଶ ଅର୍ଥାତ୍ ଚମ୍ପାପୁରର ରାଜା ଆଦରରେ ଆଣିଲେ । ତାଙ୍କ ମନ୍ତ୍ରୀ ଦୁଇ ହାତ ବଢ଼ାଇ ସେହି ବୀରଙ୍କ ହାତରୁ ସୁମର ଗ୍ରହଣ କଲେ । ୧୮ ।

ସଇରନ୍ଧ୍ରୀ—ପର ଘରେ କାମ କରୁଥିବା ଶିଳ୍ପକାରିଣୀ, ମାଧୁର୍ଯ୍ୟ—ମିଷ୍ଟ, ମଙ୍ଗଳ ସ୍ୱରେ—ଶୁଭ ସ୍ୱର, ପୁରୋଧା—ପୁରୋହିତ, ପଟ୍ଟମହିଷୀ—ପାଟରାଣୀ, ଭୋଗିନୀବର୍ଗ ଅନ୍ୟ ରାଣୀଙ୍କୁ, ବର ବର - ଶ୍ରେଷ୍ଠବର, ବର ବରନା—ଶ୍ରେଷ୍ଠ ସୁନ୍ଦରୀ । ବହୁତ ଶଙ୍ଖ ମହୁରୀ ମଧୁର ଶବ୍ଦରେ ମଙ୍ଗଳ ସ୍ୱରରେ ବାଜିଲା । ପୁରୋହିତ ଅନ୍ତଃପୁରକୁ ସେହି ମୁଗପୁଚ୍ଛକୁ ନେଇ ରାଜଗୃହର ଶିଳ୍ପକାରିଣୀ ହାତରେ ଦେବାରୁ ସେ ତାହା ଶୀଘ୍ର ନେଲା । ପାଟରାଣୀ ସେହି ପୁଚ୍ଛକୁ ନେଇ ରାଜଗୃହର ଶିଳ୍ପକାରିଣୀ ହାତରେ ଦେବାରୁ ସେ ତାହା ଶୀଘ୍ର ନେଲା । ପାଟରାଣୀ ସେହି ପୁଚ୍ଛକୁ ଅନ୍ୟ ରାଣୀମାନଙ୍କୁ ଦେଖାଇ କହିଲେ ଆମର ଶ୍ରେଷ୍ଠ ସୁନ୍ଦରୀ ପାଇଁ ଯୋଗ୍ୟ ଶ୍ରେଷ୍ଠ ବର ମିଳିଲା । ୧୯ ।

ବାଳା ଶତଦଳ ଦଳନ-ନୟନ ଦତ୍ତ ଯାଉ ଆସିବାରେ ଯେ ।
ଭ୍ରମର ପ୍ରବେଶ ଏ ଶବ୍ଦେ ନିବେଶ ନିକଟେ ଶ୍ରୁତି ସଧୀରେ ଯେ ।
ମନରେ । କରେ ଏ କାମେ କାଶୀରେ ଯେ ।
କୈତବ ନୋହେ ଦେଇ କେତେ ଧାତକି କି ସ୍ତବ କରିଛି ହରେ ଯେ ।୨୦।

ବାସର ଶେଷ ଯାମିନୀ ପରବେଶ ତମୋନୁଦ ତମ ହରି ଯେ ।
ଏକାଳେ କୁମାର ଷଣ୍ଢାନନ୍ଦ ନୃପ ସଙ୍ଗେ ସଭା ଶୋଭା କରି ଯେ ।
ଦେଖନ୍ତି । ପ୍ରମଦା ପୁରୁଷ ପୂରି ଯେ ।
ଚତ୍ୱରେ ସତ୍ୱରେ ବାରବାମାବାର ନର୍ତ୍ତକୀ ନୃତ୍ୟ ପ୍ରସ୍ତରି ନେ ଯେ । ୨୧ ।

କିବା ସେ ମେନା ଉର୍ବଶୀ ତିଳୋତ୍ତମା ରମ୍ଭାଦି ମଣ୍ଡେ ଅବନୀ ଯେ ।
ମର୍ଦ୍ଦଳ ସ୍ୱନକୁ ଷଣ୍ଢଳ ଜନକୁ ବନ୍ଧି କଲା ବସ୍ତ୍ରେ ମାନି ଯେ ।
ହେଲା ସେ । ମହା ଉଦ୍ଦୀପନସ୍ଥାନୀ ଯେ ।
ଗାୟକେ କି ମୂର୍ତ୍ତିମନ୍ତ ହାହା ହୁହୁ ହାହା କରି ସର୍ବେ ଘେନି ଯେ ।୨୨।

---

ଶତଦଳ ଦଳନ—ପଦ୍ମକ୍ଷଣା, ନିବେଶ—ମନଯୋଗ, ଅର୍ପଣ; କୈତବ—ମିଥ୍ୟା, କାମେ—କାମନାରେ, ଧାତକ—ଧୁତୁରା ଫୁଲ । ସୁନ୍ଦରୀ ରାଜକନ୍ୟା ପଦ୍ମକ୍ଷଣା ଆଖିରେ ବାଟ ରାଜପୁତ୍ର ଆସିବା ପଥକୁ ଚାହିଁ ରହିଥିଲା । ଭ୍ରମର ପଶୁଥିଲା ଏହି ଶବ୍ଦ ଶୁଣି ମନଯୋଗ କରି ସେହି କଥା ଶୁଣିବା ପାଇଁ ଧୀର ଭାବରେ କାନ ଦେଲା । ମନରେ କଲା ଏ କଥା ମିଥ୍ୟା ନୁହେଁ ଯେ ମୁଁ ଏହି କାମନାରେ କାଶୀରେ ଶିବଙ୍କୁ କେତେ ଧୁତୁରା ଫୁଲ ଦେଇ ସ୍ତବ କରିଅଛି । ୨୦ ।

ଦିନ ଶେଷ ହୋଇ ରାତ୍ରି ପ୍ରବେଶ ହେଲା ତମୋନୁଦ ଅର୍ଥାତ୍ ଅନ୍ଧକାର ହରଣକାରୀ ଦୀପ ଓ ଚନ୍ଦ୍ରମା ଅନ୍ଧାର ଦୂର କଲେ । ଏହି ସମୟରେ ରାଜପୁତ୍ର ଷଣ୍ଢାନନ୍ଦ ରାଜାଙ୍କ ସହିତ ରାଜସଭାର ଶୋଭା ବଢାଇ ବିଜେ କଲେ । ପ୍ରମଦା ଅର୍ଥାତ୍ ସ୍ତ୍ରୀ ଏବଂ ପୁରୁଷମାନେ ସଭାରେ ପୂର୍ଣ୍ଣ ହୋଇ ଦେଖୁଥାନ୍ତି । ବାରବାମା ବାର ଅର୍ଥାତ୍ ବେଶ୍ୟାସମୂହ ଅଗଣାରେ ଶୀଘ୍ର ନୃତ୍ୟ ଆରମ୍ଭ କଲେ । ୨୧ ।

ନୃତ୍ୟ କରୁଥିବା ସେହି ବେଶ୍ୟାମାନଙ୍କୁ ଦେଖି ମନେ ହେଲା ମେନକା, ଉର୍ବଶୀ, ତିଳୋତ୍ତମା, ରମ୍ଭା ପ୍ରଭୃତି ସ୍ୱର୍ଗର ଅପ୍ସରାମାନେ ପୃଥିବୀକୁ ମଣ୍ଡନ କରୁଛନ୍ତି କି ? ମର୍ଦ୍ଦଳ ବଜାଉଥିବା ଲୋକମାନଙ୍କୁ ସମସ୍ତେ ନନ୍ଦିସ୍ୱ ବନ୍ଧୁ ଅର୍ଥାତ୍ ବିଧାତା ବୋଲି ମଣିଲେ । ସେହି ରାଜସଭା ମହା ଉଦ୍ଦୀପନାର ସ୍ଥାନ ହେଲା । ଗାୟକମାନଙ୍କୁ ସମସ୍ତେ ମୂର୍ତ୍ତିମନ୍ତ ହାହାହୁହୁ ଗନ୍ଧର୍ବ ବୋଲି ସ୍ୱୀକାର କଲେ । ୨୨ ।

ସେ କଇଲାସ ତାଳରେ ପ୍ରକାଶ ଆଦିଯତି ମନ ମୋହେ ଯେ ।
ଶୋଭନ ସାସ୍ତି ସିଦ୍ଧ ମଠାଳଙ୍ଗନ ଜ୍ଞାନଝମ୍ପା ରୂପକନ୍ତି ଯେ ।
ନିଃସ୍ପୃହା । ଏକତାଳୀ ଯୁକ୍ତ କର୍ନ୍ତି ଯେ ।
ସରମାନ ଅଡ୍ଡ ଶିବ ବଚନରେ ଗଉରୀ ପ୍ରକଟ ଯନ୍ତି ଯେ । ୨୩ ।
ବଦତି ସିଂହନନ୍ଦନ ପୁଣି ନଳକୁବର ବିଳାସ ଇଚ୍ଛି ଯେ ।
ନାନ୍ଦୀ ପ୍ରମୁଖରେ ଶ୍ଳୋକ ରଖ୍ୟାତରେ ଲଘୁ ଗୁରୁ ଉପୁଜୁଛି ଯେ ।
ନିମାସ । ଦ୍ରୁତରେ ବିଶ୍ରାମ ଅଛି ଯେ ।
ନଭଃପ୍ରାପ୍ତ ପଞ୍ଚ ଷଷ୍ଠ ଅଷ୍ଟକଳା ଚନ୍ଦ୍ରବିମ୍ବ ପ୍ରକାଶୁଛି ଯେ । ୨୪ ।

---

ଆଦିଯତି—ଗଣେଶ, ପୁଣି ଆଦିତାଳ ଓ ଯତିତାଳ; ଶୋଭନ—ସୁନ୍ଦର, ସିଦ୍ଧ—ତପସ୍ୱୀ, ମଠାଳଙ୍ଗନ—ମଠର ଉଦ୍ଧ, ଜ୍ଞାନଝମ୍ପ—ଜ୍ଞାନ ବିଚକ୍ଷଣ, ଝମ୍ପ ତାଳ; ନିଃସ୍ପୃହା—ବାଦ୍ୟର ତାଳ, ସ୍ପୃହାରହିତ, ଏକତାଳି—ବାଦ୍ୟର ତାଳ ଓ ଖଞ୍ଜୁରୀ, ଅଡ୍ଡ—ଅଡ୍ଡତାଳ. ମାନ—ମାନ କରିବା, ରୁଷିବା; ଶିବ—ମହାଦେବ, ମଙ୍ଗଳ । ସଂଗୀତସ୍ୱର ସେହି ସଙ୍ଗୀତସ୍ଥଳ କଇଲାସ କି ? ଏକ ପକ୍ଷରେ କଇଲାସ ତାଳବୃକ୍ଷରେ ପୂର୍ଣ୍ଣ । ତାହା ଆଦିଯତି ଗଣେଶଙ୍କ ମନ ମୋହୁଥାଏ । ସେଠାରେ ସୁନ୍ଦର ସାସ୍ତ୍ରମାନେ ତପସ୍ୱୀମାନଙ୍କର ଆଶ୍ରମରେ ଉଦ୍ଧ ଜ୍ଞାନ ବିତରଣ କରୁଥିଲେ କଥା ମାନ କହୁଥିନ୍ତି । କାହିଁ ଅବା ନିଃସ୍ପୃହା ଅର୍ଥାତ ଗୃହତ୍ୟାଗୀ, ଖଞ୍ଜୁରୀ ଆଦି ଏକ ଠି ଅଛନ୍ତି । ତହିଁ ଗୌରୀଙ୍କର ରୁଷିବା, ଶିବଙ୍କର ଶୁଦ୍ଧବାକ୍ୟରେ ଦୂର ହୋଇ ମୁହଁରୁ କଥା ବାହାରଥାଏ ।

ଅନ୍ୟ ପକ୍ଷରେ ସଙ୍ଗୀତର ତାଳ ନେଇ ଅର୍ଥ :—ସେହି ସ୍ଥାନ ବାଦ୍ୟର ବାଦ୍ୟ ତାଳରେ ମୁଖରିତ । ସେଠାରେ ଆଦି ଓ ଯତି ନାମକ ତାଳ ମନ ମୋହୁଥାଏ । ତା ସଙ୍ଗକୁ ଶୋଭ-ନସାସ୍ତି ଅର୍ଥାତ୍ ନସାସ୍ତି ତାଳ ଶୋଭା ପାଉଅଛି । ପୁଣି ଝମ୍ପା ଏବଂ ରୂପକ ନାମକ ତାଳ ଜଣାପଡ଼ୁଛି । କାହିଁ ଅବା ନିଃସ୍ପୃହା, ଏକତାଳି, ସରମା ଓ ଆଡ଼ ତାଳ ମିଶିଅଛି । ଏହିସବୁ ଦ୍ୱାରା ଗୌରୀ ଗୃହରେ ଶିବ ଅର୍ଥାତ୍ ମଙ୍ଗଳ ବାକ୍ୟ ପ୍ରକାଶ କରୁଅଛି । ଏପରି ମୋଟ ଦଶ ତାଳର ଅର୍ଥ ବାହାରୁଛି । ୨୩ ।

ସେହି କୈଳାସରେ ସିଂହ ଓ ନନ୍ଦନ ଅର୍ଥାତ କାର୍ତ୍ତିକେୟ ପ୍ରକଟ । ପୁଣି ସେଠାରେ କୁବେର ପୁତ୍ର ନଳ ଓ କୁବର ବିଳାସ ଅର୍ଥାତ୍ କ୍ରୀଡ଼ା କରନ୍ତି । ସେଠାରେ ନନ୍ଦୀ ପ୍ରମୁଖରେ ଅର୍ଥାତ୍ ମଙ୍ଗଳାଚରଣ ଶ୍ଳୋକ ଗାନ ପ୍ରକାଶ କରିବା ପାଇଁ ଲଘୁ ଓ ଗୁରୁସ୍ୱର ଜାତ କରନ୍ତି । ସେହି ସ୍ୱରରେ ନିମାତ୍ରା ଅର୍ଥାତ୍ ପ୍ଲୁତ, ଦ୍ରୁତ ଓ ବିଶ୍ରାମ ମଧ୍ୟ ରହୁଥାଏ ।

ଅନ୍ୟ ପକ୍ଷରେ ଏଠାରେ କେହି ଏକତାଳ ମଧ୍ୟରୁ ସିଂହନନ୍ଦନ ତାଳ ପ୍ରକାଶ କରୁଛନ୍ତି । କେହି ନଳକୁବର ଅର୍ଥାତ୍ ଙ୍କୁଙ୍କା ବାଦ୍ୟ ବଜାଇ କ୍ରୀଡ଼ା ଇଚ୍ଛା କରୁଛନ୍ତି । ଗାୟକମାନେ ନାନ୍ଦୀ ପ୍ରମୁଖରେ ଅର୍ଥାତ ନାନ୍ଦୀ ନାମକ ତାଳ ଆରମ୍ଭ କାଳରେ ଶ୍ଳୋକ ରଚନାରେ ପ୍ରସିଦ୍ଧି ଅର୍ଜନ କରିବା ପାଇଁ ତହିଁରେ ଲଘୁ ଓ ଗୁରୁ ଜାତ କରୁଅଛନ୍ତି । ସେହି

କ ଅଯୋଧ୍ୟା ଗ୍ରାମ ଲକ୍ଷ୍ମଣ କହେ ସେ ବାଦକକୁଳେ ଅଗମ୍ୟ ଯେ ।
ଶ୍ରୁତି ସାଲଗ ସ୍ତମ୍ଭ ଲଗ ଅଧିରେ ସୂଡ଼ର ନିଦାନ ଧାମ ଯେ ।
ଆହତ । ନାହାତ କେତନେ ସମ ଯେ ।
ନେନ୍ଦନା-ନନ୍ଦନା ପାବନା ଧାପନା ତାରବଳୀ ଯୁକ୍ତ ରମ୍ୟ ଯେ । ୨୫ ।
ତାର ମନ୍ଦ୍ର ଘୋର ଗ୍ରାମସାରରେ ପୁଣି ଇନ୍ଦ୍ରପ୍ରସ୍ଥ ସମ ଯେ ।
ନିଷାଦ ଋଷଭ ପ୍ରଖର ସେହିତ ଅଛି ଗାନ୍ଧାର ମଧ୍ୟମ ଯେ ।
ଷଡ଼ଜ । ସୁଧଇବତ ପଞ୍ଚମ ଯେ ।
ମଞ୍ଜୁ ଶଦଜନା ଶିଷପଦା ଧ୍ରୁବପଦା ପାଞ୍ଚାଳୀ ସଙ୍ଗମ ଯେ । ୨୬ ।

---

ତାଳରେ ସ୍ୱରର ଅତି ଦୀର୍ଘ, ଦ୍ରୁତ ଓ ବିଗ୍ରମ ପ୍ରଭୃତି ତିନି ମାତ୍ର ଅଛି । ସେହି ସ୍ଥାନ ନଭ ଅର୍ଥାତ୍ ଆକାଶ ପରି । ଆକାଶ ୬, ୭ ଓ ୮ କଳାଯୁକ୍ତ ଚନ୍ଦ୍ରବିମ୍ବ ଦ୍ୱାରା ଶୋଭିତ ହେଲା ପରି ଏଠାରେ ଚନ୍ଦ୍ରବିମ୍ବ ସ୍ଥଳରେ ଝାଞ୍ଜ ବାଦନ ତାଳ ଦ୍ୱାରା ପାଞ୍ଚ, ଛ ଓ ଅଷ୍ଟକାଳକୁ ପ୍ରକଟାଇଅଛି । ୨୪ ।

ଏକପକ୍ଷରେ—ସେହି ସ୍ଥାନ କଅଣ ଅଯୋଧ୍ୟାପୁରୀ ଯାହା ରାମ ଲକ୍ଷ୍ମଣଙ୍କର ବାସଭୂମି ତାହା ବାଦକକୁଳ ଅର୍ଥାତ୍ ବୈରୀ ପକ୍ଷର ଅଗମ୍ୟ ସ୍ଥାନ ଯେହେତୁ ତାହା ସ୍ୱ ଅର୍ଥାତ୍ ଆକାଶକୁ ସ୍ପର୍ଶ କରିଥିବା ନିର୍ମଳ ପ୍ରାଚୀର ବର୍ଷ୍ଟି ଶକ୍ତମାନଙ୍କୁ ସ୍ୱତଃ ସୁଦୃଢ଼ ଅର୍ଥାତ୍ ଅତି ଉଜ୍ଜ୍ୱଳ ସ୍ଥାନ ଅଟଇ ସେଠାରେ ଆହତ ନାହାତ ଅର୍ଥାତ୍ ଭୟ ଦେଖାଇବା ପୁଣି ଆସ୍ତୃତ କରିବା ପତାକା ହେଉଅଛି । ପୁଣି ପତିତ କାଞ୍ଚଣୀ ବସୁଧା କନ୍ୟା ସେଠାରେ ପାଞ୍ଚ ମନ୍ଦ୍ର ମୁକ୍ତାହାର ଯୁକ୍ତା ହୋଇ ସୁନ୍ଦର ଦେବୀ ଯାଉଅଛନ୍ତି ।

ସଙ୍ଗୀତ ପକ୍ଷରେ—ଏଠାର ଅର୍ଥାତ୍ ଅଯୋଧ୍ୟାରେ ସଙ୍ଗୀତ ଯେଉଁ ଗ୍ରାମ ଅର୍ଥାତ୍ ସୁନ୍ଦର ଲକ୍ଷଣ ଧାରଣ କରିଛି ତାହା ବାଦକମାନଙ୍କୁ ଅଜଣା । ସେ ସ୍ଥାନ ଶ୍ରୁତି, ସାଲଗ ସ୍ତମ୍ଭ, ଲଗ ଏବଂ ସୂଡ଼ ପ୍ରଭୃତି ଛନ୍ଦ ଲକ୍ଷଣର ନିଦାନ ଅର୍ଥାତ୍ ମୂଳକାରଣ । ପୁଣି ଜଣା ଅଜଣା କେତନେ ଅର୍ଥାତ୍ ଚିହ୍ନରେ ଯୁକ୍ତ ହୋଇ ନେନ୍ଦନା, ନନ୍ଦନା, ପାବନା, ଧାପନା, ତାରବଳୀ ପ୍ରଭୃତି ଲକ୍ଷଣରେ ମନୋହର ହୋଇଅଛି । ୨୫ ।

ତାର—ଉଚ୍ଚସ୍ୱର; ମନ୍ଦ୍ର—ଗମ୍ଭୀର; ଘୋର—ଗାଢ଼; ଗ୍ରାମ—ସ୍ୱରଗ୍ରାମ; ସାରରେ—ପ୍ରାଧାନ୍ୟ; ଋଷଭ—ବୃଷଭ, ଧର୍ମ-ଯୁଧିଷ୍ଠିର; ନିଷାଦ—ଚଣ୍ଡାଳ, କ୍ରୂର, ଭୀମ; ମଧ୍ୟମ—ମଧ୍ୟମ-ପାଣ୍ଡବ ଅର୍ଜ୍ଜୁନ; ଷଡ଼ଜ—କାର୍ତ୍ତିକ, କୁମାର-ନକୁଳ; ସୁଧଇବତ=ସୁଧ+ଇବତ ଅର୍ଥାତ୍ ସୁଧୀ—ସହଦେବ; ପାଞ୍ଚାଳୀ—ଦ୍ରୌପଦୀ; ମଞ୍ଜୁ—ସୁନ୍ଦର । ସେଠାରେ ମର୍ଦ୍ଦଳ ବାଦ୍ୟ, ମନ୍ଦର ଅର୍ଥାତ୍ ମୃଦଙ୍ଗାଦି ବାଦ୍ୟର ଗମ୍ଭୀର ଧ୍ୱନିର ସମସ୍ତ ସ୍ୱରର ପ୍ରାଧାନ୍ୟ ଦ୍ୱାରା ଇନ୍ଦ୍ରପ୍ରସ୍ଥ ପରି ହୋଇଅଛି । ଇନ୍ଦ୍ରପ୍ରସ୍ଥରେ ଦ୍ରୌପଦୀ ସହ ୫ ପାଣ୍ଡବ ଥିଲେ ଏଠାରେ ମଧ୍ୟ ଋଷଭ, ନିଷାଦ, ଅର୍ଥାତ୍ ଯୁଧିଷ୍ଠିର ଓ ଭୀମ ରହିଛନ୍ତି । ଗାନ୍ଧାର ସ୍ୱରଯୁକ୍ତ ମଧ୍ୟମ ସ୍ୱରରେ ମଧ୍ୟମ ପାଣ୍ଡବ ଅର୍ଜ୍ଜୁନ ଆଉ ଷଡ଼ଜ

ମଥୁରା ବେଷ୍ଟନ କାଳ ଲକ୍ଷ୍ୟ ଧରେ ସାବଶ୍ରୀ ଭୂରସ୍କ ଖ୍ୟାତ ଯେ ।
ଗୋପୀବର କୃଷ୍ଣ ସ୍ଥିତ ହେ ନାୟକ ନାୟିକା ଉଚ୍ଛନ୍ନକୃତ ଯେ ।
ସମସ୍ତ । ନତ୍ତୁର ବଧି ବଜ୍ଜିତ ଯେ ।
ଲସିକା ଅଙ୍ଗେ ତରଙ୍ଗ ଭଉଁରୀକ ବନ୍ଧୁ ସଞ୍ଚିତ ସରିତ ଯେ । ୨୭ ।
ସାଗଜନଙ୍କୁ ଦନାନ୍ତ କରି ରତ୍ନମଣ୍ଡରେ ଅତି ପ୍ରଧାନେ ଯେ ।
ବସନ୍ତ ବିଖ୍ୟାତ ସୋମ ପ୍ରମୋଦିତ ଉତ୍ଫୁଲ୍ଲ ଦେଇ ସୁମନେ ଯେ ।
କେଦାର । ପୂରିତ ରସରେ ଘନେ ଯେ ।
ଭୈରବ ଦଶ ପ୍ରକାଶ କଳହଂସ ମାନସ ଭେଦ ଜବନେ ଯେ । ୨୮ ।

---

ଅର୍ଥାତ କାର୍ତ୍ତିକ ଅର୍ଥାତ୍ କୁମାର ନକୁଳ ଏବଂ ସୁଧିଇବନ୍ତ ବା ବୁଦ୍ଧିମାନ ପଞ୍ଚମ ପାଣ୍ଡବ ସହଦେବ ରହିଥାନ୍ତି । ଏହାଛଡ଼ା ଚର୍ଚ୍ଚରୀ, ଚଉପଦା, ଧ୍ରୁବପଦା ପ୍ରଭୃତି ସଖୀ ସହିତ ପାଞ୍ଚାଳୀ ଅଛନ୍ତି ।

ସଙ୍ଗୀତ ପକ୍ଷରେ—ନିଷାଦ, ଋଷଭ, ଗାନ୍ଧାର, ମଧ୍ୟମ, ଷଡ଼ଜ ଧୈବତ ପଞ୍ଚମ ସ୍ୱର ସେବନ୍ତ ଅର୍ଥାତ ବ୍ୟବହୃତ ହେଉଅଛି । ଏହା ସାଙ୍ଗକୁ ମନୋହର ଚର୍ଚ୍ଚରୀ, ଚଉପଦା, ଧ୍ରୁବପଦା ଓ ପାଞ୍ଚାଳୀ ଆଦି ଛନ୍ଦର ମଧ୍ୟ ସଙ୍ଗମ ଘଟିଅଛି । ୨୬ ।

ବେଷ୍ଟନକାଳ—ଯାତ୍ରା ପ୍ରଦର୍ଶନ ସମସ୍ତ; ମଥୁରା ଲକ୍ଷ୍ୟ ଧରେ—ମଥୁରା ସମାନ ଦର୍ଶାଉ, ଗୋପୀବର—ଗୋପୀଙ୍କ ବର, ସାବଶ୍ରୀ—କଂସ, ରାଗ; ଭୂରସ୍କ—ଅସୁର, ରାଗ ବିଶେଷ; ଉଚ୍ଛନ୍ନ—ଧ୍ୱଂସ, ଚଞ୍ଚଳ; ଚତୁରବଧି—ଗୃହ ପ୍ରକାର, ଲସିକା—ନର୍ତ୍ତକୀ ରତା, ତରଙ୍ଗ—ଚଞ୍ଚଳତା, ଭଉଁରୀ—ବୁଲିବା, ସରିତ—ନଦୀ, ସମାନ । ହସ୍ତ ମୁଦ୍ରା ପ୍ରଦର୍ଶନ ମଥୁରା ପରି ବୋଧ ହୁଏ । ମଥୁରାରେ ଗୋପୀଙ୍କ ବଲ୍ଲଭ କୃଷ୍ଣ ନାୟକ ଭାବରେ ରହି କଂସ ଓ ଅନ୍ୟ ବିଖ୍ୟାତ ଦୈତ୍ୟମାନଙ୍କୁ ଉଚ୍ଛନ୍ନ ଅର୍ଥାତ୍ ଧ୍ୱଂସ କରିଥିଲେ ଏବଂ ନାୟିକାମାନଙ୍କୁ ଚଞ୍ଚଳ କରିଥିଲେ । ଅନ୍ୟ ପକ୍ଷରେ ସେଠାରେ ହସ୍ତମୁଦ୍ରା-ବେଳେ ମାଥୁରା, ସାବଶ୍ରୀ, ଭୂରସ୍କ ପ୍ରଭୃତି ରାଗିଣୀ ଖ୍ୟାତ ହୋଇଅଛି । ଗୋପୀବର କୃଷ୍ଣ ରୋପରେ ନାୟକ ଭାବରେ ନାୟିକାମାନଙ୍କୁ ବହ୍ୱଳ କରିଥିଲେ ମୋଟ ଉପରେ ଗୃହ ଚଉମର ନୃତ୍ୟ ଗୀତ ପ୍ରଚଳିତ । ନର୍ତ୍ତକୀମାନଙ୍କର ଅଙ୍ଗଭଙ୍ଗୀର ଚଞ୍ଚଳତା ଏବଂ ଘୂରିବୁଲିବା ସ୍ଥିତ ଦେଖି ତାହା ପ୍ରବାହ ମନେ କରି ସରିତ ଅର୍ଥାତ ନଦୀ ସହିତ ସରି ଅର୍ଥାତ୍ ସମାନ କରିହେବ । ୨୭ ।

ରାଗଜନଙ୍କୁ—ରାଗ କାନ୍ତ ଯୋଗୁଁ, ଦନାନ୍ତ—ସନ୍ଧ୍ୟା, ରତ୍ନମା, ରତ୍ନ-ମଣ୍ଡରେ—ରତ୍ନପରି ଅର୍ଥାତ ଷଡ଼ଋତୁ ପରି, ପ୍ରଧାନେ—ଶ୍ରେଷ୍ଠ, ସୋମ—ଚନ୍ଦ୍ର, ପ୍ରମୋଦିତ—ହର୍ଷଯୁକ୍ତ, ସୁମନ—ଫୁଲ, ସାଧୁବ୍ୟକ୍ତି; କେଦାର କିଆରି, ରାଗ ବିଶେଷ, ରସରେ—ଜଳଦ୍ୱାରା, ଘନେ—ଗାଢ଼ଭାବେ, ଭୈରବ—ଭୟଙ୍କର, ରାଗ, କଳ-ହଂସ—ହଂସକ୍ରୀଡ଼ା, ରାଗ; ଜବନେ—ଶୀଘ୍ର; ମାନସଭେଦ—ମନଭେଦ, ମାନସରୋବର

ଆଗେ ପ୍ରସରିବା ଅପସରିବା କି ପୁଷ୍ପବଲ୍ଲୀ ଟଳେ ବାତେ ଯେ ।
ଅଳକା ଅଳିଆଳୀ କି ପାନ ଲୋଭେ ଘର୍ମେ ସ୍ୱେଦ-ମଧୁ ଭାତେ ଯେ ।
କଷ୍ଟ କି । ଏସ ହସ୍ତକୁ ଉତ୍ତୋଳିତ ଯେ ।
ସଙ୍କରିବାରେ ଧରିସଂପଙ୍କଜକୁ ଉପାଡ଼ି ନେବାର ମନ୍ତ୍ରେ ଯେ । ୨୯ ।
ଚବୁକେ ତର୍ଜନୀ ଦେଇ ଠାରନ୍ତି କି ଏ ଶ୍ରେଷ୍ଠ ମଧୁର ଠାବ ଯେ ।
ମୃଦୁସ୍ମିତ ଜାତ ସାକ୍ଷାତ କରଇ ମୃତଲୋକେ ଦେଇ ଜୀବ ଯେ ।
କଟାକ୍ଷେ । ଲାବଣ୍ୟଲକ୍ଷ୍ମୀ ସମ୍ଭବ ଯେ ।
ଭଙ୍ଗ-ଭଙ୍ଗୀ ଅଙ୍ଗୀକାରସାଗରୁ ସେ ଖଞ୍ଜଇ ତରଙ୍ଗ-ନାବ ଯେ । ୩୦ ।

---

ତ୍ୟାଗୀ । ଗ୍ରୀଷ୍ମଋତୁ କାନ୍ତ ହେବାରୁ ସନ୍ଧ୍ୟା ଚନ୍ଦ୍ରମାକୁ କାନ୍ତ କରେ । ପୁଣି ଋତୁ ପରି ପ୍ରଧାନ ବୋଧହୁଏ । ଋତୁ ହେଉଛନ୍ତି ଛଅ । ସେଥି ମଧ୍ୟରୁ ବସନ୍ତ ବିଖ୍ୟାତ । ବସନ୍ତ ପରେ ଗ୍ରୀଷ୍ମ ଋତୁ ଚନ୍ଦ୍ରକିରଣ ଆନନ୍ଦ ଦାୟକ, ଏହାପରେ ବର୍ଷା କାଳରେ ମାଳତୀ ଫୁଲ ପ୍ରସ୍ଫୁଟିତ ହୁଏ । ବର୍ଷାପରେ ଶରତ କାଳରେ କିଆଗଛମାନ ଭଲ ଭାବରେ ଜଳରେ ପୂର୍ଣ୍ଣ କରେ । ଶରତ ପରେ ହେମନ୍ତରେ ସୁନିଆଁ କୁହୁଡ଼ି ଯୋଗୁଁ ଭୟଙ୍କର ଦେଖାଏ ଆଉ ଶୀତ କାଳରେ ହଂସମାନଙ୍କୁ ଶୀଘ୍ର ମାନସସରୋବର ତ୍ୟାଗ କରିବାକୁ ବାଧ୍ୟ କରେ ।

ସଙ୍ଗୀତ ପକ୍ଷରେ—ବସନ୍ତ ରାଗ ବିଖ୍ୟାତ ଲଭୁଛି, ସୋମରାଗ ଆନନ୍ଦିତ କରାଉଛି, ମେଘ ର ରାଗ ବାଦ୍ୟ ସହିତ ରସରେ ପୂର୍ଣ୍ଣ ହୋଇ ଜ୍ଞାନୀମାନଙ୍କୁ ଆନନ୍ଦିତ କରାଉଅଛି । ଭୈରବ ରାଗ ପ୍ରକାଶ ପାଉଛି ଏବଂ କଳହଂସ ରାଗମାନଙ୍କୁ ଶୀଘ୍ର ଭେଦ ଯାଉଛି । ୨୮ ।

ପ୍ରସରିବା—ଯିବା, ଅପସରିବା—ଫେରିବା, ପୁଷ୍ପବଲ୍ଲୀ—ଫୁଲ ଲତା, ଟଳେ—ଦୋହଲେ, ବାତେ—ପବନରେ, ଅଳକା—କୁନ୍ତଳ, ଅଳିଆଳୀ—ଭ୍ରମର ଶ୍ରେଣୀ, ସ୍ୱେଦ—ଝାଳ, କଷ୍ଟ—ହସ୍ତୀ, ସଙ୍କର—ସଂକୋଚ କର । ନର୍ତ୍ତକୀମାନେ ଆଗକୁ ଓ ପଛକୁ ଯାଆସ କରିବା ନୃତ୍ୟ ଭଙ୍ଗୀ ଦେଖି ମନେ ହେଉଛି ଫୁଲଯୁକ୍ତ ଲତା କଅଣ ପବନରେ ଦୋହଲୁଛି । ସେମାନଙ୍କର ମୁଖରେ ଝାଳ ବିନ୍ଦୁ ରୂପକ ମଧୁ ପିଇବା ଲୋଭରେ କୁନ୍ତଳରୂପ ଭ୍ରମର ଶ୍ରେଣୀ ଅରୁଅଛନ୍ତି କି ? ପୁଣି ମନେହୁଏ ହାତୀ କଅଣ ଶୁଣ୍ଢକୁ ଉପରକୁ ଉଠାଇ ସଂକୋଚ କରିବା ଦ୍ୱାରା ମତ୍ତ ହୋଇ ଧୈର୍ଯ୍ୟ ରୂପକ ପଦ୍ମକୁ ଉପାଡ଼ି ନେଉଛି କି ? ୨୯ ।

ଚବୁକ—ଓଠ, ତର୍ଜନୀ—ବଳି ଆଙ୍ଗୁଳି, ମଧୁ—ଅମୃତ, ମୃଦୁସ୍ମିତ—ମନ୍ଦହାସ, ମୃତ ଲୋକେ—ମଲା ଲୋକଙ୍କୁ, କନ୍ଦର୍ପ; ଲାବଣ୍ୟ ଲକ୍ଷ୍ମୀ—ସୌନ୍ଦର୍ଯ୍ୟ ଲକ୍ଷ୍ମୀ, ସମ୍ଭବ—ଜାତ । ଓଠରେ ନିଜର ବାଣି ଅଙ୍ଗୁଳି ରଖି ଇସାରା କରି କହନ୍ତି, ଏହି ଓଠ ଅମୃତର ଠାବ କି ? ଓଠରୁ ଜାତହେବା ମନ୍ଦହାସ୍ୟ ଦେଖିଲେ ମଲା ଲୋକ ଅର୍ଥାତ୍ କନ୍ଦର୍ପ ଜୀଇ ଉଠିବ । ଆଡ଼ ଆଖିରେ ଚାହିଁଲେ ସୌନ୍ଦର୍ଯ୍ୟ ଲକ୍ଷ୍ମୀ ଜାତ ହେଉଛି । ସେ ଅଙ୍ଗଭଙ୍ଗିମାଙ୍କୁ ସ୍ୱୀକାର କରିବାରେ ସମୁଦ୍ରର ଲହରୀ ପରି । ତାହା ତରଙ୍ଗ ରୂପ ଡଙ୍ଗାକୁ ଖଞ୍ଜିଦେଉଛି । ୩୦ ।

ପଦଯୁଗ ବେଗ ବେଗ ପ୍ରସ୍ଖଳନେ ବାଜନ୍ତି ମଞ୍ଜୁ ମଞ୍ଜିର ଯେ ।
ଦ୍ୱିରଦମନ୍ଥର ମନ୍ଥନ କରି କି ଦେଉଛନ୍ତି ଝାଉଁଝୁର ଯେ ।
ନର୍ତ୍ତକୀ । ଲସ୍ଥ ଜୂରି ମୁନ୍ଦଙ୍କର ଯେ ।
ଲୁଟି ହୋଇଅଛି ମାନ ବଡ଼ପଣ କୁରୁରାଜାଠୁ ଯାଇ ଯେ । ୩୧ ।
ରାଜ୍ୟ ନ ଥାଇ ରାଜଶିରୀ ପ୍ରକାଶ ଦେବ ଦେବୀଙ୍କର ପୂଜତ ଯେ ।
ପୁଣି ଦ୍ୱିଜରାଜ ଉନ୍ନତ ଦେଖାଇ ଦ୍ୱିଜ ବିଦୂଷକ କୃତ ଯେ ।
ସଚିବ । ସୂତ୍ରଧାର କରେ ଖ୍ୟାତ ଯେ ।
ଶ୍ଳେଷ ଶ୍ଳୋକରେ ଅଶେଷ ଆନନ୍ଦରେ ଅନୁସରିବାରେ ରତ ଯେ । ୩୨ ।
ଗନ୍ଧର୍ବ କିନ୍ନର ନାଗ ନରଙ୍କର ସଙ୍ଗୀତ ପରମଧନ ଯେ ।
ମହା ଉତ୍ସବ ଯାହାକୁ ବୋଲି ସେହି ଲକ୍ଷଣ ହୋଇ ବର୍ଦ୍ଧନ ଯେ ।
ଲୋକନେ । ସେ ସବୁ ଲୋକ ରଞ୍ଜନ ଯେ ।
ଶୁଣି ନ ଶୁଣି ହୋଇଲି ନ ଦେଖିଲି ପରି ନୃପତିନନ୍ଦନ ଯେ । ୩୩ ।

---

ପ୍ରସ୍ଖଳନେ—ସ୍ଖଳନାରେ, ମଞ୍ଜୁ—ସୁନ୍ଦର, ମଞ୍ଜିର—ନୂପୁର, ଦ୍ୱିରଦ—ହାତୀ, ମନ୍ଥର—ଧୀର ଗମନ, ଜୂରି—ଜଣି, ଲସ୍ଥ—ମନୋହରବେଶ । ଶୀଘ୍ର ଶୀଘ୍ର ପାଦସ୍ଖଳନ କରିବାରୁ ସୁନ୍ଦର ନୂପୁର ବାଜି ଉଠୁଛି । ସେହି ବାଦ୍ୟଧ୍ୱନି ହାତୀମାନଙ୍କର ଧୀରଗତି ମନ୍ଥି-ପକାଇ ଝାଉଁଝୁର ବାଦ୍ୟ ପରି ବୋଧ ହେଉଅଛି । ନର୍ତ୍ତକୀମାନଙ୍କର ଗୀତରେ ଛନ୍ଦସୂତ୍ର ମୁନିମାନଙ୍କର ଧ୍ୟାନଠାରୁ ବଳିପଡ଼ିଛି । ତାଙ୍କର ଅଭିମାନ ଓ ବଡ଼ପଣ ଦୁର୍ଯ୍ୟୋଧନଠାରୁ ବେଶି ହୋଇଛି । ୩୧ ।

ଦ୍ୱିଜରାଜ—ରାଜଗୁରୁ, ଚନ୍ଦ୍ର; ସୂତ୍ରଧାର—ନାଟକ ପ୍ରଯୋଜକ, ଶ୍ଳେଷ—ରହସ୍ୟ, ଖ୍ୟାତ—ପ୍ରକାଶ । ରାଜ୍ୟ ନ ଥିଲେ ମଧ୍ୟ ନର୍ତ୍ତକୀମାନେ ନିଜର ଅଭିନୟ ଦ୍ୱାରା ରାଜଶ୍ରୀକୁ ପ୍ରକାଶ କରୁଅଛନ୍ତି ଏବଂ ଦେବଦେବୀଙ୍କୁ ପୂଜା କରୁଛନ୍ତି । ବ୍ରାହ୍ମଣ, ବିଦୂଷକ ଓ ମନ୍ତ୍ରୀଙ୍କ ଦ୍ୱାରା ରାଜ୍ୟର ଉନ୍ନତି ପ୍ରଦର୍ଶନ କଲାପରି ନର୍ତ୍ତକୀମାନେ ନୃତ୍ୟକଳାରେ ରାଜା ମନ୍ତ୍ରୀଙ୍କ ଅଭିନୟ କରୁଅଛନ୍ତି । ଅଭିନୟ କାଳରେ ନାଟ ପ୍ରଯୋଜକ ରହସ୍ୟପୂର୍ଣ୍ଣ ପଦ ଗାଇ ଅଶେଷ ଲୋକଙ୍କୁ ଆନନ୍ଦ ଦେବାରେ ଲାଗି ରହିଛନ୍ତି । ୩୨ ।

ଗନ୍ଧର୍ବ, କିନ୍ନର, ନାଗ, ନରଙ୍କର ସଙ୍ଗୀତ ହେଉଛି ଶ୍ରେଷ୍ଠ ସମ୍ପତ୍ତି । ମହା ଉତ୍ସବ ନାମରେ ଯାହାକୁ ବୁଝାଯାଏ ସେହିସବୁ ମହା ଉତ୍ସବର ଲକ୍ଷଣ ବୃଦ୍ଧି ପାଇଛି । ତାହା ଦେଖି ସମସ୍ତେ ପ୍ରୀତ ହୋଇଛନ୍ତି । ରାଜପୁତ୍ର ସେ ସମସ୍ତ ଦେଖି ନ ଦେଖିଲା ପରି ଏବଂ ଶୁଣି ନ ଶୁଣିଲା ପରି ଭାବ ପ୍ରକାଶ କଲେ । ୩୩ ।

ଯେଣୁ ଚମ୍ପାପତି ଦୁହିତା ସେ ଶ୍ରୁତି ନେତ୍ରପଥେ ନୃତ୍ୟକାରୀ ଯେ ।
ସୁଚରିତା ଶୋଭାନିଧି ଗୁଣନିଧି ତିରୂପ ସ୍ୱରୂପଧାରୀ ଯେ ।
ସେ ପୁଣି । ଆଶା ଦେଖାଇ ଆଦ୍ୟର ଯେ ।
କଙ୍କିଣୀ ବାଦ୍ୟରେ ହାର ନାସାମଣି ବେଣୀନାଟେ ଅନୁସରି ଯେ । ୩୪ ।
ସଙ୍ଗୀତ ସଙ୍ଗୀତ ସାହିତ୍ୟ ସହିତ ଗୁରୁ ନତମୂର୍ଦ୍ଧ୍ନା ବୋଲି ଯେ ।
ଏଣୁ ଭୂତରୁ ବର୍ତ୍ତମାନ ଭବିଷ୍ୟ ପର୍ଯ୍ୟନ୍ତ ମୋହନ ସ୍ତ୍ରୀକି ଯେ ।
ନୃପଜ । ସଦାଶିବ ହେବ ଭାଳି ଯେ ।
ସୁଶୀଳ ସୁମୂର୍ତ୍ତି ଧାତା କରିଥିଲା ଛଳ କଲା କି ତା ବାକି ଯେ । ୩୫ ।
ସେ ଯାର ନୃତ୍ୟକାରୀରେ କଳ୍ପଦ୍ରୁମ ଗୁଣୀଗଣେ ରତ୍ନାକର ଯେ ।
ଭୃତ୍ୟ ଲେଖକର ସଦୃଶ ମାଗନ୍ତେ ନରସିଂହ ପରକାର ଯେ ।
ବରୁଣ । କି ମନ୍ତ୍ରେ ବନମନ୍ଦର ଯେ ।
ପୁଷ୍କରବାସୀ ଆଶାନର୍ମିଳକାରୀ କଳାନିଧି ସାକ୍ଷାତର ଯେ । ୩୬ ।

---

ଚମ୍ପାପୁର ରାଜାଙ୍କ କନ୍ୟା ଲୁମାରଙ୍କ କର୍ଣ୍ଣ ଓ ନେତ୍ରରେ ନାଚୁଥିଲେ । ସେ ସୁଚରିତା, ଶୋଭାନିଧି ଓ ଗୁଣନିଧି ଏପରି ତିନି ରୂପ ଧରିଅଛନ୍ତି । ସେହି ରାଜକନ୍ୟା ଅଦ୍ଭୁତ ଆଶା ଦେଖାଇବା ପାଇଁ ହାର ରୂପକ କଙ୍କିଣୀ ବାଦ୍ୟ, ନାସାମଣି ଓ ବେଣୀ ଝୁଲୁଥିବା ନୃତ୍ୟ ପ୍ରକଟ କଲା । ୩୪ ।

ସଙ୍ଗୀତ—ସୁନ୍ଦର ଗାଇ ହେଉଥିବା ଗୀତ, ସଙ୍ଗୀତ ସାହିତ୍ୟ—ଗୀତ ସାହିତ୍ୟ, ସହିତ—ଯୁକ୍ତ, ଗୁରୁ ନତମୂର୍ଦ୍ଧ୍ନା—ପୃଥୁଳ ପିଣ୍ଡଯୁକ୍ତା, ଭୂତରୁ—ଅତୀତରୁ, ଭବିଷ୍ୟ—ଭବିଷ୍ୟତ କାଳ, ସଦାଶିବ—ମହାଦେବ, ସର୍ବଦା ମଙ୍ଗଳ; ସୁଶୀଳ—ସୁଚରିତ, ସୁମୂର୍ତ୍ତି—ସୁନ୍ଦରୀ, ସୁଶୀଳ ମୂର୍ତ୍ତି—ସୁନ୍ଦର ଶିଳାମୂର୍ତ୍ତି । ସୁନ୍ଦର ସ୍ୱରରେ ଗାଇହେବା ସଙ୍ଗୀତ ସାହିତ୍ୟରେ ଯୁକ୍ତା ହୋଇ ସେହି ପୃଥୁଳ ନତମୂର୍ଦ୍ଧ୍ନା ତିନିକାଳ ପାଇଁ ମୋହନ କରିବାର ଆଧାର ହୋଇଅଛି । ଏପରି ସଚ୍ଚରିତା ସୁନ୍ଦରୀ କନ୍ୟାର ସଙ୍ଗଲାଭ ହେଲେ ମୋର ତିନିକାଳ ପାଇଁ ମଙ୍ଗଳ ହେବ ବୋଲି ନୃପଜ ଅର୍ଥାତ୍ ରାଜପୁତ୍ର ଭାବନା କଲା । ବିଧାତା ତ ରାଜକନ୍ୟାକୁ ସଚ୍ଚରିତା ଓ ସୁଶୀଳ ଅର୍ଥାତ୍ ସୁନ୍ଦରୀ କରି ଗଢ଼ିଥିଲା । ମାତ୍ର କାହା ଛଳ କରି ସେହି ସଦାଶିବଙ୍କର ସୁଶୀଳ ମୂର୍ତ୍ତିକୁ ସୁନ୍ଦର ଶିଳାମୂର୍ତ୍ତି କରିଦେଲା । ୩୫ ।

ସେହି ଯାର ରାଜପୁତ୍ର ନୃତ୍ୟକାରୀମାନଙ୍କୁ ଦାନ ଦେବା ବିଷୟରେ କଳ୍ପଦ୍ରୁମ । ପୁଣି ଗୁଣୀ ଲୋକଙ୍କ ପକ୍ଷରେ ରତ୍ନାକର ସମୁଦ୍ର । ଯେପରି ନୃସିଂହ ପ୍ରହ୍ଲାଦଙ୍କୁ ଉଦ୍ଧାର କରିଥିଲେ ରାଜପୁତ୍ର ସେବକମାନଙ୍କ ପ୍ରାର୍ଥନା ପୂରଣରେ ସେହିପରି ଅଟନ୍ତି । ଇଏ କି ବରୁଣ ? ବରୁଣ ବନମନ୍ଦର ଅର୍ଥାତ୍ ପାଣିରେ ରହନ୍ତି; ଇଏ ସେହିପରି ବନ ମନ୍ଦର ଅର୍ଥାତ୍ ଉପବନସ୍ଥ ଗୃହର ଶୋଭା ବଢ଼ାନ୍ତି । ପୁଣି ଇଏ ସାକ୍ଷାତର ଅର୍ଥାତ୍ ପ୍ରକୃତରେ କଳାନିଧି ଅର୍ଥାତ୍ ଚନ୍ଦ୍ର କି ? ଚନ୍ଦ୍ର ପୁଷ୍କର ଅର୍ଥାତ୍ ଆକାଶବାସୀ; ଆଶା ଅର୍ଥାତ୍ ଦିଗମାନ-

ରାମ-ଲକ୍ଷ୍ମ କାନ୍ତିକି ହାରି ସିତପଦ ନାମ ପଛେ ଦେଇ ଯେ ।
ଭଜେ ସେ ରାମ ଲକ୍ଷ୍ମଣ ଅନୁସରି ଗନ୍ଧଫଳୀ ପର ଦେହୀ ଯେ ।
ସ୍ତବକ । ଉପଇନ୍ଦ୍ର ବୀରବର ଯେ ।
ଭବଭାବନୀୟ ଅନନ୍ତମୂରତି ଧାରଣ ବୁଧେ ବିଚାର ଯେ । ୩୭ ।

--0--

## ଦ୍ୱାବିଂଶ ଛାନ୍ଦ

[ ରାଗ—ନଳିନୀଗୌଡ଼ା ]

ସୁଖିତ ଚେତ ଏ ବୁଧେ । ସଚିବଶ୍ରେଷ୍ଠ ସନ୍ନିଧେ ।
ବିଦ୍ୟା ଚତୁରେ ପଣ୍ଡିତ । ବିଦ୍ୟାନିଧି ଯଶୋବନ୍ତ ଯେ । ୧ ।
ଜ୍ୟୋତିବନ୍ତେ ଥିଲେ ବସି । ଜ୍ୟୋତିଷ ଏକାଳେ ଭାଷି ।
ଜାତ ରୂପାଙ୍ଗୀ ନୃପଜ । ଜାତକ ବୁଝିବା ଆଜ ଯେ । ୨ ।
ବିଧାନ ବାଣୀ ମନ୍ତ୍ରିଜେ । ବିଧାତା ବୁଝିଅଛୁ ଯେ ।
ବିନ୍ଦୁ ତହିଁ ବିଚାରିବା । ବିନ୍ଦୁବନ୍ଧ ଅବା ଭବା ଯେ । ୩ ।

---

ଙ୍କର ସ୍ତୁତି କାଷ୍ଠ । ଏହି ଶତଦଳ ପୁଷ୍କର ଅର୍ଥାତ୍ ପଦ୍ମବାସଯୁକ୍ତ ଆଶା ପୂର୍ଣ୍ଣକାମ ଏବଂ କଳାନିଧି ଅର୍ଥାତ୍ ଧନ ସୌନ୍ଦର୍ଯ୍ୟ, କାମ ପ୍ରଭୃତି କଳାରେ ପରିପୂର୍ଣ୍ଣ । ୩୬ ।

ଯେଉଁ ପ୍ରଭୁଙ୍କର କାନ୍ତିକୁ ରାମଲକ୍ଷଣ ଅର୍ଥାତ୍ ଚନ୍ଦ୍ର ନିର୍ମଳତାରେ ହାରିଯାଇ ତାଙ୍କର ନାମ ପଛରେ ନିଜର ସିତ ପଦ ଚନ୍ଦ୍ରକୁ ଅର୍ପଣ କରିଅଛି ଅର୍ଥାତ୍ ଯେଉଁ ପ୍ରଭୁଙ୍କର ନାମ ରାମଚନ୍ଦ୍ର ସେହି ରାମଙ୍କୁ ଏବଂ ଗନ୍ଧଫଳୀ ଅର୍ଥାତ୍ ଚମ୍ପା ପରି ଦେହବିଶିଷ୍ଟ ଲକ୍ଷ୍ମଣଙ୍କୁ ଲୋକମାନେ ଅନୁସରଣ ଓ ଭଜନ କରିଥାନ୍ତି । ତାଙ୍କୁ ବୀରବର ଉପେନ୍ଦ୍ର ସ୍ତବନା କରୁଅଛୁ । ହେ ପଣ୍ଡିତମାନେ ସେହି ରାମ ଭବ ଅର୍ଥାତ୍ ଶିବଙ୍କର ଧ୍ୟାନଯୋଗ୍ୟ ଏବଂ ସେହି ଲକ୍ଷ୍ମଣ ଅନନ୍ତଦେବଙ୍କର ମୂର୍ତ୍ତିଧାରୀ ପୁରୁଷ । ୩୭ ।

--0--

ଏହି ଛନ୍ଦ ପଣ୍ଡିତମାନଙ୍କୁ ସନ୍ତୋଷ ବିଧାନ କରିବ । ପ୍ରଧାନମନ୍ତ୍ରୀ ଓ ବିଦ୍ୟାରେ ଏବଂ ବିଚାର ବୁଦ୍ଧିରେ ଜ୍ଞାନୀ ପଣ୍ଡିତ ଯଶୋବନ୍ତ ବିଦ୍ୟାନିଧିଙ୍କ ନିକଟରେ— । ୧ ।

ଜ୍ୟୋତିବନ୍ତ—ତେଜସ୍ୱୀ, ଜାତ ରୂପାଙ୍ଗୀ—ସ୍ୱର୍ଣ୍ଣାଙ୍ଗୀ । ତେଜସ୍ୱୀ ପୁରୁଷମାନେ ବସିଥିଲେ । ଏହି ସମୟରେ ଜ୍ୟୋତିଷ ପଣ୍ଡିତ କହିଲେ, ସ୍ୱର୍ଣ୍ଣାଙ୍ଗୀ ରାଜକନ୍ୟାର ଜାତକ ଆଜ ବିଚାର କରିବା । ୨ ।

ମନ୍ତ୍ରୀପୁତ୍ର ଶୁଣି ବିଧାନ ବାଣୀ ଅର୍ଥାତ୍ କହିଲେ, ବିଧାତା ବୁଝି ପାରିଛୁ ତ ଆଉ ଦରକାର ନାହିଁ । ତେବେ ବିନ୍ଦୁ ତହିଁ ବିଚାର କରିବା । ତାହା ବିନ୍ଦୁବନ୍ଧ ଅର୍ଥାତ୍ ବ୍ରତ ବା ଦାନରେ ପଡ଼ିବ । ୩ ।

ଗଣକ ଉକ୍ତି ଏ ବିଧି । ଗଣ ବୋଲେ ବିଦ୍ୟାନିଧି ।
ପୁଷ୍ପବଶିଖ-ନନ୍ଦନ । ପୁଷ୍ପକେତୁ ଜନ୍ମଦିନ ଯେ । ୪ ।
ତପାଳରେ ଯେଣୁ ପ୍ରାପ୍ତ । ତପା ମାସରେ ବ୍ୟାପ୍ତ ।
କୃଷ୍ଣ ଯାହା ହୃଦେ ପଥୀ । କୃଷ୍ଣପଞ୍ଚମୀ ଯେ ତିଥି ଯେ । ୫ ।
ଚିତ୍ରକାର କର୍ମକର୍ତ୍ତା । ଚିତ୍ରା ନକ୍ଷତ୍ର ଉଦିତା ।
କନ୍ୟାକାନ୍ତ ରାମା ମୋହ । କନ୍ୟାଚନ୍ଦ୍ର ଖ୍ୟାତ ହୋଇ ଯେ । ୬ ।
ମିଥୁନରେ ସଦା ରତ । ମିଥୁନ ଲଗ୍ନ ଉଦିତ ।
ସିଂହ ଷଡ଼ରିପୁରେ ଯହିଁ । ସିଂହରେ ତୁଙ୍ଗସ୍ଥ ରାହୁ ଯେ । ୭ ।
ପଞ୍ଚତ୍ୱ କରେ ଯେ ଅରି । ପଞ୍ଚମେ ତୁଳେ ଶଉରି ।
ଗୁରୁ ଗୁଣ ଖ୍ୟାତ କରେ । ଗୁରୁ ସପ୍ତମେ ଧନୁରେ ଯେ । ୮ ।

---

ଗଣ ଏହି ମର୍ମରେ କଥା କହିବାରୁ ବିଦ୍ୟାନିଧି କହିଲେ, ତେବେ ପୁଷ୍ପବଶିଖ ନନ୍ଦନ ଅର୍ଥାତ୍ ଫୁଲଧନୁଧାରୀ କନ୍ଦର୍ପଙ୍କୁ ଜିଣିଥିବା ପୁଷ୍ପକେତୁର ଜନ୍ମଦିନ ଗଣନା କର । ୪ ।

ତପାଳ—ତପସ୍ୟା ସମୂହ, ତପା—ପୁଣ୍ୟ, ବ୍ୟାପ୍ତ—ପ୍ରକଟ, ପଥୀ—ପଥିକ, କୃଷ୍ଣପଞ୍ଚମୀ—କୃଷ୍ଣପକ୍ଷ ୫ମୀ । ରାଜପୁତ୍ର ବହୁ ତପସ୍ୟା ଫଳରେ ଜନ୍ମିଥିଲେ ବୋଲି ପୁଣ୍ୟମାସ ଅର୍ଥାତ୍ ମାଘ ମାସରେ ବ୍ୟାପ୍ତ ବା ଜନ୍ମଗ୍ରହଣ କରିଥିଲେ । ତାଙ୍କ ହୃଦୟରେ କୃଷ୍ଣଭାବ ସଞ୍ଚାର କରୁଥିବାରୁ ସେ କୃଷ୍ଣ ପଞ୍ଚମୀ ତିଥିରେ ଜନ୍ମ ହୋଇଥିଲେ । ୫ ।

ସେ ଚିତ୍ରକାର ଅର୍ଥାତ୍ ଆଶ୍ଚର୍ଯ୍ୟଜନକ କାମ କରୁଥିବାରୁ ତାଙ୍କର ଜନ୍ମନକ୍ଷତ୍ର ହେଲା ଚିତ୍ରା । ସେ କନ୍ୟା ଓ ତରୁଣୀମାନଙ୍କୁ ମୁଗ୍ଧ କରୁଥିବାରୁ କନ୍ୟାଚନ୍ଦ୍ର ଅର୍ଥାତ୍ କନ୍ୟାରାଶିରେ ଜନ୍ମ ଖ୍ୟାତ ହେଲା । ୬ ।

କୁମାରଙ୍କ ମନ ସବୁବେଳେ ମିଳନ ଖୋଜୁଥିବାରୁ ତାଙ୍କ ଜନ୍ମ ଲଗ୍ନ ହେଲା ମିଥୁନ । ସିଂହ ରାଶି ହେଉଛି ଷଡ଼ରିପୁ ରାଶି । ସେହି ରାଶିରେ ରାହୁ ଗ୍ରହ ଅଛି । ତାହା ମିଥୁନ ଲଗ୍ନରୁ ୩ୟ ସ୍ଥାନ । ଗ୍ରହ ଚକ୍ରରେ ୩ୟ ସ୍ଥାନରୁ ବିକ୍ରମ, ଧୀରତା ଆଦି ବିଚାର କରାଯାଏ । ପୁଣି ସିଂହରେ ରାହୁ ତୁଙ୍ଗୀ । ଏଣୁ ଏହାର ଫଳ ବୀରତ୍ୱ ଓ ବିକ୍ରମସୂଚକ । ୭ ।

ଶଉରି ଅର୍ଥାତ ଶନି ତୁଳା ରାଶିରେ ଅଛି । ଏହା ମିଥୁନ ଲଗ୍ନ ପ୍ରତି ୫ମ ସ୍ଥାନ । ଲଗ୍ନଠାରୁ ୮ମ ଓ ୯ମ ଅଧିପତି ହେଉଛି ଶନି । ଶନି ତୁଳା ରାଶିରେ ତୁଙ୍ଗୀ । ଏହାଯୋଗୁଁ ଅରି ଅର୍ଥାତ୍ ଶତ୍ରୁମାନଙ୍କୁ ପଞ୍ଚତ୍ୱ ଅର୍ଥାତ୍ ନାଶ କରିବ । ଗୁରୁ ଅର୍ଥାତ ବୃହସ୍ପତି ଲଗ୍ନଠାରୁ ୭ମ ସ୍ଥାନ ଧନୁ ରାଶିରେ ଅଛି । ଏହା ବୃହସ୍ପତିର ନିଜ ଗୃହ ଏବଂ ଲଗ୍ନର ୭ମ କେନ୍ଦ୍ରରେ ସ୍ଥିତ । ଏଥିଯୋଗୁଁ କୁମାରଙ୍କର ଗୁଣ ବିଖ୍ୟାତ ହେବ । ୮ ।

ବୁଧବାର ଅଷ୍ଟମରେ । ବୁଧ ସହିତ ମକରେ ।
ମଙ୍ଗଳପ୍ରଦ ନ୍ୟସ୍ତ ଭୃତ୍ୟ । ମଙ୍ଗଳ ଶୁକ୍ର ଏକତ୍ରେ । ୯ ।
ରହିଛୁ ଦଶମ ମୀନେ । ରହିଲା କହି ମନେ ।
ଗୁଣିକର ସୁରେବନ୍ଦକ । ଗୁଣ କହିଲା ଭୃଙ୍ଗକ । ୧୦ ।
ବ୍ରହ୍ମା ହରଷକୁ ବହି । ବ୍ରହ୍ମାଣ୍ଡ ପେ ଖଣ୍ଡ ଛହିଁ ।
ଉପମା ସମାନେ କ୍ଷୀର । ଉପଯୋଗ କଲା ଧୀର ଯେ । ୧୧ ।
ବୈଶାଖ ମଣ୍ଡନେ ବାଳା । ବୈଶାଖରେ ଜନ୍ମ ହେଲା ।
ପଞ୍ଚମୀ ତିଥି ଏ ହେଳ । ପଞ୍ଚଶର ଜୀବଦାମ ଯେ । ୧୨ ।
ଆରଦ୍ଧାଇ ସଙ୍ଗତର । ଆରଦ୍ରା ନକ୍ଷତ୍ର ଯୁତ ।
ମୀନ ଅନୁକୂଳେ ଗୃହିଁ । ମୀନ ଲଗ୍ନେ ଉଦେ ହୋଇ ଯେ । ୧୩ ।
କାବ୍ୟକାରେ ଅଗୋଚର । କାବ୍ୟ ଲଗ୍ନରେ ସଞ୍ଚାର ।
ସୁରମୋହିନୀ ଦ୍ୱିତୀୟେ । ସୁର ବୁଧ ମେଷୋଦୟେ ଯେ । ୧୪ ।

---

ଲଗ୍ନର ୮ମ ସ୍ଥାନ ମକର ରାଶିରେ ବୁଧ ଓ ରବି ଏକାଠି ମିଥୁନସ୍ଥରେ ଥିବାରୁ କୁମାରଙ୍କୁ ବୁଧବାର ଅର୍ଥାତ୍ ଶ୍ରେଷ୍ଠ ପଣ୍ଡିତ କରାଇଅଛି । ସେବକଙ୍କୁ ଉପକାର କରିବାଲାଗି ମଙ୍ଗଳ ଓ ଶୁକ୍ର ଏକାଠିରେ । ୯ ।

୧୦ମ ସ୍ଥାନ ମୀନ ରାଶିରେ ରହିଅଛନ୍ତି । ଏଥିକି କହି ଜ୍ୟୋତିଷ ପଣ୍ଡିତ ବିଚାର କଲେ । ଏହା ଶୁଣି ଗୁଣଶ୍ରେଷ୍ଠ ସୁରଗୁରୁଙ୍କ ବିଚାର କରି ଶୀଘ୍ର କହିଲେ । ୧୦ ।

ବ୍ରହ୍ମା ଆନନ୍ଦ ମନରେ ବ୍ରହ୍ମାଣ୍ଡରୂପ ପାତ୍ର ରାଜପୁତ୍ରୀରେ ଦୁଗ୍ଧ ସମାନ କରି ଉପମାମାନଙ୍କୁ ଧୀର ବୁଦ୍ଧିରେ ଢାଳିଲା । ୧୧ ।

ରାଜକନ୍ୟା ମଣ୍ଡନ କରି ସଦୃଶ ହୋଇ ବୈଶାଖ ମାସରେ ଜନ୍ମ ହେଲା । ୫ମୀ ତିଥିରେ ଜନ୍ମ ଥିବାରୁ ପଞ୍ଚଶର ଅର୍ଥାତ୍ କାମର ଜୀବନଦାୟୀ ହେଲା । ୧୨ ।

ସେହି ୫ମୀ ତିଥିରେ ଆର୍ଦ୍ରା ନକ୍ଷତ୍ର ଥିଲା ଏଣୁ ବାଳା ସମସ୍ତଙ୍କ ମନକୁ ହରକାଇ ଦେଲା । କୌଣସି କାର୍ଯ୍ୟରେ ଅନୁକୂଳ କଲେ ମାନଙ୍କୁ ଲୋକେ ଗ୍ରହନ୍ତି । ରାଜକନ୍ୟା ମୀନ ଲଗ୍ନରେ ଜନ୍ମିଲା । ୧୩ ।

ସୁରମୋହିନୀ ଅର୍ଥାତ୍ ଦେବତାଙ୍କ ମନୋହାରିଣୀ ରାଜକନ୍ୟାର ଲଗ୍ନରେ କାବ୍ୟ ଅର୍ଥାତ୍ ଶୁକ୍ର ସ୍ୱକ୍ଷେତ୍ର ହୋଇ ରହିଛନ୍ତି । ଏହାର ଫଳ କାବ୍ୟକାରେ ଅର୍ଥାତ୍ କାବ୍ୟ କର୍ତ୍ତାଙ୍କୁ ମଧ୍ୟ ଗୋଚର ନୁହେଁ । ଶୁକ୍ର ଲଗ୍ନରେ ତୁଙ୍ଗୀ ହୋଇ ରହିଲେ ବହୁବିଧ ଶୁଭ ଯୋଗ ଘଟାଇ ଥାଏ । ସୁର ଅର୍ଥାତ୍ ରବି ଓ ବୁଧ ଦୁହେଁ ଦ୍ୱିତୀୟରେ ମେଷ ରାଶିରେ ଅଛନ୍ତି । ରବି ମେଷରେ ତୁଙ୍ଗୀ ପୁଣି ବୁଧଯୁକ୍ତ ଯୋଗୁଁ ବୁଧାଦିତ୍ୟ ଯୋଗ ଘଟିଛି । ୧୪ ।

ତତୁଙ୍ଗ ଗାରତ୍ତ ସାଧୁ । ଚତୁର୍ଥେ ମିଥୁନେ ବିଧୁ ।
କର୍କଶ ହୃଦଜ ବନ୍ଧୁ । କର୍କଟେ ପଞ୍ଚମେ ଗୁରୁ ଯେ । ୧୫ ।
ତମ-ଛବି ବାସ ସ୍ନେହୀ । ତମ ସିଂହ ଷଷ୍ଠେ ରହି ।
ତୁଳଯାକ କର ମନ୍ଦ । ତୁଳରେ ଅଷ୍ଟମେ ମନ୍ଦ । ୧୬ ।
ଏକା ମଙ୍ଗଳ ପ୍ରକାରେ । ଏକାଦଶେ ସେ ମକରେ ।
ଜନପଦ ତୋଷ ବୁଝି । ଉତ୍ତମ ଜାତକ ଯୁଝି ଯେ । ୧୭ ।
ସନ୍ମୁଦରେ ବସିତଥି । ସମସ୍ତେ ବସ୍ତି ତଥି ।
ସୁମଝ ଦୁର୍ଗା ରଭସେ । ସୁମନେ ଦୈବଜ୍ଞ ଘୋଷେ ଯେ । ୧୮ ।
ମାଧବୀ ପ୍ରୀତିବଶରେ । ମାଧବ ବହନ୍ତି ଶିରେ ।
ମାଧବୀ କର ଉତ୍ଫୁଲ୍ଲ । ମାଧବମାସ ମଞ୍ଜୁଳ ଯେ । ୧୯ ।

---

ଲଗ୍ନର ୪ର୍ଥ କେନ୍ଦ୍ର ମିଥୁନ ରାଶିରେ ଚନ୍ଦ୍ର ରହିବାରୁ ଚତୁରା ରାଜକନ୍ୟାର ଉତ୍ତମ କାନ୍ତି ଘଟାଇଛି । ବୃହସ୍ପତି ଲଗ୍ନ ଏବଂ ୧୦ମ କେନ୍ଦ୍ରର ଅଧିପତି ହୋଇ ୫ମ କୋଣ ଅର୍ଥାତ କର୍କଟରେ ଅଛନ୍ତି । ଏହା ବୃହସ୍ପତିଙ୍କର ତୁଙ୍ଗସ୍ଥାନ । ଏହି ଯୋଗରୁ ରାଜକନ୍ୟାର ସ୍ତନ ଯେପରି କଠିନ ସେହିପରି ସୁନ୍ଦର ହୋଇଅଛି । ୧୫ ।

ତମଛବି ବାସ—କୃଷ୍ଣବର୍ଣ୍ଣ ବସ୍ତ୍ର, ତମ—ରାହୁ । କଳା ବସ୍ତ୍ର ପ୍ରତି ଆଗ୍ରହଯୁକ୍ତ। ରାଜକନ୍ୟାର ୬ଷ୍ଠ ସ୍ଥାନ ସିଂହ ରାଶିରେ ରାହୁ ରହିଅଛି । ରାହୁ ଏଠାରେ ତୁଙ୍ଗୀ ବୋଲି ଯୋଗ କାରକ । ଅଷ୍ଟମ ସ୍ଥାନ ତୁଳ ରାଶିରେ ମନ୍ଦ ଅର୍ଥାତ ଶନି ଅଛି । ଏହା ମଧ୍ୟ ଶନିର ଉଚ୍ଚ ସ୍ଥାନ । ଏହି ଯୋଗ ଯୋଗୁଁ ରାଜକନ୍ୟାର ସୌନ୍ଦର୍ଯ୍ୟ ସହିତ କୌଣସି ଉପମା ସମାନ ନୁହେଁ । ୧୬ ।

ରାଶିଚକ୍ରରେ ୧୧ ଦଶ ସ୍ଥାନକୁ ମଙ୍ଗଳ ଦେଖୁ ସୂଚିତ ହୁଏ । ରାଜକନ୍ୟାର ୧୧ଦଶ ସ୍ଥାନ ହୋଇଛି ମକର ରାଶି । ସେଠାରେ ମଙ୍ଗଳ ହିତ ହୋଇ ରହିଛି । ଏହିପରି ରାଜକନ୍ୟାର ଜାତକ ଭଲ ଲକ୍ଷଣଯୁକ୍ତ ବୋଲି ସମସ୍ତେ ଜାଣି ମନରେ ସନ୍ତୋଷ ଲଭିଲେ । ୧୭ ।

ସମୁଦରେ—ଆନନ୍ଦ ସହିତ, ତଥି—ସେଠାରେ, ରଭସେ—ଶୀଘ୍ର, ସୁମନେ—ଉତ୍ତମ ମନରେ । ସେଠାରେ ସମସ୍ତେ ଆନନ୍ଦର ସହିତ ବସିକି ତଥି କଥା ବିଚାର କରିବା ପରି ଜ୍ୟୋତିଷ ଶୀଘ୍ର ଦୁର୍ଗା ସ୍ମରଣ କରି ଶୀଘ୍ର କହିଲା । ୧୮ ।

ମାଧବୀ—ତୁଳସୀ; ମାଧବ—ବିଷ୍ଣୁ, ବାସନ୍ତୀ ଫୁଲ; ମାଧବ ମାସ—ବୈଶାଖ ମାସ; ମଞ୍ଜୁଳ—ସୁନ୍ଦର । ପ୍ରୀତି ବଶରେ ବିଷ୍ଣୁ ଯେଉଁ ମାସରେ ତୁଳସୀକୁ ମୁଣ୍ଡରେ ଧାରଣ କରନ୍ତି, ଯେଉଁ ମାସରେ ବାସନ୍ତୀ ଫୁଲମାନଙ୍କୁ ଫୁଟାଏ ସେହି ମାଧବ ଅର୍ଥାତ୍ ବୈଶାଖ ମାସ ବିବାହ ପାଇଁ ଭଲ ହେବ । ୧୯ ।

ନବବଧୂପରି ତରୁଣ । ନବମୀରେ ଗନ୍ଧପଣ ।
ଦଶଦଶା ନାହିଁ ଭୋଗ । ଦଶମୀ ତିଥିରେ ଯୋଗ ଯେ । ୨୦ ।
ଧବପତ୍ନୀ ବୋଲାଇବେ । ଧବଳପକ୍ଷ ଏ ହେବେ ।
ହସ୍ତାନନ୍ଦେ ହେବେ ବାନ୍ଧ । ହସ୍ତାନକ୍ଷତ୍ର ପ୍ରସିଦ୍ଧ ଯେ । ୨୧ ।
ତୁଳ ଲଗ୍ନରେ ବନ୍ଧିତ । ତୁଳ ହେବ ଅଖଣ୍ଡିତ ।
ଶର୍ବରୀ ପ୍ରବେଶ ହେବ । ସର୍ବଶୁଭେ ସୁଉତ୍ସବ ଯେ । ୨୨ ।
ମଣ୍ଡଳେଶ୍ୱର କହିଲେ । ମଣ୍ଡପ ବନ୍ଧ ସେ କାଳେ ।
ପାଟଳପୁର ନରେଶେ । ପଠାବେ ଦେଲେ ସନ୍ଦେଶେ । ୨୩ ।
କଣ୍ଠ-ବର ଆବେଦିତ । କର ପୁରେନ୍ଦ୍ରଙ୍କ ଭ୍ରାତ ।
ସୁମନେ ମିଳେ ସତ୍ୱରେ । ସୁମନନାମା ନଗରେ । ୨୪ ।
ସନ୍ଦେଶ ନୃପରେ କହି । ସନ୍ଦେହ ଛେଦିଲା ତହିଁ ।
ପରମ୍ପର ବନ୍ଧୁ ହେଜ । ପରମସନ୍ତୋଷେ ମଜ୍ଜି ଯେ । ୨୫ ।

---

ନବବଧୂପରି—ନୂତନ ସ୍ତ୍ରୀ; ତରୁଣ—ଯୁବକ; ଗନ୍ଧପଣ—ଅଧିବାସ; ଦଶଦଶା—କାମର ଦଶ ବିକାର । ଦଶମୀ ତିଥିରେ ଯୋଗ ହୋଇଥିବା ନବମୀ ଦିନ ନୂତନ ତରୁଣ ତରୁଣୀଙ୍କର ବିବାହର ଅଧିବାସ କଲେ ସେମାନେ ବରକୁ ଆଉ କାମର ୧୦ ପ୍ରକାର ଦଶା ଭୋଗ କରିବେ ନାହିଁ । ୨୦ ।

ଧବ—ସ୍ୱାମୀ, ଧବଳପକ୍ଷ—ଶୁକ୍ଳପକ୍ଷ, ହସ୍ତାନନ୍ଦେ—ଆନନ୍ଦରେ, ହାତ; ହସ୍ତା ନକ୍ଷତ୍ର—୨୭ ନକ୍ଷତ୍ର ମଧ୍ୟରୁ ଗୋଟିଏ ପୁଞ୍ଜ । ସ୍ୱାମୀ ସ୍ତ୍ରୀ ବୋଲାଇବା ପାଇଁ ଶୁକ୍ଳପକ୍ଷ ହୋଇଥିବ । ସେଥିରେ ପୁଣି ଆନନ୍ଦରେ ହସ୍ତା ନକ୍ଷତ୍ରରେ ବର କନ୍ୟାର ହାତ ଗଣ୍ଠି ପଡ଼ିବା ପ୍ରସିଦ୍ଧି ରହିଅଛି । ୨୧ ।

ତୁଳା ଲଗ୍ନରେ ବିବାହ କାମ କରାଗଲେ ତାହିଁର ତୁଳନା ଅଖଣ୍ଡିତ ଅର୍ଥାତ୍ ପୂର୍ଣ୍ଣାଙ୍ଗ ହେବ । ସେତେବେଳକୁ ଶର୍ବରୀ ଅର୍ଥାତ୍ ରାତି ପ୍ରବେଶକାଳେ ସବୁପ୍ରକାର ଉତ୍ସବ ଶୁଭରେ କରାଯିବ । ୨୨ ।

ମଣ୍ଡଳେଶ୍ୱର—ଦେଶର ରାଜା ବିଶ୍ୱାନନ୍ଦନ, ମଣ୍ଡପ—ବିଭାବେଦୀ, ପାଟଦେ—ନିପୁଣଭାବେ । ଦେଶର ଅଧିପତି ବିଶ୍ୱାନନ୍ଦନ କହିଲେ ବିଭା ସମସ୍ତ ପାଇଁ ବେଦୀ ନିର୍ମାଣ କରାଅ ଏବଂ ନିପୁଣଭାବେ ସହିତ ପାଟଳିପୁର ରାଜାଙ୍କୁ ସମ୍ବାଦ ଦେଲେ । ୨୩ ।

କଣ୍ଠବର—ଶ୍ରେଷ୍ଠ ଦୂତ, ସୁମନେ—ଉତ୍ତମ ମନରେ, ସୁମନ ନାମ—ପାଟଳିପୁର ନାମା ନଗରେ, ଭ୍ରାତ—ଭାଇ । ପୁରେନ୍ଦ୍ରଙ୍କ ଭାଇ ବଡ଼ ଦୂତ ଆବେଦନ କରି ଉତ୍ତମ ମନରେ ଶୀଘ୍ର ପାଟଳିପୁର ନଗରରେ ପହଞ୍ଚିଲେ । ୨୪ ।

ସେଠାରେ ରାଜାଙ୍କୁ ସମ୍ବାଦ ଦେଇ ସନ୍ଦେହ ନାଶ କଲେ । ରାଜା ପରମ୍ପର ବନ୍ଧୁକୁ ମନେକରି ଅତିଶୟ ସନ୍ତୋଷରେ ମଜ୍ଜି ଗଲେ । ୨୫ ।

ମାଗଧ ସୈନ୍ୟ ମଜାଇ । ମାଙ୍ଗଲ୍ୟକୁ ଉପୁଜାଇ ।
ଦୁର୍ଗମ ପଥେ ଗମିତ । ଦୁର୍ଗରେ ମାର୍ଗେ ଯେ ସ୍ଥିତ । ୨୬ ।
ବରଜାତ ରଜାକୁଳେ । ବରଜାତ ହୋଇ ମିଳେ ।
ସିନ୍ଧୁରେ ମଗ୍ନ ନଧାନେ । ସିନ୍ଧୁ ଆଦ ନଦୀମାନେ ଯେ । ୨୭ ।
ସନ୍ଦେଶୁଁ ଚମ୍ପାନଗରୀଶ୍ୱର । ସ୍ୱଦେଶୁଁ ହେଲ ବାହାର ।
ସରଣୀରେ ବେନ ରାଟ । ଶରଧାରେ ହେଲେ ଭେଟ । ୨୮ ।
ଭାରତବର୍ଷରେ ପୁଣି । ଭାରତ ହେବ କି ଗୁଣି ।
ରମ୍ୟକର ସ୍ଥଳୀ ଭାବ । ରମ୍ୟକରେ କାହିଁ ଠାବ । ୨୯ ।
ହିରଣ୍ମୟ ହଟେ ଶୋଭ । ହିରଣ୍ମୟ ହେବ ଛାଇ ।
କେତୁମାଳମାନ ଯେତେ । କେତୁମାଳ ପୂର୍ଣ୍ଣ କେତେ । ୩୦ ।
ଇଳାବୃତ ଭଳି ସୈନ୍ୟ । ଇଳାବୃତ କେତେ ସେନ ।
ଉତ୍ତର କୁରୁରେ ନର । ଉତ୍ତର କୁରୁ କାତର । ୩୧ ।

---

ମାଗଧ ଅର୍ଥାତ୍ ମଗଧର ରଜା, ପ୍ରସ୍ତିଭାଗର ସୈନ୍ୟ ସଜ୍ଜିତ କରି ଦୁର୍ଗମ ପଥରେ ଗମନ କଲେ ଏବଂ ବାଟରେ ଥିବା ଅନ୍ୟ ରଜାମାନଙ୍କ ଦୁର୍ଗରେ ମଙ୍ଗଳ ଘୋଷ ଜାତ କରାଇଲେ । ୨୬ ।

ବରଜାତ—ଶ୍ରେଷ୍ଠ ଜାତସ୍ଥ, ବରଜାତ—ବରବନ୍ଧନରେ ଯାଅି, ସିନ୍ଧୁ—ସମୁଦ୍ର, ସିନ୍ଧୁ ଆଦ ନଦୀ—ସିନ୍ଧୁ ପ୍ରଭୃତ ନଦୀ । ଶ୍ରେଷ୍ଠ ଜାତସ୍ଥ ରଜାମାନେ ବରଜାତ ହୋଇ ସମୁଦ୍ରରେ ସିନ୍ଧୁ ପ୍ରଭୃତ ନଦୀମାନେ ମିଶିଲପରି ସେଠାରେ ପହଞ୍ଚିଲେ । ୨୭ ।

ଚମ୍ପାନଗରୀର ରଜା ଖବର ପାଇ ନିଜ ରଜ୍ୟରୁ ବାହାରି ହେଲେ ଏବଂ ବେନି ରାଟ ଅର୍ଥାତ୍ ରଜା ସରଣୀରେ ଅର୍ଥାତ୍ ବାଟରେ ଶରଧାରେ ଭେଟ ହେଲେ । ୨୮ ।

ଭାରତବର୍ଷରେ ପୁଣି ଭାରତ ଯୁଦ୍ଧ ହେବ କି ଭାବନା କର । ରମ୍ୟକରେ ଅର୍ଥାତ ରମ୍ୟକ ନାମକ ବର୍ଷରେ ଏତେ ସୈନ୍ୟ ଛାଉଣୀ ପକାଇ ରହିବା ପାଇଁ ରମ୍ୟକର ଅର୍ଥାତ ମନୋହର ସ୍ଥାନ କାହିଁ ? ୨୯ ।

ହିରଣ୍ମୟ ବର୍ଷ—ସ୍ୱର୍ଣ୍ଣଦେଶ, ହିରଣ୍ମୟବର୍ଷ—ଏକ ଦେଶର ନାମ, ଛାଇ—ଆଚ୍ଛାଦିତ, କେତୁମାଳମାନ—ପତାକାମାନ, କେତୁମାଳ—ଏକ ଦେଶର ନାମ । ସୈନ୍ୟଛାଉଣୀରେ ଏତେ ସୁନାର ଛତା ଶୋଭାପାଉଛି ଯେ ତାହା ହିରଣ୍ମୟଦେଶକୁ ଢାଙ୍କି ପକାଇବ । ସେମାନଙ୍କର ଏତେ ବେଶି ପତାକା ଉଡ଼ୁଛି ଯେ ତଦ୍ୱାରା କେତୁମାଳ ଦେଶ ପୂରିଯିବ । ୩୦ ।

ଇଳା—ଧରଣୀ, ଇଳାବୃତ—ଏକ ଦେଶର ନାମ । ସମସ୍ତ ପୃଥିବୀକୁ ଘୋଡ଼ାଇ ପକାଇବା ଭଳି ଏତେ ସୈନ୍ୟ ଥିଲେ ଯେ ତାହା ଇଳାବୃତ ଦେଶକୁ ପୂର୍ଣ୍ଣ କରିବା ବଡ଼ କଥା ନୁହେଁ । ସେମାନଙ୍କ କଥାବାର୍ତ୍ତାର କୋଳାହଳ ଶୁଣି ଉତ୍ତର କୁରୁଦେଶର ଲୋକମାନେ ଭୀତତ୍ରସ୍ତ ହୋଇଗଲେ । ୩୧ ।

ଭଦ୍ରାଶ୍ୱ ଖୁରକ ସ୍ଥାନ । ଭଦ୍ରାଶ୍ୱେ ହୋଇବ ପୁନ ।
ହରିରଦ ଦାନୋଦକ । ହରିବର୍ଷ ପ୍ଲାବସୂକ । ୩୨ ।
କିଂପୁରୁଷ ଧର୍ମ ରଚନ୍ତି । କିଂପୁରୁଷ କିଣି ମତି ।
ଦ୍ୱୀପ ସପ୍ତ ବାଦ୍ୟେ ପୂର । ଦ୍ୱୀପ ଅଷ୍ଟ କର୍ମକାରୀ ଯେ । ୩୩ ।
ପରବଳ ହୋଇ କର । ପରବେଶ ଚମ୍ପାପୁରୀ ।
ବାସରେ ନୃପତି ରହି । ବାସ ଉପହାର ପାଇ ଯେ । ୩୪ ।
ସମ୍ଭାର ରାଜା ପୁଚ୍ଛିଲେ । ସମ୍ଭାବ୍ୟ ହୋଦେ ହୋଇଲେ ।
ଧୀସଚିବ-ସୁତ ଚହିଁ । ଧୀଷଣା ବର୍ଣ୍ଣିବା ପାଇଁ । ୩୫ ।
ରସାର ସାର ଏ ଦେଶ । ରସାଳ ଆଉ ଗୋରସ ।
ପାଞ୍ଚରେ ଏତେ ପ୍ରବେଶ । ପାଞ୍ଚ ସିନ୍ଧୁ ହେବ ଶେଷ । ୩୬ ।
ଘନସାର ମୃଗନାଭି । ଘନସାର ସଞ୍ଚରଭି ।
ଯାନ ଶକଟେ ଆଣନ୍ତି । ଜାହ୍ନବୀ ହୋଇବ ସ୍ରୋତି । ୩୭ ।

---

ଭଦ୍ରାଶ୍ୱ—ଭଲ ଘୋଡା, ଖୁର—ଖୁରା, ହରିରଦ—ହସ୍ତୀ, ଦାନୋଦକ—ଦାନ ଜଳ ଅର୍ଥାତ ମଦ ଜଳ, ପ୍ଲବସୂକ—ପ୍ରଳୟକାରୀ । ଭଲ ଘୋଡ଼ାମାନଙ୍କର ଖୁରା ରହିବା ଭଲ ସ୍ଥାନ ଭଦ୍ରାଶ୍ୱ ଦେଶରେ ନାହିଁ । ପୁଣି ହସ୍ତୀମାନଙ୍କର ମଦ ଜଳ ଏତେ ଯେ ତାହା ହରିବର୍ଷ ଦେଶରେ ପ୍ରଳୟକାରୀ ହେବ ଅର୍ଥାତ ଭସାଇ ନେବ । ୩୨ ।

କିଂପୁରୁଷ—ଯକ୍ଷ, କିଂ ପୁରୁଷ—ଏକ ଦେଶର ନାମ, ଦ୍ୱୀପ ଅଷ୍ଟ—ଅଷ୍ଟଦଶ ହସ୍ତୀ । ସେଠାରେ ଯକ୍ଷଙ୍କ ପରି ଧନୀଲୋକ ଅଛନ୍ତି । ସେମାନେ କିଂପୁରୁଷବର୍ଷକୁ କିଣି ନେବାକୁ ମନେ କରୁଅଛନ୍ତି । ବାଦ୍ୟନାଦରେ ସପ୍ତଦ୍ୱୀପ ପୂରଯାଉଅଛି । ତଦ୍ୱାରା ଅଷ୍ଟଦଶ ହସ୍ତୀମାନେ ଅଣ ଯାଉଛନ୍ତି । ୩୩ ।

ରାଜା ପ୍ରବଳ ହୋଇ ଚମ୍ପାପୁରରେ ପ୍ରବେଶ କଲେ । ସେ ଗୃହରେ ବହୁ ବସ୍ତୁମାନ ଉପହାର ପାଇଲେ । ୩୪ ।

ପାଟଳିପୁର ରାଜା ଚମ୍ପାପୁର ରାଜାଙ୍କର ଧନ ସମ୍ପତ୍ତି କଥା ପଚାରିବାରୁ ତାଙ୍କ ଜଳଧୀପୁତ୍ର ଅର୍ଥାତ ମନ୍ତ୍ରୀପୁତ୍ର କହିଲେ ସେହି ତତ୍ତ୍ୱ ଧୀଷଣ ଅର୍ଥାତ୍ ବୁଦ୍ଧି ପ୍ରୟୋଗ କରି ବର୍ଣ୍ଣନା କରିବା ସମ୍ଭବ ନୁହେଁ । ୩୫ ।

ରସାର—ପୃଥିବୀର, ସାର—ଶ୍ରେଷ୍ଠ, ରସାଳ—ଘୃତ ଆଉ, ଗୋରସ—ଦୁଗ୍ଧ । ଏହି ଦେଶ ପୃଥିବୀରେ ଶ୍ରେଷ୍ଠ ଅଟେ । ଏତେ ପରିମାଣ ଘିଅ ଦୁଧ ଆସିଅଛି ଯେ ଯୋ ମତରେ ପାଞ୍ଚ ସମୁଦ୍ର ଶେଷ ହୋଇଯିବ । ୩୬ ।

ଘନସାର—କର୍ପୂର ଚନ୍ଦନ, ମୃଗନାଭି—କସ୍ତୁରୀ । ଏଠାରେ କର୍ପୂର, ଚନ୍ଦନ, କସ୍ତୁରୀ ଶଗଡ଼ ଶଗଡ଼ ହୋଇ ଏତେ ଆସିଛି ଯେ ତଦ୍ୱାରା ଜାହ୍ନବୀ ଅର୍ଥାତ ଗଙ୍ଗା ପୋତ ହୋଇଯିବ । ୩୭ ।

ଗନ୍ଧ ଅତର ସୁନ୍ଦର । ଗନ୍ଧମାଦନ ଜର୍ଜର ।
ସତ ହେବ ତାଙ୍କ ବାରେ । ସନ୍ତତ ବହନ୍ତି ଭାରେ ଯେ । ୩୮ ।
ଧୂପକ ଚନ୍ଦନଦାରୁ । ଧୂପତରୁ ହୋଇ ସରୁ ।
ପରତେ ମଳୟଗିରି । ପରସ୍ରବଣ ସୁଭୃଙ୍ଗ ଯେ । ୩୯ ।
ଘଟ ଆଦି ପାତ୍ରମାନ । ଘଟଣା ଅନବଚ୍ଛିନ୍ନ ।
କରେ କମ୍ବୁକମ୍ବାଳରେ । କରେ ଘୋଷ କୁମ୍ଭକାରେ । ୪୦ ।
ସିନ୍ଧୁ ରତ୍ନାକର ବ୍ୟର୍ଥ । ସିନ୍ଧୁକ ଏହାର ସାର୍ଥ ।
ରତ୍ନ ନିର୍ମାଣ କଂସାରି । ରତନରେ କଂସା ଝରି ଯେ । ୪୧ ।
ସୁନାସ୍ତ୍ରୀ ଭୂଷା ନିର୍ମାଣି । ସୁନାରି କମାରି ଜାଣି ।
ପ୍ରବାଳ ବଟେ ନିର୍ମାଣ । ପ୍ରବାଳ ତୋରଣ ଗଣ ଯେ । ୪୨ ।
କଶିଷ୍ଟ ଗୁମ୍ଫାମଣ୍ଡପ । କଶ୍ୟପର ଶ୍ୱେତଦ୍ୱୀପ ।
ଭଗୀରଥୀ ଆଣୁ ଦନ୍ତେ । ଭାଙ୍ଗିଲା ମେରୁ ପର୍ବତ ଯେ । ୪୩ ।

---

ସୁଗନ୍ଧ ଅତର ଆଉ ସୁବାସ ଜଳ ଭାର ଭାର ହୋଇ ଏତେ ଆସିଛି ଯେ ତାହାକୁ ଢାଳିଲେ ଗନ୍ଧମାଦନ ପର୍ବତ ଜରଜର ହୋଇଯିବା କଥା ସତ୍ୟ ଅଟେ । ୩୮ ।

ଧୂପକ—ପ୍ରଜ୍ୱଳିତ, ଚନ୍ଦନ ଦାରୁ—ଚନ୍ଦନ କାଠ, ଧୂପ ତରୁ—ଧୂପଦାନୀ, ପରସ୍ରବଣ—ପ୍ରସ୍ରବଣ – ଝରଣା, ସୁଭୃଙ୍ଗ—ଛଟା । ଚନ୍ଦନକାଠର ଧୂପଦାନୀ ଏତେ ଜଳୁଛି ଯେ ତହିଁର ତେଲଧାର ମଳୟଗିରିର ଝରଣା ପରି ବହୁଯାଉଛି । ୩୯ ।

କଳସ ପ୍ରଭୃତି ପାତ୍ରମାନ ସବୁବେଳେ କମ୍ବୁକମ୍ବାଳ ଅର୍ଥାତ୍ ସୁବର୍ଣ୍ଣ ପଙ୍କରେ କୁମ୍ଭକାରମାନେ ହାତରେ ଗଢ଼ି ଘୋଷ ଲାଭ କରୁଅଛନ୍ତି । ୪୦ ।

ସିନ୍ଧୁ ଅର୍ଥାତ୍ ସମୁଦ୍ରର ରତ୍ନାକର ନାମ ବିଫଳ । କାରଣ ଏହାର ରତ୍ନାକର ନାମକ ସିନ୍ଧୁକରେ ରତ୍ନ ପୂର୍ଣ୍ଣ ଥିବାରୁ ସାର୍ଥକ ହୋଇଅଛି । କଂସାରିମାନେ ରତ୍ନରେ କଂସା ମାଠିଆ ଆଦି ତିଆରି କରୁଅଛନ୍ତି । ୪୧ ।

ସୁନାସ୍ତ୍ରୀ—ଉତ୍ତମ ନାରୀ, ଭୂଷା – ଅଳଙ୍କାର, ସୁନାରି—ବଣିଆ, କମାରି—ଲୌହକାର, ପ୍ରବାଳ—ପଲ୍ଲବ, ପୋହଳା । ଉତ୍ତମ ସ୍ତ୍ରୀମାନଙ୍କର ଗହଣା ତନାଉଥିବା ବଣିଆମାନେ କମାର ପରି ଜଣା ଯାଉଛନ୍ତି । କାରଣ ସେମାନେ ହାତୁଡ଼ିପରି ବଡ଼ ବଡ଼ ସୁନାମୁଣ୍ଡା ବ୍ୟବହାର କରୁଅଛନ୍ତି । ଯେଉଁ ତୋରଣ ଅର୍ଥାତ୍ ଫାଟକ ସବୁ ନବପଲ୍ଲବରେ ନିର୍ମାଣ କରାଯାଇଥାଏ, ତାହା ଏଠାରେ ପୋହଳାରେ ନିର୍ମିତ ହୋଇଅଛି । ୪୨ ।

କଶ୍ୟପର—ଶ୍ରେଷ୍ଠହସ୍ତୀ, ଶ୍ୱେତଦ୍ୱୀପ—ଐରାବତ ହସ୍ତୀ । ହସ୍ତୀଶ୍ରେଷ୍ଠ ଐରାବତ ଭଗୀରଥ ଗଙ୍ଗାକୁ ଆଣିଲାବେଳେ ଦନ୍ତେ ଅର୍ଥାତ୍ ଗୋଟିଏ ଦନ୍ତ ମେରୁପର୍ବତରେ ଭୁଷିବାରୁ ଭାଙ୍ଗି ଯାଇଥିଲା । ୪୩ ।

ଘଟଣ ଦନ୍ତେ ଅଦ୍ଭୁତ । ଘଟକର୍ଣ୍ଣ ଦୂରକର ।
ଆଣି ଦେଖାଇବା ପାଇଁ ଆଣି ତାହା ସଜାଡ଼ିଛ ଯେ । ୪୪ ।
ଶ୍ରେଣୀ ବାଡ଼ ସ୍ତମ୍ଭ ସେହ୍ନ । ଶ୍ରେଣୀଭୂତେ କିବା ଶୋହ୍ନ ।
ଆଉ ଜମ୍ବୁ ଶାଖା ନୋହ୍ନ । ଆନନ୍ଦେ ଛନ୍ତି ଯୋଡ଼ାଇ ଯେ । ୪୫ ।
ଜରିମଣ୍ଡିତ ରଙ୍ଗେ । ଜରି ନୀଳ ପୀତ ରଙ୍ଗେ ।
ବାସକକ୍ଷ ନାହିଁ ଆନ । ବାସଟି ଏହି ବିଧାନ ଯେ । ୪୬ ।
ମୁକୁତାର କଇରବ । ମୁକୁଳ ସ୍ଫୁଟ ସୁଭାବ ।
ନୀଳମଣିରେ ନିର୍ମିତ । ନୀଳ ଉତ୍ପଳ ଲମ୍ବିତ ଯେ । ୪୭ ।
ପଦ୍ମରାଗରେ ରଚିତ । ପଦ୍ମ ତହିଁ ରାଜ ରାଜି ।
ରସାଣକୃତ ହେମ ରମଣୀ । କୁରୁଣ୍ଟକ କରି ପୁଣି ଯେ । ୪୮ ।
ଦର ଉଜ୍ଜ୍ୱଳ ବିତାନ । ତାରଗ୍ରହର ଚଳନ ।
ବିଧିରେ କରିଛୁ ଜାଣି । ବିଧି କି ସେହ୍ନ ବନ୍ଧାଣି ଯେ । ୪୯ ।

---

ଘଟଣ—ସୁନ୍ଦର, ଘଟକର୍ଣ୍ଣ—କୁମ୍ଭକର୍ଣ୍ଣ, ଆଣି—ଆଡ଼ମ୍ବର । ଆଉ ଗୋଟିଏ ସୁନ୍ଦର ଦାନ୍ତକୁ କୁମ୍ଭକର୍ଣ୍ଣ ଉପାଡ଼ିଥିଲା । ସେହି ଦୁଇଟି ଦାନ୍ତକୁ ଆଣି ଆଡ଼ମ୍ବର ଦେଖାଇବା ପାଇଁ ସଜାଡ଼ି ଏଠାରେ ଗୃହସ୍ତମ୍ଭ ନିର୍ମାଣ କରାଯାଇଛି । ୪୪ ।

ଶ୍ରେଣୀଭୂତେ—ଧାଡ଼ି ଧାଡ଼ି, କିବା ଶୋହ୍ନ—କି ସୁନ୍ଦର ଶୋଭାପାଉଛି, ଜମ୍ବୁ—ଜାମୁ, ସୁନା । ସେହି ହାତୀର ଦାନ୍ତରେ ଶ୍ରେଣୀ, ବାଡ଼, ଖୁଣ୍ଟମାନ ଧାଡ଼ି ଧାଡ଼ି ଯୋଡ଼ା ହୋଇ ସୁନ୍ଦର ଦିଶୁଅଛି । ତହିଁରେ ପୁଣି ଜାମୁଡାଳ ପତ୍ରରେ ତାକୁ ନ ଯୋଡ଼ାଇ ସୁନାରେ ଯୋଡ଼ାଇଅଛନ୍ତି । ୪୫ ।

ନେଳି, ହଳଦିଆ ରଙ୍ଗର ଜରିରେ ସୁନ୍ଦରରୂପେ ବିମଣ୍ଡିତ ହୋଇଅଛି । ଅନ୍ୟ ବସ୍ତୁରେ ଏହା ନିର୍ମିତ ନୁହେଁ । ଏହିଭଳି ସ୍ଥଳରେ ବାସଗୃହ ନିର୍ମିତ ହୋଇଅଛି । ୪୬ ।

ମୁକୁଳ—କଡ଼, କଇରବ—କଇଁ, ନୀଳ ଉତ୍ପଳ—ନୀଳ କଇଁ । କଡ଼ ଫୁଟିଲା ପରି ସ୍ଥାନରେ ମୁକ୍ତାର କଇଁଫୁଲ, ନୀଳମଣିରେ ନିର୍ମିତ ନୀଳକଇଁ ତହିଁରେ ଝୁଲୁଅଛି । ୪୭ ।

ପଦ୍ମରାଗ—ରତ୍ନବିଶେଷ, ରସାଣକୃତ—ଶାଣଦିଆ, ହେମ—ସୁନା, କୁରୁଣ୍ଟକ—ଦାସକେରେଣ୍ଡା । ପଦ୍ମରାଗ ମଣିରେ ନିର୍ମିତ ପଦ୍ମସବୁ ସେଥିରେ ଗୋଛ ଗୋଛ ହୋଇ ଶୋଭାପାଉଛି । ତା ସାଙ୍ଗକୁ ଶାଣଦିଆ ସୁନାର ଦାସକେରେଣ୍ଡା ଫୁଲ ବନାଇଅଛନ୍ତି । ୪୮ ।

ବନ୍ଧାଣି—ଶିଳ୍ପୀ, ବିଧି—ବିଧାତା, ବିଧିରେ—ଯତ୍ନରେ, ବିତାନ—ଚାନ୍ଦୁଆ, ତାର—ପ୍ରତିମଲ୍ଲ, ନକ୍ଷତ୍ର । ଗ୍ରହ ନକ୍ଷତ୍ର ଚଳନ ସ୍ଥାନରେ ଚାନ୍ଦୁଆକୁ ମୋତିହାର ଉଜ୍ଜ୍ୱଳ କରି ଟାଣି ଦେଉଛୁ । ଏହି ଭାବରେ କଅଣ ବିଧାତା ? ୪୯ ।

କଳଧଉତ ପିଞ୍ଜୁଳା । କଳବଶେ ସ୍ତମ୍ଭେ ମେଳା ।
ବିଳମ୍ବି ଡାକନ୍ତି କରି । ବର୍ହିଣୀ ପୁଚ୍ଛ ଭ୍ରମର ଯେ । ୫୦ ।
ବରଣ ଚନ୍ଦ୍ରିକ ଝଳ । ବର ଚିତ୍ରମାନ ଜଳ ।
ଗ୍ରାମ ଚିତ୍ର ଅଭିଷେକ । ଗ୍ରାମ ମୋହେ ଧନ୍ଦ ଦୃକ ଯେ । ୫୧ ।
ବର୍ତ୍ତିକ ରେଖାଗଣ ରମ୍ୟ । ବର୍ତ୍ତିକକରେ ଅଗମ୍ୟ ।
ସାରିକା ଶୁକ ଗାୟନ୍ତି । ସାର ଧୈର୍ଯ୍ୟ ଗୀତ ଶୁଣି ଯେ । ୫୨ ।
ବଜ୍ରଧର ପୁରେ କାନ୍ତି । ବଜ୍ର ମଣ୍ଡପ ଯେ ଭାନ୍ତି ।
ଚନ୍ଦ୍ରଲେପଧର ଦାନ୍ତି । ଚନ୍ଦ୍ର କି ପଡ଼ିଛି ଖସି ଯେ । ୫୩ ।
ତାର ବର୍ଣ୍ଣ ଏକଲବେ । ତାର ସପ୍ତବିଂଶ ଘଟେ ।
ମଣିକ ତଷକ ଖଞ୍ଜି । ମଣି ନାନାବର୍ଣ୍ଣେ ରଞ୍ଜି ଯେ । ୫୪ ।
ସନ୍ତନ୍ତୁମ୍ଭୀ ତରୁବୃନ୍ଦ । ସମସ୍ତ ଫୁଲ ଫଳଦ ।
ମୁଁ ନିକ ବର୍ଣ୍ଣିବି କିଞ୍ଚ । ମୂକ ପଦବୀ ସେ ବଞ୍ଚି ଯେ । ୫୫ ।

---

କଳଧଉତ—ସୁବର୍ଣ୍ଣ, କଳବଶରେ—କୌଶଳକ୍ରମେ, ମେଳା—ଯୁକ୍ତ । ସୁନାର ପିଞ୍ଜୁଳାମାନ କୌଶଳକ୍ରମେ ସ୍ତମ୍ଭରେ ଖଞ୍ଜା ହୋଇଅଛି । ସେମାନେ ମୟୂରପୁଚ୍ଛର ପକ୍ଷୀ ଓ ଭ୍ରମରଙ୍କୁ ଦୃଢ଼ରେ ଧରି ବିଳମ୍ବୁ କ୍ଷଣ ଏବଂ ଡାକୁଛନ୍ତି । ୫୦ ।

ବର—ଶ୍ରେଷ୍ଠ, ଜଳ—ଧାର୍ଷ୍ଟିମନ୍ତ, ବରଣ—ପ୍ରାଚୀର, ଝଳ—ସୁନ୍ଦର, ଦୃକ—ଚକ୍ଷୁ, ଗ୍ରାମ—ସୁନ୍ଦରପଣରେ । ସେଠାର ବେଷ୍ଟନକାରୀ ପ୍ରାଚୀର କି ସୁନ୍ଦର ଦେଖାଯାଉଛି । ସେଥିରେ କେଉଁଠାରେ ଗ୍ରାମ ଚିତ୍ର, କେଉଁଠାରେ ଗ୍ରାମ ଅଭିଷେକ ଅଙ୍କିତ ହୋଇ ସମସ୍ତଙ୍କର ଦୃଷ୍ଟିକୁ ସୁନ୍ଦରପଣରେ ମୋହିତ କରୁଅଛି । ୫୧ ।

ବର୍ତ୍ତିକ—ବିବିଧ ବର୍ଣ୍ଣଯୁକ୍ତ ରେଖାଗଣ—ତୂଳୀ, ରମ୍ୟ—ସୁନ୍ଦର ବର୍ତ୍ତିକରେ—ବର୍ତ୍ତିକାକାରଙ୍କ ଦ୍ୱାରା ଗାୟନ୍ତି—ଗୀତ, ସାର—ନଷ୍ଟ । ସେହିସବୁ ଯେପରି ବିବିଧ ବର୍ଣ୍ଣରେ ତୂଳୀଦ୍ୱାରା ସୁନ୍ଦର ହୋଇଅଛି । ତାହା ବର୍ତ୍ତିକାକାର ଅର୍ଥାତ ଚିତ୍ରକରମାନଙ୍କର ବର୍ତ୍ତିକାତୀତ । ସେଠି ଥିବା ଶୁଆ ସାରୀଙ୍କର ଗୀତ ଶୁଣିଲେ ଧୈର୍ଯ୍ୟ ରହିବ ନାହିଁ । ୫୨ ।

ସେଉଁ ବଜ୍ରମଣ୍ଡପ ଅର୍ଥାତ ହୀରା ଖଚିତ ମଣ୍ଡପ ସେଠି ନିର୍ମିତ ହୋଇଅଛି, ତାହା ବଜ୍ରଧର ଅର୍ଥାତ୍ ଇନ୍ଦ୍ରପୁରରେ ନ ଥିବ । ଚନ୍ଦ୍ରଲେପ ଅର୍ଥାତ୍ କର୍ପୂର ହେଲା ପୁର ଆକାଶରୁ ଚନ୍ଦ୍ର ଖସି ପଡ଼ିବା ଭଳି ଶୋଭା ପ୍ରକାଶ କରୁଅଛି । ୫୩ ।

ତାର—ନକ୍ଷତ୍ର, ତଷକ—ବତେଇ, ମଣି—ବଗୁର ଭଗ, ରଞ୍ଜି—ଧାର୍ଷ୍ଟି, ଏକଲବେ—ଏକତ୍ର । ୨୭ ନକ୍ଷତ୍ର ସ୍ଥାନରେ ମଣିକ ବାଗଭଳ ଖଞ୍ଜିଅଛି । ମନରେ ଯେନ ତାହାର ବର୍ଣ୍ଣ ଅର୍ଥାତ୍ ଧାର୍ଷ୍ଟି ନାନାବର୍ଣ୍ଣରେ ଏକାଠି ଶୋଭାପାଉଛି । ୫୪ ।

ଏଠାରେ ୭ ବୃକ୍ଷଧାକ ସମାନ ସ୍ନେହବଶତଃ ସବୁ ବୃକ୍ଷର ଫୁଲ ଫଳ ଦେଉଛନ୍ତି । ମୁଁ ଆଉ କଅଣ ଅଧିକ କହିବି ବୋଲି କହି ସେ ମୂକପଦବୀ ଅର୍ଥାତ୍ ମୌନ ହେଲା । ୫୫ ।

ସୀତାପତି କାନ୍ତିଯାର । ସିତାଠାରୁ ସୁମଧୁର ।
ବିରସ ଅରୁଚି ନାଶେ । ଖାଉବର ମନ ତୋଷେ । ୫୬ ।

— ——

## ତ୍ରୟୋତ୍ରିଂଶ ଛାନ୍ଦ

[ ରାଗ—ମଙ୍ଗଳ ଗୁଜ୍ଜରୀ ]

ପରମ ସୁବୁଦ୍ଧିଗଣ ଶୁଣ ଦେଇ ମନ ।
ଦୁଇ ରାଜା ପାଶେ କହେ ଜ୍ୟୋତିଷ ଏସନ ଯେ । ୧ ।
ଅର୍ଜ୍ଜୁନ ସଙ୍ଗରେ ଯେ ମାଧବ ସୁରଞ୍ଜନ ।
ସୁଭଦ୍ରା ଉତ୍ସବ ଆରମ୍ଭଣେ ନବଦିନ ଯେ । ୨ ।
ସନ୍ଧ୍ୟା ଘୋଟିଗଲା ଭାନୁଜ୍ୟୋତି ନାଶ ଯାଏ ।
କାଳିକା ଗ୍ରାସ କଲରୁ ରକ୍ତବୀର୍ଯ୍ୟ ପ୍ରାୟେ ଯେ । ୩ ।
ପ୍ରାଚୀ କି ମୋହିନୀ ଇନ୍ଦୁ ସୁଧାପୂର୍ଣ୍ଣସ୍ଥଳୀ ।
ତମ କପଟେ ଗ୍ରାସୁଁ କି ଛେଦ କଲା ଖଳି ଯେ । ୪ ।

---

ସୀତାପତି ରାମଚନ୍ଦ୍ରଙ୍କ କାନ୍ତିମାନ ନବାତରୁ ବଳି ମଧୁର ଏବଂ ବିରସ ରୂପ ଅରୁଚି ନାଶ କରେ । ତାହା ଖାଉବାର ଉପେନ୍ଦ୍ରଙ୍କର ମନ ତୋଷ କରେ । ୫୬ ।

—o—

ଉତ୍କୃଷ୍ଟ ବୁଦ୍ଧିମନ୍ତ ଲୋକମାନେ ମନ ଦେଇ ଶୁଣନ୍ତୁ । ଦୁଇ ରାଜାଙ୍କ ନିକଟରେ ଜ୍ୟୋତିଷ ଏହିପରି କହିଲେ । ୧ ।

ସୁରଞ୍ଜନ—ସ୍ନେହଯୁକ୍ତ, ମନୋହର; ମାଧବ—ଶ୍ରୀକୃଷ୍ଣ, ବୈଶାଖ ମାସ; ଅର୍ଜ୍ଜୁନ—ମଧ୍ୟମ ପାଣ୍ଡବ, ଶୁକ୍ଳ; ସୁଭଦ୍ରା—ଶ୍ରୀକୃଷ୍ଣ ଭଗ୍ନୀ, ସୌଭାଗ୍ୟଯୁକ୍ତା । ଯେପରି ଶ୍ରୀକୃଷ୍ଣ ସ୍ନେହଯୁକ୍ତ ମନରେ ଅର୍ଜ୍ଜୁନଙ୍କ ସଙ୍ଗେ ସୁଭଦ୍ରାଙ୍କ ବିବାହ ଉତ୍ସବକୁ ୯ ଦିନଯାଏ ଚଳାଇଥିଲେ, ସେହିପରି ମନୋହର ବୈଶାଖ ମାସରେ ଶୁକ୍ଳପକ୍ଷରେ ସୌଭାଗ୍ୟଯୁକ୍ତା ସୁନ୍ଦରୀର ବିବାହ ଉତ୍ସବ ୯ ଦିନ ଯାଏ ଚଳାଇବ । ୨ ।

କାଳିକାଙ୍କ ମୁଖରେ ଭକ୍ଷିତ ହେବାରୁ ରକ୍ତବୀର୍ଯ୍ୟ ଅସୁର ନାଶ ଗଲା ପରି ସନ୍ଧ୍ୟାରୂପ କାଳୀ ମାଡ଼ିଯିବାରୁ ସୂର୍ଯ୍ୟର ଆଲୋକ ନାଶ ଗଲା । ୩ ।

ପ୍ରାଚୀ—ପୂର୍ବଦିଗ, ମୋହିନୀ—ମୋହିନୀ କନ୍ୟାବେଶରେ ବିଷ୍ଣୁ, ଇନ୍ଦୁ—ଚନ୍ଦ୍ର, ତମ—ରାହୁ । ପୂର୍ବଦିଗ ମୋହିନୀ କନ୍ୟା ପରି । ଚନ୍ଦ୍ର ହେଉଛି ଅମୃତପୂର୍ଣ୍ଣ ଆଧାର । ତମ ଅର୍ଥାତ୍ ରାହୁ କପଟରେ ସୁଧା ଖାଇବାରୁ ବିଷ୍ଣୁ ଅମୃତପାନକୁ ଛେଦ କରି ତାହାର ମୁଣ୍ଡ କାଟିଥିଲେ । ସେହି ଅନ୍ଧକାର କପଟରେ ସଂସାରକୁ ଗ୍ରାସ କରିବାରୁ ପୂର୍ବଦିଗ ଚନ୍ଦ୍ରକୁ ଛେଦ କରି ତାକୁ କାଟିଦେଲା କି ? ଏହିପରି ଲାଗେ । ୪ ।

ଯେଣ ଯେବେ ଦ୍ୱେ ଚ୍ଛେଦିତ ସେ ଯୋଗେ ନୋହିଲା ।
ଖଣ୍ଡରୂପେ ଗିରିପଟେ କାହିଁକି ପଡ଼ିଲା ଯେ । ୫ ।
ଏ କାଳେ ମନ୍ତ୍ରୀଏ ନୃପ ସନମତି ପାଇ ।
ନଗରଦ୍ୱାରକୁ ବେଗେ ସାଗର କରାଇ ଯେ । ୬ ।
ଶଙ୍ଖ ମଧୁସ୍ୱ ଧ୍ୱନରେ ହୋଇଛି ପ୍ରଧାନ ।
ବିବିଧ ବାଦ୍ୟ ଶବଦ ବ୍ରିଘୋଷ ଗର୍ଜନ ଯେ । ୭ ।
ତହିଁ ଲଗୁଡ଼ ପ୍ରହାର ଝଂଝୀଡ଼ା ଝଳ ।
ତମୋନୁଦ ତୁଣ୍ଡ କି ବଡ଼ବାନଳ ଜ୍ୱଳ ଯେ । ୮ ।
ନାପିଣ୍ଣ ବନ୍ଧିକା ସୂର୍ପ ଦ୍ୱାରିକା ପରିରେ ।
ରାଜିତ ଲାଙ୍ଗଳୀ ପୀତାମ୍ବର ପଟେଟରେ ଯେ । ୯ ।
ଶତପର୍ବା କୋଳେ ଦ୍ରୀପକ କଣ୍ଠ କି ସେ ।
ନଳକୁବର କି ଭଦ୍ରକୁମ୍ଭ ରମ୍ଭା ପାଶେ ଯେ । ୧୦ ।

---

ଯେଣ ଅର୍ଥାତ ମନରେ ବସ୍ତୁର କର ଯଦ ସେହି ଅନ୍ଧାର ଚନ୍ଦ୍ରଦ୍ୱାରା କଟା ନ ଗଲା ତେବେ ଦ୍ୱିଖଣ୍ଡିତ ସ୍ୱଳ୍ପ ପର୍ବତ ପଛରେ କାହିଁକି ପଡ଼ିଲା ? ଅର୍ଥାତ୍ ପର୍ବତର ପଛପଟେ ଅନ୍ଧାର ରହିଅଛି । ୫ ।

ଏହି ସମୟରେ ରାଜାଙ୍କର ଆଜ୍ଞାପାଇ ମନ୍ତ୍ରୀମାନେ ଶୀଘ୍ର ନଗର ଦ୍ୱାରଦେଶରେ ଜନତାକୁ ସମୁଦ୍ରପ୍ରାୟ ତୁଣ୍ଡ କରାଇଲେ । ୬ ।

ସେଠାରେ ଶଙ୍ଖ ମଧୁସ୍ୱର ମନୋହର ଧ୍ୱନି ପ୍ରଧାନ ଅଟେ । ଏହା ସଙ୍ଗକୁ ବିବିଧ ବାଦ୍ୟ ବାଜି ସିଂହଘୋଷ ପରି ଶୁଣାଯାଉଅଛି । ୭ ।

ବାଦ୍ୟମାନଙ୍କରେ ବାଡ଼ିର ପିଟଣ ସମୁଦ୍ରରେ ମାଛ ଖେଳିଲା ପରି ଦିଶୁଅଛି । ବହୁତ ତମୋନୁଦ ଅର୍ଥାତ ମଶାଲ ଜଳୁଥିବାରୁ ସମୁଦ୍ରରେ ବଡ଼ବାଗ୍ନି ଜଳିବା ପରି ଦେଖା-ଯାଉଅଛି । ୮ ।

ନାପିଣ୍ଣ—ଭଣ୍ଡାରୁଣୀ, ସର୍ପ—କୁଳ, ଲାଙ୍ଗଳୀ—ଲାଙ୍ଗଳଧର ବଳରାମ, ନଡ଼ିଆ; ପୀତାମ୍ବର—ଶ୍ରୀକୃଷ୍ଣ, ହଳଦିଆ ଲୁଗା; ପଟିବର—କାଣ୍ଡରେ, ଗରୁଡ଼; ରାଜିତ—ଶୋଭିତ । ଭଣ୍ଡାରୁଣୀ ଧରିଥିବା କୁଳ ଦ୍ୱାରିକା ପରି ହୋଇଅଛି । ଦ୍ୱାରକାରେ ବଳରାମ, ଶ୍ରୀକୃଷ୍ଣ ଓ ଗରୁଡ଼ ଶୋଭାପାଆନ୍ତି; ଏଠାରେ କୁଳରେ ଲାଙ୍ଗଳୀ ଅର୍ଥାତ୍ ନଡ଼ିଆ ଏବଂ ପୀତାମ୍ବର ଅର୍ଥାତ୍ ହଳଦିଆ ଲୁଗା ପୁଣି କାଣ୍ଡରେ ଶୋଭିତ ହୋଇଛି । ୯ ।

ଶତପର୍ବା—ଦୁବ, ଶୁକ୍ରଙ୍କର ସ୍ତ୍ରୀ; ପ୍ରଦୀପକ—ପ୍ରକାଶିତ, ଦୀପ, କଣ୍ଠ—ଶୁକ୍ର, ନଳକୁବର—କୁବେର ପୁତ୍ର; ଭଦ୍ରକୁମ୍ଭ—ଜଣେ ଗନ୍ଧର୍ବ, ମଙ୍ଗଳ କୁମ୍ଭ ରମ୍ଭା—ଅପସରା, କଦଳୀ ଗଛ । ସେ କବି ଅର୍ଥାତ୍ ଶୁକ୍ର କି ? ଶୁକ୍ର କୋଳରେ ତାଙ୍କର ପତ୍ନୀ ଶତପର୍ବା ପ୍ରକାଶିତ ହୋଇଥାନ୍ତି, ଏଠାରେ କୁମ୍ଭ ଭିତରେ ଦୁବଘାସ ଓ ଦୀପ ରହିଛି । ପୁଣି ସେ

ବସନ୍ତ ବରଷା ଦେଖ ଲକ୍ଷଣକୁ ଧରି ।
ଛତ୍ରଫୁଲ୍ଲ ଦାସୀନିକର ଗଣିକା ଆଦ୍ଭରି ଯେ । ୧୧ ।
ପ୍ରଳମ୍ବ କେଶୀ ସେବକା ଶୋଭାରୁ ମଥୁରା ।
ମଙ୍ଗଳକୁ ଜାତ କରିବାରେ ହସ୍ତେ ଧରା ଯେ । ୧୨ ।
ଗାଙ୍ଗେୟ ଘଟରେ ଶର ପୂର୍ଣ୍ଣ କରିବାରେ ।
ବିଜୟୀ ହୋଇଲେ ସେହି ସବ ସମ୍ମତରେ ଯେ । ୧୩ ।
ବରକନ୍ୟା ଗନ୍ଧସଣ କଲେ ପରସ୍ପର ।
ଗନ୍ଧବତୀ ନାମ ସାର୍ଥ କରି ଅବନୀର ଯେ । ୧୪ ।
ଯେ ଯାହା ସ୍ଥାନକୁ ଯାଇ ଗୀତେ ବରଦାସୀ
ଗାଇଲେ ଜେମାର ଶୋଭା ପ୍ରସନ୍ନ ପ୍ରଶଂସି ଯେ । ୧୫ ।
ଅଳକା ଲେଖା ମୋହନମନ୍ତ୍ର ଶ୍ରୁତିରମ୍ୟ ।
ଓଁ କାର ତ ବେଢପାଶେ ସେ ଲୋମ ବିଲୋମ ଯେ । ୧୬ ।

---

ସ୍ଥାନ କୁବେରର ପୁର କି ? କୁବେର ପୁର ପାଖରେ ଭଦ୍ରକୁମ୍ଭ ନାମକ ଗନ୍ଧର୍ବ ଓ ରମ୍ଭା ଅପ୍‌ସରା ଥାଏ, ଏଠାରେ ମଙ୍ଗଳ ଘଟ ଓ କଦଳୀ ବୃକ୍ଷ ପାଖରେ ରହିଅଛି । ୧୦ ।

ବସନ୍ତ ଆଉ ବର୍ଷାକାଳ ଦୁଇ ଲକ୍ଷଣ ସହ ଦେଖା ଦେଇଛି । ବସନ୍ତ କାଳରେ ଦାସୀ ନିକର ଅର୍ଥାତ୍ ଦାସ କେରଣ୍ଡା ଫୁଲ୍ ଏବଂ ବର୍ଷାରେ ଗଣିକା ଅର୍ଥାତ୍ କୁଇ ଫୁଲ ଛତ୍ରଫୁଲ ଅର୍ଥାତ୍ ଫୁଟେ । ଏଠାରେ ଦାସୀମାନେ ଏବଂ ବେଶ୍ୟାମାନେ ଛତ୍ରଫୁଲ ହୋଇଅଛନ୍ତି । ୧୧ ।

ମଥୁରାରେ ପ୍ରଲମ୍ବ, କେଶୀ ଓ ବକ ପ୍ରଭୃତି ରାକ୍ଷସ ଥିଲେ, ଏଠାରେ ପ୍ରଲମ୍ବ ଅର୍ଥାତ୍ ଦୀର୍ଘକେଶୀ ଦାସୀମାନେ ଅଛନ୍ତି । ପୃଥିବୀ ମଙ୍ଗଳ ଗ୍ରହକୁ ଜାତ କରିଥିଲା ପରି ଏମାନେ ମଙ୍ଗଳ ଅର୍ଥାତ ଶୁଭ ଜାତ କରିବାରେ ହସ୍ତରୁ ଧରଣୀ ପରି । ୧୨ ।

ଗାଙ୍ଗେୟ—ଭୀଷ୍ମ, ସୁବର୍ଣ୍ଣ; ଶର—ଜଳ, ବାଣ, ବିଜୟୀ—ଜୟଯୁକ୍ତ, ଅର୍ଜ୍ଜୁନ । ଅର୍ଜ୍ଜୁନ ଭୀଷ୍ମଙ୍କ ଦେହରେ ଶରପୂର୍ଣ୍ଣ କରିଥିଲେ । ଏଠାରେ ଦାସୀମାନେ ସୁନା କଳସରେ ଜଳ ପୂର୍ଣ୍ଣ କରି ସଙ୍ଗ ସମ୍ମତରେ ବିଜୟୀ ହେଲେ । ୧୩ ।

ଗନ୍ଧସଣ—ଗନ୍ଧସ୍ନାନ, ଅଧିବାସ; ଉଭୟ ପକ୍ଷର ଦାସୀମାନେ ଧରଣୀର ଗନ୍ଧବତୀ ନାମ ସାର୍ଥକ କରି ବର କନ୍ୟାକୁ ଗନ୍ଧଦ୍ରବ୍ୟରେ ସ୍ନାନ କରାଇଲେ । ୧୪ ।

ବରଦାସୀ—ବରପକ୍ଷର ଦାସୀ, ପ୍ରସନ୍ନ—ଖୁସି ହୋଇ, ଜେମା—ରାଜକନ୍ୟା । ଏହାପରେ ଦାସୀମାନେ ଯିଏ ଯାହା ସ୍ଥାନକୁ ଗଲେ । ବରପକ୍ଷର ଦାସୀମାନେ ରାଜକନ୍ୟାର ଶୋଭାକୁ ଖୁସି ମନରେ ପ୍ରଶଂସା କରି ଗାଇଲେ । ୧୫ ।

ରାଜକନ୍ୟାର ଭ୍ରୁମୂଳରେ ଲେଖା ହୋଇଥିବା ମୋହନ ମନ୍ତ୍ର କାନର ଦୁଇ ପାଖରେ ଓଁକାର ପରି ରମଣୀୟ ହୋଇଅଛି । ତାହା ଦୁଇଆଡ଼ୁ ଅନୁଲୋମ ବିଲୋମ ଭାବରେ ପଢ଼ିଲେ ଏକା ରକମ ହେବ । ୧୬ ।

ନମ ସୁରପାଳସୀ ଶୀଳସାର ସୁମନ ।
ଜପନ୍ତି କତ ଏମନ୍ତ ନ ପାଇ ସମାନ ଯେ । ୧୭ ।
ଅନେକ ଦ୍ରବ୍ୟଦୃଷ୍ଟିକି ଲଭି ଇନ୍ଦ୍ର ହୋଇ ।
ଘନରସ ବୃଷ୍ଟି କନ୍ଦ ଏରୂପେ ରଞ୍ଜାଇ ଯେ । ୧୮ ।
ବାଳାମୁଖ ତୁଲ ଚନ୍ଦ୍ର ସୁଧାନିଧି ଯେହୁ ।
କ୍ରମେ ସାନ ବଡ଼ ଅଟୁ ତାର ତୁଲ ନାହିଁ ଯେ । ୧୯ ।
ସେ ପୁଣି ଶିଳା ଦବାଇ ଲପନ ଦର୍ଶନେ ।
ନ ଦ୍ରବଲ ହୋଇ କାହିଁ ଚଉଦଭୁବନେ ଯେ । ୨୦ ।
ଧୈର୍ଯ୍ୟ ମନ୍ଦ କରି ଯେ ବୋଲଇ ମନ୍ଦହାସ ।
ହରଦ୍ୱିଷ ଚନ୍ଦ୍ରହାସ ଝଲକ ତା ଦାସ ଯେ । ୨୧ ।
ଶେଷ ଯେ ସେ ନେଇ ଶୋଭା ଶେଷ ଖୋଜି ଗଲା ।
ଅନନ୍ତ ହେବାରୁ ସେ ଅନନ୍ତ ବୋଲାଇଲା ଯେ । ୨୨ ।

---

ଏହାର ଉପମା କବିମାନେ ଦେଇ ନ ପାରି କେବଳ ନମଃ ସୁରପାଳସୀ ଅର୍ଥାତ୍ ରସ ଚଞ୍ଚଳା ଓ ଶୀଳସାର ଅର୍ଥାତ୍ ସୁଚରିତା, ସୁମନ ଅର୍ଥାତ୍ ପଣ୍ଡିତ ଏହି ଗଣ ଜପ କରନ୍ତି । ୧୭ ।

ଦ୍ରବ୍ୟଦୃଷ୍ଟି—ଉତ୍ତମ ବସ୍ତୁ, ଘନରସ—ଜଳ, ନବଦ୍ଧ ବଚନଯୁକ୍ତ କଥା, କନ୍ଦ—ମିଷ୍ଟତା । ଇନ୍ଦ୍ର ଅନେକ ଉତ୍ତମ ବସ୍ତୁ ଲାଭ କରିଛନ୍ତି । ସେ ବୃଷ୍ଟି କରିଥାନ୍ତି । ଏଠାରେ ଅନେକ ଅର୍ଥାତ୍ ବହୁତ ଦାମୀ ଉପମାମୂଳକ କଥା କହିବାରୁ ପ୍ରସିଦ୍ଧି ପାଇ ପ୍ରଗାଢ଼ ରସଯୁକ୍ତ କଥା କହି ତହିଁର ମଧୁରତା ଦ୍ୱାରା ଲୋକମାନଙ୍କର ମନ ହରଣ କଲେ । ୧୮ ।

ସୁଧାନିଧି—ଅମୃତ ଭଣ୍ଡାର । ଚନ୍ଦ୍ର ହେଉଛି ଅମୃତର ଭଣ୍ଡାର । ରାଜକନ୍ୟାର ମୁଖର ତୁଳ ହେଉଛି ଚନ୍ଦ୍ର । ତୁଳ ବଡ଼ ସାନ ହୋଇଥାଏ । ଚନ୍ଦ୍ର ମଧ୍ୟ ବଡ଼ ସାନ ହୁଏ । ତୁଳର ଆଉ ତୁଳ ଥାଏ ନାହିଁ । ଏଣୁ ଚନ୍ଦ୍ରର ଆଉ ତୁଳ ନାହିଁ । ୧୯ ।

ଚନ୍ଦ୍ର ନିଜର କିରଣରେ ଏକମାତ୍ର ଚନ୍ଦ୍ରକାନ୍ତ ମଣିକି ତରଳାଇଥାଏ; କିନ୍ତୁ ରାଜକନ୍ୟାର ମୁଖଚନ୍ଦ୍ର ନ ତରଳାଇଲା ଭଳି କେହି ୧୪ ଭୁବନରେ ନାହିଁ । ୨୦ ।

ଧୈର୍ଯ୍ୟକୁ ମନ୍ଦ ଅର୍ଥାତ୍ ମ୍ଳାନ କରିବାରୁ ସୁନ୍ଦରୀର ହାସ୍ୟକୁ ମନ୍ଦହାସ କୁହାଯାଏ । ସେହି ହାସ୍ୟ ପାଖରେ ହରଦ୍ୱିଷ ଅର୍ଥାତ୍ ଶିବଙ୍କ ଶତ୍ରୁ କନ୍ଦର୍ପର ଚନ୍ଦ୍ରହାସ ଅର୍ଥାତ୍ ଖଡ୍ଗର ଝଲକ ସୁନ୍ଦରୀର ହାସ୍ୟର ଦାସ ଅଟେ । ଅର୍ଥାତ୍ ତାହା ଅଧିକ ଧୈର୍ଯ୍ୟ ନଷ୍ଟକାରୀ । ୨୧ ।

ଶେଷ ଅର୍ଥାତ୍ ବାସୁକୀ ସୁନ୍ଦରୀର ବକ୍ଷର ଶୋଭାକୁ ଖୋଜିଲା; ମାତ୍ର ତହିଁର ଅନ୍ତ ନ ପାଇବାରୁ କଲେ ଅନନ୍ତ ଆଖ୍ୟା ଧରିଲା । ୨୨ ।

ଝଷ ହରଣ ଲକ୍ଷ୍ୟକୁ ଗ୍ରାସୁଁ ପୂଜେ ବହ୍ନି ।
ମାନୋତ୍ପଳେ ବୃଷ୍ଟିପାତେ ଭଷ୍ଟିକରେ ଚାହିଁ ଯେ । ୨୩ ।
କ କର ହେଜ ଜପିଲେ ସେ ଅଳକା ମନ୍ତ୍ର ।
ସଙ୍ଗଭଜ ହେଉଛନ୍ତି ଆମ୍ଭ ରାଜପୁତ୍ର ଯେ । ୨୪ ।
ସୁନ୍ଦରୀ ପରସ୍ପରେ ଏହି ଗୀତ ଗାନ ।
ଆଜ ଦେଖା ଗଲା ତ୍ୟାଜ୍ୟ ସେ ସନ୍ଦେହ ମାନ ଯେ । ୨୫ ।
ସବା ଆର୍ଦ୍ରଚନ୍ଦନ ନାଗରୀ ହୃଦର ।
ଅମଳାନ ପୁଷ୍ପଗନ୍ଧା ରସିକାବୃନ୍ଦର ଯେ । ୨୬ ।
ଶତକୋଟି କନ୍ଦର୍ପ ଭୂଭୃତ ଦର୍ପହର ।
ସୁନ୍ଦରସଂସାର ଚକ୍ରବର୍ତ୍ତୀ ବୋଲବାର ଯେ । ୨୭ ।
ଅବା ଏହି କାନ୍ତି-ଗଙ୍ଗା ଉତ୍ପତ୍ତି ହେବାରେ ।
ଯୁବା ସଙ୍ଗ ଲଭେ ରାମା ତହିଁ ଝାସିବାରେ ଯେ । ୨୮ ।
ବେନକୁଳ ଦାସୀ ଉକ୍ତି କୁମାର କୁମାରୀ ।
ଶୁଣି ଦମ ଦମ ବୁକୁ ରୋମାଞ୍ଚକୁ ଧର ଯେ । ୨୯ ।

---

ପୁଣି ସୁନ୍ଦରୀଙ୍କ ନେତ୍ର ମୀନ ଓ ହରିଣ ଆଖିଠାରୁ ବଳ ପଡ଼ିବାରୁ ବାଧାନ୍ତା ତାଙ୍କୁ ନୀଳ କର୍ଣ୍ଣରେ ପୂଜା କରଅଛୁ ଅର୍ଥାତ ସୁନ୍ଦରୀର ଦୃଷ୍ଟିପାତରେ ନୀଳ କର୍ଣ୍ଣ ବୃଷ୍ଟି ହୁଏ । ୨୩ ।

ଆମର ରାଜପୁତ୍ର ସୁନ୍ଦରର କୁନ୍ତଳ ରୂପକ ମନ୍ତ୍ରକୁ କେମିତ ସନ୍ଦେହରହି ଜପ କଲେ ଯେ ସୁନ୍ଦରୀର ଅଙ୍ଗ ସଙ୍ଗ ପାଇ ହେଉଅଛନ୍ତି । ୨୪ ।

ସୁନ୍ଦରୀ ଦାସମାନେ ଏହି ଗୀତ ଗାଇଲେ ଆଜ ଆମ୍ଭେମାନେ ଦେଖିଲୁ । ଏଣ୍ଡ ସୁଙ୍ଗର ସନ୍ଦେହ ସବୁ ବର୍ଜନୀୟ ଅଟେ । ୨୫ ।

ଆର୍ଦ୍ର—ଓଦା, ଅମଳାନ—ଅମ୍ଳାନ । ସେହି ସୁନ୍ଦର ରାଜପୁତ୍ର ଗୋଳା ଚନ୍ଦନ ପରି ସର୍ବଦା ନାଗରୀଙ୍କ ହୃଦୟ ଶୀତଳକାରୀ । ରସିକା ସୁନ୍ଦରୀଙ୍କର ଅମ୍ଳାନ କୁତଃ ଫୁଲ ପରି ଆଦରଣୀୟ । ୨୬ ।

ଶତକୋଟି—ବଜ୍ର, ଭୂଭୃତ—ପର୍ବତ । କନ୍ଦର୍ପ ରୂପକ ପର୍ବତର ଗର୍ବ ଖର୍ବ କରିବା ପାଇଁ ସୁନ୍ଦର ଶତକୋଟି ଅର୍ଥାତ ବଜ୍ର ସଦୃଶ । "ଅବା ଶତେ କୋଟି କନ୍ଦର୍ପ ରୂପକ ପର୍ବତର ଗର୍ବ ଖର୍ବ କରିପାରନ୍ତି କୁମାର ।" ତାଙ୍କୁ ସୁନ୍ଦରମାନଙ୍କ ସଂସାରରେ ଚକ୍ରବର୍ତ୍ତୀ କହିବା ଉଚିତ ହେବ । ୨୭ ।

ଅଥବା କାନ୍ତି ରୂପକ ଗଙ୍ଗା ଉତ୍ପତ୍ତି ହେବାରୁ ସୁନ୍ଦରୀ ତହିଁ ଝାସ ଦେଲା । ତାହା ଫଳରେ ଯୁବା ଅର୍ଥାତ୍ ରାଜପୁତ୍ରର ସଙ୍ଗ ପାଇଲା । ୨୮ ।

ଦୁଇ କୁଳ ଦାସୀଙ୍କର ଏପରି କଥନକା ଶୁଣି ରାଜପୁତ୍ର ଓ ରାଜକନ୍ୟାର ଛାତି ଦମଦମ ହେଲା ଓ ରୋମ ଟାଙ୍କୁରିଗଲା । ୨୯ ।

ପ୍ରେମଜଳେ ମଜ୍ଜନ ମଦନ ତାପ ହତ ।
ମଧୁରରସ ଭୋଗକୁ ଅନୁକୂଳ କୃତ ଯେ । ୩୦ ।
କୋକିଳ ପ୍ରକୃତ ନାମ ସ୍ନାନ ବିରଚିତ ।
ଦଧି ଗୁଡ଼ ଅନ୍ନ ଅଶନରେ ତୋଷଚିତ୍ତ ଯେ । ୩୧ ।
ଲବଣ ଶ୍ୟାମଙ୍ଗ ପୂଜେ ଲବଣୀ କୋମଳା ।
ହେଜେ ବନ୍ଧି ବନ୍ଧିଲ ଯେ କୃପା ଏତେ ଥିଲ ଯେ । ୩୨ ।
ଯୁବାଙ୍କରେ ସ୍ମର ଶର ପ୍ରହାରିବା ବେଳେ ।
ଶିବ ଶିବ ଆର୍ତ୍ତଧ୍ୱନି କଲୁଁ କୃପା କଲେ ଯେ । ୩୩ ।
ଦୁହେଁ ଭାବନ୍ତି ଯେ କର୍ମବନ୍ତ ମଧ୍ୟେ ସାର ।
କାମନା କଲ୍ପ ସଫଳ ହୁଅଇ ଯାହାର ଯେ । ୩୪ ।
ଦିନ ଦିବସ ଦ୍ୱିବର୍ଣ ଅନୁରାଗରେ ଶ୍ରାନ୍ତ ।
ବରୁଣ ଦିଗ ଏ ଯେଣ ଅରୁଣ ଅତ୍ୟନ୍ତ ଯେ । ୩୫ ।
ଅରୁଣ ଥିବାରେ ଯନ୍ତୁଁ ରତି ବିବର୍ଜିତ ।
କ୍ରୋଧ କରି ତାକୁ କି ବୁଡ଼ାଇ ଦେବା ସତ ଯେ । ୩୬ ।

---

ଏହିପରି ଭାବେ ପ୍ରେମଜଳରେ ବୁଡ଼ିବାରୁ ସେମାନଙ୍କର କାମ ଜ୍ୱାଳା ନଷ୍ଟ ହେଲା । ଏହାପରେ ମଧୁର ରସ ଭୋଗ ପାଇଁ ଅନୁକୂଳ କଲେ । ୩୦ ।

କୋକିଳର ଓଡ଼ିଆ ନାମ କୋଇଲି । ସେହି ଅନୁସାରେ ସେ ଦୁହେଁ କୋଇଲି ବୃତ୍ତି ଆଚରଣ କଲେ । ସ୍ନାନପରେ ଦହି, ଗୁଡ଼, ଅନ୍ନ ପ୍ରଭୃତି ଅଶନରେ ଅର୍ଥାତ୍ ଭୋଜନ ଦ୍ୱାରା ମନକୁ ତୋଷ କଲେ । ୩୧ ।

ନବୁଣୀ ପରି କୋମଳ ଅଙ୍ଗବିଶିଷ୍ଟା ସୁନ୍ଦରୀ ଲବଣ ଶ୍ୟାମଙ୍କ ପୂଜା କରିସାରି ମନରେ ଭାବିଲ ବିଧାତା ମୋ ପ୍ରତି ବହୁତ କୃପା କରିଅଛି । ୩୨ ।

ରାଜପୁତ୍ର ଉପରେ କନ୍ଦର୍ପ ଶର ମାରିବାବେଳେ ମୁଁ ଶିବ ଶିବ ବୋଲି ଆର୍ତ୍ତଧ୍ୱନି କରିବାରୁ ବୋଧହୁଏ ଶିବ ମୋତେ ଦୟା କଲେ । ୩୩ ।

କୁମାର ଓ କୁମାରୀ ଦୁହେଁ ଭାବୁଛନ୍ତି ଯେ ଆମ୍ଭେ କର୍ମବନ୍ତମାନଙ୍କ ଭିତରେ ସାର ଅର୍ଥାତ୍ ଶ୍ରେଷ୍ଠ । କାରଣ ଯାହାର କାମନା ସଫଳ ହୁଏ ତାକୁହିଁ କର୍ମବନ୍ତ କୁହାଯାଏ । ୩୪ ।

ଦ୍ୱି ବର୍ଣ—ଦୁଇ ବର୍ଣ, ଶ୍ରାନ୍ତ—ଶେଷ, ବରୁଣ ଦିଗ—ପଶ୍ଚିମ ଦିଗ, ଅରୁଣ—ଲାଲ । ସେହି ଦିନଟି ରାଜପୁତ୍ର ଓ ରାଜକନ୍ୟା ପରସ୍ପରଙ୍କ ପ୍ରତି ଅନୁରକ୍ତରେ ଶେଷ ହେଲା । ଏଥି ଉପମିଷ୍ଠ ଦିନାନ୍ତ ଅର୍ଥାତ୍ ଦିନ ଶେଷରେ ପଶ୍ଚିମ ଦିଗ ଲାଲ ବର୍ଣ୍ଣ ଧାରଣ କଲା । ସୂର୍ଯ୍ୟାସ୍ତରେ ପଶ୍ଚିମ ଦିଗ ଲାଲ ହୋଇଥାଏ । ୩୫ ।

ଅରୁଣ—ଦିନବେଳ, ରତି ବିବର୍ଜିତ—ରତି ନିଷେଧ । ସୂର୍ଯ୍ୟ ଥିଲାବେଳେ ରତିକ୍ରିୟା ନିଷେଧ । ଏଣୁ କାମୀ କାମିନୀ ଏହି ପ୍ରଥାକୁ ବୁଡ଼ାଇଦେବା ସତ ହେବ କି ? ୩୬ ।

ଦମ୍ପତି ହୃଦେ ସେ ରାଗ ରଙ୍ଗକୁ ଥୋଇଲା ।
କଳାକର ବୋଲି ସନ୍ଧ୍ୟା କଳା ପ୍ରକାଶିଲା ଯେ । ୩୭ ।
ଦ୍ୱିଜେ କନ୍ଦ୍ରଗଲେ ହେଲା ରାଜା ଉଦେ କାଳ ।
ଦ୍ୱିଜେ କନ୍ଦ୍ରହେଲେ ରାଜା ପାଶେ ଶୁଭବେଳ ଯେ । ୩୮ ।
ବରବେଶ ବରଚିତ ତୋଷ ଖାଉ ଚିତ୍ତ ।
ବାହାରିଲେ ଯେ ସମ୍ଭାରେ ନୁଦଇ କଥିତ ଯେ । ୩୯ ।
ଢକା ନାଗରା ଦୁନ୍ଦୁଭି ପଟହାଦି ନାଦେ ।
କର୍ଣ୍ଣହୀନ ଫଣୀ ନେତ୍ରେ ଶବଦ ସମ୍ବାଦେ ଯେ । ୪୦ ।
ଅତି ଆର୍ତ୍ତଚିତ୍ତ ହେଲେ ଦୈତ୍ୟଗୁରୁ ଶୁଣି ।
କଣା ହୋଇଛି ବଧିର ହୁଅଇ ନ ପୁଣି ଯେ । ୪୧ ।
ଶୁଭ୍ରମୁଖ ତୁରଙ୍ଗବଦନ ପାନ କଲେ ।
ନ ଧରିବେ କମ୍ବୁ ଚୁମ୍ବକଙ୍କୁ ଚୁମ୍ବି ଦେଲେ ଯେ । ୪୨ ।

---

ସ୍ତ୍ରୀ ପୁରୁଷଙ୍କ ହୃଦୟରେ ଅନୁରାଗ ରସ ରଖିବାରୁ କଳାକର ଅର୍ଥାତ୍ ଚନ୍ଦ୍ର ସନ୍ଧ୍ୟାର କଳା ପ୍ରକାଶ କଲା ଅର୍ଥାତ ସନ୍ଧ୍ୟା ହେଲା କାମି କାମିନୀ ଅନୁରାଗ କଳା ଦେଖାଇବା ଉଚିତ । ୩୭ ।

ଦ୍ୱିଜ—ପକ୍ଷୀ, ବ୍ରାହ୍ମଣ; ରାଜା—ଚନ୍ଦ୍ରମା, ରାଜା । ପକ୍ଷୀମାନେ ଉଡ଼ି ଉଡ଼ି ଯେପରି କହୁଥିଲେ ଚନ୍ଦ୍ର ଉଦୟର କାଳ ଆସିଲା । ପୁଣି ବ୍ରାହ୍ମଣମାନେ ରାଜାଙ୍କ ପାଖରେ ଶୁଭ ବେଳ ଆସିଲା ବୋଲି କହୁଥିଲେ । ୩୮ ।

ବରବେଶରେ ସଜ୍ଜିତ ହେବାରୁ ବୀର ଅର୍ଥାତ ରାଜପୁତ୍ରର ଚିତ୍ତ ଆନନ୍ଦିତ ହେଲା । ସେ ସେହି ସମାରୋହରେ ବାହାରିଲେ ତାହା କହି ହେବ ନାହିଁ । ୩୯ ।

ନାଗରା, ଢୋଲ, ପଟହ ଆଦି ବାଦ୍ୟନାଦରେ ଲୋକମାନେ କର୍ଣ୍ଣ ନ ଥିବା ସର୍ପ ପରି ହୋଇ ଆଖିରେ ଶୁଣିଲେ ଅର୍ଥାତ୍ ତୁମୁଳ ଧ୍ୱନି କାନରେ ବାରି ନ ପାରି ଅନାଇ ଅନାଇ ବୁଝିଲେ । ୪୦ ।

ଦୈତ୍ୟଙ୍କ ଗୁରୁ ଶୁକ୍ର ସେହି ବାଦ୍ୟ ଶୁଣି ବ୍ୟାକୁଳମନା ହେଲେ । ସେ କହିଲେ ମୁଁ ତ ସହଜେ କଣା; ପୁଣି ଏହି ବାଦ୍ୟ ଶବ୍ଦରେ କାଲ ନ ହୁଏଟି । ୪୧ ।

ଶୁଭ୍ରମୁଖ—ଧଳା ମୁହଁ, କମ୍ବୁ—ଶଙ୍ଖ, ଚୁମ୍ବକ—ଚୁମ୍ବିବା, ତୁରଙ୍ଗ ବଦନ—ଅଶ୍ୱମୁଖ ଅର୍ଥାତ୍ କିନ୍ନର । ଶଙ୍ଖ ବଜାଉଥିବା ଲୋକମାନଙ୍କର ମୁହଁକୁ ଚୁମ୍ବିଲେ ଧଳା ଓ ଘୋଡ଼ାମୁହାଁ କିନ୍ନରମାନେ ପାନ କଲରେ ରଖିବେ ନାହିଁ । କାରଣ ଶଙ୍ଖ ଆମମାନଙ୍କର ଶଙ୍ଖ ବଜାଇଲାବେଳେ ଫୁଲି ଗାଲ ଏପରି ଫୁଲୁଥିବ ଯେ ତାହା ପାନ କଲରେ ରଖିଥିବା ଧଳାମୁହାଁ କିନ୍ନରମାନଙ୍କ ଅପେକ୍ଷା ଅଧିକ ସୁନ୍ଦର ଦିଶେ । ୪୨ ।

ମଧୁସ୍ୱ କର୍ଣ୍ଣାଳ ଭେରୀ ବାଦସକମାନ ।
ଦେଖି ଊର୍ଦ୍ଧ୍ୱେ କର ନ ଟେକବେ ଗଜାନନ ଯେ । ୪୩ ।
ଦୀପ୍ତୁଣ୍ଡ କି ସୁରସିକ ତରସ୍ନେହ ଧରେ ।
ଶୋଣିତନଗରୀ ଜାଣ ଯାପକ ପ୍ରକଟରେ ଯେ । ୪୪ ।
ଛନ୍ଦଦେଲେ ଲକ୍ଷ୍ୟମାନେ ବସନ୍ତ ଆକୃତି ।
ଚମ୍ପା ଫୁଟାଇ ରସ୍ତଳ ହରି ତରଙ୍ଗନ୍ତି ଯେ । ୪୫ ।
ଗ୍ରୀଷମ କି ବୃକ୍ଷଦାପ ନଗରେ ଯେ ଯେଣେ ।
ଅଗ୍ନିଶିଖା ବଂଶେ ଜଗନ୍ତି ସ୍ଥାନେ ସ୍ଥାନେ ଯେ । ୪୬ ।
ବରଷ କି ଜାଣି ଯୁଇ ବିକଶାଇ ଦେଇ ।
ଘନଘନ ଘନାଘନ କ୍ରୀଡ଼ା ପ୍ରକାଶଇ ଯେ । ୪୭ ।

---

ମାଧୁସ୍ୱ—ମହୁରୀ, କର୍ଣ୍ଣାଳ—ତୂରୀ, ବାଦସକ—ବାଦ୍ୟକାର୍ଯ୍ୟଗଣ, ଗଜାନନ—ଗଣେଶ, କର—ଶୁଣ୍ଢ । ମହୁରୀ, ଭେରୀ, ତୂରୀ ଆଦି ବାଦ୍ୟକାରୀମାନଙ୍କୁ ଦେଖି ଗଣେଶ ଲଜ୍ଜାରେ ଉପରକୁ ଶୁଣ୍ଢ ଟେକବେ ନାହିଁ । ୪୩ ।

ତର—ଛୁଞ୍ଚାକଟା, ସ୍ନେହ—ତେଲ, ଦୀପ୍ତୁଣ୍ଡ—ମଶାଲ, ଶୋଣିତ ନଗର—ବାଣାସୁରଙ୍କର ପୁର । ମଶାଲ କଅଣ ଭଲ ରସିକ ? ଭଲ ରସିକ ସବୁବେଳେ ସ୍ନେହଭାବ ଧାରଣ କରିଥାଏ । ଏ କ୍ଷେତ୍ରରେ ମଶାଲ ସର୍ବଦା କଟା ଓ ତେଲକୁ ଧରିଅଛି । ନାଲିଆ ଦୀପମାନ ଜଳୁଥିବାରୁ ମନେହେବ ଏହା ବାଣାସୁରଙ୍କର ନଗରୀ କି ? ୪୪ ।

ଲକ୍ଷ୍ୟମାନେ—ଉପମାମାନେ, ଛନ୍ଦ—ଏକତ୍ରିତ, ହରି—ପବନ, ଆକାଶ । ଉପମାମାନ ଏକାଠି ହେବାରୁ ବସନ୍ତକାଳର ଆକୃତି ଧାରଣ କଲା । ବସନ୍ତକାଳରେ ଚମ୍ପା ଫୁଲ ଫୁଟେ, ପବନ ବୋଲି ହୋଇ ବୁଲେ । ସେହି ସ୍ଥାନରେ ଚମ୍ପାବାଣ ଫୁଟିଲା ଏବଂ ଆକାଶରେ ପଦ୍ମତନି ବାଣ ବୁଲିଲା । ୪୫ ।

ନଗ—ପର୍ବତରେ, ବୃକ୍ଷ ଦାପ—ବୃକ୍ଷମାନଙ୍କ ଦାପ ପଣ ଜଳାଏ, ବଂଶ—ବାଉଁଶ । ଏହି କାଳ କଅଣ ଗ୍ରୀଷ୍ମକାଳ ? ଗ୍ରୀଷ୍ମକାଳରେ ପର୍ବତରେ ବୃକ୍ଷମାନେ ବନାଗ୍ନିରେ ଦାପ ପଣ ଜଳଥାନ୍ତି; ପୁଣି ସ୍ଥାନେ ସ୍ଥାନେ ଅଗ୍ନିଶିଖା ବାଉଁଶରେ ପ୍ରକାଶ ପାଉଥାଏ ।

ନଗର ପକ୍ଷରେ—ନଗର ଭିତରେ ଆଲୋକ ଗଛମାନ ସଜ୍ଜିତ ଏବଂ ଅଗ୍ନିଶିଖା ବାଉଁଶର ମଶାଲ ପିଣ୍ଡରେ ଜାଗା ଜାଗା ସ୍ଥାପିତ । ୪୬ ।

ମନେହେଲା ଏହା ବର୍ଷାକାଳ କି ? ବର୍ଷାକାଳରେ କାହିଁ ଯୁଇ ଫୁଲ ଫୁଟିଥାଏ । ସେତେବେଳେ ଘନାଘନ ଅର୍ଥାତ୍ ବର୍ଷିଲା ମେଘ ଘନଘନ ସଞ୍ଚରଣ କରେ । ଏହି ସ୍ଥାନ କାହିଁ ଯୁଇ ବାଣଦ୍ୱାରା ପ୍ରକଟ କରୁଅଛି ଏବଂ ଘନାଘନ ଅର୍ଥାତ୍ ମତ୍ତହସ୍ତୀର କ୍ରୀଡ଼ାକୁ ବାରମ୍ବାର ପ୍ରକାଶ କରୁଅଛି । ୪୭ ।

ଶରତ କି ଚନ୍ଦ୍ର ଉଦୟରେ ମନୋହର ।
ହିମ ଶିଶିର କି ଧୂମ କୁହୁଡ଼ି ଆକାର ଯେ । ୪୮ ।
ସରସିଜ ଚନ୍ଦ୍ର ପୁଣି ନକ୍ଷତ୍ର ସରସୀ ।
ଅଶେଷ ମନୋଜାତ୍ମଜଙ୍କୁ ଯହିଁ ପରକାଶି ଯେ । ୪୯ ।
ତରୁଣୀ ହୃଦ ପରି ପଞ୍ଚଶରପ୍ରତାପ ।
ମଦନ ଅନଳ ଯୋଗେ ଜ୍ୱଳତ ସ୍ୱରୂପ ଯେ । ୫୦ ।
ହାଉବଲ ଧ୍ରୁବମଣ୍ଡଳ ବଳି ଯିବା ଛଳ ।
ନାଗରେ ସ୍ୱଇଚ୍ଛା ଆଲିଙ୍ଗିତ ପ୍ରୌଢ଼ା ପରା ଯେ । ୫୧ ।
ଯେଣୁ ତହିଁ ରତିଶ୍ରାନ୍ତ ନାରୀପରି ହୋଇ ।
ନକ୍ଷତ୍ରମାଳା ଖସାଇ ମଳିନ ଭଜଇ ଯେ । ୫୨ ।
କେଣୁ ତହିଁ ବିପ୍ରଲବ୍ଧା ନାରୀପରି ଦିଶେ ।
ସନ୍ତାପଚିତ୍ତଙ୍କୁ ରତି ବାହୁଡ଼ି ଉଲଟେ ଯେ । ୫୩ ।

---

ଚନ୍ଦ୍ରଉଦୟ—ଚନ୍ଦ୍ରର ଉଦୟ, ଚନ୍ଦ୍ରଉଦଆ ବାଣ; ହିମ ଶିଶିର—ହେମନ୍ତ ଓ ଶିଶିର କାଳ, ଧୂମ—ଧୂଆଁ । ଏହା କଅଣ ଶରତକାଳ ? ଯେଣୁ ମନୋହର ଭାବରେ ଚନ୍ଦ୍ର ଉଦୟ ହୋଇଅଛି । ଏହି ସ୍ଥାନ ଚନ୍ଦ୍ରଉଦଆ ବାଣରେ ମନୋହର ହେଉଛି । ପୁଣି ହେମନ୍ତ ଏବଂ ଶୀତକାଳ କି ? ଯେହେତୁ ହେମନ୍ତ ଓ ଶୀତକାଳରେ କୁହୁଡ଼ି ଘୋଟିଲା ପରି ଧୂଆଁ ପୂରିଯାଇଛି । ୪୮ ।

ସରସିଜ—ପଦ୍ମଫୁଲ, ସରସୀ—ପୋଖରୀ, ଅଶେଷ—ଅସଂଖ୍ୟ । ପଦ୍ମଫୁଲ ଚନ୍ଦ୍ର ନକ୍ଷତ୍ର ପୁଷ୍କରିଣୀ । ଯେଉଁଠାରେ ଅସଂଖ୍ୟ ବାଳକଙ୍କୁ ଫୁଟିଅଛି । ୪୯ ।

ପଞ୍ଚଶର ପ୍ରତାପ—ସ୍ତ୍ରୀ ତାରୁଣୀ ଭିତର ତାପ, ସ୍ୱରୂପ—ନିଜର ଦେହ । ଏଠା ତରୁଣୀ ନାରୀର ହୃଦୟ ଭିତରେ ଉଙ୍କାହେବା ତାପ ମନେହୁଏ । କାମାଗ୍ନି ଦ୍ୱାରା ତାହାର ନିଜ ଦେହ ଜଳିଥାଏ । ସମାବେଶରେ ଜଳୁଥିବା ମହତାବତି ଯେପରି ଆଲୋକ ଦେଇ ନିଜ ଦେହକୁ ଜଳାଇଥାଏ । ୫୦ ।

ପ୍ରୌଢ଼ା ସ୍ତ୍ରୀ ନିଜ ଇଚ୍ଛାରେ ନାଗରକୁ ଆଲିଙ୍ଗନ କଲା ପରି ହାଉବେଲୀ ବାଣ ଶୀଘ୍ର ଧ୍ରୁବମଣ୍ଡଳକୁ ଛୁଇଁ ଯାଉଅଛି । ୫୧ ।

ସେହି ହାଉବେଲୀ ବାଣରେ ଖଞ୍ଜା ହୋଇଥିବା ନକ୍ଷତ୍ର ଓ ମୁକ୍ତାମାଳ ସବୁ ଜଳି ଜଳି ମଳିନ ହୋଇ ଖସିପଡ଼େ ଯେମିତି, ରତିଶ୍ରାନ୍ତ ନାରୀମାନେ ନିଜର ମାଳା କାଢ଼ି ପକାନ୍ତି । ୫୨ ।

ପୁଣି ସେଥିରେ କେହି ବିପ୍ରଲବ୍ଧା ନାରୀ ପରି ଦେଖାଯାଏ । ସଙ୍କେତ କରିଥିବା ସ୍ଥାନରେ ପୁରୁଷକୁ ନ ଦେଖି ବିଫଳ ମନରେ ଫେରିବା ନାରୀକୁ ବିପ୍ରଲବ୍ଧା କହନ୍ତି । ଉକ୍ତ ନାରୀ ମନରେ ସନ୍ତାପ ହେଉ କରି ବାହୁଡ଼ିଲା ପରି କେତେକ ବାଣ ତର୍ଜନ ଗର୍ଜନ କରି ଶୀଘ୍ର ଫେରିଆସେ । ୫୩ ।

ଚଞ୍ଚଳପତ୍ର ନବୀନସଙ୍ଗମା ଛଳାରେ ।
ଅଙ୍ଗ ଚଞ୍ଚଳ ଛଳେ କି ନାହିଁ ନାହିଁ କରେ ଯେ । ୫୪ ।
ପଦବୀ ଦେଖାଇ ପଦବୀରେ ଶଳା ମାଳା ।
ଦେବାରେ ମହାଉତ୍ସବେ ଗହଳ ପଡ଼ିଲା ଯେ । ୫୫ ।
ଯୁବତୀ କୁଙ୍କୁମେ ପଥ ହୋଇଲେ ଅଙ୍କିତ ।
ଶୁଭ୍ର କଷଟିରେ ସ୍ୱର୍ଣ୍ଣ କଷିଦେଲା ମତ ଯେ । ୫୬ ।
ପଥବିଭୂତି ଭୂଷିତ ଯୁବତୀଜନର ।
ପାରଦେ ହେମକୁ ରୁପା କଲା ପରକାର ଯେ । ୫୭ ।
କୁଚକଣ୍ଠା ଜନଙ୍କ ତଟେ ପୀଡ଼ିବାର ଦୃଷ୍ଟି ।
ଆଜନ୍ମ ବ୍ରହ୍ମଚାରୀଏ ଶମ୍ଭୁ ପୂଜେ ଧ୍ୟାୟି ଯେ । ୫୮ ।
ସେ ପୃଚ୍ଛନ୍ତେ ନ ମିଳେ କି ଚମ୍ପକ କନକ ।
ମାନସିକ ପୂଜା ବୋଲି କଲେ ସମାଧାନ ଯେ । ୫୯ ।

---

ଚଞ୍ଚଳପତ୍ର—ପତାକାସମୂହ, ନବୀନ ସଙ୍ଗମା—ନୂତନ ପୁରୁଷ ସଙ୍ଗ ଲଭିଥିବା । ପତାକାମାନ ନୂତନ ସ୍ତ୍ରୀ ପରି ଚଞ୍ଚଳ ଅଙ୍ଗ ଛଳରେ ଅବା ନାହିଁ ନାହିଁ କରୁଛନ୍ତି । ୫୪ ।

ପଦବୀରେ—ପଥରେ, ପଦବୀ—ଆଡ଼ମ୍ବର, ଶଳା—ସ୍ତ୍ରୀର ଭାଇ । ଆଡ଼ମ୍ବର ଦେଖାଇ ବାଟରେ ଶଳା ବର ଗଳାରେ ମାଳା ଦେବାଦ୍ୱାରା ସେହି ଉତ୍ସବରେ ବଡ଼ ଗହଳ ପଡ଼ିଗଲା । ୫୫ ।

ସେହି ବଡ଼ ଭିଡ଼ରେ ଯୁବତୀମାନଙ୍କର କୁଙ୍କୁମ ଦ୍ୱାରା ପଥମାନେ ଅଙ୍କିତ ଅର୍ଥାତ ଚିହ୍ନିତ ହୋଇଗଲେ । ତାଙ୍କର ଶରୀରରୂପ କଷଟି ପଥରରେ ସୁନା କଷି ହେଲାପରି ଦେଖାଗଲା । ୫୬ ।

ଯୁବତୀମାନେ ପଥମାନଙ୍କ ବିଭୂତି ପାଉଁଶରେ ଭୂଷିତ ହୋଇଗଲେ । ସେମାନଙ୍କ ଦେହର କାନ୍ତି ପାରଦ ଦ୍ୱାରା ସୁନାକୁ ରୁପା କଲାପରି ଦିଶିଲା । ୫୭ ।

ଲମ୍ପଟ ସ୍ତ୍ରୀମାନଙ୍କର ସ୍ତନକୁ ଲମ୍ପଟ ପୁରୁଷମାନେ ହାତରେ ପୀଡ଼ିବା ଅର୍ଥାତ ଚିପିବା ଦେଖି ଲୋକେ କହିଲେ ଏମାନେ ଜନ୍ମରୁ ବ୍ରହ୍ମଚାରୀ । ଏଣୁ ଶିବଙ୍କୁ ଧ୍ୟାନ ଓ ପୂଜା କରୁଛନ୍ତି । ୫୮ ।

ସେମାନେ ପୁଣି ପଚାରିଲେ ତୁମ୍ଭଙ୍କୁ କାଞ୍ଚନ ଚମ୍ପା ଆଉ ପତ୍ର ମିଳିଲା ନାହିଁ କି ? ଏଠାରେ ଚମ୍ପାକଢ଼ି ପରି ଅଙ୍ଗୁଳି ଏବଂ ପତ୍ର ପରି ରକ୍ତାଭ ହାତ ପାପୁଲିକୁ ସ୍ତନରେ ଦେବାର ସୂଚନା କରାଯାଇଛି । ପୂର୍ବୋକ୍ତ ପ୍ରଶ୍ନ ଶୁଣି ଏହା ଆମ୍ଭର ମାନସିକ ପୂଜା ବୋଲି ପ୍ରଶ୍ନର ସମାଧାନ କଲେ । ୫୯ ।

ମହା ଉଛବରେ ବାଳାଧବ ପଦ ଶାଢ଼ୀ ।
ପିତାମହଠାରୁ ପାଇବାକୁ ଲଗ୍ନ ଲୋଡ଼ି ଯେ । ୭୦ ।
ଯୁବାକେଶରୀ କେଶରୀଦ୍ୱାରରେ ମିଳିଲେ ।
ତତପରେ ବଶ୍ରୀମଣ୍ଡପରେ ବଜେ କଲେ ଯେ । ୭୧ ।
ଚିତ୍ତ ପ୍ରମୋଦ ଉଚିତ ଯଥୋଚିତ ବିଧି ।
ଆରମ୍ଭିଣ ବେଦମନ୍ତ୍ର ବାକ୍ୟେ କଲେ ସିଦ୍ଧି ଯେ । ୭୨ ।
ଲବଣଗୃମଣୀ ମାର ବାଳା ଅଭିସାରୀ ।
ହେଲା ସ୍ୱାର୍ଥ ଦୃଷ୍ଟି ପାର୍ଥ ପାଶେ ଭଦ୍ରା ପରି ଯେ । ୭୩ ।
ବନ୍ଧୁ ରତିମନ୍ତ୍ରଧୂଳି ଲବଣ କପଟେ ।
ସଖୀ ସତ୍ୟାଭିଯୋଗରେ ପକାଇ ଉଚାଟେ ଯେ । ୭୪ ।
ଅନ୍ତର ପାଟଅନ୍ତର ଗୁଳଣା ହୋଇଲା ।
ପ୍ରେମପୁସ୍ତକ ବର୍ଣ୍ଣକୁ ଦେଖି ନ ଦେଖିଲା ଯେ । ୭୫ ।

---

ବାଳାଧବ—ବାଳାର ସ୍ୱାମୀ, ପିତାମହ—ବ୍ରହ୍ମା, ଲଗ୍ନ—ସମୟ, ମହା ଉଛବରେ—ମହା ଉତ୍ସବରେ । କୋଟିବ୍ରହ୍ମାଣ୍ଡସୁନ୍ଦରୀର ସ୍ୱାମୀପଦ ଶାଢ଼ୀ ବ୍ରହ୍ମାଙ୍କଠାରୁ ପାଇବା ପାଇଁ ସମସ୍ତ ଖୋଜ— । ୭୦ ।

ଯୁବକ ସିଂହ ରାଜପୁତ୍ର ପୁଷ୍ପକେତୁ କେଶରୀଦ୍ୱାର ଅର୍ଥାତ ସିଂହ ଦ୍ୱାରରେ ପହଞ୍ଚିଲେ । ତାହାପରେ ବଶ୍ରୀ ବେଦୀକୁ ଗଲେ । ୭୧ ।

ଚିତ୍ତରେ ଆନନ୍ଦ ଜନ୍ମାଇବା ପାଇଁ ଯଥାବିହିତ ବିଧିମାନ ଆରମ୍ଭ କରି ବେଦମନ୍ତ୍ର ବାକ୍ୟ ଦ୍ୱାରା ତାହାର ଯଥାର୍ଥତା ପ୍ରମାଣ କଲେ । ୭୨ ।

ଲବଣ ଗୃମଣୀ ମାଣବାକୁ ବାଳା ଅଭିସାରୀ ହେଲା ଅର୍ଥାତ୍ ସ୍ୱାମୀ ପାଖକୁ ଗମନ କଲା । ସେତେବେଳେ ପାର୍ଥ ଅର୍ଥାତ୍ ଅର୍ଜୁନ ନିକଟରେ ଭଦ୍ରା ରହିଲା ପରି ଦିଶିଲା । ଏଥିରେ ଦର୍ଶକର ଦୃଷ୍ଟି ସଫଳ ହେଲା । ୭୩ ।

ଅର୍ଜୁନଙ୍କୁ ଆକର୍ଷଣ ଓ ବଶୀଭୂତ କରିବା ପାଇଁ ସତ୍ୟଭାମା ରତିଦେବୀଙ୍କ ଠାରୁ ମନ୍ତ୍ର ଧୂଳି ନେଇ ସୁଭଦ୍ରା ଦ୍ୱାରା ଅର୍ଜୁନଙ୍କ ଉପରେ ପକାଇଥିଲେ । ସେହିପରି ଏଠାରେ ସଖୀମାନଙ୍କର କଥାରେ ରାଜକନ୍ୟା ଲବଣ ଫିଙ୍ଗିବା ଛଳରେ ମନ୍ତ୍ରଧୂଳି ପକାଇଲା କି ? । ୭୪ ।

ରାଜକନ୍ୟା ଓ ରାଜକୁମାରଙ୍କ ମଧ୍ୟରେ ଖଣ୍ଡିଏ ପାଟଲୁଗା ଟଣା ହୋଇଥିଲା । ଲୋକକୁ ୪୦ ବର୍ଷ ହେଲେ ଯେପରି ଅକ୍ଷରମାନ ସ୍ପଷ୍ଟ ଦେଖାଯାଏ ନାହିଁ ସେହିପରି ଏହି ପାଟଲୁଗା ପର୍ଦ୍ଦା ଯୋଗୁଁ କୁମାର ରାଜକନ୍ୟାର ବର୍ଣ୍ଣ ଅର୍ଥାତ୍ କାନ୍ତିକୁ ଭଲ କରି ଦେଖି ପାରିଲା ନାହିଁ । ୭୫ ।

ବାହୁଡ଼ି ବାନ୍ଧି ମନକୁ ବାସାଞ୍ଚଳେ ଗୁଢ଼ ।
ନକ୍ତାମୁଖେ ଯେମନ୍ତ ନଳିନେ ଅଳି ବନ୍ଦୀ ଯେ । ୬୬ ।
ଦରିଦ୍ର-ଯାଚକ ପ୍ରାୟେ ନେତ୍ର ଗୋଡ଼ାଇଲା ।
ମୂର୍ତ୍ତି ଶୋଭାଧନକୁ ନ ପାଇ ବାହୁଡ଼ିଲା ଯେ । ୬୭ ।
ଦୂତ-ସୂତ୍ର ସଫଳ ଏ ଉତ୍ସବ ବିଷୟର ।
ଦ୍ୱିଜ ଯଜ୍ଞୋପବୀତ ପେଷିଲେ ଦୂତ କରି ଯେ । ୬୮ ।
ତାହା ସଙ୍ଗେ ରଙ୍ଗେ ସେ ତରଙ୍ଗେକ୍ଷଣୀ ବିଜେ ।
ଚତୁର ଦିଗେ ବେଷ୍ଟିତ ଚତୁରୀସମାଜେ ଯେ । ୬୯ ।
ବସନ୍ତ ପାଶେ ଆସେ କି ଚଳପୁଷ୍ପବଲ୍ଲୀ ।
ସଙ୍ଗେ ଅଳିଧ୍ୱନି ଜଣ୍ଟେ ଆଳୀ ହୁଳହୁଳି ଯେ । ୭୦ ।
ପିକ କୂଜିତ ଗାୟୁଣି ସୁମଙ୍ଗଳ ଗୀତ ।
ପଲ୍ଲବ ଖଣ୍ଡ ଚଳତ ଧୀର ବାତ ଜାତ ଯେ । ୭୧ ।

---

ନକ୍ତାମୁଖ—ସନ୍ଧ୍ୟା, ନଳିନ—ପଦ୍ମ; ଅଳି—ଭ୍ରମର; ବାହୁଡ଼ି—ଫେରିଲା-ବେଳେ । ସନ୍ଧ୍ୟାରେ ପଦ୍ମ ପାଖୁଡ଼ା ଭିତରେ ଭ୍ରମର ଯେପରି ବନ୍ଦୀ ହୁଏ ସେହିପରି ରାଜକନ୍ୟା ଫେରିଲାବେଳେ କୁମରର ମନକୁ ନିଜ ବସ୍ତ୍ର କାନିରେ ଗଣ୍ଠି ପକାଇ ବାନ୍ଧିଲା । ୬୬ ।

ଦରିଦ୍ର ଭିଖାରୀ ପରି କୁମାରର ମନ ରାଜକନ୍ୟା ପଛେ ପଛେ ଧାଇଁଲା ମାତ୍ର ସୁନ୍ଦରୀର ମୂର୍ତ୍ତି ଶୋଭା ରୂପକ ଧନକୁ ପାଇ ନ ପାରି ଫେରି ଆସିଲା । ୬୭ ।

ଦୂତସୂତ୍ର—ବିବାହ ଉତ୍ସବର ଶେଷ ଅଙ୍ଗ; ଯଜ୍ଞୋପବୀତ—ପଇତା, ତରଙ୍ଗ-ଇକ୍ଷଣୀ—ଚଞ୍ଚଳନେତ୍ରୀ । ବ୍ରାହ୍ମଣ ପଣ୍ଡିତମାନେ ବିବାହ ଉତ୍ସବକୁ ସଫଳ କରିବା ନିମିତ୍ତ ଦୂତ ପରି ପଇତାକୁ ଦୂତ-ସୂତ୍ର ଖବରେ ପଠାଇଲେ । ୬୮ ।

ଚତୁରପାର୍ଶ୍ୱରେ ଚତୁରା ସଖୀମାନଙ୍କ ଦ୍ୱାରା ବେଷ୍ଟିତ ହୋଇ ପଇତା ସହିତ ଚଞ୍ଚଳନେତ୍ରୀ ରାଜକନ୍ୟା ଲୀଳାରେ ଆଗମନ କଲା । ୬୯ ।

ଚଳ—ଚହଲୁଥିବା; ପୁଷ୍ପବଲ୍ଲୀ—ଫୁଲର ଲତା; ଅଳିଧ୍ୱନି—ଭ୍ରମର ଗୁଞ୍ଜନ । ସୁନ୍ଦରୀ ଆଗମନ ଦେଖି ଏହି ଧାରଣା ଜନ୍ମିଲା—ଚଳଲ ଫୁଲର ଲତା କଅଣ ବସନ୍ତ ପାଖକୁ ଆସୁଛି ? ତାହା ସହିତ ଜଣସ୍ତ ଭ୍ରମରର ଧ୍ୱନି ପରି ସଖୀମାନଙ୍କର ହୁଳହୁଳି ଶବ୍ଦ ଶୁଭୁଅଛି । ୭୦ ।

ପିକକୂଜିତ—କୋଇଲିସ୍ୱର, ଗାୟୁଣୀ—ଗାଉଥିବା; ବାତ—ପବନ; ଧୀର—ମୃଦୁ । ସଖୀମାନଙ୍କର ମଙ୍ଗଳଗୀତ ବସନ୍ତରେ କୋଇଲିର ମଧୁର ସ୍ୱର ଏବଂ ପତ୍ର ହଲିବା ଏଠାରେ ଧୀର ପବନ ପରି ବସ୍ତ୍ରର ସଞ୍ଚାଳନ ଧୀର ପବନ ଜାତ କରୁଅଛି । ୭୧ ।

ବାମ କରନ୍ତ କି କର ଯେ ମୋ ପ୍ରାଣେଶ୍ୱର ।
ଆଗ ଦର୍ପଣ-ଭିତ୍ତି ସେ ଭ୍ରାନ୍ତି କଲା ଦୂର ଯେ । ୭୨ ।
କେମନ୍ତେ ମନ୍ତ୍ରକାଶିନୀ ଦୃଷ୍ଟି ଘାତ ହୋଇ ।
ଦକ୍ଷିଣ ଭ୍ରବକୁ ବାମ କରି ଜଣାଇ ଯେ । ୭୩ ।
ଉସିଲା ଶତ୍ରୁ ସୁଶୀଳା ବସିଲା ସତ୍ୱରେ ।
ମୁକୁଟ ବନ୍ଧାଇ ବର କନ୍ୟା ଏ ହେଉଛୁରେ ଯେ । ୭୪ ।
ମାର ସ୍ୱଦେ ଅସାଧ ହୋଇଣ ଅଛୁ ମାଇ ।
ତାହା ଜୟୁ ଇଚ୍ଛା କି ଜନ୍ମାଇ କୁମର ଯେ । ୭୫ ।
ରତ୍ନ ରତ୍ନଭଣ୍ଡାରକୁ ଜୁରି ନାହିଁ ବାଳା ।
ତହିଁ ଅମରଷ ଆଜ କିବା ଉପୁଜିଲା ଯେ । ୭୬ ।
ବିବେକ ଶେଖର ବେନକୁଳ ପୁରୋହିତ ।
ସୁକର୍ମ ଉଦିତ କଲେ ସୁକର୍ମ ଉଦିତ ଯେ । ୭୭ ।
ବଶିଷ୍ଟେ ଅରୁନ୍ଧତୀ ଶ୍ରୀରାମେ ସୀତା ଯଥା ।
ଲକ୍ଷ୍ୟଦେଇ ପ୍ରକାଶିଲେ କି ଅଦ୍ଭୁତ କଥା ଯେ । ୭୮ ।

---

ପିଏ ମୋ ପ୍ରାଣର ଈଶ୍ୱର ତାଙ୍କୁ କପରି ବାମ ପାଖରେ ରଖିବ ? ରାଜକନ୍ୟା ମନରେ ଏହି କଥା ଉଠନ୍ତେ, ସମ୍ମୁଖରେ ଥିବା ଦର୍ପଣ-ଭିତ୍ତି ଅର୍ଥାତ୍ ଦର୍ପଣ ଖଚିତ କାନ୍ଥ ସେହି ଭ୍ରମ ଦୂର କଲା ; ଯେହେତୁ ଦର୍ପଣରେ ବାମ ପାଖ ଡାହାଣ ହୋଇ ଓଲଟା ଦେଖାଯାଏ । ୭୨ ।

ମନ୍ତ୍ରକାଶିନୀ ସୁନ୍ଦରୀ କପରି ଭାବରେ ଦୃଷ୍ଟି ଦେଲା ଯେ ଦକ୍ଷିଣ ଭ୍ରବକୁ ବାମ କରି ଦେଖାଇଲା । ୭୩ ।

ସୁଚରିତା ସୁନ୍ଦରୀର ମନ ମାତ୍ର ଉଠିବାରୁ ସେ ଶୀଘ୍ର ବସିଗଲା, କାରଣ ବର କନ୍ୟା ମୁକୁଟ ବାନ୍ଧିବା ବିଧି ପାଳନ କରିବାକୁ ଥିଲା । ୭୪ ।

ଅସାଧ—ଅଜେୟ; ମାର—କନ୍ଦର୍ପ । କନ୍ଦର୍ପ ସାର ପଣରେ ଅଜେୟ ବୋଲି ତାଙ୍କୁ ଜିଣିବା ପାଇଁ ଅଭିମାନଭରେ କୁମର ମୁକୁଟ ବନ୍ଧାଇଲା କି ? । ୭୫ ।

ରାଜକନ୍ୟାର ରତ୍ନ ରତ୍ନଭଣ୍ଡାର ଜୁରି ଅର୍ଥାତ୍ ଲୁଟି କରିନାହିଁ ବୋଲି ସେ ମନରେ ଅମରଷ=ଅମର୍ଷ ଅର୍ଥାତ୍ କ୍ରୋଧ ଆଜ ଜାତ କଲା କି ? । ୭୬ ।

ଦୁଇ କୁଳର ପୁରୋହିତ ଶ୍ରେଷ୍ଠ ଜ୍ଞାନୀ ବ୍ୟକ୍ତି । ସେମାନେ ସୁକର୍ମ ଅର୍ଥାତ୍ ସୌଭାଗ୍ୟ ଉଦୟରେ ସୁକର୍ମ ଅର୍ଥାତ୍ ଶାସ୍ତ୍ରସଙ୍ଗତ କର୍ମ ପ୍ରକାଶ କଲେ । ୭୭ ।

ଶାସ୍ତ୍ରବାକ୍ୟରେ ଆଦର୍ଶ ସ୍ୱାମୀ ସ୍ତ୍ରୀ ହେଉଛନ୍ତି ବଶିଷ୍ଠ ଓ ଅରୁନ୍ଧତୀ ଏବଂ ଶ୍ରୀରାମ ଓ ସୀତା । ବିବାହ ବେଦୀରେ ଏହି ଉପମା ଦେଇ କି ଅଦ୍ଭୁତ କଥା ପ୍ରକାଶ କଲେ । ୭୮ ।

ବେଦବଚନକୁ ବଳି ନାହିଁ ବଳାକ୍ରରେ ।
ଅବଳା ପଦ ଧରାଇ ବଳବନ୍ତ କରେ ସେ । ୭୯ ।
ମହତ୍ତ୍ୱ ହାନି ନ ଦେଖି କି କରନ୍ତେ ଘଟେ ।
ଯୁବା ନବୀନା ଚରଣ ଶରଣ ନ ଥିଲେ ସେ । ୮୦ ।
କଳ୍ପକରୁ ଶ୍ରେଷ୍ଠ କର କଣ୍ଟକ ପ୍ରକାରେ ।
ବାନ୍ଧିଲା ତା ଦ୍ୱିଜସୁତା କୁଶନାଡ଼ କରେ ସେ । ୮୧ ।
ଠାଣିଲା କି ଏଣୁକରେ ହେବ କନ୍ଧାବନ୍ଧ ।
ଏଣୁ ତାକୁ ଧନ ଅନୁଗ୍ରହ ଦେଇ ବୋଧି ସେ । ୮୨ ।
ନାରଙ୍ଗ ବାସୀ ଉଭଜେ ଦ୍ୱୋଷ୍ଠ ଦେବାଫଳ ।
ସୂତ୍ରରେ ବନ୍ଧଇ ଗତାଗତ ନାଶିଭେଲ ସେ । ୮୩ ।
ପୂର୍ଣ୍ଣକୁମ୍ଭ ସ୍ଥକତ ପଲ୍ଲବ ଶିରେ ଦେଇ ।
ପଦ ନଖ ଓଳଗ ବ୍ୟାଜରେ ଆରେ ଭଳ୍ପି ସେ । ୮୪ ।
କନ୍ୟା ତାତ ଅମ୍ବୁଦାନେ ଜମ୍ବୁଦ୍ୱୀପ ଜଳ ।
ଗଳେ କି ମୁଖ ପୋଛିବା ବ୍ୟାଜେ ଶ୍ରମଜଳ । ୮୫ ।

---

ବେଦବାକ୍ୟଠାରୁ ବଳି ଅନ୍ୟ କଥା ନାହିଁ । ଏହାହିଁ ଉଭୁକ୍ତ କଥା । ବେଦବାକ୍ୟ ଅନୁସାରେ ବଳବନ୍ତ ହାତରେ ଜବରଦସ୍ତି ଅବଳା ଅର୍ଥାତ୍ ବଳହୀନା ସ୍ତ୍ରୀର ପାଦ ଧରିବା ଦେଉଛି । ୭୯ ।

ପୁରୁଷ ଜାତିର ମହତ୍ତ୍ୱ ହାନି ହେବା କଥା ଏବେ ଭଲ ନ ଥାଏ ବରଂ ଭଲଥାଏ, ନୂତନ ସ୍ତ୍ରୀର ପାଦରେ ଶରଣ ପଶିବା କଥା ନ ଥିଲେ ଯୁବା କଅଣ କରନ୍ତା ? ୮୦ ।

କଳ୍ପକରୁ ଅର୍ଥାତ୍ ହାଣ୍ଟିଗୁଣ୍ଟରୁ ଶ୍ରେଷ୍ଠ ବରକନ୍ୟାଙ୍କର ହାତକୁ ବ୍ରାହ୍ମଣକନ୍ୟା କୁଶନାଡ଼ରେ ସାମାନ୍ୟଭାବେ ବାନ୍ଧିଲା । ୮୧ ।

ବ୍ରାହ୍ମଣକନ୍ୟା କଅଣ ଇଙ୍ଗିତରେ ଜାଣିଲା ଯେ ଏହି ହାତରେ ଦୁହେଁ ବନ୍ଧାବନ୍ଧ ହେବ । ଏଥିପାଇଁ ତାକୁ ଅନୁଗ୍ରହ କରି ଧନ ଦେଇ ବୋଧ କଲେ । ୮୨ ।

ନାରଙ୍ଗବାସୀ—ପଦ୍ମଗନ୍ଧା । ସୁନ୍ଦରୀର ହରକ ଅର୍ଥାତ୍ ସ୍ତନ ପାଖରେ ସମସ୍ତ ପ୍ରକାଶ କରି ଅପରାଧ କରିଥିବା ଯୋଗୁଁ ନଡ଼ିଆ ସୂତାରେ ବନ୍ଧା ହୋଇ ଗତ ଗତ ହେଲା । ବିବାହ ବେଦୀରେ ବ୍ରାହ୍ମଣମାନେ ନଡ଼ିଆକୁ ସୂତାରେ ବାନ୍ଧି ଅନ୍ୟ ହାତକୁ ଦେଇ-ଥାନ୍ତି । ୮୩ ।

ପୂର୍ଣ୍ଣକଳସ ଉପରେ ପଞ୍ଚ ଦେଇ ଥୁଆ ହୋଇଛି । ମନେହୁଏ ରାଜକନ୍ୟାର ପଦ ଓ ନଖକୁ ଓଳଗି କରିବା ପାଇଁ କଳସମାନେ ସ୍ଥିତ ହୋଇଛି । ୮୪ ।

କନ୍ୟାର ପିତା ବିବାହ ବଧୂରେ ଶଙ୍ଖରେ ଜଳ ପୂର୍ବକ ଦାନ କରନ୍ତେ ତହିଁରୁ ଜଳ ଝରି ପଡ଼ିବା ଦେଖି ମନେହେଲା କନ୍ୟାର କଣ୍ଠ ସହିତ ସମାନ ହୋଇ ନ ପାରି ଶଙ୍ଖ ଲଜ୍ଜାରେ ମୁହଁ ଜଳକୁ କରିବା ଛଳରେ ଶ୍ରମଜଳ ଝରାଉଅଛି । ୮୫ ।

ଲଜ୍ଜା ଦହନକୁ ଶୁଣି ଲଙ୍କା ଲଭୁ ହାସ ।
ଭସ୍ମରେଲୁ ପଳାଇବ କମ୍ପା ପିତ ନାଶ ଯେ । ୮୬ ।
ରମା ସ୍ୱାଧୀନଭର୍ତ୍ତୃକା ଅନୁକୂଳ ପୁଂସ ।
ହୋଇ ମଞ୍ଜିଷ୍ଠାନୁରାଗ କରିବେ ପ୍ରକାଶ ଯେ । ୮୭ ।
ଦୁହେଁ ଗଣ୍ଠି ବନ୍ଧାଇ ବସନେ ଏ ନମନ୍ତେ ।
କନ୍ଧେ ପକାଇ ଗମନ କଲେ ସେ ଶୁଦ୍ଧାନ୍ତେ ଯେ । ୮୮ ।
ଦ୍ୟୂତ ଲୀଳାରେ ରସିଲେ ସେ ସୁବର୍ଣ୍ଣ ଯୁବା ।
ଦ୍ୟୁତଲୀଳା କଉତୁକ ଆଦ୍ୟାରମ୍ଭ କିବା ଯେ । ୮୯ ।
ସେ ଯୋଗୀନ୍ଦ୍ରମୋହିନୀ ସମ୍ପାଦ ବଡ଼ାଇକି ।
କରମୁଠା ଭିତରେ ରଖିଲା କପର୍ଦ୍ଦୀକି ଯେ । ୯୦ ।
ଶିରୀଷ ପରି କୋମଳ ଅଙ୍ଘ୍ରୀ ପଦ ତାର ।
କରଇ ନ ଦେଇ ସେ ରସିକେ ବଳ ଜାରି ଯେ । ୯୧ ।

---

ଲଜ୍ଜ ଦହନ ଅର୍ଥାତ୍ ଖଇ ହୋମକୁ ଅନାଇ ଲଙ୍କା ଭସ୍ମ ଯାଇ ବସୁଥିଲା, ପଳାଇ-ଯିବ । ନ ଗଲେ ନାଶ ହେବ । ୮୬ ।

ସ୍ୱାଧୀନଭର୍ତ୍ତୃକା—ସ୍ୱାମୀକୁ ବଶ କରିଥିବା ସ୍ତ୍ରୀ, ଅନୁକୂଳ ପୁଂସ—ଏକ ସ୍ତ୍ରୀ ପ୍ରତି ସ୍ନେହଶୀ, ମଞ୍ଜିଷ୍ଠା—ଅଳତା । ଗୋଟିଏ ସ୍ତ୍ରୀ ପ୍ରତି ଅନୁରକ୍ତ ଥିବା ପୁରୁଷ ଏବଂ ତାକୁ ନିଜର ବଶୀଭୂତ କରିଥିବା ସ୍ତ୍ରୀ ମଧ୍ୟରେ ଯେପରି ସ୍ନେହ ଥାଏ, ଦୁହେଁ ତାହା ପ୍ରେମ ପ୍ରକାଶ କରିବେ । ୮୭ ।

ଏଥିପାଇଁ ବର କନ୍ୟା ଦୁହେଁ ବସ୍ତ୍ରରେ ଗଣ୍ଠି ଦେଇ ତାହା କାନ୍ଧରେ ପକାଇ ଶୁଦ୍ଧାନ୍ତେ ଅର୍ଥାତ୍ ଅନ୍ତଃପୁରକୁ ଗଲେ । ବିବାହରେ ବରକନ୍ୟାଙ୍କର ବହଲପାଟରେ ଗଣ୍ଠି ଦେଇ କାନ୍ଧରେ ପକାଇବା ପ୍ରଥା ଅଛି । ୮୮ ।

ସେହି ଦମ୍ପତି ଜୁଆଖେଳରେ ମାତିଲେ । ସେହି ଖେଳ ଦ୍ୟୁତଲୀଳା ଅର୍ଥାତ୍ ଦ୍ୟୁତଲୀଳା ରହସ୍ୟର ପ୍ରଥମ କାର୍ଯ୍ୟ କି ? ୮୯ ।

ଯୋଗୀନ୍ଦ୍ରମୋହିନୀ—ଯତି ମନ ମୋହିନୀ, ଯୋଗୀ ଇନ୍ଦ୍ର ଶିବଙ୍କର ମନ ମୋହିନୀ; ସମ୍ପାଦ—ସମ୍ପନ୍ନ କରି, ବଡ଼ାଇ—ବଡ଼ପଣ, କପର୍ଦ୍ଦୀ—କଉଡ଼ି ଓ ମହାଦେବ । ସେହି ଯତି ମନ ମୋହିନୀ ରାଜକନ୍ୟା ନିଜର ବଡ଼ପଣ ଦେଖାଇବା ପାଇଁ ହାତମୁଠାରେ କଉଡ଼ିକୁ ରଖିଲା । ଯେପରି ଶ୍ରେଷ୍ଠ ଯୋଗୀ ମହାଦେବଙ୍କୁ ନିଜର ବଡ଼ପଣରେ ପାର୍ବତୀ ହାତମୁଠାରେ ରଖିଥିଲେ । ୯୦ ।

ସେହି ସୁନ୍ଦରୀର ଦେହ ଶିରୀଷ ଫୁଲ ପରି କୋମଳ ହୋଇଥିବାରୁ ତାକୁ କୋମଳାଙ୍ଘ୍ରୀ ପାଦ ଅର୍ଥାତ୍ ନାମ ଦିଆଯାଇଅଛି । ତେଣୁ ସେ ଅନୁରକ୍ତ ପୁରୁଷକୁ ବଳ ପ୍ରୟୋଗ

ପଞ୍ଚଗ୍ରାସୀ ବିନାଶନ ବ୍ରତ ପୂର୍ଣ୍ଣ କାଳ ।
ବିନାଶ ନ କରି ଓଷ୍ଠାମୃତ ଦୋଷ ଗୋଳ ସେ । ୯୨ ।
ନୃପନନ୍ଦନ ବଦନ ଶୋଭନକୁ ଲକ୍ଷି ।
ଇନ୍ଧନପିତୁଳା ପରି ଅନ୍ତଃପୁରସ୍ଥାୟୀ ସେ । ୯୩ ।
ଯେତେ ଆଉଜିଲେ କାନ୍ତେ ଲଭିଣ ଅନଙ୍ଗ ।
ଦିଶିଲେ ସେ ଲେଖା ଚିତ୍ରଲେଖାର ସଦୃଶ ସେ । ୯୪ ।
ବାହାରେ ବିଜୟ କଲା ହୃଦମଧ୍ୟେ ରହି ।
କାମିନୀକି ମୁନିଙ୍କର ବ୍ରହ୍ମଜ୍ଞାନ ପାଇ ସେ । ୯୫ ।
ସୀତାଯୁକ୍ତ ଦିବ୍ୟାୟୁଧ ଅମ୍ବୁଜର ଦୁଜ ।
ଶ୍ୟାମ ତୋଷଦାନେ ରାମମୂର୍ତ୍ତି ବନ୍ଦେ ଲୋକ ସେ । ୯୬ ।

---

କରିଲେ ଦେଲେ ନାହିଁ । ଅଥବା କୁମାରୀର ଅଙ୍ଗ ଅତି କୋମଳ ଜାଣି ପୀଡ଼ାପାଇବା ଭୟରେ ରାଜପୁତ୍ର ବଳ ପ୍ରୟୋଗ କରି ସମ୍ଭୋଗ କଲେ ନାହିଁ । ୯୧ ।

ବିନାଶନ=ବିନା ଅଶନ—ଆହାର ନ କରି ଅର୍ଥାତ୍ ଉପବାସ ବ୍ରତ, ଓଷ୍ଠାମୃତ—ଅଧର ଚୁମ୍ବନ, ପଞ୍ଚଗ୍ରାସ—ଉପାସ ପରେ ୫ ଗରାସ ମିଠେଇ ଭୋଜନ । କନ୍ୟାର ମୁଖ ଚୁମ୍ବନ ନ କରି ଉପବାସ ବ୍ରତ ପୂର୍ଣ୍ଣ କରିବେ ନାହିଁ । ଏହି ଦୋଷର ଗୋଳ ଅର୍ଥାତ୍ ସନ୍ଦେହ ଦୂର କରିବା ପାଇଁ ଚନ୍ଦ୍ରକର ସ୍ପର୍ଶ କରି ପଞ୍ଚଗ୍ରାସ ବିଧି ସମାପନ କଲେ । ୯୨ ।

ଅନ୍ତଃପୁରସ୍ଥାୟୀ—ଅନ୍ତଃପୁରରେ ଥିବା ଲୋକ, ଇନ୍ଧନ—କାଠ । ରାଜପୁତ୍ରର ବଦନ ଅର୍ଥାତ୍ ପ୍ରଣୟସମ୍ପନ୍ନ ଶୋଭାକୁ ଦେଖି ଅନ୍ତଃପୁରସ୍ଥ ଲୋକମାନେ କାଠପିତୁଳା ପରି ରହିଲେ । ୯୩ ।

ଯେତେ—ଯେତିକିମାନେ, କାନ୍ତେ—କାନ୍ତରେ, ଚିତ୍ରଲେଖା—ଅପ୍‌ସରା । ଯେଉଁମାନେ ଆଳସ୍ୟପଣରୁ କାନ୍ତକୁ ଆଉଜାଇଲେ, ସେମାନେ ଛବିରେ ଅଙ୍କା ଅପ୍‌ସରା ପରି ଦିଶିଲେ । ୯୪ ।

ରାଜପୁତ୍ର ମୁନିଙ୍କ ପରି ବ୍ରହ୍ମଜ୍ଞାନ ଲାଭ କରି ହୃଦୟ ମଧ୍ୟରେ ଥିବା ନାରୀମାନଙ୍କୁ ବାହାରେ ଜୟ କଲେ । ୯୫ ।

ଦିବ୍ୟାୟୁଧ—ବ୍ରହ୍ମାସ୍ତ୍ର, ତ୍ରିଶୂଳ; ସୀତା—ଜାନକୀ, ଗଙ୍ଗା, ଅମ୍ବୁଜ—ପଦ୍ମ, ଅଗ୍ନି, ଦୁଜ—ବିଷ୍ଣୁ, ଶ୍ୟାମ—ମହାଦେବ, ତୋଷଦାନେ—ବରଦାନରେ, ରାମ ମୂର୍ତ୍ତି—ରାମଚନ୍ଦ୍ର, ସୁନ୍ଦର ମୂର୍ତ୍ତି । ସୀତା ଓ ଦିବ୍ୟ ଅସ୍ତ୍ର ଅର୍ଥାତ୍ ବ୍ରହ୍ମାସ୍ତ୍ରରେ ଯୁକ୍ତ ପଦ୍ମନେତ୍ର ଏବଂ ଶିବଙ୍କୁ ସନ୍ତୋଷ କରିଥିଲେ ଯିଏ ଏବଂ ଯାହାଙ୍କୁ ଲୋକେ ପୂଜା କରନ୍ତି, ଏପରି ଯେଉଁ ରାମମୂର୍ତ୍ତି । ଅନ୍ୟ ପକ୍ଷରେ ଗଙ୍ଗା ଓ ତ୍ରିଶୂଳରେ ଶୋଭିତ ଅଗ୍ନିନେତ୍ର ଶିବଙ୍କୁ ବରଦାନରେ ଯେଉଁ

ରାମଚନ୍ଦ୍ର ରୁଦ୍ର ବଳଭଦ୍ର ଚିନ୍ତ ଚିତ୍ତ ।
ଉପେନ୍ଦ୍ର ଭଞ୍ଜ ବୀରବର ବିରଚିତ ଯେ । ୯୭ ।

—O—

## ଚତୁସ୍ତ୍ରିଂଶ ଛାନ୍ଦ

[ ରାଗ-ରଞ୍ଜନ ବସନ୍ତ । କଳସା ବାଣୀ ]

ଏ ଛାନ୍ଦ ଇକ୍ଷୁଲତିକା ରସ ଆସ୍ୱାଦନେ ।
ଅର୍ଥୀ ହେବ ଏଥି ଜ୍ଞାନ ରଦ ଥିଲା ଜନେ ହେ ।
ମଧୁଶଯ୍ୟା ସଦନ ସଜାଡି ସହଚରୀ ।
ବେଶ କଲା ସଜନୀରେ ଯେ ଋଥି ଧୁରନ୍ଧର ଯେ । ୧ ।
ମଣ୍ଡିଲେ ଏମନ୍ତ ପୁର ଖଣ୍ଡିଲେ ସନ୍ଦେହ ।
ନବାଙ୍ଗନା ସ୍ୱାନ୍ତ ଯୁବା ପ୍ରମୋଦ ଉଦୟେ ଯେ ।
ଗୋପୀ କୃଷ୍ଣଲୀଳା ଚିହ୍ନ ନାହିଁ ସର୍ବ ଦେଖା ।
ସୀତା ରାମ ପ୍ରତାପ ବିସ୍ମୟ ଆଦି ଲେଖା ଯେ । ୨ ।

---

ରମଣୀୟ ମୂର୍ତ୍ତିକୁ ଲୋକେ ବନ୍ଦନା କରନ୍ତି ଯେ ହେଉଛନ୍ତି ଶିବ । ଅପିଚ ସୀତା ହେଉଛନ୍ତି ଲାଙ୍ଗଳ; ତାଙ୍କୁ ଧରିଥିଲେ ଯେଉଁ ଅମ୍ବୁଜଦ୍ୟୁତି ଅର୍ଥାତ୍ ଧଳାପଦ୍ମ ପରି କାନ୍ତିଯୁକ୍ତ, ସିଏ ପୁଣି ଶ୍ରୀମସେନଙ୍କୁ ସନ୍ତୁଷ୍ଟ କରିବା ପାଇଁ ସୁନ୍ଦର ମୂର୍ତ୍ତି ଧାରଣ କରିଥିଲେ ଏବଂ ଲୋକେ ଯାହାଙ୍କୁ ବନ୍ଦନା କରନ୍ତି ସେମାନେ ରାମ, ଶିବ ଓ ବଳରାମଙ୍କୁ ଚିନ୍ତା କରି ବୀରବର ଉପେନ୍ଦ୍ର ଭଞ୍ଜ ଏହା ରଚନା କଲେ । ୯୬-୯୭ ।

—O—

ଇକ୍ଷୁଲତିକା - ଆଖୁ, ଜ୍ଞାନ ରଦ—ଜ୍ଞାନ ଦନ୍ତ । ଏହି ଛାନ୍ଦ ଆଖୁ ପରି ମିଷ୍ଟ । ଏହାର ମଧୁରତା ଗ୍ରହଣ କରିବା କେବଳ ଜ୍ଞାନଦନ୍ତ ଥିବା ଲୋକଙ୍କ ପକ୍ଷରେ ସମ୍ଭବ । ସଖୀ ମଧୁଶଯ୍ୟା ଗୃହକୁ ସଜାଡି ବେଶ କଲା ଏବଂ ସେ ସାଜସଜ୍ଜାର ବିଧିସବୁ ସଖୀଙ୍କୁ କହିଲା । ୧ ।

ସେହି ନୂତନା ସ୍ତ୍ରୀର ଶୁଭ ଉଦ୍ଦେଶ୍ୟରେ ଓ ଯୁବକର ଆନନ୍ଦ ଜାତ ପାଇଁ ମଧୁଶଯ୍ୟା ଗୃହକୁ ଏପରି ଭାବରେ ସଜାଇଲା ଏବଂ ସନ୍ଦେହକୁ ନାଶ କଲା । ସେ ଘରେ ଗୋପୀ ଓ ଶ୍ରୀକୃଷ୍ଣଙ୍କର ଲୀଳାର ଚିହ୍ନ ନାହିଁ; କିନ୍ତୁ ସୀତାରାମଙ୍କର ମଧୁଶଯ୍ୟା ଓ ପ୍ରତାପ ଆଦି ଲେଖାଥିବା ଚିତ୍ର ରହିଛି । ଗୋପୀ କୃଷ୍ଣ ଲୀଳାରେ ଏକପତ୍ନୀ ବ୍ରତର ବିସ୍ମୟ ନାହିଁ । ୨ ।

ନୂତନରେ ଏତେ ଚିହ୍ନ କଲୁଁ ମତ୍ତ ହରି ।
ଅର୍ଦ୍ଧଜାତ ହରି କଣ୍ଠ ବିଦାରଣ କରି ଯେ ।
ପଲଙ୍କେ ହୀରା ମାଣିକେ ଏତେ ଖୁରା ଥିଲେ ।
ବଲ୍ଲଭ ଦେଖିବା ନ ଦେଖିବା ଶଙ୍କା କଲେ ଯେ । ୩ ।
ପ୍ରଚ୍ଛଦପଟେ ସୁପାଟି ସୁହଂସତୂଳୀ ଭୂମି ।
ଦେଖାଇ ପୁଷ୍ପ ନ ରଖି ଷଡ଼ପଦ ଭାଳି ଯେ ।
ଆଲୋକ-ତମ-ଭକ୍ଷଣା ପ୍ରଦୀପମଞ୍ଜରୀ ।
ତାଟଙ୍କ ଭୂଷାଦି ରତ୍ନ ଜ୍ୟୋତିକି ଡରି ଯେ । ୪ ।
ତୂର୍ଣ୍ଣେ ପୂର୍ଣ୍ଣ ଘନସାରଚୂର୍ଣ୍ଣ ଶେଯ ସିଞ୍ଚି ।
ରସାମଣ୍ଡନା ରସାନ୍ତ ଉପକାର ପାଞ୍ଚି ଯେ ।
ଝୁଣ୍ଡି ଟଙ୍ଗିଲୁଁ ଶୋଭାକୁ ଦର୍ପଣବିତାନ ।
ହେଜୁଁ ହୋଇବ ଦୁଇ ଦଗକୁ ସମାନ ଯେ । ୫ ।

---

କୁମାର କୁମାରୀଙ୍କର ଏହି ପ୍ରଥମ ମିଳନ ଅବସ୍ଥା । ଆମ୍ଭେମାନେ ବୁଦ୍ଧି ଖଟାଇ ଏହିପରି ଚିହ୍ନ କରିଅଛୁଁ । ଅଧା ଦେଖାଯାଉଥିବା ହାତୀକୁ ହରି ଅର୍ଥାତ୍ ସିଂହ ବିଦାରଣ କରୁଅଛି । ଏଦ୍ୱାରା ସୁନ୍ଦରୀର ଅର୍ଦ୍ଧ ପ୍ରକାଶିତ ସ୍ତନରେ ରାଜପୁତ୍ରର ନଖକ୍ଷତର ସଙ୍କେତ ଦେଲୁ । ଶୟନ ପଲଙ୍କରେ ହୀରା ଖଞ୍ଜା ଥିଲେ ଓ ମାଣିକ ଅର୍ଥାତ୍ ଇନ୍ଦ୍ରନୀଳମଣିରେ ପଲଙ୍କର ଖୁରା ଗଢ଼ାଥିଲେ ମଧ୍ୟ ବଲ୍ଲଭ ହୁଏତ ଦେଖିପାରିବ କିବା ନାହିଁ ଏପରି ଶଙ୍କା ହେବାରୁ କାନ୍ଥରେ ପୁଣି ସେହି ଚିହ୍ନ କରିଅଛୁ । ୩ ।

ପ୍ରଚ୍ଛଦପଟ—ଚିକ୍କଣ ଚାଦର, ସୁପାଟି—ଶଯ୍ୟା, ସୁହଂସତୂଳୀ—ଭଲ ହଂସର ପର, ଭୂମି—ଗଦି, ତମଭକ୍ଷଣା ଓ ଦୀପରଖା; ତାଟଙ୍କ—କର୍ଣ୍ଣଭୂଷଣ । ଶଯ୍ୟା ରଚନାରେ ପଲଙ୍କରେ ସୁନ୍ଦର ହଂସପକ୍ଷୀର ଗଦି ବିଛାଇ ତା ଉପରେ ଚିକ୍କଣା ଚାଦର ଦେଲେ । କିନ୍ତୁ ଫୁଲ ସୁନ୍ଦରୀ ଦେହରୁ ଷଡ଼ପଦର ଲୋଭ ଫୁଲ ବିଛାଇଲେ ନାହିଁ । ତାଟଙ୍କ ଆଦି ଭୂଷଣକୁ ଆଲୋକ ଏବଂ ଖପୁରୋଟର ଖଚିତ ରତ୍ନସମୂହର ଜ୍ୟୋତିକୁ ପ୍ରଦୀପମଞ୍ଜରୀ ଅର୍ଥାତ୍ ଦୀପଶିଖା ଡରୁଥିବା ଜାଣି ଦୀପ ରଖିନାହାନ୍ତି । ୪ ।

ତୂର୍ଣ୍ଣେ—ଶୀଘ୍ରରେ, ଘନସାର ଚୂର୍ଣ୍ଣ—କର୍ପୂରଗୁଣ୍ଡ, ରସାମଣ୍ଡନା—ଧରଣୀ ଶୋଭାକାରୀ, ରସାନ୍ତ—ରତି ଶେଷରେ, ଦର୍ପଣ ବିତାନ—ଦର୍ପଣଯୁକ୍ତ ଚାନ୍ଦୁଆ, ଦୁଇ ଦଗ—ତଳ ଉପର । ଧରଣୀଶୋଭାର ରତିଶେଷରେ ଉପକାର ହେବ ପାଞ୍ଚି ଶୀଘ୍ର ଶଯ୍ୟା ଉପରେ କର୍ପୂରଗୁଣ୍ଡ ଭରିଦେଲୁ । ଏହାପରେ ଝଲକଳା ଦର୍ପଣବସା ଚାନ୍ଦୁଆକୁ ଉପରେ ବାନ୍ଧିଦେଲୁ । ଭାବୁଅଛୁ ଏହା ତଳ ଉପର ଦୁଇ ଦଗକୁ ସମାନ ହେବ । ୫ ।

ସଖୀଏ-ବୋଇଲେ ଏତେ ନ ଜାଣ ତ ନିଜ
ବାଳକାଳୁଁ ଅନୁସରି ଚତୁରାମଣି ଯେ ।
ନାମେ ବ୍ରହ୍ମା ଗୁପ୍ତେ ରଖିଥିଲେ କୃଶକଟୀ ।
ଦେଖ ସଜ ହୁଏ ସର୍ଜିବାକୁ ପ୍ରେମସୃଷ୍ଟି ଯେ । ୬ ।
ଶ୍ରୀଧର ହୋଇବ ଦ୍ୱିଜପଦ ବକ୍ଷବାରେ ।
ଦିଗମ୍ବର ହୋଇ ଶିବ ହେବ ଏ ନିଶାରେ ଯେ ।
ନ ଜାଣିଲି ହୋଇ ତହିଁ ଏକ ସଖୀ ପୁଚ୍ଛି ।
ଅର୍ଦ୍ଧେନ୍ଦୁ ବନ୍ଧିବା ଯୋଗ କେତେବେଳେ ଅଛି ଯେ । ୭ ।
ଜଣେ ଭଣେ ଶୈଳ-ଦୁର୍ଗେ ଉରଜ-ସେନାପ ।
ରହି ନ ପାରିବ ପରା ଉତ୍ତରଣ ଦେନ ଯେ ।
ଏକ ବୋଇଲି ଦେଲାବେଳେ କଞ୍ଚୁଆନ୍ତୁ ନାହିଁ ।
ପାଇବାଟି ନିଧା ହାର ନ ରହିବ ଯହିଁ ଯେ । ୮ ।
ସଖୀଏ କହିଲି ଜୂଡ଼ା କଲି ଏହି ଭାବ ।
ମନସିଜ ଅଘଣ-ପତାକା ଉଡ଼ାଇବ ଯେ ।
ଆଜ ହେବ ଅଙ୍ଗଦେଶେ କାନ୍ତ ନୃପପତି ।
ପ୍ରବେଶେ କର ଗ୍ରହଣ କରିବ ଝଟିତି ଯେ । ୯ ।

---

ଜଣେ ସଖୀ କହିଲା, ତୁମ୍ଭେମାନେ ଆମର ଏହି ବୁଦ୍ଧିମତୀକୁ ବାଲ୍ୟକାଳରୁ ଅନୁସରି କରି ଏବଂ କଅଣ ଜାଣନାହିଁ ଯେ ଏହି କ୍ଷୀଣକଟି ସୁନ୍ଦରୀ ନିଜ ନାମରେ ବ୍ରହ୍ମାପଦକୁ ଗୁପ୍ତ ରଖିଥିଲା ? ଏଣୁ ଦେଖ, ବର୍ତ୍ତମାନ ପ୍ରେମ ସୃଷ୍ଟି କରିବାକୁ ପ୍ରସ୍ତୁତ ହେଉଅଛି । ୬ ।

ବିଷ୍ଣୁ ଯେପରି ଭୃଗୁଙ୍କ ପଦାଘାତ ଚିହ୍ନ ବକ୍ଷରେ ଧାରଣ କରିଅଛନ୍ତି ଆମର ସୁନ୍ଦରୀ ରାଜକନ୍ୟା ନିଜ ବକ୍ଷରେ ସେହିପରି କୁମାରଙ୍କର ନଖ ଦନ୍ତ ଚିହ୍ନ ଧାରଣ କରିବ; ପୁଣି ରାତ୍ରିରେ ଉଲଗ୍ନା ହୋଇ ଶିବ ହେବ । ଏହା ଶୁଣି ନ ଜାଣିଲା ପରି ହୋଇ ଆଉ ଜଣେ ସଖୀ ପଚାରିଲା ଯଦ୍ୟପି ଯେବେ ଶିବ ହେବ ତେବେ ଅର୍ଦ୍ଧଚନ୍ଦ୍ର ଓ ତତ୍ସଦୃଶ ନଖକ୍ଷତ ଲଭିବା ଯୋଗ କେତେବେଳେ ଘଟିବ ? ୭ ।

ଆଉ ଜଣେ ସଖୀ କହିଲା, ଉରଜ ଅର୍ଥାତ୍ ସ୍ତନରୂପକ ସେନାପତି ଶୈଳ ଅର୍ଥାତ୍ ଆଞ୍ଚଳ ରୂପକ ଦୁର୍ଗ ରତ ରଣ ଯୋଗୁଁ ରହି ପାରିବ ନାହିଁ ଅର୍ଥାତ୍ କୁମାରଙ୍କ ରଙ୍ଗରେ ମାତିଲେ ସ୍ତନ ଦୁଇଟି ତ ଆଞ୍ଚଳରେ ନ ରହି ବାହାରି ମଣ୍ଡିତ ହେବ । ଏକ ଜଣେ ସଖୀ କହିଲା, କୁମାରଙ୍କୁ ହାର ପିନ୍ଧାଇବାବେଳେ ମୁଁ ନାହିଁ କରିଥାନ୍ତି । ସେହେତୁ ରତିକାର୍ଯ୍ୟ-ବେଳେ ହାର ରହି ପାରିବ ନାହିଁ, ଆଉ ଆମ୍ଭେମାନେ ନିଧା ପାଇବୁଁ । ୮ ।

ଆଉ ଜଣେ ସଖୀ କହିଲା, ମନସିଜ ଅର୍ଥାତ୍ କନ୍ଦର୍ପ ଅଖ୍ୟାତ ବାନା ଉଡ଼ାଇବ ବୋଲି ଭାବି ମୁଁ କୁମାରୀର ଜୁଡ଼ା ବାନ୍ଧିଅଛି । ଆଜି କୁମାରୀର ଶରୀର ରୂପକ ଦେଶରେ

କେନ୍ତୁ କନ୍ତୁ ମୂଳ ହେଲା କଟକ ମଣ୍ଡିବା ।
ତାଙ୍କ ପ୍ରତାପ ଫୁଲ ଛତ୍ର ଦେଇଥିବା ସେ ।
ଖଞ୍ଜି ଥିବା ରଞ୍ଜିବାକୁ ଶୁଭ ଲକ୍ଷଣାକୁ ।
ଝିଲମିଲମାଳୀ ପାନପତ୍ରୀ ତୋରଣାକୁ ସେ । ୧୦ ।

ଝାଞ୍ଜ ତଗୋ ନୂପୁର ବଳା ଝୁଣ୍ଟିଆ ବାଜେଣି ।
ଚତୁର୍ବିଧ ବାଦ୍ୟ ହେଉ ବସ୍ତୁପୀଏ ଭଣି ସେ ।
ହସି ଅଳୀଏ କହିଲା ଏ କଥା ବଶ୍ବର ।
ଅନାସ୍ବତ୍ତ୍ବେକଲେ କରୁ ସୁରତ୍ତ ଗୋଚର ସେ । ୧୧ ।

ସରସବାଣୀ ଏରୂପେ କହୁଁ ବେଷବେଶ ।
ବନ୍ଧୁଜୀବଅଧରା ସଜାଡ଼ି ପିନ୍ଧୁ ବାସ ସେ ।
ମୃଦୁ ହସି ଭଣିଲା ବଢ଼ାଇ ଦେବା ସଖୀ ।
ଏତେ ଯତ୍ନକୁ ଏହାକୁ ପାରିବୁ କି ରଖି ସେ । ୧୨ ।

---

ଏହାର ସ୍ୱାମୀ ରାଜା ହେବେ । ସେ ପଦ୍ମିନୀଲକ୍ଷଣି ଶୀଘ୍ର କର ଅର୍ଥାତ୍ ରାଜସ୍ୱ ଏବଂ ହସ୍ତ ଗ୍ରହଣ କରିବେ । ୯ ।

କୌଣସି ସଖୀ କହିଲା କଟକ ଅର୍ଥାତ୍ ରାଜଧାନୀ ଏବଂ ହାତ କଡ଼ୁଣା ଦ୍ୱାରା ସଜାଇବା ମୂଳକଥା । ଏହା ସଙ୍ଗରୁ ତାଙ୍କ ରୂପ ପ୍ରତାପ ଓ ଛତ୍ରଯୁକ୍ତ କାନଫୁଲ ପିନ୍ଧିଥିବା ଏହି ଶୁଭଲକ୍ଷଣା ସୁନ୍ଦରୀର ଶୋଭାବୃଦ୍ଧି ପାଇଁ ଝିଲମିଲି ମାଳ ଓ ପାନପତ୍ରୀ ରୂପକ ତୋରଣାକୁ ପିନ୍ଧାଇଦେବା । ୧୦ ।

ନୂପୁର, ବଳା, ଝୁଣ୍ଟିଆ, ବାଜେଣି ପ୍ରଭୃତି ପଦରେ ୪ ରକମର ଗହଣା ପିନ୍ଧାଇ ଦିଅ ତଦ୍ୱାରା ୪ ରକମର ଧ୍ୱନି ଉଠିବ ବୋଲି ସଖୀମାନେ କହିଲେ । ହସିକରି ଜଣେ ସଖୀ କହିଲା ଯେତେବେଳେ ସୁରତ ବଶରେ ଆଉ ଆସ୍ୱାଦ ରହିବ ନାହିଁ ସେତେ-ବେଳେ ଏ ସବୁ ଗହଣାର ଧ୍ୱନି ସୁନ୍ଦରୀର ରତ ଉନ୍ମତ୍ତ କିସ୍ସା ପ୍ରକାଶ କରିଦେବ ଏ କଥା ବିଚାରି ଦେଖୁଛ କି ? ୧୧ ।

ଏହିପରି ରସଯୁକ୍ତ କଥା ହେଉଁ ହେଉଁ ଜେମାର ବେଶ ଶେଷ ହୋଇଗଲା । ଏହାପରେ ରଙ୍ଗାଧରା ସୁନ୍ଦରୀ ସଜାଡ଼ି କରି ଶାଢ଼ୀ ପିନ୍ଧନ୍ତେ ଜଣେ ସଖୀ ମୁରୁକି ହସି କହିଲା, ଏତେ ଯତ୍ନ କରି ଶାଢ଼ୀ ପିନ୍ଧୁଛ କିନ୍ତୁ ଏହି ପିନ୍ଧିବା ରହିବ କି ? । ୧୨ ।

ଆଳିଏ ଛଳିଲା ଯୋଗ ଏ ପାଶରେ ରହିବ ।
ନବକନ୍ଦ ବୋଇଲା ସେ ନ ରହିବ ସେଥି ଯେ ।
ରସନଦୀ ବୃଦ୍ଧି ବୁଡ଼ାଇବ ବେନକୂଳ ।
ଏଦେଶନ-କରଲଦଣ୍ଡ ହୋଇବ ଚଞ୍ଚଳ ଯେ । ୧୩ ।
ସଙ୍ଗିମାଏ ପକ୍ଷ ହେଲା ରସ ରଙ୍ଗିମାଙ୍କ
ତୁମ୍ଭ ବୋଲ ଯେନ ଦୃଢ଼େ ନ ବାନ୍ଧିବ ନାକ ଯେ ।
ପ୍ରେମବୀଜ ଅଙ୍କୁରାଇଅଛି ହୃଦକ୍ଷେତ୍ରେ ।
ରହିବ ବନସ୍ତ ଫଳ ଜାତ ଶରସତ୍ରେ ଯେ । ୧୪ ।
ପ୍ରିୟତମାଏ ଭଣିଲା ହାସ କର କେତେ ।
ଶିକ୍ଷା ଦେଇଥାଅ କେଉଁ ଲୀଳା ଯେଉଁ ମତେ ଯେ ।
କି କଥା କହ ଗୋ ବୋଲି ଏକ ସଖୀ ଭଣେ ।
ଏ ସୁରଶାସ୍ତ୍ରପଣ୍ଡିତା ଅଗୁରୁ ବିଦ୍ୟା ସେ ଯେ । ୧୫ ।
ଏ କଥା ପ୍ରମାଣ କଲା ଏକ ସଖୀ ଥାଇ ।
ମୟୂର ପଛକୁ ଯଥା ଚହଳର ନାହିଁ ଯେ ।
ଏ ସମୟେ ଜଣାଇଲା ଆସି ଏକ ଯୁବତୀ ।
ତେଜସ୍ୱରେ ବଢ଼ଯ କଲେଣି ରତିଗୁରୁ ଯେ । ୧୬ ।

---

ଜଣେ ସଖୀ ଛଳ କରି କହିଲା, ଯୋଗକୁ ଘଡ ସାଢ଼ୀ ରହିବ ତେଙ୍କେ ନାଭି ପାଖ ଖୋସଣି ଗଣ୍ଠି କହୁଛ ସେ ରହିବ ନାହିଁ । ସୁରତ ରସ ରୂପକ ନଦୀ ବଢ଼ି ଦୁଇ କୂଳ ବୁଡ଼ାଇ ଦେବ ତେତେବେଳେ ହାତ ଗୁଳନା ଲହସା ପରି ଚଞ୍ଚଳ ହେବ । ୧୩ ।

ଜଣେ ସଖୀ ରସରଙ୍ଗିଣୀ ଅର୍ଥାତ୍ ରାଜକନ୍ୟାର ପକ୍ଷ ନେଇ କହିଲା, ତୁମ କଥା ମାନ ଆମର ଜେମା କଅଣ ଦୃଢ ଭାବରେ ଖୋସଣି ଗଣ୍ଠି ପକାଇବ ନାହିଁ ? ଯେତେବେଳେ ଜେମାର ହୃଦୟ କ୍ଷେତ୍ରରେ ପ୍ରେମର ବୀଜ ଗଛ ହୋଇ ସାରିଲାଣି ସେତେବେଳେ ସେହି ଗଛରୁ ବନସ୍ତ ରୂପକ ଆତ୍ମ ସମର୍ପଣ ଫଳବାସାଏ ରହିବ । ୧୪ ।

ଏହା ଶୁଣି ଜଣେ ପ୍ରିୟ ସଖୀ କହିଲା, ଆଗୋ ତୁମେ କେତେ ଥଟ୍ଟା କରୁଛ ? ବରଂ କେଉଁ ପ୍ରଣୟ ଲୀଳାର କପରି ରୀତି ତାହା ଜେମାକୁ ଶିଖାଇଦିଅ । ଏ କଥା ଶୁଣି ଆଉ ଜଣେ ସଖୀ କହିଲା, କଅଣ କଥା କହୁଛ । ଆମ ଜେମା କାମ ଶାସ୍ତ୍ରରେ ପଣ୍ଡିତା ଅଟେ; କାରଣ କାମବିଦ୍ୟା ବିନା ଗୁରୁରେ ଶିଖିଛନ୍ତି । ୧୫ ।

ପୂର୍ବୋକ୍ତ କଥା ଶୁଣି ଆଉ ଜଣେ ସଖୀ କହିଲା, ଏ କଥା ପ୍ରମାଣ ଅଟେ । ମୟୂର ପୁଚ୍ଛକୁ ତ ପୁଣି ଚିତ୍ରିବା ପାଇଁ ଶିଳ୍ପି ନାହିଁ । ଏହିକବେଳେ ଏକ ତରୁଣୀ ଆସି ଖବର ଦେଲା ଯେ, ଶଯ୍ୟାଗୃହରେ ରତି ପଣ୍ଡିତ ବସି ଜଲେଣି । ୧୬ ।

ଆଜ ତୋ କୁଚ କଠିମା ଛୁଇଁବା ହୋଇବ ।
ଏ ଅନନ୍ତରେ ରସିକା ସିଦ୍ଧି ଉପୁଜିବ ଯେ ।
ସ୍ୱାଧୀନ ଭର୍ତ୍ତୃକା ହୋଇବାକୁ ଇଚ୍ଛାଥିଲେ ।
ଶୁଭବେଳ ହୋଇଅଛି ଚାଲ ବୋଲି ନେଲେ ଯେ । ୧୭ ।
ଗଉରୀକି ଈଶ ପାଶେ ନେବା ରଙ୍ଗ ତହିଁ ।
ଲକ୍ଷ୍ୟରୂପେ ଦର୍ଶିଗଲା ସ୍ୱଭାବତ ଏହି ଯେ ।
ଲଜ୍ଜା ଅନୁରାଗର ଉପୁଜିଗଲା ବାଦ ।
ନ ବଳି ବଳି ନ ଚଳି ଚଳି ମନ ପାଦ ଯେ । ୧୮ ।
ମନ୍ଦଗତି ସଖୀଙ୍କି କହେ କେଉଁ ସହଚରୀ ।
କାନ୍ତ ବଳବନ୍ତ ମୁଁ ଅବଳା ସୁକୁମାରୀ ଯେ ।
ରହ ରହ ହେଉଛି କି କି କରିବ ଭାବ ।
ପ୍ରଚଣ୍ଡ କିରଣେ ପଦ୍ମମାନ ତୋଷେ ରବି ଯେ । ୧୯ ।
ଚନ୍ଦ୍ରମା ବିପକ୍ଷ ରାହୁ ବରଇ କି ନାଶ ।
ପ୍ରାଣନାଥ ଏତ ଆସ୍ୱାଦକ ପିନା ରସ ଯେ ।
ଗିରି ଉପାଡ଼ି ଗୋବର୍ଦ୍ଧନ ଇନ୍ଦ୍ର ଗର୍ବ ଚୂରି ।
ଦେଖ ଗୋପୀ ସ୍ତନ ଟାଣ ନ ପାରିଲେ ହରି ଯେ । ୨୦ ।

---

ଆଜ ତୋ ସ୍ତନ ରୂପକ ଖଡ଼ିକୁ ଛୁଇଁବା ଯୋଗ ହେବ । ଖଡ଼ିଛୁଇଁ ପରେ ଯେହ୍ନେ ପ୍ରଥମେ ସିଦ୍ଧିରସ୍ତୁ ପାଠ କଲୁ ପରି ତୋ ସ୍ତନ ରୂପକ ଖଡ଼ି ଛୁଇଁ ରତି କାର୍ଯ୍ୟରେ ସଫଳତା ପାଇବ ।

ସ୍ୱାମୀକୁ ନିଜର ଆୟତ୍ତରେ ରଖିବାର ଇଚ୍ଛା ଥିଲେ ବର୍ତ୍ତମାନର ଶୁଭ ବେଳରେ ଚାଲ୍ ବୋଲି ତେମାକୁ ନେଲେ । ୧୭ ।

ପାର୍ବତୀଙ୍କୁ ମହାଦେବଙ୍କ ନିକଟକୁ ନେବାର ରୀତି ସେଠାରେ ଉପମାନ ସ୍ୱରୂପ ଦେଖାଗଲା । ଏହାହିଁ ନିଜର କଳନା । ଲଜ୍ଜା ଓ ଅନୁରାଗ ଦୁହେଁ ପରସ୍ପର ବିବାଦ କଲେ । ମନ ମଲ୍ଲା ହେତୁ ଆଗକୁ ନ ବଢ଼ି ଅଟକିଲା ବେଳେ ଅନୁରାଗ ବଳରୁ ପୁଣି ଆଗକୁ ଗଲା । ପାଦ ମଧ୍ୟ ଲଜ୍ଜାରୁ ଆଗକୁ ନ ଚାଲିଲା କିନ୍ତୁ ଅନୁରାଗ ଯୋଗୁଁ ଚାଲିଲା । ୧୮ ।

ରାଜକନ୍ୟାର ଗତି ଧୀର ହେବା ଦେଖି କୌଣସି ସଖୀ କହିଲା, ସ୍ୱାମୀ ତ ବଳବାନ, ତୁମେ ସହଜେ ଦୁର୍ବଳା ଓ ସୁକୁମାରୀ ରାଜକୁମାରୀ କଅଣ କରିବ ଭାବି ରହି ରହି ହେଉଛ । ସୂର୍ଯ୍ୟ ପ୍ରଖର କିରଣରେ ପୁଣି ତ ପଦ୍ମମାନଙ୍କୁ ସନ୍ତୁଷ୍ଟ କରିଥାଏ । ୧୯ ।

ରାହୁ ଚନ୍ଦ୍ରର ବିପକ୍ଷ ହେଲେ ମଧ୍ୟ ତାକୁ ନାଶ ନ କରି ରସ ଆସ୍ୱାଦନ କରିଥାଏ । ଇଏ ତ ବିପକ୍ଷ ନୁହନ୍ତି ବରଂ ନିଜର ସ୍ୱାମୀ, ତେଣୁ କେବଳ ରସ ଆସ୍ୱାଦନ

କେ କହ୍ନି ଏ ନୋହେ ସ୍ୱାମୀ ଉହୁ ଉହୁ କମ୍ପନେ ।
ଉହୁ ଉହୁ ଆମ୍ଭଙ୍କୁ ବୋଲୁଛି ଏହା ହେଜେ ଯେ ।
କେ କହେ ବାଳା ଆପ୍ତୁଣ୍ଡି ନାହିଁ ଲଜ୍ଜା ଦୋଷ ।
ନ ଘଟଯିବ କି ତାହାଠାରେ ଆମ୍ଭ ଶାସ୍ତ ଯେ । ୨୧ ।

ଆମ୍ଭଠାରେ ନାହିଁ ବାଳା କପଟ କେ ବୋଲି ।
ଅଙ୍ଗେ ପ୍ରିୟୁ ସଙ୍ଗ ରଙ୍ଗ ଦେଖାଇବ କାଲି ଯେ ।
କି ରସ ରଚିବ ଧବ ସଙ୍ଗେ ଏହା ଭାବ ।
ବିକଳେ ତମେ ରସିକା ଅନଅନୁଭବୀ ଯେ । ୨୨ ।

କେ କର୍ଣ୍ଣେ କହେ ତୁ ପର ଚେତୁଣି ରମ୍ଭୋରୁ ।
ତକନ୍ଦେ ଏତେକ ଲୋଭ ଅଛୁ ନ ବସ୍ତୁରୁ ଯେ ।
ମନମଥ ରସେ ମନୋରଥ ନୋହୁ ପୂର୍ଣ୍ଣ ।
ଶର୍ବରୀ ସରିଯିବଟି ହୁଅ ସାବଧାନ ଯେ । ୨୩ ।

---

କରିବେ । ଗୋପରେ ଯେଉଁ ଶ୍ରୀକୃଷ୍ଣ ଗୋବର୍ଦ୍ଧନ ଗିରି ଉପାଡ଼ି ଇନ୍ଦ୍ରର ଗର୍ବ ଚୂର୍ଣ୍ଣ କରିଥିଲେ ସେ ଗୋପୀମାନଙ୍କର ଝାଣ୍ଟୁଆ ସ୍ତନ ରୂପକ ଗିରିକୁ କିଛି କରି ପାରିଲେ ନାହିଁ ଏ କଥା ମନରେ ବିଚାର କର । ୨୦ ।

କୌଣସି ସଖୀ କହିଲା, ଏହା ଆମ ସୁନ୍ଦରୀର ଉହୁ ଉହୁ କଥା ନୁହେଁ ବରଂ ସେ ଆମ୍ଭମାନଙ୍କୁ ଏଠାରେ ରହିବା ପାଇଁ ଛଳରେ ଉହୁ ଉହୁ କହୁଅଛି । ଆଉ ଜଣେ ସଖୀ କହିଲା, ଏପରି କହିବା ସୁନ୍ଦରୀର ଅସ୍ୱଜ ନୁହେଁ, ଏହା ଲଜ୍ଜା ଯୋଗୁଁ ଘଟିଛି । ତାଙ୍କ ଉପରେ ଅନ୍ତର ନିଶ୍ୱାସ ପଡ଼ି ନ ଯିବ କି ? । ୨୧ ।

ଆମ୍ଭ ପାଖରେ ନାହିଁ । ଏହା ସୁନ୍ଦରୀର କପଟ ଭାବ ବୋଲି ଜଣେ ଜଣେ କହିଲା । କାଲି ଏଙ୍କ ଦେହରେ ପ୍ରିୟର ମିଳନ ଲୀଳାର ଲକ୍ଷଣ ଦେଖାଇବ । ଆମ ସୁନ୍ଦରୀ ସଙ୍ଗ ଲୀଳାରେ ଅନୁଭବୀ ନୁହେଁ, ତେଣୁ ସ୍ୱାମୀ ସହିତ କି ଲୀଳା କରିବ ସେହି କଥା ଭାବ ଭାବ ଯିବାପାଇଁ ବିଳମ୍ବ କରୁଅଛି । ୨୨ ।

କୌଣସି ସଖୀ ସୁନ୍ଦରୀର କାନରେ କହିଲା, ତୁ ପରା ରମ୍ଭା ସଦୃଶ ଉରୁ ବିଶିଷ୍ଟା ସୁଲକ୍ଷ ସ୍ତ୍ରୀ । ରତି କ୍ରୀଡ଼ାରେ ମନୋବାଞ୍ଛା ପୂରା ନ ହେଉଣୁ ଶର୍ବରୀ ଅର୍ଥାତ୍ ରାତି ପାହିଯିବ; ଏଣୁ ବିଳମ୍ବ କରି ରହିଲେ ଏତିକି ଫଳ ଏ କଥା ଭାବି ସାବଧାନ ହୁଅ । ୨୩ ।

ରସିକ ବସି ପଲଙ୍କେ କି କାତରହୋଇ ।
ପ୍ରଲମ୍ବକେଶୀ ବଳମ୍ବ ଗ୍ରନ୍ଥି ବନ୍ଧୁରଇ ଯେ ।
ଦୃଷ୍ଟି ପଡ଼ି ଉଦରଶରଣ ବଳଠାରେ ।
ତଲ୍ପଦାନ ଆଶଙ୍କା କି ତନୁଦାନ କରେ ଯେ । ୨୪ ।
ଯେଉଁଦାନ ଦାନବାରିବାରେ-ସୁଖଦାୟୀ ।
ଲଜ୍ଜା ବାରିଜାକ୍ଷୀରେ ବାଧି କି ଦେବାପାଇଁ ଯେ ।
ନ କରେ କି ଦାମ୍ଭ ଦାନ ବାରିଲେ କୃପଣ ।
ହୃଦୟରେ ଉଦୟ କି ସ୍ତନସଙ୍ଗ ଗୁଣ ଯେ । ୨୫ ।
ବାହ୍ୟସ୍ଥ ଲୋକ ସାହାଯ୍ୟ କେତେବେଳେ ରହି ।
ଏକ୍ଷଣି ଆସିବେ ସୁଲକ୍ଷଣୀ ଘେନି ସଖୀ ଯେ ।
କର ପୀଡ଼ାରେ ପାରିବ ଉରଜ ମଦନ୍ତୁ ।
ଅଙ୍ଗସୀମା କ୍ରୀଡ଼ାକୁ ଛଡ଼ାଇ ଦେବ ସତ ଯେ । ୨୬ ।
ଏ କାଳେ ପୁର ପାରୁଶେ ନୂପୁର ଝାଙ୍କିଲା ।
ନିପୁଣସୁନ୍ଦରୀବୃନ୍ଦରାଜା ଶଙ୍କି କଲା ଯେ ।

---

ତେବେ ଶୟନ କକ୍ଷରେ ଖଟ ଉପରେ ବସି କୁମାର ବ୍ୟାକୁଳ ହୋଇ ଦୀର୍ଘ କେଶୀର କେଶର ଦେଖି ବନ୍ଧୁର କହୁଅଛୁ ଉଦରରେ ଶରଣ ପଶିଥିବା ତ୍ରିବଳୀ ଉପରେ ଆଖି ପଡ଼ିବାରୁ କୁମାରୀ ଦେହ ଦାନକୁ ଅଲଦାନ ବୋଲି ଆଶଙ୍କା କରୁଅଛୁ କି ? । ୨୪ ।

ଯେଉଁ ତନୁଦାନ ଦାନବାରିବର ଅର୍ଥାତ୍ ଅସୁରଙ୍କର ଶ୍ରେଷ୍ଠ ଶତ୍ରୁ ଅର୍ଥାତ୍ ଇନ୍ଦ୍ରଙ୍କର ସୁଖଦାୟୀ ସେହି ଦେହ ଦାନ କରିବା ପାଇଁ ବାରିଜାକ୍ଷୀ ଅର୍ଥାତ୍ ପଦ୍ମନେତ୍ରୀକୁ ଲଜ୍ଜା ବାଧା ଦେଉଅଛି କି ? କୃପଣ ବାରଣ କଲେ ମଧ୍ୟ ଦାମୀ କଅଣ ଦାନ କରେ ନାହିଁ ? ତେବେ ସୁନ୍ଦରୀର ଏତେ କଠିନ ହୃଦୟ ହେଲା କାହିଁକି ? ବୋଧହୁଏ ସୁନ୍ଦରୀର ହୃଦୟରେ କଠିନ ସ୍ତନ ଥିବାରୁ ସେହି ସଙ୍ଗ ଦୋଷରୁ ସୁନ୍ଦରୀ କଠିନ ହୃଦୟା ହୋଇଅଛି । ୨୫ ।

ବାହ୍ୟସ୍ଥ ଅର୍ଥାତ୍ ବାହାର ଲୋକମାନଙ୍କର ସାହାଯ୍ୟ ଆଉ କେତେ ବେଳଯାଏ ରହିବ । ଏକ୍ଷଣି ସଖୀମାନେ ଉତ୍ତମ ଲକ୍ଷଣଯୁକ୍ତା ନେଇ ଆସିବେ । ହାତରେ ପୀଡ଼ା ଦେଇ ସ୍ତନର ଦର୍ପଣ ହରାଇଦେବ । ଦେହ ଉପରେ ରହିଥିବା ଲଜ୍ଜାକୁ ସତ୍ୟରେ ଛଡ଼ାଇ ଦେବ । ୨୬ ।

ଏତିକବେଳେ ପୁର ଅର୍ଥାତ୍ ଶୟନକକ୍ଷ ନିକଟରେ ନୂପୁର ଧ୍ୱନି ଶୁଣାଗଲା । ନୂପୁର ଯେପରି ଝାଙ୍କି କହିଲେ ଅନ୍ତଃପୁର ଭିତରେ ଥିବା ସୁନ୍ଦରୀମାନଙ୍କର ରାଜା ଶଙ୍କା କଲେ । ସୁନ୍ଦରୀର ପାଦର ବଳା ରୁଣୁଝୁଣୁ ଧ୍ୱନିରେ ଛଳରେ କହିଲା ମୁଁ ବାଟ ଚଲାଇ

ଚନାଇ ମୁଁ ପଥ ବନା କରିବକୁ ଗଲେ ।
ମୁଁ ଝୁଣ୍ଟିଆ ବୋଲି କି ଝୁଣ୍ଟିଆ କରେ ଗୋଳ ଯେ । ୨୭ ।
ଲୁଟିବା ଲୁଟିବା ବୋଲେ କିଙ୍କିଣୀ ପାଦ କି ।
ଶ୍ରବଣେ ମାନସ ଆଶା ଯୁବାବର ଟେକ ଯେ ॥
ଭେଟିବ ନେତ୍ରଦ୍ୱୟଙ୍କି ନିଜସ୍ଥଳ କରି ।
ମୁଁ ତା ଭୃତ୍ୟ ହୋଇଲି କହିବ ଅନୁସରି ଯେ । ୨୮ ।
ଶ୍ରୀବେଣୁସ୍ୱର ହୃଦୟରେ ପୂରିତ କରୁଣା ।
ମତଭୃତନ ବର୍ତ୍ତିନ କରିବ ସରଣା ଯେ ॥
ଶାଢ଼ୀ ମୋର କରି ହେବ ମହା ଆନନ୍ଦିତ ।
କ୍ଷଣକେ ତରୁଣଗଣେ ହୋଇବ ସାମନ୍ତ ଯେ । ୨୯ ।
ଏ ସମୟେ ବାଳାକୁ ବନାଇ ଦେହଳିକି ।
ଜଣେ ପୁଚ୍ଛେ ବଲ୍ଲଭେ ସମର୍ପି ଦିବା ଟିକି ଯେ ॥
ପ୍ରତିଉତ୍ତର କଲେ କେ ଇହ ଗୋ କି କଥା ।
ଆଜନ୍ମରେ ଆମ୍ଭଙ୍କୁ ଲାଗିଥିଲା ବ୍ୟଥା ଯେ । ୩୦ ।

---

ନେବି । ତହୁଁ ଝୁଣ୍ଟିଆ ନାମକ ଗହଣା ବାଜିବା ଛଳରେ କହିଲା ମୁଁ ପ୍ରହରୀ କାମର ସେବକ, ଏଣୁ ବାଟବନାଇବା କାମ ମୋହର ଅଟେ । ୨୭ ।

ଘୁଙ୍ଗୁରୁଲଗା ଅଣ୍ଟା ଗୋଠର ଧ୍ୱନି ଶୁଭିଲା । ତାହା ଧ୍ୱନି ନୁହେଁ ଧ୍ୱନି ଛଳରେ ସତେ ଯେପରି କହୁଛି ତୁହି ତୁମର କଥା ବସୁଭ କରିବା । ରାଜପୁତ୍ର ତାହା ଶୁଣି ମନରେ ଆଶା ପୋଷଣ କଲା, ଏଥର ମୁଁ ତାହାଙ୍କୁ ଆଖି ନୁଆଁଇ ଦେଖିବ ଏବଂ ମୁଁ ତୋର ଅନୁସରଣକାରୀ ସେବକ ବୋଲି କହିବ । ୨୮ ।

ମୋ ଜୀବନ ଈଶ୍ୱରୀର ହୃଦୟ ଦୟାପୂର୍ଣ୍ଣ, ଭୃତ୍ୟର ବର୍ତ୍ତିନ ଅର୍ଥାତ ଦରମା ପାଇଁ ମୁଁ ଉଚ ରଡ଼ି ଧାର୍ଯ୍ୟ କରି ତାହା ହାତରୁ କର୍ମ ପୁରସ୍କାର ଶାଢ଼ୀ ନେଇ ଅତି ଖୁସୀ ହେବ । ସେହି ଶାଢ଼ୀ ଯୋଗେ ତତ୍‌କ୍ଷଣାତ୍ ମୁଁ ଯୁବକ ଦଳରେ ସାମନ୍ତ ହୋଇ-ଯିବ । ୨୯ ।

ଏହି ସମୟରେ ରାଜକନ୍ୟାକୁ ଦୁଆର ବନ୍ଧ ଟପାଇ ଜଣେ ସଖୀ ପଚାରିଲା, କେମାନ୍ତୁ ତାହା ସ୍ୱାମୀ ହାତରେ ଅର୍ପଣ କରିଦେଇ ଯିବା ତ ? ଏହା ଶୁଣି ଅନ୍ୟ କୌଣସି ସଖୀ ଉତ୍ତର ଦେଲା, ସେ କି କଥା କହୁଛ । ଆମକୁ ଯିନା କେମା ପାଇଁ ଯାତନା ଆଜନ୍ମ ଏ ଥିଲା । ୩୦ ।

ପର କୁତାରୁ କି ହେବ ଯହିଁ ମାନ ମିଳି ।
ଯେ ଯାହାର ଦ୍ରବ୍ୟ ସେ ତାହାକୁ ପ୍ରତିପାଳେ ଯେ ॥
ଥାଅ ମେଲଣି ହେଲୁଁ ଟି ବୋଲି ଗଲେ ସଖୀ ।
ଶୋଭାବତୀ ଆଗେ ଉଭା ଲୋଭା କାନ୍ତ ଦେଖି ଯେ । ୩୧ ।

ସେ କାଳେ ସରସୀ ଶୋଭା ସେ କେଳିମନ୍ଦର ।
ଅତି ମଦନ-ମଦାନ୍ଧ ତରୁଣ କୁଞ୍ଜର ଯେ ।
କରି ସନାଳ-ସାରଜ କରରେ ଧଇଲା ।
ସ୍ତବକେ ନଳମାଳତୀ ଉପାଡ଼ି କି ନେଲା ଯେ । ୩୨ ।

କୁମାର ବସାଇ କୋଳେ ରାମା ଶେଯେ ବସି ।
ମାର ସାରଣି ଖେଳିଲା ଶୋଭାର ସଦୃଶୀ ସେ ॥
ସେ କାଳ ଚରପଟ୍ଟା ଷଡ଼ୃତୁକୁ ମତ ।
ଉଦ୍ଦୀପନ ଶରଦ ହୋଇଲା ସ୍ମର ଚିତ୍ତ ଯେ । ୩୩ ।

---

ପର କଥାରୁ କଅଣ ମିଳିବ ? ଯେଉଁଠି ମନ ମିଳେ ସେଠି ଯିଏ ଯାହାର ପଦାର୍ଥ ସେ ତାହାକୁ ପାଳନ କରେ । ଏହାପରେ ସେମାନେ କହିଲେ, ତୁମେ ରୁହ ଆମ୍ଭେମାନେ ଯାଉଅଛୁ କହି ଚାଲିଗଲେ । ସୁନ୍ଦରୀକୁ ଆଗରେ ଠିଆ ହୋଇଥିବାର ଦେଖି ସ୍ୱାମୀ ଲୋଭ ହୋଇ ଉଠିଲା । ୩୧ ।

ସେହି ସମୟରେ ସେହି କେଳିଭବନ ସରସୀ ଅର୍ଥାତ୍ ପୁଷ୍କରିଣୀର ଶୋଭାକୁ ଧାରଣ କଲା । ପୁଷ୍କରିଣୀରେ ମଦହସ୍ତୀ ହୋଇଥିବା ପରି ଯେମିତି ସହିତ ପଦ୍ମକୁ ଶୁଣ୍ଢରେ ଧରି ପଦ୍ମ ଲତାକୁ ଉପାଡ଼ିଲା ପରି କେଳି କକ୍ଷରେ କାମାନ୍ଧ ଯୁବକ ରାଜକନ୍ୟାର ପଦ୍ମ ସମାନ ହାତକୁ ଧରି ପଦ୍ମ ନାଡ଼ ପରି ସ୍ତବକେ ଅର୍ଥାତ୍ ନଳର ବୋଲି ମନେ କରି ଟାଣି-ନେଲା । ୩୨ ।

ରାଜପୁତ୍ର ସୁନ୍ଦରୀକୁ ଟାଣିନେଇ କୋଳରେ ବସାନ୍ତେ କୁମାରୀ ଖସିଯାଇ ବିଛଣାରେ ବସିଲା । ଏହି ଶୋଭା କନ୍ଦର୍ପର ସାରଣୀ ଖେଳର ଶୋଭାକୁ ପାଇଲା ଅର୍ଥାତ୍ ସାରଣୀକୁ ଛଡ଼ାଦେଲେ ତଳକୁ ଯାଇ ପୁଣି ଉପରକୁ ଉଠିଆସେ । ସେହି ବେଳରେ ରାଜକନ୍ୟାର ଚରପଟା ଛଡ଼ାଇବା ପାଇଁ ରାଜପୁତ୍ର ଯେଉଁ ସବୁ କଥା କହିଲା ତାହା ଷଡ଼ୃତୁ ପରି ହେଲା । କାମର ବିକାର ଚିତ୍ତରେ ଜାତ କଲାରୁ ତାହା ଶରତଋତୁ ପରି ଉଦ୍ଦୀପକ ହେଲା । ୩୩ ।

କାନ୍ତ ଚନ୍ଦ୍ର ଶ୍ରୀତଳତା ନସ୍ତ ରଞ୍ଜନାନ୍ତ ।
କରଣରେ ଜୀବଞ୍ଜୀବ ବର୍ଣ୍ଣ ସ୍ୱାନ୍ତ କ୍ଲାନ୍ତ ଯେ ।
ସୁମନା ସୁମନଙ୍କୁ ଉଲିପୁଷ୍ଟ କ୍ରିୟାବନ୍ତ ।
ମ ନାହଁକୁ ତାହୁଲା ଷ୍ଟଲକ ଉପୁଜନ୍ତ ଯେ । ୩୪ ।
ପୁଷ୍କର ଦ୍ରୁତ ନର୍ମଳ ଦ୍ରବକ ଅନ୍ତରେ ।
କାଶ ଦରକ୍ତଳାଙ୍ଗ ହାସରେ ଉମନ୍ତ ଯେ ।
ସ୍ୱକାନ୍ତ ଉଜ୍ଜ ନର୍କୁସ ନେହାରିବାର ଗନ୍ତ ।
ଲଜ୍ଜାହାନ ଦ୍ରୁମେ ଦ୍ରୁମେ ଗ୍ଲାନି ଲଭନ୍ତ ଯେ । ୩୫ ।
ମାହାର ହୋଇବା କାଳ ପ୍ରବୃତ୍ତିଲା ଆସି ।
ପୁଲକ ବେପଥୁ ଗଲା ଚନ୍ଦ୍ରରେ ମାରସି ଯେ ।
ଯେ କଞ୍ଚରୀ ଲକ୍ଷଣା ସ୍ୱରରେ ସୁଲକ୍ଷତ ।
ସ୍ନାନ ହୋଇଥିଲା ବୃଦ୍ଧ ଶୀର୍ଣ୍ଣକୁ ଉଦ୍ଧତ ଯେ । ୩୬ ।

---

ଜୀବଞ୍ଜୀବ—ଚକୋର, ନସ୍ତ—ଭନସ୍ତ ବାକ୍ୟ, ସୁମନାସୁମନ—ମାଳତୀଫୁଲ । କବି ଏଠାରେ କାନ୍ତ ରାଜପୁତ୍ରଙ୍କୁ ଚନ୍ଦ୍ରସମାନ ଉପମା ଦେଉଅଛନ୍ତି । କାନ୍ତ ଚନ୍ଦ୍ରର ପ୍ରକାଶ ପାଉଥିବା ଶୀତଳତା ଅର୍ଥାତ୍ ଜ୍ୟୋତ୍ସ୍ନା ଦ୍ୱାରା ଜୀବଞ୍ଜୀବ ଅର୍ଥାତ୍ ଚକୋର ପକ୍ଷୀକୁ ବନ୍ଧୁ ସ୍ୱରରେ ବଶ କଲାପରି କୁଞ୍ଜରେ ଭନସ୍ତ ବାକ୍ୟ ବୁଝାଇ ଭକ୍ତଙ୍କ ପ୍ରେମୀଙ୍କୁ ବଶ କଲ । ଶ୍ରୀକାନ୍ତ ଭ୍ରାନ୍ତି ସୁଲକ୍ଷଣ ପ୍ରାଣ ଏବଂ ନିର୍ମଳ ଆକାଶରେ ଭାସମାନେ ଫୁଟନ୍ତି ସମସ୍ତ । ଯେଉଁମାନେ ଖୁସି ହୋଇ ଶୀତଳ ସ୍ୱରକୁ ଆହ୍ଲାଦ କରୁଅଛନ୍ତି ଏବଂ ଦର୍ଶ ରଖିଥିବା ରାଜକନ୍ୟାର ଆଖି ପିଉଳାକୁ ଉଚ୍ଚୁଳ କରାଇଲେ । ୩୪ ।

ପୁଷ୍କର ଅର୍ଥାତ୍ ଆକାଶ ପରି ରାଜକନ୍ୟାର ହୃଦୟ ଅନ୍ତଃକରଣ ନିର୍ମଳ ହୋଇଗଲା । ସୁନ୍ଦରଙ୍କୁ କାଶଫୁଲ ପରି ମନ୍ଦ ହାସ ପ୍ରକାଶ ହେବାରୁ ସ୍ତ୍ରୀ ଅତି ସୁନ୍ଦର ଦିଶିଲା । ଉଜ୍ଜ୍ୱଳରସ ଅର୍ଥାତ୍ ଶୃଙ୍ଗାରରସ ପ୍ରକାଶ ହେବାରୁ ଲଜ୍ଜା ରୂପକ ଦ୍ରୁମର କ୍ରମେ କ୍ରମେ ଗ୍ଲାନି ଲଭନ୍ତି । ୩୫ ।

ନୀହାର—ଶୀକର; ପୁଲକ—ରୋମାଞ୍ଚ, ବେପଥୁ—କମ୍ପନ । ଶୀତଋତୁ ପରଭାବ ଋତୁ ଆସିଗଲା । ଏଥି ନିମିତ୍ତ ଶରୀରକୁ ରୋମାଞ୍ଚ ଓ କମ୍ପନ ଘୋଟିଲା । ଏଠାରେ "ଯେ କଞ୍ଚୁକ ଲକ୍ଷଣା ସ୍ୱରରେ ସୁଲକ୍ଷତ ।" ଏହି ପଦରେ ଗ୍ରନ୍ଥକାରଙ୍କ ଶୀତରେ "ସ୍ନାନ ହୋଇଥିଲା" ଏହାର ଅର୍ଥ ହେବ । ତତ୍ପରେ ଯେଉଁ ଶୀତରେ ସ୍ନାନ କରନ୍ତି ଅର୍ଥାତ୍ ବୃଦ୍ଧମାନେ ସନ୍ନ୍ୟାସୀ ଅର୍ଥାତ୍ ସୁନ୍ଦର ଶରୀର ଏବଂ କ୍ଷୀଣ ହୋଇଥିଲେ ତାହା ସ୍ନାନ ହୋଇଯାଏ । ରାଜକନ୍ୟା ସ୍ୱରରେ ଅର୍ଥ ହେଉଛି ଯେଉଁ କଞ୍ଚୁକ ଲକ୍ଷଣଯୁକ୍ତ । ସୁନ୍ଦରୀ ଓ ନାୟିକାଙ୍କର ୩୬ କୋଟି ଲକ୍ଷଣଯୁକ୍ତ ହୋଇଥିବା ଶ୍ରେଷ୍ଠ ରତିରେ ହୋଇଥିଲେ ଏଣୁ ରତିରେ ବହୁଣ ଲକ୍ଷଣଯୁକ୍ତା ସୁନ୍ଦରୀ ସ୍ୱଭାବରେ ପୁଲକିତ ହେଲେ ଏବଂ ତାହାର ମନରେ ଯେଉଁ କନସ୍ତବ ବଢ଼ି ଯାଇଥିଲା ତାହା ଜଣା ହେଲା । ୩୬ ।

ଶୁକ ସୁବଚନାମୃତ ପାନେ ଲୋଭ ଅତି ।
ଅଧର ଅରୁଣ ସ୍ମରଣରେ ହୋଇ ମତ୍ତ ଯେ ।
ଅଙ୍ଗେ ଅଙ୍ଗ ଲାଗି ପୁଣି ଘଟି ଛିଡ଼ ପ୍ରୀତି ।
ନଶାଉ ଥିବାର କାନ୍ତୀ ହୋଇଣ ଉଷ୍ଣତା ଯେ ୩୭ ।
ଉଦ୍ଗମନଶୀ ବାସ ଛାଡ଼ି ହୋଇ ଅନ୍ତରିତ ।
ଭୁଜେ କୋଳ ଆଲିଙ୍ଗନ ନିବାରିଲା ଉଷ୍ଣତାରେ ।
ଜନ୍ମଞ୍ଜ ଭଙ୍ଗେ ହୃଦୟ ଦୋଳନେ ସ୍ମୃତି ।
କପୋତ-କଣ୍ଠରୁ ଜାତ ଶବଦ ହୁଁ ହୁଁ ହୁଁ ହୁଁ ଯେ । ୩୮ ।
ମଧୁର ଉତ୍ସବ ଲାଗି ଦୋଳ ଯାତ୍ରାରେ ।
ସ୍ୱାଗତଙ୍କ ଖେଳା ଦେବ ବଲ୍ଲଭ ସ୍ୱବଚ ଯେ ॥
କାୟନ୍ତୀ ଆନନ୍ଦ ଲକ୍ଷ୍ୟ ପଞ୍ଚବାଣ ।
କଳିକାଳୀ ହେଲା ସ୍ୱପ୍ନରେ ଲୋକ ଯେ ଭ୍ରମର ଯେ । ୩୯ ।

---

ସେହି ଶୀତକାଳରେ ଲୋକମାନେ ଶୁକ ଓ ଶାରୀର ସୁନ୍ଦର କଥା ଶୁଣିବାକୁ ଅତି ଲୋଭ କରନ୍ତି ଏବଂ ଉଇଁଆସୁଥିବା ସୂର୍ଯ୍ୟକିରଣରେ ଖରା ପୁଅନ୍ତି । ପୁଣି ଅଙ୍ଗପ୍ରତ୍ୟଙ୍ଗରେ ତାଙ୍କ ମାତ୍ରାତାପ ଏବଂ ସ୍ୱାସ ଉଷ୍ଣତା କୋଳ ଭଳି ଲାଗେ । ସେହି ସମୟରେ ଶୀତକାଳରେ ଥାଇ ସୁନ୍ଦରୀ ସୁନ୍ଦରୀଙ୍କ ବଚନାମୃତ ଓ ଅଧର ଅରୁଣ-କଳିକାକୁ ସ୍ମରଣ କରି ଉଷ୍ଣତାର ଓ ପୁଣି ପରସ୍ପରଙ୍କ ଅଙ୍ଗରେ ଲାଗିଲେ ଏବଂ ଆଲିଙ୍ଗନ ସ୍ନେହରେ ଶୀତ ଦୂର ହୋଇଲା ।

ଉଦ୍ଗମନଶୀ ବାସ—ପଦ୍ମରୁ ସୁଗନ୍ଧ, ବାସ—ବସ୍ତ୍ର, ଅନ୍ତରିତ—ଦୂର, ଭୁଜେ—ବାହୁରେ, ଭୂ—ଧରଣୀ, କୋଳ—ବିସ୍ତାର, ଜନ୍ମଞ୍ଜ—ଧୂଳିର ଫୁଲ । ଶୀତଦିନେ ପଦ୍ମ ନଷ୍ଟ ହେଲରୁ ତାହାର ସୁଗନ୍ଧ ଦୂର ହେଲ । ସେତେବେଳେ ବାସ୍ତ ମାଟି କୋଳକୁ ଢଙ୍କାଇଲା । ଧୂଳିର ଫୁଲ ଗନ୍ଧ ବେଶ ଫୁଟିଲା ଏବଂ କପୋତ କଣ୍ଠରୁ ହୁଁ ହୁଁ ନାଦ ଶୁଣାଗଲା ।

ଅନ୍ୟ ପକ୍ଷରେ ସୁନ୍ଦରୀ କାନ୍ତଙ୍କ ଉଚ୍ଚକଟୀରୁ ବସ୍ତ୍ର ଅଙ୍ଗରୁ ଦୂର ହେଲା । ସୁନ୍ଦର ତାଙ୍କୁ ବାହୁରେ ଧରି କୋଳରେ ଶୀଘ୍ର ବସାଇଲ । ଏହାପରେ ରତି ଉନ୍ମତ୍ତ ସ୍ୱର ହେଉ ହେବାରୁ ଆଲିଙ୍ଗନ ଅବସ୍ଥାରେ କପୋତ ପରି ହୁଁ ହୁଁ ଶବ୍ଦ ଜାତ ହେଲା । ୩୮ ।

ମଧୁର ଉତ୍ସବ—ମଧୁମାସର ଉତ୍ସବ ଦୋଳଯାତ୍ରା ଏବଂ ମନୋହର ରତିକ୍ରୀଡ଼ା; ଦେବବଲ୍ଲଭ—ଇନ୍ଦ୍ର, ସ୍ୱଗ—ସ୍ୱର୍ଗ, ଭଙ୍ଗ—ବାଞ୍ଛା, ସହସ୍ରଭଏସୁର—ସୁଗନ୍ଧ ସ୍ଥାନ ।

ଭାବାର୍ଥ—ମଧୁମାସର ଉତ୍ସବ ଦୋଳଯାତ୍ରାବେଳେ ଦେବତାଙ୍କ ସ୍ୱାମୀ ଇନ୍ଦ୍ର ଗନ୍ଧମାଦନ ପର୍ବତରେ ସ୍ୱର୍ଗର ଖେଳ ଖେଳୁଥିଲେ । ସେହି ସମୟରେ କାୟନ୍ତୀ ଓ କଥାଳ ଫୁଲର ସୁଗନ୍ଧ ଚହଟିଯାଏ । ତାହା ସହିତ ଅନ୍ୟ ଫୁଲ ସମାନ ଲାଗନ୍ତି । ସେହି ସୁଗନ୍ଧରେ ଭ୍ରମର ସ୍ୱପ୍ନବତୀ ପାଗଳ ହୋଇଯାଏ ।

ସଫୁଲ୍ଲରେ ପୁଂନାଗ ରସାଳଲତା ଯୁତ ।
ନାନା ସ୍ୱରେ କେତେ ପିକବାଣୀ ହେଲ ବ୍ୟକ୍ତ ଯେ ।
କେଶରଜାଳକ ସ୍ଫୁଟ ହେବା ମନ କଲେ ।
ଅପୂର୍ବ କୁରବକଙ୍କ ଜନମ ହୋଇଲେ ଯେ । ୪୦ ।

ତପ ଉଦୟ ସମୟ ପଡ଼ିଗଲା କ୍ରମେ ।
ଅପଘନ ପୂରିତ ହୋଇଲା ଶ୍ରମଘର୍ମେ ଯେ ।
ବାଞ୍ଛା ହୋଇ ସବୁ ରୂପେ ବ୍ୟଜନ ମରୁତ ।
ସୁମନୋରମ ଜନ୍ୟାର ମଲ୍ଲୀ ପ୍ରକାଶିତ ଯେ । ୪୧ ।

---

କନ୍ୟା ପକ୍ଷରେ—କେଳିଗୃହରେ ଦେବଶୁଳ୍କ ବଲ୍ଲଭ ଅର୍ଥାତ୍ ସ୍ୱାମୀ ସହିତ ଯେଉଁ ମଧୁର କାମକେଳି ଘଟିଲା ସେ କଥା ସ୍ୱବନା କଲା । ରାଜକନ୍ୟାର ଅଶେଷ ସୁଗନ୍ଧ ସ୍ଥାନ ସ୍ୱରୂପ ମୁଖରେ ଚୁମ୍ବନ ଦେବାପାଇଁ ଭ୍ରମରରୂପୀ ରାଜପୁତ୍ର ସ୍ୱଭାବତଃ ଲୋଳ ହୋଇଗଲା । ୩୯ ।

ସଫୁଲ୍ଲରେ—ଫୁଲଯୁକ୍ତ, ପୁଂନାଗ—ପୁଂନାଗ ଫୁଲ, ପୁରୁଷଶ୍ରେଷ୍ଠ; ରସାଳ—ଆମ୍ବ, ରସିକା; କେଶର ଜାଳକ—ମୁଣ୍ଡର କେଶ, ନାଗେଶ୍ୱର ଫୁଲ; ସ୍ଫୁଟ ହେବ'—ଫିଟିବା, ଫୁଟିବା; ଅପୂର୍ବ—ଆଗରୁ, କୁରବକ—କୁରୁଅନା ଫୁଲ । ସେ ସମୟରେ ପୁନ୍ନାଗ ଓ ଆମ୍ବଗଛ ଫୁଲ ଓ ଲତାରେ ପ୍ରକଟିତ ହୁଅନ୍ତି । ସେତେବେଳେ ଭିନ୍ନ ଭିନ୍ନ ସ୍ୱରରେ ଅନେକ କୋଇଲିର ସ୍ୱନ ପ୍ରକାଶ ପାଇଥାଏ । ପୂର୍ବରୁ କୁରୁଅନା ଫୁଲ ଫୁଟିଥିଲା । ପରେ ନାଗେଶ୍ୱର ପ୍ରସ୍ଫୁଟିତ ହେଲା ।

ଅନ୍ୟ ପକ୍ଷରେ :—ପୁଂନାଗ ଅର୍ଥାତ୍ ପୁରୁଷଶ୍ରେଷ୍ଠ ରସିକ ରାଜକନ୍ୟା ସହିତ ଯୁକ୍ତ ହେଲେ । ରାଜକନ୍ୟାର କେଶ ଫିଟିଗଲା ଏବଂ କାମର ନାନା କ୍ରୀଡ଼ାରେ ରାଜକନ୍ୟାର ଅନେକ ପ୍ରକାର ମଧୁର ସ୍ୱର ପ୍ରକାଶ ପାଇଲା । ପୂର୍ବରୁ କୁରୁଅନା ଫୁଲ ଫୁଟିଥିଲା, ବର୍ତ୍ତମାନ କେଶ ଫିଟିବାରୁ ଉଚ୍ଚହାସ୍ୟ ଜାତ ହେଲା । ୪୦ ।

କ୍ରମେ ଉତ୍ତାପ ବଢ଼ିବା ସମୟ ଆସିଗଲା । ଅପଘନ ଅର୍ଥାତ୍ ଶରୀର ଶ୍ରମଝାଳରେ ପୂରିଉଠିଲା । ସବୁପ୍ରକାରେ ପଙ୍ଖା ହଲାଇ ପବନ ଜାତ କରିବା ପାଇଁ ଇଚ୍ଛା ହୁଅଇ । ଅତି ମନୋହର ଜହ୍ନଆର ଆଉ ମଲ୍ଲୀଫୁଲ ଫୁଟିଲା ।

କନ୍ୟା ପକ୍ଷରେ :—କ୍ରମେ ଶୃଙ୍ଗାରଲୀଳା ବଢ଼ିବାରୁ ଶରୀରରେ ତାପ ଜାତ ହେଲା ଏବଂ ଶ୍ରମ ଅଧିକ ହେବାରୁ ଝାଳ ଶରୀରକୁ ଭରି ପକାଇଲା । ଏପରି ଅବସ୍ଥାରେ ସବୁ ଉକମରେ ପଙ୍ଖାରୁ ପବନ ପାଇବାକୁ ଇଚ୍ଛା ହେଲା ଏବଂ ସୁନ୍ଦରୀ ରାଜକନ୍ୟାର ଶୃଙ୍ଗାର କ୍ଷେତ୍ରର ମନ୍ଦ ମନ୍ଦ କଥା ତୁଣ୍ଡରୁ ବାହାରିଲା । ୪୧ ।

ଘନରସ ବୃଦ୍ଧି କାଳ ଅତିରେକ ଶୋଭେ ।
ପ୍ରକଟ କଙ୍କଣାଢ୍ୟ ମୁଦିର ନାଦ ଶୁଭେ ଯେ ।
ହଂସକର ନିନଦ ମାନସ ଭେଦିବାରେ ।
ଚଞ୍ଚଳାଗତି ବିଭ୍ରମମାନ ବାରେ ବାରେ ଯେ । ୪୨ ।
ବକ୍ତ୍ରଦର ଘାତ କି ହୁଏ ପୁନଃ ପୁନଃ ।
ପୟୋଧର କମ୍ପନ ଖରରେ ବରତନ ଯେ ।
ସ୍ତୋକ ଶିଖିସନ୍ତାପ ତର୍କିରେ ନ ଭଗିଲା ।
ସୁମନ୍ତ୍ର ବରଧି ସୁମନାକୁ ଫୁଟାଇଲା ଯେ । ୪୩ ।

---

ଘନରସ—ବର୍ଷା, ଶୃଙ୍ଗାର ରସ; ଅତିରେକ—ଅତ୍ୟନ୍ତ, କଙ୍କଣ—ଜଳବିନ୍ଦୁ, ହାତର କଙ୍କଣ; ମୁଦିର—ମେଘ, ମୃଦଙ୍ଗ; ହଂସକ—ହଂସପକ୍ଷୀ, ପାଦଭୂଷଣ; ନିନଦ—ଧ୍ୱନି, ମାନସ—ମନ, ମାନସସରୋବର; ଚଞ୍ଚଳାଗତି—ବିଜୁଳିଛଟା, ରାଜକନ୍ୟାର ଅଙ୍ଗ-ଚାଞ୍ଚଲ୍ୟ; ବାରେ ବାରେ—ଥରକୁ ଥର । ବର୍ଷାକାଳ ବଢ଼ି ଅତ୍ୟନ୍ତ ଶୋଭାବନ୍ତ ହେଲା । ଜଳବିନ୍ଦୁ ମେଘ ଗର୍ଜନ ସହିତ ଶୁଣାଗଲା, ହଂସପକ୍ଷୀର ଶବ୍ଦ ମାନସସରୋବରକୁ ଭେଦ କରି ଗଲା ଏବଂ ବିଜୁଳିର ଝଟକ ଥରକୁ ଥର ଦେଖାଗଲା ।

ରାଜକନ୍ୟା ପକ୍ଷରେ—ରତିକ୍ରୀଡ଼ାରେ ଗାଢ଼ ଶୃଙ୍ଗାର ବୃଦ୍ଧି ପାଇ ଅତ୍ୟନ୍ତ ସୁନ୍ଦର ଦେଖାଗଲା । କନ୍ୟାର କଙ୍କଣ ଓ ମୁଦିର ଧ୍ୱନି ଅଙ୍ଗ ସଞ୍ଚାଳନ ଯୋଗୁଁ ପ୍ରକଟ ହେଲା ଏବଂ ପାଦ ଭୂଷଣର ଶବ୍ଦ ମନକୁ ଭେଦ କଲା । ଏଥିପାଇଁ ସୁନ୍ଦରୀର ଅଙ୍ଗଚାଳନା ବାରମ୍ବାର ଘଟିଲା । ୪୨ ।

ବକ୍ତ୍ରଦର—ସ୍ୱର୍ଗତୁଲ୍ୟ ଚାତ୍ରର, ଘଡ଼ଘଡ଼ିର ଭୟ; ପୟୋଧର କମ୍ପନ—ମେଘର ସଞ୍ଚାର ଓ କନ୍ୟାର ସ୍ତନ ମର୍ଦ୍ଦନରେ କମ୍ପ; ଖରରେ—ଖରତ୍ର ଶବ୍ଦରେ, ସ୍ତୋକ—ଚାତକ, ଅଳ୍ପ; ସୁମନ୍ତ୍ର ବରଧି—ମତ୍ତ ମୟୂର, ସୁମନ୍ତ୍ର ବର ଜିଁ; ସୁମନା—ମାଳତୀ, ସ୍ତ୍ରୀ; ଫୁଟାଇଲା—ପ୍ରସ୍ଫୁଟିତ କଲା, କ୍ଳାନ୍ତ କଲା ।

ବର୍ଷାକାଳ ପକ୍ଷରେ :—ବର୍ଷାକାଳରେ ଘଡ଼ଘଡ଼ି ପଡ଼ିବାର ଡର ଅର୍ଥାତ୍ ଭୟ ବାରମ୍ବାର ହୁଏ । ମେଘ ପ୍ରଖର ବେଗରେ ସଞ୍ଚାରିତ ହୁଏ ଏବଂ ଚାତକପକ୍ଷୀ ପାଣି ପିଇବାରୁ ସନ୍ତାପଶୂନ୍ୟ ହୋଇଥାଏ । ପୁଣି ବର୍ଷାପାତ ଓ ମେଘ ଗର୍ଜନ ଶୁଣି ମୟୂର ଆନନ୍ଦିତ ହୋଇ-ଥାନ୍ତି । ବର୍ଷାକାଳରେ ସୁମନା ଅର୍ଥାତ୍ ମାଳତୀ ଫୁଲ ଫୁଟେ ।

ରାଜକନ୍ୟା ପକ୍ଷରେ :—ରାଜକନ୍ୟାକୁ କୁମାରର ସ୍ୱର୍ଗ ପରି କଠିନ ଦନ୍ତର କ୍ଷତ ଭୟ ବାରମ୍ବାର ଘଟିଲା । ତାହାର ସ୍ତନ କୁମାରର ମର୍ଦ୍ଦନରେ ବେଗରେ କମ୍ପି ଉଠିଲା । ସଙ୍ଗମ ଯୋଗୁଁ ମନରେ ସ୍ତୋକ ଅର୍ଥାତ୍ ଅଳ୍ପ ସନ୍ତାପହିଁ ରହିଲା । କାମ ଆନନ୍ଦରେ ସ୍ୱାମୀ କାମକ୍ରୀଡ଼ାରେ ସ୍ତ୍ରୀକୁ ଥକାଇ ଦେଲା । ୪୩ ।

ଅଶୋଭଜନକରେ ସ୍ମୃତି ଯହିଁ ଆଲମ୍ବନ୍ତି ।
ମଃ ତାଙ୍କୁ ନ ଶ୍ଳାଘନ୍ତି ଧାରନ୍ତି କାବ୍ୟ ବିଜ୍ଞ ଜଗ ।
ଆଶ୍ଳେଷ ଉଲ୍ଲାସ ଛନ୍ଦୁଶ ରୂପକ ବ୍ୟାପିତ ।
ଚୁମ୍ବନ ଯମକ ଆଶ୍ରା ଆଶ୍ରୟ ଲଭଇ ଯେଉ । ୪୪ ।
ତବ୍ୟ ବର୍ଣ୍ଣ ସୁନ୍ଦର ପ୍ରିୟାଙ୍କୁ ଦେଖାଇଲା ।
ଲକ୍ଷଣ ସମ୍ପାଦ ହେଲେ ଅଳଙ୍କାର ଜମକ ଯେଉ ।
ନାନା ବନ୍ଧ ଉପ୍ପାଦ ଶୃଙ୍ଖଳା ଧନୁ ଯେଉନ ।
ପଞ୍ଚାଙ୍ଗ ଲଟିଲ ଯମକ ଯୋଜିଲେ ସଜଣ ଯେଉ । ୪୫ ।
ରଜ ବ୍ୟଜନ ଭଙ୍ଗିରେ ମଦନ ଜସ୍ମରେ ।
ବିଶ୍ଳେଷ ଘୁଞ୍ଚାନ୍ତି ବାଳା ଚମ୍ପକ ବେଶାରେ ଯେ ।
ସ୍ଵକଣ୍ଠ ଶ୍ରୁତି ସ୍ପୃଷ୍ଟ ଆଶ୍ବାସ ବଚନ ।
ରସଲିପ୍ତ ଜନଙ୍କ ପାଇଁ ଭଣଇ ଭଜନ ଯେ । ୪୬ ।

---

ଜନକ—ପିତା, ଛନ୍ଦୋଭ—ବନ୍ଧନ; ସ୍ମୃତି—ସ୍ମରଣ, ଆଶେଷ—ବନ୍ଧ; ଶ୍ଳେଷ—ଆଲିଙ୍ଗନ । ଜନକଙ୍କ ସ୍ମରଣ ହେଲେ ପୁଣି ଲଜ୍ଜା ଆଲମ୍ବ କରନ୍ତି ତାହା ଅତ ଉଚିତ ନୁହେଁ କାବ୍ୟଜ୍ଞ ସୌନ୍ଦର୍ଯ୍ୟ ଧାରଣ କଲେ । କାବ୍ୟରେ ବନ୍ଧଭର ଆଲିଙ୍ଗନ ସ୍ୱରୂପ ଅଳଙ୍କାର ବ୍ୟାପିଥାଏ ଏବଂ ଯମକ ଆଶ୍ରୟ ରହିଥାଏ । ଏଠାରେ ଉତ୍ପ୍ରେକ୍ଷା ଲିପିଙ୍କର ଆଲିଙ୍ଗନ ଓ ଚୁମ୍ବନ ଆଶା ପ୍ରକାଶ ପାଇଲା । ୪୪ ।

କାବ୍ୟରେ ସୁନ୍ଦର ବର୍ଣ୍ଣନାଗୁଡ଼ିକ ଦେବୀଙ୍କ ଲୋଚନରେ ଦେଖାଇବାକୁ ଦିଲେ, ପୁଣି ତାହା ଲକ୍ଷଣଯୁକ୍ତ ଅଦ୍ଭୁତ ଅଳଙ୍କାରର ଶୋଭା ଲାଭ କରିଥାଏ । ଏଥିରେ ଛନ୍ଦ ନାନା ବନ୍ଧ, ଯଥା ନାଗ ବନ୍ଧ, ଚକ୍ର ବନ୍ଧ ଶୃଙ୍ଖଳାଦି ଯମକ ଥାଏ ।

ଶ୍ଳୋକକନ୍ୟା ପଞ୍ଚାଙ୍ଗ—ରତିବିମ୍ବ ଯୋଜ୍ଞ ଲଜ୍ଜା ଭଣା ଛୋଟ ଦିବାକୁ ସୁନ୍ଦରୀର ଲବ୍ୟବର୍ଣ୍ଣ ଭଙ୍ଗୀକରେ ଦେଖାଇଲେ । ସେହି ଲୁପ୍ତ ଲକ୍ଷଣ ଯାହାକୁ ବିବିଧ ଅଳଙ୍କାର ଯୁକ୍ତ ଥିବାରୁ ସୁନ୍ଦରୀ ବାହାରର ନାଗାଦି ବନ୍ଧ ପ୍ରକାର ଶ୍ରୁତି ଧନି ଅନୁସାର ଶୃଙ୍ଖଳା ପଦ ଛନ୍ଦ ଛନ୍ଦ ହେଲେ । ଏସ୍ଥାନରେ ସମ୍ଭାବ୍ୟରେ ସନ୍ଦିଗ୍ଧତା ସଙ୍କୋଚ ହେଉଛି । ୪୫ ।

ମଦନଙ୍କୁ ଜନ୍ମ କରିଲା ଭଳି ଛଳ ଭଳି ସ୍ୱକଣ୍ଠ ପ୍ରକାଶ କରିବାରୁ ସୁନ୍ଦରୀ ଚମ୍ପକ ଦେହକୁ ବନ୍ଧାଇ ଦେଖାଇଲା । ଏସ୍ଥାନରେ ଲଜ୍ଜାର, ପୁଣି ସୁଖ ସେହି ଭଳି ଆଶ୍ୱାସ ଦେଇ କହିଲା । ଏହାର କଥା କେବଳ ଶାସ୍ତ୍ରର ରସର ପଣ୍ଡିତମାନେ ବୁଝି ପାରନ୍ତି । ୪୬ ।

ଜୃମ୍ଭଣୀସ୍ତା ଚୋଳବାଉ ମଣ୍ଡେ ସମ୍ଭାବିତ ।
ଯୁଗରେ ଖେଳାଇଲ ବାଳ ଶଙ୍ଖ ଝେ ଅମାନ୍ତ୍ରଣ ଯେ ।
ଚଉଷଠି ଭଣ ଶେଷ ଚିତ୍ତ-ଭ୍ରାନ୍ତ ହେଲା ।
ସାକ୍ଷୀ ହୋଇଥିଲା ଜାମି ଗୌର୍ଯ୍ୟ ଧନଞ୍ଜୟ ତୋ--୪୭ ।
ସୁଖ ଉଚକନ୍ଦରେ ଦେଖାରୁ ଦୁଃଖେଶ୍ୱର ଯେ ।
ମାନ ଚନ୍ଦ୍ରେତେ କାଟିକା ଦୋଳ ଗଲା ଉଳଦ୍ରେ ।
ଭୁଜବନ୍ଧ ଶର୍ଵାଣୀ ନୃତ୍ତିଭିବିଧିକ ଯେ
ମର୍ଜି ମଣ୍ଡିଗର ସ୍ମୃତି ହୋଇ ବହାଇ ବର୍ତ୍ତ ଯେ । ୪୮ ।
ପ୍ରିୟ ନେତ୍ର ବହ୍ନୀ ଉନ୍ମେଷ ଗୁରୁଲି ।
ଚାହୁଁଥିଲା କର୍ଣ୍ଣ ଙ୍କୁ ଲୋଟିଲି ଓଢ଼ଣୀ ଖାଲି ଯେ ।
ଲଜ୍ଜା-ଆଳୀ ଅନ୍ତସଖେଲା କିଛି ଦୂରରେ ।
ପିନ୍ଧାଇଲ କଜ୍ଜଳ ବାଳାକୁ ଶକୁନ୍ତଳ ରେଖା ୪୯ ।
ଆଳତ ଶୈଳିଙ୍କବିନ୍ଦୁଜିତ ଭଜିରଲ ।
ସ୍ଥୂଣୀ ଘାଳହେଲି ସାଟିଶି ଜେବଗାଣ ଜକ ଯେ ।
କେଶପତ୍ରିନ ସ୍ମିତି ଅନୁରାଗ ମନ ଲିଭୁଁ ।
ସୁଖସବୁ କ୍ରନ୍ଦଣୀ ଭୁଜଙ୍ଗ ସ୍ପର୍ଶରୁ ହେଉ ୫୦ ।

---

ରତ କୀଡ଼ାର ରଣ୍ଡା ଖେଳ ଶତ୍ରୁ ଷଡ଼ଯନ୍ତ୍ର ଚାଲଣ କଂଶା ଖେଳରେ ଯୁଗ ଓ ଵାଳୀ ନାମକ ଘାନ ଅଛି । ସେଥିରେ ପୁଣି ଜାତୁ ଖଣ୍ଡ ପିଣ୍ଡି ଖେଳନ୍ତି । ଯଣ୍ଡି କୀଡ଼ାରେ ଯୁଗଳ ହେବା ଦ୍ୱାରା ବାଳାର ଗଣ୍ଠି ମୁକ୍ତ ହୋଇଥାଏ । ଖେଳୁଥିବା ଚଉଷଠି କଳାର ପର୍ଣ୍ଣାମଧ୍ୟ ଥାଏ ଏବଂ ୬୪ କଳା ପଣ ସରିଲେ ରତ ଖେଳ ମଧ୍ୟ ଶେଷ ହୁଏ । ୪୭ ।

ସୁଖର ଉଚ୍ଚସ୍ତରେ ହେବାରୁ ଦୁଃଖ ସବୁ ଭୁଲିଗଲେ ମାନ ଗଳାବେଳେ ଧନଦ ଦେଉ ଗଲେ ଯେତେ ବାହୁବନ୍ଧନରେ ଭ୍ରମ କଟାମଣ୍ଡ ଦେଖିବୁଁ ଭୁଜବନ୍ଧ ନୂତନ ଶୃଙ୍ଗାରକନ୍ୟା ଜଳର ମଣ୍ଡଳ ପଣ ଛଡ଼ି ଦୋଡ଼ ଅର୍ଥାତ ସଙ୍କୁଚିତ ହୋଇ କର୍ଣ୍ଣ-ରଞ୍ଜନ । ୪୮ ।

କର୍ଣ୍ଣଙ୍କୁ ସ୍ପର୍ଶ ପୂର୍ବେ ତାଙ୍କ ଚାହିଁଥିଲା ସେ ଲକ୍ଷ୍ମୀମାନ ପ୍ରିୟ-ସ୍ୱାମୀଙ୍କ-ଦୃଷ୍ଟିରୁ ଲୁଚାଇବାର କୌଶଳ ରଚନା କଲା । ଅର୍ଥାତ କପୂର ଦୃଷ୍ଟି ସ୍ୱାମୀ ଆଖିକୁ ପଡ଼ାଇବାରୁ ସ୍ୱାମୀଙ୍କ ଆଖି ବୁଜ ହୋଇ ଯାଆନ୍ତେ ଉଲଗ୍ନ ଶୃଙ୍ଗାରକନ୍ୟା ଶଯ୍ୟାରୁ ଜାଲବୁଲିଉଠି ଆସିଲ, ଲଜ୍ଜା ରୂପକ ସଖୀ ଯୋଗ୍ୟ ତରବର ଜଳ ବସ୍ତ୍ର ପିନ୍ଧିଲ । ୪୯

ଜଳରତ୍ନ—ପ୍ରାସ୍ତର, ମଧୁରଧ୍ୱନି; ଲଳିତ ସ୍ପର୍ଶ; ଚିତ୍ତ-ରଣାଳି; ଉତ୍ତର-ସ୍ୱାପ—ଚନ୍ଦ୍ର କନ୍ଦ୍ର—ଜାଳଣି । ସୋଷିଲା ଉତ୍ତୋଳଣି ସ୍ପର୍ଶ ମଧୁର ସ୍ୱର ଶୁଣି ରଜକନ୍ୟା ଅନ୍ତଶୀଘ୍ର ସାପ ରୂପରେ ଆସି ଅବାନ୍ତ ତାହା କଣ୍ଠରେ ବେଷ୍ଟିତ ହୁଁଥି ଥିବ ହାରରୁ ବାହାରିବାକୁ ମନ କରନ୍ତେ କ୍ରୀଡ଼ାର ଜନକ ସବୁ ପ୍ରକାଶ କଲ ।

ବାଳୀ କେଳିସଦନ ଦେହଳି ବଳି ଆସେ ।
ପାନ୍ଥ ନାହିଁ ଯାମିନୀ କାମିନୀ କାନ୍ତ ଭାଷେ ଯେ ।
କଳାନିଧି ଥିବ ବାରେ ଟେକି ଦିଅ ଲୁହିଁ ।
କଳାନିଧି ଦୂର ହେବା ଏ ଉଚିତ ନୋହି ଯେ । ୬୧ ।
ଶୁଭି ନାହିଁ ମନ୍ଦ ଦର ମନ୍ଦ ଦର ରବ ।
ଭୃଙ୍ଗ ତୁଣ୍ଡ ନ ଥିବ କମଳ କୋଳ ଭାବ ଯେ ।
ରଜନୀ ଶେଷ ସଜନୀ ଚହଳ ସେ କାଳେ ।
ସେ ବର୍ମିତ ରଥାଙ୍ଗ ଅନ୍ତର କଲା ବଳେ ଯେ । ୬୨ ।
ଉଠି କାନ୍ତାଙ୍କୁ ପାଶୋରି ଅସୁଁ କାନ୍ତ ଯାଇ ।
ସଖା ସଙ୍ଗେ ମିଳୁଥିଲା ବିଦୂଷକ କହି ଯେ ।
ମହାବୀର ହୋଇଲେଟି ଆମ୍ଭ ନୃପାତ୍ମଜ ।
ତ୍ରିପୁରପୀଡ଼କକୁ ଜିଣିଲେ ଯେଣୁ ଆଜ ଯେ । ୬୩ ।
ଅପରାଧୀ କରୁ ମିତ୍ରେ କରନ୍ତେ ଇଙ୍ଗିତ ।
ସେ କ ଦର୍ପକ ବୋଲି ସେ ଆରମ୍ଭିଲା ନୃତ୍ୟ ଯେ ।
ଯେହୁ ନେହୁଷ୍ଟ କ ଭଲ୍ଲୁଚ୍ଚ ପରାଭୂତ ।
ଭ୍ରମିଥିଲା ବୋଲି ପୁଣି ହାସ କଲା ଜାତ ଯେ । ୬୪ ।

---

ରାଜକନ୍ୟା କେଳି ଗୃହର ଦେହଳୀରେ ବସି ଆସନ୍ତେ ତାଙ୍କୁ ସ୍ୱାମୀ କହିଲେ, ରାତି ପାହି ନାହିଁ । ମୁହୂର୍ତ୍ତେକ ଆକାଶକୁ ଅନା । ଏବେ ମଧ୍ୟ ଚନ୍ଦ୍ର ଅସ୍ତ ହୋଇ ନ ଥିବ ଏଣୁ ମୋ ପାଖରୁ ଆଜି କେଳୀ ପ୍ରାଙ୍ଗଣରୁ ଚାଲିଯିବା ଉଚିତ ହେଉ ନାହିଁ । ୬୧ ।

ମନ୍ଦ—ଜାତ; ଦର—ଶଙ୍ଖ; ଭୟଙ୍କର; ଭୃଙ୍ଗ—ଭ୍ରମର; କମଳ—ପଦ୍ମର । କାହର ରବ ଶୁଭୁନାହିଁ କମ୍ବା ଶିବାଳୟରେ ଶଙ୍ଖର ଭୟଙ୍କର ଶବ୍ଦ ଉଠିନାହିଁ । ଏତେବେଳେ ଭ୍ରମର ପଦ୍ମର କୋମଳ କୋଳକୁ ଛାଡ଼ି ନ ଥିବ । ଏହି କାଳରେ ସଖୀମାନେ ଗୋଳ କରି କହିଲେ ରାତି ପାହିଲା । ଏହି ସମସ୍ତ କଥା ଶୁଣି ଚକୁଆ ଚକୋଇ ପରି କୁମାର କୁମାରୀ ବାଧ୍ୟ ହୋଇ ପୃଥକ ହେଲେ । ୬୨ ।

ସ୍ତ୍ରୀ ଅର୍ଥାତ୍ ରାଜକନ୍ୟାକୁ ଆଡ଼ ବଳାଇ ଦେବା ପାଇଁ ରାଜପୁତ୍ର ବିଛଣାରୁ ଉଠି ଯିବାବେଳେ ସଖାମାନଙ୍କ ସହିତ ବିଦୂଷକ ପହଞ୍ଚି ଭଣି କହିଲା, ଆମ୍ଭର ରାଜପୁତ୍ର ଆଜ ମହାବୀର ହେଲେ ଯେଣୁ ସେ ଆଜ ତ୍ରିପୁର ପୀଡ଼କ କନ୍ଦର୍ପକୁ ଜୟ କଲେ ଅର୍ଥାତ୍ ରତି ରଣରେ ରାଜକନ୍ୟାକୁ ଜିଣିଗଲେ । ୬୩ ।

ତ୍ରିପୁର ପୀଡ଼କ ଶିବଙ୍କୁ ଜିଣିଲେ ବୋଲି କହି ତୁ ଆମ୍ଭ ଯୁବରାଜଙ୍କୁ ଅପରାଧୀ କରୁଅଛୁ ବୋଲି ମିତ୍ରମାନେ ଇଙ୍ଗିତ କରିବାରୁ ବିଦୂଷକ ପୁଣି କହିଲା, ତେବେ ଯୁବରାଜ କଅଣ କନ୍ଦର୍ପ ? ଏତିକି କହି ବିଦୂଷକ ପୁଣି ନୃତ୍ୟ ଆରମ୍ଭ କଲା ଏବଂ କହିଲା

ଏତେ କଥାରେ ଏ ଲୋକ ନ ଥିବେ କି ଶ୍ରମ ।
ହାସ୍ୟ କେ କଲେ ଚାଲ ସାରି ଦେବା ନିତ୍ୟକର୍ମ ଯେ ।
ଶୁଣି ଭୃତ୍ୟଗଣେ କଲେ ନିତ୍ୟକ ରଚନ ।
ଆନ ଛନ୍ଦେ କହିବା ସୁନ୍ଦରୀ ଗୀତମାନ ଯେ । ୫୫ ।
ଯେ ବିଭୁ ସୁରଭିହର ଧୃତ ରାମପଦ ।
ଉଦିତ ଯେ ଜଗତେ ଜନକମୋଦପ୍ରଦ ଯେ ।
ହରିତାମ୍ବର ସର୍ବଦା ଅକଳ୍ମଷ ସେହି ।
ସେବକ ଶିବ ବଧୂରେ ଉପେନ୍ଦ୍ର ଧ୍ୟାୟି ଯେ । ୫୬ ।

—o—

---

ଶିବ ଭିନ୍ନ ଆକାରରେ ଅର୍ଥାତ୍ ରାଜକନ୍ୟାର ସ୍ତନ ରୂପରେ ସ୍ତବରାଜଙ୍କ ଦ୍ୱାରା ଉପାସ୍ୟ ହୋଇଛନ୍ତି । ମୁଁ ଭୁଲି ଯାଇଥିଲି । ଏତିକି କହି ହସିଉଠିଲି । ୫୪ ।

ଏତେ କଥାରେ ସ୍ତବରାଜଙ୍କ ଶ୍ରମଜାତ ହୋଇ ନ ଥିବ କି ? କୌଣସି ସଖୀ ପରିହାସ କରି କହିଲା, ଚାଲ ନିତ୍ୟକର୍ମ ଶେଷ କରି ଦେବା । ଏ କଥା ଶୁଣି ସେବକ-ମାନେ ନିତ୍ୟ କର୍ମର ଉପକରଣମାନ ଯୋଗାଇ ଚାଲିଗଲେ । ଅନ୍ୟ ଛନ୍ଦରେ ସୁନ୍ଦରୀର ଗୀତସବୁ କହିବା । ୫୫ ।

ସୁରଭିହର—ତୁଳସୀ ହରଣକାରୀ, ସଂହାରକର୍ତ୍ତା ଓ ବସ୍ତ୍ର ହରଣକାରୀ; ରାମପଦ—ରାମନାମ, ରାମମନ୍ତ୍ର ଧାରକ ଓ ରମଣୀୟ ବ୍ରହ୍ମପଦ; ଉଦିତ—ଜାତ, ଖ୍ୟାତ ଓ ଗ୍ରସ୍ତ; ଜନକ—ପିତା, ଜନମାନଙ୍କର; ମୋଦପ୍ରଦ—ଆନନ୍ଦଦାତା, ହରିତାମ୍ବର—ପୀତବାସଧାରୀ, ଦିଗମ୍ବର; ଅକଳ୍ମଷ—ନିଷ୍କଳଙ୍କ, ଦୁଃଖଶୂନ୍ୟ ଓ ଦୋଷଶୂନ୍ୟ । ଯେଉଁ ଜନ୍ମରହିତ ପ୍ରଭୁ ତୁଳସୀକୁ ହରଣ କରିଥିଲେ, ଯିଏ ରାମ ନାମ ଧାରଣ କରି ଜନ୍ମଗ୍ରହଣ କରିଥିଲେ, ଯିଏ ଜନକ ଋଷି ଓ ପିତାଙ୍କର ଆନନ୍ଦଦାତା, ଯିଏ ପୀତବାସ ଧାରଣକାରୀ, ଯିଏ ଚିର ନିଷ୍କଳଙ୍କ ସେହି ରାଘବଙ୍କୁ; ଯିଏ ସଂହାରକର୍ତ୍ତା, ରାମମନ୍ତ୍ରଧାରୀ ବୋଲି ପୃଥିବୀରେ ଖ୍ୟାତ, ଯିଏ ବରଦାନ ଦେଇ ଲୋକମାନଙ୍କୁ ଆନନ୍ଦ ଦେଉଥାନ୍ତି, ଯିଏ ଦିଗମ୍ବର ଏବଂ ସର୍ବଦା ଦୁଃଖଶୂନ୍ୟ ସେହି ଶିବଙ୍କୁ ଏବଂ ଯିଏ ବସ୍ତ୍ର ହରଣକାରୀ ସୁନ୍ଦର ବ୍ରହ୍ମପଦଧାରୀ, ଯିଏ ଜନମାନଙ୍କର ପିତାରୂପେ ସଂସାରରେ ଖ୍ୟାତ, ଯିଏ ପୀତବସ୍ତ୍ରଧାରୀ ଏବଂ ଦୋଷଶୂନ୍ୟ ସେହି ବିଧି ଅର୍ଥାତ୍ ବ୍ରହ୍ମାଙ୍କୁ ଉପେନ୍ଦ୍ରଭଞ୍ଜ ଧ୍ୟାନ କରୁଛି । ୫୬ ।

—o—

## ପଞ୍ଚତ୍ରିଂଶ ଛାନ୍ଦ

ରାଗ—ଭଟିଆରୀ

ରସି ରସିକେ ଶୁଣିମା ରସ । ରସବତୀ ରତିଶେଷ ବେଶ ।
ଗତ ପରସନ୍ନ ଗତ ଦରଶନ ଜଗତ କରି ପାରଇ ବଶ । ୧ ।
ଜାତି ପଦ୍ମିନୀ ସେ ନବବାଳୀ । ସୁରଭି ସୁରଭି ରସସ୍ଥଳୀ
ରଚିତ ଏ କଥା ତରୁଣ କୁଞ୍ଜର ଯୋଗରେ ତାର ହେବାର ଦଳି । ୨ ।
ଜୃମ୍ଭାବଶ ମୁଖ ଦିଶେ ରୁରୁ । ଆନ ନ ଦିଶେ ଏ ଉପମାରୁ ।
ଫୁଟି ଆସୁଛି କି ମୁଦ୍ରିତ ନଳିନୀ ନିଶି ରଙ୍ଗ ନାଶ ହୋଇବାରୁ । ୩ ।
ପାଦେ ପାହୁଡ଼ ହୁଡ଼ିନା ବୋଲି । ମଦନ ମଦାନ୍ଧେ ଚଳି ଚଳି ।
ଗର୍ବଜୟୀ ହଂସୀ ଗର୍ବ ମନ୍ଥନକୁ ଆରମ୍ଭ ଅତି ମନ୍ଥର ଚାଲି । ୪ ।
ରହିଯାଇ ବଳା ବାଜି ଯାଇ । ଲେଉଟି ସାଜିଲ କି ବା ଧାଇଁ ।
ଜୟମନ୍ତ ପଣ ପରାଭବୀ କାମ ନାଗର ଠୁକ୍କଇ ରହି ରହି । ୫ ।
ପ୍ରାତଃ ସମସ୍ତ ସ୍ୱଭାବରେ । ଖସୁଁ କେଶ ଖୋସା ଖୋଲିବାରେ ।
ଏ ଦୃଷ୍ଟି ପ୍ରକଟି ତମ ଥିଲା ଘୋଟି ପେଲି ନେଉଛି ଅରୁଣ କରେ । ୬ ।

ଆହେ ରସଗ୍ରାହକମାନେ ରସିକା ସୁନ୍ଦରୀ ରାଜକନ୍ୟାର ରତିଶେଷରେ ବେଶ ବର୍ଣ୍ଣନା ମନ ଦେଇ ଶୁଣନ୍ତୁ । ଗତ ଅର୍ଥାତ୍ ପୂର୍ବରୁ ଯେଉଁ ପ୍ରଫୁଲ୍ଲତା ଥିଲା ତାହା ଗତ ହେବାରୁ ଯେଉଁପରି ଦେଖାଗଲା, ତାହା ଜଗତକୁ ବଶ କରିପାରେ । ୧ ।

ସେହି ନୂତନା ସ୍ତ୍ରୀ ପଦ୍ମିନୀ ଜାତୀୟା ବୋଲି ସୁନ୍ଦରୀ ସୁଗନ୍ଧଯୁକ୍ତା ଏବଂ ରସ ଅର୍ଥାତ୍ ଶୃଙ୍ଗାରରସର ଆଧାର ଅଟେ । ଏଣୁ ଯୁବକ ହସ୍ତୀଯୋଗେ ସେ ଦଳିତ ହେବା କଥା ପ୍ରକୃତ । ୨ ।

ହାଇ ମାରୁଥିବା ମୁହଁଟି ମନୋହର ଦିଶୁଅଛି । ନିଶାର ଲୀଳା ନାଶ ହେବାରୁ ବୁଜି ଯାଇଥିବା ପଦ୍ମ ପ୍ରଭାତରେ ଫୁଟି ଆସୁଅଛି କି ? ଏହି ଉପମା ଛଡ଼ା ଅନ୍ୟ ଉପମା ମନକୁ ଆସୁନାହିଁ । ୩ ।

କାମବଶରେ ଅନ୍ଧ ହୋଇ ହଲି ହଲି ଚାଲି ଆସିବାରୁ ପାଦରେ ପିନ୍ଧା ପାହୁଡ଼ ପଦକ୍ଷେପ ଭୁଲ କରୁନାହିଁ ବୋଲି କହୁଅଛି କି ? ସୁନ୍ଦରୀର ମନ୍ଥର ଅର୍ଥାତ୍ ମନ୍ଦ ମନ୍ଦ ଚାଲି, ଗର୍ବସ୍ୱଭାବଯୁକ୍ତା ହଂସୀର ଚାଲିବା ଗର୍ବକୁ ଖର୍ବ କରେ । ୪ ।

ପାଦରେ ପିନ୍ଧିଥିବା ବଳା ରହି ରହି ବାଜି ଉଠୁଛି । ଏହା ଦେଖି ମନେହୁଏ କାମ ପରାସ୍ତ ହୋଇ କନ୍ୟାଙ୍କ ପରି ପୁଣି ଥରେ ଯୁଦ୍ଧ କରିବା ପାଇଁ ତାଳ ଠୁକୁଅଛି କି ? ୫ ।

ସ୍ୱଭାବତଃ ପ୍ରାତଃକାଳରେ ମୁଣ୍ଡର ଖୋସା ଖସିଯିବାରୁ ତାକୁ ପୁଣି ଟେକି ଖୋସୁଅଛି । ଏ ଦୃଶ୍ୟ ଦେଖି ମନେହେବ ଯେ ଅନ୍ଧକାର ଘୋଟି ରହିଥିଲା । ସୁନ୍ଦରୀ ନିଜର ରକ୍ତିମ ହାତରେ ତାହାକୁ ପଛକୁ ପେଲି ନେଉଛି । ୬ ।

ରଙ୍ଗ ଅମ୍ଳାନ ମାଳକହିଁ ଛୁଡ଼ି । ଖସେ ଏ ଲକ୍ଷ୍ୟମାନ ସେ ଲୋଡ଼ି ।
ପୂର୍ବାଦ୍ରି ତମାଳବନରୁ କି ଗଳି ସୂର୍ଯ୍ୟକରଣ ଆସଇ ପଡ଼ି । ୭ ।
ମଲ୍ଲିକା ମାଳିକା ଖସୁଛନ୍ତି । ଏହି ଲକ୍ଷଣ ଦେଖିଲି ମତି ।
ଘନରସ ବୃଷ୍ଟି ଅନ୍ତରେ ମହୀରେ ସହଜେ ପ୍ରବେଶ ହଂସପନ୍ତି । ୮ ।
ନାଭିକନ୍ଦ ଦୋଳି ପଟେ କହି । ବାନ୍ଧୁ ପୁନଃପୁନଃ ଫିଟି ଯାଇ ।
ରସନଦୀ ବୃଦ୍ଧି ବରଷେ ଯେ ଭାଙ୍ଗୁଛି ବାଲୁକା ସେତେବେ ସେ କି ରହି । ୯ ।
ନୂତନ ଗୁଡ଼ ନାହିଁ ଅଙ୍ଗ ସୀମା । ଲବଣୀପିତୁଳା ନବରମା ।
ସୁରସ ଭେଦରେ ତରଳି ଥିଲି ଯେ ପବମାନ ନିଜ ସୁଖଧାମା । ୧୦ ।
ଇଚ୍ଛା ଗୋପ୍ୟପୁରେ ପଶିବାକୁ । ଭୟ ସଖୀ ହାସ୍ୟ ଭାଷିବାକୁ ।
ପ୍ରିୟ ବଦନସ୍ଥବଚନ ଶଶୁଁ ଆଣ ହେଉଅଛି ଚଞ୍ଚୁ ତୋଷିବାକୁ । ୧୧ ।
ସଙ୍ଗିମାଏ ସଙ୍ଗ ଏହିକାଳେ । ଭଙ୍ଗି ବଚନ ପ୍ରକାଶ କଲେ ।
ଅଛି ମୃଦୁଅଙ୍ଗୀ ନ ବାଧିବ କେହି ନୋହିବା କଥା ହୋଇଛି ବଳେ ।୧୨।

---

ନାଲିଆ ଅମ୍ଳାନ ଫୁଲହାର ଛିଣ୍ଡି ଖସି ପଡ଼ୁଛି ବୋଲି ତହିଁର ଉପମା ଆବଶ୍ୟକ । ଉଦୟାଚଳର ତମାଳ ବନରୁ ସୂର୍ଯ୍ୟକିରଣ କଅଣ ଗଳିପଡ଼ି ଆସୁଛି ? ଏଠାରେ କବି ନାଲିଫୁଲକୁ ସୂର୍ଯ୍ୟକିରଣ, ସ୍ତନକୁ ଉଦୟାଚଳ ଏବଂ କେଶକୁ ତମାଳ ବନ ସହିତ ତୁଳନା କରିଅଛନ୍ତି । ୭ ।

ମଲ୍ଲୀମାଳା ଖସୁଅଛି । ଏହା ଦେଖି ମନରେ ଏହି ଉପମା ଜାତ ହେଲା ଯେ ମେଘ ବର୍ଷିଲା ପରେ ଧରଣୀରେ ସ୍ୱଭାବତଃ ହଂସମାନେ ପଡ଼ୁଥିଲେ କି ? ୮ ।

ଯାହାଙ୍କୁ ସମସ୍ତେ ନୀବବନ୍ଧ ଅର୍ଥାତ୍ ନାଭି ପାଖର ଖୋସଣୀ କହନ୍ତି ତାହାକୁ ବାନ୍ଧନ୍ତେ ସେ ବାରମ୍ବାର ଫିଟିଯାଉଛି । ଯେଉଁ ବନ୍ଧ ଶୃଙ୍ଗାରରସ ବୃଦ୍ଧି ହେବାରୁ ଭାଙ୍ଗି-ଯାଉଛି ସେଥିରେ ବାଲି ପକାଇଲେ କଅଣ ତାହା ବନ୍ଦ ହେବ ? ୯ ।

ଝାଳ ଦେହରୁ ମରୁନାହିଁ । ସେହି ନୂତନା ସୁନ୍ଦରୀ ଲହୁଣୀର ପିତୁଳା ଅଟେ । ତାହାଙ୍କୁ ଝଞ୍ଜାବାତରୂପରେ ନିଜର ସୁଖପ୍ରଦ ସୁରସ ଅର୍ଥାତ୍ ଶୃଙ୍ଗାରରସ ଭେଦହୋଇ ତରଳି ଯାଇଥିଲା । ୧୦ ।

ସଖୀମାନଙ୍କର ଥଟ୍ଟା ଓ କଥାକୁ ଭୟ କରି ଗୁପ୍ତ ଗୃହରେ ପଶିବାକୁ ଇଚ୍ଛା କଲା । ପୁଣି ସ୍ୱାମୀର ବଦନସ୍ଥ ବଚନମାନ ଚନ୍ଦ୍ରାକର ଚଞ୍ଚୁ ତୋଷ କରିବାକୁ ମନ ବଳାଇଲା । ୧୧ ।

ଏହି ସମୟରେ ସଙ୍ଗିନୀମାନେ ମିଳି ରହସ୍ୟ ବଚନ କହିଲେ—ଯେତେବେଳେ ନ ହେବା କଥା ହୋଇଅଛି ସେତେବେଳେ ଆମର ଏହି ଅତି କୋମଳାଙ୍ଗୀକୁ ନ ବାଧିବ କପରି ? ୧୨ ।

କେହି କହି କମ୍ପା କରଇର । ମଧ୍ୟମା ଦେଖୁଛୁ ମଧ୍ୟ ଘର ।
ଅଛୁ ଗ୍ରାଜ ନାହିଁ କୁଚଭର ସହି ହେଉନାହିଁ ଏତେ ସୁକ୍ଷ୍ମର । ୧୩ ।
କେ ବୋଇଲେ ଦେଖ ରଦଛଦ । ଶୋଭା ବହିବାରୁ ରଦଗ୍ରଦ ।
ଗୁଣିକ ବୋଲନ୍ତି ଅମୂଲ୍ୟ ମାଣିକ୍ୟ ସେହି ପୁଣି ହେଲା ଖଣ୍ଡଭେଦ ।
ଛଳେ କେ ଭ୍ରୂଭଙ୍ଗୀ ନାହିଁ କଛୁ । ଘୋର ରତିରଣେ ମୁହିଁ ଇଚ୍ଛି ।
ଦର୍ପକ ଧନୁଏ ଦର୍ପହତ ହୋଇ ପକାଇ ଦେଇ ସେ ପଳାଇଛି । ୧୫ ।
ସଖୀଏ ତହିଁ ସଧୀରେ କହି । ଏଣୁ କି ଡୋଳା ଚଞ୍ଚଳ ବହି ।
ପ୍ରିୟ କଞ୍ଜମୁଖ ଚୁମ୍ବିଥିଲା ଭୃଙ୍ଗ ଖୋଜେ କି ସେହି ପଙ୍କଜ କାହିଁ । ୧୬ ।
କେ କହେ ହରିଣୀ ନବବାଳା । ଚଞ୍ଚଳ ଚାହାଣି ନ ଗୁଡ଼ିଲା ।
ଏହିକ୍ଷଣି ଯିନା ଫିଟି ଆସିଅଛି କାନ୍ତ ବାହୁପାଶେ ପଡ଼ିଥିଲା । ୧୭ ।
ସହଚରୀଏ ପ୍ରକାଶ ଭାଷ । ନାହିଁ ମନୋଜ୍ଜ୍ୱଳ ହାସ୍ୟହାସ ।
ରତି ଦାନ କରି ଦକ୍ଷିଣା ଦେଲାଟି ଏହି ସୁଲକ୍ଷଣା ହୃଏ ଦୃଶ । ୧୮ ।

---

ଜଣେ କେହୁ ସଖୀ କହିଲା ଆମ ସୁନ୍ଦରୀ କାହିଁକି ମଧ୍ୟ ଅର୍ଥାତ୍ ଅଣ୍ଟାରେ ହାତର ଭାର ରଖିଛୁ ? ସ୍ତନର ଭାର ବହନ କଲେ ମଧ୍ୟ କୃଶକଟି ଯାହା ଭାଙ୍ଗିନାହିଁ ଏହା ତ ତା' ପ୍ରତି ସୁବିଚାର ନୁହେଁ । ୧୩ ।

କିଏ କହିଲା ରଦଛଦ ଅର୍ଥାତ ଓଠକୁ ଦେଖ । ତାହା ଦାନ୍ତକ୍ଷତ ଚିହ୍ନ ଧାରଣ କରିଅଛି । ସେହି ଦନ୍ତକ୍ଷତ ଯୋଗୁଁ ଅମୂଲ୍ୟ ମାଣିକ ଯୋଡ଼ କାଟିଲା ବୋଲି ଗୁଣୀମାନେ କହୁଥାନ୍ତି । ୧୪ ।

କେହି ଜଣେ ଛଳ କରି କହିଲା, ତୋମାର ଭ୍ରୂଲତାଭଙ୍ଗୀ ତ କଛି ଦିଶୁନାହିଁ । ମୁଁ ମନେକରୁଛି ଏହି ଭ୍ରୂଲତା ଘୋର ରତିଯୁଦ୍ଧରେ କନ୍ଦର୍ପର ଧନୁ ହୋଇଥିଲା । ସେ ପରାସ୍ତ ହେବାରୁ ତାହାର ଗର୍ବ ନାଶ ହେଲା । ଏଣୁ ଧନୁକୁ ପକାଇ ପଳାଇଯାଇଛି । ୧୫ ।

ସେଠାରେ ଜଣେ ସଖୀ ଧୀର ସ୍ୱରରେ କହିଲା, ସୁନ୍ଦରୀର ଡୋଳା କଅଣ ଏଇଥିପାଇଁ ଚଞ୍ଚଳ ହୋଇଅଛି ? ସେହି ଡୋଳା ଭ୍ରମର ପଦ୍ମକୁ ଖୋଜିଲା ପରି ପ୍ରିୟ ସ୍ୱାମୀର କଞ୍ଜ ଅର୍ଥାତ୍ ପଦ୍ମମୁଖକୁ ଚୁମ୍ବନ କରିଥିଲା । ବର୍ତ୍ତମାନ ସେହି ମୁଖପଦ୍ମ କାହିଁ ବୋଲି ଖୋଜିବାକୁ ଚଞ୍ଚଳ ହୋଇଅଛି । ୧୬ ।

କିଏ କହିଲା, ଆମର ନୂତନା ସୁନ୍ଦରୀ ହରିଣୀ ପରି ବୋଲି ଆଖିର ଚଞ୍ଚଳତା ଛାଡ଼ିନାହିଁ । ହରିଣୀ ଫାଶରେ ପଡ଼ିଥିଲା ପରି ଆମ ସଖୀ ସ୍ୱାମୀର ବାହୁବନ୍ଧନରେ ପଡ଼ିଥିଲା । ଏହିମାତ୍ର ସେହି ଫାଶରୁ ମୁକ୍ତ ହୋଇ ଆସିଛି । ୧୭ ।

ଆଉ ଏକ ସୁନ୍ଦରୀ କହିଲା, ସଖୀର ସେହି ଉଜ୍ଜ୍ୱଳ ହାସଛଟା ନାହିଁ । ସ୍ୱାମୀକୁ ରତି ଦାନ କଲାପରେ ଦକ୍ଷିଣା ସ୍ୱରୂପ ନିଜର ହସକୁ ଉତ୍ତମ ଲକ୍ଷଣଯୁକ୍ତା ରାଜକନ୍ୟା ଦେଇଅଛି ବୋଲି ଦେଖାଯାଉଛି । ୧୮ ।

ସଖୀଏ ବୋଇଲେ ପୃଥୁସ୍ତନ । ପୂର୍ଣ୍ଣକୁମ୍ଭ ଏଥି ହାର ଛିନ୍ନ ।
କାନ୍ତ କର ବାଜି ଛିନ୍ନଥିଲା ପ୍ରେମସୁଧାଧାର ରହିଅଛି ଚିହ୍ନ । ୧୯ ।
କେ କହିଲେ କ୍ଷୀଣକଟି ହରି । ଦାନ କଲେ ମୋତେ କୃପା କରି ।
ମୁକ୍ତା ପାଉଥିଆ ପଞ୍ଚବଦନକରିକୁମ୍ଭ କରଜନାଗରେ ଚିରି । ୨୦ ।
କେ କହେ ବଦନ ପୂର୍ଣ୍ଣଶଶୀ । ଗଣ୍ଡ ସ୍ଥଳ ଖଣ୍ଡ ଖଣ୍ଡ ହସି ।
ଶ୍ରେଣୀ ପ୍ରିୟତମେ ଚର୍ବଣ ହେଲା କି ଏଣୁ ସୁଲକ୍ଷଣା ଯାଏ ଦିଶି । ୨୧ ।
କନକ କଜ୍ଜଳ ମଧ୍ୟସ୍ଥାୟୀ । ଗଳି ପଡ଼ିବାରୁ ବହି ଯାଇ ।
ତାମ୍ବୁଳ ସିନ୍ଦୂର ବ୍ୟକତ ବ୍ୟକତ ଦେଖି ଦନ୍ତକ୍ଷତେ ଶୋଭାପାଇ । ୨୨ ।
ଉତ୍ତର କରେ କେ ଏହୁ ନିଷ୍ଠା । ପ୍ରସନ୍ନେ ଏବେ ନୋହୁଛି ଶ୍ରେଷ୍ଠା ।
ନିଃଶେଷ କରି ପୀୟୂଷ ପିଇବାରୁ ରହିଛି ସିନା ମାତର ସିଠା । ୨୩ ।
ହସି ବୋଲେ ଏକ ପ୍ରିୟଆଳୀ । ଆଜିତ ଅତି ମନ୍ଥର ଚାଲି ।
ଶୃଙ୍ଖଳିକୁଳୀ ଲଗିଲାଣି ଚରଣେ କେମନ୍ତ ଚଳନ୍ତା ବୋଲି କେ ଛଳି । ୨୪ ।

---

ଜଣେ ସଖୀ କହିଲା, ସୁନ୍ଦରୀର ପୃଥୁଳ ସ୍ତନ ଦୁଇ ପୂର୍ଣ୍ଣ କଳସ ପରି । ଗଳାର ହାର ଛିଣ୍ଡି ସ୍ତନଦ୍ୱୟର ଦୁଇପାଖରେ ଝୁଲିଛି । ମନେହେଉଛି ସ୍ୱାମୀର ହାତ ବାଜି କୁମ୍ଭ ଓଲଟି ପଡ଼ିବାରୁ ତହିଁରୁ ବହିପଡ଼ିବା ସୁଧାଧାର ଚିହ୍ନ ପରି ସେହି ହାର ଦିଶୁଅଛି । ୧୯ ।

ସେହି ଜଣେ ସଖୀ କହିଲା କ୍ଷୀଣକଟିଯୁକ୍ତ ଯୁବକ ସିଂହ ଶିକାରକାରୀ ହୋଇ ସୁନ୍ଦରୀର ସ୍ତନ ରୂପକ ଗଜ କୁମ୍ଭକୁ କର ନାଗରେ ଅର୍ଥାତ ନଖ ଶରରେ ଚିରି ଦୟାବହି ମୋତେ ଗଜ କୁମ୍ଭରେ ଥିବା ମୁକ୍ତା ଦାନ କଲା । ୨୦ ।

କିଏ କହିଲା, ରାଜକନ୍ୟାର ମୁଖ ପୂର୍ଣ୍ଣଚନ୍ଦ୍ର ପରି । ଗଣ୍ଡ ଓ କପାଳ ଖଣ୍ଡ ଖଣ୍ଡ ଦେଖାଯିବାରୁ ଏହି ସୁଲକ୍ଷଣା ଅର୍ଥାତ୍ ଉପମା ମନକୁ ଆସୁଛି ଯେ କେମାର ପ୍ରିୟ କାନ୍ତ ଶ୍ରେଣ କରିବା ପାଇଁ ଚୋବାଇ ପକାଇଛି । ୨୧ ।

ମଝିରେ ଥିବା କଳଙ୍କ ରୂପକ କଜ୍ଜଳ ଚୋବେଇବାରୁ ତରଳି ବହିଯାଇଛି । ଦେଖ ତାମ୍ବୁଳ ଓ ସିନ୍ଦୂର ଦନ୍ତକ୍ଷତ ଦେଲାବେଳେ ରକ୍ତ ପରି ଶୋଭା ପ୍ରକାଶ କରୁଅଛି । ୨୨ ।

ଆଉ ଜଣେ କହିଲା, ଏ କଥା ନିଷ୍ଠା ଅର୍ଥାତ୍ ଯଥାର୍ଥ । ବର୍ତ୍ତମାନ ସୁନ୍ଦରୀର ମୁହଁରେ ପ୍ରସନ୍ନଭାବ ଆଉ ଉଲ୍ଲକରି ଦେଖାଯାଉନାହିଁ । ସୁନ୍ଦର ମୁଖରୁ ଅମୃତକୁ ଶେଷ କରି ପିଇବାରୁ ତାହା ସିଠା ପଡ଼ିଯାଇଛି । ୨୩ ।

ଜଣେ ପ୍ରିୟସଖୀ ହସି କରି କହିଲା, ଆଜି ତ ଚାଲିଟା ବଡ଼ ଧୀର । ଯେତେବେଳେ ପ୍ରେମର ଶୃଙ୍ଖଳ ପାଦରେ ଲାଗିଲାଣି ସେତେବେଳେ ଆଉ କିଅଣ ସେହି ଚାଲିପାରନ୍ତା ? ଏ କଥା ଛଳ କରି ଆଉ ଜଣେ ସଖୀ ଉତ୍ତର ଦେଲା । ୨୪ ।

କହେ କେ ନ କଲ ଚଇତନ । ଅଳସଭଙ୍ଗୀ ଭଙ୍ଗିମା ମାନ ।
ଊର୍ଦ୍ଧ୍ୱେ ଛନ୍ଦିଥିଲ କର ବେନି ବେନି ପାସୋରି ନପାରି ଆଲିଙ୍ଗନ ।୨୫।
କୃଷି କୃଷି ବୋଲାବାର ବ୍ୟାଜେ । ଈଶ ଈଶ ବୋଲୁଥିଲେ ସେ ଯେ ।
ଅଧିକୁଁ ଅଧିକ ଅନୁରାଗ ସିନା ଚତୁରୀ ହେଜ ବୋଇଲି ଏ । ୨୬ ।
ସଜନୀ ଏ ଶୁଣି କହେ ନେଇ । ଆଜ ତେଣୁ ଶିବୋତ୍ସବ ରାଇ ।
ଉତ୍ତମା ଉତ୍ତମ ଲଗ୍ନ ହୋଇବାରୁ ପ୍ରମାଦେ ହେଲେ ଋତୁମନ୍ତ । ୨୭ ।
କାମକଳୁଷିତ ଗଲା ନାଶ । ମୁକତି ଲଭିଲ ଏ ସନ୍ତୋଷ ।
ଅନ୍ତର୍ଗତେ ରଖି ଧ୍ୟାନ କରେ ସଖୀ ନିଶ୍ଚଳ ଭଜଇ ଅଙ୍ଗଦେଶ । ୨୮ ।
କସ୍ତୁରୀ ଏ ଭାଷି ଶୁଣ ସୁଣ । ଚାତକାଧ କି ଶୀତଳା କଲ ।
ଘନରସ କି ଚାତକ ନ ପିଅନ୍ତି । ଭୃଙ୍ଗ ଭୋଗ କି ନ କରନ୍ତି ଫୁଲ । ୨୯ ।
ସେଠାରୁ କର ଧରି ନେଲେ । ବେଢ଼ି ଧୀରେ ବିମ୍ବୋଷ୍ଠୀକି ନେଲେ ।
ପୂର୍ଣ୍ଣକଳାନିଧି ନକ୍ଷତ୍ର ପରିଧି ବଧି ଉପମାକୁ ସିଦ୍ଧି କଲେ । ୩୦ ।

---

କୌଣସି ସଖୀ କହୁଛି ସୁନ୍ଦରୀର କ୍ଳାନ୍ତଭାବ ଓ ଅନ୍ୟ ଲକ୍ଷଣ ମାନ ଚଇତନ ଅର୍ଥାତ୍ ଜାଣି କଲ ନାହିଁ କି ? ଆମ ସଖୀ ପରା ଅଳସ ଭଙ୍ଗିବା ଛଳରେ ଉପରକୁ ହାତ ଉଠାଇ ଦୁଇ ହାତକୁ ବେନିବେନିକେ ଛନ୍ଦୁଥିଲା । ସେ ହାତକୁ ଛନ୍ଦୁ ନ ଥିଲା ଯେ ସ୍ୱାମୀର ଆଲିଙ୍ଗନ ଭୁଲି ନ ପାରି ମନେ ପକାଉଥିଲା । ୨୫ ।

କୃଷିକଣ କୃଷି ଅର୍ଥାତ୍ କୌଣସି କୃଷିଙ୍କର ନାମ ଉଚ୍ଚାରଣ କରିବା ଛଳରେ ରାଜକନ୍ୟା ଈଶ ଅର୍ଥାତ ଶିବରୂପୀ ସ୍ୱାମୀଙ୍କର ନାମ ଉଚ୍ଚାରଣ କରୁଥିଲା କି ? ଏହା ଦେଖି ଜଣେ ଚତୁରୀ ସଖୀ କହିଲା, ନା ନା, ଆମ ସୁନ୍ଦରୀର ପ୍ରେମ ବାସନା କ୍ରମଶଃ ଅଧିକ ହେବାରୁ ସେ ଏପରି କରୁଅଛି । ୨୬ ।

ରାଜକନ୍ୟାର ଆଖିକୁ ଅନାଇଦେଇ ଆଉ ଜଣେ ସଖୀ କହିଲା, ଆଜ ଶିବୋତ୍ସବ ଅର୍ଥାତ୍ ରାଜରାଜି ଉତ୍ସବ ହୋଇଥିଲା । ଶୁଭଲଗ୍ନ ହେବାରୁ ଉତ୍ତମା ରାଜକନ୍ୟା ଆଜ ଋତୁମନ୍ତ ହେଲା । ୨୭ ।

କାମର କଳୁଷ ନାଶ ହେଲା; ମୁକ୍ତି ପାଇଲା । ଏହି ସନ୍ତୋଷ ଭାବକୁ ଅନ୍ତରରେ ରଖି ସଖୀ ଧ୍ୟାନ କରୁଅଛି । ସେହି ଧ୍ୟାନ ଯୋଗୁ ସୁନ୍ଦରୀର ଅଙ୍ଗପ୍ରତ୍ୟଙ୍ଗ ନିଶ୍ଚଳ ହୋଇଅଛି । ୨୮ ।

ଜଣେ ସଖୀ କହୁଥିଲା, ଶୁଣ ସିବା । ଅଷ୍ଟା କଣବାଟେ କଅଣ ଦେଖା ଭଲ କି ? ଚାତକ ମେଘର ଜଳ କଅଣ ପିଅନ୍ତି ନାହିଁ ଏବା ଭ୍ରମର କଅଣ ଫୁଲକୁ ଭୋଗ କରନ୍ତି ନାହିଁ ? ୨୯ ।

ସଖୀମାନେ କରଧରି ଦେଇ ବିମ୍ବାଧରୀ ରାଜକନ୍ୟାକୁ ସେଠାରୁ ନେଲାବେଳେ ନକ୍ଷତ୍ର ପରିଧି ଅର୍ଥାତ୍ ନକ୍ଷତ୍ରବେଷ୍ଟିତ ପୂର୍ଣ୍ଣ କଳାନିଧି ଅର୍ଥାତ୍ ପୂର୍ଣ୍ଣଚନ୍ଦ୍ରର ଉପମା ସାଦୃଶ୍ୟକୁ ପ୍ରମାଣିତ କଲେ । ୩୦ ।

ଚଉରଗଗନେ ଉଦେ ହୋଇ । ସଖୀଏ ମାନ ବଢ଼ାଇ ଦେଇ ।
ରମଣୀମଣିଙ୍କ ବେଶ କରିବାରେ ଆବେଶ ହୋଇଲେ ପ୍ରାଣସଖୀ । ୩୧ ।
ରଚି ଅଶେଷ ଇଙ୍ଗିତଶ୍ରେଣୀ । ଅନୁବୃତ୍ତି ଏ ବର୍ଗର ଭଣି ।
ନବୀନାକୁ ଉପକାରୀ ବୃତ୍ତକଥା ଉକ୍ତିରୁ ଆନ ମଣ୍ଡିବା ପୁଣି । ୩୨ ।
ତଇଳ ରସରେ ମାର୍ଜିବାରୁ । ଦର୍ପଣ ଉପମା ମୁଖ ଧରୁ ।
ମାତ ସଙ୍ଗେ ଅଙ୍ଗ ସମସ୍ତେ ତୁଳନା ଯେବ ଗୁଞ୍ଜ ଜାମ୍ବୁନଦଠାରୁ । ୩୩ ।
ଅଧର ତାମ୍ବୁଳ ଅଧରକୁ । ଆଦର ଏବେ ପଡ଼ିଲା ତାକୁ ।
କାଳ ସବୁ କରେ ଝଟ ରତପରେ ପାଉ ସେ ସୋଦର ଉପମାକୁ । ୩୪ ।
ଉରକୁଚରେ ଚେଳକୁ ରଖି । ଗଣ୍ଡମଣ୍ଡଳେ ମକସ୍ତ ଲେଖି ।
ଗୁରୁ ଅଗୋଚର କର ଶଶୀ-ଜର-ଭୂଷଣ-ନାଭିରେ ପ୍ରାଣସଖୀ । ୩୫ ।
ଚନ୍ଦନ ବନ୍ଦନ ବାସ ତନୁ । ବନ୍ଦନ କରି ଚନ୍ଦନ ଘେନୁ ।
ଶ୍ରାନ୍ତ ହରି ନିଦ୍ରା କରାଇ ଦେଖାଇଁ ଗତ ରତିରଙ୍ଗ ସ୍ୱପ୍ନପନୁ । ୩୬ ।

---

ପୂର୍ଣ୍ଣଚନ୍ଦ୍ର ଆକାଶରେ ଉଦୟ ହୁଏ । ଏଠାରେ ଅଗଣା ରୂପକ ଆକାଶରେ ରାଜକନ୍ୟା ଉଦିତ ହେଲ । ସଖୀମାନେ ଶୀଘ୍ର ପ୍ରାତଃକୃତ୍ୟ ଶେଷ କରାଇଲେ । ତାହାପରେ ରମଣୀଶ୍ରେଷ୍ଠାଙ୍କୁ ବେଶ କରିବା ପାଇଁ ତାହାର ପ୍ରାଣସଖୀମାନେ ଲାଗିପଡ଼ିଲେ । ୩୧ ।

ଅନୁବୃତ୍ତି ଅର୍ଥାତ୍ ଅନୁସରଣକାରୀମାନେ ଇଙ୍ଗିତମାନ ନୂଆ ଭାବରେ ରଚି ବର୍ଗର ପ୍ରକାଶ କଲେ । ନବୀନାକୁ ଉପକାର କରିବା ଭଳି ବୃତ୍ତଗୋଟି କଥା କହୁ ପରେ ଆନ ଅର୍ଥାତ୍ ଅନ୍ୟ ଅଳଙ୍କାରରେ ସଜାଇବା । ୩୨ ।

ତେଲ ମର୍ଦ୍ଦନ କଲାରୁ କେମାର ମୁହଁ ଦର୍ପଣର ଉପମା ଧାରଣ କଲା । ପୀତ ସଦୃଶ ବେଳେବେଳେ ଉଭର ମଧ୍ୟ ତୁଳନା ହୋଇଥାଏ । ଏ କଥା ଜାମ୍ବୁନଦ ଅର୍ଥାତ୍ ସୁନା ସଦୃଶ ଗୁଞ୍ଜ ଅର୍ଥାତ୍ କାଇଁଚର ତୁଳ୍ୟ ହେବା କଥାରୁ ସ୍ପଷ୍ଟ ହେଉ । ୩୩ ।

ଓଷ୍ଠ ପାଖରେ ତାମ୍ବୁଳ ଅଧର ଅର୍ଥାତ୍ ନିକୃଷ୍ଟ ହେଲେ ମଧ୍ୟ ବର୍ତ୍ତମାନ ଅଧର ସଦୃଶ ବନ୍ଧୁର ଉପମା ଦେବାର ଆଦର ଘଟିଲା । ସମସ୍ତ ଏକୁ ଜଥା କରାଏ । ଶୀଘ୍ର ଝଟ, ଅଧର ସୋଦର ଉପମାକୁ ଅର୍ଥାତ୍ ନିକୃଷ୍ଟ ଉପମାକୁ ପାଉ । ୩୪ ।

ଓଷ୍ଠ, ସ୍ତନ ଓ ଗାଲରେ ନଖଚନ୍ଦ୍ର କ୍ଷତ ଆଦି ଚିହ୍ନ ଗୁରୁଜନମାନେ ଜାଣି ନ ପାରିବେ ବୋଲି ସଖୀମାନେ ରାଜକନ୍ୟାର ଉଚ୍ଚ ସ୍ତନରେ କାଞ୍ଚୁଲି, ଶଶୀହରଭୂଷଣ ଅର୍ଥାତ୍ ନାଭିରେ ଓ ଗଣ୍ଡଦେଶରେ ମୃଗନାଭି ଦ୍ୱାରା ମକସ୍ତ ଚିତ୍ର ଚିହ୍ନିତ କଲେ । ୩୫ ।

ଯେଉଁ ଦେହର ସୁବାସ ଚନ୍ଦନ ଗନ୍ଧଠାରୁ ଅଧିକ, ସେହି ଦେହରେ ଚନ୍ଦନ ବୋଳନ୍ତେ ରାଜକନ୍ୟାର ଶ୍ରମ ଦୂର ହେଲା ଓ ସେ ନିଦ୍ରିତା ହେଲା ଏବଂ ବିଗତ ସ୍ୱପ୍ନର ରତିକ୍ରୀଡ଼ାର ସୁଖସ୍ୱପ୍ନ ଦେଖାଇଲା । ୩୬ ।

କହୁଁ କହୁଁ ରମା ବେଶ ସାରି । ହୋଇଲେ ଆସ ମଣୋହ୍ବ କରି ।
ହେମା ମହା ରସଅଶନାନ୍ତେ ଜନ କମ୍ପୁକକାମୁକ ଭୋହେ ଗୋରି । ୩୭ ।
ମୃନାଳ ନାମ ଆହରୁ ଦୂର । ହୋଇଲାଣି କିଛି ନ ରୁଚଇ ।
ତନ୍ତ୍ରୀ ପବନ ମୋହିଲାଣି ମନ ଯେନର ଭୂଷି ଚକ୍ରୁସାର । ୩୮ ।
ଦୃଷ୍ଟାନ୍ତରମାନ ଗୀତରେ ଭଣି । ଭଜି ତୋଷିଲେ ସେ ପ୍ରାଣସଖୀ ।
ପଲକ ଅନ୍ତରେ ପଲଙ୍କ ଅଙ୍କରେ ନିଃଶଙ୍କେ ନିଦ୍ରା ଆଜନ୍ମସୁଖୀ । ୩୯ ।
ସୁବାହୁଜେ ଯେନ ଯାଉ ଦର । ଅଧିକଭୁଜ ଛେଦନ କର ।
ସେ ରାମ ବଳସ୍ତୁ ବଂଶହର ପଦ ଭାବେ ବେନି ଅର୍ଥେ ଗାଉଛର । ୪୦ ।

—o—

ଅଶନାନ୍ତେ ଅର୍ଥାତ୍ ଭୁକ୍ତଭୋଜନ ପରେ ଲୋକେ ଯେପରି କମୁକ ଅର୍ଥାତ୍ ଗୁଆ ପ୍ରଭୃତି ସ୍ନେହ ପ୍ରକାଶ କରିଥାନ୍ତି ତୁମ୍ଭେ ସେହିପରି ମହାରସ ଅର୍ଥାତ୍ ଶୃଙ୍ଗାରରସ ଆସ୍ୱାଦନ କରିଥିଲେ ମଧ୍ୟ ଭୋଜନ କରିବାକୁ ଗଲ । ୩୭ ।

ଆହାରରୁ ମୃଣାଳର ଅନ୍ୟ ନାମ ବିଷ ଦୂର ହେଲାଣି । ଏଣୁ ଏତିକି ଭୋଜନ ଆଉ ବିଷବତ୍ ବୋଧ ହେବ ନାହିଁ । ଆଉ କିଛି ରୁଚୁ ନାହିଁ । ଯେଉଁ ପବନପ୍ରବାହ ଦେହକୁ ପୋଡ଼ି ପକାଉଥିଲା ସେ ଏବେ ମନକୁ ମୋହ କଲାଣି ବୋଲି ଆଗୋ ସୁନ୍ଦରି ବିଚାର କର । ୩୮ ।

ପ୍ରାଣସଖୀମାନେ ଏହିପରି ଉଦାହରଣପୂର୍ଣ୍ଣ କଥାମାନ କହି ସୁନ୍ଦରୀକୁ ସନ୍ତୋଷ କଲେ । ଏହା ଶୁଣି ଜନ୍ମରୁ ସୁଖରେ ଦିନ କଟାଇଥିବା ରାଜକନ୍ୟା ପଲକ ପରେ ପଲଙ୍କ ଉପରେ ଶଙ୍କାଶୂନ୍ୟ ଭାବରେ ଶୋଇଗଲା । ୩୯ ।

ପର—ଶତ୍ରୁ ; ସୁବାହୁଜ—ଅଧିକ ଭୁଜବିଶିଷ୍ଟ ; ଛେଦନକର—ଛେଦନକାରୀ ; ବଳସ୍ତୁମାନଙ୍କର—ବଳବନ୍ତମାନଙ୍କର, ବାଲିର ; ବଂଶହର—ବଂଶ ଖଣ୍ଡନକାରୀ ; ଭାବେ—ଚିନ୍ତାକରେ ; ବେନି ଅର୍ଥେ—ଦୁଇ ଅର୍ଥରେ । ଯାହାର ଶତ୍ରୁ ହେବାରୁ ଅଧିକ ଭୁଜବିଶିଷ୍ଟ ଅର୍ଥାତ୍ ରାବଣ ଓ ସହସ୍ରାର୍ଜ୍ଜୁନକୁ ଛେଦନ କରିଥିଲେ, ଯେଉଁ ରାମ ବଳିଷ୍ଠମାନଙ୍କର ଓ ବାଲୀର ଗର୍ବ ଚୂର୍ଣ୍ଣ କରିଥିଲେ ସେହି ରାମ ଓ ବଳରାମଙ୍କର ଦୁହିଙ୍କ ପାଦକୁ ଉପେନ୍ଦ୍ରଭଞ୍ଜ ଦୁଇ ଅର୍ଥରେ ଚିନ୍ତା କରୁଛି । ୪୦ ।

**ସମାପ୍ତ**

କବି ସମ୍ରାଟ୍

ଉପେନ୍ଦ୍ର ଭଞ୍ଜଙ୍କ ରଚିତ

# ଲାବଣ୍ୟବତୀ

[ ପଦଟୀକା ସହ ]

ସମ୍ପାଦନା ଓ ମୁଖବନ୍ଧ

ଶ୍ରୀ ସଦାନନ୍ଦ ମିଶ୍ର

ପ୍ରକାଶକ—ଧର୍ମଗ୍ରନ୍ଥ ଷ୍ଟୋର

ଅଲିଶା ବଜାର, କଟକ-୨

ଅଭିନବ ସଂସ୍କରଣ
୧୯୭୯

ମୁଦ୍ରଣ :
ଶଶିକା ପ୍ରିଣ୍ଟିଂ ପ୍ରେସ,
କଟକ-୨

ପ୍ରକାଶକ :
ଧର୍ମଗ୍ରନ୍ଥ ଷ୍ଟୋର
ଅଲିଶା ବଜାର,
କଟକ-୨

ପ୍ରକାଶକଙ୍କ ଦ୍ୱାରା
ସର୍ବସ୍ୱତ୍ୱ ସଂରକ୍ଷିତ ।

ମୂଲ୍ୟ—ଅବନ୍ଧା ଟ ୪-୫୦ ଓ ବନ୍ଧେଇ ଟ ୭-୫୦

# ସୂଚୀପତ୍ର


| ଛାନ୍ଦ | | ବିଷୟ | ପୃଷ୍ଠାଙ୍କ |
|---|---|---|---|
| ପ୍ରଥମ | ଛାନ୍ଦ | ଲାବଣ୍ୟବତୀ ଓ ଚନ୍ଦ୍ରଭାନୁର ପୂର୍ବଜନ୍ମ ବୃତ୍ତାନ୍ତ | ୧ |
| ଦ୍ୱିତୀୟ | „ | ଲାବଣ୍ୟବତୀର ଜନ୍ମ ବୃତ୍ତାନ୍ତ | ୧୨ |
| ତୃତୀୟ | „ | ଲାବଣ୍ୟବତୀ ପ୍ରଥମ ଋତୁମତୀ ହେବା | ୨୫ |
| ଚତୁର୍ଥ | | ଲାବଣ୍ୟବତୀକୁ ବେଶ କରିବା | ୩୨ |
| ପଞ୍ଚମ | „ | ଲାବଣ୍ୟବତୀର ପୁଷ୍ପବାଟିକା ଭ୍ରମଣ | ୪୮ |
| ଷଷ୍ଠ | „ | ଲାବଣ୍ୟବତୀର ଉପବନ ବିହାର ସମୟେ ଜଳକେଳି | ୫୨ |
| ସପ୍ତମ | „ | ବାଜିକର ସିଂହଳକୁ ଯାଇ ଭେଳିକବିଦ୍ୟା ଦେଖାଇବା | ୬୪ |
| ଅଷ୍ଟମ | „ | ଲାବଣ୍ୟବତୀର ଚିତ୍ରପଟ ଘେନି ସନ୍ନ୍ୟାସୀ ଚନ୍ଦ୍ରଭାନୁ ପାଶେ ପ୍ରବେଶ | ୭୧ |
| ନବମ | „ | ଚନ୍ଦ୍ରଭାନୁ ପାଖରେ ଲାବଣ୍ୟବତୀର ଚିତ୍ରପଟ ନେଇ ସନ୍ନ୍ୟାସୀ ପ୍ରବେଶ | ୭୭ |
| ଦଶମ | „ | ଚନ୍ଦ୍ରଭାନୁ ଲାବଣ୍ୟବତୀର ଚିତ୍ରପଟ ଦର୍ଶନ | ୮୩ |
| ଏକାଦଶ | „ | ଲାବଣ୍ୟବତୀର ସ୍ୱପ୍ନ ଦର୍ଶନ | ୮୯ |
| ଦ୍ୱାଦଶ | „ | ଲାବଣ୍ୟବତୀର ବିଳାପ | ୧୦୧ |
| ତ୍ରୟୋଦଶ | „ | ମାଳତୀର ବେଶ ବର୍ଣ୍ଣନ | ୧୧୧ |
| ଚତୁର୍ଦ୍ଦଶ | „ | ଚନ୍ଦ୍ରଭାନୁର ଖେଦ ଓ ଶୋକ | ୧୧୬ |
| ପଞ୍ଚଦଶ | „ | ସିଂହଳରେ ଚନ୍ଦ୍ରଜାଲ ପ୍ରଦର୍ଶନ | ୧୨୨ |
| ଷୋଡଶ | „ | ଚନ୍ଦ୍ରଭାନୁ ମିତ୍ରକୁ ଲାବଣ୍ୟବତୀ ଶୋଧି କହିବା | ୧୩୫ |
| ସପ୍ତଦଶ | „ | ବ୍ରହ୍ମବୃଦ୍ଧ ଲାବଣ୍ୟବତୀର ବାର୍ତ୍ତା ନେଇ ଚନ୍ଦ୍ରଭାନୁ ପାଶେ ପ୍ରବେଶ | ୧୪୩ |
| ଅଷ୍ଟାଦଶ | „ | ବ୍ରହ୍ମବୃଦ୍ଧ ଚନ୍ଦ୍ରଭାନୁର ପତ୍ର ଘେନି ଲାବଣ୍ୟବତୀ ପାଶେ ପ୍ରବେଶ | ୧୫୦ |
| ଊନବିଂଶ | „ | ଲାବଣ୍ୟବତୀର ପତ୍ର ପ୍ରାପ୍ତି ଏବଂ ପଢ଼ିବା | ୧୫୪ |
| ବିଂଶ | „ | ଲାବଣ୍ୟବତୀର ପତ୍ର ଘେନି ଶୁକ ବ୍ରହ୍ମବୃଦ୍ଧ ଚନ୍ଦ୍ରଭାନୁ ନିକଟକୁ ଗମନ | ୧୬୩ |
| ଏକୋବିଂଶ | „ | ଚନ୍ଦ୍ରଭାନୁର ଶରତ ଓ ବର୍ଷା ବର୍ଣ୍ଣନ, ଚଉତିଶା ପାଠ ଛଳରେ ସ୍ୱପ୍ନେଶ୍ୱର ଯାତ୍ରା ବିସ୍ତର | ୧୭୦ |
| ଦ୍ୱାବିଂଶ | „ | ଲାବଣ୍ୟବତୀର ବିରହ | ୧୭୭ |
| ତ୍ରୟୋବିଂଶ | „ | ଚନ୍ଦ୍ରଭାନୁର ସ୍ୱପ୍ନେଶ୍ୱର ଗମନ | ୧୮୭ |

| | | | |
|---|---|---|---|
| ଚତୁର୍ବିଂଶ | „ | ଲାବଣ୍ୟବତୀ ନିକଟକୁ ଦୂତ ପ୍ରେରଣ ଓ ଚନ୍ଦ୍ରଭାନୁର ଶିକାର | ୧୯୭ |
| ପଞ୍ଚବିଂଶ | „ | ଲାବଣ୍ୟବତୀର ପତ୍ର ପାଠ ଓ ଉତ୍ତର ପ୍ରଦାନ | ୨୦୫ |
| ଷଡ଼ବିଂଶ | „ | ଚନ୍ଦ୍ରଭାନୁ ସ୍ତ୍ରୀ ବେଶରେ ସାକ୍ଷାତ ଓ ସିଂହଳ ମନ୍ତ୍ରୀସହ ଉତ୍ସବ ସ୍ଥାନକୁ ଗମନ | ୨୧୦ |
| ସପ୍ତବିଂଶ | „ | ଲାବଣ୍ୟବତୀ ଓ ଚନ୍ଦ୍ରଭାନୁର ଦେବାଳୟରେ ସାକ୍ଷାତ | ୨୧୭ |
| ଅଷ୍ଟବିଂଶ | „ | ସିଂହଳ ଦେଶରେ ସୁରେଶ୍ୱର ସହିତ ନୃ: କଥୋପକଥନ | ୨୨୩ |
| ଊନତ୍ରିଂଶ | „ | ସଖିମାନଙ୍କ ରହସ୍ୟ ଓ କଥୋପକଥନ | ୨୩୩ |
| ତ୍ରିଂଶ | „ | ଲାବଣ୍ୟବତୀର ବିବାହ | ୨୩୮ |
| ଏକତ୍ରିଂଶ | „ | ପ୍ରଥମ ମିଳନ ଉପଲକ୍ଷେ ନବଦମ୍ପତିଙ୍କର ଅନୁଭୂତି ଓ | ୨୪୫ |
| ଦ୍ୱାତ୍ରିଂଶ | „ | ସଖିମାନେ ଲାବଣ୍ୟବତୀକୁ ବେଶକରି କେଳିପୁରକୁ ନେବା | ୨୫୨ |
| ତ୍ରୟସ୍ତ୍ରିଂଶ | „ | କେଳିପୁର ରହସ୍ୟ ବର୍ଣ୍ଣ | ୨୬୧ |
| ଚତୁଃତ୍ରିଂଶ | „ | କେଳିପୁର ବାର୍ତ୍ତା ଏବଂ ସଖିମାନଙ୍କର ପରିହାସ | ୨୬୮ |
| ପଞ୍ଚତ୍ରିଂଶ | „ | ଦେବତାଙ୍କର ଅଭିଶାପ ପ୍ରଦାନ ଓ କନ୍ୟାସହ ବରର ସ୍ୱଦେଶ ପ୍ରବେଶ | ୨୬୮ |
| ଷଟ୍‌ତ୍ରିଂଶ | „ | ନବଦମ୍ପତିଙ୍କର କୌତୁକ ବର୍ଣ୍ଣନା | ୨୮୮ |
| ସପ୍ତତ୍ରିଂଶ | „ | ମାନ ଦର୍ଶନେ ଚନ୍ଦ୍ରଭାନୁର ବୃତ୍ତାନ୍ତ | ୨୯୭ |
| ଅଷ୍ଟତ୍ରିଂଶ | „ | କେଳ ପ୍ରଶଂସା | ୩୦୩ |
| ଊନଚତ୍ୱାରିଂଶ | „ | ଦେବଶାପ ବଳେ ଚଣ୍ଡୀଦାସ ସ୍ତ୍ରୀ ପୁତ୍ରସହ ବଂଗତ ବର୍ଣ୍ଣନ | ୩୧୧ |
| ଚତ୍ୱାରିଂଶ | „ | ବିରହେ ଗ୍ରୀଷ୍ମଋତୁ ବର୍ଣ୍ଣନ | ୩୧୯ |
| ଏକଚତ୍ୱାରିଂଶ | „ | ବିରହେ ବର୍ଷ ଋତୁ „ | ୩୨୭ |
| ଦ୍ୱିଚତ୍ୱାରିଂଶ | „ | ବିରହରେ ଶରତ „ | ୩୩୫ |
| ତ୍ରିଚତ୍ୱାରିଂଶ | „ | ବିରହରେ ହେମନ୍ତ „ | ୩୪୨ |
| ଚତୁଚତ୍ୱାରିଂଶ | „ | ବିରହେ ଶିଶିର ଏବଂ ବସନ୍ତ ଋତୁ ବର୍ଣ୍ଣନ | ୩୪୯ |
| ପଞ୍ଚଚତ୍ୱାରିଂଶ | „ | ଚନ୍ଦ୍ରଭାନୁର କୀର୍ତ୍ତି ଓ ଯୁଦ୍ଧ ବର୍ଣ୍ଣନ | ୩୫୩ |
| ଷଷ୍ଠଚତ୍ୱାରିଂଶ | „ | ଚନ୍ଦ୍ରଭାନୁର ସ୍ୱଦେଶ ଗମନ ଓ ଲାବଣ୍ୟବତୀ ସହ ମିଳନ | ୩୬୦ |
| ସପ୍ତଚତ୍ୱାରିଂଶ | „ | ଲାବଣ୍ୟବତୀ ଓ ଚନ୍ଦ୍ରଭାନୁଙ୍କ ବିରହଜନିତ ଦୁଃଖ ବର୍ଣ୍ଣନା | ୩୬୭ |
| ଅଷ୍ଟଚତ୍ୱାରିଂଶ | „ | ଚନ୍ଦ୍ରଭାନୁଙ୍କର ରାଜ୍ୟାଭିଷେକ ଓ ରାଜ୍ୟ ଶାସନ ପ୍ରଣାଳୀ | ୩୭୨ |

# ଉପୋଦ୍‌ଘାତ

ପୁରା କବିନାଂ ଗଣନା ପ୍ରସଙ୍ଗେ
କନିଷ୍ଠିକାଧିଷ୍ଠିତ କାଳି-ଦାସ
ଅଦ୍ୟାପି ତତ୍ତୁଲ୍ୟ କବେରଭାବାତ୍
ଅନାମିକା ସାର୍ଥବତୀ ବଭୂବ ।

କୌଣସି କାବ୍ୟମର୍ମଜ୍ଞ ସମାଲୋଚକ ସଂସ୍କୃତ କବିମାନଙ୍କର ମୂଲ୍ୟାଙ୍କନ ପ୍ରସଙ୍ଗରେ ଆଲୋଚନା କରିବାକୁ ଯାଇ କାଳିଦାସଙ୍କୁ ଶ୍ରେଷ୍ଠ ସଂସ୍କୃତ କବି ହିସାବରେ ଆସନ ପ୍ରଦାନ କରି ତାହାଙ୍କର ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ କବିମାନଙ୍କର ଅସ୍ତିତ୍ୱକୁ ଉପରୋକ୍ତ ଶ୍ଳୋକରେ ପୁରାପୁରି ପ୍ରତ୍ୟାଖ୍ୟାନ କରି ଦେଇଛନ୍ତି । ଏ ଉକ୍ତିଟି ମହାକବି କାଳିଦାସଙ୍କ ପ୍ରତି ଯେତିକି ପ୍ରଯୁଜ୍ୟ ଉତ୍କଳ ସାହିତ୍ୟର ଉଜ୍ଜ୍ୱଳ କୀର୍ତ୍ତିସ୍ତମ୍ଭ ଉପେନ୍ଦ୍ର ଭଞ୍ଜଙ୍କ ପ୍ରତି ମଧ୍ୟ ତାହା ସେତିକି ପରିମାଣରେ ପ୍ରଯୁଜ୍ୟ । ଭଞ୍ଜଙ୍କ ସହ ସମାନ ଆସନ ଗ୍ରହଣ କରିବା ଭଳି ଆଉ ଜଣେ କବି ଖୋଜି ପାଇବା ସମ୍ଭବ ନୁହେଁ । କାବ୍ୟ ଜଗତର ଯେଉଁ ମହିମମୟ ସିଂହାସନରେ ଉପେନ୍ଦ୍ର ଭଞ୍ଜ ଆସୀନ ଏ ପର୍ଯ୍ୟନ୍ତ ଅନ୍ୟ କୌଣସି ଉତ୍କଳୀୟ କବି ସେ ଆସନ ଲାଭ ପାଇଁ ଆସ୍ପର୍ଦ୍ଧା କରି ନାହାନ୍ତି । ଏଥିପାଇଁ ଉତ୍କଳୀୟ କାବ୍ୟ ରସିକଗଣ ଉପେନ୍ଦ୍ରଙ୍କୁ ଶ୍ରଦ୍ଧା ଓ ନମସ୍କାର ସହ କବିସମ୍ରାଟ ଆସନ ପ୍ରଦାନ କରିଛନ୍ତି । ଏ କଥା ଯଦିଓ ବହୁଜନ ସମ୍ମତ ତଥାପି ଏହା ସର୍ବଜନ ସମ୍ମତ ହୋଇ ପାରିନାହିଁ । ଯେଉଁମାନେ ଭଞ୍ଜ ସାହିତ୍ୟ ପ୍ରତି ଏକାନ୍ତ ଅନୁରକ୍ତ ସେମାନଙ୍କ ମଧ୍ୟରୁ ଅଧିକାଂଶ ନିର୍ବିବାଦରେ ସହସ୍ର ଜିହ୍ୱା ହୋଇ ଭଞ୍ଜଙ୍କର ବନ୍ଦନାରେ ରତ । ଅନେକ ସମୟରେ ଭଞ୍ଜ ସ୍ତୁତିରେ ଏତେ ପ୍ରଗଳ୍‌ଭ ଓ ବିଭୋର ଯେ ଭଞ୍ଜ ସାହିତ୍ୟର ଦୋଷ ତ୍ରୁଟି ପ୍ରତି ଏମାନେ ଘୋର ଉଦାସୀନତା ପ୍ରଦର୍ଶନ କରନ୍ତି । ଅନ୍ୟ ପକ୍ଷରେ ଅନ୍ୟ ଏକ ଶ୍ରେଣୀର ଭଞ୍ଜ ବିଦ୍ୱେଷୀ ସମାଲୋଚକ ଭଞ୍ଜଙ୍କୁ କବି-ସମ୍ରାଟ ତ ଦୂରର କଥା କିନ୍ତୁ କବି ପଦବାଚ୍ୟ ବୋଲି ଗ୍ରହଣ କରିବାକୁ କୁଣ୍ଠାବୋଧ କରନ୍ତି । ସେମାନେ ତାଙ୍କୁ ଏକ ପ୍ରଗାଢ଼ ଶବ୍ଦ ପାଣ୍ଡିତ୍ୟ ସମ୍ପନ୍ନ ପଦ ରଚକ **Verisifier** ହିସାବରେ ଗ୍ରହଣ କରନ୍ତି । ତାଙ୍କଠାରେ ଥିବା କବି ପ୍ରତିଭା ଏବଂ କବି କଳ୍ପନା ପ୍ରତି ସେମାନେ ବୀତସ୍ପୃହ ।

ଏ ଦୁଇ ପ୍ରକାର ମତ ବୈଷମ୍ୟ, ପରସ୍ପର ପ୍ରତି ପରସ୍ପରର ଅସହିଷ୍ଣୁତା ଏବଂ ତଜ୍ଜନିତ ପ୍ରକାଶ୍ୟ ବିତର୍କ ଓ କଳହ ଆଜି ନୁହେଁ, ଏହା ବହୁ ପୁରାତନ । 'ବିଜୁଳି' ଓ 'ଇନ୍ଦ୍ରଧନୁ'ର କଟୁ ବାକ୍‌ଯୁଦ୍ଧ କାଳରେ ଏହାର ଆତ୍ମପ୍ରକାଶ ଘଟିଥିଲା । କଳିଙ୍ଗ ଭାରତୀର ସଭ୍ୟଗଣ ଏବଂ ଏହାଙ୍କୁ ବିରୋଧ କରୁଥିବା ଅନ୍ୟ ସମାଲୋଚକମାନଙ୍କ ମଧ୍ୟରେ ଆଜି ମଧ୍ୟ ଏ ବିବାଦ ସୁପ୍ରତିଷ୍ଠିତ । କିନ୍ତୁ ଭଞ୍ଜ ପ୍ରେମୀ ଓ ଭଞ୍ଜ ବିଦ୍ୱେଷୀ ଏହି ଦୁଇ ଶ୍ରେଣୀର

ସମାଲୋଚକମାନଙ୍କ ମଧ୍ୟରେ ସ୍ଥାନେ ସ୍ଥାନେ ଯେଉଁ ଜ୍ଞାନହୀନତା ଓ ଚପଳତାର ଦୃଷ୍ଟାନ୍ତ ଦେଖିବାକୁ ମିଳେ ତାହା କ୍ଷୋଭ ଆନୟନ କରିବା ଅତି ସ୍ୱାଭାବିକ । ଭଞ୍ଜ ସାହିତ୍ୟରେ ନିଜକୁ ପଟୁ ଏବଂ ପ୍ରାଜ୍ଞ ମନେକରି ଖୁବ୍ ଲମ୍ବା ଲମ୍ବା ବକ୍ତୃତା ଦେଉଥିବା ଅନେକ ଅଳ୍ପଜ୍ଞ ସମାଲୋଚକ ଏ ଦେଶରେ ବିରଳ ନୁହନ୍ତି । ଭଞ୍ଜ ସାହିତ୍ୟ ସାଗର ମନ୍ଥନ କରିବା ଦୂରରେ ଥାଉ ଏମାନଙ୍କ ଭାଗ୍ୟରେ ଭଞ୍ଜଙ୍କର ଖଣ୍ଡିଏ କାବ୍ୟ ଆମୂଳଚୂଳ ପାଠ କରିବାର ସୁଯୋଗ ହୁଏତ ଘୁଟି ନଥାଇ ପାରେ । ପଲ୍ଲବଗ୍ରାହୀ ଭାବରେ ଏଣୁତେଣୁ ପଦେ ପଦେ ଭଞ୍ଜ କବିତା ଉଦ୍ଧୃତକରି ଏମାନେ ବାହାବାଃ ନେବାରେ ଏକାବେଳକେ ବ୍ୟସ୍ତ । ଭଞ୍ଜ ବିରୋଧୀ ପଦେ କଥା ଶୁଣିଲେ ଏମାନେ ନିଜର ଚରମ ଅସହିଷ୍ଣୁତା ପ୍ରଦର୍ଶନ କରିବାକୁ ଶ୍ଳାଘ୍ୟ ମଣୁଛନ୍ତି । ଏମାନେ ପ୍ରାଚୀନତାର ଏକାନ୍ତ ଅନ୍ଧ ପୂଜାରୀ ଏବଂ ଆଧୁନିକତାର ବିଗ୍ରହୀନ ପରିପନ୍ଥୀ । ଅନ୍ୟ ପକ୍ଷରେ ଅନେକ ଅତ୍ୟାଧୁନିକ କବି ଏବଂ ସମାଲୋଚକ ପ୍ରାଚୀନ ସଂସ୍କୃତ ତଥା ରୀତିଯୁଗର ସାହିତ୍ୟ ପ୍ରତି ଘୃଣାବ୍ୟଞ୍ଜକ କଟାକ୍ଷ ପ୍ରୟୋଗ କରି ନିଜର ଏକ ଦେଶଦର୍ଶୀତାର ପରିଚୟ ଦେଉଛନ୍ତି । ଏମାନେ ଭଞ୍ଜଙ୍କର କବିତାକୁ **T. S. Eliot, Dylan Thomas**ଙ୍କ କବିତା ସହିତ ତୁଳନା କରି ଏହାର ନିକୃଷ୍ଟତା ପ୍ରମାଣ କରିବାକୁ ଚେଷ୍ଟା କରନ୍ତି ।

**I. A. Richards** ବା **William Empson** ଆଦି ଅନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସମାଲୋଚକମାନଙ୍କ ପ୍ରବର୍ତ୍ତିତ ପଦ୍ଧତିର କଷଟି ପଥରେ ଏମାନେ ଭଞ୍ଜ ସାହିତ୍ୟକୁ ପରୀକ୍ଷା କରି ଗ୍ରହଣ କରିବାକୁ ପ୍ରୟାସୀ; କିନ୍ତୁ ମନେ ରଖିବାକୁ ହେବ ଯେ ଏବଂବିଧ ପ୍ରୟାସ ସର୍ବଦା ପ୍ରମାଦପୂର୍ଣ୍ଣ ଓ ହାସ୍ୟୋଦ୍ଦୀପକ । ଉପର୍ଯ୍ୟାଲୋଚିତ ଦ୍ୱିବିଧ ଅତି ବନ୍ଦନ ଓ ଅତି ନିନ୍ଦନ କୌଣସିଟି ପ୍ରଶଂସନୀୟ ନୁହେ । ଭଞ୍ଜ କାବ୍ୟସମ୍ଭାରର ଯଥାର୍ଥ ମୂଲ୍ୟାଙ୍କନ ( Jhst evaluation ) ପାଇଁ ଏହି ଦୁଇଟିର ମଧ୍ୟ ପଥ ନିର୍ଣ୍ଣୟ କରିବାକୁ ପଡ଼ିବ । ଏହାହିଁ ସମାଲୋଚକର ଲକ୍ଷ ହେବା ଉଚିତ ।

ତେବେ ଏଠାରେ ପ୍ରଶ୍ନ ଉଠେ ଉପେନ୍ଦ୍ର ସାହିତ୍ୟ ସମାଲୋଚନାର ଅଧିକାରୀ କିଏ ? ଉପେନ୍ଦ୍ର ସାହିତ୍ୟର ମୂଲ୍ୟାଙ୍କନ ପାଇଁ ଯେଉଁପ୍ରକାର ପାଣ୍ଡିତ୍ୟ, ବହୁ ଶାସ୍ତ୍ରଦର୍ଶିତା, ଭାବୁକତା, ରସିକତା ଓ ସର୍ବୋପରି ସହୃଦୟତା ଏକାନ୍ତ ଆବଶ୍ୟକ । ମାତ୍ର ଏ ଅଳ୍ପଜ୍ଞ ବ୍ୟକ୍ତିଠାରେ ଏସବୁ ଗୁଣର ଅଭାବ ନିଶ୍ଚିତ ଭାବରେ ଅଛି । ତେଣୁ ଉପେନ୍ଦ୍ରଙ୍କ ସମ୍ପର୍କରେ କୌଣସି ରାୟ ଦେବାକୁ ଅଗ୍ରସର ହେଲାବେଳେ ମୋତେ ପ୍ରତି ପଦରେ ବିନମ୍ର ହୋଇ ଚିନ୍ତା କରିବାକୁ ପଡୁଛି । ଭଞ୍ଜ ବାଣୀର ଆଲୋଚନା ପାଇଁ ମୁଁ ନିଜକୁ ଅଧିକାରୀ ଭାବିବାକୁ ଲଜ୍ଜା ଅନୁଭବ କରିବା ସ୍ୱାଭାବିକ । ପୁନଶ୍ଚ ଏ କ୍ଷୁଦ୍ର ପ୍ରବନ୍ଧ ମଧ୍ୟରେ ଉପେନ୍ଦ୍ରଙ୍କର ଅଘଟନ ଘଟନା ପଟୀୟସୀ କଳ୍ପନା ଓ ମହାସାଗର ତୁଲ୍ୟ ପ୍ରତିଭାକୁ କତିପୟ ବାକ୍ୟ ମଧ୍ୟରେ ଆବଦ୍ଧ କରିବା ବିଶାଳ ଅମ୍ବୁଧିର ବାରିରାଶିକୁ କ୍ଷୁଦ୍ର ଘଟ ମଧ୍ୟରେ ଆବଦ୍ଧ କରିବା ସହ ସମାନ । ସହୃଦୟ ପାଠକଙ୍କ ଉପରେ ଏହାର ବିଚାର ପାଇଁ ଛାଡ଼ି ଦିଆଗଲା ।

## ଜୀବନୀ

ଭଞ୍ଜ ସାହିତ୍ୟର ପ୍ରତ୍ୟେକ ପାଠକ ଉପେନ୍ଦ୍ରଙ୍କର ବ୍ୟକ୍ତିଗତ ଜୀବନ ସମ୍ପର୍କରେ କିଛି ଜାଣିବା ନିହାତି ଆବଶ୍ୟକ । ଉତ୍କଳ ସାରସ୍ୱତ ଭଣ୍ଡାରର ଅମୂଲ୍ୟ ମଧ୍ୟମଣି ଅଟନ୍ତି ଯେଉଁ ଉପେନ୍ଦ୍ର ଭଞ୍ଜ ତାଙ୍କର ବିଧିବଦ୍ଧ ଐତିହାସିକ ଜୀବନୀ ଏ ପର୍ଯ୍ୟନ୍ତ ସଙ୍କଳିତ ହୋଇ ନାହିଁ କହିଲେ ଚଳେ । ଲୋକଶ୍ରୁତି ଓ ଉପେନ୍ଦ୍ରଙ୍କ କାବ୍ୟରୁ ଯେଉଁ ସଂକ୍ଷିପ୍ତ ଆତ୍ମ ପରିଚୟ ମିଳେ ସେହି ଭିତ୍ତି ପ୍ରସ୍ତର ଉପରେ ଉପେନ୍ଦ୍ରଙ୍କର ଜୀବନୀ ସୌଧ ନିର୍ମିତ ହୋଇଛି । ଉପେନ୍ଦ୍ର ଘୁମୁସର ରାଜବଂଶରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ଜୀବନକାଳ ଖ୍ରୀ ୧୬୭୦-୧୭୨୦ ମଧ୍ୟରେ ଥିଲା ବୋଲି ଅଧ୍ୟାପକ ଆର୍ତ୍ତବଲ୍ଲଭ ମହାନ୍ତି ସ୍ଥିର କରିଛନ୍ତି ।

"ଦିବ୍ୟସିଂହ ନରପତି ଅଙ୍କ ସପତ ବଂଶତ
ଶେଷ ଦିନ ଶେଷ ଏହି ଗୀତ ।" (ରସଲେଖା)

ପଦଟିକୁ ପ୍ରମାଣରୂପେ ଗ୍ରହଣ କଲେ ଏବଂବିଧ ସତ୍ୟକୁ ସ୍ୱୀକାର କରାଯିବ । ଉପେନ୍ଦ୍ର ନିଜର ବଂଶ ପରିଚୟ ଦେଇ ଏହି କାବ୍ୟର ଷୋଡ଼ଶ ଛାନ୍ଦରେ କହିଛନ୍ତି—

"ଯେ ବଂଶେ ଇଷ୍ଟ ଦୁର୍ଗାଦେବୀ    କରସ୍ଥ କୋଷରୁ ସମ୍ଭବ ।
ମନୁଷ୍ୟ ଏହି ଅଦଭୁତ    ଭଞ୍ଜାଳୁଭଞ୍ଜ ନାମ ସତ ।
ବଶିଷ୍ଠ ବଶିଷ୍ଠ ପାଳନା    ଶ୍ରୀରାମେ ଦତ୍ତ ରାଜଟୀକା ।
ସେ କୁଳେ ରାଜା ଧନଞ୍ଜୟ    ସମସ୍ତ ଗୁଣର ନିଳୟ ।
ଘୁମୁସର ଅଧିପ ପଣେ    ଲୋକେ ବିଖ୍ୟାତ କବିଗୁଣେ ।
ତଦ୍‌ଗତ ତାହାଙ୍କ ତନୁଜ    ନରେଶ ନୀଳକଣ୍ଠ ଭଞ୍ଜ ।
ତାହାଙ୍କ ଜ୍ୟେଷ୍ଠ ସୁତ ମୁହିଁ    ଉପେନ୍ଦ୍ର ଭଞ୍ଜ ନାମ ବହି ।
ତାରକ ମନ୍ତ୍ର ପରସାଦେ    ମୋହର କବିପଣ ଉଦେ ।"

ଏତଦ୍‌ଭିନ୍ନ ଭଞ୍ଜଙ୍କର ରାଜ୍ୟ ବିଦ୍ରୋହ ଓ ତଜ୍ଜନିତ ରାଜ୍ୟତ୍ୟାଗ । ଦୁଇଟି ଦାର ଗ୍ରହଣ ଓ ସେମାନଙ୍କର ଅକାଳ ବିୟୋଗ ଜନିତ ବିରହ ଆଦି ବିଷୟ ମଧ୍ୟ ଉପେନ୍ଦ୍ରଙ୍କ ଜୀବନୀ ସନ୍ଦର୍ଭରେ ଶୁଣାଯାଏ । କବି ରାଜ୍ୟତ୍ୟାଗ କରି ନୂଆଗଡ଼ ( ଅଧୁନିକ ନୟାଗଡ଼ ) ରେ ଅବଶିଷ୍ଟ ଜୀବନ ଯାପନ କରିଥିବାର ବହୁ ନିର୍ଭରଯୋଗ୍ୟ ପ୍ରମାଣ ମିଳେ । ଏ ସମୟରେ ତାଙ୍କର ବୈଦେହୀଶ ଆଦି କେତେକ କାବ୍ୟ ରଚିତ ହୋଇଥିଲା । ରାଜ୍ୟ ହରାଇବାର ଦୁଃଖ ସେ ମର୍ମାନ୍ତିକ ଭାବ ଅନୁଭବ କରୁଥିଲେ ଏବଂ ଏହାର ପ୍ରତିଫଳନ ତାଙ୍କ ରଚନା ମଧ୍ୟରେ ଦେଖିବାକୁ ମିଳେ ।

"ରାଜାକୁ ହେବାର ରାଜ୍ୟଭ୍ରଷ୍ଟ
ସ୍ତ୍ରୀବାକୁ ହେବାର ପତ୍ନୀକଷ୍ଟ" ପଦ ଏ ପ୍ରସଙ୍ଗରେ ଉଦ୍ଧାର କରାଯାଇ ପାରେ । କିନ୍ତୁ ଏ ରାଜ୍ୟନଷ୍ଟ ରୂପକ ଅଭିଶାପ ତାଙ୍କ କ୍ଷେତ୍ରରେ ଆଶୀର୍ବାଦ ପରି କାର୍ଯ୍ୟ କରିଥିଲା । ରାଜନୈତିକ ଜୀବନର ଜଟିଳ ଜଞ୍ଜାଳରୁ ଅବ୍ୟାହତି ପାଇଁ

ରୀତିକବି ଉପେନ୍ଦ୍ର ନିଜ ଜୀବନରେ ପ୍ରାପ୍ତ ସବୁ ସମସ୍ତ ବାଣୀ ଆରାଧନାରେ ନିୟୋଜିତ କରିଥିଲେ । ରାମତାରକ ମନ୍ତ୍ର ସିଦ୍ଧି ଫଳରେ ସେ ଜଣେ ଅସାଧାରଣ କବି ହୋଇପାରିଥିଲେ, ଏହା ସେ ନିଜେ ସ୍ୱୀକାର କରିଛନ୍ତି । ଏହି ବୈଶିଷ୍ଟ୍ୟ ତାଙ୍କୁ ସାଧାରଣ ସ୍ତରରୁ ଅତି ଊର୍ଦ୍ଧ୍ୱକୁ ଉଠାଇ ଦେଇଥିଲା ।

ଉପେନ୍ଦ୍ର ଯେଉଁ ସମୟରେ ନିଜର ସାହିତ୍ୟ ସାଧନା ଆରମ୍ଭ କରିଥିଲେ ଉତ୍କଳ ସାହିତ୍ୟରେ ସେହି ଯୁଗକୁ ରୀତିଯୁଗ ଆଖ୍ୟା ଦିଆଯାଏ । ରୀତିଯୁଗର ଶ୍ରେଷ୍ଠ କବି ହିସାବରେ ଭଞ୍ଜଙ୍କୁ ଗଣନା କରାଯାଏ । ରୀତିଯୁଗର ସମସ୍ତ କାବ୍ୟ କବିତା ସଂସ୍କୃତ ସାହିତ୍ୟ ଦ୍ୱାରା ପ୍ରଭୂତ ଭାବରେ ପ୍ରଭାବିତ । ଉପେନ୍ଦ୍ରଙ୍କ ପୂର୍ବରୁ ଶିଶୁଶଙ୍କର; ଧନଞ୍ଜୟ ଭଞ୍ଜ ଆଦି ସଂସ୍କୃତକାବ୍ୟମାନଙ୍କ ଆଦର୍ଶରେ ବଶବର୍ତ୍ତୀ ହୋଇ ନିଜର ସମସ୍ତ କାବ୍ୟରଚନା କରିଛନ୍ତି । ଉପେନ୍ଦ୍ରଙ୍କ ସମ୍ମୁଖରେ ମାଘ, ନୈଷଧ ଆଦି ଷଟ୍‌କାବ୍ୟର ଆଦର୍ଶ ଏବଂ ବାମନ, ଭାମହ, ମମ୍ମଟ ଆଦି ଅଳଙ୍କାରିକମାନଙ୍କର ପ୍ରଦର୍ଶିତ ସରଣୀ ବର୍ତ୍ତମାନ ଥିଲା । ଭଞ୍ଜ ସଂସ୍କୃତ କାବ୍ୟାଦର୍ଶରେ ନିଜ କାବ୍ୟମାନ ଆରମ୍ଭ ଓ ଶେଷ କରିଛନ୍ତି । ମଙ୍ଗଳାଚରଣ, ପୂର୍ବରାଗ, ମିଳନ, ବିପ୍ରଲମ୍ଭ, ଶୈଳ, ସେତୁ, ନଗର, ଚନ୍ଦ୍ରୋଦୟ, ପ୍ରଭାତ, ସନ୍ଧ୍ୟା ଓ ଋତୁ ଆଦିର ବର୍ଣ୍ଣନା ସଂସ୍କୃତ କାବ୍ୟାଦର୍ଶର ଅନୁରୂପ । ଉପେନ୍ଦ୍ରଙ୍କ ଅନ୍ତର ମଧ୍ୟରେ ସବୁବେଳେ ଏକ ଉ...ତ ବାସନା ଥିଲା । ଏହା ହେଉଛି ନିଜ ମାତୃଭାଷାରେ ସଂସ୍କୃତ କାବ୍ୟମାନଙ୍କ ସହ ପ୍ରତିଦ୍ୱନ୍ଦ୍ୱୀ ହେବା ଭଳି କାବ୍ୟମାନ ରଚନା କରିବା । ଏ ଦିଗରେ ସେ ନିଜର ପ୍ରୟାସରେ ବହୁଳାଂଶରେ ସଫଳ ହୋଇଛନ୍ତି । ତାଙ୍କ ରଚିତ ଲାବଣ୍ୟବତୀ, ବୈଦେହୀଶ ବିଳାସ ଓ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ ଯେ କୌଣସି ସଂସ୍କୃତ କାବ୍ୟ ସହ ପ୍ରତିଯୋଗିତା କରିପାରିବ । ଲାବଣ୍ୟବତୀର— "ଜୟ ଜୟ ଜୟ ରାମ ଜନକ ସୁଖଦ ।
ଶ୍ୟାମ ହରଷ ଦାନରେ ସଦା ବିଶାରଦ ।" ପଦ ସଂସ୍କୃତ କାବ୍ୟ ସରଣୀରୁ ଚଳେ ମାତ୍ର ଭିନ୍ନ ପଥରେ ଗତି କରିନାହିଁ । କିନ୍ତୁ ସଂସ୍କୃତ ସାହିତ୍ୟକୁ ନିଜ ସମ୍ମୁଖରେ ରଖିଲେ ମଧ୍ୟ ଭଞ୍ଜ କୌଣସି ସମୟରେ ଏହାର ଅନ୍ଧାନୁସରଣ କରି ନାହାନ୍ତି । ଯେଉଁଠାରେ ବା ସାମାନ୍ୟ ପ୍ରଭାବିତ ହୋଇଛନ୍ତି ସେଠାରେ ସେ ସ୍ୱକୀୟ ଉନ୍ମେଷଶାଳିନୀ ପ୍ରତିଭାର ସ୍ପର୍ଶରେ ଏହାକୁ ନବୀନ ରୂପରେ ରୂପାନ୍ତରିତ କରିଛନ୍ତି । ଭଞ୍ଜଙ୍କର ଅଧ୍ୟବସାୟ ଓ ପ୍ରତିଭା ବଳରେ ଉତ୍କଳ ସାହିତ୍ୟ ଆଜି ସଂସ୍କୃତ ସାହିତ୍ୟ ସହ ପ୍ରତିଦ୍ୱନ୍ଦ୍ୱୀ ହୋଇ ଠିଆ ହୋଇ ପାରିଛି ।

ପୁନଶ୍ଚ କବି ଯେଉଁ ପୃଷ୍ଠଭୂମିରେ ନିଜର କାବ୍ୟ ରଚନା କରିଥିଲେ ତାହା ମଧ୍ୟ ଏଠାରେ ଆଲୋଚନା କରିବାର କଥା । ଭଞ୍ଜଙ୍କ କାବ୍ୟର ସମସ୍ତ ନାୟକ ନାୟିକା ରାଜବଂଶରୁ ସମ୍ଭୂତ । ଏଥିପାଇଁ ଅନେକ ଅଳ୍ପଜ୍ଞ ସମାଲୋଚକ ତାଙ୍କୁ କଟୁ ସମାଲୋଚନା କରନ୍ତି । କିନ୍ତୁ ମନେ ରଖିବାକୁ ହେବ ଯେ ଆଜିର କବିମାନଙ୍କ କବିତାରେ ଯେପରି ଭୁଲିଆ ବା ରିକ୍ସାଚାଳକ ନାୟକର ସ୍ଥାନ ଗ୍ରହଣ କରିଛି ତତ୍କାଳୀନ ସାହିତ୍ୟରେ

କିନ୍ତୁ ଏହା ପ୍ରଚଳିତ ନ ଥିଲା । ପ୍ରାଚୀନ କାବ୍ୟ କବିତାରେ ସମସ୍ତ ନାୟକ ନାୟିକା ଦେବବଂଶ ବା ରାଜବଂଶରୁ ମନୋନୀତ ହେଉଥିଲେ । ସାହିତ୍ୟ 'କାନ୍ତା ବାଚ' ନାମରେ ଅଭିହିତ ହେଉଥିବାରୁ ଏହାର ମାଧ୍ୟମରେ କୋମଳ ମଧୁ ସ୍ତବକ ସ୍ତବଗମାନଙ୍କ ସମ୍ମୁଖରେ ସଦ୍‌ବଂଶଜ ନାୟକ ନାୟିକାଙ୍କର ଆଦର୍ଶ ଉପସ୍ଥାପିତ କରି ଧର୍ମାର୍ଥ କାମ ଆଦିର ପଥ ଖୋଲି ଦିଆ ଯାଉଥିଲା । ସାହିତ୍ୟର ଏହି Didacticism ଅର୍ଥାତ୍ 'ନୈତିକ ଉଦ୍ଦେଶ୍ୟ' ହେତୁ ନାୟକ ନାୟିକାମାନଙ୍କୁ ସର୍ବଦା ସାଧୁ ଓ ସଂଚୋଟ ବ୍ୟକ୍ତି ରୂପରେ ଚିତ୍ରଣ କରାଯାଇଥିଲା । ସାହିତ୍ୟ ଅନେକ ସମୟରେ ମାନବ ଜୀବନର ଉନ୍ନତର ସହାୟକ ରୂପେ କାର୍ଯ୍ୟ କରୁଥିଲା । ଅଶ୍ୱଘୋଷ ସୌନ୍ଦରାନନ୍ଦ କାବ୍ୟରେ ସାହିତ୍ୟର ଏହି ମହତ୍ତ୍ୱ ଲକ୍ଷ ଘୋଷଣା କରି କହିଛନ୍ତି—

"ଇତ୍ୟେଷାବ୍ୟୁପଶାନ୍ତୟେ ନରତୟେ ମୋକ୍ଷାର୍ଥ ଗର୍ଭାକୃତି" ।

ଉପେନ୍ଦ୍ର ଯଦିଓ ଭୋଜଙ୍କର "ଶୃଙ୍ଗାରୀ ଚେତ୍ କବିଃ କାବ୍ୟଂ" ର ଆଦର୍ଶରେ ଅନୁପ୍ରାଣିତ ହୋଇଛନ୍ତି ତଥାପି ନିର୍ମଳ ଦାମ୍ପତ୍ୟ ପ୍ରେମ (ଅଭିସ୍ତ୍ର ପରକୀୟା ପ୍ରେମର କାମ ଲାଳସା ନୁହେଁ) ର ଆଦର୍ଶ ନିଜ ସମ୍ମୁଖରେ ରଖିବା କବିଙ୍କର ଆଦର୍ଶ ଥିଲା । କବି ଯେଉଁ ପୃଷ୍ଠଭୂମିରେ ନିଜର ସାଧନାର ଶୁଭ ଦେଇଥିଲେ ସେଥିରେ ସାଧାରଣ ସ୍ତରରୁ ନାୟକ ନାୟିକା ନିର୍ବାଚନ କରିବା ବା ଅନ୍ୟ କିଛି ବୈପ୍ଳବିକ ପରିବର୍ତ୍ତନ ଆନୟନ କରିବା ତାଙ୍କ କଳ୍ପନାର ବହିର୍ଭୂତ ବିଷୟ ଥିଲା । ଏ ଦୃଷ୍ଟିରୁ ଭଞ୍ଜଙ୍କୁ ଏକ ନୂତନ ପଥ ପ୍ରଦର୍ଶକ ବୋଲି କୁହାଯାଇ ନ ପାରେ । କିନ୍ତୁ ସେ ଜଣେ ସୁଦକ୍ଷ ସାହିତ୍ୟ ସାରଥୀ ରୂପେ ନିଜର ରଥକୁ ପୂର୍ବ ଚିହ୍ନିତ ପଥରେ ଅତି ଦକ୍ଷତାରେ ସଞ୍ଚାଳନା କରି ନେଇଥିଲେ । ସାହିତ୍ୟ ଯୁଗାଶ୍ରୟୀ । ଆଜି ଯେଉଁ ପୃଷ୍ଠଭୂମିରେ ମାଡ଼ାଗାସ୍କାର ଲବଙ୍ଗ ଲତାର କଥା ବା ନିୟୁୟର୍କର ଉଡ଼ାଜାହାଜ ପଡ଼ିଆ ବିଷୟରେ କବିତା ରଚିତ ହେଉଛି ସେ ପୃଷ୍ଠଭୂମି ପୂର୍ବେ ନ ଥିଲା କିମ୍ବା ଭବିଷ୍ୟତରେ ହୁଏତ ରହି ନ ପାରେ । ଅତଏବ ଭଞ୍ଜଙ୍କଠାରେ ଆମେ ଏସବୁ ଖୋଜି ବସି ଭଞ୍ଜଙ୍କୁ କବି ବୋଲି କାଟି ଦେଲେ ଆମେ ନିଶ୍ଚିତ ଭାବରେ ଉପହାସିତ ହେବା । ଭଞ୍ଜଙ୍କ ସମକାଳୀନ ସାମାଜିକ ପୃଷ୍ଠଭୂମିର ଅଧ୍ୟୟନ ଏହି ହେତୁ ପ୍ରତ୍ୟେକ ଭଞ୍ଜ ସାହିତ୍ୟ ପାଠକର ପ୍ରଥମ କର୍ତ୍ତବ୍ୟ । ଏହା ବିନା ଭଞ୍ଜ ସାହିତ୍ୟ ମର୍ମ ଉପଲବ୍ଧି ଏକାନ୍ତ ଅସମ୍ଭବ ।

## ଲାବଣ୍ୟବତୀ କାବ୍ୟର ବିଷୟ ବସ୍ତୁ

ଲାବଣ୍ୟବତୀ କାବ୍ୟର ବିଷୟବସ୍ତୁ କବିଙ୍କର କଳ୍ପନାପ୍ରସୂତ । ଗୋଟିଏ ନାୟକ ଗୋଟିଏ ନାୟିକାର ପ୍ରେମ ଏବଂ ଏହାର ପରିଣତି ବିବାହକୁ ଭିତ୍ତିକରି କାବ୍ୟର ବିଷୟବସ୍ତୁ ଗଢ଼ି ଉଠିଛି । ହିନ୍ଦୁ ସମାଜରେ ବିବାହ ଏକ ପବିତ୍ର ଅନୁଷ୍ଠାନ । ହିନ୍ଦୁ ସ୍ୱାମୀ ସ୍ତ୍ରୀ ମଧ୍ୟରେ ଯେଉଁ ସମ୍ପର୍କ ତାହା ଏକ ଜନ୍ମର ନୁହେଁ—ତାହା ଜନ୍ମ ଜନ୍ମାନ୍ତରର ଅବିଚ୍ଛେଦ୍ୟ ବନ୍ଧନ ଏ ଧାରଣା ହିନ୍ଦୁ ସମାଜରେ ବଦ୍ଧମୂଳ ରହିଛି । ଏ କାବ୍ୟର ନାୟକ ନାୟିକାଙ୍କର ସମ୍ପର୍କ ଏ ଜନ୍ମର ନୁହେଁ ତାହା ଜନ୍ମାନ୍ତରର ।

ପୂର୍ବଜନ୍ମରୁ ଉଭୟ ବୈବାହିକ ସୂତ୍ରରେ ଆବଦ୍ଧ ହେବେ ବୋଲି ସ୍ଥିର ହୋଇ ସାରିଥିଲା । ଏଥିପାଇଁ କବି ନିଜ କଳ୍ପନା ବଳରେ ଲାବଣ୍ୟବତୀ ଏବଂ ଚନ୍ଦ୍ରଭାନୁଙ୍କର ପୂର୍ବଜନ୍ମ ବୃତ୍ତାନ୍ତରେ ଏକ ଗଳ୍ପ ତିଆରି କରିଛନ୍ତି । ଲାବଣ୍ୟବତୀ ପୂର୍ବ ଜନ୍ମରେ ବାଞ୍ଛାବତୀ ଓ ଚନ୍ଦ୍ରଭାନୁ ପ୍ରଭାକର ନାମରେ ଜନ୍ମଗ୍ରହଣ କରିଥିଲେ । ବାଞ୍ଛାବତୀ ଆକସ୍ମିକ ଭାବରେ ପାର୍ବତୀଙ୍କର ବାଞ୍ଛାରୁ ଆନନ୍ଦ୍ୟ ସୁନ୍ଦରୀ ନାରୀରୂପେ ଜାତ ହୋଇଥିଲେ । ଏବଂ ପରେ ନିଜର ସ୍ୱାମୀ ଶିବଙ୍କ ଦୃଷ୍ଟିରୁ ଏଡ଼ାଇବା ପାଇଁ ଏହାଙ୍କୁ ଏକ ନିର୍ଜନ ପୁରରେ ଅବସ୍ଥାପିତ କରିବାର ବ୍ୟବସ୍ଥା କରିଥିଲେ । ସେଠାରେ ରକ୍ଷି ପାର୍ବତୀ କହିଲେ—

"× × × ଲଙ୍ଘିବୁ ଯେବେ ଦ୍ୱାର  କଷ୍ଟକାଳେ ପ୍ରାଣହତ ହୋଇବ ତୋହର
ଯେବଣ ପୁରୁଷ କର ଗ୍ରହଣ କରିବ  ଆନ ତନୁ ପ୍ରାପତରେ ସେ ପତି ହୋଇବ ।"

ଏହାପରେ ପ୍ରଭାକର ନାମକ ରାଜପୁତ୍ର ସହ ବାଞ୍ଛାବତୀର ମିଳନ ହୁଅନ୍ତେ ସଙ୍ଗେ ସଙ୍ଗେ ନିଜର ପ୍ରାଣ ଛାଡ଼ି ଯାଇଛି । ପ୍ରଭାକରଙ୍କୁ ଏହି ସମୟରେ ସ୍ୱର୍ଗବାଣୀ ହେଲା ଯେ—

"ଗଙ୍ଗାସାଗର ସଙ୍ଗମେ ଝାସ ପୁଂସମଣି ।
ଏ ବଲ୍ଲଭୀକୁ ଲଭିବୁ ନୃପସୁତ ହୋଇ
ଅନଳେ ନ ଦହି ସେହିଠାରେ ଯାଅ ଥୋଇ ॥"

ପ୍ରଭାକରେ ଏଥିରେ ସାନ୍ତ୍ୱନା ଲଭିକରି ଗଙ୍ଗାସାଗରରେ ଝାସ ଦେଇ ପରଜନ୍ମରେ କର୍ଣ୍ଣାଟ ରାଜା ଶଶିଶେଖରଙ୍କ ପୁତ୍ରରୂପେ ଜନ୍ମଗ୍ରହଣ କଲା । ବାଞ୍ଛାବତୀ ମଧ୍ୟ ସିଂହଳ ରାଜାଙ୍କର ଏକମାତ୍ର କନ୍ୟାରୂପେ ଜନ୍ମଗ୍ରହଣ କଲା । କବି କାବ୍ୟର ଉପକ୍ରମରେ ନାୟକ ନାୟିକାଙ୍କର ପୂର୍ବଜନ୍ମ ବିଷୟର ଏତିକି କହି କାବ୍ୟଟିକୁ ଗତିଶୀଳ କରାଇଛନ୍ତି । ଲାବଣ୍ୟବତୀ ଏବଂ ଚନ୍ଦ୍ରଭାନୁଙ୍କର ବାଲ୍ୟ ଯୌବନ ବର୍ଣ୍ଣନା ପୂର୍ବରାଗ, ଏକାନ୍ତ ସ୍ଥାନରେ ସାକ୍ଷାତ, ବିବାହ ଓ ତତ୍‌ପ୍ରସୂତ ମିଳନ ଏବଂ ନାୟକର ଯୁଦ୍ଧ ନିମିତ୍ତ ବିଦେଶ ଯାତ୍ରାରୁ ଉଭୟଙ୍କର ବିରହ ଅବଧି ବର୍ଣ୍ଣନାରେ କାବ୍ୟର ପରିସମାପ୍ତି ହୋଇଛି ।

କାବ୍ୟର ଉପରିବର୍ଣ୍ଣିତ ବିଷୟବସ୍ତୁ ଏବଂ ଘଟଣାବଳୀର ସମାବେଶକୁ ପର୍ଯ୍ୟାଲୋଚନା କଲେ ଜଣାଯାଏ ଯେ କାବ୍ୟର ଗଳ୍ପାଂଶ ସମ୍ପୂର୍ଣ୍ଣଭାବେ ବୈଚିତ୍ର୍ୟହୀନ ଓ ଉନ୍ନତ କଳ୍ପନା ବର୍ଜିତ । ଏକ ରାଜକୁମାର ଏବଂ ରାଜକୁମାରୀଙ୍କର ପ୍ରେମ ଓ ବିବାହ ଭିନ୍ନ କଥାବସ୍ତୁର ଅନ୍ୟ କୌଣସି ଚମତ୍କାରିତା ନାହିଁ । ପୁନଶ୍ଚ କାବ୍ୟର ଆରମ୍ଭରେ ଲାବଣ୍ୟବତୀ ଓ ଚନ୍ଦ୍ରଭାନୁଙ୍କର ଯେଉଁ ପୂର୍ବଜନ୍ମର ଇତିହାସ ବର୍ଣ୍ଣନା କରାଯାଇଛି ତାହା ନିଃସନ୍ଦେହରେ ଏକ କଳାଗତ ତ୍ରୁଟି । କର୍ଣ୍ଣାଟର ରାଜକୁମାର ଓ ସିଂହଳର ରାଜକୁମାରୀ ଏ ଦୁହିଙ୍କର ପ୍ରେମ ଏବଂ ବିବାହକୁ କାବ୍ୟର ଉପକ୍ରମରେ ଦୈବୀବାଣୀ ଦ୍ୱାରା ନିର୍ଦ୍ଦିଷ୍ଟ କରି ଦିଆ ହୋଇଛି । ଏହା ଫଳରେ ପାଠକର ଶେଷ ଆରମ୍ଭରୁ କୌଣସି ଏକ ରହସ୍ୟର ଉନ୍ମୋଚନ ପାଇଁ ବ୍ୟଗ୍ରତା ହରାଇ ବସିଛି । ପାଠକ ଆରମ୍ଭରୁ ଅବହିତ ରହୁଛି ଯେ ଏ ଦୁଇଜଣଙ୍କର ମିଳନ ନିଶ୍ଚିତ । ତେଣୁ ଏଥିରେ ସନ୍ଦେହ ପ୍ରକାଶ କରିବାର ଅବକାଶ ନାହିଁ ।

ତେଣୁ ଲାବଣ୍ୟବତୀ ଓ ଚନ୍ଦ୍ରଭାନୁଙ୍କର ଯେ ପ୍ରାକ୍ ବୈବାହିକ ପ୍ରେମରେ ପାଠକ କୌଣସି ଉନ୍ମାଦନା ବା ବୈଚିତ୍ର୍ୟ ଅନୁଭବ କରେ ନାହିଁ । ଏହା ଏକ ଯାନ୍ତ୍ରିକ ନିସ୍ତରଙ୍ଗ ଜଳାଶୟ ପରି ପାଠକକୁ ବୋଧହୁଏ । ନାୟକ ନାୟିକାଙ୍କର ସଙ୍କଟ ଚିତ୍ତରେ ଯଦ୍ୟପି ଏ ମୁଖବନ୍ଧର ବୃତ୍ତାନ୍ତ ଜାଗରିତ ନ ଥିଲା ତଥାପି ପାଠକ ଏ ବିଷୟରେ ଆରମ୍ଭରୁ ସଚେତନ । ତେଣୁ ଲାବଣ୍ୟବତୀର ଚନ୍ଦ୍ରଭାନୁଙ୍କ ସହ ଦୂରତର ଦେଶ ଭ୍ରମଣ ପାଠକକୁ ଅବାନ୍ତର ଲାଗିବା ସ୍ୱାଭାବିକ । କାରଣ ସେ ମୂର୍ତ୍ତି ଅବଗତ ଯେ ଲାବଣ୍ୟବତୀର ବିବାହ କେବଳ ଚନ୍ଦ୍ରଭାନୁ ସଙ୍ଗେ ସମ୍ଭବ, କାରଣ ଏହା ବିଧି ନିର୍ଦ୍ଦିଷ୍ଟ । ପୁନଶ୍ଚ କଥାବସ୍ତୁରେ କ୍ରିୟା ( action ) ର ଘୋର ଅଭାବ ପରିଲକ୍ଷିତ ହୁଏ । କାବ୍ୟଗତ ଦ୍ୱନ୍ଦ୍ୱର ଏକାନ୍ତ ଅଭାବ ହେତୁ କଥାବସ୍ତୁ ପାଠକର ଚିତ୍ତରେ କୌଣସି ପ୍ରକାର ଆଲୋଡ଼ନ ସୃଷ୍ଟି କରିବାକୁ ସମର୍ଥ ହୁଏନା ।

କିନ୍ତୁ କାବ୍ୟର ବର୍ଣ୍ଣନା ଚାତୁରୀ ଓ ରସପ୍ରବାହ ପାଠକର ଦୃଷ୍ଟିକୁ ଆଦ୍ୟରୁ ପ୍ରାନ୍ତ ପର୍ଯ୍ୟନ୍ତ ଚଞ୍ଚଳିତ କରି ରଖିଥିବାରୁ ଏ ତ୍ରୁଟି ପାଠକର ରସପିପାସୁ ପ୍ରାଣ ନିକଟରେ ଗୌଣ ହୋଇ ପଡ଼େ । କଥାବସ୍ତୁ ଯଦ୍ୟପି **Set & Symetrilal** ବୋଲି ନିର୍ଦ୍ୱିଧାରେ କୁହାଯାଇ ପାରିବ ତଥାପି କାବ୍ୟର ଅନ୍ୟାନ୍ୟ ବହୁବିଧ ଗୁଣ ମଧ୍ୟରେ ଏହା ଏକପ୍ରକାର ଆଚ୍ଛାଦିତ ହୋଇ ପଡ଼େ ।

## ଉପେନ୍ଦ୍ରଙ୍କର ପାଣ୍ଡିତ୍ୟ ଓ ବହୁଶାସ୍ତ୍ର ଦର୍ଶିତା

ଆଲଙ୍କାରିକମାନଙ୍କ ମତରେ ପ୍ରତିଭା, ପାଣ୍ଡିତ୍ୟ ଓ ଅଭ୍ୟାସ ଏ ତିନୋଟିର ସମ୍ମିଶ୍ରଣରେ କବିତ୍ୱର ବିକାଶଲାଭ ହୁଏ । ଉପେନ୍ଦ୍ର ଏ ତିନୋଟି ଗୁଣର ଏକ ଯୋଗ୍ୟ ଅଧିକାରୀ ଥିଲେ । ତାଙ୍କର ଜନ୍ମଗତ କବି ପ୍ରତିଭା ସହ ପାଣ୍ଡିତ୍ୟର ଏକ ଉନ୍ନତ ସମନ୍ୱୟ ସଂଘଟିତ ହୋଇଥିଲା ।

ଅଲଙ୍କାର ଶାସ୍ତ୍ର ଓ କାବ୍ୟ କବିତା ଭିନ୍ନ ଉପେନ୍ଦ୍ରଙ୍କର ଶବ୍ଦଶାସ୍ତ୍ର ମଧ୍ୟରେ ଆଶ୍ଚର୍ଯ୍ୟଜନକ ପ୍ରବେଶ ଥିଲା । ମେଦିନୀ କୋଷ, ବିଶ୍ୱକୋଷ, ହେମଚନ୍ଦ୍ର ଟେକ ଟ, ହଲାୟୁଧ କୋଷ ଓ ଧ୍ୱନି ମଞ୍ଜରୀ ଆଦି ପ୍ରସିଦ୍ଧ ସଂସ୍କୃତ ଅଭିଧାନମାନଙ୍କରେ ଉପେନ୍ଦ୍ର ବ୍ୟୁତ୍ପନ୍ନ ଥିଲେ ବୋଲି ତାଙ୍କ କାବ୍ୟ କବିତା ଜ୍ୱଳନ୍ତ ପ୍ରମାଣ ଦିଏ । ଉପେନ୍ଦ୍ର ନିଜର ଶବ୍ଦଜ୍ଞାନ ବିଷୟରେ ସମ୍ପୂର୍ଣ୍ଣ ସଚେତନ ଥିଲେ । କୋଟି ବ୍ରହ୍ମାଣ୍ଡ ସୁନ୍ଦରୀରେ ଉପେନ୍ଦ୍ର ସଦମ୍ଭରେ କହିଛନ୍ତି— "ତରଣୀକୁଳର ସାର ଆଶ୍ରି ବାରୁ ନିରନ୍ତର
କହେ ଉପେନ୍ଦ୍ର ଭଞ୍ଜ ମୁଁ ଲଭିଛି ଶବଦ ସମୁଦ୍ର ପାର ।"

ଉପେନ୍ଦ୍ରଙ୍କର ଏ ପ୍ରକାର ଉକ୍ତି ଗର୍ବ ବା ଆସ୍ଫାଳନର ଚିହ୍ନ ନୁହେ, ଏହା ତାଙ୍କର ପ୍ରକୃତ ବିଦ୍ୱତ୍ତାର ପ୍ରଖ୍ୟାପନ ମାତ୍ର । କେବଳ ସ୍ୱରଚିତ କାବ୍ୟକବିତା ଭିନ୍ନ ଉପେନ୍ଦ୍ରଙ୍କର 'ଗୀତାଭିଧାନ' ମଧ୍ୟ ଉପେନ୍ଦ୍ରଙ୍କ ଶବ୍ଦ ପାଣ୍ଡିତ୍ୟର ଏକ ଅତୁଳନୀୟ ଆଲେଖ୍ୟ । ଓଡ଼ିଆ ସାହିତ୍ୟରେ ପ୍ରାଚୀନ କାଳଠାରୁ ଆରମ୍ଭକରି ଆଧୁନିକ କାଳ ପର୍ଯ୍ୟନ୍ତ ଯେତେ କବି

ଜନ୍ମଗ୍ରହଣ କରିଛନ୍ତି ଉପେନ୍ଦ୍ରଙ୍କ ତୁଲ୍ୟ ଶବ୍ଦ ପାଣ୍ଡିତ୍ୟ କାହାର ନାହିଁ, ଏହା ଏକ ଅବିସମ୍ବାଦିତ ସତ୍ୟ । ଆଲୋଚ୍ୟ କାବ୍ୟରେ ଉପେନ୍ଦ୍ରଙ୍କର ଶବ୍ଦପାଣ୍ଡିତ୍ୟର ପ୍ରମାଣ ପ୍ରତ୍ୟେକ ଛନ୍ଦରେ ସ୍ପଷ୍ଟ । ଏଥିପାଇଁ ଉଦାହରଣ ନିଷ୍ପ୍ରୟୋଜନ ।

ଉପେନ୍ଦ୍ର ଯେଉଁ ସମୟରେ ନିଜର କାବ୍ୟରଚନା ଆରମ୍ଭ କରିଥିଲେ ସେତେବେଳେ ଉତ୍କଳ ସାହିତ୍ୟରେ ସୁସମୃଦ୍ଧ ସଂସ୍କୃତ କାବ୍ୟମାନଙ୍କ ସହିତ ପ୍ରତିସ୍ପର୍ଦ୍ଧା କରିବା ପାଇଁ କୌଣସି କାବ୍ୟଗ୍ରନ୍ଥ ନଥିଲା । ଉପେନ୍ଦ୍ର ଏ ବିଷୟରେ ସମ୍ପୂର୍ଣ୍ଣ ଅବହିତ ଥାଇଁ ପ୍ରାଦେଶିକ ଓଡ଼ିଆ ଭାଷାରେ ସଂସ୍କୃତ କାବ୍ୟଶୈଳୀରେ ସଂସ୍କୃତ କାବ୍ୟମାନଙ୍କ ସମାନ ହେବାଭଳି କାବ୍ୟ ରଚନା କରିବା ପାଇଁ ପ୍ରୟାସ କରିଥିଲେ । ଏଥିପାଇଁ ତାଙ୍କୁ ପ୍ରଗାଢ଼ ଅଧ୍ୟବସାୟ ଓ ଦୈବୀକୃପା ଉପରେ ନିର୍ଭର କରିବାକୁ ପଡ଼ିଥିଲା । ତାଙ୍କର ସୌଭାଗ୍ୟ ହେତୁ ଉପେନ୍ଦ୍ର ଏଥିରେ ସଫଳକାମ ହୋଇ ସଂସ୍କୃତ ଷଡ଼୍‌କାବ୍ୟର ଆଦର୍ଶରେ ନିଜର ପ୍ରସିଦ୍ଧ କାବ୍ୟ 'ଲାବଣ୍ୟବତୀ', 'ବୈଦେହୀଶ' ଓ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' ଆଦି ରଚନା କଲେ । ଉପେନ୍ଦ୍ରଙ୍କର ଅଳଙ୍କାରଶାସ୍ତ୍ର ପାଣ୍ଡିତ୍ୟ ଏ ପ୍ରସଙ୍ଗରେ ଆଲୋଚନା କରାଯାଇ ପାରେ । ଅଳଙ୍କାର ଜ୍ଞାନରେ ଉପେନ୍ଦ୍ର ଯେ କୌଣସି ସଂସ୍କୃତ କବିଙ୍କ ସହ ତୁଳନୀୟ । ଅନେକ କ୍ଷେତ୍ରରେ ମଧ୍ୟ ଉପେନ୍ଦ୍ର ସେମାନଙ୍କୁ ବଳି ଯାଇଛନ୍ତି । 'ଚିତ୍ରକାବ୍ୟ ବନ୍ଧୋଦୟ' ରେ ଯେତେ ଶବ୍ଦାଳଙ୍କାର ଓ ଚିତ୍ରବନ୍ଧର ସମାବେଶ ହୋଇଛି ତାହା ସଂସ୍କୃତରେ କୌଣସି ଖଣ୍ଡିଏ ଗ୍ରନ୍ଥରେ ବିରଳ । ଶବ୍ଦାଳଙ୍କାର ଓ ଅର୍ଥାଳଙ୍କାର ଉଭୟରେ ତାଙ୍କର ପାଣ୍ଡିତ୍ୟ ଅତି ଉଚ୍ଚକୋଟିର । ତେବେ ଏଠାରେ ସ୍ମରଣ ରଖିବା ଉଚିତ ଯେ "ଅତି ଲେମ୍ବୁ ଚିପୁଡ଼ିଲେ ପିତା" ପରି ଅନେକ କ୍ଷେତ୍ରରେ ଉପେନ୍ଦ୍ରଙ୍କର ଶବ୍ଦାଳଙ୍କାର ପ୍ରୟୋଗର ବହୁଳତା ହେତୁ ରସବ୍ୟାହତ ହୋଇଛି । ସଂସ୍କୃତ ଆଳଙ୍କାରିକମାନେ ଶବ୍ଦାଳଙ୍କାର ଓ ବନ୍ଧ ଆଦିର ବହୁଳ ପ୍ରୟୋଗ ବିଷୟରେ ଲେଖକମାନଙ୍କୁ ସତର୍କ କରି କହିଛନ୍ତି—

"ପ୍ରାୟଶୋ ଯମକୈଶ୍ଚିତ୍ରେ ରସବୃଦ୍ଧି ନମୁଚ୍ୟତେ ।"

ଭଞ୍ଜଙ୍କର 'ଯମରାଜ ଚୌତିଶା', 'ଚିତ୍ରକାବ୍ୟ' ଓ ଅନ୍ୟାନ୍ୟ କାବ୍ୟର କେତେକ ଛନ୍ଦ ଏହି ଦୋଷରେ ଦୁଷ୍ଟ । କିନ୍ତୁ ଆଲୋଚ୍ୟ କାବ୍ୟ ଲାବଣ୍ୟବତୀ ଏଥିରୁ ଅନେକାଂଶରେ ମୁକ୍ତ । ଯଦ୍ୟପି ଏଥିରେ ଯମକ, ଅନୁପ୍ରାସ, ଗୋମୂତ୍ର, ଅନ୍ତର୍ଲିପି, ବହିର୍ଲିପି, ବକ୍ରୋକ୍ତି ଆଦି ଶବ୍ଦାଳଙ୍କାର ପ୍ରୟୋଗ ଅଛି ତଥାପି ତାହା ସୀମିତ । ଏହା କାବ୍ୟ ରସିକର ରସ ଗ୍ରହଣରେ ବ୍ୟାଘାତ ସୃଷ୍ଟି କରେ ନାହିଁ । ବରଂ ସ୍ଥଳ ବିଶେଷରେ ଯଥା—"ଦେଖି ନବକାଳିକା ବକାଳିକା ମାଳିକା" ଭଳି ଛନ୍ଦରେ ଶବ୍ଦାଳଙ୍କାର କାବ୍ୟର ମହତ୍ତ୍ୱ ବୃଦ୍ଧିରେ ସହାୟତା କରେ ।

ଏତଦ୍‌ଭିନ୍ନ ଅନ୍ୟାନ୍ୟ ଶାସ୍ତ୍ରରେ ଉତ୍ତମ ପ୍ରବେଶ ଥିବାର ପ୍ରମାଣ ତାଙ୍କ କାବ୍ୟର ବହୁ ସ୍ଥଳରେ ମିଳେ । ଲାବଣ୍ୟବତୀର ଋତୁ ବର୍ଣ୍ଣନା ଓ ବିବାହ ବର୍ଣ୍ଣନାରେ ଯେଉଁ ଜ୍ୟୋତିଷ ଶାସ୍ତ୍ରର ଟିକିନିଖି ସୂକ୍ଷ୍ମ ବର୍ଣ୍ଣନା ମିଳେ ତାହା ତାଙ୍କର ନିଜର ଜ୍ୟୋତିଷ

ଶାସ୍ତ୍ରଜ୍ଞାନର ଫଳ ବୋଲି ନିଶ୍ଚିତ ଭାବରେ ଧରିବାକୁ ହେବ । ସୁନ୍ଦର ସାମାଜିକ ଘଟଣାଗୁଡ଼ିକର ଯେଉଁସବୁ ବର୍ଣ୍ଣନା ଲାବଣ୍ୟବତୀରେ ମିଳେ ତାହା ତାଙ୍କର ସାମାଜିକ ଜ୍ଞାନର ଚିହ୍ନ । ଉଦାହରଣ ପାଇଁ ନିମ୍ନ ପଦଟିକୁ ଉଦ୍ଧାର କରାଯାଇ ପାରେ—

"ଗୃହପାଶେ ଗୃହଗୋଧି ମାର୍ଗଣ ଅବଲମ୍ବେ ପୋଡିଲେ ସଖିଗଣ
ନାରିକେଳ ତେଲ ଦୁବାରୋପକୁ ଭରି ସମୀପେ ଥୋଇଲେ ସୂର୍ପକୁ ।" ( ୩।୪୦ )

ଏହାଛଡ଼ା ଉତ୍ତମ ହାତୀ ଘୋଡ଼ା ଆଦି ପଶୁ ଓ ରତ୍ନସମୂହ ଚିହ୍ନିବାର ଜ୍ଞାନ ତାଙ୍କଠାରେ ଥିଲା । 'କୁଳଜାତ ଗଜ', ମୂଷିକରେ ନେପାଳୀ ପାଳଣା ସୁଆଦରେ' ଆଦି ପଦ ଏହାର ଦୃଷ୍ଟାନ୍ତ ।

ଏହିସବୁ ଦୃଷ୍ଟିରୁ ବିଚାରକଲେ ଜଣାଯାଏ ଯେ ଭଞ୍ଜ କେବଳ "ତାରକ ମନ୍ତ୍ର ପରସାଦେ" କବି ହୋଇ ନ ଥିଲେ, ଏହା ସହ ତାଙ୍କର ପାଣ୍ଡିତ୍ୟ ଓ ବହୁଶାସ୍ତ୍ର ଦର୍ଶିତାର ଏକ ମଧୁର ମିଶ୍ରଣ ସଂଘଟିତ ହୋଇଥିଲା ।

## ଉପେନ୍ଦ୍ର ସାହିତ୍ୟରେ ଅଶ୍ଳୀଳତା

ଉପେନ୍ଦ୍ରଙ୍କ ସାହିତ୍ୟକୁ ଅନେକ ସମାଲୋଚକ ସିଧାସଳଖ ଅବଜ୍ଞାସୂଚକ ଭାବରେ ଅଶ୍ଳୀଳ ବୋଲି କହି ବର୍ଜନ କରନ୍ତି । ଅନ୍ୟ ପକ୍ଷରେ ଅନେକ ଉପେନ୍ଦ୍ର ସାହିତ୍ୟର ରସିକ ଏହାକୁ ପୂର୍ଣ୍ଣ ଅଶ୍ଳୀଳତା ବିହୀନ ଓ ସୁରୁଚିସମ୍ପନ୍ନ କହି ଉଚ୍ଚାସନ ପ୍ରଦାନ କରନ୍ତି । ଏଠାରେ ଉପେନ୍ଦ୍ର ସାହିତ୍ୟ କେତେଦୂର ଅଶ୍ଳୀଳ ବା ଆଦୌ ଅଶ୍ଳୀଳ ନୁହେଁ ଏହିକଥା ବିଚାର୍ଯ୍ୟ ।

ଆଲଙ୍କାରିକମାନେ ଅଶ୍ଳୀଳତାକୁ ସୁକାବ୍ୟର ଯଶକ୍ଷୁଣ୍ଣକାରୀ ବୋଲି ବାରମ୍ବାର କହିଛନ୍ତି । ତେବେ ଅଶ୍ଳୀଳତା କହିଲେ ଏମାନେ ଅଶ୍ଳୀଳତାବ୍ୟଞ୍ଜକ ବା ଜୁଗୁପ୍ସା ଉତ୍ପାଦକ ଶବ୍ଦକୁ ଧରି ନେଇଛନ୍ତି । ଅଶ୍ଳୀଳତା ଶବ୍ଦଗତ ବା ବାକ୍ୟାର୍ଥଗତ ହୋଇପାରେ । କୌଣସି ଗୋଟିଏ ଶବ୍ଦର ଅର୍ଥ ଅଶ୍ଳୀଳ ହୋଇପାରେ ବା କାବ୍ୟରେ କୌଣସି କୌଣସି ପଦ ମଧ୍ୟ ଅଶ୍ଳୀଳ ହୋଇପାରେ । ଅଶ୍ଳୀଳତା ବିଶେଷ କରି ଶୃଙ୍ଗାରରସ ବର୍ଣ୍ଣନାରେ ବା ନାରୀରୂପ ବର୍ଣ୍ଣନାରେ ଦେଖା ଦେଇଥାଏ । ବର୍ଣ୍ଣନା କେଉଁପରି ହେଲେ ଅଶ୍ଳୀଳତା ଶୂନ୍ୟ ହେବ ଏବଂ ଆଉ କେଉଁପରି ହେଲେ ସମ୍ପୂର୍ଣ୍ଣ ଅଶ୍ଳୀଳତା ମୁକ୍ତ ହେବ ଏ ବିଷୟରେ କୌଣସି ଧରାବନ୍ଧା ନିୟମ ନାହିଁ । ଚିନ୍ତାଶୀଳ ଲେଖକ ଓ ବିଜ୍ଞପାଠକ ଉଭୟେ ଏହାର ବିଚାରକ । କିନ୍ତୁ ଏକଥା ମନେ ରଖିବା ଉଚିତ, ଅଶ୍ଳୀଳତାର ଗୋଟିଏ ନିର୍ଦ୍ଦିଷ୍ଟ ସୀମା ଅଛି, ଏହି ସୀମା ଅତିକ୍ରମ କଲେ ରଚନା କୁରୁଚିସମ୍ପନ୍ନ ହେବାର ଆଶଙ୍କା ରହିଛି । ପ୍ରାଚୀନ ସଂସ୍କୃତ ସାହିତ୍ୟ ଲେଖକମାନଙ୍କର ରଚନା ଅନେକ ସମୟରେ ସୀମା ଅତିକ୍ରମ କରିଥିବାର ମନେହୁଏ । କୁମାର ସମ୍ଭବରେ ଶିବ ପାର୍ବତୀଙ୍କର ରତି ବର୍ଣ୍ଣନା, ନୈଷଧରେ ଶ୍ରୀହର୍ଷଙ୍କର ସ୍ତ୍ରୀ ଯୋନି ଓ ଭଗାଙ୍କୁରର ବର୍ଣ୍ଣନା ଏବଂ ଲୋକସମାଜରେ ଅତ୍ୟଧିକ ଆଦୃତ ହେଉଥିବା ଗୀତଗୋବିନ୍ଦରେ ରାଧାକୃଷ୍ଣଙ୍କର କେଳି ପ୍ରସଙ୍ଗରେ ନିର୍ଦ୍ଦିଷ୍ଟ ଦନ୍ତ ଦଂଶନ ଓ ସ୍ତନପୀଡ଼ାର ବର୍ଣ୍ଣନା—

"ମୁଗ୍‌ଧେ ବିଧେହି ମୟି ନିର୍ଦ୍ଦୟଦନ୍ତଦଂଶ ଦୋର୍ବଲ୍ଲି ବନ୍ଧନିବଡ଼ସ୍ତନପୀଡ଼ନାନି ।
ଚଣ୍ଡି ତ୍ୱମେବ ମୁଦମୁଞ୍ଚନ ପଞ୍ଚବାଣ ଚଣ୍ଡାଲକାଣ୍ଡଦଳନାଦସବାଃ ପ୍ରୟାନ୍ତୁ ।" (୧୦।୧୧)

ପାଠକ ମନରେ ଘୃଣା ଉତ୍ପାଦନ କରେ । ମମ୍ମଟ ଏହି ପ୍ରସଙ୍ଗରେ ଲେଖକମାନଙ୍କୁ ସମ୍ପୂର୍ଣ୍ଣ ଚେତାଇ ଦେଇ କହିଛନ୍ତି ଯେ ଲେଖକ ଆରାଧ୍ୟ ଦେବତା ବା ପୂଜ୍ୟଜନଙ୍କର ସମ୍ଭୋଗ ବର୍ଣ୍ଣନା କରିବା ଅନୁଚିତ । କିନ୍ତୁ କି ସଂସ୍କୃତରେ କିବା କି ଓଡ଼ିଆ ସାହିତ୍ୟରେ ସର୍ବତ୍ର ଏହାର ବ୍ୟତିକ୍ରମ ଦେଖା ଯାଇଛି । ସଂସ୍କୃତର ଉଦାହରଣ ଉପରେ ଦିଆଗଲା । ଓଡ଼ିଆରେ ଉପେନ୍ଦ୍ରଙ୍କର ବୈଦେହୀଶରେ ରାମଚନ୍ଦ୍ରଙ୍କର ବନବାସ ସମୟରେ ବାରମ୍ବାର ବିପରୀତ ରତିର ବର୍ଣ୍ଣନା ଓ କବିସୂର୍ଯ୍ୟଙ୍କର "ଶ୍ୟାମଳ ଭୂଧର ନଭ ପୟୋଧର ମଦନଆ ଶ୍ରୀକରରେ" ବା "ନିତମ୍ବ ଧୀରେ ଧୀରେ ଚଳା ଅଳି ମଂଜୁଳେ" ଆଦିରେ ମମ୍ମଟଙ୍କ ନିୟମର ବ୍ୟତିକ୍ରମ ଘଟିଛି ।

ପୁନଶ୍ଚ ଇଂରେଜୀ ସାହିତ୍ୟରେ ମଧ୍ୟ ଅଶ୍ଳୀଳତାରି ଅଭାବ ନାହିଁ । ବାଇରନଙ୍କର କବିତା ଏବଂ ଡି. ଏଚ୍ ଲରେନ୍‌ସ ଓ ରୋମୀୟ ଲେଖକ ଆଲବର୍ଟ ମୋରାଭିଆଙ୍କର ଉପନ୍ୟାସ ଅଶ୍ଳୀଳ ବୋଲି କେତେକ ଲୋକ ମତପୋଷଣ କରିଥାନ୍ତି । ଆଧୁନିକ ଓଡ଼ିଆ ସାହିତ୍ୟର ଯେଉଁ ସମାଲୋଚକମାନେ ଉପେନ୍ଦ୍ରଙ୍କର ଲେଖାକୁ ଅଶ୍ଳୀଳତାର ଅପବାଦରେ ନିନ୍ଦା କରନ୍ତି ସେମାନଙ୍କର ଲେଖା ଅନେକ ସମୟରେ କୁରୁଚିସମ୍ପନ୍ନ ବୋଲି ମନେହୁଏ । ବିନୋଦ ନାୟକଙ୍କର—

"ମୁଁ ଗୋ ସନ୍ତରି ନୀଳ ନଭରେ          ରଚି ରସର ପରିଧି ନିତ୍ୟ
ତା'ର ଭୁଜ ବଲ୍ଲରୀ ବନ୍ଧେ          ପୀନ ଉରଜରେ ହେବି ଲିପ୍ତ
ତା'ରେ ରମଣରେ କରି ଅଧୀର          ନେବି ଓଠରୁ ଚପୁଡ଼ି ମଦିରା
ମୁ ଗୋ ମଭୁଆଲି ହୋଇ ସପନେ          ଘନ କପନେ ରହିବି ସୁପ୍ତ ।"

ଏବଂ ଭାନୁଜୀ ରାଓଙ୍କର 'ସ୍ତନ କବିତା'ର—"ତୁମକୁ ଦେଖି ମନେହୁଏ, ସତେ ଯେମିତି ତୁନ୍ଦୀରୁ ନିଷ୍କାସିତ ଯୋଡ଼ିଏ ସଦ୍ୟ ଫୁଲା ପାଉଁରୁଟି ।" ଏହାଛଡ଼ା "ସ୍ତନ ଉତ୍ତରୀ ଖୋଲି ଦିଅ ପ୍ରିୟା ଦିଅ ଖୋଲି" ଓ "ଇଏ ଯେ ଆସିଛି କର୍ଣ୍ଣ ପେଣ୍ଡାର ରତି ଜ୍ୱର ଗାଢ" ଆଦି ପଦ ମଧ୍ୟ ଅଶ୍ଳୀଳତାର ଦ୍ୟୋତକ । ଏସବୁ ପାଠ କଲା ପରେ ହୁଏତ ଆଧୁନିକ ପାଠକ ମନରେ ଉପେନ୍ଦ୍ରଙ୍କପ୍ରତି ଅଶ୍ଳୀଳତା ହେତୁ ଜନ୍ମିଥିବା ଅଶ୍ରଦ୍ଧା କିୟଦ୍‌ପରିମାଣରେ ଦୂରୀଭୂତ ହୋଇଥାଏ । ଅତଏବ ଉପରୋକ୍ତ ଆଲୋଚନାରୁ ସ୍ପଷ୍ଟ ଜଣାଗଲା ଯେ ଏକ ନିର୍ଦ୍ଦିଷ୍ଟ ସୀମା ଅତିକ୍ରମ କଲେ ରଚନା ଅଶ୍ଳୀଳତା ଦୋଷରେ ଦୁଷ୍ଟ ହୁଏ ।

ଉପେନ୍ଦ୍ର ସାହିତ୍ୟ ଉପରକୁ ଦୃଷ୍ଟିପାତ କଲେ ଜଣାଯାଏ, ଉପେନ୍ଦ୍ର ଯଦିଓ ରସିକ ରସିକାମାନଙ୍କ ପାଇଁ ମଧୁମୟ ଦାମ୍ପତ୍ୟରସର ବର୍ଣ୍ଣନା କାବ୍ୟରେ କରିଛନ୍ତି ତଥାପି ତାହା ଅନେକ କ୍ଷେତ୍ରରେ ବିଭତ୍ସ ଶୃଙ୍ଗାର ରସର ବର୍ଣ୍ଣନାରେ ମୁଖର । ଏହା ଅନେକ ସମୟରେ ପାଠକ ମନରେ ଘୋର ଜୁଗୁପ୍ସା ଉତ୍ପାଦନ କରେ । ଲାବଣ୍ୟବତୀ

କାବ୍ୟର ନାୟିକାର ପ୍ରଥମ ଋତୁ ବର୍ଣ୍ଣନା, ମଧୁଶଯ୍ୟା ଓ ବିପ୍ରଲମ୍ଭର ବର୍ଣ୍ଣନାରେ ଅନେକ ସିଧାସଳଖ ଅଶ୍ଳୀଳ ବର୍ଣ୍ଣନାର ଦୃଷ୍ଟାନ୍ତ ମିଳେ । ନିମ୍ନଲିଖିତ ପଦମାନ ଉଦାହରଣ ସ୍ୱରୂପ ଗ୍ରହଣ କରାଯାଇ ପାରେ—

"ବାଳଶ୍ରୀକୁ ଜାନୁ ଗିରି ଗୁହାରେ । ସ୍ଥିତ ତା ଊରୁ କି ଆଗ ବାହାରେ ।
ଅଧୋମୁଖରୁ ଶୋଣିତ ବମନ । କଚ୍ଛପ କି କରଇ ଯେସନ ମନ ।" (୩।୩୦)

× × ×

"ବନ୍ଧଯୋଗେ ଧରି ଉରେ ଉର ଲଗାଇଲା ।
ଜିହ୍ୱା ଗ୍ରନ୍ଥି କଣ୍ଠ ଧୀରେ କରି ଫୁଙ୍କି ଦେଲା ଯେ । ୧୯ ।
ଉରଜ ମଧ୍ୟ କରଜ ଆଣିଲା ଚଳାଇ
ନାଭିରେ ଦେଲେ କନିଷ୍ଠାଙ୍ଗୁଳିକି ବୁଲାଇ ଯେ ।
ନିତମ୍ବେ ହାଣୋଲି ଠିକ୍ ଚେତନା ବସିଲା
ଉଭି ମହାମଣ୍ଡେ ଗ୍ରୀମା ସୁରତେ ରସିଲା ଯେ ।" ୨୩।୨୦

× × ×

"ବଦନେ ଜାନୁରେ କର ଭରା ଦେଇ । ଦୃଢ଼ନୁ ଚନ୍ଦ୍ରଧନୁ ଥିଲା ଲୁହିଁ ।
ଗୋକୁଳ ଈଶ ରସ ମନେ ଭାବି । ପଞ୍ଚୁଁ କୋଳକରି ଧରନ୍ତେ ନାଭି । ୩୪ ।

× × ×

"କର ଧରିବା ବେଳକୁ ଶୋଭାଙ୍ଗୀ । ଭଙ୍ଗୀବଶେ ଯେ ଦେଇଗଲା ଫିଙ୍ଗି । ୪୭
ଯୋଗେ ପଡ଼ିଲା ସେ କାମ ସଦନେ । ଲବଣୀକୁ କୋମଳ କରି ମନେ" । ୪୨

(୪୨ଶ ଛାନ୍ଦ)

ଏଇ ଉଦାହରଣ ମାନଙ୍କରୁ ସ୍ପଷ୍ଟ ପ୍ରତୀୟମାନ ହେବ ଯେ,—ଏଇ ପଦଗୁଡ଼ିକ ମାର୍ଜିତ ରୁଚିସମ୍ପନ୍ନ ପାଠକ ହୃଦୟରେ ନିଶ୍ଚିତ ଭାବରେ ପ୍ରତିକ୍ରିୟା ସୃଷ୍ଟି କରିବ । କାବ୍ୟ ମଧ୍ୟରେ ଏପରି ବର୍ଣ୍ଣନାର ଉପାଦେୟତା ଯାହା ହେଉନା କାହିଁକି ଏଗୁଡ଼ିକ ଅଶ୍ଳୀଳତା-ଦୁଷ୍ଟ । ରତିକ୍ରିୟାର ଏଭଳି ନିଛକ ବର୍ଣ୍ଣନା ଉଚ୍ଚଭାବର ଉଦ୍ଦୀପକ ନୁହେଁ । ଅନ୍ୟ ଭାଷାରେ କହିବାକୁ ଗଲେ ଏହା **Sensuous** (ଇନ୍ଦ୍ରିୟ ଭୋଗ୍ୟ) ନୁହେଁ **Sensual** (ଇନ୍ଦ୍ରିୟ ପରତନ୍ତ୍ର) । ଏ ବିଷୟରେ ମତଦ୍ୱୈଧ ନିଶ୍ଚିତ ଭାବରେ ଦେଖାଯାଇ ପାରେ । କିନ୍ତୁ ମୋ ଦୃଷ୍ଟିକୋଣରୁ ଏତାଦୃଶ ବର୍ଣ୍ଣନା ସୁରୁଚିସମ୍ପନ୍ନ ହୋଇ ପାରିବ ନାହିଁ । ମାତ୍ର ଏଠାରେ ଉପେନ୍ଦ୍ରଙ୍କ ସପକ୍ଷରେ ଏତିକି କୁହାଯାଇ ପାରିବ ଯେ ଭଞ୍ଜଙ୍କ ସମ୍ମୁଖରେ ଯେଉଁ ସଂସ୍କୃତ କବିମାନଙ୍କର ଆଦର୍ଶ ଥିଲା ସେଥିରୁ ସେ ନିଜକୁ ମୁକ୍ତକରି ପାରି ନାହାନ୍ତି ଏବଂ ଏହାର ଫଳରେ ତାଙ୍କ ରଚନା କେତେକ ସ୍ଥଳରେ ଅଶ୍ଳୀଳ ହୋଇ ପଡ଼ିଛି । କିନ୍ତୁ "ନିମନ୍ତ୍ରିତେବୋ କରବେଶ୍ମି ବାଳା" ଗୀତରେ ଏହି କାଳିମା ଅନେକ ସମୟରେ ମ୍ଳାନ ହୋଇ ପଡ଼ିଛି ।

# ପ୍ରକୃତି ଚିତ୍ରଣ

ପ୍ରକୃତି ପୃଥିବୀର ବିଭିନ୍ନ ଭାଷାରେ ରଚିତ କାବ୍ୟ କବିତାମାନଙ୍କରେ ଏକ ପ୍ରଧାନ ସ୍ଥାନ ଅଧିକାର କରି ଆସିଛି । ବହିଃପ୍ରକୃତି ସହିତ ମନୁଷ୍ୟର ସମ୍ପର୍କ ସର୍ବଦା ଘନିଷ୍ଠ । ଏହି ହେତୁରୁ ପ୍ରାକୃତିକ ଜଗତରେ କୌଣସି ଆହ୍ଲାଦକର ଦୃଶ୍ୟ ବା କୌଣସି ବିପର୍ଯ୍ୟୟ ମନୁଷ୍ୟ ମନରେ ସର୍ବଦା ଆଲୋଡ଼ନ ସୃଷ୍ଟି କରେ । ଏହି ଆଲୋଡ଼ନର ବହିଃପ୍ରକାଶ ହେଉଛି—ପ୍ରକୃତି ବର୍ଣ୍ଣନା । ଋଗ୍‌ବେଦର ମନ୍ତ୍ରଦ୍ରଷ୍ଟା ଋଷିଗଣ ବିଭିନ୍ନ ପ୍ରାକୃତିକ ଦୃଶ୍ୟର ବର୍ଣ୍ଣନା କରି ସ୍ତୁତିମାନ ରଚନା କରିଛନ୍ତି । ଋଗ୍‌ବେଦର ଉଷା ବର୍ଣ୍ଣନା ପ୍ରାୟ ସମସ୍ତଙ୍କୁ ଜଣା । ପରବର୍ତ୍ତୀ ସଂସ୍କୃତ କାବ୍ୟ କବିତାମାନଙ୍କରେ ପ୍ରକୃତିର ବର୍ଣ୍ଣନା ସର୍ବତ୍ର ଦେଖିବାକୁ ମିଳେ । ବିଶେଷକରି କାଳିଦାସଙ୍କର ଅମର କୃତିମାନଙ୍କରେ ପ୍ରକୃତିର ବର୍ଣ୍ଣନା ଅତି ସ୍ପଷ୍ଟ । କୁମାର ସମ୍ଭବରେ ହିମାଳୟର ବର୍ଣ୍ଣନା, ମେଘଦୂତରେ ମେଘର ଗତିପଥ ବର୍ଣ୍ଣନା ଓ ଋତୁସଂହାରରେ ଷଡ଼ଋତୁର ମନୋଜ୍ଞ ବର୍ଣ୍ଣନା ଆଦି ଅତି ଉଚ୍ଚକୋଟିର । ମାଘଙ୍କର 'ଶିଶୁପାଳ ବଧ' ମହାକାବ୍ୟରେ ରୈବତକ ପର୍ବତର ବର୍ଣ୍ଣନା ମଧ୍ୟ ଅତି ଉଚ୍ଚକୋଟିର । ଓଡ଼ିଆ ସାହିତ୍ୟରେ ଭଞ୍ଜ ଏବଂ ତାହାଙ୍କର ସମସାମୟିକ ରୀତିଯୁଗର ଅନ୍ୟାନ୍ୟ କବିମାନେ ପ୍ରକୃତିର ବର୍ଣ୍ଣନା କରିବାକୁ ଯାଇ ସଂସ୍କୃତ କବିମାନଙ୍କର ଅନୁଗାମୀ ହୋଇଛନ୍ତି । ମହାକାବ୍ୟର ଲକ୍ଷଣ ଅନୁଯାୟୀ ମହାକାବ୍ୟରେ ପର୍ବତ, ସୂର୍ଯ୍ୟ ଚନ୍ଦ୍ରଙ୍କର ଉଦୟାସ୍ତ, ସମୁଦ୍ର, ସେତୁ ଏବଂ ଋତୁ ସମୂହର ବର୍ଣ୍ଣନା ସ୍ଥାନ ପାଇବାର କଥା ଉପେନ୍ଦ୍ରଙ୍କର କାବ୍ୟମାନଙ୍କରେ ଏହିସବୁର ବର୍ଣ୍ଣନା ଉଣା ଅଧିକେ ଦେଖିବାକୁ ମିଳେ । ଲାବଣ୍ୟବତୀରେ ବିଭିନ୍ନ ଋତୁମାନଙ୍କର ବର୍ଣ୍ଣନା ସବୁଠାରୁ ଚିତ୍ତାକର୍ଷକ ଦ୍ୱାବିଂଶ ଛାନ୍ଦରେ "ଦେଖି ନବକାଳିକା"ର ବର୍ଷା ବର୍ଣ୍ଣନା ଏବଂ ଦ୍ୱିଚତ୍ୱାରିଂଶ ଛାନ୍ଦରେ ଶରତ ଋତୁର ବର୍ଣ୍ଣନା କବିଙ୍କର ଉନ୍ନତ କଳ୍ପନାଶକ୍ତିର ପରିଚାୟକ ।

"ଦେଖି ନୀରଦ ଦ୍ୱିରଦ ଶରଦ । ଋତୁ କେଶରୀ ପ୍ରସରି ବିଶଦ । ୧
ଗୃହି ତମସ ନାଶ ବନଦେଶ । ସ୍ଫୁଟିତ ପ୍ରକାଶ କଲେ କାଶହାସ । ୨
ଛାର ଭେକ ଡାକ ଶୁଣିମା କର୍ଣ୍ଣେ । ଯାଇଥିଲେ ମାନସେ ଏହିମାନେ । ୩
ଯହୁଁ ସେମାନେ ଗଲେ ଗର୍ଜି ଗର୍ଜି । ମହୀ ପ୍ରବେଶ ହେଲେ ହଂସରାଜି" । ୪

ଉଦ୍ଧୃତ ପଦରେ କବିଙ୍କର ବର୍ଣ୍ଣନା ଶୈଳୀର ଉତ୍କର୍ଷତା ସହ ବହିଃପ୍ରକୃତିର ହୃଦୟଗ୍ରାହୀ ଆଲେଖ୍ୟ ଦେଖିବାକୁ ମିଳେ । ଏହା ସତ୍ତ୍ୱେ ଉପେନ୍ଦ୍ରଙ୍କର ପ୍ରକୃତି ବର୍ଣ୍ଣନା ଉଚ୍ଚକୋଟିର ନୁହେ ବୋଲି ଅନେକ ସମାଲୋଚକ ମତ ପ୍ରକାଶ କରିଥାନ୍ତି । "ବହିତ ଲାଗିଲା ଯାଇ ସିଂହଳ ଦ୍ୱୀପରେ" ଛାନ୍ଦରେ ସେଠାରେ ଅତ୍ୟାବଶ୍ୟକୀୟ ସମୁଦ୍ର ବର୍ଣ୍ଣନା ନ ଥିବାରୁ ବଙ୍ଗୀୟ ସମାଲୋଚକ ବିଜୟଚନ୍ଦ୍ର ମଜୁମଦାର ଆକ୍ଷେପୋକ୍ତି ପ୍ରକାଶ କରିଛନ୍ତି । ଏହାଛଡ଼ା ଉପେନ୍ଦ୍ର ସାହିତ୍ୟର ବିଭିନ୍ନ ପ୍ରକୃତି ବର୍ଣ୍ଣନାରେ କବିଙ୍କର ସୂକ୍ଷ୍ମଦୃଷ୍ଟି ଅପେକ୍ଷା ବର୍ଣ୍ଣନାର ଗତାନୁଗତିକତା ବିଶେଷ ଭାବରେ ଦୃଷ୍ଟ । ମହାକବି କାଳିଦାସଙ୍କର

"ଦୂରାଦୟଶ୍ଚକ୍ରନିଭସ୍ୟତନ୍ୱୀ ତମାଲତାଳୀବନରାଜି ନୀଳା" ଓ "ତପସ୍ୟାତ୍ୱସଙ୍ଗେ ପ୍ରଣୟିନି-ଇବ ସ୍ରୁତଗଙ୍ଗାକୂଳାଂ" ଆଦି ପଦରେ ବହିଃପ୍ରକୃତିର ଯେଉଁ ଆଲେଖ୍ୟ ଦେଖିବାକୁ ମିଳେ ତାହା ଉପେନ୍ଦ୍ର ସାହିତ୍ୟରେ ବିରଳ । ସୁତରାଂ ପରବର୍ତ୍ତୀ କାଳରେ ଇଂରେଜୀ ସାହିତ୍ୟରେ 'ଓ୍ୱାର୍ଡସ୍ ଓ୍ୱାର୍ଥ' ଏବଂ ଓଡ଼ିଆ ସାହିତ୍ୟରେ ରାଧାନାଥ, ଗଙ୍ଗାଧର ଆଦି ପ୍ରକୃତିକୁ ମନୁଷ୍ୟର ଶିକ୍ଷକ ଓ ମନୁଷ୍ୟର ଦୁଃଖର ସହାନୁଭୂତି ପ୍ରଦର୍ଶକ ବୋଲି ଯେଉଁଭଳି ଭାବରେ ଦେଖିଛନ୍ତି ତାହା ଉପେନ୍ଦ୍ର ସାହିତ୍ୟରେ କାହିଁକି ଅନ୍ୟାନ୍ୟ ବହୁ ପ୍ରତିଷ୍ଠିତ କବିମାନଙ୍କ ଲେଖାରେ ବିରଳ । ତେବେ ଏ ପ୍ରସଙ୍ଗରେ ମନେ ରଖିବାର କଥା—ସେ ପ୍ରକାର ଚିନ୍ତାଧାରା ସାହିତ୍ୟଜଗତରେ ଊନବିଂଶ ଶତାବ୍ଦୀର ପ୍ରାରମ୍ଭରେ ଆତ୍ମପ୍ରକାଶ କରିଥିଲା ତେଣୁ ସବୁଠାରୁ ଉଲ୍ଲେଖଯୋଗ୍ୟ ବିଷୟ ହେଲା ପ୍ରାକ୍ ରାଧାନାଥଯୁଗର ସାହିତ୍ୟରେ ପ୍ରକୃତି ବର୍ଣ୍ଣନାରେ ଉପେନ୍ଦ୍ରଙ୍କର ପ୍ରତିଦ୍ୱନ୍ଦ୍ୱୀ ହେବାପାଇଁ ଖୁବ୍ କମ୍ ଲେଖକ ଅଛନ୍ତି ।

## ଭକ୍ତ ଉପେନ୍ଦ୍ର

ପ୍ରାଚୀନ ଯୁଗରେ ସାହିତ୍ୟ ମୁଖ୍ୟତଃ ଧର୍ମକୁ ଆଶ୍ରୟ କରି ଗଢ଼ି ଉଠିଥିଲା । କାବ୍ୟ ସାହିତ୍ୟକୁ 'କାନ୍ତାବଚ' ବୋଲି କୁହାଯାଉଥିଲା ଏବଂ ଏହାରି ମାଧ୍ୟମରେ କୋମଳମତି ଓ ଅପରିଣତ ବୁଦ୍ଧି ଲୋକମାନଙ୍କର ହୃଦୟରେ ଧର୍ମାର୍ଥ କାମ ମୋକ୍ଷର ବୀଜ ରୋପଣ କରାଯାଉଥିଲା । ସାହିତ୍ୟରେ ନୀତିବୋଧ ବା **Didacticism** ମୁଖ୍ୟସ୍ଥାନ ଅଧିକାର କରିଥିଲା । ପ୍ରାଚୀନ ଓଡ଼ିଆ ସାହିତ୍ୟରେ କାବ୍ୟ କବିତା ଅନେକ ଧର୍ମକୁ ଭିତ୍ତିକରି ଗଢ଼ି ଉଠିଥିଲା । ଦୀନକୃଷ୍ଣ, ଅଭିମନ୍ୟୁ ସଦାନନ୍ଦ, କବିସୂର୍ଯ୍ୟ ବ୍ରହ୍ମା, ଭୂପତି ପଣ୍ଡିତ ଓ ବୃନ୍ଦାବତୀ ଦାସୀ ଆଦିଙ୍କ ଲେଖା ଉଦାହରଣ ସ୍ୱରୂପ ନିଆଯାଇ ପାରେ । ଉପେନ୍ଦ୍ରଙ୍କର ରଚନା ମୁଖ୍ୟତଃ ନାୟକ ନାୟିକାଙ୍କର ପ୍ରେମ ଓ ମିଳନର ଭିତ୍ତି ଉପରେ ରଚିତ ହୋଇଥିଲେ ମଧ୍ୟ ଏଥିରେ ଭକ୍ତିରସ ଏବଂ ପୁଣି ନୀତିବୋଧ ଅନ୍ତଃସଲିଳା ଫଲ୍‌ଗୁପରି ପ୍ରବାହିତ । ଉପେନ୍ଦ୍ର ଜଣେ ଉଚ୍ଚକୋଟିର ସାଧକ ଓ ଭକ୍ତ ଥିଲେ ଏହା ଲୋକଶ୍ରୁତି ଏବଂ ତାଙ୍କ ରଚନାବଳୀରୁ ଜଣାଯାଏ ଉପେନ୍ଦ୍ର ନିଜର ସାଧନା ବଳରେ କବିତ୍ୱଶକ୍ତିର ଅଧିକାରୀ ହୋଇଥିଲେ ବୋଲି ସମସ୍ତେ ଜାଣନ୍ତି । ଶ୍ରୀହର୍ଷ ଯେପରି "ଯତ୍ ଚିନ୍ତାମଣି ମନ୍ତ୍ର ଚିନ୍ତନ ଫଳାତ୍" ବୋଲି ଲେଖିଛନ୍ତି ଉପେନ୍ଦ୍ର ସେହିପରି "ତାରକ ମନ୍ତ୍ର ପରସାଦେ, ମୋହର କବିପଣ ଉଦେ" ବୋଲି କହିଛନ୍ତି । ଉପେନ୍ଦ୍ର ଶ୍ରୀରାମଚନ୍ଦ୍ରଙ୍କର ଏକନିଷ୍ଠ ଭକ୍ତ ଥିଲେ । ଶ୍ରୀରାମଚନ୍ଦ୍ରଙ୍କର ମହନୀୟ ଗୁଣାବଳୀର ବର୍ଣ୍ଣନା କରି "ବୈଦେହୀଶ ବିଳାସ" ଓ "ଅବନା ରସ ତରଙ୍ଗ" ଆଦି କାବ୍ୟ ରଚନା କରିଛନ୍ତି; କେବଳ ରାମ ଚରିତ ନୁହେଁ କୃଷ୍ଣ ଚରିତ ବର୍ଣ୍ଣନା କରି ମଧ୍ୟ ସେ "କଳା କଉତୁକ" ଓ "ଦ୍ୱୈପଦୀ ଭୂଷଣ" ଆଦି କାବ୍ୟ ରଚନା କରିଛନ୍ତି । ଲାବଣ୍ୟବତୀର ପ୍ରତ୍ୟେକ ଛାନ୍ଦ ଶେଷରେ ଉପେନ୍ଦ୍ର ରାମଚନ୍ଦ୍ରଙ୍କୁ ସ୍ତୁତି ବା ପ୍ରଣାମ କରି ଛାନ୍ଦ ଶେଷ କରିଛନ୍ତି ।

"ଜୟ ଜଗନ୍ନାଥ ରାମ ଶ୍ରେୟରୁ ନିଳୟ
ମୁନିଗଣ କାମଦାୟ ପଦ୍ମବାସୀ ଭ୍ରିୟ ହେ ।" ( ୨।୮୧ )

× × ×

"ଯାବ ସୀତାରାମ ପାଦ ସାରସ । ଉପଇନ୍ଦ୍ର ବୀରବର ହରଷ ।" (୩।୭୩)

× × ×

"ଅନନ୍ତ ଭୂଷଣ ବୃଷ ଧନୁସ୍ତୃତ ସୁହୃଦ ଭବତାପ ନାଶୀ
ଶ୍ରୀ ନିଳୟ ଦ୍ୱିଜରାଜ ବଦନାସ୍ୟ ଜନକ ସୁଖକୁ ପ୍ରକାଶି ।
ସୁମର, ମନେ ସେ ରାମଚନ୍ଦ୍ର ଶିବ ।
କହେ ଉପଇନ୍ଦ୍ର ଭଞ୍ଜ ବୀରବର ସ୍ତ୍ରୀବାଜନ କର୍ଣ୍ଣ ଉତ୍ସବ ।" (୫।୩୨)

ଇତ୍ୟାଦି ଉଦାହରଣ ଏହି ପ୍ରସଙ୍ଗରେ ଉଦ୍ଧାର କରାଯାଇ ପାରେ । ଏଥିରୁ ଉପେନ୍ଦ୍ରଙ୍କର ରାମଚନ୍ଦ୍ରଙ୍କ ପ୍ରତି ଅଚଳାଭକ୍ତିର ନିଦର୍ଶନ ମିଳେ । ରତିରସ ବର୍ଣ୍ଣନାରେ କବିଙ୍କର ଲେଖନୀ ମୁଖର ହେଲେ ମଧ୍ୟ ସେଥିରେ ତାହା ନିରନ୍ତର ଲିପ୍ତ ନୁହେ । ସମୟ ପାଇଲେ କବିଙ୍କର ଭକ୍ତିସାନ୍ଦ୍ର ହୃଦୟ ଯେଉଁଠି ସେଇଠି ଆତ୍ମପ୍ରକାଶ କରିଛି । କିନ୍ତୁ ଏଠାରେ ପୁଣ୍ଣି ଅବହିତ ରହିବା ଉଚିତ ଯେ—ଉପେନ୍ଦ୍ର ଧର୍ମତତ୍ତ୍ୱ ବ୍ୟାଖ୍ୟାନ କରିବା ପାଇଁ କାବ୍ୟ ରଚନା କରି ନଥିଲେ । ତାଙ୍କର କାବ୍ୟ ଚତୁର୍ଥାଶ୍ରମ ପାଇଁ ଉପଯୋଗୀ ନୁହେଁ, ଏହା ତାଙ୍କ ଭାଷାରେ "ସ୍ତ୍ରୀବାଜନ କର୍ଣ୍ଣ ଉତ୍ସବ"; କିନ୍ତୁ ଅଧୁନା ଜଣେ ଅଧେ ଅଲଙ୍କ ସମାଲୋଚକ କାଠରୁ ତେଲ ବାହାର କରିବା ନ୍ୟାୟରେ ଉପେନ୍ଦ୍ରଙ୍କର ଶୃଙ୍ଗାର ରସ ବର୍ଣ୍ଣନାରୁ ସୂକ୍ଷ୍ମ ଯୋଗତତ୍ତ୍ୱ ବାହାର କରିବାରେ ଲାଗି ପଡ଼ିଛନ୍ତି । କିନ୍ତୁ ଏମାନଙ୍କୁ ଚେତାଇ ଦେବା ଉଚିତ ଯେ ଉପେନ୍ଦ୍ରଙ୍କୁ ଏପରି ବିକୃତ ଭାବରେ ପ୍ରଶଂସା କରିବାର କୌଣସି ମୂଲ୍ୟ ନାହିଁ । ତାଙ୍କ ରଚନାର ଏପରି ଅର୍ଥ ହେବା ଯଦି ବା ସେ ଜାଣି ପାରୁଥିବେ ତା' ହେଲେ ସେ ସ୍ୱର୍ଗରେ ନିଶ୍ଚୟ ହସୁଥିବେ ।

## ଚରିତ୍ର ଚିତ୍ରଣ

କାବ୍ୟର ନାୟକ ନାୟିକାମାନେ କବିମାନଙ୍କର ମାନସ ସନ୍ତାନ । କବି ନିଜର ଅଭିଜ୍ଞତା, କଳ୍ପନାଶକ୍ତି ଏବଂ ସୂକ୍ଷ୍ମଦୃଷ୍ଟି ବଳରେ କାବ୍ୟର ନାୟକ ନାୟିକାଙ୍କୁ ସର୍ବଗୁଣାଳଂକୃତ କରିବାକୁ ଚେଷ୍ଟାକରେ । ଯେଉଁ କବିଙ୍କର ସୂକ୍ଷ୍ମଦୃଷ୍ଟି ଓ ବସ୍ତୁର-ବୋଧ ଯେତେ ବେଶୀ ତାଙ୍କର ନାୟକ ନାୟିକାମାନେ ସେତେ ଜଗତ୍ ପ୍ରସିଦ୍ଧ । ଏଇଥିପାଇଁ ଶକୁନ୍ତଳା, ଯକ୍ଷ, ହାମଲେଟ୍ ଓ ରାଜାଲିୟର୍ ଜଗତ ବିଖ୍ୟାତ । ଉପେନ୍ଦ୍ରଙ୍କର କାବ୍ୟମାନଙ୍କର ନାୟକ ନାୟିକା ଓ ଅନ୍ୟାନ୍ୟ ଗୌଣଚରିତ୍ରମାନଙ୍କର ଚରିତ୍ର ଆଲୋଚନା କଲେ ପାଠକ ଗୋଟିଏ କଥା ଲକ୍ଷ୍ୟ କରିବ ତାଙ୍କର ସମସ୍ତ କାବ୍ୟର ନାୟକ ନାୟିକା, ଏକଶ୍ରେଣୀର । ଏମାନଙ୍କ ମଧ୍ୟରେ କୌଣସି ଗୁଣଗତ ବା ରୂପଗତ ବୈଚିତ୍ର୍ୟ ନାହିଁ । କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ପ୍ରେମ ସୁଧାନିଧି, ରସିକ ହାରାବଳୀ ଓ ଲାବଣ୍ୟବତୀ

ଆଦି କାବ୍ୟର ନାୟକ ନାୟିକାମାନେ ରୂପରେ, ଗୁଣରେ ଓ ଚରିତ୍ରରେ ସମାନ । ତେଣୁ ପାଠକ ସ୍ୱତଃ ପ୍ରଶ୍ନ କରିପାରେ ଯେ---ଏ ପ୍ରକାର ଗୋଟିଏ କାବ୍ୟ ରଚନା ନ କରି ସମାନ ପ୍ରକାରର ଏତେଗୁଡ଼ିଏ କାବ୍ୟ ଲେଖିବାର ଆବଶ୍ୟକତା କ'ଣ ଅଛି ?

ଉପେନ୍ଦ୍ରଙ୍କ କାବ୍ୟର ନାୟକମାନେ ରୂପ-ଗୁଣ, ଶୌର୍ଯ୍ୟ-ବୀର୍ଯ୍ୟରେ ଅତୁଳନୀୟ । ଏମାନେ ସମସ୍ତେ ବେଦ ବେଦାନ୍ତରେ ବିଧାତା, ବ୍ୟାକରଣରେ ହର, ଶୃଙ୍ଗାରଶାସ୍ତ୍ରରେ ମାର, ଯୁଦ୍ଧବିଦ୍ୟାରେ ଏମାନଙ୍କ ସହ ତୁଳନା ନାହିଁ । ନାୟକମାନଙ୍କର ଏବମ୍ବିଧ ପରିଚୟ ଆମେ ଉପେନ୍ଦ୍ରଙ୍କର ବର୍ଣ୍ଣନାରୁ ପାଉ । କିନ୍ତୁ କର୍ମକ୍ଷେତ୍ରରେ ବା କଥାବସ୍ତୁରେ ଏସବୁ ଲୋକୋତ୍ତର ଗୁଣାବଳୀର ଦୃଷ୍ଟାନ୍ତ ଆଦୌ ନାହିଁ କହିଲେ ଚଳେ । ଉପେନ୍ଦ୍ରଙ୍କର ନାୟିକାମାନଙ୍କର ଅବସ୍ଥା ମଧ୍ୟ ତଦ୍ରୂପ । ଉପେନ୍ଦ୍ରଙ୍କର ବହୁ କାବ୍ୟ ନାୟିକାମାନଙ୍କର ନାମ ଦ୍ୱାରା ନାମିତ । ଏଥିରୁ ଉପେନ୍ଦ୍ର ନାୟିକାମାନଙ୍କୁ କେତେ ପ୍ରାଧାନ୍ୟ ଦେଇଛନ୍ତି ତାହା ଜଣାଯାଏ । କିନ୍ତୁ ଏହି ନାୟିକାମାନେ ରୂପରେ, ଗୁଣରେ ଅତୁଳନୀୟା ହେଲେ ମଧ୍ୟ ପାଠକଙ୍କୁ ଅନେକ ସମୟରେ ଚିତ୍ର ପିତୁଳାପରି ବୋଧହୁଏ । ଉପେନ୍ଦ୍ର ଏହି କାବ୍ୟ ନାୟିକାମାନଙ୍କର ଯେଉଁ ଚିତ୍ର ଦେଇଛନ୍ତି ତାହା ନାରୀର ପୂର୍ଣ୍ଣାଙ୍ଗ ଚିତ୍ର ନୁହେଁ, ଖଣ୍ଡିତ । ନାରୀର ପ୍ରେମ ଏବଂ କାମଜୀବନ ଭିନ୍ନ ଅନ୍ୟ କୌଣସି ଜୀବନର ଚିତ୍ର ଏଥିରେ ଦେଖିବାକୁ ମିଳେ ନାହିଁ । ଲାବଣ୍ୟବତୀ ଏଥିରୁ ବ୍ୟତିକ୍ରମ ନୁହେଁ । ତେବେ ଲାବଣ୍ୟବତୀର ଗୌଣ ଚରିତ୍ରଗୁଡ଼ିକର ବର୍ଣ୍ଣନାରେ କବିଙ୍କର ବର୍ଣ୍ଣନା ପରିପାଟୀ ଓ ସୂକ୍ଷ୍ମ ଦୃଷ୍ଟିର ପରିଚୟ ମିଳେ । ମାଳୀଣୀ, ଜ୍ୟୋତିଷୀ, ଶୁକପକ୍ଷୀ ଓ ବାଳକର ଆଦି କବିଙ୍କର ଅନବଦ୍ୟ ସୃଷ୍ଟି ।

ଉପେନ୍ଦ୍ରଙ୍କର ରଚନାବଳୀ ବିଷୟବସ୍ତୁ ଦୃଷ୍ଟିରୁ ଚାରିଭାଗରେ ବିଭକ୍ତ କରାଯାଇପାରେ,
୧ । ଲାବଣ୍ୟବତୀ, ରସିକ ହାରାବଳୀ, ପ୍ରେମ ସୁଧାନିଧି ଓ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ଆଦି ।
୨ । ବୈଦେହୀଶ, କଳା କଉତୁକ, ଅବନା ରସତରଙ୍ଗ ଆଦି ।
୩ । ଚିତ୍ରକାବ୍ୟ ବନ୍ଧୋଦୟ, ରସଲେଖା, ଯମକରାଜ ଚଉତିଶା ଓ ଗୀତାଭିଧାନ ଆଦି ।
୪ । ଚଉପଦୀ ଭୂଷଣ, ବଜାର ବୋଲି ଓ ଉପେନ୍ଦ୍ର ଭଞ୍ଜ ସଙ୍ଗୀତ ଆଦି ।
ପ୍ରଥମ ବିଭାଗ ଅନ୍ତର୍ଗତ କାବ୍ୟମାନଙ୍କ ମଧ୍ୟରୁ ଲାବଣ୍ୟବତୀ ସବୁଠାରୁ ଲୋକପ୍ରିୟ । ଯଦିଓ ଏହି ତାଙ୍କର ଶ୍ରେଷ୍ଠ କାବ୍ୟକୃତି ନୁହେ ତଥାପି ଏହାର ଚିତ୍ତାକର୍ଷକ ଗୁଣାବଳୀ ଯୋଗୁଁ ଏହା ପଥର ପାଲଟାରୁ ସଭାର ପଣ୍ଡିତ ପର୍ଯ୍ୟନ୍ତ ସମସ୍ତଙ୍କ ଦ୍ୱାରା ଆଦୃତ ହୋଇ ପାରିଛି ।

ମନ ଦେଇ ଶୁଣ କୋବିଦେ ନୃପସୁତା ସୁକେଶୀ ... ....

ଦେଖି ନବକାଳିକା ... ... ...

ଏଥୁଅନନ୍ତରେ ରସ, ଶୁଣ ହେ ମାଲ୍ୟାଣୀ ବେଶ ... ...

ତେବେ ଚତୁରୀ ସୁହିଲି କହି ନାଶେ ... ...

ଏ ଅନ୍ତେ ଶୃଙ୍ଗାରସ, ଗ୍ରୀଷ୍ମେ ଜନି ପ୍ରବେଶ ... ...

ଆଦି ଗ୍ରନ୍ଥର ଲୋକପ୍ରିୟତା ସର୍ବଜନ ବିଦିତ । ଲାବଣ୍ୟବତୀ କାବ୍ୟର ଶୃଙ୍ଗାରରସ ବର୍ଣ୍ଣନା, ମନୋହର ବର୍ଣ୍ଣନାଶୈଳୀ, ଅଳଙ୍କାରମୟତା ଓ ପ୍ରକୃତ ଚିତ୍ରଣ ଆଦି ରସଗ୍ରାହୀ ସହୃଦୟ ପାଠକ ନିକଟରେ ଏକାନ୍ତ ଉପଭୋଗ୍ୟ । ଏହାହିଁ ଲାବଣ୍ୟବତୀର ଲୋକପ୍ରିୟତାର କାରଣ । ଭଞ୍ଜଙ୍କର ଏହା ଗୋଟିଏ ସର୍ବାଙ୍ଗସୁନ୍ଦର କାବ୍ୟ ବୋଲି ଏହି ହେତୁରୁ ନିର୍ବିବାଦରେ ଗ୍ରହଣ କରାଯାଇ ପାରେ ।

ଏଇ କେତୋଟି ପୃଷ୍ଠାରେ ଉପେନ୍ଦ୍ର ସାହିତ୍ୟର ବିହଙ୍ଗାବଲୋକନ କରାଗଲା ମାତ୍ର, ଏଥିରେ ଉପେନ୍ଦ୍ର ସାହିତ୍ୟର ଦୋଷଗୁଣ ଉଭୟ ଆଲୋଚନା କରି ଏକ ସଂକ୍ଷିପ୍ତ ଚିତ୍ର ଦିଆଯିବାର ପ୍ରୟାସ କରାଯାଇଛି । ଉପେନ୍ଦ୍ର ସାହିତ୍ୟ ଏତେ ବିଶାଳ ଯେ ଏଇ କ୍ଷୁଦ୍ର ପ୍ରବନ୍ଧରେ ତାହାର ପୂର୍ଣ୍ଣାଙ୍ଗ ଆଲୋଚନା ଅସମ୍ଭବ । ଏହା ସମୁଦ୍ରକୁ ମାଠିଆ ମଧ୍ୟରେ ଭର୍ତ୍ତି କରିବା ସଙ୍ଗେ ସମାନ ବୋଲି ପୂର୍ବରୁ କୁହାଯାଇଛି । ଆଲୋଚନା ଟିକିଏ ତରତରିଆ ହୋଇଥିବାରୁ ପାଠକଙ୍କୁ ଖାପଛଡ଼ା ବୋଧ ହୋଇପାରେ, ସହୃଦୟ ପାଠକ ଏତିକ ସହିନେବେ ବୋଲି ଆଶା । ଉପେନ୍ଦ୍ରଙ୍କର ଏକାନ୍ତ ଅନୁରାଗୀ 'କେତେକ ପାଠକ ଉପେନ୍ଦ୍ରଙ୍କର ସାମାନ୍ୟ କେତେକ ବିରୁଦ୍ଧ ସମାଲୋଚନା ପଢ଼ି ରୁଷ୍ଟ ହୋଇପାରନ୍ତି; କିନ୍ତୁ ନିର୍ଭୀକ ମତ ପ୍ରକାଶ ପାଇଁ ଓ ସୂକ୍ଷ୍ମ ସମାଲୋଚନା ପାଇଁ ଏହା, କରିବାକୁ ପଡୁଛି । ଏହାଦ୍ୱାରା ଉପେନ୍ଦ୍ର ସାହିତ୍ୟର ଏକ ପୂର୍ଣ୍ଣାଙ୍ଗ ଚିତ୍ର ମିଳିବ ବୋଲି ଆଶା ।

ଅନିବାର୍ଯ୍ୟ କାରଣବଶତଃ ଏ ଗ୍ରନ୍ଥରେ କେତେ ମୁଦ୍ରଣ ପ୍ରମାଦ ରହି ଯାଇଛି, ଏଥି ବିଜ୍ଞ ପାଠକମାନେ କ୍ଷମା ଦେବେ । ଏ ଗ୍ରନ୍ଥର ମୁଖବନ୍ଧ ଓ ପାଦଟୀକା ଲେଖିବାପାଇଁ ଆଜୀବନ ସମାଜସେବୀ, ସାହିତ୍ୟିକ, ବନ୍ଧୁ ଶ୍ରୀଯୁକ୍ତ ବାଳକୃଷ୍ଣ ସାହୁଙ୍କ ଦ୍ୱାରା ମୁଁ ଅନୁରୁଦ୍ଧ ହୋଇଥିଲି । ତାଙ୍କର ତାଡ଼ନା ଦ୍ୱାରା ମୋର କର୍ମକ୍ଳାନ୍ତ ଜୀବନର ସାମାନ୍ୟ ଅବସରରୁ ସେ ଏତିକ ଆଦାୟ କରିଛନ୍ତି । ଯଦି ଏହାଦ୍ୱାରା ଭଞ୍ଜ ସାହିତ୍ୟ ପ୍ରବେଶ ପାଇଁ ପାଠକମାନେ କିଛି ଉପଯୋଗିତା ଲାଭ କରନ୍ତି ତା' ହେଲେ ସେଥିପାଇଁ ଧନ୍ୟବାଦର ପାତ୍ର ସେ, ମୁଁ ନୁହେ । 'ଧର୍ମଗ୍ରନ୍ଥ ଷ୍ଟୋର'ର ସ୍ୱତ୍ୱାଧିକାରୀ ଶ୍ରୀଯୁକ୍ତ ବିଦ୍ୟାଧର ସାହୁ ଆଜି ପ୍ରାଚୀନ ପୁସ୍ତକ ପ୍ରକାଶକ ହିସାବରେ ସର୍ବଜନ ପରିଚିତ । ପ୍ରାଚୀନ ଏବଂ ଲୋକପ୍ରିୟ ଅନେକ ଗ୍ରନ୍ଥକୁ ପାଠକମାନଙ୍କ ସମ୍ମୁଖରେ ନୂତନ ରୂପରେ ଉପସ୍ଥାପିତ କରି ଅଗଣିତ ପାଠକମାନଙ୍କ ଅଭାବ ପୂରଣ କରିବା ଦ୍ୱାରା ଓଡ଼ିଆ ସାହିତ୍ୟର ଏକ ପୃଷ୍ଠପୋଷକର କାର୍ଯ୍ୟ ସେ କରିଛନ୍ତି । ଏଥିପାଇଁ ଓଡ଼ିଆ ସାହିତ୍ୟର ପାଠକମାନେ ତାଙ୍କଠାରେ ଋଣୀ ରହିବେ ।

କଟକ ...
ଜନ୍ମାଷ୍ଟମୀ— ୧୯୭୫

ସମ୍ପାଦକ
**ଶ୍ରୀ ସଦାନନ୍ଦ ମିଶ୍ର**

...

# ଲାବଣ୍ୟବତୀ

## ପ୍ରଥମ ଛାନ୍ଦ

ରାଗ ନଳିନୀଗୌଡ଼ା

( ଲାବଣ୍ୟବତୀ ଓ ଚନ୍ଦ୍ରଭାନୁର ପୂର୍ବଜନ୍ମ ବୃତ୍ତାନ୍ତ )

**ଜୟ ଜୟ ଜୟ ରାମ ଜନକ ସୁଖଦ । ଭୀମ ହରଷ ଦାନରେ ସଦା ବିଶାରଦ ହେ ।୧। ଚନ୍ଦ୍ରହାସେ ଶୋଭାକର ସମସ୍ତ କାଳର । ଲକ୍ଷଣବନ୍ତ ଅଲକ୍ଷ ମୁଖ ମନୋହର ଯେ ।୨। ଭବ-ଭାରତୀକ ଅଗୋଚର ଛବି ସାର । ସୁମନାବୃନ୍ଦ ବନ୍ଦନ ଏଣୁ ନିରନ୍ତର ଯେ ।୩। ମହାଶୟ ବଳରାମ ପଦରେ ତାପକର ।**

---

ପ୍ରାଚୀନ କବିମାନେ ନିଜ ନିଜର ଆରାଧ୍ୟ ଦେବାଦେବୀଙ୍କୁ ସ୍ମରଣ ଓ ବନ୍ଦନା ପୂର୍ବକ ସ୍ୱୀୟ ଗ୍ରନ୍ଥ ରଚନାର ପ୍ରାରମ୍ଭରେ ସୂଚନା କରିଥାନ୍ତି । ଏହି ନିୟମ ଅନୁଯାୟୀ ଉତ୍କଳର କବି-ସମ୍ରାଟ ଉପେନ୍ଦ୍ରଭଞ୍ଜ 'ଲାବଣ୍ୟବତୀ' ଲେଖିଲାବେଳେ ଆପଣାର ଆରାଧ୍ୟ ଦେବ ଶ୍ରୀ ରାମଚନ୍ଦ୍ରଙ୍କର ଜୟଗାନ କରିଅଛନ୍ତି ।

୧ । ଜନକ ସୁଖଦ—ଜନକ ରାଜର୍ଷିଙ୍କର ଆନନ୍ଦଦାୟକ ଏବଂ ପିତା (ଦଶରଥ)ଙ୍କର ସୁଖଦାୟକ । ଭୀମ—ଭୟଙ୍କର, ପ୍ରବଳ ପରାକ୍ରମଶାଳୀ ଓ ମହାଦେବ । ହରଷ—ହସ ହସ, ଆନନ୍ଦ । ଦାନରେ—ଦେବାରେ । ବିଶାରଦ—ପାରଙ୍ଗମ, ବିଶେଷ ବିଦ୍ୟାର ପଣ୍ଡିତ । ଜୟ ଜୟ—ପ୍ରଶଂସାସୂଚକ ବା ବନ୍ଦନୀୟ । ରାମ—ଦଶରଥଙ୍କର ଜ୍ୟେଷ୍ଠପୁତ୍ର ଶ୍ରୀ ରାମଚନ୍ଦ୍ର ।

(କ) ରାମଚନ୍ଦ୍ର ଶିବଧନୁ ଭାଙ୍ଗି ସୀତାଙ୍କୁ ବିବାହ କରିବାଦ୍ୱାରା ରାଜର୍ଷି ଜନକଙ୍କୁ ଏବଂ ପିତା ଦଶରଥଙ୍କର ସତ୍ୟ ରକ୍ଷା କରିବା ଉଦ୍ଦେଶ୍ୟରେ ବନଗାମୀ ହୋଇ ସୀତାଙ୍କୁ ସୁଖୀ କରାଇଥିଲେ ।

(ଖ) ଦୁଷ୍ଟ ଦୁରାଚାରୀଗଣଙ୍କୁ ରଣକ୍ଷେତ୍ରରେ ପରାସ୍ତ କରି ବୀରଗଣଙ୍କୁ ଆନନ୍ଦ ଦେବାରେ ସର୍ବଦା ପାରଗ ଥିଲେ ।

୨ । ଚନ୍ଦ୍ରହାସେ—ପ୍ରଫୁଲ୍ଲ ହର୍ଷରେ, ଚନ୍ଦ୍ରହାସ ନାମକ ଖଣ୍ଡା । ଶୋଭାକର—ସୁନ୍ଦରଯୁକ୍ତ ଓ ହସ୍ତରେ ଶୋଭିତ । ଲକ୍ଷଣବନ୍ତ—ଲକ୍ଷଣଯୁକ୍ତ ଚିହ୍ନଯୁକ୍ତ । ଅଲକ୍ଷ୍ୟ—ଉପମାଶୂନ୍ୟ । ରାମଚନ୍ଦ୍ରଙ୍କ ହସ୍ତରେ ଚନ୍ଦ୍ରହାସ ନାମକ ଖଣ୍ଡା ସର୍ବଦା ଥିବାରୁ ସୁନ୍ଦର ଦିଶୁଥିଲା । ସର୍ବ ସୁଲକ୍ଷଣଯୁକ୍ତ ସୁନ୍ଦର ମୁଖ ତୁଳନାରେ ଆଉ କେହି ସେପରି ତୁଳନୀୟ ନୁହନ୍ତି ।

୩ । ଭାରତୀ—ବାକ୍ୟ, ସରସ୍ୱତୀ । ଅଗୋଚର—ଅଜଣା । ଛବି—ରୂପ । ସୁମନାବୃନ୍ଦ—ଦେବତାସମୂହ, ବିଦ୍ୱାନମଣ୍ଡଳୀ, ଦିବ୍ୟସ୍ତ୍ରୀଗଣ, ସୁନ୍ଦର ପୁଷ୍ପମାଳା । ବନ୍ଦନ-ପ୍ରଶଂସା ।

ଛନ୍ଦଭଙ୍ଗ କୁଟିଳ କାତର ଅରିପୁର ହେ । ୪ । ସହସ୍ର କର ଉନ୍ନତତର ତେଜୋବାନ । ହରିପଦ ସଦାନନ୍ଦ ତୋଷ ବର୍ଦ୍ଧନ ହେ । ୫ । ସେ ପ୍ରଭୁ କଞ୍ଜଚରଣେ କରି ତତପର । ଭଞ୍ଜ ବୀରବର କବି ମାନସ-ଭ୍ରମର ହେ । ୬ । ମୂର୍ତ୍ତିମନ୍ତ କରି ମୃଦୁ ଗୀତ ବିସ୍ତରଇ । ଏଣୁ କଳି ଥିବ ଅଳଙ୍କାର ଯୁକ୍ତ ହୋଇ ସେ । ୭ । ପଦ ସରଳ ଧ୍ୱନିରେ ମାନସ ମୋହିବ । ଅର୍ଥୀଜନ ପ୍ରବରଙ୍କୁ ଆନନ୍ଦ କରିବ ହେ । ୮ । ଡ଼ରଳରେ ସବର୍ଣ୍ଣ୍ୟ ଯା ବ୍ୟାକରଣେ ଲବ୍ଧ । ସୁଚତୁର କରଇ ଏହି ଗୀତ ହିତପାଇଁ ସେ । ୯ । ବୁଝାଇଲେ ଜଡ଼ଜନ ଭାବକୁ ପାଇବ । ଖଳ ଖର

---

ଯାହାଙ୍କର ରୂପ ଭବ ଭାଷାଦ୍ୱାରା ଲେଖିବାକୁ ଅଜଣା ଅର୍ଥାତ୍ ବର୍ଣ୍ଣନା କରି ପାରନ୍ତି ନାହିଁ । ଯେ ଦେବତାମାନଙ୍କର ପୂଜ୍ୟ, ସବୁବେଳେ ସୁନ୍ଦର ପୁଷ୍ପମାଳାରେ ମଣ୍ଡିତ, ଯାହାଙ୍କର ରୂପ ଲାବଣ୍ୟ ଶୋଭାରେ ଦେବୀସ୍ତ୍ରୀଗଣ ସଦା ସର୍ବଦା ଜୟଗାନ କରୁଥାନ୍ତି ।

୪ । ମହାଶୂର—ମହାନ୍ ପୁରୁଷ, ସମ୍ମାନସୂଚକ ବାକ୍ୟ । ବଳରିପୁ—ବଳଙ୍କ ଶତ୍ରୁ, ଯରେ—ହୃଦରେ । ତାପକର—ତେଜୀୟାନ । ଛନ୍ଦଭଙ୍ଗ—ଗୋଳମାଳ, ପୂର୍ବର ଅଗ୍ରଭାଗ ସେନାସମୂହ ଛିନ୍ନ ଭିନ୍ନ, ଅଗ୍ରଜଭଙ୍ଗ । ଅରିପୁର—ଶତ୍ରୁ ରାଜ୍ୟ । ସମରରେ ବଳୁଆ ଶତ୍ରୁମାନଙ୍କ ଉପରେ ତେଜସ୍ୱୀ ହୋଇ ଶତ୍ରୁପକ୍ଷର ଏକତ୍ରିତ ସ୍ୱେଚ୍ଛସେନାମାନଙ୍କୁ ଇତସ୍ତତଃ କରିବାରୁ ଶତ୍ରୁରାଜ୍ୟର ଲୋକମାନେ ଡରିଗଲେ ।

୫ । ସହସ୍ରକର—ସହସ୍ର କିରଣ, ସୂର୍ଯ୍ୟ, ଅନେକ ହସ୍ତ । ଉନ୍ନତ—ଉଚ୍ଚ ବା ଶ୍ରେଷ୍ଠ । ହର—ଶିବ ବା କଲ୍ୟାଣକର, ବିନାଶକାରୀ । ତେଜୋବାନ—ତେଜଯୁକ୍ତ, ବୀର୍ଯ୍ୟବନ୍ତ । ହରିପଦ—ବାନର ପଦ, ବିଷ୍ଣୁପଦ । ସଦାନନ୍ଦ—ସର୍ବଦା ଆନନ୍ଦ । ତୋଷ—ହର୍ଷ, ସନ୍ତୋଷ । ବର୍ଦ୍ଧନ—ବିଶେଷ ଭାବରେ ବଢ଼ାଇବା ।

୬ । କଞ୍ଜଚରଣେ—ପଦ୍ମ ପାଦରେ । ତତପର—ଆସକ୍ତ, ବ୍ୟଗ୍ର । ମାନସ—ମନ । ଯେପରି ପଦ୍ମଫୁଲର ମଧୁ ଆସ୍ୱାଦନ ପାଇଁ ଭଅଁର ସବୁବେଳେ ବ୍ୟାକୁଳ, ସେହିପରି ବୀରଶ୍ରେଷ୍ଠ ଉପେନ୍ଦ୍ରଭଞ୍ଜ କବିଙ୍କର ମନରୂପକ ଭ୍ରମର ପ୍ରଭୁ ରାମଚନ୍ଦ୍ରଙ୍କର ପଦ୍ମପାଦକୁ ଆଶ୍ରୟ କରି ମଧୁରୂପକ ମୁକ୍ତି ଅଭିପ୍ରାୟରେ ତତ୍ପର ।

୭ । ମୂର୍ତ୍ତିବନ୍ତ—ରୂପବନ୍ତ । ମୃଦୁ—ମଧୁର, ରସପୂର୍ଣ୍ଣ । ଅଳଙ୍କାର—ଭୂଷଣ, ଶବ୍ଦର ଆଳଙ୍କାରିକ ଅର୍ଥ । ଯୁକ୍ତ—ସଂଶ୍ଳିଷ୍ଟ ବା ମିଳିତ ।

୮ । ଧ୍ୱନି—ଶବ୍ଦ, ସ୍ୱର । ମୋହିବ—ମୁଗ୍ଧ କରିବ । ଅର୍ଥୀଜନ—ଅର୍ଥ ଜାଣିଥିବା ବ୍ୟକ୍ତି । ପ୍ରବରଙ୍କୁ—ଶ୍ରେଷ୍ଠ ବା ଜ୍ଞାନୀ ଲୋକମାନଙ୍କୁ ।

୯ । ବ୍ୟାକରଣ ଶାସ୍ତ୍ରରେ ଡ ର ଳ ଆଦି ଯେପରି ସାଦୃଶ୍ୟ ବର୍ଣ୍ଣର ନିୟମମାନ ଅଛି, ସେହି ନିୟମ ଅନୁଯାୟୀ ଲୋକମାନଙ୍କର ହିତପାଇଁ କବି ରଚନାବଳୀକୁ ଗୀତ ଆକାରରେ ଲେଖିଲ ।

ଚୂତାଙ୍କୁର ସ୍ୱାଦେ ନ ସ୍ୱାଦିବ ହେ ।୧୦। ମଧୁମକ୍ଷି ଉଚ୍ଛିଷ୍ଟେ ଅମୃତାଦର ସୁରେ । କରନ୍ତି ଯେମନ୍ତ ସାଧୁଜନେ ସେ ପ୍ରକାରେ ହେ ।୧୧। ଦୋଷ ଥିଲେ ରସ ବର୍ଣ୍ଣ କରିବେ ଆଦର । ଏଣୁ ଅନ୍ତଃସ୍ଥ ସଂଶୟକୁ କର ଦୂର ହେ । ୧୨ । ଏ କଥନ ଚରିତ ରଚିତ ସୁମଧୁର । ଶ୍ରୁତି ବଦନରେ ପାନ କରି ବୁଧ ନର ହେ । ୧୩ । ଦିନେ କଇଲାସେ ବସି ଏକାନ୍ତେ ଗଉରୀ । ପଞ୍ଚାନନେ ରସିବାକୁ ସ୍ୱସଙ୍ଗେ ଭାବିଲ ହେ । ୧୪ । ଏକ କନ୍ୟାଏ ଅଦ୍ଭୁତେ ମନୁ ଜାତ ହେଲ । ସୁଷମାରେ ସମରେ ତ୍ରିଲୋକରେ ନ ଥାଇ ଯେ । ୧୫ । ଯେ ଜଗତଜନନୀ ସେ କଲ ମନୋରଥ ।

---

୧୦ । ଜଡଜନ-ମୂର୍ଖଲୋକଙ୍କୁ ବୁଝାଇଲେ ସେମାନେ ଏହାର ଭଲ ବୁଝିପାରି ଖୁସିହେବେ । ଖଳ-ଦୁଷ୍ଟ । ଖର-ଗଧ । ଚୂତାଙ୍କୁର-ଆମ୍ବ ବଉଳ । ସ୍ୱାଦିବ-ଖାଇବ, ଚାଖିବ । ଗଧ ଯେପରି ଆମ୍ବ ବଉଳ ଖାଏ ନାହିଁ, ସେହିପରି ଏହି ଗୀତର ମର୍ମ ବୁଝିବାରେ ଖଳ ଭାବୁଥିବା ଲୋକ କବଳିତ ହୁଏ ନାହିଁ ।

୧୧ । ମଧୁମକ୍ଷୀ—ମହୁମାଛି । ଉଚ୍ଛିଷ୍ଟ—ଅଇଁଠା । ଅମୃତାଦର—ଅମୃତ ତୁଲ୍ୟ ଯତ୍ନ ସହକାରେ । ସୁରେ—ଦେବତାମାନେ ।

୧୨ । ରସ ବର୍ଣ୍ଣ—କାବ୍ୟାଳଙ୍କାରର ଶୃଙ୍ଗାରାଦି ନବ ରସ ପାଇଁ । ସଂଶୟ—ସନ୍ଦେହ । କବି କହୁଛନ୍ତି, ଯଦିଚ ଏହି ରଚନାରେ କୌଣସି ପ୍ରକାର ଦୋଷ ରହିପାଇଥାଏ ତେବେ ଏହାର ରସ-ଗୁଣରେ ସମସ୍ତେ ମୋହିତ ହେବେ । କାରଣ ମହୁ ଫେଣାରେ ମହୁମାଛିର ଅଇଁଠାକୁ ଦେବତାମାନେ ଯେପରି ଆଦର କରି ଗ୍ରହଣ କରିଥାନ୍ତି ।

୧୩ । କଥନ-ସୁନ୍ଦର, ଆଶ୍ଚର୍ଯ୍ୟ । ଚରିତ-ଜୀବନ ବୃତ୍ତାନ୍ତ । ସୁମଧୁର-ଅତ୍ୟନ୍ତ ମନୋହର । ଶ୍ରୁତି-କାନରେ ଶୁଣି । ବଦନ-ମୁହଁ । ପାନ କରି-ପିଇ । ବୁଧ ନର-ଜ୍ଞାନୀଲୋକ । ଏହା ଅତି ମନୋହର ଆଶ୍ଚର୍ଯ୍ୟ ଧରଣର ଜୀବନକାହାଣୀ ଲେଖା ହୋଇଅଛି, ଜ୍ଞାନୀଲୋକ ଏହାକୁ କାନରେ ଶୁଣି ମୁହଁରେ ଗାନ କର ।

୧୪ । ଗଉରୀ-ଶିବଙ୍କ ଘରଣୀ ପାର୍ବତୀ । କଇଲାସେ-କୈଳାସ ପର୍ବତରେ । ଏକାନ୍ତେ-ନିରୋଳାରେ, ଏକୁଟିଆ । ପଞ୍ଚାନନେ-ପଞ୍ଚ ବିଳାସରେ । ରସିବାକୁ-ରସର ସାରବସ୍ତୁ ଆନନ୍ଦ ଉପଭୋଗ କରିବାକୁ । ସ୍ୱସଙ୍ଗେ-ଆପଣା ସାଙ୍ଗରେ ।

୧୫ । ଏକ କନ୍ୟାଏ-ଗୋଟିଏ ଝିଅ । ଅଦ୍ଭୁତେ-ଆଶ୍ଚର୍ଯ୍ୟ ଭାବରେ । ମନୁ-ମନ ମଧ୍ୟରୁ । ଜାତ-ଜନ୍ମ, ଉତ୍ପନ୍ନ । ସୁଷମାରେ-ସୁନ୍ଦରତା ପଣରେ । ସମରେ-ସମକକ୍ଷରେ, ପ୍ରତିଦ୍ୱନ୍ଦ୍ୱୀତାରେ । ତ୍ରିଲୋକରେ-ସ୍ୱର୍ଗ ମର୍ତ୍ତ୍ୟ ପାତାଳରେ ।
ଦିନେ କୈଳାସରେ ପାର୍ବତୀ ଦେବୀ ଏକୁଟିଆ ବସି କପରି ନିଜେ ନିଜେ ପଶା ଖେଳି ଆନନ୍ଦ ଲାଭ କରିବେ ଏହିକଥା ଇଚ୍ଛାକରି ମନ ମଧ୍ୟରୁ ଗୋଟିଏ ଅତି ସୁନ୍ଦରୀ କନ୍ୟା ଜାତ କଲେ । ତାହାକୁ କି ସୁନ୍ଦରତା ପଣରେ ପ୍ରତିଦ୍ୱନ୍ଦ୍ୱୀତା କରିବା'କୁ ଆଉ କେହି ତ୍ରିଭୁବନରେ ନ ଥିବେ ।

ଜାତ ଦ୍ରବ୍ୟ ସୁନ୍ଦରୀ କାଙ୍କ୍ଷିତ ହେବ ବ୍ୟର୍ଥ ହେ ।୧୬। ଆଉ କି ପ୍ରଶଂସିବା ଉମାରୁ ଜନ୍ମ ଯାର । ଶାମ୍ବୁକୁଁ ମୁକ୍ତା ଜାତ ହୋଇଲା ପ୍ରକାର ଯେ ।୧୭। ବାଞ୍ଛାରୁ ଉତ୍ପତ୍ତି ବାଞ୍ଛାବତୀ ନାମ ଦେଇ । ଖେଳେ ବଳାଇଲେ ମତି ଦୁହେଁ ବସି ଅଛନ୍ତି ଯେ ।୧୮। ଏ ସମୟେ ଶୁଭିଲା ଡମ୍ବରୁ ଘୋର ନାଦ । ପାର୍ବତୀ ମନରେ ଜାତ ଏମନ୍ତ ବିଷାଦ ଯେ ।୧୯। ହର ନେତ୍ରଗତ ଯେବେ ହେବ ଏ ଶୋଭାଙ୍ଗୀ । ଯିବ ସିନା ମୋହର ସୁଭାଗ୍ୟପଣ ଭାଙ୍ଗି ଯେ ।୨୦। ବିଷବୃକ୍ଷ ସ୍ଥାପି ନାଶ କରିବାର ଦୋଷ । ଏ ସଂସାରେ ଆମ୍ଭ ଖେଳଘରର ସଦୃଶ ଯେ ।୨୧। କଛୁକାଳ ଅଗମ୍ୟ ଅରଣ୍ୟେ ଏଣ୍ଟି ଥାଉ । ଜନ୍ମାନ୍ତେ ପୁରୁଷ ସଙ୍ଗ ବିଳାସକୁ ପାଉ ଯେ ।୨୨।

---

୧୬। ଜଗତଜନନୀ-ସଂସାରର ମା । ମନୋରଥ-ଇଚ୍ଛା । ବ୍ୟର୍ଥ-ଅକାରଣ ।
ଯେ ସଂସାରର ମାତା ସେ ଯେତେବେଳେ ଇଚ୍ଛା କଲେ, କାହିଁକି ବା ତାହା ଅକାରଣ ହେବ, ହେଲା ।

୧୭। ପ୍ରଶଂସିବା-ପ୍ରଶଂସା କରିବା । ଶାମ୍ବୁକୁଁ-ଶାମୁକାରୁ ।
ଯେଉଁ କନ୍ୟା ଦୁର୍ଗାଙ୍କ କଳନାରୁ ଜନ୍ମ ତାଙ୍କୁ ବା କଣ ପ୍ରଶଂସା କରିବା ? ଶାମୁକାରୁ ଯେପରି ମୁକ୍ତା ଜାତ ହୋଇ ଉଜ୍ଜ୍ୱଳତା କାରଣରୁ ଆଦର ପାଇଥାଏ, ସେହିପରି ଦୁର୍ଗାଙ୍କଠାରୁ ଜନ୍ମ ହୋଇ ଦୁର୍ଗାଙ୍କୁ ବଳିଗଲା ।

୧୮। ବାଞ୍ଛାରୁ-ମନର କଳନାରୁ । ଉତ୍ପତ୍ତି-ଜନ୍ମ । ବାଞ୍ଛାବତୀ-ଇଚ୍ଛାବତୀ । ମତି-ମନ ।
ଦୁର୍ଗାଙ୍କ କଳନାରୁ ଜନ୍ମ ହେବା କାରଣୁଁ ନାମ ବାଞ୍ଛାବତୀ । ଦୁହେଁ ଖେଳ ବସିଲେ ।

୧୯। ଘୋର ଭୟଙ୍କର । ନାଦ-ଶବ୍ଦ । ବିଷାଦ-ଦୁଃଖ ।
ପଶା ଖେଳିବା ସମୟରେ ଶିବଙ୍କ ଡମ୍ବରୁର ଭୟଙ୍କର ଶବ୍ଦ ଶୁଣିବାରୁ ପାର୍ବତୀଙ୍କ ମନରେ ଦୁଃଖ ଜାତ ହେଲା ।

୨୦। ହର-ଶିବ । ନେତ୍ରଗତ-ଆଖି ଆଗରେ । ଶୋଭାଙ୍ଗୀ-ସୁନ୍ଦରୀ । ସୁଭାଗ୍ୟପଣ-ସୁହାଗୀପଣ, ଆଦର କରିବା ଭାବ, ସୁଖପଣିଆ ।
ଯେବେ ଏ ସୁନ୍ଦରୀ ଶିବଙ୍କର ଆଖି ଆଗରେ ପଡ଼ିବ, ସେତେବେଳେ ମୋର ଆଉ ସୁହାଗପଣିଆ ରହିବ ନାହିଁ, ତାହା ଭାଙ୍ଗିଯିବ ।

୨୧। ବିଷବୃକ୍ଷ-ମାରାତ୍ମକ ଗଛ । ସ୍ଥାପି-ରୋପଣ କରି ।

୨୨। ଅଗମ୍ୟ-ଯେଉଁଠିକି କେହି ଗମନ କରିପାରେ ନାହିଁ, ସଞ୍ଚାରର ଅଯୋଗ୍ୟ, ନିବିଡ଼ । ଜନ୍ମାନ୍ତେ-ଅନ୍ୟ ଜନ୍ମରେ । ପୁରୁଷ ସଙ୍ଗ-ପୁରୁଷର ସଂସର୍ଗ ବା ସହବାସ । ବିଳାସ-ସୁଖ ସମ୍ଭୋଗ ।
ବିଷବୃକ୍ଷକୁ ରୋପଣ କରିବା ଯେଉଁ ଦୋଷାବହ, ଆମର ଏ ଖେଳଘର ସେହିପରି ହେଲା । ଏ କନ୍ୟା ସହବାସର ଅଯୋଗ୍ୟ, ତେଣୁ ଏ କିଛି ସମୟ ବନସ୍ତ ଭିତରେ ଥାଇ ପରେ ଅନ୍ୟ ଜନ୍ମରେ ପୁରୁଷ ସହବାସ ଜନିତ କେଳି ସୁଖ ଉପଭୋଗ କରୁ ।

ବଣଦେବୀ ଜଣକୁ ଏକାନ୍ତ ଆଜ୍ଞାଦେଲେ । ସେ ନେଇ ଘୋର କାନନେ ପୂରେଇକ ଭଣିଲେ ଯେ । ୨୩ । ତହିଁ ରକ୍ଷି କହିଲେ ଲଙ୍ଘିବୁ ଯେବେ ହାଭ । କହୁ କାଳେ ପ୍ରାଣହତ ହୋଇବ ତୋହର ଯେ । ୨୪ । ଯେବଣ ପୁରୁଷ କର ଗ୍ରହଣ କରିବ । ଆନ ଜନ୍ମ ପ୍ରାପତରେ ସେ ପତି ହୋଇବ ଯେ । ୨୫ । ଏତେ କହି ସେ ଦେବୀ ହୋଇଲା ତିରୋହିତ । ଗହନରେ ବାଞ୍ଛାବତୀ ଦୈବ୍ୟପୁରେ ସ୍ଥିତ ଯେ । ୨୬ । ଏମନ୍ତରେ ଗଲା ତହିଁ କେତେ ସମ୍ବତ୍ସର । ପ୍ରଭାକର ନାମେ ଏକ କ୍ଷତ୍ରିୟ କୁମାର ଯେ । ୨୭ । ତପ ତା ଅକଥନୀୟ ଦୈବ୍ୟନାରୀ ବ୍ରତେ । ପଞ୍ଚାଗ୍ନି ସ୍ଥାପନ କରେ ତପଋତୁ ମଧ୍ୟେ ଯେ । ୨୮ । ପ୍ରାବୃଟ କାଳରେ ଗୃହ'ଦରକୁ ନ ଯାଇ । ଝଞ୍ଜା-ବାତ ଜଳାଘାତ । କରକା ସହଇ ଯେ । ୨୯ । ଶୀତେ ଜଳଶାୟୀ ଭୂମିଶଯ୍ୟା ବସ୍ତ୍ରହୀନ । ମୃତ୍ତିକା ଶଙ୍କର ପୂଜା କରେ ପ୍ରତିଦିନ ଯେ । ୩୦ । ସେ ସୁକୃତଶକ୍ତି ଆସି ଠୂଳ ହୋଇ ତାର । କେଦ ରେଶ୍ୱର ଦର୍ଶନ କଲା ବଳାତ୍କାର ହେ ।୩୧।

---

୨୩ । ଜଣେ ବଣଦେବୀଙ୍କୁ ଏହିପରି ଆଦେଶ ଦେଲେ, ସେ ଭୟଙ୍କର ଅରଣ୍ୟ ମଧ୍ୟରେ ଘର ତିଆରି କରି କନ୍ୟାକୁ ନେଇ ରଖିବାକୁ ଗଲେ ।

୨୪ । ସେହି ସ୍ଥାନରେ ସେ କନ୍ୟାକୁ ରଖି କହିଲେ, ଯେବେ ଏ ଦୁଆର ମୁହଁକୁ ଡେଇଁବୁ ତାହାହେଲେ ଅଳ୍ପ ସମୟ ମଧ୍ୟରେ ତୋର ଜୀବନ ନଷ୍ଟ ହୋଇଯିବ ।

୨୫ । ଯେଉଁ ପୁରୁଷ ତୋର ହାତ ଧରିବ ଅର୍ଥାତ୍ ବିବାହ ହେବ ସେ ଏ ଜନ୍ମରେ ନୁହେଁ ଅନ୍ୟ ଜନ୍ମରେ ଅନ୍ୟ ଶରୀର ଲାଭକରି ତୋର ସ୍ୱାମୀ ହେବ ।

୨୬ । ଏହି କଥା ସେ ବନଦେବୀ କହି ଅନ୍ତର୍ଦ୍ଧାନ ହୋଇଗଲେ । ସେହି ଦୁର୍ଗମ ଅରଣ୍ୟ ମଧ୍ୟରେ ତିଆରି ହୋଇଥିବା କୃତ୍ରିମ ଗୃହରେ ବାଞ୍ଛାବତୀ ରହିଲେ ।

୨୭ । ଏହିପରି କେତୋଟି (ସମ୍ବତ୍ସର) ବର୍ଷ ଗଲା ପରେ ପ୍ରଭାକର ନାମକ ଜଣେ କ୍ଷତ୍ରିୟ ପୁତ୍ର ବା ରାଜପୁତ୍ର ......

୨୮ । ତପ-ବ୍ରହ୍ମଚର୍ଯ୍ୟାଦି ବ୍ରତ । ଅକଥନୀୟ-କଥାରେ କହି ହେଉନାହିଁ । ଦୈବ୍ୟନାରୀ-ସୁନ୍ଦର ଲକ୍ଷଣ ଥିବା ସ୍ତ୍ରୀ । ବ୍ରତେ-ବ୍ରତାକରି, ଇଚ୍ଛାକରି । ପଞ୍ଚାଗ୍ନି-ପଞ୍ଚ ମହାଅଗ୍ନି । ସ୍ଥାପନ-ଆରମ୍ଭ । ତପଋତୁ-ଗ୍ରୀଷ୍ମ ଋତୁ, କଷ୍ଟଦାୟକ ଋତୁ ।

୨୯ । ପ୍ରାବୃଟ କାଳରେ-ବର୍ଷା ସମୟରେ, ବର୍ଷା ଦିନରେ । ଗୃହୋଦରକୁ-ଘର ଭିତରକୁ । ଝଞ୍ଜାବାତ-ତୋଫାନ । କରକା-କୁଆପଥର । ଜଳାଘାତ-ପାଣି ମାଡ଼ ।

୩୦ । ଶୀତେ-ଶୀତ କାଳରେ । ଜଳଶାୟୀ-ପାଣି ଭିତରେ ପଡ଼ି । ଭୂମିଶଯ୍ୟା-ଭୂଇଁରେ ଶୋଇବା, ମାଟି ଶେଯ । ମୃତ୍ତିକା ଶଙ୍କର-ମାଟି ତିଆରି ମହାଦେବ, ବାଲୁକା ।

୩୧ । ସୁକୃତ ଶକ୍ତି-ପୁଣ୍ୟସମୂହ । ଠୂଳ-ଏକାଠି, ଏକତ୍ରିତ । କେଦାରେଶ୍ୱର-ମହାଦେବ । ଦର୍ଶନେ-ଦେଖିବାରେ । ବଳାତ୍କାର-ବଳ ପ୍ରୟୋଗ, (ମନ ଉଚ୍ଛନ) ।

ଯାଉଁ ଯାଉଁ ସେ ଅଗମ୍ୟ ଅରଣ୍ୟେ ମିଳିଲା । ରତ୍ନମୟ ପୁର ଦୃଷ୍ଟି ଚିତ୍ତରେ ଭଳିଲା ସେ । ୩୨ । କିନ୍ନରୀ କିନ୍ନର ବା କାହା'ର ଏଥି ସ୍ଥିତି । ଦେଖିବା ବସ୍ତୁରୁଁ ଦେଖେ ପ୍ରାଙ୍ଗଣେ ଯୁବତୀ ସେ । ୩୩ । ଚନ୍ଦ୍ରକୁ ନିନ୍ଦା କରୁଛି ମୁଖହାସ କାନ୍ତି । ସାରଙ୍ଗକୁ ନିନ୍ଦୁଛି ନୟନ ଭୁରୁପନ୍ତି ଯେ । ୩୪ । ନାସା ଓଷ୍ଠ ମଧ୍ୟ ନିନ୍ଦେ ତରୁଣ ହରିକ । ଅପବାଦ ଅପସର ଲକ୍ଷ୍ୟ ସେ ନାସିକ ଯେ ।୩୫। ଅମର ସମ୍ପତ୍ତି ଲଭ ବିଲୋଚନ ମାତ୍ରେ । ତାହା ରୂପ ପିତୁଳା ଲେଖନ ହେଲା ନେତ୍ରେ ତା ।୩୬। ସେ ପ୍ରେମମଞ୍ଜୁଷା ଶୋଭାପଞ୍ଜୁରୀ ହୋଇଲା । ପୁଂସ ନେତ୍ରେ ଖଞ୍ଜରୀଟ ଚଢ଼ିଁରେ ରହିଲା ଯେ । ୩୭ । ରାମ ଶବ୍ଦ ବହୁ ବଚନରେ କଲା ଜପ । ରମା ବିପରୀତ ସେହିକାଳେ ବହ୍ନି କୋପ ଯେ । ୩୮ । ଶରୀରମଧ୍ୟ ଲୋପକୁ ଶରୀର ମଧ୍ୟକୁ । ଯୋଖି ପ୍ରହାରିଲା ବିସ୍ମରଣ

---

୩୨ । ମହାଦେବଙ୍କୁ ଦେଖିବାକୁ ଯାଇ ଯାଇଁ ଘୋର ଅରଣ୍ୟ ଭିତରେ ପହଞ୍ଚି ରତ୍ନଶୋଭିତ ଥିଲା ପୁରକୁ ଦେଖି ମନରେ ଭାବିବାକୁ ଲାଗିଲା ।

୩୩ । କିନ୍ନର କିନ୍ନରୀ (ସ୍ୱର୍ଗର ଗାୟକ ଗାୟିକା) ବା ଆଉ କିଏ ଏଠାରେ ଅଛି ଦେଖିବା ଭଳି ଦେଖିଲା ଯେ ପ୍ରାଙ୍ଗଣରେ (ଅଗଣାରେ) ଗୋଟିଏ ସୁନ୍ଦରୀ ଯୁବତୀଟିଏ ।

୩୪ । ସାରଙ୍ଗ-ଜ୍ୟୋତି, ପଦ୍ମ, ହରିଣ, ହସ୍ତୀ, ସିଂହ, ରାଜହଂସ, କୋକିଳ, ଭ୍ରମର, ଧନୁ, ଖଞ୍ଜନପକ୍ଷୀ, କାମଦେବ ।

୩୫ । ହରି-ଚନ୍ଦ୍ର, ସୂର୍ଯ୍ୟ, ବାନର, ସିଂହ, ଶୁକପକ୍ଷୀ ନାସା-ନାକ । ଓଷ୍ଠ-ଓଠ । ତରୁଣ-ଅପରିଣତ ବା ଅଳ୍ପ ବୟସ, ସଂପୂର୍ଣ୍ଣ ଶରୀର ବିକଶିତ ଅବସ୍ଥା । ଅପବାଦ-ଦୁର୍ଣ୍ଣ । ଅପସର-ଦୂର, ପଳାଇ ବା ହଟି ଯାଇଛି । ଲକ୍ଷ୍ୟ-ଲକ୍ଷଣୀୟ, ଦେଖା ଯାଉଛି ।

୩୬ । ଅମର ସମ୍ପତ୍ତି-ସ୍ୱର୍ଗ ସମ୍ପତ୍ତି, ସ୍ୱର୍ଗୀୟ ସୁଖ, ନଷ୍ଟ ନ ହୋଇଥିବା ଐଶ୍ୱର୍ଯ୍ୟ ବା ବିଭବ । ବିଲୋଚନ ମାତ୍ରେ-ଦେଖିବାକ୍ଷଣି । ବିଲୋଚନ-ଇନ୍ଦ୍ର ।

୩୭ । ପ୍ରେମମଞ୍ଜୁଷା-ପ୍ରେମର କଲଡା । ପଞ୍ଜୁରୀ-ପିଞ୍ଜରା । ପୁଂସ-ପୁରୁଷ । ଖଞ୍ଜରୀଟ-ଖଞ୍ଜନ ପକ୍ଷୀ ।

୩୮ । ପୁରୁଷ, ରାମର ବହୁବଚନ ଶବ୍ଦ ରାମା ଅର୍ଥାତ୍ ସ୍ତ୍ରୀ ବା ପ୍ରିୟା ଶବ୍ଦକୁ ବାରମ୍ବାର ଉଚ୍ଚାରଣ କଲା, ଏହି ସମୟରେ 'ରମା'ର ବିପରୀତ (ଓଲଟା) ମାର ବା କନ୍ଦର୍ପ (କୋପ) ଜ୍ୱାଳା ଆରମ୍ଭ ହେଲା ।

୩୯ । ଶରୀର ମଧ୍ୟ ଲୋପକୁ—ଶରୀର ପଦ ମଝିରେ ଥିବା ରୀ ଅକ୍ଷରକୁ ନଷ୍ଟ କରିଦେଲେ ହେଲା ଶର ଅର୍ଥାତ୍ କନ୍ଦର୍ପ ବାଣ ବା ପ୍ରଜା ଉଆଣ କରିବାର ମୂଳେନ୍ଦ୍ରିୟ । ଶରୀର ମଧ୍ୟକୁ-ଦେହ ଭିତରକୁ, ଦେହର ମଧ୍ୟମ ଭାଗ । ଯୋଖି-ଯୋଡ଼ି ବା ମିଶାଇବାକୁ । ପ୍ରହାରିଲା-ଆଘାତ (ବିଦ୍ଧ) କଲା ।

ତା ବଧିଲୁ ଯେ ।୩୯। ତାକୁ ସ୍ତୁତି କଲୁ ତୋ ନାରୀରେ ଇଚ୍ଛା ମୋର । ଭାବ କି
ହେଉଛ ପର ଏ ଆନ ପ୍ରକାରେ ଯେ ।୪୦। ଜାଣ ନାହିଁ ଅଭିମାନ ବିଧାନମାନଙ୍କୁ ।
କତନ୍ତ ବିଧି ଚନ୍ଦ୍ରମା ବସ୍ତ୍ର କର୍ପୂରକୁ ଯେ ।୪୧। ଏ କାଳରେ ପୁଂସଠାରେ
ବାମା ଦୃଷ୍ଟିପାତ । ଜନ୍ମ ଅନ୍ଧ ନୟନକୁ ଲଭିଲେ ଯେମନ୍ତ ଯେ ।୪୨। ମନମଥ
ମଥନେ ଥରିଲା ହେଲା ଜାନୁ । କଦମ୍ବକୋରକ ଶୋଭା ଲୁଟି କଲା ତନୁ ଯେ ।୪୩।
ନେହ ବଡ଼ଶୀରେ ସେ ଧଡ଼ସି ଅନୁରାଗେ । ପୁରୁଷ ମନ ମୀନକୁ ଧରି ନେଲା
ବେଗେ ଯେ ।୪୪। ସେକାଳେ ସୁବେଣୀମଣି ଧୀବର ହୋଇଲା । ଉରଜ
କୁବେଣୀ ସନ୍ନିକଟରେ ପକାଇଲା ଯେ ।୪୫। ସେ ସମୟେ ପୁରୁଷ କହିଲା ଯୋଡ଼ି

---

୪୦ । ପୁରୁଷ ନାରୀକୁ ସ୍ତୁତ (ପ୍ରଶଂସା, ଗୁଣଗାନ, ଭଜନ) କରି କହିଲା ତୋ ଭଳି ସ୍ତ୍ରୀଠାରେ ମୋର ଇଚ୍ଛା ଅର୍ଥାତ୍ ତୁମ୍ଭଙ୍କୁ ସ୍ତ୍ରୀ କରିବା ପାଇଁ ମୁଁ ଇଚ୍ଛା କରୁଛି, ତୁମ୍ଭେ ଅନ୍ୟ ପ୍ରକାରେ ମୁଁ ପର ବୋଲି ମନରେ ଭାବୁଛ କି ?

୪୧ । ଅଭିମାନ-ପ୍ରିୟଜନ ସହିତ ଗର୍ବ ମନୋମାଳିନ୍ୟ । ବିଧାନ-କ୍ରମ ।

ଯାହା କି ତମା ପୁରୁଷରେ ବିଶେଷ ଭାବରେ ବ୍ୟବହାର ହୋଇଥାଏ ସେହି କ୍ରମକୁ ଜାଣ ନାହିଁ । ଯାହାକି ଚନ୍ଦ୍ରଠାରୁ ଶୋଭାଯୁକ୍ତ, କର୍ପୂରଠୁଁ ସୁବାସିତ ଓ ବସ୍ତ୍ରଠାରୁ ଗମ୍ଭୀର ଅଟେ, ତୁମ୍ଭେ ସେହି ।

୪୨ । ବାମା-ସ୍ତ୍ରୀ । ଦୃଷ୍ଟିପାତ-ଆଖି ପଡ଼ିବା, ଦେଖିବା ।

୪୩ । ମନମଥ-କନ୍ଦର୍ପ । ମଥନେ-ମନ୍ଥିବାରେ, ଦହିବାରେ, ଦଳିବାରେ । ଜାନୁ-ଜଙ୍ଘ । କଦମ୍ବ କୋରକ-କଦମ୍ବ ଫୁଲର କଢ଼ ।

କନ୍ଦର୍ପ ହାତରେ ସ୍ତ୍ରୀର ଜଙ୍ଘ ଥରି ଉଠିବାରୁ ଦେହର ରୋମସବୁ ଠାକ୍କୁର ଉଠି କଦମ୍ବ କଢ଼ର ଶୋଭାକୁ ନଷ୍ଟ କଲାପରି ଦେହ ଦେଖାଗଲା ।

୪୪ । ବଡ଼ଶୀ-ବନ୍ସୀ । ଧଡ଼ସି-ଶୀଘ୍ର । ଅନୁରାଗ-ସ୍ନେହ ।

କାମରେ ଅନୁରାଗ ହେବାରୁ ଆଖି ରୂପକ ବନ୍ସୀରେ ପୁରୁଷର ମନ ରୂପକ ମାଛକୁ ଚଞ୍ଚଳ ଧରିନେଲା ବା ଟାଣି ଆଣିଲା ।

୪୫ । ମଣି-ମଣାଇବା ବା ଆକୃଷ୍ଟ କରିବା ପାଇଁ । ସୁବେଣୀ-ସୁନ୍ଦର କେଶପାଶ । ଧୀବର-କେଉଟ । ଉରଜ-ସ୍ତନ । କୁବେଣୀ-ମାଛ ରଖିବା ଖାଲୋଇ । ସନ୍ନିକଟ-ଫରୁଆ ।

ପୁରୁଷର ମନରୂପକ ମୀନକୁ ଆକୃଷ୍ଟ କରିବା ପାଇଁ ସେ ସମୟରେ ସ୍ତ୍ରୀର ଶୋଭାପୂର୍ଣ୍ଣ ବେଣୀ ଧୀବର ହେଲା, ପୁଣି ତା ସ୍ତନରେ ଅଳ ଭାବରେ ଥିବା ଫରୁଆ ରୂପକ ଖାଲୋଇରେ ପୁରୁଷର ମନକୁ ପକାଇଲା ବା ଆକର୍ଷିତ କରିଲା ।

କର । ହେ ରସ ଉଦୟା ସୁହୃଦୟା ଦୟା କର ହେ । ୪୬ । ତପତ ତପନୀୟାଙ୍ଗୀ ତପଫଳ ମୋର । ଭ୍ରୂହସିତ ଇଷିତେ ସଫଳ କରି କର ଯେ । ୪୭ । ଅତି ଦୀନ କ୍ଷୀଣ ସ୍ୱିନ୍ନ ମୁଁ ମଦନ ଶରେ । ରକ୍ଷା କର କକ୍ଷ କରି କୁଟିଳାକ୍ଷୀ କାରେ । ୪୮ । ଏ ବଚନେ ସୀତ୍କାର କଣ୍ଠାଗ୍ରେ ଅଣିଲ୍ଲ । ରସିକା ଭଜିଲା ଭାବ ରସିକ ଯେ । ୪୯ । ଏକେ ତ ଏକାନ୍ତ କୁଞ୍ଜେ ତରୁଣ ତରୁଣୀ । ଭେଟ ଯାହା ଲୋଡ଼ୁଥାଇ ଫୁଲ ଧନୁ-ପାଣି ଯେ । ୫୦ । ପଞ୍ଚବର୍ଣ୍ଣିଙ୍କୁ କେତେ ଲକ୍ଷ ଅବା କଳା । ଭଲ ଲକ୍ଷ୍ୟ ନାଗର

---

୪୬ । ରସ ଉଦୟା-ଯାହାଙ୍କ ଠାରେ ଶୃଙ୍ଗାର ଲକ୍ଷଣ ସଂପୂର୍ଣ୍ଣ ପ୍ରକାଶିତ ହୋଇଛି, ଯାହାଙ୍କୁ ଦେଖିଲେ ଶୃଙ୍ଗାର ଭାବ ଆରମ୍ଭ ହୁଏ । ସୁହୃଦୟା-ଉଦାରଚିତ୍ତା, ବାନ୍ଧବୀ । ଏ ସମୟରେ ପୁରୁଷ ହାତ ଯୋଡ଼ି କହିଲା—ହେ ଉଦାରଚିତ୍ତା ରସର ଆବିର୍ଭାବ ମୂର୍ତ୍ତି ମୋର ଦୁଃଖ ହରଣ କରିବାକୁ ଅନୁଗ୍ରହ କର ।

୪୭ । ତପତ-ତାପଯୁକ୍ତ, ଗରମ । ତପନୀୟାଙ୍ଗୀ-ସୁବର୍ଣ୍ଣ ସଦୃଶ ଝଟକୁଥିବା ଶରୀର । ତପଫଳ-ବ୍ରହ୍ମଚର୍ଯ୍ୟାଦି ବ୍ରତ ପାଳନର କଷ୍ଟଦାୟକ ଫଳ । ଭ୍ରୂହସିତେ-ଦରହାସରେ । ଇଷିତେ-ଅଳ୍ପ ହସି । ସଫଳ-ଫଳଯୁକ୍ତ, ପୂର୍ଣ୍ଣହୁ ।

ହେ ଦହନ ସ୍ୱର୍ଣ୍ଣବର୍ଣ୍ଣ ତୁଲ୍ୟ ଉଜ୍ଜ୍ୱଳ ଦେହୀ, ମୋର ତପଫଳ ଯୋଗୁଁ ତୋ ସଙ୍ଗେ ଭେଟ ହେଲା । ଟିକେ ଦରହାସ ପ୍ରକାଶ କରି ମୋର ମନକାମନା ପୂର୍ଣ୍ଣ କର ।

୪୮ । ଅତିଦୀନ-ଅଶେଷ ଦୁଃଖିତ । କ୍ଷୀଣ-କ୍ଷୟିତ । ସ୍ୱିନ୍ନ-ଜାତ । କକ୍ଷ-ପ୍ରତିଯୋଗିତା ବସ୍ତ୍ରାଞ୍ଚଳ, ବାହୁମୂଳ ପାର୍ଶ୍ୱ । କୁଟିଳାକ୍ଷୀ-ବକ୍ର ନେତ୍ରୀ ।

ମୁଁ କାମ ଶରଘାତ ଯୋଗୁଁ ବିଶେଷ ଭାବରେ ଦୁଃଖିତ ଏବଂ କ୍ଷୟିତ ମଧ୍ୟ । ଏହି କାରଣରୁ ମୁଁ ତୋ ପାଖରେ ଜାତ ବା ଶ୍ଲେଷ ହୋଇଛି । ହେ ବକ୍ରନେତ୍ରୀ, ଅତେବ ମଦନ ଶରର ପ୍ରତିଯୋଗିତା ପାଇଁ ଅଥବା କାମ କୋପରୁ ରକ୍ଷାକରିବା ପାଇଁ ତୋ ବାହୁମୂଳ ପାର୍ଶ୍ୱରେ ମୋତେ ଆଶ୍ରୟ ଦେ ।

୪୯ । ସୀତ୍କାର-ସମ୍ମତ, ସ୍ୱର । କଣ୍ଠାଗ୍ରେ-ନେତ୍ର ଛଟାରେ । ଭାବ-ମନର ଅବସ୍ଥା । ଭଜିଲା-ମନେ ମନେ ଚିନ୍ତା କରୁଥିଲା । ରସିକ-ଶୃଙ୍ଗାରରସ ଜାଣିଥିବା ପୁରୁଷ । ପୁରୁଷ କହିବା ଦ୍ୱାରା ରସିକା ସ୍ତ୍ରୀ ମନେ ମନେ କଣ ଚିନ୍ତା କରୁଥିଲା, ତା ମନର ଅବସ୍ଥା କଣ ଏହିକଥା ରସିକାର ନେତ୍ରଛଟା ଚାହାଣିରୁ ବୁଝିଥିବା ଲକ୍ଷଣ ରସଜ୍ଞ ପୁରୁଷ ଜାଣିଲା ।

୫୦ । ଏକେ ତ-ପ୍ରଥମତଃ ଏକାନ୍ତ-ନିରୋଳା । କୁଞ୍ଜେ-ଲତାଗୃହରେ । ତରୁଣ ତରୁଣୀ-ଟୋକା ଟୋକୀ । ଭେଟ-ଦେଖା । ଫୁଲ-ଧନୁପାଣି-କନ୍ଦର୍ପ ବାଣଧାରୀ ବୀର । ଲୋଡ଼ୁଥାଇ-ଖୋଜୁଥାଇ ।

ନାଗରୀ ହୃଦେ ହେଲା । ୫୧ । ପୂର୍ଣ୍ଣ ଯୌବନ ଲଭିବାକୁ କୃଶକଟୀ । ସ୍ଵକବକ୍ଷ ମନେ କରି ଅଇଲା ପାଶ୍ଚେଟି । ୫୨ । ଯୁବା ଦେହ ବହି ଏ ଉତ୍ସବୁଁ ବଡ଼ କରି । ଉତ୍ସବ ଭୋଗ ବାଞ୍ଛିଲେ କେ କହୁ ଉତ୍ତର । ୫୩ । ଦଇବେ ଦେହଳୀ ବଳି ତ୍ରିବଳୀ ଶୋଭିତା । ଆଲିଙ୍ଗନ କଲା ପୁଂସ ହୋଇଣ ଲୋଭିତା । ୫୪ । ଚୁମ୍ବିବାବେଳକୁ ମୁଖଶ୍ରୀକ ତାହାର । ଶ୍ୱାସହୀନ ହୋଇ ତା ରହିଲା କଳେବର । ୫୫ । ବୃଦ୍ଧି ତରୁଣ ଅରୁଣ ଓଷ୍ଠୀର ଏ ଅବସ୍ଥା । ବଦନ ପବନ କେତେ ଦଉ କଲା ଶ୍ରାନ୍ତ ସେ । ୫୬ । ଲୋଚନ ଜଳରେ ଆଗ ଧୋଇ ଦେଲା ମୁଖ । ବୋଇଲା ମୁଁ

୫୧ । ପଞ୍ଚବାଣ ଶରକୁ-କାମ ଶରକୁ । ଲକ୍ଷ୍ୟ-ଦୃଷ୍ଟି । ନାଗର-ରସିକ, ପ୍ରେମିକ ।
ରସିକା, ରସିକର କାମଶରକୁ ଲକ୍ଷ୍ୟସ୍ଥଳରେ ଦୃଷ୍ଟିପାତ କଲା । ଏହାପରେ ରସିକ ରସିକାଙ୍କ ହୃଦୟରେ ଦେଖାଦେଖି ହେବାର ଇଚ୍ଛା ହେଲା ।

୫୨ । କୃଶକଟୀ-ସରୁଅଣ୍ଟା । ସ୍ଵକବଣୀ-ଶୃଙ୍ଗାର ରସର ପ୍ରଦୀପ ରୂପକ ରମଣୀ । ପାଶ୍ଚେଟି-ସମ୍ମାନ ସହିତ ନେଇଯିବା ।

ପୁରୁଷଙ୍କ ସ୍ଵଭାବଜାତ ଶୃଙ୍ଗାର ରସର ସୁଖଲାଭ କରିବା ଇଚ୍ଛାରେ କ୍ଷୀଣଅଣ୍ଟା ରଙ୍ଗିଣୀ ରସିକା ସ୍ତ୍ରୀ ରସିକଙ୍କୁ ଆଦର ଅଭ୍ୟର୍ଥନା ସହ ନେଇଯିବାକୁ ଆଗେଇ ଆସିଲା ।

୫୩ । ଯୁବା ଦେହ ବହି-ପ୍ରାପ୍ତ ଯୌବନର ଶରୀର ଧାରଣ କରି । ଏ ଉତ୍ସବୁଁ-ଏ ପ୍ରକାର ଆନନ୍ଦଜନକ ଅନୁଷ୍ଠାନକୁ । ଉତ୍ସବ ଭୋଗ- ଆମୋଦ ଅନୁଭବ, ଇନ୍ଦ୍ରିୟସେବା-ଜନିତ ସୁଖ ।

୫୪ । ଦଇବେ-ଅଲୌକିକ ଭାବରେ, ହଠାତ୍ । ଦେହଳୀ-ଦୁଆର ବନ୍ଧ । ବଳି-ଡେଇଁଆଇ । ତ୍ରିବଳିଶୋଭିତା-ତ୍ରିବଳୀରେ ଶୋଭାଯୁକ୍ତ ହୋଇ । ( ପାଦଠାରୁ ଅଣ୍ଟା ପର୍ଯ୍ୟନ୍ତ ଗୋଟିଏ ଭଙ୍ଗୀ, ଅଣ୍ଟାଠାରୁ ବକ୍ଷ ଓ ବାହୁ ପର୍ଯ୍ୟନ୍ତ ଅନ୍ୟପ୍ରକାର ଭଙ୍ଗୀ ପୁଣି ମୁଣ୍ଡଭାଗ ଅଧିକ ଭଙ୍ଗୀ ) ଆଲିଙ୍ଗନ-କୋଳ କରି, କୁନ୍ଦେଇ ।

ତ୍ରିଭଙ୍ଗୀ ଠାଣିରେ ଠିଆ ହୋଇଥିବା ସୁନ୍ଦରୀ ଅଲୌକିକ ଭାବରେ ଦ୍ଵାରବନ୍ଧକୁ ଡେଇଁ ଆସି ପୁରୁଷକୁ ଲୋଭକର କୁନ୍ଦେଇ ପକାଇଲା ।

୫୫ । ପଦ୍ମରୂପକ ମୁଖରେ ପୁରୁଷ ଚୋକ ଦେବାବେଳେ ସ୍ତ୍ରୀର ସମସ୍ତ ଶରୀର ପ୍ରାଣନଥିବା ଭଳି ହୋଇଗଲା ଅର୍ଥାତ୍ ହଲଚଲ ନ ହୋଇ ମୂର୍ଚ୍ଛା ଭଳି ହୋଇଗଲା ।

୫୬ । ତରୁଣ-ଡେଣ୍ଡି ଆ ଟୋକା । ଅରୁଣ ଓଷ୍ଠୀ-ଉଦୟକାଳର ସୂର୍ଯ୍ୟପରି ଟହଟହ ଥିବା ଓଠୀର, (ରକ୍ତମାର୍ତ୍ତଣ୍ଡ) । ଶ୍ରାନ୍ତ-ଅବସ୍ଥା । ବଦନ ପବନ—ମୁହଁରେ ଫୁଙ୍କିବା ।
ସେହି ଟୋକା ଘଲ ଟହ ଟହ ଓଠର ଏ ଅବସ୍ଥା ଦେଖି ତା ଭାଗକୁ ଫୁଙ୍କିଲା ।

୫୭ । ଲୋଚନ ଜଳରେ ତ ଲୁହରେ ଆଗ ମୁହଁକୁ ଧୋଇ ଦେଲା ଅର୍ଥାତ୍ କାନ୍ଦ କାନ୍ଦ

ନ ମରି ଦେଖିଲି ଏତେ ଦୁଃଖ । ୫୭ । ଏ ସମୟେ ଶୁଭିଲା ଅମ୍ବରୁ ଏହି ବାଣୀ । ଗଙ୍ଗାସାଗର ସଙ୍ଗମେ ତ୍ୟାଗ ପୁଂସମଣି । ୫୮ । ଏ କଳତ୍ରକୁ ଲଭିବୁ ନୃପସୁତ ହୋଇ । ଅନଳରେ ନ ଦହ ସେଠାରେ ଯାଅ ଥୋଇ । ୫୯ । ଏ ବଚନେ ସନ୍ତାପକୁ କଲା ଶାନ୍ତ କଲା । ବଙ୍ଗଦେଶେ ଯାଇ ଗଙ୍ଗାସାଗରେ ତ୍ୟଜିଲା । ୬୦ । କର୍ଣ୍ଣାଟ ଦେଶରେ କାଞ୍ଚି ନାମେ ନଗ୍ର ସାର । ଶଶିଶେଖର ନାମରେ ତହିଁ ନରେଶ୍ୱର । ୬୧ । ଶଶିରେଖା ନାମେ ତାର ଯେ ପାଟମହିଷୀ । ପୁତ୍ରାର୍ଥେ ଅନେକ ବ୍ରତେ ତୋଷି କାଶୀବାସୀ । ୬୨ । ତା ଉଦର ଆକାଶରେ ପ୍ରକାଶ ହୋଇଲା । ଅକଳଙ୍କ କଳାନିଧି ପରାୟେ ଶୋହିଲା । ୬୩ । ଆହ୍ଲାଦେ ଚନ୍ଦ୍ରଭାନୁ ତେଜ ଭାବିକରି । ଚନ୍ଦ୍ରଭାନୁ ନାମ ଦେଲେ ବସୁଧ ଈଶ୍ୱର । ୬୪ । ବେଦ

---

ହୋଇ ମୁହଁରୁ ଲୁହକୁ ପୋଛି ପକାଇ କହିଲା—ମୁଁ ମରି ନ ଯାଇ ଯା ଏଭଳି ଦୁଃଖ ଦେଖିଲି ।

୫୮ । ଅମ୍ବରୁ-ଆକାଶରୁ, ଶୂନ୍ୟରୁ । ଗଙ୍ଗା ସାଗର ସଙ୍ଗମେ-ସମୁଦ୍ରରେ ଗଙ୍ଗା ମିଶିଥିବା ସ୍ଥାନରେ । 'ସଙ୍ଗମେ'-ମିଳନରେ, ସହବାସରେ । ତ୍ୟାଗ-ଜଳରୁ ଡେଇଁ । ଏହି ସମୟରେ ଶୂନ୍ୟରୁ ଏହିପରି କଥା ଶୁଣାଗଲା—ହେ ଶ୍ରେଷ୍ଠ ପୁରୁଷ, ତୁମେ ସାଗରରେ ଗଙ୍ଗା ମିଶିଥିବା ସ୍ଥାନରେ ଡେଇଁପଡ଼ି ବୁଡ଼ି ମର ।

୫୯ । କଳତ୍ର-ସ୍ତ୍ରୀ । ନୃପସୁତ-ରଜାପୁଅ । ଅନଳ-ନିଆଁ । ଦହ-ପୋଡ଼ । ତୁମେ ଏ ସ୍ତ୍ରୀକୁ ରଜାପୁଅ ହୋଇ ଲାଭ କରିବ, ତେଣୁ ଏ ସ୍ତ୍ରୀର ଶବକୁ ନିଆଁରେ ନ ପୋଡ଼ି ସେହିଠାରେ ଥୋଇଦେଇ ଯାଅ ।

୬୦ । ଯୁବକ ଏ କଥା ଶୁଣିବାରେ ଆପଣା ମନସ୍ତାପର ଉଦ୍‌ବେଗତାକୁ ସମ୍ଭାଳି ନେଇ ଏବଂ ଆତ୍ମହତ୍ୟା ଉଦ୍ଦେଶ୍ୟରେ ବଙ୍ଗଦେଶକୁ ଯାଇ ଗଙ୍ଗାସାଗରରେ ବୁଡ଼ି ମଲା ।

୬୧ । କର୍ଣ୍ଣାଟ-ପ୍ରାଚୀନ ଉତ୍କଳର ଦକ୍ଷିଣରେ ଥିବା ଦେଶ ଏବଂ ଦ୍ରାବିଡ଼ର ଉତ୍ତର ପଶ୍ଚିମସ୍ଥ ଦେଶ । କାଞ୍ଚି-(ଉତ୍କଳ ଇତିହାସର ପ୍ରସିଦ୍ଧ ନୃପତି ବୀର ପୁରୁଷୋତ୍ତମ ଦେବ ଏ ଦେଶକୁ ଯୁଦ୍ଧଦ୍ୱାରା ଜୟଲାଭ କରି କାଞ୍ଚି ରାଜାଙ୍କର ରୂପସୀ କନ୍ୟା ପଦ୍ମାବତୀକୁ ବିବାହ କରିଥିଲେ ।) ଏହା କର୍ଣ୍ଣାଟ ଦେଶର ଶ୍ରେଷ୍ଠ ସହର ।

୬୨ । କାଞ୍ଚିରାଜା ଶଶିଶେଖରଙ୍କର ପାଟରାଣୀ ଶଶିରେଖା ପୁଅ ପାଇବା ପାଇଁ ନାନାବିଧ ପୁଣ୍ୟକର୍ମ କରି ମହାଦେବଙ୍କୁ ସନ୍ତୋଷ କରୁଥିଲେ ।

୬୩ । ଉଦର-ପେଟ । ପ୍ରକାଶ-ପ୍ରକଟନ, ସ୍ପଷ୍ଟ । ଅକଳଙ୍କ-କଳଙ୍କହୀନ । କଳାନିଧି-ଚନ୍ଦ୍ର । ଶଶିରେଖା ପେଟରେ ହେବା ଜଣାଗଲା । ଯେପରି ଆକାଶରେ ନିର୍ମଳ ଚନ୍ଦ୍ର ସୁନ୍ଦର ଦିଶେ ସେହିପରି ଶଶିରେଖା ପେଟରେ ହେବା ଦେଖାଗଲା ।

୬୪ । ଆହ୍ଲାଦେ-ଆନନ୍ଦରେ । ଚନ୍ଦ୍ରଭାନୁ-ଚନ୍ଦ୍ର ଆଉ ସୂର୍ଯ୍ୟ । ତେଜ-ଦୀପ୍ତି, ପ୍ରଭାବ ।

ବେଦାନ୍ତେ ବିଧାତା ବ୍ୟାକରଣେ ହର । ସଙ୍ଗୀତରେ ନାରଦ ଶୃଙ୍ଗାର ଶାସ୍ତ୍ରେ ମାର । ୬୫ । କରିପଟେ ଗଣେଶ ଜ୍ୟୋତିଷେ ବୃହସ୍ପତି । ଅଶ୍ୱାରୋହେ ମିହିର ଭୈରବ ଗତି । ୬୬ । ଧନୁର୍ଦ୍ଧରେ ଅର୍ଜୁନ ଗଦାରେ ବୃକୋଦର । ଦାନରେ କର୍ଣ୍ଣ ମାନରେ କୁରୁ ଦଣ୍ଡଧର । ୬୭ । ବଳିଷ୍ଠରେ ବାଳୀ ଧାର୍ମିକରେ ଯୁଧିଷ୍ଠ[illegible] ସୁନ୍ଦର ପଣରେ ତାକୁ ସେହି ଦୃଷ୍ଟାନ୍ତ । ୬୮ । ମନ୍ତ୍ରୀ ଜ୍ୟୋତିଷ ସଧୀର ପୁ[illegible] କୁମର । ନାମ ଗୁଣନିଧି ବସନ୍ତକ ପୁରନ୍ଦର । ୬୯ । ରତ୍ନଧ୍ୱଜ ସଙ୍ଗତେ ଏ ଚାରି ମିତ୍ର ହୋଇ । ଶଶି ଏକ ଭିନ୍ନ ନୋହେ ଏହାଙ୍କ ସଙ୍ଗତ । ୭୦ । ହେ ରାମକୃଷ୍ଣ ସୁନ୍ଦର କଳାପ ମଦନ । ରାଧାପତି ରୁଚିହାସ ଅଘ ବିନାଶନ । ୭୧ । ଉପେନ୍ଦ୍ର ଭଞ୍ଜ ବୀରବର ମନୋରଥ । ଏ ଗୀତ ପୂର୍ଣ୍ଣ ହେବାରେ କର ଏହା ସାର୍ଥ ଯେ ।୭୨

—*—

୬୫ । ବେଦ-ଋକ୍ ଯଜୁ ସାମ ଅଥର୍ବ । ବେଦାନ୍ତ-ବେଦ ପ୍ରତିପାଦକ ଉପନିଷଦ । ବିଧାତା-ବ୍ରହ୍ମା, ବିଧାନ ପ୍ରଣୟନକାରୀ । ବ୍ୟାକରଣେ-ବ୍ୟାକରଣ ଶାସ୍ତ୍ରରେ । ହର-ଶିବ । ମାର-କନ୍ଦର୍ପ । ଶୃଙ୍ଗାର-ମୈଥୁନ ସମ୍ବନ୍ଧୀୟ ।

୬୬ । କରି ପଟରେ ଗଣେଶ, ଜ୍ୟୋତିଷ ଶାସ୍ତ୍ରରେ ବୃହସ୍ପତି, ଘୋଡ଼ା ଚଢ଼ିବାରେ ସୂର୍ଯ୍ୟ, ଗମନରେ ଭୈରବ ।

୬୭ । ଧନୁର୍ଦ୍ଧର ପଣରେ ଅର୍ଜୁନ, ଗଦା ଯୁଦ୍ଧରେ ଭୀମ, ଦାନ ପଣରେ କର୍ଣ୍ଣ, ଗର୍ବ ପଣରେ ଦୁର୍ଯ୍ୟୋଧନ ।

୬୮ । ବଳୁଆ ପଣରେ ବାଳୀ, ଧାର୍ମିକ ପଣରେ ଯୁଧିଷ୍ଠିର, (୬୫ ପଦରୁ ୬୮ ପଦ ଭିତରେ ଥିବା ନାମ ଗୁଣରେ ଚନ୍ଦ୍ରକାନ୍ତ ପରିପୂର୍ଣ୍ଣ ଏବଂ ସୁନ୍ଦର ପଣରେ ସଂସାରରେ କେହି ସମକକ୍ଷ ନ ଥିବାରୁ ନକଳ୍ପ ନକେ ତୁଳନାନ୍ତି !

୬୯ । ମନ୍ତ୍ରୀ, ପୁରୋହିତ, ଜ୍ୟୋତିଷ ଓ ଧନୀ । ଏମାନଙ୍କର ପୁଅଙ୍କ ନାମ ଗୁଣନିଧି, ବସନ୍ତକ, ପୁରନ୍ଦର ଓ

୭୦ । ରତ୍ନଧ୍ୱଜ । ଏ ଚାରି (ହିତ) ଉପକାରୀ ବନ୍ଧୁ ସାଙ୍ଗରେ ଚନ୍ଦ୍ରକାନ୍ତ ସାଙ୍ଗ । ଦିନ ରାତି ଏମାନଙ୍କ ସାଙ୍ଗରୁ ଅଲଗା ହୁଏ ନାହିଁ ।

୭୧ । କଳାପ-ସମୂହ, ମୟୂରପୁଚ୍ଛ । ମଦନ-କମନୀୟ କାମମୂର୍ତ୍ତି, ଶ୍ରୀକୃଷ୍ଣ । ରୁଚିହାସ-ସୁନ୍ଦର ହାସ୍ୟ । ଅଘ-ପାପ । ବିନାଶନ—ନଷ୍ଟକାରୀ ।
ହେ ସମସ୍ତ ସୁନ୍ଦରର ସୁନ୍ଦର ! ହେ ମୟୂରପୁଚ୍ଛଧାରୀ କାମ-କନ୍ଦର୍ପ ରୂପ ରାମକୃଷ୍ଣ ! ହେ ପାପ ନଷ୍ଟକାରୀ ସୁନ୍ଦରହାସ୍ୟ ରାଧାପତି !—

୭୨ । ଏହି ଗାନଯୋଗ୍ୟ କବିତା ପୂର୍ଣ୍ଣତା ହେବା ବେଳରେ ବୀରଶ୍ରେଷ୍ଠ ଉପେନ୍ଦ୍ର ଭଞ୍ଜଙ୍କ ମନକାମନାକୁ ସଫଳ କରନ୍ତୁ ।

# ଦ୍ୱିତୀୟ ଛାନ୍ଦ

ରାଗ—ଓଁହ୍ୱମସ୍ତଶ୍ରୀ

( ଲାବଣ୍ୟବତୀର ଜନ୍ମ ବୃତ୍ତାନ୍ତ )

ଶୁଣ ହେ ସୁଜନେ ରସ କର୍ଣ୍ଣ ମନ ଦେଇ । ରତ୍ନାକର ମଧ୍ୟରେ ସିଂହଳ ଦ୍ୱୀପ ଶୋଭା ଯେ । ୧ । କନ୍ଦର୍ପ ନୋହେ ସେ କଟକ ଛଟକକୁ । ରତନ ଝଟକ ହସେ ଆନ କଟକକୁ । ୨ । ଅଛନ୍ତି ଧନଦ ସମ ଧନବନ୍ତ ମାନେ । କର୍ଣ୍ଣେ ଶୁଣାଅଛୁ ସମାନଙ୍କୁ ଏକା ଦାନେ ଯେ । ୩ । ଯେତେ କୋଟି ସୁବର୍ଣ୍ଣ ଯାହାକୁ ମିଳେ ଜର୍ଣ୍ଣେ । ତେତେ ଗୋଟି କଳଶ ସେ ମନ୍ଦିରେ ବସାଇ ଯେ । ୪ । ଗୋରୋଚନ ପ୍ରକାରେ ଯନ୍ତିରେ ମୃଗମଦ । ନିତ ଜୀର୍ଣ୍ଣ ବସନକୁ ତ୍ୟଜନ୍ତି ପୁଳନ୍ଦ

---

୧ । ରତ୍ନାକର-ସମୁଦ୍ର । ସିଂହଳଦ୍ୱୀପ-ଲଙ୍କା ।

୨ । କଟକ-ରାଜଧାନୀ । ଛଟକ-ସୌନ୍ଦର୍ଯ୍ୟ । ରତନ-ହୀରା ନୀଳା ମୋତି ମାଣିକ୍ୟାଦି ଶ୍ରେଷ୍ଠ ବସ୍ତୁ । ଝଟକ-ଦୀପ୍ତି, କାନ୍ତି, ଶୋଭା, ଉଜ୍ଜ୍ୱଳ । ଆନ କଟକ-ଅନ୍ୟ ରାଜଧାନୀ, ଅନ୍ୟ ଅର୍ଥରେ କଙ୍କଣ ବା ବଳୟ ।

୩ । ଧନଦ-ଧନଦାତା, କୁବେର । ଧନବନ୍ତ-ଐଶ୍ୱର୍ଯ୍ୟଶାଳୀ, ବଡ଼ଲୋକ । ଦୀନ-ଦୁଃଖୀ । ଧନ ଦାନ କରିବା ଭଳି ଐଶ୍ୱର୍ଯ୍ୟଶାଳୀ ଲୋକମାନେ ସେଠାରେ ଅଛନ୍ତି । ଦୁଃଖୀ ବୋଲି ଏ କଥା ସେଠାକାର ଲୋକେ କାନରେ ଶୁଣନ୍ତି, ମାତ୍ର ସେଠାରେ ଜଣେ ହେଲେ କେହି ଦୁଃଖୀ ନାହାନ୍ତି ବା ଦୁଃଖିତ ହୁଅନ୍ତି ।

୪ । କୋଟି-ଶହେଲକ୍ଷ । ସୁବର୍ଣ୍ଣ-ସୁନା । କଳଶ-କୁମ୍ଭ, ମାଠିଆ । ମନ୍ଦିରେ-ଘରେ । ସେଠାରେ ଯାହାକୁ ଯେତେ କୋଟି ସୁନା ମିଳେ, କୋଟିକରେ ଗୋଟିଏ ହିସାବରେ ସେମାନେ ଗୃହରେ କୁମ୍ଭ ବସାଇଥାନ୍ତି । ଏହି କୁମ୍ଭ ବସାଣରୁ ସେମାନଙ୍କର ସୁନା ପରିମାଣ ଜଣା ପାଇଥାଏ ।

୫ । ଗୋରୋଚନା-ଗୋ ମସ୍ତକ ଜର୍ଗତ ସୁବାସିତ ପୀତବର୍ଣ୍ଣ ଦ୍ରବ୍ୟବିଶେଷ । ମୃଗମଦ-କସ୍ତୁରୀ, କୃଷ୍ଣକାୟିସ୍ମୃ ମୃଗ ନାଭିରୁ ଯେଉଁ ଗୋଲକାର ଥଳୀ ବାହାରେ ତାହା ସୁଗନ୍ଧଯୁକ୍ତ କସ୍ତୁରୀ । ଜୀର୍ଣ୍ଣବସନ-ପୁରୁଣା ଲୁଗା । ପୁଳନ୍ଦ-କୋଳ, ବଣୁଆଜାତି ।

ସେଠାକାର ଲୋକେ ଗୋରୋଚନା ଭଳି କସ୍ତୁରୀ ବ୍ୟବହାର କରନ୍ତି । କୋଳାଦି ବଣୁଆଜାତିର ଲୋକମାନେ ମଧ୍ୟ ପ୍ରତ୍ୟହ ବଡ଼ଲୋକ ଭଳି ପୁରୁଣା ଲୁଗାକୁ ଫୋପାଡ଼ି ଦେଇ ନୂଆ ନୂଆ ଲୁଗା ପିନ୍ଧିଥାନ୍ତି ।

ଯେ । ୫ । କୁଙ୍କୁମ ଉତ୍କଟ ଭୂଷଣ ନାରୀ ଯହିଁ । ହରିଦ୍ରାରେ ଆଦର କରିବେ
କାହିଁପାଇଁ ସେ । ୬ । ମାର୍ଗ ମାର୍ଜନେ ରଜନୀକର ଆଣି ଯାଇ । ରଜନୀକର
ଆଣନ୍ତି ଶକଟରେ ବହି ଯେ । ୭ । ହରିତକୀ ପାଇଁ ତଆଁରିଲେ ବୈଦ୍ୟକୁଳ ।
ଖରବାହେ ଖରବେ ଅଣନ୍ତି ଜାତିଫଳ ଯେ ।୮। ଶବରୀ ଶବରୀ ଶେଷେ ଅରଣ୍ୟକୁ
ଯାଇ । ହରି-ବଦାରିତ-କରି ମୋତି ଦେଉଥାଇ ଯେ । ୯ । ବଦରୀ ଆଦରି ନେଇ
ସରୋବରରେ ଧୋଇ । ଖଇ ତା ନ ପିବ ବୋଲି ଆସନ୍ତି ପକାଇ ଯେ । ୧୦ ।
ଖଣ୍ଡପରଶୁ-ଧାରଣ ପୁର ପରିସରେ । ନ ଦହନ୍ତି ଶାମୁକ ମୁକୁତା ବହ୍ନିନରେ ଯେ ।

---

୬ । କୁଙ୍କୁମ-ଜାଫ୍ରାନକେଶର, ଗନ୍ଧଦ୍ରବ୍ୟ । ଉତ୍କଟ-ବୋଳ, ଲଗାଇ । ହରିଦ୍ରା-ହଳଦୀ । ସେ ସ୍ଥାନର ସ୍ତ୍ରୀଲୋକମାନେ ହଳଦୀ ଲଗାଇବା ଭଳି କୁଙ୍କୁମ ବୋଳି ହେଉଥିବାରୁ ଆଉ ହଳଦୀକୁ ଆଦର କରନ୍ତି ନାହିଁ ।

୭ । ମାର୍ଗ-ପଥ, ବାଟ । ମାର୍ଜନ-ପରିଷ୍କରଣ, ଶୋଧିତ । ରଜନୀକର-ଧୂଳିସ୍ୱଣି । ରଜନୀକର-କର୍ପୂର । ଶକଟ-ଶଗଡ଼ ।

୮ । ହରିତକୀ-ହରିଡ଼ା । ତଆଁରିଲେ-ଉହିଲେ । ଖରବାହେ-ବୋଝ ବୋହୁଥିବା ଶ୍ରମିକମାନେ, ଖଚ୍ଚରମାନେ । ଜାତିଫଳ-ଜାଇଫଳ ।

୯ । ଶବରୀ-ସବରୁଣୀ । ଶବରୀ-ବ୍ୟାଧ । ଅରଣ୍ୟ-ବନ । ହରି-ସିଂହ । ବଦାରିତ-ଜୋରପୂର୍ବକ ଖଣ୍ଡିତ ଅମ୍ବୁଦ ପକାଇଥିବା । କରି(ରୀ)-ଗଜ, ହାତୀ । କରି ମୋତି-ଗଜ ମୋତି ।

୧୦ । ବଦରୀ-ବରକୋଳି । ଆଦରି-ଆଦର ପୂର୍ବକ ଗ୍ରହଣକରି (ଗୋଟାଇ) । ସରୋବର-ପୋଖରୀ ।

(୯, ୧୦) ଶବରୀ ଗୁଡ଼ ଶେଷରେ ବଣକୁ ଯାଏ, ସିଂହ ପେଟିସବୁ ହାତୀକୁ ମାରୁଛନ୍ତି ଜୋରପୂର୍ବକ ମୁଣ୍ଡକୁ ଚିରିଥାଏ, ସେହିସବୁ ହାତୀ ମୁଣ୍ଡରୁ ମୋତି ପଡ଼ିଥାଏ । ଏହି ମୋତିକୁ ବରକୋଳି ଭାବି ଶବରୀ ଆଦରସହ ଗୋଟାଇ ଆଣି ପୋଖରୀରେ ଧୋଇକରି ଦେଖେ ଏହା ତା ଆଦରର ବରକୋଳି ନୁହେଁ କି ଏହା ସେଠାରେ ଖଇ ହେବ ନାହିଁ ବୋଲି ଭାବି ଫୋପାଡ଼ିଦିଏ ।

୧୧ । ଖଣ୍ଡପରଶୁ ଧାରଣ-ଏକଅଂଶ ଧାରହୀନ ଖଣ୍ଡିତ କୁଠାର, ପ୍ରାଚୀନ ଯୁଦ୍ଧ ଅସ୍ତ୍ର, ଏହାକୁ ଧାରଣ କରୁଥିବା ବ୍ୟକ୍ତି ଅର୍ଥାତ୍ ରାଜା, ମହାଦେବ । ପୁର-ନଗର, ଆଳୟ । ପରିସରେ-ପଡ଼ା ବା ସୀମିତ ଭିତରେ । ଦହନ୍ତି-ପୋଡ଼ନ୍ତି । ବହ୍ନିନରେ-ଅଗ୍ନିରେ । ସେଠାରେ ରାଜପୁର କନ୍ୟା ଶିବାଳୟକୁ ଧଉଳ କରିବା ଲାଗି ମୋତି ଅଗ୍ନିରେ ମଧ୍ୟ ଶାମୁକାକୁ ନ ପୋଡ଼ି ମୁକ୍ତା ପୋଡ଼ି ଚୂନରେ ପୁର ଧଉଳନ୍ତି ।

ଯେଉଁ ହେମ ରମଣୀୟ ରମ କରେ ହୋଇ । ସେ ଗ୍ରହଣୁ ବାରବାନେ ଦୃକପାତ ନାହିଁ ଯେ । ୧୨ । ଶିଶୁକାନ୍ତ ମେଧାବଣୀ ମଦନ ଶଳାକା । ଭକ୍ଷନ୍ତି ଲବଙ୍ଗ ନାଗବଲ୍ଲୀ ଦଳ ଏକା ଯେ । ୧୩ । ଏଣୁ କଣ୍ଠରୋଧ ବାଧାହୀନ ବଦ୍ୟତାନ । ଶିଖି ବସ୍ତୁ ଚରିତ କରନ୍ତି ଭୂମି ଗାନ ଯେ । ୧୪ । ଗଜ ହୟ ଉପଜୀବୀ ଭ୍ରମନ୍ତି କେଦାରେ । ମାରଗ ଜ୍ୟୋତକ କରି ଜବସ ମନରେ ଯେ । ୧୫ । ବାସକରେ ଗ୍ରହଣ କରନ୍ତି ଯହିଁ ମଚ୍ଛ । ଜବନ୍ତି ଏହି ପଥରେ ପଥରେକ ସ୍ୱଚ୍ଛ ଯେ । ୧୬ ।

---

୧୨ । ହେମ-ସୁନା । ରମଣୀୟ-ସୁନ୍ଦର । ରମ-ସ୍ପୃଷ୍ଟ ଧରଣର ଶିଳ୍ପକାମ, କାରୁଗଣପୂର୍ଣ୍ଣ କାମ । କରେ-ହାତରେ, କରନ୍ତି । ଗ୍ରହଣୁ-ନେବାକୁ । ବାରବାନେ-ଅଧ ସୁନାମାନ । ଦୃକପାତ-ଦୃଷ୍ଟିପାତ ।
ସେଠାରେ ସବୁଠି ସୁନ୍ଦର ଓ ଲୋଭନୀୟ ସୁନାର ସ୍ପୃଷ୍ଟ କାରୁକାର୍ଯ୍ୟଯୁକ୍ତ ଶିଳ୍ପକୁ ଲୋକେ ଆଦର କରନ୍ତି । ଅନ୍ୟ ସୁନାକୁ ଗ୍ରହଣ କରିବାପାଇଁ ଆଖି ପକାନ୍ତି ନାହିଁ ।

୧୩ । ମେଧାବଣୀ-ଯାହାର ମତିଗତି ଚଞ୍ଚଳ ହୋଇ ନଥାଏ ଏପରି ସ୍ଥିରଚିତ୍ତ । ମଦନ-କାମ । ଶଳାକା-ଅଙ୍କୁର । ଶିଶୁକାନ୍ତ-କମ୍ପୃଷ୍ଟ ହେବା କାଳରୁ । ନାଗବଲ୍ଲୀ-ପାନ । ମଦନଶଲାକା-ଶାରୀ ।
ଚଞ୍ଚଳ ବା ଛନ୍ଦ ଛଳ ନ ହେଉଥିବା ଶାରିକାର କାମ ଅଙ୍କୁର ଉତ୍ପନ୍ନ ହେବା ଦିନରୁ (ଏକା) କେବଳ ପାନ ଓ ଲବଙ୍ଗ ଖାଆନ୍ତି ।

୧୪ । କଣ୍ଠରୋଧ-ଗଳା ଅବରୋଧ, ଗଳା ନ ଫିଟିବା । ବାଧାହୀନ-ପ୍ରତିବନ୍ଧ ଶୂନ୍ୟ (ଅନୁସ୍ୱାର) ବଦ୍ୟତାନ-ସୁନ୍ଦର ସ୍ୱର । ଭୂମି-କୂଳ ।
ସେମାନେ ପାନ ଓ ଲବଙ୍ଗ ଖାଇବା କାରଣରୁ ତାଙ୍କର କଣ୍ଠ ପରିଷ୍କାର ହୋଇଥାଏ ତେଣୁ ବସ୍ତୁ ବିଷୟକ ଗୀତ ବୋଲନ୍ତି ।

୧୫ । ଗଜ ହୟ-ହାତୀ ଘୋଡ଼ା । ଉପଜୀବୀ-ଜୀବନୋପାୟ, ବୃତ୍ତି । କେଦାରେ-କ୍ଷେତମାନଙ୍କରେ । ମାରଗ-ମର୍କତ ମଣି । ଜବସ-ଘାସ ।
ସେଠାରେ ହାତୀ ଘୋଡ଼ା ଜଗାରଖା କରୁଥିବା, ଯେଉଁମାନଙ୍କର ବଞ୍ଚି ରହିବାର ଉପାୟ ବା ବୃତ୍ତି, ସେମାନେ କ୍ଷେତରେ ବୁଲିଲାବେଳେ ମର୍କତ ମଣିର ଜ୍ୟୋତିକୁ ଘାସ ବୋଲି ମନେ କରନ୍ତି ।

୧୬ । ଯହିଁ-ଯେଉଁଠାରେ । ମଚ୍ଛ-ମାଛ । ବାସକରେ-ରହିଥାନ୍ତି । ପଥରେ-ବାଟରେ । ଗ୍ରହଣ କରନ୍ତି-ସ୍ୱୀକାର କରନ୍ତି, ମାନନ୍ତି । ଜବନ୍ତି-ଜନ୍ମ କରନ୍ତି । ପଥରେକ-ଏକପ୍ରକାର ପଥର । ସ୍ୱଚ୍ଛ-ଅତି ନିର୍ମଳ, ଯାହା ମଧ୍ୟଦେଇ ଦେଖା ଯାଇପାରେ ।
ଯେଉଁଠାରେ ଅର୍ଥାତ୍ ସମୁଦ୍ର କୂଳରେ ମାଛମାନେ ରହିଥାନ୍ତି, ସେହି ସମୁଦ୍ରକୂଳ ବାଟରେ ମାଛମାନେ ମୁକ୍ତାପଥର ସଦୃଶ ଏକପ୍ରକାର ନିର୍ମଳପଥର ଜନ୍ମ କରିଥାନ୍ତି । ଏ କଥାକୁ ସେ ସ୍ଥାନର ଲୋକେ ସ୍ୱୀକାର କରିଥାନ୍ତି ।

ବଜ୍ର ଜାତି ବିନା ଗଜ ନ ଆଣନ୍ତି ବନୁ । ଅଶ୍ୱ ଶାଳେ ବନ୍ଧା ନୋହେ ସିନ୍ଧୁ [illegible]
ଭବନୁ ଯେ । ୧୭ । ମୂଷିକରେ ନେପାଳୀ ପାଳନ୍ତି ସୁଆଦରେ । ଗନ୍ଧମାର୍ଜ[illegible]
ପୋଷିତ ବଡ଼ାଳ ପଦରେ ଯେ । ୧୮ । ମାଳିଆଳ ବସିଣାବର୍ତ୍ତିକ ବିନା କମ୍ବୁ ।
ନ ଘେନନ୍ତି ଦେବାକୁ ହର ତରଣେ ଅମ୍ବୁ ଯେ । ୧୯ । ଏକମୁଖୀ ରୁଦ୍ରାକ୍ଷ
ଗ୍ରହଣ ଯୋଗୀ କରେ କାଳକେ କଣନ୍ତି ଦ୍ରାକ୍ଷା କେବଳ କୋଳରେ ଯେ । ୨୦ ।
ଖଡ୍ଗଗ ଚର୍ମ ଆଚ୍ଛଣୀ ଧରଣ ନ ପାଇ । ଖଡ୍ଗଗ ଚର୍ମରୁ ଆନ ଚର୍ମ ନ ଯୋଗାଇ
ଯେ । ୨୧ । ଯହିଁ ବ୍ରହ୍ମଜାତି ବଜ୍ର କବଚ ମିଳଇ । ବଜ୍ର କବଚରେ ଅନୁରାଗ
ଥିବ କାହିଁ ଯେ । ୨୨ । ଚନ୍ଦ୍ରମା କମଳ ସ୍ଥାନ ପଦ୍ମାକର ପୁଷ୍ଟ । ଆନ ଜାତି
ନାଗରେ ଯହିଁରେ ପରିତୁଷ୍ଟ ଯେ । ୨୩ । କନ୍ନର ଗୀତ ଶ୍ରବଣ ଯହିଁ ନିତ୍ୟ ନିତ୍ୟ ।
ମହୀ ମଧ୍ୟେ ସ୍ୱର୍ଗ ଯେ ହେ ଇନ୍ଦ୍ର ଜଗତରି ଯେ । ୨୪ । ସେ ନଗର ନରବର
ନାମ ରତ୍ନେଶ୍ୱର । ବନ୍ଧ୍ୟଲତା ନାମେ ପଟ୍ଟମହଷୀ ତାହାର ଯେ । ୨୫ । ପଞ୍ଚଶର
ସମେ ପଞ୍ଚସୂତ କଲା ଜାତ । ବକ୍ୟକୁମାରୀ ପ୍ରାପତେ କରେ ନାନା ବ୍ରତ ଯେ । ୨୬ ।

---

୧୭ । ବଜ୍ରଜାତି-ଅତି ଶାଗୁଆ ଜାତି, ସୁଲକ୍ଷଣବନ୍ତ । ସିନ୍ଧୁଜାତ-ସମୁଦ୍ର ତରଙ୍ଗପର ଗତି, ସିନ୍ଧୁନଦୀ ନିକଟସ୍ଥ ଦେଶରେ ଜାତ, ଅତି ଦ୍ରୁତଗାମୀ । ଅଶ୍ୱଶାଳ-ଘୋଡ଼ାଶାଳ । ବଜ୍ରଜାତୀୟ ହାତୀ ବ୍ୟତୀତ କେହି ଅନ୍ୟ ହାତୀ ବଣରୁ ଆଣନ୍ତି ନାହିଁ, ଘୋଡ଼ାଶାଳରେ ଅତିଦ୍ରୁତଗାମୀ ଘୋଡ଼ା ଛଡ଼ା ଅନ୍ୟ ଘୋଡ଼ାକୁ ବାନ୍ଧନ୍ତି ନାହିଁ ।

୧୮ । ମୂଷିକ-ମୂଷା । ପାଳନ-ପୋଷନ୍ତି । ସୁଆଦରେ-ସୁନ୍ଦର ଯତ୍ନସହକାରେ । ଗନ୍ଧମାର୍ଜାର-ଶାଳୀଆପତନ । ପୋଷିତ-ପୋଷିଥାନ୍ତି । ବଡ଼ାଳ ପଦରେ-ବଡ଼ ସ୍ଥାନରେ ।

୧୯ । ମାଳିଆଳ-ମାଳିଘର ସ୍ତ୍ରୀମାନେ । କମ୍ବୁ-ଶଙ୍ଖ । ଅମ୍ବୁ-ଜଳ ।

୨୦ । ଏକମୁଖୀ ରୁଦ୍ରାକ୍ଷ-ଗୋଟିଏ ମୁହଁଥିବା ରୁଦ୍ରାକ୍ଷ । ଯୋଗୀ-ସନ୍ନ୍ୟାସୀ । ଦ୍ରାକ୍ଷା-ଅଙ୍ଗୁର ।

୨୧ । ଖଡ୍ଗଗ-ଗଣ୍ଡା । ଚର୍ମ ଅଚ୍ଛେଣୀ-ଚମଡ଼ାର ଢାଲ । ଖଡ୍ଗଗ ଚର୍ମ-ଗଣ୍ଡା ଚମଡ଼ା । ନ ଯୋଗାଇ-ଯୋଗ୍ୟ ନୁହେଁ, ଅଯୋଗ୍ୟ ।

୨୨ । ବ୍ରହ୍ମଜାତି ବଜ୍ରକବଚ-ଅତି ଉତ୍କୃଷ୍ଟ ଧରଣର ହୀରା ବିଭୂଷିତ ଅଭେଦ୍ୟ ସାଞ୍ଜୁ ।

୨୩ । ଚନ୍ଦ୍ରମା-ଲକ୍ଷ୍ମୀ, ଲକ୍ଷ୍ମୀପରି ଅତି ସୁନ୍ଦରୀ ସ୍ତ୍ରୀ । ପଦ୍ମାକର ପୁଷ୍ଟ-ପଦ୍ମପଦ୍ମସୁକ୍ତ ଜଳାଶୟ ନଗରୀ; ଅର୍ଥାତ୍ ଲଙ୍କା ନଗରୀ, ବରୁଣପୁରୀ । ପରିତୁଷ୍ଟ-ଦାସ ।

୨୪ । କନ୍ନର-ମଧୁର ସ୍ୱରଯୁକ୍ତ ଉତ୍ତମ ଗାୟିକା । ମହୀ-ପୃଥିବୀ । ସ୍ୱର୍ଗ-ଦେବ ନଗରୀ ।

୨୫ । ନରବର-ରାଜା । ପଟ୍ଟମହଷୀ-ପାଟରାଣୀ ।

୨୬ । ପଞ୍ଚଶର-କନ୍ଦର୍ପ । ବକ୍ୟକୁମାରୀ-ସୁନ୍ଦରୀ ଝିଅ । ପ୍ରାପତେ-ପାଇବାକୁ । ବ୍ରତ-ଓଷା ।

ଚୈତ୍ର ମଙ୍ଗଳବାରରେ ଆରମ୍ଭି ପୂଜାକୁ । ପଞ୍ଚମ ଘାଟରେ ଭେଟ ହେଲେ ଗିରିଜାଙ୍କୁ ସେ । ୨୭ । ବାଞ୍ଛାବଶ ପିଣ୍ଡ ଥିଲା ଅଗମ୍ୟ କାନନ । ଆପଣେ ଅମ୍ବିକା ଯାଇ କଲେ ସଞ୍ଜୀବନ ସେ । ୨୮ । ଦେଇଲେ ସୁନ୍ଦରୀ ହସ୍ତେ ତୁ ରସାଳ ଫଳ । ଆଜ୍ଞା ଅବଧାରିଲ ସେ ବାମା ତତକାଳ ସେ । ୨୯ । କରେ ଯେନ ସ୍ୱପ୍ନାଦେଶେ ମହାଦେବୀ କରେ । ଦେଇଗଲେ ସେ ଆମ୍ବକୁ ପାର୍ବତୀ ସତ୍ୱରେ ସେ । ୩୦ । ଚେତ ଯୁବତୀ ଦେଖିଲ ହସ୍ତେ ଅଛି ଚ୍ୟୁତ । ଭକ୍ଷି ମୃଗାକ୍ଷୀ ନାୟକ ସଙ୍ଗେ ହେଲା ରତ ସେ । ୩୧ । ଶୁଭ ବେଳେ ଗର୍ଭ ଦର୍ହାସୀ ଶୁଭ୍ରକେଶୀ । କେତେ ଦିନେ ଶୋଭା ତାର ଆନ ଆନ ଦିଶି ସେ । ୩୨ । କାନ୍ତି ସୁବର୍ଣ୍ଣେ ଦୋହଦ ପାରଦ ମିଶିଲା ରଜତପିତୁଳା ତୁଲ୍ୟ ଅବଳା ଦିଶିଲା ସେ । ୩୩ । କ୍ଷୀଣ ଯାଇଁ ପୀନ ହେଲା ଲୋକସଂଖ୍ୟା କଟୀ । ଖସି ନିତମ୍ବ ବିମ୍ବକୁ ଆଶ୍ରେ କଲା ଶାଟୀ ସେ । ୩୪ ।

---

୨୭ । ଭେଟ-ସନ୍ଦର୍ଶ । ଗିରିଜାଙ୍କୁ-ପାର୍ବତୀଙ୍କୁ ।

୨୮ । ପିଣ୍ଡ-ଦେହ । ଅଗମ୍ୟ-ଘୋର । ଆପଣେ-ନିଜେ । ସଞ୍ଜୀବନ-ଜୀବଦାନ ।

୨୯ । ରସାଳ-ଆମ୍ବ । ଆଜ୍ଞା-ଆଦେଶ । ଅବଧାରିଲ-ନିଶ୍ଚିତଭାବରେ ମାନିଲ ।

୩୦ । କରେ ଯେନି-ହାତରେ ଧରି । ସତ୍ୱରେ—ଚଞ୍ଚଳରେ ।

୩୧ । ଚେତ-ନିଦରୁ ଉଠି । ଯୁବତୀ-ଯୋଷା । ଚ୍ୟୁତ-ଆମ୍ବ । ଭକ୍ଷି-ଖାଇ । ମୃଗାକ୍ଷୀ-ମୃଗ ଭଳି ଚଞ୍ଚଳ ଆଖି । ନାୟକ-ନିଜର ପ୍ରଣୟୀ ପୁରୁଷ । ରତ-ରତିରଙ୍ଗରେ ନିଯୁକ୍ତ ।

୩୨ । ଦର୍ହାସୀ-ମନ୍ଦହାସୀ ବା ଅଳ୍ପହାସୀ । ଶୁଭ୍ରକେଶୀ—ନିର୍ମଳ ଓ କହ୍ଲଳକେଶ ଥିବା ସ୍ତ୍ରୀ । ଆନ ଆନ—ଭିନ୍ନ ଭିନ୍ନ ।
ସେହି ନିର୍ମଳ କହ୍ଲଳକେଶା ଅଳପ ଅଳପ ହସମୁଖୀ ସ୍ୱାମୀ ସଙ୍ଗେ ରତିରସରେ ମାତିବାରୁ ଭଲ ବେଳରେ ପେଟରେ ରହିଲା । ଦିନକୁ ଦିନ ତାର ସୁନ୍ଦରତା ଭିନ୍ନ ଭିନ୍ନ ଦେଖାଗଲା ।

୩୩ । କାନ୍ତି—ବର୍ଣ୍ଣ । ଦୋହଦ—ଗର୍ଭଚିହ୍ନ, ଗର୍ଭାବସ୍ଥା । ପାରଦ—ପାରା । ରଜତ-ପିତୁଳା—ରୁପା ପ୍ରତିମା । ଅବଳା—ସ୍ତ୍ରୀ ।
ପ୍ରସବ କରିବାର ସମୟ ହୋଇଯାଇ ଥିବାରୁ ଗର୍ଭିଣୀ ସ୍ତ୍ରୀର ରୂପ ସୁନାରେ ପାରା ମିଶିଲା ଭଳି ରୂପା କଣ୍ଢେଇ ସଦୃଶ ଦେଖାଗଲା (ସ୍ତ୍ରୀମାନେ ଗର୍ଭହେଲେ ପାଉଁଶିଆ ଦେଖାଯାନ୍ତି ।)

୩୪ । କ୍ଷୀଣ—ସରୁ । ପୀନ—ମୋଟା । ଲୋକସଂଖ୍ୟା—ଗୋଲକାର ପରିମାଣ । କଟୀ—ଅଣ୍ଟା । ନିତମ୍ବବିମ୍ବ—ପିଚ୍ଛମଣ୍ଡଳ । ଶାଟୀ—ଶାଢ଼ୀ ।
ସରୁଆ ଅଣ୍ଟା ମୋଟା ହେବାରୁ ଶାଢ଼ୀ ଖସିଯାଇ ପିଚ୍ଛ ମଣ୍ଡଳ ଉପରେ ପଡ଼ିଲା ।

କେଶରେ ଅବେଶ ହେଲା ସମସ୍ତେ ଲୁଚିଲେ । ଆହାରେ ଶମନା ହୋଇ ସମସ୍ତେ ପୂରିଲେ ଯେ ।୩୫। ତାହାର ହୋଇଲା ଘଣ୍ଟ ବଡ଼'ଭଲ୍ଲ ମତ । ମହିଳା ମହୀ ଶଯ୍ୟନେ କଲାଇଲା ପ୍ରୀତି ଯେ ।୩୬। ଦିବ୍ୟ ରୁଚିକ ରୁଚିଲ ମୁନ୍ଦିକା ଭକ୍ଷଣ । ଚଞ୍ଚଳ ଚଳନମାନ ଲୁଣ୍ଠିଲା ଈକ୍ଷଣ ଯେ ।୩୭। ପୃଥୁଟ୍ରମାନସ୍ତନ୍ମା ଉଦର ପୃଥୁତର । ସଞ୍ଜ ଶୋଭା ନାଭି ଲେଉଟିଲ ପରିବାରୁ ଯେ ।୩୮। କନ୍ଦୁ-ସ୍ଥ ପଞ୍ଚିଲା ଉଷ୍ଣ ଲୁଟି ଯାଇ ରଙ୍ଗ । ବନ ଘନ ଜୃମ୍ଭା ପୁନଃପୁନ ମୋଡ଼ଇ ଅଙ୍ଗ ଯେ । ଶ୍ୟାମଳ କୋମଳ ଅଙ୍ଗ ସ୍ତନଅଗ୍ର ବନ୍ଧ । ହରଧର ଶୃଙ୍ଗେ ଜଳଧର ପରି ଶୋଭ

---

୩୫ । ଅବେଶ-ଅସକ୍ତ । ଶମନା-ତୁଷ୍ଟିତ ।
କେଶଭୂଷା ହେବା ଦ୍ୱାରା ଅସକ୍ତି ଭାବ ଅଙ୍ଗେ ଅଙ୍ଗେ ମନରୁ ଲୁଚିଗଲା । ଖାଇବା ବେଳେ, ଅଳ୍ପ ଯା ଅଧ ଭରୁଥିବା ବେଳେ ମନର ଇଚ୍ଛାଗୁଡ଼ା ଫୁଟି ଉଠିଲା ।

୩୬ । ମହିଳା-ସ୍ତ୍ରୀ । ମହୀ ଶଯ୍ୟନେ-ଭୂମି ଶଯ୍ୟାରେ । ପ୍ରୀତି-ଅନୁରାଗ ।
ରୁକ୍ମିଣୀ ସ୍ୱାମୀ ସାଙ୍ଗରେ ସହବାସ କରିବାକୁ ଇଚ୍ଛା ନ କରି ଅଲଗା ହୋଇ ଏବଂ ଭୂଇଁରେ ଶୋଇବାକୁ ଭଲ ପାଇଲା ।

୩୭ । ଦିବ୍ୟରୁଚ-ଭଲ ସୁଆଦିଆ ଖାଦ୍ୟ । ରୁଚିଲ-ସ୍ପୃହା ବା ଇଚ୍ଛା କଲା । ଚଳନମାନ -ଗତିର ପରିମାଣ । ଈକ୍ଷଣ-ଦୃଷ୍ଟି ।
ଭଲ ଭଲ ସୁଆଦିଆ ଖାଦ୍ୟ ଖାଉଥିବା ସେହି ରୁକ୍ମିଣୀ ମାଟି ଖାଇବାକୁ ଇଚ୍ଛା କଲା । ସେ ଅନେକବାର ପରିମାଣ ଓ ଚଞ୍ଚଳତାକୁ ଓ ଲୁଣ୍ଠିତେଲା ଅର୍ଥାତ୍ ଭଉଁରି ଜମ୍ଭା ବୁଲପଡ଼ ଏଣାଖ ସେଣାଖ ହୋଇ ଦେଖିପାରିଲା ନାହିଁ ।

୩୮ । ପୃଥୁ ଟ୍ରମାନସ୍ତନ-ମୀନନେତ୍ରୀ ; ପୃଥୁତର-କ୍ରମେ କ୍ରମେ ବଡ଼ାଳ ।
ମୀନନେତ୍ରୀର ପେଟ କ୍ରମେ ବଡ଼ହେବା ସଙ୍ଗେ ସଙ୍ଗେ ନାଭି ଲେଉଟିଯାଇ ଥିବାରୁ ଅଦ୍ଭୁତ ସୁନ୍ଦର ଦେଖାଗଲା ।

୩୯ । କନ୍ଦୁ-ସ୍ତନ, କଠିନ । ଘନଘନ-ବାରମ୍ବାର । ଜୃମ୍ଭା-ହାଇ ।
ଓଠର ନାଲିରଙ୍ଗ ସରିଗଲାଭଳି ଶୁଖିଲା ଦେଖାଗଲା, ସ୍ତନ ଉପର ଚକ୍କ ଯୋଗୁଁ ଭଡ଼ମୋଡ଼ ହୋଇ ବାରମ୍ବାର ହାଇ ମାରିଲା ।

୪୦ । ଶ୍ୟାମଳା-ଯୌବନ ମଧ୍ୟସ୍ଥା ସୁଲକ୍ଷଣାଙ୍ଗୀ ରମଣୀ, ଯଥା—"ଶୀତେ ସୁଖୋଷ୍ଣ ସର୍ବାଙ୍ଗୀ ଗ୍ରୀଷ୍ମେ ଚ ସୁଖଶୀତଳା, ତପ୍ତକାଞ୍ଚନ ବର୍ଣ୍ଣାଭା ସା ଶ୍ୟାମା ପରିକୀର୍ତ୍ତିତା ।"
ଅର୍ଥାତ୍ ଶୀତରେ ଯାହାର ଶରୀର ଉଷ୍ଣ ଓ ଗ୍ରୀଷ୍ମରେ ଯାହାର ଦେହ ସୁଖଦାୟକ ଶୀତଳ ଏବଂ ଅଗ୍ନିସନ୍ତପ୍ତ ସୁନା ବର୍ଣ୍ଣର ଶ୍ୟାମା ସ୍ତ୍ରୀ ଶରୀରର ବର୍ଣ୍ଣ ଅଟେ । (ହରଧର ଶୃଙ୍ଗେ) ଶିବଙ୍କୁ ଧାରଣ କରିଥିବା ହିମାଳୟ ପର୍ବତରେ ଶୃଙ୍ଗ ଯେପରି ଥଳା, ତା ଉପରେ (ଜଳଧର) କଳାମେଘ ଯେପରି ସୁନ୍ଦର ଦେଖାଯାଏ, ଶ୍ୟାମଳ-କୋମଳ ଅଙ୍ଗୀ ଧାରଣ କରିଥିବା ସ୍ତନର ଅଗ୍ରଭାଗ ସେହିପରି ଶୋଭା ଦେଖାଯାଏ ।

ଯୋ । ୪୦ । ଦଗମ ସ୍ଥ ଶେଷ ଉଦ୍ଦେଶ୍ୟ ଅଶକତ । ଉତ୍ତମ ଲଗ୍ନ ମଗ୍ନରେ ସୁଜା ଖ୍ରସବିତ ଯେ । ୪୧ । କବି ବନ୍ଧୁର କି ଗୃହମୁଖ ସଙ୍ଗ ବାଦ । ଆଚରି ମଦନ-ମଣ୍ଡିପତି ବର୍ଣ୍ଣି ମଦ ଯେ । ୪୨ । ଉଦରଣେ କି ଉଦଧି ମନ୍ଥିଲ ଉଦ୍‌ବେଗେ । ଉରଜ ମନ୍ଦରୁ ବଳି ସର୍ପରଜ୍ଜୁ ଯେ ବେଗ ଯେ । ୪୩ । ତହିଁରୁ ଜାତ ଜଗତ-ମୋହିନୀ ସୁଭଗେ । ଅବଶ୍ୟ ହୋଇବେ ହର ତପେ ଭଙ୍ଗ ଏତେକ ଯେ । ୪୪ । ଧାତ୍ରୀ ଧରଣୀଭୂଷାକୁ ନାଭିଚ୍ଛେଦ କରି । ଗଣକଗଣେ ବସିଣ ଜାତକ କରୁଛ ଯେ । ୪୫ । ସୂତ ଘରେ ଯେତେ ବିଧି ଶେଷ କଲେ । ଏକବିଂଶ ଦିନେ ଦୋଳଣସ୍ନାନ କରାଇଲେ ଯେ । ୪୬ । ଆସିଥିଲେ ବ୍ରହ୍ମଋଷି ଶୋଭାରାଶି ସ୍ଵର୍ଗୀ । କରୁଥିଲେ କେତେ କଳ୍ପାଂଶ୍ରମ କଲି କଥା ଯେ । ୪୭ । ମୁଖ ହେବ ଏମନ୍ତ କରୁଣ

---

୪୧ । ଅଶକତ-ସମର୍ଥ ହୀନ । ଲଗ୍ନ-ମୋଗାଡ଼ ଦ୍ଵାଦଶସ୍ଥିର ଉଦୟକାଳ । ସୁଜା-ଝିଅ

୪୨ । କବି-ଯେ ଚନ୍ଦ୍ରାପୁର୍ଣ୍ଣି ଉପମାପ୍ରୟୁକ୍ତ କବିତା ଲେଖେ । ଗୃହମୁଖ-ବ୍ରହ୍ମା । ବାଦ-କଳହ, ତର୍କ । ମଦନ-କନ୍ଦର୍ପ । ମଣ୍ଡିପତି-ରଜା । ମଦ-ଗର୍ବ, ଉନ୍ମାଦ ।

୪୩ । ଉଦଧି-ସମୁଦ୍ର । ମନ୍ଥିଲ-ମନ୍ଥନ କଲା, ବିନାଶ କଲା, ମୋହିଲା । ଉରଜ-କୁଚ । ମନ୍ଦର-ପର୍ବତ । ବଳି-ବଳିବା, ଅର୍ଥାତ୍ । ସର୍ପରଜ୍ଜୁ-ସାପର ଦଉଡ଼ି । (ପୁରାଣୋକ୍ତ ବାସୁକୀ)

୪୪ । ଜଗତ-ମୋହିନୀ—ସଂସାରର ମନୋହାରିଣୀ ମୋହିନୀ କନ୍ୟା । ହର-ମହାଦେବ । ତପୋଭଙ୍ଗ-ତପସ୍ୟା ନଷ୍ଟ ।

(୪୨ ଠାରୁ ୪୪) କବି ମନରେ ଭାବୁଛନ୍ତି—ବ୍ରହ୍ମା ସଙ୍ଗେ ମଦନ କଳି କରିବାରୁ ଇନ୍ଦ୍ରାଦି ଦେବତାମାନେ ବାସୁକୀକୁ ଦଉଡ଼ିକରି ମନ୍ଦର ପର୍ବତରେ ଗୁଡ଼ାଇ ସମୁଦ୍ର ମନ୍ଥନ କରିବା ଦ୍ଵାରା ସେଥିରୁ ଯେପରି ମୋହିନୀ କନ୍ୟା ଜାତ ହେଲା ସେହିପରି ରଜା କନ୍ଦର୍ପ ଜ୍ଵାଳାରେ ଉନ୍ମାଦିତ ହୋଇ ମନ୍ଦରରୂପକ କୁଚକୁ ତଳି ସର୍ପରାଜ କରିବାରୁ ରାଣୀଙ୍କର ଉଦଧିରୂପକ ଉଦରରୁ ସଂସାର ମୋହକାରିଣୀ ସୁନ୍ଦରୀ କନ୍ୟା ଜାତ ହେଲା । (ଏଠାରେ ସ୍ତନଭୂପର କରଦ୍ଵୟ ସର୍ପରଜ୍ଜୁ ରୂପକ) ।

୪୫ । ଧାତ୍ରୀ-ଦାଈ । ଧରିତ୍ରୀ-ପୃଥିବୀ । ଭୂଷା-ଶୋଭା । ଧରଣୀଭୂଷା-ପୃଥିବୀ ଶୋଭିତା ବା ପୃଥିବୀର ସର୍ବଶ୍ରେଷ୍ଠ ସୁନ୍ଦରୀ । ଗଣକଗଣେ-ଦୈବଜ୍ଞ ବା ଜ୍ୟୋତିଷମାନେ । ଜାତକ-ନବଜାତ ଶିଶୁର କୋଷ୍ଠୀ ।

୪୬ । ସୂତକା ଗୃହ-ଏଣ୍ଟୁଡ଼ି ଶାଳ । ବିଧି-ନିୟମ । ଏକବିଂଶ-ଏକୋଇଶ । ଦୋଳ-ଝୁଲା ।

୪୭ । ବ୍ରହ୍ମର୍ଷି-ନାରଦ । ଶ୍ରମ-ପରିଶ୍ରମ । କଳ୍ପ-ସୃଷ୍ଟି ଓ ପ୍ରଳୟର ନିରୂପିତ କାଳ । କଥା—କଥାଟା ।

ପଦ୍ମବଧୂ । ହସ୍ତବାଳା ଭଳି ଆଗ୍ରେ ବଢ଼ି ଗଲା ସାଧୁ ଯେ । ୪୮ । ଉତ୍ତୁଙ୍ଗ ବାସ
ଆହ୍ଲାଦ ଦର୍ପଣରୁ ଉଜ୍ଜ୍ୱଳ । ଲହରୀରୁ କୁଟିଳ ଅଞ୍ଜନପୁଞ୍ଜ କାଳୀ ଯେ । ୪୯ ।
କୁରଙ୍ଗରୁ ତରଙ୍ଗ ବିଦ୍ରୁମ ରଙ୍ଗ ହରି । ଲବଣୀ ଶିରୀଷରୁ କୋମଳ କଲେ ତୁଳ
ଯେ ।୫୦। ସୁବର୍ଣ୍ଣର ବର୍ଣ୍ଣ ଗତି ହଂସଠାରୁ ଗତି । ଏରୂପେ ଉପମାବର୍ଗ ଯେତେକ
ଅଛନ୍ତି ଯେ । ୫୧ । ସବୁ ସବୁଠାରୁ ସାର ସାର ଭାଗ ଆଣି । ସୁରୂପ ପ୍ରତିମା ଗଢ଼ି

---

୪୮ । ବଧୂ-ବୋହୂ । ସାଧୁ-ଉତ୍ତମ ସୁରୂପ ।

୪୯ । ବାସ-ସୁବାସ । ଅହ୍ଲାଦ-ହର୍ଷ, ସୁଖ । ଦର୍ପଣ-ଆରସି । ଉଜ୍ଜ୍ୱଳ-ଉଜ୍ଜ୍ୱଳ, ସୁନ୍ଦର, ଦୀପ୍ତି, କାନ୍ତି । ଲହରୀ-ଲହଡ଼ି, ଢେଉ, ତରଙ୍ଗ, ଊର୍ମି । କୁଟିଳ-ବୁଙ୍କୁଚିଆ, ବକ୍ର । ଅଞ୍ଜନ-କଜ୍ଜ୍ୱଳ, କଳା । ପୁଞ୍ଜ-ସ୍ତୂପ, ରାଶି, ସମୂହ ଗଦା ।

(୪୭ ଠାରୁ ୪୯) ସ୍ୱର୍ଗପୁରର ନାରଦ ଲାବଣ୍ୟବତୀର ଅପୂର୍ବ ଶୋଭାରାଶିକୁ ଦେଖି ସୁନ୍ଦରହ୍ରଦର ଯଥାର୍ଥତା ନିର୍ଣ୍ଣୟ କରିବାକୁ ଚାଲି ଭାବିଲେ—ବିଧାତା, କିପରି ସୃଷ୍ଟିପ୍ରଶାନ୍ତି ବସି ଏ ରୂପ ତିଆରି କରିବାରେ ପରିଶ୍ରମ କରିଛନ୍ତି । ବୋଧହୁଏ, ବ୍ରହ୍ମା ଏ ଭାବ ମୁଖକୁ ଗଢ଼ିଲାବେଳେ ଚନ୍ଦ୍ରରୁ ଉଜ୍ଜ୍ୱଳତା, ପଦ୍ମରୁ ସୁବାସ, ଆରସିରୁ ସ୍ୱଚ୍ଛତାକୁ ଆଣି ଲାବଣ୍ୟବତୀର ମୁଖ ଗଢ଼ଣରେ ପ୍ରୟୋଗ କରିଛନ୍ତି ଏବଂ ମୁଣ୍ଡର ବାଳକୁ ସମୁଦ୍ର ଢେଉ ଭଳି କୁଞ୍ଚୁକୁଞ୍ଚିଆ କରିଛନ୍ତି ପୁଣି ଅଞ୍ଜନ ରାଶିରୁ କଳା ଆଣି ମୁଣ୍ଡର ବାଳକୁ ଅତି ଗାଢ଼ ଧରଣର କୃଷ୍ଣବର୍ଣ୍ଣ କରିଛନ୍ତି । ଅର୍ଥାତ୍ ଲାବଣ୍ୟବତୀର ମୁଖ ଚନ୍ଦ୍ର ତୁଲ୍ୟ ଗୋଲ, ଦର୍ପଣ ସଦୃଶ ସ୍ୱଚ୍ଛ, ପଦ୍ମ ଗନ୍ଧପରି ସୁବାସ ଏବଂ ବାଳ ଲହରୀ ଭଳି କୁଞ୍ଚିତ ଓ ଉଜ୍ଜ୍ୱଳ ଭଳି କଳା ଅଟେ । ବ୍ରହ୍ମା ଏହିପରି ଆଗରୁ ଆଗରୁ ଯାଇ ତାଙ୍କର ରୂପକୁ ସୁନ୍ଦରକରି ଗଢ଼ିବାରେ ଯତ୍ନ କରିଛନ୍ତି ।

୫୦ । କୁରଙ୍ଗ-ହରିଣ । ତରଙ୍ଗ-ଅନାଇବା ଚାହାଣି । ବିଦ୍ରୁମ-ପୋହଳା । ରଙ୍ଗ-ବର୍ଣ୍ଣ । ହରି-ହରଣ କରି । ଲବଣୀ-ଲହୁଣୀ । ଶିରୀଷ-ଫୁଲ ବିଶେଷ । ତୁଲ୍ୟ-ତୁଳନା କରି, ସାଦୃଶ୍ୟ, ଉପମାଯୁକ୍ତ ।

ମୃଗ ଚକ୍ଷୁର ଛନଛନ ଚାହାଣି ଗୃହିଣୀ ଭଳି ଲାବଣ୍ୟବତୀର ଚକ୍ଷୁ ଗୃହିଣୀକୁ ତରଙ୍ଗ ତରଙ୍ଗ କରିଛି, ପୋହଳାର ରକ୍ତିମା ରଙ୍ଗ ଆଣି ଓଠରେ ଥୋଇଛି, ଲହୁଣୀ ଓ ଶିରୀଷ ଫୁଲର କୋମଳତାକୁ ସାମର୍ଥ୍ୟ ସହକାରେ ବ୍ରହ୍ମାଙ୍କ ଆଣି ଲାବଣ୍ୟବତୀର ଶରୀରରେ ଥୋଇଛି, ଯାହା କି ତୁଳନା ଯୋଗ୍ୟ ।

୫୧ । ଉପମାବର୍ଗ-ତୁଳନା ସବୁ ।

ତା ଦେହର ବର୍ଣ୍ଣ ସୁନାଠାରୁ, ଚାଲିବାର ଠାଣି ରାଜହଂସ ଠାରୁ ଆଣି ଗଢ଼ିଛି, ତେଣୁ ଯେତେ ଉପମା ପୃଥିବୀ ଭିତରେ ଅଛି ସେସବୁ ଲାବଣ୍ୟବତୀଠାରେ ପ୍ରଯୁଜ୍ୟ ।

ରଚିଲା ରମଣୀ ଯେ । ୫୨ । ଜନ୍ତୁ ଯେତେ ଥିଲେ ସୀଉଜାର ତା ନ ହେଲେ । ବିଧାତା ବିଧାନ ତାହିଁ ଏ ହେବ ବୋଇଲେ ଯେ । ୫୩ । ଦେଖି ପଦ୍ମ ଲପନ ଶୋଭାକୁ ଯାଉ ହାରି । ଚରଣ ତଳେ ଶରଣ ପଶିଅଛି ଉଦ୍ଧି ଯେ । ୫୪ । ପଦ୍ମଜାତ ସିନା ବିଧି ବହ୍ନିଲା କେମନ୍ତେ । ଏମନ୍ତ ସମ୍ମତ ହେଲା ସମସ୍ତଙ୍କ ଚିତ୍ତେ ଯେ । ୫୫ । ସର୍ବ ମତେ ସର୍ବ ଶୋଭାସ୍ଥାନ ବୋଲି ବାଳୀ । ଲାବଣ୍ୟବତୀ ନାମକୁ ଦେଲେ ଜନ ଭଜି ଯେ । ୫୬ । ବଳକ୍ଷ ପକ୍ଷର କଳାକର କଳା ପରି । ଦିନୁ ଦିନୁ ଶୋଭା ବୃଦ୍ଧି ନରେନ୍ଦ୍ରକୁମାରୀ ଯେ । ୫୭ । କେତେଦିନେ ଉଲ୍ଲ ଭିତ୍ତି ଧରି ଜମ୍ବ୍ୱାଧରୀ । କଷ୍ଟ ଗମନରେ ପୁଣି ମହୀ ଶୋଭା କରି ଯେ । ୫୮ । ରଜନୀକର ବଦନା ରଜ-ନିକରରେ । କରଇ ଖେଳା ରଚନା ଶିଶୁଙ୍କ ସଙ୍ଗରେ ଯେ । ୫୯ । ରବି ରଥ

---

୫୨ । ସୁବର୍ଣ୍ଣ-ସୁନା । ପ୍ରତିମା-ପିତୁଳା । ରମଣୀ-ସ୍ତ୍ରୀ ।
ବିଧାତା ସବୁ ଶ୍ରେଷ୍ଠବସ୍ତୁ ମାନଙ୍କରୁ ସାର ସାର ଅଂଶ ଆଣି ଲବଣ୍ୟବତୀର ସୁନା ପ୍ରତିମା ସଦୃଶ ନିର୍ମାଣ କରିଛି ।

୫୩ । ଯେତେ ଯେତେ ଜନ୍ତୁ ଲେଖିବା ଜନ୍ମମାନେ ଥିଲେ ସେମାନେ ଏହାକୁ ବିଧାତା (ବିଧାନ) ତା'ର ରଚିତ ବୋଲି ସ୍ୱୀକାର କଲେ ନାହିଁ ।

୫୪ । ପଦ୍ମକୁ ଦେଖ, ଆଉ ଲବଣ୍ୟବତୀର ମୁଖ ଶୋଭାକୁ ଦେଖ, ପଦ୍ମ ଲବଣ୍ୟବତୀର ମୁଖ ସୌନ୍ଦର୍ଯ୍ୟରେ ହାରିଯାଇ ତାର ପାଦରେ ଶରଣ ପଶିଛି ।

୫୫ । ପଦ୍ମରୁ ସିନା ବିଧାତା ପୁରୁଷର ଜନ୍ମ, ସେ ତା ରୂପର ଏହାକୁ (ବହ୍ନିଲା) ଗଢ଼ିଲା । ପୁଣି ସମସ୍ତଙ୍କ ମନରେ ଏହା ଧାରଣା ମତ ହେଲା—

୫୬ । ସର୍ବମତେ-ସମସ୍ତଙ୍କ ମତରେ, ସବୁ ପ୍ରକାରେ । ଶୋଭାସ୍ଥାନ-ସୌନ୍ଦର୍ଯ୍ୟର ଆଧାର । ସବୁ ସ୍ଥାନ ସବୁରି ମତରେ ସୁନ୍ଦର ବୋଲି ବାଳୁବତୀର ଲବଣ୍ୟବତୀ ନାଆଁ ଦେଲେ ।

୫୭ । ବଳକ୍ଷ ପକ୍ଷ-ଶୁକ୍ଳପକ୍ଷ । କଳାକର-ଚନ୍ଦ୍ର ।
ଶୁକ୍ଳପକ୍ଷ ଚନ୍ଦ୍ରକଳା ସଦୃଶ ଦିନକୁଦିନ ତାହାର ସୌନ୍ଦର୍ଯ୍ୟ ବଢ଼ିବାକୁ ଲାଗିଲା ।

୫୮ । ଉଲ୍ଲ-ଠିଆ । ଭିତ୍ତି-ଜାନୁମୂଳ । ମହୀ-ପୃଥିବୀ । ଜମ୍ବ୍ୱାଧରୀ-(ଜମ୍ବୁ+ଅଧରୀ) ଓଠ ପାଚିଲା କଇଁଶି କାକୁଡ଼ି ଭଳି ନାଲି । କଷ୍ଟଗମନ-ଝାଗା ଚାଲି ।
ଲବଣ୍ୟବତୀ କେତେଦିନ ପରେ ଜାନୁମୂଳ ଧରି ଠିଆ ଠିଆ ହେଲା ପୁଣି ଧୀରେ ଚଲାଣରେ ଗୁରୁଣ୍ଡି ଗୁରୁଣ୍ଡି ଗଲା ବା ହାତ ଗୋଡ଼ ପରି ଠୁକୁ ଠୁକୁ ଚାଲିବାକୁ ଘରର ଭୂଇଁ ସୁନ୍ଦର ଦିଶିଲା ।

୫୯ । ରଜନୀକର ବଦନା-ଚନ୍ଦ୍ରମୁଖୀ । ରଜନିକରରେ-ଧୂଳିସମୂହରେ । ଖେଳା-ଖେଳ । ରଚନା-କୃତ ବା ଆରମ୍ଭ କଲା ।
କେତେଦିନ ପରେ ଚନ୍ଦ୍ରମୁଖୀ ପିଲାମାନଙ୍କ ସଙ୍ଗରେ ଧୂଳିରେ ଧୂଳିଖେଳ ଖେଳିଲା ।

ରଙ୍ଗେ ବଶ ହୋଇ ତା ସୁଷମେ । ଏଣୁକରି ସାର୍ଥବନ ନ ଛିଣ୍ଡେ ଗ୍ରୀଷମେ ସେ ॥
ବିଶ୍ୱସୃଜ ବିଶ୍ୱକର୍ମା ଶିଳ୍ପୀ ହୋଇ ଯୋଗେ । ନିର୍ମାଣ କାରଣ ବନ୍ତ ପିତୁଳା ତା ଲୁଚେ ସେ । ୨୧ । ଲିପି ଲେପି କୁଙ୍କୁମ ବନ୍ତ ନେଇ କରେ । ହେବ ନ ମୋହିବ ସମ ଏମନ୍ତ ଶଙ୍କାରେ ସେ ।୨୨। ମଦନ୍କୁ ନ ଅସି ଆରବନ ଶଙ୍କରେ । ହୋଇ ଚନ୍ଦ୍ରେ ବଶ ଲେଖକ୍ଟେ ଶୋଷ୍ଣ ଭାଙ୍ଗେ ସେ ।୨୩। ତଥାପି ସୁଷମା ସମା ସ୍ତନମା ତ ମୋହି । ଶୋକନ୍ତୁ ବର୍ଣ୍ଣନ୍ତ ଜନ ବୃତ୍ତି କରି ତହିଁ ସେ । ୨୪ । ଏମନ୍ତ ଗଣ ଜେମାଙ୍କ ଜଗତେ ଶୁଭକ୍ । ଯୋଗୀଜନ ମୋହନ ସ୍ତ ମାର ଲଣ୍ଠାଙ୍କେ ସେ ॥

---

୨୦ । ରଙ୍ଗ-ସୂର୍ଯ୍ୟ । ବଶ-ବଶୀଭୂତ । ସୁଷମେ-ସୌନ୍ଦର୍ଯ୍ୟରେ । ସାର୍ଥବନ-ବନ୍ଧନ । ଗ୍ରୀଷମେ-ଗ୍ରୀଷ୍ମ ଋତୁରେ ।

ଲାବଣ୍ୟବତୀର ସୌନ୍ଦର୍ଯ୍ୟରେ ସୂର୍ଯ୍ୟ ବଶୀଭୂତ ହୋଇ ରଥ ରଖିବାରୁ ଦିନ ବଡ଼ ହେଲା, ତେଣୁ ଗ୍ରୀଷ୍ମଋତୁ ବୋଲି ଜାଣିଲେ ।

୨୧ । ବିଶ୍ୱସୃଜ-ବ୍ରହ୍ମା । ବିଶ୍ୱକର୍ମା-ସ୍ୱର୍ଗ କାରିଗରର ନାମ । ଶିଳ୍ପୀ-ଯେ କାରିଗର କାମ କରିବାରେ ଦକ୍ଷ । ଯୋଗେ-ଲୁଚକର । କାରଣବନ୍ତ-କାଗ ବାନ୍ତ ।

ବ୍ରହ୍ମା ଲୁଚକର ବିଶ୍ୱକର୍ମା ଏକ କାରିଗର ହୋଇ ଲାବଣ୍ୟବତୀ ସମାନରେ ଗୋଟିଏ କାଗଦାନ୍ତର ପିତୁଳା ନିର୍ମାଣ କଲେ ।

୨୨ । ଲିପ-ଚର୍ଚ୍ଚିତ କରି । ଲେପି-ବୋଳି । ଶଙ୍କା-ଆଶଙ୍କା, ସନ୍ଦେହ ।

ଲାବଣ୍ୟବତୀ ସଙ୍ଗେ ସମାନ ହେବ କି ନାହିଁ ଏହି ଆଶଙ୍କାରେ ମାସ୍ତ୍ରାଣିରୀ ଶୀତିବେ କୁଙ୍କୁମ ନେଇ ବ୍ରହ୍ମାଙ୍କ ପିତୁଳା ଦେହରେ ଚନ୍ଦନକର ବୋଳି ଦେଲେ ।

୨୩ । ସେହି ସୌନ୍ଦର୍ଯ୍ୟ, ଚନ୍ଦ୍ରର ମନକୁ ନ ଆସିବାରୁ ତହିଁ ଆରବନ ଲୁଚିକରି ଚନ୍ଦ୍ର ବଟନ୍ତ କରିଲେ ।

୨୪ । ତଥାପି ଲାବଣ୍ୟବତୀ ସୌନ୍ଦର୍ଯ୍ୟ ସବୁଶ ହେଲା ନାହିଁ । ଜବ ସେହି ଶୋକନ୍ତୁ ଆପଣାର ସନ୍ତୋଷକୁ ସ୍ୱାକୁ ବିଶେଷ ଭାବରେ ବ୍ୟାଖ୍ୟାନ କରନ୍ତି, କିମ୍ବା ସେହି ଶୋକନ୍ତୁ ବର୍ଣ୍ଣନା କରିବାରେ କବିମାନେ ବୃତ୍ତିଭାବ ଗ୍ରହଣ କରନ୍ତି ।

୨୫ । ଗଣ-ଗୁଣ୍ୟାଙ୍କ, ସ୍ତ୍ରୀରତ୍ନ । ଯୋଗୀଜନ-ଜନ୍ୟ ଶାନ୍ତ ପାଇବା ଉଦ୍ଦେଶ୍ୟରେ ବ୍ରହ୍ମଚର୍ଯ୍ୟ ବ୍ରତ ଧାରଣ କରିଥିବା ବ୍ରହ୍ମର ଉପାସକ ବା ସନ୍ନ୍ୟାସୀ ଲୋକ । ମୋହନାସ୍ତ୍ର-ମୋହ କରିବାର ଅସ୍ତ୍ର । ମାର-କନ୍ଦର୍ପ । ଲଣ୍ଠାଙ୍କ-ତିଆରି କଲା ।

ରାଜକନ୍ୟା ଲାବଣ୍ୟବତୀଙ୍କ ରୂପଗୁଣ ପ୍ରଖ୍ୟାତ ଜଗତରେ ଶ୍ରୁତିଗୋଚର ହେବାରୁ କନ୍ଦର୍ପ ତର୍ଜ୍ଜିତ ବ୍ରହ୍ମଚାରୀମାନଙ୍କୁ ମୋହିତ କରିବାପାଇଁ ଏକ ଅସ୍ତ୍ର ନିର୍ମିତ କରିଛି । ଅର୍ଥାତ୍ ଯେ ଯେତେ ବଡ଼ ଯୋଗୀ ହେଲେ ମଧ୍ୟ ସେ ଦେଖିଲେ ମୋହିତ ହେବ ।

ଏ ବୟସରେ ମହେଶ ପାଷାଣ ହେଲେ କିବା । ଯୁବା ହେବା ଯାଏ ଆଉ ଶଙ୍କରେ
ନ ଥିବା ସେ ।୬୬। ଚଢ଼ାଶୁକେ ଶିକା ଧୂପ ଚୋକତଳେ ବସିଷା । ହୋଇଲା ପାଠ
ପଠନ ଭାଳ ମୃଦୁ ଭାଷା ସେ ।୬୭। ସରସ୍ୱତୀ ଗୋଚରରେ ବାହ୍ୟ ଥିଲେ ଯେତେ ।
ତେତିକ ଲିହି ସେ ହାଦ୍ୱ ଭୁ ନ କଲବୁ ମୋତେ ସେ ।୬୮। ଲଜ୍ଜାପଟ ମଣ୍ଡପୀକ
ଶୋନ ସଞ୍ଚରନ । ରାଜା ଆସି ଆକର୍ଷିଲେ ଅଙ୍ଗ ଦେଶମାନ ଯେ ।୬୯। ପ୍ରାଣ ମନ୍ଦୀ
ଶତମ୍ବ ଜଘନ ଉରୁ ସନ୍ଧ୍ୟ । ଶାଢ଼ୀ ପାଇ ଏମାନେ ହୋଇଲେ କୃତକୃତ୍ୟ ସେ ।
ଲୁଚ ଅଙ୍କୁରବାରେ କଷକ ଉଠି ବସେ । ହୃଦୟବେଦୀରେ ଅଭିଷେକ କୁମ୍ଭ
କ ସେ ସେ ।୭୧। ଏ ସମସ୍ତେ ମାହୁନ୍ତ ସୁନ୍ଦରୀ ମଣ୍ଡନ ସେ । ଅନ୍ତଃପୁର ଚୌପଟେ

---

୬୬ । ମହାଦେବ ପାଷାଣ ହେଲେ ମଧ୍ୟ ସେ ଆଉ ପାଷାଣ-ହୋଇ ରହି ପାରିବ ନାହିଁ, ଏହି ବୟସରେ ୧୬ ବର୍ଷରୁ ୩୦ ବର୍ଷର ଯୁବକ ଶମ୍ଭୁରେ ଲଗଣ ନା କହିବା । ଅର୍ଥାତ୍ ସେ ଯୁବତୀକୁ ଦେଖିଲେ ଅଚଳ ଚୋରୀର ଯୋଗଭଙ୍ଗ ହୋଇପିବ ।

୬୭ । ଚଢ଼ାଶୁକ-ବୋଲୁଥିବା ଶୁଆ । ଶିକା-ଉପର । ଧୂପ-ଲୁଖୁହେଡ଼ା ସମ୍ବେଳ । କୋଇଲି-କୋକିଳ । ପାଠପଠନ-ପାଠପଢ଼ା । ମୃଦୁଭାଷା-ମଧୁର ଶବ୍ଦ ।

ପ୍ରତଣ୍ଡ ମଧ୍ୟ ଏ ସମୟରେ ବୋଲୁଥିବା ଶୁଆର କଣ୍ଠ ଓ କର୍ଣ୍ଣରେ ଭୋଇଲ କଣ୍ଠ ଯେପରି ପଥର ପାଲଟିଯାଏ ଅର୍ଥ ତୁ ଘଟେ ନାହିଁ; ମାତ୍ର ଲାବଣ୍ୟବତୀଙ୍କ ପାଠ ପଢ଼ିବା ଶୁଣି ଶୁଣି ଶୁଆ ଓ କୋଇଲି ଉପର ଭଳି କଣ୍ଠୀଭୂତ ହୋଇଗଲେ ।

୬୮ । ଗୋଚରରେ-ଜାଣିବାରେ । ହାଦ୍ୱ-ଜବାବ, ନିର୍ବୋଧ ।

ସରସ୍ୱତୀ ଯେତେ ପାଠ ଜାଣିଥିଲେ ସେସବୁ ଲାବଣ୍ୟବତୀକୁ କହିଦେଲେ; ଆଉ କହିଲେ, ତୁ ମୁହଁରୁ ପଣ୍ଡିତ ମୋ ସହିତ ବାଦ କେବେ ଭ କରିବୁ ନାହିଁ ।

୬୯ । ଲଜ୍ଜାପଟ୍ଟ-ଲାଜ ଜବାରତ ପାଟଲୁଗା । ପଟ୍ଟମହଣ୍ଡି-ପାଟଶାଢ଼ୀ । ଓଢ଼ନି-ଆଚ୍ଛାଦନ । ଆକର୍ଷିଲୁ-ଟାଣିଲ । ଅଙ୍ଗଦେଶମାନ-ଶରୀରର ସ୍ଥାନସବୁ ।

୭୦ । ପାଣ-ଯୋଗ୍ୟ, ଅଧାର । ଶତମ୍ବ-ପିଠି । ଜଘନ-ପିଠିର ସମ୍ମୁଖ ଅଂଶ । ଉରୁ-ଜଙ୍ଘ । ଉରୁ-ବଣ୍ଟାଳ । କୃତକୃତ୍ୟ-କୃତାର୍ଥ ।

୭୧ । ସ୍ତନରୁ ଲୁଗା ଉଠି ଯିବାରୁ କା ଘୁଞ୍ଚି ଯିବାରୁ ସ୍ତନଭିତିରୁ କ୍ରିତ ଅଙ୍କୁର ଉଠିଥିବା ଦେଖା ଯାଉଛି । ସେ ଯେପରି ହୃଦୟବେଦୀରେ ଅଭିଷେକର କୁମ୍ଭ ବୁଲାଇ ପରି ।

୭୨ । "ଏ ସମସ୍ତ ମାହୁନ୍ତ" ହେଉଛି—ଲାବଣ୍ୟବତୀର ଯୌବନ କାଳ । ଶୁଣି ତାର ସୁନ୍ଦରୀପଣ ହେଉଛି—ହସ୍ତୀ ହାତୀ । ଏପାଖେ ଚୌପଟ (ବନ୍ଧଶାଳ) ହେଉଛି ଅନ୍ତଃପୁର । ମାହୁନ୍ତ ଯାଉଛ ହାତୀକୁ ଯେପରି ଚୌପଡ଼ର ବାନ୍ଧି ରଖେ, ସେହିପରି ଲାବଣ୍ୟବତୀର ଯୌବନ ଅବସ୍ଥା ତାହାକୁ ଅନ୍ତଃପୁରରେ ବାନ୍ଧିଛି ।

ତେଜିଲ ବଳେ ଧନୁ ସେ । ୭୨ । ନେତ୍ରାଞ୍ଚଳେ ତଳ ପ୍ରକାଶ ହେଲା ଅସି ।
ତନୁ କଳ ଶ୍ଳୁଷମାନଙ୍କୁ ପ୍ରକାଶ ସେ । ୭୩ । ଏ ପ୍ରଶସ୍ତ ସୁକେଶିନୀ ଭଙ୍ଗୀ
ଭାବ ଶାନ୍ତ । ଶରବନ୍ଧ ଶିକ୍ଷା କି ସଂସାର ଗୁରୁଠାରୁ ସେ । ୭୪ । ସୁନ୍ଦରୀ ସର୍ବାଙ୍ଗେ
ସେ ହେବ ତୁ ଚକ୍ରବର୍ତ୍ତୀ । ତେଣୁ ଯେ ପଞ୍ଚ ଅଙ୍ଗରେ ଭୂପତି ସମ୍ମତି ସେ । ୭୫ ।
କୁନ୍ତଳ ଦେଶରେ ଚୂଡ଼ା ଶୋଭା କରାଇଲା । ବଦର୍ଭରେ ହାସକୁ ପ୍ରସ୍ଥର ପଣ
ଦେଲା ସେ ।୭୬। ମାଳବରେ କଣ୍ଠକୁ ଭୂଷଣ କଲା ଦେଇ । ଗୁର୍ଜ୍ଜରରେ ଜୈ ଉତ୍ତ-
କଳ ଉରଜକୁ ଚର୍ଚ୍ଚି ସେ । ୭୭ । କାଞ୍ଚୀରେ ରଞ୍ଜନ ଭଲ ମଧ୍ୟକୁ କରତ ।
କନକକଣ୍ଟକେ କଲା ପାଦକୁ ପୂଜିତ ସେ । ୭୮ । ମଣି ରମଣୀମଣିକ ଶାଣ
ସଉଜନ । ବହୁମୂଲ୍ୟ ପ୍ରଶସ୍ତ ବଢାଇ ଯତ୍ନବନ ସେ ।୭୯। ଉପମ, ଆଶ୍ରିତ କାନ୍ତି
ମନ୍ଦ କଲ ହେଲେ । ସୁନ୍ଦରେ ଯାହାର ଅଙ୍ଗେ ସୁନ୍ଦରୀ ହୋଇଲେ ସେ । ୮୦ ।

---

୭୩ । ନେତ୍ରାଞ୍ଚଳେ ଅସି ଶୋଭିଲେ । ତଳ-ଚଞ୍ଚଳ । ଚକ୍ଷୁ [illegible] ଭିମତା, ସନ୍ଧାଣି ।
ପୂର୍ଣ୍ଣ ଯୌବନ ହେବୁ ତା ଅସି କୋଣର ଚଞ୍ଚଳ ଲକ୍ଷଣ ପ୍ରକାଶ ପାଇଲା, ପୁଣି
ଅଧିକ ଶୃଙ୍ଗାରୀ କଥା କହିବାକୁ ଲାଗିଲା ।

୭୪ । ପ୍ରଶସ୍ତ-ଉତ୍ତମ ଏ ଭଙ୍ଗୀ । ବଧୂ-ସ୍ତ୍ରୀ । ଶରବନ୍ଧ-ଶରବନ୍ଧାରୁ, ଦର୍ପଣ ଶର ହେବାରୁ ।
ଶିକ୍ଷା-ଶିକ୍ଷାର ବଳରେ, ଶିକ୍ଷା କରେ । ସଂସାର ଗୁରୁ-ଅନଙ୍ଗ ଶିଷ ଓ ଧିରକରଣର
କାମଦେବଙ୍କ ଅର୍ଥ ତ ସ୍ୱାମୀ ।
ଯେଉଁରୁ ତାହା ଶରବନ୍ଧ ଯୋଗୁଁ ପଞ୍ଚ ଶିଷ କରିବାକୁ ପାଏ । ଜଣାପାଏ, ଏ
ସୁନ୍ଦରୀ ସ୍ୱକାମ୍ପୂର୍ବକୁ କାମପୂଜାରେ ଜୟ କରିବାକୁ ଇଚ୍ଛା କରି କନ୍ଦର୍ପ ଶରବନ୍ଧା
ସଂସାର ଗୁରୁଠାରୁ ଶିକ୍ଷାଲାଭ କରିବ ।

୭୫ । ଚକ୍ରବର୍ତ୍ତୀ-ସାର୍ବଭୌମ । ଭୂପତି-ରାଜା ।

୭୬ । କୁନ୍ତଳ-ଦେଶ । ଚୂଡ଼ା-ଖୋସା । ବଦର୍ଭରେ-ଏଠ ସହରରେ ।

୭୭ । ମାଳବ-ମାଳାବରୁ । ଭୂଷଣ-ଶୋଭା । ଗୁର୍ଜ୍ଜର-ଦାଶରୁ । ଉରଜ-ସ୍ତନ ।

୭୮ । କାଞ୍ଚୀ-କଟୀଭୂଷଣ । ରଞ୍ଜନ-ପ୍ରୀତିଜନକ । ମଧ୍ୟ-ଅଣ୍ଟା । କନକକଣ୍ଟକ-ସୁନା
ବଳା ଏ ପୂଜିତ-ଆଦର ଯୋଗ୍ୟ ।
ମଣି ଶାଣ ଯୋଗୁଁ ଉପରୁ ଉଜ୍ଜ୍ୱଳ ହୋଇ ଅଧିକ ମୂଲ୍ୟବାନ ହୁଅନ୍ତିରେ,
ସେହିପରି ନାରୀଶ୍ରେଷ୍ଠ ଜବଣୀରତାର ଶାଣରୂପକ ଯୌବନ ଅବସ୍ଥା ପାଇବାରୁ
ଦିନକୁ ଦିନ ତାର କାନ୍ତିକୁ ଅଧିକ ମୂଲ୍ୟବାନ କରୁଅଛନ୍ତି ।

୮୦ । ମହାନ କବି ହେଲେ ମଧ୍ୟ ସେ ଅଙ୍ଗ ଦେଖିତ ଉପମା (ଅର୍ଥାଲଙ୍କାର) ପାଣି
ଥୋଇବ । କାରଣ, ଯାହା ଅଙ୍ଗରେ ସବୁ ସୁନ୍ଦରତାଶୂନ୍ୟ ସୁନ୍ଦରକୁ ସୁନ୍ଦର
ହୋଇଛି ।

ଜୟ ଜଗନ୍ନାଥ ସ୍ୱାମୀ ଶ୍ରେୟର ନିଳୟ । ମୁନିଗଣ କାମଦାୟୀ ଉଦ୍ଧ୍ୱବାସୀ ପ୍ରିୟ ହେ ॥ ଉପେନ୍ଦ୍ର ଭଞ୍ଜ ବୀରବରଙ୍କ ଜନକ । କଟେର୍ଶରେ ଏହୁ ଗୀତ ହେଲା ସମାପତ ହେ । [୨] ।

—*—

୯୧ । ଶ୍ରେୟର ନିଳୟ-ମଙ୍ଗଳର ଆଧାର । କାମଦାୟୀ-ଆଶା ପୂରଣକାରୀ । ଉଦ୍ଧ୍ୱବାସୀ ଉଦ୍ଧ୍ୱରେ ବାସ କରୁଥିବା ଯୋଗୀ ବ୍ରହ୍ମାଙ୍କ ନାଆଁ ।

## ପ୍ରଥମ ଓ ଦ୍ୱିତୀୟ ଛାନ୍ଦର ସାର କଥା

ଥରେ ପାର୍ବତୀ ଖେଳିବାକୁ ଇଚ୍ଛା କରି ଆପଣା ମନରୁ ଗୋଟିଏ କନ୍ୟା ଜାତ କଲେ । ସେ କନ୍ୟା ପାର୍ବତୀଙ୍କଠାରୁ ବଳି ସୁନ୍ଦରୀ ହେଲା, ମହାଦେବ ଦେଖିଲେ ଲୋଭ କରିବେ ଏହି ଭୟରେ ତାକୁ ବସନ୍ତ ଉଦରରେ ରଖିଲେ । ପାର୍ବତୀ ସେ କନ୍ୟାକୁ ବର ଦେଇ କହିଲେ— ଯେଉଁ ପୁରୁଷ ତୋତେ ଛୁଇଁବ ସେ ଅବିଳମ୍ବରେ ତୋର ସ୍ୱାମୀ ହେବ । ଏଣେ ଗୋଟିଏ ଯୁବକ ସୁନ୍ଦରୀ ସ୍ତ୍ରୀ ପାଇବା ଆଶାରେ କେତେ ତପ ବ୍ରତ କରି ଶିବଙ୍କୁ ଦର୍ଶନ କରିବାକୁ ଯିବା ବାଟରେ ପାର୍ବତୀ ମନଜାତ କାମିନୀଟିକୁ ସେ ବସନ୍ତରେ ଦେଖିଲେ । ପରସ୍ପର ପରସ୍ପରର ସୁନ୍ଦର ରୂପ ଦେଖି ନାରୀ ପୁରୁଷ ସମ୍ବନ୍ଧ ସ୍ଥାପିବାକୁ ଇଚ୍ଛା କଲେ । ଚୁମ୍ବନ ଦେବାବେଳେ ସେ ସୁନ୍ଦରୀ ମରିଯିବା ଦେଖି ଯୁବକ ଦୁଃଖ ପ୍ରକାଶ କରି କାନ୍ଦିବାରୁ ଆକାଶରୁ ଶୂନ୍ୟବାଣୀ ହେଲା—ହେ ଯୁବକ, ତୁ ତାକୁ ସେଠାରେ ରଖିଦେଇ ଗଙ୍ଗାରେ ଝାସ ଦେ, ଆର ଜନ୍ମରେ ଏହାକୁ ପାଇବୁ । ତହୁଁ ସେ ଯୁବା ଯୋଗୀ ଶୂନ୍ୟବାଣୀକୁ ପ୍ରତିପାଳନ କରି କର୍ଣ୍ଣାଟ ଦେଶ କାଞ୍ଚି ରାଜାଙ୍କର ପୁତ୍ର ହୋଇ ଜନ୍ମ ହେଲା । ରୂପଗୁଣ ଅନୁସାରେ ତାଙ୍କର ନାଆଁ ହେଲା ଚନ୍ଦ୍ରଭାନୁ ।

ସିଂହଳ ଦେଶର ରାଜା ରତ୍ନେଶ୍ୱର, ରାଣୀ ଚନ୍ଦ୍ରକଳାଙ୍କର ପାଞ୍ଚଟି ପୁତ୍ର । ପୁଣି ଆଉ ଗୋଟିଏ ଝିଅ ପାଇଁ ରାଣୀ ଦୁର୍ଗାଙ୍କୁ ପ୍ରାର୍ଥନା କରି ବ୍ରତ କଲେ । ଦୁର୍ଗା ବାଞ୍ଛାକଳ୍ପୀ ଆମ୍ବକୁ ଆମ୍ବଫଳରେ ଦେଇ ସେ ରାଣୀକୁ କହିଲେ—ଏହି ଆମ୍ବକୁ ତୁମ୍ଭେ ଭକ୍ଷଣ କଲେ ତୁମ୍ଭର ଝିଅ ହେବ । ତହୁଁ ରାଣୀ ସେ ଫଳ ଭକ୍ଷଣ କରି ରାଜା ସଙ୍ଗେ ସହବାସ କରିବାରୁ ଗୋଟିଏ ସର୍ବ ସୁଲକ୍ଷଣଯୁକ୍ତା କନ୍ୟା ହେଲା । କନ୍ୟାର ନାମ ଲବଣ୍ୟବତୀ ଦେଲେ । ଲବଣ୍ୟବତୀ କ୍ରମେ ବଡ଼ ହୋଇ ଯୁବତୀ ହେଲା । ସେ ଏକାବେଳକେ ଚତୁରୀ, ରସିକା ଓ ସୁନ୍ଦରୀରୁ ସୁନ୍ଦରୀ ହେଲା ।

# ତୃତୀୟ ଛାନ୍ଦ

ରାଗ—କେଦାର, ଚକ୍ରକେଳି ବାଣୀ

( ଲାବଣ୍ୟବତୀ ପ୍ରଥମେ ଉଦ୍ଭ୍ରମିତା ହେବା )

ଶୁଣ ରସିକ ନବ ଯଉବନା । ହୋଇ ବନିତା ମଣ୍ଡିଲା ଅବନୀ ॥ ୧
ଏଣୁ ଉପମାପଣ ନିରନ୍ତର । ନ କରିବା ଯୁକ୍ତ ହୋଇଲେ କାତରେ ॥ ୨
ଝଳ କାନ୍ତିରେ ଲକ୍ଷଣ ସ୍ତନକ । ଜିଣି କଣ୍ଟକଦୁର୍ଗକୁ କେତକ ॥ ୩
ଯାହେଁ ମନ୍ଦର କୁଚ ବଢ଼ିବାରେ । କମ୍ପା ବୁଡ଼ି ନ ମଲା ପାରାବାରେ ॥ ୪
ନାସା ପୁଟ ଫୁଲିବାର ଅନାଇ । ଭାଷାବନ୍ତେ ଶୁକ ମନ ମଜାଇ ॥ ୫
ମୁଖେ ପ୍ରସରି ଅଛି ସ୍ୱରସଣ । ମୁଖେ ଦର୍ପହାକୁଁ କଲା ଦର୍ପଣ ॥ ୬
କମ୍ବୁ କଣ୍ଠ ଦେଖି ଅତି ଆର୍ତ୍ତିରୁ । ସମ ନୋହେ ବୋଲି ଭାବେ ଶାରଙ୍ଗ ॥
ନେତ୍ର ସଙ୍ଗେ ଲକ୍ଷିବେ କି ସୁମନ । ମୀନ ଜଳ ସ୍ଥାନରେ ଯାଏ ମରି ॥ ୮
ହୋଇ ହାସରେ କୁସୁମ ଅର୍ପିତ । ମକରନ୍ଦ ଛଳେ ଅଶ୍ରୁ ଛେକଳ ॥ ୯

---

୧ । ନବ ଯଉବନା-ନୂଆ ଯୌବନପ୍ରାପ୍ତା । ବନିତା-ସ୍ତ୍ରୀ (ଲାବଣ୍ୟବତୀ) । ଅବନୀ-ପୃଥିବୀ ।

୨ । କାତରେ-ବ୍ୟାକୁଳ, ବ୍ୟସ୍ତ ।

୩ । ଝଳ-ଉଜ୍ଜ୍ୱଳ ଦୀପ୍ତି । କଣ୍ଟକଦୁର୍ଗ-କଣ୍ଟାପୂର୍ଣ୍ଣ ଗଡ଼ ।

୪ । ପାରାବାରେ-ସମୁଦ୍ରରେ ।
ଲାବଣ୍ୟବତୀର କୁଚ କ୍ରମେ ଉନ୍ନତ ହେବା ଦେଖି ମନ୍ଦର ପର୍ବତ ଲଜ୍ଜିତ ହୋଇ ପାଞ୍ଚିଲା—ମୁଁ ସମୁଦ୍ରରେ ବୁଡ଼ି ନ ମଲି କାହିଁକି ବା ବଞ୍ଚିଲି ।

୫ । ଲାବଣ୍ୟବତୀ ନାକପୁଡ଼ା ଫୁଲାଇ ଏପରି ଭାବରେ କଥାବାର୍ତ୍ତା ଆରମ୍ଭ କଲା, ଯାହାକୁ ଦେଖି ଶୁକପକ୍ଷୀର ମନ ମଧ୍ୟ ମାଜିଗଲା ।

୬ । ଆରସି ତାର ମୁଖ ଶୋଭାରେ ସମାନ ନ ହୋଇ ଦାବୀପାତ୍ର ହେବାରୁ ତାର ଗର୍ବ ନଷ୍ଟ ହେଲା, ତହୁଁ ସେ ଦର୍ପଣ ନାମ ଧାରଣ କଲା ।

୭ । ଲାବଣ୍ୟବତୀର କଣ୍ଠ ସହିତ ଶଙ୍ଖ ସମାନ ନ ହେବାରୁ ସେ ଅତି ଦୁଃଖରେ ପ୍ରାଣଦାନ ସକାଶୁ ଦେବ ମନ୍ଥନରେ ଉଦ୍ଧାର ହେଲା ।

୮ । ଲକ୍ଷିବେ-ଲକ୍ଷ ହେବେ ବା ସମାନ ହେବେ । ସୁମନ-ତନ୍ତ୍ରାବନ୍ତ, ବହୁର ଜନ ।

୯ । ମକରନ୍ଦ-ଅମୃତ, ମଧୁ ।
ଲାବଣ୍ୟବତୀର ହସରେ ଫୁଲସବୁ ପରାଜିତ ଆଉ ମଧ୍ୟ ତାଙ୍କର ଅଶ୍ରୁବିନ୍ଦୁ ମକରନ୍ଦକୁ ଛଳନା କରି ଅତି ମଳିନ ଧରଣର ଦେଖାଯାଉଥିଲା ।

ରମ୍ଭା ଉପମା ପଦ ପ୍ରଦେଶକେ । ଆଉ କେହୁ ସମ ହେବ ଅଂଶକେ ।୧୦
କୁନ୍ଦକୋରକ ହୀରକ-ରଦନା । ସୁଧାକର ସରସିଜ ବଦନା ।୧୧
ଏ ପ୍ରାୟେ ପରମ୍ପରା ଅଛନ୍ତି । ବାଳାମାନେ ବର୍ଣ୍ଣିବାରେ କୁତ୍ସିତ ।୧୨
କଞ୍ଜ ଖଞ୍ଜନ ଗଞ୍ଜନ ଲୋଚନା । ମତ୍ତ ପରଭୃତ-କଳ ବଚନା ।୧୩
ଏ କଥାରେ ବର୍ଣ୍ଣିଲେ ସେ ଚକ୍ଷୁଷ । କେତେ ହୋଇବ ବଦତା ସୁକ୍ଷ୍ମ ।୧୪
ପର୍ଣ୍ଣି କୃଶ କଲ୍ଲ ମଧ୍ୟ ଶୋଭିତ । ତାହିଁ ବୃହି ହେଉଥାଇ ଲୋଭିତ ।୧୫
ଇହିଁ ସୁନ୍ଦରେ ସୁନ୍ଦର ହୋଇଲେ । କଅଣ ଅଧିକ ହୋଇବ କୋଇଲେ ।୧୬
ଏ ପ୍ରକାର ସୁନ୍ଦରୀ କୃଶୋଦରୀ । ଅଛନ୍ତି ଶତେ ଯେ ଶପ୍ତକ ଆଦରି ।୧୭
ନିଦ୍ରା ନାଶ ଅବକାଶ ଆଶରେ । ଜଗିଛନ୍ତି ଏତେ ସଖୀ ଆଶାରେ ।୧୮
କଳ ଧାବି ସୁନ୍ଦରୀ ହେମ ମଞ୍ଜୁଷା । ଅକ୍ଷିପକ୍ଷି ବନ୍ଧକ ସେ ପଞ୍ଜୁଷା ।୧୯
କାମକଳା ନାମ ମନ୍ତ୍ରୀ ଦୁହିତା । ବନ୍ଧୁ ବନ୍ଧାଣୀ କୋଳର ବନ୍ଧିତା ।୨୦
ରସଲେଖା ସୁରେଖା ଶଶିଲେଖା । ହାରାବଳୀ ଚନ୍ଦ୍ରାବଳୀ ଏ ଲେଖା ।୨୧
ରତ୍ନମାଳା ହେମମାଳା ବିମଳା । ପ୍ରେମଶୀଳା ସୁଶୀଳା ପଦ୍ମମାଳା ।୨୨
କଳ୍ପଲତା ମଦାଳସା ମଞ୍ଜୁଳା । ପ୍ରେମ ସୁଧାବ୍ଧି ପୁଷ୍ପମଞ୍ଜୁଳା ।୨୩
ଷୋଳସାମନ୍ତସୁତା ରୂପେ ସରି । କାହୁଁ ହୋଇବେ ସ୍ୱର୍ଗ ଅପସରୀ ।୨୪
ଅଙ୍ଗ ସ୍ୱେଦ ନୋହିବାକୁ ଜନିତା । ଗ୍ରୁଲେ ଫୁଲବ୍ୟଞ୍ଜନ ଯେ ବନିତା ।୨୫
ଷଣ୍ଡ ଚାମର ରଜ ଉପଚାର । ଛଳ କେହି କେହି କରେ ପ୍ରଚାର ।୨୬

---

୧୦ । ରମ୍ଭା-କଦଳୀ ଗଛ ।

୧୧ । କୁନ୍ଦ କୋରକ-କୁନ୍ଦ ଫୁଲର କଢ଼ି । ହୀରକ-ହୀରା । ରଦନ-ଦାନ୍ତ । ସୁଧାକର-ଚନ୍ଦ୍ର । ସରସିଜ-ପଦ୍ମ ।

୧୨ । ପରମ୍ପରା-ପୂର୍ବରୁ ଏ ପ୍ରକାର ବର୍ଣ୍ଣନା । ବାଳା-ସ୍ତ୍ରୀ । କୁତ୍ସିତ-ଅସୁନ୍ଦର ।

୧୩ । କଞ୍ଜ-ପଦ୍ମ । ଖଞ୍ଜନ-ଭଳଲପାଟି ଚଢ଼େଇ । ଗଞ୍ଜନ-ପରାଜିତ । ପରଭୃତ-କୋଇଲି ।

୧୭ । କୃଶୋଦର୍-ଅଣ୍ଟାଁ ସ୍ତ୍ରୀର ପେଟ ସରୁ ।

୧୮ । ଅବକାଶ-ଫୁରସତ୍ । ଆଶା-ଇଚ୍ଛା ।

୧୯ । ସୁନ୍ଦରୀ-କନ୍ୟା । ଅକ୍ଷି-ଆଖି ।

୨୦ । ଦୁହିତା-କନ୍ୟା । ବନ୍ଧାଣୀ-ଚାରୁଗର । ବନ୍ଧିତା-ଯୁକ୍ତ ।

୨୪ । ଷୋଳସାମନ୍ତ-ଷୋଳଟି ସାମନ୍ତ ରଜା ଯାହାଙ୍କ ଅଧୀନରେ ରଜା ହୋଇଥାନ୍ତି ।

୨୫ । ଜନତା-ଜଳ, କର୍ପୂର । ଫୁଲବ୍ୟଞ୍ଜନ-ଫୁଲର ବିଞ୍ଚଣା ।

୨୬ । ଚାମର-ଚଅଁର । ରଜ ଉପଚାର-ଉତ୍କୃଷ୍ଟ ଧରଣର ଭୋଗକରିବା ସେବା ।

ଦଣ୍ଡ ଚରଣେ କର ନଟବେଶନ | ଧୀରେ ଧୀରେ କେ କରେ ଅ[illegible]
ପୂଗ ଖଦିର ଚୂର୍ଣ୍ଣ କେ ଶୋଷଣୀ | ତକ୍ୟପଞ୍ଚକ ଆଗରେ ଥୁଇ | ୨୮
କାହୁ ଝୀନବାସ କୁଞ୍ଚ ସଜ୍ଜରେ | ଗୁଞ୍ଜ ରଖିଛୁ କେ ତୂନା ଉଦ୍ଧରେ | ୨୯
ତଳମାନ ଦଣ୍ଡ ଧର ସେବକ | ଗୁଣ୍ଡି ଅଛୁ କେ ମାଜଣା ସୁନ୍ଦରୀ | ୩୦
ଝରି ଶିକଳୀ ଗଳାକୁ ମୀଳକା | କନ୍ଧଜନ୍ତୁ ଦେଖ କେଉଁ ବାଳକା | ୩୧
ଭିରି ଲବଣୀ ପିନ୍ଧର ବଳନା | କରୁଅଛୁ କଷି କେଉଁ ଲଳନା | ୩୨
ମୃଗମଦ ଘୋଳୁଛି କେଉଁ ମିତ | ଭୂତ ବଦନ୍ଧ ଲେପନ କମିତ | ୩୩
ପେଣ୍ଡା ପେଣ୍ଡ଼େ କାଟୁଛି ରତନ | ଅଳକାରେ ଲଗଉଁମାନେ ଯତନ | ୩୪
ଘନସାର ମିଶାଇ ଚନ୍ଦନରେ | କେତେ ଥୋଇଛି ହରଷ ମନରେ | ୩୫
ପକ୍ଷୀମାନଙ୍କର ଏଣ୍ଡ ବ୍ୟାପାର | ଗଣରୂଢ଼କା ଅଛନ୍ତି ଅପାର | ୩୬
ଫୁଲ ଫଳଙ୍କର ନାମ ଜଣକ | ଧରି ଝଗ ଜଣିଆ କେ ମୋହକ | ୩୭
କେଣ୍ଟ କରୁଛି ମୁକୁର ମାର୍ଜନା | କେ ଖଟଉ ଖାଳିକ ରେ ଲଞ୍ଜନା | ୩୮
ଅପସର କେ ଦେଖୁଛି ସଭରେ | ପୀଠ ପକାଉଛି କେତେ ଚତ୍ୱରେ | ୩୯

୨୭ | ନଟବେଶନ-ଥୋଇବା | ଅସ୍ୱାଦନ-ଅକ୍ରିୟା, ଶାନ୍ତ ହେବା |

୨୮ | ପୂଗ-ଗୁଆ | ଖଦିର-ଖଇର | ଚୂର୍ଣ୍ଣ-ଚୂନ | ତକ୍ୟ ପଞ୍ଚ-ଭଲ ପାଟଲ |

୨୯ | ଝୀନ-ଅତ୍ୟନ୍ତ ସରୁ | ବାସ-ଲୁଗା | କୁଞ୍ଚ-କୁଞ୍ଚଇ ଭଲ |

୩୦ | ତଳମାନ-ପାଦୁକା ଖଡ଼ୁ | ମାଜଣ-ମାଜଣା ସ୍ତ୍ରୀ |

୩୧ | ଝରି-ଜଳଡୋଲା | ଶିକଳୀ-ବନ୍ଧା ହୋଇଥିବା | ଗଳ୍ପ-ଜୁଆ | ମାଳକା-
ହାରସବୁ |

୩୨ | ବଳନା-ଘାଣ୍ଟି କର |

୩୩ | ଲେପ ଚନ୍ଦନ-ନାନା ବର୍ଣ୍ଣର ଚିତ୍ର କରିବା |

୩୪ | ପତନ-ଭଲ |

୩୫ | ଘନସାର-କର୍ପୂର |

୩୬ | ବ୍ୟାପାର-ଡାଳି | ଗଣରୂଢ଼କା-ଗୃହବଧୂଣୀ |

୩୭ | ଫଳ ଫଳଙ୍କର ନାମ ଲେଖିତ, ଯଥା—କୁନ୍ଦ,ମାଳତୀ,ବକୁଳ,ଚମ୍ପା,କମଳା ଇତ୍ୟାଦି
ନାଆଁକୁ ଛବାଣ ଭଷ୍ଟ | ଝଗ ଖରୁଆ-ସୂତେଇ ଥାଳୁରର ପିଢ଼ାଣା | ମୋହକ-
ଖୁଣ୍ଟି |

୩୮ | ମୁକୁର-ଆରସୀ | ମାର୍ଜନ-ସଫା କରିବା, ମାଜିବା | ଖଟଉ-ମଞ୍ଜିଣୀ |

୩୯ | ଅପସର-ତଳଆ | ପୀଠ-ଚଉକି | ଚତ୍ୱରେ-ଅଗଣାରେ |

ଜଳ ଅଣୁଛନ୍ତି ଜେ ହେମ କୁମ୍ଭରେ । ନାହିଁ ଅସର ଏହି ଆରମ୍ଭରେ ।୪୦
ଶୁକ୍ଳପକ୍ଷ ଦଶମୀ ବୁଧବାରେ । ସିଦ୍ଧ ସାଧ୍ୟଯୋଗ ଯୋଗ ହେବାରେ ।
ଦିନ ଅଷ୍ଟଦଣ୍ଡ ଭୋଗ ଆଦିତ୍ୟ । ଶୁଭବେଳା କୁଳଲଗ୍ନ ଉଦିତ ।୪୨
ପୁଷ୍ୟାନକ୍ଷତ୍ର କର୍କଟ ଚନ୍ଦ୍ରରେ । ବୃହସ୍ପତି ତୁଙ୍ଗ ଉଚ୍ଚ କେନ୍ଦ୍ରରେ ।୪୩
ସ୍ଥିତି ଶନିଶ୍ଚ ମଙ୍ଗଳ ମକରେ । ମେଷେ ଅସୁରଗୁରୁ ଲୀଳା କରେ ।୪୪
ଧନ୍ୟ ହୋଇଅଛି ସ୍ଵର୍ଗ କନ୍ୟାରେ । ବୁଧ ମିଥୁନରେ କେତୁ ମୀନରେ ।୪୫
ସିଂହେ ସ୍ଥିତ ହୋଇଛି ଦିବଶ୍ରିନ । ସୌମ୍ୟ ଗ୍ରହ ଦୃଷ୍ଟି ଲଗ୍ନେ ପତନ ।୪୬
ଏ ସମୟରେ ରମଣୀ ରତନ । ଋଜୁ ଲକ୍ଷଣ ଭଜିଲା ଚେତନ ।୪୭
ନନ୍ଦାଗିରି ହରେ ପଟ ପତନ । ଯାହା ଚଳାଇଲା କାମକେତନ ।୪୮
ଜାତିମାଳାକୁ ଠାଣି ନେତ୍ରାନ୍ତରେ । ଗଲା ଗୋପ୍ୟମନ୍ଦରେ ଭରତରେ ।୪୯
ଘନ ଲେଖା ସେ କେତେ ବିବେକରେ । ରଙ୍ଗପାଟ ଦୁକୂଳେ ନେଇ କରେ ।୫୦
ଯାଇଁ ଏକାନ୍ତେ ଯତ୍ନେ ରତ୍ନବେଣୀ । ଜଙ୍ଘସନ୍ଧିଭାଗେ ଦୃଷ୍ଟି କରେଣୀ ।୫୧

---

୪୦ । ହେମକୁମ୍ଭ-ସୁନାମାଠିଆ । ଅସର-ଚବୁସ୍ତ ।

୪୧ । ସିଦ୍ଧି-ଜ୍ୟୋତିଷ ଶାସ୍ତ୍ରର ପ୍ରଧାନ ପ୍ରଧାନ ଯୋଗ ବିଶେଷ । ସାଧ୍ୟଯୋଗ-ଯେଉଁ ଯୋଗରେ ଉତ୍ତମ କର୍ମସବୁ କରାଯାଏ । ଯୋଗ-ଏକାଠି ।

୪୨ । ଅଷ୍ଟଦଣ୍ଡ-ଆଠଦଣ୍ଡ । ଆଦିତ୍ୟ-ସୂର୍ଯ୍ୟ ।

୪୪ । ଶନିଶ୍ଚ-ଶନି । ଅସୁରଗୁରୁ-ଶୁକ୍ର ।

୪୬ । ଦିବଶ୍ରିନ-ସୂର୍ଯ୍ୟ । ସୌମ୍ୟ-ଶୁଭ । ପତନ-ପଡ଼ୁଛି । ଦୃଷ୍ଟି-ନଜର ।

୪୭ । ଋଜୁ-ସୁସ୍ଥବନ୍ତ ହେବା । ଚେତନ-ଚେତନାଯୁକ୍ତ, ଜ୍ଞାନ ।

୪୮ । ପଟ-ବସ୍ତ୍ର । କାମକେତନ-ସ୍ତ୍ରୀଙ୍କର ଗୁପ୍ତ ଚିହ୍ନ, କାମ ପତାକା ।
ନନ୍ଦୀରୂପକ ପର୍ବତ ଉପରେ ବସ୍ତ୍ର ପଡ଼ିବାରୁ କନ୍ଦର୍ପ ସେ ଗୃହରେ ଜନ୍ମ ପତାକା ଦେଖାଇଲା ।

୪୯ । ଜାତିମାଳା-ଜାଈଫୁଲ ସମୂହ । ନେତ୍ରାନ୍ତରେ-ଆଖି କୋଣରେ । ଗୋପ୍ୟମନ୍ଦରେ-କେହି ନ ଜାଣି ପାରିବା ଭଳି ଘରେ ।
ଲାବଣ୍ୟବତୀ ଆଖି କୋଣରେ ଜାଈ ଫୁଲସମୂହ ଦେଖାଇ ପୁଷ୍ପବତୀ ହୋଇଥିବାର ସଙ୍କେତ ଦେଇ ଭରତରେ କେହି ନ ଜାଣି ପାରିବା ଘରକୁ ଚାଲିଗଲା ।

୫୦ । ସେ ବଡ଼ ବିବେକପୂର୍ବକ ନାଲିଆ ପାଟଲୁଗାଟିକୁ ଯୋଡ଼ାଏ ନେଇ ତାର ହାତରେ ଧରିଲା ।

୫୧ । ବହୁମୂଲ୍ୟ ଅଳଙ୍କାର ଭୂଷିତା ଲାବଣ୍ୟବତୀ ଏକାନ୍ତ ସ୍ଥାନକୁ ଯାଇ ଜଙ୍ଘ ସନ୍ଧିଭାଗକୁ ଯତ୍ନର ସହିତ ଦେଖିବାକୁ ଲାଗିଲା ।

ତାମ୍ର ପ୍ରତିମା ବ ଭଳେ ଯେସନ । ଫୁଲ ମନ୍ଦାର ହେମନ୍ତ ସମୟ । ୫୨
ରୁକ୍ଷ ଭୂମିରେ ମଣ୍ଡଳ ଆକାରେ । ଦ୍ରବ ହିଙ୍ଗୁଳ ଭାଜନ ଗଳିଲେ । ୫୩
କେଉଁ ସ୍ମୁଖୀ ହୋଇ ଆବ ବଦନ । ଚିତ୍ର ହେଲା ମୁକୁର ଦର୍ପଣ । ୫୪
ହେମ ପଦ୍ମଦଳେ ଚାମ କଣିକ । ଚଳ ନାସ୍ତି ନ ହେବ [illegible] । ୫୫
ପୂର୍ବାଚଳଙ୍କୁ ଲାଗି ରେ ସଙ୍କଳ୍ପ । କରେ ବମ୍ପଦେ ନାଶ୍ଚ[illegible] । ୫୬
ଘଲ୍ଲବନମାଳୀ ସ୍ତନଶମ୍ଭୁରେ । ପୂଜା ଅର୍ଘ୍ୟ ସାର ସ୍ୱର୍ଣ୍ଣକମ୍ବୁରେ । ୫୭
ଶାଦଜାତ ପ୍ରସାଦ କ ଖୋଳନ୍ତୁ । ସେହି ପ୍ରକାରେ ଲୁଚନ୍ତି ହୋଇଲୁ । ୫୮
ବାଳସ୍ୱନ୍ଦ ଜାନୁଗିନ୍ ସ୍ୱଭାବେ । ସ୍ଥିତ ଆଷ୍ୱସ୍ଥି ଆସ ବାଦ[illegible] । ୫୯
ଅଧୋମୁଖରେ ଶୋଣିତ ବମନ । ଉନ୍ନତ କ ଉରଜ ସେନ ମିଳ । ୬୦
ଓହ ସେନବା ଭଇ ମାନସରେ । ରକ୍ତ କ ଜଗନ-ପେଟ ଶେଷରେ । ୬୧
ନବଗାଢ଼ରେ ସିନ୍ଦୂର ଗୋଳନ । ଏହି ଉପମାରେ ଚନ୍ଦ୍ର ଶାଣ । ୬୨
ମୋହ ସଙ୍ଗେ ଖଣ୍ଡ ହେଉ ସମାନ । କରି ମାଉସ୍ୱର ଏହି ଗୁମାନ । ୬୩

---

୫୨ । ଜର୍ମିଳ ଧଳା ଭାନୁରେ ଶାଗଣ୍ଡ ରକ୍ତିମ ଚାକୁଡ଼ିଶ ରଙ୍ଗ ଯେପରି ଦେଖାଯାଏ, ସ୍ୱପ୍ନବଣ ହୋଇଥିବା ତଗସଙ୍କର ଫଳ ପରିମିତ ସ୍ଥାନ ସେହିପରି ଉଜ୍ଜ୍ୱଳ ରଙ୍ଗ ଦେଖାଯାଏ ।

୫୩ । ରୁକ୍ଷ ଭୂମିରେ-ଉଚ୍ଚ ସ୍ଥାନ ଉପରେ । ମଣ୍ଡଳ-ଗୋଲ । ଦ୍ରବ-ତରଳ । ହିଙ୍ଗୁଳ-ଲାଲ ବର୍ଣ୍ଣର ଧାତବ ପଦାର୍ଥ ।

୫୪ । ମୁକୁର-ଦର୍ପଣ ।

୫୫ । ହେମପଦ୍ମ-ସୁନା ପଦ୍ମ । ଚାମକଣିକ-କରଣ୍ଠ ବଣିଆ ।

୫୬ । ପୂର୍ବମାନଙ୍କୁ ତମ୍ଭ ଭଦ୍ରବା ସଭରେ ଅଛଠାରୁ ଶାରଗ୍ଭ ସମ୍ପଦଙ୍କୁ ପ୍ରସ୍ତୁତ କରୁଥିବା ପାଇଁ (ରକ୍ତିମ ବସ୍ତ୍ର)ରେ ସଙ୍କଳ୍ପ (ପ୍ରତିଜ୍ଞା) ବାନ୍ଧ ହେବ ।

୫୭ । ସ୍ତନଶମ୍ଭୁ-ଶିବଲିଙ୍ଗ ସଦୃଶ ସ୍ତନ । ସ୍ୱର୍ଣ୍ଣକମ୍ବୁ-ସୁନା ଶଙ୍ଖ ।

୫୮ । ଲୁଚନ୍ତି-ସୁନ୍ଦର । ପ୍ରସାଦ-ଅନୁଗ୍ରହ ଦ୍ରବ୍ୟ । ଶାରଦଜାତ—ଶର୍ତ୍ତ ସ୍ତୁପ୍ତ ବଣେଶ ।

୫୯ । ଉଦୟକାଳୀନ ସୂର୍ଯ୍ୟ ଯେପରି ରକ୍ତବର୍ଣ୍ଣ ଦେଖାଯାଏ, ସେହିପରି ଦେବଙ୍କୁ ସବୁଶ ରଙ୍ଗ ସଞ୍ଚର ଅସ୍ତ୍ରସ୍ଥ ସୂର୍ଯ୍ୟର ରଙ୍ଗରେ ଅବସ୍ଥିତ ।

୬୦ । ଅଧୋମୁଖରେ-ତଳ ମୁହଁରେ । ଶୋଣିତ-ରକ୍ତ । ବମନ-ବାନ୍ତି । ଉନ୍ନତ-ଉଚ୍ଚ ।

୬୧ । ନବଗାଢ-ଲବଣୀ ।

୬୩ । ଗୁମାନ-ଦମ୍ଭ, ଅଭିମାନ ।

ଉଡ଼ାଇଲା କି ସୁରଙ୍ଗ ପତାକା । ଏଣୁ ପଡ଼ିଲା ଚଳଦଳେ ଡକା । ୬୪
ଧାତା କୋମଳେ ଏ ତନୁ ରଚିଲା । ଅନୁରାଗେ ପୂର୍ଣ୍ଣକରି ସଞ୍ଚିଲା । ୬୫
ଭଲା ମଧ୍ୟ ଚିରିଥିଲା ନଖରେ । ବ୍ୟକ୍ତ ହୋଇଛି କି ଇଚ୍ଛାସୁଖରେ । ୬୬
ଗୋରଚନା ଲିପ ବନ୍ଧ ଲକ୍ଷଣ । କେଉଁ ସେହୁ ତୁଅନ୍ତି ବିଚକ୍ଷଣ । ୬୭
ତାଙ୍କ ଉପରେ କିବା ସଙ୍କୋଧରେ । ମହା ଆରକ୍ତିମାକୁ ମୁଖେ ଧରେ । ୬୮
ଦେଖି ଏମନ୍ତ ଶୋଭା ତାମରସ । ଫୁଲବାସିମାର ଜାତ ହରଷ । ୬୯
ଉରୁସନ୍ଧି ରୁନ୍ଧି ରଙ୍ଗ ଦୁକୂଳ । ପିନ୍ଧି ସଖୀ ଜାଣିବାକୁ ଆକୁଳ । ୭୦
ନଦ୍ୟାଭାଗ କେମା ଯିବା ବିଧାନ । ସଖୀମାନେ କଲେ ଅନୁସନ୍ଧାନ । ୭୧
କମ୍ପା ନୋହିଲା ମର୍ଦ୍ଦନ ମାଜଣା । ବେଳେ ଗଳିତ ନ ଯାଇ ଏ ଜଣା । ୭୨
କେ ବୋଇଲା ଅତ୍ୟନ୍ତ ଉପମସ୍ତ । ପ୍ରକଟିଲା କି କୁସୁମ ସମସ୍ତ । ୭୩
କେ ବୋଇଲା ସେ ପୀରତି ଲମ୍ପଟ । ଆମ୍ଭଠାରେ କରନ୍ତା କି କପଟ । ୭୪
କେ ବୋଇଲା ଛନ୍ନ ଏ ଘରଣୀକ । ଲାଜବଳଆଉଁ ଥିବ ପ୍ରୀତିକ । ୭୫
ଏଣୁ ସମସ୍ତଙ୍କୁ ହୋଇ ସୁବେଶ । ପାଟଜଉତଷ ସୁତା ପ୍ରବେଶ । ୭୬
ଗ୍ଲୁଭ ମଣାଇ ମୂଳକରି କାଳ । କେମା ପାଣକୁ ଚଳିଲେ ଢାଳ । ୭୭
ଯାଉଁ ପଥରେ ଦେଖିଲେ ଚେଟୀକ । ଯେଣ ଆସୁଅଛି ନାଟଶାଟୀକ । ୭୮
ବାସେ ଗୋଡ଼ାଇ ଅଛନ୍ତି ଅଳିଏ । ଏ ସଙ୍କେତୁ ସତ କରି ଆଳିଏ । ୭୯

---

୬୪ । ସୁରଙ୍ଗ-ଲାଲ । ଚଳଦଳ ଅଶ୍ୱତ୍ଥ ପତ୍ର । ଫଡ଼କା-ପତାକା ।

୬୫ । ଅନୁରାଗ-ପ୍ରୀତି ।

୬୬ । ମଧ୍ୟ-ଦେହର ମଧ୍ୟସ୍ଥଳ । ବ୍ୟକ୍ତ-ଦେଖା ।

୬୭ । ବିଚକ୍ଷଣ-ଚତୁର ।

୬୮ । ସଙ୍କୋଧରେ-ଅତି ଚାପରେ । ଆରକ୍ତିମା-ରକ୍ତବର୍ଣ୍ଣ ।

୬୯ । ତାମରସ-ପଦ୍ମ । ଫୁଲବାସିମା-ଋତୁମତୀ ସ୍ତ୍ରୀ ।

୭୦ । ରୁନ୍ଧି-ବନ୍ଦକରି । ରଙ୍ଗଦୁକୂଳ-ନାଲିଆ ପାଟ ।

୭୧ । ଅନୁସନ୍ଧାନ-ଗବେଷଣା, ଚିକଣି ଭଲ ଖୋଜିବା ।

୭୨ । ମର୍ଦ୍ଦନ-ଘଷି ହେବା । ମାଜଣା-ମାର୍ଜନ, ସ୍ନାନ ।

୭୩ । ପ୍ରକଟିଲା-ପ୍ରକଟ ହେଲା, ପ୍ରବୃଦ୍ଧ ହେଲା ।

୭୮ । ଚେଟୀ-ଦାସୀ । ନାଟଶାଟୀ-ଭଲ ଲୁଗା ।

୭୯ । ବାସେ-ସୁଗନ୍ଧରେ । ଅଳିଏ-ଭଅଁରମାନେ । ଆଳିଏ-ସାଙ୍ଗ ସଖୀମାନେ । ସଙ୍କେତ-ଚିହ୍ନ ।

ଯାଇଁ ନୃପସୁତା ପଶେ ମିଳଲେ । ହାସ ରହସ୍ୟ ଲୀଳାରେ ଚଳିଲେ ।୮୦
ତୁମ୍ଭ ଆମ୍ଭ ପ୍ରୀତି ନୁହେ ଆଜର । ଯଉବନସଙ୍ଗ୍ ସଙ୍ଗ ଲଜର ।୮୧
ତାହା ହଙ୍ଗ୍ କଲ୍ ଏତେ ଅନ୍ତର । କ କରବୁ ସଙ୍ଗ ହେଲେ କାନ୍ତର ।୮୨
ବାଣୀ କୋକଳକୁ ମଧୁର ହେବାରୁ । ନଖ ନଆଳୀ ଛବ ବଢ଼ିବାରୁ ।୮୩
ଦୁଗନଦରେ ଶଙ୍ଖ ରଞ୍ଜିବାରେ । ସ୍ତନ-କମଳ କଳା ବଢିବାରେ ।୮୪
କାନ୍ତ କେତକୀ ଝଳୁ ଝଳୁ ଝୁରୁ । ରୂକ୍ଷ ଆତ୍ମମାନେ ମଦନ ବଶରୁ ।୮୫
ପୁଷ୍ପ ସମସ୍ତ ହେଲଣି ନକଟ । ଧର କର ହୋଇଲ କ ପ୍ରକଟ ।୮୬
ଶୁଣି ସଖୀଏ କହିଲ ଏସନ । ନ କହିଲେ କହିଲଣି ବସନ ।୮୭
ବନେ ଶ୍ରକଣ୍ଠିତ ହେଲେ ମଧୁପ । ମଧୁପେ କ ନ ଜାଣନ୍ତି କାନ୍ଦପ ।୮୮
ପାଟସୂତରେ ଗ୍ରନ୍ଥି ଣ ମୋକ୍ଷକ । କେମ୍ବା ଲୁଗ୍ରଭ ଲେଉଟୁ କେଂବକ ॥
କେତେବେଳପାଏ ସୂର୍ଯ୍ୟ ଉଦତ । କଲପାରେ କୁଜ୍ଝଟି ଆଚ୍ଛାଦତ ।୯୦
କେତେବେଳ ଲୁକ୍ତା ପଷ୍ଟକାଷା । ଋଦାନ୍ତରେତ ଦେଖଦାନ୍ତି ଲକ୍ଷା ।୯୧
ଅବ ସିନ୍ଦୂର ପେଟ୍ଟଳା କନ୍ଦିବ । ଆଗ ଅଞ୍ଚଳେ ନୋହେ ସେ ନୋନ୍ଦିବ ॥
ସହତଗ୍ରୀ ପରିହାସ ସରତେ । ମୃଦୁହସୀ ଭସିଗଲ ଭରତେ ।୯୩
ମୁଖ ଝଟେଟିଲ୍ ନଜ ଉରଜେ । ଛିଡ ଠକ୍କି ଆରମ୍ଭିଲ କରଜେ ।୯୪
ପ୍ରେମଶୀଳା ମାତା ପାଶେ ଜଣାଇ । ଶର-ମଦର-ସମ୍ଭାର ଅଣାଇ ।୯୫

୮୨ । ଅନ୍ତର-ଅଲଗା । କାନ୍ତ-ସ୍ୱାମୀ ।

୮୪ । କଳା-କାନ୍ତଗଣ୍ଡପୂର୍ଣ୍ଣ ସୁନ୍ଦରତା, ଅଳ ସମସ୍ତ ।

୮୫ । ଗୃରୁ ସୁନ୍ଦର ।

୮୮ । ଉତ୍କଣ୍ଠିତ-ପ୍ରସ୍ଫୁଟିତ । ମଧୁପେ-ଭ୍ରମରମାନେ ।

୮୯ । ଟେଂବତ-ଉଜ୍ଜ୍ୱଳ ।

୯୦ । କୁଜ୍ଝଟି-କୁହୁଡ଼ି । ଆଚ୍ଛାଦ-ଘୋଡ଼ାଇ ।

୯୧ । ପଞ୍ଚ୍ଲାଙ୍ଗା-ସୁନ୍ଦର ଭୁରୁ ଶୋଭଣ । ଋଦାନ୍ତରେ-ସନ୍ତବେଳେ । ଲକ୍ଷା-ଝଳକା ।

୯୨ । ଅଞ୍ଚଳ-ଲୁଗାକାନି ।

୯୩ । ପରିହାସ-ଥଟ୍ଟା । ସରତ-ସ୍ରୋତ, ନଦୀ ।

୯୪ । କରଜେ-ନଖରେ ।
ଲବଣ୍ୟବତୀ ଲଜ୍ଜାରେ ଏତାବେଳକେ ମୁହଁକୁ ଅପଣାର ସ୍ତନଯୁଗ୍ମରୁ ଦେଇ ନଖରେ ଭୂଇଁକୁ ଠକ୍କି ଗାର ପକାଉଥା ।

୯୫ । ଶର ମଦର ଷମ୍ଭାର-ବଡ଼ୁଆଙ୍ଗ ହେବାର ପ୍ରାଥମିକ ଉପକରଣ ।

ମାଂସ ଭଣ୍ଡୁଳରେ ଗୃହ ଗଢ଼ାଇ । ବାସ ପ୍ରାକାର ତ୍ୱକରେ ବେଢ଼ାଇ । ୯୬
ସ୍ନାୟୁପାଶେ ସ୍ତମ୍ଭକୋଟି ମାର୍ଗଣ । ଅବଲମ୍ବେ ଯୋଡ଼ିଲେ ସଖୀଗଣ । ୯୭
ନାରିକେଳ ଚେଳ ଦୂର୍ବାରେପରୁ । ଭରି ସମୀପେ ଥୋଇଲେ ସୂର୍ପକୁ । ୯୮
ମଧ୍ୟେ ବସାଇଲେ ସେ ନବବାଳୀ । ଶୁଭ ଅର୍ଥରେ ଦେଲେ ହୁଳହୁଳି । ୯୯
ସେହି ଶବଦ ଜନକ ଶୁଣିଲେ । ଜୀର୍ଣ୍ଣମୁଦ୍ରସ୍ଥଳୀଠାରୁ ଜାଣିଲେ । ୧୦୦
ଉଛୁଳିଲା ପୁରଦ୍ୱା'ର ବାଦ୍ୟରେ । ବାଦ୍ୟ ଏମନ୍ତ କହେ କି ନାଦରେ । ୧୦୧
ଯୁବା ହୋଇ ଯାହା ହେଲା ଜଗତେ । ମଦନକୁ ଶୁଭିଲା ଏ ସୁରତେ । ୧୦୨
ଯୋଗିଜନସ୍ତୁ ମୂଳ ମନମଥର । ଲଭୁ ଏ ଭସ୍ମ ମହେଶ ପ୍ରଥର । ୧୦୩
ଆମ୍ଭ ଦମ୍ଭ କେତେ ସ୍ମର ବଦନେ । ଋଷି ପଶିଲେ ନୈମିଷା ଗହନେ । ୧୦୪
ଭାଣ୍ଡଗୃହେ ଶୋହେ ବାଳା ଉଚିତ । ଏହି ଉପମା ଜାତ ହୋଏ ଚିତ୍ତ । ୧୦୫
କରି ସଂକଳ୍ପ ସେ ସାତଘନକୁ । କରେ କି ରତିଦେବୀ ପୂଜନକୁ । ୧୦୬
ସାତଘାଗ୍ରହ୍ମେ ହୋଇଛି ଘଟିତ । ସାତକୁମ୍ଭ କୁମ୍ଭ କୁଚ ସ୍ଥପିତ । ୧୦୭
ଶ୍ରୁକ ଶ୍ରୁବ ରୋମାବଳୀ ନାଭି ତା । ଜଘନର ହେମବେଦୀ ଶୋଭିତା । ୧୦୮
ସ୍ମରୁ ସୁଉରୁ କଦଳୀ କାଣ୍ଡରେ । ଶୋଭା ବସନ୍ତୀ ଆହୁତି କୁଣ୍ଡରେ । ୧୦୯

---

୯୬ । ମାଂସ-ବଳ । ଭଣ୍ଡୁଳ-ଅବୁଆ ଗୃହଳ । ବାସ-ଲୁଗା । ପ୍ରାକାର-ପାଚେରି ।

୯୭ । ମାର୍ଗଣ-କାଣ୍ଡ ।

୯୮ । ନାରିକେଳ-ନଡ଼ିଆ । ଚେଳ-ଲୁଗା । ଦୂର୍ବା-ଦୁବ । ସୂର୍ପ-କୁଲ ।

୧୦୦ । ଜୀର୍ଣ୍ଣମୁଦ୍ରସ୍ଥଳୀ-ଦାସୀବୁଢ଼ୀ ।

୧୦୧ । ନାଦ-ଧ୍ୱନି, ଶବ୍ଦ ।

୧୦୩ । ମହେଶ-ମହାଦେବ ।

୧୦୪ । ନୈମିଷା ଗହନେ-ନୈମିଷା ଅରଣ୍ୟରେ ।

୧୦୫ । ଭାଣ୍ଡଗୃହେ-ଘଇଣା ଘରେ ।

୧୦୭ । ଘଟିତ-ଜଳକା । ସାତକୁମ୍ଭ-ସୁନା ।

୧୦୮ । ଶ୍ରୁକ ଶ୍ରୁବ-ହୋମ ଘିଅ ଢ଼ାଳିବାର ଉଙ୍କି ଓ ପାତ୍ର ବିଶେଷ । ତାର ରୋମସମୂହର ନାଭି ହୋମ ଘିଅକୁ ସାଇତି ରଖିବାର ପାତ୍ରପରି ଦେଖା ଯାଉଛି, ପୁଣି ତାର ଜଘନ ସୁନାବେଦୀ ପରି ଶୋଭାଯୁକ୍ତ ହୋଇଛି ।

୧୦୯ । ସୁନ୍ଦରୀ ଲାବଣ୍ୟବତୀର ଜଙ୍ଘ କଦଳୀଗଛ ଗଣ୍ଡି ଭଳି ସୁନ୍ଦର, ତା ଅଙ୍ଗର ସୌନ୍ଦର୍ଯ୍ୟ— ଯଜ୍ଞକୁଣ୍ଡରେ ଅଗ୍ନି ଦାନର ଅବସ୍ଥା ଭଳି [illegible] । ଏହି କାରଣରୁ କବି ଲାବଣ୍ୟବତୀର ସର୍ବାଙ୍ଗରେ ଉପମାମାନ ଦେଇ ବରାଙ୍ଗୀ (ଶ୍ରେଷ୍ଠ ଦେହୀ) ବୋଲି ବର୍ଣ୍ଣନା କରିଅଛନ୍ତି ।

ଶାସ୍ତ୍ର ଶ୍ରବଣ ଭାନୁଙ୍କ ଆଳସ । ବକ୍ର ଶଙ୍କାରକୁ କର ଚଳନ୍ତି ।୧୧୦
ସର୍ବ ବରଣବ୍ରାହ୍ମଣ ସଙ୍ଗସ୍ୱ । ମନ୍ତ୍ର ମଙ୍ଗଳଗୀତକୁ ଉଚ୍ଚାର ।୧୧୧
ନିଃଶବ୍ଦରୁ ଏ କଥା ଉଦୟ । ଶଶ୍ଚ ହୋଇବେ ସୁର୍ବା ସମୁଦାୟ ।୧୧୨
ପିଉ ହେବ ଏହି ବାଞ୍ଛା ତାହାର । ଆଜ କଲ୍ପି ହୋଇବ ନାହାର ।୧୧୩

---

୧୧୦ । ଦପ୍ର-ଅଷ୍ଟ୍ରକଢ । ଭାଃନ୍ଦୁ-କର୍ଣ୍ଣଭୂଷଣ । ବକ୍ର ଶଙ୍କାର-ମୁଖଭଙ୍ଗୀ ।

୧୧୧ । ସଙ୍ଗସ୍ୱା-(କ) ସଖିଭବଣୋଗ, ଏଣେ ତେଣେ ବୁଲୁଥିବା ଦାସୀ ।

(ଖ) "ସଙ୍ଗସ୍ୱା ଗୁରୁ ନେଲେ କରୁଁ ସଙ୍ଗରଲେ ଏମନ୍ତ କର୍ମ ହେଉ ରୋଷ ।"

ଅର୍ଥାତ୍ ସଖି ବା ଦୂତୀ । [ସୁଭଦ୍ରା ପରିଣୟ

୧୧୩ । ନାହା-ନାୟକ, ସ୍ୱାମୀ ।

୧୦୫ ଠାରୁ ୧୧୩ ପଦ ମଧ୍ୟରେ ନୂତନ ସୁସ୍ପଷ୍ଟ ହୋଇଥିବା ଲାବଣ୍ୟବତୀର ଅଙ୍ଗ, ପ୍ରତ୍ୟଙ୍ଗ ଓ ଯୌବନାଙ୍ଗ ସମ୍ବନ୍ଧରେ କବି ନାନା ଉପମା-ଉତ୍ପ୍ରେକ୍ଷା ଦେଇ ଲାବଣ୍ୟବତୀକୁ ଏକ ଯଜ୍ଞସତ୍ର ତୁଳନା କରିଛନ୍ତି । ଯୌବନର ଯଜ୍ଞରେ ଯେଉଁସବୁ ବିଧାନ ଦେଖିବାକୁ ମିଳେ ସେଥିପାଇଁ ଲକ୍ଷଣକୁ କବି ସୁନ୍ଦର ଶବ୍ଦାଳଙ୍କାର ଦ୍ୱାରା 'ଯଜ୍ଞ ଓ ନୂତନ ଯୌବନ' ଭିତରେ ଏକ ଅପୂର୍ବ ସାମଞ୍ଜସ୍ୟ ସ୍ଥାପନ କରିଛନ୍ତି । ଯଥା:—

ଅନୁଷ୍ଠାନର ଯୌବନର ଯଜ୍ଞ ସାଧନ ପାଇଁ ହୁଏ, ଏଠାରେ ନୂତନ ଯୌବନର କରିଥିବା ସୁନ୍ଦରୀ ସାଧନ ପାଇଁ ତାହାକୁ ନ ଛୁଇଁ ରହିଥିବା କଳ୍ପ-ବୃକ୍ଷ ବା ସ୍ୱୟମ୍ବରରେ ଅନୁଷ୍ଠାନର ଯଜ୍ଞଦଳ ସୂଚକ ହୋଇଛି । ଯଜ୍ଞରେ ଦେବତାଙ୍କୁ ପୂଜା କରାଯାଏ, ଏଠାରେ ଯୌବନ ସାଧନବ୍ୟାପି ଅଞ୍ଚଳରେ କାମଗ୍ରନ୍ଥାର କନ୍ଦର୍ପଦେବଙ୍କ ପୂଜା ହେଉଛି । ଯଜ୍ଞରେ ସାତୋଟି ଦୀପ ଦୀପିତ ହୋଇଥାଏ, ଏଠାରେ ଲାବଣ୍ୟବତୀର ମୁଖମଣ୍ଡଳ ଅଳଙ୍କାରଗୁଡ଼ିକ ସାତଦୀପ ସଦୃଶ ଦୀପିତ ହୋଇ ଚନ୍ଦ୍ରଦୀପର ଶୋଭାଯୁକ୍ତ ଦେଖାଉଛି । ଯଜ୍ଞରେ କଳସ ପୂଜା କରାଯାଏ, ଏଠାରେ ଲାବଣ୍ୟବତୀର ସ୍ତନଯୁଗଳ ସ୍ୱର୍ଣ୍ଣକଳସ ସଦୃଶ ଯଜ୍ଞ-କଳସର କାର୍ଯ୍ୟ ସମ୍ପାଦନ କରୁଛି । ଯଜ୍ଞରେ ଘୃତ ଢାଳିବାର ପାତ୍ର ବ୍ୟବହାର ହୋଇଥାଏ, ଏଠାରେ ଲାବଣ୍ୟବତୀର ନାଭି ଓ ଉଦରସ୍ଥ ରୋମାବଳୀ ଯଜ୍ଞର ସ୍ରୁକ ସ୍ରୁବ ସ୍ଥାନ ପୂରଣ କରୁଛି । ଯଜ୍ଞରେ ଯଜ୍ଞବେଦୀ ନିର୍ମାଣର ବ୍ୟବସ୍ଥା ଅଛି, ଏଠାରେ ଲାବଣ୍ୟ-ବତୀର ଜଘନ ଯଜ୍ଞବେଦୀ ତୁଲ୍ୟ ସୁନ୍ଦର ହୋଇଛି । ଯଜ୍ଞବେଦୀ ଶାଳୁଗଛର କଦଳୀଗଛ ଶୋଭା ହେବାର ବିଧି, ତାହା ମଧ୍ୟ ଲାବଣ୍ୟବତୀର ଉରୁଯୁଗଳ କଦଳୀଗଛ ସଦୃଶ ଶୋଭାମୟ ହୋଇଛି । ଯଜ୍ଞବେଦୀରେ ଘୃତାହୁତି ଅର୍ପଣ କରିବାର କୁଣ୍ଡ ଥାଏ, ଏଠାରେ ସୁନ୍ଦରୀର ଶ୍ରେଷ୍ଠ ଅଙ୍ଗ (ଯୌନାଙ୍ଗ) ଆହୁତି କୁଣ୍ଡରେ ପରିଣତ ହୋଇଛି । ଯଜ୍ଞରେ ଯେପରି ଆରତି କରାଯାଏ, ସେହିପରି ଲାବଣ୍ୟବତୀର ଉତ୍ସୁକ ଦର୍ଶନାକାଂକ୍ଷା ମୁଖଭଙ୍ଗୀ ମିଳନରେ ଯୌବନ-ଯଜ୍ଞର ଆରତିକୁ ପରିଲକ୍ଷିତ କରୁଛି । ଯଜ୍ଞରେ ବ୍ରାହ୍ମଣଙ୍କୁ ବରଣ କରାଯାଇଥାଏ, ଲାବଣ୍ୟବତୀର ଏତାଦୃଶ ପୁଷ୍ପ-ଯଜ୍ଞରେ ସଖୀମାନେ ନିଯୁକ୍ତ ହୋଇଛନ୍ତି ।

ଭିକ୍ଷୁ ନାପିତ ରଜକ ଉଲ୍ଲାସେ । ପୂର୍ଣ୍ଣ ସ୍ନାନ ସାରି ଦାନ କଲା ସେ ।୧୧୪
ଦିବ୍ୟ ତଇଳ ଚନ୍ଦ୍ରିକା ଅମ୍ବର । ଅବଶେଷେ ପକାଇଲେ ସମ୍ବର । ୧୧୫
ବେଶ କରି ସାରି ନୃପନନ୍ଦନା । କରାଇଲେ ରତି ଅର୍ଘ୍ୟ ବନ୍ଦନା ।୧୧୬
ବେଶ କରିବାକୁ ଆଗ ବସିଲା । ନେତ୍ରାଞ୍ଜନ ବିବେକକୁ ଧ୍ୱଂସିଲା ।୧୧୭
ଏଣୁ ଉପମାଗଣ ଅନୁକୂଳ । ଅଭଦ୍ରତା ଭଜି ହେଲେ ଆକୁଳ ।୧୧୮
ପୁଣି ଇଷ୍ଟଦେବୀ ନିଜ ମାତାଙ୍କୁ । ନୀରାଜନ ଯେ କରାଇଲେ ତାଙ୍କୁ ।୧୧୯
ଏଥି ଅନ୍ତରେ ଜ୍ୟୋତିଷ କୁମାରୀ । କରଯୋଡ଼ି କହେ ଶୁଣ ସୁକୁମାରୀ ।୧୨୦
ହେଲା ମେଳଣି ବରଭୁବନରେ । ଏଡା ଥିବା ଦିବ୍ୟ ଅବଧାନରେ ।୧୨୧
ହେମ ବାସ ଅଳଙ୍କାର ଅପାର । ସ୍ନେହବାଣୀ କହି ଦେଲା ଭୃଙ୍ଗାର । ୨୧
ପଢ଼ା ଶୁକ ଗୋଟିଏ ସେହୁ ମାଗି । ସ୍ନେହେ ଦତ୍ତ କଲା ତାହା ହେମାଙ୍ଗୀ ।।
ଗଲା ସେ ନାରୀ କର୍ଣ୍ଣାଟ ଦେଶକୁ । ଶୁଭ ଆସିବ କର୍ମ ଉଦ୍ଦେଶ୍ୟକୁ ।୧୨୪

---

ପକ୍ଷରେ ବ୍ରାହ୍ମଣ ମନ୍ତ୍ରପାଠ ଉଚ୍ଚାରଣ କରେ, ଏଠାରେ ସଖୀମାନେ ମଙ୍ଗଳ ଗୀତଟା ଗାନ କରୁଛନ୍ତି । ପକ୍ଷରେ ପଶୁ ପ୍ରୋକ୍ଷଣ କରାଯାଏ, ଏଠାରେ ଏ ପକ୍ଷରେ ପ୍ରଜା ପୁରୁଷ ସମୂହ ପଶୁଭଳି ସୁନ୍ଦରୀ ନିକଟରେ ପ୍ରାଣ ସମର୍ପଣ କରିବାର ସୂଚିତ ହେଉଛି ।

କବିଙ୍କର କଳ୍ପନା-ରାଜ୍ୟରେ ଏହିସବୁ କଥା ନିଃସଂଶୟ ଭାବରେ ଉଦିତ ହେବାରୁ ସେ ତାଙ୍କର ମନୋଭାବକୁ ଏହିପରି ଭାବରେ ବ୍ୟକ୍ତ କରିବାକୁ ଯାଇ କହିଛନ୍ତି—"ଆଉ କଲ୍ୟାଣୀ ନୋହିବ ନାହାର" । ଅର୍ଥାତ୍ ଲାବଣ୍ୟବତୀ ପରି ସୁନ୍ଦରୀ ସୁଲକ୍ଷଣା ସ୍ତ୍ରୀ ପାଇଁ ଏତାଦୃଶ ଲକ୍ଷଣଯୁକ୍ତ ରସିକ ପୁରୁଷ ସ୍ୱାମୀ ହେବାକୁ ମିଳିବେ ନାହିଁ, ତେଣୁ ସୁନ୍ଦରୀ ଆଉ ନାୟକର କଲ୍ୟାଣୀ ହୋଇ ପାରିବ ନାହିଁ ।

୧୧୪ । ଭିକ୍ଷୁ-ଯାଚକ । ନାପିତ-ଭଣ୍ଡାରି । ଉଲ୍ଲାସେ-ଖୁସି ହୋଇ ।

୧୧୫ । ଅମ୍ବର-ଲୁଗା । ସମ୍ବର-ଜଳ ।

୧୧୬ । ବନ୍ଦନା-ବନ୍ଦାପନା ।

୧୧୭ । ନେତ୍ରାଞ୍ଜନ-ଆଖିର କଳା । ବିବେକ-ସଦ୍‌ବୁଦ୍ଧି । ଧ୍ୱଂସିଲା-ନାଶ କଲା ।

୧୧୮ । ଅଭଦ୍ରତା-ହୀନ ବ୍ୟବହାର ।

୧୧୯ । ଇଷ୍ଟଦେବୀ-ଆରାଧ୍ୟ ଦେବୀ । ନୀରାଜନ-ବିଶେଷ ରୂପରେ ଅର୍ଚ୍ଚନା କରି ।

୧୨୧ । ବରଭୁବନ-ଶ୍ରେଷ୍ଠସ୍ଥଳ, ସ୍ୱାମୀଘର । ଦିବ୍ୟ ଅବଧାନରେ-ଆପଣଙ୍କର ମନ-କାମନାକୁ ସୁନ୍ଦରଭାବରେ ପୂର୍ଣ୍ଣ କରିବାକୁ ଚେଷ୍ଟିତ ଥିବ ।

୧୨୨ । ଭୃଙ୍ଗାର-ଦସ୍ତାର ।

୧୨୩ । ଦତ୍ତ-ଦାନ । ହେମାଙ୍ଗୀ-ସ୍ୱର୍ଣ୍ଣାଙ୍ଗୀ ।

୧୨୪ । ଉଦ୍ଦେଶ୍ୟ-ଅଭିପ୍ରାୟ, ଲକ୍ଷ୍ୟ ।

କାନ୍ତି ଗନ୍ଧଫଳୀ ବର୍ଣ୍ଣ ଝଳକ । ସେ କର୍ବୁରକାନ୍ତି ଗର୍ବ ଦଳକ ।୧୨୫
ଭାବ ସୀତା ରାମ ପାଦସାରସ । ଉପଇନ୍ଦ୍ର ଭାରତୀର ହରଷ ।୧୨୬

---

୧୨୫ । ଗନ୍ଧଫଳୀ-ଚମ୍ପା । କର୍ବୁର—ସୁନା । ଦଳକ-ଦଳନ, (ଖଣ୍ଡନ) ।
ଲବଣ୍ୟବତୀର ବର୍ଣ୍ଣ ଚମ୍ପାଫୁଲ ରଙ୍ଗଠାରୁ ଅଧିକ ସୁନ୍ଦର, ଏହି ସୁନ୍ଦରତା ସୁନାର ଅହଙ୍କାରଯୁକ୍ତ ଗୁଣଧର୍ମକୁ ଦଳନ କରେ ।

୧୨୬ । ପାଦସାରସ—ପାଦପଦ୍ମ ।

## ତୃତୀୟ ଛାନ୍ଦର ସାର କଥା

ଲବଣ୍ୟବତୀ ରଜାଙ୍କର ଝିଅ, ସେ ଉପଯୁକ୍ତ ବୟସରେ ପ୍ରଥମ ଋତୁମତୀ ହେବାରୁ ସେହି ସମୟର ଦେଶଚାଳ ବିଧି ଅନୁଯାୟୀ ତାଙ୍କର ଶୁଦ୍ଧସ୍ନାନ ବା "ଗାଧୁଆଘର" ପାଇଁ ମହା ଆଡ଼ମ୍ବରରେ ଉତ୍ସବ ହୋଇଥିଲା । ଏହି କର୍ମ ସମାପନ ପାଇଁ ଏଣେ ତେଣେ ବୁଲୁଥିବା ବ୍ରାହ୍ମଣଙ୍କୁ ଡାକରା ଆସିଲେ । ବ୍ରାହ୍ମଣ ଲବଣ୍ୟବତୀର ଶୁଦ୍ଧସ୍ନାନ ସମୟରେ ଶୁଭ ପର୍ବରେ ବ୍ୟବହାର ହେଉଥିବା ମଙ୍ଗଳ ଗୀତ ଉଚ୍ଚାରଣ କଲେ । ଲବଣ୍ୟବତୀ ଶୁଦ୍ଧସ୍ନାନ କରିସାରି ବସ୍ତ୍ର, ତେଲ ଓ ଗୁଆଳସବୁ ଧୋବା, ଭଣ୍ଡାରୀ, ଭଟ୍ଟାରୀମାନଙ୍କୁ ବାଣ୍ଟିଲେ, ସେମାନେ ଏସବୁ ବ୍ୟବହାର୍ଯ୍ୟ ସାମଗ୍ରୀମାନ ପାଇ ବିଶେଷ ଭାବରେ ଖୁସି ହେଲେ । ଆଉ ଯାହା କିଛି ତେଲ ଗୁଆଳ ଅବଶେଷରୁ ଥିଲା ତାକୁ ଲବଣ୍ୟବତୀ ପାଣି ଭିତରେ ଭସେଇ ଦେଲେ ।

ଏହି ବିଧି ବ୍ୟବସ୍ଥା ବାଲ୍ୟବିବାହ ପ୍ରଚଳନ କାଳ ପର୍ଯ୍ୟନ୍ତ ଆମ ଓଡ଼ିଶାର ସବୁଠି ପ୍ରସିଦ୍ଧି ଲାଭ କରିଥିଲା; କିନ୍ତୁ ଶାରଦା ଆଇନ ଲାଗୁ ହେବା ଦିନଠୁଁ ଏହି ପ୍ରଥାର ବିଲୋପସାଧନ ଘଟିଛି ଏବଂ ଲୋକେ ମଧ୍ୟ ଆର୍ଥିକ କଷ୍ଟରୁ ତ୍ରାହି ପାଇଛନ୍ତି ।

ଆଉ ଗୋଟିଏ କଥା, କବି ଏହି ଛାନ୍ଦରେ ଲବଣ୍ୟବତୀର ଋତୁମତୀ ହେବା ଅବସ୍ଥାକୁ ବିଶେଷ ଭାବରେ ଉପମାଯୁକ୍ତ ପଦ ବର୍ଣ୍ଣନା କରିଛନ୍ତି । ଯାହାକି ସଂସାର-ସୃଜନ କାର୍ଯ୍ୟରେ ଗାର୍ହସ୍ଥ୍ୟ ଧର୍ମାବଲମ୍ବୀ ଯୁବକ ଯୁବତୀମାନଙ୍କର ମନ ରାଜ୍ୟରେ ଅପ୍ରକାଶିତ ଭାବରେ ଲୁଚିଛପି ଥିଲା ତାକୁ କବି ଓଡ଼ିଆ ଭାଷାର ବଳ ସାହିତ୍ୟ ମାଧ୍ୟମରେ ଫୁଟାଇ ଶେଷରେ ସୀତାରାମ ପାଦ ସାରସକୁ ଭାବି ଏଥିରେ କି ହରଷ ହୋଇଛନ୍ତି ଆଉ ଏ ଦେଶର ରସଗ୍ରାହୀମାନଙ୍କୁ ଉତ୍ତମ ରସାସ୍ୱାଦନ ଯୋଗାଇଛନ୍ତି ।

# ଚତୁର୍ଥ ଛାନ୍ଦ

ରାଗ—ରସକୋଇଲି ବାଣୀ

( ଲାବଣ୍ୟବତୀକୁ ବେଶ କରିବା )

ଏଥୁଅନ୍ତେ ଶୁଣ ରସିକଜନେ । ହସନେ ଉତ୍ତର କଲେ ସଖୀମାନେ ।
ଆମ୍ଭ ସଜନୀ ଯେ ସୁନ୍ଦରୀସାର । ନାହିଁ ନ ଥିଲା ନୋହିବ ସଂସାର ।
ପୁଣି ତ ଶେ ଭ୍ର ବୟସେ ଯେ ।
ଆମ୍ଭ ଲୋଚନକୁ ନବ ବଚନକୁ ପରବଶ କରିବା ବେଶେ ଯେ ।୧।
ଏମନ୍ତ ଶବ୍ଦ ଜଣାଇଲେ ଯାହିଁ । ଜନନୀ ତର୍ଜିଲେ ଅନଳ ଉଠାଇ ।
କି କର ତୁମ୍ଭେ କେମା ପାଶେ ଥାଇ । ସୁବେଶ ନତ୍ତ ନ କର କିମ୍ପାଇଁ ଗୋ ।
କେ ଜାଣେ କା'ହା ମାନସ ଗୋ ।
ତୁ ମନେ କରୁଛୁ ଭୂଷଣ ଭୂଷା ମୁଁ କାହିଁକି ହୋଇବ ବେଶ ଗୋ ।୨।

---

୧ । ସଖୀମାନେ ହସନେ ଉତ୍ତର କହିଲେ—ଆମ୍ଭ ସଜନୀ ଲାବଣ୍ୟବତୀ ହେଉଛନ୍ତି ସୁନ୍ଦରୀମାନଙ୍କ ଭିତରେ ଶ୍ରେଷ୍ଠ । ସଂସାର ଭିତରେ ତାଙ୍କପରି ସୁନ୍ଦରୀ କେଉଁଠି ହୋଇ ନାହାନ୍ତି କି ହେବେ ନ ନାହିଁ । ପୁଣି ବୟସ ଅନୁକ୍ରମେ ତାଙ୍କ ଯୌବନର ସୌନ୍ଦର୍ଯ୍ୟ ଅଧିକରୁ ଅଧିକ ସୁନ୍ଦର ହୋଇଛି । ଆମ ଆଖିକୁ ସୁନ୍ଦର ଦିଶିବାପରି ତାଙ୍କୁ ଏପରି ଭାବରେ ନାନା ରତ୍ନାଲଙ୍କାର ।ରେ ବେଶ କରିବା ଯାହାକୁ କି କବିମାନେ ତାଙ୍କର କବିତା ଦ୍ୱାରା ଏ ବେଶକୁ ଅଲଙ୍କାରିକ ଲକ୍ଷଣ ସହ ଉତ୍ତମ ଭାବରେ ବର୍ଣ୍ଣନା କରିବେ ।

୨ । ତର୍ଜିଲେ—କ୍ରୋଧରେ ଗର୍ଜନ କରି କହିଲେ । ଭୂଷଣଭୂଷା—ନୈସର୍ଗିକ ସୁନ୍ଦରୀ । ଏହି କଥା ଉତ୍ତର କରି ସଖୀମାନେ ଲାବଣ୍ୟବତୀ ପାଖକୁ ଯାଇ କହିଲେ—ଆଜ ମା' ତାଙ୍କର ଗାଳିଦେଇ କହିଲେ, ତୁମେ କେମା ପାଖରେ ଥାଇ କ'ଣ କରୁଛ, ତାହାଙ୍କୁ ବା ତାକୁ ଉତ୍ତମ ସୁନ୍ଦର ଭାବରେ ବେଶ କରୁନାହଁ ? ହେ ସଖୀ, କିଏ ବା କାହା ମନ କଥା ଜାଣେ । ତୁମେ ମନେ କରୁଛ, ମୋତେ ଏମାନେ କି ବେଶ କରିବେ । ମୁଁ ତ ଭୂଷଣଭୂଷା ଆଉ ବା କାହିଁକି ବେଶ ହେବ ।

ରସ ବସ୍ତୁ ଶ୍ରବଣ କରନ୍ତା । ବନ୍ଧ ପଟଳ ପଟକୁ ଝୁରିବା ।
ଦ୍ରବ୍ୟ ଅଳଙ୍କାରେ ମଣ୍ଡନ ହେବା । ଏତେ କଥାରେ ଲାବଣ୍ୟବୋନ୍ତି ଯୁବା ।
ଶୁଣି ସୀତ୍କାର କଲ ଯେ ।
ବ୍ୟାଧିବନ୍ତର ବାଞ୍ଛିତ ଉପଚାର ବୈଦ୍ୟ ବତ୍ସଳର ପରି ଯେ । ୩ ।
ଭଙ୍ଗୀରୁ ଜାଣିଲେ ସଙ୍ଗିନୀବାତ । ହେଲା କୋମଳ ଅଙ୍ଗୀ ଅଙ୍ଗୀକୃତ ।
ତାଙ୍କ ନୟନ ଢକାରରୁ ଜାଣି । ଚତୁରୀ ପରିବାରୀମାନେ ଆଣି ସେ ।
ଶୃଙ୍ଗୁଡ଼ି ଭୂଷଣ ପେଡ଼ି ଯେ ।
ଯତନ ରତନ ମଣ୍ଡନ ବସନ ବାଛିଲେ ସଜନୀ ଶ୍ରେଣୀ ଯେ । ୪ ।
ମଞ୍ଜୁ ବଜ୍ରରାଜ ପରାସ୍ତେ ରାଜ । ଗୁଡ଼ିଲେ ନୟନ ହୋଇବ ବୁଜ ।
ଅଳକାକୋଷେ ଥିବା ଅବା ତୁଲ୍ୟ । ହେଜ କରିବ ଧାତା ଅବା ମୂଲ୍ୟ ସେ ।
ଏ କାହିଁକି ସଜାଡ଼ି ଆଣି ଯେ ।
ଫୁଲ ସୁଗନ୍ଧ ଚନ୍ଦନ ପେଡ଼ି ପେଡ଼ି ସୁବାସ ତଇଲ ପୁଣି ଯେ । ୫ ।

---

୩ । ଏବେ ଶୃଙ୍ଗାରରସ ରସବସ୍ତୁମୂଳକ କଥା ଶୁଣ, ୭୬ ପ୍ରକାର କାମ ବନ୍ଧର ଚିତ୍ରକୁ ଦେଖିବା, ଅଙ୍ଗ ସୁନ୍ଦର ଅଳଙ୍କାର ପିନ୍ଧିବା, ଏହି କଥାରେ ଯୁବା ସୁଲୁପ୍ତ କଣ ହୁଅନ୍ତି । ଏ କଥା ଶୁଣି ଲାବଣ୍ୟବତୀ ହଁ କରିଲେ । କାରଣ, ରୋଗୀ ଯାହା ଇଚ୍ଛା କରୁଥିଲେ, ବୈଦ୍ୟ ସେହିପରି ଔଷଧ ଦେଲେ । ସଖୀମାନଙ୍କର ଏହି ରସକ୍ଷେତ୍ରମୂଳକ ମନସ୍ତାତ୍ତ୍ୱିକ କଥାରେ ଲାବଣ୍ୟବତୀ ସନ୍ତୋଷ ହୋଇ ସ୍ୱୀକାର କଲେ ।

୪ । ଭଙ୍ଗୀ-ହାବଭାବ, ଅଙ୍ଗ ବିନ୍ୟାସ । ସଙ୍ଗିନୀ-ସଖୀ । ବ୍ରାତ-ସମୂହ । ନୟନ ଢକାର-ନେତ୍ରଇଙ୍ଗିତ, (ଢକାର-ଅସ୍ୱାଭାବିକ ଅବସ୍ଥା) । ଅଙ୍ଗୀକୃତ-ସ୍ୱୀକାର । ଚତୁରୀ-ନିପୁଣା । ପରିବାରୀ-ଦାସୀ । ଶୃଙ୍ଗୁଡ଼ି-ଭାଲ ।

ସୁକୁମାରୀ ଲାବଣ୍ୟବତୀର ହାବଭାବରୁ ସଖୀମାନେ ଜାଣିଲେ ସେ ରାଜି ଅଛନ୍ତି । ଚତୁରୀ ଦାସୀମାନେ ମଧ୍ୟ ଲାବଣ୍ୟବତୀର ନେତ୍ରଇଙ୍ଗିତରୁ ଜାଣିପାରି ଶୃଙ୍ଗୁଡ଼ି ଓ ଭୂଷଣପେଡ଼ି ଆଣି ଥୋଇଲେ । ସଖୀମାନେ ଏହାକୁ ଫିଟାଇ ଏଥିରୁ ଯତ୍ନସହକାରେ ଭଲଭୋଟିର ଅଳଙ୍କାର ଅଭ ପିନ୍ଧିବା ବସ୍ତ୍ରସବୁ ବାଛିଲେ ।

୫ । ମଞ୍ଜୁ-ସୁନ୍ଦର । ବଜ୍ରରାଜ-ହୀରକ ତେଜ । ଅଳକାକୋଷ-କୁବେର ଭଣ୍ଡାର । ତୁଲ୍ୟ-ସଦୃଶ । ହେଜି-ସ୍ମରଣ କର । ଚନ୍ଦନ ପେଡ଼ି-ନାନା ପ୍ରକାର ପେଡ଼ି (ଫୁଲ, ସିନ୍ଦୂର, ଚନ୍ଦନ, କର୍ପୂର, କୁଙ୍କୁମ, କସ୍ତୁରୀ ଓ ଅଳତା ଥିବା ଅଙ୍ଗରାଗର ପେଡ଼ି । ସୁନ୍ଦର ହୀରକରେଖା ସଦୃଶ ଶୋଭା ପାଉଥିବା ଅଳଙ୍କାର ଗୁଡ଼ିକ ତାହାକୁ କ ଦେଖିବା ମାତ୍ରକେ ଆଖି ବୁଜି ହୋଇଯିବ । ଏହି ରତ୍ନାଳଙ୍କାର ଓ ଅଳଙ୍କାର

ସଜବଧ୍ୱ ସଜ ସଜନୀ ଦେଖି । ଆସନେ ବସାଇ ପ୍ରସନ୍ନମୁଖୀ ।
ଆଗ ଦେଖାଇଲେ ମୁକୁର ମାଜ । ତାର ନିର୍ମଳେ କି ଶରଣ ଭଜ ସେ ।
ଫେଡ଼ିଲେ କୋମଳ ବାଳ ଯେ ।
ବେଗରେ ଚଉଳ ଯୋଗରେ ଶଇଳ ସ୍ନେହାପ୍ତେ କଲେ କୋମଳ ଯେ ।୬।
ତରମେ ପଣ୍ଡ଼ ମନୋରମ ଦିଶେ । ମଧ୍ୟେ କି କଷି ବନ ଦୁଇପଶେ ।
ପ୍ରଭା ବୃଦ୍ଧି ଦେଖି ମୁଖ ଚନ୍ଦ୍ରର । ପଳାଇ ଯାଉଛି କି ଅନ୍ଧକାର ସେ ।
ସଖୀଏ ଜାଣନ୍ତି ବଢେ ଯେ ।
ଭ୍ରମର ମୟୂର ପିଚ୍ଛ ଯା ବୋଲନ୍ତି ନଉଣ୍ଡିଭଞ୍ଜନ୍ତି କେଶେ ଯେ ।୭।
ମର୍ଦ୍ଦଳାକାର କଙ୍କତିକା ଘନ । କାଙ୍ଗୁଳି କମ ସୁଷମ ପିଭୁଳ ।
ସୁସଞ୍ଚ ସଞ୍ଚ ଦଶନ ଆବଳୀ । ଗଳବ କି ନାଞ୍ଚି କୁନ୍ତଳ ଭଳ ସେ ।
ଆଳୀ ଖଡ଼କା ଗଳାଇ ଯେ,
ନକ୍ଷେ ଝଙ୍କାରି ହେଲେ କେଶକ ସ୍ତକ ଦେଲ କେଶ କୁଣ୍ଡି ଆଇ ଯେ ।୮।

---

କୁବେର ଭଣ୍ଡାରରେ ଥାଇପାରେ, ଏହାର ମୂଲ୍ୟ ମଧ ତେତେ ହୋଇଥାବ ଏ କଥା କେବଳ କଥାଟା ସୁବୁଦ୍ଧ ଶ୍ରୀବତ୍ସନ୍ତ କହି ପାରନ୍ତି, ଅନ୍ୟ କେହି ନୁହେଁ । ଏହି ସମୟରେ ସଖୀମାନେ ଫୁଲକୁଣ୍ଡ, ତନ୍ନ କରିବାର ଅଙ୍ଗ ରାଗ ଫେଣ୍ଡ ଓ ସୁନ୍ଦର ବାସନା ତେଲ ସଜାଡ଼ିକରି ଆଣି ଲାବଣ୍ୟବତୀ ପାଖରେ ଚିହ୍ନାଇଦେଲେ ।

୬ । ସଜବଧ୍ୱ-ବେଶହେବା ପ୍ରଣାଳୀ । ସଜ-ଆୟୋଜନ । ଶଇଳସ୍ନେହ-ପର୍ବତସ୍ନେହ ବା ଉଚ୍ଚକୁଳ ବିଶିଷ୍ଟା ସଖୀମାନେ ।
କେଶହେବା ଅନୁଷ୍ଠାନର ଆୟୋଜନକୁ ଦେଖି ସଖୀମାନେ ପ୍ରସନ୍ନମୁଖୀଙ୍କୁ ଆସନରେ ବସାଇ ଦର୍ପଣ ଦେଖାଇବାରୁ ଦର୍ପଣ ଲାବଣ୍ୟବତୀର ନିର୍ମଳତାରେ ହାରିଯାଇ ଶରଣଲଭି ସେବା କଲା । ପର୍ବତସ୍ନେହ ସଖୀମାନେ ଡରିଡ଼ର ହୋଇ ଯୋଗିଙ୍କ ବାଳରେ ତେଲ ଲଗାଇ ଅଧିର କୁନ୍ତଳକୁ କୋମଳ କଲେ ।

୭ । ପ୍ରଭ-ତେଜ । ନଉଣ୍ଡିଭଞ୍ଜନ୍ତି-ପରାଭବକରନ୍ତି ।
ସଖୀମାନେ ଲାବଣ୍ୟବତୀଙ୍କ ବେଣୀ ଫିଟାଇ ଦେବାରୁ ତାହା ପିଠି ଉପରେ ପଡ଼ି ସୁନ୍ଦର ଦେଖାଗଲା । ବାଳଗୁଡ଼ିକ ପିଠିର ମଧ୍ୟଭାଗରେ ଥିବାରୁ ତାହାର ଦୁଇପାଖେ ବନ ସ୍ତନ ସର ଦରଶିଲା । ମୁଖଶ୍ରୀର ଶ୍ରେଷ୍ଠତାରେ ଅନ୍ଧାର ଦୂର ହେଲା । ଲାବଣ୍ୟବତୀର ପିଠି ଉପରେ ବାଳପଡ଼ି କି ଶୋଭା ଦେବ ଏହିକଥା ସଖୀମାନେ ଭ୍ରମ ମୟୂରପିଚ୍ଛା ବୋଲିଲେ

୮ । ମର୍ଦ୍ଦଳାକାର-ମାଦଳ ବାଦ୍ୟଯନ୍ତ୍ର ଆକାର (ବଙ୍କା) । କଙ୍କତିକା-ପାନିଆ । ସୁସଞ୍ଚ-ସୁନ୍ଦର ହୋଇଥିବା । ଲଞ୍ଚ-ଲଗାଲଗି । କାଙ୍ଗୁଳି-ସୂକ୍ଷ୍ମଧରଣର ଡାକୁଆଁ । ଆବଳି-ସମୂହ । ଝଙ୍କାରି-ଝାଡ଼ି, ଝାଡ଼ିକରି ।

ମାଙ୍ଗ ଭଙ୍ଗ ରଚି ଉତ୍ତମାଙ୍ଗରେ । ଆସୁଣ୍ଡି କରି ସାମନ୍ତଳ ଧୀରେ ।
କରେ ଧରି ମୂଳେ ଭିଡ଼ା ଭିଡ଼ନ୍ତେ । ଅଦ୍ଭୁତ ଉପମା ଜନ୍ମିଲା ଚିତ୍ତେ ସେ ।
କି କୋକନଦ ମଧ୍ୟରୁ ଯେ ।
ସ୍ରବୁଛି କାଳନ୍ଦୀ ଦ୍ରବୁଛି ଶୃଙ୍ଗାର ହା ହା ସେ ଅତ୍ୟନ୍ତ ସ୍ୱଚ୍ଛ ଯେ । ୯ ।
ରଙ୍ଗଭଣ୍ଡି ଭରି ନବ୍ୟ ଜୂଡ଼ାକୁ । ସଜାଡ଼ିଲେ ସୁବା ଗ୍ଲାନବୁଡ଼ାକୁ ।
ତମ ବଢ଼ାଉ କି ହୋଇଥିଲେ ବାହାର । ପ୍ରଭାତେ ପ୍ରଭାବନ୍ତ ପ୍ରଭାକର ସେ ।
କେଶୀ ବନ୍ଧୁପାଶ ସ୍ଥିତି ଯେ ।
ଯୋଗୀଜନ ମନ ମୃଗ ବନ୍ଧନେ କି କଲେ କଆପତ୍ରୀ ବାନ୍ଧ ଯେ । ୧୦ ।

---

୯ । ମାଙ୍ଗ-ସୁନ୍ଥା । ଭଙ୍ଗ-ବାଳର ଭଙ୍ଗ । ଉତ୍ତମାଙ୍ଗ-ମୁଣ୍ଡ । ସାମନ୍ତଳ-ଷୀଉଁଳଙ୍କ, କୁଣ୍ଡାଇଲ । କୋକନଦ-ରକ୍ତପଦ୍ମ । ସ୍ରବୁଛି-ବାହାରୁଛି, ଝରୁଣ ହେଉଛି । ଦ୍ରବୁଛି ତରଳ ପଦାର୍ଥ ବାହାରୁଛି । ଶୃଙ୍ଗାର-(ଦକ୍ଷିଣ ଓଡ଼ିଶାରେ କେଶ ଅର୍ଥରେ ବ୍ୟବହୃତ) କାଳିନ୍ଦୀ-ଯମୁନା (ପାଣି) । ଅଦ୍ଭୁତ ଉପମା-ଆଶ୍ଚର୍ଯ୍ୟ ଧରଣର ଉପମା ।

ସଖୀମାନେ ଲାବଣ୍ୟବତୀର ଉତ୍ତମାଙ୍ଗରେ ମାଙ୍ଗ ଭଙ୍ଗ ରଚି ହାଲୁକା ଭାବରେ ବାଳଗୁଡ଼ିକ ସମ୍ଭାଳି ନେଇ ପାନିଆ ସାହାଯ୍ୟରେ କୋରେଇ ଆଣିଲେ । ଉକ୍ତ ବାଳସବୁ ହାତରେ ଧରି ମୂଳରେ ଭିଡ଼ା ଦେଇ ଭିଡ଼ୁଥିବେଳେ ଏକ ଓଲଟା ଧରଣର ଉପମା କବିଙ୍କ ଚିତ୍ତରେ ଜାତ ହେଲା । ପାଣିରେ ପଦ୍ମ ଜାତ ହେବା ସ୍ୱାଭାବିକ କଥା, କିନ୍ତୁ ଏଠାରେ ଲାବଣ୍ୟବତୀର କେଶଗୁଚ୍ଛରେ ରଙ୍ଗ ଖୋସା ଭିଡ଼ା ହୋଇଥିବାରୁ ତାହା ରକ୍ତପଦ୍ମ ସଦୃଶ ସୁନ୍ଦର ହେଉଛି ଏବଂ ଏଥିରୁ ଅବଶିଷ୍ଟ କେଶଗୁଚ୍ଛ ଯମୁନା ନଦୀର ଜଳ ବାହାରିବା ପରି ଦେଖା ଯାଉଥିବାରୁ ଏଠାରେ ଅଦ୍ଭୁତ ଉପମା ସୂଚିତ ହେଲା ଏବଂ ଲାବଣ୍ୟବତୀର ମୁଣ୍ଡବନ୍ଧା କେଶ ଅତି ସୁନ୍ଦର ଦିଶିଲା ।

୧୦ । ରଙ୍ଗଭଣ୍ଡି-ନାଲି ପାଟର ଖୋସା । ତମ-ଅନ୍ଧାର । ପ୍ରଭାବନ୍ତ-ଉଜ୍ଜ୍ୱଳ । ପ୍ରଭାକର-ସୂର୍ଯ୍ୟ । କଆପତ୍ରୀ-କଆପତ୍ର ସଦୃଶ ଅଳଙ୍କାର ।

ସୁବା ପୁରୁଷର ଜ୍ଞାନ ବୁଡ଼େଇ ଦେବାକୁ ସଖୀମାନେ ଲାବଣ୍ୟବତୀର ଜୁଡ଼ାରେ ନାଲି ପାଟଖୋସା ପୁରାଇ ବାନ୍ଧିଲେ । ତାହା ଯେପରି ଅନ୍ଧାରକୁ ବିଦୀର୍ଣ୍ଣ କରି ପ୍ରଭାତ କାଳର ତେଜସ୍ୱର ବାଲାର୍କ ସଦୃଶ ଉଦୟ ହେବାପରି କଳା ବାଳରେ ରଙ୍ଗଖୋସା ଦେଖାଗଲା । ପୁଣି ସେହି ଜୁଡ଼ାରେ କଆପତ୍ରୀ ଦେବାରୁ ଯୋଗୀଜନର ମନରୂପକ ମୃଗକୁ ବନ୍ଧନ କଲା ।

ସିନ୍ଦୂର ଶାର ସୀମନ୍ତିରେ ଦେଲେ । ବିଧୁନ୍ତୁଦକୁ ବିଧୁ ହାଣିଥିଲେ ।
ଶୁଣି ନାହିଁ କି ସେ ରଥାଙ୍ଗ ଘାତ । ଆଜ ହୋଇଛି ଉକତ ବ୍ୟକତ ସେ ।
ସେ କ୍ଷତ କ୍ଷତଜ ଗ୍ରନ୍ଥି ଯେ,
ଲଳସେ ଆରେଣ ବଦନ ବିଧୁ ପାଶେ ନ ଗ୍ରସେ ଭୟ ପାଇ ଯେ । ୧୧ ।
କେଶାନ୍ତେ ମୋତି ମଥା ଜାଲି ମଣ୍ଡିଲେ । ମଣ୍ଡିଲେ ନାହିଁ ଧଇର୍ଯ୍ୟ ଖଣ୍ଡିଲେ ।
କି ନୀଳମଣି ଧରଣୀରେ ଆସି । ଗବାକ୍ଷେ ଗଳି ପ୍ରକାଶିତ ଶଶୀ ଯେ ।
ଜୁଡ଼ା ଜାଲି ଏ ସଦୃଶ ଯେ ।
ଶ୍ୟାମଳ କମଳ ଦଳାରେ ଜଳ କି ଯେ କ୍ଷଣ ସୁଧା ବରଷା ଯେ । ୧୨ ।
ତାରବରେ ଚନ୍ଦ୍ର ଝୁମ୍ପି ଖଞ୍ଜିଲେ । ଖଞ୍ଜିଲେ କି ଅବା ମନ ରଞ୍ଜିଲେ ।
ନବଘନରେ କି ଯାଉଛି ପଶି । ଏଣୁ ଅର୍ଦ୍ଧ ଚନ୍ଦ୍ର ଲୁଚର ଦିଶି ସେ ।
ନୀଳ ପୀତରଙ୍ଗ ଫୁଲେ ଯେ ।
ଭଗ୍ନ କଲେ ଶୋଭା ଇନ୍ଦ୍ରଧନୁ ପ୍ରଭା ଉପମେୟ ଭାବ ଲୁଲେ ଯେ । ୧୩ ।

---

୧୧ । ସୀମନ୍ତ-ମଥାର । ବିଧୁନ୍ତୁଦ-ରାହୁ । ବିଧୁ-ବିଷ୍ଣୁ । ରଥାଙ୍ଗ-ଚକ୍ର । (ସୁଦର୍ଶନ ଚକ୍ର) । ଘାତ-ପ୍ରହାର । ବ୍ୟକତ-ପ୍ରକାଶିତ । କ୍ଷତ-ଘା । ଲଳସେ-ଲୋଭରେ । ଗ୍ରସେ-ଗ୍ରାସ, ଗିଳିବା, କବଳିତ କରିବା ।
ସଖୀମାନେ ଲବଣ୍ୟବତୀ ମଥାର ମଧ୍ୟସ୍ଥଳରେ ଯେଉଁ ସିନ୍ଦୂର ରେଖା ଅଙ୍କନ କଲେ ତାହା ରାହୁକୁ ବିଷ୍ଣୁ ସୁଦର୍ଶନ ଚକ୍ରରେ ହାଣିବା ବେଳର ଆଘାତପ୍ରାପ୍ତ ରକ୍ତପରି ଦେଖାଗଲା । ରାହୁ ସେହି ଦିନଠାରୁ ତାହାରୁ ଥିବା ରକ୍ତଧାରକୁ ଦେଖି ଲୋଭପରା ବଶତ ଆଉ ଚନ୍ଦ୍ରକୁ ଗ୍ରାସକରି ପାରିଲା ନାହିଁ । ଏଠାରେ ଲବଣ୍ୟବତୀଙ୍କ ବେଶ କାନ୍ତିହେବାରୁ ତାହା ନିର୍ମଳ ଚନ୍ଦ୍ର ମୁଖମଣ୍ଡଳକୁ ଘୋଡ଼ାଇ ପାରିଲା ନାହିଁ ।

୧୨ । କେଶାନ୍ତ ମୋତି-ଉଜ୍ଜ୍ୱଳ ମୁକ୍ତା । ଧଇର୍ଯ୍ୟ-ଧୀରତା ଶକ୍ତି । ଧରଣୀ-ପୃଥିବୀ । ଗବାକ୍ଷ-ଝରକା, ଅଳକ ଶ । ଶ୍ୟାମଳ-ଶାଗୁଆ ରଙ୍ଗ । କମଳଦଳ-ପଦ୍ମପତ୍ର । ସୁଧା-ଅମୃତ । ମୁଣ୍ଡରେ ଉଜ୍ଜ୍ୱଳ ମୋତିଜାଲି ଦେବାରୁ ତାହା କଳା ବାଳରେ ଚକ୍ ଚକ୍ ହୋଇ ଦେଖାଗଲା । ଏହି ମୋତିଜାଲିର ଝରକୁ ଲବଣ୍ୟବତୀ ମୁଣ୍ଡରେ ମଣ୍ଡନ କରିବାରୁ ତାହା ଏପରି ଶୋଭା ଦିଶିଲା ଯେ ତାକୁ ଦେଖିଲେ ଯୁବା ଲୋକର ଧୀରତା ଶକ୍ତି ନଷ୍ଟ ହୋଇଯିବ । ଲବଣ୍ୟବତୀ ମୁଣ୍ଡରେ ଯେଉଁ ମୋତିମଣିର ଜାଲିଝରା ମଣ୍ଡିଲେ ତାହା ପୃଥିବୀ ପୃଷ୍ଠରେ ନୀଳମଣି ପଡ଼ିଲା ପରି ଦେଖାଗଲା, ସୁଣି ଝରକା ବାଟେ ଚନ୍ଦ୍ର କିରଣ ପଡ଼ିବାରୁ ଜୁଡ଼ାରେ ଥିବା ଜାଲି ଶାଗୁଆ ରଙ୍ଗର ପଦ୍ମପତ୍ର ଓ ଛୋଟି ଛୋଟି ଜଳବିନ୍ଦୁ ସଦୃଶ ଦେଖାଗଲା ।

୧୩ । ତାରବରେ-ତା ପାଖରେ ନିଯୁକ୍ତ କରି, ଝୁମ୍ପ୍ଲ । ରଞ୍ଜିଲେ-ପ୍ରୀତିଜନକ କଲେ । ନବଘନ-ନୂଆମେଘ । ପୀତରଙ୍ଗ-ହଳଦିଆ ରଙ୍ଗ । ଉପମେୟ-ତୁଳନା ଯୋଗ୍ୟ ।

ବନ୍ଧ ଉର୍ଦ୍ଧ୍ୱ ହେମ ଦୂବର୍ତ୍ତ୍ୱଗ । ଦେବାରୁ ବଢ଼ିଲା ଏମନ୍ତ ପଦ ।
ଜାଣି ସମୁନା ଜଳକେଳି ଇଚ୍ଛି । ସୁବର୍ଣ୍ଣ ନାବ କ୍ଷେପଣୀ କଲେଛୁ ସେ ।
ଦୂର ପା କର୍ମିଷ୍ଠ ହୋଇ ସେ ।
ଠାବେ ନ ନାକ ନର ନ ଗ ନଟରେ ଏ ସମାନେ ଶୋଭା ନାହିଁ ସେ ।୧୪।
ସହଜେ ତ କର୍ବୁରିତ ଅଳକା । ପକାଇଲେ ଭୃଙ୍ଗ ଶ୍ରେଣୀରେ ଉକା ।
ଦମ୍ଭ ଆରମ୍ଭ ଭଜାଇନ ଆଶେ । ମଣ୍ଡୁଳ କଲେ ଅବତଂସ ଶେଷେ ।
ଏମନ୍ତ ଚିତ୍ତରେ ଭାବ ସେ ।
ମର୍କତ ନଳୀରୁ ବାହାର ଯାଉଛୁ କ ଅନ୍ତ ଜ୍ୱଳନ୍ତ ଗୁଳ ସେ ।୧୫।
ଅଳକା ଉର୍ଦ୍ଧ୍ୱେ ଝିଲମିଲ ମାଳୀ । ଝଟକେ ଛଟକେ ଖଞ୍ଜିଲେ ଆଳୀ ।
ଏମନ୍ତ ଅଦ୍ଭୁତ ନ ଥିଲା ଦେଖା । ଘନା ମେଘରେ ସ୍ଥିର ବିଦ୍ୟୁତରେଖା ।
ଘଣକେ ଧାଇଁ ଏ ଭାବ ସେ ।
ଭଙ୍ଗୀରେ ନେଞ୍ଚ ବନ୍ଦୀ ହେବା ମଣ୍ଡିଲ୍ଲ ଅନଙ୍ଗ ବଡ଼ଜ ବାସ ସେ ।୧୬।
ଲଲାଟପଟ ଅର୍ଦ୍ଧଚନ୍ଦ୍ର ପର । ମୃଗମଦ ଡହିଁ ତିଳକ କର ।
ସ୍ୱଚ୍ଛ କାନ୍ତ ଇଚ୍ଛି କଣାନାପୁକ । ଭ୍ରୁଆଇ ଆଣି ଆଉଣି ସାପୁକ ସେ ।
ଭବ୍ଲଭୁ ସଂଯତ ହୋଇ ସେ ।
ଅଳକା କୁସୁମ ସୀମାକୁ ଲଙ୍ଘିଲେ ହାଣିମ ସଂଶୟ ନାହିଁ ସେ ।୧୭।
କଟେଷ୍ଟି ତାଟଙ୍କ ମଣ୍ଡଳେ ଭବ୍ୟର । କନ୍ଥ ଗୀଷ୍ଟତ ନାମୁଁ ଆଣି ଧର ।
ଗାଢ଼ ଗର୍ବକୁ ବାନ୍ଧିଲ କ ସେ । ଆନନ ବ୍ରଜନପାଶେ କେନ କ ପ୍ରେମ ।

---

୧୪ । ଚ ଦ୍ରୁ ଉର୍ଦ୍ଧ୍ୱ-ଅର୍ଦ୍ଧଚନ୍ଦ୍ରାକୃତି ଉପର ଫଳ ସ୍ଥାନ । ଜାମସମୁନା-ଜଦର୍ପଭୂଷଣ ଯମୁନା ନଦୀ । କ୍ଷେପଣୀ-ଅହୁଲ, ନୌକାଦଣ୍ଡ । ନାକ ସ୍ୱର୍ଗ । ନର-ମର୍ତ୍ତ୍ୟ । ନାଗ ପାତାଳ ।

୧୫ । କର୍ବୁରିତ କୁଞ୍ଚିକୁଞ୍ଚିଆ । ଅଳକା-ଚୂର୍ଣ୍ଣକୁନ୍ତଳ ବା ଚୂନା ବାଳ । ଭୃଙ୍ଗଶ୍ରେଣୀ-ଭଅଁର ସବୁ । ଉକା-ଉଚ୍ଚଳରେ ପାଟିକରିବା । ଅବତଂସ-ଶିର ଧାରଣ । ମର୍କତ-ନଳୀରୁ-ଋକ୍ତଣ୍ଠ ସବୁଜ ମାଣିକ୍ୟ ନଡ଼ରୁ । ଜ୍ୱଳନ୍ତ ଗୁଳ-ଦଗ୍ଧ ଗୁଳ ।

୧୬ । ଊର୍ଦ୍ଧ୍ୱେ-ଉପରେ । ବିଦ୍ୟୁତରେଖା-ବିଜୁଳି ଗାର । ଅନଙ୍ଗ-ମଦନ । ବଡ଼ଜବାସ-ଅର୍ଥାଳଙ୍କାର ବଶିଷ୍ଟ କନ୍ଦୀଗୃହ, ନାନା ରଙ୍ଗ ଶୋଭିତ ବାସ ।

୧୭ । ଲଲାଟପଟ-କପାଳ । ତିଳକ-ଟୋପା । କଣାନାସୂକ-ଚନ୍ଦ୍ର । ଆଉଣି ସାପୁକ-ଭୂଲାପଲ୍ଲବରେ ଏକସାଙ୍ଗିଆ ସଙ୍ଗଳିତ । ସଂଯତ-ସ୍ଥିର । ଲଙ୍ଘିଲେ-ଡେଇଁଲେ ।

ନେତ୍ରାନ୍ତେ କରେ ତର୍ଜନ ଯେ ।
ଶ୍ରୁତିରେ ଉପମା ନାହିଁ ତ ବୋଲନ୍ତି ଗୁମ୍ଫେ ଜର କ ବର୍ଣ୍ଣନ ହେ । ୧୮ ।
ରଚନ ଫୁଲ ଅତର୍କି ଯତନ । ଝଲକେ ଝଲକା ଏ ଅନୁମାନ ।
ହର ମାରକୁ ଭସ୍ମ କରିଦେଲା । ଏ ତା ଛଦକ ରତିଠାରେ ଥିଲା ସେ ।
ଜାଣି ଶୋକରେ ତାହାକୁ ଯେ ।
ଲୋକେ ବଡ଼ାଇ ଜାଣିବାକୁ ଛଡ଼ାଇ ମଣ୍ଡନ କଲେ ଏହାକୁ ଯେ । ୧୯ ।
ମଲ୍ଲୀକଢ଼ୀ ତ ପରଂପରା କଲ୍ପ । ମଣିଲା କେବଳ ଖଞ୍ଜାପରା ସେହୁ ।
ଖଞ୍ଜିଲେ ସଜନୀ ଏହୁ ଶବେକେ । ଭୁଲନ୍ତି ପୁଂସ ମନ ଚଞ୍ଚରୀକେ ଯେ ।
ତହିଁ କେ ପଡ଼ିବ ପୁଣି ଯେ ।
ବାଳୀ ବୋଲି ବାଳୀ ଗୁପତ ଶାଙ୍କୋଳି ପାଶରେ ରଖିଲା ଆଣି ଯେ । ୨୦ ।
କେଶ ବାଣ ଭୁରୁ କମାଣ ଯୋଗ । ମରମକୁ ଭେଦେ ବନା ପ୍ରୟୋଗେ ।
ଯାହା କଜ୍ଜ୍ୱଳ ଶାଣ ତହିଁ ଦେଲେ । ଆଉ କି ସଖୀ ସୃଷ୍ଟି ରଖିଥିଲେ ଯେ ।
ବଡ଼ ଦକ୍ଷ ସୁକୁମାରୀ ଯେ ।
କୁତ୍ସିତ ଜୀବକୁ ଏ ଶସ୍ତ୍ରେ ମାରିବ ନ ବଳେ ଏହା ବସ୍ତୁର ଯେ । ୨୧ ।
ଶ୍ରବଣକୁ ଯାହା ଲଙ୍ଘି ଲାଗିଛି । ସେ କି ଅଧିକ ତାକ ଶିଖିଛି ।
ବ୍ରହ୍ମହତ୍ୟା ହେବ ଧ୍ୟାତା ବଧରେ । ତୋ ଅଣକୁରଙ୍ଗ ହର ତା ଧରେ ସେ ।
ପାରିଲେ ତାହାକୁ ମାର ଯେ ।
କାନ୍ଦୁଁଛି କାନ୍ଦୁଁଛି ବୋଲି ଖୋଜିବାକୁ ଚଞ୍ଚଳ ଗଭକ ତାର ଯେ । ୨୨ ।

---

୧୮ । ତାଟଙ୍କ-କାନର ଅଳଙ୍କାର । ମଣ୍ଡଳେ-ଦେଶରେ, ପରିଧିରେ । କବି-ଶୁକ୍ର । ଗୀଷ୍ପତି-ବୃହସ୍ପତି । ଜୀବ-ବୃହସ୍ପତି । ଭୃଗୁଜ-ଶୁକ୍ର । ଶ୍ରୁତି-କର୍ଣ୍ଣ । ନେତ୍ରାନ୍ତେ-ଆଖି ଶେଷରେ ।

୧୯ । ଝଲକେ-ଝଟକେ । ଝଲକା-କର୍ଣ୍ଣାଳଙ୍କାର ବିଶେଷ । ଛଦକ-ଏକମାତ୍ର ଅଧିପତ୍ୟ ଚମ୍ବାର । ରତିଠାରେ-ରତିଦେବୀଠାରେ, ଅନୁଙ୍ଗରଠାରେ । ବଡ଼ାଇ-ଗର୍ବ ।

୨୦ । ଖଞ୍ଜା-ପ୍ରାଚୀର ବେଷ୍ଟିତ ଘର । ଚଞ୍ଚରୀକ-ଭ୍ରମର । ଶାଙ୍କୋଳୀ-ବେଡ଼ି ।

୨୧ । ଭୁରୁ-ଭ୍ରୂ, ଚକ୍ଷୁଦ୍ୱୟର ଉପରିଭାଗ । ବାଣ-ଶର । କମାଣ-ତୋପ । ମରମ-ହୃଦୟ । ଶାଣ-ସୂକ୍ଷ୍ମଧାର । ଦକ୍ଷ-ପଣ୍ଡିତା । କୁତ୍ସିତ ଜନ-ଖରାପ ଲୋକ ।

୨୨ ଲଙ୍ଘି-ଆଖିର କୋଣଠାରୁ କାନ ପର୍ଯ୍ୟନ୍ତ ସରୁ କଜ୍ଜଳଗାର ।

ଘୋଣାରେ ତେଜିଲେ ମୋତି ନାକଚଣା । ଠିକଣା ଭଲି ଏ ଉପଲକ୍ଷଣା ।
ମାଛ ନେବ ସନମୀନ ଓଷ୍ଠାର । ଥୋଇଁ ଲଗାଇ କି ବଡ଼ଶୀ ଧରି ସେ ।
ପୁଟକେ ମାଣିକ୍ୟ ଗୁଣା ସେ ।
ଝିଂଟକେ କି ଝଟଣ ଅନଳ ଜ୍ୟୋତି ସେ ଛଟକେ କରୁଛି କଣା ସ୍ନେ । ୧୩ ।
ଗଣ୍ଡେ ଶୃଣ୍ଡେ କରି ମକରୀ ଝିଲ । ମୁକୁର ବମ୍ବେ କି ତମାଳବଲ୍ଲୀ ।
ଚିବୁକେ ଭ୍ରମରୀ ଓଷ୍ଠ ବନ୍ଧୁକୁ । ମଧୁ ନ ପିଏ କି ଏନ୍ତ ବଚନକୁ ସେ ।
ନାସା ଶାରି ଅଛି ଝାମ୍ପି ସେ ।
ବମ୍ବ ହୋଇଥିଲେ ଜମ୍ବୁ ଖାଇ ମୋତେ ନ ପୁଣ ଚଞ୍ଚୁରେ ଲୁପି ସେ । ୧୪ ।
କଣ୍ଠେ ଦଶବନ୍ତ ମୋତି ଗୁଛସରୁ । ରହିଲେ ଉପମା ଏ ଅପସରି ।
କି କମ୍ବୁ ଜିଣିଲା ଯଶ ପ୍ରକାଶ । ମନ୍ଦ୍ର କଟେ ତେ କି କରୁଛି ହାସ ସେ ।
ଯୋଡ଼-ମ୍ୱାଳ ଜାତମାଳୀ ସେ ।
ଆଉ ମାଳଆଳ କେତେକ କହିବା ଯେତେକ ମଣ୍ଡିଲେ ଆଳ ସେ । ୧୫ ।
ଫୁଲ ଲମ୍ବି କଲା ଚରମ ଶୋଭା । ଖେଳାଇବା ପାଇଁ ଭରମ ସ୍ତମ୍ଭ ।
ଶରମେ କାମ କି ମଣ୍ଡନ ଭଲା । ନୀଳରଙ୍ଗ ପୀତବର୍ଣ୍ଣ ଶୋଭିଲା ସେ ।
ଅଞ୍ଚଳ ଦୃଷ୍ଟି ପ୍ରକଟି ସେ ।
କି ଇନ୍ଦୀବର ଶୋଣକଞ୍ଜ କୁମୁଦ ଦ୍ଦ ନଦୀରେ ଫୁଟି ସେ । ୧୬ ।
ହେମାବଳ କର ଅଛି ପ୍ରସାର । ଯଉବନ ଗଜ ଲୁଚ ଅମାସ୍ତ ।
ସ୍ନେହ ଘୋଡ଼ଣୀ କି ମଣ୍ଡଣ ହାସ । ପ୍ରବାଳମାଳା କି ବଉଳଝିରୁ ସେ ।
ପଦକ ମାଦୁଳି ଘାଗା ସେ ।
ଧନ୍ୟ ଧନ୍ୟ ରମା ସୁଷମା କଲେ ତା ଏନ୍ତ ଉପମାକୁ ସେନ ସେ । ୧୭ ।

---

୧୩ । ଘୋଣା—ନାସିକା । ଉପଲକ୍ଷଣା-ଉପମା । ପୁଟକେ-ପୁଟାରେ ।
୧୪ । ଗଣ୍ଡେ-ଗାଲରେ । ଶୃଣ୍ଡେ-ଚହଲ । ମକରୀ-ମକର ରୂପର ଚିତ୍ର । ତମାଳବଲ୍ଲୀ-ଏହା ଏକପ୍ରକାର କଳବର୍ଣ୍ଣର ଗଛ, ଏହାର ଡାଳପତ୍ରସବୁ କଳା ଅମରକୋଷରେ ଏହାର ନାମ ଦିଆଯାଇଛି—କାଳସ୍କନ୍ଧ, ତମାଳ ଓ ତାପିଚ୍ଛ । ଚିବୁକ-ଥୁଣ୍ଟ । ଭ୍ରମରୀ-ମହୁମାଛି । ମୁକୁର ବମ୍ବ-ଆରସୀର ପ୍ରତିବିମ୍ବ । ଶାରି-ଶୁଆ । ଜମ୍ବୁ ଜାମୁକୋଳି ।
୧୫ । ଗୁଛସରୁ-ଚକ । ଅପସରି-ଘୁଞ୍ଚି । ଯୋଡ଼ମାଳ-ଯୋଡ଼ା ହୋଇଥିବା ଦୁଇଟିଯାକ ମାଳ । ମାଳଆଳ-ମାଳସବୁ ।
୧୬ ଓ ୧୭ । ଫୁଲ-ଝୁମ୍ପା । ଭରମ ସ୍ତମ୍ଭ-ସ୍ୱର୍ଣ୍ଣସ୍ତମ୍ଭ । ଇନ୍ଦୀବର-ନୀଳପଦ୍ମ । ଶୋଣକଞ୍ଜ-ରକ୍ତପଦ୍ମ । କୁମୁଦ-କଇଁ । ପ୍ରସାର-ଲମ୍ବାଇ । ଅମାସ୍ତ-ହାତୀ ପିଠି ଉପରେ ହାଉଦା । ଘୋଡ଼ଣୀ-ଘୋଡ଼ାଇବା ଜିନିଷ । ହାସ-ହାର । ଝରିଳା-ପୋଛିଲା । ସୁଷମା-ସୁନ୍ଦର । ପଦକ-କଣ୍ଠଭୂଷଣ । ମାଦୁଳି-ବନ୍ଧୀଗୁଳିକ ।

ବାହୁଟିସ ର ଗ୍ରବ ଦେଲେ ତନ୍ବୀ । ଜାନ ତ ତନକୁ ତାଡ଼କୁ ବନ୍ଧ ।
ଅତୁଳ୍ୟଠାରେ ମଣିବନ୍ଧ ଘଟେ । ଅତୁଳ୍ୟ ମଣ୍ଡିଲେ ଅତ୍ୟନ୍ତ ସ୍ୱଚ୍ଛେ ସେ ।
ଦେଲେ ମରକତ ଚୂଡ଼ି ଯେ
କରଚମ୍ପା ଦାମ ଭ୍ରମରେ ଭ୍ରମରେ ଭ୍ରମରେ କି ଅବା ଜଡ଼ି ଯେ । ୨୮ ।
ସଖୀମାନେ ପାଞ୍ଚ ଅଙ୍ଗୁଳି ରୁନ୍ଧି । ଭଳେ ପାଞ୍ଚ ପାଞ୍ଚ ନାଗର ବେଢ଼ି ।
ପାଞ୍ଚ ନାଗର ଭସ୍ମ ହେଲା ଦିନ । ଥୋଇଲ କି ଦେଖି ଏ ରମ୍ୟ ସ୍ଥାନ ଯେ
ଭେଦକ ପଞ୍ଚ-ମନକୁ ଯେ ।
ପଞ୍ଚରତ୍ନ ଦେଇ ପୂଜା କରିବା କି ବୋଲି ମୁଣ୍ଡ ଦେଲେ ତାକୁ ଯେ । ୨୯ ।
ହରିତାଳ କାଳୀ ଯେଣ ବନିତା । ପଦ ଉପରେ ଉଳୁଟିଲେ ଚିତା ।
ସୁନା କଚ୍ଛପ ବଧି ବିରଚନା । ଫୁଙ୍କିଲେ ତନ୍ବୀ ମରକତ ମୀନା ସେ ।
ବେଢ଼ରେ ସବୁ ଅଳତା ଯେ ।
ପାଟସୂତ୍ର ଫାନ୍ଦେ ଫାନ୍ଦିଲ ତାହାକୁ କିବା ଜଳତୁକା ଧାରା ଯେ । ୩୦ ।
ହଂସକ ଯାହାଙ୍କି ଖଞ୍ଜିଲେ ପାଦେ । ହଂସକୁ ଏମନ୍ତ କହୁଛ ନାଦେ ।
ଇଚ୍ଛାରେ ତ ସମ ନୋହୁ ଗତିକ । ଶ୍ରୁତି ନ ଲଭିବ କହୁ ଏଥିକି ସେ ।
ଜନ୍ମେ ତ ପୋଷିଲ ପକ୍ଷୀ ଯେ ।
ଅକ୍ଷି ନ ଥିବାର ମିଛେ ଲକ୍ଷିବାକୁ ଲୁମ୍ବର କି ଦୋଷ ଅଛୁ ଯେ । ୩୧ ।
ବଳା ପାଦେ କହୁ ଅବଳା କେଣ୍ଡୁ । ଏହୁ ବସ୍ତରେ କି ଖଞ୍ଜିଲେ ସଖୀ ।
ହୋଇଅଛୁ ପୁଣି ଅତି ଝୁମକ । ଯୁବା ଚେତନା ଚମକ ଠମକ ସେ ।

---

୨୮ । ବାହୁଟିସାର-ବାହୁର ଅଳଙ୍କାର । ଜାନ ତାଡ଼ନକ-ଜାନକୁ ଆଘାତ କରୁଥିବା । ତାଡ଼କ-ତାଡ । ଅତୁଳ୍ୟ-ଅନୁପମ, ହାତର ଗଣ୍ଠି । ମଣିବନ୍ଧ-ହାତର କବ୍ଜା । ସ୍ୱଚ୍ଛେ-ପରସ୍ପର ଭାବରେ । ଦାମ-ମାଳା । ଭ୍ରମରେ-ମିଥ୍ୟା ଜ୍ଞାନରେ, ଭ୍ରମର-ମାନେ, ଭ୍ରମଣ କରିବାରେ ।

୨୯ । ପାଞ୍ଚ-ବଗୁର । ପାଞ୍ଚ ନାଗର-ପଞ୍ଚଶର । ରମ୍ୟସ୍ଥାନ-କ୍ରୀଡ଼ା କରିବା ସ୍ଥାନ । ପଞ୍ଚମନକୁ-ମନ ଭେଦକୁ । ପଞ୍ଚରତ୍ନ-ହୀରା, ମୁକ୍ତା, ପଦ୍ମରାଗ, ନୀଳକାନ୍ତ, ପ୍ରବାଳ ।

୩୦ । ହରିତାଳୀ-ହଳଦିଆ ରଙ୍ଗର ପଦାର୍ଥ । ମରକତ-ସବୁଜ ବର୍ଣ୍ଣର ମଣି, ପାନ୍ନା । ମୀନା-ଗୁଞ୍ଜ । ବେଢ଼ରେ-ଚତୁଃପାର୍ଶ୍ୱରେ । ଜଳତୁକ-ଅଳକ୍ତି । ଫାନ୍ଦ-ଫାଶ, କୌଳେ ।

୩୧ । ହଂସକ-ବଳା । ଲକ୍ଷିବାର-ଦେଖିବାର ।

୩୨ । ଝୁମକ-ନାଚ । ଚେତନା-ଜ୍ଞାନ । ଚମକ-ଭୟ । ଠମକ-ବାଦ୍ୟ, ଘୋଷଣା ।

ମଣ୍ଡିଲେ ମଞ୍ଜୁ ମଞ୍ଜୀର ଯେ ।
ନୂପୁର ତ୍ରିପୁରହର ଅଙ୍କୁରକୁ ପୂରି କି ସାଜିଲ ତରୁ ଯେ । ୩୨ ।
ଛଡ଼ାଇବ ସେ ଝିଙ୍କାସି ଝଙ୍କାର । ବଢ଼ାଇବ ପୁଣି କାମ ବିକାର ।
ପ୍ରପଦେ ଦେଲେ ଝୁଣ୍ଟିଆ ବାଜେଣୀ । ନ ଜାଣି ଜାଣିବ ଏତେ ସାଜେଣୀ ସେ
ସବତଳ ହୋଇ ଲେଖ ଯେ ।
ଶାଢ଼ୀ ପାଲଟିବା ପାଇଁ ସେ ଅକମ ଶୋଭ ଭଗଇଲେ ଭଗ୍ନ ଯେ । ୩୩ ।
ବାହାର କଲେ ନାଳ ଝୀନ ଶାଢ଼ୀ । ସିନ୍ଦୁର ଧଡ଼ି ଫୁଲ ଲଙ୍କ ପଡ଼ି ।
ଭଙ୍ଗିଲେ ରଜ୍ଜୁ ମୁଠା ଭିତରେ । ସତେ ରଙ୍ଗିଥିଲେ ବଂଶ-ନଳରେ ସେ ।
ଝମ୍ପିଲେ କୁଞ୍ଚିଲେ ସଖି ଯେ ।
କାଲା ବଳ ଆଞ୍ଜୁ କାଛୁ ପିନ୍ଧାଇଲେ ଭ୍ରମମାଏ ରୁଣ୍ଡ ଦେଖି ଯେ । ୩୪ ।
ଭରଜେ ପଡ଼ ମୋହନ ନେହକୁ । ମୁନ୍ଦି ଖୋଜନ୍ତି କ ବଳାରଙ୍କୁ ।
ସ୍ଥୀତ ଦୁଇ ଲୂତ ରୁଚ ବଣିଲ । ଯନ୍ତ୍ରଭୂମ୍ୟୀକ ଜଳକସ କଲ ସେ ।
ତ୍ରିକୋଣ ହେଲ ଜଘନେ ଯେ ।
ହେମାବଳୀଦଣ୍ଡ ମଣ୍ଡନ ଶିଖ୍ଳ ପଶ୍ଚାତ୍ ଭରତେ ମନେ ଯେ । ୩୫ ।
ନବଢ଼ ନାବୀ ଛବ ଗନ୍ଧ ଜଣା । କାମ ମଦର ଜାଗ୍ରତକୁ ଠଣା ।
ଭଞ୍ଜିଲେ କୁଞ୍ଚା ଆଗେ ଲମ୍ବି ପଡ଼ । ଜାଣେ ମଦନ ଯାଉଥିଲ ପୋଡ଼ ସେ ।
ଜୀବ ଦେବ କରେ ଶଣ୍ଟ ଯେ ।
ସୁବାଙ୍କ ଅଧୋଗତକ କସ୍ତୁରି କ ଭେମନ୍ତ ଏ ଧୂମପନ୍ଥ ଯେ । ୩୬ ।

---

ମଞ୍ଜୀର-ପାଦ ଭୂଷଣ । ନୂପୁର-ନୂପୁର । ତ୍ରିପୁରହର-ତ୍ରିପୁରାନ୍ତକ, ମହାଦେବ । ଅଙ୍କୁର-ଅଙ୍କୁର । ତରୁ-ଡାହାଳୀ ।

୩୩ । ଝିଙ୍କାସି-ଦୀର୍ଘଶବ୍ଦକାରୀ ପୋକ । ଝଙ୍କାର-ଝନ୍ ଝନ୍ ଶବ୍ଦ । କାମବିକାର-କାମ ଜ୍ୱରର ଅବସ୍ଥା । ପ୍ରପଦେ-ପାଦରେ ।

୩୪ । ବଂଶନଳୀ-ବାଉଁଶନଳୀ । ଝମ୍ପିଲେ-ସଜାଡ଼ିଲେ । ଫୁଲ ଲଙ୍କ-ଫୁଲ ଚିତ୍ର । ଆଞ୍ଜି-ଅନୁମାନ କରି ।

୩୫ । ଭରଜେ-ଶ୍ରୋଣ ଉପରେ । ମୁନ୍ଦି-ବନ୍ଧକରି । ଛନ-ଛଟା । ସ୍ଥୀତ-ଚିହ୍ନ । ଯନ୍ତ୍ରଭୂମୀ-ଭଗଜାଳର ଚାରିପଟ । ଜଳକସ-ଜଳରଙ୍ଗ । ତ୍ରିକୋଣ-ତିନିକୋଣିଆ ।

୩୬ । ହେମାବଳୀଦଣ୍ଡ-ନାଭିଦେଶରୁ ସ୍ତନପ୍ରଦେଶ ପର୍ଯ୍ୟନ୍ତ । ଚଞ୍ଚଳ-ଚଞ୍ଚଳ । ପଶ୍ଚାତ୍-ପ୍ରତ୍ୟକ୍ଷ, ସତ୍ୟ । ନବଢ଼-ଗାଢ଼ । ନାବୀ-ସ୍ତ୍ରୀଲୋକମାନଙ୍କର କଟିବନ୍ଧନ ବସ୍ତ୍ର । ଠଣା-ଠିକଣା ସ୍ଥାନ । ଜୀବ-ପ୍ରାଣ । ଅଧୋଗତ-ଅବନତ ।

ବାଜିବା ବେଳକୁ ଯେଉଁ ରସନା । ଯୋଗୀଙ୍କ ବୋଲିବ ଯୋଗେ ରସନା ।
ଯୋଗିଙ୍କି ବୋଲିବ ଯୋଗରେ ରସ । କଳା କେଳିରେ ନ ଲଭି ହରଷ ସେ ।
ଭାବ କେଶସ୍ତ କଟୀକ ସେ ।
ଅତ ହରଷରେ ବାନ୍ଧିଲେ ବାହାରେ କାଞ୍ଚଣୀ କ୍ଷୁଦ୍ର ଘଣ୍ଟିକ ସେ । ୩୭ ।
ଭୁଞ୍ଜାଇଲେ ତହିଁ ଉତ୍ତରୁ ପାନ । ଏକେ ଅଧର ଦୁକେ ପରସନ୍ନ ।
ବନ୍ଧୁଜୀବ ଭପି ରଙ୍ଗାଇଲେ ପୁନ । ଅରୁଣ କଲ କି ସିନ୍ଦୂରେ ସ୍ନାନ ସେ ।
ଶ୍ରୀକରେ ମୁକୁର ଦେଇ ସେ ।
ଦେଖ କି ନୋହିବ ବୋଲି ପଚାରିଲେ ରମଣୀ ହସିଲ ହୋଇ ସେ । ୩୮ ।
ଘୋଡ଼ାଇ ଦେଲେ ଯେ ଜରି ଓଢ଼ଣୀ । ଶମ୍ପାରେ ଆଚ୍ଛାଦିତ ଜାଳମଣି ।
ବେଷଣ ଶେଷ ଅତୁଳ ପିଚୁଳା । କେ କଲ କର କେନ୍ଦ୍ର ଘିର ଦେଖ ସେ
ଅଷ୍ଟ ପକ୍ଷୀ ଅଠାଭାଠି ସେ ।
ଘୋଡାଇ ଦେଲେ କି ଏବେ ଭାବନାରେ ଦନା କେତେ ଆଉ ସୃଷ୍ଟି ସେ ।୩୯
ହରଣ୍ୟ ତନୁରେ ଯେ ଷଠକାଗ୍ରି । ଦାସବତ୍ସଳ ଶ୍ୟାମ ନରହରି ।
ଧ୍ୟାନେ ଅର୍ଜିତ ଅଦ କରି ହତ । ଭୂପଇନ୍ଦ୍ର ବୀରବର ରଚିତ ଯେ ।
ରସିକ ସିନ୍ଧୁକୁ ଚନ୍ଦ୍ର ସେ ।
କହ ସେ ଜାଣିବେ ଯେତେ ଶ୍ରମ ଏଥି ଏ ବେଶପେଶଲ ଛନ୍ଦ ସେ । ୪୦ ।

—*—

୩୭ । ରସନା-ମେଖଳା (କଟିଭୂଷଣ) । ରସନା-ଜିହ୍ୱା ନାହିଁ । ଯୋଗରେ-ଧ୍ୟାନରେ, ସ୍ୱପ୍ନ ଦେଖିବାରେ । ରସ-ଶୃଙ୍ଗାର । କଳାକେଳି ରସ-ରତି ରସ । ହରଷ-ରୋମାଞ୍ଚ । କେଶରୀ କଟି-ସିଂହକଟି ।
୩୮ । ଦୁକେ-ଦ୍ୱିଗୁଣରେ ।
୩୯ । ଶମ୍ପା-ବିଜୁଳି । ଜାଳମଣି-ରତ୍ନ ବିଶେଷ ।
୪୦ । ହରଣ୍ୟ-ହରଣ୍ୟକଶିପୁ ଅସୁର । ଦାସବତ୍ସଳ-ଦାସର ସ୍ନେହଯୁକ୍ତ । ଅର୍ଜିତ-ଯାହା ପରାସ୍ତ ବା ନଷ୍ଟ ହୁଏ ନାହିଁ । ପେଶଳ-ସୁନ୍ଦର ।

## ଚତୁର୍ଥ ଛାନ୍ଦର ସାର କଥା

ସୂକ୍ଷ୍ମ ବସ୍ତ୍ରଶିଳ୍ପ ଓ ଅନ୍ୟାନ୍ୟ ଗୃହ ଶିଳ୍ପକଳା ସମ୍ବନ୍ଧରେ ଏହି ଛନ୍ଦରେ ବର୍ଣ୍ଣନା ହୋଇଛି—

"ତାହାର ତଳେ ନାଳଇଁନ ଶାଢ଼ୀ । ସିନ୍ଦୂରୀ ଧଡ଼ି ଫୁଲ ଲଗା ପଢ଼ି ।
ଦିଶିଲେ ରହିବ ମୁଠା ଭିତରେ । ସତେ ରଚିଥିଲେ ବିଶନଳରେ ସେ ।"

× × ×

" ମର୍ଦ୍ଦଳାକାର ଜଙ୍ଘ ତଳା ଥିଲା । କାଙ୍ଗୁଳି ଜମ ସୁଷମ ଶିଥିଳ ।"

ଏସବୁ ରସ-ସାହିତ୍ୟ ନିଶ୍ଚିତ ସଙ୍ଗ ଶିଳ୍ପକଳାର୍ଦ୍ଧ ଉଦ୍ଭବନ୍ତି କଳାପ୍ରାଣ ଓଡ଼ିଶା ଜାତିର ଅନନ୍ୟ ଗୌରବ । ଏହାକୁ ହୁଏତ ଅନେକ ଐତିହାସିକ ବିଷୟବସ୍ତୁ ବୋଲି କୁହାଯାଇ ନ ପାରେ, ତଥାପି ଏଗୁଡ଼ିକ ଇତିହାସର ପ୍ରଧାନ ସହାୟକ ସାମଗ୍ରୀ, ଏକଥା ଦୃଢ଼ ଭାବରେ ସ୍ୱୀକାର କରିବାକୁ ହେବ ।

ଯେଉଁ ଗୁଡ଼ିକ ଶିଳ୍ପକଳା ଉପରେ ଲବଣ୍ୟଚିତ୍ତର 'ବେଶପେଶଳ' ସୃଷ୍ଟି ହୋଇଛି— ତାହାହିଁ ଥିଲା ପ୍ରାଚୀନ ଉତ୍କଳର ଉତ୍କର୍ଷ ଏବଂ ଓଡ଼ିଆଜାତିର କଳାପୂର୍ଣ୍ଣ ଜୀବନ ।

ଯେତେବେଳେ ଏ ସାହିତ୍ୟର ସୃଷ୍ଟି କାଳ, ସେତେବେଳକୁ ତା ଦେଶର ପ୍ରଧାନ ସମ୍ପତ୍ତି ରୂପେ ପ୍ରଖ୍ୟାତି ଲାଭ କରିଥିଲା—ଉତ୍ତମ ଟାଟ ଓ ସୂତାର ସୂକ୍ଷ୍ମବସ୍ତ୍ର । ଏହିସବୁ ବସ୍ତ୍ରକୁ ସେତେବେଳେ ହିନ୍ଦୁମାନେ ଅନ୍ତର୍ବାସରୁ ଆରମ୍ଭ କରି ଚୀନ ଦେଶର ପ୍ରତ୍ୟେକ ନରନାରୀ ଆଦର କରୁଥିଲେ । ଏହିସବୁ ବସ୍ତ୍ର ବଜାର ପାଇଁ ଧୋବ ଫରଙ୍ଗ, ଚନ୍ଦ୍ରକଣ ଓ ମୟୂର, ପୁଣି ବିଶେଷ ସୂକ୍ଷ୍ମଭାବରେ ଧଡ଼ି ଉପରେ ଉତ୍କୃଷ୍ଟ ଜରି ଓ ନାନା ଚିତ୍ର ବିଚିତ୍ର ରଙ୍ଗ ଓ ଫୁଲଦାମ ସୁଶୋଭିତ । ଏହି ବସ୍ତ୍ରକୁ ଘାସ ଉପରେ ବିଛାଇ ଦେଲେ ତାହା ଜାଣିବା ମଧ୍ୟ ଅତି କଷ୍ଟକର ।

ଏ ଦେଶର ବସ୍ତ୍ରଶିଳ୍ପ ଓ ଅନ୍ୟାନ୍ୟ ଶିଳ୍ପଜାତ ବସ୍ତୁ ବିଦେଶୀ ଲୋକମାନଙ୍କର ପସନ୍ଦକୁ ବିଶେଷ ଭାବରେ ଆକୃଷ୍ଟ କରିଥିବାରୁ ସେତେବେଳେ ଆମ ଦେଶର ଲୋକେ ଖୁବ୍ ସମୃଦ୍ଧିଶାଳୀ ହୋଇ ଉଠିଥିଲେ । କିନ୍ତୁ, ହାୟ—'କାଳସ୍ୟ କୁଟିଳା ଗତି ।' ଯେଉଁଦିନ ଫ୍ରାନ୍ସ, ହଲାଣ୍ଡ ଓ ଡେନମାର୍କବାସୀ ବାଲେଶ୍ୱରରେ ବାଣିଜ୍ୟ କୋଠିସବୁ ସ୍ଥାପନ କଲେ, ପୁଣି ମରହଟ୍ଟା, ମୁସଲମାନଙ୍କର ଲୁଣ୍ଠନ ଖେଳା ସାଙ୍ଗରେ କୌଶଳୀ ଇଂରେଜମାନଙ୍କର ଉପଦ୍ରବ ମିଶିଗଲା ସେତେବେଳେ ଏ ଦେଶର ବ୍ୟବସାୟୀମାନେ ସମୁଦ୍ର ବ୍ୟବସାୟକୁ ସିଂହଳ ବ୍ୟତୀତ ଅନ୍ୟାନ୍ୟ ଦେଶକୁ ବନ୍ଦ କରିଦେବା ଫଳରେ ଯାହାହିଁ ହେବାର କଥା ତାହାହିଁ ହେଲା ।

× × ×

ଏହି ଗ୍ରନ୍ଥର ଅନ୍ୟ ଏକ ବିଶେଷତ୍ୱ ହେଉଛି—ବିବାହ ହେବା ପୂର୍ବରୁ ଯୁବତୀ ସ୍ତ୍ରୀମାନେ କି କି ବିଷୟ ଜାଣିବା ଦରକାର ଏବଂ କେଉଁବିଷୟରେ ସେ ପ୍ରବୀଣ ପୁରୁଷକୁ ବଶ କରି ପାରନ୍ତି, ଏହିକଥା କବି ଏକ ପଦ ଆରମ୍ଭରେ କହିଛନ୍ତି—

"ରସ ବିଷୟ ଶ୍ରବଣ କରିବା । ଚିତ୍ର ପଟଳ ଟେକି ଦେଖିବା ।
ଦିବ୍ୟ ଅଳଙ୍କାର ମଣ୍ଡନ ହେବା । ଏତେ କଥାରେ ବଶ ହୋନ୍ତି ପୁଂବା ।"

# ପଞ୍ଚମ ଛାନ୍ଦ

ରାଗ—ବସନ୍ତ

(ଲାବଣ୍ୟବତୀର ପୁଷ୍ପବାଟିକା ଭ୍ରମଣ)

ଏମନ୍ତ ସମୟରେ ସୁନ୍ଦରୀ ସ୍ଥାନରେ ପ୍ରଭାମଞ୍ଜୁଳା ଜଣାଇଲା । ଅତି ମଧୁର ମଧୁଋତୁ ପ୍ରବେଶ କରୁଛନ୍ତି ହେଲା ହୋଇଲା । ଶ୍ରବଣ, କରନ୍ତୁ ନବକାମିନୀ । ପିକବଚନେ ପୁନଃ ପୁନଃ ପ୍ରକାଶ କରନ୍ତି ଅନ୍ଧାର ଯାମିନୀ ।୧। ମଳୟଶିଖରୁ ଶିଷ୍ଟ ଗୌରବର ବହୁଲାଣି ମନ୍ଦସମୀର । ସୁମନାଙ୍କୁ ବାସ ଲୋଭିଲ ନେବନ୍ତି ବୋଲି କହୁଲାଣି ଭ୍ରମର । କେଶର, କେଶରେ ହେଲେଣି ମଞ୍ଜୁଳ । କେଶରେ ମଣ୍ଡନ କରିବା ଭଳରେ ଫୁଟିଲେଣି କେତେ ବଞ୍ଜୁଳ ।୨। ମଲ୍ଲୀ ମାଧବୀ ମକରନ୍ଦ ସାଧବୀ ହେଲେଣି ବାନ୍ଧବୀ କାନନେ । ଭୂଷାର ନାଶ ଗୁମ୍ଫି ହାସ ପ୍ରକାଶ କଲେଣି ପଙ୍କଜ ଆନନେ । ହେଲାଣି, ଚର୍ଚ୍ଚରୀ ପ୍ରକଟ କଟକେ । ଅତନୁ ଫୁଲର ବଶିଖ କାର୍ମୁକ ଘେନି ଉକିଲାଣ କାମୁକେ ।୩। ଦୋଳା ଲୀଳା ସରିଗଲାଣି ହରିର ଶରୀର ହେଲାଣି ସ୍ୱେଦକୁ । ଚନ୍ଦନ କର୍ପୂର ସୁଧାଲେପପୂର ବ୍ୟଜନ ବଢ଼ାଇ ମୁଦକୁ । ଚତୁର, ଜାଣି ନ ଥିବୁ କୁ କହଇଁ । ଅଭି ଅଭିରାମ ଆରାମ ଦେଖିବା ବିଜେ କରିବାକୁ ଜଣାଇଁ ।୪।

---

୧। ମଧୁର-ମନୋହର । ମଧୁଋତୁ-ବସନ୍ତଋତୁ । ନବକାମିନୀ-ନୂତନ ଯୌବନପ୍ରାପ୍ତା ସ୍ତ୍ରୀ । ପିକବଚନେ-କୋଇଲିର କୁହୁକୁହୁ ସ୍ୱନ । ପୁନଃ ପୁନଃ-ବାରମ୍ବାର । ଯାମିନୀ-ରାତ୍ରି ।

୨। ମଳୟଶିଖରୁ-ମଳୟ ପର୍ବତର ଉପରୁ । ଶିଷ୍ଟ-ଶୋଭା । ମନ୍ଦ-ଧୀର । ସମୀର-ପବନ । ସୁମନା-ଫୁଲ, ସୁନ୍ଦରମନା ସ୍ତ୍ରୀ । ବାସ-ବାସନା, ଲୁଗା । କେଶର-ନାଗେଶ୍ୱର, ପୁନ୍ନାଗ, ବକୁଳ । କେଶରେ-ବାଳରେ, ଜୁଡ଼ାରେ । ବଞ୍ଜୁଳ-ଅଶୋକ ଗଛ ।

୩। ସାଧବୀ-ସୁଲକ୍ଷଣୀ । ବାନ୍ଧବୀ-ସଜନୀ । ଭୂଷାର-ହିମ । ପଙ୍କଜ-ପଦ୍ମ । ଆନନ-ମୁଖ । ଚର୍ଚ୍ଚରୀ-ଗୀତବାଦ୍ୟ, ଦୋଳ ଉତ୍ସବର ଫଗୁଖେଳ । କଟକେ-ନଗରରେ, ରାଜଧାନୀରେ । ଅତନୁ-କନ୍ଦର୍ପ । ବିଶିଖ-ଶର । କାର୍ମୁକ-ଧନୁ । କାମୁକେ-କାମାସକ୍ତ ପୁରୁଷମାନେ ।

୪। ଦୋଳା ଲୀଳା-ଝୁଲ୍ ଖେଳ । ସ୍ୱେଦ-ଝାଳ । ସୁଧା-ଅମୃତ । ଲେପ-ଲେପନ ସାମଗ୍ରୀ । ପୂର-ଦେହ । ମୁଦକୁ-ଆନନ୍ଦକୁ । ଅଭି-ବର୍ତ୍ତମାନ । ଅଭିରାମ-ସୁନ୍ଦର । ଆରାମ-ଉପବନ, ବଗିଚା ।

ସଜନୀ ନିକର ଜାଣି ସୀଙ୍ଗକାର ମାର୍ଗ ପରିଷ୍କାର କରିଲେ । ଅମଳ କମଳ କୋମଳ ଚରଣ ପୀଡ଼ା ନୋହିବାକୁ ଘାଞ୍ଚିଲେ । ଘନରେ, ଘନସାର ଗୋଳ ସିଞ୍ଚିଲେ । ଯୁବତୀ ସେବତୀ ଛାଗୁଡ଼ା ମିଶାଇ ଘନସାର ଚୂର ବାଞ୍ଛିଲେ ।୫। ଙ୍କର ପରିଖ ବଞ୍ଚିଣା ଘାନମୂଣ୍ଡା ସଜନୀ ସ୍ୱୀକାରିଲେ ଚଳି । ମନ୍ତ୍ରୀନନ୍ଦନା ଜଗତ-ବନ୍ଦନାକୁ କରକର ଦେଇ ଉଠାଇ । ସୁନ୍ଦରୀ, ସୃଷ୍ଟି ରାଜା ବଳକୁମାରୀ । ଶମ୍ଭୁର ଶ୍ୱେତଆତପତ୍ର ଟେକିଲେ ଭ୍ରମର ଗୁଞ୍ଜନ ପ୍ରସ୍ୱର ।୬। କେଉଁ ପ୍ରବୀଣା ବୀଣାକୁ ବଜାଉଛି ଯାଉଛି ପ୍ରଣୀତ ହେଉଛି । ବନ୍ଧୁରେ କନ୍ଧର ବାଥିଟି ଏଥିରେ ସାବଧାନ ଥାଇ କହୁଛି । ଗମନେ, କେମାର ମୁଁ ମନେ କରଇଁ । ମନମଥ ରଥ ଯାତ୍ରା କ କରୁଛି ପଥ ମନୋରଥ ପୂରିଲ ।୭। ଲଲାଟ ଲପନ ସ୍ୱେଦ ଦରପଣ ଚକୁର ଭ୍ରମର ଯନ୍ତ୍ରିରେ । ତରଙ୍ଗ କୁରଙ୍ଗନୟନ ତୁରଙ୍ଗ କି ରଙ୍ଗ କରଇ ଚଳିରେ । କ୍ଳାନ୍ତ, ଚକ୍ର କୁଚାଂଶ୍ରୋଣୀ ଚଟୁଳ । କଟୀମେଖଳା ଘଣ୍ଟି ପଣ୍ଡି ପ୍ରକଟି ଅଞ୍ଚଳ ପତାକା ଚଞ୍ଚଳ ।୮।

---

୫ । ଅମ୍ଳ-ନିର୍ମଳ ।

୬ । ଙ୍କ-ପାଣି ସୁବେଶ । ପରିଖ-ପିଢ଼ାଘର । କରକର-ହାତଭିତ୍ତ । ସୃଷ୍ଟି-ସଂସାର, ସୁନ୍ଦର, ନିର୍ମିଣ । ରାଜା ମୃତକ । ଶ୍ୱେତ ଆତପତ୍ର-ଧଳା ଛତା । ପ୍ରବୀଣା-ନାନାବି ବିଷୟ ବଞ୍ଚନ ଭିତରେ ଜାଣିବା ସ୍ତ୍ରୀ ।

୭ । ବନ୍ଧୁର ବାଥି-ଅବଡ଼ା ଖାବଡ଼ା ବାଟ । ମନୋରଥ-ମନସ୍କାମନା ।

୮ । ଲଲାଟ-କପାଳ । ଲପନ-ମୁଖ । ଚକୁର-ବାଳ । ତରଙ୍ଗ-ତରଙ୍ଗାୟିତ, ଚଞ୍ଚଳ । ତୁରଙ୍ଗ-ଘୋଡ଼ା । ଶ୍ରୋଣୀ-ପିଚ୍ଛ । ଚଟୁଳ-ଗୋଲ । କଟୀମେଖଳା-ଅଣ୍ଟାଭୂଷଣ । ପ୍ରକଟି-ପ୍ରକାଶ ପାଉଛି । ଅଞ୍ଚଳ-କାନି ।

"ଜଣାପାଉଛି, ଲାବଣ୍ୟବତୀର ଏ ଉଦ୍ୟାନ ଯାତ୍ରା ନୁହେଁ, ଏ କୌଣସି ପ୍ରବୀଣା ସ୍ତ୍ରୀ ବୀଣା ବାଦନ କରି ଯାତ୍ରା କରୁଅଛି ଜଣାପାଉଛି । ଏହି ପ୍ରସଙ୍ଗରେ ଅନ୍ୟ ଏକ ସଖୀ ଲାବଣ୍ୟବତୀକୁ କହୁଛି—ରେ ବାନ୍ଧବୀ, ତୋତେ ସାବଧାନ ସୂଚକ ସ୍ମରଣ ଦେଇ କହୁଛି ଏ ବାଟ ଖାଲ ଢ଼ିପ ପୂର୍ଣ୍ଣ, ତେଣୁ ଝୁଣ୍ଟି, ପଡ଼ି ଗୋଡ଼ ଖସିବାର ବିଶେଷ ସମ୍ଭାବନା । ପୁଣି ଅନ୍ୟ ଏକ ସଖୀ କେମାର ଗମନକୁ ଲକ୍ଷ କରି କହୁଛି—ଅମ କେମା ଏ ପେଡ଼ି ବାଟରେ ଯାଉଛନ୍ତି କାହା ସାଧାରଣ ଯାତ୍ରା ନୁହେଁ,—ଏ ହେଉଛି କନ୍ଦର୍ପର ରଥଯାତ୍ରା । ଏହି ବାଟରେ ସେ ତାଙ୍କର ମନୋବାଞ୍ଛିତ ଇଚ୍ଛାକୁ ପୂର୍ଣ୍ଣ କରିବେ ।

୭ମ ପଦରେ କବି ଲାବଣ୍ୟବତୀକୁ ଏକ ଅଳଙ୍କାରର ଅର୍ଥରେ "ଉଦର୍ଘ ରଥ" ରୂପ ଦେଇ ୮ମ ପଦ ଭିତରେ ଏହାର ମାମଞ୍ଜସ୍ୟ ସେତୋଟ ଲକ୍ଷଣକୁ ଦର୍ଶାଇବାକୁ ଯାଇ କହୁଛନ୍ତି—

ଶେଷ ଏ ବର୍ଣ୍ଣରେ ପ୍ରବେଶ ସନ୍ଧିରେ ପୀନସ୍ତନୀଏ ବିପିନରେ । ଫୁଲବା
ଖେଳକୁ କୁସୁମ ତୋଳିବା ଆରମ୍ଭିଲେ ତୋଷ ମନରେ । ତହିଁରେ, ଛଳ
ଉକ୍ତିମାନ କହିଲେ । ଶୁଣି ପରଭୃତ ଚକିତ ସ୍ତବ୍ଧ ମୁନିବ୍ରତକୁ ବହିଲେ ।୯।
କହେ ଏକନାସ୍ତ୍ରୀ ବିଶେଷ ସୁନାସା ଏ ଦେଶରେ ବାସ କରନ୍ତି । ଭୃଙ୍ଗ ଜଂପୁରୁଷ
ଚଞ୍ଚଳ ମାନସ ଏଥି ଲଥି ସୁଖ ପାଉଛନ୍ତି । ତହିଁକି, ଛଳ କହିଲ କେଉଁ ଖ୍ୟାନ୍ତି ।
ମହାଭିବେକ ହୋଇ ଭୃଙ୍ଗ କପାଇଁ ମଧୁପ ନାମକୁ ବହନ୍ତି ।୧୦।

---

ରଥରେ ଚନ୍ଦ୍ରାତପ ଅଛି ଦର୍ପଣ ଥାଏ, ଲାବଣ୍ୟବତୀର ଲଲାଟ ଦେଖନ୍ତୁ ହେଉଛି ଚନ୍ଦ୍ର, ଆଉ ମୁଖ ହେଉଛି ନିର୍ମଳ ଦର୍ପଣ । ରଥରେ ଚଅଁର ଝୁଲନ୍ତା ଥାଏ, ସେହି କାର୍ଯ୍ୟକୁ ଲାବଣ୍ୟବତୀର ଚିକୁର ସୁରୂପରୂ ଭାବରେ ସଂପାଦନ କରୁଛି । ରଥରେ ଦ୍ରୁତଗାମୀ ତୁରଙ୍ଗ ଯୋଚା ହୋଇଥାଏ, ତାହା ମଧ୍ୟ ଲାବଣ୍ୟବତୀର ନୂଆ ତରଙ୍ଗ ଗତି ସଦୃଶ ଦୃଷ୍ଟି ହିଁ ଦ୍ରୁତଗାମୀ ଘୋଡ଼ା ରୂପୀ ହୋଇଛି । ରଥର କୂବ ପାଖରେ କୁମ୍ଭ ଥାଏ, ସେହି ସ୍ଥାନ ଏଠାରେ ପୂରଣ କରିଛି ଲାବଣ୍ୟବତୀର କୁଚ ଯୁଗଳ । ରଥରେ ଚକ୍ର ଶୋଭିତ ହୋଇଥାଏ, ଲାବଣ୍ୟବତୀର ପିଚ୍ଛ ଚକ୍ରପରି ଶୋଭିତ । ରଥରେ ଘଣ୍ଟି ଘାଗୁଡ଼ି ବନ୍ଧା ହୋଇଥାଏ, ଏଠାରେ ଲାବଣ୍ୟବତୀର କଟିଭୂଷଣ ଘଣ୍ଟି ସଦୃଶ କାମ କରୁଛି । ରଥରେ ଫରଫର ହୋଇ ପତାକା ଉଡୁଥାଏ, ଏ ରଥରେ ଲାବଣ୍ୟବତୀର ପଣତ କାନି ପତାକା ରୂପେ ଫର ଫର ଉଡୁଛି । ସୁସଜ୍ଜିତ ଏହି ଅପରୂପ 'କନ୍ଦର୍ପ ରଥ'ଟି ଦେଖିବାକୁ ସୁନ୍ଦରରୁ ସୁନ୍ଦରତର ହୋଇଅଛି ।

୯ । ପୀନସ୍ତନୀଏ-ସ୍ଥୂଳସ୍ତନୀଏ । ବିପିନରେ-ବନରେ, ଫୁଲ ବଗିଚାରେ । ଚକିତ-ଆଚମ୍ବିତ । ସ୍ତବ୍ଧ-ସ୍ଥିର । ମୁନିବ୍ରତ-ମୁନିର ବିଶେଷ ମହିମା ।

ଲାବଣ୍ୟବତୀ ସହିତ ପୀନସ୍ତନା ସଙ୍ଗିନୀମାନେ ପୁଷ୍ପ ଉଦ୍ୟାନରେ ଉତ୍ ଅଲସମୟ ଭାବରେ ପରସ୍ପର ପ୍ରୀତିପୂର୍ବକ ପୁଷ୍ପଚୟନ କାର୍ଯ୍ୟ ଆରମ୍ଭ କରିବାକୁ ଲାଗିଲେ । ପୁଷ୍ପ ତୋଳିବାବେଳେ ରଙ୍ଗରେ ପରସ୍ପର କଥାବାର୍ତ୍ତା ହେବା-ବେଳେ କୋକିଳ ଏମାନଙ୍କର ମୃଦୁ-ଭାଷଣ ଶୁଣି ଆଚମ୍ବିତ ଭାବରେ ଅବାକ୍ ହୋଇଯାଇ ମୌନବ୍ରତ ଧାରଣ କଲା ।

୧୦ । କହେଷେ-ପ୍ରକାରେ ପ୍ରକାରେ । ସୁନାସା-ସୁନ୍ଦରନାସିକା ଓ ସୁନ୍ଦରୀ ସ୍ତ୍ରୀ । ଜଂପୁରୁଷ-ଅସୁନ୍ଦର ପୁରୁଷ । ଛଳ-ପ୍ରତାରଣା ଉପଲକ୍ଷେ କହିବା ।

ଲାବଣ୍ୟବତୀର ସାଥୀସହଚରୀ କେହି ଜଣେ କହିଲା—ଏ ସ୍ଥାନରେ ସୁନାସା ଫୁଲ ବାସ ମହକି ଉଠୁଛି, ତେଣୁ ଭ୍ରମର ସୁନାସା ଫୁଲରେ ନ ବସି ନ ବସି ଏ ଫୁଲ ସେ ଫୁଲରେ ବସି ଉଡ଼ି ଯାଉଥିବାରୁ ପୁରୁଷହୀନ ପରି ଜଣା ପାଉଛି ।

ଏକକୁ ଶୁଣି ଆରେକ ସଖୀ କହେ ନିକଟେ ନାଗେଶ୍ୱର ମୋର । ବୋଇଲା ହୋଇ
ଆଇଚି ନାଗେଶ୍ୱର ସୁପର୍ଣ୍ଣରେ କର ଆଦର । ସେ ଛଳେ, ଚର୍ଚ୍ଚିଲା ନାଗେଶ୍ୱର
କଥ । ସୁମନାଭୂଷଣ ଦମ୍ପତି ପାଇବ ତା ପରେ ଯାଇଣ ଆରୋହ । ୧୧ ।
କେ କାହାକୁ କହେ ମୋହଠାରେଁ ସଖୀ ରଖିଥିବୁ ଏକା କରୁଣା । ଦେବ କଳିଭକୁ
ଲଭିବାରୁ ତୋତେ ଶଠୋଭା କଲାଣି ସୁରୁଣା । ସେ ଶୁଣି, ବୋଇଲା ଏ କଥା
ଗୁଡ଼ାରେ । ଖୋଜିଲେ ନ ପାଇ ମୁଁ ବନ୍ଧୁଜୀବକୁ ପଢ଼ିଲା କବାଟ ଦାଢ଼ରେ ।୧୨।

---

ଏ ପ୍ରସଙ୍ଗରେ ଆଉ ଜଣେ ସହଚରୀ ସୁକ୍ତି ଦର୍ଶାଇ କହିଲା—ନା ତାହା ନୁହେଁ, ତୁ ଭୁଲ ଭାବରେ କଥାଟାକୁ କହିଲୁ । ଏଠାରେ ପ୍ରେମ ସୁ-ନାରୀ ଲାବଣ୍ୟବତୀ ଥିବାରୁ ଭ୍ରମର ପୁରୁଷ ମଦାନ୍ଧ ସଦୃଶ ଅନାଇ ଅନାଇ ଗୁଞ୍ଜ ଯାଉଛି । ପୁରୁଷ ତ ଭ୍ରମର ସଦୃଶ, ସେ ମଧ୍ୟ କାମମଦରେ ମଦୁଆପଣ ହୁଅନ୍ତି । ଏହି କଥାର ପ୍ରତିବାଦ କରି ଆଉ ଜଣେ କହିଲା—ତୁମ୍ଭେମାନେ ମନ୍ଦା ବଚନ ହୋଇ ନାରୀମାନଙ୍କ ମେଳରେ ଭ୍ରମର ପୁରୁଷ କଥା କାହିଁକି ଅଶେଷ ଭାବରେ ଉଚ୍ଚାରଣ କରୁଛ ।

୧୧ । ନାଗେଶ୍ୱର-ଫୁଲଗଛ, ନାଗମାନଙ୍କର ଈଶ୍ୱର ବାସୁକି, ଐରାବତ ହସ୍ତୀ ଶ୍ରେଷ୍ଠ ନଗର ପୁରୁଷ । ସୁପର୍ଣ୍ଣ-ସୁନ୍ଦର ଲପତ୍ର, ଗରୁଡ଼ । ସୁମନାଭୂଷଣ-ଫୁଲହାର ମଣ୍ଡିତ, ନାରୀଶ୍ରେଷ୍ଠ, ଦେବତାମାନଙ୍କର ପିନ୍ଧିବା ପଦାର୍ଥ । ଦମ୍ପତି-ସ୍ୱାମୀ ସ୍ତ୍ରୀ । ଆରୋହ-କାରଣର ଅନୁମାନ, ଉପରେ ଚଢ଼ିବା ।

ଏହାପରେ ଆଉ ଜଣେ ଅନ୍ୟ ଜଣକୁ ଅନାଇ ଲାବଣ୍ୟବତୀକୁ ଶୁଣାଇ କହିଲା—ଏଇ ଦେଖ, ନିକଟରେ ମୋର ନାଗେଶ୍ୱର ଫୁଲଗଛ । ଏହାର ପତ୍ର ଅତି କୋମଳ । ହାତ ବଢ଼ାଇ ତୋଳି ଗ୍ରହଣ କରିବାକୁ ସ୍ପୃହା ହେଉଛି । ଏହି କଥା ଉପରେ ଅନ୍ୟ ଏକ ସଖୀ କହିଲା—ହଁ, ହଁ, ତୁମ ନିକଟରେ ନାଗେଶ୍ୱର, ସେ ନିଶ୍ଚୟ ନାଗରଶ୍ରେଷ୍ଠ, ତାଙ୍କୁ ସୁନ୍ଦର କର ପ୍ରସାରଣ କରି ଆଦର ବା ତୋଳାଘାତ କର । ଏହି କଥାରେ ଅନ୍ୟ ଏକ ସଜନୀ ଛଳପୂର୍ଣ୍ଣ ପରିହାସ ବାଣୀରେ କହିଲା—ତୁମେ କେଉଁ ନାଗେଶ୍ୱରକୁ ଚର୍ଚ୍ଚିତ କରି କହିଲ ? ସବୁ ସୁନ୍ଦର ଫୁଲରେ ମଣ୍ଡିତ ହେବା ଲାଗି ନାଗେଶ୍ୱରଫୁଲ ପାଇବାକୁ ଇଚ୍ଛା କରୁଅଛ ତା ହେଲେ ସେହି ଗଛରେ ଚଢ଼, ନଚେତ୍ ସମନାର ନଗରବର ବୋଲି ଯଦି ସୁ-ମନରେ ଇଚ୍ଛା କରୁଅଛ ତା ହେଲେ ଶ୍ରେଷ୍ଠ ନାଗରଙ୍କୁ ଅବଲମ୍ବନ କର ।

୧୨ । ଦେବକଳିଭ-ସୁନାଗଗଛ, ଇନ୍ଦ୍ର, ଉଚ୍ଚୈଃଶ୍ରବା, ଉତ୍ତମ ପ୍ରେମିକ । ସୁରୁଣା-ଅନନ୍ତ, ବନ୍ଧୁଜୀବ-ପଦ୍ମ, ବନ୍ଧୁଲିଫୁଲ (ଦୁପହରିଆ ଫୁଲ) । କବାଟ ଦାଢ଼-କନ୍ୟାପୁରର ଦ୍ୱାରୁଡ଼, କଣ୍ଠାଗଛ ସଙ୍କେତ, ବଳଭ ହର୍ଷପୂରକ ତାଡ଼ୀ ବାଣୀର ଶେଷ ସୀମା । ଲାବଣ୍ୟବତୀଙ୍କୁ ଶୁଣାଇ ଅନ୍ୟ ଏକ ସଖୀ କହିଲା—ହେ ସଜନି, ତୁ ଉଧାଡ଼ି ଅନୁଗ୍ରହରୁ ମଧୁପ ଫୁଲଟିକୁ ପାଇଥିବାରୁ ଅପାର ଆନନ୍ଦ ଅନୁଭବ କରୁଛୁ ।

କେତେ ବୃକ୍ଷରେ କହେ ସହଚରୀ ମୁଖକୁ ଚାହାଁର ଅନାଇ । ବଣ କରଣୀରେ
ହୋଇଲା ଜଗତର ମଲ୍ଲି ମଲ୍ଲି ହେଉ କପାଇଁ । ସେ କୋଲେ, ଭଙ୍ଗିରେ ଆନନ୍ଦ
ଚେତାଇ । କଦଳୀ ହେଲଣି ଦେଖିଲ ଜଗତୁ ଗମନ ଗାଙ୍ଗେ ଯା ଗମଇଁ । ୧୭ ।
ଦେ କହେ ଅଶୋକ ଲଭିଲୁ ସୁନ୍ଦରୀ କେତକୀ ହେଲଣି ମୋହର । ସେ କହେ
ସୁବର୍ଣ୍ଣକାନ୍ତିହିର ସେହୁ ଗୋଡ଼ାଇ ଯିବୁଟି ଯଉବନ ଏ ଲେ, ଆଜକଣେ କ୍ଷଣ
ସ୍ତମ୍ଭି । ଦେଖାଇ ଲଭୁ କୁଞ୍ଜଅଗ୍ନି ଚାଞ୍ଚକୁ ଯିବ କି ନ ଯିବ ପଥିକ । ୧୮ ।

---

ମାତ୍ର ମୋ ପାଇଁ ଗୋଟିଏ ଲବଣ୍ୟ ଫୁଲ ରଖିଥିବୁ । ଏହି କଥାର ପ୍ରତିଭାବ କରି
ଅନ୍ୟ ଏକ ସଖୀ କହିଲା—ନା, ତା ନୁହେଁ । ତୁ ନିଜର ଇଚ୍ଛାନୁଯାୟୀ ଦେବ
ସନ୍ତୁଷ୍ଟ କରିଛ ଏଣେ ନ ଥିବାରୁ ବଧାତା ତୋତେ ଫୁଲକତ କରିଛି, ଏଣୁ ତୋତେ
ଲବଣ୍ୟ ଗୋଷ୍ଠଭାବରେ ହିତର କରୁଣା ରଖିଥିବୁ । ଏ କଥା ଶୁଣି ଅନ୍ୟ ଏକ ସଖୀ
କହିଲା—ଏ କଥା ସତ, ମୁଁ ତ ଏ ପର୍ଯ୍ୟନ୍ତ ବଧୂଙ୍କ ଫୁଲକୁ ଖୋଜି ଖୋଜି ନ ପାଇ
ଗୋଷ୍ଠକୁ ଘଣ୍ଟା ଘଣ୍ଟାରେ ଯାଉଥାଇ, ତଥାପି ତୋହର ନୁହେଁ । ଏହାର ଅନ୍ୟ ଅର୍ଥରେ
ଅନ୍ୟ ଏକ ସଖୀ କହିଲା—ହଁ ତୁ ଏ ପର୍ଯ୍ୟନ୍ତ ପ୍ରାଣବନ୍ଧୁ ବା ପ୍ରାଣବନ୍ଧୁଙ୍କୁ ନ ପାଇ
ଉତ୍ତମ ପୁରୁଷ ପାଖରେ ହାରୁଡ଼ ଥିଲାରୁ ଶୃଙ୍ଗାର ବେଦନା ପ୍ରକାଶ କରୁଛୁ ।

କରବୀର—ପୁଷ୍ପବିଶେଷ, ଉତ୍ତମ ପୁରୁଷ । କଦଳୀ—ପୁଷ୍ପବିଶେଷ, ସୁନ୍ଦରୀ । ଫଳଗ-
ଗନ୍ଧସ୍ଥାନ ନାଲଫୁଲ, ଲବସ୍ଥାନ ପୁରୁଷ । ମଲ୍ଲି ମଲ୍ଲି—ମଲ୍ଲି ଫୁଲ, ମରଣର ମଳୟଳ ।
ପାଞ୍ଚ-ସଖୀଶ୍ରେଣୀ, ଭ୍ରମର । ଭଙ୍ଗୀଗୁରୁଙ୍କୁ, ଗୋଷ୍ଠୀ ଚେତାଇ-ସତର୍କ କରାଇ,
ବୁଝାଇ ।

ଏହାପରେ ପାଞ୍ଚ ଏକ ସଖୀଙ୍କ ଅନ୍ୟ ଏକ ସଖୀଙ୍କ ମୁଖକୁ ଅନାଇ ଚତୁରତାପୂର୍ବକ
କହିଲା—ଯାର ପୁରୁଷକୁ ଆଶ୍ରୟ କରିବା ପରେ ଆନନ୍ଦ ତାଙ୍କ ମନ ମଧୁର ଛଳନା
କରୁଛି । ଏ କଥାରେ ଅନ୍ୟ ଏକ ସଖୀ କହିଲା—ନା, ତା ନୁହେଁ ସେ, ସେ
ଯାହି ପୁରୁଷକୁ ନ ଛାଡ଼ି ଜାତୁସୁନ୍ଦର ତରୁର ମଲ୍ଲି ଲୋଡ଼ୁଛି । ଅନ୍ୟ ଏକ
ସଙ୍ଗିନୀ କହିଲା—ତୁମେ ଭୁଲ କରେ ଏ ସବୁ କଥା ଜାଣିକି କହୁଛ । ସେ
କରବୀରଫୁଲକୁ ଖାଇ ଆପଣା ହାତମୁଠାରେ ରଖି ପୁନଶ୍ଚ ହେଲା ପରବଶ ହୋଇ
ମଲ୍ଲୀଫୁଲକୁ ଲୋଡ଼ୁଛି । ଅନ୍ୟ ଏକ ସଙ୍ଗୀ ସାଙ୍ଗ ସହଚରୀମାନଙ୍କୁ ଭଙ୍ଗୀରେ
ଚେତାଇ କରି କହିଲା—ସେ ଯେତ ସୁନ୍ଦର ପୁରୁଷକୁ ପାଇ ତାଙ୍କ ସଙ୍ଗରେ ରତ
ରହିବେ ମଲ୍ଲିବେ ଯୌବନେ ଏଣୁ ଆମ୍ଭମାନଙ୍କୁ ନ ଗ୍ରହଣ ସାଙ୍ଗକୁ ସଙ୍ଗରଙ୍ଗ
ହୋଇସିବେ । ଏ କଥାରେ ଗୁରୁବାଦ କରୁଥିବା ସଙ୍ଗିନୀ କହିଲା—ନା, ତାହା
ନୁହେଁ, ସେ କଦଳୀ ଫୁଲକୁ ଖାଇବା ଦେଖି ଏ ପଳାଶଫୁଲ ପାଖକୁ ଯାଉଛି ।

୧୪ । ଅଶୋକ-ବୃକ୍ଷବିଶେଷ, ଶୋକରହିତ, ଶୋକହୀନ ଆନନ୍ଦ । ସୁବର୍ଣ୍ଣକାନ୍ତିହର-
ସୁନାରଙ୍ଗକୁ ହରଣ କରୁଥିବା ଗୁଣ ।

ଦେଖରେ ରସାଳ ବଂଶୀ ପ୍ରବାଳ ବକୁଳମାଳରେ ଶୋହୁଛି । ଶୋଭା ବନପ୍ରିୟ ଅବଲମ୍ବ ଥିଲେ ଚମ୍ପକ ରୋଲମ୍ବ ମୋହୁଛି । ଏମନ୍ତ, ଭାବ ତନେ କରୁଁ ବଳ ସ । ସେକ୍ଷଣ ତର୍କ ସ୍ୱବଧି ସଦଚସି ପାଣ୍ଡୁବାରିକାଏ ପ୍ରବେଶ । ୧୫ । ଦେଖି ହରଷ ବୃଷ୍ଟି ଭାବେ ସାରସଜରି-ରସ ରସଗଣ୍ଡି ତା । କମ୍ରଗାସ୍ୟକମ ତଙ୍କରନା ଯେଣ କାଞ୍ଚଳରେ ଦେଲା ଶୋଭିତା । ବାନ୍ଧିଲ, ଭଡ଼ ମଧ୍ୟେ ଶାଢ଼ୀ ପଣନ୍ତ । ଫଗୁମୁଣ୍ଡା ଖୋସି ହସିବାର ଶ୍ରୁଣ୍ଟି ସଖୀଏ ସାଞ୍ଜଲେ ତୁରିତ । ୧୬ । ଅନ୍ତର ମଲ୍ଲିକାକ୍ଷିମା ସଙ୍ଗେ ରଙ୍ଗେ ତରଙ୍ଗେ ଖେଳିଲେ କାମିନୀ । ମନ୍ତ୍ରୀ ଅକାଶ ଏକ ବେଳେ ପ୍ରକାଶେ କି ଅବା ଅନେକ ଦାମିନୀ । କି ଅବା, ଜଳପୃଷ୍ଠ

---

ଅନ୍ୟ ଏକ ସଖୀ କହିଲ—ତୁ ଅଶୋକ ଫୁଲଟି ପାଉଛୁ, ଆଉ ଅନ୍ୟ ଫୁଲରେ ତୋର ଆବଶ୍ୟକ ନାହିଁ । ତେଣୁ ଏ ସୁନ୍ଦର କେତକୀ ଫୁଲଟି ମୋହର । ଏ କଥାରେ ଅନ୍ୟ ଏକ ସଖୀ କହିଲା—ନା, ତା ହୁଏ । ଆମ ସକଳ ସୁବର୍ଣ୍ଣ କାନ୍ତିକୁ ନଷ୍ଟ କରୁଥିବା କେତକୀ ରଙ୍ଗ ପରି । କେତକୀ ଫୁଲରେ କଣ୍ଟା ଥିବାରୁ ଭ୍ରମର ଭୟ କରି ତା ପାଖରେ ପଶି ପାରେ ନାହିଁ । ଆମ ସକଳ କେତକୀ ତୁଲ୍ୟ ହେବାରୁ କୌଣସି ରସିକ ପୁରୁଷ ଆମ୍ଭ ଭରି ପାଇ ପାରୁ ନାହାନ୍ତି । ଯଦି କୌଣସି ଶୋକ-ହୀନ କୁସମୁଖ ରସିକ ପୁରୁଷ ପାଇବେ, ତା ହେଲେ ତାଙ୍କ ସଙ୍ଗରେ ଗୋଡ଼ାଇ ହୋଇ ଯାଇ କଣ୍ଟକପାକ ସୁଖନଦୀରେ ଭସିବେ । ଏହି ସମୟରେ ଅନ୍ୟ ଏକ ସଖୀ ଛଳପୂର୍ଣ୍ଣ ଯୁକ୍ତି ବର୍ଣ୍ଣାଇ କହିଲା—ମୁଁ ଏହି ତୁରଅନା ଗଛ ପାଖକୁ ଯାଇ ତୁରଅଣା ଫୁଲ ତୋଳିବ କି ନାହିଁ କହିଲ ? ଏ କଥାରେ ଅନ୍ୟ ଏକ ସଖୀ କହିଲା—ହଁ, ତୋର ତୁରଅନା ଉପରେ ଅଛି ଲୋଭ ହୋଇଛି, କିନ୍ତୁ ସେ କର୍ପୂର ତୁଲ୍ୟ ତୃପ୍ତି ଦେବ, ଏଣୁ ତୁ ଟିକେ ସାବଧାନ ହୋଇ ତା ପାଖକୁ ଯାଉଥିବୁ ।

୧୫ । ରସାଳବଂଶୀ-ଆମ୍ବଗଛ, ରସକ୍ଷରିବ ବଂଶପୁଷ୍ପ । ପ୍ରବାଳ-ପୋଢ଼ଳା । ବକୁଳମାଳରେ-ବକୁଳ ଧାଡ଼ିରେ । ବନପ୍ରିୟ-କୋଇଲି । ଅବଲମ୍ବ-ଆଶ୍ରୟ, ଗ୍ରହଣ । ରୋଲମ୍ବ-ଭ୍ରମର । ତର୍କୀବଧ୍ୟ-ପିତବାଖ ଶେଳ ।

ଏହା ପରେ ଆଉ ଗୋଟିଏ ସଖୀ କହିଲା—ଦେଖ, ଆମ୍ବଗଛର ଡାଳ ବଂଶପ ସବୁରେ ବଳଳଅ ହୋଇଥିବାରୁ ସୁନ୍ଦର ଦିଶୁଛି । ବକୁଳର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ କୋଇଲି କୋଳାହଳ କରୁଥିଲେ ମଧ୍ୟ ଅଧିକାଂଶ ଭ୍ରମର ଚମ୍ପକ ଗନ୍ଧରେ ମୋହିତ ହୋଇ ବକୁଳକୁ ଚୁମ୍ବୁଛନ୍ତି ବା ବସୁଛନ୍ତି ।”

୧୬ । ସାରସ-କଳହଂସ, ପଦ୍ମ । ଗଣ୍ଡ-ଗଣ୍ଡ । ରଙ୍ଗ-ସ୍ୱଗ, ଦୋଳି, ଶୃଙ୍ଗାର । କମ୍ରଗାସ୍ୟ-ସୁନ୍ଦର । ଜମ-ଉର୍ଦ୍ଧିତ । ଫଗୁମୁଣ୍ଡା-ଅବିରମୁଣ୍ଡି ।

୧୭ ଅନ୍ତର-ଗାଗଳ । ମନ୍ତ୍ରୀ-ମନ୍ତ୍ରୀଆଳ୍ପ, ଜଳୁଷ । ଦାଶଦ୍ୱାସିକ-ଭାଗତଶ୍ରୀ ରଙ୍ଗସବୁଙ୍କ

ଲତା ହେମର । ମହା ଅନୁରାଗ ଗସରବୃଷ୍ଟିରେ ହୋଇ ଅଛନ୍ତି ତତପର । ୧୭ ।
କଞ୍ଚନ ଖଞ୍ଜନ ଗଞ୍ଜନ-ନେତ୍ରୀକି କେଉଁ ସୁହାଇ ସୁଧାଇଛୁ । ଆଜ୍ଞ ଅସାଧ ହୋଇ
କେଉଁ ସୃଷ୍ଟି କି ରହୁଛୁ ମନରେ ଧାଇଛୁ । ନାହିଁକି, ଏତେକ ବବେକ ତାହାର ।
କୋଟିଏ ବ୍ରହ୍ମାଣ୍ଡ ଗୋଟିଏ ଭଙ୍ଗିରେ ଜଣିବା ଗୁମାନ ଯାହାର । ୧୮ ।
ମୁଠାରୁ ଫିଟି ଫିଙ୍କାର ଏ ପ୍ରଖର ଫଗୁ ଖେଳିବାରେ ଲଳନା । ବସନ୍ତରାଜା
ବଶକୁ କି କରନ୍ତି ରଙ୍ଗପାଟ ତେଲ ଗୁଳନା । ସେ ଭଜ, ଯାଇଁ ଶୂନ୍ୟେ ଚୂର୍ଣ୍ଣ
ହୋଇଲା । ଅତ୍ୟନ୍ତ ଗୁଣିକ ଦ୍ୱାରପରିବାର ମାଣିକ୍ୟଚୟ କି ଧଇଲା । ୧୯ ।
କଙ୍କଣ କଣିତ ଧ୍ୱନିରୁ ମଣ୍ଡିତ ଭୁଜ ଡିଣ୍ଡିମ କି ବାଇଲା । ଉତବାତ-ବାଣୀ
ମଙ୍ଗଳ ଗୀତ କି ଅଭିଷେକ ବେଳ ହୋଇଲା । ସ୍ୱଭାବେ, କୁଚ ପୂର୍ଣ୍ଣକୁମ୍ଭ
ରାଜଛୁ । ସ୍ୱଚ୍ଛ ରେଖ ଚୂତପଲ୍ଲବ ସଂଯୁକ୍ତ ହାର ଉପହାର ସାଜଛୁ । ୨୦ ।
ରମଣୀ ରମଣୀୟ କଲେ ଅନ୍ତରଗୁଣ୍ଡରେ ସେ ବନସବଣୀ । ମଣ୍ଡମଣ୍ଡଳା ଋତୁକାଳ
ଲଭିଲା ଏସନ ମାନସକୁ ଆଣି । ସେ ଧ୍ୱନି, କାହିଁ ପବନ ଯୋଗେ ଉଡ଼ି ।
ଶୁଭ ସୂଚକ କନ୍ଧ ଜଉକିଷ କି ଯାଉଛୁ ଶିରେ ବାନ୍ଧି ଶାଢ଼ୀ । ୨୧ ।
ଚମ୍ପାର ମାରେ କଉନ୍ତରେ ପିଚକା ଖେଳନ୍ତେ ମାରଗ୍ରହଭୂଷା । ମଞ୍ଜୁ ମଞ୍ଜୀର
ଘନରବ ମଧୁର ବସନ୍ତେ କରେ କି ବରଷା । କଜ୍ଜଳ, ଘର ଝୁଣ ଭୂଷା
ରତନ । ଅଙ୍ଗରାଗେ ଅଙ୍ଗଭଙ୍ଗ ଉତ୍ତରଙ୍ଗେ ହୋଏ କି କରକା ପତନ । ୨୨ ।

---

ସୁନ୍ଦର ହାସ୍ୟ ଶୋଭନ । ତରଙ୍ଗେ-ଲହରୀ ଭଳି ପଡ଼ି ଉଠି । ବାମ୍ପିଆ-ସୁନ୍ଦର
ସୁବତୀ ସ୍ତ୍ରୀ । ଦାମିଣୀ-ବିଜୁଳି । ଘସ୍ୱର-ବେଣୁ, ବଂଶ ।

୧୮ । କଞ୍ଚନ-ସୁସ୍ପନ୍ଦଣେଷ । ଖଞ୍ଜନ ଗଞ୍ଜନ ନେତ୍ରୀ-ଖଞ୍ଜନପକ୍ଷୀ ଯେତେବେଳେ ତଥିଳ ଗତକୁ
ଯାହାର ଯଶିହୁଡ଼ା ଗଞ୍ଜନ ବା ପରାସ୍ତ କରେ । ସୁହାଇ-ସୁଖ ଯୋଗ୍ୟ ।
ସୁଧାଇଛୁ-ଅମୃତ ଅଭିଳାଷୀ । ଧାଇଛୁ-ଗଣ୍ଡିର ଚିନ୍ତା କରୁଛୁ ।

୧୯ । ଫଗୁ-ଅବିର । ବସନ୍ତରାଜା-କନ୍ଦର୍ପ । ରଙ୍ଗପାଟ ତେଲ ଗୁଳନ-ନାଲି ଖାଣ୍ଟରଳୁଆ
ହୋଇବ । ଭଜ-ଶବୁ ଧୂଳିକଣା । ଦ୍ୱାରପରିବାର-ଦ୍ୱାରସମୂହ ।

୨୦ । କଙ୍କଣ କ୍ୱଣିତ-କଙ୍କଣର ଝଣ ଝଣ ଶବ୍ଦ । ଡିଣ୍ଡିମ-ଢେଙ୍ଗୁରା । କୂଚ ପୂର୍ଣ୍ଣକ-
ପୂର୍ଣ୍ଣକଳସ ସାମୁଦ୍ର ।

୨୧ । ରମଣୀୟ-ସୁନ୍ଦର । ବନସବଣୀ-ବଣ ବାଟ । ମଣ୍ଡମଣ୍ଡଳା-ସୁଶୋଭାଗ୍ୟ ସୁନ୍ଦରୀ
ସ୍ତ୍ରୀ । ଋତୁକାଳ-ସ୍ତ୍ରୀଲୋକ ହେବାର ସମୟ । ଶୁଭସୂଚକ-ମଙ୍ଗଳ ଚିହ୍ନ ।

୨୨ । ଚମ୍ପାର-ସୁବାସ ଜଳ । ମାରଗ୍ରହଭୂଷା-ପଦ୍ମଲୋଚନା । ଅଙ୍ଗରାଗ-ଚନ୍ଦନ କୁଙ୍କୁମାଦି
ଗାତ୍ର ଲେପନ ଦ୍ରବ୍ୟ । କରକା-କୁଅପଥର ।

କୁଙ୍କୁମ ପିଠିକା ବାଣ ଜଗଜନ ସୁନ୍ଦର ଉରଜ ଯାହାର । କନକାଚଳରୁ
କିବା ହରିତାଳ ପ୍ରବାହ ହେଉଛି ବାହାର । କର୍ପୂର, ଗୁଣ୍ଡି ମଣ୍ଡିତ ଯାହା ସ୍ତନ ।
ସୁବର୍ଣ୍ଣ ସ୍ୱୟମ୍ଭୁ ଶମ୍ଭୁଯୁଗଳ କି ହୋଇଲେ ଭସ୍ମ ବିଲେପନ ।୨୩।
ଯାହା କୁଚ ପଗୁ ସଙ୍ଗରୁ ସୁସଞ୍ଜ ଏକ୍କ ଗାଞ୍ଜ ହୋଏ ମାନସେ । ହୃଦୟସରୋବର
ମଧ୍ୟେ ଉଦୟ କୋକନଦ କଢ଼ୀଯୁଗ୍ମ ପ୍ରାୟ । ଯାହାର, ହୃଦି ହାର ଖସେ ମୁକ୍ତା ।
ପୟୋଧର ଛଳେ କ୍ଷୀରଚନ୍ଦ୍ର ବୃଷ୍ଟି କରିବାରେ କି ସେ ଶୋଭିତା ।୨୪।
କାଶ୍ମୀରରଜ କେ ମାରନ୍ତେ ପାଲଟି ଗ୍ରୀବା ବନ୍ଧ କରି ଶୃଙ୍ଖଳ । ମନ୍ଦମରୁତେ କି
ଜଳଟି ନଳନ ଅଳକ ସୂକ୍ଷ୍ମରେ ଭଞ୍ଜନ । କେ ଯାହା, ମୁଖେ କସ୍ତୁରୀ ଅଙ୍କ
ଭୃଙ୍ଗ । ମୃଗାଙ୍କ କଳଙ୍କ ଛଡ଼ାଇ ହେବାରୁ ବନ୍ଧୁ ଯାଉଛି କିବା ଭଙ୍ଗ ।୨୫।
ଯାହା ଲଲାଟୁଁ ସିନ୍ଦୂର ବିନ୍ଦୁ ପଡ଼େ ସ୍ୱେଦ ହୋଇବାରୁ ଜନିତ । କେଶବାନ୍ଧୁ
ବନ୍ଧୁ ଖାତରୁ ବ୍ୟକତ ଇନ୍ଦୁ ଦେହରୁ କି ରକତ । ସେକାଳେ, ଅଳ୍ପ ଚଞ୍ଚଳ
ନେତ୍ରଗତ । ଅଧରବିମ୍ବୁ କି ଶ୍ୟାମଳ କୋମଳ କମଳେ ମଣ୍ଡନ୍ତି ଯୁବତୀ ।୨୬।
ରତ୍ନକିରଣେ କନ୍ଦୁପତ୍ର ପ୍ରକାଶ ଶ୍ରବଣେ ତାଟଙ୍କ ଚଳନ୍ତି । ପ୍ରମଦା ପ୍ରମୋଦଭରେ
କି କରନ୍ତି ଶ୍ରୀଅଙ୍ଗେ ମଙ୍ଗଳ ଆଳତି । ତଳତ, ନାସିକା ମୋତି ଉହାର ।
ବାଦେ ନୂପୁର ନାଦେ କି ନାଚୁଛନ୍ତି ନର୍ତ୍ତକୀଗଣେ ଅହଙ୍କାର ।୨୭।
କେଉଁ ଲତରୁ କୁସୁମ ଖସିବାରୁ ଏମନ୍ତ ହେଉଛି ଉରତେ । ଧନ୍ୟ ଧନ୍ୟ ବୋଲି
ପ୍ରଶଂସା କରି କି ରତ୍ନ ବର୍ଷୁଛନ୍ତି ଜଗତେ । ପତ୍ରଗ, ଛଳେ ସିଞ୍ଚୁଛନ୍ତି କର୍ପୂର ।
ପଲ୍ଲବ ଛଳେ ଗଣନ୍ତେ ଝଞ୍ଜୁଛନ୍ତି ଉପକାରଭୂତେ ତାଙ୍କର ।୨୮।

---

୨୩ । ପିଠିକା-ଛଟା । କନକାଚଳ-ସୁବର୍ଣ୍ଣ ପର୍ବତ । ପ୍ରବାହ-ସ୍ରୋତ । ଶମ୍ଭୁ ଯୁଗଳ-ଦୁଇଟି ମହାଦେବ, ଏଠାରେ ସ୍ତନଦ୍ୱୟ ଭସ୍ମ ବିଲେପନ-ଗାରିମ ବୋଲିହେବା ।

୨୪ । ହୃଦୟ ସରୋବର-ହୃଦୟରୂପକ ପୋଖରୀ । ଉଦୟ-ପ୍ରକଟିତ । କଢ଼ୀଯୁଗ୍ମ-ଦୁଇଟି କଢ଼ି । ପୟୋଧର-ସ୍ତନ, ମେଘ । କ୍ଷୀରଚନ୍ଦ୍ର-ବୁଧଶୋଭା ।

୨୫ । କାଶ୍ମୀର ରଜ-କୁଙ୍କୁମ ଗୁଣ୍ଡି । ପାଲଟି-ଫେରି । ଗ୍ରୀବା-ବେକ । ମନ୍ଦମରୁତ-ଧୀର ପବନ । ନଳନ-ପଦ୍ମ । ମୃଗାଙ୍କ-ଚନ୍ଦ୍ର । କଳଙ୍କ-ମଳିନ, ଚିହ୍ନ ।

୨୬ । ଅଧରବିମ୍ବ-ଓଷ୍ଠବିମ୍ବ । ଇନ୍ଦୁ-ଚନ୍ଦ୍ର ।

୨୭ । କନ୍ଦୁପତ୍ର-ସ୍ୱର୍ଣ୍ଣପତ୍ର । ପ୍ରମଦା-ସ୍ତ୍ରୀ । ପ୍ରମୋଦଭରେ-ଖୁସିରେ । ନର୍ତ୍ତକୀ-ନାଚକାରୀ ।

୨୮ । ଉପକାରଭୂତେ-ଉପକାର ନିମନ୍ତେ ।

କେଉଁ କେଉଁ ତରୁ ତନ୍ୱୀମାନଙ୍କ ପକ୍ଷୀ ଭାବରେ ବସନ୍ତି । ଏପରି ଉତ୍ସବ
କେବେ କୋହିଥିଲା ଦେଖି ନ ଥିବ ସୁରପତି । କେ ତରୁ, ଶାଖା ନୋଇଁଛନ୍ତି
ଫଳଭରେ । କ ପରିରମ୍ଭ ଆରମ୍ଭ କରୁଛନ୍ତି ରମ୍ଭୋରୁ ପାଦ ଲାଗି ଶିରେ ।୨୯।
ଏମନ୍ତ ବେଳେ ଏକ ସଖୀ କହିଲା ତିନି ପ୍ରହର ହେଲା ବେଳ । ସ୍ନାନମାନଙ୍କୁ
ଅବଧାନ ନେ କହିଲା ଏତେକ ଋତୁ କୁତୂହଳ । ପୁଣି ସେ, ସେ କଥା କଲା ଅଙ୍ଗୀ-
କାର । ଏହି ସମୟେ ଥୋକାଏ ଦାସୀ ଆସି ଘେନିଣ ମାର୍ଜନା ସମ୍ଭାର ।୩୦।
ସରୋବର ଘାଟରେ ପ୍ରବେଶ ସୁବେଶ ଲାଗି ସମ୍ପୂର୍ଣ୍ଣ ଏ ଗ୍ରନ୍ଥ । କବି ସୁଭୂଷ
ଅନେକ ଅଛି ପୂର ଘେନଲେ କମ୍ପିବ ଆନନ୍ଦ । ଜାଣିଲା, ଜନମନକୁ ଏ
ତୋଷିବ । ମୂର୍ଖ ସ୍ୱଭାବ ଅଦ୍ଭୁତ ରଚନାପରି ସେ କାହିଁ ରସ ପ୍ରକାଶିବ ।୩୧।
ଅନନ୍ତଭୂଷଣ ବୃଷଧନ୍ୱ ପୂତ ସଦ୍ଭବ ଭବତାପ ନାଶି । ଶ୍ରୀମଙ୍ଗଳସ୍ୱ ଦ୍ୱିଜରାଜ
ବନ୍ଦମାୟୁ ଜନସୁଖକୁ ପ୍ରକାଶି । ସୁନ୍ଦର, ମନେ ସେ ରାମଚନ୍ଦ୍ର ଶିବ । କହେ
ଉପେନ୍ଦ୍ର ଭଞ୍ଜ ବୀରବର ସୁଜାଜନ କର୍ଣ୍ଣ ଉତ୍ସବ ।୩୨।

—o—

୨୯, ୩୦ । ସୁରପତି-ଇନ୍ଦ୍ର । ରମ୍ଭୋରୁ-କଦଳୀ ଉରୁପରି ମୋଟା ଜଙ୍ଘ । ପରିରମ୍ଭ-ଆଲିଙ୍ଗନ । କୁତୂହଳ-ଆନନ୍ଦ । ମାର୍ଜନା ସମ୍ଭାର-ସ୍ନାନ କରିବା ଉପକରଣ ।

୩୧,୩୨ । ଅଦ୍ଭୁତ ରଚନା-ଭାଲବା । ଅନନ୍ତ-ବାସୁକୀ । ବୃଷଧନ୍ୱ-ଇନ୍ଦ୍ରଧନୁ । ପୂତ-ମଣ୍ଡିତ । ଭବତାପନାଶି-ପୃଥିବୀର ଦୁଃଖ ନାଶକାରୀ । ଶ୍ରୀମଙ୍ଗଳସ୍ୱ-ଲକ୍ଷ୍ମୀ ଯାହାଙ୍କର ଘରଣୀ । ଦ୍ୱିଜରାଜ ବନ୍ଦନ-ଶ୍ରେଷ୍ଠ ବ୍ରାହ୍ମଣର ପ୍ରଶଂସାଯୋଗ୍ୟ । ଜନକ-ଲୋକସମୂହ । ଶିବ-କଲ୍ୟାଣକାରକ । ଉତ୍ସବ-ଆନନ୍ଦଜନକ'

## ପଞ୍ଚମ ଛାନ୍ଦର ସାର କଥା

କବି ଏହି ଛାନ୍ଦର ପଦମାନଙ୍କରେ କେବଳ ଯମକାଦିଙ୍କୁ "ପୁଷ୍ପିତାନ୍ତସ୍ୱରୀ" କହିବା ଅଭିପ୍ରାୟରେ ଶୃଙ୍ଗାର ରସକୁ ଉଦ୍ରେକ କରିଅଛନ୍ତି । ତାହା ରସଲିପ୍ସୁ ରସିକମାନଙ୍କ ପକ୍ଷରେ ଆଲୋଚିତ ସାମଗ୍ରୀ ରୂପେ ଆଦର ହୋଇପାରେ । କିନ୍ତୁ ଏହା ସବୁ ସମୟ ପାଇଁ ସମସ୍ତଙ୍କର ସେପରି ଆଦରଣୀୟ ହେବା ବାଞ୍ଛନୀୟ ନୁହେଁ ।

ନିପୁଣ ଶବ୍ଦଶିଳ୍ପୀଙ୍କର ଶବ୍ଦ ବିନ୍ୟାସ-ଚାତୁରୀ ଏଥିରେ ପୂର୍ଣ୍ଣତା ପ୍ରାପ୍ତି କରିଛି । ଏହାକୁ ଶୃଙ୍ଗାର ରସପ୍ରବଣ ପାଠକ ପଠନ କଲେ ତାଙ୍କ ପ୍ରାଣରେ ଅପାର ଆନନ୍ଦ ଉତ୍ପନ୍ନ କରି ସନ୍ତୋଷ ଦାନ କରିବ । ସହଧର୍ମିଣୀ ଆଗତ ଅପ୍ରାପ୍ତଯୌବନା ବାଳିକା ପାଖରେ ରସକଥା କହିବ ନାହିଁ କି ଏ ଧରଣର ଗୀତ ବୋଲିବ ନାହିଁ । ଏହା ସହିତ ଆଉ ଗୋଟିଏ କଥା ଆମ୍ଭମାନଙ୍କୁ ମାନିନେବାକୁ ହେବ—ଯେପରି ଏ ଧରଣର ରସଗୀତ ଜନପଦ ବାଟଘାଟରେ, ଶିଷ୍ଟ ଗୁରୁ ଗୁରୁଜନଠାରେ ବସ୍ତ୍ର ଅବାଧ ବାଣୀରେ ପ୍ରସାରିତ ହେବା ବାଞ୍ଛିତ ନୁହେଁ ।

# ଷଷ୍ଠ ଛାନ୍ଦ

ରାଗ—ଭୂମକେଶୀ

( ଲାବଣ୍ୟଙ୍କର ଉପବନ ବିହାର ସମୟେ ଜଳକେଳି )

ମନ ଦେଇ ଶୁଣ କୋବିଦେ ନୃପସୁତା ସୁକେଶୀ ।
କୂଳରେ ବକୁଳ ମୂଳରେ ପୀଠ ଉପରେ ବସି । ୧ ।
ସରସୀଶୋଭିତ ଅନାଇଁ ମନ ନେଇ ଲୋଭିତ ।
ତଟ ଘଟଣ ବଦ୍ରୁମରେ ପକ୍ଷିପନ୍ତି ବର୍ମିତ । ୨ ।
କି ମାଳଶାଢ଼ୀ ହଂସାବଳୀ ଭଙ୍ଗ ଧାଡ଼ି ହୋଇଛି ।
ଅବନୀବନିତା ବସ୍ତ୍ରରେ କବା ଜଣିବା ଇଚ୍ଛି । ୩ ।
ପାବଚ୍ଛ ସ୍ୱଚ୍ଛ ସ୍ଫଟିକରେ ମାରଗାର ଖଚିତ ।
ସୁବେଣୀ ଉରଣ ଭଜ ନ ତର୍ଣ୍ଣି ତ୍ରିବେଣୀ ଖ୍ୟାତ । ୪ ।
ଶାପବଣ୍ଡି ଲଭ ମରାଳପନ୍ତି ଏବେ ଉଡ଼ିଁସି ।
ବଡ଼ ବଡ଼ାଙ୍କ ବେଢ଼ିକି ଶୋଭା ଚୂର୍ଣ୍ଣି ତଉଁସି । ୫ ।
ଜଳ ଜମ୍ବାଳ ଆବିଳରେ ଜନମନ ହରୁଛି ।
ଜଳ ନର୍ମଳରେ ଆଦର ଆଦରଶଁ ସାରୁଛି । ୬ ।
ଗମ୍ଭୀର ଗୁଣକୁ ପଣ୍ଡିତଠାରୁ ସ୍ୱଧ୍ୟାତ କରି ।
ନର୍ତ୍ତକୀ ଠାବରୁ ଉଡ଼ିଁସି ଶିକ୍ଷା ଯାଇ ଏହାର । ୭ ।

---

୧ । କୋବିଦ-ପଣ୍ଡିତ । ସୁକେଶୀ-ଉତ୍ତମ କେଶଯୁକ୍ତା । ପୀଠ-ଉଚ୍ଚତଳ ।

୨ । ସରସୀ-ପୋଖରୀ । ଶୋଭିତ-ସୁନ୍ଦରତାପୂର୍ଣ୍ଣ । ତଟ-କୂଳ । ଘଟଣ-ସୁନ୍ଦର । ବଦ୍ରୁମ-ବୃକ୍ଷବିଶେଷ । ପକ୍ଷିପନ୍ତି-ଚଢ଼େଇସବୁ । ବର୍ମିତ-ପ୍ରକାଶିତ, ମଣ୍ଡଳାକାରରେ ଶୋଭିତ ।

୩ । ହଂସାବଳୀ-ହଂସସବୁ । ଅବନୀବନିତା-ପୃଥିବୀରୂପୀ ସ୍ତ୍ରୀ ।

୪ । ପାବଚ୍ଛ-ପାହାଚ । ସୁବେଣୀ-ସୁନ୍ଦର କବରୀ ଅନ୍ୟତ୍ର ବେଣୀଭାଗ, ଏଠାରେ ଲାବଣ୍ୟବତୀ । ତ୍ରିବେଣୀ-ଗଙ୍ଗା, ଯମୁନା ସରସ୍ୱତୀର ସଙ୍ଗମ ସ୍ଥାନ ।

୫ । ମରାଳପନ୍ତି-ହଂସସବୁ । ଉଡ଼ିଁସି-ମଣ୍ଡଳାକାରରେ ବୁଲିବା । ବଡ଼ ବଡ଼ାଙ୍କ-ବଡ଼ କୋଠାଘର । ଚୂର୍ଣ୍ଣିତ ଉଁସି-ଏକମହଲା କୋଠାଘର ।

୬ । ଜମ୍ବାଳ-ଶିଉଳି, ପଙ୍କ । ଆବିଳ-ମଳିନ । ଆଦରଶଁ-ଦର୍ପଣକୁ ।

୭ । ଗମ୍ଭୀର-ପ୍ରଶାନ୍ତ ।

ଅମୃତ ସଙ୍ଗରେ ହେ ଭଜୁ ମିତ ମଧୁର ଗୁଣେ ।
ଅଧୁର ସ୍ନେହକୁ ଅଧୁର କରେ ଶୀତଳ ଘଣେ । ୮ ।
ଭାମ ମଣ୍ଡଳୀରେ ପ୍ରକାଶମାନ ମୁଖଚାନ୍ଦରେ ।
କୁମୁଦରେ ଯେଣୁ ଜନତ ତେଣୁ ହରିଙ୍କାଙ୍କରେ । ୯ ।
ସର ଶୋଭା ଦେଖି ଦେଖି ସେ ସରେ ମର୍ଦ୍ଦନ ବଧି ।
କଷପ୍ରମାଣେ ଜଳେ ଯାଇଁ ବଳେ ଲାବଣ୍ୟନିଧି । ୧୦ ।
କଣ୍ଠ ବରାବରେ ବଢାଇ ହେଲ ଭୁମ୍ବୀ ବୁଡ଼ିଲ ।
ନ ବୁଡ଼ି ଖଇଲ ସଲିଳ ଉପରରେ ରହିଲା । ୧୧ ।
ଜସ ଦୁଣି ଦେଖା ନ ଯାଉ ଯେବେ ଅଛ ଗାତରେ ।
ବିଷମ ସମସ୍ୟା ପୂରଣ ହେଲା ଏହା ଠାବରେ । ୧୨ ।
ଅପୂର୍ବ ଅମ୍ବୁଜ ମୁଖକୁ ଚିନ୍ତି ଭୃଙ୍ଗ ଚକୋର ।
ଚୁମ୍ବିବା ଲୋଭରେ ଧାଇଁଲେ ଶ୍ରୁତି ଚିନ୍ତି ଚାତର । ୧୩ ।
କେଶ ତରଣେ ରଥାଙ୍ଗ ଧାଇଁ ଆହାର କଣେ ।
ବିଚ୍ଛେଦ ଭୟରୁ ପକାଇ ଗଲେ ନ ରହୁ ଗ୍ରାଣେ । ୧୪ ।
ନୟନ ଉତ୍ପଳ ଉତ୍ପଳଲକ୍ଷ୍ମୀ ଅନାଇଁ ଦେଲ ।
ଗଭୀର ଜଳରେ ପଶିଲେ ମୀନ ଭୟକୁ ଛାଇ । ୧୫ ।
ଭୂରୁ ନୟନ ଆନନକୁ ଚିନ୍ତି ଖଞ୍ଜନମାନେ ।
ଭୁରଙ୍ଗ ହେ ଆମ୍ଭେ ମଲୁଁ ବୋଲି ଡାକରେ ସ୍ୱନେ । ୧୬ ।

---

୮ । ଅଧୁର-ଅଧର । ଅଧୁର-ଦୂଷିତ ।
୯ । ଭାମ-ଅନୁରାଗ । ମଣ୍ଡଳୀ-ହଂସଗଳ ବନ୍ଧନ । ହରି-ଚନ୍ଦ୍ର ।
୧୦ । ସରଶୋଭା-ଚୌଷଷ୍ଟିର ସୌନ୍ଦର୍ଯ୍ୟ । କଷପ୍ରମାଣେ-ଗ୍ରୀବା ପର୍ଯ୍ୟନ୍ତ ।
୧୧ । ଭୁମ୍ବୀ-ବାହାପଣ୍ଟର ଖୋଳ (ଏଠାରେ ପିଠି) । ଖଇଲ-ପର୍ବତ (ଏଠାରେ ସ୍ତନ) ।
୧୨ । ବିଷମ-ବିପରୀତ । ସମସ୍ୟା-ବିପତ୍ତି ।
୧୩ । ଅମ୍ବୁଜ-ପଦ୍ମ । ଭୃଙ୍ଗ-ଭଅଁର । ଚକୋର-ଚନ୍ଦ୍ରପାୟୀ ପକ୍ଷୀ ।
୧୪ । ରଥାଙ୍ଗ-ଚକ୍ରବାକ । ବିଚ୍ଛେଦ-ପୃଥକ ।
୧୫ । ଉତ୍ପଳ-ଗାପ୍ତିମାନ । ଉତ୍ପଳଲକ୍ଷ୍ମୀ-ଅଙ୍ଗିର ବଳାଗାର ।
୧୬ । ସ୍ୱନ-ଶବ୍ଦ ।

ଅମୃତପାନଶ ସମ୍ଭରେ ଫେନୁକ ଏକ ଉଠିଲେ ।
ତାଙ୍କ ଉଦରର ମନ୍ଦ-ଉଦ୍ଗାର ସ୍ପର୍ଶିଲେ । ୧୭ ।
ଚନ୍ଦ୍ରମାରେ ଜଳଦ ଜଳଦ ଜଳଧରେ ଭୂଷିତ ।
ଭ୍ରମନ୍ତ ଭ୍ରମରେ ଭ୍ରମରେ ଭ୍ରମନ୍ତରେ ଶୋଭନ୍ତ । ୧୮ ।
ଉ-ସ୍ୱର ତରଳ ଅଗ୍ରେ ଗୀତ ଭଜନ ଗାଇ ।
ସୁଗଭ ସୁଲୋଚନସୁନା ଏସୁ ଶୋଭା ପାଇଲ । ୧୯ ।
ସକଳେ ଭକ୍ତୁ ସ୍ତ ଦେଶରେ ହୋଇଥିଲୁ ଶୋଭନ ।
ସମ୍ଭ୍ରମେ ଭକ୍ତ ଉତ୍ତପ ଶୋଭାକୁ ମୋ ମନ । ୨୦ ।
ନବୀନଶାସ୍ତ୍ର ସମ୍ପୂର୍ଣ୍ଣଙ୍କ ଏ ଏ ଭକତ ।
ଏ ସାରଙ୍ଗ ଚନ୍ଦ୍ରବଦନ ଦଶ ଶୋଭନ୍ତ । ୨୧ ।
ଦ୍ୱାଦଶ ଏଥିରେ ସୂର୍ଯ୍ୟ ସାରେ ସୁଦ୍ଧ ଦ୍ୱାଦଶ ।
ଗଜପଣ୍ଡିତ ଏ ସମ୍ଭ୍ରମ ପ୍ରାଣୀଙ୍କର ଗଜଦ । ୨୨ ।
ଅଣୁମଡଳ ତାଙ୍କ ଧାରେ ଶୋଭା ସାଜିଥିଲେ ।
ଅଣୁ ଶିରେ ତାଙ୍କ ଧାରେ ଶୋଭା ସାଜିଥିଲେ । ୨୩ ।
କଣ୍ଠ ପ୍ରକାଶିତ ସୁମନ-ସର ସୁମନଶିର ।
ମଣ୍ଡିତ ସାଜିଥିଲେ ସୁମନ-ସର ସୁମନରେ । ୨୪ ।

---

୧୭ । ଅମୃତ ପାନଶ-ଅଭ୍ୟୁଦୟ । ସମ୍ଭ୍ରମେ-ଶାଘିରେ । ଉଦ୍ଗ-ଦଶା । ସ୍ପର୍ଶିଲେ-ବହିଲେ ।
୧୮ । ନଳନ-ଉର୍ଦ୍ଧ୍ୱଳୁ, ସୁଦ୍ରଶ୍ମ ସ୍ତ୍ରୀ । ଜଳଜ-ପଦ୍ମ । ଜଳଧରେ-ଶୋଭାସ୍ଥିତ ।
ଭ୍ରମରେ-ଭ୍ରମରେ । ଭ୍ରମରେ-ଭ୍ରମ ଭମାନେ । ଭ୍ରମରେ-ବର୍ଦ୍ଧିତାଙ୍କ ।
୧୯ । ଉ-ସ୍ୱର-ସପ୍ତଶ୍ରେଣୀ । ତରଳ-ଚଞ୍ଚଳମାନ, ଶୋଭମାନ । ସୁଗଭ-ସୁଭ ଶୋଭ ।
ସୁଲୋଚନସୁନ-ସୁଦୃଶ୍ୟଚନ୍ଦ୍ର ।
୨୦ । ସକଳ-ଭଳ । ଭକ୍ତୁ-ଭକ୍ତ, ଦଶର ଏତ (ଚନ୍ଦ୍ର) । ସମ୍ଭ୍ରମେ-ସଜାଇଥିଲା ।
୨୧ । ନବୀନଶାସ୍ତ୍ର-ନୂଆ ମେଘ । ସମ୍ପୂର୍ଣ୍ଣନା-ଅବଚନ୍ଦ୍ରମା ବା ଉଲ୍ଲୁଚ । ସାରଙ୍ଗମଳ-
ସଳଖଳ୍କ । ଚନ୍ଦ୍ରବଦନ-ଚନ୍ଦ୍ରବଦନ ।
୨୨ । ଦ୍ୱାଦଶ-ଭଳ । ଦ୍ୱାଦଶ-ଦେଶ । ଗଜପଣ୍ଡିତ-ପ୍ରାଣର ଗଜ ।
୨୩ । ଅଣୁମଡଳ-ପୂର୍ଣ୍ଣ । ତାଙ୍କ-ତେଜ । ଧାରେଶୋଭେ-ଦଂଶ ସମ୍ଭୂତେ । ଅଣୁ-ଧାର ।
ମଡଳ-ଭୂମି । ଧାର-ତେଜ । ଧାରେଶୋଭେ-ପ୍ରବଳମ୍ଭରେ ।
୨୪ । କଣ୍ଠ-କଣ୍ଠା । ସୁମନସର-ପୁଷ୍ପହାର, ଶୋଭନୀୟ । ସୁମନ-ଶିରଶୋଭନ ।
ସର-ପୁଷ୍ପମାଳୀ । ମଣ୍ଡ-ସୁନ୍ଦର । ସୁମନ-ପୁଷ୍ପ । ସର-ସମୂହ । ସମନ୍ଦ-ବର୍ଣ୍ଣଭାଷ ।

ମନ୍ତ୍ରୀଜା ପୁଚ୍ଛିଲା ହେମାକୁ ସୁରବର୍ଣ୍ଣେ ଏସନେ ।
ଏକାକ୍ଷରେ ଖ୍ୟାତ ଧରଣୀ କରଭୂଷା ଦ୍ୱିବର୍ଣ୍ଣେ । ୨୫ ।
କସ୍ତୁସ ନାମ ଖ୍ୟାତ ମୂଳ ଯାହା କରେ ସେ ହେବ ।
ପ୍ରାକର୍ମ ଦ୍ୱିବର୍ଣ୍ଣେ ବଳେଲେ ସ୍ୱମକୁମର ହେବ । ୨୬ ।
ବ୍ୟସ୍ତେ ବସନ୍ତାନ୍ତ ଫୁଲେକ ତହିଁ ତଟର ନାମ ।
ସମସ୍ତ ଘଡ଼ିଲେ ହୋଇବ ଜଳେ ଥିବା କୁସୁମ । ୨୭ ।
ଚତୁର୍ଥ ତୁରଙ୍ଗେ ଜାଣିଲା ହସି କହିଲା ତହିଁ ।
କଂସ ବୈରୀବର ପସନ୍ତେ ମୋତେ ପରତେ ହୋଇ । ୨୮ ।
'ଫଳ' ହେଜବର୍ଣ୍ଣ ପ୍ରାନ୍ତରେ ଦେଲେ ମୁକୁତା ନାମା ।
ଶୁଣି ଧନ୍ୟ ବୋଲି ପ୍ରଶଂସା କଲେ ସକଳ ବାମା । ୨୯ ।
ଏ ବଧିରେ ଗ୍ରନ୍ଥି ସ୍ୱରଙ୍ଗ ଜଳ କ୍ଷେପଣ କରି ।
କେଶିନୀ ନଥିଲା ଚଞ୍ଚଳା କରିଷିବାର ବାରି । ୩୦ ।
ଉଡ୍ରାନ ପ୍ଲବନେ ଉରଜମାନେ କି ମନୋହର ।
ନଳଦୀକ୍ଷା ପାଇ ନାଗର ହେଳା କଲେ ଭୂଧର । ୩୧ ।
ଆଜ କି କୁସୁମନାଗ୍ରଜ ସ୍ୱଜ ବହୃଦ ଲୀଳା ।
କରୁଛୁ ହେମନ୍ତ ଶୋଷକୁ ପୁଣି ବହିଲେ ବାଳା । ୩୨ ।

---

୨୫ । ମନ୍ତ୍ରୀଜା-ମନ୍ତ୍ରୀ ଝିଅ । ପୁଚ୍ଛିଲା-ପଚାରିଲା । ଏକାକ୍ଷରେ ଖ୍ୟାତ ଧରଣୀ—'କୁ' । କରଭୂଷା ଦ୍ୱିବର୍ଣ୍ଣେ-(ହାତର ଅଳଙ୍କାର ଶବ୍ଦ ଦୁଇୋଟି ଅକ୍ଷରରେ)—'ବଳୟ' ।

୨୬ । କସ୍ତୁସ-'କସ୍ତୁ' । ନାମ ଅଶ୍ୱ, ହସ୍ତୀ । ମୂଳ ଯାହା କରେ-'ଲୟ' । ପ୍ରାକର୍ମ ଦ୍ୱିବର୍ଣ୍ଣେ-'ବଳ' । ବଳେଲେ-ବିପରୀତ ଭାବରେ । ସ୍ୱମକୁମର-'ଲବ' ।

୨୭ । (ବି+ଅସ୍ତେ) ବ୍ୟସ୍ତେ ବସନ୍ତାନ୍ତ ଫୁଲେକ-ବସନ୍ତାନ୍ତ କାଳରେ ଫୁଟି ଅବସାନର ବିପରୀତ ସମସ୍ତ ଅର୍ଥାତ୍ ଋତୁସୁକାଳରେ ସେହି ଫୁଲ । ତଟ-'କୂଳ' । ସମସ୍ତ ଘଡ଼ିଲେ ହୋଇବ ଜଳେ ଥିବା କୁସୁମ-'କୁବଳୟ' (ପଦ୍ମ) ।

୨୮, ୨୯, ୩୦ । କଂସ ବୈରୀବର-କୁବଳୟ । ପ୍ରାନ୍ତରେ ଶେଷରେ । ଯଥା—କୁବଳୟ 'ଫଳ'-ମୁକୁତା । କ୍ଷେପଣ-ଅତିକ୍ରମ । ବାରି-ଜଳ ।

୩୧ । ଉଡ୍ରାନ-ଉଚ୍ଚ ହୋଇ । ପ୍ଲବନେ-ପହଁରିବାରେ । ନଳଦୀକ୍ଷା-ଶ୍ରୀରାମଙ୍କ ସେନାରେ ନଳର ସ୍ଥିତି । ଅର୍ଥାତ୍ ନଳ ସେତୁବନ୍ଧନିର୍ମାଣ ସମୟରେ ପଥରଗୁଡ଼ିକ ସମୁଦ୍ରରେ ଭସାଇବାରୁ ତାହା ଭାସୁଥିଲା, ଏଠାରେ ଲାବଣ୍ୟବତୀର ସଖୀ ସମ ସ୍ତନ ନଳଦୀକ୍ଷା ପାଇଥିବାରୁ ଜଳରେ ନ ବୁଡ଼ି ଭାସମାନ ସଦୃଶ ।

୩୨ । କୁସୁମ ନାଗ୍ରଜ-କନ୍ଦର୍ପ ବାଣ । ବହୃଦ ଲୀଳା-କୌତୁକ ଖେଳ ।

ବୁଡ଼ କେ କାହାର ଚରଣ ଧରୁ ସେ କାଣି ଭଣି ।
ଗଣ୍ଡେ ଗଳ ଅଛୁ ବୋଲି ମୋତେ କୁମ୍ଭୀର ଗ୍ରାସି । ୩୩ ।
ନାସା ବାର କାର ନୋହିଲେ ଚକ୍ଷୁ ଘଡ଼ଏ ଯାଏ ।
ତାଙ୍କ କୁମୁଦ ନେତ୍ର ମୀନ ମୁଖ କମଳ ପ୍ରାୟେ । ୩୪ ।
ଜଘନ ପୁଳିନ ଉରଜ ଚକ୍ରବାକ ମିଥୁନ ।
ରୋମାବଳୀ ଆଳିଆବଳୀ ଗତି ହଂସ ସମାନ । ୩୫ ।
ଉଦର କମଳ ପକାଶ ନାଭି ଜଳଭଉଁରି ।
କର କୋକନଦ ସୁବାହୁ ପଦ୍ମ ମୃଣାଳ ସଙ୍ଗ । ୩୬ ।
କାଳୀ ଜଳେ ମିଶି କରନ୍ତି କେଳି ଏ ହୋଏ ଜଣା ।
ସଖୀ ସଙ୍ଗେ ମିଶି କ୍ରୀଡ଼ଇ ପଦ୍ମ ଚମ୍ପକେଲକ୍ଷଣା । ୩୭ ।
କାର୍ତ୍ତିକ ଏମନ୍ତେ ହୋଇଲେ ବୋଲି ଦେ ବା ଉଚ୍ଛାଳବ ।
ସୁଲକ୍ଷଣାକୁ ଏ ଲକ୍ଷଣା କାହୁଁ ସମାଜ ହେବ । ୩୮ ।
ସ୍ନାନ ଅବଶେଷେ କୂଳକୁ କୁଳପାଳିକା ଆସି ।
ଗର୍ଭର ଅନ୍ତରେ ଜଳ ସେ ଶାଢ଼ୀ ଏମନ୍ତ ବସି । ୩୯ ।

---

୩୪ । ଲାବଣ୍ୟବତୀ ସହ ସଙ୍ଗ ରଙ୍ଗବତୀମାନେ ଜଳକ୍ରୀଡ଼ା କରୁଥିବା ବେଳେ ସ୍ତ୍ରୀ ଓ ପଦ୍ମିନୀ ଏ ଚିହ୍ନା ହୋଇ ପାରିଲେ ନାହିଁ । ଲାବଣ୍ୟବତୀର ହର୍ଷ ହେଉଛି କଇଁଫୁଲ, ନେତ୍ର ହେଉଛି ମାଛ, ମୁଖ ହେଉଛି କମଳ ସଦୃଶ ।

୩୫ । ପୁଳିନ-ତଟ । ଚକ୍ରବାକ ମିଥୁନ ଯୁଗଳ ଚକୁଆ ଚକୋର + ରୋମାବଳୀ ଲୋମସବୁ । ଆଳିଆବଳୀ-ଭ୍ରମରସବୁ ।

ଲାବଣ୍ୟବତୀର ଜଙ୍ଘା ପୁଲିନ ହେଉଛି ତଟ, ସ୍ତନଯୁଗଳ ହେଉଛି ଯୁଗଳ ଚକୁଆ ଚକୋର ପକ୍ଷୀ ରୋମସବୁ ହେଉଛି ଭ୍ରମର ସମୂହ, ଗତି ହେଉଛି ହଂସ ସଦୃଶ ।

୩୬ । କୋକନଦ-ରକ୍ତପଦ୍ମ । ମୃଣାଳ-ପଦ୍ମନାଡ଼ ।

ପେଟ ହେଉଛି କମଳ ପଲାଶ ପତ୍ର  ନାଭି ହେଉଛି ଜଳଭଉଁରି, ହାତ ହେଉଛି ରକ୍ତ ପଦ୍ମ, ସୁନ୍ଦର ବାହୁଦ୍ୱୟ ହେଉଛି ପଦ୍ମଫୁଲର ନାଡ଼ ସଦୃଶ ।

୩୭ । କାଳୀ-ସ୍ତ୍ରୀ । କେଳି-କ୍ରୀଡ଼ା । କ୍ରୀଡ଼ଇ-ଖେଳ କରଇ । ଚମ୍ପକେଲକ୍ଷଣା-ଶୀଘ୍ର ଦୃଷ୍ଟି କରୁଥିବା ।

୩୮ । ଲକ୍ଷଣା-ଉପମା, ପ୍ରକୃତ ଅର୍ଥ ପରିବର୍ତ୍ତିତେ ଅନ୍ୟ ଅର୍ଥ ।

୩୯ । କୁଳପାଳିକା-କୁଳ ସ୍ତ୍ରୀ ।

ସ୍ଫଟିକବାଡ଼ ଫୁଟି ଦିଶେ କି ସେ ହେମପିତୁଳା ।
ସ୍ତନସମ୍ପୁଟେ କି ବାରଣଦନ୍ତ ପିଧାନ କଲ୍ ।୪୦।
ଅତି ଜରଜର ମାରରେ ଯହିଁ ଏମନ୍ତ ଭାବ ।
ସେ ଚନ୍ଦ୍ରଶିଳ ଶଇଳ କି ହାସ୍ୟଚନ୍ଦ୍ରେ ଦ୍ରବ ।୪୧।
ବିନ୍ଦୁ ବିନ୍ଦୁ ଜଳ ଝରୁଛି ଘର୍ମ କୁଟିଳବାଳେ ।
ତୁଷାର ବୃଷ୍ଟି କି ହୋଇଛି ନବତମାଳଦଳେ ।୪୨।
ନବଘନେ କି ତ ଉଇଁଛି ତାର ତାରକାଶ୍ରେଣୀ ।
ମୋକ୍ତି ପତନ କି ହୋଇଛି ଫଳମଣି ଧରଣୀ ।୪୩।
ଅଙ୍ଗ ଅଙ୍ଗନାର ପୋଛିଲେ ସଖୀମାନେ ହରଷରେ ।
କେଶ ଖୋଳିଦେଇ ଚଣ୍ଟି କି ଦେଲେ ଅଗ୍ରଭାଗରେ ।୪୪।
ଭଣ୍ଡିଦେଲେ ପୀତାମ୍ବରକୁ ଊରୁସନ୍ଧିକି ରୁନ୍ଧି ।
ପିନ୍ଧି ନିତମ୍ବିନୀ ନିବିଡ଼େ ନୀବୀବନ୍ଧକୁ ବାନ୍ଧି ।୪୫।
ଚୋଖ ହୋଇଲା ଗୋରଦେହ ଆଲିଙ୍ଗନକୁ ମାଇ ।
ଧଡ଼ ନ ଥିଲେ ଶାଢ଼ୀ ଥିଲା ପରି ଦିଶନ୍ତା ନାହିଁ ।୪୬।
ଜଣାଇଲେ ଏବେ ମଣ୍ଡରେ ପିବା ଅସ୍ତ ଦିନେଶ ।
ଜଗତମୋହିନୀ ଜଗତି ପରେ ହେବୁ ସୁବେଶ ।୪୭।
ଶୁଣିକରି କରପଇଠ ଦେଇ ଉଠେ ସୁନ୍ଦରୀ ।
କାମକଳାକୁ ସେ ଆକ୍ଷେପି ସଜନୀଙ୍କ ପ୍ରଭୁର ।୪୮।

---

୪୦ । ସ୍ଫଟିକବାଡ଼-ସ୍ୱଚ୍ଛ ବର୍ଣ୍ଣହୀନ ପଥରକାନ୍ଥ । ହେମପିତୁଳା-ସୁବର୍ଣ୍ଣ ପ୍ରତିମା । ସ୍ତନସମ୍ପୁଟେ-ଉଭୟ ସ୍ତନ ମିଳନର ସନ୍ଧିସ୍ଥାନ । ପିଧାନ-ଆବରଣ, ଆଚ୍ଛାଦନ ।

୪୧ । ଚନ୍ଦ୍ରଶିଳ-ଚନ୍ଦ୍ରକାନ୍ତମଣି । ହାସ୍ୟଚନ୍ଦ୍ର-ହସରୂପକ ଚନ୍ଦ୍ର । ଦ୍ରବ-ତରଳ ।

୪୩, ୪୪ । ତାର-ଉଜ୍ଜ୍ୱଳ । ଅଙ୍ଗନା-ସ୍ତ୍ରୀ ।

୪୫ । ଭଣ୍ଡିଦେଲେ-ଭୁଣ୍ଡିକରି ସଜାଡ଼ି ଦେଲେ । ପୀତାମ୍ବର-ହଳଦିଆ ପାଟଲୁଗା । ଊରୁସନ୍ଧିକି-ଜଙ୍ଘ ଗଣ୍ଠିକୁ । ରୁନ୍ଧି-ରୁନ୍ଧିକରି, ଆବରଣ କରି । ନିତମ୍ବିନୀ-ସୁନ୍ଦର ନିତମ୍ବ ବିଶିଷ୍ଟା ସ୍ତ୍ରୀ । ନିବିଡ଼େ-ଗାଢ଼ ଭାବରେ । ନୀବୀବନ୍ଧ-କୋଷଣୀ ଫାଶ ।

୪୬ । ଚୋଖ-ସୁନ୍ଦର ।

୪୭ । ଦିନେଶ-ସୂର୍ଯ୍ୟ । ଜଗତି-ସିଂହାସନ ।

୪୮ । ଆକ୍ଷେପି-ଆକର୍ଷଣ କରି ।

ହରି କରେ କସ ଶୋଭିତ, ଗ୍ରହେ କେ ହୋଏ ଭଲ ?
ଭାମେ ଭାମୂକ କ କରନ୍ତି, ଶ୍ୟାମ କାନ୍ତି ଶୋଭନ ? । ୪୯ ।
କେ ବରଜ-ସ୍ତ୍ରଜ, ସଂସାର କରତା କେ ଅଟଇ ?
ନୃପଙ୍କ ଆଗରେ କ ବୋଲି ସ୍ତ୍ରବଦାସ ଡାକଇ ? । ୫୦ ।
କ ଶୋଭା କରେ ଚନ୍ଦ୍ର କରେ, ତାର କାନ୍ତି ଉଦ୍ଧତ ?
ବିଷ୍ଣୁର ସର୍ବଦା ମଣ୍ଡନ କ କ କହ ଭରତ ? । ୫୧ ।
ସେ କହେ କମଳ, ରଥାଙ୍ଗ, ଦର, ଗଦା ନନ୍ଦକ ।
ମହିମା, ହରିତ ଅମ୍ବର ବୋଲି ହୋଏ ବଟେକ । ୫୨ ।
ଶ୍ରବଣେ ପ୍ରଶଂସା ହସାଇ ସାର-ରମଣୀ କଲ ।
ସବନେ ପ୍ରବେଶ ହୋଇ ସେ ପୁଣି ସୁବେଶ ହେଲ । ୫୩ ।
ଏଠାରୁ ଏ ଛାନ୍ଦ ସମ୍ପୂର୍ଣ୍ଣ ଏତେ ଲକ୍ଷଣେ ଯୁକ୍ତ ।
ଶ୍ଳେଷର ଅଭଙ୍ଗ ସଭଙ୍ଗ ଭଙ୍ଗାଭଙ୍ଗକୁଁ ବ୍ୟକ୍ତ । ୫୪ ।
ଚତୁର୍ଦ୍ଧ ଯମକ ଚୁମ୍ବକ ଆଶ୍ରୟରେ ଯାପକ ।
ବହିର୍ଲିପି ଅନ୍ତର୍ଲିପିକା ଯେଣୁ କର୍ଣ୍ଣରୋଚକ । ୫୫ ।
ବନ ଛଳ ଶ୍ୟାମ ବାମନମୂର୍ତ୍ତି ମନରେ ଧ୍ୟାୟୀ ।
ଉପେନ୍ଦ୍ର ଗାଇବଇ ଯେ ଏହୁ ରସ ବହଇ । ୫୬ ।

—*—

୪୯, ୫୦, ୫୧ ପଦ ଶେଷରେ ଯେଉଁସବୁ ପ୍ରଶ୍ନ ଅଛି ତାହା ୫୨ ପଦ ଶେଷରେ ପୂର୍ଣ୍ଣତା ପ୍ରାପ୍ତି ଲଭନ୍ତି ।

୫୪ । ଶ୍ଳେଷରେ-ଦ୍ୱ୍ୟର୍ଥବୋଧକ ଶବ୍ଦଦ୍ୱାର ।

୫୫ । ଯମକ-ଶବ୍ଦାଲଙ୍କାର ବିଶେଷ, ପୁନରାବୃତ୍ତି । ଅନ୍ତସ୍ଥ-ଭିତ, ଅଭ୍ୟନ୍ତର । ଯାପକ-ଉତ୍ତେଜକ । କର୍ଣ୍ଣରୋଚକ-କାନର ତୃପ୍ତିଦାୟକ ।

## ଷଷ୍ଠ ଛାନ୍ଦର ସାର କଥା

ଲାବଣ୍ୟବତୀ ସଖୀମାନଙ୍କୁ ସଙ୍ଗରେ ନେଇ ଉପବନରେ କ୍ରୀଡ଼ା କରି ଯୋଗଶ୍ରେଣୀ ସ୍ନାନକର ନାନାପ୍ରକାର ହାସ ପରିହାସ ହୋଇ ସନ୍ଧ୍ୟା ସ୍ତ୍ରୀ ଅସ୍ତ ବେଳକୁ ଘରକୁ ଫେରି ବେଶ ହେଲ ।

# ସପ୍ତମ ଛାନ୍ଦ

## ରାଗ—ଭୂପାଳ

( ବାଳକର ସିଂହଳକୁ ଯାଇ ଭୋଜବିଦ୍ୟା ଦେଖାଇବା )

ଏଥୁଅନ୍ତେ ଶୁଣ ଜନେ ମନଦେଇ । ମନୋହର ବସନ୍ତ ଋତୁକୁ ବର୍ଣ୍ଣି । ୧ ।
ଭଳେ ଆସ୍ୱମେ କର୍ଣ୍ଣାଟ ରାଜସୁତ । ସମୀପରେ ବସିଛନ୍ତି ସୁଦ୍ଧ ମିତ । ୨ ।
ସାବଧାନ ମଣିମା ଖଣ୍ଡିଆ ଡାକେ । ହେବାଜପୁଣ ତର୍ଜି ଖଟଣୀ ଲୋକେ ॥
ଯଶ ବର୍ଣ୍ଣନା କରନ୍ତି ଭାଟେ ଶ୍ଳେଷେ । ଏକପଦରେ ଗୀତ କହନ୍ତି ବଶେ । ୪ ।
ଚନ୍ଦ୍ର ସେଷ୍ଟ ଭଷ ଷର ଷାର ବାଷ । କୀର୍ତ୍ତି କର୍ପୁରେ ଭାର ହ ର ଧୀର ମାର୍ଗ ॥
ଯାନ ଜବ ଭେଷି ଖର ଦର୍ପ ସ୍ୱନ । ପ୍ରାଏ ସୂକ୍ଷ୍ମଭାବମାସ୍ତୁ ପ୍ରଭବେ । ୬ ।
ଭେଟେ ଭବ ଗୀତକର ସନ୍ନିଧିରେ । ପ୍ରାନ୍ତ ଯମକ ଶୃଙ୍ଖଳ ରୋଦ୍ଦୂଷରେ । ୭ ।

ତ ର ଚ ସ୍ତୁ ହ ର ଧୀ ର ପ୍ର ଶଂ ସା ର ।
ସା ର ସା ସୁ କ ର କ ର ଏ ସଂ ସା ର । ୮ ।
ସା ରି ସା ର ଜ ଚ ଗ ତ ହେ କୁ ମା ର ।
ମା ର ପ ର ଶ ତ ଅ ଭ ସୁ କୁ ମା ର । ୯ ।

ହାଟ ଦେଖାଉ ଅଛନ୍ତି ନଟ ବର୍ଣ୍ଣି । ଚଢ଼ି ବଂଶ ଶଳାକାରେ ଢୋଲ ବାଇ ॥
ନାଟ କରୁଅଛନ୍ତି ଗଣିକା ଆଳୀ । ଗୀତ ଗାଉଅଛନ୍ତି ଗୁଣିକେ ମିଳି ।୧୧।
ଗଜ ଅଶ୍ୱ ରତନ ବସନ ମାନ । ମୂଲ୍ୟ କରୁଛନ୍ତି ଜ୍ଞାନଶୀଳଜନ ।୧୨।
ସ୍ତ୍ରୀମାନେ ଗତ ଯୁଦ୍ଧକଥା ଭାଷି । କରୁଛନ୍ତି ସାଧନ ପଦାତି ଆସି ।୧୩।
ବସନ୍ତକାମୁକ୍ତ ବର୍ଣ୍ଣି ପରହାସେ । ଏଣୁ ସମସ୍ତରେ ଗୁଣନିଧି ଭାଷେ ।୧୪।

---

୨ । ଆସ୍ୱମେ-ଉପବେଶନରେ, ବସ୍ଥାନରେ । ଭଳେ-ଉପସ୍ଥିତ, ବସି ।

୩ । ଖଟଣୀ-ସେବା ।

୫ । ଧୀର—ତନୟ । ମାର୍ଗ-ଅଭିମାର୍ଗ ।

୬ । ଦର୍ପସ୍ୱନ-ଯମତା ନାଶରେ । ସୂକ୍ଷ୍ମଭାବମାସ୍ତୁ-ଉତ୍ତମ ମନମତ କଥା ।

୧୦ । ନଟ-ନୃତ୍ୟଭାସ (ଦେଖା ବଂଶଶଲାକା—ବାଉଁଶ ନଳ ।

୧୧ । ଗଣିକା-ବେଶ୍ୟା । ଆଳୀ-ସ୍ତ୍ରୀ । ଗୁଣିକେ-ତନ୍ତ୍ରବାଦ୍ୟାଦ ଗୁଣିଆମାନେ ।

୧୩ । ପଦାତି-ପାଇକ । ସାଧନ-ଅଭ୍ୟାସ ।

ତୁମ୍ଭ କନ୍ୟା ଲଭ ହେଲା ଦ୍ୱୀପାନ୍ତରେ । କହୁ ଅପୂର୍ବ ପଦାର୍ଥ ଏ ଭଣ୍ଡାରେ ।୧୫।
ସୁବଳଙ୍କ ଗ୍ରାମରେ ନ କଲ ଭେଟି । ଶୁଣି ସଲଜ୍ଜ ହୋଇ ସେ ବେଗେ ଉଠି ।
ନିଜ ରମଣୀ ପାଶକୁ ନେଇ କୀର । ଦେଲା ପଢ଼ା ଶୁଣି ସଙ୍ଗେ ତୋଷଭର ।
ଏହିକାଳେ ଜଣାଇଲା ବେତ୍ରଧର । ଆସି ବୋଇତଆଲେକ ଅଛି ଦ୍ୱାର ।
ବୋଲ ସିଂହଳପାପୁଁ ଅସିଛୁ ମୂର୍ତ୍ତି । ଇଚ୍ଛା ମୋର ଯୁବରାଜ ଭେଟ ପାଇଁ ।୧୯
ଶୁଣି ନୃପସୁତ କଲା ସ୍ୱୀକାର । ଆଣି ଗ୍ରାମରେ ଭେଟାଇ ପ୍ରତିହାର ।୨୦
ଶିରେ କର ଦେଇ ଭେଟି ଏତେ ଦ୍ରବ୍ୟ । ଦେଲା ପ୍ରମୋଦ ଚିତ୍ତରେ ସେ ସାଧବ ।
ମେଷଚକ୍ଷୁ ମାଳା ବ୍ରହ୍ମକାନ୍ତ ହୀର । ତାର ମୁକୁତା କୁକୁଟଡିମ୍ବ ପର ।୨୨
ଅଛି ସୁମାଣିକ୍ୟ ପଦ୍ମରାଗ ଜାତି । ଅଷ୍ଟବଙ୍କ ପ୍ରବାଳହିଁ ପନ୍ତି ପନ୍ତି ।୨୩
ଚନ୍ଦ୍ରକାନ୍ତ ପାଷାଣ ନୀଳେନ୍ଦ୍ର ମଣି । ଲକ୍ଷ୍ମୀ ନାରାୟଣ ଶିଳା ନୋହେ ଗଣି ।
ଅଗୁରୁ ଚନ୍ଦନ ଅତର ଖାକର୍ପୂର । ଜନ୍ତ୍ର ପ ତଳ ବଢ଼ୁଆ ପଗାଭୂମାର ।୨୫
ସମସ୍ତଙ୍କ ଜୁଆଦ ଜାହ୍ନବୀଜଳ । ମନୋହର ବଣପତ୍ର ହରିତାଳ ।୨୬
ରୌପ୍ୟ ଇଚ୍ଛାକୁ ଫୁଲ ତୁଳରେ ଦେଇ । ଜମ୍ବୁନଦ ସୁନା ଆନ ହେମ ନାହିଁ ।୨୭
ମଣି ପଦରେ ମିହିରମଣି ଲେଖ । ଦନ୍ତେ ଦନ୍ତୀଦନ୍ତ ନଖେ ବ୍ୟାଘ୍ରନଖ ।୨୮
ଚର୍ମ ଆସନରେ ସାର କୋଲ୍ହଦାର । ଚର୍ମ ଆଡ୍ଡେଣୀ ଖଡ୍ଗଚର୍ମ ସାର ।୨୯

---

୧୬ । ସଲଜ୍ଜ-ଲଜ୍ଜାଯୁକ୍ତ ।

୧୭ । କୀର-ଶୁଆ ।

୧୮ । ବେତ୍ରଧର-ଦ୍ୱାରରକ୍ଷୀ । ବୋଇତଆଲେକ-ଜାହାଜ ମାଲିକ ।

୨୦ । ପ୍ରତିହାର-ଦୁଆରୀ, ଆଗଉଭାସୀ ।

୨୧ । ଭେଟି-ସାକ୍ଷାତ କରି, ଉପହାର । ସାଧବ-ସାଧୁଭାର, ବ୍ୟବସାୟୀ ବେଢ ।

୨୨ । ମେଷଚକ୍ଷୁ-ମେଣ୍ଢା ଆଖିଆ । ତାର-ଉଜ୍ଜ୍ୱଳ ।

୨୩ । ସୁମାଣିକ୍ୟ-ଉତ୍ତମ ମାଣିକ୍ୟ । ଅଷ୍ଟବଙ୍କ-ଆଠଭାଗରେ ବଙ୍କା (ପୂର୍ବ, ପଶ୍ଚିମ, ଉତ୍ତର, ଦକ୍ଷିଣ ଓ ଅଗ୍ନି, ଈଶାନ୍ୟ, ନୈଋତ, ବାୟୁ ଏହି ଆଠ ଦିଗର ଭଙ୍ଗୀ) ।

୨୪ । ଲକ୍ଷ୍ମୀ ନାରାୟଣ ଶିଳା-ଶାଳଗ୍ରାମ ପଥର ।

୨୬ । ସମସ୍ତଙ୍କ ଜୁଆଦ-ଗନ୍ଧଦ୍ରବ୍ୟ ବିଶେଷ । ବଣପତ୍ରି-ବାଉଁଶପତ୍ରିଆ ।

୨୭ । ଜମ୍ବୁନଦ-ଉତ୍କୃଷ୍ଟ ସୁନା ।

୨୮ । ମିହିରମଣି-ସୂର୍ଯ୍ୟକାନ୍ତ ମଣି । ଦନ୍ତୀଦନ୍ତ-ହାତୀ ଦାନ୍ତ ।

୨୯ । ସାର-ପ୍ରଧାନ । କୋଲଦାର-କୃଷ୍ଣାଜିନ ମୃଗ ।

ଉନା ତରବାରି ବୁନ୍ଦ ସମଧର । ଶଙ୍ଖ ଦକ୍ଷିଣାବର୍ତ୍ତକ ଶୁଦ୍ଧତର ।୩୦
ଏକମୁଖୀ ରୁଦ୍ରାକ୍ଷରେ ସୁଶୋଭନ । ସ୍ୱର୍ଣ୍ଣ କନକମୃଗ ଚର୍ମମାନ ।୩୧
ଶୁଭ୍ର କାଗଜ ଲଟ୍ଟର ଦେଶଜାତ । ଜାମ କାଞ୍ଚନ ମାଳା ଅପ୍ରମିତ ।୩୨
ସିନ୍ଧୁଜାତ ଜମ୍ବୁ ଖରବାଡ଼ ଖର । ବଜ୍ରଜାତ ଗଜ ପାଟଶାଳ କୀର ।୩୩
ନେପାଳକା ମୂଷିକା ସାଳଆ ଶୁଭ୍ର । ଲବଙ୍ଗର ଲଲ୍ଲ ଜାତିଫଳ ଶୁଭ୍ର ।୩୪
ଚକୋରକ ବନଜ୍ଞତା ପାସ୍ବତ । ଜଳପନ ଶୂନ୍ୟଖୁସ୍ତ ସୁରଞ୍ଜିତ ।୩୫
ଲେହ ଚୁମ୍ବକ ପରଶୁଗ୍ରୀବ ସନ୍ଧି । ଦାସୀଦେବ ରାଜସ୍ୱବେଶରେ ଶୋଭି ॥
ଶୃଙ୍ଗ କମାଣ ଖର ସୂଚକ ପଦ । ଲାଗି କ ଦଚାଦ ବଣ କରେ ନେସ ।୩୭
ମାନଦଣ୍ଡ ଶାମୁକ ଉତ୍ତମ ଫଳ । ଅଛି ବେଗଣ ବନରେ ଈଷ କଲ ।୩୮
ଦେଖି ଦ୍ରବ୍ୟ ପଦାର୍ଥ ସମ୍ମୋହନରେ । କହେ ସାଧୁକୁ ପ୍ରଶଂସା ସୁମନରେ ।୩୯
ଏକ ଦେଶେ ଏ ସ ମିଳେ ବସ୍ତୁଭଲେ । କେଉଁ ଦେଶରୁ ଆଗତ ସବୁ ହେଲେ ।୪୦
ସେ ବୋଇଲା ସିଂହଳ ଦ୍ୱୀପର ମୁହିଁ । ଏ ଦେଶକୁ ଆସିଛି ବାଣିଜ୍ୟ ପାଇଁ ।୪୧
ସେତ୍ତୁ ଲାବଣ୍ୟବତୀ ସମ୍ଭବସ୍ଥାନ । ତହିଁ ଅପୂର୍ବ କେଉଁ ଦ୍ରବ୍ୟମାନ ।୪୨
ଲକ୍ଷ୍ମୀ ପଣ୍ଡପୂରିତ ସେ ସବୁକାଳେ । ଏବେ ଅଧିକ ସୁକଳୁମାସ୍ତ ବଳେ ।୪୩
ହେଉଥାନ୍ତି ସେ ଭରସା ତାହାଙ୍କର । ଏହା କହିବାକୁ ଛନ୍ଦ ଅନୁସର ।୪୪

୩୦ । "ଉନା ତରବାରି ବୁନ୍ଦ ସମଧର"—ଯେମ ଯେଉଁ ତରବାରିକୁ ଦେଖି ଭୟ କରେ, ସେହିପରି ଉତ୍କୃଷ୍ଟ ଧରଣର ଧାରୁଆ ତରବାରି ସମୂହ । ଶୁଦ୍ଧତର-ବଣୁଦ୍ଧ ।

୩୨ । ଜାମ କାଞ୍ଚନ-ଉଜ୍ଜ୍ୱଳ ସୁନା ।

୩୩ । ବଜ୍ରଜାତ ଗଜ-ଶୌର୍ଯ୍ୟବନ୍ତ ଜାତୀୟ ହାତୀ । ପାଟଶାଳ କୀର—ମୁହଁର ଦୁଇପାଖରେ ଲାଲଚକ୍ଷୁ ଥିବା ଶୁଆ ।

୩୪ । ସାଳଆ ଶୁଭ୍ର-ସୁନ୍ଦର ଶାଳଆପତ୍ରୀ । ଲଲ୍ଲ-ଶ୍ରେଷ୍ଠ ।

୩୫ । ବନଜ୍ଞତା-କୁକୁଡ଼ା । ଜଳପନ-ମୟୂର ।

୩୬ । ପରଶୁଗ୍ରୀବ-ଅରକ୍ଷମଣି ପଥର ।

୩୭ । ଶୃଙ୍ଗ କମାଣ—ଉନ୍ନତ ଧରଣର ବଡ଼ ତୋପଦ । ସୂଚେକପ-ଭଙ୍ଗପଦ, ଏହା ତାଙ୍କ ସବୃଶ ଶ୍ରେଷ୍ଠ ଅସ୍ତ୍ର ବଶେଷ ।

୩୮ । ମାନଦଣ୍ଡଶାମୁକ-ତ୍ରାମଣ କାଠ ନର୍ମିତ ମକର ଶଙ୍ଖ । ବପୁନ୍ଦକାସି ଧନୁ । ଉତ୍ତମ ଫଣୀ-ଶ୍ରେଷ୍ଠ ଫଳକା, ଅସ୍ତ୍ରବିଶେଷ ।

୩୯ । ସମ୍ମୋହନରେ-ମୋହିତ ମନରେ । ସାଧୁକୁ-ସାଧବକୁ ।

୪୨ । ସମ୍ଭବସ୍ଥାନ-ଜନ୍ମସ୍ଥାନ ।

ତଣ୍ଟି ଉତ୍ସଙ୍ଗସଦନ ମୋର ଭ୍ରଷ୍ଟ । ମୋତେ ତାକୁ ନ କରିବୁ ଏ ମୋ ସ୍ପଷ୍ଟ ॥
ଏ ବଚନ ଶ୍ରବଣେ ସେ ସ୍ୱରମିତେ । ପରସ୍ପରେ ଠଗଠାରି ହେଲେ ନେତେ ॥
ମନ୍ତ୍ରୀସୁତ ବୋଇଲା ଭୃତ୍ୟଙ୍କୁ ଚାହିଁ । ଧନ କେତେ କ୍ଷେତ୍ର ହେ ପରିଭ ଯାଇ ॥
ଏ ବଚନକୁ ଭାବିଲା ପ୍ରଭୁତାସ । ଦ୍ରୁତ ସମସ୍ତେ ମେଲାଣି ନୃପସୁତ ।୫୮
ତାହା ଭାବି ପ୍ରମାଣେ ନିର୍ଜନ ସଙ୍ଗ । ପୁଚ୍ଛେ ସାଧୁକୁ ନୃପଜ ହୋଇ ଲୋକ ॥
ତୁମ୍ଭେ ଯାହା କହିଲ ହେ ଆଲେଖ୍ୟତ । ସତେ ଏମନ୍ତ ସୁନ୍ଦରୀ ମର୍ତ୍ତ୍ୟେ ଜାତ ।୬୦
ସେ ବୋଇଲା ଆମ୍ଭପରେ ଏତେ କଥା । ହେବ ପ୍ରଥମପଦରେ ନାହିଁ ମିଥ୍ୟା ।୬୧
ପରଦ୍ରବ୍ୟ ପରସ୍ତ୍ରୀ ହରଣକୁ । ଲେଖି ଶୁଭ କରି ଚହୁଁ ମରଣକୁ ।୬୨
ନାହିଁ ଖଳ ଦୁର୍ଜ୍ଜନ ନର୍ତ୍ତନ ଜନ । ଶୁଣିବାର ପ୍ରସଙ୍ଗ ନ କହୁଁ ପୁନଃ ।୬୩
ଦୂତ କର ସ୍ପଷ୍ଟ ତନିଜଣେ ଜଣେ । ନୋହୁଁ ଅଧିକ କହିବୁ କ କାରଣେ ॥
ଯାହା ସର୍ବେ ବ୍ରହ୍ମାଣ୍ଡ ଉଦରେ ବର । ନାହିଁ ଜଳଗଲାବନ୍ତୁ କଞ୍ଚଣର ।୬୫
ତାକୁ ସମାନ ଦେବାକୁ ଅଛି ଏହି । ଯାହା ଦର୍ପଣ ମଧ୍ୟରେ ଦିଶେ ସେହି ॥
ତାକୁ ଏରୂପେ ନିର୍ମାଣ କଲା ବିଧି । କାଟ କାଟୁ ଅକ୍ଷର ଯେମନ୍ତ ହୋଇ ।୬୭
ଯେତେ କବି କର୍ଣ୍ଣିଛନ୍ତି ଯେତେ ନାସ୍ତି । ଠିକେ କହି ଉତ୍ମାରଣ ନୋହେ ସତ ॥
କନ୍ତି କରି ବେ ଲନ୍ତି ଲାବଣ୍ୟବତୀ । ସେହି ଜନମ ହୋଇଣ ଅଛି ସ୍ଥିତ ।୬୯
ଯଥା ନ ଦେଖି ନ ଖାଇ ସୁଧା ନାମ । ସବୁମତେ କହି ସ୍ୱାଦୁ ମନୋରମ ।୭୦
ତଥା ଆମ୍ଭ ଜାତ ହେବ ବୋଲି ଧାମ । ଖ୍ୟାତ ହୋଇଲା ଲାବଣ୍ୟବତୀ ନାମ ॥
ହାସ ଅଧର ସ୍ପର୍ଶିଲେ ଏ ସଂଶୟ । କରିଅଛି କାହା ଶୋଭା କେ ଉଦୟ ॥
ବାଳ ଅରୁଣ କି ସୁଧାସ୍ନାନ କରି । ଅନୁରାଗ ହରଷ ମିଶିଲା ପରି ।୭୩
କିବା ମାଣିକ୍ୟ କୁହରୁ ମୋତି ଜ୍ୟୋତି । ଦିଶେ ତଥା ଫୁଟକରି ଦନ୍ତପନ୍ତି ।୭୪
ସେ ଅଧରେ ଶୋଭା ତାମ୍ବୁଳ ବୋଳ । କେ କାହାକୁ ରଙ୍ଗକଲା ହୋଏ ଗୋଳ

---

୫୭ । ଉତ୍ସଙ୍ଗସଦନ-କୋଳସ୍ଥାନ । ସ୍ପଷ୍ଟ-ଜଣାଇହିତ ବା ଜାଣିବା ଉଚିତ୍ ।

୫୮ । ମେଲାଣି-ବିଦାୟ ।

୫୯ । ନିର୍ଜନ-ଜନଶୂନ୍ୟ । ନୃପଜ-ରାଜାପୁଅ ।

୬୦ । ଆଲେଖ୍ୟତ-ଆଶ୍ଚର୍ଯ୍ୟ । ମର୍ତ୍ତ୍ୟେ-ମର୍ତ୍ତ୍ୟଲୋକରେ ।

୬୫ । ବ୍ରହ୍ମାଣ୍ଡ ଉଦରେ-ସଂସାର ମଧ୍ୟରେ ।

୭୩ । ବାଳଅରୁଣ-ବାଳସୂର୍ଯ୍ୟ (ସକାଳସୂର୍ଯ୍ୟ) । ସୁଧାସ୍ନାନ-ଜଳରେ ଗାଧୋଇ) (ଏଠାରେ ସମୁଦ୍ରରୁ ଉଠିବାବେଳେ) ।

୭୪, ୭୫ । କୁହରୁ-ଗର୍ଭରୁ । ତାମ୍ବୁଳ ବୋଳ-ପାନ ରସ । ଗୋଳ-ଭ୍ରମ ।

କାହା ଉଦନ ସେ କଳେ କି ସୁନ୍ଦର । ସିନ୍ଧୁରରେ ମାଜିଲା କି ଘନସାର ।୬୬
ବୋଲ ତୋଳିବା ବେଳେ ବିଶଇ ଗଲେ । ଫଗୁପିଚ୍ଛିକା ଯେମନ୍ତ କାତନଳେ ॥
କଟେ ଥାଇ ପାନପିକ କି ମଞ୍ଜୁଳ । ପକ୍ୱ ନାଗରଙ୍ଗ ପ୍ରାପ୍ତ ଗଣ୍ଡସ୍ଥଳ ।୬୮
ଅଙ୍ଗେ ଅଛୁ ନବପୁଷ୍ପ ନବପକ୍ଷୀ । ଏକ ଏକ ଅଙ୍ଗେ ଲକ୍ଷି ରହେ ଆଖି ॥
ଭିଆଇଛୁ ଗୁଣି ଆଣି ଶୋଭାସାର । ଜଗଜ୍ଜନ୍ତୁ ଜଙ୍ଗମମୂରତ୍ତି ସାର ।୭୦
ଅଥ ମନ୍ମଥର ମନଭେଦିଶର । ମରମକୁ ଭେଦିବାରେ ମନୋହର ॥
ହର ପଥର ହେଲେ କାହର ଘୋଟି । ଯେଣ ଏଥର ଯିବ ହୃଦୟ ଫୁଟି ।୭୨
ରୂପ ଚୁମ୍ବକଶିଳର ମିଶ୍ର କଏ । ହୃଦୁଁ କାଢ଼ି ନେବ ମନ ଲୌହପ୍ରାୟେ ॥
ବରବର୍ଣ୍ଣିନା ବର୍ଣ୍ଣିନା କଣ ଯେତେ । ଉପମାଙ୍କ ଲାଭ ତାହା ହାନି ତେତେ ॥
ଭାବ ହାବଲୀଳା ବିଳାସାଦି ଜନ୍ତ । ଯାହା ଅଙ୍ଗେ ହୋଇଛନ୍ତି ମୂର୍ତ୍ତିମନ୍ତ ।୭୫
ତାହା ଶୋଭା କହିଲେ ସରିବ ନାହିଁ । ପୂର୍ବେ ନଥିଲା ନୋହିବ ଏବେ ନାହିଁ ।
ରାଜା କହିଛୁ କେମାକୁ କର ବର । ମୋର ମିତ୍ର ମନ୍ତ୍ରୀକ ହୋଇଛୁ ସ୍ଥିର ॥
କନ୍ୟା ଅନୁରୂପେ ଆଉ ବର ନାହିଁ । ମନ ପ୍ରଧାନ ହସ୍ତକୁ ଅଛୁ ତହିଁ ।୭୮

---

୬୭ । ଘନସାର-କର୍ପୂର ।

୬୮ । ପକ୍ୱ ନାଗରଙ୍ଗ-ପାଚିଲାଲେମ୍ବୁ ସଦୃଶ ରଙ୍ଗ ।

୬୯ । ନବପୁଷ୍ପ-ନଅଟି ଫୁଲ । ନବପକ୍ଷୀ-ନଅଟି ଚଢ଼େଇ ।
"ଅଙ୍ଗେ ଅଛୁ ନବପୁଷ୍ପ" ଯଥା— (୧)ପଦ୍ମ ପରି ମୁଖ, (୨)ନୀଳକଇଁ ପରି ଚକ୍ଷୁ, (୩) ମନ୍ଦାର ରଙ୍ଗପରି ଓଠ, (୪) ଶିରୀଷ ଫୁଲର କୋମଳତା ପରି ଦେହ, (୫) ତିଳଫୁଲ ପରି ନାସା, (୬)କୁନ୍ଦଫୁଲ ପରି ଦାନ୍ତ, (୭)ରମ୍ଭାକଢ଼ପରି ଅଙ୍ଗୁଳି, କେତକୀ ରଙ୍ଗପରି ବର୍ଣ୍ଣ, (୯) ମଲ୍ଲିଫୁଲପରି ହାସ ।
"ଅଙ୍ଗେ ଅଛୁ....ନବପକ୍ଷୀ"-(୧) ଖଞ୍ଜନ ଗତିପରି ଚକ୍ଷୁର ଛଟକ, (୨) ଶୁଆ ନାକ ପରି ନାକ, (୩) ମୟୂର କଣ୍ଠପରି କଣ୍ଠ, (୪) କୋଇଲି ସ୍ୱରପରି ସ୍ୱର, (୫) ହଂସ ଗତିପରି ଗତି, (୬)ଚକ୍ରବାକପରି ସ୍ତନଦ୍ୱୟ, (୭)ସାରସପରି ଗ୍ରୀବା, (୮) ବଗ ଦେହପରି ଦାନ୍ତ, (୯) ହଳଦୀବସନ୍ତ ପରି ବର୍ଣ୍ଣ ।

୭୦ । ଜଗଜ୍ଜନ୍ତୁ-ସଂସାରର ଜୀବଜନ୍ତୁ । ଜଙ୍ଗମ ମୂରତ୍ତି-ଗମନଶୀଳ ରୂପ ।

୭୧ । ମନ୍ମଥର-କନ୍ଦର୍ପର । ମନଭେଦିଶର-ମନକୁ ଭେଦ କରିବା ଶର ।

୭୩ । ଚୁମ୍ବକଶିଳରେ-ଚୁମ୍ବକ ପଥରର ।

୭୪ । ବରବର୍ଣ୍ଣିନା-ସୁନ୍ଦରୀ ସ୍ତ୍ରୀ (ଲାବଣ୍ୟବତୀ) ।

୭୬ । ବର-ବରଣ କର ।

୭୮ । ଅନୁରୂପେ-ଉପଯୁକ୍ତ ହେଲାପରି ।

ଶୁଣି ମନ୍ତ୍ରୀସୁତ କଲା ଏ ଉତ୍ତର । ଆମ୍ଭ ନୃପତି ସୁତ ନୂତନ-ମାର ।୭୯
ହୋଇବ କି କାର୍ଯ୍ୟ ଉଦଯୋଗ କଲେ । ଶୁଣି ଶୁକ ପଢିଦେଲା ସେହିକାଳେ ।୮୦
ସୁଧାପାନ କଲା ଚକୋର ଉପାୟରେ । ପ୍ରୀତ ହୋଇଅଛି ଚନ୍ଦ୍ର କୁମୁଦରେ ।୮୧
ଗୁଞ୍ଜା ଭୂଲା ହୋଇଛି ସୁବର୍ଣ୍ଣ ଭୁଲେ । କର୍ମସବୁ ଜଗତ ମାତ ଯାଞ୍ଚ କଲେ ।୮୨
ଶୁଣି କୁମାରବର ଅଶ୍ଚର୍ଯ୍ୟ ହୋଇ । ବୋଲେ କୁହ ଦେଖିଛୁ କି ମେଧାବିନୀ ।
ଶୁକ କହିଲା ସେ ରସାଭୂଷା ଯୋଷା । ଶିଶୁକାଳରୁ ମୂର୍ତ୍ତି ତାହାଙ୍କ ଘୋଷା ।୮୪
ଶୁଣି ଟଣ୍ଡ୍ ଚରଣକୁ ଧରି ତାର । ପୁଣି ଧରିଲା ବୋଲକଥାଆଳ କର ।୮୫
ରମା ନାମେ ମୋହନ ଉଚାଟରେ । ରୂପେ କି ଥିବ କୋହୁଛି ସେ ଗୋଚର ।
ଭୂମ୍ଭ ବଚନ ବସନ୍ତଋତୁ ହେଲା । ତାହା ଯୋଗୁଁ ଆଶାତରୁ ପଲ୍ଲବିଲା ।୮୭
କଲେ ନବଶ ହୋଇ ଗ୍ରୀଷ୍ମକାଳ । ତାକୁ ଜାଳିଦେବଟି ବିରହାନଳ ।୮୮
ଶୁଣି ସେ ବୋଇଲେ ବୀର ତୁଅ ସ୍ଥିର । ଆମ୍ଭମାନଙ୍କୁ ହୋଇ ଉପାୟ କର ।୮୯
ପରବେଶ ହେଲେ ପୁଷ୍ପକାଳ ସାର । ପିକ ନ ଲଭଇ କିକ ସହକାର ।୯୦
ଏ ବଚନେ ଶାନ୍ତିଲଭି ସେହୁ ପୁନଃ । ଟେଢ଼ି ଚକାଇ କଲେ ଶକୁନମାନ ।୯୧
ସାଧୁତକୁ ତର୍ହିଁ ଅନୁକୂଳ ଦେଲେ । ବିଜ୍ଞ ବୃଦ୍ଧବର୍ଗ ଜଣେ ହିଙ୍ଗ କଲେ ।୯୨
ଶୁଭେ ସେ କାଳେ ଆଡାସ୍ତୀବାଣୀ ଭ୍ରମେ ଗଲା ଦକ୍ଷିଣ ଦ୍ୱିଜ ଗୋମାୟୁ ବାମେ ।
ଚଳୁଁ ପବନ ବହିଲା ହୋଇ ସ୍ୱଚ୍ଛ । ଗୋପୀ ଧୀବରୀ ଡାକଲେ ଦଧିମାଛ ।।

---

୭୯ । ନୂତନ ମାର-ନୂଆ କନ୍ଦର୍ପ ।

୮୦ । ଉଦ୍‌ଯୋଗ-ଚେଷ୍ଟା ।

୮୨ । ଗୁଞ୍ଜ-କଇଁଚ । ଭୂଲା-ଓଜନ । ଭୁଲେ-ସଙ୍ଗରେ ।

୮୩ । ମେଧାବିନୀ-ବିଦୁଷୀ ।

୮୪ । ରସାଭୂଷା-ପୃଥିବୀର ଅଳଙ୍କାର । ଯୋଷା-ନାରୀ ।

୮୬ । ମୋହନ-ମୋହଜନକ । ଉଚାଟ-ହୃଦ୍‌ବେଗ, ମାନସିକ ଚଞ୍ଚଳତା ।

୮୭ । ଆଶାତରୁ-ଆଶାବୃକ୍ଷ । ପଲ୍ଲବିଲା-କଅଁଳିଲା ।

୮୮ । ବିରହାନଳ-କାମ ନିଆଁ ।

୯୦ । ପୁଷ୍ପକାଳ-ଫୁଲ ଫୁଟିବା ସମୟ, ବସନ୍ତ କାଳ । ସହକାର-ଆମ୍ବଗଛ ।

୯୧ । ଶକୁନ-ଶୁଭାଶୁଭ ଚିହ୍ନ ।

୯୨ । ହିଙ୍ଗ-ଛିଙ୍କ । ବୃଦ୍ଧବର୍ଗ-ଜିତେନ୍ଦ୍ରିୟ ।

୯୩ । ଆଡ଼ାସ୍ତୀବାଣୀ-ବୃଦ୍ଧା,କାହାର ଶବ୍ଦ । ଗୋମାୟୁ-ବିଲୁଆ ।

ଆଶା ବଢ଼ିଲା ଶୁଭସୂଚକ ଜାଣି । ଗ୍ରନ୍ଥ ସମାପତ କୋପ ପୁଂସମଣି ।୯୫
ମାଳ ରୋହିତଶରୀର ଦରହାସୀ । ଶ୍ରୁତି ନିସ୍ତାରକ କୀର୍ତ୍ତି ଖ୍ୟାତକାରୀ ।୯୬
ମୀନମୂର୍ତ୍ତି ଉଦ୍ଧୃତ ଶ୍ରୀପଦ୍ମର । ଜୟେ ଉପେନ୍ଦ୍ର ଭଞ୍ଜ ବୀରବର ।୯୭

—*—

୯୫ । ଶୁଭ ସୂଚକ-ମଙ୍ଗଳ ଚିହ୍ନ । ପୁଂସମଣି-ପୁରୁଷ ଶ୍ରେଷ୍ଠ ।
୯୬ । ରୋହିତଶରୀର-ମୀନଶରୀର । ଦରହାସୀ-ଈଷତ୍ ହାସ୍ୟକାରୀ । ଶ୍ରୁତି-ବେଦ । ନିସ୍ତାରକ-ଉଦ୍ଧାରକ ।

## ସପ୍ତମ ଛାନ୍ଦର ସାର କଥା

ପୂର୍ବରୁ ୨ୟ ଛାନ୍ଦରେ କବି ସିଂହଳ ଦେଶକୁ ରାଜକନ୍ୟା ଲାବଣ୍ୟବତୀର ଜନ୍ମସ୍ଥାନ ବୋଲି ବର୍ଣ୍ଣନା କରିଛନ୍ତି । ସପ୍ତମ ଛାନ୍ଦରେ ସିଂହଳବାସୀ ଏକ ବୋଇତଆଳ କର୍ଣ୍ଣାଟ ଯୁବରାଜଙ୍କ ନିକଟରେ ସିଂହଳଦେଶର ପ୍ରସିଦ୍ଧ ବସ୍ତୁମାନଙ୍କୁ ଉପହାର ଦେଇଥିବା ବିଷୟ ବିଶେଷ ଭାବରେ ବର୍ଣ୍ଣନା କରିଛନ୍ତି । ଦ୍ରବ୍ୟ, ରତ୍ନ ଏବଂ ପଶୁ ଇତ୍ୟାଦି ଚିହ୍ନିବାର ଦକ୍ଷତା ଉପେନ୍ଦ୍ର ଭଞ୍ଜଙ୍କର କେତେ ଥିଲା ତାହା ଏହି ବର୍ଣ୍ଣନାରୁ ଜଣାଯାଏ । ନୀଳାମାନଙ୍କ ମଧ୍ୟରେ ମେଘଆଣିଆ ନୀଳା, ହୀରାମାନଙ୍କ ମଧ୍ୟରେ ବ୍ରହ୍ମଜାତି ହୀରା, ସିନ୍ଧୁଦେଶର ଘୋଡ଼ା, ବଙ୍ଗଜାତିର ହାତୀ, ନେପାଳ ଦେଶର ମୂଷାସବୁ ସିଂହଳ ଦେଶରେ ମିଳେ ବୋଲି ବର୍ଣ୍ଣନା କରିଛନ୍ତି । ବର୍ଣ୍ଣନାକ୍ରମରେ ସିଂହଳ ଦେଶର ବୋଇତଆଳ କର୍ଣ୍ଣାଟ ଯୁବରାଜଙ୍କୁ ଉପହାର ଦେବା ପ୍ରସଙ୍ଗଟି ବର୍ଣ୍ଣନା କରିବା ମୂଳରେ କବି ଗୂଢ଼ଭାବର ଏକ ଗୂଢ଼ ରହସ୍ୟ ନିହିତ ଅଛି । ବୋଇତଆଳ ଯୁବରାଜଙ୍କୁ ନାନାଦି ଉପଢ଼ୌକନ ଦେବା ସେତେ ମୁଖ୍ୟ ନୁହେଁ, କିନ୍ତୁ ଲାବଣ୍ୟବତୀର ସୌନ୍ଦର୍ଯ୍ୟ ବୋଇତଆଳ ମୁଖରେ ବିଶଦ ଭାବରେ ବର୍ଣ୍ଣନା କରାଇ ରାଜସୂନୁଙ୍କର ମନରେ ଲାବଣ୍ୟବତୀ ପ୍ରତି ଜିଜ୍ଞାସା ଜାଗରଣ କରାଇ କବି ପୂର୍ବରାଗର ଅବତାରଣା କରିଛନ୍ତି । ଏହାହିଁ ହେଉଛି କବିଙ୍କର କାବ୍ୟିକ କୌଶଳ ।

ଏହି ଛାନ୍ଦରେ ଅଳଙ୍କାରର ପ୍ରାଚୁର୍ଯ୍ୟ ପରିଲକ୍ଷିତ ହୁଏ । ଗୋମୂତ୍ରାଦି ଶବ୍ଦାଳଙ୍କାର ଏବଂ ବ୍ୟତିରେକାଦି ଅର୍ଥାଳଙ୍କାର ଦ୍ୱାରା ଛାନ୍ଦଟି ପୂର୍ଣ୍ଣ ହୋଇଛି । ପୁନଶ୍ଚ ଲାବଣ୍ୟବତୀର ରୂପ ବର୍ଣ୍ଣନାରେ କବିଙ୍କର ଅତିରଞ୍ଜନ ପରିଲକ୍ଷିତ ହୁଏ । ଏହା ଭଞ୍ଜଶୈଳୀର ଏକ ସାଧାରଣ କଥା ।

# ଅଷ୍ଟମ ଛାନ୍ଦ

ରାଗ—ମଙ୍ଗଳଗୁର୍ଜ୍ଜରୀ

( ଲାବଣ୍ୟବତୀର ଚିତ୍ରପଟ ଘେନି ସନ୍ନ୍ୟାସୀ ଚନ୍ଦ୍ରଭାନୁ ପାଶେ ପ୍ରବେଶ )

ଏଥୁ ଅନନ୍ତରେ ରସ ଶୁଣ ସୁଜନ । ମନ୍ତ୍ରୀଙ୍କ ଡାକି ସିଂହଳଦ୍ୱୀପ ରାଜନ ।୧
ହୋଇଲା କିଶୋରଦଶା ପ୍ରାପ୍ତ କୁମାରୀ । କର ବେଗେ କର ଦେବା ବିବାହ କରି
ଶୁଣିଲେ ସୁନ୍ଦରୀ ଶେଷ ହର ରୋଷରେ । ହରି ଘେନିଯିବେ ଅବା ବିଧି ବଶରେ ॥
ନୃପତି ହୋଇ ପ୍ରମାଦ ସମ୍ପତ୍ତି ବାଧ । ଶିରୀସ୍ନେହ ତୁଟିଗଲେ ସେ ହେବେ ବେଧ
ଶୁଣି କରଯୋଡ଼ି କହେ ସଚିବ ତହିଁ । ମୋହ ବସ୍ତ୍ରରକୁ ବର ଦିଶୁନ୍ତ ନାହିଁ ।୫
ଶିବଙ୍କୁ ଦେଲେ ପାର୍ବତୀ ଶାପ ପଡ଼ିବ । ଭସ୍ମଭୂଷଣ ଅଙ୍ଗେ ଏ କେନ୍ତେ ଜଡ଼ିବ ।୬
ଚନ୍ଦ୍ର ତ କ୍ଷୀଣ କଳଙ୍କୀ ତହିଁ କି ସୁଖ । ଅଶ୍ୱିନୀକୁମାର ହେଲେ ତୁରଙ୍ଗ ମୁଖ ।୭
କୁସୁମଧନୁ ଅତନୁ ଅଛି ଆଉ କେ । ଚିତ୍ରପଟ ଦେଖାଇବା ମାନବଲୋକେ ।୮
କୁଣ୍ଡ ନରବରପନ୍ତି କରିବା ଆଣି । ଇଚ୍ଛା ବର ବରୁ ପଛେ ରମଣୀମଣି ।୯
ଭୂପତି ବର ତହିଁକି ହେଲେ ସମ୍ମତ । ମାନବେ ଲେଖା ନଗଲା ସୁନ୍ଦରୀ ଚିତ୍ର ॥
ଜ୍ଞାନାନନ୍ଦ ନାମେ ଏକ ସନ୍ନ୍ୟାସୀ ଥିଲା । ସଚିବ ପ୍ରତିକୁ ମାୟା ସମୀପେ ଗଲା ।୧୧
ସେ କାଳେ ସେ ବିଶ୍ୱକର୍ମା ଏକତ୍ର ମନେ । ନିର୍ମାଣୁଛନ୍ତି ପ୍ରତିମା ଜେମା ସମାନେ ॥

---

୨ । କିଶୋର ଦଶା-ଯୁବା ଅବସ୍ଥା ।

୩ । ହର-ଶିବ । ହରି-ବିଷ୍ଣୁ । ବିଧିବଶରେ-ହଠାତ୍ ବଳରେ, ନିୟମ ଅନୁସାରେ, ଉପାୟ ବଳରେ ।

୪ । ପ୍ରମାଦ-ଦୁଃଖ । ସମ୍ପତ୍ତିବାଧ-ଧନକଷ୍ଟ । ଶିରୀ-ଲକ୍ଷ୍ମୀ ।
ବିଷ୍ଣୁ ଲାବଣ୍ୟବତୀଙ୍କ ଦେଖି ଲୋଭକରି ରଖିଲେ ଲକ୍ଷ୍ମୀ ରାଗିକରି ଗଲେପିବେ, ତେଣୁ ନୃପତି ହେଲେ ମଧ୍ୟ ଦୁଃଖ ଓ ଧନକଷ୍ଟ ବାଧିବ ।

୫ । ସଚିବ-ମନ୍ତ୍ରୀ ।

୬ । ଜଡ଼ିବ-ଲଗାଇବ, ମିଶିବ, ଭୂଷିତ ହେବ ।

୭ । କ୍ଷୀଣ କଳଙ୍କୀ—ଅଳ୍ପମାତ୍ର କଳଙ୍କଯୁକ୍ତ । ତୁରଙ୍ଗ ମୁଖ—ଘୋଡ଼ା ମୁହଁ ।

୮ । କୁସୁମ ଧନୁ-କନ୍ଦର୍ପ ଧନୁ । ଅତନୁ-କନ୍ଦର୍ପ, ଦେହ ରହିତ ।

୯ । କୁଣ୍ଡ-ଏକାଠି । ନରବରପନ୍ତି-ରଜା ସବୁ ।

୧୦ । ଭୂପତି ବର-ରଜାମାନଙ୍କ ମଧ୍ୟରେ ଶ୍ରେଷ୍ଠ । ଲେଖା ଗଣା ।

୧୧ । ପ୍ରତିକୁ-ନିକଟକୁ । ସମୀପେ-ପାଖକୁ ।

ଜଗତମଞ୍ଜୁ ମଞ୍ଜୁଷ ମଧ୍ୟେ ସୁତମା । ଦର୍ପଣ ପୁଟି ବସିଛି ବାଳା ସୁଷମା ।୧୩
ଏକାଳେ ସନ୍ନ୍ୟାସୀ ଭଳି ସାମ ଗାୟନ । ଲାବଣ୍ୟବତୀ ସ୍ୱରୂପ ଯେଣେକ ଦାନ ।୧୪
ଦାନ କଲାବେଳେ ସାମ କହିଲେ ଏତେ । ଆମ୍ଭ ତନ୍ତୁଶିଳ୍ପ ଖ୍ୟାତ କର ଜଗତେ ॥
ସାଙ୍ଗକାର କଲ ଯୋଗୀ ବାହୁଡ଼ି ଆସି । ଦେଖାଇ ସ୍ୱରୂପ ମନ୍ତ୍ରୀ ମସ୍ତକ ତୋଷି ॥
ସେ ବୋଇଲେ ଧର୍ମଶାନ୍ତ ଆମ୍ଭେ ଭ୍ରମର । ଆମ୍ଭ ବୋଲେ ଏହା ଯେଣି ଭ୍ରମ ସଂସାର
ଦେଖାଇ ଭୂପାନ୍ତରଗଣେ କଣ କରିବ । ଦୋଷ ଗୁଣ ସୁନ୍ଦର ପଣକୁ ବୁଝିବ ।୧୮
ଏ ବଚନେ ଶିଷ୍ୟଙ୍କରେ ପେଡ଼ା ବୁହାଇ । ଏଣୁ ଏବେ ଏତେ ଦେଶ ଭ୍ରମିଲୁ ସେହି
ଯେଉଁ ଦେଶେ ଯେଉଁ ରୂପ କଲେ ଆଦର । କହୁଥାଇ ସ୍ୱଷ୍ଟି ମହାପ୍ରଭ ନଗର ।୨୦
କୁନ୍ତଳ କୁନ୍ତଳବର୍ତ୍ତି ସାରିଲେ ଦାନ । ମନୁଷ୍ୟଜନ ମନୁଷ୍ୟପୁର ନମିଷ ସ୍ଥାନ ।୨୧
ନୈଷଧେ ନିଷେଧି ଆନ ଲୋକନ କଲେ । ମାଳବରେ ମାଳା କରି ଗୋଡ଼ା ଜପିଲେ
ମଘରେ ମଘବାପଦ ପାଇଲ ପରି । ବିଦେହ ବିଦେହଶରେ ହୋଇଲେ ଧୀର
କନାଉଜ କନ୍ୟା ଭଜ ଶୁଭିଲ ବାଣୀ । ମରୁ ଦେଶ ମରୁ ରମ୍ଭା ଏମନ୍ତେ ଭଣି ॥
ଅଙ୍ଗରେ ଅଙ୍ଗନା ଅଙ୍ଗ ପ୍ରଶଂସା କଲେ । ଏହି ରମ୍ଭା ବୋଲି କଳି କଳିଙ୍ଗେ ହେଲେ
ଧାରା ହଟ ଏହି ମରହଟ୍ଟ ବହିର । ସଉରାଷ୍ଟ୍ରେ ଭାଷି ସଉଦାମିନୀ ସ୍ଥିର ।୨୬
ସ୍ନେଳେ ନୟନେଲେ ଯୋଡ଼ା ଲଗି ଗାଢତା । ଦ୍ରାବିଡ଼େ ନବଡ଼େ ଆଲିଙ୍ଗନେ ମମତା ॥
ଗୁଜୁରାଟ ଗତି ଜନେ ଦେଖିବା ଇଚ୍ଛା । ବିଦର୍ଭରେ ଦରହାସୀ ଦର୍ଶନ ବାଞ୍ଛା ॥

---

୧୩। ଜଗତମଞ୍ଜୁ-ପୃଥିବୀରେ ସୁନ୍ଦର । ମଞ୍ଜୁଷା-ପେଡ଼ୁଆ ।
୧୪। ସାମ-ସାମ ବେଦ । ଦାନ-ଶୁକ୍ଳଭାବରେ ।
୧୫। ଦାନ-ଦେବା । ତନ୍ତୁଶିଳ୍ପ-କାରିଗିରୀ ପଣିଆ । ଖ୍ୟାତ-ପ୍ରସିଦ୍ଧ ।
୨୧। କୁନ୍ତଳବର୍ତ୍ତି-ବାଳର ଖଣ୍ଡପରି କଳା । ଲୋକନ-ଦେଖିବା ।
୨୨। ନୈଷଧେ-ନୈଷଧ ଦେଶରେ । ନିଷେଧି-ମନାକରି ।
୨୩। ମଘବାପଦ-ଇନ୍ଦ୍ର ପଦ । ବିଦେହଶର-କନ୍ଦର୍ପ ବାଣ ।
୨୪। ଭଜ-ଶ୍ରେଷ୍ଠ ।
୨୫। ଅଙ୍ଗନା ଅଙ୍ଗ-ସ୍ତ୍ରୀ (ଲାବଣ୍ୟବତୀ) ର ଶରୀର ।
୨୬। ହଟ-କୌତୁକ । ସୌଦାମିନୀ-ବିଜୁଳି ।
୨୭। ନୟନେଲେ-ଚାହିଁଲାରେ । ନବଡ଼େ-ଭଲ ଭାବରେ । ଆଲିଙ୍ଗନ-କୋଳ । ମମତା-ଇଚ୍ଛା ।
୨୮। ଦରହାସୀ-ମୃଦୁହାସୀ ।

ଉତ୍କଳେ ଉତ୍କଳ ହୋଇ ବଇଦେହୀ ଦେଖି । ଗଉରୀଏ ଗହ୍ୱରକେ ଗଉଡ଼େ ଦେଖି ।୨୯
ନେପାଳେ ନେପାଳେଥିଲେ ପାଇବା ଆଶେ । ମାଗଧେ ମାଗଧମୁଖେ ବର୍ଣ୍ଣାଇ ସ୍ତବେ ।୩୦
କୁଞ୍ଜରକେ ଗଜେ କାହ୍ନ କୁଳଜା ସ୍ନେହେ । ବଙ୍ଗାଳୀ ଗାଳ ଉପମା ବଳୀକ ଦେଇ ।
ଲୋମଶ ଲୋମହର୍ଷିତ ଦେଖି ଭୂଷିତ । କଳେବରେ କଳେବରେ ଆନନ୍ଦଜାତ ।
କେରଳେ ଘରେ କେରଳମାୟା ହୋଇବ, ଯମନ ମନରୁ ଭୟ ମୋହେ ଏ ଭାବ ।
ସିନ୍ଧୁରେ ଯାଉଥିଲେ ସିନ୍ଧୁରେ ପେ ଝାସିବ, ସିନ୍ଧୁରଗମନା ସ୍ତବଅଙ୍ଗେ ମିଶିବ ।୩୪
ବାଳା ଭୂଳା ପିଙ୍ଗୁଳାକୁ ସୁହିଁ ସଙ୍ଗରେ । ପିଙ୍ଗୁଳା କଣ୍ଠ ଦେଖିଲେ ନୟନ ସୁରେ ।
ଭଦ୍ରଗନ୍ଧେ ଭଦ୍ରଗନ୍ଧ ଭାମ ଦହନେ । ସେ ଭାବନା ନ ଛାଡ଼ିଲୁ ରଜନୀ ଦିନେ ।
କେ ବୋଇଲେ ପଟ୍ଟ କରେ କାହାର କପଟ । ଦେଖିଲେ କାଶ୍ମୀର ଚିତ୍ତ ହୋଏ ଲମ୍ପଟ ।
କେ ବୋଇଲେ ଏ କେଶ ହେଲା ବନ୍ଧ ଉଦ୍ଧାର, ସାତକୁମ୍ଭ କୁମ୍ଭଉରଜାକୁ ବଳିଲ ।
କେବୋଇଲେ ସବେ କାମିନୀ ଅଛି ଏମନ୍ତେ । କେମନ୍ତେ ଗଢ଼ିଲା ବିଧି ଅପୂର୍ବ କେତେ ।
କେବୋଇଲେ ସତେ ଏରୂପ ଥିଲେ ତରୁଣୀ । ଏତେକାଳେ ଅଲଙ୍କୃତା ହେଲା ଧରଣୀ ।
କେବୋଇଲେ ମୋହନ ମୂର୍ତ୍ତିମନ୍ତ ହୋଇଲା । ସକଳ ସୁନ୍ଦର ଅଙ୍ଗେ ଶୋଭ ଅଇଲା ।
କେବୋଇଲେ କି ଆନନ୍ଦ ନେତ୍ରସୁକୃତ, ଦେଖିଲୁ ଲାବଣ୍ୟବତୀର ଆକୃତି ।
ବିସ୍ମରିଲେ ସୁବା ସୃଷ୍ଟି କରିବା ପ୍ରଳୟ । ହୋଇଲା ହୋଇଛି ଉତପାତ ଉଦୟ ।

---

୨୯ । ଉତ୍କଳ-ଉତ୍କଣ୍ଠିତ । ଗଉରୀ-ଗୌରଦେଶର ସ୍ତ୍ରୀ । ଗହ୍ୱରକେ-ସମ୍ମାନସହ ।

୩୦ । ମାଗଧେ-ମଗଧ ଦେଶର ଲୋକମାନେ । ମାଗଧମୁଖେ-ଭାଟମାନଙ୍କ ମୁଖରେ ।

୩୧ । ଲୋମହର୍ଷିତ-ଲୋମ ଟାଙ୍କୁରିବା । କଳେବରେ-ଦେହରେ ।

୩୩ । କେରଳେ-କେରଳ ଦେଶରେ । କେରଳମାୟା-କଳାର ଲୁହକ । ଯମନ-ଯବନ

୩୪ । ସିନ୍ଧୁରେ-ସିନ୍ଧୁ ଦେଶରେ, ସମୁଦ୍ରରେ । ଝାସିବ-ବୁଡ଼ିବ । ସିନ୍ଧୁରଗମନା-ହାତୀଭଳି ଗତି (ଏଠାରେ ଲାବଣ୍ୟବତୀ) । ସ୍ତବଅଙ୍ଗେ-ଖାସ୍ ଦେହରେ ।

୩୫ । ବାଳା ଭୂଳା ପିଙ୍ଗୁଳାକୁ-ଚୋଳ ଦେଶର ଅନୂଢ଼ା ଯୁବତୀ ସଦୃଶ ଛନ୍ଦକୁ ।

୩୬ । ଭଦ୍ରଗନ୍ଧ-ବସନ୍ତ । ଭାମଦହନେ-କନ୍ଦର୍ପ ଜ୍ୱାଳାରେ ପୋଡ଼ି ହେଲେ ।

୩୭ । ପଟ୍ଟ-ଛଦ । କପଟ-ଗଠନ । ଲମ୍ପଟ-କାମୁକ ।

୩୮ । ସାତକୁମ୍ଭ-ସୁନା । କୁମ୍ଭ ଉରଜାକୁ-କଳସୀ ଭଳିଆ କୁଚବିଶିଷ୍ଟା ସ୍ତ୍ରୀକୁ ।

୪୦ । ଅଲଙ୍କୃତା-ଭୂଷିତା ।

୪୧ । ନେତ୍ରସୁକୃତ—ଆଖିର ସୌଭାଗ୍ୟ ।

୪୨ । ପ୍ରଳୟ-ବିନାଶ । ଉତପାତ-ଦୌରାତ୍ମ୍ୟ । ଉଦୟ-ପ୍ରକାଶ ।

ବୈଦୁର୍ଯ୍ୟସ୍ଥିର ଭିନ୍ନ ଟିଭ ବଣି ଦିବସ । ଅମଳିନ ହୋଇ ତ ନଳିନ ବିକାଶ ॥
ପୁଣି ବସ୍ତୁରଲେ ଜଳଭୂମି ବସ୍ତୁରି । ଅଙ୍ଗେ ଅନଙ୍ଗ ରହିଲା କି ଦୁର୍ଗକରି ।୪୫
ଦେଖ ଏ ପ୍ରତ୍ୟକ୍ଷ କଥା କଷ୍ଟ କି ଦର । ମାରେ ଏବେ ଆରୋହିଛି ହରିକ କଷ୍ଟ
ବର୍ଣ୍ଣନେ ଖଞ୍ଜନ ଯୋଗ ଆଗେ ଦେଇଛି । କଞ୍ଜପରେ ରଞ୍ଜନ ଖଞ୍ଜନ ହୋଇଛି ।୪୭
ସେ ନିର୍ମାଣ କେତେ ଅନୁମାନ କି ତା'ର । ନୋହେସେ ପୁରୁଷକେଡ଼େ ଅପୂର୍ବ କର
ହେଲେ ହୋଇଥିବ ଅବା ବିଧାତାମାତା । ମନେ ମନାସିବା କଥା ହୁଅଇ କି ତା ॥
ଭ୍ରଃସ୍ତ୍ରୀତେ ଅସୁଷ୍ଟ ସୀତା ସଦୃଶ ପର । ଏରୂପକୁ ଅଛି କି ସେ ନିର୍ମାଣ କର ।୫୦
ଏମନ୍ତେ ରାମା ପ୍ରଶଂସା ସଂସାରେ ଖ୍ୟାତ । ନୃପତି ସମୂହ ହେଲେ ଉଚ୍ଛନ୍ନ ତହିଁ ॥
ମନକୁ ପେଷିତ କଲେ ସିଂହଳ ଦ୍ୱୀପ । ଶୟନେ ଦେଖିଲେ ସ୍ୱପ୍ନେ କି ଲା ସ୍ୱରୂପ
ଅସର ପାଇ ବିନ୍ଧିଲା କୁସୁମ ଶର । ହାରିଲେ ଉଶୀର ବାଟି ଶିଶିରକର ॥
ଶିଶିରକରରେ ଭବ ଛବ ପାଇଲେ । ନବପଲ୍ଲବ ଶୟନ କରି ଶୋଇଲେ ।୫୪
ଦ୍ୱିଜ ରୁଣ୍ଡୀଭୂତ କରି ଚଣ୍ଡୀ ଚରଣ । ପ୍ରତିଦିନ କରିବାରେ ହେଲେ ନିପୁଣ ॥
ଶମ୍ଭୁଗେହିଁ ଅନୁକମ୍ପା କରିବା ପାଇଁ । ଶିବେ ଗୋଦୋହନ କରି ଚମ୍ପା ଚଢ଼ାଇ
ଆଜନ୍ମସୁଖୀ ନୟନେ ଦେଖିବା ପାଇଁ । ଗଣେଶଙ୍କୁ ଲଡ଼ୁ ଦେବା ଗଣନା ନାହିଁ ॥
କରେ ଛୁଇଁବାକୁ ତ ର କୁଚ କଳସୀ । ରମାବଲ୍ଲଭଙ୍କୁ ଦେଲେ ଲକ୍ଷେତୁଳସୀ ॥
କାମଶସ୍ତ୍ର ଦେଖି ସ୍ତ୍ରୀଙ୍କ ବଶୀକରଣ । କଲେ ମନ୍ତ୍ର ଅଉଷଧି ମଣି ଭିଆଣ ।୫୯

---

୪୪ । ବୈଦୁର୍ଯ୍ୟ-ବଜ୍ରଳ । ଚନ୍ଦ୍ର-ସ୍ତ୍ରୀମୁଖୀ । ଅମଳିନ-ମଳିନ ନ ହୋଇ । ବିକାଶ-ଭଲ ଭାବରେ ଦେଖାଯିବା ।
୪୫ । ଜଳଭୂମି-ଶୁଷ୍କଭୂମି, ଲୁଚିବା ସ୍ଥାନ । ଦୁର୍ଗ-ଗଡ଼ ।
୪୬ । ମାରେ-କନ୍ଦର୍ପ ଜ୍ୱାଳାରେ । ଆରୋହିଛି-ଚଢ଼ିଛି ।
୪୭ । ଯୋଗ-ମିଶିବା । ରଞ୍ଜନ-ରକ୍ତଚନ୍ଦନ, ପ୍ରୀତିଜନକ ।
୪୯ । ବିଧାତାମାତା-ଅବନାଶୀ । ମନାସିବା-ବାଞ୍ଛିବା ।
୫୨ । ପ୍ରେଷିତ-ନିୟୋଜିତ ।
୫୩ । ଅସର-ଅବସର ସମୟ । ଉଶୀର-ବେଣାଚେର । ଶିଶିରକର-କର୍ପୂର ।
୫୪ । ଶିଶିରକରରେ-ଚନ୍ଦ୍ରକିରଣରେ । ଭବ ଛବି-ଶୂଳିଙ୍କ ସଦୃଶ ଦାହିକା ଗୁଣ । ଶୟନ-ଶୋଇ ।
୫୫ । ରୁଣ୍ଡୀଭୂତ-ଏକତ୍ର । ନିପୁଣ-ଚତୁର ।
୫୬ । ଶମ୍ଭୁଗେହିନୀ-ବକୁଳପରି ଉଜ୍ଜ୍ୱଳବର୍ଣ୍ଣର ସ୍ତ୍ରୀ । ଅନୁକମ୍ପା-ଦୟା ।
୫୮ । ରମାବଲ୍ଲଭ-ନାରାୟଣ ।
୫୯ । ମଣି-ମନ୍ତ୍ରଜପ । ଭିଆଣ ତିଆର ।

ଶୋଭୁଅଛେ ମଣ୍ଡିହେଲେ ରତ୍ନାଳଙ୍କାରେ। ପଉଣ୍ଡ୍ରିକ ବାସୁଦେବ ହେଲେ ଯେଉଁପ୍ରକାରେ
କେତକୀଫୁଲ କାଞ୍ଚନ ଯଥା ମଧୁପ । ତଥା ନୃପମଣ୍ଡଳ କାଳାରେ ଲେଲିହ ॥
ନ ଲୁଟିଲା ପୁଣି ଆଶା କେବେ ତାଙ୍କର। ତରଙ୍ଗିଣୀ ନାଭିକା ଜିବଳୀ ପ୍ରକାର ॥
ଉଇତରୁ ଫଳେ ଖଗେ ଆଶାସ୍ମୀ ଯର । ଲାବଣ୍ୟବତୀ ନାମକୁ ମନ୍ତ୍ରର କର ।୬୩
ବାଳା ସୁଭଅଙ୍ଗ ଶୋଭା ମାନସେ ଥୋଇ। ଆପଣା ଶୋଭାକୁ ଆଦରେ ନ କରନ୍ତି ॥
ବାହ୍ୟରେ ଆରମ୍ଭ ନେଇ ଅନ୍ତରେ ବ୍ୟାକୁଳ। ଭସ୍ମ ଅଭ୍ୟନ୍ତରେ ଥାଇ ଯଥା ଅନଳ ।
ବିଚକ୍ଷଣ ଜନ ପେଷି ସିଂହଳ ଦ୍ୱୀପେ । ପ୍ରୀତି ଲଗାଇଲେ ରତ୍ନେଶ୍ବର ମଣ୍ଡପେ ॥
ଲାବଣ୍ୟବତୀ ସ୍ୱରୂପ ଆସିବା ଘୋଷ । ଆଗୁଁ ପ୍ରକଟ ହୋଇଲା କର୍ଣ୍ଣାଟ ଦେଶ ।
ଚନ୍ଦ୍ରଭାନୁ ଭାବ ଯାହା ସାଧୁତ କନ୍ତ । ତାକୁ କେ ନିର୍ମାଣି ରୂପପଟେ କେ ଲୁବ୍ଧ।
ରୂପକାର ରଙ୍ଗ ଜୀବ ମର୍ତ୍ତ୍ୟରେ ନାହିଁ । ମନକୁ ଆସେ ମଘବା ଭୁବନେ ନାହିଁ ॥
ହୋଇଥିଲା ମୋ ନେତ୍ରର ବଧାତା ଗୁଣୀ। ସୃଷ୍ଟିବ ବୋଲି କି ଆଣେ ପ୍ରଭୁ ତରୁଣୀ
ଗୁରୁଦ୍ରୋହୀ ପୁଣ ସ୍ୱର୍ଗଭୋଗ ପାଇଛି । ସାତସିନ୍ଧୁ ଚକ୍ର ଭିତରରେ ରହିଛି ॥
ପକ୍ଷ ବିନା ହୋଇଅଛି ଗଗନଗତ । ଜଳ ଉପରେ ଶଇଳ ଭାସିଅଛନ୍ତ ।୬୭
ଯେଉଁ ଦଇବେ ହୋଇଛି ଏତେ ବଧାନ। ସେହି ଦଇବେ ହେଉ କି ବାଲାରତନ ॥
ଜ୍ୟେଷ୍ଠ ତୃଷିତ ଚାତକ ଯେମନ୍ତ ହୋଇ। ଜଳଦ ଦର୍ଶନେ ତନମନ କରଇ ।୬୮
ଆଷାଢ଼େ ଘନ ଦୁର୍ଦ୍ଦିନ ଚକୋରପନ୍ତି । ଆଶା ଯେସନ୍ତେ ଶରଦ ଆଗମ କରନ୍ତି।

---

୬୦ । ପୌଣ୍ଡ୍ରିକ ବାସୁଦେବ-ପୌଣ୍ଡ୍ରିକ ରାଜା ଯେପରି ନକଲି ଗଦାଚକ୍ରଧର ହାଠଗଭୂତ ଭକ୍ତ ବାସୁଦେବ ହୋଇଥିଲେ ।

୬୧ । ଲେଲିହ-ଅତି ଲୋଭୀ ।

୬୨ । ଜିବଳୀ-ଉଦର ଚର୍ମର ମୋଡ଼ ମୋଡ଼ ହୋଇଥିବା ଅଂଶ ବିଶେଷ ।

୬୩ । ଉଇତରୁଫଳ-ଡେଙ୍ଗାଗଛର ଫଳ । ଖଗେ-ବାଉଁରମାନେ । ଆଶାସ୍ମୀ-ଆଶା ପୋଷଣକାରୀ ।

୬୪ । ମାନସେ-ମନ ମଧ୍ୟରେ ।

୬୫ । ବାହ୍ୟରେ-ବାହାରେ । ଆରମ୍ଭ-ଉପକ୍ରମ ।

୬୬ । ବିଚକ୍ଷଣ-ନିପୁଣ, କାର୍ଯ୍ୟଦକ୍ଷ ।

୬୭ । ଘୋଷ-ଘୋଷଣା । ପ୍ରକଟ-ପ୍ରକାଶ ।

୬୮ । ରୂପକାର-ଚିତ୍ରକର । ରଙ୍ଗାଜୀବ-ଶିଳ୍ପୀ । ମଘବା-ଇନ୍ଦ୍ର ।

୬୯ । ପକ୍ଷ-ଡେଣା । ଗଗନଗତ-ଆକାଶ ଭ୍ରମଣ ।

ସ୍ୱରୂପ ପ୍ରବେଶ ତଥା ନୈକଲ୍ୟ ଆଶା । ଅସର ହୋଇଲ ତେଣୁ ବାସର ଦଶା ॥
ପାଟ୍ଟୋଡ଼ାଇ ପିଟିଆଇ ମନକୁ ମୃଦେ । କର୍ଣ୍ଣ ତଟରେ ଯଥା ମୃଗ ଘଣ୍ଟି ଶବଦେ ॥
ସପ୍ରେମେ ନୟନ ସେହି ଦ୍ୱାରକୁ ନେଇ । ନଭେ ଦେଖେ ଚାତକ ଯଥା କୁହୁକୀ ॥
ନିଦ୍ରା କ୍ଷୁଧା ବାଧା କରି ପାରିଲେ ନାହିଁ । ଅଳପ ଅନୁରାଗ କି ହୋଇବ କହି ।୭୯
ବାଣାସୁର ପୂଜ୍ୟ ସଦାଶିବ ତୋଷଦ । ସୁମନସ ଗଣେ ଯେ ଦେଲେ ପ୍ରସାଦ ॥
ଉପଇନ୍ଦ୍ର ଭଞ୍ଜ ବୀରବର ବଂଶରେ । ଏ ଗୀତ ଶେଷକରିବ ତାଙ୍କ କୃପାରେ ॥

—୦—

୭୬ । ଅସର-ସହିଲ ନାହିଁ । ବାସର-ଦିନ ।
୭୭ । ପଟ୍ଟୋଡ଼ାଇ-ଆଗକଡ଼ି ବଜାଇ ଦେବା । ପିଟିଅଇ-ପକ୍ଷଘାତ କରି । ମୃଦେ-ଖୁସି ।
୮୦ । ତୋଷଦ-ଆନନ୍ଦଦାୟକ । ସୁମନସଗଣେ-ଦେବତାମାନଙ୍କର ।

## ଅଷ୍ଟମ ଛାନ୍ଦର ସାରକଥା

ପୂର୍ବବର୍ତ୍ତୀ ଛାନ୍ଦମାନଙ୍କର ବର୍ଣ୍ଣନାରେ ଲାବଣ୍ୟବତୀ ବାଲ୍ୟ ପୌଗଣ୍ଡ ଅତିକ୍ରମ କରି ଯୌବନରେ ପଦାର୍ପଣ କରିଛି । କନ୍ୟାର ବୟଃପ୍ରାପ୍ତି ପରେ ତାହାର ବିବାହ ଆୟୋଜନ କରିବା ହିନ୍ଦୁ ଗୃହସ୍ଥର ଏକ ପ୍ରଧାନ କର୍ତ୍ତବ୍ୟ । କନ୍ୟାକୁ ଉପଯୁକ୍ତ ପାତ୍ରରେ ସମର୍ପଣ ନ କରିବା ଯାଏ କନ୍ୟା ପିତାର ଦାୟିତ୍ୱ ତୁଟେ ନାହିଁ । ଏହି କଥା ପରଭଳକୁ । କାଳିଦାସଙ୍କ ଭାଷାରେ କହିଲେ "ଅର୍ଥୋ ହି କନ୍ୟା ପରକୀୟ ଏବ" । ସିଂହଳଦ୍ୱୀପ ରାଜା କନ୍ୟାର ବିବାହ ଉପଯୋଗୀ ବୟସ ଉପସ୍ଥିତ ହୁଅନ୍ତେ ତାହା ପାଇଁ ବର ଅନୁସନ୍ଧାନରେ ବ୍ରତୀ ହେଲେ । ଏହାର ପ୍ରାଥମିକ ଉଦ୍ୟମରୂପେ କନ୍ୟାର ଚିତ୍ରପଟ ପ୍ରସ୍ତୁତ କରାଇ ଏହାକୁ ଜ୍ଞାନାନନ୍ଦ ନାମକ ସନ୍ନ୍ୟାସୀ ହସ୍ତରେ ଦେଶକୁ ଦେଶ ବୁଲାଇ ପ୍ରଦର୍ଶିତ କରାଇଲେ । ପ୍ରାଚୀନ ଭାରତରେ ବହୁବିଧ ବିବାହ ପ୍ରଥା ପ୍ରଚଳିତ ଥିଲା । ବିଶେଷକରି ରାଜନ୍ୟବର୍ଗଙ୍କ ମଧ୍ୟରେ ସ୍ୱୟମ୍ବର ପ୍ରଥା ପ୍ରଚଳିତ ଥିଲା । ଲାବଣ୍ୟବତୀଙ୍କ ସ୍ୱୟମ୍ବର ଆୟୋଜନ କରିବା ଉଦ୍ଦେଶ୍ୟରେ ରାଜପୁତ୍ରଗଣଙ୍କୁ ଆକର୍ଷିତ କରିବା ପାଇଁ ଚିତ୍ରପଟ ପ୍ରଦର୍ଶିତ କରିବାର କଳ୍ପନା କରାଯାଇଛି । ଲାବଣ୍ୟବତୀର ଚିତ୍ରପଟ ସବୁଦେଶରେ ବହୁ ପ୍ରଶଂସିତ ହୋଇଛି ।

ପୁନଶ୍ଚ ଉପେନ୍ଦ୍ରଭଞ୍ଜ ଓଡ଼ିଆ ରୀତି-ଯୁଗର ଶ୍ରେଷ୍ଠ କବି । ଶବ୍ଦାଳଙ୍କାରର ବହୁଳ ପ୍ରୟୋଗ ରୀତି-ଯୁଗର ଏକ ପ୍ରଧାନ ବିଶେଷତ୍ୱ । ତେଣୁ ଯେଉଁଠାରେ ସୁବିଧା ପାଇଛନ୍ତି ଉପେନ୍ଦ୍ରଭଞ୍ଜ ଶବ୍ଦାଳଙ୍କାରର ପ୍ରୟୋଗ କରିଛନ୍ତି । ଆଲୋଚ୍ୟ ଛାନ୍ଦରେ—

'ସିନ୍ଧୁରେ ଭସିଲେ ସିନ୍ଧୁରେ ଯେ ଝାସବ, ସିନ୍ଧୁର ଗମନା ସ୍ତନ ଅଗ୍ରେ ମିଳିବ ।' ୮।୩୦

କବି ଅନ୍ୟ ଛାନ୍ଦ ମାନଙ୍କ ପରି ଏ ଛାନ୍ଦରେ ମଧ୍ୟ ଲାବଣ୍ୟବତୀର ଅଲୌକିକ ସୌନ୍ଦର୍ଯ୍ୟର ଭୂୟସୀ ପ୍ରଶଂସା କରିଛନ୍ତି । ଲାବଣ୍ୟବତୀର ବିବାହ ପ୍ରସ୍ତାବଟି କାବ୍ୟର ଅନ୍ତର୍ଗତ ଏହି ଛାନ୍ଦରେ ସୂଚିତ ହୋଇଛି ଏବଂ ଲାବଣ୍ୟବତୀର ଜୀବନରେ ଏକ ପରିବର୍ତ୍ତନର ଆଭାସ ପାଠକମାନଙ୍କୁ ମିଳୁଛି ।

# ନବମ ଛାନ୍ଦ

ରାଗ—ଶ୍ୟାମଗୁଜ୍ଜରୀ

( ଚନ୍ଦ୍ରଭାନୁ ପାଖରେ ଲାବଣ୍ୟବତୀଙ୍କ ଚିତ୍ରପଟ ନେଇ ସନ୍ନ୍ୟାସୀ ପ୍ରବେଶ )

ହୋଇଲା ପ୍ରବେଶ ଗ୍ରୀଷମ ସମସ୍ତ ସୁଷମା ପୌଢ଼ା ସ୍ୱବଶକ ।
ରଜନୀ ମନୋହର କରି ବହିଲା ପକ୍ୱତରୁଫଳ କାନ୍ତିକ ।
ପ୍ରଫୁଲ୍ଲି, ମଲ୍ଲିକା ହାସକୁ ବିକାଶି ।
ରସିକ ଭ୍ରମର ଚାଟୁକୁ କରନ୍ତି ପାଟଳ ଶ୍ରବଣ ନିବେଶି । ୧ ।
ଝିଙ୍କାରି ଝଙ୍କାର ଝୁଣ୍ଟିଆ ଝମକେ ଚମକ ପକାଇ ଯୁବାରେ ।
ରଖିଲା ମନକୁ ଘନରସେ ନେଇ ଚନ୍ଦ୍ରକରଣେ ଶୋଇବାରେ ।
ଶାଲ୍ମଲୀ ରଙ୍ଗେ ଅନୁରାଗ ଦେଖାଇ ।
ନବ ବିଟପକୁ ବିରହ ଦାବାଗ୍ନି ସଂଯୋଗରେ ଲଜ୍ଜା ପକାଇ । ୨ ।
କେତେ ରଞ୍ଜନ ବ୍ୟଞ୍ଜନ ପ୍ରଭଞ୍ଜନ ପରଶେ ଶାନ୍ତିକ ବହିଲା ।
ଜଳସମ୍ପୃକ୍ତ କର୍ପୂର ଚନ୍ଦନ ମଣ୍ଡନରେ ଶାନ୍ତି ଭଜିଲା ।
କାଟିଲା, ଶୁଚି ମୂର୍ତ୍ତିମନ୍ତ ହୋଇଲା ।
ବିଦେଶ ନ ଯାଅ ବୋଲି ଜନଙ୍କୁ କି ରଜେ ତୃଷାନଳ ଥୋଇଲା । ୩ ।
ଏମନ୍ତକାଳେ କାନନେ ନୃପସୁତ ସ୍ୱୟମ୍ବରଣୀ ମଧ୍ୟ ମଣ୍ଡପେ ।
ହୋଇ ମିତ୍ରସଙ୍ଗ ବାଳାର ପ୍ରସଙ୍ଗ ପକାଇ ଛାଡ଼ି ନାସ ଜପେ ।
ପ୍ରକାଶେ, ଦେଖନ୍ତି ବେଳ ଏକ ସ୍ୱପ୍ନକୁ ।
ସାଧୁ କହିଲା ପରା ବଧୂବଦନା ଅଚ୍ଛ ଆସୁଛି ମାନସକୁ । ୪ ।

---

୧ । ସୁଷମା-ସୌନ୍ଦର୍ଯ୍ୟ, ଲାବଣ୍ୟ । ପ୍ରୌଢ଼ା-ବୟସ୍କା । ବହିଲା-ଧାରଣ କଲା । ପକ୍ୱତରୁଫଳ କାନ୍ତିକ—ଗଛରେ ପାଚିଥିବା ଫଳର କାନ୍ତିକୁ । ପ୍ରଫୁଲ୍ଲି-ଆନନ୍ଦ । ଚାଟୁ—ଖୋସାମଦ କଥା । ପାଟଳ-ଶ୍ୱେତ ରକ୍ତବର୍ଣ୍ଣ ପୁଷ୍ପ ବିଶେଷ ।

୨ । ଝୁଣ୍ଟିଆ-ପାଦ ଅଙ୍ଗୁଳିର ଅଳଙ୍କାର ବିଶେଷ । ଝମକେ-ଝନ୍ ଝନ୍ ଶବ୍ଦରେ । ଚମକ ବିସ୍ମୟ । ଶାଲ୍ମଲୀ-ଶିମୁଳି । ନବବିଟପ-ନୂତନ ଗଛ, ନୂଆ ଜମିଟି ଗୁଳ୍ମ । ବିରହ ଦାବାଗ୍ନି-ବିଚ୍ଛେଦରୂପକ ଅରଣ୍ୟଜାତ ଅଗ୍ନି ।

୩ । ରଞ୍ଜନ-ସନ୍ତୁଷ୍ଟୀକରଣ । ପ୍ରଭଞ୍ଜନ-ପବନ । ଜଳସମ୍ପୃକ୍ତ-ଜଳପୂର୍ଣ୍ଣ ହୋଇଗଲାଧର । ଶୁଚି-ପବିତ୍ର । ରଜେ-ସ୍ୱଚରେ । ତୃଷାନଳ-ତୃଷା ନିଆଁ ।

କହିଲେ ମିତେ କ ସେକ ଏତେ ଚତୁରେ ନ ଥିଲକୁ ଜନ ଜଗତ ।
ଘଟଣ ଘଟସ୍ତନା ସନେ ଘଟଣା ପିରୁଜା ହୋଇଛି ଆଗତ ।
ଏକାଳେ, ମାଳକ କହେ ସନ୍ନିଧାନେ ।
ମଣ୍ଡାରୁ ଆସିଛି ନାମ ମଦନକା ଗଣିକା ତବ ଦରଶନେ । ୫ ।
ସ୍ୱର୍ଗରେ କୁମାର ପ୍ରଶଂସା ଯାହାର୍ଇଁ ଶୁଣୁଥିଲୁଇଁ ଏ ସେ ନାରୀ ।
ଯାହା ଜନମକାଳୁ ମର୍ତ୍ତ୍ୟମଣ୍ଡଳେ ଆସିଲେ ନାହିଁ ଅପସରୀ ।
ତର୍କିକ, ହୋଇ କଲ ମନ୍ତ୍ରୀନନ୍ଦନ ।
ଜାଣି ସୀଉକାର ଆଣି ମାଳାକାର ଭେଟାଇଲା ରମାରତନ । ୬ ।
ନବଯଉବନ ଶାଣରେ ଶାଣିତ ଯାହା ମନ ବଣ ନୋହିବ ।
ସ୍ତମ୍ଭନ ମୋହନ ବଶ୍ୟ ଉଚ୍ଚାଟନ ମୂର୍ତ୍ତିମନ୍ତ କଲା ଦଇବ ।
ଦେଖିଲ, ମାତେ ଗାତେ ଅଖି ଲଖିଲ ।
ଚାପରେ ରେଖ ବସାଇ କୋଖଇରେ ମାର ମରମରେ ଯୋଗିଲ । ୭ ।
ସୁବର୍ଣ୍ଣ ସୁବର୍ଣ୍ଣବଳୟ ଯାହାର ଏ ହସ୍ତକୁ ଜସାଇଛି ।
ତାହାକୁ କେ କହୁ ତାରତମ୍ୟ ଆଉ କାରଣହିଁ ଯହିଁ ନୋହୁଛି ।
ଠକୁର, ନେତଣୀ ଜୁଡ଼ାରେ ଶୋଭନ ।
ଏ ଘରେ ବାନ୍ଧିବା ପୁରୁଷଙ୍କ ମନ ବୋଲି କେ କରିଛି ବନ୍ଧନ । ୮ ।
ମୋତିଜାଲି ଝଳି ତାରତାରକା କି ଉଦୟ ହେଲେ ନବଘନେ ।
କିବା ଇନ୍ଦ୍ରକୁ ଗ୍ରାସୁ ସୁଧାକନ୍ଦ୍ରକୁ ଉଗ୍ରଛି ରାହୁ ଅପଘନେ ।
ତଳକୁ, ଊର୍ଦ୍ଧ୍ୱ ଚନ୍ଦ୍ରଝର୍ମା ଲମ୍ବିତ ।
ଅର୍ଦ୍ଧେନ୍ଦୁ ଅଧୋଭାଗେ ଲଭି ଉଦୟ ସପ୍ତର୍ଷି କିବା ଜଡ଼ିତ । ୯ ।

---

୫ । ଘଟଣ-ସୁନ୍ଦର । ଘଟସ୍ତନା-କଳସୀ ସଦୃଶ କୁଚ । ଘଟଣା-ସଙ୍ଗଠନ । ମଣ୍ଡାରୁ-ମଣ୍ଡାର ଦେଶରୁ । ଗଣିକା-ବେଶ୍ୟା ।

୬ । ଅପସରୀ-ସ୍ୱର୍ଗପୁରର କାମିନୀ । ହୋଇ-ହିଁ । ରମାରତନ-ସ୍ତ୍ରୀ ରତ୍ନ ।

୭ । ଚାପରେ-ଧନୁରେ । ମରମରେ-ମର୍ମ ସ୍ଥାନରେ । ଯୋଗିଲ-ଯୋଗକଲ ।

୮ । ସୁବର୍ଣ୍ଣ-ସୁନ୍ଦର ରୂପ । ସୁବର୍ଣ୍ଣ ବଳୟ-ସୁନାର କରଭୂଷଣ । ତାରତମ୍ୟ-ତୁଳନା । କାରଣ-ତତ୍ତ୍ୱ । ଠକୁର-ବାଳ ।

୯ । ଝଳି-ଝଲମଲ ହୋଇ । ତାରତାରକା-ଉଜ୍ଜ୍ୱଳ ନକ୍ଷତ୍ର । ନବଘନେ-ନୂଆ ମେଘରେ । ଅପଘନେ-ଦେହରେ । ଅର୍ଦ୍ଧେନ୍ଦୁ-ଅର୍ଦ୍ଧଚନ୍ଦ୍ର । ସପ୍ତରଷି-ସପ୍ତର୍ଷି ନକ୍ଷତ୍ର ଯଥା—କ୍ରତୁ, ପୁଲହ, ପୌଲସ୍ତ୍ୟ, ଅତ୍ରି, ଅଙ୍ଗିରା, ବଶିଷ୍ଠ, ମରୀଚି ।

ସ୍ୱଚ୍ଛ ଅଳକା ଝିଲମିଲ ମାଳକା ଅଗ୍ରେ ଲମ୍ବିତ ମୁକ୍ତ ମୋତି ।
ହେମଲତା ଶିଖେ ମଧୁକରପନ୍ତି ମଧୁ ପିବା ସଞ୍ଚ ଅଛନ୍ତି ।
କସ୍ତୁରୀ ଚର୍ଚ୍ଚିତକ ଭାଲଦେଶେ ।
ବିକାଶ ସାରଣ ମଧ୍ୟ ଅଳିବର୍ଣ୍ଣ ଗମନ କି ତମାଳ ପାଶେ । ୧୦ ।
ତାଙ୍କ ସ୍ପର୍ଶରେ ହସୁଛି ଶ୍ରବଣ ପାଶ୍ୟାଳି [illegible]ମାମାନଙ୍କୁ ।
ଅଦ୍ଭୁତ ବକ୍ର ମଲ୍ଲୀଲତ୍ତି ଧରିଛି ଧରଣୀ-ଧର ଧ୍ୱଂସନକୁ ।
ବଦନ, ତାହାରେ ଭର୍ମଙ୍କୁ ବନ୍ଧିଛି ।
ହା ହା କାଳୀ ପୁର ଝଲକାଝଲକ ପଲକ ପଡ଼ିତ ଦେଉଛି । ୧୧ ।
ଲଳିତ ଜ୍ୟୋତି ଜ୍ୱଳିତ ମୋତିବର ଗ୍ଲାନ ନାଶେ ନାସେ ତାହାର ।
ନିର୍ମଳ ସ୍ୱବର ବନ୍ଧୁଓଷ୍ଠ ବନ୍ଧାଧର ଅର୍ଦ୍ଧ ଅରୁଣତର ।
ଆର୍ଦ୍ରା, ରୋହିଣୀକି ଯେସି କୋଳରେ ।
କଳଙ୍କହୀନ ପର୍ବଣବସଣ କି ଉଦିତ ଶରତ କାଳରେ । ୧୨ ।
ବଶୀକରଣ ବିବିଧ ମଣି ମନ୍ତ୍ର ଔଷଧ ଯେଉଁ କେତେ ଅଛି ।
ଶୂଳ ଭଳ ଘଟ ତ୍ରାନ ଅନାଇଲେ ତ୍ରଳବେ ମନକୁ ପାଉଛି ।
ସର୍ବ୍ବିର, ଅଞ୍ଜନ ଦନ୍ତକୁ ତପସେ ।
ଭାଲ ଖଣ୍ଡ ଖଣ୍ଡଚନ୍ଦ୍ରମା ସୁଷମା ସୀମାବାରଗାର ଖର୍ ସେ । ୧୩ ।

---

୧୦ । ହେମଲତା-ସ୍ୱର୍ଣ୍ଣଲତା । ଶିଖେ-ଅଗ୍ରଭାଗରେ । ମଧୁକରପନ୍ତି-ଭଅଁର ସବୁ । ଭାଲଦେଶେ-କପାଳ ଭାଗରେ । ଅଳିବର୍ଣ୍ଣ-ଭଅଁର କାନ୍ତି ।

୧୧ । ପାଶାଢ଼-ବେଣୀବେଣୀ ଯଥ । ଝୁରଝୁଲକାଝଲକ-ଦେହରେ ଝଟକୁଥିବା କର୍ଣ୍ଣାଳଙ୍କାର । ଘଉଡ଼-ଡଡ଼ ।

୧୨ । ଲଳିତ-ଅବଲମ୍ବିତ । ଜ୍ୟୋତି ଜ୍ୱଳିତ-ତେଜରେ ଚକଚକ ହେବା । ମୋତିବର-ଉତ୍କୃଷ୍ଟ ମୋତି । ନାଶେ-ନଷ୍ଟକରେ । ନାସେ-ନାକରେ । ଅର୍ଦ୍ଧ ଅରୁଣତର-ସୂର୍ଯ୍ୟର ଅଧେ ଉଜ୍ଜ୍ୱଳ ରଙ୍ଗ । ଆର୍ଦ୍ରା-୬ଷ୍ଠ ନକ୍ଷତ୍ର । ରୋହିଣୀ-୪ର୍ଥ ନକ୍ଷତ୍ର । ପର୍ବଣବାସଣ-ଚନ୍ଦ୍ର ।

୧୩ । ଶୂଳି-ମହାଦେବ । ଘଟ-ଉଦ୍ରସ୍ଥ ଭ୍ରୂଧାରୀ । ଅଞ୍ଜନ କଳା । ତପସେ-ତଚଳତ କରି ନଷ୍ଟକରେ । ଭାଲଖଣ୍ଡ-ଲଲାଟ ଦେଶ । ସୁଷମାସୀମା-ସୁନ୍ଦରତାର ସ୍ଥାନରେ । 'ବାରଗାର ଖର୍ ସେ'-ବା ଅଗ୍ନି ରେଖାପରି ସେ ।

ରୋମାବଳୀ ଝଳ୍ପ ମର୍କତ ପ୍ରବାଳ କଟି ଘଣ୍ଟିରଳ ସଂଯୁତ ।
ଉରଜଯୁଗ ଭୂମି ସାର ତ୍ରିବଳୀ ଚନ୍ଦ୍ର ବଲ୍ଲକୀ କଳ୍ପ ଜାତ ।
ବଧିରେ, ବଧିର ବୁଦ୍ଧି ଭ୍ରମ ହେଲା ।
ମନ୍ଦ ମଧୁର ଘନସାର ହାସଟି ଜାଣିଲ ଏତେଦୂର କଲା । ୧୪ ।
ଜରି କାଞ୍ଚଲି ପାଟଡୋରି ଚରମେ ଉଚ୍ଚ ଆଚ୍ଛାଦନ୍ତି ଯତନେ ।
ହିରଣ୍ୟଗର୍ଭ ଦୃଢ଼ ବ୍ୟକ୍ତ ନୋହିବ ଏହି କାମନା କରି ମନେ ।
ତାହାର, ଖୋଳ ପରସ୍ତେ ସେ ଦିଶଇ ।
ଉଚ୍ଚ ପୃଥୁଳ ଗୋପିତ ନୋହେ କଦା ନେତ୍ରେ ଅବନୀ ନ ଦେଖଇ ।୧୫।
ଏମନ୍ତ ମଣୁଛି ଅଙ୍ଗରାଜ ପଦ ଅଙ୍ଗନାଠାରେ ସମ୍ଭାବିତ ।
ମହାଉଚ୍ଚପାତ ମନ୍ଦ ବୋଲି ତାକୁ କରୁଅଛି ତେଣୁ ଗୋପିତ ।
ସେ କଥା, ଯୁକ୍ତ ନୁହଇ ଦେଖିବାର ।
ଚୀର ଆଚ୍ଛାଦିତ ଏଥିକୁ କରିଛି ଫଳ ଚୁମ୍ବୁଛି ମଧୁକର । ୧୬ ।
କର ସନାଳ କୋକନଦ ବାହାର କି ତନୁ ଶୋଭା ସରସୀରୁ ।
ଅତୁଲ୍ୟ ପଦେ ଆନ ଭୂଷା ଧରିଛି ରୂପଗର୍ବିତା ଲକ୍ଷଣାରୁ ।
କ୍ଵଣିତା, କଙ୍କିଣୀ କଟୀରେ ଟଙ୍କିଛି ।
କାମିନୀଙ୍କ କାମରଥ ବୋଲିବାର ଶତ ଘଣ୍ଟିଚୟ ସାଜିଛି । ୧୭ ।
ନାହିଁ ତୁଳା କୋଟି ଜଗତରେ ବୋଲି ଦେଉଛି ପାଦରେ ଆଦରେ ।
ସୂକ୍ଷ୍ମ ନାସା ଧନ୍ୟ ବୋଲାଇ ଅଳକ୍ତ ପଦଦ୍ଵୟ ବ୍ୟକ୍ତ ହେବାରେ ।
ଦିଶୁଛି, ଏପରିରେ ତନୁ ଗଉର ।
ଚମ୍ପକ ଗନ୍ଧ ପତଳା ଶାଢ଼ୀ ଥିବା ଶରୀର ଧଡ଼ରୁ ଗୋଚର । ୧୮ ।

---

୧୪ । ରୋମାବଳୀ—ଲୋମସବୁ । ତ୍ରିବଳି-ଉଦରର ମାଂସ ସଙ୍କୋଚନ ଜନିତ ତିନୋଟି ରେଖା । ଚନ୍ଦ୍ର ବଲ୍ଲକୀ-ବୀଣାଦଣ୍ଡର ଛବି । ଜାତ-ସୃଷ୍ଟି । ଘନସାର-ଚନ୍ଦ୍ର ।

୧୫ । ଚରମେ-ପିଠିରେ । ହିରଣ୍ୟଗର୍ଭ-ବ୍ରହ୍ମା । ଦୃଢ଼-ଭୂଲ । ବ୍ୟକ୍ତ-ଜଣା । କାମନା-ଇଚ୍ଛା । ପୃଥୁଳ-ମୋଟା । ଗୋପିତ-ଗୁପ୍ତ ବା ଲୁଚିବା । କଦା-କେବେ ।

୧୬ । ଅଙ୍ଗରାଜ-ଶରୀରର ଅଧିକାରୀ ବା ମାଲିକ । ସମ୍ଭାବିତ—ଯାହା ଠିକ୍ ବୋଲି ଚିନ୍ତା କରି ଯାଉଛି ତାହାହିଁ ସତ୍ୟ । ଯୁକ୍ତ-ଉପଯୁକ୍ତ । ଚୀର-ବସ୍ତ୍ର । ଆଚ୍ଛାଦିତ-ଢ଼ାଙ୍କ ।

୧୭ । କରସନାଳ-ଡେମ୍ଫଲଗା ହାତ । କ୍ଵଣିତ-ରୁଣୁଝୁଣୁ ଶବ୍ଦ କରିବା । ଘଣ୍ଟିଚୟ-ଘାଗୁଡ଼ିସବୁ ।

୧୮ । ତୁଳା-ତୁଲ୍ୟ । ସୂକ୍ଷ୍ମ ନାସା ଉଣ୍ଡାରୁଣୀ । ଅଳକ୍ତ-ଅଳତା । ପଦଦ୍ଵୟ-ପାଦର ସୁନ୍ଦରତା । ପତଳା-ସରୁ ଓ ସୂକ୍ଷ୍ମ ।

କାର୍ଯ୍ୟକୁ କାରଣ କରି କହିଲଇଁ ମଦନକାରୁ ଶୋଭା କରୁଛି ।
ବରୁରି କହି ବସିଲେ ଏହି ଶଙ୍କା ବହୁତ ଛାନ୍ଦ ହେବା ଅଛି ।
ଶୋଭାକୁ, ଶୁଣିଁ ସ୍ଥଗିତ ନେତ୍ରପୁଂସ ।
ଜଣେ ଜଣାଇ ସିଂହଳ ପତି କେମା ସ୍ୱରୂପ ହୋଇଲା ପ୍ରବେଶ ।
ସମ୍ଭ୍ରମେ ଉଠି ପାତ୍ରେ ଛନ୍ତି ସିବା ମନ ଜାଣି-ନିଷେଧ କଲେ ମିତ ।
ଆସ ଆସ ବୋଲି ସନ୍ନ୍ୟାସୀ ପାଶକୁ ଦୁତ ଉପରେ ଗଲେ ଦୁତ ।
ପ୍ରବେଶ, ଆସନ ଦେଇ ବସାଇଲେ ।
ଚତୁର ମିତେ ଚତୁର ବାରବଧୂ ପ୍ରଶଂସାବାଦରେ କଥା ହେଲେ । ୨୦ ।
କେ ବୋଲେ ଶୁଣିଁ ଚଞ୍ଚଳ ଚକ୍ଷୁପକ୍ଷ୍ମ ପତନେ ବୁଦ୍ଧି କରେ ବଣା ।
ଚନ୍ଦ୍ରେ ଚକୋର ବସି ସୁଧା ପିଇବା ମର୍ତ୍ତ୍ୟେ କି କମ୍ପାଉଛି ଜେଣା ।
କେ ବୋଲେ, ଶୁଣିଁ ନାସାଫୁଲ ପଣକୁ ।
ଏ ଗୁପ୍ତୁଘର ଗୁଭୁସ୍ତ କରୁଛନ୍ତି ବିଜୟୁ ଏ ଫୁଲବାଣକୁ । ୨୧ ।
କେ ବୋଲେ ଶୁଣିଁ ଶୁଣିଁ ଦେଇ ନୟନ ଉରଜପରେ ଯା ନଅଇ ।
ଏହି ଶିବସେବା କାମ ପରାଭବ ନ କରିବ ଏହା କହଇ ।
କେ ବୋଲେ, ଶୁଣିଁ ତା ମଧୁର ହାସକୁ ।
ଅଧର ଦେଖାଇ ଦେଉଛି ତରୁଣ ଅରୁଣ ଜିଣିଲା ଯଶକୁ । ୨୨ ।
ସନ୍ନ୍ୟାସୀ ଭାଷି ଯାହା ପ୍ରତି ପ୍ରତିମା ଆଣିଛି ଦର୍ଶନ ଦେବାକୁ ।
ଏ ଯୋଷା ଯୋଗ୍ୟ ନୋହେ ତା ପଦଦଶା-ଉପଳ ଉପମା ହେବାକୁ ।
ଭୋ ପତି, କି କହ ମନ୍ତ୍ରୀଜ ବୋଇଲେ ।
ପ୍ରତ୍ୟକ୍ଷ କଥାରେ କେଉଁ ଅନୁମାନ ବୋଲି ସେ ପେଡ଼ାକୁ ଫେଇଲେ ॥

---

୧୯ । ନେତ୍ରପୁଂସ-ସୁବୁଦ୍ଧର ଅଶି ।

୨୦ । ସମ୍ଭ୍ରମେ-ସମ୍ମାନ ଏବଂ ଭୟ ସହକାରେ । ଚତୁର-ଗୁର । ଚତୁର-ସୁଲକ୍ଷ ।
ବାରବଧୂ-ବେଶ୍ୟା ।

୨୧ । ଚକ୍ଷୁପକ୍ଷ୍ମ-ଆଖିପତା । ପତନେ-ପକାଇବାରେ । ଚନ୍ଦ୍ରେ-ଚନ୍ଦ୍ର କରଣରେ ।
ଚକୋର-ଚକୁଆ ଚଢ଼େଇ । ଗୁପ୍ତୁଘର-କୌଶଳର । ଗୁଭୁସ୍ତ-ଗୁଲ୍ମି ।
ଫୁଲବାଣକୁ-କନ୍ଦର୍ପଶରକୁ ।

୨୩ । ପ୍ରତିପ୍ରତିମା-ସଦୃଶ ରୂପ । ଯୋଷା-ସ୍ତ୍ରୀ । ପଦଦଶା ଉପଳ-ଗୋଡ଼ଦଶା ପଥରଖଣ୍ଡ ।

ଏ ବାମାଙ୍କୁ ବାସ ଉପହାର ଦିଅ ଅଧିକାରୀଙ୍କ ଆଜ୍ଞା ହେଇ ।
ତନ୍ମନା ହେଲେ ରାମା ରୂପ ଲୋକନେ ବିଷୟୁ ପଛକୁ ଟକାଇ ।
ସମ୍ପୂର୍ଣ୍ଣ, ଏ ଛାନ୍ଦ ଚଉବଂଶ ପଦ ।
ଅଯୋଧ୍ୟାଇନ୍ଦ୍ର ଧ୍ୟାନରେ ଉପଇନ୍ଦ୍ର ନାଶିବ ଅଜଡ ଆପଦ । ୨୪ ।

---

୨୪ । ତନ୍ମନା-ତଦ୍‌ଗତପ୍ରାଣା । ଲୋକନେ-ଦେଖିବାରେ । ବିଷୟୁ-ସମ୍ପତ୍ତି, ସାମଗ୍ରୀ । ଅଯୋଧ୍ୟା ଇନ୍ଦ୍ର-ଅଯୋଧ୍ୟାର ରାଜା ରାମଚନ୍ଦ୍ର ।

## ନବମ ଛାନ୍ଦର ସାରକଥା

ଋତୁଚିତ୍ର ଏବଂ ସୁନ୍ଦରୀ ନାୟିକାର ରୂପବର୍ଣ୍ଣନା ଏ ଦୁଇଟି ଭଞ୍ଜ ସାହିତ୍ୟର ବିଶେଷତ୍ୱ । ଶଂସିତ ଛାନ୍ଦର ଆରମ୍ଭରେ ଗ୍ରୀଷ୍ମ ଋତୁର ଏକ ମନୋଜ୍ଞ ଚିତ୍ର ପ୍ରଦାନ କରାଯାଇଛି । ଏହି ଗ୍ରୀଷ୍ମଋତୁରେ ରାଜକୁମାର ଚନ୍ଦ୍ରଭାନୁ ସଙ୍ଗୀମାନଙ୍କ ସହ ପୁଷ୍କରିଣୀ ମଧ୍ୟ ମଣ୍ଡପରେ ବସିଥିଲାବେଳେ ଏକ ଗଣିକା ଏବଂ ସନ୍ନ୍ୟାସୀ ଲାବଣ୍ୟବତୀର ଚିତ୍ରପଟସହ ପ୍ରବେଶ ହୋଇଛନ୍ତି । ଗଣିକାର ରୂପବର୍ଣ୍ଣନା ହିଁ ଏହି ଛାନ୍ଦର ପ୍ରଧାନ ଉପଜୀବ୍ୟ । ରୂପ ବର୍ଣ୍ଣନାରେ ସେପରି କୌଣସି ନୂତନତ୍ୱ ନାହିଁ । କାବ୍ୟର ବିଭିନ୍ନ ସ୍ଥଳରେ ଯେଉଁପରି ତାହାର ସୌନ୍ଦର୍ଯ୍ୟର ବର୍ଣ୍ଣନା କରାଯାଇଛି ଏଠାରେ ତାହାର କୌଣସି ବ୍ୟତିକ୍ରମ ନାହିଁ ।

# ଦଶମ ଛାନ୍ଦ

ରାଗ—ଦେଶାକ୍ଷ

( ଚନ୍ଦ୍ରଭାନୁ ଲାବଣ୍ୟବତୀର ଚିତ୍ରପଟ ଦର୍ଶନ )

ଏଥୁ ଅନନ୍ତରେ ରସିକସାର । କର୍ଣ୍ଣମୁଖରେ ସୁଧାପାନ କର ।
ନୃପସୁତ ଆଗେ ପେଡ଼ି ଫେଡ଼ିଲା । ସେ ରୂପ ଉପରେ ନେତ୍ର ପଡ଼ିଲା ।
କି ପଡ଼ିଲା । ନାହିଁ ଉଡ଼ିଲା ଯେମନ । ଉଡ଼ିଲା ନାହିଁଟି ବୁଡ଼ିଲା ଜ୍ଞାନ । ୧ ।
ମୂର୍ତ୍ତିମନ୍ତ କଲା ମଦନ କଳା । କନକକାନ୍ତ ମଦନ ପିତୁଳା ।
କାଚବାଡ଼ପୁରେ ବସିଲା ପରି । ମୁକୁରେ ଫିଟି ବିଶୁଦ୍ଧ ମାଧୁରୀ ।
କି ସୁନ୍ଦର । ସମେ ଆଉ କାହିଁକି । ସଚିତ୍ର ହୋଇ ବିଚିତ୍ର ହୋଇଛି । ୨ ।
ସରସିଜେ ଶିଶୁଅଳିଆବଳୀ । ବସିଥିଲା ପରି ଅଳକା ଝଳି ।
ଅଧରେତ ଅଛି ହାସ ଝଳକ । କର୍ପୂରେ ମାଜିଲା ପରି ମାଣିକ୍ୟ ।
କି ସୁନ୍ଦର । ପୁଣି ପକ୍ଷ୍ମ ଭ୍ରୂଭଙ୍ଗୀ । ଭୃଙ୍ଗଦେବ ପରି ଧୈର୍ଯ୍ୟ କରୁଛି । ୩ ।
ଆଗ ଅନୁରାଗ ଭ୍ରମ ଉପୁଜି । ରାମା କି ପ୍ରତିମାନ ପାରେ ହେଜି ।
ଚକିତ ସ୍ତମ୍ଭିତ ଦଣ୍ଡେ ହୋଇଲା । ମନେ ମନେ ଲକ୍ଷେ ଚୁମ୍ବନ ଦେଲା ।
କି ସୁନ୍ଦର ମନ ନୟନ ପ୍ରାଣ । ସେହି ଶୋଭାରେ କଲା ସମର୍ପଣ । ୪ ।
ଏଣୁ ସେ ସୁତନୁ ତନୁତନୁକୁ । ଆସେ ଅନୁଆନ ଅନୁମାନକୁ ।
ଅବଲୋକିତ ହେଲା ଲୋକିତ କରି । କରଇ ଉପମା ନୁହଇ ସରି ।
କି ସୁନ୍ଦର । କବି ବଚନ ପଥ । କୃତାର୍ଥ କରଣେ ହେଲା ସମର୍ଥ । ୫ ।

---

୨ । ମଦନ କଳା-କାମକଳା । କନକାନ୍ତ-ସୁନାପରି ଉଜ୍ଜ୍ୱଳ । କାଚବାଡ଼ପୁର-କାନ୍ଥରେ କାଚ ଲଗା ହୋଇଥିବା ଘର ।

୩ । ସରସିଜେ ପଦ୍ମଫୁଲରେ । ଶିଶୁଅଳିଆବଳୀ-ଛୋଟ ଭଅଁର ସବୁ । ଅଳକା ଚୂର୍ଣ୍ଣ କୁନ୍ତଳ । ପକ୍ଷ୍ମ-ଆଖିପତା ।

୫ । ସୁତନୁ—ସୁନ୍ଦର ଦେହ । ତନୁତନୁକୁ—ସବୁଦେହ । ଅନୁମାନ—ଅନ୍ଦାଜ । ଅନୁମାନକୁ—ହେତୁଦ୍ୱାରା-ବସ୍ତୁ ଜ୍ଞାନକୁ । ଅବଲୋକିତ-ଆ[illegible] । ଲୋକିତ—ଦେଖିକରି କୃତାର୍ଥ—ଚରିତାର୍ଥ, ଯଥେଷ୍ଟ ଅର୍ଥ । କରଣେ—କରିବାରେ । ସମର୍ଥ—ସକ୍ଷମ, ଯୁକ୍ତାର୍ଥ ।

ବେଣୀ ଶୋଭା ଅବା ସାଧିବା ପାଇଁ । ରକ୍ଷଣ ପଚ୍ଚୀଶ ଅଛି ଭିଆଇ ।
କନକ ପିଆଣିଆକୁ ଅସମ । ମୁକୁତାଜାଲ ମୁଠାଜାଲ କମ ।
କି ସୁନ୍ଦର । ପୁଣି ଦଶେ କୁସୁମେ । ପୂଜା କରେ କି ଜଗଜ୍ଜୟକାମେ । ୬ ।
ଦିଶୁଥିବ ଶ୍ରମ ସେହିଠାରେ । ଅବତଂସ ଚନ୍ଦ୍ର ଝୁମ୍ପି ଥିବାରେ ।
ଜାଜ୍ଜ୍ୱଲ୍ୟ ତାରକା ବୃନ୍ଦ ସାଧିତ । ସୁଧାବିନ୍ଦୁ ସ୍ରବ ପରାୟେ ମୋତି ।
କି ସୁନ୍ଦର । କାମ ରହୁଟେ ତୋରଣ । ଝିଲମିଲ ମାଳୀ ସେହି ଲକ୍ଷଣ । ୭ ।
କର୍ଣ୍ଣ ହୋଇଅଛି ବନ୍ଦ ଆବାସ । ଏଥିକି ଉପମା କହିବା କିସ ।
ଭାଳୁ ଭାଳୁ ଦୃଷ୍ଟି ପତନ ହେଲା । ବାଳି ବୋଲି ମନେ ଯତନେ କଲା ।
କି ସୁନ୍ଦର । ଫୁଲ ସୁମଲ୍ଲୀ କଢ଼ୀ । ଝଲକ ଉପମାକୁ ଗଲା ହୁଡ଼ି । ୮ ।
ଭାଲ ଚୁହିଁ କଲା ଭଲ ବିଗ୍ଧର । ଏ ହେମ କାଗଜ ପଟ୍ଟ ଧାତାର ।
ଲେଖିଛି ଚନ୍ଦ୍ର କହନ୍ତି ଏଥିରେ । ଏ ବାଳା ସମାନ ନାହିଁ ପୃଥ୍ୱୀରେ ।
କି ସୁନ୍ଦର । ଶୁଣେ ନାଗଭୁବନେ । ସ୍ୱର୍ଗପୁରେ ଆଉ ନାହିଁ ସମାନେ । ୯ ।
ବଡ଼ କି ଚତୁର ପାଞ୍ଚିବା ଏହା । ବଡ଼ କରି ଜଡ଼ ଯେନମେ ଯାହା ।
ରଙ୍ଗ ଶୁକଳ କଳା ତନଜାତ । ଟୋପିଛନ୍ତେ ଅଛି ଅକ୍ଷରପନ୍ତି ।
କି ସୁନ୍ଦର । ଦୃଷ୍ଟି ଚଳିବ ନାହିଁ । ଦେଉଥିଲେ ତାର ଚିତାକୁ ଚୁହିଁ । ୧୦ ।
ଶିବ ଶିରେ କଳା କର କଳାଏ । କଳା ହୋଇ ବିଷଜ୍ୱାଳାର ଭୟେ ।
ଭୃକୁଟି ଠରେ ଖାରୁ ପଳାଇ ଆସି । ଲକ୍ଷ୍ୟ ପ୍ରକାରେ ଏହି ଲକ୍ଷ୍ୟ ଦିଶି ।
କି ସୁନ୍ଦର । ପର୍ଶୁରାମ ପରଶ୍ୱ । ବାମା କହେ ରାମା ଶବଦବିଶୁ । ୧୧ ।
ଅତି ବିଚିତ୍ର ଛୁରିକା ନୟନ । ଅଞ୍ଜନଲାଞ୍ଛି ବ୍ୟାଜେ ମହାମୁନ ।
ନ ମାରୁ ଗୃହିଣୀ ଛଟକ କରି । ମରମକୁ ଭେଦିଯାଏ ବାହାରି ।

---

୬ । ରକ୍ଷଣ—କନ୍ଦର୍ପ । ଜଗଜ୍ଜୟ—ସଂସାରଜେତା ।
୭ । ଅବତଂସ-ଶିରଭୂଷଣ । ଜାଜ୍ଜ୍ୱଲ୍ୟ-ଅତି ଉଜ୍ଜ୍ୱଳ । ସାଧିତ-କରଣ । ସ୍ରବ ଝରଣା । ରହୁଟେ ତୋରଣ—ରହୁର ଫାଟକ ।
୮ । ବନ୍ଦ ଆବାସ—କାନର ଶୋଭାବର୍ଦ୍ଧକ ଅଳଙ୍କାର, ବନ୍ଦୀ ଘର । ସୁମଲ୍ଲୀକଢ଼ୀ—ହୁଡ଼ମ ମଲ୍ଲୀକଢ଼ି । ହୁଡ଼ି—ଭୁଲି ।
୯ । ଭାଲ—କପାଳ । ନାଗଭୁବନେ—ପାତାଳ ପୁରରେ ।
୧୦ । ଅକ୍ଷରପନ୍ତି—ଅକ୍ଷର ଧାଡ଼ି । ଜଡ଼—ମୂର୍ଖ ।
୧୧ । ଭୃକୁଟି—ଚକ୍ଷୁ ଉପରସ୍ଥ ରୋମରାଜି । ବାମା—ସ୍ତ୍ରୀ ( ଏଠାରେ ଲାବଣ୍ୟବତୀ । )

କି ସୁନ୍ଦର । ଦୃଷ୍ଟି କରାଇ ସତ । ଅକ୍ଲେ ରକତ ହେବାରୁ ବ୍ୟକତ ।୧୨।
ଏ ପାଙ୍ଗେ ଗୃହିଁଲି ଅନେକ ବାର । ଆପଣା ଗାତ୍ରକୁ ନେତ୍ରକୁ ତାର ।
ଷତ ନ ଦେଖି ଲଭିଲି ତସ୍କର । ଚମତକାରରେ ଚମତକାର ।
କି ସୁନ୍ଦର । ସମେ ଆନ ଦଶି । ଏହି ପଦକ ସେ ହୋଇଲି ଘୋଷି ।୧୩।
ଯେଉଁ ନୟନରେ ଏଡ଼େ ବଢ଼ାଇ । ମୃଗକୁ ଦେଲି ନଗର ଛଡ଼ାଇ ।
ବୁଡ଼ା କର-ଦେଲା ମୀନକମଳ । ମୋ ସଙ୍ଗେ ହେଉଥାଅ ବୋଲି ଭୁଲ
କି ସୁନ୍ଦର । ପଦ୍ମ ଥିଲାକୁ ଦୋଷେ । ଦଣ୍ଡ ଦିଆଇଲା ଭୁହ୍ମନ ବଶେ ।୧୪।
ଗଣ୍ଡେ ଶନିତା ପ୍ରକାର ମକରୀ । ଏ ଅନୁମାନରୁ ଆନ ନ କରି ।
ନାସାରଥ ସଜ ହେବା ହେତୁରେ । ମଣ୍ଡିଲି କନ୍ଦର୍ପ ନିଜ କେତୁରେ ।
କି ସୁନ୍ଦର । ନାସାପୁଟେ ବେସର । ତୂଣୀରୁ ସ୍ଥିତ ରତ୍ନପୁଙ୍ଖଶର ।୧୫।
ଏମନ୍ତ ସାଜେଣି ଗୁହିଁ କି ଡର । ସ୍ୱୟମ୍ଭୂ ଶମ୍ଭୁ କୁଚ ରୂପ ଧରି ।
ଆଚ୍ଛାଦିତ ହୋଇ ଚେଳ-କବଚେ । ବାଳାରେ ଶରଣ ଉତ୍ତମ ପାଞ୍ଚେ ।
କି ସୁନ୍ଦର । ହାର ଜାହ୍ନବୀ ଦଶେ । ରୋମାବଳୀ କାଳ ଭୁଜଙ୍ଗ ପାଶେ ।୧୬।
ସୁପୁଟ ଉପମା ଉରଜେ ମଞ୍ଜୁ । ମୁକୁତାମାଳା କୁନ୍ଦ କାଳରଞ୍ଜୁ ।
ସଉବନ ରାଜା ସର୍ବସ୍ୱ ତହିଁ । ପ୍ରେମାଳଙ୍କାର ସମ୍ବନ୍ଧେ ପୂରାଇ ।
କି ସୁନ୍ଦର । କର ଘୋଡ଼ାଇଅଛି । ଜାଗ୍ରତପଣ ଲଜ୍ଜାକୁ ଦେଇଛି ।୧୭।
ନୀଳ ଜଳଦ ବିଜୁଳିକି ଭିଡ଼ି । ଥିଲି ପରି କରେ ମକତ ଚୁଡ଼ି ।
ଭୁଜେ ବାଜୁବନ୍ଧ ରତ୍ନ ମାଧୁରୀ । ନଦୀ ଲହରୀରେ କହ୍ଲାର ପରି ।
କି ସୁନ୍ଦର । ଜିଣି ଅଶୋକ କଳି । ମାଣିକ୍ୟ ମୁଦିରେ ଝଳ ଅଙ୍ଗୁଳି ।୧୮।

---

୧୨ । ଅଞ୍ଜନଲଷ୍ଟି-କଳାଗାର । ବ୍ୟକ୍ତେ-କପଟରେ । ଅକ୍ଲେ-ମଧ୍ୟମ ସ୍ଥାନରେ । ବ୍ୟକ୍ତ—ପ୍ରକଟ ବା ଦେଖା ।
୧୪ । ନଗର—ପୁର, ଦେହ । କମଳ—ପଦ୍ମ, ପାଣି । ଭୁହ୍ମନ—କାକର ।
୧୫ । କେତୁରେ-ପତାକାରେ, ଗୃହରେ । ବେସର-ନାକର ଅଳଙ୍କାର ବିଶେଷ । ତୂଣୀର-ଶର ରଖିବାର ଖୋଳ । ରତ୍ନପୁଙ୍ଖଶର-ରତ୍ନଜଡ଼ିତ ଶର ।
୧୬ । ସ୍ୱୟମ୍ଭୂ ଆପଣା ଛାଏଁ ଜନ୍ମ । ଶମ୍ଭୁ-ମହାଦେବ (କୁଚ) । ଆଚ୍ଛାଦିତ-ଘୋଡ଼ିହୋଇ । ଚେଳ କବଚେ-ରକ୍ଷାପାଇବା ବସ୍ତ୍ରରେ । ଜାହ୍ନବୀ—ଗଙ୍ଗା ।
୧୭ । ଜାଗ୍ରତପଣ—ସତର୍କପଣିଆ ।
୧୮ । ନୀଳଜଳଦ—ନୀଳମେଘ । କହ୍ଲାର—ଭଉଁ ।

ଚିବୁକ ଚତୁର୍ଥୀଚନ୍ଦ୍ର ଭ୍ରମରୀ । କଳଙ୍କ ଆସିଲା ପରା ଅଙ୍କୁର ।
ରୂପସରୀରେ ମନୋରମ ଗଳା । ବ୍ୟାଧ ବୁଦ୍ଧି କି ବ୍ୟାଧ ଏବେ କଲା ।
କି ସୁନ୍ଦର । ମନ୍ତ୍ରକପୋତ ପରଶେ । ବାନ୍ଧି ଥୋଇଛି ଗିରିପରେ କସେ ।୧୯।
ସୁନ୍ଦରୀ ଅବଳା ପଦକୁ ଛଳି । ତ୍ରିବଳୀ ବନ୍ଧନ ହୋଇଛି ବଳୀ ।
ଅଛି କି ନାହିଁ ଏ ସଂଶୟୁ ମଧ୍ୟେ । ଭାଙ୍ଗି ପଡ଼ିବାକୁ ସେ ଗୁଣେ ବାନ୍ଧେ ।
କି ସୁନ୍ଦର । ତହିଁ ଖଞ୍ଜି କିଙ୍କିଣୀ । ଏଣୁ କଟୀ ଥିବ ହେଉଛି ଜାଣି ।୨୦।
ପିନ୍ଧାଇଅଛି ବାସ କୁଞ୍ଚା ଦେଇ । ଗଢ଼ିଛି ପୁଣି ପିତୁଳା ବଧାଇ ।
ନାଭି ଆଦି ତନୁମାନେ ତାହାର । ଗୁଳ୍ଫ ପର୍ଯ୍ୟନ୍ତ ନୋହିଲା ଗୋଚର ।
କି ସୁନ୍ଦର । ତହିଁ ଦିଶୁଛି ପାଦେ । ସ୍ଥଳ ସରସିଜ ଶୋଭାରେ ନିନ୍ଦେ ।୨୧।
ତୋଡ଼ର ଚୂଳୀ ମୃଗମଦଚିତା । ପଣ୍ଟିମାଣୀ ଝୁଣ୍ଟିଆରେ ରଞ୍ଜିତା ।
ହୋଇଛି ବ୍ୟକ୍ତ ଅଲକ୍ତ ରଙ୍ଗରେ । ଚରଣ ରକ୍ଷଣ ଅନୁରାଗରେ ।
କି ସୁନ୍ଦର । ଚରଣକୁ ବାଳାର । ଶରଣ ଅର୍ଥରେ ପ୍ରସାରୁ କର ।୨୨।
ମିହିକହେ ନୋହେ ଲାବଣ୍ୟଧାମା । ଆସିଅଛି ସିନା ପ୍ରତିପ୍ରତିମା ।
ସନ୍ନ୍ୟାସୀ ଭାସିଲା ସେହି କାଳକୁ । ହେମା ସୁନ୍ଦରମା ତୁଳ ତିଳକୁ ।
ହେ ସୁନ୍ଦର । ଅଙ୍ଗେ ଅଙ୍ଗେ ଏହାର । ନିର୍ମାଣି ସିନା ଅଛି ରୂପକାର ।୨୩।
କୁମାର ଦମ୍ଭକୁ ଭଣ୍ଡା ଦଶିଲା । ବଣ୍ଟୁର ସବ ସୂତ ଭାଷିଲା ।
ସୁବର୍ଣ୍ଣ ସୀତାରେ ବଶ ଶ୍ରୀରାମ । ଯାହାର ଯହିଁରେ ବଳଇ ପ୍ରେମ ।
କି ଗୋସାଇଁ । ଏଥୁ ଅଧିକ ବେଳ । ଆମ୍ଭ ବଣ୍ଟୁରେ ନାହିଁ ଏହା ତୁଲ୍ୟ ।୨୦।
ନୃପଜ ବୋଲେ କିମ୍ପା ନୋହିଥିବ । ଅଙ୍ଗବେ କଲା ସେ କାମ ସଜୀବ ।
ସଜୀବ ବିଶେଷେ ରୂତୁରୀ ଯେଣ । ଶୋଭା ହୋଇଥିବ ନବଯୌବନା ।
କି ସଙ୍ଗାତ । ନୟନର କି ତପ । ଦେଖିଲାଟିକି ସେ ବାଳା ସ୍ୱରୂପ ।୨୫।
ଏରୂପେ ବୋଲି କରିବାକୁ ଧ୍ୟାନ । ହାର ହେଲା ଗନ୍ଧ ଦେବାକୁ ଯେଣ ।
ପ୍ରାଣସି ତ ଆଜ ନ ରଖିବ ମାର । ଏହି କଥା ହେଲା ଏଥିର ସାର ।
କି ସଙ୍ଗାତ । ଅମ୍ଭ ସୁକୃତ ରାଶି । ପିତୁଳା ଆଣିଲା ହୋଇ ତପସ୍ୱୀ ।୨୬।

---

୧୯ । ଭ୍ରମରୀ—ଭ୍ରମରାକୃତ ଚିତା । କଳଙ୍କ—ଚିହ୍ନ । ଅଙ୍କୁରି-ଜାତ ହୋଇ ।
୨୧ । ଗୁଳ୍ଫ ଗୋଇଠି । ସ୍ଥଳସରସିଜ ସ୍ଥଳପଦ୍ମ ।
୨୨ । ଅଲକ୍ତ—ଅଲତା । ପ୍ରସାରୁ—ଲମ୍ବାଉ ।
୨୩ । ଲାବଣ୍ୟଧାମା—ସୌନ୍ଦର୍ଯ୍ୟର ସ୍ଥାନ । ରୂପକାର ଚିତ୍ରକାର ।
୨୫, ୨୬ । ଅଙ୍ଗବେ—ଜୀବସ୍ଥାନକୁ । ଗନ୍ଧ—ଅଗ୍ରାହ୍ୟ, ଉପାୟ । ସୁକୃତରାଶି—ପୁଣ୍ୟବନ୍ତ ।

ଯାରକୁ ଉଚ୍ଚାଟ କରି ସନ୍ନ୍ୟାସୀ । ଚକ୍ଷୁ ବନ୍ଧନ ମାୟାକୁ ପ୍ରକାଶି ।
ଶିଷ୍ୟ ସଙ୍ଗେ ସେହିକ୍ଷଣି ଅନ୍ତର । ପ୍ରେତେ ଅନ୍ତର୍ଦ୍ଧାନ ହେଲା ପ୍ରକାର ।
କି ସୁନ୍ଦର । ମନେ ହେଲା ଏ ଧାତା । ନୋହିଲେ ଗଢ଼ନ୍ତା କଏ ବନିତା ।୨୭।
ଚିତ୍ତୁ ନ ଛୁଟିଲା ଏହି କାତର । ମାଗନ୍ତି ସୁଗତି ସଙ୍ଗତି ବର ।
ଦମ୍ଭକୁ ହେଲା ତାହାର କାରଣ । ସ୍ୱରୂପକୁ ଲୁଣ୍ଠିପିବାରୁ ଜାଣ ।
ସେ ସୁନ୍ଦର । କଲା ଏହି ଭରସା । ପ୍ରାପତ ମୋତେ ହୋଇବ ସୁଦୃଶା ।୨୮।
ଦୃଢ଼ ପ୍ରତିମା ଚକ୍ଷୁ ନ ପିଛୁଡ଼ି । ତାତ ହକରି ପ୍ରତିବନ୍ଧ ପଢ଼ି ।
ପ୍ରତିବନ୍ଧ ପଢ଼ି ହୋଇବ କସ । ଲେଖା ହେଲା ସେ ରୂପ ପ୍ରତିଦଶ ।
କି ସୁନ୍ଦର । ଶବପଟ ତା କଲା । ସଭାରେ ବସିବା କାଳ ହରିଲା ।୨୯।
ଯୋଗୀନ୍ଦ୍ର ପ୍ରବେଶ ସିଂହଳଦ୍ୱୀପେ । ଏକାନ୍ତେ କହିଲେ ମନ୍ତ୍ରୀ ସମୀପେ ।
କର୍ଣ୍ଣାଟଦେଶ ମହୀପତି ସୁତ । କନ୍ୟାର ଅନୁରୂପେ ବର ସତ ।
କି ସୁନ୍ଦର । ଗୁଣମନ୍ଦର ସେହି । ଯାର ତୁଲ୍ୟ ହୋଇ ଜଗତେ ନାହିଁ ।୩୦।
ତାକୁ ଯେ ଦେଲା ଯୁବରାଜ ପଦ । ଜାଣିଲି ବିଧାତା ଅତି କୋବିଦ ।
ଆନ ରାଜପୁତ୍ରେ ଲୁକ ଦେଖାର । ସୁବର୍ଣ୍ଣ ରତନ ରାଶି ଚଉର ।
କି ସୁନ୍ଦର । ଜାତ କାମ ମହୀରେ । କୁମାର ଏଣୁ କହେ ବଞ୍ଚ ନତରେ ।୩୧।
ତାତ ବିବେକ ପଣେ ରାଜପଣ । ଜାଣି କରନ୍ତି ତାକୁ ସମର୍ପଣ ।
ଉଚ୍ଚାଟ ହୋଇଛି ସ୍ୱରୂପ ଦେଖି । ତାକୁ ପ୍ରଦାନ କରିବା ସୁମୁଖୀ ।
କି ସୁନ୍ଦର କଥା ସଚିବ ଶୁଣି । ନୃପତି ଆଗେ ଜଣାଇଲା ପୁଣି ।୩୨।
କାହିଁଛି ସଦୃଶ ରାଜା ବୋଇଲା । ମନ୍ତ୍ରୀ କହେ କେବେ ଦେଖା ନଗଲା ।
ଭୂପତି କହେ ତାକୁ କି ପ୍ରକାରେ । ଦୂତ ନ ପେଷି ଆଣିବା ଏ ପୁରେ ।
କି ସୁନ୍ଦର । ପାଞ୍ଚ ମନ୍ତ୍ରୀ କଥନ । କରିବା ଅପୂର୍ବ ଯାତ୍ରା ରଚନ ।୩୩।

---

୨୭ । ପ୍ରେତେ-ବିଶ୍ୱାସ ।
୨୮ । ଚିତ୍ତୁ-ମନରୁ । କାତର-ବ୍ୟାକୁଳ । ସୁଗତିସଙ୍ଗତି-ଉତ୍ତମ ଅବସ୍ଥାର ମିଳନ ।
ସୁଦୃଶା—ଉତ୍ତମ ଆଖିଥିବା ସ୍ତ୍ରୀ ।
୨୯ । ହକରି-ତାକରି । ପ୍ରତିବନ୍ଧ-ବାଧା । ପ୍ରତିଦଶ-ପ୍ରତ୍ୟେକ ଦଗ, ଗୁଣଆଡ଼ ।
୩୦ । ଯୋଗୀନ୍ଦ୍ର ସନ୍ନ୍ୟାସୀ । ଏକାନ୍ତେ-ଏକୁଟିଆ ଅବସ୍ଥାରେ ।
୩୧ । କୋବିଦ-ପଣ୍ଡିତ । ବାଞ୍ଛା-ଇଚ୍ଛା ।
୩୨ । ଉଚ୍ଚାଟ—ଅସ୍ଥିର ।

ବଶ ହୋଇଛନ୍ତି ଘୋଷ ଶୁଣି ଆସୁ । ଆମ୍ଭର କନ୍ୟା ଯାଚିବା ନ ବଶୁ ।
ସର୍ବ ସମ୍ମତେ ଏହାଙ୍କର ମୂଳ । ଧାର୍ଯ୍ୟ ଦିନରେ କଲେ ଯାତ୍ରା ଗୋଳ ।
କି ସୁନ୍ଦର । ଛାନ୍ଦ ହୋଇଲା ଶେଷ । ରାମ ରାମ ପ୍ରଭୃତି ଅଭଙ୍ଗଶ୍ଳେଷ । ୩୮ ।
ତାତବତ୍ସଳ ମୁନି ବେଶଧାରୀ । ଅଧିକଭୁଜ ଦର୍ପହତକାରୀ ।
ଉପଇନ୍ଦ୍ର ବୀରବର ଭାବଇ । ଏ ଗୀତ ଶୁଭେ ଶେଷ ହେବାପାଇଁ ।
ହେ ସୁମନେ । ଶୁଣି ହୁଅ ସନ୍ତୋଷ । ଖଳ କର୍ଣ୍ଣବନେ ନୋହୁ ପ୍ରବେଶ । ୩୯ ।

---

୩୮ । ଘୋଷ-ଘୋଷଣା । ଧାର୍ଯ୍ୟ ଦିନରେ-ଦିନସ୍ଥିର । ଯାତ୍ରା-ଉତ୍ସବ । ଗୋଳ-ଚହଳ । ଅଭଙ୍ଗଶ୍ଳେଷ-ଯେଉଁ ଶବ୍ଦାଳଙ୍କାର ସହଜରେ ଭାଙ୍ଗି ହୁଏନାହିଁ, ଯାହାର ସଂଯୋଗ ସହଜରେ ନଷ୍ଟ ହୁଏନାହିଁ ।

୩୯ । ତାତବତ୍ସଳ-ପିତୃସ୍ନେହୀ । ଅଧିକଭୁଜ-ଅନେକହସ୍ତ ବିଶିଷ୍ଟ ରାବଣ । ଦର୍ପ ଅହଙ୍କାର ଅର୍ଥାତ୍ ପିତୃ ସତ୍ୟ ପାଳି ଋଷିବେଶ ଧାରଣ କରି ଯେ ରାବଣର ଗର୍ବକୁ ଖର୍ବ କରିଥିଲେ । କର୍ଣ୍ଣବିଲ କାନ ଗହ୍ୱର ।

## ଦଶମ ଛାନ୍ଦର ସାରକଥା

ଚନ୍ଦ୍ରଭାନୁ ସମ୍ମୁଖରେ ସନ୍ନ୍ୟାସୀ ଲାବଣ୍ୟବତୀର ଚିତ୍ରପଟ ଫେଡି ଫେଡ଼ି ଦେଖାଇବାରୁ ଚନ୍ଦ୍ରଭାନୁ ଲାବଣ୍ୟବତୀ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଏକାବେଳକେ ମୋହଗ୍ରସ୍ତ ହୋଇ ପଡ଼ିଲେ । କିପରି ଲାବଣ୍ୟବତୀଙ୍କୁ ପାଇବେ ଏଥିପାଇଁ ଅତି ଉତ୍କଣ୍ଠିତ ହୋଇ ପଡ଼ିବାରୁ ସନ୍ନ୍ୟାସୀ ଏହିକଥା ଆପଣାର ବିବେକ ବଳରେ ବୁଝିପାରି ସେଠାରୁ ଅନ୍ତର୍ଦ୍ଧାନ ହେଲାଭଳି ସିଂହଳ ଦେଶକୁ ପଳାଇ ଆସିଲେ । ମନ୍ତ୍ରୀଙ୍କୁ ଏକୁଟିଆ ଦେଖିକରି କହିଲେ—"କର୍ଣ୍ଣାଟ ଦେଶ ମହୀପତି ସୁତ, କନ୍ୟାର ଅନୁରୂପ ବର ସତ, କି ସୁନ୍ଦର ଗୁଣମନ୍ଦିର ସେହି । ବୀରତୁଲ୍ୟ ହୋଇ ଜଗତେ ନାହିଁ ।" ମନ୍ତ୍ରୀ ରାଜାଙ୍କୁ ଚନ୍ଦ୍ରଭାନୁର ରୂପଗୁଣ ସବୁକଥା ବୁଝାଇ କହିଲେ । ରାଜା ଏହା ଶୁଣିସାରି କହିଲେ—ତାଙ୍କୁ କୌଣସି ପ୍ରକାରରେ ଦୂତ ନ ପଠାଇ ଏ ଦେଶକୁ ଅଣାଇବା । ଏହିକଥା ମନ୍ତ୍ରୀ ସହିତ କଥାବାର୍ତ୍ତା ହୋଇ ଏକ ଉତ୍ସବର ଆୟୋଜନ କରାଇଲେ, ଯେଉଁଥିରେ କି ଚନ୍ଦ୍ରଭାନୁଙ୍କୁ ଡାକିହାକି ଲାବଣ୍ୟବତୀଙ୍କୁ ଯାଚି ଦେବା କଥା ଲୋକେ ଜାଣିବେ ନାହିଁ । ଏହାହିଁ ହେଉଛି ଏ ଛାନ୍ଦର ବିଶେଷତ୍ୱ ।

# ଏକାଦଶ ଛାନ୍ଦ

( ଲାବଣ୍ୟବତୀର ସ୍ୱପ୍ନ ଦର୍ଶନ )

ରାଗ—ଚୋଖି

ଏଥୁଅନ୍ତେ ଶୁଣ ରସ ଗ୍ରୀଷମେ ନିଶି ପ୍ରବେଶ
ଉଦୟ ତାରା ଜୀବେଶ ହେଲେ ଆକାଶେ ।
ଚକ୍ର ସୁଦର୍ଶନ ନକ୍ର- ଛେଦନେ ହୀରକଚକ୍ର
ଫିଙ୍ଗିଛି ତାତ ସ୍ପର୍ଦ୍ଧିରେ କାମ କି ରୋଷେ ।
ବେଶ ହେବ କି ରତିବାଳୀ ।
ସ୍ଫଟିକ ପେଟୀରେ ଭରା କସ୍ତୁରୀ ଦଳ । ୧ ।
ଆଜ କି ଋକ୍ଷବତୀକ ହୋଇବ ଶଶ୍ୱ ବରିକ
ମଲ୍ଲିମାଳା ଦେଇ ବଧୂ କରଣେ ମଣି ।
ଏ କଉତ ସ୍ୱୟମ୍ବର ନାୟକ ବରିଲା ବର
ଏତେକାଳେ ଦେଖାଗଲା ଏ କଥା ପୁଣି ।
ରଜକରେ ମହୀମଣ୍ଡଳା
ତାପି ହୋଇଥିଲାକୁ ଚନ୍ଦନ ଲେପିଲା । ୨ ।

---

୧ । ତାରା ଜୀବେଶ-ଚନ୍ଦ୍ର । ନକ୍ର-କୁମ୍ଭୀର । ହୀରକଚକ୍ର-ହୀରାଚକ୍ର । ତାତସ୍ପର୍ଦ୍ଧିରେ-ପିତାଙ୍କୁ ଜିଣିବା ପାଇଁ । ଫିଙ୍ଗିଛି-ପକାଇଛି । ରୋଷେ-ରାଗରେ । ରତିବାଳୀ-ରତିରୂପକ ସ୍ତ୍ରୀ ।
ଗ୍ରୀଷ୍ମଋତୁର ରାତିରେ ଚନ୍ଦ୍ର ଆକାଶରେ ଉଦୟ ହୋଇଛି । କବି ସେହି ଚନ୍ଦ୍ରକୁ ଦେଖି ଉତ୍ପ୍ରେକ୍ଷା କରି ବର୍ଣ୍ଣନା କରୁଛନ୍ତି—ଶ୍ରୀକୃଷ୍ଣ ଯେଉଁପରି ସୁଦର୍ଶନ ଚକ୍ର ଫେଣ୍ଟି କୁମ୍ଭୀରକୁ ଛେଦନ କରିଥିଲେ—ତାଙ୍କର ପୁଅ କାମଦେବ ସେହିପରି ଗୋଟିଏ ହୀରାର ଚକ୍ର ତିଆରି କରି ବିରହିଣୀ ନାୟିକାମାନଙ୍କର ଦର୍ପ ଛେଦନ ନିମନ୍ତେ ହୀରାଚକ୍ର ରୂପକ ଚନ୍ଦ୍ରକୁ ଆକାଶକୁ ଫିଙ୍ଗିଛନ୍ତି କି ? ଆଉ ସ୍ତ୍ରୀରୂପକ ରତୀ ବେଶ ହେବାକୁ ସ୍ଫଟିକ ପେଡ଼ିରେ କସ୍ତୁରୀ ଲଗାଇ ରଖିଛି କି ?

୨ । ଋକ୍ଷବତୀ-ରାତ୍ରୀ । ଶଶ୍ୱ-ଶଶାଙ୍କ । ବର-ବରଣକର । ମହୀମଣ୍ଡଳା-ପୃଥିବୀରୂପକ ସ୍ତ୍ରୀ । ତାପି-ଉଷ୍ଣତା ରୂପକ ଯାତନା ।
ଅଥବା, ରତିବାଳୀକୁ ଚନ୍ଦ୍ରରୂପକ ପୁରୁଷ ଚନ୍ଦ୍ରକିରଣରୂପକ ମଲ୍ଲୀମାଳା ଦେଇ ବରଣ କରିବାକୁ ଆସିଛି କି ? ସବୁବେଳେ ସ୍ୱୟମ୍ବର ଦ୍ୱାରା ସ୍ତ୍ରୀ ପୁରୁଷକୁ ବରଣ କରେ । କିନ୍ତୁ ଏଠାରେ ଓଲଟା ଧରଣର ସ୍ୱୟମ୍ବର ହେଲାଭଳି ପୁରୁଷ ସ୍ତ୍ରୀକୁ ବରଣ କରୁଛି, ତେଣୁ ଏ ସ୍ୱୟମ୍ବର କଉତୁକ ଅଟେ । ଗ୍ରୀଷ୍ମଋତୁରେ ସୂର୍ଯ୍ୟକିରଣ ଦ୍ୱାରା ପୃଥିବୀ ତପ୍ତ ହୋଇଥିବାରୁ ଚନ୍ଦ୍ର ଉଦୟ ହୋଇ ଶୀତଳକିରଣ ଦ୍ୱାରା ପୃଥିବୀକୁ ଶାନ୍ତ କରିଦେଲେ ।

ଶୀତଳ ଯାହା କିରଣ　　　ପରଶରେ ସମୀରଣ
ଭଣରଣ ମିଧପଣ ସେନ କ ଏବେ ।
ବିରହୀନ୍ଦୁଣ ବିରହୀ-　　　ଠାରେ ଆଦରିଲା ସେହି
ସେ ଅଛୁ ଯା ଗର୍ଭେ ତହୁଁ ଜାତ ସ୍ୱଭାବେ ।
ସୁଂଘ ଶେ.ଇ ସୁଧାତଭୁର
ଚନ୍ଦ୍ର ଗୃହ୍ଣି ହୋଇଲା ଅଧିକେ କାତର । ୩ ।
ହାସ ନାସା ଗଣ୍ଡ ସ୍ତନ　　　ବଚନ ରମ୍ୟତା ପ୍ରୀତ
ଏକାନ୍ତ ହେବାନ୍ଧ ଯେତେ କଥା ସ୍ମରେ ।
ସ୍ୱରଭଙ୍ଗ ପ୍ରବଳରେ　　　ଭାଷା କେ ବର୍ଣ୍ଣେ ଭଉତେ
ତଥାପି ବାଳ ଭାବନା ଥାଇ ଚଣ୍ଡିରେ ।
ସବର୍ଣ୍ଣାଦ ଶବଦ ଶୁଣି
ସାଧୁ ଶୁକ ଅଇଲେକ ଦ୍ୱପଭ ଗୁଣି । ୪ ।

---

୩ । ଭଣରଣ-କନ୍ଦର୍ପ । ବରହୀ-ମୟୂର । ଶରହ୍ମ-ବାମୁକ । ସୁଂଘ ତନ୍ତୁର-ଚୁନଲପା ଅଗଣା । କାତର-ବିକଳ, ଦୁଃଖିତ ।

କବି ଏଠାରେ ଚନ୍ଦ୍ରମାର ଜ୍ୟୋତ୍ସ୍ନାସ୍ପର୍ଶରେ ବିରହର ବର୍ଣ୍ଣନା କରିବାକୁ ଯାଇ ଲେଖିଛନ୍ତି — ଚନ୍ଦ୍ର ସହିତ ଯେପରି କନ୍ଦର୍ପ ବନ୍ଧୁଭଳି କାର୍ଯ୍ୟ କରି ପବନ ସହ ଶୀତଳ କିରଣଦ୍ୱାରା ବିରହୀକୁ ବ୍ୟଥା ଦେଉଛି । ଚନ୍ଦ୍ର ଶୀତଳ ହେଲେ ମଧ୍ୟ ଏହା ବିରହୀ ପୁରୁଷକୁ ଉତ୍ତପ୍ତ ବୋଧ ହୁଏ । ଏହାର କାରଣ ନିରୂପଣ କରିବାକୁ ଯାଇ କବି କହୁଛନ୍ତି—ସମୁଦ୍ର ଗର୍ଭରୁ ଚନ୍ଦ୍ର ଜାତ ହୋଇଛି, ସମୁଦ୍ରରେ ବଡ଼ବାନଳର ସଂସ୍ପର୍ଶରେ ଆସିବା ହେତୁ ଚନ୍ଦ୍ର ବୋଧହୁଏ ଏ ଦାହିକାଶକ୍ତି ଗ୍ରହଣ କରିଛି । ଏହି ପଦରେ କବି ଶ୍ରୀହର୍ଷଙ୍କ ନୈଷଧ କାବ୍ୟଦ୍ୱାରା ପ୍ରଭାବିତ ହୋଇଥିବା ବୋଧ ହୁଏ । ଯଥା—

“ଅସ୍ମି ଭଧୋ ପରିସ୍ଫୁଟ ଗୁବେବିଭୂତଃ
ସ୍ମ୍ରଟ୍ରମଣିଶତ ଦାହିବଦାନ୍ୟତା
ଗ୍ଲପିତ ଶମ୍ଭୁଗଳାତ୍ ଗରଳଦ୍ୱୟା
ଜମ୍ବୁଦଧୌ ଜଡ଼ବା ବଡ଼ବାନଳତ୍ ॥”

ଏହିଭଳି ଅବସ୍ଥାରେ ଚୂନଲପା ଅଗଣା ଉପରେ ଲାବଣ୍ୟବତୀର କଥା ଭାବି ଭାବି ତନ୍ଦ୍ରା ଶୋଇଥିଲା, ନୂତନ ଚନ୍ଦ୍ର ଦର୍ଶନରେ ତାର ବିରହ ବହୁଗୁଣରେ ବୃଦ୍ଧି ପ୍ରାପ୍ତ ହୋଇଛି ।

୪ । ଗଣ୍ଡ–ଗାଲ । ସାଧୁ-ଆସ୍ଥିର ବ୍ୟବହାର, ସ୍ୱଭାବ । ରମ୍ୟତା-ସୁନ୍ଦରତା, ମଧୁରତା ।

ଯେମନ୍ତ ଦେଖିଛୁ ଭଟେ          ଯେମନ୍ତ ଦଶଇ ନେଟେ
ତେମନ୍ତେ ଲଭିବ ମୂଳ ବସ୍ତୁର ଏହି ।
ଯେବେ ଏ ଯୁବା ବୟସେ          ଉର୍ବ୍ୟରମା ନାହିଁ ପାଶେ
କି ଲଭ ଚତୁଂ ନୃପତି ସମ୍ପତ୍ତି ଥାଇ ।
ଆରତେ ଯେ ଶାନ୍ତଲ ଶିବ
ତାକୁ ଦେଖାଅ ନୋହିଲେ ଯାଉ ଏ ଜୀବ । ୫ ।
ତେଣେ ନୃପତିନନ୍ଦନା          ରୁଚିରତର ସୁଦନା
ସଙ୍ଗିରେ ମଣ୍ଡି ସୁଦନା ଚନ୍ଦ୍ରକୁ ବୁଝି ।
ପଦ୍ମା ଦ୍ୱାର କାତର          ଭଜି ମଦନ ବିକାର
କରଇ ଚଉତି ବସ୍ତୁର ଶାସ୍ତ୍ର ପ୍ରକାର ।
ମୋହ ସମ କରମଦ୍ୱୀନ
କାହିଁ ପତିଅଙ୍ଗ ନାହିଁ ଲଭ ଯୌବନ ।୬

---

ସ୍ୱବର୍ଣ୍ୟବତୀର ବିରହ ବେଦନାରେ ଚନ୍ଦ୍ରଭାନୁ ଏକାବେଳେ ଅଧୀର ହୋଇ ଭାବୁଛନ୍ତି—ସ୍ୱବର୍ଣ୍ୟବତୀର "ହାସ, ନାସା, ଗନ୍ଧ, ସ୍ୱର, ବଚନ, ରମ୍ୟତା, ପ୍ରୀତି, ଏକାନ୍ତ" ଦେହବାଦ ଅନେକ କଥା। କବିଏହି ପଦରେ ଥିବା ପ୍ରତ୍ୟେକ ଶବ୍ଦର ଆଦ୍ୟଅକ୍ଷରକୁ ମିଶାଇ ଅର୍ଥାଲଙ୍କାର ଭାବରେ ସୂଚାଇଛନ୍ତି ଯେ — "ହା ନାଗରୀ ବର ପ୍ରିୟେ" । ଏହିକଥା ରସିକଶ୍ରେଷ୍ଠ ଚନ୍ଦ୍ରଭାନୁ ଏବୁକେଲେ ଭାବୁଛି ।
କୌଣସି ଲେଖ 'ସ' ବର୍ଣ୍ଣାଦି ଶବ୍ଦ ଉଚ୍ଚାରଣ କଲେ'ସାଧୁ ଶୁକ' ଆଗରେ 'ସ'ବର୍ଣ୍ଣ ଥିବାରୁ ଚନ୍ଦ୍ରଭାନୁ ମନେକରେ ସେହି ସାଧୁ ଶୁକ ଆସିଲେ କି ?

୫ । ଉର୍ବ୍ୟରମା-ସୁନ୍ଦରୀ ସ୍ତ୍ରୀ ।

୬ । ରୁଚିରତର-ଅତ୍ୟନ୍ତ ସୁନ୍ଦର । ସୁଦନା-ଚନ୍ଦ୍ର କିରଣ, ସମତଳ ସଦୃଶା । ଉଚ୍ଚ-ଲକ୍ଷଣ । ପଦ୍ମିନୀ-ଉତ୍କୃଷ୍ଟ ସୁନ୍ଦରୀ, ଯଥା—

କମଲନୟନଯୁକ୍ତା କ୍ଷୁଦ୍ର ରନ୍ଧ୍ରା ଚ ନାସା, କୃଶତନୁ ମୃଦୁବାକ୍ୟ ଦୀର୍ଘକେଶୀ ଶୁଭାଙ୍ଗୀ ।
ପରହୃତମଙ୍ଗଯୁକ୍ତା ପଦ୍ମଗନ୍ଧା ସୁବେଶା, ଅଳରଲଳିତମୁଗ୍ଧା କୀର୍ତ୍ତିତା ପଦ୍ମିନୀ ସା ॥

ଅର୍ଥାତ୍—ଯେଉଁ ରମଣୀର ନୟନଯୁଗଳ ପଦ୍ମଫୁଲପରି, ନାସା ରନ୍ଧ୍ର କ୍ଷୁଦ୍ର, ତନୁ କୃଶ ବା ପତଳା, ବାକ୍ୟ ମୃଦୁ ମନୋହର, କେଶ ଦୀର୍ଘ, ଅଙ୍ଗ ଗୌରବର୍ଣ୍ଣ ଏବଂ ଯେଉଁ ନାରୀ ପରହୃତ ପରାୟଣା, ଯାହାର ଶରୀରର ଗନ୍ଧ ପଦ୍ମପରି ସୁବାସଯୁକ୍ତ, ଲଳିତ ମୁଗ୍ଧକ ଧନ ସନ୍ନିବିଷ୍ଟ ଓ ଅଙ୍ଗ ପାଣି ଅତି ସୁନ୍ଦର ସେହି ରମଣୀ ପଦ୍ମିନୀ ।

ସୁବର୍ଣ୍ଣ ସମାନ ନାରୀ ବନସ୍ତ୍ରୀ ଅଙ୍ଗଣା ପର
ବରହ ଅନଳେ ହୋଇଥାଇ ଯେ ବନ୍ଧୁ ।
ଭାବଜଳସୁକ୍ତବଶେ କୋଳ କଷଟିରେ କଷେ
ପରଶ ରସାଣ ପ୍ରୀତି ବାନ ବଢ଼ାଇ ।
କାମ କର କରଇ ଭୋଗ
ବଣିକ ଗୁଣିକ ପ୍ରିୟ ବନ୍ଧୁ ସବଗ । ୭ ।
ଦୁର୍ଗା ମୋ ଦୁର୍ଗତି ହର ଏମନ୍ତ ବ୍ୟାକୁଳ ତାର
ହରଉମା ଦୟା କଲେ ସେ ନାରୀ ପ୍ରଂସେ ।
ନିଦ୍ରାବଶରେ ସ୍ୱପନ ଦେଖିଲେ ସତ ବିଧାନ
ଏକ ଯୋଗିନୀ ପ୍ରବେଶ କୁମାର ପାଶେ ।
କର ଧରି ନିଦ୍ରା ଭାଙ୍ଗିଲା
ଗମନମାର୍ଗେ କୁମାରୀ ପୁରକୁ ନେଲା । ୮ ।
ବୋଇଲା ଲାବଣ୍ୟବତୀ ଅଟଇ ଏହୁ ଯୁବତୀ
ଗୃହମାଟରେ ଶୋଇଛୁ ଯେ ପଲ୍ୟଙ୍କ ପର ।
ସଖୀ ବେଢ଼ି ଚଉପାଶେ ଜ୍ଞାନହୀନ ନିଦ୍ରାବଶେ
ମନାଇ ପାରିଲେ ଭୋଗ କର ନାଗର ।
ଏତେ କହି ହେଲା ଅନ୍ତର
ଶୋଭା ଦେଖି ଲୋଭ ହୋଇ ଭଣ୍ଡ କୁମର । ୯ ।
ମନେ ପାଞ୍ଚେ ମଞ୍ଚେ ଜାତ କାହିଁକି ଏ ଅଦଭୁତ
ଏବେ ଜାଣିଲି ମୋହର ନୟନ ଭାଗ୍ୟେ ।
ଏ ବର୍ଣ୍ଣି ସ୍ୱବର୍ଣ୍ଣିକମ ହୁଅନ୍ତା କି ତାରତମ
ଭିନ୍ନ ଜାଣି ହେଲା ପିଣ୍ଡା ରତନ ଯୋଗେ ।
ହରଷ ଏମନ୍ତ ସ୍ୱରୂପ
ଏତେକାଳଯାଏ ହୋଇଥିଲା ଏ ଗୋପ୍ୟ । ୧୦ ।

---

୭ । ରସାଣ-ଶାଣପକ୍ୱ, ଉଜ୍ଜ୍ୱଳୀକୃତ । ବାନ-ତେଜ, କାନ୍ତି ।

୯ । ଜ୍ଞାନହୀନ-ଚେତାଶୂନ୍ୟ ।

୧୦ । ସ୍ୱବର୍ଣ୍ଣିକମ-ସୁନାର ଶିଳ୍ପଯୁକ୍ତ କାମ । ଗୋପ୍ୟ-ରକ୍ଷଣୀୟ, ଅପ୍ରକାଶ୍ୟ ।

ଏକା ଏ ନୋହ ହରଷ    ପୁଣି ମଣିଛୁ ସରସ
ମିଳନ୍ତି ଶୋଭା ବିଶେଷ ଦୀପ୍ତି କି ସେନା ।
ସୁବାସ ମନ୍ଦିର ଏହି    ଦିଶୁଅଛି ବ୍ୟକ୍ତ ହୋଇ
କହିଲା ସୁକୃତ କରିଥିଲା ଅବସ୍ଥା ।
ଭାବ ହାବ ଲୀଳା ପ୍ରସନ୍ନ
ତୁଅନ୍ତି ଯାହା ପ୍ରସାଦେ ସେ କି ସମାନ ।୧୧।
ଅଣିମାଦି ସୁଖଦାୟୀ    ଶୋଇଅଛୁ ଅଣିଆଇଁ
ପଲ୍ୟଙ୍କ ଅଙ୍କରେ ଜାଣେ ଏମନ୍ତ ଶୋଭା
ଦିଶାଣ ରଜତବାଟେ    କନକଲତା କି ଲଟେ
ବିଶଦ ଘନରେ କି ସେ ଚପଳା ପ୍ରଭା ।
ବାମକର କପୋଳତଳ
କେନ୍ଦୁପତ୍ରିକେ ଥୁଆ କି ଫୁଲ କମଳ ।୧୨।
କୁଞ୍ଚିବାରୁ ଶୋଭାନେତ୍ର    କି ନୀଳେନ୍ଦୀବରପତ୍ର
ଢଳଟାଇ ଦର୍ପଣେ ଥୋଇଛି କୁତୁକେ ।
କି ଅବା ଖଞ୍ଜନ ଯୁଗ    ନିଶ୍ଚଳ ହେବାରୁ ଯୋଗ
ଅଞ୍ଜନ ଅଠାକାଠିରେ ଏକାବେଳକେ ।
ମୀନରାଶି ଉଦୟ ଆସି
ମୃଗାଙ୍କଅଙ୍କରେ ହେଲା ପରାୟ ଦିଶି ।୧୩।

---

୧୧। ଦୀପ୍ତି-ଶୋଭା, କାନ୍ତି । ସୁବାସ-ଉତ୍ତମ ବାସସ୍ଥାନ । ମନ୍ଦିର-ନଗର । ଭବ-କାମ ବିକୃତ ମନର ଅବସ୍ଥା, ଅନୁରାଗ । ହାବ-ଶୃଙ୍ଗାରଜନିତ ବିଳାସ । ଲୀଳା-ପରିହାସ । ପ୍ରସନ୍ନ-ଶାନ୍ତ । ପ୍ରସାଦେ-ଅନୁଗ୍ରହରେ ।

୧୨। ଅଣିମା-ଅଷ୍ଟୈଶ୍ୱର୍ଯ୍ୟ । ରଜତବାଟେ-ରୁପା କାନ୍ଥରେ । ବିଶଦ-ନିର୍ମଳ । ଘନରେ-ମେଘରେ । ଚପଳା ପ୍ରଭା-ବିଜୁଳି ପ୍ରଭାପରି । କେନ୍ଦୁପତ୍ରିକେ-ଢାଁକଣା ଦେଇ ପଦ୍ମ ଉପରେ ।
ପଲ୍ୟଙ୍କ ଉପରସ୍ଥ ଧଳା ବିଛଣା ଉପରେ ସୁବର୍ଣ୍ଣବର୍ଣ୍ଣା ଅଣିଆଇ ଶୋଇଥିବାରୁ ସୁ ବୁଝ ମନେହେଉଛି ରୁପା କାନ୍ଥରେ ସୁନାଲତା ମାଡ଼ିଛି କି ? ବା ଧଳା ମେଘରେ ବିଜୁଳି ଝଟକୁଛି କି ?

୧୩। ନୀଳେନ୍ଦୀବରପତ୍ର-ନୀଳପଦ୍ମର ପାଖୁଡ଼ା । କୁତୁକେ-କୌତୁକରେ । ମୃଗାଙ୍କ-ଚନ୍ଦ୍ର । ଅଙ୍କ-ଦେହ, କୋଳ, ଚିହ୍ନ ।

ବାମା ବାମଦେବ ଦୁଇ — ଯେଣୁ ତ୍ରିପୁରବଳୟୀ
ବଦନକର ପୂର୍ଣ୍ଣଚନ୍ଦ୍ର ଦ୍ୱିଗୁଣ କଲେ ।
ଖଣ୍ଡେ ଖଣ୍ଡେ ଭାଲଦେଶେ — ଶୀରଣ ପ୍ରକାଶ ଆଶେ
ନିଶ୍ଚେ ପ୍ରମୋଦମାନସେ ଆଣି ବନ୍ଧିଲେ ।
ବେଣୀଅଛି ଚନ୍ଦନପାଟି
ଲୋକନେ ଏହି ଉପମା ମନେ ପ୍ରକଟି । ୧୪ ।

ଝିଲମିଲମାନ ଯାନ — ପବିତ୍ରେ ଅତି ଶୋଭନ
ମାର ମଙ୍ଗଳ ପଲ୍ଲବ ତୋରଣ ପରି ।
କଳୁଷ କୁନ୍ତଳୀ ଝୁଳ — ବାଟେ ବଳେ ଅଳିଆଳି
ପଥ ଭୁଲି କବା ଉଡ଼ିପିବାକୁ ଇଛି ।
ମୁକୁତା ସୀମନ୍ତ ଉପରେ
କାଳନ୍ଦୀ ମଧ୍ୟେ କି ବହେ ଜାହ୍ନବୀ ଧାରେ । ୧୫ ।

ଗ୍ରୀବାରୁ କରିଛି ଚୋପା — ଚୂର୍ଣ୍ଣ ଚିକୁରକୁ ଖୋସା
ବସିଛି ଯନ୍ତ୍ର ଚଉଁରୀ ରନ୍ଧ୍ର ଝାଉଁରୀ ।
ଦେହୁମୂଣ୍ଡ କୁଣ୍ଡେ ପଶି — ଗଲଣି ଶରଦଶଶୀ
କେବଳ କିରଣ ଦିଶୁଅଛି ମାଧୁରୀ ।
ଆଡ଼ଖୋସା କୁସୁମ ତୋଡ଼ି
ତାହାକାର ପର ଲୁଣ୍ଠୀଭୂତ କି ଚାରି । ୧୬ ।

ଗଣ୍ଡଖଣ୍ଡପଟେ ପଦ୍ମ- — ରାଗରାଟଙ୍କର ସଦ୍ମ
ଚନ୍ଦ୍ରପାରେ ସାନ୍ଦ୍ର ସ୍ନେହୀ ଆର୍ଦ୍ରା କି ସେ ।
ଦରେ ବିପଶ୍ଚିତ ଇତି — ସେପରି ହୋଏ ପ୍ରତୀତି
ମିଶି ଶଶୀ ଜ୍ୟୋତି ଆସି ଫୁଲେ କି ଦଶେ ।
ଜଣାଉଛି ରସିକା କର୍ଣ୍ଣ
ତୋ ଶୋଭା ଯଶ ହେଲଣି ମହୀରେ ପୂର୍ଣ୍ଣ । ୧୭ ।

---

୧୪ । ବାମଦେବ-ମହାଦେବ । ଚନ୍ଦନପାଟି-ଚନ୍ଦନ ଚିତାର ଧାଡ଼ି ।

୧୫ । ପଲ୍ଲବତୋରଣ-ଶୃଙ୍ଗାର ରୂପକ ରକ୍ତବର୍ଣ୍ଣର ଫାଟକ । କଳୁଷକୁନ୍ତଳ-ମୂର୍ଦ୍ଧ ଉପରକୁ ପଡ଼ିଥିବା ଝୋଟବାଳ । ଅଳିଆବଳି-ଭ୍ରମରଶ୍ରେଣୀ । ସୀମନ୍ତ-କେଶବୀଥି ।

୧୬ । ଚୋପା-ସ୍ମୀ । ଚୂର୍ଣ୍ଣ ଚିକୁର-ଚୂନା ଚୂନା ବାଳ । ଦେହୁମୂଣ୍ଡ କୁଣ୍ଡେ-ଗନ୍ଧ ପାଟିରେ ।

୧୭ । ସଦ୍ମ-ସ୍ଥାନ । ସାନ୍ଦ୍ର-ଅତ୍ୟନ୍ତ । ଆର୍ଦ୍ରା-ନକ୍ଷତ୍ର ବିଶେଷ ।

ଅଛୁ ବଜ୍ରମଲ୍ଲୀକଢ଼ୀ          ବିଧାତା କି ବଜ୍ରେ ଗଢ଼ି
ସୁଦଣ୍ଡ ସମାରେ ଇନ୍ଦ୍ର କର ଦେଇଛୁ ।
ଧାଇଁଣୀ ବୃତ୍ରଅସୁର          ନାଶ କରିବ ଏଥିର
ଥିରଗମନା କି ଥିର ହୋଇ ରହିଛୁ ।
କହୁଛୁ ଝଲକା ଝଲକ
ମୁଣ୍ଡି ରଖିନାହିଁ ସୁର ନେଇ ପଲକ । ୧୮ ।
ପାନ କଳ ପୂରି ଭୁଣ୍ଡେ          ଫୁଟି ବଶୁଅଛୁ ଗଣ୍ଡେ
ମୁକୁରେ ଜବାକୁସୁମ ପ୍ରତିବିମ୍ବେ କି ।
ଶ୍ୱାସବଶେ ଫୁଲେ ଘୋଣା          ତହିଁ ଲୀଳା ନାକଚଣା
ଉତ୍ଫୁଲ୍ଲ ତିଳଫୁଲକୁ ଭୃଙ୍ଗ ଚୁମ୍ବେ କି ।
ଶୋପି ଷଣ୍ଡେ ରଙ୍ଗ ଅଧରେ
ଉଦ୍ଭିନ୍ନ ପକ୍ୱବିମ୍ବେ ମନ ନ ଧରେ । ୧୯ ।
ଦନ୍ତ ଉଦଧି ମନ୍ଥନ          ଅବଲମ୍ବନ ଚନ୍ଦନ
ଲେପନ ହୋଇ ଶୋଭନ ବସନ ଗଣ୍ଡ ।
ସୁଧାକୋଷ ଦେଇ ଆଣି          ଡାଙ୍କି କି କାଚଢାଙ୍କୁଣୀ
ସ୍ୱଳ୍ପ ଦାଡ଼ିମ୍ବ ବୀଜକୁ ରଖିଛୁ ବାଳୀ ।
ସ୍ଫଟିକ ପ୍ରାସାଦ ସଦୃଶୀ
ନବଘନ କାନ୍ତି ଅଛି ତହିଁରେ ମିଶି । ୨୦ ।

---

୧୮ । ବଜ୍ର-ହୀରା । ବୃତ୍ରଅସୁର-ଅନ୍ଧକାର ରୂପକ ଶତ୍ରୁ ।

୧୯ । ପ୍ରତିବିମ୍ବ-ପ୍ରତିଫଳିତ । ଶ୍ୱାସବଶେ-ନିଶ୍ୱାସ ପ୍ରଶ୍ୱାସ ଯୋଗେ । ଫୁଲେ-ଫୁଲୁଅଛି । ଘୋଣା-ନାକପୁଡ଼ା । ଲୀଳା-କ୍ରୀଡ଼ା । ଉତ୍ଫୁଲ୍ଲ-ଆନନ୍ଦରେ ବିକଶିତ ।

୨୦ । ଉଦଧି-ସମୁଦ୍ର । ଅବଲମ୍ବନ-ପର୍ବତରୂପକ ଭଳି ହୁଏ । ଗଣ୍ଡ-ଚଟିକର । ଢାଙ୍କୁଣୀ-ଢାଙ୍କଣ, ଚାଙ୍ଗୁ, ଢାଙ୍କୁଣ । ସ୍ଫଟିକ ପ୍ରାସାଦ-ସ୍ୱଚ୍ଛ ପଥରର ଅଟ୍ଟାଳିକା ।
ଏଠାରେ ଦନ୍ତରୂପକ ସମୁଦ୍ର, ଓଷ୍ଠରୂପକ ପର୍ବତ ମନ୍ଥୁଛି । ସମୁଦ୍ର ମନ୍ଥନରେ ସୁଧା ବାହାରେ, ଏଠାରେ ଚନ୍ଦନ ବୋଲି ହୋଇଥିବା ଓ ଲୁଗା ଘୋଡ଼ାଇ ହୋଇଥିବାରୁ ସେହିପରି ଦିଶୁଛି । ଅମୃତ ଭଣ୍ଡ ହୋଇଛି ବୃତପୂର୍ଣ୍ଣ, ତା ଉପରେ ଢାଙ୍କୁଣୀ ଘୋଡ଼ାଇଲା ପରି ଲୁଗା ଘୋଡ଼ା ହୋଇଛି । କାଳେ ସମସ୍ତେ ଅମୃତକୁ ଖାଇଦେବେ ଏଥିପାଇଁ ଯେ ବଦନ ଚନ୍ଦ୍ରାକର ଅପଣା ସ୍ନିଗ୍ଧ ମୁଖରେ ସନ୍ଧି ପାଇଁ ସାଇତ ରଖିଛି ।

ଯାଞ୍ଚିଲ ବାଡ଼ ସଜାଡ଼    କଳଅଳୀ ଶଙ୍ଖଚୂଡ଼ୀ
ସୁପ୍ରୀତରେ ଶୋଭବାକୁ କାନ୍ତ ଅଧିକା ।
ସ୍ତ୍ରୀରେ ମାଟେ କରସ୍ଥିତ    ନଖେ ମଞ୍ଜୁ ମଞ୍ଜୁ ଆଭ
ଚର୍ଚ୍ଚିତ ହୋଇଛି ପୁଣି ଗ୍ରନ୍ଦ ତାରକା ।
ଭ୍ରମ୍ଭୀ ଦଣ୍ଡପାର ଉଆଇ
ବୀଣା ହେବ ଗୁଣ ଆଣି ଯାଉଛି ବହି । ୨୧ ।
ଦରଶନେ ପ୍ରେମରଙ୍ଗ    ଦଣ୍ଡେ ସଂଶୟ ଉପୁଜ
କରି ନାହିଁ ବେଣୀ ପୁଟି ବନ୍ଧୁଛି କସ ।
ସୃଷ୍ଟିଁ କଚ୍ଛପ ଜଘନ    ଭଜିଲା ସନ୍ଦେହମାନ
ଏ ତାହା ବନ୍ଧନ ରଜ୍ଜୁ କଲା ମାନସ ।
ଉରୁ ଦେଖି ଦୂରୁଁ ସେ ଲୋଷ
ମାଂସଳ ଗଉର ପକ୍ୱ ଚୂତ କି ଶୋଭ । ୨୨ ।
ଖାଡ଼ୀଧାଡ଼ ପଡ଼ କଡ଼    ଜବଡ଼େ ଗାଗା ନବାଓ
ଅଛି କେତେ ଛନ୍ଦେ ଭିଡ଼ ଅନେକ ଭଳି ।
କଳଦମ୍ଭ ଭୂଧର    ସଦନ୍ତଦ ମନୋହର
ତଉ ମତ୍ତ ଦ୍ୱିରଦ ବନ୍ଧନ ଶିକୁଳି ।
ଉପମା କୁମ୍ଭାଳକ କୂଟେ
ଶୋଭନସ୍ଥଳ ଉହିଁସା ଦେଇ ପ୍ରକଟେ । ୨୩ ।
ନିତମ୍ବ ନିଗମ ସ୍ଥାନ    ପାଶ ପାତିଛି ମଦନ
ଧରିବାକୁ ଅକ୍ଷି ପକ୍ଷୀ କରି ମମତା ।
କଲେ କି ନୟନ ମନ    ଗାଗାରେ ତାର ସଦନ
ହେଲେ ସେ ଗାଗା ସଦନ ଏ ସଂଶୟ ତା ।
ଅବକାଶ ରହିଲା ନାହିଁ
ଆଉ ଶୋଭା ଦେଖିବାକୁ ଉଚ୍ଛନ୍ନ ଯହିଁ । ୨୪ ।

---

୨୧ । ସ୍ତ୍ରୀରେ ନୀରେ-ଶଙ୍ଖ ଜଳରେ । କରସ୍ଥିତ-ହାତ ରଖିଛି ।
୨୨ । ବନ୍ଧନରଜ୍ଜୁ-ବାନ୍ଧିବା ଦଉଡ଼ି, ଚକ୍ଷୁଃସୀମାର ବେଶ, ବୃହତ୍ କଉଣି ।
୨୩ । ଜବଡ଼େ-ବହୁଳଭାବରେ । ଗାଗା-ବସ୍ତ୍ର । ନବାଓ-ମଜବୁତ୍ ଭଲ । ଭୂଧର-ପର୍ବତ । ପଞ୍ଚ-ବଜ୍ର । ମତ୍ତ ଦ୍ୱିରଦ-ପାଗଳ ହାତୀ ।
୨୪ । ନିତମ୍ବ ନିଗମ ସ୍ଥାନ-ନିତମ୍ବରୁ ନିର୍ଗମନ ହୋଇଥିବା ସ୍ଥାନ । (ନିଗମ-ଦ୍ୱାର) । ସଦନ-ଗୃହ, ସମୀପ ।

ଉଡ଼ୁ ନ ଉଡ଼ୁ ବାଲ୍ୟର ଆଶ ମୁ ଗାଢ଼ୁ ଲଗିବ
ତନୁ ଭେଳେ ଚୂର୍ଣ୍ଣିଭୂତ ଏ ଦଣ୍ଡ ଭଲ ।
ପଣ୍ଡ ଖାଦ୍ୟେ ବାଳା ମନାଇଁ ଜଣେଷ୍ଟ ନଶ୍ରେଷ୍ଠ ଇନ୍ଦ୍ର ଦେବୃ
ମନରେ ଭାବନା ଭର ଉତ୍ତମ ଶୁଣ ।
ଜାନୁ ଖଣ୍ଡ ବେଳ ଙ୍କୁ ଘଣ୍ଟ
ପୁଂସ ଉର ଲଗି କଣ୍ଠା ବଦାଣ ହୋଇ । ୧୫ ।
ଉଠି ଶଙ୍କତ୍କେ ଅଳସ କ ଶୋଭ ଭୂଷଣଲଖ
ଟେକ ହୋଏ କ ଚେଷ୍ଟକୁ ଜଣିବା ଗବେ ।
ଜାତେଷ୍ଟ ଛଷ ଭର ବେଳ ଶୋଭ ଲଗଲକୁ ଦେଖ
ଚନ୍ଦ୍ର କ ବହୁଂଷଣଷ୍ଟ ହୋଇଣ ଏବେ ।
ମୁଖ ଚୂନାବଣେ ଭଙ୍ଗଣ
ତରଙ୍ଗଙ୍ଗିତ ଲୋଚନ୍ଦ ଯେତେକ । ୧୬ ।
ଯସ୍ତ୍ରେ ତଞ୍ଜଲ ମିଳେ ଗଣ୍ଡଶା ଏଣୀ ଜ ହେ
ସର ଖାସ୍ତୁ ପାଲ ପୁଂସ ଲବେ ଶବ୍ଦଲ ।
ଦେ ଭୂଧର ସାଙ୍ଗକାର ଉପସ୍ଥନ ଅଦଷ
ସୀମନ୍ତାସ୍ତୁ ହୋଇ ଉର୍ଦ୍ଧ ବେଗେ ଭୂଞ୍ଜଲ ।,
ଲମ୍ପଟ ମୁଖ ମୁଆଇଁ ଦରେ
ଧନ୍ୟାଙ୍ଗନା ଭଲ ଖାସ୍ତୁ ଉଠିଲ ଗିରେ । ୧୭ ।
ଶଙ୍କୁଳି ଭୂତଳ ପାଶ ତାଙ୍କ ଶୁଳ ଧନୁ ଶର
ପୁଷ୍ପଭର ଜୋଡେ ଉର୍ଦ୍ଧ ଜଙ୍ଗ ଅଳ୍ପ ।
ଅଭ ଦେବତାମାନଙ୍କୁ ଜଣା ଅଣିବା ମନକୁ
ମୋହଉ ପୁତ୍ରଙ୍କୁ ଏ ସ୍ଵରୂପ ହୋଇଛି ।
ମୋର ଗୁଣୀ ସୁନ୍ଦର ଏକେବେ
ଏମନ୍ତ ଶୋଭ ବେଳାଷ୍ଟୁ ଭାବ ଲଗଉ । ୧୮ ।

---

୧୫ । ଉଡ଼ୁ ନ ଉଡ଼ୁ-'ମୋ ପ୍ରଭ' ଅନୁରକ୍ତ ହୃଦୟର ବସ୍ତୁ ବା ନ ଉଡ଼ୁ ।

୧୬ । ବହୁଂଷଣଷ୍ଟ-ଶଙ୍କୁଳର ଉଦ୍ଧ ବା ଉଙ୍କସ୍ଥଳ । ବଙ୍କତା-ବା ଉପାତ୍ତ୍ଵତାଏ । ଦାବ ଲବଙ୍ଗିତ-ଲରଙ୍ଗିତ ।

୧୭ । ଗଣ୍ଡଶା-ଗଲଛଡା । ଏଣୀ-ମୃଗୀ । ପାଷ୍ଟବାର-ସମୁଦ୍ର । ଥାଉଷ ଷଷ୍ଠି । ଖଟେନ- ବେଗରେ । ଛନେ-ଛଦ୍ମଜଗୁରେ, ଟସ୍ତୁରେ ।

ନିକଟେ ଗୋକୁଳେ ହରି "ମୋହନ ରୂପକୁ ଧରି
ଥିଲେ ନାଶ କରିଛନ୍ତି ଅବନୀଶ୍ବର ।
ଏବେ ସେବେଳେ ଅବତାର କମ୍ପା ହୋଇବ ତାଙ୍କର
କି ମୂର୍ତ୍ତିମନ୍ତ ଉପମା ଦ୍ରବ୍ୟଙ୍କ ସାର ।
ଏ ରୂପେ ବସିରୁଁ ସୁକେଶୀ
କ୍ଷୀର ନୀର ପ୍ରାୟ ମନ ପୁଷ୍ପଶେ ମିଶି । ୨୯ ।
ଏକାଳେ କର ଯୋଡ଼ିକ କରି ତରୁଣ ତିଳକ
ବୋଇଲା ହେ ଜୀବେଶ୍ବର ବିନୟ ବେନ ।
ଚରଣେ ଅଳତା ପରି ପଦ୍ମେ ପଦ୍ମେ ସ୍ଥିରପରି
ଅନୁସରି ଥିବାକୁ ମୋ ହେଉଛି ମନ ।
ମୋତେ ଦିଅ ବସନ ଭାଗ୍ୟ
ହେଲଣି ସନ୍ତ୍ରମତେ ମୁଁ କୃତାର୍ଥ ଯୋଗ୍ୟ । ୩୦ ।
ଯେବେ ମୋର ଭାଗ୍ୟ ନାହିଁ ତୋତେ କି ପାରନ୍ତି ବାହିଁ
ବିଶେଷତ ତନୁ ଛୁଇଁ ଏ କଥା ଭାବ ।
ମୋ ମତେ ମୁଁ ତୋ ସେବକ ହେଲଣି କାମପାବକ
ଜାଳିଲେ ଏହୁ ଅପଣ କାହାକୁ ଦେବ ।
ବିନୟ ପ୍ରଶଂସାକୁ ବାଣୀ
ନାହିଁ ମୁଁ କି କହିବି ତୁ ଦୟାକ୍ରମଣି । ୩୧ ।
ମିଥ୍ୟା ନୋହେ ନବ୍ରାବ୍ୟାକେ ନେଇ ସମଦାଡ଼କୁ ଯେ
ରଖିଥିଲୁଁ ପଞ୍ଚକୋଷ୍ଟ କରି ବାହାର ।
ହୃଦରେ ମନ ଓଟାଣ ଯେଣିଗଲୁ ଫିଟି କରି
ଦେଖ ମୁକୁରେ ରୁଧିରେ ହୋଏ ଜର୍ଜର ।
ହାସ ଔଷଧି ପ୍ରକାଶ
ନ କଲେ ନଯାମା ଗଲି ପ୍ରିୟା ମୁଁ ବିନାଶ । ୩୨ ।

---

୨୯ । ଅବନୀଶ୍ବର–ପୃଥ୍ବୀର ଦୋଷ । ଅବତାର-ଶରୀର ଗ୍ରହଣ କରିବା ।

୩୦ । କର ଯୋଡ଼ିକ-ହାତକୁ ଯୋଡ଼ ସମ୍ପୁଟ କରି ଅର୍ଥାତ୍ ଦୁଇ ହାତକୁ ଯୋଡ଼ି । ତରୁଣ ତିଳକ-ଯୁବକ ଶ୍ରେଷ୍ଠ ।

୩୧ । କାମପାବକ-କନ୍ଦର୍ପ ଅଗ୍ନି ।

ସେ ରମଣୀ ଚନ୍ଦ୍ରମଣି ହୋଇଲା ଏମନ୍ତ ମଣି
ସ୍ବଚ୍ଛଚନ୍ଦ୍ରେ ଦ୍ରବୀଭୂତ କଲା ନାଗର ।
ହାସ ପରଳ ଚସ୍ତ୍ରେ ଶ୍ରୀମୁଖ ପ୍ରସନ୍ନ ହୋଏ
ହେଲା କ.ଣି ବନ୍ଧ ନେଧେ ତା ସୀତ୍କାର ।
କରଧର ଶିରେ ଲଗାଇ
କୋଳ କରି ସୁରସିକ ପଲ୍ୟଙ୍କେ ନେଇ । ୩୩ ।
ବସି ବସାଇଲା କୋଳେ ଲପନ ଚୁମ୍ବି ବାଟେବେଳେ
ଜେମା କଟର ଦେଲା ବେଗେ ରତନମୁଦି ।
ଜେମା କାଢ଼ି ମୋତିମାଳା ଲମ୍ବାଇଲା ପୁଂସଗଳା
ପରସ୍ପର କରଣେ ହୋଇଲେ ପ୍ରମୋଦୀ ।
ସେ କାଳକୁ ଅସ୍ତ ଚନ୍ଦ୍ରମା
କୁମାର ସ୍ବରୂପ ବାଢ଼େ ଲେଖି ପ୍ରତିମା । ୩୪ ।
ଦେଖି ସେ ମାୟା ହଟିଲା ଘରକୁ ସ୍ବପୁରେ ନେଲା
ରଜନୀ ବନାଶ ନିଦ୍ରା ସେକାଳେ ହତ ।
ବକ୍ର କର୍ମା ନ ପଢ଼ିଲା ଏ ଦଣ୍ଡ କାହିଁକି ହେଲା
ପିଶୁନ ଧାତା କି କଲା ଦାରୁଣ କୃତ ।
ରାମ ବୋଲି ବସୁସ୍ଥ ହୋଇ
ଉପଇନ୍ଦ୍ର ବୀରବର ଏ ରସ କହି । ୩୫ ।

—*—

୩୨ । ଶଭ୍ରାବ୍ୟାତେ-ନଦ ଚ୍ଛଲରେ । ତୀକ୍ଷ୍ଣାଂଶୁ-ଚନ୍ଦ୍ର ।

୩୩ । ବୃଷ୍ଟି ଭ୍ରମିଷ୍ଣୁ ବାକ୍ୟରେ । ଚନ୍ଦ୍ରେ-ଚନ୍ଦ୍ରକଳା ଦ୍ବାରା । ଦ୍ରବୀଭୂତ-ତରଳାୟିତ ।

୩୪ । ପ୍ରମୋଦୀ-ଖୁସି, ଉଲ୍ଲାସୀ ।

୩୫ । ପିଶୁନ-କଠୋର ।

## ଏକାଦଶ ଛାନ୍ଦର ସାରକଥା

ଉକ୍ତ ଛାନ୍ଦଟି ଲାବଣ୍ୟବତୀ କାବ୍ୟ ମଧ୍ୟରେ ଗୋଟିଏ ଶ୍ରେଷ୍ଠ ଛାନ୍ଦ । ଉପେନ୍ଦ୍ର ଭଞ୍ଜଙ୍କ ସମସ୍ତ-ପ୍ରକାର ବର୍ଣ୍ଣନା ଶୈଳୀ, ଅଳଙ୍କାର ସୃଷ୍ଟି ତଥା ଶବ୍ଦ ଯୋଜନା ଏହି ଛାନ୍ଦରେ ସ୍ଥାନ ପାଇଛି । ଏହି ଛାନ୍ଦରେ ଲାବଣ୍ୟବତୀ ଓ ଚନ୍ଦ୍ରଭାନୁଙ୍କର ସ୍ୱପ୍ନମିଳନ ସଂଘଟିତ ହୋଇଛି । ଏଥିପାଇଁ କବି ଅତିମାନୁଷୀ ଶକ୍ତିର ଆଶ୍ରୟ ନେଇଛନ୍ତି । ଆରମ୍ଭରେ ସନ୍ଧ୍ୟାର ଏକ ମଧୁମୟ ଚିତ୍ର ପ୍ରଦାନ କରାଯାଇଛି । ପୂର୍ଣ୍ଣିମା ରାତିର ପ୍ରଭାବରେ ଚନ୍ଦ୍ରଭାନୁ ମନରେ କାମ ବିକାର ଜାତ ହୋଇଛି ଏବଂ ଈଶ୍ୱର ଆଜ୍ଞାରେ ତାହାଙ୍କର କାମନା ପୂର୍ଣ୍ଣଭାବେ ଚନ୍ଦ୍ରଭାନୁଙ୍କୁ ନେଇ ଲାବଣ୍ୟବତୀର ଶୟନ କକ୍ଷରେ ପହଞ୍ଚାଇ ଦେଇଛନ୍ତି । ସେଠାରେ ଲାବଣ୍ୟବତୀର ଅନୁପମ ସୌନ୍ଦର୍ଯ୍ୟର ବର୍ଣ୍ଣନା କରାଯାଇଛି । ସୁପ୍ତ ଲାବଣ୍ୟବତୀ ନିଦ୍ରାଭଙ୍ଗ ପରେ ଚନ୍ଦ୍ରଭାନୁଙ୍କୁ ଦର୍ଶନ କରୁଥିବାବେଳେ ତାଙ୍କ ହୃଦୟର ଅପରୂପ ସୌନ୍ଦର୍ଯ୍ୟ ବର୍ଣ୍ଣନା କରାଯାଇଛି । ତତ୍ପରର ଆକର୍ଷଣକୁ ଶାସ୍ତ୍ରର ଉଦାର ଦୃଷ୍ଟିକୋଣରେ ପ୍ରେମିକଯୁଗଳର ଆସନ୍ନ ମିଳନ କାଳରେ ଦୁଇଜଣଙ୍କ ବର୍ଣ୍ଣିତ ଭାବ ବର୍ଣ୍ଣାଯାଇଛି ।

ଏହାହିଁ ହେଉଛି ଏ ଛାନ୍ଦର ବିଷୟବସ୍ତୁ । ତା ଛଡ଼ା ଏ ଛାନ୍ଦର ବର୍ଣ୍ଣନା ସୃଷ୍ଟି ଲକ୍ଷ୍ୟ ଅତି ଉନ୍ନତ । ଉଦାହରଣ ସ୍ୱରୂପ—

"ଗଣ୍ଡ ଖଣ୍ଡପରେ ପଡ଼ି    ଶିଶ ତାଟଙ୍କର ଛଡ଼ି
କଣ୍ଠାରେ ସାନ୍ଦ୍ରହେମ୍ବ ଅରଣ୍ୟ କି ସେ ।
( ଅନୁପ୍ରାସ, ଉତ୍ପ୍ରେକ୍ଷାଳଙ୍କାର )

ଗାଢ଼ ଧଡ଼ି ପଡ଼ି ଜଡ଼    ନାହିଁ ଶୋଭା ନବୋଢ଼ୀ
ଅଛି କେତେ ଛନ୍ଦେ ଶଢ଼.... । (ଅନୁପ୍ରାସ)

ସୁବାସ ଗ୍ରହିଲେ ମାତ୍ର
ନାହିଁ ଫୁଲ ଧନୁ ଶର (ବର୍ଣ୍ଣନା ସୃଷ୍ଟି)

## ଦ୍ୱାଦଶ ଛାନ୍ଦ

( ଲାବଣ୍ୟବତୀର ବିଳାପ )

ରାଗ—କାମୋଦୀ

ରେବତୀ ଚତୁର୍ଥୀ ସୁବର୍ଣ୍ଣ ଶଶୀ ଦାରୁଣ ଶାରଦ ଦାଣ୍ଡୀ ଶଶ୍ୟ ତଳୁଣ ।
ମାଳ ଦୂତେ ଭାବ ନାଥ ନାଥ କୋଳ ଅତ ଉଚେ ଜନ୍ମ ଶାଳୁଣ ।
ଖୋଜେ ଅର୍ପିଲେ, ରେଚନା କଣ୍ଠ ଯେ ବନ୍ଧିଲେ ।
ଶେଷ ଲେଉଟାଇ ଜବସ୍ତ ସିଂହାଇ କର ଭାଳ ଭୂତ ସନ୍ଧାନେ । ୧ ।
ସୁନ୍ଦି ନେ ଲଭ ଚେ ଜାଣି ମୁ ନଖ୍ୟାଳ ଭଲେ ଭୁ ଏହିତ ଦାରୁଣ ।
ସୁଧାଭୂଷଣକୁ ସୁଧାଭୂଷ୍ୟ ଭୋଜନ ଯାଉଣିଲୁ ଦେଖ ଦାରୁଣ ।
ଭୁଞ୍ଜି ବସିବା,-ବେଳେ ଭୂଷଣ ଭୁଞ୍ଜି ଯାଉ ।
ଯେତେବେ ଜାଲୁ ତେବେ ଅଗ୍ନି ନ ଦେଲୁ ଏତେ ବ୍ୟାକୁଳ ଜନ୍ମା ଦେଲୁ ।୨
ଏ ବାଣୀ ଶ୍ରବଣେ ଶୁଣି ସଖୀଗଣେ ଯତ୍ନରେ ଏ ନ ଭଯନ୍ତୁ ।
ଭାରତୀରାଜ ଦମୁନାରେ ସଞ୍ଜନ ଦୁଃଖସ୍ଥି ଭୂଷଣକୁ କୁହ ।
ବାଳୀ ଉଚିତ, ବାଳକ ପରଶୁ ବୋଲାଇଲୁ ।
ପୁଣ୍ଡରୀକ ଶ୍ରୀଜାଙ୍କ ଅଗମ୍ୟ ଭୂରେ ଭାଇ ସ୍ରିଷ୍ଟ ଗାଇଲୁ । ୩ ।
କହିଲେ ନାରଣ ସାଗରେ ସ୍ନାନ କରି ଉପମରେ ଲୁଚା ନ ଭୁଟିଗ ।
କଳ୍ପ ତରୁରେ ଫଳ ନାହିଁ ଯେମନ୍ତେ ରେଖନ୍ତେ ଦଶା ଲ ଯଟିଲ ।
ଶବ୍ୟ ପୃଷ୍ଠରେ ଶାନ୍ତି ଭଣି ବସି ମୋ ପାଶ ।
ଅଙ୍ଗେ ଅଙ୍ଗେ ମେଳ ରସ ଶାଳକେଳେ ଭଞ୍ଜର ଟେଳାଇଲେ ନ ଖୋଜେ ।୪।

---

୧ । ରେବତୀ-ରେବତୀ । ଚତୁର୍ଥୀ ପାଶେ-ଯଶ ଦେଖରେ । ସୁବର୍ଣ୍ଣ-ରାଜ୍ୟରା ଉଦୟ-ଭାଳ । ବନ୍ତ ଶିଖର ଭାସ୍କର ତେଜସ୍ତ—ବନ୍ଧ୍ୟକୁ ସୁଭଦ୍ରିକାକୁ ସଜଣୀଙ୍କ ପ୍ରତି ସେଥିରେ ସ୍ନାନ ନାହିଁ । ତହୁଁ ସେ ଶେଷ ଲେଉଟାଇଲ, ସାଗର ସୁନ୍ଦର ନାଁ ବନ୍ଧ୍ୟକୁ । ତନ୍ତୁ ଓ ଭାନୁ ଭୂଷାବସ୍ତ୍ର ଗାଇଲ,—ଦେଖଣର ନ ଭୂଷା ଅଛି, ଶାଳେ ଏଠାକୁ ଖାଇଥିବେ । ତତ ତ ନେଉଳେ ବନ୍ଦର, ବାଳକ ବାଳବୃଷଭ ଟେମ୍ପରେ ଏ ଲକ୍ଷଣେ ଦେଣୁ ବାଳକୁ ସିଂହାଇଲେ । ତନ୍ତ୍ର ବସୁନ୍ଧର ପ୍ରତିପଦେ ପୁତ୍ର ଦୂତନ, ଏ ଭାଳେ ପଦ୍ମରୁପର ଦୂତ ସ୍ନାନର ଲୁଟଲେ ବ ।
୨,୩ । ଭୂଲଗ-ଦଳ । ତାର ତଳ-ବସ୍ତ୍ର ପ୍ରଭୂତ ରସ ଭଳକୁ । ବାଳୀବନ-ଶାଶୁଣରୁ । ବାଳକ-ସ୍ପର୍ଶ ।
ଭୁଞ୍ଜା-ଯୋଗ, ଭଞ୍ଜା । ଶବ୍ଦରୁ-ପଲସ୍ତର ସ୍ପର୍ଶୀକୁ ଦୂଷ ।

ଆଳି ଭାଳିଲେ ଚନ୍ଦନ ମହୀରୁହ ପରାୟେ ଏହି ଅନ୍ତଃପୁର ।
ଉରଗ କଞ୍ଚୁକେ ବେଷ୍ଟିତ ହେବାରେ ଗର୍ବେ ଦିବସେ ଭୟଙ୍କର ।
ଅଛି ଉର୍ବୀରେ, ପବନର ମାତ୍ର ସ୍ମରଣ ।
ଏ କେଉଁ ଦେବର ଗମ୍ୟ ହୋଇଥିବ କେବଳ ନ ଥିବ ମନୁଷ୍ୟ । ୫ ।
କେମନ୍ତେ ପୁଚ୍ଛିଲେ ତାଣ୍ଡବ ଛନ୍ଦକୁ ଦେଖିଛୁ ତ ଶିବ ସଦନେ ।
ତହିଁ କେଉଁ ଦେବେ କଣ ହେଲୁ ଏବେ କ ଅବା ରସିଲୁ ମଦନେ ।
ଶୁଣି ସୁନ୍ଦରୀ, ଶିର କମ୍ପାଇ କଲା ନାହିଁ ।
ଧାତ୍ରୀ ପୁତ୍ରୀ ମନ୍ତ୍ରୀ ସୁତାକୁ ପଚାରିଲା ସ୍ୱପନରେ ଭୁଲ ଜମାଇ । ୬ ।
ଚକୁର ଶୋଭ ମୁକୁର ପ୍ରତିବିମ୍ବ ଆଲିଙ୍ଗନେ ଯେବେ ଆସିବ ।
ମୃଗତୃଷ୍ଣା ଜଳ ତୃଷାକୁ ନାଶିବ ସ୍ୱପ୍ନ ତେବେ ସତ ଫଳିବ ।
କହେ ସଚିବ-ସୁତା ସବୁ ବଡ଼ ଦଇବ ।
ଜାହା ମନେ ଥିଲା ଅଗାଧ ସମୁଦ୍ର ଚଳୁ ଭିତରେ ସମାଇବ । ୭ ।
ସେ ପୁଣି ବୋଇଲା ସେଁକଥା ସେରୂପେ ଏ କଥା କୁଜ୍ଝଟିପ୍ଲବନ ।
ପବନକୁ ପାଶ ପାତ କରିଥିଲେ ସେ କାହିଁ ହୋଇବ ବନ୍ଧନ ।
ପୁଣି ସେ କହେ, ଉଷା ଅନିରୁଦ୍ଧ କେମନ୍ତ ।
ସେ ବୋଲେ ସେତ ଯଦୁପୁରେ ସେ ଥିଲା ଜାଣିଲେ ଏ କାହୁଁ ସମ୍ଭୂତ । ୮ ।

---

୫ । ମହୀରୁହ-ଗଛ । ଅନ୍ତଃପୁର-ସ୍ତ୍ରୀ ମହଲ । ଉରଗ-ସାପ । କଞ୍ଚୁକ-ସାପକାତି, କବଚ । ଗମ୍ୟ-ଆସିବା ସ୍ଥଳ ।
ସଖୀମାନେ କହିଲେ—ଚନ୍ଦନ ଗଛର ସୁବାସ ଥିବାରୁ ସାପମାନେ ତାକୁ ରକ୍ଷା କରିବା ଲାଗି ତା ଦେହରେ କବଚ ଭଳି ଥାଆନ୍ତି । ଏ ପୁରରେ ଅପୂର୍ବ ସୁନ୍ଦରୀ ରାଜକନ୍ୟା ଥିବାରୁ ଆମ୍ଭେମାନେ ସାପ-କବଚ ସଦୃଶ ଘେରିଥାଇ ରହିଛୁ । ଏ ପୁରକୁ ପବନ ଦେବତା ଯା ଆସ କରିଥାନ୍ତି । ଅଥବା ଅନ୍ୟ କେଉଁ ଦେବତା ଆସିଥିଲେ ଆସି ପାରନ୍ତି; କିନ୍ତୁ ଏଠାକୁ ମନୁଷ୍ୟ ଆସିବା ସାଧ୍ୟ ନୁହେଁ ।
। ତାଣ୍ଡବଛନ୍ଦ-ତାଣ୍ଡବ ନୃତ୍ୟକାଳରେ ଉପସ୍ଥିତ ସବୁ ଦେବତାମାନଙ୍କର ଦଳ । ଧାତ୍ରୀପୁତ୍ରୀ-ଦାସୀଝିଅ ।
୭ । ଚକୁରଶୋଭ-କେଶର ସୁନ୍ଦରତା ଯୋଗୁ ଯେ ଅତି ସୁନ୍ଦରୀ । ମୁକୁର ପ୍ରତିବିମ୍ବ ଦର୍ପଣରେ ଦେଖି ପିବା ରୂପ । ମୃଗତୃଷ୍ଣା-ମରୀଚିକା । ଅଗାଧ-ଅତି ଗଭୀର । ଚଳୁ-ଚୋପାଏମାତ୍ର ଆଚମନ କରିବା ।
୮ । କୁଜ୍ଝଟି ପ୍ଲବନ-କୁହୁଡ଼ିରେ ପହଁରିବା ।
ବାଣାସୁର ଝିଅ ଉଷାକୁ ଗୁପ୍ତଭାବରେ କୃଷ୍ଣଙ୍କ ପୁଅ ଅନିରୁଦ୍ଧ ହରଣ କରିବାରୁ ଯୁଦ୍ଧ ହେଲା, ଶେଷରେ ବାଣ ପରାସ୍ତ ହେବାରୁ ଉଷା ଅନିରୁଦ୍ଧଙ୍କୁ ବାହା ହେଲା ।

ସରମଳା ନାମେ ସଜନୀ ବୋଇଲା ଜେମାକୁ ଅନାଇଁ ମନ୍ଥାକ ।
ଆଖିଆଖିଁ ଦେଖି ନ ପାର ସଙ୍କେତ ଖେଳ ଦୃଷ୍ଟ କାହ୍ନି ପାଇଁକ ।
ନୋହେ ସ୍ୱପନ, ସତ ସୁନ୍ଦିଁ କନା ବାଳାକୁ ।
କେଉଁ ଦେବୀର ଏ ମାୟା ହେଲେ ହେବ ଲଭୁଛୁ ବଲ୍ଲଭ ଲୀଳାକୁ । ୯ ।
ଗଣ୍ଡମଣ୍ଡଳ ପାଟଳ ଚୁମ୍ବିବାରେ ତାମ୍ବୁଳବୋଳ ତ ଲଗିଛୁ ।
ପ ନବଶରେ ଉଦବାସ ବିଶେଷ ଶୋଭା ଦନ୍ତ ଷତେ ହୋଇଛୁ ।
ଚନ୍ଦ୍ର ଚନ୍ଦନ, ଠାବେ ଠାବେ ଅଙ୍ଗେ ଜଡ଼ିଛୁ ।
କାମଜାତରେ-ଉଡ଼ୁଛୁ ତରତରେ କଙ୍କଣ ପଦରେ ପୀଡ଼ିଛୁ । ୧୦ ।
ଛୁଇଁବା ବେଳରେ ଶ୍ରୀଅଙ୍ଗ ଜେମାର ଦେଇଥିବ ପିନା ଆଦରେ ।
ସେଉଁ ମୁଦ୍ରିକା-ଅନାମିକାମଣ୍ଡନ କେଣ୍ଟ ଦେଖିଛ କି ଏ ପୁରେ ।
ଯନ୍ତ୍ର ଦେଖାଇ, ଏରୂପେ ସଙ୍କେତ ନକର ।
ଏ କାଳେ ଜଣେ ସୁନ୍ଦିଁ ବୋଲେ କାନ୍ତକୁ ସେ ସଖୀ ଏ ଶିଷ ସୁନ୍ଦର ।୧୧।
ଉପମସୃଷ୍ଟି ସୃଷ୍ଟି କର ଚମ୍ପୋଷ୍ଟୀ ଦୁର୍ଲ୍ଲଭ ବଲ୍ଲଭ ରୂପକୁ ।
ଦେଖି ଭ୍ରଲଲେ ପରମେଷ୍ଠି ଗୋଟିଏ କଲ କୋଟିଏ କନ୍ଦର୍ପକୁ ।
ସବୁ ସଜନୀ, ଅନମିଷ ହୋଇ ରହିଲେ ।
ନୋହିଲେ କାହିଁକି ଜଗତମୋହିନୀ ମନକୁ ମୋହିଲ କହିଲେ । ୧୨ ।

---

୯ । ବଲ୍ଲଭଲୀଳା-ସ୍ୱାମୀସହ ଶୃଙ୍ଗାରର ଚେଷ୍ଟା ।

୧୦ । ଗଣ୍ଡମଣ୍ଡଳ-ଗାଲ ଦେଶ । ପାଟଳ-ରକ୍ତବର୍ଣ୍ଣ । ପାନବଶରେ-ପାନ ଯୋଗୁଁ ଅଧରବାସ-ଓଷ୍ଠ । ଦନ୍ତଷତେ-ଦାନ୍ତଦ୍ୱାରା ଖଣ୍ଡିଆ । ଚନ୍ଦ୍ର-କର୍ପୂର । କାମଜାତରେ-କନ୍ଦର୍ପ ଖେଳରେ, ପ୍ରେମରୂପକ ନୌକାକୁ ବାହିବାରେ କନ୍ଦର୍ପରୂପକ କାତଦ୍ୱାରା । କଙ୍କଣ ପାଦରେ ପୀଡ଼ିଛୁ-କଙ୍କଣ ଦାଗ ଗୋଡ଼ରେ ରହିଛି ।

୧୧ । ଅନାମିକା-କାଣିଆଙ୍ଗୁଠି ପାଖ ଆଙ୍ଗୁଠି । ମଣ୍ଡନ-ଭୂଷଣ । ସଙ୍କେତନକର-ଚକ୍ଷୁ ସନ୍ତୁ । କାନ୍ତ-କାନ୍ତ ।

୧୨ । ଉପମାସୃଷ୍ଟି-ସଂସାରର ତୁଳନାଯୋଗ୍ୟ ବସ୍ତୁସମୂହ । ସୃଷ୍ଟି-ତିଆରି । ଦୁର୍ଲ୍ଲଭ-ଯାହା ସହଜରେ ମିଳେ ନାହିଁ, ବିରଳ । ପରମେଷ୍ଠି-ବ୍ରହ୍ମା । ଅନମିଷ-ଏକଦୃଷ୍ଟିରେ ଅଖିପତା ନ ପ. । ଛ ।

ପ୍ରବୋଧ କଲେ ଏ ବଧିରେ ସଧୀରେ ସୁବୁଦ୍ଧିରେ ଦେଖାଇ ପ୍ରମାଣ ।
ସୁକୁମ୍ଭଜଦେ ଏହାକୁ ସ୍ତ୍ରୀ ସ୍ୱପଦେ ତୋତେ ଧାତା କଲା ନିର୍ମାଣ ।
ଆଜ ଅନରେ, ସଙ୍ଗତ ତାହୁଁ ହୁଅଇବ ।
ତୁଳାପ୍ରାୟେ ଲୁଣୀ ଅଧିକ ପଦାର୍ଥ ପଡ଼ିଲେ କି ସମ ରହିବ । ୧୩ ।
ଏ ବଚନ କର୍ଣ୍ଣ ହେଲେ ମଣ୍ଡନ କତାଇ ସେ ଶିଶୁ କହିଲା ଝୀଣକୁ ।
ସ୍ୱପନସଙ୍ଗ ପ୍ରସଙ୍ଗ ଚିନ୍ତା ତହିଁ ବୃଦ୍ଧି ଦରୁଥାଏ ଦିନକୁ ।
ଜଦା ହେବାକୁ, ଶରଧା ହୋଏ ଏହା ଲଭ ।
ପୁଣି ସେ ପୁଷ୍ପ ଘାଣକୁ ଆଇଲେ ଅଣଲେ ଅଟଳ କ ନିଦ । ୧୪ ।
କବହୁ ଅଧିକ ଧିକ କଲା କେଶ ହାସ୍ୟ ଭ୍ରୁଗଧର ସ୍ପନ୍ଦ ।
ଅସ୍ତସନ୍ଧେ ଉରଜଳ ସୁଚକ୍ର ମାର ପୁର ହେଲା ଜଣ୍ଟନ ।
ମଦା ଆକୁଳ, ଲ୍ଲନ ହୋଇଣ ଶିରତେ ।
ପ୍ରୋକ ଚ୍ୟୋକ କରି ଚନ୍ଦ୍ରକୁ କାଟିଲା ମଦନ କସାଇ କରୁତେ । ୧୫ ।
ବୋଲଇ ସଖିରେ ଦର୍ପଣ ମାଗର ସ୍ୱେଦସାଗରେ ମଜ୍ଜିଲ ।
ଅବଶ୍ୟ ଲଭିବ ଶ୍ରୀବର ବଦନକୁ ଏମନ୍ତ ଚିନ୍ତାରେ ହେଜିଲ ।
ଏତେ ବେଳକୁ, ଜୀବନ ଆଶାକୁ ତେଜିଲି ।
କାମେ ଭ୍ରମେ ପଡ଼ି ଦରମଣ୍ଡଳରେ ପ୍ରଲ ମ ଖାଇ ମୁଁ ଭୁଲିଲି । ୧୬ ।
ସିବାକୁ ଜୀବ ଶୋଚନା ହେଉନାହିଁ ଏଣୁ କଥାକୁ ମନେ ଘେନ ।
ହାସର ଶ୍ୱାସ ପିଲ କକ ବଅର୍ଥ ହେବ ମନୋହିବା ଜାଳବ ।
କୁଆ କରିବ, ଆଉ କର୍ଣ୍ଣଧାର ହୋଇବ ।
କଲ କଥା ସେହି ଅନ୍ୟଥା କରିବୁ ଏମନ୍ତ ଜାଣୁଣ କହିବ । ୧୭ ।
ସଖୀ କହନ୍ତି ଦୁଃଖ ସହି ଧୈର୍ଯ୍ୟ ହେଲେ କ ଫଳ ଲଭ ଅବଶ୍ୟ ।
ଭଣ୍ଡ ଅଭିସାର ସଙ୍ଗ କହଇବା ସବୁ ମିଳଇବ ପ୍ରାପ୍ୟସ ।

---

୧୩ । ପ୍ରବୋଧ-ଶାନ୍ତ । ସୁକୁମ୍ଭଜଦେ-ସୁକୁମ୍ଭ ସ୍ଥାନରେ । ସଙ୍ଗତ-ମିଳନ, ଯୋଗ୍ୟତା ।
୧୪ । ମ୍ଲାନ-ବୈବର୍ଣ୍ଣ ଧର୍ମ । ସ୍ୱପନସଙ୍ଗ-ସ୍ୱପ୍ନକଳିତ ସମ୍ଭାବ । ଅଟଳ-ଦୀର୍ଘ ।
୧୫ । ଧିକ-ରୁଦ୍ଧ । ହାସ୍ୟ-ସ୍ତନ । ସୁଚକ୍ର-ଚ୍ଛାମ ଭର । ଜଣ୍ଟନ-ଚୌଦ । ପ୍ରୋକ-ଅଲ୍ପ ।
୧୬ । ଶୋଚନା-ଦୁଃଖ । ବଅର୍ଥ-ବିଫଳ । ମନୋହିବା-ଇଚ୍ଛା ଜାଳବ । କର୍ଣ୍ଣଧାର-ନାବିକ ।
୧୮ । ଦୁଃଖ-କଷ୍ଟ । ଅଭିସାର-ଗମନ ସାଧନ । ପୀୟୂଷ-ଅମୃତ । ଜନ୍ମାନ୍ତି-ସୁଧା ।

ତୁ ଯେ ଭୂଷ.ଶ୍ରୀ -ସ୍ୱଚ୍ଛନ୍ଦା ତୋ ଭୂଷା ହରିବ ।
ମଙ୍ଗଳ ଚଳନେ ଉଇଁଲ୍ଲ ଘନ କି ଜଳ ବରଷା ନ କରିବ । ୧୮ ।

ଏକାଳେ ବଳୟ-ଶୋଭି କୁବଳୟ ନୟନା ମଳୟ ସମୀରେ ।
ଛଳେ ଭେରୀ ସ୍ମିତ ତୁମ୍ଭଙ୍କୁ ବୋଲୁଛି ସେହି ଗୁଣ ବନ୍ଧ ମୋଠାରେ ।
ଆହେ ପବନ, ବୋଲାଅ ଜଗଜ୍ଜୀବନ ।
ଏବେ ମୋ ଜୀବନ ନେବାକୁ ହୋଇଛ ଯଥା ସନ୍ନିପାତେ ଜୀବନ । ୧୯ ।
ଯହିଁ ତହିଁ ତୋତେ ମଧୁକାଳ ହୋଏ ଦକ୍ଷିଣ ଶବଦ ପ୍ରକଟ ।
ସେତୁ ହେତୁରେ ଯେଉଁମାନେ ରଖିଲେ କି ନିନ୍ଦିବା ସେତ ମର୍କଟ ।
ମନ୍ଦ ମରୁତ, ବୋଲୁଛି ଯେଣୁ ତନୁ ପୋଡ଼ୁ ।
ଦେବତା ହୋଇଲେ ପୁଣ ମାତାଗୁଣ ରାବଣ ପରାୟେ ନ ଛାଡ଼ୁ । ୨୦ ।

ଲାଗିଲେ କମ୍ପା ବ୍ୟଥିତ ନ କରିବୁ କାଳେ ବୋଲାଉ ଖଣ୍ଡଭୂତ ।
ଏତେକ ବିବେକ ଇନ୍ଦ୍ରର ନୋହିଲା ଦେହରୁ ହେବ ବଳବନ୍ତ ।
ଜଳ ପବନ, ଏକ ପିନା ସ୍ତୁତି ନ ଘେନ ।
ରାମଠାରୁ ଜଣାଯାଉଛି ନିଷତ ହେବ ଗଲାବେଳେ ଜୀବନ । ୨୧ ।

ପୁଣି ଶୁଣି ପିକବାଣୀ ଗୁଣି ଜଇମିନିକ ମଣି ବଜ୍ରଘାତ ।
ଚେତନାକଣେ ଅଚେତନେ ଭଣେ ଭାବେ ମୋ ହାତରୁ କେଉଁ ମହତ ।

---

ସମୁଦ୍ର ମନ୍ଥନବେଳେ ବିଷ୍ଣୁଙ୍କ ଚକ୍ରଘାତ ସହିକରି ରାହୁ ଅମୃତ ପିଇଥିଲା ।
ମଙ୍ଗଳଗ୍ରହ ଚଳିଲେ ବର୍ଷା ବେଶି ହୁଏ ।

୧୯ । କୁବଳୟ ନୟନା-ନୀଳପଦ୍ମ ଚପବର୍ଣ୍ଣିକା ସ୍ତ୍ରୀ, ହାତେ ଅଛିବଳ ଶ୍ରେଷ୍ଠ ଶ୍ରେଷ୍ଠ ଆଖି ଥିବା ସ୍ତ୍ରୀ । ଜଗତଜୀବନ-ଜଗତର ପ୍ରାଣ । ଜୀବନ-ପାଣି ।

୨୦ । ମଧୁକାଳ-ବସନ୍ତ ସମୟ । ଦକ୍ଷିଣ ଶବଦ-ଅନୁକୂଳଯୁକ୍ତ ଅର୍ଥବୋଧକ ଧ୍ୱନି, ନାୟକ ବିଶେଷର ଶବ୍ଦ । ସେତୁ-ସେତୁବନ୍ଧ । ହେତୁରେ-କାରଣରେ । ମନ୍ଦ ମରୁତ-ମୃଦୁ ପବନ । ରାବଣ ମାତାଗୁଣ-ରାବଣର ମାଆ ନିକଷା ଅସୁରୁଣୀ ଥିବ । ରାବଣ ଋଷିପୁତ୍ର ହେଲେ ମଧ୍ୟ ମା ଗୁଣରେ ବଡ଼ ଦୁଷ୍ଟ ହେଲା ।

୨୧ । ଖଣ୍ଡଭୂତ-ଖଣ୍ଡ ଅଭୂତ । ବ୍ୟଥିତ-ଦୁଃଖି । ନିଷତ-ପଶ୍ଚାତ୍‌ପଦ ।
ପବନକୁ ମାତା ଗର୍ଭରେ ଇନ୍ଦ୍ର ଅଣଚାଶ ଖଣ୍ଡ କରିଥିଲେ ମଧ୍ୟ ସେ ଅମର ହେବାରୁ ଅଣଚାଶ ରୂପଧରି ବଳବାନ ହେଲେ । ରାମଙ୍କର ସ୍ତୁତି ସମୁଦ୍ର ନ ଶୁଣନ୍ତେ ରାମ ମାରିବାକୁ ବସିବାରୁ ସମୁଦ୍ର ବାଟ ଦେଲା ।

୨୨ । ଅଚେତନେ-ଅନ୍ୟର ଅଜ୍ଞାତରେ । ଭଣେ-ଶାଠ । ଅସବ-ଅର୍ଥ । ଅଗ୍ରୁ-ଅଗ୍ରଜନ୍ମାନ୍ତ, ଦ୍ୱିଜରୁ । ଦ୍ୱିଜ-ପକ୍ଷୀ ଓ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ।

ମୁଁ ଯେ ଅବଳା, ମୋ ବଧ ଜଗତେ କଳୁଷ ।
ବକୁଳଆସବ ଅଗୁଁ ଦ୍ୱିଜ ହେଲେ ହୋଇଲୁ କି ଜ୍ଞାନ-ବିନାଶ । ୧୨ ।

ପଞ୍ଚମସ୍ୱରେ ତୋ ପଞ୍ଚଶର ଥିଲା ପଞ୍ଚତ୍ୱ ଇଚ୍ଛା କରି ମୋର ।
କଳକଣ୍ଠ ନାମ ଆଦ୍ୟବର୍ଣ୍ଣ ଏବେ ଆଶ୍ଳେଷ କଲୁ କି ଆକାର ।
ଆଗୁଁ ଜାଣି ମୁଁ, ନ ଥିଲି ଏମନ୍ତ କୋଇଲଣ ।
ବ୍ୟାଧ ପୋଷି ବଧ ଶିକ୍ଷରଥିଲେ ତୁ କମ୍ପା ଦେଖାନ୍ତୁ ବଡ଼ପଣ । ୧୩ ।

କୁସୁମଶରଙ୍କୁ ପୁଣି ବୋଲୁଅଛୁ ହତ୍ୟା ଦେବନକୁ କି ମୋହର ।
ଏ କେଉଁ ବଡ଼ାଇ ମନୁ ଜାତ ହୋଇ ମନ୍ମଥପଦ ପୁରସ୍କାର ।
ତୁ କି କେତୁକ, ଠାରୁ ଏ ଯାଷାକୁ ପାଇଲୁ ।
ପଶୁସମ୍ଭବ ଅଚେତ ଦ୍ରବ୍ୟ ସଙ୍ଗେ ସ୍ୱର୍ଗରେ ତୁଳନା ହୋଇଲୁ । ୧୪ ।

ଯେ ବୋଲେ ମାର ତାହାକୁ ତୁମ୍ଭ ମାର ନ ମାର ବୋଲେ ମୁଁ ନିରତେ ।
ମୋ ତନୁ ନାଶ କରି ବାସ କରିବୁ କାହିଁ ବିଚାର କରୁ ଏବେ ।
ଦେଖ ଅନଳ, କାଷ୍ଠକୁ ନଷ୍ଟ କରି ଲଭେ ।
ପ୍ରେତ ହେବାରୁ ପ୍ରେତପତି ସମୀପେ ନେବା ବିଚାର କରୁ ଏବେ । ୧୫ ।

ଯାହାକୁମାର ତେଜେ ସିଦ୍ଧି ନକର ଛୁଇଁବୁ ନୋହେ ଏ ବେଭାର ।
ଯାହାକୁ ମାର ତହିଁରୁ କେତେ ଭୁକ୍ତି ସ୍ଥାପିତ ହେଲାଣି ତୋହର ।
ମୁଁ ତା ଦୁହିତ୍ତି, ଏଣୁ ମୁକ୍ତିରୁ ନଷ୍ଟପ୍ରୁ ।
ପୂର୍ବରେ ଭୂତ ସ୍ୱରୂପ ହୋଇଥିଲୁ ଅନୁଚିତ ଚିତ୍ତ ଉଦସ୍ତୁ । ୧୬ ।

---

ହୋଇଲା ସ୍ୱର ଭଗ୍ନ ପଡ଼ିଲା ପରି ଜଣାଯାଏ, ବଜ୍ର ପଡ଼ିଲେ ଯେପରି ଜୈମିନିଙ୍କ ସ୍ମରଣ କଲେ ତାହା ନିବାରଣ ହୁଏ ।

୧୩ । ପଞ୍ଚମସ୍ୱରେ-କୋଇଲି ସ୍ୱରପରି ମଧୁର ସ୍ୱରରେ । ପଞ୍ଚତ୍ୱ-ମୃତ୍ୟୁ । କଳକଣ୍ଠ-କୋକିଳ । ଆଶ୍ଳେଷ-ମିଳନ, ଯୋଗ । ବ୍ୟାଧ-ଶିକାରୀ ଜାତି, ଘୁଲଣା । କଳକଣ୍ଠ ଶବ୍ଦର ଆଦ୍ୟବର୍ଣ୍ଣ 'କ' ଅକ୍ଷରରେ 'ଆ'କାର ଯୋଗ କଲେ ହେଲା—କାଳକଣ୍ଠ ଅର୍ଥାତ୍ ଡାହୁକ ।

୧୪ । ପଶୁସମ୍ଭବ-ପଶୁଠାରୁ ଜାତ । କସ୍ତୁରୀ ଯାହା-କସ୍ତୁରୀ ଯେଉଁ ମୃଗଠାରୁ ବାହାରେ ସେ ନାଶହୁଏ । ସେହିପରି କନ୍ଦର୍ପ ମନରୁ ଜାତ ହୋଇ ମନକୁ ଦହଇ ।

୧୫ । ପ୍ରେତ-ଶରୀରରୁ ଆତ୍ମା ଅଲଗା ହେବାରୁ, ଶବ । ପ୍ରେତପତି-ଯମ ।

୧୬ । ଭୁକ୍ତି-ସମ୍ପତ୍ତି । ଚିତ୍ତ-ଉଦସ୍ତ ମନରେ ଜାତ ।

ସ୍ନେହ ଲବଣ ଶମ୍ଭୁ ଶେଷକୁ ରଖିଲେ ଆପଣାର ବାଧା ସେ କଥା ।
ଶର୍ବ ସର୍ବଜ୍ଞତା କଲ୍ପ କଥା ପୁଣି କାହିଁକି କଲେ ସେ ଅନ୍ୟଥା ।
ନାହିଁ ଶୋଚନ, ହେଲେ ହେଲ ମୁଁ ହୀନମାନ ।
ପୁଣି ଜାଣିବେ ବୃଷଭୃଷ ସ୍ଥାପିବା ଉମା କଲ ଯେ ଅପମାନ ।୨୭।

କାମୀର କେଉଁ ଦେବତାରେ ବିଶ୍ୱାସ ନିଶ୍ୱାସ ଦୁଇ କଥା ନାହିଁ ।
ସିନ୍ଧୁ ଶମ୍ବରେ ସମ୍ବର ବୁଡ଼ାଇଲା ତେବେ ରହିଲୁ ଜୀବେ ତୁହି ।
ଏତେ କଷ୍ଟ ସେ ଖରଶ୍ୱ ସ ତେଜ ମଜନ ।
ଆଳୀଅଙ୍କେ ତଳ ପଡ଼ିଲା ବେଳକୁ କର୍ଣ୍ଣ ଫୁଙ୍କି କଲେ ଚେତନ ।୨୮।

ସଲ୍ଲିଳ ସିଞ୍ଚିଲେ ସଧୀରେ ବସ୍ତିଲେ ପଲ୍ଲବଶଯ୍ୟାରେ ଶୁଆଇ ।
ଦେଖିଲେ ମୃଣାଳ ବ୍ୟାଳ ମଣି ରମଣୀ ଚମକ ସୁପର୍ଣ୍ଣ ବୋଲଇ ।
କରେ ଭଜନ, ଶିବ ଶିବ ବୋଲି ବନିତା ।
ଗଳାର ହାର କରୁ କରୁ ବାହାର ଫୁଟିଫାଟି ଗଲେ ମୁକୁତା ।୨୯।

---

୨୭ । ଶର୍ବ ମହାଦେବ ।
ମହାଦେବ କାମକୁ ଭସ୍ମ କରିଥିଲେ । ଉମା ଅଭିମାନ କରିବାରୁ ପ୍ରନଷ୍ଟ କନ୍ଦର୍ପକୁ ଜୀବଦାନ ଦେଲେ ଏ ହେତୁରୁ ଯୋଗୀ ପକ୍ଷରେ ଲବଣ ସଦୃଶ ।

୨୮ । କାମୀର-କାମୁକଲୋକର । ସିନ୍ଧୁ ଶମ୍ବରେ-ସମୁଦ୍ର ଜଳରେ । ସମ୍ବର ସମ୍ବରାସୁର । କାମ ରୁକ୍ମିଣୀ କୋଳରେ ଜନ୍ମ ହେବା ସମୟରେ ସମ୍ବରାସୁର ଅନ୍ତଃପୁରଶାଳାରୁ ଚୋରାଇ ନେଇ ସମୁଦ୍ରରେ ପକାଇ ଦେଇଥିଲା, ସେଠାରେ ତାକୁ ମାଛ ଗିଳିଲା । ସେ ମାଛକୁ କେଉଟ ଧରି ସମ୍ବରାସୁରକୁ ଭେଟି ଦେଲା । ମାଛ କାଟନ୍ତେ ତା ଭିତରୁ ସୁନ୍ଦର ଶିଶୁ ମିଳିଲା । ସମ୍ବରାସୁର ବଳପୂର୍ବକ ରତିକୁ ନିଜ ସ୍ତ୍ରୀ କରିବ ବୋଲି ଘରେ ରଖିଥିଲା । ରତିକି ସେ ଶିଶୁକୁ ଦେଲା । ନାରଦ ଏ ସବୁ ବିଷୟ ରତିକୁ କହନ୍ତେ ସେଠାରେ କନ୍ଦର୍ପ ବଡ଼ ହୋଇ ସମ୍ବରାସୁରକୁ ମାରି ରତିକୁ ଉଦ୍ଧାର କରିଥିଲେ । ଏତେ କଷ୍ଟରେ କନ୍ଦର୍ପର ଜୀବନ ରହିଲା ।

୨୯ । ମୃଣାଳ-ପଦ୍ମନାଡ଼ । ବ୍ୟାଳ-ସର୍ପ ।
ଅଣ୍ଟା ହେବ ବୋଲି ପଦ୍ମନାଡ଼ ଦେଖନ୍ତେ ସାପ ମନେକରି ଚମକିଲା ସବଣକରି ସେ ଉଠି ବସିଲା, ତାର ବିରହ ବେଦନା ବେଶି ହେବାରୁ ବେକର ହାର ଗରମ ହୋଇଯିବା ହେତୁ ଫରଫର ହୋଇ ଛିଣ୍ଡି ମୁକ୍ତାସବୁ ଫାଟିଗଲା ।

ସହଚରୀଏ ତା ଚରିତ ଅନାଇଁ ଭୁରତେ ଏମନ୍ତ ବିସ୍ତର ।
ଦୂର କରିଣ ଶୁକ ସାରୀ ପଞ୍ଜରୀ ଉପାଡ଼ିଲେ ପୁଷ୍ପମଞ୍ଜରୀ ।
ଜାଳାକବାଟି, ଉଶୀର ବାଟି କଲେ ଦୂର ।
ବିସ୍ତରିଲେ ନବବଧୂ ବିଧୂ କେହ୍ନେ ନ ଦେଖିବ ଏହା ଭାବ ତ । ୩୦ ।
ଜଣେ କହିଲା ଅତି ଯତ୍ନ କରିଣ ଗୋପ୍ୟ ମନ୍ଦିରେ ରଖିଥିବା ।
କେ କହେ ଜନନୀ ହକାରି ସେ କାଳେ ହେଲେ କି ଉପାୟ କରିବା ।
କେଉଁ ସଜନୀ । ବୋଇଲା ଏ ବିଘ୍ନର ଭଲ ।
ଘାସ ଦିଆଇ ଶଶ କୁଶ ହରିବା ମାଡ଼ିବସୁ ଚନ୍ଦ୍ରମଣ୍ଡଳ । ୩୧ ।
କେ କହେ ଏ କଛୁ ନୋହେ ଗଗନକୁ କେ ପୁଣି କରିବ ଗମନ ।
ରାହୁ ଯୋଡ଼ ହେବା ନିମିତ୍ତ କରିବା ଜୟଦେବୀଙ୍କ ପ୍ରସନ୍ନ ।
ଶୁଣି ସେ ବୋଲେ, ସ୍ୱେ ଗାଧୀ ଶରୀର ଅମର ।
ସିଂହିକାସୁତ ଉଦରକୁ ଚିରିବ ପବି ହନୁମାନ ପ୍ରକାର । ୩୨ ।
ଚତୁର ସଖୀ ବୋଇଲା ସବାପର ବିସ୍ତର ଏଥିରେ ସଜନୀ ।
କି ମନ୍ତ୍ରେ ବଶ କରନ୍ତାଣି ରହନ୍ତା ଏ ପୁରେ ଦିବସ ରଜନୀ ।
ମହାମାନ୍ତ୍ରିକ, ଜନମାନଙ୍କୁ ଗୋ ପଚାର ।
ମନ୍ତ୍ରୀନନ୍ଦନା ବୋଇଲା ଏଥୁ ତନ୍ତ୍ର କମ୍ପା ବୃଥା କର ବିସ୍ତର । ୩୩ ।
ବଡ଼ ହୋଇ କସ ହୋଇବ ଅର୍ଜିଲା କର୍ମ ସିନା ଭୋଗ ହୋଇବ ।
ସାଗର ମନ୍ଥନେ ଗରଳ ପାଇଲେ ଭୋଗ କଲେଟି ମହାଦେବ ।
ଶୁଣି ଏ ବାଣୀ, ସମସ୍ତେ ବୋଇଲେ ପ୍ରମାଣ ।
ଶିରୀଷଦେହାରେ ଏହା ଅରଜିଲ୍ କଲେ ଅତି ଉଚେ କାରୁଣ୍ୟ । ୩୪ ।

---

୩୦ । ପୁଷ୍ପମଞ୍ଜରୀ-ଫୁଲଗଛ । ଚରିତ-ଆଚରଣ । ଜାଳିକବାଟି-ଝରକା ।
ଯେଉଁସବୁ ସୁନ୍ଦର ଜିନିଷ ଦେଖିଲେ କାମ ଜାତ ହୁଏ ସେ ସବୁକୁ ସଖୀମାନେ ପାଖରୁ ଦୂର କଲେ । କାରଣ, ଦବନ୍ତୁ ଆବେଶ ହେଲେ କାଳେ ପ୍ରାଣ ଯାଇପାରେ ।

୩୨ । ଜୟଦେବୀ-ବୁଢ଼ୀ ଠାକୁରାଣୀ । ସିଂହିକ ସୁତ-ରାହୁ ।

୩୩ । ସବାପର-ସବୁଠାରୁ ଶ୍ରେଷ୍ଠ । ମହାମାନ୍ତ୍ରିକ-ଝଡ଼ା ଫୁଙ୍କା କରୁଥିବା ବଡ଼ ବଡ଼ ଗୁଣିଆ ।

୩୪ । ଶିରୀଷଦେହା-ଶିରୀଷ ଫୁଲ ସଦୃଶ ଯାହାର ଦେହ ଅତି କୋମଳ (ଲାବଣ୍ୟବତୀ)

ଲାବଣ୍ୟନିଧିର କି ବ୍ୟାଧି ବୁଝି ଏ ଶବ୍ଦ ରାଜା ରାଣୀ ଶୁଣିଲେ ।
ହୋଇ ଉତ୍ସୁକ ତକ୍ଷକ ମନ୍ତ୍ରୀଙ୍କି ହକାରି କରାଇ ଆଣିଲେ ।
ଶୁଣି ସେ ଯାଇଁ, ଦେଖିଲେ ରମଣୀରତନ ।
ଜରଡା ମୃଦୁସୁଲି ଆଗେ କହିଲେ ଏ ଜ୍ୱରକୁ ଏହି ବିଧାନ । ୩୫ ।

ରସବତୀ ଏ ନ ଯୁଝିବ ଜୁଡ଼ିବ ମଧୁର ଆହାର ହୋଇଲେ ।
ଶାନ୍ତ ହେବ ଚିନ୍ତା ତାପ ସ୍ୱପ୍ନେ ଚନ୍ଦ୍ରଭାନୁରେ ଏକ ଶଯ୍ୟା କଲେ ।
ରୋଗ ବିଷମ, ରାଗଜନ୍ୟ ହୋଇ ହୋଇଛି ।
ପୁଟପାକରେ ଯେତେକ ଅଉଷଧି ଏ ଗୁଣ ନ କରିବେ କହୁଁ । ୩୬ ।

କଣ୍ଠରେ ଯେତେ ସଖି ଥିଲେ ଶ୍ରୁତିରେ ରହିଲେ ବିରସ ମନରେ ।
ଚତୁର ନାମେ ମାଳତୀ ପରବେଶ ଏହି ସମୟେ ଅନ୍ତଃପୁରେ ।
ହୃଷ୍ଟ ଭଙ୍ଗୀ, ଯେଣେ ସନ୍ନିକଟ ହୋଇଲା ।
ଯେମନ୍ତ ସୁବେଶ ପତ୍ନୀଙ୍କ ପ୍ରବେଶ ଆଉ ଛାନ୍ଦକୁ ସେ ରହିଲା । ୩୭ ।

ହେ ରାମ କାମସୁନ୍ଦର ଗୁଣବନ୍ତ ଶିଳୀମୁଖ ଧନୁ ଧାରଣ ।
ସିତାମ୍ବୁଜମୁଖୀ ପ୍ରୀତି ପ୍ରମୋଦିତ ହରି ମିହପଣ ପ୍ରମାଣ ।
ତାଣ୍ଡି ବରଦ, ବସନ୍ତି ହର ଚଉପର ।
କହେ ଉପେନ୍ଦ୍ର ଭଞ୍ଜ ଗୀରବର ଏ ଛାନ୍ଦ ଅତି ମନୋହର । ୩୮ ।

—*—

୩୫ । ଉତ୍ସୁକ-ଉତ୍କଳ । ଜରଡା ମୃଦୁସୁଲି-ବୃଦ୍ଧା ଦାସୀ ।

୩୬ । ରସବତୀ-ଶୃଙ୍ଗାର ବ୍ୟାଧି । ଚିନ୍ତା ତାପ-ଭାବନା ଜ୍ୱର । ବିଷମ-କଷ୍ଟଦାୟକ । ରାଗଜନ୍ୟ-ପ୍ରୀତି କାରଣରୁ । ପୁଟପାକ-ଶୋଧନଯୁକ୍ତ ଧାତୁମିଶ୍ରିତ ଔଷଧି ।

୩୭ । ଶ୍ରୁତିରେ-ଶୁଣିବାରେ ।

୩୮ । ଶିଳୀମୁଖ-ଭ୍ରମର, ବାଣ । ହର-ଶମ୍ଭୁ, ସୂର୍ଯ୍ୟ ।
କାମ ଯେପରି ଭଅଁରକୁ ନେଇ ଧନୁ କରିଥାଏ ରାମ ସେହିପରି ବାଣକୁ ଧାରଣ କରିଛନ୍ତି । ସୂର୍ଯ୍ୟ ଯେପରି ପଦ୍ମକୁ ପ୍ରେମ କରନ୍ତି ରାମ ସେହିପରି ସୀତାଙ୍କର ମୁଖ ପଦ୍ମକୁ ଦେଖି ଖୁସି ହୁଅନ୍ତି ।

## ଦ୍ୱାଦଶ ଛାନ୍ଦର ସାର କଥା

ସୁଖ ସାଗରରେ ମନୁଷ୍ୟ ଭାସୁଥିବାବେଳେ ତା ଉପରେ ଯଦି ଦୁଃଖର ପ୍ରହାର ହୁଏ ତାହାହେଲେ ସେ ଦୁଃଖର ଅନୁଭୂତି ଅତି ଗଭୀର ହୁଏ । ଲାବଣ୍ୟବତୀ ଏ ଛାନ୍ଦରେ ଅନୁରୂପ ଅବସ୍ଥାର ସମ୍ମୁଖୀନ ହୋଇଛି । ନାରୀ ଓ ପୁରୁଷର ପ୍ରଥମ ମିଳନ ହେଉଛି ଜୀବନର ଏକ ସ୍ମରଣୀୟ ମୁହୂର୍ତ୍ତ । ଲାବଣ୍ୟବତୀ ଚନ୍ଦ୍ରଭାନୁ ସହ ଆକସ୍ମିକ ଭାବରେ ଏହିଭଳି ଏକ ଅସରା ମିଳନର ମୁହୂର୍ତ୍ତରେ ଉପସ୍ଥିତ ହୋଇଥିଲା । କିନ୍ତୁ ବିଧିର ବିଡ଼ମ୍ବନା ବଶତଃ ଏହି ମିଳନ ସଂଘଟିତ ନ ହେବାରୁ ବିଚ୍ଛେଦ ଆସି ଉପସ୍ଥିତ ହୋଇଛି । କବି ଲେଖିଛନ୍ତି—

"ଅଙ୍ଗେ ଅଙ୍ଗ ମେଳେ ରସ ଜାତ ବେଳେ
ବିଚ୍ଛେଦ ହୋଇଲା କି ଦୋଷେ ।"

ଏହାପରେ ପୁଣି ବିରହର ଅବଶ୍ୟମ୍ଭାବୀ ପରିଣାମ ଉପସ୍ଥିତ ହୋଇଛି । ଲାବଣ୍ୟବତୀ ଅସହ୍ୟ ବିରହ ବେଦନାରେ ପୀଡ଼ିତା ହୋଇ ଜୀବନକୁ ଦୁର୍ବିସହ ମଣିଛି । ଚନ୍ଦନ, କର୍ପୂର, ଉଶୀର, ସଜଳ କେହି ତାହାର ଅନ୍ତର୍ଦାହକୁ ପ୍ରଶମିତ କରିବାକୁ ସମର୍ଥ ହେଉ ନାହିଁ । ପିକବାଣୀ ବଜ୍ରପାତ ସଦୃଶ ବୋଧ ହୋଇଛି ।

"ଶୁଣି ଶୁଣି ପିକବାଣୀ ପୁଣି ଜଳମିଜଳ ମଣି ବଜ୍ରପାତ ।"

ଶେଷରେ ଲାବଣ୍ୟବତୀର ଏହି ବ୍ୟାଧିର ନିଦାନ ନିରୂପଣ କରିବାକୁ ଆସି ବୈଦ୍ୟ କହୁଛି—

"ରସ ବିନା ଏ ନ ଘୁଞ୍ଚିବ ରୁଚିର ମଧୁର ଆହାର ହୋଇଲେ ।
ଶାନ୍ତି ହେବ ଚନ୍ଦ୍ରା ତାପ ସ୍ୱଚ୍ଛେ ଚନ୍ଦ୍ରଭାନୁରେ ଏକ ଶଯ୍ୟା କଲେ ।"

ପରିଶେଷରେ ଏତିକି କହିବା ଯେ ରୀତିଯୁଗର କାବ୍ୟମାନଙ୍କରେ ବିରହର ଏତାଦୃଶ ବର୍ଣ୍ଣନା ଅତି ପ୍ରଚୁର । ଏହାର ଆବଶ୍ୟକତା ମଧ୍ୟ ଏକାନ୍ତ । ସଂସ୍କୃତ ଆଲଙ୍କାରିକମାନେ କହିଛନ୍ତି—"ନ ବିନା ବିପ୍ରଲମ୍ଭେନ ସମ୍ଭୋଗ ପୁଷ୍ଟିମଶ୍ନୁତେ" । ବିରହ ବିନା ସମ୍ଭୋଗରେ ପୂର୍ଣ୍ଣତା ଆସେ ନାହିଁ, ତେଣୁ ଏଠାରେ ବିରହର ଅବତାରଣା । ଏହି ଆକସ୍ମିକ ବିଚ୍ଛେଦର ଅବତାରଣା ଦ୍ୱାରା ଲାବଣ୍ୟବତୀର ପ୍ରେମ ଘନୀଭୂତ ହୋଇଛି ଏବଂ ସେ ଚନ୍ଦ୍ରଭାନୁ ପ୍ରତି ଅତ୍ୟଧିକ ଭାବରେ ଆକୃଷ୍ଟ ହୋଇଛି ।

# ତ୍ରୟୋଦଶ ଛାନ୍ଦ

( ମାଳତୀର ବେଶ ବର୍ଣ୍ଣନ )

ରାଗ—କଉଶିକ, ମୁନିବର ବାଣୀରେ ଗାଇବ

ଏଥୁ ଅନନ୍ତରେ ରସ, ଶୁଣ ହେ ମାଳତୀ ବେଶ, ଟଭ୍ରଫଳ ପରି ଖୋଷା, ଖୋଷିଛନ୍ତି ଯୋଷା ଯେ । ୧ । ଗର୍ଭକ କଲା ତହିଁସ, ପ୍ରକାଶେ ରତ୍ନ ଭଉଁସ, ଖଞ୍ଜି ଅଛି ଗୋଟି ଚମ୍ପା, ଧରଇଁ କମ୍ପା ଏ ।୨। ଅନ୍ଧାର ନଶାରେ ନଭେ, ଜର୍ମିଳ ତାରା କି ଶୋଭେ, ଝଣଇ ତେମନ୍ତ ଫଗ, ଲୋଚନ-କାଗ ଏ । ୩ । ଏଥିକୁ କେଶ ବିଭଙ୍ଗେ, ଧାରା ଦେଖାଇଛି ମାଙ୍ଗେ, ଘନ ସଦ୍ଧ ଭୃଙ୍ଗଶ୍ରେଣୀ, ଅଛିକ ଜଣି ଏ । ୪ । ଲଲାଟେ ଚନ୍ଦନ ଟୋପା, ସିନ୍ଦୂର ବିନ୍ଦୁ ଶୋଭିତା, ଚନ୍ଦ୍ର କୋଳେ କି ସବିତା, ଏଣୁ ଭଙ୍ଗି ତା ଏ । ୫ । ଶ୍ରବଣେ ସ୍ୱର୍ଣ୍ଣ କୁଣ୍ଡଳ, ଦୋହଲେ ଗଣ୍ଡମଣ୍ଡଳ, ସୁବର୍ଣ୍ଣ ପାଶୀ ଉପରେ, ଝଉଁକୁ ହରେ ଏ । ୬ । ଫୁଲଗୁଣା ମାଠଗୁଣା, କରଇ ବିବେକ ବଣା, ନାସା ପୁଟକେ ପୁଟକେ, ଥାଇ ଝଟକେ ଏ ।୭। ଲଞ୍ଜି ବନ୍ଧ୍ୟାନେ କଜ୍ଜଳ, ନୟନେ ଝଶେ ଉଜ୍ଜଳ, ପଦ୍ମେ କି ଭ୍ରମର ଖେଳା, ତେମନ୍ତେ ହୋଇ ଏ ।୮। କଣ୍ଠେ ସୁନାକଣ୍ଠି ମାଳ, ପ୍ରବାଳେ ହୋଇଛି ଝଳ, ପଞ୍ଚକୁ ଛୁଟର ଫୁଲ, ମାନସ ଭୁଲ ଏ । ୯ । ଉଚ ଘଞ୍ଚ କୁଚ ବେନି, ହେଲାଣି ଯଉବନୀ, ଦେଖି ତ ନାହିଁ ଅବନୀ, ଲୋଚନ କେନି ଏ । ୧୦ । ମାରବାକୁ ସୁବାକୂଳ, କାମ କରି ଅନୁକୂଳ, ଟେକିଛି କି ଶାଢ଼ୀ ଘେର ତଥା ସୁନ୍ଦର ଏ ।୧୧। ପଦମାଳୀ ପାଟଭ୍ରତ ତାଡ଼ରେ ଭୁଜ ଯାପିତ, କାମ ଆଦ ଖଣ୍ଡ ବାନ୍ଧି, ହସ୍ତରେ ଶୋଭି ଏ । ୧୨ ।

---

୧ । ଟଭ୍ରଫଳ-ନାରଙ୍ଗ ଲେମ୍ବୁର ଫଳ ।

୨ । ଗର୍ଭକ-ଭିତରେ ପୂରାଇଲେ । ରତ୍ନଭଉଁସୀ-ସୁନାର ଭଉଁସୀ ।

୩ । ନଭେ-ଆକାଶରେ ।

୪ । ବିଭଙ୍ଗେ-ଭିନ୍ନ ଭଙ୍ଗରେ । ମାଙ୍ଗେ-ସୀମନ୍ତରେ ।

୫ । ସବିତା-ସୂର୍ଯ୍ୟ ।

୭ । ପୁଟକେ-ପୁଡ଼ାରେ ।

୮ । ଲଞ୍ଜି-ଲଞ୍ଜୁଡ଼ି ।

୯ । ଫୁଲ-ପାଟଫୁଲ ।

୧୦ । ଘଞ୍ଚ-ଲଗାଲଗି । ଯୌବନୀ-ଯୁବାବସ୍ଥାକୁ ପ୍ରାପ୍ତ ହୋଇଥିବା ।

୧୧ । ଶାଢ଼ୀଘେର-ଶାଢ଼ୀର ବେଢ଼ ବା ଶାଢ଼ୀର ଧଡ଼ି ।

୧୨ । ଯାପିତ-ଶୋଭି ।

ବାମକରର ଅଙ୍ଗୁଳି, ହିରର ମୁଦ୍ରାରେ ଝଳ, ଚରଣକେ ବଳା ପଟେ, ନାଦ ପ୍ରକଟେ ଯେ । ୧୩ । ପ୍ରପଦରେ କଂସାମୁଦ୍ରି, ଶବଦେ ଧାଇଁଯାଏ ଖେଦ, ବେଢ଼ରେ ଅଳତା ଶପ, ଅତି ହରଷ ଯେ । ୧୪ । ବ୍ୟକ୍ତ ହଞ୍ଜଣୀ ପଣନ୍ତ, ଉରୁ ଉପରେ ଲମ୍ବିତ, ବନ୍ଧନ ଛନ୍ଦନ ମାଳୀ, ମୋହନ ଛନ୍ଦ ଯେ । ୧୫ । ସୁନଉଚ୍ଚେ କଣ୍ଠ ତଳେ, ମଣିବନ୍ଧେ କରମୂଳ, ପାଦପଟେ ଚିବୁକରେ, କି ମନୋହର ଯେ ।୧୬। ହଳଦିଆଳୀ କାଳୀ ଚିତା, ଉକୁଟାଇଛି ବନିତା, ଦେହ ତ ଅତ୍ୟନ୍ତ ଗୋରା, ଚନ୍ଦ୍ରିକ ଚୋରା ଯେ । ୧୭ । ନୋହେ ଉଚ୍ଚ ଖର୍ବ ଅତି, କଥା ଏ ନୋହେ ସୁବଳି, ପୀନ ନୋହେ କ୍ଷୀଣ ନୋହେ, ଏମନ୍ତ ଦେହ ଯେ । ୧୮ । ବିବର୍ଜିତ ଗଣ୍ଠି ଶିରା, ପାଚିଲା ରସାଳ ପରା, ବସ୍ତ୍ର ଘୋଳ ସନ୍ତର, ଏଥି ଉତ୍ତର ଯେ । ୧୯ । କୁସୁମ ଗୁଙ୍ଗୁଡ଼ା କରେ, ଗୋଡ଼ାଇଛନ୍ତି ଭ୍ରମରେ, ଗଜ ପରାପ୍ତେ ମନ୍ଥର, ଗମନ ତାର ଯେ । ୨୦ । ପଣନ୍ତ ଦେଇଛି ଶିରେ, ଧରିଛି ଦକ୍ଷିଣ କରେ, ମୁଖ ହସିବାର ଛଟାରେ, କି ଶୋଭା ପାଏ ଯେ । ୨୧ । ମନ୍ତ୍ରୀସୁତା ଆଗେ ନେଇ, ସୁମନ ସମ୍ଭାର ଥୋଇ, ଧୀରେ ହର ଉମା ଆଜ୍ଞା, କହିଲା ବିଜ୍ଞା ଯେ । ୨୨ । ସତ କି ବୋଲି ପଚାରି, କେତକୀକଚ ଗଞ୍ଜରୀ, ଗ୍ରୀଷ୍ମଁକୁ ନେଇ ସରୁରେ, ପ୍ରମୋଦ ଭରେ ଯେ ।୨୩ ବୋଲେ କେମା ସାବଧାନ, ହୁଅ ଅପୂର୍ବ, ବିଧାନ, କହୁଛି ଚତୁରୀ ଆସି, ସୁଧା ବରଷି ଯେ । ୨୪ । ରମା ଶୁଣି ବୋଲେ ବର, କେମନ୍ତେ କଥା ସେ ସ୍ପଷ୍ଟ, ଶୁଣି ଆରମ୍ଭିଲା ଚତୁରୀ, ମାଳମା କହି ଯେ । ୨୫ । ତୋ ଖଟଣୀ ଫୁଲ ମୋର, ଏଣୁ ଭଲ ବାଞ୍ଛା ତୋର, ବରକୁ ମୁଁ କହୁଥାଇଁ, ହରେ ଜଣାଇଁ ଯେ । ୨୬। ଗଲା କାଲି ଚତୁର୍ଦ୍ଦଶୀ, ହୋଇଥିଲି ଉପବାସୀ, ଦେଉଳ ଭିତରେ ଯାଇଁ, ଜାଗର ଦେଇ ଯେ । ୨୭ । ବସିଥିଲି ଉଜାଗରେ, ରଜନୀ, ଅଛି ପ୍ରହରେ, ଅଳପ ଆସିଲା ତୋଳ

---

୧୩ । ଚରଣକେ-ଗୋଟାଏ ଗୋଡ଼ରେ । ପ୍ରକଟେ ବାହାରେ ।

୧୪ । ପ୍ରପଦରେ-ପାଦଆଙ୍ଗୁଠିରେ । ବେଢ଼ରେ-ପାଦର ଗୁଳିପାଖରେ ।

୧୬ । ମଣିବନ୍ଧ-ହାତର ଗଣ୍ଠି ।

୧୭ । ଉକୁଟାଇଛି-ଫୁଟାଇଛି ।

୧୮ । ଖର୍ବ-ବାଙ୍ଗର । ପୀନ-ମୋଟା । କ୍ଷୀଣ-ସରୁ । ବିବର୍ଜିତ-ନଥିବା, ପରିତ୍ୟାଗ ।

୨୨ । ସୁମନସମ୍ଭାର-ଫୁଲସବୁ । ବିଜ୍ଞା-ବିଚକ୍ଷଣା ।

୨୩ । କେତକୀକଚ ଗଞ୍ଜରୀ-କେତକୀ ଫୁଲଠାରୁ ବଳି ଅଧିକ ଗୋରୀ । ପ୍ରମୋଦଭରେ-ଅତି ଆନନ୍ଦରେ ।

୨୮ । ଉଜାଗରେ-ଅନିଦ୍ରାରେ । ଢୋଳ-ନିଦ୍ରାବେଗ, ତନ୍ଦ୍ରା ।

ଏମନ୍ତ ବୋଲ ଯେ । ୨୮ । ଇଷିତେ କଥା ସୁମର, ଏଷତି ବେଶ ଠାକୁର, ଶିରେ ଜଟା ଅର୍ଦ୍ଧ ଶଶୀ, ମଞ୍ଜୁଳ ହସି ଯେ ।୨୯। କୁନ୍ଦ କ୍ଷୀର ଦର ରୁଚ, ତେଜ ରାଜି ରହିଁ ଶୁଚ, ହୋଇଛନ୍ତି ଦିଗମ୍ବର, ଭସ୍ମ ଧୂସର ଯେ । ୩୦ । ପାର୍ବତୀଙ୍କ ବାମ କରେ, ଧରି ଅଛନ୍ତି ସ୍ନେହରେ, ଦକ୍ଷିଣ କରରେ ବେଣ, ବଜେ ତ୍ରିନେତ୍ର ଯେ । ସେ ବେନି ମୋତେ ଛୁଆଇଁ, ତକ୍ଷଣେ ମୋ ଚେତା ହୋଇ, ରହିଁ ଶିବା ଶିବ ରମ୍ୟ, କଲି ପ୍ରଣମ୍ୟ ଯେ । ୩୨ । ମୁଖ ମୃଦୁହାସେ ପୂର୍ଣ୍ଣି, କଲେ ମୋତେ ଅବଧାନ, ନୃପଜା ପାଇଁ ତୁ ମୋତେ, ଜଣାଉ କଷ୍ଟେ ଗୋ । ୩୩ । ଚନ୍ଦ୍ରମୁଖୀ ଏ ନିଶାରେ, ଶୋଇଥିଲା ଚନ୍ଦ୍ରକରେ, ମୋର ଆଜ୍ଞାରେ ଯୋଗିନୀ, ସୁରୁପେ ଘେନ ଯେ । ୩୪ । ପ୍ରବେଶ କାଳା ପାଶର, ଚହ୍ଲାଇ ଦେଇ ଅନ୍ତର, ସେ ପୁଣି ନିଦ୍ରା ଭାଙ୍ଗିଲା, ବନସ୍ତ୍ରୀ ହେଲା ଯେ । ୩୫ । ସ୍ୱମା ସୀଉକାର ବେଳେ, ଆଲିଙ୍ଗନ ହେବା କାଳେ, ଯୋଗିଣୀ ମାୟାର ବଶ, ହରିଲା ପୁଂସ ଯେ ।୩୬। ଏଣୁ ବଡ଼ହୁଡ ବ୍ୟଥିତ ହେଉଛି ଜେମାର ଜାତ, ତୁ ଯାଇ କହ ବାଳାକୁ, ଲଭିବ ତାକୁ ଯେ । ୩୭ । ମୁଁ ପୁଚ୍ଛା କଲି ଏମନ୍ତ, କେଉଁ ରାଜାର ସେ ସୁତ, ନାମ ତାର କସ ପୁଣି, କହିଲେ ଶୁଣି ସେ । ୩୮ । କର୍ଣ୍ଣାଟ କାଞ୍ଚି ନଗରେ, ଶଶିଶେଖର କୋଳରେ, ହୋଇଅଛି ସେ ଜନମ, ଲୋକାଭିରାମ ଯେ । ୩୯ । ଚନ୍ଦ୍ରଭାନୁ ତାର ନାମ, କାମିନୀମୋହନ କାମ, ରମଣୀ ତାକୁ ପାଇବ, ସୁଖୀ ହୋଇବ ଯେ ।୪୦। ସାଧୁ-ଶୁକ ବ୍ରହ୍ମବଂଶ, ପରବେଶ କାଲି ପରି, ଘେନି ତାହାର ସନ୍ଦେଶ, ହେବ ଏ ଦେଶ ଯେ । ୪୧ । ଏତେ ଆଜ୍ଞା ଦେଇ ହର, ହୋଇଲେ ବେଗୁଁ ଅନ୍ତର, ଆଉ ମୋତେ ନିଦ୍ରା ନାହିଁ, ଅଇଲି କହି ଯେ । ୪୨ । ନାମ ଶ୍ରବଣ ତାହାର, ହେଲା ଚନ୍ଦ୍ର ଦିବାକର, ସଂଶୟ ଅନ୍ଧାର ଦୂର, କଲା ତାହାର ଯେ । ୪୩ । ପୁଣି ସେ ଭଳ ପରାଏ, ଆଶାତରୁ ପଲ୍ଲବାଏ, ପ୍ରମୋଦ ପଦ୍ମ ପ୍ରକାଶେ, ରବ ସନ୍ତୋଷେ ଯେ ।୪୪।

---

୩୦ । ଦର-ଶଙ୍ଖ । ଦିଗମ୍ବର-ଶିବ, ଲଙ୍ଗଳା । ଶୁଚି-ଶୁଭ୍ର, ନିର୍ମଳ ।
ଭସ୍ମଧୂସର-ପାଉଁଶରେ ଧୂଳିଆ ଚିହ୍ନି । କୁନ୍ଦଫୁଲ, ଦୁଧ, ଶଙ୍ଖ ଏସବୁ ଧଳା ।
ଲଙ୍ଗଳା ଶିବ ପାଉଁଶ ବୋଳି ହୋଇଥିବାରୁ ଶାଉଁଳିଆ ଦିଶୁଥିଲେ ।

୩୧ । ତ୍ରିନେତ୍ର-ମହାଦେବ ।

୩୨ । ରମ୍ୟ-ସୌନ୍ଦର୍ଯ୍ୟ । ପ୍ରଣମ୍ୟ-ନମସ୍କାର ।

୩୯ । ଲୋକାଭିରାମ-ଲୋକମାନଙ୍କ ମଧ୍ୟରେ ଅତି ସୁନ୍ଦର ।

୪୦ । କାମିନୀ ମୋହନ-ଯୁବତୀମାନଙ୍କ ମନକୁ ଯେ ମୋହିପାରେ ।

୪୩ । ଚନ୍ଦ୍ର ଦିବାକର-ଚନ୍ଦ୍ରସୂର୍ଯ୍ୟ ।

ଶୁଣି ଯଥା ଘନଘୋଷ, ତୃଷାର୍ତ୍ତ ଚାତକ ତୋଷ, ବରଷିବ କରି ମନ୍ତ, ହୋଇ ନୃପତି ଯେ । ୪୫ । କେବଣ ଚକୋର ମୋଗ୍ଧି, କର୍ପୂରକଡ଼କୁ ଲୁଣ୍ଠି, ସେ ଚନ୍ଦ୍ର ଖାଇଲେ ଯଥା, ତଥା ଏ କଥା ଯେ । ୪୬ । ଚୂତ ହେଲେ ପଲ୍ଲବିତ, ଲଭ ହେବେ ମୁକୁଳିତ, ପିକ ଯଥା ଆନନ୍ଦିତ, ହେଲେ ହେମନ୍ତ ଯେ ।୪୭। ସନ୍ଧି ପାତର ଦାଟିକା, ଲଗିଲେ ଯଥା ଚାଟକା, କଣ୍ଟ କଣ୍ଟ ହୋଏ ଭଲ, ହେମନ୍ତ ମନ ଯେ । ୪୮ । ବାଳକ ଖସ୍ପୁ ହୋଇ, ପୁଚ୍ଛା କଲେ ଛାନ୍ଧ ଛାନ୍ଧ, ମାଳସାଭ କଲେ ଦାନ, ରତ୍ନ ବସନ ଯେ । ୪୯ । ଗିରିଜା ଜନମିଲେ ପୁଣି, ଦେଲେ ସେ ତତା କାନଞ୍ଚଣୀ, ଖଞ୍ଜିଲେ ମନ୍ଦାରମାଳୀ, ଉପନ ବଳି ଏ । ୫୦ । ଶମ୍ଭୁ ଅଙ୍ଗେ ଗୋଦୋହନ,ପାଇଁଦେଲେଧେନୁ ଦାନ, ବିଲପର ଜଳଶାୟୀ, ଖେଚର ପାଇଁ ଯେ । ୫୧ । ବଗ୍ସଟକ ଦେଲେ ଗଣି, ନାଗ ଚନ୍ଦ୍ର ଖାଇଁ ପୁଣି, ସୁବର୍ଣ୍ଣ କଣିକ କରେ, ଦେଲେ ସନ୍ତୁରେ ଯେ । ୫୨ । ଚନ୍ତୁରୀକୁ କହେ ହେମା, ଜଣାଇବ ହର ଉମା, ଗ୍ରୁମୁରେ ବାଣୀ ଏମନ୍ତ, ମୋର ଶପଥ ଗୋ । ୫୩ । ଯେବେ ଲଭିବ ସେ ଯୁବା, ମୋ ଜୀବ ଥିବାରେ ସେବା, ବନ୍ଦୁଣ୍ଣ ବୋଲିବ ଜନେ, ବନ୍ଧି ବଧାନ ଯେ । ନ ଥିଲେ ଲଭିବା ଯୋଗ, ମରଣ କରିବେ ବେଗ, ମୋ ଭୁଷା ଚମ୍ପା ଚଢ଼ାଇ, ପୂଜିବେ ସନ୍ଧି ଯେ । ୫୫ । ପୁଣି ବୋଲେ ସହଚରୀ, ଅଭୁର ଲୁହ ସୁନ୍ଦରୀ, ଦୁଇ କରେ ଭୁଞ୍ଜେ ଖେଚରୀ, ହେଲେ ତ ସୁଖୀ ଗୋ । ୫୬ । ପକ୍ଷୀ ପକ୍ଷ ଥିଲେ ପାଇ, ଶକ୍ୟାନୁରୂପେ ଗମଇ, ହେଲଣି ଏ କାର୍ଯ୍ୟ ପୂର୍ଣ୍ଣ, ସୂଚକମାନ ଗୋ ।୫୭। ବିଶ୍ରୁତ ବନ୍ଧି ସୁମୁଖ, ସ୍ୱପ୍ନ ସତ୍ୟ ହେଲା ଦେଖ, କିଛିକାଳ ଧରି ଧୈର୍ଯ୍ୟ, ଲଭିବୁ କାର୍ଯ୍ୟ ଗୋ । ୫୮ । ହେମନ୍ତ ଋତୁ ପ୍ରବେଶ, ପଦ୍ମବନ କରେ ଧ୍ୱଂସ, ମୂଳ ଥିବାରୁ

---

୪୫ । ଘନଘୋଷ-ମେଘ ଶବ୍ଦ । ନୃପତି-ରାଜେନ୍ଦ୍ର ।

୪୯ । ଛାନ୍ଦି ଛାନ୍ଦି-ସେହ୍ନ ସେହ୍ନ ।

୫୦ । ଗିରିଜା-ପାର୍ବତୀ । କାଞ୍ଚଣୀ-ଚୈତ୍ତିଆ ଲୁଗାଖଣ୍ଡ । ମନ୍ଦାରମାଳୀ-ମନ୍ଦାରଫୁଲର ମାଳା । ଉପନ-ଗାରଣ୍ଠିଏ ଦୁର୍ଗ ପ୍ରକାର ସାମଗ୍ରୀ, ଉପହାର । ବଳି-ନୈବେଦ୍ୟ ।

୫୧ । ଗୋଦୋହନ-ଗାଈ ଦୁହିଁବା । ଧେନୁମାନ-ଗାଈବାଛୁରୁ ।

୫୨ । ବଗ୍ସଟକ-କଉଡ଼ି ।

୫୩ । ଚନ୍ତୁରୀକୁ-କାର୍ଯ୍ୟଦକ୍ଷା (ମାଳୁଣୀ)କୁ ।

୫୪ । ସେବା-ପୂଜା ।

୫୫ । ଭୁଷା-ଭାଲ୍ପରି, ସୁନ୍ଦର ।

୫୬ । ସହଚରୀ-ସମବୟସୀ ସାଙ୍ଗ, ଦାସୀ । ଭୁଞ୍ଜେ-ଖାଏ ।

୫୭ । ଶକ୍ୟାନୁରୂପେ-କ୍ଷମତା ଅନୁସାରେ । ସୂଚକମାନ-ଲକ୍ଷଣରୁ ।

ବସନ୍ତେ, ପଲ୍ଲବେ ସତେ ଯେ । ୫୯ । କ୍ଷୀଣ ହୋଇ କଷ୍ଟ ସହୁ, ଜୀବମାନେ ଥିଲେ ଭୁଞ୍ଜି, ଲଭିବୁ ପରମ ଭୋଗ, ଅଛୁ ଏ ଯୋଗ ଗୋ । ୬୦ । ମାଳତୀ [illegible] ବଚନେ, ଫୁଟିଲେ ଷଟ୍ପଦ ମନେ, 'ଭୃଙ୍ଗେ କି ଭୋଗ୍ୟ ନୁହଇ, ପଦ୍ମଣ ସହୁ [illegible] ଏ କଥା ଶୁଣି ତୁ ଚଞ୍ଚୁ, ମଧୁମକ୍ଷିକା ସଞ୍ଚୁ, ଦେହଭୋଗ୍ୟ ହୁଏ କେହୁ, ହରଷି ସହୁ ଗୋ । ୬୨ । ଫଣୀ ଜାଗ୍ରତେ ଚନ୍ଦନ, ଥିଲେହେଁ କର ଯାଚନ, ଭୋଗ ହେଉଛି କି ନାହିଁ, ପଦ୍ମଣ ସହୁ ଗୋ । ୬୩ । ଯେବେଠି କୁସୁମ ଫୁଟେ, ତେବେ ସୁଗନ୍ଧ ପ୍ରକଟେ, ପଦ୍ମି ତନ୍ତ୍ରି ନଷ୍ଟଜଳ, ସମୁଦ୍ରେ ଠୂଳ ଗୋ ।୬୪। ଏମନ୍ତ ବଚନ ଶିଖି, କରି ମାନସ ପ୍ରବୋଧି, ଯତନ କଲେ ଲଳନା, ସଖୀ ଗଣନା ଯେ ।୬୫। ନାୟକ ସୁଖଦାୟକ, ତା ନାମ କର ତାରକ, ଜପିଲି ହୃଦତରେ ଧରି, ଅବଗାହିସି ଯେ । ୬୬ । ମାଳତୀ ହେଲି ମେଲଣି, ଗଲି ନିଜପୁର ପୁଣି, ଏ ଛାନ୍ଦ ହୋଇଲା ଶେଷ, ଅତି ହରଷ ଯେ ।୬୭। ହଂସ ବଂଶକୁ ତୋଷିତ, ସର୍ବଦା ଶ୍ରୁତି ରଞ୍ଜିତ, କର୍ପୂରକାନ୍ତ ଗଞ୍ଜିତ, କାନ୍ତି ଘଟିତ ଯେ ।୬୮। ସେ ରାମ ବର୍ଣ୍ଣରେ ଧ୍ୟାୟୀ, ଭଞ୍ଜ ଶୀଉପର କହୁ, ଭୂମି ରଚନା ସମସ୍ତ, ପୂରୁ ଏ ଗୀତ ହେ । ୬୯ ।

—*—

୬୦,୬୩ । ପରମ ଭୋଗ-ଶ୍ରେଷ୍ଠ ଭୋଗ । ଫଣୀ-ସାପ ।

୬୬ । ନାୟକ-ପ୍ରଣୟୀ ପୁରୁଷ । ତାରକ-ପ୍ରେମରୂପକ ନୌକାର ନାବିକ, କାଣ୍ଡାରୀ । ଅବଗାହିସି-ବୁଡ଼ିବାର ସୁଦଶା

୬୮ । ହଂସ ବଂଶ-ସୂର୍ଯ୍ୟବଂଶ । ଶ୍ରୁତି ରଞ୍ଜିତ-କର୍ଣ୍ଣମୋହିତ । କର୍ପୂରକାନ୍ତ-ରାକ୍ଷସ ମାନଙ୍କର ତେଜ ବା ପରାକ୍ରମ । ଗଞ୍ଜିତ-ପରାଜିତ, ପରାସ୍ତ । କାନ୍ତି ଘଟିତ-ଲାବଣ୍ୟ ଶୋଭା ବର୍ଦ୍ଧିତ ।

## ତ୍ରୟୋଦଶ ଛାନ୍ଦର ସାର କଥା

ଉକ୍ତ ଛାନ୍ଦଟି 'ଲାବଣ୍ୟବତୀ' କାବ୍ୟର ଏକ ଲୋକପ୍ରିୟ ଛାନ୍ଦ । ଗୀତ ସ୍ୱରର ଅନୁକୂଳ ହେବା ଦ୍ୱାରା ଏହା ସାଧାରଣ ପାଠକଙ୍କୁ ବହୁ ଗୁଣରେ ଆକର୍ଷିତ କରେ । ମାଳତୀର ସ୍ୱାଭାବିକ ରୂପ ବର୍ଣ୍ଣନାରେ କବିଙ୍କର ରଚନା-ପାଟବ ସ୍ପଷ୍ଟ ପ୍ରଦର୍ଶିତ ହୋଇଛି । ଯଥା—

"ପ୍ରପଦରେ ହଂସାମୁଦ ଶବଦେ ଧଇର୍ଯ୍ୟ ଛେଦ
ବେଢ଼ିରେ ଅଳତା ରଙ୍ଗ
ଅତି ଶୋଭୁଛ ଯେ ।" (୧୪)

ବିରହବିଧୁରା ଲାବଣ୍ୟବତୀ ନିକଟରେ ମାଲ୍ୟାଣୀ ଉପସ୍ଥିତ ହୋଇ ଚନ୍ଦ୍ରଭାନୁର ସମସ୍ତ ସନ୍ଦେଶ ପ୍ରକାଶ କରିଛି । ଲାବଣ୍ୟବତୀ ଏହାଦ୍ୱାରା ଅତ୍ୟନ୍ତ ଖୁସି ହୋଇ ମାଲ୍ୟାଣୀକୁ ଯଥାବିଧି ପୁରସ୍କାର ଦେଇ ବିଦାୟ କରିଛି ।

# ଚତୁର୍ଦ୍ଦଶ ଛାନ୍ଦ

( ଚନ୍ଦ୍ରଭାନୁର ଖେଦ ଓ ଶୋକ )

ରାଗ—କଳହଂସ କେଦାର

ଶୁଣ ରସିକ ରସ ଏଥୁ ଅନ୍ତରେ । କୁମାର ଶୋଇଥିଲେ ସୁରତଭରେ ଯେ । କାତର ହୋଇ ଗୁହିଁ ନଦ୍ରା ବନାଶେ । ନାହିଁ ଯାମିନୀ ନାହିଁ କାମିନୀ ପାଶେ ଯେ । ବସି ଘୋଷିଲେ ଥାଇ ତ ଠାରେ ମନ । ଏଣୁ ସ୍ୱପନେ ଦେଖା ଦେଲା ସେ ଧନ ଯେ । ୧ଭଉଦେଶକୁ ଗୁହିଁ ଦେଖିଲେ ହାର । କୁଙ୍କୁମେ ହୋଇଅଛି ସେ ଜରଜର ଯେ । ୨ । ଆହାରେ ସୁକୁମାରୀ ନୃପକୁମାରୀ । କୋଲି ହୃଦରେ ଦଗ୍ଧ କରୁଛ ମାରି ଯେ । ଜଳକଳସେ ଚନ୍ଦ୍ର ବମ୍ବକୁ ଧରି । ପାରିଲି ନାହିଁ ସୁଧା ଭୋଗକୁ କରି ଯେ । ୩ । ମନୁ ମୂର୍ଚ୍ଛନ୍ତି ଅବା ସ୍ୱପନ ବୋଲି । ଜାଣିଲି ଏବେ ଦେହେଁ କୁଭାର୍ଥ ହେଲି ରେ । ସାକ୍ଷାତ ପଣ ତେଇ ସ୍ୱପନ ସଙ୍ଗ । କଲୁ ତ କାମବ୍ୟାଧ କରକୁରଙ୍ଗ ରେ । ୪ । ସ୍ୱର୍ଗ ସମ୍ପଦ ଯେଉଁ କର୍ମରେ ଥାଇ । ଡଚର ମଣେ ବଜ୍ରପତନେ ତହିଁ ରେ । ତୋର ହୃଦୟ ବନ୍ଧୁ କରୁଣା ହୀନ । ଚନ୍ଦ୍ର ଅଙ୍କୁର ଯଥା କଠିନ ସ୍ତନ ରେ । ୫ । ମନକୁ ଯେବେ ପାଶେ ରଖିଲୁ ଚୋର । କି ଅପରାଧେ ମୋତେ କଲୁ ଅନ୍ତରରେ । ଜାଣିମାରେ ମୋ ଦୋଷ କାହିଁ ତ କହୁ । ଦଶେ ଯା ବଶୁ ପୂର୍ଣ୍ଣ କରୁଣା ଅଛୁ ରେ ।୬। କି ଅବା ମୋତେ କାନ୍ତ ବୋଲିବା ପାଇଁ । ଲାଜ ପାଇଲୁ ଗୁରୁ ଚନ୍ଦ୍ରମାମୁହିଁ ରେ । ସେବ ମୁଁ ଥାନ୍ତି ପାଶେ ହୋଇ କୋପୁର । ଏହା କମ୍ପା ନ କଲୁ ନାଗରୀବର ରେ । ୭ । ଶିବ କେମନ୍ତେ ଦେଖ ବହିଲେ ଶିରେ । ଶଶୀ

---

୧ । ଯାମିନୀ-ରାତ୍ର ।

ଚନ୍ଦ୍ରଭାନୁ ଗୃହର ଅଗଣାରେ ଶୋଇ ରାତ୍ର ଶେଷରେ ନଦ ଭାଙ୍ଗନ୍ତେ ଦେଖିଲେ ଆଉ ରାତ୍ର ନାହିଁ କି ସେ ସୁବର୍ତ୍ତା ସ୍ତ୍ରୀ ମଧ୍ୟ ନାହିଁ ।

୨ । ଉପଦେଶ-ଛାତି । ଚନ୍ଦ୍ରଭାନୁ ସେ ସ୍ତ୍ରୀ ବଷୟରେ ମନଦେଇ ବହୁତ କଥା ଭାବିଲେ, ସ୍ୱପନ ନା ସତ; କିନ୍ତୁ ଛାତିକି ଦେଖେ ତ ତା'ର ହାର ଓ ହଳଦୀ ଚିହ୍ନ ଅଛି ।

୩ । ଚନ୍ଦ୍ରବମ୍ବ-ଚନ୍ଦ୍ରର ପ୍ରତମୂର୍ତ୍ତି ।

୪ । ଭାମବ୍ୟାଧ-କାମ ବାଣୁଆ । କୁରଙ୍ଗ-ହରିଣ । (ବାଣୁଆ ହରିଣ ଯେପରି ହୁଏ) ।

୫ । ଦଶେ-ଦଗରେ, ଦେଖିବାରେ ।

୬ । କୋପୁର-ଗୁହର ।

ଶବଦ ଥାଉଁ ଉଦ୍ର ସ୍ୱେଦରେ ଯେ । ଏମନ୍ତ ଆଣ ତୋର ଅବଧାନକୁ । ପ୍ରଭୁ ସେ
ବଢ଼ କରେ ଦାସ ଜନକୁ ରେ ।୮। ଉସ୍ଥକୁ ଅଙ୍କୁରଇ ତାହା ନୟନ ।
ତା ଥାଉଁ ଉସ୍ଥହେଲେ ଆଶାସ୍ତ୍ରିଜନ ରେ । ଏ ଅପଯଶ ଦୋଷ ହେବ କାହାର ।
ଚରଣ ଧରେ ମୁଁ ଯେ ଶରଣ ତୋର ରେ ।୯। କଲେ କୁ ଟର ଅନୁଗ୍ରହ ହୁଅନ୍ତ ।
ଅଳତା ଟଜେ ଛଟକାର ହୁଅନ୍ତ ରେ । ସେବାରେ ଆଳୀ ଫୁଲଗୁନ୍ଥାରେ ମାଳୀ ।
ହୋଇ ଲଗାନ୍ତ କାମବଦନେ କାଳୀରେ ।୧୦। ପଗ୍ରଣେଶ୍ବରୀ ବିନା ଆନ ବଚନେ ।
ଡାକନ୍ତ ନାହିଁ ତୋତେ ରଜନୀ ଦିନରେ । ପ୍ରସଙ୍ଗବଶେ ଆରମ୍ଭିଲେ କୁ କୋପ ।
ଛଡ଼ାଉଥାନ୍ତ ଦୃଷ୍ଟି ପ୍ରକାଶି ତାପ ରେ ।୧୧। ଦ୍ରାକ୍ଷାରୁ ସ୍ୱାଦୁ ଘନସାରୁଁ ଶୀତଳ ।
ପିକୁଁ ସୁସ୍ୱର ଲବଣୀରୁ କୋମଳ ରେ । ଘ୍ରାଣ କହିଲ ବେଳେ ନାସା ଫୁଲଇ ।
ଚକ୍ରବର୍ତ୍ତୀ ପଣକୁ ଗଣନ୍ତ ନାହିଁ ରେ । ୧୨ । ଏତେ ସହିଲ ନାହିଁ ଖଳ ବିଧାତା ।
ମୁଁ ତାର କେଉଁ ଶତ୍ରୁ ନ କଲି ଚିନ୍ତା ଯେ । କୁପାର ନାଶ କରେ ଜନମସ୍ଥାନ ।
ତାଠାରେ ନ ସମ୍ଭାବେ ଏ କୂଟମାନ ରେ ।୧୩। ଦୁର୍ବଳ ମାରିବାକୁ ସମସ୍ତେ ଆଗ ।
କାମକୁ ମହାଦେବ କଲେ ଅନଙ୍ଗ ଯେ । ନୋହିଲ ତାଙ୍କ ଦର୍ପଦଳନ ଭଙ୍ଗ ।
ବିନା ଦୋଷରେ ଶରେ ମୋତେ ତ ଜାଳ ରେ । ୧୪ । ମିତେ ଶୁଣି ବୋଇଲେ
ଜୀବନ ରଖ । ଜୀବନରୁ ଅଧିକ କେହି ନ ଲେଖ ହେ । ଜୀବନ ଥିଲେ ହୋଏ
ସବୁ ପ୍ରାପତ । ହୁଅଇ ସମ୍ଭାବିତ ଅସମ୍ଭାବିତ ହେ ।୧୫। ଧ୍ରୁବ ବାଳକ ବ୍ରହ୍ମଜ୍ଞାନ
କହିଲ । ଅଗସ୍ତି କରୋଦରେ ସିନ୍ଧୁ ଭରିଲ ଯେ । ପକ୍ଷ ନ ଥାଇ କପି ଗଗନଗତ
କର୍ପୂରରୁ ବିରହେ ଜାତ ଜଗତ ଯେ ।୧୬। ବିଷହିଁ ହୋଏ ହିତ ସନ୍ଧିପାତରେ ।
କାସୁକୀ ବିନା ପୃଥ୍ୱୀ ଧାରଣ ନରେ ଯେ । ରାଜ୍ୟ ନ ଥାଇ ସର୍ବସମ୍ମତେ ରାଜା ।
କନ୍ଦର୍ପ ପାଉଅଛି ପୃଥ୍ୱୀରେ ପୂଜା ଯେ ।୧୭। ଜଳ ବିହୀନେ ସବୁକାଳେ ପ୍ରକାଶ ।
ସରିତା କରେ ହୋଇଅଛି ସାରସ ଯେ । ଶବଦ ଶୁଣେ ସର୍ପ ଶ୍ରୁତି ନ ଥାଇ ।

---

୮,୯ । ଅବଧାନ-ଜାଣିବା, ସାବଧାନ । ଅଙ୍କୁରଇ-ଜାତ କରଇ ।

୧୦ । ସୁଦନ୍ତୀ-ସୁନ୍ଦର ଦନ୍ତବିଶିଷ୍ଟା ସ୍ତ୍ରୀ ।

୧୧ । ପ୍ରସଙ୍ଗ ବଶେ-ସଙ୍ଗତ ହେତୁରୁ

୧୨ । ଦ୍ରାକ୍ଷା-ଅଙ୍ଗୁର । ଚକ୍ରବର୍ତ୍ତୀ-ଲକ୍ଷେ ରାଜାଙ୍କ ଉପରେ ଯେ ବଡ଼ ।

୧୩ । ଧାତା ଜନମ ସ୍ଥାନ-ପଦ୍ମ । ନ ସମ୍ଭାବେ-ନ ଯୋଗାଏ । କୂଟମାନ-କଟିଳତା ।

୧୬ । କରୋଦରେ-ହାତ ଭିତରେ ।
ଅଗସ୍ତି ସମୁଦ୍ରକୁ ହାତରେ ଧରି ଚଳୁ କରିଥିଲେ । ହନୁମାନର ପକ୍ଷୀ ନ ଥାଇ ସେ ଶୂନ୍ୟରେ ଯାଉଥିଲା । ବିରହରେ କର୍ପୂର ମଧ୍ୟ ଅଗ୍ନିପରି ଜଣାଯାଏ ।

ପ୍ରହଲ୍ଲାଦ ମହୀନ୍ଦ୍ର ଜନକଦ୍ରୋହୀ ହେ ।୧୮। ଏ କଥାମାନ ଯଥା ହୋଇଛି ଯେନ ।
ତଥା ସତ ହୋଇବ ତୁମ୍ଭ ସ୍ୱପନ ହେ । ସ୍ୱପନ ଯେବେ ତୁମ୍ଭେ ସତ ନ କର ।
କହ କାହିଁକି ଅଛ ତା ଦେଲ ହାର ଯେ । ୧୯ । ଯେବେ ସୁଯୋଗ ନାହିଁ ତୁମ୍ଭ
କର୍ମର । କାହିଁ ସିଂହଳଦ୍ୱୀପ କାହିଁ ଏ ପୁର ହେ । କାହିଁ ସିଦ୍ଧଯୋଗିଣୀ କେ କାହିଁ
ଥିଲା । ସ୍ୱପ୍ନପରି ମାୟାରେ ସାକ୍ଷାତ ହେଲ ଯେ । ୨୦ । ଆରତ ହେଲେ କାର୍ଯ୍ୟ
ନୁହଇ ବେଗ । କାଳକୁ ଚାହିଁ ଭୋଗ ହୁଅଇ ଯୋଗ ହେ । କୁମାର କହେ
ମୋର ମୋହିଲା ଶତ୍ରୁ । ଆରତ ହୋଇବାର ନୋହେ ଆୟତ୍ତ ଯେ ।୨୧।
ନାରୀରୁ ବଡ଼ ହୋଇ ଜଗତେ ନାହିଁ । ବାନରୀ ରୂପେ ହେଲେ ପବନ ମୋହି
ଯେ । ଏକେ ଅଦୃଷ୍ଟରଜା ଦୁଜେ ଧୀବରୀ । ପରାଶର ଋଷିର ବିବେକ ହରି ଯେ ।
ଅମୂଲ୍ୟ ରମାରତ୍ନ ଦେଖା ଉତ୍ତରେ । କଣ ନୋହିବ କେହୁ ସୁଦା ସଂସାରେ ଯେ ।
ଏମନ୍ତ ପଦାର୍ଥ କି ଲାବଣ୍ୟନିଧି । ସ୍ୱପ୍ନେ ତା ପରି ଦେଖି ନ ଥିବ ବିଧି ଯେ ।୨୨।
ବାଳୀର ଶୋଭା ସୁବେଶଙ୍କୁ ସୁବେଶ । ଅଧରେ ସମାପତ ହୁଅଇ ହାସ ଯେ ।
ଅରୁଣ କୋଳେ ନବ ଚନ୍ଦ୍ରମା ଦିଶି । ବିଜୁଳି ପରି ଯାଇ ସେକ୍ଷଣି ମିଶି ଯେ ।୨୩।
କାଚ କଳଶେ ଯଥା ଜଳ ଗୁପତ । ପଡ଼ିଲା ପରି ଦିଶେ ନ ପଡ଼ଇ ତ ଯେ ।
ହସିଲାବେଳେ ଖସି ପଡ଼ିଲା ପରି । ଖସି ନ ପଡ଼େ ତଥା ଅମୃତ ଧାରି ଯେ ।୨୪।
ତା ନେତ୍ର ଗତାଗତ ଅପାଙ୍ଗ ସରି । ଦୁଇ ଦିଗକୁ ଡାକେ କେମନ୍ତେ କରି ଯେ ।
ଅନଙ୍ଗ କି କୁରଙ୍ଗ ଧାଇନ୍ତି ଦେଇ । ଖର ସନ୍ଧାନେ ଧୈର୍ଯ୍ୟ ଘଉଡ଼ି ନେଇ ଯେ ॥
ଚାହିଁବା ମାତ୍ରେ ବୁଡ଼ିଯାଇ ଚେତନ । କେତେ ମାଧୁରୀ ଚାହିଁ ପକ୍ଷ୍ମପତନ ଯେ ।
ଯେଣେ କି ବେଣୀ ଭାଟକଙ୍କୁ ସୁରବନ୍ଧୁ । ଉଦିତ ମୂର୍ଦ୍ଧତକୁ ଭଜେ ମାଳାବନ୍ଧୁ ଯେ ॥
ସୁଷ୍ଠୁ ଘଞ୍ଚ କୁଚ ଯେମନ୍ତ ଦିଶେ । କେମନ୍ତ ବୋଲି ଦୁହା ନ ମିଶେ ଶେଷେ ଯେ ।

---

୧୮ । ସବିତା-ସୂର୍ଯ୍ୟ । କଟକ-କବଣରେ । ମହୀନ୍ଦ୍ର-ରାଜା ।

୨୧ । ଆରତ-ଆକୁଳ । ଆୟତ୍ତ-ଅଧୀନ ।

୨୨ । ବାନରୀ-ଅଞ୍ଜନା ନାମ୍ନୀ ସ୍ତ୍ରୀ । ଧୀବରୀ-କେଉଟୁଣୀ ।
ବାନରୀ ସହିତ ପବନ ପ୍ରୀତି କରିବାରୁ ହନୁମାନ ଜନ୍ମ । କେଉଟୁଣୀ ସତ୍ୟବତୀ ସଙ୍ଗେ ପରାଶର ମୋହିତ ହୋଇଥିଲେ । ଅଦୃଷ୍ଟରଜା-ରଜୋବତୀ ନ ହୋଇଥିବା କନ୍ୟା ।

୨୫ । ଅପାଙ୍ଗ-ଆଖିକୋଣ । ଡାକେ-ଅଜାଡ଼େ । ଧାଇନ୍ତି-ଦଉଡ଼ନ୍ତି । ସନ୍ଧାନେ-ଯୋଜନାରେ । ଘଉଡ଼ି-ତଡ଼ି ।

୨୭ । ମଧୁରୀ-ସୌନ୍ଦର୍ଯ୍ୟ । ସୁରବନ୍ଧୁ-ଶୁକ୍ଳପଦ୍ମ, ସୂର୍ଯ୍ୟ, ଚନ୍ଦ୍ର । ମାଳାବନ୍ଧୁ-ମଳୟବନ୍ଧୁ ।

୨୮ । ସୁଷ୍ଠୁ-ସୁଗଠିତ, ସୁନ୍ଦର । ଘଞ୍ଚ-ଲଗାଲଗି ।

ଏମନ୍ତ ହେଲେ ବାଣୀ ପ୍ରବନ୍ଧ ପାଇଁ । ବର୍ଣ୍ଣନା କରୁଥାଇ ଉପମା ଦେଇ ଯେ ।୨୮।
ସୁନ୍ଦର ସଦନେ କି ସ୍ୱର୍ଣ୍ଣ ପଞ୍ଜରେ । ଧାତା ରଖିଛି ଆଣି ପକ୍ଷିକି ଧରି ଯେ । ମେରୁ
ଏଡ଼କ ବେଲ ଉଚ ଦେଖାଇ । ମନ ମିହିରଙ୍କର ଗୁଡ଼ ନ ଯାଇ ଯେ । ୨୯ ।
ବାଳୀ ଅନେକ ବାନ୍ଧ କନକ ବଲ୍ଲୀ । ଭୃଙ୍ଗାନ୍ତରକୁ ହୋଷ୍ଠି ସମସ୍ତେ ବୋଲି ସେ ।
ସ୍ତନ ମଧ୍ୟରୁ ମଧୁ କୋଷକୁ ଆଣି । ସଞ୍ଚିଲେ କି ରୋମାଳୀ ସରଘାଶ୍ରେଣୀ ଯେ ।୩୦।
ଶୃଙ୍ଗାର ରସଲତା ରୋମାଳୀ ବ୍ୟାଜ । ଫଳିଛି ପ୍ରେମାମୃତ ଫଳ ଉରଜ ଯେ ।
ଇତର ଶୌର୍ଯ୍ୟ ପରାସ୍ତ ହେବ ସେ । ଧନ୍ୟ ବର୍ଣ୍ଣିଲ ସ୍ତନ ମନ୍ତ୍ରୀଙ୍କ ଭାଷେ ଯେ ।
ଜାଣିଲି ସେହି ସ୍ତନ ଜନ୍ମ ସମାନ । ଲଭି ଏମାନ ଲଭିଲେ କି ଏମାନ ଯେ ।
ଶ୍ରୀଫଳ ଯେ ଶ୍ରୀମନ୍ତ ସ୍ତୁଥିଁ ହୋଇ । ତୃଣରାଜ ପଦକୁ ପଟେ ଲଭାଇ ଯେ ।୩୨।
ରୁଦ୍ର ଶିବ ହେବାର ସଂଶୟ ଦୂର । ଏତେ କାଳକେ ଆସି ହେଲା ମୋହର ସେ ।
ଯେବେ ଲଭିଲଣି ସେ ସ୍ତନ ସ୍ମରଣ । ଜାନୁ ସିଂହାସନେ ବସିବ ଅବଶ୍ୟ ଯେ ।୩୩।
କୁମାର ବୋଲେ ଆନ ବ୍ୟବସାୟକୁ । କରି କି କାର୍ଯ୍ୟ ବର୍ଣ୍ଣିଥିବା ତାହାକୁ ଯେ
କାନ୍ତି ଏମନ୍ତ ଝଳ ତନ୍ୱୀଙ୍କ ଗ୍ରୀବିଁ । ଭଟେଲ ତିଳକ ଲେଖି ହୋଇବ ଯହିଁ ସେ ।୩୪।
ପୀୟୂଷ ପିତୁଳାକୁ ସୁନା ରସାଣ । ଏକା ଭାବ ବିଧାତା କଲା ଉଆଣ ଯେ । ସଂସାର
ସାର ସବୁ ଲାବଣ୍ୟମାନ । ପ୍ରତ୍ୟକ୍ଷ ଦେଖିବ ହେବାକୁ ସ୍ଥାନ ଯେ । ୩୫ । କି
ଗଉରବ ଅନ୍ୟ ଗଉର ଦ୍ରବେ । କୁଙ୍କୁମ ଶୋଭା କରେ ଯେ ଅବୟବେ ଯେ ।
ସିନ୍ଦୂରକୁ ଗୁରୁ କରି ମନ ଏମନ୍ତ । ମିଶି ଚ ଅଙ୍ଗ ଜଳେ ଜଳ ଯେମନ୍ତ ଯେ ।୩୬।
ମନଚା ଏହି ଖଗବରି ପ୍ରକାର । ତା ଆଗେ ବସିଥିବ ଯୋଡ଼ଣ କର ଯେ । ପାର୍ବତୀ
ଶିବ ଅର୍ଦ୍ଧ ଅଙ୍ଗ ପରିବେ । ସେ ଆଲିଙ୍ଗନ ହୋଇଥିବ ଶରୀରେ ଯେ ।୩୭। ବସ୍ତ୍ର

---

୨୯ । ମିହିରଙ୍କର-ସୂର୍ଯ୍ୟଙ୍କର । ମେରୁରୁ ଖର୍ବ ପାଏନାହିଁ ।

୩୦ । ବାନ୍ଧ-ପୋଖରୀ, ତଡ଼ାଗ । କନକ-ସୁନା । ବଲ୍ଲୀ-ଲତା । ଭୃଙ୍ଗାନ୍ତର-କୋଳ, କ୍ରୋଡ଼ । ମଧୁକୋଷ-ମହୁଫେଣା । ସରଘାଶ୍ରେଣୀ-ମହୁମାଛିମାନେ ।

୩୧ । ରୋମାଳୀ-ରୋମରାଜି । ପରାସ୍ତ-ମିଳିବା ।

୩୨ । ଶ୍ରୀଫଳ-ନଡ଼ିଆ, ବେଲ । ଶ୍ରୀମନ୍ତ-ଶୋଭାଯୁକ୍ତ । ତୃଣରାଜ-ତାଳ ।

୩୩ । ରୁଦ୍ର-ଭୟଙ୍କର । ଶିବ-ମହାଦେବ, କଲ୍ୟାଣକାରୀ ।

୩୫ । ପୀୟୂଷ ପିତୁଳା-ଅମୃତମୟ ପ୍ରତିମା (ଲାବଣ୍ୟବତୀ) । ସୁନା ରସାଣ-ସୁନାଘଷା ଶାଣ ।

୩୬ । ଗଉର-ଗୋରା, ଧଳା । ଅବୟବେ-ଦେହରେ ।

୩୭ । ଖଗବର-ଗରୁଡ଼ ।

ତୋଳ କମଳା ପରାୟେ ଟେସନ୍ତି । ଅନ୍ତର ହୋଇ ଦଣ୍ଡେ ନ ଯିବ କାହିଁ ଯେ । କଳେବରକୁ ଯଥା ନ ଛାଡ଼େ ଛାଇ । ମୁଁ ତାକୁ ନ ଛାଡ଼ିବି ତେମନ୍ତ ହୋଇ ଯେ । ଯେବେ ଜୀବନେ ଥିବ ଉପାୟ କରି । ତବେ ହେଲେ ମନାଇ ହର ଗଉରୀ ଯେ । ଲଭିବ ବଲ୍ଲଭ ରତନ ଅବଶ୍ୟ । ଯୋଗେ ସଙ୍ଗମ ନୋହୁଁ ହୋଇଲେ ନାଶ ଯେ । ୩୯ । ତାକୁ ପାଇବି ଅଛି ଏହି ଭରସା । ଚନ୍ଦ୍ର ଲଭିଲା ମଲା ଉପରୁ ଶଶା ଯେ । ତା ନାମ କରୁଥିବି ମୁଁ ସୁମରଣ । କଲେ ତା ଲାଭ ହେବ ମୋ ସୁମରଣ ଯେ । ୪୦ । ପୁରୋଧାସୁତ ବୋଲେ ତୋ ଶତ୍ରୁ ମରୁ । ଦୁର୍ଗା କୃପାରୁ ଭେଟ କରବୁ ଘରୁ ଯେ । ସାଧୁ ତ ଶୁକ ବ୍ରହ୍ମପୁରୀ ଯାଇଛି । ସେ ଆସିଲେ ଉପାୟ କରିବା କହୁ ଯେ । ୪୧ । ଦ୍ୱୀପ ସପତ ଶୋଭା ଜମ୍ବୁ ପ୍ଲକ୍ଷରେ । କୁଶ କ୍ରୌଞ୍ଚ ଶାକ ଶାଳ୍ମଳୀ ପୁଷ୍କରେ ଯେ । ଲବଣେକ୍ଷୁ ସୁରା ସର୍ପି ଦଧି ଦୁଗ୍ଧ । ପୟ ଯେଜ ସପତ ସମୁଦ୍ର ସିଦ୍ଧ ଯେ ।୪୨। ପୂର୍ବେ ନରରାଜାଏ ଅଛନ୍ତି ଭୂମି । ସିଂହଳଦ୍ୱୀପେ ଅଛି କରୀନ୍ଦ୍ରଗାମୀ ଯେ । ଏଥିପାଇଁ ଛାଡ଼ିବ କମା ଜୀବନ । ଅବିରତେ କରିବା ଉପାୟମାନ ଯେ । ୪୩ । ସେ ତ ସ୍ୱଭାବେ ସ୍ତ୍ରୀ ପୁଂସ ଭଜିବ । ରସିକ ଜଣେ ସିନା ବଶ ହୋଇବ ଯେ । ଏମନ୍ତ ବଚନରେ ବୋଧିଲେ ତାକୁ । ଏ ଛାନ୍ଦ ଅତି ରମ୍ୟ ହୋଇଲା ପ୍ରାନ୍ତ ଯେ । ୪୪ । ଦୈତ୍ୟହନ୍ତା ଚତୁର ଭୁଜ ରଞ୍ଜିତ । ଚିତ୍ରଭାନୁ ପରାୟେ ତେଜ ଜ୍ୱଳିତ ଯେ । ହେ ରାମ ନାରାୟଣ ଦୁରିତ ଧ୍ୱଂସ । କହଇ ଉପେନ୍ଦ୍ର ଭଞ୍ଜ ନରେଶ ଯେ । ୪୫ ।

—*—

୩୯ । ସଙ୍ଗମ-ମିଳନ, ସହବାସ ।

୪୦ । ବଲ୍ଲଭରତନ-ସ୍ତ୍ରୀ ଶ୍ରେଷ୍ଠ । ସୁମରଣ-ଚିନ୍ତା ।
ଶଶା ଯେପରି ଚନ୍ଦ୍ର କିରଣକୁ ଜଳ ମନେକରି ପାଇ ମରିଯିବାରୁ ଶେଷରେ ଚନ୍ଦ୍ର ଦେହରେ କଳଙ୍କ ହୋଇ ରହିଲା ।

୪୧ । ପୁରୋଧା ସୁତ-ପୁରୋହିତ ପୁଅ ।

୪୨ । ସପ୍ତଦ୍ୱୀପ-ଜମ୍ବୁ, ପ୍ଲକ୍ଷ, କୁଶ, କ୍ରୌଞ୍ଚ, ଶାକ, ଶାଳ୍ମଳୀ ଓ ପୁଷ୍କର ।
ସପ୍ତସମୁଦ୍ର-ଲବଣ, ଇକ୍ଷୁ, ସୁରା, ଘୃତ, ଦଧି, ଦୁଗ୍ଧ, ଜଳ ।

୪୩ । କରୀନ୍ଦ୍ରଗାମୀ-ହାତୀଭଳି ଚାଲି । ଅବିରତ-ସର୍ବଦା ।

୪୪ । ଭଜିବ-ଇଚ୍ଛା କରିବ । ପ୍ରାନ୍ତ-ଶେଷ । ରମ୍ୟ-ସୁନ୍ଦର ।

୪୫ । ଦୈତ୍ୟହନ୍ତା-ରାକ୍ଷସ ବିନାଶକାରୀ । ଚିତ୍ରଭାନୁ-ଅଗ୍ନି । ରଞ୍ଜିତ-ଶୋଭିତ ।
ଦୁରିତ-ପାପ ।

## ଚତୁର୍ଦ୍ଦଶ ଛାନ୍ଦର ସାର କଥା

ଦ୍ୱାଦଶ ଛାନ୍ଦ ସହ ଏ ଛାନ୍ଦର ଅନେକ ସାଦୃଶ୍ୟ ଅଛି । ଦ୍ୱାଦଶ ଛାନ୍ଦରେ ନିଦ୍ରାଭଙ୍ଗ ପରେ ନାୟିକାର ବିଭ୍ରମ, ବିରହର ବର୍ଣ୍ଣନା କରାଯାଇଛି । ଏ ଛାନ୍ଦରେ ନିଦ୍ରାଭଙ୍ଗ ପରେ ନାୟକର ମନୋବେଦନାର ଏକ ମନୋଜ୍ଞ ବର୍ଣ୍ଣନା କରାଯାଇଛି । ଉଦାହରଣ ସ୍ୱରୂପ—

“ଚେତି ଚଉଦିଗ ଚାହିଁଲା ଜଣି ନାଶେ
ପାଶେ ନାହିଁ ଦିବ୍ୟ ତରୁଣୀ ।” ପଦସହ—
“କାତର ହୋଇ ଗୃହେଁ ନିଦ୍ରା ବିନାଶେ
ନାହିଁ ଯାମିନୀ ନାହିଁ କାମିନୀ ପାଶେ” ପଦ ତୁଳନୀୟ ।

ଚନ୍ଦ୍ରଭାନୁର ବିରହ ଅତି ମର୍ମସ୍ପର୍ଶୀ ଭାଷାରେ ପ୍ରକାଶ କରାଯାଇଛି । ନିମ୍ନ ପଦଟି ସେହି ବିରହ ବର୍ଣ୍ଣନାର ଏକତମ ପରିପ୍ରକାଶ ଏବଂ ଏହା କବିଙ୍କ ସ୍ୱଭାବ ପ୍ରତିଷ୍ଠାତା ନିଚ୍ଛନ୍ଦ ଚାରୁଙ୍କର ଅତି ପ୍ରିୟପଦ ଥିଲା—

“କଲେ ତୁ ଭରି ଅନୁରାଗ ସୁଦନ୍ତି
ଅଳକା ଚଟେ ଚନ୍ଦ୍ରକର ଦିଅନ୍ତି
ସେକା ଅଣି ଫୁଲଗୁନ୍ଥାରେ ମାଳ
ହୋଇ ଲଗାନ୍ତି କାମ ବଦନେ କାଳ”

ବିରହ ମିଶ୍ରିତ ଦୁଃଖ ଯେତେବେଳେ ଚରମ ଅବସ୍ଥାରେ ପହଞ୍ଚିଛି ସେତେବେଳେ ଚନ୍ଦ୍ରଭାନୁର ଜଣେ ବନ୍ଧୁ ତାହାଙ୍କୁ ସାନ୍ତ୍ୱନା ପ୍ରଦାନ କରି ତାର ବିରହ ତପ୍ତ ପ୍ରାଣକୁ ଶୀତଳ କରିଛି । ଏ ଛାନ୍ଦରେ ପୁରୁଷର ନାରୀ ପ୍ରତି ଅତ୍ୟଧିକ ଅନୁରକ୍ତି ଏକପ୍ରକାର ଅସ୍ୱାଭାବିକ ମନେହୁଏ—

“ତା ନାମ କରୁଥିବି ମୁଁ ସୁମରଣ
ଗଲେତ ଜୀବ ହେବ ତୋ ସୁମରଣ”

ପଦରେ ପୁରୁଷ ଆସକ୍ତି ଅତି ମାତ୍ରାରେ ପ୍ରକାଶ ପାଇଛି । ଶ୍ରୀହର୍ଷ ନିଜ କାବ୍ୟରେ— “ଭାବ୍ୟୋ ଗୃହିଣୀ ନୈଷଧୀୟ ଚରିତେ ସର୍ଗୋ ନିସର୍ଗୋଜ୍ଜ୍ୱଳ” କହିଥିବା ସ୍ଥଳେ ଭଞ୍ଜ “ଏ ଛାନ୍ଦ ଅତି ରମ୍ୟ ହୋଇଲା ପ୍ରାନ୍ତ ଜେ” ଶବ୍ଦ ପ୍ରୟୋଗ କରି ସ୍ୱକ ପରିଚୟମାତ୍ର କରିଛନ୍ତି ।

# ପଞ୍ଚଦଶ ଛାନ୍ଦ

( ସିଂହଳରେ ଇନ୍ଦ୍ରଜାଲ ପ୍ରଦର୍ଶନ )

ରାଗ—ବସନ୍ତ ଭୈରବ

ଶୁଣ ଜନେ ଏଣୁ ବିଧାତାକୁ ବଡ଼ କୋଳି
ବ୍ୟାଜେ ଧନ ଅର୍ଜ୍ଜନେ ଅନେକ ଦେଶ ବୁଲି ସେ ।
ସିଂହଳଦ୍ୱୀପେ ପ୍ରବେଶ ହେଲା ନଟବର
ଲୋକବଶକାରୀ ସେ ବିନୋଦ ନାମ ଧାରି ଯେ ।
ହସ୍ତେ ବାଙ୍କି କାଖେ ଯ କଣ୍ଟୁଳି ସର୍ପପେଟୀ
ଦେହେ ଘଷି ହୋଇଛି ଚନ୍ଦନ ପରି ମାଟି ଯେ । ୧ ।
ମନ୍ତ୍ରବିଦ୍ୟା ପଣ୍ଡିତ ଫଳିଛି ବାହୁ କେଶ
ଚାନ୍ଦିତ ଶୋଭିତ ଯେ ମୟୂରଚୂଳ ସେନ ଯେ ।
କଣ୍ଠଜୂଡ଼କୁ ବେଢ଼ିଛି ଅଁଏଳାର ଫୁଲ
ଉଝାରି ଧରିଛି ଭଲ କଳା ଓରମାଳ ଯେ ।
ସୁନାମୋଡ଼ଆ ପଜସକଡ଼ିଆ କୁଣ୍ଡଳ
ଦୋହଲି ଶୋଭା କରୁଛି ତା ଗଣ୍ଡମଣ୍ଡଳ ଯେ । ୨ ।
ହସୁଁ ଝଣେ ସୁନାଖିଲ ଝଲ ଝଲ ଦନ୍ତେ
ପାନେ ପାଚି ଯାଇଛି ସେ ଜମ୍ବୁଫଳମତେ ଯେ ।
ସିନ୍ଦୂର ଟିପାଣ୍ଟି ତା ହଟକେଶ୍ୱର ପରେ ।
ବିଭୂତି ଘଷି ହୋଇଛି ଯୁଗଳ ଈକ୍ଷଣେ ଯେ ।
ବକ ଶ୍ୟାମଳ ବାନା ତା ଭୁଜଙ୍ଗ ପଇତା
ମହା ମହା ଗୁରୁମାନଙ୍କର ଦର୍ପ ହର୍ତ୍ତା ଯେ । ୩ ।
ଗଣ୍ଡ ଶିକଳି ଚରଣେ କର କଙ୍କଣରେ
ଝଲକିଛି ହେମବାଳୀ ବାମ ଶ୍ରବଣରେ ଯେ ।

---

୨ । ମନ୍ତ୍ରବିଦ୍ୟା ପଣ୍ଡିତ-ମାଲଯୁକ୍ତ ବା ବାହୁଯୁକ୍ତ ଭେଷସୂତ୍ରେ ଧନ୍ଦାଗର । ଫଳିଛି-ଅଭ୍ୟାସର ଗୁବା ଗୁବା ହୋଇଛି, ଗଗଡ଼ଦଣ୍ଡା ପରି ହୋଇଛି । ବଙ୍କୁଭ୍ରୂ-ବାଙ୍କଭ୍ରୂ ।

୩ । ଝଲ ଝଲ-ଚକଚକ । ଯୁଗଳ ଈକ୍ଷଣେ-ଦୁଇ ଆଖିରେ । ଭୁଜଙ୍ଗ-ସାପ ।

୪ । ଶିକଳି-ଲଞ୍ଜୀ ଶିକୁଳି ଧରଣର ବଳା । ହେମ ବାଳୀ-କାନର ସୁନା ଅଳଙ୍କାର ।

ପିନ୍ଧନ୍ତି ପଟଣୀ ଫେଟା ପର ଗାଣ୍ଠି କରି
ରଙ୍ଗପାଟ ଖଣ୍ଡୁଆଏ କଟିରେ ମାଧୁସ୍ତ ଯେ ।
ବେଢ଼ିଛନ୍ତି ଶିଷ୍ୟ ଉପଶିଷ୍ୟ ବେଶ ହୋଇ
କେ ତଉତନା କେ ପାଗ ମୁଣ୍ଡେ ମଣ୍ଡିଆଇ ଯେ । ୪ ।
ପିନ୍ଧି ଚଳନାକାଛକୁ ବାନ୍ଧନ୍ତି ଚାହୁ
ଖଟେଲ କାଳୀ ଟଗା କେ ଅଦ୍ଭୁତଭୂଷା ଦେଖି ଯେ ।
ବହୁଛନ୍ତି ସେ ଦୀର୍ଘ ଶଳାକା ଆଡ଼ ତୋଳି
ଘଟ ନାଟ ଅବଟା ରଣପା ଯେ ମଞ୍ଜୁଳ ଯେ ।
ମଧ୍ୟବର୍ତ୍ତୀ ପ୍ରେମରୂପା ନାମେ ନଟୀସାର
କପୂସରେ ଷୋଡ଼ଶୀ ବେଶରେ ମନୋହର ଯେ । ୫ ।
ସେ ବଟପୀ ବଟପୀଧଇଁଆ ବିଟପ କ
ଚେତନେ କୁଠାର ସବୁ ମନରେ ଉଭଜ୍ଞ ଯେ ।
ହସ୍ତେ କରି ଧରିବାକୁ ଦର୍ପଣ ଟେକ
ମୁଖ ମାଠି ଭଇଲେ କରନ୍ତି ଜକ ଜକ ଯେ ।
ଅଙ୍ଗେ ସର୍ଜ୍ଜ କରିଅଛି ସେ ବନହଳଦି
କାନ୍ତି ହୋଇଛି ପାଚିଲା ଆମ୍ବ ଛତହଣ୍ଡୀ ଯେ । ୬ ।
କଉସିରେ ଅଳକାକୁ ନୂତନେ ଖଞ୍ଜିଛି
ଫୁଲଗୁଡ଼ାଏ ଜୁଡ଼ାରେ ଯତନେ ମଣ୍ଡିଛି ଯେ ।

---

ପଟଣୀ ଫେଟା-ପତଳା ଧୋତି । ରଙ୍ଗପାଟ ଖଣ୍ଡୁଆଏ-ଉତ୍କୃଷ୍ଟ ରଙ୍ଗର ନାଲି ପାଟ ଲୁଗା । ତଉତନା-କନା ଖଣ୍ଡ, ରୁମାଲ । ପାଗ-ପଗଡ଼ି । ମଣ୍ଡିଆଇ-ମୁଣ୍ଡରେ ସଜ୍ଜିତ ହୋଇ ।

୫ । ଚଳନାକାଛ-ବ୍ୟବହାର ଯୋଗ୍ୟ କାଛୁଆ । ଦୀର୍ଘଶଳାକା-ଲମ୍ବାବାଡ଼ି । ଘଟନାଟ-ମୁଣ୍ଡରେ ମଠିଆ ରଖି ନାଚିବା, ଉଣ୍ଡାଟୁଆ ନାଚ । ଅବଟା-ମଣ୍ଡଳାକାରରେ ଘେରିବା । ରଣପା-ଡେଙ୍ଗା ବାଉଁପାଦୁକା ସାହାଯ୍ୟରେ ଚାଲିବା । ନଟୀସାର-ଭଲ ନାଚବାଲୀ ।

୬ । ବଟପୀ-ଅସଭ୍ୟ । ବିଟପ-ଗଛ, ଲମ୍ପଟ । ଚେତକ-ସାବଧାନ ହୋଇ । ମାଠି-ଚକ୍‌କଣ କରି । ଛତହଣ୍ଡୀ-ଛତଯୋଗୀ ।

ଦଣ୍ଡିଛୁ ସେ ଜଳଦ ବକାଳୀ ମନୋଜ୍ଜ୍ୱଳ
ବହଳ କରି ଦେଉଛୁ ନୟନେ କଜ୍ଜ୍ୱଳ ଯେ ।
ମୃଗ ହୋଇଲାକୁ ଅଛୁ ଚଞ୍ଚଳ ଭ୍ରୂଭଙ୍ଗ
ଖେଳା ଭୂମିଭାଗ ବଣ୍ଟ ଦେଇଛୁ କସ୍ତୁରୀ ଯେ । ୭ ।
ଅଭ୍ର ଶତ ଶୁଭ୍ର ହୋଇଅଛୁ ଭାଲପଟ
ଭାନୁକର ଲାଗି ଝଟକଇ ଝଟ ଝଟ ଯେ ।
ଦଳେ କି ତହିଁ ଜ୍ୱଳନ କାମଡ଼ାଳୀ ବନ୍ଧି
ଆସୁଥିଲ ଉପମାକୁ ସେ ବାମା ଲଭଇ ଯେ ।
ଶରଲକ୍ଷ କଟାକ୍ଷ ତା ପାଇଁ ଯୋଗୀଙ୍କ ।
ବନ୍ଧିବା ଭୟେ ଥଇଲେ ମୃଗଚର୍ମ ତେଜ ଯେ । ୮ ।
ବେଣୀପୃଷ୍ଠରେ ତା ଗୁଣା ନାକଚଣା ଅଛି ।
ନାସାଦଣ୍ଡି ଫୋଡ଼ା'ଇ ଗୁଣାଏ ଲଗାଇଛୁ ଯେ ।
ଭିନ୍ନ ପୁଚ୍ଛେ ମୋତେ ରତି ବିଚକ୍ଷଣା ଗୁଣେ,
ନାସ୍ତି ନାସ୍ତି ବୋଲି ଚହ୍ନି ବସିଛୁ ଆପଣେ ଯେ ।
ସୁନା ମଲ୍ଲୀକଢ଼ୀ ଫୁଲ ଜାଲପଟି କାମ ।
ବାଳାର କରିଛି ଶ୍ରବଣକୁ ମନୋରମ ଯେ । ୯ ।
ଭଙ୍ଗୀରେ ହଲାଇ ସେ ଝୁଲକ ଝୁଲକାକୁ
ଆସ ବୋଲି ପାଶକୁ ଡାକଇ ପୁରୁଷଙ୍କୁ ଯେ ।
ଅଧରେ ଯେ କରିଅଛି ଯାବକର ସଙ୍ଗ
ପ୍ରବାଳ ଉପିଲ ଥୋପି ପଡ଼ଇ କି ରଙ୍ଗ ଯେ ।
ଲୁଟାଇଛି ଶବୁତେ ମକ୍ଷିକା ବୃନ୍ଦର
ଓଷ୍ଠେ ମଧୁ ସଞ୍ଚିବାକୁ ସେ ଉପସ୍ଥିତ ଯେ । ୧୦ ।

---

୭ । ଦଣ୍ଡିଛୁ-ଶାସନ କରିଛୁ । ଜଳଦ-ମେଘ । ବକାଳୀ-ବଗଦଳ ।
ମେଘପରି କଳାବାଳ ଉପରେ ବଗପରି ଧଳାଫୁଲ ଜାଇଥିବାରୁ ଅତି ଉଜ୍ଜ୍ୱଳ ଦିଶୁଛି ।

୮ । ଭାନୁକର-ସୂର୍ଯ୍ୟକିରଣ । ଯୋଗୀଙ୍କ ତପସ୍ୱୀମାନେ ।
ଶବରମାନେ ମୁଣ୍ଡରେ ଜାଆଁ ଖପର ଓ ହାତରେ ଜାଆଁ ଖୁଣ୍ଟା ଧରି ବଣରେ ବୁଲିଲେ-ବେଳେ ମୃଗମାନେ ମନକୁ ଆସିଲେ ତାକୁ ମାରନ୍ତି । ଏହାକୁ ଡାଳପାରିଧି କହନ୍ତି ।

୯,୧୦ । ରତିବିଚକ୍ଷଣା-ରତି କାର୍ଯ୍ୟରେ ଦକ୍ଷା । ଜାଲ ପଟିକାମ-ଜାଲ ଜାଲ ହୋଇଥିବା ସୁନ୍ଦରଣର ପଟି । ଉପିଲ-ମାଟି, ଚକ୍ଷୁଷକର । ଥୋପି-ବନ୍ଧ ।

ଲକ୍ଷା ରଞ୍ଜାଇସେ ଶଗୁଇଛୁ ଦନ୍ତଶଙ୍କ'
ଦେଖୁଛୁ ସେ ପାଟଳ ଡାଳିମ୍ବମଞ୍ଜି ଗଞ୍ଜି ଯେ ।
କାଚମାଳୀ ମୋତିମାଳୀ କଣ୍ଠମାଳୀ ମଞ୍ଜୁ
କମ୍ବୁକଣ୍ଠେ ଲଗାଇ ଅଛୁ କି ଲୁନ୍ଦାବନ୍ଧୁ ଯେ ।
ନବଘନ ତେଲ ପ୍ରାପ୍ତ ଗିରିଶୃଙ୍ଗ ଗିଳ
ଉଚ୍ଚକୁଚେ ଗଞ୍ଜଣ ହୋଇଛୁ ଗାଲବେଲୀ ଯେ । ୧୧ ।
କଣ୍ଠଭୁଜ ଅର୍ଦ୍ଧକୁ ବୋଲି ସେ ଅଛୁ ଗ୍ରାସି
କାଳନ୍ଦୀରୁ ମୃଣାଳ ବାହାର ଫଣ ଝଣି ଯେ ।
ସେ ଭୁଜେ ବାନ୍ଧିଛୁ ରୁପାସୂତା ଖଦମାଳୀ
ପାଣିରେ ତା ପଣିକାଚ ମିଥ୍ୟା କଡ଼ଆଳୀ ଯେ ।
ଅଞ୍ଜନ ତଦେ ରଞ୍ଜନ କରଜ ପ ପୁଲ
ଦର୍ପଣବସା ମୁଦ୍ରରେ ଘାପିତ ଅଙ୍ଗୁଳି ଯେ । ୧୨ ।
ଅଚ୍ଛୁ-କଦଳୀତଳେ ଧଡ଼ ଦେଇ କଟୀ ଡୋରେ
ପିନ୍ଧିଛୁ ସେ ଅତଲସ ଲହଙ୍ଗା ଉପରେ ଯେ ।
ବାନ୍ଧିଅଛୁ କ୍ଷୁଦ୍ର ଘଣ୍ଟି ବାଜେ ଝୁମଝୁମ
କନ୍ଦେ ଉଚଗଣ ଜଗୀ ଜଡ଼ିତ ସୁଷମ ଯେ ।
ରଣଝଣ ହୋଇ ଖଞ୍ଜାପାଟୁଡ଼େ ଚରଣେ
ଡାକେ ରସିକେ ପଶ୍ଚିତ ଧନ ବିତରଣେ ଯେ । ୧୩ ।
ହେମ ବଳୀ ବୁଢ଼ି ଜନେ ଭ୍ରମ ଉପୁଜଇ
ସ୍ତନପେଟୀରୁ କି କାଳବ୍ୟାଳ ବାହାରଇ ଯେ ।
ମୁଦ୍ରା ଲଗାଇଛୁ ତିନ ତିନ ପ୍ରପଦରେ
ଧରିଛୁ ଅମୃତ ଘଷ୍ଠ ଧନ ବେନି କରେ ଯେ ।

---

୧୧ । ଲୁନ୍ଦାବନ୍ଧୁ—ଚଉକଣ ଆକାରେ ବୋଲା ହୋଇଥିବା ଦାଉଡ଼ି ।
ଗାଲବେଲୀ—ଗଳବଙ୍ଗର ଭାଷିଙ୍ଗ ।

୧୨ । କଣ୍ଠଭୁଜ ଅର୍ଦ୍ଧକୁ-କାଖପାଖ ହାତ ଅଧକୁ । ପାଣିରେ-ହାତରେ । ପାଣିକାଚ-ହାତର ଅଳଙ୍କା ଚୁଡ଼ି ।

୧୩ । ଅତଲସ-ରୁହପାଖ ଭଙ୍ଗ ବା କୁଞ୍ଚି । ଲହଙ୍ଗା-ଲମ୍ବା । ଉଚଗଣ-ଓଢ଼ଣୀ ବୃଦାର ।
ବିତରଣେ-ଅର୍ପଣ କରିବାରେ, ଦେବାରେ ।

୧୪ । ସ୍ତନପେଟୀରୁ-ସ୍ତନ ପେଡ଼ିରୁ, ଅନ ଓ ପେଟ ପାଖରୁ । କାଳବ୍ୟାଳ-କାଳସର୍ପ ।

ଏମନ୍ତରେ ନଟ ନଟୀ ରାଜଦ୍ୱାରେ ଯାଇ
ଦେଖିବାକୁ ଲୋକେ ଛନ୍ତି ସଙ୍ଗରେ ଗୋଡ଼ାଇ ଯେ । ୧୪ ।
ସିଂହଦ୍ୱାରେ ବସି ବଜାଇଲେ ଢୋଲ ଭୂରି
ନୃପତି ଛାମୁରେ ଯାଇଁ ଜଣାଇଲେ ଦ୍ୱାରୀ ଯେ ।
ହେ ବରେ ଚନ୍ଦ୍ର କୁମୁଦ ବନ୍ଧୁ ମହାରାଜ
ଆସିଛି ଇନ୍ଦ୍ରଜାଲିକ କର୍ଣ୍ଣାଟ ଭା ରାଜ୍ୟ ଯେ ।
ଶୁଣି ତୁମ୍ଭ ଦାତୃଗୁଣ କରିବାକୁ ହଟ
ଆସୁ ବୋଲିବାକୁ ତହିଁ ନୃପତି ମୁକୁଟ ଯେ । ୧୫ ।
ରହିଁ ଦେଲେ ପ୍ରତିହାରୀ ତଣ ବଂଶ ଧାଇଁ
ଛାମୁରେ ସେ ଭେଟାଇଲେ ନଟ ନଟୀ ନେଇ ଯେ ।
ରାଜା ପଚାରିଲେ ଅହୋ କି କି ବିଦ୍ୟା ଜାଣ
ସେ କହିଲା ଦ୍ୱୀପେଶ୍ୱର ସାବଧାନେ ଶୁଣ ହେ ।
କୁହୁକ ଗୋଟିକାଞ୍ଜନ ସ୍ତମ୍ଭନ ମୋହନ
ବଶ୍ୟ ଉଚ୍ଚାଟନ ଜାଣେ ମୁଁ ଭେକ ରଜନ ଯେ । ୧୬ ।
ଭବ ପଦେ ଭଷ ଖାଡ଼ନେ ମୁଁ ଧନ୍ୱନ୍ତରି
ଗୁରୁ ଏ ଦେଉନ୍ତି ମୋତେ ମହାଗୁରୁ କରି ଯେ ।
ମାୟା ରଚନରେ ମାୟାପରି ମୋତେ ଦେନ
*ପୁଣ ଏ ଅଙ୍ଗନାସାରେ ଗୁଣ ଅକଥନ ଯେ ।*
ନୃତ୍ୟ ଦେଖିଲେ ବାସବ ରମ୍ଭା ପାଶୋରିବେ
ଗାନ ଶୁଣିଲେ ବାଣୀକୁ କମ୍ପ ପ୍ରଶଂସିବେ ହେ । ୧୭ ।
ଆମ୍ଭ କୁଳଧର୍ମ ବିଦ୍ୟାରେତ ନାହିଁ ସରି
ତୁମ୍ଭେ କି ଜ୍ଞାନ କରୁଛ କହ ଦଣ୍ଡଧାରୀ ହେ ।

---

୧୫ । ଦାତୃଗୁଣ-ଦାନଗୁଣ । ନୃପତି ମୁକୁଟ-ରାଜଶ୍ରେଷ୍ଠ । ହଟ-ତାମସା, କୌତୁକ ।

୧୬ । ବଂଶ-କୋଡ଼ଏ । ଦ୍ୱୀପେଶ୍ୱର-ଚତୁର୍ପାଶ ଜଳବେଷ୍ଟିତ ସ୍ଥଳଭାଗର ମାଲିକ । ଭେକ ରଜନ-ଭେକବାଜରେ ସନ୍ତୁଷ୍ଟ କରାଇବାରେ ଶ୍ରେଷ୍ଠ । ଗୋଟିକାଞ୍ଜନ-ଗୋଟିଏ କଳାବିଦ୍ୟା ।

*୧୭ । ଧନ୍ୱନ୍ତରୀ-ଦେବ ବୈଦ୍ୟ । ମାୟା-କୁହୁକ । ମୟ-ଦାନବ ଶିଳ୍ପୀ ।*

ନୃପତି ବୋଇଲେ ଉଠ ବତ୍ସ ସାରୁ ସନ୍ଧ୍ୟା
ରାମାୟଣ ଦେଖାଅ ଜାଣିବା ତୁମ୍ଭ ବିଦ୍ୟା ହେ ।
କେତେବେଳେ ହେଲା ତହିଁ ସନ୍ଧ୍ୟା ଅବଶେଷ
ରାଜା ଅବରୋଧନାରୀ ଜଗତି ପ୍ରବେଶ ଯେ । ୧୮ ।
ବଡ ବଡ଼ଭୀ ମସ୍ତକ ମଣ୍ଡିଲା ଲୁମାସ୍ତ
କେବଳ ଅନନ୍ତ ସଙ୍ଗେ ପ୍ରିୟ ସହଚରୀ ଯେ ।
କରିଛୁ କରନ୍ତି ଗତି ଏ ସାଙ୍ଗ ସ୍ୱଭାବ
ରାମଚରିତ ଦେଖିଲେ କାମ ପୂର୍ତ୍ତି ହେବ ଯେ ।
ଏତ୍ତକାଳେ ନାଟକ ବୋଇଲା ନେଇ ବୁଝ
ନେଇ ବୁଝନ୍ତେ ରଚିଲା ଏ ମାୟାସମାଜ ଯେ । ୧୯ ।
ରୂହିଁ ଲୋମଦ୍‌ଗମ ଜନେ ଲୋମପଦେ ବୋଲେ
ଜରତା ଉତାରେ ଋଷ୍ୟଶୃଙ୍ଗ ଆସି ହେଲେ ଯେ ।
ସେ ଦେଶରେ ବୃଷ୍ଟି କଲେ ତୁଷ୍ଟି ହେଲେ ରାଜା
ଶାନ୍ତା କାନ୍ତା ଦେଇକରି କଲେ ବର୍ଯ୍ୟପ୍ରଜା ଯେ ।
ଦଶରଥ ମନୋରଥ ସାର୍ଥ ହେବା ପାଇଁ
ସେ ମୁନିଙ୍କ ଘେନିଗଲେ ରଥରେ ବସାଇ ଯେ । ୨୦ ।
ଯଜ୍ଞ ଚରୁ ସ୍ୱରୂପେ ହୋଇଲେ ପଦ୍ମନାଭ
କଉଶଲ୍ୟା କୈକେୟୀ ସୁମିତ୍ରା ଭକ୍ଷି ଗର୍ଭ ଯେ ।
ଅଭିରାମ ଶ୍ରୀରାମ ଭରତ ଶୁଭବ୍ରତ

---

୧୮ । ସନ୍ଧ୍ୟା-ଦିବାରାତ୍ରିର ମିଳନ କାଳରେ ଈଶ୍ୱର ଉପାସନାରୂପ କର୍ମ ।
ଅବରୋଧନାରୀ-ଅନ୍ତଃପୁରରେ ଥିବା ସ୍ତ୍ରୀ ।

୧୯ । ବଡ଼ଭୀ ମସ୍ତକ-କୋଠା ଉପର । ସାଙ୍ଗ-ଶରୀର । ସ୍ୱଭାବ-ଆତ୍ମଭାବ ।

୨୦ । ଲୋମଦ୍‌ଗମ-ରୋମ ଟାଙ୍କୁରିବା । ଲୋମପାଦ-ସୂର୍ଯ୍ୟବଂଶୀୟ ରାଜା । ଜରତା-ଗୋଟିଏ ବେଶ୍ୟାର ନାମ । ଉତା-ଅସତ୍ୟ ।
ଲୋମପାଦ ଦେଶରେ ବର୍ଷା ନ ହେବାରୁ ଜରତା ବେଶ୍ୟା କୌଶଳରେ ଋଷ୍ୟଶୃଙ୍ଗ ଋଷିଙ୍କୁ ଦେଶକୁ ଆଣିବାରୁ ବର୍ଷା ହେଲା । ଲୋମପାଦ ଖୁସି ହୋଇ ତାଙ୍କ କନ୍ୟା ଶାନ୍ତାକୁ ଋଷ୍ୟଶୃଙ୍ଗଙ୍କୁ ବିଭାକରି ଖୁସି ହେଲେ, ଦଶରଥ ମଧ୍ୟ ପୁତ୍ର ସକାଶେ ତାଙ୍କୁ ଆଣିଲେ ।

୨୧ । ଚରୁ-ଯଜ୍ଞ ନିର୍ମିତ ଔଷଧାନ୍ନ । ଅଭିରାମ-ସୁନ୍ଦର । ଶୁଭବ୍ରତ-ମଙ୍ଗଳକାର୍ଯ୍ୟରେ ରତ ।

ସୁଲକ୍ଷଣ ଲକ୍ଷ୍ମଣ ଶତ୍ରୁଘ୍ନ ହେଲେ ଜାତ ଯେ ।
ଯଜ୍ଞ ରକ୍ଷା ହେତୁ ବିଶ୍ୱାମିତ୍ର ଆସି ନେଲେ
ବନେ ତ ତାଡ଼କା ଶମନଭୁବନେ ପେଷିଲେ ହେ । ୨୧ ।
ସୁବାହୁ ସୁବାହୁ ବଳେ ମାରି ମାରୀଚକୁ
ଆକାଶରେ ଶରେ ଉଡ଼ାଇଲେ ଯେ ଯଶକୁ ଯେ ।
ପଥରେ ପଥରେ ନାରୀ କରି କଲେ ମୋଦ
ଦାସ ବତ୍ସଳ ଦାସରେ ଧୁଆଇଲେ ପଦ ଯେ ।
ଖଣ୍ଡପରଶୁ କୋଦଣ୍ଡ ବେନି ଖଣ୍ଡ କରି
ସୀତା ବିବାହ ନିର୍ବାହ ନୃପଦର୍ପ ହରି ଯେ । ୨୨ ।
ବଜ୍ରଧର ଭୃଗୁପତି ଭୃଗୁକୁ ଭେଦିଲେ
ଅଭିଷେକ କରିବା ମମତା ପିତା କଲେ ଯେ ।
ମନ୍ଥର ମନ୍ତ୍ରନେ କାନ୍ତାନୁଜ ସେନି ସଙ୍ଗେ
ଚତୁର ଚିତ୍ରକୂଟରେ ବିହରିଲେ ରଙ୍ଗେ ଯେ ।
ବନ୍ଧ କଲେ ଶକ୍ରସୁତ ତନ୍ଦ ନେହସ୍ରଜ
ଭରତ ପ୍ରବୋଧି ସୁବୁଦ୍ଧିରେ ଗିରି ତେଜ ଯେ । ୨୩ ।
ବିରାଧେ ବୀରାସ୍ତ୍ରେ ବଧ ବିସ୍ତରିଲେ
ଅମଳାନ ବସ୍ତ୍ର ବ୍ରହ୍ମଶସ୍ତ୍ରକୁ ପାଇଲେ ଯେ ।
ଦଣ୍ଡକାରଣ୍ୟକୁ ମଣ୍ଡି ସୂର୍ପଣଖା ଦଣ୍ଡି
ଖର ଖର ଦୂଷଣ ତ୍ରିଶିର ଶିର ଖଣ୍ଡି ଯେ ।
ହେମସାରଙ୍ଗ ରଙ୍ଗରେ ଲଙ୍କା ଦଣ୍ଡଧାରୀ
ସୀତା ସୀତାଂଶୁମୁଖୀଙ୍କ ଉଟଜରୁ ହରି ଯେ । ୨୪ ।

---

କ୍ରତୁ-ଯାଗ । ଶମନଭୁବନେ-ଯମପୁରକୁ ।

, ବୃକ୍ଷସବନା । ତଳେ-ଭୂତଳେ । ନିର୍ବାହ-ସମ୍ପାଦନ ।

୨୩ । ଭୃଗୁପତି-ପରଶୁରାମ । ଭୃଗୁକୁ-ପର୍ବତର ଉଚ୍ଚତମ ଭାଗକୁ । ଭେଦିଲେ-ଚଢ଼ିଇଁ ଗଲେ । ମମତା-ଇଚ୍ଛା । ମନ୍ଥରମନ୍ତ୍ରନେ-ମନ୍ଥରାଦାସୀର କଥାରେ । କାନ୍ତାନୁଜ-(କାନ୍ତା+ଅନୁଜ) ସ୍ତ୍ରୀ ଆଉ ସାନଭାଇ ଲକ୍ଷ୍ମଣ । ଶକ୍ରସୁତ-କୁଆ । ଚନ୍ଦ-ସମ୍ବନ୍ଧ, ଚୋଲକୃତ ।

୨୪ । ବିରାଧେ-ବିରାଧ ରାକ୍ଷସକୁ । ବୀରାସ୍ତ୍ରେ-ବୀର ଅସ୍ତ୍ରରେ । ଖର-ତୀକ୍ଷ୍ଣ, ଖରରାକ୍ଷସ । ହେମସାରଙ୍ଗ ରଙ୍ଗରେ-ସୁବର୍ଣ୍ଣ ହରିଣ ଛଳରେ । ଶୀତାଂଶୁମୁଖୀ-ଚନ୍ଦ୍ରମୁଖୀ । ଉଟଜରୁ-ପତ୍ର କୁଟୀରରୁ ।

ମାର୍ଗରେ ଝନାଶିଖଗ ଖଡ଼ଗ ପ୍ରହାରେ
ରହେ ଶୋକବନ୍ତ ସୀତା ଅଶୋକ ବନରେ ।
ଜାସେ ନ ଦେଖି ସୁମୁଖୀ ମହାଦୁଃଖୀ ସ୍ୱନ
ବିଳାପ କଳାପ ମାତ୍ର କରଣେ କେ କ୍ଷମ ।
ଉଷଦେଶ ଗମନ ସନ୍ଦେଶ ପକ୍ଷୀ କହି
କବନ୍ଧ ବନ୍ଧନେ ପଡ଼ି ତାହା ନାଶ କଲେ ସେ । ୨୫ ।
ଫଳଦାନେ ମୋକ୍ଷଫଳ ଲଭିଲ ଶବରୀ
କ୍ଷୀରପାନେ ବର-ବରଜରେ ବାଞ୍ଛା ପୂରି ସେ ।
କାମ କାମନାକୁ ମୁନି ଚଟ୍ଟେ ଜନ୍ମାଇଲେ
ସମାଧରେ କୋକଶୋକକାରକ ଦେଖାଇଲେ ସେ ।
ମିତ୍ରବଂଶୀ ମିତ୍ର କରି ମିତ୍ରପୁତ୍ର ସଙ୍ଗେ
ଭେଦ ଶାଳ ଦୁନ୍ଦୁଭି ଅସ୍ଥିକ ସ୍ଥଳେ ରଙ୍ଗେ ସେ । ୨୬ ।
ଶାଖାମୃଗରାଜ ମୃଗରାଜ କୋଟିବଳ
ଶର ଶରଭରେ କଲେ ଝନାଣ ଚପଳ ସେ ।
ମାଲ୍ୟବନ୍ତ ଧରଣୀଧରରେ ସ୍ଥିର ରହି
ରଘୁବୀର ଭରତେ ବରଷାକାଳ କଞ୍ଚି ସେ ।
କୁଟକୁଟକୁ ମୁକୁଟ ସେ ଗିରିକୂଟେ ଦେଇ
ଲଭି ବଲ୍ଲଭ ଜ୍ଞପକ୍ତ ଦୂତ ପଠିଆଇ ସେ । ୨୭ ।
ଜଳେ ସେତୁ କଲେ ଶିଳେ ନଳେ ଦେଇ ଯଶ
ଲଙ୍କା ବେଢ଼ି ଶଙ୍କା କରାଇଲେ ଦୈତ୍ୟବଂଶ ସେ ।
ବିଷଧରପାଶ ତ୍ରାସ ନାଶ କଲ ବାଣ
ଅସାଳନା ଅନେକ ହୋଇଲେ ଭଣେ ନାଶ ସେ ।

---

୨୫ । ଖଗ-ପକ୍ଷୀ । ବିଳାପ-ଶୋକ । କଳାପ-ସମୂହ । ଉଷ-ପ୍ରବାସ ।

୨୬ । ବର-ଦେବକୃପା । ବରଜରେ-ଗୋପାଳରେ । କୋକ-ଚକ୍ରବାକ ପକ୍ଷୀ । ମିତ୍ରବଂଶୀ-ସୂର୍ଯ୍ୟବଂଶୀ । ମିତ୍ର ପୁତ୍ର-ସୂର୍ଯ୍ୟଙ୍କ ପୁଅ ସୁଗ୍ରୀବ ।

୨୭ । ଶାଖାମୃଗରାଜ-ବାନରରାଜ ସୁଗ୍ରୀବ । ମୃଗରାଜ-ସିଂହ । କୋଟିବଳ-କୋଟିଏ ସୈନ୍ୟ । ଧରଣୀଧର-ପର୍ବତ । ଗିରିକୂଟେ-ପର୍ବତ ଶୃଙ୍ଗରେ । ଜ୍ଞପକ୍ତ-ବାର୍ତ୍ତା ।

୨୮ । ଶିଳେ-ପଥରରେ । ବିଷଧର ପାଶ-ନାଗପାଶ । ବାଣ-ଗରୁଡ଼ । ଅସାଳନା-ସୈନ୍ୟ ।

ଘଟକର୍ଣ୍ଣ ଘଟତ୍ୟାଗ ଅତିକାୟ-କ୍ଷୟ
ପୁରୁହୂତଜିତ ହତ ବ୍ରହ୍ମାସ୍ତ୍ର ଉଦୟ ଯେ । ୨୮ ।
ହନୁମାନ ଗନ୍ଧମାଦନ ଗମନ ଲୀଳା
ଭରତ ଉଦନ୍ତ ପ୍ରାପ୍ତ ଲକ୍ଷ୍ମଣ ଜୀଇଁଲେ ଯେ ।
ଶ୍ରୀରାମଚନ୍ଦ୍ର ନରେନ୍ଦ୍ର ଶର ସର୍ପ ନେଇ
ଲଙ୍କପତି ଅଙ୍କପେଟୀ ଭିତରେ ପୂରାଇ ଯେ ।
ଅଗ୍ନିଷଣ ବିଭୀଷଣେ ଅଭିଷେକ କରି
ବଇଦେହୀ ତନୁ ଅନଳରେ ହେମ ପରି ଯେ । ୨୯ ।
ପୁଷ୍ପକରେ ପୁଷ୍କରେ ସବଳେ ଚଳେ ଗତି
ଯୋଦ୍ଧାବର ଅଯୋଧ୍ୟାରେ ହୋଇଲେ ନୃପତି ଯେ ।
ଦେଖାଉଁ ଦେଖାଉଁ ରାମାୟଣ ମହୋତ୍ସବ
ଚନ୍ଦ୍ରବଦନାକ ଦେଖାଇଲା ଅନ୍ୟଭାବ ଯେ ।
କର୍ଣ୍ଣାଟ ରାଜନନ୍ଦନ ରାମ ଆଗେ ଉଭା
ଶମ୍ବର ଆଗେ ଶମ୍ଭୁକେତୁ ଯଥା ଶୋଭା ଯେ ।
କୁମାରୀକ ଶୁଭୁଛି ଏମନ୍ତ ଜଣାଉଛି
ଆନ ବରେ ମୋର ପ୍ରୟୋଜନ ନାହିଁ କହୁ ଯେ । ୩୦ ।
ହେ ରାମ ଶ୍ୟାମସୁନ୍ଦର ଅଛ ବତ୍ସକର
ସୁଗ୍ରୀବକୁ ତାରା ବିଭୀଷଣେ ମନ୍ଦୋଦରୀ ଯେ ।
ଲାବଣ୍ୟବତୀ ଯୁବତୀ ଶିରୋମଣି ମୋର
ମନୋହାରୀ ହୋଇବ ଏମନ୍ତ କୃପା କର ହେ । ୩୧ ।

---

ଘଟକର୍ଣ୍ଣ-କୁମ୍ଭକର୍ଣ୍ଣ । ଘଟତ୍ୟାଗ-ଦେହତ୍ୟାଗ । ପୁରୁହୂତଜିତ-ଇନ୍ଦ୍ରଜିତ ।

୨୯ । ଲୀଳା-ଖେଳ । ଅଙ୍କପେଟୀ-ହୃଦୟରୂପକ ପେଡ଼ି । ଅଗ୍ନିଷଣ-ଶାନ୍ତ ।

୩୦ । ପୁଷ୍ପକରେ-ପୁଷ୍ପକ ଯାନରେ । ପୁଷ୍କରେ-ଆକାଶରେ । ସବଳେ-ସୈନ୍ୟ ସହିତ । ମହୋତ୍ସବ-ବଡ଼ ଆନନ୍ଦଜନକ ବ୍ୟାପାର । ଶମ୍ବର-ଶତ୍ରୁ । ଶମ୍ଭୁକେତୁ-ଚନ୍ଦ୍ର । ଇନ୍ଦ୍ରଜାଲିକ ଏଣେ ରାମାୟଣକୁ ତେଣେ ମାୟାରେ ଲାବଣ୍ୟବତୀଙ୍କ କର୍ଣ୍ଣାଟରାଜସୁତ ଚନ୍ଦ୍ରଭାନୁକୁ ଦେଖାଉଛି ।

ସେ ନବୀନା ବାଳା ଆନେ ନ ରସେ ମୋ ମନ
ଦହନ କରୁଛି ମୋତେ ମଦନଦହନ ହେ ।
ପ୍ରଭୁ ତୁମ୍ଭେ ବିରହବେଦନା ଅନୁଭବୀ
ନ ଦେଖିଲେ ଆଉ କାହା ଆଗେ ଜଣାଇବି ଯେ ।
କରୁଣା ଲୋଚନେ ସ୍ମିତ ଅମୃତବାଣୀ ଭଙ୍ଗି
ଦେଖି ଶୁଣି ଏମନ୍ତ ଯେ କସ୍ତୁରୀସୁବାସୀ ଯେ । ୩୨ ।
ଆଳୀଙ୍କ ଦେଖାଇ ଦେଲ ଅଙ୍ଗୁଳି ଦେଖାଇ ।
ସ୍ୱପନ ସମ୍ଭୋଗ ଗତ ପୁରୁଷ ମୋ ଏହି ଯେ ।
ସଖୀ ବୋଇଲା ସୁନ୍ଦରସୃଷ୍ଟି ପୁରନ୍ଦର
ଏଥର ଅଇଲେ ପାଶେ ଏ ଉପାୟ କର ଯେ ।
ଉତ୍ତରକୁ ବିସ୍ତର ନ କର କମ୍ବୁକଣ୍ଠୀ
ଭେଟିଁ ଦେବୁ ଅଞ୍ଚଳେ ଅଞ୍ଚଳେ ଦୃଢ଼ଗଣ୍ଠି ଯେ । ୩୩ ।
ବାହୁବନ୍ଧନେ ବାନ୍ଧିବୁ ଅତିଯତ୍ନ କରି
ନ ଯାଇ ପାରିବ ଶେଷ ହୋଇଲେ ଶର୍ବରୀ ଗୋ ।
ରତି ଶ୍ରୋତପାଏ ଯେବେ ସମ୍ଭବ ଦରବ
ସେ ପ୍ରେମରଜ୍ଜୁରେ ବାନ୍ଧ ହୋଇଣ ରହିବ ଗୋ ।
ଯେଉଁ ରତିରସ ବଶ କରଇ ବ୍ରହ୍ମାଙ୍କୁ
ଅଧିକ କି କରିବା ପୁରୁଷ ଭ୍ରମରଙ୍କୁ ଗୋ । ୩୪ ।
ସଜନୀଏ ମଧୁର ବଚନେ କହୁଁ କହୁଁ
ଜଗତ୍ର ପ୍ରବେଶ ସେ କୁମାର ବହୁଁ ବହୁଁ ଯେ ।
କୁମାରୀ ବସ୍ତ୍ରରେ ସ୍ୱପ୍ନ ସଙ୍ଗ ଜନ ଜଣୀ
ସେହି ଶୁଭଲଗ୍ନ ଯୋଗ କାହୁଡ଼ି କି ଆସି ଯେ ।
ଏମନ୍ତେ ସେ ରସିକ ପ୍ରକାଶେ ବଚନକୁ
କଣିଲୁ ଧନ ଯୌବନ ମନ ଲୋଚନକୁ ଗୋ । ୩୫ ।

---

୩୨ । କସ୍ତୁରୀ ସୁବାସୀ-କସ୍ତୁରୀ ଗନ୍ଧରେ ମହମହ ହୋଇ ବାସୁଥିବା (ଲବଣ୍ୟବତୀ) ।
ଅମୃତବାଣୀ ଭଙ୍ଗି-ହେତୁ କୋଳି କହିଲେ ।

୩୩ । ସୁନ୍ଦର ସୃଷ୍ଟି ପୁରନ୍ଦର-ସଂସାର ମଧ୍ୟରେ ଶ୍ରେଷ୍ଠ ଆଉ ସୁନ୍ଦର । ଉତ୍ତର-ଅବାଧ,

ମଧୁ ବିନା ମଧୁପର ଆନ ଗତି ନାହିଁ
ବିଧୁ ବିନା ଆନେ କି କୁମୁଦ ପ୍ରକାଶଇ ଗୋ ।
ବନ୍ଧୁ ବିନା ଆନ ଗତି ନାହିଁ ମୋ ଜଗତେ
ଆନକୁ ନ ବର ଏକା ବରିବୁ ତୁ ମୋତେ ଗୋ ।
ଏତିକ ମ ଗୁଣି ମୋ କେତକୀ ବରନାକୁ
ସେ କୁମର କରୁଁ ଏ ବଚନସ୍ତୁ ରଚନାକୁ ଯେ । ୩୬ ।
ସଖି ବୋଲେ ଆମ୍ଭ ସଖୀ ସଁତ୍ୟର ଜନନୀ
କରଣ ଯେ କରିଛି ମୁକୁତାମାଳ ଯେହ୍ନ ହେ ।
କୋଟିକଲ୍ପେ ଏ କଥା ହୋଇଛି ଅକ.ଆନ
ଘନ ତେଜ ଗଙ୍ଗାଜଳେ ସ୍ତୁତକର ମନ ଯେ ।
ତୁମ୍ଭ ସ୍ୱରୁପେ ସହଜେ ଚନ୍ଦ୍ରମା ପ୍ରକାର
ତାସ୍ୱପତି ହୋଇଲେ କୁମୁଦେ ସ୍ନେହ କର ଯେ । ୩୭ ।
ଚନ୍ଦ୍ରମୁଖୀ କି ରଖିଛି ସଖୀ ଥିଲା ଲାଜ
ମନେ କରେ ଗଳାରେ ବେଢ଼ାଇ ଦେବି ଭୁଜ ଯେ ।
ଜାଣି ତାହା ସହଚରୀ ଅନ୍ତର ହେବାକୁ
କୁହୁକ କୁଶଳ ହରି ନେଲା ସେ ମାୟାକୁ ଯେ ।
କୁମାର କୁମାରୀ ସ୍ଥିତ ଆନକୁ ନ ଦିଶି
ସ୍ୱମାୟଣ ଚରିତେ ସମସ୍ତେ ହେଲେ ତୋଷୀ ଯେ । ୩୮ ।
ରୁଟ ହାଟକ କଟକ ଯୋଟକ ରଚନ
ହାଟ ବାଟ ଜୁର ଶାଢ଼ୀ ବାସ କଲେ ଦାନ ଯେ ।
ଯେତେ ଲୋକ ଦେଖୁଥିଲେ ହେଲେ ସର୍ବ ଜୁର
ସବୁରୁପେ ପୂର୍ଣ୍ଣ ହେଲା ମନୋରଥ ତାର ଯେ ।
ବ୍ୟାକୁଳ ଅନଳେ ଦଗ୍ଧ କୁଟିଳ କଟାକ୍ଷ
ଶତ୍ରୁ ମିତ୍ର ହେଲା ପ୍ରାପ୍ତ ମୋକ୍ଷ କଲା ରକ୍ଷା ହେ । ୩୯ ।

---

୩୭ । ସତ୍ୟର ଜନନ-ସତ୍ୟକଥା କହିବାରେ ପ୍ରଧାନ । କୋଟିକଲ୍ପେ-ଅନେକ ଯୁଗରେ ।

୩୮ । ବେଢ଼ାଇ-ଘେରିଇ । କୁହୁକ କୁଶଳୀ-ଭେଳକି ବିଦ୍ୟାରେ ଦକ୍ଷତା ଥିବା ଇନ୍ଦ୍ରଜାଲିକ । ହରି ନେଲ-କାଢ଼ିନେଲ ।

୩୯ । ରୁଟ-ରୁଜା । ହାଟକ-ସୁନା । କଟକ-ଖଡୁ । ରଚନ-ସଜାଇକରି । ଜୁର-ଲୁଟି ।

ଟକଟେଟକେଟକ ଏରୂପ ଭଜଲ ଶ୍ରାବମସ୍ତୀ
ଜନନୀ ହକର କେତେ ଦଣ୍ଡକୁ ବଞ୍ଚାଇ ଯେ ।
ଏ ଜନ୍ମରୁ ଶଙ୍କା ଉପୁଜାଇ ଦେଲ ଆଳୀ
ଲୁପତ କଥା ପ୍ରକଟ ହେଲା ନବବାଳ ଗୋ ।
ଭୁ ରାଜକୁମାରୀ ତୋତେ ହେବ ବଡ଼ ଲାଜ
ସରବ ଆନ୍ନ ମହତ୍ତ୍ୱ ନ ପାଇବୁ କାର୍ଯ୍ୟ ଗୋ । ୪୦ ।
ହଲାହଳ ପାନେ ପ୍ରାଣ ରକ୍ଷା ବାଞ୍ଛା କରୁ
ସନ୍ନିପାତକୁ ସେ ହୃତ ହୁଏ ପିନା ଖାରୁ ଗୋ ।
ଭେଜ ରୋଗ ଜନମିଲେ ଆଉ ରକ୍ଷା କାହିଁ
ଚଳୁସ୍ମର ଏତେକ ବଦେବ ହେଉ ନାହିଁ ଗୋ ।
ଏଣୁ ବଡ଼ ଭୟ ତା ନଗୂଢ଼ ହୋଇ କର
ଉଳାଇଲା ପ୍ରାଣକୁ ଭଗିନୀବେଳେ ଧର ଯେ । ୪୧ ।
ନଷ୍ଟ ଯାଇ ଜେତେ ଝନେ କର୍ଣ୍ଣାଟେ ସ୍ଥଟଦଶ
କୁମାରକୁ କହିଲା ଦୁର୍ଲ୍ଲଭ କନ୍ୟା ବଶ ଯେ ।
ନାମ ଦେଶ ପଗ୍ଭରିଲେ ତାହିଁ ପ୍ରକାଶିଲ
କୁମାର ଭକ୍ତରେ ମୋର ସୁକୃତ ଫଳିଲ ଯେ ।
ଅବକଶାନ୍ଦ୍ର ପାରନ୍ଦ୍ର ଅଯୋଧ୍ୟା ନରେନ୍ଦ୍ର
ଭାବ ଛାନ୍ଦ ଶେଷ କଲ ଭଞ୍ଜ ଉପଇନ୍ଦ୍ର ଯେ । ୪୨ ।

—*—

କୁଟିଳତଃଶୀଳା-ବନ୍ଧେଇ ବନ୍ଧେଇ ଗୃହ୍ଣୁଁ ଥିବା ନାରୀ ।

୪୦ । ହକସ୍-ଡାକ ।

୪୧ । ହଲାହଳ-ବଷ । ବାଞ୍ଛାକରୁ-ଇଚ୍ଛାକରୁ । ଭେଜ ରୋଗ-କଷ୍ଟଦାରୁପକ ବ୍ୟାଧି । ନଗୂଢ଼-ଗୁପ୍ତ ।

୪୨ । ବଶ-ଆୟତ୍ତ, ବଶୀଭୂତ । ଅବା କହ୍ନ୍ଦ୍ର-ପାପରୁପକ ହାତୀ । ପାରନ୍ଦ୍ର-ଶ୍ରେଷ୍ଠ ଖଭାବତ ।

## ପଞ୍ଚଦଶ ଛାନ୍ଦର ସାର କଥା

ସଙ୍ଗୀତ ସ୍ଥଳରେ କର୍ଣ୍ଣାଟ ଦେଶର ଏକ ଇନ୍ଦ୍ରଜାଲିକ ଏବଂ ତାହାର ସ୍ତ୍ରୀ (ନଟନଟୀ) ସିଂହଳ ରାଜଭବନରେ ପ୍ରବେଶ ହୋଇଛନ୍ତି । ନଟନଟୀ କର୍ଣ୍ଣାଟ ଦେଶର ଲୋକ ହେଲେ ମଧ୍ୟ ଭଞ୍ଜଙ୍କର ରୂପ ଓ ବେଶଭୂଷାର ବର୍ଣ୍ଣନା ସମ୍ପୂର୍ଣ୍ଣ ଓଡ଼ିଆ । ନଟର ପଗଡ଼ କଡ଼ିଆ କୁଣ୍ଡଳ, ସୁନାଗିଲ ଖଣ୍ଡା ଦାନ୍ତ, ମୁଣ୍ଡରେ ସେନ୍ଦୂର ଟୋପା ଏ ସବୁ ଓଡ଼ିଆ ଦେଶର ବେଶଭୂଷା । ଇନ୍ଦ୍ରଜାଲିକର ସ୍ତ୍ରୀ ନଟୀର ବର୍ଣ୍ଣନା ମଧ୍ୟ ଅନୁରୂପ । ଗୁଣା, ନାକଚଣା, ମଲ୍ଲୀକଡ଼ି, ତଳୁକରେ ମଞ୍ଜିକାର ଗୁରୁଚାପ, ଭୁଜରେ ତଦମାଳ ଏସବୁ ଓଡ଼ିଆର ନିଜସ୍ୱ । ନଟନଟୀର ରୂପ ଓ ବେଶଭୂଷା ବର୍ଣ୍ଣନାରେ ଭଞ୍ଜ ନିଜର ସୂକ୍ଷ୍ମ କଳା-ଜ୍ଞାନର ପରିଚୟ ଦେଇଛନ୍ତି ।

ନଟ ନଟୀ ଦୁହେଁ ଏହିପରି ବେଶଭୂଷାରେ ଭୂଷିତ ହୋଇ ସିଂହଳ ରାଜାଙ୍କ ନିକଟରେ ଆପଣା ଯାଦୁବିଦ୍ୟାର ପରାକାଷ୍ଠା ପ୍ରଦର୍ଶନ କରିବାର୍ଥେ ଉପସ୍ଥିତ ହୋଇଛନ୍ତି । ରାଜା ପ୍ରୀତ ହୋଇ ଇନ୍ଦ୍ରଜାଲିକକୁ ମାୟାରେ ରାମାୟଣ ପ୍ରଦର୍ଶନ କରିବାକୁ ଆଦେଶ ଦେଇଛନ୍ତି । ଇନ୍ଦ୍ରଜାଲିକ ଅତି ସଂକ୍ଷେପରେ ସମଗ୍ର ରାମାୟଣ ବିଷୟବସ୍ତୁ ଦର୍ଶକମାନଙ୍କୁ ପ୍ରଦର୍ଶିତ କରାଇଛି ।—

“ଗୃହେଁ ଲୋମୋଦଗମକନେ ଲୋମପାତ ବୋଲେ ଠାରୁ ଯୋଧ୍ୟାରେ ହୋଇଲେ ନୃପତି” ପର୍ଯ୍ୟନ୍ତ ସାମାନ୍ୟ କେତେ ପଦରେ ଭଞ୍ଜ ସମଗ୍ର ରାମାୟଣର ବିଷୟବସ୍ତୁକୁ ପ୍ରକାଶ କରିଛନ୍ତି । ଏପରି ସଂକ୍ଷେପରେ ସମଗ୍ର ରାମାୟଣର ବର୍ଣ୍ଣନା କୁତ୍ରାପି ପରିଦୃଷ୍ଟ ହୁଏ ନାହିଁ ।

ଶେଷରେ ରାମାଭିଷେକ ସମୟରେ କର୍ଣ୍ଣାଟ ରାଜକୁମାର ଚନ୍ଦ୍ରଭାନୁ ମାୟାରେ ରାମଚନ୍ଦ୍ରଙ୍କ ସମ୍ମୁଖରେ ଠିଆହୋଇ କହୁଛି—

“ଲାବଣ୍ୟବତୀ ଯୁବତୀ ଶିରୋମଣି ମୋର
ମନୋହାରୀ ହୋଇବ ଏମନ୍ତ କୃପାକର”

ଏତାଦୃଶ କାମୋଦ୍ଦୀପକକାରୀ ପ୍ରାର୍ଥନା କେବଳ ଦର୍ଶକଶ୍ରେଣୀ ମଧ୍ୟରେ ଥିବା ଲାବଣ୍ୟବତୀ ପ୍ରତି ଉଦ୍ଦିଷ୍ଟ ହୋଇଛି । ଏ ସ୍ଥଳରେ ଲାବଣ୍ୟବତୀକୁ ଚନ୍ଦ୍ରଭାନୁ ପ୍ରତି ଆକୃଷ୍ଟ କରିବା ପାଇଁ କବି ଏତେ ଦୂର କଳ୍ପନାର ଆଶ୍ରୟ ନେଇଛନ୍ତି ।

# ଷୋଡ଼ଶ ଛାନ୍ଦ

( ଚନ୍ଦ୍ରଭାନୁ ମିତ୍ରକୁ ଲାବଣ୍ୟବତୀ ଶୋଭା କହିବା )

ରାଗ—ଗୁଜ୍ଜରୀ

ଇନ୍ଦ୍ରଜାଲିକ ମୂର୍ଖ ଶୁଣି । ବଶ ହେବାରୁ ପୃଥୁଶ୍ରୋଣୀ ।
ଚିତ୍ତେଶ୍ୱର ଶୋଭା ଅନୁରାଗ । କହୁ ପ୍ରକାଶେ ମିତ୍ର ଆଗ ।୧।
ହା ହା ସେ ନରେନ୍ଦ୍ର କୁମାରୀ । ଅବଗାଶିରୀ ସୁକୁମାରୀ ।
ପଲ୍ୟଙ୍କ ଅଙ୍କେ ଶୋଇଥିଲା । ସୁକୃତ ଦୂତୀ ଭେଟାଇଲା ।୨।
ସଂସାରେ ଯେତେ ଦୃଷ୍ଟି ଅଛି । ତା ଠାରେ ପୁଷ୍ଟି ସେ ହୋଇଛି ।
ଏଣୁ ଜଗତ ଜୟରୂପ । ପୁଣି କନ୍ଦର୍ପ ରସକୂପ ।୩।
ତହିଁ ନୟନ ମୀନ ପଡ଼ି । କ ଶକ୍ତ ରହିବାର ବୁଡ଼ି ।
ଆଗ ପଛକୁ ସମ ଶୋଭା । ଶୋଭାବୃନ୍ଦରେ ହେମପ୍ରଭା ।୪।
ସ୍ଥାଣୁମାନଙ୍କ ନିଜ ଧାମ । ଅନ୍ୟୋଽନ୍ୟ ନାମରୂପ ସମ ।
ସମ ନୋହିଲେ ଆଉ କାହିଁ । ମୁକୁର ଦେଖାହେଲେ ଦୁଇ ।୫।
ଅଲଙ୍କାରକୁ ଅଲଙ୍କାର । ନିଷ୍ଠୁ ସେହି ସମାକର ।
ଶବ୍ଦାର୍ଥ ଯେତେ ଅଲଙ୍କାର । ସେମାନେ ଅଲଙ୍କାର ସାର ।୬।
ଅନୁରାଗର ରୂପ ସେହି । ଅନୁରାଗକୁ ଜନମାଇ ।
ଯୌବନ ଶୋଭା ସେ କାମିନୀ । ଯୌବନ ଶୋଭା ତାହା ଯେଣ ।୭।
ମୁଖ ପ୍ରଶଂସା କଳାକର । ତାହା ପ୍ରଶଂସା ମୁଖ ତାର ।
ତା ରୂପ ଅସ୍ତ୍ର କରି ଯେଣ । ରୂପାସ୍ତ୍ର ବୋଲାଇ ମଦନ ।୮।
ସୁବାସସାର ସନ୍ଧାରଣୀ । ଯୋଷାରେ ସଂସାର କାରିଣୀ ।
କୁଙ୍କୁମକାନ୍ତି ଅସମରେ । ସଂକୋଚ ବହୁଛି ନାମରେ ।୯।

---

୧ । ପୃଥୁଶ୍ରୋଣୀ-ସ୍ଥୂଳ ନିତମ୍ବଯୁକ୍ତ ସ୍ତ୍ରୀ । ଚିତ୍ତେଶ୍ୱର-ମନେଶ୍ୱର ।
୨ । ଅବଗାଶିରୀ-ସୁସ୍ୱୀର ସୁନ୍ଦର । ସୁକୃତ ଦୂତୀ-ପୁଣ୍ୟରୂପକ ଦୂତୀ
୩ । ପୁଷ୍ଟି-ଅବସ୍ଥାନର ବୃଦ୍ଧିପ୍ରାପ୍ତ ।
୭ । ଧନ-ଜଳ, ବିଳାସ ଆଦି ଅବସ୍ଥାନ । ଶୋଭା-ସୌନ୍ଦର୍ଯ୍ୟ ।
୮ । ରୂପାସ୍ତ୍ର-କନ୍ଦର୍ପ ।
୯ । ଅସମରେ-ଅତୁଲ୍ୟରେ ।

ସୁନ୍ଦରୀ ପୁରନ୍ଦର ମୋହ । ସୁନ୍ଦରୀ ସୁରନ୍ଦର ଏହ ।
ଦେଖି ତା ସର୍ବାଙ୍ଗ ସୁନ୍ଦର । ଚିତ୍ତେ ଚିନ୍ତିବ ପୁରନ୍ଦର ।୧୦।
କି ତପ କରି ପିତା ଶାନ୍ତୀ । ସେ ବାଳା ପ୍ରତିଅଙ୍ଗେ ଜାତ ।
ଜାଣିଲେ ସେ ତପ ସାଧନ୍ତି । ଚେତନକବେଲ୍ଲି ହୁଏ ମତି ।୧୧।
ନକ୍ଷ' ଲଗ୍ନ ସଲଗ୍ନ ନବଳେ । ଭୃଙ୍ଗୀଏ ଅନୁକୂଳ ଚଳେ ।
ଲୁଟି ଯେ ଗଲେ ଧୈର୍ଯ୍ୟଧନ । ପ୍ରଥମେ ଧରି ନେଲେ ମନ ।୧୨।
ଅଙ୍ଗ ଦେଶରେ ନିଜ ପ୍ରୀତି । ହୋଇଥିବେ ଯେ ବେନି ମନ୍ତ୍ରୀ ।
କେ କେତେବେଳେ ବଳଆର । ହୋଇଲେ ଅନୁଗ୍ରହ ତାର ।୧୩।
ଉରଜ ପୁର ଚକ୍ରବର୍ତ୍ତୀ । ଦେଖାଇ ବିଶେଷ ଉନ୍ନତି ।
ଲେଖାଇ ନେଲା ହାତେ ପତ୍ର । ହେଲି ବୋଲି ମୁଁ ତୋର ଭୃତ୍ୟ ।୧୪।
କଳନ ମନ୍ମଥର ଠାରୁ । ଉଦରେ ରଖିଛି ତା ଖନ୍ତ ।
କସ୍ତୁରୀପଙ୍କ କର୍ଣ୍ଣପନ୍ତ । ରୋମାଳୀ ବୋଲିଣ ଅଛନ୍ତି ।୧୫।
ଯଷ୍ଟି ଏମନ୍ତ ଧୈର୍ଯ୍ୟବନ୍ତ । ଦେଖି ନ ପାରିଲି ଗୁରୁତ୍ୱ ।
ଆଜ ଜାହାର ତାକୁ ଯଷ୍ଟି । କାଞ୍ଚି ନୋହିବ ଦାସ ହୋଇ ।୧୬।
ବାଳୀ ଡାଳିଲାବେଳେ ନେତ୍ର । ଜୀବନ ହୋଇଲା ଆରତ ।
ଖେଳ ଆସୁଛି କାଳ ଅସ୍ତ୍ର । ଏ ମୋତେ ବଂଶୀବାର ପାଇଁ ।୧୭।
ପିଞ୍ଜରା ପେଡ଼ାମଧ୍ୟେ ଥିଲି । କି ରୂପେ ଫିଟି ଏ ଅଇଲି ।
ନ ମାନିବାରୁ ଗଡ଼ୁପଦ । ଜଗସ୍ତ ହେଲା ବିଷବୈଦ୍ୟ ।୧୮।
ଏ କାଳେ ନେତ୍ରବୋଧ ତାକୁ । ଢାଳି ଏ ଦେବ ଅମୃତକୁ ।
ଆହୁଁ ତୁ ହୋଇଲୁ ଅମର । ଦେଖି ଏ ଶୀଘ୍ର ପ୍ରାପ୍ତ ମୋର ।୧୯।
ଅନୁରାଗ ସ୍ୱୟଂ ଶ୍ରୀ ସେହ । ଅପାଙ୍ଗ ଥିଲା ସାକ୍ଷୀ ହୋଇ ।
ଶୋଭା ସେ ହସିଲି ଏମନ୍ତ । ଫୁଲ୍ଲାରବିନ୍ଦେ ଅଳିଯୁକ୍ତ ।୨୦।
ଅନଙ୍ଗ ପବନ ବଳ ରେ । ପୁଞ୍ଜିତ ଢାଳିବା ପ୍ରକାରେ ।
ବେଣୀ ଶୃଙ୍ଖଳ ଭଙ୍ଗ କଲା । ପଲକ କବାଟ ଫିଟ କଲା ।୨୧।

---

୧୦ । ପୁରନ୍ଦର-ଇନ୍ଦ୍ର । ସୁନ୍ଦରୀପୁରନ୍ଦର-ସର୍ବଶ୍ରେଷ୍ଠ ସୁନ୍ଦରୀ ।
୧୨ । ସଲଗ୍ନ-ମିଳିତ, ସଂଯୁକ୍ତ । ଭୃଙ୍ଗୀଏ-ଭ୍ରମରମାନେ ।
୧୩ । ଅଙ୍ଗ ଦେଶରେ-ଶରୀର ଦେଶରେ ।
୧୮ । ବିଷବୈଦ୍ୟ-ଓଝା ।
୧୯ । ନେତ୍ରବୋଧ-ଦେଖିବାର ଜ୍ଞାନ, ଆଖିର ଅନୁଭବ ।
୨୦ । ଅପାଙ୍ଗ-ଆଖିକୋଣ । ଫୁଲ୍ଲାରବିନ୍ଦେ-ଫୁଟିଲା ପଦ୍ମଫୁଲରେ ।

ମୋହର କ ଇତର ପୁଣ୍ୟ । ତ୍ରିବେଣୀ ଘାଟେ କଲୁ ସ୍ନାନ ।
କଟାକ୍ଷ ଅଙ୍କୁଶ ସଦୃଶୀ । ମନ ମାତଙ୍ଗଙ୍କୁ ଆକର୍ଷି । ୨୨
ଉଚ୍ଛଳ ମାହୁନ୍ତ ଆବେଗ । ତାର ଆୟତ୍ତ କରି ନେଇ ।
ଜାନୁ ଅର୍ଗଳର ନିକଟେ । ଥିଲା ଶିକୁଳୀ ଖାବାକୁଟେ । ୨୩
ନବଟେଡ଼ ଉକାଇଲା ବାନ୍ଧି । ଭ୍ରମ ମଣ୍ଡପ ପାନେ ବୋଧି ।
ଖୋଲିଲ ସ୍ୱର୍ଗଦ୍ୱାର ଏହି । ମୋକ୍ଷ ଏଥିରେ ଅଛି ରହି । ୨୪
ସନ୍ନିଧେ ମଧ୍ୟେ ହିଁ ହ ସ୍ଥିତ । ନୋହିଲେ ହୁଅଇ ଏମନ୍ତ ।
ନିତମ୍ବ ଚନ୍ଦ୍ର ବିମ୍ବ ସତ । ସେ ସ୍ଥାନେ ହୁଅନ୍ତା ଉଦିତ । ୨୫
ଲଭିଲି ଯେତେ ପୁଣ୍ୟ ତେତେ । ଲଙ୍ଘି ତ ପାରନ୍ତି କେମନ୍ତେ ।
ଜଘନ ଭଦ୍ରାସନ ଯୋଗ୍ୟ । ବିଶ୍ରାମେ ଇନ୍ଦ୍ରପଦ ସ୍ଥାପେ । ୨୬
ଏହି ଅଶାସ୍ତ୍ର ଅନୁଅଛୁ । ନ ଜାଣି ଧାତା କ ଲେଖିଛି ।
ମନ ବୁଦ୍ଧି ନୟନ ପ୍ରାଣ । ତାହାର କଣା ହେଲେ ଜାଣ । ୨୭
ଏଣୁ ମୋ ଭଲ ମନ୍ଦ କର୍ତ୍ତା । ନୋହିଲା ନବୀନ ବନିତା ।
ମୋର ଦେହରେ ମୋ ଅସ୍ୱତ୍ୱ । କେହି ରହିଲା ଯେନ ଚିତ୍ତ । ୨୮
ବାହୁ କନକ ବଳୟକ ' । ସୁଭାଗ୍ୟ ଗଲା ମୋର ଶଙ୍କ ।
ଓଷ୍ଠ ପ୍ରବାଳପାଦେ ଥିଲା । ହାସ ମୁକୁତାରେ କଷିଲା । ୨୯
ସେ ତାହା କିଣି ଗଲା ପିନା । ଏବେ ମୁଁ ପାଉଛି ବେଦନା ।
ରତ୍ନ ରଚନ ବରତନ । ଦେଇ କିଣିବାକୁ ଯତନ । ୩୦
କେ ଯାଇ ଜଣାନ୍ତା ମୋ ପାଇଁ । କରୁଣା କଲ୍ପତରୁ ସେହି ।
ଆହା କରନ୍ତା ଏହା ଶୁଣି । ଗୃହକୁ ନଅଇ ସେକ୍ଷଣି । ୩୧
ଦିଅନ୍ତା ଅଶେଷ ସମ୍ପତ୍ତି । ଦହନ୍ତା ପାଇବା ବିପତ୍ତି ।
ମନକୁ ମନାଇ ସେବାରେ । ମଜ୍ଜନ୍ତି ମୁଁ ନିଶି ଦିବ ରେ । ୩୨

---

୨୨ । ମାତଙ୍ଗ-ହାତୀ । ଆକର୍ଷି-ଟାଣି ।

୨୩ । ଜାନୁ ଅର୍ଗଳ-ଜାନୁରୂପକ ଖିଳଣୀ । ଟିକୁଳୀ-ଜଞ୍ଜିର । ଖାବାକୁଟ୍ଟ-ଖୋସଣୀରେ ।

୨୫ । ସନ୍ନିଧେ-ପାଖରେ । ମଧ୍ୟେ-କଟୀଦେଶରେ, ମଧ୍ୟବର୍ତ୍ତୀ ସ୍ଥାନରେ ।

୨୬ । ଭଦ୍ରାସନ-ସିଂହାସନ । ବିଶ୍ରାମେ-ଅବସରେ ।

୨୯ । ବାହୁ କନକବଳୟ-ଖୋଡ଼ା ସୁନାପଟ୍ଟ ଯାହାର ବର୍ତ୍ତି ।

୩୦ । ବରତନ-ପାତ୍ର, ଥାଳ ।

ଯାହାର ନାସାପୁଷ୍ପ ଘଣ । ପୁଷ୍ପଇ ଦେଇ ଫୁଲବାଣ ।
ଭସ୍ମରେ ଏ ତୂଣୀ ସମରେ । ଅସ୍ତ୍ରେ ତ କମ୍ପାଇବ ହରେ । ୩୩
ସବୁ ସୁବେଶ ମାନେତାଙ୍କୁ । ସେ ପୁଣି ସୁବେଶ ବେଶଙ୍କୁ ।
ମଳିନ ହୋଇଥିଲେ ବେଶେ । ଜଗତ ମୋହି ପାରିଲ ସେ । ୩୪
ପଙ୍କ ମଧ୍ୟରେ ପଦ୍ମ ଥାଇ । ଯଥା ରସିକ ଭୃଙ୍ଗ ମୋହି ।
ସେମନ୍ତ ଦେବତା ଏ ଶିରେ । ବହନ୍ତି ବଧୂ ସ୍ପର୍ଶ୍ୟ କରେ । ୩୫
ଶର ଜରିଛି ଶମ୍ବରର । ଶ୍ରୀମା ସୁଷମା ସେହିପର ।
ସ୍ୱଭାବେ ମୋର ବେଳ ଆଷେ । ଯନ୍ତ୍ରିଁ ପଡ଼ଇ ଉଦ୍ଦେ ଲକ୍ଷି । ୩୬
ସେ କୋଟି କୋଟି ହୋଇଥିଲେ । ସେ ଶୋଭା ଦେଖିଥାନ୍ତି ଭଲେ ।
ଅଙ୍ଗକେ ଶତ ଶତ ଭକ୍ଷି । ସୁଖୀ ହୁଅନ୍ତି ଦେଖି ଦେଖି । ୩୭
ସେ ବାଳ ଚରିତ ଅଶେଷ । ଏମନ୍ତ କହୁଁ କହୁଁ ପୁଂସ ।
ଲବ୍ଧ ପୁରୁଷ କଲା ଆନ । ଏ ଗୁଣ ହୋଇଲା ସମ୍ପୂର୍ଣ୍ଣ । ୩୮
ଯେ ବଂଶେ ଇଷ୍ଟ ଦୁର୍ଗାଦେବୀ । କରନ୍ତି କୋଷରୁ ସମ୍ଭବ ।
ମନୁଷ୍ୟ ଏହି ଅଦଭୁତ । ଭଞ୍ଜା'କୁ ଭଞ୍ଜ ନାମ ସତ । ୩୯
ବଶିଷ୍ଠ ବଶିଷ୍ଠ ପାଳକା । ଶ୍ରୀରାମେ ଦତ୍ତ ରାଜଟୀକା ।
ସେ କୁଳେ ରାଜା ଧନଞ୍ଜୟ । ସମସ୍ତ ଗୁଣର ନିଲୟ । ୪୦
ଘୁମୁସର ଅଧିକ ଯଶେ । ଲୋକ ବିଖ୍ୟାତ କବ ଗୁଣେ ।
ତଦ୍‌ଗତ ତାହାଙ୍କ ତନୁଜ । ନରେଶ ନୀଳକଣ୍ଠ ଭଞ୍ଜ । ୪୧
ତାହାଙ୍କ ଜ୍ୟେଷ୍ଠ ସୁତ ମୂର୍ତ୍ତି । ଉପେନ୍ଦ୍ର ଭଞ୍ଜ ନାମ ବହ୍ନି ।
ତାରକମନ୍ତ୍ର ପରସାଦେ । ମୋହର କବିପଣ ଉଦେ । ୪୨
କଳଙ୍କ ରହିତ ମୋ ଗୀତ । ଖଳ ରାହୁରେ ଅଦୂଷିତ ।
ବଚନ ସୁଧାକର ଏହି । ସୁମନାବୃନ୍ଦ ସୁଖଦାୟୀ । ୪୩
ନାରିକେଳ ସେ ରସପୁର । ଭକ୍ଷି ନ ପାରଇ ବାନର ।
ତା'ର କି ସ୍ୱାଦୁ ଯଶ ନୋହି । ପ୍ରସଙ୍ଗ ଗଲି ମଧ୍ୟ କହି । ୪୪

—*—

---

୩୯ । ବରନ୍ତି କୋଷରୁ-ଭକ୍ତ ଦେବଙ୍କୁ, ଦେବଯୁକ୍ତ ଖଣ୍ଡା ଖୋଲନ୍ତୁ ।

୪୦ । ନିଲୟ-ଆଧାର ।

୪୩ । ଚରିତ୍ର-ଅର୍ଥାଲଙ୍କାର ଯୋଗ୍ୟ । ସୁଧାକର-ଅମୃତ ତୁଲ୍ୟ । ସୁମନାବୃନ୍ଦ-ସଜ୍ଜନ ।

## ଷୋଡ଼ଶ ଛାନ୍ଦର ସାର କଥା

ଏ ଛାନ୍ଦରେ ଲାବଣ୍ୟବତୀ କାବ୍ୟର ନାୟକ ଚନ୍ଦ୍ରଭାନୁ ନିଜର ମିତ୍ର ଆଗରେ ଲାବଣ୍ୟବତୀର ସୌନ୍ଦର୍ଯ୍ୟର ଏକ ମନୋଜ୍ଞ ଚିତ୍ର ପ୍ରକାଶ କରିଛନ୍ତି । କବି ଏ ଛାନ୍ଦରେ ନିଜର ରୀତ୍ୟାନୁଗତ ଶୈଳୀରେ ଲାବଣ୍ୟବତୀ ସୌନ୍ଦର୍ଯ୍ୟ ବର୍ଣ୍ଣନା କରିଛନ୍ତି । ଯଥା—

"ସୁନ୍ଦରୀ ସୁରବନ୍ଦର ମୋହ । ସୁନ୍ଦରୀ ସୁରନଦୀ ଏହ ॥

* * *

କନ୍ଦର୍ପଙ୍କ ବର୍ତ୍ତିପନ୍ତି । ପ୍ରେମାଳୀ ବୋଲିବ ଅଛନ୍ତି ॥"

ଏ ଛାନ୍ଦର ଅନ୍ୟ ଏକ ବିଶେଷତ୍ୱ ହେଉଛି—ଏଥିରେ କବି ନିଜର ଆତ୍ମ ପରିଚୟ ପ୍ରଦାନ କରିଛନ୍ତି । ସମଗ୍ର ଭଞ୍ଜୀୟ ରଚନା ମଧ୍ୟରେ ଏହାହିଁ ଏକମାତ୍ର ସ୍ଥାନ, ଯେଉଁଠାରେ ପାଠକ କବିଙ୍କର ସଂକ୍ଷିପ୍ତ ପରିଚୟ ପାଇବାକୁ ସକ୍ଷମ ହେଉଛି—

"ଯେ ବଂଶେ ଲକ୍ଷ୍ମୀ ଦୁର୍ଗା ଦେବୀ । ବୀରନ୍ଧି ବୋଲଣ୍ଡୁ ସମ୍ଭବ, ଇତ୍ୟାଦି ॥"

ପୁନଶ୍ଚ ଏହି ଛାନ୍ଦର ଉପସଂହାରରେ ନିମ୍ନଲିଖିତ ପଦ ଦୁଇଟି ଉଲ୍ଲେଖ ଯୋଗ୍ୟ—

"କଳଙ୍କ କଳିନ ମୋ ଚିତ୍ତ । ଜଳବିନ୍ଦୁରେ ଅଦ୍ଭୁତ ।
ଚନ୍ଦନ ସୁଧାକର ଏହ । ସୁମନାବୃନ୍ଦ ସୁଖଦାୟୀ । ୪୩ ।
ନାରିକେଳ ଯେ ରସପୂର । ଭାଙ୍ଗି ନ ପାରଇ ବାନର ॥
ତାର କି ସ୍ୱାଦୁ ପାଇ ନୋହି । ଭ୍ରମରଙ୍କୁ ଗଲ ମଧୁ କହି । ୪୪"

ନୈଷଧକାର ଶ୍ରୀହର୍ଷଙ୍କ ନିମ୍ନ ଉକ୍ତିଦ୍ୱାରା ଭଞ୍ଜ ପ୍ରଭାବିତ ହୋଇଥିବା ମନେ ହୁଏ,

"କାବ୍ୟେ ଚାରୁଣି ନୈଷଧୀୟ ଚରିତେ ସର୍ଗୋ ନିସର୍ଗୋଜ୍ଜ୍ୱଳଃ

* * *

ପ୍ରାଜ୍ଞଂ ମନ୍ୟମନା ହଠେନ ପଠିତୀ ମାସ୍ମିନ୍ ଖଳଃ ଖେଳତୁ ॥"

# ଲାବଣ୍ୟବତୀ

## ଦ୍ୱିତୀୟ ଖଣ୍ଡ

# ସପ୍ତଦଶ ଛାନ୍ଦ

( ବ୍ରହ୍ମଣୀ ଲାବଣ୍ୟବତୀର ବାର୍ତ୍ତା ନେଇ ଚନ୍ଦ୍ରଭାନୁ ପାଶେ ପ୍ରବେଶ )

ରାଗ—ଶଙ୍କରାଭରଣ

ବହିତ ଲାଗିଲା ଯାଇ ସିଂହଳ ଦ୍ୱୀପରେ ।
ସାଧବ ଯୁବତୀମାନେ ଅତି ପ୍ରମୋଦରେ ।
ଗଲେ ବହିତ ବନ୍ଦାଇ, ଅର୍ଘ୍ୟଥାଳୀମାନ କରେ ହୁଳହୁଳି ଦେଇ ।୧।
ରତ୍ନାକର ସାଧୁ ତ ଭଗିନୀ ମେଘମାଳା ।
ଦଇବେ ସେଦିନ ଭର୍ତ୍ତୃପୁରେ ଯାଇଥିଲା ।
ତାକୁ ଜାୟା ସଙ୍ଗେ ଦେଖି, ହୋଇଲା ବୋଇତଅଳ ଅତିଶୟ ସୁଖୀ ।୨।
ପୁରେ ପ୍ରବେଶ ଏକାନ୍ତେ ବଲ୍ଲଭ ସଙ୍ଗରେ ।
ହାସ କଉତୁକ ବେଳେ କହୁଛି ସୁରତରେ ।
ଧନ ମୋହଲଗି ତୋତେ, ମୁଁ ଯାହା ବୋଲଇ ତାହା କରିବୁ ଭରିତେ ।୩।
ଉପଚିତ ମାଗିବେ ପତି ଏମନ୍ତ ଘେନ ।
ଅତି ରସିକାତରୁଣୀ ବଚନେ ହେଲା ଭିନ୍ନ ।
କହ ଶୁଣିବା ସେ କଥା, ବୋଇଲା ଲଜ୍ଜିତ ହୋଇ ପୋତିଲା ସେ ମଥା ।୪।
ନାୟକ କହିଲା ତୋ ନଣନ୍ଦ ମେଘମାଳା ।
ପରିହାସ ତାହାଠାରେ ତୋର ପ୍ରବର୍ତ୍ତିଲା ।
ସେ କୁମାରୀ ପ୍ରାଣ ପରି, ତୁ ତାହାକୁ କହିବୁ କହିବ ଯାଇକରି ।୫।
ଭଦ୍ୟାନଗ୍ରୀ ନୃପତି ନନ୍ଦନ ଚନ୍ଦ୍ରଭାନୁ ।
ଲାବଣ୍ୟବତୀର ଶୋଭା ଶୁଣିଲାରୁ ତନୁ ।
ହୋଇଅଛି ଅତି କଶ, ନ ପାଇଲେ ଜୀବନରେ ଷଣେ ନାହିଁ ଆଶ ।୬।

---

୧ । ବହିତ-ବୋଇତ । ସାଧବ-ସାହୁକାର ।

୨ । ବୋଇତଅଳ-ବୋଇତରେ କର୍ଣ୍ଣଧାର ।

୪ । ଉପଚିତ-ଅଳଙ୍କା ।

୫ । ନାୟକ-ପ୍ରଣୟୀ ସ୍ୱାମୀ । ପ୍ରବର୍ତ୍ତିଲା-ଆରମ୍ଭ ହେଲା, ଚଳିଲା ।

୬ । ଆଶ-ଇଚ୍ଛା ।

ସୁନ୍ଦରପଣକୁ ଆଜ ଗାରେ କାହିଁ ନାହିଁ ।
କୁଟିଳ ଉଜ୍ଜ୍ୱଳ ସାମର୍ଥେ ଲୋକଙ୍କରେ ମଧ୍ୟ ।
ଅବଧିତ ହେବ ବାଳା, ଭଜ ସେ ରସିକକୁଞ୍ଜରଙ୍କୁ ମହାଶୋଭା । ୭ ।
ସୁମନା ବୋଇଲା ଦେଖ ଏ ପ୍ରାଣ ଯୋହାର ।
ଏ କଥାକୁ କାହିଁପାଇଁ କଷ୍ଟମ ତାହାର ।
ଏତେ କହି ଗଲା ଉଠି, ମେଘମାଳା ଗଣରେ ପ୍ରବେଶ ବିମ୍ବଓଷ୍ଠୀ । ୮ ।
ବସି ପାଶେ ଘଡ଼ିଏ'ମ ଛଳ ପରିହାସେ ।
ଶ୍ରମଣେ ଶ୍ରମଣେ କର ପକାଇଲା ଭଷେ ।
କେମା ବାଳ ନୋହୁବେକ, କ ଉପାୟ ତାର ମାତ କରନ୍ତି ଏଥିକ । ୯ ।
ସେ ରାମା ଭରକ ଥିଲା ବ୍ରହ୍ମବୃଷ ଶୁକ ।
ଜ୍ୟେଷ୍ଠଭ୍ରାତା ସଙ୍ଗତରେ କରି ଅବଲୋକ ।
ଏବେ ମନରେ ଭର୍ତ୍ସରେ, ଭ୍ରାତା କଷ୍ଟ ପଠିଆଇ ଅଛୁ ଏହା କରେ । ୧୦ ।
ମାଣିମା କହିବାର ଆସୁଛୁ ସତ ହୋଇ ।
ମୁଁ କମାଇଁ ଗୁଣବନ୍ତି ସଖୀର ବଢ଼ାଇ ।
ଉଷ୍ଣ ଏମନ୍ତ କହିଲା, ସମେ ବର ମିଳଲେ ଶୋଭାହ ହେବ ବାଳା । ୧୧ ।
ମାନସର ହେଲେ ସିନା ମରାଳ ରସିବ ।
ମେଘ ମାଳ ହେଲେ ସିନା ଚାତକ ତୋଷିବ ।
ମନୋ'ମନହିଁ ମିଶିବ, ଚନ୍ଦ୍ର ହେଲେ ସିନା ଚକୋରକୁ ଉଲ୍ଲାସିବ । ୧୨ ।
ଚୂତ ମଞ୍ଜରୀରେ ଯେବେ କୋକିଳ ରସିବ ।
ତେବେ ସିନା ଅତ୍ୟନ୍ତ ସୁନ୍ଦର ଦିଶିବ ।
ଶୁଣି ଏ କହେ ଏମନ୍ତ, ଏହି ବାଧିରେ ମିଳଲେ ହେବ କ ସମ୍ମତ । ୧୩ ।
ବିଶ୍ୱସ୍ତା ବୋଲେ ସମ୍ମତ ନୋହିବ କାହିଁକି ।
ବିଧାତା ଘଟାଇ ଦେଇ ସେ ଯୋଗ୍ୟ ଯହିଁକି ।
ସ୍ତବକ ଅଛି ଏତେ, ସ୍ୱପ୍ନବଶେ ପୁଲ୍ଲଖେ ଦେଖିଛୁ କନେ ରାଗେ । ୧୪ ।

---

୭ । ଗାରେ-ଲେଶମାତ୍ର । ସାମର୍ଥେ-ଯୋଗ୍ୟତାରେ । ଅବଧିତ-ଏବେ ମଧ୍ୟ । ରସିକ କୁଞ୍ଜର-ରସିକଶ୍ରେଷ୍ଠ ।
୯ । ଭଟେ-ବଟପ୍ରସଙ୍ଗ ।
୧୦ । ତରକାଥିଲା-ସତର୍କ ଥିଲା । ଅବଲୋକ-ଦେଖି ।
୧୨ । ମାନସର-ମାନ ସରୋବର । ମରାଳ ରାଜହଂସ । ଉଲ୍ଲାସିବ-ଖୁସି କରାଇବ ।
୧୩ । ଚୂତ ମଞ୍ଜରୀ-ଆମ୍ବବଉଳ ।

ପାର୍ଶ୍ୱେ ନନ୍ଦୀ ସତ୍ୟ-ଜନପ୍ରିୟୀ ବୋଲି ସେହ ।
ଅଙ୍ଗୀକାରେ କଲ କଥା ନ କରଇ ଆନ ।
ସତ୍ୟେ ବନ୍ଧ ଲଭି ହର, ସତ୍ୟେ ଲଙ୍ଘି ନାହିଁଟି କୂଳକୁ ଅକୂପାର । ୧୫ ।
ଅସୁରସମ୍ଭବ ବୃନ୍ଦାବନ୍ତ ପୂର୍ବେ ଥିଲା ।
ଶ୍ରୀପଣ୍ଣ କେବଳେ ସୁନ୍ଦରୀ ବର ନ ରସିଲା ।
ମାନ୍ଧାଧର ଜଟେ ମାସ୍ୟା, ସତ୍ୟ ପୋଣ ଅନଳେ ଦହନ କଲ କାସ୍ୟା । ୧୬ ।
ତଥାପିହିଁ ଶୁଣିବା ସେ କେମନ୍ତ ସୁନ୍ଦର ।
ପ୍ରଥମା ଭଟ୍ଟ ଜାଣିଲୁ କାମାବେଶ ଭାବ ।
ତାଙ୍କପତ୍ର ପ୍ରିୟସୁତ, ଚନ୍ଦ୍ର ସୁନ୍ଦ କେମାନ୍ତେ ହୋଇଛୁ ଅନୁରକ୍ତ । ୧୭ ।
ଏହିରୂ ବୋଲି ପ୍ରାଣପ୍ରିୟା ପାଶକୁ ଗମନ ।
ପୁନରପି ବୃତ୍ତାନ୍ତ ସେ ସକଳ କଥନ ।
ବୋଲ ବୃନ୍ଦ ଶୁଣ ନାର, ପୋତପାଳ ବଣି ଜଳେ ଏମନ୍ତ ବର୍ଗର । ୧୮ ।
ନିରୂପଣ ଦୂତ ଶାସ୍ତ୍ରରେ ଲେଖିବ ହୋଇଛି ।
ବିବିଧ ଦୂତକୁ ଆଉ କାର୍ଯ୍ୟ ନାହିଁ କିଛି ।
ପଢ଼ି ଯେଉଁ କାର୍ଯ୍ୟ ସନ୍ଧି ସେ କାର୍ଯ୍ୟ ନିର୍ବାହ କରିବ ପ୍ରତ୍ୟୁତ୍ତର ଦେଇ । ୧୯ ।
ଶତ୍ରୁ ପକ୍ଷରେ ଶଙ୍କା ନଥାଇ ଯାହାର ।
ତାହାକୁ ସଂସାରେ କହି ନିସୃଷ୍ଟାର୍ଥବର ।
ଦୂତ ହେଲେ ମିତ କହି, କାର୍ଯ୍ୟକାଳେ ମିଥ୍ୟା କହିବାର ଦୋଷ ନାହିଁ । ୨୦ ।
ନର ଅବା କୁଞ୍ଜର ବା ଅଶ୍ୱତ୍ଥାମା ହତ ।
ଜାହ୍ନେ କହିଲେଟି ଯୁଧିଷ୍ଠିର ସତ୍ୟବନ୍ତ ।
ଆମ୍ଭେ କହିବା ଏମନ୍ତ, ତପେ ସ୍ୱପ୍ନେ ଦେଖିଛୁ ବା ତାକୁ ନୃପସୁତ । ୨୧ ।
ସ୍ୱପ୍ନବୃତ୍ତ କହିଲ ସ୍ୱରୂପ ପର୍ବେ ଥାଇ ।
ସେହି ସ୍ଥାନେ ନଳିନଣ୍ଣ ଘନ ଜଉଘର ।
ସ୍ୱପ୍ନେ ଦେଖିଅଛୁ ନାର, ପରମ କରମବନ୍ତମାନଙ୍କେ ସେ ସାର । ୨୨ ।

---

୧୫ । ସତ୍ୟ ଜନପ୍ରିୟୀ-ଯେ ସତକଥା କହେ, ସତୀ । ଅକୂପାର-ସମୁଦ୍ର ।

୧୮ । ପୋତପୋଳ-ବୋଇତ ମାଲିକ ।

୧୯ । ନିର୍ବାହ-ସମ୍ପାଦନ । ପ୍ରତ୍ୟୁତ୍ତର-ଅନୁରୂପ ଉତ୍ତର, ଠିକଣା ଜବାବ ।

୨୦ । ନିସୃଷ୍ଟାର୍ଥ ଦୂତ-ଯେଉଁ ଦୂତ ଉଭୟପକ୍ଷର ବାକ୍ୟ ବୁଝାଇଦେଇ ପାରେ ।

୨୧ । କୁଞ୍ଜର-ହାତୀ ।

ବନଦୁର୍ଗା ଉପାସନା ମୋର ସବୁଦିନେ ।
ସେ ବନ୍ଧୁଲେ ଆସୁ ଆସୁ ଦେଖିଲି ସ୍ୱପନେ ।
ଜାଣ ସାକ୍ଷାତ ପ୍ରକାର, ଦେବ ଚିତ୍ତ ରସିକ କରନ୍ତୁ ଈଶ୍ୱର । ୨୩ ।
ଏତେ ବୋଲି ସ୍ତୁତି ଦେଲେ ମେଘମାଳା କରେ ।
ଆଦ୍ୟଁ ପ୍ରାନ୍ତପାଏ କଥନ ସେ ଧୀର ଗିରେ ।
ମେଧାବତୀ ବୋଲେ ସଖୀ, ଅବରୋଧରେ ପାଇଣ ଭେଟିଲି ସୁମୁଖୀ । ୨୪ ।
ହଂସ ପ୍ରତିରୂପ ଚିଠି ଲେଖା ଯେଉଁ ପୁରେ ।
ତହିଁ ଶୋଇଛି ନବୀନା ପଲଙ୍କ ଶେଯରେ ।
ବାଡ଼ବିଧ ସ୍ୱର୍ଣ୍ଣ ଗାର, ହେଲା କାର୍ଯ୍ୟ ବୋଲିଣ ଚିତ୍ତକୁ କଲା ସ୍ଥିର । ୨୫ ।
ଅନାଇଲି ସେ ଶୋଭା ହୋଇଛି ଆନ ଆନ ।
କୈଳାସ ପର୍ବତ ପ୍ରାୟ ମେରୁ ସମ ସ୍ତନ ।
ନେତେ ପୂରିଅଛି ଜଳ, ଦୂର କରି ଦେଇଅଛି ଉଜ୍ଜ୍ୱଳ କଜ୍ଜ୍ୱଳ । ୨୬ ।
ଫାଟିଫୁଟି ପଡ଼ିଅଛି ମୁକୁତା ମାଳିକା ।
ଚନ୍ଦନ ପଙ୍କ ତନୁରେ ହେଉଛି ଫୋଟକା ।
ନଭେ ଦ୍ୱିତୀୟାର ଶଶୀ, ଲଭସୁ ହେଲା ପରାସ୍ତ ଶେଷେ ଶୋଭା ଘେନ । ୨୭ ।
ପାକ କଲା ଶାକ ପ୍ରାୟ କଳେବର ପୂର୍ଣ୍ଣ ।
ମୃଣାଳନାଳ ପଡ଼ିଲା ମାତ୍ରେ ଗାତ୍ରେ ଚୂର୍ଣ୍ଣ ।
ଉଶୀରର ଲେପ ସର୍ପି, ତପତ ଲୋତେ କମ୍ବାଳ ପରାୟ ଶୁଖଇ । ୨୮ ।
ରତ୍ନଶାଣେ ବସିଲେ ନ ଛୁଟେ ଶୋଭା ଯଥା ।
ତଥା କ୍ଷୀଣ ହେଲେ ଲଭେ ମନମଥ ବ୍ୟଥା ।
ଶୋଭା ହୋଇନାହିଁ ହତ, ରତି ରମ୍ଭାଙ୍କ ସମାନ ନୋହିବ ଏମନ୍ତ । ୨୯ ।
ଦନ୍ତ-ଦନ୍ତ ପିତୁଳା କି ରଜତ ପିତୁଳା ।
ତୁଳା-କୋମଳାଙ୍ଗୀ ବନ୍ଧୁଅଛି ଏହି ତୁଳା ।
ଗଣ୍ଡେ କରେ ଲୁହଧାର, ପୋଛିବାରୁ କେବଳ ଦିଶୁଛି ତୋତେ ଗୋରୀ । ୩୦ ।

---

୨୪ । ଧୀରଗିରେ-ଗମ୍ଭୀର ବାକ୍ୟରେ । ଅବରୋଧରେ-ଆବରଣରେ, ଅନ୍ତଃପୁରରେ ।

୨୭ । ନଭେ-ଆକାଶରେ ।

୨୮ । ମୃଣାଳନାଳ-ପଦ୍ମନାଡ଼ । ଉଶୀର-ବେଣାଚେର । କମ୍ବାଳ-ଶିଉଳି ।

୨୯ । ରତି-କାମପତ୍ନୀ, ଧାନର ଗୃହସ୍ତୁରୁ କହେ ।

୩୦ । ଦନ୍ତଦନ୍ତ ପିତୁଳା-ହାତୀଦାନ୍ତର ପ୍ରତିମା ।

ଦେଖିବାରୁ ଲୋକେ ନୋହିବାରୁ ଭ୍ରମଭଙ୍ଗ ।
ରମା ବୋଲୁଛୁ କି ଏବେ ହେମାଙ୍ଗୀ ସଙ୍କେତ ।
ହାସ୍ୟରେ ଜଣେ ମୁଖ, ଦିନ ଥାଇଁ ଉଦୟ କି ଶଶଦମ୍ପୁଖ ।୩୧।
ଶୁକ ଏ ବଚନକୁ ତାର ଅନାଇ ବସ୍ତ୍ରରେ ।
ଧାତାଙ୍କୁ ବାହୁଣ ହୋଇ ନାହିଁ ଏ ମୁସାରେ
ଏବେ ଦୁଃଖିତ ଏହାର, ଏତେ ଏତେ ବଧି ବନ୍ଧ କେବଣ ବୁଦ୍ଧିର ।୩୨।
ଯୋଗୀ ଯୋଗଙ୍କୁ ଯୋଗିଲ୍ଲ ମଳୟ ଅନିଳ ।
ଶିବ ସ୍ୱରେ ସିନ୍ଧୁ କଲ୍ଲ ମନ୍ଥନେ ଗରଳ ।
ଦେଲ୍ଲ ଅନ୍ତକୁ ଅମୃତ, କଳାନିଧି ସଙ୍ଗ ଦ୍ରବ୍ୟେ କଲଙ୍କ ଅଙ୍କିତ ।୩୩।
ଗର୍ଭଗର ଜଳ କଲ୍ଲ ଲବଣ ସହିତ ।
ଧର୍ମେ ମାତ ସଙ୍ଗଭବ ବହିଲ୍ଲ ଯେମନ୍ତ ।
ତଥା କୋମଳ ପିଣ୍ଡକୁ, ଭଞ୍ଜିଲ ଉଦଣ୍ଡ ଫୁଲ କୋଦଣ୍ଡ ଦଣ୍ଡକୁ ।୩୪।
ଧୈର୍ଯ୍ୟ ରଖି ନ ପାରି ସେ ସୃଜିଲ ଏସନ ।
ଥୋକାଏ ଜନ ହୋଇଲେ ବୋଲି ସାଙ୍ଗୁ ଭିନ୍ନ
କ୍ଲେଶ ସ୍ୱଭାବ ଦ୍ରବ୍ୟେ, ନ ଜନ୍ମ କ ତଥା ଏତୁ ଜଗ ତ ନଷ୍ଟଯେ ।୩୫।
ଏ ବଚନେ ରାଜକନ୍ୟାଚନେ ଚାଲା ଘୂର୍ଣ୍ଣି ।
ଚହିଁଲ ଆପଣାକୁ ଘୋଷିଲ୍ଲ ଶୁକ ତହିଁ ।
ବସ୍ତ୍ରଖଲ ଶୁକ ହେଲ, ଶିବ ଆଜ୍ଞା ଘଟିଲ ଚତୁର କହିଥିଲ ।୩୬।
କାଞ୍ଚ ପଞ୍ଜରକୁ ସଖୀ ନେଇଥିଲ ମାଗି ।
ଜାଣିଲ୍ଲ ସେ ଭ୍ରମର ମୋହରେ ଅନୁରାଗୀ ।
ଜମ୍ମା ନୋହିଲେ ଅଇଲ୍ଲ, ଜଗ ବୋଲ ଜେଷ୍ଠାଙ୍କରେ ସଖୀଙ୍କ ଠାରିଲ୍ଲ ।୩୭।
କହୁଛି ହେମମଞ୍ଜରୀ ଫଳାଶନ ଘୂର୍ଣ୍ଣି ।
ଯେଉଁ ଜନ ସ୍ୱପନେ ଏ ହେଲ ଭୁତପ୍ରେତି ।
ପ୍ରେତ ଅତନୁ ବସ୍ତ୍ର, ପ୍ରେତପତ ରାଣେ ନେବ ଜୀବନ ଏହାର ।୩୮।

---

୩୦ । ହେମାଙ୍ଗୀ-ସୁନାଦେହୀ । ଶଶଦମ୍ପୁଖ-ଶୁଭ୍ର ବଲ୍ଲୀଲତା, ଚନ୍ଦ୍ର ।

୩୩ । ଯୋଗୀଯୋଗ-ଜୋଗୀଙ୍କ ଉପଭୋଗ । ଯୋଗିଲ-ଯୋଗ କଲ୍ଲ, ତୁଳନା କଲ୍ଲ
କଳାନିଧି-ଚନ୍ଦ୍ର ।

୩୪ । ଗାର୍ଭଗର-ସମୁଦ୍ର । ପିଣ୍ଡ-ଶରୀର । ଉଦଣ୍ଡ-ପ୍ରତାପୀ । ଫୁଲକୋଦଣ୍ଡ-କନ୍ଦର୍ପ ଧନୁ ।

ଶୀତଭାନୁ ଏହୁ ନାମ ଆଦ୍ୟ ହିଁ ଅକ୍ଷର ।
ଗୁଡ଼ ସନ୍ତାପିତ କରୁଅଛୁ ନିରନ୍ତର ।
ତେଜ ଅନଳ ପ୍ରକାର, ବହୁବାରୁ ଦହୁ ହେଉଅଛୁ କଳେବର । ୩୯ ।
ପିକ କଳ ପ୍ରଥମରେ ଆକାର ବର୍ଜ୍ଜିଛି ।
ଯାମର୍ଦ୍ଧ ଆକାର ବନା ବାଳାରେ ହୋଇଛି
ଜଣା ନ ଯାଉ ଏ ଦଶା, ଏଣୁ ନସା ବପରୀତ ହୋଇଲା ସୁଦୃଶା । ୪୦ ।
ଶୁକ ଏ ଉତ୍ତର କଲ ଭର୍ତ୍ତିର ଯେ ଲେଖା ।
ଏ ଚତୁର ବନୁ ତ ଆନକୁ ନାହିଁ ଦେଖା ।
ଏହୁ ଦେଖିଛୁ ବାଳାକୁ, ତଦସ୍ୱରୂପ ଚିନ୍ତା କରେ ନରଭେ ଲୀଳାକୁ । ୪୧ ।
ଏହା ବରଦକୁ ତା ବରଦ ଅଛି ବଳି ।
ଅନୁରାଗ ମଧ୍ୟେ ଏ ଦୁହିଁଙ୍କ ସାର କଳି ।
ଧାତା ସୁନ୍ଦର ସଂସାରେ, ନନ୍ଦୁ ରଜା କରିଅଛୁ ସ୍ତ୍ରୀ ଯେ ପୁରୁଷରେ । ୪୨ ।
ତା ହୃଦବନରେ ଜଳୁଅଛୁ କାମାନଳ ।
ଘନ ହୋଇ ଘନରସବର୍ଷନ୍ତୁ ଶୀତଳ ।
କରୁ କରକରଦନା, ତସତ ଲୋହ ଜମ୍ବାଲ ଏହାର ବେଦନା । ୪୩ ।
ନ ହରବକଳଙ୍କ ଚନ୍ଦ୍ରକାନ୍ତ ସେ ବୋଲଇ ।
ଉଦସ୍ମୁ ଲଭିଛି ସିନା ଏହୁ ତାପ ଯାଇ ।
ଶୁଣି ଏ କଥା ତାହାର, ବୋଇଲେ ଲଳନାକୁ ପାଳନ ପୁନଃ କର । ୪୪ ।
ଦେଇ ଲେଖ ଅତ୍ୟନ୍ତ କାତର ଜାମୁଁ ରଙ୍ଗ ।
ଶୁକର ଏ ବାଣୀ ଶୁଣି ସର୍ବେ ଲଭି ସୁଖ ।
ସେ ହୋଇଲେ ଆମ୍ଭେ ଦାସ, ପ୍ରଥମରେ ଲେଖିବୁ ଟି ପର୍ବିକା କ ବଶ । ୪୫ ।
ରବକର ଶରଣେ ପଦ୍ମକୁ କରେ ତୋଷ ।
ପଲ୍ଲବତ ଲତା ଜଗଜ୍ଜ୍ୟୋତି ମଧୁମାସ ।
ଚୂତ ମୁକୁଳ ଅଶନ, ହୋଇଲେ ସିନା କହଇ କୋକିଳ ବଚନ । ୪୬ ।

---

୩୯ । ଶୀତଭାନୁ-ଚନ୍ଦ୍ର । ତେଜ-ତାପ, ପ୍ରଭାବ । ଅନଳ-ପବନ ।

୪୦ । ପିକ କଳ-କୋକିଳ ସ୍ୱର । କଳ ପ୍ରଥମରେ ଆକାର-କାଳ । ଯାମର୍ଦ୍ଧ ଆକାର ବନା-ଯମ । ଯାମ ସମସ୍ତ । ଦଶା-ଅବସ୍ଥା । ନସାର ବପରୀତଭାବନ (ଦୁଃଖୀ) ।

୪୩ । କରକରଦନା-ଡାଳିମ୍ବ ମଞ୍ଜି ପରି ଦନ୍ତ । ଜାମ୍ବାଳ-ଢାଙ୍କୁଣ ।

୪୬ । ରବକର-ସୂର୍ଯ୍ୟ କିରଣ । ଅଶନ-ଭୋଜନ ।

ଘନ ଗରଜଲେ ଯିମା ମୟୂର ଅନାଇଁ ।
ଆନନ୍ଦରେ ନୃତ୍ୟକରି ବାଣୀ ପ୍ରକାଶଇ ।
ବୀର ବୋଇଲ ଏ ସତ, ତେବେ ପ୍ରେମପତ୍ର ଯାଇ ଆଣୁ ଆମ୍ଭ ଦୂତ । ୪୭ ।
ମେଘମାଳା ପଠିଆଇ ବୋଧି ଭୃଙ୍ଗବୃନ୍ଦ ।
ଯେବେ କହିଲେ ତା ଆଗେ କହିବା ବୃତ୍ତାନ୍ତ ।
ଗଲା ସେ କୁମାର ପାଶ, ନାସ୍ତି ମାନଧ ଉଲ୍ଲାସ ଛାନ୍ଦ ହେଲା ଶେଷ । ୪୮ ।
ମହିଷ ଭଜସ୍ୱୀ ଅତି ସୁରଭି ସ୍ୱରୂପ ।
ସଦାଶିବ ସୁଖଦାନ କରଣେ ଲୋଲୁପ ।
ଶ୍ୟାମ ଦୁର୍ଗା ଇଷ୍ଟଦେବୀ, ଭଣଇନ୍ଦ୍ର ବୀରବର ଦୁଃଖ ନାଶେ ଭାବ । ୪୯ ।

—*—

୪୮ । ବୋଧି-ବୁଝାଇ ।
୪୯ । ମହିଷ ଭଜସ୍ୱୀ-ମହିଷାସୁର ନାଶକାରୀ ଦୁର୍ଗା । ସୁରଭି-ସୁନ୍ଦର ।

## ସପ୍ତଦଶ ଛାନ୍ଦର ସାର କଥା

ବଣିକ ଶୁଆକୁ ନେଇ ଯାଇଥିଲା । ଶୁଆ ସେଠାରେ ଚନ୍ଦ୍ରଭାନୁକୁ ଦେଖି ଏ ସବୁ ବୃତ୍ତାନ୍ତ ଜାଣି ଫେରିବାର ସୁବର୍ଣ୍ଣରେଖାଙ୍କ କହନ୍ତେ ଲାବଣ୍ୟବତୀ ଉତ୍କଣ୍ଠରେ ପତ୍ର ଦେବାକୁ ବହିବାରୁ ସଖୀମାନେ କହିଲେ—ସ୍ତ୍ରୀ ଆଗକର ପତ୍ର ଦେବା ଉଚିତ ନୁହେଁ । ଲାବଣ୍ୟବତୀ ଭୃଙ୍ଗବୃନ୍ଦ ପଠାଇ ଚନ୍ଦ୍ରଭାନୁଙ୍କ ଠାରୁ ପତ୍ର ଆଣିବାର ପ୍ରୟାସ ଆରମ୍ଭ କରୁଛନ୍ତି ।

ସେ ବାଣୀ ସଙ୍ଗେ ଜୀବନ ଯିବଟି । ରକ୍ଷ ବ୍ୟାକୁଳ ମୋତେ ନ ଦେବୁଟି ॥
ଦ୍ୱିଜ ସ୍ୱାନ୍ତ ଦେଖି ଉତ୍ତର କଲ । ନ ଭଜିଲ ଶଙ୍କା ଏହାର ହେଲ ।୧୮
ଆଶଙ୍କା କାହ୍ନିକ ନ ଥିବ ପୁଣି । ସ୍ୱର୍ଗକୁ ଯକାଇଅଛୁ ନିଃଶ୍ରେଣୀ ।୧୯
ପୁଣି ଚନ୍ଦ୍ରକୁ କଢ଼ ଉଚ୍ଛୁ ପାଣି । ତମ ଉଜଗାରେ ଦେଖିବ ପୁଣି ।୨୦
ଜଳ୍ପିଲ ଏମନ୍ତ ବଚନ ଖଳ । କରୁଣା-ବୃକ୍ଷ କି ନସ୍ୱର ଫଳ ।୨୧
ମାନସ ଦେଇ ସେତଲେ ମହେଶ । ପ୍ରାଣୀର ବ୍ୟାଧି କି ଲୁହଇ ନାଶ ।୨୨
ଯାଚକ ଦାନ ମାଗିଥାଇ କର୍ଣ୍ଣେ । ଶୂନ୍ୟେ ଆସିଛୁ କି ଶୁଣିଛୁ କର୍ଣ୍ଣେ ।୨୩
ମେଘ କି କରେ ଅଳପ ବରଷା । ଈଷ୍ଟଳ କାହିଁ ହୋଇଛୁ ତପସ୍ୟା ।୨୪
ଏ ବାଣୀ ସ୍ୱଜାଙ୍କ ଧନ୍ଦ ରଖିଲ । ଯମ ପାଶେ ପ୍ରାଣ ପଳାଉଥିଲ ।୨୫
ଦୁଷ୍ଟ ସଂଶୟକୁ ଛକାଇ ହାଣି । ଯାବତ ବାଧିକ ଘଟାଇ ପୁଣି ।୨୬
କନ୍ୟା ସ୍ୱପ୍ନରେ ଯେମନ୍ତ ଦେଖିଲ । କାନ୍ଥରେ ଦେଖା ଚିତରେ ଲେଖିଲ ॥
ଦଣ୍ଡ ଦଣ୍ଡକରେ ଫୁଲକୋଦଣ୍ଡ । ସେହଙ୍କୁ ସେଉଁରୂପ ଦେଲ ଦଣ୍ଡ ॥
ଜାହ୍ନିକ ବୋଇଲ ପୁରୁଷ ସାଇ । ବାଳାଠାରେ ନାହିଁ ଉନସ୍ସ ରାଇ ॥
ଏମନ୍ତରେ ସେଉଁ ବାଳା ସୌନ୍ଦର୍ଯ୍ୟ । ସ୍ୱର୍ଣ୍ଣ ଉତ୍ତର ନାହିଁ ପଶୁ ଧୈର୍ଯ୍ୟ ॥
ପାଷାଣ ନେବ ତରଳ ପଦବୀ । ଏଥି ଉତ୍ତରେ ଆଉ କି କହିବ ।୩୧
ଧାତା ଦାରୁଣ ହେବା ଲୁହେ ବଡ଼ । ନ ଜାଣେ ରସଜଳ୍ପ ବେଦ ଜଡ଼ ॥
ଏଥି ଉତ୍କୃଷ୍ଟ ଆଉର ପ୍ରବେଶ । ସଖୀ ସଙ୍ଗେ ଦୂତ ପେଷିଲେ ପାଶ ॥
ଭୂମ୍ବର ଖାଟ୍ୟ ଅତି ବଳଆର । ଶୁଣିଲସଖୀ ହେଲ ସୀତ୍କାର ।୩୪
ଚକ୍ଷୁଗ୍ରୁଣେ ନ ଦେଲ ଚଟାଉ । ବସ୍ତୁତ କଣ୍ଠ କି ହୋଇବ ଆଉ ।୩୫
ଯିବାକୁ ଜୀବ କଣ୍ଠେ ଅଛୁ ରହି । ଲେଉଟାଅ ତାକୁ ପଦିକା ଦେଇ ।୩୬
ଏ ବାଣୀ ଶ୍ରବଣେ ମିତ୍ରକୁ ବୃହିଁ । କୁମାର କହିଲ ଗଦ୍‌ଗଦ ହୋଇ ।୩୭
ଶୁଭଛୁ ଯେତେ ତା ସୁନ୍ଦରପଣ । ତେତେକ ଅଛୁ ଅନୁରାଗ ପୁଣ ।୩୮
ତାକୁ ଦେଖିବାକୁ ଉନସ୍ସ ଭାବେ । ବଚନେ ଆଉ କି ଜଗତେ ଥିବେ ॥

---

୧୯ । ନିଃଶ୍ରେଣୀ-ନିଶୁଣୀ, ସିଢ଼ି ।

୨୩ । ଯାଚକ-ମାଗିବାଲୋକ । କର୍ଣ୍ଣେ-କାନରେ, ଦାତା କର୍ଣ୍ଣ ।

୨୬ । ଦୁଷ୍ଟସଂଶୟ-ଦୁଷ୍ଟମାନଙ୍କର ଦ୍ୱୈଧା ଜ୍ଞାନ ।

୨୯ । ଉନସ୍ସ-ଅନୁନସ୍ସ, ନମ୍ର ।

୩୨ । ରସଜଳ୍ପ-ଶୃଙ୍ଗାରବିଷ ଖିବ ଅନୁମୃଦୁ । ବେଦଜଡ଼-ଭୂଲ ଶତ ।

ଛୁଆଉଁ ଛୁଆଉଁ ତନସ୍ତୁ ତୃଷା । ଶେଷ ହୋଇଯିବ ଜୀବନ ଆଶା ।୪୦
ଗଲେ ଏ କଥାକୁ ନାହିଁ ଶୋଚନା । ଦୁଃଖ ପାଇବ ମଞ୍ଜୁଳ ଲୋଚନା ।୪୧
ଯଥା ତଥା କରି ତାକୁ ଜଣାଣ । ଲେଖିବା ଭୂର୍ଜକା କାଗଜ ଆଣ ।୪୨
ଆଣି ଲେଖିଲେ ବସ୍ତୁର ଭସ୍ତୁର । ପଢ଼ିକା ସେନ ଗଲେ ବ୍ରହ୍ମସ୍ୱ ।୪୩
କହିବାକୁ ଯେତେ କହିବା ବାଣୀ । ଶେଷହିଁ ଶେଷ ନ କରିବେ ପୁଣି ।୪୪
ଦୂତ ସିଂହଳ ଦ୍ୱୀପରେ ପ୍ରବେଶ । ସୁମୁଖୀ ଦେଖିଣ ହୋଇଲା ତୋଷ ।୪୫
ଅବବୋଧକୁ ସଙ୍ଗେ ଘେନିଗଲେ । ପୁର ପ୍ରାଙ୍ଗଣେ ନେଇ ବସାଇଲେ ।୪୬
କୁମାରୀ ବସିଛି ସଖୀଙ୍କ ସଙ୍ଗ । ଶୁକ କହୁଛି କୁମାର ପ୍ରସଙ୍ଗ ।୪୭
ଏ କାଳେ ମିଳି କହେ ଏ ଖଗକୁ । ଯେଉଁ ଗୋସାଇଁ ତୋ ପ୍ରାଣ ପାଶକୁ ॥
ଯାଇଥିଲେ ଆଣିଛନ୍ତି ପ୍ରମୋଦେ । ମୋହନ ମନ୍ତ୍ରର ପତର ମୁଦେ ।୪୯
ଉଚ୍ଛନ୍ନେ ବାଳା ପଚାରିଲା ଜାହିଁ । ବୋଇଲା ଆସିଛି ଦ୍ୱାରେ ବସାଇ ।୫୦
କ କୃତ୍ୟ କଲୁ ମନ୍ତ୍ରୀସୁତା ବୋଲେ । ଦେଖିଥିବ ତାକୁ ଦୁଆରପାଳେ ।୫୧
ସେ ବୋଲେ ସେ ଜାଣେ ଚକ୍ଷୁବନ୍ଧନ । ହସି ବୋଲି ତହିଁ ଛାଡ଼ନ୍ତି ଜନ ।୫୨
ଏଥିରେ ହରଷ ଅଧିକ ହେଲା । ଦ୍ୱାରନ୍ତରୁ ହୋଇ କେମା ରହିଲା ।୫୩
ଦ୍ୱିଜକୁ କହିଲେ ମେଘମାଳା । ନମସ୍କାର କରୁଅଛନ୍ତି ବାଳା ।୫୪
ମନୋରଥ ଅସ୍ତୁ ହେଉ ଏ ବାଣୀ । କଲ୍ୟାଣ କଲା ଯୋଡ଼ି କେଣିପାଣି ।୫୫
ଜଟାରୁ ଫିଟାଇ ବାହାର କଲା । ଏଠାରୁ ଏ ଛାନ୍ଦ ଶେଷ ହୋଇଲା ।୫୬
ରାମଜିତ ରାମ ରାମନବୋପା । ଉପେନ୍ଦ୍ର ବୀର ସନ୍ତାପ ଛେଦ ।୫୭

—※—

---

୪୧ । ମଞ୍ଜୁଳଲୋଚନା ସୁନ୍ଦର ଚକ୍ଷୁବିଶିଷ୍ଟା (ଲାବଣ୍ୟବତୀ) ।

୪୨ । ଭୂର୍ଜଭା-ଚିତ୍ର କରିବାର ଲେଖନୀ ।

୪୪ । ଶେଷହିଁ-ଅନେକ ସୂକ୍ଷ୍ମ ଶେଷଦେବ ।

୪୯ । ପତର ମୁଦେ-ବନ୍ଦ ହୋଇଥିବା ଚିଠି ।

୫୭ । ରାମଜିତ-ପର୍ଶୁରାମ ଜମ୍ବୁଦ୍ୱୀପ । ରାମନବୋପା-ଅରଣ୍ୟ ଭ୍ରମଣକାରୀ ।

## ଅଷ୍ଟାଦଶ ଛାନ୍ଦର ସାର କଥା

ଏହି ଛାନ୍ଦରେ ବ୍ରହ୍ମବୃନ୍ଦ ଚନ୍ଦ୍ରଭାନୁଠାରୁ ଏକ ପ୍ରେମପତ୍ର ନେଇ ତାହାକୁ ଲାବଣ୍ୟବତୀକୁ ଦେବା ବିଷୟ ବର୍ଣ୍ଣିତ ହୋଇଅଛି । ଚନ୍ଦ୍ରଭାନୁ ଓ ଲାବଣ୍ୟବତୀର ପ୍ରଣୟ ଏ ଛାନ୍ଦରେ ଏକ ନୂତନ ଅବସ୍ଥାରେ ପହଞ୍ଚିଛି । ପରସ୍ପର ପ୍ରତି ଅନୁରାଗ ଜନ୍ମିବା ପରେ ନିଜର ଅନ୍ତରର ବେଦନାକୁ ଆପଣାର ପ୍ରିୟଜନ ଆଗରେ ପ୍ରକାଶ କରିବାକୁ ଅବକାଶ ମିଳିଛି । ଏ କ୍ଷେତ୍ରରେ ପୁରୁଷ ଅଗ୍ରଣୀ ହେବା ସ୍ୱାଭାବିକ । ତେଣୁ ପ୍ରଥମେ ଚନ୍ଦ୍ରଭାନୁ ଚିଠି ଲେଖିଛି । ବ୍ରହ୍ମବୃନ୍ଦ ଚିଠି ନେଇ ଲାବଣ୍ୟବତୀ ନିକଟରେ ପହଞ୍ଚିବା ପରେ ଲାବଣ୍ୟବତୀ ନିଜର ପ୍ରେମିକଠାରୁ ପ୍ରଥମ ପ୍ରେମପତ୍ର ପାଇବା ପାଇଁ ଅତ୍ୟଧିକ ଉତ୍କଣ୍ଠିତା ହୋଇଛି, ଯଥା—

"ଉତ୍ତରେ କାଳା ଓଷ୍ଠରଙ୍କ କାହିଁ ।
ବୋଇଲା ଦ୍ୱାରେ ଅସିଛି ବସାଇ ॥" ଇତ୍ୟାଦି ।

ଏ ଛାନ୍ଦରେ କେତେକ ମନୋହର ଅଳଙ୍କାର ସୃଷ୍ଟି ପ୍ରଦର୍ଶିତ ହୋଇଛି ।

# ଊନବିଂଶ ଛାନ୍ଦ

( ଲାବଣ୍ୟବତୀର ପତ୍ର ପ୍ରାପ୍ତି ଏବଂ ପଢ଼ିବା )

ରାଗ—ଶଙ୍କରାଭରଣ

ଗୁଣ୍ଡି ମନ୍ତ୍ରୀଦେବ ହସ୍ତରେ ପତ୍ରିକା ବନ୍ଧ ପୁଲକଳ ତାହାକୁ ।
କର ନଖସ୍ଥଳ କେଳି କେଶକୁ ।
ଚଞ୍ଚଳେକ୍ଷଣୀ ଅଞ୍ଚଳେ ଭର କର ପାଏଡ଼ା କଲା ପତ୍ରକୁ ଯେ ।
ସୁନ୍ଦରି, ଯେଣୁ ଶିରେ ଲଗାଇଲା ସତ୍ୱରେ
ଶଶୀ କରଗତ ଶମ୍ଭୁ ଚିତ୍ତରେ ।
ମୁଦରେ କୁମୁଦ ହାସକୁ ପ୍ରକାଶି ମୁଦ ଖଣ୍ଡିଲା କି ତରେ ସେ । ସୁନ୍ଦରି ।୧।
ଯୋଖିଲା ଏମନ୍ତ ଦେଖିଲା ଅଲକ୍ତେ ଦେଖିଲେ ଅକ୍ଷର ପନ୍ତିକ ।
କେଉଁ ସ୍ଫୁଟେ ରଙ୍ଗ କଲା ମୋଷକ ।
ବଢ଼ିଲା ଆନନ୍ଦସାଗର ପଢ଼ିଲା ରସଗର୍ଭ ଖରଷ୍ଟକ ସେ ।
ସୁନ୍ଦରି, ପଦ ପଦକେ ପଦବୀ ପ୍ରଦାନ
ମୋହ ହେଲେ ଶ୍ରୁତି ମନ ନୟନ ।
ମାରଦର ଦୂର ହେବାକୁ ପ୍ରଥମେ ଉରଜଶମ୍ଭୁ ବନ୍ଦନ ରେ । ସୁନ୍ଦରି ।୨।
ଅଟ ସଉନ୍ଦର୍ଯ୍ୟବତୀ ମୂଳ ଧୈର୍ଯ୍ୟ କମ୍ପାକାରୀ ଶମ୍ପା ଗଉରୀ ।
ମହୀ ମହିଳାର ଚମ୍ପାଚଉଁରୀ ।
ଯାହା ସୁଷମା ସମାନ ନୋହେ ହରଅଙ୍ଗେ ଲୁଚିବା ଗଉରୀ ରେ ।

---

୧ । ମହୀଦେବ-ବ୍ରାହ୍ମଣ । ଚଞ୍ଚଳେକ୍ଷଣୀ-ଚଞ୍ଚଳ ନୟନା । ଅଞ୍ଚଳେ-କାନରେ । ଭର-ଛଳ । କର ପାଏଡ଼ା-ହାତରେ ଦାନ ସକାଶ ଅବସର ଧାରଣ କଲା । କରଗତ-ହାତମୁଠା । ମୁଦରେ-ଖୁସିରେ । ମୁଦ-ବନ୍ଧ । ତରେ-ଚଞ୍ଚଳରେ ।

୨ । ଯୋଖିଲା-ମୁକ୍ତ କଲା, ତୁଳନା କଲା । ଅଲକ୍ତେ-ଅଲତା ରଙ୍ଗରେ । ସ୍ଫୁଟେ-ରଙ୍ଗର ଆବରଣ । ରସଗର୍ଭ-ରସପୂର୍ଣ୍ଣ । ପଦବୀ-ସମ୍ମାନସୂଚକ ଉପାଧି । ମାରଦର-କନ୍ଦର୍ପ ଭୟ । ଉରଜଶମ୍ଭୁ-ବକ୍ଷଶିବ ( କୁଚ ) । ବନ୍ଦନ-ଅର୍ଚ୍ଚନା ।

୩ । ଧୈର୍ଯ୍ୟ କମ୍ପାକାରୀ-ଚବେକ ଅସ୍ଥିର କାରିଣୀ । ଶମ୍ପା ଗଉରୀ-ବିଜୁଳି ପରି ଉଜ୍ଜ୍ୱଳ ଗୋରୀ । ମହୀ ମହିଳା-ପୃଥିବୀର ସୁନ୍ଦରୀ ସ୍ତ୍ରୀ ।

ସୁନ୍ଦର, ଯେଣୁ ଅଧରାମୃତ ପୂର୍ଣ୍ଣଭାସ୍ୟ
ସ୍ମିତ ମଣ୍ଡିତ ସ୍ନେହ ସୁଧାସ୍ୟ ।
ଶୋଭିଥିବ ତାଙ୍କ ରୂପ କି ଚନ୍ଦ୍ରମା ଛୁଇଁ ନାହିଁ ଏ ସ୍ପର୍ଶକୁ ରେ । ସୁନ୍ଦର । ୩ ।
ତୋହ ପ୍ରଶଂସାରେ ସଂସାରେ କେଉଁ କୁ ନାହିଁ ତୋ ରୂପ ସମସର ।
ଉପମାଏ ରହିଲେ ଅପସର
କବିବର୍ଣ୍ଣନା ବର୍ଣ୍ଣନା ମୁଁ କି କରି ଏହି କଥାକୁ ବିସ୍ତରି ରେ ।
ସୁନ୍ଦର, କତ ଗଣେଶ ଗଣେଶ ହୋଇବ
ଶେଷ ବଦନକୁ ବୃଥି ରହିବ ।
ବିଧାତା ଆୟୁଷ ସ୍ତ ଭଲେ ତୋ ଶୋଭା ଲେଶ ଶେଷ କି କହିବ ରେ । ସୁନ୍ଦର ॥
ସୁରନଗରସ୍ଥନାଗରୀ ଶିରଭୂଷା ଯେ ଷାଭୁଚନ ଉପାଳସି ।
କେତେ ବାର ଗଙ୍ଗାରେ ଥିଲ ଧ୍ୟାସି
ଶିବ ଦେଇଣ ଶିଶିରକର ଶିର ମଧ୍ୟାଇବା ପୁଣ୍ୟ ସୃଷ୍ଟି ରେ ।
ସୁନ୍ଦର, ହେଲ ଜଣାଣ ଦେବା ଯୋଗ୍ୟ ମୂର୍ତ୍ତି
ଏ ପୁଣ୍ୟକୁ କି ଏତେ ଭାଗ୍ୟ ହୋଇ ।
ପ୍ରଭୁ ସେବକଙ୍କୁ ବଢ଼ କରେ ଭୋଗ ଅନୁରହ ଫଳ ଏହି ରେ । ସୁନ୍ଦର । ୫ ।
ରଙ୍ଗଭୂମୀବତଂସଣୀରେ ଶରଣ ପଶିଲି ଏ ସେମି ଆସିବା ।
ଗଜ ଦୋହିଲେ ତୋ ଗଜ ସଦୃଶା ।
ଶରଣେ ବାରଣ କଲୁ ଅଙ୍ଗୀକାର ବାରଣ ଗତି ପ୍ରଶଂସାରେ
ସୁନ୍ଦର, ଆଶା କେବେହେଁ ନୋହିବ ଛେଦନ
ଶ୍ରବଣରେ ହୋଇଲିଣି ମୋକ୍ଷର ।
ଉପଜନବସ୍ଥା ଭୁତ୍ବଦସ୍ଥା ବସ୍ତୁ ନାମ ଜଗତେ ବନ୍ଦିତ ହୋ ସୁନ୍ଦର । ୬ ।
ମନମୀନ ଦୃଢ ସରୋବରେ ଥିଲି କଟାକ୍ଷ ବନଶୀ ପକାଇ ।
ତାକୁ ବଦନେ ପ୍ରେମସୁଧା ଦେଇ ।
ଆକର୍ଷି ନେଇ ଉରଜ କଳଶୀରେ ମଦାଳସୀ ଅଛୁ ଥୋଇ ରେ ।

---

୫ । ସୁରନଗରୀ-ଦେବପୁର । ନାଗରୀ-ରସିକା ସ୍ତ୍ରୀ । ସୋପାନଭବନ-ସ୍ତ୍ରୀ ବହୁ । ଶିରଭୂଷା-ମସ୍ତକ ମଣ୍ଡନ । ଶିଶିରକରଶିର-ଚନ୍ଦ୍ର ମଣ୍ଡଳ ( ମହାଦେବ ) ।

୬ । ରଙ୍ଗଭୂମୀ-ରଙ୍ଗସ୍ଥଳ । ଅଙ୍ଗୀକାର-ସ୍ୱୀକାର । ବାରଣ ଗତି-ହାତୀପରି ଧୀରଗତି । ଉପଜତବସ୍ଥା-ଶୃଙ୍ଗାରର ଉତ୍ପତ୍ତି ଥିବା, ଶୃଙ୍ଗାରଭାବ ହୃଦୟର ବାଣୀ ।

ସୁନ୍ଦରି, ତୋର ମୁଖ ମନୋରମ ମନ୍ଦରେ ।
ମୋର ନୟନେ ରହିଲେ ବନ୍ଦରେ ।
ବନ୍ଦୀ ହୋଇଲେ ତ ଏ ଦୁହିଁଙ୍କ ସୁଖ କଥନ ନୋହେ ବନ୍ଧ ରେ । ସୁନ୍ଦରି । ୭ ।

ବିରହ ଅନଳ ପ୍ରଜ୍ୱଳତ ଅଛି ମୋତେ କରିବ ବୋଲି ଦାହ ।
କମ୍ପା ନ ଦହେ ହେଲେ ମୁଁ ସନ୍ଦେହ ।
ତୋ ପ୍ରେମଧାର ହୃଦୟରେ ପଡ଼ଣ ଯେଣୁ ଜରଜର ଦେହରେ ।
ସୁନ୍ଦରି, ଜୀବ ନେବ କାମ ଅଛି କଟାଳି
ଯତ୍ନ କରି ରଖିଅଛୁ ଏହା ଭଳି ।
ଡଳଗଲେ ଶଣ୍ଟ ଭାଳିଯିବ ସିନା ପରିପୂର୍ଣ୍ଣ ସ୍ନେହଧାର ରେ । ସୁନ୍ଦରି । ୮ ।

ଅବଧାନେ ଅଛି ଦେବାରେ ଦେବତା ଭୋଗ ସେ ଦାନ୍ତରେ ବନ୍ଧାନ ।
କରେ କମ୍ପିତ ହୃତ ଦରଶନ ।
କୁଚ-କାଞ୍ଚନ ଶିଖରରେ ବିହାର ଅଧରେ ଅମୃତ ପାନ ରେ ।
ସୁନ୍ଦରି, ହୋଇବାକୁ ରତ୍ନରମ୍ଭାରେ ସ୍ନେହୀ ।
ମୋକ୍ଷପଦ ମାଗାରେ ଅଛି ରହି ।
ଆଜ ଦୁର୍ଲ୍ଲଭ ହୋଇ ତୋତେ କେ ଅଛି କେବଳ ଦୁର୍ଲ୍ଲଭ ଭୁବ ରେ । ସୁନ୍ଦରି ॥

ଗୁଣସରିତ ସଂହତକୁ ସାଗର ବିଗ୍ରହ ନିଶ୍ଚୟ ତୋହର ।
ସତେ ରହ ରତନର ଆକର ।
ତହିଁ ମହତ୍ତ୍ୱ ଯୋଗ ଏବେ ପଡ଼ିଛୁ ମନ୍ଥନେ କୃତାର୍ଥ କରରେ ।
ସୁନ୍ଦରି, ଏବେ କାମଧେନୁ ପରି ଭମ୍ଭୋରୁ ।
ଦୁକେ ତୁ ଯେ ସୁରତ ସୁରତରୁ ।
ତାହାକୁ କହିବ ଦୁର୍ଦ୍ଦଶା ମୋହର ନ ତୁଟିଲେ ଏ ଜନ୍ମରୁ ରେ । ସୁନ୍ଦରି । ୧୦ ।

---

୮ । କଟାଳି-ଛନ୍ଦ କରି ।

୯ । ଅବଧାନେ-ମନୋଯୋଗପୂର୍ବକ । ଦେବତା ଭୋଗ-ଅମୃତ, ସୁଧା । କାଞ୍ଚନ ଶିଖର-ସୁନା ପାହାଡ଼ । ବିହାର-କ୍ରୀଡ଼ା । ରତ୍ନରମ୍ଭା-କଦଳୀଗଛ ଡାଣ୍ଡପରି ଗୋଲ ଓ ଗଡ଼ାଣିଆ ଜଙ୍ଘ ।

୧୦ । ଗୁଣସରିତ-ଗୁଣନଦୀ । ସଂହତ-ସମୂହ । ବିଗ୍ରହ-ଶରୀର, ରୂପ । ଆକର-ଉତ୍ପତ୍ତି ସ୍ଥଳ । ମହତ୍ତ୍ୱ-ଶ୍ରେଷ୍ଠ । ମନ୍ଥନେ-ବୁଡ଼ିବାରେ । ଦୁକେ-ଦୁଇଟିଯାକ । ସୁରତ-କନ୍ଦର୍ପ ରସଯୁକ୍ତ । ସୁରତରୁ-କଳ୍ପବୃକ୍ଷ ।

ଘନେ କୁନ୍ତଳ ଚନ୍ଦନେ ଅଙ୍ଗ ଥିଲେ ଉସ୍ମରୁ ବ୍ୟଚକ ପବନ ।
ତଥିଁ ସେନେହ ଘୁଡ଼ନ୍ତ କି ଯେନ ।
କର୍ମକୁ ଲଙ୍ଘି ନଦର୍ପ ହେଲେ ମୋତେ ଛୁଡ ନ ପାରିବ ଧନରେ ।
ସୁନ୍ଦରି, କାମ କରୁ ପଛେ କଲେ ଅଶୁଭ
ସ୍ୱଳ୍ପ ପ୍ରସ୍ତୁ ମୋର ଆଶା ଆରମ୍ଭ ।
ହର ଆନ ଦେବେ ବିରୋଧୀ ହୋଇଲେ ଛାଡ଼ିବି କି ସୁଧାଲୋଭ ରେ । ସୁନ୍ଦରି ।୧୧

ହୃଦକେଦାରରେ ଅନୁରାଗ ବୀଜ ଅତି ଯତ୍ନ କରି ବୁଣିଛୁ ।
ଭଲ କାଳ ହେଲା ଯତ୍ନୁଁ ଜାଣିଛୁ ।
ଏବେମ ସେ ଅଙ୍କୁର ଘନରସ ବୃଷ୍ଟି ବିହୀନେ ଦୁଃଖ ହୋଇଛୁ ରେ ।
ସୁନ୍ଦରି, ନ କରିବ କି କରିବ ବରଷା
ପଛେ ତୁ ସେ ମହାକେତ୍ୟାତଷ ଯୋଷା ।
ନ ସିକା ମୋତ ଈଶ୍ବରପ୍ରଦତ୍ତ ଚଳନ ଯୋଗକୁ ଚେକଛୁ ଆଶ ରେ । ସୁନ୍ଦରି ।୧୨।

ଅଛୁ ଯେଉଁ ଜୀବ ବୀଣା ଜଣା କାଣୀ କଣା ଅଙ୍ଗଦେଶେ ତୋହର ।
କେତେ ଭରସା ସନ୍ତାପ ବ୍ୟାଧିର ।
ଶମନପାଶେ ଉଛନ୍ନ ପାଶେ ଧରି ନେବା ପାଇଁ ତତପର ନର ।
ସୁନ୍ଦରି, କଲି ଗୋଚରି ମୋର ଦୋଷ ନାହିଁ
ହେବ କାହାକୁ ଏ ଅଯଶ ସହି ।
ତୋତେ ଏମନ୍ତ ବୋଲିବା ଅଧିକାର ମୁଁ ପାଇଲି କାହିଁରେ । ସୁନ୍ଦରି ।୧୩।

ନବବନିତା ଅପୂର୍ବ ପୁଷ୍ପଲତା ପ୍ରକାଶ ଷୋଳଜାତି ଫୁଲ ।
ତିଳପୁଷ୍ପ କୁନ୍ଦ ଚମ୍ପ କମଳ ।
କୁମୁଦ ବନ୍ଧୁଲି ପାଟଳୀ ନଆଳୀ ଚମ୍ପା ଶିରୀଷ ଉତ୍ପଳ ରେ
ସୁନ୍ଦରି, କଣକୁସୁମ ଅଶୋକ ମନ୍ଦାର
ଭୋଗି ଭୃଙ୍ଗ ମୁଁ ଚୁମ୍ବନେ ଆତୁର ।
କେତକୀ ବରନା ନାମ ଅଙ୍ଗୀକାର କଲେ ସରିଲାଟି ମୋର ରେ । ସୁନ୍ଦରି ।୧୪।

---

୧୧ । ଭୈରବୀ-ରୂପକ ।

୧୨ । କେଦାର-କଅଣ୍ଠ । ବୃହସ୍ପତି ଚଳିଲେ ବର୍ଷା ହୁଏ ।

୧୪ । ନୂତନା ସ୍ତ୍ରୀର ସର୍ବାଙ୍ଗରେ ଅତି ଅପୂର୍ବ ଭାବରେ ଷୋଳ ଜାତିର ପୁଷ୍ପ ପ୍ରକାଶ ପାଇଥାଏ, ଯଥା—

ଅନଙ୍ଗ ବଧିବା ଇଚ୍ଛାକରି ତୋରେ ବନ୍ଧ ନ ପାରୁଥିବ ବାଣ ।
ଶୋଭା ଅନାଇଁ କ୍ଷୀଣ ହେବ ଗୁଣ ।
ମୁଁ କି ଉପାୟେ ତୋ ଦରଶନ ପାଏ ଖାଇଁବ କହିବ ପୁଣ ରେ ।
ସୁନ୍ଦରି, ବଞ୍ଚିଥିଲେ ଅଛି ଏତେ କାରଣ ।
ଲକ୍ଷା ଲେଖିବ ଧରି ତୋ ଚରଣ
ଚନ୍ଦ୍ର ଗ୍ରହିଁ ତୁ ଯେ ପ୍ରଶଂସା କରିବୁ ସେ ବାଣୀ ହେବ ଶ୍ରବଣରେ, ସୁନ୍ଦରି ॥
ଗଭିକୁ ଶୋଭା ହେବା ଭଳି କୁସୁମ ଗୁନ୍ଥି ଦେଉଥିବ ସୁଗାନ୍ଧି ।
ଶିବରାନ୍ଧି କରିବ ସବୁ ରାନ୍ଧି ।
ଆଗ କି ମାଗିବ ସେବା ଜାଣି କୃପା କରୁ ସିନା କୃପାପାନ୍ଧି ରେ ।
ସୁନ୍ଦରି, ଇଚ୍ଛା ମନ ଭିତରେ ଦେହ ରହୁ ।
ଏ ନୋହିଲେ ବିଧାତା ଘଟ ହେଉ ।
ଯାଇଁ ତୋ ପାଶେ ମୋ ସେବା ଦେଖାଇବା ଯୋଗ ବେଗ ହୋଇ ହେଉ ରେ
ସୁନ୍ଦରି ।୧୬।

କ୍ଷିତି ଥିଲେ ନରପତି ଶୋଭା ପାଇ ରାତି ଥିଲେ ଚନ୍ଦ୍ର ଉଜ୍ଜ୍ୱଳ ।
ପଦ୍ମ ଥିଲେ ସରୋବର ମଞ୍ଜୁଳ ।
ଯେଣୁ ସୌଦାମିନୀ ସୁବର୍ଣ୍ଣ କଣ୍ଠରେ ଥିବା ସୁବାହୁ ମଙ୍ଗଳ ରେ ।
ସୁନ୍ଦରି, ଲଭୁ ନାହିଁ ଯେ ବଲ୍ଲଭ ସୁରସ
ମହାସମ୍ପତ୍ତି ଥାଇ ହେବ କସ ।
ନୟନ ନ ଥାଇ ଦେବ ଦରଶନେ ଗଲା ପ୍ରାପ୍ତ ଉପହାସ ରେ । ସୁନ୍ଦରି ।୧୭।

---

| | | | | | |
|---|---|---|---|---|---|
| ତିଳପୁଷ୍ପ | (ନାସିକା) | ଗୋଲ୍ପି ଫଦ (ଦେହର | | ଚମ୍ପା | (ଆଙ୍ଗୁଠି) |
| କୁନ୍ଦ | (ଦନ୍ତ) | | ଗନ୍ଧ) | ଶିରୀଷ | (ଦେହ) |
| କମଳ:- | | କୁମୁଦ | (ହାସ) | ଉତ୍ପଳ | (ଆଖି) |
| ଧଳାପଦ୍ମ | (ମୁଖ) | ବନ୍ଧୁଲି | (ଅଧର) | ଚମ୍ପକ ପୁଷ୍ପ | (ଦେହବର୍ଣ୍ଣ) |
| ରକ୍ତପଦ୍ମ | (ଓଷ୍ଠ) | ପାଟଳୀ | (ଶ୍ରବଣ) | ଅଶୋକ | (କପାଳ) |
| ନୀଳପଦ୍ମ | (ବାଳ) | ନାଗେଶ୍ୱର | (ନଖ) | ମନ୍ଦାର | (ପାଖୁଲି) |

୧୬ । ସୁଗାନ୍ଧି-ସୁନ୍ଦର ଦେହ । ଶିବରାନ୍ଧି-ଜଡ଼ାଗର ବନ୍ଧ । କୃପାପାନ୍ଧି-ଦୟାବତୀ ।
୧୭ । କ୍ଷିତି-ପୃଥିବୀ (ରାଜ୍ୟ) ।

ଯେଣ ରେ ସୁବକ୍ଷ ପରଶ୍ମ ପରଶ ପୁରୁଷ ଲୋହ କରେ ହେମ ।
ଭଙ୍ଗୀବଚନ ହେମଧାମ ସମ ।
ହୃଦପଦ୍ମସ୍ଥଳ ଚନ୍ଦ୍ରକାନ୍ତମଣିର ଦ୍ରବୀଭୂତକୁ ସେ କ୍ଷମ ରେ ।
ସୁନ୍ଦର, ଏହା ଶୁଣିଛୁ ରସିକ ବଦନ
ଅନୁଭବ ନାହିଁ ମୋର ଏମାନ ।
କି କରି ଜାଣିବ କଣ୍ଟକଚଇତ କରିବୁ ଏ ଅବଧାନ ରେ ସୁନ୍ଦର । ୧୮ ।
ଶିରୀଫୁଲ ଗନ୍ଧ କେତେ କାଳ ଶୋଭା କି ଶୀତଳକାନ୍ତି ଚନ୍ଦନ ।
ଏ ବଚନ ରୋହଠାରେ ବନ୍ଦନ ।
କି ବୋଲି ବୋଲିବ ମଣିଷମଣକ ପରସ୍ପ ଭ୍ରମୁଛି ମନରେ ।
ସୁନ୍ଦର, ବନ୍ଧୁଧନ ତୋତେ ରେ ପ୍ରେମଶୀଳା
ବୋଲିବ କି ନାହିଁ ତତ୍ତ୍ୱ ରସିଲା ।
ଗଲେ ପ୍ରାଣ ରହ ବନ୍ଧୁ ଧନ ଦୁଇ ଥିଲେ ଅଛୁ ଏ ଶୁଣିଲା ରେ । ସୁନ୍ଦର । ୧୯ ।
ଅତି ଦରିଦ୍ର ମୁଁ ବାନ୍ଧବ ବଣିଜ କରୁଛି ଉପାୟ ବଳରେ ।
ଭଲ ମନ୍ଦ ଅଛି କି କପାଳରେ ।
ଦଇବ ସେ ଲୁଣ୍ଠ ସେ ତୋତେ ଗୋଚର ଦସ୍ୟୁରେ ଲଗା କୂଳରେ ରେ ।
ସୁନ୍ଦରି, ମୋର ତସ୍କର ଯେଣ ଦର ଅଛି
ପ୍ରାଣଧନ ଲୁଟିବାକୁ ଜଗିଛି ।
ଅଷ୍ଟସାତ୍ତ୍ୱିକ ଅଣଚ୍ଛଣ ପବନ ଛଳ ଭ୍ରମେ ପକାଉଛି ରେ । ସୁନ୍ଦରି । ୨୦ ।
ନେହେ କର୍ଣ୍ଣକୁ ଆକ୍ଷେପ କରି ଦଳ ସଂବଧେ କରନ୍ତୁ ବନ୍ଧନ ।
ହ ସେ ହରିଚନ୍ଦ୍ର ଦର୍ପ ଦଳନ ।
ଜୀମୂତବାହନପଦ ଦରଶନ ଜନେ କରୁଅଛୁ ଦାନରେ ।
ସୁନ୍ଦରି, ବଚନରେ ଅନୁସରି ଥିବ ସେ
ଦାସମାନଙ୍କୁ ଜିଣିଛୁ ଖଣ୍ଡ ସେ ।
ତନୁଦାନକୁ ମୁଁ ଅର୍ଥୀ ହୋଇଅଛି ବୋଲିକୁ ନକ ନ ଦେବୁ ରେ । ସୁନ୍ଦରି ।

---

୧୮ । ସୁବକ୍ଷ ପରଶ-ସ୍ପର୍ଶରେ ସଙ୍ଗଲାଭ । ଭଙ୍ଗୀବଚନ-ଶ୍ଲେଷଯୁକ୍ତ କଥା ।
୨୦ । ତସ୍କର-ଚୋର । ଅଷ୍ଟସାତ୍ତ୍ୱିକ—"ସ୍ତମ୍ଭସ୍ୱେଦୋଽଥ ରୋମାଞ୍ଚ ସ୍ୱରଭଙ୍ଗୋଽଥ ବେପଥୁ, ବୈବର୍ଣ୍ଣମଶ୍ରୁ ପ୍ରଳୟଂ ଇତ୍ୟଷ୍ଟୌ ସାତ୍ତ୍ୱିକଗୁଣାଃ ॥" ଅର୍ଥାତ୍ ଜଡ଼ତା, ଘର୍ମ, ରୋମ ଉଦ୍‌ଗମ, ସ୍ୱରଭଙ୍ଗ ( ଗଦ୍‌ଗଦ ବାଣୀ ), କମ୍ପ, ମଳିନତା ଓ ବହୁପରିମାଣରେ ଆଖିରୁ ପାଣି ବୋହିବା ।
୨୧ । ହରିଚନ୍ଦ୍ର-ସୂର୍ଯ୍ୟଚନ୍ଦ୍ର ( ଚନ୍ଦ୍ରଶତ୍ରୁ ) । ଜୀମୂତବାହନ-ଇନ୍ଦ୍ର । ଅର୍ଥୀ-ପ୍ରାର୍ଥୀ ।

ତେଣୁ ଭେଟାଇଲା ନିଶ ରଙ୍ଗେ ପଲ୍ୟଙ୍କେ କରିଥିଲୁ ବାଳା ଶୟନ ।
ହା ହା କି ଶେଷ ଦେଖିଲା ନୟନ ।
ସେହି ଝଟିକେ କୋଟି କୋଟି ମଧୁକା ସମ୍ପତ୍ତି କରିଛୁ ଦାନ ରେ ।
ସୁନ୍ଦରି, ଯେବେ ଚିର ଦୁଃଅନ୍ତା ସେ ମୁହୂର୍ତ୍ତ
ଯୁବାବୃନ୍ଦେ ହୋଇଥାନ୍ତି ସମସ୍ତ ।
ଖିନ୍ନ ହରୁ ଜୁଇଁ ଝୁଲାଇ ଦେବାର ନୋହେ ଇତର ସୁକୃତ ରେ । ସୁନ୍ଦର ।୨୨।
ନିଦ୍ରା ବିନାଶ ଅବଶଭର ଯେଣ୍ଣ କଷାଇତ ନେତ୍ର ଚକ୍ଷୁଷ ।
ମୋତେ ବନ୍ଧେ ଅନାଇଁଲୁ କି କର ।
ଅନୁରାଗ ଜଳେ ବୁଡ଼ି'ଲି ଚମକି ବେଗେ ଟାଳିଦେଲି ପର ରେ ।
ସୁନ୍ଦରି, ଲାଜ ବଶରୁ ରସିକା ସିହାଣୀ
ଚାହିଁ ନ ଚାହିଁଲି କଲୁ ଚାହାଁଣୀ ।
ଉଡୁ ପୂର୍ଣ୍ଣଚନ୍ଦ୍ର ମଣ୍ଡଳ ମନ୍ଦିରେ ବସିଲା ପରାପୂ ପୃଣିରେ । ସୁନ୍ଦର ।୨୩।
ଭଜନସ୍ଥରେ ମୋ ଲପ୍ସ ଦେଇ ଉଦୟ କଲୁଁ ଯେ କରୁଣା କଞ୍ଚିତ ।
ପ୍ରାଣ ରଖିଲି ସେ ସୁଧା ସଞ୍ଚିତ ।
ମାଣିକ୍ୟ କୁହରେ ହୀରା ଝଟକଲା ପଦ୍ମ ସ୍ମିତହାସ ଜାତରେ ।
ସୁନ୍ଦରି, ମୋର ଜନ୍ମାନ୍ତେ ଖଣ୍ଡିତ ଥିଲା ।
ସେହି ସମୟେ ଜଣି ଜାଣ ହେଲା ।
ବଢ଼ିବାରୁ ମହା ସନ୍ତାପ ନୟନ ମନେ ଆନ ନ ଲୁଚିଲାରେ । ସୁନ୍ଦର ।୨୪।
ଚକ୍ଷୁଷ ବୃଷ୍ଟିକୁ ଚକ୍ଷୁଷ କରି ଯେ ଯେତେ ବାଣୀ କହି ଯୁକତେ ।
ସେ କି ସମ ହେବ କାହିଁ ଜଗତେ ।
କରଯୋଡ଼ି ମୁଁ ଜଣାଉଛି ସନ୍ଦେଶ ଦୋଷ ନ ଧରିବୁ ଚିତ୍ତେ ରେ ।
ସୁନ୍ଦରି, ସବୁ ସଖୀଙ୍କି ସଙ୍ଖୋଳା ମୋହର
ତୁମ୍ଭ ସଙ୍ଗତେ ମୋତେ ଜଣେ କର ।
ମନ ମନାଇଁ ଅବକାଶ ଅନାଇଁ ଯେନାଇଁ କହି ଗୁମୁର ରେ । ସୁନ୍ଦର ।୨୫।

---

୨୩ । ଭଷାଇତ-ଆଖି ଘୂର୍ଣ୍ଣନ୍ତ ହେଉଥିବା ।

୨୪ । ଲପ୍ସ-ଅଭିନବେଶ । ଉଦୟ-ଜାତ । କୁହର-ଗୁହା । ସ୍ମିତହାସ-ଦରହାସ ।
ସଙ୍ଖୋଳା-ସ୍ୱାଗତ ସମ୍ଭାଷଣ ।

ବେଗେ ଦୂତଙ୍କୁ ମେଲାଣି ଦେଇ ଦେବ ଶ୍ରୀହସ୍ତ ସନ୍ତକ ଲେଖକୁ ।
ପାଇ ପାଇ ମୁଁ ଅଲେଖ ସୁଖକୁ ।
କୃଶ ହେଲେ ଆଶାଦଣ୍ଡ ଆଲମ୍ବନ କରି ଘଉଡ଼ି ଦୁଃଖକୁ ରେ ।
ସୁନ୍ଦରି, ଯିବ ଜୀବନେ ପ୍ରଭୁଙ୍କ ଛାମୁକୁ
ଅନ୍ୟଥା କହ ଦଣ୍ଡାଇବ କାମକୁ ।
ଏତେକ କାମନା ଏ ବନା ନଗନା ମିଳୁଛି ଯାହା ଦର୍ମିକୁ ରେ । ସୁନ୍ଦରି । ୨୭ ।
ବଳଆର ଯେ ତ୍ରିବଳୀ ଶୋଭାକ କହିବାକୁ ଅଛି ଆତୁର ।
ପ୍ରୀତି ବିରୋଧୀ ଯେତେ ସହଚରୀ ।
ଦଇବେ ହୋଇଲେ ପ୍ରବୋଧ କରିବୁ ତାହାଙ୍କର କର ଧରି ରେ ।
ସୁନ୍ଦରି, ପର ଉପକାର ଯଶ ଥୋଇଲେ
ଦେବ ମହାଦେବ ବିଷ ଖାଇଲେ ।
ଦେଖ ଭୃତ୍ୟପଦ ହୃଦେ ଧରି ହରି ଭକ୍ତଗ୍ରାହୀ ବୋଲାଇଲେ ରେ । ସୁନ୍ଦରି ।
ଏଡ଼ି ଏ ପଦ ରୋମାଞ୍ଚିତ ଗାତ୍ର କି ହେଲା ଅନୁରାଗ ଅଙ୍କୁର ।
କିବା ମାଗିବ ଯୁବା ସଙ୍ଗ ବର ।
ଆନନ୍ଦ ଅଶ୍ରୁଜଳରେ ଅଭିଷେକ କରାଇଲା କୁଚହର ସେ ।
ସୁନ୍ଦରି, ଦେଖି ଦ୍ୱିଜକୁ ସେ ମୋତିକଳାପ
ମନେ ଏ କଥା କଲି ସଙ୍କଳପ ।
ଏହି ରଚାରେ ଏ ହାର ଥିଲେ ଦେଖି ଜାଣନ୍ତି ସିନା ସେ ସନ୍ତାପ ସେ । ସୁନ୍ଦରି ।
ପ୍ରତ୍ୟୁତ୍ତର ପତର ଦେଇ ତାଙ୍କୁ କାତର ସାଗରୁ ଉଦ୍ଧର ।
କହେ ଏକାଳେ ବ୍ରହ୍ମସ୍ୱସ୍ତି ଖର ।
ଅନୂନପ୍ତ ଲେଖ ଛାନ୍ଦ ପୂର୍ଣ୍ଣ ହେଲା ରସିକ ଭକ୍ତ ସକଳ ହେ ।
ସୁଜନେ, ରାମ ଲକ୍ଷ୍ମଣ ଅମ୍ବୁଜବଦନ ।
ବୃଷାସନଙ୍କର ଯେହୁ ବନ୍ଦନ ।
କହେ ଉପେନ୍ଦ୍ର ଭଞ୍ଜ ବୀରବର ତାଙ୍କ ପାଦେ ଦେଇ ମନ ହେ ସୁଜନେ । ୨୯ ।

—*—

୨୭ । ସନ୍ତକ-ସ୍ୱହସ୍ତ ଅଙ୍କିତ ଚିହ୍ନ, ସ୍ମାରକ ବସ୍ତୁ । ଅଲେଖ-ଅନିର୍ବଚନୀୟ ।
ଆଶାଦଣ୍ଡ-ଆଶାବାଡ଼ି । ଆଲମ୍ବନ-ଆଶ୍ରୟ ।

୨୮ । କୁଚହର-ସ୍ତନ ରୂପକ ମହାଦେବ । ମୋତିକଳାପ-ମୋତି ସମୂହ । ସଙ୍କଳପ-କଳନା

୨୯ । ବୃଷାସନ-ମହାଦେବ ।

# ଊନବିଂଶ ଛାନ୍ଦର ସାରକଥା

ଏ ଛାନ୍ଦରେ ଲାବଣ୍ୟବତୀ ନିଜ ନାୟକ ନିକଟରୁ ପ୍ରଥମ ପ୍ରଣୟ ପତ୍ର ଖଣ୍ଡିକ ପାଇଛି। ପ୍ରେମ ମନୁଷ୍ୟ ଜୀବନର ଏକ ଅପରିହାର୍ଯ୍ୟ ଉଦ୍ଭବ ହେତୁ ଏହାର ପ୍ରଭାବ ମାନବ ଜୀବନରେ ମଧ୍ୟ ଅପରିସୀମ। ପ୍ରଣୟ ପତ୍ର ପ୍ରେମର ଆଦ୍ୟଅଙ୍କୁର ଏବଂ ଆଳଙ୍କାରିକ ଭାଷାରେ ଏହା ସୁନ୍ଦରତର ଏକ ପ୍ରକୃଷ୍ଟ ଉଦାହରଣ। ନାୟକଠାରୁ ପ୍ରେମପତ୍ର ପାଇ ସବୁ ନାୟିକାଙ୍କର ମନରେ ଭାବ ଯାହା ହୁଏ ଲାବଣ୍ୟବତୀର ମନୋଭାବ ତହିଁର ବ୍ୟତିକ୍ରମ ନୁହେଁ। ଲାବଣ୍ୟବତୀ ପତ୍ରଟିକୁ ପାଇ ଭଞ୍ଜଙ୍କ ଭାଷାରେ ନିମ୍ନ ଭାବରେ ବ୍ୟବହାର କରିଛି, ଯଥା—

“ଦେଲ ନିଜକରଜ ଡୋଳ ନେତ୍ରକୁ।
ଚଞ୍ଚଳନେତ୍ରୀ ଅଞ୍ଚଳ ଘରେ ଭରି ପାଏଡ଼ା କରି ପତ୍ରକୁ ସେ।
ସୁନ୍ଦରୀ! ଘେନି ଶିରେ ଲଗାଇଲା ସତ୍ତ୍ୱରେ।
ଶଶୀ ଜରଗତ ଚାନ୍ତି ଚକ୍ଷୁରେ।” ଇତ୍ୟାଦି।

ଏ ପ୍ରଣୟ ପତ୍ରର ଭାବ ସାଧାରଣ ନାୟକର ରୂପ ବର୍ଣ୍ଣନା ଭିନ୍ନ ଅନ୍ୟ କିଛି ନୁହେଁ। ନାୟିକାର ରୂପ ଗୁଣର ପ୍ରଶଂସା, ନାୟକ ଉପରେ ତାହାର ପ୍ରଭାବ ଇତ୍ୟାଦି ଦ୍ୱାରା ପତ୍ରଟି ପରିପୂର୍ଣ୍ଣ। ଉଦାହରଣ ସ୍ୱରୂପ ନାୟକ କହୁଅଛି—

“ତୋ ପ୍ରେମ ନୀର ହୃଦୟରେ ପଡ଼ନ୍ତି ଯେଣୁ ଜରଜର ଦେହରେ।
ସୁନ୍ଦରୀ! ଜୀବ ନେତ ଧାମ ଅଛି ଭଣ୍ଟାଳି।
ଯତ୍ନ କରି ରଖିଛି ଏହା ଭଲି।” ଇତ୍ୟାଦି।

ଭଞ୍ଜଙ୍କର ଜୀବନ ଦର୍ଶନ ତାଙ୍କ ରଚିତ କାବ୍ୟପରି ଏଥିରେ ମଧ୍ୟ ପରିସ୍ଫୁଟ ହୁଏ। ଭଞ୍ଜଙ୍କର ମତରେ ଦିବ୍ୟ ରମା ଲଭି ସହ ଜଗତର କୌଣସି ସୁଖ ତୁଳନୀୟ ନୁହେଁ। ଅନ୍ୟତ୍ର ସେ କହିଛନ୍ତି—“ଯେବେ ଏ ଯୁବା ବୟସ, ଦିବ୍ୟ ରମା ନାହିଁ ପାଶ, କି ଲଭି ତହିଁ ନୃପତି ସମ୍ପତ୍ତି ଥାଇ।” ଏଠାରେ ମଧ୍ୟ ଅନୁରୂପ ଭାବରେ ନାୟକ କହୁଛି—

“ପତି ଥିଲେ ସରେଶ୍ୱରର ମସ୍ତୂଳ।
ଘେନି ଦେହିମନ୍ତ ସ୍ୱର୍ଗ ଘଟନେ ଥିବା ସ୍ୱାର ମଙ୍ଗଳରେ।
ସୁନ୍ଦରୀ! ଲଭି ନାହିଁ ଯେ କଳ୍ପିତ ସୁରସ।
ମହୀ ସମ୍ପତ୍ତି ଥାଇ ଦେବ କସ।
ନୟନ କି ଥାଇ ଦେବ ଚରଣେ ତଲ୍ଲ ପ୍ରାୟ ଉପହାସରେ। ସୁନ୍ଦରୀ॥” ଇତ୍ୟାଦି।

ଏ ଛାନ୍ଦରେ ଲିଖିତ ପ୍ରଣୟ ପତ୍ରର ସାରାଂଶ ଉପରୋକ୍ତ ପଦରେ ସ୍ପଷ୍ଟ ଭାବରେ ପ୍ରକାଶ ପାଇଛି।

# ବିଂଶ ଛାନ୍ଦ

( ଲାବଣ୍ୟବତୀର ପକ୍ଷ ବେନି ଶୁକ ବ୍ରହ୍ମପୁରୀ ଚନ୍ଦ୍ରଭାନୁ ନିକଟକୁ ଗମନ )

ରାଗ—ଚିନ୍ତାଭୈରବ

ଆଣି କାଗଜକୁ ନବବାଳୀ          ଅକ୍ଷରପୁ ନ ଲେଖିଲା କାଳୀ
କୁଙ୍କୁମେ ଲେଖିଲା ବର୍ଣ୍ଣ ନିଜବର୍ଣ୍ଣ
ଭଣି ଆଳୀଙ୍କ ନ ମନେ ଛଳ ସେ । ସୁନ୍ଦର । ୧ ।

ବଙ୍ଗେ ବୀରବର ଭୂପସୁତ          ଗଣେଶ୍ୱର ସମାନେ ପଣ୍ଡିତ
ଗୁଣରେ ନାହିଁତ ଅବନୀମଣ୍ଡଳେ
ଏଣୁ କରି ସ୍ତୁତି ପ୍ରଶଂସିତ ହେ । ସୁନ୍ଦର । ୨ ।

ମହା ମହା ମନୋହର ଧାମ          ଆମ୍ଭେ ଦେଖିଅଛୁ ଅନୁପମ
ହେମ ଭୂଲେ ଗୁଞ୍ଜା ତୁଳନା ପରାୟେ
ଯହିଁ ଇଚ୍ଛା ବୋଲନ୍ତୁ କାମ ହେ । ସୁନ୍ଦର । ୩ ।

ଦାତାପଣ କର୍ଣ୍ଣେ ଅଛି ଶୁଣି          ତହିଁକି ଲକ୍ଷ ଦେବାକୁ ପୁଣି
ଯାଚକ ମାନସ ଏ ରୂପେ ସନ୍ତୋଷ
ଏକା ସହାର ହେଉ ଧରଣୀ ହେ । ସୁନ୍ଦର । ୪ ।

ପୁଣି ବଧ କରିବାରେ ଅରି          କର ଯଶକୁ ଅଛି ବିସ୍ତାରି
ବସ୍ତୁ କ୍ଷୁ ଗୁଣ ତ ନୂହଇ ଜାଣିବା
ତୁମ୍ଭେ କେତେ ପର ଉପକାରୀ ହେ । ସୁନ୍ଦର । ୫ ।

ଯାହା ରତନ କୋଷ ସଞ୍ଚିତ          ସଦା ଅଭୁତ ସମ୍ଭ୍ରମବନ୍ତ
ଏହି କଥାମାନ ବଚନ ମଣିଲୁଁ
ସେହି ଶ୍ରେୟଭ ନେଇ କି ଶତ୍ରୁ ହେ । ସୁନ୍ଦର । ୬ ।

---

୧ । ନବବାଳୀ-ନୂଆ ନାଗରୀ । କାଳୀ-କଳା ରଙ୍ଗ । ବର୍ଣ୍ଣ-ଅକ୍ଷର । ଆଳୀ-ସଖୀ ।

୨ । ଅବନୀ ମଣ୍ଡଳେ-ସମସ୍ତ ପୃଥିବୀ ମଧ୍ୟରେ । ସ୍ତୁତି-ଅତ୍ୟନ୍ତ ।

୩ । ହେମ-ସୁନା । ଗୁଞ୍ଜା-କାଇଁଚ ।

୪ । ଯାଚକ-ଭିକ୍ଷାରୀ ପ୍ରାର୍ଥୀ ।

୬ । କୋଷ-ଭଣ୍ଡାର ।

ସ୍ୱପ୍ନେ ଦେଖାଦେଲେ ଯେଉଁ ନିଶା — ହୋଇଥିଲା ସେଦିନ ସୁଦଶା
ଜଳକଳଶ ଚନ୍ଦ୍ରବିମ୍ବ ଧରିବା-
ପରି ଯେସ୍ତୁ କରୁଥିଲି ଆଶା ହେ । ସୁନ୍ଦର । ୭ ।

ଏବେ ଦଇବେ ହେଲା ସେ ସତ — କେହୁ ନୋହିବ ପୃଥ୍ୱୀ ଲୋଭିତ
ଜୀବନ ଯିବ ପାଖରେ ନ ପାଇଲେ
ଏହି ବାଣୀ ହୋଇବ ବିଦିତ ହେ । ସୁନ୍ଦର । ୮ ।

ଯାର ପଦ୍ମଶ୍ରୀକି ଶତେ କୋଶ — ତାର ମେରୁ ଲଙ୍ଘିବାକୁ ଆଶ
ଜଳେ ସାଗରସୁତ ପ୍ରାୟ ସଜୀବେ
ତାପାନଳେ ନୋହେ କ୍ଲେଶ ନାଶ ହେ । ସୁନ୍ଦର । ୯ ।

ହରିହର ସୁପ୍ରସନ୍ନ ଥିବ — ମୋର ପୁରନ୍ଦର କଷ୍ଟ ହେବ
ଭଗ୍ୟ ଭଗୀରଥ ହୋଇ ଯେବେ ତବ
ସ୍ନେହ ଗଙ୍ଗାଜଳ ମଜ୍ଜାଇବ ହେ । ସୁନ୍ଦର । ୧୦ ।

ଭବେ ମନ୍ତ୍ରୀ ଅନାଇ ଯାହାକୁ — ଏକା ବର ବରିବି ଏହାକୁ
ତାକୁ ସେ ଏକାନ୍ତେ ରସିବ ବୋଲିଲେ
ବାଳା ନ ଛାଡ଼ିବ ଉତ୍ସାହକୁ ହେ । ସୁନ୍ଦର । ୧୧ ।

ଛଳେ ସେ ବସ୍ତ୍ରା ସଲ୍ଲଲରାଶି — ନ କରିବେ ମୋତେ ନିଜ ଦାସୀ
ସେନାଇ କହିବା କଥା ଏ ନୁହଇ
ସେନ ତୁମ୍ଭଙ୍କୁ କେମନ୍ତେ ବସି ହେ ସୁନ୍ଦର । ୧୨ ।

ଦୂତ ସଙ୍ଗେ ଅଇଲେ ଦେଖିବ — କଥା ଯଥାର୍ଥକେବା ଲେଖିବ
କୃଷ୍ଣକଣ୍ଠୀ ଆଗେ ପାଗ୍ଲେଣ୍ଟି ଯିବାର
ବିଧି ସୃଷ୍ଟି କରିଛି ଦଇବ ହେ । ସୁନ୍ଦର । ୧୩ ।

ଫୁଲ ଭ୍ରମର ଭୃଙ୍ଗ ଫୁଲର — ଫୁଲ କରଇ କି ଅଭିସାର
ପ୍ରତି ପ୍ରତିବନ୍ଧୀ ମନକୁ ପେଷିଛି
ତାହା ସଙ୍ଗେ ଏବେ ବିଜେକର ହେ । ସୁନ୍ଦର । ୧୪ ।

---

୭ । ଚନ୍ଦ୍ରବିମ୍ବ-ଚନ୍ଦ୍ରଛାଇ ।
୯ । ସାଗରସୁତ-ସଗର ରାଜାଙ୍କ ପୁଅ । ସଜୀବେ-ଜୀବନରେ । (କପିଳ ମୁନିଙ୍କ କୋପା-
ନଳରେ ସଗରସୁତମାନେ ମରି ନ ଥିଲେ, ଗର୍ତ୍ତରେ ଭଅଁଳ ଦହନରେ ଜଳୁଥିଲେ ।
୧୦ । ପୁରନ୍ଦର କଷ୍ଟ-ଇନ୍ଦ୍ରହାତୀ ଐରାବତ ।
୧୨ । ସଲ୍ଲଲରାଶି-ସାଗର ।
୧୪ । ଅଭିସାର-ସଙ୍କେତ ସ୍ଥାନକୁ ଗମନ ।

ହେବେ ନାହିଁ ଏତେ ଅନୁଗ୍ରହ ଜେମାନେସେ କମ୍ପା କଲ ଗୃହ
ତୁମ୍ଭ ପୁର ତ ଅଳକାରୁ ଅଧିକ
ତହିଁ ରମ୍ୟ ହେଲା କଏ କହ ହେ । ସୁନ୍ଦର । ୧୫ ।
ହୃଦବନେ ଥିଲା ମନମୃଗ ତହିଁ ଵରହ ଅନଳ ବେଗ
ପକାଇ ତୁମ୍ଭ ଶୋଭାବନେ ପଶିଲା
ତହିଁ ନାହିଁପଣ ଏ ଉଦ୍‌ବେଗ ହେ । ସୁନ୍ଦର । ୧୬ ।
ପ୍ରବେଶ ଵଲ୍ଲର କଣ୍ଟକ ମନ ସ୍ମର ଶରହିଁ ଏହୁ ଵଧାନ
ପ୍ରକଟି କୁଜ୍‌ଝଟି ତପନକୁ ଛୋଟି
ନାଶ କରିଦେଇ ପଦ୍ମବନ ହେ । ସୁନ୍ଦର । ୧୭ ।
ପରମ୍ପରା ସେ ଜନକୁ ମାରେ ଈଶ୍ୱରଙ୍କୁ ମାହ ଜ୍ୱାଳା କରେ
ତୁମ୍ଭେ ବଳବନ୍ତ ଅବଳା କୋମଳା
ଆମ୍ଭ ପ୍ରାଣସଜନୀ ବେଗରେ ହେ । ସୁନ୍ଦର । ୧୮ ।
ଯାମା ତୁମ୍ଭ ସ୍ନେହୀ ହେଲଠାରେ ବିରହ ଯେ ଅଙ୍ଗ ଭୋଗକରେ
ଏ ଜଣୀ କାହାକୁ ହେବ ମନେ ମନେ
ବସି ଭାବନା କରିବ ଥରେ ହେ । ସୁନ୍ଦର । ୧୯ ।
ଜାତ ପଦ୍ମା ହାସକୁ ଚାହିଁ ନିତ ମହାଶ୍ୱାସ କରୁଥାଇ
ଚନ୍ଦ୍ର ଓସ ହିଂସାରେ ସାନ୍ଦ୍ର ହୋଇ ଏବେ
ଚନ୍ଦ୍ର ତନୁକୁ ଦେଉଛି ଦହି ହେ । ସୁନ୍ଦର । ୨୦ ।
ଜାଣ ପଣ ଇନ୍ଦ୍ରଜାଲ ମାୟା ସବୁ ଭବେ ଦେଖାଉଛ କାୟା
ମାୟା କରି ମୋହିବାକୁ ତୁମ୍ଭଠାରେ
କାଳା ହୋଇନାହିଁ କ ଵନସ୍ତା ହେ । ସୁନ୍ଦର ।୨୧ ।

---

୧୫ । ଅଳକା-କୁବେର ପୁର ।
୧୭ । କୁଜ୍‌ଝଟି-କୁହୁଡ଼ି ।
୧୮ । ପରମ୍ପରା-ପୁନଃପୁନ । ଈଶ୍ୱର-ମହାଦେବ ।
୨୦ । ମହାଶ୍ୱାସ-ଅତ୍ୟନ୍ତ ଭୟ । ସାନ୍ଦ୍ର-ଗାଢ଼ ।
୨୧ । ଵନସ୍ତ-ନମ୍ରତା ।

କେତେ କୁସୁମ ଜଗତେ ନାହିଁ	ଭବକର ନ ପାରଇ ସହି
ତଳେ ଶେଫାଳିକା ଏ ନବମାଳିକା
ତଥା ବେଦନା ସହି ନୁହଇ ହେ । ସୁନ୍ଦର । ୨୨ ।
ତୁମ୍ଭ କୀର୍ତ୍ତିଚନ୍ଦ୍ରମା ଉଦିତ	କୁଳ କୁମୁଦକୁଳ ମୋହିତ
ତାତ ସିନ୍ଧୁ ମାତ ଚକୋର ଉଲ୍ଲାସି
ଯାରେ ମଣ୍ଡିତ କଲ୍ ଜଗତ ହେ । ସୁନ୍ଦର । ୨୩ ।
ନୃପସୁତ ତାରମଧ୍ୟେ ଶୋଭି	ପର ତସ୍କରକୁ ଭୟ ଦେଇ
ଆମ୍ଭ ସଜନୀ ରଜନୀଠାରୁ କାମ-
ତମ ନ ଖଣ୍ଡିଲ କାହିଁ ପାଇଁ ହେ । ସୁନ୍ଦର । ୨୪ ।
ଭାନୁ ଭଜିଲେ ମିହିରମଣି	ଯଥା ଅଗ୍ନି ଜାତ କରେ ପୁଣି
ତୁମ୍ଭ ପୀରତି ବଶରେ ମହାବ୍ୟଥା
ତଥା ପାଉଛି ରମଣୀମଣି ହେ । ସୁନ୍ଦର । ୨୫ ।
ଆମ୍ଭ ସଖି ଅତି ସ୍ନେହାଧୀନ	ଘୁଡବ କ ହେଲେ ପ୍ରାଣମାନ
ଅନଳେ ଦହିଲେ ସୁବାସକୁ ନକ
କେବେ ଛାଡ଼ଇ ଚନ୍ଦ୍ର ଚନ୍ଦନ ହେ । ସୁନ୍ଦର । ୨୬ ।
ମନେ କରଅଛୁ ପଙ୍କଜାକ୍ଷୀ	ମନ୍ଦ ପ୍ରୀତିରେ କପୋତପକ୍ଷୀ
ଧନ୍ୟ ଶବଦ ତ ସେ ରୂପେ ଲଭିବ
ଆଗ ସ୍ନେହସ୍ତରେ ତାହାକୁ ଲେଖି ହେ । ସୁନ୍ଦର । ୨୭ ।
ମହାଶଙ୍କା ହୋଏ ଏହା ଭାବି	ବାରଯତେ ବର୍ଣ୍ଣିଛନ୍ତି କବି
ଅତି କଠିନ ଉରସ୍ଥଳ ବାଳଲେ
ସବୁ ରୂପେ ହତ ହୁଏ ପଦ୍ମ ହେ । ସୁନ୍ଦର । ୨୮ ।

---

୨୨ । ଶେଫାଳିକା-ଗଙ୍ଗଶିଉଳି । ନବମାଳିକା-ନଅଳି ଫୁଲ ।
୨୩ । କୁଳ-ବଂଶ, ସମୂହ ।
୨୪ । ପର-ଅପର, ପ୍ରଧାନ । କାମତମ-କନ୍ଦର୍ପରୂପକ ଅନ୍ଧାର ।
୨୫ । ମିହିରମଣି-ସୂର୍ଯ୍ୟକାନ୍ତ ମଣି । ( ସୂର୍ଯ୍ୟକାନ୍ତ ମଣିରେ ସୂର୍ଯ୍ୟତେଜ ପଡ଼ିଲେ ସେଥିରୁ ନିଆଁ ବାହାରେ । )
୨୬ । ଚନ୍ଦ୍ର-କର୍ପୂର ।
୨୭ । କପୋତ ଶବରର ଜାଲରେ ପଡ଼ିବା ଦେଖି କପୋତୀ ଛାଡ଼ି ନପାରି ସେହି ଜାଲରେ ପଡ଼ିବାରୁ ବନ୍ଧନ ହେଲା ।
୨୮ । ଉରସ୍ଥଳ-ସ୍ତନ । ପଦ୍ମ-ବକ୍ତ୍ର ।

ନାଗ୍ନବୋଧ ଏହା ଶୁଣିକର    ହୋଇଥିବ ନାରକେଳ ଫଳ
ଦୟାଶୀଳ ନାମ ନୋହୁଲେ କାହିଁକ
ହୃଦେ ଅଛୁ ଘନରସ ପୂରି ହେ । ସୁନ୍ଦର । ୨୯ ।
ଚନ୍ଦ୍ରମାର ଅଶ୍ୱିନୀକୁମାର    ଏମାନେ ଯେ ପରମ ସୁନ୍ଦର
ଏ ମୂର୍ତ୍ତି ହୋଇ କ୍ଷିତରେ ଉତପତ୍ତି
ବୋଲି ପ୍ରଶଂସା ଖ୍ୟାତ ଭୂମ୍ବର ହେ । ସୁନ୍ଦର । ୩୦ ।
ଶୋଭା ରତ୍ନଁ ଶିଳା ଦ୍ରବୀଭୂତ    କର ଉଜ୍ଜ୍ୱଳ ସ୍ୱଭାବ ଚିତ୍ତ
ନୃପ ନନ୍ଦନାର ବ୍ୟାଧି ନାଶ କଲେ
ଆମ୍ଭେ ଜାଣିବୁଁ ଏ କଥା ସତ ହେ । ସୁନ୍ଦର । ୩୧ ।
ଯେତୁ ଗୁଣ ବିଶ୍ରାମ ମଣ୍ଡପ    କାହିଁ ସୁତ ତାଙ୍କ ଅନୁରୂପ
ଅନ୍ୟ ଦେଖି ଯେ ଭୂମ୍ବର ବୋଲାଇବ
କେଉଁ ସ୍ଥାନେ କରିଥିଲ ତପ ହେ । ସୁନ୍ଦର । ୩୨ ।
ଆଉ ଅଧିକ ଜଣାଏ କସ    କ୍ଷମା କରିବା ଜଣାଣ ଦୋଷ
କର୍ମ ମୋହ ସ୍ତମ୍ଭ ପ୍ରତିବନ୍ଧ ଯୋଗ
ଲେଖି ନ ପାରିଲି ରମାଈଶ ହେ । ସୁନ୍ଦର । ୩୩ ।
ଶିବରାତ୍ରୀ ଗ୍ରମରେ ଉତ୍ସବ    ରାମେଶ୍ୱର ଦେବଠାରେ ହେବ
ଯେବେ କରୁଣା ଅରୁଣାଧ୍ୱଠାରେ ଥିବ
ସେଠାକୁ ବିଜେ କରିବ ହେ । ସୁନ୍ଦର । ୩୪ ।
ପତ୍ରେ ପତଙ୍ଗ ସେନେହ ଧାରି    ଯଥା ଅନଳ ତାହାଙ୍କୁ ଜାରି
ବିଜେ ନ କଲେ ଏ ପୀରତି ଖରତି
ଖ୍ୟାତ ହୋଇବଟି ସେହୁପରି ହେ । ସୁନ୍ଦର । ୩୫ ।

---

୨୯ । ନାଗ୍ନବୋଧ-ସ୍ତ୍ରୀର ଅନୁମାନ । ଘନରସ-ଗାଢ଼ ଶୃଙ୍ଗାରଭାବ ।
ନଡ଼ିଆର ବାହାରଟି ଟାଣ ମାତ୍ର ଭିତର କୋମଳ ।

୩୧ । ଦ୍ରବୀଭୂତ-ତରଳ ହେବା ।

୩୨ । ଗୁଣ ବିଶ୍ରାମ ମଣ୍ଡପ-ଯେଉଁଠି ଗୁଣସବୁ ଆଶ୍ରୟ ପାଇଛି, ଅତ୍ୟନ୍ତ ଗୁଣଶୀଳ ।

୩୩ । ପ୍ରତିବନ୍ଧ-ବାଧା । ରମାଈଶ-ସ୍ତ୍ରୀ ଶ୍ରେଷ୍ଠ ।
କାମ ଭଙ୍ଗାବରେ ଅଷ୍ଟସାତ୍ତ୍ୱିକ ବିକାର ଥାଏ, ଯଥା—ସ୍ତମ୍ଭ ପ୍ରଭୃତି ।

୩୪ । ଅରୁଣାଧ୍ୱ (ଅରୁଣ + ଅଧ୍ୱ), ଅରୁଣ-ଉଦୟକାଳୀନ ସୂର୍ଯ୍ୟ । ଅଧ୍ୱ-ରାସ୍ତା ।

୩୫ । ଜାରି-ଘୋଷଣା । ବିଜେ-ଆସିବା ।

ଲେଖି ଏ ରୂପେ ପତ୍ରିକା ବାଳା  ମନ୍ତ୍ରୀ ନନ୍ଦନା ହସ୍ତକୁ ଦେଲା
ପାଠକର ଦେଖ ରସଗର୍ଭ ଭାଷା
ଅତି ତୃପତ ହୋଇ ମୁଦିଲା ସେ । ସୁନ୍ଦରି । ୩୬ ।
କରି ବନ୍ଧନ ରୁଚିର ଚୀରେ  ଜତ୍ନୁ ଦେଲା ଯତନେ ଉପରେ
ଦୁର୍ଗା ମାଧବ ସୁମରି ବୃତ୍ତହସ୍ତ
କରେ ଦେଲା ଅତି ହରଷରେ ସେ । ସୁନ୍ଦରି । ୩୭ ।
ନେଇ ଝର ଦ୍ୱିଜବର ଆଗେ  ସଖିମାନେ କହିଲେ ସରାଗେ
ବେଗେ ଆଗମନ ନ କଲେ କୁମାରୀ
ରାମା ନେଲାଟି ଶମନ ଯୋଗେ ହେ । ସୁନ୍ଦରି । ୩୮ ।
ଯତ୍ନେ ସେବନଣ ଅମୂଲ୍ୟ ମୁଦ  ଦୁଇ ଦ୍ୱିଜ ହୋଇଲେ ପ୍ରମୋଦ
ମେଲାଣି ହୋଇ ସାଧୁଙ୍କୁ କହିଣ
କରି ହରିଙ୍କି ମଙ୍ଗଳପ୍ରଦ ହେ । ସୁଜନେ । ୩୯ ।
ଯେଉଁ କାଞ୍ଚି ଶୋଭିନୀ ଉଦନ୍ତ  କାଞ୍ଚିପୁରେ ଗମନ ତୁରିତ
ଉପଇନ୍ଦ୍ର ଭଞ୍ଜ ବୀରବର ଚିତ୍ତ-ଭୃଙ୍ଗ
ରାମ ପାଦପଦ୍ମେ ରତ ହେ । ସୁଜନେ । ୪୦ ।

—*—

୩୬ । ରସଗର୍ଭ-ରସପୂର୍ଣ୍ଣ । ତୃପତ-ଖୁସି । ମୁଦିଲା-ବନ୍ଦ କଲା ।
୩୭ । ରୁଚିର ଚୀର-ସୁନ୍ଦର ପାଟକନା । ଜତ୍ନୁ-ଜଉ ।
୩୮ । ଶମନ ଯୋଗେ-ଯମପୁର ଉପଯୋଗରେ ଅର୍ଥାତ୍ ମୃତ୍ୟୁ ।
୪୦ । କାଞ୍ଚି ଶୋଭିନୀ-କଟି ମେଖଳା ଶୋଭିନୀ । ଉଦନ୍ତ-ବାର୍ତ୍ତା ।

## ବଂଶ ଛାନ୍ଦର ସାର କଥା

ଏ ଛାନ୍ଦଟି ଏହାର ପୂର୍ବ ଛାନ୍ଦର ଏକ ପରିପୂରକ ଛାନ୍ଦ । ଲାବଣ୍ୟବତୀ ପୂର୍ବ ଛାନ୍ଦରେ ନାୟକଠାରୁ ପ୍ରଣୟ ପତ୍ର ଲାଭ କରିଛି ଏବଂ ଏ ଛାନ୍ଦରେ ସେହି ପତ୍ରର ଉତ୍ତର ପ୍ରଦାନ କରିଛି । ଏଠାରେ ବିଶେଷ ଲକ୍ଷ୍ୟ କରିବାର କଥା, ଲାବଣ୍ୟବତୀ ନିଜେ ନାୟକଙ୍କୁ ସମ୍ବୋଧନ କରି ପତ୍ର ଲେଖି ନାହିଁ । ନାୟିକା ନିଜେ ନାୟକ ନିକଟକୁ ପ୍ରଣୟ ପତ୍ର ଲେଖିବା ଶୀଳତାର ବିରୁଦ୍ଧ ହେବ ବୋଲି ଭଞ୍ଜ ପତ୍ରଟିକୁ ଲାବଣ୍ୟବତୀର ସହଚରୀମାନଙ୍କ ଦ୍ୱାରା ଲେଖାଇଛନ୍ତି । ସଖୀମାନେ ଚନ୍ଦ୍ରଭାନୁର ଅଲୋକସାମାନ୍ୟ ଗୁଣରାଜିର ଭୂୟସୀ ପ୍ରଶଂସା କରିଛନ୍ତି, ଯଥା—

"ଧର ଯଶକୁ ଅଛ ବିସ୍ତାରି ।
ଦୟାକୁ ଗୁଣିତ ନୁହଇ ଛାଣିମା
ତୁମ୍ଭେ କେତେ ପର ଉପକାରୀ ହେ । ସୁନ୍ଦର ।।" ଇତ୍ୟାଦି ।

ସେମାନେ ନାୟକଙ୍କୁ ଅନୁରୋଧ କରିଛନ୍ତି— ଲାବଣ୍ୟବତୀର ବିରହ ଦୁଃଖର ଆଶୁ ଅପନୋଦନ ପାଇଁ । ତେଣୁ ସଖୀମାନେ ନାୟକଙ୍କୁ କହିଛନ୍ତି—

"ନୃପ ନନ୍ଦନୀର ବ୍ୟାଧି ନାଶ କଲେ ଆମ୍ଭେ ଜାଣିବୁ ଏ କଥା ସତ ହେ । ସୁନ୍ଦର ।"

ସୁନଷ୍ଟ ଭଞ୍ଜଙ୍କର ମନୋହର ବର୍ଣ୍ଣନା ଶୈଳୀର ଦୃଷ୍ଟାନ୍ତ ଏ ଛାନ୍ଦର ଅନେକ ସ୍ଥଳରେ ଦେଖିବାକୁ ମିଳେ । ନିମ୍ନଲିଖିତ ପଦଗୁଡ଼ିକ ଉଦାହରଣ ଦିଆଯାଇ ପାରେ । ଯଥା—

"ଯାର ପ୍ରହଣ୍ଡକେ ଶତକୋଷ । ତାର ମେରୁ ଲଙ୍ଘିବାକୁ ଆଶ ।"

× × ×

"ହୃଦବନେ ଥିଲା ମନମୃଗ । ତହିଁ ବିରହ ଅନଳ ବେଗ
ପଳାଇ ତୁମ୍ଭ ଶୋଭବନେ ପଶିଲା
ତହିଁ ନାହିଁ ଏ ହୃଦବେଗ ହେ । ସୁନ୍ଦର ।।"

ପରିଶେଷରେ ପାଠକ ଲାବଣ୍ୟବତୀର ଏକନିଷ୍ଠ ପ୍ରେମର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ପାଏ । ତାହାର ପ୍ରେମ ବାତ-କମ୍ପିତ ହ୍ରଦର ସ୍ରୋତପରି ଚଞ୍ଚଳ ନୁହେଁ, କିନ୍ତୁ ନିସ୍ତରଙ୍ଗ ପୁଷ୍କରିଣୀ ଜଳପରି ସ୍ଥିର । ତେଣୁ କୁହାଯାଇଛି—ଲାବଣ୍ୟବତୀ ନିଜ ପ୍ରିୟତମଙ୍କର ପ୍ରୀତିଭାଜନ ନ ହେଲେ କପୋତ ପକ୍ଷୀପରି ଜୀବନ ତ୍ୟାଗ କରିବେ ହିନା କିନ୍ତୁ ପ୍ରେମରେ ଶୈଥିଲ୍ୟ ଆଣିବେ ନାହିଁ, ଯଥା—

"ମନେ କରିଅଛି ଏକାକାରୀ । ମଲ୍ଲ ପ୍ରୀତିରେ କପୋତ ପକ୍ଷୀ ।" ଇତ୍ୟାଦି ।

# ଏକବିଂଶ ଛାନ୍ଦ

( ଚନ୍ଦ୍ରଭାନୁର ଶରତ ଓ ବର୍ଷା ବର୍ଣ୍ଣନ,
ଚଟାଳି ପାଠ ପରେ ରମେଶ୍ୱର ସାକ୍ଷୀ ବସ୍ତୁର )

ରାଗ—ଭୈରବ

ଏଥୁଅନ୍ତେ ଦେଖେ ସାର ହୋଇଲା ବରଷା ।
ଦସ୍ତୁର କରଇ ଥିଲା ଏମନ୍ତ ଭରସା । ୧ ।
ରସାଳସୀ ସଙ୍ଗ ହେଲା ଜଗ୍ରତ୍ର ହୋଇବ ।
କେତେ ବେଗେ ଏ ଋତୁକୁ କଲା ଦୁର୍ଦ୍ଦଇବ । ୨ ।
ବୃଦ୍ଧି ହେଲା ନଦୀମାନ ଲୋକନ କହିବେ ।
କୋଳ ଅବଲମ୍ବ କରି ପଥିକେ ତରିବେ । ୩ ।
କୋଳ ଅବଲମ୍ବ ନାହିଁ କାମ ସିନ୍ଧୁ କେଣେ ।
ତରିବ କୋଳସ୍ୱରୂପୀ କି ଅଛନ୍ତି କଣେ । ୪ ।
ସୁମନା ଚୁମ୍ବନେ ଭୃଙ୍ଗ ହେବ ତୋଷମନ ।
ଥାଉ ସୁମନା ଚୁମ୍ବନ ନାହିଁ ଦରଶନ । ୫ ।
ଘନରସ ଯୋଗ ବନ ଦାବାନଳ ଲିଭେ ।
ଘନରସ ଯୋଗେ ନାହିଁ କି କରିବ ଏବେ । ୬ ।
ହୃଦବନ ଦାବ ନଳ କେଣ୍ଠ ହେବ ଶାନ୍ତ ।
ମୋର କର୍ମ ଯୋଗ ହେଲା ଅପୂରୁବ ସତ । ୭ ।
ନ ଲଭଇ ଅଧିକେ ଏବେ ଜଳଇ ଯେଣେ ।
ଶିଖୀ ନାମ ଯେ ଦେଇଛି କେକୀକି ସେ ଧନ୍ୟ । ୮ ।

---

୨ । ରସାଳସା-ରସରେ ଆସ୍ୱାଦ୍ୟ ନାୟିକା । ସଙ୍ଗେ-ସାଙ୍ଗରେ, ମିଳନରେ । ଦୁର୍ଦ୍ଦଇବ-ମନ୍ଦ ଭାଗ୍ୟ ।

୪ । କୋଳ-କୋଡ଼, ନୌକା । ଅବଲମ୍ବନ-ଆଶ୍ରୟ । ତରିବ-ପାରିହେବ । କୋଳସ୍ୱରୂପୀ-ବସ୍ତୁ ।

୬ । ଘନରସ-ବର୍ଷାଜଳ, ରତିରସ । ଦାବାନଳ-ବନଅଗ୍ନି ।

୮ । ଶିଖୀ-ମୟୂର, ଅଗ୍ନି । କେକୀ-ମୟୂରୀ ।

କାମୀ ହୃଦ ଖାଣ୍ଡବ ଦହନେ ଏ ପାଣ୍ଡବ ।
କଳଙ୍କ ଶିଖା ପ୍ରକାଶି ଆରମ୍ଭ ତାଣ୍ଡବ । ୯ ।
ଆରେ ଶ୍ୟାମା କ କରିବ ତୁହି ପରିତ୍ରାଣ ।
ବୋଲି ମୋହକୁ ଭଜିଲା କୁମର ସେକ୍ଷଣ । ୧୦ ।
ସଖୀ ମୁଖେ ଜଳ ସିଞ୍ଚି ଅଞ୍ଚଳେ ବିଞ୍ଚିଲେ ।
ଚେତନ ବଶେ ପଲ୍ଲବ ଶେଯେ ଶୁଆଇଲେ । ୧୧ ।
ଏ ସମୟେ ପରବେଶ କୁବ୍ଜକୁବ୍ଜା କାର ।
ଏ ସ୍ୱାନ୍ତ ଦେଖି ଭାଷିଲେ ଧୀରେ ହେବା ଯାର । ୧୨ ।
ଉଠ ହେ ରସିକ ଯିବା ସୁନ୍ଦରୀ ସନ୍ନିଧି ।
ଅଙ୍ଗେ ସାଧିଛୁ ସେ କାମବ୍ୟାଧି ଅଉଷଧି । ୧୩ ।
ବାଳ ଶଇବାଳ ନବପ୍ରବାଳ ଅଧର ।
କୋମଳବାହୁ କମଳନାଳ ମନୋହର । ୧୪ ।
ପ୍ରେମଜଳେ ପୂର୍ଣ୍ଣ ନାଭି ରସକୂପେ ଲେଖ
ହାସ ଘନସାର ଅଭ୍ରଧୂଇଣ ମୁଖ ହେ । ୧୫ ।
ଆହୁରି ଶ୍ୱେତକ ଦ୍ରବ୍ୟମାନ ଅଛି ସଞ୍ଚି ।
ମାଉଜ୍ୱଳ ଗୁର କେତେ ଯାଇ ସିନା ଘୂଞ୍ଚି ଯେ । ୧୬ ।
କଣକ ଡାଳିମ୍ବ ବୀଜ ମାତୁଲିଙ୍ଗ ସ୍ତନ ।
ବଦନ ସିତାରେ ଆଉ ହରି ନେବ ମନ । ୧୭ ।
ମୃତ ପ୍ରାପ୍ତ ହୋଇଥିଲା ମନ୍ମଥ ସୁତ ।
ଏ ବାଣୀ ଶ୍ରବଣେ ହେଲା ସଞ୍ଜୀବନୀ ମନ୍ତ୍ର । ୧୮ ।

---

୯ । ମଧ୍ୟମ ପାଣ୍ଡବ ଅର୍ଜୁନ ଇନ୍ଦ୍ରଙ୍କ ଅନିଚ୍ଛାରେ ଖାଣ୍ଡବବନକୁ ପୋଡ଼ିଥିଲେ । ସେହିପରି କାମୁକ ଲୋକର ହୃଦୟରୂପକ ଖାଣ୍ଡବବନକୁ ଭୋଗ କରିବାରେ ତୁମ୍ଭେ ପାଣ୍ଡବ ସ୍ୱରୂପୀ ।
୧୦ । ଶ୍ୟାମା-ତପ୍ତସୁବର୍ଣ୍ଣବର୍ଣ୍ଣା ସ୍ତ୍ରୀ । ପରିତ୍ରାଣ-ଉଦ୍ଧାର ।
୧୩ । ସାଧିଛୁ-ସମ୍ପାଦ କରିଛୁ ।
୧୪ । ଶଇବାଳ-ଶିହଳି ।
୧୫ । ଘନସାର-କର୍ପୂର । ଅଭ୍ରଧୂ ଇଣ-ଚନ୍ଦ୍ର ।
୧୬ । ଶ୍ୱେତକ-ଲୁଟକର, ସୁନ୍ଦର । ସଞ୍ଚି-ସାଇତି ।
୧୭ । ମାତୁଲିଙ୍ଗ-ଟେଭ, ଡାଳିମ୍ବ । ସିତା-ଚନ୍ଦ୍ର ।

ଝଟି ବସି ଅନାଇଁଲା ଦୂତଙ୍କ ବଦନ ।
ନୂତନ ଅବେ ପ୍ରାପତ ହେଲା କି ନୟନ । ୧୯ ।
ଅତି ଦରିଦ୍ର ରତନ ପାଇଲାର ପରି ।
ଶୁକ ଶିର ଚୁମ୍ବି ଦ୍ୱିଜେ ନମସ୍କାର କରି । ୨୦ ।
କୃତ୍ୟକୃତ୍ୟ ଦୂତ ହେଲା ଘେନିଲା ଭଟ ଭ ।
କ୍ଷଣ କେତେ ରସ ଜାତ ପିଠାଉ ପିଠାଉ । ୨୧ ।
ମୁଦ ଦେଖି ମୁଦ ଲଭି ଲେଖା ହେଲା ନେତ୍ର ।
ପ୍ରେମ ଅଙ୍କୁର ରୋମାଞ୍ଚ ପୂର୍ଣ୍ଣ ହେଲା ଗାତ୍ର । ୨୨ ।
ସଙ୍କେତ ଜାଣିମା ପାଇଁ ମନ ଉଦବେଗ ।
କରକୁ ସ୍ଫୁରିତ କରୁଛନ୍ତି ବେଗ ଖଙ୍ଗ ଖଙ୍ଗ । ୨୩ ।
ଶ୍ରବଣକୁ ଶ୍ରବଣ ଉତ୍ସନ୍ନ ହେଉଅଛି ।
ରସ ଆସ୍ୱାଦନକୁ ରସନା ଏକା ଇଚ୍ଛି ଯେ । ୨୪ ।
ଜୀବ କଣ୍ଠେ ଅନୁକୂଳେ ଜଳ୍ପ ଏହା ଭାବ ।
ଅସୀଭକାରରେ ସିଦ୍ଧ ସୀଭକାରେ ଥିବ ଯେ । ୨୫ ।
କବା ବାଳା ମୁଦେ ତାଙ୍କୁ ଶଙ୍ଖ ପ୍ରେରିଲା ।
ତାହଙ୍କ ଚନ୍ଦ ଆଚ୍ଛାଦ ରଖିବ ବୋଇଲ । ୨୬ ।
ସର୍ବେ ନେହେ ସ୍ଫୁରିତ କଲେ ହୋଇବୁ ତୁ ମୋକ୍ଷ ।
ମୁଦ ପିଣ୍ଡୁ ଦୁଃଖ ଭୁଞ୍ଜ ବର୍ଣ୍ଣ ଦେଖ ଭୁକ୍ଷ ଯେ । ୨୭ ।
ପ୍ରଥମେ ତୋହୋ ପରତେ ଯେଣି ସିନା ରସୁ ।
ଆମ୍ଭଙ୍କୁ ସ୍ପନ୍ଦନ ସୁଖ ଭୁଞ୍ଜ କହିଁ ବଶୁ ଯେ । ୨୮ ।
ମୂର୍ଖକୁ ବୁଝାଇବାର ଅତି କଷ୍ଟ ଜାଣ ।
କେତେବେଳେ ବିଳମ୍ବ ତାହାର ଯେଣ ପୁଣ ହେ । ୨୯ ।
ନବଭ ମାବାକ ଏହିରୂପେ ଏହି କର ।
ଯେନ ପେଡବ ଜଣ୍ଡିଲା ଏମନ୍ତ ବହୁର ଯେ । ୩୦ ।
ରଖି ସେ ନ ଦେଲା ଆଉ ଇନ୍ଦ୍ରସୁଙ୍କ ହସ୍ତ ।
ଫେରି ପଦିକାକୁ ଗୃହୀ ହୋଇଲା ଆନନ୍ଦ ଯେ । ୩୧ ।

---

୨୨ । ମୁଦ-ବଳି, ଆନନ୍ଦ ।

ବିରଳ ସମବର୍ତ୍ତୁଳ ତା ଅକ୍ଷର ଧାଡ଼ି ।
ନାଗେଶ୍ୱର ପୁଷ୍ପକେଶରରେ ତନୁ ନଢ଼ି ଯେ । ୩୨ ।
ଶ୍ରେଣୀ ଶ୍ରେଣୀ ହୋଇ ଶିଶୁମଧୁକର କି ସେ ।
ଫୁଲ୍ଲ ପୁଣ୍ଡରୀକେ ବସିଛନ୍ତି ରସବଶେ ଯେ । ୩୩ ।
ରଜତପଟେ କି ଉଲୁଟିଛି ହେମବଲ୍ଲୀ ।
ଫୁଲ ପତ୍ର ପଦ ଚିତ୍ରାମିତ ସ୍ଥାନ ଫୁଲ୍ଲୀ । ୩୪ ।
ଜାଣି ଉନ୍ମାଦ ସ୍ତମ୍ଭନ ଦହନ ଶୋଷଣ ।
ସମ୍ମୋହନ ଯେଣୁ ପଞ୍ଚବାଣ ପଞ୍ଚବାଣ ଯେ । ୩୫ ।
ଚୂତ ନବମାଳିକା ଅଶୋକ ନୀଳୋତ୍ପଳ ।
ପଦ୍ମ ଯେଣୁ ପାଞ୍ଚ ନାଣ୍ଡ ଫଳରେ ମଞ୍ଜୁଳ ଯେ । ୩୬ ।
ମନ୍ତ୍ରବଳେ ସେକାଳେ ଅଲକ୍ଷ୍ୟ ଲକ୍ଷ୍ୟ କଲା ।
ଏକଶର ଯାର ମହେଶ୍ୱର ନ ସହିଲା ଯେ । ୩୭ ।
ସହିଲା କେମନ୍ତେ ଏତେ ମନୁଷ୍ୟ ଶରୀରେ ।
ସେନେ ପଡ଼ି ଭସ୍ମ ସେ ବିରହକୃଶାନୁରେ ଯେ । ୩୮ ।
ମନ୍ତ୍ର ଜାତ ମାର ମନ୍ତ୍ରେ ମନ ମାରୁଁ ଜାତ ।
ସାତ୍ତ୍ୱିକ କୁଳ ସିଦ୍ଧି କି ରଖିଲା ଅଦ୍ଭୁତ ଯେ । ୩୯ ।
କୁମାର ପଢ଼ିଲା ଏହ ପୁନ ପୁନ କରି ।
ପଦ ପଦକେ ଅଶେଷ ରସ ଅଛି ପୂରି ଯେ । ୪୦ ।
ଏଥୁ ଦେଖିଲା ତାହାର ରସବଶ ଗୁଣ ।
ଦୃଷ୍ଟାନ୍ତରୁ ଜାଣିଲା ପଣ୍ଡିତାପଣ ପୁଣ ଯେ । ୪୧ ।

---

୩୨ । ବିରଳ-ଛଡ଼ାଛଡ଼ା । ସମବର୍ତ୍ତୁଳ-ସମାନ ଗୋଲ ।

୩୩ । ଶ୍ରେଣୀ ଶ୍ରେଣୀ-ଧାଡ଼ି ଧାଡ଼ି । ଶିଶୁ ମଧୁକର-ଛୁଆ ଭଅଁର । ଫୁଲ୍ଲ ପୁଣ୍ଡରୀକେ-ଫୁଟିଲା ଧଳା ପଦ୍ମ ଫୁଲରେ ।

୩୪ । ଉଲୁଟିଛି-ପ୍ରକାଶିତ ହୋଇଛି ।

୩୫ । ଶ୍ୱସନ-ଶ୍ୱାସ, ଜୀବନ, ମଦନ । ଦହନ-ଦାହ, ତାତିଲା । ଶୋଷଣ-ରସାକର୍ଷଣ । ସମ୍ମୋହନ-ବଶୀକରଣ ।

୩୮ । କୃଶାନୁ-ଅଗ୍ନି ।

୩୯ । ସାତ୍ତ୍ୱିକ-ଉଦ୍ଭବ, ଭାବଜ ଜାତହେବା ।

୪୦ । ଦୃଷ୍ଟାନ୍ତରୁ-ଉପମାରୁ ।

ସଖୀମାନେ ଲେଖିବାରୁ ଜାଣିଲା ଚତୁରୀ ।
ସଙ୍କେତରୁ ଜାଣିଲା ସେ ବିରହେ ଆତୁରୀ ଯେ । ୪୨ ।
ଶୀତେ ଜ୍ୱରେ ଲଗାଇଲେ ପୁନପୁନ ପଦ ।
କଳୁକଳୁ ପାଣ୍ଡୁନା ହୋଇଲା ତେଣେ ଗାତ୍ର ଯେ । ୪୩ ।
ସମ୍ଭାବନା କଲା ଗାତ୍ରକୁଁ ଶାନ୍ତ କଲା ।
ଅଙ୍ଗେ ଅଙ୍ଗେ ଲାଗ ନେଲେ ଯେଝା ଲାଗ ହେଲା ଯେ । ୪୪ ।
ନେତ୍ର ଦେଖି କର୍ଣ୍ଣ ଶୁଣି ମନ ହେଲା ତୋଷ ।
କର ଫେରି ମୁଖ ପିଇ ଜୀବ ଭୟ ନାଶ ଯେ । ୪୫ ।
କହେ ମନ୍ତ୍ରୀ ସୁରେଶ୍ୱର ସୁତ ମୁଖ ଚୁମ୍ବି ।
ଶୀକରସନ୍ଧୀକ ପିବାକୁ ପ୍ରିୟା ଅଛି ଲମ୍ବି ଯେ । ୪୬ ।
କି ଉପାୟ କରି ପିବା ପୁଣ ଦେଶ ଦୂର ।
ଶୁଣି ସେ କହିଲେ ଅଛି ଚନ୍ଦ୍ରିକ ବସ୍ତୁର ଯେ । ୪୭ ।
ଆମ୍ଭେ ସମ୍ମତ କରାଉ ପିନା ଦଣ୍ଡଧାରୀ ।
ଏ କଉଁ କଥା ସମ୍ପତ୍ତି କଲା ସେବେ ନାରୀ ଯେ । ୪୮ ।
ପୁଚ୍ଛେ ବୀର ଦୂତେ ଆଉ କି କହିଛି ଯୋଷା ।
ବୀର କହେ କି କହିବ ଶୁଣ ତାର ଦଶା ହେ । ୪୯ ।
ତର ତର ତୁମ୍ଭ ଭେଟେ କି କାତରତର ।
ପର ପରତରୁ ଦୁଃଖ ସୁରୁଚ୍ଚ ଉଚର ଯେ । ୫୦ ।
ଜର ଜର ତନୁ ବାଜି ଫୁଲଶର ଶର ।
ଥର ଥର ହୋଇ ବୋଲେ କଷ୍ଟ ହର ହର ଯେ । ୫୧ ।
ବର ବରନାକୁ ଦହେ ସୁଧାକର କର ।
ସର-ସାରସପତର ଗନ୍ଧସାର ସାର ଯେ । ୫୨ ।

---

୪୨ । ସଙ୍କେତରୁ-ଇସାରାରୁ । ଆତୁରୀ-ଅସ୍ଥିର ।

୪୬ । ଲମ୍ବି-ଲେଖି ।

୫୦ । କାତରତର-ଅତ୍ୟନ୍ତ ଅସ୍ଥିର । ପର-ଶ୍ରେଷ୍ଠ, କେବଳ ମାତ୍ର । ପରତ-ପର୍ବତସ୍ଥ । ସୁରୁଚ୍ଚ-ଉତ୍ତମ ଉଚ୍ଚ ।

୫୧ । ଜରଜର-ଅବସନ୍ନ । ହର ହର-ନାଶ କର ।

୫୨ । ବର ବରନା-ଶ୍ରେଷ୍ଠ ଯୁବତୀ ସ୍ତ୍ରୀ । ସାର ସାରସ ପତର-ଭଲ ପଦ୍ମପତ୍ର । ଗନ୍ଧସାର-ଚନ୍ଦନ ।

ମାର ମାରଣୁଁ ସ୍ମରଇଛି ଗାଇ ଗାଇ ।
ବାଉ ବାଉ ପ୍ରଳାପ ଅନାଇଁ ଚାଇ ଚାଇ ଯେ । ୫୩ ।
ଗାର ଅବରୁଦ୍ଧ ଜାଣ ରସଜ୍ଞଧୀର ଧୀର ।
ନ ଗଣିଁବ ଆଜ୍ଞ ହେଲେ ବିଳମ୍ବ ଯିବାର ଯେ । ୫୪ ।
ଏ ବଚନେ ଛଇଳ ହୋଇଲା ଛନ୍ନ ଛନ୍ନ ।
ଅଶ୍ରୁ ପୂରେଇ ନୟନ କଲା ଅନଅନ ଯେ । ୫୫ ।
ପୁଣି ଶୁଭାଇ ପଢିଲା ସୁନ୍ଦରୀ ସନ୍ଦେଶ ।
ପଦେ ପଦେ ଅର୍ଥ କରି ଦେଖିଲା ସୁରସ ଯେ । ୫୬ ।
ସେ ପଦ ହୋଇଲା ଜାଣ ବକଶୀତ ପଦ୍ମ ।
ବେଳମ୍ବ ହୋଇ କୁମାର ମନ କଲା ପଦ୍ମ ଯେ । ୫୭ ।
ପ୍ରତିକ୍ଷଣେ ଶୁକ ବ୍ରହ୍ମସ୍ୱସ୍ଥ ରମା କଥା ।
କହିବାରେ ଆତୁର ଅଧିକାଧିକ ବ୍ୟଥା ଯେ । ୫୮ ।
ଫାଲ୍‌ଗୁନ ଫାଲ୍‌ଗୁନ ପୁନ ପୁନ ଜପ କରେ ।
ଦୁଃଖ-ଭ୍ରାନ୍ତ ନାଶ ହୋଇବାର ସେ ବଳରେ ଯେ । ୫୯ ।
ସ୍ତୁତି କରେ ଶିବ ସର୍ବ ପଦ କରି ସିଦ୍ଧି ।
ସେହିଠାରେ ଦର୍ଶନ କରାଅ ଭାବନିଧି ଯେ । ୬୦ ।
କହୁଁ ମାସେ କେତେ ଦିନ କ୍ଷୟ ତା ଲେଖଇ ।
ବୁଦ୍ଧି ନୋହିବ କୁ ଚଣ୍ଡୀକାବର ଗୁଣାଇ ଯେ । ୬୧ ।
ବାଳୀପ୍ରିୟ ହୋଇ କରି ବାଳୀ ବିନାଶନ ।
ହରି ମିତ୍ର ହୋଇ କରି ହରି ବଚ୍ଛେଦନ ଯେ । ୬୨ ।
ସ୍ୱୟଂ ଚକ୍ରଧର ଚକ୍ରମୁଖ ହିତକାରୀ ।
ସେ ରାମଚନ୍ଦ୍ର ଚରଣ ଶରଣେ ସୁମରି ଯେ । ୬୩ ।
କହେ ଉପେନ୍ଦ୍ର ଭଞ୍ଜ ସାରବର ରସ ।
ନୃପସୁତ ଉତ୍ସନକାରକ ଛାନ୍ଦ ଶେଷ ଯେ । ୬୪ ।

---

୫୩ । ଗାର ଗା'ର-ଲମ୍ବ ରେଖା । ପ୍ରଳାପ-ଏଣୁତେଣୁ ଚପିବା ଓ ମୋହସିବା ।
୫୫ । ଛଇଳ-ସୁନ୍ଦର, ରସିକ । ଅନଅନ-ଲୋତକପୂର୍ଣ୍ଣ ଅବସ୍ଥା ।
୫୯ । ଫାଲ୍‌ଗୁନ-ଅର୍ଜୁନ, ଫଗୁଣ ମାସ । ଦୁଃଖ-ଭ୍ରାନ୍ତ-ଭକ୍ତଙ୍କର ଦୁଃଖ ।
୬୧ । ଚଣ୍ଡୀକାବର-ମହାଦେବ । ଗୁଣାଇ-ସ୍ମରଣକରି ।
୬୨ । ବାଳୀପ୍ରିୟ-ସ୍ତ୍ରୀ ପ୍ରତି ଅସକ୍ତ । ବାଳୀ ବିନାଶନ-ବାଳି ବାନର ନାଶକ ।
ହରି ମିତ୍ର ବାନର ବନ୍ଧୁ । ହରି ବଚ୍ଛେଦନ-ଅସୁର ହତ୍ୟାକାରୀ ।
୬୩ । ଚକ୍ରଧର-ବିଷ୍ଣୁ । ଚକ୍ରମୁଖ-ଶଙ୍କର ମୁଖ ।

## ଏକବିଂଶ ଛାନ୍ଦର ସାରକଥା

ଏ ଛାନ୍ଦରେ ଚନ୍ଦ୍ରଭାନୁର ବିରହ ବର୍ଣ୍ଣନା ସହ ବର୍ଷାର ବର୍ଣ୍ଣନା ମଧ୍ୟ କରାଯାଇଛି ଏବଂ ପୂର୍ବ ଛାନ୍ଦରେ ଲାବଣ୍ୟବତୀ ଲେଖିଥିବା ପତ୍ର ଚନ୍ଦ୍ରଭାନୁର କରଗତ ହୋଇଛି । ଏ ଯେଉଁ ବିରହ ବର୍ଣ୍ଣନା ଏହା ମିଳନ ପରର ବିରହ ନୁହେଁ । ନାୟକର ନାୟିକା ପ୍ରତି ଯେଉଁ ପ୍ରଥମ ଆସକ୍ତି ଜନ୍ମିଛି ସେ ଆସକ୍ତିର ପରବର୍ତ୍ତୀ ଘଟଣା ଅର୍ଥାତ୍ ମିଳନ ସଂଘଟିତ ନ ହେବାରୁ ନାୟକ ମନରେ ପ୍ରିୟତମାର ଅପ୍ରାପ୍ତି ଜନିତ ବିରହ ଜାତ ହୋଇଛି । ଭଞ୍ଜଙ୍କର ଏହି ବିରହ ବର୍ଣ୍ଣନାରେ ସ୍ୱାଭାବିକତାର କିଞ୍ଚିତ୍ ଅଭାବ ଉପଲବ୍ଧ ହୁଏ । ଫଳତଃ ବର୍ଣ୍ଣନା କେତେକ ସ୍ଥଳରେ ମନୋରମ ନ ହୋଇ କୃତ୍ରିମ ହୋଇଛି ପୁରୁଷ ହୃଦୟରେ ବିରହର ଚଞ୍ଚଳ ଭାବ ଶୋଭନୀୟ ନୁହେଁ । ବର୍ଷା ଋତୁର ବର୍ଣ୍ଣନା କେବଳ ଉପକ୍ରମରେ ମାତ୍ର ଲେଖା ହୋଇଛି, କିନ୍ତୁ ବର୍ଷା ଋତୁର ପ୍ରାଞ୍ଜଳ ବର୍ଣ୍ଣନା ନାହିଁ ।

ଏହି ଛାନ୍ଦଟି କାବ୍ୟର ଘଟଣା ପ୍ରବାହକୁ ଅଗ୍ରଗତି କରାଇବାରେ ବହୁତ ସାହାଯ୍ୟ କରୁଛି । ଲାବଣ୍ୟବତୀ ଏବଂ ଚନ୍ଦ୍ରଭାନୁ ଏ ଦୁହିଙ୍କ ମନରେ ପୂର୍ବରାଗର ସମସ୍ତ ବିଭାଗ ଘନୀଭୂତ ହୋଇଛି ଏହା ଏହି ଛାନ୍ଦ ପାଠ କଲେ ଜଣା ପଡ଼େ । ପୁନଶ୍ଚ ଏହି ଛାନ୍ଦରେ ନାୟକ ନାୟିକାଙ୍କର ଶିବରାତ୍ରୀ ଉତ୍ସବରେ ପରସ୍ପର ବାହ୍ୟ ମିଳନର ସୂଚନା ମିଳୁଛି, ଏହାଦ୍ୱାରା ପାଠକର ଉଦ୍‌ବେଗ ବୃଦ୍ଧି ହେଉଛି । ଏହା କାବ୍ୟରେ ନାଟକୀୟ ଲକ୍ଷଣ ।

# ଦ୍ୱାବିଂଶ ଛାନ୍ଦ

( ଲାବଣ୍ୟବତୀର ବିରହ )

ରାଗ—କାମୋଦୀ । ହଂସଦୂତ ଚଉତିଶା ବାଣୀ

ଦେଖି ନବକାଳିକା                ବକାଳିକା ମାଳିକା
ଆଳି କାଳିକା କାନ୍ତ ସ୍ମରି ।
ରଷା କେମନ୍ତେ କରି                କରିବା ମନ୍ତ୍ର କରି
ଗନ୍ତକ ଏମନ୍ତ ବର୍ଷର ସେ । ସହଚରୀ ।
ଯାବେ ବଞ୍ଚିଲେ ଏ କାଳକୁ । କଥା ଥିବ କାଳକାଳକୁ
ଏତେକ ତ କ୍ଷୀଣ ଦିନ                ହେଲା ଦୁର୍ଦ୍ଦିନ ଦିନ
ନ ଲଭୁ ବଲ୍ଲଭମେଳକୁ ରେ । ୧ ।
ହୃତ ଆନମାନଙ୍କୁ                ଘର କାମିଜନଙ୍କୁ
ଅହି ପରି ଅହିତ ଏହି ।
ହତ କୃଶାନୁ ସାନୁ-                ମାନରୁ ଭାନୁ ଭାନୁ-
ତାପରୁ ଜନ୍ତୁରଳି ମଧ୍ୟରେ । ସହଚରୀ ।

---

୧ । ନବକାଳିକା-ନୂଆ ମେଘସମୂହ । ବକାଳିକାମାଳିକା-ବଗସମୂହ । କାଳିକାକାନ୍ତ-ଶିବ । ମତ୍ତକରୀଗତି-ପାଗଳହାତୀ ସଦୃଶ ଗତି (ଲାବଣ୍ୟବତୀ) । ବଲ୍ଲଭମେଳ-ସ୍ୱାମୀସଙ୍ଗ ।

ସଖୀମାନେ କଳାମେଘରେ ଧଳାବଗ ମାଳ ମାଳ ହୋଇ ଉଡୁଥିବା ଦେଖିଲେ । ଏହା କାମୋଦ୍ଦୀପକ । ଏ ବିଷୟରେ କାଳିଦାସଙ୍କର ନିମ୍ନ ଶ୍ଳୋକ ଦ୍ରଷ୍ଟବ୍ୟ—

"ଗର୍ଭାଧାନକ୍ଷଣ ପରିଚୟାନ୍ନୂନମାବଦ୍ଧମାଳା ।
ସେବିଷ୍ୟନ୍ତେ ନୟନସୁଭଗଂ ଖେଭବନ୍ତଂ ବଲାକାଃ ॥" (ମେଘଦୂତ)

ଏ ଦୃଶ୍ୟକୁ ଦେଖି ସଖୀମାନେ କାଳିକାକାନ୍ତଙ୍କୁ ସ୍ମରଣ କରିବାକୁ ଲାଗିଲେ । କାରଣ, ଗଜଗାମିନୀ ଲାବଣ୍ୟବତୀ ସ୍ୱାମୀସଙ୍ଗ ଲଭି ନ ଥିବାରୁ ଏକାବେଳକେ ଜରଜରରେ ଅସ୍ଥିର । ପୁଣି ବର୍ଷାକାଳର ଏ ଦୃଶ୍ୟ ଦେଖିଲେ ତାର ଅଧିକ କାମଜ୍ୱାଳା ଜାତ ହେବ । ଏତଦ୍‌ବ୍ୟତୀତ ତା ପାଇଁ କିଛି ଉପାୟ କଲେ ଏ କଥା କାଳ କାଳକୁ ରହିବ । ଏବେ ତ ବର୍ଷାକାଳର ଶ୍ରେଷ୍ଠ ଦିନ ।

କାମିଜନ-କାମୁକ ଲୋକ । ଅହି-ସାପ । ଅହିତ-ଅମଙ୍ଗଳ । କୃଶାନୁ-ଅଗ୍ନି । ସାନୁମାନ-ପର୍ବତର ଶୃଙ୍ଗ । ଭାନୁତାପ-ଖରା ତାତି । ଜନ୍ତୁରଳି-ମୁକ୍ତ ପାଇଲି ।

ବଡ଼ବାନଳ ହୃଦସ୍ଥଳେ । ଜଳେ ସେ ହତ ନୋହେ ଜଳେ ।
କହୁଛି ଜାତ ଜାତ- ବେଦକୁ ସତ ଶତ
ହ୍ରଦ ଛଳରେ ଘନ କୋଳେ ରେ । ୨ ।
ଯେଉଁ ସୁନ୍ଦରୀ ଦଗ୍ଧ- ଭୂତରୁ ଗଣ୍ଡ ଧରି
ଧରଣୀ ଶୟନ କରିଛି ।
କଣ୍ଠେ ଜୀବନ ବନ- ପୂର୍ଣ୍ଣ ନୟନ ଘନ
ଘନ ନିଶ୍ୱାସକୁ ଛାଡୁଛି ରେ । ସହଚରି ।
ଘଟାଇ ଆପଣା ଅଙ୍ଗର । ଲୋଡ଼ିଲେ ନ ଲାଗଇ କର ।
ଯେହ୍ନେ ଏଡ଼େ ଦୁର୍ବଳ ଝଞ୍ଜାନିଳ ପ୍ରବଳ
ଉଡ଼ିଯାଇଟି ଯତ୍ନ କର ରେ । ୩ ।
ଘୋଟୁଁ ଘଟକୁ ମାର ଗର୍ଜେ ଘଟକୁମାର
ପିକ ଡାକକୁ ଶୁଣି ସେହି ।
ଏ ନାହିଁ ସଖି ସହି ହୋଇ ମହାବିରହୀ
ରହିବ ଜୀବନେଟି କେହ୍ନେ ରେ । ସହଚରି ।
ସ୍ତନିତବେଳେ କର୍ଣ୍ଣେ କର । ଦେବତା ଏ ଉପାସ୍ୟ କର ।

---

ଜାତବେଦ-ଅଗ୍ନି । ଶତହ୍ରଦା-ବିଜୁଳି ।

ଏ ବର୍ଷାକାଳ ଅନ୍ୟମାନଙ୍କୁ ମଙ୍ଗଳ, କିନ୍ତୁ କାମୁକ ଲୋକଙ୍କୁ ସର୍ପ ସଦୃଶ ଅମଙ୍ଗଳ । ସୂର୍ଯ୍ୟଙ୍କର ପ୍ରଖର ତେଜରେ ପର୍ବତରେ ନିଆଁ ଲାଗିଥାଏ ଏବଂ ପୃଥିବୀ ବ୍ୟସ୍ତ ହୋଇଥାଏ, ମାତ୍ର ଏ ବର୍ଷା ଯୋଗୁଁ ସେ ସବୁ ନିବାରଣ ହୁଏ, କିନ୍ତୁ ହୃଦୟରେ ଯେଉଁ ବିରହଅଗ୍ନି ଜଳି ଉଠେ ସେ ପାଣିରେ ଲିଭେ ନାହିଁ, ମେଘରେ ଯେଉଁ ବିଜୁଳି ଜାତ ହୁଏ ତାହା ଛଳନାରେ ଲାବଣ୍ୟବତୀ ହୃଦୟରେ ବିଜୁଳି ସଦୃଶ ଚକ୍‌ଚକ୍ କରି ବିରହ ଅଗ୍ନିକୁ ଉତ୍ପାଦନ କରୁଛି ।

୩ । ଦଗ୍ଧଭୂତ-ଭସ୍ମ । ଗଣ୍ଡଧରି-ଗାଲରେ ହାତଦେଇ । ଜୀବନ-ପ୍ରାଣ । ବନପୂର୍ଣ୍ଣ-ଜଳପୂର୍ଣ୍ଣ (ଲୋତକପୂର୍ଣ୍ଣ) । ଘନଘନ-ବାରମ୍ବାର । ଝଞ୍ଜାନିଳ-ଝଞ୍ଜା ପବନ ।

ଲାବଣ୍ୟବତୀ କାମ କୋପରୁ ଗାଲରେ ହାତଦେଇ ଭୂଇଁରେ ଶୋଇଛି । ତାର ପ୍ରାଣ କଣ୍ଠାଗତ, ଆଖି ଲୁହରେ ପୂର୍ଣ୍ଣ, ଘନଘନ ନିଶ୍ୱାସ ବାହାରୁଛି, ତା ଦେହରେ ହାତ ବୁଲାଇଲେ ସେ ଅଛି କି ନାହିଁ ଜଣା ପାଉନାହିଁ । ସେ ଏପରି କୃଶ ହୋଇଛି ଯେ ଝଞ୍ଜାପବନ ବହିଲେ ଉଡ଼ିଯିବ । ଏହି କାରଣରୁ ସବୁ ସଖୀମାନେ ଯତ୍ନ କରିବାକୁ ଲାଗିଲେ ।

୪ । ଘୋଟୁ-ବେଢ଼ିବାରୁ । ଘଟକୁ-ଦେହକୁ । ଘଟକୁମାର-ଅଗସ୍ତି । ସ୍ତନିତ-ମେଘଗର୍ଜନ

ପୟୋଧରଙ୍କୁ ଧର ବର୍ଷିବ ପୟୋଧର
ତ୍ରାସେଣି ପୁଟଭେଦରେ ଭର ରେ । ୪ ।
କରି ପିକଙ୍କୁ ମୂକ ମକ ମକ ଖାମୁକ
କାମୁକ ଚମକଙ୍କୁ କରେଣ ।
ରମା ହେବାକୁ ଶିବା ଶିବାଗଣ ଘୋଷିବା
ଶିବାଙ୍କୁ ମନାଇବା ବ୍ରତେ ରେ । ସହଚରି ।
ତୋଷି ଖଣ୍ଡପରଶୁଧର । କର ଲଗାଅ ସୁଧା ପୂର ।
ଧନକୁ ଉପସ୍ୱର ଧନକୁ କି ବସ୍ୱର
ପେଷ ଗୋ ସ୍ମର ନ ପସ୍ତର ରେ । ୫ ।
ଦେଖ କେକୀକଳାପ ନାଚେ ଟେକି କଳାପ
ବିପ୍ରଲାପ କରୁଛି କେତେ ।
ଏହାର କି ଲବଧ କରି ଅବଧ ବଧ
ବ୍ୟାଧଙ୍କୁ ଭଣ୍ଡିବା କି ହେତେ ରେ । ସହଚରି ।
ପର୍ଣ୍ଣବାଡ଼ି ଲଗୁଡ଼ ପାଶ । ଘେନି କରନ୍ତୁ କେତେ ନାଶ ।
କରି ଏ ପକ୍ଷ ଗୋଷ ବ୍ୟଜନ ଆତପତ୍ର
ଦେବାକୁ ଦେବଙ୍କୁ ମନାସିରେ । ୬ ।

---

ପୟୋଧର-ମେଘ, କୁଚ । ଧର-ପର୍ବତ । ପୁଟଭେଦରେ-ଘରଭିତରେ ।

ଲାବଣ୍ୟବତୀର ଶରୀରକୁ କନ୍ଦର୍ପ ଭେଦବାରୁ ପିକ ଡାକକୁ ବଜ୍ରଭୁଲି ମନେ କରୁଛି । ବଜ୍ର ପଡ଼ିଲେ ଅଗସ୍ତିଙ୍କୁ ଡାକିଲେ ତାହା ନିବାରଣ ହୁଏ । ମାତ୍ର ଏ ଶବ୍ଦ ଶୁଣି ସେ ଅତି ତରବର୍ଣୀ ହୋଇ ବସିବ କାହିଁ । ମେଘ ଗର୍ଜ୍ଜି ନବେଲେ କାନରେ ହାତ ଦେବା, ଏ ଉପାୟ ତ କରିବା, କିନ୍ତୁ କୁଚ ପର୍ବତକୁ କାଳେ ମେଘ ବଜ୍ର ମାରି ଭାଙ୍ଗି ଦେବ ଏହି କାରଣରୁ ସୁଲ ଲାବଣ୍ୟବତୀକୁ ଘର ଭିତରକୁ ନେବା ।

୫ । ମୂକ-ଘୁଙ୍ଗା । ମକମକ-ଶବ୍ଦ । ରମା-ସୁନ୍ଦରୀ । ଶିବା-ମଙ୍ଗଳଯୁକ୍ତା । ଶିବାଗଣ-ବିଲୁଆସବୁ । ଶିବା-ପାର୍ବତୀ । ଉପସ୍ୱର-ଚକ୍ଷସ୍ତା । ପେଷ-ଓଠାଅ । ସ୍ମର-ଦୂତ ।

୬ । କେକୀକଳାପ-ମୟୂରମାନେ । କଳାପ-ପୁଚ୍ଛ । ବିପ୍ରଲାପ-ବିରୋଧ ବଚନ । ଲବଧ-ଲାଭ । ଅବଧ-ବଧର ଅଯୋଗ୍ୟ । ପର୍ଣ୍ଣବାଡ଼ି-ପତ୍ରର ବାଡ଼ । ଲଗୁଡ଼-ବାଡ଼ି । ପକ୍ଷଗୋଷ-ପୁଚ୍ଛସବୁ । ବ୍ୟଜନ-ବିଞ୍ଚଣା । ଆତପତ୍ର-ଛତା ।

ତୁହିଁ ଏଥିଁ ଉଦାସ ଦାସ କରିବା ଦାସ
ଆଶୁ ଯେ ପାଶେ ପାଶେ ଧରି ।
ତାଙ୍କେ କାଳକଣ୍ଠକ ବରବର୍ଣ୍ଣୀ କଣ୍ଟକ
ଯାଉ ତା ଉତପାତ ସରି ରେ । ସଦ୍‌ଗତରି ।
ଉପାଡ଼ିବା ପୁଷ୍ପଲତାକୁ । ବିମନା ନ କର ତୁ ତାକୁ ।
ସୁମନ ରେ ସୁମନା- ଶୋଷି ଭୃଙ୍ଗ ସୁମନା
ହୋଇ ତାପିବ ସୁମନାକୁ ରେ । ୭ ।

ମରାଳ ମାନସକୁ ଯାଉଛୁ ମାନସକୁ
ଏ କଥା କେବେ ନ ଆଣିବ ।
ଯା'ର ନାହିଁ ଜୀବେଶ ତାର ଗଲେ ଜୀବେଶ
ପାଶରେ ପ୍ରବେଶ କରିବ ରେ । ସଦ୍‌ଗତରି ।
ପକ୍ଷୀ ପକ୍ଷରୁ ଉଡ଼ିଯାଇ । ଘୁଞ୍ଚିଦେବା ଉପାଡ଼ି ତାହା ।
ଆମ୍ଭ ନେହ ସମ୍ପତ୍ତି ପତି ସଙ୍ଗତି ଗତି
ପାଇବାଯାଏ ଥାଉ ରହି ରେ । ୮ ।

ଜାତ ହୋଏ ସ୍ଫୋଟକ ଯେ ଝଟକ ହାଟକ-
ତନୁରେ ଲଗିଲେ ଚନ୍ଦନ ।
ଏ ମହୋଜ୍ଜ୍ୱଳ ଜଳ ଜ୍ୱଳନ ଜନ୍ମସ୍ଥଳ
ଛୁଇଁଲେ କରିବ ଦହନରେ । ସଦ୍‌ଗତରି ।
ଏହାକୁ ଯତ୍ନ କରିଥିବା । ଭ୍ରମରେ ତନୁରେ ନ ନେବା ।
ହତ ଉଶୀର ବାଟି କଳ୍କ ପରସ୍ତ ବାଟି
ଜଳାକବାଟିକ ନାଶିବା ରେ । ୯ ।

---

୭ । ଉଦାସ-ଅମନଯୋଗୀ । ଦାସ-ଚଢ଼େଇଧରା । ଦାସ କରିବା-ବଶ କରିବା । କାଳକଣ୍ଠକ-ମୟୂର । କଣ୍ଟକ-କଣ୍ଟା । ବିମନା-ଦୁଃଖୀ । ସୁମନା-ସ୍ତ୍ରୀ, ଫୁଲ, ଖୁସି । ସୁମନାଲେଖି ସୁମ୍ପତଲକ୍ଷ୍ମୀ, ଭ୍ରମର । ତାପିବ-ଦୁଃଖିତ ହେବ ।

୮ । ମରାଳ-ହଂସ । ମାନସ-ମନ, ମାନସରୋବର । ଜୀବେଶ-ଯମ, ସ୍ୱାମୀ ।

୯ । ସ୍ଫୋଟକ-ଫୋଟକା । ଝଟକ-ଶୋଭା । ହାଟକ-ସୁନା । ମହୋଜ୍ଜ୍ୱଳ-ଅତି ଉଜ୍ଜ୍ୱଳ । ଜ୍ୱଳନ-ଅଗ୍ନି ।

ଏ ଦୁରନ୍ତ ଦର୍ଦ୍ଦୁର ତେଜନା କରେ ଦୁର
ଭଦୁର କାହିଁ ଆନେ ଫଡ଼ ।
କରମକୁ ଏହାର ହରହାର ଆହାର
ଗରୁଡ଼ କଲା ଭଳି ଲୋଡ଼ ରେ । ସହଚରି ।
ଅଭଙ୍ଗ ଅଛି ଏ ଉତ୍ସବ । ଗରଜ ଗରଜ ମହବ ।
କେ କେବ ଏ ବରଦ ହୋଇ ସିଂହ ଶରଦ
ମାରଦ ଦ୍ୱିରଦ ଭଞ୍ଜିବ ରେ । ୧୦ ।

ଏ କାଳ ଏକା ଏକା- ଖଟରେ ପକାଇ ଡକା
ବନ୍ଧୂ୍ୟଫଡ଼କା ଅଛି ବନ୍ଧି ।
ଜ କଲେ ଗିରଟେକା ତଡ଼ି ଚମକ ଟେକା
କରକା ମାରୁଛି ଭୁହାଇ ରେ । ସହଚରି ।
ଏହି କାମନା ପଞ୍ଚଶରେଷେ । ଏମାନ ହୁଆଇଛି ଶେଷେ ।
ଯଥା ନୀପଜାଳକ ତଥା ହୋଇ ପୁଲକ
ପୁରୁ ସୁତନୁ ତନୁ ଦେଶେ ରେ । ୧୧ ।

ଯେମନ୍ତ ମାରଧାର ତେମନ୍ତ ନୀରନ୍ତର
ମାର ମାରକନେହୁଁ ବନ୍ଧୁ ।
ଯଥା ଗଲ୍ଲିକ ମନ୍ତ୍ରୀ ମନ୍ତ୍ରୀଳାଗଣ୍ଡ ସେହ୍ନି
ପ୍ରତି ପ୍ରଭଞ୍ଜନରେ ହୋଇ ରେ । ସହଚରି ।
ପିକ ପ୍ରାୟ ବାଣୀ ନ ଫିଟୁ । ଅନ୍ଧାର ପ୍ରାୟ ତନ୍ଦ୍ରା ଛୋଟୁ ।
ମାର ମାର୍ଗଣ ଗଣ ପ୍ରହାରେ ପୁଣ ପୁଣ
ମାଳତୀ ସଙ୍ଗେ ହୃଦ ଫୁଟୁ ରେ । ୧୨ ।

---

୧୦ । ଦୁରନ୍ତ-ଦୁଷ୍ଟ । ଦର୍ଦ୍ଦୁର-ବେଙ୍ଗ । ଭଦୁର-ବଜ୍ର । ହରହାର-ସାପ । ବରଦ-ବରଦାତ । ସିଂହ ଶରଦ-ଶ୍ରେଷ୍ଠ ଶରଦକାଳ । ମାରଦ-ମେଘ । ଦ୍ୱିରଦ-ହାତୀ ।

୧୧ । ବନ୍ଧୂ୍ୟ-ବଜୁଳ । ଫଡ଼କା-ପତାକା । କରକା-କୁଆପଥର । ଭୁହାଇ-କଠାଇ । ନୀପଜାଳକ-କଦମ୍ବଫୁଲସବୁ । ପରିପୁଲକ-ଆନନ୍ଦ । ସୁତନୁ-ସୁନ୍ଦର ଦେହ ।

୧୨ । ମାରକ-ପଦ୍ମ । ମଲ୍ଲିକାଗଣ୍ଡ-ସ୍ତ୍ରୀର କପୋଳ । ମାର୍ଗଣ ତଣ-ଶର ସମୂହ ।

ତୋର କାନ୍ତି ଗୁପତ ସପତଦ୍ୱୀପ ବତ
ପର୍ବତବତ ତୋର ଜ୍ଞାନ ।
ରଖିଛୁ ସବୁଠାର ଏହି ପ୍ରକାରେ ଠାର
ଧୈର୍ଯ୍ୟ କୁଠ କୁଠାର ଘନରେ । ସହଚରୀ ।
ଯେତେ ଉପାୟ ଖଳବଇଁ । ସେ ଚରିତ କହୁ ନୋହଇ
ବୁଦ୍ଧି ସରିତ ଭୂରି- ତକୁ ଯେନ ବାରିତ
ନୃପତି ଆନ କି କରଇ ରେ । ୧୩ ।
କେ ପୁଣି ବେଗେ ଯିବ ଜୀବଧବେ କହିବ
ଜୀବଧବେ ତେଜୁଛି ଜୀବ ।
କୋଉଁ କାର୍ଯ୍ୟ ଲଭିବ ଯତ୍ନେ ଯେମନ୍ତେ ଯିବ
ନ ଦେଖିବ ମୁଖସରୋଜ ରେ । ସହଚରୀ ।
ତୁମ୍ଭେ ଚନ୍ଦ୍ର ସେ ଜୀବଞ୍ଜୀବ । ଶୁଣିଣ ଉପାୟ ସର୍ଜିବ ।
ଉଚରେ ଥିଲେ ଜୀବ ଏ ଶୁଭ ଅରଜିବ
ଆସିବା ବିଳମ୍ବ ତେଜିବ ରେ । ୧୪ ।
ସୁଖ ପୂରିଲା ଏଣୁ- କାଳେ ହା ରବେ ତହିଁ
ସଖୀ ନ ସହି ଗଲେ ଧାଇଁ ।
ଅଛୁ କି ନାହିଁ ଭୂଜା- କରଣେ ପ୍ରାଣ ଭୂଜା
ଜାନୁବର୍ତ୍ତୁଳା ନାଶେ ଦେଇ ସେ । ସହଚରୀ ।
ଶଙ୍ଖପିଭୂଜା ପ୍ରାପ୍ତ ରୁହିଁ । ଟେକ ଫୁଙ୍କିଲେ କର୍ଣ୍ଣ ଦୁଇ
ଅର୍ଣ୍ଣ ପର୍ଣ୍ଣରେ ସିଞ୍ଚି ଶୀର୍ଣ୍ଣ କଟିକ ବଞ୍ଚି
ଲଲାଟେ ଚନ୍ଦ୍ର ଚୂର୍ଣ୍ଣ ଦେଇ ସେ । ୧୫ ।

---

୧୩ । ସପତଦ୍ୱୀପ-ପୃଥ୍ୱୀ । କୁଠ-ଗଛ ।

୧୪ । ଜୀବଧବ-ଯମ, ସ୍ୱାମୀ । ମୁଖସରୋଜ-ମୁଖପଦ୍ମ । ଜୀବଞ୍ଜୀବ-ଚକୋର । ଜୀବ-ପ୍ରାଣ ।

୧୫ । ଭୂଜା କରଣେ-କଳନା କରିବାରେ । ପ୍ରାଣ ଭୂଜା-ଜୀବନର ପରିମାଣ । ଅର୍ଣ୍ଣ-ଜଳ । ପର୍ଣ୍ଣ-ପତ୍ର । ଶୀର୍ଣ୍ଣକଟି-ସରୁ ଅଣ୍ଟା । ଚନ୍ଦ୍ରଚୂର୍ଣ୍ଣ-କର୍ପୂର ଗୁଣ୍ଡ ।

ଚଣ୍ଡୀରିଷ୍ଟ ଖଣ୍ଡନେ  ଚଣ୍ଡୀ ମନାସି ମନେ
ଗ୍ରହଶାନ୍ତିକ କରୁଥିଲେ ।
ପୀତବସନ କାର୍ତ୍ତ-  ସ୍ୱରେ ବହୁତ ଆର୍ତ୍ତ
ସ୍ୱରେ ଭୂସୁରେ ଉତ୍ସର୍ଗିଲେ ସେ । ପ୍ରାଣସହି ।
ଗ୍ଲାନନ୍ତି ପାଇ ଆଉ ଜୀବ । ଆମ୍ଭ ଭରଲୁ ଆଉଜିବ ।
ସେତେବେଳେ ଚେତନ  ପାଇ ସମୀରତନ
ଧୀରେ ବୋଇଲା ଶିବ ଶିବ ସେ । ୧୬ ।

ସଖୀ ଏମନ୍ତ ମତ୍ତ-  କାଶିନୀ ଉକ୍ତହିତ
ନିମିତ୍ତ ବଚନ ଉଚିତ ।
ପ୍ରସ୍ଥାନ କାନ୍ତ କାନ୍ତ  କଲେ ଉଦନ୍ତ ଦନ୍ତ-
ଶୋଭିନୀ କହିଲେ ସାଧ୍ୱିଚିରେ । ସହଚରି ।
ଉହିଚନ୍ତି କେରଳ ଦେଶେ । ନର୍ମଦାନଦୀ ବୃଦ୍ଧି ବଶେ ।
ଗୁଣମଣିଙ୍କ ଗୁଣେ  ସନ୍ତାପିତ ଦ୍ୱିଗୁଣେ
ଫଗୁଣେ ହେବ ପରଦେଶ ରେ । ୧୭ ।

ଏହୁ ପ୍ରମାଣ ମାଣ-  ବକମୃଗାକ୍ଷୀ ପ୍ରାଣ
ପ୍ରାଣକୁ ଭେଟିଭ ହନ ରଖ ।
ସମ ଅନୁରାଗରେ  ନାହିଁ କେଉଁ ନଗରେ
ସେହି ନାଗରେ ସାର ଲେଖ ରେ । ସହଚରି ।
ମହତ ଯେ ଅଟନ୍ତି ସେହି । ତୋ ହତ ଶୁଣିବାରୁ ସହି ।
ମରଣକୁ ବରଣ  କରିବେ ରଣ ରଣ-
ବାଣଗଣ ତାପକୁ ବହି । ୧୮ ।

---

୧୬ । ଚଣ୍ଡୀରିଷ୍ଟ-ହିଂସଣ ଦୁଃଖ । ଚଣ୍ଡୀ-ଦୁର୍ଗା । ପୀତବସନ-ହଳଦିଆଲୁଗା । କାର୍ତ୍ତସ୍ୱର-ସୁବର୍ଣ୍ଣ । ଆର୍ତ୍ତିସ୍ୱରେ-କରୁଣ ଧ୍ୱନିରେ । ଭୂସୁରେ-ବ୍ରାହ୍ମଣମାନଙ୍କୁ ।

୧୭ । ମତ୍ତକାଶିନୀ-ସୁନ୍ଦରୀ ସ୍ତ୍ରୀ । କାନ୍ତ-ସୁନ୍ଦର । କାନ୍ତ-ପତି । ଉଦନ୍ତ-ଖବର ।

୧୮ । ମାଣବକ-ବାଳକ । ମୃଗାକ୍ଷୀ-ହରିଣ ଚକ୍ଷୁ ପରି ଚପଳନେତ୍ରୀ । ପ୍ରାଣ-ଜୀବ, ଜୀବନ । ରଣରଣ-କନ୍ଦର୍ପ । ବାଣଗଣ-ଶର ସମୂହ ।

ଏହ୍ନ ବାଣୀ ଚତୁର୍ଲକ୍ଷଣ ଶ୍ରବଣଙ୍କୁ ଭୂଷଣ
କ୍ଷଣକାନ୍ତି କାନ୍ତିର ହେଲା ।
ବୀଣାଜିଣା ବଚନା ସୁଲୋଚନା ଶୋଚନା
ରଚନା କଲୁ ଶାନ୍ତକଲା ସେ । ସହଚରି ।
ଜାଗ୍ରତ କ୍ଷଣଦା ବାସରେ । ହୋଇଣ ଥାନ୍ତି ତା ପାଶରେ ।
ଫୁଲ ଜାଗର ନାଗରଙ୍କୁ ହେଲା କବଚ
ଦରଶନ ଲୋଭ ଯନ୍ତ୍ରିଁରେ ରେ । ୧୯ ।

ଘନଘୋଷ ଘୋଷଣ କ୍ଷଣପୁଷ୍ପ ଦୂଷଣ—
କାନ୍ତ ଶୁଣି ସେ ଧନୁ ମନେ ।
ଚେତଜ ମନ୍ମଥପୁନ ପ୍ରକାଶି ବାତାୟନ
ନୟନ ଲକେଶି ଲକ୍ଷଣେ ସେ । ସହଚରୀ ।
ମାନଙ୍କୁ ଭ୍ରମଇ ଏ ଭ୍ରମ । ବାହାରେ ମୃଦୁସ୍ମିତ ବେଷ ।
ହେଲେ କି ମାନବେଶ- ସୁତ ଆଜ୍ଞା ପ୍ରବେଶ
ଏ ଦେଖ ବୁଝ ଏ ସନ୍ଦେଶ ରେ । ୨୦ ।

ପୁଂସ ଦୃଶ ସଦୃଶ ଦେଖି ସାରସ ରସ—
ଜଳା ତ ମୂଳ ଢଏ ରସି ।
କର ମୃଣାଳନାଳ ମାଳ ତମାଳ ବାଳ—
ମଞ୍ଜୁଳା ବସି ନାମ ଘୋଷି ସେ ସୁକୁମାରୀ ।
କାନ୍ତି ଛଳେ ପିନ୍ଧେ ଅମ୍ବର । ହାସ ଛଳେ ଘେନେ କର୍ପୂର ।
ହୋଇ ତଦ୍ଭାବମୟ ନେଲା ଘନ ସମୟ
ରକ୍ଷା ହେଲେ ସଖୀ ନିକର ସେ । ୨୧ ।

---

୧୯ । କ୍ଷଣକାନ୍ତି-ବିଜୁଳିବର୍ଣ୍ଣୀ । କ୍ଷଣଦା-ରାତି । ବାସରେ-ଘରରେ ।

୨୦ । ଘନଘୋଷ-ମେଘଶବ୍ଦ । କ୍ଷଣପୁଷ୍ପ-କ୍ଷଣସ୍ଥାୟୀ ଫୁଲ । ଦୂଷଣ-ଦୋଷାରୋପ । ପ୍ରକାଶି-ଫିଟାଇ । ବାତାୟନ-ଝରକା । ମାନବେଶ ସୁତ-ରଜାପୁଅ (ଚନ୍ଦ୍ରଭାନୁ) ।

୨୧ । ପୁଂସ-ପୁରୁଷ । ଦୃଶ-ଦେଖାଯାଉଛି । ସାରସ-ପଦ୍ମ । ମୃଣାଳନାଳ-ପଦ୍ମନାଡ଼ । ସଖୀ ନିକର-ସଖୀସବୁ ।

ଶରଦକାଳେ ସୁଧା- କରକର ବସୁଧା
ଭୂଷାକୁ ଦେଖାଇ ନ ଦେଲେ ।
ଚକ୍ରସ୍ଥାନ ଚୁମ୍ବନ ନ ପୁଣ ଚକ୍ରସ୍ଥାନ
କରିବ ବୋଲି ବର୍ଣ୍ଣଇଲେ ସେ । ସହଚରୀ ।
ପଦ୍ମିନୀ ପଦ୍ମବାସୀ ସଖୀ । ପଦ୍ମନୟନା ପଦ୍ମମୁଖୀ ।
ପଦ୍ମକର ପଦ୍ମର ପଦ୍ମପଦ ଉଦର
ପଦ୍ମକୋଷ ଉରଜେ ଯୋଷି ସେ । ୨୨ ।
ଶୁକପୋତ କପୋତ ରକ୍ତ ଶୀତ ମରୁତ
କମ୍ପିତ କରୁଥାଇ ପୁଜ ।
ଏ ଚିନ୍ତା ଅଦଭୁତ ଚିତ୍ତା ହୃଦେ ସମ୍ଭୃତ
ସଙ୍ଗାତେ ସଜନୀ ବଚନ ହେ । ସାଧୁଜନେ ।
ଏ ଛାନ୍ଦ ଏବେ ହେଲା ଶେଷ । ବୁଧ ବୋଧକ କି ରହସ୍ୟ ।
ସୁମରି ଉପଇନ୍ଦ୍ର କହଇ ଉପଇନ୍ଦ୍ର-
ଭଞ୍ଜ ବୀରବର ଏ ରସ ଯେ । ୨୩ ।

—*—

୨୨ । ସୁଧାକର ଶର-ଚନ୍ଦ୍ରକିରଣ । ବସୁଧାଭୂଷା-ପୃଥିବୀର ଅଳଙ୍କାର (ଲାବଣ୍ୟବତୀ) । ଚୁମ୍ବନ-ଚାକର । ଚକ୍ରସ୍ଥାନ-ସ୍ତନସ୍ଥାନ । ପଦ୍ମକୋଷ-ପଦ୍ମଫୁଲ ।

୨୩ । ଶୁକପୋତ-ଶୁଆଛୁଆ । ରକ୍ତ-ଲାଲ । ଶୀତମରୁତ-ଥଣ୍ଡା ପବନ । ଚିତ୍ତା-ମହବା କଣା । ଉପଇନ୍ଦ୍ର-ଶମ୍ଭୁ (ବ୍ରହ୍ମ) ।

## ଦ୍ୱାବିଂଶ ଛାନ୍ଦର ସାରକଥା

ଏ ଛାନ୍ଦଟି ଲାବଣ୍ୟବତୀ କାବ୍ୟର ୫୮ଟି ଛାନ୍ଦ ମଧ୍ୟରେ ସବୁଠାରୁ ଲୋକପ୍ରିୟ ଛାନ୍ଦ । ଅନୁପ୍ରାସର ବହୁଳ ପ୍ରୟୋଗ ଦ୍ୱାରା ଏ ଛାନ୍ଦଟି ପାଠ କରିବାକୁ ଅତ୍ୟନ୍ତ ଶ୍ରୁତି ସୁଖକର ହୋଇଥାଏ । ସଙ୍ଗରେ ଶଙ୍କିତ, ପଥରେ ପାନ୍ଥ, ଜଳରେ ଟେଣା, ଅନ୍ତଃପୁରରେ ଯୋଷା, ନୃତ୍ୟଘରରେ ବାରାଙ୍ଗନା ଲେଖି ଏ ଛାନ୍ଦର ମଧୁର ପଦାବଳୀକୁ ବାଦ ଦେବା ଦେଖାଯାଏ ନାହିଁ ।

ଲାବଣ୍ୟବତୀର ଏ ଛାନ୍ଦ ପ୍ରଧାନ ଉପଜୀବ୍ୟ । ଲାବଣ୍ୟବତୀର ଏ ଶରତ୍ ମିଳନ ସଂଘଟିତ ନ ହେବା ଶରତ୍ । ରୀତିଯୁଗର ସମସ୍ତ କାବ୍ୟରେ ଶରତ୍‌ର ଯେଉଁପରି ଏକ ଉତ୍ସବରତ ଶରତ୍‌ର ବର୍ଣ୍ଣନା ଦେଖାଯାଏ, ଲାବଣ୍ୟବତୀର ଏ ଶରତ୍ ତାହାର ବ୍ୟତିକ୍ରମ ନୁହେଁ । ଦେହରେ ଚନ୍ଦନ ପ୍ରଲେପ ଲାଗିଲେ, ଚନ୍ଦ୍ରର ମନୋନ୍ମାଦକାରୀ କିରଣ ସ୍ପର୍ଶିଲେ, ନାୟକ ଠାରୁ ଦୂରରେ ଥିବା ପ୍ରତ୍ୟେକ ନାୟିକାର ଅବସ୍ଥା ଯାହା ହୁଏ ଲାବଣ୍ୟବତୀର ଅବସ୍ଥା ତାହାହିଁ ହୋଇଛି । ଲାବଣ୍ୟବତୀର ଏହି ଶରତ୍ ବର୍ଣ୍ଣା ଉତ୍କୃଷ୍ଟ ଶରତ୍ । ଭଞ୍ଜଙ୍କ ଭାଷାରେ ଏହି ଶରତ୍ ଅତି ପ୍ରାୟ ଅଦ୍ଭୁତ ।

ଶରତ୍ ବର୍ଣ୍ଣନାରେ ଅଳଙ୍କୃତ ବର୍ଣ୍ଣନା ଅନେକ ସ୍ଥଳରେ ଦେଖାଯାଏ । ଯଥା—

"ହେତ ଭଗୀର ବାଟି କଲ୍ପ ପର୍ଯ୍ୟ ବାଟି ଜଳା କବାଟକୁ ନାଗିବାରେ ।"

ଭଞ୍ଜଙ୍କର ଉଦ୍ଭାବନୀ ଶକ୍ତିର ପରିଚୟ ଏ ଛାନ୍ଦରେ କେତେକ ଦେଖାଯାଏ । ଉଦାହରଣ ସ୍ୱରୂପ ପଦ ୬, ୭, ୧୦ ଦ୍ରଷ୍ଟବ୍ୟ ।

ଅନୁପ୍ରାସ ପାଇଁ ପଦ ୧, ୫, ୧୯, ୨୦, ୨୩ ଇତ୍ୟାଦି ଦ୍ରଷ୍ଟବ୍ୟ ।

# ତ୍ରୟୋବିଂଶ ଛାନ୍ଦ

( ଚନ୍ଦ୍ରଭାନୁର ରାମେଶ୍ୱର ଗମନ )

ରାଗ—କଲ୍ୟାଣ ଆହାରୀ

( ହେ ନାଥ ଏହି ରଜନୀ ଥିଲା ପଲଙ୍କେ—ବାଣୀରେ ଗାଇବ )

ଦିନେକ ଦିନେଶ ଦଶଦଣ୍ଡ ବେଳେ ମଣ୍ଡପେ ବସିଛୁ କୁମାର ।
ସଚିବନନ୍ଦନ ପ୍ରବେଶ ହୋଇଲା ପଚାରି ଯାତ୍ରୀ ଅଛୁ ଥିର ।
କହିଲା । ପ୍ରବୋଧାସ୍ତୁତ ଜଣାଇଲା ।
ଶିବଉତ୍ସବ ଦେଖିବାକୁ ତୁମ୍ଭଙ୍କୁ ତାତ ସନମତ ହୋଇଲେ । ୧ ।

ଜରଠଭାମିନୀ ବାଳକ ଜାଳକ କେବଳ ରହିବେ ନଗରେ ।
ସର୍ବ ଅର୍ବ ଦନ୍ତୀ ପଦାତି ସ୍ୟନ୍ଦନ ଯନ୍ତ୍ର ଯିବେ ତୁମ୍ଭ ସଙ୍ଗରେ ।
ଏଥିକୁ । ଅଧିକାସ୍ତି ଶାନ୍ତି ମୋହର ।
ଏ ବାଣୀ ଚନ୍ଦ୍ର ଉଦବେ ଉଚ୍ଛୁଳିଲା ନଗର ଆନନ୍ଦ ସାଗର । ୨ ।

ଏକାଳେ ଉତ୍ସବ ଅବର ନାଗର ଶୁଣି ନଗରଜନେ ଉଚ୍ଛନ୍ନ ।
ଲେଖି ନେଲେ ଆସି ମନ୍ତ୍ରୀ ମନ୍ଦିରୁ ଥିଲା ଯା ବାକ୍ସ ବରତନ ।
ନୂତନେ । ଜଳ କରି ଶସ୍ତ୍ରମାନଙ୍କୁ ।
କେ ଜଳୁ ବିଆଇ କେହୁ ହିଙ୍ଗୁଳାଇ କେ ବନ୍ଧାଇ ଆନ କୋଷକୁ ।୩।

କେ ଶୂଳ ଲଗାଇ କେ ଯଣ ଶୁଖାଇ କେ ସିଆଇଁ ତର୍ଣ୍ଣି ତୂର୍ଣ୍ଣୀର ।
କବଚ କବାଇ ରାଗକରି ଟୋପି ବକତର ଏହି ପ୍ରକାର ।
ଶକଟ । ଭାରବାହ ବଳୀବର୍ଦ୍ଦକୁ ।
ଥିଲା ଯାହାର ସଜ କଲା ନ ଥିଲା ମୂଲ୍ୟ କରି ଆଣି ତାହାକୁ । ୪ ।

---

୧ । ଦିନେଶ-ସୂର୍ଯ୍ୟ । ସନମତ-ସ୍ୱୀକାର ଆଜ୍ଞା ।

୨ । ଜରଠ ଭାମିନୀ-ବୁଢ଼ୀ । ବାଳକ ଜାଳକ-ପିଲାମାନେ । ଅର୍ବ-ଘୋଡ଼ା । ଦନ୍ତୀ-ହାତୀ । ପଦାତି-ଘୋଡ଼ାସବାର ।

୩ । ବରତନ-ପାଉଣା । ହିଙ୍ଗୁଳାଇ-ରଙ୍ଗକରି । କୋଷ-ଅସ୍ତ୍ର ରଖିବା ସ୍ଥାନ ।

୪ । କବାଇ-ମଜାକରି । ରାଗକରି-ରଙ୍ଗକରି । ବକତର-ସମଗ୍ର । ବଳୀବର୍ଦ୍ଦ-ବଳଦ । ଭାରବାହ ବଳୀବର୍ଦ୍ଦ-ବୋଝିଆ ବଳଦ ।

ସୁବର୍ଣ୍ଣ ରୌପ୍ୟ ବସ୍ତକ ସମ୍ପୁଳ କମ୍ବଳ ଆଦ ଜଷ୍ଟେଲ
କଂସାଦ ପାବ ମଞ୍ଜୁଷ ପେଡ଼ୀ ପେଡ଼ା ଗଣ୍ଠି ମାନ କର ଠୁଳ ।
କର ସେ । ଦ୍ୱିଜରୁ ମାତଙ୍ଗ ପର୍ଯ୍ୟନ୍ତେ ।
ସେ ଯାହା ବୃତ୍ତିରେ ଆଗମନ ମନ ଉଚ୍ଛନ୍ନ ହୋଇଲେ ସମସ୍ତେ ।୫।

କୋଷ ଅଧିକାରୀ ଅନ୍ତ ତୋଷ ଭରି ଅମାରି ମଶାଲ ସଜାଡ଼ି ।
ତୂର୍ଣ୍ଣି କରି ପୂର୍ଣ୍ଣି କଲା ସେ ସ୍ୱର୍ଣ୍ଣଟେକ ସମ୍ଭାରରେ ଗଡ଼ି ଶଗଡ ।
ଏମନ୍ତେ । ରଜନୀ ହୋଇଲା ପ୍ରବେଶ ।
କ୍ରମଶ କ୍ରମଶ ତମସ ବଶରେ ଜଗଦ ଦୃଶ୍ୟ ହେଲା ବିନାଶ ।୬।

କେତେ କାମୀ ଭୂମି ମଣ୍ଡଳେ କେତେ ମୁଁ ଭ୍ରମିତ ଭାମ କ ଜାଣିଲା ।
କଜ୍ଜ୍ୱଳ ମହୋଜ୍ଜ୍ୱଳ ଜଳେ ପ୍ରଳୟ କ୍ଷୟ କରିବାକୁ ବାଞ୍ଛିଲା ।
ସ୍ୱର୍ଭାନୁ । ଡରେ କ ପଳାଇଲା ଭାନୁ ।
ତମ-ତନୁରେ ଜଗତ ଗିଳୁଛି କ ଭାବ ଆନ ନାହିଁ ଏ ତନୁ ।୭।

ପାଶେ ଥାଇ ଦେଖା ଦେଖି ନୋହି ଦୁଃଖୀ ଭୃଙ୍ଗୀ ଭୃଙ୍ଗ ଧ୍ୱନି ଘୋଷିଲେ
ସଙ୍କେତ ସ୍ଥାନେ ଯାଇଥିବା କାମିନୀ ଚମକ ହୃଦ ଆଉଁଷିଲେ ।
ଅସିତେ । ଚରଗଣ ଏକା ଆଉଁରେ ।
ଧ୍ୱନି କରିବାର ଶୁଣି ବାରନାରୀ ଆଶାସ୍ତ୍ରୀ ଅନାଇ ଦୁଆରେ ।୮।

ଅଞ୍ଜନଦିଗ-ଗଜ ସଜ ଆଜ କ ଯୁଦ୍ଧ ଇଚ୍ଛି ଆମ୍ଭ ସଙ୍ଗରେ ।
ଏହା ବିସ୍ମରି ସେ ରଡ କ ପ୍ରସ୍ଥରି ମତ୍ତ ମାତଙ୍ଗ ଆତଙ୍କରେ ।
ବକୁଳ । ମୂଳେ ଥିବାର ବରହିଣୀ ।
ଶ୍ରବଣେ ବୋଇଲା କାନ୍ତ ସତ୍ୟବାଦୀ କ ଯେଣେ ବେଳନ୍ତି ସଜନୀ ।୯।

---

୫ । ସମ୍ପୁଳ-ସୁଣ୍ଡି । ଜଷ୍ଟେଲ-ଜହ୍ଲଗା ଲୁଗା । ମଞ୍ଜୁଷ-ପେଡ଼ି । ମାତଙ୍ଗ-ଚଣ୍ଡାଳ ।
ବୃତ୍ତିରେ-ବ୍ୟବସାୟରେ ।

୬ । କୋଷ ଅଧିକାରୀ-ଭଣ୍ଡାର ଘରର ମାଳକ । ତୂର୍ଣ୍ଣି-ଶୀଘ୍ର । ତମସ-ଅନ୍ଧାର ।

୭ । ସ୍ୱର୍ଭାନୁ-ରାହୁ । ତମ-ଅନ୍ଧକାର । ତନୁ-ଦେହ । ଜଗତ-ଲୋକ ।

୮ । ଅସିତେ-ଅନ୍ଧାରରେ ।

୯ । ଅଞ୍ଜନଦିଗ-ପଶ୍ଚିମ ଦିଗ । ରଡ-ଚିତ୍କାର । ଆତଙ୍କ-ଭୟ ।

କର୍ଣ୍ଣାଟପୁରଜନେ ପିବା ଉଚ୍ଛନେ ଉଲ୍ଲିଙ୍ଘେ ଏମନ୍ତ ସନ୍ଧିରେ ।
କେ କାହା ପୀରତ ସୁବଖି କଣ୍ଟକ ପିବାକୁ କହୁଛୁ ଦୁଖରେ ।
ଭେଟାଇ । ଆଜ ପାରବୃକ ଧନକୁ ।
ଫୁଲଧନୁସୁନୁ ବଲ୍ଲଭା-ଜାଲକୁ ମୁଁ ଯେ କରବ ପ୍ରସ୍ଥାନକୁ । ୧୦ ।
କେ ଜାର ଲେଖିଲା କୁଳଟାପାଣକୁ ଆଶ କରି ବନ ଯାଉଛୁ !
ଯୁଗଳ ନୋହିବାରୁ ରମକୁମର ଯୁଭସର ମୋତେ ହୋଉଛୁ ।
ଧନରେ । କରିଥାଅ ଏବେ କୃତାର୍ଥ ।
ଯାଉଛୁ ବଡେଣ ଯୋଗେ ଦେବଗୁରୁ ଗଲେ ହୋଇବତ ବ୍ୟର୍ଥ । ୧୧ ।
କେ ଜାର ଘଷି ସ୍ନେହେ ଘବସଣୀକ ରାଶି କଳ୍ପନା ତୋରେ କରି ।
କନ୍ୟା ତୁଳାଅଙ୍ଗୀ ସିଂହକଟି ମୀନ ନୟନା କୁମ୍ଭସ୍ତନା ଝରି ।
ଭ୍ରୂଲତା । ଧନୁରେ ସୃଷ୍ଟି ମନୋହର ।
ମକରକେତୁ-ତାପେ ତୋ ପ୍ରେମଜଳେ ମନ-କର୍କଟା ମଗ୍ନ ମୋର । ୧୨ ।
ବରହ ବସ୍ତୁ ସମ ବାତ କରୁଛୁ ମେଷ ବୃଷ କରୁ ଦର୍ଶନେ ।
ଏକା ମିଥୁନ ହୋଇଲେ ରେ ନାୟିକା ସବୁ ହେଲା ତୋ ଅବଧାନେ ।
ଏ ବାଣୀ । ଶୁଣି ସେ ହସିଲା ହୋଇଲା ।
ଆଲିଙ୍ଗନ କରି ଇଚ୍ଛାବଂଶ ନାଶ ବକ୍ଷାରୁଢ଼େ ବନ୍ଧେ ତୋଷିଲା । ୧୩ ।
ପୁଷ୍ପସମସ୍ତ ଜନକ ପରକଠ ରମଣୀ ତୁଲେ ବଟ ରମି ।
ସଖାକୁ କହେ ବଚନେ ସ୍ନେହାଧୀନା କୋଳେ କୋମଳା ପରମାଣି ।
ରତନୁ । ବଣ୍ଣ କରେ ସ୍ତନ କଠିନ ।
ବୋଲି ଜାଣିଲି ନ ଜାଣିଲି ସୁବର୍ଣ୍ଣ ସୁବର୍ଣ୍ଣ କ ଅବା ଅଞ୍ଜନ ।୧୪।

---

୧୦ । ଉଲ୍ଲିଙ୍ଘେ-ଅନଭ୍ୟାସରେ । ଫୁଲଧନୁସୁନୁବଲ୍ଲଭା ଜାଲକୁ-(କନ୍ଦର୍ପ) କାମ ପୁଅ ଅନିରୁଦ୍ଧର ସ୍ତ୍ରୀ ଉଷାଜାଲକୁ ଅର୍ଥାତ୍ ସଭାକୁ ।

୧୧ । ଜାର-ଉପପୁରୁଷ । କୁଳଟା-ଅସତୀ ସ୍ତ୍ରୀ । ରମକୁମର-ଲବ (ଅଳ୍ପ ସମୟ) । ଦେବଗୁରୁ-ବୃହସ୍ପତି ।

୧୨ । ରାଶି-ମେଷାଦି ଦ୍ୱାଦଶରାଶି ସମୂହ । ମକରକେତୁ-କନ୍ଦର୍ପ ।

୧୩ । ମେଷ-ମେଣ୍ଢା । ବୃଷ-ଷଣ୍ଢ । ମିଥୁନ-ସ୍ତ୍ରୀପୁରୁଷ ସାଙ୍ଗରେ ସ୍ତ୍ରୀର ମିଳନ । ବକ୍ଷାରୁଢ଼େ-ଛାତି ଉପରେ ଚଢ଼ାଇ । ବନ୍ଧେ-ବଳନ୍ଧ ବନ୍ଧବନ୍ଧରେ ।

୧୪ । ସୁବର୍ଣ୍ଣ-ସୁନ୍ଦର ବର୍ଣ୍ଣ, ସୁନା ।

କାହା ବଲ୍ଲଭ ବଲ୍ଲଭାଙ୍କ କନ୍ଦୁରୁ କି କଲା ଦାରୁଣ ଦଇବ ।
ମନେ ତ ନଥିଲା ତରୁଣକାଳରେ ତରୁଣୀ ବିଚ୍ଛେଦ ହୋଇବ ।
ଗାବନ । ତେଜ ଯେ ଦଇବ ବଶରେ ।
ଘେନ ଘେନ ଆରେ ଘଗ୍ରହଣିଗ୍ରହ ଏକ ଅଧିକ ବଳସରେ । ୧୫ ।
ସୁନ୍ଦରୀକ କୋଳେ ବସାଇ ଗ୍ରାସେ କେ ରସାଇ ପ୍ରକାଶିଣ ପ୍ରେମ ।
ଦଣ୍ଡଧର ଅନୁଗତ ଭଲ ନୋହେ ସେଣୁ ହୋଇବାର ଉତ୍ତମ ।
ଗୁଣୀ ତୁ । ମାଗୁଛି ଏତେକ ମୋହୋର ।
ମନେ ପଡୁଥିବ ରଜନୀ ଦିବସେ ଜାଣୁ ତା ଯେମନ୍ତେ ମୁଁ ତୋର ।୧୬।
କେ ପ୍ରିୟ ଚିବୁକ ଧରିଣ ଉନ୍ନତ ଗ୍ରୀବ ଭାଷିଲା ଏ ବଚନ ।
ଶିତକରଜା ଶିତ କାମ ଇଷିତ ନାଗରେ ହୋଇଅଛୁ ଖିନ୍ନ ।
କରବ । କବତ ଯାଅ ମୋ ଏସନ ।
ବରବର୍ଣ୍ଣିନୀ ସଞ୍ଜା ଥିଲା କରିଣ ଦିଅ ମୋତେ ପିନ୍ଧା ବସନ । ୧୭ ।
କେ ପ୍ରପାଗ୍ର ପ୍ରପାଗ୍ରକ କରି ପ୍ରତରେ ପୁରତେ ପ୍ରିୟାକୁ ବସାଇ ।
ଚଟେ ବଟଟେ ଲେଖିଲା ସ୍ୱରୂପକୁ ପ୍ରାପ୍ତତ ଦରଶନ ପାଇଁ ।
ସେ ଦେଖି । ଧୀର କରି ଏହା ବୋଇଲା ।
କଟଦେହଜା-ପ୍ରିୟ ତୁଲେ ନ ଗଲେ କି ମୋତେ ସଙ୍ଗେ ନେଲେ କ ହେଲା ॥
କାହାର ବାଳୀ ନବୀନା ବିପଞ୍ଚିତ ବିନା ସକଳ ଭୋଗିଥିଲା ।
ମଣି ପୀଠିକ ଦର୍ପଣ ବିତାନ ଥିଲା ପ୍ରତରେ ରତ ହେଲା ।
ସେ ଭୋଗ । ପାଇଲା ଦଇବ ବଶକୁ ।
ଗ୍ରାବେ ଅଧିକ ଦେବାକୁ ରଖିଥିଲା ଯିବା ବେଳକୁ ବିଦେଶକୁ । ୧୯ ।
କେଉଁ ରମଣୀ ଭାଷି ସୁଖ ସମ୍ପତ୍ତି ବଶୁଁ ମନରେ ଏହା ଧ୍ୟାୟି ।
ସ୍ୱର ଅଗ୍ରତ ଦେବ ଗତ ନ ଯାହୁଁ ତାହା ରଜନୀ କରୁ ବହି ।

---

୧୫ । ଘେନ-ଗ୍ରହଣକର, ନେଉଥାଅ ।

୧୬ । ଦଣ୍ଡଧର-ଯମ, ରାଜା ।

୧୭ । ଉନ୍ନତାତବୁକ-ସ୍ତ୍ରୀର ଓଠ । ଶୀତକରଜା-ସ୍ତନର ଅଗ୍ରଭାଗ । ଶୀତେ-ଶିଥିଳଭାବେ କାମ ଇଷିତ-କାମପୀଡ଼ାସୂଚକ ଧ୍ୱନି । ବରବର୍ଣ୍ଣିନୀ-ସୁନ୍ଦରୀ ସ୍ତ୍ରୀ । ସଞ୍ଜା-ସଜାଡ଼ ।

୧୮ । ପ୍ରପାଗ-ପାଦ । ପ୍ରପାଗ୍ରକ-ଜାନୁ । କଟଦେହଜା ପ୍ରିୟ-ସ୍ୱାମ (ରାମା) ।

୧୯ । ମଣି ପୀଠିକ-ମଣି ମାଣିକ୍ୟରେ ଉଜ୍ଜ୍ୱଳ । ଦର୍ପଣବିତାନ-ଆରସି ଲଗା ଗୃହ ।

ଯେ ପୁଣି । ବହୁଲ ବିଚ୍ଛେଦ ବିପତ୍ତି ।
ପୁଲଙ୍କ ସ୍ତ୍ରୀଲିଙ୍କେ ରାଜା ଶବ୍ଦ ରୂପ କେବେ ନୋହୁଥିବ ସନ୍ତତ । ୨୦ ।
କେ ପୁଂସ ସଭ୍ୟରେ ତତ୍ତ୍ୱରେ ରୋପିତ କଲା ଆଣି ଜାଙ୍ଗଲତାକୁ ।
ପରିବାରିକାକୁ ଡକାଇ କହିଲା କୋଳେ ବସାଇ ବନିତାକୁ ।
ଏହାକୁ ଯତ୍ନ କରିବାକୁ ସନ୍ତତେ ।
ପ୍ରବାସ ପ୍ରୟାଣ ଦୋଷ ନ ଦେଖିବ ଯାଉଅଛି ଅଣଅଃସ୍ତ୍ରେ । ୨୧ ।
କେ ଜାୟାପତି ଯୋଗ ହୋଇ ନଥିଲେ ସେ ଉତ୍ସବ କଲେ ସେ ଗତି ।
ନାନାଗତି ରତି ପ୍ରକାଶିଲା ରତିପତି-ଭୋଳରେ ରସବତୀ ।
ରସାନ୍ତେ । ରମଣୀ ମୁଖକୁ ଚୁମ୍ବିଲା ।
ପଟେ କଣ୍ଟକ ବୃକ୍ଷେ ମୟୂର ଲେଖି ଦେଇ ବମନକୁ ହସିଲା । ୨୨ ।
କେ ଦମ୍ଭ ହାରି ମନୋହାରୀକି କହେ ଏ କଥା ଶଙ୍କ ଲାଗେ ମୋତେ ।
ଜୀବନ ତେଜି ପିଣ୍ଡକୁ ସଙ୍ଗେ ନେଇ ପୁରୁଷେ ଜୀଇଁବେ କେମନ୍ତେ ।
ଏ ତନୁ । ପୁଲକ ପୁଣି ନ ବହିବ ।
ସେ ପୁଣି ଗଦଗଦେ ବୋଇଲା ତେ ଜାଣି କି ଭୁଆଇଅଛି ଦଇବ । ୨୩ ।
କେଉଁ ସୁନ୍ଦରୀ କେତକୀଦଳୋଦରେ ଦୟିତ ରୂପକୁ ଲେଖିଲା ।
ମୁଁ ଯେ ଜୀବଧବ ତୁମ୍ଭଙ୍କୁ ବୋଇବା ଏଥିଠାରେ ସାର୍ଥ ହୋଇଲା ।
ତୁମ୍ଭର । ଅଛି ଲୋହମୟ କବଚ ।
ତୁମ୍ଭେ ଯିବା ମୋର ଦୂର ହେବ କେହ୍ନେ ସହିବ ବିଷମ ନାରାଚ । ୨୪ ।
କେଉଁ ନାରୀ ଚିତ୍ର ପ୍ରତିମାର ପରି କେ ବାରି ନୟନେ ଭରିଲା ।
କେହ୍ନୁ କି କହିବି ବୋଲି କାନ୍ତ ଗଳା ଧରି ପ୍ରେମ ଭରେ ଝରିଲା ।
କେ କହେ । ପିବା ପଛେ ଆନ ଦେଶକୁ ।
ନ ଗଲେ ଯେବେ ନରପତି ସରୋଷ ହୋଇବେ କରମ ବଶକୁ । ୨୫ ।

---

୨୧ । ଜାଙ୍ଗଲତା-ପାଣ୍ଡୁଫୁଲ ଲତା । ପାରିବାରିକା-ଦାସୀ । ସନ୍ତତେ-ସର୍ବଦା । ପ୍ରୟାଣ-ଯାତ୍ରା ।

୨୨ । ଜାୟାପତି-ସ୍ୱାମୀ ସ୍ତ୍ରୀ । ରତ୍ୟନ୍ତେ-ରତି ଶେଷରେ । ରମଣ-ପତି । ଭାମବମନ-କାମ ଦୁଃଖ । ପଟେ-ଚିତ୍ରରେ ।

୨୩ । ଶଙ୍କ-ଅସ୍ଥିର ।

୨୪ । କେତକୀଦଳୋଦରେ-କେତକୀ ପାଖୁଡ଼ା ପେଟରେ । ଦୟିତ-ସ୍ୱାମୀ ।

୨୫ । ସରୋଷ-ରାଗ ।

କେ କହେ ସଖିଙ୍କି ଚନ୍ଦ୍ରଶେଖରଙ୍କୁ ପୂଜନ କର ଏଥିପାଇଁ ।
ପ୍ରିୟ ନ ଯାଉଁ ଜୀବନ ଯାଉ ମୋର ଦୁଃଖୀ ନୋହିବଟିକ ମୁହିଁ ।
କେ ଭାଳେ । ବିଲଗ୍ନ ହେଲେ ଉଚ୍ଛୁଁ ଉର ।
ନବ୍ରୀ ନ ମାଡ଼ଇ ଏ ନଷ୍ଟିକ କେଉଁ ବଶ୍ୱିବ କି କର୍ମ ମୋହର । ୨୬ ।
କେତ୍ତୁ ବାଲ୍ମିରେ ନୟନ କରାଇଲା ଆନ ଯୁବତୀ ନ ଛୁଇଁବ ।
କେ ବୋଇଲା କାନ୍ତରଞ୍ଜେ ମୁଁ ଥିବଟି ମୋ ପାଇଁ ଦର୍ଶନ କରିବ ।
କେ ହାର । ବାହାର କରି କଣ୍ଠେ ଦେଲା ।
ଦେଖିଥିଲେ ମୁହିଁ ମନେ ପଡ଼ିଥିବ ଏମନ୍ତ ଭାବନା ହୋଇଲା । ୨୭ ।
କେ ଜାଣି ବରହକୁର ଜାତ ଉରେ ଥୋଇ ପଙ୍କେରୁହ-ଦଳକୁ ।
କଛୁ ନ କହି ନାୟକ କରେ ଦେଲା ମେଲାଣି ମାଗିଲା ବେଳକୁ ।
କେ ଭାବେ । ଅଳପ ହେଲା ମୋ ସଙ୍ଗତ ।
ଦରିଦ୍ର ରତନ ପାଇ ହରାଇଲା ପରାୟ ହୋଇଲା ଦମନ୍ତ । ୨୮ ।
କେ ଲେଖିଲା ପଟେ ପତିକି ବସାଇ ଆପେ ପାଦ ସେବା କରଇ ।
ଯେତେଦୂରେ ଥିଲେ ଏରୂପେ ଅଛନ୍ତି ଅଛି ମୁଁ ଏ ଅକ୍ଷର ଲେଖି ।
କାନ୍ତି ତା । ଝୀନବସନେ ପେଡ଼ିପରେ ।
ଥୋଇଲା ଚତ୍ତୁରୀ କ ସ୍ନେହ ଆତୁରୀ ମାନସ ମୋହିବା ବସ୍ତୁରେ । ୨୯ ।
କେ ବୋଇଲା ମୋହ ପାଇଁ ନ ଭାଳିବ ସାରିବ କେଲ କାଳେ ମାତ ।
ତୁମ୍ଭେ ସବଶୁଭେ ଥିଲେ ସବୁ ଅଛୁ ନ ମିଳବେ କେତେ ଯୁବତୀ ।
କେ ସଖି । ହାରରେ ଏମନ୍ତ କୁହାଇ ।
ବାହୁଡ଼ି ଆସି ଯାହାକୁ ବଶ ହେବ ଏରୂପେ ନୋହିବ ଅସ୍ନେହୀ । ୩୦ ।
କେ ପତି ଯିବାକୁ ଭୂପତିମଣ୍ଡରେ ଜାଣେ ବୋଲଇ ବନେ ଥାଅ ।
ଅନେକ କାନ୍ତି ବାଞ୍ଛିତ ଭଲ ସୁଖ ମୋତେହେଁ ବପ ତୁମ୍ଭେ ପାଅ ।
କେ ଶାଶୁ । ନଣନ୍ଦ ଭୟରେ ପ୍ରିୟକୁ ।
କଛୁ ନ କହି ଭକ୍ଷଣେ ଜାତ କରି କ୍ଷଣେ ନବାରି ପ୍ରୟୁକୁ । ୩୧ ।

---

୨୬ । ଚନ୍ଦ୍ରଶେଖର-ମହାଦେବ । ବିଲଗ୍ନ-ଲଙ୍ଗଳା ।

୨୮ । ପଙ୍କେରୁହଦଳ-ପଦ୍ମପାଖୁଡ଼ା ।

୩୧ । ଭକ୍ଷଣେ-ଅଗ୍ନିକୋଣରେ । ନବାରି-ନିବାରଣ । ପ୍ରୟୁ-ପ୍ରିୟ ।

କାହା ସହଚର ସ୍ମରଣେ ଅସ୍ଥିର ପାଉଛି କେଉଁ ଶିବ ଦେଖି ।
ବଷଟେ ସ୍ନେହରେ ଶମ୍ଭୁଯୁଗଳକୁ ଜନମ କରିଛି ମୋ ସଖି ।
ଏ ବିଧି । ଚତୁଣ ଚତୁଣୀ ଉକ୍ତନ୍ତି ।
ଅଦ୍ଭୁତ ଛାନ୍ଦେ କଲେ ତାହା ବର୍ଣ୍ଣନା ଚେତେବେଳେ ହୋଇବ ସମ୍ପୂର୍ଣ୍ଣ ।୩୨।
ଏମନ୍ତ ଭଣି ଶେଷ କରିଘୋଷରେ ଦର ଲଭିଲେ ଜାରବ୍ୟୂହ ।
କୁକ୍‌କୁଟବାଣୀ କୁଠାରେ ହାଣି ଦେଲା ବର୍ମତ ସୁଖ ମହାରୁହ ।
ସ୍ମାରୀ ଯେ । ବହିଲା ଅରୁଣ ବର୍ଣ୍ଣିକୁ ।
ଉଗର ନାଗର ଜାଗିଇଲା ଭୂସ ସାଜ ସାଜ ବୋଲି ସୈନ୍ୟକୁ । ୩୩ ।
ବାଜିଲେ ତୂର ସାଜିଲେ ଚତୁରଙ୍ଗ ପ୍ରବେଶ ହେଲେ ସିଂହଦ୍ୱାର ।
ଜଣେ ଜ୍ୟୋତିଷ ମଙ୍ଗଳବେଳ ହେଲା ଅନୁକୂଳ କର କୁମାର ।
ସ୍ଥାପିଲେ । ରମ୍ଭା ବୃକ୍ଷ କୁମ୍ଭ ପୂରିତେ ।
ଭୂଷଣେ ଆରମ୍ଭ ରମ୍ଭା ଉରୁ ବେଶ୍ୟା ମୋହିଲେ ସୁମଙ୍ଗଳ ଗୀତେ । ୩୪ ।
ସ୍ୱମାଭିଷେକ ପଟ୍ଟ ଭୃତ୍ୟେ ବେଖାଇ ଉଷ୍ଣୀଷ ବମା ହୁଳହୁଳ ।
ବିଧାତା ବିଧାନେ ସୁବୋଧାନନ୍ଦନେ ମଙ୍ଗଳାଚରଣେ କୁଶଳୀ ।
ସ୍ୱାରତ । ବନ୍ଦନା ବନ୍ଦିବୃନ୍ଦ କରେ ।
ବାହାର ହୋଇଲେ ନୃପତିନନ୍ଦନ ସ୍ୱମାରୂଢ଼ ଶଙ୍କ ଶତ୍ରୁରେ । ୩୫ ।
ପଲ୍ଲବକହୋଣ ଅଧର ପୟୋଧର ପୂର୍ଣ୍ଣକୁମ୍ଭ ମୀନ ନୟନ ।
ଗଣ୍ଡ ହଂସବର ପାରାବତ ଗଳ ମଙ୍ଗଳ ଅଷ୍ଟକ ବଚନ ।
ଜଘନ । ଭଦ୍ରାସନ ଉରୁ କଦଳୀ ।
ଶଙ୍ଖ ମୃଦୁହାସ ଚୂଚୁକ ଜମ୍ବୁକ ସର୍ବମଙ୍ଗଳପ୍ରଦ ହେଲ । ୩୬ ।
ସୁକୁମାରୀ ରାଜକୁମାରୀଙ୍କ ଛବି କରି ଅମାର ପରେ ବଜେ ।
ଯହିଁ ଠାରୁ ଶୁଭ୍ରଯାଏ ପ୍ରଣମିତ କଲ୍ୟାଣ ବାଞ୍ଛା କଲେ ହିଜେ ।

---

୩୨ । ଶମ୍ଭୁ ଯୁଗଳ-ଯୋଡ଼ିଏ ମହାଦେବ (ଏଠାରେ ଦୁଇଟି କୁଚ) ।
୩୩ । ଦାରଘୋଷ-ଶଙ୍ଖ ଶବ୍ଦ । ଦର-ଭୟ । ଜାରବ୍ୟୂହ-ଉପପତି ସମୂହ । ସ୍ମାରୀ-ସୁବର୍ଣ୍ଣଭ ।
୩୪ । ପୁରତେ-ଆଗରେ ।
୩୫ । ବନ୍ଦିବୃନ୍ଦ-ଭାଟସବୁ ।
୩୬ । ପଲ୍ଲବକହୋଣ-କଅଁଳ ପତ୍ରର ଫାଟକ । ପାରାବତ-କପୋତ । ଭଦ୍ରାସନ-ସିଂହାସନ । ଚୂଚୁକ-ସ୍ତନର ଅଗ । ଜମ୍ବୁକ-ଗୁଆ ।
୩୭ । ଅମାର-ହାତୀର ହାଉଦା ।

କଲେ ଯେ । ସମ୍ଭାରରେ ସୈନ୍ୟ ଗମନ ।
ମଣ୍ଡି କମ୍ପନ ପନ୍ନଗପତି ଶଙ୍କି ଧୂଳିରେ ଲୁଚିଲେ ତପନ । ୩୭ ।
ସର ପଦ୍ମ ଚକ୍ରବାକ କଲେ ପଦ୍ମ ଅବଲୋକ ମଣି ଶର୍ବରୀ ।
ରଥାଙ୍ଗ ନାଦେ କଳାପୀ ନାଚେ ମୋଦେ କୁଳଟା ହେଲେ ଅଭିସାରୀ ।
କାକରେ । ନୀଳମୃଗତ ଲୀଳା କରେ ।
କୁଳପାଳିକା ବାଳିକା ଦୀପାଳିକା ପୁରମାନଙ୍କରେ ଜାଳିଲେ । ୩୮ ।
ବାଦ୍ୟଦମକ ଖଡ୍ଗ ଫରି ଝମକ ଧନୁଷ୍ଟେଷ ଗଜ ଚିଙ୍କାର ।
ତୁରଙ୍ଗ ହ୍ରେଷା ଆଶାରେ ପୂର୍ଣ୍ଣ ହେଲା ହେଲେ ଦିଗଦନ୍ତୀ କାତର ।
ମଣିଲେ । ଗର୍ଜ୍ଜି ଆସେ ମହାକେଶରୀ ।
ମଇନାକ ଲୁଚେ ଇନ୍ଦ୍ର ଶତକୋଟି କୋଟି କୋଟି ମାରେ ବଜ୍ରର । ୩୯ ।
ପଥ ସ୍ୱଜନ ପ୍ରଜାଜନ ସମାନ ପୂଜନ କଲେ ସ୍ଥାନେ ସ୍ଥାନେ ।
ଜଳ ହୀନ ହେଲେ ସକଳ କାସାର ଆନନ୍ଦେ ଶିବା ଗୃଧ୍ରମାନେ ।
ଯାବତ । ଯାଦମେଦ ସ୍ୱାଦ ଲଭିଲେ ।
ଅଦ୍ଭୁତ ବନରେ ଯାଇ ସେ କିଷ୍କିନ୍ଧ୍ୟା ପୁର ପ୍ରଦେଶକୁ ଲଭିଲେ । ୪୦ ।
ବାସବସଦନ ପ୍ରକାର ସେ ବନ କଣ୍ଟକ ସମାନ ଶୋଭନ ।
ନିଶାର୍ଦ୍ଧେ ନିଷାଦେ ଭ୍ରମିଲେ ତଷାଦେ ହୀନ ହୋଇ ଜନ ଶୟନ ।
ମନୁଜ । ରୂପୀ ମନୋଜ ମନୋହର ।
ଦନୁଜତନୁଦାରଣ ରାମ ଚିନ୍ତ କହଇ ଭଞ୍ଜ ବୀରବର । ୪୧ ।

—*—

---

ପନ୍ନଗ ପତି-ବାସୁକି ।

୩୮ । ସରପଦ୍ମ-ପୋଖରୀମଧ୍ୟସ୍ଥ ପଦ୍ମ । ଅବଲୋକ-ଦେଖି । ମଣି-ମନେକରି । ରଥାଙ୍ଗ ନାଦ-ଚକ୍ର ଶବ୍ଦ । କଳାପୀ-ମୟୂର । କାକରେ-କାହିଁସବୁ । ନୀଳମୃଗତ-ଘରକୁ ଯିବା । କୁଳପାଳିକା-କୁଳବଧୂ । ଦୀପାଳିକା-ଦୀପସବୁ ।

୩୯ । ବାଦ୍ୟଦମକ-ବାଜାର ଚମକ ନାଦ । ଖଡ୍ଗ ଫରି ଝମକ-ମଲ୍ଲକ୍ରୀଡ଼ା ଜନିତ ଖଣ୍ଡାର ଝମ୍ ଝମ୍ ଧ୍ୱନି । ତୁରଙ୍ଗ ହ୍ରେଷା-ଘୋଡ଼ାର ହୁଂକାର ଶବ୍ଦ । ଦିଗଦନ୍ତୀ-ଦିଗସମୂହର ହସ୍ତୀ, ଦିଗଗଜ । କେଶରୀ-ସିଂହ । ଶତକୋଟି-ବଜ୍ର ।

ପୂର୍ବେ ମୈନାକ ପର୍ବତ ଉଡ଼ି ଗ୍ରାମାଦି ନଷ୍ଟକରିବାରେ ଇନ୍ଦ୍ର ବଜ୍ରଦ୍ୱାରା ତାଙ୍କ ପକ୍ଷ ଚ୍ଛେଦିଲେ, ତେଣୁ ମୈନାକ ଲୁଚିକରି ସମୁଦ୍ରରେ ବୁଡ଼ି ରହିଲା ।

୪୦ । କାସାର-ପୋଖରୀ । ଯାଦମେଦ-ମାଛ ପ୍ରଭୃତି ଜଳଚର ।

## ସପ୍ତୋବିଂଶ ଛାନ୍ଦର ସାରକଥା

ଏଭବିଂଶ ଛାନ୍ଦରେ ନବୀନ ଅନୁରାଗୀ ନାୟକ ଏବଂ ନବୀନ ଅନୁରାଗିଣୀ ନାୟିକାଙ୍କର ଗୁପ୍ତ ମିଳନର ସୂଚନା ପାଠକମାନେ ପାଇଛନ୍ତି । ସମ୍ପ୍ରତି ଏ ଛାନ୍ଦରେ ନାୟକ ଚନ୍ଦ୍ରଭାନୁର ଦେଖା ହେବା ସ୍ଥାନକୁ ଯାତ୍ରା କରିବାର ବିଷୟ ବର୍ଣ୍ଣନା କରା ହୋଇଛି । ଦେଖା ହେବାର ସ୍ଥାନ ହେଲା—ରାମେଶ୍ୱର ଶିବକ୍ଷେତ୍ର । ସମୟ ହେଲା—ଜାଗରଯାତ୍ରା ବା ଶିବ ଚତୁର୍ଦ୍ଦଶୀ । ସିଂହଳ ଏବଂ କେରଳ ଏ ଦୁଇ ସ୍ଥାନର ମଧ୍ୟବର୍ତ୍ତୀ ସ୍ଥାନ ହେଲା—ରାମେଶ୍ୱର । ତେଣୁ ସ୍ଥାନ ନିରୂପଣ କରିବାରେ ଭଞ୍ଜେ ଯଥେଷ୍ଟ ଯୁକ୍ତିଯୁକ୍ତ ଦେଖାଇଛନ୍ତି । ନାୟକ ଚନ୍ଦ୍ରଭାନୁ ସେ ସ୍ଥାନକୁ ଯିବାକୁ ହେଲେ ପିତାଙ୍କର ଅନୁମତି ନେଇ ଯିବା ଆବଶ୍ୟକ । ତେଣୁ ଛାନ୍ଦର ଆରମ୍ଭରେ ଲେଖା ଅଛି—

"ପୁରୋଧା ସୁତ ଜଣାଇଲ ।
ଶିବ ଉତ୍ସବ ଦେଖିବାକୁ ତୁମ୍ଭଙ୍କୁ ତାତ ସନମତ ହୋଇଲ ।"

୧ମ ପଦଠାରୁ ୬ଷ୍ଠ ପଦ ପର୍ଯ୍ୟନ୍ତ ଯାତ୍ରାକୁ ଯିବାର ରାଜକୀୟ ସାଜସଜ୍ଜାର ଚିତ୍ର ଦେଖିବାକୁ ମିଳେ । ୭ମ ପଦଠାରୁ ୨୯ଶ ପଦ ପର୍ଯ୍ୟନ୍ତ ପୁରବାସୀଙ୍କର ବିଭିନ୍ନ ଭାବନାର ଚିତ୍ର ଦିଆଯାଇଛି ୩୦ଶ ପଦଠାରୁ ୪୧ଶ ପଦ ପର୍ଯ୍ୟନ୍ତ ରାମେଶ୍ୱର କ୍ଷେତ୍ରକୁ ଯାତ୍ରାର ବର୍ଣ୍ଣନା ହୋଇଛି ।

ଏ ଛାନ୍ଦରେ ନାୟକର ମିଳନ ସ୍ଥାନକୁ ଯାତ୍ରା କରିବା ଛଡ଼ା ଅନ୍ୟ କୌଣସି ବିଷୟର ବର୍ଣ୍ଣନା ନାହିଁ । ତେଣୁ ଏହାଛଡ଼ା ଏ ଛାନ୍ଦରେ କାବ୍ୟର କୌଣସି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ନାହିଁ ।

# ଚତୁର୍ବିଂଶ ଛାନ୍ଦ

( ଲାବଣ୍ୟବତୀ ନିକଟକୁ ଦୂତ ପ୍ରେରଣ ଓ ଚନ୍ଦ୍ରଭାନୁର ଶିକାର )

ରାଗ—ଆହାଡ଼ିଆ କେଦାର

ଶୁଣ ସୁମନ୍ତ ବଖାଣ ସ୍ୱର          ପୂର୍ବ ହରିତ କୁଙ୍କୁମକାନ୍ତି
ଚେତ ମାଗଧ ଆରମ୍ଭେ ସ୍ତୁତି କୀର୍ତ୍ତିନକର ଯେ ।
ଚେଣ୍ଡ ମୁକୁଟ ଡାକେ କୁକୁଟ          ସେ ବାଣୀ ସ୍ୱର୍ଗପଣ୍ଡିତ କୂଟ
ସରମାନଙ୍କେ ସାରସ ସ୍ଫୁଟ ଗର୍ଜେ ଭ୍ରମର ଯେ ।
ଉଠି କୁମର କାଠିଲଗି ହୁଅଇ ଯେ ।
କରଯୋଡ଼ି ସଚିବ ସୁତ ଜଣାଇ ଯେ ।
କହୁଅଛନ୍ତି ଶିକାରୀଜନ          ବହୁ ଶାବରେ ଏ ବନ ଘନ
ହେବ କି ଡଙ୍କେ ଶିକାରମାନ ଆଜକ ରହୁ ଯେ । ୧ ।

ଶୁଣି ଏମନ୍ତ ଶବ୍ଦେ ସତ୍ୱର          ଆଗ ପେଷିଲେ ସେ ବୁଦ୍ଧବୃଷ୍ଟି
ରାଜ ସୁହୃଦିକା ପାଶେ ବନସ୍ପୃହଦିକା ଦେଇ ଯେ ।
ତହୁଁ ଉତ୍ତରୁ ଶିକାର ସଜ          ଆଣ ବୋଲନ୍ତେ ନୃପଆତ୍ମଜ
ଶୁଭିଲା ଡାକ ସଜନ ସାଜ ଭୁଜଙ୍ଗେ ତହୁଁ ଯେ ।
ଛୁଅମରେ ଏ ବଳ ହେଲେ ବାହାର ଯେ ।
ଲୋଧା ଗୋଧାରେ କରି ମଣ୍ଡନ କର ଯେ ।
ଭ୍ରମକ ପଶୁସ୍ତୋମରେ ସେହୁ          ସୁଚର୍ମ ବର୍ମ ତୋମର ଶୋଭ
ବାଜବଇସି ହସ୍ତେ ବସାଇ ଉପୁଜର୍ଜ୍ଜର ଯେ । ୨ ।

---

୧ । ସୁମନ୍ତ–ଉତ୍ତମ ବୁଦ୍ଧିଆ ଲୋକ । ପୂର୍ବହରିତ-ପୂର୍ବଦିଗ । କୁଙ୍କୁମକାନ୍ତି-ହଳଦୀ ମିଶ୍ରିତ ରକ୍ତବର୍ଣ୍ଣ । ସ୍ତୁତି-ପ୍ରଶଂସା । କୀର୍ତ୍ତିନକର-ପଣସବୁ । ସାରସ-ପଦ୍ମ । ସ୍ଫୁଟ ଫୁଟିଲା । କାଠିଲଗି-ଦାନ୍ତଘଷିବା । ଶିକାରୀଜନ-ବାଣୁଆଲୋକ । ଘନ-ନିବିଡ଼ ।

୨ । ରାଜସୁହିଦିକା-ରଜାଝିଅ (ଲାବଣ୍ୟବତୀ) । ଆତ୍ମଜ-ସୁତ । ଲୋଧା ଗୋଧା-ଗୋଧି ଚମର ତିଆରି, ଯାହାକୁ ଶରମୁନ ନ ବାଜିବ ବୋଲି ହାତରେ ପିନ୍ଧନ୍ତି । ଭ୍ରମକ-ବୁଲିବା । ପଶୁସ୍ତୋମ-ପଶୁସମୂହ । ବର୍ମ-କବଚ । ତୋମର-ଶାବଳାଢ଼ ଅସ୍ତ୍ର ।

ଶବରପନ୍ତି କି ଭୟଙ୍କର ଯଥା ପରେତଭଟ୍ଟ କଙ୍କର
ଭୂଷା କରଟ ଗୁଞ୍ଜନକର ମଧୁରେ ମତ୍ତ ଯେ ।
ମନ୍ତର ପଢ଼ି ଧୂଳି ଉଡ଼ାଇ ଗଲେ ସେ ପଶୁପଦ ଗୋଡ଼ାଇ
ଧମନ ଗୁଚ୍ଛ କାଣ୍ଡ ଚଢ଼ାଇ ଟାଙ୍ଗି ଗୃହୀତ ଯେ ।
ବ୍ୟାଧେ ବନ୍ଧଣ ନଳ ତାଳଚାଟୀକ ଯେ ।
ନଳଆଳରେ ସେଣ ଅଠାକାଠିକ ଯେ ।
ବନ୍ଧି ବାଗୁରୀ କେ ଭର୍ତ୍ତି ଭର କଦ୍ଭୁତ ମୃଗବଂଶକ ଧର
ଶାଖା କେଶ୍ଚନେ ବଲ୍ଲରୀ ପର ଲଭ ବ୍ରଷ୍ଟିକ ଯେ । ୩ ।
ଲୁମର ବଳେ ହସ୍ତ ପିଠିରେ ତାଙ୍କୁ ସମାନ ନାହିଁ ସୃଷ୍ଟିରେ
ଏମନ୍ତ ହୋଏ କବି ଦୃଷ୍ଟିରେ ସମ୍ଭାବ୍ୟ ଚହିଁ ଯେ ।
ସୁବର୍ଣ୍ଣଜଙ୍ଘକଣା ବାଖର ପଦ୍ମା ଫେଣା କି ବସ୍ତାରେ ଥାଇ
ତେଇଁ ଯିବାକୁ ସପ୍ତ ସାଗର ଇଚ୍ଛା ଜନ୍ମାଏ ଯେ ।
ବୀରବଳଙ୍କୁ ଲଙ୍ଘି ନ ପାରି ଭବ୍ଧି ଯେ ।
ଯେଣୁ ସୁଜାଣ ଅଛୁ କରଲୁ ସ୍ମୃହିଁ ଯେ ।
ମେରୁ ମଧ୍ୟରେ ମିଶିବ ଯେବେ ଖୁରଙ୍କ ସ୍ଥାନ ନୋହିବ ତେବେ
ତା ଚୂର୍ଣ୍ଣ ଖଣ୍ଡ ରହିବାଠାବେ ଖୁର ମାରଇ ଯେ । ୪ ।
ସଙ୍ଗେ ଥିବାର ତୁରଙ୍ଗବଂଶ ପ୍ରଶଂସା ଆଉ କରିବା କସ
ଜବକୁ ପବମାନ ସଦୃଶ ପୃଷ୍ଠି ଲକ୍ଷଣେ ଯେ ।
ହୋଇଲେ କେଗବନ୍ତ ମାତଙ୍ଗ ନ ଦଶେ ସାଢ ସୁଜତ୍ତମାଙ୍ଗ
କୁସୁମଙ୍କର ଏଥି ଉଜ୍ଜ୍ୱଙ୍ଗ ଅଟନ୍ତି ପୁଣ ଯେ ।
ଅଭ୍ରଶୀଘ୍ରେ ସ୍ୱଜଇ ମାହୁନ୍ତଚୟ ଯେ ।
ବେଢ଼ି ବୀରକୁ ଜଲେ ଶୋଭା ଉଦୟ ଯେ ।
ପଦାତିପନ୍ତି ସଙ୍ଗେ ଧାଇଁଲେ ଭମ୍ୟବପିନେ ଯାଇ ପାଇଲେ
ଅଦ୍ଭୁତ ଶୋଭାମାନ ବୃହିଁଲେ ତୋଷ ଉଦୟ ଯେ । ୫ ।

---

୩ । ପରେତଭଟ୍ଟ-ଯମ । କରଟ-କଉଡ଼ । ମଧୁ-ମଦ । ପଶୁପଦ-ପଶୁ ରହିବାର ସ୍ଥାନ । ନଳଆଳୀ-ନଳସବୁ । ବାଗୁରୀ-ଜାଲର ଫାଶ । ବଲ୍ଲରୀ-ଲତା ।

୫ । ତୁରଙ୍ଗବଂଶ-ଘୋଡ଼ାସବୁ । ଜବକୁ-ଚଞ୍ଚଳତାରେ । ପବମାନ-ପବନ । ମାତଙ୍ଗ-ହାତୀ । ସାଢ-ସେନା । ସୁଜତ୍ତମାଙ୍ଗ-ମୁଣ୍ଡ । ଅଭ୍ରଶୀଘ୍ର-ଅତି ଡେଇଁ । ସ୍ୱଜତ-ଘୋଡ଼ସବାର । ମାହୁନ୍ତଚୟ-ହାତୀ ଚାଳକମାନେ । ପଦାତିପନ୍ତି-ପାଇକ ସେନାସବୁ ।

ନଥିଲା ହୋଇ ପାଦପ ତହିଁ ଆଉ ଚଉଦ ଭୁବନେ ନାହିଁ
ମରିଚ ଅଳାଇଚ କକୋଳ ସଘନ ଯହିଁ ଯେ ।
ବୈଦେଶ୍ୟ ଲବଙ୍ଗ ଔଷଧପନ୍ତ- ପ୍ରଭବରେ ଅତ ଥିବେ ଯେ ସତ
ରଜନୀ ଏଥି ସ୍ୱଦମାସ୍ତ କାନ୍ତାର ବସ୍ତ ଯେ ।
ଫଳେ ହେଠ କମାଳୀ କୁମ୍ଭୀ ଜମ୍ବୀର ଯେ ।
ଈଶୁଳନ୍ତି ପ୍ରଣାମ କଲା ପ୍ରକାର ଯେ ।
ବାରମାସରେ ଝକାଶ ଜାତ ଜପ କୁଟଜ ସୁମନାପନ୍ତ
ଦ୍ରୁତ ହରଷ ଦେଖାଉଛନ୍ତି କି ନଭନ୍ତର ଯେ । ୬ ।
ସଫଳ ତହିଁ ପୂଗ ନାରଙ୍ଗ ଶ୍ରୀଫଳ କୁଙ୍ଗ ସମାତୁଳଙ୍ଗ
ଲଙ୍ଗଳୀ କରମଙ୍ଗାହିଁ ସଙ୍ଗ ବଦୁଲ ଲବ ଯେ ।
ଶିଶୁଠାବନ୍ତୁ ଜରଣ ସର ସ୍ତନ ଶୋଭନ ଥିବାରୁ ଧର
ଉତ୍ଫୁଲ୍ଲ ସ୍ତମ୍ଭ ଅଛୁ ଆଦର ପୁନ୍ନାଗ ଧବ ଯେ ।
ଅଙ୍ଗବାସ ମାଧବୀ ସୁପରିମଳ ଯେ ।
ହୋଇ ପ୍ରସରୁଅଛୁ ମନ୍ଦ ଅନଳ ଯେ ।
ବସ୍ୱହଦାଢ଼ ନବମାଳିକା ନୂତନ କରବୀର କଳିକା
ଯଥା ବାଳିକା ନଖମାଳିକା ମନ୍ଦା ଉଜ୍ଜ୍ୱଳ ଯେ । ୭ ।
କୁଞ୍ଜକୁଟିରମାନ ରୁଚିର ଯୂଥିକା ମୋତଦହାନ ଚୀର
ଷଡନ ସୁଷ୍ମଶଯ୍ୟା ପ୍ରକାର ଶେଫାଳିକାର ଯେ ।
ଲସନ୍ତି ଲସ ସାଗ୍ର କପୋତ ସୁମନ ଉତ୍ତରସରେ ମଞ୍ଜ
ଘାନ ଖନ୍ଦର ଲବଙ୍ଗଗ୍ଲି ତ କି ମନୋହର ଯେ ।
ଘାଷା ବହ୍ନିନ ଶିଷା ଭଦର୍ଶ କେଳ ଯେ ।
ପର ବସନ୍ତ ପାସବତହିଁ ଖେଳ ଯେ ।

---

୬ । ପାଦପ-ବୃକ୍ଷ । ଔଷଧ୍ୟପନ୍ତପ୍ରଭବେ-ଔଷଧବୃକ୍ଷମାନଙ୍କ ଭେଳରେ । ହେଠ-ନଇଁ ପଡ଼ିବା । ଏଣୀ-ହରିଣୀ । ନୀପ-କଦମ୍ବ । କୁଟଜ-ବଣମଲ୍ଲୀ । କୁମ୍ଭୀ-କଇଁଫଳ ଗଛ ।

୭ । ଶ୍ରୀଫଳ-ବେଲ, ନଡ଼ିଆ । ସମାତୁଲଙ୍ଗ-ଟଭା । ପୁନ୍ନାଗ-ନାଗେଶ୍ୱର, ଜାଇଫଳ, ପୋଲଙ୍ଗ, ଶ୍ୱେତୋତ୍ପଳ ଗଛ । ପ୍ରସରୁଅଛୁ-ବିସ୍ତାର କରୁଅଛୁ । ବସ୍ୱହଦାଢ଼-କଣ୍ଟାଗଛ ।

୮ । ଯୂଥିକା ଯୁଈ । ଶେଫାଳିକା-ଗଙ୍ଗଶିଉଳି ।

ପକ୍କଣବାସ ଅଶୋକତାଳି ସ୍ତବକ ଉତ୍‌ଦ୍ୟୋତରେ ଝଳି
ଭ୍ରମ କରଣ ଶଣ ହରଣ ସମ୍ବର ମିଳ ଯେ । ୮ ।
ଚନ୍ଦ୍ରକା ଟେକ ନାଟକ୍ତ କେକୀ ଉର୍ଦ୍ଧ୍ୱୁ ଖପୁଚନ୍ଦ୍ର ସ୍ଥିତମା
ଦର୍ଶି ତମାଳ ତରୁକୁ ତର୍କି ଜଳଦ ଜଣ ଯେ ।
ଅମ୍ଳାନ ସ୍ଥୂଳ ବଲ୍ମୀକମଢ କୁସୁମ ପୀତ ରଙ୍ଗ ଅଙ୍କିତ
ଶ୍ରେଣୀଭୂତରେ ସେ ପୁରୁହୂତ କୋଦଣ୍ଡ ସର ଯେ ।
ମତ୍ତଦ୍ୱିରଦ ନାଦ ଉଚ୍ଚରେ ଶୁଭି ଯେ ।
ଚମ୍ପା ସମ୍ପାକ ଶମ୍ପାକୁ ସମ ଲଭି ଯେ ।
ବକୁଳ ମକରନ୍ଦ ବରଷେ ଜାହ୍ନୁଜ ତୋକା ବାଣୀକି ଘୋଷେ
ବଡାଳୀ ଗତ ଆଗତବଶେ ସ୍ୱଚ୍ଛବେ ଶୋଭି ଯେ ।୯।
ପ୍ରଫୁଲ୍ଲ ମଲ୍ଲୀବଲ୍ଲୀମାନ ତାସୁ ସଙ୍ଗରେ ନୀଳଗଗନ
ଛୁଡ଼ ଉଡ଼ୁଲ ଧଗ ଶୋଭନ ଛନ୍ନ ବର୍ଣ୍ଣି କେ ଯେ ।
ଅନାଇ ତାହା ଅଶିତ ନୀଳ- ଦାସୀ ପ୍ରକାଶ ରଥାଙ୍ଗକୁଳ
ପ୍ରବେଶ ହୋଇ ମହାବ୍ୟାକୁଳ ପକ୍ଷ ଝଟକେ ଯେ ।
ଗୃହ୍ଣି ଚକୋର ଚନ୍ଦ୍ରେ ଚଞ୍ଚୁ ଯୁଗଳୁ ଯେ ।
ରଙ୍ଗେ ଚକୁରଗଣେ କାନ୍ତା ଯୋଗକୁଁ ଯେ ।
ବାରୁଣୀ ପୁଷ୍ପବନ୍ତ ମଦାର ଦେଖି ଆନନ୍ଦ ହଦାଃଳକାର
ତରୁ ଦୋଳକା ଅଙ୍କ ଚତ୍ୱର କରେ ରଙ୍ଗକୁ ଯେ ।୧୦।
କିଂଶୁକ ଶୁକ ଯେ ବୃକ୍ଷେ ଥାଇ ଭ୍ରମରେ ସେହୁ ଭ୍ରମ କରାଇ
ଚୂତପଲ୍ଲବେ ସେ ଅନ୍ଧ ହୋଇ ହୋଇଁ ପତନ ଯେ ।
ଜମ୍ବୁ ବୃକ୍ଷରେ ଉଡ଼ିଣ ସେ ସେ ଜମ୍ବୁ ଗାଣକୁ ବାନ୍ଧବ ଲାଗେ
ଗଲାରେ ବୋଲି ଜମ୍ବୁକ ଗର୍ଜ୍ଜି କରି ଲେଜନ ଯେ ।

---

ପକ୍କଣବାସ-ପତର କୁଡ଼ିଆ । ସ୍ତବକ-ଫୁଲପେଣ୍ଡା । ଉଦ୍‌ଦ୍ୟୋତ-ଶସ୍ୱ ।
୯ । ଚର୍ଚ୍ଚି-ଚଳନା ଉଦ୍ଧ । ଅମ୍ଳାନ-ସତେଜ । ସ୍ଥୂଳ-ଶ୍ରେଷ୍ଠ ଶ୍ରେଷ୍ଠ ବୃଦା । ବଲ୍ମୀକମଢ-ଉଇହୁଙ୍କା । ଅଙ୍କିତ-ଚଳା । ପୁରୁହୂତ-ଇନ୍ଦ୍ର । ମତ୍ତଦ୍ୱିରଦ-ପାଗଳ ହାତୀ । ଶ୍ରେଣୀଭୂତ-ଧାଡ଼ି ଧାଡ଼ି । ସମ୍ପାକ-ସଡ଼ଶୁଆ । ଶମ୍ପା-ବିଜୁଳି ।
୧୦ । ଦାସୀ-ନୀଳବର୍ଣ୍ଣ ତାସବେରଣ୍ଡାଗଛ । ରଥାଙ୍ଗକୁଳ-ଚକ୍ରବାକ ପକ୍ଷୀଗୁଡ଼ିକ । ବାରୁଣୀ-ଅଗସ୍ତି ଗଛ । ଦୋଳକା-ଝୁଲ । ରଙ୍ଗ-କୌତୁକ ।
୧୧ କିଂଶୁକ-ପଳାଶଗଛ । ଚୂତପଲ୍ଲବେ-ଆମ୍ବ ଡାଳରେ । ଜମ୍ବୁ-ଜାମୁକୋଳି । ଜମ୍ବୁକ-ବିଲୁଆ ।

ସୁବ୍ଧି କସ୍ତୁରୀପଙ୍କେ ପଙ୍କିଳା ମଣ୍ଡି ଯେ ।
ସଙ୍ଗ ପଡ଼ି ଏମନ୍ତ କୋକିଳ ଧାମ୍ନି ଯେ ।
ଆଷାଢ଼େ କରି ଏ ରସ ଗାନ    ଭରଇ ମୁଁ ଯେ ପଞ୍ଚମଗାନ
ଏହା ଯା ଜାଣୁ ନାହାନ୍ତି ଆନ ମୋ ସୁରେଶ୍ୟନ୍ତି ଯେ ।୧୧।

ତାଳମୂଳ ସାନ୍ଦ୍ରେ ତଳ ଅବନୀ    ବୁଣିଲା ସ୍ନାପୁ ମାଣିକଚୂନି
ଖଞ୍ଜନେ ମିଳୁଛନ୍ତି ଏ ଯୋଗ କରଣେ ସ୍ନାନ ଯେ ।
ପଡ଼ି ଗୁଗ୍‌ଗୁଲ ଶାଳନର୍ଯ୍ୟାସେ    ବଂଶ ଅନଳେ ଧୂମ ପ୍ରକାଶେ
ପୁଲନ୍ଦ ଅଗ୍ନି ଦେବାର ଷାସେ ସରଘାମାନ ଯେ ।
ଉଡ଼ୁଅଛନ୍ତି ଛାଡ଼ି ମଧୁକୋଷକୁ ଯେ ।
କରି ମଣ୍ଡଳୀ କରୁଛନ୍ତି ଘୋଷକୁ ଯେ ।
ଯେଣେ ସୁବ୍ଧିଲେ ନବ ପାଟଳୀ    ଜୟନ୍ତୀ କୁରୁବକ ଶାଲ୍ମଳୀ
ସୁମ୍ପିତ କେନ୍ଦୁ ପଲ୍ଲବେ ଫୁଲ ସେନ୍ତ ଷାସକୁ ଯେ ।୧୨।

କୃଷ୍ଣମଞ୍ଜରୀଗଣ ଚରନେ    ହଂସ ସରାଳୀ କାଳନ୍ଦୀ ଭମେ
ବିହାର କରୁଛନ୍ତି ଅଗମେ ସୁମନୋରମେ ଯେ ।
ବ୍ୟାଳେ ମୃଣାଳ ବୁଦ୍ଧି କରନ୍ତି    କଙ୍କ ନକୁଳ ଯେ ନ ଧରନ୍ତି
ପକ୍ଷୀ ଗ୍ରାସ୍ୟାକୁ ଡାଳେ ଧାମନ୍ତି ବଡ଼ାଳେ ଶ୍ରମେ ଯେ ।
ଅର୍କପାଷାଣମାନେ ବସ ବନସ୍ଥିତି ଯେ ।
ବଢ଼ି ବଢ଼ି ହୋଇଣ ପଡ଼ୁଅଛନ୍ତି ଯେ ।
ମତ୍ତଗର୍ବିତ ସିଂହ ସୁଦେହ    ଚର୍ଚ୍ଚି ଅନାଇ ଜାତ ସନ୍ଦେହ
ଆରମ୍ଭି ଆସୁଛନ୍ତି କଳହ ସ୍ୱନାଦେ ଅନ୍ତ ଯେ ।୧୩।

---

୧୨ । ଶାଳନର୍ଯ୍ୟାସ-ଝୁଣା । ପୁଲନ୍ଦ-ଶବର । ସରଘାମାନ-ମହୁମାଛିସବୁ । କୁରୁବକ-କୁରୁମ । ଶାଲ୍ମଳୀ-ଶିମିଳି ।

୧୩ । କୃଷ୍ଣମଞ୍ଜରୀ-ଫୁଲବିଶେଷ । ସରାଳି-ହଂସପକ୍ଷୀ । କଙ୍କ-ଚଢ଼େଇବିଶେଷ । ନକୁଳ-ନେଉଳ । ଅର୍କପାଷାଣମାନେ-ସୂର୍ଯ୍ୟକାନ୍ତ ମଣିସବୁ । ବନସ୍ଥିତ-ବୃକ୍ଷଙ୍କର ।

ଫଳନ୍ତ ଦ୍ରାକ୍ଷାଫଳ ଅମୃତା          ସୁରକଦମ୍ବ ଗଜମୁକ୍ତା
ଅବେକ୍ଷ ନ କରିଣ ମାଡ଼ି ତା ଗମିଲେ ସୈନ୍ୟ ଯେ ।
ଏଲାନ୍ଧ ଭରଦ୍ୱାଜ ସ୍ତବରେ          ଶିବିର ପଥ କ ବନ୍ଧନରେ
ସର୍ବେ ପ୍ରଶଂସା କଲେ ତାଙ୍କରେ ଏ ବନ ଧନ୍ୟ ଯେ ।
ଅଶ୍ୱ ମୁଖଚନ୍ଦ୍ରକ ନିଶାଣବାଜେ ଯେ ।
ହେଲେ ଚକିତ ପଶୁ ଖଗଙ୍କ ଯେତେକ ଯେ ।
ଯାଉଁ ସେ ବନ ସେ ବନଧର          ମାଡ଼ି ଆସିଲ ମଣି ସାଗର
ଅତ୍ୟନ୍ତ ଲୋଳ ପତାକା ଚୀର କଲ୍ଲୋଳ ପ୍ରକଟ ଯେ ।୧୪।
କରୀ ମଣିଲେ ମକରୀ କରି          ତୁରଙ୍ଗ ଚଞ୍ଚି ଶଫରୀ ପରି
କୂର୍ମ ସୁଚର୍ମ ସୁବ୍ରମ ଫଣୀ ଉଷ୍ଣୀଷ ଫେନ ଯେ ।
କୃପାଣ ଝଁଟ ଝଁଟ ଝଁଟକ          କହର ଯନ୍ତ୍ର ରନ୍ଧ୍ର ଝଁଟକ
ଭ୍ରମପଦାତ ଭଉଁରୀ ଟିକ ବାଦ୍ୟ ଗର୍ଜ୍ଜନ ଯେ ।
ପୂର୍ବ ଏସନ ସୈନ୍ୟ ସେ ମହାରଣ୍ୟ ଯେ ।
ପଞ୍ଚକୋଶ ମଧ୍ୟରେ ରଖିଣ ସ୍ଥାନ ଯେ ।
ସଞ୍ଚରେ ଯାଇଁ ବାଡ଼ ବେଢ଼ାଇ          ଜଡରେ ବୃକ୍ଷେ ମଞ୍ଚା ବନ୍ଧାଇ
ଯନ୍ତ୍ରା ବସାଇ ତୋପ ଖୋଲାଇ ଜଗିଲେ ଜନ ଯେ ।୧୫।
ପଲାଣ୍ଡୁ ଗାବେ ଯଷ୍ଟିରେ ସ୍ଥିତି          ବନ୍ଧ ସେ ତନ୍ତୁପତ୍ର ଆକୃତି
ଚଞ୍ଚି ମର୍କତଶିଳାର କେତ୍ୟାତ ଯାଉଛି ନଭେ ଯେ ।
ଟେକ ଅଙ୍କୁ କ ଏଥିକ କର          ପିଇବ ଆଣି ସ୍ୱର୍ଣ୍ଣଧୀ ନୀର
କରଟବନ୍ତ କଟକେ ଚାଭ ପେଟକ ଶୋଭେ ଯେ ।
ଧାଙ୍କୁ ଧରି ଶବଳାମାଳା ସଦୃଶୀ ଓଯେ ।
ଜଳପ୍ରବାହ ଦାନଜଳ ବରଷି ଯେ ।
ପିପ୍ପଳ ଅଶମକୁ ସ୍ୱପ୍ରୀତ          କଣ୍ଠ ସିନ୍ଦୂରେ ଭଳକେ ଯୁତ
ଵବଶବନ୍ଧ ଯଷ୍ଟି ମାତ୍ରକ ପଞ୍ଚସ୍ୱେ ବନ୍ଦୀ ଯେ ।୧୬।

---

୧୪ । ଅମୃତା-ହରିଡ଼ା । ଏଳା-ଅଳେଇଚ । ଭରଦ୍ୱାଜଷଡ଼୍ଜ-ଭଦଭଦଳିଆ ପକ୍ଷୀର ସ୍ୱର । ବନଧର-ସୈନ୍ୟ । ଲୋଳ-ଚଞ୍ଚଳ । ଚୀର-ବସ୍ତ୍ର । କଲ୍ଲୋଳ-ଲହରୀ ।

୧୫ । ମକରୀ-ମଗର । ଶଫରୀ-ଚଣ୍ଡିକଣ୍ଟା ମାଛ । ସୁଚର୍ମ ଫଣୀ-ସୁନ୍ଦର ଚର୍ମ ଆଚ୍ଛେଦନ । ଉଷ୍ଣୀଷ-ପଗଡ଼ି । ଭ୍ରମପଦାତି-ବୁଲୁଥିବା ପାଇକ । ଘଣ୍ଟ-ଲଗାଲଗି । ଝଟାପ-ଘାତ

୧୬ । ମର୍କତଶିଳା-ମରକତମଣି ପଥର । ସ୍ୱର୍ଣ୍ଣଧୀ-ଗଙ୍ଗା । କରଟ-ହସ୍ତୀଗଣ୍ଡ । ଶବଳା-ନାନାବର୍ଣ୍ଣଯୁକ୍ତ । ଦାନଜଳ-ହସ୍ତୀର ମଦଜଳ, ବଣ୍ଟୁଳ ଜଳ । ପିପ୍ପଳ ଅଶ୍ୱତ୍ଥ ।

ସେ ଗ୍ରାବୁଁ ଗାଜ ଶବଦେ ସୃଜି — ଦେଇ ଲୁହାଟ ଟମକ ତାଳି
ଫିଙ୍ଗିଲେ ସାନ୍ଦ କୁନ୍ତ ଶାବେଳୀ ବାଣ୍ଣଲେ ଖର ଯେ ।
ପ୍ରତି ନଳରୁ ଗୁଳି ବାହାରି — ଧାଡ଼ି ଦେବାରେ ବାଜ ବଇଷି
ମାଡ଼ି ବସିଲେ ପକ୍ଷୀକି ଧରି କି ମନୋହର ଯେ ।
ଜାଲେ ପଡ଼ିଲେ ଆଣ୍ଡେଁ ପଶୁଗଣକର ଯେ ।
ଗର୍ତ୍ତେ ପଡ଼ିଲେ କେତେ କେତେ କୁଞ୍ଜର ଯେ ।
ମାରରେ ମାର ଏ ବୀର ଗିର — ପୂରିତ ହେଲା ଅମରପୁର
ସାଜିଲୁ ଅବା କହିଁ ଅସୁର ଭାବିଲେ ସୁର ଯେ ।୧୭।
ଭଲ୍ଲରେ ଭଲ ଭଲ୍ଲ ଭୂଷିଲେ — ମଲ୍ଲ ସୁଝିଲେ ଶାର୍ଦ୍ଦୂଳ କୁଳେ
ଖଡ଼୍ଗ ରେଟ ପଶ୍ୱଷ କଲେ ଖଡ଼୍ଗ ଉରେ ଯେ ।
ଶରଭ ଶରଭରେ ହାନି — ବାରଣ କଲେ ଭୁଦାର ମିଶି
ସୁଦାଢ଼ ଯମଦାଢ଼ ପ୍ରକାଶି ଅତି କୋପରେ ଯେ ।
ଗୁଡ଼ ଶଲକପଲ ଶ୍ୱାନକ୍ଷି ହିଂସେ ଯେ ।
ମଣ୍ଡି କି ଲାଲ ଝଟଣି ଖାଳାଲ ବଣେ ଯେ ।
ସର୍ବାଙ୍ଗ ରଙ୍ଗ କଲେ ଜନ ଲ — ଗଜ ବରସ୍ତ୍ର ତୁରଙ୍ଗ ନଳ
ଯୋଗରେ ଫଗୁ ପିଚକା ଖେଳ ଅତି ହରଷେ ଯେ ।୧୮।
କୁମର ଭଚ୍ଛୁଁ ମୃଗୟା ରସ — ଲକ୍ଷଣ ଜାସ ପୁଚ୍ଛେ ମହୀଶ
ଅଛୁ କୁ ନାହିଁ ମୋର ଆୟୁଷ ବୁଝ ଗାବେଶ ହେ ।
ଶଙ୍କର କର ଶଶାଙ୍କ ଉର — ବାତ ଅଶନ ଦୁର୍ଗା ପସ୍ୱର
ବହିଲ ସେହି ଦଣ୍ଡକ ଥିଇ କର୍ତ୍ତିବା କସ ଯେ ।
ସ୍ୱାମୀ କରଇ ତାର ଶିକ୍ଷାକି ସ୍ଥିର ଯେ ।
ଷଣ୍ଢ ଶବ୍ଦିଁ ଅଛୁ କଛୁ ନ ଡର ଯେ ।
ସର୍ବଜ୍ଞପଣେ ବଧି ଶିଖାଇ — କଲି କୁମର ଉଦନ୍ତ କୁହି
ଲାବଣ୍ୟବତୀ ସ୍ତମ୍ଭୁ ଯାଇ ମରାଳବର ଯେ । ୧୯ ।

---

୧୭ । ଗ୍ରାବୁଁ ଗଜଦେ-ମେଘରୂପକ ଢୋବକର ଶବ୍ଦ । ଲୁହାଟ-ହଇଡ଼ାବ । ସାନ୍ଦ-ରଥୀ । ଧାଡ଼ି-ସମ୍ମୁଖବଟରେ ଅଭିମୁଖ ଗମନ ।

୧୮ ଭଲ୍ଲ-ବର୍ଚ୍ଛା, ଭଲ୍ଲୁ । ଶାର୍ଦ୍ଦୂଳ-ବାଘ । ଖଡ୍ଗ-ଗଣ୍ଡା ଓ ଖଣ୍ଡା । ଶରଭ-ମୃଗ, ଷଣ୍ଢ ।-ଭୁଦାର-ବରାହ । ଶଲକ-ଝିଙ୍କ । ଖାଳାଲ-ବନ୍ଧମା । ତନାଲ-ଲୋକସବୁ ।

୧୯ । ପୁଚ୍ଛେ-ପଚାରେ । ମହୀଶ-ରଜା । ଶଶାଙ୍କ-ଚନ୍ଦ୍ର । ଉର-ହୃଦୟ । ବାତଅଶନ-ସର୍ପ ଅହାର ଦୁର୍ଗାପସ୍ୱର-ଦୁର୍ଗାପଦ । ମରାଳବର-ହଂସଶ୍ରେଷ୍ଠ ।

ମୃଗୟା ଶେଷ ଯୁବ ନରେଶ          ବାହୁଡ଼ି ହେଲେ ବସା ପ୍ରବେଶ
ମେଦ ବର୍ଣ୍ଣାଇ ନର୍ମଦ ଅଶେଷ ସଚିବସୁତ ଯେ ।
କୋପେ ଉତ୍ତାଳ ଗନ୍ଧମାର୍ଜାର          ବରାହ ଗଜ ମୋତ୍ତ ବ୍ୟମର
ଖଡ଼୍ଗପକ୍ଷ ଦନ୍ତ ଭୂସୁରଗଣେ ସମ୍ଭର ଯେ ।
କେ କ୍ଷି ବୈଷ୍ଣବ ଦ୍ୱିପୀ ଅଜିନ ନେଲ ଯେ ।
ଶିଶୁଲଳସୀ ଲୋକେ କରଜ ନେଇ ଯେ ।
ବଜ୍ରକବଚ ଗଣ୍ଡକ କୁର୍ଦ୍ଦି          ଲଭେ ମାହୁନ୍ତ ସଙ୍ଗତପନ୍ତ
ପଦଗ ପକ୍ଷଦାନେ ଭୃପଣ୍ଡ ବିଶେଷେ ହୋଇ ଯେ ।୨୦।
କରି-ଦଶନ ଲଭି ରଥଙ୍କେ          ଶୃଙ୍ଗ ପ୍ରଦାନ କୁନ୍ଦକାରଙ୍କେ
ଚର୍ମକାରଙ୍କୁ ଚର୍ମ ଉଷ୍ଟ୍ରଙ୍କେ ତୋଷ ହୋଇଲେ ଯେ ।
ବରାହଲୋମ ଘାଟରା ଲୋକେ          ମୃଗନାଭିକ ପାଇ ବଣିକେ
ମନ୍ତ୍ରିନନ୍ଦନ ଗୁଣ ଅଧିକେ ପ୍ରଶଂସା କଲେ ଯେ ।
ତନ୍ତ୍ରି ନଳ ଗହସ୍ର ଶହସ୍ର ବଧି ।
ପାକ ଲୋକ ନିକର କରଣ ସିଦ୍ଧି ।
ପ୍ରଭାତେ ସୈନ୍ୟ ସାଜ ଗମନ          ଶୁଭଇ ଉଠେ ନାଗସ୍ୱନ
ଶ୍ରୀରାମ ନାମ ଉପେନ୍ଦ୍ର ଭଞ୍ଜ ବ୍ୟାଧି ଔଷଧି ଯେ ।୨୧।

—*—

୨୦ । ମେଦ-ମାଂସ । ନର୍ମଦ ଭଣ୍ଡ । ଖଡ଼ଗପକ୍ଷ-ଗଣ୍ଡାପାର୍ଶ୍ୱ । ଦ୍ୱିପୀଅଜିନ-ବାଘଛାଲ । ଶିଶୁଲଳସୀ-ଚିଲ୍ ପୁଆଣୀ । କରଜ-ନଖ । ଗଣ୍ଡକ-ଗଣ୍ଡା । ପଦଗ-ପଦାତିକ ।

୨୧ । ନାଗସ୍ୱନ-ହାତୀଦାନ୍ତ । ତକ୍ଷକ-ବଢ଼େଇ ।

## ଚତୁର୍ବିଂଶ ଛାନ୍ଦର ସାରକଥା

ପୂର୍ବ ଛାନ୍ଦରେ ଚନ୍ଦ୍ରଭାନୁର ସମେଶ୍ୱର ଯାତ୍ରା ପାଇଁ ଅନୁକୂଳ ଆରମ୍ଭ ହୋଇଛି । ଏ ଛାନ୍ଦରେ ଯାତ୍ରା ପଥରେ ଚନ୍ଦ୍ରଭାନୁଙ୍କର ପାରଧିର ଏକ ଚମତ୍କାର ଚିତ୍ର ପ୍ରଦାନ କରାଯାଇଛି । ପୂର୍ବେ ରାଜପୁତ୍ରମାନେ ଉତ୍ତମ ଶିକାରୀପ୍ରିୟ ଥିଲେ ଏହି ଛାନ୍ଦ ତାହାର ଏକ ଜ୍ୱଳନ୍ତ ଉଦାହରଣ । ଆଦ୍ୟରେ ପ୍ରଭାତ ବର୍ଣ୍ଣନା, ତତ୍ପରେ ବନ, ବନର ପଶୁପକ୍ଷୀ ଏବଂ ବନରେ ରହୁଥିବା ଅନ୍ୟାନ୍ୟ ଆଦିବାସୀଙ୍କର ବର୍ଣ୍ଣନା କରାଯାଇଛି । ସବୁ ଶ୍ରେଣୀର ଚରିତ୍ର ଏବଂ ଦୃଶ୍ୟ ବର୍ଣ୍ଣନା କରିବାରେ ଭଞ୍ଜ କିପରି ଅସାଧାରଣ ଭାବରେ ଦକ୍ଷ ଥିଲେ ତାହା ଏହି ଛାନ୍ଦର ତୃତୀୟ ପଦର ଶବର ବର୍ଣ୍ଣନାରୁ ବୁଝାଯାଏ । ଯଥା—

"ଶବରପନ୍ତି କି ଭୟଙ୍କର ଯଥା ପରେତବୃନ୍ଦ କଙ୍କର
ଭୂଷା ବର୍ହି ଗୁଞ୍ଜାଫଳର ମଧୁରେ ମତ୍ତ ଯେ ।
ମସ୍ତକ ପଟ୍ଟ ଧୂଳି ଉଡ଼ାଇ ଗଲେ ସେ ପଶୁପଦ ଗୋଡ଼ାଇ
ଧମନ ଗୃହେ ଭାଣ୍ଡ ଚଢ଼ାଇ ଥାଙ୍ଗି ଗୁମ୍ଫ ଯେ ।
ବ୍ୟାଧେ କହୁଣ ନଳ ଡାଳ ତାଟୀକି ଯେ ।
ନଳଆଲରେ ଯେଉଁ ଅଠାକାଠିକ ସେ ।
ବନ୍ଧି ବାଗୁରା କେ ତହିଁ ହୁରା କହୁତ ମୃଗବାଂଶକ ଧରି
ଶାଖା ବେଷ୍ଟନେ ବନ୍ଧାଣି ଫାସ ଲଭ କୁଷ୍ଟିକ ଯେ ।୩।"

ବନର ମନୋହର ଦୃଶ୍ୟମାନଙ୍କର ବର୍ଣ୍ଣନା ପାଇଁ ୯ମ, ୧୦ମ ଓ ୧୧ଶ ପଦ ଦ୍ରଷ୍ଟବ୍ୟ ।

ଏ ଛାନ୍ଦର ଆରମ୍ଭରେ ଲାବଣ୍ୟବତୀ ପାଖକୁ ଦୂତ ପଠାଇବାର ସୂଚନା ଦିଆ ଯାଇଛି ଏବଂ ଛାନ୍ଦର ଅବଶିଷ୍ଟାଂଶ ଶିକାର ବର୍ଣ୍ଣନାରେ ବ୍ୟୟିତ ହୋଇଛି । ଶିକାରଟି ରାଜପୁତ୍ରଙ୍କର ମହତ୍ତ୍ୱ ଗୋଟିଏ ଦିଗକୁ ସୂଚିତ କରାଏ । ବର୍ଣ୍ଣନା ଶୈଳୀ ଭିନ୍ନ ଏ ଛାନ୍ଦରେ ଅନ୍ୟ କୌଣସି ବିଶେଷତ୍ୱ ନାହିଁ ।

# ପଞ୍ଚବିଂଶ ଛାନ୍ଦ

( ଲାବଣ୍ୟବତୀର ପତ୍ର ପାଠ ଓ ଉତ୍ତର ପ୍ରଦାନ )

ରାଗ—ଘଣ୍ଟାରବ

ଫାଲ୍‌ଗୁନ ଶୋଭା ପ୍ରକାଶି ଶିଶିରେ ବସନ୍ତ ମିଶି
ବାଳବାମାତନୁ ସୀମାକୁ ଅଶ୍ଳେଷ ଯୌବନ କଲା କି ଆସି ।୧।
କୁଚ୍‌ସ୍ଥି ରେଣୁ ବିହାର କ୍ରମେ କ୍ରମେ ହେଲା ଦୂର
ନୂତନ ସ୍ତବକ ସ୍ତନ ଅଙ୍କୁରିଲା ପିକବାଣୀ କି ମଧୁର ।୨।
କାନ୍ତି କେତକୀ ମାଧୁରୀ ଭଅଁରୀ କରଜ ପରି
ଡୋଳା ଚଞ୍ଚରୀକେ ଚଞ୍ଚଳ ଚକ୍ଷୁରେ ଆଶିଲା ବିଶେଷ କରି ।୩।
କାମେ ଭସ୍ମ ଉଡ଼ାଇ ଗୁଳ୍ମାରେ ଉତ୍ଫୁଲ୍ଲ ହୋଇ
ଦର ବିକଶିତ ମଲ୍ଲୀ ମୃଦୁହାସ ପଲ୍ଲବ ଓଷ୍ଠ ଦେଖାଇ ।୪।
ଏକାଳେ ସିଂହଳ ଈଶ ମତ୍ତ କରି ଅତି ତୋଷ
ବୋଇତେ ଗୃଳଦେଲେ ଅନ୍ତଃପୁରସ୍ଥ ରାମେଶ୍ୱରଦେବ ପାଶ ।୫।
ସେ ମହାପତ୍ର କୁମାରୀ ପାରାବାର ହେଉଁ ପାରି
କି କରିବ ମୂର୍ଚ୍ଛି ନ ଗଲା ଏହି ଚିନ୍ତା ସଙ୍ଗସଖୀଙ୍କି ଉଚ୍ଚରି ।୬।
ଏତେକ ନଗର ଦୂର ହୁଡେ ସେ ନାଗରବର
ସୁବାମଣି ଅବା ଭଜେ ନ କରିବେ ସରିଲା ସଂସାର ମୋର ।୭।
ମୁଁ ଯେ ରଜସୁତା ହୋଇ ଦୁର୍ଲଭେ ମନ ବଳାଇ
ଆକାଶ ପ୍ରକାଶ ଚନ୍ଦ୍ର ଧରିବାକୁ ନିଃଶ୍ରେଣୀ କାହିଁ ଖୋଜଇ ।୮।
ଏମନ୍ତ ବିଚାର ବେଳେ କାମକଳା ଆସି ମିଳେ
ବୋଇଲେ ଦୀର୍ଘକେଶୀ ଏ ଯାତ୍ରା ଭିଆଣ ତୋର ବିହେବା ଛଳେ ।୯।

---

୧ । ବାଳବାମାତନୁ-ସ୍ତ୍ରୀଶିଶୁର ଦେହ । ଅଶ୍ଳେଷ-ଆଲିଙ୍ଗନ ।
୨ । ରେଣୁ-ସୂକ୍ଷ୍ମାଂଶ । ବିହାର-କ୍ରୀଡ଼ା, ଭ୍ରମଣ । ସ୍ତବକ-ଶ୍ରେଣୀ ।
୩ । ଚଞ୍ଚରୀକ-ଭଅଁର ।
୫ । ଗୃଳଦେଲେ-ପଠାଇ ଦେଲେ । ଅନ୍ତଃପୁରସ୍ଥ-ସ୍ତ୍ରୀମହଲର ସ୍ତ୍ରୀ ।
୬ । ପାରାବାର-ସମୁଦ୍ର ।
୭ । ହୁଡ଼େ-ଦ୍ୱିଧାସ୍ତରେ । ସୁବାମଣି-ସୁନ୍ଦରରତ୍ନ ।
୮ । ଦୁର୍ଲଭ-ଯାହା ସହଜରେ ମିଳେ ନାହିଁ । ନିଃଶ୍ରେଣୀ-ସିଡ଼ି ।
୯ । ଦୀର୍ଘକେଶୀ-ଲମ୍ବାକେଶ ବିଶିଷ୍ଟା ସୁନ୍ଦରୀ । ଯାତ୍ରା-ଯାତ, ଗମନ । ଭିଆଣ-ନିର୍ମାଣ ।

ପୂର୍ବିଲୁ କାମନା ତୋର — କରିବୁ ମନକୁ ବର
ଚନ୍ଦ୍ରାନନା ଜନନୀ ଡାକ ମୋତେ କହୁଥିଲେ ଏ ଉତ୍ତର । ୧୦ ।
ଗଲା ପ୍ରତିବନ୍ଧ ସବୁ — ଆଜ କି ଚିନ୍ତାର୍ଥୀ ହେବୁ
ବାଳା ଗୁମ୍ଫେ ମାଳା ଦେଲେ ପୁଂସବାହୁ ଗଳାକୁ ମାଳକରିବୁ । ୧୧ ।
ଏକାଳେ ବୋହିତ ବେଳା — ଲଭିଲୁ ଆରୋହି ଦୋଳା
ଯିବାକାଳେ ବ୍ରହ୍ମବୃକ୍ଷ ସହଚରୀ ହସ୍ତରେ ପତ୍ରିକା ଦେଲୁ । ୧୨ ।
ଦ୍ରବ୍ୟ ମଧ୍ୟରେ ଉଭୁରି — ପଲ୍ୟଙ୍କେ ବସୁ ଚତୁରୀ
ଦ୍ୱିରଦଗମନା କରେ ସେ ଉଦନ୍ତ ଦେଲୁ ଯେ ହେମମଞ୍ଜରୀ । ୧୩ ।
ଦେଖିଲୁ ପଦ୍ମ ମଧ୍ୟର — ଲେଖିଲୁ କାଳୀ ଅକ୍ଷର
ପାରିନ୍ଦ୍ରମଧ୍ୟା ପତ୍ରର ନ ପାରିଲୁ ନ ଆସିବା ଆସିବାର । ୧୪ ।
ଏ ପାଞ୍ଚ ଦେଲୁ ପକାଇ — କାତର ଅନ୍ତର ହୋଇ
ବହୁତ ଦିନ ନଳିନ ହୋଇଥିଲେ ମଳିନତା ଥାନ୍ତା ପାଇ । ୧୫ ।
ଅବନୀ ଶିରୀ ସୁନ୍ଦରୀ — ଈଶ୍ୱରୀ ନବ କିଶୋରୀ
ଲୀଳାବିଳାସୀ ଭୃତ୍ୟ ଚିତ୍ତଉଲ୍ଲାସୀ ନାଗରୀ ସଂସାର ଶିରୀ । ୧୬ ।
ଆନନ୍ଦଦାୟିନୀ କାମେ — ଜ୍ଞାନହାରିଣୀ ତା ବାମେ
କୁନ୍ଦ ସୁନ୍ଦର ରଦନାକୁ ଚଉଦ ବ୍ରହ୍ମାଣ୍ଡରେ ନାହିଁ ସମେ । ୧୭ ।
ତୋଷ ରାଜହଂସ ଚିତ୍ତ — ରହୁଥିଲେ ଯହିଁ ସତ
ଜାଣୁ ଜାଣୁ ମଣି ମାନସରୋବରେ ବରଷାରେ ଉପଗତ । ୧୮ ।
ହାଟକକଙ୍କଟକ ଦେହା — ଇନ୍ଦୁହାସୀ ଗୁରୁସ୍ନେହା
ଗୁଡ଼ିକ ଗୁମାନ ମାନସୁଁ ମଦନ କୁ ହୋଇଲକ୍ଷଣି ସାହା । ୧୯ ।

---

୧୧ । ପ୍ରତିବନ୍ଧ-ବାଧା । ପୁଂସ-ପୁରୁଷ ।
୧୨ । ବେଳା-ସମୁଦ୍ରତଟ । ଦୋଳା-ପାନ ।
୧୩ । ଦ୍ୱିରଦ-ହାତୀ ।
୧୪ । ପାରିନ୍ଦ୍ରମଧ୍ୟା-ସିଂହକଟି ସଦୃଶ ସରୁଅଣ୍ଟା ।
୧୫ । ପାଞ୍ଚ-ବିଚାର ।
୧୬ । ଅବନୀ ଶିରୀ ସୁନ୍ଦରୀ-ପୃଥିବୀର ସୁନ୍ଦରୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ।
୧୯ । ହାଟକ କଙ୍କଟ-ସୁନାପରି ଚକଚକ । ଇନ୍ଦୁହାସୀ-ଚନ୍ଦ୍ରହାସୀ । ଗୁରୁସ୍ନେହା-ଅଧିକ ସ୍ନେହଶୀଳା । ଗୁମାନ-ଅଭିମାନ ।

ତାରକାଶୋଭି ବାଳାକୁ          ହାର କରିବ ଗଳା'କୁ
କରୁଛି ମନେ ଗୁଣବନ୍ତମାଳିକା ରଚନ ରସକଳାକୁ । ୨୦ ।
ରଘୁନାଥଙ୍କୁ ଜଣାଇ          ଏବେ ପଡ଼ିଦେଲ ଗ୍ରନ୍ଥି
ଅନ୍ତରଲିପିରେ କି ମନର ଏଥି ରସିକ ଅଛି କି ଲିଖି । ୨୧ ।
"ଅଇଲ ଆଜ୍ଞାକୁ ତୋଳ          ଯାହା ଇଚ୍ଛା ତାହା କର"
ପାଦୁଁ ପାଦୁଁ ବର୍ଣ୍ଣେ ବର୍ଣ୍ଣେ ସେନ ହେଲ ସଦନଗଦନା ଜର୍ଜ୍ଜର । ୨୨ ।
ସଖୀଙ୍କି ଜଣାଇ ଦେଲ          ଛଟାଭ ରଚନା କଲ
ଚତୁରା ଗୁରୁଚେଟିମା ଜଣେ ଘେନି ଶିବ ମନ୍ଦରକୁ ଗଲ । ୨୩ ।
ଏକାଳେ କୁମରବର          ପ୍ରବେଶ ପ୍ରାସାଦ ଦ୍ୱାର
ଗ୍ରନ୍ଥି ଶଙ୍ଖରଇ ମେରୁ ଏ ଉରଜ ଗଣ ଧବଳତାର । ୨୪ ।
ମନ୍ଦାକିନୀଧାର ହାର          ଶୋଭା କରୁଛି ଅମ୍ବର
ବସନ ଶରତଚନ୍ଦ୍ରାଲେପ ଉଜ୍ଜ୍ୱଳ ଦରଶନେ ମନୋହର । ୨୫ ।
ତହୁଁ ଭିତରକୁ ଗଲ          ହର ଦରଶନ କଲ
ଚମ୍ପାଗୋଷ୍ଠ ଅନୁକମ୍ପା କରିବାକୁ କେତେ ଚମ୍ପା ଚଢ଼ାଇଲ । ୨୬ ।
କୁମର ତହୁଁ ବାହାରି          ଆଗେ ଅଛି ବ୍ରହ୍ମବଶୀ
ଉମା ଦରଶନେ ବାଳାବାମା ଦେଲ କେତେକ ପ୍ରସାଦ କରି । ୨୭ ।
ଘେନଲ ହୃଦେ ଲଗାଇ          ମୁଦେ ଅକ୍ଷରକୁ ଗ୍ରନ୍ଥି
ଉଲ୍ଲସି ହୋଇ ଉଠିଲ ଲୋମ ତାର ଏତିକ ହୋଇଲ କନ୍ଥି । ୨୮ ।

---

୨୦ । ତାରକାଶୋଭି-ଚନ୍ଦ୍ର ।
୨୨ । ପାଦୁଁ ପାଦୁଁ-ପ୍ରତିପଦର ଆରମ୍ଭରୁ । ବର୍ଣ୍ଣେ ବର୍ଣ୍ଣେ-ଅକ୍ଷରେ ଅକ୍ଷରେ ।
୧୫, ୧୬, ୧୭, ୧୮, ୧୯, ୨୦ ଓ ୨୧ ପଦର ପ୍ରାରମ୍ଭରେ ଅନ୍ତର୍ଲିପି ଛାନ୍ଦରେ "ଅଇଲ ଆଜ୍ଞାକୁ ତୋଳ, ଯାହା ଇଚ୍ଛା ତାହା କର" ଏହିକଥା ଲେଖା ହୋଇଛି ।
୨୩ । ଚେଟିକା-ଦାସୀ ;
୨୪ । ପ୍ରାସାଦ-ମନ୍ଦିର ।
୨୫ । ମନ୍ଦାକିନୀ-ଗଙ୍ଗା । ଅମ୍ବର-ବସ୍ତ୍ର । ଚନ୍ଦ୍ରାଲେପ-କର୍ପୂର ବିଲେପନ ।
୨୬ । ଅନୁକମ୍ପା-ଦୟା ।
୨୭ । ବାଳାବାମା-ଦାସୀ । ପ୍ରସାଦ-ଅନୁଗ୍ରହ ।

ଶ୍ରୀକଣ୍ଠ ଅନ୍ଧକଘାତୀ    ଗଙ୍ଗାଧର ମୁକ୍ତାକାନ୍ତି
ଶଙ୍କର ଖଟ୍ୱାଙ୍ଗ ଲୁବ୍ଧ ଉମାରସେ ଛନ୍ଦେ-ଶମ୍ଭୁଭୂଷାପ୍ରୀତି । ୨୯ ।
ଅଛୁ ପଦ କରେ ଧରି    ମଣ୍ଡିଲା କରି ଅମାରି
ଶିଶୁ ଅଙ୍ଗନା ସେହିଠାରୁ ବାହୁଡ଼ି ପରବେଶ ଅନ୍ତଃପୁରୀ । ୩୦ ।
ଲେଖି ବାଧି ଦେବା ତର୍କି    ସମସ୍ତ ସଖୀଙ୍କି କହି
ପଦ ପାଇବାରୁ ଯେମନ୍ତ ବୋଇଲା ପୁଲକାଇ ଦେଇ ଦେହି । ୩୧ ।
କେ ବୋଲେ ସୁବର୍ଣ୍ଣ ବର୍ଣ୍ଣି    ମାରି ଥିବ ତନୁ ଦହି
ସେ ତାପ ହରଣେ ହରନାମମାନ ବକ୍ଷେପରେ ହେଲା କହି । ୩୨ ।
କେ ବୋଇଲା ଏଥେ ଅଛି    ଶ୍ରୀଅଙ୍ଗ ମୁଁ ସଙ୍ଖୋଳୁଛି
ସମସ୍ତେ ଶୁଣିଲେ ଏହି ଭାଷା ତାର ରସାନୁଭବୀ ହୋଇଛି । ୩୩ ।
ଭାଗ୍ୟେ ଆମ୍ଭ କୋମଳାଙ୍ଗୀ    ହୋଇଛି ତା ପ୍ରାଣସଙ୍ଗୀ
କୋପ କଲାବେଳେ କୋପନା ନାମରେ କହୁଥିବ ଦେଇ ଭଙ୍ଗୀ । ୩୪ ।
ଏମନ୍ତେ ନୃପ ନନ୍ଦନ    ପ୍ରବେଶ କେଶର ବନ
ମଣ୍ଡନ କରି ମଣ୍ଡପ ବେଢନେ ବାଳା ପଦ ପଢ଼ି ପୁନଃ ପୁନଃ । ୩୫ ।
ହେ ପ୍ରଶ୍ନେ ଆମ୍ଭ ସଜଣି    ସୁନ୍ଦରି ରାକା ରଜଣି
ଏ ପୁରି ଆକାଶ ପ୍ରକାଶ ଲଭିଲା ତୁମ୍ଭେ ଚନ୍ଦ୍ର ହେବା ଯୋଗ । ୩୬ ।
ହୃଦକୁମୁଦ ଏହାରି    ଆଗୁଁ ତ ଉତ୍ଫୁଲ୍ଲକରି
ଏ ନିଶା ଲୋଚନ ଚକୋର ତୃଷାକୁ ବିଲମ୍ବ ନ କରି ହର । ୩୭ ।
ବିଧାତା ବିଧାନ ଏହି    ଶ୍ୟାମା ଭାବନା କରଇ
ସଙ୍ଗେ ସଙ୍ଗେ ତୁମ୍ଭେ ନଗରତରମ ନଗକୁ ମଣ୍ଡିବ ଯାଇ । ୩୮ ।

---

୨୯ । ଶ୍ରୀକଣ୍ଠ, ଅନ୍ଧକଘାତୀ, ଗଙ୍ଗାଧର, ଶଙ୍କର ଓ ଖଟ୍ୱାଙ୍ଗ—ଏଗୁଡ଼ିକ ମହାଦେବଙ୍କର ନାମ । ମୁକ୍ତାକାନ୍ତି—ମୁକ୍ତା ଭଳି ବର୍ଣ୍ଣ । (ଖଟ୍ୱାଙ୍ଗ-ଧ୍ୟାନକାଳୀନ ଅବଲମ୍ବନାର୍ଥ କାଷ୍ଠଦଣ୍ଡ) । ଲୁବ୍ଧ-ଲୋଭୀ ।

୩୦ । ଶିଶୁ ଅଙ୍ଗନା-ଦାସୀ ।

୩୩ । ସଙ୍ଖୋଳୁଛି-ଆଶ୍ୱାସନା ଓ ସ୍ୱାଗତ ସମ୍ଭାଷଣ । ରସାନୁଭବୀ-ରସବୋଧ ।

୩୪ । କୋପନା-ସ୍ତ୍ରୀ, ରାଗ କରନା । ଭଙ୍ଗୀ-କଥାର ଗୁରୁତ୍ୱ, ଅଙ୍ଗଭଙ୍ଗୀର ହାବଭାବ ।

୩୬ । ରାକା-ପୂର୍ଣ୍ଣିମା ।

୩୭ । ଉତ୍ଫୁଲ୍ଲକର-ଆନନ୍ଦର ପ୍ରାବଲ୍ୟ ହେତୁ ଉଚ୍ଛ୍ୱସିତ ।

୩୮ । ନଗରତରମ-ନଗରର ଶେଷସୀମା । ନଗ-ପର୍ବତ, ବୃକ୍ଷ ।

ପଢ଼ି କର କର ହୋଇ　　ବୋଇଲା ମିତ୍ରଙ୍କୁ ଚାହିଁ
କେମନ୍ତ ସନ୍ଦର୍ଭ ରସଗର୍ଭିତ ବାଳାମଣିଠାରେ ଥାଇ ।୩୯।
ଚତୁରପଣରେ ଦେଖ　　ସଖୀଏ ସୁନ୍ଦର ଯୋଖ
ଏଥି ଭୃଙ୍ଗ ସଙ୍ଗ ଦୁର୍ଲ୍ଲଭ ବୋଲିଛି ଲେଖିଲେ କେତକୀ ଲେଖ ।୪୦।
ସଖା କହେ ଶଙ୍କା ଏତେ　　କରନ୍ତି ତାତ ସମ୍ମତେ
ଶୁକ ପକ୍ଷରୁ ସାକ୍ଷାତ ହୋଇବାକୁ କେଉଁ ସ୍ଥାନରେ କେମନ୍ତେ ।୪୧।
ବାମେ ବାମାବର ସ୍ଥିତି　　ଦକ୍ଷିଣେ ଲକ୍ଷ୍ମଣ ଯତି
ମଧ୍ୟେ ଭଜେ ଯେଉଁ ଶ୍ୟାମଳ ସୁନ୍ଦର ତାଙ୍କୁ ଉପଇନ୍ଦ୍ର ଚିନ୍ତି ।୪୨।

—*—

## ପଞ୍ଚତ୍ରିଂଶ ଛାନ୍ଦର ସାରକଥା

ଏ ଛାନ୍ଦରେ ଚନ୍ଦ୍ରଭାନୁ ପଠାଇଥିବା ଚିଠି ଲାବଣ୍ୟବତୀର ହସ୍ତଗତ ହୋଇଛି । ଏ ପତ୍ରଟି ଅନ୍ତର୍ଲିପି ନାମକ ଏକପ୍ରକାର ଶବ୍ଦାଳଙ୍କାରରେ ଗୂଢ଼ାର୍ଥପୂର୍ଣ୍ଣ ଭାବରେ ଲେଖା ହୋଇଛି । ୧୬ ଠାରୁ ୨୦ ପର୍ଯ୍ୟନ୍ତ ପାଞ୍ଚୋଟି ପଦର ପ୍ରତ୍ୟେକ ପାଦର ପ୍ରଥମ ଅକ୍ଷରକୁ ମିଳାଇଲେ "ଅଇଲ ଅଣ୍ଣଲୁ ତୋର ଯାହା ଇଚ୍ଛା ତାହା କର" ପଦଟି ବାହାରୁଛି । ଏହା ଚନ୍ଦ୍ରଭାନୁର ଅନ୍ତର ବାଣୀ । ଏ ଚିଠି ଲାବଣ୍ୟବତୀ ପାଇସାରି ଗୋଟିଏ ଦାସୀ ହାତରେ ଚନ୍ଦ୍ରଭାନୁ ପାଖକୁ ପ୍ରତ୍ୟୁତ୍ତର ପତ୍ର ଲେଖି ପଠାଇଲା ।

ଶେଷରେ ନାୟକ ଶିବ ମନ୍ଦିରରେ ପହଞ୍ଚିବା ବିଷୟ ବର୍ଣ୍ଣନା କରି ଯାଇଛି ଏବଂ ଲାବଣ୍ୟବତୀର ପ୍ରତ୍ୟୁତ୍ତର ପତ୍ର ପାଇବାର କଥା ଚନ୍ଦ୍ରଭାନୁ ପାଇଛି । ଛାନ୍ଦ ଶେଷରେ—

"ସଖା କହେ ଶଙ୍କା ଏତେ । କରନ୍ତି ତାତ ସମ୍ମତେ ।
ଶୁକ ପକ୍ଷରେ ସାକ୍ଷାତ ହୋଇବାକୁ କେଉଁ ସ୍ଥାନରେ କେମନ୍ତେ ॥"

ପଦଦ୍ୱାରା ପାଠକର ଭବିଷ୍ୟତ ମିଳନ ବିଷୟ ଜାଣିବା ପାଇଁ ଉତ୍କଣ୍ଠା ଜାଗ୍ରତ ହେଉଛି । ଏହା ଏକପ୍ରକାର କାବ୍ୟ ବର୍ଣ୍ଣନାର ଚାତୁରୀ ।

---

୩୯ । ସନ୍ଦର୍ଭ-ରଚନା, ପ୍ରବନ୍ଧ । ରସଗର୍ଭ-ରସପୂର୍ଣ୍ଣ ।

# ଷଡ଼ବିଂଶ ଛାନ୍ଦ

(ଚନ୍ଦ୍ରଭାନୁଙ୍କର ସ୍ତ୍ରୀବେଶରେ ସାକ୍ଷାତ ଓ ସିଂହଳ ମନ୍ତ୍ରୀସହ ଉତ୍ସବସ୍ଥାନକୁ ଗମନ)

ରାଗ—ଚିନ୍ତା ଦେଶାକ୍ଷ

ପଙ୍କଜ ବଦନ ଲୁଚେ କଜ୍ଜ୍ୱଳ ଜଳେ—ବାଣୀ

ମେଧାବିନୀ ଶୁଣି ଗତ ଅନ୍ତଃପୁରକ । ଭେଟିଲା ରାଜକୁମାରୀ ସୁକୁମାରୀକ ।୧
ପକ୍ଷରିଲା ପ୍ରିୟ ସହଚରୀଙ୍କ ଚର୍ଚ୍ଚି । ସାକ୍ଷାତ ଦର୍ଶନ ହେବ କେମନ୍ତ ହୋଇ
ବସୁରି ମନ୍ତ୍ରୀନନ୍ଦନା କଲା ଉତ୍ତର । ନାରୀବେଶ ଧରିବେ ମଦନ ସୁନ୍ଦର ।୩
ନାରୀବେଶ ହୋଇ ଏତେମାତ୍ର କରିବେ । ଚିକୁରେ ସେ କୋମଳ ବାଳକୁ ବାନ୍ଧିବେ
ମାଳନଗ୍ରେଳ ଓଢ଼ିଣ ଥିବେ ସର୍ବାଙ୍ଗେ । ଗୁଳିବେ ବାମଚରଣ ଗୁଳିଲେ ଆଗେ ।
ମଞ୍ଜୁ ମଞ୍ଜିରେ ଖଞ୍ଜିବେ ସୁରଙ୍ଗ ପାଦେ । ହାଃସ୍ରେ ହେବ ନାରୀଭ୍ରମ ଏତେକ ଭେଦେ
ଚନ୍ଦ୍ରବଦନ୍ କାମିନୀବୃନ୍ଦରେ ମିଶି । ହେଜଥିବେ ପିବାହେଳକୁ ପଶି ।୭
ଜେମା ଦରଶନବେଳେ ସମା ମାତର । ପରିଥିବେ ସିନା ସେ ପ୍ରସାଦ ଭର୍ତ୍ତର ।
ସ୍ୱରୂପେ ଆମ୍ଭଙ୍କୁ ଦେଖା ଦେଇ ଛାଡ଼ିବେ । ଆସିବା ବେଳକୁ ଏହି ବିଧି କରିବେ ।
ନୀର ଛାଡ଼େ ଯାହା ବୋଲେ ଜୀବନଦେବ । ନାରୀବେଶେ କମ୍ପା ଅଙ୍ଗୀକାର ହୋଇବ
ତରୁଣୀମଣି ତରୁଣୀ ହୋଇବ ତେବେ । ପୁରୁଷ ହୋଇ ଶୁଝିବ ଛାଡ଼େ ସ୍ୱଭାବେ ।
ବୀଣାଭାଷୀ କଣା ସିନା ତରୁଣବର । ତାହା ଉଣା ଅଧିକେ କରୁଣା ଏହାର ।
ରାମନାମ କବଚରେ କବଚ ଦେଇ । ଫୁଲବାଣ ବାଣଗଣ ସେ ପୁଣ ସହି ।
ବାତ୍ସ୍ୟାୟନ ଋଷି ଅନୁଷ୍ଟୁପ ଛନ୍ଦରେ । ରଚି ସାଜ ମହାଦେବ ଦେବତା କରେ
ବୋଲେ ମୁଖ ରଖ ଚନ୍ଦ୍ରଜିତ ବଦନା । ତରଙ୍ଗନେତ୍ରୀ ମୋ ନେତ୍ର ସମ୍ମତି ସିନା
କୋକିଳବଚନ୍ଲୁ ପଦେ ଶ୍ରବଣ ଛୁଇଁ । ଅଧର ଧରି ଅରୁଣାଧରୀ ବୋଲଇ ।୧୬
କମ୍ବୁକଣ୍ଠୀ ମୋର କଣ୍ଠମାଳ ର କର । ବୋଲି କଣ୍ଠ ଛୁଇଁଦେଇ ଭାବ କେମନ୍ତ ।
ନାସିକାକୁ ବୋଲେ ଅଙ୍ଗ ତୋଷିବା ତୋର । ରସରାଜ ପୁରବାସୀ ରସିକାବର ।୧୮

---

୧ । ମେଧାବିନୀ-ବୁଦ୍ଧିମତୀ ।
୫ । ମାଳନଗ୍ରେଳ-ନେଳିଆ ଲୁଗା । ଓଢ଼ିଣଥିବେ—ଘୋଡ଼ାଇ ହୋଇଥିବେ । ଗୁଳିବେ—ବଢ଼ାଇବେ ।
୬ । ମଞ୍ଜୁ ମଞ୍ଜୀର-ସୁନ୍ଦର ଚରଣାଭରଣ । ହାସ୍ରେ-ହାସ୍ୟ ।
୧୧ । ତରୁଣୀମଣି-ସ୍ତ୍ରୀରତ୍ନ ।
୧୪ । ବାତ୍ସ୍ୟାୟନ ଋଷି-କାମଶାସ୍ତ୍ର ପ୍ରଣେତା ମୁନି ।

ହୃଦସ୍ଥରେ କଲ ଲଜ୍ଜା ଉଦୟ କରି । ଶାରଜକଣ୍ଠି ଭରଜ ରକ୍ଷା ତୋହର ।୧୯
ମଧ୍ୟେ ସିଂହମଧ୍ୟମା ରମ୍ଭୋରୁ ଊରୁରେ । ଭୁଜେ ବିସଭୁଜ ଧନୁଭ୍ରୂ ଭ୍ରୂରେ ।।
ଉଦରେ କୃଶଉଦରୀ ପଦ କହଇ । ପକ୍ଷି ଜନ୍ତୁ ସିନା କେତେ କହିବ ମୁହିଁ ।।
ମନ୍ତ୍ରୀଜା ବୋଇଲା ସେ ପୁରୁଷ ଭ୍ରମର । ଅଧିକ ହେଲା ଏମନ୍ତ ହେବା ତାଙ୍କର ।।
ମାଳତୀ ବିକାଶ ଏହା ଭ୍ରମରୀ ପାଇଁ । ଆମ୍ଭ ସଖୀ ବେଦନା କି ହୋଇବ କହି
ଚିନ୍ତିବ ଶେଯରେ ଶୁଆଇବା ବେଳରେ । ସନାଳ କମଳ ଦେଉଁ ହୃଦସ୍ଥଳରେ ।।
ବୋଲଇ କୁହଇ ଆନ ବସ୍ତୁରୁ ବଳି । ମଙ୍ଗଳ ଗ୍ରହ ସର୍ବଦା ଶୁଭଦ ନୋହି ।୨୫
ତପସ୍ୟା କି କେବେ ହୋଇଅଛି ବିଫଳ । ଉପସ୍କର ସୁବାହୁ ସନାଳ କମଳ ।୨୬
ସବୁ ଉପସ୍କର ଏହି ପ୍ରକାରେ ବ୍ୟର୍ଥ । ଏ ତାପ ନାଶନେ ଏକା ତାର ସମର୍ଥ ।।
ଆଜ ରଜନୀରେ କରାଇବୁଁ ସାକ୍ଷାତ । ଏତେବେଳଯାଏ ଥିଲା ଆମ୍ଭ ଅଶ୍ରୁତ ।୨୮
ଏଣିକି ଏଣୀନୟନା କରମେ ଯାହା । ଧାତା ଲେଖିଥିବ ଭୋଗ କରିବ ତାହା ।।
ଶୁକ ବୋଇଲା ସୁକର୍ମବନ୍ତ ଏ ବେନି । ଦେଖ ତାର ସନମତ ହେବ ଏ ଯେନି ।।
ଏତେ କହି ଫଳାଶନ ମେଲାଣି ହେଲା । କୁମାର ସମ୍ମୁଖେ ଯାଇଁ ସବୁ କହିଲା ।୩୧
ସିଂହଳେଶ୍ୱର ମନ୍ତ୍ରୀକି ପ୍ରେଷିତ କଲେ । ସେ ଆସି ଯୁବା ନରେଶ ଘେନିଣ ଗଲେ
ରାଜା ସଙ୍ଗେ ସଙ୍ଗ ହୋଇ ସୁନ୍ଦରଈଶ । ପ୍ରାସାଦେ ଉତ୍ସବସ୍ଥାନେ ହେଲେ ପ୍ରବେଶ
ନୃପତିସମୂହ ପୁଞ୍ଜୀଭୂତ ସେଠାର । ଚୋଳ କୁନ୍ତଳ କେରଳ ମହ୍ଲାର ।୩୪
ମତ୍ସ୍ୟ କଚ୍ଛ ଡାହାଳ କୁଶଳ ଚେଦିଙ୍କ । ବିଦେହ ବିଦର୍ଭ ଅଙ୍ଗ ବଙ୍ଗ କଳିଙ୍ଗ ।।
ମଗଧ ନିଷେଧ ମହାରାଷ୍ଟ୍ର ଶ୍ରୀହଟ୍ଟ । ଗୁଜୁରାଟ ଅବନ୍ତୀ ମାଳବ ସୌରାଷ୍ଟ୍ର ।୩୬
କାମ୍ବୋଜ ଲାହୁର ଚେଦ ଭୋଟ ଦ୍ରାବିଡ଼ । ମଲ୍ଲ ନେପାଳ ଉତ୍କଳ ଲୋମଶ ଗୌଡ଼ ।।
ରାଜାଏ ତାଙ୍କୁ ଦେଖି କଲେ ପ୍ରଶଂସା । ଛାଡ଼ିଲେ ଲାବଣ୍ୟବତୀ ଲଭିବା ଆଶା ।।
ଯେମନ୍ତ ଉତ୍ସବ ହୋଇଅଛି ସେ ସ୍ଥାନ । ନାହିଁ ନଥିବ ନୋହିବ ଏ ଅନୁମାନ ।।

---

୧୯ । ଶାରଜକଣ୍ଠି ହରିଜ-ସ୍ଥିତରେ ଜାତ ହୋଇଥିବା ପଦ୍ମକଣ୍ଠ ସଦୃଶ ଦ୍ୟୁତି ।

୨୦ । ସିଂହମଧ୍ୟମା-ସିଂହ କଟୀ । ବିସଭୁଜ-ପଦନାଡ଼ । ଧନୁଭ୍ରୂ-ଧନୁପରି ବଙ୍କା ଆଖିର ପତା ।

୨୪ । ସନାଳ କମଳ-ନାଡ଼ସହ ଲାଗିଥିବା ପଦ୍ମଫୁଲ ।

୨୬ । ଉପସ୍କର-ସେବାଦ୍ରବ୍ୟ । ସୁବାହୁ-ଉତ୍ତମ ଭୁଜ ।

୨୭ । ତାପ-ଯାତନା, କ୍ଳେଶ ।

୩୧ । ଫଳାଶନ-ଶୁକ ।

ତମୋନୁଦ ପ୍ରଦୋଷର ଗଣନା ନାହିଁ । ଚନ୍ଦ୍ର ଉଦୟ ଆ ପ୍ରକାଶ ବିଶେଷ ତହିଁ ।୪୦
ସ୍ନେହ ଆଲୋକରେ ଅବା ତାମସୀ ନାଶି । ଗୃହସ୍ଥ ସକଳ ସବୁ ପ୍ରକାରେ ହସି ॥
ବାଣଗଣ କରଣରେ ଶୋଭିତ ତାସ । ବଧୂଙ୍କୁ ଖୋଜନ୍ତି ଯୁବ ଜଣବେ ସସ ॥
ମୁଖର ମୁଖରବରେ ଲେପେ ସାଗର । କେଉଁ ସିନ୍ଧୁ ଜଳ କ ପ୍ରକମ୍ପ ସଂସାର ॥
ଭୂରିନାଦେ ଲଙ୍କା ପୁରବାସୀ ଆତୁର । ତଡ଼େ କରି ହନୁମନ୍ତ ରଡ଼ି ପ୍ରକାର ।୪୪
ସଜସୂତ୍ର ଯାତ ସଙ୍ଗ ପରି ସେଠାର । ଜନଗହଳରେ ହୋଇଅଛି ସୁନ୍ଦର ।୪୫
ନଟ କରେ ନାଟ ନଟ ହଟ କରଇ । ସ୍ୱଟଠାରୁ ପାଟଶାଟୀ କଉଟ ପାଇ ।୪୬
ଘାଟ ଜବରୁ ପଟଳେ କହନ୍ତି ଯାଉଁ । ସାଧୁ ବଧୂଶେଖରଙ୍କୁ କରନ୍ତି ସ୍ତୁତି ।୪୭
ଥୋଣ୍ଟେ ଖଣ୍ଡେ ପରକଟ ନକଟ ହୋଇ । କଳକଣ୍ଠି କଣ୍ଠି କରେ ନଏ ଛନ୍ଦାଇ ॥
ନଟ ବଟପୀଙ୍କି ନେହାନ୍ତରେ ଠାରନ୍ତି । ଗଣିକାଙ୍କୁ ଧନିଏ ସୁବର୍ଣ୍ଣ ଦେଖାନ୍ତି ।୪୯
ଦୁଷ୍ଟଜନବ୍ୟୂହ କଳହରେ ଉନ୍ମତ୍ତ । କୁଳଟା ହଟ ବିଷାଦ କରେ ଉଦ୍ଧତ ॥
ପାଟବ୍ରପଟଳ ନାନା ବାଟେ ଭ୍ରମନ୍ତି । ପାଟ କୁହାଟରେ ହସ୍ତ ଝଡେ କରନ୍ତି ॥
କାନ୍ତକଟୀବାସ ଧଟୀ ଦୃଢ଼ରେ ଧରି । ଖର୍ବଟକ ନାଗରସ୍ତ୍ରୀ ବିହାର କରି ।୫୨
କଟକ ନାଗ ଛଟକ କହ୍ନ ନୁହଇ । ହାସଛଟକେ ନିଅନ୍ତି ମନକୁ ମୋହି ॥
ଯଜମାନ ଦ୍ୱିଜମାନେ ଘେନ ଗମନ୍ତି । ହରି ଦରଶନରେ ଉଚ୍ଛନ୍ନ ହୁଅନ୍ତି ।୫୪
ସୁବା ପୁରୁଷ ସୁନ୍ଦରୀ ସୁବତୀ ଭୃଙ୍ଗି । ଘନେ ଗୋଡ଼ାଇ ମଦନେ ହୁଅନ୍ତି ମୋହି ॥
କେ କାହାକୁ ନିଷେଧ ସେ ନୋହେ ଉଚିତ । ହରି ଦରଶନେ ଆସି କରି ଦୁରିତ ॥
ଯେ ଯାହାକୁ କାଳାନ୍ତରେ ଦେଖି ନଥିଲେ । ସେହି ସମୟରେ ଚକ୍ଷୁସଙ୍ଗ ହୋଇଲେ

---

୪୦ । ତମୋନୁଦ-ଅନ୍ଧାର ନାଶକ ।
୪୧ । ତାମସୀ-ଅନ୍ଧାର ।
୪୨ । ବାଣଗଣ-ଶରସମୂହ ।
୪୩ । ମୁଖର-ବିଶେଷ ପାଟିତୁଣ୍ଡ । ମୁଖରବ-ଧ୍ୱନି ।
୪୪ । ଭୂରିନାଦେ-ଭେଷ୍ଟୀ ଶବ୍ଦରେ । ଆତୁର-ଅଧୀର ।
୪୭ । ବଟଝୁ ପଟଳେ-କବତା ବା ଶତ୍ରୁମାନଙ୍କରେ । ବଧୂଶେଖର—ମହାଦେବ ।
୪୮ । ଥୋଣ୍ଟେ-ଅମାନିଆ । କଳକଣ୍ଠି-ଗଳା ।
୫୦ । ଦୁଷ୍ଟଜନବ୍ୟୂହ-ଦୁଷ୍ଟଲୋକମାନେ ।
୫୧ । ପାଟବ୍ରପଟଳ-ପାଟବ୍ରମାନେ । ପାଟ କୁହାଟରେ-ବଡ଼ ପାଟିରେ ।
୫୨ । କାନ୍ତକଟିବାସଧଟୀ-ସ୍ୱାମୀର କଟିବସ୍ତ୍ର ଧଡ଼ି । ଖର୍ବଟକ—ଆଖପାଖ ଗ୍ରାମର ।
୫୩ । ଭଟକ ନାରୀ-ସହରର ସ୍ତ୍ରୀ । ଛଟକ-ସୌନ୍ଦର୍ଯ୍ୟ ।
୫୭ । କାଳାନ୍ତରେ-ଅନ୍ୟ ସମୟରେ । ଚକ୍ଷୁସଙ୍ଗ-ଚାରିଆଖି ମିଳନ, ଦେଖାଦେଖି ।

ବସନ୍ତ ଭୂଷଣ ଯେ ଯାହାର ସଞ୍ଚିତ । ସେ ସବୁ ହୋଇ ଅଛନ୍ତି ପଙ୍କ ଭୂଷିତ ।
ହାଟର ଝଟକ କହିବାର ନୁହଇ । ଜଗମ ଜନକ ଗୁଡ଼ ସବୁ ମିଳଇ ।୬୯
ତରୁଣ କୁମ୍ଭକାରଙ୍କ କାନ୍ଧ ଉପରେ । ଲୁଚଇ ତରୁଣ କୁମ୍ଭ ସଙ୍ଗେ ଭିଡ଼ ।୭୦
ଚନ୍ଦ୍ରରମଣୀ ସିନ୍ଦୂର ଲଗାନ୍ତି ଯହିଁ । ନାଗର ପୃଷ୍ଠଦେଶେ ତାଙ୍କୁ ଭଙ୍ଗିରେ ଚାହିଁ ।
ହାଏ କେଶ ଅଧରେ ଦେଖାଇ ଅଙ୍ଗୁଳି । ଏହା ଗୁଡ଼ି ଏହା ବଡ଼ କହାଇଁ ଭାଳ ।
ଗୁଡ଼କାର ବାଳୀଙ୍କ ପସରା ସନ୍ନିଧେ । ଶିତାରୁ ସ୍ୱାଦୁ ଅଛନ୍ତି ସୁଜନ୍ତି ବୁଧେ ।
ସେ ବୋଲନ୍ତି ଅଛୁ ହେ ପ୍ରବାଳ ମଧ୍ୟରେ । ତେମନ୍ତ ସ୍ୱାଦୁ ପଦାର୍ଥ ନାହିଁ ଅଧୂରେ ।
ବର୍ତ୍ତିଲେ ତ ସେକାର ପ୍ରସଙ୍ଗ ନୋହି । ଚରିତମାନଙ୍କ କହୁ ଦେଲଇଁ କହି ।୭୫
କୁମାରୀ ଦର୍ଶନକୁ ଆଛନ୍ତି କୁମର । ମନକୁ ମନ୍ମଥ ଭାବ କରଇ ମାର ।୭୬
କେଶରବନକୁ ସେ ଗମନ ଭରତ । ସିଂହକେଶ ପାଦେଶ ମଲ୍ଲି ସୁତ ପ୍ରେଷିତ ।
ସେ ଯାଇଁ କହିଲ ରାଜ୍ୟ କର୍ଣ୍ଣାଟପୁରେ । ଅନ୍ତଃପୁରବାସୀ ଛନ୍ତି ବୀର ସଙ୍ଗରେ ।
ସେ ଦରଶନ କରିବେ ଶୁଣି ନୃପତି । ପରୀକ୍ଷା ହକାରି ଆଜ୍ଞା ଦେଲେ ତତ୍କ୍ଷଣ ।
ଯେତେବେଳେ ଅବରୋଧ ଦର୍ଶନ ହେବ । ଏହାଙ୍କ ଅନ୍ତଃପୁରରକ୍ଷାଗଣ ଗୁଡ଼ିବ ।୮୦
ଯାଇ ସେ କ୍ଷଣେ ଆରମ୍ଭ ସଚିବ ସୁତ । କହିଲ ନୃପତି ସୀଭକାର ଉଚିତ ।୮୧
ମାଳକ କାମିନୀଗଣ ସଙ୍ଗ ଧରିବ । ଉତ୍ତମସ୍ତୁ ହାଦୋଲା ଆରୋହଣ କରି ।
ପ୍ରବେଶ ହେଲେ ତେଣିକ ପଶ୍ଚିମଦ୍ୱାରେ । ବେତ୍ରକ ନିଷେଧ କରିବେଲେ ସତ୍ୱରେ ।
ସେ ସୁରମିତ ପ୍ରାକାର ଅନ୍ତରେ ରହି । ରାଜକନ୍ୟା ରାଜପଥକୁ ଅନାଇଁ ।୮୪

---

୬୯ । ଝଟକ-ଶୋଭା ।
୭୦ । କୁମ୍ଭକାର ତରୁଣୀ-ଯୁବତୀ କୁମ୍ଭାରୁଣୀ । କୁମ୍ଭ ସ୍ତନ—ମାଠିଆ ବା ଘୁରେଇ ଆକୃତିର ଫରୁଆ ।
୭୧ । ଚନ୍ଦ୍ର-କର୍ପୂର । ରମଣୀ-ଶ୍ରେଷ୍ଠ ଧରଣର ରମଣୀ । ଭଙ୍ଗି-ଶୃଙ୍ଗାରୀ ।
୭୩ । ଗୁଡ଼କାରବାଳୀ-ଗୁଡ଼ିଆଣୀ । ପସରା-ବିକ୍ରୟଦ୍ରବ୍ୟପୂର୍ଣ୍ଣ ପାତ୍ର । ସିତା-ଚିନି ।
୭୪ । ପ୍ରବାଳ-ଅଙ୍କୁର, ଯୋହଲା (ଆଳ) । ବଧୂରେ-ବନ୍ଧୁରେ ।
୭୫ । ଚରିତମାନଙ୍କ-ବ୍ୟବହାର କରୁଣେ ।
୭୭ । କେଶର ବନ-ନାଗେଶ୍ୱର ଜୋଟା । ପ୍ରେଷିତ-ପଠାଇବା ।
୭୯ । ପରୀକ୍ଷା-ଶ୍ରେଷ୍ଠ । ହକାରି-ଡାକି । ତତ୍କ୍ଷଣ-ଶୀଘ୍ର ।
୮୦ । ଅବରୋଧ-ଆବରଣ । ଅନ୍ତଃପୁରରକ୍ଷାଗଣ-ଅନ୍ତଃପୁରର ସ୍ତ୍ରୀମାନେ ।
୮୧ । ମାଳକକାମିନୀଗଣ-ମାଳଘରର ସ୍ତ୍ରୀସବୁ । ହାଦୋଲା-ସବାରି ।
୮୩ । ବେତ୍ରକ-ଦ୍ୱାର ରକ୍ଷକ ।
୮୪ । ପ୍ରାକାର-ପାଚେରୀ । ଅନ୍ତରେ-ଭିତରେ । ରାଜପଥ-ଅସିବା ବାଟ ।

ଏକାଳେ ନୃପ ଆଜ୍ଞାରେ କୁମାର ବସେ । ପୁରଦ୍ୱାରେ ନାନାବିଧ ବାଦ୍ୟହିଁ ବାଜେ
ସୁଖାସନ ଚଢ଼ି ସରସ୍ୱତୀ ନଗର । ଚଳାନ୍ତି ମୟୂରପୁଚ୍ଛ ଛତ୍ର ଚାମର ।୭୭
ଚନ୍ଦ୍ର ସୂର୍ଯ୍ୟ ତାରସୂତ ଉହାଡ଼ କଲା । ନୀଳଗିରି ଦଶରୁ କି ଝଟକେ କମଳା ॥
ଯେତେ ନିକଟେ ବାଜଇ ବାଦ୍ୟନିସ୍ୱନ । ତେତେ ସଜାଡ଼ ଚନ୍ଦ୍ରରୁ ଶର ମଦନ ॥
ଚେତକ ମନ ଆନନ୍ଦ ବୃଦ୍ଧି ହେଉଛି । ଉଛଳନ୍ତି ସରିତ ଉଚ୍ଚଟକୁ ପାଉଛି ।୭୯
ପଟ୍ଟେକାର ମୃଦୁସ୍ମଲା କଞ୍ଚୁକୀ ନିକର । ଆଉଡ଼ ହୋ ଆଉଡ଼ ହୋ ଡାକେ କରି କାତର
ମଣିମା ଡାକ ଅଣିମା ସୁଖଦାୟିନ । ପ୍ରତ୍ୟେକ ପଣ୍ଡିତ ମନ୍ଦାରେ ଦାନ୍ଦୋଳମାନ ॥
ଶୁଣିନାଦେ କର୍ଣ୍ଣଟେକେ ଯେମନ୍ତେ ମୃଗ । ତମ୍ଭେ ବୃଦ୍ଧି ନୃପସୁତ ଉଦ୍‌ବେଗ ।୮୨
ମନରେ ଭାବନା କରି ଧନ୍ୟ ଏ ନିଶି । ଯେଣୁ ଏ କଳା ପ୍ରବୀଣା ମୋମନ ତୋଷି ॥
ଚତୁରଦଶୀର ନିଶି ହୋଇ ତରୁଣୀ । ଦୁଷ୍ଟ ହୋଇ ଭେଟାଉଛି ନବ ତରୁଣୀ ॥
ଶରଦ୍ଧିବସ୍ଥଳା ସବୁକାଳେ କରଣ । ତାଙ୍କୁ ତନ୍ଦ୍ରାତାପେ ବୋଲି କରେ ଦନାଣ
ପୂର୍ଣ୍ଣ ପକ୍ଷଜନ ବୋଲି ଏ ପୂର୍ଣ୍ଣପକ୍ଷ । ମୋତେ ଜଳ୍ପ କେତି ଅତ ସ୍ଥାନ ଅରକ୍ଷ
ରାମ ଜାଣେ ଯେବେ ସୁଖଜାତ ଏକାଳେ । ସୀତା ମାନ ଯେଣ କରି ଆସିବା ବେଳେ
ଉଗ୍ରଇନ୍ଦ୍ର ଶାରଙ୍କର ତାଙ୍କ କୋପ୍ପର । ଏଣୁ ହେଲ କଣ୍ଠ ବର୍ଣ୍ଣିବାକୁ ଗୋଚର ॥

—*—

୭୭ । ନୀଳ ଗିରିଦଶରୁ-ନୀଳସୁନ୍ଦର ପର୍ବତ ତଳରୁ ।

୮୦ । ପଟ୍ଟେକାର-ପାଇକ । ମୃଦୁସ୍ମଲା-ଦାସୀ । କଞ୍ଚୁକୀ-ଅନ୍ତଃପୁରରେ ମୁଣ୍ଡ ଛେଦନ
ହୋଇ ରହିଥିବା କର୍ମଚାରୀ

୮୧ । ମଣିମା ସୁଖ-ସ୍ୱର୍ଗସୁଖ ।

୮୫ । ଶରଦ୍ଧିବସ୍ଥଳା-ଗ୍ରୀଷ୍ମ ଋତୁରେ ଆସକ୍ତ ହୋଇ କ୍ଷୀଣହେବା । ଦରଶ-ଅମାବାସ୍ୟା ।

୮୮ । କୋମ୍ବର-ବୃକର ।

## ଷଡ଼ବିଂଶ ଛାନ୍ଦର ସାରକଥା

ଏ ଛାନ୍ଦଟି ଲାବଣ୍ୟବତୀ ସହ ଚନ୍ଦ୍ରଭାନୁ ମିଳନର ଠିକ୍ ପୂର୍ବ ଛାନ୍ଦ । ଏ ଛାନ୍ଦ ପଢ଼ି ପାଠକର ଉତ୍କଣ୍ଠା ବହୁଗୁଣରେ ବଢ଼ିବା ସ୍ୱାଭାବିକ । ଚନ୍ଦ୍ରଭାନୁସହ ଲାବଣ୍ୟବତୀର କପଟ ପ୍ରଥମ ସାକ୍ଷାତ ହେବ ତାହାର ପ୍ରାରମ୍ଭିକ ଯୋଜନା ଏ ଛାନ୍ଦରେ ଶେଷ ହୋଇଛି । ମନ୍ତ୍ରୀ ଏବଂ ମନ୍ତ୍ରୀଙ୍କ ଝିଅମାନେ ସାଧାରଣତଃ ଅତ୍ୟଧିକ ଚତୁର ବୋଲି ଆମ୍ଭେମାନେ ରୂପକଥା-ମାନଙ୍କରୁ ଜାଣୁ । ତେଣୁ ଛାନ୍ଦର ପ୍ରାରମ୍ଭରେ ମନ୍ତ୍ରୀଝିଅ ପ୍ରସ୍ତାବ ଦେଉଛି—ଚନ୍ଦ୍ରଭାନୁ ନାରୀବେଶ ଧରି ଉତ୍ସବ ସ୍ଥାନକୁ ଯିବେ ଏବଂ ସେଠାରେ ଉଭୟଙ୍କର ସାକ୍ଷାତ ହେବ । ପୁରୁଷକୁ ନାରୀବେଶ ଧରିବାକୁ ହେଲେ କଅଣ କଅଣ କରିବାକୁ ହେବ ତା ମଧ୍ୟ ଉପେନ୍ଦ୍ର ଲେଖିବାକୁ ଛାଡ଼ି ନାହାନ୍ତି । ସେଥିପାଇଁ—

"ଗାଲ କରିବୁକ ଓଢ଼ଣୀ ଥିବ ସର୍ବାଙ୍ଗେ ।
ଗୃହକେ ବାମ ଚରଣ ଗୃହଲେ ଆଗେ ॥"

ଏହାଦ୍ୱାରା ଉଭୟଙ୍କର ଏକାନ୍ତ ମିଳନ ସୁଗମ ହେବ ।

ଏ ଯୋଜନା ପରେ ଉତ୍ସବ ସ୍ଥଳରେ ଏକ ଅତି ଆଡ଼ମ୍ବରପୂର୍ଣ୍ଣ ଚିତ୍ର ପ୍ରଦାନ କରିଯାଇଛି । ମଲ୍ଲ, କଚ୍ଛ, ମଗଧ, ନୈଷଧ ଆଦି ରାଜାମାନେ ଏଠାରେ ଏକତ୍ରିତ ହୋଇଛନ୍ତି । ଏହା ଛଡ଼ା ସମାଜର ବିଭିନ୍ନ ଶ୍ରେଣୀର ଲୋକ ମଧ୍ୟ ଏଠାରେ ଉପସ୍ଥିତ । କବିଙ୍କ ଭାଷାରେ—

"ରାଜପୁତ୍ର ପାଟପରି ସବୁ ସେଠାରେ ।
ଜନଗହଳରେ ହୋଇଅଛି ସୁନ୍ଦର ॥"

ଏହାଛଡ଼ା ଛାନ୍ଦର ଶେଷ ଅଡ଼କୁ ଚନ୍ଦ୍ରଭାନୁ ଏବଂ ଲାବଣ୍ୟବତୀ ଉଭୟ ସଦଳବଳେ ଉତ୍ସବ ସ୍ଥାନକୁ ଯାତ୍ରା କରିବାର ବର୍ଣ୍ଣନା ପରେ ଛାନ୍ଦ ଶେଷ ହୋଇଛି ।

# ସପ୍ତତ୍ରିଂଶ ଛାନ୍ଦ

( ଲାବଣ୍ୟବତୀ ଓ ଚନ୍ଦ୍ରଭାନୁର ଦେବାଳୟରେ ସାକ୍ଷାତ )

ରାଗ—ବସନ୍ତବରାଡ଼ି

ବିରଞ୍ଚି ରଚିଛି ଏ ସଂସାର ସାର ସୁନ୍ଦରତାକୁ ଏକତର ।
ଶ୍ରୀଧାମ ମୁଖ ସ୍ୱର୍ଣ୍ଣରେ ରାଗଲତା ସ୍ୱକାନ୍ତିରେ କରି ଗଉରୀ ।
ସର୍ବଦା । ସୁଭଦ୍ରା ସେ ଯେ ମନ୍ଦୋଦରୀ ।
ରମ୍ଭାଙ୍କରୁ ସୀତା ମଧୁରବଚନା ତାସ ତନୁ କରେ ମାଧୁରୀ । ୧ ।
କଲ୍ୟଙ୍କ ଅଙ୍କରୁ ଜନ୍ମୁସି ଝଳକ ଏମନ୍ତ ଚଉଦି ରତନ ।
ବୃଷ୍ଟି ବସିବେ ସଂସାର କରିବାକୁ ଯୋଗେ ହେଲେ ନେତ୍ର ପତନ
ଭଲବେ । ଏ ତନୁଟି କାମକାର୍ମୁକ ।
ନାଗରୀ ନାଗରିପୁମଧ୍ୟା ମଞ୍ଜୁଳ ନର୍ଗରି ସୁରସ ସାଗରୀ । ୨ ।
ଅବନୀବନିତା ମଘବାପଦକୁ ପଦକୁ ସ୍ୱଳକାରେ କେଇ ।
କିଙ୍କିଣୀ କଣିକଣି କ ଅଣିମାଦ୍ୟ ସୁଖ ଗ୍ରନ୍ଥିକ ଦେବାପାଇଁ ।
ଡାକଲେ । ହଂସକେ ହଂସ କେ ସମାନ ।
କର ଏ ଗଣ୍ଡକ ସମର ହି ରବ ମଦ କରଇ ଯେ ମର୍ଦ୍ଦନ । ୩ ।

---

୧ । ବିରଞ୍ଚି-ବ୍ରହ୍ମା । ଶ୍ରୀଧାମ-ସୌନ୍ଦର୍ଯ୍ୟର ଆଧାର । ରାଗଲତା-ସ୍ନେହଲତା । ଗଉରୀ-ଗୋରୀ, ଅଷ୍ଟବର୍ଷୀୟା କନ୍ୟା, ପାର୍ବତୀ । ସୁଭଦ୍ରା-ଶାନ୍ତ ସ୍ୱଭାବ ବିଶିଷ୍ଟା । ମନ୍ଦୋଦରୀ-କ୍ଷୀଣ ଉଦରୀ । ସୀତା-ଚନ୍ଦ୍ର । ମଧୁର-ମିଠା । ତାସ-ନୟନ ।

୨ । କାମକାର୍ମୁକ-କନ୍ଦର୍ପଙ୍କ କାଟିବା ଅସ୍ତ୍ର । ନାଗରିପୁମଧ୍ୟା-(ନାଗ-ହାତୀ, ରିପୁ-ଶତ୍ରୁ ଅର୍ଥାତ୍ ହାତୀର ଶତ୍ରୁ ସିଂହ) ସିଂହକଟୀ ବା ସରୁ ଅଣ୍ଟା ।

୩ । ଅବନୀବନିତା-ମର୍ତ୍ତ୍ୟ ନାରୀ । ମଘବାପଦ-ଇନ୍ଦ୍ରପଦ । ଅଣିମାଦ୍ୟ—
"ଅଣିମା ଲଘିମା ପ୍ରାପ୍ତି ପ୍ରାକାମ୍ୟଂ ମହିମା ତଥା, ଈଶିତ୍ୱଞ୍ଚ ବଶିତ୍ୱଞ୍ଚ ତଥା କାମାବସାୟିତା ।" ଅର୍ଥାତ୍ ଅଣିମା, ଲଘିମା (ଲଘୁତ୍ୱ), ପ୍ରାପ୍ତି, ପ୍ରାକାମ୍ୟ (ଅଗର ଅବିଳାଶ), ମହିମା (ଗୌରବ), ଈଶିତ୍ୱ (ମାଲିକପଣ), ବଶିତ୍ୱ (ଜିତେନ୍ଦ୍ରିୟ), କାମାବସାୟିତା (କନ୍ଦର୍ପକୁ ବଶୀଭୂତ କରିବା) ଏ ଆଠପ୍ରକାର ଅଣିମାଦ୍ୟ ଐଶ୍ୱର୍ଯ୍ୟ । ହଂସକ-ନୂପୁର । ରବ-ଗମ୍ଭୀର ଶବ୍ଦ । ଗଣ୍ଡ-ଗୃହ । ଦ୍ୱିରଦ-ହାତୀ । ମଦ-ଗର୍ବ ।

ଅତନୁ ସ୍ୟନ୍ଦନ ଚନ୍ଦନ ଚନ୍ଦନ ଶୀତଳ ତନୁକୁ ରଞ୍ଜାଇ ।
ଷଡ୍‌ଗ୍ରନ୍ଥି ମଣାଇ ସଙ୍ଗୀତ ପ୍ରବୀଣା ସଙ୍ଗିମାଏ ବୀଣା ବଜାଇ ।
କୁମାର । ଥିବା ସ୍ଥାନକୁ ଅନୁସର ।
ଶୋଭାଙ୍ଗୀଙ୍କ ଗାନ ଭଙ୍ଗି ଦେଇ ମନ ତୋଷୁଅଛନ୍ତି ମନ୍ତ୍ରୀକୁମାରୀ । ୪ ।
ଅମରମୋହିନୀ ଭ୍ରମର କେଶିନୀ ମେଘମାଳ ସ୍ୱନେ ଗୁମର ।
କମ୍ବୁକଣ୍ଠମ୍ ତାଳମ୍ବୁପୁଷ୍ପାଧରା ଧରିଛି ଧାତ୍ରୀପୁତ୍ରୀ କର ।
ଆଗରେ । ପରିଚାରିକାଏ ମଞ୍ଜୁଳ ।
ବହ୍ନିଦ ଜ୍ୟୋତରେ ସଜାଡି ନେଇ ସେ ଅଛନ୍ତି ଅନ୍ଧାରପଟଳ । ୫ ।
ସୁରସିକ ରଘୁନନ୍ଦନର ସନ୍ନିଧି ଏ ବିଧିରେ ହେଲେଁ ପ୍ରବେଶ ।
ମହା ଅନୁଭୂତ ଶୋଭା ସେ ଦେଖିଲେ ସମ୍ଭୂତ ଉପମା ଅଶେଷ ।
ମଧୁର । ହାସ ଦଶନଜ ଅଧରେ ।
କି ରଞ୍ଜଜତ ଖଚିତ ହୀରେ ବାଳା କରୁଛି ଅରୁଣ ମଧ୍ୟରେ । ୬ ।
ଚାଟଳ ଗ୍ରୀବ ଟିଟକ ଘଷ ଘସା ଲପନ ଶୋଭାକୁ ଦେଖାଇ ।
ଦର୍ପକଦର୍ପଣ ଦର୍ପହର ବୋଲି ଅଳକା ଅକ୍ଷରେ ଲେଖାଇ ।
ରତ୍ନଲି । ସେହି କଥ କି ମୋତେ ହୋଇ ।
ଆନନ ବନାରେ ଅନ ନବାନାରେ ଦୃଷ୍ଟି ପାତ ନୋହୁ ଧିକାଇ । ୭ ।
ରସିକାମଣିର ସେ ନାସିକାଫୁଲେ ତିଳଫୁଲେ କରେ ଧିକ୍‌କାର ।
ବରହ ଅନଳ ପ୍ରଜ୍ୱଳ ହେବାକୁ ଯନ୍ତ୍ର ତାଇଦେଲା ପ୍ରକାର ।
କୁଟିଳ । କୁନ୍ତଳଙ୍କ ଶୋଭା ବଶୁଛି ।
ବାଳକା ମଲ୍ଲିକା ମାଳକା କବରୀ ଘନ ଶମ୍ବରୀକ ତପୁଛି । ୮ ।
ଦରକଣ୍ଠି ମାର ତରକମ୍ପା ଛିର ଝଲକା ଝଲକ ଥରଇ ।
ଜାନୁବର୍ତ୍ତିନୀ ତୁଳା ହୋଇ ଅବଳା ବାନ୍ଧି ନାନ୍ଧି ନାନ୍ଧି କରଇ ।

---

୪ । ଅତନୁ ସ୍ୟନ୍ଦନ-କନ୍ଦର୍ପ ରଥ । ଚନ୍ଦନ-କର୍ପୂର । ଷଡ୍‌ଗ୍ରନ୍ଥି-ଧୀରଗୁଲ୍ମ । ମଣାଇ-ଅଭ୍ୟାସ କରାଇ ।

୫ । କମ୍ବୁକଣ୍ଠମ୍-କର୍କଟଶାଖୁଡ଼ିଗୁଳି । ବହ୍ନିଦ ଜ୍ୟୋତି-ମଶାଲଆଲୋକ । ପଟଳ-ସମୂହ ।

୭ । ଦର୍ପକ-କନ୍ଦର୍ପ । ଧିଆଇ-ସ୍ମରଣ କରାଇ ।

୮ । କବରୀ-ଜୁଡ଼ା । ଶମ୍ବରୀ-ସ୍ୱର୍ଣ୍ଣ ।

୯ । ଦରକଣ୍ଠି-ଶଙ୍ଖଭଳି ଗଳା । ତୁଳା-ତୁଳନା ବା ଉପମା ।

ସୁନ୍ଦରୀ । ସୃଷ୍ଟିରେ ବାଳା ଚକ୍ରବର୍ତ୍ତୀ ।
ହୋଇଛୁ ବୋଲି କି କର୍ଣ୍ଣେ ଧରିଅଛୁ ସୁଜ୍ୟୋତ୍ସ୍ନା ମୋତିଫୁଲ ଛତ୍ର । ୯ ।
ତାମରସବାସୀ ପ୍ରେମରସବାସୀ ପୁସ୍ତକ ପରସ୍ତେ ଏ ଯେଣ ।
ଅମୂଲ୍ୟ ଗୁଣରେ ସଂଯୁକ୍ତ ହୋଇଣ ସୁମନା ସୁମନ ମୋହିନୀ ।
ଲଲାଟେ । ଶଶକ କର୍ପୂରେ କସ୍ତୁରୀ ।
ମାଣିକ୍ୟ ମରକତ ସିନା ଫୁଟିଛି ସୁନାପଟାରେ କି ସୁନାସା । ୧୦ ।
କମଳତଳେ ଢଳଢ଼ଳ କାଳିନ୍ଦୀ ଜଳ ଗର୍ବ ଡୋଳା ଢଳୁଛି ।
କଳ୍ଲ ପୂଷରେ ଲାଗି ନୀଳମଣି ସାରଣି କି ଅବା ଚଳୁଛି ।
ଭ୍ରୂଲତା । ଗୁପେ କରି ଶର ସନ୍ଧାନ ।
ଧୈର୍ଯ୍ୟ-କୁରଙ୍ଗକୁ ମୃଗୟା ରଙ୍ଗରେ ବନ୍ଧି ଆସୁଛି କି ମଦନ । ୧୧ ।
ସେକାଳେ ବଦନ ମଦନସଜନ ନାଟସଦନ ସୁରଞ୍ଜନ ।
ନୂପୁର ବାଦ୍ୟନାଦେ ବାଦେ ନାଚନ୍ତି ଯୋଷା ଯୋଷା ହେଜ ଖଞ୍ଜନ
କାନ୍ତିକ । ନରତେ କୋଣକୁ ଯାଉଛି ।
ବୃନ୍ଦ କି ଉତ୍ତଂସ ଅନଳ ସବ୍ବେ ସେତୁଦଗେ ମୀନ ଧାଉଁଛି । ୧୨ ।
ଏ କେଉଁ ଚରିତ ଉରିତ ଉରିତ ଦୁଇଦଗକୁ ସେ ଯାଉଛି ।
କି ଅବା ଅମୃତ କୁଣ୍ଡରେ ମଜ୍ଜାଇ ପୁରୁଷ ମନକୁ ମୋହୁଛି ।
ନସାନା । ଧୈର୍ଯ୍ୟ ବନ୍ଧକୁ ଭାଙ୍ଗଇ ।
କଳାବତୀ କଳା କମଳ ବୃଷ୍ଟି କି ଦୃଷ୍ଟି ଯୋଗରେ କରଯାଇ । ୧୩ ।
ଅନ୍ତର୍ଦ୍ଧି କଣ୍ଟାକିତ ଲୋକ ଲୋଚନବତୀ ମୁଖଶୋଭା ଗ୍ରାସିବ ।
ବର୍ବଲ ଗୁରମୁଖ ମାର ମାର ସଂସାର ରଚନା ନାଶିବ ।
ଏଣୁ କି । ସୀମା ବାରଣ କରି ଗାର ।
ଅଞ୍ଜନେ ଦେଇଛୁ ଆଉ ନ ବଢ଼ିବୁ ଲୋକେ କର୍ଣ୍ଣଗତ ସଂଚାର । ୧୪ ।

---

୧୦ । ତାମରସ-ପଦ୍ମ । ତାମରସବାସୀ-ବ୍ରହ୍ମା ।
୧୧ । ସାରଣି-ଏକତ୍ରକାର ଶ୍ରେଣୀ ।
୧୨ । ନାଟସଦନ-ନୃତ୍ୟ ଘର । ସୁରଞ୍ଜନ-ଅତ୍ୟନ୍ତ ସୁନ୍ଦର । ବାଦେ-ଛଳରେ । ହେଜ ଖଞ୍ଜନ-ଦୁଇଟି ଖଞ୍ଜନପକ୍ଷୀ । ଉତ୍ତଂସ-କୁଣ୍ଡଳ ।
୧୪ । ଲୋଲ-ଚଞ୍ଚଳ । ଗୁରୁମୁଖ-ବ୍ରହ୍ମା । ସଂଚର-ଗତ ।

ଶିଖି ବଚନ ନ ମାନିଲା ଲୋଚନ ସହଜେ ସ୍ୱଇଚ୍ଛା ବହାଇ ।
ରଖୁ ନ ରଖୁ ତରୁଣ ସୃଷ୍ଟି ଯାକ ଜାଣନ୍ତି ଆସ୍ୱତ ତାହାର ।
ଏଥିକି । ହୋଇଛି କି ନୀଳ ଲୋହିତ ।
ନୀଳ ଲୋହିତ ଆଗରେ ପଡ଼ିଗଲେ ସର୍ମାଦିକ କାମ ମହତ । ୧୬ ।
ଝୀନ ବସନ ଫୁଟି ଦିଶେ ପ୍ରସନ୍ନ ସେମାନୀ ପୟୋଧର ଦୁଇ ।
ଶୃଙ୍ଗାର ରସଲତା ଉର୍ଦ୍ଧ୍ୱେ ବିଧାତା ପ୍ରେମାମୃତ ଫଳ ଫଳାଇ ।
ପଦ୍ମା । ଯେଣୁ କୋରକ କେନ ବନ୍ଧି ।
ସେ ଯେବେ ଫୁଟିବେ ଏ ତେବେ ଚୁମ୍ବିବେ ଭୃଙ୍ଗପନ୍ତି ଏହି ଆଶାସ୍ତି ।
ସ୍ୱୟମ୍ଭୁ ଶମ୍ଭୁ କମ୍ବୁଧର ସୁତଙ୍କୁ ବସ୍ୟାନ୍ତି ସଞ୍ଜୀବନୀ ମନ୍ତ୍ର ।
ସେହି ସ୍ଥାନେ ଦେଇ ମନୋଭବ କଲେ ଏମନ୍ତ ସେବୁଅଛି ତନ୍ତ୍ର ।
ନିକଟେ । ଉଚ୍ଛନ୍ନ ଅଛି ହୋଇ ସ୍ୱଚ୍ଛ ।
ଯୁବା ବଇକୁଣ୍ଠ ବଡ଼ଖାଇ କବା ଇନ୍ଦ୍ରନୀଳମଣି ପାଦଛି । ୧୭ ।
ଲାବଣ୍ୟ ନୀରେ ଯୌବନ କରି ଧୀରେ ମଜ୍ଜନ ହୋଇ କି ରହିଛି ।
ଜନ ଅଦମ୍ଭକର କୁମ୍ଭ କରକୁ କେବଳମାତ୍ର ଦେଖାଇଛି ।
ଏଣୁଟି । ଗଇଶ୍ୱକରେ ସେ ଶର୍ଦ୍ଧିତ ।
ଯେ ହେବ ମାହୁନ୍ତ ନଖାଙ୍କୁଶ ଘାତ କରିବ କେତେ ତା ସୁକୃତ । ୧୮ ।
ସୁକଣ୍ଠୀ କଣ୍ଠୀରବମଧ୍ୟା ହୃଦରେ ରସ ରତନ ଗଣ୍ଠି ଥୋଇ ।
ଜଗିଛି କି ଅବା କାମ ଅଧିକାରୀ ମର୍କତ ଦଣ୍ଡ ଡେରିଦେଇ ।
ତତ୍ପର । ମନ ପଶି ଏଣୁ ନ ପାରି ।
କିଣି ଉଦରରେ ବସିଅଛି କେଉଁ ପ୍ରକାରେ କରିବଟି ଦ୍ୱେଷି । ୧୯ ।
ଏକେ ମନକୁ ଅଗମ୍ୟ ହେଲା ଦୁକେ କଠିନ ସଙ୍ଗେ କରି ପ୍ରୀତି ।
କବ ଛଣକ୍ଷି ଅତ୍ୟନ୍ତ କ୍ଷୀଣ ହେଲା ଏଣୁ ବର୍ଣ୍ଣିବାକୁ ନିବର୍ତ୍ତି ।

---

୧୬ । ନୀଳ ଲୋହିତ-ମହାଦେବ ।

୧୭ । କମ୍ବୁଧରସୁତ-ବିଷ୍ଣୁଙ୍କ ପୁଅ କନ୍ଦର୍ପ ।

୧୮ । ଗଇଶ୍ୱକ-ଗେରୁଆ । ନଖାଙ୍କୁଶ-ନଖରୂପକ ଅଙ୍କୁଶ ।

୧୯ । କଣ୍ଠୀରବମଧ୍ୟା-ସିଂହକଟୀ ସଦୃଶ ସରୁଅଣ୍ଟା । କାମ ଅଧିକାରୀ-କନ୍ଦର୍ପ । ମର୍କତଦଣ୍ଡ -ସବୁଜ ରଙ୍ଗର ମଣିରେ ତିଆରି ବାଡ଼ି ( ଏଠାରେ ଲୋମ )

୨୦ । ଅଗମ୍ୟ-ନ ପହୁଞ୍ଚିବାଭଳି ସ୍ଥାନ । ନିବର୍ତ୍ତି-କ୍ଷାନ୍ତ ହୋଇ ।

କୁମର । ଶୁଣି ବେନି ହେଲେ ଲୋଲୁପ ।
ନୟନ ଅୟନେ ପଥିକ କଲା ସେ ଏକା ରସିକବର ରୂପ ॥ ୨୦ ॥
ଯାବତ ବ୍ରତଫଳ ହେଲା ସଫଳ ତୀର୍ଥଫଳହିଁ ସେ ମିଶିଲା ।
ଦେବ ଦରଶନ ଦାନ ପୁଣ୍ୟମାନ ସେହି ସେହିଠାରୁ ଆସିଲା ।
ଋଣୀ ସେ । ହୋଇଥିଲେ ପୁଂସରତ୍ନରେ ।
କୋଟିଗୁଣ କରି ଲେଖି ଦେଇଗଲେ ଆଖିଠାରେ ଅତି ଯତ୍ନରେ ॥ ୨୧ ॥
ସର୍ବାଙ୍ଗ ଉଲ୍ଲସି ଉଠି ସ୍ୱେଦଜଳେ ଦ୍ରବଗଲା ନଟେଷ୍ଟ ତାହାର ।
ନହାରକର ହାର ଶୁଣି କଇରବ ଚନ୍ଦ୍ରମଣି ପ୍ରକାର ।
ହୋଇଲେ । ଲକ୍ଷ ଉତ୍ତମ ବଶିଖରୁ ।
ଦୁଃଖକୁ ପଛକୁ ପକାଇ ଦେଇ ସେ ଲଭିଲେ ଅଲେଖସୁଖକୁ ॥ ୨୨ ॥
ପ୍ରିୟ ସହଚରୀ ବଙ୍କ ଅନୁସରି ତରୁଣକେଶରୀ ଥିବାରୁ ।
ଧରି ପାନ ବୋଲି ଡାହାଣେ ପାତିଲା ପାଞ୍ଚିଲା ନେହ ପଡିବାରୁ ।
ସେ ଲାଗେ । ଶୁକ ପଢ଼ିଦେଲା ଏ ଭାଷା ।
ସୁମନା ରସାତୁର ହୋଇ ଭ୍ରମର ଏ ବାଗେ କରିଅଛୁ ଆଶା ॥ ୨୩ ॥
ବଙ୍କ କରି ଗ୍ରୀବା ରୁହିଁଦେଲା ପୁଣ ରମଣୀ ରମା ସୁଲକ୍ଷଣୀ ।
ଅକ୍ଷୀଣାଙ୍କହୀନ ଚନ୍ଦ୍ରମା ଦକ୍ଷିଣାବର୍ତ୍ତକ ହେଲା କ ସେକ୍ଷଣି ।
କ ଶୋଭା । ବଶିଲା ସିହାଣୀ ସୁହାଣୀ ।
ନେହପାତରେ ହରଷ ରସ ଅନୁରାଗକୁ ଢ଼ାଳଦେଲା ଆଣି ॥ ୨୪ ॥
ଅତୁଲ୍ୟ ଚତୁରୀ ଜାଣିବା ପାଇଁକ ସୁରସିକ ଏତେ ଗୁଣିକ ।
ଏକାବେଳକେ କ ମୂଲ୍ୟ ବୋଲି ଦେଖାଇଲା ଘ୍ରାଣ ମାଳା ମାଣିକ୍ୟ ।
ଅଞ୍ଜନ । ସୁଦେ ଗୁନ୍ଥି ଉଭ କମଳ ।
ବରଣମାଳା କରିଦେଲା ବାରଣଗମନା ହୋଇ କ ଚଞ୍ଚଳ ॥ ୨୫ ॥

---

୨୦ । ଅୟନେ-ପଥରେ ।

୨୧ । ଦ୍ରବଗଲା-ତରଳଗଲା । ନହାରକର-ଚନ୍ଦ୍ର । କଇରବ-କର୍ଣ୍ଣ, ଜ୍ୟୋତ୍ସ୍ନା । ଲକ୍ଷ-ଜଡ଼ । ଉତ୍ତମ-ଅସମାନ, କଷ୍ଟଦାୟକ । ବଶିଖ-ବାଣ ।

୨୪ । ଗ୍ରୀବା-ବେକ । ଅକ୍ଷୀଣାଙ୍କ-କଳଙ୍କ । ଦକ୍ଷିଣାବର୍ତ୍ତକ-ଶ୍ରେଷ୍ଠ ଶଙ୍ଖ ।

୨୫ । ଅଞ୍ଜନସୂତ୍ରେ-କଳା ସୂତାରେ ।

ଋଦ୍ଧିଲା ନ ଋଦ୍ଧିଲା ହୋଇ ଲଜରୁ ମୁଖକୁ ଥୋଇଲା ଉରଜେ ।
ସେ ପତି ପ୍ରାପତି ଇଚ୍ଛା କରି ନାସ୍ତି ଶମ୍ଭୁ ପୂଜିଲା କ ପାରଜେ ।
ଲବଣୀ । ପିତୁଳା ପ୍ରେମଶୀଳା ସତ ।
ସାର ଏଥି ନାମ ବିପରୀତ ହୋଇ ତରଳିତ କଲା ଭୁବନ । ୨୬ ।
ବନ୍ଧ୍ୟ ଝିଂଟକ ମ୍ଳାନ ହେବା ପରସ୍ତେ ମଞ୍ଜୁଗୃହାଁଣୀ ସଂହାରିଲା ।
ଝିଂଟକେ ତ୍ରୁଟକେ ସଙ୍ଗରେ ମନାଇ ମନ ନେଇବାକୁ ଯୋଜନଗଲା ।
ପୋଷିଲା । କ୍ଷୁଧାରୁ ସୁସ୍ୱାଦୁ ଅଶନେ ।
ପ୍ରେମମଞ୍ଜରୀ ସ୍ତନ ବେନି ପଞ୍ଜରୀ ମଧ୍ୟେ ଭଣି ପକ୍ଷୀ ବିଧାନେ । ୨୭ ।
ବାଳା ମନ ନେତ୍ର କୁରଙ୍ଗ ସୁରଙ୍ଗ କରୁଥିଲେ ତନୁବନରେ ।
ମାର ନନ୍ଦନ କୁମାର ଶୋଭାଜାଲେ ପଡ଼ିଲେ ଅତି ଉଚ୍ଛନ୍ନରେ ।
ପିବାକୁ । ଫିଟି ନ ବସିଲା ଉପାୟ ।
ଯେ ଯାହା ଅର୍ଜ୍ଜଇ ସେ ତାହା ଭୁଞ୍ଜଇ ଏଥି ଅଛି କେଉଁ ସଂଶୟ । ୨୮ ।
ସେ ରମଣୀ ହେଲା ତନ୍ତ୍ରବାଜଗିଣି ଚରଣ ଅରୁଣ ଅମ୍ବୁଜେ ।
ଲଭି ନ ପାରଇ ମନ୍ଦ୍ରରଗମନା ରୁନ୍ଧି ନ ରୁନ୍ଧି ଭାବ ଲଜେ ।
ଦୃଷ୍ଟଙ୍କ । ମୃଦୁହାସ ହେଲା କାଙ୍କ୍ଷା ।
ଚତୁର ନୟନେ ମଜ୍ଜନ ଅଞ୍ଜନେ ମହାବାରୁଣୀ ଯୋଗ ଲଭି । ୨୯ ।
ହୋଇଲେ ସେ ବେନି ଶୋଭା ରତ୍ନାକର ଦରଶନ ଲୋଭୀ ନୟନେ ।
ପ୍ରେମରତନ ଯତନ କରି ଖୋଜୁ ଅଛନ୍ତି ସେ ଅନବଚ୍ଛିନ୍ନେ ।
ମଦନ । ମହାକୃପଣ ଜନ ପରି ।
ସେ ବେନି କାମଧେନୁ କଳ୍ପପାଦପ ଯେଣୁ ବାଞ୍ଛାକୁ ସିଦ୍ଧି କରି ।୩୦।
ଭ୍ରୂବେଶ ସେଠାରୁ ହୋଇଲା କୁଠାର ପ୍ରାପ୍ତ କରିବା ମୂଳସ୍ଥଳୀ ।
ଅଲେଖ ସୁଖ ମହାବୃକ୍ଷ ଛେଦନେ ବଦନେ ଏମନ୍ତ ଉଚାରି ।
ଶୁଣ ଗୋ । ମନ୍ତ୍ରୀନନ୍ଦନା ବୃତ୍ତାନ୍ତ ।
ଜନମ ଆତ୍ମା ପରସନ୍ନ ଅନମ ସଦ୍ଗୁରୁ ଚରଣେ ସାନ୍ତୁ । ୩୧ ।

---

୨୬ । ସାର—ବିପରୀତ-ରସ ।
୨୭ । ମଞ୍ଜୁଗୃହାଁଣୀ-ମନୋହର ଦୃଷ୍ଟିଭଙ୍ଗୀ । ସଂହାରିଲା-ପ୍ରତ୍ୟାହାର ବା ବନ୍ଦ କଲା ।
୨୯ । ତନ୍ତ୍ରବାଜଗିଣି-ଅସ୍ତ ଚଂଚ । ଚତୁରନୟନେ-ଚତୁର ଆଖିରେ । ମଜ୍ଜନ-ବୁଡ଼ିବା । ଅଞ୍ଜନେ-କଜ୍ଜଳରେ । ମହାବାରୁଣୀ-ଶ୍ରେଷ୍ଠ ତୀର୍ଥସ୍ନାନ ।
୩୦ । ଶୋଭା ରତ୍ନାକର-ସୌନ୍ଦର୍ଯ୍ୟ ସାଗର । ଅନବଚ୍ଛିନ୍ନେ-ସବୁବେଳେ ।
୩୧ । ଅଲେଖ-ଅସୀମ ।

ପିତା ପୁଷ୍ପ ପରି ମାତା ଦୁହିତାର ଏକ ସଙ୍ଗେ ଶିବ ଦର୍ଶନ ।
ବୋଧ ହୋଇଅଛି ଅଶେଷ ପୁସ୍ତକେ ଏ ବଚନେ ଶାସ୍ତ୍ର ଯେସନ ।
ଗିଳନ୍ତି । ହରମସ୍ତକ-ଭୂଷଣେକୁ ।
ବାହୁଡନ୍ତି ବେଗେ ଶିବ ଦେଖି ଶ୍ରମ ଜଣାଇ ହୃଦକଷଣକୁ । ୩୨ ।
ମଦନେ ଆବେଶ କୁମାର ପ୍ରବେଶ ହୋଇଲା କେଶର କାନନ ।
ଯେଣେ ଅନାଇଲେ ତେଣେ ଦିଶୁଅଛି କେବଳ ସୁନ୍ଦରୀ ଆନନ ।
ଜଣାଇ । ଉପଇନ୍ଦ୍ର ଭଞ୍ଜ ଏ ରସ ।
ଶ୍ରୀରାମ ମାଳା ଜାନକୀ ଦେବାକାଳ ଉଚ୍ଛ୍ରିବକୁ ଗାଇ ମାନସ । ୩୩ ।

—*—

## ସପ୍ତବିଂଶ ଛାନ୍ଦର ସାରକଥା

ପୂର୍ବ ଛାନ୍ଦରେ ଲାବଣ୍ୟବତୀ ସହ ଚନ୍ଦ୍ରଭାନୁ ସାକ୍ଷାତର ସମସ୍ତ ପ୍ରାରମ୍ଭିକ ଯୋଜନା ଶେଷ ହେବା ପରେ ଏ ଛାନ୍ଦରେ ଉଭୟଙ୍କର ପ୍ରଥମ ସାକ୍ଷାତ ହୋଇଛି । କାବ୍ୟର ବିଷୟବସ୍ତୁ ଦୃଷ୍ଟିରୁ ଏ ଛାନ୍ଦଟି ଅତି ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି । ପ୍ରେମର ଯେଉଁ ତିନିପ୍ରକାର ସ୍ତର ରହିଛି ତାହା ହେଉଛି—ପୂର୍ବରାଗ, ସମ୍ଭୋଗ ଓ ବିପ୍ରଲମ୍ଭ । ଉଭୟଙ୍କର ପ୍ରଥମ ଦର୍ଶନ ପରେ ପୂର୍ବରାଗର ବୀଜ ଯଥାର୍ଥ ଭାବରେ ଏହି ଛାନ୍ଦରେହିଁ ଉପ୍ତ ହୋଇଛି । ଛାନ୍ଦର ଆରମ୍ଭରୁ ୧୯ଶ ପଦ ପର୍ଯ୍ୟନ୍ତ କେବଳ ଲାବଣ୍ୟବତୀର ରୂପ ଓ ବେଶଭୂଷା ବର୍ଣ୍ଣନାରେ ବ୍ୟୟିତ ହୋଇଛି । ଏହାକୁ ବର୍ଣ୍ଣନା ବାହୁଲ୍ୟ ଛଡ଼ା ଅନ୍ୟ କିଛି କୁହାଯାଇ ନ ପାରେ ।

ଚନ୍ଦ୍ରଭାନୁସହ ତାଙ୍କ ମିଳନହିଁ ଏ ଛାନ୍ଦର ଶୀର୍ଷାବସ୍ଥା । ସେ ଅବସ୍ଥାରେ ଲାବଣ୍ୟବତୀର ମନୋଗତ ଭାବ ଯାହା ହେବାର କଥା ଭଞ୍ଜ ତାହା ମନସ୍ତାତ୍ତ୍ୱିକ ଭାବରେ ପ୍ରକାଶ କରିଛନ୍ତି । ଉଦାହରଣ ସ୍ୱରୂପ ନିମ୍ନପଦଟି ଦ୍ରଷ୍ଟବ୍ୟ—

"ଗୃହିଁଲା ନ ଗୃହିଁଲା ହୋଇ ରାଜକୁ ମୁଖକୁ ଥୋଇଲା ଉରଜେ ।
ସେ ପତି ପ୍ରାପତ ଇଚ୍ଛା କରି କାଶୀ ଶମ୍ଭୁ ପୂଜିଲା କି ଶୀରଜେ ।
ଲବଣୀ । ପଦ୍ମିନୀ ଗୃହୁଣୀଲା ସତ ।
ଶିର ଏହି ନାମ ଜପସ୍ୱିତ ହୋଇ ତରଳିତ କଲା ଚିତ୍ତ ॥"

ଲାବଣ୍ୟବତୀର ଦର୍ଶନ ପରେ ଚନ୍ଦ୍ରଭାନୁର ହୃଦ୍‌ବେଗ ଯେଉଁପରି ସ୍ୱାଭାବିକ ହେବାର କଥା ତାହା ନିମ୍ନ ପଦରେ ସ୍ପଷ୍ଟ ଭାବରେ ପ୍ରକାଶ ପାଇଛି—

"ମଦନେ ଆବେଶକୁମାର ପ୍ରବେଶ ହୋଇଲା କେଶର କାନନ ।
ଯେଣେ ଅନାଇଲେ ତେଣେ ଦିଶୁଅଛି କେବଳ ସୁନ୍ଦରୀ ଆନନ ।"

---

୩୨ । ହରମସ୍ତକଭୂଷଣ—ଶିବ ମସ୍ତକର ଅଳଙ୍କାର ଚନ୍ଦ୍ର । ହୃଦକଷଣ—ମନଦୁଃଖ ।

# ଅଷ୍ଟାବିଂଶ ଛାନ୍ଦ

( ସିଂହଳ ଦେଶର ପୁରୋହିତ ସହିତ ଚନ୍ଦ୍ରଭାନୁର କଥୋପକଥନ )

ରାଗ—ବସନ୍ତ

ଏଥୁ ଅନନ୍ତରେ ସେ ଯାମିନୀ ହେଲା ଶେଷ
ଚକ୍ରେଶୀ ଚକ୍ର କାମିନୀ ପାଶେ ପରବେଶ ଯେ ।
ଶଶୀ ମନୋହାରୀ ନିଶି ସଙ୍ଗ କଲା ପାପ
ତେଣେ ହୋଇସେ ମଳିନ ହେଲା ଜ୍ୟୋତିପ୍ରାପ ଯେ । ୧ ।
ଅରୁଣମଣ୍ଡଳ ଉଦେ ହୁଟିନାହିଁ କଛୁ
ଜାଳି ବାରୁଣୀ ସେବିବା ରଙ୍ଗ ଆଜ ଅଛି ଯେ ।
କକୁଭ ପ୍ରାଙ୍ଗଣେ ନିଜ ପତି ଥକେ ରୁହିଁ
ପଦ୍ମିନୀ ହସିଲା ଦରମୁକୁଳିତ ହୋଇ ଯେ । ୨ ।
ତାକୁ ଭୃଙ୍ଗରାଜ କୁମୁଦିନୀ ପାଶୁଁ ଗଲେ
କୁଳଟା ହାଟକୁ ତାର ପରକାଶ କଲେ ଯେ ।
ବିଟପ କି ଗୁଡ଼ଅଛି ନିର୍ଲଜ ସ୍ୱଭାବ
ପରେ ପ୍ରକଟ କଲେ ଆପଣାଂ କଳା ଭାବ ଯେ । ୩ ।
ଏ ସମୟେ ସିଂହଳ ଭୂପାଳ ନିଦ୍ରାହତ
ନିତ୍ୟକର୍ମ ତ୍ୱାଙ୍କ ସାରି ନିଜ ପୁରୋହିତ ଯେ ।
କହିଲେ କର୍ଣ୍ଣାଟ ଯୁବରାଜ ପାଶେ ଯିବ
ପାଠ ଶୁଣାଇ ତା ମନ ସନ୍ତୋଷ କରିବ ହେ । ୪ ।
ଆତ୍ମ କନ୍ୟା ଯାଚିବା ନୋହିବ ସନମତ
କରିବ ଯେମନ୍ତ କର ଉପାୟ ତେମନ୍ତ ଯେ ।
ଶୁଣି ସେ କାର୍ଯ୍ୟକୁଶଳାଗ୍ରଣୀ ଆଗମନ
ତେଣେ ନୃପସୁତ କର ପଲ୍ଲବେ ଶୟନ ଯେ । ୫ ।

---

୧ । ଚକ୍ର-ଚକ୍ରବାକ । (ରାତିରେ ଚକୁଆ ଚକୋଇ ବିଚ୍ଛେଦ ହୁଏ) ।

୨ । ଅରୁଣମଣ୍ଡଳ-ସୂର୍ଯ୍ୟମଣ୍ଡଳ । ବାରୁଣୀ-ପଶ୍ଚିମଦିଗ, ତୀର୍ଥସ୍ଥାନର ଯୋଗବିଶେଷ, ମଦ । କକୁଭ ପ୍ରାଙ୍ଗଣେ-ଦିଗରୂପକ ଅଗଣାରେ । ଦରମୁକୁଳିତ-ଅଧା ଫୁଟିଲା ।

୪ । ନିଦ୍ରାହତ-ନିଦ ଶେଷ । କାର୍ଯ୍ୟକୁଶଳାଗ୍ରଣୀ-କାମ କରିବାରେ ପାରଗ । ପାଠ-ପୁନରାଗମନ ବିଷୟ ।

ବାଳା ଶୋଭା ବରଣନେ ଚନ୍ଦ୍ର ଧ୍ୟାନ କରି
ଏହନ ପ୍ରସଙ୍ଗମାନ ମନରେ ବିସ୍ତରି ଯେ ।
ଦେବଙ୍କୁ ଦୁର୍ଲ୍ଲଭ ଯେଉଁ ରମଣୀ ରତନ
କେହ୍ନେ ହେବ ମର୍ତ୍ତ୍ୟ ତାହା ସଙ୍ଗକୁ ଭାଜନ ଯେ । ୭ ।
ଦର୍ଶନ ପାଇଲି ସୀଉକାର କଳ୍ପଇଲି
ସୁବାସନ୍ଧିରେ ମୁଁ ସ୍ୱଜନତ୍ୱ ଧରାଇଲି ଯେ ।
ରସିକ ସଂସାରେ ତ ଥୋଇଲି ପ୍ରଶଂସାକୁ
କଣ କଲି ବୋଲି ଅତି ଉତ୍ତମ ଯୋଷାକୁ ଯେ ।
ଜନ୍ମାନ୍ତେ ତ୍ରିଶୂଳୀ କରି ଶୂଳକି ମନାଇ
ଗଙ୍ଗାସାଗର ସଙ୍ଗମେ ଅଙ୍ଗ ଥିଲି ଦାହି ଯେ ।
ସେ ସୁକୃତ ବାଳାରୂପେ ବିଧେ ଲେଖାଇଲା
ବିଧାତା କି ଋଣୀ ହୋଇଥିଲା ଦେଖାଇଲା ଯେ । ୮ ।
ଅସମ୍ଭାବିତ ସାହସ କରିଅଛି ମୂର୍ତ୍ତି
ମନକୁ ନ ଆସେ ଏ ସଫଳ ହେବ କେହ୍ନେ ଯେ ।
ଆସିବ ମୁକୁରବିମ୍ବ କେହ୍ନେ ଆଲିଙ୍ଗନେ
ପାରଦ ରହିବ ମୁଠା ଭିତରେ କେସନେ ଯେ । ୯ ।
କେତକୀ କୁସୁମେ କେହ୍ନେ ବିହରିବ ଅଳି
ପାତକୀକି ହେବ ପୁରନ୍ଦର ପଦ ଭଳି ଯେ ।
ଲେଞ୍ଚେ ନସ୍ତ କରି ଯେବେ ହୋଇବ ଶିବିକ
ସାଧିବ ଜୀବନେ ଥାଇଁ ହରିବଇରିକ ଯେ । ୧୦ ।
ବିନାଶ ହୋଇବ ଯେବେ କସ୍ତୁରୀରୁ କଳା
ତେବେ ବିନାଶ ହୋଇବ ମୋ ବିରହଜ୍ୱାଳା ଯେ ।
ଭେଳା ପ୍ରସ୍ତାବନା ଏକ ନିଶ୍ୱାସେ ସାଗର
ତରିଲେ ଲଭିବ ଅବା ଶୋକସିନ୍ଧୁ ପାର ଯେ । ୧୧ ।

---

୮ । ଜନ୍ମାନ୍ତେ-ଅନ୍ୟ ଜନ୍ମରେ । ତ୍ରିଶୂଳୀ-ଶିବ ।
୯ । ଅସମ୍ଭାବିତ-ଅସ୍ପୃଷ୍ଟ । ସଫଳ-ସିଦ୍ଧି ।
୧୦ । ଲେଞ୍ଚ-ଓଠବା ।

ପଶ୍ଚିମେ ଉଦୟ ଯେବେ ହୋଇବ ମିହିର
ତେବେ ବା ହୋଇବ ଉନ୍ୟାଭାତ ସୀତ୍କାର ଯେ ।
ରମାମଣୀ ସୀତ୍କାର ହୋଇଲାଣି ଯଦ
ତାତ ସୀତ୍କାରେ କମ୍ପା ଏତେ ବ୍ରତବାଘ ଯେ । ୧୨ ।
ଯେଉଁ କର୍ମେ କର୍ପୂରୁଁ ହୋଇଛି ଅଗ୍ନି ଜାତ
ସୁମନସ କଣ୍ଟକୁ ଅଶନି ସମ ଘାତ ଯେ ।
ସେହି କର୍ମେ ସ୍ୱପ୍ନଧନେ କରିବ ବାଣିଜ୍ୟ
ସଫଳ ହୋଇବ ତେବେ କାମନା ସମାଜ ଯେ । ୧୩ ।
ଇଚ୍ଛା କରୁଅଛି ଅରୁଣରୁ ସୁଧାପାନ
ସ୍ଥିରକର ବଜ୍ରକ କରିବ ଆଲିଙ୍ଗନ ଯେ ।
କରେ ଧରୁ ଚୁମ୍ବିବା ଇଚ୍ଛାଇ ସୁଧାକର
ହେମଫୁଲ୍ଁ ଗନ୍ଧ ଲଭିବାକୁ ମନ ମୋର ଯେ । ୧୪ ।
ପିକଠାରୁ ତଥା ଶୁଣିବାକୁ ସ୍ନେହ ଅତି
ମନ୍ଦରକୁ କମଳେ ଖୋଞ୍ଚାଇ ଲେଞ୍ଚେ ମତି ଯେ ।
ଚମ୍ପକ ଭ୍ରମର ମେଳ କରିବାକୁ ମନ
ନକ୍ଷତ୍ରମାଳା କରିବ ମନ୍ତ୍ରି-ଉଦ୍ଦୀପନ ଯେ । ୧୫ ।
ବନ୍ଧ୍ୟାମେଘେ ଘନରସ ବରଷା ହୋଇବ
ଭସ୍ମ ହୋଇଥିବା ଜନ ମୂର୍ତ୍ତିକି ପାଇବ ଯେ ।
ଏମନ୍ତ ବସ୍ତୁର ବେଳେ ଜଣାଇଲା ହାସ୍ୟ
ରେଟିବେ କୋଲଣ ଦ୍ୱିଜୋତ୍ତମେ ଉପଗତ ଯେ । ୧୬ ।
ଭାଙ୍କିରେ ସେ ବୋଲି ମନ୍ତ୍ରୀସୁତ ଉତ୍ତରିଲା
ବେଦକର ଏହି ବେଶ ସୁବୋଧା ହୋଇଲା ଯେ ।
ଆସନ୍ତୁ ସେ ବୋଲି ଆଜ୍ଞା ଦେଲେ ମିତ୍ର ବେନି
ରଜା ସୀତ୍କାର ହେଲା ପରି ଛତ୍ରେ ଘେନି ଯେ । ୧୭ ।

---

୧୨ । ବ୍ରତବାଘ-ତପସ୍ବୀ ।

୧୩ । କାମନାସମାଜ-ଇଚ୍ଛାସବୁ ।

୧୪ । ହେମଫୁଲ୍ଁ-ସୁନାଫୁଲରୁ ।

୧୫ । ଉଦ୍ଦୀପନ-ଉଦ୍ଦୀପନାକାରୀ ।

୧୬ । ଘନରସ-ଜଳ । ହାସ୍ୟ-ହାସ ।

ବାଳା ଶୋଭା ଦରଶନେ ଚନ୍ଦ୍ର ଧ୍ୟାନ କରି
ଏସନ ପ୍ରସଙ୍ଗମାନ ମନରେ ବିସ୍ତରି ଯେ ।
ଦେବଙ୍କୁ ଦୁର୍ଲ୍ଲଭ ଯେଉଁ ରମଣୀ ରତନ
କେହ୍ନେ ହେବ ମୁହିଁ ତାହା ସଙ୍ଗକୁ ଭାଜନ ଯେ । ୭ ।
ଦର୍ଶନ ପାଇଲି ସୀତ୍କାର କରାଇଲି
ସ୍ୱପ୍ନାବସ୍ଥିରେ ମୁଁ ରାଜହଂସ ଧରାଇଲି ଯେ ।
ରସିକ ହସାରେ ତ ଥୋଇଲି ପ୍ରଶଂସାକୁ
କଣ କଲି ବୋଲି ଅତି ଉତ୍ତମ ଯୋଷାକୁ ଯେ ।
ଜନ୍ମାନ୍ତେ ତ୍ରିଶୂଳୀ କରି ଶୂଳଙ୍କି ମନାଇ
ଗଙ୍ଗାସାଗର ସଙ୍ଗମେ ଅଙ୍ଗ ଥିଲି ଦାହି ଯେ ।
ସେ ସୁକୃତ ବାଳାରୂପେ ତହେ ଲେଖାଇଲା
ବିଧାତା କି ତୁଷ୍ଟି ହୋଇଥିଲା ଦେଖାଇଲା ଯେ । ୮ ।
ଅସମ୍ଭାବିତ ସାହସ କରିଅଛି ମୁହିଁ
ମନକୁ ନ ଆସେ ଏ ସଫଳ ହେବ କେହ୍ନେ ଯେ ।
ଆସିବ ମୁକୁଳବନ୍ଧ କେହ୍ନେ ଆଲିଙ୍ଗନେ
ପାରଦ ରହିବ ମୁଠା ଭିତରେ କେସନେ ଯେ । ୯ ।
କେତକୀ କୁସୁମେ କେହ୍ନେ ବିହରିବ ଅଳି
ଚାତକୀକି ହେବ ପୁରନ୍ଦର ପଦ ଜଳ ଯେ ।
ଲୋଷ୍ଟ୍ରେ ନଷ୍ଟ କରି ଯେବେ ହୋଇବ ଗିରିଶ
ସାଧିବ ଜୀବନେ ଆଉଁ ହରବଇରିକି ଯେ । ୧୦ ।
ବିନାଶ ହୋଇବ ଯେବେ କସ୍ତୁରୀରୁ କଳା
ସେତେବେ ବିନାଶ ହୋଇବ ମୋ ବିରହଜ୍ୱାଳା ଯେ ।
ଭେଳା ପଶବନା ଏକ ନିଶ୍ୱାସେ ସାଗର
ତରିଲେ ଲଭିବ ଅବା ଶୋକସିନ୍ଧୁ ପାର ଯେ । ୧୧ ।

---

୮ । ଜନ୍ମାନ୍ତେ-ଅନ୍ୟ ଜନ୍ମରେ । ତ୍ରିଶୂଳୀ-ଶିବ ।
୯ । ଅସମ୍ଭାବିତ-ଅଶ୍ରୁତି । ସଫଳ-ସିଦ୍ଧି ।
୧୦ । ଲୋଷ୍ଟ୍ର-ଢେଲା ।

ପଶ୍ଚିମେ ଉଦୟ ଯେବେ ହୋଇବ ମିହିର
ତେବେ ବା ହୋଇବ କନ୍ୟା ତାତ ସ୍ୱୀକାର ଯେ ।
ଶ୍ୟାମାମଣୀ ସ୍ୱୀକାର ହୋଇଲାଣି ସତ
ତାତ ସ୍ୱୀକାରରେ କନ୍ୟା ଏବେ ପ୍ରତିବାଦୀ ଯେ । ୧୨ ।
ଯେଉଁ କର୍ମେ କର୍ପୂରୁଁ ହୋଇଛି ଅଗ୍ନି ଜାତ
ସୁମନସ କରିଛି ଅଶନି ସମ ଘାତ ଯେ ।
ସେହି କର୍ମେ ସ୍ୱପ୍ନଧନେ କରିବ ବାଣିଜ୍ୟ
ସଫଳ ହୋଇବ ତେବେ କାମନା ସମାଜ ଯେ । ୧୩ ।
ଇଚ୍ଛା କରୁଅଛି ଅରୁଣରୁ ସୁଧାପାନ
ସ୍ଥିରକରି ବିଜଳି କରିବ ଆଲିଙ୍ଗନ ଯେ ।
କରେ ଧରି ଚୁମ୍ବିବା ଇଚ୍ଛଇ ସୁଧାକର
ହେମଫୁଲଁ ଗନ୍ଧ ଲଭିବାକୁ ମନ ମୋର ଯେ । ୧୪ ।
ପିକଠାରୁ ତଥା ଶୁଣିବାକୁ ସ୍ନେହ ଅତି
ମନ୍ଦରକୁ କମଳେ ଯୋଡ଼ାଇ ଲୋଡ଼େ ମତି ଯେ ।
ଚମ୍ପକ ଭ୍ରମର ମେଳ କରିବାକୁ ମନ
ନକ୍ଷତ୍ରମାଳା କରିବ ମଣ୍ଡି ଉଦ୍ଦୀପନ ଯେ । ୧୫ ।
ବନାମେଘେ ଘନରସ ବରଷା ହୋଇବ
ଭସ୍ମ ହୋଇଥିବା ଜନ ମୂର୍ତ୍ତିକି ପାଇବ ଯେ ।
ଏମନ୍ତ ବଚନ ଯେବେ ଜଣାଇଲା ହାସ୍ୟ
ତେତିକେ କୋଲଣ ଦ୍ୱିଜୋତ୍ତମେ ଉପଗତ ଯେ । ୧୬ ।
କାର୍ଣ୍ଣିରେ ସେ କୋଲ ମନ୍ତ୍ରୀସୁତ ବସ୍ତ୍ରରକ୍ଷ
ବେଦକର ଏହି ବେଣ ମୁସେଧା କୋଇଲା ଯେ ।
ଆସନ୍ତୁ ସେ ବୋଲି ଆଜ୍ଞା ଦେଲେ ମିହ ବେଣ
ରାଜା ସ୍ୱୀକାର ହେଲା ସବ ଶବ୍ଦେ ଯେଣ ଯେ । ୧୭ ।

---

୧୨ । ପ୍ରତିବାଦୀ-ବିପକ୍ଷ ।

୧୩ । କାମନାସମାଜ-ଇଚ୍ଛାସବୁ ।

୧୪ । ହେମଫୁଲଁ-ସୁନାଫୁଲରୁ ।

୧୫ । ଉଦ୍ଦୀପନ-ଉଦ୍ଦୀପନାକାରୀ ।

୧୬ । ଉପଗତ-ଆଗତ । ହାସ୍ୟ-ହାସ୍ୟ ।

ବିପ୍ରେ ଆସି ପରବେଶ ଦ୍ୱାରପାଳ କରେ
କଲ୍ୟାଣ ବାଞ୍ଛି ଲେ ସେ ନୃପଙ୍କ ନମସ୍କାରେ ଯେ ।
ଆସନ ପାଇ ବସୁଧାଦେବ ଅତି ତୋଷୀ
ଶ୍ରୀମୁଖରେ କହିବୁ ପାଠଶାଠ ବୋଲି ଭାଷି ଯେ । ୧୮ ।
ନୃପଙ୍କ ପ୍ରଶଂସା ଶ୍ଳୋକ ପ୍ରଥମେ ପଠନ
କୁମାର ବୋଲଇବା ଖ୍ୟାତି ହେବ ଭଗେ ସେନ ଯେ ।
ବିଧୁ ସମ ଯଶ ପରତଙ୍କ ବରକର
କଲି ସେ ବିବିଧ ଶ୍ଳେଷ ଭେଦ ଅଙ୍ଗୀକାର ଯେ । ୧୯ ।
ତଦୁତ୍ତରେ କାମଶାସ୍ତ୍ର ରସ ପକାଇଲି
ନାରୀରୁ ଅଧିକ ହୋଇ ନାହିଁ ତିନିପୁରୀ
ପରମ ପଦାର୍ଥ ଏକା ବୋଲଇ ସେ ନାରୀ ଯେ । ୨୦ ।
ସ୍ତମ୍ଭନ ମୋହନ ବଶ ଉଚ୍ଚାଟନ ଗୁରି
ଜନପ୍ରିୟୀ ବୋଲି ଜାଣ ପୀନ ପୟୋଧରୀ ହେ ।
କାମିନୀ ବର୍ଣ୍ଣିନା ଅତିଶପୁ କହି କଲି ଯେ ।
ରାମା ନ ମୋହିଲି ହୋଇ ଚଉଦଭୁବନ
ଆନ ନାହିଁ ଥିଲେ ଥିବେ ନପୁଂସକ ଜନ ଯେ । ୨୧ ।
ଶୃଙ୍ଗାର ନ ଥିଲେ ବ୍ୟାକୁଳତା ତାଙ୍କ ଅଛି
ଶାତୁଭନ୍ତି ଆମ୍ଭର ଜୀବନ ନୋହେ କହୁ ଯେ ।
ସ୍ୱର୍ଗ ଅପବର୍ଗରୁ ଅଧିକ ସୁଖ ନାହିଁ
ରତି ସୁଖ ସଙ୍ଗେ ସେ ସମାନ ହେବ କେଉଁ ଯେ । ୨୨ ।
ସ୍ୱର୍ଗ ସୁଖ ଇନ୍ଦ୍ର ବଡ଼ ଯାହା ଭୁକ୍ତମାନ
ସେ ରତି ଲୋଭୁଁ ଶାପେଟି ସହସ୍ରଲୋଚନ ଯେ ।
ଅପବର୍ଗ ବ୍ରହ୍ମର ଆପୁରି ବୋଲି କହି
ରତିରସେ ବ୍ରହ୍ମଲୀନ ପୁଣ ଅଛି କହି ଯେ । ୨୩ ।

---

୧୮ । ବସୁଧାଦେବ-ବ୍ରାହ୍ମଣ ।
୧୯ । ଶ୍ଳେଷ-ଦ୍ୱି ଅର୍ଥ ବୋଧକ ପ୍ରୟୋଗ ।
୨୨ । ଅପବର୍ଗ-ଫଳସିଦ୍ଧି ।

କେଉଁଠାରେ କୋଇଲ ବା ଶୁଣ ଦୃଷ୍ଟାନ୍ତର
ଯୋଗମାୟା ଆଶ୍ରୟ ପୁରୁଷ ଗଦାଧର ଯେ ।
ଗୋପାଙ୍ଗନା ଲମ୍ପଟ ନିଷେଧ ଆଚରଣେ
ଶିବ ଅର୍ଦ୍ଧଅଙ୍ଗ ଗିରିସୁତା ପ୍ରତିପଣେ ଯେ ।୨୪।
ରତିପଦେ ଶୃଙ୍ଗାର ରତିପତିରେ ସ୍ନେହ
କେଣି ରତିରୁ ପ୍ରଥୁଳ ନିତମ୍ବିନୀ ଦେହ ଯେ ।
ନାୟ ପଦ୍ମିନୀ ଚିତ୍ରିଣୀ ଶଙ୍ଖିନୀ ହସ୍ତିନୀ
ସ୍ବରକାନ୍ତ ପ୍ରଧାନ ଆଉ ଶଙ୍କାୟ ସେଣ ଯେ । ୨୫ ।
ଦେବ ଗନ୍ଧର୍ବ ଯକ୍ଷ ପ୍ରେତ ସର୍ବାଦି କ୍ରମେ
ଯେ ପୁଂସର ଯେତେ ଭାଗ୍ୟ ସେ ଲଭେ ତା ରମେ ହେ ।
ହୀରା ମାଳା ମାଣିକ୍ୟ ମୁକୁତା ଇନ୍ଦ୍ରମର
ମୂଲ୍ୟ ଅଛୁ ମୂଲ୍ୟ ନାହିଁ ସ୍ତିୟାରତନର ଯେ । ୨୬ ।
ଫୁଲାଇ ନାସା ଡୋଲାକୁ ଖେଳାଇ ନେବାର
ମୁଖ ହଲାଇ ଗେହ୍ଲାଇ ଭାଷା କହିବାର ଯେ ।
ଚିବୁକେ ତର୍ଜ୍ଜନୀ ଦେଇ ହୋଇବାର ଲଜ୍ଜା
ନେତ୍ର ଦେଖିଥିବ କି ଏପରି ଆନ ଶୋଭା ଯେ ।୨୭।
ମାୟା ଫେଡ଼ାବେଳେ କରିବାର ନାହିଁ ନାହିଁ
ବଚନ ସମ ସୁସ୍ୱର ବୀଣା ପିକେ କାହିଁ ଯେ ।
ବିପରୀତ ମାଗୁଁ କେ ଜାଣଇ ବୋଲିବାର
ସଞ୍ଜୀବନୀ ମନ୍ତ୍ର ସମ ନିଜ ତା ଭୁଲିର ଯେ । ୨୮ ।
ଶୟନରେ ଆଣିକରି କୋଳେ ଆଣିବାର
ଅଣିମାଦି ସୁଖ ନିଜ ସମ ତା ସଙ୍ଗର ଯେ ।
ରତିକାଳେ ମୁଦ ଫେଡିବାର ନେତ୍ର ଦୁଇ
ଜଳ ନୀଳୋତ୍ପଳକୁ ଧିକ୍କାର କରୁଥାଇ ଯେ । ୨୯ ।

---

୨୫ । ଶୃଙ୍ଗାର-କାମକେଳି । ନିତମ୍ବିନୀ-ନାୟିକା ।

୨୭ । ତର୍ଜ୍ଜନୀ-ବୁଢ଼ା ଆଙ୍ଗୁଠି ନିକଟସ୍ଥ ଅଙ୍ଗୁଳି ।

୨୮ । ଖୋସା ଫେଡ଼ାବେଳେ-ଖୋସଣୀ ଫିଟାଇବ ବେଳେ । ସଞ୍ଜୀବନୀମନ୍ତ୍ର-ଜୀବଦାନ ମନ୍ତ୍ର ।

ଏତକ ହେଉ ବୋଲଣ ଭଡ଼ବାର ଷଣେ
ସେ ସୁଖ ପାଇବ ଯୁବା କେଉଁ ସ୍ୱଜପଣେ ଯେ ।
ଯାହାଠାରେ ଅଭିଳାଷ କରେ ଯାହା ମନ
ସେହି ତାର ସକଳ ସୁଗନ୍ଧ ବୋଲି ଘେନ ଯେ । ୩୦ ।
ମୁଗ୍‌ଧାଙ୍କୁ ମଧ୍ୟା ପ୍ରଗଲ୍‌ଭା ପାଏ ସୀମନ୍ତିନୀ
ପୁରୁଷର ହୁଅଇ ଅଶେଷ ସୁଖଦାୟୀ ଯେ ।
ଉଦୟରୁ ଅସ୍ତଯାଏ ଚନ୍ଦ୍ରିକାମଣ୍ଡଳ
ଯଥା କରଇ ଚକୋର ସୁଖକୁ ସଫଳ ଯେ । ୩୧ ।
ଲୁବଧରୁ ଜାତ ଲୋଭ ଲୋଭୁଁ ପ୍ରୀତି ଲେଖ
ପ୍ରୀତିରୁ ସୁରତ ଜାତ ପୀରତରୁ ସୁଖ ହେ ।
ପ୍ରାଣ ପ୍ରୌଢ଼ ହୋଏ ସ୍ତ୍ରୀ ପ୍ରୌଢ଼ ନୋହେ କେବେ
ସ୍ୱକଣାବଠାରୁ ଶୁଣିଥିବ ତ ପ୍ରସ୍ତାବେ ଯେ । ୩୨ ।
ପୁଣ ନେଶ ଲୁଜକର ରସ ଆସ୍ୱାଦନ
ହୃଦେ ଘେନ ପୁଂସ କହେ ହେବ ଏ ବିଧାନ ଯେ ।
ସୁଖୀ ହୋଇଥିବ ନୃପ ଉପଗୀତା ନୋହି
ତବ୍ୟା ଥିବ ଅବ୍ୟସ୍ତ୍ରୀ ସି ମିଳିଥିବ ତହିଁ ଯେ । ୩୩ ।
କି ହେବ ଇନ୍ଦ୍ର ହୋଇଲେ ସର୍ବ ସମ୍ପଦରେ
ସ୍ତ୍ରୀ ସ୍ୱପ୍ନାନ ଠାରୁ ପ୍ରାପ୍ତୀ ନାହିଁ ଏ ସଂସାରେ ଯେ ।
ରସିକ ବୋଲଣ ବୋଲି ଏହି ପୁରୁଷକୁ
ଯେ ଘେନଣ ଥାଇ ଏତେ ଲକ୍ଷଣ ବଂଶକୁ ଯେ । ୩୪ ।
ତୋଷ କଲେ ସ୍ୱମା ସ୍ନେହ ନ ଘେନଇ ମନେ
ଦାସ ପ୍ରାପ୍ତ ସୃଷ୍ଟ ବରତଇ ପ୍ରିୟା ମନେ ଯେ ।
ପ୍ରଣ୍ଡ ନ କରଇ ତାକୁ ଶୟନେ ଗମନେ
ଜାଣିଥାଇ କାମଶାସ୍ତ୍ର ବନ୍ଧୁର ବିଧାନେ ଯେ । ୩୫ ।

---

୩୧ । ମୁଗ୍‌ଧା-ସରଳ ସ୍ୱଭାବ ନାୟିକା । ପ୍ରଗଲ୍‌ଭା-ଅସମ୍ବନ୍ଧ ପ୍ରଲାପ ଭାଷିଣୀ ।
ସୀମନ୍ତିନୀ-ସଧବା ସ୍ତ୍ରୀ ।

କରନାହିଁ ଯେ ଦର୍ଶନ ବାଳା ବଦସନ
ଅନ୍ଧ ହେବୁ ଜନ ଥାଇ ନିର୍ମଳ ନୟନ ଯେ ।
ଯୋଷା ପରିହାସ ଭାଷା ଯେହୁ ନ ଶୁଣିଛି
କର୍ଣ୍ଣ କୋଟେ ଛିଦ୍ରଯୁଗଳ ସେ ବହିଛି ଯେ । ୩୬ ।
ଯେ କରନାହିଁ ସୁନ୍ଦରୀ ବିମ୍ବାଧର ପାନ
କ ସ୍ୱାଦୁ ଜାଣିଛି ଧିକ ତାହାର ଜୀବନ ଯେ ।
ମହା ମହା ଦାନ ଦେଇନାହିଁ ଯେହୁ କରେ
ସେ କାହିଁ ପଡ଼ିବ ରସବନ୍ତ ଚତୁରରେ ଯେ । ୩୭ ।
ସ୍ୱୟମ୍ଭୁ ଶମ୍ଭୁ ସେବାରେ ଯାହା ଚିତ ମନ
ସେ ସ୍ମରଣ କରିଲ ସାରସ କୋଷ ସ୍ତନ ହେ ।
କହୁଥିଲେ ସରିବାର କୋଟେ ଏ ଚରିତ
ସ୍ମରଶାସ୍ତ୍ର ଅଳଙ୍କାରେ ଯେ ସ୍ତୁତିପାଠିତ ହେ । ୩୮ ।
ତୁମ୍ଭେ ରାଜପୁତ୍ର ଯୁବା ସୁନ୍ଦର ରସିକ
ତୁମ୍ଭଙ୍କୁ କି ଅଗୋଚର କାବ୍ୟଶାସ୍ତ୍ରଯ କ ହେ ।
ଏକା କାବ୍ୟଶାସ୍ତ୍ର କର୍ମ ଅନୁଭବୀ ପୁଣ
ଯାହା ସେବା କରୁଣ ନୃପତିସୁତାଗଣ ଯେ । ୩୯ ।
ତାହାଙ୍କ ସ୍ତନଉପର କଲ୍ପ ରତ୍ନଧ୍ୱଜ
ବନ୍ଧ ହୋଇ ନାହାନ୍ତି ଆମ୍ଭର ଯୁବରାଜ ଯେ ।
ସମେ କନ୍ୟା ନ ମିଳନ୍ତି ପୃଥିବୀ ମଣ୍ଡଳେ
ଉଣା ଅଧିକ ଦ୍ରବ୍ୟ କ ପାଏ ରହେ କୁଳେ ଶେ । ୪୦ ।
ପାରିଲେ ଲଭାଅ ତୁମ୍ଭ ରାଜପୁତ୍ରୀ ଅଛି
ସୁନ୍ଦରୀ ବୋଲି ଶବଦ ଲୋକେ ପ୍ରକଟିଛି ହେ ।
ଦେଖିଲ ଯେବେଢ଼ି ସୁନ୍ଦର ଆମ୍ଭ ନୃପାତ୍ମଜ
ସେ ହେଲେ ସେ ହେବେ କରନ୍ତାଇଁ ବଶକାର୍ଯ୍ୟ ହେ । ୪୧ ।
ଦ୍ୱିଜ କହେ କ କହୁଛ ମରଇଁ ମରଇଁ
ଏତେ ସୁକୁମାର ଦେହ ମାର ପ୍ରହାରଇ ହେ ।
ହେଲେ ହେଲା ଭ ହେଲା କ ହୁହେଁ ବଡ଼ ରାଜା
ରାଜପୁତ୍ରେ ବନ୍ଧ ପିନ୍ଧା ରାଜାର ତନୁଜା ହେ । ୪୨ ।

---

୩୬ । ବଦସନ-ଲଙ୍ଗଳା । ଛିଦ୍ରଯୁଗଳ-ଦୁଇଟି ଗାତ ।
୩୮ । ସାରସ କୋଷ-ପଦ୍ମକେଶର । ସ୍ମରଶାସ୍ତ୍ର-କାମଶାସ୍ତ୍ର ।

ତଥାପି ଲାବଣ୍ୟବତୀ ନିସ୍ତୁଲଙ୍କାର
ସୁନ୍ଦରପଣେ ତାହାର ନାହିଁ ସମ ଆର ହେ ।
ଉପ୍ସରୁ କି ସମ ସ୍ପର୍ଦ୍ଧା କରିବାକୁ ତପ
ବନେ ଫଣିଛନ୍ତି ଯାଇଁ କମଳକଳାପ ହେ । ୪୩ ।
ଏମନ୍ତ ମୁଖ ନୟନ ରୁଚିର ତାହାର
ବୁଧେ ବୋଲନ୍ତି ମଦନମୋହନର ସର ଯେ ।
କବି ଗଣେଶ ବର୍ଣ୍ଣନା ନ ପାରନ୍ତି କରି
ଗୁଣ ସ୍ମରଣ କରନ୍ତି ଜପାମାଳ ଧରି ହେ । ୪୪ ।
ଅଧିକ ନେହ ବଳିଲେ ବୃଷା ବୃଷାସନ
କରିବାକୁ ଶୋଭାବତୀ ଶୋଭା ଦରଶନ ହେ ।
ବିଧି କୁମାର ଅନନ୍ତ ମୁଖାଧିକ ହୋଇ
ବହିରନ୍ତି ତାହା ଶୋଭା ବର୍ଣ୍ଣିବାର ପାଇଁ ହେ । ୪୫ ।
ଏସନ ଯେଉଁ ସୁନ୍ଦରୀ ଭବର ତପରେ
ଯତ୍ନଫଳ ହୁଅଇ କି ଶରୀରଭଜନରେ ଯେ ।
ସୁନ୍ଦରୀମା ପଣ ଯେବେ ଦେଖନ୍ତେ ଭୂପତି
ଲକ୍ଷ କରି ନ ପାରିବେ ମନୋହରବାଣୀ ଯେ । ୪୬ ।
ନାକ ନାଗେ ସମ ନାହିଁ ଆଉ ଆଉ ଧରା
ବର ଖୋଜ ମନ୍ତ୍ରୀଙ୍କ ହୋଇଲା ମହା ଭାର ହେ ।
ତା ବଂଶରେ କୁଳୀନଗଣେ ମିଳିଲେ ପ୍ରଂସ
ନୃପେ ସୁବର୍ଣ୍ଣାଭ ବନ୍ଧା କରିବା ଅବଶ୍ୟ ହେ । ୪୭ ।
ତୃଷାର୍ତ୍ତୀ ପିକା ସଲିଳ ପାଶେ ଉପଗତ
ପାଣି ତୃଷାର୍ତ୍ତୀ ପାଶକୁ ଆସେ କି ଦେନ ତ ହେ ।
ନଦୀ ସନ୍ନିଧିକୁ ଜଳପାନ କରିଗଲେ
ତାହା ଅସନମତ ହୋଇଛି କେଉଁ କାଳେ ହେ । ୪୮ ।

---

୪୩ । ବନେ-ଜଳରେ । କମଳକଳାପ-ପଦ୍ମସମୂହ, ମୃଗସମୂହ ।
୪୪ । ମଦନ ମନୋହର ସର-କନ୍ଦର୍ପର ସୁନ୍ଦର ଶପାଖରୀ । କବି-ଶୁକ୍ର ।
୪୫ । ବୃଷା-ଇନ୍ଦ୍ର । ବୃଷାସନ-ମହାଦେବ । ବିଧି-ବ୍ରହ୍ମା । କୁମାର-କାର୍ତ୍ତିକେୟ । ଅନନ୍ତ-ଶେଷଦେବ ।
୪୬ । ଶରୀରଭଜନ-ମନୁଷ୍ୟଲୋକ ।
୪୭ । ନାକ-ସ୍ୱର୍ଗ । ନାଗେ-ପାତାଳରେ । ଧରା-ପୃଥିବୀ । କୁଳୀନ-ଉତ୍ତମବଂଶୀ ।

ଆପଣେ ଆସ୍ତ ସଙ୍ଗତେ ବୋଲ ଆସିବାକୁ
ନୃପେ କଲ୍ପ ନିର୍ବାହ କରିବା ଏ କାର୍ଯ୍ୟକୁ ଯେ ।
ଏ ଉତ୍ତରେ ଚିତ୍ରଧ୍ୱଜ ସଙ୍ଗତରେ ଯାଇ
ସଚିବଙ୍କୁ ଘେନି ନୃପ ଗ୍ରାମୁରେ ପ୍ରକାଶ ଯେ । ୪୯ ।
ସେ ବୋଇଲେ ସବୁରୂପେ ଆମ୍ଭର ସମ୍ମତ
ଜାତକ ବିରୁଦ୍ଧେ ନାହିଁ କେବଣ ଆପତ୍ତି ଯେ ।
ପାଟଯୋଷୀ ତାଙ୍କ ଭଲ ବେଳକୁ ଜାଣିଲେ
ଉତ୍ତମ ଶୁଝିଲା ବେନି ଜାତକ ବୁଝିଲେ ଯେ । ୫୦ ।
ନୃପ ଆଜ୍ଞା ଦେଲେ ପୁରେ ପିବା ଦୁଅ ସଜ
ମନ୍ତ୍ରୀଙ୍କ ଘେନି କୁମାର ପାଶେ ଗଲେ ଦ୍ୱିଜ ହେ ।
ନୃପତି ସମ୍ମତ ଶୁଣି ହୋଇଲେ ହରଷ
ଚିର କ୍ଷୁଧାର୍ତ୍ତେ ପାଇଲା କି ପୀୟୂଷରସ ହେ । ୫୧ ।
ତେଣେ ଅରୁଣଅଧରା ପୀନପୟୋଧରା
ଏକାନ୍ତେ ବସି କୁମାର ଦର୍ଶନ ସୁମରୁ ଯେ ।
କେତେ ଅଦ୍ଭୁତ ଶୋଭା ଦେଖିଲା ନୟନ
ଉପମାକୁ ସମ ହୋଇନାହିଁ ତ ବଚନ ଯେ । ୫୨ ।
ଏ ସମୟେ ପରବେଶ ହେଲା ଚନ୍ଦ୍ରାବଳୀ
ତାପ ଧ୍ୱଂସିଦେଲା ଏ ବଚନାମୃତ ଢାଳି ଯେ ।
କର୍ଣ୍ଣାଟ ଯୁବରାଜଙ୍କୁ ତୋତେ ଦେବା ପାଇଁ
କଥା ହୋଇ ରାଜା ମନ୍ତ୍ରୀ ଦେଲେ ପଠିଆଇ ଯେ । ୫୩ ।
ସତେ କି ବୋଲି କେତକୀବରନା ପଚ୍ଛନ୍ତି
ଆନ ଅଛି ବୋଇଲା ସୁନ୍ଦରୀ ସହଚରୀ ଯେ ।
ସିନ୍ଧୁରଗତି ଆନନ୍ଦ ସିନ୍ଧୁ ଉଛୁଳିଲା
କେତେ ଦେବତାଙ୍କୁ କେତେ ଭୋଗ ମନାସିଲା ଯେ । ୫୪ ।

---

୪୯ । ନିର୍ବାହ-ସମ୍ପାଦନ ।

୫୦ । ଜାତକ ବିରୁଦ୍ଧେ-ଜନ୍ମକୋଷ୍ଠି ଅମେଳରେ । ପାଟଯୋଷୀ-ଶ୍ରେଷ୍ଠ ଜ୍ୟୋତିଷ ।

୫୪ । ସିନ୍ଧୁର ଗତି-ଗଜଗାମିନୀ ।

ତରୁଣନ ଭାବନା ହୋଇଲା ଆନ ତାର
ବରହଂଉତ୍କଣ୍ଠିତା ହୋଇଲା ବାମାବର ଯେ ।
ଅନୁରାଗରତ୍ନ ଦେଇ ମନ କୋଟେ ତୋଷ
ପୁନଃ ପୁନଃ କଲା ପ୍ରିୟସଖୀଙ୍କି ଆଶ୍ଳେଷ ଯେ । ୫୫ ।
ଆହେ ରାମ କରୁଣାସାଗର ରୂପଧର
ଖର-ତ୍ରିଶିର ଦୂଷଣ ଶିଶିର ପ୍ରହାର ହେ ।
ମୁନଜନ ତୋଷ ଜନପଦସ୍ଥିତ କର
ଉପେନ୍ଦ୍ର ଭଞ୍ଜ ବୀରବର ତାପ ହର ହେ । ୫୬ ।

—*—

## ଅଷ୍ଟାବିଂଶ ଛାନ୍ଦର ସାରକଥା

ଏ ଛାନ୍ଦଟି ଲାବଣ୍ୟବତୀ ଓ ଚନ୍ଦ୍ରଭାନୁର ବିବାହ ଦିଗରେ ଆଉ ଏକ ପଦ ଅଗ୍ରଗତି । ଉଭୟେ ପରସ୍ପରଙ୍କୁ ଦେଖିବା ପରେ ପରସ୍ପର ପ୍ରତି ଆକାଂକ୍ଷା କିପରି ହୃଦୟରେ ବୃଦ୍ଧି ପାଇଛି ତାହା ଏ ଛାନ୍ଦରେ ବର୍ଣ୍ଣନା କରାଯାଇଛି । କନ୍ୟା ପକ୍ଷର ପୁରୋହିତ ଚନ୍ଦ୍ରଭାନୁର ସମ୍ମୁଖରେ ଉପସ୍ଥିତ ହୋଇ ଲାବଣ୍ୟବତୀର ଅଲୋକସାମାନ୍ୟ ରୂପର ଏକ ଚିତ୍ର ପ୍ରଦାନ କରିଛି । ଏ ବର୍ଣ୍ଣନା କେତେକାଂଶରେ ଅଶ୍ଳୀଳ । ତତ୍ପରେ କନ୍ୟା ଏବଂ ବର ଉଭୟ ପକ୍ଷର ଜାତକ ବିଚାର କରାଯାଇଛି । ଉଭୟଙ୍କର ଜାତକ ମିଳିବାରୁ ବିବାହର ପ୍ରସ୍ତାବ ସ୍ୱୀକୃତ ହୋଇଛି । ଏଥିରୁ ଜଣାଯାଏ କବି ଦେଶାଚାର କୁଳାଚାର ଆଦି କୌଣସି ନୀତିକୁ ଅସମ୍ମାନ କରି ନାହାନ୍ତି । ବିବାହ ସ୍ଥିର ହେବା ସମ୍ବାଦ ଲାବଣ୍ୟବତୀକୁ ଜଣାଇ ଦିଆଯିବା ପରେ ଛାନ୍ଦ ଶେଷ ହୋଇଛି ।

---

୫୫ । ବରହ ଉତ୍କଣ୍ଠିତା-କାମ ସଂଯୋଗରେ ଉତ୍ସୁକ । ଅନୁରାଗରତ୍ନ-ପ୍ରୀତିରୂପକ ଶ୍ରେଷ୍ଠ ଦ୍ରବ୍ୟ । ଆଶ୍ଳେଷ-ଆଲିଙ୍ଗନ ।

୫୬ । ଜନପଦ-ଗ୍ରାମ ।

# ଊନତ୍ରିଂଶ ଛାନ୍ଦ

( ସଖିମାନଙ୍କ ରହସ୍ୟ ଓ କଥୋପକଥନ )

ରାଗ—ମଙ୍ଗଳଗୁଜ୍ଜରୀ

ସିଂହଳେଶ ତୋଷଭର    ଚଳିଦେଲା ଅନ୍ତଃପୁର
ନାଗ୍ନି ବୋହିତେ ବସାଇ    ସୁନ୍ଦରୀ ଶତେ ଭକଳ ।୧।
କୁମର କାହୁଁତ ପିବ    କାହିଁକ ଥିବ ଏ ଗାବ
ଚଡ଼ବ ସିନ୍ଧୁ ମଧ୍ୟର    ଏ ବସ୍ତୁର ସବୁ ସାର ।୨।
ମନାସି ମୁଁ ଖ୍ୟାସିଥିବ    ଜନମାନ୍ତରେ ପାଇବ
ଆନ ବିଧିରେ ମରଣ    ହେଲେ ହେବ ଆକାରଣ ।୩।
ଏ ବସ୍ତୁର ମୂଳକରି    ଭଜେ ବୋହିଥେ ସୁନ୍ଦରୀ
ନିଜ ମାତା ତାହା ରୂପ    ଅନାଇଁ ଲଭିଲେ ତାପ ।୪।
କହିଲେ ସଖୀଙ୍କି ଛଳ    କ ବଶୁଷ୍ଟି ନବବାଳୀ
ତାତ କର୍ଣ୍ଣାଟେଶ ସୁତ    କର କଲେ କାଲି ସତ ।୫।
ଆସିବେ ରହିଲେ ପଛେ    ବୋହିତେ ବସାଇ ସ୍ୱଚ୍ଛେ
ଏବେ ନ କଲେ ଯତନ    ଖାଇବଟି ନିନ୍ଦାମାନ ।୬।
ଏ ବାଣୀ ଶୁଣି ତକ୍ଷଣ    କେଳମାର ଗାବ ରକ୍ଷଣ
ସମୁଦ୍ର ହୋଇଲେ ପାର    ସନ୍ତୋଷେ ଚଳିଲେ ପୁଣ ।୭।
କୁମାର ସେନା ନୃପତ    ପାର ହୋଇ ପୁରେ ସ୍ଥିତ
ଦିବ୍ୟପୁରେ ବସା ଦେଇ    ରହିଲେ ହରଷ ହୋଇ ।୮।
ସବ ନୃପତି ନିରାଶ    କାହିଁ ଗଲେ ସ୍ୱଦେଶ
ନିରାଶ ଅମୃତ ପାନେ    ଯେମନ୍ତେ ଅସୁରମାନେ ।୯।
ସିଂହଳ ଦ୍ୱୀପକୁ ଦେଖି    ଯୁବରାଜ ଅତି ସୁଖୀ
ଭାବିଲା ଲାବଣ୍ୟବତୀ    ଜନ୍ମସ୍ଥାନ ଯହିଁ କ୍ଷିତି ।୧୦।
ତାକୁ ସ୍ୱର୍ଗସମ କାହିଁ    ବୋଲିବା ଆଶ୍ଚର୍ଯ୍ୟ ନୋହି
ଏଣୁକରି ଅନୁପମା    ସଂସାରେ ନାହିଁ ଉପମା ।୧୧।
ଶୁଭିଲା କଳସ୍ୱ ଗୀତ    ଏଥି ବୀଣାଧ୍ୱନି ମତ
ହୋଇଥିବ କାଳାମଣି    ଏମନ୍ତ ମନକୁ ଆଣି ।୧୨।

---

୧୧ । ଅନୁପମା-ଅତୁଳନୀୟା ।

ଲେଖିଲା ସେ ମନେ ମନ  ଅଛି ଆଉ କେତେ ଦିନ
ମୋ ଅଙ୍କ ପଲ୍ୟଙ୍କ କରି  ବସିବ ଅବନୀଶୀଶା ।୧୩।
ରସିକ ବୃନ୍ଦ କୁ ଶୁଣି  ହସିବ ଅଳପ ପୁଣି
ଦଶିକ ମୁଖ ଯେସନ  ସେହି କୋଳରେ ପ୍ରସନ୍ନ ।୧୪।
ସେ ଶୋଭା ସନ୍ଦର୍ଭ ତଳେ  ନ ଥିବ ଚନ୍ଦ୍ର ମଣ୍ଡଳେ
ହୋଇବ ପଦ୍ମ ମୁକୁର  କାନ୍ତିକି ତୁଳନା ତାର ।୧୫।
ମୋତେ ସୁନ୍ଧିବ ଶ୍ରଦ୍ଧାରେ  ନେଉଥିବ ନେସାନ୍ତରେ
ଡୋଳା ଖେଳାଇ ଖେଳାଇ  ସେ ସେ ଲାଜ ଲାଜ ହୋଇ ।୧୬।
ଅନଙ୍ଗ ତୁରଙ୍ଗ ଲୀଳା  ହେବ ଅବା କେତେ ତୁଳା
ମତ୍ତ ଖଞ୍ଜନ କୁରଙ୍ଗୀ  କାନ୍ତି ପାଇଲେ ସେ ଭଙ୍ଗୀ ।୧୭।
ଯହିଁ ଭଙ୍ଗୀ ଅନୁସରି  ଭୃଙ୍ଗ କମଳେ ବିହରି
ନୀଳୋତ୍ପଳ କାଟେ ତଳେ  ଇଚ୍ଛାରେ ଭୁଜଙ୍ଗ ଖେଳେ ।୧୮।
ସୃଷ୍ଟି କ ସନ୍ତୋଷ ହେବ  ସରୁ ଚୁମ୍ବନ ମୁଁ ଦେବ
ନେବ ମୁଖ ଆଡେ କରି  ତନୁରେ ପୁଲକ ଭରି ।୧୯।
ସୁବର୍ଣ୍ଣ ପନସ ସମ  ଦିଶୁଥିବ ମନୋରମ
ଭାଳବ ପକାଇ ହୃଦେ  କି କାର୍ଯ୍ୟ ଇନ୍ଦ୍ରର ପଦେ ।୨୦।
ଏମନ୍ତ ଭାବନା ବେଳେ  ମାଳାକାର ନାରୀ ମିଳେ
ବସ୍ତ୍ରଷ୍ଟି ଫୁଲ ଚନ୍ଦନ  ପ୍ରୀତିଯୁକ୍ତ ବାଣୀମାନ ।୨୧।
ଶୁକ ଯେ ଦେଲା ଚାହାଇଁ  ଆନନ୍ଦେ ପ୍ରଶଂସ ଅନାଇଁ
ଶୋଭା ସେ ଚନ୍ଦନ ଫୁଲେ  ଅଙ୍ଗକୁ କଲା ଚପଳେ ।୨୨।
କେ ଇଲା ଏ ଦ୍ରବ୍ୟ କର  ଜୀବନ ପ୍ରଭୁର ମୋର
ଲାଗି ଥିବାରୁ ଶୀତଳ  କରିବ ବିରହାନଳ ।୨୩।
ନୋହିଲେ ଏ ଦ୍ରବ୍ୟମାନେ  ଦହୁଥିଲେ ନିଶି ବନେ
ଚତୁର ହସିଲା ହୋଇ  ମଧ୍ୟରେ ଭାଷିଲା ତହିଁ ।୨୪।
ଏହି ବଚନରେ କିଣି  ପକାଇଲା ସୁମାମଣି
ସୂଚଣରେ ଭେଦ ମାର  ଗୁଣବନ୍ତ ମାଳାକାର ।୨୫।
ଏ ବିଧିରେ କେତ କେତ  ବୁଦ୍ଧି ହେଲା କେକ ପ୍ରୀତ
ଶୁଣିମା ଏଥି ଉତ୍ତରୁ  ମହାଦେବୀଙ୍କ ଆଜ୍ଞାରୁ ।୨୬।

---

୧୫ । ଶୋଭା ସନ୍ଦର୍ଭ-ସୌନ୍ଦର୍ଯ୍ୟ ସମୂହ ।

ମାତାମହୀ ପ୍ରଭୃତି ଆସି    ଥିଲେ ଯେ କରତା ଦାସୀ
କଉତୁକ ନାମ ତାର    ଚରିତ୍ରାଏ ସ୍ୱଭାବର ।୨୭।
ବଶୀକରଣାଦି ବିଧି    ଜାଣଇ ନାନା ଔଷଧି
କେମାପୁରକୁ ଗମନ    କହଇ ଯନ୍ତ୍ର ବିଧାନ ।୨୮।
ସଖିମାନଙ୍କୁ ବସାଇ    ହେଲା କଥା ଏ କହଇ
କେମା କ୍ଷୀଣ କଳେବର    ଅତି କଳଆର ବର ।୨୯।
ସଙ୍ଗେ କେଣ୍ଟ ବିହରିବ    ଏମନ୍ତ ତୁମ୍ଭେ କରିବ
ଦେବ ସିତା ମେଥି ଖୀରେ    ନିତି ପ୍ରଭାତ କାଳରେ ।୩୦।
ବଦରୀ ଚୂର୍ଣ୍ଣ ଉବସେ    ଉଦକରେ ଧୋଇ ତୋଷେ
ମଧୁ ନବନୀତ ଯୁକ୍ତେ    ଅଶନକୁ ଦିଅ ସ୍ନେହେ ।୩୧।
ମଲ୍ଲିକା ବୋଇଲା ଶୁଣି    ଶାଣେ କ୍ଷୀଣ ହେଲେ ମଣି
ଶୋଭା କି ତୁଟଇ ତାର    ମନରେ କର ବିଚାର ।୩୨।
ଗଜ ବଳବନ୍ତ ହୋଇ    ଅଙ୍କୁଶ କି ନ ମାନଇ
ଶଶୀ କ୍ଷୀଣ ଯେ ହୁଅଇ    କଳା ତା ବୃଦ୍ଧି କରଇ ।୩୩।
ପ୍ରଥମା ବୋଇଲା ତେବେ    ଏମନ୍ତ କର ଗୋ ଏବେ
ଖଡ୍ଗ ସାଧନା କଶର    କର୍କଶ ବଲ୍ଲଭ କର ।୩୪।
ତିଳତୈଳ ତାଳମୂଳ    ରସଯୁକ୍ତ ଲଣ୍ଡି କର
କାର୍ପାସ ତୁଳାପେ ଦେବ    ଉରଜ କଠିନ ହେବ ।୩୫।
ଦ୍ୱିତୀୟା ବୋଇଲା ଶୁଣ    ଯେଉଁ ଉରଜ କଠିନ
କମଠ ପୃଷ୍ଠ ସ୍ୱଭାବ    ମେରୁ ଗର୍ବ କରେ ଖର୍ବ ।୩୬।
କାନ୍ତିକି ଏହା କରିବା    ନାୟକ କର ପୀଡ଼ିବା
ପ୍ରଥମା ବୋଇଲା ଶୁଣି    ଏମନ୍ତ କର ଗୋ ପୁଣି ।୩୭।

---

୩୦ । ସିତା-ଚିନି ।

୩୧ । ବଦରୀ-ଅଲେଇଚ । ନବନୀତ-ଲହୁଣୀ । ଅଶନକୁ-ଖାଇବାକୁ ।

୩୪ । ଖଡ୍ଗ ସାଧନା କଶର-ଖଣ୍ଡା ଚାଳନ କରିବା ଅଭ୍ୟାସ ଯୋଗୁଁ । କର୍କଶ-ଟାଣୁଆ । ବଲ୍ଲଭ କର-ସ୍ୱାମୀ ହାତ ।

୩୫ । କାର୍ପାସ-କପା ।

୩୬ । କମଠ-କଇଁଛ । ଖର୍ବ-ଛୋଟ ।

ଗନ୍ଧ-ଉତ୍ପଳ ବଡ଼ଙ୍ଗ    କଟୁ ତୈଳ କରି ସଙ୍ଗ
ଲେପନ କେଶେ କରିବ    ଅତ୍ୟନ୍ତ କୁଟିଳ ହେବ ।୩୮।
ସୈନ୍ଧବ ପିପ୍ପଳୀ କେଳୀ    ଚୂର୍ କାସେ ଘୃଣି ତଳ
ଲେପନ କେଶେ କରିବ    ଅତ୍ୟନ୍ତ ପ୍ରଲମ୍ବ ହେବ ।୩୯।
ଦ୍ୱିଜସୁତା ବୋଇଲା ଭଲ    କୁଟିଳ ପ୍ରଲମ୍ବ ବାଳ
ନଷ୍ଟ ଲମ୍ପଟ ସ୍ୱମତରେ    ନିବନ୍ଧ କାଳେ ଧିକ୍କାରେ ।୪୦।
ବନ୍ଧନେ ଜଗତଜନ    ମନ କରଇ ବନ୍ଧନ
ନ ହୋଇବ ଅଧିକାରେ    ବଶ୍ୟର କର ମନରେ ।୪୧।
ପ୍ରଥମା କଲା ଉତ୍ତର    ମୁଖବାସକୁ ବିସ୍ତର
ଜାତିଫଳ ନାଗେଶ୍ୱର    ଗୁଡ଼ତ୍ୱକ ଘନସାର ।୪୨।
ଏଲାଇଚ ନଖୀ ଭରି    ପାନେ ଦିଅ ବଢ଼ କରି
ଦ୍ୱିଜସୁତା ବୋଲେ ନ ଜାଣିଁ    ଯଉଁ ଲପନ ଅମୂଲ୍ୟ ।୪୩।
ଶ୍ରୀକୃଷ୍ଣ ପଦ ତୁଳସୀ    ଉଜ୍ଜ୍ୱଳ ପତ୍ରସ୍ଥ ବାସି
ଆଘ୍ରାଣେ ପରମାନନ୍ଦ    ଲଭିବ ପୁଂସ ମିଳନ୍ଦ ।୪୪।
ପୁଣି ସେ ପ୍ରଥମା ଭଣେ    ଶ୍ରମେ ସ୍ୱେଦ ଗନ୍ଧ ନାଶେ
କର ଏହି ଉପଚାର    ଚନ୍ଦନ ନାଗକେଶର ।୪୫।
ଅଭୟା ହରିଦ୍ରା ସଙ୍ଗେ    ଲେପନ କର ଗୋ ଅଙ୍ଗେ
ଦ୍ୱିଜସୁତା ବୋଲେ ନ କହ    ଯେଉଁ ତନୁ ମନ୍ଦ ମନ୍ଦ ।୪୬।
ପଦ୍ମ ପ୍ରାପ୍ତ ବାସୁଥାଇ    ଛନ୍ତି ଦୁର୍ବାସନା ଯାନ୍ତି
କସ୍ତୁରୀଗନ୍ଧା ବନିତା    ସ୍ୱଭାବେ ଗନ୍ଧର୍ବସତ୍ତ୍ୱା ।୪୭।
ଯା ଅଙ୍ଗ ଗନ୍ଧର ଫଳ    ନ ପାଇଅଛୁ ଜଗୁଳି
ଏଣୁ ଲକ୍ଷଣ ବିସ୍ତର    କହୁ ଗରଣକ ଗୋପ୍ତ ।୪୮।

---

୩୮ । ଗନ୍ଧୋତ୍ପଳ-ଜଟାମାଂସୀ । କଟୁ-କଟୁଆଲତା । କୁଟିଳ-କୁଞ୍ଚିକୁଞ୍ଚିଆ ।
୩୯ । ପ୍ରଲମ୍ବ-ଲମ୍ବା ।
୪୦ । ନିବନ୍ଧ-ଫିଟାଇବା ।
୪୨ । ମୁଖବାସକୁ-ମୁହଁ ବାସିବାକୁ । ଜାତିଫଳ-ଯାଇଫଳ । ଘନସାର-କର୍ପୂର ।
୪୪ । ମିଳନ୍ଦ-ଭଅଁର ।
୪୬ । ଅଭୟା-ହରିଡ଼ା । ହରିଦ୍ରା-ହଳଦୀ ।
୪୭ । ଦୁର୍ବାସନା-ଦୁର୍ଗନ୍ଧ । ଗନ୍ଧର୍ବସତ୍ତ୍ୱା-ଦେବଯୋନି ସମ୍ଭୂତା ।

କଥାରେ ନ ପାରି ଜିଣି ପ୍ରଥମା ଏମନ୍ତ ଭଣି
ନବୀନା ସୁବର୍ଣ୍ଣ ଏନ୍ତ ରତ୍ନଭଳ କାନ୍ତି ମାନ୍ତି ।୫୯।
କାମଶାସ୍ତ୍ର ପୋଥି ହସ୍ତେ ବନ୍ଧ ବୁଝୁଥାଉ କରେ
ବନ୍ଧଚଳ ଭଙ୍ଗି ଯନ୍ତ୍ରେଁ ବସିବା ଶୋଇବା ଛନ୍ଦେଁ ।୬୦।
ପ୍ରତିକ୍ଷଣେ କରୁଥାଉ କୁସୁମ ସମସ୍ୟା ନେଉ
ଶୁଣି ଅପର ହସିଲା ସଧୀରେ ବାଣୀ ଭାଷିଲା ।୬୧।
ଶିଖୀ ଚକ୍ର ହଂସ ଶ୍ୱେତ କେ କରିଛି ସେମ ଚିତ୍ର
ଯାହା ପଢ଼ାଇଲ ଶାସ୍ତ୍ର ସ୍ମରଶାସ୍ତ୍ର ଅର୍ଥକର ।୬୨।
ତା ହାତେ ପୋଥି ଦେବାକୁ ଶୁଣିଲଇଁ ଅଭାଗ୍ୟକୁ
ଶୁଣି ସେ ହୋଇ ମଉନ ଚଳିଲା ରାଣୀ ସଦନ ।୬୩।
ଶ୍ୟାମ କମଳ ଶ୍ୟାମଳ କପଟ କମଳ ବାଳ
ଉପଇନ୍ଦ୍ର ବୀରବର ଚିନ୍ତେ ଚିତ୍ତେ ନିରନ୍ତର ।୬୪।

## ଊନତ୍ରିଂଶ ଛାନ୍ଦର ସାରକଥା

ଏ ଛାନ୍ଦରେ ଲାବଣ୍ୟବତୀ ସଖୀମାନଙ୍କ ସହ ଦୋଳଉତ୍ସବରେ ବସି ନିଜ ଦେଶକୁ ଫେରିଯିବାର ପ୍ରସଙ୍ଗ ବର୍ଣ୍ଣନା କରାଯାଇଛି । ପଥ ମଧ୍ୟରେ ସଖୀମାନଙ୍କ ସହ ପୂର୍ବର ମିଳନ ବୃତ୍ତାନ୍ତ ସମ୍ବନ୍ଧରେ ରହସ୍ୟପୂର୍ଣ୍ଣ କଥୋପକଥନ ଅବତାରଣା କରାଯାଇଛି । କୌମୁଦୀ ନାମ୍ନୀ ଗୋଟିଏ ବୃଦ୍ଧାଦାସୀ ଜେମା ସମ୍ମୁଖରେ ଉପସ୍ଥିତ ହୋଇ କାମରଞ୍ଜନ ଏବଂ ନାରୀ-ସୌନ୍ଦର୍ଯ୍ୟ ବୃଦ୍ଧିର ଉପାୟମାନଙ୍କ ସମ୍ବନ୍ଧରେ ଏକ ଆଲୋଚନା କରିଛି । ଏ ସଂପର୍କରେ ୨୯ଶ ପଦଠାରୁ ୪୩ ପଦ ପର୍ଯ୍ୟନ୍ତ ଦ୍ରଷ୍ଟବ୍ୟ । ବିବାହ ପୂର୍ବରୁ ସ୍ତ୍ରୀମାନଙ୍କୁ ଯୌନଶିକ୍ଷା ଯେ ଦିଆ ଯାଉଥିଲା—ଏହା ତାହାର ଏକ ଦୃଷ୍ଟାନ୍ତ । କାମରଞ୍ଜନ ଏବଂ ତତ୍ ସଂପର୍କୀୟ ଭେଷଜରେ ଯେ ଉପେନ୍ଦ୍ର ଭଞ୍ଜଙ୍କର ସୂକ୍ଷ୍ମ ଜ୍ଞାନ ଥିଲା ତାହା ଏଥିରୁ ସୂଚିତ ହୁଏ ।

---

୬୦ । ବନ୍ଧଚଳ ଭଙ୍ଗି-ଯେଉଁ ଗ୍ରନ୍ଥରେ ରତି ସବୁ ବର୍ଣ୍ଣିତ ହୋଇଛି ।

୬୧ । କୁସୁମ ସମସ୍ୟା-ରଜୋବତୀ ହେବା ବେଳ ।

# ତ୍ରିଂଶ ଛାନ୍ଦ

## ( ଲାବଣ୍ୟବତୀର ବିବାହ )

ରାଗ—ମଙ୍ଗଳଗୁଜ୍ଜରୀ । ଜଗନ୍ନାଥ ନାମ ବଣ ହରଗଲୁ ମଙ୍ଗଳ—ବାଣୀ

ଏଥୁ ଅନ୍ତରେ ଶୁଣ ସୁବୁଦ୍ଧି କଳାପ
ଭୃତ୍ୟେ ନିର୍ମିଣିଲେ ଗୁମ୍ଫାମଣ୍ଡପ ମଣ୍ଡପ ହେ । ୧ ।
ଗୁମ୍ଫାମଣ୍ଡପ ବେଢ଼ିଲ ଘର ପରିବାରି
ମଣ୍ଡପ ଯେମନ୍ତେ ତହିଁ ପ୍ରଧାନ ସୁନ୍ଦରୀ ଯେ । ୨ ।
ସେ ତମାଳଶାଖାକେଶୀ ଏ ଭ୍ରମରକେଶୀ
ସେ ପୁଷ୍ପଗୁଚ୍ଛରେ ଏ ମୁକ୍ତାଗୁଚ୍ଛେ ହସି ଯେ । ୩ ।
ସେ ନାରିକେଳ ଉରଜ ଏ କଳଶସ୍ତନୀ
ସେ ଦନ୍ତକମନୀୟା ଏ ହୀରକଦଶନୀ ଯେ । ୪ ।
ସେ ପଲ୍ଲବଅଧରୀ ଏ ବିଦ୍ରୁମ ଅଧରୀ
ସେ ପତନୀ ବାସେ ଶୋଭି ଏହା ବାସ କରି ଯେ । ୫ ।
ସେ କସ୍ତୁରୀତିଳକେ ଏ ସିନ୍ଦୂରଟିକେ ଶୋଭି
ସେ ବ୍ୟଜନେ ରଞ୍ଜିନ ଦର୍ପଣମୁଖୀ ଏହି ଯେ । ୬ ।
ଏମନ୍ତ ଦେଖି ସିଂହଳପତି ତୋଷଭରି
କଥମପି ନୃହରି କି ଉଆଣ ସମ୍ଭାରି ଯେ । ୭ ।
କେତେଦିନେ ପରବେଶ ଶ୍ରୀହରିବାସର
ଉତ୍ସବେ ଅତି ଉସ୍ରୁକ ହେଲେ ନରେଶ୍ୱର ଯେ । ୮ ।
ପ୍ରତିଦ୍ୱାରେ ରମ୍ଭାତରୁ ଭବ୍ୟ ତୋରଣମାନ
ରମ୍ଭାଙ୍କର ବାରନାରୀ ମଙ୍ଗଳ ଗାୟନ ଯେ । ୯ ।
ପ୍ରଦୋଷ ସମୟେ କଲେ ଗନ୍ଧପଣ ବିଧି
ଭୂଦେବଜନଙ୍କ ସାତ ପାଟବସ୍ତ୍ର ପିନ୍ଧି ହେ । ୧୦ ।
ଜାପିଞ୍ଜ ନୂତନପୂର୍ଣ୍ଣ ଖେପି ନାରିକେଳ
ନବତେଲ ପ୍ରଦୀପ ବଡ଼ଶ ଦୂର୍ବାଦଳ ଯେ । ୧୧ ।

---

୮ । ଶ୍ରୀହରିବାସର-ଏକାଦଶୀ, ପୂର୍ଣ୍ଣିମା, (ଜନ୍ମାଷ୍ଟମୀ) । ଉସ୍ରୁକ-ଆନନ୍ଦ ।
୯ । ଭବ୍ୟ ତୋରଣ-ସୁନ୍ଦର ତୋରଣ ।
୧୦ । ପ୍ରଦୋଷ-ସନ୍ଧ୍ୟା । ଗନ୍ଧପଣ ବିଧି-ବିବାହ ଉତ୍ସବର ପୂର୍ବାନୁଷ୍ଠାନ ବିଶେଷ ।
୧୧ । ନୂତନପୂର୍ଣ୍ଣ-ନୂଆ ଚୂଳ । ଖେପି-ଥୋଇ । ନବତେଲ-ନୂଆ ଲଗା ।

ଯେଣୁ ବାହାରିଲେ ଉଠେ ହୁଳହୁଳି ହୋଇ
ଗୀତ ଇଚ୍ଛାସୁଖେ ବୀଣା କ ଅବା ବାଜଇ ଯେ । ୧୨ ।
ବାଜଇ ବହୁଧ ବାଦ୍ୟ ଦେବୀ ବନ୍ଦିଲେ
ସପତବୃନ୍ଦ କୁଲଣ ସମ୍ଭାଳ ତୋଳିଲେ ଯେ । ୧୩ ।
ବର ନବରକୁ ଯାଇଁ କଲେ ଗନ୍ଧଷଣ
ସେହି ସଙ୍ଗେ ବହୁଦାସୀ ବଜାଇ ଢୋଷଣ ଯେ । ୧୪ ।
ଆସି କନ୍ୟା ମଢରେ ହୋଇଲେ ପରବେଶ
ଗନ୍ଧଷିଲେ ହୋଇ ଭୂଷା ଗନ୍ଧପୁଷ୍ପ ବାସ ଯେ । ୧୫ ।
କାନ୍ତଙ୍କ ଯାଇ ସେ ପୁରେ କଥା ପରସ୍ପରେ
ଏମନ୍ତ ସୁନ୍ଦରୀ ଥିଲ ଜନମି ସଂସାରେ ଯେ । ୧୬ ।
ଚନ୍ଦ୍ରମୁଖେ ନୟନଯୁଗଳେ ହେଲେ ଲକ୍ଷି
ଶିଶୁକୁରଙ୍ଗ ଯେମନ୍ତେ ଉଭେ ହୁଅଇ ଯେ । ୧୭ ।
ଢ଼ୋଳଭଙ୍ଗ ସ୍ଥଳ ଅନାଇଲେ ସେ ବଦନ
ବିକାଶ ସାରସ ପତ୍ର ଦିଶେ ଶୋଭାବନ ହେ । ୧୮ ।
ଦୁହିଙ୍କି ଏକାବେକକେ ଲକ୍ଷିଲେ ଏସନ
ମୋହନ ପାଶରେ ପଡ଼ି ଚଞ୍ଚଳ ଖଞ୍ଜନ ଯେ । ୧୯ ।
ଲାବଣ୍ୟସରରେ ମୀନ ଖେଳନ୍ତାର ପରି
ପ୍ରଧାନ ଲାବଣ୍ୟବନ୍ତି ତ୍ରିଭୁବନଶିଶ୍ୱ ଗୋ । ୨୦ ।
ଦାସୀକଥା ହେବାକୁ କୁମର ସାବଧାନ
ତାକୁ ମୁଁ ପାଉଛି ବୋଲି ଭଳିଯାଇ ମନ ଯେ । ୨୦ ।
କନ୍ୟାପୁରେ ବିଜନାସ୍ତି କଥା ପରସ୍ପରେ
ନଥିଲ୍ଲ ତ ଫୁଲଶର କନ୍ଦର୍ପ ହସ୍ତରେ ଗୋ । ୨୨ ।
କାହାକୁ ପ୍ରହାରିବ କି ତେବେ ଥାନ୍ତା ରୂପ
ନୋହିଲେ ବନ୍ଧନ କି କରିଛି ହର କୋପ ଗୋ । ୨୩ ।

---

୧୩ । ଗନ୍ଧଷିଲେ-ଗନ୍ଧାଦିଦ୍ରବ୍ୟରେ ମାର୍ଜନା କଲେ ।

୧୪ । ଗନ୍ଧଷଣ-ମଙ୍ଗଳପାଠ ବିଧି ବିଶେଷ । ଢୋଷଣ-ବାଦ୍ୟ ।

୧୮ । ବିକାଶ ସାରସ-ଫୁଟିଲ୍ଲ ପଦ୍ମ ।

୨୦ । ଲାବଣ୍ୟସର-ସୁନ୍ଦର ପୋଖରୀ ।

ଜଣେ ବୋଇଲା ସେ ଅଛୁ ନ ପାରିଲୁ ଦେଖି
ଧନୁଶର ନାମଟି ହୋଇଛୁ ଭୁରୁ ଆଖି ଗୋ । ୨୪ ।
ଉମାକାର୍ଯ୍ୟେ ଯାଇ ପାଇଥିଲା ଅପଯଶ
ଏଣୁ ରାମା ନାଶରେ କ ଅଛୁ ପଞ୍ଚବାଣ ଗୋ । ୨୫ ।
ନୃପସୁତା ଚକ୍ଷୁଗ୍ରା ଉଭରିଲା ଯୁବକଙ୍କ
ମଲାଇଁଟି ଯେତେ ନବକାନ୍ତୁପ୍ତୀ ଜଗତେ ଗୋ । ୨୬ ।
ଏମନ୍ତେ କଥା ଶ୍ରବଣେ ସୁନ୍ଦରୀ ଉନ୍ନତ୍ତ
ସେ ମୋ ପ୍ରଭୁ ଭାବ ବଡ଼େ ଆନନ୍ଦ ସମୁଦ୍ର ଯେ । ୨୭ ।
ଏମନ୍ତେ ରଜନୀ ଶେଷ ସମୟରେ ତନ୍ବୀ
କୋଳକସ୍ନାନ ସେ ବର କନ୍ୟାକୁ କରାଇ ଯେ । ୨୮ ।
ଦଧିଗୁଡ଼ ଭକ୍ତ ଭୁକ୍ତ ଅନୁରକ୍ତ ବଣେ
କନ୍ୟା ଲବଣଚଉଁରା ପୂଜିଲା ହରଷେ ଯେ । ୨୯ ।
ଚଉଁରା ନୋହେ କଣ୍ଠରୁ ଗଉଷ୍ଠିକ ସେବା
ସୁରୁଚ ଈଶ୍ୱର ସଙ୍ଗମକୁ ମୋତେ ଦେବା ଗୋ । ୩୦ ।
ଦଣ୍ଡେ ଏ ବିଳମ୍ବ ନୋହୁ ବେଗେ ହେଉ ଇଚ୍ଛା
ବୈଦ୍ୟ ଯଥା ମନାସିଲା ବ୍ୟାଧିମନ୍ତ ବାଞ୍ଛା ଗୋ । ୩୧ ।
ଏ ସମୟେ ପରବେଶ ନୃପତି ନନ୍ଦନ
ଭବଧ ବାଦ୍ୟନାଦନ୍ଦେ ଦୁଆରେ ସଘନ ଯେ । ୩୨ ।
ସିଂହଳେଶ ଜ୍ୟୋତିଷ କହିଲା ଏହି କାଳ
ପ୍ରବେଶ ହେଲଟି ବଣ୍ଣା ଅନୁକୂଳ ବେଳ ହେ । ୩୩ ।
ମୀନକେତୁ ନାମ କୁମରକୁ ପଠିଆଇ
ଅଣାଇଲେ ସରଣୀବରଣୀ କରି ତନ୍ବୀ ଯେ । ୩୪ ।
ଜ୍ୟେଷ୍ଠ ଶୁକ୍ଳ ଦ୍ୱାଦଶୀ ସୋମବାର ହୋଏ
ଘଣ୍ଟାନ୍ତ କଳାକୁ ଭୋଗ ଦିବସ କୋଡ଼ିଏ ଯେ । ୩୫ ।
ସ୍ୱାତି ତାର ତୁଳଚନ୍ଦ୍ର ଶୁଭ ନାମେ ଯୋଗ
ସେହିଦିନ ବେଳର ଷଡ଼ଦଣ୍ଡ ହୋଏ ଭୋଗ ଯେ । ୩୬ ।

---

୨୮ । କୋଳକ ସ୍ନାନ-ବୋଇଲ ଭୁଙ୍ଗ ।
୩୪ । ମୀନକେତୁ-ସିଂହଳ ରାଜପୁଅ । ସରଣୀ ବରଣୀ-ବାଟବରଣ ।

ରବି ବୁଧ ଶୁକ୍ର ମିଥୁନରେ ହୋଏ ସ୍ଥିତ
କର୍କଟା ଲଗ୍ନରେ ମଗ୍ନ ଉଚ୍ଚେ ବୃହସ୍ପତି ଯେ । ୩୭ ।
ଚନ୍ଦ୍ର କେନ୍ଦ୍ରବର୍ତ୍ତୀ ତୁଳେ ଶନୈଶ୍ଚର ମୀନେ
ମଙ୍ଗଳ ମଙ୍ଗଳ ଭାବେ ବୃଶ୍ଚିକରେ କନ୍ୟେ ଯେ । ୩୮ ।
ସ୍ୱର୍ଭାନୁ ମକରେ କରେ ବଳାସକୁ ତୋଷେ
ଏହିକାଳେ ବର ବଧୂ ମଣ୍ଡପରେ ବସେ ଯେ । ୩୯ ।
ସୁରଶଙ୍ଖ ଶଙ୍ଖ ବାଜେ ଅସଂଖ୍ୟ ମାଧୁରୀ
ଘଣ୍ଟ ପଟହ କଂସାଳ ତାଳ ତୂରୀ ଭେରୀ ଯେ । ୪୦ ।
କର୍ତ୍ତାଳ କାହାଳ ଢକ୍କଘୋଷ ବେଣୁ ତମ୍ପା
ମୁରୁଜ ଡିଣ୍ଡିମ ଦୁନ୍ଦୁଭିରେ ମହୀ କମ୍ପା ଯେ । ୪୧ ।
ବୀଣା ରବା ତାଳ ତାଳ ମୃଦଙ୍ଗ ମର୍ଦ୍ଦଳ
ସ୍ୱରମଣ୍ଡଳ ଅମୃତ୍ତି ବାଏ ଗୁଣିକୁଳ ଯେ । ୪୨ ।
ଗଣକଗଣ ମଙ୍ଗଳାଷ୍ଟକ ପଢ଼ନ୍ତି
ମଙ୍ଗଳଗୀତ ଗାଆନ୍ତି ଗଣିକା ଯୁବତୀ ଯେ । ୪୩ ।
ବନ୍ଦିବୃନ୍ଦ ବନ୍ଦନା କରନ୍ତି ଅତି ଉଚ୍ଚେ
ବେଦଜ୍ଞକୁଳ ପୁରୋହିତ ବସି କର୍ମେ ରତେ ଯେ । ୪୪ ।
ଏକାଳେ ମୁଖଡିଣ୍ଡିମ ଶୁଭିଲା ଅନ୍ତଃପୁରେ
କୁମାର ବକ୍ଷରେ ମାର କ ମୋ ମରଣରେ ଯେ । ୪୫ ।
ଧନୁର୍ଗୁଣ ଟଙ୍କାର ସଘେଷେ ଅସୁଅଛି
ବାଳା ସାହା ହେବାର କ ଜାଣିନାହିଁ କହି ଯେ । ୪୬ ।
ଏ ସମସ୍ତେ ପରସ୍ତ୍ରୀ କାରିକଗନ୍ଧାକୁ
ଲବଣତଇଁଷ୍ଟି ଅର୍ଥେ ଆଣିଲେ ସେଠାକୁ ଯେ । ୪୭ ।
ଅନ୍ତଃପାଟ ଅନ୍ତରେ ତରଳାକ୍ଷୀ ରହି
ତରଳ ନୟନ ଅନ୍ତେ ବଳିଭକୁ ଚାହିଁ ଯେ । ୪୮ ।
ଲବଣ ତଣ୍ଡୁଳ ସହ ପୁଷ୍ପସକୁ ମାରି
ବହୁ ପ୍ରାପ୍ତ କାହ୍ନଭଲ ଚଞ୍ଚଳ ତରୁଣୀ ଯେ । ୪୯ ।
ଉଚାଟ ମନ୍ମଥଳକ ପକାଇ ସେ ଯୁବା-
ଚିତ୍ତ ଧରି ପଣନ୍ତରେ ବାନ୍ଧି ନେଲା କବା ଯେ । ୫୦ ।

---

୪୦ । ସୁରଶଙ୍ଖ-ହୁଳହୁଳି ।
୪୭ । କାରିକଗନ୍ଧା ପଦ୍ମଗନ୍ଧା ।

କୁଣକଟିକ ପାଟସ୍ଥିଟି ଯାଅ ବୋଲି ମନ
ପଠାଇଦେଲା କବା ରସିକରତନ ଯେ । ୫୧ ।
ବସ୍ତୁତ ବିନୟ ହୋଇ କହୁଛି ସେ ତାଙ୍କୁ
ବିଳମ୍ବ ନ କର ବେଗେ ଆସ ବନତାଙ୍କୁ ଯେ । ୫୨ ।
ବରବନ୍ଧ ଯଜ୍ଞୋପବୀତକୁ ଏଣ୍ଟିକାଳେ
କନ୍ୟାପାଶେ ନିର୍ବେପଣ ଦ୍ୱିଜମାନେ କଲେ ଯେ । ୫୩ ।
ଚତୁସ୍ତ ସେ ବସ୍ତ୍ରରଲ୍ଲ ଆସିଛନ୍ତି ନେଇ
ଆପଣା ବ୍ୟାଜରେ ଯଜ୍ଞୋପବୀତକୁ ଦେଇ ଯେ । ୫୪ ।
ସେଣ୍ଟକ୍ଷଣି ରଙ୍ଗେ ଯେ କୁରଙ୍ଗେକ୍ଷଣୀ ସଙ୍ଗେ
ବେଢ଼ିଛନ୍ତି ଚନ୍ଦ୍ରପାଶେ ସଜ୍ଜନ ସମାଜେ ଯେ । ୫୫ ।
ସୁବେଶିତ ବେଶ ବାଧି ନୋହିଲାଇଁ କନ୍ଥ
ଅଳଙ୍କାରି ଅଳଙ୍କାର ଯେଣୁ ଚନ୍ଦ୍ରମୂର୍ତ୍ତି ଯେ । ୫୬ ।
ଧୀରେ ବିଭାମଣ୍ଡପେ ପ୍ରବେଶ ଆସି ହେଲା
ବାମ ଦକ୍ଷିଣ ବିଚାରି ନ ବସଇ ବାଳା ଯେ । ୫୭ ।
ବାମଦେବବାମ ବାମ ଅଙ୍ଗୁ ଅଷ୍ଟ ହୋଇ
ସତ ନ କଳଇ କେହି ବାମ ହେବ ମୂର୍ତ୍ତି ଯେ । ୫୮ ।
ଏ ବିଚାର କଲା ସ୍ୱତ ପୁରୋହିତ ସୁତ
ବିଧାତା ବିଧାନ ଶ୍ଳୋକ ପଢ଼ିଲା ଭୂଷିତ ସେ । ୫୯ ।
ଶ୍ରବଣେ, ବସିଲା ବର ସମୀପେ ବନିତା
ପୁରୁଷ ଯେସନ ଏ ତ ପରମପଣ୍ଡିତା ଯେ । ୬୦ ।
ବେଦୋକ୍ତ ମନ୍ତ୍ରବିଧିରେ ଆରମ୍ଭିଣ କର୍ମ
ଶମରେ ଉଦିତ କଲେ କାନ୍ତା କାନ୍ତ ନାମ ଯେ । ୬୧ ।
ବଶିଷ୍ଠ ଅରୁନ୍ଧତୀ ଶ୍ରୀରାମ ସୀତା ପରି
ଶିବ ପାର୍ବତୀ ଏ ଲକ୍ଷ୍ମୀ ସମାନକୁ କରି ଯେ । ୬୨ ।

---

୫୩ । ଯଜ୍ଞୋପବୀତ-ପଇତା । ନିର୍ବେପଣ-ସ୍ଥିରୀକରଣ ।
୫୫ । କୁରଙ୍ଗେକ୍ଷଣୀ-ମୃଗନେତ୍ରୀ ।
୫୬ । ଅଳଙ୍କାରି-ହାବଭାବ ।
୫୮ । ବାମଦେବ-ମହାଦେବ । ବାମଦେବ ବାମ-କନ୍ଦର୍ପ । ବାମ-ଶତ୍ରୁ ।

ଦ୍ୱିଜେ ବଣ୍ଟେ ନାରିକେଳ ବାଣ୍ଟ ଯେଣେ ପ୍ରତେ
ସମ୍ପୂରଣ ନବେଶିଲେ ତାହାକୁ ଦମ୍ପତେ ଯେ ।୬୩।
ମଧୁଶଯ୍ୟା କାଳରେ ଯେ ତେଜ୍ୟା ଭରିବାକୁ
ଲାଜାହୋମ ନ କଲେଟି ଦଣ୍ଡିବେ ଲଜ୍ଜାକୁ ଯେ ।୬୪।
କାନ୍ତା କାନ୍ତ କରପଦ୍ମ ତୋଳନତ ଶିଖ
ସ୍ଥିର କରିଥିଲେ ବୋଲି କୁଶବନ୍ଧ କଣ ଯେ ।୬୫।
ପରାଭବ ଅନ୍ତେ ଦ୍ୱିଜସୁତ ଫେଡ଼ ଦେଲା
ମନୋଭବ ପରାଭବ ଯାହା ହେଉଥିଲା ଯେ ।୬୬।
ଛୁଆଇଁଲେ କୁମାରକୁ କୁମାରୀ ଚରଣ
ମନ୍ମଥ ଭସ୍ମରୁ କଣ୍ଠେ ଉଠିଲା ଶରଣ ଯେ ।୬୭।
କମ୍ବୁରେ ଅମ୍ବୁ ତୋଳଣ ବେଳୁ କନ୍ୟା ତାତ
କଣ୍ଠକୁ ସମାନ ନୋହୁ କି ଅବା ସ୍ୱେଦତ ଯେ ।୬୮।
ବନ୍ଧବଧି ଶେଷ ଯନ୍ତେଁ ହେଲା ଏ ବଧିରେ
ବର କନ୍ୟା ସେବ ଗଲେ ଅବରୋଧ ପୁରେ ଯେ ।୬୯।
ଆଜ ସୁତ ହେବେ ବେଳ ଏ ବ୍ୟାଜରେ ତର୍କି
ଯୁତ ଖେଳାଇ ସ୍ୱର୍ଣ୍ଣ ବଟିକା ଦେଇ ଯେ ।୭୦।
ଅନ୍ତଃପୁରସ୍ଥାଙ୍କୁ କଲା ବ୍ୟାକୁଳ ମଦନ
ଜଗତମୋହନ ରୂପ କରି ଦରଶନ ଯେ ।୭୧।
ଖ୍ୟାତ ଭଗ୍ନୀଲେଖା କେମା ସାନ ଭଗ୍ନୀ ଯେତେ
ଦାସୀ କରିଦେବେ କି ସ୍ୱଚ୍ଛର କଲେ ଚିତ୍ତେ ଯେ ।୭୨।
ସେବାବେଳେ କରପଦ୍ମ ଲାଗିବେ ଉରଜେ
ପରମ ଗତିକି ଆମ୍ଭେ ପାଇବା ସହଜେ ଯେ ।୭୩।
ଜରଣ୍ଠ ଖେଳିଲେ ଚିତ୍ତେ ଗଲାଣି ବପୁସ
ନ ହେଲେ ଲୁଚ ଶଳାଇ ଯାଆନ୍ତୁ ପ୍ରକଶ୍ୟ ଯେ ।୭୪।
ତରୁଣୀଏ ମନାସନ୍ତି ସ୍ୱେର ଦେବୁ ଦେବେ
ହେ ପ୍ରଭୁ ଆମ୍ଭଙ୍କୁ କେମା ସଙ୍ଗତରେ ଦେବେ ଯେ ।୭୫।

---

୪ । ଲାଜାହୋମ-ମିଳନ ପୂର୍ବରୁ ଯେ ହୋମ କୃଏ ।
୬୫ । କୁଶବନ୍ଧ-କୁଶରେ ବାନ୍ଧିବା ।
୭୦ । ଯୁତ-ଏକତ୍ର, ଜୁଆ । ସୁବର୍ଣ୍ଣବଟିକା-ସୁନା କଉଡ଼ି ।

ଭୋଗ ନୋହିଲେ ତ ହୋଇଥିବ ଦରଶନ
ଚନ୍ଦ୍ରମା ଉଲ୍ଲାସେ ଯଥା କୁମୁଦିନୀ ବନ ଯେ । ୭୬ ।
ଏମନ୍ତ ଭୋଜନ ସ୍ନାନେ ହେଲେ କନ୍ୟାବର
ଜରତୀ ଦ୍ୱିଜବନିତା କହିଲା ସେଠାରୁ ଯେ । ୭୭ ।
ପଞ୍ଚବାଣ ଶାସ୍ତ୍ରରୁ ଜଣିଲ ପଞ୍ଚଦାସୀ
କର ଏବେ ହରଷରେ ଜାମ୍ବୁପତ୍ର ବସି ଯେ । ୭୮ ।
ସେ ବିଧି ଶେଷେ ବିଜୟ ବାଦ୍ୟରେ ଭ୍ରମର
ବନ୍ଦାଇଲା ରତ୍ନ ଦେଲେ ମନ୍ତ୍ରୀସୁତା କର ଯେ । ୭୯ ।
ସେଣିକବେଳରୁ ସେ ଜେମାର ସହଚରୀ
ଆରମ୍ଭିଲେ ସୁବେଶକୁ ବହୁରି ବହୁରି ଯେ । ୮୦ ।
କେତେ ସଖୀ ମଣ୍ଡିଗଲେ ମଧୁଶଯ୍ୟା ପୁର
ଏଣିକାଳ ଉତ୍ସବକୁ ଧ୍ୟାୟି ଶ୍ରୀରାମର ଯେ । ୮୧ ।
କହେ କବି ଭଞ୍ଜ ଶାରଦର ଦିବ୍ୟ ରସ
ଆଦେ ରାମ ଅବଶେଷେ ଏ ଗୀତ କର ଶେଷ ହେ । ୮୨ ।
ସୀତା ସହିତ ମୋ ଚିତ୍ତୁଁ ନୋହିବ ଅନ୍ତର
ଏହି ଅଭିଷ୍ଟକୁ କରୁଅଛି ନିରନ୍ତର ହେ । ୮୩ ।

—*—

## ବିଂଶ ଛାନ୍ଦର ସାରକଥା

ଏ ଛାନ୍ଦଟିକୁ ଲାବଣ୍ୟବତୀ କାବ୍ୟର କେନ୍ଦ୍ରବିନ୍ଦୁ କହିବା ସମୀଚୀନ ହେବ । ଲାବଣ୍ୟବତୀ ଏବଂ ଚନ୍ଦ୍ରଭାନୁ ଉଭୟଙ୍କର ପ୍ରାକ୍-ବୈବାହିକ ସମ୍ବନ୍ଧ ବା ପୂର୍ବରାଗର ଅବସାନ ଏଠାରେ ହୋଇଛି । ଏହି ଛାନ୍ଦଠାରୁ ଉଭୟ ଗତାନୁଗତିକ ବୈବାହିକ ଜୀବନରେ ପ୍ରବେଶ କରିବେ । ମୋଟ ଉପରେ ଏହାହିଁ ଉଭୟଙ୍କର ପ୍ରେମ ଜୀବନର ପୂର୍ଣ୍ଣଚ୍ଛେଦ । ବିବାହ ହିନ୍ଦୁ ସମାଜ ଜୀବନର ଏକ ପ୍ରଧାନ ଘଟଣା । ତେଣୁ ଏ ଛାନ୍ଦରେ ବିବାହ ବର୍ଣ୍ଣନାରେ ଭଞ୍ଜେ ନିଜର କୁଶଳତା ପ୍ରଦାନ କରିଛନ୍ତି । ଏଥିରୁ କ୍ଷତ୍ରୀୟ ପରିବାରର କୁଳାଚାର ପରିଚୟ ମିଳେ । କୋଣଳ ସ୍ନାନ, ଦଧିଗୁଡ଼ ଭୋଜନ, ଲବଣଚୂମକୀ ଓ ସୁନା କଉଡ଼ିଖେଳ ଇତ୍ୟାଦି ଉଦାହରଣ ସ୍ୱରୂପ ଦ୍ରଷ୍ଟବ୍ୟ । ବିବାହର ଲଗ୍ନ ସ୍ଥିର କରିବାରେ ଭଞ୍ଜଙ୍କର ଜ୍ୟୋତିଷ ଶାସ୍ତ୍ରର ପାରଦର୍ଶିତା ମଧ୍ୟ ଅତି ଚମତ୍କାରପୂର୍ଣ୍ଣ । ଯୁବକ ଯୁବତୀଙ୍କର ବିବାହ ପୂର୍ବରୁ ଯେଉଁପ୍ରକାର ମାନସିକ ଅବସ୍ଥା ହୁଏ ତାହା ଭଞ୍ଜେ ସୂକ୍ଷ୍ମଭାବରେ ବର୍ଣ୍ଣନା କରିଛନ୍ତି । ବିବାହର ଏହିପ୍ରକାର ବର୍ଣ୍ଣନା ବ୍ୟତୀତ ଆଉ କିଛି ବିଶେଷତ୍ୱ ଏ ଛାନ୍ଦରେ ନାହିଁ ।

# ଏକତ୍ରିଂଶ ଛାନ୍ଦ

(ପ୍ରଥମ ମିଳନ ଉପଲକ୍ଷେ ନବଦମ୍ପତିଙ୍କର ଅନୁଚିନ୍ତା ଓ କେଳିପୁର ସଜାଇବା)

ରାଗ—କଉଶିକ । ହରି ଚଉତିଶା—ବାଣୀ

ଶୁଣ ସୁଜନେ କୁମାର ମାର କଶେ ବିକଳ ନାଶକୁ ଯାଇ ।
ଚତ୍ୱରେ ଯାଇ ସତ୍ୱରେ ବସନ୍ତେଁ ସ୍ଥଳ ଅସ୍ତ ହୋଇବାକୁ ରବି, ସେ ଯାଉ
ମନେ ଚିନ୍ତା କରଇ ଅପାର ସେ    କେଉଁ ପ୍ରକାରେ ନୁହଇ ସ୍ଥିର ସେ
ତନୁ ପୁଲକ ଉଠଇ ତାର ଯେ । ୧ ।
ବୋଲଇ ହେ ମିତ୍ର ପଦ କର ସାର୍ଥ ମୋଠାରେ ସୁଦଶା ବଞ୍ଛି ।
ଯେଣୁ ତୁମ୍ଭେ ମୁଁ ଧାନମଣି ସ୍ୱଭାବେ ପୁଣି ତ ପଦ୍ମିନୀ ସ୍ନେହୀ, ହେ ଦେବ
ସବୁକାଳେ ମିତ୍ରପଣ ଥିବ    ମୋତେ ଦିବସ୍ପତି ପଦ ଦେବ ।
ଯେତେବେଳେ କାନ୍ତ ଭେଟ ହେବ । ୨ ।
ପୁଣି ଭାସ୍କର ମୋର ଦୂର ହୋଇ କେ ଆସନ୍ତ ଶୀତ ଯେଣି ।
ଭାନୁ ଦିନ ସଙ୍ଗେ କ୍ଷୀଣକୁ ଭଜନା ହୁଅନ୍ତା ଦୀର୍ଘ ରଜନୀ, ସେ ଏତେ
କହି ବସନ୍ତା ଚନ୍ଦ୍ର ମରୁତେ    ପଶି ଗବାକ୍ଷେ ବାଳା କ୍ଷଣକେ ସେ
ଆଳ ସୁବାଙ୍କୁ ତୋଷ ଉତାନ୍ତେ ସେ । ୩ ।
ଧାତା ବେଶରେ ସୁରସଙ୍ଗ ମଧ୍ୟରେ ହରିଲ ବାରରମଣୀ
ଯଥା ବୃଦ୍ଧଲୋକ ବୃଦ୍ଧ ହେଲେ କହେ ବାଳକେ କି ଆର ବାଣୀ, ସେ ତଥା
ଏବେ ନିଷେଧିଲ ଉକ୍ତ କଥା ସେ    ଶାଶୋଦରୀ କ ମଦନ ବ୍ୟଥା ସେ
ତାର ବିଧି ବୋଲାଇବା ବୃଥା ସେ । ୪ ।

---

୨ । କୁମାର କହିଲେ—ମୋ ନା ରବି । ହେ ସୂର୍ଯ୍ୟ, ତୁମ୍ଭ ନାମ ରବି । ତୁହେ ମିତ୍ର । ମୋ ପ୍ରତି ସୁଦଶା ହୁଅନ୍ତୁ । ତୁମ୍ଭେ ଦିନମଣି, ମୁଁ ମଧ୍ୟ ଧନମଣି, କିନ୍ତୁ ମହାଦୁଃଖୀ । ତୁମକୁ ଦେଖିଲେ ପଦ୍ମ ଫୁଟେ, ତୁମେ ପଦ୍ମଫୁଲ ସ୍ନେହୀ, ମୁଁ ମଧ୍ୟ ପଦ୍ମିନୀଜାତୀୟ ସ୍ତ୍ରୀ ଲକ୍ଷଣବତୀରେ ସ୍ନେହୀ । ତୁମ୍ଭେ ଦିବସ୍ପତି ଅର୍ଥାତ୍ ଦିନପତି ବା ଧାନପତି । ମୋର ସ୍ତ୍ରୀ ମୋ ସଙ୍ଗେ ଭେଟ ନ ହେବାରୁ ମୁଁ ଦୁଃଖିତ ହୋଇଛି । ତୁମ୍ଭେ ଯେ ଦିବସ୍ପତି (ଧାନପତି) ଇନ୍ଦ୍ର । କିନ୍ତୁ ମୋର ସ୍ତ୍ରୀ ମୋ ସଙ୍ଗେ ମିଳନ ହେଲେ ମୁଁ ମଧ୍ୟ ଇନ୍ଦ୍ରତୁଲ୍ୟ ସୁଖ ଭୋଗ କରିବି ।

୩ । ଦୀର୍ଘ ରଜନୀ-ଲମ୍ବରାତି । ଚନ୍ଦ୍ରମରୁତ-ଶୀତଳ ପବନ । ଗବାକ୍ଷେ-ଝରକାରେ । ଉତାନ୍ତେ-ରାତି ଶେଷରେ ।

୪ । ସୁରସଙ୍ଗ-ଦେବସଭା । ବାରରମଣୀ-ବେଶ୍ୟା । ନିଷେଧିଲ-ମନା କଲା ।

ନବତରୁଣୀ କାମସିନ୍ଧୁ ତରୁଣୀ ତରଣୀକ ସୃଷ୍ଟି ଭାବେ
ଫୁଲ କୋଦଣ୍ଡ ଦଣ୍ଡ ତ ନ ଛୁଟିଲା କେତେ ଦଣ୍ଡ ପୁଣି ଥିବେ, ଏ ଭାନୁ
କେତେ ବେଦନା ସମ୍ବଳ ତନୁ    ନ ଛୁଟିବ ସନ୍ତାପ କୃଶାନୁ ।
ପ୍ରେମରସ ସେଚନ ବନ୍ଧାନୁ ସେ ।୫।
ଯେବେ ଫସାରୀ ଅଭିସାରୀ ତାହାଙ୍କ ନିଶ୍ୱାସ ବତାସ ହୋଇ
ଜଳଧି ହୁତାଶେ ଉଡ଼ାଇ ତପନ ପକାଇ ଦଅନ୍ତା ନେଇ, ସେ ତେବେ
ମନ ସନ୍ତୋଷ ହୁଅନ୍ତା ଭାବେ    ନିଶି ହୋଇଥାନ୍ତା ସବି ଢବେ ।
ହୁଅନ୍ତା ଯେ ତନୁ ଭଲ ଲବେ ସେ ।୬।
ଆରକ୍ତ ନିଦାନ କଲେ କୋକନଦ ମଧ୍ୟେ ଏ ସମୟେ ରବି
ଆକାଶ ସର କୋକନଦ ସମୟେ ଧରି କୋକନଦ ଛବି, ସେ ଖରେ
ଶୋଭା ହେଲେ ଚରମ ଭୂଧରେ କାମ ଜଗତଜୟ କାମରେ
ଜବା ଦେଲେକ ବାରୁଣୀ ଶିରେ ସେ ।୭।
ସ୍ତ୍ରି ସ୍ମ ପୁରୁଷ ଅନୁରାଗୁଁ ଅଧିକ କେ ହେବ ମନରେ ଭାଳ
ଦ୍ୟୁମଣି ଦଶାରେ କି ନଗ ଗୃଣିକ ଆଗ ପୁଂସରାଗ ଭୂଳ, ସେ ଭାଳ
ଦେଲ ତେଣୁ ରଙ୍ଗ ଘାପାବଳୀ    ପୁଣି ବାଳୀ ଅନୁରାଗ ଭୂଳ ।
ସେ ତ ମଞ୍ଜିଷ୍ଠା ରାଗରୁ ଝଳ ସେ ।୮।
ବାରୁଣୀ ତରୁଣୀ ସଙ୍ଗେ ଫଗୁ ଖେଳି ସିନ୍ଧୁ ମଜ୍ଜନକୁ ଗଲ
ସେହି ରାଗରଙ୍ଗ ଯୁଗତେ ଜଗତେ ହୃଦରେ ପ୍ରକାଶ କଲ, ତା ଦୃଷ୍ଟି
ନୃପନନ୍ଦନ ଆନନ୍ଦ ହୋଇ    ଗଣ୍ଡଦେଶ ଲୋମ ଉଲ୍ଲସାଇ ।
ଏହି ଭାବନାମାନ କରଇ ସେ ।୯।

---

୫ । କାମସିନ୍ଧୁ-କାମ ସମୁଦ୍ର । ତରଣୀ-ନୌକା । ତରଣି-ସୂର୍ଯ୍ୟ । କୃଶାନୁ-ଅଗ୍ନି ।

୬ । ଅଭିସାରୀ-ଯେଉଁ ସ୍ତ୍ରୀ ପୁରୁଷ ସଙ୍କେତ ଦେଇଥିବା ସ୍ଥଳକୁ ଯାଏ । ବତାସ-ପ୍ରଳୟ ପବନ । ଜଳଧି-ସମୁଦ୍ର । ହୁତାଶେ-ତେଜରେ ।

୭ । ଆରକ୍ତ ନିଦାନ-ଦୁଃଖିତ ଧ୍ୱନି । କୋକ-ଚକୁଆ ପକ୍ଷୀ । କୋକନଦ-ରକ୍ତପଦ୍ମ । ନଦମଧ୍ୟେ-ନଈ ଭିତରେ । ସର-ସୂର୍ଯ୍ୟରଶ୍ମି । ଖରେ-ଆକାଶରେ, ତଥିଳରେ । ଚରମ ଭୂଧର-ପର୍ବତର ଶେଷ ଭାଗ, ଅସ୍ତଗିରି । ଜବା-ମନ୍ଦାରଫୁଲ । ବାରୁଣୀ ପଶ୍ଚିମ ଦିଗ ।

୮ । ଦ୍ୟୁମଣି-ସୂର୍ଯ୍ୟ । ଦଶା-ଓଜନର ପରିମାଣ । ନଗ-ପର୍ବତ । ପୁଂସରାଗ-ପୁରୁଷର ସ୍ନେହ । ମଞ୍ଜିଷ୍ଠା-ମଞ୍ଜୁଆତି । ରାଗ-ରକ୍ତବର୍ଣ୍ଣ ।

ସଖୀ ବେଢ଼ି ଚନ୍ଦ୍ରମୁଖୀକି ମୋହର ବେଶ କରୁଥିବେ ପ୍ରସ
ରସିବାକୁ ରସେ ଆସିବାକୁ ପାଶେ କରିବେ ଜରିବନ୍ଧ ତଉ ଭଗ, ମୁଁ ଧନ୍ୟ
ଆଜ ଛୁଇଁବ ତା ଅଧର    ପୁଣି କହିବ ଗୃହୁ ବଚନ ।
ବିଶେଷତ ଦେବ ଆଲିଙ୍ଗନ ସେ । ୧୦ ।

ଭୁଜ ଗ୍ରୀବ ରହିବାକୁ କେତେ ଦାନ କରିବ ପରାଣ ସଖୀ
ଚୁମ୍ବ ଆଲିଙ୍ଗନ ଓଷ୍ଠପାନ ଦାନ ବାସ ନ ପାରିବ ରଖି, ତା ଦେଖି
ମୁଁ ଯେ ହୋଇବି ପରମସୁଖୀ    ସେ ଯେ ଭରେ ଭର ଦେବ ଯୋଖି ।
ମନ ମନକୁ ହୋଇବ ସାକ୍ଷୀ । ୧୧ ।

ବାଳା ବିସ୍ମରି ପରାଣପତିଙ୍କି କି କରି ଦେବଟି ରତି
ଦେଖିବେ ପରା ମୋ ସ୍ତନ ଜଘନକୁ କି ହେଉଛି ଆଜ ଗତି, ସେ ଖବ
ଦେବୀମାନଙ୍କୁ ଭଜନ ଦେଇ    ଜୀବ ଥିବାଯାକେ ଥିବ ସେବି ।
ଯାଉ ସେକାଳେ ପିବଟି ଲଭି ସେ । ୧୨ ।

ବଳଆଇଁ ବାସ ରଖି ନ ପାରିବ ସ୍ୱଭାବେ ଅବଳା ମୂର୍ତ୍ତି
ଉଚିତ କଥା ଏ ନବୀନ ସଙ୍ଗମ କରିବାର ନାହିଁ ନାହିଁ, ହେ ବଧୂ
କାହେଁ ନ ହେବ ବିବାସ ବୁଦ୍ଧି    ସବୁ ରଚନା ତୁମ୍ଭର ସିଦ୍ଧି ।
ରସଚନମନ ଭସନ୍ଧି ହେ । ୧୩ ।

ଯାମିନୀ ଯେଣି ଅନ୍ତର ହେବା ଦୋଷ ତତ୍ତ୍ୱ ଛଡ଼ାଇବା ପାଇଁ
ତାର କୁମୁଦଙ୍କ ପାଶକୁ ପ୍ରଦୋଷ-ଦୂତୀ ଆସ ପଠାଇ, ସେ କାଳେ
ତାର ବଚନ ମନ୍ତ୍ର ବଳେ    କେତୁ ହସିଲ ଫୁଲକ ଛଳେ ।
କେତୁ ହସିଲ ଦରମୁକୁଳେ । ୧୪ ।

ସେ ସମୟେ ଶୁଭ ପାଞ୍ଚ ସହଚରୀ ବିସ୍ମରି ମନ୍ତ୍ରନ୍ତୁ ପୁର
ରସିକ ବଧୂ ବଧୂ ମଧ୍ୟଶଯ୍ୟାକୁ ଯେ ହୋଇବ ମନୋହର, ସେ ଗୃହ
କର୍ମେ ବିଶ୍ୱକର୍ମା ମନ୍ଦ୍ର ଗୁରୁ    ଧନ୍ୟ ପୁଣ୍ୟଜନପତି ପୁରୁଁ ।
ଦେଖି ନେଇ ବଣ କରେ ଦୂରୁଁ । ୧୫ ।

---

୧୨ । ଭଜନ-ଭୋଗ ।

୧୩ । ବଳଆଇଁ-ବଳକରି । ବାସ-ଲୁଗା । ଉଚିତ-ଅମାନିଆ । ବିବାସ-ଲଙ୍ଗଳା ।

୧୪ । ପ୍ରଦୋଷ-ସନ୍ଧ୍ୟା । ଦରମୁକୁଳ-ଅଧାଫୁଟିଲା ଫୁଲକଢ଼ି ।

୧୫ । ପୁଣ୍ୟଜନପତି ପୁରୁଁ—ପୁଣ୍ୟଜନଗନ୍ତା ସ୍ୱାମୀ ଘରକୁ, କୁବେରଙ୍କର ଅଳକା ପୁରିରୁ ।

ବାସବ ସବୁ ଦେଖିଲେ ଗଉତମ ଉତ୍ତମ ବୋଲି ଭାଷିବେ
ଲଙ୍କା ଲୋକମାନେ ମାନେ ହନୁମାନେ ମାନସରେ ପ୍ରଶଂସିବେ, ସେ ହର
ଛାଡ଼ୁଁ ନ ଗଲା ଏ ମନୋହର      ଭ୍ରମେ ଶ୍ମଶାନେ ନ କରି ଘର ।
ଶୁଣୁଁ ବଣ ନୋହିବ କେ ନର । ୧୬ ।

ସୁଧାଂଶୁ ଛବି ମୋତିସୁଧା ବସୁଧା ବିଶୁଦ୍ଧ ରଜତ କାନ୍ତି
ପ୍ରତି କୋଠିରେ କଳା ଚଉଷଠୀରେ ପ୍ରତିମାମାନ ଜଡ଼ାନ୍ତି, ସେ ଝଳ
ଜଳପ୍ରତିତ ହୋଇବାରୁ ଭାଳି      ମିନାଳିତାରେ କରିଛି ଝଳ ।
ସ୍ମରେ ବନେ କ କରନ୍ତୁ କେଳି । ୧୭ ।

ଶ୍ରମଧର୍ମ ଖୀଣେ ଦକ୍ଷିଣେ ଗବାକ୍ଷ ଆଗମ ପ୍ରାଣେ ରଞ୍ଜନ
ସ୍ତମ୍ଭ ଆରମ୍ଭ ରମ୍ଭୋରୁ ଜଙ୍ଘ ଶୋଭା ହରେ ସ୍ଖଳିତ ବ୍ୟଜନ, ସେ ସ୍ଥଳ
ମହା ରମଣୀୟ ମଣିଜାଳ      ହୋଇଛନ୍ତି ଅତି ଜ୍ୟୋତିଶୀଳ ।
ଘରେ ମନୋହର ହେମଢ଼ାଳ । ୧୮ ।

ସର୍ବେ କାଚବାଡ଼ ଚତ୍ଵର ଲୋକେ ସଭୁର ସଲିଳ ଭ୍ରମ
ବଇଡୂର୍ଯ୍ୟ ଜଳ ପଙ୍କଜ ସ୍ଫଟିକ କୁମୁଦସ୍ଫୁଟରେ ରମ୍ୟ, ସେ ହେଜ
ରହି ହଂସ କରେ ବ୍ୟର୍ଥ ସ୍ନାନ      ମଧୁପାଳି ମିଳି କରେ ସ୍ଵନ ।
ବଣ ନ କରିବ କାହା ମନ । ୧୯ ।

---

୧୬ । ବାସବ-ଇନ୍ଦ୍ର । ବାସ-ଘର ।
ଗୌତମ ଶାପରେ ଇନ୍ଦ୍ର ସହସ୍ରକ୍ଷତ ଅକ୍ଷିପତ୍ର ହୋଇଥିଲେ । ତେଣୁ ଇନ୍ଦ୍ର ଏ ଘରକୁ ଦେଖିଲେ ଗୌତମ ଭଲପଣ ମନେ କରିବେ । ଲଙ୍କା ଲୋକେ ଓ ହନୁ ଏ ପୁରକୁ ଦେଖି ଲଙ୍କାଠାରୁ ବେଶି ପସନ୍ଦ କରିବେ । ମହାଦେବ ମଧ୍ୟ ଏ ପୁରକୁ ଦେଖି ଶ୍ମଶାନ ଛାଡ଼ି ଏଠାରେ ବାସ କରିବାକୁ ବସିବେ ।

୧୭ । କୋଠି-କୋଠରୀ ବା କ୍ଷୁଦ୍ର ପ୍ରକୋଷ୍ଠ । ଚଉଷଠୀ ପ୍ରତିମା-ଚଉଷଠୀକଳାର ଛବି । ଏସବୁ କଳାପୂର୍ଣ୍ଣ ପ୍ରତିମାମାନ ସେଠାରେ ଜଡ଼ିତ ହୋଇଥିବାରୁ ଠିକ୍ ଜଳରେ କ୍ରୀଡ଼ା କଲାପରି ଜଣା ଯାଉଛି ।

୧୮ । ଖୀଣେ-ଖାଲି କରିବାକୁ । ରମ୍ଭୋରୁ-ସୁନ୍ଦରୀ ସ୍ତ୍ରୀ । ମଣିଜାଳ-ହୀରାସବୁ ।
ଜ୍ୟୋତିଶୀଳ-ଉଜ୍ଜ୍ୱଳ ପଥର । ହେମଢ଼ାଳ-ସୁନା କଲସ ।
ପବନ ଆସିବାକୁ ଦକ୍ଷିଣ ପାଖରେ ଝରକା ଅଛି, ସୁନ୍ଦରୀ ସ୍ତ୍ରୀମାନେ ଠିଆ ହୋଇ ବିଞ୍ଚଣା ପକାଉଛନ୍ତି, ସୁନାକଳସ ଥୁଆ ହୋଇଛି ।

୧୯ । କାଚବାଡ଼ଚତ୍ଵର-କାଚ ଚଟାଣ ଅଗଣା । ଜଳ-ପ୍ରସ୍ଫୁଟିତ । ମଧୁପାଳି-ଭ୍ରମର ।
ଅଗଣା କାଚର ହୋଇଥିବାରୁ ତାହା ଜଳ ବୋଲି ଭ୍ରମଧାରଣା ହେଉଛି, ତା

ଯହିଁ ନୀଳମଣି ସୋପାନେ ରମଣୀ ଗତି ସୁଖ ମଣି କେକୀ
ମଧୁର ନାଦ ଆଳାପରେ ନାଚନ୍ତି କଳାପୀ କଳାପ ଟେକି, ସେ ସୁଖୀ
ମହୀମଣ୍ଡନାର ସହଚରୀ    କଲେ ମଣ୍ଡନ କେମନ୍ତ କରି ।
କହୁ କହିବା ତହିଁ ମାଧୁରୀ ।୨୦।
ନନ୍ଦନନ୍ଦନ ଧରନ୍ତି ଭାନୁଜାକୁ ଭାନୁଜା-ତଟରେ ଯହିଁ
କନକକଳିତାଙ୍ଗୀ ଜନକସୁତାକୁ ରାମଚନ୍ଦ୍ର ସ୍ପୃଷ୍ଟ ଆଇ, ସେ ସ୍ୱଚ୍ଛ
ଶିବ ଗୋଡ଼ାଇ ମୋହିନୀ ପଛ,    ଇନ୍ଦ୍ର ସୂର୍ଯ୍ୟ ଧୈର୍ଯ୍ୟ କରେ ତୁଚ୍ଛ ।
ମାୟା ନାରୀ ରୂପରେ ଶ୍ରୀବତ୍ସ ।୨୧।
କିନ୍ନରୀ ସଙ୍ଗରେ କୁବେର ବିହରି ବାନରୀ ସଙ୍ଗରେ ବାତ
ଶୋଭାଧନ୍ୟା ମେନା ମୀନାକ୍ଷୀକି ଯହିଁ ବିଶ୍ୱାମିତ୍ର ତପ ହତ, ଏ ବିଧି
ଚିତ୍ରମାନ ହୋଇଅଛି ସିଦ୍ଧି    ଆଣି ଛିଟ ଯବନିକା ବାନ୍ଧି ।
କଲେ ପ୍ରାଙ୍ଗଣ ଶୋଭାକୁ ବୃଦ୍ଧି ।୨୨।
ଚାରୁ ମୋହିତ ଲୋହିତ ପୀତ ଶ୍ୱେତ ବାସେ ଚେଲଙ୍ଗୀ ମଣ୍ଡଣୀ
କୁଙ୍କୁମ କରି ଭ୍ରମର ଖଦି ଫୁଲ ମାଳିକା ଖଞ୍ଜିଲେ ଗୁଣୀ, ସେ ଗୁଣୀ
ଯାହା ପାଶକୁ ଯେ ଶୋଭା ଜାଣି    ଚନ୍ଦ୍ର ଦର୍ପଣ ଖଞ୍ଜିଲେ ଆଣି ।
ଯଥା ଅର୍ଦ୍ଧେନ୍ଦୁ ତାରକ ଶ୍ରେଣୀ ।୨୩।

---

ଉପରେ ବଇଡ଼ୂର୍ଯ୍ୟ ରତ୍ନ ପଦ୍ମ ଓ ବର୍ଣ୍ଣପତ୍ର ସୁନ୍ଦର ଦେଖା ଯାଉଛନ୍ତି, ଜଣାଯାଏ ସେଠାରେ ହଂସ ବୁଲୁଛନ୍ତି, ଲାବଣ୍ୟବତୀ ପଦ୍ମିନୀ ଥିବାରୁ ଭଅଁରମାନେ ପାଖେ ପାଖେ ଉଡ଼ୁଛନ୍ତି । ଏ ଶୋଭା ଦେଖି କାହା ମନ ବା ବଶ ନ ହେବ ।

୨୦। ସୋପାନ-ପାହାଚ । କଳାପୀ-ମୟୂରୀ । କଳାପ-ପୁଚ୍ଛ । ମହୀମଣ୍ଡନା-ଅତି ସୁନ୍ଦରୀ । ସେଠାରେ ନୀଳମଣିର ପାହାଚ ମେଘପରି ଦେଖାଯିବାରୁ ମୟୂର ମୟୂରୀମାନେ ପୁଚ୍ଛ ଟେକି ନାଚୁଛନ୍ତି ।

୨୧। ଭାନୁଜା-ରାଧା । ଭାନୁଜା ତଟରେ-ଯମୁନା କୂଳରେ । କନକକଳିତାଙ୍ଗୀ-ସୁବର୍ଣ୍ଣଠାରୁ ଅଧିକ ସୁନ୍ଦରଅଙ୍ଗ ଯାହାର । ସେ ଘରର କାନ୍ଥରେ ଯେଉଁସବୁ ଚିତ୍ର ଲେଖାଯାଇଛି ସେଥିରେ ଶ୍ରୀକୃଷ୍ଣ ଯମୁନାକୂଳରେ ରାଧା ଗୋଡ଼ ଧରୁଛନ୍ତି । ରାମଚନ୍ଦ୍ର ସୀତାଙ୍କୁ ସ୍ପୃଷ୍ଟ କରୁଛନ୍ତି । ମହାଦେବ ସୁଧା ବଣ୍ଟନ ବେଳେ ବିଷ୍ଣୁଙ୍କ ମୋହିନୀ ରୂପରେ ଭୋଳ ହୋଇ ଗୋଡ଼ାଉଛନ୍ତି ।

୨୨। ଶୋଭାଧନ୍ୟା-ଅତିସୁନ୍ଦରୀ । ଛିଟ ଯବନିକା-ଛିଟ ପରଦା । କୁବେର କିନ୍ନରୀ ସଙ୍ଗେ ପର୍ବତରେ ରମଣ କରିବା, ହନୁମାନର ମାତା ଅଞ୍ଜନା ବାନରୀ ସଙ୍ଗେ ପବନ ମାତିବା, ବିଶ୍ୱାମିତ୍ର ମେନକାଙ୍କୁ ଦେଖି ତପ ଛାଡ଼ି ତା ସହିତ ମାତିବା ଇତ୍ୟାଦି ଚିତ୍ର ହୋଇଛି ଏବଂ ସେଠାରେ ଛିଟ ପରଦା ମଧ୍ୟ ଟଣା ଯାଇଛି ।

ହରିବାରଣ ଖୁରତଳେ ସେ ସ୍ଥିରା ସ୍ଥିର ବାରଣକୁ ଥୋଇ
ଘଟନ ରତନ ପଲ୍ୟଙ୍କ ଅଙ୍କରେ କୋମଳ ଶେଯ ଶୁଆଇ, ସେ ଆଳୀ
ବିଶେଷତ ଶଙ୍କା ଏହା ଭାଳି     ନାଗେଶ୍ୱର କେଶରେ ମୁଚୁଳି ।
ଦେଇ ସିଞ୍ଚିଲେ କର୍ପୂର ଧୂଳି ।୨୪।
ମୁକୁତାଝାଲର ମଣ୍ଡିତ ମୁକୁର ବିତାନ ବାନ୍ଧୁକେ ଛଳ
ବାଳୀ ଭାଳିଲେ ଆଳୀ ପରି ସ୍ୱରୁପ ଆଉଟି ମନରେ ଭାଳି, ସେ କଣ୍ଠ
ସାଥ ପଲ୍ୟଙ୍କ ଖୁରରେ ଶୋଭି     ଶିଖୀଚନ୍ଦ୍ରକ ଝିଞ୍ଚଣା ନାହିଁ ।
ଚାହା ପକାଇଥିବା ଗୋ ଚାହିଁ ।୨୫।
ସେବତୀଦଳ ବର୍ଣ୍ଣ ସିଞ୍ଚ ଅଛରେ ଶେଯାଇଲେ ଝୀନବାସ
ଏଣୁ ବିଧାନରେ ଅବନି ଶଯ୍ୟାକୁ ବିରଚନ କଲେ କେଶ, ସେ ନାସା
ବାରିପୂର୍ଣ୍ଣ କଲେ କାଚଝରା     ନାନାଜାତି କୁସୁମକୁ ଭରି ।
ଥୋଇଗଲେ ସନ୍ନିକଟ କରି ।୨୬।
କୁନ୍ଦନ ପାତ୍ରରେ ଚନ୍ଦନ କର୍ପୂର ଅତର ଘମାର ଚୂଆ
ଲବଙ୍ଗ ଗୁଆର ପୂଗଚୂର୍ଣ୍ଣ ପୂର୍ଣ୍ଣ ଭଙ୍ଗାପାନ ପାଶେ ଥୁଆ, ସେ ଦୀପ
ଜାଲିପଞ୍ଜରା ମଧ୍ୟରେ ଟୋପ୍ୟ     ରଖି ଗଲେ ସେ ଭିତ୍ତି ସମୀପ ।
ବାଳା ହରଷକୁ ଅନୁରୂପ ।୨୭।
ବୃଦ୍ଧ କପୋତ୍ତି ପଡ଼ା ସାରୀସଙ୍ଗୀତ ଭରି ପଞ୍ଜରିକି ନେଲେ
ରଜନୀ ଥିବା ଯିବାର ଜାଣିବାକୁ ପୁରବାଶେ ଲମ୍ବାଇଲେ, ସେ ସୁଣି
ସୀତାପତି ରଘୁବଂଶମଣି     ଦିବ୍ୟ କାର୍ମୁକ ସାୟକପାଣି ।
ଜୟପାଇନ୍ଦ୍ର ବୀରବର ଭଣି ।୨୮।

---

୨୪ । ହରି-ସିଂହ । ବାରଣ-ହାତୀ । ଖୁରା-ପଲଙ୍କ ଗୋଡ଼ । ସ୍ଥିର-ସିନ୍ଦୁର ।

୨୫ । ମୁକୁର ବିତାନ-ଦର୍ପଣ ଲଗା ଚାନ୍ଦୁଆ । ଶିଖୀଚନ୍ଦ୍ରକ-ମୟୂର ପୁଚ୍ଛର ପଖା ।

୨୭ । କୁନ୍ଦନପାତ୍ର-କୁନ୍ଦ ଯନ୍ତ୍ରରେ ତିଆରି ହୋଇଥିବା ପାତ୍ର । ଭିତ୍ତିସମୀପ-କାନ୍ଥପାଖ ।

୨୮ । ପଡ଼ାସାରୀ ସଙ୍ଗୀତ-ପଢ଼ିଲା ସାରୀସବୁ । କାର୍ମୁକ-ଧନୁ । ସାୟକ ଶର ।
ଚନ୍ଦ୍ରଭାନୁ କର୍ପୂର କାମଦେବଙ୍କ କବଳ ଭିଡିବାକୁ ଲାଗିଲା । ସଖୀମାନେ ହୀରାଲାଲ ରତ୍ନ, ଖାଜା, ଅତର, ଫଳ, ଚନ୍ଦନ, ପାନ, ଦୀପ, ଜଳ, ବନ୍ଧଣାଦି ଚଟ ବଟଳ ଗୃହରେ ଏବଂ ଖଟ ଉପରେ ସଜାଇ ରଖିଲେ । ତାହାଙ୍କ ଇନ୍ଦ୍ରଭୁବନ ବା କୁବେର ପୁରଠାରୁ ସୁନ୍ଦର ଦେଖାଗଲା ।

## ଏକତ୍ରିଂଶ ଛାନ୍ଦର ସାରକଥା

ନବ ଦମ୍ପତିଙ୍କର ମିଳନ ଆସନ୍ନ ହେଉଥିବାରୁ ଦୁହିଁଙ୍କର ମନୋଭାବ କିପରି ହେଉଛି ତାହା ଏ ଛାନ୍ଦରେ ବର୍ଣ୍ଣନା କରାଯାଇଛି । ପ୍ରଥମ ଦୈହିକ ମିଳନର ପୂର୍ବବର୍ତ୍ତୀ ଭାବନା କେବଳ କାମଜନକ । ତେଣୁ ଉଭୟଙ୍କର ଭାବନା କେବଳ କାମକୁ କେନ୍ଦ୍ର କରି ବର୍ଣ୍ଣନା କରାଯାଇଛି । ନାୟକ କିପରି ଚରମ ରତିସୁଖ ଲାଭ କରିବ ସେ ବିଷୟରେ କଳ୍ପନା କରୁଛି । ନାୟିକା ନିଜର ସ୍ୱାଭାବିକ ଲଜ୍ଜାଶୀଳତାକୁ କିପରି ପରିହାର କରିବ ସେ ବିଷୟରେ ଚିନ୍ତାମଗ୍ନ ଅଛି । ଏହି ବର୍ଣ୍ଣନାରେ କୌଣସି ନୂତନତ୍ୱ ନାହିଁ ।

ଛାନ୍ଦର ଦ୍ୱିତୀୟାର୍ଦ୍ଧରେ କେଳିଗୃହ ସଜାଇବା ବିଷୟ ବର୍ଣ୍ଣନା କରାଯାଇଛି । କେଳିଗୃହ ରାଜକୀୟ ଆଡ଼ମ୍ବର ସହ ସଜା ଯାଇଛି । ଏହା କେବଳ ଚନ୍ଦ୍ରଭାନୁ ଏବଂ ଲାବଣ୍ୟବତୀ ଭଳି ରାଜକୁମାର ଓ ରାଜକୁମାରୀଙ୍କ ପାଇଁ ଯୋଗ୍ୟ । ସାଧାରଣ ଲୋକର ଏହା କଳ୍ପନାର ବାହାରର କଥା । ମୋଟ ଉପରେ ଏ ଛାନ୍ଦର ସେପରି କୌଣସି ମାଧୁର୍ଯ୍ୟ ନାହିଁ ।

# ଦ୍ୱାତ୍ରିଂଶ ଛାନ୍ଦ

( ସଖିମାନେ ଲାବଣ୍ୟବତୀକୁ ବେଶକରି କେଳିପୁରକୁ ନେବା )

ରାଗ—ମାଳବ

ରସିକ ଚାତକ ସୁଖ ଘନରସଦାୟୀ ।
ଏ ଛାନ୍ଦକୁ ଶୁଣିମା ସୁଜନେ ମନଦେଇ ଯେ ।୧
କାନ୍ତା କାନ୍ତ ପ୍ରମୋଦ ସଜନୀରୂପେ ଆସି ।
ଜଗତକୁ ଆହ୍ଲାଦ ରଜନୀ ପରକାଶି ଯେ ।୨
ପିକ ନାଦେ କହିଲା କନ୍ଦର୍ପ ଅନୁକୂଳ ।
କଲା ତରୁଣ ବସନ୍ତ ବେଗେ ହୁଅ ମେଳ ଯେ ।୩
ଏ ସମୟେ ଉଦୟ ହୋଇଲେ ସୁଧାକର ।
କିରଣରେ ସ୍ଫଟିକଶ ଦିଶିଲା ସୁନ୍ଦର ଯେ ।୪
ତ୍ରିଯାମା ଆଲିଙ୍ଗନରୁ ଏହି ଅନୁମାନ ।
କଲା ଦେହେଁ ଯେମନ୍ତ ଚନ୍ଦନ ବିଲେପନ ଯେ ।୫
କାଚଭିତ୍ତି ସ୍ଫଟିକ ସୋପାନ ବସୁଧାରେ ।
କ୍ଷୀରାର୍ଣ୍ଣବ ମିଶିଲା କି ଭାନୁସୁତା ସାରେ ଯେ ।୬
ରବି ତାପ ଶାନ୍ତ ଅର୍ଥେ କଲା ପରମେଷ୍ଠୀ ।
ଘନସାର ଚୂର୍ଣ୍ଣରେ ପୂରିତ କଲା ସୃଷ୍ଟି ଯେ ।୭

---

୧। ଚାତକ ପକ୍ଷୀ ଯେପରି ବର୍ଷାଜଳକୁ ସୁଖ ପାଏ, ରସିକମାନେ ଏ ଛାନ୍ଦକୁ ଶୁଣି ସେହିପରି ସୁଖୀ ହେବେ ।

୨। ସ୍ତ୍ରୀ ପୁରୁଷର ଆମୋଦ ପ୍ରମୋଦ ପାଇଁ ରାତ୍ର ସଜନୀ ରୂପରେ ଆସିଲା ।

୫। ତ୍ରିଯାମା-ରାତ୍ରି ।

୬। କ୍ଷୀରାର୍ଣ୍ଣବ-କ୍ଷୀର ସମୁଦ୍ର । ଭାନୁସୁତା-ଯମୁନା ।
କାଚବାଡ଼ ପାଖରେ ସ୍ଫଟିକର ପାହାଚ ଥିବାରୁ କ୍ଷୀର ସମୁଦ୍ର ଯମୁନା ସଙ୍ଗେ ମିଳିଲା ପରି ଜଣାଗଲା ।

ଖଣ୍ଡପରଶୁ ଭୂଷଣ ଖଣ୍ଡପର୍ଶୁଧର ।
ସୁଧାରେ ଧବଳ ହେଲା କି ବସୁଧାପୁର ଯେ ।୮

ପ୍ରଦୋଷ ସଙ୍ଗ ଯେ କ୍ଷଣଦାର ହୋଇଥିଲା ।
ଏଣୁ କି ତ୍ରିପଥ ଗଙ୍ଗାଜଳେ ସ୍ନାନ କଲା ଯେ ।୯

ପ୍ରୀତିକି ରଥପଦ କି ବିଶ୍ୱଜୟ ପାଇଁ ।
ଚନ୍ଦ୍ରବ୍ୟାଜେ ମନସିଜ ଫିଙ୍ଗିଛି ବୁଲାଇ ଯେ ।୧୦

ପୂର୍ବରୁ ତ ପାରିବାରୁ ହେଇଅଛି ପାଣି ।
ଅନାଇଁ ବିଯୋଗୀ କଲେ ମଲାଇ ପ୍ରାଣେଣି ଯେ ।୧୧

ଦେଖି ପ୍ରାଚୀ-ନିଷାଦ ପଦ୍ମିନୀ ବ୍ୟଭିଚାର ।
ଛଡ଼ାଇ ନେଇଛି ଏକ ଚାନ୍ଦଙ୍କ କି ଚୀର ଯେ ।୧୨

ମୋତି ନିର୍ମିତ ମର୍କତ ନାୟକ ବିରାଜ ।
କଳଙ୍କବୋଲେ ଯେ ଏହା ନ ପାରଇ ହେଜ ଯେ ।୧୩

ଗଗନ କାନନେ ଅଙ୍କୁରିଇ ଅଛି ଧାତା ।
ରଜତ ଆଲବାଲରେ କି ତମାଲଲତା ଯେ ।୧୪

ପୁଣି ନିର୍ମଳ ତାରକା ଘେନି ସେ ଗଗନ ।
ପ୍ରଫୁଲ୍ଲିତ ମଲ୍ଲୀବାଟୀ ପରାୟେ ରଞ୍ଜନ ଯେ ।୧୫

ଯାମିନୀ ନବକାମିନୀ ମୁଖ କଳାକର ।
ସ୍ମରୁ ଲୋଚନରେ ହୋଇଅଛି ମନୋହର ଯେ ।୧୬

---

୮। ଖଣ୍ଡପରଶୁ ଭୂଷଣ–ମହାଦେବ । ଖଣ୍ଡପରଶୁଧର-ରଜନୀସ୍ୱାମୀ । ବସୁଧାପୁର-ପୃଥିବୀ ରୂପକ ଘର । ସୁଧାରେ-ଚୂନରେ, ଅମୃତରେ ।

୯। ପ୍ରଦୋଷ-ସନ୍ଧ୍ୟା । କ୍ଷଣଦା-ରାତ୍ରି । ତ୍ରିପଥା–ତିନୋଟି ବାଟ ।
ଅର୍ଥ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନି ପୁରକୁ ଗମନର ଜଣାଗଲା ।

୧୦। ରଥପଦ-ଚକ୍ର । ଚନ୍ଦ୍ରବ୍ୟାଜେ-ଚନ୍ଦ୍ର ଛଳରେ । ମନସୀଜ-କନ୍ଦର୍ପ ।

୧୨। ପଦ୍ମ ସୂର୍ଯ୍ୟ ଦେଖିଲେ ଫୁଟେ, ଭ୍ରମରମାନେ ଆସନ୍ତି ତେଣୁ ପଦ ବ୍ୟଭିଚାରୀ ।

୧୩। କାନଫୁଲ ମୋତିରେ ତିଆରି ଏବଂ ସେଥିରେ ଶ୍ରେଷ୍ଠ ମର୍କତ ଦିଆଯାଇଛି । ଏହା ନ ବୁଝି ଚନ୍ଦ୍ରରେ କଳଙ୍କ ବୋଲି ଭୁଲରେ କହନ୍ତି ।

୧୪। ଗଗନ କାନନେ-ଆକାଶରୂପକ ବ[illegible]ରେ । ଅଙ୍କୁରିଇଛି–ଲଗାଇଛି । ରଜତ ଆଲବାଳ-ରୁପା ମଧ୍ୟରେ ।

୧୫। ପ୍ରଫୁଲ୍ଲିତ ମଲ୍ଲୀବାଟି-ଫୁଟିଲା ମଲ୍ଲୀଫୁଲ ବଗିଚା ।
ଆକାଶରେ ତାରା ପଡ଼ିଥିବାରୁ ଯେପରି ମଲ୍ଲୀଫୁଲ ବଗିଚାପରି ଦେଖା ଯାଉଛି ।

୧୬। ଯାମିନୀ ନବକାମିନୀ-ରାତ୍ରିରୂପକ ନୂଆ ସ୍ତ୍ରୀ ।

ଲୋଭେ ପାରଦ ଗର୍ଭରୁ ଉଛୁଳି ଧଇଲା ।
ନଭେ ବାଷ୍ପହୋଇ କି ତାରକା ବୋଲାଇଲା ଯେ । ୧୭
ଜଣେଁ ଜାଣିଲା ପୁଷ୍କର ଆକାଶ ମଣ୍ଡଳ ।
କି ଜଳପୃଷନ୍ତୀମାନ ଘଡ଼ ଢଳଢଳ ଯେ । ୧୮
ବିଶଦ କେଶରେ ପୁଣି ବିଭ୍ରାଜମାନ ସେ ।
ମତ୍ତ ମଧୁବ୍ରତ ତହିଁ ଚୁମ୍ବେ ଲୋଭବଶେ ଯେ । ୧୯
ନିଶାରେ ପ୍ରକଟ ବୋଲି ପ୍ରଚାର ହୋଇଛି ।
ରାତ୍ରିକାଳ ବୋଲି କି ହୃଦରେ ଦେଖାଉଛି ଯେ । ୨୦
ତାମ୍ବୂଳ ଛଳେ ସୁବାଳସ୍ୟ ସଣ ଭଞ୍ଜି ।
ଜାଣିଲା ମାଭ ଚନ୍ଦ୍ରର ସୁମିତ୍ରତା ଅଛି ଯେ । ୨୧
ଭଙ୍ଗୀପଦକାରକ ସୁନ୍ଦରୀ ନଶୀ ଦେଖି ।
କଲେ ବେଶ ଜେମାକୁ ଚତୁରା ପ୍ରାଣସଖୀ ଯେ । ୨୨
କେଶ ବାନ୍ଧୁଁ ପଚାରିଲେ ରମଣୀମଣିକି ।
ସଜାଡ଼ିବା ଜୁଡ଼ା କିବା ବାନ୍ଧିବା ବେଣୀକି ଯେ । ୨୩
ନାସିକାରେ ମୋତି ଦେଇ ଚେତାଇଲେ ତାକୁ ।
ଏ ନାଟ ଆରମ୍ଭ କରେ କିଙ୍କିଣୀ ବାକ୍ୟକୁ ଯେ । ୨୪

---

୧୭ । ପାରଦ-ପାରା । ପାରା ଖଣିରେ ଥାଏ, ସ୍ତ୍ରୀ ମୂର୍ତ୍ତି ଦେଖି ଉଛୁଳି ଆସେ, ସେ ପାରା ଆକାଶରେ ବୃଣି ହୋଇ କଣ ତାରା ବୋଲାଉଛି ।

୧୮ । ପୁଷ୍କର-ପଦ୍ମ । ଜଳପୃଷନ୍ତୀ-ଜଳବିନ୍ଦୁ । ପଦ୍ମରୂପକ ଆକାଶମଣ୍ଡଳରେ ଜଳବିନ୍ଦୁ ଢଳଢଳ ହେଉଛି ।

୧୯ । ବିଶଦ କେଶରେ-ଘନ କେଶରେ । ମତ୍ତ ମଧୁବ୍ରତ-କାମାନ୍ଧ ଭ୍ରମର ।

୨୦ । ପଦ୍ମ ଦିନରେ ଫୁଟେ, କିନ୍ତୁ ଏହା ରାତିରେ ଫୁଟିବାର ପ୍ରକାଶ ହୋଇଥିବାରୁ ରାତ୍ରି ସମ୍ବନ୍ଧ ବୋଲି ମନେ ହେଉଛି ।

୨୧ । ଧରଣୀ ଓ ଚନ୍ଦ୍ରର ମିତ୍ରତା ଅଛି, ତେଣୁ ତାହାମାନେ ସଙ୍ଗରେ ବନ୍ଧୁଳ ଭାବରେ ପଡ଼ି ଯୁଦ୍ଧ କରିବାକୁ ଜ୍ୟୋତି ବିସ୍ତାର କରୁଛି ।

୨୨ । ଉଲ୍ଲସିତ ଭାମିନୀର ଜାଗ୍ରତଭାବ ଜାଣି ଚତୁରୀ ସଖୀମାନେ ଜେମାକୁ ବେଶ କଲେ ।

୨୩ । ବାଳ ବାନ୍ଧିବା ବେଳେ ସଖୀମାନେ ଲାବଣ୍ୟବତୀକି ପଚାରିଲେ—ଜୁଡ଼ା କରିବା କି ବେଣୀ ପାରିବା ।

୨୪ । ନାକରେ ମୋତି ପିନ୍ଧାଇଲା ବେଳେ ଚେତାଇ ଦେଇ କହିଲେ—ପାଦର କିଙ୍କିଣୀ ନାଦ ହେବା ବେଳେ ନାକ ଫୁଲାଇଲେ ତା ନାଚିଲାପରି ହେବ ।

ଭଙ୍ଗି କଲେ ସଙ୍ଗିମା ମଣ୍ଡିବା ବେଳେ ହାର ।
ଅଛୁ କି ନାହିଁ ଗୋ ଏଥୁ ସ୍ନେହ ପୂର୍ବ ଯାର ଗୋ । ୨୫
କସ୍ତୁରୀ ଗୋଳୁ ସଜନୀ ଆରମ୍ଭିଲେ ଛଳ ।
ଉରଜ-ଚନ୍ଦ୍ରକୁ ଚର୍ଚ୍ଚା ନ-ସମ୍ଭବ କାଳ ଯେ । ୨୬
ଅଞ୍ଜନ ରଞ୍ଜୁ ନୟନେ ବୋଇଲ କେ କେତେ ।
ଏ ଶର ଘଷାଇବାକୁ ଯୁବାଧୈର୍ଯ୍ୟ କେତେ ଯେ । ୨୭
ଅମୂଲ୍ୟ କଣ୍ଟକ ମଣ୍ଡି ବୋଲନ୍ତି ବଚନ ।
ଭେଟି କର ଗ୍ରହଣ ଯେ କରିବ କୁମାରୀ ଗୋ । ୨୮
ସୁବେଶ ସମ୍ପୂର୍ଣ୍ଣ ହୋଇଯାଏ ଠାବେ ଠାବେ ।
କେତେ କହିବା କହିଲେ ଯେତେ ହାସଭାବେ ଯେ ।
ଦର୍ପଣ ଦେଖାଇ ସଖୀଗଣେ ପ୍ରଶଂସଇ ।
ଏ ବେଶକୁ ସୁନ୍ଦରୀ ଉତ୍ତମ କାନ୍ତ ପାଇ ଯେ । ୩୦
ମଣ୍ଡିଲ ପଗସ୍ତେ କାମ କନକ ପରଶ ।
ବାସ ପିନ୍ଧାଇବାକୁ ତାହାକୁ କଲେ ଉଗ୍ର ଯେ । ୩୧

---

୨୫ । ସଖୀମାନେ ହାର ପିନ୍ଧାଉଥିବା ବେଳେ ଛଳନା କରି କହିଲେ— ଏ ହାରରେ ଶ୍ରଦ୍ଧା ଅଛି ତ ? ତୁମ୍ଭେ ତ ବଡ଼ ସୁନାହାର ପାଇଛ ।

୨୬ । ସଖୀମାନେ କସ୍ତୁରୀ ଗୋଳି କରି ବୋଳିଦେବା ସମୟରେ କହିଲେ—ସୁନ୍ଦର ବକ୍ଷକୁ ଚର୍ଚ୍ଚା କଲେ ଭାଲ ସମ୍ଭବଟି କି ?

୨୭ । କୌଣସି ସଖୀ ଆଖିରେ କଳା ଦେବାବେଳେ କହିଲା—କେଉଁ ଯୁବା ପୁରୁଷ ଏ ଶର ଘାତକୁ ସହି ପାରିବ ?

୨୮ । ହାତରେ ଖଣ୍ଡୁ ଓ ମୁଦି ପିନ୍ଧାଇ ଦେଇ କହିଲେ—ତୋତେ ଦେଖିଲାକ୍ଷଣି ତୋର ସ୍ୱାମୀ ଏହି ହାତକୁ ଧରି ପାଖକୁ ନେବେ ।

୨୯ । ଏହିପରି ବେଶ କରିବା ସମୟରେ ସଖୀମାନେ ନାନା ପ୍ରକାର ଥଟ୍ଟା ପରିହାସ କଥା କହିଲେ ।

୩୦ । ଦର୍ପଣ ଦେଖାଇ ସଖୀମାନେ ପ୍ରଶଂସା କରି କହିଲେ—ଏ ବେଶକୁ ଉପଯୁକ୍ତ ସ୍ୱାମୀ ପାଇଛ ।

୩୧ । ସୁନା କଣ୍ଢେଇକି ଲୁଗା ପିନ୍ଧାଇଲାପରି ସ୍ୱର୍ଣ୍ଣବର୍ଣ୍ଣା ଲୁଗା ପିନ୍ଧାଇ ଦେବାରୁ ସେ କାମଦେବଙ୍କୁ ମଳିନ କଲା ।

ଜବଡ଼େ ମାଗୀ ନୀବାଢ଼ୁ ଭିଡ଼ ବଦନକୁ ।
ଆଳୀ ପୁଚ୍ଛେ ଏଡ଼େ କୋପ ପର ମଦନକୁ ଗୋ । ୩୨
ଯେଡ଼େ ଦୃଢ଼ କଲେ ଚୀର ପାରଇ କି ରଖି ।
ବୃଦ୍ଧି ସରିତକୁ ବାଲିବନ୍ଧ ଜକ ସଖି ଗୋ । ୩୩
ଚେତେବେଳେ ଶୁଅରି କହୁଛି କେଉଁ ସଖୀ ।
ଦେହଳି ବଳି ଚଳିବା ସମୟରେ ଚାହିଁ ଗୋ । ୩୪
ନାଥ ହାତ ଧରି ଗୃହଁଆଇ ନେବେ ତୋତେ ।
ମଥା ଟେକ କଥା ନ କହିବୁ କଦାଚିତେ ଗୋ । ୩୫
କୋଳେ ଧରନ୍ତେ ଶେଯେ ଖସି ବସୁଥିବୁ ବାଳା ।
ସୀତ୍କାର କରିବୁ ଖେଳାଇ କୋଣେ ଡୋଳା ଗୋ ।
କେ ବୋଲଇ ଅବଳା କୋମଳ ବୋଲି ତୁହି ।
ନୋହିବୁ କାତର କାନ୍ତ ବଳବନ୍ତ ଗୁହିଁ ଗୋ । ୩୭
ପ୍ରଚଣ୍ଡ କିରଣେ ରବି ତୋଷଇ ନଳିନ ।
ଅଳି କେଳିରେ ନୁହଇ ଶିରୀଷ ମଳିନ ଯେ । ୩୮
ଏ କାଳେ କେଳି ମନ୍ଦିରେ ବିଜୟ ନାଗର ।
ଦେଖିଲି ସେ ଶୋଭା ମହା ଉଦ୍ଦୀପନକର ଯେ । ୩୯

---

୩୨ । ଜବଡ଼-ଗାଢ଼ରେ । ନବାଡ଼ୁ-ମଜବୁତ୍ ଭାବରେ ।
ସଖୀମାନେ କହିଲେ—ମଦନକୁ ଏତିକି ରାଗ ?
୩୩ । ଯେତେ ଟାଣକରି ଲୁଗା ପିନ୍ଧିଲେ ସେ କଣ ରହିବ । ନଈବଢ଼ିରେ ବାଲିବନ୍ଧ କି ସମ୍ଭାଳି ହୁଏ ?
୩୪ । ଦେହଳି-ଦୁଆର ବନ୍ଧ । ବଳି-ଡେଇଁଯିବା ସମୟରେ ।
୩୫ । କେଉଁ ସଖୀ କହିଲା—ସ୍ୱାମୀ ତୋର ହାତଧରି ମିଠା କଥା କହି ପାଖକୁ ନେଇ-ବେଳେ ତୁ ମୁଣ୍ଡଟେକି ତାଙ୍କୁ କଥା କହିବୁ ନାହିଁ ।
୩୬ । କୋଳରେ ଧରିଲା ବେଳେ ତୁ ଖସି ପଡ଼ୁଥିବୁ । ତୋର ଡୋଳାକୁ କୁଳରେ ଖେଳାଇ ସମ୍ମତ ଜଣାଇବୁ ।
୩୭ । ତୁ ସରଳା ଓ କୋମଳାଙ୍ଗୀ ହେଲେ ମଧ୍ୟ ସ୍ୱାମୀକୁ ବାଘୁଆ ଜାଣି ଡରିବୁ ନାହିଁ ।
୩୮ । ସୂର୍ଯ୍ୟକିରଣ ପ୍ରଖର ହେଲେ ମଧ୍ୟ ପଦ୍ମକୁ ତୋଷ ଦିଏ । ଭ୍ରମର ଶିରୀଷ ଫୁଲରେ ବସିଲେ ସେ ମଳିନ ହୁଏ ନାହିଁ, ତୁ ମଧ୍ୟ ସେହିପରି ।
୩୯ । ଏ ସମୟରେ ନାଗର କେଳି ମନ୍ଦିରକୁ ଗଲା । ଦେଖିଲି କେଳିପୁର ଅତ୍ୟନ୍ତ ଜାକଜମକ ହୋଇଛି ।

ତସ୍କରଇ ଏକ୍ଷଣି ଆସିବ ସୁଲକ୍ଷଣୀ ।
ନାହିଁ ତାର ସ୍ତୁତିକୁ ସ୍ତୁଭୂଷା ହୋଇ ବାଣୀ ଯେ । ୪୦
ବୋଲନ୍ତି ଅବା ମୁଁ ପିଣ୍ଡ ତୁ ମୋର ଜୀବନ ।
ପିଣ୍ଡକୁ ପରାଣ ଛାଡ଼େ ଯେନବ ଦମନ ଯେ । ୪୧
ନୟନ ପ୍ରତିମା ବୋଲି ଭାଷିଲେ ହସିବ ।
ଯାହାକୁ ଚାହିଁ ସେ ହସେ ପ୍ରତିବିମ୍ବ ଯେ । ୪୨
ରଙ୍ଗ ଚରଣେ ଶରଣଜନ ମୁଁ ତୋହର
ବୋଇଲେ ସେ ସ୍ନେହାଧୀନା ହୋଇବ କାତର ଯେ ॥
ତାକୁ କାତର କରାଇ କେଉଁ ବଡ଼ପଣ
ଏହିପରି ସିନା ଯେତେ ବିନସ୍ତୁ ଭିଆଣ ଯେ । ୪୪
ଏ ରୂପେ ଭାବ ଭାବନା କରନ୍ତି ନୃପସୁତ ।
ସଖୀଏ ଭାଷିଲେ ମିଳି ସୁନ୍ଦସାସୁରତ ଯେ । ୪୫
ଛଟ ମଠ ନ କର ମଦନମଦାଳସୀ ।
ନାଥ ପଥ ଚାହିଁଥିବେ ପଲ୍ୟଙ୍କରେ ବସି ଯେ । ୪୬
ବିଳମ୍ବର କାରଣ କି ପ୍ରଲମ୍ବକୁନ୍ତଳା ।
ପାହିଯିବ ରଜନୀ ନ ସରୁଁ ପ୍ରେମଲୀଳା ଯେ । ୪୭

---

୪୦। ଏବେ ଲାବଣ୍ୟବତୀ ଆସିବ, ତାକୁ ବିନସ୍ତୁକରି କହିବାକୁ ସେପରି କଥା ତ ନାହିଁ ।

୪୧। କହନ୍ତି—ମୁଁ ପିଣ୍ଡ ତୁ ଜୀବନ, ମାତ୍ର ଏହା କହିହେବ ନାହିଁ, କାରଣ ପିଣ୍ଡ ଓ ଜୀବନ ତ ଅଲଗା, ଏଣୁ ସେ ଦୁଃଖିତ ହେବ ।

୪୨। ମୁଁ ତାକୁ ଆଖିର ପ୍ରତିମା କହିଲେ ସେ ହସିବ, ଯାହାକୁ ଚାହୁଁଛି ସେ ସେଠାରେ ଦେଖା ଯାଉଛି ।

୪୩। ମୁଁ ତାକୁ କହିବି, ତୋର ରଙ୍ଗାଚରଣରେ ମୁଁ ଆଶ୍ରିତ ଜନ, ଏ କଥା ଶୁଣି ସେ ସ୍ନେହବଶ ହୋଇ କାତର ହେବ ।

୪୪। ଏହିପରି ସବୁ ବିନସ୍ତୁ କରନ୍ତି, କିନ୍ତୁ ତାକୁ କାତର କରିବାଟା ମୋର ତ ବଡ଼ପଣ ହେବ ନାହିଁ ।

୪୬, ୪୭—ସଖୀମାନେ ଲାବଣ୍ୟବତୀକୁ କହିଲେ, ଛଟ, ଆଉ ମଠ କର ନାହିଁ, ତେଣେ ତୁମର ନାଥ ପଲଙ୍କରେ ବସି ତୁମ ଅପେକ୍ଷାରେ ଅନାଇ ଥିବେ । ହେ ପ୍ରଲମ୍ବ କୁନ୍ତଳା, ଆଉ ବିଳମ୍ବର କାରଣ କ'ଣ ? ରତିଲୀଳା ନ ସରୁଣୁ ଯେ ରାତି ପାହିଯିବ ।

ଦରହାସୀ ହେବୁ ଦରଷ୍ଟୁଧାତ୍ତୁର ପର ।
ଏହାଶୁଣି ବଦନ ନୁଆଁଇ କୃଶୋଦରୀ ଯେ । ୪୮
ଛନ୍ଦଳ ଆଳୀଏ ରମ୍ଭା ସଦୃଶୀ ସଙ୍ଗୀତ ।
କାମନା ସଫଳେ ମୁଖ ପୋଡବା ଉଚିତ ଯେ । ୪୯
କେ ବୋଇଲା ଦଇବ ନେଇ ତା ସନ୍ନିଧାନେ ।
ଯାହା ଲପନକୁ ଦେଖି ନାହିଁ ଏ ସ୍ୱପନେ ଯେ । ୫୦
କ କରୀବ କ ବୋଲିବ ବିଳମ୍ବ ଏଥିକ ।
ଏ ବସ୍ତୁର ଛୁଡାଇ ବାହାର ହେବାଟିକ ଯେ । ୫୧
କେ ଭାଷଇ ନ ଆସଇ ଏ କଥା ମନକୁ ।
ଯାହା ବୋଲେ ଗ୍ରୁଡ଼ ଦେବ ପିନ୍ଧା ବସନକୁ ଯେ । ୫୨
ତାହା ପାଶେ ଯିବାକୁ କରୁଛୁ କମ୍ପା ଲଜ ।
ନ ଜାଣେ କ ସେ ନାଶ ହୋଇବ ବୋଲି ଆଜ ଯେ ।
ରହିଥିଲେ କହି ଦେଉଥିବେ ଏହି ବାଣୀ ।
ଗମନ ମନ୍ଥର ଏହା ଶୁଣି ଗୁଣମଣି ଯେ । ୫୪
କେଳପୁର ବଶୁ ଅତି ମନ୍ଦ କଲା ଗୁଲ ।
ହସିବ ହସିଲା ହୋଇ ସଜଣୀ ଏ ବୋଲି ଯେ । ୫୫
ଆମ୍ଭେ ସଙ୍ଗେ ଥିଲାକୁ କ ହେଉ ଉହ ଉହ ।
ତୁ ଗ୍ରୁଡ଼ିଲୁ ବୋଲି ଆମ୍ଭେ ଗ୍ରୁଡ଼ିବୁଁ କ ସ୍ନେହ ଗୋ ।
ତୋତେ କାନ୍ତକୁ ସମର୍ପି ଦେବାଯାଏ ଥିବୁଁ
ଉହ ସ୍ଥାନ ନିକଟରୁ ସହଜେ ଉଠିବୁଁ ଗୋ । ୫୭
ଜଣେ ବୋଇଲାରେ ଏମାନଙ୍କ କଥା ସ୍ମର ।
ଭାବ ଦାନେ କୃପଣ ନୋହିବୁ କୃଶୋଦରୀ ଗୋ । ୫୮

୪୮ ଠାରୁ ୫୦—ହେ ଭରତ୍ୱାସୀ, ତୁ ଅଧାହେବନ୍ଦପର ହେବୁ । ଏକଥା ଶୁଣି ଲାବଣ୍ୟବତୀ ମୁଣ୍ଡ ନୁଆଁଇ ଦେବାରୁ ରମ୍ଭା ନାମ୍ନୀ ଆଉ ଜଣେ ସଖୀ ଗୀତ ଛଳରେ କହିଲା—କାମନା ଫଳବତୀ ହେବାବେଳେ ମୁହଁ ପୋତିବା ଠିକ୍ । ଅନ୍ୟ ଜଣେ କହିଲା—ଯାହା ମୁହଁକୁ କେବେ ହେଲେ ଦେଖିନାହଁ, ସେ ଅଚିହ୍ନା, ତାର ପାଖକୁ ବିଧାତା ନେଉଛି ।

୫୮। ଆଉ ଜଣେ ସଖୀ କହିଲା—ଏମାନଙ୍କ କଥାକୁ ସ୍ମରଣକର ପ୍ରେମଦାନରେ ଲୋଭୀ ହେବୁ ନାହିଁ ।

ଶିଖାଇ ଦେବାର ବୁଦ୍ଧି କେତେବେଳେ ଥାଇ ।
ହଂସ ଶ୍ୱେତ ଶିଖୀ ଚାପ କେ କରନ୍ତି ସମ୍ପ୍ରୀ ଗୋ । ୫୯
କଥା କଥାକେ ଏଣିକି ଭିଆଇବ ଛନ୍ଦ ।
ଯେତେ ମନ ଯେମନ୍ତେ ପାଇବା ନକ ଦ୍ୱନ୍ଦ ଗୋ । ୬୦
ଏତେ ବୋଲି ଗଲ ବୋଲେ କେ ରସଜ୍ଞାଧିକ ।
ଶୁଭିଲା ନୂପୁର ନାଦ କାନ୍ତ ସନ୍ନିଧିକ ଯେ । ୬୧
ପ୍ରଥମେ ପାଞ୍ଚିଲ କାମ ଜମ୍ବୁରୁ ବାଜ ।
ମୋହ ଉପରକୁ କି ଆସୁଛି ଦଣ୍ଡ ସାଜ ଯେ । ୬୨
ଘଣ୍ଟି ନାଦେ ମୃଗ ପ୍ରାୟେ ଟେକିଲି ଶ୍ରୁତିକ ।
ଜାଣିଲି ଆସଇ ରସବନ୍ତ ମୋ କଟକ ଯେ । ୬୩
ଦ୍ୱାର ପାଶେ ଆସି କାନ୍ତ ଦେଖିଲି ସୁନେତ୍ରା ।
ରତି କି ଆସଇ କରି ନାସ୍ତି ରଥଯାତ୍ରା ଯେ । ୬୪
ଲୀଳା କରୁଅଛି କିବା ହେମ ପୁଷ୍ପଲତା ।
ଏ ଉତପାତୁଁ ପଡ଼ିବ ଗ୍ଲେଲେ ଚଞ୍ଚଳତା ଯେ । ୬୫
କାଞ୍ଚି ଅସ୍ଥିର କୁନ୍ତଳ ଆକର୍ଷଣ ହେବ ।
ମାଳବରେ ଛିନ୍ନ ଭିନ୍ନ ଦଶା ପଡ଼ିଯିବ ଯେ । ୬୬
ଅଙ୍ଗ ଦେଶରେ ହୋଇବ ଅଶେଷ ସଙ୍ଗର ।
ପୁଣି କାମପ୍ରଭୁ ଖେଳାଇଲି ପରକାର ଯେ । ୬୭
ଚୋର କରଅଛି ବାଳା ସର୍ବ ଶୋଭାଶିରି ।
ଏଣୁ ଆଣୁଛନ୍ତି କି ମଦନ ପାଶେ ଧରି ଯେ । ୬୮
ଦନ୍ତ ନଖ ବାହୁ ପାଶେ ଦଣ୍ଡକୁ ପାଇବ ।
ବିଶେଷତ ପ୍ରେମଧନ ଦେଇ ମୁକୁଳିବ ଯେ । ୬୯

---

୫୯ । ଏ ବୟସରେ ଶିଖାଇ ଦେବା ବୁଦ୍ଧି କେତେବେଳପାଏ ଥିବ । କହନ୍ତୁ ଧଳା ହଂସ ଆଉ ମୟୂରକୁ କିଏ ଚାପ କରୁଛି ।

୬୨ । ଜମ୍ବୁରୁ-ଜଳସ୍ଥତୁରୀ । ଦଣ୍ଡ-ବଳ ।

୬୬ । କାଞ୍ଚି-କଟିଭୂଷଣ । କୁନ୍ତଳ-ବାଳ । ମାଳବ-ହାରସରୁ ।

୬୭ । ଅଙ୍ଗଦେଶ-ଦେହ । ସଙ୍ଗର-ମିଳନ, ଯୁଦ୍ଧବାସ । କାମପ୍ରଭୁ-କାମଦେବ ।

୬୮, ୬୯ । ସମସ୍ତ ସୌନ୍ଦର୍ଯ୍ୟର ଶିରୀକୁ ବାଳା ଚୋରିକରି ଥିବାରୁ ତାଙ୍କୁ କନ୍ଦର୍ପଙ୍କ ପାଶରେ ଧରି ଆଣୁଛନ୍ତି । ଦନ୍ତ, ନଖ ଓ ବାହୁଦ୍ୱାରା ସେ ଦଣ୍ଡ ପାଇବେ, ମାତ୍ର ପ୍ରୀତି ଦେଇ ଏଥିରୁ ଉଦ୍ଧାର ହେବ ।

ହୋଇଲା ମଦନନିକେତା ମନ୍ଦିର ସମୀପ ।
ଗଲା ତ ମୋ ବଡ଼ପଣ ବସ୍ତୁର କନ୍ଦର୍ପ ଯେ ।୭୦
ବେନ ହୃଦୟୁ ଲାଗିଲୁ କଲା ସେ ହୁଙ୍କାର ।
ରୋମାଞ୍ଚ ବ୍ୟାଜେ କି ପୂର୍ଣ୍ଣ ଅପଘନେ ଶର ଯେ ।୭୧
ରୁଧିର ଛଳେ କି ସ୍ୱେଦଜଳ ପରକାଶ ।
ନୋହିଲେଟି ସ୍ତମ୍ଭ ବଶେ ସେ ବେନ ଅବଶ ଯେ ।୭୨
ଏଠାରୁ ଏ ମନୋରମ ଛାନ୍ଦ ହେଲା ଶେଷ ।
ସୀତା ମଧୁଶଯ୍ୟା ଅର୍ଥେ ଯେ ରାମ ଉଲ୍ଲାସ ଯେ ।୭୩
ତାଙ୍କ ଚରଣ ପଙ୍କଜେ ମନ ଅବିରତ ।
ଉପେନ୍ଦ୍ର ଭଞ୍ଜ ବୀରବର କହେ ଗୀତ ଯେ ।୭୪

—*—

## ଦ୍ୱାବିଂଶ ଛାନ୍ଦର ସାରକଥା

ଏ ଛାନ୍ଦର ପ୍ରାରମ୍ଭରେ ଯେଉଁ ସ୍ଥଳରେ ମଧୁଶଯ୍ୟା ହେବ ସେ ସ୍ଥଳର ଏକ ସୁନ୍ଦର ବର୍ଣ୍ଣନା ଦିଆଯାଇଛି । ଏହା ପରେ ସଖୀମାନେ ଲାବଣ୍ୟବତୀକୁ ନାନାବିଧ ଅଳଙ୍କାର ଓ ବସନଦ୍ୱାରା ଭୂଷିତା କରିଛନ୍ତି । ପୁନଶ୍ଚ କସ୍ତୁରୀ ଚନ୍ଦନ ଇତ୍ୟାଦି ଦ୍ୱାରା ନାୟିକାକୁ ଆହୁରି ଲୋଭନୀୟ କରି ତୋଳିଛନ୍ତି । ଏହା ପରେ ସମବୟସ୍କା ସଖୀଗଣ ଶୃଙ୍ଗାର ସମ୍ପର୍କୀୟ ନାନାବିଧ ହାସ ପରିହାସ ଦ୍ୱାରା ଲାବଣ୍ୟବତୀର ମନରେ କାମ ଉଦ୍ଦୀପନା କରିଛନ୍ତି । ଏହା ଏକ ସ୍ୱାଭାବିକ ବର୍ଣ୍ଣନା ଏବଂ ସଖୀମାନଙ୍କ ମୁଖରେ ଏତାଦୃଶ କଥୋପକଥନ ଶୋଭନୀୟ । କିନ୍ତୁ ଶେଷରେ "ସୀତା ମଧୁଶଯ୍ୟା ଅର୍ଥେ ଯେ ରାମ ଉଲ୍ଲାସ", ସେହି ରାମଚନ୍ଦ୍ରଙ୍କ ସ୍ମରଣ କରି ଭକ୍ତେ ଏ ଛାନ୍ଦଟି ଶେଷ କରିଛନ୍ତି । ଯାହା କି ଆଲଙ୍କାରିକ ସମ୍ରାଟଙ୍କ ମତରେ ପୂଜ୍ୟ ବ୍ୟକ୍ତି ବା ଦେବତାଙ୍କ ସମ୍ପର୍କରେ ଏତାଦୃଶ ବର୍ଣ୍ଣନା ଶୀଳତାର ବିରୁଦ୍ଧ ।

---

୭୦ । ମଦନନିକେତା-ରତିର ରଙ୍ଗ ମନ୍ଦିର ।

# ତ୍ରୟୋତ୍ରିଂଶ ଛାନ୍ଦ

## ( କେଳିପୁର ରହସ୍ୟ ବର୍ଣ୍ଣନ )

ରାଗ—ପଞ୍ଚମବରାଡି

କର୍ଣ୍ଣ ମନ ମନୋହରକ ରସ ସାବଧାନ । ହୋଇ ଶୁଣ ସୁରସିକ ତରୁଣ ସୁଜନ ହେ ॥ ତହିଁବାଡ଼ ପଶି ଦେହଳୀକି ବାଳା ତର୍ଣ୍ଣି । ଅମ୍ବୁଜ ଅରୁଣ ପଦ ନ ପାରେ ବଳାଇ ଯେ । ୧ ।

ନଦୀ ଯାଇ ଯଥା ସିନ୍ଧୁ ସଙ୍ଗମରେ ଲଭି । ସେଭଳି ଲଙ୍ଘି ନ ପାରିବା ଲକ୍ଷଣ ବାଲ୍ୟ ଯେ ॥ ଏ କଥା ଗୋ ସଖି ସଜନୀଏ ଦେଖି ପେଲି । ବଲ୍ଲଭକୁ ଶୁଣାଇ ଏମନ୍ତ ବାଣୀ ବୋଲି ଯେ । ୨ ।

ଅମରେ ଭୋଗ କରନ୍ତି ରସି ଶଶୀ ଶେଷ । ଲତାରୁ କଳିକା ଛିଣ୍ଡ଼ ତୋଳି ସୁମନସ ଯେ ॥ କାଷ୍ଠଭେଦକ ଭ୍ରମର ପଦ୍ମଫୁଲେ ଶୋଇ । ପୁନଃ ପୁନଃ ରସ ଭୋଗ ଉପଯୋଗ ପାଇ ଯେ । ୩ ।

ତୁମ୍ଭେ ତ ରସିକସିଂହ ହରିଣୀ ସୁକେଶୀ, ବଳବନ୍ତରେ କି ଯଶ ଅବଳା ଧରସି ଯେ ॥ କେ ଛଳନା ଦେଲୁ କେମାର ପ୍ରାଣସଖୀ । ତାହା ଦୁଃଖେ ଦୁଃଖୀ ଆମ୍ଭେ ତାହା ସୁଖେ ସୁଖୀ ଯେ । ୪ ।

ଆମ୍ଭେ ଜଣାଇବାର ଅଧିକ କଥା ସିନା । ଯେ ଯାହାର ତାକୁ କି ନ ଲାଗେ ତା ବେଦନା ଯେ ॥ ଏତେ କହି କପାଟ ଓଟାରି ଆଣି କଲେ । ପୁର ପରିସରରୁ ଅନ୍ତର ହେଲେ ଆଳି ଯେ । ୫ ।

---

୧ । ଚନ୍ଦ୍ର ସୂର୍ଯ୍ୟ ଯାର ଶେଷକୁ ଟପିଯାଇ ନ ପାରନ୍ତି ଭଳି ଲାବଣ୍ୟବତୀ ତାର ରକ୍ତିମା ପଦ୍ମପାଦକୁ ଦ୍ୱାରବନ୍ଧକୁ ଡେଇଁକରି ଯିବାକୁ ଇଚ୍ଛା କଲା ନାହିଁ ।

୨ । ନଦୀ ଯେପରି ସମୁଦ୍ରକୁ ଚାଲିବେଳେ ବାଟରେ ବାଧା ପାଇଲେ ଆଗପଛକୁ ନ ଯାଇ ସ୍ଥିର ହୁଏ ସେହିପରି ଲାବଣ୍ୟବତୀ ଦୁଆରବନ୍ଧ ପାଖରେ ଠିଆ ହୋଇ ରହିଲା ।

୩ । ସଖୀମାନେ ଶୁଣାଇକରି କହିଲେ— ଅମୃତ ( ଶଶୀ )କୁ ଦେବତାମାନେ ରସି ପାନ କରନ୍ତି । ଲତା ନ ଭାଙ୍ଗି, ପତ୍ର ନ ଛିଣ୍ଡାଇ ଫୁଲ ତୋଳନ୍ତି । ଭ୍ରମରମାନେ କାଠ ଫୁଟାଇଲେ ମଧ୍ୟ ପଦ୍ମଫୁଲର କ୍ଷତି କରନ୍ତି ନାହିଁ; ମାତ୍ର ପଦ୍ମଫୁଲରେ ଶୋଇ ରସ ଭୋଗ କରନ୍ତି । ତୁମ୍ଭେ ସେହିପରି ଭୋଗ କରିବ ।

୪ । ଧରସି-ଉତ୍ପୀଡ଼ନ କର ।

୫ । ପୁରପରିସରରୁ-ଗୃହପାଖରୁ ।

ମୋହିନୀ ପୀୟୂଷକୁମ୍ଭ ବସନେ ଘୋଡ଼ାଇ । ଇନ୍ଦ୍ର ଆଗେ ଉଭା ହେଲା ସ୍ୱାମୀ ଶୋଭା ପାଇ ଯେ ॥ କାନ୍ତ ଦେଖି ଏକାନ୍ତ କରକୁ ଧରି କରେ । ମନ୍ଦ ପବନରେ ଯଥା ପଦ୍ମଲତା ଥରେ ଯେ । ୬ ।

ମାଳୀ ଚମ୍ପକ ମାଳିକା ଦେଲାଭଳି ପରି । ସେନେହବଶରେ ତାକୁ ସେ କୋଳରେ ଧରି ଯେ ॥ ଗ୍ରୀବବଶେ ସେ ଯେ ଶେଯେ ଖସି ବସେ ତନ୍ୱୀ । କଲ୍ଲଭ ଭୃଷ୍ଟ ଆରମ୍ଭେ ଅଧୋମୁଖୀ ହୋଇ ଯେ । ୭ ।

ହେଠ କଲେ ବଦନ ଚନ୍ଦ୍ରକୁ କୁଶକଟି । ଆଉ କେହ୍ନେ ସିଦ୍ଧ ମୋର କାମ ଭମ ଭ୍ରୁଟି ଗୋ । ତା ଶରକୁ ନ କଲେ ନୟନ ପ୍ରତିଶର । ନିରନ୍ତର ହେଉଥିବ ସ୍ୱିନା ଜରଜର ଗୋ । ୮ ।

ବାରଣଗତି ଚରଣ ଶରଣ ଜନରେ । ଉଚିତ ପ୍ରଭୁ କପଟ ରଖିବା ମନରେ ଯେ ॥ ତୋ ବାହାନରେ ନାହିଁ ଆହା କରିବାକୁ ସାହା । ସାହାଇଚ୍ଛା ତାହା କର ଜଣାଇବ କାହା ଗୋ । ୯ ।

ଏ ବଚସ୍ମ ବାଣୀକି ଦ୍ୱିତୀୟା ତିଥି ତାର । କଲୁ ଉଦେ କରାଇଲା ହାସ ସୁଧାକର ଯେ ॥ ଗ୍ଲାନୁ ଚକୋର ଲକ୍ଷଣ ବିକାସ ଉଲ୍ଲାସ । କ୍ଷଣକ ଭିତରେ କଣ୍ଠଗଲା ପରକାଶ ଯେ । ୧୦ ।

ମୃଦୁଅଙ୍ଗୀ ଅଙ୍ଗୀକାର ଏ ଭଙ୍ଗୀରୁ ଜାଣି । ନେଇ ଚିବୁକେ ସ୍ୱହସ୍ତେ କବେଶିଲା ପାଣି ଯେ ॥ ଢ଼ଳ ହୋଇ କୋଳ କଲ ଶ୍ରୀମୁଖ ଟେକିଲା । ଯୋଗ-ଭଙ୍ଗୀ ଭଙ୍ଗୀସ୍ଥାନ ଅସ୍ତ୍ର ନ ରଖିଲା ଯେ । ୧୧ ।

ଭ୍ରମରେ ଏଣ୍ଟ ବଦନ ଭ୍ରମରେ ସାରସ । ଚୁମ୍ବନ୍ତି ଭାବ ଚୁମ୍ବନ ଦେଇ ସେ ହରଷ ଯେ । ଅଙ୍ଗହାର କରି ହାର କରି ଆଲିଙ୍ଗନ । ଧିକ କଲା ଘନସାର ଚନ୍ଦନ ଲେପନ ଯେ । ୧୨ ।

---

୬ । ବିଷ୍ଣୁ ମୋହିନୀ ରୂପରେ ସୁଧାକୁମ୍ଭ ଧରି ଦେବାସୁରଙ୍କ ଆଗରେ ଠିଆ ହେଲାପରି ସୁଧାକୁମ୍ଭ ରୂପକ କୁଚକୁ ନେଇ ସ୍ୱାମୀ ଆଗରେ ଠିଆ ହେବାରୁ ଚନ୍ଦ୍ରଭାନୁ ଏହା ଦେଖିକରି ତା ହାତକୁ ଧରିବାରୁ ସେ ପବନରେ ପଦ୍ମଲତା ଥରିଲାପରି ଥରିଲା ।

୧୦ । ଦ୍ୱିତୀୟା ତିଥିରେ ଚନ୍ଦ୍ର ଯେପରି ବଙ୍କା ହୋଇ ଉଦୟ ହୁଏ, ଲାବଣ୍ୟବତୀ ସେହିପରି ବଚସ୍ମ ବାଣୀରେ ବଙ୍କେଇ କରି ହସିଲା ।

୧୧ । ଭଙ୍ଗୀରୁ-ଚେଷ୍ଟାରୁ । ଭଙ୍ଗୀସ୍ଥାନ-ମୁଖ ।

୧୨ । ଅଙ୍ଗହାର-ଅଙ୍ଗଚାଳନା ।

ମନ ଭାବ ଅଧର ପାନରେ ମତ୍ତ ଲଭେ । ରସନାରେ ରସ ଆସ୍ୱାଦନ କରି ଘଟେ ଯେ ॥ ଏ ଥାଉ ଅମୃତ ପିଇ କି ଲଭନ୍ତି ଦେବେ । ମଧୁପବେ ମଦମଞ୍ଜି ପିଶୁନ ବାନକେ ଯେ । ୧୩ ।

ଖେଳିଲା ଏ ମେରୁ ଉରଜକୁ ଧରି କରେ । ବାଞ୍ଛା କରି ଅଛି କେଉଁ ସ୍ୱର୍ଗ ପ୍ରାପତରେ ଯେ ॥ କରଜ ଚଳାଇ ତନୁ ଶୋଭାକୁ ବୃହିଁଲା । ଖଳେ ଏତେକାଳେ ପାପଫୁଲେ ନସ୍ତରିଲା ଯେ । ୧୪ ।

ଗଣ୍ଡବଶେ ଦେଖି ତା ଚଞ୍ଚଳ ଛଟକଳୁ । ମନେ ମନେ ନିନ୍ଦା କଲା କନ୍ଦୁର୍ପ ଝଟକକୁ ଯେ ॥ ବେତ୍ତୁ ବେଳ ମଦନେ ଆତୁର ସେ ଚତୁର । ନବୋଢ଼ା ମଣିବନ୍ଧରେ ପକାଇଲା କର ଯେ । ୧୫ ।

ନିଷେଧିଲା କରଭୋରୁ କରି କରେ କର । କଷ୍ଣ ଧରି ହୋଏନିକ ମୃଣାଳ ସୂବର ଯେ ॥ ପୁଂସ କକ୍ଷମୂଳେ ଚିପି ଦେଇ ନଖ ମୁନ । କୁଚରେ ସମସ୍ତ କଲା ରସନା ଚୁମ୍ବନ ଯେ । ୧୬ ।

କର୍ଣ୍ଣେ ଦଂଶନ କରି ଗଣ୍ଡମଣ୍ଡଳକୁ । ଚୁମ୍ବଦେଲା ଚନ୍ଦ୍ର ଥିଲା ଶଶୀର ସ୍ଥଳକୁ ଯେ ॥ ଶୀତ୍କାର ଭଜ ରସିକା ହୋଇଲା ଅଜ୍ଞାନ । ବିଶେଷତଃ ମାଦକ ପାନରେ ଯଥା ଜନ ଯେ । ୧୭ ।

ଖୋପି ଦେଲା ଲଲାଟପଟରେ ନେତ୍ର ଦୁଇ । ବିବସନ କଲା କାନ୍ତ ଏ ସମସ୍ତ ଚୁମ୍ବି ଯେ ॥ ତନୁ ତନୁ ଭିନ୍ନ ହେବ କହି ଏ ବିସ୍ମର । ଆପଣା ପିନ୍ଧିଲା ବସନକୁ କଲା ଦୂର ଯେ । ୧୮ ।

ସେ ଶୋକରେ ଲୋଭୀ ହୋଇ ମନେ କଲା ପୁଣ । ସୁବର୍ଣ୍ଣ ବର୍ତ୍ତିକୁ ନିଶ୍ଚେ ଏକାଳେ ଉଷାଣ ଯେ ॥ ବନ୍ଧଯୋଗେ ଧରି ଉରେ ଉର ଲଗାଇଲା । ଜିହ୍ୱା ଚୁମ୍ବି କଣ୍ଠ ଧୀର କରି ଫୁଙ୍କିଦେଲା ଯେ । ୧୯ ।

ଉରଜ ମଧ୍ୟ କରଜ ଆଣିଲା ଚଳାଇ । ନାଭିରେ ଦେଲେ କଳାସ୍ଥାଙ୍ଗୁଳକ ବୁଲାଇ ଯେ ॥ ନିତମ୍ବେ ହାମ୍ବୋଳ ଠୁଙ୍କି ଚେତନା ବସିଲା । ଉଦ୍ଧ ମନ୍ଦାମତେ ରାମା ସୁରତେ ରସିଲା ଯେ । ୨୦ ।

---

୧୩ । ମଧୁପବେ–ସୁସ୍ୱରସ ବା ସୁରା ପାଇବାରେ । ମଦମଞ୍ଜି–ଉନ୍ମତ୍ତ । ପିଶୁନ–ଖଳ ।

୧୪ । ନଖରେ କୁଚକୁ ପୀଡ଼ା ଦଅନ୍ତେ ପ୍ରେମ ଅଙ୍କୁରଗୁଡ଼ିକ ଉଦ୍ଗମ ଫୁଲପରି ଜଣାଗଲା ।

୧୬ । କରଭୋରୁ–ଯାହାର ଉରୁ ହାତୀଶୁଣ୍ଢ ପରି, ସୁନ୍ଦରୀ ସ୍ତ୍ରୀ ।

୧୭ । ଗଣ୍ଡମଣ୍ଡଳ–ଗାଲ ।

୨୦ । ହାମ୍ବୋଳ–ମାଡ଼ବସି ।

ରତିପତି ଛଳେ ରତି ପତି ବିରଚିତ । କଙ୍କଣ ନୂପୁର ନ ଦେ ପୂରି ଉଚ୍ଛୁଳିତ ଯେ ॥ ପରସ୍ପରେ ହୋଇଲେ ଅଧର ପିଆପିଇ । ଏଣୁ ନେତ୍ରୁ ଚକ୍ଷୁରେ ଚୁମ୍ବନ ଦିଆଦେଇ ଯେ । ୨୧ ।

ହାର ଜଣି ମୁରୁଡ଼ି ପଡ଼ନ୍ତି ବାସ ବେନି ସେନ୍ଧି ଯାଉଛନ୍ତି ଯେଙ୍ଗେ ସଙ୍ଗେ ଲଜ୍ଜା ଘେନି ଯେ । କେଳିଭଜନମ୍ମ ଜଗି ଖୁନ୍ଦୁ ଗୁରୁ ବାଦ । ସାକ୍ଷୀକରି ରଖିଛନ୍ତି ପ୍ରଦୀପ ପ୍ରସିଦ୍ଧ ଯେ । ୨୨ ।

ରାଜସୁତ ରାଜା ହେଲ ବୋଲି ହୁଏ ତୋଷି । ସତନୁ ବିଶାଳ ଜାନୁ-ସିଂହାସନେ ବସି ଯେ ॥ କେ ନଖରେ କ୍ଷତ କରେ କେ ପୀଡ଼ଇ ଦନ୍ତେ । କଲେ ବନ୍ଧନ ପାର୍ଶ୍ୱଶୟନ ବନ୍ଧ ସେତେ ଯେ । ୨୩ ।

ରମଣୀ ଇଷି ବଚନେ ସୁରୁଷ ହୁଂକୃତ । ବାଳା ନଖକ୍ଷତକୁ ପୁରୁଷ ମୁଷ୍ଟିଘାତ ଯେ ॥ କି କରନ୍ତି କି ବୋଲନ୍ତି ନ ପାରନ୍ତି ଜାଣି । ପିତ୍ତବେଗ ହୋଇଲେ ଅଧିକ ଯଥା ପ୍ରାଣୀ ଯେ । ୨୪ ।

ସନ୍ଧିପାଶ୍ଚ ପ୍ରାପ୍ତେ କ୍ଷଣେ କ୍ଷଣେ ଚନ୍ଦ୍ରନାଡ଼ୀ । ଶ୍ୱାସଗ୍ନି ପସ୍ୱେଦ୍ରେ ବେପଥୁରେ ଛନ୍ତି ଜଡ଼ି ଯେ । ଇଚ୍ଛା ହୁଏ ମନ୍ଦଶୀତ ଗନ୍ଧବହ ବହୁ । ଏ ବଡ଼ କାମନା ଏକା ରଜନୀ ନ ପାହୁ ଯେ । ୨୫ ।

ଏମନ୍ତ ଯେ ଚର୍ପଣ ବୃନ୍ଦଆ ସୁରେ ଥିଲ । ନାଗରୀ ବୃହ୍ନିଲ ଯୋଗେ ଓଲଟ ଦଶିଲ ଯେ । ଲଜ୍ଜେ ବୁଜି ନେତ୍ର ମହାବ୍ୟାକୁଳ ତା ମତି । ସତେଦ୍ଧେ ଆରମ୍ଭ କଲେ ବିପରୀତ ରତି ଯେ । ୨୬ ।

---

୨୨ । ହାରଜଣି-ହାରିବା ଜିତିବା । ମୁରୁଡ଼ି-ପଣ ଏବଂ ଓଲଟ ପାଲଟ ବା ମୋଡ଼ାମୋଡ଼ି ହୋଇ । କେଳଭଜନନ୍ନ-ଦେଳ ଅର୍ଥାତ୍ ରତି, ଏ ଯେଉଁଥିରୁ ଜାତ ହୁଏ । ଜୟଶ୍ରିକୁ-କନ୍ଦର୍ପ । ଗୁରୁବାଦ-ବଡ଼ କଥା ।
କାମଯୁଦ୍ଧରେ ସ୍ତ୍ରୀ ପୁରୁଷ ଭିତରେ ଜୟ ହାରିବ ଜଣିବ ଲାଗାକୁ ଗ୍ରଡ଼ ଲଗିଥିବାରୁ ଲୁଗା ସଙ୍ଗେ ଲଜ୍ଜା ଯାଉଛି । ରତି ଓ କନ୍ଦର୍ପ ଯୁଦ୍ଧପରି ଏହା ହୋଇଥିବାରୁ ଜୟ ପରାଜୟ ଦେଖିବାକୁ ଦୀପକୁ ସାକ୍ଷୀ ରଖି ଜାଳୁଛନ୍ତି ।

୨୩ । ଜାନୁ ସିଂହାସନେ-ଜଙ୍ଘ ସମ୍ମୁଖସ୍ଥ ଆସନରେ । ବନ୍ଧନ-ଚକ୍ର । ପାର୍ଶ୍ୱଶୟନ-କଡ଼ମୋଡ଼ି ବା ଅଣେଇକଇ ଶୋଇବା ।

୨୪ । ଇଷିବଚନେ-ପୀଡ଼ାସୂଚକ ନାସ୍ତିକଥା । ହୁଂକୃତ-ହୁଙ୍କାର ଶବ୍ଦ ।

୨୫ । ଚାତୁଙ୍କ-ପବନ ଗ୍ରସିତ ରକ୍ତ । ବେପଥୁ-ଥରିବା । ଶୀତଗନ୍ଧବହ-ଥଣ୍ଡା ପବନ ।

୨୬ । ଓଲଟ-ବିପରୀତ ବା ଓଲଟା ।

ପୁଣି ଚକ୍ଷୁ ଫେଡ଼ି ଦେଇ ଆଲୁଚ ହୋଇଲା । ଖସିବା ବେଳକୁ କାନ୍ତ ମୋ ଆଡ଼ ବୋଇଲା ଯେ ॥ ରହିଲା ଅଣଆସ୍ତେ ସେ ସେହି ଠାଣିରେ । ନୃତ୍ୟ ଅଧିକାର ଦେଲା ନାସିକା ମଣିରେ ଯେ ॥ ୨୭ ।

ସ୍ୱେଦ ଭଞ୍ଜମଧୁକୁ ଏ ଯେ ବରଷା ପ୍ରାପ୍ତକ । କିଙ୍କିଣୀ କେଳିନାଦରେ ମୂକ ଚନପିକ ଯେ ॥ ଯୋଷାମୁଖେ ସ୍ୱେଦବିନ୍ଦୁ ସ୍ଫୁର୍ତ୍ତିଁ ଧ୍ୱଂସ ଲେଖା । ଇନ୍ଦୁ ଅମୃତ ବିନ୍ଦୁ ବହିଲା ପ୍ରାୟ ଶୋଭା ଯେ । ୨୮ ।

କୁଚଗିରି ମାଡ ପଡ଼ିବାକୁ କଲି ଭୟ । ବିସ୍ତାରିତ କରିଛି ଛଇଳ କର ଦ୍ୱୟ ଯେ ॥ ଗାଢ଼ରତେ ଯଥା ଥିଲା ସ୍ନେହଘର । ଭଜି ଯାଇ ଥାଇଛନ୍ତି ସନ୍ଧିକଟି ମୋର ଯେ । ୨୯ ।

ଏମନ୍ତ ସମୟେ ସ୍ଫୁର୍ତ୍ତିଁ ବାଳା ଅବଶକୁ । ପୁଣି ପୁରୁଷ ଆରମ୍ଭେ ପ୍ରକୃତ ରସକୁ ଯେ ॥ ବର୍ତ୍ତିଲା ମୋତେ ଏଥି ଯଶ ନାହିଁ ଆଜ । ଧନୁଶର ପକାଇ ପଳାଇ ମନସିଜ ଯେ । ୩୦ ।

ବଲ୍ଲଭ ନେଇ ବଞ୍ଚାଇ ସୁବର୍ଣ୍ଣ ରତନ । ତରଳରେ ବେଢ଼ ଦେଲ ପିନ୍ଧିଲା ବସନ ଯେ ॥ ପୁରୁଷ ଚଳେ ଆଦର କରି ଚତପରେ । ପ୍ରିୟକୁ ଘେନି ଶୟନ ପଲ୍ୟଙ୍କ ଉପରେ ଯେ । ୩୧ ।

ଶ୍ରମଘର୍ମ ଯୋଗେ କରି ନଖକ୍ଷତ ଜ୍ୱାଳା । ଶ୍ରମ ହେଲା ଏ ଘେନି ନ ଲଭେ ନିଦ୍ରା ବାଳା ଯେ ॥ ସ୍ଫୁଟ କହେ ପ୍ରିୟ କଥା ଶୁଣିବାକୁ ପ୍ରିୟ । ଏ ସଙ୍ଗାଶୁଁ ନିଦ୍ରା ତାକୁ ନ କଲା ଆଶ୍ରୟ ଯେ । ୩୨ ।

ନିର୍ଲ୍ଲଜ କାମ ମଗଧରାଜା ପ୍ରାୟ ହୋଇ । ପୁଣି ଧାଡ଼ି ଦେଲ ଚଉ ଉଚ୍ଛନ୍ନ କରାଇ ଯେ ॥ ଏଣୁ ପ୍ରକାଶିଲେ ରତି ପୁଣି ଯେ ଦମନ୍ତ । ସେ ରତିଯାକ ଲଭିଲେ ଅଶେଷ ସମ୍ପତ୍ତି ଯେ । ୩୩ ।

---

୨୯ । କୁଚଗିରି-ପର୍ବତରୂପକ ବଡ଼ ବଡ଼ ସ୍ତନ । ମାଡ ପଡ଼ିବାକୁ-ଅଜାଡ଼ି ହୋଇ ପଡ଼ିବାକୁ । ଗାଢ଼ରତେ-ଘୋର ରତି ଅବସ୍ଥାରେ ।

୩୧ । ବଞ୍ଚାଇ-ଉହାଡ଼ କରି । ବେଢ଼-ଘେର ।

୩୩ । ମଗଧରାଜ-ଜରାସନ୍ଧ । ଧାଡ଼ି ଦେଇ-ଦାଉଡ଼ି କରି ।

ଜରାସନ୍ଧ କୃଷ୍ଣଙ୍କ ସଙ୍ଗରେ ଥରକୁ ଥର ପରାଜୟ ହୋଇଲେ ସୁଦ୍ଧା ନିର୍ଲ୍ଲଜ ଭାବରେ ଧାଡ଼ି ଦେଲାପରି ସେହି ନବଦମ୍ପତି କାମପୂରତରେ ହାରି ମଧ୍ୟ କାମପୂର୍ଣ୍ଣ ହୁଅନ୍ତି ।

ସ୍ୱାମୀଙ୍କୁ କୋଳେ ବସାଇ ଫେଡ଼ି କାତାସ୍ୟନ୍ଦ । ଇତାନ୍ତେ କରୁ ଅନନ୍ତ ବ୍ୟଞ୍ଜନ ରଚନ ଯେ ॥ କାହାର କରରେ ସ୍ନେହେ କେ ନ ଦେଲେ ଭକ୍ଷି । ଦେବ ଇନ୍ଦୁ ଉତ୍ତର ଶୟନେ ମହାସୁଖୀ ଯେ । ୩୪ ।

ଏ ସମୟେ କଣ୍ଠି ନାଶ କଲେ ମନ୍ଦଘୋଷ । ଦର ଶବଦେ ଲଭିଲେ ଷଟ୍‌ପଦୀ ବିରସ ଯେ ॥ ନିଃଶ୍ୱାସ ବାଉ ଗଣିକା ବନ୍ଧପାଶୁଁ ଗଲେ । ଧାଇ ମଳୟ ଅନାଇଁ ବଧୂଏ ଉଠିଲେ ଯେ । ୩୫ ।

ବାସରଶଯ୍ୟା ନାଗରୀ ନିଶ୍ୱାସ ପକାଇ । ଆକାଶକୁ ଚାହିଁ ତାପ ମଳୟ ଅନାଇଁ ଯେ ॥ ହାର ଶିଥିଳ ତାମ୍ବୁଳ ଡବ୍ବା ଜାଣି ରାମା । ମନେ ମନେ ବସ୍ତ୍ରକିଳା ବିନାଶ ନିଯାମା ଯେ । ୩୬ ।

କେମନ୍ତେ ଚାହିଁବ ଯାଇ ସଜନୀଙ୍କ ମୁଖ । ସୁଖରୁ ତ ଅଧିକ ହୋଇବ ଲାଜ ଦୁଃଖ ଯେ ॥ ତାହାଙ୍କ ନ ଉଠୁଁ ଯିବ ବସୁରି ଉଠିଲା । ଈଷି ଈଷି ଅଙ୍ଗ ମୋଡ଼ି ହୋଇ ବାହାରିଲା ଯେ । ୩୭ ।

ବାଳା ପଦେ ପଦେ ଧବ ଶୋଭା ଦେଖିବାକୁ । ଆସିବା ବେଳକୁ ଯେଣ୍ଡୁ ହାର ନିକଟକୁ ଯେ ॥ ଜାଣି ସିହାଣୀ ଉହ୍ଲା ପଞ୍ଚ ହେଲା ବୋଲି । କେ କାହାକୁ ନ ଯାନ୍ତି ସେନେହବଳେ ବଳ ଯେ । ୩୮ ।

ଉଭରେ ଉଭରେ ପୁଂସ କଲା ଆଲିଙ୍ଗନ । ବୋଇଲା ପାଶୁଁ ଯିବାକୁ ନ ବଳଇ ମନ ଗୋ । ଗୁପ୍ତ ଗଲେ ଖାଇ ପିଇ ଗୁଡ଼ ଏ ଘରତେ । ଶୁଣିଲା ସଖୀମାନଙ୍କ ତହଳ ଏମନ୍ତେ ଯେ । ୩୯ ।

ତରୁଣୀ ଚଞ୍ଚଳ ଯଥା ଯୂଥବଣା ଏଣୀ । ମୁଖେ ଚୁମ୍ବ ଦେଇ ପୁଂସ ହୋଇଲା ମେଲାଣି ଯେ ॥ ମିତ୍ରଙ୍କ ସଙ୍ଗତେ ଯାଇ ହେଲା ଉପବେଶ । ହାସ୍ୟ ନ କଲେ କରେ ଦେଖାଇ ଆଦରଶ ଯେ । ୪୦ ।

---

୩୪ । କାତାସ୍ୟନ୍ଦ-ଘୋରକା । ଇତାନ୍ତେ-ଇତ ଶେଷରେ ।

୩୫ । ମନ୍ଦଘୋଷ-ଧୀର ଡାକ ।

୩୬ । ବାସକସଜ୍ଜା-ସ୍ତ୍ରୀ ସଜ୍ଜିତା ହୋଇ ବା ଶେଯପାଣ ପ୍ରିୟ ଆଗମନକୁ ଅପେକ୍ଷା କରିବା
ହାର ଶୀତଳ-ଶରୀରର ଉଷ୍ଣତା ହାନି । ବିନାଶ ନିଯାମା-ରାତ୍ର ଶେଷ ।

୩୮ । ସିହାଣୀ-ତରୁଣୀ ।

୩୯ । ଉଭରେ ଉଭରେ-ଠିଆ ଠିଆରେ ।

୪୦ । ଯୂଥବଣା ଏଣୀ-ଦଳ ବା ଦଳ ଛାଡ଼ିଥିବା ହରିଣୀ ।

ତଦୁତ୍ତରେ କୋଳପୁରୁଁ ବାହାର ସୁନ୍ଦରୀ । ମନ୍ଦେ ମନ୍ଦେ ଆସେ ଭିତ୍ତି ଅବଲମ୍ବ କରି ଯେ ॥ ଅଳସ ବଳିତ ପ୍ରିୟସଖୀ ଛଳଭାଷ । ଆଉ ଛାନ୍ଦେ ଶୁଣିବ ଏ ଛାନ୍ଦ ହେଲା ଶେଷ ଯେ । ୪୧ ।

ଜାନକୀ କୁଚ କୁଙ୍କୁମ ଅଙ୍କିତ ହୃଦୟ । ମୁନିଜନ ଚିତ୍ତେ ଜାମ ଜକାର ଉଦୟ ଯେ ॥ ତାରକ ତାରକ ମନ୍ତ୍ର ଯାହା ନାମ ଶୁଣି । ଉପେନ୍ଦ୍ର ବାରବାର ସେହି ରାମ ଗୁଣି ଯେ । ୪୨ ।

—*—

## ଷଟ୍‌ତ୍ରିଂଶ ଛାନ୍ଦର ସାରକଥା

ପ୍ରେମର ତିନଗୋଟି ଅବସ୍ଥା ମଧ୍ୟରୁ ଏ ଛାନ୍ଦରେ ବର୍ଣ୍ଣନା କରାଯାଇଥିବା ଅବସ୍ଥାଟି ଏଠାରେ ପୂର୍ବରାଗର ପରିସମାପ୍ତି ଏବଂ ସମ୍ଭୋଗର ଆରମ୍ଭ । ପରସ୍ପର ପାଖରୁ ଦୂରରେ ଥିବା ଦୁଇଟି ଉତ୍ତପ୍ତ ଶରୀର ବଧୂ ତାର ନିର୍ଦ୍ଦେଶରେ ଏଇଠାରେହିଁ ମିଳିତ ହେଲେ । ନାରୀ ପୁରୁଷଙ୍କର ଜୀବନରେ ଏହି ମଧୁଶଯ୍ୟା ରଜନୀଟି ସବୁଠାରୁ ଅବିସ୍ମରଣୀୟ ଘଟଣା । ଏହା ପରଠାରୁ ସ୍ୱାଭାବିକ ଦାମ୍ପତ୍ୟଜୀବନ ଆରମ୍ଭ ହୁଏ ଏବଂ କୁମାର କୁମାରୀ ଜୀବନର ପୂର୍ଣ୍ଣଚ୍ଛେଦ ଘଟେ ହୁଏ । କବି ଏହି ଛାନ୍ଦଟିକୁ ବର୍ଣ୍ଣନା କରିବାରେ ନିଜର କୁଶଳତା ପ୍ରଦର୍ଶନ କରିଛନ୍ତି; କିନ୍ତୁ ଦୈହିକ ମିଳନର ଯେଉଁ ସୂକ୍ଷ୍ମ ବର୍ଣ୍ଣନା ସେ କରିଛନ୍ତି ତାହା ଅତ୍ୟଧିକ ଅଶ୍ଳୀଳ ଏବଂ କୁରୁଚିର ପରିଚାୟକ । ଏ ବର୍ଣ୍ଣନା ପାଇଁ କବି କେତେକ ସଂସ୍କୃତ କବିଙ୍କୁ ଆଦର୍ଶ-ରୂପେ ମାନିଥିବା ମନେ ହୁଏ ।

---

୪୨ । ତାରକ-ତ୍ରାଣକର୍ତ୍ତ୍ରୀ । ତାରକମନ୍ତ୍ର-ମୁକ୍ତିଦାୟୀ ମନ୍ତ୍ର ।

# ଚତୁସ୍ତ୍ରିଂଶ ଛାନ୍ଦ

( କେଳିପୁର ବାହୁଡ଼ା ଏବଂ ସଖୀମାନଙ୍କର ପରିହାସ )

ରାଗ—କଲ୍ୟାଣ ଆହାରୀ । ବା ବସନ୍ତ ବରାଡ଼ି

କେଳିସଦନୁ ବାହୁଡ଼ି ପଥ ହୁଡ଼ି ଆସିବା ବେଳେ ସୁବେ   ଯେ ।
କୋକିଳଭାଷୀ ଭାଷିଲେ ଏମନ୍ତ କେଉଁ ପରିହାସୀ ହସି ଯେ । ସୁନ୍ଦରି,
କହ କହ ମଧ୍ୟ ଶାଳ ରେ ।
କରୁଛୁ କବୁର କେଉଁ ସୁକୃତରୁ ଭ୍ରମର କେତକୀ ଲଭିଲେ । ୧ ।
ଖିନ୍ନପଣ ରଣ ପରାଜୟୁ ତୁର ପରାୟୁ ନୂପୁର ବାଜେ ରେ ।
ଖସି ପଡ଼ିବାରୁ ନିତମ୍ବ ଉପରୁ ଭଲ ଏ ବସନ୍ତ ରାଜେ ରେ । ସୁନ୍ଦରି,
ଖେଦ ପାଇ ଯୁଦ୍ଧବଶେ ରେ
ଖସି ଯାଉଛୁ କି ଯୋଦ୍ଧା ମସ୍ତକରୁ ଉଷ୍ଣୀଷ ଏମନ୍ତ ଦିଶେ ରେ । ୨ ।
ଗୁରୁ ତଥିଲ ଉପଣେ ଷଣେ ଷଣେ ଭଜୁଅଛୁ ଯୁ ଲକ୍ଷଣା ରେ ।
ଗଜରିପୁ ଆଗେ ପଡ଼ିଥିଲୁ ଏଣ ହୋଇଛୁ କି ଗଣବଣା ରେ । ସୁନ୍ଦରି,
ଗତ କଥା ଯେନି   ର ରେ ।
ଗୁଣି ପୁଣି ପରାଭବ ଘାତ ଛଟେଇ ତଇତରେ ବଟେ ଶର ରେ । ୩ ।

---

୧ । ପରିହାସୀ-ଥଟ୍ଟାକର । ମଧ୍ୟଶୋଭ-ସ୍ଥୂଳ ମଧ୍ୟ ପ୍ରଶଂସାଭ ସୁନ୍ଦରୀ ।

୨ । ରଣପରାଜୟ-ଯୁଦ୍ଧରେ ହାରିବା, ଏଠାରେ କାମଯୁଦ୍ଧରେ ହାରିବା । ଉଷ୍ଣୀଷ-
ପଗଡ଼ି ।

୩ । ଗଜରିପୁ-ସିଂହ ।

ହରିଣୀରୂପକ ଲାବଣ୍ୟବତୀ ସିଂହ ହାତୁଡ଼ରେ ପଡ଼ି ମୁକୁଳିଛି । ହରିଣୀ ଯେପରି ଫଳରୁ ଅଲଗା ହୋଇ ଏଣେ ତେଣେ ଚାହିଁଲା ଦୃଷ୍ଟି ପକାଏ ଏବଂ ବାଟ ନ ପାଇ ଅବ୍ୟକ୍ତ ହୋଇ ରହେ, ଠିକ୍ ସେହିପରି ଲାବଣ୍ୟବତୀର ଦୃଷ୍ଟିଭଙ୍ଗୀ, ସେ ଗତ ରାତି ଭିତର ଯୁଦ୍ଧରେ ବାରମ୍ବାର ଯୁବକର ହାରି ଯାଇଛି । ବାମନଶର ଉରଜରେ ପିନ୍ଧିବା ଭଳି କଥା ସେ ସ୍ମରଣ କରି ଅମଙ୍ଗ ହେବାପରି ଦେଖା ଯାଉଛି ।

ଦେଖୁଛି କୋକନଦ ମଦ ମର୍ଦ୍ଦନେ କରୁଛି ରଙ୍ଗ ଆସ୍ପଦ ରେ ।
ଘନେ ଦର୍ଶିବ ମଦ କଳମତ୍ତର ବ୍ୟକ୍ତ କି ମଦନମଦ ରେ । ସୁନ୍ଦରି,
ଯେନାସେନ ଚୋର ଭଳି ରେ ।
ତୋର ଚକ୍ଷୁବଶୀ ଖଞ୍ଜନ୍ତ୍ରିତ କରି ପଦ୍ମ ମୁଦ୍ରିତ ନ କଲା ରେ । ୪ ।
ନିଟିଳେ ମୃଗମଦ ଲହି ବହିଛି ଜାତ ହୋଇ ସ୍ୱେଦପନ୍ତ ରେ ।
ନିଶ୍ଚେ ଅଳକା ଅହିବର ତରଳ ଗରଳ କରୁଛି ବମନ୍ତ ରେ । ସୁନ୍ଦରି,
ନୋହିଲେ ହେବ ଏମନ୍ତ ରେ ।
ନିଶୀଶ କଳଙ୍କ ନାଶ କରୁଥିଲା ପ୍ରକାଶ ବଧିରେ ଖ୍ୟାତ ରେ । ୫ ।
ଚଟୁଳ ଘାରବିନ୍ଦୁ ଧାଡ଼ି ହୋଇ ଯେ ରହିଛି ଅଳକା ତଳ ରେ ।
ଚନ୍ଦ୍ର ଅର୍ଦ୍ଧକୁ ଗ୍ରାସ କରି ରାହୁ କି ଗ୍ରହଣ ଗଲା ଚପଳ ରେ । ସୁନ୍ଦରି,
ଶ୍ରେଖଦନ୍ତଯୋଗେ ତାର ରେ ।
ଚିନ୍ତନ କରୁଛି ଶ୍ଳୋଟକ ନିକର ଦଶେ ମନୋହର ତାର ରେ । ୬ ।

---

୪ । ଆସ୍ପଦ-ସ୍ଥାନ, ଆଧାର । ଘନେ-ଦୃଢ଼ ଭାବରେ । ମଦକଳମତ୍ତର-ଦର୍ପରେ ଉଚ୍ଛ୍ୱାସିତ କଳହଂସୀର ମଦମତ୍ତା । ବ୍ୟକ୍ତ-ଦେଖା ଯାଉଛି । ମଦନମଦ-କାମର ଅହଙ୍କାର । ଯେନ ସେନ-ଯେବାନେବା ।

ଲାବଣ୍ୟବତୀର ଆଖି ଅନିଦ୍ରାରୁ ଲାଲ ହୋଇଛି । ରକ୍ତପଦ୍ମ ଗର୍ବକୁ ପରାସ୍ତ କରିଲାପରି ଜଣାଯାଏ । ଖଞ୍ଜନକୁ ମଧ୍ୟ ପରାସ୍ତ କରିଛି ପୁଣି କନ୍ଦର୍ପର ମାଦକତା ଆଖି ଉପରକୁ ଉଠି ଯାଇଛି । ରାତିରେ ତ ପଦ୍ମ ବୁଜି ହୋଇଯାଏ ମାତ୍ର କାଲି ରାତିରେ ତୋର ନେତ୍ର ପଦ୍ମ କ’ଣ ବୁଜି ହୋଇନାହିଁ ?

୫ । ନିଟିଳେ-କପାଳରେ । ଅଳକା-କେଶ୍ କେଶ ବାଳ । ଅହିବର-ସାପ । ତରଳ ଗରଳ-ସୂକ୍ଷ୍ମ ବିଷ ।

ଝାଳ ହେତୁ କପାଳରୁ କସ୍ତୁରୀଟିକା ବୋହିବାରୁ ବାଳ ଏପାଖ ସେପାଖ ହେବାରୁ ସାପ ଗରଳ ବାନ୍ତି କଲାପରି ଜଣାଯାଉଅଛି କିମ୍ବା ଚନ୍ଦ୍ର ନିଜ ଦେହରୁ କଳଙ୍କ ଛଡ଼ାଇବାକୁ ବସିଲା ବେଳେ ଉପୁକର ବନ୍ଦ ଯାଇଛି ।

୬ । ଚଟୁଳ ଘାରବିନ୍ଦୁ-ସୁନ୍ଦର ଜଳବିନ୍ଦୁ । ଶ୍ରେଖଦନ୍ତ-ସରୁ ସରୁ ଦାନ୍ତ ।

ଲାବଣ୍ୟବତୀ ମୁଖମଣ୍ଡଳର ଚୂର୍ଣ୍ଣକୁନ୍ତଳ ତଳରେ ଝାଳ ଟୋପି ଟୋପି ହୋଇ ବୋହି ଧାଡ଼ି ଭାବରେ ରହିଥିବାରୁ ଏପରି ସୁନ୍ଦର ଜଣା ଯାଉଛି ଯେ ଯେପରି ରାହୁ ଅର୍ଦ୍ଧ ଚନ୍ଦ୍ରକୁ ଗ୍ରାସ କରୁଥିଲା, ମାତ୍ର ଶୀଘ୍ର ଛାଡ଼ିକରି ପଳାଇ ଯାଇଛି । ଦନ୍ତକ୍ଷତ ସରୁସରୁ ହୋଇଥିବାରୁ ଏହିପରି ସୁନ୍ଦର ଦେଖାଯାଉଛି ।

ଛୁଡ଼ ପଡ଼ଲା ସୁଜ୍ୟୋତ ମୋତିମାଳ ବାଳ ନ ଜାଣିଲୁ ଛନ୍ଦିଁ ରେ ।
ଛଇଳପଣତ ତାହା ପତ୍ତ ସୁରତ ଶିକ୍ଷା ଯେତେବେଳେ ଦେଇ ରେ । ସୁନ୍ଦରି,
ଛଟକାକ୍ଷି ଗୁଣଶାଳୀ ରେ ।
ଛନ୍ଦେ ନ ଜାଣିବ ବାସ ପ୍ରକାରରେ କରିଥିବ ନଖଗ୍ଲାନ ରେ । ୭ ।
ଜାହ୍ନବୀ ଲଭିଲା ମାନ ଶାମୁକାରେ କସ୍ତୁରୀ କାଳନ୍ଦୀ ଗ୍ରନ୍ଥିଁ ରେ ।
ଜଣା ଯିବାକୁ ନଖପତ୍ର ଶତଦ ମୟୂଖ ନାସ୍ତିକ ତନ୍ତ୍ର ରେ । ସୁନ୍ଦରି,
ଜବାଧରୀ ଚନ୍ଦ୍ରମୁହିଁରେ ।
ଜଳଜ ପାଣିରେ ପୂଜା କରିଥିବ କାମବ୍ୟାଧି ହତ ପାଇଁ ରେ । ୮ ।
ଝଲକ ଅଙ୍କୁଶ ପ୍ରାପ୍ତ ଲଭିଛି କ ଯଉବନ କରି କୁମ୍ଭ ରେ ।
ଝସନିବାସ ସୁତରେ ନର୍ଦ୍ଦି ହେଲା ମହା ମହୀଧର ଦମ୍ଭ ରେ । ସୁନ୍ଦରି,
ଝଲଚ୍ଛି ତତ୍ତ୍ୱ ଏ ଶବଦରେ ।
ଝଟକ ହାସିମା ଘର୍ମେ ଲଭିଗଲା ମର୍ମେ ଲେଖିଥିଲା ଶବଦରେ । ୯ ।
ଞାଳ କୁନ୍ତଳ ପିଠି ଲୋଟେ ତହିମେ ଝରହାଗ୍ନି ପ୍ରେମନୀର ରେ ।
ନିସ୍ତାକଲୁ ଶାନ୍ତ କ ସେ ଧୂମପନ୍ତ ଉର୍ଦ୍ଧ୍ୱେ ଅଧୋଗତ ତାର ରେ । ସୁନ୍ଦରି,
ନୟନ କରଇ ବଶ ରେ ।
ନବ ବକର ନଳିନ ମଧୁ ପିଇ ଉଡ଼ିଲେ କ ଅଳି ବଂଶରେ ।

---

୭ । ସୀତ ସୁରତ-ଧାରବାହୀ ମୈଥୁନ ।

୮ । ଜଳଜପାଣି-ପଦ୍ମକର ।

୯ । ଝଲକ ଅଙ୍କୁଶେ-ପ୍ରାପ୍ତି ମନ୍ତ୍ର ଆକୃତିରେ । ଯଉବନ କରିକୁମ୍ଭ-ହସ୍ତୀଗଣ୍ଡରୂପକ ସ୍ତନ; ଝସନିବାସ ସୁତରେ—(ଝସ ହେଉଛି ମତ୍ସ୍ୟ, ଏହାର ବାସସ୍ଥାନ ଜଳ, ଜଳର ସୁତ-ଜାତ, ଆଉ ପଦ୍ମ ଅର୍ଥାତ୍ କରପଦ୍ମ । ମହା ମହୀଧର-ପ୍ରଧାନ ପର୍ବତ, ଏଠାରେ ସ୍ତନ କୁଚ ।

୧୦ । ଞାଳ କୁନ୍ତଳ-ଅତି ଗାଢ଼ କଳାରଙ୍ଗର ବାଳ । ନିସ୍ତା-ବୃଦ୍ଧତା ।

ଲାବଣ୍ୟବତୀର ପିଠି ଉପରେ କଳା ବାଳଗୁଡ଼ିକ ଯେପରି ଭାବରେ ଖେଳେଇ ହୋଇ ପଡ଼ିଛି, ଏହା ଦେଖିଲେ ଜଣାଯାଏ ତାର କାମଅଗ୍ନି ପ୍ରବଳ ହୋଇଥିବା ହେତୁ ସେ ତା ଉପରେ ପ୍ରେମରସରୂପକ ଜଳକୁ ଛାଟି ଦେବାରେ ଶାନ୍ତ ହୋଇଛି, ତେଣୁ କାମଧୂଆଁ ସବୁ ଉପରକୁ ନ ଉଠି ତଳ ଆଡ଼କୁ ଯାଉଛି । ଏ ସବୁ ଦେଖି ଆଖି ବଶୀଭୂତ ହୁଏ । କିମ୍ବା, ଆଉ ଗୋଟିଏ କଥା—ସତରେ କ'ଣ ଫୁଟିଲା ପଦ୍ମ ଫୁଲରୁ ମଧୁ ପିଇକରି ଭଅଁର ଉଡ଼ିକରି ପଳାଇ ଗଲେ ?

ଟେକ କରୁଣା ହେବାପାଇଁ ଅରୁଣାଧର ଫୁଲୁଣାରେ କହା ରେ ।
ଟିକାଏ ଗଲା ରତିରେ କି ପଡ଼ିକ କଲୁ ଏ ଘୁମରେ ସେବାରେ । ସୁନ୍ଦରି,
ଟାଣ୍ଡୁ ମୁଦଇ ଏ ଗିର ରେ ।
ଟେକକହାସି କୁଟିଳ ଲୋକେ ନିଜ ବନ୍ଧନ ମୁକ୍ତ ବେଭାର ରେ । ୧୧ ।
ଠିକେ ଘଟନ ହୋଏ ବାଳା ରତନ ଯତନ ଫୁଲ ମାଳକା ରେ ।
ଠାଠିକ ଦିଶେ ଅମ୍ବୁଜରୁ କି ଖସେ ଅବମାନ ବକାଳିକା ରେ । ସୁନ୍ଦରି,
ଠଣ ସେ ପୁଣ ଏ ଛବି ରେ ।
ଠୂଳେ ଗଙ୍ଗାରୁ ଜଳ ଆଣି ଘନ କି ପଟନ କରଇ ଧରା ରେ । ୧୨ ।
ଡିମ୍ବରୁମଧ୍ୟ ମହୋଜ୍ଜ୍ୱଳ ତାମ୍ବୁଳ ବୋଳ ତୋ ନିର୍ମଳ ଗଣ୍ଡରେ ।
ଡାଳିମ୍ବ କୁସୁମ ଦଳ ମନୋରମ କି ଅଛି ମୁକୁର ଖଣ୍ଡ ରେ । ସୁନ୍ଦରି,
ଡୋଳା ବଣିକରେ ପୁଣି ରେ ।
ଢାଙ୍କା ଉତ୍ତୀର୍ଣ୍ଣ ଉଷାଣ ହେମ ପାଶେ ସ୍ଥିତ କି ମାଣିକ୍ୟ ମଣି ରେ । ୧୩ ।
ଢଳ ବୃନ୍ଦା ରଙ୍ଗ ଅଧରୁ ଝରୁଛି ଦନ୍ତ କ୍ଷତ ଦଶେ ରକ୍ତ ରେ ।
ଢାଳେ ହୃଦୟୁ ସୁଖେ ମୁଖେ କରେ କି ନିଶି ଅନୁରାଗ ବ୍ୟକ୍ତ ରେ । ସୁନ୍ଦରି,
ଢମାଳି ବୋଧେ ଏ ସତ ରେ ।
ଢଳଢଳ ଚୂତପଲ୍ଲବେ ଯେମନ୍ତ ମତ୍ତ ପିକ ଚଞ୍ଚୁ ଦାଗ ରେ । ୧୪ ।

---

୧୧ । ଟେକ କରୁଣା-ବଡ଼ ଦୟା । ଫୁଲୁଣାରେ-ମନ ଖୁସିରେ । ଟିକାଏ-ଟିକେ କ୍ଷଣ ।
ହେ ସୁନ୍ଦରି, ତୁ ମହା ଦୟାଭାବ ଦେଖାଇ, କାଳ ମୁକୁଳା କରି ତୋର ସ୍ୱାମୀକୁ ଏ ବାଳରୂପ ଚଉଁରରେ ସନ୍ତୋଷ କରୁଥିଲୁ । ତୋ ବାଳ ତ କୁଞ୍ଚୁକୁଞ୍ଚିଆ ବା କୁଟିଳ, କୁଟିଳଲୋକଙ୍କୁ ବନ୍ଧନରୁ ମୁକ୍ତକରିବା ଭଲନୁହେଁ, ତୋର ବାଳଫିଟିବା ସେହିପରି ।

୧୨ । ଠିକେ-ସମ୍ପୂର୍ଣ୍ଣ ଭାବରେ । ଠାଠିକ ଦିଶେ-ଅତି ସୁନ୍ଦର ଦେଖାଯାଏ । ଠା-ଜାଗା, ଠିକ—ଯଥାର୍ଥ) । ଠଣ-ଅଙ୍ଗର ଶୋଭା ବା ଗଠନ । ଠୂଳେ-ଏକାଠି ।
ମେଘରେ ବଗ ଉଡ଼ିଗଲା ପରି ତୋ ମୁଣ୍ଡର ଫୁଲମାଳ ଖସିବା ଦେଖା ଯାଉଛି, ପୁଣି ମନେହୁଏ ଗଙ୍ଗାଜଳ ସ୍ୱଚ୍ଛ, ମେଘ ଗଙ୍ଗାଜଳ ଢାଳି ପୃଥିବୀରେ ପକାଉଛି କି ?

୧୩ । ଡିମ୍ବରୁମଧ୍ୟ ସବୁଅଣ୍ଡା । ତାମ୍ବୁଳ ବୋଳ-ପାନପିକର ଲେପ । ମୁକୁର ଖଣ୍ଡରେ-ଦର୍ପଣରେ । ଢାଙ୍କା ଉତ୍ତୀର୍ଣ୍ଣ-ଅଗ୍ନି ଦହନରୁ ।
ସବୁ ପାନବୋଳ ତୋ ଗାଲରେ ଲାଗିଥିବାରୁ ମନେହୁଏ—ଯେପରି ଆରସିରେ ଡାଳିମ୍ବଫୁଲ ପାଖୁଡ଼ା ଲାଗିଛି, କିବା ପାଲିସ ସୁନାପାଖରେ ମାଣିକ୍ୟ ଅଛି କି ?

୧୪ । ଢଳବୃନ୍ଦା-ଅଣେଇବର ଅନା । ଢାଳେ-ଢାଳେ ବା ଥରେ । ନିଶି ଅନୁରାଗ-ରାତିର ପ୍ରୀତି । ଢମାଳି-କାହାଣୀ । ଢଳଢଳ-ଚଞ୍ଚଳ ବା ଅସ୍ଥିର ।

ଅମୂଲ୍ୟ କୁନ୍ଦ ସୁନ୍ଦର କାଶ ମନ୍ଦହାସ ଲେଶମାତ୍ର କାନ୍ତିରେ ।
ଆନନ୍ଦଚନ୍ଦ୍ରମା କେବଣ କାରଣେ କରଣ ହେଲା କୁହାଇ ରେ । ସୁନ୍ଦରି,
ଅତ୍ୟନ୍ତ ରସିକ ସେହୁ ରେ ।
ଅମୃତ ଲବ ଓଷ୍ଠମଧୁ ସହିତ ପିଇଗଲା ପରା ଚାହିଁ ରେ । ୧୫ ।
ତନୁରେ ଠାବେ ଠାବେ ଲାଗି ଚନ୍ଦନ ଏହା ପ୍ରତୀତ କରାଇ ରେ ।
ତୋତେ ସେ ଏ ଶୋଭା ଦେଇଗଲା ସ୍ତନକୁଙ୍କୁମ ପାଲଟ ନେଇ ରେ । ସୁନ୍ଦରି,
ତଥା ତୋ ଅଙ୍ଗ ଶୋଭନ ରେ ।
ତରୁଣକୁଞ୍ଜର କରମର୍ଦ୍ଦନରେ ଯେମନ୍ତ ପଦ୍ମିନୀ ବନ ରେ । ୧୬ ।
ସ୍ଥୂଳ ଜାନୁରେ ପାଣ୍ଡ୍ୟମାନ ଅନେକ ସ୍ମରର ନଖର ଗିରା ରେ ।
ଅସ୍ତୁ ଏ ଇଙ୍ଗିତ ସଙ୍ଗୀତ ଜାଣେ ସେ କଳା ପ୍ରସାରିଲା ପରା ରେ । ସୁନ୍ଦରି,
ଅନ୍ତୁଅନ୍ତୁ କମ୍ପା ଭରା ରେ ।
ଥିରେ କହ୍ନଥା କରିନ୍ତୁ କି କଳ୍ପଭ ଶାସ୍ତ୍ରଗତନକୁ ଦେଖା ରେ । ୧୭ ।

---

ତାଳ ସ୍ଥଳରେ ତୋର ସ୍ୱାମୀ ତା' ମନ ସୁଖରେ ପ୍ରୀତି କରିବାବେଳେ ତୋ ଗାଲରେ ଚୋଟ ଦେବାରେ ଦାନ୍ତମାନ ବସିଯାଇ ଖଣ୍ଡିଆ ହୋଇଛି, ଯେପରି ହୋଇଲା ଭଅଁରିଆ ଆମ୍ବୁପଣକୁ ଖଣ୍ଡିଆ କଲାପରି ଜଣାପଡୁଛି ।

୧୫ । ଅପୂର୍ବ କୁନ୍ଦଫୁଲ ଓ କାଶତଣ୍ଡୀ ଫୁଲପରି ଧଳାହାସ ତୋ ମୁହଁରେ ତ ଦେଖାଯାଉ ନାହିଁ । ଆନନ୍ଦଦାୟକ ଚନ୍ଦ୍ରକିରଣ ନ ଥିଲେ ଯେପରି ଦେଖାଯାଏ—ସେହିପରି ତୋ ମୁଖମଣ୍ଡଳର ଅବସ୍ଥା ଦେଖାଯାଉଛି, ଜଣାପଡ଼େ ତୋର ସ୍ୱାମୀ ଭାରି ରସିକ, ସେ ଅମୃତ ମନେକରି ଓଠ ମଧୁ ପିଇବାରୁ ତୁ ଏପରି କାନ୍ତିହୀନ ହୋଇଛୁ ।

୧୬ । ପ୍ରତୀତ-ବୋଧ ବା ବିଶ୍ୱାସ । କୁଞ୍ଜର-ହାତୀ ।
ତୋ ଦେହରେ ଠାଏ ଠାଏ ଚନ୍ଦନ ଲାଗିଥିବାରୁ ଜଣାଯାଏ । ତୋ ସ୍ତନରେ ଥିବା କୁଙ୍କୁମକୁ ନେଇ ସେ ତା ପ୍ରତିବଦଳରେ ତାଙ୍କ ଦେହରେ ଥିବା ଚନ୍ଦନକୁ ତୋତେ ଦେଇଛନ୍ତି, ଅର୍ଥାତ୍ କୁଣ୍ଢାଇଲାବେଳେ ତାଙ୍କ ଦେହର ଚନ୍ଦନତକ ତୋ ଦେହରେ ଲାଗିଛି । ଯୁବାହାତୀ ଶୁଣ୍ଢରେ ପଦ୍ମ ବନକୁ ମନ୍ଥିଲେ ଯେପରି ଦଶା ହୁଏ, ତୋର ସ୍ୱାମୀ ତା ହାତରେ ତୋତେ ମନ୍ଥିବାରୁ ତୋ ଅଙ୍ଗସବୁର ସେହିପରି ଅବସ୍ଥା ହୋଇଛି ।

୧୭ । ତୋର ମୋଟା ଜଙ୍ଘରେ ନଖ ଗାରସବୁ ସ୍ପଷ୍ଟ ଦେଖାଯାଉଛି । ଯେପରି ସଙ୍ଗୀତଜ୍ଞ ତାଳ ସଙ୍କେତ ହାବଭାବ ସଙ୍ଗୀତକଳା ଦ୍ୱାରା କରିଥାଏ, ଠିକ୍ ସେହିପରି ତୋର ସ୍ଥୂଳଜାନୁର ନଖାଙ୍କିତ ରେଖାଗୁଡ଼ିକ ଶୃଙ୍ଗାର କଳାର ପରିଚୟ ଦେଉଛି । ଚୋର ଯେପରି ଚୋରିକରି ଥରୁଥାଏ, ତୁ ତ ସେହିପରି ସ୍ୱାମୀର ଆଖିକୁ ଚୋରିକରି ଥରୁଛୁ । ଏବେ ଚୁପ୍‌କରି କ'ଣ ହୋଇଛୁ କହୁଚେ ।

ଦେହେଁ ଦିଶୁଛୁ କଙ୍କଣ ଚନ୍ଦ୍ରମାନ ରଞ୍ଜନ ଖଞ୍ଜନ ଦୃଗୀ ରେ ।
ଦିବ୍ୟ ଦାହ ହେମ ପିତୁଳାକୁ କାମ ସୂତ୍ରକମ କଲା କସି ରେ । ସୁନ୍ଦରି,
ଦେଖି ମୁଁ ହେଲଣି ତୋଷି ରେ ।
କଲ୍ଲା ହୃଦକଷଟିରେ ଥିବ ସେ ପ୍ରୀତିବାନମାନ କଷି ରେ । ୧୮ ।
ଧରି ମଧ୍ୟ ଧୀରେ ଅଶକତ ଭରେ ଆସିବାରୁ ମୁଁ ଯେ ହେଜଇ ରେ ।
ଧୂର୍ଜଟି ଡମ୍ବରୁ ସରି ସରୁକଟୀ ଆହା ସେ ଗଲା କି ଭାଜି ରେ । ସୁନ୍ଦରୀ,
ଧରାଧର ଯେହ୍ନ ଟେକି ରେ ।
ଧବ ଭାର ହଳ ସହି ନ ପାରିଲୁ ବେଦନୁଛି ଅଛୁ ଏଥିକି ରେ । ୧୯ ।
ନାଭିଡ଼ ନାବା ତ ମହା ଅସ୍ତବ୍ୟସ୍ତ ଖୋସିଲେ ଖସି ପଡ଼ଇ ରେ ।
ନାଗର ଶ୍ରୀକର ଦର ଏତେଦୂର କରି ସ୍ଥାନେ ନ ରଖଇ ରେ । ସୁନ୍ଦରି,
ନ ରହେ ଏହା ଶୁଣିକି ରେ ।
ନ କଲା ମୋତେ ବନ୍ଧନ ଅବକାଶ ନୋହିବ ଆଜ ଏଣିକି ରେ । ୨୦ ।

---

୧୮ । ଦିବ୍ୟଦାହ-ଭଲରୂପେ ପୋଡ଼ ହୋଇଥିବା । ପ୍ରୀତିବାନମାନ-ପ୍ରେମସୁନାସବୁ ।

ହେ ଖଞ୍ଜନନେତ୍ରୀ ତୋ ଦେହରେ କଙ୍କଣ ଚନ୍ଦ୍ରମାନ ଦେଖାଯାଉଛି । ଭଲ ଭାବରେ ପୋଡ଼ା ହୋଇଥିବା ସୁନା ପ୍ରତିମା ଅଙ୍ଗରେ ଯେପରି ଛୁଞ୍ଚିଦ୍ୱାରା ଚିହ୍ନ ହେଲାଭଳି ଜଣା ପାଉଛି । ତୋର ସ୍ୱାମୀ ତା'ର ହୃଦୟରୂପ ପ୍ରେମ କଷଟି ପଥରରେ ତୋର ପ୍ରେମରୂପ ସୁନାକୁ କଷି ଅଛି କି ?

୧୯ । ମଧ୍ୟ-ମଧ୍ୟବର୍ତ୍ତୀ ସ୍ଥାନ ବା କଟିଦେଶ । ଅଶକତଭରେ-ବଳହୀନ ହେଲାପରି ।
ଧୂର୍ଜଟିଡମ୍ବରୁ-ଶିବଙ୍କ ଡମ୍ବରୁ । ଧରାଧର-ପର୍ବତ । ଭାର-ଦ୍ୱୟ ।

ତୁ ଅଣ୍ଟାକୁ ହାତଦେଇ ହାଉଲେ ହାଉଲେ ଆସୁଥିବାରୁ ମୁଁ ମନେକରୁଛି ଶିବଙ୍କ ଡମ୍ବରୁପରି ଯେ ତୋର ସରୁଆ ଅଣ୍ଟା ସେ କ'ଣ ଭାଙ୍ଗିଗଲା ? ତୁ ଯେଉଁ ପର୍ବତ ଭଳିଆ ବଡ଼ ବଡ଼ କୁଚକୁ ଧାରଣ କରିଛୁ; କ'ଣ ସ୍ୱାମୀର ଗୁରୁତର ଭାରକୁ ସହି ପାରୁନାହିଁ ? ବୋଧହୁଏ ଏଥିର ଆଉ କିଛି ଗୂଢ଼କଥା— ।

୨୦ । ନାଭିଡ଼ନାବା-ଝାଲୁଆ ଖୋସଣୀ । ମହା ଅସ୍ତବ୍ୟସ୍ତ-ବଡ଼ ଢ଼ିଲା । ନାଗର ଶ୍ରୀକର ଦର-ରସିକ ନାୟକର ସୁନ୍ଦର କରସ୍ପର୍ଶର ଭୟ ।

ତୋର ଜଙ୍ଘ ଭାବରେ ଭିଡ଼ା ହୋଇଥିବା ଖୋସଣୀ ଢିଲା ହୋଇ ବାରମ୍ବାର ଖସି ପଡ଼ୁଛି । କ'ଣ ରସିକ ସ୍ୱାମୀର ହାତ ବାଜିଥିବାରୁ ଏପରି ଢିଲା ହୋଇ ରହୁନାହିଁ ? ଆଜି ଏଣିକି ତୋତେ ଖୋସଣୀ ଭିଡ଼ି ପିନ୍ଧିବାକୁ ଫୁରୁସତ୍ ମିଳିବ ନାହିଁ । ଏଣିକି ବସ୍ତ୍ରବର ଝିଟି ଢ଼ିଲା ହେଉଥିବ ।

ପୁଣି ତ ପଣନ୍ତ ମଧ୍ୟରେ ଲେଉଟିଛି ଖଟଳେ ଅସମ୍ଭାଳ ଦେଖି ରେ ।
ଯାବେ ପଡ଼ ଶାଢ଼ୀ କହେ ପତିସଙ୍ଗ ବେଳେ ପାରିବୁକ ରଖି ରେ । ସୁନ୍ଦରି,
ଉପୁଜୁଛି ଏତେ ମୂର୍ଚ୍ଛି ରେ ।
ଯାଇ ନାହାନ୍ତି ସ୍ଥାନ ଯହିଁ ଏମନ୍ତ ଲଜ୍ଜା ରଖିଥିବ କାହିଁ ରେ । ୨୧ ।
ଫୁଲ୍ଲାରବିନ୍ଦ ମୁଖେ ନାହିଁ ପ୍ରସନ୍ନ କାନ୍ତେ ପରାଜୟ ଲଜ୍ଜି ରେ ।
ଫୁରୁଣା ହୁଏ ଫୁଲଧନୁ ଜିଣିଲୁ ଏଥେ ପୁଣି ଯଶ ଅଛି ରେ । ସୁନ୍ଦରି,
ଫେଡ଼ କହୁଅଛି ଜାଣି ରେ ।
ସ୍ଫୁଟେ ରଟୁଥିଲା ବଳା ଫୁଲଧନୁ ଗଲା ପଳା ପୁଣି ପୁଣି ରେ । ୨୨ ।
ବଧୂ ବଧୂନ୍ଧୁବ ମୁଖୁଁ ଏହ୍ବସଣି ବାହାରିଲା ପରି ମୁଖ ରେ ।
ବଧିରେ ଚକ୍ଷୁରଶୋଭି ମିଛ ହେଲେ ମୁକୁର ଅଣାଇ ଦେଖ ରେ । ସୁନ୍ଦରି,
ବକ୍ଷରେ ଏଥି କ ଚୋଳ ରେ ।
ବୋଲନ୍ତି ଚୋଟେ ସୁକୁମାରୀ ଏ ଦୁଃଖ ସୁହାଇଲା ଭବଭୋଳ ରେ । ୨୩ ।
ଭଣ୍ଡି ଧରି କରୁ ଗମନ ମଣ୍ଡୁଳୁ ପଦ୍ମଣ୍ଡ୍ରକ ଶତକୋଣ ରେ ।
ଭର ଦେଇ ଅପସରେ ଅବସର ପାଇଲୁ ଏବେ ତୁ ବସରେ । ସୁନ୍ଦରି,
ଭାବ ଚାରି କ ସେ ଅରି ରେ ।
ଭାଙ୍ଗୁ ଦରବିକଶିତ କୋକନଦ ମଦ ଜୃମ୍ଭାକୁ ଆଦରି ରେ । ୨୪ ।

---

୨୧ । ତୁମ୍ଭେ ପିନ୍ଧିଥିବା ଲମ୍ବ ଶାଢ଼ୀର ପଣନ୍ତ ଏବେ ତେବେ ହୋଇ ପାଦରେ ପଡ଼ି ଲୋଟୁଛି, କ'ଣ ସ୍ୱାମୀ ସହବାସ କାଳରେ ଶାଢ଼ୀ ଠିକଣା ସ୍ଥାନରେ ନ ଥିଲା ? ଏବେ ଏହି ଅସମ୍ଭାଳ ଶାଢ଼ୀରୁ ଜଣାପାଉଛି ତୁମେ ପତି ସଙ୍ଗମରେ ଲାଜ କରି ନଥିବ ।

୨୨ । ଫୁଲ୍ଲାରବିନ୍ଦମୁଖେ-ଫୁଟିଲା ପଦ୍ମସଦୃଶ ମୁଖରେ । ଫୁରୁଣା-ଖୁସି । ଫୁଲଧନୁ ଜିଣିଲୁ-କନ୍ଦର୍ପକୁ ଜିଣିଲୁ । ସ୍ଫୁଟେ ରଟୁଥିଲା—ପରିଷ୍କାର ଭାବରେ ଘୋଷଣା କରୁଥିଲା । ରମଣକାଳରେ ସ୍ୱାମୀକୁ ପରାସ୍ତ କରି ତୋର ମୁଖପଦ୍ମରେ ଅଛି ସେପରି ଆନନ୍ଦ ନାହିଁ । ତୁ କନ୍ଦର୍ପକୁ ଜିଣିଛୁ, ଏ ତୋ ପକ୍ଷରେ ଅତି ବଡ଼ପଣ, ତୋର ଯଶକୁ ତୋ ପାଦର ବଳା ବଡ଼ ଜୋରକରି କହୁଥିଲା—'କନ୍ଦର୍ପ ତୁ ପଳା ପଳା' ।

୨୩ । ବଧନ୍ଧୁବ-ସନ୍ଧ୍ୟ । ଚକ୍ଷୁରଶୋଭି-ଅତି ସୌନ୍ଦର୍ଯ୍ୟପୂର୍ଣ୍ଣ ବାଳ ଧାରଣୀ । ସୁହାଇଲା-ସୁଖ ଲାଗିଲା ବା ସହ୍ୟ ହେଲା । ଭବଭୋଳ-ରତି ବିହ୍ୱଳ ।

୨୪ । ପଦ୍ମଣ୍ଡ୍ରକ-ଗୋଟିଏ ପଦ୍ମକ୍ଷେତ୍ର । ଜୃମ୍ଭାକୁ ଆଦରି-ହାଇମାରି ।

ମହା ଅଳସଭରେ କୁଚ କଳସ କ୍ଷୋଭେ ମେରୁ ଦର୍ପ ହର ରେ ।
ମର୍ଦ୍ଦନ ତାଡ଼ନ କରଜପୀଡ଼ନ କେତେ ବେଗରେ ପାଶୋର ରେ । ସୁନ୍ଦର,
ମୂର୍ଦ୍ଧି ଶିଖାଉଛୁ ତେ ତେ ରେ ।
ମନ୍ଦ କରିବା ପରେ ନୋହେ ଉଚିତ କରିଥିବୁ ବିବେଚନ୍ତେ ରେ । ୨୫ ।
ଯଶ ଅପଯଶ ବିସ୍ତରି ଅନୁଗ୍ରହ ବିଗ୍ରହ ନିଗ୍ରହ କରି ରେ ।
ଯୁବତୀ ରତିରଣ ଭାବ ନିତମ୍ବ ଜରଜ ମିଳିଲା ଉରି ରେ । ସୁନ୍ଦର,
ଯୁକ୍ତ ଏ ପାଇବେ ଶାଢ଼ୀ ରେ ।
ଯୋଗ ବେଗେ ଅଗେ କରି ବନ୍ଧି କଲୁ ତାକୁ ବିଅ ମଣି ଚୂଡ଼ରେ । ୨୬ ।
ରଙ୍ଗବେଶ ହୋଇ ଆଡଙ୍ଗ ନୟନ ବୁଜ ହେଲା ଅତି ସୁଖେ ରେ ।
ରମଣୀ ଚତୁଷ୍ଟ ଶିରୋମଣି ଆଣି କାନ୍ତ ଦେବା ତାରି ମୁଖେରେ । ସୁନ୍ଦର,
ରତେ କେଶ ଅସମ୍ଭାଳ ରେ ।
ରମ୍ୟ ତରମେ ପଳାଇ ଲୁଚିଥିଲି ବାନ୍ଧିବା ତାହାକୁ ଭଲ ରେ । ୨୭ ।
ଲାବଣ୍ୟ ବିମ୍ବ ବିଡ଼ମ୍ବ ଅଧର ତୋ ଘାତକ ହୋଇଛି ଅତି ରେ ।
ଲାଳସେ ଏତେ ତାମ୍ବୁଳ ଅଉଷଧି ଦେଇଣ କରି ତୃପତି ରେ । ସୁନ୍ଦର,
ଲାଖ ପ୍ରାପ୍ତ ଆଦ୍ୟ ପ୍ରାନ୍ତ ରେ ।
ଲଳିତ ଅଙ୍ଗ ଯେ ରହିଥିଲା ଯାକୁ ଚନ୍ଦନେ କରି ଲେପିତ ରେ । ୨୮ ।
ବିସ୍ମରେ ଶବଦ ଘନସାର ଅଗ୍ନି ସମେ ଦେଉଥିଲେ ପୀଡ଼ା ରେ ।
ବ୍ୟାଜକ ଆଜ ସେ ସୁଖଦ ହେଲକୁ ପିନା କରୁଅଛୁ ଲୋଡ଼ା ରେ । ସୁନ୍ଦର,
ବିବେକ ସେ ଶୋଷ୍ଣନିଧି ରେ ।
ବିଧୁ ଅସ୍ତବ୍ୟସ୍ତ କରିଥିବ ସାଧ ସବୁ ଶବ ହେଲା ସାଧିରେ । ୨୯ ।

---

୨୫ । ମେରୁଦର୍ପହର-ପର୍ବତର ଗର୍ବକୁ ନଷ୍ଟକର । ମର୍ଦ୍ଦନ-ଦଳିବା । ତାଡ଼ନ-ଖୋଳିବା, ଶାସନ । କରଜ ପୀଡ଼ନ-ନଖପୀଡ଼ା ।

୨୬ । ଅନୁଗ୍ରହ ବିଗ୍ରହ-ଦୟାର ମୂର୍ତ୍ତି । ନିଗ୍ରହ କର-ଦଣ୍ଡ ପ୍ରଦାନ କର । ଯୋଗ ବେଗେ-ଚଞ୍ଚଳ ମିଶାଅ ।

୨୭ । ରଙ୍ଗବେଶ-ବିଳାସର ସାଜସଜ୍ଜା । ଆଡଙ୍ଗ ନୟନ-ଭୟ ଚକ୍ଷୁ ( ଏଠାରେ ଲଜ୍ଜା ବଶତଃ ଭୟର ଆଖି ବୁଜି ତାକୁ ହେବ ) । ରତେ-ରମଣ କାଳରେ ।

୨୮ । ବିମ୍ବ ବିଡ଼ମ୍ବ-ପାକଲ କଇଁଚକାକୁଡ଼ି ସଦୃଶ । ଘାତକ-ଶତ୍ରୁ । ଲଳିତ-କୋମଳ ।

୨୯ । ସ୍ୱାମୀ ସଙ୍ଗତରେ ଭେଟ ନ ହେବା ଆଗରୁ ଥଣ୍ଡା ପବନ ଅଉ କର୍ପୂର ନିଆଁ ପରି ଜଣା ଯାଉଥିଲା । ଏ ଛଳନା କଥା ନୁହେ, ଚନ୍ଦ୍ର କିରଣ ମଧ କଷ୍ଟ ଦେଉଥିବ । କିନ୍ତୁ ତୋର ପୁରୁଷ ଶୃଙ୍ଗାର ରସରେ ମାତିବା ବେଳରେ ଚନ୍ଦ୍ର ସୃଜନ କରି

ଶମ୍ବର କର ନୟନରୁ ଜାଳିଲି ରସ କଲ ଶିବରାତି ରେ ।
ଶ୍ରୀଅଙ୍ଗକୁ ଟେକେ କହୁ ଶାନ୍ତ ହେବ ଅଶେଷ ସୁରସପାର୍ଷି ରେ । ସୁନ୍ଦରି,
ଶ୍ରଦ୍ଧା ଏକା ଅଛୁ ତହିଁରେ ।
ଶୈହାର୍ଦ୍ଦୀ ସେ କଥି ସ୍ୱପ୍ନେ ଦେଖିବୁ ପାଶୋରିବା କଥା ନୋହି ରେ । ୩୦ ।
ଷଡ଼ାନନ ତାତ ଆଦ୍ୟ ଦେବତାଙ୍କୁ ଏ ପୁରୁଷ ସଙ୍ଗ ଆଶେ ରେ ।
ଷୋଡ଼ଶୀ ଯେତେ ଦ୍ରବ୍ୟ ଥିଲୁ ମନାପି ଦେବୁଟି ଏହି ଦିବସେ ରେ ।
ସୁନ୍ଦରି, ଷଣକୁସୁମ ସୁକାନ୍ତ ରେ ।
ଷଡ଼ାଙ୍ଘି ପୁରେ ପ୍ରମଦା ମାନେ ନାହିଁ ତୋ ସମାନ ଭାଗ୍ୟବନ୍ତ ରେ । ୩୧ ।
ସାରସଗତି ସଖୀଭାଷ ବଚନେ ମଞ୍ଜିଲ ହାସ ସରିତେ ଯେ ।
ସତେ ଭଜନ କଲା ଚନ୍ଦ୍ରଶେଖର ମୁଖ ନତକଣ ଭୁରିନେ ସେ । ସୁନ୍ଦରି,
ସଧୀରେ ସଖୀରେ ଯାଇ ସେ ।
ସମୀର ବଜ୍ଜିଲ ସ୍ଥାନରେ ବସିଲ ଆଶ୍ୱାସନା କଲେ ସଖୀ ଯେ । ୩୨ ।
ହାଟକ ଘଟକ ଗୋଶିର ଦେଲେ ସେ ଛଟକେ ଗାତ୍ର ବଢ଼ାଇ ଯେ ।
ହସ୍ତୀ ଦଶନ ପଲ୍ୟଙ୍କ ଅଙ୍କରେ ସେ କାଂଶଙ୍କେ ଦେଲେ ଶୁଆଇ ଯେ । ସୁନ୍ଦରି,
ହେଲା ପୂର୍ଣ୍ଣ ମନୋରଥ ଯେ ।
ହେଲା ନ କଲା ହଂସଲୀଳା ଭାବନା ଲବମାତ୍ର ହୃଦପଥ ଯେ । ୩୩ ।
କ୍ଷିତିମଣ୍ଡଳ ମଣ୍ଡନା କ୍ଷୀରୋଦସ୍ଥ ଭାବନା ବଶରେ ହଂସ ଯେ ।
କ୍ଷଣଦା କ୍ଷଣପ୍ରାପ୍ତ ଗଲା ଭାବରେ କାହିଁଥିଲା ଏ ଦିବସ ଯେ । ସୁଜନେ,
କ୍ଷିପ୍ରେ ଚିନ୍ତ ରାମଚନ୍ଦ୍ର ଯେ ।
କ୍ଷମେ ଉପେନ୍ଦ୍ର ଭଞ୍ଜ ଗିର କହେ ଅନ୍ଧ କରାନ୍ତ ପାସାନ୍ତ ହେ । ୩୪ ।

—*—

ତୋତେ ଅସ୍ତବ୍ୟସ୍ତ କରୁଛି, ମାତ୍ର ତୋର ଯେଉଁସବୁ ଶତ୍ରୁ ଥିଲେ ସେମାନେ ମଧ୍ୟ ଅତି ଦଣ୍ଡଯୋଗ୍ୟ ଭାବେ ଦଣ୍ଡିତ ହୋଇଛନ୍ତି, ତେଣୁ ତୁ ସେମାନଙ୍କ ସୁଖଦାୟୀ ଭାବେ ହେଉଛୁ ।

୩୦ । ଅଶେଷ ସୁରସପାର୍ଷି-ବହୁବିଧ ସୁନ୍ଦର ରସଯୋଗ୍ୟ ସ୍ତ୍ରୀ ବା ରସିକା ସ୍ତ୍ରୀ ।

୩୧ । ଷଡ଼ାନନ ତାତ-କାର୍ତ୍ତିକେୟଙ୍କ ପିତା ମହାଦେବ । ଷଣକୁସୁମ-ଛଣଫୁଲ । ଷଡ଼ାଙ୍ଘି ପୁରେ-ସ୍ୱର୍ଗ ମର୍ତ୍ତ୍ୟ ପାତାଳ ତିନପୁରରେ ।

୩୨ । ସାରସଗତି-ହଂସ ଗତି । ହାସ ସରିତେ-ଲଜ୍ଜାରୂପକ ନଦୀରେ ।

୩୩ । ହାଟକଘଟକ-ସୁବର୍ଣ୍ଣ ସଦୃଶ କାନ୍ତି । ହଂସଲୀଳା-ସୁରତର ବିଳାସ । ହୃଦପଥ-ମନରେ ।

## ଚତୁସ୍ତ୍ରିଂଶ ଛାନ୍ଦର ସାରକଥା

ଏ ଛାନ୍ଦଟି ଲାବଣ୍ୟବତୀର କେଳିପୁର ବାହୁଡ଼ା ଅବସ୍ଥାର ବର୍ଣ୍ଣନା । ସମବୟସୀ ସଖୀଗଣ ଲାବଣ୍ୟବତୀଙ୍କୁ ଜୀବନର ନବୀନ ଅନୁଭୂତିକୁ ଲାଭକରି ଫେରି ଆସୁଥିବାର ଦେଖି ନାନାଦି ହାସ ପରିହାସରେ ମଜ୍ଜି ଯାଇଛନ୍ତି । ସମବୟସୀଗଣଙ୍କ ପକ୍ଷରେ ଏପରି ହାସ ପରିହାସ ସ୍ୱାଭାବିକ । ଏ ବର୍ଣ୍ଣନାରେ ଛଳ, ହାସ୍ୟ ଏବଂ କୃତ୍ରିମ ଚତୁରତା ପୂରି ରହିଛି । ଲାବଣ୍ୟବତୀର ପୂର୍ବ ରାତିରେ ଘଟିଥିବା କୁମାରୀ ଜୀବନର ଅବସାନ ବିଷୟରେ ସଖୀମାନେ ନାନାଦି ଗୁପ୍ତ ଏବଂ ଇଙ୍ଗିତପୂର୍ଣ୍ଣ କଥା କହି ତାହାର ଲଜ୍ଜାକୁ ବଢ଼ାଇଦେଇ ଯାଇଛନ୍ତି । ଏ ଛାନ୍ଦରେ ଲାବଣ୍ୟବତୀ ସଖୀମାନଙ୍କର ହାସ ପରିହାସକୁ ନୀରବରେ ଶୁଣିଛି । କିଛି ଉତ୍ତର ଦେବାକୁ ତା ମୁଖରେ ସତେ ଯେପରି କିଛି ଭାଷା ନାହିଁ ।

ଏ ଛାନ୍ଦରେ ଅନ୍ୟ ଗୋଟିଏ ବିଶେଷ ଲକ୍ଷଣ ହେଲା—ଏହାର ସମସ୍ତ ପଦ କ ଠାରୁ କ୍ଷ ପର୍ଯ୍ୟନ୍ତ କ୍ରମରେ ଚଉତିଶା ନିୟମରେ ଲିଖିତ । ପ୍ରାଚୀନ ସାହିତ୍ୟରେ ଚଉତିଶାମାନ ସ୍ୱତନ୍ତ୍ର ଲେଖାଯିବାର ଉଦାହରଣ ମିଳେ । ଭଞ୍ଜେ କିନ୍ତୁ କାବ୍ୟ ମଧ୍ୟରେ ଚଉତିଶା ନିୟମରେ ଗୋଟିଏ ଛାନ୍ଦ ଲେଖିବାକୁ ଲୋଭ ସମ୍ଭାଳି ପାରି ନାହାନ୍ତି ।

# ପଞ୍ଚତ୍ରିଂଶ ଛାନ୍ଦ

( ଦେବତାଙ୍କର ଅଭିଶାପ ପ୍ରଦାନ ଓ କନ୍ୟାସହ ବରର ସ୍ୱଦେଶ ପ୍ରବେଶ )

ରାଗ—କଳଶା

ଏଥୁଅନନ୍ତରେ ଜନେ ଶୁଣ ଦିବ୍ୟରସ
ପୁରେ ସପ୍ତମଙ୍ଗଳା ହେଲା ତହିଁ ଶେଷ ଯେ । ୧
ପଡ଼ିଲା ପରମ କଷ୍ଟ ଅଷ୍ଟମଙ୍ଗଳାରେ ।
ନୋହିଲା ସେଦିନ ଭେଟ ପୁରୁଷ ବାଳାରେ ଯେ । ୨
ବସି ବିସ୍ମୟ କରଇ ରସିକ ରତନ
ଉତ୍ସବେ କାହିଁକି ହେଲା ଏଡ଼େ ମ୍ଳାନ ମନ ଯେ । ୩
ମୋତେ ହରିତାଳୀଗୋଷ୍ଠୀ ହରିତାଳ ଭଳି
ପରି କରି ଦେବ ଦୁଃଖ ଏ ଘୋର ଶର୍ବରୀ ଯେ । ୪
କୁହୁ ନୋହି ଜଗତରେ ମୋଠାରେ ହୋଇଲା
ବଦନଇନ୍ଦୁ ଦର୍ଶନ ଏଣୁ ନିରୋଧିଲା ଯେ । ୫
ଏକାଳେ ଜ୍ୟୋତିଷ ସୁତ ପାଶେ ପରବେଶ
ବୋଇଲା ମନ୍ତ୍ରୀସୁତକୁ ମନ୍ତ୍ରୀ କରି ବେଶ ଯେ । ୬
ତ୍ୱରା ବିଜ୍ଞ କରିଦେବ ନେଉଅଛୁ ବରି
ତତ୍ତ୍ୱ ତନ୍ଦ୍ରା ଆଜ ଏ ସନ୍ଦେଶ ଶୁଣିକରି ଯେ । ୭
ଋଭୁଧ୍ୱଜ ବିଜ୍ଞ ପୁଣି ସୁରେନ୍ଦ୍ରଜ ସୁତା
ମୋତେ ଆଗୁଁ ଏ ଦେଶେ କରିଛୁ ଯୋଗ ଧାତା ଯେ ॥
ରତ୍ନାକର ସାଧୁ ତ ଆମ୍ଭର ଅତି ସ୍ନେହୀ
ତାହାର ଭଗ୍ନୀକି ମାଗ ପୁରନ୍ଦର ପାଇଁ ଯେ । ୯

---

୩ । ଉତ୍ସବେ-ଆନୁଷ୍ଠାନିକ ଆନନ୍ଦରେ ।
୪ । ହରିତାଳୀଗୋଷ୍ଠୀ-ହରିତାଳବର୍ଣ୍ଣ ସଦୃଶ ଗୋଷ୍ଠୀ । ହରିତାଳି-ଗଣେଶଚତୁର୍ଥୀ । ହରି-ଚନ୍ଦ୍ର । (ହରିତାଳିକା ଦିନ ଯେପରି ଚନ୍ଦ୍ରକୁ ଦେଖନ୍ତି ନାହିଁ, ସେହିପରି ସ୍ତ୍ରୀ ଅଷ୍ଟମଙ୍ଗଳା ହେବା ଦିନ ସ୍ୱାମୀ ମୁଖ ଦେଖେ ନାହିଁ ଏହା ଶାସ୍ତ୍ର ପ୍ରସିଦ୍ଧ) ।
୫ । କୁହୁ-ଅମାବାସ୍ୟା । ନିରୋଧିଲା-ନିଷେଧ କଲା ।
୮ । ଋଭୁଧ୍ୱଜ-ସୁରେନ୍ଦ୍ରଜ ପୁତ୍ର ।
୯ । ସାଧୁ-ସାହୁକାର ବ୍ୟବସାୟୀ ।

ଶୁଣି ତୋଷ ହୋଇ ଧରାପତି ପ୍ରିୟସୁତ
ସେ କାର୍ଯ୍ୟ ନିର୍ବାହକଲା ଯାଗୁ ପ୍ରେଷି ଦୂତ ଯେ । ୧୦
ତନ୍ନିମିତ୍ତ ବିଭାବଧି ଶୁଭେ ହେଲା ସିଦ୍ଧି
ପୁଣି ଅତି ହରଷ ହୋଇଲା ରସନିଧି ଯେ । ୧୧
କାମକଳା ମେଘମାଳା ହାସ୍ୟକଳୀ ନାମ
ସପତ୍ନ ହେବାରୁ ସେ ହୋଇଲେ ପୂର୍ଣ୍ଣକାମ ଯେ । ୧୨
ଆହ୍ମମାନେ ଦାସୀମୁଖୁଁ ଶୁଣିଲେ ବାରତା
ତେବେ ଯଜ୍ଞଭୁକେ ଷାରେ ଏଣୁ ଦୁରବସ୍ଥା ଯେ । ୧୩
ଏମନ୍ତ କେତେ ଦିବସ ଶେଷ କଲେ ତନ୍ୱୀ
ସିଂହଳଭୂପାଳେ ସ୍ୱସ୍ତ୍ରୀରେ ସୁତ ଜନ୍ମ ଯେ । ୧୪
ହୋଇଲା ଯେ କର୍ଣ୍ଣାଟ ସେ ସିଂହଳ ପ୍ରଦେଶ
ଏମନ୍ତ ଅବଧାନରେ କର ନରଈଶ ଯେ । ୧୫
ଶଶିଶେଖର ରାଜାର ଏକମାତ୍ର ସୁତ
ଅଛୁ ସ୍ତନମାତ୍ର ଘୁଟିଆଇ ରଖି ନେତ୍ର ଯେ । ୧୬
ଅବଧାନ କଲେ ଏବେ ହୋଇବୁଁ ମେଳାଣି
ଦଣ୍ଡଧର ହରଷ ହୋଇଲେ ଚାଟୁ ଶୁଣି ଯେ । ୧୭
ଯଜ୍ଞଭୁକ ସମ୍ଭାର ଯୋଗାଇ ସଚିବକୁ
ପ୍ରେଷିତ କଲେ କୁରଙ୍ଗ କୁମାର ପାଶକୁ ଯେ । ୧୮
ତନ୍ୱିଁ ସେ ସମ୍ଭାର ଯୁବରାଜ ହୋଇ ତୋଷ
ଦେଇଛୁ ଧନଦକୋଷ ପରି ରତ୍ନକୋଷ ଯେ । ୧୯
କରି ହସ୍ତୀ ହରିଚୟ ଯାନ ସମାନରେ
ଲକ୍ଷ ସଂଖ୍ୟକ ଦେଇଛୁ ସହଜ ଚିତ୍ତରେ ଯେ । ୨୦

---

୧୦ । ଧରାପତି-ରାଜା ।

୧୨ । ସପତ୍ନ-ପତ୍ନୀସ୍ତ୍ରୀ ।

୧୭ । ଅବଧାନ କଲେ-ମନୋଯୋଗ କରନ୍ତୁ ବା ଶୁଣିଲେ ।

୧୮ । ଯଜ୍ଞଭୁକ ସମ୍ଭାର-ଯୌତୁକର ସମସ୍ତ ସାମଗ୍ରୀ । ଯୋଗାଇ-ଯୁଟାଇ । ପ୍ରେଷିତ କଲେ-ପଠାଇଲେ ।

୨୦ । ହରିଚୟ-ସଂହସମୂହ । ଯାନ-ରଥ ।

କାମଧେନୁ ପରି ଧେନୁ ସବସ୍ତ୍ରା କରିଣ
କୋଟି ପରମିତ ଦେଇଛନ୍ତି ବ୍ରଜଗଣ ଯେ । ୨୧
କଥା କୁହା ପିକ ଶୁକ ସାରିକା ଅନେକ
ଅଶେଷ ମଞ୍ଜୁଷ ଚର୍ମ ଆଡ଼େଣୀ ପାଦୁକ ଯେ । ୨୨
ବସନ ପେଡ଼ାମାନଙ୍କ ସଂଖ୍ୟା ହେବ ନାହିଁ
ହାଦେଲା ସ୍ୟନ୍ଦନ ପଙ୍କ୍ତି ଗଣନାହିଁ ନାହିଁ ଯେ । ୨୩
ଏ ବିଧିରେ ପଦାର୍ଥ ସମର୍ପି ଜଣାଇଲା
ସୁଭୂଷଣ କରି ଦାସୀ ସହସ୍ରେକ ଦେଲା ଯେ । ୨୪
ଯାଉଛନ୍ତି ଏ ବାହାରେ ପ୍ରିୟସଖୀଗଣ
ଯାହାଙ୍କୁ ଲାବଣ୍ୟଲକ୍ଷ୍ମୀ କଲୁଁ ସମର୍ପଣ ହେ । ୨୫
ତାହାଙ୍କୁ ପଦାର୍ଥ ଦେଇ ନାହିଁ ତୋଷିବାକୁ
ଶିବର ଆଉ କି ଇଚ୍ଛା ଲଭିଲେ ଶିବାକୁ ଯେ । ୨୬
ଯାହା ଆଜ୍ଞାରେ ହୋଇଛି ଦେଖ ଇନ୍ଦ୍ରପଦ
ଶ୍ମଶାନେ ଭ୍ରମି ସେ ଇଚ୍ଛା ନ କଲେ ସମ୍ପଦ ଯେ । ୨୭
ଏ ବିଧିରେ ସେନା ସେନ ଅନେକ ରତନ
ସଜ କରିଦେଲା ସେ ବହୁତ ଯୋତମାନ ଯେ । ୨୮
ମାତା କୋଳକରି ପ୍ରିୟସୁତାକୁ ତଥାଇ
ଚତୁର୍ଦ୍ଦୋଳେ ରତ୍ନ ହାଦୋଳାରେ ବିଜେ କରି ଯେ । ୨୯
ଦୋଳତରେ ବିଜେ କଲା ଯୁବରାଜ ସଙ୍ଗେ
ଅନନ୍ତ ପରିବାରିକା ସଖୀ ସଙ୍ଗେ ରଙ୍ଗେ ଯେ । ୩୦
ହେମାଭ୍ରାତ ଆଦି ମନ୍ତ୍ରୀ ସେନ ବାହାଣିଲେ
ସେବକ ସକଳ ହୋଇ ସିନ୍ଧୁ ପାରିହେଲେ ଯେ । ୩୧
ନାରଦ ମୁଖୁଁ ଶୁଣିଲେ ଅମର ନିକର
ଅତୁଲ୍ୟ ଶୋଭା ନାଗାଏ ଥିଲା ମର୍ତ୍ତ୍ୟପୁର ଯେ । ୩୨

---

୨୧ । ପରମିତ-ପରିମାଣ, ସଂଖ୍ୟା । ବ୍ରଜଗଣ-ଗଉଡ଼ମାନେ ।

୨୪ । ସୁଭୂଷଣ-ଅଳଙ୍କାରରେ ସଜାଇ ।

୨୮ । ସେନାସେନ-ଚେଟାଚେଟୀ ।

୨୯ । ତଥାଇ-ରୁହାଇ ।

କାଞ୍ଚପତ୍ର ସୂଚ ଚନ୍ଦ୍ରଖଣ୍ଡୁ ହେଲା ଲଜ୍ଜା
ଦେଖିବେ ପଲ୍ଲବରେ ଭଜ ସେ ସୁନ୍ଦରୀ ଶୋଭା ଯେ । ୩୩ ।
ଋଷି କହେ କ କହିବ କଣ୍ଠମାନ ଶୁଣ
ଘଳ ଧବଳ ଚଞ୍ଚଳ ବୃଷାଳ ଭା ଗୁଣ ଯେ । ୩୪ ।
ଅତି ରଙ୍ଗ ଗହଳ ପକ୍ଷ୍ମଳ ପୂର ନେତ୍ର
ଗୁଣେ ଗୁଣେ ଲବ୍ଧ ହେଲେ ଏମାନେ ପବିତ୍ର ଯେ । ୩୫ ।
ଇନ୍ଦୀବର ପୁଣ୍ଡରୀକ ଖଞ୍ଜରୀଟ ମୀନ
ମନ୍ଦର ଅନ୍ତ୍ୟ ନେତ୍ରକୁ ତୁଳନ୍ତି ସମାନ ହେ । ୩୬ ।
ସିଦ୍ଧାଣୀ ବୃଦ୍ଧାଣୀ ଶର ବନ୍ଧବା ଛଟକ
ସ୍ପର୍ଦ୍ଧି ନ ସ୍ପର୍ଦ୍ଧିବ କ ସେ ଚଞ୍ଚଳ ଖଟକ ଯେ । ୩୭ ।
ଡୋଳା ଚଞ୍ଚଳ ରସିକା ନାସିକାକୁ ସ୍ପର୍ଦ୍ଧି
ଅନ୍ତପଳାୟିତ ଶ୍ରୁତି ସ୍ପର୍ଦ୍ଧି ଲେଉଟଇ ଯେ । ୩୮ ।
ଏତେମାନ ନେତ୍ର ପ୍ରଶଂସାକୁ ଶୁଣି ପୁରେ
ଲାବଣ୍ୟବତୀ କ ବୋଲ କଥା ପରସ୍ପରେ ଯେ । ୩୯ ।
ଯେଣୁ ବୋଲି ବାହାରିବା ବେଳେ ମୁନିବର
ଶର ପରେ ମାର ବର୍ଣ୍ଣ ପ୍ରହାରିଲା ଶର ଯେ । ୪୦ ।
ନିଶ୍ୱାସ ପକାଇ କର ସିଞ୍ଚାଡ଼ି ବସ୍ତ୍ର
ନଟରେ ରଙ୍ଗ ବେଗ ହେଲ ଏତେ ଶୋଭାମୟ ଯେ । ୪୧ ।

---

୩୪ । ଘଳ-ନୀଳବର୍ଣ୍ଣ, ଦୃଷ୍ଟିଭେଦରେ ରକ୍ତବର୍ଣ୍ଣ ଶେଷ । ଧବଳ-ଶୁକ୍ଳବର୍ଣ୍ଣ (ନିର୍ମଳ) । ବୃଷାଳ -ଶୃଗାଳ ।

୩୫ । ଅତି ରଙ୍ଗ ଗହଳ-ଅତ୍ୟନ୍ତ ଗାଢ଼ ନାଲି ରଙ୍ଗ । ପକ୍ଷ୍ମଳ-ଆଖି ପତା ।

୩୬ । ଇନ୍ଦୀବର-ନୀଳକଇଁ । ପୁଣ୍ଡରୀକ-ଧଳାପଦ୍ମ । ମନ୍ଦର-ମନ୍ଥାଚଳନଳ, ରକ୍ତଶରର । ୩୪ ପଦ ଠାରୁ ୩୬ ପଦ ପର୍ଯ୍ୟନ୍ତ ବର୍ଣ୍ଣନାରେ ଜଣାଯାଉଛି—ଲାବଣ୍ୟବତୀର ଆଖି ନୀଳପଦ୍ମ ସଦୃଶ ଅତି ଗାଢ଼, ପୁଣ୍ଡରୀକ ସଦୃଶ ଧଳା, ଖଞ୍ଜନ ପକ୍ଷୀପରି ଚଞ୍ଚଳ, ମାଛ ଆଖିପରି ତରଳ । ଭ୍ରୂଲତାର ବେମସୂତ୍ରତ ପଦ୍ମକେଶର ପରି ଅତ୍ୟନ୍ତ ସୁନ୍ଦର । ଏହି ଲକ୍ଷଣଯୁକ୍ତ ହେବାରୁ କବି ତଦ୍ଭଳ ଧରଣର ଉପମାସବୁ ଗୋଟିଏ ସ୍ଥାନରେ ଆଣି ଠୁଳ କରିଛନ୍ତି ।

୩୮ । ଅନ୍ତପଳାୟିତ—ଆଖି ଆଗରୁ ପଳାଇବା, ଯାହାକୁ ପାଇବାକୁ ଇଚ୍ଛାକର ଆଖି ପକାନ୍ତେ ଅନ୍ତଃପୁରକୁ ପଳାଇ ଯାଆନ୍ତି ।

ଆମ୍ଭ ଆଶା ବିଫଳକୁ ନେଲା ତ ଦଇବ
ଅବଶ୍ୟ ତାହା ତାହାର ବିଚ୍ଛେଦ ହୋଇବ ଯେ । ୪୨ ।
ସୁର ରମଣୀଙ୍କ ମହାଶଙ୍କା ହେଲା ଦୂର
ଭାବିଲେ ବିଚ୍ଛେଦ ଶାପ ନୁହଇ ଦେବୀର ଯେ । ୪୩ ।
ନଳ ଦମୟନ୍ତୀ ପ୍ରାୟେ କନ୍ଦର୍ପଜନ୍ମ
ହୋଇ ପୁଣି ଲଭନ୍ତୁ ବିପୁଳ ଭୋଗମାନ ଯେ । ୪୪ ।
ନିଃଶ୍ୱାସଭଞ୍ଜିକା ଚଣ୍ଡୀ ସିନ୍ଧୁ ଦେଶେ ଥାଇ
ଉପକାରେ ରହିଲା ସ୍ୱଜାତେ ପୂଜା ପାଇ ଯେ । ୪୫ ।
ଏଥୁ ଅନନ୍ତରେ ତହିଁ ନୃପତି କୁମାର
କେତେଦିନେ ପରବେଶ ଆପଣା ନଗର ଯେ । ୪୬ ।
କର୍ଣ୍ଣାଟ ଜନକ ଶୁଣି ଅତି ତୋଷ ହେଲେ
ସଚିବଙ୍କୁ ହକାଇ ପୁର ମଣ୍ଡାଇଲେ ହେ । ୪୭ ।
ମହୋତ୍ସବେ ଅନ୍ତଃପୁରେ ନେଲେ କନ୍ୟା ବର
ଏଣୁ ବୁଧି ମନ୍ତ୍ରୀ ପୁରୋହିତ ସାଧୁତର ଯେ । ୪୮ ।
ନନନ୍ଦା ନିଷେଧେ ପୁର ସ୍ୱୟଂ ସୁକୁମାରୀ
ପଦ୍ମ ରତ୍ନଭୂଷଣ ବସନେ ବୋଧକରି ଯେ । ୪୯ ।
ଶାଶୁଙ୍କୁ ଓଳଗି ବାସ ନିଜସ୍ଥଳ କଲା
ପୁରସିନ୍ଧୁ ହୁଳହୁଳି ନାଦେ ଉଚ୍ଛୁଳିଲା ଯେ । ୫୦ ।

---

୪୨ । ବିଚ୍ଛେଦ-ବିରହ, ଅଲଗା ଅଲଗା ହେବା ।

୪୩ । ଦେବସ୍ତ୍ରୀମାନେ ଭାବିଲେ,—ଅତି ସୁନ୍ଦରୀ ଲାବଣ୍ୟବତୀ ଏଠାରୁ ଆସିଥିଲେ ତାଙ୍କୁ ଆଉ ଦେବତାମାନେ ପଚାରି ନ ଥାନ୍ତେ । ଲାବଣ୍ୟବତୀ ବିଭା ହେବାରୁ ସେମାନଙ୍କ ଭୟ ଦୂରହେଲା ।

୪୪ । ବିପୁଳ-ଅଧିକ । ଭୋଗମାନ-ଉପଭୋଗ ବା ଇନ୍ଦ୍ରିୟସୁଖସବୁ ।
ଦମୟନ୍ତୀ ଦେବତାଙ୍କୁ ଛାଡ଼ି ନଳକୁ ବିଭା ହେବାରୁ ଦେବତାମାନେ ବାଧା ଦେଇଥିଲେ । କିନ୍ତୁ ଦମୟନ୍ତୀର ସତୀତ୍ୱ ବଳ ଏବଂ ନଳର ଧର୍ମବଳ ଯୋଗୁଁ ପୁଣି ସେମାନଙ୍କର ମିଳନ ହେଲା ଓ ସେମାନେ ବିପୁଳ ଐଶ୍ୱର୍ଯ୍ୟ ସହ ମହା ସୁଖ ଭୋଗ କଲେ । ଏ ଦୁହେଁ ସେହିପରି ଭୋଗ କରନ୍ତୁ ।

୪୯ । ନନନ୍ଦା-ନଣନ୍ଦ ।

୫୦ । ହୁଳହୁଳି-ଲୁଚାକାନି ବେଳରେ ଓକାଳ ମିଳନସୂଚକ ପ୍ରାର୍ଥନା ।

ନାସ୍ତିଏ ପ୍ରଶଂସା କଲେ ଏ ସଂସାର ସାର
ଜଗଜ୍ଜୟ ଜଙ୍ଗମମୂର୍ତ୍ତିକ ମଦନର ଯେ ।୫୧।
କୁନ୍ତଳ କାଳନ୍ଦୀନୀର ଜଳଦ କଜ୍ଜଳ
କଏ ତମ ତାମସ ତମାଳ ଖତମାଳ ଯେ ।୫୨।
କ ଭ୍ରମର ଭ୍ରମର ଅମରବର ମଣି
ଶୃତ ସୁରୁଚ କସ୍ତୁରୀ ଶିଖୀପୁଚ୍ଛ ଜିଣି ଯେ ।୫୩।
ଚକୋରପାଳିକା କିବା ଅଳିକା ଅଳକ
ଲଲାଟପଟ ଅର୍ଦ୍ଧେନ୍ଦୁ ଅନଙ୍ଗ ଫଳକ ଯେ ।୫୪।
କର୍ଣ୍ଣ ଚୂତଫଳଫାଳ କିଂଶୁକ ପାଟଳୀ
କିବା ବନ୍ଧୁର ଲୂ କାର ପାଶ ଖଟଦୋଳୀ ଯେ ।୫୫।
ଗଣ୍ଡ ଖଣ୍ଡଚନ୍ଦ୍ର ଆଦରଶ ପାଳ ଜିଣି
ଭ୍ରୂ ଖଣ୍ଡ କମାଣ ପରଶୁ ଶିଞ୍ଜୁଣୀ ଯେ ।୫୬।
ନାସିକା କୀର ତୂଣୀର ତିଳଫୁଲ କୁଳ
ଚିବୁକ ଚତୁର୍ଥୀ ଚନ୍ଦ୍ର ନାଗରଙ୍ଗ ଫଳ ଯେ ।୫୭।
ନେତ୍ର କୁରଙ୍ଗ ଭୁଜଙ୍ଗ ମାଳ ଇନ୍ଦୀବର
ମୀନ ଖଞ୍ଜନ ନଳିନ ମାର୍ଗଣ ମଧୁର ଗୋ ।୫୮।
କଳା ଡୋଳା ଖେଳା ଇନ୍ଦୀବର ଲୀଳା କଧ
ଅନ୍ତ କୁନ୍ତ ଶାଣିତ ତରୁଣ ମର୍ମଭେଦୀ ଯେ ।୫୯।

---

୫୧ । "ଜଗଜ୍ଜୟ ଜଙ୍ଗମମୂର୍ତ୍ତିକ ମଦନର"—ଏ ଜଗ ପୃଥିବୀକୁ ଜୟ କରିଥିବା କନ୍ଦର୍ପର ଚଳନ୍ତ ପ୍ରତିମା ? ଅର୍ଥାତ୍ କାମ ସଂସାରକୁ ଜୟ କରିବାକୁ ଏ ରୂପ ଧରି ଉଣାର ହୋଇଛି ? ୫୨ । ଖତମାଳ-ମେଘ ।

୫୩ । ଅମରବରମଣି-ଇନ୍ଦ୍ରନୀଳମଣି । ଶୃତ ସୁରୁଚ କସ୍ତୁରୀ-ଅତି ସୁଗନ୍ଧ ଲୋଭନୀୟ କସ୍ତୁରୀ (ଏହା ଦେଖିବାକୁ କଳା) ।

୫୪ । ଚକୋରପାଳିକା-ଚକୋର ଶ୍ରେଣୀ । ଅଳି ଆଳିକା-ଭ୍ରମର ପଂକ୍ତି । ଅଳକ-ଚୂର୍ଣ୍ଣ ବାଳ । ଅନଙ୍ଗ ଫଳକ-କନ୍ଦର୍ପ ଶର ।

୫୫ । ବନ୍ଧୁର-କୁଶ (କୁଶବଟୁ)ଲ୍ଲ ଭାର-ଲ୍ଲ ଅଧର ସଦୃଶ ।

୫୬ । ପାଳି-ଖଣ୍ଡ୍ରାର ଟାଙ୍ଗୁଣ ଧାର କୁଳୀ । ପରଶୁ-ଅର୍ଦ୍ଧଚନ୍ଦ୍ରାକାର ଅସ୍ତ୍ର ବିଶେଷ ।

୫୯ । ଖେଳା-ଏପାଖ ସେପାଖ କରିବା ଓ କ୍ରୀଡ଼ା । ଲୀଳା-ଶୋଭା । କୁନ୍ତ-ବର୍ଚ୍ଛା । ଶାଣିତ-ଶାଣ ହୋଇଥିବା ମୁନଅ । ତରୁଣ ମର୍ମଭେଦୀ-ଯାହା ଯୁବକର ସନ୍ଧିସ୍ଥାନ ବା ଗୁହ୍ୟସ୍ଥାନକୁ ଫୋଡ଼େ ।

ଶୃତି ଝିଲକ ପଲକ ଘଟନ ସ୍ବଭୁଷା
ସାକ୍ଷାତରେ ଦର୍ପକର ଦର୍ପକ କଳୁଷା ଗୋ । ୬୦ ।
ଅଧର ବାଳ ଅରୁଣ ପ୍ରବାଳୁଁ ପ୍ରବଳ
କି ବିମ୍ବ ଡାଳିମ୍ବପୁଷ୍ପ ମାଣିକ୍ୟ ହିଙ୍ଗୁଳ ଯେ । ୬୧ ।
ବନ୍ଧୁକ ସନ୍ଧ୍ୟାମିହିର ମନ୍ଦାର ସିନ୍ଦୂର
ପୁଣି ଅନୁରାଗ ଜନ୍ମସ୍ଥଳ ପରକାର ଗୋ । ୬୨ ।
ହାସ କାଶ ପୀୟୂଷ କର୍ପୂର ଚନ୍ଦ୍ରକର
କଏ କୁମୁଦ କ୍ଷୀରୀର ଦର ହରଧର ଗୋ । ୬୩ ।
ଦଶନ କୁନ୍ଦକୋରକ କରକ ହୀରକ
ମୋତିପନ୍ତି ସୁଧାବିନ୍ଦୁ ଚନ୍ଦ୍ରକଳ ତୁଳକ ଗୋ । ୬୪ ।
ମୁଖବାସ ଛଳ ଆହ୍ଲାଦ ମନୋହର
ଏକତନ୍ତ୍ର କମଳ ଦର୍ପଣ ନିଶାକର ଗୋ । ୬୫ ॥
କମ୍ବୁ କପୋତ ମଙ୍ଗଳକୁମ୍ଭ ଗ୍ରୀବାଗଳ
ଚରମପ୍ରକ୍ଷ ନିର୍ଜ୍ଜଳ ନଦୀ ଉନ୍ମାଦଳ ଗୋ । ୬୬ ।
ଭୁଜ ଚମ୍ପାମାଳ ବଧି ମୃଣାଳବଲ୍ଲରୀ
କର କୋକନଦ କେନ୍ଦୁ ପଲ୍ଲବକୁ ସରି ଯେ । ୬୭ ।

---

୬୦ । ଦର୍ପକର-କନ୍ଦର୍ପର । ଦର୍ପକ କଳୁଷୀ—ଦମ୍ଭ ନଷ୍ଟ କରିବାର କଳୁଷୀ ।

୬୧ । ପ୍ରବାଳୁଁ ପ୍ରବଳ—ପୋହଳାଠାରୁ ଅଧିକ । ହିଙ୍ଗୁଳ—ହେଙ୍ଗୁଳ (ଦେଶୀବାଳୁ ଲାଲ)

୬୨ । ବନ୍ଧୁକ-ବନ୍ଧୁଲି (ଦ୍ୱିପହରିଆ ଫୁଲ) ।

୬୩ । କାଶ-କାଶତଣ୍ଡୀ ଫୁଲ । କ୍ଷୀରୀର—ଶୀତଳ । ଦର-ଶଙ୍ଖ, ଈଷତ୍ । ହରଧର-କୈଳାସ ପର୍ବତ ।

୬୪ । କୁନ୍ଦକୋରକ-କୁନ୍ଦଫୁଲର କଢ଼ । କରକ-ଡାଳିମ୍ବ ମଞ୍ଜି । ମୋତିପନ୍ତି-ସଜ୍ଜିତ ମୋତି ଧାଡ଼ି । ତୁଳକ—ମାପଦଣ୍ଡ ।

୬୫ । ମୁଖବାସ-ମୁହଁର ସୁବାସ, ମୁଖସ୍ଥାନ । ଛଳ-କାନ୍ତି, ଦୀପ୍ତ, ଛଳ୍ଲତା । ଆହ୍ଲାଦ-ଆନନ୍ଦଦାୟକ ।

କମଳ,ଦର୍ପଣ, ନିଶାକର ଏମାନେ ଏକ ଅଙ୍ଗରେ ଅଛନ୍ତି । ସେପରି କମଳର ସୁବାସ, ଦର୍ପଣର ଛଳ ଓ ଚନ୍ଦ୍ରର ଆହ୍ଲାଦ ।

୬୬ । ଗ୍ରୀବାଗଳ-ବେକର କଣ୍ଠସ୍ଥାନ । ନିର୍ଜ୍ଜଳ ନଦୀ-ଜଳହୀନ ନଦୀ । ଉନ୍ମାଦଳ-କଦଳୀଘସ ।

ଗନ୍ଧଫଳୀ ଅଙ୍ଗୁଳି କରଜ କାନ୍ତ କଳୀ
ବାଣୀ ବେଣୁ ବୀଣା ପିକ ଶୁକ ଥିବ ବଳି ଯେ ।୬୮।
ଉରଜ କନ୍ଦୁକ ଚକ୍ରବାକ ସମ୍ପୁଟକ
କି ସ୍ୱୟମ୍ଭୁ ଶମ୍ଭୁ ତମ୍ବୁ ଅମ୍ବୁଜ କୋରକ ଯେ ।୬୯।
ସାତକୁମ୍ଭ କୁମ୍ଭ କୁମ୍ଭୀ କୁମ୍ଭ ରମ୍ଭ କୋଷ
ମୁଦ୍ରିତ ଛତ୍ର ବୋଇବ ସ୍ୟନ୍ଦନ କଳସ ଗୋ ।୭୦।
କାମ ନୃପର ଟୋପର ଉଲଟ ନିଶାଣ
କି ମଲ୍ଲସାଧନ ଚକା ପ୍ରସ୍ତର ଘଟଣ ଗୋ ।୭୧।
କି ନାରିକେଳ ଶ୍ରୀଫଳ ତାଳ ମାତୁଲିଙ୍ଗ
ପୀୟୂଷକୋଷ କି ମେରୁ ସରି ଗୁରୁ ତୁଙ୍ଗ ଯେ ।୭୨।
ଉଦର ଲାବଣ୍ୟସର ସାରସପତର
ତ୍ରିବଳୀ ସୋପାନ କିବା ତ୍ରିବେଣୀ ରୁଚିର ଗୋ ।୭୩।
ରୋମଲତା ଧୂମଲତା ଶଇବାଳ ଲତା
ନୀଳପିପୀଲିକା ଅଳିଆଳିକା ଶୋଭିତା ଯେ ।୭୪।
ନୀଳମଣିମାଳା ଭେଳା ମରକତଦଣ୍ଡ
ପଚିଶ ତେଜରି ଥୋଇଛି କି ଫୁଲକୋଦଣ୍ଡ ଗୋ ।୭୫।

---

୬୮ । ଗନ୍ଧଫଳୀ-ଚମ୍ପାକଢ଼ୀ । କାନ୍ତକଳି-ପାଇଫୁଲର କଢ଼ି ।

୬୯ । କନ୍ଦୁକ-ପେଣ୍ଡୁ । ସମ୍ପୁଟକ-ଫରୁଆ । କି ସ୍ୱୟମ୍ଭୁ ଶମ୍ଭୁ-କଣ ଆପଣା ଇଚ୍ଛାରେ ଜାତ ହୋଇଥିବା ମହାଦେବ ବା ଶିବ ଲିଙ୍ଗ । ତମ୍ବୁ-ବସ୍ତ୍ର ନିର୍ମିତ ଶିବିର (ଅଳ୍ପ ଦେଖିବାକୁ ଦେଉଳିଆ ଧରଣର) । ଅମ୍ବୁଜ କୋରକ-ପଦ୍ମକଢ଼ି ।

୭୦ । ସାତକୁମ୍ଭ କୁମ୍ଭ-ସୁନା ମାଠିଆ । କୁମ୍ଭୀକୁମ୍ଭ-ହାତୀ ଚୂଳର ମାଂସପିଣ୍ଡ । ରମ୍ଭକୋଷ-କଦଳୀଭଣ୍ଡା । ମୁଦ୍ରିତ ଛତ୍ର-ବନ୍ଦ ହୋଇଥିବା ଛତା ।

୭୧ । ଟୋପର-ବନ୍ଧୀଘର । ମଲ୍ଲସାଧନ-ମାଲକୁସ୍ତି କରିବାର ସାଧନ । ଚକା ପଥର-ଗୋଲିଆ ପଥର । ଘଟଣ-ସୁନ୍ଦର ।

୭୨ । ମାତୁଲିଙ୍ଗ-ଟଭା । ପୀୟୂଷକୋଷ-ଅମୃତଭଣ୍ଡା । ଗୁରୁତୁଙ୍ଗ-ଅତି ବଡ଼, ବଡ଼ ଉନ୍ନତ ।

୭୩ । ଲାବଣ୍ୟସର-ସୁନ୍ଦର ଜଳାଶୟ । ସାରସପତର-ପଦ୍ମପତ୍ର । ତ୍ରିବଲୀ-ପେଟର ରେଖାତ୍ରୟ । ତ୍ରିବେଣୀ-ଗଙ୍ଗା, ଯମୁନା, ସରସ୍ୱତୀର ସଙ୍ଗମ ସ୍ଥଳ ।

୭୪ । ରୋମଲତା-ରୋମାବଳୀ । ଧୂମଲତା-କୃଷ୍ଣରେଖିତ ବର୍ତ୍ତିର ଶିଖା । ଶଇବାଳଲତା-ଶିଉଳି ବା ଜଳଜାଳୀର ଲତା । ନୀଳପିପୀଲିକା-ନେଳିଆ ପିମ୍ପୁଡ଼ି ।

ମଧ୍ୟ ସିଂହ ଡମରୁ  ଲୁ ବର୍ଣ୍ଣ ଆଶୁ ପଚ
ସ୍ମରିଅଙ୍କ କୁଶମୁଦ୍ରା ବିସର୍ଗର ଛବି ଗୋ ।୭୬।
ନାଭି ଟୋପ କୂପ ଗୁଣକୋଟି ଜଳଭ୍ରମ
ଜଡମ୍ବ ସୁଧାଂଶୁ ବିମ୍ବ ରଥାଙ୍ଗକୁ ସମ ଗୋ ।୭୭।
ରତି ଯଜ୍ଞ ଅର୍ଘ୍ୟସ୍ଥାଳୀ କବା ପାନପତ୍ର
ସୁସଞ୍ଚି ସ୍ମିତ ଲକ୍ଷଣ ଯନ୍ତ୍ରଭୂମ୍ୟା ମାତ୍ର ଯେ ।୭୮।
ମଣ୍ଡପ କଚ୍ଛପ ଯଜ୍ଞବେଦୀ ଭଦ୍ରାସନ
ହେମପାଣୀ କାମପୁର ଚତ୍ୱର ଜଘନ ଯେ ।୭୯।
ଗୁରୁ ଊରୁ ରମ୍ଭାତରୁ ଅର୍ଗଳ ସୂଜନ
କରଭ ଉଡ଼ୁପ ଜାନୁ ଗୁଲ୍ଫ ବନ୍ଧନ ଗୋ ।୮୦।
ଅଙ୍ଗୁଳି ଅଶୋକକଳି ନଖ ଚନ୍ଦ୍ରମଣି
ପଦ ସ୍ଥଳପଦ୍ମ ତଳ ମନ୍ଦାରକୁ ଜିଣି ଗୋ ।୮୧।
ଗଉରୀ ଗଉରକାନ୍ତି ଦେଇଅଛି ଦଳ
ଶମ୍ପା ଚମ୍ପା ସମ୍ପାକ କୁସୁମ ହେମଝଳ ଗୋ ।୮୨।
ଗଉରୀ ହରିଦ୍ରା ହରିତାଳ ଷଣ୍ଢଫୁଲ
କେତକୀ କଞ୍ଜକେଶର କେଶ୍ୱ ଦେବ ଭୁଲ୍ ଗୋ ।୮୩।
କୋମଳେ ତୁଳା ଲବଣୀ ଶିରୀଷ ଧିକ୍କାରୀ
କଣ୍ଟକୀରେ ପଦ ଦେବ କଣ୍ଟକିତ କରି ଗୋ ।୮୪।

---

୭୫ । ପଟ୍ଟିଶ-କୁନ୍ତ ।

୭୬ । ଅଶୁ ପଞ୍ଚ-କ୍ଷୁଦ୍ର ବାଣ ।

୭୭ । ନାଭି ଟୋପ-ନାଭିର ଗର୍ତ୍ତ । ଗୁଣକୋଟି-ଗୁଣସମୂହ, ଉତ୍କର୍ଷସବୁ । ଜଳଭ୍ରମ-ପାଣି ବୋଲି ମିଥ୍ୟା ଜ୍ଞାନ । ସୁଧାଂଶୁ ବିମ୍ବ-ଚନ୍ଦ୍ରମଣ୍ଡଳ ।

୭୮ । ସୁସଞ୍ଚି-ସୁନ୍ଦର, ସଞ୍ଚିତ ।

୭୯ । ଭଦ୍ରାସନ-ସିଂହାସନ । କାମପୁର ଚତ୍ୱର-କନ୍ଦର୍ପ ଗୃହର ଅଗଣା ।

୮୦ । ଗୁରୁ ଉରୁ-ଭାରି ଜଙ୍ଘ । ଅର୍ଗଳ-ପ୍ରତିବନ୍ଧକ । ସୂଜନ-ଓଠ ବା ତନ୍ଦିକଟଣ୍ଟ । କରଭ-ହାତୀଶୁଣ୍ଢ । ଉଡ଼ୁପ-ଭେଳା । ଜାନୁ ଗୁଲ୍ଫ-ଜଙ୍ଘର ସନ୍ଧିସ୍ଥାନ ।

୮୨ । ଶମ୍ପା-ବିଜୁଳି । ସମ୍ପାକୁସୁମ-ସୁନାରୀ ଫୁଲ । ହେମଝଳ-ସୁନାପରି ଉଜ୍ଜ୍ୱଳ ।

୮୩ । ଗଉରୀ-ଗୋରୋଚନା । ହରିଦ୍ରା-ହଳଦୀ । କଞ୍ଜକେଶର-ପଦ୍ମକେଶର ।

୮୪ । କୋମଳତାରେ ତୁଳା, ଲବଣୀ ଓ ଶିରୀଷଫୁଲକୁ ଧିକ୍କାରକାରୀ ଅତି କୋମଳ ।

ତାସେ ଉତ୍ପଳ କୁସୁମ ଅନ୍ୟେ ମନୋରମା
କାହା ଆଖି ଦେଖିନାହିଁ ଏମନ୍ତ ସୁଷମା ଯେ ।୮୫।
ଏ ବିଧି ପ୍ରଶଂସି ସୁରେ ରଖି ଶୋଭାନିଧି
ଦମ୍ପତି କରନ୍ତି କେଳି ତହିଁ ନାନାବିଧି ଯେ ।୮୬।
ସିଂହଳ ଦ୍ୱୀପ ନୃପଜ ମନ୍ତ୍ରୀଙ୍କ ମେଳଣି
କେତେଦିନ ଅନ୍ତେ ପର୍ବ କଲେ ନୃପମଣି ଯେ ।୮୭।
ଗଉତମ ନାରୀର ଉତ୍ତମ ଗତିଦାୟୀ
ଉପଇନ୍ଦ୍ର ସାରବର ସେ ଶ୍ରୀରାମ ଧ୍ୟାୟି ଯେ ।୮୮।

—*—

## ପଞ୍ଚତ୍ରିଂଶ ଛାନ୍ଦର ସାରକଥା

ଏ ଛାନ୍ଦରେ ଭଞ୍ଜେ ଲାବଣ୍ୟବତୀ ଓ ଚନ୍ଦ୍ରଭାନୁଙ୍କର ସ୍ୱଦେଶ ପ୍ରତ୍ୟାଗମନକୁ ପ୍ରାଞ୍ଜଳଭାବରେ ବର୍ଣ୍ଣନା କରିଛନ୍ତି । ଏ ବର୍ଣ୍ଣନାରେ କୌଣସି ନୂତନ ବର୍ଣ୍ଣନା ବା ଚମତ୍କାରିତା ନାହିଁ । ଲାବଣ୍ୟବତୀ ଯେତେବେଳେ ସ୍ୱାମୀଙ୍କ ସହ କର୍ଣ୍ଣାଟ ନଗରରେ ପ୍ରବେଶ କରନ୍ତି ସେତେବେଳେ ସେ ସ୍ଥାନର ଲୋକମାନେ ଲାବଣ୍ୟବତୀର ଅଲୋକସାମାନ୍ୟ ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଯାଇଛନ୍ତି । ନାରୀ ସୌନ୍ଦର୍ଯ୍ୟର ଏକ ନିପୁଣ କଳାକାର ଭଞ୍ଜ ଲାବଣ୍ୟବତୀ ସୌନ୍ଦର୍ଯ୍ୟ ବର୍ଣ୍ଣନାର ଏକ ଅବସର ପାଇ ତାହାର ଏକ ନଖଶିଖ ବର୍ଣ୍ଣନା କରିଛନ୍ତି ।

ଦ୍ୱିତୀୟରେ ଏ ଛାନ୍ଦରେ ଲାବଣ୍ୟବତୀର ଲୋକୋତ୍ତର ସୌନ୍ଦର୍ଯ୍ୟର ପ୍ରତିଷ୍ଠା ପାଇଁ ଏକ କୌଶଳ ସେ ଉଦ୍ଭାବନ କରିଛନ୍ତି । ଲାବଣ୍ୟବତୀର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଦେବତାମାନଙ୍କର ଏ ନବ ଦମ୍ପତିଙ୍କୁ ଅଳକାଳସ୍ଥାୟୀ ବିଚ୍ଛେଦ ଅଭିଶାପ ଦେବା ଏକ ଦୃଷ୍ଟାନ୍ତ । ଏଥିରେ ଭଞ୍ଜ ଦମୟନ୍ତୀ ଉପାଖ୍ୟାନ ଦ୍ୱାରା ପ୍ରଭାବିତ ହେବା ମନେହୁଏ ।

---

୮୮ । ଗଉତମନାରୀ-ଅହଲ୍ୟା ।
ଅହଲ୍ୟା ତାରଣକାରୀ ଶ୍ରୀରାମଚନ୍ଦ୍ରଙ୍କୁ ଚିନ୍ତାକରି ଭଞ୍ଜ ଏ ଛାନ୍ଦ ପୂର୍ଣ୍ଣ କଲେ ।

# ଷଟ୍‌ତ୍ରିଂଶ ଛାନ୍ଦ

( ନବଦମ୍ପତ୍ତିଙ୍କର କୌତୁକ ବର୍ଣ୍ଣନା )

ରାଗ — ରାଜବିଜେ । ତାଳ — ରୂପକ

ପ୍ରବେଶ ସୁରଭି ଘନରସମୟ ଜଡ଼ବର ସୁରଞ୍ଜନ
ସୁଖଦାତା ଘନସାର ପ୍ରକାଶରେ ହରିତାପ ପ୍ରଭଞ୍ଜନ ହେ ସାଧୁ । ୧ ।
କମଳତୋଷ ଦାନକର ହୋଇଲା ଦିନକୁ ଦୁର୍ବହ କର
ସୁବାସସୁମନାରେ ସ୍ନେହ ଅଧିକ ସକଳ ଜନ ଆଦର । ୨ ।

---

୧ । ପ୍ରବେଶ ସୁରଭି ସମୟ-ବସନ୍ତାଦି ଋତୁ ପ୍ରବେଶ । ସୁରଭି-ମନୋହର, ଗନ୍ଧଯୁକ୍ତ । ଘନରସମୟ-ବର୍ଷାସମୟ, ଜଳସମ୍ପୂର୍ଣ୍ଣ ଓ ଶୃଙ୍ଗାରାଦି ରସ । (ଘନ-ନିବିଡ଼, ବହଳ, ମେଘ) । ଜଡ଼ବର-ବୃକ୍ଷ, ପର୍ବତ ଓ ଅତି ଶୀତ । ସୁରଞ୍ଜନ-ଅତି ରମଣୀୟ ରୂପ ଧାରଣ ଓ ଦାବାଗ୍ନି । ସୁଖଦାତା-ଆନନ୍ଦଦାୟକ ବା ସୁଖକର । ଘନସାର-କର୍ପୂର, ମେଘ । ହରିତାପ-କନ୍ଦର୍ପ ବାଧା, ସୂର୍ଯ୍ୟତାପ ଓ ମେଘ ପ୍ରକୋପ । (ହରି-ସୂର୍ଯ୍ୟ, ସାପ, ବେଙ୍ଗ । ତାପ-ସନ୍ତାପ, କଷ୍ଟତା) । ପ୍ରଭଞ୍ଜନ-ପବନ, ଝଡ଼, ମେଣ୍ଟଣ, ବିନାଶର କାରଣ । ସାଧୁ-ଉତ୍ତମ, ସଜ୍ଜନ ।

(କ) ଆଦରସର (ବସନ୍ତ) ଆନନ୍ଦଦାୟକ ସମୟ ଆସିଲା । ଗଛମାନେ ନୂଆ ନୂଆ ପତ୍ର ଫୁଲରେ ସୁଶୋଭିତ ହେଲେ । କର୍ପୂର ଦେହକୁ ଭଲ ଲାଗିଲା । ବଣମାନେ ସୁନ୍ଦର ଦିଶିଲେ । ଜଳ ହେବାରୁ ପଦ୍ମ ଫୁଟିଲା ଓ ପବନ ମଧ୍ୟ ବହିଲା ।

(ଖ) ଖରା ସମୟ ହେଲାପରି ଜଣାଗଲା, ବଉଳଗଛ ପତ୍ର ଫୁଲରେ ଶୋଭିତ ହେଲା । ପର୍ବତରେ ନିଆଁ ଲାଗିଲା, କର୍ପୂର ଥଣ୍ଡା ଲାଗିଲା, ପବନ ସୁଖଦାୟକ ହେଲା ।

(ଗ) ବର୍ଷାସମୟ ହେଲାପରି ଜଣାଗଲା, ମେଘ ବର୍ଷିଲା, ଗଛମାନେ ସତେଜ ହେଲେ, ବେଙ୍ଗଙ୍କର କଷ୍ଟ ଗଲା ।

(ଘ) ଶୀତକାଳ ପରି ଜଣାଗଲା, ବେଶି ଶୀତ ହେଲା, ଘୋଡ଼ି ହେବାକୁ ସୁଖ ଲାଗିଲା, କର୍ପୂର ମୁଖକୁ ଅସୁଖ ବା ପିଡ଼ା ଲାଗିଲା, ସୂର୍ଯ୍ୟଙ୍କର ତେଜ ମଧ୍ୟ କମିଲା, ସ୍ତ୍ରୀ ଅଙ୍ଗ ଆଲିଙ୍ଗନ ଅତି ପ୍ରୀତିକର ହେଲା ।

୨ । କମଳ-ପଦ୍ମ, ଜଳ, ସାରସପକ୍ଷୀ, ଆକାଶ, ଚନ୍ଦ୍ର, ମୃଗ, ଅଗ୍ନି । ତୋଷ-ସନ୍ତୋଷ, ହର୍ଷ । ଦାନକର-ବିତରଣ କର, ଛେଦନ କର, ପାଳନ କର, ତ୍ୟାଗକର, ପଶାଖେଳର ଦାଉ ସଂଖ୍ୟା ପଦାର୍ଥ । ଦିନ-ଦିବସ । (ଦୀନ-ଦୁଃଖ, ଏଠାରେ ବନ୍ଦେହୁ) । ଦୁର୍ବହ-ଅତିକଷ୍ଟ । ସୁବାସ-ଉତ୍ତମ ଲୁଗା, ସୁଗନ୍ଧ, ସୁସଜ୍ଜିତ ଗୃହ । ସୁମନା-ଫୁଲ ଓ ଉତ୍ତମମନା ସ୍ତ୍ରୀ । ଆଦର-ଅଦର ବା ଗ୍ରହଣ କର ।

କଳକଣ୍ଠ ରବ ବସନ୍ତେ ଶୁଭଇ ଅନଙ୍ଗ ପ୍ରବଳ ଘର୍ଷି
ହେଲା ଶୋଭା ଜଳବିହାର ଘର୍ଷିରେ ଆନେ ମନ ନ ରସଇ ।୩।
ପୁଷ୍କରେ ସାରଙ୍ଗ ଲୀଳା ପ୍ରକାଶିଲେ ନାୟିକା ବିଚ୍ଛେଦୀ ଛନ୍ଦ
ଆଶାରେ ଦୃଷ୍ଟି ପକାଇ ସେ ଭିତ୍ତିରେ ଲେଖି ବସେ କଣ୍ଟକନ ।୪।

---

(କ) ବସନ୍ତ କାଳରେ ସବୁ ଆନନ୍ଦଦାୟକ ହେବାରୁ ଦିନରେ ସାକ୍ଷାତ ହେବା ଯୋଗୁଁ ଦିନଯାକ କଷ୍ଟକର ହେଲା । ସମସ୍ତେ ବାସନା ଫୁଲକୁ ଭଲ ପାଇଲେ ।

(ଖ) ଖରାଦିନ ହେତୁ ଜଳକୁ ସମସ୍ତେ ଆଦର କଲେ । ଖରା ଯୋଗୁଁ ଦିନଯାକ ବଡ଼ କଷ୍ଟ ହେଲା, ସମସ୍ତେ ବାସନା ଫୁଲମାଳ ପଡ଼ାଇଲେ ।

(ଗ) ବର୍ଷା ହେତୁ ସାରସ ପକ୍ଷୀ ଆନନ୍ଦ ହେଲେ, ବିଚ୍ଛେଦୀମାନେ ବର୍ଷାଯୋଗୁଁ ଦୁଃଖ ଅନୁଭବ କଲେ, ମାଳତୀ ଫୁଲକୁ ସମସ୍ତେ ଆଦର କଲେ ।

(ଘ) ଶୀତକାଳ ହେତୁ ଲୋକେ ନିଆଁକୁ ଭଲ ପାଇଲେ, ସୁନ୍ଦରୀ ସ୍ତ୍ରୀମାନଙ୍କ ସୁସଜ୍ଜିତ ଗୃହକୁ ଯିବାକୁ ପୁଂସମାନେ ଇଚ୍ଛା କଲେ ।

୩ । କଳକଣ୍ଠ-କୋଇଲି, ହଂସ ଓ ପାରାର କଣ୍ଠଧ୍ୱନି । ଜଳବିହାର-ବଣରେ କ୍ରୀଡ଼ା କରିବା, ପାଣିରେ କ୍ରୀଡ଼ା କରିବା ।

(କ) ବସନ୍ତକାଳ ହେତୁ କୋଇଲିର କୁହୁକୁହୁ ରବ ଲୋକେ ଗୃହଆଡ଼େ ଶୁଣି କାମରେ ଆତୁର ହୋଇ ଫୁଲ ବଗିଚାରେ ବିହାର କଲେ ।

(ଖ) ଖରାଦିନରେ ପାରାବତର ଶବ୍ଦ ଶୁଭିଲା, ଲୋକେ ଖରା ହେତୁ ଜଳକେଳି କରି ସନ୍ତୋଷ ହେଲେ ।

(ଗ) ବର୍ଷାଦିନରେ ଗାୟକମାନଙ୍କର ଗୀତ ସ୍ୱରରେ ସମସ୍ତେ ଆନନ୍ଦ ହେଲେ, ପ୍ରବଳ ବେଗରେ ପାଣିସବୁ ନଦୀକୁ ଯିବାକୁ ଲାଗିଲା, ବର୍ଷାହେତୁ ହଂସମାନେ ହର୍ଷଧ୍ୱନି କରି ମାନସରକୁ କ୍ରୀଡ଼ା କରିବାକୁ ଛୁଟିଲେ । ମଦନ ଉତ୍ପନ୍ନକାରୀ ଧାତୁସବୁ ଗଛ ପ୍ରବଳ ହୋଇ ବଢ଼ିବାକୁ ଲାଗିଲା । ନଦୀସବୁ ଜଳରେ ପ୍ରବଳ ହୋଇ ଉଠିଲା । ଲୋକମାନେ ଉତ୍ତମ ଗୃହରେ ଆନନ୍ଦ କ୍ରୀଡ଼ାରତ ହେଲେ ।

(ଘ) ଶୀତଦିନରେ ହଂସମାନେ ଜଳକ୍ରୀଡ଼ା ସାରି କଳଧ୍ୱନି କରି ଫେରିବାକୁ ଲାଗିଲେ; ଏହା ଦେଖି ଲୋକମାନଙ୍କ ମନରେ ପ୍ରବଳ ମଦ ବା ହର୍ଷ ଉତ୍ପନ୍ନ ହେଲା । ଲୋକେ ଅନ୍ୟ କୌଣସି ବିଷୟରେ ନ ରହି ନିଜନିଜର ସୁଖ ବିହାରରେ ପ୍ରବଳ ହେଲେ ।

୪ । ପୁଷ୍କର-ପଦ୍ମ, ଜଳ, ମେଘ ଓ ଆକାଶ । ସାରଙ୍ଗ-କୋଇଲି, ରାଜହଂସ, ଚାତକ ପକ୍ଷୀ, ମୟୂର, ହରିଣ, ଜ୍ୟୋତି ଓ କର୍ପୂର । ଲୀଳା-ବିଳାସ, ଶୋଭା ଓ କ୍ରୀଡ଼ା । ନାୟିକା-ଅଗ୍ରଣୀ, ପ୍ରଣୟିନୀ, ବିଷୟର ପ୍ରଧାନ ବର୍ଣ୍ଣନୀୟା । ବିଚ୍ଛେଦୀ-ବିରହିଣୀ, ଅଭାବ, ବିୟୋଗ ଓ ବିଶେଷ ଭାବରେ ବିରାମ କରି ।

ନଗରେ ବରହୀ ଧାତ୍ରମାନ ହେଲେ ସଂଯୋଗ ଲୀଳା ପ୍ରକାଶ
ଜନ ନୟନକୁ କଦାଚିତ ଆଉ ଜୀମୂତ ନୋହିଲା ଦୃଶ୍ୟ । ୫ ।
ଏମନ୍ତ କାଳମାନଙ୍କେ ନୃପସୁତ ନୃପ ନନ୍ଦନୀର ସଙ୍ଗେ
ଶୁଦ୍ଧନୀ ମଣୀସ୍ଥ ଜଗତୀ ଅଙ୍କରେ ବିହାର କରଇ ରଙ୍ଗେ । ୬ ।

---

(କ) ବସନ୍ତରେ ପଦ୍ମ ଫୁଲ ଫୁଟିବାରୁ ଶୋଭା ଦେଖାଗଲା । କୋଇଲି ରୋବାଇବାରୁ ଆନନ୍ଦ ଜାତ ହେଲା, ସ୍ୱାମୀ ପାଖରେ ନଥିବା ସ୍ତ୍ରୀମାନେ ସ୍ୱାମୀ ଆସିବା ଦିନକୁ ଗଣି କାନ୍ଥରେ ଗାର ପକାଇଲେ ।

(ଖ) ଗ୍ରୀଷ୍ମରେ ଲୋକସବୁ କର୍ପୂର ମିଶ୍ର ପାଣିରେ ଅଙ୍ଗ ଗ୍ରୀଷ୍ମତାପ ହରିଲେ, ବିଚ୍ଛେଦୀ ସ୍ତ୍ରୀମାନେ କାମଭୟରେ ନିଶିଦିନ ଗଣିଲେ ।

(ଗ) ବର୍ଷା ହେତୁ ଆକାଶରେ ଶୃତକପକ୍ଷୀ ଉଡ଼ି ଖୁସି ହେଲେ । ମେଘମାନେ ଆକାଶରେ ଉଠି ଖେଳିଲାପରି ବର୍ଷା କଲେ, ବିଚ୍ଛେଦୀମାନେ ସ୍ତ୍ରୀ ନ ଥିବାରୁ ବସି ଦୁଃଖିତ ହୋଇ ଦିନ ଗଣିଲେ ।

(ଘ) ଶୀତକାଳରେ ହଂସମାନେ ପାଣିରେ ଆନନ୍ଦରେ ଖେଳିଲେ । ଏହା ଦେଖି ବିଚ୍ଛେଦୀ ସ୍ତ୍ରୀମାନେ ଏକାକୀ ଶୀତକଷ୍ଟ ଓ ସ୍ୱାମୀକଷ୍ଟରେ ଅତି ଦୁଃଖିତ ହୋଇ ଦିନ ଗଣିଲେ ।

୫ । ନଗରେ-ପର୍ବତମାନଙ୍କରେ, ବୃକ୍ଷମାନଙ୍କରେ, ରେବତକସନ୍ତ ନଗରରେ । ବରହୀ-ଗଛସବୁ, ( ବର୍ହି ) ଅଗ୍ନି, ମୟୂର ଏବଂ 'ହି' ଶବ୍ଦ ପ୍ରୟୋଗରେ ସୁନିଶ୍ଚିତ ବର ବା ନାୟକ । ଜୀମୂତ-ମେଘ, ପର୍ବତ ଓ ବରଦ ।

(କ) ବସନ୍ତରେ ପର୍ବତମାନଙ୍କରେ ଥିବା ବୃକ୍ଷସବୁ ନୂଆ ପତ୍ର ଫୁଲରେ ଭୂଷିତ ହେବାରୁ ସୁନ୍ଦର ଦିଶିଲେ । ସ୍ତ୍ରୀ ପୁରୁଷ ଏକାଠି ଆନନ୍ଦରେ କ୍ରୀଡ଼ା କଲେ । ମେଘ ଦେଖା ନ ଯିବାରୁ ଆକାଶ ସୁନିର୍ମଳ ଦେଖାଗଲା ।

(ଖ) ଖରାରେ ପର୍ବତମାନଙ୍କରେ ଗଛକୁ ଗଛ ଘସି ହୋଇ ଗରମ ହେବାରୁ ନିଆଁ ଜାହାଉଲା, ସେ ନିଆଁ ଏ ବଣରୁ ସେ ବଣକୁ ମାଡ଼ିବାର ଲୀଳା ଦେଖାଗଲା । ସୂର୍ଯ୍ୟଙ୍କ ତେଜ ହେତୁ ମେଘ ଆକାଶରେ ଦିଶିଲେ ନାହିଁ ।

(ଗ) ବର୍ଷାରେ ବର୍ଷା ହେବାରୁ ପର୍ବତରେ ଏବଂ ଗ୍ରାମମାନଙ୍କରେ କଳା ମେଘକୁ ଦେଖି ମୟୂରମାନେ ପୁଚ୍ଛ ଟେକି ନାଚିବାରୁ ଶୋଭା ଦିଶିଲା, ପର୍ବତସବୁ ମେଘରେ ଘୋଡ଼ାଇ ହୋଇଗଲେ ।

(ଘ) ଶୀତରେ ଲୋକମାନେ ଘରେ ଘରେ ନିଆଁ ଜାଳି ଶୀତକଷ୍ଟ ନିବାରଣ କଲେ, ଆକାଶ ସୁନିର୍ମଳ ଦେଖାଗଲା, ସଂଯୋଗ ଲୀଳା ମଧ୍ୟ ଅଧିକ ହେଲା ।

୬ । ଶୁଦ୍ଧନୀ-ଚନ୍ଦ୍ରବତୀ, ଚନ୍ଦ୍ରକାନ୍ତ । ଜଗତୀ ଅଙ୍କରେ-କୋଠାଘରେ, ସିଂହାସନରେ । ଉପରେ ।

ଏକ ଲବ ନବପଲ୍ଲବ ଅଧଃସ୍ଥ ସାଗରୁ ନୂତନ ଉତ୍ପନ୍ନ
ଅଙ୍ଗ ସୁବାସ ଶୀତଳ ନିନ୍ଦା କରୁଥାଇ କର୍ପୂର ଚନ୍ଦନ । ୭ ।
ଅଧରପାନେ ଅମୃତ ଅଛୁ ଜାଣେ ସକଳ ମଧୁର ଯେଣ
ଭାବଇ ସ୍ୱୟମ୍ଭୁ ଶମ୍ଭୁ କମ୍ବୁକଣ୍ଠୀ ଉରଜ ଅଭୟ ଦାନ । ୮ ।
ସକଳ ସ୍ତ୍ରୀଭୂଷ ଜଗତରେ ଗୁଣଭୂଷ କହଇ ଚଭୂଷ ବାଣୀ
ଅଣିମାଦି ସୁଖ ବଡ଼ କରି ଗଣ ଚୁମ୍ବନ ଦେବାଇ ଆଣି । ୯ ।
ଲେଖଇ ମାଗ୍ୟମୋକ୍ଷକୁ ମୋକ୍ଷ କରି ନିରତେ ମନରେ ତାର
ଭାବେ ଦମ୍ପତିନ୍ତୁ ବଡ଼ ସମ୍ପତ୍ତି କି ଭୋଗ କରେ ପୁରନ୍ଦର । ୧୦ ।
ଶାରଦକୁନ୍ତଳ ପରାସ୍ତ ଭ୍ରମର ଗଣ୍ଡ ପରାସ୍ତ ଦ୍ୱିରଦ
ନୟନ ପରାସ୍ତ କୁରଙ୍ଗ କାନ୍ତିକି କଣ୍ଠ ତରଙ୍ଗ ବିନୋଦ । ୧୧ ।
ଜଘନ ପରାସ୍ତ ସିଂହାସନ ସ୍ତନ ପ୍ରାପ୍ତ ପୂର୍ଣ୍ଣକୁମ୍ଭ କାନ୍ତି
ଚକ୍ରବର୍ତ୍ତୀଏ ସମାନେ ସୁଖ ଅଭିଷେକ କାଳେ ପାଇ ନାହାନ୍ତି । ୧୨ ।
ଏମନ୍ତ ସ୍ନେହୀ ଜାନୁ ବିନା ଆସନ ଉର ବିନୁ ଆନ ଶଯ୍ୟା
ନ ଦେଇ ହରିଲ୍ଲ ଏକା ଭଜନାକ ବଶ କରି ଦୁଷ୍ଟରଜା । ୧୩ ।
ଚଞ୍ଚଳେକ୍ଷଣୀ ଯେ ଅଞ୍ଚଳ ବାନ୍ଧିଲ୍ଲ ତା ମନ ପ୍ରକାଶି ପ୍ରେମ
ଥାଉ ଶୟନେ ନୟନେ ନ ଦେଖଇ ଅୟନେ ଆଉ ଚରମ । ୧୪ ।
ସୋପାନ ଆରୋହଣେ କରପଇଠ ଯାଚି ଭଙ୍ଗିଦେଇ ସ୍ନାନ
ରତାନ୍ତେ ବ୍ୟଜନେ ବିନ୍ଦୁ ଛଡ଼ାଇଲେ କରେ ଚନ୍ଦନ ଲେପନ । ୧୫ ।
ପ୍ରାତରୁ ଉଠି ସୁମରଣ କରନ୍ତି ଦୁହେଁ ଦୁହିଁଙ୍କର ନାମ
ମୁଖ ନଦେଖିଲ୍ଲ ଉପରୁ ଦେଖନ୍ତି ଦେବପଟେ ଏତେ ପ୍ରେମ । ୧୬ ।

---

୯ । ଆଣି-ଗର୍ବ, ମର୍ଯ୍ୟାଦା, ଶୋଭା ଓ ଢଙ୍ଗ ।

୧୦ । ମାଗ୍ୟମୋକ୍ଷ-ଭକ୍ତ ପିଣ୍ଡାଇବା ।

୧୧ । ଶାରଦକୁନ୍ତଳ-ମେଘବର୍ଣ୍ଣ ତୁଲ୍ୟ କଳା ବାଳ ।

୧୩ । ଦୁଷ୍ଟରଜା-ନବଯୁବତୀ ।

୧୪ । ଅୟନେ-ବାଟରେ ।
ଶୋଇବାବେଳେ ତ ଚିହ୍ନି ପାରିବା ଦୂରର କଥା, କିନ୍ତୁ ପରସ୍ପର ବଦାୟ୍ୟ ନେବା-ବେଳେ କେହି କାହାକୁ ଚିହ୍ନିବାକୁ ପାଆନ୍ତି ନାହିଁ ।

୧୫ । କରପଇଠ-ହାତଭରା ।

୧୬ । ସୁମରଣ-ପୂର୍ବାନୁଭୂତ ବସ୍ତୁର ଚିନ୍ତା ଓ ସ୍ମରଣ ।

ବାରନ୍ତି ନେତ୍ରକୁ ପଲକ ଥିବାକୁ ପୁଲକ ହେବାକୁ ଅଙ୍ଗେ
ରଖି ଦେବେ ନାହିଁ ତାର ବସନକୁ ଆଲିଙ୍ଗନ ଅନୁରାଗେ । ୧୭ ।
ଶୟନକାଳେ ଯେଣୁ ହୃଦ ମଧ୍ୟରେ ନ ଗଲେ ମୃଣାଳସୂତା
କୁସୁମକାଳେ ଏକସ୍ଥରେ ଥିଲେହେଁ ତନୁ ଅନ୍ତରକୁ ଚିନ୍ତା । ୧୮ ।
ନନ୍ଦନ୍ତି ଧାତାକୁ ବଡ଼ ଦାରୁଣ ସେ ଏ କଥା କାହିଁ ବସ୍ତର
ତାର ଚନ୍ଦ୍ର ସଙ୍ଗ ଭୋଗ ତ କରଇ କୁମୁଦ ଚନ୍ଦ୍ରମା ପର । ୧୯ ।
ନିଶାପତି ପାପଜ୍ୟୋତି ସଙ୍ଗି ଦୁଷ୍ଟ ହୋଇ ଛଡ଼ାଇ ସଙ୍କୋଚ
ପଞ୍ଚନାରାଚ ପାଞ୍ଚ ତାଙ୍କ ନ ପାଇ ଦୁହେଁ ଦୁହିଁଙ୍କ କବଚ । ୨୦ ।
କ୍ଷୀର ନୀର ପରି ଅଭେଦ ପିରତି ଯେଣୁ ତନୁ ଏକ ପ୍ରାଣ
ଦର୍ପଣ କରି ହୃଦରେ ପ୍ରତିବିମ୍ବ ମନେ କଲ୍ପ କଥା ପୁଣ । ୨୧ ।
ନାଗବଲ୍ଲୀଦଳ ଯେମନ୍ତର କରି ଭୁଞ୍ଜନ୍ତି ରଞ୍ଜନ୍ତି ଚିତ୍ତ
ବଚନ ପ୍ରଶ୍ନପଦରେ ରସଗର୍ଭ ହୋଇଥାଇ ଯେ ଇଙ୍ଗିତ । ୨୨ ।
ମଧୁ ମାଧବରେ ଜଳଯନ୍ତ୍ରସ୍ଥରେ ନଳଦବାଡ଼ ରଚନ
ଅଗର ଚନ୍ଦନ ଚୂଆରେ ପିଚକା କରନ୍ତି ଗ୍ରାବେ ସେଚନ । ୨୩ ।
କୁସୁମଶେଯ ଚନ୍ଦ୍ରକରେ ଶୟନ ଏଣୁ ନିଦ୍ରା ନ ଆସଇ
ଯେଣୁ ମନ ଶଙ୍କା ବିବସନ ପାଇଁ ଯେଣୁ ଜନଙ୍କର ଥାଇ । ୨୪ ।

---

୧୮ । କୁସୁମକାଳେ-ଋତୁବତୀ ହେବା ସମୟରେ । ତନୁଅନ୍ତରେ-ଦେହକୁ ଅଲଗା ହେବା ।

୧୯ । ଚନ୍ଦ୍ର ସହିତ ତାରା ଏକାଠି ଥାଏ, ମାତ୍ର ବିଚ୍ଛେଦ ହୁଏ ନାହିଁ; କିନ୍ତୁ ବହୁଦୂରରେ କୁମୁଦ ଥିଲେ ମଧ୍ୟ ତାରକୁ ଭୋଗ କଲାପରି ଚନ୍ଦ୍ର କୁମୁଦକୁ ଭୋଗ କରେ ।

୨୦ । ପାଞ୍ଚ-ଚାତୁରୀ ବା କୌଶଳ ।
ଦୂତୀ ଯେପରି ସ୍ତ୍ରୀ ପୁରୁଷ ମିଳାଇବାରେ ନାନାଦି କଥା କହି ଲଜ୍ଜା ଭୟ ଛଡ଼ାଇ ଆନନ୍ଦ କରାଏ, ଚନ୍ଦ୍ର ସେହିପରି ଦୂତୀ ସଦୃଶ ହୋଇ ଆଲୁଅ ଦେବାରୁ.... ଆନନ୍ଦରେ କ୍ରୀଡ଼ା କରନ୍ତି । ପରସ୍ପର ପରସ୍ପରର କବଚ ହେବାରୁ ମଦନଶର ତାଙ୍କୁ ଭେଦ କରିପାରେ ନାହିଁ ।

୨୧ । କ୍ଷୀର ସାଙ୍ଗରେ ନୀର ମିଶି ଅଗ୍ନି ତାପରେ କଷିଥାଏ, ମାତ୍ର ନୀର ଅଭାବ ହେଲେ କ୍ଷୀର ଯେପରି କ୍ଷଣରେ ନ ରହି ନିଆଁରେ ଧ୍ୱଂସ ହୁଏ ସେହିପରି ଏ ଦୁହିଙ୍କର ପ୍ରୀତି, ଯେପରି ଦୁଇଟି ଶରୀର ଗୋଟିଏ ପ୍ରାଣ । ଲୋକେ ଦର୍ପଣରେ ମୁହଁ ଦେଖନ୍ତି; ଏମାନେ ହୃଦୟ ରୂପକ ଦର୍ପଣରେ ଉଭୟେ ଉଭୟଙ୍କର ମନକଥାକୁ ଜାଣନ୍ତି ।

୨୩ । ମଧୁ ମାଧବରେ-ବସନ୍ତ ଓ ଗ୍ରୀଷ୍ମ ଋତୁରେ । ଜଳଯନ୍ତ୍ରସ୍ଥରେ-ଜଳ କୌଶଳ ଉପାୟରେ ପାଣି ସିଞ୍ଚିତ ହୋଇଥିବା ଘରେ । ନଳଦବାଡ଼-ବେଣାଚେର ପରଦା । ପିଚକା-କ୍ଷେପଣ ଯନ୍ତ୍ର, ପିଚକାରୀ ।

ବରଷାରେ ବନ୍ଧ୍ୟ ଝଟଝଟ କେଶ ନାଟକୁ ସୁହାନ୍ତି ସୁଖେ
ଅତ ଭାମସ ଭବସ ନଶାମଣି ଋତୁକୁ ପ୍ରଶଂସି ମୁଖେ । ୨୫ ।
ଭଣି ନ ପାଉଣ୍ଡି ବଧି ନଟେଷଧକୁ ଦେଇ ତାନ୍ଦୁଳ ଶକତ
ଶୁଣନ୍ତି ମଣନ୍ତି ନାହିଁ ଭଆଇଲା ଅନଙ୍ଗ ଟେଲଙ୍କୀ ବାଦ୍ୟ । ୨୬ ।
ଶରଦ ଋତୁରେ ତନ୍ତରେ ଭ୍ରମନ୍ତି କର ଧନ୍ଧାଧନ୍ଧ ଛୁଡ଼ାଇ
ମାଳତୀ ମଧୁପ ପ୍ରୀତିକି ଲଭନ୍ତି ଏଣୁ ନାମ ଛନ୍ଦ ଦେଇ । ୨୭ ।
ନିଜ ଅନୁରାଗ ଅଧିକେ ଦେଖାଇ ସେ କାଳେ ଶମାରତନ
ଋତୁଠାରେ ଶାବଧନ ପାଇଁ ପ୍ରିୟା ଟେଜଇ ପିନା ଜୀବନ । ୨୮ ।
ହେମନ୍ତ ଲକ୍ଷଣ ବୋଲଇ ବାରୁଣ ଝାଅଁଇ ପିନା ଭେ ସଖି
କାମ ଶରୀ ଭତ ଚନ୍ଦ୍ରବନ୍ଦୁ ଘାତ ନ ପାରନ୍ତେ ଶାବ ଭଣି । ୨୯ ।
ହିମ ଶିଶିରେ ଅଗୁରୁଧୂମ ସ୍ୱରେ କର ହସନ୍ତୀ ହୃଳିତ
ନଶାରେ ନଶାରେ ଆଦର ଦେଉନ୍ତି ତନୁ ଉତ୍ପନ୍ନନ୍ତି ସତ । ୩୦ ।
ଭାବନ୍ତି କେଉଁ ସେ ଧନ୍ୟ ତମ୍ପତ୍ତି ଭପତ୍ତି ନାହିଁ ଏକାଳେ
ବସୁତ ବାସ ବାରଣର ସମ୍ପତ୍ତି ଲଭୁ ତରୁଣୀର ବଳେ । ୩୧ ।
ଖାବୁଥିବେ ଜନ ଭରଣି ଆମ୍ଭଙ୍କୁ ଜଳ ସ୍ଥଳେ ଗତ ନାହିଁ
ବସ୍ତ୍ର ମକର ବକ୍ଷମ ଘାତ ସହ୍ୟ ଜାଇବା କେମନ୍ତ ହୋଇ । ୩୨ ।
ଏ ବିଧି ରାଗ ଉକ୍ତି ନାନା ବିବିଧ ବିଳାସ ପ୍ରକାଶ ଯେତେ
ପଦେ ତ ପାଞ୍ଚୁଛନ୍ଦେ ବ୍ୟକ୍ତ ହୋଇବ ଶୁଣିବ ସୁଧି ପଣ୍ଡିତେ । ୩୩ ।

---

୨୭ । ମାଳତୀ ଓ ଭ୍ରମର ପ୍ରୀତିକୁ ଜନାଇବ ନେହ ନାଆଁରେ ସ୍ତ୍ରୀ ପୁରୁଷକୁ ଭ୍ରମର ଓ ପୁରୁଷ ସ୍ତ୍ରୀକୁ ମାଳତୀ ବୋଲି ଛଳ କରି ଡାକୁଅଛନ୍ତି ।

୨୯ । ଚନ୍ଦ୍ରହୀନ ରାତ ଯେପରି, ରତ ବନ୍ଧନ ଭଙ୍ଗ ସେହିପରି ଦୁଃଖଦ ହୋଇଥାଏ ।

୩୦ । ହସନ୍ତୀ-କଅଁଳ ଲଗିବା ପାଦ ବା ଅଙ୍ଗେଇ । ନଶାରେ-ରାତରେ, କହ୍ଲାରୁପକ ଜଡ଼ତା ବା ମାଦକତାରେ ।

୩୧ । ତରୁଣୀ ଜଙ୍ଘକୁ ବଳପୂର୍ବକ ଟାଣି ଛନ୍ଦାଛନ୍ଦ ହୋଇ ଶୋଇବାରେ ଅଧିକ ବସ୍ତ୍ର ନିଷେଧ; ଯୁବତୀ ଜଙ୍ଘହିଁ ହେଉଛି ବସ୍ତ୍ରବାସ ସଦୃଶ ମୂଲ୍ୟବାନ ସମ୍ପତ୍ତି ।

୩୨ । ବସ୍ତ୍ର-ଅଷ୍ଟମ ରାଶିଶେଷ ମାର୍ଗଶିର ମାସ, ସତ୍ତାଜାତୀୟ ଜୀବବିଶେଷ । ମକର-ଦଶମ ରାଶି ମାଘ ମାସ ଓ କୁମ୍ଭୀର । ବକ୍ଷମ-ଉପୋଢ଼, କଷ୍ଟଦାୟକ । ବସ୍ତ୍ରଠାରୁ ମକର ପର୍ଯ୍ୟନ୍ତ ଶୀତକାଳ, ଶୀତ ବିରହୀମାନଙ୍କ ପକ୍ଷେ କଷ୍ଟ ।

୩୩ । ବିବିଧ ବିଳାସ-ନାନା ପ୍ରକାର ରତିକ୍ରୀଡ଼ା ।

କହିବା ବଚନ ରସ ରହସ୍ୟକୁ ଶୁଣ ଦେଇକରି ମନ
ପଶା ଖେଳିବା କି ବାଳୀ ବୋଲିବାକୁ ଛଳିଲା ପୁଂସ ରତନ । ୩୪ ।
ଭାଳ ଚରଣ ପାଳି ଛକ ଚାଳକ ସ୍ତନ ସାରେ ଶୋଭା ପାଇ
ବନ୍ଧୁକଜଡ କାନ୍ତି ଦାନ ସନ୍ଧିରେ କି ଖେଳ ଖେଳିବା ଆଉ । ୩୫ ।
ବେନି ଭଳନରୁ ଜଣେହେଁ ନ ହାରିବା ହାରିବ କୁସୁମଶର
ମନେ ବଳୁରୁ ତ ଏତେ ସୁଖ ଗୁଡ଼ ଆଉ କିକ କହିବାର । ୩୬ ।
ଶୁଣି ରସିକା ରମଣୀ ଯେ ବୋଇଲା ଏ ଭଙ୍ଗିକି କେ ପାରିବ
ଭାଙ୍ଗି କଥା ନେଇ କାଙ୍ଗି ଲଗାଇବ ତଙ୍ଗିକି ଉତ୍ତର ଥିବ । ୩୭ ।
ଏ ସମୟରେ ଖରମାଳା ବଧୂକୁ ଦେଖିବା ପାଇଁ ଆସଇ
ପ୍ରିୟାପ୍ରଭୃତି ଓଡ଼ାରେ ଥିଲା ତା ଯେଉଁ ପ୍ରକୃତ ଦେଖଇ । ୩୮ ।
ଏହି ସମୟରେ ଚରମେ ଭ୍ରମରବରନା ପ୍ରବେଶ ହେଲା
ଶୁଣି କେ ସଦୃଶା ହେଲାଣି ସପତ୍ନୀ ହେବା ଶଙ୍କାକୁ ଭୋଗିଲା । ୩୯ ।
ସ୍ୱଭାବେ କୋପନା ଚନ୍ଦ୍ରମାଳପନା ନ ମଣିଲା କାଳ ସ୍ୱେଦ
ଜଳେ ପ୍ରତିବିମ୍ବ ଜାଣି ରେଖି କେଶସ୍ତ୍ରୀ ଯେମନ୍ତ କଲାକ କୋହ । ୪୦ ।
ମାନ ଆରମ୍ଭ ରମ୍ଭୋରୁ କଲା ଆହିଁ ମଦନ ପଞ୍ଚ ବିଶେଷ
କହେ ଉପେନ୍ଦ୍ର ଭଞ୍ଜ ବୀରବର ସ୍ୱାମଚନ୍ଦ୍ର ରସ ରସ । ୪୧ ।

—*—

୩୫ । ୩୪ପଦରେ ସ୍ତ୍ରୀ ପୁରୁଷକୁ ପଚାରିଲା—କି'ଣ ପଶାଖେଳ ଖେଳିବା ? ଏହି କଥାର ଉତ୍ତରରେ ପୁରୁଷ ପରିହାସୋକ୍ତି କରି କହିଲା ହାତ ଗୋଡ଼ ଛନ୍ଦାଛନ୍ଦ ଓ ମିଳନ ଅନ୍ତର ପଶାପାଲି ରୂପ, ସ୍ତନ ତ ହେଲା ସାର, ବନ୍ଧୂଳିକୁ ଜିଣିଥିବା କାନ୍ତି ତୋର ଦେହ ହେଲା ଦାନ, ଆଉ କି ଖେଳ ଖେଳିବା କହ ?

୩୭ । ଏ ପଶାଖେଳରେ କେ'ଉଣସି ଦେହ ହାରିବା ନାହିଁ ; ଯେବେ ହାରେ, ତେବେ କନ୍ଦର୍ପହିଁ ହାରିଯିବ— ।

୩୯ । ଭ୍ରମରବରନା-ସୁନାଗୋରୀ ।

୪୦ । କୋପନା-କ୍ରୁଦ୍ଧା । ନ ମଣିଲା-ଜାଣି ପାରିଲା ନାହିଁ ।

## ଷଟ୍‌ତ୍ରିଂଶ ଛାନ୍ଦର ସାରକଥା

ଲବଣ୍ୟବତୀ ଓ ଚନ୍ଦ୍ରଭାନୁ ସ୍ୱଦେଶରେ ପହଞ୍ଚିବା ପରେ ଉଭୟ ଯେଉଁଭଳି ଭାବରେ ଶୃଙ୍ଗାର ରସରେ ମଗ୍ନ ରହି କନ୍ଦର୍ପକେଳି ଅତିବାହିତ କରିଛନ୍ତି ତାହା ଏ ଛାନ୍ଦର ପ୍ରଧାନ ବର୍ଣ୍ଣନାର ବିଷୟ । ବିବାହର ଠିକ୍ ପରେ ସ୍ୱାମୀ ସ୍ତ୍ରୀଙ୍କର ସମ୍ପର୍କ ଯେଉଁଭଳି ନିବିଡ଼ତର ଅବସ୍ଥାରେ ପରିଣତ ହୁଏ ତାହା ସ୍ୱାଭାବିକ ଭାବରେ ଭଞ୍ଜ ବର୍ଣ୍ଣନା କରିଛନ୍ତି । "ଶୃଙ୍ଗାର ଚେତ୍ କର"ର ଆଦର୍ଶ ଭଞ୍ଜଙ୍କ ସମ୍ମୁଖରେ ଥିବାରୁ ଶୃଙ୍ଗାରରସର ପରିବେଷଣ ଭଞ୍ଜ ଯଥା ସ୍ଥାନରେ ଅତି ସରସ ଏବଂ ମନୋହର ଭାବରେ କରିଛନ୍ତି । ପୁଷ୍ପଶେଯଠାରୁ ଆରମ୍ଭ କରି ରାତ୍ରିମାନର ସମ୍ଭୋଗ ବା ଦାମ୍ପତ୍ୟ ମିଳନର ଯେଉଁସବୁ ଶୃଙ୍ଗାର ରସପୂର୍ଣ୍ଣ ଚିତ୍ର ଭଞ୍ଜ ଦେଇଛନ୍ତି ତାହା ଏ ଧରଣର କାବ୍ୟମାନଙ୍କ ମଧ୍ୟରେ ଅଦ୍ୱିତୀୟ । ଏ ଛାନ୍ଦରେ ଆମେ କେବଳ ଏକ ନବବିବାହିତ ଦମ୍ପତିଙ୍କର ରତି ଏବଂ ତତ୍ ସମ୍ପର୍କୀୟ କ୍ରିୟା ବିନା ଅନ୍ୟ କୌଣସି ଭାବ ଦେଖିବାକୁ ପାଉନାହୁଁ ।

# ସପ୍ତତ୍ରିଂଶ ଛାନ୍ଦ

( ମାନଦର୍ଶନେ ଚନ୍ଦ୍ରଭାନୁର ସ୍ୱଉକ୍ତି )

ରାଗ—କାଳୀ

ଅତି କାତରେ ନିଜ କାନ୍ତରେ ଶଙ୍କା ଚିତ୍ତରେ ଲଭି
କୋପ ଅଙ୍କୁର ମଗ୍ନ ମୁକୁର କଲା ଚକୁର ଶୋଭି ।
ରତଆଂକେଶୀ ରତନବେଶୀ ଗଣ୍ଡେ ନିବେଶି କର
ନୟନ ସାରରୁହରୁ ନୀର ଢେଳିଲା ନିରନ୍ତର । ୧ ।
ଶ୍ୱାସ ପ୍ରକାଶରେ ବଢେ ଦୁଃଖରେ ଧରା ନଖରେ ଚିରେ
ଓଷ୍ଠ କମଳ ହାସ ସ୍ୱପନ ମ୍ଳାନ ଲପନ ଧରେ ।
ଦେଖି ନାଗର ଆସି ଆଗର ଅନୁରାଗର ବଶେ
ଅତି ଆରତ ହୋଇ ପୀରତି ଯୁକ୍ତ ଭାରତୀ ଭାଷେ । ୨ ।
ତୋର ସୂଚିତ ଅନଉଚିତ ମାନ ସଞ୍ଚିତ ଯେଣୁ
ରେ ସର୍ବଭୂତ ମୋହି ଅଦ୍ଭୁତ ମାନସମ୍ଭୂତ ଏଣୁ ।
ଉଦେ କମଳ କୋଳେ କମଳ ଧର ନିର୍ମଳ ଦ୍ୟୁତି
ଧୈର୍ଯ୍ୟ ଭଞ୍ଜନ ମୋତ ରଞ୍ଜନ କରେ ଖଞ୍ଜନ କାନ୍ତି । ୩ ।

---

୧ । କୋପ ଅଙ୍କୁର-କୋପ ବା ରାଗର ପ୍ରକାଶ । ମଗ୍ନ ମୁକୁର କଲା-ଲୁଚିଲା ଦର୍ପଣ କଲା ବା ତଳକୁ ମୁହଁ ପୋତିଲା । ରତଆଂକେଶୀ-ରତିକୁଶଳା । ରତନବେଶୀ-ରତ୍ନ ଅଳଙ୍କାର ଭୂଷିତା (ଲାବଣ୍ୟବତୀ) । ଗଣ୍ଡେ ନିବେଶି କର-ଗାଲରେ ହାତ ଦେଇ । ନୟନସାରରୁହରୁ-ଚକ୍ଷୁପଦ୍ମରୁ । ନୀର-ଜଳ ବା ଲୁହ ।

୨ । ହାସ ସ୍ୱପନ-ହସ ସ୍ୱପ୍ନପରି ଏକାବେଳକେ ଦେଖିବା ଗଲା । ମ୍ଳାନ-ମଳିନ । ଆରତ-ଦୁଃଖୀ ।

୩ । ସୂଚିତ-ସୂଚନା । ଅନଉଚିତ-ଯାହା ଠିକ୍ ନୁହେଁ । ସଞ୍ଚିତ-ପୋଷିତ । ସର୍ବଭୂତ ମୋହି-ସମସ୍ତ ପ୍ରାଣୀର ମୋହକାରିଣୀ । ମାନସମ୍ଭୂତ-ଅଭିମାନ ଜାତ । କମଳଧର-ସୂର୍ଯ୍ୟ । କମଳକୋଳେ-କମଳକୁ କୋଳ କରିବାରେ ବା କମଳଠାରେ । ଖଞ୍ଜନ କାନ୍ତି-ଖଞ୍ଜନ ନାମ୍ନୀ କାନ୍ତି ଅର୍ଥାତ୍ ଏହା ଭୂଷଣରେ ଶୋଭାଯୁକ୍ତା । ମୋତ ରଞ୍ଜନ-ମୋତି ସଦୃଶ ଲାବଣ୍ୟବତୀର ଦେହ କାନ୍ତି ସନ୍ତୁଷ୍ଟକର । ଧୈର୍ଯ୍ୟ ଭଞ୍ଜନ-(କାମ) ଦମ୍ଭହତ ।

ବସନ୍ତେ କଳକଣ୍ଠ ବକୁଳ ଏ ରୂ ସକଳ ମତେ
ଶାଣୁ ବର୍ତ୍ତମାନ ନାଗର ମଦନସଜ ବୃତେ ।
କେ ତୋ ସମାନ କାହାକୁ ମାନ ଯେବେ ତୋ ମାନସର
ତୋ ବିନା ଗତି ନାହିଁ ଜଗତ୍ତ ମଧ୍ୟେ ସୁଗତି ମୋର । ୪ ।
ମୋ ନିବେଦନା ଯେନ ବେଦନା ଚନ୍ଦ୍ରବଦନା ହର
କର ବିକାଶ କୁସୁମ କାଶ ହାସ ପ୍ରକାଶ କର ।
ରେ ବୀଣାଭ୍ରିଡ଼ି ବାଣୀ ନ ଭ୍ରଷ୍ଟି ବସିଲେ ଖସିଗଲ
କୋଳରେ ହାର କରୁ ବାହାର ଏବେ କାହାର ହେଲ । ୫ ।
ରସଜ୍ଞଦସ୍ପା ମୃଦୁ ହୃଦସ୍ପା ଅର୍ ତୋ ଦସ୍ପାକାର
କରୁ ନସ୍ପଶ ଉଦ୍ଭବଗସ୍ପ ମୋତେ ପସ୍ପସ କରୁ ।
ମୁ ଯେ ସ୍ତବକସ୍ତନା ସେବକ ପାଦଯାବକ ଶର
ଏବେ ଖଣ୍ଡନା ସୁଖ ତଣ୍ଡନା ମନ୍ମଥମଣ୍ଡନା ଘୋର । ୬ ।
ସବୁ ଭରସା ତୁ ମୋର ରସାଳସା ସାରସାନନା
ନୋହେ ଏ ମଞ୍ଜୁକାଞ୍ଚିକା ମତ ମୁଁ ତୋ କେମନ୍ତେ ଅନା ।
ଗୃହ ଦ୍ୱିଗୁଣ ମଙ୍ଗଳାଗୁଣ ଆଜ କି ଗୁଣବନ୍ତି
ବରଦ୍ଧୁଧନ ତୁ ମୋର ଧନ କର ନିଧନ ଭ୍ରାନ୍ତି । ୭ ।

---

୪ । ବକୁଳ-ଅବ୍ୟକ୍ତ ମଧୁର ସ୍ୱରର ଉପସର୍ଗ ଓ ଶବ୍ଦକ । ବର୍ତ୍ତମାନ-ଉପସ୍ଥିତ । ଗତି-ଉପାୟ । ଜଗତ-ସଂସାର । ସୁଗତି-ମୁକ୍ତି ।

୫ । ନିବେଦନା-ବିଜ୍ଞପ୍ତି ଜଣାଣ । ହର-ଦୂରକର ।
କୋଳରେ ଯାହାକୁ ହାରପରି କରିଥିଲ, ଏବେ ତାକୁ ବାହାର କରିଦେଲେ ସେ କାହାର ହେବ ?

୬ । ରସଜ୍ଞଦସ୍ପା-ଶୃଙ୍ଗାର ରସର ଉତ୍କର୍ଷକାରିଣୀ । ମୃଦୁହୃଦସ୍ପା-କୋମଳମନା । ଉଦ୍ଭବଗସ୍ପ-ସୃଷ୍ଟିତାପର ଉଦଳ (ଏଠାରେ ସୃଷ୍ଟିତାଣ ପଦ କନ୍ଦର୍ପର ଗ୍ରାସ ବା ଉଦଳ ବୁଝିବାକୁ ହେବ) । ସ୍ତବକସ୍ତନା-ଫୁଲପେଣ୍ଡାପରି ଯାହାର ସ୍ତନ । ପାଦଯାବକ-ଗୋଡ଼ର ଅଳତା ।

୭ । ରସାଳସା-ଶୃଙ୍ଗାର ରସରେ ଅଳସୀ । ସାରସାନନା-ପଦ୍ମମୁଖୀ । ମଞ୍ଜୁକାଞ୍ଚିକା-ଶୃଙ୍ଗାରମଦରେ ଗୋଞ୍ଜିଥିବା ଅନୁଷ୍ଠ ସୁନ୍ଦରୀ । ମତ-ଅଭିପ୍ରେତ । ଗୃହ ଦ୍ୱିଗୁଣ ମଙ୍ଗଳା ଗୁଣ-ଅଷ୍ଟମଙ୍ଗଳା ବିନର କଥା ସ୍ମରଣ । ନିଧନ ଭ୍ରାନ୍ତି-ମୃତ୍ୟୁ ଭୟ । ହେଉଥିଲ, ଅଷ୍ଟମଙ୍ଗଳା ଦିନ ସ୍ତ୍ରୀ ସୁନ୍ଦର ମୁଖ ଦେଖିବା ମନା; ଏହି ହେତୁ କି'ଣ ମୋ ମୁହଁକୁ ଅନାଉ ନାହଁ । ତୁ କି'ଣ ମୋର ମୃତ୍ୟୁକୁ ଭୟ କରୁଛୁ, ମୁଁ ସେ ତା ବିନା ମରିବି ।

ଉଜନ୍ତି ବନାଶକୁ ନବୀନା ମୂର୍ତ୍ତି ତ ବନା ହୋଏ
ଦଣ୍ଡି ଯାହାକୁ ମଣ୍ଡି ତାହାକୁ ମୃଦୁଦେହାକୁ ଭଏ ।
ଧରୁଛୁ ପଦ ନାଶ ବିପଦ ଇନ୍ଦ୍ର ସମ୍ପଦ ଦଉ
ରତି ରମଣୀ ରସିକମଣି ନାସିକାମଣି ନୃତ୍ୟ । ୮ ।
ଲେଖି ମକରୀ ସୁବେଣୀ କର ଦିଅଇ କରିଗତି
ଅଛି ରସନା ଆନେ ରସନା ହୁଅ ପ୍ରସନ୍ନମତି ।
ନୃପନନ୍ଦନା ଜଗତ୍‌ବନ୍ଦନା ଭଣି ଚନ୍ଦନାଙ୍କିତେ
ନୋହେ ଭୂଷଣ ଯେତେ ଦୂଷଣ ଦେଉ କଷଣ କେତେ । ୯ ।
ସୁରସଲତା ଖାଦେ ଅଳତା ମଞ୍ଜୁଳଲତା କୁଚେ
ଆରେ ହେମାଙ୍ଗୀ ସୁଭଙ୍ଗମାଙ୍ଗି ଥିଲି ଯେ ମାଗି ତୋତେ ।
ମୋର ବର୍ତ୍ତିନ ସୁଧା ଯତନ ମଣ୍ଡିପତନ କରୁ
ହେଠଅଧରୁ କେଉଁ କୋଧରୁ ରତେ ନ ଧରୁ ଖରୁ । ୧୦ ।
ନ କର ଦଣ୍ଡ ବିଳମ୍ବ ଦଣ୍ଡ ହେଲେ ଅଦଣ୍ଡ ମୂର୍ତ୍ତି
ବାହୁପାଶରେ ବାନ୍ଧ ପାଶରେ ରଖ ତୋଷରେ ଭୁଞ୍ଜ ।
କୁଚମନ୍ଦର ଠେସି ହୃଦର ଦିଅ ମୋ ଦର ନାଶି
ନଖ କରତ ଚଳ୍ପି କରତ ତନୁ କରତ ସନ୍ଧି । ୧୧ ।
ଦୁଃଖ ସିଂହାଣି ବହିରୁହାଣୀ ଖଡ଼ଗେ ହାଣି ପକା
ଖଟେ କଞ୍ଜନ ନୋହେ ମୁଁ ଭିନ୍ନ ନୁହ ମଜନ ଏକା ।
ପରେ ପ୍ରାଭବ ଦିଅଇ ଭବ ମଧ୍ୟରେ ଭବମୋହି
ହେବ ଖ୍ୟାତି ନିନ୍ଦିତ ରତି-ରମ୍ୟମୂରତି ସହି । ୧୨ ।

---

୮ । ଦଣ୍ଡ-ଦଣ୍ଡ ଦେଇ । ମଣ୍ଡି-କ୍ଷମାକରି । ଦଉ-ଦାନ କର ।

୯ । ମକରୀ-ମକରାକୃତି ଚିତ୍ର । ରସନା-ଶୃଙ୍ଗାରରସର ଆସ୍ୱାଦନ ଲାଳସା, କଟିଦେଶ ବସ୍ତ୍ରଭୂଷଣ । ଆନେ ରସନା-ଅନ୍ୟ ବିଷୟରେ ଦ୍ରବୀଭୂତ ହୁଅନା ।

୧୦ । ସୁରସଲତା-ଶୃଙ୍ଗାର ରସର ରସଲତା । ମଞ୍ଜୁଳଲତା-ସୌନ୍ଦର୍ଯ୍ୟ ଲତା । ବର୍ତ୍ତିନ ସୁଧା-ଅମୃତ ରକ୍ଷିତା ସ୍ଥିତି । ମଣ୍ଡି ପତନ କରୁ-ତଳେ ପକାଇ ଦେଉଛୁ ।

୧୧ । ଅଦଣ୍ଡ-ଶାନ୍ତ ବା ସନ୍ତୋଷ । କରତ-ଚରିବା ଅସ୍ତ୍ର, ତା ହେଲେ ବ । ସନ୍ଧି-ସନ୍ଧାନ କର ଓ ପ୍ରାଣରକ୍ଷି ।

୧୨ । ସିଂହାଣି-ଚତୁରୀ । ଭଟେ-ଯଥାର୍ଥରେ, ଉତ୍ପନ୍ନ ହେବା ସ୍ଥାନରୁ । କଞ୍ଜନ-ସ୍ନେହ । ପ୍ରାଭବ-ପରାକ୍ରମ । ଭବମୋହି-ସଂସାର ମୋହକାରିଣୀ । ନିନ୍ଦିତରତି ରମ୍ୟମୂରତି -ଯାହାର ରୂପ ରତିଦେବୀର ସୌନ୍ଦର୍ଯ୍ୟକୁ ନିନ୍ଦା କରୁଛି ।

ସେବେ ଅଳପଣ୍ଡନ୍ତୁ ଜଳଦ ଭୁ ଯେ କଳପତରୁ
ପୂର୍ଣ୍ଣ ନ କର ବାଞ୍ଛା ନକର ମୋର କ କରୁମରୁ ।
ଭୃଙ୍ଗକରଣେ ଥିଲେ ବାରଣେ ଆହା କାରଣେ ଭବେ
ନାହିଁ ଜଗତେ କେହୁ ଯୁଗତେ ତୋ ବନ୍ଧୁ ଗତେ ଏବେ । ୧୩ ।
ରେ ପ୍ରେମକଳା କୁଟିଳ କଳା ତୋ କେଶକଳାପର
ଯହିଁ ରହିଲେ ଅନ୍ଧା ନୋହିଲେ ସେ ଯେ ମୋହିଲେ ସୁର ।
ମନ୍ଦ ଉଦର ହାସେ ସୁନ୍ଦର ତୋହ ଆଦରବଶେ
ମୁଁ କ ଅସାର ଏଥୁଁ ସଂସାର ସୁନ୍ଦରୀ ସାର ଘୋଷେ । ୧୪ ।
ସ୍ୱମାରଚନେ ପ୍ରେମରଚନେ ହୋଇ ସଚନେ ଧନ
ଦୁଃଖ ପାଇଲି କାହିଁ ନୋହିଲି ତ୍ୟାଜ୍ୟ ହୋଇଲି ନକ
କୃଶା କୃପଣ ଏ ଦ୍ରବ୍ୟପଣ ଶୋଭା ଦର୍ପଣମୁଖି
ପକାଇ ନ ଦେ ସନ୍ତାପନଦେ ପିକନିନାଦେ ସଖି । ୧୫ ।
ଉରୁବର୍ତ୍ତୁଳା ତୋଳା ପିଚ୍ଛିଳା ମୋର କ ଭୁଲା ତୋତେ
ଏହି ଭବନ ମୁଁ ପିଣ୍ଡ ବନଜାକ୍ଷି ଜୀବନ ସତେ ।
ହେବ ମୁଁ ବଳା ପ୍ରାପ୍ତ ଅବଳା ସ୍ନେହ ପ୍ରବଳା ଘେନ
ଛନ୍ଦ ଚରଣେ ତ୍ୟକ୍ତକରଣେ ନାହିଁ ଶରଣେ ଆନ । ୧୬ ।
ଜଳଦରସେ ଚାତକ ରସେ ସେ ନ ବରଷେ ଯେବେ
ଯାଇ ଆଶାରେ ନଦୀକାସାରେ ମହାତୃଷାରେ କେବେ ।
ନ ପାଇ ମଧୁ ଭ୍ରମନ୍ତି ମଧୁକର କ ମଧୁରକୁ
ତରେ ମୁଁ ବଧୂ କୁମୁଦ ବଧୂହାସି ତୋ ବଧୂରକୁ । ୧୭ ।

---

୧୩ । କଳପ-ମନୋହର । ବାଞ୍ଛାନକର-କାମନାସବୁ । ଯୁଗତେ-ଏହାବେଳରେ ବା ଯୁକ୍ତିଯୁକ୍ତ ଭାବରେ । ଗତେ-ଗମିବାରେ, ବୁଝିବାରେ ।

୧୪ । କୁଟିଳ କଳା-ଲକ୍ଷଣୀବତୀର କେଶକଳାପ ବା ମୁଣ୍ଡ ବାଳସବୁ କୁଞ୍ଚିକୁଞ୍ଚିଆ କଳା ।

୧୫ । କୃଶା କୃପଣ-ଦର୍ପଣରେ ରେଖ । ସନ୍ତାପନଦେ—ଦୁଃଖ ନଦୀରେ ।

୧୬ । ଉରୁବର୍ତ୍ତୁଳା-ଯାହାର ଜଙ୍ଘ ଦେଖିବାକୁ ଗୋଲାକାର । ଭବନ-ଭାବନା, ଚିନ୍ତା । ବନଜାକ୍ଷୀ-କମଳନୟନା । ତ୍ୟକ୍ତ କରଣେ-ସ୍ପନ୍ଦନେଲେ ।

୧୭ । ଜଳଦରସେ-ଜମଦ ପାଣିକୁ । ଚାତକ ରସେ-ଚାତକପକ୍ଷୀ ପୁଷପାଏ । କାସାରେ-ପୋଖରୀରେ । ବଧୂରକୁ-ଅଧରକୁ ।
ବର୍ଷାଜଳ ନ ପାଇ ମହା ତୃଷା ହେଲେ ମଧ୍ୟ ଚାତକପକ୍ଷୀ ଯେପରି ନଈ ପୋଖରୀକୁ

ଚନ୍ଦ୍ର ଯମିନୀ ଦେଖି ଦାମିନୀକାନ୍ତି କାମିନୀବନ୍ଧୁ
ନୋହୁ ଫୁଲ୍ଲଣା କମ୍ପା ଅରୁଣାଧରୀ କରୁଣାସିନ୍ଧୁ ।
କେଳିଆରାମ କି ଅଭିରାମ ଅନାରେ ରାମଦୃଶ
ଆଜ ଶୋକରୁ କଣେ ନ କର ଚକ୍ରବାକରି ଦଶା । ୧୮ ।
ତୋ ଏ ଚରିତ ନିଶ୍ଚେ ସରିତ ସ୍ନେହବାରିତ ହୋଇ
ସୁଖଜନନେ ଦୁଃଖ ସଘନେ ଶକ୍ୟ ଲଙ୍ଘନେ ନାହିଁ ।
ମାନ ରଜନୀ ଅନ୍ତ ସଜନୀ ମୋ ସଖୀଜନ ଭଲେ
ଜେ ମୋ ରକ୍ଷଣେ ନାହିଁ ଈକ୍ଷଣେ ଲୋଚକ କ୍ଷଣେ ଥିଲେ । ୧୯ ।
ଝର୍ଣ୍ଣରେଁ ଧୀରେ ରସନିଧିରେ ଅଚ୍ଛି ବଧିରେ ଦୋଷ
କରେ କାଳିକା ଗୁଚ୍ଛାଳିକା ଚିତ୍ରଆଳକା ନାଶ ।
କାମପ୍ରବଳେ ସୁରତ ବଳେ ରତେ ଶବଳେକ୍ଷଣି
ସ୍ୱାପପ୍ରକରେ ଚନ୍ଦ୍ରମାକରେ ବିବାସ କରେ ପୁଣି । ୨୦ ।
ଭ୍ରମର କରଭକ୍ଷକ ଉରଜ ସ୍ୱର୍ଣ୍ଣ ସାରଜ କୋଡ଼େ
ମୁଁ ନ ଗ୍ରୁଣ୍ଡଇ ଓଷ୍ଠ ପୀଡ଼ଇ ଭ୍ରୂଙ୍ଗ ଭଙ୍ଗଇ ଗାଢ଼େ ।
ତୋର ନଖର ନ ଜାଣେ ସତ ଦୋଷୀ ମୁଁ ସନ୍ତତର
ମୋ ଉଷ୍ଟ ଗରିଷ୍ଟ ରେ ନାଗର କ୍ଷମା ସାଗର ହର । ୨୦ ।

---

ପାଣି ପିଇବାକୁ ଦେବେହେଲେ ପାଏ ନାହିଁ । ଭ୍ରମରମାନେ ମଧୁ ନପାଇ ଯେପରି ଗୁଚ୍ଛକୁ ଆଦର କରେ ନାହିଁ, ଚନ୍ଦ୍ର ଯେପରି କୁମୁଦକୁ ଡରୁଥାଇ । ହେ ଚନ୍ଦ୍ରହାସି, ତୋ ବିରହରେ ମୁଁ ସେହିପରି ଦୁଃଖିତ ହେଉଛି ।

୧୮ । ଦାମିନୀକାନ୍ତି-ବିଜୁଳି ଭଳି ଯା ରୂପର ଶୋଭା ଭଙ୍ଗୀ । କେଳି ଆରାମ-କ୍ରୀଡ଼ାର ଉପବନ ବା ରମଣ କରିବା ସ୍ଥାନ । ଅଭିରାମ-ସୁନ୍ଦର । ରାମଦୃଶା-ମୃଗଲୋଚନା ।

୧୯ । ସରିତ-ନଦୀ, ସମ୍ୟକ ଧରଣର । ସ୍ନେହ ବାରିତ-ସ୍ନେହରୂପକ ଜଳ ଓ ପ୍ରୀତି ପରିପୂର୍ଣ୍ଣ ତାହା । ଦୁଃଖ ସଘନେ-ଦୁଃଖରାଶି । ସୁଖଜନନ-ସୁଖର ଜନୟିତ୍ରୀ ବା ସୁଖ ଉତ୍ପନ୍ନ କାରିଣୀ ।

୨୦ । ଚିତ୍ର ଅଳକା-କୁଚ ଓ ଗାଲରେ ଅଙ୍କିତ ହୋଇଥିବା କସ୍ତୁରୀ ଚିତ୍ରାବଳୀ ଓ ମକରୀ ଚିତ୍ର ସବୁ । କାମ ପ୍ରବଳେ-କନ୍ଦର୍ପର ବଳ ଅତ୍ୟଧିକ ହେବାରୁ । ସୁରତ ବଳେ-ବଳପୂର୍ବକ ସୁରତ । ଶବଳେକ୍ଷଣୀ-ବିବିଧ ବର୍ଣ୍ଣ ରଞ୍ଜିତ ନୟନା । ସ୍ୱାପ ପ୍ରକରେ-ସ୍ୱାପ ଅଳ୍ପ ଅଟେ । ବିବାସ ଲଙ୍ଗଳା ।

୨୧ । ଭ୍ରମର ରୂପୁ କରଭ କଣ୍ଠେ-ସ୍ଥଳରେ ଉତ୍ପନ୍ନ ହୋଇଥିବା ମନୋହର ପଦ୍ମକୋଢ଼ରେ

୨୨ । ଲକ ଅନ୍ତର ବଟଗ-ଶରୋମୋଚ ଅଲଗା ହୋଇଗଲେ । ଲମ୍ପଟ ତୋ ରୂପପଟ-ତୋର ଭ୍ରମଣ କରିବା ଅଭିଳାଷରୂପକ ଛବି । ସଚ୍ଚରିତ୍ର-ସଙ୍ଗରୁଣୀର ଉତ୍ସ । ଦାରବନ୍ତୀ-ଘ.ଷାର କଣ୍ଠଦେଶ ଗର୍ଭ ଭଳି ।

ଲବ ଅନ୍ତର ବଣେ କାତର ହୋଇ ମାତର ଗୋର
ନୋହେ କପଟ ଦେଖି ଲମ୍ପଟ ତୋ ରୂପପଟ ଧର ।
ସପତ୍ନୀବର ସେନ କ ବରକଣ୍ଠି ସାଦର ଘୋଷେ
କଷ୍ଟ ଏ ଥରେ ଲଭ ତ ଥରେ ଦ୍ରୁତ ପଥରେ ବଣେ । ୨୨ ।
ଏହି ବଚନ ମୁକ୍ତା ରଚନା କଲା ଶୋଚନୀ ଦୂର
ବଂଶେ ଗ୍ରନ୍ଥିଲା ମନ ମୋହିଲା ନେଇଁ ରହିଲା ମାଇ ।
କଲେ ବାହାର ହେଲା ତ ହାର ହାସ କହାରଶିକୁ
ଛାଡ଼ି ହୁଡ଼ିଲା କଥା ପୋଡ଼ିଲା ବୋଲି ଜଡ଼ିଲା ଚନ୍ଦ୍ର । ୨୩ ।
ଫୁଲଶାୟକ ବଶ ନାୟକ ପ୍ରେମଦାୟକ ବାଳା
ନୋହେ କହିତ ଅଶେଷ ହିତ ଯେତେ ବହିତ ଲୀଳା ।
ସେ ବଚକ୍ଷଣ କଲେ ଯେ କ୍ଷଣ ପରାସ୍ତେ କ୍ଷଣଦାକୁ
ବାସ ହରିଲେ ସେ ବହରିଲେ ବେଗେ ତରିଲେ ଦକ୍ଷୁଁ । ୨୪ ।
ତପସ୍ୟାଭଙ୍ଗୀ କୋପିତଭଙ୍ଗୀ ଖ୍ୟାତ ବିଭଙ୍ଗୀଛନ୍ଦ
ବୁଧମୋହନ ଖଳଗହନ ନାଶେ ଦହନ ଛାନ୍ଦ ।
ହେ ରାମ ଘନଶ୍ୟାମ ସଘନ ଦୂରିତ ଘନହର
ଭଞ୍ଜ ଉପେନ୍ଦ୍ର ଚାପ ଦ୍ୱିପେନ୍ଦ୍ର ହରି ନୃପେନ୍ଦ୍ର ବର । ୨୫ ।

—*—

୨୩ । ବଚନାମୃତ ରଚନା-ଅମୃତ ତୁଲ୍ୟ ମଧୁରବାଣୀ ଆରମ୍ଭି । ହାସ କହ୍ଲାର ଶାନ୍ତୁଁ-ରୂପାର ଜରଣ ଅର୍ଥାତ୍ ଚନ୍ଦ୍ରମା ସଦୃଶ ହସ । ହୁଡ଼ିବା କଥା-ଭ୍ରମପୂର୍ଣ୍ଣ କଥା ।

୨୪ । ନାୟକ ପ୍ରେମଦାୟକ-ପ୍ରେମିକ ପତିର ପ୍ରେମଦାନ କାରିଣୀ । ବାସ ହରିଲେ-ଲିତାକୁ ଛାଡ଼ି ଫୋପାଡ଼ ଦେଲେ । ବେଗେ ତରିଲେ ଦକ୍ଷୁଁ-ଅବିଳମ୍ବେ ଭାମ ରୁକ୍ଷଅଗ୍ନୁ ଉଦ୍ଧାର ପାଇଲେ ।

୨୫ । ତପସ୍ୟା ଭଙ୍ଗୀ-ଯେ ମୁନିଙ୍କର ତପସ୍ୟା ଭଙ୍ଗିବାରେ ସମର୍ଥା ଏପରି ଯାର ଅଙ୍ଗ ବିନ୍ୟାସ । କୋପିତଭଙ୍ଗୀ-ଅସହନୀୟ ରୂପଚ୍ଛଟା ।
ଶବ୍ଦଜ୍ଞାନ ଥିବା ପୁରୁଷମାନଙ୍କୁ ଏ ଛାନ୍ଦ ବିଶେଷ ଭାବରେ ତୃପ୍ତିଦାୟକ; କିନ୍ତୁ ଯେଉଁମାନଙ୍କର ଶବ୍ଦଜ୍ଞାନ ସମ୍ବନ୍ଧରେ କୌଣସି ଅର୍ଥ ଜ୍ଞାନ ନାହିଁ ପୁଣି ନଷ୍ଟବୁଦ୍ଧି ଖଳପ୍ରକୃତିସ୍ଥ ସେମାନଙ୍କୁ ଏ ଛାନ୍ଦ ଦାବାଗ୍ନି ସଦୃଶ ପୋଡ଼ି ଛାରଖାର କରିବ । ତେଣୁ ଏହାକୁ ସାବଧାନ ହେବା ଆବଶ୍ୟକ ।

## ସପ୍ତବିଂଶ ଛାନ୍ଦର ସାରକଥା

ଦାମ୍ପତ୍ୟ ଜୀବନରେ ନାରୀର ମାନ ଏବଂ ପୁରୁଷର ମାନଭଞ୍ଜନ ପାଇଁ ଚାଟୁକ୍ତି ଏକ ନିତ ଘଟୁଥିବା ଘଟଣା । ଶୃଙ୍ଗାରର କବି ଓ ଆଲଙ୍କାରିକମାନେ ମାନ ଏବଂ ମାନଭଞ୍ଜନକୁ କାବ୍ୟରେ ଆଣି ଥୋଇଛନ୍ତି । ଯେଉଁଠି ପ୍ରେମ, ସେଉଁଠି ଦାମ୍ପତ୍ୟ ସ୍ନେହ କୃତ୍ରିମ ଅଭିମାନ ବା ସମସ୍ତ ସମୟରେ ପ୍ରକୃତ ଅଭିମାନ ସ୍ୱାଭାବିକ ଭାବରେ ସ୍ଥାନ ଅଧିକାର କରେ । ପୁନଶ୍ଚ ଯୌନଶାସ୍ତ୍ର ଅନୁଯାୟୀ ପୁରୁଷ ନାରୀର ମନକୁ ବାରମ୍ବାର ମନାଇ ଜୟ କରିବାକୁ ପଡ଼ିବ । ବିବାହ ସମ୍ପର୍କ ସ୍ଥାପିତ ହୋଇସାରିଛି ବୋଲି ଆଉ ଯେ ପୁରୁଷକୁ ନାରୀର ମନ ଜୟ କରିବାକୁ ପଡ଼ିବ ନାହିଁ ଏପରି ନୁହେଁ । ମନସ୍ତାତ୍ତ୍ୱିକ ଦୃଷ୍ଟିରୁ ଏହାର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ରହିଛି । ଏ ଛାନ୍ଦରେ ଚନ୍ଦ୍ରଭାନୁ ଲାବଣ୍ୟବତୀକୁ ଯେଉଁ ଚାଟୁବାଣୀ ପ୍ରୟୋଗ କରିଛି ତାହା ଏହି ସତ୍ୟର ରୂପାୟନ ମାତ୍ର । ଏଥିରେ କବି ପୁରୁଷର ରତି ଯାଚନା ପାଇଁ ଯେଉଁ ଚାଟୁକ୍ତି କେତେକାଂଶରେ ନଗ୍ନ ହୋଇଥିବାପରି ମନେ ହୁଏ । ଏଥିପାଇଁ ଏକାଦଶ ପଦ ଦ୍ରଷ୍ଟବ୍ୟ ।

ପକ୍ଷାନ୍ତରେ ନିଭୃତ କେଳି ମନ୍ଦିର ମଧ୍ୟରେ ନବବିବାହିତା ତରୁଣ ତରୁଣୀଙ୍କର ଏତାଦୃଶ ଆଳାପ ଅସ୍ୱାଭାବିକ ନୁହେଁ । ପୁରୁଷର ଅତ୍ୟଧିକ ନମନୀୟତାକୁ ଅନେକ ପୁରୁଷ ମର୍ଯ୍ୟାଦାହାନିକାରକ ବୋଲି ଅପେକ୍ଷୋକ୍ତି କରି ପାରନ୍ତି କିନ୍ତୁ ଜନଗଣର ଦାମ୍ପତ୍ୟ ଜୀବନରେ ଏହାର ବ୍ୟତିକ୍ରମ ଖୋଜି ପାଇବା କଷ୍ଟ ।

# ଅଷ୍ଟତ୍ରିଂଶ ଛାନ୍ଦ

## ( କେଶ ପ୍ରଶଂସା )

ରାଗ—ପଞ୍ଚମ ବରାଡ଼ି । ଗୋପୀଜନ ବାଣୀରେ ଗାଇବ

ସୁରତ ଶେଷେ ଶୀରତି- ନାଥିକ ଆଗରେ ପତି
ବସାଇ ବସି ପଲ୍ୟଙ୍କ ପରେ ।
ଆବେଶ ହୋଇ ସୁବେଶ କରି ସାରି ସେ ଗାବେଶ
କରକୁ ନବେଶି ଚିବୁକରେ ।
ସେ ମନୋହର । ଏକେ ବସନ୍ତ ବୃନ୍ଦମା ଲଶି ।
ସନ୍ଦର୍ଭ ଦର୍ଭ ସୁହାସୀ ଶୋଭାଗୁଣକୁ ପ୍ରଶଂସି
ରସଗର୍ଭ ବଚନକୁ ଭାଷି ସେ । ୧ ।
କନକସ୍ତନୀ ସୁନ୍ଦରୀ- ପୁରନ୍ଦର କୃଶୋଦରୀ
ଦରିଦ୍ର ମୁଁ ତୁ ନଧି ପ୍ରତିମା ।
ଦର୍ପକ ଦର୍ପବର୍ଦ୍ଧିନ ଧନ ଦର୍ପଣବଦନ
ଅଶେଷ ଅନଙ୍ଗରଙ୍ଗସୀମାରେ ।
ଗାବେଶ୍ୱର । ତୋତେ ଉପମା ହୋଇ କୁହ ।
ସାରଭାଗ ତୋ ଶ୍ରୀମୁଖ ସେ ପିଠା ଶୀତମୟୂଖ
ତୋଷେ ଦେବଙ୍କୁ ଅମୃତ ଦେଇ ରେ । ୨ ।

---

୧ । ସୁରତ ଶେଷେ-ରମଣ ପରେ । ଶୀରତି ନାଥକ-ପ୍ରୀତିମୟୀକୁ । ଆବେଶ ହୋଇ-ପ୍ରୀତିରେ ଆକ୍ରାନ୍ତ ହୋଇ । ସନ୍ଦର୍ଭ ଦର୍ଭ ସୁହାସୀ-ବିଷୟ ପ୍ରସଙ୍ଗରେ ସୁନ୍ଦରଭାବେ ହସୁଥିବା । ରସଗର୍ଭ ବଚନକୁ ଭାଷି-ରସରସିଆ କଥା କହିଲେ ।

୨ । କନକସ୍ତନୀ-ସ୍ୱର୍ଣ୍ଣ ଭଳି ଉଚ ଉଚ ସ୍ତନ ଯାହାର । ସୁନ୍ଦରୀ ପୁରନ୍ଦର-ଇନ୍ଦ୍ର ନାରୀ ଶଚୀ ତୁଲ୍ୟ ଶ୍ରେଷ୍ଠ ସୁନ୍ଦରୀ । ନଧି ପ୍ରତିମା-ରତ୍ନ ସାଦୃଶ୍ୟ ରୂପ । ଦର୍ପକ ଦର୍ପ ବର୍ଦ୍ଧିନୀ-କନ୍ଦର୍ପ ଗର୍ବ ବୃଦ୍ଧିକାରିଣୀ । ଅନଙ୍ଗରଙ୍ଗସୀମା-କାମଲୀଳା ବା କାମ କଳାର ସ୍ଥାନ । ସାରଭାଗ-ଶ୍ରେଷ୍ଠ ଅଂଶ ବା କଳା ।

ରାମା କଳ୍ପନା ପାଞ୍ଚିଲା                ଉମା ରମା ନିର୍ମାଣିଲା
ବସ୍ତୁ ବଳକାକୁ ଆଗ ବନ୍ଧ ।
ହେମ ପିତୁଳା ନିର୍ମାଣି                ଚଷଟରେ ରସ ରସାଣି
ସ୍ମରଦ୍ଭାବ ଯୋଗେ ଜୀବ ଦେଇ ରେ ।
ଜୀବେଶ୍ୱର । ଶୋଭା ସୃଷ୍ଟି ହୋଇଲା କାତର ।
ବାନ୍ଧୁ ବାନ୍ଧୁ ସୁକୁନ୍ତଳ                ହେଲା ଚିକ୍କଣ କୁଟିଳ
ସ୍ୱେଦ କମ୍ପ ବନ୍ଧଥିବ କର ରେ । ୩ ।
ଗଣେଶ ତୋ ଶୋଭା ସୃଷ୍ଟି                ଗଣେ କରେ ମାଳା ନେଇ
କଉଁ ଅଙ୍ଗେ କ ଉପମା ଦେବ ।
ଅଶେଷ ମୁଖ ବର୍ଣ୍ଣିଲା                ଶେଷ କହି ନ ପାରିଲା
ଦେଖି ରସିକା ନାସିକା ଛବିରେ ।
ଜୀବେଶ୍ୱର । ଗୁଣ ଶୋଭା ଅକଥନ ତୋର ।
ଗୁରୁସ୍ତନ ରମ୍ଭାଙ୍ଗରୁ                ଏଣୁ ଶବଦ ଶ୍ରୁତିରୁ
ରମ୍ଭା କଲେ ସ୍ୱର୍ଗେ ଅଳଙ୍କାର ରେ । ୪ ।
ଧନ ତୋ ନୟନେ ସଙ୍ଗ                ନୀଳ ଧବଳ ସୁରଙ୍ଗ
ଖଞ୍ଜନବର୍ଣ୍ଣ ତ୍ରିଭୁବନେ ତୋଷେ ।
ଶୁଣି ଶ୍ରୀପତି ଶଙ୍କର                ସହିତା କମଳାକର
ନିଜସ୍ଥାନ କରିବାର ଆଶେ ରେ ।

---

୩ । ରେ ସୁନ୍ଦରୀ, ମୁଁ ମନେ କରୁଛି—ବିଧାତା ସର୍ବପ୍ରଥମେ ଲକ୍ଷ୍ମୀ ଆଉ ପାର୍ବତୀ ଏ ଦୁହିଙ୍କୁ ସୃଷ୍ଟି କରି ନିଜ ହାତକୁ ଠିକ୍ କରି ପରେ ତୋତେ ତିଆରି କଲେ, ତେଣୁ ତୁ ତାଙ୍କଠାରୁ ଅତି ସୁନ୍ଦରୀ ଅଟୁ । ବିଧାତା ସୁନାର ପ୍ରତିମାଟିଏ କରି ନୟନ ପ୍ରୀତିକର ଶୃଙ୍ଗାରାଦି ରସରେ ସରସ ଓ ଚିକ୍କଣ କରିସାରି ଜୀବଦାନ ଦେଇଥିବାରୁ ତୁ ଏପରି ସୁନ୍ଦରୀ ହୋଇଛୁ । ବିଧାତା ତୋ ବାଳକୁ ବାନ୍ଧୁ ବାନ୍ଧୁ ମଦନରେ ଅସ୍ଥିର ହେଲା ଓ ତା ହାତ କମ୍ପିଲା, ତେଣୁ ତୋ ବାଳସବୁ କୁଞ୍ଚିକୁଞ୍ଚିଆ ହୋଇଗଲା ।

୪ । ଗଣେଶ-ଶ୍ରେଷ୍ଠ ବିଦ୍ୱାନ ପୁରୁଷ ଓ ଶ୍ଳୋକପ୍ରତିନିଧି ବା ଶ୍ଳୋକସମୂହର ମାଳିକ । ଗଣେ-ଗଣନା କରେ । ଅଶେଷ ମୁଖ ବର୍ଣ୍ଣିଲା-ମୁହଁରେ ଅନେକ ପ୍ରକାର ବର୍ଣ୍ଣନା କଲା । ଗୁରୁସ୍ତନ-ଉନ୍ନତ ଧରଣର ସ୍ତନଧାରିଣୀ ।

ଜ୍ଞାନେଶ୍ୱର । ସେ ଉତ୍ତରୁ କରନ୍ତି ଏ ସୂକ୍ତ ।

ସ୍ମର ଶରରେ ତୁ ଈଶ      ଆମ୍ଭେ ତ ସୁରସ ବଶ

ପାଇଲେ ବିନାଶ କର ପତି ରେ । ୫ ।

ତୋ ପଦ୍ମ ଶୂଳକା ଇଚ୍ଛି      ଇନ୍ଦ୍ର ଗଜେନ୍ଦ୍ର ଚଢ଼ିଛି

ମୁନି ଶାପ ତାପ ଲୋପ ମନୁ ।

ତପ କରି କେତେ କାହିଁ      କହିଁ ଦେବତା ମନାଇଁ

ମୁହିଁ ତୋତେ ଲଭିଲି ସୁତନୁ ରେ ।

ଜ୍ଞାନେଶ୍ୱର । ନରେନ୍ଦ୍ର ରୁ ନରେନ୍ଦ୍ରକୁମାରୀ ।

ଅନଙ୍ଗ ଭୁଜଙ୍ଗ ବିଷ      ତରଳ ସନ୍ତାପ ମୋର

ସ୍ମରଣେ ହରନ୍ତୁ ଯେଣୁ କର ରେ । ୬ ।

---

୫ । ହେ ମୋର ଜ୍ଞାନେଶ୍ୱରୀ, ତୋ ଆଖିର ରଙ୍ଗ—ନୀଳ, ଧବଳ ଓ ଅରୁଣ ନାଲି ରଙ୍ଗରେ ମିଳିତ ହୋଇଥିବାରୁ ଏହି ତିନିବର୍ଣ୍ଣ ଯଥା—ନୀଳ-ବିଷ୍ଣୁ, ଧଳା-ଶଙ୍କର, ଲାଲ—ସୂର୍ଯ୍ୟ ଏହି ତିନିଦେବ ଯେପରି ତ୍ରିଭୁବନକୁ ତୋଷ କରନ୍ତି ସେହିପରି ତୋ ଆଖିକୁ ଦେଖିଲେ ତିନିପୁରର ଲୋକ ତୋଷ ହୁଅନ୍ତି ପୁଣି ବିଷ୍ଣୁ, ଶିବ ଓ ସୂର୍ଯ୍ୟ ଏ ତିନି ଦେବ ତୋ ଆଖିର ତିନି ପ୍ରକାର ଶୋଭା ଦେଖି ତୋତେ ବନ୍ଦାପନା କରିବା ଆଶା କରି ପ୍ରଶଂସା କରନ୍ତି । କାରଣ ତୋର ତେଜ ତାଙ୍କ ତେଜଠାରୁ ଅଧିକ ଉଜ୍ଜ୍ୱଳ ଓ ସୁନ୍ଦର । କିନ୍ତୁ ତୋର କନ୍ଦର୍ପ ଶର ଉପରେ ପ୍ରଭୁତ୍ୱର କ୍ଷମତା ଅଛି; ମାତ୍ର ମୁଁ କନ୍ଦର୍ପାଧୀନ । ଏବେ ଇନ୍ଦ୍ରିୟ ବିପଦ ଭରିଥିବା ପତିକୁ କାମାଧୀନ କର ।

୬ । ତୋର ପଦ୍ମ ଶୃଙ୍ଖଳାର ଗଣ୍ଡଦେଶକୁ ଇଚ୍ଛାକରି ଇନ୍ଦ୍ର (ଗଜେନ୍ଦ୍ର) ଐରାବତ ଚଢ଼ିଛି । ଇନ୍ଦ୍ର ଆପଣା ମନରୁ ମୁନିଙ୍କର ଅଭିଶାପକୁ ଲୋପ କରିଛି ଅର୍ଥାତ୍ ତାକୁ ବର ବୋଲି ମଣିଛି । ଗୌତମ ନାରୀ ଅହଲ୍ୟାକୁ ହରଣ କରିବାବେଳେ ଗୌତମଙ୍କ ଶାପରେ ଇନ୍ଦ୍ରଙ୍କ ଦେହରେ ସହସ୍ର ଚକ୍ଷୁ ହେଲା, ସେ ସେହି ସହସ୍ର ଚକ୍ଷୁରେ ତୋ ଶୋଭା ଦେଖିବାରୁ ମୁନିଙ୍କ ଶାପଜନିତ କ୍ଳେଶ ତାଙ୍କ ମନରୁ ଦୂର ହେଲା ଅର୍ଥାତ୍ ସେ ଖୁସି ହୋଇ ଶାପକୁ ବର ବୋଲି ମନେକଲେ । ଏବେ ମୁଁ ତୋର ସେହି ସୁନ୍ଦର ଅଙ୍ଗକୁ ପାଇଛି; ତୁମେ ମୋ ଜୀବନର ଆରାଧ୍ୟ ଦେବୀ, ପୁଣି ସ୍ମରର ଶରରେ କ୍ଷୀଣ ହୋଇଥିବା ହେତୁ ନରେନ୍ଦ୍ର, ଆଉ ମଧ୍ୟ ରଜାଧିର ହିଁ ଅ । ମୁଁ ସର୍ପର ବିଷଭଳି କନ୍ଦର୍ପର ଶରର ଜ୍ୱାଳାରେ ଘାରି ହେବାବେଳେ ତୁ ଛୁଇଁକରି ସେହି ବ୍ୟାକୁଳତାକୁ ଦୂର କରିଛୁ ।

ଅଳକବଳିତରେ ହାସ- ସଦନ ବଦନ-ବାସ
ରସ ରହସ୍ୟ ସ୍ୱରୂପ ପ୍ରିୟେ ।
ନଭ ଗଙ୍ଗାଜଳ ଆଣି ସୁରଙ୍ଗ ପ୍ରାତ ତରଣି
ନିରତେ ଢାଳି ହୋଇଲା ପ୍ରାୟେ ରେ ।
ଗୀତେଶ୍ୱର । ସ୍ୱପ୍ନ ମୁଁ ମଜ୍ଜନ ହୋଇ ତହିଁ ।
ବିଶେଷେ କାମ କଳୁଷ ସହଜେ କରନ୍ତୁ ନାଶ
ସୁଗତ ତୁ ମୋ ସୁଗତଦାୟିନୀ ରେ । ୭ ।
ତେଜିଥାଇ ମନେ ମନ ତୁ ମୋ ଅମୂଲ୍ୟ ରତନ
ବୋଲନ୍ତି ଯେ ରତ୍ନ ମୂଲ୍ୟ ହୋଇ ।
ନାଶକଲୁ ଏ ସଂଶୟ ରମଣୀୟ ରତ୍ନମୟ
ଅର୍ଥେ ରମଣୀ ରତ୍ନ ବୋଲାଇ ରେ ।
ଗୀତେଶ୍ୱର । ପଦ୍ମରାଗ ଓଷ୍ଠ ପଦ ପାଣି ।
ହାସ ଦନ୍ତ ହୀରା ମୋତି ଭୃକୁଟି ତୋଳା ରୋମପନ୍ତି
ଚିକୁର ଅଳକା ନୀଳମଣି ରେ । ୮ ।
ଭଲା ବିବେକ ବିଜ୍ଞାଣି କଠିନ ଗୁଣକୁ ଗୁଣି
ଘଟସ୍ତନ କଲା ତୋ ଘଟନା ।
ନୁହଲେ ସଦୟ ମୋର ବାନ୍ଧବ ହେବାକୁ ତୋର
ଅବୟବ ଯାକ କଲା ସୁନା ରେ ।
ଗୀତେଶ୍ୱର । ଏଣୁ ଦିବ୍ୟଗୁଣେ ତୁ ରଞ୍ଜନ ।
ଯନ୍ତା କରି ତୋତେ ପାଇ କଷ୍ଟ ମୋର ଚିନ୍ତା ନାହିଁ
ଏ ଯେଣୁ ବୋଲାଇ ପ୍ରିୟା ଧନ୍ୟ ରେ । ୯ ।

---

୭ । ବଦନ ବାସ-ଦନ୍ତର ଅବସ୍ଥାନ ଅର୍ଥାତ୍ ଓଠ । ରସ ରହସ୍ୟ ସ୍ୱରୂପ–ଗୁପ୍ତଭାବରେ ଶୃଙ୍ଗାରର ଉଦ୍ଭବ ପ୍ରକୃତ ରୂପ । ପ୍ରାତ ତରଣି-ପ୍ରାତଃକାଳୀନ ସୂର୍ଯ୍ୟ । ସୁଗତ–ସୁନ୍ଦର ଗତି ବା ଗୃହ । ସୁଗତଦାୟିନୀ-ସୁନ୍ଦର ଭାବରେ ମୁକ୍ତି ଦାନକାରିଣୀ ।

୮ । ରମଣୀୟ ରତ୍ନମୟ–ଅତି ମନୋହର ଧରଣର ରତ୍ନ ପ୍ରତ୍ୟୟ ଅର୍ଥାତ୍ ରମଣୀରତ୍ନ ।

୯ । ବିବେକ ବିଜ୍ଞାଣି-ବିବେକବନ୍ତ କାରିଗର ଅର୍ଥାତ୍ ବିଧାତା । କଠିନ ଗୁଣକୁ ଗୁଣି-ଦୁଃସହ ବା ଦୋଷଯୁକ୍ତ ଗୁଣରୁ ଉତ୍ତମ ଗୁଣସବୁ ଅଲଗା କରି । ରଞ୍ଜନ-ପ୍ରୀତିକର । ଯନ୍ତା-ଉପାୟ ।

ଛଇଲ ଭ୍ରମର ବୋଲି ବୋଲିବାକୁ ମୋତେ ବାଳି
ଛଳ ମୋ ନୋହିବ ଜଣାଉଛୁ ।
ଶଶୀମୁଖୀ ଚଞ୍ଚଳ ନେତ୍ର ବେନପଦ୍ମ ବିକଶିତ
ଅଧର ବନ୍ଧୁଳି ଚୁମ୍ବ ଇଚ୍ଛି ରେ ।
ଗୀତେଶ୍ୱର ! କାନ୍ତି କେତକୀ ଉତ୍ପଳ ବାସ ।
ଉରଜ ନୀରଜକୋଷ ପ୍ରଫୁଲ୍ଲ ମଲ୍ଲିକା ହାସ
ନୋହିଲା ମୋ କଉଁଫୁଲେ ଆଶ ରେ । ୧୦ ।
ପ୍ରିୟେ ତୋର ସଙ୍ଗ ନୋହୁ ଚମ୍ପାମାଳା ପରି ବାହୁ
ଭାବ ଲୋଡ଼େ ଗଳେ ବାନ୍ଧିବାକୁ ।
ଚନ୍ଦ୍ର ଚନ୍ଦନ ଲେପନ କରୁଥାଇଁ ଅପଘନ
କଣେ ପୀତାମ୍ବର ପିନ୍ଧିବାକୁ ରେ ।
ଗୀତେଶ୍ୱର ! ଲଗାଇ ପଦପଲ୍ଲବେ ଶିର ।
ପ୍ରିୟା ତୋ ମୂର୍ତ୍ତି ପ୍ରତିମା ଦେଖିଲାଦିନୁଁ ତ୍ରିଯାମା
ବିନେ ଏହା ବ୍ୟବସାୟ ମୋର ରେ । ୧୧ ।
ଯାବତ ଶୋକ ସଂଗ୍ରହ ପାଶ ବିଗ୍ରହେ ବିଗ୍ରହ
ଲାଗିଲା ଯହିଁ ସ୍ୱପନ ଭ୍ରମେ ।
ନଷ୍ଟେଁ ସେ ସ୍ୱପ୍ନ ଦେଖାଇ ମହାମହ ଉପକାର
ଶୁଝି ନୋହିବ ସହସ୍ରେ ଜନ୍ମେ ରେ ।
ଗୀତେଶ୍ୱର ! କସ୍ତୁରୀ ସୁଗନ୍ଧା ସୁକୋମଳା ।
ଚତୁରୀ ଶ୍ରେଣୀରେ ମଣି ବୋଲି ତୋ ସୁଚତୁରୀ ବାଣୀ
ପ୍ରେମ ପତ୍ରିକାରେ ଜଣାଇଲା ରେ । ୧୨ ।

---

୧୦ । ଛଇଲ-ସୁନ୍ଦର ବା ରସିକ । ବାଳି-ଷୋଡ଼ଶୀ ସ୍ତ୍ରୀ । କେତକୀ ଉତ୍ପଳ ବାସ-କେତକୀ ଓ ପଦ୍ମଫୁଲର ଗନ୍ଧ । ଉରଜ ନୀରଜକୋଷ-ପଦ୍ମଫୁଲର କଢ଼ ସଦୃଶ ସ୍ତନ । ପ୍ରଫୁଲ୍ଲ ମଲ୍ଲିକା ହାସ-ସଜ ଫୁଟିଲା ମଲ୍ଲିଫୁଲ ପରି ହସ ।

୧୧ । ସଙ୍ଗ ନୋହୁ-ମିଳନ ବା ସହବାସ ନ ହେବା ପୂର୍ବରୁ । ଭାବ-ଅଭିପ୍ରାୟ ବା ଅନୁରାଗ । ଲୋଡ଼େ-ଖୋଜୁଥିଲି ବା ଇଚ୍ଛା କରୁଥିଲି । ଚନ୍ଦ୍ର-କର୍ପୂର । ପଦପଲ୍ଲବେ-କୋମଳସ୍ୱ ପତ୍ର ସଦୃଶ ପାଦରେ ।

୧୨ । ବିଗ୍ରହେ-ବିଶେଷ ଭାବେ ଅସ୍ତ୍ରାହତ ହେବାରେ ବା ଉତ୍କଟ ଭାବେ ଗ୍ରହଣ କରିବାରେ । ବିଗ୍ରହ-ଦେହ, ଯୁଦ୍ଧ । ଚତୁରୀଶ୍ରେଣୀରେ ମଣି-ଚାତୁରୀପୂର୍ଣ୍ଣା ସ୍ତ୍ରୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ।

ଯେଣନରେ ହରିଣଦୃଶୀ		ମାନସ ହଂସେ ନ ରସି
ହଂସର ମାନସ ସବୁ ଫନ୍ଦା ।
ଭାନୁ କମଳ ଜଳଦ		ଚାତକ ଚନ୍ଦ୍ର କୁମୁଦ
ପ୍ରୀତି ଲକ୍ଷ୍ୟପାକ କଲ୍ ନନ୍ଦା ରେ ।
ଗୀତେଶ୍ବର । ଅଛି ପୁଣି କ ବଚ୍ଛେଦ ତାଙ୍କର ।
ଦେହକୁ ନ ଛାଡ଼େ ଛାଇ		ଛାଇ ଦେହ ନ ଛାଡ଼ଇ
ଧନ୍ୟ ତୋର ଅନୁରାଗ ସାର ରେ । ୧୩ ।
ଫୁଲ ଭ୍ରମରେ ବାଞ୍ଛଇ		ଭ୍ରମର ଫୁଲ ଇଚ୍ଛଇ
ମଧୁ ଦେଇ ଫୁଲ ତୋଷ କରେ ।
ଅନୁସରଇ ଭ୍ରମର		ତୋର ମୋର ଏ ପ୍ରକାର
ସ୍ନେହ ନ ତୁଟିବ ଯାଇବାରେ ରେ ।
ଗୀତେଶ୍ବର । ନିଷ୍ଠାକର ଜଣେ ମୁଁ ଏ କଥା ।
ମାଜିଲା ମୁକୁର ପରି		ନିର୍ମଳ ତୋ ହୃଦ ଗୋରି
ପ୍ରତିବିମ୍ବେ ମୋର ହୃଦ ବ୍ୟଥା ରେ । ୧୪ ।
ଦାନଶ୍ରେଷ୍ଠ ଲାବବନ୍ତ		ଦର୍ଶନେ ହେବ ସମ୍ପତ୍ତି
ଲୋଚନ ଯୁଗକୁ ଯାଚି ଦେଉଁ ।
ସମ୍ପୂର୍ଣ୍ଣ ପ୍ରେମ ରତନ		ସମ୍ପୁଟକ ପ୍ରାଣଧନ
ଲାବଣ୍ୟେ କରେ ଦେଇ ଯାଉ ରେ ।
ଗୀତେଶ୍ବର । ପଚ୍ଛୁଛି କହିବୁଟି ସତ ।
ଶିରୀଷ କୁସୁମ ଦେହୀ		କାହିଁପାଇଁ କହୁ ନାହିଁ
ମାଗିଲା ବେଳକୁ ଉପଗତ ରେ । ୧୫ ।
ମଧ୍ୟ ତୃଣାଙ୍କୁର ଠାରୁ		ସରୁ ଲଜକାକୁ ଡରୁ
କଟା ସାରୁ ଏ କୋହଇ କଲି ।
ବକ୍ଷେ କୁଚ ମେରୁଗିର		କେଶରୀ ପ୍ରଶଂସା ତାର
କୁଳଣ ହୋଇ ପ୍ରଶଂସା ଅଛି ରେ ।

---

୧୩ । ପ୍ରୀତିଲକ୍ଷପାକ-ପ୍ରୀତିର ଉଦାହରଣ ସବୁ । ଧନ୍ୟ ତୋର ଅନୁରାଗ ସାର-ତୋର ଶ୍ରେଷ୍ଠ ପୀରତିକୁ ଧନ୍ୟ ।

୧୫ । ଲୋଚନ ଯୁଗକୁ-ଦୁଇଟି ଆଖିକୁ । ସମ୍ପୁଟକ-ଫରୁଆ ।

୧୬ । ମଧ୍ୟ-ମଝି, କଟି । ଝାଙ୍କୁ-ଡରକୁଳ । ମେରୁଗିର-ପର୍ବତତୁଲ୍ୟ ବୋଝ । କେଶରୀ-ସ ହ ( କେସର-କଏ ସର ) କୁଳଣ-କଳଙ୍କ ।

ଗୀତେଶ୍ବର ! ହେଜପାରୁ ନାହିଁ ଶ୍ରବଣେଲେ ।
ମୁକୁର ବଚନେ ଯତ — ଉଲଟ ଦେଖି ସୁବ୍ରତ
ହେଲେ ବଞ୍ଚିଛୁ ମୋ ପୁଣ୍ୟଫଳେ ରେ । ୧୬ ।
କହିବାକୁ ଅଗୋଚର — ସେ ଶୋଭା ପୁଣି ତୋହର
ଉଲଗ୍ନ ସୁଲଗ୍ନେ ହୋଇଥିଲା ।
ଉଚେ ଉଶନା ଉଦିତ — ମୋ ସୁଖଶ୍ରେଣିରେ
ନାସାମଣି ଯାହା ଝଲକଲା ରେ ।
ଗୀତେଶ୍ବର ! ଇନ୍ଦ୍ରପଦ ପଦତଳେ ଦେଲା ।
କାମଚକ୍ରବର୍ତ୍ତୀ ପଣେ — ଅଧିକାରୀ ଯୁବାଗଣେ
ତାକୁ ଈଷିତରେ ଜଣାଇଲା ରେ । ୧୭ ।
ସବୁ କଡ଼ପଣ ଘ୍ରାଣ- — ବନ୍ଧୁ ଯେନ ମୋର ଜାଣ
କହୁଥିଲେ ଯହିଁ ଚନ୍ଦ୍ରବାତ ।
ସେ ତୋହର ସଙ୍ଗମାତେ — ସୁଖଦ ହେଲେ ଉତାନ୍ତେ
ବହୁତ ରୂପେ ହରିଲେ ଶ୍ରାନ୍ତ ରେ ।
ଗୀତେଶ୍ବର ! ତୋ କଡ଼ମା ଅଖିଳରେ ସାର ।
ଝିଲିକ ଭଲ୍ଲି ପ୍ରକାର — ଯହିଁ ଭୃଙ୍ଗ ପିକସ୍ବର
ସେସବୁ ଏବେ ଶୁଭିଲା ମଧୁର ରେ । ୧୮ ।

---

୧୭ । କହିବାକୁ ଅଗୋଚର-କହି ହେଉନାହିଁ । ସୁଲଗ୍ନ-ଉତ୍ତମ କାଳ ବେଳାରେ । ଉଚେ-ଉପରେ, ବଡ଼ଘାଏ । ଉଶନା-ଶୁକ୍ର (ତାରା) । କାମଚକ୍ରବର୍ତ୍ତୀ ପଣେ ଅଧିକାରୀ ଯୁବାଗଣେ-ଯେଉଁ ଯୁବକ କାମର ଏକଛତ୍ରବାସୀ ସମ୍ରାଟ ହେବା ପ୍ରତିଷ୍ଠାରେ ମାତିଲ ହୋଇଥିଲେ ତାକୁ । ଈଷିତ-ଅଳ୍ପ ବା ହାବଭାବେ ।

୧୮ । ଜାଣ, ମୋର ସବୁଠାରୁ ବଡ଼ ପ୍ରତିଷ୍ଠା ଥିଲା ଘ୍ରାଣ ସହିତ ପ୍ରାଣର ଘନିଷ୍ଠ ସମ୍ପର୍କ ପାଇଁ । ଏଇଥିପାଇଁ ଚନ୍ଦ୍ରର ସ୍ନିଗ୍ଧ କିରଣ ଓ ମୃଦୁମନ୍ଥର ସମୀରଣ ଏମାନେ ଅଗ୍ନି-ଦାହନ ସଦୃଶ ପ୍ରାଣକୁ ଦହ୍ୟ କରୁଥିଲେ । ଏବେ ସେହି ଚନ୍ଦ୍ର ଓ ପବନ ତୋ ସହ ସହବାସ ମାଧ୍ୟମେ ଉଭୟ ପ୍ରତି ସୁଖଦାୟକ ହେଲେ ଏବଂ ବିଶେଷ ଭାବରେ କାମଶ୍ରମକୁ ଦୂର କଲେ । ହେ ଗୀତେଶ୍ବର ! ତୋର କଡ଼ପଣ ସମଗ୍ର ଭୁବନରେ ଶ୍ରେଷ୍ଠ । ଅଙ୍ଗମଧ୍ୟ ଭ୍ରମରର ମଧୁର ଗୁଞ୍ଜନ ଓ କୋକିଳର ସୁମଧୁର ସ୍ବର ଯେତେବେଳେ ତରୁଣ ପ୍ରାଣକୁ କ୍ରନ୍ଦାଘାତ ସଦୃଶ ବ୍ୟଥା ଦେଉଥିଲା, ସେହି ସ୍ବର ଏବେ ମୋତେ ମଧୁର ଶୁଭିଲା ।

ଏରୂପେ ଦୃଷ୍ଟି ପ୍ରକାଶି ବଲ୍ଲଭ ବଲ୍ଲଭୀ ତୋଷି
ଅନୁରାଗ ଚୁମ୍ବ ଆଲିଙ୍ଗନେ ।
ଲଭି ହେଲା ହରଷିତ ନିୟମ କଲ ଏମନ୍ତ
ରସବନ୍ତ ନ କରିବୁ ମାନ ରେ ।
ଜୀବେଶ୍ୱରି ! ପରକାଶ ନ କରିବ କେବେ ।
କଲ ଏମନ୍ତ ସମ୍ଭାଷ ଶଙ୍କା ହୋଇଗଲା ହତ
ମାତିଲେ ବିଳାସ ମହୋତ୍ସବେ ରେ । ୧୯ ।
ମିଥିଲା ନବ ସଙ୍ଗମ କଲେ ଯେ କଲେ ନିୟମ
ଏକପତି ଏକପତ୍ନୀ ବ୍ରତ ।
ଜଗତେ ସେହୁ ଦମ୍ପତି ସାଧୁଙ୍କ ସୁଖ ସମ୍ପତ୍ତି
ମଧୁର ଆକୃତି ଅଲୌକିକ ସେ ।
ତାଙ୍କ ଗାଦ । ମଦ୍ଧା ଦୁପଦକୁ ନାଶକରେ ।
ଛନ୍ଦେ ଚନ୍ଦ୍ର ଉପଇନ୍ଦ୍ର ଭଞ୍ଜ ପରମ ଆନନ୍ଦ
କହେ ରସିକ ଜନଙ୍କ ହିତ ହେ । ୨୦ ।

—*—

## ଅଷ୍ଟାବିଂଶ ଛାନ୍ଦର ସାରକଥା

ଭଞ୍ଜ ଶୃଙ୍ଗାରରସର ପ୍ରାଞ୍ଜଳ ବର୍ଣ୍ଣନା ପାଇଁ ଏହାର ପ୍ରତ୍ୟେକ ଛନ୍ଦରେ ଚିତ୍ତାକର୍ଷୀ ବର୍ଣ୍ଣନା କରିଛନ୍ତି । ଭୋଜଙ୍କର "ଶୃଙ୍ଗାରୀ ଚେତ୍"ର ଆଦର୍ଶ ତାଙ୍କ ସମ୍ମୁଖରେ ଥିବାରୁ ନିଜର ସମସ୍ତ ଶକ୍ତି ବ୍ୟୟକରି ଶୃଙ୍ଗାରରସର ବହୁଳ ପରିବେଷଣ କରିଛନ୍ତି । ଯେଉଁଠାରେ ସେ ସୁବିଧା ପାଇଛନ୍ତି, ସମ୍ଭୋଗରେ ହେଉ ବା ବିପ୍ରଲମ୍ଭରେ ହେଉ ପ୍ରଭୃତି ରସର ଚର୍ଚ୍ଚା କରିଛନ୍ତି । ଏ ଛନ୍ଦରେ ନାୟକ ନାୟିକା ଉଭୟ ଅନ୍ତରେ ପ୍ରେମ ସମ୍ପର୍କୀୟ କଥୋପକଥନ ଚଳିଛନ୍ତି ; ନାୟକ ନବବିବାହିତା ନାୟିକାର ମନ ନିଜପ୍ରତି ଆକର୍ଷିତ କରିବା ପାଇଁ ନାନାଦି ଚାଟୁବାକ୍ୟ ପ୍ରୟୋଗ କରିଛି । ଉଦାହରଣ ସ୍ୱରୂପ ୬ ଏବଂ ୯ ପଦ ଦ୍ରଷ୍ଟବ୍ୟ । ଉଚ୍ଚ ଗୃହରେ ଗୁହ୍ୟ ଯାଉଥିବା ଭାଷାର ପ୍ରୟୋଗ ଦ୍ୱାରା ସ୍ଥଳ ବିଶେଷରେ ବର୍ଣ୍ଣନା ଅଶ୍ଳୀଳ ହୋଇ ପଡ଼ିଛି । ଉଦାହରଣ ସ୍ୱରୂପ ୧୫, ୧୬, ୧୭ ପଦ ଦ୍ରଷ୍ଟବ୍ୟ ।

---

୧୯ । ବିଳାସ ମହୋତ୍ସବେ-ଶୃଙ୍ଗାରକ୍ରୀଡ଼ାର ଆନନ୍ଦ ଜନକ ବ୍ୟାପାରରେ ।

# ଊନଚତ୍ୱାରିଂଶ ଛାନ୍ଦ

( ଦେବଶାପ ବଳେ ଚଣ୍ଡୀଦ୍ୱାରା ସ୍ତ୍ରୀ ପୁରୁଷର ବିଚ୍ଛେଦ ବର୍ଣ୍ଣନ )

ରାଗ—ମୁଖାରୀ । ଆଷାଢ଼ ଶୁକ୍ଳବାଣୀରେ
ମତାନ୍ତରେ ରାଗ—ଚିନ୍ତାମୁଖାରୀ । ବୃନ୍ଦ ଚଉତିଶା ବାଣୀ ।

ଏଥୁଅନନ୍ତରେ ସାଧୁଜନେ ଶୁଣ । ଦୁଷ୍ଟ ସୁଲୋମ କାଳକେୟ ଗଣ ।
ମେଳ ହୋଇ ସେ ସଂସପ୍ତକ ସଙ୍ଗ । ନାଶ କରନ୍ତି ଋଷିବୃନ୍ଦ ଯାଗ ।
ରକ୍ଷା ଚନ୍ଦ୍ରଭାନୁ । ଏହା ଶବଦ ଶୁଭିଲା ଗଗନୁ । ୧ ।
ସର୍ବଙ୍କ ସହିତେ ମୁନି ବିଳାପ । ଯୋଗବଳେ ଜାଣି ଦେବଙ୍କ ଶାପ ।
ନିଶ୍ୱାସିକା ଚଣ୍ଡୀ ସିନ୍ଧୁ ବେଳରେ । ଥିଲା ମିଳିଲେ ସର୍ବେ ତା ପାଶରେ ।
ମନାଇ ତାହାକୁ । ପେଷିଲେ ଚନ୍ଦ୍ରଭାନୁ ହରିବାକୁ । ୨ ।
ମଧୁର ମାଧବେ ମନ ଉଲ୍ଲାସେ । ମାନସ ବଳାଇ ବନବିଳାସେ ।
ରସୋଦୟ ବନେ କାବେରୀକୂଳେ । କୁମାର କୁମାରୀ କ୍ରୀଡନ୍ତି ଖେଳେ ।
ଦେଖଇ ସେ ଶୋଭା । ସୁମନା ମନ କରୁଅଛି ଲୋଭା । ୩ ।
କଳକଣ୍ଠ କାଳକଣ୍ଠ ଝଙ୍କାର । ଭ୍ରମରେ ହୋଇଛି ମହାମାଧୁରୀ ।
ବହୁଛି ସୌରଭଗନ୍ଧ ସମୀର । ସ୍ୱାଦୁରେ ସଜନ ଅମୃତକର ।
ଯୋଗିମନ ମୋହ । କାମଶରାନଳରେ ଛନ୍ନ କରାଇ । ୪ ।

---

୧ । ସୁଲୋମ-ରାକ୍ଷସ ନାମ ବିଶେଷ । କାଳକେୟ-ଅସୁର । ସଂସପ୍ତକ-ପ୍ରବଳ ଯୋଦ୍ଧା ।

୨ । ନିଶ୍ୱାସିକା-ନିଶ୍ୱାସିରୁ ବାହାରିଥିବା ।

୩ । ମଧୁର ମାଧବ ମାସେ-ବୈଶାଖ ଚୈତ୍ର ମାସରେ ଅର୍ଥାତ୍ ବସନ୍ତ ଋତୁରେ । ବନ ବିଳାସେ-ଅରଣ୍ୟରେ ଶୃଙ୍ଗାରକ୍ରୀଡ଼ା କରିବା ପାଇଁ । ରସୋଦୟ ବନେ-ଯେଉଁ ବନକୁ ଦେଖିଲେ ମନରେ ଶୃଙ୍ଗାରରସ ଜାତ ହୁଏ ।

୪ । ସଜନ-ପାଣିସବୁ ଓ ସବିଶେଷ ଭାବରେ । ଅମୃତାକର-ଅମୃତ (ଜଳ)ର ଆଧାର ଅର୍ଥାତ୍ ନଈ ପୋଖରୀ ଆଦି । କାମ ଶରାନଳରେ ଛନ୍ନ କରାଇ-କନ୍ଦର୍ପ ଶରରେ ଉଚ୍ଛନ୍ନ ବା ଜରଜର କରାଏ ଏବଂ (କାମ ଶରାନଳରେ)—ହଂସରୂପ ପକ୍ଷୀମାନଙ୍କୁ କ୍ରୀଡ଼ାଯୋଗୁଁ କାମଜ୍ୱର ଉଚ୍ଛନ୍ନ ହୁଏ ।

କାନ୍ତ କାନ୍ତା ଚଳିଁ ବିହାର କରେ । କୁଞ୍ଜକୁଟୀରେ ଅମ୍ବୁଜକୁଟୀରେ ।
ଅନୁସରି ଅନୁସରି ଉଚିତ । ଚୂଆ ଚନ୍ଦନେ ପିଢ଼ିକା ରଚିତ ।
ସୁମନ ମଣ୍ଡନ । ବନା ଅଳଙ୍କାରେ ଲଳିଁ ସୁମନ । ୫ ।
କ୍ଷଣେ ଭିନ୍ନ ନୋହି ପ୍ରିୟ କଶୋଷ । ବଡ଼ଶ୍ରୀ ବିଳାସ ଦେଲେ ପାଶୋରି ।
ପ୍ରବାଳ ନାବରେ ଖଟରେ ବସି । ପରିବାଦିନୀ ବାଦନ ପ୍ରକାଶି ।
ବୋଲଇ କୁମରୀ । କେଳି ପ୍ରବୀଣା କି ବୀଣା ମୋହରି । ୬ ।
ଅଶେଷ ଖ୍ୟାତ କରିବାକୁ ଜାତ । କେ ସରି ଅଛି ରଞ୍ଜିବାକୁ ଚିତ୍ତ ।
ଏଣୁକରି ସାରଗୁଣା ମଞ୍ଜୁଳା । ସ୍ୱର୍ଣ୍ଣକଷ ତୁମ୍ବୀ ବହିଛି ବାଳା ।
ହେଉଛି ମୋ ମନ । ଶୁଣିବା ପରେ ହେଲେ ଗୀତ ଗାନ । ୭ ।
ଚକୁରି ସ୍ନେହବିକୁରି ବଢ଼ାଇ । ଦଣ୍ଡେ ଗ୍ରହଦେଇ ଶୁକ ପଢ଼ାଇ ।
ବନପ୍ରିୟ ଭଳି ମୁନି ବିଭୂତି । ସପତ ସ୍ୱର ବିସୋରି ବସନ୍ତି ।
ତା ରସିକ ଜାଣି । ସ୍ନେହଭରେ ଉରେ ଲଗାଇ ଆଣି । ୮ ।

---

୫ । କୁଞ୍ଜ କୁଟୀରେ ଅମ୍ବୁଜ କୁଟୀରେ-ପୁଷ୍ପଲତା ଆଚ୍ଛାଦିତ କୁଡ଼ିଆ ଘର ଓ କୁଡ଼ିଆ ଘର ଭିତରେ ପଦ୍ମଫୁଲସବୁ ସୁସଜ୍ଜିତ । ସୁମନମଣ୍ଡନ-ଫୁଲରେ ସୁଶୋଭିତ । ସୁମନ-ସୁନ୍ଦର ।

୬ । ବଡ଼ଶ୍ରୀ ବିଳାସ-କୋଠାଘର ରତିକ୍ରୀଡ଼ା ବା ଆମୋଦ ପ୍ରମୋଦ । ପ୍ରବାଳ ନାବରେ ଖଟରେ ବସି-ଖଚିତ ଚର୍ଣ୍ଣର ରତ୍ନରୂପକ ନଉକାରେ ପ୍ରୀତି ଉଦ୍ଦେଶ୍ୟରେ ବସି । ପରିବାଦିନୀ-ସପ୍ତତନ୍ତ୍ରୀ ବୀଣା । ବାଦନ ପ୍ରକାଶି-ବଜାଇବା ଆରମ୍ଭ କରି ।

୭ । କେ ସରି ଅଛି ରଞ୍ଜିବାକୁ-କିଏ ବା ସଦୃଶ ଅଛି ମୋହିବାକୁ ( କେଶରୀ ଅଚ୍ଛ-କାମସିଂହ ମଧ୍ୟ ଉଦ୍ଦିଷ୍ଟ ଅଛି . . ) । ସାରଗୁଣା ମଞ୍ଜୁଳା-ଗୁଣ ଓ ସୁନ୍ଦରତାରେ ଶ୍ରେଷ୍ଠ । ସ୍ୱର୍ଣ୍ଣକଷ ତୁମ୍ବୀ-ସୁନାର ତମ୍ବୁଥିବା ବୀଣାର ଶବ୍ଦଧାରକ ତଣ୍ଡ ବା ଲାଉଫାଳର ଖୋଳ ।

ବୀଣା ସହିତ ଲାବଣ୍ୟବତୀର ତୁଳନା :—

ବୀଣାରେ ଅନେକ ସ୍ୱର ଜାତ ହୁଏ ତୋର ମଧ୍ୟ ଅନେକ ସ୍ୱର ଅଛି । ବୀଣାରେ ମନମୁଗ୍ଧ ହୁଏ, ତୋ ଅନୁରାଗରେ ସେହିପରି . . ହୁଏ । ବୀଣାରେ ତାର ଅଛି, ତୋର ମଧ୍ୟ ଅନେକ ଗୁଣ ଅଛି । ବୀଣା ତୁମ୍ବୀରେ ସୁନା ଲାଗିଥାଏ, ତୋ ପିଠି ତୁମ୍ବୀରେ ସୁନା ଚାନ୍ଦ ଓ ସ୍ୱର୍ଣ୍ଣାଦି ଅଳଙ୍କାର ରହିଛି । ବୀଣା ଗୀତ ଶୁଣିବାକୁ ଯେପରି ମନ ହୁଏ, ତୋ ଗୀତ ଶୁଣିବାକୁ ସେହିପରି ମନ ହେଉଛି ।

୮ । ବନପ୍ରିୟ-କୋଇଲି । ମୁନି ବିଭୂତି-ମୁନିର ଯୋଗଲବ୍ଧ ସମ୍ପତ୍ତି ଅର୍ଥାତ୍ ମୋକ୍ଷ ହେବାର ଆନନ୍ଦ ।

କୋଳେ ବସାଇବା ବେଳେ ନାଗର । ହୃଦରୁ ତରଳ କରଇ ଦୂର ।
ଜାଣି ହସିଲେ ହୋଇଲେ ନାଗରୀ । ମଧୁରେ ଭାଷଇ ଚିବୁକ ଧରି ।
ମାତ୍ରୁଥାଇ ଡ଼ର । ଚକ୍ଷୁ ବୃଷ୍ଟି ବନ୍ଧୁ ହେଲ କାତର । ୯ ।
ଗୁରୁତର ପ୍ରୀତି ଦେଖିଲ ଦେବୀ । ଅଙ୍ଗନାଭ ଅଙ୍ଗେ ଅନାଇ ଭାବି ।
ଫୁଲରୁ ଫୁଲ ରଚନ୍ତୁ ରଚନ । ଫଳୁଁ ଫଳ ଜାତ ଅତି ଯତନ ।
ପ୍ରକାଶରେ ହାବ । ଯନ୍ତ୍ରି ମନ ସେହି ଗଲ ସେ ଦୃଶ । ୧୦ ।
ଗୃହ ସୁମନ ସୁକାନ୍ତି ଏ ବହି । ସ୍ତ୍ରୀଗଣମାନଙ୍କରେ ଅମୂଲ୍ୟ ଏହି ।
ତିନି ପକ୍ଷୀରେ ତ ଗାଢ ଘଟିତ । ତନୁ ଏ ଛନ୍ଦ ଥିବ ବେଣୀ ପଦ ।
ଆଉ କଳେବରେ । ବିଧାନ ହୋଇଛି ପଞ୍ଚ ଫଳରେ । ୧୧ ।
ତତ୍ତେ ଚନ୍ଦ୍ରାଭର ଶ୍ୱାସଂଯୋଗିନୀ । ଲବେ ଅନ୍ତର ତ ନୁହନ୍ତି ବେଣୀ ।
କ କର ହରଷ କୁମାରବର । ଶାପକ ବ୍ୟର୍ଥ ହେବ ଦେବଙ୍କର ।
ବିସ୍ତର ମରାଳୀ । ହୋଇ କରୁଥାଏ ସେ ବନେ କେଳି । ୧୨ ।

---

୯ । ହୃଦରୁ ତରଳ କରଇ ଦୂର-ହୃଦରୁ ଚଞ୍ଚଳତାକୁ ଦୂର କଲ ଅର୍ଥା ହୃଦୟର ହାରକୁ ଖସାଇ ପକାଇଲ ।

୧୦ । ଗୁରୁତର ପ୍ରୀତି-ଅତ୍ୟନ୍ତ ରତି ।

ଫୁଲରୁ ଫୁଲ—ମୁହଁର ଦୁଇଟି ଆଖି ହେଉଛି—ପଦ୍ମ ଅବା ନୀଳକଇଁ । ଫଳରୁ ଫଳ—ଫଳମାନଙ୍କ ଭିତରେ ଫଳ ହେଉଛି ଶ୍ରୀଫଳ ନଡ଼ିଆ, ଏହି ଶ୍ରୀଫଳ ବା ସୁନ୍ଦର ଫଳ ହେଉଛି କୁଚ, ପୁଣି ଫଳରୁ ଫଳ ଜାତ ତାହା ଅତି ଯତ୍ନରେ ଲୁଚି ଛପି ହୋଇଛି ସ୍ପଷ୍ଟ ଗୁଆ ଆକାରର ଚୂଚୁକ ।

୧୧ । ଗୃହ ସୁମନ ସୁକାନ୍ତି ଏ ବହି—ଗୃହେଟି ଫୁଲରୁ ସୁନ୍ଦର କାନ୍ତି ବା ଶୋଭା ଲାବଣ୍ୟବତୀ ଧାରଣ କରିଛି । ପଦ୍ମଫୁଲର ଶୋଭା ମୁଖରେ, କୁନ୍ଦଫୁଲର ଶୋଭା ହାସ୍ୟରେ, କେତକୀର ବର୍ଣ୍ଣରେ, ଚମ୍ପାର ଶୋଭା ଅଙ୍ଗୁଳିରେ । ଏହି କାରଣରୁ ଲାବଣ୍ୟବତୀ ସ୍ତ୍ରୀମାନଙ୍କ ମଧ୍ୟରେ ଅମୂଲ୍ୟ ଅର୍ଥାତ୍ ଶ୍ରେଷ୍ଠ, ଏହାପରି ତିନୋଟି ପକ୍ଷୀ ଦ୍ୱାରା ଅଙ୍ଗ ତିଆରି । କଣ୍ଠ କୋକିଳ, ନେତ୍ର ଖଞ୍ଜନ ପକ୍ଷୀ, ନାସିକା ଶୁ ପକ୍ଷୀ । 'ତନୁ ଏ ଛନ୍ଦ ଥିବ ବେଣୀପଦ'—ଅଙ୍ଗ ଦୁଇଟି ପଦକୁ ନିନ୍ଦା କରୁଛି । ସେହି ପଦ୍ମପଦକୁ ଏବଂ ବଣଶୀଙ୍କ ସାନ ପଦକୁ । ଅନ୍ୟାନ୍ୟ କଳେବରଗୁଡ଼ିକ ପାଞ୍ଚୋଟି ଫଳରେ ତିଆରି ହୋଇଛି । ବିମ୍ବଫଳ ଓଠ, ରସାଳ ଶରୀର, ଡାଳିମ୍ବ ଦନ୍ତ, ଶ୍ରୀଫଳ କୁଚ ଓ ଅଲାବୁ ଏବ୍ ପିଣ୍ଡି ।

୧୨ । ଚନ୍ଦ୍ରାଭବ-ଚନ୍ଦ୍ରାପୂର୍ଣ୍ଣ । ଶ୍ୱାସଯୋଗିନୀ-ନିଶ୍ୱାସିକା ତନ୍ତ୍ରୀ । ମରାଳ ହୋଇ-ରାଜହଂସ ରୂପ ଧାରଣ କରି ।

ଏମନ୍ତେ ତହିଁ କୁସୁମ ସମୟେ । ବାଳା କୁସୁମ ସମୟ ଉଦୟେ ।
ସ୍ୱର ମିତ୍ରଙ୍କୁ କୁମର ଡକାଇ । ସ୍ୱର ସଜନୀଙ୍କି ନୃପଜା ନେଇ ।
ଭିନ୍ନ ଭିନ୍ନ ହୋଇ । ବନରେ କେଳି ବିରଚିଲେ ସେହି । ୧୩ ।
ଏକାଳେ ବହ୍ନି ପ୍ରଚଣ୍ଡ ପବନ । ରଙ୍ଗେ ବୃକ୍ଷ ହୋଇଗଲା ନଗ୍ନ ।
ମିତ୍ର ସହ କୁମାରକୁ ହରିଲା । ଏଳାବୃତ୍ତ ଖଣ୍ଡ ବନେ ରଖିଲା ।
ନିବର୍ତ୍ତିଲା ବାତ । ସ୍ୱଦଶା ଜାଣିଲା ଅନ୍ତର କାନ୍ତ । ୧୪ ।
ମନେ କଲା ସେ ଅମର ପୁରୁଷ । ମେଳ କରିଥିଲା ମୋ ଭାଗ୍ୟବଶ ।
ଅପ୍ସରୀ ରସରଙ୍ଗ ଚଟୋଳି । ମୋହ ପାଶରୁ କି ଅପସରି ଯାଇ ।
ମୁଁ ଅଭାଗ୍ୟବନ୍ତ । ଖଣ୍ଡ ତପଫଳ କଲା ଏମନ୍ତ । ୧୫ ।
ଯାହାକୁ କରିଥାଇଁ ପ୍ରାଣ ସରି । ତାକୁ କଲ ଏତେ ନିରାଶ କରି ।
ଦାସୀ କରି ହେଲେ ରଖିଲ ନାହିଁ । ଭ୍ରମର ପ୍ରୀତି କେତେକାଳ ଥାଇ ।
କି ସ୍ନେହ କଲ । ଗ୍ରହିଲ ପରା କରି ଛଡ଼ା ଫୁଲ । ୧୬ ।
ଏତେ କପଟକୁ ନୁହଇ ଭଲ । ଅନ୍ତର ହେବାକୁ କି ଦୋଷ କଲି ।
ତନୁ ପୁଲକ ନ ସହିଲା ଜନେ । ଏ ହଠ କରିଛ କି ସେହି ମନେ ।
ମୁଁ ଆରମ୍ଭି ମାନ । ସେନଙ୍କ ନାହିଁଟି ସ୍ୱଙ୍କ ବଚନ । ୧୭ ।
ଏମନ୍ତ ଭାଷି ଲୁଚିଥିବେ ବୋଲି । ଖୋଜିଲେ ସେ କେଳି କାନନ ବୁଲି ।
କାହିଁ ନ ପାଇଲା ତରୁଣ ଈଶ । ବେଳୁ ବେଳ ଉଡ଼ିଗଲା ସାହସ ।
ସେ ଜ୍ୟୋତିଷୀ ବାଳୀ । ଶକୁନେ ଜାଣିଲା ବିଚ୍ଛେଦ ବୋଲି । ୧୮ ।
କର୍ଣ୍ଣାଟ ଜନକ ଜନକ ତା'ର । ଶୁଣି ଏ ଗୋଳ ହୋଇଲେ କାତର ।
ଇଷ୍ଟ ଦେବାଙ୍କି ଉଚ୍ଛା କରାଇଲେ । ବିବୁଧ ଶାପୁଁ ବିଚ୍ଛେଦ ଜାଣିଲେ ।
ସୁଚେଷ୍ଟିତ ସୁତା । ବଦନୁ ଜାଣିଲା ନବବନିତା । ୧୯ ।

---

୧୩ । ତହିଁ କୁସୁମ ସମୟେ-ସେହି ସମୟ ବସନ୍ତ କାଳ । ବାଳା କୁସୁମସମୟେ ଉଦୟେ ଯୁବତୀର ଋତୁ ସମୟ ଦେଖା ଦିବାରୁ ।

୧୪ । ଏଳାବୃତ୍ତଖଣ୍ଡ-ସାଇବେରିଆ ବା ଉତ୍ତର ଏସିଆଖଣ୍ଡ, ( ଏ ଦେଶରୁ ମସଲା ଜାତୀୟ ଦ୍ରବ୍ୟସବୁ ଆମଦାନୀ ହୁଏ ) ।

୧୫ । ରସରଙ୍ଗ ଚଟୋଳି-ରମଣଶୀଳା ମନେ ପଡାଇ । ଖଣ୍ଡ ତପଫଳ-ତପସ୍ୟା ନଷ୍ଟ ।

୧୭ । ତନୁ ପୁଲକ-ଆନନ୍ଦଜନିତ ଦେହର ସୌନ୍ଦର୍ଯ୍ୟ । ହଠ-କୌତୁକ ।

୧୮ । ତରୁଣ ଈଶ-ଯୁବଶ୍ରେଷ୍ଠ, ଯୁବା ସ୍ୱାମୀ । ଶକୁନେ-ଶୁଭାଶୁଭ ଲକ୍ଷଣରୁ ।

୧୯ । କର୍ଣ୍ଣାଟ ଜନକ-କର୍ଣ୍ଣାଟ ଦେଶର ରାଜା ରାଜର୍ଷି ଜନକ ସଦୃଶ ।

ସେହିଠାରୁ ସେ ଶୋଭା କୁବଳୟ । ଏକା ରଖିଲା କରର ବଳୟ ।
ପାର ନଳୟ ନେତ୍ର କୁବଳୟ । କଲ କୁମାରଠାରେ କଲା ଲୟ ।
ତା ଗୁଣ କଳାପ । ମୃଣାଳ ନାଳ ମାନେ କରେ ଜପ । ୨୦ ।
ତେଣେ ମାୟା ଦୂର କୁମର ଯିହିଁ । ଶୋଭା ମନ୍ଦର ମନ୍ଦରାକ୍ଷୀ ନାହିଁ ।
ନିଜ ଆଶ୍ରମ ଅଭିରାମ ଘର । ସେ ସ୍ଥାନ ବନ ହୋଇଛି ମାଧୁରୀ ।
ବୋଲଇ ରେ ଧନ । କାହିଁ ଲୁଚିଅଛୁ ଦେଖା ବଦନ । ୨୧ ।
କାହିଁକି ବାସରେ ଏତେ କପଟ । କପଟ ଭିତରେ ଯାଉଛି ଘଟ ।
ଘଟ ଆଜ କେତେ ଦିନ ରହିବ । ଜୀବ ଯେବେ ଭିନ୍ନ କଲା ବଳିବ ।
ବୁଡ଼ିଲେ ଚେତନା । ଭୋଗ ନ କରନ୍ତି କି ବେଦନା । ୨୨ ।
ଭୋଗ କରୁଥାଇ ଯୋଗରେ ମୁହିଁ । ଯୋଗରେ ଶିବ ଯୋଗରେ ମନାଇଁ
ଯାହା ହେଲା ତୋର ମୋର ବିଚ୍ଛେଦ । ନୋହିଲା କାହିଁ ପାଇ ଶିରଚ୍ଛେଦ
ଯୁବାଙ୍କୁ ଯୁବତୀ । ବିଚ୍ଛେଦରୁ ଆଉ ନାହିଁ ବିପତ୍ତି । ୨୩ ।
କାନ୍ତ ବୋଲିବାକୁ ପାଉଲେ ଲାଜ । ବାସ ତୁଅନ୍ତ କର୍ମା କଲୁ ତ୍ୟାଜ ।
ନାହିଁ ତୋରମୋ ତିଳକ ଅନ୍ତର । ତରୁଣୀ ତିଳକ ତିଳକ ମୋର ।
ସେନରେ ବଣତା । ମୁଁ ତୋର ପସ୍ତର ଅଳତା ଲତା । ୨୪ ।
ମଞ୍ଜିଷ୍ଠା ରଙ୍ଗ କି ଝୀନ ବସନ୍ତୁ । ଧୋଇ ଦେଲେ ଛାଡ଼ିଯାଏ ସୂତରୁ ।
ସେହି ପରକାରେ ପଙ୍କଜ ମୁହିଁ । ଛାଡ଼ିଲେ ତୁ ତ ମୁଁ ଛାଡ଼ିବି ନାହିଁ ।
ମୋ ସବୁ ଭରସା । ଭବ ମଧ୍ୟରେ ଏକା ରସାଳସା ୨୫ ।

---

୨୦ । ଶୋଭା କୁବଳୟ-ସୌନ୍ଦର୍ଯ୍ୟରୂପକ ହସ୍ତୀ । ନେତ୍ର କୁବଳୟ-ନେତ୍ର ରୂପକ ପଦ୍ମ । ଲୟ-ଚନ୍ଦ୍ର । ମୃଣାଳ ନାଳ ମାନେ-ପଦ୍ମନାଡ଼ମାନଙ୍କରେ ଅର୍ଥାତ୍ ପଦ୍ମରୂପକ ହସ୍ତସ୍ଥିତ ନାଡ଼ିରେ । ଜପ-ପୁନଃ ପୁନଃ ସ୍ମରଣ ବା ଚିନ୍ତା ।

୨୧ । ଶୋଭା ମନ୍ଦର-ଗୃହକୁ ସୌନ୍ଦର୍ଯ୍ୟ କରୁଥିବା ସୌନ୍ଦର୍ଯ୍ୟର ଆଧାରଭୂତା ଗୃହିଣୀ ଅର୍ଥାତ୍ ସ୍ତ୍ରୀ । ଆଶ୍ରମ-ଗୃହ । ଅଭିରାମ-ସୁନ୍ଦର ବା ପ୍ରିୟ । ମାଧୁରୀ-ମନୋହରମୂର୍ତ୍ତି ।

୨୨ । ଚେତନା-ଚେତନାଯୁକ୍ତ ପକ୍ଷ ।

୨୩ । ଯୋଗରେ-ଏକାଠି ହେବାରେ । ଭୋଗ କରୁଥିଲି-ଇନ୍ଦ୍ରିୟ ସୁଖ ଉପଭୋଗ କରୁଥିଲି । ଯୋଗରେ-ଶୁଭ କାଳବେଳାରେ । ଶିବ-ଏଠାରେ ରୂପକ ଅର୍ଥରେ ସୁଖ । ଯୋଗରେ ମନାଇଁ-ସହବାସ ପାଇଁ ଇଚ୍ଛା କରିଲି ।

୨୪ । ତିଳକ-ତିଳେମାତ୍ର, କ୍ଷଣକ । ତରୁଣୀତିଳକ-ଯୁବତୀ ଶ୍ରେଷ୍ଠ । ତିଳକ-ମୁଣ୍ଡର ଚିତା

୨୫ । ଝୀନବସନ୍ତୁ-ପତଳା ଲୁଗାରୁ-ସୂତନ୍ତୁ-ଶରୀର ଶୋଭରେ ସୁନ୍ଦରୀ । ରସାଳସା-ଆଧାର ସ୍ୱରୂପା ବା ରସିକା ।

ପୁଣି ଭ୍ରମେ ଭ୍ରମେ ବପିନ ସ୍ଥଳେ । ଯେଉଁ ପାଦପରେ ପଲ୍ଲବ ଚଳେ ।
ଝିଙ୍କାରି ଝଙ୍କାର ଶୁଣଇ ଯହିଁ । ମନେକରେ ବ ଳାମଣି ଆସଇ ।
ଲୁଚିଥିଲା କାହିଁ । ମୋହର ମାନସ ବୁଝିବା ପାଇଁ । ୨୬ ।
ଯେଉଁ ଲତାପରେ ବସନ୍ତ ପିକେ । ସ୍ବରେ ପଞ୍ଚମ ବନ୍ଧୁ ପରି ଡାକେ ।
ନିକଟକୁ ଯାଇଁ ରମଣ ମଣି । ଲତା କୋଳକରି ଧରଇ ପୁଣି ।
ପୁନଃ ପୁନଃ ଚୁମ୍ବି । ହାସ ଓଠ ଛବି ପୁଷ୍ପ ପଲ୍ଲବେ । ୨୭ ।
ଘୁଞ୍ଚି ଦେଇଣ ଉଡ଼ିଗଲେ ପିକ । ପ୍ରିୟାକୁ ସୁମରି କରଇ ଶୋକ ।
ପୁଲକାଇ ଦେଉଥାଇ ଶରୀର । ତାହାରି ଭାବେ ହୋଇ ଜର ଜର
ଫୁଲମାଳା କରି । ତମାଳେ ମଣ୍ଡଇ କେଶ ବିସ୍ମରି । ୨୮ ।
ନାରିକେଳ ଫଳ ନାସି କରଇ । ସମାନୁଁ ଚକେ ଦେଖାଇ କରଇ ।
ଆଲିଙ୍ଗନେ ତୁମ୍ଭ ବିଲଗ୍ନ କରୁ । ଏବେ ଧନ ଭିନ୍ନ ତୋହ ଯୋଗରୁ
କରଗତ ହେଲେ । ଏଥିର ଏ ଦଣ୍ଡ ପାଇବୁ ଭଲେ । ୨୯ ।
କହଇ ବୃକ୍ଷଙ୍କୁ ଅନ୍ତ ପାବନି । ଜାମ୍ବବ ଡାଳିମ୍ବ କୁନ୍ଦକୁ ଦେନି ।
ପୁଣି ପନସ କାଞ୍ଚନ ଚନ୍ଦନ । ଏହି ହୋଇଛନ୍ତି ମହାରଞ୍ଜନ ।
କହ ମୋ ବନିତା । ଶ୍ରୀରାମଙ୍କୁ ଦେଲେ ହଜିଲା ସୀତା । ୩୦ ।
ଯେଣୁ ସାଧୁ ନାମ ସ୍ମରଣ କଲ । ଶୂନ୍ୟେ କଲ୍ଲିଙ୍କି ଶବଦ ଶୁଭିଲା ।
ସୁରବିଜନ ମନରେ ନ ଭାଳ । ବାଳା ଲଭିବ କାରୁଣ୍ୟ ସମ୍ଭାଳ ।
ଅମର ଶରୀରେ । ହେବ ବିଚ୍ଛେଦ ମାସ ସମ୍ପୂର୍ଣ୍ଣରେ । ୩୧ ।

---

୨୬ । ଭ୍ରମେ-ଭ୍ରମରମାନେ, ବୁଲିବେ, ଭ୍ରମଣ କରନ୍ତି । ପାଦପରେ-ବୃକ୍ଷରେ । ପଲ୍ଲବ ଚଳେ-ଶୀତ ଅନୁଯାୟୀ କଅଁଳିଆ ପତ୍ରସବୁ ବାହାରେ । ଝଙ୍କାର-ଶବ୍ଦ ।

୨୮ । ପୁଲକାଇ-ରୋମସବୁ ଟାଙ୍କୁରିତ କରି । ଜର ଜର-ବିଶୀର୍ଣ୍ଣ ବା ପୀଡ଼ିତ । ତମାଳେ ମଣ୍ଡଇ-ତମାଳ ବୃକ୍ଷକୁ କୁଣ୍ଢାଇ ।

୨୯ । ସମାନୁ -ସମାନ ହେବା ହେତୁ । ଚକେ-ଭିନ୍ନିପାର ଭୟ ଦେଖାଏ । ବିଲଗ୍ନ-ଅମେଳ । କରଗତ ହେଲେ-ପାଖକୁ ଆସିଲେ ବା ହାତର ଅଧୀନ ହେଲେ ।

୩୦ ପାବନି-ହନୁମାନ, ତୁଳସୀ । ଜାମ୍ବବ-ଜାମ୍ବବାନ, ଜାମୁକୋଳି ଗଛ । କୁନ୍ଦ-କୁନ୍ଦଲତା ବା ମର୍କଟ ସେନାପତି । କାଞ୍ଚନ, ଚନ୍ଦନ, ପନସ ଏ ସବୁ ରାମଚନ୍ଦ୍ରଙ୍କ ମର୍କଟ ସେନାପତି ବା ଗଛବିଶେଷ ।

୩୧ । ସାଧୁନାମ-ପ୍ରଶଂସନୀୟ ନାମ । କଲ୍ଲି-ବାଣୀ । କାରୁଣ୍ୟ-କୃପାଯୋଗ୍ୟ ବିକଳ, ବିଳାପ ।

ନାରଦ ମୁଖ ଟେକି ହସି ହସି । ହେତୁ ପ୍ରସାରିଲ ସେଠାରେ ବସି ।
ଜାଣିଲି ନୂତନ ନିଜ ଭବନ । କାବେରୀ ତଟ ରତ୍ନସୋଦଧି ବନ ।
ହସେ ମେରୁଗିରି । ମହୀମଣ୍ଡଳା ଉରସ୍ତନ ପରି । ୩୨ ।
ଅର୍ଦ୍ଧ ଭାଗରେ ଚନ୍ଦ୍ର ସୂର୍ଯ୍ୟ ଗତି । ରତନ ଶୃଙ୍ଗମାନ ଜଳୁଛନ୍ତି ।
ମନେକଲି ଏ ଏଳାବୃତଖଣ୍ଡ । କନକଧୂଳି ମଣିଶିଳ ଗୁଣ୍ଡ ।
ଭ୍ରମି ତା ଦେଖଇ । ସ୍ୱରମିତ୍ର ସଙ୍ଗେ ବ୍ୟାକୁଳ ହୋଇ । ୩୩ ।
ଦେଖିଲେ ତାକୁ ଗନ୍ଧର୍ବ କନ୍ୟାରେ । ଏମନ୍ତ ଆଶଙ୍କା କଲେ ମନରେ ।
ଦେଖିବେ ଯେବେ ଏ ପୁଂସମାଧୁରୀ । ଭ୍ରଷ୍ଟା ହୋଇବେ ଆମ୍ଭ ମନୋହାରୀ
ତାଙ୍କ ତା'କୁ ନେଲେ । ଅମୂଲ୍ୟମଣି ଗୁହାରେ ଥୋଇଲେ । ୩୪ ।
ସ୍ତ୍ରୀଙ୍କ ପୁରୁଷ ଅନୁରାଗ ଭୂଲା । ହେବା ପାଇଁ ବନ୍ଧୁ ବିଚ୍ଛେଦ କଲା ।
ବେଦ ଜଡ଼ ହେଲେ ରସିକଜଣେ । ବଡ଼ ହୋଇଅଛି ସୁଜନେ ଜଣେ ।
ଏ ଷଟିଶ ଛାନ୍ଦ । କହିଲା ରାମ ଚିନ୍ତି ଉପେନ୍ଦ୍ର । ୩୫ ।

—*—

୩୨ । ହସି ହସି-ହାସ୍ୟଭଙ୍ଗୀରେ ଦେଖି । ହେତୁ ପ୍ରସାରିଲ-ଚେଷ୍ଟା ହେଲା । ମେରୁଗିରି-ପୃଥିବୀର ଉତ୍ତର ଦକ୍ଷିଣଦଗସ୍ଥ ମେରୁ ପର୍ବତ । ମହୀମଣ୍ଡଳା-ପୃଥିବୀରୂପିଣୀ ସ୍ତ୍ରୀର ।

୩୩ । ରତନଶୃଙ୍ଗମାନ ଜଳୁଛନ୍ତି-ପର୍ବତର ଶିଖରଦେଶ ରତ୍ନ ସବୁରେ ଉଜ୍ଜ୍ୱଳ ଦେଖାଯାଉଛି । ମଣିଶିଳ ଗୁଣ୍ଡ-ଦାମିକା ରତ୍ନଖଣ୍ଡ ।

୩୪ । ଗନ୍ଧର୍ବ କନ୍ୟାରେ-ରୂପବନ୍ତ ଓ ଉତ୍ତମ ଗାଉଥିବା ଲୋକେ । ପୁଂସ ମାଧୁରୀ-ପୁରୁଷର ମନୋହର ରୂପ । ଅମୂଲ୍ୟ ମଣି ଗହ୍ୱରେ ଥୋଇଲେ-ମୂଲ୍ୟବାନ ପଥର ଗୁମ୍ଫାରେ ରଖିଲେ ।

୩୫ । ବେଦ ଜଡ଼ ହେଲେ-ଜାଣିବା କଥାରେ ମୋହଗ୍ରସ୍ତ ବା ମୋହିତ ହେଲେ ।

## ଊନଚତ୍ୱାରିଂଶ ଛାନ୍ଦର ସାରକଥା

ଏ ଛାନ୍ଦଟି ଲାବଣ୍ୟବତୀ କାବ୍ୟର ଏକ ସନ୍ଧିସ୍ଥଳ । ପୂର୍ବରାଗ ପରେ ମିଳନ ଏକ ନୂତନ ଜୀବନର ସୂତ୍ରପାତ କରେ ତଦ୍ରୂପ ମିଳନ ପରେ ବିପ୍ରଲମ୍ଭ ଏକ ନୂତନ ଏବଂ ଦୁଃଖମୟ ଜୀବନର ଦ୍ୱାର ଖୋଲିଦିଏ । ଏ ଛାନ୍ଦରେ ଗୋଟିଏ ଅବସ୍ଥାର ଶେଷ ଏବଂ ଅନ୍ୟଟିର ଆରମ୍ଭ ହୋଇଛି । କ୍ଷଣିକ ବିଦ୍ୟୁତ୍‌ର ଚମକ ପରେ ଅନ୍ଧକାର ଯେପରି ତୀବ୍ର ଓ କଷ୍ଟଦାୟକ ହୁଏ ଅତୃପ୍ତ ସମ୍ଭୋଗ ପରେ ହଠାତ୍ ବିରହର ଆବିର୍ଭାବ ସେହିପରି ମର୍ମନ୍ତୁଦ ହୁଏ, ଏ ଛାନ୍ଦରେ ଏହାହିଁ ହୋଇଛି । କିନ୍ତୁ ଭଞ୍ଜଙ୍କର ଏ ଛାନ୍ଦର ବିରହ ବର୍ଣ୍ଣନା ଏକପ୍ରକାର କୃତ୍ରିମ ପରି ମନେହୁଏ । ଦୈବୀଶକ୍ତିଦ୍ୱାରା ହଠାତ୍ ବିରହର ଅବତାରଣା କରାଯିବାରୁ ସ୍ୱାଭାବିକ ବର୍ଣ୍ଣନା ବ୍ୟାଘାତ ହେଲାପରି ମନେହୁଏ । ନାୟକ ନାୟିକାଙ୍କର ପରସ୍ପର ପ୍ରତି ଆକର୍ଷଣକୁ ନିପୁଣ ଭାବରେ ଭଞ୍ଜେ ବର୍ଣ୍ଣନା କରିଛନ୍ତି । ଏଥିପାଇଁ ୨ ଓ ୨୪ ପଦ ଦ୍ରଷ୍ଟବ୍ୟ ।

# ଚତ୍ୱାରିଂଶ ଛାନ୍ଦ

( ଶରଦ ଗ୍ରୀଷ୍ମଋତୁ ବର୍ଣ୍ଣନ )

ରାଗ—ବଙ୍ଗଳାଶ୍ରୀ

ଗ୍ରୀଷମ ସମସ୍ତ ପ୍ରବେଶ ହୋଇଲା ନବୀନା ଦୃଷ୍ଟି ପ୍ରକାର ।
ପତି ସଙ୍ଗତେ ଶୁଆଇ ଚନ୍ଦ୍ରକରେ ଲାଜ କରାଇଲା ଦୂର ।
ଶରଦ୍ଧିତତା ପରସ୍ତୁ ଦଶେ ଦଶେ ଦର୍ଶିଲେ ଜନ ଅନଳ ।
ରଜନୀକାନ୍ତ ପବନ ବନ୍ଧୁ ଦେବଦୀପକୁ କଲା ଆକୁଳ । ୧ ।
ସରିତ ହୋଇଲେ ଜଳଶ୍ରୀ ପରସ୍ତୁ ଘନରସ ବର୍ଦ୍ଧନରେ ।
ରସିକ ରସାଧବ ପ୍ରାପ୍ତ ସରସୀ ମନ୍ମଥୀ ଆଲିଙ୍ଗନରେ ।
ମୃଗେ ପ୍ରକଟ ରସନା କଲେ ବପସାର ରତା ପ୍ରାପ୍ତ ହୋଇ ।
ପଦାବଳୀ ଯାକେ ରତାନ୍ତ ନାୟିକା ସମାନ ଚତୁ ଏ ବହି । ୨ ।
ଜନେ ଚନ୍ଦ୍ରମାରେ ସ୍ୱଜିତ ହୋଇଲେ ଗୃଧ୍ରଗ ଜଣା ଯେମନ୍ତ ।
ତୁଳାରାଶିରେ ଯୁକ୍ତ ହେଲେ ଶାଳ୍ମଳୀ ମୃଗ ମଳିମସ ବନ୍ତ ।
କରେ ତାପିତ କଲେ ରବିମଣ୍ଡଳ ପ୍ରତାପି ରାଜା ଯେସନ ।
ଭୁଜଙ୍ଗ ପକ୍ଷ ଗ୍ରାଇରେ ରହି ଶିଖୀ କୁଳଟାନାରୀ ସମାନ । ୩ ।

---

୧ । ନବୀନା-ନୂତନ ବିବାହିତା ସ୍ତ୍ରୀ । ଶରଦ୍ଧିତତା ପରସ୍ତୁ-ଶରଦ୍ଭିର ଅଗ୍ନି ସଦୃଶ । ଦେବଦୀପ-ଆଖି ।

୨ । ରସାଧବ-ରସପୂର୍ଣ୍ଣା ସ୍ୱାମୀ, ରଜା । ସରସୀ-ସୁନ୍ଦରୀ ଓ ପୋଖରୀ । ରସନା-ଜିଭ ଓ କଟିବସ୍ତ୍ର । ପ୍ରକଟ-ଦେଖେଇଲେ ଓ କାଢ଼ିଲେ । ରତା-ରକ୍ତବର୍ଣ୍ଣ ଓ ରମଣ ଆସକ୍ତା । ପଦାବଳୀ-ଦେହର ଶତା ଓ ପତ୍ରସବୁ ।

୩ । ଚନ୍ଦ୍ରମାରେ-କର୍ପୂରରେ ଓ ଆହ୍ଲାଦରେ । ସ୍ୱଜିତ-ବିରାଜମାନ ଓ ଶୋଭିତ । ତୁଳାରାଶିରେ-ଶରତ୍କାଳୀନ କାର୍ତ୍ତିକ ମାସରେ ଓ ତୁଳାଗଦାରେ । ମୃଗମଳିମସ ବନ୍ତ-ଚନ୍ଦ୍ର ଦେହସ୍ଥ କଳଙ୍କ ବା ହରିଣ ମଳିନ ସଦୃଶ ଓ କର୍ପୂରଗୁଣ୍ଡ ଧୂଳିବତ । କରେ-କିରଣରେ । ତାପିତ-ତାପଯୁକ୍ତ, ଖେଦାନ୍ୱିତ ।

ଜାଡ଼ ରାତିରେ ଲୋକମାନେ ଚନ୍ଦ୍ରକିରଣରେ ଶୋଇବାକୁ ସୁନ୍ଦର ଭାବିଲେ । ଶିମିଳି ଗଛର ଫଳ ଫାଟି ତୁଳା ବାହାରିଲା । ଚନ୍ଦ୍ର ମଧ୍ୟ ତୁଳ ରାଶିକୁ ଗଡ଼ି ଗଲେ । ରାଜା ଖଜଣା ପାଇଁ ପ୍ରଜାଙ୍କୁ କଷ୍ଟ ଦେଲେ । ଖରାରେ ଲୋକେ କଷ୍ଟ ପାଇଲେ । ମୟୂର ଖରାଦିନରୁ ଯୁଦ୍ଧ ହେବ ବଦଳ ହେଲା ଓ ସାପକୁ ନ ଖାଇ ଛୋଡ଼ାଇଲା । କୁଟଣୀ-ମାନେ ଫକ୍କୁରୁଫକ୍କୁ ମଧ୍ୟ ଅଶ୍ରୟ କଲେ ।

ଝାମ ଚଳାଇଲା ସରଣୀ ଝଂ ମରେ ନାରସ୍ପ ତୋଷୀ ଉଦେଶୀ ।
ନବୋଢ଼ା ଗଣ ସୁରତ କାଳ ପ୍ରାପ୍ତ ଭୃଙ୍ଗ ମଲ୍ଲୀ ମଲ ଭଣି ।
ଧୀବର ରମା କଳେବର ପରସ୍ପ ଗନ୍ଧେ ସିନ୍ଧୁବାର ଫୁଲ ।
ଝିଙ୍କାରି ଝଙ୍କାର ଝୁଣିଆ ଶବଦେ ବିପିନ ନର୍ତ୍ତକୀ ଭୁଲ । ୪ ।
ଏତେ ପ୍ରଭଞ୍ଜନ ରଞ୍ଜନ ହୋଇଲା ବ୍ୟଜନ ଭିତରେ ପଶି ।
ବିନାଶିଲେ ଭାନୁ ସନ୍ତାପକୁ ଶଶୀ ଦିବସ ତାପକୁ ନାଶି ।
ଶ୍ଳେଷ୍ମ ଆଶ୍ରିତ ଗାୟକ ସ୍ୱର ପ୍ରାପ୍ତ ଶୁଭିଲା କୋକିଳ ନାଦ ।
ଏ ଋତୁ ସ୍ପର୍ଦ୍ଧି ଚନ୍ଦ୍ରଭାନୁ ବସ୍ତୁରେ ଲଭି ବଲ୍ଲଭ ବିଚ୍ଛେଦ । ୫ ।
ପଟେ ପଟେ ଆଣି ପରତେ କରାଇ ଚେଷ୍ଟା ବିଧାନ ଦେଖ ।
ପୀରତ ହୋଇ କଥାଏ ଉପୁଜାଇ ପରଶ ପରମ ସୁଖ ।
ପ୍ରାଣରୁ ଅଧିକ ଯେଉଁ ଯୋନାଯୋନ ତାହା ଯାହା କରେ ଭିନ୍ନ ।
ପଦ ପତନ ଶିରେ ଚିନ୍ତା ନ କରେ ଜାଣିଲି ଅତି ପିଶୁନ । ୬ ।
ମନ ଜାଣିବାକୁ ପ୍ରିୟା ସମ ଜଣେ ଖୋଜିଲେ ନ ଥିବ କାହିଁ ।
ମୋ ମନ ହେଉଛି ପ୍ରୀତି ଯେଣବାକୁ ତାହାର ସମାନ ସେହି ।
ତାହା ପ୍ରତିବିମ୍ବ ସୁନ୍ଦରପଣକୁ ତାକୁ ପ୍ରତିତୁଲ୍ୟ ଅଛି ।
ଏମନ୍ତ ପଦାର୍ଥ ପାଇ ହରାଇଲେ ପଶୁ କି ପାରିବ ମୂର୍ଚ୍ଛି । ୭ ।
ଜଣି ନ ଥିଲାକୁ ଏ ରସ ଏମନ୍ତ ସୁରକୁ ତନ୍ତ୍ରୀଲି ହରି ।
କାମିନୀ ବଦନରୁ ସୁକଣ୍ଠକ କଲେ ଅର୍ଦ୍ଧ ଅଙ୍ଗେ ଅଙ୍ଗୀକାର ।
ଆଜନ୍ମ ବ୍ରହ୍ମଚାରୀ ପଣେ କେ ବଡ ବୁଝ ଋଷ୍ୟଶୃଙ୍ଗ ଠାରୁ ।
ନିଜ ପକ୍ଷୀ ଗୁଡ ଶିକ୍ଷା କଲେ ରସ ରୂପାଜୀବା କରି ଗୁରୁ । ୮ ।

---

୪ । ଝାମ-ଅଗ୍ନିପୂର୍ଣ୍ଣ ଗର୍ତ୍ତ, ମୂର୍ଚ୍ଛା । ନବୋଢ଼ା-ନୂଆ ଯୁବତୀ । ସିନ୍ଧୁବାର-ନେଗୁଣ୍ଡିଅ ଫୁଲ । ପଣା ସଂକ୍ରାନ୍ତିରେ ପାଟୁଆମାନେ ନିଆଁରେ ପଶିଲେ । କନ୍ଦର୍ପ ହେତୁ ଉଦେଶରେ ଥିବା ପୁରୁଷ ନିଜ ସ୍ତ୍ରୀ ପାଇଁ ବାଟରେ ଖସି ହେବାରୁ ମୂର୍ଚ୍ଛା ଗଲେ । ନୂଆ ସ୍ତ୍ରୀମାନେ ଗାଢ଼ ସୁରତରେ ମଲ ମଲ କହିଲେ । ଭଅଁରମାନେ ପବନରେ ଦୋହଲୁଥିବା ମଲ୍ଲୀଫୁଲରେ ବସି ନଦାର ଗୁଣୁ ଗୁଣୁ ଶବ୍ଦ । (ମଲ ମଲ) କଲେ । ଖଦ୍ଦନ ହେବାରୁ କେଉଟୁଣୀମାନଙ୍କ ଦେହ ନେଗୁଣିଆଁ ଫୁଲପରି ଆଉ ସିଣିଆ ଗନ୍ଧ ହେଲା, ଝିଙ୍କାରିର ଝଙ୍କାର ଶବ୍ଦ ଯୋଗେ ବଣ ନାଚିଲାପରି ଜଣାଗଲା ।

୫ । ଭାନୁ ସନ୍ତାପକୁ-ଖର କଷ୍ଟକୁ, ଚନ୍ଦ୍ରଭାନୁର ଦୁଃଖକୁ । ଶ୍ଳେଷ୍ମଆଶ୍ରିତ-ଗଳଦ ।

୬ । ଓବ ବଜ୍ର । ପିଶୁନ-ଖଳଲୋକ ।

ସୁଧା ସ୍ୱାଦୁ ପାଇ ଶିରଚ୍ଛେଦ ରାହୁ ନ ଛାଡ଼ିଲା କଦାଚିତ ।
ପ୍ରୀତି ଏମନ୍ତ ଚନ୍ଦ୍ରମଣି ପାଷାଣ ଚନ୍ଦ୍ର ସ୍ପର୍ଶେ ଦ୍ରବୀଭୂତ ।
ପ୍ରୀତି ଅନ୍ତର ଯେମନ୍ତ ହୋଇ କାଷ୍ଠ ହେଲେ ଫାଟିଯାନ୍ତା ସତେ ।
କାହିଁ ଘଟଣା ହୋଇଛି ଘଟ ମୋ'ର ରୋଚର ନୋହିଲା ମୋତେ । ୯ ।
ଏହା ସ୍ମରିବା ଠାରୁ ମରିବା ଟି ଭଲ ହେଉଅଛି ମନେ ।
ଆଜଯାଏ ଆଜନମ ସୁଖୀ ଦୁଃଖ ଦେଖି ନ ଥିଲି ସ୍ୱପନେ ।
ମାରଣ ଜଡ଼ ଉରଜରେ କରଜ କ୍ଷତ କଲେ ବୋଲେ ଉଷି ।
ଝଷମଦ୍ୱିଶିଖ ବଶିଖକୁ ଲକ୍ଷ ସେ ହୋଇଲି ଏବେ ଆସି । ୧୦ ।
ମୋ ଭାବ ଭାବନା କରି କଣ୍ଠଗତ ମାର ଶ୍ରୀରତରେ ବନ୍ଧୁ ।
ମୃଗ ଖଞ୍ଜନ ଗଞ୍ଜନ ଆଖିରେ ତା ଅଞ୍ଜନ ଲଗିବ ନାହିଁ ।
ଲୁପ୍ତ ହୋଇଯାଏ ନକ୍ଷତ୍ରଗଣ ଥାଇ ଯେଉଁ ବଦନକୁ ଇନ୍ଦୁ ।
କଳ୍ପବର କର ପତନ କମଳ ମଳିନ ବନ୍ଧବ ବନ୍ଧୁ । ୧୧ ।
ହୃଦ ବନୁ ଶ୍ରୀଦ କୁମୁଦହାସୀକ ପଲ୍ୟଙ୍କେ ଆସଇ ନାହିଁ ।
ଚଞ୍ଚଳେ ଅଞ୍ଚଳେ ମସ୍ତିରେ ମଣ୍ଡିଲା ପଲ୍ଲକେ ଶୋଇବ କେଉଁ ।
ଘଡ଼ି ଘଡ଼ିକରେ ନାଡ଼ୀ ଛାଡ଼ି ଯାଇ ହେଉଥିବ ଘୋର ମୋହ ।
ବିରହେ ତପତ ହୋଇଥିବ ନବ-ସପତ-ବୟସୀ ଦେହ । ୧୨ ।
କଟଶୋଭା ତିଳକ ପାଶୋର ହେବନ ତିଳକ ରଚନା ବାଉଁ ।
ତିଳକ ଯୁଗ ପସ୍ୱପ୍ନ ନ ସମ୍ଭବ ଯୁଗଳ ନୋହିବା ହେଲୁ ।
ରତି ସଦୃଶୀ ସୁଦୃଶୀକୁ କି ଦଶା ଦେଲା ଦାରୁଣ ଦଇବ ।
ଚତ୍ୱେ ପରତେ ନ ଥିଲା ମୋର ସମ୍ପ୍ରୀ ଅନ୍ତର ସତେ ହୋଇବ । ୧୩ ।
ବନକ ଜନକ କନକଅଙ୍ଗୀର ଅନେକ ଭାବକୁ ଧ୍ୟାୟି ।
ଗାବ ଥିବାଯାକ ଗାବକା କରି ମୁଁ ବୁଲୁଥିବ ଯୋଗୀ ହୋଇ ।
ଗୁଣ୍ଠଶୀଳା ନାମ ଉଚାରୁଁ ଉଚାରୁଁ ମାରୁ ଏକା ମୋତେ ମାର ।
ରସିକ ସଂସାର ମଧ୍ୟରେ ପ୍ରଶଂସା ସାର ହୋଇ ରହୁ ମୋର । ୧୪ ।

---

୯ । ଚନ୍ଦ୍ରମଣି-ପଥରବିଶେଷ ।
୧୦ । ଝଷମ ଦ୍ୱିଶିଖ-କନ୍ଦର୍ପ ଶର ।
୧୧ । ରଞ୍ଜନ-ପଦ୍ମ । ନକ୍ଷତ୍ରଗ୍ରାମ-ମାନ୍ୟ କରୁଥାଇ ।
୧୩ । କଟଶୋଭାତିଳକ-ପୂର୍ବୋକ୍ତଶ୍ରେଷ୍ଠ । ତିଳକ ରଚନା-ଚିତା ଘେନିବ ।
୧୪ । ଗୁଣ୍ଠଶିଳା-ସୁନ୍ଦରୀ ।

ରସଲତା ପାଦେ ଅଳତା ରଞ୍ଜିବା ପାଇଁ ବଢ଼ାଇଲେ କର ।
ବଧୂଳି ଅଧସ୍ତ ଧରଣ ବୋଲଇ କୁସୁମେ କବରୀ କର ।
ବେଣୀଟି ବୋଲି କହିବାକୁ ଜାଣି ତା ନୋହିବ କାହିଁକି କହି ।
ଅସନମତ ସନମତ ସେ ମଞ୍ଜୁକାଶିନୀ ଘୋଟର ଥାଇ । ୧୫ ।
ଧର ପାନ ବୋଲି ଯାଚନ୍ତି ବେଳକୁ ମାଗିଲେ ଅପୂର୍ବ କରି ।
ଏହି କଥା କିଛି ଗାବକା ହେଲି କି ରସିକାବର ଉଚ୍ଚାରି ।
ଅବଳା ବଳା ଫିଟିଗଲେ ଖଞ୍ଜି ମୁଁ ରଞ୍ଜିବା ବରୁଛି ମନ ।
ଆନନ କମ୍ପାଇ ଆନ କଥା ନାହିଁ ବୋଲି ସେ ପକାଇ ଆନ । ୧୬ ।
ମଦାଳସା ଓଷ୍ଠ ଗୋଜ କରୁଥାଇ ଚୁମ୍ବନ ଲାଳସୀ ହୋଇ ।
ପିକବାଣୀ ପାନପିକ ପକାଇବା ବ୍ୟାଜରେ ଲାଜେ ବଞ୍ଚାଇ ।
ଧନକୁ ସମ ମନକୁ ଆଣିବାକୁ ନୋହିବେ ସର୍ବଜ୍ଞମାନେ ।
କସ୍ତୁରୀ ଗୋଳି ମୁଁ ଚର୍ଚ୍ଚିବି ସ୍ତନକୁ ସ୍ନେହେ ଆଚ୍ଛାଦିଲ ବନେ । ୧୭ ।
ବେନି ରସାଳ ରସାବଳୀ ଭାଷିଲି ଛଟ କରି ବଖ କି ନା ।
ବୋଇଲ ଆନ ନ ଜାଣେଁ ନାଥ ମୁଁ ନାରିକେଳ ଶବ୍ଦ ବିନା ।
ଜାଣିଛ ବୋଲି ଆଣିଛ କି ଇଙ୍ଗିତ ଅଳପ ହସିଲ ହୋଇ ।
ଯେଣେ ଅନାଇଲେ ତେଣେ ତ ଦିଶଇ ଜଣେ ସିନା ଚନ୍ଦ୍ରମୁହିଁ । ୧୮ ।
ମନେ ନାହିଁ ଥିଲି ସୁମନରଜ କି କବରୀ ଧୂପିତ ଧୂମ ।
ଲଗି କୋମଳାଙ୍ଗୀ ଜଳଜନ୍ମସ୍ଥଳ ଜଳ ଯେ ହେଲା ଜନମ ।
ବିରସ ହୋଇ ସାରସଫୁଲ ନେଇ ଲଗାଇ ଦେବାକୁ ଶିରେ ।
ଦୋହିଲି ନେଇ ପୁଚ୍ଛିଲି ମନମଥ ଅଛୁଟିକି ଗାବନରେ । ୧୯ ।

---

୧୫ । ରସଲତା-ରସିକା । କବରୀ-କେଶବିନ୍ୟାସ, ଜୁଡ଼ା ।
୧୬ । ଧର ପାନକୁ ଧର, 'ଅ' ଲଗାନ୍ତେ ଅଧର-ଓଷ୍ଠପାନ । ଆନ-ଅନ୍ୟ, ମୁଖ ।
୧୭ । ଚୁମ୍ବନ ଲାଳସୀ-ଚୁମ୍ବନରେ ଇଚ୍ଛୁ । ଚେଳ-ଅଞ୍ଚଳ ।
୧୮ । ଉକ୍ତ ପଦରେ ଥିବା 'ରସାଳ' ଓ 'ନାରିକେଳ' ଶବ୍ଦ ଗାଲ ଏବଂ କୁଚ ସଙ୍ଗେ ତୁଳନୀୟ ।
୧୯ । ସୁମନ ରଜ ବ–କଣ ଫୁଲରେଣୁ । କବରୀ ଧୂପିତ ଧୂମ-ବାଳ ଶୁଖାଇବା ଧୂଆଁ । (ପୂର୍ବେ ଝୁଣା ଗୋବୁଲ ଧୂଆଁରେ ବାଳକୁ ଶୁଖାଉଥିଲେ) । ଝୁଣା ଧୂଆଁରେ ଦେହକୁ ଦେଖି ସେ ମନେକଲା, ତେଣୁ ସେ ପାଦପଦ୍ମରେ ଶିର ରଖି ଅର୍ଥାତ୍ ଗୋଡ଼ତଳେ ପଡ଼ିଛି କହିବାକୁ ସେ କହିଲା—କନ୍ଦର୍ପ ଅଛି ତ ! ସ୍ତ୍ରୀମାନେ ଉଅଣ ଧୈର୍ଯ୍ୟ ଧରି ପାରିବେ, ଏ କି କଥା ? ସାରସ, ଜଳଜ-ପଦ୍ମ ।

କସ ବସ୍ତୁକଲ୍ପ ପୁଣ ପଲ୍ଲବକଲ୍ପ ଜଳେ ଜାତ ମୀନ ବୋଲି ।
ତେଣୁକ ବେଳକୁ ଭ୍ରୂ ବଲ୍ଲୀ ବର୍ଣ୍ଣିଲି ନାସିକା ଉଠିଲି ଫୁଲି ।
ବୋଇଲି ସୁତନୁ ଆଞ୍ଚଳକୁ ଧନୁ ପାଞ୍ଚିଲି ଏ କଥା ମୁହିଁ ।
ପାଣି ବେଢ଼ିଥିଲୁ ଶାଣିବା ବାଣକୁ ବାନ୍ଧବ ବନ୍ଧବୁ କାହିଁ । ୧୦ ।
ମୁଁ ଖଳ ସହ ମୁନଙ୍କି ବନ୍ଧ କହ କି ଯଶ ଅଛୁ ତହିଁରେ ।
ଅଛୁ କାରଣ ସ୍ମର ଅନୁସରଣ କରୁଛୁ ପ୍ରହାର ହରେ ।
ଚତୁରଦଶ ଭୁବନ ମୋହିନୀ କି ଚତୁର ପଣ ବହିଲ ।
ତହିଁକି କଛୁ ନ କହି ତା ସ୍ତନକୁ ଗ୍ରହିଲି ହୋଇ ରହିଲ । ୧୧ ।
ଏହି ଭାଳେ କୋଳେ ସୁନୟନା ଉପରେ ସ୍ୱରୁଭୁରୁ ଥାଇ ଶୋଇ ।
ହେଉଥାଇ ମନ ବାଳା ବଦନ ଦର୍ଶନ କରିବା ପାଇଁ ।
ଚାହିଁକୁ ଆସୁଛୁ ହାତକୁ ରଚିଲି କୃଷ୍ଣ ସପ୍ତମୀ ଜଣି ।
କହୁ ମୋ ବନ୍ଧ ସଂଯୋଗେ ଥାଉ ଥାଉ ଆକାଶେ ପ୍ରକାଶେ ଶଶୀ ।୧୨।
ଏଣେ ମଣୁଥାଇ ଏଣୀଈକ୍ଷଣୀ ଯେ ମନ ମିଶିବାକୁ ଗାହେ ।
ତେଣେ ନେଉଥାଇ କରକ ରଦନା କର ଢାଙ୍କିବାକୁ ନେହେ ।
ହେଲଟି ବୋଲି ଯେ ଲଟେ ନେଉଥାଇ ମୋ ଉର ନିକଟେ ମୁଖ ।
ମୁହିଁ ବୋଲୁଥାଇଁ ନ ପାଇ ପାଇଛୁ କଳ୍ପିତ ପରମ ସୁଖ । ୧୩ ।
ଖବ ଉପରେ ଯେ ଖବ ଉପୁଜିଲି ରତାନ୍ତେ ଶ୍ରାନ୍ତେ ଆତୁର ।
ଲଜ୍ଜା କାରଣରେ ତରଭରେ ତରୁଣୀ ପିନ୍ଧିଲି ବାସ ମୋହର ।
ମୁଁ ଯେ ଭ୍ରମିଲି ଦଶି ଦଶି ସୁଭାଗ୍ୟ ଏଣିକି ଆସୁଛୁ ସିନା ।
ମୋହଯଗ ହୋଇବାକୁ ହୋଇଲଣି ପରମେଶ୍ୱରୀ କାମନା । ୧୪ ।
ଶ୍ରବଣେ ଭରକ କର କି ଖବରେ କୋଲଗ୍ନାକୃତ ସେ କଲି ।
ଘଣ୍ଟେ ଘଣ୍ଟେ ପିନ୍ଧି ବୋଧେ ମୋତେ ବାସ ପାଲଟାଇ ନେଲି ।
ସେ ଉଦ୍ଭା ଶୋଭରେ ଲୋଭ ହେଲି ଆଖି ଆନ କି ଦେଖିବ ଆଉ ।
ଗୁଣି ହୋଉଅଛୁ ପୁଣ ହେବ କି ସେ ଉତ୍ସବ ଜୀବନେ ଆଉ । ୧୫ ।

---

୧୦ । ଭ୍ରୂବଲ୍ଲୀ-ଭ୍ରୂଲତା । ଅଞ୍ଚଳ-ଓଢ଼ଣୀ ।
୧୧ । ସ୍ତନକୁ ଗ୍ରହିଁଲେ-ଏଠାରେ ତଳକୁ ମୁହଁ ପୋତିଲେ ।
୧୪ । ଶ୍ରାନ୍ତେ-ଅବଶରେ ।
୧୫ । କୋଲଗ୍ନାକୃତ-କାଉରେ ମୁହଁ ଘୋଡ଼ାଇବା । ଉତ୍ସବ-ଆନନ୍ଦ ।

କେତକୀ ଗୋଷ୍ଠ ପରମ ମନୋରମ ଏତକ ଦେଖିଛୁ ମୁହିଁ ।
ହେମ ରମ୍ଭାପତ୍ର କାମପ୍ରଭା ମାତ୍ର କି ଉପମା ଦେବା ତହିଁ ।
ଉରପଟ୍ଟୁ ଚୀର ଦୂର କର କଣୁଁ ତନୁ ପୀଡ଼ନେ ଯତନ ।
ମୋର ପ୍ରବେଶରେ ଲଜ୍ଜା ଆବେଶରେ ପଣ କରି ଉଦ୍ଧାଧନ । ୨୬ ।
ନୟନ ଲଙ୍ଘିଲୁ ଅମଙ୍ଗମୋହିନୀ ବୋଲି ମୁଁ କୋଲିବା ବେଳେ ।
ହୃଦ କଷଟିରେ କାନ୍ତ କନକକୁ କଷିଲା କୁଙ୍କୁମ ଛଳେ ।
ପ୍ରେମମଞ୍ଜୁଷା ପଢ଼ା ସାରୀ ପଞ୍ଜୁରୀ ସେ ଧନ ଆଦ୍ୟରୁ ଦ୍ୱାରେ ।
ମୋ ଯିବା କହିବା ପାଇଁ ଲମ୍ବାଇ ସେ ସୁବେଣୀ ଦୁଆଇ ପୁରେ । ୨୭ ।
ଅଳକା ରେଖୁଥିଲା ବସି ଝଲକାନନା ସେ କର୍ଣ୍ଣିକା ସେନ ।
କରିବ ନବୀଢ଼ା ମାନମୋକ୍ଷ ଭାବ ପଚ୍ଛୁଁ ଗଲି ହେଇ ଭୂମା ।
ବିମ୍ବୋଷ୍ଠୀ ବିମ୍ବ ଦେଖି ଆଦରଣେ ହରଷେ ଧରି ମୋ କର ।
ବେହେର ଗଳଟି ଧରି ବୋଲି ସେ ଧସ୍ତମନ୍ତ୍ରକା ଭାଷିଲା ଗିର । ୨୮ ।
କଞ୍ଚୁକ ଦୋଷକୁ ଜାଣିତ ଏ ଦଣ୍ଡ ବାନ୍ଧିବା ବାନ୍ଧ ତୋ ଭୁଜେ ।
ବୋଲିବାକୁ ମୋର ସଙ୍ଗୀତପଠନୀ ଭଲା ଇଙ୍ଗିତ କଲା ସେ ।
ନଚାଇ ଭ୍ରୂରୁ କୋଦଣ୍ଡ ତେବେ ଦଣ୍ଡ ଯିବା ସେ ନୋହେ ତା ଭାବ ।
ଉନ୍ନତ ଗୁଡ଼ ବନସ୍ତି ହେଲେ ଆଉ ମାଗିଲେ ଥରେ କେ ଦେବ । ୨୯ ।
କେମନ୍ତେ ଷୀରନ୍ତ ସୁରନ୍ତ ଶ୍ରାନ୍ତକୁ ପ୍ରାନ୍ତ କରୁଥାଇ ମୋର ।
କୁନ୍ଦନ କୁମ୍ଭକୁଚେ ଲେପି ଚନ୍ଦନ ଠେସି ଧଏ ହୃଦପୁର ।
କ କଲି ବୋଲି ଲାଗିଲା ନ ଲାଗିଲା ହେଜୁଥାଇ ସେ ନବୀନା ।
ସେ ହୃଦ ବେଦନା କଲେ ନିବେଦନା ଯେଣିକ କେ ତାହା ଜନା । ୩୦ ।
ଏ ରୂପେ ଭାବିନୀ ଭାବକୁ ଭାବନା କରୁଁ କରୁଁ ଉଠେ ମନ୍ତ୍ରୀ ।
ସଖା ଆଶ୍ୱାସନା ରଚିଲେ ମୁଖରେ ମାର ସିଞ୍ଚି ବନ୍ଧି ଦେଲ ।
ସମସ୍ତେ ନେତେ ଲୋତକ ପୁଷେଇଲେ ଚେତି ଏ ବାଣୀ ପ୍ରକଟ ।
ଲାବଣ୍ୟବତୀ ବର୍ତ୍ତଶାର୍ଦ୍ଧ ବସୁସୀ କର୍ଣ୍ଣ ଧନ ହେବ ଭେଟ । ୩୧ ।

---

୨୬ । ଉନ୍ନ ପାତନେ-କର ଲୋଡ଼ିଟାଇବାରେ ।

୨୮ । ଧସ୍ତିଷା-ବଡ଼ୁଶୀ ।

୨୯ । ଜନଉ-ବଡ଼ପଣ, ଠାଣ ।

୩୦ । କୁନ୍ଦନ କୁମ୍ଭକୁଚେ-କୁନ୍ଦା ହୋଇଥିବା ସୁନାକଳସ ପରି କୁଚ ।

୩୧ । ଭୁବନ-ସ୍ତ୍ରୀ । ବର୍ତ୍ତଶାର୍ଦ୍ଧ-ଓଡ଼ାହୁଲ ।

ଏ ରତ୍ନ ସ୍ବର୍ଣ୍ଣ ମକରକେତୁ ତାପେ ଆରତ ନୃପ କୁମାରୀ ।
କସି କାନ୍ତପୁଣଗଣ ସୁଣ ପୁଣ ଧନରେ ବସ୍ତ୍ରର କଣି ।
ଛିତ ଭିତରେ ସୁବର୍ଣ୍ଣକ ହେମନ୍ତ ପତ୍ର ମିଳିବାର ପୁଣ୍ୟ ।
ପ୍ରଭୁତ୍ବ ଥିଲେ ଭୃତ୍ୟଠାରୁ ଅଧିକ ତନସ୍ବୀ ରସିକ ଧନ୍ୟ । ୩୨ ।
ଏଣେ ବନେ ଭ୍ରମି ତପନ ତାପରେ ବିରସ ମୋର ଲପନ ।
ଦେଖି ସଖିକ ପୁଚ୍ଛିଲେ ମୋର ଶିର ଅମ୍ଳାନ ଗନ୍ଧ ତ ମ୍ଳାନ ।
ଉଷି ନ ପାରି ଧଇର୍ଯ୍ୟ ନିଜ ଶିର ଥୋଇ ମୋ ପାଦକୁ କଲେ ।
ଆଜ ଏଣେ ଜଳେ ଏ ରୂପେ ଅବଶ୍ୟ ଛପି ବସିବ ମୁଁ ବୋଲେ ।୩୩।
ସେଣିକୁ ସ୍ନାନ ଥିବାରେ ଯେ ସବୁ ବାହାର ନ କଲେ ମୋତେ ।
କୋଟିକ ଉତ୍ତର ଦେବାରୁ ଅଧିକ ଗୋଟିକ ବଚନ ସତେ ।
ଏଣେ ପସୁରିଲେ ଭଇନ୍ଧ ଉଗ୍ନୀକର ଯୁବକ ପୁରୁଷ ପ୍ରାଣ ।
ତାହା ବନ୍ଧୁ ଗାହ ଯାହା ରହେ ଶଙ୍କ ଏ କଥା ହୋଇ କ ପୁଣ ।୩୪।
ଦୂର୍ଗା ପଦ୍ମଲାଭ କରନ୍ତୁ ଏ ଶୁଭ୍ର ବଲ୍ଲିଭ ମନେ ଏ ପ୍ରୀତି ।
ନ ପଡ଼ୁ ପୋଡ଼ୁ ଏ ବିଚ୍ଛେଦ ବିପତ୍ତି ବୋଲି ସେ ଭଜଲ ଯେତି ।
ଲଳନା ପଲ୍ଲବ ତୁଳନା କରିଣ ମୁଖେ ଦେଲେ ଶୀତବାରି ।
ତେଜୁଁ ଶୁଭସ୍ବପ୍ନ ହେଉଛୁ କହିଲେ ଝିଅକେତୁ ତାପ ହରି । ୩୫ ।
ଏ ରସେ ମନ ନ ଦେଲାଇ ଯାହାର ସେହି ନର ପଶୁ ଯେନ ।
ଯଉଁ ରସରେ ବ୍ରହ୍ମା ବଶ ହୋଇଛି କାହିଁକି ତାହା ସମାନ ।
ଜାନକୀ ସ୍ବାମୀ ବିଶେଷ କରି ଜାଣେ ସ୍ବାଦ ତାଙ୍କ ଶ୍ରୀପଦର ।
କହେ ଉପେନ୍ଦ୍ର ଭଞ୍ଜ ବୀରବର ଛାନ୍ଦ ରସ ରତ୍ନାକର । ୩୬ ।

—*—

୩୨ । ପ୍ରଭୁତ୍ବ-ଅଧିକାର ।

୩୩ । ତପନ ତାପରେ-ଖରା ତେଜରେ । ବିରସ-ମଳିନ । ଅମ୍ଳାନ-ଅତି ସୁନ୍ଦର । ମ୍ଳାନ-ମଳିନ ।

୩୪ । ଶଙ୍କ-ଅସ୍ଥିର ।

୩୫ । ଲଳନା-ସଖୀମାନେ । ପଲ୍ଲବ ତୁଳନା-ପତ୍ରରେ ବିଞ୍ଚିଲେ । ହରି-ହରଣକରି ।

୩୬ । ରସ ରତ୍ନାକର-ରସ ସମୁଦ୍ର ।

## ଚତ୍ୱାରିଂଶ ଛାନ୍ଦର ସାରକଥା

ଋତୁ ବର୍ଣ୍ଣନା ଭାରତୀୟ କବିମାନଙ୍କର ଏକ ବିଶେଷତ୍ୱ । ସଂସ୍କୃତ କବି କାଳିଦାସଙ୍କଠାରୁ ଆରମ୍ଭ କରି ବିଭିନ୍ନ ପ୍ରଦେଶର ପ୍ରାଦେଶିକ କବିମାନଙ୍କ ପର୍ଯ୍ୟନ୍ତ ପ୍ରତ୍ୟେକଙ୍କ ରଚନାରେ ଋତୁମାନଙ୍କର ଚିତ୍ରଣ ଦେଖିବାକୁ ମିଳେ । କାଳିଦାସଙ୍କର 'ଋତୁସଂହାର' ଏ ସମ୍ପର୍କରେ ସ୍ମରଣୀୟ । ଋତୁର ପରିବର୍ତ୍ତନ ପ୍ରତ୍ୟେକ ବ୍ୟକ୍ତିର ମନୋରାଜ୍ୟରେ କିଛି ନା କିଛି ପରିବର୍ତ୍ତନର ସୂଚନା ଆଣେ । ପ୍ରକୃତିର ଦୃଶ୍ୟ ଓ ଗୋଷ୍ଠୀ ସମାଜର ପରିବର୍ତ୍ତନ ସହିତ ମାନବ ପ୍ରକୃତିର ଏକ ଘନିଷ୍ଠ ସମ୍ପର୍କ ଅଛି, ସେଥିପାଇଁ ଗ୍ରୀଷ୍ମରେ କାମଜ୍ୱର ରୂପ ଶାନ୍ତ, ବର୍ଷାରେ ବିଦେଶୀ ତରୁଣର ଗୃହ ପ୍ରତ୍ୟାବର୍ତ୍ତନ, ବସନ୍ତରେ ଅକୁଣ୍ଠ ରତି ବିଳାସ । ପ୍ରଚଣ୍ଡ ସୂର୍ଯ୍ୟ ସ୍ପୃହଣୀୟ ଚନ୍ଦ୍ରମା କାଳିଦାସଙ୍କୁ ଆକର୍ଷଣ କରିଥିଲା । "ଭରମାଇ ଭବ ମହା ଖରତର କମଳ କୁମାର ବସନ୍ତେ" ଜନକୃଷ୍ଣଙ୍କୁ ଭୀତ କରିଥିଲା । ସେହି ଗ୍ରୀଷ୍ମକୁ ଭଞ୍ଜଙ୍କ ପ୍ରିୟାକୁ "ପତି ସଙ୍ଗତେ ଶୁଆଇ ଚନ୍ଦ୍ରକରେ ଭଳ କରାଇଲୁ ଦୂର ।"

ଲାବଣ୍ୟବତୀ ଏବଂ ଚନ୍ଦ୍ରଭାନୁ ଏ ଦୁଇ ନବ ବିବାହିତ ତରୁଣ ତରୁଣୀଙ୍କର ଗ୍ରୀଷ୍ମକାଳରେ ଘଟିଥିବା ଅଦ୍ୟ ବିରହର ଏକ ଗତାନୁଗତିକ ଚିତ୍ର ଦିଆଯାଇଛି, ତଥାପି ଏଥିରେ ନୂତନତାର ଆସ୍ୱାଦନ ଅଛି । ଯଥା—

"ଜନେ ଚନ୍ଦ୍ରମାରେ ରଞ୍ଜିତ ହୋଇଲେ ଗୃହକୁ ନିଶା ଯେମନ୍ତ ।
ଛଳାବଳିରେ ଯୁକ୍ତ ହେଲେ ଶାଲ୍ମଳୀ ମୃଗ ମଳୟ ବତ ।
ଜଳେ ତାପିତ କଲେ ରବି ମଣ୍ଡଳ ପ୍ରତାପୀ ରାଜା ଯେସନ ।
ଭୁଜଙ୍ଗ ପକ୍ଷ ଛାଇରେ ବସି ଶିଖୀ ତୁଳନା ନାହିଁ ସମାନ" । ୩ ।

ତତ୍ପରେ ଚନ୍ଦ୍ରଭାନୁ ମନରେ ସ୍ତ୍ରୀ ବିଚ୍ଛେଦଜନିତ ଯେଉଁ ଶୋକବହ୍ନି ପ୍ରଜ୍ୱଳିତ ହୋଇଛି ତାହାର ଏକ ରୂପାୟନ ଦେଖିବାକୁ ମିଳେ । ଚନ୍ଦ୍ରଭାନୁ ନିଜ ସ୍ତ୍ରୀ ସହିତ ବିଳାସ ଏବଂ କାମଚେଷ୍ଟାରେ କଟାଇଥିବା ମନୋହର ଦିନଗୁଡ଼ିକର ସ୍ମୃତି ନିଜର ବ୍ୟଥାତୁର ମନ ଭିତରୁ ଉଦ୍ଭବ କରାଇ ଖେଦୋକ୍ତି ପ୍ରକାଶ କରିଛି, ଯଥା—

"ମଦାଳସୀ ଓଷ୍ଠ ଯୋଗ କରୁଥାଇ ଚୁମ୍ବନ ଲାଳସୀ ହୋଇ ।
ପିକବାଣୀ ପାନରେ ପକାଇବା ବ୍ୟାଜରେ ଲଜେ ବଥାଇ ।
ଧନକୁ ସମ ମନକୁ ଆଣିବାକୁ ନୋହିବେ ସବଙ୍କମାନେ ।
କସ୍ତୁରୀ ଗୋଳିଁ ମୁଁ ଚଉରୀ ସ୍ତନକୁ ଗେଲେ ଆଚ୍ଛାଦିଲି ଭନେ । ୧୭ ।
ଭେଦନ ରସାଳ ରସାବଳୀ ବିଷିଲୁ ଚିତ୍ର କରି ଦନ୍ତ ଜନା ।
ବୋଲଇ ଆନ ନ ଜାଣଇ ନାହିଁ ମୁଁ ନାରିକେଳ ଚିତ୍ର ଘନା
ଜାଣିଛୁ ବୋଲି ଆଣିଛନ୍ତି ଭଙ୍ଗୀକି ଅଳପ ହସିଲୁ ହୋଇ ।
ଯେଉଁଣେ ଅନାଇଲେ ଚଉଦିଶେ ଦିଶଇ ଜଣେ ଷିନା ଚନ୍ଦ୍ରମୁଖୀ" । ୧୮ ।

'ନବିନା ବିପ୍ରଲମ୍ଭେନ ସମ୍ଭୋଗପୁଷ୍ଟି ମଶ୍ନୁତେ'ର ଆଦର୍ଶରେ କବି ଏ ଛାନ୍ଦର ଅବତାରଣା କରିଛନ୍ତି ।

# ଏକଚତ୍ୱାରିଂଶ ଛାନ୍ଦ

## ବରଷେ ବର୍ଷାଋତୁ ବର୍ଣ୍ଣନ

ରାଗ—ବସନ୍ତୀ ( ଆଷାଢ଼ ଶୁକ୍ଳବାଣୀରେ )

ପ୍ରବେଶ ହୋଇଲା ବରଷାକାଳ । ପ୍ରମାଦମାନଙ୍କ ଜନମ ସ୍ଥଳ ।
ଜଳଦ କଜ୍ଜ୍ୱଳ କାନ୍ତି ଶାର୍ଦ୍ଦୂଳ । ସୁଖେ ବଢ଼ାଇଲେ ଶିଖରିଚୂଳ ।
ଗର୍ଜିତା ସନ୍ତତ । ପ୍ରକାଶି ଝଟଳ ବକାବଳୀ ଦନ୍ତ । ୧ ।
କୁରଙ୍ଗ ତୁରଙ୍ଗ ଥିଲା ସକାଶେ । ଚନ୍ଦ୍ର ସୂର୍ଯ୍ୟ ଲୁଚି ରହେ ଆକାଶେ ।
ମୁନିଏ ମୃଗଚର୍ମ ଥିଲା ଦେଖୁ । ହିମାଳୟ ଚଢ଼ି ଗଲେ ଶୃଙ୍ଗକୁ ।
ଋକ୍ଷପନ୍ତି ଲୀନ । ଆଗ କଲ୍ପ ସେ ଗିଳ ଦେଲା ବନ । ୨ ।
ଡାହୁକମାନେ ଡାକ ଦେଲେ ତହିଁ । ସିଂହ ଆସୁଅଛି ସନ୍ଦେହ ନାହିଁ ।
ଶୁଣି ବିଯୋଗିନୀ ଲଭି ଡରକୁ । ଛିନ୍ନାଇ ହାର ଘୋଡ଼ାଇ ଉରକୁ ।
ସେ ମିଥ୍ୟା ନ କଲେ । କାଳିକାକୁ ଯେଣୁ ଅନାଇଁ ଦେଲେ । ୩ ।

---

୧ । କଜ୍ଜ୍ୱଳକାନ୍ତି-କଳାବର୍ଣ୍ଣ । ଶାର୍ଦ୍ଦୂଳ-ବାଘ । ଶିଖରିଚୂଳ-ପର୍ବତ ଉପରିସ୍ଥ । ଝଟଳ-ଉଜ୍ଜ୍ୱଳ, ସୁନ୍ଦର । ବକାବଳୀ-ବଗସବୁ ।
ମେଘ ବାଘପରି ପର୍ବତ ଶିଖରରୁ ବାହାରିଲା । ବର୍ଷାକାଳରେ ବଗମାନେ ଧାଡ଼ ଧାଡ଼ ହୋଇ ଉଡ଼ିବାରୁ ବାଘ ଦାନ୍ତ ଦେଖାଇଲା ପରି ଜଣାଗଲା ।

୨ । କୁରଙ୍ଗ-ମୃଗ, ନକ୍ଷତ୍ର । ତୁରଙ୍ଗ-ଘୋଡ଼ା । ଋକ୍ଷପନ୍ତି-ଭାଲୁସବୁ ଓ ତାରାମାନେ । ଉପରଓଳରେ ବାଘ ଥିବାରୁ ଚନ୍ଦ୍ର ମୃଗ ଭୟରେ ଓ ସୂର୍ଯ୍ୟ ଘୋଡ଼ାଭୟରେ ଲୁଚିଲେ । ଚନ୍ଦ୍ରସୂର୍ଯ୍ୟଙ୍କୁ ମେଘ ଘୋଡ଼ାଇ ଦେଲା । ମୁନିଙ୍କ ପାଖରେ ମୃଗଚର୍ମ ଥାଏ, କାଳେ ବାଘ ମୃଗ ମନେକରି ଖାଇବ ତେଣୁ ପାହାଡ଼ ଉପରକୁ ପଳାଇଲେ । ପୁଣି ପର୍ବତ ତଳେ ବର୍ଷା ହୁଏ, ହିମାଳୟ ଉପରେ ବର୍ଷା ହୁଏ ନାହିଁ—ଏହି ହେତୁ ମୁନିମାନେ ହିମାଳୟ ଉପରକୁ ଗଲେ । ଭାଲୁମାନେ ବାଘ ମନେକରି କାଳେ ସେ ବନରେ ଖାଇବ ତେଣୁ ଅନ୍ଧାରକୁ ଗଲେ ଅର୍ଥାତ୍ ତାରାସବୁ ମେଘ ହେତୁ ଦିଶିଲେ ନାହିଁ ।

୩ । ମେଘ ଦେଖି ଡାହୁକମାନେ ବୋବାଇଲେ । ଗଜକୁ ଦେଖିଲେ ସିଂହ ଗୋଡ଼ାଏ, ଏହି ଆଶଙ୍କାରେ ବିରହିଣୀ ସ୍ତ୍ରୀମାନେ ତାଙ୍କର ଗଜମୁକ୍ତା ହାରକୁ ଛିଣ୍ଡାଇ ଫୋପାଡ଼ି ଦେଲେ । ପୁଣି ମୁକ୍ତାମାଳା ହେଲା ତାରା, ସିଂହ ହେଲା ମେଘ, କାଳିକାରୁ କି ଦୁର୍ଗାଙ୍କୁ ଦେଖି ବା କଳା ମେଘକୁ ଦେଖି ଭୟ କଲେ; କାଳେ ଦୁର୍ଗାବାହନ ସିଂହ ଗୋଡ଼ାଇବ ।

ଜଳଧାରା ଜଳଧର ଚଡ଼ା ତଳୁ | କାଷ୍ଠାବଳୀ ଯୋଗେ ଉଠିଲା ଜଳ |
ଝଞ୍ଜାନିଳ ଲାଗି ପଶ୍ୱ ପ୍ରକାଶି | ସଙ୍ଗୀତରେ ତନ୍ତୁ ହୁଏ ବିଦେଶୀ |
ଉଡ୍ଡୁଁ ଅଗ୍ନିକଣ | ଉଡ଼ୁ ବୋଲାଇଲେ ଜ୍ୟୋତିରିଙ୍ଗଣ | ୪ |
କରକାଲେଷ୍ଟ୍ର ପତନ ବହୁତ | ଯୁବାଙ୍କୁ ଲାଗିଲା ଅନଙ୍ଗ ଭୂତ |
ଇନ୍ଦ୍ର କୋଦଣ୍ଡ ଦଣ୍ଡ ନଭେ ରାଜ | ମାନିନୀ ମାନ ଦମ୍ଭ କୁମ୍ଭ ଭାଜ |
ଯେ ଘନା ପ୍ରକାରେ | ଏହା ଦେଖିଲା ନ ଥିଲା ସଂସାରେ | ୫ |
ନଦୀ ନାଗ କଲେ ବେଗ ଗମନ | ଲହରୀ ରସନା ଫୁତ୍କାର ସ୍ୱନ |
ଫେନ କଞ୍ଚୁକ ଭ୍ରମ ଚକ୍ରେ ଶୋଭି | ସାଗର ତଳେ ରହିବାକୁ ଯାଇ |
ତା ଶୁଣିଁ ଡରିଲେ | ପଳାଇ ଗଲେ ମରୁକୁ ମରାଳେ | ୬ |

---

୪ | ଚଡ଼ା-ନିଆଁ | କାଷ୍ଠାବଳୀ-କାଠସବୁ | ଜ୍ୟୋତିରିଙ୍ଗଣ-ଜୁଳୁଜୁଳିଆ ପୋକ |

ମଲା ମଣିଷକୁ ପୋଡ଼ିଲାବେଳେ ଚଡ଼ାରେ କାଠ ଦେଲେ ଜଳେ, ପବନ ହେଲେ ନିଆଁରୁ ଅଗ୍ନିକଣା ଉଠି ଗୃହଆଡ଼େ ପଡ଼େ | ଏଠାରେ ବିଜୁଳି ହେଉଛି ଚିତାରୂପ ଅଗ୍ନି, କାଠ ଦେଲେ ଯେପରି ଚଡ଼ା ଅଗ୍ନି ଦାଉ ଦାଉ ଜଳେ, ମେଘରେ ବିଜୁଳି ସେହିପରି ଚକ୍ ଚକ୍ ହେଲା, ଚଡ଼ାରେ ମଲା ଲୋକକୁ ପୋଡ଼ନ୍ତି ମାତ୍ର ବିରହୀମାନେ ବିଜୁଳି ଦେଖି କାମାତୁର ହୋଇ ତାଙ୍କ ମନ ପୋଡ଼ିଗଲା, ଚଡ଼ା ଅଗ୍ନି ପବନରେ ପଡ଼ିବା ପରି ହେଲା, ବର୍ଷା ହେବାରୁ ଜୁଳୁଜୁଳିଆ ପୋକ ଗୃହଆଡ଼େ ଉଡ଼ିଲେ |

୫ | କରକାଲେଷ୍ଟ୍ର-ଟେକା ସଦୃଶ କୁଆପଥର | ରାଜ-ସୁନ୍ଦର ଦିଶି | ମାନିନୀ-ରୁଷିଥିବା ସ୍ତ୍ରୀ |

ଯେଉଁ ସ୍ତ୍ରୀମାନେ ରୁଷିଥାନ୍ତି ସେମାନେ ଇନ୍ଦ୍ରଧନୁ ଦେଖି ମଦନ ଆତୁରରେ ରୁଷିବା ଛାଡ଼ି ପୁରୁଷଙ୍କୁ ଖୋଜିବାକୁ ଦଉଡ଼ନ୍ତି |

୬ | ନାଗ-ସାପ | ଫେନ-ଫେଣ | କଞ୍ଚୁକ-ସାପକାତି | ଭ୍ରମ-ଭ୍ରମି, ଭଉଁରୀ | ଚକ୍ର-ମଣ୍ଡଳାକାର, ଚନ୍ଦ୍ରକାନ୍ତ |

ସାପ ଯେପରି ଦଉଡ଼ିଲାବେଳେ ଜିଭ କାଢ଼ି ସୁ ସୁ ହୋଇ ଦଉଡ଼େ, ସେହିପରି ବର୍ଷାଦିନର ନଈବଢ଼ି ସୁଅ ଢେଉ ଦେଇ ସୁ-ସୁ ହୋଇ ଦଉଡ଼େ | ସାପ ଜିଭଦ୍ୱାରା ଫୁ ଫୁ କାର ଶବ୍ଦ କରେ, ନଈବଢ଼ିର ତରଙ୍ଗ ପ୍ରବାହ ମଧ୍ୟ ସୁ ସୁ ହୁଏ | ସାପର ଫେଣ ଅଛି, ବଢ଼ିବା ନଈର ବି ଫେଣ ଥାଏ | ସାପ କାତି ଛାଡ଼ିଲେ ତା ଦେହରେ ସୁନ୍ଦର ଚକ୍ରଚିହ୍ନ ଦେଖାଯାଏ, ନଈବଢ଼ିର ଭଉଁରୀଗୁଡ଼ିକ ବୁଲିବାରୁ ଚକ୍ରପରି ଦେଖାଯାଏ | ବର୍ଷାରେ ସାପ ଗାତକୁ ଯାଏ, ନଈ ସମୁଦ୍ର ଭିତରକୁ ଯାଏ | ସାପ ଆସୁଥିବା ଦେଖି ହଂସମାନେ ମରୁଭୂମିକୁ ପଳାଇଲେ ଏବଂ ବର୍ଷାଦିନେ ହଂସମାନେ ନଈରେ ରହନ୍ତି ନାହିଁ |

ସର୍ପ ଅପର ଏହାଠାରେ ନାହିଁ । ଦେଖ ବେଙ୍ଗକୁଳ ଗ୍ରାସ କରଇ ।
ପଥିକ କିଙ୍କର ଝମ୍ପି ଶଙ୍କିଲେ । ଉରଗ ଭୂଷଣ ନାମେ ଡାକିଲେ ।
ଆତୁର ଦର୍ଦ୍ଦୁର । କରନ୍ତେ ଆରମ୍ଭି ଆରତ ସ୍ୱର । ୭ ।
ଟେକି ଶିଖଣ୍ଡ କେକୀ ଷଣ୍ଢମତ । ନାରୀମଣ୍ଡଳୀ ମଧ୍ୟେ କଲେ ନୃତ୍ୟ ।
ଦେଖି ସୁମନା ଗଣିକା ନିକର । ଦରହକାଶ ହାସେ ମନୋହର ।
ଝମ୍ପି ସେ ମନ୍ତ୍ରକୁ । ବାକ୍ୟ ନ ସ୍ଫୁରିଲା ପରଭୃତକୁ । ୮ ।
ଏ ଋତୁ ସ୍ପର୍ଶି କୁମାର ଜରଯ୍ଯ । ମିଶି ବଦନକୁ ଉନାଇ କଣ୍ଠ ।
ନଳୀ ଜାମ୍ବୁକା ଘନାଳିନନ । ସ୍ତନନ ଚ୍ଛନ୍ଦ କୁଳଶ ସୃଜ ।
ମନ୍ମଥର ଲଭ । ପଥର ଫୁଟି ଯାଉଛନ୍ତି ଦେଖ । ୯ ।
ଜାଣିଲି ମୋ ହୃଦ ଅତି କଠିନ । ଫାଟି ନ ଯିବାରୁ ପ୍ରିୟା ବିହୀନ ।
ନ ଫୁଟିବ ଭଲ କୁସୁମ ବାଣ । ଭାନ କରନ୍ତି ଏ ଅସ୍ତ୍ର ଭୀଷଣ ।
ଦୃଷା ହେବ କେହ୍ନ । ଆଜ ତ ମୋତେ ବୁଦ୍ଧି ଦିଶୁନାହିଁ ।୧୦।

---

୭ । ସାପଠାରେ ଯେପରି ଭବ ଅପଣ୍ଡୋର ଭଗ୍ନର ନାହିଁ, ନଈଠାରେ ମଧ୍ୟ ସେହିପରି ବଟ୍ଟର ନାହିଁ । ଭେକଦକୁଳ ବେଙ୍ଗ, ଡୁଇବୁଳ । ସାପ ବେଙ୍ଗକୁ ଖାଏ, ନଈ ବଡ଼ ବଡ଼ କୂଳକୁ ଖାଇଯାଏ । ବାଟୋଇ ସାପକୁ ଦେଖିଲେ ଡରନ୍ତି ଏବଂ ନଈବଢ଼ିକୁ ଦେଖି ପାରି ହେବାକୁ ଭ ଡରନ୍ତି । ଉରଗଭୂଷଣ-ମହାଦେବ ଓ ନାଉରୀ । ବାଟୋଇମାନେ ସାପ ଭୟରେ ମହାଦେବଙ୍କୁ ଡାକିଲେ ଏବଂ ବଢି ଭୟରେ ନଈ ପାରି ହେବାକୁ ନାଉରୀକୁ ଡାକିଲେ । ବେଙ୍ଗମାନେ ସାପକୁ ଦେଖି କୋଳାହଳ କଲେ ଏବଂ ଗାଡ଼ରେ ପାଣି ପଶିବାରୁ କୋଳାହଳ କଲେ ।

୮ । ଶିଖଣ୍ଡ-ପୁଚ୍ଛ । ଷଣ୍ଢ-ନପୁଂସକ, ଦୃପ୍ତ । ସୁମନା-ମାଳତୀ ଫୁଲ । ଗଣିକା-ଯୂଥିଫୁଲ । ଦରହକାଶ-ଅଳ୍ପ ଫୁଟିବା ।
ବର୍ଷା ହେବାରୁ ମୟୂର ପୁଚ୍ଛ ଟେକି ସ୍ତ୍ରୀମାନଙ୍କ ମଧ୍ୟରେ ନାଚିଲା, ଅର୍ଥାତ୍ ମୟୂର ନୃତ୍ୟ ଦେଖି ସ୍ତ୍ରୀମାନଙ୍କ ମନ କାମବଶରେ ନାଚିଲା । ଏ ସମୟରେ ମାଳତୀଫୁଲ ଓ ଯୂଥିଫୁଲସବୁ ଅଳ୍ପ ଫୁଟିବାରୁ ସୁନ୍ଦର ଦେଖାଗଲା । ଏ ସବୁକୁ ଦେଖି କୋଇଲିର ଆଉ କଥା ବାହାରିଲା ନାହିଁ । ବର୍ଷାଦିନେ କୋଇଲି ବୋବାଏ ନାହିଁ ।

୯ । ଜାମ୍ବୁକା-ନଅଁ କରଅ । ଘନାଳି-ମେଘମାନେ । ନଳୀ-ବନ୍ଧୁକ । ସ୍ତନନ-ଘଡ଼ଘଡ଼ । ବନ୍ଧୁକ ଫୁଟାଇବାରୁ ନଅଁ କରଅ ହେଲା ବଜ୍ରୁଳି, ମେଘ ହେଲା ବନ୍ଧୁକ, ବନ୍ଧୁକରୁ ଗୁଳି ଯାଏ, ଏଠାରେ ଗୁଳି ହେଲା ବଜ୍ର, ପର୍ବତ ହେଲା ଲକ୍ଷ୍ୟ; ବଜ୍ରର ଚୂର୍ଣ୍ଣ ହୁଏ, ବନ୍ଧୁକର ଚୂର୍ଣ୍ଣ ହୁଏ ।

୧୦ । କନ୍ଦର୍ପର ବାଣ ଫୁଲରେ ହୋଇଥିବାରୁ ତାହା ଦେହରେ ଆଘାତ ନ କରି ମରମରେ ଭେଦ କରେ ।

ସଖୀ ବୋଇଲେ କି କହୁଛ ଆଉ । ବାଳାମଣି ନାମ ଶୁଣନ୍ତି ଥାଉଁ ।
ସ୍ୱପ୍ନରେ ମନ ଏକଳସ୍ଥ ପଛେଁ । ଉଠେଁ ଉଠେ ମୂର୍ଚ୍ଛିଲ ଦୁଃଖକୁ ସଇ ।
ଭଗ୍ନରଇ ମନେ । ମୁଁ ଏକ ମୂର୍ଚ୍ଛି ପାରନ୍ତି ଜୀବନେ । ୧୧ ।
ଯେ ପ୍ରାଣ ପଣ କରିଥିଲି ମୋତେ । ସେ ପୁଣି ମୂର୍ଚ୍ଛି ପାରିବ କେମନ୍ତେ
ଘନ ଘନକର ଗୀରଣ ସ୍ୱନ । ଶତ୍ରୁ ଆଣିଲୁ ଏ ବରଷା ଦୁର୍ଘ ।
ହୋଇ ହେଲି ସିନା । କେଉଁ ବଞ୍ଚିବ ସ୍ନେହ ପରାଧୀନା । ୧୨ ।
ଘନେ ଜାନୁରେ କରଭରୁ ଦେଇ । ସୁତନୁ ଇନ୍ଦ୍ରଧନୁ ଥିଲ ଚାହିଁ ।
ଗୋକୁଳଈଶ ରସ ମନେ ଭାବ । ପଚ୍ଛୁଁ କୋଳକରି ଧରନ୍ତେ ଗ୍ରୀବା ।
ଖାତ ଉପୁଜଇ । ଭଣ୍ଡି ଅନ୍ତରେ ଥିବେ ପଦ୍ମ ସନ୍ଧି । ୧୩ ।
ଘନେ କାମିନୀ ଯାମିନୀ ନ ପାନ୍ତି । କୁସୁମ ଚକାଶେ ଅନ୍ତର ହେଉଁ ।
ଦୁତ ଚଲଗରୁ ସାଜଲି ଣତ । ଜାଳିଲି ବନ୍ଧୁ ବୋଲି ଲଭି ଖେଦ
ସେ ଶୁଣିଲ ନାହିଁ । କାମିନୀ ଝଟକ ଦେଲା ଦେଖାଇ । ୧୪ ।
ଏତେ ବଞ୍ଚନା କାହିଁକି ଡାସରେ । ବୋଲି ଯାନ୍ତେ ପ୍ରାଣବନ୍ଧୁ ପାଶରେ
ହସାରେ ପ୍ରକାଶ କରି ହାସକୁ । ଆଚ୍ଛାଦି ଲାବଣ୍ୟ ଅଙ୍ଗେ ବାସକୁ ।
ମଣ୍ଡନ ଅନାଇଁ । କଳୁ ନ ଜନ୍ମ ସେ ପଙ୍କଜମୁହିଁ । ୧୫ ।
ଫିଙ୍ଗିଲ ଫୁଲ ଝଲକ କମାଇ । ଘଷିଲି ଏ ଶରେ ଘାସିଲ ମୁହିଁ ।
ଭୃଙ୍ଗ ଚୁମ୍ବଇ ପୁଷ୍ପବତୀ ଲତା । ବୋଲିବାକୁ ବୋଲିଅଛି ବିଧାତା ।
କି ଶରସ ମୋତେ । ଉଚ୍ଛେଦ ସନ୍ଧି ନୋହିଥିଲା ଏତେ ।୧୬।
ଘନେ ଦୁର୍ଦ୍ଦିନେ ଯାହିବାରୁ ସ୍ୱନ । କଣା ନ ପିବାରୁ ଆଉମ୍ଭ ରତ ।
ସେକାଳେ ପଡ଼ିଲି ପଞ୍ଜରେ ଶାର । ଜାନୁ ଛନ୍ଦିଦେଇ ମଧ୍ୟରେ ମୋର ।
ଭୂନି କରି ଜତେ । ବଧି ନଷେଧ ନ ମାନିବ ଜତେ । ୧୭ ।

---

୧୨ । ଚଢ଼ୁଆଣକୁ-ମନେ ପକାଇ ଦେବାକୁ । ତୁଟି ଯେପରି ଆଗକଥାସବୁ ମନେ ପକାଇଦଏ, ବର୍ଷାକୁ ଦେଖି ପୂର୍ବର ଉତ୍ସବକୁ ମନେ ପଡ଼େ ।
୧୩ । ସୁତନୁ-ସୁନ୍ଦର ଦେହ । ଗୋକୁଳଈଶ ରସ-କୃଷ୍ଣଙ୍କ ରସ, କୃଷ୍ଣ ବନ୍ଧ । ଉଣ୍ଡି ଅନ୍ତରେ-କାନ୍ଥ ସେପାଖରେ ।
୧୪ । କାମିନୀ-ରସିକା । କୁସୁମ ଚକାଶ-ଚନ୍ଦ୍ରବତୀ ହୋଇ । ଚଳଗ-ଅଲଗା ହେବା ।
୧୫ । ଚଞ୍ଚନା-କପଟ । ହସା ଲଜ୍ଜା ।
୧୬ । ପୁଷ୍ପବତୀ ହେବାକୁ ଫୁଲ ଫୋପାଡ଼ିଦେଇ ଋତୁବତୀ ସଙ୍କେତ ଦେଲି ।
୧୭ । ଦୁର୍ଦ୍ଦିନେ-ବର୍ଷାଦିନେ, ଦୁଃସମୟେ ।
ଦିନରେ ରତି କରିବା ନିୟମର ବହିର୍ଭୂତ, କାରଣ ଆୟୁଷ କମେ ।

ମୁହିଁ କହିଲି ଲାବଣ୍ୟ ନିଧିକ । ଏ ଜନ ବଡ଼ ବଧି ଅବଧିକ ।
ଏତେକେ ଧନ ଭାଷିଲ ମୋ ମନ । ଉତାନ୍ତପାଏ ଦେଲ ଆଲିଙ୍ଗନ ।
ଉଜ୍ଜ୍ୱଳିଲ ରତ । ପ୍ରଣଅଙ୍ଗ ଶୋଭା ବଢ଼ିବା ଶ୍ରିତ । ୧୮ ।
ଏନେ ଅନ୍ତ ସ୍ମାରୁ ପଦ୍ମବନ୍ଧୋତ୍ସୁ । ଗଲ ଗୋଷ୍ପଦପୁରେ ମୋ ପାଶୁ ଉଠି
ଉରଜେ କରଜ ଚିହ୍ନ ଦେଖଇ । ମୁହିଁ ଗବାକ୍ଷେ ବିହିଁବାକୁ ଯାଇଁ ।
ସେହି ଝରଗେ କେଶା । ସ୍ୱନାଦେ ଡାକିଲି ପୃଚ୍ଛନ୍ତୁ ଟେକ । ୧୯ ।
ତାକୁ ଅନାଇଁ ଯେ ଦେଖିଲି ମୋତେ । ଅପରାଧ କ୍ଷମା କର ବୋଲନ୍ତେ ।
ମୁଖ ନ ଟେକିଲ ହସା ଆସରେ । ହାସ ପ୍ରକାଶିଲ କୃପାବଶରେ ।
ତା ସେହି ସୁବୁଦ୍ଧି । ନୟନେ ମୋର ଲଗିଅଛି ପୁରି । ୨୦ ।
ଏନେ ଜାଳିଦେଇ ପାପାବଳୀକ । ବେଳେ ଉକସନ କରୁ କାଳୀକ ।
ଚମକିଲି ହୋଇ ଲଜ୍ଜା ଆକୁଳେ । ପ୍ରତାପ ହତ ହେଲି ଝଞ୍ଜାନଳେ ।
ଲଭି କି ସନ୍ତୋଷ । ଉଷାଳସା ହେଲି ଉସରେ ବଶ । ୨୧ ।
ଏନେ ଯେ ପାଶକୁ ଅଣାଇ ପଶା । ଖେଳିବା କି ବୋଲି ବୋଇଲି ଯୋଷା
ମୁହିଁ ବୋଇଲି ବସି ହୁଡ଼ି କର । ଶୁଣି ସୁନ୍ଦରୀ ଦେଖାଇଲି ହାର ।
ମୁଁ ବୋଇଲି ଧନ । ନ ଜାଣୁ କି ପଣ୍ଡିଁ ଏ ଇ ମୋ ମନ । ୨୨ ।
ରହିଁକ କଲ୍ପ କି ଭଙ୍ଗୀ ରଚନା । ହେଲେ ହେବ ପଣେ ହାରିଲେ ସିନା
ଖେଳ ଆରମ୍ଭ ଅନ୍ତ ଅନୁରାଗେ । କଳକଣ୍ଠକଣ୍ଠୀ ହାରିଲି ଯୋଗେ ।
ପଣ ମାଗୁଁ ସଖୀ । ବୋଇଲି ଆସେ ସଖୀଠାରୁ ଶିଖି । ୨୩ ।
ଏବେ ଇନ୍ଦ୍ରଧନୁ ଉଇଁଛି ଥିବ । ବିଦ୍ୟୁ ଝଟକିବ ଅନ୍ଧାର ହେବ ।
ପ୍ରକଟ କେକୀ ନାଟ ଝଞ୍ଜାବାତ । ହେଟକିଣ ଜନେ ପଶା ଖେଳେ ରତ ।
ଚିନ୍ତ ଏ ଭାବକୁ । ବଦାଇ ହେଉଥିବ ପର ଭୂକୁ । ୨୪ ।
ଛୁଡ଼ ନ ଥିବ ମୋ ଗୁନ୍ଥିଲି ହାର । ଲଭ ନ ଥିବ ସ୍ତନୁ ନଖରେଖ ।
ଫିଟାଇବ ନାହିଁ ମୋ ବନ୍ଧା ବେଣୀ । ଟେକାଉଥିବ ପ୍ରୀତି ପ୍ରତିଷଣି ।
ପ୍ରମାଦେ ପ୍ରମାଦ । ପକାଉଥିବ ପ୍ରକାଶେ ଜଳଦ । ୨୫ ।

---

୧୯ । ଗବାକ୍ଷ-ଝରକା ।

୨୧ । ଝଞ୍ଜାନଳ-ଝଞ୍ଜାପବନ ।

୨୨ । ହୁଡ଼-ପଣ ।

୨୩ । କଳକଣ୍ଠକଣ୍ଠୀ-କୋକିଳ କଣ୍ଠସ୍ୱରପରି ଯାହାର ମଧୁର ସ୍ୱର ଅର୍ଥାତ୍ ଲାବଣ୍ୟବତୀ । ପଣ ରଖିଥିବା ରତ ମାଗିବାକୁ ସେ ସଖୀଠାରୁ ଶିଖିଅଛି ବୋଲି କହିଲେ ।

୨୫ । ପ୍ରମାଦେ ପ୍ରମାଦ-ଦୁଃଖ ଉପରେ ଦୁଃଖ ।

ତରୁଣୀଜନ ମାନେ ରସବନ୍ତୀକ । ଚାହୁଁଆନ୍ତି ଥିବ ଏଣୁ ପ୍ରୀତିକ ।
ପୟୋଧର ଗିରି ଲାଗିବା ଦୃଷ୍ଟି । ପୟୋଧର ବେଣୀ କରେ ଯୋଡ଼ାଇ
ସିଆଣୀ ବୋଲନ୍ତି । କବିଙ୍କ ଉପମା ନୂତନ କହନ୍ତି । ୨୬ ।
ନୂଆ କାଚ ଚୂଡ଼ୀ ଲଗାଇଥିଲି । ସଞ୍ଜା ନ ଦିଶିଲା ଗାଢ଼େ ଭିଡ଼ିଲି ।
ପନକଳ ଯୁବଥିଲି ଯେ ଭୁଣ୍ଡେ । ବୋଲ ନ ଲାଗିଲା ଚର୍ମିଲା ଗଣ୍ଡେ ।
ସେ ଏମନ୍ତ ଚେଷ୍ଟୁ । ସ୍ୱଚ୍ଛ ସ୍ୱଚ୍ଛ ତାତ୍ର ବୁଡ଼ିଲା ହେଉ । ୨୭ ।
ସର୍ବାଏ ପଦ୍ମଭଲ୍ଲରେ ଶୁଆଇ । ଭେଟନା ବଣ୍ଟରେ ଏମନ୍ତ ଧାପ୍ପି ।
ତାହାରେ କୋମଳା ସ୍ନେହଅଧିନା । କାନ୍ତଦନେ ଶଯ୍ୟା କରି ରଚନା ।
ଉଚେ ଥାଇ ମନ । ପ୍ରବେଶ ହେଲେ ମୁଁ ତା ସନ୍ନିଧାନ । ୨୮ ।
ପାଗ୍ରେଟି ଶିଅଇ ଆସନ ଦେଇ । କର ଧରୁଥାଇ ମୁଁ ଉଚ୍ଚନ୍ଦ ଭଳି ।
କ୍ରୋଡ଼େ ବସାଇ ଧରୁଥାଇ ମଗ୍ନା । ବ୍ୟାଜେ ବୋଲଇ ଆଜ ନ ପାରିବ ।
ଏ ରସ ସ୍ୱୀକନ୍ତେ । ଫୁଲ ଶବଯାକ ଖଣ୍ଡିଲା ଚତୁରେ । ୨୯ ।
ବଡ଼େ ମୋ ପ୍ରୀତିଗୀତ ଯୋଡ଼ ବାଳା । ବସି କେତକୀ ପତ୍ରେ ଲେଖିଥିଲା ।
ଏତେକ ଖଣ୍ଡିଲା ଖଣ୍ଡୁ ଯାଇ । ପ୍ରିୟ ଗାଉଛି ମୁଁ ଗଙ୍ଗାରେ ଦାହି ।
ଶ୍ରୀ କି ଭରି ଜାଣି । ଏତିକି କହି ଗଲା ରମଣୀ । ୩୦ ।
ବୋଇଲାରେ ଶିଖି ଶିଖଣ୍ଡିକେଶି । ଶିଖିବାକୁ ଥିଲା ମୋ ମନ ରସି ।
ମଥା କମ୍ପାଇ ନ ଜାଣିଲି ସଖି । କେଉଁ କଥା କି ବୋଲି ସେ ପଚାରି ।
କନ୍ଦୁ ପ୍ରାଣକୁ । ଲୁଚାଇବ ତୋ ହୃଦାର ଘଣକୁ । ୩୧ ।
ବଡ଼େ ଯେ ଗୁନ୍ଥି ସୁମନା ମାଳାକୁ । ଶ୍ରୀକରେ ଦେଇ ବୋଇଲି ବାଳାକୁ ।
ଆଜଠାରୁ ତୋର ମୋର ମାନସ । ହୋଇ ନ କଲା ସେ ବଦନ ପୋଛ ।
କେଶୁ କୁରୁବକ । ଦେଖାଇ ବୋଇଲା ଏ ନାମେ ଡାକ । ୩୨ ।
ସୁନ୍ଦରୀ ଯେତେକ ଗୁଣବନ୍ତୀ ତେତେ । ଗାଇନ ପ୍ରଭୁ ମୋ ବଦନ୍ତି କେତେ ।
ଥାଉ ଆଉ ଏ ଦେବାଦେବନ୍ତ ଭାବ । ମନୁ ଗାବ ପିବାଘାଏ ନ ପିବ ।
ଦଇବ କି କଲା । କାନ୍ଧି ବଚ୍ଛେଦ ବଣ୍ଡ ରଖିଥିଲା । ୩୩ ।

---

୨୬ । ସଞ୍ଜା-ଦାଗ ।

୨୮ । ଭାଣ୍ଡଦଳେ-ସାଉଁପୁଲ ପାଖୁଡ଼ାରେ ।

୨୯ । ଫୁଲଶବ-ଫୁଲମାଳ ଦଉଡ଼ି ବେଳେ ଯେଉଁ ସବୁ କଥା ହୋଇଛି ।

୩୦ । ଶିଖି ଶିଖଣ୍ଡ-ମୟୁର ପୁଚ୍ଛପର ବେଶ ।

୩୧ । ସୁମନା-ମାଳତୀ । କେଶୁ-ଗହଳୁ । କୁରୁବକ-ଦାସକେରଣ୍ଡା, ଦାସୀ ।

ଘୁଞ୍ଚିଲେଣି ଏବେ ଜାଣି କେତକୀ । ମାଳତୀ ସ୍ୱର୍ଣ୍ଣ ଛଡ଼ାଇ ଏଡକୀ ।
ଶୋକ ଜଳଧିରେ ବୁଡ଼ି ରହିବ । ଲୋଚନ କଲ୍ଲୋଳେ ଉଦ୍ଧାର ଖେଦ ।
ଧଇର୍ଯ୍ୟ ମାନଙ୍କୁ । କ ଦଶା ପଡ଼ିଲା ପ୍ରାଣ ଧନକୁ । ୩୪ ।
ଏକାଳେ ସେହି ନେତ୍ର ମୁଖ ଶୀର । କୁମାରୀ କୁମାର ଘେନେ କର୍ଣ୍ଣର ।
ଶିରେ ଛଡ଼ାଇଲା ଏଡକ ସ୍ନେହ । କ୍ଷଣ କ୍ଷଣକରେ ହୋଇଲା ମୋହ ।
ଚେତ ଦଣ୍ଡେ ଦଣ୍ଡେ । ଏହି ବାଣୀମାନ ଉଚ୍ଚାରି ତୁଣ୍ଡେ ।
ପ୍ରାଣେଶ୍ୱରେ ମୋତେ କୃପା ଜଳଧି । ରଖିଲେ କ ପୁଂସ ଭ୍ରମର ସିଦ୍ଧି ।
ମୋହିଲ ଅବା କେଉଁ ମନୋହାରୀ । ନ ଜାଣନ୍ତି କା ପଥ ତଥ୍ୟ କରି ।
ନ ଯାଇ ଜୀବନ । ପ୍ରିୟତମ ହେଲ କର୍ଣ୍ଣ କଠିନ । ୩୫ ।
ଚନ୍ଦନପାଣିଏ ଥିବ କପାଳେ । ତନୁ ପୁରିଥିବ କମଳନାଳେ ।
ଏ ବିଧି ବରଦ ବେଶରୁ ଯୁବା । ମାର ହର ଭ୍ରମ କରୁଛି ଅବା ।
ଏକମ୍ପ ଏଥିକ । ଏମନ୍ତ ବୋଲି ଉଜଳ ଖିଆକ । ୩୬ ।
ନଳ ଦମୟନ୍ତୀ ଜ ଣେ ଏ କଥା । ସମର୍ଥ ସ୍ୱମ ହଇବାକୁ ବ୍ୟଥା ।
ଶିରରେ ତାଙ୍କୁ ଜରନ୍ତରେ ଧାମ୍ପି । ଉପଇନ୍ଦ୍ର ଗାଇବର ବଦଳ ।
ଏ ଏକଚ ଛାନ୍ଦ । ହୃଦ କୁମୁଦ ଉଲ୍ଲାସକୁ ଚନ୍ଦ । ୩୭ ।

—*—

୩୪ । ଘୁଞ୍ଚି-ଛାଡ଼ି ବା ବନ୍ଦକର ।

୩୫ । କୃପାଜଳଧି-ଦୟାସାଗର । ତଥ୍ୟକରି-ଠିକ୍ କରି । ପ୍ରିୟତମ-ସ୍ୱାମୀ ଦେବ ।

୩୬ । କମଳନାଳେ-ପଦ୍ମନାଡ଼ରେ ।

ମୁଁ ବା ପୁରୁଷକୁ କନ୍ଦର୍ପ ମହାଦେବ ମନେ କରୁଛି, କାରଣ ମହାଦେବଙ୍କ ମୁଣ୍ଡରେ ଚନ୍ଦ୍ର ଥାଏ; ପୁରୁଷ ମୁଣ୍ଡରେ ଚନ୍ଦନ ଚିତା ଚନ୍ଦ୍ର ପରି ଅଛି । ମହାଦେବଙ୍କ ଦେହରେ ସାପ, ପୁରୁଷ ଦେହରେ କମଳ ନାଡ଼; ମାତ୍ର ମହାଦେବ ମନୋଭବ ଶର ମାରୁନାହିଁ । ଏଣୁ ସେ ମୋ କଥା ମନେ ଭାବି ନାହାନ୍ତି ଏହା କହି ମାଟିରେ ଶୋଇଲି ।

୩୭ । ହୃଦକୁମୁଦ ଉଲ୍ଲାସ-ହୃଦରୂପ କଇଁର ଉଲ୍ଲାସ ଅର୍ଥାତ୍ ବିକାଶକୁ ।

## ଏକଚତ୍ୱାରିଂଶ ଛାନ୍ଦର ସାରକଥା

ଏ ଛାନ୍ଦରେ ବର୍ଷାଋତୁରେ ନାୟକ ନାୟିକାଙ୍କର ବିରହ ବର୍ଣ୍ଣନା କରାଯାଇଛି । ପ୍ରକୃତିର ପ୍ରଚ୍ଛନ୍ନ ମଣିଷ ମନରେ ଅନେକ ସମୟରେ ନବ ନବ ଭାବ ସଞ୍ଚାରିତ କରାଏ । ବର୍ଷାର ପ୍ରାରମ୍ଭରେ ଆକାଶରେ ବାଦଲର ଘଟା ଦେଖା ଦେଲେ ପ୍ରବାସୀର ପ୍ରାଣରେ ପ୍ରିୟା ସମ୍ମିଳିତ ହେବାର ଆକାଂକ୍ଷା ଜନ୍ମାଏ । ଗୃହକୁ ଶୀଘ୍ର ଫେରିବା ପାଇଁ ଗୃହ ପ୍ରତ୍ୟାବର୍ତ୍ତନକାରୀ ପଥିକ ପ୍ରାଣରେ ଅସମ୍ଭବ ବ୍ୟାକୁଳତା ଦେଖାଦିଏ । ଆକାଶର ମେଘ ପଥିକର ଚିତ୍ତକୁ ଉତ୍କଣ୍ଠିତ କରିଦିଏ । କାଳିଦାସ ମେଘଦୂତରେ ଲେଖିଛନ୍ତି—

"ପୌରାଙ୍ଗନାନାଂ ସ୍ଫୁରିତଚପଳ ଭ୍ରୂବିଳାସାନଭିଜ୍ଞା ।"

ଏହି ଛାନ୍ଦରେ ୧ମ ପଦଠାରୁ ୮ମ ପଦ ପର୍ଯ୍ୟନ୍ତ ବର୍ଷାଋତୁର ଯେଉଁ ଚିତ୍ର ଉପସ୍ଥାପିତ ହୋଇଛି ତାହା ବର୍ଷାର ଏକ ଭୟଙ୍କର ଚିତ୍ର । ସେ ବର୍ଷାକୁ କମନୀୟ ନ କରି "ପ୍ରମାଦମାନଙ୍କ ଜନ୍ମସ୍ଥଳ" ବୋଲି କହିଛନ୍ତି । ବର୍ଷାର ଶୃଙ୍ଗାର ଉଦ୍ଦୀପନକାରୀ ଗୁଣକୁ ଉପେକ୍ଷିତ ଭାବରେ ସ୍ଥାନ ଦେଇଛନ୍ତି । ଏତଦ୍ଭିନ୍ନ ଗତାନୁଗତିକ ପନ୍ଥାରେ ନାୟକ ନାୟିକାଙ୍କର ଗୁରୁ ବିରହର ଏକ ଚିତ୍ର ପ୍ରଦାନ କରି ଛାନ୍ଦ ଶେଷ କରିଛନ୍ତି ।

# ଦ୍ୱିଚତ୍ୱାରିଂଶ ଛାନ୍ଦ

( ଶରତରେ ଶରତ ଋତୁର ବର୍ଣ୍ଣନ )

ରାଗ—ଦେଶାକ୍ଷ । ଚକ୍ରକେଳି ବାଣୀରେ

ଦେଖି ମାରୁତ ଦ୍ୱିରଦ ଶରଦ । ଋତୁ କେଶରୀ ପ୍ରସର ବଣତ ।୧
ଲୁଣ୍ଠି ତମସ ନାଶ କଳଦେଶ । ସ୍ଫୁଟେ ପ୍ରକାଶ କଲେ କାଶହାସ ।୨
ସ୍ୱର ଭେକ ଡାକ ଶୁଣିମା କର୍ଣ୍ଣେ । ଯାଇଥିଲେ ମାନସେ ଏହୁମାନେ ।୩
ସତ୍ତ୍ୱେଁ ସେମାନେ ଗଲେ ଗର୍ଜି ଗର୍ଜି । ନଗ୍ନ ପ୍ରବେଶ ହେଲେ ହଂସରାଜ ।୪
କେଣ୍ଡୁ ଖଦ୍ୟୋତ ସଙ୍ଗେ ଉଦେ ହେବା । ଲଜେ ତାରକା ଲୁଚିଥିଲେ ଜବା ।୫
ତାଙ୍କ ସ୍ନେହରୁ ଅତନ୍ଦ୍ର ଶଶୀ । ଏବେ ନିର୍ମଳ ଆକାଶେ ପ୍ରକାଶି ।୬
ବୃଷ ମଣ୍ଡି ହୋଇ ଋଷଭ ସ୍ୱରେ । କହୁଛନ୍ତି କ ଏମନ୍ତ ବ୍ୟାଜରେ ।୭
ଦେଖ ଦେଖ ଭଜଲେଟି ଲୀନକୁ । ତେଜ୍ୟ ଷଣ୍ମତ କେତେ ଧନକୁ ।୮
ଦଣ୍ଡେ ଦକ୍ଷିଣେ ଅଗସ୍ତି ସୁନ୍ଦର । ଲେଉଟିଛୁ ସ୍ୱତ ତୋଷ ମନ୍ଦର ।୯

---

୧ । ଖେଦ-ଦୁଃଖ । ଜଳଦ-ମେଘ ।
ଶରତ କାଳ ମେଘରୂପକ ହାତୀକୁ ଦେଖି ସିଂହପରି ହେଲା । ଶରତ କାଳର ଆକାଶ ନିର୍ମଳ ଦେଖାଯାଏ ।

୨ । ତମସ-ଅନ୍ଧକାର । ସ୍ଫୁଟେ-ପରିଷ୍କାର ଭାବରେ । କାଶହାସ-କାଶତଣ୍ଡି ଫୁଲ ଫୁଟିବା ହେତୁ ହସିବା ପରି ଦେଖାଯାଏ ।

୩ । ସ୍ୱର୍-ଗୀତ ବା ଶ୍ରେଷ୍ଠ ।
ବର୍ଷାଦିନେ ବେଙ୍ଗ ଡାକନ୍ତି । ଗୀତ ବେଙ୍ଗ ଡାକ କାନରେ ନ ଶୁଣି ହଂସମାନେ ମାନସରୋବରକୁ ଯାଇଥାନ୍ତି ।

୪ । ବେଙ୍ଗ ଗର୍ଜି ଗର୍ଜି ବନ୍ଦ ହେବାରୁ, ବର୍ଷାକାଳ ଯିବାରୁ ହଂସମାନେ ଫେରି ଆସିଲେ ।

୫ । ଖଦ୍ୟୋତ-ସୂର୍ଯ୍ୟ, ଜୁଳୁଜୁଳିଆ ପୋକ ।

୬ । ଘଷଅମ୍ବରେ-ଅମ୍ବା ରହିରେ ।

୮ । ମସ୍ତୁର ମସ୍ତୁରିର ସଙ୍ଗମ ହୁଏ ନାହିଁ ।

୯ । ଶରତ କାଳରେ ଦକ୍ଷିଣ ଦିଗରେ ଅଗସ୍ତି ନାମକ ଗୋଟିଏ ବଡ଼ ନକ୍ଷତ୍ର ଦେଖାଯାଏ । ମନ୍ଦର ବଢ଼ିବାରୁ ସୂର୍ଯ୍ୟର ଗତିରୋଧ ହେଲା, ଅଗସ୍ତି ପହଞ୍ଚନ୍ତେ ମନ୍ଦର ମୁଣ୍ଡ ତଳକୁ କରି ଗୋଡ଼ତଳେ ପଡ଼ିଲା । ଅଗସ୍ତି କହିଲେ ମୁଁ ଦକ୍ଷିଣରୁ ଫେରିବା ଯାଏ ଏହିପରି ଥା ।

ପଦ୍ମ ଅନୁରାଗ କେମନ୍ତ ଭାବ । ଲୁଚେ ମେଘ ଭିତରେ ଥିଲେ ରବି ।୧୦
ଭୁଲବଧୂ ଗୀତ ଶୁଣେ କେଦାରେ । ଯେତ୍ର ପଥିକ ହୃତଫଳେ ତାରେ ।୧୧
ଏ ଋତୁକୁ ବର୍ଣ୍ଣି ନୃପନନ୍ଦନ । ପ୍ରାଣଜେନ୍ଦ୍ର ଭାବ କଲା ଧିଆନ ।୧୨
ସେହି ଶରତ ଗତ ସେ ଚନ୍ଦ୍ରମା । ସେହି ପ୍ରଭାତରେ ହୋଇଛି ସୁଷମା ।୧୩
ସେହି ମୂର୍ତ୍ତି ଜୀବନେ ଅଛି ପୁଣି । ଏ ତ ବରଷ ଦୁର ମୋ ତରୁଣୀ ।୧୪
ଏଥେଁ ଦେଉଛି ଭାବମାନ ସେତେ । ଏହ୍ନେଷଣି ସେ କଲା ଗ୍ରାସ୍ତ ପ୍ରତେ ।୧୫
ମହା ତରଙ୍ଗ ଜଳେ ଦେଇ ନିଧି । ଏ ଜ ଦୁର୍ଦ୍ଦଶା ହରିନେଲା ବିଧି ।୧୬
ଘନେ ଚୁମ୍ବନ ଦେଇ ଚୁମ୍ବ ମାଗୁଁ । ନାହିଁ ନ କଲା ଅନ୍ତ ଅନୁରାଗୁଁ ।୧୭
ଦେବ ବୋଲି ଅଧର କରୁ ଗୋଳ । ସେହି ସମୟେ ବ'ଣଦେଲା ଲାଜ ।୧୮
ମୁଁ ସେ ବୋଇଲି ବେଳେ ଦେଉ କନ୍ୟା । ଲାଜ ତାହାକୁ ମୁଁ ତୋ ଦାସ ସିନା ।୧୯
ଧୀରେ ଗୀର ପ୍ରକାଶ କଲା ତନ୍ୱୀ । ଚୁମ୍ବ ଦେବାର ମୋତେ ଅସୁନାହିଁ ।୨୦
ଆଜଯାଏ ସେ ଚରିତ୍ର ବଚନ । ନେତ୍ରେ ମନେ କରି ଅଛି ସଦନ ।୨୧
ସେହି ଦିନ ପ୍ରଥମେ କଥା ଶୁଣା । ଘନେ ସାଖ ପଢ଼ାଇ ସୁଲକ୍ଷଣୀ ।୨୨
ଜାଣି ଲୁଚି ମୁଁ ଶୁଣିଥିଲି ସ୍ୱଚ୍ଛେ । ଆସି ପଡ଼ି ସେ ଦେଲା କାନ୍ତପଛେ ।୨୩
ସଲଜ୍ଜିତେ ଜଚେନ୍ଦ୍ରସ୍ଥ ମୋହିନୀ । ଦେଇ ଗୁରୁ ତବୁକରେ ଭର୍ତ୍ସନା ।୨୪
ନ ସାପୁଡ଼ାକୁ ପୁଲାଇଲା କର । ଅଧୋମୁଖେ ରହିଲା କୁଶୋଦରୀ ।୨୫
ନବସପତ ବମୁଧୀକ ମୂର୍ତ୍ତି । ମୋହ ସପଥ ପକାଇଲି ତନ୍ୱୀ ।୨୬
ମଥାଟେକ କଥା କହ ବୋଲନ୍ତେ । ଭସ କହିବ କହିଦଅ ମୋତେ ।୨୭
ବୋଲିବାର ସଙ୍ଗତେ ମଣିମାଢ଼ । ମୁଖ ଦେବାକୁ ଥିଲା ସେ ଦର୍ମାଢ଼ ।୨୮
ଲବେ ଗୁଢ଼ ନ ପାରଇ ଭୁଲକୁ । ଲଙ୍ଘି ନପାରଇ ମୋର ବୋଲକୁ ।୨୯
ଘନେ କର୍ଣ୍ଣେ କହିଲା ଲୁଚି ଭରି । ଚନ୍ଦ୍ରକରେ ରଞ୍ଜ ଦେବୁ ସୁନ୍ଦରି ।୩୦
ସେହ୍ନେଷଣି ସେ କଲା ପ୍ରଶ୍ନଭାଷ । ବୋଲି କେବେ ନ କରିବ ପ୍ରକାଶ ।୩୧
ମୁଁ ବୋଇଲି କାମ ଅଛି ଜୀବନେ । ତୋତେ ମୁଁ ଗୁଢ଼ ପାରିବ କେସନେ ।
ଯେବେ ମନରେ ଶଙ୍କା ତୋ ବାନ୍ଧବା । ସେଉଁ ନମ୍ବର ବୋଲାଇବୁ କରିବ ।୩୩

---

୧୦ । ପଦ୍ମ ପ୍ରସ୍ଫୁଟିତ ହେଲା, ତେଣୁ ସୂର୍ଯ୍ୟ ମେଘ ଭିତରୁ ବାହାରେ ଉଦିତ ହେଲେ । ଶରତ ଋତୁରେ ପଦ୍ମ ଫୁଟେ ଏବଂ ଆକାଶ ନିର୍ମଳ ହେବାରୁ ସୂର୍ଯ୍ୟ ଭଲ ଦେଖାଯାଏ ।

୨୪ । ଲଚେନ୍ଦ୍ରସ୍ଥ ମୋହିନୀ-ଲଷ୍ଟି ମୋହିନୀ ।

୩୧ । ପ୍ରଶ୍ନରୂପ-ହୃଦ ଉତ୍ତର ।

ବାଣୀ ପ୍ରମାଣ କୁସୁମ ତାହିଁକ । ନେଇ ତାଳ ଯେ ବୋଇଲା ଉହିଁକ । ୪୪
କେତେ ସିହାଣୀ ନେଉଳା ବଣାଇ । ସ୍ୱଚ୍ଛେ ଚନ୍ଦ୍ରକରେ ଶେଯ ପକାଇ । ୪୫
ତହିଁ ମିତ୍ର ମୁଁ ହରଷେ ଅନାଇଁ । ପାନ ପିକ ଢାଳିଲା ଆରେ ପକାଇ । ୪୬
ବାସେ ପୋଛୁ ସୁଖି ଗଲା ସିନ୍ଦୂର । ମୋର ହୃଦ କମ୍ପିଲା କାତର । ୪୭
ଏତେ ବୁଦ୍ଧି ସ୍ଫୁରିଲା ଯୋଗେ ତହିଁ । ମୁଁ ଯେ କହିଲି କହ ମୋତେ ସ୍ୱହିଁ । ୪୮
ଏ ବଚନ ବଳେ ହାସ ବାହାର । କମ୍ପିଲା ଚନ୍ଦ୍ରମୁଖ ତାହାର । ୪୯
ଭିକ୍ଷା ପାଇଲି ବୋଲି କୋଳ କଲି । ମୁଁ ଯେ ଶେଯଭରକୁ ଘେନଗଲି । ୫୦
ନାହିଁ ନାହିଁ ଭାଷୁଥିଲା ମୋ ଧନ । ଗଜ ଭଞ୍ଜ ମୁଁ କଲି ଶବସନ । ୫୧
ଏତେ କେତକୀ ଶ୍ରୀଅଙ୍ଗରୁ ଗୋରା । ଶଶୀକରେ ବଶିଲା କେଉଁ ଚୋରା ।
ଭସାଣିଲା ହେମକୁ କୋଟି ଗୁଣେ । ଛନ୍ଦା କରୁ ଯେ ଥିଲା ଙ୍କଳପଣେ । ୫୩
ଏଣୁ ସମସ୍ତେ ଶଯ୍ୟାରୁ ନାଗସ୍ତ । ଘେନ କର୍ପୂର ଭଳ ନେହେ ମାର । ୫୪
ତେଣେ ବୁକହୋଇଗଲା ମୋ ଆଖି । ଭଲକରି ମୁଁ ନ ପାରିଲି ଦେଖି । ୫୫
କର ଧରିବା ବେଳକୁ ଶୋଭାଙ୍ଗୀ । ଭଙ୍ଗୀବଶେ ଯେ ଦେଇଥିଲା ଫିଙ୍ଗି । ୫୬
ଯୋଗେ ପଡିଲା ସେ କାମସଦନେ । ଲବଣୀରୁ କୋମଳ କଲି ମନେ । ୫୭
ନଖ ଚଳାଇ ଦେବାରୁ ତହିଁରେ । ରୋମାଙ୍କୁର ହୋଇଲା ଯେ ଦେହରେ । ୫୮
ବଶୁଥିବ କଦମ୍ବ ପୁଷ୍ପ ପରି । ଏ ଜସ ଶୋ ବୋଲିବାର ସ୍ୱରୂପ । ୫୯
ପିକ ସହସ୍ର ଜନ୍ମ କ ଗାଣୋଇ । ଅମୃତରୁ ପ୍ରିୟବାଣୀ ମଧୁର । ୬୦
ଆଜ୍ଞ ଭେଟିବ ନେ:ହୁଛି ଗରତେ । ଭେଟ ହେବା ଉପାୟ ଅଛି ଏତେ । ୬୧
ପୁଷ୍ଟି ଭରବ ଅନଳେ ଦହନ । ହୋନ୍ତା ଏ ମୋହର ତନୁ ବହନ । ୬୨
ଭସ୍ମ ଉଡ଼ାଇ କୃପାରେ ପବନ । ନେଇ ପକାନ୍ତା କାନ୍ତା ସନ୍ନିଧାନ । ୬୩
କସ ବୋଲି ବାଳା କରନ୍ତା ଦୃଷ୍ଟି । ତହିଁପରେ ହୁଅନ୍ତା ସୁଧା ବୃଷ୍ଟି । ୬୪
ହୋଇ ମୂର୍ତ୍ତିମନ୍ତ ମୁଁ ଗ୍ୱହିଁ ମୁଖ । କରଯୋଡି କହନ୍ତି ସବୁ ଦୁଃଖ । ୬୫
ଆହା ବୋଲି ସାହା ହୋଇ ସୁମୁଖୀ । ମୋତେ କରନ୍ତା ସେହିକ୍ଷଣି ସୁଖୀ । ୬୬
ମୋର ଭରସା ହୋଇଛି ଏଥକୁ । ଜୀବ ଦେଇଛି ଭସ୍ମ ମନ୍ମଥକୁ । ୬୭
ତହୁଁ ସବୁରୂପେ ମୁଁ ଯେ ଅଧିକ । ନତ୍ୟ ଅନୁସରିଲାର ସେବକ । ୬୮
ମନ ମୋହର ଭ୍ରମୁଛି କଉରେ । ମଣା ମଣାଷ୍ଟେରେ ପଡ଼ ଯେମନ୍ତେ । ୬୯

---

୫୧ । ଗଜ–ଗଞ୍ଜଣ ।

୬୨ । ମହାଦେବଙ୍କ କ୍ରୋଧାନଳେ କନ୍ଦର୍ପ ଭସ୍ମ ହୋଇଥିଲେ ଗୁଣି ପଛରେ ଜୀବନ ପାଇଲେ ।

ପୁଣି ଭ୍ରମର ସଙ୍ଗେ ଦେଖା ମିତ । ସେହୁ ମାଳତୀ ଝରଦେ ସେମନ୍ତ । ୬୦
[illegible] ଲୋଳୁ ଲୋଲୁ ସ୍ତମ୍ଭ ଭଜିଲା । ହା ହା ପ୍ରିୟେ ବୋଲି ଶ୍ୱାସ ଛେଜିଲା ।
[illegible] ଙ୍ଗ ଘାରୁଛୁ କାମ ଅନଳ । କରେ ତୋ ଭବ ଭାବନା ଶୀତଳ । ୬୨
ପୁଣି ପ୍ରିୟ ସ୍ୱରୂପ ଲେଖି ପଟେ । ସ୍ନେହବଶେ ଲଗାଇ ହୃଦତଟେ । ୬୩
ପଟ ପ୍ରସଙ୍ଗ ହୃଦରେ ହୋଇଲା । ତାହା ସେବନ କ ହେଲା ବୋଇଲା । ୬୪
ବନ୍ଧ ପିତୁଳା ଦେଖୁଁ ଦେଖୁଁ ବସି । ଗଣ୍ଡେ ଅଇଲା ସେ ଲୋମ ଉଲ୍ଲସି । ୬୫
ହସି କର୍ଣ୍ଣପାଶେ ଦେଲା ବଦନ । କ କହୁବ କରୁଛୁ ମୋର ମନ । ୬୬
ପ୍ରେମସିନ୍ଧୁ କାମ ଅକାସ୍ମାତ୍‌ରେ । କିହ୍ୱା ଭୁଲିଲା ଶ୍ରବଣ ଭିତରେ । ୬୭
କଧି ନିଷେଧ ଅନଳେ ଆହୁତି । କର ରଚିଲ ଢବସେ ସୁରତି । ୬୮
କୁଚପରେ ବୁଲାଇଲ ରସନା । ବେଳୁଁ ବେଳ ହେଲା ହତ ଚେତନା ୬୯
ମୃଦୁ ଥିଲ ପେଞ୍ଜଥିଲା ଲୋଚନ । ପୁନଃ ପୁନଃ ଭଣି ହୁଁ ହୁଁ ବଚନ । ୭୦
ଭଙ୍ଗୀ ସଙ୍ଗତେ ମଦନ ମନ୍ଦର । ଚମକାଇବା କେତେ ସୁଖକର । ୭୧
ମଧ୍ୟ ଚନ୍ଦ୍ରକୁ ଜାନୁ ଭୁଜଙ୍ଗ ଛନ୍ଦ । ମଦ ହତ ଯାଏ ସେ ଭଲ୍ ବନ୍ଧ । ୭୨
ଭୋଳାପିତୁଳା ସେ ଭଲୁ ଘଉନ୍ତି । କେତେ ରହିଲା ସେହୁ ଶୋଭା ଜନ୍ତି । ୭୩
ଏହା ଭନ୍ତ ଫାଟିଯାଉରେ କୋଇଲା । ପୁନଃ ପୁନଃ ହୃଦେ କର ମାଇଲା । ୭୪
ତେବେଣେ ନୃପକୁମାରୀ ସୁକୁମାରୀ । ବସି ଏକାନ୍ତେ କାନ୍ତକୁ ସୁମରି । ୭୫
ଆହା ବନ ବଞ୍ଚ ଥିବେ କେମନ୍ତେ । ଦଣ୍ଡେ ମୁର୍ଚ୍ଛି ନ ପାରନ୍ତ ସେ·ମୋତେ ।
ତନେ ମନ୍ଦ୍ ଜାଣିବାକୁ ପଞ୍ଚର । ଲୁଚ ରହିଲ ଗୁପତ ମନ୍ଦର । ୭୭
କଳା ନୂପୁର କଙ୍କିଣୀ ବାହାର । ଆଗୁଁ କରିଥିଲା କର ବସ୍ତ୍ର । ୭୮
ଆସି ଭଣି ପରମେଶ୍ୱର ବୋଲି । ଖୋଜିଲେ ସେ ଅନେକ ପୁର ବୁଲି ୭୯
ଲେଉ ନ ପାଇ ପ୍ରକାଶି ଏ ଭାଷା । କାନ୍ଦିଲେ ପ୍ରିୟେ ଦେଇ କ ଦଶା । ୮୦
ବୋଲିବାକୁ ନେଇଁ ମାର ବାହାର । ଅଛୁ ଏ ପୁରେ କହିଦେଲ କାର । ୮୧
ତାହା କହିବାକୁ ଭାକ ଆଉଜ । ଶୁଣି ଧରି ମୁଁ ନ ପାରିଲି ଚତ୍ତ । ୮୨
ପୋଛି ପଣତେ ନୟନ ଜଳକୁ । ଧାଇଁ ଯାଇ କୋଳ କଲେ ବେଳକୁ । ୮୩

---

୬୧ । ସ୍ତମ୍ଭ-ଚଉ୍ଡ଼ ଅଗ୍ରଭାଗ ଅଟଣିଳ ବା କାବା ହେବା ।

୬୪ । ପଟ ପ୍ରସଙ୍ଗ—ଚିତ୍ରପଟ ଦେଖାଇବା ବେଳ କଥା ।

୬୭ । ଜିଭକୁ କାନ ଭିତରେ ପୁରାଇଲେ ବେଶ୍ ଉନ୍ମାଦ ଜନ୍ମେ ।

୭୨ । ମଧ୍ୟଚନ୍ଦ୍ର—ଅଣ୍ଟା

ବୋଇଲେ ତୁ ଆଜ ଅଟେ କପଟ । ରସେ ଏରୂପେ ହୋଇଲେ ଲମ୍ପଟ । ୮୪
କାନ୍ତ ବୋଲି ଡାକିବା ଆଜ ଲୋପ । ହୃଅନ୍ତରେ ରସବନ୍ତ କଳାପ । ୮୫
ମୁଁ ଯେ ବୋଲିଲି ଯାଇକରି ଉଣା । ଚୁମ୍ବ ଦେଇ ତଣ୍ଡ କଲି ଫୁରୁଣା । ୮୬
ଏହି ଭାବ ଗୋଟିକ ସୁମରଣ । କରି ଲଭନ୍ତି ଏକ୍ଷଣି ମରଣ । ୮୭
ପ୍ରିୟ କହି ଯେ ନ ପାରନ୍ତି ସହି । ଜୀବ ରଖିଛି ସେ କଥାକୁ ମୁହିଁ । ୮୮
ଇଙ୍କ ଅଧରୁ ଅମୃତ ପିଇଛି । ତାହା ବ୍ୟର୍ଥ କରିବ ମୃତ୍ୟୁ ଇଚ୍ଛି । ୮୯
ଏହା ବୋଲି ସେ ପ୍ରଳୟକୁ ଯାଇ । ଶୀତ ଉପଚାରେ ସଖୀ ଚେତାଇ । ୯୦
ଚେତି ସୁନ୍ଦରୀ ବୋଲୁଛି ଏମନ୍ତ । ମହା ସୁନ୍ଦରବର ମୋର କାନ୍ତ । ୯୧
ମୋତେ ମାଇଲେ ମାରିବୁ ମଦନ । ମୁଁ କି ବୋଲିବି ତୁ ତାଙ୍କ ସମାନ । ୯୨
ଏହା ବୋଲୁ କଥା ଏ ମନେ ପଡ଼ି । ତାହା ଭାବନ କରି ଗଲା ସଢ଼ି । ୯୩
ଦିନେ ଏହି ଶରଦ ରଜନୀରେ । କହିଥିଲୁ ସେ ଚନ୍ଦ୍ର ବୃନ୍ଦମାନରେ । ୯୪
ଗୁହ୍ମି ଶଶୀକି ମୋର ବଦନକୁ । ସମାନ ଆଣିଲେ ତାଙ୍କ ମନକୁ । ୯୫
ବଳ ଦେଖିବା ଛଳେ ମୋର ପାଦ । ନ ଛାଡ଼ିଲେ ବୋଲୁଁ ଏ କି ପ୍ରମାଦ । ୯୬
ଚନ୍ଦ୍ରମୁଖୀ ଯେ ବୋଲଇ କାନ୍ଧବ । ଛାଡ଼ିଲି ଏ ଦୋଷ ବୋଲି ଛାଡ଼ିବ । ୯୭
କହିବାର ଯେତେ ଯେତେ ବଚନ । ଲୁଚେ ସମ ହୋଇ କୋଟି ରତନ । ୯୮
ଏହା ଚିନ୍ତନ କରୁ କରୁ ମନ । ନେହ ମାରରେ ଜର ଜର ସ୍ତନ । ୯୯
ଅନୁଭବୀକ ଗୋଚର ଏ ରସ । ବୁଝାଇଲେ ମୂର୍ଖ ହେବ ସନ୍ତୋଷ । ୧୦୦
ପଶୁ ସହିବାର କଷ୍ଟ ନୁହଇ । କଲେ ଖଣ୍ଡେ ଦୁଇ କାହିଁପାଇଁ । ୧୦୧
ତାଙ୍କ କେଳକୁ ଅନ୍ତର କୋଳରୁ । ନ କରନ୍ତି କମଳାଙ୍କୁ ସ୍ନେହରୁ । ୧୦୨
ସ୍ନେହ ଦେବ ସରସିଜ ଚରଣ । ଉପେନ୍ଦ୍ର ବୀରବର ଶରଣ । ୧୦୩
ଛାନ୍ଦ ନାମ ରସିକ ରତ୍ନମାଳା । ଶୁଭେ ଏବେ ଏଠାରୁ ଶେଷ ହେଲା । ୧୦୪

—*—

---

୮୫ । କଳାପ-ସମୂହ ତା ସମୁଦାୟ ।

୮୬ । ଫୁରୁଣା-ଆନନ୍ଦ ।

୮୯ । ମନୁଷ୍ୟ ଅମୃତ ଖାଇଲେ ଅମର ହେବ, ମୁଁ ତ ସ୍ତ୍ରୀର ଅଧରରୁ ଅମୃତ ପିଇଛି, ମୋର ମରଣ ମଧ୍ୟ ଅକାରଣ ହେବ ।

୯୦ । ପ୍ରଳୟ-ଗ୍ଲାନ୍ତ, ବନାଶ ଅବସ୍ଥା, (ଏଠାରେ ଅଚେତ ହେବା) ।

୯୭ । ଚନ୍ଦ୍ର ତୋ ମୁହଁଠାରୁ [redacted]ଶରେ ହୀନ, ଏହି କାରଣରୁ ତୋତେ ଚନ୍ଦ୍ରମୁଖୀ ବୋଲି ଡାକିବା ଠିକ୍ ନୁହେଁ

## ଦ୍ୱିଚତ୍ୱାରିଂଶ ଛାନ୍ଦର ସାରକଥା

କବି ଏ ଛାନ୍ଦରେ ଉପମା ଅଳଙ୍କାର ଓ ଉପଯୁକ୍ତ ଶବ୍ଦ ବିନ୍ୟାସ ଦ୍ୱାରା ଶରତ ଋତୁର ଜ୍ୱଳନ୍ତ ଚିତ୍ର ଅଙ୍କନ କରିଛନ୍ତି । ଏ ଋତୁର ଉପଯୋଗୀ ବିଷୟମାନଙ୍କ ଦ୍ୱାରା କବିଙ୍କର ପ୍ରକୃତିଗତ ଧର୍ମର ପରିଚୟ ଲକ୍ଷ୍ୟ କରିହେବା ସାଙ୍ଗେ ଓ କବି ଯେ ପ୍ରକୃତିର ଉପାସକ ଏହା ଅନୁମାନ କରିହୁଏ । ନାୟକ ନାୟିକାଙ୍କର ସମ୍ଭୋଗଜନିତ ଯେଉଁ ଅପୂର୍ବ ଆନନ୍ଦ ତାହାର ଅଭାବରେ ପୁଣି ଯେ ବିରହର ପ୍ରଗାଢ଼ ବେଦନା ଅନୁଭୂତ ହୁଏ, ତାହା ଏହି ଛାନ୍ଦରେ ଅତି ପ୍ରାଣସ୍ପର୍ଶୀ ବାକ୍ୟ ବିନ୍ୟାସ ଦ୍ୱାରା ସେହି ବିଚ୍ଛେଦ ଉତ୍କଣ୍ଠିତ ତରୁଣ ତରୁଣୀଙ୍କୁ ଚମକିତ କରିବାରେ ଉପଯୋଗ ହୋଇଛି, ଏହା ନିଃସନ୍ଦେହ । ଚନ୍ଦ୍ରଭାନୁ ବିରହ ବେଦନାରେ ବ୍ୟଥିତ ହୋଇ ଲବଣ୍ୟବତୀର ଲଜ୍ଜା, ନମ୍ରତା ଓ ରତିଦାନର କୌଶଳକୁ ପ୍ରଶଂସା କରି କହୁଛନ୍ତି—

"ସେହି ଶରଦ ରାତି ସେ ଚନ୍ଦ୍ରମା....ଏ ତ ବିଚିତ୍ର ହୁଏ ମୋ ତରୁଣୀ । ୧୩,୧୪

× × ×

"ଆଜଯାଏ ସେ ଗୃହସ୍ଥ ବଚନ....ଦେଇ ଗୃହ ଚତୁରରେ ଚର୍ଚ୍ଚେ ମଁ । ୨୧ରୁ ୨୪

ଉକ୍ତ ୪ ପଦ ମଧ୍ୟରେ ନବ ବିବାହିତା ସ୍ତ୍ରୀର ସ୍ୱାମୀ ନିକଟରେ ପ୍ରଥମ ଲଜ୍ଜା, ନମ୍ରତା ଓ ଧୀର ମଧୁର ହସ୍ୟ ଲାଞ୍ଛିତ ଭଳି କଥା କହିବା ଅନୁଚିତ, ତାହା ଏ ପ୍ରସଙ୍ଗରେ ଲବଣୀବତୀ [redacted] ରିରେ ଂ ପଢ଼ାଉଥିବାବେଳେ ଚନ୍ଦ୍ରଭାନୁ ଉପସ୍ଥିତ ହେବା ଏବଂ [redacted] ଙ୍କିତ ହୋଇଛି, ତାହା ନାୟିକାବର ନମ୍ରାବୋଧ ଭକ୍ତିବ୍ୟଞ୍ଜ କବି ସୁ[redacted] ଭାବରେ ବର୍ଣ୍ଣନା କରିବାରେ ନିପୁଣ ହୋଇଛନ୍ତି ।

ଏ ସ୍ଥଳରେ ନାୟକ ବିରହଜ୍ୱାଳାରେ ବ୍ୟଥିତ ହୋଇ ଖେଦୋକ୍ତି କରି କହନ୍ତି—

"ଯିବ ସହସ୍ରେ ଜନ୍ମ କ ପାଶୋର । ଅନୁଭବୁ ଛିପ୍ରବାଣୀ ମଧୁର । ୫୦ ।

× × ×

“ମନ ମୋହନର ମୁଖ କହୁଛେ । ମଣି ମଣାଙ୍କୁ ଫଶ ଯେମନ୍ତେ । ୬୯ ।
ମୁହିଁ ଭ୍ରମର ସଙ୍ଗେ ହେଲି ମିତ । ସେହୁ ମାଳତୀ କଲେଟ ଯେମନ୍ତ । ୭୦ ।

ଏ ପଦଗୁଡ଼ିକ ହେଉଛି ପ୍ରିୟାର ଅରସ୍ୱରେ ଏକ ପ୍ରଶଂସାମୂଳକ ବ୍ୟାକୁଳ ସଙ୍ଗୀତ ବା ଆହ୍ଲାଦନାତାର କଲ୍ଲୋଳ ତରଙ୍ଗ କହିବାକୁ ହେବ । ତା ସଙ୍ଗେ ସଙ୍ଗେ ଅଛି—

“ନାହି ନାହି ଭୁଲୁଥିଲି ମୋ ଧନ । ଗତ କଲୁ ମୁଁ ଭଲ ଜବସନ । ୪୧ ।

× × ×

ବାହୁ କଷେଧ ଅନଙ୍ଗ ଆତୁର । ଭଗ ରଚଲି କଉଶେ ସୁରତ । ୬୮ ।
କୁଚ ଅଗ୍ରେ ଚାଳାଇଲି ରସନା । ଚେତୁଁ ହେଲ ହେଲି ନୂତ ଚେତନା ।୬୯ ।

ଉକ୍ତ ପଦମାନଙ୍କରେ ଯେଉଁ ରଚନାର ଅବତାରଣା କରିପାରିଛି—ତାହା ଭାରତୀୟ ସଭ୍ୟତା ସଂସ୍କୃତି ଓ କୃଷ୍ଟିରୁ ଏକ ବିଭତ୍ସ ରୂପର ଚର୍ଚ୍ଚା ଛଡ଼ା ଆଉ କିଛି ନୁହେଁ । ଯେ କୌଣସି ବ୍ରହ୍ମଚାରୀ ଛାତ୍ରାର୍ଥୀ ଓ ଛାତ୍ରାର୍ଥିନୀ ଏବଂ ଗୃହସ୍ଥ ତରୁଣ ତରୁଣୀ ପକ୍ଷରେ ନୈତିକ କୃଷ୍ଟି କୋଣରୁ ଏହା ଏକ ବିଭତ୍ସ-ରସର ଚର୍ଚ୍ଚା ।

ଉକ୍ତ ସାହିତ୍ୟ କେବଳ ଶବ୍ଦ ବିନ୍ୟାସ ଓ ଛନ୍ଦ ଲୟ-ଯୁକ୍ତ ହୋଇଥିବା ହେତୁ ଏହାର ପ୍ରଭାବ ସର୍ବସାଧାରଣଙ୍କ ଉପରେ ରେଖାପାତ କରୁନାହିଁ, ନଚେତ ଏହା ଆଜି କାଲିର ଶସ୍ତା ଉପନ୍ୟାସର ସ୍ଥାନ ଅଧିକାର କରି କୁମାର କୁମାରୀଙ୍କୁ ଯେ ବହୁପରିମାଣରେ ବିପଥଗାମୀ ଓ ପଥଭ୍ରଷ୍ଟ କରିଥାନ୍ତା ଏଥିରେ ସନ୍ଦେହର ଅବକାଶ ନାହିଁ ।

# ତ୍ରିଚତ୍ୱାରିଂଶ ଛାନ୍ଦ

( ଶରତେ ହେମନ୍ତ ଋତୁର ବର୍ଣ୍ଣନ )

ରାଗ—ଲୁମ୍ବକାମୋଦୀ

ହେମନ୍ତ ଋତୁ ପ୍ରବେଶ ହୋଇ ହେଲା ନବୀନ ବିଧାତା ।
ଯେଣୁ ତନୁ ଏକ କଲା ଶୟନରେ ପୁରୁଷ ବନିତା ।
ଜଳ ଆଦର ଅନଳରେ ନବେଶି ଅନିଳ ଅସ୍ନେହ ।
ଜଳରେ କରାଇ ପୁଷ୍ପବତୀ କଲା ସେବତୀ ସନ୍ଦୋହ । ୧ ।
ପ୍ରଦୀପ ଛଳେ ଜଳାଇଲା ମନ୍ଦରେ ହସନ୍ତୀମାନଙ୍କୁ ।
ନଶି ନିଦ୍ରାବେଳେ ନତ କରାଇଲା ଉନ୍ନତ ଜନଙ୍କୁ ।
ଚନ୍ଦ୍ର ଚନ୍ଦନରୁ ଆଦର ଛୁଟାଇ ରଖିଲା ବସନେ ।
ସମସ୍ତ ତନୁକୁ ଆଚ୍ଛାଦିତ କଲା ସୁବର୍ଣ୍ଣ ପିଧାନେ । ୨ ।
ଦିନ କ୍ଷୀଣ କଲା ରଜନୀ ବୃଦ୍ଧି କରାଇ ହରଷେ ।
ସକଳ ଅଙ୍ଗେ ବେପଥୁ ଜାତ କଲା ପବନ ପରଶେ ।
ରବି କିରଣରେ ଆଦର କରାଇ ଚନ୍ଦ୍ରମା ପ୍ରକାରେ ।
ଜାନୁ ଆଲିଙ୍ଗନ କରାଇଲା ଏକା ଦରିଦ୍ର ଜନରେ । ୩ ।
ସକଳ ଗାତ୍ର ମସୃଣ ହରି ଦେଲା କରଟନକରେ ।
ଶୁକ ଶିଶୁଙ୍କ ପାଳନକୁ ଉଦ୍ୟମ କରାଇ ଲୋକରେ ।
କର ଯୋଗାଇଣ କୃଷକ କୁଳକୁ କରାଇ ଅଋଣୀ ।
କପୋତ ରତେ ଲୁହାଇ ଏ କାଳକୁ ଗଣନ୍ତି ତରୁଣୀ । ୪ ।

---

୧ । ବିଧାତା ହେମନ୍ତ ଋତୁକୁ ନୂତନ ଧରଣରେ ପ୍ରକାଶ କଲା, ଯଥା ଶୀତରେ ଶୋଇବାବେଳେ ସ୍ତ୍ରୀ ପୁରୁଷର ଦୁଇଟି ଶରୀରକୁ ଏକତ୍ର କରିବାରୁ ଏଠାରେ ନୂତନତା ସୂଚିତ ହେଲା । ଏହି ଋତୁରେ ଲୋକେ ପାଣି ପବନ ପ୍ରତି ଯେଉଁ ଆଦର ଓ ସ୍ନେହ କରୁଥିଲେ ତାହା ପରିତ୍ୟାଗ କରି ଅଗ୍ନି ପ୍ରତି ସେହି ଭାବ ପୋଷଣ କଲେ । ଏହି ଋତୁରେ ସେବତୀ ଫୁଲସବୁ ପ୍ରସ୍ଫୁଟିତ ହେଲା ।
ସନ୍ଦୋହ-ସମୂହ, ଗଣ, ବର୍ଗ, ସମ୍ୟକ ଦୋହନ, ଦୁଗ୍ଧ ।

୨ । ହସନ୍ତୀ—ନିଆଁ ଉହ୍ନେଇ । ଉନ୍ନତଜନ-ବୁଢ଼ାବୁଢ଼ୀ । ନତ—ଯାବୁଯୁକ୍ତ ହୋଇ । ସୁବର୍ଣ୍ଣ ପିଧାନେ-ସ୍ତ୍ରୀକି ଘୋଡ଼ହେବା ଅର୍ଥାତ୍ ସ୍ତ୍ରୀକି ଉପରେ ନେଇ ଶୋଇବା ।

୩ । ବେପଥୁ-କମ୍ପ ।

୪ । କରଟ-ଲୁଅ । କର-ଖଜଣା ।

କେ ତାର ସମ୍ପତ୍ତି ଏବଦନରେ ସ୍ଥିତ ସବୁରେ କରାଇ ।
ମନ୍ଦରେ ସ୍ତମ୍ଭମନ୍ଦିର ମଣାରରେ ସଖୀଙ୍କି ଶୁଆଇ ।
ଘନ ପ୍ରତବନ୍ଧେ ଗିଣିଙ୍କି ଯୋଡ଼ାଇ କୁଚ ଝଂଟି ସ୍ତକାଶେ ।
ଏ ଋତୁ ସ୍ୱର୍ଣ୍ଣ କୁମାର ବସ୍ତ୍ରଭଇ ତରସ ମାନସେ । ୫ ।
ନ କରବ ଏ କୁଞ୍ଜନ ଋତୁ ସ୍ୱୀନ ପଦ୍ମିନୀ ନାଶନ ।
ପ୍ରିୟୁ ମୋ ପଦ୍ମିନୀ ପଦ୍ମପାଦ ପାଣି ସୁବାସ ଚେଷନ ।
ପଦ୍ମ ପଗ ଆଖି ପଦ୍ମମୁଖୀ ପଦ୍ମ ପଢର ଉଦର ।
ତାହା ଅଙ୍କେ ସ୍ୱଙ୍କେ ମୋ କ ଗତି ଏଥକୁ ମୁଁ ତରି । ୬ ।
ଦାରୁବ୍ରହ୍ମରୁ କେ ବଢ଼ ଯୋଡ଼ା ଲାଗି ଜାଡ଼କୁ ଡରିଣ ।
ଅନଳକୋଣକୁ ଆଶ୍ରେ କଲେ ଶମ୍ଭୁ ତେଜସ୍ୱୀ ହୋଇଣ ।
ଜନ ମଧ୍ୟଗତେ ଶରଣ ପଶିଲା ଅନଳ ଆରତେ ।
ରୋଷ କୁଚ ଗିରି ଦଶା ପାଶେ ନାହିଁ ବଞ୍ଚିବ କେମନ୍ତେ । ୭ ।
ବଧି ବୋଲନ୍ତି ବଧାରୀକୁ କାହିଁକି ଅବଧି ଭଲ ତ ।
ଅମୃତ ଭୁଞ୍ଜାଇ ପିଟୁ ମର୍ଦ୍ଦଛଦ ତାମ୍ବୁଳ ଦେଲ ତ ।
ଏତ୍ତ ସମସ୍ତେ ସେତେ ରୂପ ଭାବକୁ ଦେଇଛୁ ନରଶୋଷ ।
ବ୍ରହ୍ମପଦବୀ ପାଇଲେ ତ ନ ଯିବ ମନରୁ ପାଶୋର । ୮ ।
ଉଷ୍ମ କୁସୁମବାସୀ ଅଙ୍ଗ ଜାତ ଶୀତକୁ ନାଶଇ ।
ପିଙ୍ଗଳ ପତଙ୍ଗ ଏ ଭ୍ରମ କି ରଙ୍ଗେ ଅଙ୍ଗରେ ମିଶଇ ।
ମାଶ୍ୟରେ ନିଶାରେ ଅନାଦର ହେଲେ ରତେ କ ଶ୍ରୀରତ ।
ଗୁଣ ତ ଅପାର ସନ୍ତେ ଯୋଡ଼ାଇ ଦଅଇ ସୁରତ । ୯ ।
ମଣାର ଉଦରେ ଅନ୍ଧାର ଆଲୋକ ଘଷ ତ ଥିବାରେ ।
ଆନନ୍ଦ ସୁଖୀ ସୁଖଦାୟୀ ହୁଅଇ ସୁରତ ହେବାରେ ।
ତାହା ମୋହର ପ୍ରଶଂସା ହୋଇଥାଇ ଯାମିନୀ ବୃଦ୍ଧିକ ।
କଷ୍ଟ ଅବକାଶ ହେବ ବୋଲି ବନ୍ଧମାନଙ୍କ ବାଧକ । ୧୦ ।

---

୬ । ପଦ୍ମିନୀ—ସର୍ବସୁଲକ୍ଷଣ ଜାତୀୟା ସ୍ତ୍ରୀ । ଦର-ଉଦର ।
୭ । ଦାରୁବ୍ରହ୍ମ-ଜଗନ୍ନାଥ । ଯୋଡ଼ାଲାଗି-ଯୋଡ଼ହେବା ଲାଗି । ଦଶା-ଗିରି ଦହର ।
୮ । ପିଟୁମର୍ଦ୍ଦ ଛଦ-ଖଇର ।
୯ । ପତଙ୍ଗ-ପଢଳା ଲୁଗା । ମାଶ୍ୟରେ-ମାଦକଦାରେ, ଚେତା ନ ଥିବା ଅବସ୍ଥାରେ ।
୧୦ । ଯାମିନୀ ବୃଦ୍ଧିକ-ରାତ ବଢ଼ିବାକୁ ବା ଦୀର୍ଘ ହେବାକୁ ।

ଯେତେ ମୋହ୍ନପାରୁ ତେତେ ଅଧିରସ ହୁଅଇ ଜନିତ ।
ଏଣୁ ବସ୍ତୁବୃନ୍ଦ କ୍ଷୀର ଉପକାର ଘର୍ଷଣ ଧର୍ମ ତ ।
ଇକ୍ଷୁରସ ଜାତ ଦ୍ରବ୍ୟ ପ୍ରାପ୍ତ ହେବନ୍ତି ହେଲେ ହେଁ ମଧୁର ।
ଏତେକ ଅଭାଗ୍ୟବନ୍ତ ମୁଁ ସେ ଭାଳି ହୋଇଛି ଅନ୍ତର । ୧୧ ।
ଏତେନିଟି ଜଳୁ ଜର ଦୂର ହୋଇଲା ଅଚେତ ବଶରେ ।
ଝଟ ପରି ନିଦ୍ରା ଘୁଞ୍ଚିଗଲା ମୋର ନାଡ଼ୀର ଶ୍ୱାସରେ ।
ମନେ କଲି ସ୍ୱପ୍ନବଶ ହୋଇ ଶାସ୍ତ୍ର ଗଳ୍ପ କି ସଜନୀ ।
କି ଦଣ୍ଡ ପଡ଼ିଲା ଏ କାଳେ କି ଲୁଚେ ନେବ ଏ ରଜନୀ । ୧୨ ।
ନେତ୍ର ଖୋଲନ୍ତେ ଲୁଚେ ବସ୍ତୁ ଚଳିଲା ହେଲି କି ଆବେଶ ।
ମୃତ୍ୟୁ ପାଇଥିଲା ପିଣ୍ଡରେ ପୁଣି କି ପରାଣ ପ୍ରବେଶ ।
ଅଣିମାଦ ସୁଖ ଅଣିକର ଅଣି କୋଳକୁ ପାଇଲି ।
ସେହି ପ୍ରକାରେ ନିଧୂବନ ଭବନେ ନୀବୀକି ଫେଇଲି । ୧୩ ।
ମଲ୍ଲିଟି ହୋଇ ଉଡ଼ି ଧରି ମୋତେ ସେ ଅଳପ କମ୍ପିଲା ।
ଆଜ ଏ କି ରଙ୍ଗ ବୋଲି ସେ ସୁରଙ୍ଗ ଅଧର ଚୁପିଲା ।
ମଦନ ଆଣିକି ଜର୍ଜିଲା ସେ-ଧନ ସମସ୍ତ ରୂପରେ ।
ରସ ଜାଣିବାକୁ ସୁବର୍ଣ୍ଣ ନ ଥିବ ଜଗତେ ତା ପରେ । ୧୪ ।
ବାହୁବାନ୍ଧି ତନେ ବନ୍ଧ ବିଧାନରେ କୋଳରେ ବସାଇ ।
ମୋ ମୁଖ ପାନ ତା ମୁଖେ ଦେଇ ଓଷ୍ଠ ଓଷ୍ଠରେ ମିଶାଇ ।
ମୋ ମୁଖେ ତୁ ଏଥ ଲେଉଟାଇ ବୋଲି ନ କଲି ସମ୍ମତ ।
ବୋଇଲା ପଣତ ପ୍ରସାରି ମାଗୁଛି ଭ ବୋଲି ଏମନ୍ତ । ୧୫ ।
ମୁଁ ବୋଇଲି-ବନ୍ଧୁ ଅଧରବନ୍ଧୁ ମଧୁକୁ ମୁଁ ନ ପାଇ ।
ଏଥିକୁ ତତେ ବୁଝି ଲାବଣ୍ୟନଧିରେ ହେଉଛୁ କମାଇଁ ।

---

୧୧ । ମୋହ୍ନ-ମୁଗ୍ଧ କରୁ, ମନ୍ଥନ କରୁ । ଅଧିରସ-ଅଧିକ । ଜନିତ-ଜାତ ।
ଦୁଧକୁ ମୋହ୍ନିଲେ ଲହୁଣୀ ବାହାରେ, ଲାବଣ୍ୟବତୀଙ୍କ ଖୋସାମଦ କରି ଶୁଣିଲେ ଅଧିକ ରସ ବାହାରେ ।

୧୨ । ଆବେଶ-ଉଚ୍ଛାସ ।

୧୩ । ନିଧୁବନ ଭବନେ-ରତିକ୍ରୀଡ଼ା ଗୃହରେ । ନୀବୀ-ବସ୍ତ୍ର । ଫେଇଲି-ଫିଟାଇଲି ।

୧୪ । ମଦନ ଆଣି-କନ୍ଦର୍ପ ରସରେ ଗର୍ବିତା ।

୧୫ । ଅଧର ବନ୍ଧୁ-ବନ୍ଧୁଙ୍କ ବନ୍ଧୁରୂପକ ଓଠକୁ । ସୁଧା-ମଧୁମାନ୍ଦ ।

ବୋଇଲା ଦେବତା ପ୍ରଶସ୍ତା ସରଧା ଉଚ୍ଛିଷ୍ଟ ରସରେ ।
ତେମନ୍ତ ହୋଇଅଛୁ କି ଆଜ କଥା ବସ୍ତ୍ରାନ୍ତ ଦୋଷରେ । ୧୬ ।
ଭାଷାରେ କହି ନ ପାରେ ମୁଁ ପ୍ରିୟାର ଚରିତ୍ର ଲକ୍ଷଣ ।
ଥାଉ ସେ ଏଥିରେ କେବେ ଶୁଣିବାର ଦେଖିଲି ସ୍ୱପନ ।
ନିଦ୍ରାନ୍ତି ହେଲେ ନୟନେ ନ ଆସଇ ସ୍ୱପନେ ସଙ୍ଗତି ।
ଦେଖଥିଲେ ମୋର ସେହଥାନ୍ତା ଚିତ୍ତ ଏ ରୂପେ ସୁଗତି । ୧୭ ।
ତାମ୍ବୁଳ ଭାଙ୍ଗି ବଢ଼ାଇ ଦେଉଁ ଭଣେ ସେ ଅନୁରାଗରୁ ।
ଯାଚିଲା ତୁଷ୍ଟ କର ବାମ ହାତରେ ବଳେ ମୋ ଭାଗ୍ୟରୁ ।
ଟେକାଇ ଦେଲ କଣ୍ଠତଳେ ଚଳାଇ ମୁ ଗ୍ରହଣ କରଜ ।
ନିଜ ପାଇଲି ଗର ହୋଇ ଲୁଆଇଁ ବଦନ ସରୋଜ । ୧୮ ।
ପୂର୍ବରୁ ଭିନ୍ନ ଯାଇ କପାଟ ପାଳୁଣେ କହରେ ଅନାଇ ।
ମନକୁ ମୋର ଅଧୀନ କରି ନେଲା ଉଷଣେ ମନାଇ ।
ଅର୍ଦ୍ଧ ଅଙ୍ଗ ଅଙ୍ଗୀକାର ହେଉଛି କି ଭାଷୁଁ ମୁଁ ସମ୍ବାଳ ।
ଶଙ୍କରଯାକ ତାହାର ଜଡ ପ୍ରିୟା ଭଣିଲା ତର୍ଜ୍ଜିକ । ୧୯ ।
ବଶେଷତ ଜଣା ଯାଣା ବଚନର ଏ ରୀତିରେ ହୋଇଲା ।
ପଲ୍ୟଙ୍କ ଅଙ୍କକୁ କର ଧରି ନେଇ ସୁରସ ଭଣିଲା ।
ଯାହା କାନ୍ତ ବାନ୍ଧ ଅଧରେ ଭରଇ ସ୍ୱଭାବେ ଉଦକ ।
ଓଢ଼ାଇଲି ତାହାକୁ ଏତେକ କୋପ ପକାଇଲଣି ମଦନ । ୨୦ ।
ତର୍ଜ୍ଜିଲ ଜହ୍ନୁଲ ମୁ ଜୀବ ଭୁଜନ ଏମନ୍ତ ଭଙ୍ଗୀକ ।
ଯେନାଯେନରେ ଭୁଲ ହୋଇ ବାନ୍ଧିଲ କୋମଳ ଅଙ୍ଗୀକ ।
ବନ୍ଧ କେବରେ ଲାଗିଥିଲା ଅଳତା ଲଲାଟେ ଗ୍ରନ୍ଥିଳ ।
ପୋଛୁଦେଇ ମୋତେ ସଖୀକି ବୋଲନ୍ତେ ବୋଲ ଯେ ଗ୍ରନ୍ଥିଲା । ୨୧ ।

---

୧୬ ର ଲବଣ୍ୟନିଧି, ତୁ ଯାହାଙ୍କ ତୋ ଅଧର ପାନକୁ ଅଇଁଠା ବୋଲି କହୁ, ସେଥିରେ ଦୋଷ ନାହିଁ । ସେ କହନ୍ତି ମନ୍ତ୍ରରେ ଦୋଷ ନ ଥିବାର କଥା ଅଛି ଅନ୍ୟରେ ନାହିଁ ।

୧୭ । ସଙ୍ଗତ-ମିଳନ । ସୁଗତ-ମୁକ୍ତ ।

୧୯ । ଅର୍ଦ୍ଧଅଙ୍ଗ-କ୍ରୋଡ଼ ।

୨୧ । ଯେନାଯେନ-ଦେବାନେବା ।

ମୁ ଟବାଇଲି କ ବୋଲନ୍ତେ କନ୍ଧା ତୁ ମୋ ଶିରର ଭୂଷଣ ।
ତୁ ଅବା ମନକୁ କ ଘେନତୁ ମୋତେ ନୁହଇ ଦୂଷଣ ।
ଏ ବଚନେ କୃତକୃତ୍ୟ ହେଲା ପତ୍ର ହୋଇଲା ଜୀବନ ।
ନୃତ୍ୟ ହୋଇଯାଇ କି ନା ବୋଲି ଦେଲା ଅମୂଲ୍ୟ ଚୁମ୍ବନ । ୨୨ ।
କବଗ୍ରି କବିବଅ ମୋତେ ପ୍ରତ୍ୟକ୍ଷେ ନ ବୋଲେ ବାଳକ ।
କୁନ୍ଦ କରବୀର କୁସୁମ ମିଶାଇ ବିରଚି ମାଳକା ।
ସୁନ୍ଦରମାଳା ହେଲା ବୋଲି ଦେଖାଇ ଧଇଯ୍ୟ ଖଣ୍ଡନା
ରମଣୀ ହୃଦୟମଣି ମୁଁ ତା କେଶ କରନ୍ତେ ମଣ୍ଡନା । ୨୩ ।
ଅନୁରାଗ ପାଇଲାର ଭୃତ୍ୟ ପରି ଓଳଗି କରଇ ।
କେମନ୍ତ ଘେନାଘେନି ଘେନା ସୁମନା ମନକୁ ହରଇ ।
ସ୍ୱସ୍ଥ ସ୍ନେହ କଣେ ବସାଇଁ କୋଳେ ମୁ ଲାବଣ୍ୟବତୀକ ।
ଅଉ କେତେ ଖସି ବସି ଅବମାନରେ ବଢାଇ ପ୍ରୀତିକ । ୨୪ ।
ଆଜ ଯାଇବାକ ସୁବସ୍ଥ ବରଷ ନୋହୁଛି ପରତେ ।
ଯୋଗୀ ହୋଇ ଯାଇ ଦେଲା ଶ୍ରବ ମାନ ଜପିବି ନରତେ ।
କାଞ୍ଚୀତରୁ ଉଠିଲ ବସି କାଶୀବାସୀ ତୋଷି ଏ କାମନା ।
ଗଙ୍ଗାସାଗରେ ଝାସି ହେବଲେ ଲଭିବ ଗଜେନ୍ଦ୍ର ଗମନା । ୨୫ ।
ଯେଉଁରୂପେ ହସେ ମୁଖ ସୁଧା ଖସେ ହଶେ ସେ ବସୁଛି ।
ଯେଉଁରୂପେ ଆସେ ପୁରତେ ମୋ ବସେ ମନେ ହେ ପଶୁଛି ।
ଯେଉଁରୂପେ ଭାଷେ ବଚନ କର୍ଣ୍ଣେ କି ଏଷଣି ଦହୁଛି ।
ତେବେ ଅତ୍ୟନ୍ତ ଶୀତଳ କରୁଥିଲା ଏବେ ତ କହୁଛି । ୨୬ ।
ଏଣୀ ନୟନାକୁ ପାଇଲେ ଏଣିକ ଏକାନ୍ତ କରିବି ।
ଦଣ୍ଡେହେ ନ ଛାଡ଼ି ଚକ୍ଷୁ କ ପିନ୍ଧିଡ଼ି କୋଳରେ ଧରିବ ।
ମୁହିଁ ସଖୀ ହୋଇ ମାତ୍ରକ ବଢ଼ାଇ ଦେବି ଯେ ତାହାର ।
କୁସୁମ ପକାଇ ପଞ୍ଚଗ୍ରାସୀ ପରି କରିବି ଆହାର । ୨୭ ।

---

୨୨ । ଶିରର ଭୂଷଣ-ମଉଡ଼ମଣି । ଦୁଷଣ-ନିନ୍ଦା, ଦୋଷାରୋପ ।

୨୩ । ବରତ-ଯୁକ୍ତି । ହୃଦୟ ମଣି-ମନକଥା ଜାଣି ।

୨୪ । ଓଳଗି-ନମସ୍କାର । ଘେନା-ସ୍ୱୀକାର ।

୨୫ । କାଶୀବାସୀ-କାଶୀ ବିଶ୍ୱନାଥ ।

୨୬ । ପୁରତେ-ଅଗ୍ରେ ।

ଏବସ କାଳରେ ରତ୍ତ ପିନା ନାହିଁ କରିଛୁ ଦରବ ।
ଭୁଜଗ ଭୁଜ ଛନ୍ଦାଛନ୍ଦ ହୋଇ ହୃଦ ଉପରେ ଶୋଇବ ।
ବଢ଼ିଥିବାଯାକ ବୃକ୍ଷ ହୋଇଥିବ ତାହାଙ୍କୁ ପାଇଲେ ।
ଇନ୍ତ କେବଳ ନିଷେଧ ନ କରିବ ଏମନ୍ତ ହୋଇଲେ । ୨୮ ।
ସ୍ଵନ୍ତ ତ ସନ୍ତ ଶବଦ ଏତ୍ନମନ୍ତ କରନ୍ତ ମୋ ମନ ।
ଯେବେ ଯାଉଥିବ ସ୍ଥିର ପ୍ରାନ୍ତେ ପନ୍ଥେ କରିବ ଗମନ ।
ଗଣ୍ଡି ଦେଇଥିବ ବସନେ ବସନ ରଜନୀ ନବସେ ।
ଏମନ୍ତ ସତ୍ତ୍ଵ କରିଥିଲେ ଆଜ୍ଞନ ଅନ୍ତର ହେବ ସେ । ୨୯ ।
ଷଷ୍ଠ କଷ୍ଟ ଖ୍ରୁଷ୍ଟବମାନ ଲଭିଲା ମୋହକୁ ।
ଶୀତ ଉପଶ୍ମରେ ସଖୀ ଏ ସାନ୍ତ୍ଵନା କଲେ ତା ଦେହକୁ ।
କ୍ଷାନବଶେ ଖ୍ରେଷ ଏରୂପେ ଦନେତ ନଷ୍ଟାର୍ଥ ମରଣ ।
ଲଭିବ ପ୍ରିୟା ଆହା କଲେ ପିନା ମୁଁ ଲଭନ୍ତ କାରଣ । ୩୦ ।
ବୁଝାଇ ଆଇ ଖାବ ତୋତେ କେତେ ମୁଁ ନ କଲୁ ବୋଲରେ ।
ଆଜ୍ଞ ଆଜ୍ଞ ଜାକେଶ୍ଵରୀ ସୁକୁମାରୀ ସୁନ୍ଦରୀ ଭୁଲରେ ।
କନ୍ତୁ କନ୍ତୁ ପ୍ରିୟା ବୋଲି ତାକୁ ଷ୍ଟହୁଁ ଷ୍ଟହୁଁ ତା ମୁଖକୁ ।
ହାଇଥିଲେ ପାଇଥାନ୍ତୁ ଭୁ ପରମ ନିର୍ବାଣ ସୁଖକୁ । ୩୧ ।
କେଣେ ନୃପସୁତା ବରହ ଆରତେ କହଇ ସଖିକ ।
ସତେ ପଞ୍ଚଣ ଈଶ୍ଵରଙ୍କୁ କାରେ ମୁଁ ପାଇବ ଦେଖି କ ।
ଅଭିନ୍ନା ବୋଲି ଡ଼ାକୁଥାନ୍ତି ମୋତେ ସେ କ ଯେନି ମନରେ ।
ଅକାର ହରଣ କଲତ ବଧାତା ଅଳପ ଦନରେ । ୩୨ ।
ଏକା ହୋଇ ଏ କଠୋର ଯାମିନୀରେ କେମନ୍ତେ ଶୋଇବେ ।
ନୃପନ୍ତ ନନ୍ଦନ କଣ୍ଟଣ ସହ ସେ ନୁହନ୍ତି ଦଇବେ ।
ନ ଘୁଣ ମୋ ଆଶ ଗ୍ରୁଢ଼ ଆନେ ଆଶ କରି ସେ କୁମାର ।
ବନ ବଣି ଥିବେ କେମନ୍ତେ ଆସିବେ ପୁରୁଷ ଭ୍ରମର । ୩୩ ।

---

୨୮ । ବଢ଼ିଥିବା ଯାକ-ବଢ଼ିଥିବା ପର୍ଯ୍ୟନ୍ତ । ବୃକ୍ଷ-ନିମ୍ନମସ୍ତ ।
୩୦ । ଶୀତ ଉପଶ୍ମର-ଥଣ୍ଡା ତକଣ୍ଠା । ସାନ୍ତ୍ଵନା-ପ୍ରିୟକଥା ଦ୍ଵାରା ପ୍ରବୋଧ ।
୩୨ । ଅଭିନ୍ନାକୁ 'ଅ' ଟି କାଢ଼ି ନେଲେ ଭିନ୍ନ ବା ଅଲଗା ହୁଏ ।

ଏମନ୍ତ ହୋଇଥିଲେ ତ ଭଲ କଥା ଥିବାଇ ସେ ଜାଣେ ।
ଧନ ଧନକ ତୀରଣ ସ୍ୱଦ ମୋର ଲୋଚନ ଲେଖଣେ ।
ମୋହ ପ୍ରସଙ୍ଗ ଧନେ ଧନେ କଳ୍ପିଥି ଆପଣେ କହିବେ ।
ଆଉ ନିଜ ଗାଣେ ଥିବ ବନ୍ଧୁ ବୋଲି ଆକୁଳ ହୋଇବେ । ୩୪ ।
ସଖୀ ଚେତାଇ କହିଲେ ରେ ସଜନି ଭୁଞ୍ଜ ତ ସୁଖିକ ।
ନଈ ବଦମାଳ ଦେବାକୁ ଯେ ପୁଣି ବନ୍ଦଇ ମାଣିକ୍ୟ ।
ଧନକ ପଥ ମାସକେ ନ ସହିବ ଦୁର୍ବଳ କଣରେ ।
ତୋହ ଆଶାରେ ଆସି ସେ ହୋଇବେନି ନିକଟ ଦେଶରେ । ୩୫ ।
ସ୍ୱପ୍ନେ ଦେଖିଲ ଜନକ ନନ୍ଦନୀ ସ୍ୱରୂପେ ଭାମିନୀ ।
କହିଲେ ନିକଟେ କାନ୍ତକୁ ଲଭିବ ଜଗନ୍ଦ ଗମନୀ ।
କହେ ଉପେନ୍ଦ୍ର ବୀରବର ଅଶା ଏଣୁ ତା ଉଚିତ ।
ରସିକ ଭ୍ରମର ତୋଷଦ ମାଳତୀ ଏ ଛାନ୍ଦ ରଚିତ । ୩୬ ।

—*—

## ଦ୍ୱିଚତ୍ୱାରିଂଶ ଛାନ୍ଦର ସାରକଥା

ଶରତ ଋତୁରେ ବିରହ ବର୍ଣ୍ଣନା ଏବା ଉକ୍ତ କାବ୍ୟରେ ବାର୍ଦ୍ଧକ୍ୟ ଗୁଣ ଅଧିକେ ସମସ୍ତ ପ୍ରାଚୀନ ରୀତିକାବ୍ୟ ମାନଙ୍କରେ ସ୍ଥାନ ପାଇଛି । ଲାବଣ୍ୟବତୀରେ ଉକ୍ତ ଛଅଟିପାଦ ଋତୁରେ ନାୟକ ଚନ୍ଦ୍ରଭାନୁ କଠୋର ବିୟୋଗ ଦୁଃଖ ଲାଭ କରିଛି ତାହା ଏଥିପୂର୍ବରୁ ସୂଚିତ ହୋଇ ଯାଇଛି । ସଂସ୍କୃତ ଛାନ୍ଦରେ ଚନ୍ଦ୍ରଭାନୁ ବିଦେଶରେ ଥିବା ସମୟରେ ହେମନ୍ତ ଋତୁରେ ରୂପଶ୍ରୀ ବିଚ୍ଛେଦ ଦୁଃଖ ଅନୁଭବ କରିଛି ତାହା ଅଙ୍କିତ ହୋଇଛି । ବର୍ଣ୍ଣନା ପ୍ରାୟ ଗତାନୁଗତିକ ଓ ଯାନ୍ତ୍ରିକ । ତା ସତ୍ତ୍ୱେ ବର୍ଣ୍ଣନାରେ ସୂକ୍ଷ୍ମଦୃଷ୍ଟି ଅଛି, ଉଦାହରଣ ସ୍ୱରୂପ—

"ପ୍ରଦୀପ ଛଳେ ଜାଳାଇଲି ମନ୍ଦିରେ....ଅଚ୍ଛାଦିତ ଜାଲ ଯୁବତୀ ବଧାନେ ।୨
ସକଳ ଗାତ୍ର ମସୃଣ ହୋଇ ଦେଲି....କୁହାଇ ଏ କାଳକୁ ଗଢିଟି ତରୁଣୀ ।୭"

ଏହାଛଡ଼ା ପ୍ରାୟ ଅନ୍ୟାନ୍ୟ ପଦମାନ କାମଚେଷ୍ଟା, ଇନ୍ଦ୍ରିୟ ବଳାର ଆଦ ବର୍ଣ୍ଣନାରେ ଭାରାକ୍ରାନ୍ତ । ଯଥା—

"ହିମ୍ମ କୁସୁମହାରୀ ଅଙ୍ଗୁଳୀ....ପଣ୍ଡ ଯୋଡ଼ାଇ ଦଅଇ ସୁରତ ।୧୧
ଖେଡ଼ ଶେଯରେ ଲୁଚେ ହସ୍ତ ପଡ଼ିଲି....ନବୀନ ଫେଇଲି ।୧୩
ମଲ୍ଲିଟି ବୋଲି ଭିଡ଼ି ଧରି ମୋତେ ସେ....ରସ ଜାଣିବାକୁ ଯୁବତୀ ନଥିବ ।୨୪"

ଏ ପ୍ରକାର ଛାନ୍ଦମାନ କାବ୍ୟରେ କବିଙ୍କର ରୁଚି ବିକୃତି ଭିନ୍ନ ଅନ୍ୟ କିଛି ବିଶେଷ ଉତ୍କର୍ଷ ସାଧିତ କରୁନାହିଁ । ଗ୍ରୀଷ୍ମ, ବର୍ଷା, ଶରତ ଆଦି ଋତୁମାନଙ୍କରେ ବିରହ ଅନଳରେ ଉତ୍ପୀଡ଼ିତ ହୋଇ ଚନ୍ଦ୍ରଭାନୁର ପ୍ରେମ ଅଧିକରୁ ଅଧିକ ସାନ୍ଦ୍ର ହୋଇଛି ।

# ଚତୁଃ ଚତ୍ୱାରିଂଶ ଛାନ୍ଦ

( ଭରତେ ଶିଶିର ଏବଂ ବସନ୍ତ ଋତୁ ବର୍ଣ୍ଣନ )

ରାଗ—ଭଣ୍ଡପଦେଶାକ୍ଷ ।

ଶିଶିରକାଳ କାଳ ପ୍ରାପ୍ତ ପ୍ରବେଶ ନାଶ କଲା ଅର୍ଦ୍ଧ୍ୱନକ ।
ଦିନବନ୍ଧୁ ଗଣ ଗଣ୍ଡ ଥାଇଁ ବାଜେ ନଗର ପାଶେ ତର୍ଜିକ
ଶିବାଧ୍ୱନ ଢେଙ୍କୁରକ । ବିଯୋଗୀ ଶୁଣି ଉଦ୍‌ବୁକ । ୧ ।
ତୁଷାର ଜଳରେ ପ୍ରଳୟ ଉଠିଲା ବିଦେଶୀ ନ ଯାଇ ସ୍ଥାନ
ମକର ମୁଖରୁ ଆଉକ ବଞ୍ଚିବା ଭାବ ସେ ହେଲେ ଡକଳ
ଭଜମା ପାଶରେ ଜନ । ବନ୍ଧନ ପଞ୍ଚ ଶଯ୍ୟନ । ୨ ।
ଏମନ୍ତ ଋତୁକୁ ସ୍ୱର୍ଣ୍ଣ ନୃପସୁତ ଲୋଚନେ ଲୋତକ ଭରି
ସେହି ମାସକୁ ବାସ କରି ମନରେ କହୁଅଛନ୍ତି ପୁରଃସରି ।
ମୋତେ ତ କଲେ ଆହାର । ପୂର୍ବକ କୁମ୍ଭ ଉଦର । ୩ ।
ବାଳାଦୁଃଖେ ଦୁଃଖୀ ବାଳାସୁଖେ ସୁଖୀ ସମସ୍ତପ୍ରକାର ମୂର୍ତ୍ତି
ମୋ ଆୟୁଷ ପାଇ ଆଇଁଥାଉ ପଛେ ଶରଦ ଅମ୍ବୁଜ ମୂର୍ତ୍ତି ।
ଏରୂପେ ଯେଉଁ ବାଳାକୁ ଦେଖିବ ଚେଳଜ ଚାଳୁ । ୪ ।
ଶ୍ରୀକଣ୍ଠଗିରି ଶୋଭାକୁ ବଳିଥିବ ଯାହାର ଉତ୍ତୁଙ୍ଗ ସ୍ତନ ।
ଲୋତକ ଜଳରେ ଜରଜର ହୋଇ ନଥିବ ପଦ୍ମାଳି ପୁନଃ
ସମା କାମା କୋପଭର୍ତ୍ତା । ହଗତ ପରାସ୍ତ ଭର୍ତ୍ତା । ୫ ।
ଅର୍ଦ୍ଧଶଶି ଅର୍ଦ୍ଧ ନବଜଳଧର ଖଣ୍ଡେ ଗଳା ପ୍ରାପ୍ତ ଶଶି
ବଢ଼ି ଯାହାର ଅଳକ ବଳିଥିବ ଝିଲ୍ଲି ଅଳକକୁ ଗ୍ରାସି ।
ତାଟଙ୍କ କଟକ ଦୁଇ । ସେ ମାନବ ଥିବ କହି । ୬ ।

---

୧ । ଶିଶିରକାଳ-ପୌଷ ଓ ମାଘ ମାସ । ଦିନବନ୍ଧୁ-ସୂର୍ଯ୍ୟ (ବନ୍ଧୁ) । ଢେଙ୍କୁରକ-ନାଗର ବାଦ୍ୟ । ଉଦ୍‌ବୁକ-ଉଦ୍‌ବେଗ୍ନ ।

୨ । ତୁଷାର-ଶୀତଳ । ମକର-ମାଘମାସ, କୁମ୍ଭୀର ।
ମାଘମାସର ଶୀତପ୍ରତାପରେ ସମସ୍ତେ ଯାତ୍ରପୂର୍ବ ହୋଇ ଶୋଇଲେ ।

୩ । ପୁରଃସର-ଅଗ୍ରସର ।　　୪ । ଅମ୍ବୁଜ-ଚନ୍ଦ୍ର ।

୫ । ଉତ୍ତୁଙ୍ଗ ସ୍ତନ-ଉନ୍ନତ କୁଚ । ପଦ୍ମାଳି-ପଦ୍ମସବୁ, ଚକ୍ଷୁସବୁ । ହଗତ-ଶୂନ୍ୟ ।

୬ । ଅଳକ-ବନାବାଳ, ମୁଣ୍ଡର ଚୂନା ଅଳକା । ତାଟଙ୍କ-କାନର ଅଳଙ୍କାର । କଟକ-ହାତର ଅଳଙ୍କାର ।

ସଂଖୀ ଅବା କଳେ ଲେଖି ହେଉଥିବେ ନୟନେ କଜ୍ଜଳ ଗାର
ମଧୂକ ପୁଷ୍ପ ଭୃଙ୍ଗପରି ସେ କାଳ ଗଣ୍ଡେ ରହୁଥିବ ସାର ।
ଦେଖି ଯେ କମଳ ନାଡ଼ । ସୁମରୁଥିବ ଗରୁଡ଼ । ୭ ।
କଣ୍ଠି ପାଷାଣେ ବାରବାନସୁନା ଗିରିପରି ହୋଇ ଯେହ୍ନ
ପଙ୍କଜ ପଲ୍ଲବ ଶେଯେ ଶୋଇଥିବ ମୋହର ବଲ୍ଲଭୀ ସେହ୍ନ ।
ଛୁଡ଼ିବୁ ତାକୁ ମାତର । ଏତିକ ପ୍ରାର୍ଥନା ମୋର । ୮ ।
ତୁ ଅବା ବୋଲିବୁ କେ ତୋ ସୃଷ୍ଟି ବୁଡ଼ିବ ଗଲାଠାରୁ ତୋର ଜୀବ
ତା ଶୁଭ ଏଥିକି ବାଞ୍ଛା କରଇ ମୁଁ ମୋତେ ସେ ଗତି କରିବ ।
ଜଳଦାନ ଶ୍ଳୋକରେ । ବେଦନସ୍ୱନ ବାକ୍ୟରେ । ୯ ।
ଆତ୍ମର କଥାଏ ଯଥା ଏକ ନାମ ଅଶ୍ୱିନୀକୁମାର ଦୁଇ
ସେହ୍ନପ୍ରକାରେ ତା ମୋର ଏକପ୍ରାଣ କେବଳ ଯୁଗଳ ଦେହୀ ।
ଯେବେ ମୋର ପ୍ରାଣ ଯିବ । ତାହା ଦେହେ ସମ୍ଭାଇବ । ୧୦ ।
ଜବାଧସ୍ଥି ଦେହ ଇତର ନୁହଇ ଯୁବା ବଇକୁଣ୍ଠ ପୁର
ପରମ ପଦବୀ ଏମନ୍ତ ବୋଇଲେ ଶ୍ରେଷ୍ଠ ହୋଇବ କି ମୋର ।
ଏହନ ଭାବନା କରି । ଶିଶିର ରତ୍ନକୁ ହରି । ୧୧ ।

---

ଅଧାଚନ୍ଦ୍ର ମେଘ ଭିତରେ ପଶିଗଲେ ଯେପରି ଦିଶେ, ତା ଚନ୍ଦ୍ରାବାଲଟର ମୁଣ୍ଡର ସୁନା ଅଳକା ଝୋଡ଼ାଇବାକୁ ସେହିପରି ଦିଶୁଛି । କାନରେ ସୁନାର ତାଟଙ୍କ ଓ ହାତରେ ଖଡ଼ୁ ଚୁଡ଼ି ଆଉ କିଛି ପିନ୍ଧି ନଥିବ ।

୭ । ମଧୁକ-ସୂର୍ଯ୍ୟମୁଖୀ ଫୁଲ ।
ବିରହ ଜ୍ୱରରେ ପଦ୍ମନାଡ଼ ଦେଖିବାରେ ତାକୁ ସାପ ମନେକରି ଗରୁଡ଼କୁ ଡାକିବ।

୮ । ବାରବାନ-ଉତ୍ତମ ସୁନା ।

୯ । ତୁ କହିବୁ ତୁ ମଲେ ଗଲା, ମାତ୍ର ମୁଁ ତା ଶୁଭ ଇଚ୍ଛା କରେ । ପିଣ୍ଡଦାନ ଜଳ ତର୍ପଣ ପରି ମୋ ମଲା ପରେ ତାର ଶ୍ଳୋକ ବନ୍ଧ ମୋତେ ମୁକ୍ତି କରିବ ।

୧୦ । ଅଶ୍ୱିନୀ କୁମାର, ଏ ଦୁଇଟି ନାଆଁ ହେଲେ ମଧ୍ୟ ଦେବତାପକ୍ଷରେ ଏକ । ସେହିପରି ତା ପିଣ୍ଡ ମୋ ପିଣ୍ଡ ପୃଥକ ହେଲେ ହି ଜୀବ ଏକ । ମୋ ଜୀବ ଗଲେ ତା ପିଣ୍ଡରେ ରହିବ ।

୧୧ । ତାର ଦେହ ତ ଅନ୍ୟ କିଛି ନୁହେଁ ସାକ୍ଷାତ୍ ବୈକୁଣ୍ଠପୁର, ତେଣୁ ସେଠାକୁ ମୁଁ ଗଲେ ଶ୍ରେଷ୍ଠ ମୁକ୍ତି ମିଳିବ । ଏହିପରି ଭାବିଲା ।

ଏ ଅନ୍ତେ ମନୋହର ହୋଇ ସୁବେଶ ହୋଇଲା ଋତୁ ରାଜନ
ପଞ୍ଚମ ସ୍ୱରରେ ପରଭୃତ କଲେ ମଙ୍ଗଳ ଗୀତ ଗାୟନ ।
ଝଙ୍କାରି ଝଙ୍କାରସ୍ୱର । ବାଜିଲା ଜୟ ତୂର । ୧୨ ।
ନବପଲ୍ଲବ ଚଳିତ ଛଳେ ରୁଚିଲେ ଖଣ୍ଡ ତରୁ ପରିକର
ଲୁଚିଲା ମୂଳ ରୂପର ପରି ସେହୁ ଲାଗେ କରି ଆଦର
ଉଠେ କୁସୁମ ପରାଗ । ପ୍ରକାଶ ଚର୍ଚ୍ଚରି ରଙ୍ଗ । ୧୩ ।
ଭୃଙ୍ଗଧ୍ୱନି ଛଳେ ନବ କମଳିନୀମାନେ ଟେକିଲେ ଫୁଲଫୁଲ
ନାଗକେଶର ପାଦପ ବୃନ୍ଦଛଳେ ଧଇଲା କି ଛତ୍ର ତୋଳି
କାନନ ମଗରେ ଝୁଲି । ସୁନାସ୍ତି କଳ୍ପ ପାଟଳୀ । ୧୪ ।
ମଲ୍ଲିକା ଆଲକା ଚମ୍ପା କଅଁଳିକା ନବୀନ କୁସୁମବଣ
ତଥାପି ମହର୍ଷୀ ସଲିଳ ଅଙ୍କରେ ଶୟନେ ବଳାଇ ମନ ।
ମଳୟ ପବନ ଧୀର । ସଧୀରେ ଆସେ ପ୍ରସ୍ଥର । ୧୫ ।
କାମସେନା କି କେତକୀକଣ୍ଟ ଯମଦାଢ଼କୁ କରି ନକୋଷ
ବିରହିଣୀ ପରେ ଭର୍ତ୍ସନା ଏକ ଭଲେ ଏଥିରେ କରିବ ନାଶ
କୁଲିଷ୍ମନା ହୋଇ ବାଣୀ । ପ୍ରକଟ ହୋଇବ ପୁଣି । ୧୬ ।
କାମମିତ୍ର ମନ୍ତ୍ରୀ ଏମନ୍ତ ଶିଖାଇ ବିରହିଣୀ ଗୋପ୍ୟ ନ ରଖ
ଜନ ଧନମାନ ଲୁଟି କରିବାକୁ ଲେଖିବା ସନ୍ତକ ଲେଖ ।
ସମ୍ବାଦ ଏଣୁ କେତକୀ । ବିଯୋଗୀ କଣ୍ଠ ପାତକୀ । ୧୭ ।

---

୧୨ । ଋତୁରାଜନ-ବସନ୍ତ କାଳ । ପରଭୃତେ-କୋଇଲିମାନେ । ତୂର-ଭେରୀ ।
୧୩ । ଖଣ୍ଡ ତରୁ-ଗଛବୃକ୍ଷ । ଚର୍ଚ୍ଚରୀ ରଙ୍ଗ-ଫଗୁଖେଳ ।
୧୪ । ନବ କମଳିନୀ-ନୂଆକରି ଫୁଟିଥିବା ପଦ୍ମଫୁଲ, ନୂତନ ଯୁବତୀ । ପାଦପ-ଗଛ ।
ସୁନାରି-ସୁନାରି ଫଳ । କଳ୍ପ-ସ୍ୱର୍ଗଫୁଲ । ପାଟଳୀ ଫୁଲ ।
୧୫ । ମହର୍ଷୀ-ମଇଁଷି । ସଲିଳ ଅଙ୍କରେ-ପାଣି ଭିତରେ ।
ଏ ଋତୁରେ ମଲ୍ଲୀ, ଚମ୍ପା ଓ କଅଁଳ ଫୁଲସବୁ ନୂଆ ହୋଇ ଫୁଟିଲେ । ଖରା ତେଜ ହେଲା । ମଇଁଷିମାନେ ପାଣିରେ ବୁଡ଼ିଲେ ।
୧୬ । କାମସେନା-କନ୍ଦର୍ପ ସେନା । ଯମଦାଢ଼-ମୁନିଆ । ନକୋଷ-ଖଣ୍ଡ ବା ଖୋସାକୁ ବାହାରି କରି ।
୧୭ । କାମମିତ୍ର ମନ୍ତ୍ରୀ-ବସନ୍ତ ମନ୍ତ୍ରୀ । ଗୋପ୍ୟ-ଗୋପନ । ସନ୍ତକ-ଚିହ୍ନ, ସ୍ୱାକ୍ଷର ।
ବସନ୍ତ ରାଜା ତା ମନ୍ତ୍ରୀକି କହୁଛି—କାମରେ ଯେଉଁମାନେ ଜ୍ଞାନ ହରାଇଛନ୍ତି ସେମାନଙ୍କର ସାରକ ଚିହ୍ନ ଲେଖ । କନ୍ଦର୍ପରେ ଯେଉଁମାନେ ଅସ୍ତ୍ରହୀନ ସେମାନଙ୍କ ତାଲିକା କର ।

ଏ ଉପମେୟ ସମସ୍ତଙ୍କୁ ଅନାଇ ଭଙ୍ଗଲେ ଲାବଣ୍ୟବତୀ
ବକ୍ଷରେ ଏ ଯୁବାବସ୍ଥାରେ ଏ ମାନସେ ମୋର କୋଳେ ତାହିଁ ଯତି ।
କେମନ୍ତେ ବଞ୍ଚିବ ଧନ । କ କଲେ ପଦ୍ମଲୋଚନ । ୧୮ ।
ଚନ୍ଦନ ପିଚକା ସଞ୍ଚାଡ଼ି ମାରନ୍ତି ମୋ ଉର କରି ଯେ ଲକ୍ଷ
ତାହା ବଞ୍ଚାଇଁ ମୁଁ ନଖାଇଲେ ଭୁରୁ ଜନମାନ୍ତି କେଡ଼େ ସୁଖ
ବୋଲନ୍ତି ସ୍ତୁପରେ ବାଣ । ସନ୍ଧି କରିବୁ କି ରଣ । ୧୯ ।
ରତିଶ୍ରମରେ ଘର୍ମ ହେଲେ ତାହାର ପୁଛନ୍ତି ବାଧିଲା କରେ
ଶେଷରେ ବା ଏରେ ପୋଛିଦେଇ ଚୁମ୍ବ ଦିଅନ୍ତି କେଡ଼େ ସ୍ନେହରେ ।
ଲେପନ୍ତି ଚନ୍ଦନ ତନୁ । ସେ ଭାବ କି ଯିବ ମନୁ । ୨୦ ।
ଏ ଭାବ ସୁନ୍ଦରି ନଷ୍ଟେ ଏତେ ମଲ୍ଲି ଧନେ ନାଗେଶ୍ୱର ଗୁଣ୍ଡି
ମୁଁ ତୁଳ କରିବା ବ୍ୟାଜରେ ଅଣାଇ ମୋର ଉରଜରେ ମଣ୍ଡି ।
ଅଳିଙ୍ଗନରେ ପ୍ରମୋଦେ । ହୃଦ ଲଗାଇଲେ ହୃଦେ । ୨୧ ।
ମୁହିଁ ଅଳପ ହସିଲା ବେହାଇଲାକୁ ବୋଇଲା ବସିବ ଶୋଭା
ନତ ଆସନକୁ ଯାଇଁ ଏହିପରି କରିବା କନକ ପ୍ରଭା ।
ଉଠିଲି ମୁଁ ଲାଜ ପାଇ । ବୋଇଲେ କରି ଭୁ ହୋଇ । ୨୨ ।
ଏମନ୍ତ କହି ସେ ସଖୀଙ୍କ ମଧ୍ୟଙ୍କ ମଧ୍ୟଲୀ ରତନ ତୁଲ
ଏ ଋତୁ ଆଗମେ ଭାଳ ନ ପାରିଲା ବଲ୍ଲଭ ବଲ୍ଲଭୀ କେଳ
ସୁମରି ଶ୍ରୀରାମଚନ୍ଦ୍ର । କହେ ଭଞ୍ଜ ଉପେନ୍ଦ୍ର । ୨୩ ।

—*—

## ଚତୁଃ ଚତ୍ୱାରିଂଶ ଛାନ୍ଦର ସାରକଥା

ଋତୁ ଅନୁଯାୟୀ ବିରହର ବର୍ଣ୍ଣନା ଏ ଛାନ୍ଦରେ ପରିସମାପ୍ତି ଘଟିଛି । କେବଳ ପୁନରାବୃତ୍ତି ଓ ଚର୍ବିତ ଚର୍ବଣ ଛଡ଼ା ଅନ୍ୟ ବିଶେଷ କିଛି ନୂତନତା ଏଥିରେ ନାହିଁ । ଶୀତ ଏବଂ ବସନ୍ତ ଏ ଦୁଇଟି ଋତୁ ନବ ଦମ୍ପତିଙ୍କର ବିଶେଷ ପସନ୍ଦର ସମୟ । ଶୀତ ଋତୁରେ ବିରହ ବର୍ଣ୍ଣନା ଅତି ସଂକ୍ଷେପ ଭାବରେ ୧୧ ପଦରେ ଶେଷ ହୋଇଛି । ଏହା ପରେ ଅବଶିଷ୍ଟ ପଦରେ ବସନ୍ତ ଋତୁର ବର୍ଣ୍ଣନା କରାଯାଇଛି । ବର୍ଣ୍ଣନାର ଚମତ୍କାରିତା ପାଇଁ ୯ ଏବଂ ୧୨ ପଦ ଦ୍ରଷ୍ଟବ୍ୟ । ୧୯ ପଦରେ ସଖୀମାନଙ୍କର ହାସ ପରିହାସ ଉପଭୋଗ୍ୟ । ସର୍ବୋପରି ଶବ୍ଦ ଚଉତିଶା ରାଗର ପ୍ରୟୋଗରୀତି ଛାନ୍ଦଟିର ଲୋକପ୍ରିୟତା ବଢ଼ାଇଛି ।

---

୧୯ । ଉର-ବକ୍ଷସ୍ଥଳ, ହୃଦୟ । ଲକ୍ଷ-ଲକ୍ଷ୍ୟ, ଉଦ୍ଦେଶ୍ୟ । ସନ୍ଧି-ମିଳନ ।
୨୦ । ରାଗର ଶେଷରେ-ମଧୁଶଯ୍ୟା କର୍ମ ଶେଷରେ ।
୨୧ । ଉରଜରେ ମଣ୍ଡି-କୁଚରେ ବୋଳି ଦିଅନ୍ତି । ହୃଦ-ହୃଦ । ୨୨ । ଆସନ-ବଡ଼ିରୁ

# ପଞ୍ଚଚତ୍ୱାରିଂଶ ଛାନ୍ଦ

## ଚନ୍ଦ୍ରଭାନୁର ଜାଗ୍ରି ଓ ଯୁଦ୍ଧ ବର୍ଣ୍ଣନ

ରାଗ—ବଙ୍ଗଶ୍ରୀ ଗୁଜ୍ଜରୀ

ଏ ଅନ୍ତେ ଶୁଣ କୋଶଳେ ଚନ୍ଦ୍ରଭାନୁ ଜାଗ୍ରି ହବେ
ଏତେ ସ୍ଥାନେ ଚନ୍ଦ୍ର ପ୍ରାପ୍ତ ହେବ ହେ ।
ଜମ୍ବୁ ପ୍ଲକ୍ଷ କୁଶ କ୍ରୌଞ୍ଚ ଶାକ ଶାଲ୍ମଳୀରେ ଘଞ୍ଚ
ହୋଇ ପୁଷ୍କରକୁ ବୋଲି ଯିବ ହେ । ୧ ।
ଏଥିରେ ନୃହନ୍ତେ ଠାବ ତଳେ ଚଣି ତଳେ ଯିବ
ଅତଳ ନିତଳ ବିତଳକୁ ହେ ।
ଗଭସ୍ତି ମହାଖ୍ୟ ସେନ ସୁତଳ ପାତାଳ ସ୍ଥାନ
ନିରତେ କରିବ ଉଜ୍ଜ୍ୱଳକୁ ହେ । ୨ ।
ପାଦ ବଧି ପାବଚ୍ଛରେ ଦେଇ ଗମିବ ସ୍ୱଚ୍ଛରେ
ଊର୍ଦ୍ଧ୍ୱକୁ ଜାଗ୍ରି ପଟଳ ଚାର ହେ ।
ଭୂର୍ଭୁବ ସ୍ୱ ମହାଜନ ତପ ସତ୍ୟାନ୍ତ ଭୁବନ
ଗ୍ରାସେ ହୋଇ ପୃଥୁ କଳେବର ହେ । ୩ ।
ଫୁଟିବ ବ୍ରହ୍ମାଣ୍ଡ ଖଣ୍ଡ ଅତି ବୃଦ୍ଧ ହୋଇ ପିଣ୍ଡ
ଉପରକୁ ଯିବ ସେ କାହାର ହେ ।
ସ୍ଥଳସ୍ଥରେ ଅବକାଶ ଯହିଁରେ ନାହିଁ ତ ଯଶ
ଶର ହୋଇ ରହିବ ବାହାର ହେ । ୪ ।

---

୧ । ଜମ୍ବୁ, ପ୍ଲକ୍ଷ, କୁଶ, କ୍ରୌଞ୍ଚ, ଶାକ, ଶାଲ୍ମଳୀ ଓ ପୁଷ୍କର ଏଗୁଡ଼ିକ ସପ୍ତଦ୍ୱୀପର ନାମ । ଘଞ୍ଚ—ଲିପ୍ତାଲାଗି ।

୨ । ଅତଳ, ବିତଳ, ନିତଳ, ଗଭସ୍ତି, ମହାଖ୍ୟ, ସୁତଳ ଓ ପାତାଳ ଏ ସାତୋଟି ହେଉଛନ୍ତି ସପ୍ତ ପାତାଳ ।

୩ । ପାଦ-ଶ୍ଳୋକ (ସୂତ୍ରାର୍ଥ) । ବଧି—ହେତ୍ର । ଭୂ, ଭୁବ, ସ୍ୱ, ମହ, ଜନ, ତପ ଓ ସତ୍ୟ ଏ ହେଉଛନ୍ତି ସପ୍ତ ସ୍ୱର୍ଗ । ପୃଥୁ—ବଡ଼ ।

ଯେବଣ ଜମ୍ବୁର କୂଟ- ବାସୀ ଅସ୍ରପ ଉତ୍ପନ୍ନ
ରମ୍ୟକ ଭଦ୍ରାଶ୍ୱେ ନିଦ୍ରା କୋଷ୍ଠ ଯେ ।
କର୍ମ ଥାଇ କିଂପୁରୁଷ ଇଳାବୃତ ହରିବର୍ଷ
କେତୁମାଳ ଉଚ୍ଛନ୍ନ କରାଇ ଯେ । ୫ ।
ଘାଦଶାତେ ଝଳେ ଯାଇ ହିରଣ୍ମୟ ନିରନ୍ତର
ହିମାଳୟ ତଳ ରହି ଗ୍ଲାପି ହେ ।
ହେ ଭରତ ଖଣ୍ଡ ବୀର ଚନ୍ଦ୍ର ଭାନୁ ରତ୍ନାକର
କୋଟି ପରମିତ ଉଠେ ଲକ୍ଷି ହେ । ୬ ।
ଉପସ୍ଥିତ ପ୍ରଦକ୍ଷେତ ସ୍ୟନ୍ଦନେ ହେଲା ପ୍ରବଳେ
ଦିବ୍ୟାୟୁଧେ ହୋଇଣ ମଣ୍ଡିତ ଯେ ।
ସୂତ ହେଲା ମନ୍ତ୍ରୀ ସୁତ ପ୍ରାଣେ ଅଭିନ୍ନ ମିତ
ଗଲା ସେ ଅରି କରି ଖଣ୍ଡିତ ଯେ । ୭ ।
ରିପୁବଳ ସ୍ମରି ବପୁ ପ୍ରକାଶ କରଣେ କୋପୁ
ଅଟ୍ଟହାସ ପରକାଶ କଲା ହେ ।
ସ୍ଫୁଟ କୋକନଦ ଆସ୍ୟେ ନେତ୍ରଯୁଗ୍ମ ଶୋଣପ୍ରାଏ
ବାହ୍ୱାସ୍ଫୋଟ ପୁନଃ ପୁନଃ ଦେଲା ହେ । ୮ ।
ଅଧରେ ରଦନ ଚର୍ବି ଗୁଣରେ ଶ୍ୱେପ ବସାଇ
ବୀର କେଶରେ ପକାଇ କରି ହେ ।
ଅଶନି ଅଭେଦ ପିଣ୍ଡ- ମାନ କଲା ଖଣ୍ଡ ଖଣ୍ଡ
ଶତ୍ରୁ ଉପରେ ପ୍ରହାରି ଶର ହେ । ୯ ।

---

୫ । ଅସ୍ରପ—ରାକ୍ଷସ, ଜୋକ, ରକ୍ତପାୟୀ । ରମ୍ୟକ ଓ ଭଦ୍ରାଶ୍ୱ-ଦ୍ୱୀପବିଶେଷ । କିଂପୁରୁଷ-କିନ୍ନର । ଇଳାବୃତ, ହରିବର୍ଷ ଓ କେତୁମାଳ-ଦେଶର ନାମ ।

୬ । ହିରଣ୍ମୟ-ସୁନାପୂର୍ଣ୍ଣ ସମୁଦ୍ର । କୋଟି ପରିମିତ ଉଠେ ଲକ୍ଷି-ବଢ଼ ପାଦରେ ସହସ୍ର ସହସ୍ର ଥର ଡାକବା ।

୮ । ରିପୁବଳ-ଶତ୍ରୁ ସୈନ୍ୟ । ବପୁ—ତ୍ରିଶଙ୍କୁ ଶରୀର ।

୯ । ଶ୍ୱେପ-ଶର । ବୀରକେଶ—ନିଶ ।

ତହିଁ କାଣ୍ଡ ଜଳଧାର                    ଇନ୍ଦ୍ରଧନୁ ଜଳ ପସର
ପୁଣ ପୁଣ ଧ୍ୱନିତ ସ୍ତନିତ ହେ ।
କର କୃପାଣେ ଝଟକ                    ଶମ୍ପା ଚକ୍ଷିଟ ଛଟକ
ବାଟ୍ଟକ ଭରକାବଳୀ ମତ ହେ । ୧୦ ।
ଏମନ୍ତ ବୃଷ୍ଟି ସମାଧ                    ଚହ୍ଲାକେ ଏମନ୍ତ ନଦ
କବନ୍ଧ ନାଟ ପ୍ରକଟ ହୋଇ ଯେ ।
ଖାଲଲ କି ଲଲ ପଲ                    ଜମ୍ବାଳ ହେଲା ଅବଲ
ପତାକା ଲହରୀ ଶୋଭା ଯହିଁ ହେ । ୧୧ ।
ସ୍ୟନ୍ଦନ ତରଣୀ ଶିର                    ଉତ୍ପନ୍ନ କୁମ୍ଭୀ କୁମ୍ଭୀର
ମୀନ ଭୁଜଙ୍ଗ ବସନ ଫେନ ହେ ।
ଚର୍ମ ଆଡ଼ଣୀ କମଠ                    ଭୁଜ ଭୁଜଙ୍ଗ ପ୍ରକଟ
ପତ୍ତି ଅଣ୍ଡିରକ ଭେକ ସ୍ୱନ ହେ । ୧୨ ।
ପକ୍ଷପନ୍ତି କମ୍ବୁ ତଟ                    ବଟଗୀ ହୋଇଲେ ଭ୍ରଷ୍ଟ
ବୁଡ଼େ ଦୁଷ୍ଟକୁଳ ସ୍ୱହିଁବାରେ ହେ ।
ଇଦ ଇଥ ମଧ୍ୟ ପଥ                    ପୂର୍ଣ୍ଣ ହେଲା ଦେବସୂତ
ଶ୍ରମ ହେଲେ ରଥ ବାଣ୍ଟିବାରେ ଯେ । ୧୩ ।

---

୧୦ । ସ୍ତନିତ-ମେଘ ଗର୍ଜ୍ଜନ ।

୧୧ । କବନ୍ଧ-ମୁଣ୍ଡ ନଥିବା ଗଣ୍ଡି । ଖଲ୍ଲ-ଜଳ, ରକ୍ତ । ଜମ୍ବାଳ-କାଦୁଅ ।
ବର୍ଷାରେ ନଈ ବଢ଼େ, ଏଠାରେ ରକ୍ତନଈ ବଢ଼ିଲା । ନଈରେ ଜଳ ନାଚ ନାଚ ଯାଏ, ଏଠାରେ କବନ୍ଧ ନାଚ ନାଚ ଯାଏ । ନଈରେ ରକ୍ତବର୍ଣ୍ଣ କର୍ଦ୍ଦମ ଆଦ ଦେଖାଯାଏ, ଏଠାରେ ରକ୍ତ ମୁଣ୍ଡା ମୁଣ୍ଡା ହୋଇ ଭାସୁଥାଏ । ନଈରେ କାଦୁଅ ପାଣି ଗୋଳିଆ ହୁଏ, ଏଠାରେ ରକ୍ତରେ କାଦୁଅ ହୋଇ ଅପରିଷ୍କାର ବା ଗୋଳିଆ ଦେଖାଯାଏ । ନଈରେ ଲହରୀ ହୁଏ, ଏଠାରେ ପତାକା ସବୁ ଲହରୀ ।

୧୨ । କୁମ୍ଭୀ-ହାତୀ । ପତ୍ତି-ପାଇକ ।

୧୩ । ପକ୍ଷପନ୍ତି କମ୍ବୁ-ଶତ୍ରୁର ବଡ଼ମା ପଣ । ତଟ-ତୀର, କୂଳ । ବଟଗୀ-ଗଛ ।
ଦେବସୂତ-ଅରୁଣ ସାରଥି ।

ତୁଳନା କରି ତୁମର          ବ୍ୟଥା ଅପସରିବାର
ମଳୟାଦ୍ରି ଚନ୍ଦନସାର ଶେଷ ହେ ।
ଚଇତ୍ରରଥ ନନ୍ଦନ          ହୋଇଲେ ସ୍ପଷ୍ଟ ବସ୍ତ୍ରାନ
ଅତି ସଘନ ସମନବାସ ହେ । ୧୪ ।
କେଶ ମୁକୁଳା ବିକାସ          ଦଶନେ ତୃଣ ଅଜସ୍ର
ପ୍ରକାଶିତ ଶିଶୁ କର୍ମ କଲେ ହେ ।
ହୁଣ୍ଡିସ୍ତି ବେଶ ଧରି ନାସ୍ତି          ମଧ୍ୟେ କେ ନିବାସ କରି
ଲତା ବୃକ୍ଷ ବୀର ପ୍ରାପ୍ତେ ବଶେ ହେ । ୧୫ ।
ଅରି ନାଶ୍ଏ ଭରତ          ସ୍ୱେଦନ ସ୍ୱରେ ପୂରିତ
ହରିତମାନଙ୍କୁ ତର୍ଜ୍ଜି କଲେ ହେ ।
ଅଶ୍ରୁରେ ପଙ୍କିଳ ମହୀ          ହେବାରେ ହାଳକେ ସୃଷ୍ଟିଁ
କୃଷି କାରଣେ ଉଗ୍ରାଗ୍ରୀ ହେଲେ ହେ । ୧୬ ।
ଦନ୍ତୁଙ୍କୁ କରି କଙ୍କଣ          ଶଙ୍ଖ ହେଲେ ରତ୍ନଗଣ
ବୃଷ୍ଟିମାର ପ୍ରାପ୍ତ ଶସ୍ୟ ଗାଳ ହେ ।
ତଉରେ କରୁଣା କରି          ଗୁଣ୍ଡଦେଲ୍ଲ କେତେ ଅରି
ମହୀ କାରୁଣିକ ସ୍ୱବସ୍ତ୍ର ହେ । ୧୭ ।
ଦେଖି ନୃପଜ ଚରିତ          ଦେବଙ୍କୁ ଦେଲେ କଥିତ
ନବରସେ ନବଗ୍ରହ ଏକ ହେ ।
କୃପାରେ ସୁର ନିସ୍ତ୍ରସ୍ତ          ଶାଇରସେ କେତୁ ପ୍ରାପ୍ତ
ଆଦରସେ କବପଣ ବନ୍ଧ ହେ । ୧୮ ।

---

୧୪ । ଅପସରିବାର-ଘୁଞ୍ଚି ବା ପଳାଇ ଯିବାର । ମଳୟାଦ୍ରି-ମଳୟ ପର୍ବତ । ଚଇତ୍ର ରଥ -କୁବେରଙ୍କ ଉଦ୍ୟାନ । ନନ୍ଦନ-ଇନ୍ଦ୍ରଙ୍କ ଉଦ୍ୟାନ । ସଘନ-ଶୀଘ୍ର । ଶମନବାସ-ଯମ ଭୁବନ, ଏଠାରେ ନର୍କ ।

୧୬ । ଉଦ୍ୟତ-ଦଗ । ହାଳକେ-କୃଷୀମାନେ ।

୧୭ । କାରୁଣିକ-ଦୟାଳୁ ।

୧୮ । ନବରସ, ଯଥା—ଶୃଙ୍ଗାର, ବୀର, କରୁଣ, ଅଦ୍ଭୁତ, ହାସ୍ୟ, ଭୟାନକ, ବୀଭତ୍ସ, ରୌଦ୍ର ଓ ଶାନ୍ତ ।

ଅଦ୍ଭୁତେ ମଙ୍ଗଳ ମତ ହାସ୍ୟରେ ମନ୍ଦ ବିହିତ
ଭୟାନକେ ତମ ଗ୍ରହ ଜାଣ ହେ ।
ସ୍ଥବିର ବୀଭତ୍ସରେ ବୁଧ ଏ ରୌଦ୍ର ରସରେ
ଶାନ୍ତରେ ଚନ୍ଦ୍ରମା ଗ୍ରହ ଜାଣ ହେ । ୧୯ ।
ଏ ଶରତ୍ ସିଂହ ରାଶିରେ ଙ୍ଗେ ଅମ୍ବ ଉପକାରେ
ଏବେ ହେଉ କନ୍ୟାରେ ଏ ଯୋଗ ହେ ।
ଶାପକାଳ ହେଲା ଶେଷ ଉନାଶ ମାନସ ତାପ
ସୁରେ କରୁ ମହାମଦ ଭୋଗ ହେ । ୨୦ ।
ଏମନ ସନ୍ତୋଷ କ୍ଷଣେ ରଥ ଉଡ଼ିଲା ଗଗନେ
ଭ୍ରୂଅକ୍ଷେ ଗ୍ରହ ଅନ୍ତର୍ଦ୍ଧାନ ହେ ।
ପିଶାଚ ପ୍ରେତ କୁଷ୍ମାଣ୍ଡ ଜମ୍ବୁକ ଡାକନୀ ଝୁଣ୍ଡ
ଗୃଧ୍ରବୃନ୍ଦ ମଣ୍ଡିଲେ ଶ୍ମଶାନେ ହେ । ୨୧ ।
ଭୂତ ମଧ୍ୟରେ ଅଧିପ ଏ ତହିଁ ଚଣ୍ଡରୂପ
ଅଘୋରଘଣ୍ଟ କପାଳଘଣ୍ଟ ହେ ।
ସ୍ୱର୍ଗୀ ବନ୍ଦୀସ୍ଥ ହୋଇଲେ କ ଭୂତ୍ୟ କଲ ବୋଇଲେ
ଏତେକାଳ ପ୍ରେତେ ହେବେ ଭ୍ରଷ୍ଟ ହେ । ୨୨ ।
ଭାରତେ ଏ ଭୂତେଶ ଭକ୍ତ ନଗ୍ନ ହୋଇଥିଲା ବ୍ୟକ୍ତ
ବୋଲି ଚଣ୍ଡରୂପ ଛପିଥିଲା ଯେ ।
ଭକ୍ତ ମାଉଣରେ ଏତେ ଶବ ଭେଟିଥିଲା କେତେ
ଆତଳିତ ଭୋଜ ପ୍ରେତେ ଦେଲା ଯେ । ୨୩ ।
ପିଇଲେ ରୁଧିର ପଣା ପଣ୍ଡରେ ପ୍ରେତ ଅଗଣା
ମଣ୍ଡାପରି ମୁଣ୍ଡ ଖେଳାଇଲେ ଯେ ।।

୧୯ । ଶୃଙ୍ଗାର ରସରେ—ଗୁରୁ (ବୃହସ୍ପତି) ଅର୍ଥାତ୍ ଶ୍ରେଷ୍ଠ । ବୀରରସରେ—କେତୁ । କରୁଣରେ—ଭୃଗୁ ଅର୍ଥାତ୍ ଶୁକ୍ର । ଅଦ୍ଭୁତରେ—ମଙ୍ଗଳ । ହାସ୍ୟ ରସରେ—ମନ୍ଦ ଅର୍ଥାତ୍ ଶନି । ଭୟାନକରେ—ତମ (ରାହୁ) । ବୀଭତ୍ସରେ—ସ୍ଥବିର ବା ଗ୍ରହଶ୍ରେଷ୍ଠ ସୂର୍ଯ୍ୟ । ରୌଦ୍ରରେ—ବୁଧ । ଶାନ୍ତରେ—ଚନ୍ଦ୍ରମା ।

୨୦ । ମାନସ ତାପ-ମନ ଦୁଃଖ । ମହାମଦ-ଅତ୍ୟନ୍ତ ଆନନ୍ଦ ।

୨୧ । କୁଷ୍ମାଣ୍ଡ-ମାୟା । ଜମ୍ବୁକ-ବିଲୁଆ । ଗୃଧ୍ରବୃନ୍ଦ-ଶାଗୁଣାସବୁ ।

ଖାଇଲେ ଯେ ଭୁଜ ଖାଦୁ ମତ୍ସ୍ୟ ଉପହାର ସ୍ୱାଦୁ
ନଖ କଣ୍ଟକ ବାହାର କଲେ ଯେ । ୨୪ ।
ଘୃତପୁର ପ୍ରେତ ଲକ୍ଷ ନୃତ୍ୟ କଲେ ଗୀତ ଗାଇ
ଇଷ୍ଟେ ମେଦ ବ୍ୟଞ୍ଜନ ସୁସ୍ୱାଦେ ହେ ।
ମାଣ୍ଡିଲେ ଜରଡମାନେ ପିଣ୍ଡା ମାଂସେ ଶରମୁନେ
ସ୍ତବର୍ଣ୍ଣିଲେ ବୀର ଆଶୀର୍ବାଦେ ହେ । ୨୫ ।
ପ୍ରେତରଙ୍କ ନିଃଶଙ୍କରେ ଶବ ପକାଇ ଅଙ୍କରେ
ଚରଣ ଲମ୍ବାଇ ବସିଛନ୍ତି ଯେ ।
କରନ୍ତି କବଳ ପଳ ଦେଖାଇ ଆପଣା ବଳ
ମାଡ଼ ପାଦେ ଶବ ଶିବାପନ୍ତି ଯେ । ୨୬ ।
ଶ୍ୱାନ ପାଞ୍ଚ ସାତ ଜୁଣ୍ଡ ଓଟାରନ୍ତି ମୃତ୍ୟୁପିଣ୍ଡ
ଖଣ୍ଡ ଖଣ୍ଡ କରି ଘେନଯାଇ ହେ ।
ଲୁଚ୍ଛଇ ଗୁଳ୍ମ ତଳରେ ପୃଷ୍ଠିଙ୍କି ସେହି ପ୍ରକାରେ
କୌଣପ ମଧ୍ୟକୁ ଆସେ ଧାଇ ହେ । ୨୭ ।
ଗୃଧ୍ରେ ଯେ ହୋଇ ଫୁରୁଣା ଚଞ୍ଚୁକୁ ବଢ଼ାଇ ତେଣା
ହଲାଇ ମତ୍ତ ପିଶିତାଶନେ ଯେ ।
ସେ ଯେତେ ଖାଇଲେ ତେତେ ବଳିଲେ ଭୋଜନ ଅନ୍ତେ
ପ୍ରେତେ ବହୁତ କାଳ ବଞ୍ଚନେ ହେ । ୨୮ ।
କଇଳାସ ଦେଖି ଶୂନ୍ୟ ଜାଣିଲେ ପଞ୍ଚବଦନ
କେତେ ସୁକଲ୍ୟାଣ କଲେ ତୋଷେ ସେ ।
ଆଶୀର୍ବାଦ କରିବାକୁ ମୁଜ ନ ଦେଖି ବାଇକୁ
ପ୍ରବେଶ ହେଲେ କର୍ଣ୍ଣାଟ ଦେଶେ ସେ । ୨୯ ।

---

୨୫ । ଇଷ୍ଟ-ଗୃହି । ମେଦ-ମାଂସ । ଜରଡ-ବୁଢ଼ା ।

୨୬ । ପ୍ରେତରଙ୍କୁ-ଭଳା ପ୍ରେତ । କବଳ-ଗ୍ରାସ । ଶିବାପନ୍ତି-ବିଲୁଆମାନେ ।

୨୭ । ଗୁଳ୍ମ-ବୁଦା । କୌଣପ-ଦୁର୍ଗନ୍ଧ ଶବ ।

୨୮ । ଫୁରୁଣା-ଆନନ୍ଦ । ପିଶିତାଶନେ-ମାଂସ ଖାଇବାରେ ।

୨୯ । ପଞ୍ଚବଦନ-ମହାଦେବ ।

ନିରତ ବିମ୍ବ ଅଧର ଭରତ ଜ୍ୟେଷ୍ଠ ସୋଦର
ଶିରତେ ମୋ ଚିତ୍ତେ କର ସନ୍ଧ ହେ ।
କହେ ଉପେନ୍ଦ୍ର ଭଞ୍ଜ ତୁଟେ ରଘୁବଂଶ ରାଜ
ଅଯୋଧ୍ୟା ରାଜନ ପରଂବ୍ରହ୍ମ ହେ । ୩୦ ।

—*—

## ପଞ୍ଚ ଚତ୍ୱାରିଂଶ ଛାନ୍ଦର ସାରକଥା

ଏ ଛାନ୍ଦରେ କବି ଚନ୍ଦ୍ରଭାନୁର ବୀରତ୍ୱ ଓ ଅଦ୍ଭୁତ ଯଶ-କୀର୍ତ୍ତିର ପରିଚୟ ପ୍ରଦାନ କରିଛନ୍ତି । ଚନ୍ଦ୍ରଭାନୁ କିପରି କାଳକେତୁ ସଙ୍ଗୀମାନଙ୍କୁ ଯୁଦ୍ଧରେ ପରାଜୟ କରି ଜୟୀ ହୋଇଛନ୍ତି ତାହାହିଁ ଏ ଛାନ୍ଦର ଏକ ଗୌରବ ଚିତ୍ର । କବିଙ୍କର କାବ୍ୟ ଗୌରବ ଭିତରେ ଏହା ଏକ କଳ୍ପନା-ବିଭବ ହୋଇପାରେ ସତ, ମାତ୍ର ଭାରତର ପ୍ରାଚୀନ ଐତିହ୍ୟ ଦୃଷ୍ଟିରୁ କବି ଯେଉଁ ବୀରରସର ଚର୍ଚ୍ଚା କରିଛନ୍ତି ତାହା ଏ ଜାତିର ଏକ ସମୁଜ୍ଜ୍ୱଳ ଗୌରବ ବୋଲି ମନେହୁଏ । ଏ ଗ୍ରନ୍ଥର ଯଥାଯଥ ସ୍ଥାନରେ ବୀରରସ ଠାରୁ କରୁଣରସ ପର୍ଯ୍ୟନ୍ତ ନଅଟି ରସର ରେଖାପାତ ହୋଇଛି । କବି ଚନ୍ଦ୍ରଭାନୁଙ୍କ ନବରସରେ ନବଗ୍ରହଙ୍କ ସଙ୍ଗେ ତୁଳନା କରି ଆପଣା ପାଣ୍ଡିତ୍ୟର ପରିଚୟ ଦେଇଛନ୍ତି । ଯଥା—

“କୃପାରେ ସୁର ନିଷ୍ଠ ବୀରରସେ କେତୁ ପ୍ରାୟ ଅଦ୍ଭୁତରସେ କବିପଣେ ବୁଧ ହେ । ୧୮
ଅଦ୍ଭୁତେ ମଙ୍ଗଳ ସତ ହାସ୍ୟରେ ମନ୍ଦ ଜଡ଼ିତ ଭୟାନକେ ତମସକୁ ଜାଣ ହେ ।
ରାହୁକର ବୀଭତ୍ସରେ ବୁଧ ଏ ରୌଦ୍ର ରସରେ ଶାନ୍ତରେ ଚନ୍ଦ୍ରମାପରି ଜାଣ ହେ । ୧୯
ଏ ଶତ୍ରୁ ସିଂହରାଶିରେ ସ୍ଥିତେ ଆମ୍ଭ ଉପକାରେ ଏବେ ହେଉ କନ୍ୟାରେ ଏ ଯୋଗ”

ଏହାଛଡ଼ା କବି ଭାରତର ବୀର ବାଳକଙ୍କୁ ଏ ଦେଶର ଯୁବକପ୍ରଭୃତି ତରୁଣମାନଙ୍କ ସ୍ମୃତିପଟରେ ସମୁଜ୍ଜ୍ୱଳ କରି ସାଇତ ରଖିବା ଉଦ୍ଦେଶ୍ୟରେ ଲେଖିଛନ୍ତି—

“ଭାରତେ ଏ ରୂପେ ରକ୍ତ ନଦୀ ହୋଇଥିଲା ବ୍ୟକ୍ତ ବୋଲି ଚିତ୍ରରୂପ ସ୍ମରୁଥିଲୁ ଯେ ।
କଳ୍ପିତ ମାତ୍ରରେ ଏତେ ଶିର ଦେଖିଥିଲ ନେତ୍ରେ ଆଶ୍ଚର୍ଯ୍ୟକର ଦେଖିଣ ଦୃଷ୍ଟେ ହେଲ
ପିଣ୍ଡେ ରୁଧିର ପଣା ପରିକର ଦ୍ରୋଣ ଅଗଣା ମଣ୍ଡାପରି ପୂର୍ଣ୍ଣ ହୋଇଲେ ଯେ ।”

---

୩୦ । ନିରତ ବିମ୍ବ-ଫଳର ରକ୍ତିମ ଓଠ । ସନ୍ଧ-ଘର ।

# ଷଷ୍ଠ ଚତ୍ୱାରିଂଶ ଛାନ୍ଦ

( ଚନ୍ଦ୍ରଭାନୁର ସ୍ୱଦେଶ ଗମନ ଓ ଲାବଣ୍ୟବତୀ ସହ ମିଳନ )

ରାଗ—କଳସା, ଆଶାବରୀ

ଗୁଣବନ୍ତେ ଏ ଗୀତମଣିଙ୍କ ମାଳାକର ।
ନିର୍ଗୁଣେ ନ ଯୋଗବାକୁ ନାହିଁ ମୋ ବଶ୍ୟର ହେ । ୧ ।
କୁମର ଦେଖି ସ୍ୱଦେଶାଗତ ପ୍ରସ୍ଥଙ୍କୁ ।
ପଚାରିଲେ ନିଜ ରାଜ୍ୟ ଶୁଭ ସନ୍ଦେଶକୁ ଯେ । ୨ ।
ସେ କହିଲେ ସର୍ବ ଶୁଭ ମନ୍ଦ ଏତେ ମାତ୍ର ।
ସିଂହଳ ନୃପତି କନ୍ୟା ଅତି କ୍ଷୀଣ ଗାତ୍ର ହେ । ୩ ।
ନ ରହୁଛି ନିଜ ନୟନରେ ଆଉ ନୀର ।
ନ ଉଠୁଛି ଅବଶ ଶଯ୍ୟାରୁ ନିରନ୍ତର ଯେ । ୪ ।
ନୈବେଦ୍ୟ ତାପ ଲଭୁଛି ନୃପତି କୁମାରୀ ।
ବଳାଇ ଜଳାଇ ତାର ଭୂତାବେଶ ଧରି ଯେ । ୫ ।
ପଣ୍ଡୁମାନେ ଉପଚାର କରିବାକୁ ଯୋଗ ।
ସଖୀମାନେ ହେଲେଣି ପଦ୍ମା ଶ୍ରୀହୀନ ଯେ । ୬ ।
କାଳିପରି ପ୍ରସୂନ ତୋଳିବା ପରି ସେହି ।
ଦେହଳୀ ବଳି ଚଳିବା ଭଳି ବଳ ନାହିଁ ଯେ । ୭ ।
ହା ସ୍ୱରରେ ସଦନ ତ ଦଣ୍ଡେ ଶୂନ୍ୟ ନାହିଁ ।
ହାସ୍ୟବରେ ଭୁଜଙ୍ଗମ ଭ୍ରମ ଉପୁଜାଇ ଯେ । ୮ ।
ତତ୍ତ୍ୱରେ ଦେଖାଇ ପୁଚ୍ଛିବାକୁ ଭୁମୁ ବାର୍ତ୍ତା ।
ବଳଭୃକେ ବଳିଦେଇ ଶିବଳଶୋଭିତା ଯେ । ୯ ।

---

୨ । ସ୍ୱଦେଶାଗତ-ନିଜଦେଶରୁ ଆସିଥିବା ।
୫ । ନୈବେଦ୍ୟ-ନିବେଦିବା ବସ୍ତୁ । ତାପ-କଷ୍ଟ, (ନାମବସ୍ତୁ) । ଭୂତାବେଶ-ଭୂତ ଲାଗିବା ।
୭ । ଦେହଳୀ-ଦ୍ୱାରବନ୍ଧ ।
୮ । ହାସ୍ୟବରେ-ହା ଶବ୍ଦରେ, ଶ୍ରେଷ୍ଠ ହାର ।
୯ । ତତ୍ତ୍ୱରେ-ଅଗଣାରେ । ବଳଭୃକେ-କାକମାନଙ୍କୁ । ବଳିଦେଇ-ଗୃହର ଦ୍ୱାର ଦେଶରେ ଖାଦ୍ୟସାମଗ୍ରୀ ଥୋଇଦେଇ । ଶିବଳଶୋଭିତା-ଅଙ୍ଗର ଲକ୍ଷଣବାର ଶୋଭା କଳଧ୍ୱଜ (ଶୈବାଳବଲ୍ଲୀ) ।

ଯେତେକ ବିଳମ୍ବ ତୁମ୍ଭ ପ୍ରଳମ୍ବକୁନ୍ତଳା ।
ତେତେକ ଚେତନ କରୁଅଛୁ ଜାଣେ ହେଲା ଯେ ।୧୦।
କେଉଁ ଭାଗ୍ୟେ ଜାଇଅଛୁ ତୁଅଇ ଗୋଚର ।
ଦୂର କଲଣି ସମସ୍ତ ଆହାର ବିହାର ଯେ ।୧୧।
ବିହାର ଏତେକ ତୁମ୍ଭ ରୂପ ଦେଖେ ବସି ।
ଉଠି କୋଳ କରିବାକୁ ହୁଅଇ ଲାଳସୀ ଯେ ।୧୨।
ଆହାର ଏତେକ ତବ ରସ ଆସ୍ୱାଦଇ ।
ତର୍କୁଛି ଲଭିବା ଲୋକ ଅଛିକି ଜାଆଇଁ ଯେ ।୧୩।
କେଣ ଅଳଙ୍କାରୁ କେଣ ହୋଇଛି ମଣ୍ଡନ ।
କରରେ ଅମୂଲ୍ୟ ଗୁଣ ଅଙ୍ଗରେ ଚନ୍ଦନ ଯେ ।୧୪।
ଜାଣେ ଅଛୁ ଶୁଣିବାରୁ ହରଷ ଲହରୀ ।
ବରଷ ସରିଲୁଁ ତାର ବାହାର ବହର ଯେ ।୧୫।
ସେ ରସିକ ସିନ୍ଧୁକ୍ରାନ୍ତ ତୁରଙ୍ଗ ଅଣାଇଁ ।
ଆରୋହଣେ ପବନ ପରସ୍ପେ ଉଡଯାଇ ଯେ ।୧୬।
ଯାଉ ଯାଉ ବିସ୍ମର କରଇ ମନେ ମନ ।
କସ୍ୱବର ଗମନା କରିବ ପଥ ମାନ ଯେ ।୧୭।
ତେତେକ ବେଳକୁ ବୁଦ୍ଧି ସ୍ଫୁରିଲାଟି ମୋତେ ।
ବନ୍ଧୁ ମୁଁ ବିଚ୍ଛେଦ ହୋଇଥିଲି କି ଆପ୍ତରେ ଗୋ ।୧୮।
ଶିବ କରିବେ ଏ ଶିବ ଏମନ୍ତ ବେଳରେ ।
ଭେଟ ହୋଇବଟି ମୋର ବାନ୍ଧବୀ କୂଳରେ ଯେ ।୧୯।
ମୋ ପାଶକୁ ଦୂତ କରୁଥିବ ମଦାଳସୀ ।
ଭୃଙ୍ଗ ଅବା କୋକିଳ ସରସ ରସଭାଷୀ ଯେ ।୨୦।
ଅଜାଣେ ମୁଁ ପହୁଁ ଯାଇ କରିବ ଆଶ୍ଳେଷ ।
ନ ପାଇବ ସୁମୁଖୀ ମନକୁ ଅବକାଶ ଯେ ।୨୧।

---

୧୩ । ତର୍କୁଛି-ସତର୍କ ହେବା ଅନୁମାନ ହେଉଛି ।

୧୬ । ସିନ୍ଧୁକ୍ରାନ୍ତ ତୁରଙ୍ଗ-ଶୀଘ୍ରଗାମୀ ଘୋଡ଼ା ।

୧୯ । ଶିବ-ମହାଦେବ, ମଙ୍ଗଳ ।

୨୦ । ମଦାଳସୀ-ରସିକା । ସରସ ରସଭାଷୀ-ଚତୁରକର୍ଷିତ ଶୃଙ୍ଗାର ରସକଥା କହିବା ସ୍ତ୍ରୀ

୨୧ । ଅଶ୍ଳେଷ-ଆଲିଙ୍ଗନ ।

ଆହେ ନବଗ୍ରହେ ବନ୍ଧ ଦରଶନ ବେଳେ ।
ମୋର ରାଶି ଏକାଦଶେ ରହ ଏକମେଳେ ଯେ । ୨୨ ।
ଲେଖୁଥିବ ମୋ ପାଶକୁ ସପ୍ରେମ ଚିଠାଉ ।
ନ ଜାଣୁ ତା ନିକଟକୁ ସୌଭାଗ୍ୟ ଭେଟାଉ ଯେ । ୨୩ ।
ବେଗେ ବୋଲିବ ଅଇଲା ତୋ ଲେଢ଼ଲା ଦାସ ।
ନ ପାଇବ ସୁମୁଖୀ ମାନଙ୍କୁ ଅବକାଶ ଯେ । ୨୪ ।
ଦୁର୍ଗାମାଧବ କହନ୍ତେ ଏମନ୍ତ ମଙ୍ଗଳ ।
ମୋ ସ୍ୱରୂପ ପଟେ ଦେଖି ହୋଇ ଭାବେ ଭୋଳ ହେ । ୨୫ ।
ଗୋଜ କରୁଥିବ ନିଜ ଅଧର ଚୁମ୍ବନେ ।
ଉରଜ ମୂଳକୁ ଗୁଳ ଦେବ ନଖମୁନେ ଯେ । ୨୬ ।
ଚମକ ଗୃହିଁଲବେଳେ ଜାଣିବ ହରଷ ।
ନ ପାଇବ ସୁମୁଖୀ ମାନଙ୍କୁ ଅବକାଶ ଯେ । ୨୭ ।
ଯେତେ ଜନ୍ମେ ଯେତେ ପୁଣ୍ୟ କରିଛୁ ମୁଁ ଠୁଳେ ।
ମିଳି ଥିବଟି ସୁଦଶା ମେଳ ହେବା କାଳେ ଯେ । ୨୮ ।
କେଉଁଦିନ ଆସିବେ ମୋ କାନ୍ତ ପରବାସୀ ।
ବୋଲି ଦେବାବେଳେ କାଳା ଖଣ୍ଡୀକ ମନାସି ଯେ । ୨୯ ।
ଆଉରି ମିଳି ବୋଲିବୁ ମୋ ଗୁରୁ ଅପରାଧୀ ।
ଲଂଘିଯାଇ ତୋ ପ୍ରଭୁଙ୍କ ପଣକୁ କୃପାନିଧି ଗୋ । ୩୦ ।
ଶୁଣି ଏ ବାଣୀ ଅଧିକ ଦ୍ରବିବ ମାନସ ।
ନ ପାଇବ ସୁମୁଖୀ ମାନଙ୍କୁ ଅବକାଶ ଯେ । ୩୧ ।
ଲକ୍ଷ୍ମୀ ସହ ନୃସିଂହ କରନ୍ତୁ ଶୁଭ ଏବେ ।
ଯେତେବେଳେ ସଖୀ ଶୁଭ ସ୍ୱପ୍ନ ବଢ଼ୁଥିବେ ହେ । ୩୨ ।
ଆଜ ଆସିବେ ବଲ୍ଲଭ ଶୁଣି ତୋଷ ହୋଇ ।
ବାଳା ମାଳା ଗୁନ୍ଥି ରଖିଥିବେ ସତ ପାଇଁ ଯେ । ୩୩ ।
ସାକ୍ଷୀ ହେଉଥିବ ଜଣେ ମିଳି ସହଚରୀ ।
ତେତେବେଳେ ପ୍ରବେଶ ମୁଁ ହେଲେ ଯାଇଁ ଜାଣ ଯେ । ୩୪ ।

---

୨୨ । ଯେ କୌଣସି ଗ୍ରହ ଲଗ୍ନର ଏକାଦଶରେ ରହିଲେ ଶୁଭ ହୁଏ ।

ସଖୀ ଡାକଦେବେ ଅନ୍ୟ ନଗ୍ଲର ଆସ ।
ନ ପାଇବ ସୁମୁଖୀ ମାନଙ୍କୁ ଅବକାଶ ଯେ । ୩୫ ।
ଏସନ ବଶ୍ରମାନ କରଇ ମାନସ ।
ସହିଲା ସରଣୀ କାଞ୍ଚି ନଗ୍ରେ ପ୍ରବେଶ ଯେ । ୩୬ ।
ଠାଇଁ ଠାବେ ପଡ଼ିଅଛି ସମର ତଇତ ।
ମୁସଲ୍ଲକ କାଲକେତୁ ଜରିବାର ହତ ଯେ । ୩୭ ।
ସାର ଅଦଭୁତ କାର୍ତ୍ତି କହନ୍ତି ବଟନେ ।
ସ୍ଥାନେ ସ୍ଥାନେ ପଡ଼ୁଛନ୍ତି ବୋଧକାରମାନେ ଯେ । ୩୮ ।
ସେ କହନ୍ତି ଆବେଶରେ କୃଷ୍ଣ ନରେଶ୍ୱର ।
ଯୁବେକଶରେ ଅଭିଷେକ କରିବେ କୁମର ହେ । ୩୯ ।
ଶୁଣି ମନେ କହୁଅଛି ସେ ଯୁବାଭୂଜାନି ।
ଆଶୀର୍ବାଦ କରି ଗଲେ ସୁରମୁନି ଯେ । ୪୦ ।
ଯିବାର ଛଟକ କେହି ନ ଦେଖିବେ କେସେ ।
ଧନ୍ୟ ଅଶ୍ୱ ଧନ୍ୟ ସାଗ୍ନି ବୋଇଲେ ସମସ୍ତେ ଯେ । ୪୧ ।
ସନ୍ତନ ଦ୍ୱାର ଦ୍ୱାସ୍ଥରେ ନମସ୍କାର ପାଇ ।
ଭଞ୍ଜିରି ସେ ଶୁଦ୍ଧାନ୍ତ ଗମନେ ଭୂସ ହୋଇ ଯେ । ୪୨ ।
ତହିଁ ଶିଳ୍ପକାରିକାସ୍ୱେ କଥା ପରସ୍ପର ।
କ କରିବାଟି ହୋଇଲା ଅସର ବାସର ଯେ । ୪୩ ।
ଅହର ହୋଇବ କେବେ ମନସିଜ ସୁଖ ।
ପାଞ୍ଚ ନୋହେ ପାଞ୍ଚ ପାଞ୍ଚ କୋଟି ତା ଶିଖିଶ ଯେ । ୪୪ ।

---

୩୫ । ନାଗ୍ଲର-ବଦାପନା କରିବା ।
୩୬ । ସରଣୀ-ବାଟ ।
୩୭ । ମୁସଲ୍ଲକ-ପ୍ରଲମ୍ବବନ୍ତ ଯୋଦ୍ଧା । କାଲକେତୁ-ଦୁର୍ଗଙ୍କ ରାକ୍ଷସ ।
୩୮ । ବୋଧକାର-ଭାଟ ।
୪୦ । ଯୁବା ଭୂଜାନି-ଯୁବତୀର ଭୂଜବଳ ।
୪୧ । ସାଗ୍ନି-ଅଶ୍ୱାରୋହୀ ।
୪୨ । ଦ୍ୱାସ୍ଥ—ଦ୍ୱାର ରକ୍ଷକ । ଶୁଦ୍ଧାନ୍ତ-ଅନ୍ତଃପୁର ।
୪୩ । ଶିଳ୍ପକାରିକାସ୍ୱେ ସଖୀମାନେ । ଅସର ବାସର-ଶେଷ ନ ହେବା ମିଳନ ଦିନ ।
୪୪ । ଅହର-ଅସୁଭସତ । ମନସିଜ-କନ୍ଦର୍ପ । ପାଞ୍ଚ-ଶଗୁର । ଶିଖିଶ-ଶର ।

ମାଳମା ବୋଲୁଛି ଜାତ ମାତ୍ର ଆସୁଥାଇ ।
କରତେ ହୋଇଲା ପୃଷ୍ଠବାଟି ନ ସରଇ ଗୋ । ୪୫ ।
ଚେଟୀଏ ବୋଲନ୍ତି ବନ୍ଦୀ ମୋକ୍ଷ ଶୁଭ ସାଗ୍ର ।
ବାଟି ବାଟି ଉଷୀର ଗଲାଣି ହସ୍ତ ସର ଗୋ । ୪୬ ।
ପ୍ରୌଢ଼ା ସଜନୀଙ୍କ ଚର୍ଣ୍ଣ ନବୋଢ଼ା ପଲ୍ଲବେ ।
ଫୁଲଶର ଭେଦେ କେଞ୍ଚ ଗିରସ୍ତନୀ ଉରେ ଗୋ । ୪୭ ।
ସେ ତାହାକୁ ପ୍ରତିଘାତ କରୁଛି ତର୍ଜ୍ଜିକ ।
ଗଣନାରେ ଅମ୍ବୁଜ ଯୋଡ଼ାଏ ଅଛୁଟିକ ଗୋ । ୪୮ ।
ଗୁମ୍ଫିଲା ମୃଣାଳ ନାଳେ ଚଉର ସପନ ।
ଘାଳ କଲା ଶାଳପତ୍ର ନବଛଦ ମାନ ଗୋ । ୪୯ ।
କର୍ପୂର ଚନ୍ଦନ କେ ଗୋଳୁଛି କେ ବଢ଼ୁଛି ।
ସ୍ଫୋଟକ ଜନ୍ମିବ ଏଥୁଁ ନୁହଇ ଏ କଛି ଗୋ । ୫୦ ।
ବ୍ୟଜନ ଧରି କେ ବିଞ୍ଚିବାକୁ ସ୍ନେହଭରେ ।
ଉଡ଼ି ଯାଉଥାଇ ନଳ ବୋଲି କେ ନବାରେ ଯେ । ୫୧ ।
କେ ବୋଲେ ଜାହାକୁ ମୁଁ ଯାଉଛି ସ୍ନାନ କରି ।
ମୋହଗଲେ ମୁଃଖ ନ ସିଞ୍ଚିବ ଶୀତବାରି ଗୋ । ୫୨ ।
ବରଷା ପ୍ରାପ୍ତ ମଣିଲେ ପ୍ରମାଦ ପଡ଼ିବ ।
ଅଙ୍କରେ ପକାଇ ଶ୍ରବଣରେ ଫୁଙ୍କିଦେବ ଗୋ । ୫୩ ।
କେବଣ ସଜନୀ ହୋଇ ସଜଳ ଲୋଚନା ।
ନବ ପଲ୍ଲବରେ ଶେଯ କରୁଛି ରଚନା ଯେ । ୫୪ ।
କେ ସଖୀ ପାଶରେ ବସି କରେ ଆଶ୍ୱାସନା ।
ବୋଲେ କଥା ତ ନ କହୁ କରକରଦନା ଯେ । ୫୫ ।

---

୪୬ । ଚେଟୀଏ-ଦାସୀମାନେ । ଉଶୀର-ବେଣା ।

୪୭ । ପ୍ରୌଢ଼ା-ବୟସ୍କା । ନବୋଢ଼ା-ନୂଆ ବିବାହିତା ସ୍ତ୍ରୀ । ଫୁଲଶର-କନ୍ଦର୍ପ, କାମ । ଭେଦେ-ବିଦ୍ଧ କରେ, ବିଦାରଣ କରେ । ଗିରିସ୍ତନୀ ଉରେ-ପାହାଡ଼ଭଳି ଠିଆ ହୋଇଥିବା ଉଚ୍ଚକୁଚବିଶିଷ୍ଟା ସ୍ତ୍ରୀର ଛାତିରେ ।

୪୮ । ପ୍ରତିଘାତ-ଜର୍ଜ୍ଜର । ଅମ୍ବୁଜ-ପଦ୍ମ, ଶଙ୍ଖ ।

୪୯ । ନବଛଦ-ନୂଆଭାବରେ ଆଚ୍ଛାଦନ, କଅଁଳିଆ ପତ୍ର ।

୫୦ । ବଢ଼ୁଛି-ଯାଉଛି, ପ୍ରବର୍ତ୍ତାଉଛି ।

ଭଲ ନ ଦେଖିଲୁ ଝଟନ ନାଗଶ୍ରୀ ତିଳକ ।
ଏଣୁ କଥାକୁଁ ତୋହର ନ ଗଣୁ ଢାଳକ ଗୋ । ୫୬ ।
କ୍ରୋଧଭର ହୋଇ କେଉଁ ସଜନୀ ବୋଲୁଛି ।
କେ ତାହା ଭୋଗିବ ଯାହା ଆପେ ଅରଜିଛି ଗୋ । ୫୭ ।
ଆଜ୍ଞା କେ କହିଲା ଏହା ବୋଇଲ କ କରି ।
ସମଦ୍ରବ୍ୟେ ଅନୁରାଗୀ ହୋଇଲୁ ସୁନ୍ଦରୀ ଯେ । ୫୮ ।
ରସାଣ ହେମ ଅଙ୍ଗୀକ ଥିଲୁ କ ଗୋଚର ।
ବଲ୍ଲଭ ହୃଦୟ ହେବ ପାଷାଣ ପ୍ରକାର ଗୋ । ୫୯ ।
କେ ବୋଲୁଛି ରସିକ ରତନ ରଘୁବୀର ।
ବିଚକ୍ଷଣୀ ହୋଇଲେ ସୀତା ଯେଣୁ ସଙ୍ଗତର ଯେ । ୬୦ ।
ଏଣୁ କାଳେ ସେ ସୁର ସୋପାନେ ବୀର ମିଳି
ମଦନ ସୁନ୍ଦର ହତେ କଲେ ଜଣେ ବୋଲି ଯେ । ୬୧ ।
ଏ ବାଣୀ ଶ୍ରବଣେ ରମ୍ଭୋରୁ ଉଠିବାକୁ ।
ମନେ କଲୁ ପ୍ରାଣନାଥ ରମିଲୁ ସେଠାକୁ ଯେ । ୬୨ ।
ମଲୁ ମଲି ଅନାୟତ୍ତ ହେଲି ଏହା କହି ।
ଲବଣୀ ପିତୁଳାକୁ ଦଶମ ଶରେ ଦେଲି ଯେ । ୬୩ ।
ଯେ କଲୁ ବିଚ୍ଛେଦ ବଜ୍ର ପଡ଼ୁ ତାର ଶିରେ ।
ଏତେ ବୋଲି କୋଳ କରି ତୋଳିଲୁ ସଭୁରେ ଯେ । ୬୪ ।
ହୃଦରେ ଲଗାଉଁ ଶୀତଳକୁ ଲଭି ବାଳା
ଉତେକ ପ୍ରସରି କାନ୍ତ ମୁଖକୁ ଚୁମ୍ବିଲା ଯେ । ୬୫ ।
ବେନି ନେତ୍ର ଚକୋରୁ ମୁଖକୁଁ ଚନ୍ଦ୍ର ଶତ ।
ଆନନ୍ଦ ଅଶ୍ରୁଜଳରେ କଲା ଦ୍ରବୀଭୂତ ହେ । ୬୬ ।
ଶୋଷ ରତ୍ନମୟ ଭୂମି ବେଣି ଅପଦନ ।
ଛନ୍ଦ ନୋହେ ସତ୍ ବଲେ ନୟନ ଖଞ୍ଜନ ଯେ । ୬୭ ।

---

୬୩ । ଅନାୟତ୍ତ-ଅବାଧ୍ୟ । ଦଶମ ଶରେ-କନ୍ଦର୍ପ ଶରରେ ।
୬୫ । ଉତେକ ପ୍ରସରି-ଟେରା ପାଇ ।
୬୬ । ଦ୍ରବୀଭୂତ-ଓଦା ।

ପଦ୍ମିନୀର ଆଲିଙ୍ଗନ ଦୋହଦ ହୋଇଲା ।
ପୁଂସତନୁ ନାଗଫୁଲ ଫୁଲକାଇ ଦେଲା ଯେ ।୬୯ ।
ପ୍ରତିମା ପରାୟେ ବେନିଦଣ୍ଡ ସ୍ତମ୍ଭୀଭୂତ ।
ରାମଚନ୍ଦ୍ର ଚିନ୍ତ ଉପେନ୍ଦ୍ର କହେ ଗୀତ ହେ ॥

## ଷଷ୍ଠ ଚତ୍ୱାରିଂଶ ଛାନ୍ଦର ସାରକଥା

ଚନ୍ଦ୍ରଭାନୁ ସ୍ୱଦେଶାଗତ ଦୂତଙ୍କଠାରୁ ଦେଶୀ ରାଜ୍ୟର ଶୁଭ ସନ୍ଦେଶ ପ୍ରାପ୍ତ କରିବା, ପ୍ରତ୍ୟୁତ୍ତରରେ ଉକ୍ତ ସ୍ୱଦେଶୀ ମୁଖରେ ରାଜ୍ୟର ସର୍ବଶୁଭ ବର୍ଣ୍ଣନା ମାଧ୍ୟମରେ ସିଂହଳ ରାଜତନୟା ଲାବଣ୍ୟବତୀର ବିରହଜନିତ ଦୁରବସ୍ଥାକୁ ଦର୍ଶାଇଅଛନ୍ତି । ତାହା ୪ ଠାରୁ ୧୪ ପଦ ଦ୍ରଷ୍ଟବ୍ୟ । ଚନ୍ଦ୍ରଭାନୁ ସ୍ୱଦେଶାଗତ ମୁଖରୁ ଆପଣା ପ୍ରାଣପ୍ରିୟା ଲାବଣ୍ୟବତୀ ବର୍ଣ୍ଣିଥିବା ଶୁଣି ବିଶେଷ ଆନନ୍ଦିତ ହେବା ସଙ୍ଗେ ସଙ୍ଗେ ସ୍ୱଦେଶକୁ ଯିବାକୁ ଅତି ବ୍ୟଗ୍ର ହୋଇ ଉଠିଲେ । ତେଣୁ ବେଗଗାମୀ ଅଶ୍ୱ ଅଶ୍ୱାରୋହଣ ପୂର୍ବକ ସ୍ୱଦେଶାଭିମୁଖରେ ପ୍ରତ୍ୟାବର୍ତ୍ତନ କଲେ । ପଥରେ ଯାଉ ଯାଉ ଚନ୍ଦ୍ରଭାନୁ ଜପଣ ଲାବଣ୍ୟବତୀକୁ ଅଭିମାନିନୀ ହେବାର ସୂତ୍ରପାତ ନ ଦେବେ ଏହାର ହୃଦ୍‌ଭାବମାନ ଶୃଙ୍ଗାରିକ ଛନ୍ଦରେ ଭଲ ଅଭିବ୍ୟକ୍ତ କରିଛନ୍ତି, ଯଥା—

ଅଭାଗେମୁଁ ପଛୁ ପାଇ ଜାଣିବ ପାଶେଣ, ନ ପାଇବ ସୁମୁଖୀ ମାନକୁ ଅବକାଶ ଯେ ।
ପୁନଶ୍ଚ—
ଦେଖେ ବୋଲିବ ଅଇଲୁ ତୋ ଲେଉଟିଲୁ ଦାସ, ନ ପାଇବ ସୁମୁଖୀ ମାନକୁ ଅବକାଶ ଯେ ।
ପୁନଶ୍ଚ—
ରୋଜ କରୁଥିବ ନିଜ ଅଧର ଚୁମ୍ବନେ, ଉରଜ ମୂଳକୁ ଗୁଳିଦେବ ନଖମୁନେ ଯେ ।
ତମକ ଗୃହ ଲେଉଟିଲେ ଜଣିବ ହରଷ, ନ ପାଇବ ସୁମୁଖୀ ମାନକୁ ଅବକାଶ ଯେ ।
ପୁନଶ୍ଚ—
ଆଗ ମିଳ ବୋଲିବ ମୋ ସ୍ମରଅପରାଧୀ, ଲୁଚପାଇ ତୋ ପ୍ରଭୁପଣକୁ କୃପାନିଧି ଗୋ ।
ଶୁଣି ଏ ବାଣୀ ଅଧିକ ଦହିବ ମାନସ, ନ ପାଇବ ସୁମୁଖୀ ମାନକୁ ଅବକାଶ ଯେ ।

ଏତାଦୃଶ ହୃଦ୍‌ଭାବମାନ ଭାବୁ ଭାବୁ ସରଣୀ ସରିବାରୁ ସେ ସ୍ୱୀୟ ନଗରରେ ପହଞ୍ଚିଲେ । ଦେଖିଲେ ସଖୀମାନେ ଲାବଣ୍ୟବତୀର ବିରହ ଯନ୍ତ୍ରଣା ଉପଶମାର୍ଥେ ଉଭୟ ହସ୍ତରୁବର ଆତ୍ମାରାଜନରେ ରତ । ଲାବଣ୍ୟବତୀ ଚନ୍ଦ୍ରଭାନୁଙ୍କ ଆଗମନ ବାର୍ତ୍ତା ଶୁଣି ଉଠିବାକୁ ଚେଷ୍ଟା କରୁଥିବା ବେଳେ ଚନ୍ଦ୍ରଭାନୁ ପହଞ୍ଚି କପଟ ବ୍ୟଗ୍ରତା ସହ ତାକୁ ତୋଳି ନେଇ କୋଳ କରିଛନ୍ତି, ତାହା କବି ନାଟକୀୟ ବର୍ଣ୍ଣନା ଦ୍ୱାରା ପ୍ରୀତିପ୍ରଦ କରିଛନ୍ତି ।

ଏହାଛଡ଼ା ଉକ୍ତେ ସଚ୍ଚିତ ଛନ୍ଦରେ ଚନ୍ଦ୍ରଭାନୁ ସ୍ୱଦେଶରେ ପହଞ୍ଚିବାବେଳେ ତାଙ୍କର ପିତା ଭଟ୍ଟମାନଙ୍କ ମୁଖରୁ ଚନ୍ଦ୍ରଭାନୁର ଅଦ୍ଭୁତ ବୀରକୀର୍ତ୍ତି ଶୁଣି ଅଭିଷେକ କରାଇବାର ସଂକଳ୍ପ ମଧ୍ୟ ସୂଚେଇଛନ୍ତି ।

---

୬୯ । ଦୋହଦ-ସନ୍ତୋଷ ।

# ସପ୍ତଚତ୍ୱାରିଂଶ ଛାନ୍ଦ

( ଲାବଣ୍ୟବତୀ ଓ ଚନ୍ଦ୍ରଭାନୁଙ୍କ ବିରହଜନିତ ଦୁଃଖ ବର୍ଣ୍ଣନା )

ରାଗ—ଖଣ୍ଡକାମୋଦୀ

ରମା ବସାଇ ଆଗେ ରସାଭ ଅନୁରାଗେ ସ୍ତୁତି କରୁଛୁ ଯତି ଯେ ।
ବିଚ୍ଛେଦ ହେଲାଠାରୁ କି ଦଣ୍ଡ ଫୁଲଧନୁ ଦେଲାଣି ଦିନ ରାତି ରେ ।
ପ୍ରାଣବନ୍ଧୁ, କେମନ୍ତେ ବଞ୍ଚିଥିଲୁ ରେ ।
ସ୍ୱପନେ ଦୁଃଖ ଦେଖିନାହୁଁ ଆଜନ୍ମ ସୁଖୀ ମୋଲାଗି ଦୁଃଖୀ ହେଲୁ ରେ । ୧ ।
ଯେଣିକି ଗ୍ଲୁଡେ଼ଁ ମୁହିଁ ସେ ଉଟଗ ବଣ୍ଣୁ ଭୁଞ୍ଜୁ ଯେମନ୍ତ ହସୁଥାଉ ରେ ।
ଆଉଜାଇ ଅଙ୍କରେ ବସିବା ପଲ୍ୟଙ୍କରେ ନ ଥିଲା ମନେ ଆଉ ରେ ।
ପ୍ରାଣବନ୍ଧୁ, ସବୁ ଲାବଣ୍ୟସିନ୍ଧୁ ରେ ।
ମୋର କି ଭାଗ୍ୟ ଥିଲା ଧାତା ତୋତେ ରଖିଲା ମଦନ ବନ୍ଧୁ ବନ୍ଧୁ ରେ । ୨ ।
ଯେଉଁ ନୟନଭଙ୍ଗୀ ଯୋଗୀନ୍ଦ୍ର ଯୋଗଭଙ୍ଗି ଅଙ୍ଗୀକାର କରିଛୁ ରେ ।
ଭାବ ସୁମରି ତହିଁ ଅଶ୍ରୁ ଥିଲୁ ପୂରାଇ ଏ ଗୁଣ ହେବ ମୂର୍ଚ୍ଛି ରେ ।
ପ୍ରାଣବନ୍ଧୁ, ମଲାଣି ଏତେ କ୍ଷୀଣେ ରେ ।
କଳପ୍ପୁ ଅଛୁ କରେ ତୋ ଉଣା ରତିଶିରେ ଦେଉଛୁ ପ୍ରେମପ୍ରଣେ ରେ । ୩ ।
ଅବସରେ ଅଞ୍ଚଳ ପ୍ରାନ୍ତ ପରା ଚଞ୍ଚଳ ହୋଇ ଶୟନ କରୁ ରେ ।
ସେ କଥାମାନ ଗୁଣି ଗୁଣି କହୁଛୁ ପୁଣି ଧିକ ମୋ ଜୀଇବାରୁ ରେ ।
ପ୍ରାଣବନ୍ଧୁ, ଏ କଥା ଅଛୁ ଦୁର ନ ରେ ।
ତୋ ବିନୁ ଜୀଇବାର ଦୋଷକୁ କ୍ଷମା କର କହୁଛି କର ଯୋଡ଼ି ରେ । ୪ ।
କି ଦେଖିଲା ଏ ଆଖି ଫୁଟି ନ ଯାଇ ସଖି ହୃଦ ଫାଟି ନ ଯାଇ ରେ ।
ମୃତ କରି ବଶନ ପିନ୍ଧୁଲା ପରସନ୍ଧି ତୁ ପୁଣି ଅଛୁ ବସି ରେ ।
ପ୍ରାଣବନ୍ଧୁ, ଭାଳ କି ନ କରଇ ରେ ।
ସବୁ ସହଇ ଅନାସୃଷ୍ଟି ମୀନକସୂନା ଯେବେ ବିବେକୀ ଭୁଞ୍ଜ ରେ । ୫ ।

---

୨ । ଲାବଣ୍ୟସିନ୍ଧୁ-ଶୋଭା ସମୁଦ୍ର ।
୩ । ଯୋଗୀନ୍ଦ୍ର-ବଡ଼ ଋଷି ।

କେତେ ପ୍ରସନ୍ନ ମୁଖ ପଦ୍ମ ଶୀତମୟୂଖ ଦପଣ ଦର୍ପହାରୀ ରେ ।
ଚରଣ ପରିଚାର ପାଇଁ ନାଗରୀକର ହେଲୁ ତ ଏତେ ସବୁ ରେ ।
ପ୍ରାଣବନ୍ଧୁ, ନାହିଁ ଲେଶ ହରଷ ରେ ।
ନବ ଅନ୍ତର ସୁହା ନ ପାଉଥିଲ ଆହା ପୂର୍ଣ୍ଣ ହେଲା କଲୁଷ ରେ । ୬ ।
ଭିନ୍ନ ଭିନ୍ନ ବନ୍ଦନ କରି ନାହୁ ସମନ ହେବାର ଥାଉଁ କେଶ ରେ ।
ଲୁଚିଯାଇ ତୋ ଭାବ କେବେ ଶୁଝି ନୋହିବ ସହସ୍ରେ ଅଂଶୁ ଅଂଶରେ ।
ପ୍ରାଣବନ୍ଧୁ, ମନେ ବିଚାରୁଥାଇ ରେ ।
ଇନ୍ଦ୍ର ସମ୍ପତ୍ତି ଦେଲା ବରିହୁଁ ସ୍ୱପ୍ନ କଲା କ ଅବିବେକ ବିଧି ରେ । ୭ ।
ପାଶେ ଥିଲା ଧନରେ ମୋ ଭୋଜନ ଉଣ୍ଠରେ ଭିକ୍ଷା ଭୋଜନ କରୁ ରେ ।
ଦୁରେ କମ୍ପା ଆହାର ନ କରିଥିବୁ ଦୁର ଜାଣିଲି ଦୁର୍ବଳକୁ ରେ ।
ପ୍ରାଣବନ୍ଧୁ, କେଉଁ ଧର୍ମେ କରିଲୁ ରେ ।
ପରାଣ ପ୍ରତିଆଶା ସଙ୍ଗେ ପ୍ରତିଷ୍ଠିତ ଯୋଷା ମୋତେ ବୁଝାଉଥିଲୁ ରେ । ୮ ।
ଗରଳ ହୋଏ କ୍ଷିତ ବେଗବଶେ ଯେମନ୍ତ ତୋ ରକ୍ଷା ସେହି ଭାବ ରେ ।
ବରଷାକାଳେ ଘନ ଗର୍ଜନକୁ ବଞ୍ଚନ ମୋହନ୍ତି ହୋଇଥିବ ରେ ।
ପ୍ରାଣବନ୍ଧୁ, ନୟନେ ଅଶ୍ରୁ ପଡ଼ି ରେ ।
ଶରଦ ଶଶଧର ନୋହିଥିବ ତୋହର ବଦନଶଳ ଶର୍ବରୀ ରେ । ୯ ।
ଶରଦ ଅଗ୍ନି ଜାତ ହୁହୁଁ ହୋଇ ସନ୍ତତ ଜାଣି ନ ଥିବୁ ଶୀତ ରେ ।
ଶୁଣି ବେଦନ ସ୍ୱନ ପିକ ହେବା ମଉନ ବଞ୍ଚାଇଲା ବସନ୍ତ ରେ ।
ପ୍ରାଣବନ୍ଧୁ, ନ ବଞ୍ଚାଇଲେ ତୋତେ ରେ ।
ପିଞ୍ଚିଲ ମଧୁହାସ ମୋର ଘେନ ଗୁହାରି କଞ୍ଚେ କୃପା ଚିତ୍ତେ ରେ । ୧୦ ।
ନ ଆସୁଥିବ ନଦ କଶିରେ ଲଭୁ ଖେଦ ଚିତ୍ତେ ଗଡ ମୋ ସ୍ନେହ ରେ ।
କି ବୋଲିଥାଉ ମୋତେ ମନେ ମନେ ଭୁ ସତେ ଆନ ଅଛୁଟି କହ ରେ ।
ପ୍ରାଣବନ୍ଧୁ, ଯାହା ବୋଲନ୍ତୁ ଜନ ରେ ।
ପ୍ରିୟାର ମୁଁ କୋଯ୍ସର ବାଲ୍ୟକାନ୍ତ୍ର ତୋହର ମୁହିଁଟି ଏକା ଘେନ ରେ ।୧୧।

---

୬ । ଶୀତମୟୂଖ-ଚନ୍ଦ୍ର ।
୭ । ଅଂଶୁ-ଭଗରୁ ।
୧୦ । ସନ୍ତତ-ନିରନ୍ତର । ମଧୁହାସ-ଶ୍ରୀକୃଷ୍ଣ ।
୧୧ । ଆନ-ଅଣ । କୋଯ୍ସର-ମୁ ଭର ।

ବୋଲିବାକୁ ନିଷ୍ଠୁର ଯୋଉନାହିଁ ମୋହର ମନକୁ କରି-ସାକ୍ଷୀ ରେ ।
ତୋତେ ଧିଆଇ ଯେତେ ଆକୁଳ ହୋଇ ତତ୍କ୍ଷଣେ ଜାଣୁଛ ଥିବୁ ଦେଖି ରେ ।
ପ୍ରାଣବନ୍ଧୁ, ଦୁଃଖକାଳେ ତୋହର ଚିହ୍ନ ରେ ।
ସେବାକୁ ଆସିନାହିଁ ଏଣୁ ଅପରାଧ ମୁହିଁ ତପ୍ତର ଦଣ୍ଡ କଲ୍ପ ରେ । ୧୨ ।
ଥାଉଁ ମୋର ଆପୁରିତ କେତେ କଲନ୍ତା ଚିତ୍ତ ଭିନ୍ନ ହେବାକୁ ସନ୍ଧି ରେ ।
ତେବେ ଦୂରେ ଭ୍ରମଣ ମନ ନସ୍ଥନ ପ୍ରାଣ ତୋହର ପାଶେ ଥାଇ ରେ ।
ପ୍ରାଣବନ୍ଧୁ, ଏବେ ସେ ଅନୁଭବ ରେ ।
ବିପତ୍ତି ବଉଳଦରୁ ବଡ଼ ହୋଇ ଉପ୍ନୋଟୁ ଧାତା ଖଣ୍ଡ ନ ଥିବ ରେ । ୧୩ ।
ଦେହ ଉପରେ ମନ ପ୍ରଭୁ ପ୍ରମାଣ ଧନ ମନର ପ୍ରଭୁ ପ୍ରୀତି ରେ ।
ପ୍ରୀତିର ପ୍ରଭୁ ନାଶ ତାଙ୍କୁ ପୁଣି ପ୍ରାଣେଶ କେତ୍ପ ଧରିବ ଧୃତି ରେ ।
ପ୍ରାଣବନ୍ଧୁ, ପୂର୍ଣ୍ଣ ଆରତି ମୂର୍ତ୍ତି ରେ ।
ମନକୁ ଅନୁରୂପେ ଯୁବତୀ ମିଳେ ତପେ ଏଣୁ ଦୁର୍ଲ୍ଲଭ କନ୍ତ ରେ । ୧୪ ।
ଯେଉଁ ରୂପ ଅନାଇଁ ଚକ୍ଷୁ ପାଷାଣ ଦୁଇ କଣ ତରଳ ହେବେ ରେ ।
ପୁରୁଷ ମଧ୍ୟେ ସାର ଲୋକ ବୋଲନ୍ତି ମାଉ ଚନ୍ଦ ମଣୁଛି ଏବେ ରେ ।
ପ୍ରାଣବନ୍ଧୁ, ତୋହ ସମ୍ମୁଖେ ରହି ରେ ।
ପ୍ରହାର କଲା ଶର ସେ ଏଡ଼କ ନିଷ୍ଠୁର ହାତ ଟଳିଲା କେହ୍ନ ରେ । ୧୫ ।
ଦେହ ମନ ଭିତର ଘଟଣ ରହୁ ମାତର ଏମନ୍ତ ପାଞ୍ଚେ ଜଣ ରେ ।
ବେଗେ ଦେଖାକୁ ବାବେ ପ୍ରୀତ କରଇ କେବେ ପାଶେ ଆସିବା ମତ ରେ ।
ପ୍ରାଣବନ୍ଧୁ, ତୋ ରୂପ ପଟେ ଲେଖି ରେ ।
ପ୍ରାଣୁଁ ଉଠି ଅନାଇଁ ନାମ ତୋର ଜପଇ ଗତି ନ ଥାଇ ସଖି ରେ । ୧୬ ।
ମୁଁ ହେବାର ଏମନ୍ତ ଯେଉଁ ଅଧିକ ମିତ ଥାଇ ତୋ ଅବଧାନେ ରେ ।
ଏ କଥା କହି ସିନା ମୋତେ ଶୁଣି ବେଦନା ସହୁ ଭୁ ବଚନ ବଚନେ ରେ ।
ପ୍ରାଣବନ୍ଧୁ, ତୋତେ ଭୁ ପଠାନ୍ତର ରେ ।
ମୋହୋ ଅଶେଷ ତପ ପୁଣ୍ୟ ନାଶ ସ୍ୱରୂପ ହୋଇଛୁ ସମାକର ରେ । ୧୭ ।

---

୧୨ । ଖୋଇ-ଦୁଃଖ । ଧିଆଇଁ-ଭଜି ।

୧୪ । ଧୃତି-ଧଇର୍ଯ୍ୟ । ଆରତି-ଦୁଃଖୀ ।

୧୫ । ଲୋକେ ମନେ କରନ୍ତି ପୁରୁଷ ମଧ୍ୟରେ କନ୍ଦର୍ପ ଶ୍ରେଷ୍ଠ । କିନ୍ତୁ ମୁଁ ମନେ କରୁଛି ତୋର ସୁନ୍ଦର ମୂର୍ତ୍ତି ଦେଖି ପଥର ତାଣି ହେବ ଓ ପଶୁ ମଧ୍ୟ ବଶ ହେବ । ସେ ଏ ମୂର୍ତ୍ତି ଦେଖି ତୋତେ ଶର ମାରିଲା ହେଣୁ ସେ ବଡ଼ ହୀନ ଅଟେ ।

ଯେ ଜନ ନାସ୍ତି ହୃଦେ ରହେ ସୃଣି ଖାବଟେ ଧନମାନଙ୍କୁ ବଞ୍ଚେ ରେ ।
ଇନ୍ଦ୍ର କରେ ଯେ ଥାଇ ସେ କୁଳଶ ନୁହଇ ସେହି କୁଳଶ କଣ୍ଟେ ରେ ।
ପ୍ରାଣବନ୍ଧୁ, ନାସ୍ତି ପ୍ରଭୃତି ଦୁଇ ରେ ।
ଯେଣୁ ଏକ ଶାବକ କେବଳ ତନୁ ଭିନ୍ନ ଯୋଗେ ଏକଇ ହୋଇ ରେ । ୧୮ ।
ନବ ରସରେ ସାର ଆଦ୍ୟ ଲେଖି ଶୃଙ୍ଗାର ରତି ପରମ ସୁଖ ରେ ।
ଯିବା ପାଇଁ ପାଶୋରି ବଲ୍ଲଭ ନାମ ସାର ଦେଇଛନ୍ତି ଶାସ୍ତ୍ରେ ଦେଖ ରେ ।
ପ୍ରାଣବନ୍ଧୁ, ସେ ନିଜ ମୂର୍ଚ୍ଛିବାର ରେ ।
ଥିଲା କେଉଁ ଦୁର୍ଦ୍ଦଶା ରଥାଙ୍ଗ ପ୍ରାପ୍ତ ନିଶା ଦେଖାକୁ ଭୋର ମୋର ରେ ୧୯।
ଦରଶନରୁ ଦୂର ହେଲଣି ପାଇବାର ମୋର ଅଶେଷ ବ୍ୟଥା ରେ ।
ଭିନ୍ନ ନୋହେ ଏ ଖେଦ ତୋର ମୋର ବିଚ୍ଛେଦ ହୋଇ ରହିଲା କଥାରେ
ପ୍ରାଣବନ୍ଧୁ, କରିବେ ପର ହାସ୍ୟରେ ।
ରସିକେ ପ୍ରିୟସ୍ଥାନେ ଏ ରହିଲା ଶାବକେ ଏଥି ଉପାୟ କର ରେ । ୨୦ ।
ବଲ୍ଲଭ ମୃଦୁବାଣୀ ଶୁଣି ତରୁଣୀମଣି ଧୀରେ କହେ କ ସ୍ନେହା ସେ ।
ସେ ଦୁଃଖ ଭୋଗି ଯାଉ ଶତ୍ରୁଙ୍କ ତା ନ ଥାଉ ଚିତ୍ତ ପାଶୋର ତାହା ଯେ
ପ୍ରାଣବନ୍ଧୁ, ଚିତ୍ତକୁ ଭୁଲ ପଶୁ ସେ ।
ଏମନ୍ତ ବୋଲି ହସି କହେ ସ୍ୱହସ୍ତ ରସି ରମଣୀରତ୍ନ ସ୍ଥାସ ସେ । ୨୧ ।
ଦୁହେଁ ଦୁହିଁଙ୍କି ବେଶ କରିବାରେ ଲଳସ ଏମନ୍ତେ ଦିନ ଶେଷ ଯେ ।
କାମ ବିଜୟକାଳ ହେଲାଟି ଯୁବାକୁଳ ଶୁଭିଲା ଦରଘୋଷ ଯେ ।
ଶଠଲ୍ଲଙ୍ଗ, ଉଠିଲେ ପଦ୍ମ ଛେକ ଯେ ।
ତୁଣ୍ଡ ଏକ ସୁହାଗ ଆଉକେ ଅନୁରାଗ ପ୍ରାପ୍ତେ କୁମୁଦ ଭଙ୍ଗ ଯେ । ୨୨ ।
ଅଭିସାରିକା ପାଟ ଫଣି ମଣି କଳାପ ତେଜିଲେ ଶ୍ୱାସ ଯେ ।
ଧାଁଇ ପଡ଼ିଲା ଚୋର ପ୍ରାୟେ ଗଣିକାବର ମନେ ଜନ୍ମିତ ହାସ ଯେ ।
ଦ୍ୱିଜମାନେ, ସନ୍ଧ୍ୟା ବନ୍ଦନ ସାଧୁ ଯେ ।
ପାଞ୍ଚଣା କଲେ ଧନ ଧନାଆଳି ସ୍ୱଜନ ପରାପ୍ତ ବାଉବଧୂ ଯେ । ୨୩ ।

---

୧୯ । ନଅଟି ରସ ମଧ୍ୟରେ ପ୍ରଥମରେ ଶୃଙ୍ଗାର ବା ଆଦିରସକୁ ଲେଖନ୍ତି । କନ୍ଦର୍ପ କାଳେ ଭୁଲିଯିବ ବୋଲି ତାର ସ୍ତ୍ରୀକୁ ରତିନାମ ଦେଇଛନ୍ତି । ରଥାଙ୍ଗ-ଚକୁଆ ଚକୋଇ, ଏମାନେ ରାତ୍ରିରେ ଏକାଠି ରହନ୍ତି ନାହିଁ ।

୨୨ । କାମବିଜୟକାଳ-କାମ ବିଜୟର ସମୟ ହୋଇଛି ରାତି । ଦର ଘୋଷ-ଶଙ୍ଖଧ୍ୱନି ।

୨୩ । ଅଭିସାରିକା-କାନ୍ତା ମିଳନାର୍ଥେ ସଙ୍କେତ ସ୍ଥାନକୁ ଯିବା । ମଣି କଳାପ-ମଣିସବୁ,

ନବରସେ ରସିକ ରାମାମଣି ମାଣିକ୍ୟ ଦୈତ୍ୟଜନେ ହେଲେ ତୋଷ ଯେ ।
ଭର୍ତ୍ତି ଉତ୍ତରେ ହାସ-ଗର୍ଭ ବଚନ ରସ ବଶରେ ଅବକାଶ ଯେ ।
କାନ୍ତାକାନ୍ତ, ସନ୍ନିଧେ ପରିବେଶ ଯେ ।
ଦିବ୍ୟ ପର୍ଯ୍ୟଙ୍କ ଅଙ୍କେ ପ୍ରମୋଦରେ ନିଃଶଙ୍କେ ପ୍ରକାଶ କଲେ ରସ ଯେ । ୨୪ ।
ଷାଠିଏ ଘଡ଼ି ବନ୍ଧ ବର୍ଦ୍ଧିତ ହେଲେ ନବୋଧ ଛଇଳୀ ରାମା ପୁଂସ ଯେ ।
ନିଦ୍ରା ନାଶେ ସ୍ୱପନ ଦିଶନ୍ତି ଯଥା ଭିନ୍ନ ତଥା ବିସ୍ତରି କ୍ଲେଶ ଯେ ।
ନିଶା ଛାନ୍ତ, ପ୍ରେମେ ସର୍ବଦା ସ୍ଥିତ ଯେ ।
ଦିନ ଧରଇ ପାଟଛପ ହୋଇଲା ରାଟ ଏ କଥା ଅଦଭୁତ ଯେ । ୨୫ ।
ଏଣୁ କ ପାଇ ଲଜ୍ଜା ଚରମାଚଳେ ରାଜା ଲୁଚିଲେ ଅତି ବେଗେ ଯେ ।
ତାରା ତା ଦାରା ଯେଣୁ ମଳିନ ବେଶ ତେଣୁ କୌଶିକ ମନ୍ତ୍ରୀ ରାଗେ ଯେ ।
ସେବକ ଖାଲେ, ଦିନ ଡଗର ଡାକ ଯେ ।
ଗଳାରେ ଧରି ମାରି କହିଲେ ନିରନ୍ତର ଉଠିଗ ସା ଦେଲେ ଡାକ ଯେ ।୨୬।
ଏକାଳେ ତେଜ ଶଯ୍ୟା କାଠିଲାଗିକ ରାଜା ଆସେ ମନ୍ତ୍ରୀଙ୍କ ମିଳ ଯେ ।
ଅନ୍ଧୂର୍ଯ୍ୟ ଭ୍ରାନ୍ତ ପର୍ଯ୍ୟନ୍ତେ ସର୍ବ କର୍ତ୍ତୁ ପୁରତେ ତୋଷ ସିନ୍ଧୁ ଉଚ୍ଛୁଳ ଯେ ।
ନୃପତିର, ନଗରଜନେ ସୁଖୀ ଯେ ।
ମୃଦୁ ସୁଲ୍ଲରେ ଶୁଣି ଆନନ୍ଦ ହେଲେ ରାଣୀ ସଫଳ କଲେ ଆଖି ଯେ । ୨୭ ।
ଭ୍ରମର କାନ୍ତି ସ୍ୱଚ୍ଛ ହୋଇ ପ୍ରକଟ ମସ୍ତ୍ୟ ମଦ ଆଦି ଦେଶରେ ଯେ ।
ମିତ୍ର ନୃପତି ଯେତେ ଦରଶ ହେଲେ ଚିତ୍ତେ ଭସ୍ମ ଲଭିଲେ ପରେ ଯେ ।
ସାଧୁଜନେ, ଶୁଭେ ଏ ଛାନ୍ଦ ଶେଷ ଯେ ।
ଶରଣ ରାମଚନ୍ଦ୍ର କହଇ ଉପେନ୍ଦ୍ର ବାରବର ଏ ରସ ହେ । ୨୮ ।

—*—

ରଣିବାବର-ବାଃପୀ ଶ୍ରେଷ୍ଠ । ସାରଣ-ଅସୁଲ । ଧମାଣୀଙ୍କ-ଧନୀ । ଭାରବଧୂ-ବେଶ୍ୟା ।
ସାପ ତାର ମଣିତେଜକୁ ଦେଖି କଏ ଆସିଇ ମନେ ଭାବନ୍ତି ବାଟସ୍ତ୍ରୀ ପୁରୁଷ ପାଖକୁ ଗୋପନରେ ଯାଇ ଯେପରି କନ୍ କନ୍ ହୁଏ, ସେନା ଆପଣରେ ପ୍ରତାପୀ ରାଜାକୁ ଭର ଦେଇଥିବା ବାଟଖୁଲୁଣ ବେଶ୍ୟାକୁ ଧନ ଦିଅନ୍ତି ।

୨୫ । ସରିତା—ସ୍ୱର୍ଣ୍ଣ । ରାଠ-ରାଜା । ନିଶାଛାନ୍ତ-ଶେଷ ରାତି ।
ସ୍ୱପ୍ନରେ ଦେଖିବା ଜିନିଷ ନିଦ ପରେ ଭୁଲିଯାନ୍ତି, ସେହିପରି ଆନନ୍ଦରେ ମତ୍ତ ହେଲେ ଦୁଃଖ ମନେ ପଡ଼େ ନାହିଁ ।

୨୬ । ଚରମାଚଳ-ଅସ୍ତଗିରି । ରାଜା—ଚନ୍ଦ୍ର । ଦାରା-ସ୍ତ୍ରୀ । କୌଶିକ-ପେଚା ।

୨୮ । ପରେ-ଅନ୍ୟମାନେ ।

# ଅଷ୍ଟଚତ୍ୱାରିଂଶ ଛାନ୍ଦ

( ଚନ୍ଦ୍ରଭାନୁଙ୍କର ରାଜ୍ୟାଭିଷେକ ଓ ରାଜ୍ୟ ଶାସନ ପ୍ରଣାଳୀ )

ରାଗ—ମଙ୍ଗଳ

ଶୁଣ ହେ ଚରିତ ଅବଶେଷରେ । କର୍ଣ୍ଣାଟ ମହୀପତି ତୋଷରେ । ୧
ଦାନବ ପିଶିତ ଦାନ ପ୍ରେତକୁ । ଦେବାଇ ଆଣି ଶବ ଶତ୍ରୁକୁ । ୨
ଏକାଳେ ପଣରେ ମଣ୍ଡିଲା ଧରା । ଶ୍ରୀରାମ ପାର୍ଶ୍ୱେ ମାରୁତି ପରା । ୩
ଏଣୁ ଆନନ୍ଦ ହୋଇ ଦଣ୍ଡଧର । ସଚିବ ସଙ୍ଗେ କରି ବିଚାର । ୪
ନୃପତି ପଦବୀ ଦେଇଣ ସ୍ନେହେ । ଚଳିଲେ ପୁରୁଷୋତ୍ତମ କ୍ଷେତ୍ରେ । ୫
ଯାତ୍ରା ସମାପନରେ ଅସମ ରତି । ହେଲାରୁ ଅଳପକୁ କହନ୍ତି । ୬
ଷଷ୍ଠମବର୍ଷୀ ସେ ଲବଣ୍ୟବତୀ । ହୋଇଲା ଗୁଣନିଧାନ ମନ୍ତ୍ରୀ । ୭
ବସନ୍ତକ ହେଲା ଜ୍ୟୋତିଷରାଜ । ପୁରୋଧା ରତ୍ନଧ୍ୱଜ ଆଚାର୍ଯ୍ୟ । ୮
ସେ ନରେଶ୍ୱର ପାଳନାରେ ଦେଶ । ନୋହିଲା ଆଉ ମିଥ୍ୟାବକାଶ । ୯
ଏବସ ନାମରେ ଧନ ରହିଲା । ଧନକୁ ଦଣ୍ଡ ଆଶ୍ରୟ କଲା । ୧୦
ଭସ୍ମ ଚିତାରେ ମାତ୍ର ଶୋଭା ବନ୍ତି । ଯାଜ୍ଞିକ ଦ୍ୱିଜ ଲଲାଟେ ଭର୍ତ୍ତି । ୧୧
ଆଶ୍ରେ କଲା ମନ୍ଦ ମଳୟାନିଳେ । କଳଙ୍କ ଯାଇ ଚନ୍ଦ୍ର ମଣ୍ଡଳେ । ୧୨
କୁଟିଳ ନଖ ଶିରରେ ଲୁଣ୍ଠିଲେ । ବନ୍ଧକୀ ବୃକ୍ଷ ହୋଇ ବଞ୍ଚିଲେ । ୧୩
କଳୀ ମ୍ଲାନ କଲା ପୁଷ୍ପବଲ୍ଲୀକି । ମଧୁପ ପଦ ଶୋଭା ଅଳକ । ୧୪
ଶରଣ କଲା ବୈଦ୍ୟକୁ ମାରଣ । ଇନ୍ଧନେ ଦେଖାଦେଲା ଦାରୁଣ । ୧୫

---

୨ । ପିଶିତ-ମାଂସ ।

୩ । ମାରୁତି-ହନୁମାନ ।

୫ । ନୃପତି ପଦବୀ-ରାଜ ଉପାଧି ।

୬ । ରତି-ତୋଳାର ଅଷ୍ଟିଭାଗରୁ ଏକଭାଗ, ଅତି ଅଳ୍ପ, ସୁରତ ।

୧୧ । ଯଜ୍ଞକାରୀ ବ୍ରାହ୍ମଣଙ୍କ ମୁଣ୍ଡରେ ଭସ୍ମ ରହିବାରୁ ଆଉ କେହି ଲୋଭୀ ହେଲେନାହିଁ ।

୧୨ । ସେଠାରେ ମନ୍ଦ କଥା ରହିଲା ନାହିଁ କେବଳ ବସନ୍ତ ପବନର ଧୀରଗୁଣ ରହିଲା ।

୧୩ । କୁଟିଳ-ଶଠଲୋକ । ନଖ-ଲଦ୍ଧି । ବନ୍ଧକୀ-ଅସତୀ ।

୧୪ । କଳି-କଳହ, ଫୁଲକଢ଼ । ପୁଷ୍ପବଲ୍ଲୀ-ପୁଷ୍ପଲତା । ଅଳି—ଦାନ୍ତ, ଜିଭ ।

୧୫ । ଶରଣ-ରକ୍ଷା । ମାରଣ-ସ୍ୱର୍ଣ୍ଣାଦି ଧାତୁ ବା ପାରଦ ରସକୁ ଶୋଧନ କରିବା । ଇନ୍ଧନ—ଜାଳିବା କାଠ । ଦାରୁଣ-ଚିରିବା ।

ରକ୍ଷିଲୁ କୁଳ ଲଙ୍ଘନ ସ୍ମରଣେ । ଶ୍ରୁତିରେ ସ୍ନେହ ଶବଦ ସଙ୍ଗେ । ୧୬
ବିଷ ଭକ୍ଷଣ ହଂସ ରହେ ଏକା । ସ୍ତନରେ କରପୀଡ଼ା ଆଶଙ୍କା । ୧୭
ବନ୍ଧନ ରକ୍ଷିଲୁ କାନ୍ଥରେ ମାଷ । ମୃଗସ୍ନା ପକ୍ଷି ହୋଇଲୁ ରସ । ୧୮
ରଣନପୁଣେ ରକ୍ଷିଲେ ପ୍ରମୋଦେ । ନାଗସ୍ତ କଟୀ କଙ୍କିଣୀ [illegible] । ୧୯
କେବଳ ମଦନ ବଇସ ପଦେ । ପାଞ୍ଚଇ ତାଳୁ ଜଣିଲା [illegible] । ୨୦
ନ୍ୟାସ୍ତ୍ରକଳ ସ୍ୱଜା ଆଗ ପଦାଶ । ଦୁର୍ବଳ ଶଙ୍କା ଚର୍ଚ୍ଚିରେ ସ୍ଥିତି । ୨୧
ଜାତ ହୋଇ ସ୍ନେହ ପ୍ରେମଧନରେ । ଉଚ୍ଛନ୍ନ ଚକ୍ଷୁ ତିନି ଦିନରେ । ୨୨
ସାଖୀ ମୋକ୍ଷକାଳେ ଉସ୍ତୁକେ ନାହିଁ । ମାଗିବା ଦ୍ରବ୍ୟ ଚୁମ୍ବନ ପକ୍ଷି । ୨୩
ଲାଳସ ହୋଇଣ ପର ପ୍ରିସ୍ତରେ । ସ୍ପର୍ଶିବା ରହେ ଶତ ନାଷ୍ଟରେ । ୨୪
ନ ଗ୍ରହିଲୁ ମାତ୍ର ପଣା ସାରକୁ । ବିମୁଖ କଣ୍ଠେ ଜପକାରକୁ । ୨୫
ଶୁକ ଶକୁନ ଚରଣରେ ଦେଖି । ଶିକୁଳୀ ପରି ଶାକୁଳୀ ଯୋଖି । ୨୬
କାସ୍ ହୋଇ ପକ୍ଷି ପଞ୍ଜରେ ଅଛୁ । ଉଡ୍ଡିକ ଏକା ସ୍ତୁହ ଧରିଛୁ । ୨୭
ବନ୍ଦୀ ପକ୍ଷି ଛାଡ଼ି ବନ୍ଧନ ଜନ । ବାନ୍ଧିକ ଜଣାଯିବ ଏମାନ । ୨୮
ଭରମ ହୋଇଛୁ ଶୁଦ୍ଧ ସୁବର୍ଣ୍ଣ । ଭୁତହିଁ ପଞ୍ଚ ପ୍ରକାରେ ଯୋନ । ୨୯
କୁଣ୍ଡ ଦେଖା ଦୁର୍ଗୋସ୍ତେ ସତ୍ତ୍ୱେ । ଗୃହୁରୁ ଖଣ୍ଡ ମାସ ଉସ୍ତୁକେ । ୩୦
ପରାତ୍ପର ସ୍ତବ ଏକ ପ୍ରକାର । କରିଛୁ ଯେଉଁ ନର ଈଶ୍ୱର । ୩୧
ଚନ୍ଦ୍ର ସୂର୍ଯ୍ୟ ଶ୍ୱାସ ଶିରେ ସ୍ଥିତ । ସର୍ବଦା କଷ୍ଟ କରିବ ବେଷ୍ଟିତ । ୩୨

---

୧୬ । କୁଳ ଲଙ୍ଘନ-ବଂଶ ନିୟମ ନ ମାନି, ତାକୁ ଅତିକ୍ରମ କରି ।
୧୭ । ଭଷ-ଜଳ ।
୨୦ । ବାଦେ-ତର୍କେ କଥାରେ ।
୨୩ । ସାଖୀ ମୋକ୍ଷକାଳେ ଉସ୍ତୁକେ ନାହିଁ-କାଟିବସ୍ତୁ ଫିଟାଇବାକୁ ପଡ଼େ ନାହିଁ ।
୨୪ । ଲାଳସ-ସ୍ନେହ ।
୨୫ । ବିମୁଖ-ବିରକ୍ତ, କ୍ଳାନ୍ତ । କଣ୍ଠେଜପ-ଘରୁଆ ବା ଭାନକୁହା ।
୨୬ । ଶକୁନ-ଶାଗୁଣା ।
୨୮ । ବନ୍ଦୀ-ବନ୍ଧ, ଅଟକ ହୋଇଥିବା ଲୋକ ।
୨୯ । ଭରମ-ଭ୍ରମ, ପୁନା । ଭୁତହିଁ ପଞ୍ଚପ୍ରକାରେ ଯୋନ—କ୍ଷିତି, ଅପ, ତେଜ, ମରୁତ, ବ୍ୟୋମ ।
୩୦ । କୁଣ୍ଡ-ଜାରଜ ସନ୍ତାନ, ଜାରପାପ ।
୩୧ । ନର ଈଶ୍ୱର-ରାଜା । ନର-ଲୋକ । ଈଶ୍ୱର-ମହାଦେବ ।
୩୨ । ଚନ୍ଦ୍ର-ବାମ ବାସ, ଇଡ଼ା ନାଡ଼ି । ବେଷ୍ଟିତ-ଆବୃତ, ଘେରିକରି ରହିବା ।

ସଘନ ପୃଥୁ କାର୍ତ୍ତସ୍ୱର ପାଦ । ରଜ ନକରେ ଭୂଷିତ ଗାତ୍ର । ୩୩
ମନ୍ତ୍ରୀ ସଙ୍ଗେ ନଗରେ ବଳସି । କେବଳ ଜନ ମନକୁ ତୋଷି । ୩୪
ମର୍ତ୍ତ୍ୟେ ତ ଏଙ୍କୁ ଅସାଧ୍ୟ ନାହିଁ । ସ୍ୱର୍ଗେ ବା କଣ୍ଠକାଇ କରାଇ । ୩୫
ଜଣ ଦେବାଙ୍ଗଙ୍କ ସନ୍ତୋଷପାଇଁ । ଦରଇ ମେରୁ ଦାନକୁ ଉଟସ୍ତୁ । ୩୬
ବ୍ରହ୍ମା କୋଧ ଅନ୍ତ ଦେବ ଶାସନ । ସେ କର୍ମା ଲଙ୍ଘି ଦେବ ଭବନ । ୩୭
ହୟ ଆରୋହଣେ ଯେଉଁ ନୃପତି । ଲଭଇ ହରିହୟ ଏ ଖ୍ୟାତି । ୩୮
ବଳୀ ଯେବେ ଭୁମେ ବଳକ ମାର । କହିବା ଜୀବ କହେ ବସ୍ତୁର । ୩୯
ଅଶ୍ୱଖର ରେଣୁ ଉଡ଼ିବା ଗୁହିଁ । ପୋତକ ମୋରେ ସାଗର ଧାଇଁ । ୪୦
ଧାତା ହୁଉ ଦତ୍ତ ରତନାକର । କୋଇଲ ଥାଉ ଏହା ଭଣ୍ଡାର । ୪୧
ସାର୍ବଭୌମପଦ ବୀର ବହିଲ । ଉଭର ଦନ୍ତୀ ଭୟ ପାଇଲ । ୪୨
ମୁଁ ନୃପଭ କୋଲ ଗ୍ରହଣ ରଡ଼ । କରଣାଭାଳେ ସେ ଘଡ଼ଘଡ଼ । ୪୩
ହୋଇଲ ସେ ରାଜା ଏମନ୍ତ ତ୍ୟାଗୀ । ଜାଣିଲେ ନାହିଁ ଯାଚକେ ମାଗି । ୪୪
କେ ଯିବ କଲ୍ପତରୁ ସନ୍ନିଧାନ । କାମନା ହେଲା ଇଚ୍ଛାରୁ ପୂର୍ଣ୍ଣ । ୪୫
ଲଭ ନୋହିଥିଲେ ପଲ୍ଲବମାନ । କରନ୍ତେ ଅବା ମୃଗ ଅଶନ । ୪୬
ମିଳନ୍ତେ ଫଳ ଥିଲେ ପକ୍ଷୀଗଣ । ବ୍ୟର୍ଥ ହେଲା ତା ଦାତାପଣ । ୪୭
ପ୍ରତାପ ହାସିଲ ବଡ଼ବାନଳେ । ପଶିଲା ଯାଇ ସମୁଦ୍ର ଜଳେ । ୪୮
କେ ଦେଖିବ ତାକୁ ଯେ ଲୁଚିଅଛି । ତୁଦନ୍ତ ସନ୍ତାପ ତା କରୁଅଛି । ୪୯
ପକ୍ଷକୁ ହାରିଣ କୁମୁଦ ବନ୍ଧୁ । ହୋଇଲେ ପରସ୍ପରର ବନ୍ଧୁ । ୫୦

---

୩୩ । କାର୍ତ୍ତସ୍ୱର-ସୁନା । ରଜନକରେ-କର୍ପୂରରେ ।
୩୫ । କଣ୍ଠକାଇ-ଅପମାନ ।
୩୬ । ମେରୁ ସେ ସୁନାପର୍ବତ ଏଠାରେ ସୁନା ଦାନ ।
୩୭ । ଦେବଶାସନ-ଦେବତାମାନଙ୍କୁ ରକ୍ଷା କରିବା । ଦେବ ଭବନ-ଦେବତା ଗୃହ ଅର୍ଥାତ୍ ମେରୁ ।
୩୮ । ହୟ-ଘୋଡ଼ା । ହରିହୟ-ଇନ୍ଦ୍ର ।
୪୦ । ଅଶ୍ୱଖୁର-ଘୋଡ଼ା ଗୋଡ଼ର ଖୁରା ।
୪୧ । ଧାତା କୂଳରେ ସମୁଦ୍ରରେ ରତ୍ନଭଣ୍ଡାର ରଖିଛି ।
୪୨ । ସାର୍ବଭୌମପଦ-ସର୍ବଶ୍ରେଷ୍ଠ ରାଜପଦ । ଉତ୍ତରଦନ୍ତୀ-ଉତ୍ତର ଦିଗ ହାତୀ ।
୪୪ । ଯାଚକେ-ଭିକାରୀମାନେ ।
୪୮ । ବଡ଼ବାନଳେ-ସମୁଦ୍ର ମଧ୍ୟସ୍ଥ ଅଗ୍ନିରେ ।
୫୦ । ଚନ୍ଦ୍ର ଓ କୁମୁଦ ପକ୍ଷରେ ହାରିଯାଇ ଅପଣା ଅପଣା ମଧ୍ୟରେ ବନ୍ଧୁ ହେଲେ ।

ଅଳି କଳଙ୍କ କାନ୍ତିକୁ ଧରିଲେ । ଗଙ୍ଗାଙ୍କ ଅଙ୍ଗେ ପଙ୍କକୁ ବହିଲେ ।୬୧
ହର ବସୁରିଲେ ଗଙ୍ଗା ଚନ୍ଦ୍ରକୁ । ପ୍ରଭବ କାନ୍ତି ବଳି ବେଳକୁ ।୬୨
ଅବଶ୍ୟ ଏହାକୁ ଥିବ ତ ଛୁଇଁ । ଥିବ ଏ କାହୁଁ ଶୀତଳ ପାଣି ।୬୩
ପୁଣି ତା କାନ୍ତି ଶାନ୍ତ ରସ ଠାବ । ଗରଳ ତାପ ଶାନ୍ତ କରଇ ।୬୪
ଏମନ୍ତ ବୋଲଣ ବହିଲେ ଶୀର୍ଷେ । ଚନ୍ଦ୍ରମାତ୍ରୁ ଗଙ୍ଗାଧର ସେ ।୬୫
ବଣରେ ଫେଳ ଜଳଭୂକ ତାର । ଜନ୍ମସ୍ଥ ହୋଇ ଜଳନ୍ଧର ।୬୬
କିଂପୁରୁଷକୁ ଅନୁସ୍ୱାର ଦୂର । କରଣ ଦେଲେ ପ୍ରାନ୍ତେ ଏକାର ।୬୭
ସ୍ୱାଧୀନଭର୍ତ୍ତୃକା ନାଶ ପାଇଛି । ନାୟକ ଅନୁକୂଳ ହୋଇଛି ।୬୮
ସବୁ ଏକଠାବ କରିଛି ବିଧି । ମଞ୍ଜିଷ୍ଠା ରାଗ ଉଦିତ ତହିଁ ।୬୯
ଯାହା ଗୁଣ ରତ୍ନାଳଙ୍କାର ହେଲ । ମଣ୍ଡନ ଲୋକମାନେ ସେ କଲ ।୭୦
କହୁଥିଲେ ସେ ତ ନୋହିବ ଶେଷ । ସମ୍ପୂର୍ଣ୍ଣ ଛାନ୍ଦ ଅଠଚାଳିଶ ।୭୧
ନାନା ଅବଧାନ ବିଧାନ ପର । ନାଟକ କାବ୍ୟ ଅଟେ ମାଧୁର୍ଯ୍ୟ ।୭୨
ଦୃଷ୍ଟି ସୃଷ୍ଟିରେ ହୋଇଛି ବିଚିତ୍ର । ରସିକ ଚିତ୍ତ ମୋହନ ମନ୍ତ୍ର ।୭୩
ଖଳ ଗର୍ବ ତୃଣ ଦାବ ଦହନ । ପଥିକ ମୂର୍ଖ ଅଗମ୍ୟ ବନ ।୭୪
ଧର୍ମ ବଣିକ ପସରା ସମାନ । ବିବିଧ ରସଦ୍ରବ୍ୟରେ ପୂର୍ଣ୍ଣ ।୭୫
ଉପେନ୍ଦ୍ର ଭଞ୍ଜ ମନକୁ ମୁଦ । ବଡ଼ଧର୍ମୀ ଶ୍ରୀରାମଚନ୍ଦ୍ର ।୭୬
ରସିକା ଲୋକେ ପ୍ରକାଶ କର । ଅଧିକ ପଦ ଏଣୁ ବିହର ।୭୭
ଛାନ୍ଦ ଦୁଇ ସହସ୍ର ଗଣନ । ପାଠିଏ ଏକପଦରେ ଶେଷ ।୭୮

—*—

୬୧ । କଳଙ୍କ-ଚନ୍ଦ୍ରାସୂଚକ ଚିହ୍ନ ।
୬୨ । ପ୍ର ଭବ-ପ୍ରଭବ, କାରଣ, ଉତ୍ପତ୍ତିସ୍ଥାନ ।
୬୭ । କିଂପୁରୁଷ-କିନ୍ନର । ଅନୁସ୍ୱାର-ଅଶ୍ରୁ ।
୬୮ । ସ୍ୱାଧୀନ ଭର୍ତ୍ତୃକା-ଯେଉଁ ସ୍ୱାମୀ ସ୍ତ୍ରୀର ଅନୁଗତ ଏବଂ ଯେ ଆପଣାର ସ୍ତ୍ରୀ କଥାରେ ଚଳେ । ଅନୁକୂଳ ନାୟକ-ଯେଉଁ ପୁରୁଷ ସ୍ତ୍ରୀଠାରେ ଅତି ଆସକ୍ତ ତା ଲୋଭରେ ସର୍ବଦା ସ୍ତ୍ରୀ ପାଶରେ ଥାଏ ।
୬୯ । ମଞ୍ଜିଷ୍ଠାରାଗ-ସ୍ତ୍ରୀ ପୁରୁଷ ମଧ୍ୟେ ଅଭେଦ ପ୍ରୀତି ।
୭୨ । ଅବଧାନ-ଶବ୍ଦଶାସ୍ତ୍ର, ଶାସ୍ତ୍ରବକ୍ତୃତ୍ୱ ନିୟମ । ବିଧାନ-ବିଧି, ବ୍ୟବସ୍ଥା ।
୭୪ । ଦାବ-ବଣ । ଅଗମ୍ୟ-ଯେଉଁଠାକୁ କେହି ଗମନ କରିପାରେ ନାହିଁ, ସ୍ତ୍ରୀ ସହବାସ ଅଯୋଗ୍ୟ ।
୭୬ । ବଡ଼ଧର୍ମୀ-ଆଶ୍ଚର୍ଯ୍ୟ ଧରଣର ଚତୁର, ଆଶ୍ଚର୍ଯ୍ୟ କାର୍ଯ୍ୟଦକ୍ଷ ।

## ସପ୍ତଚତ୍ୱାରିଂଶ ଛାନ୍ଦର ସାରକଥା

ବିପ୍ରଲମ୍ଭ ଶୃଙ୍ଗାର ବର୍ଣ୍ଣନାରେ କବି ଗତ ଛାନ୍ଦମାନଙ୍କରେ ବହୁ ସମୟ ତଥା ଶ୍ରମ ବ୍ୟୟ କରିଛନ୍ତି । କିନ୍ତୁ ତହିଁ ସେତିକରେ ସନ୍ତୁଷ୍ଟ ନ ହୋଇ ଚନ୍ଦ୍ରଭାନୁଙ୍କର ବିରହ ଦୁଃଖକୁ ଅଧିକ ପାଠକ ହୃଦୟରେ ଘନୀଭୂତ କରିବାପାଇଁ ପ୍ରୟାସ କରି ଏ ଛାନ୍ଦଟିର ଅବତାରଣା କରିଛନ୍ତି । ଛାନ୍ଦଟିରେ କିଛି ନୂତନତ୍ୱ ନ ଥିଲେ ମଧ୍ୟ ଚନ୍ଦ୍ରଭାନୁର ବିରହ ଦୁଃଖ ବର୍ଣ୍ଣନା କରିବାରେ କବି ଶତଜିହ୍ୱ ହୋଇ ପଡ଼ିଛନ୍ତି । ଛାନ୍ଦଟିର ପ୍ରତ୍ୟେକ ପଦରେ ଏ ଉକ୍ତିର ସତ୍ୟତା ସ୍ପଷ୍ଟ ।

ଶୃଙ୍ଗାର ରସର ପ୍ରାଧାନ୍ୟ ଅନ୍ୟାନ୍ୟ ସବୁ ଛାନ୍ଦପରି ଏ ଛାନ୍ଦରେ ମଧ୍ୟ ଆତ୍ମପ୍ରକାଶ କରିଛି । ୧୯ ଏବଂ ୨୫ ପଦ ଏହା ସମ୍ପର୍କରେ ସାକ୍ଷ୍ୟ ପ୍ରଦାନ କରେ । ଦାମ୍ପତ୍ୟପ୍ରେମର ଚରମ ରୂପ ୧୨ ପଦରୁ ମିଳି ଥାଏ ।

## ଅଷ୍ଟଚତ୍ୱାରିଂଶ ଛାନ୍ଦର ସାରକଥା

ଏ ଛାନ୍ଦଟି ଲାବଣ୍ୟବତୀ କାବ୍ୟର ଅନ୍ତିମ ଛାନ୍ଦ । ପ୍ରେମର ଦ୍ୱିବିଧ ବିଭାଗ ପୂର୍ବରାଗ, ସମ୍ଭୋଗ ଓ ବିପ୍ରଲମ୍ଭର ଯଥାଯଥ ଅନୁଷ୍ଠାନ ପରେ କବି କାବ୍ୟର ଉପସଂହାର କରିଛନ୍ତି । ବୃଦ୍ଧରାଜା ବର୍ଣ୍ଣାଶ୍ରମ ଧର୍ମ ଅନୁଯାୟୀ ବାନପ୍ରସ୍ଥାଶ୍ରମ ଗ୍ରହଣ କରି ପୁତ୍ର ଚନ୍ଦ୍ରଭାନୁ ମସ୍ତକରେ ରାଜ ମୁକୁଟ ଅର୍ପଣ କରିଛନ୍ତି । ଚନ୍ଦ୍ରଭାନୁ ଅଧିବାସ ଶୁଭକରେ ରାଜ ସିଂହାସନ ଆରୋହଣ କରିବା ପରେ ସମସ୍ତ ପ୍ରଜାଙ୍କର ଧର୍ମ ପାଳନ ପାଇଁ ତତ୍ପର ହୋଇ ଦାନପୁଣ୍ୟ ଉତ୍ସବରେ ମନୋନିବେଶ କରିଛନ୍ତି । ପ୍ରାଚୀନ ରାଜାମାନଙ୍କର ଦାନଶୀଳତାର ସୁରୂଢ଼ ବର୍ଣ୍ଣନା ଏହି ଛାନ୍ଦରେ ଦେଖିବାକୁ ମିଳେ ।

କାବ୍ୟଟିର ପରିଣତି ସନ୍ଦର୍ଭ ଏହି ଛାନ୍ଦରେ ହୋଇଛି ତଥାପି ଏଥିରେ କୌଣସି ଚରମ ପରିଣତି ବା clirnatic effect ନାହିଁ । ଛାନ୍ଦଟିରେ ଅତି ସାଧାରଣ ଭାବରେ କାବ୍ୟର ପରିସମାପ୍ତି ଘଟିଛି । ଅନ୍ୟାନ୍ୟ ଆଧୁନିକ କାବ୍ୟ ବା ଉପନ୍ୟାସ ଯେପରି ନାଟକୀୟ ଭଙ୍ଗୀରେ (Dramatically) ପରିସମାପ୍ତି ଲାଭକରେ ଏହା ସେପରି ହୋଇନାହିଁ । କାବ୍ୟଟି ୨,୩୭୦ ପଦରେ ନିର୍ବିଘ୍ନରେ ପରିସମାପ୍ତି ଲାଭ କରିଛି ।

ସମାପ୍ତ

# ପ୍ରେମସୁଧାନିଧି

—:*:—

## ପ୍ରଥମ ଛାନ୍ଦ

( ଆଦ୍ୟଯମକ ) ରାଗ ମଙ୍ଗଳଗୁଜ୍ଜରୀ ।

କୁ-ମୁଦ କୁମୁଦ ବନ୍ଧୁ ଯଶ ହରତ । ଜନକ ଜନକ ତୋଷକରେ ରତ ।୧। ଅନନ୍ତ ଅନନ୍ତ ଯାହା ମହିମାମାନ । ଜଗତି ଜଗତୀରେ ଲୀଳା ରଚନ ।୨। ସୀତା ସିତାମ୍ବୁଜମୁଖ ମତ୍ତଭ୍ରମର । ଘର୍ମ ଘର୍ମ କଦଳୀକମ୍ପନେ

---

ପ୍ରଥମ ଗ୍ରନ୍ଥ ଟୀକା ।

କୌଣସି ବର୍ଣ୍ଣ ବା ଶବ୍ଦର ବାରମ୍ବାର ଉଚ୍ଚାରଣକୁ ଯମକ କହନ୍ତି । ଆଦ୍ୟ, ମଧ୍ୟ, ପ୍ରାନ୍ତଭେଦରେ ଯମକ ତିନି ପ୍ରକାର । ଏହି ଗ୍ରନ୍ଥର ଆରମ୍ଭରେ ଏକ ପ୍ରକାର ଶବ୍ଦ ଦୁଇ ଥର ଥିବାରୁ ଏହାକୁ ଆଦ୍ୟ ଯମକ ବୋଲାଗଲା ।

କବିବର ଉପେନ୍ଦ୍ରଭଞ୍ଜ ରାମତାରକ ମନ୍ତ୍ର ସାଧନ କରିଥିବାରୁ ରାମଚନ୍ଦ୍ର ତାହାଙ୍କର ଇଷ୍ଟଦେବତା ଅଟନ୍ତି । ଏଣୁ କବି ଗ୍ରନ୍ଥର ମଙ୍ଗଳାଚରଣରେ ରାମଚନ୍ଦ୍ରଙ୍କୁ ବନ୍ଦନା କରିଅଛନ୍ତି ।

କୁ-ପୃଥିବୀ, ମୁଦ-ଆନନ୍ଦ, କୁମୁଦ-କଇଁ, ବନ୍ଧୁ-ଚନ୍ଦ୍ର, ଜନକ-ଜନକରାଜା, ଦଶରଥ ଓ ଲୋକ ସମୂହ । ଯେଉଁ ରାମଚନ୍ଦ୍ର ପୃଥିବୀ, ଜନକରାଜା, ଦଶରଥ ଓ ଲୋକ ସମୂହର ଆନନ୍ଦ ବଢ଼ାଇ କଇଁ ଏବଂ ଚନ୍ଦ୍ରଙ୍କ ପରି ଶୁକ୍ଳ ଯଶ ଲାଭ କରିଥିଲେ ।୧।

ଅନନ୍ତ-ଅସୀମ, ଶେଷଦେବ, ଜଗତି-ପୃଥିବୀ, ଜଗତୀ-କୋଠାଘର । ଯାହାଙ୍କର ସମସ୍ତ ମହିମାକୁ ଶେଷଦେବ ବର୍ଣ୍ଣନ କରିବାକୁ ସକ୍ଷମ ନୁହଇ ପୁଣି ଯେ ପୃଥିବୀରୂପ କୋଠାଘରେ ବିହାର କରି ଲୀଳାମାନ ରଚନା କରିଥିଲେ ।୨।

ସିତାମ୍ବୁଜ-ଶ୍ୱେତପଦ୍ମ, ଘର୍ମ-ଜଳ, ଘର୍ମ-ଘର୍ମ, ସମୀର-ପବନ । ପଦ୍ମଗନ୍ଧରେ ଭ୍ରମର ମତ୍ତହେଲାପରି ଯେ ଶ୍ୱେତପଦ୍ମ ସଦୃଶ ସୀତାଙ୍କର

ସମୀର । ୩ । ଲକ୍ଷ୍ମଣ ଲକ୍ଷଣବନ୍ତ ଯା ପାଦେ ସେବେ । ଭଞ୍ଜ ଭଞ୍ଜ ସୀତାବର ସନ୍ତାପ ଏବେ । ୪ । ଉଜ୍ଜ୍ୱଳ ଉଜ୍ଜ୍ୱଳ-ରସେ ଗୀତ ହେଉବ । ମାନସ ମାନସହଂସ ପ୍ରାୟେ କ୍ରୀଡ଼ିବ । ୫ । ଅମ୍ବୁଜ ଅମ୍ବୁଜ ଖଳେ ହୋଇବ ସତ । ସୁମନ ସୁମନ ହେଲ ଶୁଣ ଚରିତ । ୬ । ସୁର ସୁ-ରଞ୍ଜନ ତେଜେ ସେହି ବଂଶରେ । ଜାତ ଜାତ-ବେଦ ରାଜା ଅରି ବଂଶରେ । କୁଶଳ କୁଶଳ-ଦେଶପାଳନେ ସେହି । କୁମାର କୁମାର ମାର ସମାନ ନୋହି । ୮ । ପରକଟ ପରକଟକରେ ଯା କୀର୍ତ୍ତି । ସୁର ପୁରନ୍ଦରବୀର ଗଣେ ବୋଲନ୍ତି । ୯ ।

---

ଶ୍ରୀମୁଖ ଦର୍ଶନରେ ଉନ୍ମତ୍ତ । ପୁନଶ୍ଚ ଯେ ପବନ ପ୍ରାପ୍ତ ହୋଇ ପର୍ଶୁରାମ-ରୂପ କଦଳୀବନକୁ କମ୍ପାଇଥିଲେ । ୩ ।

ଲକ୍ଷଣବନ୍ତ-ଉତ୍ତମଲକ୍ଷଣଯୁକ୍ତ, ଭଞ୍ଜ-ନାଶକର । ଉତ୍ତମଲକ୍ଷଣ ଯୁକ୍ତ ଲକ୍ଷ୍ମଣ ଯାହାଙ୍କର ପାଦ ସେବା କରନ୍ତି ସେହି ପ୍ରଭୁ ଶ୍ରୀରାମ ଉପେନ୍ଦ୍ରଭଞ୍ଜଙ୍କର ଦୁଃଖକୁ ବିନାଶ କରନ୍ତୁ । ୪ ।

ଉଜ୍ଜ୍ୱଳ-ନିର୍ମଳ, ସୁନ୍ଦର, ଆଦିରସ, ମାନସ-ମନ, ମାନସରୋବର, ହଂସ ମାନସରୋବରର ନିର୍ମଳ ଜଳରେ ଆନନ୍ଦରେ କ୍ରୀଡ଼ା କଲାପରି ଆଦିରସର ସୁନ୍ଦର ବର୍ଣ୍ଣନା ଥିବା ଏହି ଗ୍ରନ୍ଥକୁ ପଢ଼ି ପାଠକର ମନ ଆନନ୍ଦିତ ହେବ । ୫ ।

ଅମ୍ବୁଜ-ପଦ୍ମ, ଚନ୍ଦ୍ର, ସୁମନ-ପଣ୍ଡିତ, ଉତ୍ତମମନ । ଖଳ-ମୂର୍ଖ, ପଦ୍ମକୁ ଚନ୍ଦ୍ର-ପରି ଏ ଗ୍ରନ୍ଥ ମୂର୍ଖର ଅନାଦାର ହେବ । ହେ ପଣ୍ଡିତମାନେ ଏହାକୁ ଉତ୍ତମ ମନରେ ଶ୍ରବଣ କର । ୬ ।

ସୁର-ସୂର୍ଯ୍ୟ, ସୁରଞ୍ଜନ-ଶୋଭିତଯୁକ୍ତ, ଅରିବଂଶ-ଶତ୍ରୁରୂପ ବାଉଁଶ, ଜାତବେଦ-ଅଗ୍ନି । ସୂର୍ଯ୍ୟବଂଶରେ ଜନ୍ମିଥିବା ସୂର୍ଯ୍ୟପରି ତେଜଯୁକ୍ତ ଜାତବେଦ ନାମକ ରାଜା, ବାଉଁଶ ପକ୍ଷରେ ଅଗ୍ନିପରି ଶତ୍ରୁପକ୍ଷରେ ଭସ୍ମପ୍ରଦ ହୋଇ-ଥିଲେ । ୭ ।

କୁଶଳ-କୋଶଳଦେଶ, ଉପଯୁକ୍ତ, କୁମାର-ପୁତ୍ର, ମାର-କାମଦେବ । ସେହି କୋଶଳଦେଶର ରାଜା ରାଜ୍ୟ ପାଳନରେ କୁଶଳ ଅଟନ୍ତି । ତାହାଙ୍କର ପୁତ୍ର କାମଦେବଠାରୁ ଅଧିକ ସୁନ୍ଦର ଅଟେ ।

ପରକଟ-ପ୍ରକଟ, ପ୍ରକାଶିତ, ପରକଟକ-ଅନ୍ୟରାଜାର ରାଜ୍ୟ, ସୁର-ମର୍ତ୍ତ୍ୟପୁର, ପୁରନ୍ଦର ଇନ୍ଦ୍ର । ଯାହାର କୀର୍ତ୍ତି ଅନ୍ୟ ରାଜାର ରାଜ୍ୟରେ ପ୍ରଚାରିତ ହୋଇବାରୁ ଯାହାକୁ ଏହି ମର୍ତ୍ତ୍ୟଭୁବନରେ ବୀରମାନଙ୍କ ମଧ୍ୟରେ ଇନ୍ଦ୍ରପ୍ରାୟ ମନେ କରନ୍ତି । ୯ ।

ବିଦରଭେ ବିଦରଭେ ହୋଇ ସେ ନାହିଁ ବଶ । ବଶବଶ ଏକା ହୋଇ ବସଇ ।୧୦। ପଟ୍ଟ ପଟ୍ଟଳ ସ୍ୱରୂପ ଚିତ୍ର କରାଇ । ଦେଶେ ଦେଶେ ବୁଲାଇଲା ଦୂତଙ୍କୁ ଦେଇ । ମାଳବରେ ମାଳ-ବରେ ନାରୀ ବହିଲେ । ଅଙ୍ଗ ଅଙ୍ଗନାଚିତ୍ତ ଅସ୍ଥିର ହୋଇଲେ । ଉତ୍କଳ ଉତ୍କଳ-ରାମା ବିରହେ ହେଲେ । ବିଦେହେ ବିଦେହେ ଯେତେ ଯୋଷା ଦହିଲେ ।୧୩। କୁନ୍ତଳେ କୁନ୍ତଳେ ରାମା ପଟ୍ଟ ଧଇଲେ । କ୍ଲେଳେ କ୍ଲେଳେ ପ୍ରମାଦରେ ଖୁରୁ ଛଡ଼ିଲେ ।୧୪। ସିନ୍ଧୁରେ ସିନ୍ଧୁରେ ଝାସ ଯୁବା ପାଞ୍ଚିଲେ । ମାଗଧେ ମାଗଧେ ନାରୀ କାନ୍ତି ପୁଚ୍ଛିଲେ ।୧୫। ମଲ୍ଲାରେ ମଲ୍ଲରେ ସମ ହେଲେ

---

ବିଦରଭ ( ବିଦର୍ଭ )-ଚତୁର, ସନ୍ତାପିତ-ଦୁଃଖିତ, ବଶବଶ-ରାତି, ସୁଚତୁର ରାଜପୁତ୍ର ବଶ ହୋଇ ନ ଥିବାରୁ କାମବଶରୁ ଦୁଃଖମନରେ ରାତ୍ରରେ ଏକାକୀ ରହଇ ।୧୦।

ପଟଳ-ସମୂହ, ସ୍ୱରୂପ ଚିତ୍ରପଟ୍ଟ-ରାଜପୁତ୍ରରୂପ ସମାନର ଛବି, ଫଟୋ । ରାଜପୁତ୍ରର ଫଟୋମାନ କରାଇ ଦୂତଙ୍କ ଦ୍ୱାରା ସକଳ ଦେଶରେ ବୁଲାଇଲେ ।୧୧।

ମାଳବରେ-ମାଳବଦେଶରେ, ପ୍ରଧାନମାଳ । ଅଙ୍ଗ ଅଙ୍ଗନା-ଅଙ୍ଗ ଦେଶର ନାରୀ । ସେ ଚିତ୍ରପଟ୍ଟକୁ ମାଳବଦେଶର ରମଣୀମାନେ ହାର ପ୍ରାୟ ହୃଦୟରେ ରଖିଲେ ଏବଂ ଅଙ୍ଗଦେଶର ନାରୀମାନେ ଅସ୍ଥିର ହେଲେ ।୧୨।

ଯୋଷା-ସ୍ତ୍ରୀ, ବିଦେହ-ବିଦେହଦେଶ, କାମ । ଉତ୍କଳଦେଶର ସ୍ତ୍ରୀମାନେ ଉନ୍ମତ୍ତ ହେଲେ ଏବଂ ବିଦେହରାଜ୍ୟର ରମଣୀଗଣ କାମକୁ ଭସ୍ମକଲେ ।୧୩।

କୁନ୍ତଳ-କୁନ୍ତଳଦେଶ, କେଶ, ପଟ୍ଟ-ଚିତ୍ରପଟ୍ଟ । ରାମା-ସ୍ତ୍ରୀ । କ୍ଲେଳ-କ୍ଲେଳରାଜ୍ୟ, କାଞ୍ଚୁଲି । ଖୁରୁ ସ୍ତ୍ରୀ । କୁନ୍ତଳଦେଶର ରମଣୀଗଣ ସେ ଛବିକୁ ମସ୍ତକରେ ରଖିଲେ ଆଉ କ୍ଲେଳରାଜ୍ୟର ନାରୀମାନେ କାଞ୍ଚୁଲିକୁ ଛାଡ଼ି ସେ ଛବିକୁ ହୃଦୟରେ ଲଗାଇଲେ ।୧୪।

ସିନ୍ଧୁ-ସିନ୍ଧୁଦେଶ, ସମୁଦ୍ର । ମାଗଧ-ମଗଧରାଜ୍ୟ, ଭାଟ । ଏ ଜନ୍ମ ନୋହିଲେ ପରଜନ୍ମରେ ପାଇବା ଆଶାରେ ସିନ୍ଧୁଦେଶର ନାରୀମାନେ ସମୁଦ୍ରରେ ଝାସ ଦେଲେ । ମଗଧଦେଶର ରମଣୀମାନେ ତାହାଙ୍କ ସମାନ ହେବେ କି ନାହିଁ ଏଇ ଇଚ୍ଛାରେ ଭାଟମାନଙ୍କୁ ସେହି ରାଜପୁତ୍ରଙ୍କର କାନ୍ତିକୁ ପଚାରିଲେ ।୧୫।

ସୁନ୍ଦର । ମତ୍ସ୍ୟ ମତ୍ସ୍ୟନୟନାଏ ଧୈର୍ଯ୍ୟ ନ ଧରି । ୧୬ । ମଗଧମଗଧା-ପଦରେ ଲଭିଲେ ଶୁଦ୍ଧି । କନ୍ୟାକୁଜ କନ୍ୟା ଭଜ ଭୂଷା କସ୍ତୁରି । ୧୭ । କଳ କଳିଙ୍ଗ ଯୁବତୀ ବାତ୍ସିକ କଲେ । ଲୋମ ଲୋମଶ-ବଧୂଙ୍କ ଉଦ୍‌ଗମ ହେଲେ । ୧୮ । ନିଷେଧ ନିଷେଧିକାନା ଦେଖୁ ତରି । ମରୁ ମରୁ ସ୍ତ୍ରୀରୁ ମାର ମନେ ଭରିର ।୧୯। ବିଦର୍ଭ ବିଦର୍ଭଦାସୀ କର୍ମ ନ ଦେଲେ । କର୍ଣ୍ଣାଟିକାଙ୍କ ନାଡ଼ିକା ଲଗିଲା ନାହିଁ । ୨୦ । ଚର-ଚରଣ ବ୍ୟସ୍ତ ଭୂମି ଧରଣୀ । ସମସମସ୍ତରୂପେ ଶୁଣିଲେ ତରୁଣୀ ।୨୧। ବଧି ବଧିରେ ଉତ୍ତମ-ଦେଶ କେରଳ । ସ୍ତ୍ରେୟ ସ୍ତ୍ରେ ଜଗନ୍ଧିତ

---

ମହ୍ଲାର ଦେଶର ନାରୀମାନେ ମନ୍ମଥ ହେଲେ । ମତ୍ସ୍ୟଦେଶର ମୀନନୟନା ରମଣୀଗଣ ଧୈର୍ଯ୍ୟ ଧରି ପାରିଲେ ନାହିଁ । ୧୬ ।

ମଗଧାପଦ୍ମା-ଇନ୍ଦ୍ରପଦ । ଭଜ-ଉତ୍ତମରୂପେ । ମଗଧଦେଶର ସ୍ତ୍ରୀମାନେ ସେ ଛବିକୁ ଦେଖି ଇନ୍ଦ୍ରପଦ ଲାଭ କଲେ, ଅର୍ଥାତ୍, ଅତିଶୟ ଆନନ୍ଦିତ ହେଲେ । ପୁଣି କନାଉଜ ଦେଶର କନ୍ୟାଗଣ ସେ ଛବିକୁ ପୁଷ୍ପାଦି ଦ୍ୱାରା ଉତ୍ତମରୂପେ ପୂଜା କଲେ । ୧୭ ।

କଳ-କଳନାକରି । କଳିଙ୍ଗଦେଶର ସ୍ତ୍ରୀମାନେ ସେ ଛବିକୁ କଳନାକରି କହିଲେ ବିଧାତା କଣ କଲା । ଅର୍ଥାତ୍, ଯୁବକଶ୍ରୀକୃଷ୍ଣଙ୍କୁ ସୃଷ୍ଟିଦେଲା । ଲୋମଶ ଦେଶର ନାରୀଗଣ ସେ ଛବିକୁ ଦେଖି ଲୋମ ଟାଙ୍କୁରାଇ ଦେଲେ । ୧୮ ।

ମାର-କନ୍ଦର୍ପ, ନିଷେଧବନ । ନିଷଧ ( ନିଷେଧ) ଦେଶର ସ୍ତ୍ରୀମାନେ ସେ ଛବିକୁ ଦେଖି ଗୃହର ସମସ୍ତ କାର୍ଯ୍ୟ ବନ୍ଦ କଲେ । ମରୁଦେଶର ସ୍ତ୍ରୀମାନେ କହିଲେ କନ୍ଦର୍ପ ମରୁ । ୧୯ ।

ବିଦର୍ଭଦାସୀ-କାଶଦାସୀ । ନାଡ଼ିକା ନାଡ଼ୀ । ସେ ସୁନ୍ଦର ଛବିକୁ ଦେଖି ବିଦର୍ଭ ଦେଶର କାଶଦାସୀ କାମିନୀମାନଙ୍କ ଦେହ କାମରେ କର୍ମିଲା ଏବଂ କର୍ଣ୍ଣାଟଦେଶ ସ୍ତ୍ରୀମାନଙ୍କର ନାଡ଼ୀ ଛାଡ଼ିଗଲା ଅର୍ଥାତ୍ ସେମାନେ ଅଜ୍ଞାନ ହୋଇଗଲେ । ୨୦ ।

ଚର-ଦୂତ । ସମ-ସମାନ । ସମସ୍ତରୂପେ-ସବୁପ୍ରକାରେ । ଦୂତମାନେ ସମସ୍ତଧରଣୀକୁ ବୁଲି ଶେଷରେ ଶୁଣିଲେ ସୁନ୍ଦର କଣରେ ରାଜପୁତ୍ର ସମାନରେ ଗୋଟିଏ ଯୁବତୀ ଅଛି । ୨୧ ।

ନାମ ମଞ୍ଜୁଳ । ୨୨ । ତାର ତାର ପତିପ୍ରାୟ କାନ୍ତି ପ୍ରକାଶି । ଭବଭବ-ବିଜୟୀ ସେ ବୈବସ୍ୱତବଂଶୀ । ୨୩ । ସୁତା ସୁତାମରସାକ୍ଷୀ ସୁନ୍ଦର ଅତି । ଲୋକେ ଲୋକେ ପ୍ରେମସୁଧାନିଧି କହନ୍ତି । ୨୪ । ପାଞ୍ଚ ପାଞ୍ଚ-ମୁଖ-ଅରି ଜଳି ନ ଥିଲେ । ବର ବରବର୍ଣ୍ଣିମାନ ହୁଅନ୍ତା ଭଲେ । ୨୫ । ଅଦୃଷ୍ଟ ଅଦୃଷ୍ଟରଜାକାନ୍ତ ବିବାହ । ହେଳେ ହେଲେ ଉତ୍ସବ ଆମ୍ଭର ନ କହ । ୨୬ । ହରି ହରିନେଲେ ଶୁଣି ହୋଇ ସଶ୍ରଦ୍ଧ । ଶିରି ଶିରି ଛଡ଼ାଇଲେ ସେ ହେବେ କ୍ରୋଧ । ୨୭ । ଶିବ ଶିବଦଙ୍କୁ ଦେଲେ ଶାପ ପଡ଼ିବ । ଗଉରୀ ଗଉରୀ

---

ବିଧି ବିଧିରେ-ବିଧାତା ବିଧାନରେ । ରାଜେ-ଏକରାଜା । ମଞ୍ଜୁଳ-ମନୋହର । ବିଧାତାର ବିଧାନରେ କେରଳନାମକ ଉତ୍ତମ ଦେଶରେ ଜଗଜ୍ଜିତ ଏହି ମନୋହର ନାମଧାରୀ ଏକ ରାଜା ଅଛନ୍ତି । ୨୨ ।

ତାର-ଉଜ୍ଜ୍ୱଳ, ତାରପତି-ଚନ୍ଦ୍ର । ଭବ-ମହାଦେବ । ଭବ ବିଜୟୀ-ସଂସାର ଜୟକାରୀ । ବୈବସ୍ୱତ-ସୂର୍ଯ୍ୟ । ସେହି ସୂର୍ଯ୍ୟବଂଶୀୟ ରାଜା ମହାଦେବଙ୍କ-ପରି ସମସ୍ତ ପୃଥିବୀକୁ ଜୟ କରି ଚନ୍ଦ୍ରକିରଣ ତୁଲ୍ୟ ଉଜ୍ଜ୍ୱଳ କାନ୍ତି ଲାଭ କରିଅଛି । ୨୩ ।

ସୁତା-କନ୍ୟା, ସୁତାମରସ ଅକ୍ଷୀ-ଉତ୍ତମ ପଦ୍ମନୟନା । ଲୋକେ-ଜଗତରେ, ଲୋକମାନେ । ସେହି ରାଜାଙ୍କର ଉତ୍ତମପଦ୍ମ-ନୟନା ସୁନ୍ଦରୀ ଯେଉଁ କନ୍ୟା ଥିଲା ଜଗତର ଲୋକମାନେ ତାହାକୁ ପ୍ରେମସୁଧାନିଧି ବୋଲି କହନ୍ତି । ୨୪ ।

ପାଞ୍ଚ-ବିଚାର । ପାଞ୍ଚମୁଖ ଅରି-ଶିବଙ୍କ ଶତ୍ରୁ ବା କନ୍ଦର୍ପ । ବରପତି, ବରବ-ସର୍ବସୁନ୍ଦରୀ । ସେ ରାଜା ମନରେ ବିଚାର କରେ କନ୍ଦର୍ପ ଜଳିଯାଇ ନ ଥିଲେ ସେ ଏହି ଅପୂର୍ବ ସୁନ୍ଦରୀର ଉପଯୁକ୍ତ ପତି ହୋଇଥାନ୍ତା । ୨୫ ।

ଅଦୃଷ୍ଟ-ଭାଗ୍ୟ, ଅଦୃଷ୍ଟରଜାକାନ୍ତ-ଯୁବତୀ ହେବା ପୂର୍ବରୁ । ହେଳେ-ସହଜରେ । ଭାଗ୍ୟବଳରୁ ଯୁବତୀ ହେବା ପୂର୍ବରୁ ସହଜରେ ପ୍ରେମସୁଧାନିଧିର ବିବାହ ହେଲେ ଆମ୍ଭର ଉତ୍ସବର କଥା କହି ହେବନାହିଁ । ୨୬ ।

ହରି-ବସ୍ତ୍ର । ସଶ୍ରଦ୍ଧ-ଶ୍ରଦ୍ଧାଯୁକ୍ତ । ଶ୍ରୀ (ଶିରି)-ଲକ୍ଷ୍ମୀ, ଶୋଭା । ବସ୍ତ୍ର ଏହାର ଶୋଭାରେ ଶ୍ରଦ୍ଧାଯୁକ୍ତ ହୋଇ ଏହାକୁ ନେଲେ ଲକ୍ଷ୍ମୀଙ୍କଠାରୁ ତାଙ୍କର ଶୋଭା ଛଣା ହୁଅନ୍ତେ ଲକ୍ଷ୍ମୀ କ୍ରୋଧହେବେ । ୨୭ ।

ହେବ ହେମ୍ବା ହୋଇବ । ୨୮ । ଛନ୍ଦ ଛନ୍ଦ ପୁରୁଷଙ୍କୁ ସେ ରାଜା ଖୋଜିଁ । ସୁଷମା ସୁ-ସମାନରେ ଭାଳିଲି ଏହି । ୨୯ । ଦେବ ଦେବମୋହିନୀ ଜ ମୂଳ ସେ କଲି । ସଂଦେଶ ସନ୍ଦେଶ ବନ୍ଧେ ଦେଇ ପେଷିଲି । ୩୦ । ଭୁଜା ଭୁଜାଅଙ୍ଗୀ ସମ ପିତୁଳା ଦେଇ । କଉଶଳେ କଉଶଳେ ଭିଗର ଯାଇଁ । ୩୧ । ନୃପ ନୃପସୁତ ଶୁଣି ହରଷେ ମଗ୍ନ । ଗଣକ ଗଣକରେ ଗଣାଇଲେ ଲଗ୍ନ । ୩୨ । କୁଞ୍ଜର କୁଞ୍ଜର ହୟତୟ ସଙ୍ଗରେ । ମରୁତ ମରୁତ ବେଗ ରଥ ଗତିରେ । ୩୩ । ଯନ୍ତ୍ର ଯନ୍ତ୍ର ମିଶ୍ରି ବାଦ୍ୟନାଦ ଚଳିଲେ । ବନେବନେ

---

ଶିବଦ-ମଙ୍ଗଳଦାତା; ଗୌରୀ-ପାର୍ବତୀ, ହେମ୍ବା-ଶବ୍ଦ । ଏ କନ୍ୟାକୁ ମଙ୍ଗଳଦାତା ଶିବଙ୍କୁ ଦେଲେ ସେ ପାର୍ବତୀଙ୍କର ଶବ୍ଦ ହେବ ଏଣୁ ପ୍ରେମସୁଧାନିଧି-ଠାରେ ପାର୍ବତୀଙ୍କର ଅଭିଶାପ ପଡ଼ିବ । ୨୮ ।

ସୁଷମ-ସୁନ୍ଦରପଣ; ସୁସମାନ-ଉତ୍ତମଯୋଗ୍ୟ । ଛନ୍ଦ-ଛନ୍ଦପଟ୍ଟ ରାଜା ଛନ୍ଦପଟ୍ଟରେ ଛନ୍ଦ ହୋଇଥିବା ପୁରୁଷଙ୍କୁ ଦେଖି ସ୍ଥିର କଲେ ଏହି ପୁରୁଷ ସୁନ୍ଦରପଣରେ ପ୍ରେମସୁଧାନିଧିର ଉତ୍ତମ ଯୋଗ୍ୟ ବର ହେବ । ୨୯ ।

ଦେବ ମୋହିନୀ-ସୁଲକ୍ଷଣୀ; ପରମାସୁନ୍ଦରୀ, ସନ୍ଦେଶ-ଖବର ସନ୍ଦେଶବର-ଦୂତ । ରାଜା ସୁଲକ୍ଷଣୀ ପରମାସୁନ୍ଦରୀ ପ୍ରେମସୁଧାନିଧିଙ୍କୁ ସେହି ପୁରୁଷ ସଙ୍ଗେ ବିବାହ ହେବାକୁ ସ୍ଥିରକରି ଦୂତ ଦ୍ଵାରା ଖବର ପଠାଇଲେ । ୩୦ ।

ଭୁଜା ସମାନ । ଭୁଜାଅଙ୍ଗୀ-କୋମଳାଙ୍ଗୀ; ପିତୁଳା-ଛବି । କଉଶଳ-କୁ ଳ, କୋଶଳ ଦେଶ । ସେହି କୋମଳାଙ୍ଗୀ ପ୍ରେମସୁଧାନିଧିର ରୂପର ସମାନ ଗୋଟିଏ ଛବିପଟ୍ଟ ଦେବାକୁ ଭିଗର କୁଶଳରେ କୋଶଳ ଦେଶରେ ପ୍ରବେଶ କଲି । ୩୧ ।

ଗଣକ-ଗଣକ ଜ୍ୟୋତିଷଙ୍କ । ରାଜା ଏବଂ ରାଜପୁତ୍ର ଏହି ଖବର ଶୁଣି ଆନନ୍ଦିତ ହୋଇ ଜ୍ୟୋତିଷମାନଙ୍କ ଦ୍ଵାରା ଲଗ୍ନ ଗଣାଇଲେ । ୩୨ ।

କୁଞ୍ଜର ପ୍ରଧାନ; ଉତ୍ତମହସ୍ତୀ । ମରୁତ-ପବନ ଦେବତା, ହୟତୟ-ଘୋଡ଼ାଗଣ । ରତ୍ନ କୋଶଳ ରାଜପୁତ୍ରର ବିବାହ ଉପଲକ୍ଷରେ ଉତ୍ତମ ହସ୍ତୀ ଓ ଘୋଟକମାନଙ୍କୁ ନେଇ ପବନ ବେଗରେ ରଥ ଚଳାଇଲେ । ୩୩ ।

ଗମିତ ପ୍ରବେଶ କେରଳେ ।୩୪। ସାତ ସାତ କୁମ୍ଭକୁମ୍ଭେ ତୋଳିଲେ ଜଳ । ଚଣ୍ଡୀ ଚଣ୍ଡୀ ଗନ୍ଧଷଣେ ଗୀତ ମର୍ଦ୍ଦଳ ।୩୫। ନାରି ନାରି କେଳ କାଣ୍ଡ ସୂର୍ପରେ ଥୋଇ । ବର ବର ଗନ୍ଧଷଣେ ହରଷ ହୋଇ । ବିଭା ବିଭାବସୁ ସାକ୍ଷୀ କରାଇ କଲେ । କୁଶହସ୍ତେ କୁଶହସ୍ତେ କର୍ମ ସାରିଲେ ।୩୭। ଦ୍ୟୂତ ଯୁତ କଲେ ମନ କନ୍ୟାପୁରୁଷ । ଯେଉଁ ଯଉତୁକ ଦେଲେ ସେତ ଅଶେଷ ।୩୮। ବିଧି ବିଧିତରେ ପଥେ ସପ୍ତମଙ୍ଗଳା । କାମ କାମନାରେ ପୁଂସ ଅଲଭ୍ୟ ବାଳା ।୩୯। କମଳା କମଳାକ୍ଷୀକ ସ୍ୱପ୍ନରେ ରଖି ।

---

ପନ୍ତ ପାନ୍ତ-ବହୁତ, ପତ୍ତି-ପାଇକ । ଦିନେଦିନେ-କେତେଦିନ । ବହୁତ ପାଇକ ସେନା ସଙ୍ଗତ ବିବିଧ ବାଦ୍ୟନାଦ ଚହଳରେ କେତେଦିନ ପରେ କେରଳ ଦେଶରେ ପହୁଞ୍ଚିଲେ ।୩୪।

ଶାତକୁମ୍ଭ କୁମ୍ଭେ-ସୁବର୍ଣ୍ଣ କୁମ୍ଭରେ । ଚଣ୍ଡୀ-ସ୍ତ୍ରୀ, ଗ୍ରାମଦେବତା, ଗନ୍ଧଷଣ-ମାଜଣା । ସେଠାରେ ପ୍ରବେଶ ହୁଅନ୍ତେ ବିବାହ ଉତ୍ସବ ଆରମ୍ଭ ହେବାରୁ ସ୍ତ୍ରୀମାନେ ସାତଗୋଟି ସୁବର୍ଣ୍ଣ କୁମ୍ଭରେ ଜଳ ନେଇ ଗ୍ରାମଦେବତାଙ୍କୁ ମାଜଣା କରି ମଙ୍ଗଳଗୀତ ଗାଇଲେ ।୩୫।

ନାରିକେଳ ନଡ଼ିଆ । କାଣ୍ଡସୂର୍ପ-ବାଉଁଶକୁଲା । ବର ବର-ଉତ୍ତମ ବର । ସ୍ତ୍ରୀମାନେ ନଡ଼ିଆ ପ୍ରଭୃତିକୁ କୁଲାରେ ରଖି ବରର ମାଜଣା ବିଧିକୁ କଲେ ।୩୬।

ବିଭାବସୁ-ଅଗ୍ନି, କୁଶହସ୍ତ-ବ୍ରାହ୍ମଣ; କୁଶକୁ ହାତରେ ଧରିବା । ବ୍ରାହ୍ମଣମାନେ ହାତରେ କୁଶଧରି ହୋମଦ୍ୱାରା ଅଗ୍ନିକୁ ସାକ୍ଷୀ କରାଇ ବିବାହକର୍ମ ଶେଷ କଲେ ।୩୭।

ଦ୍ୟୂତ-ଜୁଆଖେଳ । ଯୁତ-ନିଯୁକ୍ତ । ବର କନ୍ୟା ଦୁହେଁ ଜୁଆ ଖେଳରେ ନିଯୁକ୍ତ ହେଲେ ଏବଂ ବରକନ୍ୟା ବିଦାୟ ସମୟରେ ରାଜା ବହୁତ ଯଉତୁକ ଦେଲେ ।୩୮।

ବିଧି ବିଧିତରେ-ବିଧି ବିଧାନରେ । ପଥେ-ବାଟରେ । କାମ କାମନା-କାମଇଚ୍ଛା । ଅଲଭ୍ୟ-ଅଯୋଗ୍ୟ । ବିଧି ବିଧାନରେ-ବାଟରେ ସପ୍ତମଙ୍ଗଳା କାର୍ଯ୍ୟ କରାଗଲା; କିନ୍ତୁ କନ୍ୟା ବାଳିକା ଥିବାରୁ ସେ ପୁରୁଷର କାମଇଚ୍ଛା ସାଧନରେ ଅଯୋଗ୍ୟା ହେଲା ।୩୯।

ମାର-ମାରଣାରେ କାନ୍ତ ନରତେ ଦୁଃଖୀ । ସୁର ସରସଭୋଗକୁ ଚନ୍ଦ୍ରମାପୂର୍ଣ୍ଣ ।
ଭାବେ ଭାବେ ଯଥା ତଥା ନୃପନନ୍ଦନ । ଚନ୍ଦ୍ର ଚନ୍ଦ୍ରକରହାସୀ ଶୋଭା ସୁନ୍ଦର ।
ସୁମନା ସୁମନାପରିଚାରୀ ଡକାଇ ।୪୨। ବିସ୍ତରି ବିସ୍ତରି ନେତ୍ରଶୋଭା କଥନ । ଆଳୀ
ଆଳକରେ ହୋଇ ହରଷମନ । ୪୩ । ଉପଇନ୍ଦ୍ର ଉପଇନ୍ଦ୍ର ଧ୍ୟାନେ ଏ ଛାନ୍ଦ ।
ରଚିତର ଶିଷ୍ଟ କରି ଅତି ଆନନ୍ଦ । ୪୪ ।

—:*:—

---

କମଳା-ଲକ୍ଷ୍ମୀ । କମଳାଙ୍ଗୀ-ପଦ୍ମନେତ୍ରୀ । ମାର ମାରଣ-କାମ ପୀଡ଼ା । କାନ୍ତ-ସ୍ୱାମୀ, ପତି । ପତି ( ରାଜପୁତ୍ର ) ଲକ୍ଷ୍ମୀପ୍ରିୟା-ପଦ୍ମନେତ୍ରୀ ସ୍ତ୍ରୀକୁ ନିଜ ହୃଦରେ ରଖି ସର୍ବଦା କାମପୀଡ଼ାରେ ଦୁଃଖିତ ହେଲା । ୪୦ ।

ସୁର-ଦେବତା, ସୁରସ ଭୋଗ-ଅମୃତ ପାନ । ଭାବେ ଭାବେ-ଭାବରେ ଭାବନ୍ତି । ଯେପରି ଦେବତାମାନେ ଅମୃତ ପାନରେ ଇଚ୍ଛା କରି ଚନ୍ଦ୍ର ପୂର୍ଣ୍ଣାବସ୍ଥାକୁ ଭାବନା କରି ରହନ୍ତି, ନୃପନନ୍ଦନ ସେହିପରି ସୁରସ ଭୋଗପାଇଁ ପ୍ରେମସୁଧାନିଧିର ଯୌବନାବସ୍ଥାକୁ ଭାବନା କରି ରହିଲା । ୪୧ ।

ଚନ୍ଦ୍ରକର-କର୍ପୂର, ଶୁଭ୍ର । ସୁମନା-ଉତ୍ତମମନା, ପଣ୍ଡିତା । ପରିଚାରୀ-ଦାସୀ । ଉତ୍ତମମନା ପଣ୍ଡିତା ଦାସୀକୁ ଡକାଇ ଚନ୍ଦ୍ରକୁ ହସୁଥିବା ଶୁଭ୍ରଦାସୀର ଶୋଭାକୁ ପଚାରିଲା । ୪୨ ।

ଆଳୀ-ସଖୀ, ସମୂହ । ସଖୀମାନେ ଆନନ୍ଦିତା ହୋଇ ବିସ୍ତରି ବିସ୍ତରି ନେତ୍ର ଶୋଭା ବିଷୟରେ କେତେ କଥା କହିଲେ । ୪୩ ।

ଏ ଛାନ୍ଦ ରଚନାରେ ଉପଇନ୍ଦ୍ର-ଭଗବାନ, କବିଙ୍କ ନାମ । କବି ଉପଇନ୍ଦ୍ର ଭଞ୍ଜ ଭଗବାନଙ୍କୁ ଭାବନା କରି ଛାନ୍ଦଟି ଶେଷ କରିବାରୁ ଅତି ଆନନ୍ଦିତ ହେଲେ ।

—:*:—

# ଦ୍ୱିତୀୟ ଛାନ୍ଦ

( ଅଙ୍ଗନା ନେତ୍ର ବର୍ଣ୍ଣନା )

ରାଗ ଚୋଖିବସନ୍ତ । ଆଷାଢ଼ ଶୁକ୍ଳବାଣୀ ।

ନବବରଜ କରତ ଶ୍ରବଣ । ଅସମ ପରମ ରମ୍ୟଈକ୍ଷଣ । ମଦନମଦ ବରଧନକର । ସକଳଫରଳ ତରଳତର । ଦମ୍ଭ-ଧର୍ଷକ । ବୟସ୍ଥଜନ ପ୍ରଳୟ ସର୍ଜକ । ୧ । ମଧ୍ୟ ତ ମରକତର ବରନ । ଧବଳତର ଅତ୍ୟନ୍ତ ଯତନ । ଧବଳକରର କବଳତମ । କାହିଁ ଅସମ୍ଭବ ମନ ଭରମ । ଏମନ୍ତ ଏ ଲକ୍ଷ । କକ୍ଷଗତ ଶଶ ସ୍ୱଚ୍ଛ ପ୍ରତ୍ୟକ୍ଷ । ୨ । ଅଥ ଶଶଧର ଉଜ୍ଜ୍ୱଳ ଅଙ୍ଗ । ତରସ୍ତ ତମସ ଗରବଭଙ୍ଗ । ଶରଣ [illegible]

---

## ଦ୍ୱିତୀୟ ଛାନ୍ଦ ଟୀକା ।

ନବବରଜ-ଗଜପୁଙ୍ଗବ । ଅସମ-ଅନୁପମ । ପରମରମ୍ୟ-ଅତିସୁନ୍ଦର ଈକ୍ଷଣ-ଆଖି । ମଦନମଦ-କାମବର୍ଦ୍ଧକ । ସକଳ-ନାନାବର୍ଣ୍ଣଯୁକ୍ତ । ଫରଳ-ବିସ୍ତୃତ । ତରଳତର-ଅତିଚଞ୍ଚଳ । ଦମ୍ଭଧର୍ଷକ-ଧୈର୍ଯ୍ୟନାଶକ । ବୟସ୍ଥ-ଯୁବା । ପ୍ରଳୟସର୍ଜକ-ମେକାହରକ । ହେ ଗଜପୁଙ୍ଗବ ଅନୁପମ, ଅତିସୁନ୍ଦର, ନାନା ବର୍ଣ୍ଣଯୁକ୍ତ, ବିସ୍ତୃତ ଓ ଅତି ଚଞ୍ଚଳ ତାହାର ଚକ୍ଷୁ କାମବର୍ଦ୍ଧକ ହୋଇ ଯୁବାର ଧୈର୍ଯ୍ୟକୁ ନାଶ କରି ତାହାର ମୋହକାରକ ହୋଇଅଛି । ୧ ।

ମଧ୍ୟ-ତୋଳା । ଧବଳକର-ଚନ୍ଦ୍ର । ତମ-ରାହୁ । କବଳ-ଗ୍ରାସ ଲକ୍ଷ-ଅନୁମାନ । ତୋଳା ମର୍କତମଣିପରି ନୀଳବର୍ଣ୍ଣ । ତାହାର ଶୁଣ୍ଢପାଖ ଅତିଶୟ ଧଳା । ଏଣୁ ଚନ୍ଦ୍ର ରାହୁକୁ ଗ୍ରାସ କରି ଏହି ଅସମ୍ଭବ କଥା ଭ୍ରମରେ ଅନୁମାନ କରାଯାଏ । ପୁଣି ଜଣାଯାଉଅଛି ଚନ୍ଦ୍ରମଧ୍ୟସ୍ଥ ଶଶ ସ୍ୱଚ୍ଛ ହୋଇ ଦେଖାଯାଉଅଛି କି ? । ୨ ।

ତତପର । ସଦୟ ହୃଦୟ ବହଇ ଉର । ଏସନ ମଣଇଁ । ପ୍ରସନ୍ନ ସମ ଆନ
ନ ଗଣଇଁ । ୩ । ଅମର ଅଶନ ମଧ୍ୟ ମଜ୍ଜନ । ଗରଳ ତରଳ କରଇ ମନ ।
ଅଥ ପତଙ୍ଗଭବନ୍ଦ୍ରବ ଜଳ । କମଳଦଳ ପର ଢଳଢଳ । ଧନ୍ୟ ପରସନ୍ନ ।
ଅନ୍ୟ ଅମ୍ବକ ହରଷସଦନ । ୪ । ବନଭବନ ଜନ-ତପହର । ମନମଥ
ମନମଥନ ଶର । ଗହନ ପକ୍ଷ୍ମଳ ଇକ୍ଷ୍ୱକ ପକ୍ଷ । ଜବଚଳନ ହରଉର ଲକ୍ଷ ।
ଅନ୍ତରଙ୍ଗ ସତ । ଦନୁହତର ଉକତ ବ୍ୟକତ । ୫ । ସମ୍ପଦଦତ୍ତ୍ୱକର ଦରଶନ ।
ଅମଳ ନବକମଳବଦନ । ନୟନ ଉଭୟ ମଣ୍ଡଖଞ୍ଜନ । ସରସ୍ତ ପଲକ ପକ୍ଷ
ରଞ୍ଜନ । କରହ ଅଞ୍ଜନ । ରଞ୍ଜନ ନର ଗରବଗଞ୍ଜନ । ୬ । ବଚନ ଅକଥନ

---

ତତ୍ପର-ସ୍ଥିତ । ତମସ-ଅନ୍ଧାର । ଅଥ-ଅବା । ଉକ୍ଷ୍ୱକଅଙ୍ଗ-ଚନ୍ଦ୍ର । ଅବା ଚନ୍ଦ୍ର ହୃଦୟରେ ଅନ୍ଧାରର ଗର୍ବ ଭାଙ୍ଗିବାରୁ ସେ ଭୟରେ ହରିଣରୂପ ଚନ୍ଦ୍ର ଶରଣାଗତ ଶଶାଙ୍କୁ ଧରିଅଛନ୍ତି । ମୋହଠାରେ ଅବଶ୍ୟ ଦୟା କରିବେ । ଏଣୁ ସେ ତସ୍କର ହୋଇ ଶରଣାଗତ ହେବାରୁ ଦୟାଳୁ ଚନ୍ଦ୍ର ତାହାଙ୍କୁ ହୃଦରେ ଧରି ଅଛନ୍ତି କି ? ଏହା ଅନୁମାନ କରାଯାଏ । ସେହି ପ୍ରସନ୍ନ ଆଖିର ତୁଳନା ନାହିଁ । ୩ ।

ଅମର ଅଶନ-ଅମୃତ । ଗରଳ-ବିଷ । ପତଙ୍ଗଭବନ୍ଦ୍ରବ-କାଳନ୍ଦୀ, ଅମ୍ବକ-ଚକ୍ଷୁ । ଅମୃତ ବିଷନାଶକହେତୁ ବିଷ ଅମୃତ ମଧ୍ୟରେ ରହିବାରୁ ଭୟରେ ତରଳ ହୋଇଅଛି କି ? ଅବା କାଳନ୍ଦୀଜଳ ପଦ୍ମପତ୍ରରେ ପଡ଼ି ଢଳଢଳ ହେଉଅଛି ? ଏହା ମନକୁ ଆସଇ । ଅନ୍ୟ ଲୋକର ଚକ୍ଷୁକୁ ସେ ଚକ୍ଷୁ ହର୍ଷର ଘରପରି ଜଣାଯାଉଅଛି ଗରଳ ଓ କାଳନ୍ଦୀ ଜଳ କଳା ପୁଣି ଅମୃତ ଓ ପଦ୍ମପତ୍ର ଧଳା ଅଟେ । ୪ ।

ବନଭବନଜନ-ଋଷି, ତପୀ । ମନମଥ ( ମନ୍ମଥ )-କାମ । ପକ୍ଷ୍ମଳ-ଆଖିପତା ଲୋମ ଜବ-ଶୀଘ୍ର । ହର-ଶିବ । ଅନ୍ତ-ପ୍ରାନ୍ତ । ସେ ନେତ୍ର ତପୀଜନର ତପନାଶକାରୀ । ପୁଣି ସେ ମନମନ୍ଥନକାରୀ କାମଶର ତୁଲ୍ୟ । ପତାର ଲୋମ ସେ ଶରର ଫଳକ । ତାହାର ଚଞ୍ଚଳତା ଶିବରୂପକୁ ଲକ୍ଷ୍ୟ କରିବା । ପୁଣି ଚକ୍ଷୁ ପ୍ରାନ୍ତର ଲଲରଙ୍ଗ ଧୈର୍ଯ୍ୟନାଶକ ହେତୁ ରକ୍ତ ବାହାରିବାର ତୁଲ୍ୟ । ୫ ।

ଅମଳ-ନିର୍ମଳ । ନବ-ନୂଆ । କରହ (କର୍ହ) ପୁଚ୍ଛ । ଅଞ୍ଜନକଳା । ନୂଆହୋଇ ଫୁଟିଥିବା ନିର୍ମଳ ପଦ୍ମପରି ମୁଖରେ ଥିବା ନୟନ ଦୁଇଟି ମଣ୍ଡଖଞ୍ଜନ ପକ୍ଷୀପ୍ରାୟ । ଆଖିର ଦୁଇଟିପତା ସେ ପକ୍ଷୀର ଡେଣା, କଜ୍ଜ୍ୱଳ କା

ରମ୍ୟ ସର । ସଙ୍ଗମ ତରଙ୍ଗରଙ୍ଗପ୍ରକର । ମରକତ ଜଳରଥ ଘଟନ । ମଧ୍ୟ
ସନ୍ତତ ଚଞ୍ଚଳ ଜଳଜ । ଘନରସଭର । ମଦନ ତପନ କଦନକର ।୭।
ରହସ୍ୟବଶ ବନଜନନ୍ଦନ । ଏଣଦ୍ୱୟ ସ-ବଦନ ବନ୍ଧନ । ଅଧର
ପଲ୍ଲବ ଅଶନଅର୍ଥ । ରଭସ ଚଞ୍ଚଳ ଅସମରଥ । କଜ୍ଜ୍ୱଳ ଚମର ।
ପ୍ରତ୍ୟକ୍ଷ ପରକଟ ଚରମର ।୮। ନୟନ ଦ୍ୱୟ ଶୟନ ସମସ୍ତ । ସମପଳବ
ସ ହୃଦସ୍ଥ । ଅନ୍ୟ ସମୟ ଲକ୍ଷ କର ପନ୍ଥ । ପସ୍ତ ଶରଣ ରସୁବଶ ମସ୍ତ୍ୟ ।

---

କଳାଗାର ପକ୍ଷୀର ପୁଚ୍ଛ ସ୍ୱରୂପ ହୋଇଥିବାରୁ ତାହାର ଶୋଭା ମନୁଷ୍ୟମାନଙ୍କର ଗର୍ବକୁ ନାଶ କରି ଦର୍ଶନରେ ସୁଖ ସମ୍ପଦକୁ ଦେଉଅଛି ।୬।

ବଚନ ଅକଥନ-କଥାରେ କହି ନ ହେବା । ରମ୍ୟସର-ମନୋହର ସରୋବର । ସଙ୍ଗମ-ମିଳନ । ତରଙ୍ଗରଙ୍ଗପ୍ରକାର-ଲହରୀ ଖେଳପରି । ଜଳରଥ-ନୌକା । ଘନରସଭର-ଜଳପୂର୍ଣ୍ଣ । ତପନ-ତାପ । କଦନକର-ବିନାଶକ । ଯେଉଁ ସରୋବର ତୁଲ୍ୟ ଚକ୍ଷୁର ଶୋଭା କଥାରେ କହି ହେବନାହିଁ । ଜଳରେ ଲହରୀ ଖେଳପରି ସେ ଚକ୍ଷୁ ସର୍ବଦା ଚଞ୍ଚଳ । ଜଳରେ ନୌକା ଭଳିଲାପରି ଚକ୍ଷୁରେ ମରକତମଣିବର୍ଣ୍ଣ ଡୋଳା ଗୁଲୁଅଛି । ପୁଷ୍କରଣୀରେ ଜଳ ଥାଏ । ଏ ଚକ୍ଷୁରେ ଶୃଙ୍ଗାର ରସ ନବଦ୍ରବରେ ପୂର୍ଣ୍ଣ ରହି ଦରଶନରେ କାମ ତାପକୁ ବିନାଶ କରୁଅଛି ।୭।

ରହସ୍ୟବଶ-କୌତୁକରେ । ବନଜ ନନ୍ଦନ-ବ୍ରହ୍ମା । ଏଣଦ୍ୱୟ-ଦୁଇଟିମୃଗ । ସବଦନ-ଗୋଟିକର ମୁଖଆଡ଼କୁ ଅନ୍ୟର ମୁଖ । ଅଧର-ଓଷ୍ଠ । ପଲ୍ଲବ-ନୂଆପତ୍ର । ଅଶନ ଅର୍ଥ-ଖାଇବାପାଇଁ । ରଭସ-ଆନନ୍ଦ, ଚମର-ଲାଞ୍ଜ । ପରକଟ ( ପ୍ରକଟ )-ପ୍ରକାଶ । ଚରମ-ପୃଷ୍ଠଭାଗ । ବ୍ରହ୍ମା କୌତୁକରେ ଦୁଇଟି ମୃଗକୁ ବିପରୀତ ଦିଗକୁ ମୁଖ ରଖି ବାନ୍ଧି ରଖିଛନ୍ତି କି ? ସେମାନେ ଆନନ୍ଦରେ ଓଷ୍ଠରୂପ ନୂଆ ପତ୍ରକୁ ଖାଇବାକୁ ଚଞ୍ଚଳ ହୋଇ ବନ୍ଧା ହୋଇବାରୁ ଅସମର୍ଥ ହୋଇ ଅଛନ୍ତି । କଜ୍ଜ୍ୱଳ ଲାଞ୍ଜ ସେମାନଙ୍କ ଲାଞ୍ଜପରି ପଛ ପାଖରେ ରହି ଅଛି ।୮।

ମନ୍ଦ ଉଚସ୍ତର । ଛଟକ ପଲକ ଅଟକ ସତ । ୯ । ଅର୍ଦ୍ଧଚନ୍ଦ୍ରକତ ଅଳକତଳ । ଖଣ୍ଡକମଳଜ ଗଣ୍ଡମଣ୍ଡଳ । ମନ୍ଦହାସ ନବକଳାଧରକର । ଅମ୍ବକ ମଧ୍ୟ ସରସ ସଦର । ଅଞ୍ଜନ କପଟ । ଶ୍ରବଣରନ୍ଧ୍ର ଗମନ ଲମ୍ପଟ । ୧୦ । ରଙ୍ଗଉତ୍ପଳ ମଧ୍ୟଶତଦଳ । ମଧ୍ୟସ୍ଥ ସମନ୍ତଭର ଭ୍ରୁସଲ । ଏମନ୍ତ ମନ ପବନ ଚଳଇ । ବହଳ ମକରନ୍ଦ ନ ଉଡ଼ଇ । ଗତ ମନମନ । କମ୍ପନ ଅପଘନ ଘନଘନ । ୧୧ । ଜଗତ ଜୟ ଅଟ୍ଟ ଏ ଫଳ । ନଶ ଉନ୍ମତ୍ତ ଜନମନର ସ୍ଥଳ । ଅଞ୍ଜନ ଏ ଭ

---

ସମପଳବନ୍ତ-ସମାନ ମାଂସଯୁକ୍ତ । ଝସ-ମାଛ । ଅନ୍ୟସମଯେ-ଜାଗ୍ରତ ସମୟରେ । ଲକ୍ଷ-ଭୁଲନା । ମନ୍ଦ-ମନ୍ଦର । ଶୋଇବାବେଳେ ଦୁଇ ଆଖି ସମାନ ମାଂସଯୁକ୍ତ ମାଛପରି ଦେଖାଯାଏ । ଜାଗ୍ରତ ସମୟକୁ ପକ୍ଷେ ଭୁଲନା କର । ଜାଗ୍ରତ ସମୟରେ ମାଛମାନେ ଚକ୍ଷୁର ସମାନ ନ ହୋଇ ଭୟରେ ଶରଣ ରକ୍ଷ୍ୟ ପାଇ ପାଣିରେ ପଶି ଏଣେତେଣେ ହେଲେ । ମାଛର ପଲକ ପଡ଼ୁ ନ ଥିବାରୁ ଏହା ଅନୁମାନ କରାଯାଏ ସୁନ୍ଦରୀର ନେତ୍ର ଛଟା ଦେଖି ସେମାନଙ୍କର ପଲକ ପଡ଼ନ୍ତି ନାହିଁ । ୯ ।

ଅଳକ-ଲଲାଟ । ଖଣ୍ଡକମଳଜ-ଚତୁର୍ଥୀଚନ୍ଦ୍ର । ନବ କଳାକର-ଦ୍ୱିତୀୟା-ଚନ୍ଦ୍ର । ଅମ୍ବକ-ଚକ୍ଷୁ । ଦର୍ଶ-ଅମାବାସ୍ୟା । କପଟ-ଛଳ । ସଦର-ଭୟଯୁକ୍ତ । ଲଲାଟ ଅର୍ଦ୍ଧଚନ୍ଦ୍ରପରି । ଗଣ୍ଡସ୍ଥଳ ଚତୁର୍ଥୀ ଚନ୍ଦ୍ର ପରି । ହାସ ଦ୍ୱିତୀୟା ଚନ୍ଦ୍ରପରି । ଏପରି ଚନ୍ଦ୍ରମୟ ମୁଖ ମଧ୍ୟରେ ଅମାବାସ୍ୟା ପରି ଥିବା ଚକ୍ଷୁ ଭୟରେ କଜ୍ଜ୍ୱଳ ଛଳରେ କର୍ଣ୍ଣରନ୍ଧ୍ରକୁ ପଳାଇଯିବାକୁ ଇଚ୍ଛା କରେ କି ? । ୧୦ ।

ରଙ୍ଗଉତ୍ପଳ-ନୀଳପଦ୍ମ । ଶତଦଳ-ପଦ୍ମ । ସମନ୍ତଭର-ମଞ୍ଜୁଆଳ । ଭ୍ରୁସଲ-ଭ୍ରମର । ଅପଘନ-ଦେହ । ପଦ୍ମମୁଖରେ ଈଷତ ରଙ୍ଗପଦ୍ମପରି ନୀଳନେତ୍ରର ପ୍ରାନ୍ତମଧ୍ୟରେ ଶୁକ୍ଳ ପଦ୍ମପରି ନେତ୍ରର ଶୁକ୍ଳ ଅଂଶ । ତାହା ମଧ୍ୟରେ ଡୋଳା ମଞ୍ଜୁଆଳ ଭ୍ରମରପରି ହୋଇ ପବନରେ ଚଳନ୍ତି ପରି ମନେହୁଏ । ବହୁତ ମକରନ୍ଦ ଥିବାରୁ ଉଡ଼ି ନ ଯାଇ ପିବା ପାଇଁ ମନକରୁଥିବାରୁ ତାହାର ଦେହ ( ଡୋଳା ) ଅତି ବେଗରେ କମ୍ପ ଅଛି । ୧୧ ।

ରଞ୍ଜନ କଜ୍ଜ୍ୱଳ । ମନଦମ୍ଭ କନ୍ଦଳନ ସକଳ । ଅଳକ ଛଳର । ପଦ୍ମଜଙ୍କର ରଚନ ଅକ୍ଷର ।୧୨। ଏସନ ମନ ହସ୍ତୀବର ନର । ଲକ୍ଷଣ ବଶକର କ୍ଷଣକର । କମଳଜଭବ, ଭବ, ଦର-ଧର । ଇତର ଜନର ବଶ ଇତର । ଅଙ୍ଗର ସମ୍ପଦ । ହରଷ ତରସ ସତ୍ତ୍ୱରପ୍ରଦ । ୧୩ । କଚଚୟ ତମ ଭୟ ପ୍ରବଳ । ଲପନ ଚନ୍ଦ୍ରର କରମ ଫଳ । ଜଗତଜନକ ଭ୍ରୁଦତ୍ତ ଭଲ । ସହଜ ସଙ୍ଗେ ସବୁ କଜ୍ଜ୍ୱଳ । ମନ ତ ଚପଳ । ନ କରଇ ଏ ଭୟର କବଳ । ୧୪ । ମଣଇ କନକସ୍ୟନ୍ଦନ ସଜ । ପରବଧ ସଧ ମକରଧ୍ୱଜ । ବନ୍ଧନ ଅଞ୍ଜନହସ୍ତ ନୟନ । ଅନବରତ ଚହଟ ଚଳନ । ଗମନତ ଗଜ । ନର ଈଶ ପଦବନ୍ଧ ସହଜ । ୧୫ । ହୃନ୍ଦର

---

ଫଳ ବା ଫଳକ-ଶରମୁନର ଲୁହା । ଉଚ୍ଛନ୍ନ-ଉଚ୍ଚାଟ । ରଞ୍ଜନ-ମୋହନକର । ସ୍ତ୍ରୀ କାମର-ଜଗତଜିଣା ଅସ୍ତ୍ର । ରମଣୀର ନେତ୍ର ଶରମୁନର ମୁନଆ ଲୁହାପରି ହୋଇ ବଶ ଓ ଉଚ୍ଚାଟନ କାର୍ଯ୍ୟକୁ ଚଳାଉଁଅଛି । ନେତ୍ରର ଅଞ୍ଜନ ଦାମ୍ଭିକ ଲୋକର ମନକୁ ମୋହିବାରେ ମୋହିନୀ କଳପ୍ରାୟ । ଲଲାଟର କସ୍ତୁରୀ କେଶଛଳ ମାତ୍ର ସେ ବ୍ରହ୍ମାଙ୍କ ହାତଲେଖା ଏହି କଥାର ବର୍ଣ୍ଣମାଳା । ୧୨ ।

ଭବ-ଶିବ । ଦରଧର-ବିଷ୍ଣୁ । ଇତର-ଅନ୍ୟ, ଭୃଙ୍ଗ । ଅଙ୍ଗର ସମ୍ପଦ-ଅଙ୍ଗଲାବଣ୍ୟ । ଆଖିରେ ଧଳା, ନାଲି ଓ କଳାବର୍ଣ୍ଣ ଥିବାରୁ ମନେହୁଏ ଚକ୍ଷୁ ବ୍ରହ୍ମା ବିଷ୍ଣୁ ଓ ଶିବ ବଶ କରିଅଛି । ଅନ୍ୟଲୋକର କଥା ଅଧିକ କଣ ନେତ୍ର ଅନ୍ୟକୁ ଜଡ଼ତା, ହର୍ଷ, ଭୟ ଓ ବ୍ୟଗ୍ରତା ପ୍ରଦାନ କରେ । ବ୍ରହ୍ମା ବିଷ୍ଣୁ ଶିବ କ୍ରମରେ ସତ୍ତ୍ୱ, ରଜ, ତମ ଗୁଣ ଯୁକ୍ତ ବା ଧଳା, ନାଲି ଓ କଳା ଅଟନ୍ତି । ୧୩ ।

କଚଚୟ-କେଶସବୁ । ତମ-ରାହୁ । ଭଲ-ଭାଲ । କେଶରୂପ ରାହୁ ଆଖି ଅଞ୍ଜନକୁ ବ୍ରହ୍ମଦତ୍ତ ଭାଲ ମନେ କରି ଭୟ ଚଞ୍ଚଳ ହୋଇ ମୁଖଚନ୍ଦ୍ରକୁ ଗ୍ରାସ କରୁନାହିଁ । ୧୪ ।

କନକ ସ୍ୟନ୍ଦନ-ସୁବର୍ଣ୍ଣ ରଥ । ପର-ଶତ୍ରୁ । ସଧ-ଇଚ୍ଛା । ମକର-ଧ୍ୱଜ-କାମ । ଚହଟ-ଶବ୍ଦ । କାମ ଶତ୍ରୁ ମାରିବା ଇଚ୍ଛାରେ ସୁବର୍ଣ୍ଣ ରଥରେ ବସି ଚକ୍ଷୁ ରୂପ ଘୋଡ଼ାଙ୍କୁ ଅଞ୍ଜନ ଦଉଡ଼ିରେ ବାନ୍ଧିଅଛି କି ? ନେତ୍ରଚଳନ-ଘୋଡ଼ା ଶବ୍ଦ । ତାହାର ଗତି ଗଜ ପରି ହେବାରୁ କାମ ରାଜପଦକୁ ଲଭିଲା କି ? ୧୫ ।

ଗନ୍ଧଗ୍ରହ ଖଗବର । ଅଣ୍ଟ ଉପମ ଦରଶନ ଦର । ପ୍ରକଟ ନୟନ ପନ୍ନଗଧବ । ଲଙ୍ଘିକର୍ଣ୍ଣଗର୍ତ୍ତ ଗତଜନ । ତରସ୍ତ ବଳର । ବମନ କରଇ କଜ୍ଜଳଗର । ୧୬ । ହସ୍ତବଳୟ ପଦ କଟକର । ସ୍ୱନ ପ୍ରଖର ମର୍ଦ୍ଦଳ ଝର୍ଝର । ସରସବଚନ ପଞ୍ଚମ ସ୍ୱର । ଈକ୍ଷଣ ନର୍ତ୍ତକ ନର୍ତ୍ତନ ଭର । ବସନ ପନ୍ତେ । ବଦନ ଅଞ୍ଜନ ଏସନ ମତ । ୧୭ । ରଣ ରଣ ଯଶ ଉଜ୍ଜ୍ୱଳରସ । କରତନ ମନ ମଦ ଅଳସ । ଅପର ପର-ଛଳ କଳବଶ । ରଚନ ରହ ସ୍ଥଳ ଏକ ବଶ । ଏମନ୍ତ ନୟନ । ମଧ୍ୟପକ୍ଷ ଅନ୍ତ ବଇଗଞ୍ଜନ । ୧୮ । ବର୍ତ୍ତିନକରର ଦର୍ପ ସକଳ । ଦଣ୍ଡନ ଦଣ୍ଡ ନୟନ କଜ୍ଜ୍ୱଳ । ଲକ୍ଷ ପ୍ରବନ୍ଧକ ବର୍ତ୍ତିନ ଗହନ । ପ୍ରକଟକ ଗଣ ଭଣ ମଞ୍ଜନ ଉପମନଦନ୍ଦ । ନୟନରସମନ-

---

ଉନ୍ନତ-ଉଚ୍ଚ । ଗନ୍ଧଗ୍ରହ-ନାସା । ଖଗବର-ଗରୁଡ଼ । ଦର-ଭୟ । ପନ୍ନଗଧବ-କାଳୀୟ ସର୍ପ । ତ୍ରସ୍ତ-ଭୟ । ଗର-ବିଷ । ବମନ-ବାନ୍ତି । ନେତ୍ର-ରୂପ ସର୍ପ ନାସା ସଦୃଶ ଗରୁଡ଼ଙ୍କୁ ଦେଖି ଭୟରେ କର୍ଣ୍ଣ ଗର୍ତ୍ତକୁ ଯାଇଁ ଯାଇଁ କଜ୍ଜ୍ୱଳ ରୂପ ବିଷକୁ ବାନ୍ତ କଲା କି ? । ୧୬ ।

ବଳୟ-କଙ୍କଣ । ପଦକଟକ-ନୂପୁର । ମର୍ଦ୍ଦଳ-ମୃଦଙ୍ଗ ବା ପଖାଜ । ଝର୍ଝର-ଝାଞ୍ଜ ବା ଗିନି । ଈକ୍ଷଣ ନର୍ତ୍ତକ-ଚକ୍ଷୁ ନାଟୁଆ । କଙ୍କଣ ଓ ନୂପୁର ଶବ୍ଦ ପଖାଜ ଓ ଗିନିସ୍ୱର । ବଚନ ପଞ୍ଚମସ୍ୱରର ଗୀତ । ଏହା ଶୁଣି ଚକ୍ଷୁ ନାଟୁଆ ନାଟକଲା । ଚକ୍ଷୁର ବଦନଆ କଜ୍ଜ୍ୱଳ ନାଟୁଆର ଲୁଗାର ଝଣ୍ଡ । ଏହିପରି ମନେ ହୁଏ । ୧୭ ।

ରଣ ରଣ-କାମ । ଉଜ୍ଜ୍ୱଳରସ-ଶୃଙ୍ଗାରରସ । କରରତନ (କର୍ତ୍ତନ) କତୁରୀ । ମଦମତ୍ତତା । ପର ଅପର ଉପର ତଳ । ରହସ୍ଥଳ-ମିଳନ ସ୍ଥାନ । ପକ୍ଷ-ପାଖ । କାମଦେବ ଶୃଙ୍ଗାର ରସରେ ଯଶ ଦେଖାଇବା ପାଇଁ ଚକ୍ଷୁକୁ କତୁରୀ ପ୍ରାପ୍ତ କରି ଦମ୍ଭକୁ କାଟି ଅଛି । କତୁରୀ କାଟିବାବେଳେ ଅଗ, ମଧ୍ୟ ଓ ଶେଷ ହଲଲା ପରି ଚକ୍ଷୁର ତଳ ଉପର ପତା ପଲକ ଛଳରେ ନୃତ୍ୟକରି ମଧ୍ୟରେ ମିଳିତ ହେଉଅଛି । ୧୮ ।

ବର୍ତ୍ତିନକର-କବି । ଦଣ୍ଡନଦଣ୍ଡ-ଦଣ୍ଡଦେବାବାଡ଼ି । ପ୍ରବନ୍ଧ-କବିତା । ପ୍ରକଟକ-ପ୍ରଧାନ ରଚକ । ଉପମନ ଦନ୍ଦ-ଉପମାର ଦନ୍ଦନକାରୀ ନୟନର ଅଞ୍ଜନ ଗାର କବିମାନଙ୍କ ଗର୍ବକୁ ଦଣ୍ଡ ଦେବାର ବାଡ଼ିପରି । କାରଣ ପ୍ରଧାନ

ସୁନ କହ । ୧୯ । ତରସ ନୟନ ଦରଶନର । ଇନ୍ଦ୍ର ଦଶଶତ-ନୟନଧର । ରମ୍ୟ କଥନ ଲବଧ ଅନନ୍ତ । ସହସ୍ରସଂଖ୍ୟକ ଲପନ ସତ । ନୟନ ଏସନ ଉପେନ୍ଦ୍ର ଭଞ୍ଜର ଏ ରଚନ । ୨୦ ।

—:o:—

## ତୃତୀୟ ଛାନ୍ଦ

( ଛେକାନୁପ୍ରାସ ମଧ୍ୟଯମକ )

ରାଗ-ବସନ୍ତ ବରାଡ଼ି

ଚନ୍ଦ୍ରକୁ କହେ କୁମାର ମାରକୁ କି ଏଣୁ ନିକଟେ ଲସାଇବ । ଥିବ ଭାବ ଭାବବଲ୍ଲଭି ଲଭିବା ଯାଏ କି ଭାଗ୍ୟ ବଶୀଇବ । ଚନ୍ଦ୍ରମା । ରହସ୍ୟେ ରସେ ରସାଇବ । ନ ବସାଇ ତାକୁ ପଲକେ ପଲକେ ଉରୁ ଉପରେ ବସାଇବ । ୧ । ଷଟଣ ବୋନ୍ଧ ଭିନ୍ନ ଭିନ୍ନାଞ୍ଜନକେଶୀ ମନକୁ ମନ ପିଆଇବ ।

---

ଉଚକ ଗଣେଶ ସେ ନେତ୍ରର ଶୋଭା ବର୍ଣ୍ଣି ନ ପାରି ମଉନ ହେଲେ । ସେ ନେତ୍ର ସମସ୍ତ ଉପମାମାନଙ୍କୁ ଦହନ କରି ସେଣୁ ତାହାର ଉପମାର ସ୍ଥଳ ହୋଇଅଛି । ୧୯ ।

ତରସ-ଶୀଘ୍ର । ଦଶଶତ-ସହସ୍ର । ଲପନ-ମୁଖ । ଲବ୍ଧ-ଲାଭ । ସେ ନେତ୍ରର ଶୋଭା ଦେଖିବା ପାଇଁ ଇନ୍ଦ୍ର ସହସ୍ର ନେତ୍ର ବହିଲେ ପୁଣି ସେଣୁ ନେତ୍ରର ଶୋଭା ବର୍ଣ୍ଣନା କରିବାକୁ ଶେଷଦେବ ସହସ୍ର ମୁଖ ଧାରଣ କରି ମଧ୍ୟ ବର୍ଣ୍ଣନା କରି ପାରିଲେ ନାହିଁ । ଏହା କବି ଉପେନ୍ଦ୍ର ଭଞ୍ଜ ରଚନା କଲେ । ୨୦ ।

—:o:—

## ତୃତୀୟ ଛାନ୍ଦ ଟୀକା

ବାକ୍ୟ ମଧ୍ୟରେ ଏକ ଜାତୀୟ ବର୍ଣ୍ଣ ବହୁତ ଥିଲେ ତାହାକୁ ଅନୁପ୍ରାସ କହନ୍ତି ।

ମାର-କନ୍ଦର୍ପ । ଲସାଇବ-ଦବାଇବ । ପଲକେ-କ୍ଷଣେ । ରାଜପୁତ୍ର ଚନ୍ଦ୍ରକୁ ଦେଖି କହେ, ମୁଁ ମୋହର ସ୍ତ୍ରୀକୁ ପାଇବା ପର୍ଯ୍ୟନ୍ତ ବଞ୍ଚିଥିଲେ ଚାନ୍ଦକୁ ସର୍ବଦା କଟିରେ ବସାଇ ଆନନ୍ଦରେ ଶୃଙ୍ଗାରରସରେ ମାତି କନ୍ଦର୍ପକୁ ଦବାଇବ ବା ଜିଣିବ । ୧ ।

ନ ଶୁଆଇ ଶେଯେ ସେ ଯେ କୋମଳାଙ୍ଗୀ ହୃଦୟ ପରେ ଶୁଆଇବ । ଚନ୍ଦ୍ରମା । ପ୍ରଶତେ ଭାବ ଧିଆଇବ । ଏଣସୁ ଏହ୍ନ ଭେଟେ ଭେଟେ ଧୃଷ୍ଟ କହ୍ଲ ବଚନ ଭିଆଇବ । ୨ । ଯେନ ମରକତ କେଶୀ କେଶୀ ଋତୁସୁତ ଶାସ୍ତ୍ରକୁ ପଢ଼ାଇବ । ନିନ୍ଦେ ଫୁଲଧନୁ ଧନୁଭୁରୁରେ ତା ଅଞ୍ଜନଗୁଣ ଚଢ଼ାଇବ । ଚନ୍ଦ୍ରମା । ତା କଣ୍ଠେ ଭୁଜ ବେଢ଼ାଇବ । କଣ ଯାହା ସାହା ସାହସ କାମର ହରି ଉତ୍ସବ ବଢ଼ାଇବ । ୩ । ଫେଡ଼ି ବସନ ସୁତନୁ ତନୁରେ କି ମୋ ତନୁ ସଙ୍ଗେ ମିଶାଇବ । ପରିହାସେ ରସି ରସିକାବରକୁ ଥରେ ଥରେ କି ହସାଇବ । ଚନ୍ଦ୍ରମା । ତାକୁ କେବେ ନ ରୁଷାଇବ । ଦୁଃଖନିକର କରକଦଳୀ ଯେନ ସୁଖସାଗରେ ଭସାଇବ । ୪ । କେବେ ପୁଷ୍ପକାଳ ହେବାକୁ ମୋ ଶିବ ଶିବ

---

ଭିନ୍ନାଞ୍ଜନ କେଶୀ-ଯାହାର କେଶ ଅତି କଳା । ଧିଆଇବ-ଭାବିବ । ଭେଟେ ଭେଟେ-ପ୍ରଥମଥର ଦେଖା ହେବା ସମୟରେ । ମୁଁ ସେହି ଘନକୃଷ୍ଣ-କେଶୀକୁ ଭିନ୍ନ ନ ମଣି ତାହାର ମନ ସଙ୍ଗେ ମୋ ମନକୁ ମିଳାଇବି । ତାକୁ ଶେଯରେ ନ ଶୁଆଇ ମୋ ଦେହ ଉପରେ ଶୁଆଇ ତାହାର ସଙ୍ଗକୁ ସକାଳେ ମନେ କରିବି । ପ୍ରଥମଥର ଦେଖା ସମୟରେ କାହିଁ ଏତେ ଧୃଷ୍ଟ କଥା କହିପାରିବି । ୨ ।

ମରକତ କେଶୀ-ଘନ ନୀଳ କେଶୀ । କେଶୀ ଋତୁସୁତ-କାମ, ଫୁଲଧନୁ-କାମର ଧନୁ । ମୁଁ ସେହି ଘନନୀଳକେଶୀକୁ କାମଶାସ୍ତ୍ରପଢ଼ାଇବି । କାମଦେବର ଧନୁକୁ ନିନ୍ଦା କରୁଥିବା ତାହାର ଭୁରୁରେ ଅଞ୍ଜନରୂପ ଶର ଦେଇ କାମକୁ ଜୟ କରିବି । ଯାହା ସାହାଯ୍ୟରେ କାମର ଦମ୍ଭକୁ ନାଶ କରି ମୋହର ଆନନ୍ଦ ବଢ଼ାଇବି । ତାହାର ବେକରେ ମୋ ହାତକୁ ମାଳା ପରି ଲଗାଇବି । ୩ ।

ସୁତନୁ-ସୁନ୍ଦରୀ । ତନୁ-ଦେହ । ନିକର-ସବୁ । କରକଦଳୀ-ଯାହାର ଦନ୍ତ ଡାଳିମ୍ବ ସଦୃଶ । ସେ ଡାଳିମ୍ବଦନ୍ତୀର ଲୁଗାଫିଟାଇ ତାହା ଦେହରେ ମୋ ଦେହ ମିଶାଇବି କି ? ପୁଣି ତାକୁ ନ ରୁଷାଇ ପରିହାସ କଥାମାନ କହି ହସାଇବି । ତାକୁ ଯେନ ଦୁଃଖସବୁକୁ ସୁଖ ସମୁଦ୍ରରେ ଭସାଇଦେବି । ୪ ।

ମନ୍ତ୍ର ଜପାଇବ । ନବୀନ ସ୍ନେହ ଆଲିଙ୍ଗନେ ନରେନ୍ଦ୍ରପଦ ପଦତଳେ ପାଇବ । ଚନ୍ଦ୍ରମା । ପ୍ରେମପାଦପ ରୋପାଇବ । କି ହେବ ମୁକତି ଜଳରେ ବସି ତା ଇନ୍ଦ୍ର-ଭୋଗକୁ କମ୍ପାଇବ । ୫ । ଚଉତରେ ମାତ୍ର ନବୀନ ବନ୍ଧନ ଏନ୍ତ କରେ ପୁଣି ଫେଇବ । ଚିବୁକକୁ ଧରି ଧନ୍ୱନ୍ତରୀଶୋଷୀର ଅଧରୁ ଅମୃତ ପିଇବ । ଚନ୍ଦ୍ରମା । କାମଯମ ମୂର୍ଖ ଗାଇବ । ରସିକପ୍ରକାରେ ସାର ଛନ୍ଦ ଛାନ୍ଦେ ସଭାରେ ମୁଁ ଲେଖା ହୋଇବ । ୬ । କରି ତାହାର ହାର ଛିନ୍ନ ବସନ ଉରରେ ହର ଲଗାଇବ । ସଙ୍ଗୀତ ପଠମା ଇଙ୍ଗିତ ଗୀତରେ ରଞ୍ଜି ପୁନଃ ପୁନଃ ଗାଇବ । ଚନ୍ଦ୍ରମା । ରତିସାକ୍ଷୀମା ଭଙ୍ଗାଇବ, କୃପାନିଧାମାଙ୍କ ନିକଟ ପୁଣ୍ୟବଶେ ସୁକୃତ ସ୍ପୃହେ ମଗାଇବ । ୭ । ରତିଶ୍ରମଜଳେ ଝଳେ ଯେ ବିରହଅଗ୍ନି ହୃଦରୁ ଲିଭାଇବ । ଶୁଣି ମଧୁରବାଣୀ ଆଉ ମୁଁ ବୀଣାସ୍ୱର କହିଁ ଚାହିଁବ । ଚନ୍ଦ୍ରମା । ରସେ ତାକୁ ଦରବାଇବ । ମତ୍ତଭଳ କଳକଣ୍ଠକୁଳକୁ ଯେ ମଧୁକାଳରେ ଦବାଇବ । ୮ । ଯାଇ କେଳିପୁରେ

---

ଶିବ-ମହାଦେବ, ସୁଖକର । ପୁଷ୍ପକାଳ-ନୂଆରତୁ ସମସ୍ତ । ନରେନ୍ଦ୍ର-ରାଜା । ପାଦପ-ବୃକ୍ଷ । ମୁକତି (ମୁକ୍ତି) ଉଦ୍ଧାର, ମୋକ୍ଷ । କେତରେ ମୋହର ସୁଖକର ନୂଆ ଋତୁ ସମସ୍ତ ହେବାପାଇଁ ଶିବମନ୍ତ୍ର ଜପ କରାଇବ । ସେ ଯୁବତି ହୋଇ ମୋତେ କୋଳକଲେ ମୁଁ ରାଜ ପଦକୁ ପାଦତଳେ ପାଇବାପରି ମଣି ପ୍ରେମବୃକ୍ଷ ଲଗାଇବ । ସେ ପ୍ରେମ ବଢ଼ନ୍ତେ ମୁଁ ମୋକ୍ଷ ପଦକୁ ନ ପାଇ ସୁଦ୍ଧା ଇନ୍ଦ୍ରଭୋଗଠାରୁ ଅଧିକ ଭୋଗ ପାଇବ । ୫ ।

ନବ ନବୀନ ବନ୍ଧନ-କଣ୍ଠ । ଚିବୁକ-ଓଷ୍ଠ । ଧନ୍ୱନ୍ତରୀଶୋଷୀ-ମଣ୍ଡିମଣ୍ଡନା । ଛନ୍ଦାର-ସମୂହ । ମୁଁ ମୋହର ହାତରେ ତାହାର କଣ୍ଠ ଫିଟାଇ ପୁଣି ଓଠରୁ ଅମୃତ ପାନ କରି କାମ ଯମକୁ ଜିଣି ରସିକଶ୍ରେଷ୍ଠ ବୋଲାଇବ । ୬ ।

ଛିନ୍ନବସନ-ସନ୍ଥପାଟଲୁଗା । ଇଙ୍ଗିତ-ପରିହାସ । ରତି-କାମସ୍ତ୍ରୀ କୃପାନିଧାମା-ଦୟାବନ୍ତି । ନିକ-ସତେ । ପୁଣ୍ୟ ବଶେ-ସୁକୃତରୁ, ସୁକୃତସ୍ପୃହ-ବଚସ୍ତରତ । ମୁଁ ତାହାର ଲୁଗା ଫିଟାଇ ହାର କାଢ଼ି ଦେହରେ ଦେହକୁ ସମ୍ପୂର୍ଣ୍ଣ ରୂପେ ମିଳାଇ ପରିହାସ ଗୀତ ରଚନା କରି ଗାଇବ । ପୁଣି ପୂର୍ବ ସୁକୃତରୁ ସେ ଦୟାବନ୍ତିକୁ ବଚସ୍ତରତ ଭାବରେ ସତେ ମଗାଇ ପାରିବ କି ? । ୭ ।

ଶ୍ରମଜଳ-ଝାଳ । ଦରବାଇବ (ଦ୍ରବାଇବ) ତରଳାଇବ । କଳକଣ୍ଠ-କୋକିଳ । ମଧୁକାଳ-ବସନ୍ତ ସମସ୍ତ । ଝାଳରେ ବିରହ ଅଗ୍ନିକୁ ଲିଭାଇବ । ତାହାର ସ୍ୱର ଶୁଣିଲେ ବୀଣାସ୍ୱର ଶୁଣିବାକୁ ହେବନାହିଁ । ପୁଣି ରସରେ ତରଳାଇବ । ତାହାର ବଚନହାସ ବସନ୍ତ କାଳର କୋକିଳ ଶବ୍ଦକୁ ଦବାଇବ । ୮ ।

ପୁରେ ଆସିବାକୁ ଦାସୀ ପେଷି କି ଡକାଇବ । ନବକଜ୍ଜଳିତ କଚମ୍ବିମ୍ବ ଉରଜେ ମୁଁ କି କରକୁ ପକାଇବ । ଚନ୍ଦ୍ରମା । ମେରୁ ଉପମା ଶଙ୍କାଇବ । ସିଦ୍ଧ ନୋହେ ସ୍ୱଚ୍ଛ ସେ ବକ୍ଷୋଜ ଯୋଗେ ଯୋଗେନ୍ଦ୍ରଙ୍କୁ ଚମକାଇବ । ୯ । ମୋଟ୍ଟାୟମୋଦ୍ଦନେ ପ୍ରକାଶି ସୁରସ ରସନା ଅଗ୍ର ବୁଲାଇବ । ହାଁ ହାଁ ହୁଁ ହୁଁ ନା ନା ମଳ ମଳ ଇଷି ହସକୁ କସ ଭୁଲାଇବ । ଚନ୍ଦ୍ରମା । ମନ ସେ ଖାବେ ଭୁଲାଇବ । ତାକୁ ତସନ୍ଧରେ ସଧୀରେ କରଜ ପୁନଃ ପୁନଃ କି ଚଳାଇବ । ୧୦ । ରତି ରତିରଣ ରଣଦୁନ୍ଦୁଭି ଭୁଜ ନୂପୁର ବଜାଇବ । ହେବ ସେ ଲଜ୍ଜିତ ଜିତ ଇଚ୍ଛିତରେ ହଂସ ଗରବ ଭଞ୍ଜାଇବ । ଚନ୍ଦ୍ରମା । ମାରସନ୍ତାପ ତୁଟାଇବ । ନବରମଣୀ ମଣି ବେଣୀନର୍ତ୍ତିକା ନର୍ତ୍ତନେ ଚିତ୍ତ ମନ୍ଥଇବ । ୧୧ । ଦେଇ ମୁଁ ଧନ ଧନ ଛବକଣରେ ସୁନ୍ଦମାକ ସଜଡ଼ାଇବ । ସେଷିଣ ଅଳୀ ଅଳି ଚନ୍ଦ୍ରଛଟିରେ ତଳ୍ପି ଶଯ୍ୟାକୁ ପଢ଼ାଇବ । ଚନ୍ଦ୍ରମା । ଭଲଙ୍ଗେ ଚିତ୍ତ ଜଡ଼ାଇବ । କରି ଲୋଚନ କନକାଙ୍ଗୀ ଶୋଭନ ନେତ୍ରକଳୁଷ ଛଡ଼ାଇବ । ୧୨ । ନବପ୍ରମଦା ମଦାଳସା ଯୋଷାକୁ

---

କେଳିପୁର-ନିର୍ଜନ କ୍ରୀଡ଼ା ଗୃହ । ନବକଜ୍ଜଳିତ-ନୂଆଜନ୍ମ । କଚମ୍ବିମ୍ବ-ସ୍ତ୍ରୀ, ଉରଜ-ସ୍ତନ, ବକ୍ଷୋଜ । ଯୋଗେନ୍ଦ୍ର-ତପସ୍ୱୀ । ମୁଁ କ୍ରୀଡ଼ା ଗୃହକୁ ଯାଇ ଦାସୀଦ୍ୱାରା ତାହାକୁ ସେ ଗୃହକୁ ଡକାଇବ କି ? ନବ ଯୁବତୀର ମେରୁ ରୂପ ସ୍ତନରେ ହାତ ପକାଇ ପ୍ରକୃତରେ ଯୋଗୀର ଯୋଗକୁ ଭଙ୍ଗାଇବ । ୯ ।

ରସନା-ଜିହ୍ୱା । କୁଚ-ସ୍ତନ । କରଜ-ନଖ । ସୁନ୍ଦରୀକୁ ମୋହିତ କରିବା-ପାଇଁ ସରସ କଥା କହି ଜିହ୍ୱା ମିଳାଇବା ସମୟରେ ସେ ବାଧା ଦେବାର କଥା ପ୍ରକାଶ କଲେ କଥାରେ ତାହାକୁ ଭୁଲାଇ ତାହାର ଦୁଇସ୍ତନର ମଧ୍ୟସ୍ଥଳରେ ବାରମ୍ବାର ନଖଘାତ କରିବ । ୧୦ ।

ମୁଁ ନୂପୁର ଶବ୍ଦ ରୂପ ରଣବାଦ୍ୟ ବଜାଇ କାମକୁ ଜୟ କରିବି । ପୁଣି ସେ ନୂପୁର ଶବ୍ଦରେ ହଂସକୁ ଲଜ୍ଜା ଦେବି । ଆହୁରି ବିପରୀତ ରତି କରି ତାହାର ବେଣୀକୁ ନଚାଇବାରେ ମନଦେବି । ୧୧ ।

ଧନ-ସମ୍ପତ୍ତି, ସ୍ତ୍ରୀ । ସୁନ୍ଦମା-ମଣ୍ଡପ । ଆଳୀଆଳି-ସଖୀଗଣ । ଭଲଙ୍ଗ-ଲଙ୍ଗଳା । ଲୋଚନ-ଦର୍ଶନ । କଳୁଷ-ମଳିନତା । କନକାଙ୍ଗୀ-ସୁନାପରି ଗୋରୀ । ସ୍ତ୍ରିହ୍ନାର ପ୍ରଣୟ ପାଇଁ ଧନଦେଇ ମଣ୍ଡପ ତୋଳାଇ ସଖୀମାନଙ୍କଦ୍ୱାରା ତାହାକୁ ସେ ମଣ୍ଡପକୁ ଡକାଇ ଆଣି ସେହି ସୁନାଗୋରୀକୁ ଲଙ୍ଗଳା କରି ତାହାର ଦର୍ଶନରେ ନେତ୍ରର ମଳିନତାକୁ ନାଶ କରିବି । ୧୨ ।

ଜଳକେଳୀରେ ମନାଇବ । ମୁଖ ଅଧିକ ଧିକ ଏ ସରସିଜ ଦେଖାଇବାକୁ ଛନ୍ଦାଇବ । ଚନ୍ଦ୍ରମା । ରହସ୍ୟେ ମନ ଖେଳାଇବ । ଲୀଳା ଅନ୍ତର ସଲିଳ ଜର ଜର ହେବା ଶୋଭାକୁ ଅନାଇବ । ୧୩ । ଭ୍ରମି ବିପିନ ଶ୍ରୀନସ୍ତନୀ-ପୀଡ଼ାକୁ ଭାଳି ଫୁଲ ନ ତୋଳାଇବ । ତୋଳି ମୁଁ ସୁମନା ମହାନନ୍ଦ ଦାସୀପାଇଁ ସୁନ୍ଦରେ ଗଳାଇବ । ଚନ୍ଦ୍ରମା । ଏଣୁ ବଚନେ ବଳାଇବ । ନ କଲେ କବର ବର କରମାର କେଣୁ ମୁଁ ଦାସ ହୋ ନାଇବ । ୧୪ । କାହିଁ ନ ଯିବ ଗାଢ଼ଭରେ ଟୁଙ୍କୁରେ ଏକା ସଙ୍ଗକୁ ହସିଲବ । ମୁଁ କ ତୋ ସମାନ ମାନ ନ କରିବୁ ବୋଲି ନମ୍ରମ କରିଲବ । ଚନ୍ଦ୍ରମା । ବନ୍ଧୁ ବୋଲି ତାକୁ ଘାଇବ । ତାହା ଶୋଭାଶୋଣ ଶୋଣ ଭାଗ୍ୟବନ୍ତ ସଣେ ମୁଁ ଛନ୍ଦ ଧରିଲବ । ୧୫ । ତୋଳାପିଲୁକା ତୁଳା କରି ପ୍ରତିମା ପ୍ରତିଭିତ୍ତିରେ ଲେଖାଇବ । ମୁଁ ଥିବ ସେବାର କାରଣଗତର ପାଶେ ପ୍ରତିମା ରଖାଇବ । ଚନ୍ଦ୍ରମା । ସେବକପଣ ଦେଖାଇବ । ଦେଖାଇ ଷଟପଟଳ ବନ୍ଧମାନ ତାକୁ କ ରତି ଶିଖାଇବ । ୧୬ । ଉଭାନ୍ତେ ହୋଇ ଗ୍ରାବକଣ ବସନ ସେବେ ମୁଁ ତାର ଲୁଚିଲବ । ବୋଇଲେ ମୋ-ଆନ ଆନନ କମ୍ପାଇ କେଉଁ ପ୍ରକାରେ

---

ନବ ପ୍ରମଦା-ନବଯୁବତୀ । ମଦାଳସା-ଯୌବନଯୁକ୍ତା । ଯୋଷାରମଣୀ । ସରସିଜ-ପଦ୍ମ । ଲୀଳାଅନ୍ତର-କ୍ରୀଡ଼ା ଶେଷ । ସଲିଳ-ଜଳ । ନବ ଯୌବନା ରମଣୀକୁ ଜଳକ୍ରୀଡ଼ାରେ ମତାଇ, ପଦ୍ମଠାରୁ ତୋହ ମୁଖ ସୁନ୍ଦର ଏପରି କୌତୁକ କଥାମାନ କହିବ । ସେ ପାଣିରେ ଜର ଜର ହୋଇ ଉଠିଲାବେଳେ ତାହାର ରୂପଶୋଭା ଦେଖିବ । ୧୩ ।

ବିପିନ-ବଗିଚା । ସ୍ତାନ-ସ୍ତନ । କବର-କେଶବନ୍ଧନ । ବଗିଚାରେ ବୁଲିବାବେଳେ ଫୁଲ ତୋଳାରେ ତାକୁ କଷ୍ଟ ନ ଦେଇ ମୁଁ ଫୁଲ ତୋଳି ନିଜେ ଗୁନ୍ଥିବ । ଅନ୍ୟ କେଣୁ ତାହାର କେଶକୁ ବାନ୍ଧି ନ ଦେଲେ ମୁଁ ନିଜେ ଦାସ ହୋଇ କେଶ ବାନ୍ଧିଦେବ । ୧୪ ।

ଗାଢ଼ଭରେ-କହିଥିବା ଯାଏ । ଦେନାଶୋଣ କଥା-ମନ ତୋଷକାରୀ କଥା । କହିଥିବା ଯାଏ କେବଳ ପୁଷ୍ପବଣ ସମୟରେ ଏକା ରହିବ । ମୁଁ ତୋହର ସମାନ ନୁହେ ଏଣୁ ମନ ନ କରିବୁ । ତାହାର ଖୁସି କଥା ଶୁଣି ମୁଁ ଭାଗ୍ୟବନ୍ତ ହୋଇବ ।

ତୋଳା ପିଲୁକା-ନେଶପ୍ରତିମା । ତୁଳ-ସମାନ । ପ୍ରତିମା-ଛବି । ଭିତ୍ତି-କାନ୍ଥ । କାରଣ-ଗଜ । ସବୁ କାନ୍ଥରେ ସେ ନେଶପ୍ରତିମାର ସମାନ ଛବିଲେଖାଇ ମୁଁ ସେ ଗଜଗାମିନୀର ସେବକରୂପେ ସେ ଛବିରେ ଥିବ । ସେ ଛବିମାନଙ୍କରେ ଲେଖାଥିବା ରତିବନ୍ଧମାନ ତାହାକୁ ଶିଖାଇବ । ୧୬ ।

ବଞ୍ଚାଇବ । ଚନ୍ଦ୍ରମା । ଗୀରେ ରହସ୍ୟ କହୁଥିବ । ଦେଖି କରି ସନମତ ମଣ୍ଡଳାଗି
ରତିରେ ମୋତେ ନଗ୍ନଇବ । ୧୭ । ଗ୍ରହିଁ ମୁଁ ସୁର ସୁରଗିରି ପଛକୁ ଚପଳେ ଆସ
ଜଣାଇବ । ହେବ ଦିବସ ଏକକ୍ଷଣ କ୍ଷଣଦା ବୃଦ୍ଧି କ ଚଣ୍ଡୀ ଶୁଣାଇବ । ଚନ୍ଦ୍ରମା ।
ଗ୍ରହ ସୁଭଦ ଗଣାଇବ । ମହାମନ୍ତ୍ରମ ଭ୍ରମରକୁ ମୋ ଦ୍ୱାର ଖୋଜାଇ ତାକୁ ଅଣାଇବ
। ୧୮ । ବିଗ୍ରହ କରିଅଛି ଯେଉଁ ଅତନୁ ତାକୁ ଏହାର ଜଣାଇବ । ଭଲବ ସେ ଧନୁ
ଶରଆସନକୁ ପକାଇ କାହିଁ ପଳାଇବ । ଚନ୍ଦ୍ରମା । ମନକ ମନ ମିଳାଇବ । ଏବେ
ଦହିବ ପବନ ବନପ୍ରିୟ ଭ୍ରମର ବୋଲି ଜଣାଇବ ।୧୯। ଖାଇଁ ଏ ହେବ କ୍ଷଣପ୍ରଭା
ମୁଖ କି ସ୍ଥିର କରି ମୁଁ ରହିବ । ପ୍ରକାଶ କରିବ ଅମ୍ବୁଜ ଅମ୍ବୁଜ ପିକକୁ କଥା
କୁହାଇବ । ଚନ୍ଦ୍ରମା । ଶିରିଷେ ବଜ୍ର ଫୁଟାଇବ । କହେ ସାରବର ଦୁଃଖ ହର ହର
ଶିରେ ସୁରଭି ଦୁହାଁଇବ । ୨୦ ।

---

ବସନ-ଲୁଗା । ମୋ ଆନ-ମୋ ପ୍ରାଣ । ଗୀରେ-କଥାରେ । ରତିରେ ମୋତେ ନଗ୍ନଇବ-ବିପରୀତ ରତି କରିବ । ରତି ଶେଷରେ ତାହାର ଲୁଗା ଲୁଚିଲବାରୁ ସେ ପ୍ରାଣପ୍ରିୟାର ଲୁଗା ଦେବାକୁ କହିଲେ ମୁଁ କହିବ ବିପରୀତ ରତି କରିବାକୁ ସ୍ୱୀକାର କଲେ ଲୁଗା ଦେବି । ଆଉ ଅନେକ ରହସ୍ୟ କଥା ମଧ୍ୟ କହିବ ।୧୭।

ସୁର-ସୂର୍ଯ୍ୟ । ସୁରଗିରି-ମେରୁପର୍ବତ । ଚପଳେ-ଶୀଘ୍ର । କ୍ଷଣଦା-ରାତ୍ରି । ମହାମନ୍ତ୍ରମ-ବଳବାନ୍ । ମୁଁ ସୂର୍ଯ୍ୟକୁ କହିବି ତୁମ୍ଭେ ଶୀଘ୍ର ଅସ୍ତହୁଅ ରାତ୍ରି ହେଉ; ଦିନ ଅଳ୍ପ ହେଉ । ଏଥିପାଇଁ ଚଣ୍ଡୀ ଶୁଣାଇବ ଓ ଗ୍ରହର ଭଲ କରିବା ବୁଝାଇ ଭଲ ପାଇଁ ଭ୍ରମରଭ୍ରୁକୁ ଅଣାଇବ । ୧୮ ।

ଅତନୁ-କନ୍ଦର୍ପ । ଶରଆସନ-ଧନୁ । ବନପ୍ରିୟ-କୋକିଳ । ବହୁକଷ୍ଟଦିଅ । ମୁଁ ସେହି ଯୁବତୀ ସଙ୍ଗେ ମନ ମିଳାଇ ଚାଲି କୋକିଳ ପବନ ଓ ଭ୍ରମରକୁ କହିବି ତୁମ୍ଭେମାନେ ଆଉ ମୋତେ କଷ୍ଟ ଦେଇ ପାରିବ ନାହିଁ । ଯେଉଁ କନ୍ଦର୍ପ ମୋତେ ପୋଡ଼ିଦେବାକୁ ମନ କରିଅଛି ସେ ଏହାସବୁ ଦେଖି ତାହାର ଧନୁ ଓ ଶରକୁ ପକାଇଦେଇ ପଳାଇବ । ୧୯ ।

ଖଇଁ-ବଞ୍ଚି ଥାଇ ଆଉଁ । କ୍ଷଣପ୍ରଭା-ବିଦ୍ୟୁତ୍ ବର୍ଣ୍ଣା । ଅମ୍ବୁଜ-ପଦ୍ମ ମୁଖ, ଶୁକ୍ଳ ହାସ । ସୁରଭି-ଗୋଦୁଗ୍ଧ । ମୁଁ ବଞ୍ଚିଥିବା ମଧ୍ୟରେ ସେ ବିଦ୍ୟୁତ୍‌ବର୍ଣ୍ଣୀକୁ କୋଳରେ ବସାଇ ତାହାର ଚନ୍ଦ୍ରମୁଖରୁ ଚନ୍ଦ୍ରରୂପ ଶୁକ୍ଳହାସକୁ ପ୍ରକାଶ କରାଇବି । ସେହି ପିକଭାଷୀକୁ କଥା କୁହାଇବ ଓ ତାହାର ଶିରୀଷପରି କୋମଳ ଦେହରେ ବଜ୍ର ସଦୃଶ ନଖଘାତ କରିବ କି ? ହେ ଶିବ ! ମୋହର ଦୁଃଖ ନାଶ କଲେ ମୁଁ ତୁମ୍ଭ ମସ୍ତକରେ ଦୁଗ୍ଧ ଧାରା ଅଭିଷେକ କରାଇବ । ୨୦ ।

## ଚତୁର୍ଥ ଛାନ୍ଦ

( ଅଦ୍ଭୁତୋପମା )

ରାଗ—କୌଶିକ

ଏ ସମୟେ ଆସି ବାଳାପ୍ରିୟଦାସୀ ହସି ଭାଷିଲା କୁମାରଙ୍କୁ । ଅତନୁ ଆଜ ଅନୁକୂଳ ହୋଇଲା ତରୁଣକୁଳ ଆକୁଳକୁ । ରଙ୍ଗକେତନ । ନିକେତନ କଲ ବନ୍ଧନ । ଥିଲେ ଜଡ଼ତ ଜିନା ଯତେ ହୃଦୟୁ ବିଶିଖେ କରିବ ଭେଦନ ।୧। ସର୍ବମତରେ ସନମତ ଏମନ୍ତ ପର୍ବତ ପରେ ଜାତ ଲତା । ଲତାରୁ ଏବେ ପର୍ବତ ଜାତ ହେଲା ସୃଷ୍ଟି କର୍ମିବେ ଊର୍ଦ୍ଧ୍ୱରେତା । ହା ହା ଶୋଭିତା । ଦେଖି କେ ନୋହିବ ଲୋଭିତା । କରିପରେ ହରି ହରିପରେ କରୀ ଚଢ଼ାଇଲା ଏବେ ବନିତା ।୨। ଫଳ ଚୁମ୍ବିଲ ଭ୍ରମର ବୋଲି ଆଜଯାଏ ତ ଶ୍ରବଣ ନ ଥିଲା । ଶ୍ରୀଫଳଯୁଗଳଙ୍କୁ ମଧୁର ମଧୁକୁ ଏବେ ସୁନ୍ଦରୀ ପିଆଇଲା । କୋକଯୁଗ୍ମରୁ ।

---

### ଚତୁର୍ଥ ଛାନ୍ଦ ଟୀକା । ଅଦ୍ଭୁତ ଉପମା

ଜଗତରେ ପ୍ରଚଳିତ ଘଟଣାର ବିପରୀତ ବର୍ଣ୍ଣନାକୁ ଅଦ୍ଭୁତ ଉପମା କହନ୍ତି ।

ବାଳା-ପ୍ରେମସୁଧାନିଧି । କେତନ-ପତାକା । ନିକେତନ-ଗୃହ । ଜଡ଼ତ-ସାଞ୍ଜୁ ବା ଲୁହାର କୁରୁତା । ବିଶିଖ-ଶର । ରାଜସୁତ ପୂର୍ବ ଛାନ୍ଦରେ ବର୍ଣ୍ଣିତ ପ୍ରକାରରେ ଭାବନା କରୁଥିବା ସମୟେ ପ୍ରେମସୁଧାନିଧିର ପ୍ରିୟ ଦାସୀ ଆସି କହିଲା ଆଜ କାମଦେବ ଯୁବାମାନଙ୍କୁ ବନ୍ଧନ କରି ତାହାର ଗୃହରେ ରଙ୍ଗପତାକା ବାନ୍ଧିଲା । ଏଥିରୁ ଆଜ ପ୍ରେମସୁଧାନିଧି ପୁଷ୍ପବତୀ ହେଲା । ଦେହରେ ସାଞ୍ଜୁ ଥିଲେ ମଧ୍ୟ କାମଦେବ ଶରଘାତରେ ଯୁବକର ଦେହକୁ ଫୁଟାଇ ଆକୁଳ କରାଇବ ।୧।

ଊର୍ଦ୍ଧ୍ୱରେତା-ମହାଦେବ । କରୀ-ହସ୍ତୀ । ହରି-ସିଂହ । ସମସ୍ତେ ଜାଣନ୍ତି ପର୍ବତରେ ଲତା ଜନ୍ମେ । କିନ୍ତୁ ଏବେ ପ୍ରେମସୁଧାନିଧିର ଦେହ-ରୂପ ଲତା ଉପରେ ସ୍ତନରୂପ ପର୍ବତ ଜନ୍ମିବାରୁ ମହାଦେବ ତାହାର ସମାନ ନ ହୋଇ କର୍ମିଲେ । ସେହି ଗଜଗମନୀର ଜାନୁ ଉପରେ ସିଂହକଟୀ ପରି କଟୀ ରହି ତାହା ଉପରେ ହସ୍ତୀକୁମ୍ଭ ସଦୃଶ ଦୁଇଟି ସ୍ତନ ରହିଲା ତାହାର । ଏହି ଶୋଭା ଦେଖି କିଏ ଚିତ୍ତରେ ଲୋଭଯୁକ୍ତ ନ ହେବ ।୨।

ସନ୍ଧିରେ ବିଚ୍ଛେଦ ହୁଅଇ ଏ କି ଚମତ୍କାର । ଦୂରୁ ବୋଲିବାର ଆନ କଲି ନାସା ବଢ଼ାଇ । ୩ । ଲବଣୀପିଣ୍ଡୁଳାରୁ ହୋଇ ଜନମ ବଜ୍ରରୁ କଠିନ ଦରବ । ଖଡ଼ଗସାଧନେ ଦୃଢ଼ କୁମ୍ଭ କର କେ କାହାକୁ ପୀଡ଼ା କରିବ । ଏବେ ଜାଣିବା । ବଳାତ୍ସ୍ତୁ ପଡ଼ିବ କି ଦଶା । ଅବଳା ସେନ ମାର ଫୁଲ କାଣ୍ଡରେ ଭବ ଜିଣିବାକୁ ଭରସା । ୪ । କଥାକେ କଥାକେ ଅନ୍ତପରମାଦ ନୋହିଲାର କରେ ହୋଇଲା । ଏ ଯେଉଁ ଉଦର ଶତ ପତ୍ର ପତ୍ର ମଧ୍ୟରେ କାଳନ୍ଦୀ ବହିଲା । କେତେ ସତ୍ୱର । ମରୁତସୁତଧାତା ହେଲା । ବେନିଗଡ଼େ ଏକ ରଜନୀ ମଧ୍ୟରେ ଏକାବେଳକେ ଦେଖାଇଲା । ୫ । ତରୁଣ କଦଳୀତରୁରୁ ହୋଇଛି ଅରୁଣ କଞ୍ଜଜାତ ଫଳ । କରେ ତାହା ବଳୀ ଏତେ ବଳୟାର ମନ ହସ୍ତ ବନ୍ଧାଅର୍ଗଳୀ । କନ୍ଦର୍ପସ୍ଥାନେ । ଚଳାଇ ମଦନ ରଥକୁ । ଯାହା ପରସାଦେ ତାହା କି କହିବା ଗୋଚର ନୋହେ

---

ଶ୍ରୀଫଳ-ନଡ଼ିଆ । ଯୁଗଳ-ଦୁଇ । କୋକ-ଚକ୍ରବାକ । ହରି-ଶ୍ରୀରାମ । ସ୍ତନାଗ୍ରରୂପ ଭ୍ରମର ସ୍ତନସଦୃଶ ନଡ଼ିଆକୁ ଚୁମ୍ବନ କରୁଅଛି, ଏହା ଶୁଣା ନ ଥିଲା । ଶ୍ରୀରାମଙ୍କ ଶାପରେ ଚକ୍ରବାକ ଚକ୍ରବାକୀ ରାତ୍ରରେ ଏକସ୍ଥାନରେ ରହନ୍ତି ନାହିଁ । କିନ୍ତୁ ଏ ରମଣୀ ଚକ୍ରବାକତୁଲ୍ୟ ଦୁଇଟି ସ୍ତନକୁ ଦିନରାତି ସବୁବେଳେ ଏକସ୍ଥାନରେ ରଖି ତାହାଙ୍କ ଶାପକୁ ନାଶ କଲା କି ? । ୩ ।

ଲବଣୀ-ଲହୁଣୀ । ଦୃଢ଼-କଠିନ । ଭବ-ସଂସାର, ମହାଦେବ । ଅବଳା-ନାରୀ । ଲହୁଣୀପରି କୋମଳ ପ୍ରେମସୁଧାନିଧିର ଦେହରୁ ସ୍ତନରୂପ କଠିନ ପଦାର୍ଥ ଦୁଇଟି ଜନ୍ମିଅଛି । କୁମ୍ଭର ହାତ ଖଡ଼୍ଗ ପ୍ରଭୃତି ଧରିବାରେ ମଧ୍ୟ କଠିନ । ତେବେ କାମ ଜିଣିବ ଦେଖିବା । ଏବେ ବଳୁଆ ପୁରୁଷମାନଙ୍କ ଦଶା କଣ ହେବ ଜଣାଯିବ । କାମ ଏହି ପ୍ରେମସୁଧାନିଧି ନାରୀର ସାହାଯ୍ୟରେ ଫୁଲକାଣ୍ଡ ଦ୍ୱାରା ସଂସାର ବା ଶିବଙ୍କୁ ଜିଣିବାକୁ ସାହସ କରିଅଛି । । ୪ ।

ପରମାଦ-(ପ୍ରମାଦ) ଭ୍ରମ । ଶତପତ୍ର-ପଦ୍ମ । ମରୁତସୁତ-ହନୁମାନ । ଧାତା-ବ୍ରହ୍ମା । ଏ ରମଣୀ ନୋହିଲା କଥାକୁ ହୋଇଲା କରେ, ଏହା ବଡ଼ ଭ୍ରମ ଅଟେ । ପଦ୍ମପତ୍ର ପ୍ରାୟ ଉଦରରେ କାଳିନ୍ଦୀ ଜଳପରି କଳା ଲୋମାବଳୀ ରହିଅଛି । ଶ୍ରୀରାମଙ୍କ ବରରେ କେତେ ଶୀଘ୍ର ହନୁ ବ୍ରହ୍ମା ହୋଇ ଏ ନୂଆ କଥାମାନ କଲା । ସେହି ଲୋମାବଳୀରୂପ ଏକରାତ୍ରି ଦୁଇପାଖର ଦେହ ଦୁଇଗୋଟି ବନ ହେଲା । ୫ ।

କଥିଚନ୍ତି । ୬ । ଚନ୍ଦ୍ରମାରୁ ପଦ୍ମ ଜନମ କରଇ ସ୍ୱଭାବେ ବନ୍ଧୁର ସୁଷମା । ଯେଣେ ଯେଣେ କଥା ପ୍ରସଙ୍ଗେ ପଦ୍ମରୁ ଜାତ କରେ ଏବେ ଚନ୍ଦ୍ରମା । ସେନ ଏ କଥା । ମାନ ତ ଅଦୃଷ୍ଟ ଅଶ୍ରୁତ । ଚନ୍ଦ୍ର କମଳ ଜନ୍ମ ଜାତ ବୋଲିଣ ପୁରାଣମାନେ କହୁଛନ୍ତି । ୭ । ବାଳଅରୁଣ କୋଳରେ ପ୍ରକାଶିତ କଲା କୁମୁଦ ଏ ଅଦ୍ଭୁତ । ଉପମାକୁ ଏବେ ଗହନ ହେଉଛି ସବୁକଥା ଆନ ଆନ ତ । କହିବା ସବେ । ମନ କ ଆଉ ପାଶୋରିବ ? ନବନିଳୁଳ ବିନା ମେଘେ ମଣ୍ଡଳରେ ଖେଳା କରିବାର ସ୍ମରିବ । ୮ । କୁଞ୍ଜର ଚଞ୍ଚଳା କୁରଙ୍ଗ ଛଡ଼ାଇ ତନୁ ତନୁ ଅତ ଗର୍ବିତ । ଏବେ ସେ ସୁବୃଷଣ୍ଢୂଳ-ଧଇର୍ଯ୍ୟ ଗ୍ରାସକୁ ହୋଇଛି ଉଦ୍ୟତ । ମହା ଆଶ୍ଚର୍ଯ୍ୟ । ମନ୍ଦର ନଗ୍ନକାମିନୀ । ଗରୁଡ଼ ଉପରେ ବଡ଼ ଉଲ୍ଲାସରେ ଭୁଜଙ୍ଗ କ୍ରୀଡ଼ା ରଚିଲେକ । ୯ ।

---

ତରୁଣ-ଯୁବା । ଅରୁଣ କଞ୍ଜ-ନୀଳପଦ୍ମ । ଅର୍ଗଳୀ-ଖୁଣ୍ଟ । ପ୍ରସାଦ-ଅନୁଗ୍ରହ । ସେ ବାଳୀ ତାହାର ରକ୍ତବର୍ଣ୍ଣ କରପଦ୍ମ ଦ୍ୱାରା ବନ୍ଦହରୂପ କଦଳୀଗଛ ଖୁଣ୍ଟିରେ ଯୁବାମାନଙ୍କ ମନହସ୍ତିକୁ ବାନ୍ଧିଅଛି । କାମରଥ ପ୍ରାପ୍ତ ସେ ସୁନ୍ଦରୀ ଗମନ କରୁଅଛି । ଯାହା ଦଶାରେ ଏ ଆଶ୍ଚର୍ଯ୍ୟ ଘଟଣା ଘଟୁଅଛି ତାହା ଜଣା ନାହିଁ । ହସ୍ତୀ କଦଳୀଗଛ ଓ ପଦ୍ମକୁ ଖାଇଯାଏ । ୬ ।

ମୁଖଚନ୍ଦ୍ରରୁ ନେତ୍ରପଦ୍ମ ଜାତହୋଇ ବଡ଼ ସୁନ୍ଦର ହୋଇଅଛି । କଥା କହିବା ସମୟରେ ମୁଖପଦ୍ମରୁ ଚନ୍ଦ୍ରସଦୃଶ ହାସକୁ ଜାତ କରେ, କିନ୍ତୁ ଏ କଥା ଦେଖା କି ଶୁଣା ନାହିଁ । ଚନ୍ଦ୍ର ଓ ପଦ୍ମ ଦୁହେଁ ଜଳରୁ ଜାତ ଏହା ପୁରାଣରେ ଅଛି । ୭ ।

ନବଅରୁଣ-ବାଳସୂର୍ଯ୍ୟ । ନୂଆ ସୂର୍ଯ୍ୟପରି ନାଲଓଷ୍ଠରେ କଇଁ ପରି ଶୁକ୍ଳବର୍ଣ୍ଣ ହାସ ପ୍ରକାଶିତ । ଏହି ଅଦ୍ଭୁତ ଉପମା ଦେବା ଦୁରୂହ ଅଟେ । ସବୁବେଳେ ତାଙ୍କୁ ଦେଖୁଥିଲେ ମଧ୍ୟ ସେ ସୁନ୍ଦର ଦିଶୁଥିବ । ବିନା ମେଘରେ ବିଜୁଳୀପରି ହୋଇ ସେ ଗୋରୀ ପୃଥିବୀରେ ବିଜୁଳୀ ପ୍ରାପ୍ତ ବୁଲୁଥିବ । ୮ ।

କୁଞ୍ଜର-ହସ୍ତୀ । କୁରଙ୍ଗ-ମୃଗ । ଶାର୍ଦ୍ଦୂଳ-ବ୍ୟାଘ୍ର । ମନ୍ଦର ସ୍ତନ । ଭୁଜଙ୍ଗ-ସର୍ପ । ପୂର୍ବେ ପ୍ରେମସୁଧାନିଧିର ଗମନ ହସ୍ତୀପରି ଚଞ୍ଚଳ ଥିଲା ଏବଂ ଚକ୍ଷୁ ସ୍ଥିର ଥିଲା । ଯୌବନାବସ୍ଥା ପ୍ରାପ୍ତହେବାପରେ ତାହାର ଗତି ଧୀର ଓ ନେତ୍ରମୃଗ ପରି ଚଞ୍ଚଳ ହେଲା । ଏବେ ସେ ନେତ୍ର ମୃଗପ୍ରବୃତ୍ତ ବ୍ୟାଘ୍ରର-ଧୈର୍ଯ୍ୟକୁ ନାଶକଲା । କୃଷ୍ଣସର୍ପରୂପ ଭ୍ରୂଲତା ଗରୁଡ଼ରୂପ ନାସା ଉପରେ ଖେଳିଲା । ଏଣୁ ସେ ନବ ଯୁବତୀ ଏ ସକଳ ଆଶ୍ଚର୍ଯ୍ୟ ଘଟଣାମାନଙ୍କର ଗୃହ ହେଲା । ୯ ।

ଅନ୍ଧକାରଚୟ କବରୀ ଯତନେ ସଜନୀହସ୍ତରେ କରାଇ । ନବଘନେ ତାର ଉଦେ ପରମ୍ପରା ନୋହେ ସମସ୍ତେ ଦେଖିଥାଇଁ । ତାହା କଲା ସେ । ସେ ନେତ୍ର ମନ ବନ୍ଧପାଶ । ଏ ପୁଣି ମହାଚମତ୍କାର ତହିଁରେ ପଡ଼ି ହୋଏ ମହାଉଲ୍ଲାସ । ୧୦ । କରକଞ୍ଜୁ ଜାତ କମଳକମନ୍ତ୍ର ଜାତ ଗନ୍ଧ ଫଳୀକଳିକା । ପୂର୍ବେ ଧବଳ ଏବେ ରଙ୍ଗ ହେଲନ ତହିଁ ଜାତ ନବମାଳିକା । ପାଞ୍ଚେ ତହିଁରେ । କଠୋର ଉରଜୁ ଚିରବ । ମେରୁକୁ ପଦ୍ମକେ ଦମ୍ଭେ ଘୋଡ଼ାଇଲେ ସେ ପର ଅଚିହ୍ନ ହୋଇବ ।୧୧। ଶ୍ରବଣ ନୋହିବାକୁ ଗଣ୍ଠି ପକାଇ କାଛେ ବନ୍ଧୁଲାବ ବସନ । ରସିକକୁଞ୍ଜର ମୃଣାଳେ ବାନ୍ଧିବ କରିଅଛି ଏହି ଗୁମାନ । ଚୈତ୍ର ବୈଶାଖ । ବସ୍ତନେ କୁସୁମସମୟ । ପ୍ରକଟହେବାରୁ ସେ କଳକଣ୍ଠିମା ଗର୍ବ କରିଅଛି ଉଦୟ । ୧୨ । ଚିହ୍ନ କରି ସେ ରହସ୍ୟ ବୋଲୁଥାଅ କୋଟିଜନ୍ମ କାମକଳୁଷ । ତୁମ୍ଭେ ହରିବ ସେହି କାଳ ଏବେ ଭାଗ୍ୟରୁ ହୋଇଛି ପ୍ରବେଶ । ପ୍ରଥମରୁ ହେ । ଦର୍ଶନେ ଅମରପଦବୀ । ଲଭିବ ତୁମ୍ଭର ବଲ୍ଲଭୀଶୋଭାକୁ ଏ ଭଣ୍ଡରୁ ଜସ କହିବ । ୧୩ । ଭିତ୍ତିରେ ଲେଖା

---

ଅନ୍ଧକାର ଚୟ-କେଶସମୂହ । ପରମ୍ପରା-କ୍ରମରେ । ନବମେଘ ତୁଲ କେଶମାନଙ୍କୁ ସଖୀଙ୍କ ଦ୍ଵାରା ବନ୍ଧାଇ ତହିଁରେ ତାର ସଦୃଶ ମୁକ୍ତାବଳିକୁ ଖଞ୍ଜିବାରୁ ସେ କେଶର କ୍ରମରେ ନେତ୍ର ମନର ବନ୍ଧନପାଶ ହେଲା । ନେତ୍ର ଓ ମନ ବନ୍ଧନରେ ପଡ଼ି ମଧ୍ୟ ଆନନ୍ଦିତ ହୋଇ ଅଛନ୍ତି । ୧୦ ।

କର କଞ୍ଜୁଁଜାତ କମଳ-ବାହୁରୁ ଜାତ ହସ୍ତ ପାଗୁଳି । ଗନ୍ଧଫଳି କଳିକା-ଅଙ୍ଗୁଳି । ନବମାଳିକ-ନଖଆଳୀ । ହସ୍ତପାପୁଲି ଓ ଅଙ୍ଗୁଳିସବୁ ପୂର୍ବେ ଧଳା ଥିଲା, ଏବେ ମଞ୍ଜୁଆତି ପ୍ରଭୃତିରେ ରଙ୍ଗ ହେବାରୁ ବୋଧହୁଏ ସେ ରାଗ ହୋଇ ନଖଦ୍ଵାରା ତୁମ୍ଭ କଠିନ ବକ୍ଷକୁ ଚିରିବ । ପୁଣି ସ୍ତନ-ମେରୁକୁ କର ପଦ୍ମରେ ଘୋଡ଼ାଇବ । ଏହା ବଡ଼ ଅଚିହ୍ନ କଥା । ୧୧ ।

ମୃଣାଳ-ପଦ୍ମନାଡ଼ । ପ୍ରକଟ-ପ୍ରକାଶିତ । କଳକଣ୍ଠିମା-କୋକିଳ ଭାଷିଣୀ । ସେହି କୋକିଳଭାଷିଣୀ ବସନ୍ତ ସମୟଭିନ୍ନ ଅନ୍ୟ ସମୟରେ ସୁସ୍ପଷ୍ଟ ହେବାରୁ ପଦ୍ମନାଡ଼ରେ ପୁରୁଷ ହସ୍ତୀକୁ ବାନ୍ଧିବାକୁ ଭୁଲି ଯିବାପାଇଁ ଗଣ୍ଠି ପକାଇ ରଖିଅଛି । ଅର୍ଥାତ୍ ଲୁଗା ପଣତରେ ଗଣ୍ଠି ପକାଇ କାନ୍ଧ ପଛରେ ଝୁଲାଇ ଅଛି । ୧୨ ।

ଅମରପଦ-ଦେବତୁଲ୍ୟ ପଲକ ସ୍ଥାନ । କଳୁଷ-ପୀଡ଼ା, ପାପ । ଚିହ୍ନ-ଆଶ୍ଚର୍ଯ୍ୟ । ଆଶ୍ଚର୍ଯ୍ୟ ହୋଇ କୌତୁକରେ କହୁଥିଲ କୋ ଜନ୍ମାପ ରୂପା ଜାତ କାମପୀଡ଼ା ଜନ୍ମେ । ଏବେ ସେ କାମପୀଡ଼ା ଗୋଟିଏ ଚମ୍ପକରେ ଦୂର ହେବ । ହେ ଗଜ ସ୍ଵାମୀ, ତୁମ୍ଭେ ତୁମ୍ଭର ପ୍ରିୟାକୁ ପ୍ରଥମେ ଦେଖିଲା ମାତ୍ରେ ପଲକସ୍ଥାନ ହୋଇ ରହିବ । ୧୩ ।

ଚତୁଃଷଷ୍ଟିକଳା ଯେ ଝଟେ ଝଟେ ସ୍ଫୁର୍ତ୍ତି ଚର୍ଚ୍ଚିକ । କି ଜାଣ ତିଳପ୍ରସୂନେ ଗୁରୁତ୍ୱଦେ କରଇ ଏ ଶଙ୍କ ନୋହେ କି । ନୋହେ ଆକାଶ । ନକ୍ଷତ୍ରମାଳା ଉଦେ କରେ । ଝଟସେ ପୁଣି ଜ୍ୟୋତିଷ୍ମାନ ନୁହଇ ଏଥୁ ଶଙ୍କ ଅଛି ସଂସାରେ । ୧୪ । କଚ ସ୍ଫୁର୍ତ୍ତି ଲୁଚ କମ୍ପନ ହେଉଛି ଲୁଚ ସ୍ଫୁର୍ତ୍ତି କଚ କମ୍ପନ । ନୟନଲୋକଟେ କଟିଭୟ କଣ ତରେ କଟି ଦେଖି ନୟନ । ଅଛି ଅଦ୍ଭୁତ । ସେ ଅଙ୍ଗେ ଆଶ୍ଚର୍ଯ୍ୟ ଅପାର । ଭୃଙ୍ଗ ସ୍ଫୁର୍ତ୍ତି ଗତି କାତର ହେଉଛି ଗତି ସ୍ଫୁର୍ତ୍ତି ଭୃଙ୍ଗ କାତର । ୧୫ । ମୁଖ ଯେହ୍ନ କେଶ କେଶ ଯେହ୍ନ ମୁଖ ହେଉଥିଲେ ଯେଉଁ ଆରତ । ମଧ୍ୟରେ ଭ୍ରମରଶ୍ରେଣୀ ରହିଲାର ନାଶିଲେ ସେ ଭୟ ଅଦ୍ଭୁତ । ମୁଖ ଅଧର । ଦର୍ଶନେ ହରସ ହରଷ—ପ୍ରଦ ହେଉଥିଲା ପ୍ରସନ୍ନେ ନାଶିଲା ମଧ୍ୟ ରହି ଲୁଚ କଳଶ । ୧୬ । ଅର୍ଦ୍ଧଚନ୍ଦ୍ର କୋଳେ ସେ ପୂର୍ଣ୍ଣଚନ୍ଦ୍ରମା ତାହା କୋଳେ କାଳମିହିର । ଏକାବେଳକେ ସେ ଉଦୟ କରଇ ଅନଙ୍ଗଅମଙ୍ଗଳକର । ଉପସ୍ଥିତ ଏ । ସମସ୍ତ ଲୋକେ ଦେଖିବାର । ପୟୋଧର

---

ଚତୁଃଷଷ୍ଟୀ କଳା-ଚଉଷଠିକଳା । ତିଳପ୍ରସୂନ-ଶିଶିସଫୁଲ । ଗୁରୁତ୍ୱହୃଷ୍ଟ । କାନ୍ଥରେ ଲେଖାଥିବା ଚଉଷଠିକଳାକୁ ପ୍ରତିଦିନ ଦେଖି ତାହା କଣବାକୁ ତିଳଫୁଲ ପ୍ରାୟ ନାସାରେ ବୃହସ୍ପତିରୂପ ତେଜସ୍କର ମୋତିକୁ କହି ଅଛି ! ଏ ତ ଆକାଶ ନୁହେ । ଦିନରେ ସେ ମୋତିର ତେଜ ମଧ୍ୟ ନ ଥାଏ । ପୁଣି ବକ୍ଷରେ ଥିବା ନକ୍ଷତ୍ରମାଳା ପ୍ରାୟ ମୋତି ହାରର ଜ୍ୟୋତି ଦିନରେ ମଧ୍ୟ ରହିଥାଏ । ଏହା ଆଶ୍ଚର୍ଯ୍ୟ ଅଟେ । ୧୪ ।

କଚ-କେଶ । ସ୍ୱଚ୍ଛ ପ୍ରାୟ କେଶକୁ ଚନ୍ଦ୍ରବାଳ ରୂପ ଭ୍ରମ ଦେଖି କମ୍ପେ । ପୁଣି ଶିଖିନୀ ପ୍ରାୟ କେଶ ଚନ୍ଦ୍ରବାଳ-ଲୁଚକୁ ଦେଖି ଖାଇଯିବା ଭୟରେ ଥରଇ । କଟୀସିଂହ ନେତ୍ରକୁ, ନେତ୍ର ମୃଗ କଟୀସିଂହକୁ ଗଜହଂସ ଭୃଙ୍ଗ ପ୍ରାଣକୁ ଏବଂ ଭୃଙ୍ଗମୃଣାଳ ଗଜହଂସକୁ ଦେଖି ଭୟ କରଇ । ୧୫ ।

ଆର୍ତ୍ତି-ଦୁଃଖ । ମୁଖ ଚନ୍ଦ୍ର କେଶ ରାହୁକୁ ଓ କେଶ ଅନ୍ଧାର ମୁଖଚନ୍ଦ୍ରକୁ ଭୟ କାଳ ହେଉଥିଲେ; କିନ୍ତୁ ମଧ୍ୟରେ ଭ୍ରମର ଦଳ ଭୂଲତା ଅଳକାକୁ ଦେଖି ମୁଖକୁ ପଦ୍ମ ଓ କେଶକୁ ତମାଳ ବୃକ୍ଷ ଭାବି ସେ ଭୟ ଛାଡ଼ିଲେ । ଖାଦପଦ୍ମ ମୁଖ ଚନ୍ଦ୍ରକୁ ଦେଖି ହରସ ଓ ଓଷ୍ଠ ସୂର୍ଯ୍ୟକୁ ଦେଖି ହର୍ଷ ହେଉଥିଲା । କିନ୍ତୁ ମଧ୍ୟରେ ସ୍ତନ ଲୋକାଲୋକ ପର୍ବତ ପରି ରହିବାରୁ ମୁଖ ଓ ଅଧର ଖାଦକୁ ନାଶିଲା ନାହିଁ । ୧୬ ।

ପିନ୍ଧା ଘୋଡ଼ାଇ ଅମ୍ବର ଅମ୍ବର ଢାଙ୍କେ ପୟୋଧର । ୧୭ । କଦଳୀଭେଳା ପରସାଦେ ଶମ୍ବର ଅରି ସମୁଦ୍ରକୁ ତରିବ । ଏତେ କହୁଅଛ ଭୂମ୍ଭୀ ଅବଲମ୍ବନ ସେ କାଳରେ କରେ କରିବ । ଧନ୍ୟ କରମ । ଉରଗତ ଚନ୍ଦ୍ର କରଇ । ଜଗତରେ ଆଉ ଏଥିରୁ ବଳକ ଥିଲାପରି ମୁଁ ନ ମଣଇଁ । ୧୮ । ଏହା ଶୁଣି ଅତି ହରଷ ପୁରୁଷ ଲକ୍ଷେ ଚନ୍ଦ୍ର ଦେଇ ତାହାକୁ । ବୋଇଲା ଲବେମାତ୍ର ମୋତେ ଦେଖାଇ ପାରିବୁ କି ହେମଦେହାକୁ । ଆଣି ଜ୍ୟୋତିଷ । ମାନଙ୍କୁ ଗଣାଇଲା ଲଗ୍ନ । ଉପଇନ୍ଦ୍ର ଭଞ୍ଜ ସାରବର କହେ କାଳା ସୁରସେ ଚିତ୍ତ ମଗ୍ନ । ୧୯ ।

---

ପୟୋଧର-ମେଘ, ସ୍ତନ । ଅମ୍ବର-ଆକାଶ, ଲୁଗା । ଅର୍ଦ୍ଧଚନ୍ଦ୍ର ପ୍ରାୟ ଲଲାଟରେ ପୂର୍ଣ୍ଣ ଚନ୍ଦ୍ର ରୂପ ମୁଖ ବା ଚନ୍ଦନ ବିନ୍ଦୁ ଏବଂ ଉର୍ଦ୍ଧ୍ୱରେ ବାଳସୂର୍ଯ୍ୟ ପ୍ରାୟ ଅଧର କିମ୍ବା ସିନ୍ଦୂର ବିନ୍ଦୁ ରହିବାରୁ କାମପୀଡ଼ା ଯୁବାମାନଙ୍କୁ ଅଥୟ କରିବାକୁ ବସିଅଛି । ସେ ଆକାଶକୁ ଘୋଡ଼ଏ; କିନ୍ତୁ ଏଠାରେ ଲୁଗା ସ୍ତନକୁ ଘୋଡ଼ାଇ ଅଛି । ୧୭ ।

ଶମ୍ବର ଅରି-କାମ । ଭୂମ୍ଭୀ-ମାଟିଆ ପ୍ରାୟ କୁମ୍ଭ । ତୁମ୍ଭେ ଜାନୁରୂପ କଦଳୀ ଭେଳା ଦ୍ୱାରା କାମ ସମୁଦ୍ରକୁ ପାରି ହେବା ସମୟରେ ସ୍ତନ ଭୂମ୍ଭୀକି ଧରିଥିବ । ଯାହାର କର୍ମ ଭଲ ଥାଏ ସେ ଚନ୍ଦ୍ରମୁଖୀ ବା ଯାହାର ଚିବୁକ ଖଣ୍ଡଚନ୍ଦ୍ର ସଦୃଶ, ଏମନ୍ତ ରମଣୀ ଲାଭ କରେ । ୧୮ ।

ଚନ୍ଦ୍ର-ଟଙ୍କା, ମୁଦ୍ରା । ରାଜସୁତ ଏହା ଶୁଣି ସେ ଦାସୀକୁ ଲକ୍ଷେ ମୁଦ୍ରା ଦେଇ କହିଲା ତାକୁ ମୋତେ ଥରେ ଦେଖାଇ ପାରିବୁ କି ? ଜ୍ୟୋତିଷକୁ ଡାକି ଲଗ୍ନ ଗଣାଇ ପ୍ରିୟାଠାରେ ମନ ରଖି ରହିଲା । ୧୯ ।

# ପଞ୍ଚମ ଛାନ୍ଦ

( ଅବୋଧାଙ୍କ )

ରାଗ-ନଳିନୀଗୌଡ଼ା

ଶୁଭଯୋଗରେ ସରିଲା ବନ୍ଦାପନା ଦିନ । ନ ସରିଲା ଦିନ ଭାନୁ ଅତ୍ୟନ୍ତ ଉଛନ୍ନ ଯେ ।୧। ବରବର୍ତ୍ତିନୀ ଲୀଳାରେ ନୋହିଲା ଲାଳସା । ବରବର୍ତ୍ତିନୀ ଲୀଳାରେ ଭୋଳ ଅଙ୍ଗ ବଶ ଯେ ।୨। ଏକାନ୍ତେ ମିତ୍ରସଙ୍ଗତେ କ୍ଷଣେ ନ ବସିଲା । ଏକାନ୍ତେ ମିତ୍ରଲେ କେତେ ସ୍ତୁତି ପ୍ରକାଶିଲା ଯେ ।୩। ପ୍ରିୟା ସ୍ନେହ ବେନ ଚନ୍ଦ୍ରେ ଅନାଦର ଭାର । ପ୍ରିୟା ଦେହ ବେନ ଚନ୍ଦ୍ରେ ଆଦର ଅପାର ଯେ ।୪। ଏ ସମୟରେ ଯାମିନୀ ହୋଇଲା ପ୍ରବେଶ । ଦ୍ୱିଜରାଜ ଦ୍ୱିଜରଥେ ବଢ଼ାଇଲା କ୍ଲେଶ ଯେ ।୫।

---

## ପଞ୍ଚମ ଛାନ୍ଦ ଟୀକା

ପରସ୍ପର ଅଦର୍ଶନ କଥାକୁ ବର୍ଣ୍ଣନା କରନ୍ତି । ଶୁଭଯୋଗରେ ଜନ୍ମବେଳେ ପୂର୍ଣ୍ଣ ହୋଇ ବନ୍ଦାପନା କାର୍ଯ୍ୟ ସରିବାରୁ କାନ୍ତ ବା ରାଜକୁମାର ଦିନ ଶେଷରେ ରାତ୍ର ଆସିବାକୁ ଚଞ୍ଚଳ ମନରେ ଚିନ୍ତି ରହିଲା ବା ତାହାର ଦୁଃଖର ଦିନ ସରିଗଲା ।୧।

ବରବର୍ତ୍ତିନୀ-ହରିଭ୍ରାନ୍ତ, ପ୍ରେମସୁଧାନିଧି । ସେ ହରିଭ୍ରାନ୍ତ ବେଶରେ ଇଚ୍ଛା ନ କରି କେବଳ ପ୍ରେମସୁଧାନିଧି ସହିତ କାମ କ୍ରୀଡ଼ା ଭାବନାରେ ରହିଲା ।୨।

ଏକାନ୍ତେ-ନିର୍ଜ୍ଜନରେ, ଅନ୍ତଃପୁରରେ । ମିତ୍ର-ବନ୍ଧୁ, ସୂର୍ଯ୍ୟ । ବନ୍ଧୁମାନଙ୍କ ସଙ୍ଗରେ ନିର୍ଜ୍ଜନ କ୍ଷଣେ ରହିଲା ନାହିଁ । ଶୀଘ୍ର ଅସ୍ତ ହେବାପାଇଁ ସୂର୍ଯ୍ୟଙ୍କଠାରେ ବହୁତ ପ୍ରାର୍ଥନା କଲା ।୩।

ଚନ୍ଦ୍ରେ-ଶୁକ୍ଳପକ୍ଷ ରାତ୍ରରେ, କର୍ପୂରରେ । ଅପାର-ବହୁତ । ସ୍ତ୍ରୀର ସ୍ନେହରେ ବଶ ହୋଇ କର୍ପୂରକୁ ଆଦର ନ କରି ଶୁକ୍ଳପକ୍ଷ ରାତ୍ରକୁ ବହୁତ ଆଦର କଲା ।୪।

ଯାମିନୀ-ରାତ୍ରି । ଦ୍ୱିଜରାଜ-ଚନ୍ଦ୍ର । ଦ୍ୱିଜରଥେ ଚକ୍ରବାକପକ୍ଷୀ । ଏ ସମୟରେ ରାତ୍ରି ହେବାରୁ ଚନ୍ଦ୍ର ଉଦିତ ହେଲେ ଓ ଚକ୍ରବାକ ଚକ୍ରବାକୀର ବିଚ୍ଛେଦ ଘଟିଲା ।୫।

ପଦ୍ମମା ସୁମନାଙ୍କୁ ହରଷ କରାଇଲା । ଚନ୍ଦ୍ରମା ସୁମନାଙ୍କୁ ବିରସେ ମଳ୍ଲାଇଲା ଯେ ।୬। ପ୍ରଦୋଷକୁ ନାଶକଲା ଦୋଷାକର ହୋଇ । ତମକବଳ ତମକୁ ଗୁହାରେ ପୂରାଇ ଯେ । ୭ । ସରଙ୍କୁ ବାରୁଣୀ ସେବା କରାଇଲା ବଳେ । ସକଳ ହୋଇ ରୁଚିର ଅଖଣ୍ଡମଣ୍ଡଳେ ଯେ ।୮। ଅନନ୍ତ ହରିଲା କଲା ଯାହା କର ଗ୍ରାସ । ଏକାଳେ ସଜମା କଲେ ରମଣୀଙ୍କ ବେଶ ଯେ । ୯ । ପରସ୍ପରେ କଥନ ପଞ୍ଚାଶସମାଜ । ମୁଖର ରସନ କର କଟୀରେ ରଞ୍ଜନ ଯେ । ୧୦ । କଟିଲ କର କଟୀଲ ମଣ୍ଡନା ରେ ସଖି । କାନ୍ତେ ବିରୋଧୀ ଏକାନ୍ତେ ବିରୋଧୀ ହୁଅଇ ଯେ । ୧୧ । କବିର ଗାରିମାକୁ ରଖିବ ନାହିଁ ମୋତ । କବିର ଗାରିମାକୁ ରଖିବ ହୋଏ ମତ ଯେ ।୧୨।

---

ପଦ୍ମମା-ପଦ୍ମ । ସୁମନା-ସ୍ତ୍ରୀ, ଫୁଲ । ଚନ୍ଦ୍ରମା ସ୍ତ୍ରୀମାନଙ୍କୁ ଆନନ୍ଦିତ ଓ ପଦ୍ମଫୁଲଙ୍କୁ ଦୁଃଖିତ କରାଇଲା । ୬ ।

ଦୋଷାକର, ତମକବଳ-ଚନ୍ଦ୍ର । ତମ-ଅନ୍ଧାର । ପ୍ରଦୋଷ-ସନ୍ଧ୍ୟା ଚନ୍ଦ୍ର ସନ୍ଧ୍ୟାକାଳର ଅନ୍ଧାରକୁ ନାଶ କଲା । ଅନ୍ଧାର ରାହୁ ଚନ୍ଦ୍ରକିରଣ ପଡୁ ନ ଥିବା ଗୁହାରେ ରହିଲା । ଚନ୍ଦ୍ର ରାହୁ ନାଶ କଲା ଏହା ବିରୋଧାଭାସ । ୭ ।

ସର-ସୂର୍ଯ୍ୟ, ବାରୁଣୀ-ପଶ୍ଚିମଦିଗ, ମଦ । ସକଳ-ଚନ୍ଦ୍ର, ଅଖଣ୍ଡ-ମଣ୍ଡଳପୂର୍ଣ୍ଣ । ରୁଚିର-ସୁନ୍ଦର । ସୂର୍ଯ୍ୟ ପଶ୍ଚିମଦିଗରେ ଅସ୍ତ ହେଲେ । ପୂର୍ଣ୍ଣଚନ୍ଦ୍ର ଉଦିତ ହେଲା । ବିରୋଧାଭାସ-ଦେବତାଙ୍କୁ ମଦ ଖୁଆଇଲେ । ୮ ।

ଅନନ୍ତ-ଆକାଶ, ଅସୀମ । କର-କିରଣ, ହାତ । ଯେଉଁ ଚନ୍ଦ୍ରଙ୍କର କିରଣ ଶୀଘ୍ର ଆକାଶକୁ ଘୋଟିଗଲା । ବିରୋଧାଭାସ ଯାହାର ହାତ ଅସୀମ ପଦାର୍ଥକୁ ଗିଳିଲା । ଏହି କାଳରେ ସଖୀଏ ପ୍ରେମସୁଧାନିଧିଙ୍କୁ ବେଶ କଲେ । ୯ ।

ମୁଖରରସନା-ବାଜୁଥିବା କିଙ୍କିଣି । ରସନା-ଜିଭ । ବାଜୁଥିବା କିଙ୍କିଣିକୁ କଟୀରେ ବନ୍ଧନ କର । ବିରୋଧାଭାସ ଜିଭକୁ ଅଣ୍ଟାରେ ବାନ୍ଧ । ୧୦ ।

କଟିଲ-କାଞ୍ଚଲା । କାନ୍ତ-ସୁନ୍ଦର, ସ୍ୱାମୀ । ଏକସଖୀ କାଞ୍ଚଲା ପିନ୍ଧାଇବା ସଖୀକୁ କହିଲା, ତୋମାକୁ କାଞ୍ଚଲା ପିନ୍ଧାଅ ନାହିଁ । ଏହା ସୁନ୍ଦରତାର ବିରୋଧୀ ନ ହେଲେ ହେଁ ସ୍ୱାମୀ ବିରୋଧୀ ଅଟେ । ୧୧ ।

କବି-ଶୁକ୍ର, କବିତା ଲେଖକ । ଗାରିମା-ଜ୍ୟୋତି, ଲେଖାଛଟା । ଏ ମୋତି ଶୁକ୍ରଙ୍କୁ ଜ୍ୟୋତିହୀନ କରି କବିତା ଲେଖକଙ୍କର ଲେଖାଛଟାକୁ ସାହାଯ୍ୟ କରିବ । ୧୨ ।

ଚରଣରୁ ତୁଳା କୋଟିବ୍ରହ୍ମାଣ୍ଡରେ ନାହିଁ । ଭଲ ବୁଦ୍ଧି ତୁଳାକୋଟି ଯୁକ୍ତ କର ତହିଁ ଗୋ । ୧୩ । ସଖିଏ ଏ ନଶିରେ ପ୍ରିୟବାଦିନୀ ହୋଇବ । ସଖି ଏ ନଶିରେ ପ୍ରିୟବାଦିନୀ ନୋହିବ ନଗୋ । ୧୪ । ଫିଟିବାକୁ ରେ ସୁମନ କରୁ ଦୃଢ଼ବନ୍ଧ । ନ ଫିଟିବାକୁ ସୁମନ କରୁ ଦୃଢ଼ବନ୍ଧ ଗୋ । ୧୫ । ପୁଣି ସମାକୁ କହନ୍ତି ହାସ୍ୟେ ସହଚରୀ । କାମେ ବିପକ୍ଷ ନୋହିବୁ ହୋଇକୁ ସୁନ୍ଦରୀ ଗୋ । ୧୬ । ଆଲିଙ୍ଗନେ ଦୂର ନ କରିବୁ ତରଳକୁ । ଆଲିଙ୍ଗନେ ଦୂର କରିବୁ ତୁ ତରଳକୁ ଗୋ । ୧୭ । ନୟନ କୁରଙ୍ଗ ଚୋର ସର୍ବ ସମୟରେ । ନ କରିବୁଟି କୁରଙ୍ଗ କହୁଅଛି ବାରେ ଗୋ । ୧୮ । ନାଥ ଦରଶନେ ମନ୍ଦାକ୍ଷକୁ ଦୂର କର । ମନ୍ଦାକ୍ଷକୁ ଦୂର କରିବାର ଅବେଭାର ନୋ । ୧୯ । କଞ୍ଜପ୍ରାପ୍ତ ନ କର ତୁ କଞ୍ଜପ୍ରାପ୍ତ କର ।

---

ତୁଳା-ତୁଳନା, ଗୋଲଘୁଣ୍ଟିଯୁକ୍ତ । ବ୍ରହ୍ମାଣ୍ଡରେ ଏହାର ଯାବ ତୁଳନାର ପଦାର୍ଥ ନାହିଁ । ତୁମ୍ଭେ ଭଲ ବୁଦ୍ଧି କରି ଗୋଲଘୁଣ୍ଟି ଯୁକ୍ତ ନୂପୁରକୁ ଗୋଡ଼ରେ ଦେଇଅଛ । ତାହା ଶବ୍ଦ ଜଣାଇ ଦେଉଅଛି ଏ ଚରଣର ସମାନ କେହି ନୁହେ । ୧୩ ।

ପ୍ରିୟବାଦିନୀ-ସୁଶବ୍ଦ ବା ସୁଭାଷାକାରିଣୀ । ହେ ସଖି ! ଏ ନୂପୁର ଗଣରେ ଉତ୍ତମ ଶବ୍ଦ କରିବ, କିନ୍ତୁ ପ୍ରେମସୁଧାନିଧି ଲଜ୍ଜା ନେହିବୁ କଥା କହିବ ନାହିଁ । ୧୪ ।

ସୁମନ-ଉତ୍ତମମନ, ଫୁଲମାଳ । ରେ ସଖି ! ମନରୁ ଲଜ୍ଜା ଛାଡ଼ିବାକୁ ପ୍ରତିଜ୍ଞା କର ଓ ଫୁଲମାଳ ଫିଟି ନ ଯିବାପାଇଁ ତାକୁ ଶକ୍ତରୂପେ ବାନ୍ଧ । ୧୫ ।

କାମ-ରତିଇଚ୍ଛା, ରତିକ୍ରୀଡ଼ା । ବିପକ୍ଷ-ବିରୋଧୀ । ସଖୀମାନେ ପରିହାସରେ କହନ୍ତି ରେ ସଖି ! ପତି ଇଚ୍ଛାର ବାଧା ନ ଦେଇ ରତିକ୍ରୀଡ଼ାରେ ସମ୍ମତ ହେବୁ ବା କାମ ବାଧା ନାଶିବୁ । ୧୬ ।

ଆଲିଙ୍ଗନ-କୋଳାଗ୍ରତ; ଲଗାଲଗି ହେବା । ତରଳ-ଲଜ୍ଜାଜନିତ ଚଞ୍ଚଳତା, ହାର । ପତି କୋଳ କଲାବେଳେ ଲଜ୍ଜାର ଚଞ୍ଚଳତାକୁ ଛାଡ଼ିବୁ ନାହିଁ; କିନ୍ତୁ ଶୋଇବା ସମୟରେ ଦେହ ମିଳାଇବା ପାଇଁ ହାରକୁ କାଢ଼ି ଦେବୁ । ୧୭ ।

ସମସ୍ତଙ୍କ ବସ୍ତୁରେ ଚୋର ଚକ୍ଷୁ ମୃଗଚକ୍ଷୁପରି । ମୁଁ କହୁଅଛି ତୁ ଥରେ ମାତ୍ର କ୍ରୋଧରେ ଆଖିକୁ ଭଙ୍ଗ କରିବୁ । ୧୮ ।

ମନ୍ଦାକ୍ଷ-ଅଶ୍ରଦ୍ଧ ଦୃଷ୍ଟି, ଲଜ୍ଜା । ସ୍ୱାମୀକୁ ଦେଖିବା ସମୟରେ ମନ୍ଦ ଦୃଷ୍ଟିକୁ ଛାଡ଼ିବୁ, କିନ୍ତୁ ସର୍ବଦା ଲଜ୍ଜାକୁ ରଖିଥିବୁ । ଲଜ୍ଜା ସ୍ତ୍ରୀ ଜାତିର ଭୂଷଣ ଅଟେ । ୧୯ ।

ବଦନକୁ ଧବସଙ୍ଗମକୁ ତୁ ନ ଡର ଗୋ । ୨୦ । ଦସ୍ତ୍ରାଶୀଳା ନୋହିବୁ ହୋଇବୁ ଦସ୍ତ୍ରାଶୀଳା । ଏତେ କହି କେଳି ସଦନକୁ ନେଲେ ବାଳା ଯେ । ୨୧ । ସୁନ୍ଦରୀଙ୍କୁ କନ୍ଦୁକଛନ୍ଦି ସନ୍ଦରଶି ଶ୍ରୀବ । ଉର କଠିନ କୋମଳାଗାତ୍ରେ ନ ଉଦ୍ଭବ ଯେ । ୨୨ । ମଧୁସୂଦନ ଗଉରୀ ଉଦ୍ଘାଟନକୁ । ଘନରସ ପାନ କରିବା ଶୁଭକର୍ମରୁ ହେ । ୨୩ । ରତିରଣ ଯଶ ଥାଉ ରତିରଣ ଯଶ । ନାଶ ଯାଉ ଏହି ବାଞ୍ଛା ଆମ୍ଭର ମାନସ ହେ । ଏତେ ବୋଲି ସଜନୀ ଦେହଳି ବଳାଇଲେ । ଦେହଳି ନ ବଳାଇଲେ କୋପ ଜାତ କଲେ ଯେ । ୨୫ । କାନ୍ତ ଏକାନ୍ତ କରଣ କାନ୍ତାକୁ ଦେଖିଲା । ଅପଲକେ

---

କଞ୍ଜ-ଚନ୍ଦ୍ର, ପଦ୍ମ । ଧବସଙ୍ଗମ-ପତି ସହିତ ମିଳନ । ତୁ ସବୁବେଳେ ମୁଖକୁ ଚନ୍ଦ୍ରପରି ପ୍ରସନ୍ନ ରଖି ପଦ୍ମପ୍ରାୟ କେତେବେଳେ ପ୍ରସନ୍ନ ବଦନ ଓ କେତେବେଳେ ଲଜ୍ଜାବନତ ହୋଇ ବଦନ ତଳକୁ ରଖିବୁ । ପତି ସହିତ ମିଳନକୁ ଡରିବୁ ନାହିଁ । ୨୦ ।

ଦସ୍ତ୍ରାଶୀଳା-ଦସ୍ତ୍ରରେ ପଥର ପ୍ରାୟ । ତୁ ଖଟଠାରେ ଦସ୍ତାକରିବାପାଇଁ ପଥର ପ୍ରାୟ କଠିନ ନ ହୋଇ ଦସ୍ତାବସ୍ଥା ହେବୁ । ସଖୀମାନେ ଏହା କହି ବାଳାକୁ କେଳିଗୃହକୁ ନେଲେ । ୨୧ ।

ସଖୀମାନେ ରାଜପୁତ୍ରଙ୍କୁ ଶ୍ରବଣରେ କନ୍ଦୁକଛନ୍ଦ, ତୁମ୍ଭର ଉର-ବକ୍ଷ କଠିନ ଓ ଅନ୍ୟ ସଖୀର ଉର କୋମଳ, ଏଣୁ ତାକୁ ଉରନେ-ଉଦ୍ଭବ ନାହିଁ । ଉର-କଠିନ ଓ କୋମଳ ଏହା ବିରୋଧାଭାସ । ୨୨ ।

ମଧୁସୂଦନ-ଭ୍ରମର-ବିଷ୍ଣୁ । ଗୌରୀ-ହେମଗୌରୀ, ପାର୍ବତୀ; ଘନରସ-ଖାଣ୍ଡି ମଧୁ; ତୁମ୍ଭେ ଭ୍ରମର ପ୍ରାୟ ଏହି ହେମଗୌରୀର ଅଧରରୁ ମଧୁରୂପ ଅମୃତ ପାନ କରିବ ଏହା ତୁମ୍ଭର ଶୁଭ କର୍ମର ଫଳ । ବିଷ୍ଣୁ ପାର୍ବତୀଙ୍କ ମୁଖରୁ ମଧୁ ମେଘର ଜଳ ବା ବର୍ଷାପାଣି ପିଇବେ ଏହା ବିରୋଧାଭାସ । ୨୩ ।

ରତିରଣ-କାମଯଶ, ବିନାଶ । ତୁମ୍ଭେ ରାଜକନ୍ୟାଙ୍କୁ ରତିରେ ବଶ କରିବା ଯଶ ଥାଉ, ଆଗେ କାମର ଯଶ ବିନାଶ କର, ଏହା ଆମ୍ଭର ଇଚ୍ଛା । ୨୪ ।

ଦେହଳୀ-ଦ୍ୱାରବନ୍ଧ । ସଖୀମାନେ ଏପରି କହି ପ୍ରେମସୁଧାନିଧିଙ୍କୁ ଦ୍ୱାରବନ୍ଧ ଡେଇଁ ଗୃହକୁ ଛାଡ଼ିଦେଲେ । ସେ ଦ୍ୱାରବନ୍ଧ ଡେଇଁଲେ ରାଜପୁତ୍ରଙ୍କ ଆନନ୍ଦ ବଢ଼ିଲା । ଅନ୍ୟପ୍ରକାର—ଘରଭିତରକୁ ଯିବାରୁ ରାଜକନ୍ୟା କୁମାରଙ୍କ ଦେହ ମିଳନକୁ ବଳାତ୍କାର କରାଇଲେ । ୨୫ ।

ପଲ୍ୟଙ୍କପରକୁ ଘେନଗଲ ଯେ । ୨୬ । ସୃଷ୍ଟପୃଷ୍ଟ ପ୍ରକାଶିଲ ମଦନଆରମ୍ଭେ । ଆନ
ଅଛୁ ଆନ ନାହିଁ ତୋ ବିନୁ ଜଗତେ ଗୋ । ୨୭ । ଗ୍ରସଇ ମୁଁ ନ ଗ୍ରସଇ
ଆରତସାଗରେ । କରି ଗତ ନ କରି ଗତ ବସିଲୁ ଧୀରେ ଗୋ । ୨୮ । ନ ଦେଇ
ଚିତ୍ତ ଯେ ଦେଲୁ ଚିତ୍ତଜେ କାହିଁକ । କୋପନ ନିଜରେ ଏବେ କୋପିବୁ ନାହିଁକ
ଗୋ । ୨୯ । ତୋ ସେବା ବିହୁନେ ଆନେ ନ ରସିବ ଲେଶେ । କୃଷ୍ଣକେଶଶୋଭା
କରୁଥିବ ସୁମନସେ ଗୋ । ୩୦ । ଶ୍ରମନେତ୍ରରେ କଜ୍ଜଳ ଦେବ ତୋ ବାନ୍ଧବ ।
ରେବତୀ-କାନ୍ତମୁଖେ ଦର୍ପଣ ଦେଖାଇବ ଗୋ । ୩୧ । କୁବଳୟଫଳ ମଣ୍ଡୁଥିବ
ଶୁକନାସେ । ଚନ୍ଦ୍ରଚୂଡ଼ ଅଙ୍ଗେ ଦେଉଥିବ ରତି ଶେଷେ ଗୋ । ୩୨ । କମଳଜ-

---

କାନ୍ତା-ଭାର୍ଯ୍ୟା । କାନ୍ତ କାନ୍ତାକୁ ଏକୁଟିଆ ଦେଖି ଛଳକପଟ ସମସ୍ତ ମଧ୍ୟରେ ପଲଙ୍କ ଉପରକୁ ନେଲେ । ୨୬ ।

ମଦନ ଆରମ୍ଭେ-କାମପୀଡ଼ାରେ ବିକଳ ହୋଇ । ପୃଷ୍ଟସୃଷ୍ଟ-ଉତ୍ତମ ଖୋସାମତ କଥା । କୁମାର କାମପୀଡ଼ାରେ ବିକଳ ହୋଇ ତେମାକୁ କହିଲେ ମୋହ ଗୁଣ, ଜଗତରେ ମୋହର ତୋ ବିନୁ ଅନ୍ୟ କେହିନାହିଁ । ୨୭ ।

ଆର୍ତ୍ତି-ଦୁଃଖ । ଗତ-ଉଦ୍ଧାର । ମୁଁ କହୁଅଛି ତୋତେ ପାଇବାରୁ ମୁଁ ଦୁଃଖ ସାଗରରେ ଭାସୁନାହିଁ । ତୁ ମୋର ଉଦ୍ଧାର ଉପାୟ ନ-କରି ସ୍ଥିର ହୋଇ ରହିଲୁ କାହିଁକି । ୨୮ ।

ଚିତ୍ତଜ-କାମ । କୋପନ-କ୍ରୋଧର ସ୍ୱଭାବ । ତୁ ମୋହଠାରେ ଚିତ୍ତ ନଦେଇ ମୋତେ କାମ ଶତ୍ରୁ ହାତରେ ଦେଇ କାହିଁକି ରେ କୋପନସ୍ୱଭାବା । ତୁ ନିଜଠାରେ କୋପକରି ତାକୁ ଛାଡ଼ୁନାହୁଁ କାହିଁକି । ୨୯ ।

ମୁଁ ତୋହର ସେବା ବିନା ଅନ୍ୟ ସ୍ତ୍ରୀଠାରେ ଟିକିଏ ମାତ୍ର ମନ ରଖିବି ନାହିଁ । ଫୁଲମାଳଦ୍ୱାରା ତୋହର କୃଷ୍ଣ କେଶକୁ ସୁନ୍ଦର ରୂପେ ସଜାଇଥିବି । ୩୦ ।

ଶ୍ରମ-ମୃଗ । ବାନ୍ଧବ-ପ୍ରିୟେ । ରେବତୀକାନ୍ତ-ଚନ୍ଦ୍ର । ଗୋ ପ୍ରିୟେ, ମୁଁ ତୋହର ମୃଗ ନୟନରେ କଜ୍ଜଳ ଦେବି ଓ ତୋହର ଚନ୍ଦ୍ରମୁଖକୁ ଦର୍ପଣ ଦେଖାଇବି । ୩୧ ।

କୁବଳୟ ଫଳ-ମୁକ୍ତା । ତୋହର ଶୁକସଦୃଶ ନାସାରେ ମୁକ୍ତା ଦେବି ଓ ରତି ଶେଷରେ ତୋହର ଦେହରେ କର୍ପୂର ବୋଳିବି । ୩୨ ।

ପାଦେ ଲେଟିଥିବ ଲକ୍ଷାଚନ୍ଦ । ଉଞ୍ଚ କାଛୁ ଯତନେ ପିନ୍ଧାଇଥିବ ନେତ୍ର ଗୋ ।୩୩। ପ୍ରିୟ ସରସ୍ୱତୀ ଶ୍ରୁତିସୁଖ ବୃଦ୍ଧି କଲା । ବିକାଶ କାଶ ହାସକୁ ବାଳା ପ୍ରକାଶିଲା ଯେ ।୩୪। ରତି ନିନ୍ଦା କରି ରତି ଇଚ୍ଛା କଲା ପୁଂସ । କହେ ଉପଇନ୍ଦ୍ର ଭଞ୍ଜ ଗୀରବର ରସ ଯେ ।୩୫।

—✻—

## ଷଷ୍ଠଛାନ୍ଦ

( ରୂପକ )

ରାଗ-କେଦାର । ଚକ୍ରକେଳୀ ବାଣୀରେ ଗାଇବ ।

ବଧୂ ମୁଖ ବିଧୁହାସୀ ପୀୟୂଷ । ଲୁବ୍ଧି ଚକ୍ଷୁ ଚକୋର ହେଲା ତୋଷ । ହୃଦକୁମୁଦ ପ୍ରମୋଦ ବର୍ଦ୍ଧିଲା । ଲଜ ଅନ୍ଧାରେ ବିପତ୍ତି ପଡ଼ିଲା ।୧। ପୁଂସ ଲୋଭିଭ୍ରମର ମତ୍ତଲୋଳ । ମୁଖ କମଳ ନେତ୍ର ନୀଳୋତ୍ପଳ । ଚୁମ୍ବି ମହାଆନନ୍ଦକୁ ପାଇଲା । ଓଷ୍ଠବନ୍ଧୁକରୁ ମଧୁ ପିଇଲା ।୨। ଚିତ୍ତ ଲୁବ୍ଧକ ଲୋଭକୁ ପ୍ରକାଶି ।

---

ଲକ୍ଷା-ଅଳତା । ଉଞ୍ଚ-କୁଞ୍ଚାଇ । କାଛୁ-ଉଚ୍ଚ । ନେତ୍ର-ବସ୍ତ୍ର ।

ପଦ୍ମପାଦରେ ଅଳତା ଦେବ ଓ ଲୁଗାକୁ କୁଞ୍ଚାଇ ଉଚ୍ଚପିନ୍ଧାଇବ ।୩୩।

ପ୍ରିୟ ସରସ୍ୱତୀ-ପତିର ମିଷ୍ଟକଥା । ବିକାଶ-ପ୍ରସ୍ଫୁଟିତ । ପତିର ମିଷ୍ଟବାଣୀ ଶୁଣିବାକୁ ସୁଖକର ହେବାରୁ ଫୁଟିଲା କାଇଶ ପରି ଶୁକ୍ଳହାସ ପ୍ରକାଶ କଲା ।୩୪। ରାଜପୁତ୍ର ସୁନ୍ଦରପଣରେ ରତିଦେବୀଙ୍କୁ ନିନ୍ଦା କରି ବାଳାସଙ୍ଗେ ରତି ଆରମ୍ଭିଲା ।୩୫।

—✻—

ଉପମାନ ଓ ଉପମେୟର ଅଭେଦ କଥନକୁ ରୂପକ କହନ୍ତି । ଏହା ତିନି ପ୍ରକାର । ଯଥା:—ପାରମ୍ପରିକ, ସାଙ୍ଗ ଓ ନିରଙ୍ଗ । ବଧୂ ପ୍ରେମସୁଧାନିଧି । ବିଧୁହାସୀ-ଚନ୍ଦ୍ରହାସୀ । ପ୍ରେମସୁଧାନିଧିର ଚନ୍ଦ୍ରହାସ ତୁଲ୍ୟ ଅମୃତକୁ ପୁରୁଷର ଚକ୍ଷୁ-ଚକୋର ଲୁବ୍ଧି ଆନନ୍ଦିତ ହେଲା । ମନରୂପ କଇଁର ଆନନ୍ଦ ବର୍ଦ୍ଧିଲା । ଲଜ-ଅନ୍ଧାର ଗୁଡ଼ିଗଲା ।୧।

ପୁଂସ-ପୁରୁଷ । ବନ୍ଧୁକ-ବନ୍ଧୁଲି । ଲୋଭିଲା ଭ୍ରମର ପ୍ରାୟ ପୁରୁଷ କମଳରୂପ ମୁଖ ଓ ନୀଳୋତ୍ପଳ ପ୍ରାୟ ଚକ୍ଷୁକୁ ଦେଖି ଚୁମ୍ବନ ଦ୍ୱାରା ଆନନ୍ଦକୁ ଲାଭ କଲା ପୁଣି ବନ୍ଧୁଲି ଫୁଲ ସଦୃଶ ଓଷ୍ଠରୁ ମଧୁପିଇଲା ।୨।

ବସ୍ତ୍ରାଞ୍ଚଳ କଲେଣ ବାହୁପାଶି । ତାକୁ ବାକଦାଣ୍ଡାକ ବନ୍ଧନ । କଲା ଉପୁରୁ ଉଜଳ କମ୍ପନ । ୩ । କର କୃଷକ ଗୁମାଗାତ୍ର କ୍ଷେତ୍ର । ନଖ-ଲଙ୍ଗଳେ ଚଷିଲା ଉଲ୍ଲତ । ପ୍ରେମବୀଜକୁ ରୋପିଲା ତହିଁର । ଖାଳନାକୁ ବରଷେ ସ୍ୱେଦ-ନୀର । ୪ । ଅଙ୍ଗଦେଶେ ପଣ୍ଡ ହେଲା ନୃଖଣ୍ଡ । ଏଣୁ ବସନଜୁର ଲୁଣ୍ଠେ-ମତ । ହୋଇ ଥିଲେ ନତମ୍ଭ କେଶ ଦୋଷୀ । ତେଣୁ କଳପ୍ରହାରନ୍ତି ଆକର୍ଷି । ୫ । ତେଜ ମାଳ କରନ୍ତି ସାଧନା । ତନୁ ତନୁ ଜଡ଼ି ବନ୍ଧୁ ରଚନା । ମୁଷ୍ଟିତାଡ଼ିତ ଅଧର ପୀଡ଼ିତ । ପଶ୍ଚି ଘୁକଣ୍ଠ ନିରତ ହୁଁ କୃତ । ୬ । ଏକସ୍ତନ ତଡ଼ାରେ ହସ୍ତନ୍ୟସ୍ତ । କଲେ ଆରକ ହୋଇ ଚମକିତ । ଜାନୁ ଗୁଲ୍ଫତାସ୍ତ ଦୋହଲାଇ । ତେଜ ତେଜ ମାନସକୁ ଭୁଲାଇ । ୭ । ରଣ ଭୂମୁଜ ପ୍ରକାଶିତ ହୋଇ । ସୁନୂପୁର ତୂରତୂର ବାଜଇ । ନେତ୍ର ବଶିଖ ଭ୍ରୂରୁ ଶରାସନ । ନିଃସ୍ତ ସିଞ୍ଜିମା ଅଞ୍ଜନ ରଞ୍ଜନ । ୮ । ବନ୍ଧ ଗୁହାଁଣି ଆଧାନ ସନ୍ଧାନ । ମନ୍ତ୍ର ଉଚ୍ଚାରଣ ଉଷି

---

ଲବ୍‌ଧକ-ବ୍ୟାଧ । ଚିତ୍ତରୂପ ବ୍ୟାଧ ଲୋଭ ହେତୁ ବାହୁରୂପ ଫାଶକୁ ବସ୍ତ୍ରାର କଣ୍ଠ ଶିଶୁମୃଗ ପ୍ରସୂ ପ୍ରେମସୁଧାନିଧି- ଗଳାରେ ଛନ୍ଦିବାରୁ ସେ ଭୟରେ କମ୍ପି । ।

କର-ହାତ । କୃଷକ-ଚଷା । ଗାତ୍ର-ଦେହ । କ୍ଷେତ୍ର-ଜମି । ଚଷାସଦୃଶ ପୁରୁଷର କର ସ୍ତ୍ରୀର ଦେହ ଜମିକୁ ନଖ ଲଙ୍ଗଳରେ ଚଷି ପ୍ରେମମଞ୍ଜି ବୁଣିଲା । ତହିଁରେ ଝାଳ ଜଳ ହେଲା । ୪ ।

ଅଙ୍ଗ-ଦେହ । ବସନ-ଲୁଗା । ଲୁଣ୍ଠ-ଲୁଟି କରିବା । ସ୍ତ୍ରୀର ଦେହ ରାଜ୍ୟରେ ଘତ ଅଧିକାରୀ ହୋଇ ତାହାର ଲୁଗାକୁ ଛଡ଼ାଇଲା । ପରେ ପିଠି ଓ କେଶ ପାଶକୁ ପ୍ରହାର ଦିଆଗଲା । ୫ ।

ତନୁ-ଦେହ । ଦୁଇ ମାଲ ଲଢ଼ାଇକଲାପରି ସେ ସ୍ତ୍ରୀ ପୁରୁଷ ଦୁହେଁ ଉଭ ବନ୍ଧରେ ଦେହରେ ଦେହ ମିଳାଇ ଓଷ୍ଠ କାମୁଡ଼ ମୁଥାଘାତ କରି ହୁଁ କାର ଦେ କରନ୍ତି । ୬ ।

ତଡ଼ା-ଠେଲ । ଗୁଲ୍ଫତ କାଷ୍ଠ-ମାଲ୍‌ଥମ୍ଭ । ଏକ ସ୍ତନରେ ହାତ ଦେବାରୁ ଆଉଟି ଚମକେ । ଜାନୁ ଖମ୍ବକୁ ଦୋଲାଇ ଦୁହେଁ ଦୁହିଁଙ୍କ ମନକୁ ଭୁଲାଇଲେ । ୭ ।

ସେହି ରତି ଯୁଦ୍ଧରେ ନୂପୁର ଧ୍ୱନି ତୂରବାଦ୍ୟ, ନେତ୍ରଶର, ଭ୍ରୂଲ-ଧନୁ ଓ କଜ୍ଜଳଗାର ଧନୁର ଗୁଣ ସଦୃଶ । ୮ ।

ବଚନ । ମୌର୍ବୀଗୁଣ ଟଙ୍କାର ଅବିରତ । ଚୁମ୍ବ କାନ୍ତ ପଙ୍କ୍ତିରେ ନଖ ବନ୍ତ । ୯ । ସ୍ୱଚ୍ଛ ଜଘନ ବେଦି ଶୋଭା ପାଇ । ମନ ଆଶ୍ଚର୍ଯ୍ୟ ସଂକଳ୍ପ ବଢ଼ାଇ । ପ୍ରେମ ସୋମପାନେ ହୋଇ ଇଚ୍ଛିତ । ଗଣ୍ଡପାତ୍ର ଆନନ୍ଦରେ ଚୁମ୍ବିତ । ୧୦ । ଯଜ୍ଞ ବେଦୀ ବରଣ ପଙ୍କ୍ତି ରତି । ଯେତୁ ଅଟଇ ମହାସୁଖଦାୟୀ । ନାଭି ରୋମାଳୀ ସ୍ରୁକ୍‌ସ୍ରୁବ ରମ୍ୟ । ହସ୍ତଙ୍ଗସ୍ଥାନ ଅଦ୍ଭୁତ ପରମ । ୧୧ । କୁଣ୍ଡ ମାର ମନ୍ଦିର ଶୋଭା ଅତି । ଲଭେ ବିରହ ଅନଳ ତୃପତି । ନାହିଁ ନାହିଁ ବୋଲିବ ମନ୍ତ୍ର ଉଚାରଇ । ମହାପଶୁ ଦୁଃଖ ପଙ୍କ୍ତି ହୁଅଇ । ୧୨। ଦାନ କୁସୁମସ୍ରକ ମୋତିପଂକ୍ତି । ଦ୍ୱିଜ ହୋଇ ଶେଷ ପଙ୍କ୍ତି ଦେବନ୍ତି । ପୁଂସ ପାଣିକ ପ୍ରାପତେ କରଇ । ଇନ୍ଦ୍ର ସମ୍ପତ୍ତି ମହାଯାଗ ସେହି । ୧୩ । ମତ୍ତେ ରମଣୀ ରତି ବିପରୀତ । ଲାସ୍ୟଅବନୀ ପ୍ରକାର ଶୋଭିତ । ମଞ୍ଜୁ ରସନା ବାଦ୍ୟ ପ୍ରବର୍ତ୍ତିଲା । କେଶୀ ନର୍ତ୍ତକୀ ସତତ ନାଚିଲା । ୧୪ । ତାହା ଶିଷ୍ୟ ନାସାମଣି ନର୍ତ୍ତନ । ହାର ଆରମ୍ଭିଲା

---

ଆଧାନ-ଧନୁ । ତହିଁରେ ବଜ୍ରସ୍ୱରୂପିଣୀ ଧନୁରେ ଗୁଣ ସଂଯୋଗ ଇଷି ଭାଷା, ମନ୍ତ୍ରପାଠ, ଚୁମ୍ବନ, ଗୁଣଟଙ୍କାର, ନଖ, ଚୁମ୍ବ, କାନ୍ତ ପ୍ରାପ୍ତ ହେଲେ । ୯ ।

ସ୍ୱଚ୍ଛ-ମନୋହର । ଜଘନ-ତଳପେଟ, ଜଙ୍ଘ । ସୋମ-ସୋମରସ ନାମକ ଏକ ପ୍ରକାର ମାଦକ ଦ୍ରବ୍ୟ । ମନୋହର ଜଙ୍ଘ । ବେଦିପରି ମନ ଆଶ୍ଚର୍ଯ୍ୟ ପ୍ରତିଜ୍ଞା ବଢ଼ାଇ ଗଣ୍ଡସ୍ଥଳ ରୂପ ପାତ୍ରରୁ ସୋମରସ ପିଇଲା । ଅର୍ଥାତ୍ ଗଣ୍ଡରେ ଚୁମ୍ବନ ଦେଲା । ୧୦ ।

ହସ୍ତଙ୍ଗସ୍ଥାନ-ସ୍ତନ । ପରମ ପରମ (ସ୍ୱର୍ଗ)-ସ୍ଥାନ । ଯଜ୍ଞବେଦୀ-ସ୍ୱାହା ଯେଉଁ ଯଜ୍ଞରେ ମହା ସୁଖଦାୟୀ ରତି ସ୍ୱାହା ନାଭି ରୋମାବଳୀ ସ୍ରୁକ୍ ସ୍ରୁବ ସ୍ଥାନ ସ୍ତନ ହୋଇଅଛି । ୧୧ ।

ମାର ମନ୍ଦିର-କାମଗୃହ । ସେ ଯଜ୍ଞରେ କାମଗୃହ ଯଜ୍ଞକୁଣ୍ଡ ଅଗ୍ନି ତୃପ୍ତି ପର ବିରହ ତୃପ୍ତି । ସ୍ତ୍ରୀର ନାହିଁ ନାହିଁ ଭାଷା ମନ୍ତ୍ର ପାଠ ଓ କାମ ପୀଡ଼ା ଦୁଃଖ ବିନାଶ ମହାପଶୁ-ବଧ ପ୍ରାପ୍ତ ଅଟେ । ୧୨ ।

କୁସୁମସ୍ରକ-ଫୁଲମାଳ । ଛିଡ଼ି ପଡ଼ିବା ଫୁଲମାଳ ଓ ମୋତିମାଳ ଦାନ ଦ୍ରବ୍ୟ । ଶେଷ ଦାନ ନେବା ବ୍ରାହ୍ମଣ । ଯଜ୍ଞକର୍ତ୍ତା ପୁରୁଷ ଇନ୍ଦ୍ର ସମ୍ପତ୍ତି ରୂପ ରତି ସୁଖ ଲାଭ କରୁଅଛି । ୧୩ ।

ଲାସ୍ୟଅବନୀ-ନୃତ୍ୟଭୂମି । ମଞ୍ଜୁ-ମୋହର । ରସନା-କଟୀ । ରମଣୀ ମତ୍ତ ହୋଇ ବିପରୀତ ରତି କରିବାରୁ ସେ ନୃତ୍ୟ ଭୂମିରେ ସୁନ୍ଦର କଟୀ କଙ୍କିଣୀ ଶବ୍ଦ ବାଦ୍ୟ ହେଲା ଓ କେଶ ନର୍ତ୍ତକୀ ପ୍ରାପ୍ତ ସବୁଦା ନୃତ୍ୟ କଲା । ୧୪ ।

ସେହି ବଧାନ । ଭୁଟମର୍ଦ୍ଦନ ହୋଇଲା ଗାହିତ । ନାନା ଧ୍ୱନିଟି ତେନା ତେନା ସତ । ୧୫ । ରତ୍ନଭାଣ୍ଡଙ୍କ ଅଦ୍ଭୁତ ଜ୍ୱଳିତ । ଦେଖି ନୟନ ଅତି ହରଷିତ । ସର୍ବତନୁ ଜହୁପୁଲକିତ ହୋଇଲା । ଅନ୍ତେ ଅଙ୍ଗନା ଶାଢ଼ୀକି ପାଇଲା । ୧୬ । ସୁର ଭାଣ୍ଡେ ଗ୍ରୀଷମ ଋତୁ ପର । ଲୁଣ୍ଠାଇଲା ଚନ୍ଦ୍ରପ୍ରଭା ମାଧୁରୀ । ବାଣୀ ପିକ ଅସ୍ଫୁଟିତ କରାଇ । ମଳି ଚକାଶେ ହୃଦବନେ ଥାଇ । ୧୭ । ନଖଜ୍ୱାଳାକୁଳିତ ଜଳ ଦେଖି । ମନ୍ଦ-ମରୁତେ ଏକା ଇଚ୍ଛା ହୋଇ । ଏସମୟରେ ନିଶାପତି ହତ । ଜାଣି କାକରବ ଛଳେ ଖେଦିତ । ୧୮ । ନଷ୍ଟେ ବନ୍ଧୁ ହିତେ ଜନେ ମଜ୍ଜନ । ପ୍ରେରାଞ୍ଜଳିମାନଙ୍କି ଜଳେ

---

ବେଣୀର ଶିଷ୍ୟ ନାସାମଣି ନାଚନ୍ତେ ହାର ମଧ୍ୟ ସେହିପରି ନାଚିଲା । ସ୍ତନମର୍ଦ୍ଦନ ପଖୋଜ ବାଜା, ଏଠାରେ ଯେଉଁ ଶବ୍ଦମାନ ହେଉଅଛି ତାହା ତାନା ତାନ ଧ୍ୱନି । ୧୫ ।

ନୃତ୍ୟ ସମୟରେ ଅଦ୍ଭୁତ ଜଳବାରୁ ଆଲୋକ ହୁଏ । ଏଠାରେ ରତ୍ନ ଭାଣ୍ଡଙ୍କ ତେଜ ଆଲୋକ ହେଲା । ଦର୍ଶକମାନେ ନୃତ୍ୟ ଦେଖି ଆନନ୍ଦିତ ହୁଅନ୍ତି । ଏଠାରେ ପୁରୁଷ ସର୍ବପ୍ରକାରେ ଆନନ୍ଦିତ ହେଲା ଶେଷରେ ନର୍ତ୍ତକୀ ଶାଢ଼ୀ ପ୍ରଭୃତି ପୁରସ୍କାର ପାଏ । ଏଠାରେ ରତି କ୍ରୀଡ଼ା ଶେଷରେ ସ୍ତ୍ରୀ ଲୁଗା ପିନ୍ଧିଲା । ୧୬ ।

ସୁରତାନ୍ତେ ରତି ଶେଷରେ । ଚନ୍ଦ୍ରପ୍ରଭା-ଚନ୍ଦ୍ରଙ୍କ ତେଜ । ଅସ୍ଫୁଟିତ-ଅସ୍ଥିର । ରତି ଶେଷ ଗ୍ରୀଷ୍ମକାଳ ପ୍ରାପ୍ତ । ଗ୍ରୀଷ୍ମକାଳରେ ଧୂଳି ଉଡ଼ି ଚନ୍ଦ୍ରଙ୍କ ତେଜକୁ ମଳିନ କଲାପରି ମୁଖଚନ୍ଦ୍ରରେ ଥିବା ତିଳକ, ମକରୀ ଓ ଅଞ୍ଜନ ପ୍ରଭୃତି ଲିଭିହୋଇ ମୁଖକୁ ମଳିନ କରିଅଛି । ପିକଭଳି ବଚନପରି ଶାନ୍ତ ହେଲୁ ଧୀରେ ଧୀରେ ଅସ୍ପଷ୍ଟ ସ୍ୱରରେ ବାହାରୁଅଛି, ପୁଣି ହୃଦୟରେ ବ୍ୟଥା ହେବାରୁ ମଲି ମଲି ଶବ୍ଦ ଉଚ୍ଚାରିତ ହେଉଅଛି । ୧୭ ।

ମନ୍ଦ ମରୁତ-ଧୀରପବନ । ହତ-ହସ୍ତ । ନଖ କ୍ଷତ ହେଲୁ ଦେହ ପୋଡ଼ିବାରୁ ଧୀର ପବନ ପାଇବାକୁ ଇଚ୍ଛା ହେଲା । ଏହି ସମୟରେ ଚନ୍ଦ୍ର ଅସ୍ତ ହେବାରୁ ରାତ୍ରି ଶେଷ ଜାଣି କାକମାନେ ରଡ଼ିଲେ । କାକରବ ଚନ୍ଦ୍ରହତରେ ଅନ୍ଦନ-ଭୁଲା । ୧୮ ।

ଦାନ । ତାର ଦାରଙ୍କି ବିଧବା ହୋଇଲେ । ଏଣୁ ମଳିନବେଶକୁ ବହିଲେ । ୧୯ । ଅନୁବିଦେଶୀ ପୂର୍ବ ଗଗନରେ । ଆସି ପ୍ରବେଶ ହୋଇବା ବେଳରେ । ଦାସୀ କୁଳକୁଳନ୍ତି ପକ୍ଷୀନାଦ । ହେଲା ପଦ୍ମିନୀ ଭାମିନୀ ପ୍ରମୋଦ । ୨୦ । ଚନ୍ଦ୍ରମାର ସନ୍ତାପ ଜଳ ଭଲ । ଚିନ୍ତା ଅନ୍ଧକାରଙ୍କି ପଳାଇଲା । ରମା ହଂସୀ କି କାନ୍ତ ମାନସର । କଲ ବିଧୁର ଶରତ ବାସର । ୨୧ । ସଖି ଦେଖି ପଣ୍ଡିତାସେ ଭଣିଲା । କାଲି ପର୍ବହନ୍ତ ରାହୁ କି ହେଲା । ତମ କବଳେ ଥିଲା ସୁଧାକର । ମୁଖ ଦେଖି ହେଉଛି ଏ ବିସ୍ତର । ୨୨ । ଏକ ସହଚରୀ ଏହା କହିଲା । ଭୂତେଶ୍ୱରୁ ଏ ଶଙ୍କା ଥିଲା । ପାଣିପଦ୍ମେ ପୂଜ ଭଲ ନାଗର । ନଖ ନୁହେ କ୍ଷତେ କଲା ଚନ୍ଦ୍ରଶେଖର । ୨୩ । ପୁଣି ରଜନ କହେ ଏକ ସଜନୀ । ନବଘନବନ ମାଳ ମୁଁ

---

ଦାର ସ୍ତ୍ରୀ । ବ୍ରାହ୍ମଣମାନେ ସକାଳୁ ଯେଉଁ ସ୍ନାନ-ତର୍ପଣାଦି କଲେ ତାହା ଚନ୍ଦ୍ରର ମୃତ୍ୟୁ ହେତୁ ତାହାର ବନ୍ଧୁ ତୁଲ୍ୟ ବ୍ରାହ୍ମଣମାନଙ୍କର ସ୍ନାନ ଓ ପ୍ରେତାଞ୍ଜଳି ଦାନ ନକ୍ଷତ୍ରଗଣ ମଳିନ ହେବାରୁ ଅନୁମାନ କରାଗଲା । ଚନ୍ଦ୍ରର ମୃତ୍ୟୁ ବା ଅସ୍ତରେ ତାହାର ସ୍ତ୍ରୀ ନକ୍ଷତ୍ରଗଣ ବିଧବା ହେବାରୁ ମଳିନ ଦିଶିଲେ । ୧୯ ।

ବିଦେଶରୁ ଆସିଥିବା ପୁରୁଷ ପ୍ରାୟ ସୂର୍ଯ୍ୟ ଉଦୟ ହୁଅନ୍ତେ ଦାସୀମାନଙ୍କ କୁଳକୁଳ ସଦୃଶ ପକ୍ଷୀରବ ଶୁଣାଗଲା ଓ ପତି ଆଗମନରେ ସ୍ତ୍ରୀ ଆନନ୍ଦିତା ହେଲାପରି ସୂର୍ଯ୍ୟ ଉଦୟରେ ପଦ୍ମ ଫୁଟିଲା । ୨୦ ।

ସୂର୍ଯ୍ୟ ଉଦୟରେ ଚନ୍ଦ୍ର ଅଦୃଶ୍ୟ ଓ ଅନ୍ଧାର ଦୂର ହୁଏ । ବିଚ୍ଛେଦ ସମୟ ଚନ୍ଦ୍ର ଜନ୍ମାଇଥିବା କାମତାପକୁ ପ୍ରଭାତ ଜାଳଦେଲା ଓ ଅନ୍ଧକାରରୂପ ଚିନ୍ତା ପଳାଇଲା । ହଂସମାନେ ବର୍ଷା ଶେଷରେ ଶରତ୍କାଳ ହେବାରୁ ମାନସସରୋବରକୁ ଛାଡ଼ିଲାପରି ପ୍ରେମସୁଧାନିଧି ଧନ ହେବାରୁ ପତିସଙ୍ଗ ଛାଡ଼ିଲା । ୨୧ ।

ପର୍ବ ସନ୍ଧି-ପୂର୍ଣ୍ଣିମା ଓ ପ୍ରତିପଦର ମିଳନ କାଳ ବା ଚନ୍ଦ୍ରଗ୍ରହଣ । ସଖୀମାନେ ପ୍ରେମସୁଧାନିଧିକୁ ଦେଖି କହିଲେ, ତୁମ୍ଭ ମୁଖ ଦେଖି ଜଣାଯାଉଅଛି ଗତ ରାତ୍ରରେ ରାହୁ ଚନ୍ଦ୍ରକୁ ଗ୍ରାସିଥିଲା କି ? । ୨୨ ।

ସହଚରୀ-ସଖୀ । ଶମ୍ଭୁ-ମହାଦେବ; ଚନ୍ଦ୍ରଶେଖର । ପାଣି-ହାତ । ନାଗର-ପତି । ଏକ ସଖୀ କହିଲା କୁଚ ମହାଦେବ ନୁହେଁ । ଏହା ମୋହର ସନ୍ଦେହ ଥିଲା । କିନ୍ତୁ ପତି ସେହି କୁଚକୁ ହସ୍ତ ପଦ୍ମରେ ପୂଜିଲା ବା ମର୍ଦ୍ଦନ କଲା ପୁଣି ନଖକ୍ଷତ ଚନ୍ଦ୍ରକଳା ପ୍ରାପ୍ତ ହୋଇଲା । ୨୩ ।

ଯେଣ । ସୁନ୍ଦରୀ ପ୍ରେମାଳି ଝୁଲ କର ସତ । ହେଲା ମଦନମଦାନ୍ଧେ ଗର୍ବିତ । ୨୪ । ପତ୍ରଲେଖା ଚିହ୍ନମାନ ଧଉତ । ଶ୍ରମଜଳ ଦାନଜଳ ଶୋଭିତ । କାନ୍ତ ମାହୁନ୍ତ ନଖାଙ୍କୁଶେ କରି । କୁଚ କୁମ୍ଭସ୍ଥଳକୁ ଦେଲା ଚିରି । ୨୫ । ଏବେ କହୁ ସ୍ୱର୍ଣ୍ଣଅଙ୍ଗ-ମାର୍ଜ୍ଜନା । ଅର୍ଥେ ହେଲେ ବଣିକ ସେ ସୁମନା । କାମଅନଳେ ଦଗ୍‌ଧ ହୋଇ-ଥିଲା । ମଳେ ବୁଡ଼ାଇବାର ଯୋଗାଇଲା । ୨୬ । ତହିଁ ହଳଦ୍ରା ଟାଙ୍ଗଣା ମିଶାଇ । ଘେଷୁ ଦେବାର ଶାଣ ହେଲା ତହିଁ । ଅନୁ ଦିନୁ ଅଧିକ ଗୁଣବାନ । ହେଲା କାନ୍ତ ଗୁଣଙ୍କ ବଶମନ । ୨୭ । ଜୀବ ଧନ ସମର୍ପି ହସ୍ତୁ କଲା । ତାର ହୃଦସ୍ଥଳକୁ ମଣ୍ଡିଲା । ଲବ ଅନ୍ତରେ ଛାଡ଼ି ନ ଚଳାଇ । ଗଣ୍ଠି ଧନ ହୋଇଲା ନଷ୍ଟେ ସେହୁ । ୨୮ । କନ୍ଦର୍ପେ କୁସୁମକାଳ ହେଲା । ପ୍ରିୟ କାମୁକ ଚଞ୍ଚଳ କଢ଼ିଲା । ବସି ଏକାନ୍ତେ ରସ ବର୍ଷଇ । ଉପଇନ୍ଦ୍ର ସାରବର କହଇ । ୨୯ ।

---

ଆଉ ଏକ ସଖୀ କହିଲା, ମୁଁ ମନେ କରେ ଏ ଗୋଟିଏ ସୁବହାସ୍ତୀ । ଏହାର ପ୍ରେମାବଳୀ ହାସ୍ତିଶୃଙ୍ଖ ପ୍ରାୟ । ସେ ମଦରେ ମତ୍ତ ହେଲାପରି ଏ କାମ ମଦରେ ଗର୍ବିତା ହେଲା । ୨୪ ।

ଦାନଜଳ-ମଦଜଳ । ମଦଜଳ ଶୋଭିତ ହସ୍ତୀ ସେ ଜଳଦ୍ୱାରା ଗଣ୍ଡ ଚିହ୍ନକୁ ଧୋଇଦେଲା ପରି ଏହାର ଗଣ୍ଡ ଓ ସ୍ତନରେ ଲେଖାଥିବା ପତ୍ର ଲେଖାମାନ ଝାଳରେ ଧୋଇ ହୋଇଅଛି । ପୁଣି ମାହୁନ୍ତ ଅଙ୍କୁଶଘାତରେ ହସ୍ତୀର କୁମ୍ଭକୁ ଚିରିଲାପରି ପତି ନଖଦ୍ୱାରା ଏହାର ସ୍ତନକୁ ଚିରିଅଛି । ୨୫ ।

ଯେପରି ବଣିଆମାନେ ସୁନାକୁ ସଫା କରିବାପାଇଁ ନିଆଁରେ ପୋଡ଼ି ପାଣିରେ ଧୁଅନ୍ତି, ସେହିପରି ସଖୀମାନେ ସେ ବାଳାକୁ ସଜିତ କରାଇବାପାଇଁ ଗାଧୋଇଦେଲେ । ୨୬ ।

ବାନ-ତେଜ । ସୁନାରେ ଟାଙ୍ଗଣା ବୋଳି ଶାଣ ଦେଲେ ଯେପରି ତାହାର ତେଜ ବଢ଼େ, ସେହିପରି ବାଳା ଦେହରେ ହଳଦୀ ବୋଳି ଘୋଷି ଦେବାରୁ ତାହାର ଗୁଣ, ଲାବଣ୍ୟ ଓ ଜ୍ଞାନ ଦିନକୁ ଦିନ ବଢ଼ିଲା । ୨୭ ।

ପତି ନିଜର ଜୀବନରୂପ ଧନରେ ସେ ବାଳାକୁ କିଣି ନିଜର ବକ୍ଷ ଦେଶକୁ ମଣ୍ଡନ କଲା । ପୁଣି ଗଣ୍ଠି ଧନପରି ମଣି ତାହାକୁ କ୍ଷଣେକ ପାଇଁ ପାଶୋରିଲା ନାହିଁ । ୨୮ ।

କୁସୁମ କାଳ-ସ୍ତ୍ରୀଙ୍କର ଋତୁ ସମୟ, ବସନ୍ତଋତୁ । କାମୁକ-ରତି ଇଚ୍ଛା । ଭ୍ରମର ପ୍ରିୟ-ପତି । ଚଞ୍ଚଳ-ଚଞ୍ଚଳ । ବସନ୍ତ ଋତୁରେ ରତି ଇଚ୍ଛା ବଢ଼ି ମନକୁ ଚଞ୍ଚଳ କଲାପରି ପ୍ରେମସୁଧାନିଧିର ଋତୁ ସମୟ ହେବାରୁ ପତି ରତି ଇଚ୍ଛାକରି ଚଞ୍ଚଳ ହେଲା । ୨୯ ।

# ସପ୍ତମ ଛାନ୍ଦ

## ଅନୁପ୍ରାସ ରାଗ-ଚୋଖି ।

ରସିକ ବସ୍ତୁର କରେ, ଯାପଦାନ କାର୍ତ୍ତିକରେ ପ୍ରୟାଗ ସ୍ନାନ ମକରେ; ଯେହୁ ନ କରେ । ସିଶେ ନ ସେ ଆଲୋକରେ, ଉତ୍ତମ ରମା ଅଙ୍କରେ, ଶୋଭ ବସେ ପଲଙ୍କରେ, କ କ୍ଷମକରେ । ପୂର୍ବେ ସେବଥିଲେ ଶଙ୍କରେ । ସେ ଫଳୁଁ ଧରି ଉରଜ ଶ୍ରୀଫଳ କରେ । ୧ । ଯେ ଝାସିଥାଇ ସାଗରେ, ଶିବଗିରି ହଜାଗରେ, ବଜ୍ଜେ କୈଳାସ ନଗରେ, ବନ୍ଧୁଯୋଗରେ । ସେ ସିନା ଲେଖା ନାଗରେ; ସୁହାଇ ବାଳା ସଙ୍ଗରେ, ନଶି ବସଇ ଆଗରେ, ଅନୁରାଗରେ । ପ୍ରଶଂସା ସେ ସର୍ବନାଗରେ । ସାର ନୁହଇଁ କରଦ ଉରଗାଗରେ । ୨ । ଜାଣିଲ ନାହିଁ ଜଗନ୍ତି, ମଧରେ ଯୁବାଙ୍କୁ ଗନ୍ତି, ପ୍ରଧାନ-କାରଣ ଗନ୍ତିଠାରେ ଭଜନ୍ତି । ଯୌବନଶ ପ୍ରାଣସଙ୍ଗନ୍ତି, ରଙ୍ଗେ ମଣ୍ଡିଲେ ଜଗନ୍ତି, ଥାଇ କ ଆଉ ଦୁର୍ଗନ୍ତ ଗୁହିଁ ଭ୍ରୁଗନ୍ତ ।

---

### ସପ୍ତମ ଛାନ୍ଦ ଟୀକା-ଅନୁପ୍ରାସ

ଅଙ୍କ-କୋଳ । କ୍ଷମକର-ଚନ୍ଦ୍ର । ଶ୍ରୀଫଳ-ବେଲ । ରସିକ ବସ୍ତୁର କରଇ ଯେଉଁଲୋକ କାର୍ତ୍ତିକରେ ଯାପଦାନ ଓ ମକର ସଂକ୍ରାନ୍ତରେ ପ୍ରୟାଗ ବା ଗଙ୍ଗା ଯମୁନା ସମ୍ମିଳନ ସ୍ଥାନରେ ସ୍ନାନକରି ନ ଥାଏ, ସେ ଚନ୍ଦ୍ରଲୋକରେ ଉତ୍ତମ ସ୍ତ୍ରୀକୁ କୋଳେ ଧରି ପଲଙ୍କରେ ବସିବାପଣ ବଣେ ନାହିଁ । ପୂର୍ବେ ମହାଦେବଙ୍କୁ ଉତ୍ତମରୂପେ ସେବା କରିଥିଲେ ସେହି ପୁଣ୍ୟବଳରେ ବେଲ ସଦୃଶ ସ୍ତନକୁ ହାତରେ ଧରିପାରେ । ୧ ।

ସାଗରେ-ଗଙ୍ଗାସାଗର ସଙ୍ଗମସ୍ଥଳ । ଅନୁରାଗ-ସ୍ନେହ । ଉରଗାଗରେ-ସାପବସ୍ତରେ । ଯେ ଗଙ୍ଗାସାଗରରେ ବୁଡ଼ିମରଇ ଓ ଶିବଗିରି ବନ କୈଳାସ ପର୍ବତରେ ହଜାଗରେ ରହଇ ସେ ନାଗର ମଧ୍ୟରେ ଲେଖାହୁଏ । ସେ ସ୍ୱର୍ଗରେ ବାଳାକୁ ଆଗରେ ବସାଇ ସଙ୍ଗ କଟାଏ । ଏଣୁ ସେ ପ୍ରଧାନ ନାଗର ହୋଇ ବିରହ ରୂପ ସାପର ଦଂଶନ୍ତ୍ରଣାରେ ବିକଳ ହୁଏ ନାହିଁ । ୨ ।

ଧାତାଙ୍କୁ ଦେଖିଲେ ମାଗନ୍ତି । ଋତୁରେ ସ୍ୱନେ ବିଚ୍ଛେଦ କଲ ଅଗତି । ୩ । ଏ ବୁଦ୍ଧି ହୋଏ ପ୍ରସାର, ବିଷୟ ବିଷ ଅସାର, କାମିନୀଜନ ସଂସାର ମଧ୍ୟରେ ସାର । ଗ୍ରୀଷମକୁ ଘନସାର, ଧନ୍ୟ ଧନ୍ୟ କୃଷ୍ଣସାର, ନୟନୀଧନୀ ତୁଷାରକାଳ ନିଶାର । ପ୍ରିୟା ଯେଣ ବୁଝିଁ ଆସାର । କେତେ ଭାଗ୍ୟ କହିବାର ଘନନିଶାର । ୪ । ଯୁବତୀ ସଙ୍ଗେ ବିହାର, ନାହିଁ ବିଚ୍ଛେଦ ଯାହାର, ଧିକ ଜୀବନ ତାହାର, ଦେଉ ସଂହାର । ଓଷ୍ଠେ ସୁଧା ସୁବେଦହାର; ଆଉ ଅମରେ ନିହାର—କର କରନ୍ତି ଆହାର, ତାଙ୍କୁ ଜୁହାର । ତାଙ୍କ ସ୍ୱତ ସୃଷ୍ଟି ବାହାର । ତାକାବାନ୍ଧୁ ଥାଇଁ ଗଳେ ବହନ୍ତି ହାର । ୫ । କି ବଡ଼ ହେବା ନୃପତି, କି ବଡ଼ ଇନ୍ଦ୍ରସମ୍ପତ୍ତି, ସବୁ ସୁଖ ଉତପତ୍ତି, ସ୍ଥାନ ଦମ୍ପତି । ପାଣ୍ଡବେ ଯେଣ ଦ୍ରୁପତି, ସୀତା ଯେଣ ରଘୁପତି; ମାନ ନ ଥିଲେ ବିପତ୍ତି, ହେଲ

---

କାରଣ-ହସ୍ତୀ । ଜଗତ ସଂସାର । ସଙ୍ଗତ-ସମ୍ପର୍କ । ଦୁର୍ଗତି-ଦୁଃଖ । ଅଗତି-ଉପାୟସ୍ଥାନ । ମୁଁ ଜାଣିଲି ଗଜଗାମିନୀଠାରେ ଭକ୍ତି ନ କଲେ ଏ ସଂସାରରେ ଯୁବାଙ୍କର ଉଦ୍ଧାରର ଉପାୟ ନାହିଁ । ପ୍ରାଣସମ୍ପର୍କ ଯୁକ୍ତ ପ୍ରାଣପ୍ରିୟା ସଙ୍ଗରେ କୌତୁକରେ ଗୃହକୁ ମଣ୍ଡିଲେ ତାହାର ଭ୍ରୂଲତାଭଙ୍ଗୀ ଦେଖି ଦୁଃଖ ରହିବ ନାହିଁ । ମୁଁ ବିଧାତାଙ୍କୁ ଦେଖିଲେ ମାଗନ୍ତି । ସେ ଋତୁକାଳରେ ସ୍ୱପ୍ନରେ ବିଚ୍ଛେଦ ଘଟାଇ ଉପାୟସ୍ଥାନ କରିଅଛି । ୩ ।

ପ୍ରସାର-ଅନୁମାନ, ଜ୍ଞାତ । ବିଷୟ-ସମ୍ପତ୍ତି । ଘନସାର-କର୍ପୂର । କୃଷ୍ଣସାର-ମୃଗ । ଅସାର-ତୁଚ୍ଛ । ଘନନିଶା-ବର୍ଷାକାଳର ରାତ୍ର । ଆସାର-ବର୍ଷାଧାର । ଏ ବୁଦ୍ଧିରେ ଅନୁମାନ କରିଯାଏ ସମ୍ପତ୍ତି ବିଷପରି ତୁଚ୍ଛ ଅଟେ । କେବଳ ସ୍ତ୍ରୀଜନ ହେବା ସଂସାରରେ ସାର । ମୃଗନୟନୀ ସ୍ତ୍ରୀ ଧନ୍ୟ ଅଟେ । ସେ ଗ୍ରୀଷ୍ମକାଳରେ କର୍ପୂର ଓ ଶୀତ କାଳରେ ଶୀତନାଶକ ବସ୍ତ୍ରପରି ବର୍ଷାଋତୁରେ ପ୍ରିୟାଙ୍କୁ କୋଳରେ ଧରି ବର୍ଷା ଧାରକୁ ବୁଝିବା ବଡ଼ ଭାଗ୍ୟର କଥା ସିନା । ୪ ।

ନିହାର କର-ଚନ୍ଦ୍ର । ଯେ ସ୍ତ୍ରୀ ସାଙ୍ଗରେ ବିହାର କରିନାହିଁ, ଯାହାର ବିଚ୍ଛେଦ ଘଟିଅଛି, ସେ ମରିବା ଭଲ । ତାହାର ଜୀବନକୁ ଧିକ । ସ୍ତ୍ରୀର ଓଷ୍ଠରେ ଅମୃତ ଥାଇଁ ଥାଇଁ ଦେବତାମାନେ ଚନ୍ଦ୍ରଠାରୁ ଅମୃତ ପାନ କରନ୍ତି, ଏଣୁ ତାଙ୍କୁ ନମସ୍କାର । ତାଙ୍କର ନୟନ ସୃଷ୍ଟିରୁ ବାହାର । ପୁଣି କାକାର ବାନ୍ଧୁ ଥାଇ ଥାଇ ସେ ଫୁଲମାଳ ଗଳାରେ ବହନ୍ତି । ୫ ।

ପ୍ରାଣେଶ । ଦମ୍ପତି ବିରହହରଣ । ମାରଶରକୁ ସେ ବାଳା-ବଜ୍ରସୁପ୍ତି । ୬ । ଜାଣେ ରସିକ ମାତର, ଯେଉଁ ମୋହନମନ୍ତ୍ରର, ଯେମନ୍ତ ମଧୁରତର, ବନ୍ଧଉତ୍ତର । ବିପଞ୍ଚୀ ନିନ୍ଦିତର, ସପ୍ତସ୍ୱର ଇତର, କଣ୍ଠ ଚିନ୍ତାକୁ ଅନ୍ତର, କରେ କାତର । ସେ ବଚନ ବିନା ଶ୍ରୋତର । ଶ୍ରୁତିକି ନ ଥିଲା ଗତି କ୍ଷିତିଭିତର । ୭ । ପରମଦ୍ରବ୍ୟ ପ୍ରୀତ, ପରମସୁଖ ସୁରତ, ରତିରୁ ଜାତ ପୀରତ, ପ୍ରୀତିରୁ ରତ । ରମାରୁ ରମ୍ୟ ମୂରତ, ନାହିଁ ଏ ଭାବ ଭାରତ, ଏହୁ ତିନହେଁ ହରନ୍ତି, ଚଞ୍ଚଳ ଧୃରତ । କାମଯମ ଚିତ୍ତ-ହରତ । ଯା ଲୋଚନେ ଲୋକେ କି ପାରିବେ ଧରତ । ୮ । ମଧ୍ୟେ କଟି ନିବେଶନ, ଝସୁଁ ଖୋସିବା ବସନ, ବିଭଙ୍ଗ କେଶ ବସନ, କେଡ଼େ ପ୍ରସନ୍ନ । ପ୍ରଖର ଶ୍ୱାସଶ୍ୱସନ, ପୁଲକିତନାସା ଦଶନ, ବସନେ ସ୍ଥିତ ଦଶନ-କ୍ଷତଦଂଶନ । ପ୍ରାତେ

---

ଦମ୍ପତି-ସ୍ତ୍ରୀପୁରୁଷ । ବଜ୍ରସୁପ୍ତି-ସାଞ୍ଜୁ । ସ୍ତ୍ରୀ ପୁରୁଷର ସଙ୍ଗ ସମସ୍ତ ସୁଖର ମୂଳସ୍ଥାନ । ରାଜା ହେବା ବା ଇନ୍ଦ୍ରସମ୍ପତ୍ତି ପାଇବା ତହିଁଠାରୁ ସୁଖକର ନୁହେଁ । ଏଣୁ ପାଣ୍ଡବେ ଦ୍ରୌପଦୀଙ୍କୁ ଓ ରାମ ସୀତାଙ୍କୁ ସଙ୍ଗରେ ନେଇ ବନବାସ କଷ୍ଟକୁ ଦୁଃଖ ବୋଲି ମଣି ନ ଥିଲେ । ସେ ବାଳା ବିରହ ଦୁଃଖରୁ ରକ୍ଷା କରିବ ଏବଂ କାମଶର ପ୍ରତି ସାଞ୍ଜୁପରି ଅଟେ । ୬ ।

ବନ୍ଧ ଉତ୍ତର-ପରିହାସ କଥା । ବିପଞ୍ଚି-ବୀଣା । ମନ୍ଦସ୍ୱର-କୋକିଳର ପଞ୍ଚମସ୍ୱର । କ୍ଷିତି-ମହୀ । ଯେ ମୋହନ ମନ୍ତ୍ରକୁ କେବଳ ରସିକ ଜାଣଇ । ସ୍ତ୍ରୀମାନେ ଯେପରି ପରିହାସ କଥା କହନ୍ତି, ସେ କଥା ବୀଣା, ସପ୍ତସ୍ୱର ଓ କୋକିଳର ସ୍ୱରକୁ ନିନ୍ଦା କରଇ । ସେ କଥା ସକଳ ପ୍ରକାର ଚିନ୍ତା ଓ କାତରତାକୁ ନାଶ କରେ । ସେ କଥା ବିନା ପୃଥିବୀରେ ଆଉ କିଛି ଶୁଣିବାକୁ ଉପାୟ ନାହିଁ । ୭ ।

ପରମଦ୍ରବ୍ୟ-ଉତ୍ତମ ପଦାର୍ଥ । ରମା-ସୁନ୍ଦର ସ୍ତ୍ରୀ । ଚଞ୍ଚଳଧୃତ-ମନର ଧୈର୍ଯ୍ୟ । ଲୋଚନେ-ଦେଖିବାରେ । ପ୍ରୀତି ଉତ୍ତମ ପଦାର୍ଥ । ରତି ଉତ୍ତମ ସୁଖକର । ରତିରୁ ପ୍ରୀତି ଓ ପ୍ରୀତିରୁ ରତି ଜନ୍ମେ । ସୁନ୍ଦର ସ୍ତ୍ରୀଠାରୁ ମନୋହର ମୂର୍ତ୍ତି ଆଉ ସଂସାରରେ ନାହିଁ । ଏହା ସେହି ରତି ଓ ପ୍ରୀତିର ଫଳ । ପ୍ରୀତି ରତି ଓ ମନୋହର ମୂର୍ତ୍ତି ସ୍ତ୍ରୀଠାରେ ଏକତ୍ର ଥିବାରୁ ସେହି ସ୍ତ୍ରୀକୁ ଦେଖିଲେ ଜଗତଜନମୋହନକାରୀ କାମ ଓ ସମସ୍ତଙ୍କର ସଂହାରକର୍ତ୍ତା ଯମର ମନ ମୋହିତ ହୁଏ । ଅନ୍ୟ ଲୋକ ତାହାକୁ ଦେଖି କିପରି ଧୈର୍ଯ୍ୟ ଧରି ରହିବ । ୮ ।

ଯେ କରନ୍ତି ବର୍ଣ୍ଣନ । ତା ଚକ୍ଷୁ କରନ୍ତି ପ୍ରେମସୁଧା ଅଶନ ।୯। କରିବାବେଳେ ମୋଚନ, କଞ୍ଚୁକ ମାଳା କାଞ୍ଚନ-କୋଷକ ଭାବ ରଚନ, ଦନ୍ତେ ଶୋଭନ । କରରେ କର ବନ୍ଧନ, ତାଳନ୍ତ ପରି ଚେତନ, ହୋଏ କି ମନ ମୁଞ୍ଚନ, କାହିଁ ବଚନ । ଆତୁରାଗ୍ନି କରି ଅର୍ଚ୍ଚନ । ଶାନ୍ତିକି କରଇ ପ୍ରେମଜଳ ସେଚନ ।୧୦। ଯେ କାଳେ ସ୍ୱେଦକ ଜଡନ, କି ଶୋଭା କାନ୍ତିବଦନ, ଅଳକ ମଧୁସୂଦନ, ମଧୁସୂଦନ । କରକଙ୍କଣ କାକନ, ଉଚ୍ଛିତ ମଦମର୍ଦ୍ଦନ; ସୁରଙ୍ଗ ରଦଛଦନ; ଶୀଘ୍ର ଭଦନ । ଉଭୟଙ୍କର ଧୈର୍ଯ୍ୟଚ୍ଛେଦନ । ଏ ଭାବ ଜାଣନ୍ତି ଅନୁଭବୀ ମଦନ ।୧୧। ମାରସଦନ ଚମକ,

---

ମଧ୍ୟେ-ଅଙ୍ଗରେ । ଭଙ୍ଗ-ଅସ୍ତବ୍ୟସ୍ତ । ପ୍ରଶନ୍ତ-ମନୋହର । ପ୍ରଖର ଶ୍ୱାସ ଶ୍ୱସନ-ବେଗରେ ବହୁଥିବା ନିଶ୍ୱାସ ପ୍ରଶ୍ୱାସ । ବକ୍ଷଜବସନେ-ଓଷ୍ଠରେ ଥିବା ଦନ୍ତକ୍ଷତ । ଅଶନ-ପାନ କରିବା । ସ୍ତ୍ରୀର ଅଙ୍ଗରୁ ଖସିପଡ଼ୁଥିବା ଲୁଗାକୁ ଖୋସିବା କେଶ ଅସ୍ତବ୍ୟସ୍ତ ହୋଇଥିବା, ଖର ନିଶ୍ୱାସ ପ୍ରଶ୍ୱାସରେ ନାସା ଫୁଲାଇବା ଓ ଓଷ୍ଠର ଦନ୍ତକ୍ଷତକୁ ଯେ ପ୍ରଭାତ ସମୟରେ ଦେଖିଅଛନ୍ତି, ତାହାର ଚକ୍ଷୁ ପ୍ରେମ ରୂପ ଅମୃତକୁ ପାନ କରିଅଛି ।୯।

ମୋଚନ-ଫିଟାଇବା । ବନ୍ଧନ-ବାଧାଦେବା । ଅର୍ଚ୍ଚନା-ପୂଜା । ସ୍ୱର୍ଣ୍ଣକର୍ତ୍ତ୍ରୀ ସ୍ତ୍ରୀର କଞ୍ଚୁ ଫିଟାଇ ତାହା ସଙ୍ଗରେ ରତିଭାବ ରଚନା କଲେ ଦୁଃଖ ଦୂରହୁଏ । ହାତରେ ହାତକୁ ବାଧା ଦେବାରେ ତାହାର ଯେଉଁ ଚେଷ୍ଟାଭଙ୍ଗ ଘଟେ ତାହା ମନରୁ ପାଶୋର ନ ଯାଏ ଓ କହି ନ ହୁଏ । ସେ ରଙ୍ଗୀ ଆତୁର ଅଗ୍ନିକୁ ପୂଜା କରି ପ୍ରେମଜଳଦ୍ୱାରା ଶାନ୍ତି ପ୍ରଦାନ କରେ ।୧୦।

ଜଡନ-ଉଦା । ମଦ-ଗର୍ବ । ମର୍ଦ୍ଦନ-ଦମନ । ରଦଛଦନ-ଦାନ୍ତରେ ଓଷ୍ଠ କାମୁଡ଼ିବା । ରଦନ-ଦନ୍ତ । ଅନୁଭବୀମଦନ-କାମୁକାମୁଖୀ । ମଧୁସୂଦନ-ଭ୍ରମର । ଅଳକା ଦଶାନନ କକୁଚ କେଶ । ସୂଦନ-ପାନକରିବା । ଯେତେବେଳେ ମୁଖ ସ୍ଥାନରେ ଓଦା ହୋଇଥାଏ ସେହି ସମୟରେ କକୁଚ କେଶ ସବୁ ଭ୍ରମର ପ୍ରାୟ ହୋଇ ମୁଖପଦ୍ମରୁ ସେ ମଧୁକୁ ପାନ କଲାପରି ଦେଖାଯାଏ । ସେତେବେଳେ ସ୍ତ୍ରୀମାନେ ପୁରୁଷର ଗର୍ବ ଭାଙ୍ଗିବାକୁ କରକଙ୍କଣକୁ ବଜାଇ ଦାନ୍ତରେ ଓଷ୍ଠକୁ କାମୁଡ଼ି ବାହୁକୁ ହୃଦରେ ଭିଡ଼ି ଧୈର୍ଯ୍ୟ ବିନାଶ କରନ୍ତି । ଏହି ଭାବକୁ କାମୁକ ଓ କାମୁକୀମାନେ ଜାଣନ୍ତି ।

ମାରସଦନ-କାମଗୃହ । ଯାମ-ପ୍ରହର । ଉଦ୍ଗମ-ପ୍ରଫୁଲ୍ଲ । ତ୍ରିପୁର ହର-ମହାଦେବ । ଦମନକର-ଦମନକାରୀ । ଯମକ-କର୍ଣ୍ଣ ସୁଖକର, ପୂର୍ଣ୍ଣକାମନା-ସଫଳ ମନୋରଥ । ଅନୁପମ-ଉପମାହୀନ ।୧୧।

ନିମିଷକରେ ଯାମକ, ଅଟଇ ତନୁଲୋମଙ୍କ, ଉଦଗମକ । ନିପୁର ସରବମକ କର ନୂପୁରଝମକ ରତିସଂଗ୍ରାମ ଟମକ କେତେ ଯମକ । ସେହିଜନ ପୂର୍ଣ୍ଣକାମକ । ଲୋକ ଜଣ ଶୁଣିଛି ଯେ ଅନୁପମକ । ୧୨ । ଶୃଙ୍ଗୁବାଣୀ ସମ୍ମୁହରେ, ନ ମୋହି ସ୍ୱାମୀ ସ୍ନେହରେ, ବିପରୀତ ମନୋହରେ, ଯେ ନ ରହରେ । କଲ୍ପାୟୁ ହୋଇ ଗୃହରେ, ଥିଲେ ସେ ଅଛି କୁହରେ, ସେବା କରି ନାହିଁ ହରର ତାହା ଦେହରେ । ଏ ରସେ ଯେ ନିଶୀଥ ହରେ । ଧନ୍ୟ ଧନ୍ୟ ତାର ଜୀଇଁବାର ପ୍ରହରେ । ୧୩ । ଚୁମ୍ବ ଦେବାରେ ତରସ, ଗୋଳ ଶ୍ରୀମୁଖସରସ, କରି କରିବା ହରଷ, ଉତକରଷ । ନ ଦେଇ ଲଜ୍ଜା ପରଶ-ବଶୁଁ ମଣ୍ଡି ଆଦରସ, କରିବାରୁ ଆକରସ, ତତ୍ତ୍ୱ ଫରସ । ଯେ ଜାଣିଲେ ଏ କେମନ୍ତ ରସ । ପୁରୁଷ ଲୌହକୁ ନିଶ୍ଚେ ନାରୀପରଶ । ୧୪ । ନଖକ୍ଷତରେ କୁଞ୍ଚିତ-କେଶୀ ହୋଇ ରୋମାଞ୍ଚିତ, ତନୁ ଚମକ କମ୍ପିତ, କରି ଉଚିତ । ଇଷ ଇଷି ଏ ବଞ୍ଚିତ, ଭାଷା କହିବା ଉଚିତ, ନୋହେ କି ସୁଧା ସିଞ୍ଚିତ ତୋଷ

---

କାମଗୃହ ଚମକରେ ପ୍ରହରକୁ ନିମିଷ ପ୍ରାପ୍ତ ମଣଇ ଓ ଦେହର ଲୋମ ଟାଙ୍କୁରଇ । ସେହି ସମୟରେ ପାଦ କମ୍ପନରେ, ରତି ଯୁଦ୍ଧର ବାଦ୍ୟପ୍ରାପ୍ତ ଖାଦର ନୂପୁର ଧ୍ୱନି, ମହାଦେବଙ୍କର ଦମନକାରକ ଓ କର୍ଣ୍ଣ ସୁଖକର ହୁଅଇ । ଯେଉଁଲୋକ ସ୍ତ୍ରୀ ସମ୍ଭୋଗରେ ଏହି ଅନୁପମ ନୂପୁର ଶବ୍ଦ ଶୁଣିଅଛି, ତାହାର ମନୋରଥ ସଫଳ ହୋଇଅଛି । ୧୨ ।

କୁହରେ-ଗର୍ତ୍ତରେ । କଲ୍ପାୟୁ-ବ୍ରହ୍ମାୟୁଷ ବଞ୍ଚିବା । ଯେ ଶୃଙ୍ଗୁ କଥାରେ ସ୍ନେହରେ ସ୍ତ୍ରୀକୁ ମୋହିତ କରି ବିପରୀତ ରତି ନ କରେ, ସେ କଲ୍ପାୟୁ ହୋଇ ଗୃହରେ ଥିଲେ ମଧ୍ୟ ଗର୍ତ୍ତରେ ଥିଲାପରି ଓ ଜୀବନ ମଧ୍ୟରେ ଶିବଙ୍କୁ ସେବା କରିନାହିଁ । ଯେ ପୂର୍ବ ପ୍ରକାରେ ସମୟକୁ କଟାଇ ଅଛି । ସେ ପ୍ରହରେ ବଞ୍ଚିଲେହେଁ ତାହାର ଜୀବନ ଧନ୍ୟ ଅଟେ । ୧୩ ।

ତରସ-ଚଞ୍ଚଳ । ଆଦର୍ଶ-ଦର୍ପଣ । ଚୁମ୍ବନ ଦେବାରେ ଚଞ୍ଚଳ ହୋଇ ମୁଖପଦ୍ମକୁ ଗୋଳକରି ପ୍ରଫୁଲ୍ଲ କରାଇବା ଅତି ଅଧିକ କଥା । କିନ୍ତୁ ଲଜ୍ଜା ହେତୁ ଚୁମ୍ବନ ନ ଦେଇ ତାକୁ ମୁଖପୋଛି ଦର୍ପଣ ରହିବାର ଭଙ୍ଗୀ ନିର୍ମଳ ଚିତ୍ତକୁ ଆକର୍ଷଣ କରି ନଥାଇ । ବୁଝିବାକୁ ଗଲେ ଏ କପରି ସରସ କଥା । ପୁରୁଷ ସଦୃଶ ଲୁହାକୁ ସୁନା କରିବାପାଇଁ ସ୍ତ୍ରୀ ପରଶମଣି ପ୍ରାୟ ଅଟେ । ୧୪ ।

ସଂଯତ । ସାଙ୍ଗୀ ଯନ୍ତୁ ଶଉଳୁ ଗଣ୍ଡ । ଏଥୁଁ ସୁଖ ଅଛୁ କାହିଁ ରସିକେ ଚନ୍ତ । ୧୫ । କେଳପୁରେ ଆସିବାର, ବାଳାଧ୍ୱନି ଘୋଷବାର, ମୃଦୁ ମୃଦୁ ହସିବାର, ପ୍ରକାଶିବାର । କୋଳେ ଧରୁଁ ଖସିବାର, ଶେଯପରେ ବସିବାର, ଏ କସ ଗୋ ଭଷିବାର, ଉଲ୍ଲାସିବାର । ଯାରେ କୃପା ନାହିଁ ଶିବାର । ତାହିଁକ ଥିବ ଏ ସ୍ୱଭଵ ତା ରସ ବାର । ୧୬ । ଜନ୍ମାନ୍ତେ ପୁଣ୍ୟ ଅର୍ଜ୍ଜନେ, ଇତ୍ୟାନ୍ତେ ଯାକୁ ରଞ୍ଜନେ, ଅଞ୍ଚଳେ ଅବା ବ୍ୟଜନେ, ସ୍ନେହମଜ୍ଜନେ । ବଞ୍ଚୁଥିବେଟି ଖଞ୍ଜନେକ୍ଷଣୀଏ ସ୍ୱେଦଗଞ୍ଜନେ, ଏପରି ତାପଭଞ୍ଜନେ, ଆଉ ସେ ଜନେ । ପ୍ରଶଂସିବେ ଋତୁରାଜନେ । ସୁଶୀତଳ ବୋଲି କହିଁ ସେ ପ୍ରଭଞ୍ଜନେ । ୧୭ । ଏମନ୍ତ ମନେ ପ୍ରସରି, ନାଗର ନାରୀ ସେ ସରି, ଧଇର୍ଯ୍ୟ କରି କେଶରୀ; ନୋହେ ବସ୍ୱରି । ପାଶେ ଥିଲେ ଏନ ସରି, ତାପମାନ ଅପସରି, ସେ ତ ରସିକାକେଶରୀ, ମୁଁ କ ତା ସରି । କଥନେ ଯା

କୁଞ୍ଚିତକେଶୀ-କୁଟୀଳକେଶୀ । କଞ୍ଚିତ-ନଷେଧ, ମନା । ନଖକ୍ଷତ କରିବାରେ କୁଟୀଳକେଶୀ ସ୍ତ୍ରୀ ଲୋମ ଟାକୁରାଇବାଦ୍ୱାରା ଦେହକୁ ଚମକାଇ ଇଷି ଇଷି କହି ଆଉ ନଖକ୍ଷତ କରିବାକୁ ନଷେଧ କରିବାର ବଚନ ଉଚ୍ଚାରଣ କରିବା ଅମୃତ ବର୍ଷାପ୍ରାପ୍ତ ଆନନ୍ଦ ଜାତ କରେ ନାହିଁ ? । ୧୫ ।

କେଳପୁର-ସ୍ତ୍ରୀ ପୁରୁଷ ମିଳନ ଗୃହ । ମୃଦୁ-ଧୀର, ମନ୍ଦ । ଶିବା-ପାର୍ବତୀ, ଦୁର୍ଗା । ରସିବା-ଅନୁରାଗୀ ହେବା । ଉଲ୍ଲସିବା-ଆନନ୍ଦିତ କରିବା । ଶୟନ ଗୃହକୁ ଆସିବା, ବାଳାନୂପୁର ପ୍ରଭୃତିର ଶବ୍ଦ-ହେବା, ମନ୍ଦ ମନ୍ଦ ହସିବା, କୋଳରେ ଧରୁ ଧରୁ ଖସିଯିବା ଓ ଶେଯରେ ବସିବା ଏବଂ ଏ କ'ଣ ବୋଲି କହିବାଦ୍ୱାରା ଆନନ୍ଦିତ କରାଇବା ସମସ୍ତଙ୍କ ପକ୍ଷରେ ଘଟେ ନାହିଁ । ଯାହାଠାରେ ଦୁର୍ଗାଙ୍କର ଦୟା ଥିବ ଏ ସମସ୍ତ ତାହାର ଭାଗ୍ୟରେ ଘଟିପାରେ । ୧୬ ।

ଜନ୍ମାନ୍ତେ-ପୂର୍ବଜନ୍ମରେ । ରଞ୍ଜନ-ସନ୍ତୋଷ । ଖଞ୍ଜନେକ୍ଷଣୀଏ-ଖଞ୍ଜନ-ନୟନାମାନେ । ମଜ୍ଜନ-ବୁଡ଼ିବା । ସ୍ୱେଦଗଞ୍ଜନ-ଝାଳ ମାରିବା । ଅଞ୍ଚଳ-ପଣନ୍ତ । ଋତୁରାଜନ-ବସନ୍ତ ଋତୁ । ପ୍ରଭଞ୍ଜନ-ମଳୟପବନ । ବ୍ୟଜନ-ବିଞ୍ଚଣା । ରତି ଶେଷରେ ଯାହାକୁ ସନ୍ତୁଷ୍ଟ କରିବାପାଇଁ ଖଞ୍ଜନନୟନା ସ୍ତ୍ରୀମାନେ ସ୍ନେହରେ ବୁଡ଼ି ଝାଳ ମାରିବାପାଇଁ ପଣନ୍ତ ବା ବିଞ୍ଚଣାରେ ବିଞ୍ଚୁଥିବେ ସେ ଜନ୍ମାନ୍ତରରେ ପୁଣ୍ୟ ଅର୍ଜ୍ଜନ କରି ନ ଥିଲେ ତାହାକୁ ଏପରି ଭୋଗ ମିଳିବ ନାହିଁ । ଯାହାର ତାପ ପୂର୍ବ ପ୍ରକାର ପବନଦ୍ୱାରା ନିବାରିତ ହେବ, ସେ ବସନ୍ତକାଳର ମଳୟ ପବନକୁ କାହିଁକି ପ୍ରଶଂସା କରିବ । ୧୭ ।

ଗୁଣ ଗୁଣ ନ ସଂଖି । ସ୍ୱର୍ଗେ ବଡ଼ ଭୋଗ ହୋଇ ତ ଅପସରି । ୧୮ ।
ଦମ୍ଭତରୁ ପବମାନ, ଯମା ସେ ଆନନମାନ, ଭଙ୍ଗଇ ଯେ ତପିମାନଙ୍କର ଘୁମାନ ।
ଯାହେ ଧାତା ମୋହମାନ, ହରଜସ୍ୱେ ଅଭିମାନ, ସଜୀବ କାମ ବିମାନ ସେହି
ସମ.ନ । ତାହାଙ୍କୁ ଯେ କଗ୍ଲଇ ମାନ । ଗଣିବ ସେ ନରଦେହେ ପଶୁସମାନ । ୧୯ ।
ନିସ୍ତସ୍ୱେ ପୁରୁଷଦର-ହାଦିମା କୃଶଉଦର-ଶୋଭି ସେ ଜୀବ ସୋଦର
ପ୍ରେମତ୍ରଦର । ଯା ଆଲିଙ୍ଗନେ ଏ ଦଶା, ଉର ଉର ବିଭେଦର କରି ହାରେ
ଅନାଦର କି ବିଚ୍ଛେଦର । କରେ ଯେ ବିଦେଶେ ଆଦର । କି ଉପମା ଅଛି ସେ
ନିଷ୍ଠୁର ହୃଦର । ୨୦ । ସମ୍ମତ ଦୂର ମାଳୁରେ, କଥିତ ମୂଟଚଭୁରେ, ବର୍ଣ୍ଣ

---

ପ୍ରସରି-ପ୍ରକାଶିତ ହେଉଛି । ସରି-ସମାନ । କରୀ-ହସ୍ତୀ । କେଶରୀ-ସିଂହ । ଅପସରି-ଦୂରକରି । ମନରେ ଏହିରି ପ୍ରକାଶିତ ହୁଏ, ସ୍ତ୍ରୀ ଭିନ୍ନ ଅନ୍ୟ କେଉଁ ସ୍ତ୍ରୀର ସମାନ ହୁଅଇ । ପୁରୁଷର ଧୈର୍ଯ୍ୟରୂପ ହସ୍ତୀକୁ ନାଶ କରିବାରେ ସ୍ତ୍ରୀ ସିଂହପ୍ରାୟ । ତାକୁ ପାସୋରି ହୁଏ ନାହିଁ । ସେ ପାଖରେ ଥିଲେ ସବୁ ଦୁଃଖ ଦୂର-ହୋଇ ହନ କହୁଥାଏ । ମୁଁ ସେ ରସିକାଶ୍ରେଷ୍ଠ । ପ୍ରେମସୁଧାନିଧିର ସମାନ ହେବ କି ? ଯାହାର ଗୁଣ କହିଲେ ସରିବ ନାହିଁ । ଅପସରି ଭୋଗ ସ୍ୱର୍ଗରେ ବଡ଼ ସୁଖ ଦିନା । ୧୮ ।

ଦମ୍ଭଭଞ୍ଜନ-ଭାଙ୍ଗିବା । ପବନମାନ-ବତାସ ପବନ । ତପୀ ମୁନି । ଘୁମାନ-ଠାଣ । ସୃଷ୍ଟିକର୍ତ୍ତା-ବିଧାତା । ଅଭିମାନ-ଗର୍ବ । ଆନନ ମାନ-ଅନ୍ୟ ନ ମଣ । ମାନ-ରୁଷିବା । ପୁରୁଷର ଦମ୍ଭ ବୃକ୍ଷକୁ ବତାସ ପବନ ପ୍ରାୟ ଯେ ଭଙ୍ଗଇ ସେ ସ୍ତ୍ରୀକୁ ଅନ୍ୟ ନ ମଣ । ସେ ମୁନିର ଗର୍ବ ଭଙ୍ଗଇ । ସୃଷ୍ଟିକର୍ତ୍ତା ବିଧାତା ଯେଉଁ ସ୍ତ୍ରୀ-ଠାରେ ମୋହ ହେଲା, ଯେଉଁ ସ୍ତ୍ରୀ କାମର ଜୀବନ ବିମାନରୂପୀ କାମ ତାହା ସାହାଯ୍ୟରେ ହରଙ୍କୁ ଜିଣିବାକୁ ଗର୍ବ କରିଅଛି ଏପରି ସ୍ତ୍ରୀର ସମାନ କିଏ ହେବ । ଯେଉଁ ପୁରୁଷ ଏ ପ୍ରକାର ସ୍ତ୍ରୀକୁ ରୁଷାଏ ସେ ମନୁଷ୍ୟ ହେଲେହେଁ ପଶୁରୂପୀ ଅଟେ । ୧୯ ।

କୃଶଉଦରଶୋଭି-କ୍ଷୀଣକଟୀ ଶୋଭିନୀ । ପ୍ରେମପ୍ରଦର-ପ୍ରେମଦାୟିନୀ । ଜୀବସୋଦର-ପ୍ରାଣସଖା । ବିଭେଦ-ଅଲଗା । ସ୍ୱଭାବରେ ଦରହାସୀ, କ୍ଷୀଣକଟୀ ଶୋଭିନୀ, ପ୍ରେମଦାୟୀ ସ୍ତ୍ରୀ ପୁରୁଷର ପ୍ରାଣସଖାପରି । ଯାହାକୁ ଆଲିଙ୍ଗନ କଲା ସମୟରେ ଉଭୟ ଦେହ ଅଲଗା ହେବା ଭୟରୁ ହାରକୁ କାଢ଼ି ପକାଇବାକୁ ହୁଏ, ଏପରି ସ୍ତ୍ରୀକୁ ବିଚ୍ଛେଦ ଅବସ୍ଥାରେ ରଖି ଯେ ବିଦେଶରେ ରହିବାକୁ ଭଲପାଏ ସେ ନିର୍ଦ୍ଦୟ ହୃଦୟ ପୁରୁଷର ଉପମାଯୋଗ୍ୟ ଅଉ କ'ଣ ଅଛି ? । ୨୦ ।

ବିଚ୍ଛେଦ ଋତୁରେ, ସଖି ଆଜୁରେ । ନ ଡରି ବଶ୍ୟକେତୁରେ, ସ୍ମରଜାଙ୍କ ପେଟହତୁରେ, ବସନ୍ତ ଆଦି ଋତୁରେ, କେଉଁ ସ୍ମୃତୁରେ । ପ୍ରବାସୀ ତୁଷାନ୍ତ ଚତୁରେ । ଦୁଃଖ ନ ଗଣନ୍ତି ଯେଣୁ ଲେଖା ମୃତ୍ୟୁରେ । ୨୧ । ଏ ସ୍ନେହରେ ନ ରସଇ, ଶିଭୁରସ ବରଷଇ, ମୁକୁନ୍ଦ କୋଳେ ବସଇ, ଲକ୍ଷ୍ମୀ ତୋଷଇ । ଭବ ଭବଙ୍କୁ ତୋଷଇ, ମନକୁ ସେ ନ ଆସଇ, ଗଉରୀ ଅଙ୍ଗେ ପଶଇ, ଭିନ୍ନ ନଶଇ । ସାଗରକୁ ପରଶଂସଇ । ନାଗର ସେ ଆଲିଙ୍ଗନେ ଦେହେ ମିଶଇ । ୨୨ । ଏ ସ୍ବର୍ଗେ ମୁଁ ଅରଜିବ କାନ୍ତକାକ ନ ଚେଳବ, ଗୀତରେ କେଣେ ନ ଯିବ, ସଙ୍ଗେ ମର୍ଜ୍ଜିବ । ଆନ କଥା ନ ଦେଖିବ, ତା ନାମ ମାତ୍ର ଭଜିବ, ସୁଖସୃଷ୍ଟିକ ସର୍ଜ୍ଜିବ, ମାରେ ତର୍ଜ୍ଜିବ । କେତେବେଳେ କେଶ ସାଜିବ । କେତେବେଳେ କରଜମାନଙ୍କୁ ମାଜିବ ॥

---

ବଶ୍ୟକେତୁ-କାମଦେବ । ତୁଲ ମାତୁର-ଗଣେଶ । ମୁଖଚତୁର-ବ୍ରହ୍ମା । ଆଜୁରେ ସଖି-ପୀଡ଼ିତ । ବର୍ଦ୍ଧ-ଉଚିତ । ପ୍ରତିମାସର ଋତୁସମୟରେ ସ୍ତ୍ରୀ ପୁରୁଷଙ୍କ ମିଳନ ନ ହେବା ଉଚିତ । ଏହା ଗଣେଶଙ୍କଦ୍ୱାରା ସମ୍ମତ ଓ ବ୍ରହ୍ମାଙ୍କଦ୍ୱାରା କଥିତ । ତଥାପି ସେହି କେତେକ ଜନ ପୁରୁଷ ପୀଡ଼ିତ ବ୍ୟକ୍ତିପରି କାମଦେବଙ୍କୁ ପୀଡ଼ା ଭୋଗ କରଇ । ଏହା ଜାଣୁ ଜାଣୁ କାମଦେବଙ୍କୁ ନ ଡରି ସ୍ମର କାର୍ଯ୍ୟପାଇଁ ବସନ୍ତାଦି ଋତୁରେ ଚତୁର ଲୋକମାନେ ବିଦେଶରେ ରହନ୍ତି ନାହିଁ । କିନ୍ତୁ ବିଚ୍ଛେଦକୁ ମୃତ୍ୟୁତୁଲ୍ୟ ଗଣନା କରନ୍ତି ନାହିଁ । ୨୧ ।

ମୁକୁନ୍ଦ-ବିଷ୍ଣୁ । ଭବ-ମହାଦେବ । ବିଷ୍ଣୁ ଲକ୍ଷ୍ମୀଙ୍କୁ କୋଳରେ ଧରି ତାହାଙ୍କୁ ତୋଷ କରନ୍ତି; କିନ୍ତୁ କର୍ପୂର ଗୌରଙ୍କୁ ଅଙ୍ଗରେ ନ ମିଶି ଶେଷ ଶୟନ ସ୍ଥାନ ସମୁଦ୍ରକୁ ପ୍ରଶଂସା କରନ୍ତି । ପୁଣି ମହାଦେବ ପାର୍ବତୀଙ୍କ ସଙ୍ଗେ ମିଶିଲେହେଁ ଅଲଗା ରହନ୍ତି । ଏଣୁ ବିଷ୍ଣୁ ଓ ଶିବ ଶିଭୁରୁ ରସ ବର୍ଷା କଲେ ମଧ୍ୟ ଏ ରସରେ ରସନ୍ତି ନାହିଁ । ଅତଏବ ଏ ଦୁହିଙ୍କ କଥା ମୋ ମନକୁ ଆସଇ ନାହିଁ; କିନ୍ତୁ ରସିକ ପୁରୁଷ ସେପରି ଆଲିଙ୍ଗନରେ ସ୍ତ୍ରୀ ସହିତ ମିଶିଯାଏ । ୨୨ ।

ସର୍ଜ୍ଜିବ-ରଚନା କରିବ । ତର୍ଜ୍ଜିବ-ଶାସନ କରିବ । କରଜ-ନଖ । ମୁଁ କ’ଣ ଏବସ୍ଥାରେ ଅର୍ଜ୍ଜିପାରିବ କି ? କାନ୍ତଥିବା ମଧ୍ୟରେ ସ୍ତ୍ରୀକୁ ଗୃହ କେଣେ ନ ଯାଇ ସଙ୍ଗରେ ବୁଡ଼ିରହିବ । ଅନ୍ୟ କଥା ମନେ ନ ଧରି ତାହାର ନାମ ମାତ୍ର ଭଜୁଥିବ । ସୁଖ ସୃଷ୍ଟିକୁ ରଚନା କରି କାମକୁ ଶାସନ କରିବ । କେତେବେଳେ କେଶକୁ ସଜାଡ଼ିବ ବା କେତେବେଳେ ନଖକୁ ମାଜିବ । ୨୩ ।

ଲଗି ପାଷ୍ଟାଳୁ ଦେଶରେ, ଥିବ ମୁଁ ପ୍ରୀତ ବାସରେ, ରଚିବ ଚିହ୍ନ ବେଶରେ, କୁଚ ଦେଶରେ । ନାସା ମଣ୍ଡିବ ବେଶରେ । ପ୍ରବର୍ତ୍ତି ଥିବ ହାସରେ, ପ୍ରବର୍ତ୍ତିବ ଏ ଲାସ୍ୟରେ, ରତିବେଶରେ । ପାଶରେ କାମନା ମୋ ଥିବ କଦେ ଉପଇନ୍ଦ୍ର ସାରବର ରସରେ । ୨୪ ।

—*—

## ଅଷ୍ଟମ ଛାନ୍ଦ

### ସିଂହାବଲୋକନ ଶୃଙ୍ଖଳା । ରାଗ-ବଙ୍ଗଳାଶ୍ରୀ

ସାରସଗତି-ସଙ୍ଗତି ନେତ୍ର ଦିନ ଅନ୍ତରେ ଲଭି ନାଗର । ଗର-କଣ୍ଠପର ପରମ କଷ୍ଟକୁ-ମନରୁ କଲା ଅନ୍ତର । ଚଞ୍ଚଳାକ୍ଷୀବଦନା-ଦେଖିଲା ମୋତେ ତ ନାହିଁ । ଆନେ ପ୍ରତିକାର । କାରିଯ ବଶେ ବିଦେଶ କରିବାକୁ ଆଜ୍ଞା ଦେଲେ ନରେଶ୍ୱର । ୧ । ସ୍ୱରଭଙ୍ଗ ସ୍ତମ୍ଭ ରୋମାଞ୍ଚ କେପଥୁ ଦଣ୍ଡଦଣ୍ଡକେ ଜନ୍ମିତ । ନିତମ୍ବିନୀ ଶ୍ରାତେ ମିଳି ସେ ଏମନ୍ତ ବାଣୀକି କଲା ଉଚିତ । ଚିତ୍ତମୋହମାରେ ବନ୍ଧି କ

---

ପ୍ରୀତବାସରେ-ସବୁଜନ । ବେଶରେ-ବେଶ ସମୟରେ, ନାସାଭୂଷଣ । ଲାସ୍ୟ-ନୃତ୍ୟ । ମୁଁ ସବୁଜନ ସ୍ଥାଇ ପ୍ରାପ୍ତ ତାହାର ପକ୍ଷରେ ଥିବି । ବେଶ ସମୟରେ କୁଚରେ ଚିହ୍ନ ଲେଖିବି । ନାସାକୁ ବେଶରେ ମଣ୍ଡିବି । ଏ ଭୂଷଣଟି ରତିସମୟରେ ନୃତ୍ୟ କରିବ, ଏହାକନ୍ତୁ ହସରେ ମାତିଥିବି । ଏହିପରି ଭାବରେ ତାହା ପାଶରେ ସର୍ବଦା ରହିବା ମୋହର ଏକମାତ୍ର କାମନା । ୨୪ ।

—*—

### ଅଷ୍ଟମଛାନ୍ଦ ଟୀକା । ସିଂହାବଲୋକନ ଶୃଙ୍ଖଳା ।

ସାରସ-ହଂସ । ନେତ୍ର-ତିନି । ଗରକଣ୍ଠପର-କାମ । ଗରକଣ୍ଠ-ମହାଦେବ । ପର-ଶତ୍ରୁ । ନରେଶ୍ୱର-ରାଜା । ରାଜପୁତ୍ର ତିନିଦିନ ପରେ ସେହି ରାଜହଂସଗାମିନୀଙ୍କୁ ପାଇ କାମକଷ୍ଟକୁ ମନରୁ ଦୂରକଲେ ଏବଂ ଭାବିଲେ ସେହି ଚଞ୍ଚଳନୟନା ବିନା ମୋହର ଅନ୍ୟ ଉପାୟ ନାହିଁ । ଏମନ୍ତ ସମୟରେ କାର୍ଯ୍ୟବଶରୁ ରାଜା ସେହି ରାଜପୁତ୍ରକୁ ବିଦେଶକୁ ଯିବାପାଇଁ ଆଜ୍ଞା ଦେଲେ । ୧ ।

ବହିଲା କାଲି ମୁଁ ବିଦେଶ ଯିବି । ଶାବତେ ଥାଉଁ କେତେ ଦଣ୍ଡ ପଡ଼ିଲା କେଉଁ ଉପାୟ କରିବି । ୨ । କରି ଜଳଗମନାକୁ ଗୁଡ଼ିବା ଗୁଡ଼ିବା ପରି ଶାବନ । ଶାବନଜନେନେ ପୂର୍ଣ୍ଣ ନ କରିବୁ ମୋ ଗୁରୁ ପାଇଁ ଭୁବନ । ଭୁବନନସ୍ମମୋହ ରେ ପୁଣ୍ୟବନା ଲଭି କି ତୋ ଉଗଣକ । ଗତିକି ଏ ଉଣ୍ଠିକୁ ଧାତା ହରୁଛି ଦେଇ ଇନ୍ଦ୍ର ସମ୍ପତ୍ତିକ । ୩ । ପତିକି ସୁକଣ୍ଠ ବିଚ୍ଛେଦରୁ ଭଲ ଶିରଶ୍ଛେଦନ ହେବାର ହେ ବାଉକେଳୁମ୍ନସ୍ତନା ଆନ ହେଲା ମୋର ଏମନ୍ତ ବସୁର । ବସୁକ କରୁଥିବ ଧନ ଗୁମୁକୁ ମନତ ନ ବପରିକ । ସରିବ ନକ ନଶିହନ ତୋ ଉନ୍ନ ଏ ଦେହ କେଉଁ ସହିବ । ୪ । ସନ୍ଧି କସିବାର ପାଶେ ଶୋଷୁଥିବ ହସୁ ଯେଉଁ ପ୍ରସ୍ତତରେ ।

---

ଏ ଆଜ୍ଞା ଶାଇବା ମାତ୍ରେ ରାଜପୁତ୍ର ଦୁଃଖିତ ହୋଇ କ୍ଷଣେକ୍ଷଣକେ ସ୍ତମ୍ଭ ( ସ୍ଥିର ହୋଇ ରହିବା ) ସ୍ୱେଦ ( ଝାଳବହିବା ) ରୋମାଞ୍ଚ ( ଲୋମଟାଙ୍କୁରିବା ), ସ୍ୱରଭଙ୍ଗ ( ସ୍ପଷ୍ଟରୂପେ କଥା କହି ନ ପାରିବା ) ବେପଥୁ ( କମ୍ପିବା ) ବିବର୍ଣ୍ଣ ( ଦେହର ବର୍ଣ୍ଣ ମଳିନ ହେବା ) ଅଶ୍ରୁ ( ଆଖିରୁ ଲୁହ ଗଡ଼ିବା ) ଓ ପ୍ରଳୟ (ମୂର୍ଚ୍ଛା ହେବା) ଏହିପରି ଅଷ୍ଟବିଧ କାମ ବିକାରରେ ପୀଡ଼ିତ ହେଲା । ତହୁଁ ନିଜେମିଶା ପ୍ରେମସୁଧାନିଧିର ନିକଟକୁ ଯାଇ କହିଲା, ରେ ମଦନମୋହନ ! ଶାଇଁ ଥାଉଁ ଥାଉଁ, କେତେ ବିପଦ ପଡ଼ିଲା । ମୁଁ ବିଦେଶକୁ ଯିବାପାଇଁ ପିତା ଆଜ୍ଞା ଦେଲେ । ଭିନଅକ୍ଷର ଶୃଙ୍ଖଳା । ୨ ।

କରି ଜଳଗମନା-ହାତି ଜଣାଗଣ । ଶାବନଜନେନ୍ଦ୍ର-ପଦ୍ମନେତ୍ର । ଭୁବନ-ଜଳ ( ଏଠାରେ ଲୁହ ) । ଭୁବନନସ୍ମ-ତ୍ରିପୁର । ଭଗନ୍ତି-ଭକ୍ତିସହିତ ସ୍ନେହ । ଗତି-ଉପାୟ । କରି ଜଳର ଗମନାକୁ ଗୁଡ଼ସିବା ମରିବା ସମାନ ଅଟେ । ରେ ପଦ୍ମନୟନ ! ତୁ ମୋହ ଶବନାରେ, ଲୁହଦ୍ୱାରା ଘରକୁ ପୂର୍ଣ୍ଣ କରିବୁ ନାହିଁ । ରେ ତ୍ରିପୁରମୋହନ ! ପୁଣ୍ୟ ବିନା ତୋହର ଭକ୍ତିପୂର୍ଣ୍ଣ ସ୍ନେହ ଲଭିବା ସହଜ ନୁହେ । ବିଧାତା ଏହି ଇନ୍ଦ୍ରସମ୍ପତ୍ତିକୁ ଦେଇ ପୁଣି ହରଣ କରୁଅଛି ଏଥିକୁ ଉପାୟ କ'ଣ ? । ୩ ।

ଶିରଶ୍ଛେଦ-ମୁଣ୍ଡକଟା । ବସୁର-ଦୂତ ବା ପକ୍ଷି ଦୂତ । ପତି ସ୍ତ୍ରୀଠାରୁ ପୃଥକ୍ ରହିବା ତାହାର ମୁଣ୍ଡକଟା ପ୍ରାୟ । ହେ ହସ୍ତୀକୁମ୍ଭସ୍ତନା ! ମୋହର ଏ ବସୁର ବୃଥା ହେଲା । ତୋହ ନିକଟକୁ ଦୂତ ପଠାଉଥିବ, ମନରୁ ପାଶୋରିବ ବା ପାଶୋରିବ ନାହିଁ । ତୋ ବିନା ଏ ଦେହ କିପରି ବିଚ୍ଛେଦ ଦୁଃଖ ସହିବ ? ବିନସ୍ତି ସରିବ । ଷୁର ଅକ୍ଷର ଶୃଙ୍ଖଳା । ୪ ।

ପ୍ରଭାତରେ ନେତ୍ର ପବିତ୍ର କରିବ ଦେଖି ତାହା ଆନନରେ । ଆନ ନରେଶସୁତା ନ
ଭାବେ ଲବେ ହୃଦେ ହିବ ଆଉଜାଇ । ଆଉ ଯାଇ ଆସି ରସାଇବା ଭାଗ୍ୟ ଭାଳେଁ
କରମରେ ନାହିଁ ।୫। ମରେ ନାହିଁ ମାର ଡରରେ ଦେଇଅଛି ତୋ ଉରଜପରିବାସ ।
ପରିବାସରେ କବଚ କରିଥିବ ସର ହେବ ପ୍ରତିମାସ । ପ୍ରତିମା ସ୍ୱରୂପ ଲେଖି
ନେଇଥିବ କରୁଥିବ ଦରଶନ । ଦର ସନକ ଧୃତିଧ୍ୱଂସି ରେ ଯେଣ
ହେଉଥିବ ବିନାଶନ । ୬ । ବିନାଶନବ୍ରତେ ମରବା ଇଚ୍ଛନ୍ତି ଖଣ୍ଡିଛି
ଅଧରସ୍ଥାନ । ଧର ପାନ ବୋଲି ମୋତେ କେ ଯାଚିବ ଗୁଣି ହେଉଛି ସୁମନ ।
ଉଛୁ ସୁମନ ଗନ୍ଧେ ତାହା କବରୀ ସାଜିବ ଭ୍ରମଗଉରୀ । ଭ୍ରମ ଗଉରୀ ସେହାରେ
ହେଲ ବେଳେ ସେ ବିଷାଦେ ହତଶିରୀ । ୭ । ହେବତ ଶିରୀଷକୋମଳ ତନ୍ୱିରେ
ଦାରୁଣ ପଞ୍ଚବିଶିଖ । ପଞ୍ଚ ବିଶିଖ ଗ୍ଲାପିଣୀ କରି ବନ୍ଧିବ ତାପିକ ଶୀତ-ମୟୂଖ ।
ଶୀତମୟୂଖ ଚନ୍ଦନ ଯେ ହୋଇବ ଶୀତ-ଉପଚାର ସଖି । ସଖୀର ସଖୀଙ୍କି ଅଣ-

---

ଜମ୍ବୁ ଯେଉଁ ପ୍ରଭାତରେ-ଯେପରି ଝିଟକପୁଷ୍ପ ଭାବରେ । ନରେଶସୁତା-ରାଜକନ୍ୟା । ଆନନ-ମୁଖ । ରେ ସଖି ! ତୁ ଆଗରେ ବସି ଯେପରି ଝିଟକ ପୁଷ୍ପ ଭାବରେ ଜମ୍ବୁ ତାହା ଶୋଷୁଥିବ । ପୁଣି ସକାଳେ ତାହା ମୁଖ ଦେଖି ନେତ୍ର ପବିତ୍ର କରିବ । ମୁଁ ଅନ୍ୟ ରାଜକନ୍ୟାଙ୍କୁ ବିବାହ ନ କରି କେବଳ ତୋତେ ସର୍ବଦା ସ୍ତନକ ଆଉଜାଇ ବସିଥିବ, ମୋହର ଏହି ମାତ୍ର ଇଚ୍ଛା । ପ୍ରତ୍ୟେକଙ୍କୁ ଫେରି ଆସି ତୋତେ ରସାଇବା କି ମୋ କର୍ମରେ ନାହିଁ ପରା ? । ୫ ।

ମାର-କାମ । ମାରେ ନାହିଁ-ମରଇ ନାହିଁ । ସେ ଶିବଙ୍କ କୋପରେ ଭସ୍ମ-ହୋଇ ସୁଦ୍ଧା ସମସ୍ତଙ୍କ ମନରୁ ଜନ୍ମେ । ଶର-ଶତ୍ରୁ । ସନକ-ସନକ ଋଷି । ଧୃତି ଧ୍ୱଂସି-ଧୈର୍ଯ୍ୟନାଶକ । କାମ ନ ମରି ମନରୁ ଜନ୍ମୁଥିବାରୁ ମୁଁ ତାକୁ ଡରଇ । ସେ ପ୍ରତିମାସରେ ମୋହର ଶତ୍ରୁ ହେବା ସମୟରେ ତୋହର ସ୍ତନ ଉପରେ ଥିବା ଲୁଗାକୁ ନେଇଥିଲେ ତାହାକୁ ସାଞ୍ଜୁ ରୂପେ ପିନ୍ଧିବି । ତାହାର ଛବିକୁ ଲେଖିନେଇ ସର୍ବଦା ଦେଖୁଥିବି । ରେ ସନକାଦି ଆଜନ୍ମ ବ୍ରହ୍ମଚାରୀ ଧୈର୍ଯ୍ୟନାଶିନ ! ସେ ଛବିକୁ ଦେଖି ମୁଁ କାମଭୟକୁ ବିନାଶ କରିବି । ଆଜନ୍ମବ୍ରହ୍ମଚାରୀ ସର୍ବଦା ସ୍ତ୍ରୀ ସମ୍ଭୋଗବିମୁଖ । ୬ ।

ବିନାଶନବ୍ରତେ-ଅନାହାରରେ । ଖଣ୍ଡିଛି-ନାଶ କରନ୍ତି । ଅଧର-ଓଷ୍ଠ । ସୁମନ-ଉତ୍ତମ ମନ, ଫୁଲ । ଗନ୍ଧ-ବାସଯୁକ୍ତ । କବରୀ-କେଶ । ଭ୍ରମ (ଭ୍ରମି) ସୁନା । ଭ୍ରମ-ଭୁଲ୍ । ଗଉରୀ-ଗୋରୀ, ପାର୍ବତୀ । ବିଷାଦ-ଦୁଃଖ । ହତଶ୍ରୀ-ସମ୍ପତ୍ତିହୀନ ।

ଆସୁଅଛରେ ଯାଉଛୁ ସଞ୍ଜୀବମୁଖୀ । ୮ । ପ୍ରକଟ ମୁଁ ଖିନ୍ନ ହେବାରେ ବିରହ ହେବ
ତା ପରା ଜଣିବେ । ତକାଉଁ ତବେ ପ୍ରସଙ୍ଗ ଚମକବ ହେଉଛି ସବୁ ନିରତେ ।
ଭାବନି ଭଣେ ଯେ ମୋତେ କିଣି ଅଛୁ ଏଣୁ ମୁଁ ତୋ ପରିକର । ତୋପରି
କରଭଉରୁ ନ ଦେଖଇ ନାସ୍ତିରେ ସୁମନାବର । ୯ । ସୁମନାବର ଜାଣିବରେ
ସମାନ ନ ଥିବ ମେରୁ-ଶିଖର । ମେରୁଶିଖର ଦନ୍ତ ମୋହ ମାନସ ନଷ୍ଟପ୍ରେ
ଅହମକର । ଅଟ୍ଟ ମକରଧ୍ୱଜ କଷ୍ଟେ ଚହିଁକ ସୁରସତ କଉଶିକ । ସତ କଉଶିକ-
ଭୂତଦାସ୍ପି ହାତ୍ୱ ନାହିଁ କାମିନିକରଙ୍କ । ୧୦ । କାମିନି କରବବହଦଣା ନ
ବଜାଇବ ରସେ ରସନା । ବରସେ ରସ ନା ବକମ୍ଭ କଣବ କମ୍ପା ମୁଁ

---

ମୁଁ ଅନାହାରରେ ମରନ୍ତି; କିନ୍ତୁ ତୋ ଅଧରରୁ ଅମୃତ ପାନ କରିଥିବାରୁ ମରିବ ନାହିଁ । ବଟବଣରେ ପାନ ଧର ବୋଲି କଏ ମୋତେ ଯାଚିବ, ମୁଁ ଏହା ସର୍ବଦା ଭଲ ମନରେ ବିଚାରୁ ଅଛି । ରେ ସୁନାଗୋରି ! ମୁଁ ଆଉ ତୋହର କେଶକୁ ସୁଗନ୍ଧଯୁକ୍ତ ଫୁଲରେ ବା ଫୁଲଗନ୍ଧଯୁକ୍ତ ତେଲରେ ସଜାଡ଼ି ପାରିବି କି ? ମୁଁ ଶାଶୁଙ୍କ ସେବାରେ ଭ୍ରମ କଲି କି ? ତେଣୁ ସେ ମୋହର ମଙ୍ଗଳ ନ କରି ମୋତେ ମନୋଦୁଃଖ ଦେଇ ସମ୍ପର୍କଛିନ୍ନ କଲେ । ପାଞ୍ଚ ଅକ୍ଷର ଶୃଙ୍ଖଳା । ୭ ।

ଶିରୀଷ କୋମଳ-ଶିରୀଷ ଫୁଲ ପରି କୋମଳ । ଦାରୁଣ-ନିଷ୍ଠୁର । ପଞ୍ଚଶିଖ-କାମ, ପାଞ୍ଚଗୋଟି ଶର । ପୁଙ୍ଖ-ମୁନଆଁ । ତାପିବ-କଷ୍ଟ ଦେବ । ଶୀତ ମୟୂଖ-ଚନ୍ଦ୍ର କିରଣ ଓ କର୍ପୂର । ଉପଚାର-ଚିକିତ୍ସା । ସଞ୍ଜୀବ-ପଦ । ଶିରୀଷଫୁଲ-ଠାରୁ ଅଧିକ କୋମଳ ତୋହର ଦେହକୁ କାମ ପାଞ୍ଚଗୋଟି ମୁନିଆଁ ଶର ବିନ୍ଧି କଷ୍ଟ ଦେଲା ରେ ପଦ୍ମବଦନି ! ତୁ ସଖୀକୁ ପଚାରି ଚନ୍ଦ୍ରକିରଣ, କର୍ପୂର ଓ ଚନ୍ଦନ ପ୍ରଭୃତି ଶୀତଳ ଚିକିତ୍ସା କରିବୁ । ମୁଁ ଆୟୁଶୂନ୍ୟ ହୋଇ ବିଦେଶକୁ ଯାଉଅଛି ।୮।

ବିରହ-ଅନ୍ତର । ପ୍ରକଟ-ପ୍ରକାଶିତ ହେବ, ଜଣାଯିବ । ପ୍ରସଙ୍ଗ-ସମ୍ପର୍କ, କଥା । ନିରତେ-ସର୍ବଦା । ଭାବିନି-କାମିନୀ । ପରିକର-ଚାକର । କରଭଉରୁ-ହାତୀଶୁଣ୍ଢ ପ୍ରାୟ ଗୋଲ ଜଙ୍ଘ । ମୁଁ ତୋହଠାରୁ ଅନ୍ତର ହେଲେ ଦୁଃଖିତ ହେବା କଥା ଜଣାଯିବ । ସେ କଥା ତୁ ଯଥାର୍ଥ ରୂପେ ମନରେ ବିଚାର କର । ତୋ କଥା ମନେ ପଡ଼ିଲେ ଚମକବ ଏହା ସବୁ ଅଛି । ରେ କାମିନି ! ତୁ ମୋତେ ରତି ଦାନରେ କିଣିଥିବାରୁ ମୁଁ ତୋହର ଚାକର ଅଟେ । ତୋହର ଜଙ୍ଘ ପରି ଗୋଲ ଜଙ୍ଘ ଆଉ କାହାର ଥିବା ଦେଖେ ନାହିଁ । ୯ ।

ଅହମକର-ସୂର୍ଯ୍ୟ । ମକରଧ୍ୱଜ-କାମ । ସୁମନବର-ଇନ୍ଦ୍ର । ମେରୁଶିଖର-ସ୍ୱର୍ଗ । ଶିଖରଦନ୍ତ-ଡାଳିମ୍ବ ଶାଗ ବର୍ଣ୍ଣ, ମାଣିକ୍ୟ ବର୍ଣ୍ଣ । ମାନସ-ମନ । କୌଶିକ

କାଳବସନା । ମୁଁ କାଳବଶ ନା ଆନ କେଉଁ ହେବ କି ଅପରାଧୀ ନବୀନା । ପରାଧୀନ ବିନା ତୋର ନ ଜାଣଇଁ କିଛି କୁଟୀଳନୟନା । ୧୧ । କୁଟିଳନୟନାଣି କଲେ ମେଳାଣି ହେବେ ମଙ୍ଗଳ ଶଙ୍କର । ମଙ୍ଗଳ ଶଙ୍କର ଅକର୍ତ୍ତୁ କି ହେତୁ ମୋ ସଦାଶିବ ଶଙ୍କର । ସଦା ଶିବ-ଶଙ୍କରର କୃପାରୁ ମୋ ବଲ୍ଲଭ ଚନ୍ଦ୍ରମାନନା । ଲଭି ଚନ୍ଦ୍ରମାନ ନକ ଅକର୍ମରୁ ହଜାଉଛି ରସିକନି । ୧୨ । ଯାଉଛି ରସି କି ମତରେ ପୋଡ଼ୁ ମୋ ବିବେକ ଚ ମୃଗବର । ବେକତ ମୃଗ ବରଦେହି ତୋଠାରେ ହୋଇଲି ପ୍ରୀତ ମୋହର । ଇନ୍ଦ୍ରାପ୍ରୀତି ମୋ ହରଣ ନୋହୁ କରେ ସତତ ଚଣ୍ଡୀକବଚ । ସତତ

---

ସାପୁଆ କେଳା; ଇନ୍ଦ୍ରଭୂତଦାସ୍ୟ ସମ୍ପତ୍ତି-ଦାନ୍ତି । ଚଣ୍ଡୀ-ରକ୍ଷା । ଇନ୍ଦ୍ର ଜାଣିବାରେ ତୋହରି ତ୍ରୈଲୋକ୍ୟ ମାଣିକ୍ୟବନ୍ତ ସ୍ତ୍ରୀ ସ୍ୱର୍ଗରେ ନ ଥିବେ । ତୁ ମେରୁପରି; ମୋ ମନ ସୂର୍ଯ୍ୟପରି । ଅର୍ଥାତ୍ ସୂର୍ଯ୍ୟ ମେରୁ ପର୍ବତକୁ ନ ଭୁଲିଲା ପରି ମୁଁ ତୋତେ ଭୁଲି ପାରିବି ନାହିଁ । କାମ ସାପରି ପୀଡ଼ାଦାୟକ ହେଲେହେଁ ତାହାକୁ ଶାନ୍ତ କରିବାକୁ ତୋହର ସତ୍ୱର ରତିକ୍ରୀଡ଼ା ସାପୁଆକେଳା ପ୍ରାୟ । ରେ ଇନ୍ଦ୍ରସମ୍ପଦ ଦାୟିନୀ ! କାମୀ ପୁରୁଷମାନଙ୍କ ସ୍ତ୍ରୀବ୍ୟତୀତ ଅନ୍ୟ କେହି ରକ୍ଷାକାରୀ ବୋଲି ବିଶ୍ୱରକୁ ଆସଇ ନାହିଁ । ଛଅ ଅକ୍ଷର ଶୃଙ୍ଖଳା । । ୧୦ ।

କରକବନ୍ଧ-ଯୋଗୀ । କାଳକଣ୍ଠେରେ-କାଳକ୍ରମେ । କୁଟୀଳନୟନା-ବକ୍ରନୟନା । ରେ କାମିନି ! ମୁଁ ଯୋଗୀ ହେଲେ ତୁ ଲଭ୍ୟ ସୁରତରେ ତୋହର କଟୀ କିଙ୍କିଣିକୁ ବଜାଇବି ନାହିଁ । ତୁ ବିରସ ହୁଅ ନାହିଁ । ମୁଁ ଫେରି ଆସିବାରେ ବିଳମ୍ବ କାହିଁକି କରିବ । ରେ ବକ୍ରନୟନା ନବୀନା ! ମୁଁ ସମୟରେ ଅନ୍ୟ ସ୍ତ୍ରୀଠାରେ ଅନୁରକ୍ତ ହୋଇ ତୋହଠାରେ ଅପରାଧୀ ନ ହୋଇ ତୋହ ନିକଟରେ ବଶୀଭୂତ ହେବାବିନା ଅନ୍ୟ କିଛି ଜାଣିବି ନାହିଁ । ୧୧ ।

ସେଠିଙ୍କ-ଶ୍ରୀକୃଷ୍ଣ, ନେତ୍ରଗ୍ରହ । ଚନ୍ଦ୍ରମାନନା-ଚନ୍ଦ୍ରମୁଖି । ଚନ୍ଦ୍ରମାନ-ଦୃଷ୍ଟିଦାରକ । ସଦାଶିବ-ମହାଦେବ, ସର୍ବଦାଶୁଭ । ତୁ କୁଟୀଳ ଭାବକୁ ଛାଡ଼ିଲେ ମୁଁ ବିଦାୟ ହେବି । ଶ୍ରୀକୃଷ୍ଣ ଶୁଭ କରିବେ । ରେ ଗୋରି ! ମଙ୍ଗଳ ଓ ନେତ୍ରଗ୍ରହ ମୋହ ପ୍ରତି ମନ୍ଦ ଭାବରେ ଥାଇ ମୋହର ମଙ୍ଗଳକୁ ନାଶ କଲେ କି ? ରେ ଚନ୍ଦ୍ରମୁଖି ! ହର ପାର୍ବତୀଙ୍କ ଦୟାରୁ ତୁ ମୋହର ସ୍ତ୍ରୀ ହୋଇଅଛୁ । ମୁଁ ସ୍ୱର୍ଣ୍ଣ ସ୍ୱାଭାବ ପ୍ରଭୃତି ହେତୁମୂଳକହୃଦୟ ତୋତେ ପାଇ କର୍ମ ଦୋଷରୁ ପୁଣି ହରାଉଅଛି । ସାତ ଅକ୍ଷର ଶୃଙ୍ଖଳା । ୧୨ ।

ଚନ୍ଦ୍ରିକାବନ୍ତ ତୁ ନ ଭେଦେ କୁସୁମ ଭଳମ୍ବ ପାନ୍ଥ ।୧୩। କୁସୁମକଳମ୍ବ ପାନ୍ଥ କଲନ୍ତି ଲକ୍ଷ ବର୍ତ୍ତୁଳଲକ୍ଷଣା । ଶ୍ରୀକାନ୍ତ ସୁଲକ୍ଷଣା ଗତ ନେହ ସୁପଦ୍ମରାଗକଙ୍କଣା । ପଦ୍ମରାଗ କଙ୍କଣାରେ ନ ଦେଖାଅ ମୋ ଉଲ୍ଲାସ ବନ୍ଧୁଜୀବ । ଗାଢ଼ ବନ୍ଧୁଜୀବ-ଓଷ୍ଠୀ କରି ଭୁଲ୍ଲ ଦମ୍ଭେ ନ ରଖ ରଖିବ ।୧୪। ଶ୍ରୀରତ ରଖିବ ପଠିଆଉଥିବୁ ତୋର ଶ୍ରୀକରମୁଦକୁ । ଶ୍ରୀ କର ମୁଦକୁ ବଢ଼ାଉଥିବ ସେ ଦଶା ଦୁର୍ବଳକାଳକୁ । ଦୁର୍ବଳ କାଳକୁ ବଞ୍ଚାଇବା ହେବ କଷ୍ଟରୁ ନାଗସ୍ତୁର । ନାଗ ଉପୁର ଲଙ୍କମଧ । ଏଥକୁ କରଥାଅ ସୀକାର ।୧୫। ଅସୀକାର ସବୁରୂପେ ମୋହର ଛାଡ଼ିବାକୁ ମୁଁ

---

ମାର୍ଗ-ନ୍ୟାସ୍ତୁ । ଚନ୍ଦ୍ରକ-ଚନ୍ଦ୍ର । ଚନ୍ଦ୍ରରେଖି-ଉତ୍ତମନୟନା । ମୃଗନଭି-ହି ହ । ଲେକଚ ( ବ୍ୟଙ୍ଗ )-ପ୍ରକଟ । ଇଳା-ପୃଥ୍ୱୀ । ସତତ-ସର୍ବଦା । ଚଣ୍ଡି-ମାହିନ । କବଚ-ସାଞ୍ଜ । ମୁଁ ଯେଉଁ ନ୍ୟାସ୍ତୁରେ ବିଦେଶକୁ ଯାଉଅଛି ସେ ବର୍ତ୍ମକୁ ଛୋଡ଼ଯାଉ । ରେ ସୁନୟନା ! ତୁ ମୃଗପ୍ରସ୍ତୁ କରୁ ତୋହଠାରେ ମୋହର ମୃଗପ୍ରଣ ହି ହର ଯେପରି ସମ୍ପର୍କ ସେପରି ସମ୍ପର୍କ ପ୍ରକାଶିତ ନ ହେଉଁ । ପୃଥିବୀରେ ମୋହର ପ୍ରୀତି ହରଣ ନ ହେବାପାଇଁ ମୁଁ ସର୍ବଦା ଚଣ୍ଡୀପାଠ କରଉ । ରେ ମ ହିନ ! ତୁ ମୋହ ପାଖରେ ଥିବା ସମୟରେ ସାଞ୍ଜୁ ପ୍ରାପ୍ତ ହେବାରୁ କନ୍ଦର୍ପର ପାଞ୍ଚଗୋଟି ଶର ମୋ ଦେହରେ ଭେଦଇ ନାହିଁ । ଆଠ ଅକ୍ଷର ଶୃଙ୍ଖଳା ।୧୩।

ବର୍ତ୍ତୁଳ ଲକ୍ଷଣା-ବର୍ତ୍ତୁଳ ଗୋଟି ଶ୍ରୁଭଣ୍ଡଯୁକ୍ତା । କୁସୁମକଳମ୍ବ-କାମ । ପାନ୍ଥ-ବିଦ୍ଧର । ସଲକ୍ଷଣା-ଲକ୍ଷଣବନ୍ତି । ଗତ-ପ୍ରାପ୍ତ । ପଦ୍ମରାଗକଙ୍କଣା-ଯାହାର କଙ୍କଣରେ ପଦ୍ମରାଗମଣି ଅଛି । କଙ୍କଣା-କଣା ବା ଲୁହ । ଉଲ୍ଲାସ-ଆନନ୍ଦ । ଗାଢ଼ ଓଷ୍ଠ-ବନ୍ଧୁଳ ଅଧର । ଦମ୍ଭ-ଧୈର୍ଯ୍ୟରେ ବର୍ତ୍ତୁଳ ଲକ୍ଷଣ । ସ୍ତ୍ରୀ ପୁରୁଷ ଓ ସ୍ତ୍ରୀକୁ ଭିନ୍ନ ଭିନ୍ନ କରି ସେମାନଙ୍କୁ ଦଣ୍ଡ ଦେବାପାଇଁ କାମର ଯେଉଁ ବର୍ତ୍ତୁଳ ତାହା ବନ୍ଦ ପଡ଼ିଲା । କାରଣ ଆମ୍ଭ ଦୁହିଁଙ୍କର ବିଚ୍ଛେଦ ଘଟିଲା । ରେ ଶ୍ରୀକାନ୍ତ ! ରେ ସୁଲକ୍ଷଣାବନ୍ତ ! ରେ ମେ ହର ଗତସୁରୂପା ! ରେ ପଦ୍ମରାଗକଙ୍କଣି ! ତୁ ତୋହର ନୟନକୁ ପଦ୍ମପରି ରକ୍ତବର୍ଣ୍ଣ ତହିଁରେ ଲୁହ ଦେଖାଅ ନାହିଁ । ଏପରି କଲେ ମୋହର ଆନନ୍ଦ ରହିବ ନାହିଁ । ରେ ବନ୍ଧୁଳଅଧରେ ! ତୁ ଏହି ସମୟରେ ଧୈର୍ଯ୍ୟ-ଧରି ଭ୍ରୂଲତାକୁ ଆନନ୍ଦରେ ନଚା । ସେ ଶୋଭା ଦେଖି ଗଣରେ ଧୈର୍ଯ୍ୟ ରହିବ ନାହିଁ । ସାତ ଓ ଛଅ ଅକ୍ଷର ଶୃଙ୍ଖଳା ।୧୪।

ଶ୍ରୀକରମୁଦ-ନଜହାତ ଲେଖା ଚିଠି । ଦଶାଦୁର୍ବଳ କାଳକୁ-ମନ୍ଦଦଶା ବେଳକୁ । ମୁଦ-ଆନନ୍ଦ । ପୁର-ସ୍ତୁମ୍ଭ । ଦୁର୍ବଳ-ବଳହୀନ ଓ କ୍ଷୀଣ । ନାଗସ୍ତୁ-ପୂଜିତମଧ୍ୟା-ହି ହଳର କଟୀ । ଏଥକୁ-ଏକଥାକୁ । ତୁ ତୋହର ହାତ ଲେଖା ଚିଠି

ଜଣଜ । ମୁକତ ନ ଛୁଡ଼ ପାଶ କେ ଲୋଡ଼ୁଛି ଏ କଥା ଆସୁ ମନକ । ସୁମନ୍ତକ ଆଜ ତୋର ସଙ୍ଗେ ଥିଲା ପରା ସୁଖ ଦେବପାଶ । ଦେବପାଶ ତୋଷଦାୟିନୀ ତୁ ମୋର ଆତୁର ଶିରକଳାଶ । ୧୭ । କଳାପକେଶି ନ ରଞ୍ଜିବୁ ଅଞ୍ଜନ ନୟନେ ଏବେ ଏଣିକ । ଏଣୀ କି ଅଉ ଗର୍ବିତ ନ କରୁଅ ଏବେ କହେଁ ସୁକେଶୀକ । କେଶୀକ ଜୁଡ଼ା ଯେଣ୍ଟୁ ସେଣ୍ଟୁ ଯତନେ ବାନ୍ଧୁଥିବୁ କୁନ୍ତଳେ । କୁନ୍ତଳେ ବାସଅଞ୍ଚଳେ ନ ଶୋଇବୁ ଲୋକ ଅନା ଚଞ୍ଚଳେ । ୧୭ । ଚଞ୍ଚଳେକ୍ଷଣ ନିଷ୍ଠୁର ନାହା ମୋତେ ବୋଲିବୁ ହେବାକଙ୍କର । କ କେମ ହେଲା ପୁଣ ଗାସୋଣ୍ଟୁ ପର ହୋଇଲେ ବଧୁର । ବଧୁ ରମ୍ୟ-ହାସି ମୋ ଅନୁସରଣ ଯେମନ୍ତ ଚକ୍ଷିକ ଅନା । ଅନାୟୁଷ

---

ଦେଖିଥିଲେ ତେ ହର ଶତପ୍ରାଣୀ କାନ୍ତି ରଖିବ । ମୋହର ମନ୍ଦଦଶା ଦେଳକୁ ସେ ଛଠି ମୋହର ସୌଭାଗ୍ୟକାରକ ହୋଇ ଆନନ୍ଦକୁ ବଢ଼ାଉଥିବ । ରେ ନାରଣ ! ତୋ ଆଟରେ କହୁଅଛି, ମୁଁ ବଳହୀନ କ୍ଷୀଣ ହେବା ସମସ୍ତକୁ ସେ ଛଠି ମୋତେ ବଞ୍ଚାଇବ । ରେ ସଂହିଜଟକଟି ! ତୁ ଏ କଥାକୁ ସ୍ୱୀକାର କରି ମନେ ରଖିଥାଅ ! ପାଞ୍ଚ ଅକ୍ଷର ଶୃଙ୍ଖଳା । ୧୫ ।

କତ-ଶାଖ । ସୁମନ୍ତ-ବୁଦ୍ଧିମନ୍ତ । ଦେବ ପାଶ-ସ୍ୱର୍ଗ, ନୟନ । ଶିର କଳାଶ-ମସ୍ତକ ଭୂଷଣ । ମୁଁ ତୋହର ଶାଖ ଛୁଡ଼ିବାକୁ ଇଚ୍ଛା କରୁନାହିଁ । କଏ ମୁକ୍ତିକୁ ଛୁଡ଼ ପାପକୁ ଲୋଡ଼ଇ କି ? ଏ କଥା ତୁ ମନରେ ବିଚାର କର । ରେ ବୁଦ୍ଧିମନ୍ତ ! ସ୍ୱର୍ଗବାସ ସୁଖ ତୋ ସଙ୍ଗରେ ଥିବା ସୁଖସଙ୍ଗେ ସମାନ ନୁହଇ । ତୁ ମୋହର ନୟନ ସୁଖଦାୟିନୀ ଓ ମସ୍ତକ ଭୂଷଣ ଅଟୁ । ପାଞ୍ଚ ଅକ୍ଷର ଶୃଙ୍ଖଳା । ୧୬ ।

କଳାପକେଶି-ମୟୂରପୁଚ୍ଛକେଶି ! ଏଣୀ-ମୃଗୁଣୀ । କୁନ୍ତଳ-କେଶ । ଚଞ୍ଚଳ-ଶୀଘ୍ର । କୁଟ୍ଟନ-ଭୂମିରେ । ବାସ ଅଞ୍ଚଳ-ଲୁଗାକାନି । ରେ ମୟୂରପୁଚ୍ଛ-କେଶି ! ତୁ ଏଣିକ ନୟନରେ କଳା ଦେବକୁ ନାହିଁ ପରା ? ରେ ସୁକେଶି ! ମୁଁ ତୋତେ ଏଣିକ କହୁଅଛି । ତୁ ନୟନରେ କଳା ନ ଦେଇ ଶୋଭାହୀନ ହୋଇ ମୃଗୁଣୀକୁ ଗର୍ବିଣୀ କରାଅ ନାହିଁ । ଯେପରି ବେଣୀ ବାନ୍ଧୁଥିଲୁ କେଶରେ ସେହିପରି ବେଣୀ ବାନ୍ଧିବୁ । ସର୍ବଦା ପଲଙ୍କରେ ଶୋଉଥିବୁ; କିନ୍ତୁ ଚଞ୍ଚଳ ହୋଇ ତଳେ ପିନ୍ଧିବା ଲୁଗାକାନି ପକାଇ ଶୋଇବୁ ନାହିଁ । ୧୭ ।

ଜନା ଯିବାକୁ ନିୟମ କରିଣ ହଂସ-ଗମନା । ୧୮ । ମନାଉଛୁ ତୋତେ ମନେ
ପଡ଼ୁଥିବ ମୋର ଏତିକ ମାଗୁଣି । ଗୁଣୀତ ତୁ ଅଟ ମୋ ଅଧୈର୍ଯ୍ୟ ସବୁ ବୁଝାଉଅଛୁ ।
ତରୁଣି । ଋଣୀ ହୋଇଲି ମୁଁ ଗାତ୍ରବେଶ୍ୟସ୍ତଠାରେ କରିଥିଲଇଁ ନିୟମ । ଅମର ମୋହନ
ମାନ ନ କରିବୁ ତୁ ତ ହୋଇଲୁ ଭରମ ।୧୯। ରମଣୀମଣି ମୁଁ ବିଦେଶୀ ହେବାର
କହିଥିଲି ତୋ ସ୍ଥମୁଖେ । ମୁଁ ରେ ଅତ୍ୟନ୍ତ ପାତକୀ ମିଥ୍ୟାବାଦୀ ଭଣାଇ ତୋତେ
ଶୋକରେ । କଲେ ଦାସ ଦୋଷ ପ୍ରଭୁ ତା ସେକଲେ ପସ୍ତୁଚ୍ଛ ବନିତାକୁ । ତାକୁ
କ ରକ୍ଷା ସଂସାରେ ଏ ଗୋଚର ନାହିଁ ପର ଦଇବକୁ । ୨୦ । ବଙ୍କୁନେତ୍ରୀକ ଏ
ଲୁଚେ ଚନ୍ଦ୍ରବଦନପୁରେ ବୋଧିଣ ସୁନ୍ଦରବର । ବରଷା ବଳ ଶରତ ପ୍ରବେଶକୁ ଆସିବା

---

ନାହା-ସ୍ୱାମୀ, ଯତ୍ତ । କରମ (କର୍ମ)-କପାଳ । ଅଧୂର-ଅନ୍ତର । ଅଧୂ-ଚନ୍ଦ୍ର । ଉମ୍ୟହାସି-ସୁନ୍ଦରହାସି । ଅନା-ଗୁହାଁ । ରେ ଚମ୍ପକନେତ୍ରା ! ତୁ ମୋତେ ନିଷ୍ଠୁର ପତି ବୋଲି କହିବୁ ନାହିଁ । ମୁଁ ତୋହର ସେବାକାରୀ ଚାକର । କେଉଁ କପାଳ ଦୋଷରୁ ତୋଠାରୁ ଅନ୍ତର ହେଲି । ମୋତେ ପାସୋରିବୁ ନାହିଁ । ରେ ଚନ୍ଦ୍ରସୁନ୍ଦରହାସି ! ତୋଠାରେ ମୋହର ଯେପରି ଅନୁସରଣ ଅଛି ତାହାକୁ ଗୁହାଁ । ରେ ହଂସଗମନା ! ମୁଁ ସ୍ୱଇଚ୍ଛାରେ ବିଦେଶକୁ ଯାଉନାହିଁ । ପରାଧୀନ ହୋଇ ଯାଉଅଛି । କହିଲେ ଏଥିପାଇଁ ନିୟମ କରିବ । ଦୁଇ ଅକ୍ଷର ଶୃଙ୍ଖଳା । ୧୮ ।

ମନାଉଛି-ସମ୍ମତ କରାଉଛି । ଗୁଣୀ-ଗୁଣବତୀ । ଗାତ୍ରବେଶ୍ୟସ୍ତ-ପ୍ରାଣ-ରକ୍ଷାକାଙ୍କ୍ଷିଣୀ ରମଣୀ । ଅମରମୋହନୀ-ଦେବମୋହନୀ । ମାନ-ଅଭିମାନ । ଭ୍ରମ-ଭୁଲ୍ । ରେ ତରୁଣି ! ତୋତେ ସମ୍ମତ କରାଉଅଛି ଓ ଅଧୈର୍ଯ୍ୟ ହେବାର ସବୁ କଥା କହୁଅଛି । ତୁ ଗୁଣବତୀ ଅଟୁ, ଏଣୁ ସବୁ ବୁଝିପାରୁଥିବୁ । ରେ ପ୍ରାଣସଙ୍ଗିନି ! ମୁଁ ତୋହଠାରେ ଋଣୀ ହେଲି । କାରଣ ଭିନ୍ନ ନ ହେବାପାଇଁ ତୁହେଁ ନିୟମ କରିଥିଲୁଁ । ରେ ଦେବମୋହନି ! ତୁ ଅଭିମାନ କରିବୁ ନାହିଁ ବୋଲି ଯେ ନିୟମ କରିଥିଲୁ ତାହା ନ ଭୁଲି ପାଳନ କଲୁ । ୧୯ ।

ଦଇବ-ଦୈବ । ଗୋଚର-ଜଣା । ରେ ରମଣି ! ମୁଁ ବିଦେଶକୁ ନ ଯିବି ଏକଥା ତୋ ଆଗରେ କହିଥିଲି । ମୁଁ ପାପୀ ଓ ମିଥ୍ୟାବାଦୀ ହୋଇ ତୋତେ କନ୍ଦାଇ ବିଦେଶକୁ ଯାଉଅଛି । ରେ ବନିତା, ମୁଁ ତୋତେ ପଚାରୁଛି । ଦାସ ଦୋଷ କଲେ ପ୍ରଭୁ ଯେବେ ତାହା ନ ସେନଇ, ତେବେ ତାହାକୁ ରକ୍ଷାକରିବାପାଇଁ ସଂସାରରେ ଆଉ କିଏ ଅଛି ? ଏକଥା ଦୈବକୁ ଜଣାନାହିଁ କି ? । ୨୦ ।

ଅବଧି ତାର । ତାରକାଶୋଭାଠାରୁ ହୋଇ ମେଲାଣି ଗଲା ମାଳବ ଦେଶରେ । ସରେ ନାହିଁ ଦିନ ପ୍ରାଣବନ୍ଧୁ ଭାବ ବସିଣ ଭାବନା କରେ ।୨୧। କରେ ଗଣ୍ଡ ଧରି ଦୁଃଖରେ ମଜ୍ଜନା ସେଦିନୁଁ କମ୍ପାଧରା । ଧରଣୀ-ଶୟନ ଜନ୍ଦ୍ରି ନୟନ ଲଗେ ମୁହୂର୍ତ୍ତେ ନ ପାରି । ପାଶାନ୍ତମଧ୍ୟା ବିଚ୍ଛେଦ ମହା ଦୁଃଖ ଅନୁଭବୀ ରହୁଥାଇ । ସାରବର ଉପେନ୍ଦ୍ର ଭଞ୍ଜ କହେ ଏ କଷ୍ଟ ନ ପାଉ ପର । ୨୨ ।

## ନବମ ଛାନ୍ଦ

### ( ପ୍ରାନ୍ତଯମକ )

### ରାଗ—କଳହଂସକେଦାର

ମାଳବେ ହେମନ୍ତୁ ଲୋକନ କରି । ଏକାଳେ ବଦେଶ ତ ଲୋକ ନ କରି ଯେ । କରିବ ନାହିଁ କୁନ୍ଦେ ରସିକବର । କାନ୍ତ ମୋ ଏହା ଭାବେ ରସିକବର ଯେ ॥

---

ବକ୍ରନେତ୍ରୀ-ବକ୍ରନୟନା । କଳ-ଶେଷରେ । ଅବଧି-କଣ୍ଟା । ତାରକାଶୋଭା ନେତ୍ରର ଶୋଭମା । ସେ ପୁରୁଷଶ୍ରେଷ୍ଠ ରାଜପୁତ୍ର ବକ୍ରନୟନାକୁ ଏରୂପେ କହୁଚ ବିନୟ କଥାରେ ବୋଧଦେଇ ବର୍ଷ ଶେଷରେ ଶରଦ ସମୟକୁ ଫେରି ଆସିବାପାଇଁ କଣ୍ଟକରି ନୟନ ନେତ୍ରଶୋଭମାଠାରୁ ମେଲାଣି ନେଇ ମାଳବ ଦେଶକୁ ଗଲା । ସେଠାରେ ବସି ପ୍ରାଣବନ୍ଧୁ ଭାବନା କରି କରି ଦିନ ସରଇ ନାହିଁ । ୨୧ ।

ଗଣ୍ଡ-ଗାଲ । ମଜ୍ଜନା-ବୁଡ଼ିବା । କମ୍ପାଧରା-କମ୍ପଉଠୁଥିବା । ଧରଣୀ-ପୃଥିବୀ । ଜନ୍ଦ୍ରି-ଜାଗର । ପର-ଅନ୍ୟ, ଶତ୍ରୁ । ପାଶାନ୍ତମଧ୍ୟା-ସୁନ୍ଦରକଟୀ ସ୍ତ୍ରୀ । କମ୍ପଉଠୁଥିବା ପ୍ରେମସୁଧାନିଧି ସେଦିନଠାରୁ ଦୁଃଖରେ ବୁଡ଼ି ଗାଲରେ ହାତ ରଖି ଅନିଦ୍ରା ଭାବରେ ଭୂମିକୁ ଶୟନ କରି ରହିଲେ ଶୋଇଲା । ସାରବର ଉପେନ୍ଦ୍ର ଭଞ୍ଜ କହନ୍ତି ସୁନ୍ଦରକଟୀ ସ୍ତ୍ରୀ ବିଚ୍ଛେଦରୂପ ମହାଦୁଃଖ ଅନୁଭବୀ । ହେ ରାମଚନ୍ଦ୍ର ! ଯେପରି ଏ ବିଚ୍ଛେଦ କଷ୍ଟ ଅନ୍ୟକୁ ବା ଶତ୍ରୁକୁ ନ ହେଉ । ୨୨ ।

---

ନବମ ଗୂଢ଼ ଟୀକା-ପ୍ରାନ୍ତ ଯମକ ।

ବିଦେଶାନୁରକ୍ତା ।

ଲୋକନ କରି-ଦେଖି, ମାନନ କରିଇଁ । କାନ୍ତା-ସ୍ତ୍ରୀ । ହେମନ୍ତୁ-ହେମନ୍ତ କାଳ । ରସିକଶ୍ରେଷ୍ଠ ରାଜପୁତ୍ର ମାଳବ ଦେଶରେ ଥିବା ସମୟରେ ହେମନ୍ତକୁ ହେବାର ଦେଖି ବିଚାର କରେ । ମାନବ ଏ ସମୟରେ ବିଦେଶରେ ରହିବାର ଉଚିତ ନୁହେଁ । ମୋ ସ୍ତ୍ରୀ ଆଦରରେ କୁନ୍ଦଫୁଲଦ୍ୱାରା କେଶ ବାନ୍ଧୁ ନ ଥିବ । ୧ ।

କାହିଁ ଶଙ୍କର ବୋଲି ସଦାଶିବଙ୍କୁ । ନ ଭଜେ ସେବା କଲେ ସଦାଶିବଙ୍କୁ
ଯେ । ଥିଲେ ମନରୁ କାମରାଜାକୁ ମାରି । ଦୁଃଖ ଲଭନ୍ତା କାହିଁ ରାଜକୁମାରୀ ଯେ । ୨ ।
ଅବଶ୍ୟ ପିଣ୍ଡୁ ଅଟେ ଯିବ ଜୀବନ । ତା ଲାଗି ଗଲା ଜାଣୁ ଜୀବଜୀବନ ଯେ ।
ଏହି ସଂଶୟ ହୋଏ ଗୁଣିତିଳକ । ଗଲେ ତ ନ ଦେଖିବି ଗୁଣିତିଳକ ଯେ । ୩ ।
ମୋ ଧନୀ ନ ଯାଇବ ମୋ ବିନାଶରେ । ଗତି ଦେବାକୁ ମୋତେ ତା ଭଜନା ସରେ
ଯେ । ସେ ଥିଲେ ତାହା କରବଣ ସଲିଳେ । ଦେବେ ବୋଲବେ ସ୍ୱର୍ଗେ ବସୁ
ସଲ୍ଲୀଳେ ଯେ । ୪ । ମୋହ ଯିବା ଯାଏ ଗ୍ରୀବକୁ ତାହାର । ନ ଛାଡ଼ୁ ମୋ ଗୁନ୍ଥିଲା
ମୁକ୍ତାହାର ଯେ । ଦେଖି ସୁମରୁଥିବ ମୋତେ ବାଳୀଶ । ମୁହିଁ ହୋଇଲି ଏହି
ମତେ ବାଳିଶ ଯେ । ୫ । ଭେଟାଇ ଦେଉ ଧାତା ସୁମରଣକୁ । କେବେ କଥା ପଚ୍ଛୁ

---

ସଦାଶିବ-ମହାଦେବ । ଶଙ୍କର-ମଙ୍ଗଳକାରୀ । ଶିବ-ଶୁଭ । କାହିଁକି ମହାଦେବଙ୍କୁ ମଙ୍ଗଳକାରୀ ବୋଲି କହନ୍ତି, ତାଙ୍କୁ ସବଦା ସେବା କଲେ ସୁଦ୍ଧା ଶୁଭ ହେଉ ନାହିଁ । ସେ ମନରୁ କାମରାଜାକୁ ମାରିଥିଲେ ରାଜକୁମାରୀ ପ୍ରେମସୁଧାନିଧି କମ୍ପାଇ ଦୁଃଖଭୋଗ କରନ୍ତା । ୨ ।

ପିଣ୍ଡୁ-ଦେହରୁ । ଜୀବଜୀବନ-ପ୍ରାଣରପ୍ରାଣ । ଗୁଣିତିଳକ-ଗୁଣବତୀ, ଭାବ ଭାବ ତିଳେମାତ୍ର । ନିଶ୍ଚୟ ଥରେ ଦେହରୁ ପ୍ରାଣ ବାହାରିଯିବ; କିନ୍ତୁ ସେ ପ୍ରାଣର ପ୍ରାଣରୂପା ରମଣୀ ଜାଣୁ ଜାଣୁ ଏ ଜୀବନ କେବଳ ତାହାଲାଗି ଗଲା । ମାତ୍ର ଏହି ସନ୍ଦେହ ହେଉଅଛି ସେ ଗୁଣବତୀକୁ ଭାବନା କଲେ ମଧ୍ୟ ଜୀବ ଯିବା ସମୟରେ ତାହାକୁ ତିଳଏ ମାତ୍ର ଦେଖିପାରିବ ନାହିଁ । ୩ ।

ବିନାଶ-ମୃତ୍ୟୁ, ବିଗତ । କରବଣ-ହସ୍ତସ୍ଥିତ । ସଲିଳ-ତର୍ପଣଜଳ । ସଲ୍ଲୀଳେ-ଆନନ୍ଦରେ । ମୁଁ ମଲେ ମୋହର ସ୍ତ୍ରୀ ବଞ୍ଚିବ ନାହିଁ । ମୋତେ ମୁକ୍ତି ଦେବାପାଇଁ ତାହା ବ୍ୟତୀତ ପୃଥିବୀରେ ଆଉ କେହି ନାହିଁ । ସେ ଥିଲେ ତାହାର ତର୍ପଣଜଳଦ୍ୱାରା ମୋହର ମୁକ୍ତି ହୁଅନ୍ତା । ଏଣୁ ଦେବତାମାନେ ଆନନ୍ଦରେ ସ୍ୱର୍ଗରେ ବସିବାପାଇଁ ମୋତେ ଅଜ୍ଞା କରନ୍ତେ । ୪ ।

ଗ୍ରୀବ-ଗଳ । ବାଳୀଶ-ସ୍ତ୍ରୀରତ୍ନ । ବାଳିଶ-ମୂର୍ଖ, ଅଜ୍ଞାନ । ମୁଁ ତାହା କଣ୍ଠକୁ ଯିବାପର୍ଯ୍ୟନ୍ତ ମୁଁ ଗୁନ୍ଥିଥିବା ମୁକ୍ତାହାର ନ ଛାଡ଼ୁ । ତାହାହେଲେ ସେ ହାରକୁ ଦେଖି ସେ ସ୍ତ୍ରୀରତ୍ନ ମୋତେ ମନେ କରୁଥିବ । ମୁଁ ଏହିପରି ଭାବନାରେ ଅଜ୍ଞାନ ହୋଇ ଯିବା ? । ୫ ।

ମୋ ସୁମରଣଙ୍କୁ ଯେ । ଫୁଲ ସଜାଡ଼ିବା କାଳେ ସୁମନ ସରେ । ମୋତେ ଶକ୍ତ ମର୍ଦ୍ଦିବ ସୁମନ ଶରେ ଯେ ।୬। ଅଳତା ଦେବୁଁ ପଦ ରଙ୍ଗରାଜୀବେ । ହୃଦେ ମୋ ଦେବା ସ୍ନେହ ରଙ୍ଗ ରାଜବେ ଯେ । ଶ୍ୱାସ ତେଜି ମର୍ଦ୍ଦିବ ପରଶଂସାରେ । ଭାଗ୍ୟବନ୍ତ ନାହିଁ ମୋ ପର ସଂସାରେ ଯେ । ୭ । ନୋହିବ ବୋଲି ଶୀତ ସହ୍ୟ ନିଶାରେ । ଘୋଡ଼ାଇ ଦେଲେବେଳେ ସଖୀ ଜଷାରେ ଯେ । ଉଷ୍ମ ନ ପାଇ ତହିଁ ସାରସେକ୍ଷଣୀ । ଭେଣିବ ତନୁସଙ୍ଗସାର ସେକ୍ଷଣି ଯେ । ୮ । ଦିନେ ମୁଁ ଦେଖି ବିଶ୍ୱାମିତ୍ର ଜୀମୂତ । କବଳ କରିବାରୁ ମିତ୍ରଜୀମୂତ ଯେ । ଓଷ୍ଠ ଉରଜ ଘୋଡ଼ା ମୋ ହୃଦମଣି । ବୋଲିବା ମାତ୍ରକେ ସେ ମୋ ହୃଦମଣି ଯେ । ୯ । ଯତ୍ନେ ଅଞ୍ଚାଡ଼ ପ୍ରେମଶୀଳା ବାସକୁ ।

---

ସୁମରଣ-ସୁଖମୃତ୍ୟୁ, ମନରେ ଥିବା । ସୁମନସ-ଫୁଲ । ସୁମନଶର-କାମବାଣ । ବିଧାତା ମୋତେ ତାହା ସହିତ ମିଳାଇଲେ ପରେ ମୋହର ସୁଖମୃତ୍ୟୁ ହେଉ । ତାକୁ କେତେ କଥା କହିବାପାଇଁ ମନରେ ଅଛି । ସେ ଫୁଲରେ ଫୁଲ ସଜାଡ଼ିବା କାଳରେ ମୋତେ ଶକ୍ତ କରି କାମବାଣରେ ପୀଡ଼ିତ ହେବ । ୬ ।

ରଙ୍ଗ ରାଜୀବ-ଲାଲପଦ୍ମ । ସ୍ନେହରଙ୍ଗ-କୌତୁକ କଥା । ରାଜବ-ଜଣାଇବ । ଶ୍ୱାସତେଜି-ଦୀର୍ଘ ନିଶ୍ୱାସ ପକାଇ । ପର-ପ୍ରଧାନ । ସେ ତାହାର ଲାଲପଦ୍ମ ସଦୃଶ ପାଦରେ ଅଳତା ଦେଉଥିବା ସମୟରେ ମୁଁ କୌତୁକ କଥା କହି ଅଳତା ଦେବା କଥା ମନରେ ଜଣାଇବି । ତହୁଁ ସେ ଦୁଃଖରେ ଦୀର୍ଘ ନିଃଶ୍ୱାସ ପକାଇ ସ୍ନେହବଶରୁ ମୋତେ ପ୍ରଶଂସା କରିବ । ଏଣୁ ମୋହପରି ପ୍ରଧାନ ଭାଗ୍ୟବନ୍ତ ଲୋକ ଏ ସଂସାରରେ ଆଉ କେହି ନାହିଁ । ୭ ।

ନିଶା-ରାତ୍ର । ଜଷା-ରେଜେଇ । ସାରସେକ୍ଷଣୀ-ପଦ୍ମନେତ୍ରୀ । ତନୁ-ଦେହ । ସାର-ଶ୍ରେଷ୍ଠ । ରାତ୍ରରେ ଶୀତ ସହ୍ୟ ନୋହିବ, ଏଥିପାଇଁ ସଖୀମାନେ ରେଜେଇ ଘୋଡ଼େଇ ଦେଲେହେଁ ସେ ପଦ୍ମନେତ୍ରୀ ତହିଁରେ ଉଷ୍ମ ନ ପାଇ ଦେହ ସଙ୍ଗକୁ ଶ୍ରେଷ୍ଠ ଉଷ୍ମକାରୀ ବୋଲି ମନେ କରିବ । ୮ ।

ବିଶ୍ୱାମିତ୍ର ଜୀମୂତ-କୁହୁଡ଼ି । ମିତ୍ର-ସୂର୍ଯ୍ୟ । କବଳ-ଗ୍ରାସ । ଜୀମୂତ-ପର୍ବତ । ହୃଦମଣି-ହୃଦହାର, ମଣିସ୍ୱରୂପା । ଉରଜ-ସ୍ତନ । ଦିନେ କୁହୁଡ଼ି ସୂର୍ଯ୍ୟ ଓ ପର୍ବତକୁ ଘୋଡ଼ାଇ ପକାଇବା ଦେଖି ମୁଁ ସେହି ହୃଦହାରମଣିକୁ କହିଲି, ତୋହର ଓଷ୍ଠ ଓ ସ୍ତନକୁ ଘୋଡ଼ାଇପକା । ଏହା କହନ୍ତେ, ସେ ହୃଦମଣି ମୋ ମନକଥା ଜାଣିପାରିଲା । ୯ ।

ହସିଲ ହୋଇ ସେ ପଶିଲେ ବାସକୁ ଯେ । ଏବେ ସ୍ଫୁରିବ ଯେବେ କୁଝଟିତର । ତାହା ଆଣିବ ମନକୁ ଝଟିତର ଯେ । ୧୦ । ହେନେ ଯେ ଅତିଶୟ ସୁରସଜନ୍ମ । ରତି ନ ସରୁ ଜବେ ସୂର ସଜନ୍ମ ଯେ । ଲଜ୍ଜାକାତରେ କେତେ ସେ କରୀଗତ । ଶାଢ଼ୀରେ ଘୋଡ଼ାଇଲେ ସେ କଣ୍ଠ ଗତ ଯେ । ୧୧ । ହା ଭଙ୍ଗୀ ଜ୍ଞାନମୀନ ବଡ଼ଶୀ ତ ସେ । କରଇ ନିବାରଣ ବଡ଼ ଶୀତ ସେ ଯେ । ପ୍ରଭାତେ ପଡ଼ୁଥିବ ତା ମାନସରେ । ଯେମନ୍ତ ମରାଳ ରତା ମାନସରେ ଯେ । ୧୨ । ନବ ସଙ୍ଗମେ ଭାବ ଏସନମତ । ନୋହୁ କଥା କହିବା ଏ ସନମତ ଯେ । ହେନେ ଦେଇବେ ବିମ୍ବାଧରା ଶୁକରେ । ପଢ଼ାଉଥିଲା ଧରି ଶ୍ଲୋକ ସୁକରେ ଯେ । ୧୩ । ମୁଁ ମିଳୁଁ 'କାନ୍ତ ପଢେ' ଶାର ଭଣିଲା । ଲଜ୍ଜାରେ ଧୈର୍ଯ୍ୟ ବଦେଶାର ଭାସିଲା ଯେ । ଶୁକ ଲୋକନେ ତାହା

---

ପ୍ରେମଶୀଳା-ସ୍ନେହଶୀଳା । ବାସ-ଲୁଗା, ଘର । ଝଟିରେ-ଶୀଘ୍ର । ସେ ସ୍ନେହଶୀଳା ଓଷ୍ଠ ଏବଂ ଉରଜକୁ ଲୁଗାରେ ଘୋଡ଼ାଇ ହସିଲାପରି ହୋଇ ଘରକୁ ପଶିଗଲେ । ଏବେ ସେ କୁତୁହଳ ଦେଖି ଏ ସବୁ କଥାକୁ ଶୀଘ୍ର ମନରେ ଆଣିବ । ୧୦ ।

ଜନ-ଜାତ । ସୁର-ସୂର୍ଯ୍ୟ । କରୀଗତି-ଗଜଗାମିନୀ । ଗତି-ଭଙ୍ଗୀ । ହେନେ ଅଧିକ ସୁରସ ଜାତ ହେଲା । ରତି ନ ସରୁଣୁ ସୂର୍ଯ୍ୟ ଉଦୟ ହେବା ଦେଖି ସେ ଗଜଗାମିନୀ ସଖୀଙ୍କ ଭଙ୍ଗୀକଥା ହେତୁ ଲଜ୍ଜାରେ କାତର ହୋଇ ମୋତେ ଶାଢ଼ୀରେ ଘୋଡ଼ାଇ ପକାଇଲେ । ୧୧ ।

ହା-ଆହା । ଆହା ତାହାର ଭଙ୍ଗୀ ମୋ ଜ୍ଞାନରୂପୀ ମୀନକୁ ବଡ଼ଶୀ ପରି ଟାଣିନଏ । ସେ ସୁନ୍ଦରୀ ମୋର ବଡ଼ ଶୀତକୁ ନିବାରଣ କରେ । ଯେପରି ହଂସମାନେ ମାନସରୋବରରେ ସର୍ବଦା କ୍ରୀଡ଼ା କରନ୍ତି, ସେହିପରି ସେ ପ୍ରଭାତରେ ମୋ କଥା ମନରେ ପକାଉଥିବ । ୧୨ ।

ନବସଙ୍ଗମ-ନୂଆମିଳନ । ଏସନମତ-ଏ ପ୍ରକାର । ଶୁକରେ-ଶୁଆକୁ । ସୁକରେ-ନିଜ ହାତରେ । ଶାର-ଶୁଆ । ଶୁକ ଲୋକନେ-ଶୁଆକୁ ଦେଖି । ନରତ-ସର୍ବଦା । ଭାବିନୀ-କାମିନୀ । ରତ-ଆସକ୍ତ । ନୂଆହୋଇ ମିଳନ ହେବା ସମୟରେ ଏକପ୍ରକାର ଭାବ ହୋଇଅଛି । ସେ ଲଜ୍ଜାଗ୍ରସ୍ତ ମୋ ସଙ୍ଗରେ କଥା କହିବାକୁ ଇଚ୍ଛା ନ କରୁଣୁ ଏପରି ଘଟନା ହେଲା, ହେନେ ଦେଖିବାରୁ ସେ ବିମ୍ବାଧରା ନିଜ

ଭାବ ନଭିତ । ମୋଠାରେ ହୋଇଥିବ ଭାବନା ରତ ଯେ । ୧୪ । ଏବେ କି ବର୍ଣ୍ଣ
ହେଲା ଦରୀରତରେ । ମୋ ସଙ୍ଗେ ଥିଲା ଦନ୍ତୁହରା ଘଣ୍ଟରେ ଯେ । ମନ ବାନ୍ଧନେ
ନବବୟସୀ ପାଣ । ଭିଭୁକୁ ଲଭି ଯାଉଁ ବୟସୀ ପାଣ ଯେ । ୧୫ । ଛନ୍ଦେ ଗୋଡ଼ାଇ
ଫନ୍ଦେ ପଶୁରୁଁ ମୁହିଁ । ଫୁଲ ଫିଙ୍ଗିଲା ଉଡ଼ୁପ-ସ୍ୱରୁମୁଖୀ ଯେ । ହେଉ ଯେ ଥିବ
ବାରେ ବାରେ ସେ ଭଳ । ହେବନି ମୋତେ ଛନ୍ଦିବାରେ ସେ ଘାନ ଯେ । ୧୬ ।
ଏବେ ସୁରତେ ମଜ୍ଜି ମଣଦର । ଜାଣି ନୋହିଲା କିଛୁ ତମସହର ଯେ ।
ହେଲା ପାଲଟ ମୋର ତାର ଅମ୍ବର । ମୋ ପାଶୁଁ ଗଲା ଥାଉଁ ତାର ଅମ୍ବର
ଯେ । ୧୭ । ସଖୀ କହିଲା ଆଜ ଶ୍ୟାମା ଏ କାନ୍ତ । କେବେ ନାହିଁ ପାଇଲୁ ଶ୍ୟାମା
ଏକାନ୍ତ ଯେ । ତା ସ୍ୱହିଁ ତାହା ଶୁଣି ହେବ କି ତତ୍ତ୍ୱ । ତେବେ ମୋରେ ସରାଗ
ହେବ କହୁଛେ ଯେ । ୧୮ । ଏବେ ସେ ହୋଇ ଚଉପର ବେଶକୁ । ନ ଜାଣି ମୋ

ହାତରେ ଶୁଆକୁ ଧରି ପଢ଼ାଉଥିବା ସମୟରେ ମୁଁ ସେଠାରେ ମିଳନ୍ତେ ଶୁଆ
କହିଲା, 'ପତ୍ତ ଫନ୍ଦରେ' । ଏଣୁ ସେ ଜ୍ଞାନବତୀ ଲଜ୍ଜାରେ ଭାସିଲା । ଏବେ ସେ
ଶୁଆକୁ ଦେଖି ସେହିକଥା ଭାବନା କରି ମୋଠାରେ ରତ ହେଉଥିବ ।୧୩।୧୪।

ହାରଗତି-କାମ । ଦନ୍ତୁହରା-ଦନ୍ତନାଶିନୀ । ନବବୟସୀ-ନବଯୌବନା ।
ଭିଭୁ-ପୁଷ୍ପବତୀ । ସ୍ୱରୁମୁଖୀ-ସୁନ୍ଦରମୁଖୀ । ଘାନ-ଦୁଃଖୀ । ସେ ଧୈର୍ଯ୍ୟନାଶିନୀ
ଏବେ ରାତ୍ରରେ ମୋ ପାଖରେ ଶୋଇ ମୋତେ କାମହାରା କି ବର୍ଣ୍ଣ କରାଇଲା ।
ମୋ ମନ ବାନ୍ଧିବାରେ ପାଶ ସ୍ୱରୂପା ସେ ନବଯୌବନା ପୁଷ୍ପବତୀ ହୋଇ ସଖୀଙ୍କ
ପାଶକୁ ଯିବାବେଳେ ମୁଁ ଆଭୁରରେ ପଛରେ ଗୋଡ଼ାଇ ପଶୁରନ୍ତେ ସେ
ଚନ୍ଦ୍ରବଦନା ମୋ ଉପରକୁ ଫୁଲ ଫିଙ୍ଗିଲା । ଏବେ ପ୍ରତିଥର ପୁଷ୍ପବତୀ
ହେବାବେଳେ ମୋ କଥା ଭାବି ଦୁଃଖୀ ହେଉଥିବ ସିନା । ୧୫ । ୧୬ ।

ମଣଦର-ମଶୁରି । ତମସହର-ସକାଳ । ଅମ୍ବର-ଲୁଗା ଓ ତାର
ଅମ୍ବର-ନକ୍ଷତ୍ରପୂର୍ଣ୍ଣ ଆକାଶ । ଏବେ ମଶୁରି ମଧ୍ୟରେ ରତି ରଙ୍ଗରେ ମଜ୍ଜି ଥିବାରୁ
ସକାଳ ହେବାର ଜଣାଗଲା ନାହିଁ । ଦୁହିଁଙ୍କର ଲୁଗା ବଦଳ ହୋଇଗଲା ।
ଆକାଶରେ ତାରା ଥାଉଁ ଥାଉଁ ସେ ମୋ ଲୁଗାପିନ୍ଧି ମୋ ପାଖରୁ ବାହାରିଗଲା ।୧୭।

ଶ୍ୟାମା-ରାତ୍ରି, ତପ୍ତ କାଞ୍ଚନଗୋରୀ । କାନ୍ତ-କମନୀୟ । ସରାଗ-ସ୍ନେହଯୁକ୍ତ ।
ସଖୀ କହିଲା, ହେ ତପ୍ତକାଞ୍ଚନଗୋରୀ, ତୁ ଆଜ ରାତି ଥାଉଁ ପତି ପାଶରୁ ଆସିବାରୁ
ପୂର୍ବେ ଦେଖା ନ ଥିବା ଏହି କମନୀୟ ରୂପକୁ ଧରିଅଛୁ । ସେ ତାହାର ସେହି
ଶାଢ଼ୀକୁ ଦେଖି ସେହି କଥାକୁ ମନେକରି ମୋଠାରେ କହୁଥିବ ସ୍ନେହଯୁକ୍ତ
ହେବ । ୧୮ ।

ନିକଟ ପ୍ରବେଶକୁ ଯେ । ଥିଲି ସେ ସ୍ଥଳେ ନଖଚନ୍ଦ୍ରମା ଖାଉ । ଦେଖୁଛି ତାହା ବସି ଚନ୍ଦ୍ରମାଗାର ଯେ । ୧୯ । ଜାଣି ଗବାକ୍ଷେ ସୃହୁଁ ରସନିଧିକ । ଲାଜ୍ ସେହି ନଇଁଲି ମୋ ସନ୍ନିଧିକ ଯେ । ଏବେ ସେହି ବାତାୟନ ଥିବ ସୁସ୍ଥ । ହୁଦେ ଏମା ସେ ଭାବ କି ନ ଥିବ ପୂରି ଯେ । ୨୦ । ସଦନେ ଥାଇ ଧାତ୍ରିମାନେ ହସନ୍ତି । ଶୀତର ବିନାଶ ଗୁମାନେ ହସନ୍ତି ଯେ । ଏବେ ମୁଁ ହୋଇ ଉତ୍ସ୍ରୁକିତ କାମରେ । ସ୍ତନ ଜାନୁ ଶୋଭା ଲୋକିତ କାମରେ ଯେ । ୨୧ । ବଳେ ମୁଁ ବାସ ହରି ଉଷଣ କରେ । ବୁଜେ କି ଚପଳେ ମୋ ଈକ୍ଷଣ କରେ ଯେ । ଚେତାଉଥିବ ମୋତେ ସେ ନିରବଧି । ନଷ୍ଟନୁ ନ ପାରିବ ସେ ମାର ବଧି ଯେ । ୨୨ । ମନସିଜ ଅସ୍ତ୍ର

---

ଗବାକ୍ଷ-ଜଳାକବାଟି । ନଖ ଚନ୍ଦ୍ରମାଗାର-ଖଣ୍ଡଚନ୍ଦ୍ର ତୁଲ୍ୟ ନଖଚିହ୍ନ । ଚନ୍ଦ୍ରମାଗାର-ଚନ୍ଦ୍ରଶାଳା । ସନ୍ନିଧି-ନିକଟ । ବାତାୟନ-ଜଳାକବାଟି । ସୁସ୍ଥ-ଗୃହ । —ଏବେ ସେ ସୁବେଶ ହେବାକୁ ତତ୍ପର ହେଉଁ ମୁଁ ତାହାର ନିକଟରେ ପ୍ରବେଶ ହେବା ନ ଜାଣି ଚନ୍ଦ୍ରଶାଳା ପୁରରେ ଉଚ୍ଚ ସ୍ଥଳରେ ଥିବା ଖଣ୍ଡଚନ୍ଦ୍ରତୁଲ୍ୟ ନଖଘାତ ଚିହ୍ନକୁ ଦେଖିବା ସମୟରେ ମୁଁ ସେ ରସନିଧିଙ୍କ ଜଳାକବାଟି ବାଟେ ଚାହିଁବାର ଜାଣିପାରି ଲଜ୍ଜାରେ ମୋ ନିକଟକୁ ଆସିଲି ନାହିଁ । ଏବେ ଗୃହରେ ଥିବା ସେହି ଜଳାକବାଟିକୁ ଦେଖି ତାହା ମନରେ ସେ ଭାବ ଜାତହେଉ ନ ଥିବ କି । ୧୯ । ୨୦ ।

ସଦନ-ଗୃହ । ହସନ୍ତି-ନିଅଁ ଉହ୍ଲାଇ । ଧାତ୍ରିମାନ-ଉଜ୍ଜ୍ୱଳ ରୂପ । ଗୁମାନ-ଅଭିମାନ । ଉତ୍ସ୍ରୁକିତ-ଉତ୍ସାହଯୁକ୍ତ । କାମ-କନ୍ଦର୍ପ, ଦେଖିବା । ଉଷଣକରେ-ଦେଖେ । ଚେତାଉଥିବ-ମନେପକାଉଥିବ । ହସନ୍ତି-ଆସୁଛି । ନିରବଧି-ସର୍ବଦା । ବଧି-ନଷ୍ଟ । ଭଞ୍ଜି-ନାଶକରି । ୨୧ ।

ଏବେ ଘରେ ନିଆଁ ଉହ୍ଲାଇ ତେଜରେ ଜାଳିବାରେ ବୋଧହେଲା, ସେ ଶୀତକୁ ବିନାଶକରିବା ଅଭିମାନରେ ଆସୁଅଛି କି ? ଏପରି ସମୟରେ ମୁଁ କାମରେ ଉତ୍ସାହିତ ହୋଇ ସ୍ତନ ଓ ଜଙ୍ଘର ଶୋଭା ଦେଖିବା ଇଚ୍ଛାରେ ତାହାର ପିନ୍ଧା ଲୁଗାକୁ କାଢ଼ି ଦେଖେଁ । ତହୁଁ ସେ ଚଞ୍ଚଳ ମୋ ଆଖିରେ ହାତ ବୁଜଇ । ସେ ଉହ୍ଲାଇ ସର୍ବଦା ମୋତେ ମନେ ପକାଉଥିବ । ଏଣୁ ସେ ସ୍ମୃତି ମାରର ଆଖିରୁ ଲୁହ ନଷ୍ଟ ହେଉ ନ ଥିବ । ୨୨ ।

କାମୀ ନଧନ । କେଉଁ ବଞ୍ଚିବ ନବକାମିନୀ ଧନ ଯେ । ଏ ଘୋର ସଙ୍କଟରୁ ଉପେନ୍ଦ୍ର ଭଞ୍ଜ । କହଇ ଗାଇବର ଉପେନ୍ଦ ଭଞ୍ଜ ଯେ । ୨୩ ।

---

## ଦଶମ ଛାନ୍ଦ

### ( ତ୍ରିଭଙ୍ଗ ବା ତ୍ରିବୃତ୍ତ ଯମକ )

ରମା ଶିଶିରେ ଘୋର ନିଶିରେ ଦୁଃଖ ରାଶିରେ ଭାସି । ବସି ଏକାନ୍ତ ମାନସେ କାନ୍ତସ୍ୱରୂପ କାନ୍ତ ଘୋଷି । ରହି ବିଦେଶ କି ହୃଦଦେଶ ଦେଲା ସନ୍ଦେଶ ନାହିଁ । କେଉଁ ସୁନ୍ଦରୀ ମନ୍ଦଉଦରୀ ପ୍ରୀତି ଆଦରି ସେହି । ନବଯୁବତୀ ସେ ରସବତୀ ସୁଗୁଣବତୀ ସେ ତ । ୧ । ସେ ଅନୁସରି କି ମୋହ ସରି ଏଣୁ ବିସ୍ମରି ସତ । ବନ୍ଧବ ଶର ବିଷମଶର ଏ ଅବସର ନାହିଁ । ଜାଣେ

---

ମନସିଜ-କାମ । ଅଭୀଷ୍ଟ-ଇଚ୍ଛା । କାମୀ-ବିରହୀ । ସଙ୍କଟ-ଦୁଃଖ । ଉପେନ୍ଦ୍ର-ବିଷ୍ଣୁ । ବିରହୀଙ୍କୁ ବିନାଶ କରିବା କାମଇଚ୍ଛା । ଏଣୁ ସେ ନବନାରୀ ବିରହିଣୀ ହୋଇ କିପରି ବଞ୍ଚିରହିବ । କବି ଉପେନ୍ଦ୍ର ଭଞ୍ଜ କହଇ, ହେ ବିଷ୍ଣୁ, ତୁମ୍ଭେ ଏ ବିପଦ ନାଶକର । ୨୩ ।

---

### ଦଶମଚ୍ଛନ୍ଦ ଟୀକା ।

### ତ୍ରିଭଙ୍ଗ ବା ତ୍ରିବୃତ୍ତ ଯମକ ।

ଭିନ୍ନାର୍ଥବୋଧକ ଏକ ପ୍ରକାର ଶବ୍ଦର ପୁନରାବୃତ୍ତିକୁ ଯମକ କହନ୍ତି । ଏହା ମାଳ, ମଧ୍ୟ ଓ ପ୍ରାନ୍ତ ଭେଦରେ ତିନ ପ୍ରକାର । ଏ ଛାନ୍ଦରେ ଏହି ସମସ୍ତ ପ୍ରକାର ଯମକ ଅଛି ।

ରମା-ପ୍ରେମସୁଧାନିଧି । ଘୋର-ଭୟଙ୍କରୀ । ଏକାନ୍ତ-ଏକାକୀ । କାନ୍ତ-ସ୍ୱାମୀ, ମନୋହର । ମନ୍ଦଉଦରୀ-କ୍ଷୀଣକଟୀ । ସନ୍ଦେଶ-ଖବର । ଶିଶିର-ଶୀତକାଳ । ପ୍ରେମସୁଧାନିଧି ଶୀତକାଳର ଭୟଙ୍କର ରାତିରେ ଦୁଃଖିତ ହୋଇ ଏକାକୀ ବସି ମନରେ ସ୍ୱାମୀର ମନୋହର ରୂପକୁ ଭାବନା କରି ଚିନ୍ତାର କଲା, ସେ ବିଦେଶରେ ରହି ତାଙ୍କ ମନ ବଦଳି ଯିବାରୁ ଟିକିଏ ଖବର ସୁଦ୍ଧା ଦେଲେ ନାହିଁ । ବୋଧହୁଏ ସେ ଅନ୍ୟ କୌଣସି କ୍ଷୀଣକଟୀ ସୁନ୍ଦରୀର ସ୍ନେହକୁ ଆଦରି ରହିଲେଣି ପରା । ୧ ।

ଶଉର ମହାକାଟର କର ମନ୍ତ୍ରର ସେହ୍ନ । ୨ । ସେନାଇ ଶତ୍ରୁ ନାହିଁ ଉଚିତ ମାନରଚିତ ଭାବ । ହେଉଁ ତା ସଙ୍ଗ ମୋହ୍ପ୍ରସଙ୍ଗ ମନେ ତ ସଙ୍ଗହେବ । ଭାଗ୍ୟ ଏତକ ଜନ୍ମ ଲୋଚନ ଭାବ ଯେତେକ ଶନ୍ତି । କାସେ ପୋଛୁବ ସେ କ ମୂର୍ଚ୍ଛି ବ ଏ କ ମୂର୍ଚ୍ଛି ବ ଝାଣ୍ଟ । ୩ । ଆନେ ଭ୍ରମରେ ଭଜେ ଭ୍ରମରେ ମଜ୍ଜେ ପ୍ରେମରେ ପଦ୍ମେ । ବିଭୁ ତୋଷିବେ ଫାଂଶ ବହିବେ ପୁଣି ଆସିବେ ସଦ୍ମେ । ସେ ତ ନାଗର ରସସାଗର ଭିନ୍ନ ଯୋଗର କଣେ । ଯେଉଁ ଚସ୍ତ୍ରର କଲ ପ୍ରସ୍ତର ତାଙ୍କ ଆସ୍ତର କ ସେ । ୪ । ମନସିଜରେ ମଜ୍ଜି ସେଯରେ ଶୋଇ ଭୁଜରେ ବାନ୍ଧି । ହୃଦ ହୃଦରେ ଦେଇ ଆଦରେ ପାଦ ପାଦରେ ଛନ୍ଦି । ଯେବେ ନଦର ହୃଦ ହୃଦର ଦୂର କ ଦର

---

ମୋହସର-ମୋହର । ଶସ୍ତ୍ର-ଫାସୋର । ଶଷମଶର-କାମଶର । ମହା କାଟରକର-ମନ ଭୁଲାଇବା । ମନ୍ତ୍ରର-ମନ୍ତ୍ର । ସେ ନବଯୌବନା ରସବତୀ ଉତ୍ତମ ଗୁଣବତୀ ଅଟେ । ମୋହର ମଧ ଅନୁସରଣ କରିଅଛି; ଏଣୁ ସେ ମୋତେ ଫାସୋରିଲେ । ଏହା ସତପଣ ଜଣାଯାଉଛି । ତାଙ୍କୁ କାମଶରେ ବାନ୍ଧିବାକୁ ସମସ୍ତ ଅଛା ନାହିଁ । ସେ ରମଣୀ ମନ ଭୁଲାଇବା ମନ୍ତ୍ର ଜାଣଇ । ଏଣୁ ତାଙ୍କୁ ବିରହ ବାଧା ନ ହେବାରୁ ମୋ କଥା ମନେ ପଡ଼ୁ ନାହିଁ । ୨ ।

ମାନରଚିତ-ରୁଷାରୁଷି । ସେନାଇ-ମନାଇ । ଉଚିତ-ସ୍ୱଭାବତଃ । ପ୍ରସଙ୍ଗ-ବିଷୟ । ମୂର୍ଚ୍ଛି ବ-ମୁଗ୍ଧ ହେବ । ଝାଣ୍ଟ-ଶୀଘ୍ରେ । ସେ ମନକୁ ମନାଇ ଥିବାରୁ ସ୍ୱଭାବତଃ ସ୍ତ୍ରୀ ପୁରୁଷ ମଧ୍ୟରେ ଥିବା ରୁଷାରୁଷିଭାବ ସେ ଦୁହିଁଙ୍କ ମଧ୍ୟରେ ନାହିଁ । ତେବେ ତାହାସଙ୍ଗରେ ଥିବା ସମୟରେ ମୋ କଥା ମନରେ ପଡ଼ିବ, ଏହା ମୋହର ଭାଗ୍ୟର କଥା । ମୋ କଥା ମନେ ପଡ଼ିଲେ ମୋହର ସମସ୍ତ ଭାବ ଚିନ୍ତା, ତାଙ୍କ ଆଖିରୁ ଲୁହ ବହନ୍ତେ, ସେ କାମିନୀ ତାଙ୍କୁ ପୁଚ୍ଛି ନ ପାରି ଶୀଘ୍ରେ ତାହାର ଲୁଗା ପଣନ୍ତରେ ଲୁହ ପୋଛୁ ଏହାର କାରଣ ପଚାରିବ । ୩ ।

ଭ୍ରମରେ-ଭ୍ରମରମାନେ, ଭୁଲ୍ ରେ । ଆନରେଭଜେ-ଅନ୍ୟଠାରେ ଆସକ୍ତ ହୁଏ । ସଦ୍ମ ଘର । ଆସ୍ତର-ଆଚରଣ । ଭ୍ରମରମାନେ ପଦ୍ମ ଫୁଲରେ ବିଶେଷ ପ୍ରେମରେ ମଜ୍ଜିଲେ ହେଁ ଭୁଲ୍ କରନ୍ତୁ ଅନ୍ୟ ଫୁଲରେ ମଧ୍ୟ ରସିଥାନ୍ତି । ପୁରୁଷମାନଙ୍କର ସ୍ୱଭାବ ମଧ୍ୟ ସେହିପରି । ସେ ଅନ୍ୟ ସ୍ତ୍ରୀଠାରେ ବଶହେଲେ ମଧ୍ୟ ଘରକୁ ଆସିବେ, ମୋ ପାଖରେ ବସିବେ ଓ ମୋ ମନକୁ ତୋଷକରିବେ । ରସରସାଗର ତୁଲ୍ୟ ସେହି ସୁରସିକ ନାଗର ଅନ୍ତଃସ୍ଥ ଦୁର୍ଯୋଗ ହେତୁ ଭିନ୍ନ ହୋଇଅଛନ୍ତି । ତାହାଙ୍କ ସମ୍ବନ୍ଧରେ ମୁଁ ଯେଉଁ ଚସ୍ତ୍ରର ସବୁ ପ୍ରକାଶ କଲି ତାଙ୍କର ସେହିପରି ଆଚରଣ କି ? । ୪ ।

ପାଇ । ନିଦ୍ରା ନାଶନ୍ତୁ ଉଭେ ପ୍ରାଣକୁ ଆସ ବଚନକୁ କହନ୍ତି । ୫ । ହୋଏ ବାଞ୍ଛାଭ ଉରନ୍ତୁହାର ନଷ୍ଟ ବିହାରକାଳେ । ନ ଅବସର ଥିବ ବାସର ଆଉ ରସର ବେଳେ । ହେଲେ ଶିଳକ ଅଙ୍ଗ ପୁଲକ ନ ବ୍ୟାକୁଳରେ ପଡ଼ି । ସେ କି ମଦନ ଘୋର କଦନ ସହି ସଦନ ଗୁଡ଼ି । ୬ । ନ ମୂର୍ଚ୍ଛ ଆଉ ଏବେ ଶୁଆଉ ଉରକୁ ଆଉଜାଇ । ନେତ୍ର ଆଗରେ ପୃଷ୍ଠଧୂପରେ ପଡ଼ି ଉପରେ ତନ୍ଦ୍ରି । କହେ ମୋ ଆନ ନାହିଁ ଧିଆନ କହ ମୋ ଆନ ଗୋଣ୍ଡ । ହାସ ଲପନ ଦେଖି କମ୍ପନ ତେଜେ ସ୍ୱପନ ପରି । ୭ । ବସିଲେ ପଦେ କେତେ ଆସ୍ୱାଦେ କହନ୍ତି ପଦେ କଥା । ଏହା ନ କର ମୁଁ ତୋ ଶଙ୍କର କଣ୍ଠକ ଭର ବ୍ୟଥା । ଗୁଡ଼ ଆଣିକ ମୋର ପାଣିକ ଧରି ପୁଣି କ ରସେ । ଉଠି ବସିଲେ ଲଗାନ୍ତି ଶିରେ ଏବା କଟିରେ ଘେଷେ । ୮ । କରେ ଖ୍ରବନ ଦେଇ ଚୁମ୍ବନ ବୋଲି ଯାଚନ ଆଗେ । ମଦନ ଥରେ

---

ମନସିଜ-କାମ । ଭୁଜ-ବାହୁ । ଦୂର-ଅଲଗା । ଜପ-ବଚନ । ବର-ହସ୍ତ । କାମରେ ମଜ୍ଜି ଶେଯରେ ଶୋଇବା ସମୟରେ ବାହୁରେ ବାନ୍ଧ ପାଦରେ ପାଦ ଛନ୍ଦି ହୃଦମିଳାଇ ଶୁଅନ୍ତି । ନିଦ୍ରା ବଶନ୍ତୁ ଦେହ ଅଲଗା ହୋଇଗଲେ ଉସ୍ତରେ ନିଦ୍ରା ଭଙ୍ଗିଯିବାରୁ ପ୍ରାଣକୁ ଆସ ଏହି ବଚନ କହନ୍ତି । ୫ ।

କଦନ-ପୀଡ଼ା । ସଦନ-ଗୃହ । ରତି କ୍ରୀଡ଼ା ସମୟରେ ଗୁଣ୍ଠକୁ ହାର ବାହାର ହୁଏ । ଏଥିରେ ସେ ସମୟରେ ଦେହରେ ଲୁଗା ରହିବାର ସୁବିଧା ନାହିଁ ରହିବ । ସେହି କାଳରେ ପୁଲକ ହେଲୁ ଦେହ ଟିକଏ ଅଲଗା ହୋଇଗଲେ ସେ ବଡ଼ ବ୍ୟସ୍ତ ହୁଅନ୍ତି । ଏବେ ସେ ଘର ଗୁଡ଼ ପ୍ରଦେଶରେ ରହି ଘୋର କାମପୀଡ଼ା ସହିଲେ । ୬ ।

ଉର-ଗୁଣ୍ଡ । ଧୂପ-ସୁଗନ୍ଧ । ଧୂପ-ଧୂମ । ଆପ-ଲୁହ । ଆନ-ଗୁଣ, ଅନ୍ୟ । ତେଜେ-ତ୍ୟାଗକରେ, ଗୁଡ଼େ । ମୂର୍ଚ୍ଛ-ପାସୋରେ । ଲପନ-ମୁଖ । ଏବେ ମୋତେ ତାଙ୍କ ଗୁଣ୍ଠକ ଆଉଜାଇ ଶୁଅନ୍ତି ଧୂପ ଧୂମରେ ମୋ ନେତ୍ର ଲୁହବାହ ତାଙ୍କ ଗୁଣ୍ଡରେ ପଡ଼ନ୍ତେ, ମୁଁ ମାନକରି କାନ୍ଦୁଅଛି ମନେ କରି କହିଲେ, ରେ ଗୋଣ୍ଡ ! ମୋର ତୋ ବିନୁ ଅନ୍ୟ ସ୍ତ୍ରୀଠାରେ ଧ୍ୟାନ ନାହିଁ । ତୋ ଗୁଣ ପକାଇ କହୁଛି ଏଥିରେ ମୁଁ ହସି ନାହିଁ । ମୁଖକୁ କମ୍ପାଇବାର ଦେଖି ସେ ସ୍ୱପ୍ନପ୍ରାପ୍ତେ ସେ କଥାକୁ ପରିତ୍ୟାଗ କଲେ । ଏ ସବୁ କଥା ମୁଁ ପାସୋରି ପାରଇ ନାହିଁ । ୭ ।

ପଦେ-ଗୋଡ଼ ପାଖରେ । ଆସ୍ୱାଦ-ସ୍ନେହ, ଗୌରବ । କଙ୍କର-ସ୍ୱକର । ଆଣି-ଟେକ । ପାଣି-ହାତ । ଶିର-ମୁଣ୍ଡ । କର-ହାତ । ମୁଁ ପାଦ ସେବା କରିବାକୁ

ହୃଦ ପଥରେ ଶୁଆନ୍ତି ଥରେ ଥରେ । ତେଜ ଧୀରତ୍ତ ଧନ ହରନ୍ତି ଛନ୍ଦୁଆଭରଣ
ସେ ତ । ମଧୁଲମ୍ପଟ ପ୍ରାପ୍ତେ କପଟ ପୀରତିପଟଳ ତ । ୯ । ସେ ଅବଚ୍ଛିନ୍ନ ମୋରେ
ଉଛନ୍ନ ମୀନଲାଞ୍ଛନ ବାଣେ । ସଖା ଆଗତେ ତାଙ୍କ ସଙ୍ଗତେ ନ ରହି ଗତେ କ୍ଷଣେ ।
ପୁରେ ପ୍ରବେଶ ହୋଇ ଆବେଶ ବୋଲନ୍ତି ବେଣୀସାର । ସେହି ହୃଦସ୍ଥ ଏବେ
ଉଦସ୍ଥ ତହିଁ ନର୍ଦ୍ଦସ୍ତୁବାର । ୧୦ । ସ୍ତ୍ରୁର ସମାନ ସେବଇ ମାନ ନ ଥାଇ
ମାନସରେ । ଜାଣି ମମତ୍ତ୍ୱ ଆଜ୍ଞା ଯେମନ୍ତ ମୁଁ ସକମତ କରେ । ପୁରୁ-
ଷାପ୍ସିତ ଭଣ୍ଡ ଯାଇଁତ ସୁତ ଦଇତ ହାଟେ । ନ ସେନ ମନ ଏହି ଦମନ ଦୁଭ ଗମନ

---

ଗୋଡ଼ ପାଖରେ ବସନ୍ତେ ସେ ସ୍ନେହଯୁକ୍ତ ଗୌରବରେ କହନ୍ତି, ତୁ ଏହା ନ କର, ମୁଁ ତୋ ଚାକର, ତୋ ହାତ ବ୍ୟଥା କରିବ । ଆହା ! ସେ କ ସ୍ନେହରେ ଉଠି ବସି ଟେକଲୁ ଗୋଡ଼ ମୋ ହାତକୁ ଧରି ମୁଣ୍ଡରେ ଲଗାନ୍ତି । ଏକଥା ମୁଁ ମନ ସ୍ମରି ସର୍ବଦା ଶୋଷୁଅଛି । ୮ ।

ମଦନ ଥରେ-କାମରେ ଥରନ୍ତି । ହୃଦପଦ୍ମରେ-ସ୍ତନଉପରେ । ତେଜ ଧୀରତ୍ତ (ଧୃତି)-ଅଧୈର୍ଯ୍ୟହୋଇ । ଛନ୍ଦୁଆଭରଣ-ଛଳକଥା । ମଧୁଲମ୍ପଟ-ମଧୁଲୋଭୀ । ପ୍ରୀତି ପଟଳ-ପ୍ରେମସକଳ । କେବେ କେବେ ଆରେ ତୁ ମୋର ଜୀବନ, ଏହା କହି ଚୁମ୍ବନ ଦେଇ ଅଧୈର୍ଯ୍ୟ ଭାବରେ କାମରେ ଥରି ମୋତେ ସ୍ତନ ଉପରେ ଶୁଆନ୍ତି । ଏବେ ମୁଁ ଭାବନା କରେଁ ସେ ମୋହଠାରେ ଏତେ ଅନୁରକ୍ତ ଥିଲେ, ଏବେ କପରି ମନ ବାନ୍ଧିଥିବେ ? ତେବେ ସେ ସବୁ ତାଙ୍କର ଛଳକଥା ଥିଲା । ମଧୁଲୋଭୀ ଭ୍ରମରର ପ୍ରୀତିପରି ତାଙ୍କର ପ୍ରୀତି ସକଳ କେବଳ କପଟପୂର୍ଣ୍ଣ ? ୯ ।

ଅବଚ୍ଛିନ୍ନ-ସର୍ବାଂଶ । ଉଛନ୍ନ-ପୀଡ଼ିତ । ମୀନଲାଞ୍ଛନ-କାମ । ଗତେ-ପୂର୍ବେ । ସଖା-ସଙ୍ଗୀ । ଆବେଶ-ମନୋଯୋଗ । ନର୍ଦ୍ଦସ୍ତୁବାର-ନିଷ୍ଠୁର କଥା । ସେ କାମଶରରେ ପୀଡ଼ିତ ହୋଇ ସର୍ବଦା ମୋହ ସଙ୍ଗରେ ସବୁ ପ୍ରକାରରେ ମିଶିବାକୁ ଚାହାନ୍ତି । ପୂର୍ବେ ଏଠାରେ ଥିବାବେଳେ ତାଙ୍କୁ କେହି ସଙ୍ଗୀ ଆସିଲେ କ୍ଷଣମାତ୍ର ତାହା ସଙ୍ଗରେ ନ ରହି ଘର ମଧ୍ୟକୁ ଆସି ମନୋଯୋଗ ସହିତ କହନ୍ତି ଶୀଘ୍ର ବେଣୀସାର । ସେହି ହୃଦସ୍ଥ ତ ଅଛି, ଏବେ ତହିଁରେ ଏତେ ନିଷ୍ଠୁରଭାବ କପରି ଜନ୍ମିଲା । ୧୦ ।

କ ସେ । ୧୧ । ଚନ୍ଦ୍ର କୁମୁଦେ ଦୂରତେ ମୁଦେ ସତତମୁଦେ ମୋତେ । ଦେଇ ହରଷ କରିବା ରସ ନାହିଁ ବରଷ ଅନ୍ତେ । ପ୍ରଭୁ ନିକର ଇଚ୍ଛା ତାଙ୍କର ମୋ ପରିକର ସେବା । ତହିଁ ଭବରେ ନ ମିଳେ ଦୂତେ ଏଥି ପ୍ରସ୍ଥରେ ଅବା । ମଶହରିରେ ଶୋଇ ଶଯ୍ୟାରେ ବାସ ପଣରେ ଜଡ଼ି । ଶୀତ ନ ଶାନ୍ତ କୋଳେ ପ୍ରଶାନ୍ତ କ ଆଶ୍ୱାସନ୍ତ ଭିଡ଼ି । କୁଚଅଚଳେ ଯାକ ବଞ୍ଚଳେ ଘୋଡ଼ା ଅଞ୍ଚଳେ ଭଣି । ଏବେ ଏ ଶୀତ କେଉଁ ଉଷିତ କରି ନାଶିତ ପୁଣି । ୧୩ । ଦସନ୍ତି ଜ୍ୱଳେ କେଉଁ ଉଜ୍ଜ୍ୱଳେ ସେ ପ୍ରେମଜଳେ ବୁଡ଼ି । ଭିନ୍ନେ ଚରିତ ତାଙ୍କ ଉଚିତ ଇଚ୍ଛା ହରିତ ଶାଢ଼ୀ । ମୋ ନିଷେଧରେ ସେ ପୟୋଧରେ ସ୍ଥିତ ଅଧରେ ଦନ୍ତ । କେତେ ବସାଇ କି ଉଲ୍ଲସି ଇ ତନ୍ତୁ ରସାଇ ଚଣ୍ଡି । ୧୪ । ସୋଲ୍ଲି ଜାଳକ ମୋର ତିଳକ ଭଙ୍ଗ ଭୂଜନ ନାହିଁ ।

---

ମାନସ-ମନ । ମମତ୍ୱ-ଆଗ୍ରହ । ଘନମତି-ସମ୍ମତି । ସୁରୁଷ ସ୍ପୃତି-ବିପରୀତ ରତି । ସୁତ୍ତି-ପ୍ରାର୍ଥନା । ଦଇତ-ପତି । ବିମନ-ଦୁଃଖିତ । ମୁଁ ମନରେ ତାଙ୍କ ଆଗ୍ରହକୁ ଜାଣି ସେ ଯେତେବେଳେ ଯାହା କହନ୍ତି ତହିଁରେ ମାନ ନ କରି ସମ୍ମତି କରେ । ପତି ବିପରୀତରତି କରିବାକୁ କହିଲେ ମୁଁ ନାହିଁ କରେ । ଏଣୁ ଦୁଃଖିତ ହୋଇ ଦୂରଦେଶକୁ ଗଲେ କି ? । ୧୧ ।

ଦୂରତଃ-ଦୂରରୁ । ମୁଦ-ଆନନ୍ଦ । ପରମୁଦ-ଶଠି । ରସ-ସ୍ନେହ । ନିକର-ନିଷ୍ଟସ୍ୱ । ପରିକର-ଗୃହକର । ଦୂତ-ଦୂତ । ଚନ୍ଦ୍ର ଦୂରରେ ରହି କଇଁଫୁଲକୁ ଆନନ୍ଦିତ କରେ । କିନ୍ତୁ ସେ ଏକବର୍ଷ ମଧ୍ୟରେ ଖଣ୍ଡିଏ ଶଠି ଦେଇ ମୋତେ ଆନନ୍ଦିତ କରିବାର ଦେଖାନାହିଁ । ସେ ପ୍ରଭୁ ଅଟନ୍ତି । ଏଣୁ ଇଚ୍ଛାନୁସାରେ ସବୁ କରିପାରନ୍ତି । କେବଳ ଗୃହକରପରି ସେବା କରିବା ମୋହର କାର୍ଯ୍ୟ । ପୁଣି ବିଦେଶ ରେ ସେଠାରେ ଏଠାକୁ ପଠାଇବାକୁ ଦୂତ ମିଳୁ ନ ଥିବେ । ୧୨ ।

ଅଚଳ-ପର୍ବତ । ଉଷିତ-ଅଳ୍ପ । ନାଶିତ-ବିନାଶ । ମଶାରିରେ ଶୋଇ ଲୁଗାପଣ ଦେହରେ ଲାଗି କୋଳରେ ପଶି ପ୍ରବୋଧ କଥା କହନ୍ତି । ସ୍ତନ ପର୍ବତ ଦୁଇଟିର ମଧ୍ୟରେ ଯାକ ଲୁଗାକାନି ଘୋଡ଼ାଇ ଦେବାକୁ କହନ୍ତି । ଏବେ କିଏ ଅଳ୍ପକରେ ଏହି ଶୀତକୁ ପୁଣି ବିନାଶ କରିବ ? । ୧୩ ।

ଦସନ୍ତୀ-ଉଦ୍ଧୋଇ । ଉଜ୍ଜ୍ୱଳେ-ଆଲୁଅରେ । ହରି-ନେବା । ପୟୋଧର-ମୁଖ । ଉଦ୍ଧୋଇରେ ନିଆଁ ଜଳିବାବେଳେ ସେ ପ୍ରେମରେ ବୁଡ଼ିବାରୁ ତାଙ୍କର ଆଚରଣ ଭିନ୍ନ ପ୍ରକାର ହୁଅନ୍ତେ ସେ ମୋହର ଦେହରୁ ଶାଢ଼ୀ କାଢ଼ିବାକୁ ଇଚ୍ଛା କରନ୍ତି । ମୁଁ ସେଥିପାଇଁ ନିଷେଧ କଲେ ମୁଖଦ୍ୱାରା ମୋ ଓଷ୍ଠରେ ଦାନ୍ତର ଦାଗ ବସାଇ ଦେହକ ଉଣ୍ଡାଇ ମନକୁ ଆନନ୍ଦିତ କରନ୍ତି । ୧୪ ।

ଯେଣୁ କୁନ୍ତଳେ ଚାପଜାଳକେ ଗୁପେ ଅଳକେ ଲମ୍ବ । ଗୁପେ ସ୍ତବକସ୍ତନା ସେବକ ମୁଁ ଯେ ଯାବକ ଦେବ । ପଦ୍ମଚରଣ ମୋର ଶରଣ ରଙ୍ଗ କାରଣ ହେବ । ୧୫ । ବସନ୍ତେ ବନେ ଚନ୍ଦ୍ରଭବନେ ସୁଖୀ ସେବନେ ମୋର । ପିଚକା ଘନସାରରେ ଘନ ମାରେ ଜଘନପର । ସେ ରସାନ୍ତରେ ସ୍ୱେଦକାତରେ ସ୍ନେହଶତ୍ରୁରେ ସଙ୍ଗେ । ପୁଣ ପୁଣତ କ୍ଷଟେଣି କ୍ଷଣିତ ଯେନ ପଣନ୍ତ ବଞ୍ଚେ ।୧୬। ଘନକାଳରେ ଗେହ କୋଳରେ ପ୍ରେମହେଳରେ ଅଙ୍କ । ଗୃହ ଉଦରେ ସୁଖପ୍ରଦରେ କାମମତରେ ମାତି । ବଚନ ବଚନ କରୁ ରଚନ ଦୁଃଖ ମୋଚନ କରେ । ଦିଅନ୍ତି ପତି ସ୍ୱର୍ଗସମ୍ପତ୍ତି ହୋଇ ଦମ୍ପତି ମୋରେ । ୧୭ । ସେହି ଶୀରତ ଯେନ କରତ ନରତେ ରତିପତି । ଅଙ୍ଗଗନ୍ଧ ଦଶେ ନଦୀ ଭବଯେ କ୍ଷଟେଣି ନ ବଟେଣ କତି । ହୋଏ ଏ ମନ ଗାଢ ଶମନପୁର ଗମନ କରୁ । ଜ୍ଞାନ-ଦୂଷଣ କାମ

---

ଯାବକ-ସବୁଦନ । କୁନ୍ତଳ-କୁନ୍ତଳ, ଚିତ୍ରକାଠ । ଅଳକେ ଲମ୍ବ-କପାଳରେ ଲେଖି । ସ୍ତବକ ଫୁଲପେଣ୍ଡା । ରଙ୍ଗକାରଣ-ରଙ୍ଗକାରକ । ତାଙ୍କପରି ବାଞ୍ଛା କେହି ନାହିଁ । ସେ ସବୁଦନ ମୋ ତିଳକଶୋଭୁ କୁନ୍ତଳ ଧରି କାମ ଉଦ୍ଦୀପନ କରିବା ପ୍ରାପ୍ୟ ତିଳକ କପାଳରେ ଲେଖି ଦିଅନ୍ତି, ମୁଁ ଫୁଲପେଣ୍ଡାସ୍ତନାର ସେବକ । ତାହାର ପଦ୍ମପାଦ ମୋହର ଶରଣସ୍ଥ ନ ଥିବାରୁ ମୁଁ ସେହି ପାଦର ରଙ୍ଗକାରକ ହୋଇ ସେ ପାଦରେ ଅଳତା ଦେବି । ୧୫ ।

ବନେ-ବଗିଚାରେ । ଚନ୍ଦ୍ରଭବନ-ଚନ୍ଦ୍ରଶାଳା ଗୃହ । ସେବନେ-ସେବାରେ । ଘନସାର-କର୍ପୂର । ଜଘନପର-ଜଙ୍ଘପେଟ ଉପର । ଘନ-ଜୋରରେ । ବସନ୍ତ ଋତୁରେ ବଗିଚା ଓ ଚନ୍ଦ୍ରଶାଳା ଗୃହରେ ମୋ ସେବାରେ ଖୁସି ହୋଇ କର୍ପୂର ପାଣି ପିଚକା ମୋହର ଜଙ୍ଘପେଟ ଉପରକୁ ଜୋରରେ ମାରନ୍ତି । କୌତୁକ ଶେଷରେ ମୁଁ ଝାଳରେ ବ୍ୟାକୁଳ ହୁଅନ୍ତେ, ସେ ସ୍ନେହ ଚଉରେ କ୍ଷଣିକୁ କ୍ଷଣ ପଣନ୍ତ ଧରି ବାରମ୍ବାର ବିଞ୍ଚନ୍ତି । ୧୬ ।

ଘନକାଳ-ବର୍ଷାକାଳ । ଗୃହ ଉଦରେ-ଗୃହମଧ୍ୟରେ । ସୁଖପ୍ରଦରେ-ସୁଖକର । କାମମତ୍ତ-କାମରେ ଉନ୍ମତ୍ତ । କରେ-କରନ୍ତି । ଦମ୍ପତି-ପତିପତ୍ନୀ । ପ୍ରେମରେ ହେଳ ହୋଇ ସୁଖକର ହେବା ନିମନ୍ତେ ବର୍ଷାକାଳରେ ମୋତେ ଗୃହମଧ୍ୟରେ କୋଳରେ ଧରି କାମରେ ମତ୍ତ ହୁଅନ୍ତି । ଶ୍ଳେଷ ବା କୌତୁକଜନକ କଥା କହି ଦୁଃଖବିନାଶ କରନ୍ତି । ସେ ପତି ମୋଠାରେ ସ୍ୱାମୀସ୍ତ୍ରୀ ସମ୍ବନ୍ଧ ରଖି ବହୁତ ସୁଖ ଦିଅନ୍ତି । ୧୭ ।

ଭୀଷଣ ଦେବା କଷଣ ସନ୍ତୁ । ୧୮ । ସେନ ବଲ୍ଲଭ ପ୍ରୀତି ଦୁର୍ଲ୍ଲଭ ଏଥୁ ସୁଲଭ ନାହିଁ । ନୋହୁ ମାତର ଲଭ କାତର ପ୍ରିୟାଅନ୍ତର କେହୁ । ଆଉ ପ୍ରସନ୍ନମୁଖ ଦର୍ଶନ ଅନ୍ତେ ନାଶନ ହେଉ । ଏହି ଆଶାରେ ଅଛି କ୍ଲେଶରେ ଅତି କୃଶଦେ ଆଉ । ୧୯ । ଏମନ୍ତେ ପ୍ରବଳା ଦୁଃଖଦୁର୍ବଳା ହୋଇ ଅବଳାମଣି । ପଦ-ଶୃଙ୍ଖଳା କଣ୍ଠୀ ଛଟକ ଦ୍ୱାର ମେଖଳା ଆଉ ଶୃଙ୍ଖଳା ମଣି । ସେ ଯୋଗଭଙ୍ଗୀ ବିଶେଷ ଭଙ୍ଗୀଶେଷ ତ୍ରିଭଙ୍ଗୀ ଗୀତ । ଶ୍ରୀ ରଘୁ ସାରଧ୍ୟାନରେ ସାରକର କବିର କୃତ । ୨୦ ।

—*—

---

ରତିପତି-କାମ । କନ୍ତି-ଶାଖ । ଶମନପୁର-ଯମପୁର । ଜ୍ଞାନଦୂଷଣ-କାମ । ଭୀଷଣ-ଭୟଙ୍କର । କଷଣ-କଷ୍ଟ । ସେ ସବୁ ପ୍ରୀତିବିଷୟ ମନରେ ପଡ଼ିବାରୁ କାମ ହୃଦୟକୁ କାଟିପକାଉଅଛି । ଦୁର୍ଭାଗ୍ୟ ହେତୁ ଜନଗଣ ମଧ୍ୟରେ କ୍ଷଣେ ମାତ୍ର ମୋ ପାଖରେ ନ ରହିଲେ, ଏଣୁ ମନେକରେ ଏ ପ୍ରାଣ ଯମପୁରକୁ ଯାଉ । ତାହାହେଲେ କାମର ଭୟଙ୍କର କଷ୍ଟ ଶେଷ ପାଇବ । ୧୮ ।

ସେନ-ମନେକର । ବଲ୍ଲଭ-ପତି । ଅନ୍ତର-ଭିନ୍ନ । ଅନ୍ତେ-ଶେଷରେ । ନାଶନ-ମରଣ । କୃଷ-କ୍ଷୀଣ, ଦୁଃଖ । ମନେକର ପତିର ସ୍ନେହ ଅତି ଅଭାବ । ଏହା ବିନା ସୁଲଭ ସୁଖ ଆଉ ନାହିଁ । ଯେଉଁ ପତି ସ୍ତ୍ରୀଠାରୁ ଭିନ୍ନ ହୋଇଅଛି, ସେ କାତର ନୋହୁ । ପୁଣି ପତିର ଆନନ୍ଦମୁଖ ଦେଖି ସ୍ତ୍ରୀର ମରଣ ହେଉ । ଏହି ଆଶାରେ ମୁଁ କ୍ଷୀଣ ଓ ଦୁଃଖିତ ହୋଇ ବଞ୍ଚି ରହିଅଛି । ୧୯ ।

ଯୋଗଭଙ୍ଗ-ତପସ୍ୟା ବିନାଶ । ଭଙ୍ଗୀ-ଛଟକ । ପଦଶୃଙ୍ଖଳା-ନୂପୁର । ଶୃଙ୍ଖଳା-ବେଢ଼ି । ଅବଳାମଣି ପ୍ରେମସୁଧାନିଧି ଏପରି ପ୍ରବଳ ଦୁଃଖରେ ଦୁର୍ବଳା ହୋଇଲା । ଯେଉଁ ପ୍ରେମସୁଧାନିଧି ବିଶେଷ ଛଟକଦ୍ୱାରା ଯୋଗୀର ତପସ୍ୟା ବିନାଶ କରିପାରେ, ସେ ନୂପୁର ଓ କିଙ୍କିଣୀକୁ ବେଢ଼ିପ୍ରାୟ ମଣିଲା । ଏହି ତ୍ରିଭଙ୍ଗୀ ଗୀତକୁ ରାମଚନ୍ଦ୍ରଙ୍କ ଧ୍ୟାନଦ୍ୱାରା ଉପେନ୍ଦ୍ର ଭଞ୍ଜ ରଚନା କଲେ । ୨୦ ।

—*—

## ଏକାଦଶ ଛାନ୍ଦ

( ଆଦ୍ୟ ପ୍ରାନ୍ତ ଯମକ )

ରାଗ-ଚିନ୍ତା ଭୈରବ ।

ବସନ୍ତରେ ବିରହୀ ଅବଶ । ବସନ୍ତ ଦୂତପକ୍ଷୀରେ ବଶ । ବସଇ ଉଠଇ ପିକକୁ କହଇ ଯୁବସମରଜୟୀ ଧ୍ୱଜପ ହେ । କୋକିଳ । ୧ । ଜୀବବନ୍ଧୁ ବୋଲୁଁ ବୋଲୁ ଜୀବ । ଜୀବଧବପୁରକୁ କି ଯିବ । ଜୀବଞ୍ଜୀବ-ନେତ୍ରୀଲାଗି ଗଲେ ବୋଲି ସତେ ଏ ଭାଗ୍ୟ କି ଅର୍ଜିବ ସେ । କୋକିଳ । ୨ । ବନଜାକ୍ଷୀ ମୋ ଜୀବ ଜୀବନ । ବନ ପ୍ରାପ୍ତେ ତା ବିନା ଭବନ । ବନ ନ ରହଇ ଦଣ୍ଡେ ନୟନରୁ କରି କରି ତା ଭାବ ଭାବନା ହେ । କୋକିଳ । ୩ । ସାର ଖୋଜିଲେ ସେହି ସଂସାର । ସାରଙ୍ଗକରେ ନ ଶୋଇ ନିଶାର । ସାରସଗତିକୁ ସଙ୍ଗ ବିନା ମୁଁ ଲୋଡ଼ା ନ କରଇଁ ଘନସାର ହେ । କୋକିଳ । ୪ । ଉତ୍ପଳଶରଜ-ଶରଭବ ଉତ୍ପଳମୋକ୍ଷ ବନ୍ଧୁ

---

### ଏକାଦଶ ଛାନ୍ଦ ଟୀକା ( ଆଦ୍ୟ ପ୍ରାନ୍ତ ଯମକ )

ଅବଶ-ଅନାୟତ୍ତ । ବସନ୍ତ ଦୂତପକ୍ଷୀ କୋକିଳବିହଙ୍ଗମ । ବସନ୍ତ କାଳରେ ବିରହୀ ରାଜପୁତ୍ର ଅନାୟତ୍ତ ଅବସ୍ଥାରେ ପଡ଼ି କୋକିଳବିହଙ୍ଗମ ପ୍ରେମସୁଧାବନ୍ଧିଠାରେ ଆସକ୍ତ ହୋଇ କେତେବେଳେ ବସି କେତେବେଳେ ଉଠି ଛଟପଟ ହୋଇ କୋକିଳକୁ କହଇ, ମୋତେ ଗୋଟିଏ ଧନ ଓ ରାଜ୍ୟ ଗୋଟିଏ ଯୁଦ୍ଧପତି ଜଣାଯାଉ-ଅଛୁ । ତୁ ଆଉ ରାଗକରି ମୋତେ କଷ୍ଟ ଦିଅ ନାହିଁ । ୧ ।

ଜୀବଧବ-ଯମ । ଜୀବଞ୍ଜୀବ-ଚକୋର, ଜୀବବନ୍ଧୁ । କହୁକହୁ ଏ ଜୀବନ ଯମପୁରକୁ ଯିବ କି ? ସେହି ଚକୋରନୟନା ଲାଗି ଏ ଜୀବନ ଗଲେ, ଏହି ଭାଗ୍ୟ ଅର୍ଜନ କରିପାରିବ କି ? । ୨ ।

ବନଜାକ୍ଷୀ-ପଦ୍ମନୟନା । ବନ-ବଣ, ଜଳ । ଭବନ-ଗୃହ । ସେ ପଦ୍ମ-ନୟନା ମୋର ପ୍ରାଣର ପ୍ରାଣ ଅଟେ । ତା ବିନା ଗୃହ ବଣପରି । ତା ଭାବ ଭାବନା କରି ଦଣ୍ଡେ ମାତ୍ର ଆଖିରୁ ଲୁହ ବନ୍ଦ ହେଉନାହିଁ । ୩ ।

ଘନସାର-କର୍ପୂର । ସାରଙ୍ଗ-ଚନ୍ଦ୍ର । ସାରସ-ହଂସ । ଏକା ସେ ସଂସାରରେ ସ୍ତ୍ରୀମାନଙ୍କ ମଧ୍ୟରେ ଶ୍ରେଷ୍ଠ । ରାତ୍ରରେ ଚନ୍ଦ୍ରାଲୋକରେ ଶୋଇବା କାଳରେ ଯେ ହଂସଗମନା ସ୍ତ୍ରୀର ଦେହସଙ୍ଗ ବିନା ମୁଁ କର୍ପୂରକୁ ଲୋଡ଼ୁ ନାହିଁ । ୪ ।

ଅନୁଭବ । ଭବକୁ ଛାଡ଼ି କ୍ଷଣେ କେଣେ ନ ଯାଏ ଏଡ଼ା କଲା ସିନା ପଦ୍ମଭବ ହେ । କୋକିଳ । ୫ । ମାନସରେ ତାର ନାହିଁ ମାନ । ମାନବୀରେ କେ ତାର ସମାନ । ମାନସର ସେ ମୋର ଚିତ୍ତ ମରାଳ ଏଥିଁ ନାହିଁ ଆନ ଅନୁମାନ ହେ । କୋକିଳ ।୬। ପରମେଶ ସେ ମୋ ଭାଗ୍ୟ ଭରା । ପରାକ୍ରମ ନାହିଁ ମୋ ଅପର । ପରାଣ ଭିନ୍ନେ ପ୍ରାଣୀ ବଞ୍ଚି ରହିବ ଶ୍ରୁତି ନ ଥିଲାଇଁ ପରମେଶ ହେ । କୋକିଳ । ୭ । ମରଇଁ ନାହିଁ ହେଲି ଅମର । ମରନ୍ଦରେ ଯେମନ୍ତ ଭ୍ରମର । ମରକତକେଶୀ ଓଷ୍ଠସୁଧାପାନୁଁ ନ ଭରସିଲା ହଂସକୁମର ହେ । କୋକିଳ । ୮ । ମନାଇ ମୁଁ ଥିଲି ସେ ସୁମନା । ମନା ନ କରିଲା ମୋ କାମନା । ମନମ୍ଭଜେ ଜୟକେତୁ ବନ୍ଧାଇବି କେଉଁ ପାପୁଁ ହେଲି ଉଦମନା ହେ । କୋକିଳ । ୯ । ବାସନ୍ତୀର ପ୍ରକଟିତ ବାସ । ବାସମଧ୍ୟେ ନ ହରିଲି

---

ଭବମୋହିନୀ-ଶିବମୋହିନୀ । ଭବପଦଭେଦ-ପଦ୍ମଭବ-କାମ । ଏଡ଼ା-ଏ ବିଚ୍ଛେଦ । ପଦ୍ମଭବ-ବିଧାତା । ସେ ଶିବମୋହିନୀ ଭବକୁ କାମ ବେଦନା ଅନୁଭବ କଲା । କ୍ଷଣେ ତାଙ୍କୁ ଛାଡ଼ି ସତ୍ତୁ ଯାଏ ନାହିଁ । ଏବେ ବିଧାତା ଏ ବିଚ୍ଛେଦ ଘଟାଇଲା । ୫ ।

ତାହା ମନରେ ଅଭିମାନ ନାହିଁ । ସ୍ତ୍ରୀ ମଧ୍ୟରେ କେହି ତାହାର ସମାନ ନୁହେଁ । ସେ ମାନସରୋବର ପରି ଥିବାରୁ ମୋ ମନ-ହଂସ ତାହା ମଧ୍ୟରେ କ୍ରୀଡ଼ା କରେ । ୬ ।

ପରମେଶ-କାଳକ୍ରମେ । ସେ ପ୍ରାଣ, ମୁଁ ପ୍ରାଣୀ । ତାଙ୍କୁ ପାଇବା ମୋହର ବା ଅନ୍ୟର ପରାକ୍ରମ ନାହିଁ । କେବଳ ଭାଗ୍ୟ ବଳରୁ ମୁଁ ପାଇଅଛି । ପ୍ରାଣ ଭିନ୍ନ ପ୍ରାଣୀ ବଞ୍ଚିରହିବା କୌଣସି କାଳରେ ଶୁଣା ନ ଥିଲା । ୭ ।

ମରନ୍ଦରେ-ମକରନ୍ଦ ପାନରେ । ହଂସକୁମର-ଯମ । ଭ୍ରମର ମକରନ୍ଦ ପାନରେ ଆସକ୍ତ ହେଲା ପରି ମୁଁ ସେ ରମଣୀମଣିଠାରେ ଆସକ୍ତ ହୋଇ ତାହା ଅଧରରୁ ଅମୃତ ପାନ କରିଥିବାରୁ ଯମ ମୋତେ ନେଇ ନାହିଁ । ୮ ।

ସୁମନା-ସ୍ତ୍ରୀ । କାମନା-ବାଞ୍ଛା । ମନାମ୍ଭଜ-କାମ । କେତୁ-ପତାକା । ଉଦମନା-ଅମନଯୋଗୀ । ମୁଁ ସ୍ତ୍ରୀକୁ ମନାଇଥିଲି । ସେ ମୋ ବାଞ୍ଛା କଥାକୁ ମନାକରିଲା ନାହିଁ । ମୁଁ କାମକୁ ଜିଣି ଜୟପତାକା ବାନ୍ଧିବାକୁ ମନ କରିଥିଲି; କିନ୍ତୁ କେଉଁ ପାପରୁ ଚିତ୍ତରେ ଅମନଯୋଗୀ ହେଲି । ୯ ।

ବାସ । ବାସବ ଆୟୁଧ ମୋ ଶିରେ ନ ପଡ଼େ ପୋଛି ନ ଯାଇ କହିଁ ପ୍ରକାଶ ହେ । କୋକିଳ । ୧୦ । ପୁରସ୍କାରେ ନେଇ କେଳିପୁର । ପୁରତରେ ବସାଇ କର୍ପୂର । ପୁରଟ ବସ୍ତନୀ ଭରେ ଲଗାଇବା କେଡ଼େ ସୁବୁଦ୍ଧି ପ୍ରେମବତ୍ସର ହେ । କୋକିଳ । ୧୧ । ରତି ସମ ସେ ପ୍ରେମରେ ରତି । ରତି କରେ କରଇ ଧୂରତି । ରତିବେଳେ ଶ୍ରମସ୍ୱେଦ ଶାଢ଼ୀଶେଷେ ପୋଛୁ ଦେବାର କେଡ଼େ ପିରତି ହେ । କୋକିଳ । ୧୨ । ରଜନୀଶମୁଖୀ ଫଗୁଣଗଜ । ରଞ୍ଜେ ମାରୁଁ ଏଣୁଁ ଭରଜ । ରଜନୀପିଚକା ମୁଁ ଯୋଖି ମାରନ୍ତେ କି କରଇ ନୟନମାରଜ ହେ । କୋକିଳ । ୧୩ । ଧର ସମ ତାହା ପୟୋଧର । ଧରାଇଁ ଯେବେ ତୁମ୍ଭେ ଅଧର । ଧରଣୀମଣ୍ଡନା ଭାଷେ ଏ ଜାଣିବା ଭାନୁ ଥିବାରେ ନୋହେ ବୁଧର ହେ । କୋକିଳ । ୧୪ । ମତେ ଶାନ୍ତ ସେଶ୍ଚ ସବୁ ମତେ । ମତ୍ତେ-ଉଗ୍ରତ । ବାଚ-ମନତେ । ମତେ

---

ବାସନ୍ତୀ-ବସନ୍ତ କାଳର ଫୁଲ । ପ୍ରକଟିତ-ପ୍ରକାଶିତ । ବାସ-ଗନ୍ଧ, ଲୁଗା । ବାସବ ଆୟୁଧ-ବଜ୍ର । ବସନ୍ତକାଳ ଫୁଲର ଗନ୍ଧ ପ୍ରକାଶିତ ହେଉଥିବା ଘରେ ମୁଁ ତାହାକୁ ଲଙ୍ଗଳା କରିପାରିଲି ନାହିଁ । ମୋ ମୁଣ୍ଡରେ ବଜ୍ର ନ ପଡ଼ୁ ମୁଁ ଯାହା ପ୍ରକାଶରେ ବଞ୍ଚିରହିଛି । ୧୦ ।

ପୁରସ୍କାର-ଆଦର । ପୁରତରେ-ଆଗରେ । ସେ ସୁନାଗୋରୀ ମୋତେ ଆଦରରେ କେଳିପୁରକୁ ଡାକିନେଇ ଆଗରେ ବସାଇ ତାହାର କର୍ପୂରବୋଳା ସ୍ତନକୁ ମୋ ଛାତିରେ ଲଗାଇବା କେଡ଼େ ବୁଦ୍ଧିଆର କଥା । ୧୧ ।

ରତି-କାମପତ୍ନୀ, ଆସକ୍ତ, ରମଣ । ଧୂରତି (ଧୃତି)-ଧୈର୍ଯ୍ୟ । ସେ କାମ-ପତ୍ନୀପରି ସୁନ୍ଦରୀ ଓ ରତିଚତୁରା । ପ୍ରେମରେ ଆସକ୍ତ ହୋଇ ରମଣକରି ଧୈର୍ଯ୍ୟ ଧାରଣକରେ । ରତି ଶେଷରେ ଅନ୍ତରେ ଶ୍ରମସ୍ୱେଦ ପୋଛିଦେବା କେଡ଼େ ପ୍ରୀତିର କଥା । ୧୨ ।

ରଜନୀଶ-ଚନ୍ଦ୍ର । ରଜନୀ-କର୍ପୂର । ଚନ୍ଦ୍ରମୁଖୀ ମୋତେ ଖେଳ କରିବାପାଇଁ ଫଗୁ ଫିଙ୍ଗାଇଲାବେଳେ ତାହାର ସ୍ତନ ଏଣେ ମୁଁ ତହିଁକୁ କର୍ପୂର ପିଚକା ମାରିବାରୁ ସେ ନୟନକୁ କପଟ କରଇ । ୧୩ ।

ଧର-ପର୍ବତ । ପୟୋଧର-ସ୍ତନ । ଭାନୁ-ସୂର୍ଯ୍ୟ । ବୁଧ-ପଣ୍ଡିତ । ପର୍ବତ-ତୁଲ୍ୟ ସ୍ତନକୁ ଧରି ଓଷ୍ଠରେ ଚୁମ୍ବନ କଲେ ସେ କହେ, ଦିନରେ ଏପରି କରିବା ପଣ୍ଡିତର କାର୍ଯ୍ୟ ନୁହେଁ । ୧୪ ।

ଭିଡ଼ିଲା ଅଜାଟେ ବସିଥିଲି ସ୍ୱଚ୍ଛେ ଯନ୍ତେ ଭିଡ଼ିଲା କେମନ୍ତେ ହେ । କୋକିଳ ।୧୫। ସଙ୍ଗମର ସୁନ୍ଦି ରତି ସଜ । ସଜ-ଜାତ ଚତ୍ତ୍ରେ ମାନସଜ । ସଜଡ଼ା ଶେଯ ବୋଇଲେ ନ ଯାଉଇଁ କହି ଲଥୁଇଁ ମୁଖକୁଞ୍ଜେ ହେ । କୋକିଳ । ୧୬ । କରେଁ ଇଚ୍ଛା ରତି ଚନ୍ଦ୍ର-କରେ । କରେ କର ଧରି ବିବେକରେ । କରେ ସନମତ ନିଦେଶ ନ ପିବ ବୋଲି ଚୁମ୍ବ ଦେଇ ଶବୁକରେ ହେ । କୋକିଳ । ୧୭ । ରସବନ୍ତି ହୃଦୟ । ସରସ । ଟସଇ ଭାବେ ହୁଏ ହରଷ । ରସନା ସୁଲତେ ବଜାଅ କହିଲେ ବୋଲେ କେ ଜାଣେ ପୁଣି ସେ ଭସ ହେ । କୋକିଳ । ୧୮ । ସରି ସେହି ତ ପ୍ରେମରସର । ସରଳହୃଦ ଗୁଣ ଅସର । ସରଇ କି ଶୋକ କୁସୁମ କୁତୁକେ ଫିଙ୍ଗେ ମୋ ପରେ ଯେଉଁ ବାସର ହେ । କୋକିଳ । ୧୯ । ରମଣୀର ତା ସ୍ନେହ କରମ । ରମଇଁ

---

ମତ୍ତେ-ଭରନ୍ତି-ମଞ୍ଜୁଗଜଗମନା । ବାରମମରେ-ପଦକମଳ ସ୍ନେହରେ । ମତ୍ତ-ମତ୍ତତା । ଅଜାଟେ-ଅସାବଧାନରେ । ସ୍ୱଚ୍ଛ-ଆନନ୍ଦ । ସେ ମତ୍ତଗଜଗାମିନୀ ସବୁବେଳେ ମୋତେ ପଦକ ପ୍ରାପ୍ତ ସ୍ନେହ କରେ । ଦିନେ ଅସାବଧାନରେ ବସିବା ସମୟରେ ମୁଁ ମତ୍ତଭରେ ତାକୁ ଭିଡ଼ନ୍ତେ ସେ ଆନନ୍ଦରେ ମୋତେ ଭିଡ଼ିଲା ।୧୫।

ରତିସଜ-ସୁନ୍ଦର ବେଶ । ମାନସଜ-କାମ । ଜଜନିତ-ଜାତ । ସଜଡ଼ା-ଶଯ୍ୟା । ମୁଖକୁଞ୍ଜ-ପଦ୍ମମୁଖ । ସଙ୍ଗମର ସୁନ୍ଦର ବେଶ ଦେଖି ଚିତ୍ତରେ କାମ ଜାତ ହୁଏ । ଶେଯ ବିଛାଇବାକୁ କହନ୍ତେ ସେ ପଦ୍ମମୁଖୀ କହେ, ମୁଁ ପାରିବ ନାହିଁ । ୧୬ ।

ବିବେକ-ବିବେଚନା । ମୁଁ ଚନ୍ଦ୍ରାଲୋକରେ ରତିକରିବାକୁ କହନ୍ତେ, ସେ ମୋ ହାତକୁ ଧରି ଓଷ୍ଠ ଚୁମ୍ବି ବିବେଚନା ସହିତ କହେ, ତୁମ୍ଭେ ନିଦେଶ ନ ପିବାକୁ ସମ୍ମତ କର । ୧୭ ।

ରସବନ୍ତି-ରସିକା । ସରସ-ରସଯୁକ୍ତ । ରସନା-କଟି କିଙ୍କିଣୀ । ରସିକାର ହୃଦୟ ସରସ ହେବାରୁ ଭାବରେ ରସି ହର୍ଷ ହୁଏ । ରତିକାଳରେ କିଙ୍କିଣୀକୁ ବଜାଅ, ଅର୍ଥାତ୍ ବିପରୀତ ରତି କର କହିଲେ, ସେ କହେ ସେସବୁ କଥା ପୁଣି କିଏ ଜାଣେ । ୧୮ ।

ଅସର-ଅସରନ୍ତି । ସେ ଅରନ୍ତି ସ୍ନେହ ଜଳପୂର୍ଣ୍ଣ ସରୋବର ପରି । ଯେଉଁଦିନ କୌତୁକରେ ମୋ ଉପରକୁ ଫୁଲ ଫିଙ୍ଗିଲା, ସେହି ପୁଷ୍ପବୃଷ୍ଟି ହେବା ଦିନର ଶୋକ ମୋହର ସରଇ ନାହିଁ । ୧୯ ।

ମନ ନାହିଁ ଭରମ । ରମଣୀ ଗମନେ ଦେଖି ନାହିଁ ଆଉ ଶୋଇବାରେ କରିବା ଚରମ ହେ । କୋକଳ । ୨୦ । ସୁକରଜା ମୋହପାରେ ଶୁକଳପୁରେ ପିନ୍ଧୁ ଅଂଶୁକ । ସୁ-କନକଗୋଷ୍ଠ ମୋ ପିବା କନ୍ଦିବାପାଇଁ ଦ୍ୱାରେ ରଖିଥାଏ ଶୁକ ହେ । କୋକଳ । ୨୧ । କେ ସରି ମୋହିପାରେ ଲୋକେଶ । କେଶବାନ୍ତ କରୁ ବ୍ୟୋମକେଶ । କେଶର ଗର୍ଭକ ନିଶାଖାକେତକୀ ଖୋସିଥାଇ ଏ ସବୁରେ କେଶ ହେ । କୋକଳ । ୨୨ । ରଣରଣକ-ଦର୍ପ ବାରଣ । ରଣ ରଣ ନୂପୁର ଚରଣ । ରଣରେ ତାର ତାକୁ ଜୟ କାରଣ ସେନଥାଇ ସେହି ମୋ ଶରଣ ହେ । କୋକଳ । ୨୩ । ହରିତାଳଗୋଷ୍ଠି ମଧ ହଂସ ହରିଣାକ୍ଷୀ ମୋ ହୃଦେ ବିହର । ହରିକୃପା ବିନା ବୁଦ୍ଧି ନିଶୁନାହିଁ ଆଉ ଦୁଃଖ ପାଶିବାକୁ ହର ହେ । କୋକଳ ।୨୪।

---

ଚରମ-ପିଠି । ରମଇ-କ୍ରୀଡ଼ା କରଇ । ତାହାର ସ୍ନେହ କରିବା ରମଣୀସ୍ଥ ଅଟେ । ଏଣୁ ମନ ଭ୍ରମ ହୋଇ ତାହାଠାରେ କ୍ରୀଡ଼ା କରେ । ସେ ଗଲାବେଳେ ବା ଶୋଇବାବେଳେ ମୋ ଆଡ଼କୁ ପିଠି କରେ ନାହିଁ । ୨୦ ।

ଶୁକ୍ଲପୁର-ଚନ୍ଦ୍ରଶାଳା ଗୃହ । ଅଂଶୁକ-ବସନ । ସେ ସୁରସିକା ସୁନକ୍ଷୀ ଶୁକ ମୁନଙ୍କି ମୋହପାରେ । ଉତ୍ତମ ସୁନାଗୋଷ୍ଠ ଚନ୍ଦ୍ରଶାଳା ଗୃହରେ ବସନ ପିନ୍ଧିଲାବେଳେ ମୋହ ପିବା ଜାଣିବାକୁ ଦ୍ୱାରରେ ଶୁକକୁ ରଖିଥାଏ । ୨୧ ।

କେଶର—ନାଗେଶ୍ବର ଫୁଲ । ଲୋକେଶ—ବ୍ରହ୍ମା । କେଶବ-ବିଷ୍ଣୁ । ବ୍ୟୋମକେଶ-ଶିବ । ତାକୁ ସରି କଏ । ବ୍ରହ୍ମା, ବିଷ୍ଣୁ ଓ ଶିବ ଏମାନଙ୍କ ନାମରେ କେଶ ଏହି ଦୁଇ ଅକ୍ଷର ଥିବାରୁ କେଶରେ ସେମାନଙ୍କୁ ମୋହିତ କରିଅଛୁ, ଏହି ବିଷୟରେ ନାଗେଶ୍ୱରକୁ ମଧରେ-ପୂରାଇ ନିଶାଖା କେତକୀ କେଶରେ ଖୋସିଥାଏ । ୨୨ ।

କାମ ଯୁଦ୍ଧରେ କାମକୁ ଜୟ କରିବା ନିମନ୍ତେ କାମଗର୍ବନାଶକ ରଣ ରଣ ଶବ୍ଦ କରୁଥିବା ନୂପୁରକୁ ଯେ ପାଦରେ ସେନଥାଏ ସେ ମୋହର ଶରଣ । ୨୩ ।

ହରି-ହଂସ, ବିଷ୍ଣୁ, ବିନାଶ । ହରିତାଳବର୍ଣ୍ଣାଙ୍ଗି ହରକଣ୍ଠୀ ମୃଗନେତ୍ରୀ ମୋ ହୃଦରେ ହଂସ ପ୍ରାୟ ବିହାର କରଇ । ବିଷ୍ଣୁଙ୍କ ଦୟା ବିନା ଅନ୍ୟ କେହି ମୋ ଦୁଃଖ ବିନାଶ କରିବେ, ଏ ବୁଦ୍ଧି ବିଶୁନାହିଁ । ୨୪ ।

ସାରଜାକ୍ଷୀ ଭାବ ଶୋକ ସାର । ନିରନ୍ତର ମୁଖେ ଅବସାର । ନିଜସ କଥାଏ ନେଇବ ନୁହଇ ଏକା ଦର୍ଶନବାଧା ଧସାଇ ହେ । କୋକିଳ । ୨୫ । ତାରପତି ପ୍ରତ୍ୟେ ମୁଖ ତାର । ତାରକ ସେ ମୁହିଁ ଭୃତ୍ୟ ତାର । ତାର ଉପଲନ୍ଦ୍ର ସାରବର କହେ ଆଣି ତାରତା ସେ କନତାର ହେ । କୋକିଳ । ୨୬ ।

—*—

## ଦ୍ୱାଦଶ ଛାନ୍ଦ

ଆଶାପ୍ତ । ରାଗ—କନଡ଼ା

ମାଳବରେ ରତ୍ନ ଗ୍ରୀଷମ ସମୟେ କାମେ ଦୁଃଖୀ ନୃପନନ୍ଦନ । କରି ଶ୍ରବଣ ଝିଙ୍କାରି ନିଃସ୍ୱନ । ପଲ୍ଲବଚଳିତ ଗୁଣ୍ଡି ବିସ୍ମରଇ ଅଇଲି ପାଣକୁ ଧନ ହେ । ଦଇବ ! ଆଜ କି କରୁଣା ମୋରେ ହୋଇଲା । ପ୍ରିୟା ଆଗେ କେ ମୋ ଦୁଃଖ କହିଲା । ଚେତନାବର୍ଜଣ ଅବଶେ ବସି ପୁଣି ଭୃଙ୍ଗେ ନିବେଦନ କଲା ସେ । ରସିକ । ଅତି ପରମାଦ ପଡ଼ିଲା କାର୍ତ୍ତିକ ବାସରେ ନ ଆସିଲା ନିଦ୍ରା । ମୋର ଛଇଳାମଣି ସବୁ ଫନ୍ଦା । ଉତ୍ତର କୁନ୍ତପ୍ରପାତ ଜନ-ଶୋଗହେଲେ କରୁଥାନ୍ତି କନ୍ଦା ହେ । ମଧୁପ । ୨୫ । ଏତେ ଧାର୍ଯ୍ୟ ସେ କ୍ଷଣେ

---

ସାରଜାକ୍ଷୀ—ପଦ୍ମନେତ୍ରୀ । ସାର—ଜଳ । ସେ ପଦ୍ମନେତ୍ରୀର ଭାବ ହେଉ ସର୍ବଦା ଆଖିରୁ ଲୁହ ବହଇ । ଏହା ଆଖିର କୌଣସି ଦୋଷ ନୁହେଁ, କେବଳ ପ୍ରିୟ ଦର୍ଶନ ବାଧା ଏହାର କାରଣ । ୨୫ ।

ତାରପତି—ଚନ୍ଦ୍ର । ତାରକ—ଉଦ୍ଧାରକର୍ତ୍ତା । ସେ ଚନ୍ଦ୍ରମୁଖୀ ମୋର ଉଦ୍ଧାରକର୍ତ୍ତା । ମୁଁ ତାହାର ସେବକ । ସେ ସ୍ତ୍ରୀର ବାର୍ତ୍ତା ଆଣି ମୋତେ ରକ୍ଷାକର । ୨୬ ।

———

### ଦ୍ୱାଦଶ ଛାନ୍ଦ ଟୀକା ।

ନିଃସ୍ୱନ-ଧ୍ୱନି । ପଲ୍ଲବ—ଲାଲବର୍ଣ୍ଣ ନୂତନ ପତ୍ର । ଚଳିତ—କମ୍ପିତ । ଧନ—ପ୍ରେମସୁଧାନିଧି । ଅବଶ—କ୍ଲାନ୍ତ । ଭୃଙ୍ଗ-ଭ୍ରମର । ରାଜପୁତ୍ର ଗ୍ରୀଷ୍ମକାଳରେ ମାଳବ ଦେଶରେ ରହିବା ସମୟରେ ଝିଙ୍କାରି ଧ୍ୱନିକୁ ନୂପୁର ଶବ୍ଦ ଓ ନବପତ୍ର କମ୍ପନକୁ ପାଦସ୍ଖଳନ ପ୍ରାୟ ମଣି କହୁଥିଲେ, ପ୍ରିୟା ପ୍ରେମସୁଧାନିଧି ଆଗରେ କିଏ ମୋ ଅବସ୍ଥା କହିବାରୁ ସେ ଅଇଲା କି ? ଆଜ ମୋଠାରେ ବିଧାତା ଏପରି ଦୟା କଲେ କି ? ଭ୍ରମରେ ଏପରି କହୁଥିଲାବେଳେ ଚେତନା ହେବାରୁ ସେ କ୍ଲାନ୍ତ ହୋଇ ଭ୍ରମରକୁ ନିଜ ଦୁଃଖ ଜଣାଇଲେ । ୧ ।

ଝଟେଶ ଝଟେଶ । କାହିଁ ପାଇଁ ମୋ ଅଙ୍ଗରେ ନ ମିଶେ । ନଖଦନ୍ତ ଘାତ ଏବେ ଝଟେଶ୍ୱଇଲା ସ୍ୱପ୍ନେ ମନକୁ ଆସେ ହେ । ମଧୁପ । ୨ । ତୋଳା ନୋହିବାରୁ କୁସୁମ ଲତାରୁ ଘୋଳା ନୋହିବାରୁ ଚନ୍ଦନ । ଦେଖି ଶୁଖିଯାଇ ମୋର ବଦନ । ଅଳୀକରେ ପେଷି ନଆଳ ମାଳକା ପତ୍ରେ ଲେଖିଥାଇ ଧନ ହେ । ମଧୁପ । ଏହା ଲମ୍ବାଇଥିଲେ ଉର ପର । ବାଧିପାରିବ ନାହିଁ ହରଶର । ଏବେ କ କରିବ ମୁର୍ବାଗୁଣ କଲା ବୁଦ୍ଧି କହ ନେପଥ୍ୟ ଗ୍ଲର ହେ । ମଧୁପ । ସେ କଡ଼ ଚକ୍ଷୁରୀ ଭଲ ତ ସ୍ତ୍ରକୁସ କକୁସ ସହଜେ ଦନ୍ତକୁ । ସମାନ ଥିବ ଆସୁଛି ମନକୁ । ଅତି ସୁକୁମାରୀ ଅବଳା ବାଳାରେ ବୋଲି ଡାକୁଥିଲେ ତାକୁ ହେ । ମଧୁପ । ମନେ ରଖି ତା ବଚେ ରଚେ ରସି । ଉରେ ଉରଜ ଦେଇଥାଇ ଠେସି । ଦୃଢ଼େ ଜାନୁରେ ଯାକୁଥାଇ କଟୀକି ବଳେ ଛନ୍ଦ ବାହୁଯାଶି ହେ । ମଧୁପ । ୪ । ଫାଟି ଯା କୋଇଲେ ଫାଟି ତ ନ ଯାଇ ସ୍ତନ ସଙ୍ଗ-ଗୁଣ ବହିଲ ।

---

ଫନ୍ଦା—ଗାଳକା । ଉତ୍ତରବୃନ୍ଦପାର୍ତ୍ତିଜନ—ଦେବତା । ଝଟେଶ ଝଟେଶ—ପ୍ରତ୍ୟକ୍ଷରେ । ଝଟେଶ୍ୱଇଲା-ମନେକଲା । ହେ ଭ୍ରମର କାହିଁକି ଅତି ପ୍ରମାଦ ପଡ଼ିଲା । ସେ ଛଳନାମଣି ମୋର ସବୁ ଜୀବନ ଅଟେ । ସ୍ୱପ୍ନରେ ନିଦ୍ରା ଆସିଲା ନାହିଁ । ନିଦ୍ରା ହେଲେ ଦେବତାଙ୍କ ଭୋଗକୁ ନଦାକରି ସ୍ୱପ୍ନରେ ତାହା ସଙ୍ଗେ ମିଳନ ହୁଅନ୍ତା । ଏହିକି ସୁଭାଗ୍ୟ ଯେ, ସେ ସ୍ୱରଆଡ଼େ ଦିଶୁଛି, ସ୍ମରଣ କଲାପରି ଆସୁଛି; କିନ୍ତୁ ମୋ ଦେହରେ ମିଶୁ ନାହିଁ କାହିଁକି । ୨ ।

ପେଷି-ପଠାଇ । ହରଶର-କାମ । ମୂର୍ବା-ମୂର୍ଚ୍ଛଗା । ଫୁଲତୋଳା ଓ ଚନ୍ଦନଘୋଳା ନ ହେବା ଦେଖିଲେ ସୃଷ୍ଟିବନ୍ତ ହେବା ବୋଧ କରି ମୋ ମନ ଶୁଖିଯାଏ । ସେ ତାହା ଜାଣି ସଖୀଦ୍ୱାରା ନଆଳ ଫୁଲମାଳ ପଠାଇ ତାହା ସଙ୍ଗେ ପତ୍ର ଲେଖିଥାଏ । ଏହାକୁ ବକ୍ଷରେ ଲମ୍ବାଇଥିଲେ କାମ ପୀଡ଼ା ଦେଇପାରେ ନାହିଁ । କାରଣ କାମ ଧନୁର ଗୁଣ ଭ୍ରମରମାନେ ବକ୍ଷସ୍ଥିତ ନଆଳ ମାଳାକୁ ଉଡ଼ି ଆସିଲେ ତାହା ଧନୁର ଗୁଣ ଛିଣ୍ଡିଯିବ । ରେ ମଧୁପ, ଏବେ ସେ କାମ ମୂର୍ଚ୍ଛଗା ଗୁଣ କଲା । ଏଥିକି ବୁଦ୍ଧି କ'ଣ ତାହା କହି ସ୍ୱର ପଠାଇଁ । ୨ ।

ଭଲ-ଅତି ଉତ୍କୃଷ୍ଟ । କକୁସ-କାନ୍ତି । ସେ ଚକ୍ଷୁରୀର ସ୍ତ୍ରକୁସ ଅତି ଉତ୍କୃଷ୍ଟ । ସେ ଦନ୍ତକୁ କାନ୍ତିପକାଏ । ତାହାର ସମାନ କେହି ନାହିଁ । ଅତି ସୁକୁମାରୀ ଅବଳା ବାଳକା ବୋଲି ଡାକୁଥିବା କଥା ମନେରଖି ସ୍ୱପ୍ନରେ କୌତୁକରେ ମାତି ସ୍ତନକୁ ବକ୍ଷରେ ଠେସି କଣ୍ଠେ ବାହୁ ଯାଶି ଛନ୍ଦ କଟୀକି ଜାନୁରେ ଯାକୁଥାଏ । ୪ ।

ବାଳାବିଚ୍ଛେଦ ହୃଦୟ ସହିଲା । ଅଧରପାନ ରସିକଙ୍କ ମୁଖରେ ମୋତେ ନିନ୍ଦା କରାଇଲା ହେ। ମଧୁପ । ୫ । କିଛି ନୋହିବ ତ ବିଷ ଖାଇଲେ । ଯେହୁ ଶିରଶ୍ଳେଷେବେ କିଛି ନୋହିଲେ । ତେତେ ଦୂର କର୍ପା ଦେହ ଅନୁଭବ କ ହୋଏ ମାର ମାଇଲେ ହେ । ମଧୁପ । ଘୋଡ଼ ଏ ଦେଶ ରଙ୍ଗାଜୀବ ନ ମିଳେ ଦୁର୍ଲ୍ଲଭ ତାହାର ଦର୍ଶନ । ଲଭୁଥାନ୍ତା ହେଲେ ସୁଖ ନୟନ । ପ୍ରତଃନସୁମ ନ ରହିଲା ଅଇଲା ବେଳ ନ ପଡ଼ିଲା ମନ ହେ । ମଧୁପ । ୬ । ତୁମ୍ଭେ ପକ୍ଷିଜନ୍ତୁ ସିନା ବିସ୍ତର । ପିଣ୍ଡୁଁ ଯେମନ୍ତ ପ୍ରାଣ ଗୁଡ଼ିବାର । ଅଧିକ ପ୍ରିୟା ଚଢ଼ୁଁ ଗୁଡ଼ ଆସିବା ଜ୍ଞାନ ରହିବ କାହାର ହେ । ମଧୁପ । ଭଲ୍ଲ ଜାଣୁମଣି ଯୁବଶାଇତନ ପକ୍ୱଚୂତ ଦେଇ ମୋ କର । ମୋତେ ବୋଇଲା ଏହା ତଦ୍ଧ କର । ମୁଁ ଯେ ବୋଇଲି ଯୁବାକାନ୍ତୁଁ ଜାଣିଛୁ ନାସ୍ତେକେଳ ତନ୍ଧିବାରୁ ହେ । ମଧୁପ । ମୋହ ଗତି ଜାଣି ଶିର ନୁଆଇଁ । ନାସା ପୁଡ଼ାକୁ ଅଳପ ଫୁଲାଇ । କେହୁ କାହା ବୋଲ ଆଉ ପାଳିବ କି ବୋଇଲା ଗେଣ୍ଡୁାଇ ହୋଇ ହେ । ମଧୁପ । ୭ । ତୁଳୁଁ ଉପକନେ ସୁରତ ମାଗନ୍ତେ ହସି ବହକଣ ଅନାଇ । ଏ ଉଙ୍ଗିରେ

---

ହୃଦକୁ ଫାଟିଯିବାପାଇଁ କହନ୍ତେ ସେ ସ୍ତନର କଠିନ ଗୁଣକୁ ଧରି ଫାଟି ନ ଯାଏ । କିନ୍ତୁ ବାଳା ବିଚ୍ଛେଦ ଦୁଃଖ ହୃଦୟକୁ ଦହିଲା । ମୁଁ ବିଦେଶରେ ଥିବା ହେତୁ ସର୍ବଦା ସ୍ତ୍ରୀ ଅଧର ମଧୁପାନ କରୁଥିବା ରସିକମାନଙ୍କ ମଧ୍ୟରେ ନିନ୍ଦା ପାଇଲି । ବିଷ ଖାଇଲେ କିଛି ହେବ ନାହିଁ । କାରଣ ମୁଁ ତାହାର ଅଧରରୁ ମଧୁ ପାନ କରିଅଛି । ଯେହୁ ଅମୃତ ଖାଇଥିବାରୁ ଖଣ୍ଡ ଖଣ୍ଡ ହେଲେହେଁ ନ ମରି ଯେହୁ କେତୁ ହୋଇ ବଞ୍ଚି ରହିଲା । ତେବେ ଏ ଦେହରେ କାହିଁକି ଦୂର କଥା ଅନୁଭବ କରାଗଲା । ମାର ମାରିଲେ ବା କ'ଣ ହେବ । ୫ ।

ରଙ୍ଗାଜୀବ-ଚନ୍ଦ୍ରକର । ଏ ଦେଶ ଘୋଡ ଯାଉ । ଏ ଦେଶରେ ଚନ୍ଦ୍ରକର ନାହାନ୍ତି । ତେଣୁ ପ୍ରିୟାର ଚନ୍ଦ୍ରପଟ ମିଳିଲା ନାହିଁ । ମୁଁ ସକାଳୁ ଉଠି ତାହାର ମୁଖ ଦେଖୁଥିଲି । ସେ ନିୟମ ରହିଲା ନାହିଁ । ଆସିବାବେଳେ ଚନ୍ଦ୍ରପଟ ଆଣିବାକୁ ମନେ ହେଲା ନାହିଁ । ହେ ମଧୁପ ! ତୁମ୍ଭେ ପକ୍ଷିଜନ୍ତୁ ଯେପରି ପିଣ୍ଡରୁ ପ୍ରାଣ ଗୁଡ଼ିବ, ତାହା ତୁମ୍ଭେ ବିସ୍ତର କର । ପୁଣି ଆଜି ପର୍ଯ୍ୟନ୍ତ ପ୍ରିୟାକୁ ଗୁଡ଼ି ରହିଲେ କାହାର ଜ୍ଞାନ ରହିପାରିବ । ୬ ।

ଭଲ୍ଲ-ଉତ୍ତମ । ଜାଣୁମଣି-ଚତୁର ରମଣୀ । ପକ୍ୱଚୂତ-ପାଚିଲା ଆମ୍ବ । ଗନ୍ଧ-ଅଭିପ୍ରାୟ । ଅତି ଚତୁର ରମଣୀ ସେ ଯୁବଶାଇତ୍ୱ ଉଦେ ଗୋଟିଏ ପାଚିଲା ଆମ୍ବ ମୋ ହାତରେ ଦେଇ କହିଲା, ଏହାକୁ ଭକ୍ଷଣ କର । ମୁଁ କହିଲି ମୁଁ ଯୁବକାଳରୁ

ମୋ ମନକୁ ମନାଇ । ସିନ୍ଦୁରବିନ୍ଦୁ ଇନ୍ଦ୍ରମୁଖୀ ଗୋଳୁଣ କସ୍ତୁରୀଟିକା ବେନଇ ହେ ।
ମଧୁପ ! ସେ ଉତ୍ତମ ତରୁଣି ମୁଁ ଗାଢ଼ରେ । ଘଷାଇଲେ ଚନ୍ଦନ ତା ଉପରେ ।
ଏବେ ହଟକୁ ପାତ୍ର ନୋହେ ବୋଲି ସେ ଶାନ୍ତ କମାଇଲା ଖରେ ହେ । ମଧୁପ ।୮।
କ୍ରୀଡ଼ ସଖୀସଙ୍ଗେ ତପନତାପର ମ୍ଳାନ ହୋଇଥିବେ ଲପନ । ସ୍ୱହିଁ ଘେନେ ବାଳୀ
କି କଲି ମାନ । ତୋଳି ଆଣି ଯେବେ କମଳ ଲଗାଏ ଶିରେ ଜାଣଇ ମୋ ମନ
ହେ । ମଧୁପ । ସ୍ୱପ୍ନେ ଏବେ ବାଳସୁକୁ ମୁହିଁ କି ? ତାହା ଦୋଷର କରିବ
କାହିଁକି । ଅତନୁ ହେଲେ ମନୁ ଜାତମଦନ ଏବେ ବିବେକ ନାହିଁ କି ହେ ।
ମଧୁପ । ୯ । ବଳେ ହରଣିଷ ହେଇ ସେ ନାୟିକା ପ୍ରତାପ-ପ୍ରସାଦ ସ୍ଥିତରେ ।
ମୁଁ ଯେ ମାଣ୍ଡିଥାଇ ଦେବଭୂତିରେ । ପୁରନ୍ଦର ସମ ହୋଇଥାନ୍ତି, ପୁଣି
ସ୍ୱର୍ଣ୍ଣି ହୁଅଇ ମଣ୍ଡିର ହେ । ମଧୁପ । ଯେବେ ହୀନ ହେଲି ପୁଣ୍ୟପନ୍ଥରେ ଯୋଗ୍ୟ

---

ନହୁଅା ଅର୍ଥାତ୍ ମୁନକୁ ଶବକର ଜାଣିଛୁ । ଦେଖାଅ ଶଠ କରିଦେବ । ସେ ମୋ ଅଭିପ୍ରାୟ ଜାଣି ଚେଷ୍ଟାଇ ହୋଇ କହିଲା, ଏଣିକ ଆଉ କଏ କାହା କଥା ମାନିବ ? ଅର୍ଥାତ୍ ତୁମ୍ଭେ ଉପସ୍ଥିତ ରତି କରିବାକୁ କହିବେ ମୁଁ ତାହା କରିବ ନାହିଁ । ୭ ।

ଗତି-ଗାଢ଼ । ହଟ-କୌତୁକ ରଙ୍ଗ । ପାତ୍ର-ଯୋଗ୍ୟ । ଶାନ୍ତ-ଦେହ । ଯେବେ ବଟିଗୃହରେ ବୁଲିବା ସମୟରେ ମୁଁ ରତି ଇଚ୍ଛା କରନ୍ତେ, ସେ ମୁଣ୍ଡରୁ ସିନ୍ଦୁର ଲିଭାଇ କସ୍ତୁରୀ ଟିକା ବେନଲା, ଅର୍ଥାତ୍ କହିଲା, ଦିନ ଯାଇ ରାତି ହେଉ । ତହିଁ ମୁଁ ସେ କସ୍ତୁରୀଟିକା ଉପରେ ଚନ୍ଦନ ଲଗାନ୍ତେ ଅର୍ଥାତ୍ ରାତ୍ରରେ ଚନ୍ଦ୍ରାଲୋକରେ ରତି କରିବା କହନ୍ତେ ସେ ଶୀଘ୍ର ଦେହକୁ କମ୍ପାଇ କହିଲା, ମୁଁ ଏବେ ରଙ୍ଗକୁ ଯୋଗ୍ୟ ନୁହେଁ । ୮ ।

କ୍ରୀଡ଼ି-ଖେଳିଁ ବା ବୁଲି । ତପନତାପ-ଖରା । ଲପନ-ମୁଖ । କମଳ-ପଦ୍ମ । ମାନ-ଅଭିମାନ । ଅତନୁ-ଦେହହୀନ । ମଦନ-କାମ । ସଖୀସଙ୍ଗେ ଖରାରେ ଖେଳିବା କମ୍ବା ବୁଲିବାରେ ମୁଖ ମଳିନ ଦେଖି ସେ ମାନ କରିଅଛି ବିଚାରି ମୁଁ ପଦ୍ମଫୁଲ ଆଣି ମୋ ମୁଣ୍ଡରେ ରଖେ । ( ଅର୍ଥାତ୍, ଜଣାଏ ତୋ ଗୋଡ଼ତଳେ ପଡ଼ୁଛି, ଅଭିମାନ ଛାଡ଼ ), ସେ ମୋ ମନକଥା ଜାଣି କହେ କାହିଁକି ମାନ କରିବ ? କାମ ଦେହହୀନ ହେଲେ ହେଁ ମନରୁ ଜନ୍ମଇ, ଏହା ମୁଁ ଜାଣେ । ଏଣୁ ତୁମ୍ଭଠାରେ ଅଭିମାନ କରି ରହିପାରିବ ? । ୯ ।

ନ କରି ତାହା ସଙ୍ଗତିରେ । ଆହା ସ୍ୱଧାଭାରେ ଦାସ କରି କାହିଁ ରଖିଲୁ ନାହିଁ କଣ୍ଠରେ ହେ । ମଧୁପ । ୧୦ । ଧନ ଆଲିଙ୍ଗନେ ମନେ ଯେବେ ଥାଇ ଜ ତପ ବାଣ ଅର୍ଜୁନର । ପୁଣି ସେ ଭାଗ୍ୟ ହୁଅନ୍ତା ମୋହର । ସ୍ପୃଷ୍ଟ କରିବାକୁ ଚୁମ୍ବନ ଦେବାକୁ କୃପା ହୁଅନ୍ତା ଶେଷର ହେ । ମଧୁପ । ସେଣି ପର୍ଯ୍ୟନ୍ତେ ବାତଚାଳି ତୋଷେ । ହେଳେ ଅନନ୍ନ ହସ୍ତେ ଏବେ ସେ । ପକ୍ଷୀ ଲେଖିଥିବେ ଫଣୀଭକ୍ଷଣେ ପ୍ରାଣବନ୍ଧୁ ରକ୍ଷା ଆଶେ ହେ । ମଧୁପ । ୧୧ । ମଦନ ମାଦରୁ ମାଦକ ନାହିଁ ତ ଜାଣଇଁ ସେ ତାହା ବଶେଷି । ଯହିଁ ଭଜନ୍ତ ହୋଇଛନ୍ତି ଋଷି । ଆଦରଶ ଚନ୍ଦ୍ରାତପ ଥିଲା ସ୍ଥଳେ କେବେ ମୋ ସଙ୍ଗେ ନ ରହି ହେ । ମଧୁପ । ଭାବ କରି ଶୁଆଇଲେ ହୃଦରେ । ଖସି ଶେଯେ ଶୋଉଥାଇ ସେ ଦୂରେ । ବନ୍ଧନସଂଯୋଗେ କୋଳେ ଧରୁ ତା ଆନ ପକାଇ ବଞ୍ଚନା କରଇ ହେ । ମଧୁପ । ୧୨ । ଉକ୍ତ ଉପରେ ସ୍ତବ-

---

ପ୍ରଶାପ ସ୍ୱମାତ-ଭଲ ରୂପେ ଘାଫ ଜକ୍ତଥିବା । ବଳେହରଶିଖ-ଇନ୍ଦ୍ରଧନୁ ଓ ବିଜୁଳି ଶୋଭିତ ମେଘ ଶୋଭା । ପୁରନ୍ଦର ସ୍ୱର୍ଗ-ଇନ୍ଦ୍ରପରି ସହସ୍ର ନେତ୍ର । ଘନ୍ତ-ସମୃଦ୍ଧ । ଦେବଭୂତି-ଅପଲକ ନେତ୍ର । ସ୍ୱପ୍ନରେ ଅତି ଉଜ୍ଜ୍ୱଳ ପୀତାମ୍ବରରେ ତାହାର ଦେହ ଶୋଭା ନାନାବର୍ଣ୍ଣ ଖଚିତ ମେଘ ପରି ଲାଗନ୍ତେ ମୁଁ ଅପଲକ ହୋଇ ସହସ୍ର ନେତ୍ର ଧରିବାକୁ ଇଚ୍ଛା କରେ । ଯେବେ ମୋହର ପୁଣ୍ୟମାନ ତାହାକୁ ଲଭିବାକୁ ଯୋଗ୍ୟ ନ ହୁଏ, ତେବେ ସୁଧାରା ନାହିଁକି ମୋତେ ତାହାର ସ୍ୱକର କରି ନ ରଖିଲା । ୧୦ ।

ଧନ-ସମ୍ପତ୍ତି । ବାଣଅର୍ଜୁନ-ସହସ୍ରାର୍ଜୁନ । ସେଣି-ପଠାର । ବାତ-ପବନ । ଅନନ୍ନ-ଉପାସ । ଫଣୀ-ସର୍ପ । ଭକ୍ଷ-କାନ୍ଥ । ଆଲିଙ୍ଗନ-ପ୍ରାପ୍ତି । ହଜିଲା ଧନକୁ ପାଇବାପାଇଁ ସହସ୍ରାର୍ଜୁନଙ୍କୁ ଲୋକେ ଭଜନା କରନ୍ତି । ମୁଁ ତାହା କଲେ ଯେବେ ସେ ହାତ୍ରଧନ ମିଳନ୍ତା ତେବେ ମୁଁ ତାଙ୍କୁ ସ୍ପର୍ଶ କରି ଚୁମ୍ବ ଦିଅନ୍ତି । ଯେଉଁ ପଣତ ପବନ ତାଙ୍କୁ ଛୋଇଥିଲା ଏବେ ସେ ଉପାସ ରହି ଜଣାପଡ଼ୁଥିବ । ଏଣୁ ସଖିମାନେ ପ୍ରାଣବନ୍ଧୁଙ୍କୁ ରକ୍ଷାକରିବାପାଇଁ ପବନ ଆହାର କରୁଥିବା ସାପର ଚିତ୍ର କାନ୍ଥରେ ଲେଖିଥିବେ । ୧୧ ।

ମଦନମାଦ-କାମଦଶା । ଭଜନ୍ତ-ବିହ୍ୱଳିତ, ମୋହିତ । ଆଦରଶ (ଆଦର୍ଶ)-ଦର୍ପଣ । ଚନ୍ଦ୍ର ତପ-ଚାନ୍ଦୁଆ । ଦରି-ଭୟ । ଆନ-ଗୁଣ । ବଞ୍ଚନା କରେ-ମନାକରେ । ଯହିଁରେ ଋଷିମାନେ ମୋହିତ ହୁଅନ୍ତି, ସେହି କାମଦଶାଠାରୁ ବଳି ଦଶା ନାହିଁ, ଏହା ସେ ଜାଣଇ । ତଥାପି ସେ ଉପରେ ଦର୍ପଣ ଥିବା ଗୃହରେ ମୋ ସଙ୍ଗେ ରହେ ନାହିଁ । ସ୍ନେହରେ ବକ୍ଷଉପରେ ଶୁଆନ୍ତେ ସେ ଖସିପଡ଼ି ଶେଯରେ ଶୁଏଇ । ମୁଁ ବଳ ଯୋଗେ ତାଙ୍କୁ କୋଳରେ ଧରନ୍ତେ ସେ ତାହା ଗୁଣ ପକାଇ ମନାକରଇ । ୧୨ ।

ଶାବକାକ୍ଷୀକି ବସାଇବା ବେଳେ ମୋହର । ହୃଦମଣିକି କାଢ଼ଇ ବାହାର । ଏତେ ଅନୁତ୍ରପ୍ତ କେତେ କାଳ ଥିବ ହୃଦମଣୀ କହେ ଧୀର ହେ । ମଧୁପ । ମୁଁ ବୋଲଇ ଥିବାଯାଏ ଜୀବନ । ଶୁଣି ପୁଣି ସେ କହଇ ଏସନ । ପ୍ରଭୁରେ ଦାସୀ ଦୋଷ କେବେ କରିଛି ଚିତ୍ତରେ ନ ଘେନ ହେ । ମଧୁପ । ୧୩ । ଜଳଯନ୍ତ୍ର ପୁରେ ସମ ସଙ୍ଗତରେ ବସି ହରୁଥାଇ ତିନକୁ । ବଞ୍ଚେ ଘେନ ସେ ଫୁଲ-ବ୍ୟଞ୍ଜନକୁ । ବିପରୀତ ହେଲା ପ୍ରକାଶୁଁ ପ୍ରକାଶେ ସେ ନ ଛାଡ଼ଇ ମନକୁ ହେ । ମଧୁପ । ଯୋଗେ ଯେବେ ସେ ସଦନକୁ ଯିବ । କଷ୍ଟ ହେଲା ତ ନଇଲେ ଭାଳିବ । ଜୀବ ରଖାକୁ କାରଣ ସେ ଅଙ୍କର ମ ଳଗ୍ନାଲତିକ ହେବ ହେ । ମଧୁପ ।୧୪। ସବେଁବଂଭ ଭେଳ କରିବା ସମୟେ ତାକୁ ମୁଁ ପ୍ରଣଂସି କହଇଁ । ହାସପ୍ରକାଶକର ନା ଭେ ସତ୍ୟ । ଭରଣ ତରଣି-ଲୋକକୁ ଜାଣିବା କଥା ତ ଉଚିତ ନୋହୁ ହେ । ମଧୁପ । ଭୁଜଲେ ତା ନେଇ ନିଜମନ୍ଦିରେ । କୋକ ବିଚ୍ଛେଦ ହେବଟି ଦର୍ଶନେ । କାହୁଁ କେତେ କଥା

---

ଟୀକା ଶାବକାକ୍ଷୀ-ବାଳମୃଗନେତ୍ରୀ । ହୃଦମଣି-ହାର । ଅନୁତ୍ରପ୍ତ-ସ୍ନେହ । ମୁଁ ସେ ବାଳମୃଗନେତ୍ରୀକୁ ଉଦଉପରେ ବସାଇ ତାହାର ଗଳାରୁ ହାର କାଢ଼ିଲା ବେଳେ (ଅଙ୍ଗମିଳନ ପାଇଁ) ହୃଦମଣୀ ଧୀରେ କହେ, ଏ ସ୍ନେହ କେତେ କାଳଯାଏ ଥିବ । ତହୁଁ ମୁଁ କହେ, ମୋହର ପ୍ରାଣଥିବା ଯାଏ ଏ ଭାବ ଥିବ । ଏହା ଶୁଣି ସେ କହଇ, ଯଦି ଦାସୀ କେବେ ପ୍ରଭୁଠାରେ ଦୋଷ କରିଥାଏ, ତେବେ ତାହା କ୍ଷମା କରିବା । ୧୩ ।

ପ୍ରକାଶୁଁ-କହୁଁ । ପ୍ରକାଶେ-କହେ । ଫୁଲବ୍ୟଞ୍ଜନ-ଫୁଲବିଞ୍ଚଣା । ଯୋଗେ-ଦୈବଯୋଗେ । ଅଙ୍କର-ଅରଣା । ଯନ୍ତ୍ରଦ୍ୱାରା ସୂକ୍ଷ୍ମଜଳବିନ୍ଦୁ ସିଞ୍ଚାହେଉଥିବା ଘରେ ସେ ଫୁଲ ବିଞ୍ଚଣାରେ ବିଞ୍ଚନ୍ତେ ମୁଁ କହେ, ବିପରୀତ (ମୁଁ ବିଞ୍ଚନ୍ତ କରନ୍ତୁ ବୁ ଝିଲୁ) ହେଲା । ତହୁଁ ସେ କହେ, ତୁମ୍ଭେ ସେ (ବିପରୀତ) କଥାକୁ ମନରୁ ଛାଡ଼ିଲ ନାହିଁ । ଯେବେ ଦୈବ ଯୋଗେ ସେ ସେଠୁ ଜଳଯନ୍ତ୍ର ଘରକୁ ଯିବ ତେବେ ସେ ଜଳକୁ ଦେଖି ବର୍ଷା କାଳ ହେଲା ମନେକରି କଷ୍ଟ ସମସ୍ତ ହେଲା, କାର୍ତ୍ତିକ ଆସିଲେ ନାହିଁ ଏହା ଭାଳିବ । ସେଠୁ ଅଗଣାରେ ଥିବା ମାଳତୀ ଲତାରେ ଏ ସମୟରେ ଫୁଲ ନ ଥିବାର ଦେଖି ସେ ବସ୍ତୁରିକ ବର୍ଷାଋତୁ ହୋଇନାହିଁ । କାରଣ ସେ ସମୟରେ ମାଳତୀ ଫୁଲ ଫୁଟଇ । ୧୪ ।

ବସୁଥାଇ ବୋଲି ଅନଙ୍ଗ ହସେ ପ୍ରସନ୍ନେ ହେ । ମଧୁପ ।୧୫। ପଞ୍ଚଦଶୀଶଶୀ-ମେଚକନେ
ନ ଶୋଭି ଲପନ ଦେଖଇ ଦର୍ପଣେ । ମୁଁ କହଇଁ କହନ୍ତି ମୂର୍ଖପଣେ । ଯହିଁ
ଆଦରଣହିଁ ସମ କରନ୍ତି କେତେ କେତେ କେହିଁ ଗୁଣେ ହେ । ମଧୁପ । ଏ ବଚନରେ
ହସିଲା ହୃଷ୍ଟଇ । ମୋ ତ ଭୃତ୍ୟକୁ ସେ ଭଳି ପଚାରଇ । ମୁଁ କି ଆଜ ଯାଇଁ ଭରେ
ଆଉ ଜଗଇ ବସାଇବି ଭାଗ୍ୟ କାହିଁ ହେ । ମଧୁପ ।୧୬। କଳକଣ୍ଠକଳ ଶୁଣିଲେ
ପ୍ରକାଶେ ପ୍ରିୟବଚନର ମନୋରମ । କୋକିଳନ୍ତି ଯେ ରାମା ବଶ ଶ୍ରୀରାମ । କଲ କଥା
ଅନ ନ କଲେ ବାଣୀକି କେ କରନ୍ତା ତାରତମ ହେ । ମଧୁପ । ଭଲ କଲେ
ବୋଲି ଛଳେ ଯୁବତୀ । ଯେବେ ହୁଏତ ନ ଥାନ୍ତା ଏହି ଶ୍ରୁତି । ଅମୃତ କାମ
ପରାସ୍ତ ନେଇନଷ୍ଟ ଲୋକେ ହୋଇଥାନ୍ତା କୀର୍ତ୍ତି ହେ । ମଧୁପ ।୧୭। ସ୍ୱପ୍ନେ

---

ହାସ-ଉପ୍ତ । ପଦ୍ମକୁ ପ୍ରେମସୁଧାନିଧିର ପାଦ ସଙ୍ଗେ ତୁଳନା କରା-ଯାଏ । ହାସ ସଙ୍ଗେ ନୁହେଁ । ସ୍ୱପ୍ନରେ କ୍ରୀଡ଼ା କରିବା ସମୟରେ ମୁଁ ତାଙ୍କୁ ତୁମ୍ଭଂହା କରି କହେ, ତୁ ହସ ନାହିଁ । ହସିଲେ ତୋ ପାଦରେ ଅଶ୍ରୁ ଦେଇଥିବା ପଦ୍ମ ଭସ୍ମ କରିବ । ପୁଣି ଲଜରେ ତୋହର ଗାଲକଲିଁ ପ୍ରାପ୍ତ ଆଖିକୁ ବୁଜିଲେ ରାହ ହେବା ମନେ କରି ଚକୋର ଦମ୍ପତିର ବିଚ୍ଛେଦ ଘଟିବ । ତହୁଁ ସେ ଆନନ୍ଦରେ ଅଳ୍ପ ହସି କହେ, ତୁମ୍ଭଙ୍କୁ କେତେ କଥା ଜଣାଅଛି ।୧୫।

ପଞ୍ଚଦଶୀ ଶଶୀ-ପୂର୍ଣ୍ଣଚନ୍ଦ୍ର । ମେଚକନେ-ଦର୍ଶନରେ । ଲପନ-ମୁଖ । ଆଦରଣ-ଦର୍ପଣ । ସେ ସୁନ୍ଦରୀ ପୂର୍ଣ୍ଣଚନ୍ଦ୍ର ଦର୍ଶନରେ କ'ଣ କରି ଦର୍ପଣରେ ମୁଖକୁ ଦେଖନ୍ତେ, ମୁଁ କହେ କବି ମୂର୍ଖପଣରେ ପୂର୍ଣ୍ଣ ଚନ୍ଦ୍ରକୁ ଆହ୍ଲାଦ ଗୁଣ ଦେଖୁ ପୁଣି କେତେ କେତେ ନିର୍ମଳ ଗୁଣ ଦେଖୁ ଦର୍ପଣକୁ ତୋ ମୁଖ ସଙ୍ଗେ ସମାନ କରନ୍ତି । ଏ କଥାରେ ସେ ହସିଲାପରି ହୋଇ ମୋ ଭୃତ୍ୟକ ଆଜ୍ଞାପଚାରଇ । ମୋର ଭାଗ୍ୟ କାହିଁ । ମୁଁ ଆଉ ଘରକୁ ଯାଇ ତାକୁ ଭୃତ୍ୟକୁ ଆଜ୍ଞାଇବି କି ? ।୧୬।

କଳକଣ୍ଠ-କୋକିଳ । କଳ-ଧ୍ୱନି । ଆନ-ଅନ୍ୟଥା । ତାରତମ (ତାରତମ୍ୟ)-ଊଣା ଅଧିକ । ଲୋକେ କୋକିଳଧ୍ୱନି ଓ ସ୍ତ୍ରୀବାଣୀକୁ ମନୋହର ମନେ କରନ୍ତି; କିନ୍ତୁ କୋକିଳ ଧ୍ୱନିଠାରୁ ସ୍ତ୍ରୀବାଣୀ ଅଧିକ ମନୋହର ଅଟେ । ରାମଚନ୍ଦ୍ର ସ୍ତ୍ରୀବଶ ହୋଇ କାକକୁ ଅନ୍ଧ କରିଥିଲେ । ପରେ ତାହା ଅନ୍ୟଥା କରି ନ ଥିଲେ କୋକିଳ ବଂଶ ବିନାଶ ଲଭିଥାନ୍ତା । କାରଣ କାକ କୋକିଳକୁ ପାଳନ କରେ । ଏହା ହୋଇଥିଲେ ସ୍ତ୍ରୀସଙ୍ଗେ କୋକିଳର କିପରି ତୁଳନା ହୁଅନ୍ତା । ଏହା ଶୁଣି ଯୁବତୀ ଛଳ କରିଲା କୋକିଳ କାକକୁ ରକ୍ଷା କରି ଭଲ କରିଅଛି । ଯେବେ କୋକିଳ ଧ୍ୱନି ଶୁଣାଯାଉ ନ ଥାନ୍ତା, ତେବେ ଅମୃତ ଓ କାମପରି ତାହାର କୀର୍ତ୍ତି ମାତ୍ର ପ୍ରକାଶିତ ହେଉଥାନ୍ତା ।୧୭।

ହେନେ ହେନେ କ ଦେଖି କାନ୍ଦଇ ବାସକୁ ବାସ କୃଶ ଗାତ୍ର । ନ କହଇ ମୁଁ ପଚ୍ଛରିଲେ ହସି । ବୋଲୁଁ ନିତି ଅନାଦର ସ୍ନେହ ଲେଶ ମୋଠାରେ ଦେଇ କପଟୀ ହେ । ମଧୁପ । କହେ ଆଜ ପଡ଼ିଥିଲି କି ଦଶା । ମୋର କରୁଥିଲି ପରଶଂସା । ହିମ ଶିଶିର ବସନ୍ତ ଗ୍ରୀଷମରୁ ଅଧିକ ବୋଲି ବରଷା ହେ । ମଧୁପ । ୧୮ । କାନ୍ତ କେତକୀ ଈକାର ହତ ପ୍ରାପ୍ତ କରିଥିବ ଏବେ ବିରହ । ଏହି କଥା ନ ରଖିବ ସନ୍ଦେହ । କପୋଳ-ପାଳି ପୁଲକ ଅନାଇ ମୋ ବାଳକ ସନ୍ଦେଶ କହ ହେ । ମଧୁପ । ଅଛି ଆଶ୍ରମ ପୁର ପାଶ୍ୱରେ ଲୋଭ ଛାଡ଼ିଏ କରିବ ଅନ୍ତର । ସ୍ମର ନୋହିବ ଆନ ମଣିଲି ସେ ସ୍ମୃତି ବୁଡ଼ିବଟି ମୋର ହେ । ମଧୁପ । ୧୯ । ଦୁଃଖ ଅନ୍ଧକାର ଘୋଟିଛି ଛୁଟିବ ତା ମୁଖ ଦର୍ଶନ ହୋଇଲେ । ଭବ୍ୟ ଉରୁ ଅବଲମ୍ବ

---

ହସି-ଲଜ୍ଜାରେ ଅପସରି । ହେନେ, ସେ କ୍ଷୀଣକଟୀ ସ୍ୱପ୍ନରେ କ'ଣ ଦେଖି ତା ଲୁଗାରେ ମୋ ଲୁଗାକୁ ଗଣ୍ଠିପକାଏ । ମୁଁ ପଚାରିଲେ ଲାଜରେ ଅପସରି କିଛି କହଇ ନାହିଁ । ନିତି ମୁଁ ଅନାଦର କଲେ ମଧ୍ୟ ତୁ ସ୍ନେହ କରୁ; କିନ୍ତୁ ଆଜ କାହିଁକି ମୋଠାରେ କପଟ କଲୁ କହନ୍ତେ ସେ କହେ ଆଜ ମୋତେ ଦଶାପଡ଼ିଲା, ହିମ ଶିଶିର ବସନ୍ତ ଓ ଗ୍ରୀଷ୍ମରୁ ଭିନ୍ନ ହୋଇ ବର୍ଷାରେ ଅଧିକ କଷ୍ଟ ଭୋଗ କରି ତୁମ୍ଭ ଗୁଣ ଗୁଣି ହେଉଥିଲି । ୧୮ ।

କେତକୀର 'ଈ'କାର ଲୋପରେ କେତକ ହେଲା । କେତକ-କଥା । କପୋଳ ପାଳିଫୁଲ-ଗଣ୍ଡମଣ୍ଡଳ ପାଳି । ଅନାଶନ୍ୟ ( କାମଧନୁ ଟଙ୍କାର ଶବ୍ଦ ) ଆଶ୍ରମ-ବଗିଚ୍ଚ । ହେ ମଧୁପ ତାହାର ଦେହ କାନ୍ତି କେତକୀ ପରି; କିନ୍ତୁ ବିରହରେ କଥାପରି ଫିକା ହୋଇଥିବା ଏକଥା ଦେଖି ତୁମର ସନ୍ଦେହ ଦୂର ହେବ । ତାହାର ଗଣ୍ଡ ମଣ୍ଡଳ ପାଳିକୁ ଏପରି ଫିକା ଦେଖି ତାହାକୁ ଶୀଘ୍ର ମୋସ୍ତ୍ରୀକୁ ମୋ ସମ୍ବାଦ କହିବ । ତାହା ଘର ପାଖରେ ଥିବା ବଗିଚାକୁ ଯାଇ ମଧୁପାନ ଲୋଭରେ ଭୁଁ ଭୁଁ ଶବ୍ଦ କରିବ ନାହିଁ । ସେ ତୁମ୍ଭ ଧ୍ୱନିକୁ କାମର ଗୁଣ ଟଙ୍କାର ଶବ୍ଦଭ୍ରମ୍ୟ ମନେ କଲେ ଆଉ ତାହା ପ୍ରାଣ ରହିବ ନାହିଁ । ୧୯ ।

ଭବ୍ୟଉରୁ-କଦଳୀଗଛ ପ୍ରାପ୍ୟଉରୁ ବା ରମ୍ଭାଉରୁ । ଅବଲମ୍ବନ-ଆଶ୍ରୟ । ଶିଖା-ଅବସ୍ଥା । ତାହାର ଚନ୍ଦ୍ରମୁଖ ଦେଖିଲେ ମୋହର ଦୁଃଖଅନ୍ଧାର ନାଶହେବ । ପୁଣି ତାହାର ରମ୍ଭାଉରୁକୁ ମୁଁ ଭେଳାକରି କାମତାପ ରୂପ-ସମୁଦ୍ରକୁ ପାରହେବ । ଏହାଭିନ୍ନ ଅନ୍ୟ ଉପାୟ ନାହିଁ । କପିଳ ମୁନିଙ୍କ ଶାପରେ ସଗରପୁତ୍ରମାନେ ଦଗ୍ଧ

ପାଇଲେ । ଏ ଡାଡ ସାଗରୁ ତରି ମୁଁ ପାରଇ ଉପାୟ ନାହିଁ ନୋହିଲେ ହେ । ମଧୁପ । ମହାଆକୁଳେ ନିତ ଦଗ୍ଧ ହୋଇ, ଅଛି ସଗରସୁତ-ଶିଖ ପାଇ । କହେ ଉପେନ୍ଦ୍ର ଭଞ୍ଜ ଗାଙ୍ଗକର ହାର ଦେଇ ପଠାଅ ହେ । ମଧୁପ । ୨୦ ।

—*—

## ତ୍ରୟୋଦଶ ଛାନ୍ଦ

( ଯୋଡ଼ ଯମକ )

ରାଗ—ବସନ୍ତ

ସେନ ଘନକାଳ କାଳ ମଣି ବଦ୍ୟୁଜ୍ଜ୍ୱାଳ ଜାଳ ଅଗ୍ନି ବୃଷ୍ଟି । ମହେଜ୍ଜ୍ୱଳ ଜଳ । ରସିକଙ୍କ ଚଳନ କଳନ କ ହୋଲେ ତଳତଳ ପ୍ରିୟାପାଶେ ଖଗମାଳମାଳ ହେ । ଜଳଧର । ଦମ୍ଭକୁ କର୍ପା କଟାଳ ଟାଳ । ଦୁଃଖ ଅସମ୍ଭାଳ ସ୍ତଳ ହୃଦ କି ସୁଶୀଳ ଶିଳ ହେଲା ଅଛି ନୋହି ଫାଳଫାଳ ହେ । ଜଳଧର । ୧ । ହେଲେ ଏ ବରଷା ରସା ମଧ୍ୟେ ମୋ ଭରସା ଉସ ଳସା ସାର ସସଦୃଶାଦୃଶା । ଭଲ ମୋ ତପସ୍ୟା । ପଣାଙ୍କେନ୍ଦୁଁ ହୋଲେ ରସା ରସା ରସେ ଥାଉ ଏ ମମିତା ନଶା ହେ । ଜଳଧର ।

---

ହେଲାପ୍ରାୟ ମୁଁ ସର୍ବଦା ମହା ଆକୁଳରେ କାମ ତାପାନଳରେ ଦଗ୍ଧ ହେଉଅଛି । ଗଙ୍ଗାଜଳରେ ସାଗରପୁତ୍ରେ ଉଦ୍ଧାର ହେଲା ପରି ମୁଁ ତାହାର ମୁକ୍ତାହାର ଜଳୁ ସେକଲେ ଉଦ୍ଧାର ପାଇବି ଅବା । ଏଣୁ ସେ ମୁକ୍ତାହାର ପଠାଇ ଦେଉ । ୨୦ ।

—*—

ତ୍ରୟୋଦଶ ଛାନ୍ଦ ଟୀକା ।

ଏକ ପ୍ରକାର ବର୍ଣ୍ଣରେ ଗଠିତ ଦୁଇଟି ପଦ ଏକତ୍ର ଥିଲେ ତାହାକୁ ଯୋଡ଼ ଯମକ କହନ୍ତି । ଘନକାଳ-ବର୍ଷାକାଳ । କାଳ-ନାଶସମର୍ଥ, ଯମ । ମଣି-ମନେକରି । ବଦ୍ୟୁଜ୍ଜ୍ୱାଳ-ବଜୁଳସମୁହ । ଜାଳ-ଅଗ୍ନି । ମହେଜ୍ଜ୍ୱଳ-ଅତିନର୍ମଳ । ସୁଶୀଳ-କଠିନ । ଶିଳ-ପଥର । ଖଗ-ମେଘ, ଜଳଧର । ସେନ-ସଦୃଶ, ପରି । ରସିକ ରାଜପୁତ୍ର ବର୍ଷାକାଳକୁ ଯମପରି, ବଜୁଳ ସମୂହକୁ ଅଗ୍ନି ପରି, ଅତି ନର୍ମଳ ବର୍ଷା ଜଳକୁ ବୃଷ୍ଟି ପରି ମନେ କରିବାରୁ ତାହାର ଚଳନ କଳନା କରିହେଲା ନାହିଁ । ସେ କହିଲା, ହେ ମେଘମାନେ, ତୁମ୍ଭେ ମୋ ପ୍ରିୟା ପାଖକୁ ଯାଅ । ହେ ଜଳଧର, ତୁମ୍ଭେ କଟାଳ କରି କାହିଁକି ମୋ ଦମ୍ଭକୁ ନାଶ କରୁଅଛ । ତୁମ୍ଭେ ବିଚାର କର ମୋର ଦୁଃଖ ସମ୍ଭାଳ ହେବାର ନୁହେ । ମୋ ହୃଦ ପଥର ପରି କଠିନ ନ ଥିବାରୁ ଫାଳ ଫାଳ ହୋଇ ଫାଟିଯାଇ ନାହିଁ କି । ୧ ।

ନାମେ ଯିବ ଯୋଷାଭୂଷାଭୂଷା । ଶୋକରେ ଭରସା ଉସାଇଲି ମୁଁ ଉଲ୍ଲାସାକସା ସ୍ମରୁଁ ଥିବ କରି ଆଶା ଆଶା ହେ । ଜଳଧର । ୨ । ଘନ-ଘୋଷେ ପାଣି ପାଣିରେ ବୁଜେ କ ଘୁଣି ଘୁଣି ସତେ ଶ୍ରବଣକୁ ପୁଣି ପୁଣି । ଚମ୍ପୁଦେଇ ଗଣି ଗଣି ଧଇର୍ଯ୍ୟ ସୁହାଣି ହାଣି ଭାବେ ପ୍ରେମେ ପିକ-ବାଣୀ ବାଣୀ ହେ । ଜଳଧର । ସେ ଭାବ ତୋଷ ନଃଶ୍ରେଣୀ ଶ୍ରେଣୀ । ଭାବେ କାମ ଆଣି ଆଣି କୋଳେ ଧରି ଆଣି ଆଣିମାଦ୍ୟ ସୁଖଦା ରମଣୀମଣି ହେ । ୩ । ଯେବେ ବଦୂର୍ଯ୍ୟଭିଶେ ବକେ ନୟନେ ନମିଷେ ମିଶେ ବେଷେ ଉପୁ କଲି ଆଶେ ଆସେ । ଜାନୁରେ ଅବଶେ ବସେ ସୁଭସକୁଞ୍ଜ ସେ ଫଶେ କୋଳେ ଆନନ୍ଦପ୍ରଦା ସେ ଦାସେ ହେ । ଜଳଧର । ରସି ମୁଁ ତନ୍ତୁଁ ଆଗ୍ରସ୍ତ ଭାବେ । ଯିବା କେଳକାସେ ବାସେ ଦୋଳ୍ଡ଼ାଇ ହରି ସେ ରସେ ମଜ୍ଜିବୁ ଶୁଣି ରହସେ ହସେ ହେ । ୪ । ଏବେ ଘନସାର-ସାର ଭଣି ପାନ ତାରତାର

---

ରସ-ପ୍ରତ୍ୟକ୍ଷ । ସାରସ ସଦୃଶାଦୃଶା-ପଦ୍ମନୟନା । ଉସାଉସା-ସ୍ତ୍ରୀ । ମନାଷା-ବାଞ୍ଛା । ଯୋଷାଭୂଷା-ରମଣୀମଣି । ଉଲ୍ଲାସ-ଆନନ୍ଦ । ଆଶା-ଦିଗ, ଆଶାକରି । ବର୍ଷାକାଳରେ ସେ ପଦ୍ମନୟନା ସ୍ତ୍ରୀ ଏ ପ୍ରତ୍ୟକ୍ଷ ମଧ୍ୟରେ ମୋର ଏକା ଭରସା । ମୋର ତପସ୍ୟା ଭଲ । ମୁଁ ବର୍ଷା ସମୟରେ ପଶାଖେଳିବାକୁ ଜିଣିଲେ ସେ ମୋତେ ରସରେ ରସାଇ କହେ, ଏ ବାଞ୍ଛା ଥାଉ । ଘରରେ ହେବ । ହେ ଜଳଧର ସେ ରମଣୀମଣି ଏ ବର୍ଷାକାଳରେ କାମଶରରେ ଭୁଷି ହେଉଥିବ । ମୁଁ ତାର ଆନନ୍ଦକୁ ଉସାଇଦେଲି । ସେ ମୋର ପିବାକୁ ଆଶାକରି ସବୁ ଦିଗକୁ ସ୍ମରୁଁ ଥିବ । ୨ ।

ଘୁଣୀ-ଘୁଣବଶ । ଘନଘୋଷ-ମେଘଗର୍ଜନ । ପାଣିପାଣି-ଦୁଇହାତ । ଶ୍ରବଣ-କାନ, ଶ୍ରୁତି । ନଃଶ୍ରେଣୀ-ନଶ୍ରୁଣୀ । ଅଣିମାଦ୍ୟସୁଖଦା-ଅଷ୍ଟଐଶ୍ୱର୍ଯ୍ୟଦାତ୍ରୀ । ଆଣି-ଗୁମାନ । ଘୁଣବଶ ମେଘ ଗର୍ଜନକୁ ଶୁଣି କ'ଣ ଘୁଣିହୋଇ ଦୁଇ ହାତରେ ବାରମ୍ବାର କାନକୁ ବୁଜେ । ସେ ପିକଭାଷୀ ସୁହାଣିରେ ମୋ ହୃଦକୁ ହାଣି କଥା କହଇ । ହେ ଜଳଧର, ସେ କଥାର ଭାବକୁ ଊର୍ଦ୍ଧ୍ୱଗାମୀ କରିବାପାଇଁ ଆନନ୍ଦର ନିଶ୍ରୁଣୀସମୂହପରି ସେହି ଐଶ୍ୱର୍ଯ୍ୟଦାତ୍ରୀକୁ ଆଣି ଦିଅ । ମୁଁ କାମର ଗୁମାନକୁ ଭାଙ୍ଗଇ । ୩ ।

ଆଗ୍ରସ୍ତ-ଅନୁପ୍ରାପ୍ତ । ରହସ-କୌତୁକ । ବଦୂର୍ଯ୍ୟର୍-ବଳୁଳ । ବକେ-ବଗମାନଙ୍କରେ । ନମିଷେ-ସ୍ତ୍ରୀଙ୍ଖିଲମାନେ । ଆଶେ-ଆଶରେ । ଅବଶେ-ଅନାୟତ୍ତରେ । ଉସକୁମ୍ଭ-ଉରଜନିଧି । ବାସେ-ସୁବାସିତକରେ । ହର-ସ୍ତନ । ଯେବେ ବଳୁଳ ବଗମାନଙ୍କରେ ବସି ସ୍ତ୍ରୀଙ୍ଖିଲ ମାନେ ନୟନକୁ ସଂଯୋଗ କରନ୍ତି, ତେବେ ସେ

ରତମୁଖୀ ଦେଇଁ ବାର ବାର । ଡାକନ୍ତେ ମୟୂର ଲୀଳା ଉଲ୍ଲସି ଦର୍ଦ୍ଦୁର ଦୂର ଚେତା କଲା ହୋଇ ଥର ଥର ହେ । ଜଳଧର । ଯାତନା ସେ ହୋଇ ତରତର ମୋତେ ଭୁଜାକର କରଯୋଡ଼ୁ ମୁଁ ନଖର କ୍ଷତ ଟିପୁଁ ଦେଖି ଲଜ୍ଜା ଜର ଜର ହେ । ୫ । ଏମନ୍ତ ପ୍ରକାର ଧାର ପତନ ଘଣାର ସାର ଅଣାଇଲା ସନ୍ନିଧିର ଧୀର । ସ୍ତ୍ରୀକୃତ ତାହାର ହାରକଣେ ଦୃଢ଼ କର କର ବୋଲୁଁ କଲା ସେ ବାହାର ହାର ହେ । ଜଳଧର । ବୋଇଲା ହେବ ଏଥିର ଥିର । କହିଲା ସୁନ୍ଦରବଦନହାସୀ କି ଭଙ୍ଗିର ଗିର ଦେଇ ସତେ ସେ ଚୋରର ସର ହେ । ୬ । ଏବେ କରି ସର ସର ମାଳତୀକବରୀ ବାନ୍ଧି ଧଇର୍ଯ୍ୟ ଲେଉ ପ୍ରସାଦ ସାର । ବେଣିକରେ ଧରି ଧରଣୀ ମଣ୍ଡଳ ଶୀଘ୍ର ଶିଖିପକ୍ଷଭରକ ମଜ୍ଜା କରି ହେ । ଜଳଧର । ଟୁମ୍ବୁ ମୁଖ ମନୋହାସ୍ୟ ହାସ । ଦମ୍ଭକୁ କି କରି କନ୍ଦର୍ପ ନେଇ ଥରି

---

ଚସନ୍ଧ୍ୟା ବେଗେ ଉପୁକ୍ତରେ ଆସି ଅନାନ୍ଦରେ ମୋ ଜାନୁରେ ବସଇ । ତହୁଁ ମୁଁ କାମାତୁର ହେବାର ଅଭିପ୍ରାୟ କହନ୍ତେ, ସେ କୌତୁକରେ ହସି ସ୍ତନକୁ ଲୁଗାରେ ଘୋଡ଼ାଇ ମାଳତୀଆଦ ପୁଷ୍ପଗନ୍ଧରେ ସୁବାସିତ କେଳିପୁରକୁ ଯାଏ ।୩।

ତାରତାରବରମୁଖୀ-ନର୍ମଳଚନ୍ଦ୍ରବଦନା । ଘନସାରସାର-ଭଲକର୍ପୂର । ଦର୍ଦ୍ଦୁର-ଭେକ । କରଯୋଡ଼ୁ-ଯୁଆଡ଼ାଙ୍କି ଶୁଶ୍ରୂଷାପ୍ରାପ୍ତ । ଏବେ ସେ ନର୍ମଳ ଚନ୍ଦ୍ରବଦନା ଭଲ କର୍ପୂର ପାନରେ ପୂରାଇ ମୋତେ ଦେଉଥିବାବେଳେ ମୟୂରଙ୍କ ଉନ୍ମାଦ ଡାକବାରେ ତାହାର ବକ୍ଷସ୍ଥଳ ଉଲ୍ଲସିଉଠିଲା ଏବଂ ଭେକ ବାହାମାନଙ୍କ ଡାକବାରେ ଜ୍ଞାନ ନାଶ କଲା । ତହୁଁ କରଯୋଡ଼ୁ ଥର ଥର ଓ ତରତର ହୋଇ ଭୁଜ ହାତ ମୋତେ ଯାଚନ୍ତେ ମୁଁ ଏପରି ଅବସ୍ଥା ଦେଖି ସ୍ତନରେ ନଖ ଟିପି ଦେଲି । ତହୁଁ ସେ ବୃତ୍ତିଶୀଳ ଲଜ୍ଜିତା ହେଲା । ୫ ।

ଧାର-ବର୍ଷାଧାର । ଧାର-ଚନ୍ଦ୍ରିତ । ଦୃଢ଼-ବାଜ, ପଣ । ଏବେ ଧାରାବର୍ଷା ହେତୁ ଅନ୍ଧାର ହେବାରୁ ସେ ପବିତ୍ରା ମୋ ନିକଟକୁ ଘଣାସାର ଆଣି ଦେଲାବାକୁ ବସିବାରୁ ମୁଁ କହିଲି ସ୍ତ୍ରୀକୃତ ତାହାର ବଦେଖିତକୁ ହାର ଜଣାରେ ପଣକର । ତହୁଁ ସେ ହାର ବାହାରକରି ପଣ ସ୍ୱରୂପେ ରଖନ୍ତେ ମୁଁ କହିଲି ମୁଁ ଏଥିରେ ଚହ୍ନୋଇ ରହିପାରିବି କି ? ସେ ସୁନ୍ଦର ମୃଦୁହାସୀ କି ଭଙ୍ଗି କଥାରେ କହିଲା ତୁମର ଆନନ୍ଦ ହେବେବର ତୁଳ୍ୟ ବଦେଖିତ ଦୃଢ଼ ରହିଲା ଲେଖେ । ୬ ।

ଅତି ପୁଲକରେ ଶୋଭାପୁଣ୍ଣ ପୂର୍ଣ ହେ । ୭ । ଶ୍ରମେ ଏକ ବନ ସ୍ଥାନ ଗତେ ଅଚେତନ ବନଜାକ୍ଷୀଙ୍କ ଦୁଃଖବଜନ ଭନ । ନୀଳକଣ୍ଠ ଘନ ଘନ ନାଦେ କଲ ଛନ୍ନ ଚନ୍ନ ପୁଣି ତତେ କଲା ମଦ ମନ ହେ । ଜଳଧର । ଫେଡ଼ୁଁ ମୁଁ ନୀବିବନ୍ଧନ ଧନ । ସାଂକଣି ଜଘନ ଘନ କଲି ନିଷେଧନ ମାନ ନୁହେଁ ତାଙ୍କି ଲୋଡ଼ା ପୁନଃପୁନଃ ହେ । ୮ । ଏବେ ଜଘାଗ୍ରରୁ ଖୁରୁସମା ତମ୍ବ ଉରୁ ଉତ୍ତୁ ଧଇବ କେ ଦୃଷ୍ଟି କରୁ କରୁ । ମୁଁ ଯେ ସଶ୍ରଦ୍ଧରୁ ଧରୁ ପଛୁ ଜ ବେଗରୁ ଗୁରୁକାନ୍ତ ସଲ ମୋ କୋଡ଼ରୁ ଖରୁ ହେ । ଜଳଧର । କହ ନଗ୍ଭର ସୁଭ୍ରୂଲୁଭ୍ରୂଲୁ । ଶିକ୍ଷା କ ବୃଷନ୍ତୁ ସରୁପ କ ହେଲ ଗୁରୁ ସୁରୁସ୍ତମ୍ଭ ବେଶୋଏ ଛନ୍ଦାରୁ ଭାଣୁ ହେ । ୯ । ଏବେ ତୋତୁଁ ଜାଣି

---

କନ୍ଦଗବର-ଘାର୍ଦ୍ଧକେଶଲଶୋଭିମା । ବନ୍ଧ-ଜଡ଼ା । ଧରଣୀମଣ୍ଡଳ-ଶିଖ-ମହୀମଣ୍ଡନା । ଖାଫଳ-ବେଲ । ଏବେ ସେ ଘାର୍ଦ୍ଧକେଶଶୋଭିମା ମାଳତୀପୂଲକ ସଭ ସରିକର ଗୁନ୍ଥି ଲଗାଇବ ବୋଲଥିଲ । ସେ କେଶ ମୋ ଲୋଭକୁ ବଢ଼ାଇ ଧୈର୍ଯ୍ୟକୁ ହାରି ଦେଅନ୍ତେ ମୁଁ ସେହି ମହୀମଣ୍ଡନାର ଚଣ୍ଡରେ ମଳୟ ଲେଖି ଦେଲପ୍ରାୟ ତାହାର ଉଭଜକୁ * * * ମନୋହାରୀ ସୁନ୍ଦରୀ କଣସମନୀ ଅତି ସୁନ୍ଦର ନେତ୍ରକୁ କ ଭଙ୍ଗି କରି ଥରି ଥରି ପୁଲକିତ ହେଲ । ୭ ।

ନୀଳକଣ୍ଠ-ମୟୂର । ବନଜାକ୍ଷୀ-ପଦ୍ମନୟନା । ସ୍ଥାନ-କାତର । ଘନ-ନିବିଡ଼ । ନିଷେଧନ-ବାରଣ, ମନା । ଧନ-ସମ୍ପଦ ( ଏଠାରେ ସ୍ତ୍ରୀ ) । ତନ୍ତୁଁ-ତାହାଙ୍କୁ । ସେ ପଦ୍ମନୟନା ଦୁଃଖ ସହିବାର ଯୋଗ୍ୟଲୋକ କି ? ଏବା ରଭ ଶେଷରେ କାତର ହୋଇ ଅଚେତନରେ ଶୋଇଥିବା ବେଳେ ମୁଁ ମୟୂରର ଘନ ଘନ ନାଦରେ ଉତ୍ତେଜିତ ହୋଇ ତାହାର ନୀବିବନ୍ଧ ଫେଡ଼ନ୍ତେ ସେ ଜଙ୍ଘକୁ ଜାକି ବାରଣକରି କହିଲ ତାହାକୁ ବାରମ୍ବାର ଇଚ୍ଛାକରିବା ଭଲ ନୁହେଁ । ୮ ।

ଜଘାଗ୍ରରୁ ଖୁରୁସମା-ରତ୍ତସମାନ । ବଳ-ବଗ । ସଶ୍ରଦ୍ଧରୁ-ସ୍ନେହ ହେତୁ । ସୁଭ୍ରୂ-ଭ୍ରୂଲତାଶୋଭା । ଏବେ ସେ ରତ୍ତସମାନ ସୁନ୍ଦରୀ ଉରୁଶୋଭିମା ଜଙ୍ଘରେ ଉଘାଡ଼ି ନଇଁପଡ଼ କଗମାନଙ୍କୁ ଦେଖୁଥିବାବେଳେ ମୁଁ ଶ୍ରଦ୍ଧାରେ ପଛରୁ ଯାଇ ତାକୁ ଧରନ୍ତେ ସେ ଜଣ ବଳାଣ କରି ଭୟରେ ମୋ କୋଳରୁ ଖସିଗଲ । ଭ୍ରୂଶୋଭିମା ଭ୍ରୂଲତାକୁ ରଙ୍ଗନର ନଗ୍ଭର କହିଲା ବୃଷଭ ଭୂଷଭ ଗୁରୁ ହେଲ କି ? ତାହାଠାରୁ ଏ ସ୍ତ୍ରୀ ଶିକ୍ଷା କ'ଣ ? ଏ ବର୍ଷାକାଳରେ ସେ ପୃଥୁଳସ୍ତନୀ ଏ କଥାମାନ ଚିନ୍ତା କରୁଥିବ । କଣଭ କଏ ତାକୁ ଏ ଚିନ୍ତାରୁ ଉଦ୍ଧାର କରିବ । ୯ ।

ଜାଣ ଷଡ଼୍‌ମ୍ରୀ ସୁଦନ୍ତୀଦନ୍ତୁରଗତି ମୁଁ କୁତୁକେ ମାଣ ମାଣ । ଲୁଚିଲି ବ୍ରତତୀତତି ଅନ୍ତରେ ସୁମତି ମତିଚ୍ଛନ୍ନ ଲଭି ନ ବଦୃଶ୍ଶି ଯତ ହେ । ଜଳଧର । ଡାକିଲେନେଇ ସମ୍ମତି ଦେଇ । କୋଲ ଯେ ମୁଁ କତ କଣ ଏ କେଉଁ ଖାଉଣ୍ଡି ଉଣ ପଣ ସେ ଏବେ ଛକୋଣ କୋଣ ହେ । ୧୦ । ଏବେ ସେ ଅଗାଡ଼ିସଙ୍ଗ ହୋଇବ ଏ ସ୍ମୃତି କଣ୍ଠିପକ୍ଷେ ଉଚ୍ଛଳ ସୁଗତିଗତି । ଜାଣି ନୋହେ ପ୍ରତି ପ୍ରତିକ ମେ ଉଲ୍ଲବଣ୍ଡ ବତିଶାର୍ଦ୍ଧ ବସ୍ତୁସୀ ଗୀଉତ-ଉତ ହେ । ଜଳଧର । ହେଲି ମୁଁ ସ୍ଥିଡ଼ ଜନ୍ମଭବନ । ଠୂନ ମୋ ସୁକୃତ କୃତ୍ତିବାସସେବା ଭତ ଭତ ସବୁ ମିଛ ଏ ଖରଣ୍ଣି ଉତ ହେ । ୧୧ । ଏବେ କୁତୁକରେ କରକାକୁ ଆଣେ ବରବରମା ମୋ ତନ୍ତୁ ବୃଷ୍ଟି ଝର ଝର । ଶେଷ କାମିମାର ପାଉବଶେ ପୟୋଧର ଧର କଣେ

ଜାଣ-ଯାଣ । ଦନ୍ତୁରଗତି-ଗଜଗମନା । କୁତୁକେ-କୌତୁକରେ । ବ୍ରତତୀତତିଅନ୍ତରେ-ଲତାମଧ୍ୟରେ । ମତିଚ୍ଛନ୍ନ-ଜ୍ଞାନଭ୍ରଷ୍ଟ । ମୁକ୍ତି-ସୁଖସ୍ଥାନ । କୋଉ-ଛନ୍ନ ଛନ୍ନ । ଏବେ ସେ ମଣ୍ଡୁମା, ସୁଦନ୍ତୀ ଗଜଗମନା କଟିସ୍ଥରେ ଯାଣଫୁଲ ତୋଳିବା କାଳରେ ମୁଁ କୌତୁକରେ ମତ ଲତା ମଧ୍ୟରେ ଲୁଚିଲି । ତହୁଁ ସେ ବୁଦ୍ଧିମତୀ ଜ୍ଞାନଭ୍ରଷ୍ଟା ହୋଇ ନ ଦେଖି ପଡ଼ିଲା ଖବ ହେ କାନ୍ତ ବୋଲି ଡାକିଲେ ଏବଂ କହିଲେ ତୁମ୍ଭେ କହ, ତୋ ପାଖେ ମୋର ସୁଖସ୍ଥାନ । ଏବେ କାମ ଛନ୍ନ ଛନ୍ନ କରୁଅଛୁ । ଏ ଭ୍ରମର କେଉଁ ଖଣ୍ଡି । ୧୦ ।

ସୁଗତି-ସୁଗମନା । ଗତି-ଗତିବାଣୀ । ବତିଶାର୍ଦ୍ଧ-ଷୋଡ଼ଶ । ପ୍ରୀତିରକ୍ତି-ପ୍ରୀତିସ୍ନେହୀ । ଅଗାଡ଼ି-ଶତ୍ରୁ । ପ୍ରତି ପ୍ରତିକ-ପ୍ରତିଅଙ୍ଗ । ଜନ୍ମଭ-ବଡ଼ପଣ । ଭବ-ଭବସ୍ଥ । କୃତ୍ତିବାସ-ଶିବ । ସୁକୃତ-ପୁଣ୍ୟ । ଏବେ ସୁଗମନା, ଗତିବାଣୀ, ଷୋଡ଼ଶ ବୟସୀ, ପ୍ରୀତିସ୍ନେହୀ ପ୍ରତ୍ୟକ୍ଷ ହୋଇ ମୋତେ ଶତ୍ରୁ ହେବ, ଏ ଭୟରେ କାନ୍ତ ପକ୍ଷରେ ଲୁଚି ରହିଲି । ଏଣୁ ସେ ଦେଖା ନ ଗଲା । ମୁଁ ବଡ଼ପଣକୁ ଘୃଣ୍ଡ଼ ଭବସ୍ଥରେ ଏ କଥା କହନ୍ତେ ସ୍ନେହୀ ହୁଏ । ସର୍ବଦା ଶିବ ସେବାରେ ମୋର ଯେଉଁ ପୁଣ୍ୟ ଠୂଳ ହୋଇଅଛୁ ତାହା ମିଛ ହେବ କି ? ଅର୍ଥାତ୍ ଶିବ ପାର୍ବତୀଙ୍କୁ କୋଳରେ ଧରିଲାପରି ମୁଁ ତୋତେ ସର୍ବଦା କୋଳରେ ସେଜପାଇବି ନାହିଁ କି ? । ୧୧ ।

ବରବରମା-ଗୌରାଙ୍ଗୀ । କରକା-କୁଆପଥର । ଧର-ପର୍ବତ । ପାଉବଶେ-ପାଣିଯୋଗରେ । ତାର-ନକ୍ଷତ୍ର । ହର-ଶିବ । ସେଜ-ବସ୍ତ୍ରକର । ଏବେ ସେ ଗୌରାଙ୍ଗୀ କୌତୁକରେ ଝର ଝର ବର୍ଷା ପାଣିରେ ଭନ୍ତ କୁଆପଥର ଆଣୁଥିଲା । କାମିମାର ପର୍ବତକୁଚାଗ୍ରନରେ ପାଣି ଯୋଗେ ବସ୍ତ୍ର ଲାଗିଯାଇ ସୁନ୍ଦର

ପ୍ରକାଶୁଁ ସେଠାରୁ ଠାରୁ ହେ । ଜଳଧର । ସଦା ସେବକ ନ କର କର । ମନେ ସ୍ମର ହର ହରଣେ ମୁଁ ମାଳୀ ତାର ତାରହାସି ସେବ କେ ଅପର ପର ହେ ।୧୨। ଏବେ ସେ ଉତରେ ଚଞ୍ଚେ କବେନ ଉତ୍ସବେ ସଚେ କେତକେ ଲେଖି ଇଙ୍ଗିତେ ଗୀତେ । ଗାଉଁ ସେ ଏକାନ୍ତେ କାନ୍ତେ ପ୍ରେମଦଗ୍ଧ ସ୍ତୋତ୍ରେ ଶ୍ରୋତେ ଖସି ମୁଁ ଖେଦ ଜନ୍ମିତେ ମିତେ ହେ । ଜଳଧର । ବୋଲେ ସେ ଦୈନ୍ୟ ସନ୍ତତେ ତତେ । ଶୁଣି ତା ଲଜ୍ଜିତେ ଜଗତେନ୍ଦ୍ରୁ ମୁମୋହ୍ନ ମଞ୍ଜେ ମତେ ଗୁଣ୍ଠି ଜାତ ରସ କେତେ କେତେ ହେ । ୧୩ । ଏବେଟି ଅଧିର କ୍ଷୀରଜାତ ମୋ ଗ୍ରମାର ମାରତେଜେ ସୁମନଧାଗର ଧର । ଗୁଣ୍ଠି ମୁଁ ଆଦରଦର କରି ତା ପଦ୍ମର ଅରବିନ୍ଦ ଧରୁ ସେ କାତରତର ହେ । ଜଳଧର । କଣ୍ଠଳ ବାଣୀ ସୁଧାର ଧାର । ଦାସୀରେ ପ୍ରଭୁର ଭ୍ରୂର ମଧ୍ୟେ ଏ ବେଶ୍ୱର ଖର ଭ୍ରୂମ୍ନେ ମଣ୍ଡନ ମୋ ଶିରସିର ହେ । ୧୪ । ଏବେ ସ୍ନେହେ ସଜ

---

ଏଣୁଥିଲ । ମୁଁ ସେ ସ୍ଥାନକୁ ଲକ୍ଷ୍ୟ କରି ଠାରୁ ପ୍ରକାଶ କରନ୍ତେ ମୋର ଅଟା କଥା ସେ ଜାଣି ପାରିଲ । ମୁଁ କହିଲ ମେଘକୁ ତୋର ସେବକ ନ କର । ରେ ନକ୍ଷତ୍ର-ହାସି ! ମନେ କର ତୋ ସ୍ତବ ଶିବ ଓ ମୁଁ ଆନନ୍ଦରେ ତାହାର ସେବକ ମାଳୀ । ଏଣୁ ତୋର କଏ ପର କଏ ଅପର (ଆତ୍ମୀୟ) ତାହା ବିଚାର କର । ୧୨ ।

ବଦାନ୍ୟା-ଦୟାଶୀଳା । ଦୈନ୍ୟ-ଦୀନସ୍ୱ । ଉତ୍ସବେ-ଆନନ୍ଦରେ । ଇଙ୍ଗିତ-ସରିହାସ । ଏକାନ୍ତ-ନିର୍ଜନ । କାନ୍ତ-ମନୋହର । ଶ୍ରୋତେ-ଶୁଣି । ଜନ୍ମିତେ-ଜାତ ହେବାପାଇଁ । ସନ୍ତତେ-ସର୍ବଦା । ତତେ-ବିସ୍ତୃତରୂପେ । ଜଗତେନ୍ଦ୍ରସ୍ୱମୋହ୍ନ-ତ୍ରିପିମୋହିନୀ । ମଞ୍ଜୁ-ଉଜ୍ଜ୍ୱଳ । ଏବେ ପ୍ରକୃତରେ ମନରେ କ ବର୍ଣ୍ଣିତ ଆନନ୍ଦରେ କଆଫୁଲଙ୍କର ଗୋଟିଏ ସରିହାସ ଗୀତ ଲେଖି ନିର୍ଜନରେ ମନୋହର ରୂପେ ଗାଉ ଗାଉ ମୁଁ ତାହା ଶୁଣି ପ୍ରେମଦଗ୍ଧ ସ୍ତୋତ୍ରରେ ଖସିଲ । ଖେଦ ଜାତ ହେବାପାଇଁ ମିତକୁ ଦୀନସ୍ୱରେ କହେ ରେ ଦୟାଶୀଳା, ସର୍ବଦା ବିସ୍ତୃତ ଭାବରେ ଏ ଗୀତଟିକୁ ବୋଲ । ଏହା ଶୁଣି ସେ ତ୍ରିପିମୋହିନୀ କପଟ ଲଜ୍ଜିତ ହୋଇ ଉଜ୍ଜ୍ୱଳରେ ମୋତେ ଗୁଣ୍ଠିବାରେ କେତେ କେତେ ରସ ଜାତ କରଇ । ୧୩ ।

ମାରତେଜେ-କାମଉନ୍ମାଦରେ । ଅଧୀର କ୍ଷୀର-ସେଚକ । ସୁମନ ଧାଗର ପଡ-ତଣ୍ଡୁ ତୋଳାଉପରେ । ପଦ୍ମରଅରବିନ୍ଦ-ପାଦ ପଦ୍ମ । କାତରତର-ଅତିଶୟ-କାତରେ । ଭ୍ରୂ-ପୃଥ୍ୱୀ । ମଣ୍ଡନ-ଭୂଷଣ । ଶିରସି-ମସ୍ତକ । ଏବେ କାମ ଉନ୍ମାଦରେ ମୋ ଗ୍ରମାର ତଣ୍ଡୁ ତୋଳା ଉପରେ ସେଚକ ଜାତ ହେବା ଦେଖି ମାନ କଲ କ ବୋଲି ଭାବ ଆଦର କରି ତାହାର ପାଦପଦ୍ମ ଧରୁ ସେ ଅତିଶୟ କାତର ହେଲ

ସଜମାଳର ଷବଳ ରଜମାରେ ଭୂଷିତମାରଜରଜ । କନ୍ତୁ ବେଣୀ ଭଜଭକ୍ତ୍ୱକ ନଖ
ସମାଜ ମାଜଇଁ ସେ ଦେଖି ନେହଲ ଲଜ ଲଜ ହେ । ଜଳଧର । ଗ୍ରସିଲ ଶାଣୁ
ନାଗ୍ରଜଗ୍ରଜ । ଯୁଦ୍ଧ-ମନ ଆଜ ଆଜନମୟୁଖୀ ଗ୍ରଜଗ୍ରଜ ଭୂକ୍ତିଦାୟୀ ବେଗେ
ସାଜ ସାଜ ହେ । ୧୫ । ସେ ବଚନବଳୀ ବଳୀଶୋଭି ଦେଇ ବଳ
ବଳଭୂଜେ ପୃଚ୍ଛୁଁ ବୋର୍ତ୍ତା ଆଦୀ ଆଳୀ । କନ୍ତ୍ୱକ ଛୁନ୍ନାଳୀ ମାଳୀକକ୍ଷୀ ନବବାଳୀ
ବାଳିଶ ମୁଁ ଉଷ ସେବାଷାଳ ଘାଳ ହେ । ଜଳଧର । ଦର୍ପଣୀ ଘାଦ ମଞ୍ଜାଳ
ସ୍ୱଳ ଗୁନ୍ଥି ପୁଲମାଳୀ ମାଳୀପ୍ରାୟେ ପାଷ୍ଟ ଭୂଳଭୂଳଟେ ଚବ ଲେଖିବ ଖଳ ଖଳ
ହେ । ୧୬ । ନୋହିଲ ତୁମ୍ଭେ ଅସ୍ତ୍ରନଭ ନ କଣ୍ଟ ସମ୍ପାତ ଘାତ ନ ଯେନ ତ
ନଭସ୍ତତ ସ୍ତତଃ । ତଞ୍ଜଳାଟେଶ ଖ୍ରିତ ଖ୍ରିତ ଦେବଲ ଲା ମାଶତ ସବ ଦେଖି ହୋଇଣ

---

ଏବଂ ଅମୃତ ଧାରା ପ୍ରାୟ ମଧୁର ବାଣୀ କହୁଥିଲ । ପୃଥିବୀରେ ସ୍ୱାମୀର ଦାସୀଠାରେ ଏପରି ବ୍ୟବହାର କଷ୍ଟକର ଅଟେ । ତୁମ୍ଭେ ମୋ ମସ୍ତକର ଭୂଷଣ ସ୍ୱରୂପ ଅଟ । ୧୪ ।

ସ୍ତନ-କାଞ୍ଚଳ । ମାରଜରଜ-ପଦପଦ୍ମଗ । ଭଜ-ଟେକ । ନାଗ୍ରଜଗ୍ରଜ-ପ୍ରଧାନଶର । ଗ୍ରଜଗ୍ରଜଭୂକ୍ତିଦାୟୀ-କୁବେରସମ୍ପତ୍ତି ଦାୟୀ । ଏବେ ରାତ୍ରରେ ସ୍ତନକୁ କାଞ୍ଚଳୀର ସଜ୍ଜିତ କରି ଚକ୍ଷିରେ ପଦ୍ମପରାଗ ଭୂଷିତ ହୋଇ ବେଣୀକୁ ଟେକକରି ବାନ୍ଧି ଭକ୍ତ୍ୱକ ନଖମାନଙ୍କୁ ମାଜୁଥିଲ । ମୋତେ ଦେଖି ଲଜ ଲଜ ହେଲ । ମୁଁ କହିଲି ପ୍ରଧାନ ଶରକୁ ଶାଣଦେଉଛୁ କି ? ରେ ଆନନ୍ଦମୁଖି ! କୁବେର ସମ୍ପତ୍ତିଦାୟିନି ! ତୋ କାଞ୍ଚଳ ସାଞ୍ଜୁ, ପଦ୍ମପରାଗ ଗାରମାଟି, ବେଣୀ ଖଡ୍‌ଗ, ନଖ ଶର ଅଛି । ଆଜ କୁ କାମ ସଙ୍ଗେ ଯୁଦ୍ଧ କରିବାକୁ ମନ କରିଅଛୁ କି ? ତେବେ ସଜହୁଅ, ସଜହୁଅ । ୧୫ ।

ବଚନବଳ-ବଳଶୋଭମା । ବଳଭୁଜ-କାକ । ମାଳୀକାକ୍ଷୀ-ପଦ୍ମନୟନା । ବାଳଶ-ମୂର୍ଖ । ଛୁନ୍ନାଳୀ-ସେବା । ଭୂଳୀପାଷ୍ଟ-ଶେଯପ୍ରାନ୍ତ । ଏପରି ବେଳରେ ତୋ ପାଖକୁ ଯିବାକୁ ମନ ହେଉଅଛି । ସେ ବଚନ ବାଳୀ ବଳଶୋଭମା କାକକୁ ଆହାର ଦେଇ ସଖୀମାନଙ୍କ ସଙ୍ଗରେ ନମା ବାର୍ତ୍ତା ପଚ୍ଛୁ କହୁଛ, ରେ ପଦ୍ମନୟନା ନବବାଳ ! ମୁଁ ମୂର୍ଖ, ତୋ ସେବାକୁ ଅନ୍ତର ହେବା ସଖୀପରି ହୋଇଥିଲି । ଏବେ ମୋତେ ସେବାଷାଳ ପାଳନ କରିବାକୁ ଦିଅ, ଦର୍ପଣରେ ଦର୍ଶ, ଗନ୍ଧ ମଞ୍ଜାଳ, ମାଳୀପରି ଫୁଲ ମଳା ଗୁନ୍ଥି ଶେଯ ପାଶ ଖଳ ଖଳ ଭୁଲରେ ଚବ ଲେଖିବ । ୧୬ ।

ଗମିତ ମିତ ହେ । ଜଳଧର । କହିବ ତାର ମୋହିତ ସ୍ଥିତ ହେବ ତୋ ଏକାନ୍ତ
କାନ୍ତସ୍ଥଳରେ ବସି ସ୍ମିତ-ହାସ ସେ ତୋରେ ନିରତ ରତ ହେ । ୧୭ । ମୁଦିର
ସଦୃଶ ଦୃଶ ଯା ଭଙ୍ଗି ବିଶେଷ ଶେଷ, ହୋଇଥିବ ଯେ ଆବେଶ ବେଶ । କାମକାସେ
ଈଶ ଈଶ ପ୍ରେମବଶେ ଭାଷା ଈଶ ଗୀରେ ଥିବ ଯେ ଆଶ୍ଳେଷ ଶ୍ଳେଷ ହେ । ଜଳଧର ।
କରିବ ତାର ନିଃକ୍ଳେଶ କ୍ଳେଶ । କେଶ ଶୋକ-ପାଶ ପାଶକୁ ମୋ ପୁନଃ
ଆସ ଆସ ତେଜନ ଶୁଣି ଦେଶ ଦେଶ ହେ । ୧୮ । ମାର ଶର
ଲକ୍ଷଲକ୍ଷ ପ୍ରହାରେ ମୁଁ ଲକ୍ଷ୍ୟ ଲକ୍ଷ୍ୟ ଏ ଦୁଃଖକୁ ସାଇସାକ୍ଷ ସାକ୍ଷ । କେନ
ଚକ୍ଷୁରକ୍ଷ ରକ୍ଷସ ପ୍ରାପ୍ତେ ବିପକ୍ଷ ପକ୍ଷ ଯୁଗ କୋଟି ଏଥିଁ ରକ୍ଷ ରକ୍ଷ ହେ ।

---

ସ୍ୱତଃ-ସ୍ୱୟଂ । ନିସ୍ତନିତ-ବଜ୍ରଧ୍ୱନି । ନଭସ୍ୱନ୍ତ-ପବନ । ତଣିକା-ବିଜୁଳି । ସତ-ନିଶ୍ଚୟ । ଗମିତ-ଯାଇଁ । ସ୍ମିତହାସୀ-ମନ୍ଦହାସୀ । ବିସ୍ମିତ-ଅଭିଭୂତ । ନିରତ-ସର୍ବଦା । ରତ-ଆସକ୍ତ । ହେ ଜଳଧର ! ତୁମ୍ଭେ ସ୍ୱୟଂ ତାହାର ନାଶକାରୀ ବଜ୍ରଧ୍ୱନି ରହିତ ହୋଇ, ସମ୍ପ୍ରତି ଜଳଧାରା ପାତ ନ କରି, ପବନକୁ ସଙ୍ଗରେ ନ ନେଇ ଯିବ । ପୁଣି ତୁମ୍ଭଙ୍କୁ ବିଜୁଳି ମଣ୍ଡିତ ଦେଖିଲେ ଖିନ୍ନ ହେବ । ଏଣୁ ତାହାର ଦୁଃଖ ନାଶିବାକୁ ମୋହର ମିତ ପ୍ରାପ୍ତ ଯାଇ ନିଶ୍ଚୟ ମୋ ପ୍ରିୟାକୁ ଦେଖ । ଦେଖିଲା ପରେ ତା ଚିତ୍ତ ମୋହିତ ହେବ । ଏହି ସମୟରେ ଏମନ୍ତ ହିତକଥା କହିବ । ହେ ମନ୍ଦହାସି ! ତୁ ଅଭିଭୂତ ମନୋଦୁଃଖକୁ ତ୍ୟାଗକର । ତୋର ନିକଟରେ କାନ୍ତ ସହିତ ଏକାନ୍ତ ମିଳନ ହେବ । ସେ ତୋହଠାରେ ସର୍ବଦା ଆସକ୍ତ ହୋଇ ଦୁଃଖରେ ରହିଅଛି । ୧୭ ।

ଦୃଶ-ଚକ୍ଷୁ । ମୁଦିର-ମେଘ । ଈଶ-ଶିବ, କାନ୍ତ । କ୍ଳେଶ-ଦୁଃଖ । ନିଃକ୍ଳେଶ-ଦୁଃଖହୀନ । ଆବେଶ-ମନୋଯୋଗ । ଗୀର-କଥା । ଯାହାର ଚକ୍ଷୁ ମେଘପ୍ରାପ୍ତ ହୋଇ ସର୍ବଦା ଜଳପ୍ରାପ୍ତ ଲୁହ ବୁହାଉଥିବ । ବିଶେଷ ଅଙ୍ଗଭଙ୍ଗିମାନ ଶେଷ ହୋଇଥିବ, ବେଶରେ ମନୋଯୋଗ ନ ଥିବ, ପୁଣି କାମ ଭୟରେ ଶିବ ଶିବ ଜପ କରୁଥିବ । ପ୍ରେମବଶରୁ ସେହି କଥାରେ ହେ କାନ୍ତ, ହେ କାନ୍ତ ଏପରି ଶ୍ଳେଷ ଦୁଇ ଅର୍ଥ ଯୁକ୍ତ ଥିବ । ହେ ଜଳଧର ଏମନ୍ତ ଦୁଃଖ ହୋଇଥିବା ସମୟରେ ଏହି ଶୁଭ ସମ୍ବାଦ ଦେଇ ତାହାକୁ ଦୁଃଖହୀନ କର । ଏପରି ତାହାର କେଶ ପାଶକୁ କାଟି ପୁଣି ମୋ ପାଖକୁ ଆସିଲେ ମୁଁ ତୁମ୍ଭଠାରୁ ତାହାର ବାର୍ତ୍ତା ଶୁଣି ଏ ଦେଶ ଛାଡ଼ିବ-ବା-ଘରକୁ ଯିବ । ୧୮ ।

ଜଳଧର । ତାର ମୋର ସାବଟମୋକ୍ଷ ମୋକ୍ଷ । ଦୁର୍ଗା ହେଲେ ପକ୍ଷପକ୍ଷ, ଲଭ ମୁଁ ପ୍ରତ୍ୟକ୍ଷ ତକ୍ଷଣରେ ଯାନ୍ତି ହେଲେ ଋକ୍ଷ ଋକ୍ଷ ହେ । ୧୯ । ମାର ସୁକୁମାରୀ ମାର ନ ପୂନ କଞ୍ଜାର ଜାର ଲୋଡ଼ଇ ଏହା ସୁମରି ମରି । ଭଲେ ଥାଉ ନାରୀ ନାରିକେଳ-ସ୍ତନ୍ୟେ'ଧରୀ ଧରି ଜୀବନହିଁ କୃଶୋଦରୀ ଦରି ହେ । ଜଳଧର ! ସୁନ୍ଦରୀ ମୋ ଅପସରୀ ସରି । ଏ ତାପ ନିବାର କାରକାକ୍ଷ କୌଣପାରି ପରି ଭାବେ ଉପଇନ୍ଦ୍ର ହରି ହରି ହେ । ୨୦ ।

—:*:—

---

ମାର-କାମ । ଲକ୍ଷ୍ୟ-ଲକ୍ଷ । ସାରସାକ୍ଷ-ପଦ୍ମାକ୍ଷ । ଚକ୍ଷୁରକ୍ଷ-ଦେଖା-ଦେଖି । ବକ୍ଷ-ବାଧା । ରକ୍ଷ-ରକ୍ଷାକର । ପ୍ରତ୍ୟକ୍ଷ-ସାକ୍ଷାତ । ଋକ୍ଷ-ନକ୍ଷତ୍ର, ଶିଘ୍ରଗତିଯୁକ୍ତ । ଲକ୍ଷଲକ୍ଷ-ଅସଂଖ୍ୟ । କାମ ମୋତେ ଅସଂଖ୍ୟ ଶର ମାରଇ । ମୁଁ ତାହାର ଲକ୍ଷ୍ୟପ୍ରାପ୍ତ ହୋଇଅଛି । ଏ ଦୁଃଖକୁ ପଦ୍ମାକ୍ଷ ବିଷ୍ଣୁ ତୁମ୍ଭେ ସାକ୍ଷୀ । ତାର ମୋର ଦେଖାଦେଖି ହେବାକୁ ଦୁର୍ଦ୍ଦଶା ରକ୍ଷସପରି ବାଧା ଦେଉଅଛି । କ୍ଷଣକୁ କୋଟିଏ ଯୁଗପରି ବୋଧ ହେଉଛି । ତୁମ୍ଭେ ଏ ଦୁଃଖରୁ ମୋତେ ରକ୍ଷା କର । ହେ ଜଳଧର ! ତାହାର ସାବନ୍ଧନ ଫିଟାଇବା ମୋର ନିତ୍ୟସୁଖ ପାଇବାର ସ୍ଥାନ । ଦେବୀ ଦୁର୍ଗା ମୋହର ସପକ୍ଷ ହେଲେ ତାଙ୍କ ଅନୁଗ୍ରହରୁ ସାକ୍ଷାତ ଲାଭ କରିବାକୁ ସେହିକ୍ଷଣି ଶିଘ୍ରଗତିଯୁକ୍ତ ନକ୍ଷତ୍ର ପ୍ରାପ୍ତ ହୋଇ ତାହା ନିକଟକୁ ଯାଇପାରନ୍ତି । ୧୯ ।

କଞ୍ଜାର-ଚନ୍ଦ୍ର । ଜାର-ନିସ୍ତେଜ କର । ନାରିକେଳ-ନଡ଼ିଆ । କାର କାକ୍ଷ-ପଦ୍ମାକ୍ଷ । କୌଣପାରି-ବିଷ୍ଣୁ । ତାପ-କ୍ଳେଶ, ସନ୍ତାପ । ସେ ସୁକୁମାରୀକୁ କାମ ମାରୁଥିବ ଓ ଚନ୍ଦ୍ର ନିସ୍ତେଜ କରୁଥିବ ନାହିଁ କି ? ଏହା ସୁମରି ମୁଁ ମରିବାକୁ ଲୋଡ଼ଇ । ମୋର ଇଚ୍ଛା ସେ ନାରିକେଳସ୍ତନୀ କୃଶୋଦରୀ ନାରୀ ଉପଯୁକ୍ତ ନ ହୋଇ ଜୀବନ ଧରି ଭଲରେ ଥାଉ । ହେ ଜଳଧର ! ମୋ ସୁନ୍ଦରୀ ଅପସରୀ ତୁଲ୍ୟ । ପଦ୍ମାକ୍ଷ ବିଷ୍ଣୁ ତାହାର ଏ ସନ୍ତାପକୁ ନିବାରଣ କରିପାରନ୍ତି । ନୃସିଂହରୂପ ଧାରଣ କରିଥିବା ବିଷ୍ଣୁଙ୍କୁ କବି ଉପେନ୍ଦ୍ର ଭଞ୍ଜ ଭାବନା କରଇ ।୨୦।

———

## ଚତୁର୍ଦ୍ଦଶ ଛାନ୍ଦ

ଦୃଷ୍ଟାନ୍ତ । ରାଗ-ଶଙ୍କରାଭରଣ ।

ନିର୍ମଳ ଚନ୍ଦ୍ରମଣ୍ଡଳ ଶରତେ ଉଦିତ । ଦିଶେ ଯଥା ଦର୍ପକ ଦର୍ପଣେ ଥିଲେ ମାଜ । ଗୁର୍ଣ୍ଣି ଭ୍ରମର କାତର । ଲେଖି ଆରମ୍ଭିଲା ବାଳୀ ବିନୟ ପତର । ୧ । ଜାନକୀବଲ୍ଲଭ-ପଦ୍ମପାଦେ ଚିତ୍ତ ଥାଉ । ରାଜସୁତା ପ୍ରୀତି-କଉଶଳାକୁ ଜଣାଉ । ଏବେ ମରୁଅଛୁ ଝୁରି । ଦରିଦ୍ର ରତନ ପାଇ ହରାଇଲା ପରି ।୨। ତୁ ମୋ ପ୍ରତିଚକ୍ଷୁ ଯେଣୁ ହୋଇଗଲୁ ଅନ୍ତର । ଦିଶୁନାହିଁ କିଛି କାହିଁ ଆନ ପ୍ରତିକାର । ନୂଆ ଅନ୍ଧ-ପ୍ରାୟେ ହୋଇ । ଅନୁକ୍ଷଣେ ଆକୁଳ ହେଉଛୁ ପ୍ରାଣସଖି । ଦୂରେ ଥିଲେ ପାଶେ ଅଛୁ ଏହା ଥିବୁ ଘେନ । କେତେ ଦୂରେ ଚନ୍ଦ୍ର କେତେ ଦୂରେ କୁମୁଦିନୀ । ପ୍ରୀତି ଅଭେଦ ତାଙ୍କର । ଯେତେ ଦୂରେ ଥିଲେ ଯେ ଯାହାର ସେ ତାହାର । ୪ ।

---

### ଚତୁର୍ଦ୍ଦଶ ଛାନ୍ଦ ଟୀକା । ଦୃଷ୍ଟାନ୍ତ ।

ବର୍ଣ୍ଣିତ ବସ୍ତୁର ଧର୍ମ ଅପର ବସ୍ତୁର ଧର୍ମର ଅନୁରୂପ ହେଲେ ତାହାକୁ ଦୃଷ୍ଟାନ୍ତ ଅଳଙ୍କାର କହନ୍ତି । ଦର୍ପକଦର୍ପଣ-କାମ ଦର୍ପଣ, ଶରଚ୍ଚନ୍ଦ୍ର । କାତର-ଦୁଃଖିତ, ବିହ୍ୱଳ । ପତର (ପତ୍ର)-ଲେଖା, ଚିଠି । ଶରତ୍କାଳରେ କାମର ଦର୍ପଣକୁ ମାଜିଲା ପ୍ରାୟ କାମ ଉଦ୍ଦୀପକ ନିର୍ମଳ ଚନ୍ଦ୍ରମଣ୍ଡଳ ଆକାଶରେ ପ୍ରକାଶିତ ହେଲା । ରାଜପୁତ୍ର ସେହି ଶରତ୍ କାଳରେ ଚନ୍ଦ୍ରଙ୍କୁ ଦେଖି ଦୁଃଖିତ ହୋଇ ବିନୟସୂଚକ ଚିଠି ଲେଖିବାକୁ ଆରମ୍ଭ କଲା । ୧ ।

ଜାନକୀବଲ୍ଲଭ-ରାମଚନ୍ଦ୍ର । ପ୍ରୀତିକଉଶଳା-ପ୍ରୀତିନିପୁଣା । ରାମଚନ୍ଦ୍ରଙ୍କ ପାଦରେ ଚିତ୍ତରଖି ସେ ପ୍ରୀତିନିପୁଣା ରମଣୀ ପାଖକୁ ଚିଠି ଲେଖାହେଲା । ମୁଁ ଦରିଦ୍ର, ରତ୍ନ ପାଇ ତାକୁ ହରାଇଲା ପ୍ରାୟ ହୋଇ ଝୁରି ମରୁଅଛି । ୨ ।

ପ୍ରତିଚକ୍ଷୁ-ପରଚକ୍ଷୁ । ଅନ୍ତର-ଭିନ୍ନ । ପ୍ରତିକାର-ଉପାୟ । ହେ ପ୍ରାଣସଖି ! ମୋହର ପରଚକ୍ଷୁ ପ୍ରାୟ ତୁ ମୋ ପାଖରୁ ଭିନ୍ନ ହୋଇଥିବାରୁ କିଛି ଉପାୟ ଦିଶୁନାହିଁ । ମୁଁ ନୂଆ ଅନ୍ଧପ୍ରାୟ ହେବାରୁ ସର୍ବଦା ଆକୁଳ ହେଉଅଛି । ୩ ।

କୁମୁଦିନୀ-କଇଁଫୁଲ । ଅଭେଦ-ଅଭିନ୍ନ । ଦୂରେ ଥିଲେହେଁ ପାଖରେ ଥିଲାପରି ମନେକର । ଚନ୍ଦ୍ର ଓ କଇଁଫୁଲ କେତେ ଦୂରେ ଥିଲେ ସୁଦ୍ଧା ତାଙ୍କ ପ୍ରୀତି ଅଭିନ୍ନ ଅଟେ । ଯେତେ ଦୂରେ ଥିଲେ ମଧ୍ୟ ଯେ ଯାହାର ସେ ତାହାର ଅଟେ । ୪ ।

ଯେତେ ଦୂରେ ଫଳ ପଡ଼ିଥିଲେ ରେ ନଗାନା । ଛାୟା କି ମୂଳର ଆନେ ବୃକ୍ଷ ନାମ ଭଣା । ବନ୍ଧୁ ହେମନ୍ତ ମୁଁ ତୋର । ସବୁଠାରେ କୁହାଉଛି ସୁନ୍ଦର-କେୟୂର । ୫ । ଯେଣେ ଅନାଇଲେ ଇନ୍ଦ୍ରଜାଲ ପ୍ରାୟେ ଦିଶୁ । ମୁକୁର ବିମ୍ବ ପରାଏ ପାଶକୁ ନ ଆସୁ । ଏଡ଼େ ହଟ କାହିଁପାଇଁ । ମୋହ ଜାଣିବାରେ ମୁଁ ତ ଦୋଷ କରି ନାହିଁ । ୬ । ରବିକର ନ ଛୁଇଁଲା ପରାଏ ମେରୁକୁ । ମୋ-ମନ ନ ଛୁଏଁ ତୋ ପୃଥୁଳ ଉରଜକୁ । ଶିବେ ଆଶ୍ରେ କରି ବୃଷ । ଘାସ ଗ୍ରାସ ପ୍ରାୟେ ତ ନ ଗଲା ମୋର କ୍ଲେଶ । ୭ । ତୋ ପ୍ରୀତିରେ ଦ୍ରବେ କାମ ବିଶିଖକୁ ସହି । ବିଧୁଶିଳ ପ୍ରାୟେ କି ହୋଇଲା ମୋର ଦେହୀ । ମନ ଲୋହ ହୋଇଥିଲା । ତୋ ଚୁମ୍ବ ଚୁମ୍ବକବଳେ ହୃଦୁ କାଢ଼ି ନେଲା । ୮ । ବିଦଗଧଶୋମୁକାରେ ଜଳ ଦେଲା ପ୍ରାୟେ । ସନ୍ତାପିତ ହେଉଛି ବିରହ ଯୋଗୁଁ କାୟେ । ତନନାଦ ଉପସ୍ବର । ହେଉଛି

---

କେୟୂର-ସ୍ବକର । ରେ ନଗାନା ! ଯେଉଁ ଗଛରୁ ଫଳ ଯେତେ ଦୂରରେ ପଡ଼ିଥିଲେ ସୁଦ୍ଧା ତାହା ସେହି ବୃକ୍ଷର ଫଳ ଭିନ୍ନ ଅନ୍ୟ ହୁଏ ନାହିଁ । ହେ ବନ୍ଧୁ ! ଭଳି ମୁଁ ତୋହର ସେହିପରି । ସବୁଠାରେ ତୋର ସ୍ବକର ବୋଲି ପରିଚୟ ଦେଉଅଛି । ୫ ।

ମୁକୁର-ଦର୍ପଣ । ବିମ୍ବ-ଛବି ବା ଛାୟା । ଯେଉଁ ଆଡ଼କୁ ଚାହିଁର ତେଣେ ତୋ ମୂର୍ତ୍ତି ଇନ୍ଦ୍ରଜାଲପରି ଦିଶେ । ଦର୍ପଣର ଛବି ପରି ପାଖକୁ ଆସୁନାହିଁ । ଏଡ଼େ କୌତୁକ କାହିଁକି କରୁ । ମୁଁ ଜାଣିବାରେ କୌଣସି ଦୋଷ କରିନାହିଁ । ୬ ।

ରବିକର-ସୂର୍ଯ୍ୟକିରଣ । ମେରୁ-ପର୍ବତ । ପୃଥୁଳଉରଜ-ସ୍ଥୂଳସ୍ତନ । ସୂର୍ଯ୍ୟ କିରଣ ମେରୁ ପର୍ବତକୁ ନ ଛୁଇଁଲା ପରି ମୋ ମନ ତୋ ସ୍ଥୂଳସ୍ତନକୁ ଛୁଇଁପାରୁ ନାହିଁ । ବୃଷ ଶିବଙ୍କୁ ଆଶ୍ରାକରି ଘାସ ଖାଇବାକୁ ନ ପାଇଲା ପ୍ରାୟ ମୁଁ ତୋତେ ଲାଭକରି ମୋର କ୍ଲେଶ ଗଲା ନାହିଁ । ୭ ।

ବିଶିଖ-ଶର । ଦ୍ରବେ-ତରଳାଇ । ବିଧୁଶିଳ-ଚନ୍ଦ୍ରକାନ୍ତମଣି । ମୁଁ କାମଶରକୁ ସହି ତୋ ପ୍ରୀତିରେ ତରଳଇ । ମୋ ଦେହ ଚନ୍ଦ୍ର-କାନ୍ତମଣି ପରି ହେଲା କି ? ମୋ ମନ ଲୁହାପରି ହୋଇଥିଲା । ତୋ ଚୁମ୍ବନ ଚୁମ୍ବକପରି ତାକୁ ମୋ ହୃଦୟରୁ ବଳେ କାଢ଼ି ନେଲା । ୮ ।

ତପତ ଲେହ ଜମ୍ବାଳ ପ୍ରକାର । ୯ । ବିରହକୁ ଉପଚାର ମାତ୍ର ମନୋହାରୀ । ପଲ୍ଲବ ଶଯ୍ୟାଦି ଯେତେ ବୃଥାର୍ଥରେ କରି । ଏବେ ଅନୁଭବ ହେଲା । ଗ୍ରହରେ ମଙ୍ଗଳପ୍ରଦ ଯେମନ୍ତ ରହିଲା । ବୃଦ୍ଧିନଶା ତଟ-ତରୁ ପରାପ୍ତେ ଜୀବନ । ସନ୍ଦେହ ପଡ଼ୁଛି ଏଥୁଁ ତରିବ କେମନ । ରାହୁ ବଶ ଧ୍ୟାନେ ମୋର । ସୁଧାପାନ ଉତ୍ତାରୁ ଛେଦନ ହେଲା ଶିର । ୧୧ । ଚନ୍ଦ୍ରକୁ ଚକୋର ଜଳଧରକୁ ଚାତକ । ପ୍ରାପ୍ତେ ତୋଠାରେ କରିଥାଇ ମୁଁ ଆଶା ଅନେକ । ଧାତା ନଟକାର ପରି । ଦେଖାଇ ତ ହରିନେଲା କନକ ଗଉରୀ । ୧୨ । ସ୍ୱପନସମ୍ପତ୍ତି ପ୍ରାପ୍ତେ ହେଲା ତୋ ସଙ୍ଗତ । କ ବଶିବ ପ୍ରିୟତମ ! ରସିକା ଯୁବତି । ତନ୍ତ ଲିଙ୍ଗ ପ୍ରାପ୍ତେ ହୋଇ । ଏ ବିରହା ବାହ୍ନି

---

ବଡ଼ବ୍ର୍ଧ-ଘୋଡ଼ା । କାୟ-ଦେହ । ସନ୍ତାପିତ-ଉତ୍ତପ୍ତ । ଜମ୍ବାଳ-ପଙ୍କ । ଘୋଡ଼ା ଶାମୁକାରେ ଜଳ ଦେଲେ ସେ ଯେପରି ଅଧିକ ଉତ୍ତପ୍ତ ହୋଇ ଫୁଟେ, ସେହିପରି ମୋ ଦେହ ବିରହ ଯୋଗୁଁ ଉତ୍ତପ୍ତ ହେଉଅଛି । ଚନ୍ଦନ କର୍ପୂରାଦି ଶୀତଳ ଉପଚାର ଦେଲେ ଲୁହାରେ ପଙ୍କ ବୋଳିଲା ପରି ଶୁଖିଯାଉଛି । ୯ ।

ମନୋହାରୀ-ସୁନ୍ଦରୀ ସ୍ତ୍ରୀ । ଉପଚାର-ପ୍ରତିକାର । ବୃଥାର୍ଥରେ-ଅକାରଣରେ । ସୁନ୍ଦରୀ ସ୍ତ୍ରୀ କେବଳ ବିରହକୁ ପ୍ରତିକାର, କଅଁଳ ପତ୍ର ବା ଶଯ୍ୟା ପ୍ରଭୃତି ଯେତେ ପ୍ରତିକାର ଅଛି ତାହା ଅକାରଣ ପଟେ । ଏହା ଅନୁଭବ ହେଲା । ଏକଗ୍ରହଠାରେ ଯେପରି ମଙ୍ଗଳ ପଦ ଅଛି; କିନ୍ତୁ ସେ କାର୍ଯ୍ୟରେ ଯେପରି ଅମଙ୍ଗଳପ୍ରଦ, ଏ ଉପଚାରସବୁ ସେହିପରି ହେଉଅଛି । ୧୦ ।

ତଟ-କୂଳ । ତରୁ-ଗଛ । ବୃଦ୍ଧିନଶା-ବଢ଼ିବା ନଈ । ମୋର ଜୀବନ ବଢ଼ିଲା ନଈ କୂଳର ଗଛ ପ୍ରାୟ ହୋଇଅଛି । ସନ୍ଦେହ ପଡ଼ୁଛି, ଏଥିରୁ କିପରି ଉଦ୍ଧାର ପାଇବି ? ରାହୁ ଅମୃତପାନ କଲାପରେ ବିଷ୍ଣୁ ତହିଁରେ ଦ୍ୱି'ଖଣ୍ଡ ହେଲାପରି ମୁଁ ତୋହର ଅଧରପାନ କଲାଉତ୍ତାରୁ ମୋତେ ବିଚ୍ଛେଦ ଦଣ୍ଡ ହେଲା । ୧୧ ।

ଜଳଧର-ମେଘ । ନଟକାର-ନର୍ତ୍ତକ । ଚନ୍ଦ୍ରକୁ ଚକୋର, ମେଘକୁ ଚାତକ ଆଶାକଲା ପ୍ରାୟ ମୁଁ ତୋହଠାରେ ଅନେକ ଆଶା ରଖିଥାଏ; କିନ୍ତୁ ବିଧାତା ନର୍ତ୍ତକ ପ୍ରାୟ ହୋଇ ସୁନାଗୋଛିକ ଦେଖାଇ ହରିନେଲା । ୧୨ ।

ଥିଲା ତୋହ ମୋହ ପାଇଁ । ୧୩ । ବାହାର ଅତି କଠିନ ଭିତର ସରସ । ନାଟଦ୍ୱହୃଦୟ ନାରିକେଳର ସଦୃଶ । ଆଲିଙ୍ଗନେ କୃପାବଶେ । ଜାଣିଥିଲି ଆନ ହେଲା ବିଚ୍ଛେଦୁ ଏବେ ସେ । ୧୪ । ଏତେକାଳେ କଲୁ ନାହିଁ ସନ୍ଧି କା ପ୍ରଦାନ । ଦୂତ ନେଇ ଅରେ ଦେଲେ ନ ସଙ୍ଖୋଳୁ ଧନ । ସନ୍ଧ୍ୟ ସେହୁ ହୃଦ ତୋର । ରସାଳ ପରାୟେ କ ହୋଇଲା ସ୍ୱମାଜର । ୧୫ । ଗୁରୁ ପ୍ରାୟେ ପାଶେ ଲାଗିଥାଇ ଅନୁକ୍ଷଣେ । ଅଙ୍ଗୀକାରୀ ସ୍ୱାଦେ ପୁଣି ଦେ । ଅନୁସରଣେ । ମୀର କ୍ଷୀର ପ୍ରାୟେ ପ୍ରୀତି । ବାଦମ୍ବ ସ୍ୱଭାବେ ହେଲା ବିଚ୍ଛେଦ ବିପତ୍ତି । ୧୬ । ମନ୍ତ୍ରପ୍ରାୟେ କରି ତତ୍ତ୍ୱେ ଧରି ହୋଏ ଲୋଷ୍ଟି । କେଉଁ ଜନ ସୁହାଇବ ତୋ ସଙ୍ଗେ ବସି ପଶ୍ଚାତ୍ତାପ । ହେଲା ମୋର । ଏବେ କଳହାନ୍ତରିତା ନାୟୀ ପରକାର । ୧୭ । ଭ୍ରମରୀ ପରାୟେ ଗୁଣବନ୍ତ ତୁ ଯୁବତି ! ଅଧିକ କସ

---

ପ୍ରିୟତମା-ଅଧିକ ପ୍ରିୟବନ୍ତୀ । ସଙ୍ଗତି-ମିଳନ । ତୋହର ମିଳନ ସ୍ୱପ୍ନ ସଭ ସମ୍ପତ୍ତି ପ୍ରାୟ ହେଲା । ହେ ପ୍ରିୟବନ୍ତି ! ରସିକା ଯୁବତି ! ମୁଁ କ'ଣ କହିବି, ଏ ବର୍ଷାକାଳ କାହିଁ ଥିଲା । ତୋହମୋହ ପାଇଁ ଚକ୍ରବାକ ପ୍ରତି ନିଶି ଯେପରି, ସେହିପରି ହେଲା । ୧୩ ।

କୃପାବଶେ-ସ୍ନେହରେ । ରେ ନାରଣ ! ତୋ ହୃଦୟ ନଡିଆ ପରି ବାହାର କଠିନ ଓ ଭିତରେ ରସଯୁକ୍ତ । ଏହି କଥା ସ୍ନେହରେ ଆଲିଙ୍ଗନ କଲାବେଳେ ଜାଣିଥିଲି । ଏବେ ବିଚ୍ଛେଦ ହେବାରୁ ସେ କଥା ଅନ୍ୟଥା ହେଲା । ୧୪ ।

ରସାଳ-ପାଚିଲା ଅମ୍ବ । ଏତେଦିନ ପର୍ଯ୍ୟନ୍ତ ପତ୍ର ଦେଲୁ ନାହିଁ କିମ୍ବା ଦୂତ ପଠାଇ ଥରେ ଖୋଜିଲୁ ନାହିଁ । ରେ ସଖି ! ତୋର ସେହି ହୃଦୟ ଆମ୍ବ ପ୍ରାୟ ବାହାର ସରସ ଏବଂ ଭିତର କଠିନ ହେଲା କି ? ଅର୍ଥାତ୍ ପାଖରେ ଥିବାବେଳେ ସରସପଣ ଦେଖାଉଥିଲୁ, ଏବେ ଅନ୍ତର ହେଲାରୁ କଠିନତା ପ୍ରକାଶ ପାଇଲା । ୧୫ ।

ଅନୁକ୍ଷଣ-ସର୍ବଦା । ଅଙ୍ଗୀକାରୀ-ଗୁଜର । ମୀର-ଜଳ । କ୍ଷୀର-ଦୁଗ୍ଧ । ପ୍ରୀତି-ମିଳନ । ବାଦମ୍ବ-ହଂସ । ବିପତ୍ତି-ଦୁଃଖ । ମୁଁ ସର୍ବଦା ଗୁରୁ ପ୍ରାୟେ ତୋ ପାଖରେ ଲାଗିଥାଏ । ପୁଣି ଗୁଜର ପ୍ରାୟେ ଅନୁସରଣ କରୁଥାଏ । ଦୁଧ ଆଉ ପାଣି ପରି ମିଶିଥାଏ । ଏହି ବିଚ୍ଛେଦ ଦୁଃଖ ହଂସପ୍ରାୟ ହୋଇ ଦୁଗ୍ଧ ଓ ଜଳକୁ ପୃଥକ କରିଦେଲା । ୧୬ ।

ସୁହାଇବ-କଷ୍ଟାଇବ । ପଶ୍ଚାତ୍ତାପ-ଅନୁତାପ । କଳହାନ୍ତରିତା-ଯେଉଁ ସ୍ତ୍ରୀ ପତି ସଙ୍ଗେ କଳହ କରି ଅନୁତାପ କରେ । କେଉଁ ଜନ ତୋ ସଙ୍ଗରେ ସତ କଟାଇବ । ଏହା ମନେକରି ମନ୍ତ୍ରପ୍ରାୟ ବୋଷିହୁଏ । ଏବେ କଳହାନ୍ତରିତା ନାୟୀପ୍ରାୟ ମୋର ପଶ୍ଚାତ୍ତାପ ହେଲା । ୧୭ ।

ଲେଖିବ ଭଣାଣ ବଚନ । ଅପରାଧୀ ହେଲେ ବାସ । ଅଳପେ ପାଣକୁ ପିବ କ୍ଷମାକର ଦୋଷ । ୧୮ । ଏତେ ଲେଖି ଦୂତ କରେ ଦେଇଣ ପେଷିଲା । କୁରଙ୍ଗ ପରସ୍ତେ ଛନ୍ଦାଦପତ୍ରି ବନ୍ଧନ । ତଳ୍ପେ କେତେ ଦିନ ଶେଷ । ବାଳାପାଶେ ଦୂତ କଲା ଚିଠାର ପ୍ରବେଶ । ୧୯ । ମୁଦ ଲଭି ମୁଦକୁ ଯେମନ୍ତ କାନ୍ତ କରେ । ଜନ୍ମଅନ୍ଧ ନେତ୍ର ନ ପାଇଲା ପ୍ରକାରେ । ନୀବିବନ୍ଧପ୍ରାୟେ ଭଲ । ଫେଡ଼ି ପଢ଼ି ଆରମ୍ଭିଲା ବର୍ଣ୍ଣର ବର୍ଣ୍ଣ । ୨୦ । ପ୍ରତ୍ତେ କନ୍ଦର୍ପ ସୁନ୍ଦର ନୃପବରସୁତ । ଚନ୍ଦ୍ର-ପ୍ରାୟେ ହୋଇ ତୁମ୍ଭ ଜଗତେ ଅଖ୍ୟାତ । ତୋଷ କର ସର୍ବମନ । ଭଣ୍ଡୁମା ଭଣ୍ଡୁ ପ୍ରକାଶ ରମାର ମନ୍ଦିର । ୨୧ । ଫାଶ ପ୍ରାୟେ କଣ୍ଠ ଘେନିଥାଇଟି ଯାହାକୁ । ଛାଡ଼ିନ କି ପ୍ରଷ୍ଫିତବସନ ପ୍ରାୟେ ତାକୁ । କେବେ ନ ଛାଡ଼ିବ ଆଶ । ଅନଳେ ପତଙ୍ଗ ପ୍ରାୟେ ହେଲେ ହେବ ନାଶ । ୨୨ । ମଦନ

---

ଭାରତୀ-ସରସ୍ୱତୀ । ଅପରାଧୀ-ଦୋଷୀ । ହେ ଗୁଣବନ୍ତ ସୁବତି ! ତୁ ସରସ୍ୱତୀ ପ୍ରାୟ ପଣ୍ଡିତା ଅଟୁ । ମୋର ବିନୟ କଥା ଆଉ ଅଧିକ କ'ଣ ଜଣାଇବ । ଏ ବାସ ଦୋଷୀ ହେଲେହେଁ ଅଳ୍ପ ଦିନରେ ପାଣକୁ ପିବ । ଦୋଷ କ୍ଷମାକର । ୧୮ ।

କୁରଙ୍ଗ-କପୋତ । ଏହା ଲେଖି ଚିଠି ଦୂତହାତରେ ପଠାଇଲା । କପୋତ ପରି ଛନ୍ଦା ପତ୍ରି ତାକୁ ବନ୍ଧନକଲା, ଅର୍ଥାତ୍; ପୂର୍ବ ପ୍ରଣୟମାନ ସର୍ବଦା ଘୋଷିହେଲା । କେତେଦିନ ପରେ ପ୍ରେମସୁଧାନିଧି ପାଶରେ ଚିଠି ପହଞ୍ଚିଲା । ୧୮ ।

ମୁଦ-ଆନନ୍ଦ, ଚିଠି । କାନ୍ତ-ସୁନ୍ଦର, ପତି । ନୀବନ୍ଧ-କଟି । ବନ୍ଧନ-ଗଣ୍ଠି । ଯେପରି ଚିଠିକୁ ଲାଭ କରି ଜନ୍ମଅନ୍ଧ ନେତ୍ର ଲାଭ କଲା ପରି ଆନନ୍ଦରେ ସୁନ୍ଦରୀ ହାତରେ ନେଲା । କଟି-ବନ୍ଧନ-ଗଣ୍ଠି ଫିଟାଇଲାପରି ସେ ଚିଠିକୁ ଫିଟାଇ ଅକ୍ଷର ଅକ୍ଷର ପଢ଼ିବାକୁ ଆରମ୍ଭ କଲା । ୨୦ ।

ନୃପବର ସୁତ-ରାଜପୁତ୍ର । ଭଣ୍ଡୁମା-ଚନ୍ଦ୍ର । ରମା-ପ୍ରେମସୁଧାନିଧି । ହେ କନ୍ଦର୍ପପ୍ରାୟ ସୁନ୍ଦର ରାଜପୁତ୍ର ! ତୁମ୍ଭର ଖ୍ୟାତି ଚନ୍ଦ୍ରପ୍ରାୟ ଜଗତରେ ଅଖ୍ୟାତ ହୋଇଅଛି । ତୁମ୍ଭେ ସମସ୍ତଙ୍କୁ ସନ୍ତୋଷ କରୁଅଛ । ଚନ୍ଦ୍ର କେବଳ ପଦ୍ମକୁ ବିରସ କଲାପରି ତୁମ୍ଭେ ମୋର (ପ୍ରେମସୁଧାନିଧିର) ମନ୍ଦିର ଗୃହକୁ ପ୍ରକାଶ କରାଉଅଛ । ୨୧ ।

ପ୍ରଷ୍ଫିତବସନ-ବାସୀଲୁଗା ବା ଗଣ୍ଡପିନ୍ଧାଲୁଗା । ଅନଳ-ଅଗ୍ନି, ନିଆଁ । ଯାହାକୁ ପ୍ରାଣପରି ଘେନିଥାଇ ତାକୁ ଗଣ୍ଡପିନ୍ଧାଲୁଗାପରି ଛାଡ଼ନ୍ତି କି ? ପତଙ୍ଗ ନିଆଁରେ ପଡ଼ି ମଲାପ୍ରାୟ ମୁଁ ଦୁଃଖରେ ମଲେ ସୁଦ୍ଧା ଆଶା ଛାଡ଼ିବ ନାହିଁ । ୨୨ ।

ଲୋକମାନଙ୍କ ଭ୍ରମର ବେଭାର । କରିବାର କଥା କି ଜଗତେ ସୁନ୍ଦର । ଆହେ ରସିକ ରତନ । ଜୂତବସ୍ତକ ପ୍ରାପ୍ତେ ପ୍ରୀତି କଲ ଆନ । ୨୩ । ବନ୍ଧୁସ୍ୱବଣିଜ ପ୍ରାପ୍ତେ ମୋର ଆଶା ଥିଲା । ବିଚ୍ଛେଦ ପ୍ରଚଣ୍ଡବାତ ପ୍ରାପ୍ତେ ନାଶ କଲା । କିଛୁ ବୁଝି ନ ହିଁଶଇ । ଅନ୍ଧକାର ପ୍ରାପ୍ତେ ଚିନ୍ତା ନିରତେ ଗ୍ରାସଇ । ୨୪ । ରତ୍ନବାଛ ବଣିକ ପରାପ୍ତେ ହୋଇ ମାର । ହୃଦୟେ ଭେଦକରୁଛି ନିରନ୍ତରେ ଶର । ବିରହର ସର୍ପ ପରି । ତୁମ୍ଭ ରସ ଗଡ ପ୍ରାପ୍ତେ ଏଥୁଁ ପାରେ ତାରି । ୨୫ । ଦାସୀ ପ୍ରାପ୍ତେ ମୁହିଁ ମୋତେ କାହିଁକି ନିରାଶ । ବିସ୍ତର ତ କାହାକୁ ହୋଇବ ଅପଯଶ । ଯେବେ ଛଇଳ ମୁକୁଟ । ଅକ୍ଷକ୍ରୀଡା ପ୍ରାପ୍ତେ ଏବେ ପ୍ରକାଶ କପଟ । ୨୬ । ରାମ ଥାଉଁ ସୀତା ଯଥା ହାସିତ

---

ଭ୍ରମର ମଧୁପାନ କରିବାପର୍ଯ୍ୟନ୍ତ ଫୁଲକୁ ଆଦର କରେ । ମହତ ଲୋକମାନଙ୍କର ବ୍ୟବହାର ଭ୍ରମରପରି ହେବା ଉଚିତ କି ? ହେ ରସିକଶ୍ରେଷ୍ଠ ! ଜୁଆଖେଳ ଜଞ୍ଜାଳରେ ବାନ ପଡ଼ିଲାପ୍ରାପ୍ତ ବା ଜୁଆ ଖେଳଲବ୍ଧ ସମ୍ପତ୍ତିପ୍ରାପ୍ତ ପ୍ରୀତି ଅନ୍ୟଥା କଲ । ୨୩ ।

ନିରତେ-ସର୍ବଦା । ପ୍ରଚଣ୍ଡ-ପ୍ରବଳ । ବାତ-ପବନ । ବଣିଜ-ବାଣିଜ୍ୟ କରିବା । ତାହାଙ୍କଦ୍ୱାରା ବାଣିଜ୍ୟ କରି ବହୁ ଧନଲାଭ କଲାପ୍ରାପ୍ତ ମୋହର ବହୁ ଆଶା ଥିଲା । କିନ୍ତୁ ବିଚ୍ଛେଦ ପ୍ରବଳ ପବନ ହୋଇ ସେ ଆଶାକୁ ନାଶକଲା । ଏବେ କି ବୁଝି କରିବ ତାହା ବୁଝିପାରୁନାହିଁ । ଚିନ୍ତା ଅନ୍ଧାରପରି ସର୍ବଦା ଗ୍ରାସୁଅଛି । ୨୪ ।

ମାର—କାମ । ରତ୍ନବଧବଣିକ—ରତ୍ନଫୋଡା ବଣିଆ । ନିରନ୍ତର—ସର୍ବଦା । କନ୍ଦର୍ପ ରତ୍ନଫୋଡା ବଣିଆ ପ୍ରାପ୍ତ ହୋଇ ମୋହର ହୃଦୟକୁ ସର୍ବଦା ଶରଦ୍ୱାରା ଫୁଟାଉଛି । ବିରହ ସାପପରି ଅଟେ । ତୁମ ସହିତ ମିଳନ-ସୁଖ ବିଷ-ନାଶକ ଗଡପ୍ରାପ୍ତ ହୋଇ ଏଥିରୁ ଉଦ୍ଧାର କରିବ । ୨୫ ।

ଅପଯଶ-ନିନ୍ଦା । ଛଇଳ ମୁକୁଟ-ରସିକଶ୍ରେଷ୍ଠ । ଅକ୍ଷକ୍ରୀଡ଼ା-ପଶାଖେଳ । ମୁଁ ତୁମ୍ଭର ଦାସୀପରି । ମୋତେ କାହିଁକି ନିରାଶ କରୁଅଛ । ବିସ୍ତର କର ଏଥିରେ କାହାକୁ ନିନ୍ଦା ହେବ । ହେ ରସିକଶ୍ରେଷ୍ଠ ! ଯୁଧିଷ୍ଠିରଙ୍କ ସଙ୍ଗେ ଶକୁନି ଓ ନଳଙ୍କ ସଙ୍ଗରେ ତାଙ୍କ ଭାଇ କପଟରେ ପଶା ଖେଳିଲାପରି ତୁମ୍ଭେ ମନରେ କପଟ ରଖି ମୋ ସଙ୍ଗେ କ୍ରୀଡ଼ା କରୁଥିଲ । ଏବେ ଏହା ଜଣାଗଲା । ୨୬ ।

ରାବଣେ । ତୁମ୍ଭେ ଆଉଁ ମୁଁ ହେମନ୍ତ ହେଲ ଫୁଲବାଣେ । ଲଜ୍ଜା ହେଉଛି କାହାକୁ । ଚେତାଇବାର ଆସୂଚ୍ଛି ସିନା ମୋ ନାହାକୁ । ୨୭ । ବେଶକାଳେ ମୁକୁର ପରାୟେ ଆଗେ ଅଛୁ । ବସନପ୍ରାୟେ ଶ୍ରୀଅଙ୍ଗେ ନିରତେ ଲାଗିଛୁ । ମୁଁ ଯେ ସେବକା ପ୍ରକାରେ । ବସିଅଛୁ ପାଦତଳେ ଶୟନ କାଳରେ । ୨୮ । ଅଧିକ କିସ ଲେଖିବ ତୁମ୍ଭେ ତ ବିବେକ । ସ୍ଫଟିକ ପରାୟେ ଏକା ନୋହିବ ରସିକ । ପଢ଼ି କୁମର ସନ୍ତୋଷ । ସେହିକ୍ଷଣି ଦୂତ ସଙ୍ଗେ ଗ୍ରୁଡ଼ିଲା ପ୍ରବାସ । ୨୯ । ପୁରେ ପ୍ରବେଶି ବିଦେଶୀ ପ୍ରିୟାପାଶେ ବସି । ମନୋରମ ଚାଟୁ ପଟୁ ବଚନ ପ୍ରକାଶି । ଉପଇନ୍ଦ୍ର ସାରବର । କଲେ ଏକାଳ ଉତ୍ସବ ନିର୍ଭବନେ ସାର । ୩୦ ।

—o—

---

ବାସିତ-ଶୀତ । ଫୁଲବାଣ-କାମଶର । ନାହା-ସ୍ୱାମୀ । ଚେତାଇବା-ମନେପକାଇବା । ଯେପରି ରାମ ଥାଉଁ ଥାଉଁ ସୀତା ରାବଣଠାରୁ ଭୟ ପାଇଲେ, ସେହିପରି ତୁମ୍ଭେ ଥାଉଁ ଥାଉଁ । ମୁଁ କାମବାଣଠାରୁ ଭୟ ପାଇଲି । ଏଥିରେ କାହାକୁ ଲଜ୍ଜା ହେଉଛି । ସ୍ୱାମୀଙ୍କୁ ମନେପକାଇଦେବା ମୋହର ଆସୂଚ ମାତ୍ର ସିନା । ୨୭ ।

ମୁକୁର—ଦର୍ପଣ । ବସନ-ଲୁଗା । ଅଙ୍ଗ-ଦେହ । ନିରତେ—ସର୍ବଦା । ବେଶ ହେବା ସମୟରେ ଦର୍ପଣପରି ଆଗରେ ରହିଥାଏ । ଲୁଗାପରି ସର୍ବଦା ଦେହରେ ଲାଗିଥାଏ । ଶୋଇଲାବେଳେ ଦାସୀପ୍ରାୟ ପାଦତଳେ ବସିଥାଏ । ୨୮ ।

ବିବେକ-ଜ୍ଞାନ । ତୁମ୍ଭେ ଜ୍ଞାନୀ । ଆଉ ଅଧିକ କ'ଣ ଲେଖିବ ? ସ୍ଫଟିକ ଯେତେବେଳେ ଯାହା ପାଖରେ ରହେ ତାହାର ବର୍ଣ୍ଣକୁ ଗ୍ରହଣ କଲାପରି ତୁମ୍ଭେ ଯେଉଁଠାରେ ଯେତେବେଳେ ରହିବ ସେଠାରେ ଅନ୍ୟ ସ୍ତ୍ରୀରେ ଆସକ୍ତ ନୋହିବ । ରାଜପୁତ୍ର ଏହି ଚିଠିକୁ ପଢ଼ି ସନ୍ତୁଷ୍ଟ ହୋଇ ସେହିକ୍ଷଣି ପ୍ରବାସ ଛାଡ଼ି ଦୂତ ସଙ୍ଗେ ଘରକୁ ଆଇଲା । ୨୯ ।

ଚାଟୁ ପଟୁ ବଚନ-ମଧୁର ଖୋସାମତିଆ କଥା । ମନୋରମ-ମନୋହର । ବିଦେଶୀ ରାଜପୁତ୍ର ଗୃହରେ ପହୁଞ୍ଚି ସ୍ତ୍ରୀପାଖରେ ବସି ମଧୁର ଖୋସାମତିଆ କଥାମାନ କହିଲା । ଏହି ସମୟରେ ଦୁହିଙ୍କ ମନରେ କି ପ୍ରୂର ସାର ଆନନ୍ଦ ଜାତ ହେଲା । ୩୦ ।

—*—

# ପଞ୍ଚଦଶ ଛାନ୍ଦ

( ଲୋମ ବିଲୋମ )

ରାଗ-ମାଳବ ।

ରବଣ ବୀଣହ କଷ୍ଟ ସୁଖୀର ତୋ ସରୋଷ । ରସଦା ଦରବ ଭୁଷ୍ଟ ନାଶ ପ୍ରାଣେ ରସ । ୧ । ରସାଳସୀ ଭରଳାଇ ନତନୁ କୁଶଳ । ରମ୍ୟ ବହସ୍ୟ ବେଶର କହ ମୋ ସପଚ । ୨ । ରଖ ଶୁକରଜା ଦେଇ ଯେଦେ ଚିନ୍ତୁ ମଗ୍ନ । ରସିକାକୁଞ୍ଜର ଦାସ ତ ତୁ ସାହା ନାହିଁ । ୩ । ରଦନ ସ୍ମିର କରକ ତୁଳ ଜସ ସାର । ରଦକାସେ ରଭସେ ରଖ ରମା ତୁ ତାର । ୪ । ହସା ତୁ ରେ ରେଟର ଧନ୍ଦ ସମା ସଞ୍ଜାର ।

---

ପଞ୍ଚଦଶ ଛାନ୍ଦ ଟୀକା ।

ସରୋଷେ-କ୍ରୋଧରେ । ଖୀର-ଶୁଣ । ରବ-ଶବ୍ଦ । ବହେ-ଦେଉଛୁ । ଦରବ-ଦ୍ରବୀଭୂତ ହୁଅ । ହେ ପ୍ରିୟେ ! ତୋହର କ୍ରୋଧରେ ଜାତ ହେଉଥିବା ଧ୍ୱନି ଅଗ୍ନି ପ୍ରାପ୍ତ ହୋଇ କଷ୍ଟ ଦେଉଅଛୁ । ହେ ରସଦାୟିନି ତୁ ନିଷ୍ଠୁର ଦ୍ରବୀଭୂତ ହୁଅ । ମୁଁ ପ୍ରାଣରେ ନାଶ ହେଉଅଛୁ । ମୋହଠାରେ ରସ । ୧ ।

ବେଶର-ନାକଚଣା । ରସାଳସୀ-ରସବନ୍ତିକା । ନତନୁ-କାମ । ରମ୍ୟ-ମନୋହର । ବହସ୍ୟ କଚନ-ଅଟାକଥା । ସପଚ-ଶୁଣ । ହେ ରସବନ୍ତିକା ! ତୋହର ନାକଚଣା ଅଳ୍ପ ଦୋହଲି ମନୋହର ବଶେ । ଏ ଯେବେ ଅଟାକଥା ହୁଏ, ତେବେ ମଧ୍ୟ ସେ କାମକୁ ଭର୍ତ୍ତିରେ ଶାସ୍ତ୍ର ଚରଜ କରଏ । ଏବେ କଥା କହ ମୋ ଶୁଣ । ୨ ।

ଶୁକରଜା-ସୁନ୍ଦରୀ । ରସିକାକୁଞ୍ଜର-ରସିକାଶିରୋମଣି ।

ହେ ସୁନ୍ଦରି ! ତୁ ମୋତେ ରକ୍ଷାକର । ଯାହା କଷ୍ଟରେ ମଗ୍ନ ଚିନ୍ତୁଅଛୁ, ସେ ମୋତେ କଷ୍ଟ ଦେଉଛୁ । ହେ ରସିକାଶିରୋମଣି ! ମୁଁ ତୋହର ଦାସ । ତୋ ବିନା ମୋହର ଅନ୍ୟ କେହି ସାହା ନାହିଁ । ୩ ।

ରଦନ-ଦନ୍ତ । କରକ-ଡାଳିମ୍ବମଞ୍ଜି । ରମା-ଶୋଭା । ରଦକାସେ-ଓଷ୍ଠ । ରଭସ-ଶୀଘ୍ର । ଜସସାର-ନିକଟ । ହେ ପ୍ରିୟେ ! ତୋହର ଦାନ୍ତ ନିକଟରେ ତୁଳା ହୋଇଛି । ସ୍ମିର ଓ ଡାଳିମ୍ବମଞ୍ଜି ତାହାର ଶୋଭାକୁ ଲକ୍ଷ୍ୟ କରୁଅଛନ୍ତି । ତୁ ସେହି ଦାନ୍ତକୁ ଶୀଘ୍ର ଓଠ ଉପରେ ରଖ, ଅର୍ଥାତ୍ ହର୍ଷ ପ୍ରକାଶ କର । ୪ ।

ତରଣର ହୋଅ ସକୃପାରୁ ସୁଦଜର । ୫ । ରଜ ରସ ରଖ ନ ରଖ ତୋ ଇଚ୍ଛା
ଏକା । ରସାରେ ନସି ନାଶ ଶାନ୍ତି ତୁ ରିପୁ ରାକା । ୬ । ତରସଦା ତର୍କି ତୁ ଲବ
ପ୍ରସାର ଭୟେ । ଭରକ ତୁ ସେବକ ମୁଁ ନାଶ କରା ଦୟେ । ୭ । ସୁନାଙ୍ଗି ଭରୁ
ଭୂମାର ବଧ ସ୍ୱଇଚ୍ଛା ତୁ । ଶୁଭାନନ ଯଶ ଲଭ ତୋଷ ତୋ ସଙ୍ଗରୁ । ୮ । ନ
ଧରୁ ସଦୋଷରୁ ନତ ସତମ ହେଯ ମୁଁ । ନ ହେନୁ ତ ସୁଖ ଦେଶାଦରକର ଦମୁ ।
କନ୍ତୁ କଣ୍ଠ ପବତର କଳାକ ମର୍ଦ୍ଦକ । ଭଦେଶେ ମୁଁ କଣ୍ଠ ଶିବ ନାମ ସୁମରକ ।୧୦।

---

ସକୃପାରେ-ଦୟା ସହିତ । ସୁଦଜର-ଆପଣାର । ରେ ଧନ ! ତୁ ସଙ୍ଗୀ ସମାନ ଅଟୁ । ମୁଁ ତୋହର ନଜର ପର । ମୋତେ ଛୁଞ୍ଚୁ ଏ କ'ଣ ? ଦୟା ସହିତ ତୁ ହର୍ଷଯୁକ୍ତ ହୋଇ ମତେ ବଂଶ୍ରରେ ହସାଅ । ୫ ।

କାଳରାକ-ପୂର୍ଣ୍ଣଚନ୍ଦ୍ର । ରିପୁ-ଶତ୍ରୁ । ରସା-ପୃଥିବୀ । ଶାନ୍ତି-ରକ୍ଷା । ଏକା-କେବଳ । ହେ ପ୍ରିୟେ, ତୁ ରତିରସ ରତି ରଖ ଅବା ନ ରଖ ଏହା କେବଳ ତୋହର ଇଚ୍ଛା । ତୁ ସମରେ ଶତ୍ରୁପ୍ରାପ୍ତ ହୋଇଥିବା ପୂର୍ଣ୍ଣଚନ୍ଦ୍ରର ଭୟକୁ ନାଶ କର । ପୃଥିବୀ ମଧ୍ୟରେ ମୋତେ ରକ୍ଷାକର, ଏହା କରିବାକୁ ମୋର ତୋହ ବିନା ଅନ୍ୟ କେହି ନାହିଁ । ୬ ।

ତରସଦା-ଭୟଦାତା । ତରକ-ଅନୁମାନ କର । ପ୍ରସାର-ପ୍ରକାଶିତ । ଭୟଦାତା ପୂର୍ଣ୍ଣଚନ୍ଦ୍ରଠାରୁ ପ୍ରକାଶିତ ହେଉଥିବା ଭୟକୁ ତୁ ଲବମାତ୍ରକେ ନାଶକର । ତୁ ଅନୁମାନକର ମୁଁ ତୋର ସେବକ । ମୋ ପ୍ରତି ହୃଦୟରେ ଦୟାକୁ ରଖ ।୭।

ଭୂମାର-ବନ୍ଧୁର ଜଳ । ଭରୁ-ଧାରଣ କରୁ । ବଧ-ବିନାଶ । ଶୁଭାନନ-ସୁନ୍ଦର ମୁଖ । ହେ ସୁନାଙ୍ଗି ! ତୁ ନୟନରେ ଧାରଣ କରିଥିବା କଜ୍ଜଳ ଜଳ ବା ଲୁହକୁ ସ୍ୱଇଚ୍ଛାରେ ନାଶକର । ସୁନ୍ଦରମୁଖି ! ତୋ ସଙ୍ଗ ମୋତେ ମିଳିତ କରାଇ ତୁ ଯଶ ଲାଭ କର । ୮ ।

ନତ-ନମ୍ର । ତମ-କ୍ରୋଧ । ଦେଶାଦରକର-ବିଦେଶୀ । ଦମୁ-ଦଣ୍ଡ ଦେବାରୁ । ମୁଁ ନମ୍ର ଲୋକ । ଯେହେତୁ ମୋର ସଦୋଷରୁ ତୁ କ୍ରୋଧ ସହିତରେ ମୋ ଦୋଷ ନ ଧରୁ, ଏବେ ମୁଁ ବିଦେଶୀ ହୋଇ ତୋତେ ଦଣ୍ଡଦେବାରୁ ତୁ ସେହି ଦୋଷରେ ମୋ ସୁଖକୁ ମନ କରୁନାହୁଁ । ୯ ।

କ-ସୁଖ । ମର୍ଦ୍ଦକ-ନାଶକ । କଣ୍ଠ-ପାଖ । ପବତର-ପବନ । ସୁମରକ-ସ୍ମରଣକାରୀ । ମୁଁ ସୁଖନାଶକ ହୋଇ ଶିବନାମ ସୁମରଣ କରି ବିଦେଶରେ କଣ୍ଠିବାରୁ ବିଧାତା ତୋ ପାଖରେ ପହଞ୍ଚାଇ ମୋତେ ପବନ କଲା । ୧୦ ।

କରମ ସୁମନା କରି ତୁମ୍ଭ ମୁଁ ସେ ତେବ । କର୍ଦ୍ଦମ କଣ୍ଠ କରତ ବିଷଣ୍ଣି କହିବ ।୧୧। ମୁଁ ଦରକାର ଦଶା ଦେଖ ସୁକନ୍ତୁ ଘେନ । ମୁଁ ଯେମନ୍ତ ସତ ନ ରୁଷ ଦୋଷରୁ ଧନ । ୧୨ । ତୁଙ୍ଗ ସନ୍ତୋଷ ତୋ ଭଲ ସଜନ ନ ଗ୍ରସ୍ତୁ । ତୁଗ୍ଧଲ ଶୁଦ୍ଧବରଣ ଭ୍ରୂଭଙ୍ଗି ନାଶୁ । ୧୩ । ଏ ଦଶା କସନା ମୁକକଣେ ତୁ କରତ । ଏ ଭରସା ପ୍ରବଳ ତୁମ୍ଭର ଦ ସଭର । ୧୪ । କାସ୍ର ପୁଷ୍ପ ତୁମ୍ଭ ସ୍ୱାସନାଶିନରେ ସାର । କାପୁ ସ୍ଥର ହେ ଖରନଖର ଶର ଶର । ୧୫ । ଉଜମାସ୍ତୁରୁପା କୃଶ ଅହୋ ଉସଭନ୍ଦ । ଘଣ୍ଟିସମା ସନ୍ନିଧିରେ ରକ୍ଷ ରେ ତୁ ନାହ । ୧୬ । ଇତା ତୁ ମାର ଖର ସଭରସେ

---

ସୁମନା-ସଣ୍ଡିତା । କର୍ଦ୍ଦମ-ଗ୍ଳାନଯୁକ୍ତ, ଦୁଃସ୍ଥିତ । କରତ-କଣ୍ଠିନ । ହେ ସଣ୍ଡିତା ! ମୁଁ ବସି ଆଗେ ତୋତେ ବ୍ରନ୍ଦ ଦେବ । ସେଥିରେ ଗ୍ଳାନଯୁକ୍ତ କର୍ମିକୁ କଣ୍ଠିନ କଣ୍ଠ ହସ୍ତରେ ମୋ ଉପଭିକ କହିବ । ୧୧ ।

ଦରକାର-ଭୟପ୍ରାପ୍ତ । ସୁକନ୍ତୁ ନିନ୍ଦସ୍ । ଧନ-ବସ୍ତୁରକର । ମୁଁ ଭୟପ୍ରାପ୍ତ ହୋଇଅଛି । ମୋହର ଦଶା ଦେ । ହେ ସୁନ୍ଦରି ! ମୋର ଯେମନ୍ତ କଷ୍ଟ ତାହା ବିସ୍ମର କର । ଆରେ ଧନ ! ତି ଦୋଷରୁ ସେ ମୋତେ ନ ରୁଷ ।

ତୁମ୍ଭ-ବଡ । ଗ୍ରସ୍ତୁ-କହୁ । ଶୁଦ୍ଧ ମ-ହିବସଦେହ । ଭୁଗ୍ଧଲ-ଅକାରଣ । ତୋହର ବଡ଼ ସନ୍ତୋଷ ହେବା ମୋହ ଯେ ର ଭଲ । ହେ ସଜନ ! ତୁ କାହିଁକ କଥା ନ କହୁ ? ହେ ଶୁଦ୍ଧସଦେହ ! ଅକାରଣ ଭ୍ରୂରୁଭଙ୍ଗି ନାଶ କରୁଛୁ କହିଁକ ? । ୧୩ ।

ମୁକକଣେ-ତୃଷ୍ଣହୋଇ । କରତ-ଛେଦକର । ଦାସରତ-ସେବକସ୍ନେହୀ । ତୃଷ୍ଣହୋଇ କସନାହିଁ । ମୋହର ଏ ଦଶକୁ ଛେଦନ କର । ତୁ ତ ସେବକସ୍ନେହୀ ଅଟୁ । ଏଣୁ ତୋ ସଙ୍ଗ ଲାଭରେ ମୋର ଭରସା ପ୍ରବଳ ହେଉଅଛି । ୧୪ ।

ସ୍ୱସନାଶିନ-ଭସ୍ମକାରଣୀ । ପୁଷ୍ପ-ଗୃହ । କାସ୍ର-ବନ୍ଦୀଘର । ସାର-ଶେଷକର । ଖର ନଖର ଶର-ସ୍ତୀକ୍ଷ୍ଣ ନଖର ଶର । କାପୁ-ଦେହ । ସ୍ଥରହେ-ପୂର୍ଣ୍ଣ କରିଦେ । ହେ ଭସ୍ମକାରଣି ! ଏ ଗୃହ ମୋତେ କାର୍ଯ୍ୟଘର ପ୍ରାପ୍ତ ହୋଇଛି । ତୁ ଏ ଦୁର୍ଦ୍ଦଶାକୁ ଶେଷକର । ଯେବେ ମୁଁ ଦୋଷୀ, ତେବେ ତୋର ସ୍ତୀକ୍ଷ୍ଣ ନଖ ଶରରେ ମୋ ଦେହକୁ ଚାରିକାରେ ପୂର୍ଣ୍ଣ କରିଦେ । ୧୫ ।

ଉଜମାସ୍ତୁରୁପା-ହରିଦ୍ରାଗୋସ୍ । ଉସଭନ୍ଦ-ଏକାନ୍ତ ରସ । କୃଶ-ଶୀର୍ଣ୍ଣ । ସନ୍ନିଧି-ନିକଟ । ହେ ହରିଦ୍ରାଗୋସ୍ ! ଅହୋ ଏକାନ୍ତ ରସଭନା ମୁଁ ଶୀର୍ଣ୍ଣ ହୋଇଅଛି । ମେତେ ତୁ ସାହା ହୁଅ ରେ ଘଣ୍ଟିସମାନ, ମୋତେ ତୋ ନିକଟରେ ରଖ । ୧୬ ।

ବାଦର । ରସା ସକଳ ତୁ କର କର ସ୍ମିନ୍ଦର । ୧୭ । ସ୍ମିନହାସା ତୁ ତ ସଦା ରଞ୍ଜକ ଜାଣିର । ଭ୍ରମରୁଚି ଦେଖେଁ ଉଦେ ଜାରକ ସୁଖର । ୧୮ । ତପସ ମୋହ କର ସକେଶ ହରମ୍ୟର । ତରୀ ତୁ ନୂତନ ଇଳା ରସଶୀଳସାର । ୧୯ । ଶରଣେ ପ୍ରାସ ନାହିଁ ତୁ. ବରଦ ଦାସ ? । ସରୋଷ ତୋର କି ସୃଷ୍ଟି କହେ ସାରଦର । ୨୦ ।

---

ମାର-କାମ । ଖର-ଶୀଘ୍ର । ବାଦ-ବିବାଦ । ସଭରସେ-ଭରସା ହେତୁରେ । ରତା-ଆସକ୍ତକର । ରସା-ପୃଥିବୀ । ସ୍ମିନଦର-ନିର୍ଭର । କାମକୁ ଶୀଘ୍ର ବିବାଦରେ ଜିଣିବାପାଇଁ ଭରସା ରହିଛ ମୋତେ ରତି ରସରେ ଆସକ୍ତ କରଅ । ତୁ ମୋତେ ପୃଥିବୀ ମଧ୍ୟରେ ସକଳ ପ୍ରକାରରେ ନିର୍ଭର ଦାନ କର । ୧୭ ।

ସ୍ମିନହାସା-ହାସ୍ୟଯୁକ୍ତା । ରଞ୍ଜକ-ମଣ୍ଡନ । ଭ୍ରମରୁଚି-ଚନ୍ଦ୍ର । ଜାରକ-ନାଶକ । ତୁ ହସମୁଖ ହେବାରୁ ମହାଦେବଙ୍କର ସଦା ମସ୍ତକ ମଣ୍ଡନ ଚନ୍ଦ୍ର ଉଦିତ ହୋଇଅଛି । ମୁଁ ଦେଖେ ସେ ଚନ୍ଦ୍ର ମୋର ସୁଖର ନାଶକ । ତୁ ହସିଲେ ସେ ଲାଜରେ ପଳାଇବ । ୧୮ ।

ସକେଶ-କେଶସହିତ । ହର୍ମ୍ମ୍ୟ-ଅଟ୍ଟାଳିକା । ତପସ-ତପସ୍ୱୀ । ଇଳା-ପୃଥିବୀ । ରସ ଶୀଳସାର-ରସିକଶ୍ରେଷ୍ଠ । ତରୀ-ନୌକା । ତୁ କେଶ ସହିତ ଅଟ୍ଟାଳିକାରେ ବାସ କଲେ ତପସ୍ୱୀମାନଙ୍କୁ ମୋହିତ କରିବୁ । ତୁ ପୃଥିବୀ ମଧ୍ୟରେ ରସିକଶ୍ରେଷ୍ଠ ଏବଂ କାମସିନ୍ଧୁରୁ ତାରିବା ନିମନ୍ତେ ନୂତନ ନୌକା ଅଟୁ । ୧୯ ।

ଦାସ-ସେବକ । ବରଦ-ବରଦାତା । ପ୍ରାସ-ପୀଡ଼ା । ସରୋଷର-କ୍ରୋଧଯୁକ୍ତ । ସୃଷ୍ଟି ଭଲ ସରଣ-ଆଶ୍ରିତ ଲୋକଠାରେ । ଆଶ୍ରିତ ଦାସକୁ ବର ଦେବା ନିମନ୍ତେ ତୋର ମନରେ ପୀଡ଼ା ହେଉନାହିଁ, ଏପରି କ୍ରୋଧଯୁକ୍ତ ହେବା ଭଲ କି ? । ୨୦ ।

## ଷୋଡ଼ଶ ଛାନ୍ଦ

### ପୁନରୁକ୍ତ ବଦାଭାସ ।

ରାଗ-ବରାଡ଼ି । କଳସା ବାଣୀ ।

ପତିକାନ୍ତ ପ୍ରିୟ ବଚନକୁ କର୍ଣ୍ଣେ ଶୁଣି । କୋପମାନ ନାଶ କଲା ରମଣୀଶିରୋମଣି । ହେମ କନକ ଗାତ୍ର ତା ପୁଲକିତ ହୋଇ । ପଦ୍ମକମଳ-ବିକଚ ନେତ୍ରେ ଚାହିଁ ରହିଁ । ୧ । ଗଜ-କୁଞ୍ଜରଗମନା ସ୍ନେହେ କଲା କୋଳ । ଚନ୍ଦ୍ର ବିଧୁଠାରୁ ହେଲା ତନୁ ତା ଶୀତଳ । ମଦନ ବିଷମଶର ମନମଥେ ହେଲା । ଘନ ଜୀମୂତକେଶୀକି କୋଳେ ବସାଇଲା । ୨ । ଶୃଙ୍ଗାର ରତିରେ ମତ୍ତ ରାତ୍ର କଲେ

---

### ଷୋଡ଼ଶ ଛାନ୍ଦ ଟୀକା

ଏକାର୍ଥବୋଧକ ଶବ୍ଦ ଦୁଇ ବା ତତୋଧିକ ଏକ ବାକ୍ୟରେ ରହିଲେ ତାହାକୁ ପୁନରୁକ୍ତ ବଦାଭାସ କହନ୍ତି । ପତି-ସ୍ୱାମୀ । କାନ୍ତ-ମନୋହର । ପ୍ରିୟ-ପ୍ରୀତିକର । କୋପମାନ-କ୍ରୋଧ ଓ ଅଭିମାନ କିମ୍ବା କୋପ ସମୂହ । ହେମ-ସ୍ୱର୍ଣ୍ଣ । କନକ-କନକଚମ୍ପା । ଗାତ୍ର-ଦେହ । ପୁଲକିତ-ରୋମାଞ୍ଚିତ । କମଳ ମୃଗୀ । ରମଣୀବର ପ୍ରେମସୁଧାନିଧି ସ୍ୱାମୀର ମନୋରମ ଓ ପ୍ରୀତିଜନକ କଥା ଶୁଣି କ୍ରୋଧ ଏବଂ ମାନ ତେଜି ପଦ୍ମ ଓ ମୃଗଠାରୁ ଅତି ସୁନ୍ଦର ନେତ୍ର କଟରେ ଚାହିଁଲା । ୧ ।

ଗଜ କୁଞ୍ଜରଗମନା-ଐରାବତଗତି । ବିଧୁ-କର୍ପୂର । ତନୁ-ଦେହ ବିଷମଶର-କାମଶର । ମନମଥ-ଚିତ୍ତମନ୍ଥନକାରୀ । ଘନଜୀମୂତକେଶୀ-ନବଜ଼ ଜଳଦ କୁନ୍ତଳା । ଐରାବତହସ୍ତୀକିଳି ସୁନ୍ଦରଗାମିନୀ ପ୍ରେମସୁଧାନିଧି ଉଠି ସ୍ନେହରେ ପତିକୁ କୋଳ କଲାବେଳେ ସ୍ୱାମୀର ଦେହ ଚନ୍ଦ୍ରକିରଣ ଓ କର୍ପୂର-ଦ୍ୱାରା ଶୀତଳ ହେଲାପରି ଶୀତଳ ବୋଧହେଲା ଏବଂ କାମଶରରେ ଚିତ୍ତ ଅତ୍ୟନ୍ତ କମ୍ପିତ ହେଉଥିବାରୁ ରାଜପୁତ୍ର ନବଜ଼ ମେଘକୁଳି ସୁନ୍ଦର କେଶବିଶିଷ୍ଟା ସେ ଅବଳାକୁ କୋଳରେ ବସାଇଲା । ୨ ।

ଶେଷ । ସଖୀଆଳି ସୁରୁଷେ କହିଲେ ଏହି ଭାଷ । ସୁରସ୍ଥି ବସନ୍ତ କାଳେ ଚମକିତ ବାଳା । ହୋଇ ଅତି ଘାନ ହିବସକୁ ନେଉଥିଲା । ୩ ।

ଦନ୍ତ୍ୟାକ୍ଷର ।

ଜଗମୋହ୍ନି ଚୂଡ଼ା ସୁମେ କେବେ ନ କରଇ । ବନ ପ୍ରିୟ ସାଳେ ତାଙ୍କୁ କର୍ଣ୍ଣ ବୁଜୁଥାଇ । ନ ଅନାଇ ଚନ୍ଦ୍ରମାକୁ କାଶେ ଯେଣୁ ହାସେ । ଏହିପରି କରୁଥାଇ ସ୍ୱରଭଙ୍ଗ ବଶେ । ୪ ।

ଚୂଡ଼ାକ୍ଷର ।

ଯୌବନେ ପୁଷ୍ପବକାଶେ ବିଭ୍ରମର ସ୍ମୃହି । ନପୀଡ଼ିତ ବାରବରେ ହେଉଥାଇ ସଖି । ଅସୁରେ ପୂଜା କରିଛ ତାହା ରକ୍ଷା ପାଇଁ । କରୁଥାଇ ବାସରମାନଙ୍କ ପ୍ରାଣସଖି । ୫ ।

---

ରନ୍ତି-ରସ । ସଖୀ ଆଳି-ସଖୀସମୂହ । ସୁରସ୍ଥି-ମନୋହର । ଘାନ-ଅତିଦୁଃଖୀ । ସ୍ତ୍ରୀ ପୁରୁଷ ଦୁହେଁ ଶୃଙ୍ଗାର ରସରେ ମାତି ରାତି ଶେଷ କଲେ । ପରବଦନ ସଖୀମାନେ ପୁରୁଷକୁ କହିଲେ, ଏହି ବାଳା ମନୋରମ ବସନ୍ତ କାଳରେ ଚମକପଡ଼ି ଅତି କଷ୍ଟରେ କାଳ କଟାଉଥିଲା । ୩ ।

ହାସ-ଭୟ । ସ୍ୱରଭଙ୍ଗ-ଜନମାଣିପିବା । ଜଗମୋହ୍ନି (ଜଗମୋହିନୀ)-ଜଗତ ମୋହକାରିଣୀ । ଚୂଡ଼ (ଚୂଡ଼ାକୁ)-ମସ୍ତକକୁ । ସୁମେ (କୁସୁମେ)-ଫୁଲରେ । ସାଳେ (ରସାଳେ)-ଆମ୍ବଗଛରେ । କାଶେ (ଆକାଶେ) । ଏହି ଜଗତମୋହକାରିଣୀ ବାଳା ଫୁଲରେ ଜୁଡ଼ାବାନ୍ଧୁ ନ ଥିଲା । ଆମ୍ବଗଛରେ କୋକିଳ ରବିଲ ବେଳେ କାନ ବୁଜୁଥିଲା । ଆକାଶରେ ଚନ୍ଦ୍ର ଉଦୟ ହେଲେ ଭୟରେ ତାଙ୍କୁ ଚାହୁଁ ନ ଥିଲା । ପାଟି ଭଳ କାଜପିବାରୁ ସ୍ପଷ୍ଟରୂପେ କଥା କହି ନ ପାରି ଗୋଟିଏ ଗୋଟିଏ ଅକ୍ଷର ଲୋପ କରି କହୁଥିଲା । ୪ ।

ବିଭ୍ରମର-ଭଅଁର । ଅସୁରେ [ସୁରେ]-ଦେବତାମାନଙ୍କୁ । ନପୀଡ଼ିତ [ପୀଡ଼ିତ]-କ୍ଲେଶଯୁକ୍ତ । ବାସର-ଦିବ । ଯୌବନେ-ଯୁବାକାଳରେ । ପୁଷ୍ପ ବିକାଶେ-ଋତୁ ସମୟରେ । ଆମ୍ଭ ସଖୀ ଏହି ଯୁବାକାଳରେ ଋତୁ ସମୟରେ ଭ୍ରମରମାନଙ୍କୁ ଚାହିଁ କ୍ଲେଶଯୁକ୍ତ ହୋଇ ଭଣତ ମନେକରି ପ୍ରତିଦିନ ତାହାର ରକ୍ଷାନିମିତ୍ତ ଦେବତାମାନଙ୍କୁ ବିଧିରେ ପୂଜା କରୁଥିଲା । ୫ ।

## ବନ୍ଦୁଚ୍ୟୁତାକ୍ଷର ।

ମଦନ ବ୍ୟାକୁଳନ୍ତୁ ଶାଇଲ୍ଲା ଯୁବାବର । ବରଦ କାଳେ ବଞ୍ଚିବା ମହାଶ୍ଚର୍ଯ୍ୟକର । ରତ୍ନପାର ସ୍ଥାନପୁ ଦୁଃଖରାଶି ଶୋଷିଥିଲା । ତୁମ୍ଭ ଦେଲା ପ୍ରେମପଣ କୁମ୍ଭଭବ ହେଲା । ୭ ।

## ଏକାକ୍ଷର ।

କକ୍ସ କକ୍ତ କୋକୋ କାକ କାକା କକୁ ଫକ । କକେ କକ କେକା କେକୋ କକ କାଙ୍କ କକ । ଜାଣି ଏମାନଙ୍କୁ ପୋଷି ବ୍ୟାଧ ବ୍ୟାଳ ତେବେ । ରଖି ରଖି ଗୋଙ୍ଗୀପୁରେ ବଞ୍ଚାଇଲୁ ଖବେ । ୭ ।

---

ବରଦ—(ବ-ସ୍ଥାନରେ ଶ) ଶରଦ—ଶରତ୍କାଳ । ରତ୍ନପାର-(ର-ସ୍ଥାନରେ ଅ) ଅକୂପାର-ସମୁଦ୍ର । କୁମ୍ଭଭବ-ଅଗସ୍ତି । ହେ ଗଜପୁଙ୍ଗବ, ଅମୃ ସଙ୍ଗମ ବର୍ଷା କାଳରେ କାମରେ କାତର ହୋଇ ପୁଣି ତହିଁରୁ ଯେ ବଞ୍ଚିଲୁ ଏହା ବଡ଼ ଆଶ୍ଚର୍ଯ୍ୟର କଥା । ରତ୍ନଛଦ-ଦୁଃଖରାଶି ସମୁଦ୍ରପ୍ରାୟ ଶୋଷିଯାଇଥିଲା । ଶରତ୍କାଳରେ ତୁମ୍ଭର ପ୍ରେରିତ ପ୍ରେମ ରୂପ ଅଗସ୍ତିଙ୍କ ପ୍ରାପ୍ତ ହୋଇ ସେ ଦୁଃଖ ସମୁଦ୍ରକୁ ଶୋଷଣ କଲା । ୭ ।

କକ୍ସୁ-ବର୍ଷାକାଳପବନକୁ । କକ୍ତୁ-ଡାହୁକଶବ୍ଦକୁ । କୋକୋ-ଚକ୍ରବାକଶବ୍ଦ । କାକ କା କା କାକର କା କା ଶବ୍ଦ । କକ୍କୁ-ବର୍ଷାଜଳ । ଫକ-କୁଆପଥର । କକେ-ମୟୂର ଶବ୍ଦ । କକ-ଝିଙ୍କାରି ନାଦ । କେକା-ମେଘଗର୍ଜନ । କେକୋ-ମେଘଶବ୍ଦ । କକ-କୋକଶିଆଳି ଶବ୍ଦ । କାଙ୍କ-କାମଚାପ । କାଏ-ଶବର । ବ୍ୟାଳ-ନହୁଆ । ଗୋଙ୍ଗୀପୁର-ଗମ୍ଭୀରସର । ଖବେ-ଉତ୍ତମରୂପରେ । ଶବର ଏବଂ ନହୁଆ ହେଲାକୁ ପୋଷି ବର୍ଷାକାଳ ପବନ, ଡାହୁକ, ଚକ୍ରବାକ, କୁଆ, ବର୍ଷାଜଳ, କୁଆପଥର, ମୟୂର, ଝିଙ୍କାରି, ମେଘଗର୍ଜନ, ମେଘଶବ୍ଦ, କୋକଶିଆଳି ଏମାନଙ୍କ ମଧ୍ୟରେ ଧଣୀକୁ କାମ ତାପରୁ ରକ୍ଷା କରିବା ନିମନ୍ତେ ଗମ୍ଭୀର ସରେ ଉତ୍ତମରୂପେ ବଞ୍ଚାଇ ରଖିଲୁ । ୭ ।

ସଶ୍ଳେଷକ ।

ପୃଷ୍ଠ ପବି ପ୍ରଭା ପ୍ରଭ ଭୂମୁଁ ସ୍ମରେ ଭୂତ । ଶ୍ୟାମ ବାଷ୍ପ ଭବ ସ୍ମରେ ଭବ ସ୍ମର ସ୍ମର । ଭବ ପ୍ରଭବା ଭୂମିପ ପ୍ରଭାବ ବହିବେ । ହ ଶ୍ର ପ୍ରଭେଶ ଶ୍ୟାମ ଭବ ଭ୍ରମେ ଭ୍ରମି ସ୍ମରେ । ୮ ।

ଅଶ୍ଳେଷକ ।

ନୀରଜଦଳ-ଶୟନ କରି ନିରନ୍ତର । ଜଗିଥାଉଁ ନିଦାଘରେ ସଜନୀ ନିକର । ଘନସାର ଚନ୍ଦନ ଶୁଖଇ ଅଙ୍ଗେ ଦେଲେ । ଜଗନ୍ନାଥେ ପ୍ରିୟା ସେକାଳରେ ରକ୍ଷା କଲେ । ୯ ।

ମହାଯମକ ।

ଶରଦରେ ବଞ୍ଚିଇବା କଥା ଅସମ୍ଭବ । କାଳକଣ୍ଠ କାଳକଣ୍ଠ କାଳକଣ୍ଠ ରବ । ସୁଧାକର ସୁଧାକର ସୁଧାକର ପୁର । ରମଣୀ ରମଣୀ ରମଣୀର କାନ୍ତପୁର ।

---

ପବି-ବଜ୍ର । ପ୍ରଭାପ୍ରଭ-ତେଜସ୍ୱର । ଭୂତ-ପୃଥିବୀ । ଭ୍ରମ-ଭ୍ରମଣ । ଭବ-ଭବ । ପ୍ରଭବା-ରାଜା । ପ୍ରଭାବ-ପ୍ରତାପ । ଶ୍ୟାମ-ଭୟଙ୍କର । ବାଷ୍ପ-ଲୁହ । ସ୍ମର-ଜାତ । ସ୍ମର-ଚିନ୍ତାକରି । ଭବ-ଶୁଭ । ବଜ୍ରତୁଲ୍ୟ ତେଜସ୍ୱର ପୁଲଶରର ଅର୍ଥାତ୍ କନ୍ଦର୍ପ ତେଜଯୁକ୍ତ ହୋଇ ପୃଥିବୀରେ ବସନ୍ତକାଳରେ ରାଜା ହେଲା । ଏହି ସଜନୀ ତାହାର ପ୍ରତାପକୁ ଦେଖି ଭୟଙ୍କର ବ ଲୁହ-ଚାପରେ କାନ୍ଦିବାରୁ ଭକ୍ତି ର ମହାଦେବଙ୍କୁ ଚିନ୍ତାକରି ଭଦ୍ରପରେ ଭ୍ରମଣକରି ହେ ପ୍ରଭେ ! ନବ ଶ୍ୟାମ ! ମହାଦେବଙ୍କର ଏହିସବୁ ନାମକୁ ଚିନ୍ତାକଲା; ତେଣୁ ତାହାର ଶୁଭ ହେଲା । ୮ ।

ଘନସାର-କର୍ପୂର । ନୀରଜ ଦଳ-ପଦ୍ମପତ୍ର । ନିରନ୍ତର-ସର୍ବଦା । ନିଦାଘ-ଗ୍ରୀଷ୍ମକାଳ । ନିକର-ସମୂହ । ସଖୀମାନେ ଏହାଙ୍କୁ ପଦ୍ମପତ୍ରରେ ସର୍ବଦା ଶୁଆଇ ଜଗିଥାନ୍ତି । କର୍ପୂର ଓ ଚନ୍ଦନ ଦେହରେ ବୋଳିଦେଲେ ଶୁଖିଯାଏ । ସେହି ସମୟରେ ଜଗନ୍ନାଥ ତାଙ୍କୁ ରକ୍ଷା କଲେ ପ୍ରିୟା । ୯ ।

କାଳକଣ୍ଠ-ଖଞ୍ଜନପକ୍ଷୀ, ଡାହୁକ, ମୟୂର । ରବ-ଶବ୍ଦ । ସୁଧାକର-ଚନ୍ଦ୍ର, କର୍ପୂର, ଚନ୍ଦ୍ରଶାଳା । କାନ୍ତପୁର-କସ୍ତୁରୀ ଘର । ଶରତ୍ ଋତୁ ହେବାରୁ ଏ ରମଣୀର ବଞ୍ଚିବାର କଥା ଅସମ୍ଭବ ହୋଇଥିଲା । ସଜନୀ ଖଞ୍ଜନ ପକ୍ଷୀ, ଡାହୁକ ଓ ମୟୂର ଶବ୍ଦକୁ ଏବଂ ଚନ୍ଦ୍ର କର୍ପୂରକୁ ଅଗ୍ନି ତୁଲ୍ୟ ମଣି ଚନ୍ଦ୍ରଶାଳ ଘରକୁ ନ ଗଲା । ସେ ଘରକୁ କସ୍ତୁରୀଘର ସ୍ୱରୂପ ମଣୁଥିଲା । ୧୦ ।

ସହଚରୀବୃନ୍ଦର ବଦନୁ ଏହା ଶୁଣି । ବଡ଼ ବିସ୍ମୟ ହୋଇଣ ସେ କୁମରରମଣି । ପ୍ରାଣ ଥାଉଁ ବିଚ୍ଛେଦ ନୋହିବ ଆଉ ଥରେ । ବୋଲିଣ ନିୟମ କଲ ହୃଦସ୍ଥଳେ ରେ । ୧୧ । ଭୁଜେ ଭୁଜ ଛନ୍ଦାଛନ୍ଦି ଗଣ୍ଠି ଦେଇ ବାସେ । ଅନ୍ତର ନୋହିଲେ ବେନି ରଜନୀ ଦିବସେ । ସ୍ୱର୍ଣ୍ଣେ ଦଗ୍ଧ ହୋଇଲେ ଅଧିକ ଯଥା ତାନ । ଦିନୁ ଦିନୁ ବଢ଼ିଲା ଅଧିକ ସ୍ନେହମାନ । ୧୨ । ସୁଖେ ବଞ୍ଚିଲେ ଦମ୍ପତି ପ୍ରବନ୍ଧ ସମ୍ପୂର୍ଣ୍ଣ । ଏହୁ ଗୀତ ଅକଳଙ୍କ ଚନ୍ଦ୍ରମା ସମାନ । ହୋଇ ଶୁଦ୍ଧ ଷୋଳକଳା ସବ ପୂର୍ଣ୍ଣ ତହିଁ । ଅଜ୍ଞରାହୁ ଦୂଷଣକୁ ଅବକାଶ ନାହିଁ । ୧୩ । ପ୍ରତିନିଶେ ପ୍ରତିଦିନ ତହିଁ ପ୍ରକାଶିବ । ରସିକ-ହୃଦୟ ରତ୍ନାକର ଉଲ୍ଲସିବ । ପଣ୍ଡିତ କୁମୁଦ ମୁଦ ବର୍ଦ୍ଧନ କରିବ । ଖଳକୁଳ ଅନ୍ଧକାର ବେଗେ ବିଦାରିବ । ୧୪ । ମନ

---

ସହଚରୀବୃନ୍ଦ-ସଖୀଗଣ । ବଦନ-ମୁଖ । ସେ ରାଜସୁତ ସଖୀମାନଙ୍କର ମୁଖରୁ ଏହା ଶୁଣି ଅତି ବିସ୍ମିତ ହୋଇ ସେହି ସୁନ୍ଦରୀ ଆଗରେ ନିୟମ କରି କହିଲା, ବଞ୍ଚିଥିବା ପର୍ଯ୍ୟନ୍ତ ଆଉ ଥରେ ମାତ୍ର ବିଚ୍ଛେଦ ଯିବ ନାହିଁ । ୧୧ ।

ବେନି-ଦୁହେଁ । ବାସ-ଲୁଗା । ତାନ-ତେଜ । ସେ ଦୁହେଁ ଭୁଜରେ ଭୁଜ ଛନ୍ଦାଛନ୍ଦି ହୋଇ ଲୁଗାରେ ଗଣ୍ଠି ପକାପକି ହୋଇ ଦିନରାତି ସର୍ବଦା ଭିନ୍ନ ହେଲେ ନାହିଁ ବା ଏକତ୍ର ରହିଲେ । ଯେପରି ସୁନାକୁ ନିଆଁରେ ପୋଡ଼ିଲେ ତାହାର ତେଜ ବଢ଼େ ସେହିପରି ସେମାନଙ୍କର ସ୍ନେହ ଦିନକୁ ଦିନ ବଢ଼ିଲା ।୧୨।

ଅଜ୍ଞରାହୁ-ମୂର୍ଖପ୍ରିୟ । ଅବକାଶ-ସୁବିଧା । ସବପୂର୍ଣ୍ଣ-ପୂର୍ଣ୍ଣଚନ୍ଦ୍ର ବା ଶୁଦ୍ଧ । ସେହି ସ୍ତ୍ରୀ ପୁରୁଷ ଦୁହେଁ ସୁଖରେ କାଳ କଟାଇଲେ । କବି ଏଠାରେ ଏ ପ୍ରବନ୍ଧକୁ ସମ୍ପୂର୍ଣ୍ଣ କରି କହିଲେ, ମୋହର ଏହି ଗୀତ କଳଙ୍କହୀନ ଷୋଳକଳାଯୁକ୍ତ ପୂର୍ଣ୍ଣଚନ୍ଦ୍ରପରି ଷୋଳ ଶୁଦ୍ଧରେ ପୂର୍ଣ୍ଣ ହୋଇଥାଇ । ତହିଁରେ ମୂର୍ଖଲୋକେ ଦୋଷ ଦେବାକୁ ସୁବିଧା ନ ଥାଇ ।

ପ୍ରତିନିଶି-ପ୍ରତ୍ୟେକ । ନିଶି-ରଜନୀ । ରତ୍ନାକର-ସାଗର । ଉଲ୍ଲସିବ-ସନ୍ତୋଷ କରିବ । ପଣ୍ଡିତ କୁମୁଦ-ପଣ୍ଡିତରୂପ କଇଁଫୁଲ । ମୁଦ-ହର୍ଷ । ଅନ୍ଧକାର-ଦୁର୍ନାମ । ବିଦାରିବ-ନାଶକରିବ । ଏହିଗ୍ରନ୍ଥ ପ୍ରତ୍ୟେକ ରଜନୀରେ ଚନ୍ଦ୍ରତୁଲ୍ୟ ନିର୍ମଳ ଭାବରେ ପ୍ରତିଦିନରେ ପ୍ରକାଶ ପାଇବ । ରସିକ ଲୋକର ହୃଦୟସାଗରକୁ ସନ୍ତୋଷ କରିବ ଏବଂ କୁମୁଦ ସ୍ୱରୂପ ପଣ୍ଡିତମାନଙ୍କର ହର୍ଷକୁ ବଢ଼ାଇବ । ଅତଏବ ମୂର୍ଖ ଓ ଦୁଷ୍ଟମାନଙ୍କର ଅନ୍ଧାରକୁ ବିନାଶ କରିବ । ୧୪ ।

ଚକୋରଙ୍କୁ ତୋଷ କରିବ ସନ୍ତତ । ପୁଣି ଏହୁ ଗୀତ ନାରିକେଳ ଫଳବତ । ବାହାରେ କର୍କଶ ଭିତରେ ତ ସରସତା । ଜାଣନ୍ତି ଜନ କଣ୍ଠକୁ ହୋଇବ ମୁକୁତା । ୧୫ । କବି ରଚନା କେ ଜାଣିବ ଏଥି କଷ୍ଟ ଯେତେ । ପ୍ରଥମେ ଆଦ୍ୟଯମକ ଯେଣ ସୁଙ୍କ ଚିତ୍ତେ । ଦ୍ୱିତୀୟ ଅବନା ମଧ୍ୟଯମକ ତୃତୀୟ ଛେକାନୁପ୍ରାସେ ପୁଣି ଅନ୍ତ ରମଣୀୟ । ୧୬ । ଚତୁର୍ଥେ ଅଦ୍ଭୁତ ବିରୋଧାଭାସ ପଞ୍ଚମେ । ଷଷ୍ଠ ରୂପକବୃତ୍ତି ଅନୁପ୍ରାସ ସପ୍ତମେ । ଅଷ୍ଟମରେ ମନୋରମ ସିଂହାବଲୋକନ । ନବମେ ପ୍ରାନ୍ତଯମକ ମାନସରଞ୍ଜନ । ୧୭ । ଦଶମେ ତ୍ରିଭଙ୍ଗୀ ଏକାଦଶରେ ରୁଚିର । ଆଦ୍ୟ ପ୍ରାନ୍ତଯମକ ଚିତ୍ତକୁ ବଶକର । ଦ୍ୱାଦଶେ ଆଶ୍ରୟ ଯୋଡ଼ ଯମକ ବିଦଗ୍ଧେ । ଚତୁର୍ଦ୍ଦଶେ ଦୃଷ୍ଟାନ୍ତର ଅତ୍ୟନ୍ତ ସରସେ । ୧୮ । ଅନୁଲୋମ ପ୍ରତିଲୋମ ପଞ୍ଚଦଶେ ଯେନ । ଷଷ୍ଠଦଶ ଛାନ୍ଦେ ଅଛି ଏତେକ ବିଧାନ । ପୁନରୁକ୍ତି ବଦାଭାସ ଜନମନୋହର । ଦତ୍ତାକ୍ଷର ଚ୍ୟୁତାକ୍ଷର ଦତ୍ତଚ୍ୟୁତାକ୍ଷର । ୧୯ । ଏକାକ୍ଷର ସର୍ବୋଷ୍ଠକ ନିରୋଷ୍ଠକ ଯେନ । ମହା-ଯମକ, ସର୍ବଯମକ ଏହୁ ଯେନ । ଯମକପ୍ରଧାନ କରି କଲି ଯେଣୁ ଗୀତ । ଶ୍ଳେଷ ଛଳ ନ ରଚି କଲି ସମାପତ । ୨୦ । ଉଗ୍ର ଭବ ଭୀମ ହର ମହାଦେବ

---

ସନ୍ତତ-ସର୍ବଦା । କର୍କଶ-କଠିନ । ସରସତା-ରସଯୁକ୍ତ । ଏହି ଗ୍ରନ୍ଥ ସର୍ବଦା ମନକୁ ସନ୍ତୋଷ କରିବ । ଏହା ନଡ଼ିଆପରି ବାହାର କଠିନ ଏବଂ ଭିତର ରସଯୁକ୍ତ । ଜାଣିବା ଲୋକ ପକ୍ଷରେ ଏହା ଗଳାର ମୁକ୍ତାହାର ପ୍ରାୟ ହେବ । ୧୫ ।

ଏହି ଗ୍ରନ୍ଥ ରଚନା କରିବାରେ ଯେତେ କଷ୍ଟ ହୋଇଅଛି ତାହା କବି ବ୍ୟତୀତ ଅନ୍ୟ କେହି ଜାଣିପାରିବେ ନାହିଁ । ପ୍ରଥମ ଛାନ୍ଦରେ ଆଦ୍ୟ ଯମକ । ଦ୍ୱିତୀୟ ଛାନ୍ଦରେ ଅବନା, ୩ୟ ଛାନ୍ଦରେ ମଧ୍ୟ ଯମକ ଓ ଅନ୍ତ ସୁନ୍ଦର ଛେକାନୁପ୍ରାସ । ୪ର୍ଥ ଛାନ୍ଦରେ ଅଦ୍ଭୁତ ରସ । ୫ମ ଛାନ୍ଦରେ ବିରୋଧାଭାସ । ୬ଷ୍ଠ ଛାନ୍ଦରେ ରୂପକବୃତ୍ତି । ୭ମ ଛାନ୍ଦରେ ଅନୁପ୍ରାସ । ୮ମ ଛାନ୍ଦରେ ମନୋହର ସିଂହାବଲୋକନ ଶୃଙ୍ଖଳା । ୯ମ ଛାନ୍ଦରେ ମନୋରଞ୍ଜନ ପ୍ରାନ୍ତ ଯମକ । ୧୦ମ ଛାନ୍ଦରେ ତ୍ରିଭଙ୍ଗୀ । ୧୧ଶ ଛାନ୍ଦରେ ଚିତ୍ତ ତୋଷକର ଆଦ୍ୟ ପ୍ରାନ୍ତ ଯମକ । ୧୨ଶ ଛାନ୍ଦରେ ଆଶ୍ରୟ । ୧୩ଶ ଛାନ୍ଦରେ ଯୋଡ଼ ଯମକ । ୧୪ଶ ଛାନ୍ଦରେ ଅତି ସରସ ଦୃଷ୍ଟାନ୍ତର । ୧୫ଶ ଛାନ୍ଦରେ ଅନୁଲୋମ ଓ ପ୍ରତିଲୋମ । ୧୬ଶ ଛାନ୍ଦରେ ପୁନରୁକ୍ତି ବଦାଭାସ, ଜନ ମନୋହର ଦତ୍ତାକ୍ଷର, ଚ୍ୟୁତାକ୍ଷର, ଦତ୍ତ ଚ୍ୟୁତାକ୍ଷର, ଏକାକ୍ଷର, ସର୍ବୋଷ୍ଠକ, ନିରୋଷ୍ଠକ, ମହାଯମକ ସର୍ବଯମକ ପ୍ରଭୃତି ଅଳଙ୍କାରମାନ ଅଛି । ଏହି ଗ୍ରନ୍ଥକୁ ଯମକପ୍ରଧାନ କରିବାରୁ ଏଥିରେ ଶ୍ଳେଷ ଓ ଛଳ ରଚନା ନ କରି ସମାପ୍ତ କଲି ।୧୬।୧୭।୧୮।୧୯।୨୦।

ଶିବ । ଉଗ୍ର ଭବ ଭୀମ ହର ମହାଦେବ ଶିବ । ପୂଜ୍ୟ ସୁଭରତ ଶତ୍ରୁ ଘନସଲକ୍ଷ୍ମଣେଶ ।
ପୂଜ୍ୟସୁଭରତ ଶତ୍ରୁଘନ ସଲକ୍ଷଣେଶ । ୨୧ । ତ୍ରିପୁରବିଜୟୀ ସର୍ବ ଭୂତପତିଅଜ ।
ତ୍ରିପୁର-ବିଜୟୀସର୍ବ ଭୂତପତି ଅଜ । ରାଘବ-ଶିବ ଭାବନା କରି ନିରନ୍ତର । କହେ
ଉପେ ଜଗଦିନ୍ଦୁ ଭଞ୍ଜ-ସାଗରବର ।୨୨। ଅହେ ପ୍ରଭୁ କୃପା-ଅକୂପାର କୃପାକର
ଖ୍ୟାତ ହେଉ ପ୍ରେମସୁଧାନିଧି ଗୀତ ମୋର । ଏ ପ୍ରବନ୍ଧ ତିନ ଶତ ପଞ୍ଚଶୋଳ ପଦ ।
ସଦନ କରୁ ଉତ୍ତମ ଜନଙ୍କର ହୃଦ । ୨୩ ।

—ସମ୍ପୂର୍ଣ୍ଣ—

---

ଉଗ୍ର-ଭୀଷଣ । ଭବ-ସଂସାର । ଭୀମ-ଭୟ । ହର-ନାଶକାରୀ । ମହାଦେବ-ପ୍ରଧାନ ଦେବତା । ଶିବ-ମଙ୍ଗଳଦାତା । ପୂଜ୍ୟ-ପୂଜାପ୍ରାପ୍ତ । ସୁଭରତ ଶତ୍ରୁଘନ ସଲକ୍ଷ୍ମଣେ-ଶତ୍ରୁଘ୍ନ ଲକ୍ଷ୍ମଣଙ୍କ ସହିତ ଭରତ ଦ୍ୱାରା; ଶୁଭଯୁକ୍ତ କାମକ୍ରୋଧ ଲୋଭାଦି ଶତ୍ରୁନାଶକାରୀ ବା ଅନ୍ତକାଦି ଲୋକ-ଶତ୍ରୁ ନାଶକାରୀ । ୨୧ ।

ସର୍ବ ଲକ୍ଷଣ ସମ୍ପୂର୍ଣ୍ଣ । ତ୍ରିପୁରବିଜୟୀ-ତ୍ରିପୁର ଜୟକାରୀ, ତ୍ରିପୁରାସୁର ନାଶକାରୀ । ସର୍ବଭୂତପତି-ସମସ୍ତ ପ୍ରାଣୀମାନଙ୍କର ରକ୍ଷାକର୍ତ୍ତା, ସମସ୍ତ ଭୂତଗଣମାନଙ୍କର ଈଶ୍ୱର । ରାଘବ-ରାମଚନ୍ଦ୍ର । ଅଜ-ଜନ୍ମରହିତ, ପରଂବ୍ରହ୍ମ । କୃପା-ଦୟା, ଅକୂପାର-ସମୁଦ୍ର । ସଦନ-ଗୃହ । ଜଗ ଜଗଦିନ୍ଦୁ ଭଞ୍ଜ, ଭକ୍ତଙ୍କର ସଂସାରଭୟନାଶକାରୀ ପ୍ରଧାନ ଦେବତା, ମଙ୍ଗଳମୟ, ଶତ୍ରୁଘ୍ନ ଲକ୍ଷ୍ମଣ ସହିତ ଭରତ ଦ୍ୱାରା ପୂଜିତ ତ୍ରିପୁର ଜୟକାରୀ; ସକଳ ପ୍ରାଣୀ ରକ୍ଷାକର୍ତ୍ତା; ପରଂବ୍ରହ୍ମ ରାମଚନ୍ଦ୍ର ଏବଂ ଉଗ୍ରଭବ ଭୀମ-ହର ମହାଦେବ ଶିବ, ଏହି ସମସ୍ତ ନାମଧାରଣକାରୀ ତ୍ରିପୁରାସୁର ନାଶକ ସମସ୍ତ ଭୂତଗଣଙ୍କ ଈଶ୍ୱର ଅଜୋନିଜ କାମକ୍ରୋଧ ଲୋଭାଦିଶତ୍ରୁନାଶକାରୀ ସର୍ବ ଲକ୍ଷଣ ସମ୍ପୂର୍ଣ୍ଣ ମହାଦେବଙ୍କୁ ସର୍ବଦା ଭାବନା କରି କହେ, ହେ କୃପାର ସାଗର ପ୍ରଭୁ, ମୋ ହୃଦୟରେ କୃପାକର । ତିନିଶହପଞ୍ଚଶୋଳ ପଦରେ ସମ୍ପୂର୍ଣ୍ଣ ଏହି ପ୍ରେମସୁଧାନିଧି ଗୀତ-ପ୍ରବନ୍ଧ ପୃଥ୍ୱୀରେ ଖ୍ୟାତ ହୋଇ ଉତ୍ତମ ଜନମାନଙ୍କର ହୃଦୟରୂପ ଗୃହରେ ସର୍ବଦା ବାସକରୁ ।

—ସମାପ୍ତ—

—*—

---

ମୁଦ୍ରାକର—ଶ୍ରୀ ଆନନ୍ଦଚନ୍ଦ୍ର ସାହୁ, ବିମଳା ପ୍ରେସ, ଶଲାଖାବଜାର, କଟକ-୨

# ରସିକ ହାରାବଳୀ

## ପ୍ରଥମ ଛାନ୍ଦ

[ ରସିକ ହାରାବଳୀର ଜନ୍ମ ଓ କୋଶଳ ଦେଶ
ରାଜପୁତ୍ରର ବିବାହ କାମନା ]

ରାଗ—ମଙ୍ଗଳଗୁର୍ଜ୍ଜରୀ

ଜୟ ଜୟ ଜଗନ୍ନାଥ ଦାରୁରୂପଧାରୀ । ନୀଳଗିରୀଶ ଗିରୀଶ ବନ୍ଦନୀୟ ହରି ।୧। ମହାବଳ ବଳଅବରଜ ଭଦ୍ରାଗ୍ରଜ । ଗରୁଡ଼ାସନ ସନକ ପୂଜ୍ୟ ଚତୁର୍ଭୁଜ ।୨। ନୀରଦସୁନ୍ଦର ଦରହର ହରଷଦ । ଶମନ ମନରେ ଜାତ କର ମହାଖେଦ ।୩। ସେ ପ୍ରଭୁ କମଳାକାନ୍ତ କାନ୍ତ ପଦ ଧ୍ୟାନେ । ଉପଇନ୍ଦ୍ର ବୀରବର ଅତି ତୋଷମନେ ।୪। ବର୍ଣ୍ଣଇ କରିଣ ଉତ୍ତମ ଛାନ୍ଦଗୀତ । ରସସାର

---

ଜଗତ୍‌ନାଥ—ଜଗତର ନାଥ, ଦାରୁରୂପ—ମଳସ୍ଥ ଲାଗିଥିବା ନିମ୍ବ କାଷ୍ଠ, ରୂପ; ନୀଳଗିରୀଶ—ଜଗନ୍ନାଥ, ଗିରୀଶ—ମହାଦେବ ।୧। ମହାବଳ ବଳ—ବଳରାମ, ଅବରଜ—ସାନଭାଇ, ଭଦ୍ରାଗ୍ରଜ—ସୁଭଦ୍ରାଙ୍କ ବଡ଼ଭାଇ ଅର୍ଥାତ ଜଗନ୍ନାଥ, ଚତୁର୍ଭୁଜ—ଚାରିହସ୍ତ ।୨। ନୀରଦ—ମେଘ, ସୁନ୍ଦର—ଶୋଭା, ଦରହର—ଭୟହାରୀ, ହରଷଦ—ହର୍ଷଦାୟକ, ଶମନ—ଯମ, ଖେଦ—ଭୟ ।୩। କମଳାକାନ୍ତ—ଜଗନ୍ନାଥ, କାନ୍ତ—କୋମଳ ।୪। ରସସାର—ରସ

---

କବି କାବ୍ୟଟିର ରଚନା ଆରମ୍ଭ କରି ପ୍ରଥମେ ଏହି ରୂପେ ଅବତାରଣା କଲେ । ହେ ମହାଦେବ ପୂଜ୍ୟ-କାଷ୍ଠରୂପି ଜଗନ୍ନାଥ ! ଆପଣଙ୍କୁ ଜୟ ଜୟ ।୧। ହେ ସନକାଦି ମୁନିଜନ ପୂଜ୍ୟ ଚତୁର୍ବାହୁ, ଆପଣ ବଳରାମଙ୍କ କନିଷ୍ଠ ଓ ସୁଭଦ୍ରାଙ୍କ ଅଗ୍ରଜ ଅଟନ୍ତି ।୨। ଆପଣ ମେଘବର୍ଣ୍ଣଧାରୀ ଭୟ ନିବାରକ, ହର୍ଷଦାୟକ ଅଟନ୍ତି । ଆପଣଙ୍କ ନାମ ଶୁଣିଲେ ଯମ ମନରେ ଭୟ ଆସେ ।୩। ଏହିପରି ଯେଉଁ ପ୍ରଭୁ ଜଗନ୍ନାଥ, ସେହି ଜଗନ୍ନାଥଙ୍କ ପାଦପଦ୍ମ ଧ୍ୟାନକରି ବୀରବର ଉପଇନ୍ଦ୍ର ଭଞ୍ଜ ସନ୍ତୋଷ ମନରେ ବର୍ଣ୍ଣୁଛନ୍ତି ।୪। ମୁଁ ଏପରି ଛାନ୍ଦ ଗୀତ କରିବି ଯହିଁରୁ

ଶୃଙ୍ଗାର ଲକ୍ଷ୍ମିରେ ହେବ ବ୍ୟକ୍ତ । ୫ । ଅନୁଭବରୁ ପ୍ରଖ୍ୟାତ ମାନସରଚନା ।
ଶୁଣ ସୁରସିକମାନେ ହୋଇଣ ସୁମନା । ୬ । ବସନ୍ତେ ଇନ୍ଦ୍ର ବିଜୟେ ମଳୟଭୂଧରେ
ଅପସରା ଅପସରି ଅଛନ୍ତି ସମ୍ମୁଖରେ । ୭ । ନାରଦ ବୀଣାବାଦ୍ୟରେ ହୋଇ
ସାବଧାନ । ଶୁଣୁଛନ୍ତି ମନ ଦେଇ ଉର୍ବଶୀ ଗାୟନ । ୮ । କେଦାର ରାଗ ଆଳାପ
କରୁଛି ଅବଳା । ଏଣୁ ହୋଇଛନ୍ତି ବଳାରାତି ଅନ୍ତରଭୋଳା । ୯ । ଡାକୁଥିଲା
ଭ୍ରମର ଏକଛିଁ ବିମ୍ବାଧର । ପୁଷ୍ପଶର ବିକାରେ କମ୍ପିତ କଳେବର । ୧୦ ।
ପତନ ଶକ୍ର ଉପରେ ଏଣୁ ସେ କୁପିତ । ବୋଇଲେ ତୁ ଶାପ ଯୋଗେ ମର୍ତ୍ତ୍ୟେ
ହୁଅ ଜାତ । ୧୧ । ବଜ୍ରାଘାତ ହେଲାପ୍ରାୟେ ସେ ବଚନ ମଣିଲା । ଶାପ ପ୍ରତିକାର
କର ଯୋଡ଼ିଣ ମାଗିଲା । ୧୨ । କୃପାବନେଶ ବୋଇଲେ ଉତ୍କଳେ ଜନ୍ମ ହୋଇ ।

---

ମଧ୍ୟରେ ଯେ ଶ୍ରେଷ୍ଠ, ଶୃଙ୍ଗାର, ବ୍ୟକ୍ତ—ପ୍ରକାଶ । ୫ । ପ୍ରଖ୍ୟାତ—ପ୍ରସ୍ତୁତ,
ମାନସ ରଚନା—ମନରୁ ଗଠନ, ସୁରସିକ—ଉତ୍ତମ ରସିକ, ସୁମନା—ଉତ୍ତମ
ମନା । ୬ । ମଳୟ ଭୂଧରେ—ମଳୟ ପର୍ବତରେ । ୭ । ଅପସରା—ସ୍ୱର୍ଗର ଅଷ୍ଟ
ଗଣିକା, ଅପସରି—ଦୂରେଇ ହୋଇ । ୮ । ଉର୍ବଶୀ—ଶ୍ରେଷ୍ଠା ଅପ୍ସରା, କେଦାର
ରାଗ—ଏକ ପ୍ରକାର ସ୍ୱରଲିପି, ଅବଳା—ଉର୍ବଶୀ-ସ୍ତ୍ରୀ, ବଳାରାତି—ଇନ୍ଦ୍ର । ୯ ।
ଭ୍ରମର—ଭଅଁରମୁଠା, ପୁଷ୍ପଶର—କାମ, କମ୍ପିତ—ଥରହର, କଳେବର—
ଶରୀର । ୧୦ । ଶକ୍ର—ଇନ୍ଦ୍ର, ମର୍ତ୍ତ୍ୟେ—ପୃଥିବୀରେ । ୧୧ । ବଜ୍ରାଘାତ—ଅତି
କଠୋର, ଶାପ—ଅଭିଶାପ, ପ୍ରତିକାର—ଖଣ୍ଡନ ଉପାୟ । ୧୨ । କୃପାବନେ-

---

ନବରସ ଶ୍ରେଷ୍ଠ ଶୃଙ୍ଗାର ରସ ପ୍ରକାଶ ହେଉଥିବ । ୫ । ହେ ଉତ୍ତମ ରସିକଗଣ !
ତୁମେମାନେ ଏହି ଅନୁଭବରୁ ପ୍ରସ୍ତୁତ ହେଉଥିବା ମନଗଢ଼ା କବିତାକୁ ଉତ୍ତମ
ମନରେ ଶ୍ରବଣ କର । ୬ । ବସନ୍ତକାଳ । ଇନ୍ଦ୍ର ମଳୟ ପର୍ବତରେ ବିଜେ କରି-
ଅଛନ୍ତି । ସ୍ୱର୍ଗର ଅଷ୍ଟ ଗଣିକା ଦୂରେଇ ହୋଇ ତାଙ୍କ ସମ୍ମୁଖରେ ଠିଆ ହେଇଛନ୍ତି ।
ଖବ । ୭ । ନାରଦ ସାବଧାନ ଭାବେ ବୀଣାବାଦ୍ୟ ବଜାଇ ଶୁଣୁଛନ୍ତି ଉର୍ବଶୀର
ଗୀତ । ୮ । ସେ କେଦାର-ରାଗରେ ସ୍ୱରଲିପି ଧରି ଗୀତ ଗାଉଥିବାରୁ ଇନ୍ଦ୍ର
ଆତ୍ମ ବିଭୋର ହୋଇ ଶୁଣୁଥାନ୍ତି । ୯ । ଗୋଟିଏ ବିମ୍ବାଧର ଇନ୍ଦ୍ରଙ୍କ ସମ୍ମୁଖରେ
ଚଅଁର ପକାଉଥିଲା । ଉର୍ବଶୀର ରୂପ, ଗୀତ ଓ ନୃତ୍ୟ ଦେଖି, ତା ଦେହରେ
କାମ ଉଦ୍ରେକ ହେବାରୁ ଥର ଉଠିଲା ସେ । ୧୦ । ତେଣୁ ଅସମ୍ଭାଳ ହୋଇ
ଇନ୍ଦ୍ରଙ୍କ ଉପରେ ଢଳିପଡ଼ିଲା । ଇନ୍ଦ୍ର ରାଗିଯାଇ ଅଭିଶାପ ଦେଲେ । କହିଲେ-"ତୁ
ପୃଥିବୀରେ ଯାଇ ଜନ୍ମ ହୁଅ । ୧୧ । ଏ କଥା ବିମ୍ବାଧର ପକ୍ଷେ ଅତି କଠୋର
ଆଘାତ କଲା । ତେଣୁ ସେ ହାତଯୋଡ଼ି ଶାପ ମୁକ୍ତିପାଇଁ ଉପାୟ ମାଗିଲା । ୧୨ ।

କ୍ଷେତ୍ରବରେ ବହୁକାଳ ବିଷ୍ଣୁ ସେବ ଭୁଞ୍ଜ । ୧୩ । ବଂଶ ରକ୍ଷି ଭୂମିରେ ଅମର-ପୁରେ ଆସ । ଏ ବଚନେ ବିଦ୍ୟାଧର ନିଘରେ ପ୍ରବେଶ । ୧୪ । ନିଜ ବନିତାକୁ ଘେନି ମହୀରେ ଜନ୍ମିଲ । ଜାତିସ୍ମର ହେବାରୁ କ୍ଷେତ୍ରରେ ବାସ କଲା । ୧୫ । କେତେକାଳ ବିଦ୍ୟାଧରୀ ସେବିଲା ବିମଳା । ବିକ୍ୟସୂତା ପ୍ରସାଦରେ ମନ ବଳାଇଲା । ୧୬ । ସେ ଦେବୀର ଏମନ୍ତ ପ୍ରଭାବ ଧାତା ଚିତ୍ତ । ଉତ୍ତମ ରାମା ନିର୍ମାଣେ ହେଲା ଚଞ୍ଚଳିତ । ୧୭ । ଦର୍ପଣୁ ଝଳ କମଳୁ ବାସ ବଳେ ହରି । ଚନ୍ଦ୍ରରୁ ଆହ୍ଲାଦ ନେଇ ଲପନରେ ଭରି । ୧୮ । ମାଳୋପୃକ୍ତୁଁ ମାନ ଖଞ୍ଜନରୁ ଚଞ୍ଚଳତା ।

---

ତପସ୍ୟା ପରବଶ ହୋଇ, ଉତ୍କଳେ—ଓଡ଼ିଶାରେ, କ୍ଷେତ୍ରବରେ—ପୁରୁଷୋତ୍ତମରେ, ବିଷ୍ଣୁ—ଜଗନ୍ନାଥ । ୧୩ । ବଂଶ—ନିଜ ରକ୍ତରୁ ଜନ୍ମଲାଭ କରି କ୍ରମଶଃ ବୃଦ୍ଧିପ୍ରାପ୍ତ ଲଭୁଥିବା ଜନ ସମାଜ, ଅମର ପୁର—ସ୍ୱର୍ଗ, ବିଦ୍ୟାଧର—ଗନ୍ଧର୍ବ । ୧୪ । ବନିତା—ସ୍ତ୍ରୀ, ମହୀରେ—ପୃଥ୍ୱୀରେ, ଜାତିସ୍ମର—ପୂର୍ବ ଜନ୍ମ କଥା ଯାହାର ସ୍ମରଣ ଥାଏ । ୧୫ । ବିଦ୍ୟାଧରୀ ଗନ୍ଧର୍ବ ସ୍ତ୍ରୀ, ବିମଳା—ବିମଳାଦେବୀ, ବିକ୍ୟସୂତା—ଉତ୍ତମ କନ୍ୟା । ୧୬ । ପ୍ରଭାବ—ଅଲୌକିକ ମହିମା, ଧାତାଚିତ୍ତ-ବିଧାତା ପୁରୁଷର ମନ, ରାମା—କନ୍ୟା । ୧୭ । ଦର୍ପଣୁ ଝଳ—କାଚଠାରୁ ଅଦ୍ଭୁତ ଉଜ୍ଜ୍ୱଳ, କମଳୁଁ—ପଦ୍ମଠାରୁ, ବାସ—ସୁଗନ୍ଧ, ଚନ୍ଦ୍ର—ଶଶୀ, ଆହ୍ଲାଦ—ହର୍ଷ, ଲପନ—ମୁଖ । ୧୮ । ମାଳୋପୃକ୍ତୁଁ—ନୀଳକଇଁରୁ, ଖଞ୍ଜନ—କଜ୍ଜଳପାଖି ପକ୍ଷୀ,

---

ଇନ୍ଦ୍ର ତପସ୍ୟାକରି କହିଲେ—"ଓଡ଼ିଶାର ପୁରୁଷୋତ୍ତମ କ୍ଷେତ୍ରରେ ଯାଇ ଜନ୍ମ ହେବୁ ଓ ବହୁକାଳ ଧରି ଜଗନ୍ନାଥଙ୍କୁ ସେବା କରିବୁ । ୧୩ । ତୋର ବଂଶ ବଢ଼ାଇ ପୃଥ୍ୱୀରେ ରକ୍ଷିସାରି ସ୍ୱର୍ଗକୁ ଆସିବୁ ।" ଏକଥା ଶୁଣି ଗନ୍ଧର୍ବ ଜଣକ ଗଲା ଆପଣା ଘରକୁ । ୧୪ । ନିଜ ସ୍ତ୍ରୀ ସଙ୍ଗରେ ଆସି ପୃଥ୍ୱୀରେ ଜନ୍ମଲଭ କଲା । ପୂର୍ବ ଜନ୍ମ କଥା ଜାଣି ପାରୁଥିବାରୁ ଯାଇ ବାସ କଲା ପୁରୁଷୋତ୍ତମ କ୍ଷେତ୍ରରେ । ୧୫ । ପୁରୁଷୋତ୍ତମ କ୍ଷେତ୍ର ବିମଳା ପୀଠ ନାମରେ ପରିଚିତ । ତେଣୁ ବିମଳାହିଁ ସେଠାକାର ଅଧିଷ୍ଠାତ୍ରୀ ଦେବୀ । ଏହି କଥା ଜାଣି ଗନ୍ଧର୍ବ ପତ୍ନୀ ଗୋଟିଏ ସୁନ୍ଦରୀ-ଝିଅ ପାଇବା ପାଇଁ ବିମଳା ଦେବୀଙ୍କୁ ପୂଜା କଲା । ୧୬ । ଦେବୀଙ୍କ ମହିମାରେ ତେଣେ ବିଧାତା ଉତ୍ତମ ଝିଅଟିଏ ଗଢ଼ିବାକୁ ଚଞ୍ଚଳ ହୋଇ ଉଠିଲେ । ୧୭ । ଦର୍ପଣରୁ ଉଜ୍ଜ୍ୱଳତା, ପଦ୍ମଠାରୁ ସୁଗନ୍ଧ ହରଣ କରି ସେ ଝିଅ ଦେହରେ ଦେଲେ । ଚନ୍ଦ୍ରଙ୍କଠାରୁ ପ୍ରଫୁଲ୍ଲତା, ହର୍ଷ ଶୀତଳତା, ଶୁଭ୍ରତା ଇତ୍ୟାଦି ନେଇ ତା ମୁଖରେ ଖଞ୍ଜିଦେଲେ । ୧୮ । ନୀଳକଇଁରୁ ମାନ ବର୍ଣ୍ଣ, କଜ୍ଜଳପାଖି ପକ୍ଷୀଠାରୁ କ୍ଷିପ୍ରତା,

ବିଶିଖୁଁ ତୀକ୍ଷ୍ଣ ଆଣି ଆଖି କଲା ଧାତା ।୧୯। କାଳନ୍ଦୀଜଳ ଜଳଦଠାରୁ ହରି କଳା । ଭ୍ରମର ମାଳରୁଚିରୁ କୁଟିଳ ହରିଲା । ୨୦ । କେଶ କଳା ତାହା ବେଶ ହେବା ପାଇଁ ପାଞ୍ଚ । ଫୁଲ କଙ୍କତିକା ପାଟସୂତ୍ର ଆଇ ସଞ୍ଚ ।୨୧। ଲବଣୀ ଶିରୀଷରୁ କୋମଳ ନେଇ ଦେହେ । ବନ୍ଧୂ ହେମ ଚମ୍ପା କାନ୍ତି ହରି କାନ୍ତି ବହେ ।୨୨। ଯେଉଁ ଅଙ୍ଗକୁ ଉପମା ଯେଉଁ ଦ୍ରବ୍ୟ ହୋଇ । ତହୁଁ ସାର ନେଇଟି ସେ ତନୁ କଲା ବିଧି । ୨୩ । ଜନ୍ମ ଦେଲା ଆଣି ଅପସରାର ଉଦରେ । ଅବନୀ ସୁନ୍ଦର ହେଲା ତାହାର ଶୋଭାରେ । ୨୪ । କୋଟିବ୍ରହ୍ମାଣ୍ଡସୁନ୍ଦରୀ ବୋଲି ନାମ ଦେଲେ । ଯେତେ ଲୋକ ବାଳକାଳେ ବାଳାକୁ ଦେଖିଲେ । ୨୫ । ବିଜ୍ଞେ ଯେ ବୋଇଲେ ଏ ରସିକ

---

ଚଞ୍ଚଳତା—କ୍ଷିପ୍ରତା, ବିଶିଖୁଁ—ଶରଠାରୁ । ୧୯ । କାଳନ୍ଦୀଜଳ—ଯମୁନାନଦୀର ପାଣି, ଜଳଦ—ମେଘ, ଭ୍ରମର—ଭଅଁର, ମାଳରୁଚିରୁ—ମାଳଶୋଭାରୁ, କୁଟୀଳ - କୁଞ୍ଚୁକୁଞ୍ଚିଆ । ୨୦ । ଫୁଲ କଙ୍କତିକା—ଫୁଲ ନିର୍ମିତ ପାନିଆଁ । ୨୧ । ଲବଣୀ—ଲହୁଣୀ, ଶିରୀଷ—ପଦ୍ମ, ବନ୍ଧୂ—ବନ୍ଧୁଳି, ହେମ ଚମ୍ପାକାନ୍ତି—ସୁବର୍ଣ୍ଣ ଚମ୍ପାଫୁଲ ବର୍ଣ୍ଣ । ୨୨ । ଅପସରା—ସ୍ୱର୍ଗବେଶ୍ୟା, ଅବନୀ—ପୃଥିବୀ । ୨୪ । କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ—ଏହିପରି କୋଟିଏ ବ୍ରହ୍ମାଣ୍ଡ ମଧ୍ୟରେ ସବୁଠାରୁ ଯେ ସୁନ୍ଦରୀ ତାକୁହିଁ କୁହାଯାଏ—କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ, ବାଳା—କନ୍ୟା । ୨୫ । ବିଜ୍ଞେ—

---

ଶରରୁ ଧାର ଆଣି ବିଧାତା ପୁରୁଷ ସେ କନ୍ୟାର ନେତ୍ରଯୁଗଳ ନିର୍ମାଣ କଲା । ୧୯ । ଯମୁନା ଜଳ ଏବଂ ମେଘଠାରୁ କଳାବର୍ଣ୍ଣ ହରଣ କରି ଭଅଁରର କୁଞ୍ଚୁକୁଞ୍ଚିଆ ମାଳ ଶୋଭାକୁ ହରଣ କଲା କାହିଁକି ? ଆଖିର ଭ୍ରୂଲତା ଓ ପତାରେ ଥିବା କେଶଗୁଚ୍ଛରେ ଖଞ୍ଜିବାକୁ । ୨୦ । ତାର ମସ୍ତକର କଳା କେଶକୁ ସୁନ୍ଦର କରିବା ପାଇଁ ପାଟ ଡୋରରେ ଗୁନ୍ଥି ଫୁଲର ପାନିଆ ନିର୍ମାଣ ପାଇଁ ଏଣେ ସାଇତି ରଖିଲା । ୨୧ । ଲହୁଣୀ ଏବଂ ପଦ୍ମଫୁଲରୁ କୋମଳତା ଓ ବନ୍ଧୁଳି ପରି ଝଟକୁଥିବା ସୁନା ଚମ୍ପାରୁ ବର୍ଣ୍ଣ ହରଣ କରି ସେ କନ୍ୟାର ଶରୀର ନିର୍ମାଣ କଲା । ୨୨ । ସ୍ୱର୍ଗ ବେଶ୍ୟା ଗର୍ଭରେ ବିଧାତା କନ୍ୟାଟିକୁ ଜନ୍ମ ଦେଲା । ତା ଶୋଭାରାଶିରେ ପୃଥିବୀ ମଧ୍ୟ ସୁନ୍ଦର ଦିଶିଲା । ୨୪ । ତାର ନାମ ଦେଲେ—"କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ"; କିନ୍ତୁ ପଣ୍ଡିତମାନେ କହିଲେ - "ଏ କନ୍ୟାର ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକ ହାର ପରି ଗୁନ୍ଥା ହୋଇଛି । ଯେଉଁ ଦିନ ଏ ରସିକର ହାର ହେବ, ସେଦିନ ଗୋଟିଏ ନୂତନ କଳ୍ପିତ ହାର ହେବ । ହାରସମୂହ—ଅର୍ଥାତ୍ ରସିକ-ହାର ସମୂହ ବୋଲି ଗଣା ହେବ । ତେଣୁ ଏହାର ନାମ ହେଉ ରସିକ-ହାରାବଳି" ।୨୫। କନ୍ୟାର ପିତା ମାତା

ହାରାବଳୀ । ପିତା ମାତାଙ୍କ ଡାକିଲେ ବେନି ନାମ ରଚି । ୨୬ । ଜନ ମୁଖେ ଖ୍ୟାତ ହେଲ ମହୋଜ୍ଜ୍ୱଳ ଯଶ । ପାଇଲେ ନୃପନନ୍ଦନେ ଏକଣ ମନେ ଆଶ । ୨୭ । ପୂର୍ବେ କୋଶଳଦେଶରେ ନରେଶକୁମର । ଦ୍ୱିଜଙ୍କବଦନୁ ଶୋଭା ଶୁଣୁଥାଇ ତାର । ୨୮ । ଗୁଣୁଥାଇ ମୋର ସେ କି ହୁଅନ୍ତା ବାନ୍ଧବୀ । କରନ୍ତି ମୁଁ ପଦତଳେ ମହତପଦବୀ । ୨୯ । କେଉଁ ଶୋଭା କେତେ ତାକୁ ବୟସ ପର୍ବରେ । ଉର କେ ହୋଇବ ଏହି କଥା ତ ଅନ୍ତରେ । ୩୦ । ବିପ୍ରକାମିନୀଏ କହି ଆରମ୍ଭିଲ ତାକୁ । ମୁଁ ଯଉଁଥାଇଁ ସେ ମନୋରମାର ପୁରକୁ । କହଇଁ ତାହାର ଗୁଣ ଶୁଣ ଶୋଭା ଲେଶ । ବନ୍ତଣ ପଦରେ ଏହି ଛାନ୍ଦ ହେଲା ଶେଷ । ୩୧ ।

—୫୦୫—

---

ପଣ୍ଡିତେ, ରସିକ ହାରାବଳୀ—କନ୍ୟାର ଅଙ୍ଗ ପ୍ରତ୍ୟଙ୍ଗ ଫୁଲହାର ପରି ସଜ୍ଜିତ ହୋଇଥିବାରୁ ପଣ୍ଡିତମାନଙ୍କ ମତରେ ହାରାବଳୀ ଅର୍ଥାତ୍ ରସିକମାନଙ୍କର ହାରସ୍ୱରୂପ ଅଟେ, ବେନି—ଦୁଇ । ୨୬ । ଖ୍ୟାତ—ପ୍ରସିଦ୍ଧ, ମହୋଜ୍ଜ୍ୱଳ—ଅତି ନିର୍ମଳ, ନୃପନନ୍ଦନେ—ରାଜପୁତ୍ରମାନେ, ଆଶ—ଇଚ୍ଛା । ୨୭ । ନରେଶକୁମର—ରାଜପୁତ୍ର, ଦ୍ୱିଜ—ବ୍ରାହ୍ମଣ, ବାନ୍ଧବୀ—ପତ୍ନୀ, ମହତ୍ ପଦବୀ—ବଡ଼ପଣ, ଉର—ଉତ୍ତର, ବିପ୍ର କାମିନୀ—ବ୍ରାହ୍ମଣ ପତ୍ନୀ, ମନୋରମା—ସୁନ୍ଦରୀ, ପୁରକୁ—ଗୃହକୁ, ଗୁଣ—ଚରିତ୍ର । ୩୧ ।

---

କୋଟିବ୍ରହ୍ମାଣ୍ଡ ସୁନ୍ଦରୀ ଓ ରସିକ ହାରାବଳୀ ଏହି ଦୁଇ ନାମ ଦେଇ ତାକୁ ଡାକିଲେ । ୨୬ । କନ୍ୟାର ନିର୍ମଳ ଯଶରାଶି ଲୋକ ମୁଖରେ ପ୍ରଚାରିତ ହେବାରୁ, ରସିକ ରାଜପୁତ୍ରମାନେ ଉତ୍ସୁକରେ ଜନ ଜନ ହୋଇ ଉଠିଲେ । ୨୭ । କାରଣ, ସେମାନେ ଭାବିଲେ ଏତେବଡ଼ ସୁନ୍ଦରୀ ତୁଳନାରେ ଆମ୍ଭମାନେ ବା କି ଛାର ଯେ, ତାକୁ ପାଇବା ପାଇଁ ଆଶା ବାନ୍ଧିବୁ ? ପୂର୍ବଦିଗରେ ଥିବା କୋଶଳ ଦେଶର ରାଜପୁତ୍ର, ବ୍ରାହ୍ମଣମାନଙ୍କ ମୁଖରୁ ସେ କନ୍ୟାର ସୁନ୍ଦରପଣିଆ କଥା ଶୁଣୁଥାଏ । ୨୮ । ତେଣୁ ଭାବୁଥାଏ, ସେ ଯଦି ମୋର ପତ୍ନୀ ହୁଅନ୍ତା, ତେବେ ସବୁ ବଡ଼ପଣ ତା ପାଦତଳେ ପ୍ରଦାନ କରନ୍ତି । ୨୯ । ତାକୁ ବୟସ କେତେ ଏବଂ କିଭଳି ସୁନ୍ଦରୀ ସେ କଥା ବୁଝି ଆସିବାକୁ କିଏ ଉତ୍ତର ହୋଇ ଯିବ ବୋଲି ବିଚାର କରୁଥାଏ । ୩୦ । ଏବେ ଗୋଟିଏ ବ୍ରାହ୍ମଣୀ ଆସି କହିଲା —"ମୁଁ ସୁନ୍ଦରୀ ଘରକୁ ଯାଇଥିଲି । ତାର ଚରିତ୍ର, ଆଚାର ବ୍ୟବହାର ଯାହା ଦେଖିଛି, ସେଥିରୁ ଅଳ୍ପ କିଛି ତୁମ ଆଗରେ କହୁଛି, ଶୁଣ ।" ଛାନ୍ଦଟି ଶେଷ ହେଲା ବନ୍ତଣ ପଦରେ । ୩୧ ।

—୫୦୫—

## ଦ୍ୱିତୀୟ ଛାନ୍ଦ

[ ରସିକ ହାରାବଳୀର ଶୋଭା ବର୍ଣ୍ଣନା ]

ରାଗ—ବସନ୍ତ

ଶୁଣ ନୃପସୁତ ସୁନ୍ଦରୀ ଚରିତ ଆଲୋକିତ ଶୋଭା ତାହାର । ନବବୟସ-ନରେଶ ଅଙ୍ଗଦେଶ ଆକର୍ଷି କଲାଣି ବିହାର । ରସିକ ! ଗୁରୁ ଜଘନ ଭଦ୍ରାସନ । କେଶ କେକୀପୁଚ୍ଛ ସ୍ରକ୍ ଯତ୍ନ କରି ଦେଲାଣି ଅଭିଷେକ ମନ ।୧। ଅତି ସୌନ୍ଦର୍ଯ୍ୟ ପଞ୍ଚବାଣଙ୍କ ଅମାରୀ ଉରଜ ରୁଚିର । ଅଚିରରୁଚିର ପ୍ରତିଷ୍ଠା ବିତାନ ଛନ୍ଦକ ମଣ୍ଡିଲାଣି ସୁଚୀର । ରସିକ ! ଶିବଙ୍କୁ କରାଇ ସନ୍ତୋଷ । ମାହୁନ୍ତ ହୋଇ ବହୁତ ପୁଣ୍ୟ ଥିଲେ ମୋର ତୀକ୍ଷ୍ଣ ନଖଅଙ୍କୁଶ ।୨। କେଳଶାବର ଶବର

---

ଚରିତ—କାହାଣୀ, ଆଲୋକିକ—ଅଦ୍ଭୁତ, ନବବୟସ—ଯୁବାବସ୍ଥା, ନରେଶ—ରାଜା, ବିହାର—ଲୀଳା, ଗୁରୁଜଘନ—ପ୍ରଶସ୍ତ ଜାନୁ, ଭଦ୍ରାସନ—ସିଂହାସନ, କେକୀ—ମୟୂର, କେକୀପୁଚ୍ଛ—ମୟୂର-ଚନ୍ଦ୍ରିକା ।୧। ଅମାରୀ—ହାତୀ ଉପରେ ଥିବା ଆସନ, ଉରଜ—ସ୍ତନ, ଅଚିର—ଶୀଘ୍ର, ଅପ୍ରାପ୍ତି, ରୁଚିର—ସୁନ୍ଦର, ପ୍ରତିଷ୍ଠା—ପ୍ରାପ୍ତି, ବିତାନ—ଚାନ୍ଦୁଆ, ସୁଚୀର—ଭଲ ଲୁଗା, ତୀକ୍ଷ୍ଣ—ମୁନିଆ ଅଙ୍କୁଶ—ହାତୀ ମୁଣ୍ଡରେ ଭୁଷା ଯାଉଥିବା ଲୁହାର ଅସ୍ତ୍ର, ।୨। କେଳଶାବର—

---

ହେ ନୃପନନ୍ଦନ ! ସେ ସୁନ୍ଦରୀର କାହାଣୀ ଶ୍ରବଣ କର । ଅତି ଅଦ୍ଭୁତ ଧରଣର ସୌନ୍ଦର୍ଯ୍ୟ ତାର । ନୂତନ ଯୌବନ ବୟସ ବର୍ତ୍ତମାନ ତା ଅଙ୍ଗ ଦେଶକୁ ଆକର୍ଷଣ କରି ରାଜପଣ କଲାଣି ଅର୍ଥାତ ତା ଅଙ୍ଗରେ ନବ ଯୌବନ ଆସି ଲୀଳା ଲଗାଇଲାଣି ! ହେ ରସିକ ରାଜକୁମାର, ତାର ପ୍ରଶସ୍ତ ଜାନୁ ରସିକରାଜଙ୍କ ପାଇଁ ସିଂହାସନ ଅଟେ । ରାଜାମାନଙ୍କ ଅଭିଷେକ ସମୟରେ ମୁକୁଟ ବନ୍ଧାଯାଏ । ସୁନ୍ଦରୀ ଯୌବନ ରାଜ୍ୟରେ ଅଭିଷିକ୍ତ ହେବାପାଇଁ ତାର କେଶଚନ୍ଦ୍ରିକା ଅତି ନିର୍ମଳ ଭାବେ ବନ୍ଧନ କଲାଣି । ଅର୍ଥାତ୍ ଝୁଣ୍ଟା ବାନ୍ଧିଲାଣି ।୧। ତାର ସୁନ୍ଦର ଯୌବନ ହେଲା ଗୋଟିଏ ହାତୀ, ତା ପିଠିରେ ଥିବା ଆସନରୂପେ ତାର ସୁନ୍ଦର ସ୍ତନ ଦୁଇଗୋଟି । ସେ ସ୍ତନ ଦୁଇଟି ସୁନ୍ଦର ହେଲେ କଣ ହେବ, ପ୍ରାପ୍ତିତାର ଅପ୍ରାପ୍ତୀ । ତେଣୁ ଚାନ୍ଦୁଆ ଛଳରେ ତାକୁ ଉତ୍ତମ ଲୁଗାରେ ଘୋଡ଼ାଇ ରଖିଲାଣି । ହେ ରସିକବର ! ଯଦି ତୁମର ସୁକୃତ ଥାଏ, ତେବେ ଦେବ ଦେବ ମହାଦେବଙ୍କୁ ସନ୍ତୋଷ କରାଇ, ସେହି ନବଯୌବନ-ହାତୀ ଉପରେ ମାହୁନ୍ତପଣ କର । ନଖ ଅଙ୍କୁଶ ମାର ଅର୍ଥାତ୍ ତା ଉଚ୍ଚ କୁଚ ଯୁଗ୍ମକୁ କରଜରେ ଆଘାତ କର ।୨। ଶବର ବେଶରେ ତୀକ୍ଷ୍ଣ ଶରଶ୍ରେଷ୍ଠ ଯେନ କନ୍ଦର୍ପ ପ୍ରହାର କରିବାରୁ, ଉତ୍ତମବର୍ଣ୍ଣ

ଖଞ୍ଜନଶବର ପ୍ରବର ପ୍ରହାରୁ ଭୟରେ । ତରଙ୍ଗ ହେଲଣି ସୁରଙ୍ଗ ନୟନକୁରଙ୍ଗ ତ ଅନ୍ତରେ । ରସିକ । କଲଣି ଧୀବର ବିଧାତା । ମଦନନଦୀରୁ ପାର କରିବାକୁ ରୋମାବଳୀ ଭେଳା ଶୋଭିତା । ୩ । ମନମଥ ରଥ ଦିଗବିଜୟକୁ ସାଜିଲାଣି ମନେ ଗଣିଲେ । ରସନା ଘଣ୍ଟି ନିତମ୍ବଚକ୍ର ସ୍ଥୁରୁ ନ ରଖିବା ଯୁବା ଜୀବନେ । ରସିକ । ଚଞ୍ଚଳ ଅଞ୍ଚଳପତାକା । ଅତି ଉଚ୍ଚ କୁଚ ସୁସଞ୍ଚ କଳଶ ଲୋକନେ ଲୋକେ କଲେ ଦେଖା । ୪ । ଦାଶରଥି କୃପା ବନ୍ଧୁ ତହିଁ ରଥୀ ହେବାକୁ କେବା କାହିଁ ଅଛି । ସମରସଜ ଉଜ କର ସରୋଜ ଆଶୁଗ ତହିଁରେ ଥୋଇ । ରସିକ । ନେତ୍ର ଭ୍ରୂରୁ କାଣ୍ଡ କୋଦଣ୍ଡ । ହେଲଣି ଅଞ୍ଜନ ଶିଞ୍ଜିନୀ ରଞ୍ଜନ ଦଣ୍ଡକେ ଜଣିବ

---

କନ୍ଦର୍ପ, ଶବର—କାଣୁଆ, ପ୍ରବର – ଶ୍ରେଷ୍ଠ, ତରଙ୍ଗ—ଚଞ୍ଚଳ, ସୁରଙ୍ଗ—ଉତ୍ତମ ରଙ୍ଗ, ନୟନ କୁରଙ୍ଗ—ନେତ୍ରମୃଗ, *ଅନ୍ତରେ—ବେଗି ଧୀବର—କେଉଟ, ମଦନ ନଦୀ—କାମନଈ, ରୋମାବଳୀ – ଲୋମସମୂହ, ଭେଳା—ନୌକା । ୩ । ମନମଥ—କନ୍ଦର୍ପ, ରସନା—ଜିହ୍ୱା, ନିତମ୍ବ—ପିଚ୍ଛ, ଜୀବନେ—ଜୀବଦ୍ଦଶାରେ, ଅଞ୍ଚଳ—ଲୁଗାପଣତ, କୁଚ—ସ୍ତନ, ଲୋକନେ—ଦେଖିକରି । ୪ । ଦାଶରଥି —ଶ୍ରୀରାମଚନ୍ଦ୍ର, ସମର—ଯୁଦ୍ଧ, ଉଜ—ସୁନ୍ଦର, ସରୋଜ ଆଶୁଗ—ଫୁଲ ଧନୁ-ଧାରୀ କନ୍ଦର୍ପ, ଅଞ୍ଜନ—କଜ୍ଜଳ, ଶିଞ୍ଜିନୀ—ଗୁଣ । ୫ । ଅତନୁ—କନ୍ଦର୍ପ,

---

ଶବରିଙ୍କ ନେତ୍ର ମୃଗ ଦୁଇଟି ଭୟରେ ଅତିଶୀଘ୍ର ଚଞ୍ଚଳ ହୋଇ ଉଠିଲଣି । ଅର୍ଥାତ୍ ସୁନ୍ଦରୀ ତାର ନେତ୍ର ଯୁଗଳ ଖେଳାଇ ଜାଣିଲଣି । ହେ ରସିକ ! କାମ ପଞ୍ଚାସ୍ତ୍ର କନ୍ଦର୍ପ ନଦୀପାର ହେବାପାଇଁ ବିଧାତା ହେଲଣି ଧୀବର । ଭେଳାରୂପେ ଶୋଭମାନ କରି ନିର୍ମାଣ କଲଣି, ତା ପେଟଠାରୁ ଲମ୍ବିଯାଏ ଲୋମାବଳି ମାନ । ୩ । ମୁଁ ମନେ ମନେ ଭାବୁଛି, କନ୍ଦର୍ପ ଦିଗ୍ବିଜୟ କରିବା ମାନସରେ ରଥ ସଜ କଲଣି । ସେ ରଥର ଘଣ୍ଟି ହୋଇଛି ଜିହ୍ୱା ଏବଂ ସୁନ୍ଦର ନିତମ୍ବ ହୋଇଛି ଚକ । ଯୁବା ପୁରୁଷମାନଙ୍କୁ ଆଉ ଜୀବନରେ ରଖିଦେବ ନାହିଁ । ହେ ରସିକ ! ପିନ୍ଧିଥିବା ବସ୍ତ୍ରାଞ୍ଚଳ ରଥର ପତାକାରୂପେ ଶୋଭା ପାଉଛି । ସୁନ୍ଦର ଉଚ୍ଚ କୁଚ ଯୁଗଳ ରଥର କଳଶ ହୋଇଅଛି । ତାକୁ ଦେଖି ଲୋକମାନେ ଭରି ଗଲେଣି । ୪ । ସେ ରଥରେ ସାରଥୀ ହେବାକୁ ହେଲେ ଶ୍ରୀରାମଚନ୍ଦ୍ରଙ୍କ କରୁଣା ବଂଚିତ କାହାର ସାଧନାହିଁ । କାମଦେବ ସମସ୍ତ ଯୁଦ୍ଧସରଞ୍ଜାମ ସେଥିରେ ରଖିଛି ଅତି ସୁନ୍ଦରଭାବରେ । ହେ ରସିକ ! ଜନୀର ଆଖି ଓ ଭ୍ରୂଲତା ଧନୁ ଏବଂ ଶର ପରି ଅଟେ । ଯେଉଁ କଜ୍ଜଳ ଗାର ଚଢ଼ାଇଛି, ତାହା ଗୁଣ ସ୍ୱରୂପ । ସେହି ଗୁଣରେ କାଣ୍ଡ ଯୋଖି ମାରିଦେଲେ ମାତ୍ରେ ବ୍ରହ୍ମାଣ୍ଡଟା ଜୟ କରିବାକୁ ଦଣ୍ଡେମାତ୍ର ଲାଗିବ । ୫ । କାମଦେବ

ବ୍ରହ୍ମାଣ୍ଡ । ୫ । ଆସି ଅତନୁ ନୂତନ ରଜା ହେଲା ମଲ୍ଲିକା-ଶରୀର-ମଧ୍ୟରେ । ଉତ୍ତମ ପାଟ ଜାନୁସ୍ତନ ଶାଟୀରେ ଶୋଭିତ ହୋଇଲେ ପଞ୍ଚରେ । ରସିକ । ଜଘନ ପୃଷ୍ଠ ସ୍ମରପୁର ଲୁଚି ରହିଲେଣି ଅପରାଧୀ ପ୍ରାୟେ ହେବ ଭାଗ୍ୟବନ୍ତେ ଗୋଚର । ୬ । ମନ୍ଦହାସ ସୁଧାସମୁଦ୍ରେ ମଦଘୂର୍ଣ୍ଣଯୋଗ ପାଇ ଉଷ୍ଣ ଅରୁଣ । ହେଲାଣି ମଜ୍ଜନ ଏହି ହେବା ଅସ୍ତ ହୋଇବାକୁ ଏହି କାରଣ । ରସିକ । ବନ-ପ୍ରିୟଗଣେ ଉଦାସ । ଗୁରୁ ହୋଇ ଗୁରୁସ୍ତନୀ ଶିଶୁଶୁକ ଶିଷ୍ୟ କରି ଶ୍ଳୋକ ପଢ଼ାଇ । ୭ । ମିଶାଇଲେଣି କଷ୍ଟି କାମବଣିକ ଉଚ୍ଛନ୍ନବିକାର ପାରଦ । ବିରହାନଳେ ହେମତନୁ ଦହିବ କଲାଣି ମନ୍ତ୍ର ମାନସ । ରସିକ । ନାହିଁ କାହିଁ ମର୍ତ୍ତ୍ୟମଣ୍ଡଳ । ଟାଙ୍ଗଣା ହୋଇ ଟେକ ତା ଅଙ୍ଗେ ମିଳନ୍ତ କାହା ଭାଗ୍ୟ ଏତେ ପ୍ରବଳ । ୮ ।

---

ମଲ୍ଲିକା—କନ୍ୟା, ଶରୀରମଧ୍ୟରେ—ଦେହରୂପକ ପୃଥ୍ୱୀରେ, ଜାନୁ—ଜଙ୍ଘ, ଶାଟୀ—ଶାଢ଼ୀ । ଜଘନ—ଜଙ୍ଘ, ପୃଷ୍ଠ—ପିଠି, ସ୍ମରପୁର—ମାରସଦନ, ଗୋଚର—ଜଣା । ୬ । ସୁଧା—ଅମୃତ, ମଦଘୂର୍ଣ୍ଣଯୋଗ—ବାରୁଣୀଯୋଗ, ଅରୁଣ—ସୂର୍ଯ୍ୟ, ମଜ୍ଜନ—ବୁଡ଼ିବା, ବନପ୍ରିୟ—କୋକିଳ, ଗୁରୁସ୍ତନୀ—କଠିନ ସ୍ତନା, ଶିଶୁଶୁକ—ଶୁଆ ଶାବକ । ୭ । କାମ ବଣିକ—ମନ୍ମଥ ବ୍ୟବସାୟୀ, କାମ ବଣିଆ, ବିକାର—ବେଦନା, ପାରଦ—ପାରଦ, ବିରହାନଳେ—କାମ ବିଚ୍ଛେଦ ରୂପକ ଅଗ୍ନିରେ, ହେମତନୁ—ସୁନାପରି ଦେହ, ଦହିବ—ଦହନ କରିବ, ଅଙ୍ଗେ—

---

ଆସି କନ୍ୟାର ଦେହ ପୃଥ୍ୱୀରେ ନୂଆ ରଜା ହେଲଣି ସ୍ତନ ଏବଂ ଜାନୁ ନୂଆ-ରଜାଙ୍କର ପାଟ ରୂପେ ଶାଢ଼ୀ ବାନ୍ଧିଲେଣି । ଅର୍ଥାତ ସେ କନ୍ୟା ଉତ୍ତମ ବସ୍ତ୍ର ପରିଧାନ କରି ଜାନୁ ଓ ସ୍ତନ ଇତ୍ୟାଦିକୁ ସୁନ୍ଦର ରୂପେ ଢ଼ାଙ୍କିଲାଣି । ଜଙ୍ଘ, ପିଠି ଓ ମାର-ସଦନ ଇତ୍ୟାଦି ଅପରାଧୀ ପରି ଲୁଚି ରହିଲେଣି । ଯେଉଁ ଭାଗ୍ୟବନ୍ତ ଲୋକ ସେ କନ୍ୟାର ପାଣି ଗ୍ରହଣ କରିବ, ସେହିମାନେ ସେ ଅପରାଧୀମାନଙ୍କୁ ଦେଖି ପାରିବ । ୬ । କନ୍ୟାର ମନ୍ଦହାସ ରୂପକ ଅମୃତ ସାଗରରେ ଉଷ୍ଣ-ସୂର୍ଯ୍ୟ ବାରୁଣୀ-ଯୋଗ ପାଇ ବୁଡ଼ିଗଲାଣି । ଏଣୁ ବନଖଣ୍ଡ କେତେବେଳେ ହେଲେ ଅସ୍ତ ହେଉନାହିଁ । ହେ ରସିକ ! କଠିନସ୍ତନା କନ୍ୟାଟି ଗୋଟିଏ ଶୁଆ-ଶାବକ ପାଳିଛି । ଗୁରୁରୂପେ ତାକୁ ଶ୍ଳୋକ ପଢ଼ାଇବା ବେଳେ ତା କଣ୍ଠର ସ୍ୱର ଶୁଣି କୋକିଳମାନେ ଉଦାସରେ ଲୁଚି ରହିଲେଣି । ୭ । କାମବଣିଆ ଉଚ୍ଛନ୍ନ ବିକାର ପାରଦକୁ ଆଣି କନ୍ୟାର ଦେହସୁନାରେ ମିଶାଇ ସ୍ଥିର କରିଛି ବିରହ ଅଗ୍ନିରେ ଦହିବା ପାଇଁ । ହେ ରସିକ ! ସାରା ସଂସାରରେ ଏପରି ଭାଗ୍ୟବାନ କିଏ, ଯେ କି ଟାଙ୍ଗଣା ହୋଇ ତା ଦେହରେ ମିଳିଯିବ ବା ମିଶିଯାଇ ପାରିବ । ୮ । ସୁନ୍ଦର ପୁଷ୍କରିଣୀ

ଲାବଣ୍ୟସରସୀ ଶୋଭା ବହିଲାଣି ରସପୂର୍ଣ୍ଣ ଗୁଣ ଗଭୀରେ । ଲପନ ନଳିନ ସୁଜଘନ ପୁଳିନ । ସଲଳଭଉଁରୀ ନାଭିରେ । ରସିକ ହାସ କୁମୁଦ ନେତ୍ର ମୀନ । ଚକ୍ରବାକ ସ୍ତନ ମରାଳ ଗମନ ଦର୍ଶନେ ତାର କରେ ମନ । ୯ । ଗଙ୍ଗାରେ ବହୁବାର ଯେ ଝାସିଥିବ ସେ ପ୍ରେମଜଳରେ ମଜ୍ଜିବ । ସରସ ଶୀତଳେ ଅନଙ୍ଗଜନିତ ମହା-ସନ୍ତାପକୁ ତେଜିବ । ରସିକ । ବଦନଚନ୍ଦ୍ରେ ତାହାର । ଲୋଚନ ଚକୋର କରିବା ଜନର ନୁହଇଟି ଭାଗ୍ୟ ଇତର । ୧୦ । ଲାବଣ୍ୟସିନ୍ଧୁ ସେ ବନ୍ଧୁକଅଧରୀ ଦେବ ଦତିସୁତହରଷକୁ । ଉରଜ ମନ୍ଦର ବେଣୀ ଦର୍ବୀକର କଲାଣି ଧାତା

---

ଶରୀରରେ । ୮ । ଲାବଣ୍ୟ ସରସୀ—ଅତି ସୁନ୍ଦର ପୁଷ୍କରିଣୀ, ଶୋଭା—ଶ୍ରୀ, ରସପୂର୍ଣ୍ଣ—ରସଭରା, ଲପନ—ମୁଖ, ନଳିନ—ପଦ୍ମ, ସୁଜଘନ—ଉତ୍ତମ ଜଘନ, ପୁଳିନ—ତଟ, ସଲଳଭଉଁରୀ—ଜଳ ମଳମଳା, ହାସକୁମୁଦ—ହଂସରୂପକ କଇଁ ଫୁଲ, ନେତ୍ର—ଆଖି, ମୀନ—ମାଛ, ଚକ୍ରବାକ—ଚକୁଆଚେଢୀ, ମରାଳ—ହଂସ, ଝାସିଥିବ—ବୁଡ଼ି ମରିଥିବା, ମଜ୍ଜିବ—ବୁଡ଼ିଯିବା, ସରସ ଉତ୍କୃଷ୍ଟ, ଶୀତଳ—ଥଣ୍ଡା, ଅନଙ୍ଗଜନିତ—କନ୍ଦର୍ପ ହେତୁ, ସନ୍ତାପ—ଖେଦ, ବଦନଚନ୍ଦ୍ର—ମୁଖଶଶୀ, ଲୋଚନ—ଆଖି, ଚକୋର—ଚକୁଆ ଚକୋର, ଇତର—ଆନ । ୧୦। ଲାବଣ୍ୟ-ସିନ୍ଧୁ—ସୁନ୍ଦର ସାଗର, ବନ୍ଧୁକ ଅଧରୀ—ବନ୍ଧୁଲିଫୁଲ ପ୍ରାୟ ଅଧର ଯେଉଁ କନ୍ୟାର, ଦଇତ—ରାକ୍ଷସପୁରୁଷ, ଉରଜ—ସ୍ତନ, ବେଣୀ—ମୁଣ୍ଡରେ ଜଟାଇ-

---

ଯେପରି ଗଭୀର ଜଳରେ ପୂର୍ଣ୍ଣହୋଇ ସକଳ ଶୋଭା ଧାରଣ କରିଥାଏ, ସେ କନ୍ୟା ସେହିପରି ପୂର୍ଣ୍ଣରସ ଓ ପୂର୍ଣ୍ଣଗୁଣରେ ଗଭୀର ହୋଇ ଲାବଣ୍ୟ ସରସୀର ଶୋଭାଧାରଣ କଲାଣି । ମୁଖଟି ପଦ୍ମପରି, ଉତ୍ତମ ଜଘନ ତଟପରି ଓ ନାଭି ମଳମଳା ପରି ହୋଇଅଛି । ହେ ରସିକ ! କନ୍ୟାର ହସ କଇଁ ଫୁଲ ଓ ଆଖି ମାଛ ସଦୃଶ ଅଟେ । ସ୍ତନଯୁଗଳ ଚକୁଆ ଚକୀ ଅଟନ୍ତି । ଚାଲିଲେ ରାଜହଂସୀ ପରି ପ୍ରତୀତ ହୁଏ । ୯ । ଯେଉଁ ଯୁବକ ବହୁଥର ଗଙ୍ଗାନଦୀର ପବିତ୍ର ଜଳରେ ଝାସଦେଇ ଆତ୍ମହତ୍ୟା କରିଥିବ, ସେହି ସେ କନ୍ୟା ପ୍ରେମରେ ବୁଡ଼ିବ ସିନା । ସେ ବନ୍ଧୁଲିଅଧରୀ କନ୍ୟାଟି ଦେବତା ଏବଂ ରାକ୍ଷସମାନଙ୍କ ଆନନ୍ଦ ନିମନ୍ତେ ଗୋଟିଏ ମନୋହର ସମୁଦ୍ରପରି ହୋଇଅଛି । ଅମୃତ ପାଇବାପାଇଁ ଦେବତା ଓ ରାକ୍ଷସ ବାସୁକି ନାଗ ସାହାଯ୍ୟରେ ସମୁଦ୍ରମନ୍ଥନ କରିଥିଲେ । ମନ୍ଦର ପର୍ବତ ଖୁଆ ହୋଇଥିଲା । ମନ୍ଥନ କରିବାରୁ ତହିଁରୁ ଜନ୍ମିଥିଲେ—ଲକ୍ଷ୍ମୀ, ଚନ୍ଦ୍ର, ଛତ୍ର, ଐରାବତ ହସ୍ତୀ ଇତ୍ୟାଦି । ଦେବତା ଓ ରାକ୍ଷସ ଏହା ପାଇ ସନ୍ତୋଷ ଲଭିଥିଲେ ।

ମନ୍ଥନକଲୁ । ରସିକ । ହେଲାଣି ଯହିଁରୁ ଜନ୍ମିତ । ଲାବଣ୍ୟ ଲକ୍ଷ୍ମୀ, ଚନ୍ଦ୍ର ହାସ କଟାକ୍ଷ ଗରଳ ଗତି ଐରାବତ । ୧୧ । ଅଙ୍ଗ ସୁବାସ ପାରିଜାତ ସୁନ୍ଦରୁ ରମ୍ଭା ହେଲାଣି ମନେ ହର । ପ୍ରେମ ଅମୃତ ଉପୁଜାଇ ଯହିଁରୁ ବିସ୍ତର ଭୋଗ କରିବାର । ରସିକ । ତନୁ ହେଉ ନଖଲାଙ୍ଗଳେ । ଚଷି ସ୍ନେହବୀଜ ରୁପିବାର ଯହିଁ ନୁହଇ ଅଳପ ମଙ୍ଗଳେ । ୧୨ । ବାଳା ନବବୟ ବସନ୍ତ ସମୟ ଶୋଭା ଓଷ୍ଠ ନବପଲ୍ଲବେ । ଅତିମଧୁର ପିକବାଣି ଚୁଟର ନଆଳୀ ତୀକ୍ଷ୍ଣ ପ୍ରଦର୍ଶିବେ । ରସିକ । କାନ୍ତି କେତକୀ ମନୋହାରଞ୍ଜନ । ଅଙ୍ଗୁଳି ଝୁଳ ଗନ୍ଧଫଳ ସନ୍ନିରେ ସଘନ ଜଘନ ରସାଳ ।୧୩।

---

ଥିବା କେଶଶ୍ରେଣୀ, ଦର୍ବୀକର—ସର୍ପ, ଜନ୍ମିତ—ଜାତ, ଲକ୍ଷ୍ମୀ—ସିନ୍ଧୁସୁତା, କଟାକ୍ଷ—ଗାରଡ଼େଇ କରି ଅନାଇବା, ଗରଳ—ବିଷ, ଐରାବତ—ସ୍ୱର୍ଗର ଶ୍ୱେତହସ୍ତୀ । ୧୧ । ପାରିଜାତ—ନନ୍ଦନକାନନର ଉତ୍କୃଷ୍ଟ ଫୁଲ, ରମ୍ଭା—ସ୍ୱର୍ଗର ନର୍ତ୍ତକୀ, ତନୁ—ଦେହ, ଅମୃତ—ସୁଧା, ନଖଲାଙ୍ଗଳେ—ନଖରୂପକ ଲାଙ୍ଗଳରେ, ଚଷି—ଚାଷକରି, ସ୍ନେହବୀଜ—ସ୍ନେହରୂପକ ମଞ୍ଜି, ମଙ୍ଗଳ—ଶୁଭ । ୧୨ । ନବବୟ—ନୂତନ ବୟସ, ନବପଲ୍ଲବେ—ନୂଆ ପତ୍ରରେ, କଅଁଳପତ୍ରରେ; ସଘନ-ଜଘନ—ମୋଟାଳିଆ ଜଙ୍ଘ, ରସାଳ—ଆମ୍ବ । ୧୩ । ଶୋଭା—ସୁନ୍ଦର, କଳ୍ପଷ୍ଟ

---

ବର୍ତ୍ତମାନ ବିଧାତା ସେ କନ୍ୟାରୂପକ ଲାବଣ୍ୟସମୁଦ୍ରକୁ ମନ୍ଥନ କରିବାପାଇଁ ସ୍ତନରୂପକ ମନ୍ଦର ପର୍ବତ ଓ ବେଣୀରୂପକ ବାସୁକୀ ସର୍ପ ସାହାଯ୍ୟରେ ମନ୍ଥନକରି ଲାବଣ୍ୟରୂପକ ଲକ୍ଷ୍ମୀ, ହାସରୂପକ ଚନ୍ଦ୍ର, କଟାକ୍ଷରୂପକ ବିଷ ଓ ଗମନରୂପୀ ଐରାବତ ପ୍ରଭୃତି ଜାତକଲାଣି । ୧୧ । ପାରିଜାତ ଫୁଲପରି ତାର ଅଙ୍ଗବାସ ଓ ଜଘନ କଦଳୀ ଗନ୍ତପରି ସୁନ୍ଦର । ଯହିଁରୁ ପ୍ରେମରୂପକ ଅମୃତ ଜନ୍ମକରାଇ ଅର୍ଥାତ୍ ଦେବାସୁର ସମୁଦ୍ରମନ୍ଥନ କରି ଯେପରି ପାରିଜାତ ଓ ଅମୃତ ଇତ୍ୟାଦି ଜନ୍ମ କରାଇଥିଲେ, ତୁମେ ସେହିପରି ବିସ୍ତର କର । ଯଦି ଭୋଗ କରିବାର ବାସନା ଥାଏ, ତେବେ ତାର ଲାବଣ୍ୟସିନ୍ଧୁ ରୂପକ ସମୁଦ୍ରକୁ ମନ୍ଥନକରି ପ୍ରେମ-ରୂପକ ଅମୃତ ପାନକର ଏବଂ ପାରିଜାତରୂପକ ଅଙ୍ଗ-ସୁବାସ ଆଘ୍ରାଣକର । ପୁନର୍ବାର ହେ ରସିକ ! ତୁମ ନଖ ଲାଙ୍ଗଳରେ ତା ଅଙ୍ଗ କ୍ଷେତ୍ରକୁ କର୍ଷଣକରି ସ୍ନେହମଞ୍ଜି ଲଗାଅ । ଏହା କେବେ ଅଳ୍ପ ଶୁଭକଥା ନୁହଇ । ୧୨ । ବସନ୍ତ ସମୟ ପରି ତାର ନବଯୁବା ବୟସ ପ୍ରକାଶ ହୋଇଛି । ତେଣୁ ଓଷ୍ଠାଧର ଦିଶୁଛି କଅଁଳିଆ ପତ୍ରରୂପ । କଣ୍ଠ ସ୍ୱର କୋଇଲି ପରି ମଧୁର ଓ ନଖ ନଆଳି ଫୁଲପରି ତୀକ୍ଷ୍ଣ ଦେଖାଯାଉଛି । ହେ ରସିକ ! ବସନ୍ତ ବହିଲେ ଏହିସବୁ ଶୋଭା ପ୍ରକାଶ ପାଇ-ଥାଏ । ତେଣୁ କନ୍ୟାର କାନ୍ତି କେତକୀ ଫୁଲପରି ବର୍ଣ୍ଣ ଧାରଣ କରିଛି । ଗନ୍ଧ ଫଳ

ଶୋଭାବଲ୍ଲରୀ ପୁଷ୍ପବତୀ ହେଲାଣି ତୁମ୍ଭେ ତ ରସିକଭ୍ରମର । ରସାଳତରୁ ବଉଳିତ ହୋଇଲେ ଉତ୍ସବ ନୋହେ କି ପିକର । ରସିକ । ସବୁଠାରୁ ମୂକ ସାହସ । ରସ-ନଦୀ-କୂଳ ଲଙ୍ଘିବାକୁ ଏବେ ହୁଅ ଜଳଧର ସଦୃଶ ।୧୪। କୁମର ଭଣି ଶୁଣ ଦ୍ୱିଜରମଣୀ ଶ୍ରବଣେ ତରୁଣୀଚରିତ । ବିରହ ଦହନ ଦହନ କଲା ମୋ ହୃଦସ୍ଥବନକୁ ତୁରିତ । ପଳାଇ ମନମୃଗ ହୋଇ ଅଧୀର । ତାହା ଶୋଭାବନେ ନିବାସ କଲାଣି ଚକ୍ଷୁଁ ଏ ଭସ୍ମ ନାହିଁପର ।୧୫। ମନ୍ଦ ମଦନପୁଳନ୍ଦ ଶିଳୀମୁଖ ଧନୁରେ ବଖାଇ ଲେଉଳ । ମୋହିନୀ ମୋହନ ପାଶେ ବାନ୍ଧିଲାଣି

---

ଲତିକା, ପୁଷ୍ପବତୀ—ଫୁଲଭରା, ରସିକଭ୍ରମର—ପ୍ରେମିକଅଳି, ରସାଳତରୁ—ଚୂତବୃକ୍ଷ, ବଉଳିତ—ପୁଷ୍ପିତ, ବଉଳ ଧରିବା; ଉତ୍ସବ—ପର୍ବ, ରସନଦୀ—ରସରୂପକ ନଦୀ, କୂଳ—ତୀର, ଜଳଧର ସଦୃଶ—ମେଘପରି ।୧୪। ଦହନ—ପୋଡ଼ିବା, କୁମାର—ରାଜପୁତ୍ର, ଭଣି—କହି, ଶ୍ରବଣେ—ଶୁଣିକରି, ତରୁଣୀ—ଯୁବତୀ, ।୧୫। ମନ୍ଦ—ନିକୃଷ୍ଟ, ମଦନ ପୁଳନ୍ଦ—କନ୍ଦର୍ପ ଶବର, ଶିଳିମୁଖ—ଶର,

---

ପରି ଅଙ୍ଗୁଳି ଓ ଜଘନ ଦ୍ୱୟ ଆମ୍ରପରି ରମ୍ୟଆଳ ହୋଇଅଛି ।୧୩। ସେ କନ୍ୟାଟି ଗୋଟିଏ ସୁନ୍ଦର ଲତିକା ସଦୃଶ--ଫୁଲଭରା ହେଲଣି, ଅର୍ଥାତ୍—ରଜୋବତୀ ହେଲାଣି । ଫୁଲ ଫୁଟିଲେ ଭ୍ରମର ଯେପରି ମଧୁପାନ କରିବାକୁ ଛୁଟେ, ତୁମେ ସେହିପରି ପୁରୁଷରୂପକ ଭ୍ରମର ହୋଇ ସେହି ପୁଷ୍ପିତା ଲତିକା ରୂପକ କନ୍ୟା ଅଧରରୁ ମଧୁପାନ କରିବାକୁ ଚେଷ୍ଟାକର । ଆମ୍ବ ଗଛରେ ବଉଳ ଧରିଲେ କୋଇଲିର ପର୍ବଦିନ ହୁଏ ନାହିଁ କି ? ହେ ରସିକ ! ସବୁ କଥା ପାଇଁ ମୂକ ହେଉଛି ସାହସ । ତୁମେ ଏଥର ସାହସ ବାନ୍ଧି ମେଘ ରୂପରେ ଜଳ ରୂପକ ରସ ବୃଷ୍ଟିକର । ରସ ନଦୀ ରୂପକ କନ୍ୟାକୁ ଶୃଙ୍ଗାର୍ ରସରେ ବୁଡ଼ାଇ ଦିଅ । ରସ ରୂପକ ଜଳ ପ୍ଲାବିତହୋଇ କୂଳ ଲଙ୍ଘନ କରୁ । ଅର୍ଥାତ୍ କନ୍ୟା ତା ନିଜ କୁଳ ତ୍ୟାଗକରି ଚାଲିଆସୁ ।୧୪। ରାଜପୁତ୍ର କହିଲା—"ଗୋ ଦ୍ୱିଜପତ୍ନୀ ! ତୁମଠାରୁ ସେ ଯୁବତୀ କଥାଶୁଣି ମୋ ହୃଦୟ ବନକୁ, ବିରହାନଳ ପୋଡ଼ି ପକାଇଲା । ବନ ପୋଡ଼ିହେଲେ ହରିଣ ଯେପରି ଅଧୀର ହୋଇ ପଳାଏ, ମୋର ମନ ସେହିପରି ଅଧୀର ହୋଇ ସେ କନ୍ୟାର ଶୋଭା ବନସ୍ତରେ ଯାଇ ବାସ କଲାଣି । ସେଠାରେ ବୋଧହୁଏ ଏ ଭସ୍ମ ନାହିଁ ।୧୫। ହୀନ ଶବର ରୂପି କନ୍ଦର୍ପ ଧନୁରେ ( ଫୁଲ ଧନୁରେ ) ଫୁଲଶର ପ୍ରୟୋଗ କରିବାକୁ ବସିଲାଣି । ସେ କନ୍ୟା ଗୋଟିଏ ମୋହିନୀ । ତା ମୋହିନୀ ଫାଶରେ ମୋତେ ବାନ୍ଧିଲାଣି । ଲାଗୁଛି, କାଳେ ସେ

ନ ସୁଣ ତା ମୁଖେ ପଡ଼ଇ । ହୋଇଛି । ଏହି ଆଶଙ୍କା ଛାଡ଼ୁ ଯେବେ । ଅତି ଦୁଷ୍ଟ ସେହି ଭେଟ କରି ନେଇ ନ ଦେଲୁ ପରେତରାଜନେ ।୧୬। ବ୍ରାହ୍ମଣୀ କହେ ମାଧବ-ମାସେ ହୋଏ ମାଧବ ଚନ୍ଦନଜାତ୍ରାବ । ମଣୁଛି ସେ ଯାତ୍ରା-ପ୍ରାବୃଟ ତୁମର ଆଶା-ଚାତକକୁ ତୋଷିବ । ରସିକ । ରାମା ଦର୍ଶନ ବୃଷ୍ଟି ସତ । ତାପଅଗ୍ନି ନାଶ କରି ବିସ୍ତାରିବ ପ୍ରମୋଦ ମେଘ ନାଦ ନୃତ୍ୟ । ୧୭ । ହୃଦପୁଷ୍କର ହରଷସାରସଙ୍କୁ ଦୁଃଖତୁଷାର ଧାଡୁଥିଲା । ଏ ବାଣୀ ସନ୍ତ କରି ନବଜାତ ବସ୍ତୁରୂପେ ପ୍ରକାଶିଲା । ରସିକ । ସଖାସୈନ୍ୟ ସଙ୍ଗେ ଗମନେ । କହେ ଉପଇନ୍ଦ୍ର ବୀରବର ଯେବେ ପ୍ରବେଶ ହେଲା କେତେତନେ । ୮ ।

—*—

---

ପଟେରତ ରାଜନେ—ଯମ ରାଜ୍ୟରେ ।୧୬। ମାଧବମାସ—ବୈଶାଖ, ମାଧବ—ଶ୍ରୀକୃଷ୍ଣ, ପ୍ରାବୃଟ—ବର୍ଷା । ରାମା—ସ୍ତ୍ରୀ । ପ୍ରମୋଦ—ଆନନ୍ଦ । ମେଘନାଦ - ମୟୂର । ୧୭ । ହୃଦପୁଷ୍କର—ହୃଦରୂପକ ପୁଷ୍କରିଣୀ । ହରଷ ସାରସ—ପ୍ରେମପଦ୍ମ । ଦୁଃଖ ତୁଷାର—ଖେଦକ ଜର । ନବଜାତ—ନୂତନ ଜନ୍ମ । ସଖାସୈନ୍ୟ —ସଖା ରୂପକ ସେନାବାହିନୀ । ୧୮ ।

---

ଶବର ହାବୁଡ଼ରେ ପଡ଼ିସିବ । ଏହି ଭୟ ମୋ ମନରେ ଆସିଛି । ସେ ଦୁଷ୍ଟ ଶବରରୂପି କନ୍ଦର୍ପ କାଳେ ମୋତେ ଫୁଲ ଶରଘାତରେ ମାରିପକାଇବ । ୧୬ । ବ୍ରାହ୍ମଣୀ କହିଲା, ବୈଶାଖ ମାସରେ ଚନ୍ଦନ ଯାତ୍ରା ଉତ୍ସବ ହୁଏ । ମୁଁ ଭାବୁଛି ତୁମ ଆଶାରୂପକ ଚାତକ ପାଇଁ ସେ ଯାତ୍ରା ବର୍ଷାକାଳ ହୋଇ ତାକୁ ସନ୍ତୋଷ କରିବ । ହେ ରସିକ ! କନ୍ୟାର ଦର୍ଶନହିଁ ବର୍ଷା ସଦୃଶ ଅଟେ । ସେତିକ ହୋଇଗଲେ ତୁମ ପ୍ରାଣରେ ଯେଉଁ ତାପ ସୃଷ୍ଟି ହୋଇଛି ( ବିରହତାପ ) ତାହା ନାଶକରି ଆନନ୍ଦ ରୂପକ ମୟୂରନୃତ୍ୟ ବିସ୍ତାର କରିବ । ୧୭ । ତୁମ ହୃଦରୂପକ ପୁଷ୍କରିଣୀଟିରେ ଥିବା ପ୍ରେମପଦ୍ମ ଗୁଡ଼ିକ ଖେଦ ଜାକର ବର୍ଷି ପୋଡ଼ି ପକାଉଥିଲା ବେଳେ ବ୍ରାହ୍ମଣୀ ମୁଖରୁ ଏ କଥା ଶୁଣି, ବସନ୍ତ ଆସିଲେ ଜସ ଜୀର୍ଣ୍ଣ ବୃକ୍ଷ ରାଜରେ ଯେପରି ନବୀନପତ୍ର କଅଁଳଉଠେ, ସେହିପରି ତା ହୃଦ ପୁଷ୍କରିଣୀରେ ଥିବା ପଦ୍ମବନ ବସ୍ତ୍ରହରଣାରେ କଅଁଳ ଫୁଲ ପତ୍ରରେ ଭରିଉଠିଲା । ତେଣୁ ସେ ରସିକବେଶ ଧରିଲା । ନିଜର ସାଙ୍ଗ ସୁଖ ଯୁବକମାନଙ୍କୁ ସେନାବାହିନୀ କରି ନିଜେ ବୀରବେଶରେ ବାହାରି ପଡ଼ିଲା କନ୍ଦର୍ପ ଶବର ସଙ୍ଗେ ଲଢ଼ିବାକୁ । କବି ପ୍ରବର ଉପେନ୍ଦ୍ରଭଞ୍ଜ କହିଲେ, ଯାଇ କେତେଦିନ ପରେ ପୁରୁଷୋତ୍ତମ କ୍ଷେତ୍ରରେ ପହଞ୍ଚିଗଲା । ୧୮ ।

# ତୃତୀୟ ଛାନ୍ଦ

[ ପୁରୁଷୋତ୍ତମ କ୍ଷେତ୍ରରେ ଶ୍ରୀଜଗନ୍ନାଥଙ୍କର ଚନ୍ଦନ ଯାତ୍ରା ବର୍ଣ୍ଣନା ]

ରାଗ—ରାମକେରୀ

ଯେଉଁ କ୍ଷେତ୍ରରାଜ ବିରାଜମାନ ଗରୁଡ଼ଧ୍ୱଜେ । ଶ୍ରବଣେ କରିତ ଭୁବନ ଜନ ଦୁରିତ ଗଞ୍ଜେ । ଯେବଣ କଟକେ ଛଟକେ ବରାଟକେ ମୁକତି । ମହା-ପ୍ରସାଦରେ ସାଦରେ ଲୋକମାନେ ଲଭନ୍ତି । ୨ । ଅଳପ କଳପବଟର ନେହିଁ ଛାୟା ଆଶ୍ରିତ । କଳପି କଳପି ନରକନ୍ଧର ତରିଲେ ମତ । ୩ । ତନା ତୃଷାତୁରେ ଚତୁରେ କୁଣ୍ଡପତନେ ଯନ୍ତି । କାକର ହେଲା କର ଗୁଣ କପ ବପୁର ତହିଁ । ୪ । ଦକ୍ଷିଣ ଦକ୍ଷିଣ ସମୁଦ୍ର ପାପ କ୍ଷୀଣକୁ ତହିଁ । ଯମଦୂତଙ୍କର ବଡ଼ଖି ବଡ଼ଭୁକ ଅନାଇଁ । ୫ । ଅବିଦ୍ୟାତନ୍ତ ତନ୍ତ ପ୍ରାୟେ ତନ୍ତ ଜଣି ଷଟୋର । ପ୍ରସନ୍ନ ଦର୍ଶନେ

---

କ୍ଷେତ୍ରରାଜ—ପୁରୁଷୋତ୍ତମ, ବିରାଜମାନ—ପରିଶୋଭିତ, ଗରୁଡ଼ଧ୍ୱଜେ—ଜଗନ୍ନାଥେ । ଦୁରିତଗଞ୍ଜେ—ଦୁଃଖ ନାଶ କରେ । ୧ । ବରାଟକ—କଉଡ଼ି । ୨ । କଳପି—ଭାବି ଭାବି, ନରକନ୍ଧର—ପାପୀଲୋକ । ୩ । ତନା ତୃଷାତୁରେ—ତନା ଶୋଷରେ, ଦକ୍ଷିଣ—ଅନୁକୂଳ, ଦକ୍ଷିଣ ସମୁଦ୍ର—ପୁରୁଷୋତ୍ତମ କ୍ଷେତ୍ରର ଦକ୍ଷିଣ ଦିଗରେ ଥିବା ଲବଣ ସାଗର, ପାପକ୍ଷୀଣ—ପାତକନାଶ, ବଡ଼ଖି—ମହାଭୟ, ବଡ଼ଭୁ—ବଡ଼ଦେଉଳ । ୫ । ଅବିଦ୍ୟାତନ୍ତ—ଅଜ୍ଞାନ ଭଉଁରୀ, ତନ୍ତ—

---

ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ବିଜୟ ହେତୁ ଯେଉଁ ପୁରୁଷୋତ୍ତମ କ୍ଷେତ୍ର ପରିଶୋଭିତ ହୋଇଅଛି, ସେହି କ୍ଷେତ୍ରରାଜ କଥା ଶ୍ରବଣ ମାତ୍ରେ ଲୋକ-ମାନଙ୍କର ଦୁଃଖ ନାଶ ହୁଏ । ୧ । କଡ଼ାଏ କଉଡ଼ିର ମହାପ୍ରସାଦ କିଣି ସେବନ କରିବା ଦ୍ୱାରା, ଯେଉଁ ନଗରରେ ମୁକ୍ତିଲାଭ ହୁଏ, ସେହି ନଗର ଏହି ପୁରୁଷୋତ୍ତମ ଅଟେ । ୨ । ପାପୀ ଲୋକମାନେ ସେହି ନଗରସ୍ଥ ଅର୍ଥାତ୍ ବଡ଼ ଦେଉଳରେ ଥିବା କଳ୍ପବଟ ଛାୟାରେ ଅଳ୍ପକାଳ ବିଶ୍ରାମ କରି ଭାବରେ ଜଗନ୍ନାଥଙ୍କୁ ଭାବି ଭାବି ମୁକ୍ତିଲାଭ କରନ୍ତି । ୩ । ଭୂଷଣ୍ଡ ନାମରେ ଗୋଟିଏ ଚତୁର କାକ ଥିଲା । ତାକୁ ତୃଷା ହେଉଥାଏ । ତଥାପି ସେ ବୁଦ୍ଧିମାନ ପଣରେ ପାଣି ପିଇବା ବାହାନା କରି ଆସି ବଡ଼ ଦେଉଳସ୍ଥ ରୋହିଣୀ କୁଣ୍ଡରେ ପଡ଼ିଲା । ଦେଖୁ ଦେଖୁ ଚତୁର୍ଭୁଜ ହୋଇ ଥିବାରୁ ଲୋକେ କହୁଛନ୍ତି, ଯେଉଁ ନଗରର ମହିମା ଏପରି ଅଦ୍ଭୁତ, ସେ ନଗର କଥା କିଏ ବା କେଉଁ ବିସ୍ତାର କରିପାରିବ । ୪ । ପାପ ବିନାଶିବା ପାଇଁ କ୍ଷେତ୍ରର ଦକ୍ଷିଣ ଦିଗରେ ଥିବା ଲବଣସାଗର ଅନୁକୂଳ ଅଟେ । ବଡ଼ ଦେଉଳକୁ ଯମଦୂତମାନେ ମହାଭୟ କରନ୍ତି । ୫ । ତନ୍ତୁଆ ତକୋଇଙ୍କ ରାଶିକୁ ଅଲଗା

କରାଇ ଅନ୍ତେ ଦେଇ ସ୍ୱର୍ଗଭୋଗ । ୬ । ପତାକାଅଞ୍ଚଳ ଚଞ୍ଚଳ ଡାକେ ପାପୀଙ୍କି ଅବା । ଏ ନୀଳନଗ-ନଗରକୁ ଆସ ଭଲ କରିବା । ୭ । ଯେତେ ଦୂର ଘଣ୍ଟାନିନାଦ ଶୁଭେ ନତଟରେ ନେଇ । ପକାଏ ଅନୃତ ଦୁଷ୍କୃତ ଗଲେ ଗଳଥା ଦେଇ । ୮ । ସୁମନା ମନରେ ଇଚ୍ଛନ୍ତି ଚର୍ବି ବେତ୍ରାଘାତକୁ । ଗମନରେ ନରେ ତେଜନ୍ତି ଶମନଭୟକୁ । ୯ । ଶିଖିଷ ଆଜ୍ଞାରେ ଗିରିଶ ଅଷ୍ଟ କ୍ଷେତ୍ରରକ୍ଷକ । ଚଣ୍ଡୀ ଚୁଣ୍ଡୀଭୂତ ଖଣ୍ଡିତ କରେ ଭୟ ନେତକ । ୧୦ । ଦୀନବାନ୍ଧବ ମାଧବର ତର୍ହି ମାଧବମାସେ । ନୃପତିନନ୍ଦନ ଚନ୍ଦନଯାତ୍ରା ଦେଖି ହରଷେ । ୧୧ । ନରେନ୍ଦ୍ର ତଡ଼ାଗେ କସ୍ତ୍ରେ

---

ନୀଳଚକ୍ର, ଚକ୍ର—ଚକୁଆ ଚକୋର, ବିଯୋଗ—ଅଲଗା । ୬ । ପତାକା ଅଞ୍ଚଳ —ପତାକାର କାନି, ନୀଳନଗ—ନୀଳଗିରି । ୭ । ନିନାଦ—ଶବ୍ଦ, ନଦ—ବଡ଼ ନଦୀ ତୁଲ୍ୟ ସମୁଦ୍ର, ଅନୃତ—ମିଥ୍ୟା, ଦୁଷ୍କୃତ—ପାପ, ଗଳଥା—ଧକ୍କା । ୮ । ସୁମନ—ଦେବତା, ଜ୍ଞାନୀଲୋକ; ଇଚ୍ଛନ୍ତି—ଲୋଡ଼ନ୍ତି, ବେତ୍ରାଘାତ—ବେତ ପାହାର । ୯ । ଶିଖିଶ—ବିଷ୍ଣୁ, ଗିରିଶ—ଶିବ, ଅଷ୍ଟକ୍ଷେତ୍ର କାରକ—ଅଷ୍ଟଶମ୍ଭୁ, ଚଣ୍ଡୀ—ଭଗବତୀ, ଚୁଣ୍ଡୀଭୂତ—ଏକତ୍ରିତ, ଖଣ୍ଡିତ—ବିନାଶ । ୧୦ । ଦୀନବାନ୍ଧବ —ଦରିଦ୍ରବନ୍ଧୁ, ମାଧବ—ଶ୍ରୀକୃଷ୍ଣ, ମାଧବମାସ—ବୈଶାଖ ମାସ, ନୃପତି ନନ୍ଦନ— ରାଜକୁମାର ।୧୧। ନରେନ୍ଦ୍ର ତଡ଼ାଗ—ନରେନ୍ଦ୍ର ନାମକ ପୁଷ୍କରିଣୀରେ, କସ୍ତ୍ରେ

---

ହେଲାପରି ନୀଳଚକ୍ର ଦର୍ଶନରେ ଲୋକମାନଙ୍କ ଶରୀରରୁ ପାପ ତାପ ଅଲଗା ହୋଇଯାଏ । ୬ । ବଡ଼ ଦେଉଳ ଉପରେ ଉଡ଼ୁଥିବା ପତାକା କାନି ପବନରେ ଉଡ଼ୁଥିଲା ବେଳେ ପ୍ରଶାନ୍ତି ହୁଏ ସତେ ଯେପରି ପାପୀମାନଙ୍କୁ ଡାକି କହୁଛି, ଏ ନୀଳଗିରି ନଗରକୁ ଆସ, ତୁମକୁ ନିସ୍ତାର କରାଇ ଦେବା । ୭ । ବଡ଼ ଦେଉଳରେ ବାଜୁଥିବା ଘଣ୍ଟାଶବ୍ଦ ଯେତେ ଦୂର ପର୍ଯ୍ୟନ୍ତ ଶୁଭେ, ସେତେ ଦୂରରେ ମିଥ୍ୟା ଓ ପାପ ଇତ୍ୟାଦି ରହିପାରେ ନାହିଁ । ଘଣ୍ଟାଶବ୍ଦ ତାକୁ ନେଇ ସମୁଦ୍ରରେ ଫୋପାଡ଼ି ଦିଏ । ୮ । ଦେବତା ଓ ପଣ୍ଡିତ ଲୋକମାନେ ବଡ଼ ଦେଉଳରେ ଦିଆ ଯାଉଥିବା ବେତମାଡ଼ ଖାଇବାକୁ ଇଚ୍ଛା କରନ୍ତି । କାରଣ, ସମସ୍ତଙ୍କର ଧାରଣା, ଏଠାରେ ବେତମାଡ଼ ଖାଇଲେ ଯମଦଣ୍ଡରୁ ଶାନ୍ତି ମିଳେ । ଲୋକମାନେ ବଡ଼ ଦେଉଳକୁ ଯାଇ ଯମଭୟ ତ୍ୟାଗ କରନ୍ତି । ୯ । ବିଷ୍ଣୁଙ୍କ ଆଦେଶରେ ମହାଦେବ ଅଷ୍ଟଶମ୍ଭୁ ରୂପଧରି କ୍ଷେତ୍ର ରକ୍ଷା କରୁଅଛନ୍ତି । ଦେବୀ ଭଗବତୀ ମାନେ ସେ କ୍ଷେତ୍ରରେ ଏକତ୍ରିତ ହୋଇ ସମସ୍ତ ଭୟ ନିବାରଣ କରନ୍ତି । ୧୦ । ଦରିଦ୍ରର ବନ୍ଧୁ ଶ୍ରୀକୃଷ୍ଣଙ୍କର ବୈଶାଖ ମାସରେ ହେଉଥିବା ଚନ୍ଦନଯାତ୍ରା ରାଜପୁତ୍ର ଦେଖିଥାଏ । ୧୧ । ମଦନ ମୋହନ ହସ୍ତୀକୁ ତ୍ୟାଗକରି ନରେନ୍ଦ୍ର ପୁଷ୍କରିଣୀରେ

ସୁରେନ୍ଦ୍ର ପରନ୍ଦର । ନାବରେ ଛବରେ ବନ୍ଦସ୍ଥ କରି ସୁଖେ ବିହରି । ୧୨ । ପଛେ ଭଲ୍ଲ ସ୍ବଚ୍ଛେ ବରହ୍ନିପୁଚ୍ଛେ ଦ୍ୱିଜ ସେବନ୍ତି । ରଞ୍ଜନ ବ୍ୟଞ୍ଜନ ସଜ୍ଜନ କରେ ଧରି ହଞ୍ଜନ୍ତି । ୧୩ । ଘନସାରସାର ଘନସାରପିଚକା କେ ମାରଇ । କ୍ଷୀରନିଧି ଧୀର-ଲହରୀ ପରି ଚାମର ଶୋଭଇ । ୧୪ । ତବତେ ତାବତେ ଦୁସ୍ଥଙ୍କୁ ନାନା ଯାସ ସ୍ଫୁରନ୍ତି । ଚନ୍ଦ୍ରେ ନିର୍ମିତ ଚନ୍ଦ୍ର ସୂର୍ଯ୍ୟ ତାରେ ତାର ପ୍ରକାଶି । ୧୫ । ପ୍ରବଳ ଶୋଭନ ଧବଳ ଛତ୍ର ବର୍ଣ୍ଣି ନୁହଇ । କବଳରେ କବଳ ଧବଳକର ଶୋଭା କରଇ । ୧୬ । ଆଡ଼ମ୍ବର ମେଘାଡ଼ମ୍ବର କେତେ ଦେଖି ଅମ୍ବର । ଅମରପୁରେ ସମ୍ଭରବ ନାନା ବାଦ୍ୟ ନାଦର । ୧୭ । ସାରଜମୁଖୀଙ୍କ ଉରଜ ଭ୍ରମରଜରେ ଭୂଷ, ଦଶନ

---

—ହସ୍ତୀଙ୍କୁ, ସୁରେନ୍ଦ୍ର—ମଦନମୋହନ, ପରନ୍ଦର—ତ୍ୟାଗକର୍ତ୍ତା, ନାବରେ—ନୌକାରେ, ଛବରେ—ଭଙ୍ଗୀରେ । ୧୨ । ସ୍ବଚ୍ଛେ—ନିର୍ମଳ ଛବରେ, ବରହ୍ନି-ପୁଚ୍ଛେ—ମୟୂର ପୁଚ୍ଛ ପଙ୍ଖାରେ, ଦ୍ୱିଜେ—ପଣ୍ଡାମାନେ, ସେବନ୍ତି—ସେବା କରନ୍ତି, ରଞ୍ଜନ ବ୍ୟଞ୍ଜନ—କମ୍ପକୁଟୀଆ ବିଞ୍ଚଣା, ସଜ୍ଜନ—ସାଧୁସନ୍ଥମାନେ । ୧୩ । ଘନସାର—କର୍ପୂର, ପିଚକା—ପିଚକାରୀ, କ୍ଷୀରନିଧି—କ୍ଷୀରସାଗର । ଧୀର-ଲହରୀ—ଧୀର ଢେଉ, ଚାମର—ଚଅଁର, ତବତେ—ଭସ୍ପରେ, ତାବତେ—ପଟ୍ଟଆରରେ ଯାଉଥିବା ଏକପ୍ରକାର ଛତ୍ର, ସ୍ଫୁରନ୍ତି—ଛୁଇଁ, ଇନ୍ଦ୍ର—ସୁନା, ତାରେ—ତା ଦେହରେ, ତାର ପ୍ରକାଶି—ଉଜ୍ଜ୍ୱଳତା ଦେଖାଇ, କବଳ—ଗ୍ରାସ, ଧବଳ କର—ଚନ୍ଦ୍ର ଆଡ଼ମ୍ବର—ଆଟାଟୋପ, ମେଘାଡ଼ମ୍ବର—ମେଘର ଘନ-ଘଟା, ଅମ୍ବର—ବସ୍ତ୍ର, ସମ୍ଭ୍ରବ—ଶୁଭିବା । ୧୭ । ସାରଜମୁଖୀ—ପଦ୍ମମୁଖୀ,

---

ଥିବା ନାବ ଉପରେ ଭଙ୍ଗୀରେ ବସି ଆନନ୍ଦରେ ବିହାର କରୁଥାନ୍ତି । ୧୨ । ପଣ୍ଡାମାନେ ମଦନ ମୋହନଙ୍କ ପଛରେ ଠିଆହୋଇ ନିର୍ମଳ ଛବରେ ମୟୂର ଚନ୍ଦ୍ରିକା ପଙ୍ଖାରେ ବିଞ୍ଚୁଥାନ୍ତି । ୧୩ । କେହି କେହି କର୍ପୂର ପାଣିକରି ପିଚକାରି ମାରୁଥାନ୍ତି । ଧାଡ଼ି ଧାଡ଼ି ଚଅଁର କ୍ଷୀର ସାଗରର ଧୀର ଢେଉପରି ଉଠୁଥାଏ, ପଡ଼ୁଥାଏ, । ୧୪ । ପଟୁଆରରେ ଯାଉଥିବା ବଡ଼ ବଡ଼ ଛତି ( ହାସ ) ଗୁଡ଼ିକ ଯାତ୍ରୀମାନଙ୍କୁ ଭୟ ଦେଖାଉଥାଏ । ସେହି ଛତିମାନଙ୍କରେ ସୁନାରେ ଚନ୍ଦ୍ର ସୂର୍ଯ୍ୟ ତାରା ଇତ୍ୟାଦି ନିର୍ମାଣ ହୋଇ ଜଡ଼ୌତ ହୋଇଥିବାରୁ ଚକ୍ ଚକ୍ ଦେଖା ଯାଉ-ଥାଏ । ୧୫ । ଧଳା ଧଳା ବଡ଼ ବଡ଼ ଛତାମାନଙ୍କର ସୌନ୍ଦର୍ଯ୍ୟ ଏତେ ବେଶି ଯେ, ତାହା ବର୍ଣ୍ଣନା କରିବା କଷ୍ଟ । ମୋଟ ଉପରେ କହିବାକୁ ଗଲେ ତାହା ଚନ୍ଦ୍ରର ସୌନ୍ଦର୍ଯ୍ୟକୁ ଗିଳି ନିଜ ସୌନ୍ଦର୍ଯ୍ୟ ବିସ୍ତାରଣ କରୁଥାଏ । ୧୬ । ପଟୁଆର ଗଲାବେଳେ ନାନା ଜାତିର ବସ୍ତ୍ର ଛତ୍ର ତମ୍ବୁ ଇତ୍ୟାଦି ଉପରକୁ ଯୋଡ଼ାଇ

ଲୋଭରେ ନଭର ହେଲେ ଯୋଗୀ ସନ୍ନ୍ୟାସୀ । ୧୮ । ଏହାଙ୍କ ବିଭୂତି ତାହାଙ୍କ
ଅଙ୍ଗେ ଅଙ୍କିତ ହୋଇ । ତନୁ ପୁଲକିତ ଶଙ୍କିତ ନୋହେ କୈତବ ନାହିଁ । ୧୯ ।
ଭେଟେ ଭେଟେ ମାର ଉଚାଟେ ସ୍ନେହେ ନାରୀପୁରୁଷ । ଈକ୍ଷଣେ ଈକ୍ଷଣେ ଜଳେ
ସେ ଲକ୍ଷଣ କ୍ଷଣେ ବିକାଶ ।୨୦। କପଟ ଦର୍ଶନଲମ୍ପଟ ଗାଢରତିକ ଲୁହିଁ । ଯେ ସୁଧୀ
ସୁଧୀରେ ବୋଲନ୍ତି କ୍ଷେତ୍ରବରଟି ଏହି । ୨୧ । ବିଧୂର ଚରିତ ମଧୁର କରି ଗାଆନ୍ତି
ସାଧୁ । ଆଗତ ହୋଇଣ ନାଚନ୍ତି ଯହିଁ ଗଣିକାବଧୂ । ୨୨ । ମୁରଜଧ୍ୱାନକୁ ଉରଜ
ଯେ ଚମକେ । ବିଭୁର ମୋହକୁ ବୋଲନ୍ତି ସେ କି ନୃତ୍ୟଙ୍ଗମକେ । ୨୩ ।

---

ଉରଜ—କୁଚ, ଦ୍ୱିମରଜ—କର୍ପୂର ଗୁଣ୍ଡି, ଭୂଷି—ବିମଣ୍ଡନ କରି । ୮ । ବିଭୂତି
—ହୋମ ଯଜ୍ଞର ପାଉଁଶ, ଅଙ୍କିତ—ଲେପିତ, କୈତବ—କପଟ ବା ମିଥ୍ୟା ।୧୯।
ଈକ୍ଷଣେ—ଆଡ଼ନୟନେ ।୨୦। କପଟ—ମାୟା, ଲମ୍ପଟ—କାମଲୋଲୁପ, ଗାଢ—
ସ୍ନେହଗ୍ରୀଡ଼ିତ ଯାହାର ଆଶା । ୨୧ । ବିଧୂର—ଶ୍ରୀକୃଷ୍ଣଙ୍କର, ଆଗତ—ଉପସ୍ଥିତ,
ଗଣିକାବଧୂ—ମାହାରୀ । ମୁରଜ—ମର୍ଦ୍ଦଳ । ଉରଜ—ସ୍ତନ । ୨୩ । ଗୋପୀନାଥ

---

ଥିବାରୁ ମେଘର ଘଡଘଡ଼ା ସୃଷ୍ଟି ହେଲାପରି ଜଣାଗଲା । ବିବିଧ ବାଦ୍ୟ ଘୋଷରେ
ତାନ ଯାଇ ସ୍ୱର୍ଗପୁରରେ ଶୁଣାଗଲା । ୧୭ । ସାଧୁସନ୍ଥମାନେ ଚହଟିଆର କେତେ
କର୍ପୂର ଗୁଣ୍ଡ ଫୋପାଡ଼ୁ ଥାଆନ୍ତି । ସେ ଗୁଣ୍ଡ ଯାଇ ପଡ଼ଇ ଚନ୍ଦ୍ରମୁଖୀ ସ୍ତ୍ରୀମାନଙ୍କ
କୁଚ ଉପରେ । ତେଣୁ ତାହା ବିଭୂତିଭୂଷଣ ଶିବ ଶୋଭା ଧାରଣ କରିଥିବାରୁ
ଯୋଗୀ ଓ ସନ୍ନ୍ୟାସୀମାନେ ଦର୍ଶନ ଲୋଭରେ ସ୍ଥିର ହୋଇ ରହିଲେ । ୧୮ ।
ଏହି ଯୋଗୀ ସନ୍ନ୍ୟାସୀମାନଙ୍କ ବିଭୂତି ରୂପକ କର୍ପୂରଗୁଣ୍ଡ ସେ ନାରୀମାନଙ୍କ
ଦେହରେ ଓ କୁଚରେ ଲେପିତ ହେବାରୁ ସେମାନଙ୍କ ଦେହ ଶଙ୍କିତ ନ ହୋଇ
ପୁଲକ ଉଠିଲା । ଏହା ମିଥ୍ୟା କିମ୍ବା କପଟ କଥା ନୁହେ । ୧୯ । ନାରୀ ପୁରୁଷ-
ମାନେ ଚହଟିଆର ମଧ୍ୟରେ ଦେଖା ଦେଖି ହୋଇ କନ୍ଦର୍ପ ଶର ଉଚାଟରେ
ଠର ଠର ହେଲେ । ୨୦ । ଏଭଳି ମାୟା ଦର୍ଶନ ଛଳରେ ଆସିଥିବା କାମ-
ଲୋଲୁପ ପୁରୁଷ ଓ କପଟୀ ନାରୀମାନଙ୍କ ଗତି ଦେଖି, ସାଧୁସନ୍ଥ ଓ ବିଜ୍ଞ
ଲୋକମାନେ କହିଲେ, ଏଭଳି ଶ୍ରେଷ୍ଠ କ୍ଷେତ୍ରରେ ଦର୍ଶନକୁ ଆସି କୁକର୍ମ ପାଇଁ
ଆଖିଠାର ମାରିବା ଘୋର ପାପ । ୨୧ । ସାଧୁ ଲୋକମାନେ ଶ୍ରୀକୃଷ୍ଣଙ୍କ ଚରିତା-
ମୃତ ଅତି ମଧୁର ଭାବେ ଗାଉଥାନ୍ତି । ମାହାରୀମାନେ ଉପସ୍ଥିତ ହୋଇ ନାଚ
ଅର୍ଥାତ୍ ନୃତ୍ୟ ଉପରେ ନୃତ୍ୟ କରୁଥାନ୍ତି । ମର୍ଦ୍ଦଳ ତାନ ମାହାରୀମାନଙ୍କ ସ୍ତନ
ଏପରି ଭାବେ ଚମକାଇ ଦେଉଥାଏ ଯେ, ସେମାନେ କୁଚ ଚମକାଇ ବିଭିନ୍ନ

ଯୋଗୀ ଗୋପୀନାଥ ସୁବେଶ ସବୁ ଆବେଶ ନୃତ୍ୟେ । ଅତି ବଦଗଧ ମାଗଧ ତୋଷେ ଚିତ୍ତ କବରେ । ହରି ହରି ଧ୍ୱନି ଭୁବନେ ଶୁଭେ ଅନବରତେ । ଦଣ୍ଡଧର ଦଣ୍ଡ ଖଣ୍ଡନ କରେ ଦଣ୍ଡକମାନେ । ୨୫ । ଛଦନ ସଦନମାନଙ୍କୁ ଛନ୍ଦ କରିଅଛନ୍ତି । ବାସବାସରେ ସାମନ୍ତଙ୍କ କାମିନୀ ଏ ଦେଖନ୍ତି ।୨୬। କାତ୍ୟାୟନ ପାଶେ ନୟନ ଦେଇ ନଭତେ ଯୁକ୍ତି । ସଲିଳ-ସଲ୍ଲକଭ୍ରମଣ ଜଗବନ୍ଧୁର ଭକ୍ତି । ୨୭ । ହରି କି ତସ୍କର ଆସେଣ୍ଟି ଟେକେ ଏମନ୍ତ ଭାବ । ଏହିମତ ସେନ ମଣ୍ଡଳୀ ଭବଜଳୁଁ ତାରିବ । ୨୮ । ଅତି ସୁକୁମାର କୁମାର ମାରେ ଏକାବେଳ କର । ସୁତାମରସାକ୍ଷୀ ଗନ୍ଧର୍ବୀ ମୋତେ ପ୍ରାପତ କର । ୨୯ । ସେହି ଉତ୍ସବ ଦରଶନେ ମନ ଉଚ୍ଛନ୍ନ ହୋଇ । ଏ ରସେ ଉପେନ୍ଦ୍ର ଭଞ୍ଜ ବାରବର କହଇ ।୩୦।

—o—

—ଶ୍ରୀକୃଷ୍ଣ । ବଦଗଧ - ଚତୁର । ମାଗଧ – ଭାଟ । ୨୪ । ଦଣ୍ଡଧରଦଣ୍ଡ—ଯମଯାତନା । ୨୫ । ଛଦନ—ପତ୍ର । ସଦନ—ଗୃହ । ବାସ ବାସରେ—ତମ୍ବୁରେ । ସାମନ୍ତର କାମିନୀ—ବଡ଼ ଲୋକଙ୍କ ସ୍ତ୍ରୀ । କାତ୍ୟାୟନ—ଝରକା । ସଲିଳ—ଜଳ, ସଲ୍ଲକ—ନୌକା, ହରି—ଜଗନ୍ନାଥ, ତସ୍କର—ଚୋରକୁ । ୨୮ । କୁମାର—ରାଜପୁତ୍ର, ସୁତାମରସାକ୍ଷୀ—ଉତ୍ତମ ପଦ୍ମନେତ୍ରି । ୨୯ ।

ନୃତ୍ୟ କରି ଲୋକମାନଙ୍କୁ ତୁଷ୍ଟ କରି ଥାଆନ୍ତି । କେହି ୨ କହୁଥାନ୍ତି, ଏ ନୃତ୍ୟ ଝମକରେ ତିନପୁର ମୋହି ହେବୁ କି ? ୨୩ । ସୁପରେ ବଜେ କରିଥିବା ଦେବତା ( ଗୋପୀ ଓ ଶ୍ରୀକୃଷ୍ଣ ) ସମସ୍ତଙ୍କର ଆବେଶ ନୃତ୍ୟ ଭଙ୍ଗୀରେ ସୁବେଶ ହୋଇଥାନ୍ତି । ଭାଟମାନେ ନିଜର ଚତୁରତା ଦେଖାଇ ଭଲ ଭଲ କବିତାମାନ ଆବୃତ୍ତି କରି ସମସ୍ତଙ୍କର ଚିତ୍ତ ହରଣ କରୁଥାନ୍ତି । ୨୪ । ସେଠାରେ ସଦା ସର୍ବଦା ହରି ହରି ଶବ୍ଦ ଶୁଭୁ ଥିବାରୁ ଦଣ୍ଡକମାନେ ଯମ ଦଣ୍ଡ ଧ୍ୱଂସ ହେଉଛୁ । ୨୫ । କେହି କେହି ପତ୍ରରେ (ତାଳପତ୍ର) ଗୃହ କରିଛନ୍ତି । ବଡ଼ ଲୋକମାନେ ତମ୍ବୁ ପକାଇ ଥିବାରୁ ତାଙ୍କ ସ୍ତ୍ରୀମାନେ ସେହି ତମ୍ବୁରେ ବସି ଚନ୍ଦନ ଯାତ୍ରା ଦେଖୁଥାନ୍ତି । କୌଣସି କୌଣସି ସ୍ତ୍ରୀ, ଝରକା ବାଟେ ଅନାଇ ଜଗନ୍ନାଥଙ୍କର ଜଳରେ ହେଉଥିବା ନୌକାବିହାର ଦେଖୁଥାଏ । ୨୭ । ଲୋକମାନେ ଭାବୁଛନ୍ତି ଜଗନ୍ନାଥଙ୍କର ଏ ଜଳବିହାର ଗୋଟିଏ ଶିକ୍ଷା । ଅର୍ଥାତ୍ ସେ ଇଙ୍ଗିତରେ ଜଣାଇ ଦେଉଛନ୍ତି—ଏହି ଜଳରେ ବିହାର କଲାପରି ଲୋକମାନଙ୍କୁ ମୁଁ ଭବଜଳରୁ ତାରଣ କରିବ । ୨୮ । ଏହି ସମୟରେ କୋଣସି ରାଜପୁତ୍ର ଜଗନ୍ନାଥଙ୍କୁ କର

## ଚତୁର୍ଥ ଛାନ୍ଦ

[ ରାଜପୁତ୍ର ଓ ରସିକ ହାରାବଳୀର ଭେଟ ]

ରାଗ—କେଦାର ଚକ୍ରକେଳି ବାଣୀ

ବଳେ ପ୍ରାସାଦେ ଜଗତ ବନ୍ଦନ । ବାହୁଡ଼ିବାବେଳେ ରାଜନନ୍ଦନ । କୋଟି-ବ୍ରହ୍ମାଣ୍ଡ ସୁନ୍ଦରୀ ସୁରତ । ମଣ୍ଡିଥିଲା ନିଜପୁର ଜଗତୀ । ୧ । ଦ୍ୱାରବନ୍ଧପରେ କର ନବେଣି । ଦେଣାଗ୍ର ଊର୍ଦ୍ଧ୍ୱ ହୋଇବାରୁ ସୁକେଶୀ । ଆଉ କରେ ଘେନି ବାସଅଞ୍ଚଳ । ଘର୍ମଶାନ୍ତିକ କରଇ ଚଞ୍ଚଳ । ୨ । ସେ ଯେ ଯାଚନ୍ତ ପନ୍ଥିପୁ ଶରଣ । କମ୍ପାଇଲା କର କଞ୍ଜ ଚରଣ । ଶ୍ରୁତି ଦେଖିବା ଇଙ୍ଗିତେ ଈକ୍ଷଣ । ସ୍ଥିର ହୋଇ ନ ରହେ

---

ବଳେ—ବାହୁଡ଼ିବାବେଳେ, ପ୍ରାସାଦେ—ଅଟ୍ଟାଳିକାରେ, ଜଗତ ବନ୍ଦନ—ଜଗନ୍ନାଥ । କୋଟିବ୍ରହ୍ମାଣ୍ଡସୁନ୍ଦରୀ—ଏହି କାବ୍ୟର ନାୟିକା, ଜଗତୀ—ଅଟ୍ଟାଳୀ । କର ନବେଣି—ହାତ ଦେଇ, ଊର୍ଦ୍ଧ୍ୱ—ଠିଆ । ସୁକେଶୀ—ଉତ୍ତମକେଶ ଯାହାର । ବାସ ଅଞ୍ଚଳ—ପଣତକାନି । ଘର୍ମ—ଝାଳ । ୨ । ଶ୍ରୁତି—କର୍ଣ୍ଣ, ଈକ୍ଷଣ—ନେତ୍ର,

---

ପ୍ରାର୍ଥନା କରି ମାଗିଲା—ହେ ପ୍ରଭୁ, ମୋ ବାଞ୍ଛିତ ଗାନ୍ଧର୍ବୀ କନ୍ୟା ରସିକ ହାରାବଳୀକୁ ପତ୍ନୀରୂପେ ମୋତେ ପ୍ରଦାନ କରନ୍ତୁ । ୨୯ । କବି ପ୍ରବର ଉପେନ୍ଦ୍ର ଭଞ୍ଜ ଏ ବାକ୍ୟରେ ଜଣାଉଛନ୍ତି—ସେହି ଚନ୍ଦନ ଯାତ୍ରା ଦେଖିବା ପାଇଁ ମନ ତାଙ୍କର ଉଚ୍ଛନ୍ନ ହେଉଅଛି ।

—●—

ଶ୍ରୀ ଶ୍ରୀ ଜଗନ୍ନାଥ ଚନ୍ଦନ ଯାତ୍ରା ସମାପ୍ତ କରି ବାହୁଡ଼ା ବଳେ କଲେ । କୋଶଳ ରାଜପୁତ୍ର ଯାତ୍ରା ଦେଖି ଲେଉଟୁଥିଲା । ଠିକ୍ ସେତିକବେଳେ ତା ବାଞ୍ଛିତ ନାୟିକା ରସିକ ହାରାବଳୀ ନିଜ ଗୃହର ଦ୍ୱାରବନ୍ଧ ଧରି ଠିଆ ହୋଇଥିଲା । ଦେହରୁ ଝାଳ ବୋହୁଥିବାରୁ ଗୋଟିଏ ହାତରେ ଦ୍ୱାରବନ୍ଧ ଧରିଥାଏ । ଆଉ ହାତରେ ଲୁଗାକାନି ଧରି ଚଞ୍ଚଳ ଚଞ୍ଚଳ ବିଞ୍ଚି ହେଉଥାଏ । ରାଜପୁତ୍ରକୁ ଦେଖିଲାମାତ୍ରେ ତା ମନ ଭିତରେ କି ଭାବ ଆସିଲା କେଜାଣି, ଶରଣ ଯାଚିଲା ପରି ତାର ହାତ ଓ ପଦ୍ମପାଦକୁ ଟିକିଏ କମ୍ପାଇ ଦେଲା । ଅର୍ଥାତ୍, ଇଙ୍ଗିତରେ କହିଲା—"ମୋ ପାଖରେ ଶରଣ ନିଅ ।" କୁମାର କଥା ଶୁଣିବାକୁ ଅସ୍ଥିର ହୋଇ କନ୍ୟା ତା ଆଖିର ଡୋଳା ଖେଳାଇଲା । ଦୈବାତ୍ କୁମାର ତାକୁ

ଏକକ୍ଷଣ । ଭାଗ୍ୟବଶେ ପୁଂସନେତ୍ର ପଡ଼ିଲା । ଲୌହ ଚୁମ୍ବକ ପରାୟେ ଜଡ଼ିଲା । ଦ୍ରବୀଭୂତ ହୋଇଗଲା ହୃଦୟ । ଯଥା ଚନ୍ଦ୍ରମଣି ଚନ୍ଦ୍ର ଉଦୟ । ୪ । ଅଶ୍ୱଗତି କରାଇଲା ମନ୍ଥର । ଦେହେ ଆସି ଆକର୍ଷିଗଲା ଥର । ଭାବେ ସ୍ୱର୍ଗସୋପାନରେ ଓହ୍ଲାଇ । ରମ୍ଭା ଆସେ କି ଯୁବାଙ୍କୁ ଧରିବ । ଅପରୂପ ରମଣୀୟ ମନ୍ଦିର । କାହା ମନ ନ ହେବ ବନ୍ଦରେ । ଏତ ସୁନ୍ଦରେ ଲାବଣ୍ୟସରସୀ । ନେତ୍ରମୀନ ସଦନ କରେ ବସି । ୬ । ଅଳଙ୍କାର ମିଳିଲା ମେଦିନୀଙ୍କ । ଯାହା କହିଲା ଚନ୍ଦ୍ରବଦନାଙ୍କ । ବାଳା ଲକ୍ଷରୂପେ ଶୋଭା ଦୂଷଣ । ପୁଣି ଭୂଷଣକୁ ଏତ ଭୂଷଣ । ୭ । ନିର୍ମାଣିବା

---

ପୁଂସ—ପୁରୁଷ । ଦ୍ରବୀଭୂତ—ତରଳିବା । ଚନ୍ଦ୍ରମଣି—ଚନ୍ଦ୍ରକାନ୍ତମଣି । ୪ । ଅଶ୍ୱ—ଘୋଟକ । ମନ୍ଥର—ଧୀର । ଆକର୍ଷି—ଆକର୍ଷଣ କରି । ଥର—ଥରିବା । ସ୍ୱର୍ଗ ସୋପାନ—ସ୍ୱର୍ଗ ପାହାଚ । ରମ୍ଭା—ଏକ ସୁନ୍ଦରୀ ସ୍ୱର୍ଗ ଅପ୍ସରା । ୫ । ରମଣୀୟ—ସୁନ୍ଦର । ବନ୍ଦରେ—କାରାଗାରେ । ଲାବଣ୍ୟ ସରସୀ—ସୁନ୍ଦର ପୁଷ୍କରିଣୀ । ନେତ୍ରମୀନ—ମତ୍ସ୍ୟରୂପକ ଆଖି । ସଦନ—ଗୃହ । ଅଳଙ୍କାର—ଗହଣା । ମେଦିନୀ—ପୃଥିବୀ । ଦୂଷଣ—ନିନ୍ଦା । ଭୂଷଣ—ଅଳଙ୍କାର । ୭ ।

---

ଅନାଇ ଦେଲା । ସେହିତକ୍ଷଣେ ଲୁହା ଚୁମ୍ବକ ଏକାଠି ହେଲେ ଯେପରି ଜଡ଼ି ଯାଆନ୍ତି, ଏ ଦୁହିଁଙ୍କ ଆଖି ସେହିପରି ଜଡ଼ିଗଲା । ଫଳରେ ମନଟା ତରଳ ହୋଇ ଆସିଲା । କିପରି ? ଚନ୍ଦ୍ରକାନ୍ତ ମଣି ଯେପରି ଉଦୀୟମାନ ଚନ୍ଦ୍ର ଦେଖି ତରଳି ଯାଏ, ଏ କନ୍ୟାଚନ୍ଦ୍ରକୁ ଦେଖି ଚନ୍ଦ୍ରକାନ୍ତ ମଣିସ୍ୱରୂପ ରାଜପୁତ୍ରର ହୃଦୟ ତରଳିଗଲା । ୪ । ତେଣୁ ସେ ଘୋଡ଼ା ଚାଲିକୁ ଧୀର କରାଇ ଅତି ଆସ୍ତେ ଚଲାଉଥାଏ । ଏଣେ ଦେହରେ କନ୍ଦର୍ପ ପୀଡ଼ା କଲା । ଦେହ ଥରି ଉଠିଲା ଓ ମନେ ମନେ ଭାବିଲା, ସ୍ୱର୍ଗ ଅପ୍ସରା ରମ୍ଭା ଯୁବକମାନଙ୍କୁ ଧରିବାପାଇଁ ସ୍ୱର୍ଗ ପାହାଚ ବାଟେ ଓହ୍ଲାଇ ଆସୁଛନ୍ତି କି ? ୫ । ମନୁଷ୍ୟର ମନ କେଉଁ ଗୋଟିଏ ରମଣୀୟ ଗୃହରେ ବନ୍ଦୀ ନ ହେବ କାହିଁକି ? ନେତ୍ରରୂପକ ମୀନ ଘର କରି ରହିବାକୁ ଏ କନ୍ୟା ଗୋଟିଏ ସୁନ୍ଦର ପୁଷ୍କରିଣୀ ତୁଲ୍ୟ ହୋଇଅଛି । ୬ । ପୃଥିବୀ ଏ କନ୍ୟାକୁ ବହନ କଲାରୁ, ତାକୁ ଗୋଟିଏ ଅଳଙ୍କାର ମିଳିଗଲା । କନ୍ଦର୍ପ ପତ୍ନୀ ରତି ସିନା ସମସ୍ତଙ୍କଠାରୁ ସୁନ୍ଦରୀ ବୋଲି ଜଣାଯାଏ; କିନ୍ତୁ ଏ କନ୍ୟା ତା ଅପେକ୍ଷା ବେଶି ସୁନ୍ଦରୀ । ତେଣୁ ଏହାକୁ ରତି ସଙ୍ଗେ ତୁଳନା କରିବା ନିନ୍ଦାର କଥା । ପୃଥ୍ୱୀଦେବୀଙ୍କ ଦେହରେ ଏ କନ୍ୟା ଗୋଟିଏ ଅଳଙ୍କାର । ପୁଣି ନିଜ ଦେହରେ ଅଳଙ୍କାର ଖଞ୍ଜି ଥିବାରୁ ଅଳଙ୍କାର ଉପରେ ଅଳଙ୍କାର ପରି ଶୋଭା ପାଉଛି । ୭ । ବିଧାତା ଏଭଳି ଗୋଟିଏ

କାଳେ ରସନଧିକ । କେତେ ଶ୍ରମ ହୋଇଥିବ ବିଧିକ । ମୁଖ ଅକଳଙ୍କ ଚନ୍ଦ୍ରୁ
ଅଧିକ । କରେ ସାରସ ଆଦରଣ ଧିକ ।୮। ତଶୋଭାହୀନ କରି ସୁରନଗରୀ । ମୋ
ଭାଗ୍ୟକୁ ମହୀଜାତ ନାଗରୀ । ନାହିଁ ଅଙ୍ଗେ ଗଣ୍ଡି ଶିରା ଦର୍ଶନ । ଆଗ ପଛକୁ ସମାନ
ପ୍ରସନ୍ନ ।୯। ଜଙ୍ଘଜାନୁ ଉରୁ କୁଚ ବର୍ତ୍ତୁଳ । କେଉଁ କୁନ୍ଦେ କୁନ୍ଦିତ ନାହିଁ ତୁଳ ।
ଉରେ ଅଙ୍କୁରିଲ ଦନ୍ତୁ ଉରଜ । ମହୀ ଦେଖିନାହିଁ ନେତ୍ରସାରଜ ।୧୦। ମେରୁ କୋଳ
ଦେଖାଇ ଏ ବଢ଼ାଇ । କରି ପଦ୍ମେ ଗାଢ଼ବ କି ଯୋଡ଼ାଇ । ଗାଞ୍ଛି ଏମନ୍ତ
କୁମରରଜନ । ରାମା ନେତ୍ର ସୁଂମ୍ଭଗଟେ ପତନ ।୧୧। ଅଠାକାଠି ଛା ।

---

ରସନଧି—ପ୍ରେମରତ୍ନ । ଅକଳଙ୍କ—ନିର୍ମଳ । ସାରସ—ପଦ୍ମ ।୮। ସୁରନଗରୀ—ସ୍ୱର୍ଗ । ମହୀଜାତ—ପୃଥ୍ୱୀରେ ଜନ୍ମ ।୯। ଅଙ୍କୁରିଲ—ଗଜୁରିଲ । ଉରଜ—କୁଚ । ସାରଜ—ପଦ୍ମ ।୧୦। ମେରୁ—ପୃଥିବୀକୁ ଧରି ରଖିଥିବା ବୃହତ୍ତମ ପର୍ବତ ।୧୧। ଅଠାକାଠି—କେଳାମାନେ ଚଢ଼େଇ ଧରିବାକୁ ଜାଠିରେ ଅଠା ଦେଇ

---

ପ୍ରେମରତ୍ନ ନିର୍ମାଣ କଲାବେଳେ ତାଙ୍କୁ କେତେ କଷ୍ଟ ହୋଇ ନ ଥିବ ? ନିର୍ମଳ ଚନ୍ଦ୍ର ଅପେକ୍ଷା କନ୍ୟାର ମୁଖ ଆହୁରି ଉଜ୍ଜ୍ୱଳ ଏବଂ ଅତି ଗୌରବର୍ଣ୍ଣ ହୋଇଥିବାରୁ ପଦ୍ମକୁ ଏ ଚକ୍‌ଚକ୍ ଦେଖାଯାଉ ଥିବାରୁ ଦର୍ପଣକୁ ମଧ୍ୟ ଛିଃ ଛିଃ କରୁଛି ।୮। ଏ କନ୍ୟା ସ୍ୱର୍ଗପୁରର ଶ୍ରେଷ୍ଠ ସୁନ୍ଦରୀ ଥିଲା । ମୋ ଭାଗ୍ୟକୁ ସ୍ୱର୍ଗପୁର ଶ୍ରୀହୀନ କରି ପୃଥ୍ୱୀରେ ଜନ୍ମ ହୋଇଛି । ଶିରା ଓ ଗଣ୍ଠି ନ ଥାଇ ଦେହଟି ଖୁବ୍ ଉଜ୍ଜ୍ୱଳ-ବର୍ଣ୍ଣ। ବର୍ଣ୍ଣିଲ ଭଳି ହୋଇଛି। ଆଗ ପଛ ସବୁଆଡ଼େ ପ୍ରଫୁଲ୍ଲିତା ଅଛି ।୯। ଜଙ୍ଘ, ଜାନୁ, କୁଚ ଇତ୍ୟାଦି ସବୁ ଉଜ୍ଜ୍ୱଳ ଦିଶୁଥିବା ହେତୁ କେଉଁ କୁନ୍ଦରେ ବସାଇ ବିଧାତା କୁନ୍ଦିଲା, ଏ କଥାର ତୁଳନା କରାଯାଇ ପାରୁନାହିଁ । ଛାତିରେ ଏହାର କୁଚ ଗଜୁରିବା ଦିନଠାରୁ ନେତ୍ରପଦ୍ମ ଆଉ ମହୀ ଦେଖି ନ ଥିବ । କାରଣ, ନିଜେ ବିହ୍ୱଳ ହୋଇ ନିଜ ଛାତିକୁ ଅନାଇ ମନେ ମନେ ଅନୁଭବ କରୁଥିବ ଖୁବ୍ ଗର୍ବ ।୧୦। ପୃଥିବୀ ଉପରେ ବଢ଼ାଇ ଦେଖାଇ ମେରୁ ଠିଆ ହେଲାଭଳି ଏ କନ୍ୟାର ସ୍ତନ ବଢ଼ାଇ ଦେଖାଇ ଠିଆ ହୋଇଛି । ଯାହାକୁ ମୁଁ ମୋ ଦୁଇ ହସ୍ତରେ ଯୋଡ଼ାଇ ପାରିବି ତ ? ରାଜପୁତ୍ର ଏହିପରି ଭାବୁ ଭାବୁ କନ୍ୟାର ଦୃଷ୍ଟି ତା ଉପରେ ପଡ଼ିଗଲା ।୧୧। କେଜା ଅଠାକାଠିରେ ଚଢ଼େଇ ଯେପରି ହଠାତ୍ ଲାଗିଯାଇ ଛାଡ଼ି ନ ପାରେ, କନ୍ୟାର ଆଖି ସେହିପରି

ତାର ରଞ୍ଜନ । ଲାଗି ରହିଲା ନୟନରଞ୍ଜନ । ପୁଣି ତାହା ଅଙ୍ଗଦେଶ ଉଚିତ । କଲା ପ୍ରବାସ ରମାମଣି ତତ୍ର । ୧୨ । ଛନ୍ଦେ ଥିଲା ଯେତେ ସଖୀ ଆଗୁଳ । କେ ସେ ବୋଲି ଦେଖାଇଲା ଅଙ୍ଗୁଳ । ବ୍ୟାଜେ କହେ କ ମୀନଲାଞ୍ଛନକୁ । କରେ ଏହି ପୁରୁଷ ଉଚ୍ଛନ୍ନକୁ । ୧୩ । ପ୍ରାଣପରି ଯେତେ ସଖୀ ଚତୁରା । ଜାଣିଗଲେ କାକାମଣି ଚତୁରା । ପୁଂସ ଅନାଇଥିଲା ଯେ ରାଜିବ । ଭାଗ୍ୟ ଭଣିଲା କ ହୃଦ ମିଳିଲା । ୧୪ । ଭାଗ୍ୟ ନ ଥିଲେ ନକ ଦେଖିବାର । ହେଲା କରୁଣେ ଆସିବ ସେବାର । ମୁଁ କ ଭଜନ ସେବକାରେ ତାକୁ । ବଳଆରତ ନାହିଁ ବଧାତକୁ ।୧୫। ହରି ଅରି ହେଲେ ସୁଧାଅଶନ । ତନ କରିଅଛି ତାହା ପ୍ରସନ୍ନ । ବେନି ମନ କ୍ଷୀର ନୀର ପ୍ରକାର । ହେଲା ମିଶାଇ ମଦନବିକାର ॥ ପ୍ରୀତିଗାଳ ହୃଦକ୍ଷେତ୍ରେ ବୁଣିତ । ହେଲା ପୁଲକାଙ୍କୁର

---

ଏକପ୍ରକାର ରାଗୁଣ୍ଠ କରିଥାନ୍ତି । ୧୨ । ଛନ୍ଦେ—ଛଦ୍ମେ ଚମକ । ଆଗୁଳ—ବେଢ଼ି । ବ୍ୟାଜେ—ଛଳେ । ମୀନଲାଞ୍ଛନ—କନ୍ଦର୍ପ । ଚତୁରା—ବୁଦ୍ଧିମତୀ । ଚତୁରା—କୌଶଳ । ୧୪ । ବଳଆର—ବଳବାନ୍ । ୧୫ । ଅରି—ଶତ୍ରୁ ।

---

ରାଜପୁତ୍ରଠାରେ ଲାଗିଗଲା । ରାଜପୁତ୍ର ଶରୀରକୁ ଗୋଟିଏ ନୂତନ ଦେଶ ବୋଲି କନ୍ୟାର ମନ ବଳାତ୍ ପ୍ରବାସ କରିବାକୁ; ଅର୍ଥାତ୍ କାମର ସ୍ଥିତି ଏହି ପୁରୁଷର ଦେହୀ ହେଇ ଶାଣ୍ଡୁରର ପିବାକୁ । ୧୨ । ହଠାତ୍ ଗୋଟିଏ ଛନ୍ଦକା ଲାଗିଗଲା । ତେଣୁ ତାକୁ ବେଢ଼ି କରି ଠିଆ ହେଇଥିବା ସଖୀମାନଙ୍କୁ ଉଦ୍ଦେଶ କରି ରାଜପୁତ୍ର ଆଡ଼େ ଅଙ୍ଗୁଳି ଦେଖାଇ ପଚାରିଲା "ସେ କିଏ ?" ତା'ପରେ ଛଳକରି କହିଲା—ଏ ପୁରୁଷ କନ୍ଦର୍ପକୁ ଉଚ୍ଛନ୍ନ କରିଦେଲା । ୧୩ । କନ୍ୟା ପାଖରେ ଅନେକ ସଖୀ ଥିଲେ । ସେମାନଙ୍କ ମଧ୍ୟରେ ଯେଉଁମାନେ ବୁଦ୍ଧିମତୀ, ସେମାନେ କନ୍ୟାର କୌଶଳ କଥା ଜାଣି ପାରିଲେ । ଏଣେ ରାଜପୁତ୍ର ସେମାନଙ୍କ ଗଣ୍ଡବଧି ଠାରଠାର କଥା ଲକ୍ଷକରି ମନେ ମନେ ଭାବିଲା—"ମୋ ଭାଗ୍ୟ ଖୋଲିଗଲା କି ? ରସିକା କନ୍ୟାର ହୃଦ ମୋ ହୃଦରେ ମିଳିଗଲା ! ୧୪ । ପୁଣି ଭାବୁଛି ଯଦି ଭାଗ୍ୟରେ ନ ଥାନ୍ତା, ତେବେ ଦେଖା ହୁଅନ୍ତା କହିଁକି ! ସତେ କଣ ସେ କନ୍ୟାକୁ ମୁଁ ସେବା କରି ପାରିବି ? ଦେଖାଯାଉ, ବିଧାତାକୁ କା ବଳ କାହାର ।୧୫। ରାହୁ ଅମୃତ ପିଇବାକୁ ଗଲାବେଳେ ସ୍ୱୟଂ ବିଷ୍ଣୁ ତାର ଶତ୍ରୁ ହେଲେ । ତଥାପି ତ ସେ ଅମୃତ ପିଇଲା । ମୁଁ କାହିଁକି ଅପାର ଚେଷ୍ଟା ବଳରେ ତାକୁ ନ ପାଇବି ।" ଏମିତି ଅନାଅନି ହେଉ ହେଉ ଦୁହିଁଙ୍କ ମନରେ କନ୍ଦର୍ପ-ବିକାର ଉଦୟ ହେଲା । ମନ ସଙ୍ଗେ ମନ କ୍ଷୀର ନୀର ପରି ମିଳିଗଲା । ୧୬ । ଆପଣା ଛୁଇଁ ଛୁଇଁ

ଜଗଣିତ । ବିଧିଠାରୁ ବଡ ନାହିଁ ଲୋକରେ । ଘରେ ପରେ ସବୁତେ ନେଇ
ବରେ ।୧୬। ପ୍ରୀତିକର କଥାଏ ଶୁଣାଇଲ । ଜୀବ ଥିବାଯାଏ ମନୁ ନ ଯାଇ । ଚିତ୍ତ
ଆଉ ଉଦ୍ଦୟରେ ନ ଥାଇ । ଏହି ବସ୍ତୁର ସଦା ହେଉଥାଇ ।୧୮। ହେଲେ ହେଉ ଭବ
ଘଟେ ଶିରଚ୍ଛେଦ । କେବେ ନୋହେ ଏହି ପ୍ରୀତିର ବିଚ୍ଛେଦ । ଯୁବାକାଳ ରାଜା ସବୁ
ଉପରେ । ମନ ରାଜା ଯୁବାକାଳ ଉପରେ ।୧୯। ମନ ଉପରେ ତ ରାଜା
ପୀରତି । କେନ୍ତ ପାରିବ ମନୁଷ୍ୟ ବଞ୍ଚିତ । ନବ ଅନୁରାଗ ଢଳେ ଢଳେଇ । ସୁଖ
ଜାତ ହେଉଥାଇ ଅନେକ ।୨୦। ପ୍ରୀତି ହୋଇ ଯେବେ ଏତେ ମଧୁର । ଶୋକ
ତୃଷା କ୍ଷୁଧା ହେବ ଦୂର । ପୁଣି ତରଳେ ହୋଇଲେ ଦମ୍ପତି । ପାଦତଳେ ମିଳେ
ଇନ୍ଦ୍ର-ସମ୍ପତ୍ତି । ପଶୁମାନେ ହେଲେ ବଶ ଏ ରସେ । ଯେଣୁ ପାଷାଣ ହେ ଏଥି ମଧ୍ୟ

---

ତମ—ରତ୍ନ । ୧୬ । ପୁଲକାଙ୍କୁର—ଲୋମ ଟାଙ୍କୁରିବା । ୧୭ । ବିଧୁର—ଦୂର,
ଅପ୍ରିୟ ।୨୧। ବଶ—ବଶୀଭୂତ । ଦ୍ରବିଲେ—ତରଳିଯାଇ । ଚନ୍ଦ୍ରବଧୂ ମଣି—ଚନ୍ଦ୍ର-
କାନ୍ତ ମଣି । ୨୨ । ଆବେଶ—ଆସକ୍ତ । ମୂର୍ଚ୍ଛା—ଜ୍ଞାନଲୋପ । ତରଣେନ—

---

ହୃଦୟରୂପକ ଜଳାଶୟରେ ପ୍ରେମରୂପକ ମଞ୍ଜି ବୁଣି ହୋଇ ଅନେକ ଗଛ ଉଠିଲା ।
କିପରି? ସେ କଥା ଭାବୁ ଭାବୁ ଥରକୁ ଥର ଦେହର ଲୋମାବଳୀ ପୁଲକରେ
ଟାଙ୍କୁରି ଉଠିଲା । ଏହାର ଉପମା ହେଲା ଏହି—ବିଧାତାଠାରୁ ଜଗତରେ କେହି
ବଡ ନୁହେଁ । ଘାତପର ସଙ୍ଗରେ ବି ସେ ନେଇ ପରିଚୟ କରାଇଦିଏ । ୧୬ ।
ଭାବ ଲାଗିଲେ ଏ ଭଳି ଗୋଟିଏ କଥା ଉପୁଜେ, ଯାହା କି ଜୀବ ଥିବାଯାଏ ମନରୁ
ଯାଏ ନାହିଁ । ସେହି ପ୍ରୀତିଭାବ ଛଡ଼ା ଅନ୍ୟ କଥାରେ ବି ମନ ଲାଗେ ନାହିଁ । ୧୮ ।
ମୁଣ୍ଡ ଯଦି କଟିଯାଏ ପ୍ରୀତି କରୁଥିବା ଲୋକ ବିଚ୍ଛେଦ ଘଟିବାକୁ ପ୍ରସ୍ତୁତ ନ
ଥାଏ । ଯୌବନ ସମସ୍ତଙ୍କ ପିନା ସର୍ବେ ଉପରି ରାଜା, କିନ୍ତୁ ମନ ହେଲା ତା ଉପରେ
ରାଜା । ୧୯ । ମନ ଉପରେ ରାଜା ହେଉଛି—ପ୍ରୀତି । ପ୍ରୀତି ପାଖରେ ଧୋକା-
ଦେଇ କିଏ ବଞ୍ଚି ପାରିବ ? ନୂଆ ନୂଆ ସ୍ନେହ ଶ୍ରଦ୍ଧା ଜନକୁ ଜନ ବହୁ ସୁଖ ଜାତ
ହୁଏ । ୨୦ । ପ୍ରୀତିଟା ଯଦି ଅତି ମଧୁର ହୋଇଉଠେ ତେବେ ଶୋକ, ଶୋଷ,
କ୍ଷୁଧା କଷ୍ଟ ବାଧିବ ନାହିଁ—ଏକାବେଳେକେ ଦୂର ହୋଇଯିବ । ହଠାତ୍ ଯଦି ଭାର୍ଯ୍ୟା
ଲାଭ ହେଲା, କି ଭାର୍ଯ୍ୟାର ବର ଲାଭ ହେଲା ତେବେ ଭାବୁକ ବସୁରେ, କ'ଣ
ଇନ୍ଦ୍ର ସମ୍ପତ୍ତି ଆସି ପାଦତଳେ ପହଞ୍ଚିଗଲା ? ୨୧ । ପ୍ରୀତି ଗୋଟିଏ ଏପରି ପଦାର୍ଥ
ଯେ ଏକମାତ୍ର ପଥର ଜାତୀୟ ପଦାର୍ଥକୁ ଛାଡ଼ି ପଶୁମାନେ ମଧ୍ୟ ଏଥିରେ ବଶୀଭୂତ
ହୁଅନ୍ତି । ପୁଣି ଭାବୁଛି—ଚନ୍ଦ୍ରକାନ୍ତମଣି ତ ପଥର ଜାତୀୟ । ଚନ୍ଦ୍ରକୁ ଦେଖିଲେ
ସେ ବି ତରଳିଯାଏ । ତେଣୁ ପ୍ରୀତିରେ ପାଷାଣ ବି ତରଳିତ ହୁଏଇ । ୨୨ ।

ରସେ । ପ୍ରୀତି ଯୋଗେ ପାଷାଣ ନ ଦ୍ରବଇ । ବଧୂ ବଧୂଟିଠାରୁ ଭାବଇ । ଯେତୁ ପୀରତିରେ ବଶ ନୋହିଲ । କ ବୋଲିଲ ସେ ମନକୁ ନଇଲ । ଏତେ ବସ୍ତୁର ସେଠାରେ କହିବି । କାମେ ଆବେଶ ନୃତ୍ୟଗତ ଯାଉ । ୨୩ । ବାଳା ବରତେ ଉଦ୍ଭିନ୍ନ ପୁଳକେ । ମୂର୍ଚ୍ଛା ନ ବାଧଇ ଲଜ୍ଜା ଚକତେ । ସଖା ସଖୀମାନେ ନେଲେ ସମ୍ଭାଳି । ବନ ଅନ୍ତର ହେଲ ଭାଳି ଭାଳି । ୨୪ । ଦରଶନେ ତ ନୟନେ ରଖିଲେ । ରୂପ ବୃନ୍ଦ ଚିତ୍ରପଟେ ଲେଖିଲେ । ରାଧା କୃଷ୍ଣ ଦରଶନ ଏ ଭାବରେ । ଜାଣେ ଅନୁଭବୀ ଅନୁଭବରେ । ୨୫ । ଯେଣୁ ଶିଷ୍ଟଙ୍କୁ ରୋଚକ ହୋଇଲେ । ଉପେନ୍ଦ୍ର ସାରଭର ବୋଇଲେ । ରସିକ ଜନମାନଙ୍କୁ ପୀୟୂଷ । ଅରସିକଙ୍କୁ ଗରଳ ସଦୃଶ୍ୟ ।୨୬ ।

—o—

---

ଦେଖାଦେଖିରେ । ଚିତ୍ରପଟେ—ଛବିରେ । ଅନୁଭବୀ—ଅନେକ ଅନୁଭବଥିବା ବ୍ୟକ୍ତି । ୨୫ ।

---

ପ୍ରୀତିରେ ଯେ ବଶୀଭୂତ ନ ହୁଏ, ତା କଥାଗୁଡ଼ାକ ମନକୁ ପାଏ ନାହିଁ । କବି ଏହି କଥା ବିସ୍ତାର କରୁଛନ୍ତି । ଏଣେ ରାଜପୁତ୍ର କନ୍ଦର୍ପାଘାତରେ କନ୍ୟାପ୍ରତି ଆସକ୍ତ ହୋଇ ଉଠିଲ । ୨୩ । କନ୍ୟା ସଙ୍ଗେ କିପରି ମିଳନ ହେବ, ଏହି କଥା ଭାବି ଥକା ହୋଇ ଠିଆ ହୋଇଛି । ଟିକିଏ ହେଲେ ନିଜ ସରମ ଲାଗୁନାହିଁ କି ମୂର୍ଚ୍ଛା ବାଧା ଦେଇ ପାରୁନାହିଁ । ରାଜପୁତ୍ରଙ୍କୁ ତାର ସଖାମାନେ ଓ କନ୍ୟାକୁ ତାର ସଖୀମାନେ ସମ୍ଭାଳି ନେଇ ଗଲେ କଣ ହେବ, ଦୁହେଁ ଦୁହିଁଙ୍କ କଥା ଭାବି ଭାବି ବନଗୁଡ଼ାକ ଅତିକ୍ରମ କରି ଚଳାଇଲେ । ୨୪ । ଏହି ପ୍ରଥମ ସାକ୍ଷାତ ପରଠାରୁ ଦୁହେଁ ଦୁହିଙ୍କୁ ଆଖିରେ ରଖିଲେ । ଅର୍ଥାତ୍ ଚକ୍ଷୁଃଗତ ହୋଇଗଲେ । ସେ ତା ରୂପକୁ ଏ ସ୍ତ୍ରୀ ରୂପକୁ ଚିତ୍ତ ରୂପକ ସୁନ୍ଦର ଫଳକରେ ଛବିରୂପେ ଅଙ୍କିତ କରି ରଖିଲେ । ଅନେକ ଅନୁଭବଥିବା ଲୋକମାନେ ଅବଶ୍ୟ ପ୍ରୀତିକଥା ଜାଣନ୍ତି । ରାଧା କୃଷ୍ଣଙ୍କ ପ୍ରେମଲୀଳା ବି ଏହିପରି ଘଟିଅଛି । ୨୫ । ଏହିପରି ମନକୁ ରୋଚକ ହେବାରୁ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଗୀତାକାରରେ କହୁଛନ୍ତି—ରସିକ ଲୋକ-ମାନଙ୍କୁ ଏହା ଅମୃତ ତୁଲ୍ୟ ଓ ଅରସିକ ଲୋକମାନଙ୍କୁ ବିଷତୁଲ୍ୟ ଅଟେ । ୨୬ ।

—o—

## ପଞ୍ଚମ ଛାନ୍ଦ

[ ରସିକ ହାରାବଳୀର ବିବାହ ପ୍ରସଙ୍ଗ ବର୍ଣ୍ଣନ ]

ରାଗ—ମାଳବ

ରାଜସୁତ ବିରହେ ବିରସ ପାଶଜନ । ଅପସରି ସୁରବନ୍ଧୁରେ ଯାଚି କହି ଧନ । ବୋଇଲେ ତୁମ୍ଭ ସାମନ୍ତଦୁହିତାଙ୍କୁ ଆମ୍ଭ । ଯୁବରାଜ ବିଭା ହେବା କରିବା ଆରମ୍ଭ ।୧। ସେ ସ୍ୱୀକାରରେ କହିଲେ ବିଦ୍ୟାଧର ପାଶେ । ସେ ବୋଇଲେ ବନ୍ଧୁ ଅଛି ଚତୁର୍ଥପୁରୁଷେ । କଳଶୀଳ ଉଜ୍ଜ୍ୱଳ ସୁନ୍ଦର ଭାନୁବଂଶେ । ସେ କୁମାର ବିବାହ କରିବ ଏହି ମାସେ ।୨। ନୃପସୁତ କୋଷଅଧିକାରୀ ଗଲା ଶୁଣି । ଜଣାଇଲା ଏକାନ୍ତ କରିଣ ସବୁ ବାଣୀ । ଶ୍ରବଣେ ସେ ସାରବର ହୋଇଲା ଏମନ୍ତ । ଚାତକ ପାଇଲେ ମେଘଜଳକୁ ଯେମନ୍ତ ।୩। ମାଳତୀ ମକରନ୍ଦ କି ପାଇଲା ଭ୍ରମର । ପିକ

---

ପାଶଜନ—ପାଖ ଲୋକ । ଅପସରି—ଗୂଢ଼, ପାଶ । ସ୍ୱୀକାର—ଅଙ୍ଗୀକାର । ଚତୁର୍ଥ ପୁରୁଷେ—ଚାରିପୁରୁଷ ଉପରେ । କୁଳଶୀଳ—ବଂଶ, ଚରିତ୍ର । ଭାନୁବଂଶେ—ସୂର୍ଯ୍ୟବଂଶରେ ।୨। କୋଷଅଧିକାରୀ—ଭଣ୍ଡାରରକ୍ଷକ ।୩।

---

ପାଖରେ ଥିବା ଲୋକମାନେ ରାଜପୁତ୍ରର ବିରହ ଅବସ୍ଥା ଦର୍ଶନ କରି ଦୁଃଖିତ ହେଲେ । ନିକଟରେ ଥିବା ପୁରୋହିତଙ୍କୁ ଡାକି କିଛି ପଇସା ଦାନ ଦେଲେ ଓ କହିଲେ—ତୁମ ସାମନ୍ତଙ୍କ କନ୍ୟା ସଙ୍ଗରେ ଆମ୍ଭ ଯୁବରାଜଙ୍କୁ ବିଭା କରାଇବା ପାଇଁ ଯୋଗାଡ଼ କର ।୧।

ପୁରୋହିତ ସେ କଥା ଯାଇ କନ୍ୟାର ପିତାଙ୍କୁ ଜଣାଇଲେ । କନ୍ୟାର ପିତା ଏ ପ୍ରସଙ୍ଗ ଶୁଣି ଅଙ୍ଗୀକାର କରି କହିଲେ—ଭଲ କଥା, ଆମ ଚାରି ପୁରୁଷ ଉପରେ ଉତ୍ତମ କୁଳଶୀଳ ସୂର୍ଯ୍ୟବଂଶ ସଙ୍ଗେ ବନ୍ଧୁତା ଅଛି । ତେଣୁ ଏହି ମାସରେ ସେ କୁମାର ସଙ୍ଗେ ଆମ୍ଭ କନ୍ୟାକୁ ବିଭା କରିଦେବା ।୨।

ଏହିପରି କଥା ବାର୍ତ୍ତା ବେଳେ ରାଜପୁତ୍ରର ଭଣ୍ଡାର ରକ୍ଷକ ସେଠାରେ ଥିଲା । ସମସ୍ତ କଥା ଶୁଣିକରି ରାଜପୁତ୍ର ଆଗରେ କହିବାରୁ, ଚାତକ ମେଘବର୍ଷା ପାଇଲେ ଯେପରି ଆନନ୍ଦ ହୋଇ ଉଠେ, ରାଜପୁତ୍ର ସେହିପରି ଆନନ୍ଦ ହୋଇ ଉଠିଲା ।୩।

କି ଦେଖିଲା ବକୁଳିତ ସହକାର । ମାନସର ବିହାର କି ପାଇଲେ କାଦମ୍ବେ । ତୁଷ୍ଟ ପ୍ରସନ୍ନ ହେଲେ କି ସୁଜ୍ଞାନିକଦମ୍ବେ । ୪ । କୋଇଲା ଭଲା ଭାଗ୍ୟରେ ଶେଷ ଆଜ ନିଶି । ଆକାଶର ଶଶୀ ତ ହେଉଛୁ କରେ ଆସି । ଅଲଙ୍ଘିତ ପାରାବାର ମୋତେ ତରିବାର । ବିନା ନାବେ ସେ ଆଜ ତ ହେଉଛୁ ମୋହର ।୫। ପବନ କି ବନ୍ଦୀ ହେଲା ପାନ୍ତବାରୁ ପାଶ । ଦେହାନ୍ତର ନୋହୁଁ ହେଲା ବଇକୁଣ୍ଠେ ବାସ । ପ୍ରାଣ ଯହିଁକି ଋଣୀ ହୋଇଲା ତହିଁ ମୁହିଁ । କି ପରିତୁଷ କରିବ କେଉଁ ଧନ ଦେଇ । ୬ । ତେବଣେ ଉଦ୍ବହମନ୍ଦରେ ସମ୍ଭାର ଉଆଣ । ଶୁଣି ସଖୀଏ କୋଇଲା ଜେମାକୁ ଗୋ ଶୁଣ । ଯେଉଁ ଯୁବା ଦେଖିଲୁଇଁ ଝରକାରେ ଥାଇଁ । ତାତ ତୋତେ ତାକୁ ବିଭା କରାଇବେ ନେଇ । ୭ । ମୃତ ପ୍ରାୟ ହୋଇଥିଲା ରସିକା ସିହାଣୀ । ସଞ୍ଜିବନୀ

---

ମକରନ୍ଦ—ଅମୃତ । ବକୁଳିତ—ପୁଷ୍ପିତ । କାଦମ୍ବେ—ହଂସମାନେ । କଦମ୍ବେ — ସମୂହ ।୪। ଆକାଶର ଶଶୀ—ସ୍ବର୍ଗର ଚାନ୍ଦ । ଅଲଙ୍ଘିତ—ଯାହା ପାରି ହୋଇ ପାରୁଯାଏ ନାହିଁ । ୫ । ଦେହାନ୍ତର—ମୃତ୍ୟୁ । ୬ । ସମ୍ଭାର—ଆୟୋଜନ,

---

ଭ୍ରମର ମାଳତୀ ଫୁଲରୁ ମଧୁ ପାଇଲେ, କୋଇଲି ପୁଷ୍ପିତ ସହକାର ବୃକ୍ଷ ଦେଖିଲେ, ହଂସ ମାନସସରୋବରରେ ବିହାର କରିବାକୁ ସୁବିଧା ପାଇଲେ ଓ ଜ୍ଞାନୀ ସମାଜ ପ୍ରତି ତୁଷ୍ଟ ପ୍ରସନ୍ନ ହେଲେ ଯେପରି ଆନନ୍ଦ ଆସେ, ରାଜପୁତ୍ର ମନରେ ସେହିପରି ଆନନ୍ଦ ଆସିଲା । ୪ ।

ତେଣୁ କହିଲା, ଆଜିର ରାତି ଶେଷ ହୋଇଥିଲା ଅତି ଭଲ ଯୋଗରେ । ମୋ ହାତକୁ ବଳେ ବଳେ ଆକାଶର ଚାନ୍ଦ ଚାଲି ଆସୁଛି । ଯେଉଁ ସମୁଦ୍ର ଜାହାଜ ସାହାଯ୍ୟରେ ବି ପାରିହେବା କଷ୍ଟ, ସେହି ସମୁଦ୍ର ବିନା ନୌକାରେ ବି ମୋତେ ପାର ଈଶ୍ବର କରାଉଛନ୍ତି । ୫ ।

ପ୍ରାଣ ବସାଇବାରୁ ପବନ କଣ ବନ୍ଦୀ ହୋଇଗଲା ? ମୃତ୍ୟୁ ପୂର୍ବରୁ କଣ ବୈକୁଣ୍ଠ ବାସ ମିଳିଲା ? ଯେଉଁ କଥାପାଇଁ ଜୀବନଟା ଋଣୀ ହୋଇ ରହିଥିଲା, ତାକୁ କି ପ୍ରକାର ଧନ ଦେଇ କି ପ୍ରକାର ପରିତୋଷ କରିବ ? ୬ ।

ତେଣେ ବିଦ୍ୟାଧର ଘରେ ବିଭାଘରର ଆୟୋଜନ ଚାଲିବା ଦେଖି ସଖୀ ଜଣେ ହସି ହସି ରସିକ ହାରାବଳୀକୁ କହିଲା—"ଝରକାରେ ଥାଇ ଯେଉଁ ଯୁବା ପୁରୁଷଙ୍କୁ ଦେଖିଥିଲେ, ତାହାରି ସଙ୍ଗେ ତୋ ବାପା ତୋତେ ନେଇ ବିଭା କରାଇବେ ।" ୭ ।

ମଣ୍ଡ ହେଲା ସହଚରୀବାଣୀ । ତସ୍ମରଣେ ଜଗନ୍ନାଥ କୃପା କଲେ ମୋତେ । କେତେ
କେତେ ପୁଣ୍ୟ କରିଥିଲି ମୁଁ ଜନ୍ମାନ୍ତେ । ୮ । ଲଜ୍ଜାକୁ ଦୂରନ୍ତ କଲେ ଅନୁରାଗ
ଯେଣୁ । ଦତ୍ତ କଲା ସଖୀକି ମୁକ୍ତାମାଳା ତେଣୁ । ମନେ ମନାସିଲା ଦେବ ଦେବେ
କେତେ ଭୋଗ । ହୋଇବାକୁ ପୁରୁଷରତନ ସଙ୍ଗେ ଯୋଗ । ୯ । ସ୍ଥିର ହେବ
ବିଜୁଳି ଚନ୍ଦ୍ରମା ହେବ ଥିର । ସବୁଦିନେ ରହିବ ନଦୀରେ ସମ ନୀର । ସ୍ୱପ୍ନ ହେବ
ସତ ସର୍ପ ସୁଧା ଉଦ୍‌ଗିରିବ । କନ୍ୟାର କର୍ମେ ସେ ପୁରୁଷ ଲଭିବ । ୧୦ । ଏଥୁ
ଆନ ରସ ଶୁଣ ସମ୍ଭ୍ରମ ହୋଇ । କନ୍ୟାତାତ ମଙ୍ଗଳ ଉତ୍ସବକୁ ଉଆଇ ।
ସୁବର୍ଣ୍ଣ କଳଶେ ସାତଘରୁ ତୋଳି ଜଳ । ନାପିଣ୍ଡି ହସ୍ତରେ ସୂର୍ପ ରେପି
ନାରିକେଳ । ୧୧ । ଦ୍ୱିଜକନ୍ୟା ସପତ ଗାୟୁଣୀ ଅଭ୍ରମିତ । ବର ଗନ୍ଧଡିଲେ ଯାଇଁ

---

ଜଗଣ୍ଡି—ଅଞ୍ଜଳୀ । ୭ । ଜନ୍ମାନ୍ତେ—ଅନ୍ୟଜନ୍ମରେ । ୮ । ସମ୍ଭ୍ରମ—ହରଷ,
ଆନନ୍ଦିତ, ଏକାଗ୍ର । ସମ୍ଭ୍ରମ—ସ୍ଥିର, ମଙ୍ଗଳଉତ୍ସବ—ବିଭାଘର, ନାପିଣ୍ଡି—
ବାରିକାଣୀ, ସୂର୍ପ—କୁଲା, ନାରିକେଳ—ନଡ଼ିଆ ।୧୧। ଗନ୍ଧଡିଲେ—ମଙ୍ଗୁଳିଲେ,

---

ରାଜପୁତ୍ରଙ୍କୁ ଦେଖିଲା ଦିନୁ ବିରହ ବାଧାରେ କନ୍ୟାଟି ମୃତାପ୍ରାୟ ହୋଇଥିଲା । ସହସା ସଖୀ ମୁଖରୁ ଏଭଳି ଏକ ସୁସମ୍ବାଦ ପାଇ ପୁନର୍ଜୀବନ ପାଇଲା ଭଳି ମନେକଲା ଏବଂ ଭାବିଲା—ଅନ୍ୟ ଜନ୍ମରେ ବହୁତ ପୁଣ୍ୟ କରିଥିବାରୁ ଏ ଜନ୍ମରେ ଜଗନ୍ନାଥ ମୋ ପ୍ରତି କରୁଣା କଲେ । ୮ ।

ସଖୀ କଥା ଶୁଣି ତାକୁ ଯେତିକି ଲାଜ ଲାଗିଲା, ତା ଅପେକ୍ଷା ସ୍ନେହଟା ବେଶି ବଳ ପଡ଼ିବା ହେତୁ ସେ ସଖୀକୁ ଗୋଟିଏ ମୁକ୍ତାମାଳ ଦାନ କଲା । ପୁଣି ମନେ ମନେ କାମନା କଲା, ଯଦି ସେ ପୁରୁଷରତ୍ନ ସଙ୍ଗେ ମୋର ସଂଯୋଗ ହୁଏ, ତେବେ ଦେବତାମାନଙ୍କୁ ଅନେକ ଭୋଗ ଦେବି । ୯ ।

ବିଜୁଳି ସ୍ଥିର ଓ ଚନ୍ଦ୍ର ଥିର ହେବ । ସବୁଦିନେ ନଦୀ ପାଣି ସମାନ ଭାବରେ ରହିବ, ସ୍ୱପ୍ନ କଥା ସତ୍ୟ ହେବ ଓ ସର୍ପ ବିଷ ପରିବର୍ତ୍ତେ ଅମୃତ ଉଦ୍‌ଗାରିବା ଭଳି ମୋର କପାଳ ତାଗାଥିବାରୁ ସେ ପୁରୁଷଙ୍କୁ ଲାଭ କରିବି ସିନା ? ୧୦ ।

ଏଠୁ ଏଣିକି ଧୀର ସ୍ଥିର ହୋଇ ଅନ୍ୟ ରସ ଶ୍ରବଣ କର । କନ୍ୟାର ପିତା ବିଭାଘର ବ୍ୟାପାରରେ ମଙ୍ଗଳ ଉତ୍ସବ କାର୍ଯ୍ୟ ଆରମ୍ଭ କଲେ । ସାତଘରୁ ପାଣି ଆଣି ସୁନାକଳସ ବସିଲା । ବାରିକାଣୀ ହାତରେ କୁଲା ଧରାଇ ନଡ଼ିଆ ଦେଲେ । ୧୧ ।

ହୋଇ ହରଷିତ । ଦୁର୍ଗାଙ୍କୁ ଗହଷି ନୃପସୁତ ପଣକରେ । କନ୍ୟା ଗହଷିଣ କଲ
ପ୍ରେରିତ ସତ୍ୱରେ । ୧୨ । ଉଷାରୁ କୋକଳସ୍ନାନ ଦଧି ଗୁଡ ଘୃତ । ଲବଣତଉଁସ
ପୂଜା କରେ ବିରଚିତ । ବେଳ ଦୁଇଦଣ୍ଡ ଥାଉଁ ବର ଆସି ଗଲେ । ପରେ ଆସୁ
ସୁଷ୍ଟମାନେ ଶାଳକ ବରିଲେ । ୧୩ । ମୃଦଙ୍ଗ ମର୍ଦ୍ଦଳ ତାଳ ଘଣ୍ଟା ଝର୍ଝରୀ ।
କଂସାଳ କାହାଳୀ ଭେରୀ ମହୁରୀ ମାଧୁରୀ । ଶଙ୍ଖନାଦ ବିଶେଷେ ମୃଦଙ୍ଗ ଶିଙ୍ଗା
ଗୀତେ । ବଇତାଳିକ କହନ୍ତି ପଠନ ଭରତେ । ୧୪ । ବାଣଗଣ ଗଣନା ତ ନାହିଁ
ଏତେ ତେତେ । ଦେଖିଲା ଜନ ପ୍ରଶଂସା କରନ୍ତି ସମସ୍ତେ । ଭଲ ବର ସେ
କନ୍ୟାକୁ ଅନୁରୂପ ନିଶ୍ଚୟ । ରତି କାମ ପରାୟେ ଦିଶିବେ ଏହି ଦୁଇ । ୧୫ ।
ନାରୀଏ ବୋଲନ୍ତି ବାଞ୍ଛାକଳ୍ପ ତଳେ ବସି । ଶୋଭାକଳୁଷିକା ଥିଲା ଏ କରୁ
ମନାସି । ପୁରୁଷେ ବାଞ୍ଛିତ ଗଙ୍ଗା ସାଗରରେ ଝାସି । କି କନ୍ୟା ଲଭିଲା ସେ

ପରିକର—ଚାକର  ଶାଳକ—ଶଳା ।୧୩। ଅନୁରୂପ—ଯୋଗ୍ୟ, ଉପଯୁକ୍ତ ।୧୫।
ବାଞ୍ଛାକଳ୍ପ—ଯେଉଁ କଳ୍ପବୃକ୍ଷତଳେ ବସି ଧ୍ୟାନକଲେ କାମନା ସିଦ୍ଧି ହୁଏ, ଶୋଭା-

ବହୁସଂଖ୍ୟକ ଗାୟୁଣୀ ସ୍ତ୍ରୀ ଓ ସାତଗୋଟି ବ୍ରାହ୍ମଣ ସ୍ତ୍ରୀ ଏକାଠି ହୋଇ ଗୀତ ବୋଲି ବୋଲି ବରଙ୍କୁ ଯାଇ ମଙ୍ଗାଇଲେ । ଗ୍ରାମଦେବତୀ ଦୁର୍ଗାଙ୍କୁ ମଙ୍ଗାଇଲେ । ରାଜପୁତ୍ର ଶୀଘ୍ର ଚାକରମାନଙ୍କୁ ପଠାଇ କନ୍ୟାକୁ ମଙ୍ଗାଇଲା । ୧୨ ।

ଖୁବ୍ ସକାଳୁ କୋଇଲିବୁଡ଼ ପଡ଼ିଲା । ଦହି, ଗୁଡ଼, ଘିଅ ଓ ଲବଣ ରଖିବା ପୂଜାବିଧି ହେଲା । ବର ଆଣିବାକୁ ଗଲେ ମାତ୍ର ଦୁଇଦଣ୍ଡ ଦିନ ଥାଇ । ବର ଆସିଲା । ବାଟରେ ଶଳାମାନେ ଆସି ଫୁଲମାଳ ଦେଲେ ଓ ବାଟବରଣ କଲେ । ୧୩ ।

ମୃଦଙ୍ଗ, ପଖାଉଜ, ଝାଞ୍ଜ, ଗିନି, ଝର୍ଝରୀ, କାହାଳୀ, ଭେରୀ, ମହୁରୀ, ମାଧୁରୀ, ଶଙ୍ଖ, ଶିଙ୍ଗା ଇତ୍ୟାଦି ବାଜିଲା । ଭାଟମାନେ କବିତାଛଳେ ମଙ୍ଗଳ ଗାନ କରିବାରେ ଲାଗିଲେ । ୧୪ ।

ଅସଂଖ୍ୟ ବାଣ ମରୁଥାଏ । ଲୋକେ ସମସ୍ତେ ପ୍ରଶଂସା କରୁଥାନ୍ତି । ବଢ଼ିଆ ବରଟିଏ—କନ୍ୟାର ଉପଯୁକ୍ତ ହୋଇଛି । ଏ ଦୁହେଁ ଏକାଠି ହେଲେ ରତି ଓ ସେ କାମ ପରି ଦିଶିବେ । ୧୫ ।

ନାରୀମାନେ କହୁଥାନ୍ତି ରସିକ ହାରାବଳୀ ବାଞ୍ଛାକଳ୍ପ ତଳେ ବସି କାମନା କରୁଥିବାରୁ ଏ ବର ପାଇଛି କନ୍ୟା ଏହି ପୁରୁଷକୁ ପାଇବାପାଇଁ ଗଙ୍ଗା ସାଗରରେ

ମନାଇଁ କାଶୀବାସୀ । ୧୬ । ଏ ସମୟେ କୁମର ମଣ୍ଡପେ ପ୍ରବେଶ । ଦ୍ୱିଜେ କର୍ମ ଆରମ୍ଭିଲେ କରି ବେଦଘୋଷ । ଅନ୍ତଃପୁରବଧୂସ୍ତ ନାଶ୍ରୀ ଗବାକ୍ଷେ ଅନାଇଁ । ଧୀର କରି କହନ୍ତି ସେ କେମାକଶ୍ରୀ ଯଇ । ୧୭ । ଧନ୍ୟ ତୋର ତପ ଭୂ କନ୍ଦର୍ପ ପ୍ରାପ୍ତ କରୁ । ପାଇଲୁ ନର୍ଭରେ ମନବୋଇ ଭୋଗ କରୁ । କନ୍ୟା ସାନଭଗିନୀ କୁମାର ଶୋଭା ସ୍ମରନ୍ତି । କସ୍ମରନ୍ତି ଆମ୍ଭର ଏମନ୍ତ କର୍ମ କାହିଁ । ୧୮ । ଏ ପୁରୁଷ ହୋଇ-ଥାନ୍ତା ଯେବେ ଆମ୍ଭ ବର । ଏବା ନଶି ହୋଇବାର ନୁହନ୍ତା ଗୋଚର । ଧାତା ଷରବାସ୍ପ କନ୍ଧ ହେଲେ ଦେଇଥାନ୍ତା । ସେବାବେଳେ କରପଦ୍ମ ଅଙ୍ଗେ ଲାଗନ୍ତା । ୧୯ । ଏ କାଳରେ ବାସକ ମଣ୍ଡପ ପାଶେ ଧରି । ଦାସୀ ଭଳେ କସ୍ବରେ କନକ ଗଞ୍ଜସ୍ଥ । ଲବଣ ତଣ୍ଡୁଁସ୍ଥ ବ୍ୟାଜେ କବା ମନ୍ଦଧୂଳ । ମାଣ ଉଚ୍ଚାଟ କରାଇ

---

କଞ୍ଜଲୀ—ଏ କାବ୍ୟର ନାୟିକା, କାଶୀବାସୀ—ବିଶ୍ୱେଶ୍ୱର । ଗବାକ୍ଷ—ଜଳାକବାଟି । ବାସକ ମଣ୍ଡପ—ବିଭାବେଦୀ, କନକଗଞ୍ଜସ୍ଥ—କନ୍ୟା । ଉଚ୍ଚାଟ—

---

ଝାସ ଦେଇଥିଲା କି କାଶୀ ବିଶ୍ୱନାଥଙ୍କୁ ସେବାରେ ମନାଇଥିଲା । ତେଣୁ ଏଭଳି ବରଟିଏ ପାଇଲା । ୧୬ ।

ଏତିକିବେଳେ ରାଜପୁତ୍ର ଆସି ବିଭା ମଣ୍ଡପରେ ପହଞ୍ଚିଗଲା । ବ୍ରାହ୍ମଣମାନେ ବେଦ ଉଚ୍ଚାରଣ କରି କର୍ମ ଆରମ୍ଭ କଲେ । ଭିତର ପୁରରେ ଥିବା ନାରୀମାନେ ଜଳାକବାଟୀ ବାଟେ ଅନାଇ ରସିକ ହାରାବଳୀ କାନରେ ଧୀରେ ଧୀରେ କହୁଥାନ୍ତି । ୧୭ । ତୋ ତପସ୍ୟାକୁ ଧନ୍ୟ ଲୋ ! କାମଦେବ ଭଳି ବରଟିଏ ପାଇଲୁ । ତା ମନବୋଲି ନର୍ଭର ଭାବେ ଉପଭୋଗ କରୁଥା । ସେ କନ୍ୟାର ସାନଭଉଣୀମାନେ ବରଟିର ସୌନ୍ଦର୍ଯ୍ୟ ଦର୍ଶନ କରି ମନେ ମନେ ଭାବୁଥାନ୍ତି—ଆମ୍ଭମାନଙ୍କର ଏଭଳି ଭାଗ୍ୟ କାହିଁ ? ୧୮ ।

ଯଦି ଏ ପୁରୁଷ ଆମ୍ଭ ବର ହୋଇଥାନ୍ତା, ତେବେ ଏବେ କେତେବେଳେ ହେଉଛି, ରାତି କେତେବେଳେ ହେଉଛି, କିଛି ବାରି ହୁଅନ୍ତା ନାହିଁ । ତା ନ ହେଲା ତ ନାହିଁ । ବିଧାତା ଆମ୍ଭମାନଙ୍କୁ ଯେବେ ସେବକାଣୀ କରି ଦେଇଥାନ୍ତା, ତେବେ ତ ତାଙ୍କର ସେବା କରିବାକୁ ପାଆନ୍ତୁ । ସେତିକିବେଳେ ତାଙ୍କ କରପଦ୍ମ ଆମ ଦେହରେ ଲାଗନ୍ତା । ସେତିକିରେ ତ ସ୍ୱର୍ଗସୁଖ ପାଆନ୍ତୁ । ୧୯ ।

ଏତିକିବେଳେ ବିଭାବେଦୀ ପାଖରେ କନ୍ୟାକୁ ନେଇ ଦାସୀମାନେ ପହଞ୍ଚାଇ ଦେଲେ । ବର ଉପରକୁ କନ୍ୟା ଯେତେବେଳେ ଲବଣ ତଣ୍ଡୁଳ ପକାଇ

ଗଲା ନବବାଳୀ । ୨୦ । କୁମାର ନେତ୍ର ମନକୁ ସଙ୍ଗେ ପଠିଆଇ । ବିଳମ୍ବ ନ କରି ରମା ଆଣ ବାହୁଡ଼ାଇ । ଆସେ ଶୁଣାଇବା ଅବଧାନ ଏଣୁ ହେଜେ । ଅଙ୍ଗ ସଙ୍କୋଚପଶାତ ପ୍ରେରିତ ଜନ ବ୍ୟାଜେ । ୨୧ । ଭଲ ଶ୍ଳାଘ୍ୟ ଚତୁର ପାରିଲା ହୃଦ ଜାଣି । ଧନ୍ୟ ରସିକ କପଟେ ଆସିଛନ୍ତି ଅଣି । ଏ ସମସ୍ତେ ହୁଳହୁଳି ଦେଇ ଦାସୀମାନେ । କନ୍ୟାକୁ ପ୍ରବେଶ କଲେ ବର ସନ୍ନିଧାନେ । ୨୨ । ଯଥାବିଧି କର୍ମକୁ ସାରିଲେ ପୁରୋହିତ । କମ୍ବୁରେ ଅମ୍ବୁ ଢାଳିଣ ଦେଲେ କନ୍ୟାତାତ । ଶଙ୍ଖ ଜ ଜାଢ଼ିଲା ରମା କଣ୍ଠ ନଖାଗ୍ର ଗୁଣ୍ଠି । କୁନ୍ଦେ କ୍ଳେଶ ଖାଇଲି ସମାନ ହେଲି ନାହିଁ । ୨୩ । ନୀଳାହେମ ନ କଲେଟି ଦଣ୍ଡିଲେ ଲଜ୍ଜାକୁ । ମଧୂଶ୍ରାସ୍ୟା ସଦନେ

---

ଅସ୍ଥିର, ଅବଧାନ – ଅବଧି । ସଙ୍କୋଚପଶାତ—ପଇତା, ବ୍ୟାଜ—ଛଳେ ।୨୧। ସନ୍ନିଧାନେ – ପାଖରେ ।୨୨। ଜାଢ଼—ଖାଇ । ୨୪ । କୋକନଦ—ରକ୍ତପଦ୍ମ ।

---

ହେଲା, ଯେତେବେଳେ ଜେଜା ମନ୍ଥଧୂଳି ଉଡାଇ ଦର୍ଶକମାନଙ୍କ ମନକୁ ଯେପରି ଉଚାଟ କରାଏ, ବର ମନ ସେହିପରି ଉଚାଟ ହୋଇ ଉଠିଲା । ୨୦ ।

କୁମାରର ମନ ଆଉ ନୟନ ଦୁହିଙ୍କୁ କନ୍ୟା ସଙ୍ଗ ପଠାଇ ଦେଲ । ଅର୍ଥାତ୍ ନିଜେ ସିନା ବର ହୋଇ ବେଦୀରେ ବସିଛି, ଆଖି ଆଉ ମନ ଏ ଦୁହେଁ କନ୍ୟାର ରୂପଲାବଣ୍ୟ ସନ୍ଦର୍ଶନ ଆଶା ଛାଡ଼ି ନପାରି ତା ସଙ୍ଗେ ସଙ୍ଗେ ଚାଲିଲେ । ବର ନିଜେ କନ୍ୟାକୁ ଆଣ ବୋଲି କହି ନ ପାରିବା ଯୋଗେ ନିଜେ ପକାଇଥିବା ପଇତାଟିକୁ ପଠାଇଲା—କନ୍ୟା ପିନ୍ଧିବ ବୋଲି । ୨୧ ।

କନ୍ୟା ବରର ମନ୍ତ ଗତି ବୁଝିପାରି ଭାବିଲା—ମୋ ଭାଗ୍ୟ ଭଲ । ଏ ପଇତାଟାକୁ ସେ କପଟରେ ପଠାଇଛନ୍ତି ମୋତେ ତାଙ୍କ ପାଖକୁ ନେବା ପାଇଁ । ଠିକ୍ ଏତିକିବେଳେ ପରିଚାରିକାମାନେ ହୁଳହୁଳି ଦେଇ କନ୍ୟାକୁ ନେଇଗଲେ ଓ ବର ପାଖରେ ବସାଇଲେ । ୨୨ ।

ପୁରୋହିତମାନେ ଯଥା ବିଧି ବିଧାନରେ ବିବାହ କର୍ମ କରାଇ ଦେଲନ୍ତି, କନ୍ୟାର ବାପା ଶଙ୍ଖରେ ଜଳ ଟେକ ଦେଲେ । ଶଙ୍ଖରୁ ଯେଉଁ ଜଳ ନିଗୁଡ଼ୁ ଥିଲା ତାହା କବିଙ୍କୁ ଜଣାଗଲା ଲୁହ ଗଡ଼ିଲା ପରି । ସେଣୁ ସେ ଭାବିଲେ—ଶଙ୍ଖ କାନ୍ଦୁଛି । କାହିଁକି ? କନ୍ୟାର ରସାଣିତ କଣ୍ଠକୁ ଚାହିଁ କରି । ଭାବୁଛି, ମୁଁ ହେଉଛି ଶଙ୍ଖ । ମୋର ଦେହ ସୁନ୍ଦର କରିବାକୁ କୁନ୍ଦରେ କମ୍ପି ଅନେକ କଷ୍ଟ ପାଇଲି । ତଥାପି ତ କମ୍ବୁକଣ୍ଠି ରସିକ ହାରାବଳୀ କଣ୍ଠ ସଙ୍ଗେ ସମାନ ହୋଇ ପାରିଲି ନାହିଁ । ୨୩ ।

କହିବାକୁ ଚେଷ୍ଟାକୁ । ଉରଜକୁ ଭୁଲ ହେଉ ବୋଲି ଏହା ଶ୍ରମ । ନାରିକେଳ
ଫଳକୁ ଅନେକେ ହେଲେ ଜ୍ଞାନ ।୨୪। କରପଦ୍ମ କୋକନଦ ଶୋଭା କଲେ ଶ୍ରେଷ୍ଠ ।
କୁଶେ ବାନ୍ଧି ଦଣ୍ଡ ଦେଲେ ଭୂସୁରେ ଉତ୍କଟ । ଶାସ୍ତି ଅନ୍ତେ ଦୟା କରି
ହେଲେ ତା ଫିଟାଇ । ଅନ୍ତଃପୁରେ ନେଇ ଜୂତ ଖେଳାଇଲେ ସଖୀ । ୨୫ ।
ଅବଳା ବୋଲନ୍ତି ବଳ ଦେଖାଇବା ପାଇଁ । ହସ୍ତେ ବରାଟକ ଦୃଢ଼ କରି ସେ
ଚପାଇ । ଏଥୁଅନ୍ତେ ଭୋଜନ ନିମନ୍ତେ ଘେନି ଗଲେ । ଏକସ୍ଥାନେ ଦ୍ରବ୍ୟ ଭୋଜ୍ୟ
ଯାହେଁ ବସାଇଲେ । ୨୬ । ପଞ୍ଚବାଣବାସରୁ ତରିଲ ପଞ୍ଚଗ୍ରାସୀ । କର ବୋଲି
କହିଲ ଦ୍ୱିଜରମଣୀ ହସି । ଏ ଗ୍ରନ୍ଥ ଯେତେକ ସୁକୁସ କବିଙ୍କ ଗୋଚର । ରସେ
କହେ ଉପେନ୍ଦ୍ର ଭଞ୍ଜ ସାରବର । ୨୭ ।

ଭୂସୁରେ—ବ୍ରାହ୍ମଣମାନେ । ଜୂତ—ଜୁଆ ବା କଉଡ଼ି ।୨୫। ବରାଟକ—କଉଡ଼ି । ଭୋଜ୍ୟ—ଖାଦ୍ୟସାମଗ୍ରୀ । ୨୬। ପଞ୍ଚବାଣ—କନ୍ଦର୍ପ, ବାସ—ଭୟ । ୨୭ ।

ଲଜ୍ଜା ହୋମସ୍ଥଳରେ ଲଜ୍ଜାକୁ ଦହନ କଲେ । କାରଣ, ବରକନ୍ୟା ମଧୁଶଯ୍ୟା ଘରେ ଏକତ୍ର ହେଲାବେଳକୁ ଯେପରି ଲଜ୍ଜାର ଆଉ ସତ୍ତା ନଥିବ । ନଡ଼ିଆଟା ଥିଲେ କାଳେ କୁଚ ସଙ୍ଗେ ସମାନ ହେବ ବୋଲି ତାକୁ ସେ ହୋମ ନିଆଁରେ ପୋଡ଼ି ପକାଇଲେ । ୨୪ ।

କନ୍ୟାର କରପଦ୍ମ ରକ୍ତପଦ୍ମଠାରୁ ଆହୁରି ତେଜସ୍ୱାନ ହୋଇଥିବା ଦେଖି ବ୍ରାହ୍ମଣମାନଙ୍କର ହିଂସା ହେଲା । ତେଣୁ ସେମାନେ ତାକୁ କିଛିକାଳ ପାଇଁ କୁଶ ଦ୍ୱାରା ବନ୍ଧନ କରି ଦଣ୍ଡ ଦେଲେ । ପରେ ପୁଣି ଦୟା କରି ଫିଟାଇ ଦେବାରୁ ସଖୀମାନେ ଭିତରପୁରକୁ ନେଇ ଗଲେ ଓ ବରକନ୍ୟାଙ୍କୁ କଉଡ଼ି ଖେଳାଇଲେ । ୨୫ ।

ସ୍ତ୍ରୀମାନଙ୍କୁ ପୁରୁଷମାନେ ଅବଳା କହୁଥିବାରୁ ସେମାନେ ନିଜର ବଳ ଦେଖାଇବା ଉଦ୍ଦେଶ୍ୟରେ କନ୍ୟାକୁ ଖୁବ୍ ଜୋର କରି କଉଡ଼ି ଧରାଉଥାନ୍ତି । ବର ଯେମିତି ଛଡ଼ାଇ ନପାରି ଲଜ୍ଜା ପାଇବ । ଏମିତି ଏମିତି କଉଡ଼ି ଖେଳ ସରିଗଲାରୁ ପଞ୍ଚଗ୍ରାସୀ (ଭୋଜନ) ପାଇଁ ନେଇଗଲେ । ବର ଓ କନ୍ୟାଙ୍କୁ ଉତ୍ତମ ଭୋଜନ ପାଖରେ ବସାଇଲେ । ୨୬ ।

ଗୋଟିଏ ଦ୍ୱିଜନାରୀ ହସି ହସି କହିଲା—(ପଞ୍ଚବାଣ)—କନ୍ଦର୍ପ ବାସରୁ ତ ରକ୍ଷା ପାଇଲ, ଏବେ (ପଞ୍ଚଗ୍ରାସ) ଭୋଜନ କର । ତା ପରେ ଭଞ୍ଜ କହିଲେ—

## ଷଷ୍ଠ ଛାନ୍ଦ

[ ମଧୁଶଯ୍ୟା ଓ ଏକାନ୍ତ କ୍ରୀଡ଼ା ବିଷୟ ବର୍ଣ୍ଣନ ]

ରାଗ—ବରାଡ଼ୀ, ଚକଣାବାଣୀ ।

ସଖୀ ଗଲେ ମଧୁଶଯ୍ୟାପୁର ମଣ୍ଡିବାକୁ । ମଣ୍ଡିବାକୁ ନୋହେ ସିନା ଲଜ୍ଜା ଖଣ୍ଡିବାକୁ । ଖଣ୍ଡିବାକୁ ଲଜ୍ଜା କି ପୁରୁଷ ଦୁଃଖକୂଳ । ଦଣ୍ଡିବାକୁ ନିଷ୍ଟପ୍ରୁ ହୋଇବ ଅନୁକୂଳ । ୧ । ବେଶ କଲେ କେତେ ସଖୀ ରମଣୀରତନ । ବେଶ ନ କଲେ ଦେଖିଲେଟି କାମେ ଜୀବଦାନ । କାମେ ଜୀବଦାନଟି ଦେଖିବାର ନୋହେ ଶଙ୍କା । ଏଥିର ସମାଧିଭଙ୍ଗ ହୋଇବେ ହିନେଜ । ୨ । ହିନେଜ ସମାଧିଭଙ୍ଗ ତାକୁ କେତେ କଥା । ଯୁବାଜାଳୁ ମଦନ ଭୟରେ କଷ୍ଟ ବ୍ୟଥା । ଉରଜବ୍ୟାଜରେ ଯାଇ ଶରଣ ପଶିଲେ । ଜନ ଉପହାସକୁ ଯେ ବସନେ ଲୁଚିଲେ । ୩ । ଏକାଳେ ତା ଶୋଭା ଶୁଣି ସହଚରୀଗଣେ । ହାସ ବଚନକୁ ଆରମ୍ଭିଲେ ଜଣେ ଜଣେ । କେ ନାସା-

---

ମଣ୍ଡିବା—ସାଜିବା, ମଧୁଶଯ୍ୟାଗୃହ—କେଳିସଦନ । ଖଣ୍ଡିବା—ଖଣ୍ଡନ କରିବା । ୧ । ନାସାମୋତି—ଫୁଲଗୁଣା । ୪ । ଦିଗମ୍ବରଭୂଷା—ଲଙ୍ଗଳାବେଶ ।

---

ଏ ଗ୍ରନ୍ଥରେ ଯେତେ ପ୍ରକାର ଶୃଙ୍ଗାରର ଅବତାରଣା କରାଯାଇଅଛି, ତାହା ଭଲ ଭାବରେ କବିମାନଙ୍କୁ ଜଣାଅଛି । ୨୭ ।

—o—

ମଧୁଶଯ୍ୟାଗୃହ ମଣ୍ଡିବାକୁ ସଖୀମାନେ ଗଲେ ନାହିଁ ଯେ, ଗଲେ ଲଜ୍ଜା ଖଣ୍ଡନ କରିବାକୁ । ତା ପରେ ପୁରୁଷର ଦୁଃଖପ୍ରୀତିକୁ ଦଣ୍ଡ ଦେବା ପାଇଁ ପ୍ରିୟା କଥା କହିଲେ ଅନ୍ତଶ୍ରେଷ୍ଠ ହେବ । ୧ ।

କେତେଗୁଡ଼ିଏ ସଖୀ ରସିକ ହାରାବଳୀକୁ ବେଶ କରାଇଲେ । ସେ ବେଶ ଦ୍ୱାରା ଜଣାଗଲା ସତେ ଯେପରି କାମଦେବ ଜୀବନ୍ତ ହୋଇ ଉଠୁଛି । ପୁଣି ଖୋଲା ବେଶକୁ ଏହାଦ୍ୱାରା ଖାଲି କାମଦେବ ଜୀବନ୍ତ ହେଉନାହିଁ । ଏ ବେଶ ଦେଖିଲେ ଶିବଙ୍କର ମଧ୍ୟ ଯୋଗ ଭଗ୍ନ ହେବ । ୨ ।

ଶିବଙ୍କ ଯୋଗ ଭଗ୍ନ କଥା ବା କଣ କହିବା ? ଯେ ତ ଯୁବାଜାଳରୁ କନ୍ଦର୍ପକୁ ଡରି କୁଚଛଳରେ ଶରଣ ନେଇଥିଲେ ସ୍ତ୍ରୀମାନଙ୍କ ବକ୍ଷରେ । ଲୋକେ ଏ କଥା ଶୁଣି କାଳେ ହସରେ ଉଡ଼ାଇ ଦେବେ, ଏଥିପାଇଁ ଲୁଗା ଭିତରେ ଲୁଚିଗଲେ । ୩ ।

ମୋତିକି ବୁନ୍ଦି ବୋଲନ୍ତି ସମସ୍ତ । ଏ ବେଶକୁ ଚନ୍ଦ୍ରମୁଖୀ ହୋଇବ ତ କାନ୍ତ । ୪ । ଶାଢ଼ୀ ସଜାଡ଼ି ଦିଅନ୍ତି କେ ପରିହାସେ କହି । ଶିଶୁକାଳ ଦଶମୂଳଭୁକ୍ତ ଶିବେ ଦେଇ । ଅଳ୍ପ ଘର ଘଷଣ ଆଣିବୁ ଏ ନଣିଥେ । ଏବେ ତ୍ରପା କପାଁ ପାଉ ତହିଁକି ଅର୍ଥେ । ୫ । କେ କହିଲ ଜଡ଼ା ଭଲ ନ ଭଲ ତ ବେଣୀ । ହୋ ବନ୍ଧୁର କାହିଁକି ଜେମା ଭ୍ରତେ ଶୁଣି । ସେ ବୋଇଲେ ଏ କଥାରୁ ଜଣ୍ଣ ନାହିଁ ଆନ । ନ ଫିଟନ୍ତା ସେ ସମୟେ କରନ୍ତା ନର୍ତ୍ତନ । ୬ । ଚତୁରୀଏ କହିଲେ ସୁଦତୀ ପକ୍ଷ ହୋଇ । ତୁମ୍ଭର କଥାକୁ ମନ ରଖିବ କି ସଖୀ । ବନ୍ଧୁର ନାହିଁ କି ଯେ ଯାହାର ସେ ତାହାର । ଭେଟ ହେବାଯାଏ ସିନା ମଧ୍ୟସ୍ଥେ ଆଦର । ୭ । ସେ ସମୟେ କେଳିପୁରେ କୁମର ବସାଇ । ବିଜେ କରାଇଲେ ପୂର୍ଣ୍ଣସୁଧାକରମୁଖୀ । ପାଦେ

ତ୍ରପା—ଲଜ୍ଜା । ୫ । ଭେଟ—ସାକ୍ଷାତ । ମଧ୍ୟସ୍ଥ—ମଧ୍ୟପାତ୍ର । ୭ । ସୁଧାକର—ଚନ୍ଦ୍ର, ଅରୁଣଅମ୍ବୁଜ—ରକ୍ତପଦ୍ମ । ଦେହଳୀ—ଦ୍ୱାରବନ୍ଧ, ଚନ୍ଦ୍ରକାନ୍ତ—

ସହଚରୀମାନେ ଏହି ସମୟରେ କନ୍ୟାର ଶୋଭା ଦେଖି ହାସ ପରିହାସ କଥା ଆରମ୍ଭ କରିଦେଲେ । କେହି ଫୁଲଗୁଣାକୁ ଅନାଇ କହିଲା—"ଆଗୋ, ଏ ବେଶକୁ ତ ସ୍ୱାମୀ ମିଳନ୍ତୁ । ଆଉ ଭାବନା କଣ ?" ୪ ।

ଶାଢ଼ୀ ସଜାଡ଼ି ଦିଅନ୍ତି ବେଳକୁ କେହି ଥଟ୍ଟା କରି କହିଲା—"ପିଲା-ଦିନର ଲଙ୍ଗଳା ବେଶଟା ଶିବଙ୍କୁ ଦେଇଛୁ । ଆଜି ରାତିକି ତ ଫେରାଇ ଆଣିବୁ । ବୃଥାଟାରେ ଲାଜ କରୁଛୁ କାହିଁକି ?" ୫ ।

କେହି କହିଲା—ମୁଣ୍ଡରେ ବେଣୀ ନ ପକାଇ ଜୁଡ଼ା ପାରିଲ କାହିଁକି ? ଏ କଥା ଶୁଣି କନ୍ୟା କହିଲା—ତୁମେମାନେ ଏପରି କଥା କାହିଁକି କହୁଛ ? ଏ କଥା ଶୁଣି ଗୋଟିଏ ସଖୀ କହିଲା—କାମ ସମର ବେଳେ ବେଣୀ ତ ଫିଟି ଯାଆନ୍ତା ନାହିଁ, ବରଂ ନାଚୁ ଥାଆନ୍ତା । ୬ ।

ଗୋଟିଏ ଚତୁରୀ ସଖୀ କନ୍ୟାର ପକ୍ଷ ହୋଇ ଜେମାଦେଈ ଆମର ତମମାନଙ୍କ କଥାରେ ଲାଜ କରିବେ କାହିଁକି ? ସେ କଣ ନିଜେ ଭାବ ବନ୍ଧୁର ପାରନ୍ତି ନାହିଁ; ନାଁ, ଯେ ଯାହାର ସେ ତାହାର—ଏ ବନ୍ଧୁର କଣ ତାଙ୍କର ନାହିଁ । ଯେ ପର୍ଯ୍ୟନ୍ତ ରସିକା ରସିକ ଭେଟ ହୋଇ ନଥାନ୍ତି ସେ ପର୍ଯ୍ୟନ୍ତ ମଧ୍ୟସ୍ଥ ପ୍ରତି ଆଦର ଥାଏ, ଭେଟ ହେଲା ପରେ ମଧ୍ୟସ୍ଥକୁ ଆଉ ପଚାରେ କିଏ ? ୭ ।

ଏଣିକି ସଖୀମାନେ କୁମାରଙ୍କୁ ମଧୁଶଯ୍ୟା ଗୃହରେ ବସାଇ ପୂର୍ଣ୍ଣ ଚନ୍ଦ୍ର-ବଦନା ରସିକ ହାରାବଳୀକି ପହଞ୍ଚାଇ ଦେଲେ । କନ୍ୟାର ପାଦ ବଢ଼ୁଥିଲା

ଅରୁଣ-ଅମ୍ବୁଜ ଉପମା ଉଚିତ । ଦେହଳୀ ନନ୍ଦବାଡ଼କୁ ନ ଲଙ୍ଘି ସ୍ଥକିତ ।୮।
ଠେଲି ନେଇ ସଖୀଏ କହିଲେ ନାଗରକୁ । ରସ ରଖି ଭୋଗ କର ରସିକା-
ବରକୁ । ଚନ୍ଦ୍ରମା ଶୀତଳ ସୁଧାମୟ ହେଲେ ଏବେ । ଶେଷ ରଖି ସିନା ଭୋଗ
କରୁଛନ୍ତି ଦେବେ । ୯ । ଏ ତ ଅନୁଭବୀ ନୁହେଁ ନବୀନବୟସୀ । ସୁନ୍ଦର ସୁଗନ୍ଧ
ରସେ ମାଳତୀ ସଦୃଶୀ । ତୁମ୍ଭେ ପୁରୁଷଭ୍ରମର ନୋହିବ ଆତୁର । ଶ୍ରୁମ୍ଭ
ସନ୍ତୋଷକୁ ସିନା ଉକାଣ୍ଠ ଏହାର । ୧୦ । ଏତେ କହି କବାଟ ଦେଲେଣ ସେ
ଅନ୍ତର । କାନ୍ତା ଭକ୍ତ କାନ୍ତ ଏକାନ୍ତେ ଅନାଇଁ କାତର । ନେଲ କର ଧରି ବେଗେ
ପଲଙ୍କ ଉପରେ । କାନ୍ତୁରେ ବସାନ୍ତେ ଖସି ବସଇ ଶେଯରେ । ୧୧ । ଚିବୁକ
ଧରି ଟେକିଲେ ବଦନ ସୁମୁଖୀ । କରଇ ତଳକୁ ଦୃଷ୍ଟି ଅପୂ ତା ନ ରଖି ।

---

ଲୋକାଲୋକଗିରି । ସ୍ଥକିତ—ସ୍ଥିର ।୮। ସୀକାର—ଅଙ୍ଗୀକାର । ସୁରଶାସ୍ତ୍ର—

---

ଚକ୍ରପଦ୍ମ ପରି । ଘରର ଦ୍ୱାରବନ୍ଧକୁ କବି ଲୋକାଲୋକଗିରି ଉପମାରେ ଭୂଷଣ କରି କହୁଛନ୍ତି—ଜଣାଇ ଦ୍ୱାରବନ୍ଧ ଏ ପାଖରେ ଠିଆ ହେଲା ନାହିଁ ଯେ, ଦ୍ୱାରବନ୍ଧ ରୂପକ ଲୋକ ପର୍ବତକୁ ଲଙ୍ଘନ ନ କରି ସ୍ଥିର ହୋଇଗଲା । ୮ ।

ସଖୀମାନେ ଜୋର କରି ତାକୁ ଘର ଭିତରକୁ ପେଲି ଦେଲେ ଓ କହିଲେ—ହେ ରସିକ ! ଆମର ଏ ଶ୍ରେଷ୍ଠ ରସିକାକୁ ସାଉଣ୍ଟେଇ ପାରିବ ନାହିଁ । ରସ ରଖି କରି ଉପଭୋଗ କରିବ । ଚନ୍ଦ୍ରମା ଅମୃତପୂର୍ଣ୍ଣ ଓ ଶୀତଳ ହେଲେ ମଧ୍ୟ ଦେବତାମାନେ ସମ୍ପୂର୍ଣ୍ଣ ଭୋଗ କରନ୍ତି ନାହିଁ । ଗୋଟିଏ ମାତ୍ର କଳା ଛାଡ଼ି ଦିଅନ୍ତି । ୯ ।

ନୂଆ ବୟସୀ ସଖିଟି ଆମର । ପ୍ରେମ ରସ ସମ୍ବନ୍ଧେ କିଛି ଅନୁଭବ କରିନାହିଁ । ମାଳତୀ ଫୁଲ ପରି ସୁନ୍ଦର, ସୁବାସ, ରସ ସବୁ ସାଇତି ରଖିଛି । ତୁମେ ପୁରୁଷ ଭ୍ରମର ହେଲେ ତାଙ୍କ ଉପରେ ସବୁପାଇଁ ମଧ୍ୟ ଏକାବେଳକେ ଶୋଷି ନେବ ନାହିଁ । କାରଣ, ଏ ଫୁଲ ଫୁଟିଛି କେବଳ ଭ୍ରମର ଶାନ୍ତ କରିବା ପାଇଁ ନିମନ୍ତେ । ୧୦ ।

ଏତିକି କହି ସେମାନେ କବାଟ ଦେଇ ଚାଲିଗଲେ । ତା ପରେ ସ୍ୱାମୀ ତାର ପତ୍ନୀକୁ ଅନାଇ ଟିକିଏ କାତର ହୋଇଗଲା । ହାତ ଧରି ପଲଙ୍କ ଉପରକୁ ନେଇ ଭିତରେ ବସାଇ ଦେଲାପରେ କାମିନୀ ଖସି ଆସି ଶେଯରେ ବସୁଥାଏ ।୧୧।

ଏ କଥା ଦେଖି କାନ୍ତ ତାର ଓଷ୍ଠ ଧରି ତଳକୁ ହୋଇଥିବା ମୁହଁ ଉପରକୁ ଟେକି ଧରିଲା । କିନ୍ତୁ ସେ ସୁନ୍ଦରମୁଖୀ କାନ୍ତା ସଲଜ ଭଳି ତାକୁ

ଗଜମୋତିମାଳା ବାଳା ଗଳାରେ ଲମ୍ବାଇ । ପାଲଟି ଉତ୍ତ ରମଣ ମାଗିଲା
ମଣାଇଁ । ୧୨ । ବନସ୍ଥ ଭାଷି ନଯ୍ୟନ ଶୀତ୍କାର ଜାଣି । ସୁରଶାସ୍ତ୍ର ବିଧାନମାନଙ୍କୁ
ମନେ ଗୁଣି । ମୁଖଚୁମ୍ବି ଭୃଙ୍ଗ ଚକୋରଙ୍କ ନିନ୍ଦା କଲା । କି ରସ ଚନ୍ଦ୍ର ପଦ୍ମରେ
ଥିବ ସେ ଭାବିଲା । ୧୩ । ପୁନଃପୁନଃ ସୁରେ ଧିକ କଲା ଓଷ୍ଠପାନେ । ଚତୁରିଲା
ସୁଧା ନାହିଁ ସ୍ଵାଦୁ ଏ ଦମାନେ । ଶଶୀବିହୀନ ଗିରିଶ ଭ୍ରମ କରି ମନେ । ଭଲ
ସୁରସିକ କଲା ସ୍ତନଖଣ୍ଡ ନଖମୁନେ । ୧୪ । ଉରଜଦ୍ଵୟରେ କର-ପୀଡ଼ା ପୁଣ
କରି । ମଦନ ଭ୍ରମରେ ମୁଷ୍ଟିତାଡ଼ନ ଆଦରି । ଆଲିଙ୍ଗନେ ମନେ ମନେ ମହା-
ସୁଖ ପାଇ । ମୃଦୁ ଶୀତଳ ଲବଣୀ ଚନ୍ଦ୍ରମା ନିନ୍ଦଇ । ୧୫ । ଶ୍ରୁତିରେ ଜିହ୍ଵା

---

କାମବିଜ୍ଞାନ । ଭୃଙ୍ଗ—ଭ୍ରମର ।୧୩। ସୁରେ—ଦେବତାମାନଙ୍କୁ । ଶଶୀବିହୀନ—ଚନ୍ଦ୍ର-
ଶୂନ୍ୟ । ଗିରିଶ—ଶିବ ।୧୫। ଆଲିଙ୍ଗନ—ବାହୁପାଶ ଦ୍ଵାରା ବନ୍ଧନ । ଶୀତ୍କାର—

---

ମୁହଁକୁ ଅନାଇଁ ନପାରି ପୁଣି ଅଖି ତଳ ଆଡ଼କୁ କରୁଥାଏ । ତା ପରେ
ଗଜମୁକ୍ତାର ସୁନ୍ଦର ହାରଟିଏ କନ୍ୟା ଗଳାରେ ଲମ୍ବାଇ ଦେଇ ବୁଝାଇ ସୁଝାଇ
ଓଲଟି ଉତ୍ତ ମାଗିଲା । ୧୨ ।

କୁମାର ଜାଣି ପାରିଲା, ରତେଚ୍ଛୁଭାଷିଣୀ କନ୍ୟାର ମୋ କଥାରେ ସଜ
ଅଛି । ତେଣୁ ସେ କାମବିଜ୍ଞାନ କଥା ଦେଖି ଦେଲା । କାନ୍ତା ମୁଖରେ ଗୋଟିଏ
ମାତ୍ର ଚୁମ୍ବନ ଦେଇ ଭ୍ରମର ଓ ଚକୋର ଏ ଦୁହିଙ୍କୁ ନିନ୍ଦା କରି ଭାବିଲା—ଭ୍ରମର
ପଦ୍ମରୁ ଓ ଚକୋର ଚନ୍ଦ୍ରରୁ କି ରସ ପାଆନ୍ତି ବୋଲି ନିଜକୁ ରସିକ
ବୋଲନ୍ତି ? ୧୩ ।

ବାରମ୍ବାର କନ୍ୟା ମୁଖ ଚୁମ୍ବନ କରି ତା ମନ ଅନ୍ତର ପୁଲକ ଉଠିବାରୁ
ଦେବତାମାନଙ୍କୁ ବି ଧିକ୍କାର କଲା ଓ ଭାବିଲା—ଏହାର ଓଷ୍ଠ ସୁଧାକୁ ଅମୃତ
କଣ ସରି ହୋଇ ପାରିବ ? ଶିବଙ୍କ ମୁଣ୍ଡରେ ଚନ୍ଦ୍ର ଥାଏ । କନ୍ୟାର କୁଚଶମ୍ଭୁକୁ
ଶଶୀହୀନ ଶିବ ବିଚାରି ନିଜ ନଖ ଦ୍ଵାରା ତାଡ଼ନ କଲା । ନଖାଘାତ ଦ୍ଵାରା ଅର୍ଦ୍ଧଚନ୍ଦ୍ର
ରେଖା ଦେଖା ଦେବାରୁ ବାଳାର ଉରଜ ଶିବରୂପରେ ଶୋଭିତ ହେଲା । ୧୪ ।

ପୁଣି ନିଜ କର ଦ୍ଵାରା ଉରଜ ଦ୍ଵୟକୁ ତାଡ଼ନ କରି କାମ ବାଉଳାରେ
ହାତମୁଠା ଦ୍ଵାରା ଦଳନ କରିବାକୁ ଲାଗିଲା । ତା ପରେ ବାହୁପାଶ ଦ୍ଵାରା କନ୍ୟାକୁ
ବନ୍ଧନ କରି ଏପରି ସୁଖ ପାଇଲା ଯେ କୋମଳତା, ଶୀତଳତା, ଲବଣୀ ଓ ଚନ୍ଦ୍ର
ଇତ୍ୟାଦିଙ୍କୁ ନିନ୍ଦା କରିବାକୁ ଲାଗିଲା । ୧୫ ।

ସ୍ତନରେ ଜନ୍ମାଇ ସୀତ୍କାର । ଏ ବିବେକ ଚଞ୍ଚଳା ଖେଳେ କି କୋଳେ ମୋର ।
ଚନ୍ଦ୍ରସ୍ତନନେ ପୁଳକ ଅଙ୍କୁର ମଣିଲ । ଯାହା ମୋକ୍ଷେ ମୋକ୍ଷକୁ ପାଇଲା ପ୍ରାୟୁ
ହେଲା । ୧୬ । ବେଳୁଁ ବେଳୁଁ ସୁନ୍ଦରୀମଣି ସୁରତେ ମଜ୍ଜି । ସୁଖ କରି ଆଜ
ଇନ୍ଦ୍ରପଦକୁ ନ ହେଜି । କାମସଦନ ସ୍ତନନେ ମନେ କରେ ତାର । ତନଦନଙ୍କ
କମ୍ପିବା ଏଥିକି ଇତର । ୧୭ । ହଂସକଧ୍ୱନି ଶ୍ରବଣେ ହଂସକୁ ଧିକ୍କାର ।
କଙ୍କଣ କୁଣ୍ଡଳ କମ୍ବୁଗ୍ରୀବ ବନ୍ଧୁର । ଅଙ୍ଗ ମୋଡ଼ି ଲଲାଟେ ଖୋଷିବା ଖୋଷା
ସ୍ତନ୍ଧି । ନର୍ତ୍ତକୀମାନଙ୍କ ଗର୍ବ ପାଞ୍ଚେ କରୁ ବୋଲି । ୧୮ । ଯୋଗେ ଅଯୋଗେ
ଅଜ୍ଞାନକଣେ ଭଉଁ ବାଳୀ । କାମଯମଦଣ୍ଡ ଆଜିଁ ଦୂର ହେଲା ସ୍ତଳି । କଟୀ-
ତମକକୁ କରୁ ରସନାଚୈମକ । ସ୍ତବେ ମଦନକୁ ଜିଣି ଦେଉଛୁ ଚମକ ।୧୯। ଲଜ
ବାରୁଅଛୁ ନାହିଁ ନାହିଁ ବୋଲିବାର । ଜାନୁ ଛନ୍ଦ କଟିରେ ବଶୋକ ଗ୍ରାମାକର ।

---

କମ୍ପନ । ବଶୋଭ—ସ୍ଥିର ହୋଇ ଶୋଭନ୍ତୁ ।୨୦। ଧରହର ଶର—କନ୍ଦର୍ପ ।

---

କନ୍ୟା କର୍ଣ୍ଣ ଭିତରେ ଜିହ୍ୱା ସ୍ତନକ ଦ୍ୱାରା କମ୍ପନ ଜନ୍ମାଇ ଦେଇ ଭାବିଲା, ମୋ କୋଳରେ ବିବେକରୂପୀ ଚଞ୍ଚଳା ଖେଳୁଅଛନ୍ତି କି ? କାମଶାସ୍ତ୍ରରେ ପଣ୍ଡିତ ରାଜପୁତ୍ର ଚନ୍ଦ୍ର ସ୍ତନକ କରିବାରୁ କନ୍ୟାକୁ ଏପରି ସୁଖ ଲାଗିଲା ଯେ, କଟୀବସ୍ତ୍ରର ଗଣ୍ଠି (ନୀବୀବନ୍ଧ) ଖୋଲିଲାବେଳେ ତାକୁ ଜଣାଗଲା ମୁକ୍ତିଲାଭ କଲାପରି । ୧୬ ।

ବେଳକୁ ବେଳ ସେ ସୁନ୍ଦରୀ କନ୍ୟା ପ୍ରୀତିରେ ନିମଜ୍ଜିତ ହୋଇ ମନରେ ଏପରି ସୁଖ ଜାତ ହେଲା ଯେ ଇନ୍ଦ୍ରପଦକୁ ତ ତୁଚ୍ଛ ମନେକଲା । କାମ ସଦନ ପରିସ୍ତନନା ହେବାରୁ କନ୍ୟା ମନେ ମନେ ଭାବୁଥିଲା, ପବନରେ ଅଶ୍ୱତ୍ଥ ପତ୍ର କମ୍ପନରେ ଯେଉଁ ଶବ୍ଦ ଜାତ ହୁଏ, ସେ ଶବ୍ଦ ଏହା ଆଗରେ କିଛି ନୁହେଁ । ୧୭ ।

ପଦସ୍ତନନା ଦ୍ୱାରା ନୂପୁର ଧ୍ୱନି ଶୁଣି ହଂସ ଧ୍ୱନିକି ନିନ୍ଦା କଲା । ହସ୍ତ ବଳୟ ଶବ୍ଦକୁ କାମଦେବଙ୍କର ବିଜୟ ନାଗରା ବୋଲି ଭାବୁଥିଲା । ଶରୀର ମୋଡ଼ି ହୋଇ ବଙ୍କେଇଥାଏ ଓ ଖୋଷାକୁ ଗାଉଜେଇ କରି କପାଳରେ ଖୋଷିଥାଏ । ତେଣୁ ଭାବୁଥିଲା, ନର୍ତ୍ତକୀମାନଙ୍କ ଛନ୍ଦ ଏହା ଆଗରେ କଣ ? ୧୮ ।

ଦେହରେ ଜ୍ଞାନ ଥାଉ ବା ନଥାଉ, କନ୍ୟା କାମୋନ୍ମାଦରେ ପୁରୁଷକୁ ଭିଡ଼ି ଧରିଥିବାରୁ ଭାସ୍ୱର କଲା, କନ୍ଦର୍ପରୂପୀ ଶମନର ଦଣ୍ଡ ଆଜିଠାରୁ ହଟିଗଲା । କଟୀଦେଶ ଚହଲୁଥିବାରୁ କିଙ୍କିଣୀର ଝଂକାରକାର ଶୁଭିଲା । ତେଣୁ ବିଶ୍ୱର କଲେ—କନ୍ଦର୍ପକୁ ଜୟ କରିଥିବା ହେତୁ ଏ ନାଗରା ବଜାଯାଉଛି । ୧୯ ।

ଲଜ ହେତୁ ସିନା ମୁହଁରେ ନାହିଁ କରୁଛି । କିନ୍ତୁ ମନରେ ସେ କଥା ମୋଟେ ନାହିଁ । ତେଣୁ ଜଙ୍ଘରେ ଜଙ୍ଘ ଛନ୍ଦ କନ୍ୟା କଟୀରେ ସ୍ଥିରଭାବେ

ପୁତ୍ରକ ମନ-ଅସ୍ତାସ୍ତ ଅଛୁ ଏବେ ମାତ୍ର । ତନ୍ୱୀ ବରଣ କରିବ ନ ଭ୍ରାନ୍ତ ଏ ଗ୍ରାସ
। ୨୦ । ଦନ୍ତ ନଖକ୍ଷତକୁ ରମଣୀଗଣେ ଭୟ । ନୋହନ୍ତୁ ସ୍ୱାଭଃ ସଖୀ ହାସ କରିବେ
ଉଦୟ । ରତି ସାରି ମନ୍ଦପବନରେ ଲଜ୍ଜା କରି । ସନ୍ଧିମେ ଦନ୍ତେ ଶୟନ କଲେ
ପୁଂସ୍ଫ ନାରୀ । ୨୧ । ହାରି ପୁରନ୍ଦରଭଟ୍ଟ ଗଳାର ଯେ ଥିଲା । ଜରାସନ୍ଧ ସମ
ହୋଇ ପୁଣି ବାହୁଡ଼ିଲା । ପୁଣି ରତି ଲୋପେ ଉର୍ଦ୍ଧ୍ୱ ମାତିଲେ ଦମ୍ପତି । ମୁଖେ ମୁଖ
ସଂଯୋଗେ ଗ୍ଲାନିରେ ଦେଇ ଗ୍ଲାନି । ୨୨ । ଦ୍ୱିତୀୟାରୁ ପୌର୍ଣ୍ଣମୀ ସରିକି ଯେ
ପ୍ରକାରେ । ଦିନୁ ଦିନୁ ଚନ୍ଦ୍ରରେଖ ଚନ୍ଦ୍ରମା ବୃଦ୍ଧିରେ । କେଜୁଁ କେଜୁଁ ସେ
ସନ୍ଧିରେ ରତି ପ୍ରକାଶିବେ । କ୍ଷୀଣକୁ ଭଜଇ ଲାଜ ମନେ ମାନସରେ । ୨୩ ।
ଉଦ୍ବର୍ତ୍ତସ ନୃତ୍ୟାକ୍ତ ଦମ୍ପତି ଘନ ଶ୍ଲେଷ । ଦେବତାଙ୍କ ମନ୍ଦରେ ଲୁଚିଲା କମ୍ବୁଘୋଷ ।

---

ଦମ୍ପତି – ପତିପତ୍ନୀ । ଜରାସନ୍ଧ—ମଗଧରାଜା ।୨୨। ଚନ୍ଦ୍ରରେଖ—ଦେହର ଶୋଭା । କ୍ଷୀଣକୁ ଭଜଇ—ଲୁଚି ଯାଉଥାଏ ।୨୩। କମ୍ବୁ—ଶଙ୍ଖ । ଘୋଷ—ଶବ୍ଦ । ବନ୍ଧ୍ରେଭ—

---

ଶୋଇ ରହିଛୁ । ରାଜପୁତ୍ର ଭାବୁଛି—ଆଜିର ରତି ନ ପାରିବ ଯେବେ, ତେବେ ମୁଁ ତନ୍ୱୀଙ୍କୁ ବରଣ କରିବ । ୨୦ ।

ବରର ଦନ୍ତ ଓ ନଖରେ ଖଣ୍ଡିଆ ହେବା କଥାକୁ କନ୍ୟା ଡରୁଥାଏ । କାରଣ ସକାଳୁ ସଙ୍ଗସଖୀମାନେ ଦେଖି ଟାପର ଆରମ୍ଭ କରିଦେବେ । ରତି କାର୍ଯ୍ୟ ସରିଗଲା । ଦୁହେଁ ଟିକଏ ଲାଜ ଲାଜ ହୋଇ ଧୀର ପବନରେ ଶୋଇ ପଡ଼ିଲେ । ୨୧ ।

କନ୍ଦର୍ପ ରତି ଯୁଦ୍ଧରେ ହାରି ସିନା ପଳାଇ ଯାଉଥିଲା । ପୁଣି ଜରାସନ୍ଧ ଭଳି ଲେଉଟି ଆସିଲା । ଅର୍ଥାତ୍—ଜରାସନ୍ଧ ଜନ୍ମ ବେଳବେଳକୁ ଦୁଇଫାଳ ହୋଇ ମଶାଣିରେ ପଡ଼ିଥିଲା । ଜରା ରାକ୍ଷସୀ ତାକୁ ଯୋଡ଼ି ପ୍ରାଣ ଦେଇଥିବାରୁ ଜର ଉପମା ଦେଲେ କନ୍ଦର୍ପ ଶତ୍ରୁଙ୍କ ଦେହରେ ଫାଳେ ଫାଳେ ଉଦୟ ହେବାରୁ ପୁନର୍ବାର ଦୁହେଁ ରତି ରସରେ ମାତି ଉଠିଲେ । ମୁଖରେ ମୁଖ ଲଗାଇ ଗ୍ଲାନିରେ ଗ୍ଲାନି ଭୁଲିଲେ । ୨୨ ।

ଦ୍ୱିତୀୟା ଦିନଠାରୁ ପୂର୍ଣ୍ଣିମୀ ପର୍ଯ୍ୟନ୍ତ ଚନ୍ଦ୍ରମାର କଳା ବୃଦ୍ଧି ପାଇଲା ପରି ସେହି ରସ କ୍ରମେ ବୃଦ୍ଧି ପାଇଲା । କନ୍ୟାର ଦେହ ଝଡ଼ିପିବାରୁ ମନେ ମନେ ଲାଜ ଅନୁଭବ କଲା । ୨୩ ।

ପତି ପତ୍ନୀ ଦୁହେଁ ରତି ରସ ଶେଷ କଲାବେଳକୁ ଦେବତା ମନ୍ଦିର-ମାନଙ୍କରେ ଶଙ୍ଖଶବ୍ଦ ଶୁଣାଗଲା । ତାରାମାନଙ୍କ ମଳିନ ପଡ଼ିଗଲେ । ଦୀପଗୁଡ଼ିକ ଲିଭି ଲିଭି ଆସିଲା । ୨୪ ।

ମଳୟ ବହିଲେ ତାପ ଅନ୍ତେ ପ୍ରତାପ । କୁଟଣୀଙ୍କ ପଶୁଁ ଗଲେ ବିଟପଟଳୀପ ।୨୪। ବେଶ୍ୟାଏ ନିଶ୍ୱାସ ବାଣ୍ଟି ଧନଦ ପୁରୁଷ । ମୁଖ ଚୁମ୍ବି କହିଣ ଚଳିଲେ ନିଜ ବାସ । ତାମ୍ବୁଳ ତିକ୍ତ ଲାଗନ୍ତେ କୁଳବଧୂମାନ । ଦଶନମାର୍ଜ୍ଜନ ପାଇଁ ଛାଡ଼ିଲେ ଶୟନ ।୨୫। ଏ ସମୟେ ଧୀର ହୋଇ ଜେମା ଉଠିଗଲା । ସଖୀମାନଙ୍କ ମଧ୍ୟେ ସଧୀରେ ଶୋଇଲା । ସଖୀଙ୍କ ସନ୍ନିଧିରେ ପ୍ରବେଶ ରାଜସୁତ । ପରିହାସୀ ନ ଆସୁ ପାରିଲା ନିତ୍ୟକୃତ୍ୟ ।୨୬। ସଖୀମାନେ ତେଣୁ ଉଠାଇଲେ ରମା ନିଦ । ବୋଲେ ଲାଗିଅଛୁ ଆଜଯାଏ ମାରମଦ । କେ ତର୍କି ବୋଇଲା ଏ ଯେ ଅତି ସୁକୁମାରୀ । କି ହେଲା କି ପୀଡ଼ା ଲଭିବାରୁ କାନ୍ତ-କର ।୨୭। କେ ବୋଇଲା

---

ନୟନ । କୁଟଣୀ—ବିଟଣୀ ॥ ଧନଦ—ଯେ ଧନ ଦାନ କରେ । ତାମ୍ବୁଳ—ପାନ । ତିକ୍ତ—ପିତା । କୁଳବଧୂ—କୁଳ ଭୁଆସୁଣୀ । ଦଶନ—ଦନ୍ତ । ମାର୍ଜ୍ଜନ—ମାଜିବା ।୨୫। ପରିହାସୀ—ସେବାଦାସୀ ।୨୬। ତେଣୁ—ତେଣିକି । ରମା—ସୁବର୍ଣ୍ଣ । ମାରମଦ—କାମନିଶା । କାନ୍ତକର—ସ୍ୱାମୀହସ୍ତ । ଚନ୍ଦ୍ରମା ଦର୍ପଣ—ଚନ୍ଦ୍ର ଦର୍ପଣ ।

---

ବିଟ ପୁରୁଷମାନେ ବିଟଣୀ ଦାସୀମାନଙ୍କ ନିକଟକୁ ପଳାଇ ଗଲେ । ବେଶ୍ୟା ସ୍ତ୍ରୀମାନେ ସୂର୍ଯ୍ୟୋଦୟ ସମୟରେ ନିଃଶ୍ୱାସ ଛାଡ଼ି ଶଯ୍ୟା ତ୍ୟାଗ କଲେ । ଧନ ଦେଇ ସେଉଁ ପୁରୁଷମାନେ ତାଙ୍କ ନିକଟରେ ରାତ୍ରି ଯାପନ କରିଥିଲେ, ସେମାନେ ତାଙ୍କ ମୁଖରେ ଚୁମ୍ବନ ଦେଇ କହି ଦେଇ ଆପଣା ଘରକୁ ବାହୁଡ଼ିଲେ । କୁଳ ଭୁଆସୁଣୀମାନଙ୍କୁ ପାନ ପିତା ଲାଗିବାରୁ ଶଯ୍ୟା ତ୍ୟାଗ କରି ଗଲେ ଦନ୍ତ ମାର୍ଜ୍ଜନ କରିବାକୁ ।୨୫।

ଏହି ସମୟରେ ରସିକ ହାରାବଳୀ ରାଜପୁତ୍ର ପାଖରୁ ଉଠିପାରି ଅତି ଧୀରଭାବେ (ଚୁପଚୁପ) ସଖୀମାନଙ୍କ ମଝିରେ ଶୋଇ ପଡ଼ିଲା । ରାଜପୁତ୍ର ମଧ୍ୟ ତା ସଖୀମାନଙ୍କ ପାଖରେ ପହଞ୍ଚିଲେ ଓ ସେବାଦାସୀ ଆସିବା ଆଗରୁ ନିଜର କର୍ତ୍ତବ୍ୟ କର୍ମ ସାରିଦେଲେ ।୨୬।

ଏଣେ ସଖୀମାନେ ତେଣିଉଠି ରସିକ ହାରାବଳୀକୁ ଉଠାଇଲେ । କିଏ ଅଣ୍ଟାଭିଡ଼ି କହିଲା—ଏତେବେଳଯାଏ କଣ କାମନିଶା ଛାଡ଼ିନାହିଁ ? କେହି କହିଲା—ସ୍ୱାମୀ କର ଲାଗି ଆମ ସୁକୁମାରୀ ଜେମାଦେଈଙ୍କର କିଛି ପୀଡ଼ା ଜାତ ହେଲା କି ? ୨୭ ।

ଚନ୍ଦ୍ରମା ଦର୍ପଣ ପ୍ରାୟ ମୁଖ । ଗଜ ମନ୍ଥିଲ ପଦ୍ମର ପ୍ରାୟ ଦଶେ ଦେଖ । କେନେ ବୋଲିଲି ବଡ଼ ଭୋଗୀ ମଧୁକର ପୁଂସ । ଓଷ୍ଠବନ୍ଧୁଲିରେ ରଖିନାହିଁ କିଛି ରସ । ୨୮ । ଏତେ କହି ନାରୀ ସାରି ବେଶ କଲେ ସଖୀ । ଅଶନ ଅନ୍ତେ ପର୍ଯ୍ୟଙ୍କେ ଶୟନ କରାଇ । ବାତ୍ସାୟନ ଋଷିଙ୍କି ଯେ ଏ ରସ ଗୋଚର । ଗୀତେ ଭଣେ ଉପେନ୍ଦ୍ର ଭଞ୍ଜ ବୀରବର । ୨୯ ।

—o—

## ସପ୍ତମ ଛାନ୍ଦ

[ ରାଜପୁତ୍ରର ସ୍ୱଦେଶ ଗମନ ଓ ଇଳାବୃତ୍ତ ଖଣ୍ଡର ଶୋଭା ବର୍ଣ୍ଣନା ]

ରାଗ—ମଙ୍ଗଳଗୁର୍ଜ୍ଜରୀ ।

ସପ୍ତମଙ୍ଗଳା ସାରି ନୃପନନ୍ଦନ । କନ୍ୟା ସେନ ନିଜପୁରେ କଲେ ଗମନ । ୧ । ହିମ ଶିଶିର ବସନ୍ତ ଗ୍ରୀଷ୍ମ ବରଷା । ଶରଦ ବର୍ଣ୍ଣେ ସେନ

---

ମଧୁକର ପୁଂସ—ପୁରୁଷ ଭ୍ରମର । ଓଷ୍ଠବନ୍ଧୁଲି—ଓଷ୍ଠରୂପକ ବନ୍ଧୁଲି ଫୁଲ । ୨୮ । ଅଶନ—ଭୋଜନ । ପର୍ଯ୍ୟଙ୍କେ—ପଲଙ୍କରେ । ବାତ୍ସାୟନ ଋଷି—କାମଶାସ୍ତ୍ର ପ୍ରଣେତା ମୁନି । ଉପେନ୍ଦ୍ର ଭଞ୍ଜ—ଏ କାବ୍ୟର କବି । ୨୯ ।

---

ପୁଣି କେହି କହିଲା—ଚନ୍ଦ୍ର ଦର୍ପଣ ପରି ମୁହଁଟି ହାତୀ ପଦ୍ମବନ ମନ୍ଥିଲା ପରେ ଯେମିତି ମଳିନ ଯାଏ, ସେହିପରି ମଳିନ ପଡ଼ିଛି, ଦେଖୁନାହିଁ ? ଆଉ କେହି କହିଲା—ସେ ପୁରୁଷ ଭ୍ରମର ଖୁବ୍ ଭୋଗିଲା ହୋଇଥିଲା । ତେଣୁ ଆମ ସଖୀଙ୍କ ଓଷ୍ଠରୂପକ ବନ୍ଧୁଲି ଫୁଲରୁ ସବୁ ରସ ଶୋଷି ଦେଇଛି । ମୋଟେ ରଖିନାହିଁ । ୨୮ ।

ଏମିତି କୁହାକୋହି ହୋଇ ସେମାନେ ନିତ୍ୟକର୍ମ କରାଇଲେ ଓ ବେଶ ବିନ୍ୟାସ କଲେ । ଭୋଜନ ପ୍ରଭୃତି ଶେଷ କରାଇ ପଲଙ୍କରେ ଶୁଆଇଲେ । କାମଶାସ୍ତ୍ର ପ୍ରଣେତା ମୁନି ବାତ୍ସାୟନଙ୍କୁ ଏ ସକଳ କଥା ଜଣା ବୋଲି କାବ୍ୟରେ କବି ଜଣାଉଅଛନ୍ତି । ୨୯ ।

—o—

ସାତମଙ୍ଗଳା କର୍ମ ସମାପ୍ତ କରି ରାଜପୁତ୍ର କନ୍ୟାକୁ ନେଇ ଆପଣା ପୁରକୁ ଚାଲିଗଲେ । ୧ ।

ହରିଣୀଦୃଶା । ୨ । ସୁଧାବପଣେ କଉଣପେ କ୍ଷୋଭିତ କ୍ଷିତି । ଯୁବରାଜ ବାଇ ଆଜ୍ଞା ଦେଲେ ନୃପତି । ୩ । ଚତୁରଙ୍ଗ ସେନା ସୈନ୍ୟ ଘେନି ବହୁତ । ସମର ଆରମ୍ଭୁ ପଳାଇଲେ ଦଇତ । ୪ । ଶତ୍ରୁଭଗ୍ନ ମାର୍ଗେ ଯାଇଁ ଯାଇଁ କୁମର । ପ୍ରବେଶ ହୋଇଲ ଇଳାବୃତ୍ତ ଖଣ୍ଡର । ୫ । ଅତି ମନୋହର ଭୂମି ରତନମୟ । ମଧ୍ୟେ ହେମ ମହୀଧର କି କମନୀୟ । ୬ । ଅବନୀ-ଅଙ୍ଗନା ଏକ ସ୍ତନ ଦିଶଏ । ବର୍ତ୍ତୁଳ ଭାବରୁ କରି ସେ ଶୋଭା ପାଏ । ୭ । ମାଘ୍ରଗଣ୍ଡଙ୍କ କୁସୁଗ ସ୍ୱର୍ଣ୍ଣଦୀ ଧାରା । ଧାଁଭୂଧାରା

---

ହରିଣୀଦୃଶା—ମୃଗନୟନୀ । ୨ । ସୁଧାବପଣ—ଦୈବଯୋଗ୍ୟ, କଉଣପେ—ରାକ୍ଷସମାନେ, କ୍ଷୋଭିତ—ପୀଡିତ, ବାଇ—ଡକାଇ । ୩ । ଚତୁରଙ୍ଗ ସେନା—ଗଜାରୋହୀ, ଅଶ୍ୱାରୋହୀ, ରଥାରୋହୀ ଓ ପଦାତିକ ଏହି ଚାରିପ୍ରକାର ସୈନ୍ୟ । ୪ । ଶତ୍ରୁଭଗ୍ନ ମାର୍ଗ—ଶତ୍ରୁ ହାରି ପଳାଇବା ବାଟ, ଇଳାବୃତ୍ତ ଖଣ୍ଡ—ମେରୁ-ପ୍ରଦେଶ । ୫ । ମନୋହର—ସୁନ୍ଦର. ରତନମୟ—ନାନାବ ରତ୍ନପୂର୍ଣ୍ଣ, ହେମ—ସୁନା, ମହୀଧର—ପର୍ବତ, କମନୀୟ—ମନୋହର । ୬ । ଅବନୀ-ଅଙ୍ଗନା—ପୃଥ୍ୱୀନାରୀ, ବର୍ତ୍ତୁଳ—ଗୋଲ । ୭ । ମାରଗଣ୍ଡଙ୍କ—ମର୍କତଚୂଡା, ସ୍ୱର୍ଣ୍ଣଦୀ—ସ୍ୱର୍ଗ-

---

ବର୍ଷର ଛଅଟିଯାକ ଋତୁ—ଅର୍ଥାତ୍ ହେମନ୍ତ, ଶିଶିର, ବସନ୍ତ, ଗ୍ରୀଷ୍ମ, ବର୍ଷା, ଶରତ ମାନଙ୍କରେ ମୃଗନୟନୀ ପତ୍ନୀଙ୍କୁ ଘେନି କାଳ କଟାଇଲେ । ୨ ।

ଏଣେ ପୃଥିବୀରେ ରାକ୍ଷସମାନଙ୍କ ଉପଦ୍ରବ ଦେଖି ଲୋକେ ପୀଡ଼ିତ ହେଲେ । ତେଣୁ ରାଜା ଯୁବରାଜଙ୍କୁ ଡକାଇ ଆଦେଶ ଦେଲେ—ସେମାନଙ୍କୁ ବିନାଶ କରିବା ପାଇଁ । ।

ଯୁବରାଜ ଚତୁରଙ୍ଗ ସେନା ନେଇ ଯୁଦ୍ଧ ଆରମ୍ଭ କରିବାମାତ୍ରେ ରାକ୍ଷସମାନେ ହାରି ପଳାଇ ଗଲେ । ୪ ।

ଯେଉଁ ବାଟ ଦେଇ ସେମାନେ ପଳାଇ ଗଲେ, ଯୁବରାଜ ସେହି ବାଟ ଦେଇ ଯାଇ ଯାଇ ପହଞ୍ଚି ଗଲେ ମେରୁ ପ୍ରଦେଶରେ । ୫ ।

ନାନା ରତ୍ନ ପରିପୂର୍ଣ୍ଣ ରମଣୀୟ ଭୂମି । ତା ମଧ୍ୟରେ ଅତି ସୁନ୍ଦର ଦିଶୁଥାଏ ସୁନା ପର୍ବତ । ୬ ।

ସେ ପର୍ବତଟି ପୃଥିବୀ ରୂପକ ସ୍ତ୍ରୀର ଗୋଟିଏ ବର୍ତ୍ତୁଳ କୁଚ ପରି ସୁନ୍ଦର ଦିଶୁଥାଏ । ୭ ।

ମର୍କତ ଦେଖିବାକୁ ଈଷତ୍ କୃଷ୍ଣବର୍ଣ୍ଣ । ସେହି ସ୍ୱର୍ଣ୍ଣ ପର୍ବତର ଶିଖର-ଦେଶରେ ଥିବାରୁ କୁଚର ଅଗ୍ରଭାଗ ପରି ଏବଂ ସ୍ୱର୍ଗଗଙ୍ଗା ପ୍ରବାହମାନ ହେବାରୁ

ଧାରନ୍ତି ସୁରେଖକ ଜଳ । ୮ । ସେ ଖଣ୍ଡ ସରସୀମାନେ ଦ୍ୱାରକା ପର । କାମ ବଳ
କୃଷ୍ଣ ଉଗ୍ରସେନ ଚରନ୍ତି । ୯ । ଧୃତରାଷ୍ଟ୍ର ଶକୁନ ଦ୍ରୋଣରେ ପ୍ରତିଷ୍ଠ । କୂଳସ୍ଥ
ଅର୍ଜୁନେ କରି କି କୁନ୍ତସଙ୍ଗ । ୧୦ । ଚନ୍ଦ୍ରନଗର ବିଳାସ ସୁସ୍ଥିର ଅଛି । ସୁବଳସ୍ଥ
ଗିରି ନଭ ଶୋଭା କରୁଛି । ୧୧ । ସୁମନା ବନ୍ଧୁଳେ ଯହିଁ ଲତିକାମାନ । ରାଜସଭା
ସ୍ୱର୍ଗ ଘନକାଳ ସମାନ । ୧୨ । ସୁରଭି ସ୍ଥାନକୁ ଗତ ରଚିତ ଝଙ୍କାର । ଚୈତ୍ର ତର

---

ରଙ୍ଗା, ସୁରେଖକ—ସୁନା ଜଳଯୁକ୍ତ କାଞ୍ଚଳ, ଧାଉଁଧାରା—ନାନାପ୍ରକାର ଧାତୁର ଧାର । ୮ । ଖଣ୍ଡ ସରସୀ—ମେରୁପ୍ରଦେଶ ଖଣ୍ଡରେ ଥିବା ପୁଷ୍କରିଣୀ, କାମ—ପ୍ରଦ୍ୟୁମ୍ନ; କାଇମ ପକ୍ଷୀ, ବଳ—ବଳରାମ; ହଂସରାଜ, ଉଗ୍ରସେନ—କଂସପିତା; ବକଗଣ । ୯ । ଧୃତରାଷ୍ଟ୍ର—ଦୁର୍ଯ୍ୟୋଧନ ପିତା; ହଂସ, ଶକୁନ—ଦୁର୍ଯ୍ୟୋଧନର ମାମୁଁ; ଚିଲ, ଦ୍ରୋଣ—କୁରୁ ପାଣ୍ଡବଙ୍କ ଗୁରୁ; କୁଆ, ପ୍ରତିଷ୍ଠ—ପ୍ରାପ୍ତି, ଅର୍ଜୁନ—ଅର୍ଜୁନ ବୃକ୍ଷ । ୧୦ । ଚନ୍ଦ୍ରନଗର—ସ୍ୱର୍ଣ୍ଣଲଙ୍କା, ବିଳାସ—ଆମୋଦ ପ୍ରମୋଦ, ସୁବଳସ୍ଥ ଗିରି ନଭ—ସୁବଳ ପର୍ବତ ତୁଲ୍ୟ । ୧୧ । ସୁମନା—ଫୁଲ, ଜ୍ଞାନୀ—ଦେବତା, ବନ୍ଧୁଳ—ବନ୍ଧୁଜୀବରେ, ଲତିକା—ଲତା, ଘନକାଳ—ବର୍ଷାକାଳ ।୧୨।

---

ହାର ପରି ଦିଶୁଥାଏ । ନାନାପ୍ରକାର ଧାତୁର ତରଳ ଧାର ବହୁଥିବାରୁ ସୁନା ଜଳଯୁକ୍ତ କାଞ୍ଚଳି ପରି ଦିଶୁଥାଏ । ୮ ।

ସେ ମେରୁପ୍ରଦେଶସ୍ଥ ପୁଷ୍କରିଣୀଗୁଡ଼ିକ ହୋଇଥାଏ ଦ୍ୱାରକାପୁର ପରି । ଦ୍ୱାରକାରେ ଯେପରି କନ୍ଦର୍ପ, ବଳରାମ, ଉଗ୍ରସେନ, ଶ୍ରୀକୃଷ୍ଣ ଇତ୍ୟାଦି କ୍ରୀଡ଼ା କରନ୍ତି, ଏଠାରେ କି ସେମାନଙ୍କ ନାମଧାରୀ କାଇମପକ୍ଷୀ, ହଂସରାଜ, ବକ, ହଂସ, ଚିଲ ଓ କୁଆ ପ୍ରଭୃତି ବିହାର କରି ଦ୍ୱାରକା ରୂପକ ପୁଷ୍କରିଣୀର ଶୋଭା ବଢ଼ାଉଅଛନ୍ତି । ୯ ।

କୂଳରେ ଅର୍ଜୁନ ରୂପକ ଅର୍ଜୁନ ଗଛକୁ ଦେଖି କବି କୁନ୍ତସଙ୍ଗର ଉପମା ଦେଇଅଛନ୍ତି । ୧୦ ।

ଲଙ୍କାପୁରରେ ରାବଣ ଯେପରି ବିଳାସପ୍ରିୟ ହୋଇ ନାନାପ୍ରକାର ବିଳାସ ସାମଗ୍ରୀ ଭରପୂର କରି ରଖିଥିଲା, ଏଠାରେ ସେହିପରି ହୋଇଅଛି । ୧୧ ।

ଯେଉଁ ସ୍ଥାନରେ ଲତାମାନେ ଫୁଲବନ୍ଧୁଳ ଦେଖାଯାନ୍ତି, ସେ ସ୍ଥାନଟି ରାଜସଭା, ସ୍ୱର୍ଗ ଏବଂ ବର୍ଷାକାଳ ସଙ୍ଗେ ସମାନ । କାରଣ, ରାଜସଭାରେ ବନ୍ଧୁଗଣ ଉପସ୍ଥିତ ଥାଆନ୍ତି । ସ୍ୱର୍ଗପୁରେ ସଜ୍ଜନମାନଙ୍କରେ ଆଦର ଅଛି । ବର୍ଷାଋତୁରେ ବନ୍ଧୁଳ ଫୁଲ ଫୁଟେ । ୧୨ ।

ଲଙ୍କା ମାର ମଳୟ ଭ । ୧୩ । ଦାନବାରି ସ୍ଥାନ ଅଟେ ଗଜଶିରସ୍କ । ଗ୍ରୀଷ୍ମ ମୁଣ୍ଡର ଚନ୍ଦ୍ରକାର ସଦୃଶ । ୧୪ । ହରିକେତନ ମଞ୍ଜୁଳ ନେ ରମା ଇମା । କଲ୍ୟାଣୀ ଅର୍ଜୁନେ ନେ ତ ଶଶୀ ସୁଷମା ୧୫ । ତହିଁ ମରକତମଣି ପ୍ରଚୁର ସ୍ଫୁର୍ତ୍ତି । ଦୁର୍ବା ମଣି ମୃଗ କରେ କବଳ ଧାଇଁ ।୧୬। ସପ୍ତହୟ-ହୟ-ତତ୍ତ୍ୱ ତୋଷ ଉଦୟ । ଭାଳେ ଆମ୍ଭ ଶ୍ରମକୁ ବିଧାତା ସଦୟ । ୧୭ । ନନ୍ଦିନୀକଣ୍ଠାଏ ସ୍ନିଗ୍ଧପକ୍ଷ ଲେଳନେ । କ୍ଷୀରଧାର

ସୁରଭି—ମନୋରମଃ ପୁଳ; କାମଧେନୁ; ସ୍ୱାଧୁ ସଜ୍ଜନଙ୍କ ବସତି ସ୍ଥାନ, ମଳୟଧର—ମଳୟ ପର୍ବତ । ୧୩ । ଦାନବାରି ସ୍ଥାନ—ଦେବସ୍ଥଳ, ଗଜଶୀରଣ —ଗଜମସ୍ତକ । ୧୪ । ହରିକେତନ—ବୈକୁଣ୍ଠ; ସିଂହଗୁମ୍ଫା ଓ ପାର୍ବତୀ । ମଞ୍ଜୁଳ —ରମଣୀୟ, ରମା—ଲକ୍ଷ୍ମୀ; ସ୍ଥଳପଦ୍ମ, ଇମା—ପାର୍ବତୀ; ହଳଦୀ ଗଛ । କଲ୍ୟାଣୀ —ଦୁର୍ଗା, ଅର୍ଜୁନେ—ଶ୍ୱେତବର୍ଣ୍ଣରେ । ୧୫ । ମରକତମଣି—ନୀଳମଣି, ସ୍ଫୁର୍ତ୍ତି— ଦୀପ୍ତି; ତେଜ, ଦୂର୍ବା—ଦୁବ, କବଳ—ଗ୍ରାସ । ୧୬ । ସପ୍ତହୟ—ସୂର୍ଯ୍ୟ, ହୟତତ୍ତ୍ୱ—ଘୋଡ଼ାମାନେ, ଭଳୀଭାଇ—ଗ୍ରନ୍ଥ । ୧୭ । ନନ୍ଦିନୀ—କାମଧେନୁ,

ମନୋରମ ସ୍ଥାନଟିଏ ହୋଇଥିବାରୁ ତୈଳମାଗ ବସ୍ତୁ, ଲଙ୍କା, କନ୍ଦର୍ପ ଓ ମଳୟ ପର୍ବତ ସଙ୍ଗେ ତୁଳନା କରିବାକୁ ପଡ଼ୁଛି । ୧୩ ।

ମେରୁପ୍ରଦେଶ ଦେବତାମାନଙ୍କର ବାସସ୍ଥଳ । ଦେବତାମାନେ ଦାନବ-ମାନଙ୍କର ଅରି ହେବୁ ଦାନବାରି ସ୍ଥାନ ବୋଲି କୁହାଗଲା । ଶ୍ରେଷ୍ଠ ବ୍ୟକ୍ତିମାନେ ଗଜମସ୍ତକ ଆରୋହଣ କରନ୍ତି । ସ୍ଥାନଟି ଦେବତାମାନଙ୍କ ବିହାର ସ୍ଥଳ ହେବୁ ହସ୍ତୀ ମୁଣ୍ଡ ସଙ୍ଗେ ସମାନ । ଗ୍ରୀଷ୍ମ, ବର୍ଷା ଋତୁ ସଙ୍ଗେ ମଧ୍ୟ ସମାନ । ୧୪ ।

ବୈକୁଣ୍ଠରେ ଲକ୍ଷ୍ମୀ ରହନ୍ତି । ଏଠାରେ ସ୍ଥଳପଦ୍ମ ଅଛି । ହର କେତନ ପାର୍ବତୀ । ଏଠାରେ ହଳଦୀ ଗଛ ବି ଅଛି । ଅତି ସୁନ୍ଦର ବି ଦେଖାଯାଉଛି । ଦୁର୍ଗାଦେବୀଙ୍କ ବର୍ଣ୍ଣ ଅତ୍ୟନ୍ତ ଧବଳ । ମେରୁପ୍ରଦେଶରେ ତୁଷାର ପଡ଼ି ଧବଳ ବର୍ଣ୍ଣ ଧାରଥିବାରୁ ଖୁବ୍ ସୁନ୍ଦର ଦେଖାଯାଉଛି । ୧୫ ।

ସେଠାରେ ନୀଳମଣି ବହୁ ପରିମାଣରେ ଥିବାରୁ ଦୂର୍ବାଦଳ ମନେକରି ହରିଣ ଧାଇଁଛନ୍ତି କବଳ କରିବାକୁ । ୧୬ ।

ସୂର୍ଯ୍ୟ ଙ୍କ ଅଶ୍ୱମାନଙ୍କୁ ଯେଉଁ ଉଦୟ ହେଲାବେଳକୁ ନୀଳମଣି ଓ ଅନ୍ୟାନ୍ୟ ରତ୍ନମାନଙ୍କର ଜ୍ୟୋତି ଆକାଶ ଆଚ୍ଛନ୍ନ କରି ଯାଉଥାଏ । ସେ ସ୍ଥାନ ଦେଖାଯାଉଥାଏ ତୃଣ ସଦୃଶ । ତେଣୁ ସୂର୍ଯ୍ୟଙ୍କ ଘୋଡ଼ାମାନେ କବଳ କରିବେ ଭାବି ଆନନ୍ଦରେ କହୁଛନ୍ତି—"ବିଧାତା ଆମ୍ଭପ୍ରତି ସଦୟ ହୋଇଛି ।" । ୧୭ ।

ମନେ କରି ଧାଆନ୍ତି ପ୍ରାଣେ । ୧୮ । ଜୀବଞ୍ଜୀବ ଶୁଭ୍ରରେଖ ମୟୂଖ ମଣି । ଉଷ୍ଣରେଣ ତୃଷାକୁ ନାଶ କରନ୍ତି ପୁଣି । ୧୯ । ମାଣିକ୍ୟ ପ୍ରଭାରେ ଭାବେ ଏମନ୍ତ ମନ । ମହୀରୁ କେତେ ଯୋଜନ ହେବ ଗଗନ । ୨୦ । ଜାଣିବାକୁ କି ଅବା ସୁଜାଣ ବିଧାତା । ଗାଣ୍ଠି ବାନ୍ଧି ଯୁଗାଇଛି ପ୍ରମାଣସୂତା । ୨୧ । ନୀଳମଣିପ୍ରଭା କି ଧରଣୀ ରମଣୀ । କୁଟିଳ କୁନ୍ତଳ କରିଅଛି ସୁବେଣୀ । ୨୨ । କେଉଁ ପ୍ରଦେଶ ମୁକୁତାରେ ଭୂଷିତ । ଆକାଶେ ପ୍ରକାଶମାନ କି ତାରାବ୍ରାତ । ୨୩ । ମରକତ ଗଜମୋତି ଅଛି ବଦ୍ଧୁତ । ଗୁଞ୍ଜପୁଞ୍ଜ ଭ୍ରମ ତହିଁ ହୁଅଇ ଜାତ । ୨୪ । କିନ୍ନରୀ କିନ୍ନର କ୍ରୀଡ଼ା କରେ ଅନନ୍ତି ।

---

ବତ୍ସା—ବାଛୁରୀ, ଧବଳ—ଶୁକ୍ଳବର୍ଣ୍ଣ । ୧୮ । ଜୀବଞ୍ଜୀବ—ଚକୋର ପକ୍ଷୀ, ଶୁଭ୍ର-ରେଖ—ଚନ୍ଦ୍ର, ମୟୂଖ—କିରଣ । ୧୯ । ଭୂଷିତ—ମଣ୍ଡିତ ତାରାବ୍ରାତ—ନକ୍ଷତ୍ର-ଚୟ । ୨୩ । ଗୁଞ୍ଜ—କାଇଁଚ, ପୁଞ୍ଜ—ଗେଣ୍ଡା । ୨୪ । କିନ୍ନରୀ କିନ୍ନର—ଗାନ୍ଧର୍ବୀ

---

ସ୍ଫଟିକଖଣ୍ଡମାନଙ୍କର ଦୀପ୍ତି ବା ଜ୍ୟୋତି କ୍ଷୀରଧାର ପରି ଦେଖାଯାଉଥାଏ । ତେଣୁ ନନ୍ଦନ ନାମକ ଗାଈର ବାଛୁରୀମାନେ ପିଇବା ଆଶାରେ ଦଉଡ଼ି ଯାଉଥାନ୍ତି । ୧୮ ।

ଚକୋର ପକ୍ଷୀ ଚନ୍ଦ୍ରକିରଣ ଭାବି ସେ ସ୍ଥାନର ଉଜ୍ଜ୍ୱଳତା ରୂପକ ସୁଧାପାନରେ ତୃଷା ନାଶ କରନ୍ତି । ୧୯ ।

ମଣି ମାଣିକ୍ୟର ପ୍ରଭାରେ ସେ ସ୍ଥାନଟି ଏପରି ଆଲୋକ ଉଠୁଛି ଯେ, ମନରେ ଭାବିବାକୁ ପଡ଼ୁଛି—ପୃଥିବୀଠାରୁ ଆକାଶ କେତେ ଯୋଜନ ଦୂର ହେବ ? ୨୦ ।

ପଣ୍ଡିତ ବିଧାତା ଏହି ପଥର ଦୂରତା ମାପିବା ପାଇଁ ପ୍ରମାଣ ସୂତାରୂପେ ଗାଣ୍ଠିସୂତା ବାନ୍ଧି ଯୋଗାଇଅଛି କି ? ୨୧ ।

ଧରଣୀରୂପା ସ୍ତ୍ରୀ ନୀଳମଣି ଜ୍ୟୋତିକୁ ନେଇ ତା କୁଞ୍ଚୁକୁଞ୍ଚିଆ କେଶରେ ବେଣୀ ଲମ୍ବାଇଛି କି ? ୨୨ ।

ଆକାଶରେ ନକ୍ଷତ୍ରଚୟ କେଉଁ ପ୍ରଦେଶ ମୁକ୍ତାରେ ଜଡ଼ିତ ହୋଇ ପ୍ରକାଶମାନ ହେଲେ ? ୨୩ ।

ମରକତ ମଣି ଓ ଗଜମୋତି ସେ ସ୍ଥାନରେ ଏପରି ପଡ଼ି ରହିଛି ଯେ, ବନସ୍ତଙ୍କ ଗହଣରେ ଯାଇଥିବା ଲୋକମାନେ ତାକୁ ଭ୍ରମରେ କାଇଁଚ ବୋଲି ଭାବୁଛନ୍ତି । ୨୪ ।

କଦା ଅନ୍ଧକାର ତହିଁ ନ ପାରେ ପଶି । ୨୫ । ନଳି ଉତେ ସୁଖୀ ହୋଇ କୁମୁଦ ପଦ୍ମ । କରନ୍ତି ପୁଷ୍କରମାନଙ୍କେ ସଦ୍ମ । ୨୬ । ଗିରିରାଜ କଟୀ ହେମ ସୂତ୍ରେ ଯେସନ । ଆବୃତ ହେବାରୁ ଲଳାବୃନ୍ଦ ତେସନ । ୨୭ । ଶୁକ ପିକ ଶାରୀ ଷଟ୍‌ପଦ ସ୍ୱନରେ । ଘନ ବନମାନ ତହିଁ ଅଗମ୍ୟ କରେ । ୨୮ । ବ୍ରହ୍ମଲୋକବାସୀ ଆସି ହର୍ଷେ ବିଳସେ । ମଳୟପବନ ବହେ ସକଳମାସେ । ୨୯ । ମେଘ ଭାନୁ ଚନ୍ଦ୍ର ତାରା ଏମାନଙ୍କର । ସୁମେରୁ ମଧ୍ୟସ୍ଥରୁଁ ଚଳନ୍ତି ବିହାର । ୩୦ । ଅମରଙ୍କ ବଡ଼ଭଳ ସ୍ୱର୍ଣ୍ଣଭୂଧର । ସେ ଖଣ୍ଡ ଅମୀସ୍ଥଳ ପ୍ରାୟ ରୁଚିର । ୩୧ । କୁମର ଦେଖି ଭାବିଲା ଏ ଦେବଭୂମି । ବାହୁଡ଼ିଲା ପଥ ନ ଜାଣିଲା ସେ ଭୂମି । ୩୨ । କରଇ

---

ଗନ୍ଧର୍ବ, କଦା—କେବେ । ୨୫ । ପୁଷ୍କର—ପୁଷ୍କରିଣୀ, ସଦ୍ମ—ବାସ । ୨୬ । ଗିରିରାଜ—ପର୍ବତେଶ, ହେମସୂତ୍ର—ସ୍ୱର୍ଣ୍ଣସୂତା, ଆବୃତ—ଘୋଡ଼ାଇବା । ୨୭ । ଅଗମ୍ୟ—ପୂର୍ଣ୍ଣ । ୨୮ । ବଡ଼ଭ—ଦେଉଳ, ଭୂଧର—ପର୍ବତ, ଅମିସ୍ଥଳ—ଅମୃତ ସ୍ଥାନ । ୩୧ ।

---

ସର୍ବଦା ସେଠାରେ ଗନ୍ଧର୍ବ ଓ ଗାନ୍ଧର୍ବୀମାନେ କ୍ରୀଡ଼ା କରନ୍ତି । କେବେ-କେବେ ହେଲେ ସେ ସ୍ଥାନରେ ଅନ୍ଧାର ପଶିପାରେ ନାହିଁ । ୨୫ ।

ନଳି ବନ, ଜଳ ଉତ୍ପଳ ଓ ପଦ୍ମଫୁଲଗୁଡ଼ିକ ପୁଷ୍କରିଣୀମାନଙ୍କରେ ବାସ କରିଅଛନ୍ତି । ୨୬ ।

ଗିରିରାଜ ହିମାଦ୍ରିର କଟୀଦେଶରେ ନାନାରତ୍ନ ଖଚିତ ହେବାରୁ ଯେପରି ସୁନା ସୂତା ଘେରିଲାପରି ଦେଖାଯାଏ, ଏ ମେରୁପ୍ରଦେଶ ଠିକ୍ ସେହିପରି ଲଗୁଅଛି । ୨୭ ।

ଶୁଆ, ସାରୀ, କୋଇଲି ଓ ଭଅଁରମାନଙ୍କ ସ୍ୱନରେ ଘଞ୍ଚଳିଆ ବଣଗୁଡ଼ିକ ପୂର୍ଣ୍ଣ ହୋଇଥାଏ । ୨୮ ।

ବ୍ରହ୍ମଲୋକରେ ବାସ କରୁଥିବା ଲୋକମାନେ ଆସି ସେଠାରେ ହର୍ଷ ମନରେ ବିଳାସ କରନ୍ତି । ସବୁ ମାସରେ ସେଠି ବସନ୍ତ ବହୁଥାଏ । ୨୯ ।

ବର୍ଷା, ସୂର୍ଯ୍ୟ, ଚନ୍ଦ୍ର ଓ ତାରାମାନଙ୍କର ବିହାର ସ୍ଥଳ ହେଉଛି ସୁମେରୁର ମଧ୍ୟସ୍ଥଳରୁ ତଳ ଆଡ଼କୁ । ୩୦ ।

ଦେବତାମାନଙ୍କ ଦେଉଳ ଏ ସୁନା ପର୍ବତ ଅଟେ କି ? ଇଳାବୃତ୍ତ ଖଣ୍ଡ ସ୍ୱର୍ଗଭୁବନ ପରି ଅତି ସୁନ୍ଦର ଲଗୁଥାଏ । ୩୧ ।

ରାଜପୁତ୍ର ଏ ଭଳି ଗୋଟିଏ ରମଣୀୟ ସ୍ଥାନରେ ପହଞ୍ଚି ବାଟ ପାଇଲା ନାହିଁ । ତେଣୁ ଦେବଭୂମି ବୋଲି ଲେଉଟି ଆସିଲା । ୩୨ ।

ଚିନ୍ତା କରନ୍ତେ କୃଶତା ହୋଇ । ଉପେନ୍ଦ୍ର ଭଞ୍ଜ ସାରବର କହଇ । ୩୩ ।

—୦—

## ଅଷ୍ଟମ ଛାନ୍ଦ

[ ସ୍ତ୍ରୀ ବିଚ୍ଛେଦରେ ରାଜପୁତ୍ରର ବିଦେଶର ଗମନ ]

ରାଗ—ଷଟିଆରି

ଦୈବବଶେ ବିଦେଶେ ରହି । ରସିକବର ଭୃଙ୍ଗକୁ କହି । ଉଦଣ୍ଡ କୁସୁମକୋଦଣ୍ଡ କାଣ୍ଡରୁ ବଳିଭ ଦଣ୍ଡ ବ୍ରହ୍ମାଣ୍ଡେ ନାହିଁ । ୧ । ମହାସୁଖ ନାହିଁ ଦମ୍ପତିରୁ । କି କାର୍ଯ୍ୟ କୁବେର ସମ୍ପତ୍ତିରୁ । ଜୀବନ ଯିବାର ବଳି ତ ନୁହଇ ଯୁବାଙ୍କୁ ଯୁବତୀ ବିଚ୍ଛେଦରୁ । ୨ । ପରମ ପଦାର୍ଥ ପୀରତିରୁ । ବଡ଼ ହୋଇ ସୁଖ ସୁରତିରୁ । ନାହିଁ ନ ଥିବ ନୋହିବ ସଙ୍ଗମରେ ତହିଁକି ପ୍ରଭବ କାରଣ ଯୁବତୁ । ୩ । ରତି ହୋଇ

---

ଉଦଣ୍ଡ—ଅତିଦୁଷ୍ଟ, ଅମାନିଆ । କୁସୁମ କୋଦଣ୍ଡ—ଫୁଲଧନୁ । କାଣ୍ଡ—ଶର । ୧ । କୁବେର—ଧନପତି । ୨ । ପରମ ପଦାର୍ଥ—ଶ୍ରେଷ୍ଠଦ୍ରବ୍ୟ । ପ୍ରଭବ—ଜନ୍ମ । ଯୁବତୁ—ସ୍ତ୍ରୀ । ୩ । କଳତ୍ର—ପତ୍ନୀ । ୪ । ଅଦୃଷ୍ଟ ରଜା—ପ୍ରନୃତ୍ତା କନ୍ୟା

---

ଭଞ୍ଜ କହନ୍ତେ—"ଏହି କାରଣରୁ ରାଜପୁତ୍ର ଚିନ୍ତାରେ ପଡ଼ି ବିରହ କାତରରେ ଶୁଖି ଶୁଖି ଚିନ୍ତା କରୁଥାଏ । ୩୩ ।

—୦—

ଦୈବଯୋଗେ ବିଦେଶରେ ଥାଇ ଶ୍ରେଷ୍ଠ ରସିକ ରାଜକୁମାର ଭ୍ରମରକୁ କହୁଛି । ଅମାନିଆ କନ୍ଦର୍ପ ଫୁଲଧନୁରେ ଫୁଲଶର ବସାଇ ଛାଡ଼ିଦେବାଠାରୁ ଦଣ୍ଡ ଏ ସଂସାରରେ ଆଉ କିଛି ନାହିଁ । ୧ ।

ଦାମ୍ପତ୍ୟ ପ୍ରେମରୁ ବଳି ମହାସୁଖ ଆଉ ନାହିଁ । ସେ ସୁଖ ଯିଏ ପାଇଛି, ତାର କୁବେର ସମ୍ପତ୍ତିରେ ବା କାର୍ଯ୍ୟ କଣ ? ଜୀବନ ଚାଲିଯିବା ବଡ଼ କଥା ନୁହେଁ । ବଡ଼ କଥା ହେଲା ଯୁବା ପୁରୁଷକୁ ଯୁବତୀ ସ୍ତ୍ରୀର ବିଚ୍ଛେଦ । ୨ ।

ଶ୍ରେଷ୍ଠ ପଦାର୍ଥ ପ୍ରୀତି ଓ କାମ କେଳିରୂପକ ସୁରତରୁ ବଳି କିଛି ନାହିଁ କି ନ ଥିବ, ଏ କଥା ସମସ୍ତେ ସ୍ୱୀକାର କରିବେ । ଯଦି ଏ କଥାର ପ୍ରତିକାର କରି ପାରିବ, ତେବେ ଏକମାତ୍ର ସ୍ତ୍ରୀ ଛଡ଼ା ଅନ୍ୟ କେହି ନୁହେଁ । ୩ ।

ଯେଉଁ ଦ୍ୱିଅକ୍ଷର । ଯାଙ୍କୋର ଯିବାକୁ ପଞ୍ଚଶର । ନଜକଳ୍ପଶ୍ରୀ ନାମ ତାହା ଦେଇଛୁ ଏଣୁ ସେ ନାଗରଗଣେ ସାର । ୩ । ଗଗଣର ପରା କୃପି ଯହିଁ । ଅଦୃଷ୍ଟରଙ୍ଗାରେ ହେଲେ ମୋକ୍ଷ । ନବଯୌବନା ବନତା କ୍ଷିତିଁ ଧୈର୍ଯ୍ୟଠାରୁ କେ ଅବଳା ଜାତ ହୋଇ । ୪ । ଥିବ ଦ୍ରବ୍ୟ ସମ୍ମୋହିବାକୁ । କର ଥିବ ଦୂର ନୋହିବାକୁ । ଯେ ଅର୍ଜିଅଛୁ ଏ ଦୁର୍ଲ୍ଲଭ ସୁଲଭ ଦୁର୍ଲ୍ଲଭ୍ୟ ତା ପୁଣ୍ୟ କହିବାକୁ ।୫। ପ୍ରାଣସଖୀ ପାଶରେ ଥାଇଁ ଥାଇଁ । ତା ମୁଖପଦ୍ମକୁ ଚାହିଁ ଚାହିଁ । ଯେଉଁ ପୁରୁଷ ପ୍ରାଣତ୍ୟାଗ କରନ୍ତି ତା ସମ ସୁକୃତୀ କାହିଁ ଆଉ । ୬ । ବଧୂଲତାର ହେଲା ହୃଷ୍ଟମନ୍ତ । ଅପ୍ସରଣ କଲ ଉଲୁ-ମନ୍ତ । ପରତେ ମୋ ଚିତ୍ତେ ତେତେତେଜେ ସତେ ହୋଇଥିଲା ବେଦ ଭ୍ରଷ୍ଟ-ମନ୍ତ । ୮ । ବଧୂକଟେଷୁ ଉଦଯ ରତ୍ନ । ନ ଥିଲେ ସ୍ତ୍ରଗଣ ଚନ୍ଦ୍ରାନନ । କାନ୍ତାର ବଦନ ଦର୍ଶନ ନ ଥିଲେ ରସିକକୁ ଥିଲା କେଉଁ ଗତି । ୯ । ଭେଟେ ଭେଟେ ଉନ

। ୫ । ଦୁର୍ଲ୍ଲଭ—ଅସାଧ୍ୟ, ସୁଲଭ—ସହଜ, ଦୁର୍ଲଭ୍ୟ—କଷ୍ଟରେ ଲଭ୍ୟ ହେବା । ୬ । ସୁକୃତୀ—ପୁଣ୍ୟବାନ । ୭ । ହୃଷ୍ଟମନ୍ତ—ଭ୍ରମ, ଅପ୍ସରଣ—ଅଳୁଆଁ । ୮ । ବଧୂକଟେଷୁ—କସୁମ ଶରୁଙ୍କ । ୯ । ଭେଟେ ଭେଟେ—ଦେଖା ଦେଖିରେ,

କନ୍ଦର୍ପ ତଳୁରପଣରେ ରତ୍ତି ବୋଲି ଅକ୍ଷର ଦୁଇଟି ଯାଙ୍କୋର୍ ଯିବୁ ବୋଲି ନଜ ସ୍ତ୍ରୀର୍ଯ୍ୟା ନାମ ଯେଣୁ 'ରତ୍ତି' ଦେଇଅଛୁ, ତେଣୁ ସେ ନାଗରମାନଙ୍କ ମଧ୍ୟରେ ଶ୍ରେଷ୍ଠ ଅଟେ । ୩ ।

ଗଗଣର ଗର ମହାଜ୍ଞାନ ମୁନ ଗୋଟିଏ ଅନୂଢ଼ା କୁମାରୀ ରୂପରେ ମୋହିତ ହୋଇଗଲେ । ପୃଥ୍ୱୀରେ ଜନ୍ମଗ୍ରହଣ କରି, ଗୃହରେ ଥିବା ନବଯୌବନା ସ୍ତ୍ରୀକୁ ଅନାଇ କଏ ଧୈର୍ଯ୍ୟ ଧରି ରହିବ ? ୪ ।

ମନ ମୋହିବାକୁ ସୁନ୍ଦରୀ ତରୁଣୀ ଥିବ । ସ୍ୱାମୀ ତାକୁ କେତେବେଳେହେଲେ ଅନ୍ତର ହେବାକୁ ଇଚ୍ଛା କରୁ ନ ଥିବ । ଏପରି ଅସାଧ୍ୟ ସୁଲଭ ଯେ ଅର୍ଜ୍ଜନ କରିଛି, ତା ପୁଣ୍ୟ କହିହେବ ନ ସରେ । ୫ ।

ପ୍ରିୟା ପାଖରେ ଥାଇ, ତା ମୁହଁକୁ ଅନାଇ ଅନାଇ ଯେଉଁ ପୁରୁଷ ଜୀବନ ତ୍ୟାଗ କରି ପାରୁଛି, ତା ପରି ପୁଣ୍ୟବାନ୍ ଆଉ କେହି ନୁହନ୍ତି । ୬ ।

ବଧୂଲତାର ମନଭ୍ରମ ଘଟିଥିବାରୁ ଉଲୁମନ୍ତ୍ର ବାଣୀକୁ ଅଟ୍ଟାଶୀ କରି ରଖିଲା । ମୋର ମନେ ହେଉଛି, ଗୁଡ଼ାଏ ବେଦ ପଢ଼ି ପଢ଼ି ବଧୂଲତାର ମନ ଭରି ଭୁଲି ହୋଇ ଯାଇଥିବାରୁ ଏପରି ଅଚରିତ କରିଛି । ୮ ।

ଉଦୟ ରତ୍ନ କସୁମ ଶରୁଙ୍କ ତୁଥା । ଜଗିରେ ଯଦି ପ୍ରଦୀପ କମ୍ବା ଚନ୍ଦ୍ର-କିରଣ ନଥାନ୍ତା କି ସ୍ତ୍ରୀକୁ ତାର ସ୍ୱାମୀ ରାତିରେ ଦେଖି ନଥାନ୍ତା, ତେବେ ରସିକକୁ ଅନ୍ୟ ଗତି ଥିଲା କେଉଁଠି ? ୯ ।

ପ୍ରେମଧନ । ଦେଇ ତରୁଣୀ କଣନ୍ତି ମନ । ପିଣ୍ଡପ୍ରାଣ ଯେବେ ସ୍ତଂସ ଯେତଣେ ଗଲେ ସେ ଆଉ ନ ଗୁଡ଼େ ସନ୍ନିଧାନ । ୧୦ । ମଧୁଅଛି ବଧୂ ବିମ୍ବାଧରେ । ତାହା ନ ଦେଖିଲେ ଦେବାସୁରେ । ସୁଧାରେ କି ସ୍ୱାଦୁ ଅଛି ବୋଲି ବନ୍ଦ ଆରମ୍ଭିଲେ ସିନ୍ଧୁ ମନ୍ଥନରେ । ୧୧ । ଯେ ଯେତେ ଭଜନ ଭୋଗବଶେ । ରସଦାୟିମାର ରସେ ଲସେ । ଆଲିଙ୍ଗନ ସୁଖ ସେ କାହୁଁ ଜାଣିବ ଯେମନ୍ତ ଚୁମ୍ବନ ନଂପୁରୁଷେ । ୧୨ । ଯେତେବେଳେ ଯେବେ ପ୍ରଶସ୍ତି । ଭୋଗଲଙ୍ଗ ହୋଏ ମାନବତୀ । ତେତେବେଳେ ହୃଷ୍ଟଠାରୁ କାହୁଁ ପୁଷ୍ଟ ହେବ ଅଷ୍ଟନିଧି ଗରପତି । ୧୩ । ସ୍ମରଶାସ୍ତ୍ର ଯାର ପଢ଼ା ନାହିଁ । ଯାଗ କରୁଥାନ୍ତି ସ୍ୱର୍ଗପାଇଁ । ତହିଁ ଭୋଗ ସକ ଚନ୍ଦନ ବନିତା ଶୀଢ ଗଲେ ନସ ପ୍ରାପତ ହେବ । ୧୪ । ସ୍ୱର୍ଗପାଇ କେଉଁ ଭୋଗ ହେବ । ଯଶାରେ ମୋକ୍ଷଣ

---

ସନ୍ନିଧାନ—ପାଖ । ୧୦ । ବିମ୍ବାଧରେ—ବିମ୍ବଫଳ ପରି ରକ୍ତ ବର୍ଣ୍ଣ ଓଷ୍ଠରେ । ୧୧ । ରସେ—ପ୍ରେମରେ, ଲସେ—ମଜ୍ଜେ, ନଂ ପୁରୁଷ—ନପୁଂସକ । ୧୨ । ମାନବତୀ—ମାନିନୀ, ହୃଷ୍ଟ—ହର୍ଷ, ପୁଷ୍ଟ—ବଡ଼; ଅଷ୍ଟନିଧି—ଅଷ୍ଟରତ୍ନ, ସ୍ମରଶାସ୍ତ୍ର—କାମବିଜ୍ଞାନ ସକ—ମାଳା । ୧୩ । ଯାଗ—ଯାଜ୍ଞମାନଙ୍କ କର୍ତ୍ତା, ମୋକ୍ଷଣ—

---

ପ୍ରଥମ ଥର ସ୍ତ୍ରୀ ପୁରୁଷ ଦେଖାଦେଖି ହେଲାଠାରୁ ତରୁଣୀମାନେ ପ୍ରେମ ରୂପକ ଧନ ଦାନ କରି ପୁରୁଷର ମନ କିଣି ନଅନ୍ତି । ତେଣିକି ପୁରୁଷ ତାର ଦେହ ଓ ଜୀବନ ଦେଇ ଦେଉଁଅଛେ ଯାଉ ପଛକେ, ସ୍ତ୍ରୀ ପାଖରେ ସର୍ବଦା ମନ ରହିଥାଏ । ୧୦ ।

ବଧୂର ରକ୍ତବର୍ଣ୍ଣ ଓଷ୍ଠାଧାରରେ ମଧୁ ଅଛି । କିନ୍ତୁ ଏ କଥା ଦେବ ଦାନବମାନେ ଜାଣି ପାରିଲେ ନାହିଁ । ତେଣୁ ସମୁଦ୍ର ମନ୍ଥନରେ ସେମାନେ କଳହରେ ମାତି ଉଠିଲେ । ମଧୁ ଅମୃତରେ କଣ ବଧୂ ଓଷ୍ଠ ମଧୁରର ସୁସ୍ୱାଦ ଅଛି ? ୧୧ ।

ଜପଭୋଗ ନିମନ୍ତେ ଯେ ଚନ୍ଦନ ସେବେ ଏବଂ ପ୍ରେମଦାୟିନୀ ନାରୀମାନଙ୍କ ପ୍ରେମରେ ମଜ୍ଜି ଯାଏ, ସେ ଆଲିଙ୍ଗନ ସୁଖ ଜାଣିବ କିପରି ? ଅପୁରୁଷା ଲୋକ-ମାନେ ଯେପରି ଚୁମ୍ବନର ସୁଖ ଜାଣନ୍ତି ନାହିଁ, ସେହିପରି ଯେଉଁ ବ୍ୟକ୍ତି ରତି ରସରେ ମାତି ଉଠେ, ତାକୁ ଆଲିଙ୍ଗନ ସୁଖ ଜଣା ନାହିଁ । ୧୨ ।

ଅଭିମାନିନୀ ନାରୀର ପତି କଥାରେ ଯେତେବେଳେ ମାନଭଙ୍ଗ ହୁଏ, ସେତେବେଳର ଆନନ୍ଦଠାରୁ ଅଷ୍ଟରତ୍ନ ପ୍ରାପ୍ତି କଣ ବଡ଼ କଥା ? ୧୩ ।

ଯେଉଁମାନେ କାମଶାସ୍ତ୍ର ନ ପଢ଼ି କେବଳ ସ୍ୱର୍ଗପ୍ରାପ୍ତି ଆଶାରେ ଯଜ୍ଞ କରନ୍ତି, ସେମାନେ ମୃତ୍ୟୁପରେ ସ୍ତ୍ରୀ, ଚନ୍ଦନ ଓ ଫୁଲମାଳ ଇତ୍ୟାଦି ପାଆନ୍ତି । ୧୪ ।

ଅଛୁ ଭବ । ସୁତନୁ ଜାନୁସିଂହାସନୁ କି ଚର୍ଚ୍ଚି ମନୋରମ ହୋଇ ସ୍ଥାନ ଥିବ । ୧୫ । ସ୍ୱର୍ଣ୍ଣଜନ୍ମେ ହେମ-ଚମ୍ପା ହେଇ । ଥାଇଛି ଶିବଙ୍କୁ ଯେ ମଡାଇ । ଚମ୍ପାଗୋତ୍ର ଚମ୍ପା-ମାଳ ପରି ବାହୁ ଗଳାକୁ ମାଳା କରଇ ସେହି । ୧୬ । ଯେ ରସାଳ ରମା ବପ-ସ୍ଥଳେ । ବେଣୀ ନାସାମଣି ହାର ନୃତ୍ୟେ । ଦୃଷ୍ଟି ଦେଇଥିବ ସୃଷ୍ଟିରେ କାହିଁ ଏ ଉତ୍ସବୁଁ ଉତ୍ସବ ଭାବୁ ସତେ ।୧୭। କରଜରେ କ୍ଷତ ରଖିବାର ସ୍ତନେ ପତ୍ରଲେଖା ଲେଖିବାର । ବନ୍ଧୁ ଅଳସରୁ ଲୁଚକଳସରୁ ମହାଯୋଗ ପ୍ରାପ୍ତେ ଦେଖିବାର । ୧୮ । ବାଞ୍ଛି ବାଞ୍ଛାକଳ୍ପତରୁ ବସି । ଉଦାସରେ ନେଇ ଅଦର୍ଶି । ସେ ଗଙ୍ଗାସାଗରେ ଝାସିଥାଇ ତାର ଉତ୍ତମ ରମା ଅଙ୍କରେ ବସି । ୧୯ । ତଞ୍ଜୁଥିବା ରମା

---

ଉତ୍ତୋଳନ, ଜାନୁ ସିଂହାସନୁ—ଜଂଘ ଉପର ଆସନ ଠାରୁ । ୧୫ । ହେମ-ଚମ୍ପା—ସୁବର୍ଣ୍ଣ ଚମ୍ପା । ୧୬ । କରଜ—ନଖ । ୧୮ । ବାଞ୍ଛାକଳ୍ପ—କଳ୍ପବୃକ୍ଷ,

---

ସ୍ୱର୍ଗକୁ ଯଦି ଯିବା କି ଭୋଗ ମିଳିବ ? ସ୍ତ୍ରୀଲୋକମାନଙ୍କ ସମ୍ଭୋଗ ହେଲା ମୁକ୍ତି ବାଟ । ଉତ୍ତମଦେହୀ ସ୍ତ୍ରୀମାନଙ୍କ ଜାନୁରୂପ ସିଂହାସନଠାରୁ ସୁନ୍ଦର ହୋଇ ଆଉ କେଉଁ ସ୍ଥାନ ଅଛି ? ୧୫ ।

ପୂର୍ବ ଜନ୍ମରେ ସୁନାର ଚମ୍ପାଫୁଲ ଚଢ଼ାଇ ଯେଉଁ ଲୋକ ମହାଦେବଙ୍କ ମସ୍ତକରେ ଚଢ଼ାଇଥିବ ଓ ଶିବ ସନ୍ତୋଷ ହୋଇଥିବେ, ସେହି ଲୋକ ଏ ଜନ୍ମରେ ଭବ୍ୟ ( ଚମ୍ପକ କୁସୁମ ବର୍ଣ୍ଣ ) ଚମ୍ପାଗୋତ୍ର ରମଣୀକୁ ବାହୁ ବନ୍ଧନରେ ଓ ଗଳାରେ ମାଳା ସଦୃଶ ଲମ୍ବାଇପାରେ । ୧୬ ।

ରମଣୀବରକୁ ବପସ୍ଥଳ ଉପରେ ଯେଉଁ ରସିକଶ୍ରେଷ୍ଠ ରସାଳ ସୁନ୍ଦର ବେଣୀ, ନାସାର ବସଣୀ ଓ ଗଳାର ହାରର ନର୍ତ୍ତନ ଆଖିରେ ଦେଖିଥିବ, ସେ କେବେ ବିଶ୍ୱାସ କରିବ ନାହିଁ—ଏ ଉତ୍ସବଠାରୁ ବଳି ଅନ୍ୟ ଉତ୍ସବ ଅଛି ବୋଲି । ୧୭ ।

ନଖଦ୍ୱାରା ଆଘାତ କରି ଚିହ୍ନ ରଖିବା ଓ କସ୍ତୁରୀ ପତ୍ର ଦ୍ୱାରା କୁଚ ସ୍ଥଳରେ ପତ୍ରାବଳୀ ଲେଖିବା ଏବଂ ରମାମଣି ପ୍ରିୟାଙ୍କରୁ ଶଯ୍ୟାତ୍ୟାଗ କରି ଅଳସ ଭଙ୍ଗିଲାବେଳେ କୁଚ କଳସ ଦର୍ଶନ କରିବା, ଏହା ଅମୃତଯୋଗ ସଦୃଶ ମହା-ଯୋଗ ଅଟେ । ୧୮ ।

ଉଦାସୀନ ଭାବର ଅବସ୍ଥାରେ ଯେଉଁ ବ୍ୟକ୍ତି ବାଞ୍ଛାବୃକ୍ଷମୂଳେ ବସି ତା ଭଳି ଗଙ୍ଗା ଓ ସାଗରର ସଙ୍ଗମ ସ୍ଥଳରେ ଝାସ ଦେଇଥାଏ, ଉତ୍ତମା ସ୍ତ୍ରୀ ତାର କୋଳରେ ବସେ । ଅର୍ଥାତ୍—ଅତି ସୁନ୍ଦରୀ ନାରୀ ତାର ଭାର୍ଯ୍ୟା ହୁଏ । ୧୯ ।

ପଣନ୍ତରେ । ଯେଉଁ ନାରୀକୁ ରତାନ୍ତରେ । ସେ କି ପ୍ରଶଂସିବ ଦକ୍ଷିଣମରୁତ ସୁଶୀତଳ ବେଳ ବସନ୍ତରେ । ୨୦ । ରସିକ ମଧ୍ୟେ ନଷ୍ଟସ୍ପୃହ ସାର । ଜଗତପ୍ରଭୁ ଭୂଥାଙ୍କଧର । କାମିନୀନୀତି ଏତେ ବୋଲି କମଳାଙ୍କୁ କରି ନ ପାରନ୍ତ କ୍ଷଣେ ଦୂର । ୨୧ । ମହାଯୋଗୀ ଜାଣି ମହାଦେବ । ତାଙ୍କୁ କେ ବଡ଼ ସଂସାରେ ଥିବ । ଯୁବତୀ ଏମନ୍ତ ଅର୍ଦ୍ଧଅଙ୍ଗ କରି ତ୍ରୁଟି ନ ପାରିଲେ ଏକ ଲବ । ୨୨ । ସାଗରବତ ନାଗରମଣି । ତ୍ରିପୁରେ ନ ମାନ ନାହିଁ ପୁଣି । ଗଙ୍ଗାସଙ୍ଗମେ ଅଙ୍ଗେ ଅଙ୍ଗ ମିଶାଇ ଆଲିଙ୍ଗନ ସୁଖ ସେହି ଜାଣି । ୨୩ । ଯୋଗିଙ୍କ ଯୋଗ ହୁଅନ୍ତା ନାଶ । ସବୁଦିନ ଥାନ୍ତା ମଧୁମାସ । ମନ ଯହିଁ ଯାଏ ଦେହ ସେହି ସଙ୍ଗେ ହେଉଥାନ୍ତା ପୁଣି ପରବେଶ । ୨୪ । ବଢାଙ୍କୁ ହେବ ତ ରାଜ୍ୟ ନଷ୍ଟ । ଯୁବାଙ୍କୁ ହେବାର ପତ୍ନୀଭ୍ରଷ୍ଟ ।

---

ଅହର୍ନିଶୀ—ଦିନରାତି । ୧୯ । ମରୁତ—ପବନ । ୨୦ । ପତ୍ନୀକଷ୍ଟ—ଈର୍ଷ୍ୟା ଅଚ୍ଛେଦ । ୨୫ ।

---

ଯେଉଁ ନାରୀ ରତି ଶେଷରେ ଆପଣା ସ୍ୱାମୀକୁ ପଣନ୍ତକାନ୍ଦରେ ବାନ୍ଧି ଥିବ, ବସନ୍ତ ଋତୁରେ ବହୁଥିବା ଦକ୍ଷିଣା ପବନକୁ ସେ ପ୍ରଶଂସା କରିବ କାହିଁକି ? ୨୦ ।

ସାରା ସଂସାରର ପ୍ରଭୁ ଚକ୍ରଧର ଏକମାତ୍ର ରସିକ । ସେ ସ୍ତ୍ରୀମାନଙ୍କର ମର୍ଯ୍ୟାଦା ଜାଣିଥିବାରୁ ତାଙ୍କ ସ୍ତ୍ରୀ କମଳାଙ୍କୁ ବକ୍ଷପଣ ଦେଇଛନ୍ତି ଏବଂ କ୍ଷଣେମାତ୍ର ପାଖରୁ ଅନ୍ତର କରନ୍ତି ନାହିଁ । ୨୧ ।

ମହାଯୋଗୀ ମହାଦେବଙ୍କଠାରୁ ସଂସାରରେ ଆଉ ବଡ଼ କିଏ ଅଛି ? ଯୁବତୀର ମହତ୍ତ୍ୱ ଏପରି ଯେ, ସେ ତ୍ୟାଗ କରି ନପାରି ଉମାଙ୍କୁ ନିଜର ଅର୍ଦ୍ଧଅଙ୍ଗ କରି ନେଇଛନ୍ତି । ୨୨ ।

ତିନି ଭୁବନରେ ପୁରୁଷ କେହି ସମାନ ନୁହନ୍ତି । କାରଣ, ଯେଣୁ ସେ ସାଗର ସମାନ ଅର୍ଥାତ୍ ରସ ସାଗର ଅଟେ ଗଙ୍ଗା ଆଉ ସମୁଦ୍ର ଯେପରି ଏକାଠି ମିଳିତ ହୋଇ ଏକ ହୋଇଯାଇଅଛନ୍ତି, ପୁରୁଷ ସେହିପରି ସ୍ତ୍ରୀକୁ ଆଲିଙ୍ଗନ ପାଶରେ ବାନ୍ଧି ପାରୁଥିବାରୁ ଏଠାରେ ଗଙ୍ଗା ସାଗରର ଉପମା ଦିଆଗଲା । ଗଙ୍ଗା ସାଗର ସଙ୍ଗମ ପରି ଯେ ଆଲିଙ୍ଗନ କରି ପାରିଛି, ସେହି ଏକା ଆଲିଙ୍ଗନ ସୁଖ ଜାଣେ । ୨୩ ।

ସବୁଦିନେ ଯଦି ବସନ୍ତ ଋତୁ ଥାଆନ୍ତା, ତେବେ ଯୋଗୀମାନଙ୍କ ଯୋଗ ନଷ୍ଟ ହୁଅନ୍ତା । ମନର ଗତି ସଙ୍ଗେ ଦେହ ବି ଯାଇ ପହଞ୍ଚନ୍ତା ୨୪ ।

କହେ ଉପେନ୍ଦ୍ର ଭଞ୍ଜ ସାରବର ଏଥୁଁ ବଳି ଆଉ ନାହିଁ କଷ୍ଟ । ୨୭ ।

—o—

## ନବମ ଛାନ୍ଦ

[ ସ୍ତ୍ରୀ ଗୁଣକୁ ଗାଇ ଗାଇ ରାଜପୁତ୍ରର ଖେଦ ]

ରାଗ—ଘଣ୍ଟାରବ

ତୁ ବା କୋକିଳକୁ ଭ୍ରମର । କାହିଁକି ଏଡ଼େ ଅଧୀର । ଯେମନ୍ତ କଳୁଷ ଲକ୍ଷ ହରାଇଛୁ କହୁ ଶୋକ ଶୁଣ ତାର । ୧ । କହେ ବିଦ୍ୟାଧରସୁତ । ଆସିଛୁ ଅବଶ କରି । ନେତ୍ର ଖଞ୍ଜରୀଟପକ୍ଷୀ ବନ୍ଦୀକି ସେ ପଞ୍ଜୁରୀ ହେମମଞ୍ଜୁଷା । ୨ । ଚନ୍ଦ୍ରଶ୍ରୀମୁଖକୁ ଚାହିଁ । ଦୁଃଖ ନହଉଥାଇ ଦନ୍ତ । ମନେ ଭେଳୁଥାଇ ଆନ ନାହିଁ ଆଉ ଆନନ୍ଦସ୍ୱରୂପ ଏତ୍ତ । ୩ । ହସିବାବେଳେ ସୁକେଶୀ । ଅଧର କି ଶୋଭା ଦିଶି । ସୁନ୍ଦରୀ ସୁନ୍ଦର ଯଶ ଅନୁରାଗ ହୋଇଲେ କି ମିଶାମିଶି । ୪ ।

---

ଖଞ୍ଜରୀଟ—କଜ୍ଜଳପାଖ ଚଢ଼େଇ, ହେମ ମଞ୍ଜୁଷା—ସ୍ୱର୍ଣ୍ଣଲତା । ୨ । ସୁକେଶୀ—ଉତ୍ତମକେଶୀ, ଯଶ—ଖ୍ୟାତି, ଅନୁରାଗ—ସ୍ନେହ । ୪ । ଜନ୍ମା—ହାଇ,

---

ନୃପତିଙ୍କର ରାଜ୍ୟ ନଷ୍ଟ ଯେପରି ଦୁଃଖ, ଯୁବକମାନଙ୍କୁ ଭାର୍ଯ୍ୟା ବିଚ୍ଛେଦ ସେହିପରି ଦୁଃଖ । କବି କହୁଛନ୍ତି, ସଂସାରରେ ଏହାଠାରୁ ବଳି ଆଉ ଦୁଃଖ ନାହିଁ । ୨୭ ।

—o—

ରାଜପୁତ୍ର କହୁଛି—ରେ ଅଳି ! ମୋ ଅବସ୍ଥା ଦେଖି ତୁ କହୁଥିବୁ ଏଡ଼େ ଅଥୟ ହେଉଛ କାହିଁକି ? ମାତ୍ର ମୋ ଦୁଃଖ କଥା ତୁ କଣ ଜାଣିବୁ ? ଯେଉଁ ସ୍ତ୍ରୀ ପାଇ ମୁଁ ହରାଇ ଦେଇଛି, ସେ ସ୍ତ୍ରୀର ସୁନ୍ଦରପଣିଆ କିଛି କହୁଛି—ଶୁଣ । ୧ ।

ମୁଁ ନିଶ୍ଚିତ କରି ଜାଣେ, ଗନ୍ଧର୍ବ ଭୁବନ ଅସୁନ୍ଦର କରି ସେ ମର୍ତ୍ତ୍ୟରେ ଜନ୍ମ ହୋଇଛି । ଆଖିରୂପକ କଜ୍ଜଳପାଖ ଚଢ଼େଇକୁ ବନ୍ଦୀକରି ରଖିବା ପାଇଁ ସେ ସୁବର୍ଣ୍ଣ ପଞ୍ଜୁରୀ ସଦୃଶ । ୨ ।

ତା ସୁନ୍ଦର ବଦନ ଦର୍ଶନରେ ସକଳ ଦୁଃଖ ନାଶ ହୁଏ । ମନେ ମନେ ବିଚାର କରେ ସଂସାରରେ ଏହାଠାରୁ ବଳି ଅନ୍ୟ ଆନନ୍ଦ ଆଉ କିଛି ନାହିଁ । ୩ ।

ଉତ୍ତମକେଶୀ ସୁନ୍ଦରୀ ହସିଲାବେଳେ କେଡ଼େ ସୁନ୍ଦର ଦେଖାଯାଏ ତାର ଓଷ୍ଠପ୍ରାନ୍ତ । ଭାବୁକର ମନରେ ଏପରି ଭାବ ଉଦୟ ହୁଏ ଯେ ଯଶ ଏବଂ ସ୍ନେହ ଏ ଦୁହେଁ ସୁନ୍ଦରୀ ଏବଂ ସୁନ୍ଦର ରୂପ ଧରି କଣ ମିଶାମିଶି ହେଲେ କି ? ୪ ।

ଜୁମ୍ଫାରେ ଝୁଲନ୍ତେ ତନ୍ତ । ସ୍ୱର୍ଣ୍ଣ ଗଳନ୍ତ ପ୍ରକଟ । ମାଣିକ୍ୟ କୁହରେ ତମଭୟରେ ନ ଦିଶଇ ପ୍ରାଣୀ ଗୁପତ । ୫ । ଆଦରଶେ ନ ଦେଖଇ । ଗାଲେ ତିଳକ ଲେଖଇ । ଲମ୍ବିତ ଶ୍ରୁତିକୁଣ୍ଡଳ ବମ୍ବିବାରୁ ଗଣ୍ଡମଣ୍ଡଳକୁ ଦୃଷ୍ଟି । ୬ । ଗାଲେ ଡାକୁଥିବେ ନେତ୍ର । କଳା ଧଳା ଧୂର୍ତ୍ତ ଛତ୍ର । ଜଗତରଞ୍ଜନ ଧାରଣୀ ଖେଳଇ ଲଗାଇ ଅଞ୍ଜନ ସୂତ୍ର । ୭ । ଭୂଲ୍ଲ ଯେତେବେଳେ ନାଚେ । ଦେଖି ମୁଁ ଏମନ୍ତ ଆଚେ । ଯୋଗୀଧୈର୍ଯ୍ୟତରୁ ଚ୍ଛେଦିବା ପାଇଁକି ସୁତୀକ୍ଷ୍ଣ ପରଶୁ ଆଞ୍ଚେ । ୮ । ଫୁଲ୍ଲ-ବାବେଳେ ଘୋଣା । ପ୍ରଚଳିତ ଶବ୍ଦ ଗୁଣା । କି ଯନ୍ତ୍ର କି କଳ କାହା ବଶେ କେହ୍ବ ଚଳେ ବୁଦ୍ଧି ହୁଏ କଣା । ୯ । ଜନକ ନାଭିକମଳ । ଗାଲ ତା ଅତି ବିମଳ ।

ଝୁଲନ୍ତେ—ଝୁଲନ୍ତି ଉଠେ, ଗଳନ୍ତ [illegible] ପ୍ଲୁଳିବା, କୁହର—ଗର୍ତ୍ତ, ତମଭୟ—ଅନ୍ଧକାର ଭୟ । ୫ । ଆଦରଶେ—ଦର୍ପଣରେ; ଲମ୍ବିତ—ଲମ୍ବିତ, ଶ୍ରୁତିକୁଣ୍ଡଳ—କର୍ଣ୍ଣକୁଣ୍ଡଳ, ବମ୍ବିବାରୁ—ଛାୟା ହେବାରୁ । ୬ । ଧାରଣୀ—ନଟୀ, ଭୂଲ୍ଲ—ଭ୍ରୂଲତା । ୭ । ପରଶୁ—କୁଠାର; ଫାରଶା, ଆଞ୍ଚେ—ଜଣାଏ । ୮ । ଘୋଣା—

ସୁନ୍ଦରୀ ତାର ମାଥାବେଳେ ତନ୍ତଗୁଡ଼ିକ ଝୁଲି ଉଠେ । ତାକୁ ଦେଖି ମୋ ଆଖି ଅଟକିଯାଏ । ମୁଁ ଭାବେ ମାଣିକ୍ୟ ଗୁମ୍ଫାରେ ଅନ୍ଧାରକୁ ଭୟ କରି ଦିଗ୍ଭ୍ରମ ଲୁଚିଛି କି ? ୫ ।

ଦର୍ପଣରେ ମୁଖ ନ ଦେଖି ଲଲାଟକୁ ତିଳକରେ ଶୋଭା କରେ । କିପରି ? ତା କାନ କୁଣ୍ଡଳ ତ ଝୁଲୁଥାଏ । ତା ତେଜର ଛାୟା ଆସି ଗଣ୍ଡମଣ୍ଡଳରେ ପଡ଼ିଲେ ଖୁବ୍ ଉଜ୍ଜ୍ୱଳ ଦେଖାଯାଏ । ତେଣୁ ବିନା ଦର୍ପଣରେ ଲଲାଟ ଦେଖାଯିବାରୁ ତିଳକ ଶୋଭା କରେ । ୬ ।

ତା କଟାକ୍ଷପ୍ରଦେଶକୁ ଅନାଇଲେ ଯେଉଁ କଳା ଧଳା ରଙ୍ଗ ଦିଶେ, ତାକୁ ଦେଖି ମନେହୁଏ, ଏହା ଜଗତରଞ୍ଜନକାରୀ ନଟୀ ହୋଇଛି । ଆଖିରେ ଯେଉଁ କଳା ରେଖା ଥାଏ, ତାର କଜ୍ଜଳ ହେଲା ସୂତା । ଅତଏବ ମନେହୁଏ ଜଗତ ଜନ ମନ ରଞ୍ଜନ କରିବାପାଇଁ ରମଣୀମଣି ଏହି ନେତ୍ରାଞ୍ଜନ ରୂପକ ସୂତାରେ ନଟୀକୁ ବାନ୍ଧି ଖେଳାଉଅଛି କି ? ୭ ।

ସେ ରମଣୀମଣିର ଭ୍ରୂଲତା ନର୍ତ୍ତନ ଦେଖି ମୁଁ ଭାବେ, ଯୋଗୀମାନଙ୍କ ଧୈର୍ଯ୍ୟ ରୂପକ ବୃକ୍ଷ ହାଣିବାପାଇଁ ବଡ଼ ଫାର୍ଶା ଶଣାଉଅଛି କି ? ୮ ।

ସେ ଯେତେବେଳେ ନାସାପୁଟ ଫୁଲାଇଦିଏ, ତା ନାସା ଦର୍ପଣୀ ଏଭଳି ଭାବରେ ଚଳାଚଳ ହୁଏ ଯେ ମୁଁ ଭାବେ କୌଣସି କଳ କିମ୍ବା ଯନ୍ତ୍ର ସାହାଯ୍ୟରେ ଚଳୁଅଛି । ମାତ୍ର କିଛି ବୁଝା ନଯିବାରୁ ବୁଦ୍ଧି ଭ୍ରମ ଘଟେ । ୯ ।

ଚୂର୍ଣ୍ଣକେଶ ଛଳେ ଧାତା କି ଲେଖିଛି ଥାଉ ଏ ମୋହନ ମନ୍ତ୍ର । ୧୦ । ଭଲ୍ଲ ତା
ଲୋଟଣୀଜୂଡ଼ା । ଜାଲ ପାଟଡୋରେ ଭିଡ଼ା । ସ୍ୱବସୁକେଶୀ ମନମୀନ
ଧରିବା କୁବେଣୀ କଲଣି ଲୋଡ଼ା । ୧୧ । ପିକ ଡାକିବାର ବେଳେ । ବୋଲ ଫୁଟି
ବଦନେ ଗଳେ । କି କାଞ୍ଚନ ଆଣ୍ଡି କାହଳେ ଫଗୁ ପୂରାଇ ପିଚକା ଛଳେ । ୧୨ ।
ବାଣୀ କହିବାରେ ଧନୀ । ଥାଇ କେତେ ଯେନାଯେନ । କାମକୁ ହୃଦରେ ସଜୀବ
କରାଇ କି ଏଣୁ ମୃତ୍ୟୁସଞ୍ଜୀବନୀ । ୧୩ । ରାମା ଶିରଭୂଷା ସ୍ୱରୂପା । ଗମନେ କ ଦେଖେ
ଧରା । ପଞ୍ଚବନ ଗଜ ଅମାରି ଉରଜ ସିନ୍ଦୁରା ବୃନ୍ଦୁରା ଭରା । ୧୪ । ଊର୍ଦ୍ଧ୍ୱେ କର

---

ନାସାପୁଟ । ୯ । କନକ କାଗଜ—ସ୍ୱର୍ଣ୍ଣ କାଗଜ, ଚୂର୍ଣ୍ଣକେଶ – ଛୋଟ ଛୋଟ
ବାଳ । ୧୦ । କୁବେଣୀ—ମାଛଧରା ଖାଲୋଇ । ୧୧ । ଧନୀ—ରସିକାମଣି, ଯେନା
ଯେନ—ମନଭୁଲା । ୧୩ । ସଜୀବ—ଜୀବିତ, ମୃତ୍ୟୁ ସଞ୍ଜୀବନୀ—ଜୀବନଦାୟକ ମନ୍ତ୍ର,
ଅମାରି—ହସ୍ତୀ ପୃଷ୍ଠରେ ପଡ଼ିଥିବା ଆସନ, ସିନ୍ଦୁରା—ଚନ୍ଦ୍ରଖଚିତ । ୧୪ ।

---

ତା କପୋଳପ୍ରଦେଶ ଅତି ଚକଚକ ସୁନା କାଗଜର ପରପରି ଦେଖାଯାଏ । ସେ କପୋଳରେ ଯେଉଁ ଛୋଟ ଛୋଟ ବାଳଗୁଡ଼ିକ ଅଛି, ତାକୁ ଦେଖି ମନେହୁଏ ବିଧାତା କଣ ଥାଉ ଏ ମୋହନ ମନ୍ତ୍ର ଲେଖିଛନ୍ତି କି ? ୧୦ ।

ପାଟଡୋର ଜାଲରେ ତାର ଯେଉଁ ଲୋଟଣୀ ଜୁଡ଼ା ଭିଡ଼ା ହୋଇ ବନ୍ଧା ହୋଇଛି, ତାକୁ ଦେଖିଲେ ମନେହୁଏ, ରସିକାର ମନ ରୂପକ ମାଛକୁ ଧରି ରଖିବା ପାଇଁ ରମଣୀମଣି ମାଛଧରା ଖାଲୋଇ ବାନ୍ଧିଛନ୍ତି କି ? ୧୧ । ରସିକାବର ଯେତେବେଳେ ପାନ ପିକ ଡାକେ, ସେତେବେଳେ ତା କଣ୍ଠନାଳର ସୌନ୍ଦର୍ଯ୍ୟ ଜଣାପଡ଼େ—ସୁବର୍ଣ୍ଣ ବର୍ଣ୍ଣର କାହାଳୀରେ ଅବିର ଗୋଳା ପାଣି ପିଚକାରୀରୁ ଉସ ମାରିଦେଲ କି ? ୧୨ ।

ରସିକମଣିର କଥା କହିବାରେ କେତେ ମନଭୁଲା କଥା ଥାଏ । ସେ କଥା ଏତେ ମଧୁର ଯେ ମୃତ୍ୟୁସଞ୍ଜୀବନୀ ମନ୍ତ୍ରରେ ମୃତ ଯେପରି ପ୍ରାଣ ପାଏ, ହୃଦୟରେ ଥିବା ନିର୍ଜୀବ କାମ ବି ସଜୀବ ହୋଇ ଉଠେ । ୧୩ ।

ସେ ରମଣୀ ଯୁବତୀମାନଙ୍କ ମସ୍ତକ ଭୂଷଣ ସ୍ୱରୂପ । କେତେବେଳେ ହେଲେ ତଳେ ଚାଲେ ନାହିଁ । ତା ଯୌବନ ରୂପକ ହାତୀ ଉପରେ ଆସନ ହେଲା ଉରଜ ଯୁଗଳ । ସେ ଉରଜ ଦୁଇଟି ଚନ୍ଦ୍ରଖଚିତ ସିନ୍ଦୁରା ପରି ଶୋଭିତ ହୋଇଥାଏ । ଅର୍ଥାତ୍ ସେ ଛୁଟ କାଞ୍ଚଲା ପିନ୍ଧିଥାଏ । ୧୪ ।

ଛନ୍ଦାବେଳେ । ହାରି ନାକନାସ୍ତ ଭାବେ । ଏବୁଝଣି ସୁଲକ୍ଷଣୀକ କ ହେମ
ପାରିଜାତମାଳା ଦେଲେ । ୧୫ । କ୍ଷୀଣବସନରୁ ଗଳ । ଦିଶିବାନ୍ତୁ ଲୋମାବଳୀ ।
ଯେବେ ମନେ ସ୍ତନେ ମଧୁ ସଞ୍ଚିବାକୁ ସରଘାପନ୍ତି କ ଭଳ । ୧୬ । ଦୂର
କରିବାରେ ବାସ । ଦେଖି ତା ଜଘନଦେଶ । ଭାବେ ଏଠାରେ ସେ ବାଳା
ଘୋଡ଼ାଇଛି ହେମପାତେ ପ୍ରେମରସ । ୧୭ । ଜାନୁ ଦର୍ଶନେ ଏ ଭ୍ରମ । ତୋଳା
କରିବାକୁ କାମ । କେଉଁ କୁନ୍ଦେ କୁନ୍ଦ ଦନ୍ତୀ ଦନ୍ତସ୍ତମ୍ଭ ଲେପି ଲେପିଛି କୁଙ୍କୁମ ।୧୮।
ଉଠି ଯିବାବେଳେ ପାର୍ଶ୍ୱ । ପାର୍ଶ୍ୱୁଁ ଉଠିଯାଉଁ ସଙ୍ଗ । ତରମ କଞ୍ଚୁ ଭରମପରଶ
ଶୋଭା କୁଚ ରମ୍ୟ ସ୍ପର୍ଶ ।୧୯। କୁମ୍ଭୀ ପରସ୍ପେ ତା ସ୍ଥିତି । ଥାଉ ବଣଥିବ ପାଞ୍ଚ ।

---

ନାକନାସ୍ତ—ସ୍ୱର୍ଗନାୟିକା, ହେମ ପାରିଜାତ—ସୁନାର ପାରିଜାତ । ୧୫ । କ୍ଷୀଣ-
ବସନ—ସରୁଲୁଗା, ଯେବେ—ଭାବେ, ସରଘାପନ୍ତି—ମଧୁମକ୍ଷିକା ପଂକ୍ତି । ୧୬ ।
ଜଘନ—ଜାନୁ, 'ହେମପାତେ—ସୁନାପାତରେ । ୧୭ । ଦନ୍ତୀ—ହସ୍ତୀ । ୧୮ ।
ତରମ—ପୃଷ୍ଠ, ଭରମ ପ୍ରତିଭା—ସ୍ୱର୍ଣ୍ଣାଙ୍ଗୀ, କୁଚ ରମ୍ୟ—ସ୍ତନର ସୌନ୍ଦର୍ଯ୍ୟ । ୧୯ ।

---

ସେ ଯେତେବେଳେ ଉପରକୁ ହାତ ଉଠାଇ ଛନ୍ଦନ୍ତି, ମୋ ମନରେ ମୁଁ ଭାବେ, ସ୍ୱର୍ଗନାସ୍ତମାନେ ଏହା ରୂପ ପାଖରେ ହାରିଯାଇ ଏବଂ ଉତ୍ତମଲକ୍ଷଣଯୁକ୍ତା ମନେକରି ସୁନାର ପାରିଜାତ ମାଳାଟିଏ ଦେଲେ । ୧୫ ।

ତା ଦେହର ଛୋଟ ଛୋଟ ଲୋମାବଳୀ ଯେତେବେଳେ ପିନ୍ଧିଥିବା ସରୁ ଲୁଗା ଭିତରୁ ଘୃଷ୍ଟି ଦେଖା ଯାଆନ୍ତି, ସେତେବେଳେ ମୁଁ ବିସ୍ମୟ କରେ—ରସିକାମଣିର କୁଚଯୁଗଳରେ ମଧୁଭଣ୍ଡାର ସଞ୍ଚୟ କରିବା ପାଇଁ ମହୁମାଛିମାନେ ଆସି ପହଞ୍ଚିଗଲେ କି ? ୧୬ ।

ତା ଦେହରୁ ଲୁଗା କାଢ଼ିଦେଲେ, ଜଘନଦେଶ ଦେଖି ମୁଁ ଭାବେ ରସିକାବର ଏହି ସ୍ଥାନରେ ସୁନା ପାତରେ ପୂରାଇ ପ୍ରେମରସ ଘୋଡ଼ାଇ ରଖିଛି । ୧୭ ।

ଜାନୁ ଯୌବନ ଦେଖି ଭାବେ, କନ୍ଦର୍ପ ଏଠି ଦୋଳି ଖେଳିବା ପାଇଁ ହାତୀ ଦାନ୍ତକୁ କୌଣସି କୁନ୍ଦରେ କୁନ୍ଦି ତା ଉପରେ କୁଙ୍କୁମ ଲେପନ କରିଛି । ୧୮ ।

ପ୍ରାଣସଖୀ ମୋର ରାତି ପ୍ରଭାତବେଳେ ଯେତେବେଳେ ପାଖରୁ ଉଠିଯାଏ, ସେତେବେଳେ ସୁବର୍ଣ୍ଣଦେହାର ପିଠି ସିନା ମୋ ଆଡ଼କୁ ଥାଏ, କୋଳରେ ତା କୁଚ କଳସର ସୌନ୍ଦର୍ଯ୍ୟ ଯେ ଝଲେ ଦେଖୁଥାଏ । ୧୯ ।

ସାଣା କରିବାକୁ ଗୁଣା ଦଣ୍ଡସାର ନ ମିଳିଲା ସ୍ୱର୍ଗ ମର୍ତ୍ତ୍ୟ । ୨୦ । ଜବା ଅବା ପାଦ-ତଳ । ଅଳତା ତହିଁ ମଞ୍ଜୁଳ । ତାହାକୁ କେ ଶୋଭା କରାଉଛି ବୋଲି ଲେଖନେ ହୋଏ ଏ ଗୋଳ । ୨୧ । ଶ୍ରୀଅଙ୍ଗ ଅମୂଲ୍ୟ ଶୋଭା । ମଦ ନସ୍ୟନର ଭାବ । ଜଳୁ ଉପମେୟ ତୁଅନ୍ତା ତନ୍ଦୁଳ ଛିର ହୋଇଥିବେ ଯେବେ । ୨୨ । ଜର ଖଣ୍ଡ ଆଳୀ ଆଳି । ଯେଣ ହରିତାଳ ଜାଳି । ତାଙ୍କୁ କି ସୁବର୍ଣ୍ଣ ପିନ୍ଧୁଣୀ ଗ୍ରାକ କ ମିନାରସ କଲେ ଝୁନ । ୨୩ । ହଂସରେ କରନ୍ତି ସ୍ୱନ । ହଂସରେ ଗତି ସମାନ । ଦ୍ୱିରଦ ମନ୍ଥର ବୋଲିବା ଛଡ଼କୁ ଅନ୍ତର କରି ନ ଯେନ । ୨୪ । ଏଥେକ ଶୋଭା ସୁବର୍ଣ୍ଣ ଦେଖ ।

---

ଭୂମୀ—ଲଞ୍ଜ, ସ୍ତିତ—ପିଣ୍ଡ, ଗୁଣା—ଚାଗ, ଦଣ୍ଡସାର—କାଠଦଣ୍ଡ ଯେ ସାଣାରେ ଲଗିଥାଏ । ୨୦ । ଜବା—ଜବାଫୁଲ, ମଞ୍ଜୁଳ—ସୁନ୍ଦର, ଲେଖନେ—ବର୍ଣ୍ଣନରେ, ଗୋଳ—ଭ୍ରମ । ୨୧ । ଭାବ—ବଢଗୁଡ, ଉପମେୟ—ତୁଳନା, ଛିର—କର୍ଣ୍ଣିତ । ୨୨ । ଆଳୀ ଆଳି—ସଖୀମାନେ, ହରିତାଳି—ହରିତାଳ, ଜାଳୀ—ଜଳା, ମିନା—ସ୍ୱର୍ଣ୍ଣ ଅଳଙ୍କାର ଉପର ରଙ୍ଗ । ୨୩ । ହଂସରେ—ହଂସମାନଙ୍କ, ଦ୍ୱିରଦ—ହାତୀ, ମନ୍ଥର—ଧୀର । ୨୪ । ସୁବର୍ଣ୍ଣ—ନାନାସ୍ୱର୍ଣ୍ଣ

---

ବିଧାତା ଜସୁର କରି ତା ପିଣ୍ଡକୁ ନଳ ପରି ଗଢ଼ିଛି । ଇଚ୍ଛାଥିଲା ସାଣା-ଟିଏ କରି ଗଢ଼ିଥାନ୍ତା । କିନ୍ତୁ ସ୍ୱର୍ଗ ମର୍ତ୍ତ୍ୟ ଦୁଇ ଲୋକ ଖୋଜ ସେ ସାଣାଟେ—ସାଣାଦଣ୍ଡ ପାଇଁ ଉତ୍ତମ କାଠ ଓ ତାର ପାଇଲା ନାହିଁ । ତେଣୁ ସାଣା କରି ନପାରି ରମଣୀ ଗଢ଼ିଲା । ୨୦ ।

ରମଣୀ ମଣିର ପାଦତଳ ଜବାଫୁଲ ପରି ଲାଲ । ସେଥିରେ ପୁଣି ଅଳତା ଲାଗି ଶୋଭା ହୋଇ ସୁନ୍ଦର ଦିଶୁଛି । କିନ୍ତୁ ତାକୁ ଦେଖିଲା ବେଳକୁ ମନରେ ଗୋଟିଏ ଗୋଳମାଳ ଉପସ୍ଥିତ ହୋଇଛି—ପାଦକୁ ଅଳତା ସୁନ୍ଦର କରିଛି, କି ପାଦ ଅଳତାକୁ ସୁନ୍ଦର କରି ପାରିଛି ? ୨୧ ।

ମଦ ନସ୍ୟନର ବଢଗାଳା ସ୍ୱରୂପ ଦେହ ତାର ଅମୂଲ୍ୟ ଗୌରବର୍ଣ୍ଣ । ତାକୁ ତୁଳନା କରିବାକୁ ଜଗତରେ ତନ୍ଦୁଳ ଯଦି ସ୍ଥାପି ହୋଇ ଥାନ୍ତା, ତେବେ ତଳନ୍ତା । ୨୨ ।

ସୁନା ଅଳଙ୍କାରରେ ବଣିଆ ଯେପରି ମିନାରଙ୍ଗ କରେ, ରମଣୀ ମଣିର ସଖୀମାନେ ହରିତାଳ ଓ ଜଳା ଯେନ ତା ପାଦ ଓ ହାତରେ ରଙ୍ଗ କରିଛନ୍ତି । ଏଣୁ କବି କହୁଛନ୍ତେ—ସେମାନେ ରମଣୀମଣିକୁ ସୁନା ପିନ୍ଧା ଦେଖାଉଛନ୍ତି । ୨୩ ।

ତା ପାଦନୂପୁର ହଂସମାନଙ୍କ ସ୍ୱନ ଶୁଣି ନିଜ ସ୍ୱନ ଦ୍ୱାରା ଜଣାଉଛନ୍ତି, ସାବଧାନ ! ଗଜ ପରି ଧୀର ଗମନ ଆମ ସଖୀଙ୍କୁ ଗଜଗମନା ନ କହି ଅନ୍ୟ କିଛି କହନା । ୨୪ ।

ପୂର୍ଣ୍ଣି ତ ଲକ୍ଷଣ ସେ । କହେ ଉପେନ୍ଦ୍ର ଭଞ୍ଜ ସାରକର ପୂର୍ଣ୍ଣ ଲକ୍ଷଣ-ବର୍ଣ୍ଣ ଯେ । ୨୫ ।

—*—

## ଦଶମ ଛାନ୍ଦ

[ ରାଜପୁତ୍ରର ଖେଦ ]

ରାଗ—କଉଡ଼, ଆଷାଢ଼ ଶୁକ୍ଳବାଣୀ ।

ହା ହା ସେ ଶିଶୁଷମ୍ଭୁ ଅଙ୍ଗିମା । ହା ହା ସେ ଗିରୀଶଯୋଗ ଭଙ୍ଗିମା । ହା ହା ସେ କାମଧନୁ ଭ୍ରୂଭଙ୍ଗିମା । ହା ହା ସେ ପ୍ରେମରସ ତରଙ୍ଗିଣୀ । ହା ହା ସେ ରଙ୍ଗିମା । କି ଭାଗ୍ୟେ ମୋହର ପ୍ରାଣସଙ୍ଗିମା । ୧ । ବୟସ ନବ ସପତ ବରଷ । ସମେ ଅଛି ଯହିଁ ଲାବଣ୍ୟ ରସ । ହରଷରେ ମିଶିଅଛି ସରସ । ସ୍ପର୍ଶଅଙ୍ଗ ବାସକୁ ବାସ ସାରସ । ଦିନାଶେ ବିରସ । ଶୀତଳ ଚନ୍ଦନୁ ତନୁ ସ୍ପରଶ । ୨ । ସୁନ୍ଦରୀ

ପରିପୂର୍ଣ୍ଣା । ୨୫ ।

—*—

ଶିଷମ୍ଭ—ଚନ୍ଦ୍ର । ମୃଦୁ—ଶୀତଳ । ଗିରୀଶ—ମହାଦେବ । କାମଧନୁ—ଫୁଲଧନୁ । ଭ୍ରୂ—ଭ୍ରୂଲତା । ତରଙ୍ଗିଣୀ—ନଦୀ ।୧। ନବ ସପତ—ଷୋଡ଼ଶ ।୨।

ଏବେ ରୂପବର୍ଣ୍ଣ, ତା'ପରେ ନାନା ଭାବରେ ପ୍ରଶଂସା ସେ । ତେଣୁ କବି ସମ୍ରାଟ କହୁଛନ୍ତି—ତାଠାରେ ବତିଶ ଲକ୍ଷଣ ପୂର୍ଣ୍ଣ ହୋଇଛି । ୨୬ ।

—*—

ବିଦେଶୀ ରାଜପୁତ୍ର ମନରେ ରସିକା ପ୍ରିୟା ପାଇଁ ଗଭୀର ଦୁଃଖ ଆସି-ବାରୁ ଭାବୁଛି—ହାୟ, ହାୟ, ଚନ୍ଦ୍ରପରି ଶୀତଳ ଦେହା, ମହାଦେବଙ୍କ ଯୋଗ ଭଙ୍ଗିମା, ନୟନ ଭ୍ରୂଲତାର ଭଙ୍ଗୀ କନ୍ଦର୍ପର ଫୁଲ ଧନୁ ପରି ବଙ୍କ । ପ୍ରେମ ରସର ନଦୀ ସ୍ୱରୂପା ରଙ୍ଗ କୌତୁକକାରିଣୀ ସେ, କେଉଁ ଭାଗ୍ୟ ବଳରୁ ମୋର ପ୍ରାଣ-ସଙ୍ଗିମା ହୋଇଛି । ୧ ।

ମୋଟେ ଷୋଡ଼ଶ ହୋଇଛି । କଅଁଳିଆ ବୟସ ତାଠାରେ ଅଛି ସମାନ ଭାବେ । ମନରେ ହରଷ ଅଛି ସେପରି ସରସତା ବି ଅଛି ସେହିପରି । ସେ ଯେଉଁ ଲୁଗା ପିନ୍ଧେ, ତା ପାଖରେ ପଦ୍ମଫୁଲ ବାସର ପରି ଅଟେ । ଦୁଃଖ ନାଶ କରିବା ପାଇଁ, ତା ଅଙ୍ଗ-ସଙ୍ଗ ଶୀତଳ ଚନ୍ଦନ ଅପେକ୍ଷା ଅଧିକ ଶାନ୍ତିଦାୟକ । ୨ ।

ଯେତେ ସେ ତେତେ ଚତୁରୀ । ଚତୁରୀ ଯେତେ ତେତେ ତା ସୁତୁରୀ । ସୁତୁରୀ ନୋହେ ସେ କାମକତୁରୀ । ବ୍ରହ୍ମବ୍ରତ ଧୈର୍ଯ୍ୟ ପାରେ କତୁରି । ଯିବ କେ ଉତୁରି । ମନମଥ ଶରେ ନୋହୁ ଆତୁରୀ ।୩। ନଚାଡ଼ ଥାଇ ଦନ୍ତ ଅରଷଣେ । ତା ନଚାଡ଼ମାଣ୍ଡ ଗ୍ରନ୍ଥିଲକ୍ଷଣେ । ମାର ଖୋଜେ ଶାଣବାଣ ତୀକ୍ଷ୍ଣେ । କଡ଼ ଏ ଥାଉଁ ଭକଇ କ୍ଷଣେ । ମନ ଅତୁଷଣେ । ଉଦ୍‌ବେଗ ହେଉଥାଇ ମୋକ୍ଷଣେ । ୪ । ଏଣୁ ପ୍ରଶଂସା ମୋ ପିନ୍ଧାବାସରେ । କଥନେ ତାହାର ଗୁଣ ନ ସରେ । ସୁନ୍ଦର ପ୍ରତ୍ୟଙ୍ଗ ଆଶ୍ଳେଷରେ । ସେ ମହାସୁଖୀ ରଜନୀବାସରେ । ଫେଡ଼ିଲେ ରସରେ । ବୋଲୁଥାଇ ଥାଉ ସ୍ନେହ-ବଶରେ ।୫। ସେତିକି ଭାବ ଗୋଟି ମନୁ ନ ଯାଇ । ପଲ୍ଲୀଙ୍କ ଉପରେ ଶେଯ ଶୋଯାଇ ।

---

କାମ କତୁରୀ—କନ୍ଦର୍ପ କଇଁଚି । କତୁରୀ—କାଟି । ଉତୁରି—ପାରହୋଇ । ଆତୁରି—କ୍ଷୁବ୍ଧ । ୩ । ନଚାଡ଼—ଦୃଢ଼ । ୪ । ପ୍ରତ୍ୟଙ୍ଗ—ଅନ୍ୟାନ୍ୟ ଅଙ୍ଗ । ଆଶ୍ଳେଷରେ—ଆଲିଙ୍ଗନରେ । ୫ । ଜାଉ—ଫଳ, ଜାଉଫୁଲ । ୬ । ପ୍ରଭଞ୍ଜନ—

---

ସେ ଯେପରି ସୁନ୍ଦରୀ ସେହିପରି ଚତୁରୀ । ଯେପରି ଚତୁରୀ, ସେହିପରି ତାର ସିଂହାଣୀପଣ । ସେ ସିଂହାଣୀ ପଣ୍ଠା ସୁତୁରୀ ନୁହେ ଯେ କନ୍ଦର୍ପକଇଁଚି ବୋଲି ଲୋକ କହୁଛନ୍ତି । କାହିଁକି ? ଯେଉଁମାନେ ଶିର ଲୁମାର ବ୍ରଣକଲମ୍ବି, ବ୍ରହ୍ମବ୍ରତୀ ହୋଇଛନ୍ତି, ସେ କନ୍ୟାର ରୂପ ଗୁଣ କଥା ଶୁଣିବାର ସୁତୁରୀ ଭଳି, ସେମାନଙ୍କ ବ୍ରହ୍ମବ୍ରତ ଧୈର୍ଯ୍ୟକୁ କାଟି ପକାଇବ । ଏଭଳି କିଏ ଅଛି ତା ପାଖରୁ ପାର ହୋଇ ଯିବ କନ୍ଦର୍ପ ଶର ଲକ୍ଷ୍ୟ ନ ହୋଇ । ୩ ।

ପୁରୁଷର ଦନ୍ତ ନଖ କରିବା ପାଇଁ ସେ ସର୍ବଦା ଦୃଢ଼ ଥାଏ । ତେଣୁ କଟୀବସ୍ତ୍ରକୁ ସଜାଡ଼ିଥାଏ ନଚାଡ଼ କରି । ମଝ ତାକୁ ଅର୍ଥାତ୍ ସେ ମାଣ୍ଡ ବନ୍ଧକୁ ଅନାଇ ଦେଲେ, କନ୍ଦର୍ପ ତାର ଶାଣଦିଆ ତୀକ୍ଷ୍ଣ ବାଣଗଣକୁ ଖୋଜେ । ମନରେ ଭଗ୍ନର ଜରେ ସଦାସର୍ବଦା ଆଖିରେ ଆଖି ମିଶିଥାଉ । ସଦା ସର୍ବଦା ମନ ମାଣ୍ଡି ଜଳ ଖେଳିବା ପାଇଁ ଟଙ୍ଗ ଟଙ୍ଗ ହେଉଥାଏ । ୪ ।

ମୁଁ ତା ପରିହିତ ବାସକୁ ପ୍ରଶଂସା କରେ । କଥାରେ କହୁଥିଲେ ଗୁଣ ସରେ ନାହିଁ ତାର । ତାର ଅଙ୍ଗ ପ୍ରତ୍ୟଙ୍ଗ ଆଲିଙ୍ଗନରେ ସେ ଖୁବ୍ ସୁଖୀ ହୁଏ । ରାତିରେ ତା ଦେହରୁ ବାସ ଉନ୍ମୋଚନ କଲେ ସ୍ନେହର ବଶବର୍ତ୍ତିନୀ ହୋଇ ରସେଇ ରସେଇ କହେ—ଥାଉ ଥାଉ । ୫ ।

ଚାହୁଁଥାଇ ତହିଁ କର୍ପୂର ଜାଇ । ମୁଁ ପ୍ରତେଜଣ ତନ୍ତ୍ର ଲାଜେ ମଲ୍ଲାଇ । ଭାବ ଉପୁଜାଇ । ପାରିବି ନାହିଁ ବୋଲି ଧୁଣ୍ଡୁଥାଇ ।୬। ତେବେ ଯେ ଇଚ୍ଛା କରି ପ୍ରଭଞ୍ଜନ । ଗଳାମାଳା ଭରି ବାସ ଖଞ୍ଜନ । ଅଞ୍ଚଳେ ଦେଇ କରି ସ୍ୱେଦ ଗଞ୍ଜନ । ଭୁଜେ ପଟୁ ପାଇଁ ନେତ୍ର-ଖଞ୍ଜନ । ତଳାଇ ବ୍ୟଜନ । କର ଅବିବାର କେତେ ରଞ୍ଜନ ।୭। ତେବେ ଯେ ଚୂଆରେ କଟୁ ଚର୍ଚ୍ଚିତ । ମାଧବୀ ମାଳା ଦେଇ ମୋହ ଚିତ୍ତ । ବୋଇଲି ତୁ ମୋ ମାଧବୀ ବୃଷ୍ଟ-କେଶୀ ଶୁଣିକରି ହସି କଣ୍ଠ । ଏ ବାଣୀ ରଚିତ । ପ୍ରଭୁ ସେବକାନ୍ତ ଏ କ ଉଚିତ ।୮। ତେବେ ଯେ ସକଳୁ ଲୁଣ୍ଠି ଆଶାରେ । ରସିକ ରସିକା ସଙ୍ଗେ ପାଶରେ । ଉରଜକୁ ସମ ହେବ ହିଂସାରେ । କେତେ କରି ମାରେ ସାରକୁ ମାରେ । କାହିଁକି ସସାରେ । ଚକ୍ଷୁ ତା ସମକୁ ପ୍ରଶଂସାରେ ।୯। ଜାଣିଲି ମନ

ପବନ । ଖଞ୍ଜନ—ଖଞ୍ଜିବା । ସ୍ୱେଦଗଞ୍ଜନ—ବିଞ୍ଚଣା । ୭ । ଚର୍ଚ୍ଚିତ—ଲେପନ । ମାଧବୀ—ଲକ୍ଷ୍ମୀ । ୮ । ଅବଚ୍ଛନ୍ନ—ସଦାସର୍ବଦା । ଆଚ୍ଛନ୍ନ—ଆବୃତ୍ତ । ମୃଗ-

ସେ କଥା ମୋ ମନରୁ ମୋଟେ ଯାଉ ନାହିଁ । ପୁଣି ପଲଙ୍କ ଉପରେ ଚଢ଼ଣା କରି, ଗ୍ରେଟ ଗ୍ରେଟ ପାନ କର୍ପୂର ଓ ଜାଇ ଫୁଲର ପାଖୁଡ଼ାମାନ ବୁଣିଥାଏ । ମୁଁ ଯାଇ ଶୋଇବା ନିମନ୍ତେ ପହଞ୍ଚିଗଲେ ଲାଜେଇ ଲାଜେଇ ହୋଇ ମୋର ମନଟାକୁ ମଜାଇବା ବାହାନାରେ ଘୁଞ୍ଚି ଯାଉ ଯାଉ କହେ ମୁଁ—ପାରିବି ନାହିଁ । ୬ ।

ତେବେ ଗ୍ରୀଷ୍ମ ହେଲୁ ପବନ ଇଚ୍ଛା କରି, ଲୁଗା କାନିଟିକୁ ଗଳାରେ ମାଳ-ପରି ଖଞ୍ଜିଦେଲା ଓ ବିଞ୍ଚଣାରେ ବିଞ୍ଚି ହେଉଥିଲା । ଏତିକିବେଳେ ମୁଁ ଯାଇ ଛଟପଟ ତା ଖଞ୍ଜନ—ନେତ୍ରକୁ ଚୁମ୍ବି ଧରିଲି । ତହୁଁ ସେ ବିଞ୍ଚଣା ଫୋପାଡ଼ି ଦେଇ ମୋ ହାତ ଧରି ପକାଇଲା । ଆହା, ସେତେବେଳର ସୁଖ କେତେ ମନମୁଗ୍ଧ-କର । ୭ ।

ତେବେ ତା ସର୍ବାଙ୍ଗରେ ଚୂଆ ବୋଳି ମାଧବୀ ଫୁଲ ମାଳଟିଏ ନେଇ ଗଳାରେ ଲମ୍ବାଇ ଦେଇ କହିଲି—ତୁ ମୋର ଲକ୍ଷ୍ମୀ । ଏ କଥା ଶୁଣି ବୃଷ୍ଟତକେଶୀ ରସିକ ହାରାବଳୀ କହିଲା—ଦେବତା ଓ ସେବକ ମଧ୍ୟରେ ଏପରି କଥାବାର୍ତ୍ତା ଉଚିତ ନୁହେଁ । ୮ ।

ତେବେ ମେଘ ବର୍ଷୁଥାଏ । ସେହି ମେଘକୁ ଅନାଇ ରସିକାମଣି ସଙ୍ଗେ ପଶା ଖେଳିବାରେ ମାତିଲି । ପଶାର ଗୋଟିଗୁଡ଼ିକ ସ୍ତନ ପରି ବର୍ତ୍ତୁଳ ଥିବାରୁ ତାର ଭାରି ହିଂସା ହେଲା । ତେଣୁ ତାକୁ ସେ ଜୋରରେ ବାଡ଼େଉଥାଏ । ଏ ଘଟଣା ଦେଖି ମୁଁ କହିଲି—ତୋ କୁଚ ସଙ୍ଗେ ସମାନ ହେବାପାଇଁ ସେ କିଏ, ସଂସାରରେ କ କରୁ ନାହିଁ । ୯ ।

ବୋଲବା ଛଳାରେ । ବନ୍ଧୁ ଉଠିଯାଉଁ ଆତୁରରେ । କହିଲ ପୂର୍ଣ୍ଣ ନ ଭଲ୍ ଆଶାରେ । ବୋଇଲ ହେବ ହୋଇଲେ ନଶାରେ । ହାହା ଦୁର୍ଦ୍ଦ[illegible] ଦୁଃଖୀ ହୋଇଲୁ କେଉଁ ଦୁର୍ଦ୍ଦଶାରେ । ୧୦ । ଯୁବାଜନଙ୍କର ଜ୍ଞାନବୃଦ୍ଧିକୁ । ରମଣୀ ସଜାଇ ଶ୍ରେଣୀକୃତ୍ତିକୁ । ବେଣୀବରର ବନ୍ଧ ବୋଲି ତାକୁ । ଶୁଣି ବୋଇଲା ସେ କେଉଁ ଲେଡ଼ାକୁ । ମୋ ଦନ୍ତ ଛଡ଼ାଙ୍କୁ । ବୋଇଲି ମୋହ ଉପର କ୍ରୀ[illegible] । ୧୧ । ଶରତଲ୍ଲକା ମନେ ଅବର୍ଚ୍ଛିନ୍ନ । ଅଛି ଚନ୍ଦ୍ର ଘନେ ମେଘେ ଆଚ୍ଛନ୍ନ । ବାସ ହନ୍ତୁ ଉଦେ ମୃଗଲାଞ୍ଛନ । ଏଣୁ ସ୍ମରସ୍ମର ହୋଇଲି ଛନ୍ନ । ହୋଇ ସେ ଉଚ୍ଛନ୍ନ । ଦେଇ ଚୁଳ ଭଲ ସୁଖ ଉତ୍ସର୍ଗ ନ । ୧୨ । ସେକାଳେ ମୁହିଁ କହିଲି ଏମନ୍ତ । ବିଧୁ ଉପକାର କଲା କେମନ୍ତ । ଏବେ ରତେ ଏଥିକି ମୋ ମତ । ନ କରୁ ହେଲେ କେବେ ସନ୍ମତ । ମୋ ଭାଗ୍ୟ ଯେମନ୍ତ । ଥିଲା ପୃଣି ହେଲା ଭାବ ତେମନ୍ତ । ୧୩ ।

---

ଲାଞ୍ଛନ—ଚନ୍ଦ୍ର । ସ୍ମରସ୍ମର—କାମସଦନ । ୧୨ । ବିଧୁ—ଚନ୍ଦ୍ର । ରତେ—

---

ଏ କଥାରୁ ସେ ଧରିନେଲା, ମୁଁ ତା ମନକଥା ଜାଣି ପାରିଲି ବୋଲି । ତେଣୁ ସେ ଆତୁରରେ କରି ସେଠାରୁ ଉଠି ପଳାଇଗଲା । ଏ କଥା ଦେଖି ମୁଁ କହିଲି—"ମୋ ଆଶା ପୂର୍ଣ୍ଣ ନ କରି ଚାଲି ଯାଉଛ ?" ସେ କହିଲା—"ରାତି ହେଲେ ହେବ ।" ହାୟ ଭଗ୍ନମନେହି ! ତୋତେ କି ଦୁର୍ଦ୍ଦଶା ପଡ଼ିବାରୁ ତୁ ଦୁଃଖିନୀ ହେଲୁ ? ୧୦ ।

ଯୁବା ବ୍ୟକ୍ତିମାନଙ୍କର ଜ୍ଞାନ ବଢ଼ାଇବା ପାଇଁ ରମଣୀମଣି ବସି ଶ୍ରେଣୀକୃତ୍ତା ସଜାଉଥିଲା । ମୁଁ କହିଲି - "ପ୍ରେୟସି ! ବେଣୀ ବାନ୍ଧ ।" ସେ କହିଲା— "କାହିଁକି ?" ଏ କଥା ଶୁଣି ମୋ ଦନ୍ତ ଛଡ଼ାଇଥିବା ରସିକାବରକୁ ମୁଁ କହିଲି— "ମୋ ଉପରେ କ୍ରୀଡ଼ା କରିବୁ—ଅର୍ଥାତ୍ ବିପରୀତ ରମଣ କରିବୁ" । ୧୧ ।

ମୋ ମନେ ସଦା ସର୍ବଦା ରହିଛି—ଏବେ ଶରତ୍ କାଳରେ ଚନ୍ଦ୍ର ମେଘ ଭିତରେ ଆବୃତ ହୋଇଥାଏ । ତା ଦେହରୁ ଲୁଗା କାଢ଼ି ଦେଇଦେଲାକୁ ଚନ୍ଦ୍ର ଉଦୟ ହେଲା । ସାରା—ଗୃହଟି ଦେଖି ମୁଁ ଚଗଚଗ ହୋଇ ଉଠିଲି । ସେ ମଧ୍ୟ ଉଚ୍ଛନ୍ନ ହୋଇ ଉଠିଲା । ତା ପରେ ଆସି ବୁଢ଼ା ମୋତେ ସୁଖରେ ଗୁଡ଼ାଏ ଗାଳି ଦେଲା । ୧୨ ।

ମୁଁ ସେତେବେଳେ କହିଲି—"ଦେଖିଲୁ, ଚନ୍ଦ୍ର କେଡ଼େ ଉପକାର କଲା ?" ମୁଁ କହିଲି—ବାସ୍ତବରେ ମୋର ସେହି ଇଚ୍ଛା । କିନ୍ତୁ ଏ କଥାରେ କେବେ ତାର ମତ ନଥାଏ । ଯାହା ହେଉ, ମୋ କପାଳରେ ଯାହା ଆଗରୁ ଥିଲା, ଏବେ ପୁଣି ମଧ୍ୟ ସେହି ଭାବରେ ରମଣ ହେଲା । ୧୩ ।

ଏବେ ଏହି ରଙ୍କରୁଁ କେଳିସର । ଭୃଙ୍ଗ ଚୁମ୍ବନ ଦେଲା ସାରସର । ମାତ୍ରୁଁ ପାଇଁ ଆନ ଫୁଲ ରସର । ସିହାଣୀ ଗାଇ ଏବେ ଅବସର । କହିଲା ହାସର । ଏହି ସେନେହ ସିନା ପୁରୁଷର । ୧୪ । ‹ଦ୍ୱା› ଚନ୍ଦ୍ର ହୁଡ଼ ହୁଏ କରନ୍ତି । ସୁଦଶରତନ ସାର ସୁରତ । ଚନ୍ଦନ ବୋଲ ଶଙ୍କୁ ଧୂରନ୍ତ । କଣ୍ଠ ବନ୍ଧ କାର କେତେ ଗୀରନ୍ତ । ସୁନ୍ଦର ମୂରତ । ରମଣୀ ଗୁଣେ ଧିକ ହେବ ରତ । ୧୫ । ଦେବେ ରୁଷିଥିଲା ଜୀବଜୀବେଶ । ଶୁଣ ମୁଁ ହୋଇଲି ସଜନୀ ବେଶ । ଜାଣିଲା ପାଶରେ ହେଉଁ ପ୍ରବେଶ । ମୁଁ ବୋଇଲି କାନ୍ତେ ହୁଅ ଆବେଶ । ସେ ତେଲ ଜୀବେଶ । ତୁମ୍ଭେ ତାଙ୍କଠାରେ ଚିତ୍ତ ନବେଶ । ୧୬ । ଏବେ ପ୍ରିୟା ଆସୁଁ ଦୃଷ୍ଟି ପଡନ୍ତୁ । ଶେଯେ

---

ରମଣରେ । ୧୩ । କେଳିସର—କ୍ରୀଡ଼ା ପୁଷ୍କରିଣୀ । ୧୪ । ଧୂରନ୍ତ—ଦକ୍ଷ, ଶାନ୍ତ । ୧୫ । ଜୀବ ଜୀବେଶ—ଜୀବନର ପ୍ରାଣେଶ୍ୱରୀ । ଆବେଶ—ଆଶକ୍ତ । ନବେଶ—ସ୍ଥାପନ କର । ୧୬ । ଦୃଷ୍ଟି ପଡନ୍ତୁ—ଆଖି ପଡ଼ିବାରୁ । ସୁତନୁ—ଉତ୍ତମଦେହା । ୧୭ । ପାଲଟ—ବଦଳ । ବୋଧିରତରେ—ରତିରସରେ

---

ଏବେ କ୍ରୀଡ଼ା ସରସୀରେ ଦୁହେଁ କ୍ରୀଡ଼ା କରୁଥିଲୁ । ଭଅଁରଟିଏ ଆସି ପଦ୍ମଫୁଲରେ ଚୁମ୍ବନ ଦେଇ ପୁଣି ଉଡ଼ିଗଲା ଆଉ ଗୋଟିଏ ଫୁଲ ପାଖକୁ । ତାକୁ ଚୁମ୍ବନ ଦେବାବେଳେ ଚତୁରା ରମଣୀ ହସି ହସି କହିଲା—"ପୁରୁଷମାନଙ୍କ ସ୍ନେହ ଏହି ଭଅଁର ପରି ସିନା ?" ୧୪ ।

ସୁରତ ଶେଷରେ ରମାମଣି ମୋ ଦେହରେ ଚନ୍ଦନ ଲେପି ବାଞ୍ଛାରେ ମନଶାନ୍ତ କରି ବାନ୍ଧିବା କେଡ଼େ ସୁଖ ଓ ତାର ସୁନ୍ଦର ରୂପ ପାଖରେ ରତି ମଧ୍ୟ ହାରମାନିବ । ଏହି କଥାମାନ ଭାବି ମୋ ହୃଦ କରତ ହୋଇ ଯାଉଛି । ୧୫ ।

ହାତବା ମୋର ଏବେ ରୁଷିଥିଲା । ମୁଁ ଯାଇ ବନ୍ଧୁର ସଖୀ ବେଶ ଧରି ତା ପାଖରେ ପହଞ୍ଚିବାରୁ ସେ ଜାଣି ପାରିଲା । ମୁଁ କହିଲି—"ସ୍ୱାମୀଙ୍କ ପ୍ରତି ଆସକ୍ତ ହୁଅ ।" ଏ କଥା ଶୁଣି ପ୍ରିୟା କହିଲା—"ତୁମେ ତୁମ ମନ ପ୍ରାଣ ତାଙ୍କଠାରେ ରଖିଦିଅ ।" ୧୬ ।

ଏବେ ମୁଁ ଶୋଇଛି । ପ୍ରିୟା ଆସୁଥିବାର ଦେଖିଲି । ତେଣୁ ଅତି ଯତ୍ନ ସହକାରେ ଶେଯ ଉପରେ ମୁଁ ଶୋଇ ରହିଲି । ସେ ଆସି ମୋ ଦେହରେ ତା ଉତ୍ତମ ଦେହ ଲଗାଇ ମୁଖରେ ଚୁମ୍ବନ ଦେଲା । ସେହି କଥାମାନ ଭାବି ଶରୀରରେ କନ୍ଦର୍ପ ପୀଡ଼ା କରୁଛି । ୧୭ ।

ମୁଁ ଶଯ୍ୟାର ଉପରେ ପଡ଼ିଲି । ଲଗାଇ ମୋର ତନୁରେ ତା ତନୁ । ଆସି ମୁଖେ ଦେଲି ଚୁମ୍ବ ସୁତନୁ । ଦହୁଛି ଅତନୁ । ତାହା ସୁମର ହେଉଅଛି ତନୁ । ୧୭ । ବାସ ପ୍ରାନ୍ତ ଉଲବନ୍ଧୁତରେ । ଏବେ ପାଶୁଁ ପାଇଁ ଜାଣୁ ପ୍ରାନ୍ତରେ । କେଉଁଠି ଆସିଣ ଲଜ୍ଜା ଜାତରେ । ହୋଡ଼ରେ ପଶି ଚକଡ଼େ ଚରତରେ । ସ୍ୱରୁଛି ଶାନ୍ତରେ । ପାଲଟାଇ ନେଲା ବୋଧି ରତରେ । ୧୮ । ଏବେ ଶାଢ଼ୀ ପିନ୍ଧି କହୁଁ ସମ୍ଭାଳ । ମନା ନ କରିବୁ ମନ ଯହିଁକି । ସଗ୍ୱେଗ ବନ୍ଧେ ସ୍ୱହିଁଲ ତହିଁକି । ବୋଇଲି ମାସା ବାନ୍ଧନ୍ତ ମୁହିଁକି । ନୋହୁବ କାହିଁକି । ବୋଲି ଯେ ଭାବ ଲଗନ ମସ୍ତକ ।୧୯। ଏବେ ଉର୍ମିଳ ଉଦେ କଳାକର । ଚତ୍ୱରେ ଶୋଇଥିଲା ପଲଙ୍କର । ନ ଥିଲା ଚେଳ କୁଚକନ୍ଦୁକର । ସନ୍ତରେ ଯାଇ ମୁଁ ପକାଇ କର । ବୋଲନ୍ତି ନକଇ । ଏଣ୍ଟ କଣ୍ଠ ନକ ଲାଜକା କର । ୨୦ । ଲାବ ଲାବଦ ମୋ ନାଉସ୍ୱବର । ମୃଗ ଜଳ

ପ୍ରବୋଧ କରି । ୧୮ । ସଗ୍ୱେଗ – ସ୍ନେହରେ । ବନ୍ଧେ—ବଙ୍କେଇ କରି । ମାସା— କଷ୍ଟ । ୧୯ । କଳାକର—ଚନ୍ଦ୍ର । ଚତ୍ୱରେ—ଅଗଣାରେ । କନ୍ଦୁକ—ଗେଣ୍ଡୁ । ୨୦ । ଜଦେଇ – ଲୁଣ୍ଠା, ଚେଳ—ବସ୍ତ୍ର । ୨୧ ।

ଏବେ ଶଯ୍ୟାରେ ଦୁହେଁ ଉଲଗ୍ନ ହୋଇ ଶୋଇଥିଲୁ । ହୈବାତ୍ ସକାଳୁ ସେ ଉଠି ଗଲାବେଳେ ବଣ ନପାଇ ମୋ ଲୁଗା ପିନ୍ଧି ଚାଲିଗଲା । ତାହାରେ ହଠାତ୍ ଦେଖିବେଇ ଲାଜ ଭୟରେ ପକାଇ ଆସି ମୋ କୋଳରେ ପଶିଗଲେ । ମନେ ପଡ଼ୁନାହିଁ ଅବଶ୍ୟ, ତଥାପି ମୁଁ ସେ କଥା ସ୍ମରୁଛି । ପୁଣି ରତଭୟରେ ମୋତେ ପ୍ରବୋଧ ଦେଇ ଲୁଗା ପାଲଟାଇ ନେଲା । ୧୮ ।

ଏବେ ସେ ଶାଢ଼ୀ ପିନ୍ଧିଲାବେଳେ ତାକୁ ମୁଁ କହିଲି—“ମୋ ମନ ଯୋଉ କଥା ପାଇଁ ହେବ, ସେ କଥା ମନା କରିବୁ ନାହିଁ ।” ଏ କଥା ଶୁଣି ସ୍ନେହରେ ବଙ୍କେଇ କରି ଅନାଇଲା । ମୁଁ କହିଲି—“ମାସାବନ୍ଧ ମୁଁ ବାନ୍ଧିଦେବି ।” ଏ କଥା ଶୁଣି ସେ ତଳ ଆଡ଼କୁ ମୁହଁ କରି କହିଲା—“କାହିଁକି ନ ବାନ୍ଧିବ ?” ୧୯ ।

ଏବେ ଉଜ୍ଜ୍ୱଳ ଚନ୍ଦ୍ର ଉଦୟ ହୋଇଥାଏ । ଅଗଣାରେ ପଡ଼ିଥିବା ପଲଙ୍କ ଉପରେ ସେ ଶୋଇଥିଲା । ତା ଗୋଲଗାଲିଆ କୁଚ ଉପରେ ଲୁଗା ନଥାଏ । ମୁଁ ଯାଇ ତା ଉପରେ ହାତ ପକାଇବା ହେଲୁ ସେ କହିଲା—“ତୁମେ କଣ ଏହି କଥାକୁ ଲାଜକା କରିଛ ? ୨୦ ।

ସେ ନାସ୍ୱଶ୍ଲେଷ୍ଟ ମୋ ପ୍ରାଣର ପ୍ରାଣ । କନ୍ତୁ ବୈରରୂପୀ କନ୍ଦର୍ପ ତାକୁ ମୃଗ ମନେକରି ବାମଣରେ ହାସ ପୀଡ଼ା ଦେଉଅଛି । ମୁଁ ସର୍ବଦା ତାର ଗୁଣ ଗୁଣି ପ୍ରାଣରେ ବଞ୍ଚି ରହିଛି । ଏଣୁ ମୋତେ ଏଇଲ କରି ଦେବ—ମୁଁ ପୁଣି ଯାଇ

ଛାଡୁ କାମଶରେ । ତା ଗୁଣ ଗୁଣି ଗାଉଛୁ ଗୀତରେ । ବାନ୍ଧବ ଯାଇଁ ପୁଣି ତା ଜଦର । କେ ଦେବ ଏ ବର । କହଇ ଉପେନ୍ଦ୍ର ସାରଦରେ । ୨୧ ।

—○—

## ଏକାଦଶ ଛାନ୍ଦ

[ ଭ୍ରମରକୁ ଭାବନା ]

ରାଗ—ବଙ୍ଗଳାଶ୍ରୀ (ଶୃଙ୍ଖଳା) ।

ଭ୍ରମନ୍ତେ ହେମବରନା ଭାବ ଯେତେ ଶେଷ ନୋହିବ ସୁମତି । ମରିବାର ଭଲ ନସାନା ଜନା ଯା ବଦେଶରେ ଜନ ହରି । ୧ । ହରି ନ କଲେ ଜୀବନ ଆଉଁ ଥାଉଁ ବିଚ୍ଛେଦ ଜୀବନଧନ । ଧନଦଭୂତିକି ପାଦେ ଠେଲିଦେଇ ମୋ ଇଚ୍ଛାରେ ହେଲି ସ୍ଥାନ । ୨ । ଜନ ଜନକର ଭାବ ତା ଯେତେକ ଅଗୁରୁଧୂମରେ ନିଶ୍ଚ । କସାକୁମ୍ଭ ସ୍ତନା ନୟନସୁଗନ୍ଧି ଗନ୍ଧୁଁ ଗନ୍ଧୁଁ ଜନେ କାନ୍ଦେ । ୩ । ବାଣ ମ ଭାଉ ମୁଁ ନମ୍ରା ମାନ ପୁଚ୍ଛୁଁ ବୋଲସ ଧରି ମୋ କର । କରନ୍ତି ଈଶଙ୍କୁ ରୋଷ କାମିନୀ କ ଜାଉଁଥାଉଁ ପଞ୍ଚଶର ।୪। ଶରଣବହ୍ନିନା ଭାବ ମୂର୍ଚ୍ଛି ନୋହେ ଜନେ ହୋଇ ସଖ-

---

ଭ୍ରମନ୍ତେ—ଭ୍ରମ କରୁଥିଲେ, ହେମବରନା—ସୁନାବରନା, ନସାନା—ନୂତନା । ୧ । ଧନଦ—ଯେ ଧନଦାନ କରେ; କୁବେର, ଭୂତି—ସମ୍ପତ୍ତି । ୨ । ଅଗୁରୁଧୂମ—ଅଗରୁକାଠ ଧୂଆଁ । ୩ । ଈଶଙ୍କୁ—ସ୍ୱାମୀଙ୍କୁ, ରୋଷ—ରାଗ । ୪ ।

---

ତା କୃଷ୍ଣା ବାନ୍ଧବେଣ । ଏ ଗ୍ରନ୍ଥର ଭାବ ସାରବର ଉପେନ୍ଦ୍ର ଭଞ୍ଜ କହୁଅଛନ୍ତି ।୨୧।

—○—

ଯେତେ ଭାବୁଥିଲେ କଣ ହେବ, ଭ୍ରମରକୁରେ ସୁନା ଗୋସାଇଁ ଯେତେ ଯେତେ ଭାବ ତାହା କେବେ ଶେଷ ହେବ ନାହିଁ । ଯେଉଁ କ୍ୟକ୍ତି ନୂତନ ସ୍ୱାମୀଙ୍କୁ ଛାଡ଼ି ବିଦେଶରେ ଜନ କାଟେ, ସେ ମରିବାର ଭଲ । ୧ ।

ଜୀବନ ଧନ ସଙ୍ଗେ ଯେଉଁ ବିଚ୍ଛେଦ ଘଟିଲା, ତାହା ଜାଣ ଭଗବାନ କଲେ । ମୁଁ ମୋ ନିଜ ଇଚ୍ଛାରେ କୁବେର ସମ୍ପତ୍ତିକୁ ଗୋଡ଼ରେ ଠେଲି ଦେଇ ଦରିଦ୍ର ହୋଇଗଲି । ୨ ।

ଜନେ ଜନେ ଯେତେ ଭାବ ! ସବୁ ବାସନା ହେବ ବୋଲି ଅଗୁରୁକାଠର ଧୂପ ଲଗାଇବାରୁ, ଗଜକୁମ୍ଭ ସ୍ତନା ଆଖିରୁ ପାଣି ବୋହିଲା । ୩ ।

ଏହା ଦେଖି ମୁଁ ଭାବଲି—ସେ କାନ୍ଦୁଛି । ତେଣୁ ପଚାରିଲି କାହିଁକି ମାନ କରିଛ ? ସେ ମୋ ହାତ ଧରି ପଚାରି କହିଲା—କନ୍ଦର୍ପ ବାଣ ଥାଉ ଥାଉ ପ୍ରାଣେଶ୍ୱରଙ୍କଠାରେ ରମଣୀମାନେ ରାଗ କରନ୍ତି ? ୪ ।

ତଣ । ବସନ ହରିବା ଛଳରୁ ମୋ କୁଚ୍ୟବକେ ହସନ୍ତ ପ୍ରକାଶ ।୫। କାଶହାସୀ ମୁଖ ଲଗାନ୍ତେ ମୋ ଉରେ ଲଜ୍ଜାରେ ହୋଇ କାତର । ତଉତର ଭୁଜେ ଉଡ଼ିବା ପ ଭଙ୍ଗୀ ଭଳ ଅଛୁ ଶୀତ୍କାର ।୬। କାରଣ ମୋହର ପ୍ରବଳ ଜାନ୍ତୁକୁ ତା ଘଟେ ଧରନ୍ତୁଥର । ଧର୍ଷଣ ଶୀତ ଲଭିତେ ପ୍ରଣିତ ପଣନ୍ତ ପୋତ୍ରାଇ ତାର ।୭। ତାରକା ଶୋଷିଇ କଲାବେଳେ ମୁହିଁ ଅଧରୁ ଅମୃତ ପାନ । ପାନ ଅବଶେଷ ବଦନୁ ନ ଦେଇ ଦେଇଲ ତର୍ଣ୍ଣ ଚୁମ୍ବନ ।୮। ବନଜ ଆନନା ଭଲ ରଘବନ୍ତ ମୋର ଦେହ ସବୁ ଉଇପା । ବସାଇଥିଲ ବପ ତେବେ କାମରସେ ପୋତେ ପାଶ୍ଚଗଲ ଜଣା ।୯। ଜଣାଇ ଆଲ୍ହାଦ ସୁରତ ଦେଖାଇ ଭଙ୍ଗୀକି କେବା ସମାନ । ମାନସ ମାନସରୋବରେ ସେ ହଂସ ହୋଇ କ୍ରୀଡ଼ନ୍ତି ଅବଛନ୍ନ ।୧୦। ଛନ୍ଦ କରିବା ମୋ ତନୁ ଛାଡ ତେବେ

---

ଶରଣବଶ୍ରନା—ଶରଣ ଦେବାପାଇଁ ଆଗ୍ରହୀ; ହସନ୍ତୀ—ଅଗ୍ନି ।୫। କାଶହାସୀ—କାଇଁଶ ଫୁଲ ପରି ଶୁଭ୍ରହାସୀ, ଶୀତ୍କାର—କମ୍ପନ ।୬। ଘଟେସ୍ୱୋଦଇ—ଭୁଜ; ଧରଷଇ—ଧର୍ଷଣ କରଇ; ଦଳଇ ।୭। ବନଜ—ପଦ୍ମ, ଆନନା—ବଦନା ।୯। ଜଣାଇ—ବୋଧକଲ ।୧୦। ରୋଷ୍ୟସ୍ଥଳେ—ଗମ୍ଭୀର ସରେ, କାର—ଶୁକପକ୍ଷୀ

---

ସେ ଶରଣଶ୍ରେଧାର ଛଳ ସହଜରେ ଗୁପ୍ତ ହେଉନାହିଁ । ତେବେ ରମଣର ବଶବର୍ତ୍ତୀ ହୋଇ ମୁଁ ତା ଦେହରୁ ଲୁଗା କାଢ଼ିଦେଲି । ଶୀତଜର ହେତୁ ଜଅଁ ଜନ୍ତେଲଣ୍ଡା ପଙ୍କରେ ଥିଲ; ଦେବାକୁ ସେ ଜଳ ଉଠିଲା ।୫।

ସେ ଶୁଭ୍ରହାସୀ ମୁହଁକୁ ଉଡ଼ ଆଣି ଛାତିରେ ଲଗାଇ ଦେଲାକ୍ଷୁ, ଏପରି ଏକ ଭଙ୍ଗୀ ଦେଖାଇ ନଜ ଲେଖରେ କାତର ଭଙ୍ଗୀ ଦେଖାଇ ଆଲିଙ୍ଗନ ଦ୍ୱାରା ମୋତେ ଭଲ ଧରି କମ୍ପି ଉଠିଲ ।୬।

ମୋର ପ୍ରବଳ ଶୀତ ଧର୍ଷଣ କରିବା ପାଇଁ ତା ଭୁଜ ଦୁଇଟି । ପଙ୍କଜ ଧର ଏବଂ ଅଳ୍ପକେ ବାହୁଲତା ଦୋହଳ ହେବାଦ୍ୱାରା କାରଣ ଗାଏ ।୭।

ତାରକା ଶୋଷି ଅର୍ଥାତ୍ ଚନ୍ଦ୍ରବଦନାର ଓଷ୍ଠାଧରରୁ ମୁଁ ଅମୃତ ପାନ କଲାବେଳେ ସେ ମୋ ଲୁଣ୍ଠରେ ଥିବା ବଳକା ଶାନ୍ତକୁ ଦେଇ ଆଉଏ ।୮।

ଚନ୍ଦ୍ରମୁଖୀ ବର୍ତ୍ତିଆ ରଘବଣ୍ଡ ଏବଂ ମୋର ସକଳ ଲାଳସା ଅଟେ । ତେବେ ତାକୁ କନ୍ଦର୍ପ ରସରେ ବସାଇଥିଲ, ଏମିତବେଳେ ସ୍ୱତ ପାଣ୍ଡୁଗଲ ।୯।

ଜରଜେଇ ମୋତ୍ଵାଇ ହୋଇ ପ୍ରୀତିଦାନ କରିବା କପରି ଭଙ୍ଗୀ ? ସେ କଥା ମୋ ମାନସ ଭୂଷଣ ମାନ-ସରୋବରରେ ହଂସ ରୂପ ଧରି ଜରନ୍ତର କ୍ରୀଡ଼ା କରୁଅଛୁ ।୧୦।

ନୂପୁରୁଁ ତେଜ ଆଦର । ଦରହାସୀ ଗୋପ୍ୟସ୍ଥଳରେ ଲୁଚାଥିଲା ମୁଁ ଖୋଜୁଁ କହିଲା କୀର । ୧୧ । କରଣ ଚନ୍ଦ୍ରରୁ ଖସିଲା ପରସ୍ତେ ହସିଲା ଜବାଅଧର । ଧରି କର ମୁଁ ତେ ଆଣିଲି କେଳକୁ ତାହା ପାଶୋରି ନ ପାରି । ୧୨ । ପ୍ରାସାଦମଧ୍ୟା ଶୋଭା କଳୁ ଦେଖାଇ ଥାଇ ଅନେକ ତାମସ । ମଣ୍ଡଳରେ ଉଦରେ ମୋର ହୃତ ରଚିଁ କେଳିରହସ । ୧୩ । ହସ ହସ ହୋଇ ବୋଲଇ ଏ ପୁଣି କିସ ହେଲାଣି ଦିବସ । ବସନ୍ତବସନାର ସେହି ଭାଷାଟି କରୁଛି ମୋ ହୃଦେ ବାସ । ୧୪ । ବାସବ ପୁଣି ନେନେ ଗୁଣ ଭଳପ୍ରା ତେବେ ହେଲା ଏ ସମ୍ମତ । ମତ୍ତପିକସ୍ୱଣୀ ସ୍ମରପୁର କନ୍ଦ ଆରମ୍ଭେ କରି ଲୋକତ । ୧୫ । କତବ କ ବେନ ପାଶେ ନଖ ରୁନ୍ତୁଁ ଚମକିଲା

। ୧୧ । ପ୍ରାସାଦମଧ୍ୟ—ସିଂହକଟୀ, ରଚିଁ—ବିଶେଷରୂପେ ରଚନା କରୁଁ ।୧୩। ବସନ୍ତବସନା—ପୀତବସ୍ତ୍ରା । ୧୪ । ବାସବ—ଇନ୍ଦ୍ର, ମତ୍ତପିକ—ମତୁଆଲା କୋଇଲି, ସ୍ମରପୁର—ମାରସଦନ, ଲୋକତ—ଦର୍ଶନ । ୧୫ । କତବ—ମିଛ,

ଏବେ ସେ ଦରହାସୀ ପ୍ରିୟା ମୋତେ ସ୍ନାନଆ କରିଦେବ ବୋଲି ପାଦରୁ ନୂପୁର ବାହାର କରି ଦେଇ ଗୋପ୍ୟସ୍ଥ ଘରେ ଲୁଚିଥିଲା । ନୂପୁର ଥିଲେ ଶବ୍ଦ ବାରି ମୁଁ ସିନା ତାକୁ ଆବିଷ୍କାର କରି ଥାଆନ୍ତି ? ନୂପୁର ନ ଥିବାରୁ କିଛି ସ୍ୱର ଶବ୍ଦ ପାଇଲି ନାହିଁ । ତେଣୁ ଖୋଜି ହେଉ ହେଉ ଶୁଆ ଚଢ଼େଇ କହିଦେଲା । ୧୧ ।

ଜବାଫୁଲ ଅଧର ଯେତେବେଳେ ହସିଦେଲା, ସେତେବେଳେ ଜଣାଗଲା ସତେ କି ଚନ୍ଦ୍ର ଦେହରୁ କିରଣଗୁଡ଼ାକ ଝଡ଼ି ପଡ଼ିଲା । ତା ପରେ ମୁଁ ଯାଇ ତା ହାତ ଧରି ଆଣିଲି । ସେହି କଥାଗୁଡ଼ିକ ପାଶୋରି ହେଉନାହିଁ । ୧୨ ।

ମହୋଲ୍ଲା ଭିତରେ ମୋ ଇଚ୍ଛା । ଆଲୁଅ ଅନ୍ଧାର ମିଶାମିଶି ହୋଇଥିବାରୁ ସିଂହକଟୀବିଶିଷ୍ଟ ପ୍ରିୟାର ଶୋଭା କିଛି ଦେଖା ଯାଉଥାଏ । ତେଣୁ ତା ଭିତରେ କାମକ୍ରୀଡ଼ା କରିବା ପାଇଁ ମୋର ଉପକାର ହେଲା । ୧୩ ।

ସେତିକିବେଳେ ସେ ହସ ହସ ହୋଇ କହିଲା—"ଏ କ'ଣ ମ, ଦିବସ ହେଲାଣି ପରା ?" ହଳଦିଆ ଲୁଗା ପିନ୍ଧିଥିବା ପ୍ରିୟାର ସେହି କଥା ପଦକ ମୋ ହୃଦରେ ବାସ କରିଛି । ୧୪ ।

ଇନ୍ଦ୍ରଙ୍କର ହଜାର ନେତ୍ର । ତେଣୁ ଏବେ ମୋର ମନ ହେଲା ଇନ୍ଦ୍ର ଯେବେ ତା ଆଖିଯାକ ମୋତେ କରନ୍ତେ ଦାନ, ତା ହେଲେ ମତ୍ତ କୋକିଳ-ବଚନାର କନ୍ଦର୍ପ ଗୃହ ବନ୍ଦ ଆରମ୍ଭ କଲାବେଳେ ଦେଖନ୍ତି । ୧୫ ।

କରି ତନୁ । ତନୁଭବସ୍ତ ମୋହ କଣ୍ଟୀ ସନ୍ତତେ କ ରଙ୍ଗେ ଜାକଲ୍ଲ କାନୁ । ୧୬ । ଯା ନୂତନ କସ୍ତୁରୀର ଏକ୍କ ସ୍ନେହ ଛାଡାଇ ଗାଢତ କ୍ଷଣ । କ୍ଷଣଦାରେ ତତେ ସ୍ୱପ୍ନେ ଭନ୍ନ ହୋଇ ଦୁହେଁ କଲୁଁ ପ୍ରୟାଣ । ୧୭ । ମାଂକଳ ମୃଗ-ସୂମ ନେହୁବ ମାମ ମୁ ନୋହୁ ଦୂର । ଦୁରନ୍ତ ବଳବ ସୋଗେ ମୁଁ ହୁଡ଼ିଲି କଥା ରହିଲା ତାହାର । ୧୮ । ହାର ଭୁଟିଲା ତେବେ ସ୍ତନେ ମୁଁ କର ପ ାଇଁ ହାଏ ଉଚିତ । ଚନ୍ଦ୍ରମୋହୁମା ଗୁନ୍ଥି ଦଅ ବୋଲନ୍ତେ ମାଗିଲି ପୁରୁଷାୟିତ । ୧୯ । ଇତରସ୍ୱର୍ଗରୁ ବଚନେ ଆଣିଲା ଅସମ୍ମତ ସମ୍ମତ । ମତ୍ତଗଜଗତି ନୋହୁବ କାହିଁକ ବୋଲିବା ନେତ୍ର ଇଙ୍ଗିତ । ୨୦ । ଗୀତ ଗାଉଥିଲା ତେବେ ୧° ।କରେ ପତ୍ର କରି ସେ ତା

---

ତନୁ —କୃଶ । ୧୬ । ରଙ୍ଗେ—ହେଲୁକରି, କ୍ଷଣଦା—ରଜନୀ । ୧୭ । ମାଂସଳ —ଶିଶୁମୃଗ, ଦୁରନ୍ତ—ଦୁଷ୍ଟ । ୧୮ । ଭୁଟିଲା –ଛିଣ୍ଡିଗଲା, ଚନ୍ଦ୍ରମୋହୁମା—ମଦ ମୁଗ୍ଧକାରିଣୀ, ପୁରୁଷାୟିତ—ଓଲଟ ରତି । ୧୯ । ହଂସକ—ସଙ୍ଗିଣୀ, ସୁଣା—

---

ମିଛିମିଛିକା ପ୍ରିୟାର କନ୍ଦର୍ପ-ଗୃହର ଦୁଇ ପାଖରେ ନଖ ଚଳାଇ ଚଳାଇ ଦେହଟାକୁ ଚମକାଇ ସେ କୃଶୋଦରୀ ଯୋଷା ମୋ ଅଣ୍ଟା ସଙ୍ଗେ ତା ଜଘନକୁ ଲାଗି ଦେଲା । ୬ ।

ତେବେ ରାତିରେ ସ୍ୱପ୍ନ ଦେଖିଲୁ ଦୁହେଁ ଭିନ୍ନ ଭିନ୍ନ ହୋଇଛୁ । ତେଣୁ ସେ ନୂଆକସ୍ତୁରୀ ଓ ମୁଁ ତତ୍‌କ୍ଷଣାତ୍ ହେଲୁକରି ଚୁମ୍ବନ କଲୁ, ସବୁଦିନେ ଏହିପରି ସ୍ନେହ ରହିଥିବ । ୧୭ ।

ଶିଶୁ ମୃଗନେତ୍ରୀ କେବେ ଅଭିମାନିନୀ ହେବ ନାହିଁ କି ମୁଁ ତା ପାଖରୁ ଦୂର ହେବି ନାହିଁ । ମାତ୍ର ତା କଥା ଠିକ୍ ଅଛି । ଦୁଷ୍ଟ ବିଧାତା ହେତୁ ମୁଁ ହୁଡ଼ିଗଲି । ୧୮ ।

ତେବେ ତା ସ୍ତନରେ ମୁଁ ହାତ ପକାଇ ପକାଇ ହାରଟି ଛିଣ୍ଡିଗଲା । ମଦ ମୋହିନୀ କହିଲା—“ଗୁନ୍ଥି ଦିଅ ।” ମୁଁ କହିଲି—“ଓଲଟରତି ଦାନ କଲେ ଯାଇ ଗୁନ୍ଥି ଦେବି ।” ୧୯ ।

ମୋର ସାମାନ୍ୟ ସ୍ୱର୍ଗସୁଖ କଥାରେ ଅବାକ ହୋଇଥିଲା । କିନ୍ତୁ ଇଙ୍ଗିତରେ ସମ୍ମତ ଜଣାଇ କହିଲା—“ନ ହେବ କାହିଁକି ?” ୨୦ ।

ଶୁଣି । ଶୁଣିହେଲ ଶୁଣି ଦଣ୍ଡଏଯାଏ ମୁଁ ବାଜଇ କି ବୀଣାବାଣୀ । ୨୧ । ବାଣୀ ପ୍ରିୟାର ପୁଣି ବୋଲି ହେଜଲି ମିତ୍ତୁ ଯାଇଁ ତଇମର । ମରଇଁ କଥା କି ଜଣ ଜାଣି ବେଗେ ପଳାଇ ପଶିଲି ପୁର । ୨୨ । ପୁରରେ ପ୍ରସନକାଳେ ଯାଉଁ ତେବେ ଶୁଣ୍ଣି ପତ ଅଳକାଳୁ । ତାଙ୍କୁ ଚକ୍ଷୁସ ନାହିଁ ମୋତେ ଅନାଇଁ କନ୍ତୁଁ କବାଟ ପୂଡ଼ାଲୁ । ୨୩ । ତାଙ୍କୁ ଦର୍ଶନ କାହିଁ ପାଇଁ ବୋଲି ମୁଁ ଦସ୍ୟାରେ ହୋଇ ଅଧୀର । ଧୀର ବୋଲାଲୁ କେଶହୀନ ହୋଇଛୁ ଜାଣି ନ ଜାଣନ୍ତୁ ଉସ । ୨୪ । ପସଣକନ୍ଧ ଦର୍ପଣ ନଥିଲ ଆଗେ ତେବେ ଦେଖନ୍ତୁ ଛଟସାର । ସାରରମଣୀ ଜାଣିଲ ପ୍ରତିବିମ୍ବେ ଥଇରୁ ମୋହ ଯିବାର । ୨୫ । କାରଣ ନ ଦେଇ ଧଇଲ ମୋ କର ବଢ଼ାଇଁ ସ୍ତନ୍ତୁ

ଭାର, ବାଣୀ—କଣ୍ଠସ୍ୱର । ୨୧ । ତଇମର—ପୁଷ୍ପଦେଶରେ, ଜଡର—ସାମାନ୍ୟ । ୨୨ । ପ୍ରସନ—ପୁଷ୍ପ ଟିତ । ୨୩ । ଧୀର—ପଣ୍ଡିତା । ୨୪ । ଛଟସାର—ଚଟା, ପ୍ରତିବିମ୍ବ—ଛାୟା । ୨୫ । ସ୍ତନ୍ତୁ—ସୁନ୍ଦର, ମର୍ଗ—ଜନ୍ମ, ଘନଜଘନ—ମାଂସଳ

ତେବେ ସଖିଣୀ ତୋଳି ଗୀତ ଗାଉଥାଏ—ବୀଣା ତାର ନ ବଜାଇ କରି । ସେ ସ୍ୱର ଲହସର ମୂର୍ଚ୍ଛନା ଶୁଣି ଖଣ୍ଡଏଯାଏ ଶୁଣି ହୋଇ ମୁଁ ଭାବୁଥିଲି, ବୀଣାସ୍ୱର ବାଜୁଛି କି ନା ? ୨୧ ।

ଶେଷ ଶେଷ ଯେତେବେଳେ ଜାଣି ପାରିଲି ଏ ସ୍ୱର ମୋ ପ୍ରିୟାର ବୋଲି, ସେତେବେଳେ ଯାଇ ତା ପଛ ପାଖେ ପହଞ୍ଚିଲି । ଏ କଥା ଦେଖି ସେ 'ମରଯାଏ କି ନା ?' ଏଇ ପଦକ କହି ଘରକୁ ପଳାଇଗଲା । ୨୨ ।

ତେବେ ସେ ପୁଷ୍ପବତୀ ହୋଇ ଘରେ ଥାଏ । ମୁଁ ତା ଖାଦ ଅଳକାଳୁ ସ୍ତନ୍ତି ସ୍ତନ୍ତି ଅଜାଣତରେ ପାଖକୁ ଚାଲି ଯିବାରୁ ସେ ଚକ୍ଷୁସ ମୋତେ ନ ଅନାଇ ଘର କବାଟ କଳାଦେଲା । ୨୩ ।

ମୁଁ ଡାକ ପକାଇ କହିଲି—କାହିଁକି କବାଟ କରୁଛ ? ତେଣୁ ସେ ଦସ୍ୟାରେ ଅଧୀର ହୋଇ କହିଲା—"ଦେଖୁଛ, ମୁଁ କେଶହୀନ ହୋଇଛି । ଜାଣି ନଜାଣିଲା ପରି ହେଉଛ କାହିଁକି । ୨୪ ।

ସାମନାରେ ଦର୍ପଣ ରଖି ପ୍ରାଣ ବନ୍ଧୁ ମୋର ତେବେ ମୁଣ୍ଡରେ ଖଟା ଦେଉଥିଲା ବେଳେ ମୁଁ ପଛଆଡ଼ୁ ଯାଇଥିଲି । ଦର୍ପଣରେ ମୋର ଛାୟା ପ୍ରତି-ଫଳିତ ହେବାରୁ ରମଣୀ ଜାଣି ପାରିଲା । ୨୫ ।

ମାସାକ । ବକ ହେଲ ସ୍ୱେର ଧରିଲା ବୋଲିବା ବେଳୁଁ ଗରଳଗଳକ । ୨୬ ।
ନଣ ମୁର୍ଚ୍ଛି ହେବ ନଣାନ୍ତେ କରଜଘାତକୁ ସ୍ତନ୍ଧେ ସଜନୀ । ଜନର ଭୟେ କୋଇଲ
କାଜମ ମସ୍ରିବ ଏଣୁ ଦୋଷ ସେନ । ୨୭ । ସେନ କହିଲା ସେ ଶଙ୍କୁ ନ ହେଉ
ମନ ଜାଣି କ ବେଗର । ଗରଳଗଳ ସେବାଙ୍କୁ ମୁଁ ଦାସ ହୋଇଛୁ ଘେ
ସ୍ତବନାର । ୨୮ । ନିରନ୍ତର ହୋଇ ଅନ୍ତର ମନରୁ ରତାନ୍ତେ ରତି ଶେଷରୁ ।
ସନ୍ତୁଦଶନା ଉଠି ଯାଇଁ ମୁଁ ଧରୁ ଅଞ୍ଚଳ ଛଡ଼ାଇ କରୁ । ୨୯ । କରୁଣା କଟାକ୍ଷ
ଗଞ୍ଚିଲ କାହିଁକ ବୋଧ ନୋହେ ଭୁମ୍ଭ ମନ । ମଦନମଥରସ ଅଶେଷେ ଛଡ଼ାରେ
ତତ୍ତ୍ୱ ଜାଣି କରେ ଦାନ । ୩୦ । ଦାନବ ମାନବ ଦେବନାରୀ ନବ ନାରୀକ
କାହିଁ ସରି । ଶରୀର କଣ୍ଟକ ପୁଲକର ହେଲେ ତନୁ ଅନ୍ତର ବସ୍ତ୍ର । ୩୧ ।

---

ଜଙ୍ଘ ସାହ ର । ୨୬ । ଗରଳଗଳ—ଶିବ, ସ୍ୱବମା—ସ୍ୱର୍ଯ୍ୟା । ୨୮ । ରତ ଶେଷ—
ରତିଶେଷେ, ସନ୍ତୁଦଶନା—ମୃଗଦନ୍ତୀ । ୨୯ । ସ୍ୱରମୁଖ—ବ୍ରହ୍ମା, ଗିଳବଜାନ୍ତରେ

---

ମୁଁ ତା ସୁନ୍ଦର ନାସା ବନ୍ଧକୁ ହାତ ବଢ଼ାଇବା ମାତ୍ରେ ସେ ମୁହଁରେ କାରଣ ନକରି ମୋ ହାତକୁ ଧରି ଘଞ୍ଚାଇଲା ଓ କହିଲା—ସ୍ୱେର ଧରିଲ । ସେଣିକି ବେଳୁ ଗରଳ ଗଳ ପାଖରେ ମୁଁ ବକ ହୋଇ ଗଲି । ୨୬ ।

ରତି ଶେଷରେ ନଖକ୍ଷତ ସ୍ତନକ ଦେଖି ମୋତେ ଭୟ ଦେଖାଇବାରୁ ମୁଁ କହିଲି—ସତେ କଣ ମୁର୍ଚ୍ଛି ଯାଉଛ ? ତେବେ ଏହି ଦୋଷକୁ କାମଜ୍ୱଳାରେ ମସ୍ରିବ । ୨୭ ।

ମୋ କଥା ଶୁଣି ଅତି ଚଞ୍ଚଳ ସେ ମୋ ମନ ଜାଣି କହିଲା—ଶଙ୍କୁ ନ ହେଉ । ସେପରି ଗୋଟିଏ ସ୍ତ୍ରୀର ମୁଁ ଦାସ ହୋଇ ଯାଉଛି ଶିବ ସେବା ଫଳରେ ସିନା ? ୨୮ ।

ସଦା ସର୍ବଦା ମନରୁ ଅନ୍ତର ହେଉ ନାହିଁ । ରତି ଶେଷ ଓ ରାତି ଶେଷ ହେବାରୁ ସନ୍ତୁ ଦଶନା ଯେତେବେଳେ ଉଠି କରି ଚାଲିଯାଏ, ମୁଁ ତାର ଅଞ୍ଚଳକୁ ଟାଣି ଧରେ । ସେ ତାକୁ ମୋ ହାତରୁ ଛଡ଼ାଇ ଓ କରୁଣା କଟାକ୍ଷ ପକାଇ କହେ; କନ୍ଦର୍ପ ରସ ଅଶେଷ ପ୍ରକାର । ମୁଁ ତୁମ୍ଭ ମନ ଜାଣି ଦାନ କରୁଛି । କାହିଁକି ମନ ବୋଧ ହେଉ ନାହିଁ । ୨୯ । ୩୦ ।

ରାକ୍ଷସ, ମନୁଷ୍ୟ, ଦେବତା ଇତ୍ୟାଦିଙ୍କ ରମଣୀମାନେ ଏ ନୂଆ ନାରୀଙ୍କୁ ସମାନ ନୁହନ୍ତି । ଦେହଟା ଟିକଏ ପୁଲକିତ ହୋଇ ଲାଗିଲା ବେଳକୁ ସେମାନେ ଅନ୍ତର ହୋଇ ଯିବା ଉଚ୍ଚର କରନ୍ତି । ୩୧ । ବିଧାତା ଏପରି କଲା ସେ ସଖୀ ମୋର

ସୁରମୁଖ ଏହା କଲ ଗିରିକାନ୍ତରେ ରହିଲ ସେ ସଙ୍ଗୀ । ସହିଲ କଷ୍ଟ ଅଧିକ ହେବ କଣ ଜୀଇଥିବାର ବିରହୀ । ୩୨ । ରହିଥାଇ ଜୀବ କି ସୁଖ ଭୁଞ୍ଜିବ ଯାଉ ସେ କାଳାର ନାମେ । କାମେ ଦଗ୍ଧ ହୋଇ ମରିବ କାହିଁ କାମିନୀ ସଙ୍ଗ ଆଶ୍ରମେ । ୩୩ । ତୋତେ ଜଣାଉଛି ପ୍ରିୟ ର ବିଚ୍ଛେଦ ବେଦନା ତାଙ୍କୁ ଗୋଚର । ଚରଣ ସେବା ତାର କେବେ କରିବ ଏହି ମୋ ମୂଳ ଭାବର । ୩୪ । ସୁର ବେଗବନ୍ତେ ଏମନ୍ତ ମିଳନ୍ତା ନ ସରୁ ଏହି ବାସର । ସରସ ସନ୍ଦେଶ ଆଣନ୍ତା ଆଣନ୍ତା ବାନ୍ଧବୀ ପିନ୍ଧିବା ଚୀର । ୩୫ । ତରଦୁଃଖ ନାଶି ମାର ନାରାଚକୁ ଦୂରନ୍ତା କବଟପର । ଭୃତ୍ୟଜନ ପାଇଁ ଅସହନ ଦୁଃଖ ସହିଲା ଯାହା ସୁନ୍ଦର । ୩୬ । ଦୁଃଖ ଧ୍ୱଂସୀକି ପୂର୍ବ ସ୍ୱପ୍ନେ କରି କରଣ ସୁରତ ସଜ । ସଜନୀ ମଧ୍ୟେ ସେ ଚତୁରସ ଭଣିବେ କରଭ ଗାମ୍ଭୀର ଉଭଜ । ୩୭ । ଉଜ୍ଜ୍ୱଳ କଜ୍ଜଳବେଣୀକି ଭୂଷିଣ ପଣ୍ଡିତାଣୀ

---

—ସଙ୍ଗତ ଓ କଣ ଶେଷରେ । ୩୨ । ଆଶ୍ରମେ—ଆନନ୍ଦରେ । ୩୩ । ବେଗବନ୍ତେ—ଜୁଲୁମରେ, ବାସର—ଦିନ, ସନ୍ଦେଶ—ସମ୍ବାଦ, ଚୀର—ଲୁଗା । ୩୫ । କବଟ—ସାଙ୍ଗୁ, ଭୃତ୍ୟଜନ—ଦାସ, ଅସହନ—ଅସହ୍ୟ । ୩୬ । ଦୁଃଖଧ୍ୱଂସୀ—ଦୁଃଖ ନାଶକାରିଣୀ, ଉଜ—ଶ୍ରେଷ୍ଠ, ବେଢ଼—ଔଷଧି । ୩୭ । ଅନନ୍ତେ—

---

ଜଣ ପାହାଡ଼ର ଶେଷ ସ୍ଥାନରେ ରହିଲି । ତା ପାଇଁ ଅନେକ କଷ୍ଟ ସହିଲି । ବିରହୀ ହୋଇ ବଞ୍ଚିରହିବାରେ ଲାଭ କଣ ? ୩୨ ।

କେଉଁ ସୁଖ ଆଶାରେ ଜୀବନ ରହିବ । ବରଂ ସେହି ଯୁବତୀ ପ୍ରେମରେ ଛାଡ଼ି ଯାଉ । କାମିନୀ ସଙ୍ଗମର ସୁଖରେ ବଞ୍ଚାଇ ନ ଦେଇ କନ୍ଦର୍ପ ଜ୍ୱାଳାରେ ଦଗ୍ଧ ହୋଇ ମରୁଛି ପିନା ? ୩୩ ।

ପତ୍ନୀ ବିଚ୍ଛେଦ କଷ୍ଟ ଏକମାତ୍ର ରାମଚନ୍ଦ୍ରଙ୍କୁ ଜଣା । ତେଣୁ ତାଙ୍କୁ ଜଣାଉଛି । ଏଣିକି ମାତ୍ର ମୋର ମୂଳ ଭାବନା—ମୁଁ କେବେ ଯାଇ ତା ପାଦ ସେବା କରିବି ? ୩୪ ।

ଆଜିକାର ରଜନୀ ନ ସରୁଣୁ ଖୁବ୍ ଶୀଘ୍ର ଏଭଳି ଗୋଟିଏ ଦୂତ ପହଞ୍ଚି ଯାଆନ୍ତା, ସେ କି ବାନ୍ଧବୀର ପିନ୍ଧିବା ଲୁଗା ଓ ସରସ ଖବର ଆଣି ପାରନ୍ତା । ୩୫ ।

ମୋର ତୀବ୍ର ଦୁଃଖ ବିନାଶ କରନ୍ତା ଓ କନ୍ଦର୍ପଶର ଜ୍ୱାଳାକୁ ଶାନ୍ତ କରିବା ପାଇଁ ସାଂଜୁପରି ହୁଅନ୍ତା । ଦାସଜନ ପାଇଁ ସୁନ୍ଦରୀ ଯାହା ନାନା ପ୍ରକାର ଅସହ୍ୟ ଦୁଃଖ ସହିଲା । ୩୬ ।

ଦୁଃଖ ନିବାରିଣୀକୁ ତା'ର ସଖୀମାନେ ପୂର୍ବ ପରି ସୁରତ ସଜରେ ସଜାଇ, ନାନାପ୍ରକାର ସୁଗୁପ୍ତ କଥା କହି, ମୁକ୍ତା ଦଶ ରୂଡ଼ାଇ ମାଳ ଉଜ୍ଜ୍ୱଳ କରି ଦେବେ । ୩୭ ।

କେତେ ଯାତେଣ । ଯାତେଣ ପ୍ରବେଶ ମୋ କରିବେ ଆଣି କି ଗୁଣି ହେଉଛି ଅନେଶେ । ୩୮ । କଟେଣ କର ଦେବା ଗୁମାନ ଗୁଡ଼ିବା ସେହୁ ଦିନ ହରପର । ମଞ୍ଜୁମ ସୁଖେ ଟଙ୍କି ମୁଁ ନ ଜାଣିବି କେବେ ଚନ୍ଦ୍ରମା ଉଦର । ୩୯ । ବିରହେ କଷ୍ଟ ପାଉଛି ଯେତେ ଏହା ହର ଏକ ଚୁମ୍ବନରେ । ନରେନ୍ଦ୍ର ପଦବୀ ପ୍ରଦାନ କରିବ କାନ୍ତସୀ ମୁହୂର୍ତ୍ତକରେ । ୪୦ । କରେ ଏହିରୂପେ ସ୍ଥଳନା ପୁରୁଷ କାଳ ବଟେଣ ସର୍ବଦିଣ । ବଣଇ ନାହିଁ ଉପାୟ ଶମ୍ବରଣ ଭୟେ ଚିନ୍ତା କରେ ଈଶ । ୪୧ । ଈଶ ଅଯୋଧ୍ୟାର ଯୋଦ୍ଧାଙ୍କ ଭୂଷଣ ଦୂଷଣ ତୃଣକୁ ଶିଖୀ । ଶିଖୀ କୁଳୋଦ୍ଭବ ଭଞ୍ଜ କହେ ତାଙ୍କ ଚରଣରେ ଚିତ୍ତ ରଖି । ୪୨ ।

—*—

ସବାକେଳେ । ୩୮ । ଗୁମାନ—ଗର୍ବ, ହରପର—କନ୍ଦର୍ପ । ୩୯ । ନରେନ୍ଦ୍ର-ପଦବୀ—ରାଜପଦ । ୪୦ । ସର୍ବଦିଣ—ସର୍ବଦାଗରେ, ଈଶ—ମହାଦେବ । ୪୧ । ଈଶ—ପ୍ରଭୁ, ଦୂଷଣ—ଏକ ଦୈତ୍ୟ, ତୃଣ—ଘାସ, ଶିଖୀ—ଅଗ୍ନି; ମୟୂର, ଶିଖୀ—ସୂର୍ଯ୍ୟ । ୪୨ ।

ଯଉବନାରୀ ସଖୀ ମଣ୍ଡଳ, ଉତ୍କଳକୃଷ୍ଣ କେଶୀକୁ ପରିହାସ କଥାମାନ କହି କହି ମୋ ପାଖରେ ପହଞ୍ଚାଇ ଦେବା କଥା ମୁଁ ସବୁବେଳେ ସ୍ମରି ହେଉଛି । ୩୮ ।

ଏ ଦିନଟି ଯେବେ ଆସିବ, ସେହିଦିନ କନ୍ଦର୍ପର ଜଣରେ ହାତ ମାରିବା ଗର୍ବ ଛାଡ଼ିଯିବ । ମୁଁ ମହାସୁଖରେ ବୁଡ଼ି ରହି, ଚନ୍ଦ୍ର ସୂର୍ଯ୍ୟଙ୍କ ଉଦୟ କଥା ଜାଣି ପାରିବି ନାହିଁ । ୩୯ ।

ମୁଁ ବିରହ ବେଦନାରେ ଯେତେ ଦୁଃଖ ପାଉଛି ମୋ କାନ୍ତସୀ ତାହା ଗୋଟିଏ ମାତ୍ର ଚୁମ୍ବନରେ ହରଣ କରି ମୁହୂର୍ତ୍ତ ମଧ୍ୟରେ ରାଜପଦ ପ୍ରଦାନ କରିବ । ୪୦ ।

ପୁରୁଷ ଏହିପରି ଜଳ୍ପନା କରୁଅଛି । ଚତୁର୍ଦ୍ଦିଗରେ ତାକୁ ତାର ସ୍ତ୍ରୀ ଦେଖା ଯାଉଥାଏ । କିଛି ଉପାୟ ନପାଇ କନ୍ଦର୍ପ ଭୟ ନିବାରଣ ପାଇଁ ଚିନ୍ତା କରୁଥାଏ ଶିବଙ୍କୁ । ୪୧ ।

ଅଯୋଧ୍ୟା ପତି ରାମଚନ୍ଦ୍ର ଯୋଦ୍ଧାମାନଙ୍କର ଭୂଷଣ ଅଟନ୍ତି । ତୃଣ-ତୁଲ୍ୟ ଦୂଷଣ ରାକ୍ଷସକୁ ଦହନ କରିବା ପାଇଁ ଅଗ୍ନିସ୍ୱରୂପ ଅଟନ୍ତି । ସେହି ରାମଚନ୍ଦ୍ରଙ୍କ ଶ୍ରୀଚରଣରେ ମନୋନିବେଶ କରି ସୂର୍ଯ୍ୟ ବଂଶୋଦ୍ଭବ ଭଞ୍ଜ କହୁଅଛନ୍ତି । ୪୨ ।

—o—

## ଦ୍ୱାଦଶ ଛାନ୍ଦ

[ ବସନ୍ତ-ଋତୁ ଭାବନା ]

ରାଗ—ଶ୍ରେଷି

ବସନ୍ତେ ଭ୍ରମୁ କାନନ ବରସ ବଦନେ ଆନନ ଭାବିଲେ ମୁଁ ମାନ-ଧନ କଲା କି ମୋତେ । ଯାଇ ପଦକୁ ତାହାର ଶିରସ୍ଥଳ କଲି ମୋର ଜାଣି ସେ ହୋଇ କାତର ଭିଡ଼ ଭୁଜରେ । ବୋଇଲା ମନ୍ମଥ ମଦନ । ଏହା ଜାଣି ପ୍ରକାଶ କରୁଛ ଏମାନ । ୧ । ଆହା ରସବନ୍ତୀ ସୁର ଅନ୍ତର ବଦନରେ ଉର ଉପରେ ପଙ୍କଜଫୁଲ ଧରି ଯେ ଥାଇ । ମୋରେ ପ୍ରିୟା ଯେତେବେଳେ ଆସି ଦରଶନ ଦେଲେ ମଲ୍ଲୀ କୁସୁମ ମୁଁ କରେ ଧରି ଦେଖାଇ । ଜାଣି ଭାଷେ କାହା ଆଯୁଞ୍ଜି । ନାରୀ ପୁରୁଷକୁ ଦଣ୍ଡ ଦଇବକୃତ । ୨ । ବୃଷ୍ଟି ସୁଧମା ରଜନୀ ବନେଷ୍ଟି ସୁଧବଦନା

---

ବସନ୍ତେ—ବସନ୍ତ କାଳରେ, କାନନ—ବଗିଚା, ବରସ—ମ୍ଳାନ, ଆନନ—ମୁଖ, ଶିରସ୍ଥଳ—ମୁଣ୍ଡସ୍ଥଳ । ୧ । ସୁଧମା—ନନ୍ଦ କରଣ, ସୁଧମା—ଉଜ୍ଜ-

---

ବସନ୍ତ ଋତୁରେ ଥରେ ମୁହିଁ ଶୁଖାଇ ବଗିଚାରେ ଭ୍ରମଣ କରୁଥାଏ । ମୁଁ ଭାବିଲି ପ୍ରେୟସୀ ମୋତେ ମାନ କଲା କି ? ତେଣୁ ସେଠାକୁ ଗଲି । ମୋ ମୁଣ୍ଡର ସ୍ଥଳକ ତା ପାଦରେ ପକାଇଲି ଅର୍ଥାତ୍ କଣ୍ଠ ନ କରି ମୁହିଁ ତାକୁ କରି ତା ସାମନାରେ ଠିଆ ହେଲି । ଏହା ଦେଖି ସେ କାତର ହୋଇ ମୋତେ ଭୁଜ ଧରିଲା । ତାପରେ କରି କଣ୍ଠ ପଚାରିଲା—"କନ୍ଦର୍ପ ମନ୍ମଥ କି ? ଏହି କଥା ଜାଣି ଏସବୁ ଢଙ୍ଗ ପ୍ରକାଶ କରୁଛ ପର ?" । ୧ ।

ହାୟ ! ସେ ରସବନ୍ତୀ ଯେଉଁଦିନ ହାଣ୍ଡି କାହାର ଅର୍ଥାତ୍ ରକ୍ତମଣି କୁଚ, ସେଦିନ ସ୍ତନ ଉପରେ କୁଚ କୁଡକ ପଦ୍ମଫୁଲକୁ ଧରିଥାଏ । ପ୍ରିୟା ଯେବେ—ଯେଉଁଦିନ ଆସି ମୋତେ ଦେଖାଦିଏ, ସେଦିନ ମୁଁ ହାତରେ ମଲ୍ଲୀଫୁଲଟି ଧରି ଦେଖାଇଦିଏ ଅର୍ଥାତ୍ ଜଣାଇଦିଏ—'କନ୍ଦର୍ପ ଭାଙ୍ଗାଟଣ ମୁଁ ମଲି । ମୋ ମନକଥା ଜାଣି ସେ କହେ, ଏ କଥା ପାଇଁ ଦୋଷ କାହାର ? ସ୍ତ୍ରୀ ପୁରୁଷଙ୍କୁ ଦଣ୍ଡ ଦେବାପାଇଁ ଏ ଦଣ୍ଡ ଦଇବ ଲେଖାଇଛି । ୨ ।

ସୁନ୍ଦରୀ ଉପରେ ନେଇ ଖେପାଇ ଖେପ । ଭଲ ଚତୁର ସୁଚତୁର ଲୁଚେ ଚେଳ ତାଙ୍କର ଅଞ୍ଚଳେ ଯେ ବାନ୍ଧିଥାଇ କର୍ପୂରରଜ । କି ସ୍ୱତ ଏ କୋମଳାଙ୍ଗୀର । କୋଳକେ ଲଗାଇ ଉରେ ଉରଜ ତାର । ୩ । ଧନ୍ୟ ସେ ପ୍ରେମମଞ୍ଜୁଷ ଶୁକ ସାରିକା ପଞ୍ଜରେ ଥିବା ପୂରେ ଏକାନ୍ତ ଯେ ମୋତେ ମୋ ଭୁଲେ । ସଖୀଙ୍କି ଦେବା ସ୍ନେହରେ ରଖିଥାଇ ହାର ଉରେ ଅଙ୍ଗହାର କରେ କେଳିପୁରେ ମିଳିଲେ । ଘଟାଇ ମୋହର ଶପଥ । କି ଦୁଃଖ ବରବର୍ଣ୍ଣିନୀ ଯେମନ ନିତ୍ୟ । ୪ । ପିକ ଉଦ୍ଭବା ସମସ୍ତ ବଲ୍ଲକୀ ବୀଣା ବଜାଏ ବଜାଇ ଦେଖାଇ ଗାଏ ଗୀତ ମଧୁରେ । ଶୁଣି ମୁଁ ଜାଣି ହୃଦୟ ପାଇ କହଇ ଜନସ୍ତୁ କହ ମୂର୍ଖପଣ ଦୋଷ ଲଗାଉ ମୋତେ । ଦାସୀ ଦୋଷ ସେନ କି ହେବ । ଏମନ୍ତ କହିବା ତାର କେମନ୍ତ ଗୁଣ । ୫ । ମାଧବୀମଣ୍ଡପେ ଯେବେ ବାହୁବୀର ତୋଷମନେ ହୃଦୟ

---

ଭଗ, ଚେଳ—ଲୁଗା, କର୍ପୂର ରଜ—କର୍ପୂର ଗୁଣ୍ଡି । ୩ । ପଞ୍ଜର—ଲତା । ୪ ।

---

ସେ ଚନ୍ଦ୍ରବଦନୀ ଯେବେ ଚନ୍ଦ୍ରକିରଣ ପଡ଼ିଥିବା ରଜନୀ ଦେଖି, ତାଙ୍କର ଉପରେ ଖେଳିବା ପାଇଁ ଖେପ ପକାଇଲା । ସେ ଚତୁରର ସୁଚତୁରପଣିଆକୁ ଧନ୍ୟ ଅଟେ । ସ୍ତନକୁ ଲୁଗାରେ ଘୋଡ଼ାଇ କାନିରେ କର୍ପୂରଗୁଣ୍ଡି ବାନ୍ଧିଥାଏ । ସେ କୋମଳାଙ୍ଗୀକୁ କହୁଥିଲା—"ଏ କି ସ୍ୱତ ମ ?" ଏ କଥା ଶୁଣି ସେ ତା ସ୍ତନକୁ ଆଣି ମୋ ଛାତିରେ ଲଗାଇ ଦେଲା । ୩ ।

ସେ ପ୍ରେମ ରୂପକ ଲକ୍ଷଣଯୁକ୍ତ ପ୍ରିୟାକୁ ଧନ୍ୟବାଦ । ଶୁଆ ସାରୀ ଯେଉଁ ଗୃହରେ ଥାଆନ୍ତି, ସେ ଘରେ ମୋ ସଙ୍ଗେ ସୁରତ କରିବାକୁ ମୋତେ ଲଜ୍ଜା ହୁଏ ନାହିଁ । ସଖୀମାନଙ୍କୁ ଦେବାପାଇଁ ସ୍ନେହରେ ଯେଉଁ ହାର ରଖିଥାଏ, କେଳିସଦନକୁ ଆସିଲାମାତ୍ରେ ତାକୁ ବାହାର କରି ମୋତେ ତା ଦେହର ହାର କରିଦିଏ । ମୁଁ ମୁଣ୍ଡ ପୁଣ ପକାଇ କହିବାରୁ କଣ ବୋଲି ସେ ହାର ଗ୍ରହଣ କରେ । ଏହା ଅତ୍ୟଦ୍ଭୁତ ଘଟେ । ୪ ।

କୋଇଲି କୁହୁରବ କଲେ ସେ ଗଛରେ ବସି ବୀଣା ବାଦନ କରେ ଓ ମଧୁର ଗୀତ ଗାଏ । କାହିଁକି ନା ? ଜଡମାନେ ତାକୁ ବୀଣାକଣ୍ଠୀ ବୋଲି କହନ୍ତୁ । ତେଣୁ କୋଇଲି ସ୍ୱରଶ୍ରୁତ ତାର ହିଂସା ଆସେ । ମୁଁ ତା ମନକଥା ଜାଣି ପାଇ ଜନସ୍ତୁରେ କହେ ଜଡମାନଙ୍କୁ ମୂର୍ଖ କହିବା ଦୋଷଟା ମୋତେ ଦେବୁ କି ? ସେତେବେଳେ ତା କଥା କହିବାର ଭଙ୍ଗୀ ବୁଝାପାଏ ନାହିଁ, କହେ—ଦାସୀର ଦୋଷ ଧରିଲେ କଣ ହେବ ? ଅର୍ଥାତ—କହ ଯାହା କେଶିହନ୍ତା ନା ? ୫ ।

ଉପରେ ନେଇ ବସେଇ ଶୁଆଇ । ପ୍ରଶଂସୁ ନାସାମୋତିକ ଜାଣି ଗାଢ଼ ମୋ ଗାତକ ଖସି ଶେଯେ ବସିଲ ଯେ ସେ ରସମୟୀ । ହସିଲ ଏମନ୍ତ ଭାଷିଲ । ପଡ଼ିଥିଲ ପ୍ରମାଦେ ଧଇର୍ଯ୍ୟ ରଖିଲ । ୬ । କହି ମୁଁ ଚମ୍ପାଚଉଁରୀ ଦେଲ ସେ ଶମ୍ପାଙ୍ଗନା ମୋ ହସ୍ତକମଳରୁ ଯେଣୁ ନ ଦେଲେ ଶିରେ । ମୁଁ କହେ ଏମନ୍ତ ଶଙ୍କାମାନଙ୍କୁ ପଦ୍ମକୁ ପକା ନଗାନ ବନା ତୋହର ଏ ମୋ ସଂସାରେ । ଶୁଣି କହେ ପ୍ରତି-ଉତ୍ତର । ଏତ୍ତ ଅବଧାନ ଥିବା ଲୋଡ଼ା ମୋହର । ୭ । ତହୁଁ ସେ ନବମାଳିକା ହସି ସିଞ୍ଚି ବାଳିକା ସ୍ତ୍ରୀକରେ ଦେଇ କହିଲି ଶମ୍ବୁକ ଧରି । ମଦନ ମନୋହାରୀରେ ଛୋଟ ଜଳକୁ ହାତରେ ଗ୍ରହଣେ ଚଞ୍ଚଳ ହେଲା ନେତ୍ରଶଫରୀ । ବୋଧିଲି ମୋହର ମନକୁ । ପଦ୍ମ କର ତରୁଣୀ ତରଣି ଆଡ଼କୁ । ୮ । କନ୍ଦୁକମୂକ ଲୁଣ୍ଠିରେ ତହେଁ

---

ମାଧବୀ ମଣ୍ଡପ—ମାଧବୀ ଲତାରେ ନିର୍ମାଣ ହୋଇଥିବା ଲତାଗୃହ, ପ୍ରମାଦ—ବିପଦ । ୬ । ଚମ୍ପାଚଉଁରୀ—ଚମ୍ପାଫୁଲର ଗୁନ୍ଥା ମାଳା, ଶମ୍ପା—ବିଜୁଳି, ଅବଧାନ—ଆଦେଶ । ୭ । ନବମାଳିକା—ନିଆଳୀ ଫୁଲ, ଶମ୍ବୁକ—ଓଷ୍ଠ, ମଦନ ମନୋହାରୀ—ରତି, ନେତ୍ରଶଫରୀ—ନେତ୍ର ରୂପକ କ୍ଷୁଦ୍ର ମୀନ, ତରଣି—ସୂର୍ଯ୍ୟ । ୮ । କୁଣ୍ଠୀନ

---

ତହେଁ ମାଧବୀ ଲତାରେ ନିର୍ମାଣ ହୋଇଥିବା ମଣ୍ଡପରେ କାନ୍ତାକୁ ସନ୍ତୋଷ ଚିତ୍ତରେ ବଳ ପ୍ରୟୋଗ ପୂର୍ବକ ନେଇ ଗୃହ ଉପରେ ଶୁଆଇଲି । ତା ନାସା-ମୁକ୍ତାକୁ ପ୍ରଶଂସା କରିବାରୁ ମୋ ମନକଥା ବୁଝି ନେଲ ଓ ମୋ ଗୃହ ଉପରୁ ଖସି ଶେଯରେ ବସିଲ ଏବଂ ରସମୟୀ ହୋଇ ହସି ହସି କହିଲ—ମୁଁ ଯେଉଁ ପ୍ରମାଦରେ ପଡ଼ିଥିଲି, ସେଥିରୁ ମୋତେ ବିଧାତା ରକ୍ଷାକଲ । ୬ ।

ସ୍ତ୍ରୀ ମାନେ ଜୁଡ଼ାରେ ଚଉଁରୀ ବାନ୍ଧନ୍ତି । ତେଣୁ ସେ ଚମ୍ପାଗୋରୀ ମୁଣ୍ଡରେ ବାନ୍ଧିବା ପାଇଁ ଚମ୍ପା ଫୁଲରେ ଚଉଁରୀ ଗୁନ୍ଥି ତାକୁ ଦେଲି । ସ୍ନେହରେ ସିନା ମୋଠାରୁ ନେଲା, କିନ୍ତୁ ମୁଣ୍ଡରେ ବାନ୍ଧିଲା ନାହିଁ । କାରଣ—ଭ୍ରମର ଚମ୍ପା ଫୁଲକୁ ଅନାଦର କରେ । ପୁରୁଷ ତ ଭ୍ରମର ପରି । ଚମ୍ପାଫୁଲ ମୁଣ୍ଡରେ ବାନ୍ଧିଲେ ଯଦି ଅନାଦର କରନ୍ତି । ତାର ଏପରି ଭୟ ଆସିବା ଦେଖି, ମୁଁ କହିଲି—"ଏଭଳି ବୃଥା ଭୟ ପଦ୍ମକୁ ପକାଇଦେ । ତୋ ବିନା ସଂସାରରେ ମୋର କେହି ସାହା ନୁହେଁ । ଏ କଥା ଶୁଣି ସେ କହିଲା—"ମୋର ଏତିକି ମାତ୍ର ଆଦେଶ ଲୋଡ଼ା ଥିଲା" । ୭ ।

ତହେଁ ନିଆଳି ଫୁଲର ଗଜରା ମାଳଟିଏ ଗୁନ୍ଥି ସେ ବାଳୀ ହାତରେ ଦେଲି ଓ ଓଷ୍ଠଧରି କହିଲି—ଏ ହାସକୁ ରତି ରସରେ ସନ୍ତୋଷ କରିବୁ । ଏ

ଯେ ବେଳ-ଆଶ୍ରମେ ପକ୍ୱଚୂତ ଚୟ କରିଦେଲ ଧନକୁ । ପ୍ରଶଂସା କରନ୍ତେ ସଖୀ ହସ୍ତ ବଳା ବୋଲି ଲଜ୍ଜା ସ୍ତନ ଛୁଇଁବା ମାତ୍ରକେ ଆଣି ମନକୁ । ସେ ଲଜ୍ଜା ପାଳେଣ ହୋଇଲା । କାନ୍ତ କଥା କାନ୍ତିରେ ଲଗାଅ ବୋଇଲା । ୯ । ତହିଁ ଯେ ବେନ ବନିତା ଲଲାଟେ ଚନ୍ଦନଛଟା ମଧ୍ୟରେ ଦେଲା ସୁନ୍ଦର ସିନ୍ଦୂରବିନ୍ଦୁ । ମୁଁ ବୋଇଲି ଅଦ୍ଭୁତ ଦେଖିଲି ପୂର୍ଣ୍ଣମୀର ଚନ୍ଦ୍ରିକା ସେ ବନ୍ଦ କରି ବଦନଚନ୍ଦ୍ର । କହିଲା କାହାର କି ଯିବ । ଅନଙ୍ଗ ରାଜାଙ୍କୁ ସିନା ଅଶୁଭ ହେବ । ୧୦ । ରତି ପିଚକା ନେତେ ଲୁଚାଇ ମୁଁ ଏକବେଳେ ଡାକିଲି ପାଶକୁ ଆସ ଆରେ ଅବଳା । ସଙ୍ଗୀତ-ପଠିମା ବାଳା ଭଙ୍ଗିତ ଯୌବନ ବଳା ଝମକାଇ ଆସି ହୃଦେ ଭିଡିଲା ଗଳା । ଆହୁରି ପୀଡ଼ିଲା ରଦନେ । ତନ୍ତ୍ରକୁ କାତର ମୁଁ ନଥ ହେଲି ମଦନେ । ୧୧ ।

---

—କୁଟୀର, ଆସନ—ବସିବା । ୯ । ପଠିମା—ପଟେଶରତା ନାରୀ । ୧୧ ।

---

କଥା ଶୁଣି ସେ ଆଖିଠାରା ଦେଖାଇ ସୂର୍ଯ୍ୟ ଆଡକୁ ପିଠି ଦେଲା ଏବଂ ମୋତେ ଦୋଷ ଦେଲା । ୮ ।

ତହିଁ ବକୁଳ ଗଛ ମୂଳ କୁଡ଼ିଆ ପାଖରେ ଥିବା ଗୀଡ଼ା ଆସନରେ ପଡିଲା ଆମ୍ବଟିଏ ଖସି ଧନକୁ ମୋର ଦେଲି । ସେ ଆମ୍ବ ଖଣ୍ଡିକୁ ଦେଖି ସଖୀ ମୋର ପ୍ରଶଂସା କରିବା ଶୁଣି ମୁଁ ମୋ ହାତ ଚମତ୍କାର ବୋଲି କହି ତା କୁଚକୁ ଅନାଇବାରୁ ସେ ମନକୁ କଥା ବୁଝି ଆଣି ଲଜ୍ଜିତ ହୋଇଗଲା ଏବଂ କହିଲା—କେଉଁ କଥା ନେଇ କେଉଁଠି ଲଗାଉ । ୯ ।

ତହିଁ ମୋ ସ୍ତ୍ରୀ ତା କପାଳରେ ଚନ୍ଦନ ଲଗାଇ ତା ମଧ୍ୟରେ ସିନ୍ଦୁର ଟୋପାଟିଏ ଦେଲା । ମୁଁ କହିଲି—ପୂର୍ଣ୍ଣମୀର ! ଉପରାଗ ହେବାର ଦେଖିଲି । ଏଥିପାଇଁ ସେ ମୁଖଚନ୍ଦ୍ର ବନ୍ଦ କରି କହିଲା—"ଏଥିରେ କାମରାଜାଙ୍କ ସିନା ଅଶୁଭ ଘଟିବ । ଆଉ କାହାର କଣ ଯିବ କି ? ୧୦ ।

ତହିଁ ଚନ୍ଦନ ପିଚକାରୀ କରି ଲୁଚାଇଲି । ଯୋଷାବରକୁ ଡାକିଲି ପାଖକୁ ଆସ ବୋଲି । ସଙ୍ଗୀତ ପଢ଼ୁଥିଲା ସେ । ମୋ ମନ କଥା ଜାଣି ଯାଉ ହାତ ବଳୟ ବଜାଇ ଆସି ମୋ ଗ୍ରୀବାରେ ଗଳା ଲଗାଇ ଭିଡିଲା ଓ ଦନ୍ତରେ ମୋ ଗାଲକୁ ପୀଡ଼ାଦେଲା । ମୁଁ କନ୍ଦର୍ପ ଜ୍ୱାଳାରେ କାତର ହୋଇ ପଡିଲି । ୧୧ ।

ତେବେ ମୁଁ ଅଧର ପାନ କରି କହିଲି ଜୀବନ ଜାମଦମ ଭୟୁ ଭିନ୍ନ ହେଲା ମୋ ମନୁ । ତଦନ୍ତ ନୁହଇ ମୃତ୍ୟୁ ମୋତେ ସେ ମିଳବ ନାହିଁ ଏମନ୍ତ ପ୍ରତିବଚନ କଲା ସୁତନୁ । ମୁଁ କହିଲି ଶ୍ରୀମୁଖ ଚନ୍ଦ୍ର । ସେନାସେନ କଥା ଏହୁ ବୋଲୁଛୁ ଧୀର । ୧୨ । ଅଶୋକ କୁସୁମ ତୋଳେ ତେବେ ଥିଲି କରତଳେ ପ୍ରବେଶି ମୁଁ ବେଣୀ ବେଳେ ଦେଲି ତା ଶିରେ । ସବୁବେଳେ କି କରିବ କହିଲା ଏମନ୍ତ ହେବ ବୋଲି ପ୍ରତିପାଳନ୍ତ ଜୀବ ଥିବାରେ । ଭଲ ସେ ରସିକା ସୁମନା । ସରିବ କି ତାହା ଭାବ ଭଲେ ଭାବନା । ୧୩ । ଏବେ ଯେବେ ଚିତ୍ତୋଇବ ଏ କଥା ସ୍ମର ଚେତନ ମନେ ଏତା ବରିଷିବ ଅନୁକ୍ଷଣରେ । ମୋ ଉରଜ ସଙ୍ଗଗୁଣ କାନ୍ତ ହୃଦୟ ପ୍ରମାଣ କଲା କି ଉଦୟ ଆଣି ଏତେ କାଳରେ । ଫୁଲଶର ଉପୁଡ଼ିଥିବ । ଆଉ କପାଇଁ ମୋ କଥା ମନେ ପଡ଼ିବ । ୧୪ । ଚନ୍ଦ୍ରମା ସୁନ୍ଦରଣେ ନନ୍ଦା ସେ ସୁନ୍ଦରଣେ କରୁଥିବ

---

ଜାମଦମ—ଶମନରୂପୀ କନ୍ଦର୍ପ, ଭିନ୍ନ—ଅଲଗା, ସେନାସେନ—ପାଗଳା ପାଗଳ । ୧୨ । ପ୍ରତିପାଳନ୍ତ—ମାନୁଥିବ । ୧୩ । ଚିତ୍ତୋଇବ—ମନେ କରିବ । ୧୪ ।

---

ତେବେ ତା ଓଷ୍ଠାଧାରରେ ଚୁମ୍ବନଟିଏ ଦେଇ କହିଲି—କନ୍ଦର୍ପ ଶମନ ଭୟ ମୋ ମନରୁ ଅଲଗା ହୋଇଗଲା । ଅର୍ଥାତ୍ ଯମ ଭୟ ମୋତେ ଆଉ ଲାଗିବ ନାହିଁ । ଅମୃତ ଖାଇଲେ ଲୋକ ଅମର ହୁଏ । ଏଣୁ ସେ କହିଲା— "ଚନ୍ଦ୍ରଠାରେ ସିନା ଅମୃତ ଥାଏ । ମୁଁ ତ ଚନ୍ଦ୍ର ନୁହେଁ । ମୋଠାରେ ଅମୃତ ଆସିବ କୁଆଡ଼ୁ ? ମୁଁ କହିଲି "ତୋ ଶ୍ରୀମୁଖ ଯେ ଗୋଟିଏ ଚନ୍ଦ୍ର । ସେ କହିଲା —ଏସବୁ ପାଗଳା ପାଗଳ କଥା । ୧୨ ।

ତେବେ ସେ ବେଣୀହେଲା ବେଳେ ମୁଁ ପହଞ୍ଚିଲି, ଅଶୋକ ଫୁଲ ତୋଳିଟିଏ ହାତରେ ଧରି । ଫୁଲ ଟେଣ୍ଡାଟିଏ ତା ମୁଣ୍ଡରେ ଖୋଷି ଦେବାରୁ ସେ କହିଲା— "ସବୁବେଳେ ଏମିତି ଖୋଷୁଥିବ କି ?" ତାର ଏ ଭାବ ଦେଖି ମୁଁ କହିଲି "ନିଃସ୍ଥ, ପ୍ରାଣ ଥିବାଯାଏ ଏ କଥା ପ୍ରତି ପାଳନ କରିବି ।" ସେ ରସିକ ନାରୀକୁ ଧନ୍ୟ । ତା କଥା ଯେତେ ଭାବୁଥିଲେ ମଧ୍ୟ ସରିବ ନାହିଁ । ୧୩ ।

ଆମ୍ଭ ଦୁହିଙ୍କର ଏହି ସମସ୍ତ କଥା ଯେବେ ସେ ମନେ ପକାଇବ, ତେବେ ପ୍ରାଣ ତାର ପିଣ୍ଡରେ ରହି ପାରିବ ନାହିଁ । ସଦାସର୍ବଦା ଭାବିବ, ମୋ କୁଚ କଳସ ସଙ୍ଗେ ସ୍ୱାମୀଙ୍କ ହୃଦୟ ମିଶିବା କଥା ଏତେଦିନ ପରେ ଆସି ଯୁଟି ଗଲାକି ? ମୋ କୁଚ ମନ୍ଥନ ଅଭାବରୁ ଯେପରି କଠିନ, ତାଙ୍କ ହୃଦୟ ବି ଆଲିଙ୍ଗନ ଅଭାବେ ସେହିପରି କଠିନ୍ ହୋଇଛି । କନ୍ଦର୍ପ ଫୁଲ ଶର କଣ ସେଥିରେ ପଶି ପାରିବ ? ବାଣଗୁଡ଼ିକ ଉପୁଡ଼ି ଯାଇଥିବ । ମୋ କଥା ଆଉ ମନେ ପଡ଼ିବ ନାହିଁକି ? ୧୪ ।

ମନେ ମନେ ଚନ୍ଦ୍ର ଗଞ୍ଜସି । କି ଶ୍ରେଣୀ କୁମ୍ଭସମ୍ଭବ ବେଳେ ହେଳେ ବୋଳୁଥିବ ନ ମରି ଅଛୁ ମୁଁ ଶୁଣି ଏହା ସୁମରି । ନେତ୍ର-ନଗ୍ନ-ମଦରେ [illegible] । ସାଙ୍କେବନ ହରଷକୁ ସରସମୁଖୀ । ୧୫ । ଦେଖିବାରେ ପ୍ରିୟାଶୋଭା ଆଖି ହୋଇଥାଇ ଲୋଭି ଯୋଖି ହୋଇଥାଇ ଦେବତାଙ୍କ ସଙ୍ଗରେ । ଲଭି ସେ କଲିସି ଶ୍ବାସ ଶ୍ବସନକୁ ଉର୍ବୀ ବାସ ଭଳି କରିଥିଲି ଇନ୍ଦ୍ର ସ୍ତବ ଅନ୍ତରେ । ବାଳସି ମୋ ଦୟାଳୁମତି । ଶତ୍ରୁକୁ ଶରଣ ଦେଲି ବ୍ୟଞ୍ଜନେ ଆଣି ।୧୬। ଛାଣି ନ ପାରିଲି ଛନ୍ଦ ଏ ଭାଳକୁ ନେଲି ମନ

---

ସୁତରଣଦେ—ଉତ୍ତମ ଦର୍ଶନରେ । ସୁତରଣଦେ—ସୁଦର୍ଶନ ଚକ୍ରରେ, ଚନ୍ଦ୍ରଗଞ୍ଜସି—ଚନ୍ଦ୍ର ଗର୍ବ ଶୋଷି, କୁମ୍ଭସମ୍ଭବ—ଅଗସ୍ତି, ସାରସମୁଖୀ—ପଦ୍ମମୁଖୀ । ୧୫ । ଶ୍ବାସ ଶ୍ବସନ—ନିଃଶ୍ବାସ, ବାୟୁ । ୧୬ । ହରହାର—ସର୍ପ, ଜାଙ୍ଗଳିକ—ବେଦିଆ,

---

ଚନ୍ଦ୍ରଗର୍ବ ରୂପ-ଶୋଷି ଚନ୍ଦ୍ରକୁ ଉତ୍ତମ ରୂପେ ଅନାଇ ସୁଦର୍ଶନଚକ୍ରକୁ ମନେ ମନେ ଶ୍ରଦ୍ଧା କରୁଥିବ । କାରଣ ସେ ଯଦି ସୁଖଶିଆ ସମୁଦ୍ରକୁ ଶିରଚ୍ଛେଦନ କରି ନଥାନ୍ତା, ଏ ଚନ୍ଦ୍ର ଥାଆନ୍ତା କାହିଁକି ? ଅଗସ୍ତି ମୁନି ବି ଅଦ୍ଭୁତ । ସାଗର ଶୋଷିଲାବେଳେ ସେ ଯଦି ଚନ୍ଦ୍ରକୁ ନିଜ ଗର୍ଭସ୍ଥ କରି ଦେଇ ଥାନ୍ତେ, ତେବେ ପୃଥିବୀରୁ ଏହାର ସତ୍ତା ଲୋପ ହୋଇଥାନ୍ତା । ବିଚ୍ଛେଦୀ ଲୋକମାନେ ତାଙ୍କୁ ଦେଖି ଆଉ କଷ୍ଟ ପାଇ ନଥାନ୍ତେ । ଶୁଣି ସମସ୍ତେ ସମସ୍ତେ ଜଳୁଥିବ ଏତେ ଦୁଃଖରେ ନମରି ଯାଇ ମୁଁ ବଞ୍ଚିଛି ? ସେ ସରସ ମୁଖୀ ତା ହରଷକୁ ନେତ୍ର ନଗ୍ନ ଜଳରେ ବୁଡ଼ାଇ ସାଙ୍କେବଣି ଅର୍ଥାତ ବଞ୍ଚିବାର ବାଟ ବାଟ ଅସ୍ଥିର ହେବଣି । ୧୫ ।

ପ୍ରାଣପ୍ରିୟାର ସୌନ୍ଦର୍ଯ୍ୟ ଦେଖିବାକୁ ମୋ ଆଖି ଲୋଭୀ ହୋଇଥିବାରୁ ମୁଁ ଭାବେ ଦେବତାମାନଙ୍କ ଆଖିରେ ଯେପରି ପିଚ୍ଛଡ଼ା ପଡ଼େନାହିଁ, ମୋ ଆଖି ସେହିପରି ହେଲେ ମୁଁ ଅପଲକ ଆଖିରେ ଦେଖୁଥିବି । କଳିଯାର ନିଶ୍ୱାସ ପବନକୁ ଉତ୍ତମ ଗନ୍ଧ ଅନୁଭବ କରି ମୁଁ ପୂର୍ବରୁ ଇନ୍ଦ୍ର ସ୍ତବଚନ୍ତ୍ର ବଢ଼ିଆ କାମ କରିଥିଲି । ପବନକୁ ଅଦେବ୍ରଣ ଖଣ୍ଡ କରି ହାଣି ଦେଇଥିଲି । ମୋ ପ୍ରିୟା ଦୟାଳୁପଣରେ ଇନ୍ଦ୍ରର ଶତ୍ରୁକୁ ଆଣି ବକ୍ଷଣାରେ ଶରଣ ଦେଇଛି । ୧୬ ।

ଛନ୍ଦ ଛାଣି ନ ପାରିବାରୁ ଏବେ ମନ ବଳିଲା । ସେ ଭରତରେ ଜଣ୍ଡୁ ପାଉଥିବାରୁ ସଖୀମାନେ ଜାଙ୍ଗଳିକ ଆଣି ତାର ଶୁଶ୍ରୂଷା କରୁଥିବେ । ବେଣୀ ଭଙ୍ଗିରେ ତା ସବୁ ଶୁଭ ଦିଶୁଣି । ତାକୁ ଦେଖି ଭ୍ରମରେ ସେ ସର୍ପ ବୋଲି ଭାବୁଥିବ; ମାତ୍ର ସେମାନେ ତ ପବନ ଆହାର କରନ୍ତି । ଏଠାରେ କର୍ଣ୍ଣ ଓ ହୋଇ ଉତ୍କଣ୍ଠ

ମୃଣାଳେ କି ପୂରିଥିବ ପୁଷ୍ପ ବାଜାର । ଭ୍ରମ ହେବାରୁ ତାହାର ଆହାର ଏ ହର-ହାର ନ କରନ୍ତୁ ମୋପରି କି ବ୍ୟାଧି ଗ୍ରସ୍ତର । ଡାକନ୍ତେ ହଣ କପର୍ଦ୍ଦୀ । ବୋଲକ ବୁଲି ଆଣନ୍ତୁ ଆନ ସମୀରଣ । ୧୭ । କେତକୀ ଦଳକୁ ସ୍ମରୁ ଯବେ କରନ୍ତୁହେ ଛିନ୍ନ ଭୁଜଙ୍ଗ ନେଷ୍ଟ ଭଙ୍ଗରୁ ଜାଣି ମୁଁ ଧୀରେ । ଦୋଷାଇଲ ଯେ ଅନୁଗତ ତାକୁ ଦଣ୍ଡିବା ଉଚିତ ଦେଖି ମୁଁ ଡରୁଛି ଶୁଣି ଯୋଜିଲା ଶିର । ଏବେ ସେହି ପୂର୍ବ ସ୍ମରିବ । ଦର୍ଶନେ ଜାଣିଣ ଶତଗୁଣେ ଶୁଝିବ । ୧୮ । ଉତ୍ତର ଗମନ କାଳେ ଦେଇଛି ମୁଁ ମୋତି ମାଳେ ମୋ ପ୍ରୀତିରୁ ଥିବ ଗଳେ ଲମ୍ବ କେଶରେ । ରସବନ୍ତୀ ଖୁନ୍ତିଭରେ ଖୋଜି ନ ପାଇ କେଶରେ ତୋଳାଇ ଅଣାଉଥିବ ନାଗକେଶରେ । ଅସର କାମର ଯାମିନୀ । ଯୁବାକାଳେ ଏ ଦଶା ପାଇଲି କାମିନୀ । ୧୯ । କି ସଶ୍ରୁରୁ ଦେଖ ସେହି

କପର୍ଦ୍ଦୀ—ଗରୁଡ଼ । ୧୭ । କରନ୍ତୁହ—ନଷ୍ଟ । ୧୮ । ଅସର—ନ ସହିବା । ୧୯ ।

ଜାଣିବ ? ମୋର ପର ତାଙ୍କର କଣ ସ୍ନେହ ଜନ୍ମିଲାଣି ? କେହି ଓ ଗୁଣିଆମାନଙ୍କୁ ଡକାଇ ଗରୁଡ଼ ହଣ । ସେମାନେ ବୁଲି ବୁଲି ଅନ୍ୟ ଭଲ ସାପମାନଙ୍କୁ ଧରି ଆଣନ୍ତୁ । ସେମାନେ ଆସି ଏ ପବନକୁ ଆହାର କରନ୍ତୁ । ୧୭ ।

ଯେବେ ରମଣୀମଣି କର-ପଦ୍ମ ଦ୍ୱାରା କେତକୀ ଦଳକୁ ଛିଣ୍ଡୁଥିଲା ବେଳେ ତା ଭୁଜଙ୍ଗ ନେଷ୍ଟ ବକ୍ଷ ଦେଖି ମୁଁ ବୁଝି ପାରିଲି, ସେ ରାଗ ହୋଇଛି । ତେଣୁ କହିଲି—"ଅନୁଗ ଜନକୁ ଦଣ୍ଡ ଦେବା କଣ ଉଚିତ କି ? ତୋର ଏଭଳି ଭାବ ଦେଖି ମୋତେ ଭୟ ହେଉଅଛି । ଏ କଥା ଶୁଣି ସେ କେତକୀଫୁଲକୁ ପୁଣି ମୁଣ୍ଡରେ ଖୋସିଲା । ବର୍ତ୍ତମାନ ସେହି ପୂର୍ବ କଥା ତା ମନେଥିବ । ବସନ୍ତ ସମୟ ହୋଇଛି । ବହୁତ କେତକୀ ଫୁଲ ବି ଫୁଟିଥିବ । ତାକୁ ଦେଖିଲାମାତ୍ରେ ପୂର୍ବର ଦଣ୍ଡ କଥା ନିଶ୍ଚେ ତାର ମନେ ପଡ଼ିଯିବ । ତେଣୁ ସେ ଉଚିତ ବଢ଼ି ସେଦିନର ଦଣ୍ଡକୁ ସୁଝାଇବା ପାଇଁ ମୋତେ ଗ୍ରହ ବିଦେଶରେ ରଖିଲେ । ତେଣୁ ମନରେ କଷ୍ଟ କରୁଥିବ । ୧୮ ।

ବିଦେଶକୁ ଆସିବାବେଳେ ମୁଁ ତାକୁ ମୋତି ମାଳାଟିଏ ଦେଇ ଆସିଥିଲି । ନିଶ୍ଚୟ ସେ ମୋ ସ୍ନେହଯୋଗେ ଗଳାରେ ଲମ୍ବାଇଥିବ । ଯେତେବେଳେ ଉତ୍କଣ୍ଠିତ ଜନିତ ମନ ତାର ବାଉଳା ହେଉଥିବ, ସେତେବେଳେ ଉକ୍ତ ହାର ମାଳା କାଢ଼ି ବୋଲି ମୁଣ୍ଡ ବେଣୀରେ ଖୋଜୁଥିବ । ନ ପାଇବାରୁ ସଖୀଙ୍କୁ ପଠାଇ ନାଗେଶ୍ୱର ଫୁଲ ଗୁଡ଼ାଏ ତୋଳାଇ ଆଣୁଥିବ କିନା ? ଜନ ଗତି ସବୁ ନଥିବ ତାର । ପ୍ରଭୁଙ୍କ ଈର୍ଷ୍ୟା ହେତୁ ଯୌବନ କାଳରେ ଯାମିନୀ କଠିନ ଦୁଃଖ ପାଇଲା । ୧୯ ।

ବୋଲି ଦର୍ପଣ ଦେଖାଇ ଦେଉଁ ସଖୀ କପୋଳେ ପୁଲକ ପୂର୍ଣ୍ଣଲେ । ଝୁଣ୍ଟି ଚମକ ଶୋଚନା ରଚନା ମୃଗଲୋଚନା କରି ଭଙ୍ଗି ଗାରକୁ ଗଣିବ ଚଳିଲେ । ବସ୍ତୁରକ ହେଲା ଅଦ୍ଭୁତ । ହରଷ ବିରସ ସମ ହେବ ଉଦିତ । ୨୦ । ଯୁବାଭାବେ ଯାହା ଘଟେ ଏ ମଧୁ ମାଧବମାସେ ଯୁବତୀମଣି ନ ବସେ ଧିକ ତା ଜୀବ । ତା ପର ନ କରି ମାର କାର୍ତ୍ତିକ ବୋଲାଇ ସାର ଏ ରୂପେ ରସିକବର ଭାବର ଭାବ । ରାମଚନ୍ଦ୍ର ପଦ ଗୁଣିଲେ । ଉପେନ୍ଦ୍ର ଭଞ୍ଜ ସାରବର ଭଣିଲେ । ୨୧ ।

—o—

ଶୋଚନା—ଚିନ୍ତା, ଗାରୁ—ଦାଗ, ମୃଗଲୋଚନା—ହରିଣନେତ୍ରୀ, ଭଙ୍ଗି—କାନ୍ତି । ୨୦ । ମଧୁ—ସୁନ୍ଦର, ମାଧବ ମାସେ—ବୈଶାଖ ମାସରେ, ରାମଚନ୍ଦ୍ର ପଦ—ଶ୍ରୀରାମ ଚରଣ, ଗୁଣିଲେ—ଚିନ୍ତିଲେ, ଭଣିଲେ—ଶେଷ କଲେ ; ପୂରଣ କଲେ । ୨୧ ।

ଅରେ ଅରେ ତା କପୋଳପ୍ରଦେଶକୁ ଦର୍ପଣ ଦେଖାଇ ମୁଁ କହେ— ଦେଖିଲୁ ସଖୀ, ଏ କଣ ଦିଶୁଛି ? ସେତେବେଳେ ତା ଦେହରେ ପୁଲକ ପୂରି ଉଠିଲେ ମୃଗନେତ୍ରୀ ଅଜାଇ ଦେଇ ଚମକ ଉଠେ । ମନରେ ତାର ଶୋଚନା ବି ଆସେ । କାନ୍ତରେ ସେ ଯେଉଁ ଗାରଗୁଡ଼ିକ ଟାଣି ଥାଏ, ତାକୁ ଗଣି ଚଳାଇବ । ଉଭୟ ଏ ତ ପୁଣି ଅଦ୍ଭୁତ କଥା ହେଲା । ତା ପରେ ତା ମନରେ ଦୁଃଖ ଯେତିକ ହେବ, ସୁଖ ବି ସେତିକ ହେବ । ୨୦ ।

ଯୌବନ ସମୟରେ ଓ ସୁନ୍ଦର ବୈଶାଖ ମାସରେ ଯାହା ନିକଟରେ ଯୁବତୀମଣି ନ ବସେ, ତା ଜୀବନକୁ ଧିକ । କନ୍ଦର୍ପ ତା'ର ମାର ନାମ ସାର୍ଥକ କରି ଅର୍ଥାତ୍ ମାରି ନ ଦେଇ ମିଛଟାରେ ସାର ବୋଲାଉଛି କାହିଁକି ? ରସିକ କବି ଏହିପରି ଭାବୁଛି । ଶ୍ରୀରାମଙ୍କ ଶ୍ରୀଚରଣ ଧ୍ୟାନ କରି ଉପେନ୍ଦ୍ର ଭଞ୍ଜ ସାରବର ଏ ଛାନ୍ଦଟି ପୂରଣ କଲେ । ୨୧ ।

—o—

## ତ୍ରୟୋଦଶ ଛାନ୍ଦ

[ ବର୍ଷାଋତୁରେ ରସିକ ହାରାବଳୀର ଭାବନା ]

ରାଗ—କାଳୀ

ହରିଣୀଦୃଶା କାଳସଦୃଶା ବରଷାକାଳ ଏହି । ଏରେ ଭାବଇ ଘନକୁ ଦୂତ କରିବ ଯାଇ ମୁହିଁ । କାନ୍ତ ବିଦେଶୀ ମୋତେ ଉଦ୍ବେଗି ବେଦନା ପାଉଥିବେ । ଦେବି ସନ୍ଦେଶ ବେଗ ସ୍ୱଦେଶ ଆସନ୍ତୁ ପ୍ରିୟ ଏବେ । ୧ । ମୋହର ବାଳା ପ୍ରାଣେ ନଯାନା ଅଛି କି ଏ ଭାବରେ । ଆଣ୍ଡୁଦୟା ଜାଣି ସେ ଦୟା ଛାଡ଼ନ୍ତି ନାଥ ମୋରେ । ସେ ତ ନାଗର ରସସାଗର ଏବେ ଚକିବେ ନାହିଁ । ମୋର ଦର୍ଶନ ଅଭାବେ ନାଶନ ହେଉଛି ବୋଲି ସଖି । ୨ । କେତେ ସୁବଶ ସୁରସବତୀ ତାଙ୍କୁ ନ ମିଳୁଥିବେ । ମଦନମନ୍ତ୍ରେ କାହିଁକି ମତେ ଭଳେ ସେ ସୁମରିବେ । ମୁଁ କି ତାଙ୍କର ରସିକେ ତୁଳ ନାହିଁ ତାଙ୍କ ପ୍ରୀତିରେ । ଯେତେ ସୁମନ ମିଳିଲେ ମନ ଭୃଙ୍ଗର ମାଳତୀରେ । ୩ । ରବି ନଳିନ ହେଲେ ମଳିନ ପ୍ରାତେ କି ନ ଫୋଟନ୍ତି । କାମୀ

---

ହରିଣୀଦୃଶା—ମୃଗନୟନୀ, କାଳ ସଦୃଶା—ଯମତୁଲ୍ୟା, ଦୂର—ଦୂତ, ଉଦ୍ବେଗି—ସ୍ନେହ, ଚିନ୍ତାକରି, ବେଦନା—ବ୍ୟଥା, ସନ୍ଦେଶ—ବାର୍ତ୍ତା । ୧ । ଆଣ୍ଡୁଦୟା—କଠିନମନା, ଚକିବେ—ସାବଧାନ ହେବେ, ନାଶନ—ମୃତ୍ୟୁ

---

ଯମ ସଦୃଶ ବର୍ଷାକାଳ ଦେଖି ମୃଗନୟନୀ ଭାବୁଛି ଚିନ୍ତା କରୁଛି, ଏହି ବର୍ଷାକୁ ମୁଁ ଯାଇ ଦୂତ କରି ପଠାଇବି । ମୋ ବିଦେଶୀ କାନ୍ତ ମୋ ପାଇଁ ଚିନ୍ତା କରି ବ୍ୟଥା ପାଉଥିବେ । ସ୍ୱଦେଶ ଶୀଘ୍ର ଆସନ୍ତୁ ବୋଲି ମୁଁ ବାର୍ତ୍ତା ପଠାଇବି । ୧ ।

ସେ ନଯାନା ନାଶ ତାଙ୍କ ଏହା ଜୀବନରେ ଅଛି କି ? ଏହା ଭାବିବ କରି ମୁଁ କଠିନପ୍ରାଣା ବୋଲି ମୋଠାରୁ କାହିଁକି ଦୟା ଛାଡ଼ନ୍ତି ? ସେ ତ ରସ ସମୁଦ୍ର ପରି ନାଗର । କଣ ଅନ୍ତର ମଧ୍ୟରେ ବୁଝିବେ ନାହିଁ ? ମୋ ଦର୍ଶନ ଅଭାବରୁ ସଖି ମୋର ମୃତ୍ୟୁ ସମାନ ଦୁଃଖ ପାଉଛି ବୋଲି ? ୨ ।

ତାଙ୍କୁ କଣ ଉତ୍ତମ ରସବତୀ ତରୁଣୀ ମିଳୁ ନ ଥିବେ ? କାମାତୁର ହୋଇ ସେ କାହିଁକି ଆଉ ମୋତେ ଖୋଜିବେ ? ପୁଣି ଭାବିଲା, ମୁଁ ଏ କଥା କଣ ଭାବୁଛି ମ କାମିନୀଙ୍କ ପରି ? ପ୍ରୀତିରେ କେଉଁ ରସିକ ତାଙ୍କୁ ତୁଳନା ହେବ ? ଭ୍ରମରକୁ ଯେତେ ଫୁଲ ମିଳୁ ପଛକେ, ମନ ତାର ମାଳତୀ ଫୁଲରେ ଥାଏ । ସେହିପରି ତାଙ୍କୁ ଯେତେ ତରୁଣୀ ମିଳିଲେ ମଧ୍ୟ ମନଟା ମୋ'ଠାରେ ଥିବ । ୩ ।

ଅସନ୍ତ ବିଚ୍ଛେଦ ରତି ହୋଇଛୁ ଯେଣୁ ସତ । ଆଜ ଏ ଜୀବ ଥାଉଁ ନ ଯିବ ଅନ୍ତରେ ଦୁଃଖରାଶି । କାନ୍ତ ଶରଦମୁଖ ଦରଶ ଦେଖିବି ଆଉ କବି । ୪ । ନିଦ୍ରା ଅବଶେ ପଲକପଳେ ଚକ୍ଷୁରେ ହୁଦୁଁ ହୁଦ । ଶଶୀ ଶୟନେ ପ୍ରିୟ ନୟନେ ଆସଇ ନାହିଁ ନିଦ । ଗଲଟି ଛପି ବୋଲି ସେ ଭ୍ରମି ଚୋରକ ଉରନ୍ତ ଦେଲ । ଏବେ ବସ ଦାନ୍ତ ହୋଇ ଏକାନ୍ତ ନିଦ୍ରା ଯିବେକି କେଣୁ । ୫ । ରତ ରତନେ ନାହିଁ କରନ୍ତେ ବୋଲିବା ମୋ ଶପଥ । ମୋର ଦୁଷ୍ଟ ଦୋଷରେ ନ କୃତ୍ୟ ହେଲ ନ ଶୁଣିଲ ତ । ସେନେଦେହିଁ ସେ ଯେ ହୃଦରୁ ଶେଯ ଶୁଆଇ ନ ଥଅନ୍ତି । ଏବେ ଦେବଙ୍କ ଶଯ୍ୟା ଅବଶ୍ୟ ଏହା କ ନ ହେଇନ୍ତି । ୬ । ଗୁଡ଼ ଜନ୍ମ କେଉଁ ବନତ ଦୁଷ୍ଟନ୍ତ ବଚନ ବଚନ । ପୁରୁଷାର୍ଥିର ଅର୍ଥୀ ଦୟିତ ହୋଇଣ ମନେ ମନେ । ସେ ଯେଉଁ ବେଳେ ମୁଁ ଯେ ନ ଦେଲ ବୋଲି ଜେ ତା ଜାଣଇ । ଯେଣୁ ବେଶରେ କ ବଦେଶରେ ରହି-ଲେ ନ ଭେଟିଲ । ୭ । ଲୋକ ଚଳକ ଗୁହିଁ ଭଳଇ ମୋର ଲେଖିବା ଯୋଗୁ ।

---

ସମାନ । ୨ । କାମୀ—କାମୁକ, ଅସନ୍ତ—ବୈରି । ୪ । ରତ ରତନେ—ପ୍ରୀତି କଲବେଳେ, ଦୁଷ୍କୃତ—ପାପ । ୬ । ପୁରୁଷାର୍ଥିର ଅର୍ଥୀ—ଜଗସ୍ୱାତ ରତିକାମୀ, ଦୟିତ—ସ୍ୱାମୀ, ଯେଉଁ ବେଳ—ଭଲ ଭଳି, ଭେଟିଲ—ମନେଇଲ । ୭ ।

---

ଚନ୍ଦ୍ର ମଳିନ ହେଲେ ସୁଦ୍ଧା ସୂର୍ଯ୍ୟ କଣ ତାଙ୍କୁ ତେଜ ଭରିବାକୁ ପ୍ରସ୍ତୁତ ଥାଆନ୍ତି ନାହିଁ ? ବିଚ୍ଛେଦ ଯେପରି କାମୁକର ଶତ୍ରୁ, ରତି ଗୁଡ଼ିକ ମୋର ବନ୍ଧୁବନ୍ଧ ଶତ୍ରୁ ହୋଇଛୁ । ସତେ କଣ ଏ ପ୍ରାଣ ଥାଉ ଥାଉ ଆଗରେ ବସିକରି ମୁଁ ସ୍ୱାମୀଙ୍କ ମୁଖପଦ୍ମ ଦେଖିବି ଓ ଦୁଃଖରାଶି ମୋର ଅନ୍ତର ହେବ ? ୪ ।

ହେବାକୁ ନିଦ୍ରା ଅଚେତନରେ ଯଦି ତାଙ୍କ ଗୁହଁରୁ ମୋ ଗୃହ ଅଲଗା ହୋଇଯାଏ, ତେବେ ସ୍ୱପ୍ନରେ ମୋ ପ୍ରିୟଙ୍କ ଆଖିକୁ ନିଦ ଆସେ ନାହିଁ । ଛପି ଗଲଟି ବୋଲି ଜାଣି ସେ ମୋତେ ତାଙ୍କ କୋଳରୁ ଛାଡ଼ି ନ ଥାନ୍ତି । ଆଜକାଲି କେବଳ ସ୍ୱାମୀ ମୋର ଏକାକିଆ ଶଯ୍ୟାରେ ଶୋଇଥିବେ ? ୫ ।

ରତି କଲାବେଳେ ମୁଁ ଯେବେ ନାହିଁ କରେ ତ ସେ କହନ୍ତି—"ତୋ ରାଣଟି ।" ମୋ ପାପଫଳରୁ କି ଘଟଣା ଘଟିଲା କେଜାଣି, ତାଙ୍କଠାରୁ ଆଉ ସେ କଥା ଶୁଣିବାକୁ ପାଇଲି ନାହିଁ । ତାଙ୍କର ମୋଠି ଏତେ ଶ୍ରଦ୍ଧା ଯେ, ହୃଦ ଛଡ଼ା କେବେହେଁ ଶେଯରେ ଶୁଆଇ ନ ଥାନ୍ତି ନାହିଁ । ବର୍ତ୍ତମାନ ମୁଁ ଏକେ ଶୋଇଥିବା କଥା କଣ୍ଠ ମନେ ପକାଉ ନାହାନ୍ତି ? ୬ ।

ଜଗସ୍ୱାତ କ୍ରୀଡ଼ା କାମୀ ହୋଇ ନିଜର ବର୍ତ୍ତମାନ ଗୁଡ଼ ଇଚ୍ଛା ମନେ ମନେ ବହନ୍ତ କରନ୍ତି ସ୍ୱାମୀ । ତାଙ୍କର ସେ ବେଳା ଚଞ୍ଚଳ କଥା ମୁଁ ମୋତେ

ଲେଖନ୍ତି ଯାବେ ବଙ୍କ ସ୍ୱଭାବ ତାଙ୍କ ତହୁଁ କେ ଅଛି । ମୁଁ ତୋ ସେବକ ବୋଲି
ଯାବକ ଦେବାକୁ ଆନ୍ତି ହଟି । ତାହା ସୁମରି ଅଛି ନ ମରି ନ ଯାଇ ହୃଦ ଫାଟି
। ୮ । ତାଙ୍କୁ ସ୍ୱପନ ମୋର ଲପନ ବିରସ କରାଇବା । ଗ୍ଲାଇକ ସ୍ମର ମୁଁ ଅନୁସରି
କରି ଯେ ଥାଇଁ ସେବା । ସେ ସୁକୁମାର ବକ୍ଷକ ମାର ବଧାୟିତା କ ନସ୍ତୁ ର ।
ଘୂର୍ଣି ବିହାର ଦେବ କାହାର ସେ ନେଷୁଁ ମାରଧାରା । ୯ । ହେବନ ତନୁ ଲବଣ୍ୟ
ନେନୁ ଅଶନ ଅସଙ୍ଗତେ । ମୋ ପରି ତତ୍ତ୍ୱ କାହିଁ କଷ୍ଟତ ଜାଣି ପାରିବେ ଭୃତ୍ୟେ ।
କୋଷ୍ଟଦହନ ତୁସ୍ତ ମୋହନ ହୃଦସ୍ତ ପୋଡ଼ୁଥିବ । ମୋହ ପ୍ରସଙ୍ଗ ମାନସେ ସଙ୍ଗ
ଧୃତ ଆହୂତ ହେବ । ୧୦ । ହେଲେ ଆଦର କରେଣ ପାଦର ସେବନ ତତପର ।

ଯାବକ—ଅଳତା, ହଟି—ଜିଦ୍‌କରି । ୮ । ଲପନ—ମୁଖ, ବିରସ—ଦୁଃଖିତ,
ସ୍ମର—କାମ, ଘୂର୍ଣି—ଚକ୍ରାକାର । ୯ । ତନୁ—ଶୀର୍ଣ୍ଣ, ଭୃତ୍ୟେ—ଦାସଜନମାନେ,
କୋଷ୍ଟ ଦହନ ତଷ ତୋରଡ଼ରେ ନିଆଁ ଲଗିଲେ ଯେପରି ଗୁପ୍ତରେ ପୋଡ଼ିଯାଏ,
ମୋହନ—ମୋହନାଶର; କାମଶର । ୧୦ । ପାଦରକରଣେ—ସ୍ନେହ ଭାବରେ,

ଗ୍ରହଣ ନ କରି କହେ, ସେ କଥା କିଏ ଜାଣେ ମ ? ସେହି କଥାକୁ ମନରେ ରଖି ରାଗ ହୋଇ କଣ ବିଦେଶରେ ରହିଲେ କି ? ମୋତେ ଆଉ ମନେ ପକାଇଲେ ନାହିଁ । ୭ ।

ମୁଁ ମୋ କପାଳରେ ଯେଉଁ ତିଳକ ଲଗାଇଥାଏ, ତାକୁ ଦେଖି ତାଙ୍କ ମନକୁ ଆସେ ନାହିଁ ବୋଲି ପୋଛି ପକାନ୍ତି ଏବଂ ନିଜ ହାତରେ ପୁଣି ତିଳକ ଲେଖି ଦିଅନ୍ତି । ପଣ୍ଡିତ ପଣରେ ତାଙ୍କଠାରୁ କିଏ ଆଉ କିଏ ଅଛି ? ତୋର ସେବକ ମୁଁ ବୋଲି ଅଳତା ନାଇ ଦେବାକୁ ଜିଦ୍ କରନ୍ତି । ସେ କଥା ମନେ ପକାଇ ନ ମରି ଯାହା ମୁଁ ବଞ୍ଚିଲି, ହୃଦଟା ଯାହା ଫାଟି ନଯାଇ ରହିଲା । ୮ ।

ମୁଁ ମୁହଁ ଶୁଖାଇ ବିରସରେ ଅଛି ଏ କଥା ତାଙ୍କୁ ସ୍ୱପନ ମାତ୍ର । ସଦା ସର୍ବଦା ତାଙ୍କ ପାଖେ ପାଖେ ଦେବର ଗ୍ଲାଇ ସଦୃଶ ରହି ମୁଁ ତାଙ୍କର ସେବା କରିଥାଏ । ଅତି ସୁକୁମାର ଯୁବକ ସେ । ତାଙ୍କ କନ୍ଦର୍ପ ବିରହ ନିଆଁରେ ପୋଡ଼ି ମାରୁଥିବ ସିନା ? ବିଧାତା ଏଡ଼େ ନିର୍ଦ୍ଦାରୁଣ । ଆମ ଦୁହିଁଙ୍କ ବିହାର କଥା ମନେ ପକାଇ ତାଙ୍କ ଆଖିରୁ ଅଶ୍ରୁଧାରା ବାହାରୁଥିବ । ୯ ।

ଖାଦ୍ୟ ପାନୀୟର ଅବହେଳା ହେତୁ ଲାବଣ୍ୟ ଦେହ ତାଙ୍କର କୃଶ ହୋଇ ଯିବଣି । ତାଙ୍କ ସଙ୍ଗରେ ଥିବା ଭୃତ୍ୟଜନମାନେ ମୋ ପରି କଣ ତାଙ୍କ ମନ କଷ୍ଟରେ ହେଲେ ଜାଣି ପାରିବେ ? ତଷ ତୋରଡ଼ରେ ନିଆଁ ଲାଗିଲେ ଯେପରି ଭିତରେ ଭିତରେ ପୋଡ଼ିଯାଏ, ତାଙ୍କ ହୃଦୟ ଭିତରଟା ସେହିପରି

ବୋଲନ୍ତି ଧୀରେ ରସନିଧିରେ ବ୍ୟଥା କରିବ କରି । ତୁମେ ଯେ କମଳାନନା କୋମଳା
ଏଡେକ ହେଲୁ ରଙ୍ଗ । ପାଶୁଁ ଅନ୍ତର ହେବା ମାତ୍ରେ ନ ଖେଳିଲେ ମୋ ଦୁଃଖ
। ୧୧ । ମଦନବାଣ ତୁଟିଲ ପରାଣି ବୋଲି ଡାକନ୍ତି ପ୍ରୀତେ । ସତ ହୋଇଲେ କପଟ
ନଇଲେ ଭିନ୍ନ ବସ୍ତୁଲି ଏତେ । ଯେତୁ ଯାହାକୁ ଚିନ୍ତେ ତାହାକୁ ଆରତ୍ତେଁ ନ
ରଖିବା । ମୁଁ କି ଭରମ ସବୁ କରମ କର୍ତ୍ତା ହୋଇଛି ଅବା । ୧୨ । କ୍ଷୀଣତପସ୍ୟା
ସେ ଦେଶେ ପଶାଖେଳ କି ନାହିଁ କହିଁ । ପଡ଼ନ୍ତା ରତି ତୃଷ୍ଣାପୀରତି ଚିତ୍ତେ
ଦେଖିଲେ ତାହିଁ । ତହିଁ ବହନ ତାଳବନ ଜାଗାତ ନ ମିଳଇ । ପୂର୍ଣ୍ଣ କଳସ ଏଣୁ
ସରସ ପ୍ରତିମା ହେଲେ ନାହିଁ । ୧୩ । ଭେକ ବରହ୍ମୀ ଜାତୁକ ରହି ଯେ ସୀମାନ୍ତେ

---

ତତ୍ପର—ପ୍ରସ୍ତୁତ, ଧୀରେ—ଆସ୍ତେ, ବ୍ୟଥା କରିବ କରି—ହାତରେ ପୀଡ଼ା-
ହେବ, କମଳାନନା—ପଦ୍ମବଦନା, କୋମଳା—କଅଁଳ ଦେହ । ୧୧ । ମଦନ
ବାଣ—କାମଶର, ଭିନ୍ନ—ଅନ୍ତର, ଭରମ—ଭ୍ରାନ୍ତି । ୧୨ । କ୍ଷୀଣ ତପସ୍ୟା
—ହୀନକର୍ମୀ, ଭେକ—ବେଙ୍ଗ । ୧୩ । ବରହ୍ମୀ—ମୟୂର, କ୍ୟାଧ—ଶବର,

---

ପୋଡୁଥିବ । ମୋ କଥା ମନରେ ପଡ଼ିଲା ମାତ୍ରେ କଅଁରେ ଘୃତ ଆହୁତି ଦେଲେ ଯେପରି ଜଳଇଠେ, ସେମିତି ଜଳୁଥିବ । ୧୦ ।

ସ୍ନେହ ଭରରେ ତାଙ୍କ ପଦସେବା କରିବାକୁ ପ୍ରସ୍ତୁତ ହେଲେ ସେ ଆସ୍ତେ କରି କହନ୍ତି—ତୁମେ ରସନିଧି ! ତୁମ ହାତକୁ ପୀଡ଼ା ଲାଗିବ ପରା । ତୁମେ ପଦ୍ମମୁଖୀ, କଅଁଳ ଦେହା କନା; ପଦସେବା କଲେ ବ୍ୟଥା ଲଗିବ। ଥାଉ, ସେତିକରେ ରହ । ଏତେ ଗୂଢ଼ ଏ ସ୍ନେହ ଶ୍ରଦ୍ଧା; ପାଖରୁ ଅନ୍ତର ହେଲା ମାତ୍ରେ ପାଶୋରି ଗଲା । ମୋ ଦୁଃଖ କଥା ଟିକଏ ଦେଖିଲେ ନାହିଁ ? ୧୧ ।

କାମ ରଜାଙ୍କୁ ତୁଲାଇବା ପାଇଁ ସେ ମୋତେ ପରାଣ ବୋଲି ଡାକନ୍ତି । ଏହା ମୋର ବିଶ୍ବାସ ହେଉଅଛି । ଯଦି ଏ କଥା ସତ, ତେବେ ନ ଆସି ଘର କରିଦେଲେ କାହିଁକି ? କରନ୍ତର ଯିଏ ଯାହାକୁ ଚିନ୍ତା କରୁଥାଏ, ତା ଆରତବେଳେ ସେ ତାକୁ ରକ୍ଷା ନ କରିବା କଥା ଭବ ମୁଁ କଣ ବାଉଳା ହୋଇଛି ? ନା ସବୁ ଭାଗ୍ୟ ହେତୁ ଘଟୁଛି ବୋଲି ମୁଁ ହୀନ କର୍ମୀ ହେଲି । ୧୨ ।

ସେ ଦେଶରେ କଣ ପଶାଖେଳ ହୁଏ ନାହିଁ ? ସ୍ୱାମୀ କେତେ ପଶା ଖେଳୁଥିଲେ ଆମ୍ଭର ସେ ପୂର୍ବ ରତିତୃଷ୍ଣା ପୀରତି କଥା ତାଙ୍କର ମନେ ପଡ଼ନ୍ତା ପିବା ? ସେଠାରେ କଣ ତାଳବନ ସବୁ ପୋଡ଼ି ଯାଇଛି ବୋଲି ବର୍ଷ ବର୍ଷ କଟିଗଲେ ମଧ୍ୟ ଶ୍ରୀଫଳ ଖଣ୍ଡେ ଦେଇପାରୁ ନାହାନ୍ତି ? ୧୩ ।

ନ ଥିବେ । ବ୍ୟାଧ ବିଶେଷ ଥିବାରୁ ଶେଷ ଜଗୁଡ଼ିକ କେଣ୍ଟ ହେବେ । ନାଥ ପ୍ରବାସ ଥାଇଁ ନ ସୁଖ ସେ ଦେଶେ ନ ମିଳିଲା । ବହୁ ପ୍ରବଳ ଶ୍ୟେନ କବଳ ପକ୍ଷୀଦୂତ କ କଲା । ୧୪ । ଏତେ ଭରସା ହୋଏ ବରଷା ହୋଇଛି କେ ଆସିବେ । ମେଘ ଡମ୍ବର ବିଦ୍ୟୁଦ୍ଦମକ କେମନ୍ତେ ନ ହାପିବେ । ମନ୍ଦ କର୍ମରୁ କେବଳ ମରୁଦେଶ ସେ ହୋଇଥାଉ । ହେ ସ୍ମରହର ଏ ଦୁଃଖ ହର ପ୍ରକାଶ ନାଶ ଯାଉ । ୧୫ । ଦେବ ମଙ୍ଗଳା ଦେବୀଙ୍କି ଗନ୍ଧମାଳା ସିନ୍ଦୂର ଭୋଗ । ହୋଇବ ବୃତ୍ତି ଥାଇ ମୁଁ କରିଁ ହେଲେ କଲ୍ୟରେ ଯୋଗ । ଜାଣେ ଜାନକୀ ତହୁଁ ଆନ କି ବିଯୋଗ ଦୁଃଖ ମୋର । ହେଲେ ପ୍ରସନ୍ନ ହେବ ଦର୍ଶନ ଆନନ ସୁଧାକର । ୧୬ । ଯଉବେ ଚନ୍ଦ୍ର ରେଣ

---

ଜଗୁଡ଼ିକ—ମହାଯୋଗୀ, ଶ୍ୟେନ—ସଞ୍ଚାଣ ପକ୍ଷୀ । ୧୪ । ବିଦ୍ୟୁ—ବିଜୁଳି, ହାପିବେ—ଜାଣିବେ, ସ୍ମରହର—ମହାଦେବ । ୧୫ । ଅତନୁ—କନ୍ଦର୍ପ, ଭବେ—

---

ସ୍ୱାମୀ ଯେଉଁ ଦେଶରେ ଅଛନ୍ତି ସେ ଦେଶର ସୀମାନ୍ତରେ ବୋଧହୁଏ କଦ୍ଭୁତ ଶବର ଅଛନ୍ତି । ତେଣୁ ବେଙ୍ଗ, ମୟୂର, ଡାହୁକ ଇତ୍ୟାଦି ଜୀବମାନଙ୍କୁ ବ୍ୟାଧମାନେ ମାରି ପକାଉଛନ୍ତି । ମନୁଷ୍ୟମାନେ ଦୂତ ହେବା କଥା ସେ ଦେଶରେ ବୋଧହୁଏ ଚଳୁନାହିଁ କି ? ପକ୍ଷୀକୁ ଦୂତ କରି ପଠାଇଥିଲେ, ବାଟରେ ସଞ୍ଚାଣ ତାକୁ ଖାଇଦେଲା । ତେଣୁ ମୁଁ ସମ୍ବାଦ ପାଇ ପାରୁନାହିଁ । ୧୪ ।

ମନରେ ଏତିକିମାତ୍ର ଭରସା ପାଉଛି ଯେ, ବର୍ଷା ହେଉଛି, ମେଘର ଦମକା ଓ ବିଜୁଳିର ଝଲକାକୁ ଡରି କରି ଘରକୁ ଚାଲି ଆସିବେ । ମୋ ମନ୍ଦ ଭାଗ୍ୟକୁ ସେ ଦେଶ ଆଉ ଯାହା ହେଉନା କାହିଁକି, ମରୁଭୂମି ହୋଇ ନଥାଉ । ହେ ପ୍ରଭୁ କାମ ଦହନକାରୀ ମହାଦେବ, ସତ୍ୟ ଶିବ ସୁନ୍ଦର ଆପଣ ମୋତେ କରନ୍ତୁ । ମୋ ସ୍ୱାମୀଙ୍କ ବିଦେଶ ନାଶ ହେଉ ଅର୍ଥାତ୍ ବିଦେଶ ରହିବା ଅଭ୍ୟାସରୁ ଶେଷ ହେଉ ମାନେ ସେ ବର୍ତ୍ତମାନ ଘରେ ପହଞ୍ଚନ୍ତୁ । ୧୫ ।

ମା’ ମଙ୍ଗଳା ଦେବୀଙ୍କି ମାଳ, ସିନ୍ଦୂର ଓ ଭୋଗ ଦେବି । ବଞ୍ଚି ଥାଇଁ ଆଜି ଯେବେ ତାଙ୍କ ସଙ୍ଗେ ମୋର ଭେଟ ହୁଏ, ତେବେ ବ୍ରତ କରିବି ଅର୍ଥାତ୍ ଚୈତ୍ରମାସ ମଙ୍ଗଳବାର ଦିନ ଓଷାଳି-ପୂଜା କରିବି । ମହାଦେବୀ ସୀତାଙ୍କ ଅପେକ୍ଷା ମୋ ବିଯୋଗ ଦୁଃଖ ଭିନ୍ନ ନୁହେଁ ବୋଲି ମୁଁ ଜାଣେ । ତେଣୁ ସବୁଙ୍କୁ ଯେପରି ସୀତା ଦେବୀଙ୍କ କରୁଣା ହେଲେ, ସ୍ୱାମୀଙ୍କ ମୁଖ-ଚନ୍ଦ୍ରମାର ଦର୍ଶନ ମିଳିବ । ୧୬ ।

ଅତନୁ ଏବେ କି ମୁକ୍ତ ହେଲା । ତେଣେ ସରଳ ହୃଦ ତରଳ ନକଲେ ସେ କ
କଳା । ମୋତେ କାହିଁକି ଦହେ ତହିଁକି ଆଶଙ୍କା ହୋଏ ଚିତ୍ତ । ମୂରଖ ଈଶ୍ୱର
ବୋଲିବା ସ୍ୱର ଶୁଣି କି ହେଲି ଖିତ । ୧୭ । ତାପିତ ହରିମଧ୍ୟମା ହରି କଷ୍ଟେ
ଦିବସ ଗଣୀ । ଶଶୀ ଯେସନ କୃଷ୍ଣେ ତେସନ ବିକାଶ କାଶହାସୀ । ହାଡ଼ ସୁବର୍ଣ୍ଣ
ସମାନ ବର୍ଣ୍ଣ ଦୁର୍ବର୍ଣ୍ଣ ପରକାର । କରେ ଅରୁଣ ଓଷ୍ଠୀ କରୁଣ କହିଲେ ସାର-
ବର । ୧୮ ।

—o—

ଦହନ ଜଳେ; ଜଳାଏ । ୧୭ । ତାପିତ—ସନ୍ତାପଯୁକ୍ତ, ହରି ମଧ୍ୟମା—ସିଂହ କଟୀବିଶିଷ୍ଟ ବାମା, ହାଡ଼ ସୁବର୍ଣ୍ଣ—ତରଳ ସୁନା, ଦୁର୍ବର୍ଣ୍ଣ—କଳା ପଡ଼ିବା, ଅରୁଣ ଓଷ୍ଠୀ—ରକ୍ତବର୍ଣ୍ଣାଧରା, କରୁଣ—କାରୁଣ୍ୟ । ୧୮ ।

ମୋର ବିଶ୍ୱାସ ହେଉଛି କନ୍ଦର୍ପ ତାର ତନୁ ତ୍ୟାଗ କରି ମୁକ୍ତି ଲଭ କଲା ଅର୍ଥାତ୍ ମରିଗଲା । ତା ନ ହେଲେ ମୋ ସ୍ୱାମୀଙ୍କର ଏତେ ସରଳ ଚିତ୍ତକୁ ତରଳ କରି ପାରିଲା ନାହିଁ, ପୁଣି ବର୍ଷାକାଳରେ ? ମରି ଯାଇଛି ଯେବେ—ତେବେ ମୋତେ କାହିଁକି ତା ଜ୍ୱାଳାରେ ଦହନ କରୁଛି ? ଏହି କଥା ପାଇଁ ମନରେ ସନ୍ଦେହ ଆସୁଛି । ପୁଣି ଭାବୁଛି ସେ ମରି ନାହିଁ । ମୋର ସ୍ୱାମୀ ସବୁ-ବେଳେ ମୁଖରେ ଶିବ ଶିବ କହୁଛନ୍ତି ବୋଲି କାମଦେବ ଭୟରେ ତାଙ୍କ ଚିତ୍ତକୁ ତରଳ କରି ପାରୁନାହିଁ । ୧୭ ।

ସିଂହ କଟୀବିଶିଷ୍ଟ ରସିକ ହାରାବଳୀ ଅତି କଷ୍ଟରେ ଦିନରାତି ହରଣ କରି କୃଷ୍ଣପକ୍ଷ ଚନ୍ଦ୍ରମା ଦିନକୁ ଦିନ କ୍ଷୀଣ ହୋଇ ଯେପରି ଦେଖା ଦିଏ ଓ କାଶଈ ଫୁଲ ବିକାଶ ହୋଇ ଦିନକୁ ଦିନ ଯେପରି ଝଡ଼ିପଡ଼େ ସେହିପରି ଝଡ଼ି ଝଡ଼ି କ୍ଷୀଣ ହେଉଛି । ଅରୁଣ ଅଧରା ରସିକ ହାରାବଳୀର ତରଳ ସୁନା ପରି ଦୀପ୍ତିମନ୍ତ ଗୋରା ଦେହ କଳା ପଡ଼ି ଗଲାଣି । ଦିନରାତି ବସି ଖାଲି କାନ୍ଦୁଛି ବୋଲି କବି କହୁଅଛନ୍ତି । ୧୮ ।

—*—

## ଚତୁର୍ଦ୍ଦଶ ଛାନ୍ଦ

[ ବର୍ଷା ଋତୁରେ ରାଜପୁତ୍ରର ଭାବନା ]

ରାଗ—କାମୋଦୀ

ଶ୍ରାବଣେ ଘନଘନ ଗର୍ଜ୍ଜନ ଘନଘନ ବୃଷ୍ଟି ସେଚନ ଥନଥନ । କେତେ ସୁମନ ମନ-ମୋହିନୀ ଜୀବନ କନକାକ୍ଷୀ ହେବେଣ ଛନ୍ନଛନ୍ନ । ହେ ଜଳଧର ! କେତେ ନେବ ଦୁର୍ଦ୍ଦିନ ଦିନ । ସେ ଯେ ମୋର ଜୀବନ ଧନ । ହୋଇ ଅଳ ଅନ-ଭବୁ ଭବନ ବନ ସେ ନ କଷ୍ଟସହନ ଜନ । ୧ । ପଞ୍ଚମଶର ଶର ପ୍ରହାରି ବର-ବରଣୀଙ୍କ କରିବ ଜରଜର । ବନ ଆହାର ହା ରମଣୀ ଆଗାର ଗାର ଘୁଷ୍ଟି ଘୁଷ୍ଟିବ ହର ହର । ହେ ଜଳଧର । ଚଞ୍ଚଳା ଚଳା ତରତର । ବୃଷ୍ଟି ହୋଇବ ଥରଥର । ମଦନକର-କରବାଳ କି ବାରବାର ଝମକେ ଘେନ ବାରବାର । ୨ । ଫୁଲେ

---

ଘନଘନ—ବାରମ୍ବାର, ଥନଥନ—ଛଳଛଳ, ସୁମନ—ଦେବତା, କନକାକ୍ଷୀ—ପଦ୍ମନେତ୍ରୀ, ଛନ୍ନଛନ୍ନ—ଅଧୀର, ଦୁର୍ଦ୍ଦିନ—ବର୍ଷାଦିନ । ୧ । ପଞ୍ଚମ ଶର—କନ୍ଦର୍ପ, ବରବରଣୀ—ଶ୍ରେଷ୍ଠବର୍ଣ୍ଣା, ବନ ଆହାର—ବନବାସରେ ଖାଉଥିବା ଖାଦ୍ୟ, ହା'—ହା କରି ଗ୍ରାସିଦେବ, ଅଗାର ଗାର—ଘରେ ପକାଇଥିବା ଗାର, ହର ହର—ଶିବ ଶିବ, ଚଞ୍ଚଳାଚଳା—ବିଜୁଳି ଚଳନ, କରବାଳ—ଖଡ୍ଗ । ୨ ।

---

ବିଦେଶରେ ଥାଇ ରାଜକୁମାର—ମେଘର ବାରମ୍ବାର ଗର୍ଜ୍ଜନ ଶୁଣି ଆଖିରେ ଲୁହ ଛଳ ଛଳ କରି କଳା ମେଘକୁ ଅନାଇ ଭାବନ୍ତି—ଦେବତା ମନମୋହିନୀ, ମୋ ପ୍ରାଣପ୍ରିୟା ପଦ୍ମନେତ୍ରୀ ଅଧୀର ହେବଣି । ହେ ବର୍ଷା ! ଏ ବର୍ଷାକାଳରେ ମୋ ଦରିଦ୍ରଣଧ କିପରି ଦିନ ନେବ ? ତା ଜୀବନରେ କେବେ ବର୍ଷାକାଳକୁ ଅନୁଭବ କରି ନଥିବାରୁ ଘର ତାକୁ ଜଙ୍ଗଲ ପରି ଲାଗିବ । ଏ କଷ୍ଟ ସହିବା କ୍ଷମତା ସେ ନାରୀର ଆସିନାହିଁ । ୧ ।

ପଞ୍ଚମ ଶର ବୋଇଲେ କାମଦେବ ତାର ଫୁଲଶର ପ୍ରହାର କରି ଶ୍ରେଷ୍ଠବର୍ଣ୍ଣାକୁ କାମଜର୍ଜ୍ଜର କରିବ । ନାରୀମଣି ହା' କରି ବନ ଭୋଜନକୁ ଗ୍ରାସିଦେବ । ମୋ ବିଦେଶ ଆସିବା ଦିନୁ ଘର କାନ୍ଥରେ ଦିନ ସୁମାରି ରଖିବାକୁ ଯେଉଁ ଗାରମାନ ପକାଇଛି, ତାକୁ ଗଣି ଶିବ ଶିବ ବୋଲି ଘୋଷିବ । ହେ ମେଘ ! ବିଜୁଳିର ତରତର ଚଳନ ଦେଖି ଥରି ଉଠିବ ସେ । କିବା—କାମଦେବ ତା ହାତର ଖଣ୍ଡାକୁ ବାରମ୍ବାର ଝଲକାଇ ବାରବାର ଭଣ୍ଡାଉଛି କି ? ୨ ।

କବଣ୍ଣ ବନ୍ଧିଥାଇ କମଣ୍ଡଳୁ ଗଣ୍ଡେ କ ଅପସଣ୍ଣ ସନ୍ତ । ସେ ବିମ୍ବାଧରୀ ଧରି ହିପୁର ଶିଖ ଶିଖଣ୍ଡ ସମାନ କରି ନଇ । ହେ ଜଳଧର । ଧୈର୍ଯ୍ୟ ଭଙ୍ଗୀ ପ୍ରକାଶ ସାର । ଅମମ ଈଶାନାରି-ନାରୀ । କି କରେ ହରି ହରି ହେଲେ ସୁନ୍ଦରୀ ଦଣ୍ଡ ଥିବ ହା ସ୍ଥକେ ପୂଷ୍ପ ପୂଷ୍ପ ।୩। ମୋର ମୁକୁନ୍ଦ ଜତି ତାର ଅସ୍ତି ସାତି ସେହିକ ହା ସୁମତି ମତି । ଦେଖି ବ୍ରତତିତତି ଛବିଧରାତି ଜାତି ତଳ ଭଜବ ଧାନ୍ତି ଭକ୍ତି । ହେ ଜଳଧର । ସ୍ଥିତଥିବ ସେ ନତ ମାତ । କରିବ ଶୋଭାଭୂତି ଭୂତ । ମୋର ସଙ୍ଗତି ଗତି କରି ଯୁବତୀ କଣ୍ଠଶାଢ଼ୀ ବପୁଷୀ ରତିରତି । ୪ । ସୁମରି ଶୁକ ଶ୍ରବଦାପ୍ରିୟା ଜୀବଜୀବନର କରିବେ ଶିବ ଶିବ । ସତେ ଏ ଜୀବ ଯିବ ସଣ ପ୍ରଭବ ଭବ ହୋଇ ଦୁଃଖ ମଗ୍ନି କ

---

ଧରଣୀ—ମହୀ, ଶିଖ—ଚେକ୍ଷ, ଶିଖପତି—ବସ୍ତ୍ର; ଭଗବାନ, ଈଶାନାରି—କାମଦେବ, ଦଣ୍ଡ—ଉପ୍ନ, ପୁଷ୍ପ—ଗୃହ, ପୂରି—ପୂର୍ଣ୍ଣହୋଇ । ୩ । ବ୍ରତତିତତି—ବର୍ଷାକାଳୀନ ଲତାମାନେ, ଜାତି—ଜାଇଫୁଲ, ଭକ୍ତି—କାନ୍ତି, ଶୋଭାଭୂତି—ସୌନ୍ଦର୍ଯ୍ୟର ବିଭବ, ସଙ୍ଗତି—ସଙ୍ଗମ; ମେଳ, କଣ୍ଠଶାଢ଼ୀ—ଷୋଡ଼ଶ, ରତି ରତି—ପ୍ରୀତି ଜନନୀ ।୪। କଳରବ—କପୋତ, ଶିବ—ମଙ୍ଗଳ, ପ୍ରଭବ—ପ୍ରଧାନ

---

ଫୁଲରେ ଜୁଡ଼ା ବାନ୍ଧି, ସ୍ୱର୍ଗ ଅପ୍‌ସରୀ ପରି ଗଣ୍ଡରେ ମକର କେଶିଥାଏ । ତନ୍ନପୁରର ଶୋଭାକୁ ଯେହି ସେ ବିମ୍ବାଧରୀ ଜନ୍ମ ହୋଇଛି । ଭଗବାନ ତାକୁ ସବୁ ସୁନ୍ଦରୀ ମଧ୍ୟରେ ଶ୍ରେଷ୍ଠା କରିଅଛନ୍ତି । ହେ ମେଘ ! ନଜର ଭଙ୍ଗୀ ପ୍ରସାରଣ ଫଳରେ ସେ ନାରୀ ସବୁର ଧୈର୍ଯ୍ୟ ହାରିଦିଏ । କାମଦେବର ନାରୀ ରତି ତାକୁ ସମାନ ହେବ ନାହିଁ । ପ୍ରଭୁ କଅଣ ନ କଲେ ? ସୁନ୍ଦରୀ ପାଖରୁ ମୋତେ ଅନ୍ତର କରାଇବାରୁ ସେ ଉପ୍ପୀଡ଼ିତା ହେଉଥିବ । ସବୁବେଳେ ଘରଟି ତାର ପୂରିଥିବ ହା' ଭବରେ । ୩ ।

ମୁଁ ଶ୍ରବୁଛି ବିଦେଶମୁକ୍ତ ହେବା ନିକଟ ଯାଏ ସେ ଉତ୍ତମମନା ପ୍ରିୟା ସ୍ୱସ୍ତକୁ ଶକ୍ତ କରୁଥିବ । ବର୍ଷାକାଳୀନ ଲତାମାନଙ୍କୁ ଦେଖି ଓ ଜାଇଫୁଲ ଇତ୍ୟାଦି ନାନାଜାତିର ଫୁଲ ଦେଖି ସ୍ୱତ ଏବଂ ଉପ୍ପରେ କାନ୍ତିକୁ ଆଉଜି ବସିବ । ହେ ମେଘ ! ଭକ୍ତିଜନଆ ନିତ୍ୟକର୍ମ ବ ଛାଡ଼ି ଦେବ । ତାର ଶୋଭାସମ୍ପଦକୁ ମାଟି କରିବ । ମୋ ସଙ୍ଗେ ମିଳନ ହେବାକୁ ଏକମାତ୍ର ଗତି ମନେକରି ସେ ଷୋଳବର୍ଷ ବପୁଷୀ ଯୁବତୀଟି ଅନାଇଥିବ । ୪ ।

ଶିକ ସତେ ମୋ ଜୀବଜୀବନ ଶ୍ରବଦାପ୍ରିୟାର ମଙ୍ଗଳ କରିବେ ? ତାର କଥା ଭାବି ଭାବି ସତେ ମୁଁ ମରିଯିବି ? ପ୍ରିୟା ଲାଗି ମୃତ୍ୟୁବରଣ କଲ ବୋଲି ମେଘ

ଥିବ । ହେ ଜଳଧର ! ଏ ବର କେଉଁ ଦେବ ଦେବ । ପୁଣି ଓଷ୍ଠପଲ୍ଲବ ଲବ । ସ୍ଥାନରେ ଦେବଦେବ ସମ୍ପତ୍ତି ହେବ ହେବ ସୁଖଦ କଳରବ ରବ । ୫ । ନାଚେ କଳାପୀ ରଙ୍ଗ ନଗ୍ରେ ଭେକନ୍ତି କନ୍ତୁ କାମିନୀଜନପ୍ରୁ ବନ୍ତୁ ଜନ୍ତୁ । ଶ୍ରୁଣି ନ ସନ୍ତୁ ସଖି ଚରିତ ମଧ୍ୟ ନଖକାଳୁ ଯେ ହାନ୍ତୁ ନାହିଁ ନ ହିଁ । ହେ ଜଳଧର ! କଦମ୍ବ ଗନ୍ଧ ବନ୍ତୁ ବନ୍ତୁ । ବାତ ଥିର ମୋଦହିଁ ଦହିଁ । ମୋ ପଥ ବୃନ୍ଦି ବୃନ୍ଦି ଥିବ ସୁମୂର୍ଚ୍ଛା ମୂର୍ଚ୍ଛା ପାପୀ ଦହେ ଅଦେହୀ ଦେହୀ । ୬. ଉଦ୍ଧର କାଳ କାଳଦେବ ଏ କାଳ କାଳ ଲୋକନେ ଛତକାଳ କାଳ । ବୃଷ୍ଟି ଝଙ୍କୃ ଜଳ ଜଳ ଭ୍ରାତୃକ ଜଳ ଜଳ ଦେହ ହରଷଜାଳ ଜାଳ । ହେ ଜଳଧର । ଜପୁଥିବ ମୃଣାଳ ନଳ । ଯେଣୁ ବୃଦ୍ଧି ଆକୂଳକୂଳ । ହେବ ଦୂଟକ ବଳଭୂକାରେ ଝଳ ଝଳ ସୁବର୍ଣ୍ଣ ବର୍ଣ୍ଣ ଟଳଟଳ । ୭ । ମେରୁଶିର

---

ଓଷ୍ଠପଲ୍ଲବ—କଅଁଳ ଓଷ୍ଠ । । ମୋଦ—ଆନନ୍ଦ, ସୁମୂର୍ଚ୍ଛା—ଉତ୍ତମ ମୂର୍ଚ୍ଛା; ସୁନ୍ଦରୀ, ଅଦେହୀ—କନ୍ଦର୍ପ । ୬ । କାଳ କାଳ ଦେବ—ମହାଦେବ, କାଳ—ଅନ୍ଧାର; ଦୁଷ୍ଟ; ଭୟଙ୍କର; ଯମ; ସମୟ, ଛତ୍ରାକକାଳ—ଯମ, ହରଷଜାଳ—

---

ଶ୍ରେଷ୍ଠ ଯଶ ପ୍ରସ୍ତର ହାର ଦୁଃଖ ମନ୍ଥନ ହେବ । ହେ ବର୍ଷା ! କେଉଁ ଦେବତା ଏପରି ବର ଦେବ ? ଲବେମାନ ତା ଓଷ୍ଠ ପଲ୍ଲବ ପାନ କରିବା ଦ୍ୱାରା ଇନ୍ଦ୍ରସମ୍ପତ୍ତି ପାଇବ । କପୋତର ଶବ୍ଦ ମୋର ସୁଖଦାତା ହେବ । ୫ ।

ମୟୂରମାନେ ରଙ୍ଗ ରଙ୍ଗ ନାଚ୍ ନାଚ୍ ଓ ନଗରରେ ଭେକମାନେ ଡେଇଁ ଡେଇଁ କନ୍ଦୁଛନ୍ତି—ବଧାତା କାମୀଜନଙ୍କ ପାଇଁ ଦୁଃଖ ସୃଷ୍ଟି କରନ୍ତୁ । ମୋ ସଙ୍ଗାତ ଶୁଣି ସନ୍ତୁ ନ ପାଇ ନଖଦ୍ୱାରା ମଧ୍ୟ ମଲ୍ଲିକାକୁ ଛିଣ୍ଡୁଥିବ, ଏ କଥାରେ ମିଥ୍ୟା ନାହିଁ । ହେ ବର୍ଷା ! ପବନ ଗନ୍ଧସମୂହକୁ ବହନ କରି ତା ଆନନ୍ଦକୁ ଜାଳି ଦେବଣି । ମୋ ପିବା ବାଟକୁ ସୁନ୍ଦରୀ ଅନାଇଥିବ । ମୁଁ ପାପୀ ତା ଦେହକୁ କନ୍ଦର୍ପ ବାଣରେ ଦହନ କରୁଛି । ୬ ।

ହେ ଦେବ ଦେବ ମହାଦେବ ! ଏ ବର୍ଷାକାଳରେ ଘୋର ଅନ୍ଧାର ସାକ୍ଷାତ ଶମନ ଦେବତା ପରି ହୋଇଅଛି । ଏ ଦୁଃସହ ଦୁର୍ଗତିରୁ ତୁମେ ଉଦ୍ଧାର କର । ବର୍ଷାର ନିର୍ମଳ ଜଳ ଓ ଭ୍ରାତୃକମାନଙ୍କ କଳରବ ମିଶି ମୋ ପ୍ରିୟାର ସମସ୍ତ ସୁଖ ଜାଳି ଦେଉଥିବ । ହେ ବର୍ଷା ! ବିରହ ବାଧାରେ ସେ ଖାଲି ପଦ୍ମନାଡ଼କୁ ଜପ କରୁଥିବ । କାହିଁକି ? ତାର ଦୁଃଖର ବଂଶବୃଦ୍ଧି ହେଲୁ । ବିଜୁଳି ବିଜ ସେ ଦୁର୍ବଳ ହୋଇ ପଡ଼ୁଥିବାର ଝଳଝଳ ସୁବର୍ଣ୍ଣ ପରି ଦେହ ତାର ଟଳଟଳ ହୋଇ ଟଳି ପଡ଼ୁଥିବଣି । ୭ ।

ସାରସାଗତ ବଇଷା ରସା କଲେ ନ ହିଁ ଉରସା ରସା । ଯୁଗ ମମାଷା ନଶା ଉଦେ ବବଶା ଦଶା ସାର ମୃଗସଦୃଶା ଦୃଶା । ହେ ଜଳଧର । ବୋଲବ ଷୀବେ ବସା ରସା । ନ ପାଏଁ ନାସାଭୂଷ ଭୂଷା । ଶୋଭିତ-ପ୍ରାଣ ଆଷାଢ଼ଙ୍କୁ ପ୍ରଶଂସା ସଂସାରେ କେତେକ ଉଲ୍ଲସା-ଲସା । ୮ । ବୃନ୍ଦେଁ ଅଳି ଅଳି ମାଳତୀ ଆଳୀ ଆଳୀ ଦମ୍ଭକୁ ନ ସମ୍ଭାଳି ଭ୍ରଳି । ଜ୍ଞାନ କଠାଳି ଟାଳି ପ୍ରେମକୁଣଳୀ ଶଳମୁଖେ ଦେଇ ବଳାଳୀ କାଳ । ହେ ଜଳଧର । ହେଲୁ ବରଦ ବଳ ବଳୀ । ଥିବେ ସଜମା ପାଳ ପାଳ । ସେଥ ମୁଁ ଶୂଳୀ ଶୂଳୀ ଲଭି ରସାଳୀଶ ଳୀ ଦେଲ ଏ ଦୁଃଖ ଭଳ ଭଳ ।୯। ନବ-

---

ସବୁ ସୁଖକୁ । ୭ । ମେରୁଶୀର—ମେରୁ ପର୍ବତର ଶୃଙ୍ଗ, ସରସାଗତ—ଷଣ୍ଢ-ମନେ ପହଞ୍ଚିବା, ରସା—ପୃଥିବୀ; ଭୂମି; ବର୍ଷ; ରସକର୍ତ୍ତା; ସ୍ତ୍ରୀ, ମମାଷା—ଦୁର୍ଦ୍ଦଶା, ନଶା - ଲକ୍ଷ୍ମି, ବଦଶ—ଦୁର୍ଦ୍ଦଶା, ରସା—ରମଣ । ୮ । ଅଳି ଆଳ—ଯୁଗଳ-ଭୃଙ୍ଗ, ଆଳୀ—ସ୍ତ୍ରୀ, ଶଳୀ - ଶତ୍ରୁ, ବଳଳୀ-କାଳ—ବକମାନଙ୍କୁ ଘଉଡ଼ାଇ, କଠାଳଟାଳ—ହଦରେ; ହଟାଇ, ପ୍ରେମ କୁଣଳୀ—ଶ୍ରେଷ୍ଠ ପ୍ରେମିକା, ବଳ ବଳ—ବେଶି ବେଶି, ରସାଳୀଶାଳୀ—ଶ୍ରେଷ୍ଠ ରସକର୍ତ୍ତା, ଭଳ ଭଳ—ନ ନାପ୍ରକାର

---

ପୃଥିବୀରେ ବହୁତ ବର୍ଷା ହେବାରୁ ଯାଦବବୃନ୍ଦମାନେ ଭରସା ନ ପାଇ ମେରୁ ପର୍ବତର ଶୃଙ୍ଗକୁ ଉଡ଼ିଯାଇ ପହଞ୍ଚିଲେ । ମୃଗନୟନୀ ସଖୀର ମନ୍ଦଦଶା ଉପସ୍ଥିତ ହୋଇ ଥିବାରୁ ଲକ୍ଷ୍ମୀକୁ ଯୁଗେ ପରି ଜ୍ଞାନ କରୁଥିବ । ହେ ବର୍ଷା ! ମୁଁ ଘରକୁ ଗଲେ ତାକୁ କହିବ, ଗ୍ରୀଷ୍ମରେ ମୋତେ ରମଣ ରସ ଦେ । ତୁ ରମଣୀ-ମାନଙ୍କ ଅଳଙ୍କାରର ଅଳଙ୍କାର ଅଟୁ । ଆଷାଢ଼ର ସୁନ୍ଦର ଘନ ବୃନ୍ଦକୁ କେତେ-ଲୋକ ସଂସାରରେ ପ୍ରଶଂସା କରୁ ଥିବାର ଶୁଣି ତା ମନର ଆନନ୍ଦ ଦୂର ଯାଉଥିବ ୮ ।

ମାଳତୀ ଫୁଲରୁ ମଧୁ ପାନ କରି ଭ୍ରମରମାନେ ଯୁଗଳ ହେଉଥିବା ଦେଖି ସେ ସ୍ତ୍ରୀ ଦମ୍ଭ ସମ୍ଭାଳି ନପାରି ଖିନ୍ନ ହେଉଥିବ । ପ୍ରେମକୁଣଳୀ ପ୍ରିୟା ମୋର ତାର ଶତ୍ରୁ କନ୍ଦର୍ପ ଜ୍ୱାଳାରେ ଜ୍ଞାନକୁ ହଟାଇ କ୍ରୀଡ଼ା ସରସୀରୁ ବକମାନଙ୍କୁ ଘଉଡ଼ାଇ ଦେଉଥିବ । କାରଣ, ସେମାନଙ୍କ ଅଣ୍ଟଶର ପ୍ରାପ୍ତ ଗୋଳିଆ ହୋଇ ଥିବାରୁ, ତାକୁ ଦେଖି କାମଶର ବୋଲି ସେଣୁ ଭୟ ହୁଏ । ହେ ବର୍ଷା ! ବେଶି ବେଶି ବରଦ ହେଲ । ସଖୀମାନେ ପାନ କରି ସେ ହରିଣୀକୁ ପରୁ-ଥିବେ । ଶିବଙ୍କୁ ସେବ କରି—ଶ୍ରେଷ୍ଠ ରସବନ୍ତୀକ ପାଇଥିଲ । କନ୍ତୁ ତାକୁ ନାନା ପ୍ରକାରେ ଦୁଃଖ ଦେଲ । ୯ ।

ପ୍ରକାଶ କାଶ କୁଟଜ କାଏ ବାଏ ପରକାଶ ସଦୃଶ ଦୃଶ । ସ୍ୱହୁଁ ଶାବେଶ ବେଶଭଙ୍ଗୀ ବଶେଷ ଶେଷ କରି ହେବ ଅବଶ ବଶ । ହେ ଜଳଧର । ନ ଦେଖି ଭ୍ରୂଉଲ୍ଲାସ ଲସ । ତେଜ ସଖୀ ରହସ ହସ । ଯ୍ୱାବ ନମିଷ ମିଷ ଦେଖିବେ ନାଶ ନାଶ କରିବେ ଅବଶ୍ୱ ସ ଶ୍ୱାସ । ୧୦ । ଗିରିଶିଖର ଖର ବାସ ନ କର କର ଶ୍ୱେରୁର ପୟୋଧର ଧର । ମୁଖ ସୋଦର ବରହାସୀର ତାର ତାରକେଶ ଗ୍ରାସ ଆଦର ଦର । ହେ ଜଳଧର । କୋକିଳ ହେମାଙ୍ଗୀର ଗିର । ରୁନ୍ଧତ କରି ବାର ବାର । ଫକା ମୋ ଶିରସିର ବେଚଗ ଅଦୂର ଦୂର ହେବ ଦୁଃଖ ସଂସାର ସାର । ୧୧ । ଅଭ ସୁଜାଣ ଜାଣ ପ୍ରେମକପୃଷ୍ଣ ପୃଣ ଭାରତୀରୁ ଦ୍ୱିଗୁଣ ଗୁଣ । ଶୋଭାରେ ରଣରଣ ନାସ୍ତି

---

୯ । କଶ—କାଇଁଶ, କୁଟଜ—ପିଠାକୋଳୁଆ, ବାସ-ବାସ—ଚମ୍ପୁ ଗୁହ, ଭ୍ରୂଉଲ୍ଲାସ—ଆଖିପତାର ଆନନ୍ଦ, ଲସ—ନଷ୍ଟ, ନମିଷମିଷ—ନମିଷ ମଧ୍ୟରେ, ଶ୍ୱସ—ପବନ; କାର୍ଯ୍ୟ । ୧୦ । ଖର—ରୁକ୍ଷ, କରଶ୍ୱେରୁ—ହସ୍ତୀ ଶାବକ ଶୁଣ୍ଢ ପରି ଯେଉଁ ସ୍ତ୍ରୀର ଜଙ୍ଘ, ପୟୋଧର ଧର—ବକ୍ଷ, ତାର—ଉଜ୍ଜ୍ୱଳ, ମୁଖ—ଶ୍ରୀ, ସୋଦର—ଭାଇ, ମୁଖ ସୋଦର—ଲକ୍ଷ୍ମୀଙ୍କ ଭାଇ ଚନ୍ଦ୍ର । ୧୧ । ସୁଜାଣ—ପଣ୍ଡିତା, ଭାରତୀ—ସରସ୍ୱତୀ, ରଣରଣ ନାସ୍ତି—ରତ୍ନ ଦୂଷଣ ନାହିଁ, ଷଣ-ପୃଷ୍ଠାଙ୍ଗୀ

---

ନୂତନ ପ୍ରକାଶିତ କାଇଁଶ ଓ ପିଠା କୋଳୁଆଁ ଫୁଲ ଗୁଡ଼ିକ ଚମ୍ପୁଗୃହ ପରି ଦେଖି ଯିବାରୁ ମୋ ପ୍ରାଣେଶ୍ୱର ଆସିଲେଣି ଭାବ, ବେଶଭୂଷଣ ଇତ୍ୟାଦି ଶେଷ କରି ଶେଷରେ ହତାଶ ହେବ । ହେ ବର୍ଷା ! ଆଖିରେ ନ ଦେଖି ଭ୍ରୂଲତାର ଆନନ୍ଦ ନଷ୍ଟ ହେବ । ତେଣୁ ସଖୀମାନେ ପ୍ରେମ କୌତୁକ ହସ ହୀନ ହୋଇ ପଡ଼ିବେ । ଦେଖିବେ ପ୍ରାଣ ପ୍ରିୟା ଦଣ୍ଡକ ପରେ ଯେଉଁ କଥା ଭାବ ବେଶ ବିନ୍ୟାସ ହୋଇଥିଲା, ତାହା ନମିଷକ ମଧ୍ୟରେ ନାଶ ହୋଇଛି । ତେଣୁ ସେମାନଙ୍କ ଅବଶ୍ୱାସ କାର୍ଯ୍ୟ ନାଶ ହେବ । ୧୦ ।

ହେ ବର୍ଷା ! ତୁ କର ଶ୍ୱେରୁର ବକ୍ଷକୁ ଗିରି ଶୃଙ୍ଗ ପରି ଅରହ ବେଦନାର ରୁକ୍ଷ ହୋଇ ଉଠିଛି । ତୁମ୍ଭେ ସେଠାର ବାସ କରନା ଅର୍ଥାତ—ବର୍ଷାର ଶୋଭା ଦେଖିଲେ ସେ ଆହୁରି ରୁକ୍ଷ ହୋଇ ପଡ଼ିବ । ସେ ବରହାସୀର ଉଜ୍ଜ୍ୱଳ ମୁଖ ଚନ୍ଦ୍ରମାକୁ ରାହୁ ଗ୍ରାସରୁ ରକ୍ଷାକର । ହେ ବର୍ଷା ! ସୁନା ଅଙ୍ଗିର ବାଣୀ କୋକିଳ ପରି । ଥରକୁ ଥର ତୁମ୍ଭେ ତାକୁ ରୁଦ୍ଧ କରିବା ଅପେକ୍ଷା ଶୀଘ୍ର ମୋ ମୁଣ୍ଡରେ ବଜ୍ରାଘାତ କର, ମୁଁ ଏ ଦୁଃଖ ସଂସାର ତ୍ୟାଗ କରିବାକୁ ସାର କରୁଛି । ୧୧ ।

ତୁମେ ତାକୁ ଜାଣ । ସେ ଅତି ପଣ୍ଡିତା, ପ୍ରେମ ବିଦ୍ୟାରେ ପଟୁ ପୃଷ୍ଟି ଧରିତ୍ରୀ ଅପେକ୍ଷା ଦୁଇ ଗୁଣ ଗୁଣବତୀ । ତଣପଟ ଫୁଲ ପରି ଗୋସ୍ତାର ଦେହ

ଦୂରଣ ଷଣ୍ଡ-ସୁସ୍ମିତାଙ୍ଗୀ ନ ମସୃଣ ତୃଣ । ହେ ଜଳଧର ! ସୁଧା ହେବ ରସାଣ ଶାଣ । ହଅ ନ ଫୁଲ-ବାଣ ବାଣ । ତଥା ଲକ୍ଷଣ ଲକ୍ଷଣପକ୍ଷ ପ୍ରମାଣ ମାଣବକ-ମୃଗାକ୍ଷୀ ପ୍ରାଣ ପ୍ରାଣ । ୧୨ । "ଯା ନେତ୍ର ଗ୍ରାମଗ୍ରାମ ଜନରେ ଭ୍ରମ ଭ୍ରମକାନ୍ତ ରୂପ୍ୟ ସୁଷମ ସମ । ଯା ହୃଦ ଦମ ଦମ ଅମୃତ ଧାମ ଧାମ ରସା ହୋଇ ବକ୍ରମ କ୍ରମ । ହେ ଜଳଧର ! ଯା ଲଲାଟ ନୃପରମ୍ୟ ରମ୍ୟ । ଗ୍ରାସି ଅଳକା ତମତମ । ଯା ଅଙ୍ଗେ ଶ୍ରମଶ୍ରମ ରୋମ ଜବଗମ ଗମ ଚଳିଁ ନୂପୁର କାମକାମ । ୧୩ । ଡକାଇ ଯୋଷୀ ଯୋଷିତଙ୍କୁ ପ୍ରଶଂସି ଶଶିମୁଖୀ ଲାବଣ୍ୟ ରାଶି ରାଶି । ମନ୍ଦ ନ ରାଶି ରାଶି ଶୋକ ସରସୀ ଭସି ସେହୁ ମୁକ୍ତ ପ୍ରକାଶି କାଶୀ । ହେ ଜଳଧର । ତାପସର୍ପ ଷୋଡ଼ଶୀ

—ଲକ୍ଷଣଯୁକ୍ତ ଫୁଲପରି ଚେହେରା, ମାଣବକ—ଶିଶୁ । ୧୨ । ଗ୍ରାମ—ସମଷ୍ଟି, ମୃଗ, ଭ୍ରମକାନ୍ତ—ସ୍ୱର୍ଣ୍ଣାଙ୍ଗୀ, ଅମୃତଧାମ—ଚନ୍ଦ୍ର, ରସା—ମ୍ଳେଚ୍ଛ, ବକ୍ରମ-କ୍ରମ—ଗତି-ଶକ୍ତି ରହିତ, ନୃପ ରମ୍ୟ ରମ୍ୟ—ରମଣୀୟ ଘଣ୍ଟିକା, ଅଳକା—ଆକାଶ, ତମତମ—ଘୋର ଅନ୍ଧାର, ଶ୍ରମ ଶ୍ରମ—ସ୍ୱେଦ ଶ୍ରାନ୍ତ, କାମ କାମ—ବ୍ୟବହାର କରିବା । ୧୩ । ଯୋଷୀ – ସଖୀ ଯୋଷିତ—ସ୍ତ୍ରୀ, ରାଶି – ରାଶିଚକ୍ର, ଶୋକ ସରସୀ—ଶୋକ ରୂପକ ପୁଷ୍କରିଣୀ, କାଶୀ—ଶିବ, ରାଶି—ଋଷି; ଅପାର, ତାପସର୍ପ—ବିରହ ରୂପକ ଦୁଃଖସର୍ପ, ମୋହଗ୍ରାସୀ—ମୂର୍ଚ୍ଛିତା, ଅଶୀତକର—ଚନ୍ଦ୍ର,

ଏପରି ଚକ୍‌କଣ ଯେ; କନ୍ଦର୍ପ ଏପରି ରାତ ତା ସୁନ୍ଦରପଣ ପାଖରେ ପରାଜିତ ହେବ । ହେ ବର୍ଷା ! କନ୍ଦର୍ପ ଶରକୁ ଯାହାଦ୍ୱାରେ ଧାର ଦେଲେ ଯେପରି ମସୃଣ ଓ ଚକ୍ ଚକ୍ ଦେଖା ଯାଏ, ତତ୍ତ୍ୱଲ ସଦୃଶା ଶିଶୁ ମୃଗନୟନୀ ମୋ ଜୀବନରେ ଜୀବନ ରସିକ ହାରାବଳୀର ରୂପ ସେହିପରି ଅଟେ । ୧୨ ।

ଯାହାର ଚକ୍ଷୁ ମୃଗପରି ସୁନ୍ଦର ଓ ଦେହ ସୁନାପରି ବର୍ଣ୍ଣ ହେତୁ ମଣିଷ ନ ସୁନା ପ୍ରତିମା ବୋଲି ଲୋକେ ଭ୍ରମ କରନ୍ତି; ଏବଂ ଯାହାର ହୃଦ ଦମ ଦମ ହେବାରୁ ଚନ୍ଦ୍ର ମ୍ଳେଚ୍ଛ ହୋଇ ଗତିଶକ୍ତି ହୀନ ହୋଇଯାଉଛି, ଅର୍ଥାତ ଚନ୍ଦ୍ର ଗ୍ରହଣ ହୋଇପାରେ ନାହିଁ । ହେ ବର୍ଷା ! ଯାହାର ଲଲାଟ ପ୍ରଦେଶରେ ଘଣ୍ଟିକା ସୁନ୍ଦର ଦିଶେ ତାର କେଶପାଶରେ ଘୋର ଅନ୍ଧାର ଗ୍ରାସିଛି ବା ଦେଖୁଛି । ଅପାର ଲାବଣ୍ୟବତୀ ସଖୀମାନଙ୍କୁ ଡକାଇ ଅନ୍ୟାନ୍ୟ ସ୍ତ୍ରୀମାନଙ୍କୁ ପ୍ରଶଂସା କରି କହିଲା—ହେ, ଚନ୍ଦ୍ରମୁଖୀ ସଖୀମାନେ ! ମୋର ରାଶିଚକ୍ର ମନ୍ଦ ହୋଇ ଥିବାରୁ ମୁଁ ଶୋକ ସରସୀରେ ଭସି ଯାଉଛି । ସେହିଁମାନେ ମୋ ପାଇଁ ଦୁଃଖୀ ହେଉଛ, ସେମାନେ ଯାଇ ଶିବଙ୍କ ନିକଟରେ ଗୁହାରି କରି, ମୋ ଦୁଃଖ ଦୂରହେବା ପାଇଁ । ହେ

ବଂଶୀ । ଯେବଣ ମୋହ ଗ୍ରାସି ଗ୍ରାସୀ । ସେ ମୋ ପ୍ରେୟସୀ ଅସିତ କରହାସୀ ହା
ସୀମନ୍ତିନୀ ମଧ୍ୟକ୍ଷୀଣୀ କ୍ଷୀଣୀ । ୧୪ । କାମିସଂଘାତ ଘାତକର ସଂଘାତ ଘାତ ନ କରି
ହୋଇ ନିସ୍ତନିତ । ଶମ୍ପାସଂହତ ହତ ସ୍ୱନଭସ୍ତ୍ରିତ ସ୍ୱତଃ ତେଜ କରି ବଶ୍ଚିତ ସ୍ଥିତ ।
ହେ ଜଳଧର । ଏକାକ୍ଷୀ ଅଗମିତ ମିତ । ପାଟଣେ ଯାଇ ଜଦନ୍ତ ଦନ୍ତ । ଶୋଭନ
କାନ୍ତ କାନ୍ତ ଆଂସ ଉପର ସତ ଶୁଣି ହେବ ଉଚ୍ଚିତ୍ତ ଚିତ୍ତ । ୧୫ । ମନାଇଁ ଦେବୀ
ଦେବ ଅନଳ ହବ ହବିଷ୍ୟାଦ ବ୍ରତେ ମଜ୍ଜି ବ ଯିବ । ବାରିଗୀ ନବୀ ନବୋଢ଼ାକୁ
ଭାଜନ ଗାଳନେ କ ମଟିଛି କ୍ଷୀ ବ୍ରତ । ହେ ଜଳଧର । ସୁଟକାଜନଦ ରୁଦ ରୁଦ ।
କୋଟେ ଓଷ୍ଠକୁ କବ କବ । ଦନ୍ତେ ଲୁପିକ ପିଇ ଅମିୟ ସୁତପ୍ତ ପିବ ଇନ୍ଦ୍ର-

---

ମଧ୍ୟକ୍ଷୀଣୀ-କ୍ଷୀଣ —ସରୁ ମଧ୍ୟମା ସ୍ତ୍ରୀ । ୧୪ । କାମୀ ସଂଘାତ—ବିରହୀମାନଙ୍କ,
ଘାତକ—ହନ୍ତା, ସଂଘାତ—ଜଳଧାର, ନିସ୍ତନିତ—ବଜ୍ରହେ; ଶୂନ୍ୟତା; ସଂହତ
—ଆଘାତ, ସ୍ୱନଭସ୍ତ୍ରିତ—ପବନ, ଅଗମିତ—ଅଗମ୍ୟ ସ୍ଥାନ ।୧୫। ସୁଟକାଜନଦ
—ଜଗନ୍ନ ରକ୍ତପଦ୍ମ, ରୁଦ ରୁଦ— ଚିତ୍ତପ୍ରାପ୍ତ, କବ କବ—କବିମାନେ, ପଦ୍ମ—ବଜ

---

ବର୍ଷା ! ତାର ରୂପକ ସର୍ପ ସେ ଷୋଡ଼ଶୀକୁ ଦଂଶନ କରୁଥିବା ଦେଖୁ ବର-
ମ୍ୟାତ ମୂର୍ଚ୍ଛା ଗ୍ରାସରେ ପଡ଼ିଛି । ସେହି ଶଶୀହାସୀ ମୋର ପ୍ରିୟା ଅଟେ । ହୃଦୟରେ
ସରୁ ମଧ୍ୟା ସୀମନ୍ତିନୀ ! । ୧୩ । ୧୨ ।

ବିରହୀମାନଙ୍କ ହନ୍ତା ଜଳଧାର ପାତନ ନ କରି ( ନବରଷି ) ନିସ୍ତେଜ
ହୋଇ ଯାଅ । ବିଜୁଳୀ ଘଡ଼ି ଘଡ଼ି, ପବନ ଇତ୍ୟାଦି ପ୍ରକୃତରେ ତ୍ୟାଗ କରି
ମୋର ଦୁଃଖିତ ସ୍ଥିତ କର । ହେ ବର୍ଷା ! ତୁମେ ମୋର ଦୂତ ହୋଇ ଏକାକୀ ଯାଅ ।
ମୁକ୍ତାପରି ଉଜ୍ଜ୍ୱଳ ଦନ୍ତୀ ପ୍ରିୟାକୁ ମୋର କହିବ, ଅଗମ୍ୟ ଅନ୍ତଃପୁରରେ ବାର୍ତ୍ତା
ଦେବ—ଗୋ ପ୍ରିୟେ ! ତୁମେ କାନ୍ତଙ୍କଠାରେ ଆଶାରଖ । ଏ କଥା ଶୁଣିଲେ ତାଙ୍କ
ମନ ନିଶ୍ଚେ ଆନନ୍ଦ ହୋଇ ଉଠିବ । ୧୫ ।

ଦେବୀଙ୍କୁ ସନ୍ତୋଷ କରି ଅଗ୍ନିକୁ ଘୃତ ଧାର ଖୁଆଇବ ଓ ହବିଷ୍ୟ, ବ୍ରତ
ଇତ୍ୟାଦିରେ ଲିପ୍ତ ହେବ । ପ୍ରିୟା ତାର ମାଗୀ ବନ୍ଧୁକୁ ଯେଉଁ ଶକ୍ତ କରିଥିଲେବି
ଚାଣି ଓଠାର ପିଠିଲଲିବେଳେ ଭାବୁଥିବ—ମୁଁ ବଞ୍ଚିଛି ନାଁ ମରିଛି । ହେ
ବର୍ଷା ! ରକ୍ତ ପଦ୍ମର ରୁଦକୁ କବିମାନେ ଓଷ୍ଠ ସଙ୍ଗରେ ତୁଳନା କରିଥାନ୍ତି ।
ସେହି ରକ୍ତପଦ୍ମ ଅଧରର ଓଷ୍ଠାଧର ବଜ୍ର ପରି କଠିନ ହୋଇଥିଲେ ମଧ୍ୟ ମୁଁ
ମୋ ଦନ୍ତରେ ଲୁପି ଧରିବ । ତହିଁରୁ ଅମୃତ ଝରି ଝରି ମୋର ତୃଷ୍ଣା
ନିବାରଣ କରିବ । ଏତିକରେ ଇନ୍ଦ୍ର ପଦଟା ହଟି ଗଲା ବୋଲି
ଜାଣିବ । ୧୬ ।

ପଦବୀ ତହ । ୧୬ । ପିନ୍ଧାଇ ନେତ ନେତ ସହସ୍ର ପତ୍ରପତ୍ର ଯେ ଖଣ୍ଡେ ଲକ୍ଷ୍ୟ ପ୍ରାନ୍ତ-ପାତ । ଉରତେ ଗୋତ୍ର ଗୋତ୍ରଜତେ ପତ୍ରର ବତ୍ରକେ କି ଲେଖିବ ଶତ ଶତ । ହେ ଜଳଧର । ହୃଦୟ୍ରୁ ଏ ଦ୍ୱିମାତ୍ର ମାତ୍ର । ପାରି ନ କରି ସାତ ସାତ । ନୟନ ମିତ୍ର ମିତ୍ର ହେବ କେମନ୍ତ ମାତ୍ର ହେଲ ତନ୍ୱୀ ଅପାର ପାତ ।୧୭। ଦେଖ ଲମ୍ପଟେ ପଟେ ସ୍ୱତେ ନ ଛଟେ ଖଟେ ହେବ କି ଧରି ଭେଟେ ଭେଟେ । ସେ ସ୍ତନ ଖଟେ ଘଟେ ଧରୁ ଉତ୍କଣ୍ଠେ ଝଟେ ଡାକିବ କି କପଟେ ପଟେ । ହେ ଜଳଧର । କାହିଁ ବୋଲିବ ସ୍ଫୁଟେ ସ୍ଫୁଟେ । ତନ୍ତ୍ର ମନାଇଁ କଷ୍ଟେ କଷ୍ଟେ । ନିନ୍ଦା କୁକ୍କୁଟେ କଟେ ପ୍ରାତେ କରଟେ ରଟେ ହେବ ଥାଉଁ ଦୁର୍ଘଟେ ଘଟେ ।୧୮। ଦେବ ସମ୍ପୂର୍ଣ ଛାଣେ ହରିତବାସ ବାସ ଜାତି ଯାହିଁ ସ୍ୱଦେଶେ ଦେଶେ । ହେଉ ଚରଣ ରସବନ୍ତ ଆଶ୍ଳେଷ ଶ୍ଳେଷଭାଷ

। ୧୬ । ନେତ ନେତ—ଭଲ ଲୁଗା, ସହସ୍ର ପତ୍ର ପତ୍ର—ପଦ୍ମପତ୍ର, ପାତ ପାତ—ଯୋଗ୍ୟପତ୍ର, ଗୋତ୍ର ଗୋତ୍ର—ବଂଶ; ପର୍ବତସବୁ, ବତ୍ରକେ—ବ୍ୟସ୍ତତ, ଦ୍ୱିମାତ୍ର—ଦ୍ୱିକଥା । ୧୭ । ସ୍ୱତେ—ବିଶ୍ୱାସ; ପରତେ, ପଟେ—ଲୁଗାରେ, ସ୍ଫୁଟେ—ପ୍ରକଟେ; ସ୍ପଷ୍ଟଭାବେ, କୁଟେ—ଦୁନ, କରଟ—କୁଆ, ଦୁର୍ଘଟେ—କଷ୍ଟରେ । ୧୮ । ଶ୍ଳେଷ ଭାଷା—ଭଙ୍ଗୀକଥା, ଆଶ୍ଳେଷ—କବାପିତ, ଶ୍ଳେଷ—କାମଭାବ, ଜଣୁଲତା-

ପଦ୍ମପତ୍ର ତୁମ୍ଭ ତା ଅଙ୍ଗରେ ମୁଁ ଉତ୍ତମ ବସ୍ତ୍ର ପିନ୍ଧାଇବି । ତାର ପର୍ବତ ପରି ଉଚ୍ଚ ସ୍ତନ ଯୁଗ୍ମରେ ପତ୍ରର ଶତ ଲେଖିବି । ମୋ ମନରେ ଏହି ଦୁଇଟି କଥା ଅଛି । ପୁଣି ଯାମିନୀ ଶେଷ ହେବା ପର୍ଯ୍ୟନ୍ତ ତାର ଏହି ସକଳ ଶୋଭା ନେତ୍ରକୁ ମୋର ଖୁସି କରୁଥିବ । ଏତିକବେଳେ ସେ ଅପାର ମଦନର ଜ୍ୱାଳାରେ ଦହନ ହେଉଥିବ । ୧୬ ।

ଏ ଲମ୍ପଟଙ୍କୁ ସ୍ନେହ ସହିତ ଦେଖ । ମନରେ ବିଶ୍ୱାସ ଖଟୁନାହିଁ, ଦେଖା ହେଲାମାତ୍ରେ ଧରି ଧରି କରି ଖଟ ଉପରକୁ ନେବ କି ? ତାର କୁଚ କଳସକୁ, ଯେବେ ଉତ୍କଣ୍ଠିତ ହୋଇ ଧଇଲାବେଳେ ଟିକିଏ କପଟ ପଣିଆ ଦେଖାଇ ଝଟକରି ଲୁଗାରେ ଘୋଡ଼ାଇ ଦେବ କି ? ହେ ବର୍ଷା ! ସ୍ପଷ୍ଟ ସ୍ୱାର ଭାବେ ପ୍ରକଟ ହୋଇ ସତ କାହିଁ କହିବ ଏ, ତେବେ ସେ ବୁଝି—ଅପାର କଷ୍ଟରେ ମନାଇବାକୁ ପଡ଼ିବ । ଏମିତି ହେଉ ହେଉ ପଛ କୁକୁଡ଼ା ଡାକିବ ଏ ଓ କାଉ ବୋବାଏ, ତେବେ କଷ୍ଟରେ ଘଟିଥିଲେ ବି ନିନ୍ଦା ହେବ । ୧୮ ।

ସେହି ଭସ୍ତରେ ମନାସ କରୁଛି, ଦେଖିଲେ ଗଲେ ଶିବଙ୍କୁ ଗଉଣ ଫୁଲ ଓ ଶ୍ରୀକୃଷ୍ଣଙ୍କୁ ପୀତବସ୍ତ୍ର ସଙ୍ଗେ ମାଳତୀ ଫୁଲମାଳା ଦେବ, ରସବନ୍ତ ପ୍ରିୟାର ଚରଣ,

ହେଉ ନଶ୍ଳେଷ ଶ୍ଳେଷ । ହେ ଜଳଧର । କଣ୍ଠଲତା ବ୍ୟାକୋଷ କୋଷ । ମୋତୁ ଘୋଡ଼ୁ ପ୍ରବାସ ବାସ । ତ୍ରିପୁର ଦ୍ୱିଷଦ୍ୱିଷ ଧରେ ଅନଳ ଶଳାକର ଅପଦ୍ବେଷ ବେଷ । ଲୋକେ କି ଆଶେ ଆସେ ନାହିଁ ତ ଦଣେ ଦଣେ କ୍ଷଣେ କ୍ଷଣେ ନ ଦଣ୍ଡେ ଦଣେ । ତୋଷପ୍ରଦା ନସ ଦାସେ କପାଁ ପୂରୁଷେ ରୁଷେ ପରଜନସ୍ନେହାସେ ହାସେ । ହେ ଜଳଧର । ଧୈର୍ଯ୍ୟଭୂମି ଆକର୍ଷେ କର୍ଷେ । ସୁଶୀତଳଗାତ୍ରା ସେ ତ୍ରାସେ । କାମୀ ବିରସେ ରସେ ଶୋକରେ ଖସେ ଖସେ ଉପେନ୍ଦ୍ର ହରଷେ ରସେ । ୨୦ ।

---

ବ୍ୟାକୋଷ—ପ୍ରଫୁଲ୍ଲିତ ହେଉ, କୋଷ—କଢ଼ଥାସ୍ତୁ, ତ୍ରିପୁର ଦ୍ୱିଷଦ୍ୱିଷ—କନ୍ଦର୍ପ । ୧୯ । ତୋଷପ୍ରଦା—ସନ୍ତୋଷ ଦାୟିନୀ, ଆକର୍ଷ—ଟାଣେ, କର୍ଷେ—କଷେ, କାମୀ—ବିରହୀ, ରସେ—ମଜ୍ଜେ, ରସେ—ରସରେ । ୨୦ ।

---

ଆଲିଙ୍ଗନ, ଭଙ୍ଗୀ କଥାମାନ ଉପଦେଶ କରି କାମତାପ ନିର୍ବାପିତ ହେବାପାଇଁ । ହେ ବର୍ଷା ! ମୋର ଆଶା କଢ଼ ପରି ମୁଦ୍ରିତ ନ ହୋଇ ପ୍ରଫୁଲ୍ଲିତ ହେଉ । ପ୍ରବାସରେ ବାସ କରିବା ଛୋଡ଼ନ୍ତୁ । କନ୍ଦର୍ପ ସଦାସର୍ବଦା ତାର ଅସ୍ତ୍ରକୁ ମୋତେ ବୃଥା ଖର କରୁଛି । ୧୯ ।

ସେ ତୋଷଦାୟିନୀ କେଉଁ କାରଣରୁ ବିରହୀମାନଙ୍କରେ ଦେଖାଯାଇ ସୁଦ୍ଧା ମୋ ଲୋକଙ୍କୁ ଆସୁନାହିଁ । କ୍ଷଣେ କ୍ଷଣେ ଦିଶିଯାଏ, ପୁଣି ଦଣେ ନାହିଁ । ଦାସ ଜନ ସ୍ନେହୀ ସେ । ପୁରୁଷ ପ୍ରତି କାହିଁକି ରୁଷିଛି ? ମୋର ଧୈର୍ଯ୍ୟ ରୂପକ ଭୂମିକୁ ଓଟାରି ନେଇ କର୍ଷଣ କରୁଅଛି । ଭୟ ଓ ତାପ ନିବାରଣ ନିମନ୍ତେ ସୁଶୀତଳ ଦେହା ସେ ତା ମନରେ କଣ ଦାସଜନ ପ୍ରତି ଦୟା ନାହିଁ ? ଭୟ ପାଇ ବିରହୀ-ଜନ ଦୁଃଖରେ ମଜ୍ଜି ଶୋକରେ ଖସୁଛି । ତେଣେ ହର୍ଷରେ ଉପେନ୍ଦ୍ର ରସିଗଲେ । ୨୦ ।

## ପଞ୍ଚଦଶ ଛାନ୍ଦ

[ ରାଜପୁତ୍ରର ଗୃହକୁ ପ୍ରତ୍ୟାଗମନ ବୃତ୍ତାନ୍ତ ]

ରାଗ—କଉଶିକ

କୁମାର ବିହରେ ଇଳାବୃତ୍ତଖଣ୍ଡେ ଭ୍ରମେ ପୌରଜନ ସମାଜେ । ଭାଗ୍ୟରୁ ତାହାଙ୍କ ନୟନ ଗୋଚର ଆସିଥିଲେ ପଥେ ବାମାଏ । ଦେଖି ସେମାନେ, ଭାବନ୍ତି ସୁନ୍ଦରୀ-ଭମାନେ ! ଚନ୍ଦ୍ର ଅଶ୍ୱିନୀକୁମାର ମାରକୁ ଏ ଉଣିବ କି ଆଜ୍ଞ ଗୁମାନେ ।୧। ଆମ୍ଭ ମନୋହାରୀ ଅପସବ୍ୟ ବାର କାମୀ କାମିନୀର ପ୍ରମାଣ । ଏହାଙ୍କରେ ଈକ୍ଷଣ କ୍ଷଣ ପଡନରେ ଆମ୍ଭଙ୍କୁ ତେଜନ୍ତି ନ ପୁଣ । ତାଙ୍କ ସ୍ୱଭାବ । ଭାବରସେ କଣ ନୁହନ୍ତି । ଭ୍ରମର ପୀରତି ରତିଦା କୁମୁଦ ବଧୂ ଦେଖିଲେ ଚକିତନ୍ତି ।୨। ରାଜେ ରାଜେନ୍ଦ୍ରନନ୍ଦନ ପ୍ରାପ୍ତ ହେଲେ ଧନ ଅପ୍ରତୁଳ ନ ଥିବ । ମାନସ ମାନ ସଲୋଭିତ

---

ବିହରେ—ବିଚରଣରେ, ଇଳାବୃତ୍ତ ଖଣ୍ଡେ—ମେରୁପ୍ରଦେଶରେ, ବାମାଏ—ଚୌଦୋଳାରେ, ସୁନ୍ଦରୀଭମାନେ—ସୁନ୍ଦରୀଗଣରେ ।୧। ଅପସବ୍ୟବାର—ଅପ୍ସରା-ଗଣ, ଈକ୍ଷଣ—ଦୃଷ୍ଟି, କାମୀ କାମିନୀ—କାମାଭିଳାଷିଣୀ, ଭ୍ରମରେ—ଭୃଙ୍ଗ-ଠାରେ, ରତିଦା—ରତିଦାନ କାରିଣୀ ।୨। ରାଜେ—ବିରାଜିତ ହୁଏ, ଅପ୍ରତୁଳ

---

ଏହିପରି ରାଜପୁତ୍ର ଦୁଃଖୀ ଲୋକ ପରି ମେରୁପ୍ରଦେଶରେ ଭ୍ରମଣ କରୁଥାଏ । ଥରେ ପଥ ଲୋକମାନେ ସେଠାକୁ ଆସିଥିବାରୁ ଭାଗ୍ୟ ତାକୁ ଦେଖିଲେ, ତାର ରୂପ ଅତି ସୁନ୍ଦର ହୋଇଥିବାରୁ ବିଚାର କଲେ—ଚନ୍ଦ୍ର, ଅଶ୍ୱିନୀ କୁମାର ଓ କନ୍ଦର୍ପ ଏମାନଙ୍କ ରୂପରେ ଏ ଆଜ ଉଣିଦେବ ନାହିଁ ।୧।

ଆମ୍ଭମାନଙ୍କ ପରି ଅପ୍ସରାସମୂହ ସବୁବେଳେ କାମୁକମାନଙ୍କ ନାମରେ ଅଭିହିତ । ଏ କୁମାର ଉପରେ ସେମାନଙ୍କ ନଜର ପଡ଼ିଲେ ଏହା ରୂପରେ ଭୁଲି ଆମ୍ଭମାନଙ୍କୁ ତ୍ୟାଗ ନ କରିବେ କି ? କେବଳ ଭାବ ଅଥବା ସ୍ନେହରେ ବଶ ହେବା ସେମାନଙ୍କର ସ୍ୱଭାବ ନୁହେଁ । ସୁନ୍ଦର ପୁରୁଷ ଦେଖିଲେ ରତି ପାଇଁ ତା ନିକଟରେ ମଧ୍ୟ ଆନୁଗତ୍ୟ ପ୍ରକାଶ କରନ୍ତି । କିପରି ? କଇଁଫୁଲର ଭ୍ରମରଠାରେ ପ୍ରୀତି ଅଛି ଏବଂ ତାକୁ ରତି ଦାନ କରେ । ଏହା ବୋଲି ଚନ୍ଦ୍ରକୁ ଦେଖିଲେ ତ ପୁଣି ଫୁଟେ ।୨।

ତେଜରେ ବଡ ରାଜେଶ୍ୱରର ପୁଅ ପରି ଦିଶୁଛି । ଏହାର ଧନର ଅଭାବ ନଥିବ । ଏହାକୁ ଦେଖିଲେ ମନରେ ଲୋଭ ଆସୁଛି । କେଣୁ ସୁନ୍ଦର ଗୁଣରେ

ପୁଣ ତ ଏ ଗୁଣେ ଅଧିକ କରିବ । କଳୀ ବଳତ । କେ ହେବ ନୋହୁଛୁ ସ୍ଥଗିତ ।
ବିଧି ବିଧିନ୍ତୁ କାହାର ସୁନ୍ଦର ଏ ଏଥି ଥିବା ନୋହେ ଜଣତ । ୩ । ପୁଚ୍ଛିଲେ
କେଉଁ ଦେଶୁଁ କେଉଁ କମକେ ପ୍ରବେଶ ଏ ଭୂତଳ ତର । ବାନ୍ଧିଲ ସବୁସେ ମନେ
ଯେନୁଅଛୁ ତୁମ୍ଭକୁ ସୁକୁମାର ମାର । କହ କହତ । ଚିତ୍ତଦୁଃଖ ଜକର କର ।
ଆମ୍ଭେ ଦେବତା ବଚନ ଜାଣ ସତ୍ୟ ସତ୍ତ୍ୱର ଦେବା ବରବର । ୪ । ଉତ୍ତମ କଷ୍ଟ
ଯେତେ ଯେତେ ପାଇଲ ଜବାର ଆସିବାରେ ସର । ତରକଦଳ୍ପୀ ବିଚ୍ଛେଦ ସବୁଁ
ବଳି ହେଲ ଏ ଦୁଃଖ ନାଶ କର । ଗୁଣି ସେ ପୁଣି । ସନ୍ତତ ଦୁଃଖୀ ହେଲ ସତ ।
ମତ୍ତ ଗଜଗତି ଦଙ୍ଗ ହୋଇବା ବିନୁଲ ନାହିଁ ଅନ ମତ । ୫ । ଛନ୍ଦ ତେଜ
ପକ୍ଷେ ଶ୍ରବଣେ ପୂର୍ତ୍ତି ତା କରିବାରେ ମନୋରଥକୁ । ରଥକୁ ସାଜ ବଶାଇ

—ଦୁର୍ଲ୍ଲଭ, ବିଧି ବିଧିନ୍ତୁ—ବିଧାତା ନିର୍ମାଣ ହେଲୁ । ୩ । ଭୂତ—ଭୂମି, ଜକର
—ପ୍ରକାଶ । ୪ । ସର—ଶର, କରକଦଳ୍ପୀ—ଛାଳମ୍ଭ ବାଳଛାସ୍ଥ ଯେଉଁ ନାରୀର
ଦନ୍ତସନ୍ତ, ସଙ୍ଗତ—ମେଳ । ୫ । ଶତ୍ରୁ ତର—ଗଜପୁତ୍ର, ତୋଷତ—ସେ ତୋଷ

ଅଧ୍ଵର ଜନ୍ମପାଇ । ତା ଉପରେ ଏହାଠାରୁ ବଳ ବଳବାନ ନୃପ ଆମ୍ଭ ଭିତରେ
ହୋଇ ପାରିବ ବୋଲି ବିଶ୍ୱାସ ହେଉନାହିଁ । ଏହାର ସୁନ୍ଦର ପଣିଆ ବିଧାତା
ସୃଷ୍ଟିରୁ ନିଷ୍ପନ୍ନ କାହାର ଅଛି । ତେଣୁ ଏ ଏଠାରେ ଥିବା ଉଚିତ ନୁହେ । ୩ ।

ତା ପରେ ପଚାରିଲେ—"ହେ ବୀର, କେଉଁ କାର୍ଯ୍ୟ ଆଶାରେ କେଉଁ
ଦେଶରୁ ଆସି ଏ ଭୂମିରେ ପହଞ୍ଚିଅଛ ? ହେ ସୁକୁମାର ରାଜପୁତ୍ର ! ମୁଁ ମନରେ
ବୁଝୁଛି କନ୍ଦର୍ପ ତୁମକୁ ବନ୍ଦୀ କରି ବାନ୍ଧି ପକାଇଛି । ଆମ୍ଭମାନଙ୍କ ଆଗରେ ତୁମ
ମନର ଦୁଃଖ କଥା ପ୍ରକାଶ କର । ଆମ୍ଭେମାନେ ମନୁଷ୍ୟ ନୋହୁ, ଦେବତା ।
ଆମ୍ଭମାନଙ୍କ ବଚନ ସତ୍ୟ ଅଟେ । ତେଣୁ ତୁମ ଦୁଃଖ କଥା ଶୁଣିଲେ ଶ୍ରେଷ୍ଠବର
ଦେବା" । ୪ ।

ଏ କଥା ଶୁଣି ରାଜପୁତ୍ର କହିଲ—"ପକ୍ଷସମାନେ ଶୁଣ ହେଉ,
ତୁମ୍ଭମାନଙ୍କୁ ଉପାଶ କରିବାକୁ ଆସି ଯେତେ ଯେତେ ଦୁଃଖ ପାଇଲି, ସମସ୍ତ
ଦୁଃଖକୁ ମୋ କରକରଦାନା ସ୍ତ୍ରୀ ବିଚ୍ଛେଦ ଦୁଃଖ ବଳିଗଲା । ତୁମ୍ଭେ ତ ଦେବତା ।
ମୋର ଏ ଦୁଃଖକୁ ନାଶ କରିଦିଅ । ସେହି ସ୍ତ୍ରୀର ଗୁଣ ଗୁଣି ନିରନ୍ତର ମୁଁ ଦୁଃଖୀ
ହେଉ । ସେହି ମତ୍ତଗଜଗାମିନୀ ସଙ୍ଗେ ମେଳ ହେବା ବ୍ୟତୀତ ମୋର ଆଉ ଅନ୍ୟ
ଚିନ୍ତା ନାହିଁ" । ୫ ।

ଏ କଥା ଶୁଣି ପକ୍ଷୀମାନେ ଛନ୍ଦ ତ୍ୟାଗ କଲେ ଏବଂ ତା ମନରେ
ଅଭିଳାଷ ପୂରଣ କରିବା ପାଇଁ ଆପଣା ରଥ ସଜ କରି ଶତ୍ରୁ ଜୟ କରିଥିବା

ଛାଡ଼ିଗଲେ ବନ୍ଦୀକାରେ ଶତ୍ରୁ ଜିତଲୁ । ତାଙ୍କୁ ତୋଷଦ । ହେଲା ଦାସ୍ୟଦୃଶ-ନୋଚନ । ଜନକଗୋସାଇଁ ଦେଖିବ ଏ ବର ମାଗିଲ ହୋଇଣ ଭଜନ୍ନ । ୬ । ହରିତବସନ ଦର୍ଶନ ନାଶନ କଲା ତମସକୁ ସତ୍ୱର । ବୈଷ୍ଣବ ସଙ୍ଗରେ ରଙ୍ଗରେ ନଗରେ ପ୍ରବେଶ ହୋଇଲା ତାହାର । ହୋଇ ସ୍ୱଜନ । ରଞ୍ଜନ ତପନେ ତଳେଲ । ଜଳା ସେ ବନ୍ଧର ମଧ୍ୟର ମଞ୍ଜର ନସ୍ୟନା ପୂରକୁ ଦେଖିଲା । ୭ । ସଖୀ ନେତ୍ର ଜଳ ପୂରିତ କଜ୍ଜ୍ୱଳ ନାଶିଛୁ ତରଙ୍ଗ ଉଜ୍ଜ୍ୱଳ । ଶରୀର ଦୁର୍ବଳ ଶୋଷିଲୁ କବଳ କରିଛୁ ଶଙ୍କା ମହାବଳ । ଶୋକ ପ୍ରବଳ । ଜଳପ୍ରାଣା ସର୍ବ ଅବଳା । ତା ସେ କଷଟିଭୂଜା ସ୍ୱରୂପକୁ ଭୂଜା ହୋଇଛି ରଜତପିତୁଳା । ୮ । ନଳଦ ଅସିତ ଆଦ୍ୟରେ ହୋଇଛି ବୃତ୍ତାନ୍ତ କଥା ପରସ୍ପରେ । କାନ୍ତ ନ ଆସିଲେ ଆସିବେ କାଳାର ଗ୍ରାହକ

ହାନ କରେ, ତୋଷଦ—ତୋଷଦାୟକ । ୬ । ହରିତବସନ—ଶ୍ରୀକୃଷ୍ଣ, ତାମସ—ଅନ୍ଧାର, ରଙ୍ଗରେ—କୌତୁକରେ, ମଞ୍ଜର ନସ୍ୟନା—ମଞ୍ଜୁ ଖଞ୍ଜନ ନୟନା । ୭ । କଷଟୁଳା—କଷଟି ପଥରରେ ଘଷି ତୁଳନା କରାଯିବା । ୮ । ନଳଦ ଆଦ୍ୟରେ ଅସିତ—ଅନଳଦ ଅର୍ଥାତ୍ ଦେହ ଉତ୍ତାପ ବଳାରଣ କରୁଛି । ବଧିବର

ରାଜପୁତ୍ରଙ୍କୁ ନେଇ ବନ୍ଦୀକାରେ ଛାଡ଼ିଦେଲେ । ବନ୍ଦୀ ଦାସ୍ୟପୂର୍ଣ୍ଣ ଦର୍ଶନ ତା ଆଖିକ-କୋଣ ହାନ କଲା ଏବଂ ସେ ଅଥୟ ହୋଇ ସୁନାଗୋସାଇଁକ ଦେଖିବ ବୋଲି ନାରାୟଣଙ୍କୁ ବର ମାଗିଲା । ୬ ।

ତା ମନରେ ଯେଉଁ ଦୁଃଖ ଅନ୍ଧାର ଘୋଟିଯାଇଥିଲା, ତାହା ଶ୍ରୀକୃଷ୍ଣଙ୍କ ଦର୍ଶନରେ ବିନାଶ ହେଲା । ସାଧୁ ସନ୍ନ୍ୟାସୀମାନେ ଦର୍ଶନକୁ ଆସିଥିବାରୁ ସେମାନଙ୍କ ସଙ୍ଗେ ସଙ୍ଗ ହୋଇ ଉଦସ୍ୟ ଖୁସିରେ ପହଞ୍ଚି ଗଲା ନିଜ ନଗରରେ । ଆପଣାର ସାଙ୍ଗ ଗୁଣ୍ଡାମାନେ ଶୁଣି ଦଉଡ଼ି ଆସିଲେ । ରାଜପୁତ୍ର ସେମାନଙ୍କ ସଙ୍ଗେ ମିଳିତ ହୋଇ ସ୍ୱଭବାଟୀରେ ପହଞ୍ଚି ପ୍ରଥମେ ଜଣାଇ ଦେଲା ରସିକ ହାରାବଳୀ ସୁନ୍ଦରୀକୁ । ତାର ମନେ ହେଲା ଗୋଟାଏ କାରାଗୃହ ପରି । ୭ ।

ପୁଣି ଦେଖିଲା—ବାଳସା ନୟନରୁ ଅଶ୍ରୁଧାର ବହି ଲଗାଇଥିବା କଳା ଆଖି ଡୋଳାରେ ଉଜ୍ଜ୍ୱଳତା ନଷ୍ଟ କରିଛି । ଦେହ ଦୁର୍ବଳ ହୋଇଛି । ମହା-ବଳବାନ୍ ଶଙ୍କା ସୌନ୍ଦର୍ଯ୍ୟ ରସକୁ ଗିଳି ଦେଇଛି । ତା ପାଖରେ ଯେତେ ସଖୀ ଥିଲେ ସେମାନେ ମଧ୍ୟ ଶୋକ ପ୍ରବଳ ହେତୁ ଜଳହୀନା ହୋଇଛନ୍ତି । କଷଟି ପଥରରେ କଷରୂଜ ହେଉଥିବା ସ୍ୱର୍ଣ୍ଣାଙ୍ଗୀ, କାମ ତାପରେ ଦଗ୍ଧ ହୋଇ ସୁନା ପ୍ରତିମା ପରିବର୍ତ୍ତେ ରୂପା ପ୍ରତିମା ଜଣାଛି । ୮ ।

ସଖୀମାନେ ନିଜ ନିଜ ମଧ୍ୟରେ କଥାବାର୍ତ୍ତା ହେଉଛନ୍ତି—ସ୍ୱାମୀ ନ ଆସି-ବାରୁ ସଖୀଙ୍କୁ ଅସ୍ଥିର କ୍ଷୁବ୍ଧ ହୋଇଛି । ଆସିଲାମାତ୍ରେ ତାଙ୍କ ସ୍ତ୍ରୀର ପ୍ରାଣ ନିଷ୍କ୍ରିତ-

ଉତ୍ତବ ବର୍ଦ୍ଧରେ । ଉପଗୁଡ଼ ଯେ । ଦେବବଲ୍ଲଭ ଦେବ ଯଶ । ଦେଖି ରସିକଙ୍କୁ ଏହି ସମୟରେ ଚେଣକେ ସଜନୀ ଅଧୀରା । ୯ । କହିଲେ ପ୍ରାଣ ପରି ହେଲା ନ କର ପ୍ରାଣ ହେଲା କର ଏଥର । ପ୍ରିୟବାଦନୀ ନୋହିବୁ ହୋଇଛୁଟି ପ୍ରିୟବାଦନୀ ତତପର । ଆରେ ସଜନୀ । ଆଇଲେ ତୋର ପ୍ରାଣନାଥ । କାମରେ ଅବରୋଧୀ ନୋହିବୁ ହୋଇବୁ କାମରେ ଅବରୋଧୀ ଯଥାର୍ଥ । ୧୦ । ମିତ୍ର ମିତ୍ରଧ୍ୱଜ କ କଲା ଜୀବନେ ଆଜି ଶୁଭକର୍ମ ଆମ୍ଭର । ରସବଶେ ଈଶ ବଲ୍ଲଭା କରିବ ରାମସୁତ ଲକ୍ଷ୍ମୀ ବାସର । ବାଣ ନନ୍ଦନୀ । ସମୟେ ଲଜ୍ଜା ନ ଭଜିବ । ଭାଦ୍ରା ଶତଭାଗ ଗର୍ବ ଖର୍ବ ହେଲା ଏଣିକି ଅଚ୍ଛେଦ ନୋହିବ । ୧୧ । ଏ ସମୟେ ଯାଇଁ ପ୍ରବେଶ ଗୀତବେଶ ସୁନ୍ଦରୀ କଲା ଅଞ୍ଜଳି । ନୟନପଦ୍ମରେ ପ୍ରିୟର ପଦ୍ମର ଧନ୍ୟ ମାନ ହେଲେ

---

—ନଷ୍ଟ ତନୁଥିବ, ଦେବ ବଲ୍ଲଭ—ଦେବତା ଭଳି ସ୍ୱାମୀ, ଅଧୀରା—ଅସ୍ଥିରତା । ୯ । ପ୍ରିୟବାଦନୀ—ଯେଉଁ ସ୍ତ୍ରୀ ପ୍ରିୟକଥା କହେ, କାମରେ—କନ୍ଦର୍ପ । ୧୦ । ରସବଶେ—ରସ ଆଶାରେ, ରାମସୁତ—ଲବ, ବାଣନନ୍ଦନୀ—ଊଷା, ଭାଦ୍ରା ଶତ ଭାଗ—କନ୍ଦର୍ପ । ୧୧ । ଅଞ୍ଜଳି—ବନ୍ଦନା, ନୟନପଦ୍ମ—ଅଶ୍ରୁ । ପଶ୍ଚାତ—

---

ରୂପେ କହୁଥିବ । ତାଙ୍କ ଦେବତା ପରି ସ୍ୱାମୀ ଉପସ୍ଥିତ ହେବେ । ଏହି ସମୟରେ ରାଜପୁତ୍ର ପହଞ୍ଚିଗଲେ । ସେ ରସିକଙ୍କୁ ଦେଖି ସଖୀମାନେ ଅସ୍ଥିରତା ତ୍ୟାଗ କଲେ । ୯ ।

ରସିକ ହାରାବଳୀକୁ କହିଲେ—"ଆଗୋ, ତୁମ ଜୀବ ଜୀବନ ଆସି ଗଲେଣି । ତାଙ୍କୁ ଅବହେଳା ନକରି ନିଜ ପ୍ରାଣ ଯେପରି ଭାବିବ, ତା ପ୍ରତି ଯତ୍ନବାନ୍ ହୁଅ । ତାଙ୍କୁ ଅପ୍ରିୟ କଥା ନ କହି ପ୍ରିୟବାଦନୀ ହେବାକୁ ଚେଷ୍ଟା କର । ତାଙ୍କ ଇଚ୍ଛା ବିରୁଦ୍ଧରେ କିଛି କରି ବସିବା । ଗୋ ସଖୀ, ସ୍ୱାମୀ ତୋର ପାଖକୁ ଆସିଲେ ତାଙ୍କର କୌଣସି କାର୍ଯ୍ୟକୁ ଅବରୋଧ ନ କରି, ରତି ରସ ଲାଭବେଳେ ଅବରୋଧ ହେବୁ ଅର୍ଥାତ୍ ଶରୀରକେ ରତି ଯୁଦ୍ଧରେ ଯୋଗ ଦେବୁ" । ୧୦ ।

ମିତ୍ରଧ୍ୱଜ ନାମରେ ରାଜପୁତ୍ରର ଜଣେ ମିତ୍ର କହିଲା—"ଆମ୍ଭର ଶୁଭ କର୍ମଫଳ ହେତୁ ତୁମ୍ଭ ସଙ୍ଗେ ସାକ୍ଷାତ ହେଲା । ଏଣିକି ପତି ପତ୍ନୀ ଦୁହେଁ ରସରେ ମଗ୍ନ ହୋଇ ଅଧ ରାତ୍ରିକୁ ଲବପରି କଟାଇବ । ଲବ ଆଉ ଉଷା ସମୟକୁ ଭାଙ୍ଗିବ ନାହିଁ । ଶତ ଅନଙ୍ଗ ହେତୁ ଏଣିକି କାମଦେବର ଗର୍ବ ଖର୍ବ ହେଲା । ଆଉ ଅଚ୍ଛେଦ ହେବ ନାହିଁ" । ୧୧ ।

ଠିକ୍ ଏହିକ୍ଷଣବେଳେ ସ୍ୱାମୀ ପାଇ ପହଞ୍ଚିବାରୁ ସୁନ୍ଦରୀ ରସିକ ହାରାବଳୀ ଯଥାର୍ଥ ବନ୍ଦନା କଲା । ସ୍ୱାମୀ ତାଙ୍କୁ ଧନ୍ୟବାଦ ଦେଇବେଳକୁ ଆଖି ଲୁହରେ

ସଖୀଙ୍କ । ଧବେ ହେଲ ହେ । ଦୃଢ଼େ ଲଗାଇ ଆଲିଙ୍ଗନ । ଉତ୍କଣ୍ଠା ବଶରେ ଦନ୍ତେ ଖଣ୍ଡିଯତ୍ନେ ହେଲ ଏଣୁ ତେଣୁ ଚୁମ୍ବନ । ୧୨ । ଦୁଇ ଗଳକ ଅପଲକ ହୋଇଲେ ମିଳିଲେ ସ୍ମରପଲଙ୍କରେ । ଭାବିଲେ କି ସୁଖ ଭୋଗବତୀପୁରେ ଅମରାବତୀ ଅଳକାରେ । ଷଧି ସତତା । ଉତ୍ସବ ହେବା ନ ଜାଣିଲେ । ଆମ୍ଭ ଭାଗ୍ୟରୁ ହେଲ ବ୍ରହ୍ମନଶୀ କି ଦୁର୍ଦ୍ଦିନକୁ ମଣିଲେ । ୧୩ । ଶରତକାଳରେ ଦ୍ୱିରଦଗମନା ସେନ ଚନ୍ଦ୍ର କରେ କହର । କ୍ରମରେ ସୁଷମ ମଣ୍ଡପସ୍ଥ ମଧ୍ୟେ ମନସିଜ ରଙ୍ଗ ପ୍ରବୃତ୍ତି । ଗ୍ରୀଷ୍ମ ଶିଶିର । ନଣାରେ ନଣାଙ୍କୀ ସଙ୍ଗରେ । ନଣାରେ ଅନାଦର କରି କଷ୍ଟେଲ ନାନା କୁତୁକ ପ୍ରସଙ୍ଗରେ । ୧୪ । ବସନ୍ତେ ବସନ୍ତବସନ ପିନ୍ଧାଇ ବସନ୍ତଦୂତ ବଚନାକୁ । ଚର୍ଚ୍ଚସ୍ତ ଆଚରି ବପିନେ ବିଳସି ଫୁଲମାଳକା ରଚନାକୁ । ତପ ଋତୁରେ । ତପ-

---

ଧୋଇ । ଧବେ—ସ୍ୱାମୀକୁ, ଉତ୍କଣ୍ଠା—ଆବେଗ, ଧବ—ପତି । ୧୨ । ପଲକ—ଆଖି ପିଛୁଡ଼ା, ଭୋଗବତୀ—ପାତାଳ, ଅମରାବତୀ—ଇନ୍ଦ୍ରପୁରୀ, ଅଳକା—କୁବେରପୁରୀ, ବ୍ରହ୍ମନଶୀ—ଦେବତାମାନଙ୍କୁ ଦୁଇହଜାର ଯୁଗ । ୧୩ । ଦ୍ୱିରଦ—ହସ୍ତୀ, ସୁଷମ—ସୁନ୍ଦର, ମନସିଜ—କନ୍ଦର୍ପ, ନଣାଙ୍କୀ—ହଳଦୀ ପଣ ସୁନାତୋଳା, ନଣାରେ—ରେଜେଇ ତଳେ । ୧୪ । ବସନ୍ତ ବସନ—ଶାଢ଼ୀଲୁଗା, ବସନ୍ତ ଦୂତ ବଚନା—କୋକିଳ ବଚନା, ଚର୍ଚ୍ଚସ୍ତ—ଅଧର ପୀଚକା, ବପିନ—ବଗିଚ୍ଚ,

---

ତାଙ୍କ ପାଦ ଧୋଇ ସାରିଥିଲା । ସ୍ୱାମୀ ତାକୁ କୋଳକୁ ଟାଣି ଆଣି ବାହୁ ପାଶରେ ବାନ୍ଧି ପକାଇ ଆବେଗରେ ବଶବର୍ତ୍ତୀ ହେଇ ଦନ୍ତକ ଖର୍ଷକ ଇତସ୍ତତଃ ଭାବେ ସୁଢ଼ାଏ ଚୁମ୍ବନ ଦେଲା । ୧୨ ।

ପ୍ରଥମ ସାକ୍ଷାତରେ ପତିପତ୍ନୀ ଦୁହେଁ ଅପଲକ ଅର୍ଥାତ୍ ଏକ ଦୃଷ୍ଟିରେ ପରସ୍ପରକୁ ଅନାଇ ରହିଲେ । ତାପରେ ବସିଲେ ଯାଇ ସୁନ୍ଦର ପଲଙ୍କ ଉପରେ । ମନେ ମନେ ଭାବିଲେ—ପାତାଳ, ଇନ୍ଦ୍ରପୁରୀ ଓ କୁବେରପୁରୀରେ କି ସୁଖ ଅଛି ? ରତିରସରେ ମାତି ଦିନରାତି ବି ଜାଣି ପାରିଲେ ନାହିଁ । ଭାବିଲେ, ଏ ବର୍ଷାଦିନଟା ଆମ୍ଭ ପାଇଁ ବ୍ରହ୍ମନଶୀ ପରି ହୋଇଛି । ୧୩ ।

ଗଜଗମନା ପତ୍ନୀକୁ ଶରତକାଳର ଚନ୍ଦ୍ରକିରଣରେ ସେନ ବିହାର କଲ । କ୍ରମରତୁରେ ସୁନ୍ଦର ମଣ୍ଡପ ଭିତରେ କାମକେଳି କରିଚଲେ । ରମଣୀସୁ ଶୀତ ଋତୁରେ ହଳଦିଆ ସୁନାବର୍ଣ୍ଣ ତୋଷ ସଙ୍ଗେ—ରେଜେଇ ଘୋଡ଼େଇ ନ ହୋଇ ନାନାପ୍ରକାର ରଙ୍ଗ ରହସ୍ୟ ହସ କୌତୁକରେ କଟାଇଲେ । ୧୪ ।

କୋକିଳବଚନାକୁ ବସନ୍ତ କାଳରେ ଶାଢ଼ୀଲୁଗା ପିନ୍ଧାଇ, ଅଧର ପିଚକାରୀ ମାରି, ଫୁଲମାଳ ଗୁନ୍ଥି ବଗିଚ୍ଚରେ ବିଳସିଲା । ଗ୍ରୀଷ୍ମଋତୁରେ ମୁକ-

ଧ୍ୱଂସରେ କରି ସ୍ନେହ । ତପ ତପନ ସନ୍ତାପ ନାଶନକୁ କରନ୍ତି ଜଳେ ଅବଗାହ । ୧୫ । ପୁଣି ଘନକାଳେ ଘନଜଘନାକୁ ଯେନ କୋଳେ ସେନାସେନକଲେ । ବଡ଼ଭ ଉପର ଶୋଭିତ କରଣ ଲୋଡ଼ନ କରି ଧାରଧାରେ । ବେନି ଅଞ୍ଚଳ । ଗଣ୍ଡିଦେଇଲବ ଅନ୍ତର । ହୋଇଲେ ରହିଲେ ଗର୍ଭର ନୋହିଲେ ନାରୀ ପୁରୁଷ-କୁଞ୍ଜର ।୧୬। ରସିକ ପୁରନ୍ଦର ଚିତ୍ତ ମୋହିବ ସୁନ୍ଦର ପଦର ସ୍ତବ ଏ । ମକରନ୍ଦ ଭ୍ରୂଙ୍ଗି କନ୍ଦରକୁ ହୋଇବ ସମସ୍ତ ପ୍ରକାର ମନ୍ଦ୍ର ଏ । କବି ପଣ୍ଡିତ । ହୃଦସୁମଣ୍ଡିତ ହୋଇବ । ଖଣ୍ଡିତ କରିବ ସବ ଖଳଗର୍ବ ବଦ୍ଧତ ଭାନପାଏ ଥିବ । ୧୭ । ହେ ରାମ ଶ୍ୟାମ କାମସମ ସୁଷମ ବାମଯମ ସ୍ୱାମୀ ବନ୍ଦନ । ଦାନବ ଦାନବାରି ଦାନବସ୍ତ୍ରକ

---

ତପଋତୁ—ଗ୍ରୀଷ୍ମ, ତପତପନ ସନ୍ତାପ—ପ୍ରଖର ସୂର୍ଯ୍ୟରଶ୍ମି । ୧୫ । ବଡ଼ଭ—କରଗଣ୍ଡ, କୁଞ୍ଜର—ହସ୍ତୀ । ୧୬ । ରସିକ ପୁରନ୍ଦର—ରସିକେନ୍ଦ୍ର, ମୁକର—କଷ୍ଟପ୍ର, ଭ୍ରୂଙ୍ଗକନ୍ଦର—କର୍ଣ୍ଣଗୁହା, ମନ୍ଦ—ଗମ୍ଭୀର, ଖଣ୍ଡିତ—ବିନାଶ, ଖଳଗର୍ବ—ଦୁଷ୍ଟମାନଙ୍କ ଗର୍ବ । ୧୭ । ଶ୍ୟାମ—ଶ୍ୟାମଳ, କାମସମ—କନ୍ଦର୍ପ ସମାନ, ସୁଷମ—ସୁନ୍ଦର, ବାମଯମ—ଯମଶତ୍ରୁ, ସ୍ୱାମ—ଶିବ, ଦାନବ—ଦୈତ୍ୟ,

---

ମନ-ମୋହିମାକୁ ସ୍ନେହ କରି ପ୍ରଖର ସୂର୍ଯ୍ୟରଶ୍ମିରୁ ରକ୍ଷା ପାଇବା ନିମନ୍ତେ ଜଳକେଳି ଆରମ୍ଭ କଲ । ୧୫ ।

ବର୍ଷାକାଳ ଆସିବାରୁ ପୁଣି ସେ ମାଂସଳଜଘନାକୁ ସୁନ୍ଦର ସୁନ୍ଦର କରି ବେନି କଟଣ୍ଡି ଉପରକୁ । ତା ଉପର ସାଜସଜ୍ଜାରେ ସୁନ୍ଦର କରି ଦେଇଥିନ୍ତି । ତେଣୁ ସେଠି ବସି ଜଳ ଧାରକୁ ଦେଖନ୍ତି । କାନଙ୍କ କାନ ଗଇଁଠେଇ ବସିଥିନ୍ତି, ନିମେଷକ ପାଇଁ କେହି କାହା ପାଖରୁ ଅଲଗା ହେବେ ନାହିଁ ବୋଲି । ଏଣିକି ଉଭୟଙ୍କ ରମଣୀ ଓ ପୁରୁଷ ହସ୍ତୀରୂପରେ ଗର୍ଭ ନିର୍ଭର ହୋଇ ରହିଲେ । ୧୬ ।

ଏ ପୁସ୍ତକରେ ଥିବା ପଦରତ୍ନ ସ୍ତବ ରସିକେନ୍ଦ୍ରମାନଙ୍କ ଚିତ୍ତ ମୋହିତ କରିବ । ନିଶ୍ଚିତଭାବେ ସମସ୍ତଙ୍କ ଶ୍ରୁତି ବିବରକୁ ମେଘ ଗମ୍ଭୀର ନାଦରେ ପ୍ରବୋଧ କରିଦେବ । କବି ଓ ପଣ୍ଡିତମାନଙ୍କ ହୃଦୟଭୂଷିତ ହେବ । ଦୁଷ୍ଟ ଓ ପରଶ୍ରୀକାତର ଖଳ ଲୋକମାନଙ୍କ ଗର୍ବକୁ ଖର୍ବ କରି ବନ୍ଧୁକାଳପାଏ ରହିବ । ୧୭ ।

ହେ ଶ୍ୟାମଳ ଶାନ୍ତ ମୂର୍ତ୍ତି, ମଦନ ପରି ସୁନ୍ଦର, ଶମନ ଶତ୍ରୁ ଶିବ-ବନ୍ଦନୀୟ ରାମଚନ୍ଦ୍ର ! ଭୁବନ ତ୍ରୟ ଓ ଦେବତାମାନଙ୍କ ଅଭୀଷ୍ଟ ଫଳଦାୟକ ଏବଂ ସୀତାଙ୍କ ହୃଦୟ ଚନ୍ଦନ ପରି ଶାନ୍ତ ଶୀତଳ—ରାଜସିଂହ, ରାବଣରୂପୀ ଗଜକୁ

ଦାନବାରିବନ୍ଦ୍ୟସୁତନନ୍ଦନ । ନୃପଟେକଣସ୍ଥ । ସ୍ୱବଣ ବାରଣ କେଶରୀ । ପ୍ରଖର ଖର ଦୂଷଣକୁ ଖ୍ରୀଷଣ ଘଟକର୍ଣ୍ଣ ଘଟ ଜବାରି । ୧୮ । ଜର ଏ କରୁଣାବଣ୍ଣ ହସ୍ତଗତ ଏ ପୁସ୍ତକ ମୋର ହୋଇବ । ଅଜ୍ଞସମୁହର କର୍ଣ୍ଣବୁହରକୁ କେବେହେଁ ପ୍ରବେଶ ନୋହିବ । ଆଖୁ ଅନଳ । ଘ୍ରାଣରେ ନ ଲଭୁ ବିନାଶ । ଉତ୍ତମ ଜନରେ ଦୁଷିତ ନୋହିଣ ପ୍ରକାଶ ହେଉ ସବୁ ଦେଶ । ୧୯ । ଉପେନ୍ଦ୍ର ଭଞ୍ଜ ବୀରବର ବିରଚିତ ଅତି ତୋଷଚିତ୍ତରେ । ରସିକ ହାରାବଳୀ ନାମ ଉଚିତ ବୋଲିବାର ଏହୁ ଗୀତରେ । ପଦସଂଖ୍ୟାରେ । ଷଷ୍ଠଶପଞ୍ଚଷଠି ଜାଣ । ରୂପକ ଯମକ ଆଶାପ୍ତ ବିରୋଧ ଶ୍ଳେଷରହଲେ ଗୀତ ଜପୁଣ । ୨୦ ।

—○—

---

ଦାନବାରି—ଦେବତା, ଦାନବସ୍ତ୍ରନ—ଦାନସ୍ନେହୀ, ବାରଣ—ହସ୍ତୀ, କେଶରୀ—ସିଂହ, ଘଟକର୍ଣ୍ଣ—କୁମ୍ଭକର୍ଣ୍ଣ, ଘଟ—ଦେହ । ୧୮ । ଘ୍ରାଣ—ପିମ୍ପୁଡ଼ି । ୧୯ ।

—○—

---

ସିଂହ ପରି ବିନାଶ କରିଅଛ ଏବଂ ଅତି ଦୁଷ୍ଟ ଖର, ଦୁଷଣ ଓ କୁମ୍ଭକର୍ଣ୍ଣକୁ ମଧ୍ୟ ବିନାଶ କରିଅଛ । ୧୮ ।

ମୋତେ ଏତିକିମାତ୍ର ଦୟା କର ଯେ ଏ ପୁସ୍ତକଟି ମୋର ପଣ୍ଡିତମାନଙ୍କ ହାତରେ ପଡ଼ିବ । ଯେଉଁମାନେ ମୂର୍ଖ, ସେମାନଙ୍କ ଶ୍ରୁତି ବିଳରେ କେବେହେଲେ ପ୍ରବେଶ କରିବ ନାହିଁ । ଆଖୁ ଜଅଁକୁ ପିମ୍ପୁଡ଼ିମାନେ ଯେପରି ନଷ୍ଟ କରି ପାରନ୍ତି ନାହିଁ, ସେହିପରି ମୋର ଏ କାବ୍ୟ ମୂର୍ଖଲୋକମାନଙ୍କ କର୍ଣ୍ଣରେ ନଷ୍ଟ ନ ହୋଇ ଉତ୍ତମ ଲୋକମାନଙ୍କ ଦ୍ୱାରା ସକଳ ଦେଶରେ ପ୍ରକାଶ ହେଉ । ୧୯ ।

ବୀରବର ଉପେନ୍ଦ୍ର ଭଞ୍ଜ ସନ୍ତୋଷରେ ଏହାକୁ ବିରଚିଲେ । ଉଚିତରେ ନାମ ହେଲା 'ରସିକ ହାରାବଳୀ' । ଗୀତର ପଦସଂଖ୍ୟା ପଞ୍ଚଷଠି ଅଟେ । ରୂପକ, ଯମକ, ଆକ୍ଷେପ, ବିରୋଧ ଓ ଶ୍ଳେଷ ଛନ୍ଦରେ ଗୀତଗୁଡ଼ିକ ପୂର୍ଣ୍ଣତା ଲାଭ କରିଛି । ୨୦ ।

ସ ମା ପ୍ତ

---

ମୁଦ୍ରାକର—ଶଶୀ ବେହେରା, ଶଶିକା ପ୍ରିଣ୍ଟିଂ ପ୍ରେସ, କଟକ-୨